- ଆଉ ଗୋଟିଏ ଏହି ଶବ୍ଦରମାନେ ହୋଇପାରେ "ପବିତ୍ର" ଅର୍ଥ ଇଶ୍ୱରଙ୍କ ନିକଟବର୍ତ୍ତୀ ହେବାପାଇଁ ପୃଥକ ହେବା ଓ ଜଗତର ପାପମୟ ପଥରୁ ଅଲଗା ରହିବା
- କହିଜନେ "ଶୁଦ୍ଧ" ଅର୍ଥ ସେହି ବ୍ୟକ୍ତି ପରମେଶ୍ୱରଙ୍କ ସେବା ନିମନ୍ତେ ପୃଥକୀକୃତ ହୋଇଛି

ଅନୁବାଦ ପ୍ରସ୍ତାବ ଗୁଡିକ:

- "ପୃଥକୀ କାରଣ" ଭିନ୍ନ ଭାବେ ଅନୁବାଦ କଲେ ଯଥା "ବିଶେଷ ମନନୟନ" କିମ୍ବା "ତୁମ ମଧ୍ୟରୁ ଭିନ୍ନ୍ ହେବା "କିମ୍ବା "କୌଣସି ବିଶେଷ କାର୍ଯ୍ୟ ନିମନ୍ତେ ପୃଥକ ରହିବା" ହୋଇପାରିବ
- "ପୃଥକ ରହିବା" ଅନୁବାଦ ହେବ ଯଥା "ପୃଥକ ରହିବା (ଠାରୁ)" କିମ୍ବା "ବିଶେଷ ଅଭିଷେକ (ପାଇଁ)"

(ଦେଖ: ପବିତ୍ର, ଶୁଚୀ, ନିଯୁକ୍ତ)

ବାଇବଲ ସନ୍ଦର୍ଭ:

- ଏଫିସୀୟ ୦୩:୧୭-୧୯
- ଯାତ୍ରା ୩୧:୧୨-୧୫
- ବିଚାରକର୍ତ୍ତା ୧୭:୧୨-୧୩
- ଗଣନା ୦୩:୧୧-୧୩
- ଫିଲିପପୀୟ ୦୧:୧-୨
- ରୋମୀୟ ୦୧:୧-୩

ବୋର୍ଡ ଡାଟା :

- Strong's: H2764, H4390, H5674, H6918, H6942, H6944, G37, G38, G40, G873

ଆତ୍ମା, ନିଜେ, ବ୍ୟକ୍ତି

ପରିଭାଷା:

"ଆତ୍ମା" ସାଧାରଣତଃ ଜଣେ ବ୍ୟକ୍ତିର ଅଣ-ଶାରୀରିକ ଅଙ୍ଗକୁ ସୂଚାଏ କିମ୍ବା ଅନ୍ୟମାନଙ୍କଠାରୁ ଭିନ୍ନ ବ୍ୟକ୍ତି ଭାବରେ ନିଜକୁ ସଚେତନ କରିବା ପାଇଁ ବିଶେଷରୂପେ ସୂଚିତ କରେ।

- ବାଇବେଲରେ, "ପ୍ରାଣ" ଏବଂ "ଆତ୍ମା" ଦୁଇଟି ଅଲଗା ଧାରଣା କିମ୍ବା ସେଗୁଡ଼ିକ ଦୁଇଟି ଶବ୍ଦ ହୋଇପାରେ ଯାହା ସମାନ ଧାରଣାକୁ ସୂଚିତ କରେ।
- ଯେତେବେଳେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୁଏ, ତାହାର ପ୍ରାଣ ବା ଆତ୍ମା ଶରୀରକୁ ପରିତ୍ୟାଗ କରେ।
- ଶରୀରର ବିପରୀତରେ, "ଆତ୍ମା" ଜଣେ ବ୍ୟକ୍ତିର ଅଂଶ ବୋଲି କୁହାଯାଇପାରେ ଯାହା "ଈଶ୍ୱରଙ୍କ ସହ ଜଡିତ ଅଟେ।"
- "ପ୍ରାଣ" ଶବ୍ଦ ବେଳେବେଳେ ଉପମା ଭାବରେ ବ୍ୟବହାର କରାଯାଏ ଏବଂ ଏହା ଜଣେ ବ୍ୟକ୍ତିର ସମ୍ପୂର୍ଣ୍ଣତାକୁ ବୁଝାଏ। ଉଦାହରଣ "ପାପ କରୁଥିବା ପ୍ରାଣ" ଅର୍ଥ "ଜଣେ ବ୍ୟକ୍ତି ଯେ ପାପ କରେ" ଏବଂ "ମୋର ପ୍ରାଣ କ୍ଲାନ୍ତ ଅଟେ" ଅର୍ଥ "ମୁଁ କ୍ଲାନ୍ତ ହେଲିଣି"

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରାଣ" ଶବ୍ଦକୁ "ଆନ୍ତରିକ"କିମ୍ବା "ଆନ୍ତରିକ ବ୍ୟକ୍ତି" ବୋଲି ଅନୁବାଦ କରାଯାଇପାରିବ ।
- କେତେକ ପ୍ରସଙ୍ଗରେ, "ପ୍ରାଣ" ଶବ୍ଦ "ମୁଁ" କିମ୍ବା "ମୋର" ବୋଲି ଅନୁବାଦ କରାଯାଇପାରିବ ।
- "ପ୍ରାଣ" ଶବ୍ଦକୁ "ବ୍ୟକ୍ତି" କିମ୍ବା "ସେ" କିମ୍ବା "ତାଙ୍କୁ "ଅନୁବାଦ ଅନୁସାରେ ଅନୁବାଦ କରାଯାଇପାରିବ ।
- କେତେକ ଭାଷାରେ "ପ୍ରାଣ" ଏବଂ "ଆତ୍ମା" ପାଇଁ କେବଳ ଗୋଟିଏ ଶବ୍ଦ ଥାଇପାରେ।
- ଏବ୍ରୀ 4:12, ବାକ୍ୟଖଣ୍ଡର ଉପମା "ପ୍ରାଣ ଏବଂ ଆତ୍ମା ବିଭକ୍ତିକରଣ" ଅର୍ଥ "ଗଭୀରତା ଜାଣିବା କିମ୍ବା ଜଣେ ବ୍ୟକ୍ତିର ଅନ୍ତରକୁ ଖୋଲିବା" ହୋଇପାରେ ।

(ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ପିତର2:8
- ପ୍ରେରିତ 2:27-28
- ପ୍ରେରିତ 2:41
- ଆଦି 49:6
- ଯିଶାଇୟ 53:10-11
- ଯାକୁବ 1:21
- ଯିରିମୀୟ 6:16-19
- ଯୂନସ 2:7-8
- ଲୂକ 1:47
- ମାଥିଉ 22:37
- ଗୀତସଂହିତା 19:7
- ପ୍ରକାଶିତ ବାକ୍ୟ 20:4

ଶବ୍ଦବିନ୍ୟାସ :

- Strong's: H5082, H5315, H5397, G55900

ଆତ୍ମା, ବାୟୁ, ଶ୍ୱାସ

ପରିଭାଷା:

"ଆତ୍ମା" ଶବ୍ଦ ଜଣେ ବ୍ୟକ୍ତିର ଅଣ-ଶାରୀରିକ ଅଂଶକୁ ବୁଝାଏ ଯାହା ଦେଖାଯାଏ ନାହିଁ I ବାଇବେଲ ସମୟରେ, ଜଣେ ବ୍ୟକ୍ତିର ଆତ୍ମାର ଧାରଣା ଜଣେ ବ୍ୟକ୍ତିର ନିଶ୍ୱାସର ସଂକଳ୍ପ ସହିତ ଘନିଷ୍ଠ ଭାବରେ ଜଡିତ ଥିଲା I ଏହି ଶବ୍ଦ ପବନ, ଅର୍ଥାତ୍ ପ୍ରାକୃତିକ ଦୁନିଆରେ ବାୟୁର ଗତିକୁ ମଧ୍ୟ ସୂଚାଇପାରେ I

- "ଆତ୍ମା" ଶବ୍ଦଟି ଗୋଟିଏ ଶରୀର ବିହୀନ ଆକାର, ବିଶେଷକରି ମନ୍ଦ ଆତ୍ମାକୁ ବୁଝାଏ I
- ସାଧାରଣତଃ "ଆତ୍ମିକ" ଶବ୍ଦ କୌଣସି ଆକାର ନଥିବା ବିଷୟକୁ ବର୍ଣ୍ଣନା କରେ I
- "ଆତ୍ମା" ଶବ୍ଦର ଅର୍ଥ "ଗୁଣର", ଯେପରିକି "ଜ୍ଞାନର ଆତ୍ମା" କିମ୍ବା "ଏଲିୟଙ୍କ ଆତ୍ମା" ହୋଇପାରେ I ବେଳେବେଳେ ବାଇବେଲ ଏହି ଶବ୍ଦକୁ ବ୍ୟକ୍ତିର ମନୋଭାବ କିମ୍ବା ଭାବପ୍ରବଣ ଅବସ୍ଥାରେ ପ୍ରୟୋଗ କରିଥାଏ, ଯେପରିକି "ଭୟର ଆତ୍ମା" ଏବଂ "ଈର୍ଷା ଆତ୍ମା" I
- ଈଶ୍ୱର ଏକ ଆତ୍ମା ବୋଲି ଯୀଶୁ କହିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଆତ୍ମା" ଶବ୍ଦକୁ "ଅଣଶରୀର ପ୍ରାଣୀ" କିମ୍ବା "ଆନ୍ତରିକ ଅଂଶ" କିମ୍ବା "ଆନ୍ତରିକ ବ୍ୟକ୍ତି" ବୋଲି ପ୍ରସଙ୍ଗକୁ ଅଧାର କରି ଅନୁବାଦ କରାଯାଇପାରେ I
- ବେଳେବେଳେ "ଆତ୍ମା" ଶବ୍ଦକୁ "ମନ୍ଦ ଆତ୍ମା" କିମ୍ବା "ମନ୍ଦ ଆତ୍ମାଗଣ" ବୋଲି ଅନୁବାଦ କରାଯାଇପାରେ I
- ବେଳେବେଳେ "ଆତ୍ମା" ଶବ୍ଦକୁ ଜଣେ ବ୍ୟକ୍ତିର ଅନୁଭୂତି ଭାବନା, ଯେପରି "ମୋର ଅନ୍ତର ଆତ୍ମା କାନ୍ଦୁଛି"ପ୍ରକାଶ କରିବାକୁ ବ୍ୟବହୃତ ହୁଏ ଏହାକୁ "ମୋର ଆତ୍ମାରେ ମୋତେ ଦୁଃଖ ଲାଗୁଛି" କିମ୍ବା "ମୁଁ ଗଭୀର ଭାବେ ଦୁଃଖୀ" ବୋଲି ଅନୁବାଦ କରାଯାଇପାରେ I
- "ଆତ୍ମାର" ବକ୍ୟାଂଶକୁ "ଚରିତ୍ର" କିମ୍ବା "ପ୍ରଭାବିତ କରିବା" କିମ୍ବା "ମନୋଭାବ" କିମ୍ବା "ମୌଳିକ ବୈଶିଷ୍ଟ୍ୟ (ତାହା ଅଟେ) ଭାବନା ଦ୍ୱାରା" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗକୁ ଆଧାର କରି "ଆତ୍ମିକ" ଶବ୍ଦକୁ "ଅଣଶରୀର" କିମ୍ବା "ପବିତ୍ର ଆତ୍ମାଙ୍କଠାରୁ "କିମ୍ବା "ଈଶ୍ୱରଙ୍କର" କିମ୍ବା "ଅଣାକାର ପୃଥିବୀର ଅଂଶ" ବୋଲି ଅନୁବାଦ କରାଯାଇପାରେ I
- "ଆତ୍ମିକ ପରିପକ୍ୱତା" ଶବ୍ଦକୁ "ଈଶ୍ୱରୀୟ ଆଚରଣ" ବୋଲି ଅନୁବାଦ କରାଯାଇପାରେ ଯାହା ପବିତ୍ର ଆତ୍ମାଙ୍କ ଆଜ୍ଞା ପାଳନ କରେ I
- "ଆତ୍ମିକ ଦାନ" ଶବ୍ଦକୁ "ବିଶେଷ କ୍ଷମତା ଯାହା ପବିତ୍ର ଆତ୍ମା ଦିଅନ୍ତି" ବୋଲି ଅନୁବାଦ କରାଯାଇପାରେ I
- ବେଳେବେଳେ ଏହି ଶବ୍ଦକୁ "ବାୟୁ" ବୋଲି ଅନୁବାଦ କରାଯାଇପାରେ ବାୟୁ ଦ୍ୱାରା ସୃଷ୍ଟି ହୋଇଥିବା ବାୟୁର ଗତିକୁ ସୂଚାଏ I

(ଦୂତ, ପିଶାଚ, ପବିତ୍ର ଆତ୍ମା, ପ୍ରାଣ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 5:5
- ପ୍ରଥମ ଯୋହନ 4:3
- ପ୍ରଥମ ଥେସଲନୀକୀୟ 5:23
- ପ୍ରେରିତ 5:9
- କଲସୀୟ 1:9
- ଏଫିସୀୟ 4:23
- ଆଦି ପୁସ୍ତକ 7:21-22
- ଆଦି ପୁସ୍ତକ 8:1
- ଯିଶାଇୟ 4:4
- ମାର୍କ 1:23-26
- ମାଥିଉ 26:41
- ଫିଲିପ୍ପୀୟ 1:27

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **13:3** ତିନିଦିନ ପରେ, ଲୋକମାନେ ନିଜକୁ ପ୍ରସ୍ତୁତ କରିବା ପରେ **ଆତ୍ମିକତାରେ**, ବିଜୁଳି, ମେଘନାଦ, ଧୁଆଁ ଏବଂ ଉଚ୍ଚ ତୁରୀ ଧ୍ୱନିରେ ସୀନୟ ପର୍ବତକୁ ଈଶ୍ୱର ଆସିଲେ I

- **40:7** ତା'ପରେ ଯୀଶୁ ଉଚ୍ଚ ସ୍ୱରରେ କହିଲେ, "ସମାପ୍ତ ହେଲା! ହେ ପିତଃ, ମୁଁ ମୋର **ଆତ୍ମାକୁ** ତୁମ୍ଭ ହସ୍ତରେ ଦେଲି " ତା'ପରେ ସେ ମୁଣ୍ଡ ତଳକୁ କରି **ପ୍ରାଣ** ତ୍ୟାଗ କଲେ I
- **45:5** ସ୍ତିଫାନଙ୍କ ମୃତ୍ୟୁ ପାଖେଇ ଆସିବାରୁ, ସେ ଉଚ୍ଚ ସ୍ୱରରେ କହିଲେ, ଯୀଶୁ, ମୋର **ପ୍ରାଣକୁ** ଗ୍ରହଣ କର I
- **48:7** ସମସ୍ତ ଲୋକଦଳ ତାହାଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ ହେଲେ, କାରଣ ପ୍ରତ୍ୟେକ ଜଣ ଯେ ଯୀଶୁଙ୍କୁ ବିଶ୍ୱାସ କରେ ସେ ପାପରୁ ଉଦ୍ଧାର ପାଇଲେ ଏବଂ ଅବ୍ରାହମଙ୍କର ଜଣେ **ଆତ୍ମିକ** ସନ୍ତାନ ହେଲେ I

ଶବ୍ଦବିନ୍ୟାସ :

- Strong's: H0178, H1172, H5397, H7307, H7308, G41510, G41520, G41530, G53260, G54270

ଆଦେଶ, ଆଜ୍ଞା

ପରିଭାଷା:

"ଆଦେଶ" ଶବ୍ଦର ଅର୍ଥ କାହାକୁ କିଛି କରିବାକୁ ନିର୍ଦ୍ଦେଶ ଦେବା ଅଟେ । "ଆଜ୍ଞା" ସେହି ବିଷୟକୁ ବୁଝାଏ ଯାହା କରିବାକୁ ଜଣେ ବ୍ୟକ୍ତିକୁ ନିର୍ଦ୍ଦେଶ ଦିଆଯାଇଛି ।

- "ଆଜ୍ଞା" ଶବ୍ଦ ବେଳେବେଳେ ଈଶ୍ୱରଙ୍କ ଆଜ୍ଞାଗୁଡ଼ିକୁ ବୁଝାଏ ଯାହା ଅଧିକ ଔପଚାରିକ ଓ ସ୍ଥାୟୀ ଅଟେ ଯେପରିକି "ଦଶ ଆଜ୍ଞା" ଅଟେ ।
- ଏକ ଆଜ୍ଞା ସକାରାତ୍ମକ ("ପିତା ମାତାହାଙ୍କୁ ସମାଦର କର") କିମ୍ବା ନକରାତ୍ମକ ("ଚୋରି କରନାହିଁ") ହେଇପାରେ।
- "ଆଦେଶ ଗ୍ରହଣ କରିବା" ଅର୍ଥ କୌଣସି ବିଷୟ ଉପରେ କିମ୍ବା କିମ୍ବା କାହାକୁ "ନୀୟନ୍ତ୍ରଣରେ ନେବା" କିମ୍ବା "ଦଦାୟିତ୍ୱ ନେବା" ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ବ୍ୟବସ୍ଥା" ଶବ୍ଦଠାରୁ ଭିନ୍ନ ଭାବରେ ଅନୁବାଦ କରିବା ଉଚିତ ଅଟେ। "ଆଦେଶ" ଏବଂ "ବ୍ୟବସ୍ଥା" ଶବ୍ଦର ପରିଭାଷା ସହିତ ଏହାକୁ ତୁଳନା କରନ୍ତୁ।
- କେତେକ ଅନୁବାଦକ ସ୍ଥାନୀୟ ଭାଷାରେ ସମାନ ଶବ୍ଦ ସହ "ଆଦେଶ" ଏବଂ "ଆଜ୍ଞା" ଶବ୍ଦକୁ ଅନୁବାଦ କରିବାକୁ ପସନ୍ଦ କରିପାରନ୍ତି।
- ଅନ୍ୟ କେତେକ ଅନୁବାଦକମାନେ ଆଜ୍ଞା ନିମନ୍ତେ ଏକ ବିଶେଷ ଶବ୍ଦ ବ୍ୟବହାର କରିବାକୁ ପସନ୍ଦ କରିପାରନ୍ତି ଯାହା ଈଶ୍ୱର ସୃଷ୍ଟି କରିଥିବା ସ୍ଥାୟୀ, ଆନୁଷ୍ଠାନିକ ଆଜ୍ଞାକୁ ବୁଝାଏ।

(ଘୋଷଣାନାମା, ନୀୟମାବଳି, ଆଇନ, ଦଶ ଆଜ୍ଞା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ 1:6
- ମାଥିଉ 1:24
- ମାଥିଉ 22:38
- ମାଥିଉ 28:20
- ଗଣନା ପୁସ୍ତକ 1:17-19
- ରୋମୀୟ 7:7-8

ଶବ୍ଦବିନ୍ୟାସ:

- Strong's: H0559, H0560, H0565, H1296, H1696, H1697, H1881, H2706, H2708, H2710, H2941, H2942, H2951, H3027, H3982, H3983, H4406, H4662, H4687, H4929, H4931, H4941, H5057, H5713, H5749, H6213, H6310, H6346, H6490, H6673, H6680, H7101, H7218, H7227, H7262, H7761, H7970, H8269, G12630, G12910, G12960, G12970, G12990, G16900, G17780, G17810, G17850, G20030, G20040, G20080, G20360, G27530, G30560, G37260, G38520, G38530, G43670, G44830, G44870, G55060

ଆଧିପତ୍ୟ

ପରିଭାଷା:

"ଆଧିପତ୍ୟ" ଶବ୍ଦ ଲୋକ, ପଶୁ କିମ୍ବା ଭୂମି ଉପରେ ଶକ୍ତି, ନିୟନ୍ତ୍ରଣ କିମ୍ବା ଅଧିକାରକୁ ବୁଝାଏ ।

- ଯୀଶୁ ଖ୍ରୀଷ୍ଟ ଭବିଷ୍ୟଦ୍‌ବକ୍ତା, ଯାଜକ ଏବଂ ରାଜା ଭାବରେ ସମଗ୍ର ପୃଥିବୀ ଉପରେ ଆଧିପତ୍ୟ ବିସ୍ତାର କରିବାର ଅଧିକାରୀ ଅଟନ୍ତି ।
- କ୍ରୁଶରେ ଯୀଶୁ ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା ଶୟତାନର ଆଧିପତ୍ୟ ସବୁଦିନ ପାଇଁ ପରାସ୍ତ ହୋଇଅଛି ।
- ସୃଷ୍ଟିରେ, ଈଶ୍ୱର ମନୁଷ୍ୟକୁ କହିଲେ ଯେ ମତ୍ସ, ପକ୍ଷୀଗଣ, ଏବଂ ପୃଥିବୀର ସମସ୍ତ ସୃଷ୍ଟ ପ୍ରାଣୀମାନଙ୍କ ଉପରେ ଆଧିପତ୍ୟ ରଖିବ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗର ଅନୁଯାୟୀ, ଏହି ଶବ୍ଦକୁ ଅନୁବାଦ କରିବାର ଅନ୍ୟ ଉପାୟଗୁଡ଼ିକ "ଅଧିକାର" କିମ୍ବା "ଶକ୍ତି" କିମ୍ବା "ନୀୟନ୍ତ୍ରଣ" କରିବା ଅଟେ ।
- "ଆଧିପତ୍ୟ କରିବା" ବାକ୍ୟାଂଶଟି "ରାଜତ୍ୱ କରିବା" କିମ୍ବା "ପରିଚାଳନ କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ଅଧିକାର, ଶକ୍ତି ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ପିତର 5:10-11
- କଲସୀୟ 1: 13
- ଯିହୂଦା 1: 25

ଶବ୍ଦବିନ୍ୟାସ :

- Strong's: H1166, H4474, H4475, H4896, H4910, H4915, H7287, H7300, H7980, H7985, G26340, G29040, G29610, G29630

ଆମେନ, ସତ୍ୟରେ

ପରିଭାଷା:

ଜଣେ ବ୍ୟକ୍ତି କହିଥିବା ବିଷୟ ଉପରେ ଗୁରୁତ୍ୱ ଦେବାକୁ କିମ୍ବା ଧ୍ୟାନ ଦେବାକୁ "ଆମେନ" ଶବ୍ଦକୁ ବ୍ୟବହୃତ କରାଯାଏ I ଏହା ପ୍ରାୟତଃ ପ୍ରାର୍ଥନାର ଶେଷରେ ବ୍ୟବହାର ହୁଏ I ବେବେଳେ ଏହି ଶବ୍ଦକୁ "ସତ୍ୟରେ" ବୋଲି ଅନୁବାଦ କରାଯାଏ I

- ଯେତେବେଳେ "ଆମେନ୍" ଶବ୍ଦକୁ ପ୍ରାର୍ଥନାର ଶେଷରେ ବ୍ୟବହାର କରାଯାଏ ଏହାର ଅର୍ଥ ଏହା ଯେ ଯେଉଁ ବିଷୟରେ ପ୍ରାର୍ଥନା କରାଯାଇଅଛି ତାହା ସଫଳ ହେଉ ବୋଲି ଇଚ୍ଛା ପ୍ରକାଶ କରିବା ଅଟେ I
- ଯୀଶୁ ତାହାଙ୍କ ଶିକ୍ଷାରେ, ତାଙ୍କ ସତ୍ୟ ଶିକ୍ଷାକୁ ପ୍ରାଧାନ୍ୟତା ଦେବା ଉଦ୍ଦେଶ୍ୟରେ "ଆମେନ" ଶବ୍ଦକୁ ବ୍ୟବହାର କଲେ I "ପୁନଶ୍ଚ ମୁଁ ତୁମ୍ଭମାନଙ୍କୁ କହେ" ବାକ୍ୟାଂଶକୁ ସେ ଅନେକ ସମୟରେ ପୂର୍ବ ଶିକ୍ଷାକୁ ଆଧାରିତ କରି ବ୍ୟବହାର କରିଥିଲେ I
- ଯେତେବେଳେ ଯୀଶୁ "ଆମେନ" ଶବ୍ଦକୁ ଏପରି ବ୍ୟବହାର କରନ୍ତି, କେତେକ ଇଂରାଜୀ ଅନୁବାଦ (ଏବଂ ULT) ଏହାକୁ "ସତ୍ୟରେ" କିମ୍ବା "ପ୍ରକୃତରେ" ବୋଲି ଅନୁବାଦ କରେ I
- "ପ୍ରକୃତରେ" ଶବ୍ଦକୁ ଅନ୍ୟ ଅର୍ଥରେ "ନିଶ୍ଚିତ ଭାବରେ" କିମ୍ବା "ନିଶ୍ଚିତ ରୂପେ" ବୋଲି ଅନୁବାଦ କରାଯାଏ, ଏବଂ ବକ୍ତା କହିଥିବା ବିଷୟକୁ ଗୁରୁତ୍ୱ ଦେବାକୁ ମଧ୍ୟ ବ୍ୟବହାର କରାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ସ୍ଥାନୀୟ ଭାଷାରେ କୁହଯାଇଥିବା ବିଷୟକୁ ଗୁରୁତ୍ୱ ଦେବା ନିମନ୍ତେ ଏକ ଶବ୍ଦ ଉପଲବ୍ଧ ଅଛି ନା ନାହିଁ ତାହା ନିଶ୍ଚିତ କରନ୍ତୁ I
- ପ୍ରାର୍ଥନାର ଶେଷରେ କିମ୍ବା କୌଣସି ବିଷୟର ନିଶ୍ଚୟତା ନିମନ୍ତେ ବ୍ୟବହୃତ, "ଆମେନ" ଶବ୍ଦକୁ "ଏହା ହେଉ" କିମ୍ବା "ଏହା ସେହିପରି ହେଉ" କିମ୍ବା "ଏହା ସତ୍ୟ ଅଟେ" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ଯୀଶୁ, "ସତ୍ୟରେ ମୁଁ ତୁମ୍ଭମାନଙ୍କୁ କହେ" ବୋଲି କହନ୍ତି, ଏହି ବକ୍ୟାଂଶକୁ "ହଁ, ମୁଁ ଆନ୍ତରିକତାରେ କହେ" କିମ୍ବା "ତାହା ସତ୍ୟ ଏବଂ ମୁଁ ମଧ୍ୟ ତୁମ୍ଭମାନଙ୍କୁ କହେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ସତ୍ୟରେ, ସତ୍ୟରେ ମୁଁ ତୁମ୍ଭମାନଙ୍କୁ କହେ" ବାକ୍ୟାଂଶକୁ "ମୁଁ ଏହା ତୁମ୍ଭମାନଙ୍କୁ ଅତି ଆନ୍ତରିକତାରେ କହୁଅଛି" କିମ୍ବା "ମୁଁ ଏହା ତୁମ୍ଭମାନଙ୍କୁ ଅତି ବ୍ୟଗ୍ରତାରେ କହୁଅଛି" କିମ୍ବା "ମୁଁ ତୁମ୍ଭମାନଙ୍କୁ ଯାହା କହୁଅଛି ତାହା ସତ୍ୟ ଅଟେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ପୂରଣ କରିବା, ସତ୍ୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣୀ 27:15
- ଯୋହନ 5:19
- ଯିହୂଦା 1:24-25
- ମାଥିଉ 26:33-35
- ଫିଲୀମୋନ 1:23-25
- ପ୍ରକାଶିତ ବାକ୍ୟ 22:20-21

ଶବ୍ଦବିନ୍ୟାସ :

- Strong's: H0543, G02810

ଆଶା, ଆଶା

ପରିଭାଷା:

ଆଶା ଦୃଢ଼ ଭାବରେ କିଛି ଘଟିବାକୁ ଚାହୁଁବାକୁ ବୁଝାଏ। ଆଶା ଭବିଷ୍ୟତ ଘଟଣା ବିଷୟରେ ନିଶ୍ଚିତତା କିମ୍ବା ଅନିଶ୍ଚିତତାକୁ ବୁଝାଇପାରେ।

- ବାଇବେଲରେ, "ଆଶା" ଶବ୍ଦ "ଭରସା" କୁ ମଧ୍ୟ ବୁଝାଏ ଯେପରି "ପ୍ରଭୁଙ୍କଠାରେ ମୋହର ଭରସା ଅଛି।" ଏହା ଈଶ୍ୱର ତାହାଙ୍କ ଲୋକମାନଙ୍କୁ ଯାହା ପ୍ରତିଜ୍ଞା କରିଛନ୍ତି ତାହା ଗ୍ରହଣ କରିବାର ଏକ ନିଶ୍ଚିତତାକୁ ସୂଚିତ କରେ।
- ବେଳେବେଳେ ULT ଏହାକୁ ମୂଳ ଭାଷାରେ "ଆତ୍ମବିଶ୍ୱାସ" ବୋଲି ଅନୁବାଦ କରେ। ଅନେକ ସମୟରେ ନୂତନ ନିୟମରେ ଏହିପରି ଅନୁବାଦ କରାଯାଇଅଛି ଯେଉଁଠାରେ ଲୋକମାନେ ଯୀଶୁଙ୍କୁ ନିଜ ତ୍ରାଣକର୍ତ୍ତା ଭାବରେ ବିଶ୍ୱାସ କରନ୍ତି ଯାହା ଈଶ୍ୱର ପ୍ରତିଜ୍ଞା କରିଅଛନ୍ତି ତାହା ଗ୍ରହଣ କରିବାରେ ଦୃଢ଼ ଭରସା ରଖନ୍ତି (କିମ୍ବା ଆତ୍ମବିଶ୍ୱାସ କିମ୍ବା ଆଶା)I
- "ଆଶା ନାହିଁ" ବାକ୍ୟାଂଶର ଅର୍ଥ କୌଣସି ଭଲ ବିଷୟ ହେଉ ବୋଲି ଅପେକ୍ଷା ନ କରିବା। ଏହାର ଅର୍ଥ ଏକ ଦୃଢ଼ ନିଶ୍ଚିଅତା ଯେ କୌଣସି ବିଷୟ ଘଟିବ ନାହିଁ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କେତେ ପ୍ରସଙ୍ଗରେ, "ଆଶା କରିବା" ଶବ୍ଦ "ଇଚ୍ଛା କରିବା" କିମ୍ବା "କାମନା କରିବା" କିମ୍ବା "ସମ୍ଭବ ବୋଲି ମନେ କରିବା" ବୋଲି ଅନୁବାଦ କରାଯାଇପାରେ।
- "ଆଶା କରିବା ନିମନ୍ତେ କିଛି ନାହିଁ" ଅଭିବ୍ୟକ୍ତିକୁ "ଭରସା କରିବାକୁ କିଛି ନାହିଁ" କିମ୍ବା "କୌଣସି ଉତ୍ତମ ବିଷୟ ହେଉ ବୋଲି ଅପେକ୍ଷା ନ କରିବା" ବୋଲି ଅନୁବାଦ କରାଯାଇପାରେ।
- "ଆଶା ନ କରିବା" ବାକ୍ୟାଂଶକୁ "କୌଣସି ଉତ୍ତମ ବିଷୟକୁ ଅପେକ୍ଷା ନ କରିବା" କିମ୍ବା "କୌଣସି ସୁରକ୍ଷା ନାହିଁ" କିମ୍ବା "ନିଶ୍ଚିନ୍ତ ହୁଅନ୍ତୁ ଯେ, କୌଣସି ଉତ୍ତମ ବିଷୟ ଘଟିବ ନାହିଁ" ବୋଲି ଅନୁବାଦ କରାଯାଇପାରେ।
- "ତୁମ୍ଭର ଆଶାକୁ ରଖିଅଛି" ବାକ୍ୟାଂଶକୁ "ତୁମ୍ଭର ଆତ୍ମବିଶ୍ୱାସ ରଖନ୍ତୁ" କିମ୍ବା "ବିଶ୍ୱାସ କରିଆସୁଅଛି" ବୋଲି ଅନୁବାଦ କରାଯାଇପାରେ।
- "ମୁଁ ତୁମ୍ଭ ବାକ୍ୟରେ ଭରସା ପାଇଅଛି" ବାକ୍ୟାଂଶକୁ "ମୁଁ ନିଶ୍ଚିନ୍ତ ଯେ ତୁମ୍ଭର ବାକ୍ୟ ସତ୍ୟ ଅଟେ" କିମ୍ବା "ମୁଁ ତୁମ୍ଭଠାରେ ଭରସା ରଖିବା ନିମନ୍ତେ ତୁମ୍ଭ ବାକ୍ୟ ମୋତେ ସାହାଯ୍ୟ କରେ" କିମ୍ବା "ମୁଁ ଯେତେବେଳେ ତୁମ୍ଭ ବାକ୍ୟ ପାଳନ କରେ, ମୁଁ ନିଶ୍ଚିନ୍ତ ଯେ ମୁଁ ଆଶୀର୍ବାଦ ପ୍ରାପ୍ତ ହେବି" ବୋଲି ଅନୁବାଦ କରାଯାଇପାରେ।
- "ଆଶାରେ" ବାକ୍ୟାଂଶକୁ ମଧ୍ୟ "ଈଶ୍ୱରଙ୍କଠାରେ ଭରସା ରଖେ" କିମ୍ବା "ଈଶ୍ୱର ଯାହା ପ୍ରତିଜ୍ଞା କରିଅଛନ୍ତି ତାହା ନିଶ୍ଚିତ କରିବେ ଏହା ନିଶ୍ଚିତ ଜାଣ" କିମ୍ବା "ଈଶ୍ୱର ବିଶ୍ୱସ୍ତ ଅଟନ୍ତି ଏହା ନିଶ୍ଚିତ ହୁଅ" ବୋଲି ଅନୁବାଦ କରାଯାଇପାରେ।

(ଆଶୀର୍ବାଦ, ଆତ୍ମବିଶ୍ୱାସ, ଉତ୍ତମ, ଆଜ୍ଞାକାରୀ, ଭରସା, ଈଶ୍ୱରଙ୍କ ବାକ୍ୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 29:14-15
- 1 ଥେସଲନୀକୀୟ 2:19
- ପ୍ରେରିତ 24:14-16
- ପ୍ରେରିତ 26:6
- ପ୍ରେରିତ 27:20
- କଲସୀୟ 1:5
- ଆୟୁବ 11:20

ଶବ୍ଦବିନ୍ୟାସ:

- Strong's: H0982, H0983, H0986, H2620, H2976, H3175, H3176, H3689, H4009, H4268, H4723, H7663, H7664, H8431, H8615, G00910, G05600, G16790, G16800, G20700

ଆଶୀର୍ବାଦ କରିବା, ଆଶୀର୍ବାଦ ପ୍ରାପ୍ତ,ଆଶୀର୍ବାଦ

ପରିଭାଷା:

କାହାରୀକୁ କିମ୍ବା କୌଣସି ବସ୍ତୁକୁ "ଆଶୀର୍ବାଦ" କରିବା ଅର୍ଥ ହେଉଛି ବ୍ୟକ୍ତି କିମ୍ବା ସେହି ଆଶୀର୍ବାଦ ପ୍ରାପ୍ତ ବସ୍ତୁ ପ୍ରତି ଉତ୍ତମ ଓ ଲାଭ ଜନକ ବିଷୟ ହେଉ ବୋଲି ଇଚ୍ଛା କରିବା ଅଟେ।

- କାହାରୀକୁ "ଆଶୀର୍ବାଦ" କରିବା ଅର୍ଥ ମଧ୍ୟ ସେହି ବ୍ୟକ୍ତିଙ୍କୁ ସକରାତ୍ମକ ବା ବିଧିବଦ୍ଧ ବିଷୟ ଏବଂ ଲାଭ ଜନକ ବିଷୟରେ ଅବଗତ କରିବା ଅଟେ।
- ବାଇବେଲ ସମୟରେ ଜଣେ ପିତା ତାଙ୍କ ସନ୍ତାନମାନଙ୍କୁ ନୀୟମାନୁଯାୟୀ ଆଶୀର୍ବାଦ ପ୍ରଦାନ କରିଥିଲେ।
- ଯେତେବେଳେ ଲୋକମାନେ ଈଶ୍ୱରଙ୍କୁ "ଆଶୀର୍ବାଦ" କରନ୍ତି ବା ଈଶ୍ୱର ପବିତ୍ର ହୁଅନ୍ତୁ ବୋଲି ପ୍ରକାଶ କରନ୍ତି, ସେତେବେଳେ ଏହାର ଅର୍ଥ ସେମାନେ ଈଶ୍ୱରଙ୍କୁ ପ୍ରଶଂସା କରୁଅଛନ୍ତି।
- ବେଳେବେଳେ "ଆଶୀର୍ବାଦ" ଶବ୍ଦ ଖାଇବା ପୂର୍ବରୁ ଖାଦ୍ୟକୁ ଶୁଚି କରିବା ନିମନ୍ତେ ଏବଂ ଖାଦ୍ୟ ନିମନ୍ତେ ଈଶ୍ୱରଙ୍କୁ ଧନ୍ୟବାଦ ଏବଂ ପ୍ରଶଂସା କରିବା ନିମନ୍ତେ ବ୍ୟବହାର କରାଯାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଆଶୀର୍ବାଦ କରିବା ଅର୍ଥକୁ "ପ୍ରଚୁର ପରିମାଣରେ ଯୋଗାଇବା" କିମ୍ବା "ଅତ୍ୟନ୍ତ ଦୟାଳୁ ଏବଂ ପ୍ରସନ୍ନ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- "ଈଶ୍ୱର ଅନେକ ଆଶୀର୍ବାଦ ପ୍ରଦାନ କରିଅଛନ୍ତି" ବାକ୍ୟାଂଶକୁ "ଈଶ୍ୱର ଅନେକ ଉତ୍ତମ ବିଷୟ ପ୍ରଦାନ କରିଅଛନ୍ତି" କିମ୍ବା "ଈଶ୍ୱର ପ୍ରଚୁର ଭାବରେ ପ୍ରଦାନ କରିଛନ୍ତି" କିମ୍ବା ଈଶ୍ୱର ଅନେକ ଉତ୍ତମ ବିଷୟ କରିବାକୁ ଯାଉଅଛନ୍ତି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- "ସେ ଆଶୀର୍ବାଦ ପ୍ରାପ୍ତ" ବାକ୍ୟାଂଶକୁ "ସେ ପ୍ରଚୁର ଲାଭବାନ ହେବ", "ସେ ଉତ୍ତମ ବିଷୟର ଅନୁଭୂତି ପ୍ରାପ୍ତ ହେବେ" କିମ୍ବା "ଈଶ୍ୱର ତାହାକୁ ସମୃଦ୍ଧ କରିବେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- "ଧନ୍ୟ ସେହି ବ୍ୟକ୍ତି ଯିଏ" ବାକ୍ୟାଂଶକୁ "ସେହି ବ୍ୟକ୍ତି ନିମନ୍ତେ ଏହା ଉତ୍ତମ ଯିଏ।" ବୋଲି ଅନୁବାଦ କରାଯାଇପାରେ ।
- "ଈଶ୍ୱର ଧନ୍ୟ ହେଉନ୍ତୁ" ବାକ୍ୟାଂଶ "ପ୍ରଭୁଙ୍କ ପ୍ରଶଂସା ହେଉ" କିମ୍ବା “ପ୍ରଭୁଙ୍କ ପ୍ରଶଂସା” କିମ୍ବା “ମୁଁ ପ୍ରଭୁଙ୍କ ପ୍ରଶଂସା କରେ” ବୋଲି ଅନୁବାଦ କରାଯାଇପାରେ।
- ଖାଦ୍ୟକୁ ଆଶୀର୍ବାଦ କରିବା ପ୍ରସଙ୍ଗରେ "ଈଶ୍ୱରଙ୍କୁ ଖାଦ୍ୟ ପାଇଁ ଧନ୍ୟବାଦ ଦିଏ" କିମ୍ବା "ଈଶ୍ୱରଙ୍କୁ ସେମାନଙ୍କୁ ଯୋଗାଇଥିବା ଖାଦ୍ୟ ନିମନ୍ତେ ଧନ୍ୟବାଦ" କିମ୍ବା "ଏଥିପାଇ ଈଶ୍ୱରଙ୍କ ପ୍ରଶଂସା କରି ଖାଦ୍ୟକୁ ଶୁଚି କରାଗଲା।" ବୋଲି ଅନୁବାଦ କରାଯାଇପାରେ ।

(ପ୍ରଶଂସା ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ10:16
- ପ୍ରେରିତ 13:34
- ଏଫିସୀୟ 1:3
- ଆଦି ପୁସ୍ତକ 14:20
- ଯିଶାଇୟ 44:3
- ଯାକୁବ 1:25
- ଲୂକ 6:20
- ମାଥିଉ 26:26
- ନିହିମୀୟା 9:5
- ରୋମୀୟ 4:9

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **1:7** ପରମେଶ୍ୱର ଦେଖିଲେ ଯେ ଏହା ଉତ୍ତମ ଏବଂ ସେ ସେମାନଙ୍କୁ **ଆଶୀର୍ବାଦ କଲେ**।
- **1:15** ପରମେଶ୍ୱର ନିଜ ପ୍ରତିମୂର୍ତ୍ତିରେ ଆଦମ ଏବଂ ହବାକୁ ନିର୍ମାଣ କଲେ। ସେ ସେମାନଙ୍କୁ **ଆଶୀର୍ବାଦ କଲେ** ଏବଂ କହିଲେ "ଅନେକ ସନ୍ତାନ ସନ୍ତତି ଜାତ କରି ଏହି ପୃଥିବୀକୁ ପରିପୂର୍ଣ୍ଣ କର।
- **1:16** ପରମେଶ୍ୱର ସମସ୍ତ କାର୍ଯ୍ୟ ପରେ ବିଶ୍ରାମ ନେଲେ। ସେ ସପ୍ତମ ଦିନକୁ **ଆଶୀର୍ବାଦ କଲେ** ଓ ଶୁଚି କଲେ, କାରଣ ସେହି ଦିନରେ ସେ ବିଶ୍ରାମ ନେଲେ।

- **4:4**"ଆମ୍ଭେ ତୁମ୍ଭର ନାମକୁ ମହାନ କରିବା।" ଯେଉଁମାନେ ତୁମ୍ଭକୁ **ଆଶୀର୍ବାଦ** କରିବେ ଆମ୍ଭେ ସେମାନଙ୍କୁ **ଆଶୀର୍ବାଦ** କରିବି ଏବଂ ଯେଉଁମାନେ ତୁମ୍ଭକୁ ଅଭିଶାପ ଦେବେ ଆମ୍ଭେ ସେମାନଙ୍କୁ ଅଭିଶାପ ଦେବା। ତୁମ୍ଭ ଦ୍ୱାରା ପୃଥିବୀର ସମସ୍ତ ପରିବାର **ଆଶୀର୍ବାଦ** ପ୍ରାପ୍ତ ହେବେ।
- **4:7** ମଲ୍କୀଷେଦକ ଅବ୍ରାମଙ୍କୁ **ଆଶୀର୍ବାଦ କଲେ** ଏବଂ କହିଲେ " ପରମେଶ୍ୱର ଯେ ଉର୍ଦ୍ଧରେ ବାସ କରନ୍ତି ଏବଂ ଆକାଶ ଓ ପୃଥିବୀର ମାଲିକ ଅବ୍ରାମଙ୍କୁ **ଆଶୀର୍ବାଦ** କରନ୍ତୁ।
- **7:3** ଇସ୍‌ହାକ ଏଷୌଙ୍କୁ **ଆଶୀର୍ବାଦ** କରିବାକୁ ଚାହୁଁଥିଲେ।
- **8:5** ଏପରିକି ଯୋଷେଫ ବନ୍ଦୀଗୃହରେ ମଧ୍ୟ ବିଶ୍ୱସ୍ତ ଥିଲେ ତେଣୁ ପରମେଶ୍ୱର ତାଙ୍କୁ **ଆଶୀର୍ବାଦ କଲେ**।

ଶବ୍ଦବିନ୍ୟାସ:

- Strong's: H0833, H0835, H1288, H1289, H1293, G17570, G21270, G21280, G21290, G31060, G31070, G31080, G60500

ଆଶ୍ଚର୍ଯ୍ୟକର୍ମ, ଆଶ୍ଚର୍ଯ୍ୟକର୍ମମାନ, ଚିହ୍ନ

ପରିଭାଷା:

"ଆଶ୍ଚର୍ଯ୍ୟକର୍ମ" ଏକ ଅଦ୍ଭୁତ ବିଷୟ ଅଟେ ଏହା ତେବେଯାଏ ସମ୍ଭବ ହୋଇ ନପାରେ ଯେ ପର୍ଯ୍ୟନ୍ତ ଈଶ୍ୱର ଏହା ନ କରନ୍ତି I

- ଯେଉଁ ଆଶ୍ଚର୍ଯ୍ୟକର୍ମ ସବୁ ଯୀଶୁ କଲେ ତାହାର ଉଦାହରଣ ଯେପରି ଝଡ଼କୁ ଶାନ୍ତ କରିବା ଓ ଏକ ଅନ୍ଧକୁ ସୁସ୍ଥ କରିବା I
- ଆଶ୍ଚର୍ଯ୍ୟକର୍ମ ସବୁକୁ ଅନେକ ସମୟରେ "ଅଦ୍ଭୁତ କର୍ମ"କୁହାଯାଏ କାରଣ ତାହା ଲୋକମାନଙ୍କୁ ଅଦ୍ଭୁତ ଓ ବିସ୍ମୟ ଲାଗେ I
- "ବିସ୍ମୟ" ଶବ୍ଦ ଅତି ସାଧାରଣ ଭାବରେ ଈଶ୍ୱରଙ୍କର ଅଦ୍ଭୁତ ଚିତ୍ରକାରିତାକୁ ପ୍ରଦର୍ଶିତ କରେ, ଯାହା ସେ ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ ପ୍ରକାଶ କଲେ I
- "ଆଶ୍ଚର୍ଯ୍ୟକର୍ମ" ଗୁଡ଼ିକୁ ଚିହ୍ନ ମଧ୍ୟ କୁହାଯାଏ କାରଣ ସେଗୁଡ଼ିକ ଈଶ୍ୱର ଯେ ଶକ୍ତିଶାଳୀ ଅଟନ୍ତି, ଯାହାର ସମସ୍ତ ସୃଷ୍ଟି ଉପରେ ଅଧିକାର ଅଛି, ତାହା ନିମନ୍ତେ ଏହା ନିର୍ଦ୍ଦେଶିକା ଓ ଘଟଣା ରୂପରେ କାମ କରେ ବୋଲି ଦର୍ଶାଏ I
- କେତେକ ଆଶ୍ଚର୍ଯ୍ୟକର୍ମ ଈଶ୍ୱରଙ୍କର ଉଦ୍ଧାରର କର୍ମ ଅଟେ ଯେପରିକି ସେ ଇସ୍ରାଏଲ ଲୋକମାନଙ୍କୁ ମିସରର ଦାସତ୍ୱ ବନ୍ଧନରୁ ଓ ଦାନିୟେଲକୁ ସିଂହ ମୁଖରୁ ଉଦ୍ଧାର କଲେ I
- ଅନ୍ୟ କେତେକ ବିସ୍ମୟ କର୍ମ, ଈଶ୍ୱରଙ୍କର ନ୍ୟାୟ ଯେପରି କି ସେ ନୋହଙ୍କର ସମୟରେ ସମସ୍ତ ପୃଥିବୀରେ ଜଳ ପ୍ରଳୟ କଲେ, ମୋଶାଙ୍କ ସମୟରେ ଭୟାନକ ମହାମାରୀ ମିସର ଉପରେ ଆଣିଲେ I
- ଈଶ୍ୱରଙ୍କର ଅନେକ ଆଶ୍ଚର୍ଯ୍ୟକର୍ମ ରୋଗୀମାନଙ୍କୁ ଶାରୀରିକ ସୁସ୍ଥତା ଓ ମୃତ ଲୋକମାନଙ୍କୁ ଜୀବିତ କରିବାରେ ପ୍ରକାଶିତ ହୋଇଥିଲା I
- ଈଶ୍ୱରଙ୍କର ସାମର୍ଥ ଯୀଶୁଙ୍କଠାରେ ପ୍ରଦର୍ଶିତ ହେଲା ଯେତେବେଳେ ସେ ଲୋକଙ୍କୁ ସୁସ୍ଥକଲେ, ଝଡ଼କୁ ଶାନ୍ତ କଲେ, ଜଳ ଉପରେ ଚାଲିଲେ, ମୃତ ଲୋକମାନଙ୍କୁ ଜୀବିତ କଲେ I ଏହି ସମସ୍ତ ଆଶ୍ଚର୍ଯ୍ୟକର୍ମ ଥିଲା I
- ଈଶ୍ୱର ଭବିଷ୍ୟଦ୍‌ବକ୍ତା ଓ ପ୍ରେରିତମାନଙ୍କୁ ସୁସ୍ଥତା କରିବାକୁ ଓ ଅନ୍ୟ ବିଷୟ ନିମନ୍ତେ ଆଶ୍ଚର୍ଯ୍ୟକର୍ମ କରିବାକୁ ପବିତ୍ର ଆତ୍ମାଙ୍କର ଶକ୍ତିରେ ଶକ୍ତି ପ୍ରଦାନ କରିଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଆଶ୍ଚର୍ଯ୍ୟକର୍ମ" ଓ ବିସ୍ମୟ" ବାକ୍ୟାଂଶକୁ "ଅସମ୍ଭବ ବିଷୟ ଯାହା ଈଶ୍ୱର କରନ୍ତି" କିମ୍ବା "ଈଶ୍ୱରଙ୍କର ଶକ୍ତିଯୁକ୍ତ କର୍ମ" କିମ୍ବା "ଈଶ୍ୱରଙ୍କର ଅଦ୍ଭୁତ କର୍ମ" ବୋଲି ଅନୁବାଦ କରାଯାଇପାରେ I
- "ଚିହ୍ନ ଓ ଚମତ୍କାର" ବାକ୍ୟାଂଶକୁ "ପ୍ରମାଣ ଓ ଆଶ୍ଚର୍ଯ୍ୟକର୍ମ" କିମ୍ବା "ଆଶ୍ଚର୍ଯ୍ୟକର୍ମମାନ ଯାହା ଈଶ୍ୱରଙ୍କର ଶକ୍ତି ପ୍ରମାଣ କରେ" କିମ୍ବା "ଅଦ୍ଭୁତ ଆଶ୍ଚର୍ଯ୍ୟକର୍ମ ଯାହା ଈଶ୍ୱର ମହାନ ଅଟନ୍ତି ବୋଲି ପ୍ରକାଶ କରେ" ବୋଲି ଅନୁବାଦ କରାଯାଇପାରେ I
- ଏହି ଆଶ୍ଚର୍ଯ୍ୟକର୍ମର ଚିହ୍ନର ଅର୍ଥ, ଚିହ୍ନଠାରୁ ଭିନ୍ନ ଅଟେ ଯାହା କୌଣସି ଘଟଣାର ପ୍ରମାଣ ଦିଏ ତାହା ସ୍ମରଣଯୋଗ୍ୟ ଅଟେ I ଏହି ଦୁଇଶବ୍ଦ ପରସ୍ପର ସମ୍ପୃକ୍ତ ହୋଇପାରନ୍ତି I

(ଶକ୍ତି, ଭବିଷ୍ୟଦ୍‌ବକ୍ତା, ପ୍ରେରିତ, ଚିହ୍ନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ଥେସଲନୀକୀୟ 2:8-10
- ପ୍ରେରିତ 4:17
- ପ୍ରେରିତ 4:22
- ଦାନିୟେଲ 4:1-3
- ଦ୍ୱିତୀୟ ବିବରଣ 13:1
- ଯାତ୍ରାପୁସ୍ତକ 3:19-22
- ଯୋହନ 2:11
- ମାଥିଉ 13: 58

ବାଇବେଲ କାହାଣୀରୁ ଉଦାହାରଣଗୁଡ଼ିକ:

- 16:**8** ଗିଦିୟୋନ୍ ଈଶ୍ୱରଙ୍କୁ ଦୁଇଟି **ଚିହ୍ନ** ପଚାରିଲେ ଯାହା ଦ୍ୱାରା ସେ ନିଶ୍ଚିତ ହେବେ ଯେ ଇସ୍ରାଏଲର ଉଦ୍ଧାର ନିମନ୍ତେ ସେ ବ୍ୟବହୃତ ହେବେ I
- **19:14** ଈଶ୍ୱର ଇଲୀଶା ଦ୍ୱାରା ଅନେକ **ଆଶ୍ଚର୍ଯ୍ୟକର୍ମ** କଲେ I
- 37:10 ଅନେକ ଯିହୁଦୀ ଯୀଶୁଙ୍କର **ଆଶ୍ଚର୍ଯ୍ୟକର୍ମ** ହେତୁ ତାହାଙ୍କ ଉପରେ ବିଶ୍ୱାସ କଲେ I

- 43:**6** "ହେ ଇସ୍ରାଏଲ ଲୋକମାନେ, ଯୀଶୁ ଜଣେ ମନୁଷ୍ୟ ଥିଲେ ଯିଏ "ଚିହ୍ନ ଓ ଚମତ୍କାର"ଈଶ୍ୱରଙ୍କର ଶକ୍ତି ଦ୍ୱାରା କଲେ, ଯାହା ଆପଣ ଦେଖିଲେ ଓ ଜାଣି ଅଛନ୍ତି ମଧ୍ୟ"I
- 49:**2** ଯୀଶୁ ଅନେକ **ଆଶ୍ଚର୍ଯ୍ୟକର୍ମ** କଲେ ଯାହା ପ୍ରମାଣ କରେ କି ସେ ଈଶ୍ୱର ଅଟନ୍ତି I ସେ ଜଳ ଉପରେ ଚାଲିଲେ, ପ୍ରଚଣ୍ଡ ଝଡକୁ ଶାନ୍ତ କଲେ, ଅନେକ ରୋଗୀକୁ ସୁସ୍ଥ କଲେ, ବହୁତ ଗ୍ରସ୍ତ ଲୋକମାନଙ୍କୁ ସୁସ୍ଥ କଲେ, ମୃତକୁ ଜୀବିତ କଲେ, ପାଞ୍ଚଟି ରୁଟି ଓ ଛୋଟ ଦୁଇଟି ମାଛରେ 5000 ଲୋକଙ୍କୁ ପ୍ରଚୁର ଖାଦ୍ୟ ଖୁଆଇଲେ I

ଶବ୍ଦବିନ୍ୟାସ:

- Strong's: H226, H852, H2368, H2858, H4150, H4159, H4864, H5251, H5824, H5953, H6381, H6382, H6383, H6395, H6725, H7560, H7583, H847, H874, H8539, H8540,, G880, G1213, G1229, G1411, G1569, G1718, G1770, G1839, G2285, G2296, G2297, G3167, G392, G4591, G4592, G559

ଇସ୍ରାଏଲ, ଇସ୍ରାଏଲୀୟ

ସତ୍ୟ ଘଟଣାବଳୀ:

"ଇସ୍ରାଏଲ" ନାମ ଈଶ୍ୱରଙ୍କ ଦ୍ୱାରା ଯାକୁବକୁ ପ୍ରଦାନ କରାଯାଇଥିଲା I ଏହି ଶବ୍ଦ ପ୍ରାୟତଃ ତାଙ୍କଠାରୁ ଆସିଥିବା ରାଷ୍ଟ୍ରକୁ ବୁଝାଏ I

- ଇସ୍ରାଏଲ ନାମର ଅର୍ଥ "ସେ ଈଶ୍ୱରଙ୍କ ସହ ସଂଘର୍ଷ କଲେ I"
- ଯାକୁବର ବଂଶଧରମାନେ "ଇସ୍ରାଏଲର ପୁତ୍ର" କିମ୍ବା "ଇସ୍ରାଏଲର ଲୋକ" କିମ୍ବା "ଇସ୍ରାଏଲର ଜାତି" କିମ୍ବା "ଇସ୍ରାଏଲୀୟ" ଭାବରେ ପରିଚିତ ହେଲେ I
- ଈଶ୍ୱର ଇସ୍ରାଏଲର ଲୋକମାନଙ୍କ ସହ ନିୟମ ସ୍ଥାପନ କଲେ । ସେମାନେ ତାହାଙ୍କର ମନୋନୀତ ଲୋକ ଥିଲେ I
- ଇସ୍ରାଏଲ ଦେଶ ବାରଟି ଗୋଷ୍ଠୀକୁ ନେଇ ଗଠିତ ଅଟେ I
- ରାଜା ଶଲୋମନଙ୍କ ମୃତ୍ୟୁ ପରେ, ଇସ୍ରାଏଲ ଦୁଇଟି ରାଜ୍ୟରେ ବିଭକ୍ତ ହେଲା: ଦକ୍ଷିଣ ରାଜ୍ୟ, ଯିହୂଦା ଏବଂ ଉତ୍ତର ରାଜ୍ୟ "ଇସ୍ରାଏଲ" ବୋଲି ନାମିତ ହେଲା I
- ଅନେକ ସମୟରେ ଇସ୍ରାଏଲ ଶବ୍ଦକୁ "ଇସ୍ରାଏଲ ଲୋକମାନେ" କିମ୍ବା "ଇସ୍ରାଏଲ ଦେଶ" ବୋଲି ପୃଷ୍ଠଭୂମି ଅନୁସାରେ ଅନୁବାଦ କରାଯାଇପାରେ I

(ଯାକୁବ, ଇସ୍ରାଏଲ ରାଜ୍ୟ, ଜହୂଦା, ଦେଶ, ଇସ୍ରାଏଲର ବାର ଜାତି: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 10:1
- 1 ରାଜାବଳୀ 8:2
- ପ୍ରେରିତ 2:36
- ପ୍ରେରିତ 7:24
- ପ୍ରେରିତ 13:23
- ଯୋହନ 1:49-51
- ଲୂକ 24:21
- ମାର୍କ 12:29
- ମାଥିଉ 2:6
- ମାଥିଉ 27:9
- ଫିଲିପ୍ପୀୟ 3:4-5

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 8:15 ବାର ସନ୍ତାନର ବଂଶଧରମାନେ **ଇସ୍ରାଏଲ** ବାରଜାତି ହେଲେ I
- 9:3 ମିସରୀୟ ଲୋକମାନେ ବଳ ପୂର୍ବକ **ଇସ୍ରାଏଲମାନଙ୍କୁ** ପୁରା ସହରରେ ଅନେକ ଗୃହ ନିର୍ମାଣ କରାଇଲେ I
- 9:5 ଏକ **ଇସ୍ରାଏଲୀୟ** ସ୍ତ୍ରୀ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଲେ I
- 10:1 ସେମାନେ କହିଲେ, ଏହା **ଇସ୍ରାଏଲର** ଈଶ୍ୱର କହନ୍ତି, "ମୋହର ଲୋକମାନଙ୍କୁ ଯିବାକୁ ଦିଅ" I
- 14:12 ଏସବୁ ହେଲାପରେ, **ଇସ୍ରାଏଲ** ଲୋକମାନେ ଈଶ୍ୱର ଓ ମୋଶାଙ୍କ ବିରୁଦ୍ଧରେ ବଚସା କଲେ I
- 15:9 ଈଶ୍ୱର **ଇସ୍ରାଏଲ** ଲୋକମାନଙ୍କ ନିମନ୍ତେ ଯୁଦ୍ଧ କଲେ I ସେ ଆମରୀୟ ଲୋକମାନଙ୍କୁ ଦ୍ୱନ୍ଦରେ ଢାଳିଲେ ଓ ଆମରୀୟ ଲୋକମାନଙ୍କୁ ବଧ କରିବାକୁ ବଡ଼ ବଡ଼ ଶିଳାବୃଷ୍ଟି କଲେ I
- 15:12 ଏହି ଯୁଦ୍ଧପରେ, ଈଶ୍ୱର ପ୍ରତ୍ୟକ ଇସ୍ରାଏଲ ଜାତିକୁ ପ୍ରତିଜ୍ଞାତ ଦେଶରେ ନିଜ ଭାଗ ଦେଲେ I ତା'ପରେ ଈଶ୍ୱର ଇସ୍ରାଏଲ**କୁ ସମସ୍ତ ସୀମାରେ ଶାନ୍ତି ଦେଲେ I**
- 16:16 ଈଶ୍ୱର ପୁଣିଥରେ **ଇସ୍ରାଏଲ** ଲୋକମାନଙ୍କୁ ପ୍ରତିମା ପୂଜା କରିବା ନିମନ୍ତେ ଦଣ୍ଡିତ କଲେ I
- **43:6 "**ଇସ୍ରାଏଲ ଲୋକମାନେ, ଈଶ୍ୱରଙ୍କ ଶକ୍ତିରେ ଯେପରି ଆପଣମାନେ ଦେଖୁ ଅଛନ୍ତି ଓ ଜାଣି ଅଛନ୍ତି ସେହିପରି ଯୀଶୁ ଅନେକ ଅଦ୍ଭୁତ ଓ ସାମର୍ଥ ଚିହ୍ନ ଦେଖାଇଲେ I"

ଶବ୍ଦବିନ୍ୟାସ:

- Strong's: H3478, H3479, H3481, H3482, G9350, G24740, G24750

ଈର୍ଷାପରାୟଣ, ଈର୍ଷା

ପରିଭାଷା:

"ଈର୍ଷାପରାୟଣ" ଓ "ଈର୍ଷା" ଶବ୍ଦ ସମ୍ପର୍କର ଶୁଦ୍ଧତାକୁ ସୁରକ୍ଷା ରଖିବାକୁ ନିଜର ଏକ ଗଭୀର ଇଚ୍ଛା ଅଟେ I ଏହା କିଛି ବସ୍ତୁ କିମ୍ବା ବ୍ୟକ୍ତିକୁ ପାଇବାକୁ ଦୃଢ ଇଚ୍ଛା ଶକ୍ତିକୁ ମଧ୍ୟ ଦର୍ଶାଏ I

- ଏହି ଶବ୍ଦଗୁଡ଼ିକ ପ୍ରାୟତଃ କ୍ରୋଧିତ ଅନୁଭବକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ ଯାହା ଜଣେ ବ୍ୟକ୍ତି ନିଜ ଜୀବନସାଥୀଙ୍କ ପ୍ରତି ଯିଏ ତାଙ୍କ ପ୍ରତି ଅବିଶ୍ୱସ୍ତ ହୋଇଅଛି।
- ଯେତେବେଳେ ବାଇବେଲରେ ବ୍ୟବହାର କରାଯାଏ, ଏହି ଶବ୍ଦଗୁଡ଼ିକ ପ୍ରାୟତଃ ଈଶ୍ୱରଙ୍କ ଲୋକମାନଙ୍କ ଇଚ୍ଛାକୁ ପାପରୁ ନିର୍ମଳ ଏବଂ ଅପରିଷ୍କାର ରହିବାକୁ ଇଚ୍ଛା କରନ୍ତି I
- ଈଶ୍ୱର ତାହାଙ୍କ ନାମ ନିମନ୍ତେ "ଈର୍ଷାପରାୟଣ" ଅଟନ୍ତି ତେଣୁ ଏହାକୁ ସମ୍ମାନର ସହିତ ବ୍ୟବହାର କରାଯାଉ।
- "ଈର୍ଷାପରାୟଣ" ର ଆଉ ଏକ ଅର୍ଥ ହେଲା କାହାକୁ ଫଳପ୍ରଦ ହେବା ଦେଖି କିମ୍ବା ଅଧିକ ପ୍ରସିଦ୍ଧ ଦେଖି କ୍ରୋଧରେ ଜଡିତ ହେବା I ଏହା "ଈର୍ଷା" ଶବ୍ଦର ନିକଟତର ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଈର୍ଷାପରାୟଣ" ଶବ୍ଦକୁ "ଦୃଢ ସୁରକ୍ଷିତ ଭାବନା" କିମ୍ବା"ପାଇବାକୁ ଇଚ୍ଛା" ବୋଲି ଅନୁବାଦ କରାଯାଇପାରେ I
- "ଈର୍ଷାପରାୟଣ" ଶବ୍ଦକୁ "ଦୃଢ ସୁରକ୍ଷିତ ଅନୁଭବ " କିମ୍ବା"ପାଇବାକୁ ଅନୁଭବ " ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ଈଶ୍ୱରଙ୍କ ବିଷୟରେ କୁହାଯାଏ, ନିଶ୍ଚିତ କରନ୍ତୁ ଯେ ଏହି ଶବ୍ଦର ଅନୁବାଦ ଅନ୍ୟ କାହା ଉପରେ ବିରକ୍ତ ହେବାର ନକାରାତ୍ମକ ଅର୍ଥ ପ୍ରଦାନ ଯେପରି ନ କରେ।
- ଅନ୍ୟ ଲୋକଙ୍କ ପ୍ରତି କ୍ରୋଧର ଭୁଲ ଭାବନା ପ୍ରସଙ୍ଗରେ, ଯେଉଁମାନେ ଅଧିକ ସଫଳ ହୁଅନ୍ତି, "ଈର୍ଷା" ଏବଂ "ଈର୍ଷା କରିବା" ଶବ୍ଦ ବ୍ୟବହାର କରାଯାଇପାରେ | କିନ୍ତୁ ଏହି ଶବ୍ଦଗୁଡ଼ିକ ଈଶ୍ୱଙ୍କ ପାଇଁ ବ୍ୟବହୃତ ହେବା ଉଚିତ୍ ନୁହେଁ I

(ହିଂସା:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ କରନ୍ଥୀୟ12:20
- ଦ୍ୱିତୀୟ ବିବରଣ 5:9
- ଯାତ୍ରାପୁସ୍ତକ 20:5
- ଯିହଜିକଲ 36:5
- ଯିହୋଶୂୟ24:19
- ନାହୁମ 1:2-3
- ରୋମୀୟ 13:13

ଶବ୍ଦବିନ୍ୟାସ :

- Strong's: H7065, H7067, H7068, H7072, G22050, G38630

ଈଶ୍ୱରଙ୍କ ଇଚ୍ଛା

ପରିଭାଷା:

"ଈଶ୍ୱରଙ୍କ ଇଚ୍ଛା" ବାକ୍ୟାଂଶଟି ଈଶ୍ୱରଙ୍କର ଇଚ୍ଛା ଓ ଯୋଜନାଗୁଡ଼ିକୁ ବୁଝାଏ I

- ଈଶ୍ୱରଙ୍କ ଇଚ୍ଛା ବିଶେଷ କରି ଲୋକମାନଙ୍କ ସହିତ ତାଙ୍କର ପାରସ୍ପରିକ ସମ୍ପର୍କ ଏବଂ ସେ କିପରି ଲୋକମାନେ ତାଙ୍କ ପ୍ରତି ପ୍ରତିକ୍ରିୟା କରନ୍ତୁ ବୋଲି ଚାହାଁନ୍ତି ତାହାକୁ ବୁଝାଏ I
- ଏହା ତାହାଙ୍କର ସୃଷ୍ଟି ପ୍ରତି ତାହାଙ୍କର ଇଚ୍ଛା ଓ ଯୋଜନାଗୁଡ଼ିକୁ ମଧ୍ୟ ବୁଝାଏ I
- "ଇଚ୍ଛା" ଶବ୍ଦର ଅର୍ଥ "ସଂକଳ୍ପ କରିବା" କିମ୍ବା "ଅଭିଳାଷ କରିବା" ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଈଶ୍ୱରଙ୍କ ଇଚ୍ଛା"ବାକ୍ୟାଂଶକୁ "ଈଶ୍ୱର ଯାହା ଇଚ୍ଛା କରନ୍ତି" କିମ୍ବା "ଈଶ୍ୱର ଯାହା ସଂକଳ୍ପ କରିଛନ୍ତି" କିମ୍ବା "ଈଶ୍ୱରଙ୍କର ଉଦ୍ଦେଶ୍ୟ" କିମ୍ବା "ଈଶ୍ୱରଙ୍କୁ ଯାହା ଆନନ୍ଦ ପ୍ରଦାନ କରେ" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 2:15-17
- ପ୍ରଥମ ଥେସଲନୀକୀୟ 4:3-6
- କଲସୀୟ 4:12-14
- ଏଫିସୀୟ 1:1-2
- ଯୋହନ 5:30-32
- ମାର୍କ 3:33-35
- ମାଥିଉ 6:8-10
- ଗୀତସଂହିତା 103:21

ଶବ୍ଦବିନ୍ୟାସ :

- Strong's: H6310, H6634, H7522, G1012, G1013, G2307, G2308, G2309, G2596

ଈଶ୍ୱରଙ୍କ ପୁତ୍ର, ପୁତ୍ର

ସତ୍ୟ ଘଟଣାବଳୀ:

"ଈଶ୍ୱରଙ୍କ ପୁତ୍ର" ଶବ୍ଦଟି ଯୀଶୁଙ୍କୁ ଅର୍ଥାତ୍ ଈଶ୍ୱରଙ୍କର ବାକ୍ୟକୁ ବୁଝାଏ, ଯିଏ ମନୁଷ୍ୟ ଭାବେ ଏହି ଜଗତକୁ ଆସିଲେ I ଅଧିକାଂଶ ସମୟରେ ତାହାଙ୍କୁ "ପୁତ୍ର" ବୋଲି ମଧ୍ୟ କୁହାଯାଏ I"

- ଈଶ୍ୱରଙ୍କର ପୁତ୍ରଙ୍କଠାରେ ଈଶ୍ୱରଙ୍କର ସ୍ୱଭାବ ଦେଖିବାକୁ ମିଳେ, ଏବଂ ସେ ସ୍ୱୟଂ ଈଶ୍ୱର ଅଟନ୍ତି I
- ଈଶ୍ୱର, ଈଶ୍ୱରଙ୍କ ପୁତ୍ର ଏବଂ ଈଶ୍ୱରଙ୍କର ପବିତ୍ର ଆତ୍ମା ସମସ୍ତେ ଏକ ଅଟନ୍ତି I
- ମନୁଷ୍ୟ ପୁତ୍ରମାନଙ୍କ ପରି, ଈଶ୍ୱରଙ୍କ ପୁତ୍ର ମଧ୍ୟ ବାସ୍ତବରେ ବିଦ୍ୟମାନ ଅଟନ୍ତି I
- ଆଦ୍ୟରେ, ଜଗତର ସୃଷ୍ଟିରେ ପିତା ଓ ପବିତ୍ର ଆତ୍ମାଙ୍କ ସହିତ ଈଶ୍ୱରଙ୍କ ପୁତ୍ର ମଧ୍ୟ ସମ୍ପୃକ୍ତ ଥିଲେ I

ଯେହେତୁ ଯୀଶୁ ଈଶ୍ୱରଙ୍କର ପୁତ୍ର ଅଟନ୍ତି ସେ ତାହାଙ୍କ ପିତାଙ୍କୁ ପ୍ରେମ କରନ୍ତି ଏବଂ ତାହାଙ୍କ ଆଦେଶକୁ ମାନନ୍ତି, ଏବଂ ପିତା ମଧ୍ୟ ତାହାଙ୍କୁ ପ୍ରେମ କରନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ସ୍ଥାନୀୟ ଭାଷାରେ ସ୍ୱାଭାବିକ ଭାବରେ ମନୁଷ୍ୟ ପୁତ୍ରଙ୍କୁ ସୂଚାଇବା ନିମନ୍ତେ ବ୍ୟବହାର କରାଯାଉଥିବା ଶବ୍ଦକୁ "ଈଶ୍ୱରଙ୍କ ପୁତ୍ର" ପାଇଁ ଅନୁବାଦରେ ବ୍ୟବହାର କରିବା ଉତ୍ତମ ଅଟେ I
- ନିଶ୍ଚିତ କରନ୍ତୁ ଯେ "ପୁତ୍ର" ଶବ୍ଦକୁ ଅନୁବାଦ କରିବା ପାଇଁ ବ୍ୟବହୃତ ଶବ୍ଦ "ପିତା" ଶବ୍ଦକୁ ଅନୁବାଦ କରିବାରେ ବ୍ୟବହୃତ ଶବ୍ଦ ସ୍ଥାନୀୟ ଭାଷାରେ ସ୍ୱାଭାବିକ ପିତା-ପୁତ୍ର ସମ୍ପର୍କକୁ ପ୍ରକାଶ କରେ I
- "ପୁତ୍ର" ଶବ୍ଦର ଆରମ୍ଭରେ ପ୍ରଥମ ବନାନ ବଡ ଅକ୍ଷରର କଲେ ଏହା ଈଶ୍ୱରଙ୍କ ବିଷୟରେ କହୁଛି ବୋଲି ଜାଣିବାରେ ସାହାଯ୍ୟ କରିପାରେ I
- "ଈଶ୍ୱରଙ୍କ ପୁତ୍ର" ବାକ୍ୟାଂଶର ସଂକ୍ଷିପ୍ତ ଶବ୍ଦ "ପୁତ୍ର" ଅଟେ ବିଶେଷ କରି ଯେତେବେଳେ ଏହା "ପିତା" ପ୍ରସଙ୍ଗରେ ବ୍ୟବହାର ହୁଏ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଦେଖନ୍ତୁ)

(ଖ୍ରୀଷ୍ଟ, ପୂର୍ବପୁରୁଷ, ଈଶ୍ୱର, ପିତା ଈଶ୍ୱର, ପବିତ୍ର ଆତ୍ମା, ଯୀଶୁ, ପୁତ୍ର, ଈଶ୍ୱରଙ୍କ ପୁତ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 4:10
- ପ୍ରେରିତ 9:20
- କଲସୀୟ 1:17
- ଗାଲାତୀୟ 2:20
- ଏବ୍ରୀ 4:14
- ଯୋହନ 3:18
- ଲୂକ, 10:22
- ମାଥିଉ 11:27
- ପ୍ରକାଶିତ ବାକ୍ୟ 2:18
- ରୋମୀୟ 8:29

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **22:5**_ସ୍ୱର୍ଗଦୂତ ବ୍ୟାଖ୍ୟା କରି କହିଲେ, "ପବିତ୍ର ଆତ୍ମା ତୁମ୍ଭ ନିକଟକୁ ଆସିବେ ଏବଂ ଈଶ୍ୱରଙ୍କ ଶକ୍ତି ତୁମ ଉପରେ ରହିବ। ଏଣୁ ସେହି ଶିଶୁ ପବିତ୍ର **ଈଶ୍ୱରଙ୍କ ପୁତ୍ର** ହେବ I"
- **24:9**_ ଈଶ୍ୱର ଯୋହନଙ୍କୁ କହିଲେ, "ତୁମ୍ଭେ ବାପ୍ତିଜିତ କରୁଥିବା ଜଣେ ବ୍ୟକ୍ତିଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କରିବେ । ସେ ବ୍ୟକ୍ତି **ଈଶ୍ୱରଙ୍କ ପୁତ୍ର** ଅଟନ୍ତି I"
- **31:8** ଶିଷ୍ୟମାନେ ଆଶ୍ଚର୍ଯ୍ୟ ହେଲେ। ସେମାନେ ଯୀଶୁଙ୍କୁ ଉପାସନା କରି କହିଲେ, "ତୁମ୍ଭେ **ଈଶ୍ୱରଙ୍କ ପୁତ୍ର ଅଟ** I"
- **37:5** ମାର୍ଥା ଉତ୍ତର ଦେଲେ, "ହଁ, ପ୍ରଭୁ" ମୁଁ ବିଶ୍ୱାସ କରେ ତୁମେ ମସୀହ, **ଈଶ୍ୱରଙ୍କ ପୁତ୍ର ଅଟ** I"

- **42:10** ଏଣୁ ଯାଅ, ସମସ୍ତ ଜାତିର ଲୋକମାନଙ୍କୁ ପିତା, **ପୁତ୍ର**, ଏବଂ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ ମୁଁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର I
- **46:6** ସେହିକ୍ଷଣୀ, ଶାଉଲ ଦମ୍ମେଶକରେ ଥିବା ଯିହୁଦୀମାନଙ୍କୁ ପ୍ରଚାର କରି କହିଲେ, "ଯୀଶୁ ଈ**ଶ୍ୱରଙ୍କ ପୁତ୍ର ଅଟନ୍ତି**!"
- **49:9** କାରଣ ଈଶ୍ୱର ଏହି ଜଗତକୁ ଏତେ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ **ପୁତ୍ର**ଙ୍କୁ ଦାନ କଲେ ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ ସେ ବିନଷ୍ଟ ନହୋଇ ଅନନ୍ତ ଜୀବନର ଅଧିକାରୀ ହୁଏ ।

ଶବ୍ଦବିନ୍ୟାସ :

- Strong's: H426, H430, H1121, H1247, G23160, G5270

ଈଶ୍ୱରଙ୍କ ପୁତ୍ରଗଣ, ଈଶ୍ୱରଙ୍କ ସନ୍ତାନ

ପରିଭାଷା:

"ଈଶ୍ୱରଙ୍କ ପୁତ୍ରଗଣ" ବାକ୍ୟାଂଶ ଏକ ଉପମା ଅଟେ ଯେଉଁ ବାକ୍ୟାଂଶର ଅନେକ ଅର୍ଥ ରହିଛି।

- ନୂତନ ନିୟମରେ, "ଈଶ୍ୱରଙ୍କ ପୁତ୍ରଗଣ" ବାକ୍ୟାଂଶ ଯୀଶୁଙ୍କୁ ବିଶ୍ୱାସ କରିଥିବା ସମସ୍ତ ବିଶ୍ୱାସୀମାନଙ୍କୁ ବୁଝାଏ ଏବଂ ଏହି ବାକ୍ୟାଂଶକୁ ସାଧାରଣତଃ "ଈଶ୍ୱରଙ୍କ ସନ୍ତାନ" ବୋଲି ଅନୁବାଦ କରାଯାଏ କାରଣ ଏହା ଉଭୟ ପୁରୁଷ ଏବଂ ମହିଳାମାନଙ୍କୁ ବୁଝାଏ ।
- ଏହି ବାକ୍ୟାଂଶ ଈଶ୍ୱରଙ୍କ ସହ ସମ୍ପର୍କ ଯାହା ମନୁଷ୍ୟ ସନ୍ତାନ ଓ ତାଙ୍କର ପିତାଙ୍କଠାରୁ ପୁତ୍ରଙ୍କୁ ମିଳିଥିବା ସମସ୍ତ ଲାଭକୁ ବୁଝାଏ ।
- କେତେକ ଲୋକ "ଈଶ୍ୱରଙ୍କ ପୁତ୍ରଗଣ" ବାକ୍ୟାଂଶକୁ ଆଦିପୁସ୍ତକ 6 ପର୍ବରେ ବର୍ଣ୍ଣନା ହୋଇଥିବା ପତିତ ଦୂତ- ମନ୍ଦ ଆତ୍ମା କିମ୍ବା ଭୂତ ବୋଲି ଭାଷାନ୍ତର କରନ୍ତି । ଅନ୍ୟମାନେ ଏହା ହୁଏତ ଜଣେ ଶକ୍ତିଶାଳୀ ରାଜନୈତିକ ନେତା କିମ୍ବା ଶେଥଙ୍କର ସନ୍ତାନଗଣକୁ ଦର୍ଶାଏ ବୋଲି ଭାବନ୍ତି ।
- ନୂତନ ନିୟମରେ, "ଈଶ୍ୱରଙ୍କ ପୁତ୍ରଗଣ" ଯୀଶୁଙ୍କଠାରେ ସମସ୍ତ ବିଶ୍ୱାସୀକୁ ବୁଝାଏ ଏବଂ ଏହା ଅନୁବାଦ ହେବ ଯଥା "ଈଶ୍ୱର ଙ୍କର ସନ୍ତାନ" କାରଣ ଏହା ଉଭୟ ପୁରୁଷ ଓ ମହିଳାଙ୍କୁ ମିଶାଇ ।
- "ଈଶ୍ୱରଙ୍କ ପୁତ୍ର" ଉପାଖ୍ୟାନ ଏକ ଭିନ୍ନ ଉପାଖ୍ୟାନ ଅଟେ: ଏହା ଯୀଶୁଙ୍କୁ ଦର୍ଶାଏ, ଯିଏ ଈଶ୍ୱରଙ୍କ ଏକ ମାତ୍ର ପୁତ୍ର ଅଟନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେବେ "ଈଶ୍ୱରଙ୍କ ପୁତ୍ରଗଣ "ଯୀଶୁଙ୍କୁ ବିଶ୍ୱାସ କରିଥିବା ସମସ୍ତ ବିଶ୍ୱାସୀମାନଙ୍କୁ ବୁଝାଏ ଏବଂ ସାଧାରଣତଃ "ଈଶ୍ୱରଙ୍କ ସନ୍ତାନ" ବୋଲି ଅନୁବାଦ ହୁଏ ।
- ଆଦିପୁସ୍ତକ 6:2 ଏବ 4 "ଈଶ୍ୱରଙ୍କ ପୁତ୍ରଗଣ" ବାକ୍ୟାଂଶର ଅନୁବାଦ "ଦୂତଗଣ", "ଆତ୍ମିକଗଣ ", "ଅଲୌକିକ ପ୍ରାଣୀଗଣ" କିମ୍ବା "ଭୂତ।"
- "ପୁତ୍ର" ଶବ୍ଦର ଲିଂକ୍ ଦେଖନ୍ତୁ ।

(ଦୂତଗଣ, ଭୂତ, ପୁତ୍ର, ଈଶ୍ୱରଙ୍କ ପୁତ୍ର, ଶାସକ, ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 6:1-3
- ଆଦିପୁସ୍ତକ 6:4
- ଆୟୁବ 1:6
- ରୋମୀୟ 8:14

ଶବ୍ଦବିନ୍ୟାସ :

- Strong's: H430, H1121, G2316, G543, G527

ଈଶ୍ୱରଙ୍କ ବାକ୍ୟ, ଯିହୋବାଙ୍କ ବାକ୍ୟ, ପ୍ରଭୁଙ୍କ ବାକ୍ୟ, ସତ୍ୟର ବାକ୍ୟ, ଧର୍ମୋଶାସ୍ତ୍ର

ପରିଭାଷା:

ବାଇବେଲରେ, "ଈଶ୍ୱରଙ୍କର ବାକ୍ୟ" ବାକ୍ୟାଂଶ ଈଶ୍ୱର ନିଜ ଲୋକମାନଙ୍କୁ ପ୍ରକାଶକରିଥିବା ବିଷୟକୁ ଦର୍ଶାଏ। ଏହା କଥିତ ଓ ଲିଖିତ ବାର୍ତ୍ତାକୁ ଅନ୍ତର୍ଭୁକ୍ତ କରେ । ଯୀଶୁଙ୍କୁ "ଈଶ୍ୱରଙ୍କର ବାକ୍ୟ" ବୋଲି ମଧ୍ୟ କୁହାଯାଏ

- ଧର୍ମଶାସ୍ତ୍ରର ଅର୍ଥ "ଲେଖନ।" ଅଟେ ଏହା କେବଳ ନୂତନ ନିୟମରେ ଉଲ୍ଲେଖ ଅଛି, ଏବଂ ଏବ୍ରୀ ଶାସ୍ତ୍ରଗୁଡ଼ିକୁ ଦର୍ଶାଏ, ଯାହା ପୁରାତନ ନିୟମ ଅଟେ। ଏହି ସବୁ ଲେଖାଗୁଡ଼ିକ ଈଶ୍ୱରଙ୍କ ବାର୍ତ୍ତା ଅଟେ ଯାହାକୁ ସେ ଲୋକମାନଙ୍କୁ ଲେଖିବାକୁ କହିଥିଲେ ଯେପରି ବହୁ ବର୍ଷ ପରେ ମଧ୍ୟ ଭବିଷ୍ୟରେ ଲୋକମାନେ ପାଠ କରିପାରିବେ।
- ଏହାର ସମ୍ପର୍କିତ ଶବ୍ଦଗୁଡ଼ିକ "ଯିହୋବାଙ୍କ ବାକ୍ୟ" ଓ "ପ୍ରଭୁଙ୍କର ବାକ୍ୟ" ଏକ ବିଶେଷ ବାର୍ତ୍ତାକୁ ଦର୍ଶାଏ ଯାହା ଈଶ୍ୱର ଭବିଷ୍ୟବକ୍ତାଗଣକୁ ଓ ଅନ୍ୟ ଲୋକମାନଙ୍କୁ ବାଇବେଲରେ ପ୍ରକାଶ କରିଥିଲେ।
- ବେଳେବେଳେ ଏହି ଶବ୍ଦ ସାଧାରଣ ଭାବରେ "ବାକ୍ୟ" କିମ୍ବା "ମୋହର ବାକ୍ୟ" କିମ୍ବା "ତୁମ୍ଭମାନଙ୍କର ବାକ୍ୟ" ଭାବେ ବାଇବେଲରେ ଉଲ୍ଲେଖିତ। (ଯେତେବେଳେ ଈଶ୍ୱରଙ୍କର ବାକ୍ୟ ବିଷୟରେ କୁହଯାଏ)
- ନୂତନ ନିୟମରେ, ଯୀଶୁଙ୍କୁ "ବାକ୍ୟ" ଏବଂ "ଈଶ୍ୱରଙ୍କ ବାକ୍ୟ" ବୋଲି କୁହାଯାଏ। ଏହି ସବୁ ଆଖ୍ୟାର ଅର୍ଥ ହେଉଛି ଈଶ୍ୱର କିଏ ଯୀଶୁ ସମ୍ପୂର୍ଣ୍ଣ ରୂପେରେ ପ୍ରକାଶ କରନ୍ତି, କାରଣ ସେ ସ୍ୱୟଂ ଈଶ୍ୱର ଅଟନ୍ତି।

"ଈଶ୍ୱରଙ୍କ ବାକ୍ୟକୁ" ଅନ୍ୟ ଶବ୍ଦରେ "ସତ୍ୟମୟ ବାକ୍ୟ" କୁହାଯାଏ, ଯାହା ତାହାଙ୍କ ବାର୍ତ୍ତା ଏବଂ ଶିକ୍ଷା ଅଟେ। ଏହା କେବଳ ସାଧରଣ ଏକ ବାକ୍ୟକୁ ବୁଝାଏ ନାହିଁ।

- ଈଶ୍ୱର ନିଜ ବିଷୟରେ ଲୋକମାନଙ୍କୁ ଯାହା କିଛି ଶିକ୍ଷା ଦେଇଛନ୍ତି ତାହା ଈଶ୍ୱରଙ୍କ ସତ୍ୟର ବାକ୍ୟ ଅଟେ, ତାହାଙ୍କର ସୃଷ୍ଟି, ଓ ଖ୍ରୀଷ୍ଟ ଯୀଶୁ ଦ୍ୱାରା ତାହାଙ୍କର ଉଦ୍ଧାରର ଯୋଜନା ଅନ୍ତର୍ଭୁକ୍ତ ଅଟେ।
- ଯାହା ଈଶ୍ୱର ଆମ୍ଭମାନଙ୍କୁ କହିଛନ୍ତି ତାହା ସତ୍ୟ, ବିଶ୍ୱାସଯୋଗ୍ୟ ଓ ବାସ୍ତବ ଅଟେ ବୋଲି ଏହି ଶବ୍ଦ ଏହାକୁ ଗୁରୁତ୍ୱ ଦିଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, ଭିନ୍ନ ପ୍ରକାରରେ ଏହାକୁ ଅନୁବାଦ କଲେ "ଯିହୋବାଙ୍କ ବାର୍ତ୍ତା" କିମ୍ବା"ଈଶ୍ୱରଙ୍କ ବାର୍ତ୍ତା" କିମ୍ବା "ଈଶ୍ୱରଙ୍କ ଶିକ୍ଷା" ଅନ୍ତର୍ଭୁକ୍ତ ଅଟେ।
- ଏହା କେତେକ ଭାଷାରେ ବହୁ ବଚନ କରିବା ଅତି ସ୍ୱାଭାବିକ ହୋଇପାରେ "ଈଶ୍ୱରଙ୍କ ବାକ୍ୟଗୁଡ଼ିକ" କିମ୍ବା "ଯିହୋବାଙ୍କ ବାକ୍ୟଗୁଡ଼ିକ।"
- "ଯିହୋବାଙ୍କ ବାକ୍ୟ ଆସିଲେ" ଅଭିବ୍ୟକ୍ତି ଅନେକ ସମୟରେ ଏପରି କିଛି ପରିଚିତ କରାଇବା ପାଇଁ ବ୍ୟବହୃତ ହୁଏ ଯାହା ଈଶ୍ୱରଙ୍କ ତାହାଙ୍କ ଭବିଷ୍ୟବକ୍ତାଗଣକୁ କିମ୍ବା ତାହାଙ୍କ ଲୋକମାନଙ୍କୁ କହିଲେ। ଏହାକୁ ଏପରି ଭାବରେ ଅନୁବାଦ କରାଯାଇପାରେ ଯଥା "ଯୋହୋବା ଏହି ବାକ୍ୟ କହିଲେ" କିମ୍ବା "ଯିହୋବା ଏହିସବୁ ବାକ୍ୟ କହିଲେ।"
- "ଧର୍ମଶାସ୍ତ୍ର" କିମ୍ବା"ଧର୍ମଶାସ୍ତ୍ରଗୁଡ଼ିକ" ଶବ୍ଦକୁ "ଲେଖା" କିମ୍ବା"ଈଶ୍ୱରଙ୍କର ଲିଖିତ ବାର୍ତ୍ତା " ବୋଲି ଅନୁବାଦ କରାଯାଇପାରେ । ଏହି ବ୍ୟବହୃତ ଭାଷାକୁ "ବାକ୍ୟ" ଶବ୍ଦର ଅନୁବାଦଠାରୁ ଭିନ୍ନ ରୂପରେ ଅନୁବାଦ କରିବା ଆବଶ୍ୟକ ଅଟେ।
- ଯେତେବେଳେ କେବଳ "ବାକ୍ୟ" ଶବ୍ଦ ଆସେ ଏବଂ ଏହା ଈଶ୍ୱରଙ୍କ ବାକ୍ୟକୁ ବୁଝାଏ, ଏହାକୁ "ବାର୍ତ୍ତା କିମ୍ବା "ଈଶ୍ୱରଙ୍କ ବାକ୍ୟ" କିମ୍ବା "ଶିକ୍ଷା" ବୋଲି ଅନୁବାଦ କରାଯାଇପାରେ । ପୁନଶ୍ଚ ଉପରୋକ୍ତ ବିକଳ୍ପ ଅନୁବାଦଗୁଡ଼ିକୁ ମଧ୍ୟ ଦେଖନ୍ତୁ।
- ଯେତେବେଳେ ବାଇବେଲ ଯୀଶୁଙ୍କୁ "ବାକ୍ୟ" ବୋଲି ଉଲ୍ଲେଖ କରେ ତେବେ ଏହି ବାକ୍ୟକୁ "ବାର୍ତ୍ତା" କିମ୍ବା "ସତ୍ୟ" ବୋଲି ଅନୁବାଦ କରାଯାଇପାରେ ।
- "ସତ୍ୟମୟ ବାକ୍ୟକୁ" "ଈଶ୍ୱରଙ୍କ ସତ୍ୟ ବାର୍ତ୍ତା ବା ବାର୍ତ୍ତା" କିମ୍ବା "ଈଶ୍ୱରଙ୍କ ବାକ୍ୟ ଯାହା ସତ୍ୟ ଅଟେ" ବୋଲି ଅନୁବାଦ କରାଯାଇପାରେ ।
- ଏହି ଶବ୍ଦର ଅନୁବାଦରେ ସତ୍ୟ ହେବାର ଅର୍ଥ ଅନ୍ତର୍ଭୂକ୍ତ ହେବା ଗୁରୁତ୍ୱପୂର୍ଣ୍ଣ ଅଟେ ।

(ଭବିଷ୍ୟତବକ୍ତା, ସତ୍ୟ, ସଦାପ୍ରଭୁ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 15:1
- ପ୍ରଥମ ରାଜାବଳୀ 13:1
- ଯିରିମୀୟ 36:1-3
- ଲୂକ 8:11
- ଯୋହନ 5:39
- ପ୍ରେରିତ 6:2
- ପ୍ରେରିତ 12:24
- ରୋମୀୟ 1:2

- ଦ୍ୱିତୀୟ କରନ୍ଥୀୟ 6:7
- ଏଫିସୀୟ 1:13
- ଦ୍ୱିତୀୟ ତିମଥି 3:16
- ଯାକୁବ 1:18
- ଯାକୁବ 2:8-9

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **25:7 ଈଶ୍ୱରଙ୍କ ବାକ୍ୟରେ** ସେ ତାହାଙ୍କ ଲୋକମାନଙ୍କୁ ଆଜ୍ଞା ଦିଅନ୍ତି, "କେବଳ ତୁମ୍ଭେମାନେ ତୁମ୍ଭର ପ୍ରଭୁ ଈଶ୍ୱରଙ୍କ ଉପାସନା କରିବ ଓ ତାହାଙ୍କର ସେବା କରିବ।"
- **33:6** ଯୀଶୁ ବ୍ୟାଖ୍ୟା କଲେ, "ବିହନ **ଈଶ୍ୱରଙ୍କ ବାକ୍ୟ** ଅଟେ।
- **42:3** ତେବେ ଯୀଶୁ ସେମାନଙ୍କୁ **ଈଶ୍ୱରଙ୍କ ବାକ୍ୟ** ଖ୍ରୀଷ୍ଟଙ୍କ ବିଷୟରେ କଅଣ କହେ ବ୍ୟାଖ୍ୟା କଲେ।
- **42:7** ଯୀଶୁ କହିଲେ, "ମୁଁ ତୁମ୍ଭକୁ କହିଲି ଯେ ମୋ ବିଷୟରେ **ଈଶ୍ୱରଙ୍କ ବାକ୍ୟରେ** ଯାହା କିଛି ଉଲ୍ଲେଖ ଅଛି ତାହା ପୂର୍ଣ୍ଣ ହେବ।" ତେବେ ସେ ସେମାନଙ୍କ ବୁଦ୍ଧିକୁ ଉନ୍ମୁକ୍ତ କଲେ ଯେପରି ସେମାନେ **ଈଶ୍ୱରଙ୍କ ବାକ୍ୟ** ବୁଝି ପାରିବେ।
- **45:10** ଯୀଶୁଙ୍କ ସୁସମାଚାର କହିବା ପାଇଁ ଫିଲିପ ଅନ୍ୟ **ଧର୍ମଶାସ୍ତ୍ରଗୁଡ଼ିକ** ମଧ୍ୟ ବ୍ୟବହାର କରିଥିଲେ।
- **48:12** କିନ୍ତୁ ଯୀଶୁ ସମସ୍ତ ଭବିଷ୍ୟବକ୍ତା ମଧ୍ୟରୁ ସର୍ବଶ୍ରେଷ୍ଠ ଅଟନ୍ତି। ସେ **ଈଶ୍ୱରଙ୍କ ବାକ୍ୟ** ଅଟନ୍ତି।
- **49:18** ଈଶ୍ୱର ତୁମ୍ଭକୁ ପ୍ରାର୍ଥନା କରିବାକୁ, ତାହାଙ୍କର **ବାକ୍ୟ** ଅଧ୍ୟୟନ କରିବା ନିମନ୍ତେ, ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହିତ ତାହାଙ୍କ ଉପାସନା କରିବାକୁ କହନ୍ତି ଏବଂ ଅନ୍ୟମାନଙ୍କୁ ସେ ତୁମ୍ଭ ମାନଙ୍କ ପାଇଁ କଅଣ କରିଅଛନ୍ତି ତାହା କହିବାକୁ କହନ୍ତି।

ଶବ୍ଦବିନ୍ୟାସ:

- Strong's: H0561, H0565, H1697, H3068, G30560, G44870

ଈଶ୍ୱରଙ୍କ ରାଜ୍ୟ, ସ୍ୱର୍ଗରାଜ୍ୟ

ପରିଭାଷା:

"ଈଶ୍ୱରଙ୍କ ରାଜ୍ୟ," ଏବଂ "ସ୍ୱର୍ଗରାଜ୍ୟ" ଏହି ଉଭୟ ଶବ୍ଦ ତାହାଙ୍କ ଲୋକ ପ୍ରତି ଓ ସମସ୍ତ ସୃଷ୍ଟି ଉପରେ ଈଶ୍ୱରଙ୍କର ଶାସନ ଓ ଅଧିକାରକୁ ଦର୍ଶାଏ I

- ଯିହୁଦୀ ଲୋକମାନେ ଅନେକ ସମୟରେ "ଈଶ୍ୱର" ଙ୍କୁ ସମ୍ବୋଧିତ କରିବାକୁ "ସ୍ୱର୍ଗ" ଶବ୍ଦ ବ୍ୟବହାର କରନ୍ତି, କାରଣ ତାହାଙ୍କର ନାମ ସିଧାସଳଖ ବ୍ୟବହାର କରନ୍ତି ନାହିଁ I (ଲକ୍ଷଣାତ୍ମକ ଶବ୍ଦ ଦେଖନ୍ତୁ)
- ନୂତନ ନିୟମରେ ମାଥିଉ ତାହାଙ୍କର ପୁସ୍ତକରେ "ଈଶ୍ୱରଙ୍କର ରାଜ୍ୟ" ବଦଳରେ "ସ୍ୱର୍ଗ ରାଜ୍ୟ" ଲେଖନ୍ତି କାରଣ ସେ ମୁଖ୍ୟତଃ ଯିହୁଦୀ ପାଠକମାନଙ୍କ ନିମନ୍ତେ ଏହା ଲେଖୁଥିଲେ I
- "ଈଶ୍ୱରଙ୍କର ରାଜ୍ୟ" ଏହା ଦର୍ଶାଏ ଯେ ପ୍ରଭୁ ତାହାଙ୍କ ଲୋକମାନଙ୍କୁ ଆତ୍ମିକ ଶାସନ ସହିତ ଭୌତିକ ଶାସନ ମଧ କରନ୍ତି I
- ପୁରାତନ ନିୟମ ଭବିଷ୍ୟଦ୍‌ବକ୍ତାମାନେ କହିଥିଲେ ଯେ ଈଶ୍ୱର ଖ୍ରୀଷ୍ଟଙ୍କୁ ଧାର୍ମିକ ଭାବରେ ଶାସନ କରିବାକୁ ପଠାଇବେ | ଈଶ୍ୱରଙ୍କ ପୁତ୍ର ଯୀଶୁ ହେଉଛନ୍ତି ଖ୍ରୀଷ୍ଟ, ଯିଏ ଈଶ୍ୱରଙ୍କ ରାଜ୍ୟ ଉପରେ ଚିରଦିନ ପାଇଁ ଶାସନ କରିବେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ଈଶ୍ୱରଙ୍କର ରାଜ୍ୟ" ବାକ୍ୟାଂଶକୁ "ଈଶ୍ୱରଙ୍କର ଶାସନ (ଏକ ରାଜାପରି)" କିମ୍ବା "ଈଶ୍ୱର ଯେବେ ଏକ ରାଜା ପରି ରାଜତ୍ୱ କରନ୍ତି "କିମ୍ବା "ଈଶ୍ୱରଙ୍କର ଶାସନ ସମସ୍ତ ବସ୍ତୁ ଉପରେ "ବୋଲି ଅନୁବାଦ କରାଯାଇପାରେ I
- "ସ୍ୱର୍ଗ ରାଜ୍ୟ" ଶବ୍ଦକୁ "ପ୍ରଭୁ ସ୍ୱର୍ଗରୁ ରାଜା ଭାବେ ଶାସନ କରନ୍ତି" କିମ୍ବା "ସ୍ୱର୍ଗର ଈଶ୍ୱର ରାଜତ୍ୱ କରନ୍ତି "କିମ୍ବା "ସ୍ୱର୍ଗର ରାଜା "କିମ୍ବା "ସ୍ୱର୍ଗ ସମସ୍ତ ବିଷୟ ଉପରେ ରାଜତ୍ୱ କରନ୍ତି " ବୋଲି ଅନୁବାଦ କରାଯାଇପାରେ I ଯଦି ଏହା ସାଧାରଣ ଓ ସ୍ପଷ୍ଟ ଭାବେ ଅନୁବାଦ କରିବା ସମ୍ଭବ ନୁହେଁ ଏହି ବାକ୍ୟାଂଶକୁ ""ଈଶ୍ୱରଙ୍କର ରାଜ୍ୟ" ବୋଲି ଅନୁବାଦ କରାଯାଇପାରେ I
- କେତେକ ଅନୁବାଦକ "ସ୍ୱର୍ଗ" ଶବ୍ଦକୁ ବଡ଼ ଅକ୍ଷରରେ ଲେଖନ୍ତି ଯାହା ଈଶ୍ୱରଙ୍କୁ ଦର୍ଶାଏ I ଅନ୍ୟମାନେ ଏକ ବାକ୍ୟରେ ଏକ ଟିପ୍ପଣୀ ଅନ୍ତର୍ଭୁକ୍ତ କରନ୍ତି, ଯେପରିକି "ସ୍ୱର୍ଗ ରାଜ୍ୟ (ଯାହା, ""ଈଶ୍ୱରଙ୍କର ରାଜ୍ୟ") ଅଟେ I
- ବାଇବେଲରେ ପୁସ୍ତକର ନିମ୍ନ ଭାଗର ପାଦଟିକାକୁ " ସ୍ୱର୍ଗ" ର ଅର୍ଥକୁ ବୁଝିବା ନିମନ୍ତେ ମଧ ବ୍ୟବହାର କରାଯାଇପାରେ I

(ଈଶ୍ୱର, ସ୍ୱର୍ଗ, ରାଜା, ରାଜ୍ୟ, ଯିହୁଦୀମାନଙ୍କ ରାଜା, ରାଜତ୍ୱ" ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ଥେସଲନୀକୀୟ 1: 5
- ପ୍ରେରିତ 8:12-13
- ପ୍ରେରିତ 28:23
- କଲସୀୟ 4: 11
- ଯୋହନ 3:3
- ଲୂକ 7: 28
- ଲୂକ 10: 9
- ଲୂକ 12:31-32
- ମାଥିଉ 3:2
- ମାଥିଉ 4:17
- ମାଥିଉ 5: 10
- ରୋମୀୟ 14:17

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **24:2** ସେ (ଯୋହନ) ସେହି ଲୋକମାନଙ୍କୁ "ଅନୁତାପ କର, କାରଣ **ଈଶ୍ୱରଙ୍କର ରାଜ୍ୟ** ସନ୍ନିକଟ ଅଟେ ବୋଲି ପ୍ରଚାର କଲେ I
- **28:6** ପରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କହିଲେ "ଧନୀମାନଙ୍କ ନିମନ୍ତେ **ସ୍ୱର୍ଗ ରାଜ୍ୟ**ରେ ପ୍ରବେଶ କରିବ ଅତି କଠିନ ଅଟେ I ହଁ, ଓଟର ଛୁଞ୍ଚିର ଛିଦ୍ର ଦେଇ ପ୍ରବେଶ କରିବା ଅତି ସହଜ କିନ୍ତୁ ଧନୀ ବ୍ୟକ୍ତିର **ଈଶ୍ୱରଙ୍କର ରାଜ୍ୟ**ରେ ପ୍ରବେଶ କରିବା କଠିନ ଅଟେ I
- **29:2** ଯୀଶୁ କହିଲେ, **ଈଶ୍ୱରଙ୍କର ରାଜ୍ୟ** ଏକ ରାଜା ପରି ନିଜ ଦାସ ସହିତ ଆୟ ବ୍ୟୟର ହିସାବ କରିବାକୁ ଚାହିଁଲେ I

- **34:1** ଯୀଶୁ **ଈଶ୍ୱରଙ୍କର ରାଜ୍ୟ** ବିଷୟରେ ଅନେକ କାହାଣୀ କହିଲେ I ଉଦାହରଣ ସ୍ୱରୂପ ସେ କହିଲେ, **ଈଶ୍ୱରଙ୍କର ରାଜ୍ୟ** ଏକ ସୋରିଷ ଦାନା ପରି ଯେ ନିଜ କ୍ଷେତ୍ରରେ ରୋପଣ କଲେ I
- **34:3** ଯୀଶୁ ଆଉ ଏକ କାହାଣୀ କହିଲେ, **ଈଶ୍ୱରଙ୍କର ରାଜ୍ୟ** ଖମୀର ତୁଲ୍ୟ ଯାହାକୁ ଏକ ସ୍ତ୍ରୀ ଅଟାରେ ମିଶ୍ରଣ କଲା ଯେ ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ଅଟାରେ ମିଶି ନ ଯାଏ I
- **34:4 ଈଶ୍ୱରଙ୍କର ରାଜ୍ୟ**ଏକ ଗୁପ୍ତଧନ ସ୍ୱରୂପ ଯାହାକୁ କେହି ଜଣେ କ୍ଷେତ୍ରରେ ଲୁଚାଇ ରଖିଲା I ଆଉ ଏକ ବ୍ୟକ୍ତି ତାହା ପାଇ ପୁଣିଥରେ ଲୁଚାଇଲା I"
- **34:5 ଈଶ୍ୱରଙ୍କର ରାଜ୍ୟ**ଏକ ବହୁମୂଲ୍ୟ ମୋତି ପରି ଅଟେ I"
- **42:9** ସେ ତାହାଙ୍କ ଶିଷ୍ୟମାନଙ୍କୁ ଅନେକ ପ୍ରମାଣ ଦେଇ ଜଣାଇଲେ କି ସେ ଜୀବିତ ଅଛନ୍ତି ଓ ସେ ସେହିମାନଙ୍କୁ **ଈଶ୍ୱରଙ୍କର ରାଜ୍ୟ** ବିଷୟରେ ଶିକ୍ଷା ଦେଲେ I
- **49:5** ଯୀଶୁ କହିଲେ ଯେ **ଈଶ୍ୱରଙ୍କର ରାଜ୍ୟ** ଜଗତର ସମସ୍ତ ବସ୍ତୁ ଅପେକ୍ଷା ଅଧିକ ମୂଲ୍ୟବାନ ଅଟେ I
- **50:2** ଯେତେବେଳେ ଯୀଶୁ ଜଗତରେ ବାସ କରୁଥିଲେ ସେ କହିଲେ, "ମୋର ଶିଷ୍ୟମାନେ **ଈଶ୍ୱରଙ୍କର ରାଜ୍ୟ** ବିଷୟରେ ସମସ୍ତ ଲୋକମାନଙ୍କୁ ଜଗତର ଶେଷଜାଏ ସୁସମାଚାର ପ୍ରଚାର କରିବେ I

ଶବ୍ଦବିନ୍ୟାସ :

- Strong's: G09320, G23160, G37720

ଈଶ୍ୱର ନିନ୍ଦା,ଈଶ୍ୱର ନିନ୍ଦା କରିବା, ନିନ୍ଦା

ପରିଭାଷା:

ବାଇବେଲରେ "ନିନ୍ଦା" ଶବ୍ଦକୁ ଅନ୍ୟ ଲୋକମାନଙ୍କୁ କିମ୍ବା ଈଶ୍ୱରଙ୍କୁ ଗଭୀର ଅସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ବ୍ୟବହୃତ । ଜଣେ ବ୍ୟକ୍ତିକୁ "ନିନ୍ଦା କରିବା" ଅର୍ଥ ସେହି ବ୍ୟକ୍ତି ବିରୋଧରେ କହିବା ଯାହା ଫଳରେ ଅନ୍ୟ ଲୋକମାନେ ସେହି ବ୍ୟକ୍ତି ପ୍ରତି ଖରାପ ଧାରଣା ପ୍ରକାଶ କରିବେ ।

- ମୁଖ୍ୟତଃ ଈଶ୍ୱରଙ୍କୁ ନିନ୍ଦା କରିବା ଅର୍ଥ ତାହାଙ୍କ ବିଷୟରେ ମିଥ୍ୟା କଥା କହିବା କିମ୍ବା ଅପମାନ କରିବା କିମ୍ବା ଅନୈତିକ କଥା କହି ଅସମ୍ମାନ କରିବା ଅଟେ ।
- ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ଦାବି କରିବା ଏବଂ ଗୋଟିଏ ସତ୍ୟ ଈଶ୍ୱର ବ୍ୟତିତ ଅନ୍ୟ ଏକ ଈଶ୍ୱର ଅଛନ୍ତି ବୋଲି କହିବା ଈଶ୍ୱର ନିନ୍ଦା ଅଟେ ।
- କେତେକ ଇଂରାଜୀ ସଂସ୍କରଣ ଏହି ଶବ୍ଦକୁ “ନିନ୍ଦା” ବୋଲି ଅନୁବାଦ କରେ ବିଶେଷ କରି ଯେତେବେଳେ ଏହା ନିନ୍ଦା କରିବା ଲୋକମାନଙ୍କୁ ସୂଚାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ନିନ୍ଦା କରିବା" ଶବ୍ଦକୁ "କାହା ବିରୋଧରେ ଖରାପ କଥା କହିବା" କିମ୍ବା "ଈଶ୍ୱରଙ୍କୁ ଅସମ୍ମାନ କରିବା" କିମ୍ବା “ନିନ୍ଦା କରିବା” ବୋଲି ଅନୁବାଦ କରାଯାଇପାରେ ।
- "ନିନ୍ଦା କରିବା" ଶବ୍ଦକୁ "ଅନ୍ୟ ଲୋକମାନଙ୍କ ବିରୋଧରେ ଭୁଲ ବିଷୟ କହିବା" କିମ୍ବା "ତିରସ୍କାର କରିବା" କିମ୍ବା "ଭୁଲ ଘଟଣାବଳୀ ପ୍ରଚାର କରିବା” ବୋଲି ଅନୁବାଦ କରାଯାଇପାରେ ।

(ଅସମ୍ମାନ, ନିନ୍ଦା ଦେଖନ୍ତୁ)

ବାଇବେଲ ପଦପର୍ବ

- ପ୍ରଥମ ତୀମଥି 1:12-14
- ପ୍ରେରିତ 6:11
- ପ୍ରେରିତ 26:9-11
- ଯାକୁବ 2:5-7
- ଯୋହନ 10:32-33
- ଲୂକ 12:10
- ମାର୍କ 14:64
- ମାଥିଉ 12:31
- ମାଥିଉ 26:65
- ଗୀତସଂହିତା 74:10

ଶବ୍ଦବିନ୍ୟାସ :

- Strong’s: H1288, H1442, H2778, H5006, H5007, H5344, G09870, G09880, G09890

ଈଶ୍ୱରଙ୍କ ଗୃହ, ଯିହୋବାଙ୍କ ଗୃହ

ପରିଭାଷା:

ବାଇବଲରେ, "ଈଶ୍ୱଶ୍ୱରଙ୍କ ଗୃହ" ଓ "ଯିହୋବାଙ୍କ ଗୃହ" ବାକ୍ୟାଂଶ ସେହି ସ୍ଥାନକୁ ବୁଝାଏ ଯେଉଁଠାରେ ଈଶ୍ୱର ଆରାଧନା କରାଯାଆନ୍ତି I

- ଏହି ଶବ୍ଦ ବିଶେଷ ଭାବରେ ତମ୍ବୁକୁ ଓ ମନ୍ଦିରକୁ ବୁଝାଏ I
- କେତେକ ସମୟରେ "ଈଶ୍ୱରଙ୍କ ଗୃହ ଈଶ୍ୱରଙ୍କ ଲୋକମାନଙ୍କୁ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

· ଯେତେବେଳେ ଏହା ଏକ ଉପାସନାର ସ୍ଥାନକୁ ଦର୍ଶାଏ, ଏହି ଶବ୍ଦକୁ "ଈଶ୍ୱରଙ୍କ ଉପାସନା କରିବା ନିମନ୍ତେ ଏକ ଗୃହ" କିମ୍ବା "ଏକ ସ୍ଥାନ ଯେଉଁଠାରେ ଈଶ୍ୱରଙ୍କୁ ଉପାସନା କରାଯାଏ" ବୋଲି ଅନୁବାଦ କରାଯାଇପାରେ I

· ଯଦି ଏହା ତମ୍ବୁ କିମ୍ବା ମନ୍ଦିରକୁ ଦର୍ଶାଏ, ଏହାକୁ "ମନ୍ଦିର ଯେଉଁଠାରେ ଈଶ୍ୱଶ୍ୱର ଉପାସନା କରାଯା'ନ୍ତି("ତମ୍ବୁ")" କିମ୍ବା "ଯେଉଁଠାରେ ଈଶ୍ୱର ବାସ କରନ୍ତି" କିମ୍ବା ("ଈଶ୍ୱର ଯେଉଁଠାରେ ନିଜ ଲୋକମାନଙ୍କ ସହ ସାକ୍ଷାତ କରନ୍ତି ଏବଂ ଲୋକମାନଙ୍କ ଦ୍ୱାରା ଉପାସନା କରାଯା'ନ୍ତି") ବୋଲି ଅନୁବାଦ କରାଯାଇପାରେ I

· "ଗୃହ" ଶବ୍ଦକୁ ଈଶ୍ୱର ସେଠାରେ ବାସ କରନ୍ତି ବୋଲି ଦର୍ଶାଇବାକୁ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ ହୋଇପାରେ ତାହା ତାହାଙ୍କ ଆତ୍ମା ଅଟେ ଯାହା ସେହି ସ୍ଥାନରେ ବାସ କରନ୍ତି, ତାହାଙ୍କ ଲୋକମାନଙ୍କ ସହସାକ୍ଷାତ କରିବା ନିମନ୍ତେ ଓ ସେମାନଙ୍କ ଦ୍ୱାରା ଉପାସନ କରାଯିବା ନିମନ୍ତେ I

(ଈଶ୍ୱରଙ୍କ ଲୋକ, ତମ୍ବୁ, ମନ୍ଦିର: ଦେଖନ୍ତୁ)

ବାଇବଲ ପଦପର୍ବ:

- 1 ତିମଥି 3:14-15
- 2 ବଂଶାବଳୀ 23:8-9
- ଏଜ୍ରା 5:13
- ଆଦିପୁସ୍ତକ 28:17
- ବିଚାରକର୍ତ୍ତା18:30-31
- ମାର୍କ 2:26
- ମାଥିଉ 12:4

ଶବ୍ଦବିନ୍ୟାସ:

- Strong's: H426, H430, H1004, H1005, H3068, G2316, G3624

ଈଶ୍ୱରଙ୍କ ଲୋକ

ପରିଭାଷା:

"ଈଶ୍ୱରଙ୍କ ଲୋକ" ବାକ୍ୟାଂଶଟି ବାଇବେଲରେ ସେହି ଲୋକଗୋଷ୍ଠୀକୁ ସୂଚାଏ ଯେଉଁମାନଙ୍କ ସହ ଈଶ୍ୱର ଏକ ବିଶେଷ ନିୟମ ସମ୍ପର୍କ ସ୍ଥାପନ କରିଛନ୍ତି।

- ପୁରାତନ ନିୟରେ "ଈଶ୍ୱରଙ୍କ ଲୋକ" ବାକ୍ୟାଂଶଟି ଇସ୍ରାଏଲ ଦେଶକୁ ସୂଚାଏ I ଇସ୍ରାଏଲ ଦେଶକୁ ଈଶ୍ୱର ସ୍ୱୟଂ ମନୋନୀତ କରିଥିଲେ ଏବଂ ତାହାଙ୍କର ସେବା ଏବଂ ଆଜ୍ଞାକାରୀ ହେବା ପାଇଁ ଜଗତର ଅନ୍ୟ ଦେଶଗୁଡ଼ିକ ମଧ୍ୟରୁ ପୃଥକ ରଖିଥିଲେ I
- ନୂତନ ନିୟମରେ, "ଈଶ୍ୱରଙ୍କ ଲୋକ" ବାକ୍ୟାଂଶଟି ବିଶେଷ ଭାବରେ ମଣ୍ଡଳୀକୁ ଅର୍ଥାତ ସେସମସ୍ତେ ଯିଏ ଯୀଶୁଙ୍କୁ ବିଶ୍ୱାସ କରେ ସେମାନଙ୍କୁ ସୂଚାଏ I ଏହା ଉଭୟ ଯିହୁଦୀ ଏବଂ ବିଜାତିମାନଙ୍କୁ ଅନ୍ତର୍ଭୁକ୍ତ କରେ I ନୂତନ ନିୟମରେ, ବେଳେବେଳେ ଏହି ଗୋଷ୍ଠୀକୁ "ଈଶ୍ୱରରଙ୍କ ପୁତ୍ର" କିମ୍ବା "ଈଶ୍ୱରଙ୍କ ସନ୍ତାନ" କୁହାଯାଏ |
- ଯେବେ ଈଶ୍ୱର "ମୋହର ଲୋକ" ବକ୍ୟାଂଶକୁ ବ୍ୟବହାର କରନ୍ତି ସେତେବେଳେ ସେ ତାହାଙ୍କ ସହିତ ନିୟମ ସମ୍ପର୍କକୁ ସ୍ଥାପନ କରିଥିବା ଲୋକମାନଙ୍କୁ ସୂଚାନ୍ତି I ଈଶ୍ୱରଙ୍କ ଲୋକ ଈଶ୍ୱରଙ୍କ ଦ୍ୱାରା ମନୋନୀତ ଅଟନ୍ତି ତେଣୁ ସେମାନେ ଈଶ୍ୱରଙ୍କୁ ପ୍ରସନ୍ନ କରିବା ଭୋଳି ଜୀବନଯାପନ କରିବା ଉଚିତ ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଈଶ୍ୱରଙ୍କ ଲୋକ" ଶବ୍ଦକୁ "ଈଶ୍ୱରଙ୍କ ଲୋକମାନେ" କିମ୍ବା "ଈଶ୍ୱରଙ୍କ ସେବା କରୁଥିବା ଲୋକମାନେ" କିମ୍ବା "ଯେଉଁ ଲୋକମାନେ ଈଶ୍ୱରଙ୍କ ସେବା କରନ୍ତି" କିମ୍ବା "ଯେଉଁ ଲୋକମାନେ ଈଶ୍ୱରଙ୍କ ଅଟନ୍ତି" ବୋଲି ଅନୁବାଦ କରାଯାଇପାରେ I
- ଯେବେ ଈଶ୍ୱର " ମୋହର ଲୋକ" ବୋଲି କହନ୍ତି ସେହି ବାକ୍ୟାଂଶକୁ "ଆମ୍ଭେ ମନୋନୀତ କରିଥିବା ଲୋକମାନେ" କିମ୍ବା "ମୋହର ଉପାସନା କରୁଥିବା ଲୋକମାନେ" କିମ୍ବା "ଆମ୍ଭର ନିଜର ଲୋକମାନେ" ବୋଲି ଅନୁବାଦ କରାଯାଇପାରେ I
- ସେହିପରି "ତୁମ୍ଭର ଲୋକ" ବାକ୍ୟାଂଶକୁ "ତୁମ୍ଭର ନିଜର ଲୋକମାନେ" କିମ୍ବା "ତୁମ୍ଭର ନିଜସ୍ୱ ହେବା ନିମନ୍ତେ ତୁମ୍ଭ ଦ୍ୱାରା ମନୋନୀତ ଲୋକମାନେ" ବୋଲି ଅନୁବାଦ କରାଯାଇପାରେ I
- ଆହୁରି ମଧ୍ୟ "ତାହାଙ୍କ ଲୋକ" ବାକ୍ୟାଂଶକୁ "ତାହାଙ୍କ ନିଜସ୍ୱ ଲୋକମାନେ "କିମ୍ବା "ଈଶ୍ୱରଙ୍କ ନିଜସ୍ୱ ହେବା ନିମନ୍ତେ ତାହାଙ୍କ ଦ୍ୱାରା ମନୋନୀତ ଲୋକମାନେ" ବୋଲି ଅନୁବାଦ କରାଯାଇପାରେ I

(ଇସ୍ରାଏଲ, ଲୋକଗୋଷ୍ଠୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 11:2
- ପ୍ରେରିତ 7: 34
- ପ୍ରେରିତ 7:51-53
- ପ୍ରେରିତ 10:36-38
- ଦାନିଏଲ୍ 9:24-25
- ଯିଶାଇୟ 2:5-6
- ଯିରିମୀୟ 6:20-22
- ଯୋୟେଲ 3:16-17
- ମୀଖା 6:3-5
- ପ୍ରକାଶିତବାକ୍ୟ 13:7-8

ଶବ୍ଦବିନ୍ୟାସ :

- Strong's: H430, H5971, G2316, G2992

ଉତ୍ତମ ବାର୍ତ୍ତା, ସୁସମାଚାର

ପରିଭାଷା:

"ସୁସମାଚାର" ଶବ୍ଦର ଆକ୍ଷରିକ ଅର୍ଥ "ଉତ୍ତମ ବାର୍ତ୍ତା" ଅଟେ ଏବଂ ଏହା ଏକ ସମ୍ବାଦ କିମ୍ବା ଘୋଷଣାକୁ ବୁଝାଏ ଯାହା ଲୋକମାନଙ୍କ ନିମନ୍ତେ ଲାଭଦାୟକ ଅଟେ ଏବଂ ସେମାନଙ୍କୁ ଆନନ୍ଦ ପ୍ରଦାନ କରେ I

- ବାଇବେଲରେ ଏହି ଶବ୍ଦ ସାଧାରଣତଃ ଈଶ୍ୱର ଯୀଶୁଙ୍କ କ୍ରୁଶରେ ବଳି ଦ୍ୱାରା ଲୋକମାନଙ୍କୁ ଉଦ୍ଧାର କରିବା ସମ୍ବାଦକୁ ବୁଝାଏ I
- ଅନେକ ଇଂରାଜୀ ବାଇବେଲରେ, "ଉତ୍ତମ ବାର୍ତ୍ତା" କୁ ସାଧାରଣତଃ "ସୁସମାଚାର" gospel ବୋଲି ଅନୁବାଦ କରାଯାଇଅଛି ଏବଂ "ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର" କିମ୍ବା "ଈଶ୍ୱରଙ୍କ ସୁସମାଚାର" କିମ୍ବା "ରାଜ୍ୟର ସୁସମାଚାର" ବୋଲି ବ୍ୟବହାର କରାଯାଇଅଛି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ଉତ୍ତମ ବାର୍ତ୍ତା" କିମ୍ବା "ଉତ୍ତମ ଘୋଷଣା "କିମ୍ବା "ଈଶ୍ୱରଙ୍କ ଉଦ୍ଧାରର ବାର୍ତ୍ତା "କିମ୍ବା "ଈଶ୍ୱର ଯୀଶୁଙ୍କ ବିଷୟରେ ଉତ୍ତମ ବିଷୟ ଶିକ୍ଷା ଦେଉଛନ୍ତି" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ ଉପରେ ଆଧାର କରି, ଏହି "ସୁସମାଚାର" ବାକ୍ୟାଂଶକୁ "ସୁସମାଚାର/ ଖବର ବିଷୟରେ" କିମ୍ବା "ସୁସମାଚାର ଠାରୁ" କିମ୍ବା "ଉତ୍ତମ ବିଷୟ ଯାହା ଈଶ୍ୱର ଆମ୍ଭମାନଙ୍କୁ କହନ୍ତି" କିମ୍ବା "କିମ୍ବା "ଈଶ୍ୱର ଲୋକସମୂହକୁ କିପରି ଉଦ୍ଧାର କରନ୍ତି" ବୋଲି ଅନୁବାଦ କରାଯାଇପାରେ I

(ରାଜ୍ୟ, ବଳିଦାନ, ଉଦ୍ଧାର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀୟ 1:5
- ପ୍ରେରିତ 8:25
- କଲସୀୟ 1:23
- ଗାଲାତୀୟ 1:6
- ଲୂକ 8:1-3
- ମାର୍କ 1:14
- ଫିଲିପ୍ପୀୟ 2:22
- ରୋମୀୟ 1:3

ବାଇବେଲ କାହାଣୀରୁ ଉଦାହଣଗୁଡ଼ିକ:

- **23:6** ଦୂତ କହିଲେ, "ଭୟ କର ନାହିଁ, କାରଣ ତୁମ୍ଭ ନିମନ୍ତେ ମୋ ପାଖରେ **ସୁସମାଚାର** ଅଛି I ଖ୍ରୀଷ୍ଟ, ମସୀହ, ବେଥଲିହିମରେ ଜନ୍ମଗ୍ରହଣ କରିଛନ୍ତି!"
- **26:3** ଯୀଶୁ ପାଠକଲେ, ଈଶ୍ୱର ମୋତେ ତାଙ୍କର ଆତ୍ମା ଦେଇଛନ୍ତି, ଯେପରି ମୁଁ ଦରିଦ୍ର ଲୋକମାନଙ୍କୁ ସୁସମାଚାର ପ୍ରଚାର କରିପାରିବି, ବନ୍ଦୀମାନଙ୍କୁ ସ୍ୱାଧୀନତା, ଅନ୍ଧମାନଙ୍କ ପାଇଁ ଦୃଷ୍ଟିଶକ୍ତି ଏବଂ ଦଳିତମାନଙ୍କୁ ମୁକ୍ତ କରିପାରିବି | ଏହା ପ୍ରଭୁଙ୍କ କୃପା ବର୍ଷ।"
- **45:10** ଫିଲିପ୍ପ ଧର୍ମ ଶାସ୍ତ୍ର ବ୍ୟବହାର କରି ତାହାକୁ ଯୀଶୁଙ୍କ ବିଷୟରେ **ସୁସମାଚାର** କହିଲେ I
- **46:10** ତତ୍ପରେ ସେମାନଙ୍କୁ **ଯୀଶୁଙ୍କ ବିଷୟରେ ସୁସମାଚାର** ଭିନ୍ନଭିନ୍ନ ସ୍ଥାନରେ ପ୍ରଚାର କରିବାକୁ ପଠାଇଲେ I
- **47:1** ଦିନେ, ପାଉଲ ଏବଂ ତାହାର ବନ୍ଧୁ ଶୀଲା **ଯୀଶୁଙ୍କ ବିଷୟରେ ସୁସମାଚାର** ପ୍ରଚାର କରିବାକୁ ଫିଲିପ୍ପୀ ସହରକୁ ଗଲେ I
- **47:13** **ଯୀଶୁଙ୍କ ବିଷୟରେ ସୁସମାଚାର** ପ୍ରଚାର ହେବାକୁଲାଗିଲା, ଏବଂ ମଣ୍ଡଳୀ ବୃଦ୍ଧି ପାଇବାକୁଲାଗିଲା I
- **50:1** ପ୍ରାୟ 2000 ବର୍ଷ ପର୍ଯ୍ୟନ୍ତ ସମଗ୍ର ପୃଥିବୀରେ ଅଧିକରୁ ଅଧିକ ଲୋକ **ଯୀଶୁଙ୍କ ବିଷୟରେ ସୁସମାଚାର** ଶୁଣି ଆସୁଅଛନ୍ତି I
- **50:2** ଯେତେବେଳେ ଯୀଶୁ ଏହି ଦୁନିଆରେ ଥିଲେ, ସେ କହିଲେ, "ମୋହର ଶିଷ୍ୟମାନେ ଈଶ୍ୱରଙ୍କ ରାଜ୍ୟର **ସୁସମାଚାର** ଜଗତର ସମସ୍ତ ସ୍ଥାନରେ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିବେ, ତା'ପରେ ଶେଷ ହେବ I
- **50:3** ଯୀଶୁ ସ୍ୱର୍ଗକୁ ଯିବା ପୂର୍ବରୁ, ଯେଉଁ ଲୋକମାନେ ସୁସମାଚାର ଶୁଣି ନାହାନ୍ତି ସେହି ଲୋକମାନଙ୍କୁ **ସୁସମାଚାର** ଘୋଷଣା କରିବାକୁ ସେ ଖ୍ରୀଷ୍ଟିୟାନ ଲୋକମାନଙ୍କୁ କହିଲେ I

ଶବ୍ଦବିନ୍ୟାସ :

- Strong's: G2970, G2980, G42830

ଉତ୍ତମ, ଉପଯୁକ୍ତ, ସୁଖଦ, ଅଧିକ ଉତ୍ତମ, ସର୍ବଶ୍ରେଷ୍ଠ,

ପରିଭାଷା:

"ଉତ୍ତମ" ଶବ୍ଦ ସାଧାରଣତ କୌଣସି ବିଷୟର କିମ୍ବା କାହାର ଗୁଣର ଏକ ସକରାତ୍ମକ ମୂଲ୍ୟାଙ୍କନକୁ ବୁଝାଏ, ପ୍ରାୟତଃ ଏକ ନୈତିକ କିମ୍ବା ଭାବପ୍ରବଣତାକୁ ଦର୍ଶାଏ । ଅବଶ୍ୟ, ଶବ୍ଦଟି ପ୍ରସଙ୍ଗ ଉପରେ ନିର୍ଭର କରି ବାଇବେଲରେ ବିଭିନ୍ନ ପ୍ରକାରର ଭାବ ପ୍ରକାଶ କରେ।

- କୌଣସି ବିଷୟ ଯାହା "ଉତ୍ତମ" ଅଟେ ଯାହା ଭାବପ୍ରବଣ ଭାବରେ ସୁଖଦ, ସଦାଚାରପୂର୍ଣ୍ଣ ଭାବରେ ସଠିକ୍, ଉତ୍କୃଷ୍ଟ, ସାହାଯ୍ୟକାରୀ, ଉପଯୁକ୍ତ କିମ୍ବା ଲାଭଦାୟକ ହୋଇପାରେ।
- ବାଇବେଲରେ, "ଉତ୍ତମ" ଶବ୍ଦର ସାଧାରଣ ଅର୍ଥ ଅଧିକାଂଶ ସମୟରେ "ମନ୍ଦ" ସହିତ ଭିନ୍ନତା ପ୍ରକାଶ କରେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ସ୍ଥାନୀୟ ଭାଷାରେ "ଉତ୍ତମ" ଶବ୍ଦ ପାଇଁ ସାଧାରଣ ଶବ୍ଦ ବ୍ୟବହାର କରାଯିବା ଉଚିତ ଯେଉଁଠାରେ ଏହି ସାଧାରଣ ଅର୍ଥ ସଠିକ୍ ଏବଂ ସ୍ୱାଭାବିକ ଅଟେ, ବିଶେଷ କରି ଯେଉଁଠାରେ ଏହା ମନ୍ଦ ଶବ୍ଦର ବିପରୀତ ଅଟେ ।
- ପ୍ରସଙ୍ଗରେ ନିର୍ଭର କରି ଏହି ଶବ୍ଦକୁ "ଦୟା" କିମ୍ବା "ସର୍ବୋତ୍ତମ" କିମ୍ବା "ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା" କିମ୍ବା "ଧାର୍ମିକତା" କିମ୍ବା "ନୈତିକତାରେ ସରଳ" କିମ୍ବା "ଲାଭଦାୟକ" ବୋଲି ଅନୁବାଦ କରାଯାଇପାରେ।
- "ଉତ୍ତମ ଭୂମି" ବାକ୍ୟାଂଶକୁ "ଉର୍ବର ଭୂମି" କିମ୍ବା "ଫଳପ୍ରଦ ଭୂମି" କିମ୍ବା "ଉତ୍ତମ ଶସ୍ୟ" ଯେପରି "ପ୍ରଚୁର ଫସଲ" କିମ୍ବା "ବହୁଳ ପରିମାଣର ଶସ୍ୟ" ବୋଲି ଅନୁବାଦ କରାଯାଇପାରେ ।
- "ଉତ୍ତମ କରିବାକୁ" ବାକ୍ୟାଂଶର ଅର୍ଥ ଏପରି କିଛି କର ଯାହା ଅନ୍ୟମାନଙ୍କ ନିମନ୍ତେ ଲାଭଦାୟକ ହୋଇପାରେ ଯେପରି "ଦୟାଳୁ ହେବା" କିମ୍ବା "ସାହାଯ୍ୟ" କିମ୍ବା କାହାର "ଲାଭଦାୟକ" କିମ୍ବା "କାହାର ଉନ୍ନତିକରିବା" ବୋଲି ଅନୁବାଦ କରାଯାଇପାରେ।
- "ବିଶ୍ରାମ ଦିନରେ ଉତ୍ତମ କାର୍ଯ୍ୟ କରିବାର" ଆର୍ଥ "ଏପରି କାର୍ଯ୍ୟ କର ଯାହା ବିଶ୍ରାମ ଦିନରେ ଅନ୍ୟମାନଙ୍କୁ ସାହାଯ୍ୟ କରିବ" ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗରେ ଉପରେ ନିର୍ଭର କରି, "ଉତ୍ତମତା ବା ଦୟାଳୁତା" ବାକ୍ୟାଂଶକୁ "ଆଶୀର୍ବାଦ" କିମ୍ବା "ଦୟା" କିମ୍ବା "ନୈତିକ ସିଦ୍ଧତା" କିମ୍ବା "ଧାର୍ମିକତା" କିମ୍ବା "ଶୁଦ୍ଧତା" ବୋଲି ଅନୁବାଦ କରାଯାଇପାରେ।

(ଧାର୍ମିକ, ଉନ୍ନତି, ମନ୍ଦ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 5:22-24
- ଆଦି ପୁସ୍ତକ 1:12
- ଆଦି ପୁସ୍ତକ 2:9
- ଆଦି ପୁସ୍ତକ 2:17
- ଯାକୁବ 3:13
- ରୋମୀୟ 2:4

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **1:4** ଈଶ୍ୱର ଦେଖିଲେ ଯେ ସେ ଯାହା ସୃଷ୍ଟି କରିଅଛନ୍ତି ତାହା **ଉତ୍ତମ** ଅଟେ।
- **1:11** ଈଶ୍ୱର **ଉତ୍ତମ** ଓ ମନ୍ଦର ଜ୍ଞାନ ଦାୟକ ବୃକ୍ଷ ରୋପଣ କଲେ।
- **1:12** ତହିରେ ଈଶ୍ୱର କହିଲେ, "ମନୁଷ୍ୟର ଏକୁଟିଆ ରହିବା **ଉତ୍ତମ** ନୁହଁ।"
- **2:4**"ଈଶ୍ୱର ତାହା ଜାଣନ୍ତି ଯେ ଯେତେବେଳେ ତୁମ୍ଭେ ତାହା ଖାଇବ, ତୁମ୍ଭେମାନେ ଈଶ୍ୱରଙ୍କ ପରି ହେବ ଓ ତୁମ୍ଭେମାନେ ତାହାଙ୍କ ପରି **ଉତ୍ତମ** ଓ ମନ୍ଦ ଜ୍ଞାନ ବୁଝିପାରିବ।
- **8:12**"ତୁମ୍ଭେମାନେ ମୋ ସହିତ ମନ୍ଦ ବ୍ୟବହାର କଲ ଯେତେବେଳେ ତୁମ୍ଭେମାନେ ମୋତେ କ୍ରୀତଦାସ କରି ବିକ୍ରୟ କରି ଦେଲ କିନ୍ତୁ ଈଶ୍ୱର ସେହି ମନ୍ଦତାକୁ **ଉତ୍ତମ** ନିମନ୍ତେ ବ୍ୟବହାର କଲେ!"
- **14:15** ଯିହୋଶୂୟ ଜଣେ **ଉତ୍ତମ** ନେତା ଥିଲେ କାରଣ ସେ ଈଶ୍ୱରଙ୍କୁ ଆସ୍ଥା ରଖିଥିଲେ ଏବଂ ତାହାଙ୍କ ଆଜ୍ଞାକାରୀ ହେଉଥିଲେ।
- **18:13** ଏମାନଙ୍କ ମଧ୍ୟରୁ କେତେକ ରାଜା **ଉତ୍ତମ** ପୁରୁଷ ଥିଲେ ଯେଉଁମାନେ ଧର୍ମରେ ଶାସନ ଓ ଈଶ୍ୱରଙ୍କ ଉପାସନା କରୁଥିଲେ।

- **28:1** "**ଉତ୍ତମ** ଗୁରୁ, ଅନନ୍ତ ଜୀବନର ଅଧିକାରୀ ହେବା ନିମନ୍ତେ ମୋତେ କଅଣ କରିବା ଆବଶ୍ୟକ?" ଯୀଶୁ ତାହାକୁ କହିଲେ, "ତୁମ୍ଭେ କାହିଁକି ମୋତେ '**ଉତ୍ତମ**' କହୁଅଛ?" କେବଳ ଜଣେ ହିଁ **ଉତ୍ତମ** ଯେ କେବଳ ଈଶ୍ୱର ଅଟନ୍ତି।

ଶବ୍ଦବିନ୍ୟାସ:

- Strong's: H0117, H0145, H0155, H0202, H0239, H0410, H1580, H1926, H1935, H2532, H2617, H2623, H2869, H2895, H2896, H2898, H3190, H3191, H3276, H3474, H3788, H3966, H4261, H4399, H5232, H5750, H6287, H6643, H6743, H7075, H7368, H7399, H7443, H7999, H8231, H8232, H8233, H8389, H8458, G00140, G00150, G00180, G00190, G05150, G07440, G08650, G09790, G13800, G20950, G20970, G21060, G21070, G21080, G21090, G21140, G21150, G21330, G21400, G21620, G21630, G21740, G22930, G25650, G25670, G25700, G25730, G28870, G29860, G31400, G36170, G37760, G41470, G46320, G46740, G48510, G52230, G52240, G53580, G55420, G55430, G55440

ଉତ୍ତରାଧିକାରୀ, ଅଧିକାର, ଦାୟାଦ

ପରିଭାଷା:

ପିତାମାତାଙ୍କ ମୃତ୍ୟୁ ପରେ ପିତାମାତାଙ୍କଠାରୁ ମୂଲ୍ୟବାନ ସମ୍ପତ୍ତିକୁ ପ୍ରାପ୍ତ କରିବାକୁ "ଉତ୍ତରାଧିକାରୀ" ଶବ୍ଦ ବୁଝାଏ । ଏକ ବ୍ୟକ୍ତି ସହ ଏକ ବିଶେଷ ସମ୍ପର୍କ ହେତୁ ଏହି ଶବ୍ଦ ସେହି ବ୍ୟକ୍ତିଠାରୁ ମୂଲ୍ୟବାନ ବିଷୟ ଗ୍ରହଣ କରିବାକୁ ମଧ୍ୟ ସୂଚିତ କରିପାରେ । ଏକ "ଉତ୍ତରାଧିକାରୀ" ଅର୍ଥ ପ୍ରାପ୍ତ କରିଥିବା ବିଷୟ, ଏବଂ "ଦାୟାଦ" ଶବ୍ଦର ଅର୍ଥ ସେହି ବ୍ୟକ୍ତି ଯିଏ ଏକ ଉତ୍ତରାଧିକାରୀ ଗ୍ରହଣ କରେ ।

- ଭୌତିକ ଉତ୍ତରାଧିକାରୀ ଗ୍ରହଣ କରିବା ଅର୍ଥ, ଭୂମି କିମ୍ବା ଅନ୍ୟ କୌଣସି ସମ୍ପତ୍ତିକୁ ଗ୍ରହଣ କରିବା ଅଟେI
- ଈଶ୍ୱର ଅବ୍ରହାମ ଓ ତାହାଙ୍କ ବଂଶଧରକୁ ଏହା ପ୍ରତିଜ୍ଞା କରିଥିଲେ ଯେ ସେମାନେ କିଣାନ ଦେଶର ଅଧିକାରୀ ହେବେ, ଯାହାକି ଚିରଦିନ ସେମାନଙ୍କର ହେବ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଦାୟାଦ କିମ୍ବା ଉତ୍ତରାଧିକାରୀ ପାଇଁ ସ୍ଥାନୀୟ ଭାଷାରେ ଶବ୍ଦ ଅଛି କି ନାହିଁ ପ୍ରଥମେ ବିଚାର କରନ୍ତୁ ଏବଂ ସେହି ଶବ୍ଦଗୁଡ଼ିକ ବ୍ୟବହାର କରନ୍ତୁ I
- ପ୍ରସଙ୍ଗ ଉପରେ ଆଧାର କରି, "ଅଧିକାର" ଶବ୍ଦକୁ "ଗ୍ରହଣ" କିମ୍ବା "ଅଧିକାରରେ ନେବା "କିମ୍ବା "ସମ୍ପତ୍ତିକୁ ପାଇବା "ବୋଲି ଅନୁବାଦ କରାଯାଇପାରେ I
- "ଉତ୍ତରାଧିକାର" ଶବ୍ଦକୁ "ପ୍ରତିଜ୍ଞା କରାଯାଇଥିବା ଉପହାର" କିମ୍ବା "ସୁରକ୍ଷିତ ଅଧିକାର" ବୋଲି ଅନୁବାଦ କରାଯାଇପାରେ I
- "ଦାୟାଦ" ଶବ୍ଦକୁ ଏକ ଶବ୍ଦ ବା ବାକ୍ୟାଂଶ ସହ ଅନୁବାଦ କରାଯାଇପାରେ ଯାହାର ଅର୍ଥ "ବିଶେଷ ସନ୍ତାନ ଯିଏ ପିତାଙ୍କ ସମ୍ପତ୍ତି ଗ୍ରହଣ କରେ ।"
- "ଅଧିକାର" ଶବ୍ଦକୁ "ଉତ୍ତରାଧିକାରୀ ଆଶୀର୍ବାଦ" ବୋଲି ଅନୁବାଦ କରାଯାଇପାରେ ।

(ଦାୟାଦ, କିଣାନ, ପ୍ରତିଜ୍ଞାତ ଦେଶ, ଅଧିକାର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 6:9
- ପ୍ରଥମ ପିତର 1:4
- ଦ୍ୱିତୀୟ ଶାମୁୟେଲ 21:3
- ପ୍ରେରିତ 7:4-5
- ଦ୍ୱିତୀୟ ବିବରଣ 20:16
- ଗାଲାତୀୟ 5:21
- ଆଦିପୁସ୍ତକ 15:7
- ଏବ୍ରୀ 9:15
- ଯିରିମୀୟ 2:7
- ଲୂକ 15:11
- ମାଥିଉ 19:29
- ଗୀତସଂହିତା 79:11

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **4:6** ଯେତେବେଳେ ଅବ୍ରହାମ କିଣାନରେ ପହଞ୍ଚିଲେ, ଈଶ୍ୱର କହିଲେ, "ତୁମ୍ଭର ଚାରି ପାର୍ଶ୍ୱରେ ଦେଖ I ମୁଁ ତୁମ୍ଭକୁ ଓ ତୁମ୍ଭର ବଂଶଧରକୁ ତୁମ୍ଭେ ଯେଉଁଯାଏ ଦେଖିପାରୁଛ ଏହି ସମସ୍ତ ଦେଶ **ଅଧିକାର** ଦେବି I
- **27:1** ଏକଦା, ଯିହୁଦୀ ବ୍ୟବସ୍ଥାର ଏକ ବିଜ୍ଞ ବ୍ୟକ୍ତି ଯୀଶୁଙ୍କ ନିକଟକୁ ଆସି ତାହାଙ୍କୁ ପରୀକ୍ଷା କରିବା ନିମନ୍ତେ ପଚାରିଲେ, "ହେ ସଦ୍‌ଗୁରୁ, ଅନନ୍ତ ଜୀବନର **ଅଧିକାରୀ** ହେବା ନିମନ୍ତେ ମୁଁ କ'ଣ କରିବି?"
- **35:3** "ଜଣେ ବ୍ୟକ୍ତିଥିଲେ ଯାହାର ଦୁଇଟି ପୁତ୍ରଥିଲେ" ସାନ ପୁତ୍ର ତାହାର ପିତାକୁ କହିଲା,"ପିତା, ମୋତେ ମୋର **ଅଧିକାର** ବର୍ତ୍ତମାନ ଦେଇ ଦିଅନ୍ତୁ!" ତେଣୁ ପିତା ତାହାର ସମ୍ପତ୍ତିକୁ ଦୁଇ ପୁତ୍ର ମଧ୍ୟରେ ବାଣ୍ଟି ଦେଲେ I "

ଶବ୍ଦବିନ୍ୟାସ:

- Strong's: H2490, H256, H3423, H3425, H4181, H5157, H5159, G28160, G28170, G28190, G28200

ଉତ୍ସାହ, ଉତ୍ସାହୀ

ପରିଭାଷା:

"ଉତ୍ସାହ" ଏବଂ "ଉତ୍ସାହୀ" ଶବ୍ଦ ଜଣେ ବ୍ୟକ୍ତି କିମ୍ବା ଧାରଣାକୁ ସମର୍ଥନ କରିବା ପାଇଁ ଦୃଢ଼ ଭାବରେ ଉତ୍ସର୍ଗୀକୃତ ହେବାକୁ ବୁଝାଏ।

- ଏକ ଉତ୍ତମ କାମକୁ ଆଗେ ବଢ଼ାଇବା ନିମନ୍ତେ ଦୃଢ ଇଚ୍ଛା ଉତ୍ସାହିତ କରେ। ଏହା ଅଧିକାଂଶ ସମୟରେ ବିଶିଷ୍ଟ ବ୍ୟକ୍ତିକୁ ଦର୍ଶାଏ ଯିଏ ବିଶ୍ୱସ୍ଥ ହୋଇ ଈଶ୍ୱରଙ୍କର ଆଜ୍ଞା ପାଳନ କରେ ଏବଂ ଅନ୍ୟମାନଙ୍କୁ ତାହା କରିବାକୁ ମଧ୍ୟ ଶିକ୍ଷା ଦିଏ।
- ଉତ୍ସାହୀ ହେବାର ଅର୍ଥ କୌଣସି କାର୍ଯ୍ୟ କରିବା ନିମନ୍ତେ ପ୍ରବଳ ଇଚ୍ଛା କରିବା ଓ ସେହି ପ୍ରୟାସରେ ସ୍ଥିର ରହିବାକୁ ଅନ୍ତର୍ଭୁକ୍ତ କରେ।
- "ପ୍ରଭୁଙ୍କ ଉତ୍ସାହ" କିମ୍ବା "ଯିହୋବାଙ୍କ ଉତ୍ସାହ" ଈଶ୍ୱରଙ୍କ ଦୃଢ଼, ସ୍ଥିର କାର୍ଯ୍ୟସବୁକୁ ତାହାଙ୍କ ଲୋକମାନଙ୍କୁ ଆଶୀର୍ବାଦ କରିବାକୁ କିମ୍ବା ନ୍ୟାୟ ଦେଖିବାକୁ ବୁଝାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଉତ୍ସାହୀ ହେବା" ବାକ୍ୟାଂଶକୁ "ଦୃଢ଼ ଭାବରେ ପରିଶ୍ରମ କରିବା" କିମ୍ବା "ପ୍ରବଳ ଚେଷ୍ଟା" ବୋଲି ଅନୁବାଦ କରାଯାଇପାରେ।
- "ଉତ୍ସାହ" ଶବ୍ଦକୁ "ଉତ୍ସାହୀ ଭକ୍ତି" ବୋଲି ଅନୁବାଦ କରାଯାଇପାରେ କିମ୍ବା "ଆଗ୍ରହୀ ଦୃଢ଼ ପ୍ରତିଜ୍ଞା" କିମ୍ବା "ଧାର୍ମିକ ଅତିଉତ୍ସାହ" ବୋଲି ଅନୁବାଦ କରାଯାଇପାରେ।
- "ତୁମ୍ଭ ଗୃହ ନିମନ୍ତେ ଉତ୍ସାହ" ବାକ୍ୟାଂଶକୁ "ଦୃଢ଼ ଭାବରେ ତୁମ୍ଭ ମନ୍ଦିରକୁ ସମ୍ମାନ ଦେବା" କିମ୍ବା "ତୁମ୍ଭ ଘରର ଯତ୍ନ ନେବା ନିମନ୍ତେ ଆଗ୍ରହପୂର୍ଣ୍ଣ ବ୍ୟଗ୍ର" ବୋଲି ଅନୁବାଦ କରାଯାଇ ପାରିବ।

ବାଇବେଲ ପଦପର୍ବ:

- 1 କରିନ୍ଥୀୟ 12:31
- 1 ରାଜାବଳୀ 19:9-10
- ପ୍ରେରିତ 22:3
- ଗାଲାତୀୟ 4:17
- ଯିଶାଇୟ 63:15
- ଯୋହନ 2:17-19
- ଫିଲିପ୍ପୀୟ 3:6
- ରୋମୀୟ 10:1-3

ଶବ୍ଦବିନ୍ୟାସ:

- ମୂଳଶବ୍ଦ: H765, H768, G225, G226, G227, G641

ଉନ୍ନତ,ଉନ୍ନତହେବା, ଉଚ୍ଚ ପ୍ରଶଂସା କରିବା

ପରିଭାଷା:

ଉନ୍ନତ କରିବା ଅର୍ଥ କାହାକୁ ଗଭୀର ସମ୍ମାନ ଏବଂ ପ୍ରଶଂସା କରିବା ଅଟେ I ଏହା କାହାକୁ ଉଚ୍ଚ ପଦରେ ଭୁଷିତ କରିବା ମଧ୍ୟ ହୋଇପାରେ I

- ବାଇବେଲର ଉନ୍ନତ ଶବ୍ଦଟି ଈଶ୍ୱରଙ୍କୁ ଉଚ୍ଚ ପ୍ରଶଂସା କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଛି I
- ଯେତେବେଳେ ଜଣେ ଲୋକ ନିଜକୁ ଉନ୍ନତ କରେ ଏହାର ଅର୍ଥ ସେ ଗର୍ବ କରେ ଏବଂ ଅହଂକାର କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଉନ୍ନତ" ଶବ୍ଦଟି ବିଭିନ୍ନ ଭାବରେ ଅନୁବାଦ କରାଯାଇପାରେ ଯେପରି "ଅଧିକ ପ୍ରଶଂସା କରିବା" କିମ୍ବା "ଅଧିକ ସମ୍ମାନ ଦେବା" କିମ୍ବା "ଗୌରବ ଦେବା" କିମ୍ବା "ପ୍ରଶଂସା କରିବା" I
- କେତେକ ପ୍ରସଙ୍ଗରେ ଏହି ଶବ୍ଦକୁ "ଉଚ୍ଚ ପଦରେ ରଖିବା" କିମ୍ବା "ଅଧିକ ସମ୍ମାନ ଦେବା" କିମ୍ବା "ଗର୍ବରେ କହିବା" ବୋଲି ଅନୁବାଦ କରାଯାଇପାରେ I
- " ନିଜକୁ ଉନ୍ନତ କର ନାହିଁ" ବାକ୍ୟାଂଶକୁ "ନିଜ ବିଷୟରେ ଗର୍ବ କର ନାହିଁ" କିମ୍ବା "ନିଜ ବିଷୟରେ ଅହଂକାର କର ନାହିଁ" ବୋଲି ଅନୁବାଦ କରାଯାଇପାରେ I
- " ଯେଉଁମାନେ ନିଜକୁ ଉନ୍ନତ କରନ୍ତି" ଶବ୍ଦକୁ "ଯେଉଁମାନେ ଗର୍ବ କରନ୍ତି" କିମ୍ବା "ନିଜ ବିଷୟରେ ଅହଂକାର କର ନାହିଁ" ବୋଲି ଅନୁବାଦ କରାଯାଇପାରେ I

(ପ୍ରଶଂସା, ଉପାସନା, ମହିମା, ଅହଂକାର, ଗର୍ବ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ପିତର 5:5-7
- ଦ୍ୱିତୀୟ ଶାମୁଁ ୟେଲ 22:47
- ପ୍ରେରିତ 5:31
- ଫିଲିପ୍ପୀୟ 2:9-11
- ଗୀତସଂହିତା 18:46

ଶବ୍ଦବିନ୍ୟାସ :

- Strong's: H1361, H4984, H5375, H5549, H5927, H7311, H7426, H7682, G18690, G52290, G52510, G53110, G53120

ଉପଦେଶ ଦେବା, ଉପଦେଶ

ପରିଭାଷା:

"ଉପଦେଶ ଦେବା" ଶବ୍ଦର ଅର୍ଥ କୌଣସି ବ୍ୟକ୍ତିକୁ ଦୃଢ଼ତାର ସହ ଉତ୍ସାହିତ କରିବା ଏବଂ ଅନୁରୋଧ କରିବା ଅଟେ I ଏହିପରି ପ୍ରୋତ୍ସାହନକୁ "ପରାମର୍ଶ" କୁହାଯାଏ।

- ଲୋକମାନଙ୍କୁ ପାପରୁ ଦୂରେଇ ଈଶ୍ୱରଙ୍କ ଇଚ୍ଛାକୁ ଅନୁକରଣ କରିବା ପାଇଁ ପ୍ରବର୍ତ୍ତାଇବା ହିଁ ଉପଦେଶର ଉଦ୍ଦେଶ୍ୟ ଅଟେ।
- ନୂତନ ନିୟମ ଖ୍ରୀଷ୍ଟିୟାନମାନଙ୍କୁ ପରସ୍ପରକୁ କଠୋର ଭାବରେ ଉପଦେଶ ନ ଦେଇ ପ୍ରେମରେ ଉତ୍ସାହିତ କରିବା ପାଇଁ ଶିକ୍ଷା ଦିଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗକୁ ଆଧାର କରି "ଉପଦେଶ ଦେବା" ଶବ୍ଦଟିକୁ "ଦୃଢ଼ ଭାବରେ ପ୍ରେରଣା ଦେବା" କିମ୍ବା "ପ୍ରବର୍ତ୍ତାଇବା" କିମ୍ବା "ପରାମର୍ଶ ଦେବା" ବୋଲି ଅନୁବାଦ କରାଯାଇପାରେ।
- ଏହି ଶବ୍ଦର ଅନୁବାଦ ଯେପରି ଉତ୍ସାହକାରୀ କ୍ରୋଧିତ ଅଟେ ବୋଲି ପ୍ରକାଶ ନ କରେ ତାହା ନିଶ୍ଚିତ କରନ୍ତୁ। ଏହି ଶବ୍ଦଟି ବୌଦ୍ଧିକତା ଓ ଚିନ୍ତାଶୀଳତା ପ୍ରକାଶ କରିବା ଉଚିତ ମାତ୍ର ଏହା କୋଣସି କ୍ରୋଧର ବକ୍ତବ୍ୟକୁ ନ ବୁଝାଇବା ଉଚିତ।
- ଅଧିକାଂଶ ପୃଷ୍ଠଭୂମିରେ, "ଉପଦେଶ ଦେବା" ଶବ୍ଦଟିକୁ ଭିନ୍ନ ଭାବରେ "ସାହସ ବଢ଼ାଇବା," ଯାହାର ଅର୍ଥ ଆଶ୍ୱସ୍ତ କରିବା, କିମ୍ବା ସ୍ୱାନ୍ତନା ଦେବା ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- ସାଧାରଣତଃ ଏହିଶବ୍ଦକୁ "ଅନୁଯୋଗ" ବ୍ୟତିତ ଭିନ୍ନ ଭାବରେ ଅନୁବାଦ କରାଯାଇପାରିବ ଯେପରି ଅନ୍ୟମାନଙ୍କୁ ଖରାପ ଆଚରଣକୁ ସଂଶୋଧନ କରିବା କିମ୍ବା ସତର୍କକରାଇ ଦେବା ଅଟେ।

ବାଇବେଲ ପଦପର୍ବ:

- 1 ଥେସଲନୀକୀୟ 2:3-4
- 1 ଥେସଲନୀକୀୟ 2:12
- 1 ତୀମଥି 05:02
- ଲୂକ 03:18

ଶବ୍ଦବିନ୍ୟାସ:

- Strong's: G38670, G38700, G38740, G43890

ଉପଯୁକ୍ତ, ଯୋଗ୍ୟପଣ, ଅନପଯୁକ୍ତ, ମୂଲ୍ୟହୀନ

ପରିଭାଷା:

ଉପଯୁକ୍ତ ଶବ୍ଦ କାହାକୁ କିମ୍ବା କୌଣସି ବସ୍ତୁ ଯାହା ସମ୍ମାନର ଯୋଗ୍ୟ ଅଟେ ତାହା ବୁଝାଏ I “ଯୋଗ୍ୟତା ରଖିବା” ବାକ୍ୟାଂଶର ଅର୍ଥ ମହାନତା ଓ ମୂଲ୍ୟ ଥିବା ଅଟେ I “ଅନପଯୁକ୍ତ” ଶବ୍ଦର ଅର୍ଥ ଯାହା କୌଣସି ମୂଲ୍ୟ ନାହିଁ ଅଟେ I

- “ଉପଯୁକ୍ତ” ହେବାର ଅର୍ଥ ମୂଲ୍ୟବାନ ହେବା ଓ ମହାନତା ରଖିବା ଅଟେ I
- “ଅନପଯୁକ୍ତ” ହେବାର ଅର୍ଥ କୌଣସି ବିଶେଷ ଆକର୍ଷଣ ପାଇବା ଅଟେ I
- ଅଯୋଗ୍ୟ ଅନୁଭବ କରିବାର ଅର୍ଥ କାହା ତୁଳନାରେ କମ ମହତ୍ୱପୂର୍ଣ୍ଣ ଭାବିବା କିମ୍ବା ସମ୍ମାନ ଓ ଦୟଭାବର ବିଶେଷ ଅନୁଭବ ପାଇବା ଅଟେ I
- “ଅନପଯୁକ୍ତ” ଓ “ମୂଲ୍ୟହୀନ“ ଶବ୍ଦଗୁଡ଼ିକ ସମାନ ଭାବ ପ୍ରକାଶ କରେ କିନ୍ତୁ ଭିନ୍ନ ଅର୍ଥ ପ୍ରକାଶ କରେ I “ଅନପଯୁକ୍ତ” ହେବାର ଅର୍ଥ କୌଣସି ସମ୍ମାନ ନ ପାଇବା କିମ୍ବା “ମୂଲ୍ୟହୀନ “ହେବାର ଅର୍ଥ କୌଣସି ଉଦ୍ଦେଶ୍ୟ କିମ୍ବା ମୂଲ୍ୟ ନଥିବା ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- “ଉପଯୁକ୍ତ“ ଶବ୍ଦକୁ “ଯୋଗ୍ୟ ହେବା” କିମ୍ବା “ମହତ୍ୱ ରଖିବା” କିମ୍ବା “ମୂଲ୍ୟବାନ” ବୋଲି ଅନୁବାଦ କରାଯାଇପାରେ I
- “ଯୋଗ୍ୟ” ଶବ୍ଦକୁ “ମୂଲ୍ୟ” କିମ୍ବା “ମହତ୍ୱପୂର୍ଣ୍ଣ” ବୋଲି ଅନୁବାଦ କରାଯାଇପାରେ I
- “ମୂଲ୍ୟ ରହିବା” ବାକ୍ୟାଂଶକୁ “ମୂଲ୍ୟବାନ” କିମ୍ବା “ମହାନ” ବୋଲି ଅନୁବାଦ କରାଯାଇପାରେ I
- “ଅତି ମୂଲ୍ୟବାନ“ ବାକ୍ୟାଂଶକୁ “ଅତି ମୂଲ୍ୟବାନଠାରୁ ମଧ୍ୟ” ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ ଉପରେ ଆଧାର କରି, “ଅନପଯୁକ୍ତ” ଶବ୍ଦକୁ “ମହତ୍ୱପୂର୍ଣ୍ଣ ନୁହେଁ” କିମ୍ବା “ଅସମ୍ମାନଜନକ” କିମ୍ବା “ଅଯୋଗ୍ୟତା” ବୋଲି ଅନୁବାଦ କରାଯାଇପାରେ I
- “ମୂଲ୍ୟହୀନ“ ଶବ୍ଦକୁ “ବିନାମୂଲ୍ୟର” କିମ୍ବା “ବିନା ଉଦ୍ଦେଶ୍ୟର” କିମ୍ବା “ଯୋଗ୍ୟତା ହିଁ ନାହିଁ” ବୋଲି ଅନୁବାଦ କରାଯାଇପାରେ I

(ସମ୍ମାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ଶାମୁୟେଲ 22:4
- 2 ଥେସଲନୀକୀୟ 1:11-12
- ପ୍ରେରିତ 13: 25
- ପ୍ରେରିତ 25:25-27
- ପ୍ରେରିତ 26:31
- କଲସୀୟ 1:9-10
- ଯିରିମୀୟ 8: 19
- ମାର୍କ 1:7
- ମାଥିଉ 3:10-12
- ଫିଲିପ୍ପୀୟ 1:25-27

ଶବ୍ଦବିନ୍ୟାସ :

- Strong's: H117, H639, H1929, H3644, H4242, H4373, H4392, H4592, H4941, H6994, H7939, G514, G515, G516, G2425, G2661, G2735

ଉପହାର

ପରିଭାଷା:

"ଉପହାର" ଶବ୍ଦ କାହାକୁ କିଛି ଦେବା କିମ୍ବା ଉତ୍ସର୍ଗ କରିବାକୁ ବୁଝାଏ I ଏକ "ଉପହାର" ପ୍ରତିବଦଳରେ କିଛି ପାଇବା ଆଶାରେ ଦିଆଯାଏ ନାହିଁ I

- ଅର୍ଥ, ଖାଦ୍ୟ, ବସ୍ତ୍ର କିମ୍ବା ଆଉ କିଛି ଯାହା ଗରିବ ଲାକୋମାନଙ୍କୁ ଦିଆଯାଏ ତାହାକୁ ମଧ୍ୟ "ଉପହାର" କୁହାଯାଏ I
- ବାଇବେଲରେ, ଏକ ଦାନ କିମ୍ବା ବଳିଦାନ ଯାହା ଈଶ୍ୱରଙ୍କୁ ପ୍ରଦାନ କରାଯାଏ ତାହାକୁ ଉପହାର କୁହାଯାଏ I
- ପରିତ୍ରାଣର ଉପହାର ଏପରି ଏକ ବସ୍ତୁ ଅଟେ ଯାହା ଯୀଶୁଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା ଈଶ୍ୱର ଆମକୁ ପ୍ରଦାନ କରନ୍ତି I
- ନୂତନ ନିୟମରେ, "ଉପହାର" ଆଉ କିଛି ବିଷୟକୁ ମଧ୍ୟ ଦର୍ଶାଏ ଯାହା ଏକ ବିଶେଷ ଆତ୍ମିକ ସାମର୍ଥ୍ୟ ଲୋକମାନଙ୍କ ସେବା କରିବା ନିମନ୍ତେ ଈଶ୍ୱର ସମସ୍ତ ବିଶ୍ୱାସୀମାନଙ୍କୁ ଦିଅନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଉପହାର" ଶବ୍ଦକୁ ସାଧାରଣ ଭାବରେ ଏକ ଶବ୍ଦ କିମ୍ବା ବାକ୍ୟାଂଶରେ ଅନୁବାଦ କରାଯାଇପାରେ ଯାହାର ଅର୍ଥ "କିଛି ବସ୍ତୁ ଯାହାକୁ ଦିଆଯାଏ" ଅଟେ I
- ଯଦି ବରଦାନ ପ୍ରାପ୍ତ କିମ୍ବା ବିଶେଷ ଦକ୍ଷତା ଯାହା ଈଶ୍ୱରଙ୍କ ଠାରୁ ଆସେ ଏହି ପ୍ରସଙ୍ଗରେ ଏହି ବାକ୍ୟାଂଶକୁ "ଆତ୍ମାଙ୍କ ବରଦାନ" କିମ୍ବା "ବିଶେଷ ଗୁଣ ଯାହା ଈଶ୍ୱର ପ୍ରଦାନ କରିଅଛନ୍ତି" ବୋଲି ଅନୁବାଦ କରାଯାଇପାରେ I

(ଆତ୍ମା, ପବିତ୍ର ଆତ୍ମା ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 12:1
- ଦ୍ୱିତୀୟ ଶାମୁଁ ୟେଲ 11:8
- ପ୍ରେରିତ 8:20
- ପ୍ରେରିତ 10:4
- ପ୍ରେରିତ 11:17
- ପ୍ରେରିତ 24:17
- ଯାକୁବ 1: 17
- ଯୋହନ 4:9-10
- ମାଥିଉ 5:23
- ମାଥିଉ 8:4

ଶବ୍ଦବିନ୍ୟାସ :

- Strong's: H0814, H4503, H4864, H4976, H4978, H4979, H4991, H5078, H5083, H5379, H7810, H8641, G03340, G13900, G13940, G14310, G14340, G14350, G33110, G54860

ଏଫୋଦ

ପରିଭାଷା:

ଏଫୋଦ ଏକ ପୋଷାକ ଇସ୍ରାଏଲର ଯାଜକମାନେ ପିନ୍ଧୁଥିଲେ I ଏହାର ଦୁଇଟି ଭାଗଥିଲା, ଆଗ ଏବଂ ପଛ ଯାହା କାନ୍ଧରେ ବନ୍ଧା ଯାଇଥିଲା ଏବଂ କପଡା କଟିରେ ଅଣ୍ଟାରେ ବନ୍ଧା ଯାଇଥିଲା I

- ଏକ ପ୍ରକାରର ଏଫୋଦ ସାଧାରଣ ପୋଷାକ ଦ୍ୱାରା ତିଆରି ହୋଇଥିଲା ଏବଂ ଯାଜକମାନେ ତାହା ପିନ୍ଧୁଥିଲେ I
- ଆଉ ଏକ ପ୍ରକାରର ଏଫୋଦ ପ୍ରଧାନ ଯାଜକମାନେ ପିନ୍ଧୁଥିଲେ ଯାହା ସୁବର୍ଣ୍ଣ,ନିଳ,ବାଇଗଣୀ, ଏବଂ ଲାଲ୍ ରଙ୍ଗର ସୂତା ଦ୍ୱାରା ତିଆରି ହୋଇଥିଲା I
- ପ୍ରଧାନ ଯାଜକଙ୍କ ବୁକୁପଟା ଏଫୋଦର ଆଗ ଭାଗରେ ସଂଯୁକ୍ତ ହୋଇଥିଲା I

ବୁକୁପଟାର ପଛପଟେ ଉରୀମ୍ ଓ ତୁମ୍ମୀମ୍ ରଖା ଯାଇଥିଲା ଯାହାକି ଈଶ୍ୱରଙ୍କ ଇଚ୍ଛା ଜାଣିବାର ଏକ ପ୍ରସ୍ତରଥିଲା I

- ଗିଦିୟୋନ ବିଚାରକର୍ତ୍ତା ମୁର୍ଖତାରେ ସୁବର୍ଣ୍ଣ ଏଫୋଦ ତିଆରି କଲେ ଏବଂ ଏପରି ହେଲା ଯେ ଇସ୍ରାଏଲ୍ ଲୋକମାନେ ତାକୁ ପ୍ରତିମା ଭାବରେ ପୂଜା କଲେ I

(ମଧ୍ୟ ଦେଖନ୍ତୁ:ଯାଜକ)

ବାଇବଲ ପଦପର୍ବ:

- ୧ ଶାମୁଏଲ୍ ୦୨:୧୮-୧୯
- ଯାତ୍ରାପୁସ୍ତକ ୨୮:୪-୫
- ହୋଶେୟ ୨୮:୪-୫
- ବିଚାରକର୍ତ୍ତା ୦୮:୨୭-୨୮
- ଲେବୀୟ ୦୮:୬-୭

ବୋର୍ଡ ଡାଟା :

- Strong's: H641, H642, H646

ଏବ୍ରୀୟ

ସତ୍ୟ ଘଟଣାବଳିଗୁଡ଼ିକ:

"ଏବ୍ରୀୟ" ଶବ୍ଦ ଏକ ସାଧାରଣ ଅର୍ଥରେ ଇସହାକ ଏବଂ ଯାକୁବଙ୍କ ଦ୍ୱାରା ଅବ୍ରହାମଙ୍କଠାରୁ ଆସିଥିବା ଲୋକମାନଙ୍କୁ ବୁଝାଏ I

- ନିର୍ଦ୍ଦିଷ୍ଟ ଶବ୍ଦ "ଏବ୍ରୀୟ" ଲୋକ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ କିମ୍ବା ସେହି ଗୋଷ୍ଠୀ ଦ୍ୱାରା କଥିତ ଭାଷାକୁ ସୂଚାଇପାରେ I
- ପୁରାତନ ନିୟମର ଅଧିକାଂଶ ଅଂଶ "ଏବ୍ରୀୟ" ଭାଷାରେ ଲେଖାଯାଇଥିଲା | ଅବଶ୍ୟ, ନୂତନ ନିୟମର ଅଧିକାଂଶ କ୍ଷେତ୍ରରେ, ନିର୍ଦ୍ଦିଷ୍ଟ ଶବ୍ଦ "ଏବ୍ରିୟ" ବୋଧହୁଏ ଏବ୍ରୀୟ ଭାଷା ଅପେକ୍ଷା ଆରାମିକ୍ ଭାଷାକୁ ସୂଚିତ କରେ |
- ବାଇବେଲର ବିଭିନ୍ନ ସ୍ଥାନରେ ଏବ୍ରୀୟମାନଙ୍କୁ "ଇସ୍ରାଏଲ" କିମ୍ବା "ଯିହୁଦୀ" ମଧ୍ୟ କୁହାଯାଉଥିଲା |ଏହା ଅନୁବାଦ କରିବାବେଳେ, ଯେପର୍ଯ୍ୟନ୍ତ ଏହା ସ୍ପଷ୍ଟ ଯେ ଏହି ଶବ୍ଦଗୁଡ଼ିକ ସମାନ ଲୋକ ଗୋଷ୍ଠୀକୁ ସୂଚିତ କରେ ତେବେ ସମସ୍ତ ତିନୋଟି ଶବ୍ଦକୁ ପାଠ୍ୟରେ ପୃଥକ ରଖିବା ସର୍ବୋତ୍ତମ ହେବ |

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକୁ କିପରି ଅନୁବାଦ କରାଯିବ)

(ଇସ୍ରାଏଲ, ଯିହୁଦୀ, ଯିହୁଦୀ ନେତାମାନେ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରେରିତ 26: 12-14
- ଆଦିପୁସ୍ତକ 39:13-15
- ଆଦିପୁସ୍ତକ 40:15
- ଆଦିପୁସ୍ତକ 41:12-13
- ଯୋହନ 5:1-4
- ଯୋହନ 19:13
- ଯୂନସ 1:8-10
- ଫିଲିପ୍ପୀୟ 3:5

ଶବ୍ଦବିନ୍ୟାସ :

- Strong's: H5680, G1444, G1445, G1446, G14470

କପଟୀ, କପଟତା

ପରିଭାଷା:

"କପଟୀ "ଶବ୍ଦ ଏକ ବ୍ୟକ୍ତିକୁ ଦର୍ଶାଏ ଯେ ଧାର୍ମିକ ପରି ନିଜକୁ ଦେଖାଏ କିନ୍ତୁ ଗୁପ୍ତ ରୂପରେ ମନ୍ଦକର୍ମ କରେ I "କପଟତା "ଶବ୍ଦ ସେହି ବ୍ୟବହାରକୁ ଦର୍ଶାଏ ଯାହା ଲୋକମାନଙ୍କୁ ଧାର୍ମିକ ପ୍ରକାଶ କରି ବୋଲି ଧକାଦିଏ I

- କପଟୀମାନେ ଉତ୍ତମ କାର୍ଯ୍ୟ କରୁଥିବା ଦେଖାଯିବାବାକୁ ଚାହାଁନ୍ତି ଯାହା ଦ୍ୱାରା ଲୋକମାନେ ଭାବିବେ ଯେ ସେମାନେ ଧାର୍ମିକ ଲୋକ ଅଟନ୍ତି I
- ଅନେକ ସମୟରେ ଜଣେ "କପଟୀ" ଅନ୍ୟ ଲୋକମାନଙ୍କର ପାପକୁ ଦେଖି ସମାଲୋଚନା କରେ କିନ୍ତୁ ସେହିଭଳି କର୍ମ ସେ ନିଜେ କରେ I
- ଯୀଶୁ ଫାରୂଶୀମାନଙ୍କୁ କପଟୀ କହିଲେ କାରଣ ସେମାନେ ଧର୍ମକର୍ମ କରିବାର ନାଟକ କରୁଥିଲେ ଯେପରି କି ଏକ ପ୍ରକାର ବସ୍ତ୍ରର ପରିଧାନ କରୁଥିଲେ ଏବଂ ଏକ ବିଶେଷ ଖାଦ୍ୟ ଖାଉଥିଲେ, ସେମାନେ ଦୟାଳୁ ନଥିଲେ କିମ୍ବା ନ୍ୟାୟସଂଗତ ନଥିଲେ I
- ଜଣେ କପଟୀ ଅନ୍ୟ ଲୋକମାନଙ୍କର ଦୋଷ ଦେଖେ, କିନ୍ତୁ ନିଜର ଦୋଷଗୁଡ଼ିକୁ ଦେଖେ ନାହିଁ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କେତେକ ଭାଷାରେ "ଦୁଇଟି-ଚେହେରା" ଅଭିବ୍ୟକ୍ତି ଥାଇପାରେ ଯାହା କପଟୀକୁ ଦର୍ଶାଏ କିମ୍ବା କପଟତା କର୍ମକୁ ଦେଖାଏ I
- "କପଟୀ" ଶବ୍ଦକୁ "ପ୍ରବଞ୍ଚକ" କିମ୍ବା "ଛଳ କରିବା ବ୍ୟକ୍ତି" କିମ୍ବା "ଅଭିମାନୀ, ଠକିବା ବ୍ୟକ୍ତି" ବୋଲି ଅନୁବାଦ କରାଯାଇପାରେ I
- "କପଟତା" ଶବ୍ଦକୁ "ପ୍ରତାରଣା "କିମ୍ବା "ମିଥ୍ୟା କର୍ମ" କିମ୍ବା "ଛଳ କରିବା" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ଗାଲାତୀୟ 2:13
- ଲୂକ 6:41-42
- ଲୂକ 12:54-56
- ଲୂକ 13: 15
- ମାର୍କ 7: 6-7
- ମାଥିଉ 6: 1-2
- ରୋମୀୟ 12:9

ଶବ୍ଦବିନ୍ୟାସ :

- Strong's: H0120, H2611, H2612, G05050, G52720, G52730

କାର୍ଯ୍ୟ, କାର୍ଯ୍ୟଗୁଡ଼ିକ, କାର୍ଯ୍ୟ

ପରିଭାଷା:

"କାର୍ଯ୍ୟ" ଶବ୍ଦ, ସାଧାରଣତଃ କିଛି ସମ୍ପାଦନ କରିବା ନିମନ୍ତେ ଗୁରୁତ୍ୱ ଦେବାକୁ ପ୍ରୟାଶ ବୃଦ୍ଧି କରିବା କିମ୍ବା ସେହି କାର୍ଯ୍ୟର ଫଳାଫଳକୁ ବୁଝାଏ। "କର୍ମଗୁଡ଼ିକ" ଶବ୍ଦ ସାଧାରଣତଃ ସମ୍ପୂର୍ଣ୍ଣ କାର୍ଯ୍ୟକଳାପକୁ ସୂଚିତ କରେ (ଅର୍ଥାତ୍, ଯାହା କରାଯାଇଛି କିମ୍ବା କରିବା ଆବଶ୍ୟକ ଅଛି)।

- ବାଇବେଲରେ, ଏହି ଶବ୍ଦଗୁଡ଼ିକ ସାଧାରଣ ଭାବରେ ଉଭୟ ଇଶ୍ୱର ଏବଂ ମନୁଷ୍ୟମାନଙ୍କ ନିମନ୍ତେ ବ୍ୟବହୃତ ହୋଇଅଛି।
- ଯେତେବେଳେ ଇଶ୍ୱରଙ୍କ ସମ୍ବନ୍ଧରେ ବ୍ୟବହୃତ ହୁଏ, ବାଇବେଲରେ "କାର୍ଯ୍ୟ" ଶବ୍ଦ ପ୍ରାୟତଃ ଜଗତ ସୃଷ୍ଟି କରିବା କିମ୍ବା ତାହାଙ୍କ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ (ଶତ୍ରୁମାନଙ୍କଠାରୁ, ପାପରୁ କିମ୍ବା ଉଭୟ ଠାରୁ) ଇଶ୍ୱରଙ୍କ କାର୍ଯ୍ୟକୁ ବୁଝାଏ।
- ଇଶ୍ୱରଙ୍କ କାର୍ଯ୍ୟ, ଯାହା ସେ କରନ୍ତି କିମ୍ବା କରିଅଛନ୍ତି, ଏବଂ ସମଗ୍ର ଜଗତକୁ ଯତ୍ନ ନେବା ସହିତ ପାପୀମାନଙ୍କୁ ଉଦ୍ଧାର କରିବା, ଜଗତକୁ ସୃଷ୍ଟି କରିବା, ସମସ୍ତ ସୃଷ୍ଟିର ଆବଶ୍ୟକତା ଯୋଗାଇବା ସମସ୍ତ କାର୍ଯ୍ୟକୁ ବୁଝାଏ।
- କାର୍ଯ୍ୟ କିମ୍ବା କର୍ମଗୁଡ଼ିକ ଯାହା ଜଣେ ବ୍ୟକ୍ତି କରେ ତାହା ଉତ୍ତମ କିମ୍ବା ମନ୍ଦ ହୋଇପାରେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "କର୍ମଗୁଡ଼ିକ" ଶବ୍ଦକୁ "କାର୍ଯ୍ୟ" କିମ୍ବା "କୃତକର୍ମଗୁଡ଼ିକ" କିମ୍ବା "କର୍ମଗୁଡ଼ିକ କରାଯାଇଅଛି" ବୋଲି ଅନୁବାଦ କରାଯାଇପାରେ।
- ଇଶ୍ୱରଙ୍କର "କାର୍ଯ୍ୟ" କିମ୍ବା "କର୍ମ" କିମ୍ବା "ତାହାଙ୍କ ହସ୍ତକୃତ କର୍ମ" ଯେପରି "ଅଦ୍ଭୁତ କାର୍ଯ୍ୟ" କିମ୍ବା "ଶକ୍ତିର କାର୍ଯ୍ୟଗୁଡ଼ିକ" କିମ୍ବା "ଯାହା ଇଶ୍ୱର କରନ୍ତି" ବୋଲି ଅନୁବାଦ କରାଯାଇପାରେ।
- "ଇଶ୍ୱରଙ୍କ କୃତ କାର୍ଯ୍ୟ" ଅଭିବ୍ୟକ୍ତିକୁ "ଯାହା କିଛି ଇଶ୍ୱର କରୁଅଛନ୍ତି"କିମ୍ବା "ଇଶ୍ୱର ଆଶ୍ଚର୍ଯ୍ୟକର୍ମ କରନ୍ତି" କିମ୍ବା "ଇଶ୍ୱର ସବୁ କିଛି ସୁସମ୍ପନ୍ନ କରୁଅଛନ୍ତି" ବୋଲି ଅନୁବାଦ କରାଯାଇପାରେ ।
- "କାର୍ଯ୍ୟ" ଶବ୍ଦକୁ "କାର୍ଯ୍ୟଗୁଡ଼ିକ" ଏକ ବଚନରେ "ପ୍ରତ୍ୟେକ ଉତ୍ତମ କର୍ମ ବା କାର୍ଯ୍ୟ" କିମ୍ବା "ପ୍ରତ୍ୟେକ ଉତ୍ତମ ପରିଶ୍ରମ" ବୋଲି ଅନୁବାଦ କରାଯାଇପାରେ ।
- ଯେତେବେଳେ ଇଶ୍ୱର କିମ୍ବା ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରାଯାଏ, ଏହାକୁ "ସେବା" ବୋଲି ଅନୁବାଦ କରାଯାଇପାରେ ।

(ଫଳ, ପବିତ୍ର ଆତ୍ମା, ଆଶ୍ଚର୍ଯ୍ୟ କର୍ମ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 3:12
- ପ୍ରେରିତ 2:8-11
- ଦାନିୟେଲ 4:37
- ଯାତ୍ରା ପୁସ୍ତକ 34:10-11
- ଗାଲାତୀୟ 2:15-16
- ଯାକୁବ 2:17
- ମାଥିଉ 16:27-28
- ମୀଖା 2:7
- ରୋମୀୟ 3:28
- ତୀତସ 3:4-5

ଶବ୍ଦବିନ୍ୟାସ:

- Strong's: H4399, H4566, H4567, H4611, H4659, H5949, G20410

କୋଣର ପ୍ରଧାନ ପ୍ରସ୍ତର

ପରିଭାଷା:

"କୋଣର ପ୍ରଧାନ ପ୍ରସ୍ତର" ବାକ୍ୟାଂଶ ଏକ ବୃହତ୍ ପଥରକୁ ବୁଝାଏ ଯାହାକି ବିଶେଷ ଭାବରେ କଟାଯାଇ ଏକ ଗୃହର ମୂଳଦୁଆ କୋଣରେ ସ୍ଥାପନ କରାଯାଏ ।

- ଗୃହର ଅନ୍ୟ ସମସ୍ତ ପଥରଗୁଡ଼ିକ ମାପାଯାଇ କୋଣର ପ୍ରଧାନ ପ୍ରସ୍ତର ସହ ସଂଯୁକ୍ତ କରି ସ୍ଥାପନ କରାଯାଏ ।
- ସମଗ୍ର ଗଠନର ଶକ୍ତି ଏବଂ ସ୍ଥିରତା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।
- ନୂତନ ନିୟମରେ, ବିଶ୍ୱାସୀମାନଙ୍କ ସଭାକୁ ଏକ ଗୃହ ସହିତ ତୁଳନା କରାଯାଇଛି ଯେଉଁଥିରେ ଯୀଶୁଖ୍ରୀଷ୍ଟ ଏହାର "ମୂଳଦୁଆ" ଅଟନ୍ତି ।
- ସେହିଭଳି ଏକ ଗୃହର ମୂଳଦୁଆ ସମଗ୍ର ଗୃହର ସ୍ଥିତିକୁ ସମର୍ଥନ କରେ ଏବଂ ସ୍ଥିର କରେ, ସେହିପରି ଯୀଶୁଖ୍ରୀଷ୍ଟ ହେଉଛନ୍ତି ମୂଳଦୁଆ ଯେଉଁଥିରେ ବିଶ୍ୱାସୀମାନଙ୍କ ସଭା ସ୍ଥାପିତ ଏବଂ ସମର୍ଥିତ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "କୋଣର ପ୍ରଧାନ ପ୍ରସ୍ତର" ଶବ୍ଦକୁ "ପ୍ରଧାନ ଗୃହ ପ୍ରସ୍ତର" କିମ୍ବା "ମୂଳଦୁଆ ପ୍ରସ୍ତର" ବୋଲି ଅନୁବାଦ କରାଯାଇପାରେ ।
- ଏକ ଗୃହର ମୂଳଦୁଆର ଏକ ଅଂଶ ପାଇଁ ସ୍ଥାନୀୟ ଭାଷାରେ ଏକ ଶବ୍ଦ ଅଛି ତେବେ ସେହି ଶବ୍ଦକୁ ଅନୁବାଦରେ ବ୍ୟବହାର କରିବାକୁ ବିଚାର କରନ୍ତୁ । ଯଦି ଅଛି, ତେବେ ସେହି ଶବ୍ଦକୁ ବ୍ୟବହାର କରାଯାଇପାରେ ।
- ଏହାକୁ "ଏକ ଗୃହର କୋଣର ପ୍ରଧାନ ପ୍ରସ୍ତର ପାଇଁ ବ୍ୟବହୃତ ମୂଳଦୁଆ ପ୍ରସ୍ତର" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- ଏହା ଏକ ବଡ଼ ପଥର, ଏହାକୁ ଏକ ଦୃଢ଼ ଏବଂ ସୁରକ୍ଷିତ ନିର୍ମାଣ ସାମଗ୍ରୀ ଭାବରେ ବ୍ୟବହାର କରାଯିବା ଆବଶ୍ୟକ ଅଟେ । ଯଦି ଗୃହ ନିର୍ମାଣ କରିବା ପାଇଁ ପ୍ରସ୍ତରଗୁଡ଼ିକ ବ୍ୟବହୃତ ହୁଏ ନାହିଁ, ତେବେ ସେହି ଭାଷାରେ ଅନ୍ୟ ଏକ ଶବ୍ଦ ଥାଇପାରେ ଯାହା ଯାହାର ଅର୍ଥ "ବଡ଼ ପ୍ରସ୍ତର" (ଯେପରିକି "ପଥର ଢିମା ବା ବଡ଼ ଟେଳା") ହେଇପାରେ କିନ୍ତୁ ସେହି ଶବ୍ଦ ଏହି ଶବ୍ଦର ଅର୍ଥ ପ୍ରକାଶ କରିବା ଆବଶ୍ୟକ ଅଟେ ।

ବାଇବେଲ ପଦପର୍ବ:

- ପ୍ରେରିତ 4:11
- ଏଫିସୀୟ 2:20
- ମାଥିଉ 21:42
- ଗୀତସଂହିତା 118:22

ଶବ୍ଦବିନ୍ୟାସ:

- Strong's: H0068, H6438, H7218, G02040, G11370, G27760, G30370

କ୍ରୁଶ

ପରିଭାଷା:

ବାଇବେଲ ସମୟରେ, କ୍ରୁଶ ଏକ କାଠଖୁଣ୍ଟ ଥିଲା ଯାହାକି ଭୂମିରେ ପୋତା ଯାଉଥିଲା, ଏହାର ଉପର ଭାଗରେ ଏକ ଭୂସମାନ୍ତର କଡ଼ିକାଠ ସଂଲଗ୍ନ ରହୁଥିଲା ।

- ରୋମ୍ୟ ସମ୍ରାଟମାନଙ୍କ ସମୟରେ, ରୋମ୍ୟ ଅଧିକାରୀ ଦୋଷୀମାନଙ୍କୁ ବାନ୍ଧି କିମ୍ବା କଣ୍ଟାପିଟି କ୍ରୁଶରେ ମୃତ୍ୟୁଦଣ୍ଡ ଦେଉଥିଲେ ।
- ଯୀଶୁ ବିନା ଦୋଷରେ ଦୋଷୀ ହେଲେ, ସେ କୌଣସି ଅପରାଧ କରି ନଥିଲେ ତଥାପି ରୋମୀୟମାନେ ତାହାଙ୍କୁ କ୍ରୁଶରେ ମୃତ୍ୟୁ ଦଣ୍ଡ ଦେଲେ ।
- ଏହା କ୍ରିୟା ପଦ “cross” ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଶବ୍ଦ ଅଟେ ଯାହାର ଅର୍ଥ ନଦୀ କିମ୍ବା ହ୍ରଦକୁ ଅତିକ୍ରମ କରି ଅନ୍ୟ ପାର୍ଶ୍ୱକୁ ଯିବା ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କ୍ରୁଶର ଆକାରକୁ ସୂଚାଉଥିବା ଏକ ଶବ୍ଦ ବ୍ୟବହାର କରି ସ୍ଥାନୀୟ ଭାଷାରେ ଏହି ଶବ୍ଦକୁ ଅନୁବାଦ କରାଯାଇପାରେ ।
- ଏପରି ଶବ୍ଦ ବ୍ୟବହାର କରନ୍ତୁ ଯାହା ଏକ ବ୍ୟକ୍ତିକୁ କ୍ରୁଶରେ ଜୀବନରୁ ମାରି ଦେବାକୁ ବୁଝାଏ ଯଥା “ମୃତ୍ୟୁଦଣ୍ଡ ଖୁଣ୍ଟ” କିମ୍ବା “ମୃତ୍ୟୁ କାଠ ।”
- ଏହି ଶବ୍ଦକୁ ସ୍ଥାନୀୟ କିମ୍ବା ଜାତୀୟ ବାଇବେଲରେ କିପରି ଅନୁବାଦ କରାଯାଇଛି ତାହା ଦେଖନ୍ତୁ (ଅଜ୍ଞାତ ବିଷୟକୁ କିପରି ଅନୁବାଦ କିରବେ ଦେଖନ୍ତୁ) ।

(କ୍ରୁଶ, ରୋମୀୟ : ଦେଖନ୍ତୁ)

ବାଇବେଲର ପଦପର୍ବ:

- ପ୍ରଥମ କରନ୍ଥୀୟ 1:17
- କଲସୀୟ 2:15
- ଗାଲାତୀୟ 6:12
- ଯୋହନ 19:18
- ଲୂକ 9:23
- ଲୂକ 23:26
- ମାଥିଉ 10:38
- ଫିଲିପ୍ପୀୟ 2:8

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **40:1** ସୈନିକମାନେ ଯୀଶୁଙ୍କୁ ପରିହାସ କରିବା ପରେ, ସେମାନେ ତାହାଙ୍କୁ **କ୍ରୁଶରେ** ଚଢାଇଲେ । ସେମାନେ ତାହାଙ୍କୁ **କ୍ରୁଶ** ବୁହାଇଲେ ଯେଉଁଥିରେ ସେ ମୃତ୍ୟୁ ବରଣ କରିବେ ।
- **40:2** ସୈନିକମାନେ ଯୀଶୁଙ୍କୁ “କପାଳୀ ନାମକ ସ୍ଥାନ” କୁ ଆଣିଲେ ଏବଂ ସେମାନେ **କ୍ରୁଶରେ** ଯୀଶୁଙ୍କର ହାତ ଓ ଗୋଡରେ କଣ୍ଟା ପିଟିଲେ ।
- **40:5** ଯିହୁଦୀ ନେତା ଏବଂ ଜନଗହଳି ଯୀଶୁଙ୍କୁ ପରିହାସ କଲେ ସେମାନେ ତାହାଙ୍କୁ କହିଲେ, “ଯଦି ତୁମ୍ଭେ ଈଶ୍ୱରଙ୍କ ପୁତ୍ର, ତାହାହେଲେ **କ୍ରୁଶରୁ** ତଳକୁ ଆସ ଓ ନିଜକୁ ରକ୍ଷା କର ତାପରେ ଆମ୍ଭେମାନେ ବିଶ୍ୱାସ କରିବୁ ।
- **49:10** ଯେତେବେଳେ **କ୍ରୁଶରେ** ଯୀଶୁ ମୃତ୍ୟୁବରଣ କଲେ, ସେ ଆମ୍ଭମାନଙ୍କ ସମସ୍ତ ଦଣ୍ଡ ଗ୍ରହଣ କଲେ ।
- **49:12** ଯୀଶୁ ଈଶ୍ୱରଙ୍କ ପୁତ୍ର ବୋଲି ତୁମ୍ଭେ ବିଶ୍ୱାସ କରିବା ଆବଶ୍ୟକ, ସେ ଆମ୍ଭମାନଙ୍କ ପରିବର୍ତ୍ତେ **କ୍ରୁଶରେ** ମୃତ୍ୟୁବରଣ କଲେ, ଫଳରେ ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉଠାଇ ଜୀବିତ କଲେ ।

ଶବ୍ଦବିନ୍ୟାସ :

- Strong’s: G47160

କ୍ରୁଶବଧ କରିବା, କ୍ରୁଶହତ

ସଂଜ୍ଞା:

"କ୍ରୁଶବଧ" ଶବ୍ଦର ଅର୍ଥ କାହାରିକୁ କ୍ରୁଶରେ ଝୁଲେଇ ଯନ୍ତ୍ରଣାରେ ଛଟପଟ କରି ମୃତ୍ୟୁ ଦଣ୍ଡ ଦେବାବାକୁ ବୁଝାଏ ।

- ଦୋଷୀକୁ କ୍ରୁଶରେ ବନ୍ଧା ଯାଉଥିଲା ନହେଲେ କଣ୍ଟାବିଦ୍ଧ କରାଯାଉଥିଲା । କ୍ରୁଶରେ ହତ ହୋଇଥିବା ଲୋକର ରକ୍ତର ମାତ୍ରା ହ୍ରାସ ପାଉଥିଲା ଏବଂ ଶ୍ୱାସରୁଦ୍ଧ ହୋଇ ସେ ମୃତ୍ୟୁ ବରଣ କରୁଥିଲା ।
- ପୁରାତନ ରୋମୀୟ ସାମ୍ରାଜ୍ୟ ସମୟରେ ବାରମ୍ବାର ଏହି ପଦ୍ଧତି ବ୍ୟବହାର କରି ଯେଉଁମାନେ ଦୋଷୀ ଏବଂ ଯେଉଁମାନେ ଅଧିକାରୀଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ ସେମାନଙ୍କୁ ଏହିପରି ମୃତ୍ୟୁ ଦଣ୍ଡ ଦିଆଯାଉଥିଲା ।
- ଯୀଶୁଙ୍କୁ କ୍ରୁଶରେ ହତ କରିବା ପାଇଁ, ଯିହୁଦୀମାନଙ୍କର ଧାର୍ମିକ ଗୁରୁମାନେ ରୋମୀୟ ଶାସକଙ୍କୁ ସୈନିକମାନଙ୍କୁ ଆଦେଶ ଦେବାକୁ କହିଲେ । ସୈନିକମାନେ ଯୀଶୁଙ୍କୁ କ୍ରୁଶରେ କଣ୍ଟା ମାରିଲେ । ଯୀଶୁ 6 ଘଣ୍ଟା କ୍ରୁଶରେ ଯନ୍ତ୍ରଣା ପାଇଲେ ଏବଂ ମୃତ୍ୟୁଭୋଗ କଲେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "କ୍ରୁଶବଧ କରିବା" ଶବ୍ଦକୁ "କ୍ରୁଶରେ ମାରିବା" କିମ୍ବା "କ୍ରୁଶରେ କଣ୍ଟାମାରି ମୃତ୍ୟୁଦଣ୍ଡ ଦେବା" ବୋଲି ଅନୁବାଦ କରାଯାଇପାରେ ।

(କ୍ରୁଶ, ରୋମୀୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 2:23
- ଗାଲାତୀୟ 2:20-21
- ଲୂକ 23:20-22
- ଲୂକ 23:34
- ମାଥିଉ 20: 17-19
- ମାଥିଉ 27:23-24

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **39:11** କିନ୍ତୁ ଯିହୁଦୀମାନଙ୍କ ନେତା ଏବଂ ଜନଗହଳି ତାହାକୁ(ଯୀଶୁ) କ୍ରୁଶବଧ କର ବୋଲି ଚିତ୍କାର କଲେ!"
- **39:12** ପିଲାତ ଜନ ଗହଳି କାଲେ ବିଦ୍ରୋହ କରିବେ ବୋଲି ଭୟକରି, ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶରେ ବଧ କରିବାକୁ' ସୈନିକମାନଙ୍କୁ ଆଦେଶ ଦେଲେ ଏବଂ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ପାଳନ କଲେ ।
- **40:1** ଯୀଶୁଙ୍କୁ ସୈନିକମାନେ ପରିହାସ କରିବାପାରେ, ତାହାଙ୍କୁ କ୍ରୁଶରେ ହତ କରିବାକୁ ଘେନିଗଲେ । ସେ ଯେଉଁ କ୍ରୁଶରେ ମୃତ୍ୟୁ ବରଣ କରିବେ ସେମାନେ ତାହାଙ୍କୁ ସେହି କ୍ରୁଶକୁ ବହନ କରିବାକୁ କହିଲେ ।
- **40:4** ଯୀଶୁ ଦୁଇ ଆପରାଧି ମଝିରେ କ୍ରୁଶବିଦ୍ଧ ହେଲେ ।
- **43:6** "ହେ ଇସ୍ରାଏଲ ଲୋକମାନେ, ଯୀଶୁ ଯିଏକି ଈଶ୍ୱରଙ୍କ ଶକ୍ତିରେ ଅନେକ ମହାନ ଚିହ୍ନ ଓ ଆଶ୍ଚର୍ଯ୍ୟ କାର୍ଯ୍ୟ କଲେ, ତାହା ଆପଣମାନେ ଜାଣନ୍ତି ଓ ତାହାର ସାକ୍ଷୀ ଅଟନ୍ତି କିନ୍ତୁ ତୁମ୍ଭେ ତାହାଙ୍କୁ କ୍ରୁଶରେ ହତ କଲ ।
- **43:9**_"ତୁମ୍ଭେମାନେ ସେହି ମନୁଷ୍ୟ, ଯୀଶୁଙ୍କୁ କ୍ରୁଶରେ ବଧ କଲ ।"
- **44:8** ପିତର ସେମାନଙ୍କୁ ଉତ୍ତର ଦେଲେ, ଏହି ଲୋକଟି ଯୀଶୁ ଖ୍ରୀଷ୍ଟଙ୍କ ଶକ୍ତିରେ ସୁସ୍ଥ ହୋଇ ଆପଣମାନଙ୍କ ସାକ୍ଷାତରେ ଠିଆ ହୋଇଅଛି । କ୍ରୁଶରେ ତୁମ୍ଭେମାନେ ଯୀଶୁଙ୍କୁ ବଧ କଲ, କିନ୍ତୁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ।"

ଶବ୍ଦବିନ୍ୟାସ:

- Strong's: G03880, G43620, G47170, G49570

କ୍ରୋଧ, ଆକ୍ରୋଷ

ପରିଭାଷା:

କ୍ରୋଧ ଏକ ଅତ୍ୟଧିକ କ୍ରୋଧ ବା ପ୍ରଚଣ୍ଡତା ଅଟେ ଯାହା ବେଳେବେଳେ ଦୀର୍ଘସ୍ଥାୟୀ ଅଟେ | ବାଇବେଲ ଉଭୟ ଲୋକ ଏବଂ ଈଶ୍ୱରଙ୍କୁ ପ୍ରବଳ କ୍ରୋଧକୁ ଅନୁଭୂତିକୁ ବର୍ଣ୍ଣନା କରେ | ଈଶ୍ୱରଙ୍କ "ଆକ୍ରୋଷ" ବିଷୟରେ ଅନୁବାଦ କରିବାବେଳେ ନିଶ୍ଚିତ ହୁଅନ୍ତୁ ଯେ ଏହି ଶବ୍ଦକୁ ଅନୁବାଦ କରିବା ପାଇଁ ବ୍ୟବହୃତ ଶବ୍ଦ ବା ବାକ୍ୟାଂଶ କ୍ରୋଧର ପାପପୂର୍ଣ୍ଣ ପରିଣାମକୁ ସୂଚୀତ କରେ ନାହିଁ (ଯାହା ମନୁଷ୍ୟ ପାଇଁ ସତ୍ୟ ହୋଇ) I

- ବାଇବେଲରେ, "ଆକ୍ରୋଷ" ପ୍ରାୟତଃ ପାପ ଏବଂ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥିବା ଲୋକମାନଙ୍କର ଦଣ୍ଡ ପ୍ରତି ଈଶ୍ୱରଙ୍କ ଧାର୍ମିକ ବିଚାରକୁ ବୁଝାଏ I
- "ଈଶ୍ୱରଙ୍କ ଆକ୍ରୋଷ" ପାପ ପ୍ରତି ତାଙ୍କ ବିଚାର ଏବଂ ଦଣ୍ଡକୁ ମଧ୍ୟ ସୂଚାଇପାରେ I
- ଯେଉଁମାନେ ନିଜ ପାପରୁ ଅନୁତାପ କରନ୍ତି ନାହିଁ ସେମାନଙ୍କ ପାଇଁ ଈଶ୍ୱରଙ୍କ ଆକ୍ରୋଷ ଧାର୍ମିକ ଦଣ୍ଡ ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, ଏହି ବାକ୍ୟାଂଶକୁ "ଅତ୍ୟଧିକ କ୍ରୋଧ" କିମ୍ବା "ଧାର୍ମିକ ବିଚାର" କିମ୍ବା "ରାଗିବା" ବୋଲି ଅନୁବାଦ କରାଯାଇପାରେ I
- ଈଶ୍ୱରଙ୍କ ଆକ୍ରୋଷ ନ୍ୟାୟ ଏବଂ ପବିତ୍ର ଅଟେ । ଈଶ୍ୱରଙ୍କ ଆକ୍ରୋଷ ଅନୁବାଦ କରିବା ସମୟରେ ନିଶ୍ଚିତ କରନ୍ତୁ ଯେ ଏହି ଶବ୍ଦକୁ ଅନୁବାଦ କରିବା ପାଇଁ ବ୍ୟବହୃତ ଶବ୍ଦ ବା ବାକ୍ୟାଂଶ ପାପପୂର୍ଣ୍ଣ ମାନବ କ୍ରୋଧକୁ ସୂଚିତ କରେ ନାହିଁ I

(ନ୍ୟାୟ, ପାପ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀୟ 1:8-10
- ପ୍ରଥମ ତୀମଥି 2:8-10
- ଲୂକ 3:7
- ଲୂକ 21:23
- ମାଥିଉ 3:7
- ପ୍ରକାଶିତ ବାକ୍ୟ 14:10
- ରୋମୀୟ 1:18
- ରୋମୀୟ 5:9

ଶବ୍ଦବିନ୍ୟାସ:

- Strong's: H0639, H2197, H2528, H2534, H2740, H3707, H3708, H5678, H7107, H7109, H7110, H7265, H7267, G23720, G37090, G39490, G39500

କ୍ଷମା କରିବା, କ୍ଷମା ପ୍ରାପ୍ତ, କ୍ଷମା, କ୍ଷମା ଦେବା, ଦୋଷ କ୍ଷମା

ପରିଭାଷା:

କାହାକୁ କ୍ଷମା କରିବାର ଅର୍ଥ କେହି ହୃଦୟକୁ କେତେ ଦୁଃଖ ଦେଲେ ମଧ୍ୟ ସେହି ଲୋକ ବିରୋଧରେ କୌଣସି ଆକ୍ରୋଶ ନରଖିବା ଅଟେ I "କ୍ଷମା" କାହାକୁ କ୍ଷମା କରିବାର ଏକ କାର୍ଯ୍ୟ ଅଟେ I

- କାହାକୁ କ୍ଷମା କରିବାର ଅର୍ଥ ସେହି ବ୍ୟକ୍ତିକୁ ସେ କରିଥିବା ଭୁଲ ହେତୁ ତାହାକୁ ଦଣ୍ଡିତ ନ କରିବା ଅଟେ I
- ସାଙ୍କେତିକ ରୂପରେ ଏହି ଶବ୍ଦକୁ "ରଦ୍ଦ କରିବା "ଯେମିତିକି "ଏକ ଋଣ କ୍ଷମା କରିବା" ବୋଲି ବ୍ୟବହାର କରାଯାଇପାରେ I
- ଯେତେବେଳେ ଲୋକମାନେ ନିଜ ନିଜର ପାପ ସ୍ୱୀକାର କରନ୍ତି, ଯୀଶୁଙ୍କ କ୍ରୁଶ ଉପରେ ତ୍ୟାଗପୂର୍ଣ୍ଣ ମୃତ୍ୟୁର ଆଧାରରେ ପରମେଶ୍ୱର ସେମାନଙ୍କୁ କ୍ଷମା ପ୍ରଦାନ କରନ୍ତି I
- ଯୀଶୁ ଯେପରି ନିଜ ଶିଷ୍ୟମାନଙ୍କୁ କ୍ଷମା କରିଛନ୍ତି ସେହିପରି ସେ ସେମାନଙ୍କୁ ଅନ୍ୟମାନଙ୍କୁ କ୍ଷମା କରିବାକୁ ଶିଖାଇଲେ I

"କ୍ଷମା ଦେବା" ଶବ୍ଦର ଅର୍ଥ କାହାକୁ ତାହାର ପାପ ପାଇଁ କ୍ଷମା କରିବା ଏବଂ ଦଣ୍ଡ ନ ଦେବା ଅଟେ I

- ଏହି ଶବ୍ଦର ଅର୍ଥ "କ୍ଷମା" ଶବ୍ଦର ଅର୍ଥ ସହ ସମାନ ଅଟେ କିନ୍ତୁ ଏହା ଦୋଷୀକୁ ଦଣ୍ଡ ନଦେବା ପାଇଁ ଏକ ଆନୁଷ୍ଠାନିକ ନିଷ୍ପତ୍ତିର ଅର୍ଥକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ I
- ଏକ ଅଦାଲତରେ, ଜଣେ ବିଚାରକ ଅପରାଧରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିକୁ କ୍ଷମା କରିପାରିବେ |
- ଆମ୍ଭେମାନେ ପାପରେ ଦୋଷୀ ହେଲେ ମଧ୍ୟ, ଯୀଶୁଖ୍ରୀଷ୍ଟ ଆମକୁ କ୍ଷମା କରି ସେ କ୍ରୁଶ ଉପରେ ତ୍ୟାଗପୂର୍ଣ୍ଣ ମୃତ୍ୟୁର ଆଧାରରେ ଆମକୁ ନରକର ଦଣ୍ଡରୁ ମୁଁ କ୍ତ କଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, "କ୍ଷମା କରିବା" ବାକ୍ୟାଂଶକୁ "କ୍ଷମା" କିମ୍ବା "ବାତିଲ୍ କରିବା" କିମ୍ବା "ମୁଁ କ୍ତ କରିବା" କିମ୍ବା "ବିରୁଦ୍ଧରେ ନ ଧରିବା" ବୋଲି ଅନୁବାଦ କରାଯାଇପାରେ |
- "କ୍ଷମା" ଶବ୍ଦକୁ ଗୋଟିଏ ଶବ୍ଦ କିମ୍ବା ବାକ୍ୟାଂଶ ଦ୍ୱାରା ଅନୁବାଦ କରାଯାଇପାରେ ଯାହାର ଅର୍ଥ "ରୋଷ ପ୍ରକାଶ ନକରିବାକୁ ଅଭ୍ୟାସ କରିବା " କିମ୍ବା "କାହାକୁ ଦୋଷୀ ନୁହେଁ ବୋଲି ଘୋଷଣା କରିବା" କିମ୍ବା "କ୍ଷମା କରିବାର କାର୍ଯ୍ୟ"I
- ଯଦି ସ୍ଥାନୀୟ ଭାଷାରେ କ୍ଷମା କରିବା କ୍ରିୟାପଦ ପାଇଁ ଏକ ଶବ୍ଦ ଅଛି, ତେବେ ସେହି ଶବ୍ଦକୁ "କ୍ଷମା" ଶବ୍ଦକୁ ଅନୁବାଦ କରିବାରେ ବ୍ୟବହୃତ କରାଯାଇପାରେ I

(ଦୋଷ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 50:17
- ଗଣନା ପୁସ୍ତକ 14:17-19
- ଦ୍ୱିତୀୟ ବିବରଣ 29: 20-21
- ଯିହୋଶୂୟ 24:19-20
- ଦ୍ୱିତୀୟ ରାଜାବଳୀ 5:17-19
- ଗୀତସଂହିତା 25:11
- ଗୀତସଂହିତା 25:17-19
- ଯିଶାଇୟ 55:6-7
- ଯିଶାଇୟ 40:2
- ଲୂକ 5:21
- ପ୍ରେରିତ 8:22
- ଏଫିସୀୟ 4:31-32
- କଲସୀୟ 3:12-14
- ପ୍ରଥମ ଯୋହନ 2:12

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **7:10** କିନ୍ତୁ ଏଷୌ ଯାକୁବକୁ **କ୍ଷମା** କରି ଦେଇଥିଲା, ଓ ସେମାନେ ପୁଣିଥରେ ପରସ୍ପରକୁ ଦେଖି ଆନନ୍ଦିତ ହେଲେ I
- **13:15** ମୋଶା ଆଉଥରେ ପର୍ବତ ଆରୋହଣ କଲେ ଓ ପରମେଶ୍ୱରଙ୍କଠାରେ ପ୍ରାର୍ଥନା କଲେ କି ସେ ଲୋକଙ୍କୁ **କ୍ଷମା** କରନ୍ତୁ I ପରମେଶ୍ୱର ମୋଶାଙ୍କ ପ୍ରାର୍ଥନା ଶୁଣିଲେ ଓ ସେମାନଙ୍କୁ **କ୍ଷମା** କଲେ I
- **17:13** ଦାଉଦ ତାହାର ପାପରୁ ଅନୁତାପ କଲା ଓ ପରମେଶ୍ୱର ତାହାକୁ **କ୍ଷମା** କଲେ I
- **21:5** ନୂତନ ଚୁକ୍ତିରେ, ପରମେଶ୍ୱର ତାହାଙ୍କ ବ୍ୟବସ୍ଥା ଲୋକମାନଙ୍କ ହୃଦୟରେ ଲେଖିବେ, ଯେପରିକି ଲୋକମାନେ ତାହାଙ୍କୁ ବ୍ୟକ୍ତିଗତ ରୂପରେ ଜାଣନ୍ତୁ, ଯେପରି କି ସେମାନେ ତାହାଙ୍କ ଲୋକ ହେବେ, ଏବଂ ପରମେଶ୍ୱର ସେମାନଙ୍କର ପାପ **କ୍ଷମା** କରିବେ I
- **29:1** ଥରେ ପିତର ଯୀଶୁଙ୍କୁ ପଚାରିଲେ, "ପ୍ରଭୁ, ଯେତେବେଳେ ମୋ ଭାଇ ମୋ ବିରୋଧରେ ପାପ କରେ, ତେବେ କେତେ ଥର ମୋ ଭାଇକୁ ମୁଁ **କ୍ଷମା** କରିବା ଉଚିତ ଅଟେ I
- **29:8** ମୁଁ ତୁମ୍ଭର ସମସ୍ତ ଋଣ **କ୍ଷମା** କଲି କାରଣ ତୁମ୍ଭେ ମୋତେ ଅନୁରୋଧ କଲ I
- **38:5** ତା ପରେ ଯୀଶୁ ପାନ ପାତ୍ର ଘେନି କହିଲେ, "ଏହାକୁ ପାନ କର" I ଏହା ନୂତନ ନିୟମରେ ମୋ ରକ୍ତରେ ସ୍ଥାପିତ ଯାହା ତୁମ୍ଭମାନଙ୍କ ପାପର **କ୍ଷମା** ନିମନ୍ତେ ପାତିତ ହେଲା I

ଶବ୍ଦବିନ୍ୟାସ :

- H5546, H5547, H3722, H5375, H5545, H5547, H7521, G859, G863, G5483

ଖମୀରଶୂନ୍ୟ ରୁଟି

ପରିଭାଷା:

"ଖମୀରଶୂନ୍ୟ ରୁଟି" ସେହି ରୁଟିକୁ ଦର୍ଶାଏ ଯାହା ଖମୀର ବିହୀନ କିମ୍ବା ଡାଡି ବିହୀନ ରୁଟି ଅଟେ I ଏହି ପ୍ରକାର ରୁଟି ଖମୀର ବିହୀନ ଅଟେ ଏବଂ ଫୁଲେ ନାହିଁ I

- ଯେତେବେଳେ ଈଶ୍ୱର ଇସ୍ରାଏଲ ଲୋକମାନଙ୍କୁ ମିସରର ଦାସତ୍ୱ ବନ୍ଧନରୁ ବାହାର କରି ଆଣିଲେ ସେ ସେହି ସମସ୍ତଙ୍କୁ ଅତିଶୀଘ୍ର ମିସର ଛାଡିକୁ ଓ ରୁଟି ଫୁଲିବାଯାଏ ଅପେକ୍ଷା ନ କରିବାକୁ କହିଲେ I ତେଣୁ ସେମାନେ ଖମୀର ଶୂନ୍ୟ ରୁଟି ଖାଇଲେ I ସେହି ସମୟଠାରୁ ଖମୀର ଶୂନ୍ୟ ରୁଟି ପ୍ରତି ବର୍ଷ ନିସ୍ତାର ପର୍ବ ପାଳନ କରିବା ସମୟରେ ତାହା ସ୍ମରଣ ରଖିବାକୁ ଭୋଜନ କରାଯାଏ I
- କାରଣ ଖମୀର ବେଳେବେଳେ ପାପର ଛବିକୁ ଦର୍ଶାଏ ଓ "ଖମୀର ଶୂନ୍ୟ" ଜଣେ ବ୍ୟକ୍ତିର ଜୀବନରେ ପାପକୁ ଦୂରେଇ ଦେଇ ଯେପରି ସେହି ବ୍ୟକ୍ତି ଈଶ୍ୱରଙ୍କୁ ସମ୍ମାନ ଦେଇ ଜୀବନଯାପନ କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଖମୀର ବିହୀନ ରୁଟି" ବାକ୍ୟାଂଶକୁ "ଅଫୁଲା ରୁଟି" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦର ଅନୁବାଦ "ଖମୀର" ଓ "ଡାଡି" ସହ ଅନୁରୁପ ରଖନ୍ତୁ I
- କେତେକ ପ୍ରସଙ୍ଗରେ, "ଖମୀର ଶୂନ୍ୟ ରୁଟି" ବାକ୍ୟାଂଶକୁ "ଖମୀର ଶୂନ୍ୟ ରୁଟିର ପର୍ବ" ବୋଲି ଅନୁବାଦ କରାଯାଇପାରେ I

(ରୁଟି, ମିସର, ଭୋଜ, ନିସ୍ତାର ପର୍ବ, ଦାସ, ପାପ, ଖମୀର: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 କରିନ୍ଥୀୟ 5:6-8
- 2 କରିନ୍ଥୀୟ 30:13-15
- ପ୍ରେରିତ 12:3
- ଯାତ୍ରାପୁସ୍ତକ 23:14-15
- ଏଜ୍ରା 6:21-22
- ଆଦିପୁସ୍ତକ 19:1-3
- ବିଚାରକର୍ତ୍ତା 6:21
- ଲେବୀୟ 8:1-3
- ଲୂକ 22:1-2

ଶବ୍ଦବିନ୍ୟାସ :

- Strong's: H4682, G16

ଖ୍ରୀଷ୍ଟ, ମସୀହ

ଘଟଣାବଳୀ :

"ମସୀହ " ଏବଂ "ଖ୍ରୀଷ୍ଟ" ଶବ୍ଦର ଅର୍ଥ "ଅଭିଷିକ୍ତ" ଅଟେ ଏବଂ ଏହା ଯୀଶୁ ତଥା ଈଶ୍ୱରଙ୍କ ପୁତ୍ରଙ୍କୁ ବୁଝାଏ।

- ଉଭୟ "ମସୀହ " ଓ "ଖ୍ରୀଷ୍ଟ" ନୂତନ ନିୟମରେ ଈଶ୍ୱରଙ୍କ ପୁତ୍ରଙ୍କ ନିମନ୍ତେ ବ୍ୟବହାର ହୋଇଛି, ଯାହାଙ୍କୁ ପିତା ଈଶ୍ୱର ରାଜା ଭାବରେ ତାହାଙ୍କର ଲୋକମାନଙ୍କ ଉପରେ ଶାସନ କରିବାକୁ ଏବଂ ସେମାନଙ୍କୁ ପାପ ଓ ମୃତ୍ୟୁଠାରୁ ରକ୍ଷା କରିବାକୁ ନିଯୁକ୍ତ କରିଅଛନ୍ତି।
- ପୂରାତନ ନିୟମରେ, ସେ ପୃଥିବୀକୁ ଆସିବା ଶହ ଶହ ବର୍ଷ ପୂର୍ବରୁ ଭବିଷ୍ୟଦ୍ବକ୍ତାମାନେ ମସୀହଙ୍କ ସମ୍ବନ୍ଧରେ ଭବିଷ୍ୟତ ବାଣୀ ଲେଖିଛନ୍ତି।
- ଏକ "ଅଭିଷିକ୍ତ (ଜଣେ)" ଶବ୍ଦର ଅର୍ଥ ବ୍ୟବହାର ପୂରାତନ ନିୟମରେ ହେଇଛି ଯାହା ମସୀହ ଆସିବେ ବୋଲି ନିର୍ଦ୍ଦେଶ କରେ।
- ଯୀଶୁ ଏହି ଭବିଷ୍ୟବାଣୀ ମଧ୍ୟରୁ ଅଧିକାଂଶ ଭବିଷ୍ୟବାଣୀଗୁଡ଼ିକୁ ସମ୍ପୂର୍ଣ୍ଣ କରିସାରିଛନ୍ତି ଏବଂ ସେ ମସୀହ ବୋଲି ପ୍ରମାଣିତ କରିବା ପାଇଁ ଅନେକ ଆଶ୍ଚର୍ଯ୍ୟ କର୍ମ କରିଛନ୍ତି, ତାଙ୍କର ଦ୍ୱିତୀୟ ଆଗମନରେ ଆଉ ଯେଉଁ ଭବିଷ୍ୟବାଣୀଗୁଡ଼ିକ ରହିଛି ସେ ସଫଳ କରିବେ।
- "ଖ୍ରୀଷ୍ଟ" ଶବ୍ଦ ବାରମ୍ବାର ନାମ ଭାବେ ବ୍ୟବହୃତ, ଯେପରି "ଖ୍ରୀଷ୍ଟ" ଏବଂ "ଖ୍ରୀଷ୍ଟ ଯୀଶୁ।"
- "ଖ୍ରୀଷ୍ଟ" ମଧ୍ୟ ତାଙ୍କ ନାମର ଅଂଶ ଭାବେ ବ୍ୟବହୃତ ହୁଏ, ଯେପରି "ଯୀଶୁ ଖ୍ରୀଷ୍ଟ।"

ଅନୁବାଦ ପ୍ରସାବଗୁଡ଼ିକ:

- ଏହି ଶବ୍ଦର ଅର୍ଥକୁ "ଜଣେ ଅଭିଷିକ୍ତ" ନତୁବା "ଈଶ୍ୱରଙ୍କ ଅଭିଷିକ୍ତ ତ୍ରାଣକର୍ତ୍ତା" ଭାବେ ଅନୁବାଦ କରାଯାଇପାରିବ।
- ଅଧିକାଂସ ଭାଷାରେ "ଖ୍ରୀଷ୍ଟ" କିମ୍ବା "ମସୀହ" ଶବ୍ଦଗୁଡ଼ିକୁ ଭାଷାନ୍ତର କରାଯାଇଛି। (How to Translate Unknowns ଦେଖନ୍ତୁ)
- ଭାଷାନ୍ତର ହୋଇଥିବା ସଂଜ୍ଞା ଅନୁସାରେ "ଖ୍ରୀଷ୍ଟ, ଜଣେ ଅଭିଷିକ୍ତ" ବୋଲି ଅନୁବାଦ କରାଯାଇପାରେ ।
- ସମ୍ପୂର୍ଣ୍ଣ ବାଇବଲରେ ଏହାକୁ ସଙ୍ଗତ କରି ଅନୁବାଦ କରନ୍ତୁ ଯେପରି ପାଠକ ଦ୍ୱନ୍ଦରେ ପଡିବେ ନାହିଁ।
- "ମସୀହ" ଓ "ଖ୍ରୀଷ୍ଟ" ଶବ୍ଦର ଅନୁବାଦର ପୃଷ୍ଠଭୂମି ଆପରିବର୍ତ୍ତନ ରହେ ଯେଉଁଠି ଦୁଇଟି ଶବ୍ଦ ଗୋଟିଏ ପଦରେ ଲେଖା ଅଛି (ଯଥା ଯୋହନ 1:41)
- ନିଶ୍ଚିତ କରନ୍ତୁ ଯେ "ମସୀହ" ଏବଂ "ଖ୍ରୀଷ୍ଟ" ଶବ୍ଦର ଅନୁବାଦଗୁଡ଼ିକ ସେହି ପ୍ରସଙ୍ଗରେ ଉତ୍ତମ ଭାବେ ଅର୍ଥ ପ୍ରକାଶ କରିବଯେଉଁଠାରେ ଉଭୟ ଶବ୍ଦ ଗୋଟିଏ ପଦରେ ଥାଏ (ଯେପରିକି ଯୋହନ: 1:41)।

(ନାମଗୁଡ଼ିକୁକିପରି କରିବେ ଦେଖନ୍ତୁ)

(ଈଶ୍ୱରଙ୍କ ପୁତ୍ର, ଦାଉଦ, ଯୀଶୁ, ଅଭିଷିକ୍ତ **ଦେଖନ୍ତୁ**)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 5:1-3
- ପ୍ରେରିତ 2:35
- ପ୍ରେରିତ 5:40-42
- ଯୋହନ 1:40-42
- ଯୋହନ 3:27-28
- ଯୋହନ 4:25
- ଲୁକ 2:10-12
- ମାଥିଉ 1:16

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **17:7 ମସୀହ** ପରମେଶ୍ୱରଙ୍କ ଜଣେ ମନୋନୀତ ଯିଏ ପାପରୁ ଏହି ଜଗତକୁ ଉଦ୍ଧାର କରିବେ।
- **17:8** ଯେପରି ଏହା ଘଟିଲା, ପ୍ରାୟ ଏକ ହଜାର ବର୍ଷ **ମସୀହ** ଆସିବାର ଇସ୍ରାଏଲମାନଙ୍କୁ ଅପେକ୍ଷା କରିବାକୁ ପଡିବ।
- **21:1** ଆରମ୍ଭରୁ, ପରମେଶ୍ୱର **ମସୀହଙ୍କୁ** ପ୍ରେରଣ କରିବା ନିମନ୍ତେ ଯୋଜନା କରିଥିଲେ।
- **21:4** ପରମେଶ୍ୱର ରାଜା ଦାଉଦଙ୍କୁ ପ୍ରତିଜ୍ଞା କରିଥିଲେ ଯେ ଦାଉଦଙ୍କ ନିଜ ବଂଶ ମଧ୍ୟରୁ **ମସୀହ** ଆସିବେ।
- **21:5 ମସୀହ** ନୂତନ ନୀୟମ ଆରମ୍ଭ କରିବେ।
- **21:6** ଈଶ୍ୱରଙ୍କ ଭବିଷ୍ୟବକ୍ତାମାନେ ମଧ୍ୟ କହିଥିଲେ ଯେ **ମସୀହ** ଜଣେ ଭାବବାଦୀ, ଜଣେ ଯାଜକ, ଏବଂ ଜଣେ ରାଜା ହେବେ।
- 21:9_ ଯିଶାଇୟ ଭାବବାଦୀ ଭବିଷ୍ୟବାଣୀ କରିଥିଲେ ଯେ **ମସୀହ** ଜଣେ କୁମାରୀ ଗର୍ଭରୁ ଜନ୍ମ ଗ୍ରହଣ କରିବେ।

- **43:7** "କିନ୍ତୁ ଭାବବାଣୀ ଯାହା କୁହେ ତାହା ସଫଳ କରିବା ନିମନ୍ତେ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି, 'ତୁମ୍ଭେ ତୁମ୍ଭର **ପବିତ୍ର ବ୍ୟକ୍ତିଙ୍କୁ** ପାତାଳରେ ନଷ୍ଟ ହେବାକୁ ଦେବ ନାହିଁ।'"
- **43:9** "କିନ୍ତୁ ନିଶ୍ଚୟ ଜାଣିରଖ ଯେ ଈଶ୍ୱର ଯୀଶୁଙ୍କୁ ପ୍ରଭୁ ଏବଂ **ମସୀହ** (ଖ୍ରୀଷ୍ଟ) ଉଭୟ ପଦରେ ନିଯୁକ୍ତ କରିଅଛନ୍ତି!"
- **43:11** ପିତର ସେମାନଙ୍କୁ କହିଲେ, "ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟକ ଜଣ ମନପରିବର୍ତ୍ତନ କର, ଆଉ ଯୀଶୁ **ଖ୍ରୀଷ୍ଟଙ୍କ** ନାମରେ ବାପ୍ତିସ୍ମ ହୁଅ ଯେପରି ଈଶ୍ୱର ତୁମ୍ଭମାନଙ୍କ ପାପ ସବୁକୁ କ୍ଷମା କରିବେ।"
- **46:6** ଆଉ ଯୀଶୁ ହିଁ **ମସୀହ** (ଖ୍ରୀଷ୍ଟ) ଅଟନ୍ତି ବୋଲି ସାଉଲ ଯିହୁଦୀମାନଙ୍କ ସହିତ ଯୁକ୍ତି କଲେ।

ଶବ୍ଦବିନ୍ୟାସ :

- Strong's: H4899, G33230, G55470

ଖ୍ରୀଷ୍ଟଙ୍କଠାରେ,ଯୀଶୁଙ୍କଠାରେ,ପ୍ରଭୁଙ୍କଠାରେ, ତାହାଙ୍କଠାରେ

ପରିଭାଷା:

"ଖ୍ରୀଷ୍ଟଙ୍କଠାରେ" ବାକ୍ୟାଂଶ ଏକ ସଂଯୋଗ ଶବ୍ଦ ଅଟେ ଯାହା ବିଶ୍ୱାସରେ ଖ୍ରୀଷ୍ଟଙ୍କ ସହିତ ସହଭାଗିତାର ସ୍ଥିତିକୁ ଦର୍ଶାଏ I

- ଏହି ବକ୍ୟାଂଶକୁ "ଯୀଶୁ ଖ୍ରୀଷ୍ଟଙ୍କଠାରେ, ଖ୍ରୀଷ୍ଟ ଯୀଶୁଙ୍କଠାରେ, ପ୍ରଭୁ ଯୀଶୁଙ୍କଠାରେ, ଏବଂ ପ୍ରଭୁ ଯୀଶୁଙ୍କଠାରେ" ବୋଲି ଅନୁବାଦ କରାଯାଇପାରେ I
- ଏହି ବକ୍ୟାଂଶରଅର୍ଥ "କାରଣ ଆପଣ ଖ୍ରୀଷ୍ଟଙ୍କର ଅଟନ୍ତି" କିମ୍ବା "ତୁମ୍ଭର ଖ୍ରୀଷ୍ଟଙ୍କ ସହିତ ଯେଉଁ ସହଭାଗିତା ଅଛି ତାହା ଦ୍ୱାରା" କିମ୍ବା "ଖ୍ରୀଷ୍ଟଙ୍କଠାରେ ତୁମ୍ଭର ବିଶ୍ୱାସ ଉପରେ ଏହା ଆଧାରିତ ଅଟେ" ବୋଲି ଅନୁବାଦ କରାଯାଇପାରେ I
- ସମସ୍ତ ସମ୍ପର୍କିୟ ଶବ୍ଦର ଅର୍ଥ ଯୀଶୁଙ୍କଠାରେ ବିଶ୍ୱାସ କରିବାର ସ୍ଥିତିକୁ କିମ୍ବା ତାହାଙ୍କ ଶିଷ୍ୟ ହେବାକୁ ଦର୍ଶାଏ I
- କେତେକ ସମୟରେ ଶବ୍ଦ "ରେ" କ୍ରିୟା ରୂପରେ ବ୍ୟବହୃତ ହୁଏ I ଉଦାହରଣ ସ୍ୱରୂପ, "ଖ୍ରୀଷ୍ଟଙ୍କଠାରେ ଅଂଶୀଦାର କର"ର ଅର୍ଥ "ଅଂଶୀଦାର" ଯାହା ଖ୍ରୀଷ୍ଟଙ୍କୁ ଜାଣିବାରେ ହୁଏ I ଖ୍ରୀଷ୍ଟଙ୍କଠାରେ "ମହିମାରେ" ର ଅର୍ଥ ଆନନ୍ଦିତ ହେବା ଏବଂ ଯୀଶୁ କିଏ ଏବଂ ସେ କ'ଣ କରିଅଛନ୍ତି ସେଥି ନିମନ୍ତେ ଈଶ୍ୱରଙ୍କର ପ୍ରଶଂସା କରିବା ଅଟେI "ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବାର ଅର୍ଥ ସେ ଯେ ଉଦ୍ଧାର କର୍ତ୍ତା ଅଟନ୍ତି ଏବଂ ତାହାଙ୍କୁ ଜାଣିବା ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପୃଷ୍ଠଭୂମି ଉପରେ ଆଧାର କରି, ଭିନ୍ନ ପ୍ରକାରେ ଅନୁବାଦ କରିବାର ଉପାୟ ଯଥା "ଖ୍ରୀଷ୍ଟଙ୍କଠାରେ "ଏବଂ "ପ୍ରଭୁଙ୍କଠାରେ" (ସମ୍ପୃକ୍ତ ବାକ୍ୟାଂଶଗୁଡ଼ିକ)କୁ ଅନ୍ତର୍ଭୁକ୍ତ କରେ I
- "ଯିଏ ଖ୍ରୀଷ୍ଟଙ୍କର "
- "କାରଣ ତୁମ୍ଭେ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କର"
- "କାରଣ ଖ୍ରୀଷ୍ଟ ଆମକୁ ଉଦ୍ଧାର କଲେ "
- "ପ୍ରଭୁଙ୍କ ସେବାରେ"
- "ପ୍ରଭୁଙ୍କ ଉପରେ ଆଧାର କରିବା "
- "କାରଣ ପ୍ରଭୁ ଆମ ନିମନ୍ତେ ଯାହା କରିଅଛନ୍ତି "
- ଯେଉଁ ଲୋକମାନେ ଖ୍ରୀଷ୍ଟଙ୍କ ଉପରେ "ବିଶ୍ୱାସ" କରନ୍ତି" କିମ୍ବା ଯାହାର ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ଅଛି କି ଖ୍ରୀଷ୍ଟ ଯାହା କିଛି ଶିକ୍ଷା ଦେଲେ ଏବଂ ତାହାଙ୍କ ଉପରେ ଭରସା ରଖନ୍ତି କି ସେ ସେମାନଙ୍କୁ ଉଦ୍ଧାର କରିବାକୁ ତାହାଙ୍କ କ୍ରୁଶ ଉପରେ ବଳିଦାନ ହେତୁ ସେ ସେମାନଙ୍କର ପାପର ଶାସ୍ତ୍ରିର ମୂଲ୍ୟ ଦେଇଦେଲେ I କେତେକ ଭାଷାରେ ଏହି ଶବ୍ଦ ପାଇଁ ଗୋଟିଏ ଶବ୍ଦ ଥାଇପାରେ "ବିଶ୍ୱାସ କରିବାରେ "ଅଂଶୀଦାରରେ" କିମ୍ବା "ଭରସା କରିବାରେ " ବୋଲି ଅନୁବାଦ କରେ I

(ଖ୍ରୀଷ୍ଟ, ପ୍ରଭୁ, ଯୀଶୁ, ବିଶ୍ୱାସ କରିବା, ବିଶ୍ୱାସ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ଯୋହନ 2:5
- ଦ୍ୱିତୀୟ କରିନ୍ଥୀୟ 2:17
- ଦ୍ୱିତୀୟ ତିମଥି 1:1
- ଗାଲାତୀୟ 1:22
- ଗାଲାତୀୟ 2:17
- ଫିଲୀମୋନ 1:6
- ପ୍ରକାଶିତ ବାକ୍ୟ 1:10
- ରୋମୀୟ 9:1

ଶବ୍ଦବିନ୍ୟାସ :

- Strong's: G15190, G29620, G55470

ଖ୍ରୀଷ୍ଟିୟାନ

ସଂଜ୍ଞା:

ଯୀଶୁଙ୍କ ସ୍ୱର୍ଗାରୋହଣର କିଛି ସମୟ ପରେ, ଲୋକମାନେ "ଖ୍ରୀଷ୍ଟିୟାନ" ନାମରେ ନାମିତ ହେଲେ ଯାହାର ଅର୍ଥ ହେଉଛି "ଖ୍ରୀଷ୍ଟଙ୍କର ଅନୁକାରୀ"

- ଏହାଥିଲା ଆନ୍ତିୟଖିଆ ସହର ଯେଉଁଠି ଯୀଶୁଙ୍କର ଅନୁକାରୀମାନେ ଖ୍ରୀଷ୍ଟିୟାନ ନାମରେ ପରିଚିତ ହେଲେ
- ଖ୍ରୀଷ୍ଟିୟାନ ହେଉଛନ୍ତି ଜଣେ ବ୍ୟକ୍ତି ଯିଏ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ର ଭାବରେ ଗ୍ରହଣ କରେ ଏବଂ ଯିଏ ଭରସା କରେ ଯେ ଯୀଶୁ ତାଙ୍କୁ ସମସ୍ତ ପାପରୁ ପରିତ୍ରାଣ କରିଛନ୍ତି
- ଆଧୁନିକ ସମୟରେ, କେହି ଜଣେ ଖ୍ରୀଷ୍ଟିୟାନ ଧର୍ମ ସହିତ ପରିଚୟ ଦେଲେ ତାଙ୍କ ନିକଟରେ "ଖ୍ରୀଷ୍ଟିୟାନ" ଶବ୍ଦକୁ ବ୍ୟବହାର କରାଯାଉଛି ଯଦ୍ୟପି ସେ ପ୍ରକୃତରେ ଯୀଶୁଙ୍କୁ ଅନୁକରଣ କରୁନାହିଁ

ବାଇବଲରେ ଥିବା "ଖ୍ରୀଷ୍ଟିୟାନ" ଶବ୍ଦର ଅର୍ଥ ନୁହେଁ

- କାରଣ ବାଇବଲରେ "ଖ୍ରୀଷ୍ଟିୟାନ" ଶବ୍ଦଟି ବ୍ୟବହାର ହୁଏ ଯିଏ ଜଣଙ୍କ ପ୍ରକୃତରେ ଯୀଶୁଙ୍କୁ ବିଶ୍ୱାସ କରେ, ଜଣେ ଖ୍ରୀଷ୍ଟିୟାନକୁ ମଧ୍ୟ ଜଣେ ବିଶ୍ୱାସୀ କୁହାଯାଏ

ଅନୁବାଦର ସାହାଯ୍ୟ:

- ଏହି ବାକ୍ୟ ମଧ୍ୟ ଅନୁବାଦ କରାଯାଇପାରେ ଯଥା "ଖ୍ରୀଷ୍ଟ-ଅନୁଗମନକାରୀ" କିମ୍ବା "ଖ୍ରୀଷ୍ଟଙ୍କର ଅନୁସରଣକାରୀ" ନତୁବା ଏହିପରି କିଛି ତଥା "ଖ୍ରୀଷ୍ଟଙ୍କ ବ୍ୟକ୍ତି"
- ଅନୁବାଦକାରୀ ନିଶ୍ଚିତ ହେବା ଉଚିତ ଯେ ଏହି ବାକ୍ୟାଂଶ ଶିଷ୍ୟ କିମ୍ବା ପ୍ରେରିତ ପରି ଅନୁବାଦଠାରୁ ଭିନ୍ନ
- ଯତ୍ନବାନ ହେବା ଯେ ଏହି ଶବ୍ଦର ଅନୁବାଦ ଯେପରି ପ୍ରତ୍ୟକ ଜଣ ଯିଏ ଯୀଶୁଙ୍କୁ ବିଶ୍ୱାସ କରେ, ଏହା କୌଣସି ନିର୍ଦ୍ଦିଷ୍ଟ ଦଳ ପାଇଁ ନୁହେଁ
- ସ୍ଥାନୀୟ କିମ୍ବା ଜାତୀୟ ଭାଷାରେ ବାଇବଲକୁ ଅନୁବାଦ କଲାବେଳେ ମନେ ରଖିବେ ଯେ ଏହା କିପରି ଅନୁବାଦ ହୋଇଛି

(ଦେଖ: ଅଜଣା ବିଷୟକୁ ଅନୁବାଦ କରିବେ କିପରି)

(ଆହୁରି ଦେଖ: ଆନ୍ତିୟଖିଅ, ଖ୍ରୀଷ୍ଟ, ମଣ୍ଡଳୀ, ବିଶ୍ୱାସୀ, ଶିଷ୍ୟ, ଯୀଶୁ, ଈଶ୍ୱରଙ୍କ ପୁତ୍ର)

ବାଇବଲର ସନ୍ଦର୍ଭ:

- ୧ମ କରନ୍ଥୀୟ ୦୬:୭-୮
- ୧ମ ପିତର ୦୪:୧୫-୧୬
- ପ୍ରେରିତ ୧୧:୨୫-୨୬
- ପ୍ରେରିତ ୨୬:୨୭-୨୯

ବାଇବଲ କାହାଣୀ ରୁ ଉଦାହରଣ:

- **୪୬:୦୯** ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମରେ **ଖ୍ରୀଷ୍ଟିୟାନ** ବୋଲି ଆଖ୍ୟାତ ହେଲେ
- **୪୭:୧୪** ପାଉଲ ଏବଂ ଅନ୍ୟମାନେ **ଖ୍ରୀଷ୍ଟିୟାନ** ନେତାମାନେ ଅଧିକାଂଶ ସହରକୁ ଯାଇ ଯୀଶୁଙ୍କ ସୁସମାଚାରକୁ ପ୍ରଚାର ଓ ଘୋଷଣା କରିବାକୁ ଲାଗିଲେ
- **୪୯:୧୫** ଯଦି ତୁମେ ଯୀଶୁ ତୁମ ନିମନ୍ତେ ଯାହାସବୁ କରିଛନ୍ତି ବିଶ୍ୱାସ କରିବ, ତୁମେ ଜଣେ **ଖ୍ରୀଷ୍ଟିଆନ୍**
- **୪୯:୧୬** ଯଦି ତୁମେ ଜଣେ **ଖ୍ରୀଷ୍ଟିୟାନ**, ଈଶ୍ୱର ତୁମର ପାପ କ୍ଷମା କରିଛନ୍ତି କାରଣ ଯୀଶୁ ଯାହା କରିଛନ୍ତି
- **୪୯:୧୭** ଯଦ୍ୟପି ତୁମେ ଜଣେ **ଖ୍ରୀଷ୍ଟିୟାନ** ପାପ ପ୍ରତି ତୁମର ଲାଳସା ରହିବ
- **୫୦:୦୩** ସେ ସ୍ୱର୍ଗରୋହଣ କରିବ ପୂର୍ବରୁ, ଯୀଶୁ କହିଲେ **ଖ୍ରୀଷ୍ଟିୟାନମାନେ** ତୁମେ ଲୋକମାନଙ୍କ ନିକଟରେ ଏହି ସୁସମାଚାର ଘୋଷଣା କରିବ ଯିଏ ଏହି ବିଷୟ ଶୁଣି ନାହିଁ
- **୫୦:୧୧** ଯେତେବେଳେ ଯୀଶୁ ଆଗମନ କରିବେ, ପ୍ରତ୍ୟକ **ଖ୍ରୀଷ୍ଟିୟାନ** ଯିଏ ମହା ନିଦ୍ରା ପ୍ରାପ୍ତ ସେମାନେ ଉଠିବେ ଏବଂ ତାହାଙ୍କ ସହିତ ମଧ୍ୟ ଆକାଶରେ ଭେଟିବେ

ବୋର୍ଡ ଡାଟା :

- Strong's: G5546

ଗନ୍ଧରସ

ସଂଜ୍ଞା:

ଗନ୍ଧରସ ଏକ ତେଲ ଓ ମସଲା ଅଟେ ଯାହା ଆଫ୍ରିକା ଓ ଏସିଆରେ ବଢୁ ଥିବା ଲାଖ ଗଛରୁ ଏହି ଅତର ନିର୍ମିତ ଅଟେ I ଏହା କୁନ୍ଦୁର ସହ ମେଳ ଖାଏ I

- ଗନ୍ଧରସ କୁ ସୁଗନ୍ଧ, ଅତର ଓ ଔଷଧ ନିମନ୍ତେ ବ୍ୟବହାର କରାଯାଏ ଓ କବର ଦେବା ପାଇଁ ମୃତ ଶରୀରେ ଲେପନ କରାଯାଏ I
- ଗନ୍ଧରସ ଉପହାର ମଧ୍ୟରୁ ଗୋଟିଏଥିଲା ଯାହା ପଣ୍ଡିତ ଲୋକମାନେ ଶିଶୁ ଯୀଶୁ କୁ ଦେଇଥିଲେ I
- ଯୀଶୁଙ୍କୁ ମଦ୍ୟ ସହ ଗନ୍ଧରସ ଦିଆ ଯାଇଥିଲା ବେଦନା ରୁ ନିବୃତ ପାଇଁ ଯେତେବେଳେ ସେ କ୍ରୁଶ ଉପରେଥିଲେ I

(ଆହୁରି ଦେଖନ୍ତୁ: କୁନ୍ଦୁରୁ, ପଣ୍ଡିତ ଲୋକମାନେ)

ବାଇବଲ ଦପର୍ଣ୍ଣ:

- ଯାତ୍ରାପୁସ୍ତକ ୩୦:୨୨-୨୫
- ଆଦିପୁସ୍ତକ ୩୭:୨୫-୨୭
- ଯୋହନ ୧୧:୧-୨
- ମାର୍କ ୧୫:୨୨-୨୪
- ମାଥିଉ ୦୨:୧୧-୧୨

ବୋର୍ଡ ଡାଟା :

- Strong's: H3910, H4753, G3464, G4666, G4669

ଗର୍ବ, ଅହଂକାରୀ

ପରିଭାଷା:

"ଗର୍ବ" ଶବ୍ଦର ଅର୍ଥ କୌଣସି ବ୍ୟକ୍ତିଙ୍କୁ ନିଜର ବଡ଼ିମା ଦେଖାଇ କଥାବାର୍ତ୍ତା କରିବା । ବେଳେବେଳେ ଏହା ବୃଥାଗର୍ବକୁ ବୁଝାଏ ।

- ଯେଉଁ ବ୍ୟକ୍ତି "ଅହଂକାରୀ" ସେ ନିଜ ବିଷୟରେ ଗର୍ବକରେ ।
- ଈଶ୍ୱର ଇସ୍ରାଏଲୀୟମାନଙ୍କୁ ମୂର୍ତ୍ତି ଉପରେ ଗର୍ବ କରୁଥିବା ହେତୁ ସେମାନଙ୍କୁ ଭର୍ତ୍ସନା କଲେ । ସେମାନେ ଅହଙ୍କାର ଭାବେ ସତ୍ୟ ଈଶ୍ୱରଙ୍କୁ ଛାଡ଼ି ମିଥ୍ୟା ଦେବତାକୁ ଉପାସନା କରୁଥିଲେ ।
- ବାଇବେଲ ଲୋକମାନଙ୍କ କେତେକ ବିଷୟ ଉପରେ ଗର୍ବ କରିବା ବିଷୟରେ କହେ ଯେପରିକି ସେମାନଙ୍କ ଧନ,ସେମାନଙ୍କ ଶକ୍ତି, ସେମାନଙ୍କ ଚାଷ ଜମି ଏବଂ ସେମାନଙ୍କ ନିୟମ । ଏହାର ଅର୍ଥ ସେମାନେ ଏହି ସମସ୍ତ ବିଷୟରେ ଗର୍ବ କରନ୍ତି କିନ୍ତୁ ଈଶ୍ୱର ଏହି ସମସ୍ତ ବିଷୟ ଯୋଗାନ୍ତି ବୋଲି ସ୍ୱୀକାର କରନ୍ତି ନାହିଁ ।
- ଈଶ୍ୱର ଇସ୍ରାଏଲୀୟମାନଙ୍କୁ ପ୍ରେରଣା ଦିଅନ୍ତି ଯେ ଯଦି ଗର୍ବ କରିବାର ଅଛି ତାହେଲେ ତାଙ୍କୁ ଜାଣିଛନ୍ତି ବୋଲି ଗର୍ବ କରନ୍ତୁ ।
- ପ୍ରେରିତ ପାଉଲ ମଧ୍ୟ ଈଶ୍ୱରଙ୍କ ବିଷୟରେ ଗର୍ବ କରନ୍ତି, ଯାହାର ଅର୍ଥ ଈଶ୍ୱର ତାଙ୍କ ନିମନ୍ତେ ଯାହା କରିଛନ୍ତି ସେଥିନିମନ୍ତେ ସେ ଆନନ୍ଦିତ ଏବଂ ଧନ୍ୟବାଦୀ ଅଟନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଗର୍ବ" ଶବ୍ଦ "ବୃଥା ଗର୍ବ" କିମ୍ବା "ଗର୍ବରେ କଥା କହିବା" କିମ୍ବା "ଗର୍ବୀ ହେବା" ବୋଲି ଅନୁବାଦ କରାଯାଇପାରେ ।
- "ଆତ୍ମଗର୍ବୀ" ଶବ୍ଦକୁ "ଅତି ଗର୍ବରେ କଥା କହିବା" କିମ୍ବା "ଗର୍ବୀ" କିମ୍ବା "ନିଜ ବିଷୟରେ ଅଧିକ କହିବା" ବୋଲି ଅନୁବାଦ କରାଯାଇପାରେ ।
- ଈଶ୍ୱରଙ୍କ ସମ୍ମୁଖରେ ଗର୍ବ କରିବା ଅର୍ଥ "ତାହାଙ୍କଠାରେ ଗର୍ବ କରିବା" କିମ୍ବା "ଉଚ୍ଚିକୃତ କରିବା" କିମ୍ବା "ତାହାଙ୍କ ବିଷୟରେ ଆନନ୍ଦିତ ହେବା" କିମ୍ବା "ଈଶ୍ୱରଙ୍କୁ ଧନ୍ୟବାଦ ଦେବା" ଅଟେ ।
- କେତେକ ଭାଷାରେ ଗର୍ବର ଦୁଇଟି ଅର୍ଥ ରହିଛି: ଗୋଟିଏ ନକରାତ୍ମକ ଯାହାର ଅର୍ଥ ଅହଙ୍କାରୀ ହେବା ଏବଂ ଅନ୍ୟଟି ହେଉଛି ସକରାତ୍ମକ ଯାହାର ଅର୍ଥ ନିଜର କାର୍ଯ୍ୟ, ପରିବାର ଏବଂ ଦେଶ ପାଇଁ ଗର୍ବ କରିବା ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

(ଗର୍ବ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 20:11
- ଦ୍ୱିତୀୟ ତୀମଥି 3:1-4
- ଯାକୁବ 3:14
- ଯାକୁବ 4:15-17
- ଗୀତସଂହିତା 44:8

ଶବ୍ଦବିନ୍ୟାସ :

- Strong's: H1984, H3235, H6286, G02120, G02130, G17400, G26200, G27440, G27450, G27460, G31660

ଗୀତସଂହିତା

ପରିଭାଷା:

"ଗୀତସଂହିତା" ଶବ୍ଦ ଏକ ପବିତ୍ରଧର୍ମୀ ଗୀତକୁ ସୂଚାଏ, ଯାହା ପଦ୍ୟ ଆକାରରେ ରହିଛି ଏବଂ ଗାଇବା ଉଦ୍ଦେଶ୍ୟରେ ଲିଖିତ ହୋଇଛି I

- ପୁରାତନ ନୀୟମର ଗୀତସଂହିତା ପୁସ୍ତକ ଏହି ସବୁ ଗୀତଗୁଡ଼ିକର ସଙ୍କଳନ ଅଟେ ଏବଂ ସେଗୁଡ଼ିକ ରାଜା ଦାଉଦ ଏବଂ ଅନ୍ୟାନ୍ୟ ଇସ୍ରାଏଲୀୟମାନଙ୍କ ଦ୍ୱାରା ଲିଖିତ; ଯଥା ମୋଶା, ଶଲୋମନ ଏବଂ ଆସଫ, ଅନ୍ୟମାନଙ୍କ ମଧ୍ୟରୁ ଅଟନ୍ତି I
- ଇସ୍ରାଏଲ ଜାତି ଦ୍ୱାରା ସେମାନଙ୍କର ଈଶ୍ୱରଙ୍କୁ ଉପାସନା କଲାବେଳେ ଏହି ଗୀତସଂହିତାକୁ ବ୍ୟବହାର କରାଯାଉଥିଲା I
- ହୃଦୟର ଆନନ୍ଦ, ବିଶ୍ୱାସ ଏବଂ ଭକ୍ତି ସଙ୍ଗେ ସଙ୍ଗେ ଯନ୍ତ୍ରଣା ଏବଂ ଦୁଃଖକୁ ପ୍ରକାଶ କରିବା ନିମନ୍ତେ ଏହି ଗୀତସଂହିତାକୁ ବ୍ୟବହାର କରାଯାଇପାରେ I
- ନୂତନ ନିୟମରେ ଖ୍ରୀଷ୍ଟିୟାନମାନଙ୍କୁ ଉପାସନା କରିବାର ଉପାୟ ଭାବରେ ଈଶ୍ୱରଙ୍କ ନିକଟରେ ଗୀତ ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି |I

(ଦାଉଦ, ବିଶ୍ୱାସ, ଆନନ୍ଦ, ମୋଶା, ପବିତ୍ର ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରେରିତ 13:33
- ପ୍ରେରିତ 13:35
- କଲସୀୟ 3: 16
- ଲୂକ 20:42

ଶବ୍ଦବିନ୍ୟାସ :

- Strong's: H2158, H2167, H4210, G55670, G55680

ଗୌରବ, ଗୌରବମୟ, ଗୌରବାନ୍ୱିତ

ପରିଭାଷା:

"ଗୌରବ" ଶବ୍ଦ ଏକ ସାଧାରଣ ଧାରଣାଗୁଡ଼ିକର ମୂଲ୍ୟ, ଯୋଗ୍ୟ, ଗୁରୁତ୍ୱ, ସମ୍ମାନ, କିମ୍ବା ମହିମା ଶବ୍ଦଗୁଡ଼ିକୁ ସହିତ ଅନ୍ତର୍ଭୁକ୍ତ କରେ । "ଗୌରବାନ୍ୱିତ" ଶବ୍ଦର ଅର୍ଥ କେହି ଜଣେ କିମ୍ବା କୌଣସି ବିଷୟ ନିମନ୍ତେ ଗୌରବ କରିବା, କିମ୍ବା କୌଣସି ବିଷୟ କିମ୍ବା କେହି କେତେ ଗୌରବମୟ ତାହା ପ୍ରକାଶ କରିବା ଅଟେ।

- ବାଇବେଲରେ, "ଗୌରବ" ଶବ୍ଦ ବିଶେଷ ଭାବରେ ଈଶ୍ୱରଙ୍କୁ ବର୍ଣ୍ଣନା କରିବାକୁ ବ୍ୟବହାର କରାଯାଏ, ଯିଏ ଅଧିକ ମୂଲ୍ୟବାନ, ଅଧିକ ଯୋଗ୍ୟ, ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ, ଅଧିକ ସମ୍ମାନଜନକ, ଅଧିକ ଗୌରବମୟ, ଏହି ପୃଥିବୀର ଅନ୍ୟ କାହା ଅପେକ୍ଷା ଅଧିକ ମହାନ ଅଟନ୍ତି। ତାହଙ୍କ ବିଶେଷତା ବିଷୟରେ ସମସ୍ତ ବିଷୟ ତାହାଙ୍କ ଗୌରବକୁ ପ୍ରକାଶ କରେ।
- ଲୋକମାନେ ଈଶ୍ୱର କରିଥିବା ଅଦ୍ଭୁତ କାର୍ଯ୍ୟ ବିଷୟରେ କହି ଗୌରବାନ୍ୱିତ କରିପାରିବେ। ସେମାନେ ମଧ୍ୟ ଈଶ୍ୱରଙ୍କ ବିଶେଷତା ଅନୁଯାୟୀ ଜୀବନଯାପନ କରି ଈଶ୍ୱରଙ୍କୁ ଗୌରବାନ୍ୱିତ କରିପାରିବେ, କାରଣ ଏହା କରିବା ଅନ୍ୟମାନଙ୍କୁ ତାହାଙ୍କର ମୂଲ୍ୟ, ଯୋଗ୍ୟ, ଗୁରୁତ୍ୱ, ସମ୍ମାନ, ଗୌରବ ଏବଂ ମହିମା ପ୍ରକାଶ କରେ।
- "ଗୌରବରେ" ଅଭିବ୍ୟକ୍ତିର ଅର୍ଥ କୌଣସି ବିଷୟରେ ଦର୍ପ କରିବା ଅଟେ।

ପୁରାତନ ନିୟମ

- ପୁରାତନ ନିୟମରେ "ଯିହୋବାଙ୍କ ଗୌରବ" ନିର୍ଦ୍ଦିଷ୍ଟ ବାକ୍ୟାଂଶ ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସଦାପ୍ରଭୁଙ୍କ ଉପସ୍ଥିତିର କୌଣସି ବିଷୟକୁ ଅନୁଭବ କରିବାକୁ ଦର୍ଶାଏ।

ନୂତନ ନିୟମ

- ପିତା ଈଶ୍ୱର ଯୀଶୁ କେତେ ଗୌରବମୟ ତାହା ସମସ୍ତ ଲୋକମାନଙ୍କୁ ପ୍ରକାଶ କରିବା ଦ୍ୱାରା ପୁତ୍ର ଈଶ୍ୱରଙ୍କୁ ଗୌରବାନ୍ୱିତ କରିବେ।
- ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ପ୍ରତ୍ୟେକ ଲୋକମାନେ ତାହାଙ୍କ ସହିତ ଗୌରବାନ୍ୱିତ ହେବେ। "ଗୌରବ" ଶବ୍ଦର ଏହି ବ୍ୟବହାର ଏକମାତ୍ର ଅର୍ଥ ବହନ କରେ। ଯାହାର ଅର୍ଥ ଯେତେବେଳେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରୁଥିବା ଲୋକମାନେ ପୁନରୁତ୍ଥିତ ହୁଅନ୍ତି, ସେତେବେଳେ ସେମାନେ ଶାରୀରିକ ଭାବରେ ପରିବର୍ତ୍ତିତ ହୋଇ ଯୀଶୁ ଯେପରି ଆପଣା ପୁନରୁତ୍ଥାନ ପରେ ଦେଖାଯାଇଥିଲେ ସେପରି ସେମାନେ ଦେଖାଯିବେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, "ଗୌରବ" ଶବ୍ଦକୁ "ମହିମା" କିମ୍ବା "ମହାନ" କିମ୍ବା "ଚମତ୍କାର ମହାନତା" କିମ୍ବା "ଚରମ ମୂଲ୍ୟ" ବୋଲି ଅନୁବାଦ କରାଯାଇପାରେ ।
- "ଗୌରବମୟ" ଶବ୍ଦକୁ "ଗୌରବରେ ପରିପୂର୍ଣ୍ଣ" କିମ୍ବା "ଅତ୍ୟନ୍ତ ମୂଲ୍ୟବାନ" କିମ୍ବା "ଉଜ୍ଜ୍ୱଳ ଦୀପ୍ତି" କିମ୍ବା "ଅଦ୍ଭୁତ ମହାନ" ବୋଲି ଅନୁବାଦ କରାଯାଇପାରେ ।
- "ଈଶ୍ୱରଙ୍କୁ ଗୌରବ ଦେବା" ଅଭିବ୍ୟକ୍ତିକୁ "ଈଶ୍ୱରଙ୍କ ମହାନତାକୁ ସମ୍ମାନିତ କର" କିମ୍ବା "ଈଶ୍ୱରଙ୍କର ମହିମା ହେତୁ ତାହାଙ୍କର ପ୍ରଶଂସା କର" କିମ୍ବା "ଅନ୍ୟମାନଙ୍କୁ କୁହ ଯେ ଈଶ୍ୱର କେତେ ମହାନ ଅଟନ୍ତି" ବୋଲି ଅନୁବାଦ କରାଯାଇପାରେ ।
- "ଗୌରବରେ" ଅଭିବ୍ୟକ୍ତିକୁ "ପ୍ରଶଂସା" କିମ୍ବା "ଦର୍ପ କରିବା" କିମ୍ବା "ଆତ୍ମ ପ୍ରଶଂସା କରିବା'' କିମ୍ବା "ଆନନ୍ଦ ପ୍ରାପ୍ତ କରିବା" ବୋଲି ଅନୁବାଦ କରାଯାଇପାରେ ।
- "ଗୌରବାନ୍ୱିତ" ଶବ୍ଦକୁ "ଗୌରବ ଦେବା" କିମ୍ବା "ଗୌରବ କରିବା" କିମ୍ବା "ମହାନତାକୁ ପ୍ରକାଶିତ କରିବା" ବୋଲି ଅନୁବାଦ କରାଯାଇପାରେ ।
- "ଈଶ୍ୱରଙ୍କୁ ଗୌରବାନ୍ୱିତ କରିବା" ବାକ୍ୟାଂଶକୁ ମଧ୍ୟ "ଈଶ୍ୱରଙ୍କ ପ୍ରସଂଶା କରିବା" କିମ୍ବା "ଈଶ୍ୱରଙ୍କ ମହାନତା ବିଷୟରେ କହିବା" କିମ୍ବା "ଈଶ୍ୱର କେତେ ମହାନ ଅଟନ୍ତି ଦର୍ଶାଇବା" କିମ୍ବା "ତାହାଙ୍କ ଆଜ୍ଞାକାରୀ ହୋଇ ତାହାଙ୍କୁ ସମ୍ମାନିତ କରିବା" ବୋଲି ଅନୁବାଦ କରାଯାଇପାରେ ।
- "ଗୌରବାନ୍ୱିତ ହୁଅନ୍ତୁ" ବାକ୍ୟାଂଶକୁ "ଅତ୍ୟଧିକ ମହାନ ବୋଲି ଦର୍ଶାଇବା" କିମ୍ବା "ପ୍ରସଂଶିତ ହେବା" କିମ୍ବା "ଉଚ୍ଚ ପ୍ରସଂଶିତ ହେବା" ବୋଲି ଅନୁବାଦ କରାଯାଇପାରେ ।

(ସମ୍ମାନ, ମହିମା, ଉଚ୍ଚ ପ୍ରସଂଶା, ଆଜ୍ଞାବହ, ପ୍ରସଂଶା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯାତ୍ରା ପୁସ୍ତକ 24:17

- ଗଣନା ପୁସ୍ତକ 14:9-10
- ଯିଶାଇୟ 35:2
- ଲୂକ 18:43
- ଲୂକ 2:9
- ଯୋହନ 12:28
- ପ୍ରେରିତ 3:13-14
- ପ୍ରେରିତ 7:1-3
- ରୋମୀୟ 8:17
- ପ୍ରଥମ କରନ୍ଥୀୟ 6:19-20
- ଫିଲିପ୍ପୀୟ2:14-16
- ଫିଲିପ୍ପୀୟ4:19
- କଲସୀୟ 3:1-4
- ପ୍ରଥମ ଥେସଲନୀକୀୟ 2:5
- ଯାକୁବ 2:1-4
- ପ୍ରଥମ ପିତର 4:15-16
- ପ୍ରକାଶିତ ପୁସ୍ତକ 15:4

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **23:7** ଅକସ୍ମାତ, ଆକାଶରେ ଦୂତଗଣର ଏକ ବଡ଼ ବାହୀନୀ ଈଶ୍ୱରଙ୍କର ପ୍ରଶଂସା କରି କହିଲେ "ସ୍ୱର୍ଗରେ ଈଶ୍ୱରଙ୍କର **ଗୌରବ** ଓ ପୃଥିବୀରେ ତାହାଙ୍କ ଲୋକମାନଙ୍କ ମଧ୍ୟରେ ଶାନ୍ତି ହେଉ!"
- **25:6** ତା'ପରେ ଶୟତାନ ଯୀଶୁଙ୍କୁ ଜଗତର ସମସ୍ତ ରାଜ୍ୟ ଓ ତାର **ଗୌରବ** ଦେଖାଇଲା ଓ କହିଲା "ମୁଁ ତୁମ୍ଭକୁ ଏହି ସମସ୍ତ ଦେବୀ ଯଦି ତୁମ୍ଭେ ନତ ମସ୍ତକ ହୋଇ ମୋର ପୂଜା କରିବ।"
- **37:8** ଯେତେବେଳେ ଯୀଶୁ ଏହି ସମ୍ବାଦ ଶୁଣିଲେ, ସେ କହିଲେ, "ଏହି ରୋଗ ମୃତ୍ୟୁରେ ସମାପ୍ତ ହେବ ନାହିଁ, କିନ୍ତୁ ଏହା ଈଶ୍ୱରଙ୍କ **ଗୌରବ** ନିମନ୍ତେ ଅଟେ।"
- **37:8** ଯୀଶୁ ଉତ୍ତର ଦେଲେ, କଅଣ ମୁଁ ତୁମ୍ଭକୁ କହି ନ ଥିଲି କି ଯଦି ତୁମ୍ଭେ ମୋଠାରେ ବିଶ୍ୱାସ କରିବ ତେବେ ତୁମ୍ଭେ ଈଶ୍ୱରଙ୍କ **ଗୌରବ** ଦେଖିବ।

ଶବ୍ଦବିନ୍ୟାସ:

- Strong's: H0117, H0142, H0155, H0215, H1342, H1921, H1926, H1935, H1984, H3367, H3513, H3519, H3520, H6286, H6643, H7623, H8597, G13910, G13920, G17400, G17410, G27440, G48880

ଘୃଣାଯୋଗ୍ୟ, ଘୃଣ୍ୟ

ପରିଭାଷା:

"ଘୃଣାଯୋଗ୍ୟ" ଶବ୍ଦ ଘୃଣା କିମ୍ବା ଅତ୍ୟଧିକ ଅପସନ୍ଦତାକୁ ସୂଚାଇବା ନିମନ୍ତେ ବ୍ୟବହୃତ ହୁଏ I

- ମିସରୀୟ ଲୋକମାନେ ଏବ୍ରୀୟ ଲୋକମାନଙ୍କୁ "ଘୃଣାଯୋଗ୍ୟ" ବିବେଚନା କରୁଥିଲେ। ଏହାର ଅର୍ଥ ଏହା ଯେ ମିସରୀୟ ଲୋକମାନେ ଏବ୍ରୀୟମାନଙ୍କୁ ଘୃଣା କରୁଥିଲେ ଏବଂ ସେମାନଙ୍କ ସହ ମିଶିବା କିମ୍ବା ନିକଟସ୍ଥ ହେବାକୁ ଚାହୁଁ ନଥିଲେ I
- କେତେକ ବିଷୟକୁ ବାଇବେଲ "ଯିହୋବାଙ୍କ ଦୃଷ୍ଟିରେ ଘୃଣାର ବିଷୟ" ବୋଲି ଉଲ୍ଲେଖ କରେ, ଯଥା ମିଥ୍ୟା, ଗର୍ବ, ନର ବଳିଦାନ, ମୂର୍ତ୍ତୀପୂଜା, ବ୍ୟଭିଚାର ଭଳି ଯୌନଗତ ପାପ ଏବଂ ସମଲିଙ୍ଗୀକ ସମ୍ପର୍କ I
- ଯୀଶୁ ଆପଣା ଶିଷ୍ୟମାନଙ୍କୁ ଅନ୍ତିମ ସମୟ ବିଷୟରେ ଶିକ୍ଷା ଦେବା ସମୟରେ ସେ ଦାନିୟେଲ ଭବିଷ୍ୟତବକ୍ତାଙ୍କର ଭବିଷ୍ୟତ ବାଣୀ ''ବିନାଶକାରୀ ଘୃଣାଯୋଗ୍ୟ ବସ୍ତୁ''କୁ ସୂଚାଇଲେ ଯାହା ଈଶ୍ୱର ବିଦ୍ରୋହଚରଣ ଏବଂ ଉପାସନା ସ୍ଥାନକୁ କଳୁଷିତ କରିବା ପାଇଁ ପ୍ରସ୍ତୁତ କରାଯିବ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ''ଘୃଣାଯୋଗ୍ୟ'' ଶବ୍ଦକୁ ''ଯେଉଁ ବିଷୟକୁ ଈଶ୍ୱର ଘୃଣା କରନ୍ତି'' କିମ୍ବା ''ଯାହା ଘୃଣ୍ୟ ବିଷୟ'' କିମ୍ବା '' ଘୃଣ୍ୟ ଅଭ୍ୟାସ" କିମ୍ବା '' ଅତ୍ୟନ୍ତ କୁକର୍ମ'' ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- ପ୍ରସଙ୍ଗକୁ ଆଧାର କରି, ଏହି ବାକ୍ୟାଂଶକୁ "ଘୃଣ୍ୟଯୋଗ୍ୟ" କିମ୍ବା "ଅତ୍ୟଧିକ ଘୃଣ୍ୟାଯୋଗ୍ୟ" କିମ୍ବା "ଘୃଣ୍ୟ" କିମ୍ବା "ସମ୍ପୂର୍ଣ୍ଣ ଅଗ୍ରାହ୍ୟ" କିମ୍ବା "ଅତ୍ୟନ୍ତ ଘୃଣ୍ୟ ବିଷୟର କାରଣ" ବୋଲି ଆନୁବାଦ କରାଯାଇପାରେ I
- "ବିନାଶକାରୀ ଘୃଣାଯୋଗ୍ୟ ବସ୍ତୁ" ବାକ୍ୟାଂଶକୁ "କଳୁଷିତ ବସ୍ତୁ ଯାହା ମାନବ ଜାତିର ବହୁଳ ଭାବରେ କ୍ଷତି କରିଥାଏ" କିମ୍ବା "ଘୃଣ୍ୟ ବସ୍ତୁ ଯାହା ଅତ୍ୟଧିକ ଦୁଃଖର କାରଣ ହୋଇଥାଏ" ବୋଲି ଅନୁବାଦ କରାଯାଇପାରେ I

(: ବ୍ୟଭିଚାର, , ପଦଚ୍ୟୁତ, ବିନାଶକାରୀ, ମିଥ୍ୟା ଦେବତା, ବଳିଦାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଏଜ୍ରା 9:1-2
- ଆଦିପୁସ୍ତକ 46:34
- ଯିଶାଇୟ 1: 13
- ମାଥିଉ 24:15
- ହିତୋପଦେଶ 26:25

ଶବ୍ଦବିନ୍ୟାସ:

- Strong's: H0887, H6292, H8251, H8262, H8263, H8441, G09460

ଚିହ୍ନ, ପ୍ରମାଣ, ଅନୁସ୍ମାରକ

ପରିଭାଷା:

ଗୋଟେ ଚିହ୍ନ ସାଧାରଣତଃ ଏକ ବସ୍ତୁ, ଘଟଣା, କିମ୍ବା କାର୍ଯ୍ୟକୁ ବୁଝାଏ ଯାହା ଏକ ବିଶେଷ ଅର୍ଥକୁ ପ୍ରକାଶ କରେ ।

- ବାଇବେଲରେ, ଈଶ୍ୱର ଦେଇଥିବା ପ୍ରତିଜ୍ଞା କିମ୍ବା ନିୟମ ସଂପର୍କରେ ବେଳେବେଳେ ଚିହ୍ନ ଶବ୍ଦକୁ ବ୍ୟବହାର କରାଯାଏ।
- ଆଦିପୁସ୍ତକ ଆକାଶରେ ଈଶ୍ୱର ସୃଷ୍ଟି କରିଥିବା ଇନ୍ଦ୍ରଧନୁକୁ ନିଜ ପାଇଁ ଏକ ଚିହ୍ନ (କିମ୍ବା ସ୍ମାରକ) ଭାବରେ ବର୍ଣ୍ଣନା କରେ ଯାହା ଈଶ୍ୱର ସମଗ୍ର ବିଶ୍ୱକୁ ବନ୍ୟାରେ ପୁନର୍ବାର ସମସ୍ତ ଜୀବନକୁ ନଷ୍ଟ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଛନ୍ତି ।
- ଈଶ୍ୱର ଇସ୍ରାଏଲ ସନ୍ତାନଗଣମାନଙ୍କୁ ଆଜ୍ଞା ଦେଇଥିଲେ ଯେପରି ସେମାନେ ସେମାନଙ୍କର ସନ୍ତାନମାନଙ୍କୁ ଏକ ବ୍ୟବସ୍ଥାର ଚିହ୍ନ ସ୍ୱରୂପେ ସୁନ୍ନତ କରିବେ ।
- ଚିହ୍ନ କୌଣସି ବିଷୟକୁ ପ୍ରକାଶିତ କରିପାରେ ।
- ଲୂକ ପୁସ୍ତକ ଜଣେ ଦୂତ ମେଷପାଳକମାନଙ୍କୁ ଏକ ଚିହ୍ନ ଦେଲେ ଯେଉଁଥିରେ ସେମାନେ ଜାଣି ପାରିବେ ଯେ ଶିଶୁ ବେଥଲିହିମରେ କେଉଁ ସ୍ଥାନରେ ଜନ୍ମ ଗ୍ରହଣ କରିଅଛି।
- ଧାର୍ମିକ ନେତାମାନଙ୍କ ପାଇଁ ଚିହ୍ନ ସ୍ୱରୂପେ ଯିହୂଦା ଯୀଶୁଙ୍କୁ ଚୁମ୍ବନ କଲେ ଯେପରି କେବଳ ଯୀଶୁଙ୍କୁ ସେମାନେ ବନ୍ଦୀ କରିବେ।
- ଚିହ୍ନ ମଧ୍ୟ କୌଣସି ବିଷୟକୁ ସତ୍ୟ ବୋଲି ପ୍ରମାଣ କରିପାରେ ।
- ଯାତ୍ରାପୁସ୍ତକ ମିସରକୁ ଧ୍ୱଂସ କରିଥିବା ମହାମାରୀକୁ ବର୍ଣ୍ଣନା କରେ ଯେ ଯିହୋବା କିଏ ଏବଂ ଏହା ପ୍ରମାଣ କରେ ଏବଂ ସେ ଫାରୋ ଏବଂ ମିସରର ଦେବତାମାନଙ୍କଠାରୁ ମହାନ ଅଟନ୍ତି ।
- ପ୍ରେରିତମାନଙ୍କ କାର୍ଯ୍ୟ ପୁସ୍ତକ ଭବିଷ୍ୟଦ୍ବକ୍ତା ଓ ପ୍ରେରିତମାନଙ୍କ ଦ୍ୱାରା କରାଯାଇଥିବା ଚମତ୍କାରଗୁଡ଼ିକୁ ବର୍ଣ୍ଣନା କରେ ଯାହା ସେମାନେ ଈଶ୍ୱରଙ୍କ ବାର୍ତ୍ତା ପ୍ରକାଶ କରନ୍ତି ବୋଲି ପ୍ରମାଣ କରେ ।
- ଯୋହନଙ୍କ ପୁସ୍ତକ ଯୀଶୁ ଯେଉଁ ଚମତ୍କାର କରିଥିଲେ ତାହା ବର୍ଣ୍ଣନା କରେ ଯାହା ପ୍ରମାଣ କରେ ଯେ ସେ ପ୍ରକୃତରେ ମସୀହ ଅଟନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଚିହ୍ନ ଏବଂ ଚମତ୍କାର" ଅଭିବ୍ୟକ୍ତିକୁ "ପ୍ରମାଣ ଏବଂ ଚମତ୍କାର" କିମ୍ବା "ଚମତ୍କାର କାର୍ଯ୍ୟ ଯାହା ଈଶ୍ୱରଙ୍କ ଶକ୍ତି ପ୍ରମାଣ କରେ" କିମ୍ବା "ଚମତ୍କାର ଯାହା ଈଶ୍ୱର କେତେ ମହାନ ତାହା ଦର୍ଶାଏ" ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗ ଉପରେ ନିର୍ଭର କରି, "ଚିହ୍ନ" ଶବ୍ଦକୁ "ସଙ୍କେତ" କିମ୍ବା "ପ୍ରତୀକ" କିମ୍ବା "ଚିହ୍ନ" କିମ୍ବା "ପ୍ରମାଣ" କିମ୍ବା "ପ୍ରମାଣ" କିମ୍ବା "ଅଙ୍ଗଭଙ୍ଗୀ" ବୋଲି ଅନୁବାଦ କରାଯାଇପାରେ ।
- "ହସ୍ତରେ ଚିହ୍ନ କରିବା" ବାକ୍ୟାଂଶକୁ "ହସ୍ତରେ" କିମ୍ବା "ହସ୍ତରେ ଅଙ୍ଗଭଙ୍ଗୀ" କିମ୍ବା "ଅଙ୍ଗଭଙ୍ଗୀ କରିବା" ବୋଲି ଅନୁବାଦ କରାଯାଇପାରେ ।
- କେତେକ ଭାଷାରେ, ସ୍ଥାନୀୟ ଭାଷାରେ "ଚିହ୍ନ" ପାଇଁ ଶବ୍ଦ ଥାଇପାରେ ଯାହା ପ୍ରମାଣ "ଚିହ୍ନ" ପାଇଁ ଏକ ଭିନ୍ନ ଶବ୍ଦ ଯାହା ଏକ ଚମତ୍କାରକୁ ପ୍ରକାଶ କରେ ।

(ଆଶ୍ଚର୍ଯ୍ୟ କର୍ମ, ପ୍ରେରିତ, ଖ୍ରୀଷ୍ଟ, ନିୟମ , ସୁନ୍ନତ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 2:18-19
- ଯାତ୍ରାପୁସ୍ତକ 4:8-9
- ଯାତ୍ରାପୁସ୍ତକ 31:12-15
- ଆଦିପୁସ୍ତକ 1:14
- ଆଦିପୁସ୍ତକ 9:12
- ଯୋହନ 2:18
- ଲୂକ 2:12
- ମାର୍କ 8:12
- ଗୀତସଂହିତା 89:5-6

ଶବ୍ଦବିନ୍ୟାସ :

- Strong's: H226, H852, H2368, H2858, H4150, H4159, H4864, H5251, H5824, H6161, H6725, H6734, H7560, G364, G880, G1213, G1229, G1718, G1730, G1732, G1770, G392, G412, G4591, G4592, G4953, G4973, G5280

ଜଗତ, ସାଂସାରିକ

ପରିଭାଷା:

“ଜଗତ” ଶବ୍ଦ ସାଧାରଣ ଭାବରେ ପୃଥିବୀକୁ ବୁଝାଏ ଯେଉଁଠାରେ ଲୋକମାନେ ବାସ କରନ୍ତି: "ସାଂସାରିକ" ଶବ୍ଦ ଏହି ଏହି ଜଗତରେ ବାସ କରୁଥିବା ଲୋକମାନଙ୍କର ମନ୍ଦ ସ୍ୱଭାବ ଏବଂ ମୂଲ୍ୟବୋଧକୁ ବର୍ଣ୍ଣନା କରେ।

- ଏହାର ସର୍ବାଧିକ ସାଧାରଣ ଧାରଣାରେ, “ସଂସାର” ଶବ୍ଦ ଆକାଶ ଏବଂ ପୃଥିବୀକୁ ଏବଂ ସେଥିରେ ଥିବା ସମସ୍ତ ବସ୍ତୁକୁ ବୁଝାଏ।
- ଅନେକ ପ୍ରସଙ୍ଗରେ, “ସଂସାର” ବାସ୍ତବିକ ଅର୍ଥ “ଏହି ପୃଥିବୀରେ ବାସ କରୁଥିବା ଲୋକମାନଙ୍କୁ” ବୁଝାଏ।
- ବେଳେବେଳେ ଏହା ପୃଥିବୀରେ ଥିବା ମନ୍ଦ ଲୋକମାନଙ୍କୁ ବୁଝାଏ ଯେଉଁମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି ନାହିଁ।
- ପ୍ରେରିତମାନେ ମଧ୍ୟ ଏହି ଜଗତରେ ବାସ କରୁଥିବା ଲୋକମାନଙ୍କ ସ୍ୱାର୍ଥପର ଆଚରଣ ଏବଂ ଭ୍ରଷ୍ଟ ମୂଲ୍ୟବୋଧକୁ ସୂଚାଇବା ପାଇଁ “ସାଂସାରିକ” ଶବ୍ଦର ବ୍ୟବହାର କରିଛନ୍ତି। ଏହା ଧର୍ମକର୍ମ ରୀତିନୀତିରେ ନିଜ ସନ୍ତୁଷ୍ଟ ଯାହା ମାନବୀୟ ଉପରେ ଆଧାରିତ ଅଟେ ତାହା ଅନ୍ତର୍ଭୁକ୍ତ ହୋଇପାରେ।
- ଏହି ମୂଲ୍ୟବୋଧ ଦ୍ୱାରା ଲୋକମାନଙ୍କ ଏବଂ ଜିନିଷଗୁଡ଼ିକର ବୈଶିଷ୍ଟ୍ୟ ବର୍ଣ୍ଣନା କରିବାକୁ “ସାଂସାରିକ” ବୋଲି କୁହାଯାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗରେ ନିର୍ଭର କରି, “ସଂସାର” ଶବ୍ଦକୁ “ବିଶ୍ୱ” କିମ୍ବା “ଏହି ଜଗତର ଲୋକମାନେ” କିମ୍ବା “ଏହି ଜଗତର ଭ୍ରଷ୍ଟ ବସ୍ତୁଗୁଡ଼ିକ” କିମ୍ବା “ଜଗତର ଲୋକମାନଙ୍କ ମନ୍ଦ ମନୋବୃତ୍ତି" ବୋଲି ଅନୁବାଦ କରାଯାଇପାରେ ।
- “ସମସ୍ତ ପୃଥିବୀ” ବାକ୍ୟାଂଶ ଅନେକ ସମୟରେ “ଅନେକ ଲୋକ” ଓ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ବୁଝାଏ। ଉଦାହରଣ ସ୍ୱରୂପ, “ସମସ୍ତ ପୃଥିବୀ ମିସରକୁ ଆସିଲେ” ଯେପରି “ଚତୁର୍ପାର୍ଶ୍ୱ ଦେଶଗୁଡ଼ିକରୁ ଅନେକ ଲୋକ ମିସରକୁ ଆସିଲେ” କିମ୍ବା “ମିସରର ଆଖପାଖ ସମସ୍ତ ଦେଶର ଲୋକମାନେ ସେଠାକୁ ଆସିଲେ” ବୋଲି ଅନୁବାଦ କରାଯାଇପାରେ।
- “ରୋମୀୟ ଜନଗଣନାରେ ପଞ୍ଜୀକୃତ ହେବାକୁ ସମଗ୍ର ଜଗତ ଆପଣା ଆପଣା ନଗରକୁ ଯାଇଥିଲେ” ଅନ୍ୟ ଭାବରେ ଅନୁବାଦ କଲେ “ରୋମୀୟ ସାମ୍ରାଜ୍ୟ ଦ୍ୱାରା ଶାସିତ ଅଞ୍ଚଳରେ ରହୁଥିବା ଅନେକ ଲୋକ ଯାଇଥିଲେ...”
- ପ୍ରସଙ୍ଗରେ ନିର୍ଭର କରି, “ସାଂସାରିକ” ଶବ୍ଦକୁ “ମନ୍ଦ” କିମ୍ବା “ପାପପୂର୍ଣ୍ଣ” କିମ୍ବା “ସ୍ୱର୍ଥାପର” କିମ୍ବା “ଅଧାର୍ମିକ” କିମ୍ବା “ଭ୍ରଷ୍ଟ” କିମ୍ବା “ଏହି ଜଗତର ଲୋକମାନଙ୍କ ଭ୍ରଷ୍ଟ ମୂଲ୍ୟବୋଧ ଦ୍ୱାରା ପ୍ରଭାବିତ ହୋଇଛନ୍ତି" ବୋଲି ଅନୁବାଦ କରାଯାଇପାରେ।
- “ଜଗତରେ ଏହି ସବୁ କଥା କହନ୍ତି” ବାକ୍ୟାଂଶକୁ “ଏହି ଜଗତର ଲୋକମାନଙ୍କୁ ଏହି ସବୁ କଥା କହିବା” ବୋଲି ଅନୁବାଦ କରାଯାଇପାରେ।
- ଅନ୍ୟ ପ୍ରସଙ୍ଗରେ, “ସାଂସାରରେ” ଯେପରି "ଜଗତର ଲୋକମାନଙ୍କ ମଧ୍ୟରେ ବାସ କରିବା" କିମ୍ବା “ଅଧାର୍ମିକ ଲୋକମାନଙ୍କ ମଧ୍ୟରେ ବାସ କରିବା“ ଭାବରେ ମଧ୍ୟ ଅନୁବାଦ କରାଯାଇପାରେ।

(ଭ୍ରଷ୍ଟାଚାର, ସ୍ୱର୍ଗ, ରୋମ, ଧାର୍ମିକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 2:15
- ପ୍ରଥମ ଯୋହନ 4:5
- ପ୍ରଥମ ଯୋହନ 5:5
- ଯୋହନ: 1:29
- ମାଥିଉ 13:36-39

ଶବ୍ଦବିନ୍ୟାସ:

- Strong’s: H0776, H2309, H2465, H5769, H8398, G10930, G28860, G28890, G36250

ଜନ୍ମାଧିକାର

ସଂଜ୍ଞା:

"ଜନ୍ମାଧିକାର" ଶବ୍ଦ ଟି ବାଇବଲ ଅନୁଯାୟୀ ଏହା ସୂଚିତ କରେ କି କୌଣସି ପରିବାରର ପ୍ରଥମ ପୁଅକୁ ସମ୍ମାନ, ପରିବାରର ନାମ, ସମ୍ପତ୍ତି ଇତ୍ୟାଦି ଦିଆଯାଏ ।

- ପ୍ରଥମଜାତ ସନ୍ତାନକୁ ଜନ୍ମାଧିକାର ଅନୁଯାୟୀ ଦୁଇ ଗୁଣ ଦିଆଯାଏ ।
- ଜଣେ ରାଜାର ପ୍ରଥମ ଜାତ ପୁଅକୁ ଜନ୍ମାଧିକାର ଅନୁଯାୟୀ ପିତାଙ୍କ ମୃତ୍ୟୁ ପରେ ରାଜ୍ୟ ଭାର ଦିଆଯାଏ ।
- ଏଷୌ ତାହାର ଜନ୍ମାଧିକାର ଯାକୁବକୁ ବିକ୍ରି କରି ଦେଇଥିଲା ।

ଏହି କାରଣ ହେତୁ ଯାକୁବ ବଂଶାନୁକ୍ରମିକ ଆଶୀର୍ବାଦ ଏଷୌ ବଦଳରେ ପାଇଲା ।

- ଜନ୍ମାଧିକାର ଦ୍ୱାରା ପରିବାରର ବଂଶାନୁକ୍ରମିକ ଆଶୀର୍ବାଦ ପ୍ରଥମ ଜାତ ସନ୍ତାନ ଦ୍ୱାରା ଜଣା ପଡ଼ିଥାଏ ।

ଅନୁବାଦ ର ପ୍ରସ୍ତାବ

- ଜନ୍ମାଧିକାର ଶବ୍ଦକୁ ଏହିପରି ଭାବେ ଅନୁବାଦ କରାଯାଇପାରେ "ପ୍ରଥମ ଜାତ ସନ୍ତାନର ଅଧିକାର ଏବଂ ସମ୍ପତ୍ତି" ଏବଂ ପାରିବାରିକ ସମ୍ମାନ ଏବଂ ପ୍ରଥମ ଜାତ ସନ୍ତାନ ହେବାର ସ୍ୱାଧିକାର ।

(ଦେଖନ୍ତୁ: ପ୍ରଥମ ଜାତ, ଉତ୍ତରାଧିକାରୀ, ଦାୟାଦ)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- 1 ରାଜାବଳି 05:1-3
- ଆଦିପୁସ୍ତକ 25:31-34
- ଆଦିପୁସ୍ତକ 43:32-34
- ଏବ୍ରୀ 12:14-17

ବୋର୍ଡ ଡାଟା :

- Strong's: H1062, G4415

ଜାହାଜ

ପରିଭାଷା:

"ଜାହାଜ" ଶବ୍ଦଟି ଆକ୍ଷରିକ ଭାବେ ଏକ କାଠରେ ନିର୍ମିତ ଆୟତକାର ବାକ୍ସ, ଯାହା କୌଣସି ବସ୍ତୁକୁ ରଖିବା ଓ ସୁରକ୍ଷା ଦେବାକୁ ବ୍ୟବହୃତ ହୁଏ I ଏକ ଜାହାଜର ଆକାର ଛୋଟ କିମ୍ବା ବଡ ହୋଇପାରେ, ଏହା ଏହାର ବ୍ୟବହାର ଉପରେ ନିର୍ଭର କରେ I

- ଇଂରାଜୀ ବାଇବେଲରେ "ଜାହାଜ" ଶବ୍ଦଟିକୁ ଏକ ବୃହତ, ଆୟତକାର, କାଠରେ ନିର୍ମିତ ଜାହଜକୁ ଦର୍ଶାଇବା ନିମନ୍ତେ ପ୍ରଥମେ ବ୍ୟବହାର କରାଯାଇଥିଲା, ଯାହା ନୋହ ବିଶ୍ୱବ୍ୟାପୀ ଜଳ ପ୍ଲାବନଠାରୁ ରକ୍ଷା ପାଇବା ନିମନ୍ତେ ନିର୍ମାଣ କରିଥିଲେ I ଜାହାଜର ସମତଳ ତଳ, ଏକ ଛାତ ଏବଂ କାନ୍ଥମାନ ଥିଲା I
- ଏହି ବାକ୍ୟାଂଶକୁ "ଅତୀ ବୃହତ ଜାହଜ" କିମ୍ବା "ମାଲବାହୀ ବିଶାଳ ଜାହଜ" କିମ୍ବା "ମାଲବାହୀ ଜାହାଜ" କିମ୍ବା "ବୃହତ, ବାକ୍ସ ଆକାରର ଜାହଜ", ବୋଲି ଅନୁବାଦ କରାଯାଇପାରେ I
- ଏକ ବୃହତ ଜାହଜକୁ ଦର୍ଶାଇବା ପାଇଁ ଯେଉଁ ଏବ୍ରୀ ଶବ୍ଦଟି ବ୍ୟବହାର କରାଯାଇଅଛି, ସେହି ସମାନ ଶବ୍ଦକୁ ଶିଶୁ ମୋଶାଙ୍କୁ ରଖିଥିବା ଟୋକେଇ ବୁଝାଇବା ପାଇଁ ବ୍ୟବହାର କରାଯାଇଛି ଯେଉଁଠାରେ ତାହାଙ୍କ ମାତା ତାହାଙ୍କୁ ଲୁଚାଇବା ନିମନ୍ତେ ନୀଳ ନଦୀରେ ବ୍ୟବହାର କରିଥିଲେ I ଏହି ପ୍ରସଙ୍ଗରେ ଏହି ଶବ୍ଦକୁ ପ୍ରାୟତଃ "ଟୋକେଇ" ବୋଲି ଅନୁବାଦ କରାଯାଏ I
- "ନିୟମ-ସିନ୍ଦୁକ" ବାକ୍ୟାଂଶରେ, ଅନ୍ୟ ଏକ ଶବ୍ଦ ବାକ୍ସ ପାଇଁ ବ୍ୟବହାର କରାଯାଇଅଛି I ଏହାକୁ "ପେଢି" କିମ୍ବା "ସିନ୍ଦୁକ" କିମ୍ବା "ଡବା" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ "ଜାହଜ" ଶବ୍ଦକୁ ଅନୁବାଦ କରାଯାଏ, ସେତେବେଳେ ଏହା ପ୍ରାସଙ୍ଗିକ ଭାବେ ଅନୁବାଦ କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ, ଯେପରି କି ଏହାର "ଆକାର" ଏବଂ "ଉଦ୍ଦେଶ୍ୟ"କୁ ଧ୍ୟାନରେ ରଖି ଅନୁବାଦ କରିବା ଅଟେI

(ନିୟମ ସିନ୍ଦୁକ, ଟୋକେଇ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ପିତର 3:20
- ଯାତ୍ରାପୁସ୍ତକ 16:33-36
- ଯାତ୍ରାପୁସ୍ତକ 30:6
- ଆଦିପୁସ୍ତକ 8:4-5
- ଲୂକ 17:25-27
- ମାଥିଉ 24:37-39

ଶବ୍ଦବିନ୍ୟାସ :

- Strong's: H0727, H8392, G27870

ଜୀବନ,ଜୀବନ ଯାପନ କରିବା, ଜୀବିକା, ଜୀବିତ

ପରିଭାଷା:

"ଜୀବନ" ଏକ ନିର୍ଦ୍ଦିଷ୍ଟ ଭାବ ପ୍ରକାଶ କରୁଥିବା ଶବ୍ଦ ଶାରୀରିକ ଭାବରେ ମୃତ ବୋଲି କହିବା ପରିବର୍ତ୍ତେ ଶାରୀରିକ ଭାବରେ ଜୀବିତ ବା ସଜୀବ ରହିବାକୁ ବୁଝାଏ।

1. ଶାରୀରିକ ଜୀବନ

- "ଜୀବନ" ଏକ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସୂଚାଇପାରେ ଯେପରି "ଏକ ବା ଗୋଟିଏ ଜୀବନ ଉଦ୍ଧାର କରାଗଲା।"
- କେତେକ ସମୟରେ "ଜୀବନ" ଶବ୍ଦ ଜୀବିତ ଅବସ୍ଥାର ଅନୁଭବକୁ ଦର୍ଶାଏ ଯେପରି, "ତାହାର ଜୀବନ ଆନନ୍ଦମୟ ଥିଲା।"
- ଏହା ମଧ୍ୟ ଜଣେ ବ୍ୟକ୍ତିଙ୍କ ଜୀବନକାଳକୁ ସୁଚାଏ ଯେପରି ଅଭିବ୍ୟକ୍ତିରେ, "ତାହାର ଜୀବନର ଶେଷ।"
- "ଜୀବନ୍ତ" ଶବ୍ଦ ଶାରୀରିକ ରୂପରେ ଜୀବିତ ଅବସ୍ଥାକୁ ଦର୍ଶାଏ ଯେପରି "ମୋ' ମାଁ ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି।" ଏହା ମଧ୍ୟ କୌଣସି ସ୍ଥାନରେ ରହୁଥିବା ବାସସ୍ଥାନକୁ ସୂଚାଇପାରେ ଯେପରି "ସେମାନେ ସହରରେ ବାସ କରୁଥିଲେ।"
- ବାଇବେଲରେ, "ଜୀବନ" ଧାରଣା ଅନେକ ସମୟରେ "ମୃତ୍ୟୁର" ଧାରଣା ସହିତ ତୁଳନାରେ ପ୍ରଭେଦ ହୋଇଥାଏ।

2. ଅନନ୍ତ ଜୀବନ

- ଯେତେବେଳେ ଜଣେ ବ୍ୟକ୍ତି ଯୀଶୁଙ୍କଠାରେ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ। ଈଶ୍ୱର ସେହି ବ୍ୟକ୍ତିଙ୍କୁ ତାହାଙ୍କଠାରେ ବାସ କରୁଥିବା ପବିତ୍ର ଆତ୍ମା ସହିତ ଏକ ନୂତନୀକରଣ ବା ରୂପାନ୍ତରିତ ଜୀବନ ପ୍ରଦାନ କରନ୍ତି।
- ଅନନ୍ତ ଜୀବନର ବିପରୀତ ଅନନ୍ତ ମୃତ୍ୟୁ ଅଟେ, ଯାହାର ଅର୍ଥ ଈଶ୍ୱରଙ୍କଠାରୁ ଅଲଗା ହେବା ଏବଂ ଅନନ୍ତ ଦଣ୍ଡ ପାଇବା ଅଟେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, "ଜୀବନ" ଯେପରି "ଅସ୍ତିତ୍ୱ" କିମ୍ବା "ବ୍ୟକ୍ତି" କିମ୍ବା "ପ୍ରାଣ" କିମ୍ବା "ଅବସ୍ଥିତି" କିମ୍ବା "ଅନୁଭୂତି" ବୋଲି ଅନୁବାଦ କରାଯାଇପାରେ ।
- "ଜୀବନ ଯାପନ କରିବା" ଶବ୍ଦକୁ "ବାସ କରିବା" କିମ୍ବା "ବସବାସ କରିବା" କିମ୍ବା "ଅସ୍ତିତ୍ୱ" ବୋଲି ଅନୁବାଦ କରାଯାଇପାରେ।
- "ତାଙ୍କ ଜୀବନର ଶେଷ" ଅଭିବ୍ୟକ୍ତିକୁ "ସେ ଯେତେବେଳେ ବଞ୍ଚିବା ବନ୍ଦ କଲା" ବୋଲି ଅନୁବାଦ କରାଯାଇପାରେ ।
- "ସେମାନଙ୍କ ଜୀବନ ବଞ୍ଚାଇଲେ' ଅଭିବ୍ୟକ୍ତିକୁ "ସେମାନଙ୍କୁ ବଞ୍ଚିବାକୁ ସ୍ୱୀକାର କଲେ" କିମ୍ବା "ସେମାନଙ୍କୁ ବଧ କରି ନାହିଁ" ବୋଲି ଅନୁବାଦ କରାଯାଇପାରେ।
- "ସେମାନେ ନିଜ ଜୀବନକୁ ବିପଦରେ ପକାଇଲେ" ଅଭିବ୍ୟକ୍ତିକୁ "ସେମାନେ ଆପଣାକୁ ବିପଦରେ ପକାଇଲେ" କିମ୍ବା "ସେମାନେ ଏପରି କିଛି କରିଥିଲେ ଯାହା ସେମାନଙ୍କୁ ମାରି ଦେଇଥାଆନ୍ତା" ବୋଲି ଅନୁବାଦ କରାଯାଇପାରେ।
- ଯେତେବେଳେ ବାଇବେଲ ପାଠ୍ୟ ଅନନ୍ତ ଜୀବନ ବିଷୟରେ କୁହେ, "ଜୀବନ" ଶବ୍ଦକୁ ନିମ୍ନଲିଖିତ ଭାବରେ ଅନୁବାଦ କରାଯାଇପାରେ: "ଅନନ୍ତ ଜୀବନ" କିମ୍ବା "ଈଶ୍ୱର ଆମ୍ଭମାନଙ୍କୁ ଆମ୍ଭମାନଙ୍କ ଆତ୍ମାରେ ସଜୀବ କରାନ୍ତି" କିମ୍ବା "ଈଶ୍ୱରଙ୍କ ଆତ୍ମା ଦ୍ୱାରା ନୂତନ ଜୀବନ" କିମ୍ବା "ଆମ୍ଭମାନେ ଆପଣା ହୃଦୟରେ ଜୀବନ୍ତ କରାଯାଇଅଛୁ।"
- "ଆତ୍ମିକ ଜୀବନ" ର ଧାରଣାକୁ ଅନୁବାଦ କଲେ "ପରମେଶ୍ୱର ଆମକୁ ଆତ୍ମିକ ଜୀବନରେ ଜୀବନ୍ତ କରନ୍ତି "କିମ୍ବା"ପରମେଶ୍ୱରଙ୍କର ଆତ୍ମାରେ ନୂତନ ଜୀବନ "କିମ୍ବା"ଅନ୍ତର ମଧ୍ୟରେ ଜୀବନ୍ତ କରା ଯିବା "ହୁଏ I
- ପ୍ରସଙ୍ଗ ଉପରେ ନିର୍ଭର କରି, "ଜୀବନ ଦେବା" ଅଭିବ୍ୟକ୍ତିକୁ "ବଞ୍ଚିବାକୁ ଦେବା" କିମ୍ବା "ଅନନ୍ତ ଜୀବନ ଦେବା" କିମ୍ବା "ଅନନ୍ତତାରେ ବାସ କରିବାକୁ କାରଣ ହେବା "ବୋଲି ଅନୁବାଦ କରାଯାଇପାରେ I ପ୍ରସଙ୍ଗ ଉପରେ ନିର୍ଭର କରି, "ଜୀବନ ଦେବା" ଅଭିବ୍ୟକ୍ତିକୁ "ବଞ୍ଚିବାକୁ ଦେବା" କିମ୍ବା "ଅନନ୍ତ ଜୀବନ ଦେବା" କିମ୍ବା "ଅନନ୍ତକାଳ ଜୀବନରେ ବଞ୍ଚିବାକୁ ଦେବା" ବୋଲି ଅନୁବାଦ କରାଯାଇପାରେ।

(ମୃତ୍ୟୁ, ଚିରସ୍ଥାୟୀ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ପିତର1:3
- ପ୍ରେରିତ 10:42
- ଆଦି ପୁସ୍ତକ 2:7
- ଆଦି ପୁସ୍ତକ 7:22
- ଏବ୍ରୀ 10:20

- ଯିରିମୀୟ44:2
- ଯୋହନ 1:4
- ବିଚାରକର୍ତ୍ତା 2:18
- ଲୂକ 12:23
- ମାଥିଉ 7:14

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **1:10** ଯେଣୁ ଈଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ତାହାଙ୍କଠାରେ **ଜୀବନ** ପ୍ରବେଶ କରାଇଲେ।
- **3:1** ଅନେକ ସମୟ ପରେ ଅନେକ ଲୋକ ଜଗତରେ **ବସ ବାସ** କଲେ।
- **8:13** ଯେତେବେଳେ ଯୋଷେଫର ଭାଇମାନେ ଘରକୁ ଫେରି ଆସିଲେ ଓ ସେମାନଙ୍କ ପିତା ଯାକୁବଙ୍କୁ କହିଲେ ଯୋଷେଫ ଏପର୍ଯ୍ୟନ୍ତ **ଜୀବିତ** ଅଛି, ସେ ଅତ୍ୟନ୍ତ ଆନନ୍ଦିତ ହେଲେ।
- **17:9** ତଥାପି, ତାହାଙ୍କ (ଦାଉଦଙ୍କ) **ଜୀବନର** ଶେଷରେ ସେ ଈଶ୍ୱରଙ୍କ ବିରୁଦ୍ଧରେ ଭୟଙ୍କର ଭାବରେ ପାପ କଲେ।
- **27:1** ଦିନେ, ଯିହୁଦୀ ଧର୍ମ ଶାସ୍ତ୍ରର ବିଜ୍ଞ ଯୀଶୁଙ୍କୁ ପରୀକ୍ଷା କରିବା ନିମନ୍ତେ ଆସି ପଚାରିଲା, “ହେ ଗୁରୁ, ଅନନ୍ତ **ଜୀବନର** ଅଧିକାରୀ ହେବା ନିମନ୍ତେ ମୁଁ କଅଣ କରିବା ଉଚିତ?”
- **35:5** ଯୀଶୁ ଉତ୍ତର ଦେଲେ, “ମୁଁ ପୁନରୁତ୍ଥାନ ଓ **ଜୀବନ** ଅଟେ।”
- **44:5**”ତୁମ୍ଭେମାନେ ସେହି ଲୋକ ଅଟ ଯିଏ ରୋମୀୟ ଅଧିକାରୀଙ୍କୁ ଯୀଶୁଙ୍କୁ ବଧ କରିବାକୁ କହିଥିଲ। ତୁମ୍ଭେ **ଜୀବନର** ସ୍ରଷ୍ଟାଙ୍କୁ ବଧ କରିଛ, କିନ୍ତୁ ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ଉତ୍ଥିତ କରିଅଛନ୍ତି।"

ଶବ୍ଦବିନ୍ୟାସ:

- Strong’s: H1934, H2416, H2417, H2421, H2425, H5315, G01980, G02220, G02270, G08060, G05900

ଡାକ, ଆହ୍ୱାନ

ପରିଭାଷା:

ଏହି ଶବ୍ଦଗୁଡ଼ିକର ଅର୍ଥ ସାଧାରଣତଃ ଉଚ୍ଚ ସ୍ୱରରେ କହିବା ଅଟେ କିନ୍ତୁ "ଡାକିବା" ଶବ୍ଦର ଅର୍ଥ ମଧ୍ୟ ଜଣେ ବ୍ୟକ୍ତିଙ୍କ ନାମ ନେଇ କିମ୍ବା ଡାକିବାକୁ ବୁଝାଏ I ଏହି ଶବ୍ଦଗୁଡ଼ିକର ଅନ୍ୟ ଅର୍ଥ ମଧ୍ୟ ରହିଛି I

- କାହାକୁ "ଡାକିବା" ଅର୍ଥ ଚିତ୍କାର କରିବା, ଘୋଷଣା କରିବା କିମ୍ବା ଘୋଷଣା କରିବା ଅଟେ I ଏହାର ଅର୍ଥ କାହାକୁ ସାହାଯ୍ୟ ମାଗିବା, ବିଶେଷ କରି ଈଶ୍ୱରଙ୍କୁ ମାଗିବା ଅଟେ I
- ପ୍ରାୟତଃ ବାଇବେଲରେ, "ଡାକିବା" ର ଅର୍ଥ "ଡାକିବା" କିମ୍ବା "ଆସିବାକୁ ଆଦେଶ" କିମ୍ବା "ଆସିବାକୁ ଅନୁରୋଧ" ଅଟେ I
- ଈଶ୍ୱର ଲୋକମାନଙ୍କୁ ତାଙ୍କ ନିକଟକୁ ଆସିବାକୁ ଏବଂ ତାଙ୍କ ଲୋକ ହେବାକୁ ଡାକନ୍ତି I ଏହା ହେଉଛି ସେମାନଙ୍କର "ଆହ୍ୱାନ" I
- ଯେତେବେଳେ ଈଶ୍ୱର ଲୋକମାନଙ୍କୁ "ଡାକନ୍ତି", ଏହାର ଅର୍ଥ ଈଶ୍ୱର ଲୋକମାନଙ୍କୁ ତାଙ୍କର ସନ୍ତାନ ହେବାକୁ, ତାଙ୍କର ସେବକ ଏବଂ ଯୀଶୁଙ୍କ ମାଧ୍ୟମରେ ପରିତ୍ରାଣର ବାର୍ତ୍ତା ପ୍ରଚାରକ ଭାବରେ ନିଯୁକ୍ତ କରିବାକୁ ଡାକନ୍ତି I
- ଏହି ଶବ୍ଦଟି କାହାର ନାମକରଣ ପ୍ରସଙ୍ଗରେ ମଧ୍ୟ ବ୍ୟବହୃତ ହୁଏ I ଉଦାହରଣ ସ୍ୱରୂପ, "ତାଙ୍କ ନାମ ଯୋହନ ରଖାଗଲା," ଅର୍ଥାତ୍ "ସେ ଯୋହନ" କିମ୍ବା "ତାଙ୍କର ନାମ ଯୋହନ" ଅଟେ I
- "ନାମ ଧରି ଡାକିବା" ର ଅର୍ଥ କାହାକୁ ଅନ୍ୟର ନାମ ଦିଆଯାଏ I ଈଶ୍ୱର କହନ୍ତି ଯେ ସେ ନିଜ ଲୋକମାନଙ୍କୁ ତାଙ୍କ ନାମରେ ଡାକିଛନ୍ତି।
- ଏକ ଭିନ୍ନ ଅଭିବ୍ୟକ୍ତି, "ମୁଁ ତୁମ୍ଭ ନାମରେ ଡାକିଲି" ଅର୍ଥାତ୍ ଈଶ୍ୱର ସେହି ବ୍ୟକ୍ତିଙ୍କୁ ବିଶେଷ ଭାବରେ ବାଛିଛନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଡାକିବା" ଶବ୍ଦକୁ "ଆହ୍ୱାନ ପତ୍ର", ଯାହାକି ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ସଫଳ କରିବା ଚିନ୍ତାଧାରାରେ ଆହ୍ୱାନ କରିବା ବୋଲି ଅନୁବାଦ କରାଯାଇପାରେ I
- "ତୁମକୁ ଡାକିବା" ଶବ୍ଦକୁ "ତୁମଠାରୁ ସାହାଯ୍ୟ ମାଗିବା" କିମ୍ବା "ଶୀଘ୍ର ତୁମ ନିକଟରେ ବିନତୀ କରିବା" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ବାଇବେଲ ପ୍ରକାଶ କରେ ଯେ ଈଶ୍ୱର ଆତ୍ମମାନଙ୍କୁ ତାହାଙ୍କ ପରିଚାରକ ହେବା ନିମନ୍ତେ "ଆହ୍ୱାନ" କରିଛନ୍ତି: ତାଙ୍କର ପରିଚାରକ ହେବାକୁ "ଆତ୍ମମାନଙ୍କୁ ବିଶେଷ କରି ନିଯୁକ୍ତ କରିଛନ୍ତି" କିମ୍ବା "ଆତ୍ମମାନଙ୍କୁ ନିଯୁକ୍ତ କରିଅଛନ୍ତି"I
- ତୁମ୍ଭେ ତାହାର ନାମ ଧରି ଡାକିବ" ବାକ୍ୟାଂଶକୁ , "ତୁମେ ତାହାର ନାମ ଦେବ" ବୋଲି ଅନୁବାଦ କରାଯାଇପାରେ I
- ତାହାର ନାମ ଏପରି କୁହାଯିବ" ଶବ୍ଦକୁ "ତାଙ୍କର ନାମ " କିମ୍ବା "ତାଙ୍କର ନାମ ଏପରି" ବୋଲି ଅନୁବାଦ କରାଯାଇପାରେI
- ଡାକିବା' ଶବ୍ଦକୁ "ଜୋରରେ ଡାକିବା" କିମ୍ବା "ପାଟି କରି" କିମ୍ବା "ଉଚ୍ଚସ୍ୱରରେ କଥା ହେବାକୁ" ଅଟେ I
- "ତୁମର ଆହ୍ୱାନ" କୁ "ତୁମ୍ଭର ଉଦ୍ଦେଶ୍ୟ" କିମ୍ବା "ଈଶ୍ୱରଙ୍କର ତୁମ ପାଇଁ ଯୋଜନା" କିମ୍ବା "ତୁମଠାରେ ଈଶ୍ୱର ଙ୍କର ବିଶେଷ ପ୍ରୟୋଜନ" ବୋଲି ଅନୁବାଦ କରାଯାଇପାରେ I
- ସଦାପ୍ରଭୁଙ୍କ ନାମରେ ବିନତୀ କର" ବକ୍ୟାଂଶକୁ "ସଦାପ୍ରଭୁଙ୍କୁ ଅନ୍ୱେଷଣ କର ଏବଂ ତାହାଙ୍କ ଉପରେ ଭରସା ରଖ" କିମ୍ବା "ସଦାପ୍ରଭୁଙ୍କ ଠାରେ ନିର୍ଭର କର ଏବଂ ତାହାଙ୍କର ବାଧ୍ୟ ହୁଅ" ବୋଲି ଅନୁବାଦ କରାଯାଇପାରେ I
- କୌଣସି ବିଷୟ ପାଇଁ ଡାକିବା ଅର୍ଥ "ଡାଗିଦ୍ କରିବା " କିମ୍ବା "ମାଗିବା" କିମ୍ବା "ଆଦେଶ କରିବା" ଅଟେ
- "ତୁମ୍ଭମାନଙ୍କର ନାମ ଧରି ଡକାଯାଇଅଛି" ବାକ୍ୟାଂଶକୁ "ମୁଁ ତୁମ୍ଭମାନଙ୍କୁ ମୋର ନାମ ଦେଇଅଛି, ଯାହାର ଅର୍ଥ ତୁମେ ମୋର ଅଂଶୀଦାର" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ଈଶ୍ୱର କହନ୍ତି, "ମୁଁ ତୁମ୍ଭର ନାମ ଧରି ଡାକିଛି", ଏହି ବାକ୍ୟାଂଶକୁ "ମୁଁ ତୁମ୍ଭମାନଙ୍କୁ ଜାଣେ, ଏବଂ ମୁଁ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ପ୍ରାର୍ଥନା, ରୋଦନ ଦେଖନ୍ତୁ)

ବାଇବେଲର ପଦପର୍ବ:

- ପ୍ରଥମ ରାଜାବଳୀ 18:24
- ପ୍ରଥମ ଥେସଲନିକୀୟ 4:7
- ଦ୍ୱିତୀୟ ତୀମଥି 1:9
- ଏଫିସୀୟ 4:1
- ଗାଲାତୀୟ 1:15
- ମାଥିଉ 2:15
- ଫିଲିପ୍ପୀୟ 3:14

ଶବ୍ଦବିନ୍ୟାସ :

- Strong's: H0559, H2199, H4744, H6817, H7121, H7123, H7769, H7773, G01540, G03630, G14580, G15280, G19410, G19510, G20280, G20460, G25640, G28210, G28220, G28400, G29190, G30040, G31060, G33330, G33430, G36030, G36860, G36870, G43160, G43410, G43770, G47790, G48670, G54550, G55370, G55810

ତ୍ରାଣକର୍ତ୍ତା, ଉଦ୍ଧାରକର୍ତ୍ତା

ସତ୍ୟ ଘଟଣାବଳୀ:

"ଉଦ୍ଧାରକର୍ତ୍ତା" ଶବ୍ଦ ଜଣେ ବ୍ୟକ୍ତିଙ୍କୁ ବୁଝାଏ ଯିଏ ବିପଦରୁ ଉଦ୍ଧାର କିମ୍ବା ରକ୍ଷା କରେ। ଏହା ଯିଏ ଅନ୍ୟମାନଙ୍କୁ ଶକ୍ତି କିମ୍ବା ସେମାନଙ୍କ ନିମନ୍ତେ ଯୋଗେଏ ସେହି ବ୍ୟକ୍ତିଙ୍କୁ ମଧ୍ୟ ସୂଚିତ କରେ।

- ପୂରାତନ ନିୟମରେ, ଈଶ୍ୱରଙ୍କୁ ଇସ୍ରାଏଲର ତ୍ରାଣକର୍ତ୍ତା ଭାବେ ବର୍ଣ୍ଣନା କରାଯାଇଛି କାରଣ ବାରମ୍ବାର ସେ ସେମାନଙ୍କୁ ସେମାନଙ୍କ ଶତ୍ରୁମାନଙ୍କଠାରୁ ରକ୍ଷା କରି, ଶକ୍ତି ଏବଂ ସେମାନେ ବଞ୍ଚିବା ପାଇଁ ଯାହା ଆବଶ୍ୟକ ତାହା ସେମାନଙ୍କୁ ଯୋଗାଇଲେ।
- ପୂରାତନ ନିୟମରେ ଈଶ୍ୱର ଇସ୍ରାଏଲୀୟମାନଙ୍କ ନିମନ୍ତେ ବିଚାରକର୍ତ୍ତାଙ୍କୁ ନିଯୁକ୍ତ କଲେ ଯେଉଁମାନେ ସେମାନଙ୍କୁ ଆକ୍ରମଣ କରିବାକୁ ଆସିଥିବା ଅନ୍ୟ ଗୋଷ୍ଠୀ ବିରୁଦ୍ଧରେ ସୁରକ୍ଷା ଦେବାକୁ ଯୁଦ୍ଧରେ ଆଗେଇ ନେଇଥିଲେ। ବେଳେବେଳେ ଏହି ବିଚାରକର୍ତ୍ତାମାନଙ୍କୁ "ଉଦ୍ଧାରକର୍ତ୍ତା" ବୋଲି କୁହାଯାଉଥିଲେ। ପୂରାତନ ନିୟମର ବିଚାରକର୍ତ୍ତା ପୁସ୍ତକରେ ଏହି ବିଚାରକମାନେ ଇସ୍ରାଏଲ ଉପରେ ଶାସନ କରୁଥିବା ସମୟର ଇତିହାସର ସମୟକୁ ଲିପିବଦ୍ଧ କରେ।
- ନୂତନ ନିୟମରେ, "ତ୍ରାଣକର୍ତ୍ତା" ଶବ୍ଦକୁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ବ୍ୟବହାର ହୋଇଛି କାରଣ ପାପର ଅନନ୍ତକାଳିନ ଦଣ୍ଡରୁ ସେ ଲୋକମାନଙ୍କୁ ଉଦ୍ଧାର କରନ୍ତି। ସେ ମଧ୍ୟ ସେମାନଙ୍କୁ ସେମାନଙ୍କ ପାପ ଦ୍ୱାରା ନିୟନ୍ତ୍ରଣରୁ ଉଦ୍ଧାର କରନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯଦି ସମ୍ଭବ, "ଉଦ୍ଧାରକର୍ତ୍ତା" ଶବ୍ଦକୁ "ଉଦ୍ଧାର" କିମ୍ବା "ପରିତ୍ରାଣ" ଶବ୍ଦଗୁଡ଼ିକ ସହ ସଂପୃକ୍ତ କରି ଅନୁବାଦ କରିବା ଉଚିତ।
- ଏହି ଶବ୍ଦକୁ "ଯିଏ ରକ୍ଷା କରନ୍ତି" କିମ୍ବା "ଈଶ୍ୱର ଯିଏ ରକ୍ଷା କରନ୍ତି" କିମ୍ବା "ଯିଏ ବିପଦରୁ ଉଦ୍ଧାର କରନ୍ତି" କିମ୍ବା "ଯିଏ ଶତ୍ରୁମାନଙ୍କଠାରୁ ରକ୍ଷା କରନ୍ତି" କିମ୍ବା "ଯୀଶୁ, ଯିଏ ପାପରୁ (ଲୋକଙ୍କୁ) ଉଦ୍ଧାର କରନ୍ତି" ବୋଲି ମଧ୍ୟ ଅନ୍ୟ ଭାବରେ ଅନୁବାଦ କରାଯାଇପାରେ ।

(ଉଦ୍ଧାର କରିବା, ଯୀଶୁ, ଉଦ୍ଧାର, ରକ୍ଷା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ତୀମଥି 4:10
- 2 ପିତର 2:20
- ପ୍ରେରିତ 5:29-32
- ଯିଶାଇୟ 60:15-16
- ଲୂକ 1:47
- ଗୀତସଂହିତା 16:19-21

ଶବ୍ଦବିନ୍ୟାସ:

- Strong's: H3467, G49900

ତ୍ୟାଗ କରିବା, ତ୍ୟାଗୀ, ତ୍ୟାଗୀ ଦେଇ ଅଛନ୍ତି, ତ୍ୟାଗୀ ଦେଲେ

ସଂଜ୍ଞା:

"ତ୍ୟାଗ କରିବା "ଶବ୍ଦ ର ଅର୍ଥ ହେଉଛି କାହାକୁ ପରିତ୍ୟାଗ କରିବା କିଅବା ଛାଡ଼ିଦେବା I ଯାହାକୁ ପରିତ୍ୟାଗ କରାଯାଇଅଛି ଆଉ କାହା ଦ୍ୱାରା ଅନ୍ତର କିଅବା ପରିତ୍ୟାଗ ସେ ହୋଇ ଅଛି I

- ଯେତେବେଳେ ଲୋକମାନେ ଈଶ୍ୱରଙ୍କୁ "ପରିତ୍ୟାଗ "କରନ୍ତି, ସେମାନେ ଅନାଜ୍ଞାକାରୀ ହୋଇ ତାହାଙ୍କ ପ୍ରତି ଅବିଶବସ୍ତ ହୋଇ ଅଛନ୍ତି I
- ଯେତେବେଳେ ପରମେଶ୍ୱର ଲୋକଙ୍କୁ "ପରିତ୍ୟାଗ" କରନ୍ତି, ସେ ସେମାନଙ୍କୁ ସାହାଯ୍ୟ କରିବା ବନ୍ଦ କରି ଦିଅନ୍ତି ଓ ସେମାନେ ତାଡ଼ନା ଅନୁଭବରେରେ ଯିବା ନିମନ୍ତେ ଅନୁମତି ଦିଅନ୍ତି କି ସେମାନେ ତାହାଙ୍କ ପାଖକୁ ଫେରି ଆସନ୍ତୁ I
- ଏହି ଶବ୍ଦର ଅର୍ଥ ବସ୍ତୁ ତ୍ୟାଗ, ପରିତ୍ୟାଗ କରିବା, ଈଶ୍ୱରଙ୍କ ଶିକ୍ଷା ଅନୁସାରେ ନ ଚାଲିବା I
- "ପରିତ୍ୟାଗ କଲେ "ଶବ୍ଦ ଅତୀତ କାଳ ନିମନ୍ତେ ବ୍ୟବହାର କରାଯାଇପାରେ, ଯେପରି ସେ ତୁମକୁ ପରିତ୍ୟାଗ "କରି ଅଛନ୍ତି କିଅବା ସେହି ଲୋକ କୁ ଦର୍ଶାଏ ଯେ "ପରିତ୍ୟାଗ" କରାଯାଇଅଛି I

ଅନୁବାଦ ପ୍ରସ୍ତାବ:

ଅଲଗା ପ୍ରକାରେ ଏହି ଶବ୍ଦକୁ ଅନୁବାଦ କଲେ ଏହା "ତ୍ୟାଗୀ ଦେବା "କିଅବା "ଅବହେଳା କରିବା "କିଅବା "ଛାଡ଼ି ଦେବା" କିଅବାଠାରୁ ଦୁରେଇ ଯିବା "କିଅବା "ପଛରେ ଛାଡ଼ିବା ' ଓ ପୃଷ୍ଠଭୂମି ଉପରେ ନିର୍ଭର କରି I

- ଈଶ୍ୱରଙ୍କ ବ୍ୟବସ୍ଥା "ପରିତ୍ୟାଗ "କୁ "ଈଶ୍ୱରଙ୍କ ବ୍ୟବସ୍ଥା ନମାନିବା "ରୂପରେ ଅନୁବାଦ କରାଯାଇପାରେ I

ଏହାକୁ ଏହି ପ୍ରକାରେ ମଧ୍ୟ ଅନୁବାଦ କରାଯାଇପାରେ ଯେପରି "ସମ୍ପୂର୍ଣ୍ଣ ତ୍ୟାଗ କରିବା "କିଅବା ଛାଡ଼ି ଦେବା "କିଅବା ତାହାଙ୍କ ଶିକ୍ଷା କିଅବା ନୀୟମର "ଆଜ୍ଞାକାରୀ ନ ହେବା "I

- ବାକ୍ୟାଂଶ "ତ୍ୟାଗ କରାଯାଇଅଛି "ଏହି ପ୍ରକାରେ ଅନୁବାଦ କରାଯାଇପାରେ ଯେପରି "ଟ୍ୟାଗିକୃତ "କିଅବା "ଦୁରେଇ ଦିଆ ଯାଇଛି "I
- ଏହି ଶବ୍ଦକୁ ସ୍ପଷ୍ଟ ଭାବରେ ଅନୁବାଦ କରିବା ନିମନ୍ତେ ଅଲଗା ଅଲଗା ଶବ୍ଦ ପ୍ରୟୋଗ କରି ଥାଉ, ଏହା ନିର୍ଭର କରେ କି ଅନୁଚ୍ଛେଦ ବ୍ୟକ୍ତି କିଅବା ପଦାର୍ଥ ପରିତ୍ୟାଗ କରିବା ବିଷୟରେ କହୁ ଅଛି I

ବାଇବଲ ପଦପର୍ବ:

- ୧ ରାଜାବଳି ୦୬:୧୧-୧୩
- ଦାନିଏଲ ୧୧:୨୯-୩୦
- ଆଦିପୁସ୍ତକ ୨୪:୨୬-୨୭
- ଯିହୋଶୂୟ୨୪:୧୬-୧୮
- ମାଥିଉ ୨୭:୪୫-୪୭
- ହିତୋପଦେଶ ୨୭:୯-୧୦
- ଗୀତସଂହିତା ୦୭:୧୭-୧୮

ବୋର୍ଡ ଡାଟା :

- Strong's: H488, H2308, H5203, H5428, H5800, H5805, H7503, G646, G657, G863, G1459, G2641,

ଦକ୍ଷିଣ ହସ୍ତ

ପରିଭାଷା:

"ଦକ୍ଷିଣ ହସ୍ତ" ଶବ୍ଦଟି ଜଣେ ବ୍ୟକ୍ତିର ଶରୀରର ଡାହାଣ ହାତକୁ ବୁଝାଏ । ବାଇବେଲରେ, ଏହି ଶବ୍ଦଟି ଶରୀରର ଅନ୍ୟ ଅଂଶକୁ ଜଣେ ବ୍ୟକ୍ତିର ଡାହାଣ ପାର୍ଶ୍ୱରେ, ଜଣେ ବ୍ୟକ୍ତିର ଡାହାଣ ଦିଗକୁ, ଦକ୍ଷିଣ ଦିଗକୁ କିମ୍ବା ଶାସକଙ୍କ ଡାହାଣ ପାର୍ଶ୍ୱରେ ସମ୍ମାନ କିମ୍ବା ଶକ୍ତି ସ୍ଥାନକୁ, କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଦର୍ଶାଇବାକୁ ପ୍ରାୟତଃ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ I

- ଦକ୍ଷିଣ ହସ୍ତ କ୍ଷମତା, ଅଧିକାର, ବା ଶକ୍ତିର ପ୍ରତୀକ ଭାବରେ ବ୍ୟବହୃତ ହୋଇପାରେ I
- ବାଇବେଲ ବର୍ଣ୍ଣନା କରେ ଯେ ଯୀଶୁ ବିଶ୍ୱାସୀମାନଙ୍କର ଶରୀରରୂପ ମଣ୍ଡଳୀର ମସ୍ତକ ଭାବରେ ପିତା ଈଶ୍ୱରଙ୍କ "ଦକ୍ଷିଣ ପାର୍ଶ୍ୱରେ" ଉପବେଶନ କରିଅଛନ୍ତି ଏବଂ ସମସ୍ତ ସୃଷ୍ଟିକୁ ନୀୟନ୍ତ୍ରଣାଧିନ କରୁଛନ୍ତି I
- ସାଧାରଣତଃ ଜଣେ ବ୍ୟକ୍ତିର ଦକ୍ଷିଣ ହସ୍ତ ବିଶେଷ ସମ୍ମାନକୁ ଦର୍ଶାଇଥାଏ, ଯେତେବେଳେ ତାହା ଜଣକର ମସ୍ତକ ଉପରେ ଆଶୀର୍ବାଦ ଭାବରେ ରଖାଯାଏ (ଯେପରି ପିତୃପୁରୁଷ ଯାକୁବ ଯୋଷେଫଙ୍କ ପୁତ୍ର ଇଫ୍ରୟିମଙ୍କୁ ଆଶୀର୍ବାଦ କଲେ) I
- ଜଣକର "ଦକ୍ଷିଣ ପାର୍ଶ୍ୱରେ" ରହି ସେବା କରିବା ଅର୍ଥ, ସେହି ବ୍ୟକ୍ତି ପ୍ରତି ତାହାର ସେବା ବିଶେଷ ଭାବରେ ସାହାଯ୍ୟକାରୀ ଏବଂ ମହତ୍ୱପୂର୍ଣ୍ଣ ଅଟେ ବୋଲି ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ବେଳେବେଳେ "ଦକ୍ଷିଣ ହସ୍ତ" ଶବ୍ଦ ଆକ୍ଷରିକ ଭାବରେ ଜଣେ ବ୍ୟକ୍ତିର ଦକ୍ଷିଣ ହସ୍ତକୁ ସୂଚାଏ, ଠିକ ଯେପରି ରୋମୀୟ ସୈନ୍ୟମାନେ ପରିହାସ କରିବା ନିମନ୍ତେ ଯୀଶୁଙ୍କ ଦକ୍ଷିଣ ହସ୍ତରେ ଗୋଟିଏ ଦଣ୍ଡ ଧରାଇ ଦେଲେ I ଯେଉଁ ଶବ୍ଦକୁ ସ୍ଥାନୀୟ ଭାଷା ଏହି ହସ୍ତକୁ ସୂଚାଇବା ପାଇଁ ବ୍ୟବହାର କରେ ସେହି ଶବ୍ଦକୁ ବ୍ୟବହାର କରି ଅନୁବାଦ କରାଯିବା ଉଚିତ I
- ଆଳଙ୍କାରିକ ବ୍ୟବହାର ସମ୍ପର୍କରେ, ଯଦି ଏକ ଅଭିବ୍ୟକ୍ତି ଏହି ଶବ୍ଦ "ଦକ୍ଷିଣ ହସ୍ତ" ଅନୁର୍ଭୁକ୍ତ କରେ ଏବଂ ତାହା ସ୍ଥାନୀୟ ଭାଷାରେ ସମାନ ଅର୍ଥବୋଧକ ନୁହେଁ, ତେବେ ବିଚାର କରନ୍ତୁ ଯେ, ସେହି ଭାଷାରେ ସେହି ଅର୍ଥକୁ ପ୍ରକାଶ କରୁଥିବା ଭିନ୍ନ ଅଭିବ୍ୟକ୍ତି କିମ୍ବା ଶବ୍ଦ ଅଛି କି ନାହିଁ I
- "ଦକ୍ଷିଣ ହସ୍ତରେ" ଅଭିବ୍ୟକ୍ତିକୁ "ଦକ୍ଷିଣ ପାଖରେ" କିମ୍ବା "ସମ୍ମାନର ସ୍ଥାନ ପାଖରେ" କିମ୍ବା "ଶକ୍ତିର ପଦବୀରେ" କିମ୍ବା "ସାହାଯ୍ୟ କରିବା ନିମନ୍ତେ ପ୍ରସ୍ତୁତ" ବୋଲି ଅନୁବାଦ କରାଯାଇପାରେ I
- "ତାହାଙ୍କ ଦକ୍ଷିଣ ହସ୍ତ ସହ" ବକ୍ୟାଂଶକୁ "ଅଧିକାର ସହ" କିମ୍ବା "ଶକ୍ତି ପ୍ରୟୋଗ କରି" କିମ୍ବା "ତାହାଙ୍କର ଆଶ୍ଚର୍ଯ୍ୟ ଶକ୍ତି ସହ" ବୋଲି ଅନୁବାଦ କରାଯାଇପାରେ I
- "ତାହାଙ୍କର ଦକ୍ଷିଣ ହସ୍ତ ଏବଂ ତାହାଙ୍କ ପରାକ୍ରମୀ ବାହୁ" ର ଆଳଙ୍କାରିକ ଅଭିବ୍ୟକ୍ତି ଈଶ୍ୱରଙ୍କ କ୍ଷମତା ଏବଂ ମହାନ ଶକ୍ତିକୁ ଦୁଇ ପ୍ରକାରେ ଗୁରୁତ୍ୱ ଦେବା କ୍ଷେତ୍ରରେ ବ୍ୟବହାର ହୁଏ I ଏହି ଅଭିବ୍ୟକ୍ତିକୁ "ତାଙ୍କର ଆଶ୍ଚର୍ଯ୍ୟଜନକ ଶକ୍ତି ଏବଂ ମହାନ ପରାକ୍ରମ" ବୋଲି ଅନୁବାଦ କରାଯାଇପାରେ । (ସମାନ୍ତରାଳ: ଦେଖନ୍ତୁ)
- "ସେମାନଙ୍କ ଦକ୍ଷିଣ ହସ୍ତ ମିଥ୍ୟାଅଟେ" ଅଭିବ୍ୟକ୍ତିକୁ "ଏପରିକି ସେମାନଙ୍କ ସମ୍ପର୍କରେ ଅତିଶୟ ସମ୍ମାନଜନକ ବିଷୟ ମିଥ୍ୟାଗୁଡ଼ିକ ଦ୍ୱାରା କଳୁଷିତ ବା ଭ୍ରଷ୍ଟ ହୋଇଛି" କିମ୍ବା "ସେମାନଙ୍କ ସମ୍ମାନର ସ୍ଥାନ ପ୍ରତାରଣା ଦ୍ୱାରା ଭ୍ରଷ୍ଟ ବା ଦୁଷିତ ହୋଇଅଛି" କିମ୍ବା "ସେମାନେ ଆପଣାମାନଙ୍କୁ ଶକ୍ତିଶାଳୀ କରିବା ନିମନ୍ତେ ମିଥ୍ୟାର ଆଶ୍ରୟ ନିଅନ୍ତି" ବୋଲି ଅନୁବାଦ କରାଯାଇପାରେ I

(ଅଭିଯୋଗ, ମନ୍ଦ, ସମ୍ମାନ, ପରାକ୍ରମୀ, ଦଣ୍ଡ ଦେବା, ବିଦ୍ରୋହ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 2:33
ଏହି ସବୁ ଶବ୍ଦଗୁଡ଼ିକ ପବିତ୍ର ଆତ୍ମାଙ୍କୁ ଦର୍ଶାଏ, ଯିଏ ଈଶ୍ୱର ଅଟନ୍ତି। ପିତା, ପୁତ୍ର ଏବଂ ପବିତ୍ର ଆତ୍ମାଙ୍କ ସାଦୃଶ ଜଣେ ପ୍ରକୃତ ଈଶ୍ୱର ଅନନ୍ତକାଳ ବିଦ୍ୟମାନ ଅଟନ୍ତି।

- "ପବିତ୍ର ଆତ୍ମା" ଙ୍କୁ "ଆତ୍ମା" ଓ "ଯିହୋବାଙ୍କ ଆତ୍ମା" ଓ "ସତ୍ୟମୟ ଆତ୍ମା" ବୋଲି ମଧ୍ୟ କୁହାଯାଏ।
- କାରଣ ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି, ସେ ସମ୍ପୂର୍ଣ୍ଣ ଭାବରେ ପବିତ୍ର ଅଟନ୍ତି, ଓ ସେ ଯାହା କରନ୍ତି ସମ୍ପୂର୍ଣ୍ଣ ପବିତ୍ର ଅଟନ୍ତି, ଅନନ୍ତ ଶୁଦ୍ଧ, ଏବଂ ନୈତିକତା ଭାବେ ତାହାଙ୍କ ସମସ୍ତ ସ୍ୱଭାବରେ ଏବଂ ସେ କରୁଥିବା ସମସ୍ତ କାର୍ଯ୍ୟରେ ସିଦ୍ଧ ଅଟନ୍ତି।
- ପିତା ଏବଂ ପୁତ୍ରଙ୍କ ସହିତ ପବିତ୍ର ଆତ୍ମା ଜଗତ ସୃଷ୍ଟି କରିବା ସମୟରେ ସକ୍ରିୟ ଥିଲେ।
- ଯେତେବେଳେ ଈଶ୍ୱରଙ୍କ ପୁତ୍ର ଯୀଶୁ ସ୍ୱର୍ଗକୁ ଆରୋହଣ କଲେ, ଈଶ୍ୱର ତାହାଙ୍କ ଲୋକମାନଙ୍କୁ ଚାଳନା କରିବା ପାଇଁ, ସେମାନଙ୍କୁ ଶିକ୍ଷା ଦେବାକୁ, ସାନ୍ତ୍ୱନା ଦେବାକୁ, ଏବଂ ସେମାନଙ୍କୁ ଈଶ୍ୱରଙ୍କ ଇଚ୍ଛା ସାଧନ କରିବାକୁ ସକ୍ଷମ କରିବା ନିମନ୍ତେ ପବିତ୍ର ଆତ୍ମାଙ୍କୁ ପ୍ରେରଣ କଲେ।
- ପବିତ୍ର ଆତ୍ମା ଯୀଶୁଙ୍କୁ ପରିଚାଳନା କଲେ ଓ ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି ସେମାନଙ୍କୁ ମଧ୍ୟ ପରିଚାଳନା କରନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ ସାଧାରଣତଃ "ପବିତ୍ର" ଓ "ଆତ୍ମା" ଶବ୍ଦଗୁଡ଼ିକୁ ବ୍ୟବହାର କରି ଅନୁବାଦ କରାଯାଇପାରେ।
- ଏହି ଶବ୍ଦକୁ "ଶୁଦ୍ଧ ଆତ୍ମା" କିମ୍ବା "ଆତ୍ମା ଯିଏ ପବିତ୍ର ଅଟନ୍ତି" କିମ୍ବା' "ଈଶ୍ୱର ଆତ୍ମା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ପବିତ୍ର, ଆତ୍ମା, ଈଶ୍ୱର, ପିତା ଈଶ୍ୱର, ଈଶ୍ୱରଙ୍କ, ବରଦାନ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ 10:10
- ପ୍ରଥମ ଥେସଲନୀକୀୟ 4:7-8
- ପ୍ରେରିତ 8:17
- ଗାଲାତୀୟ 5:25
- ଆଦି ପୁସ୍ତକ 1:1-2
- ଯିଶାଇୟ 63:10
- ଆୟୁବ 33:4
- ମାଥିଉ 12:31
- ମାଥିଉ 28:18-19
- ଗୀତସଂହିତା 51:10-11

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **1:1** କିନ୍ତୁ **ଈଶ୍ୱରଙ୍କ ଆତ୍ମା** ଜଳ ଉପରେ ବ୍ୟାପ୍ତ ଥିଲେ।
- **24:8** ଯୀଶୁ ବାପ୍ତିଜିତ ହେଲା ପରେ ଜଳରୁ ଉଠି ଆସିଲେ, **ଈଶ୍ୱରଙ୍କ ଆତ୍ମା** କପୋତ ରୂପରେ ଦେଖା ଦେଇ ଓହ୍ଲାଇ ଆସିଲେ।
- **26:1** ଶୟତାନର ପରୀକ୍ଷାରେ ଜୟ ହେଲା ପରେ, ଯୀଶୁ **ପବିତ୍ର ଆତ୍ମାଙ୍କ** ଶକ୍ତିରେ ଗାଲିଲୀକି ଅଞ୍ଚଳକୁ ବାହୁଡ଼ିଗଲେ ସେ ଯେଉଁଠାରେ ପ୍ରତିପାଳିତ ହୋଇଥିଲେ।
- **26:3** ଯୀଶୁ ପାଠ କଲେ, ଈଶ୍ୱର ମୋତେ **ତାହାଙ୍କ ଆତ୍ମା** ପ୍ରଦାନ କରିଅଛନ୍ତି, ଯେଣୁ ମୁଁ ଗରିବମାନଙ୍କୁ ସୁସମାଚାର, ବନ୍ଦୀମାନଙ୍କୁ ମୁକ୍ତିର, ଅନ୍ଧମାନଙ୍କୁ ଦୃଷ୍ଟିଲାଭର ପୁନଃପ୍ରାପ୍ତି ଏବଂ ଅତ୍ୟାଚାର ପାଉଥିବା ଲୋକମାନଙ୍କୁ ମୁକ୍ତ କରିବାର ଘୋଷଣା କରିପାରେ।"
- **42:10** "ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକମାନଙ୍କୁ ,ମାନ ପିତା, ପୁତ୍ର ଓ **ପବିତ୍ର ଆତ୍ମାଙ୍କ** ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର।"
- **43:3** ସମସ୍ତେ **ପବିତ୍ର ଆତ୍ମାରେ** ଏବଂ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ।
- **43:8** "ପୁଣି ଯୀଶୁ **ପବିତ୍ର ଆତ୍ମାଙ୍କୁ** ପଠାଇଲେ ଯେପରି ସେ କରିବେ ବୋଲି ପ୍ରତିଜ୍ଞା କରିଥିଲେ। **ପବିତ୍ର ଆତ୍ମାଙ୍କ** ହେତୁ ବର୍ତ୍ତମାନ ତୁମ୍ଭେମାନେ ତାହା ଦେଖୁଅଛ ଏବଂ ଶୁଣୁଅଛ।"
- **43:11** ପିତର ସେମାନଙ୍କୁ ଉତ୍ତର ଦେଲେ, "ମନ-ପରିବର୍ତ୍ତନ କର, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ; ଯେଣୁ ଈଶ୍ୱର ତୁମ୍ଭମାନଙ୍କ ପାପ ସବୁ କ୍ଷମା କରିବେ। ତାପରେ ସେ ମଧ୍ୟ ତୁମ୍ଭମାନଙ୍କୁ **ପବିତ୍ର ଆତ୍ମାଙ୍କର** ଦାନ ଦେବେ।"

• **45:1** ସେ (ସ୍ତିଫାନ) ତାହାଙ୍କର ଉତ୍ତମ ସମ୍ମାନ ଥିଲା ଓ ସେ **ପବିତ୍ର ଆତ୍ମା** ଏବଂ ଜ୍ଞାନରେ ପୂର୍ଣ୍ଣଥିଲେ।

ଶବ୍ଦବିନ୍ୟାସ:

• Strong's: H3068, H6944, H7307, G00400, G41510

ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା

ପରିଭାଷା:

"ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା" ବାକ୍ୟାଂଶ ଏକ ସାଙ୍କେତିକ ଅଭିବ୍ୟକ୍ତି ଅଟେ ଯେବେ ଏହା ଜଣେ ବ୍ୟକ୍ତିଙ୍କୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ ସେତବେଳେ ପବିତ୍ର ଆତ୍ମା ସେହି ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ଇଚ୍ଛା ପାଳନ କରିବାକୁ ଶକ୍ତି ପ୍ରଦାନ କରନ୍ତି I

- ଅନେକ ସମୟରେ "ପୂର୍ଣ୍ଣ ହେବା" ଅଭିବ୍ୟକ୍ତିର ଅର୍ଥ "ଦ୍ୱାରା ନୀୟନ୍ତ୍ରଣ" ହେବା ଅଟେ I
- ଲୋକମାନେ "ପବିତ୍ର ଆତ୍ମାରେ ପୂର୍ଣ୍ଣ ହୁଅନ୍ତି" ଯେତେବେଳେ ସେମାନେ ପବିତ୍ର ଆତ୍ମାଙ୍କ ନେତୃତ୍ୱ ଅନୁସରଣ କରନ୍ତି ଏବଂ ଈଶ୍ୱର ଯାହା ଚାହାଁନ୍ତି ତାହା କରିବାରେ ସେମାନଙ୍କୁ ସାହାଯ୍ୟ କରିବାକୁ ସମ୍ପୂର୍ଣ୍ଣ ଭାବରେ ତାଙ୍କ ଉପରେ ନିର୍ଭର କରନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ପବିତ୍ର ଆତ୍ମା ଦ୍ୱାରା ଶକ୍ତି ପ୍ରାପ୍ତହେବା" କିମ୍ବା "ପବିତ୍ର ଆତ୍ମା ଦ୍ୱାରା ନୀୟନ୍ତ୍ରଣ ହେବା" ବୋଲି ଅନୁବାଦ ହୋଇପାରେ I କିନ୍ତୁ ଏହା ପବିତ୍ର ଆତ୍ମା ବ୍ୟକ୍ତିଙ୍କୁ ଏହିପରି କରିବାକୁ ବାଧ୍ୟ କରୁଛନ୍ତି ବୋଲି ବୁଝାଇବା ଉଚିତ ନୁହେଁ I
- "ସେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ଥିଲେ" ପରି ଏକ ବାକ୍ୟକୁ "ସେ ସମ୍ପୂର୍ଣ୍ଣରୂପେ ଆତ୍ମାଙ୍କ ଶକ୍ତିରେ ଆଚରଣ କରୁଥିଲେ" କିମ୍ବା "ସେ ସମ୍ପୂର୍ଣ୍ଣରୂପେ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହୋଇଥିଲେ" କିମ୍ବା "ପବିତ୍ର ଆତ୍ମା ତାହାଙ୍କୁ ସମ୍ପୂର୍ଣ୍ଣ ମାର୍ଗଦର୍ଶନ କରୁଥିଲେ" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦର ଅର୍ଥ "ଆତ୍ମା ଦ୍ୱାରା ବପ୍ତିବା" କିନ୍ତୁ "ପବିତ୍ର ଆତ୍ମା ଦ୍ୱାରା ପରିପୂର୍ଣ୍ଣ ହେବା" ଉପରେ ଗୁରୁତ୍ୱ ଦେଇଥାଏ ଯେଉଁଥିରେ ଜଣେ ବ୍ୟକ୍ତି ପବିତ୍ର ଆତ୍ମାଙ୍କୁ ନିଜ ଜୀବନକୁ ନିୟନ୍ତ୍ରଣ କିମ୍ବା ପ୍ରଭାବିତ କରିବାକୁ ଅନୁମତି ଦେଇଥାଏ । ତେଣୁ, ଯଦି ସମ୍ଭବ, ଏହି ଦୁଇଟି ଅଭିବ୍ୟକ୍ତିକୁ ପୃଥକ ଭାବରେ ଅନୁବାଦ କରାଯିବା ଉଚିତ ।

(ପବିତ୍ର ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 4:31
- ପ୍ରେରିତ 5:17
- ପ୍ରେରିତ 6:8-9
- ଲୂକ 1:15
- ଲୂକ 1:39-41
- ଲୂକ 4:1-2

ଶବ୍ଦବିନ୍ୟାସ :

- Strong's: G0400, G41300, G41370, G41510

ପବିତ୍ର କରିବା, ପବିତ୍ରତା

ପରିଭାଷା:

ପବିତ୍ର କରିବା ଅର୍ଥ ପବିତ୍ର କରିବା ନିମନ୍ତେ ପୃଥକ କରିବା ଅଟେ I ପବିତ୍ରତା, ପବିତ୍ର ହେବାର ନିରନ୍ତର ପ୍ରକ୍ରିୟା ଅଟେ I

- ପୁରାତନ ନିୟମରେ, ଈଶ୍ୱରଙ୍କ ସେବା ନିମନ୍ତେ ନିର୍ଦ୍ଦିଷ୍ଟ ଲୋକ କିମ୍ବା ପଦାର୍ଥ ପବିତ୍ରୀକୃତ କିମ୍ବା ପୃଥକ କରାଯାଉଥିଲା I
- ନୂତନ ନିୟମ ଶିକ୍ଷା ଦିଏ ଯେ ଯେଉଁମାନେ ଯୀଶୁଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କୁ ଈଶ୍ୱର ପବିତ୍ର କରନ୍ତି ଏଣୁ, ସେ ସେମାନଙ୍କୁ ପବିତ୍ର କରନ୍ତି ଏବଂ ତାହାଙ୍କୁ ସେବା କରିବା ନିମନ୍ତେ ପୃଥକ କରନ୍ତି I
- ଯୀଶୁଙ୍କଠାରେ ବିଶ୍ୱାସୀମାନେ ମଧ୍ୟ ନିଜକୁ ଈଶ୍ୱରଙ୍କ ନିକଟରେ ପବିତ୍ର ହେବାକୁ, ପ୍ରତ୍ୟେକ କାର୍ଯ୍ୟରେ ପବିତ୍ର ହେବାକୁ ଆଦେଶ ଦିଆଯାଇଛି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ପବିତ୍ର" ଶବ୍ଦକୁ "ପୃଥକ କରିବା" କିମ୍ବା "ପବିତ୍ର ହୁଅ "କିମ୍ବା "ବିଶୁଦ୍ଧ କରିବା" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ଲୋକମାନେ ଆପଣା ଆପଣାକୁ ପବିତ୍ର କରନ୍ତି, ସେମାନେ ଆପଣାକୁ ବିଶୁଦ୍ଧ କରି ଏବଂ ଈଶ୍ୱରଙ୍କ ସେବା କରିବା ପାଇଁ ଉତ୍ସର୍ଗ କରନ୍ତି I ବାଇବେଲରେ ଏହି ଶବ୍ଦକୁ "ପବିତ୍ର ବୋଲି ଘୋଷଣା କରିବା" ଅର୍ଥରେ ବ୍ୟବହାର କରାଯାଇଅଛି I
- ଯେବେ ଏହାର ଅର୍ଥ "ପବିତ୍ର କରିବା" ଅଟେ ଏହି ଶବ୍ଦକୁ "ଈଶ୍ୱରଙ୍କ ସେବା ନିମନ୍ତେ କାହାକୁ (କୌଣସି ବିଷୟ) ଉତ୍ସର୍ଗ କର" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗକୁ ଆଧାର କରି, "ତୁମ୍ଭର ପବିତ୍ରତା" ବାକ୍ୟାଂଶକୁ "ପବିତ୍ର ହୁଅ "କିମ୍ବା "ତୁମ୍ଭେ ପୃଥକ ହୁଅ (ଈଶ୍ୱରଙ୍କ ପାଇଁ)" କିମ୍ବା "ତୁମ୍ଭମାନଙ୍କୁ ଯାହା ପବିତ୍ର କରିପାରେ" ବୋଲି ଅନୁବାଦ କରାଯାଇପାରେ I

(ପବିତ୍ର , ପବିତ୍ର କରିବା, ପୃଥକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀୟ 4:3-6
- ଦ୍ୱିତୀୟ ଥେସଲନୀକୀୟ 2:13
- ଆଦିପୁସ୍ତକ 2:1-3
- ଲୂକ 11:2
- ମାଥିଉ 6:8-10

ଶବ୍ଦବିନ୍ୟାସ :

- Strong's: H6942, G0370, G0380

ପବିତ୍ର ବ୍ୟକ୍ତି

ପରିଭାଷା:

"ପବିତ୍ର ବ୍ୟକ୍ତି" ବାକ୍ୟାଂଶ ବାଇବେଲରେ ଏକ ନାମ ଅଟେ ଯାହା ପ୍ରାୟତଃ ଈଶ୍ୱରଙ୍କୁ ବୁଝାଏ I

- ପୁରାତନ ନିୟମରେ, ଏହି ନାମକୁ ଅନେକ ସମୟରେ "ଇସ୍ରାଏଲର ପବିତ୍ର ବ୍ୟକ୍ତି" ବାକ୍ୟାଂଶରେ ଉଲ୍ଲେଖ କରାଯାଇଛି I
- ନୂତନ ନିୟମରେ, ଯୀଶୁଙ୍କୁ ମଧ୍ୟ ଇସ୍ରାଏଲର "ପବିତ୍ର ବ୍ୟକ୍ତି" ବୋଲି ଉଲ୍ଲେଖ କରାଯାଇଛି I
- "ପବିତ୍ର ବ୍ୟକ୍ତି" ବାକ୍ୟାଂଶଟି ବେଳେବେଳେ ଦୂତକୁ ଦର୍ଶାଇବାକୁ ବାଇବେଲରେ ବ୍ୟବହାର କରାଯାଇଛିI

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଆକ୍ଷରିକ ଶବ୍ଦ "ପବିତ୍ର" ଅଟେ ("ବ୍ୟକ୍ତି" ଜଡ଼ିତ)I ଅନେକ ଭାଷାରେ (ଇଂରାଜୀ ପରି) ଏହାକୁ ଅନୁବାଦ ("ବ୍ୟକ୍ତି" କିମ୍ବା "ଈଶ୍ୱର") କରାଯାଇପାରେ I
- ଏହି ଶବ୍ଦକୁ "ଈଶ୍ୱର, ଯେ ପବିତ୍ର" କିମ୍ବା "ପୃଥକ କରାଯାଇଥିବା ଜଣକ" ବୋଲି ଅନୁବାଦ କରାଯାଇପାରେ I
- "ଇସ୍ରାଏଲର ପବିତ୍ର ବ୍ୟକ୍ତି" ବାକ୍ୟାଂଶକୁ "ପବିତ୍ର ଈଶ୍ୱର ଯାହାଙ୍କୁ ଇସ୍ରାଏଲ ଉପାସନା କରେ" କିମ୍ବା "ପବିତ୍ର ବ୍ୟକ୍ତି ଯେ ଇସ୍ରାଏଲ ଉପରେ ଶାସନ କରନ୍ତି" ବୋଲି ଅନୁବାଦ କରାଯାଇପାରେ I
- "ପବିତ୍ର" ଶବ୍ଦ ପାଇଁ ଯେଉଁ ଶବ୍ଦ ବ୍ୟବହାର କାରାଯାଇଅଛି ସେହି ଶବ୍ଦକୁ ବ୍ୟବହାର କରି ଏହି ଶବ୍ଦକୁ ଅନୁବାଦ କରନ୍ତୁ I

(ପବିତ୍ର, ଈଶ୍ୱର: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ଯୋହନ 2:20
- 2 ରାଜାବଳୀ 19:22
- ପ୍ରେରିତ 2:27
- ପ୍ରେରିତ 3:13-14
- ଯିଶାଇୟ 5:15-17
- ଯିଶାଇୟ 41: 14
- ଲୂକ 04:33-35

ଶବ୍ଦବିନ୍ୟାସ :

- Strong's: H2623, H376, H6918, G40, G3741

ପବିତ୍ର ସ୍ଥାନ

ସଂଜ୍ଞା:

"ପବିତ୍ର ସ୍ଥାନ "ଶବ୍ଦ ର ଆକ୍ଷରିକ ଅର୍ଥ ହେଉଛି "ଶୁଚୀ ସ୍ଥାନ "ଏବଂ ଯେଉଁ ସ୍ଥାନ କୁ ପରମେଶ୍ୱର ପବିତ୍ର ଓ ଶୁଦ୍ଧ କରିଅଛନ୍ତି ବୁଝାଇଥାଏ ଯେଉଁଠି ସୁରକ୍ଷା ଓ ନିରାପତ୍ତା ଥିବା ସ୍ଥାନ କୁ ମଧ୍ୟ ଏହା ନିର୍ଦ୍ଦେଶ କରେ

- ପୁରାତନ ନିୟମରେ, "ପବିତ୍ର ସ୍ଥାନ" ଶବ୍ଦ ବାରମ୍ବାର ସମାଗମ ତମ୍ବୁ କିମ୍ବା ମନ୍ଦିର କୁ ବୁଝାଏ ଯେଉଁ ସ୍ଥାନରେ "ପବିତ୍ର ସ୍ଥାନ" ଓ "ମହା ପବିତ୍ର ସ୍ଥାନ" ଅବସ୍ଥିତ
- ପରମେଶ୍ୱର ପବିତ୍ର ସ୍ଥାନ ଯେଉଁଠି ଇସ୍ରାଏଲ ଲୋକମାନଙ୍କ ମଧ୍ୟରେ ବାସ କରନ୍ତି କୁ ବୁଝାଏ
- ସେ ନିଜକୁ "ପବିତ୍ର" କିମ୍ବା ତାହାଙ୍କ ଲୋକମାନଙ୍କ ନିମନ୍ତେ ନିରାପଦ ସ୍ଥାନ ଯେଉଁ ଠାରେ ଲୋକମାନେ ସୁରକ୍ଷା ପାଇବେ

ଅନୁବାଦ ପ୍ରସ୍ତାବ ଗୁଡିକ:

- ଏହି ଶବ୍ଦର ମୁଳ ଅର୍ଥ ହେଉଛି "ପବିତ୍ର ସ୍ଥାନ" କିମ୍ବା "ଏକ ସ୍ଥାନ ଯାହା ପୃଥକ ହୋଇଛି"
- ପୃଷ୍ଠଭୁମୀକୁ ଦେଖିଲେ, "ପବିତ୍ର ସ୍ଥାନ" ଶବ୍ଦ ଅନୁବାଦ ହୋଇପାରିବ ଯଥା "ଶୁଦ୍ଧ ଭୂମି" କିମ୍ବା "ପବିତ୍ର ଅଟ୍ଟାଳିକା "କିମ୍ବା "ପରମେଶ୍ୱରଙ୍କ ପବିତ୍ର ଉପସ୍ଥିତି" କିମ୍ବା "ସୁରକ୍ଷିତ ଜାଗା" କିମ୍ବା "ନିରାପତ୍ତା ନିମନ୍ତେ ପବିତ୍ର ସ୍ଥାନ"
- ବାକ୍ୟ ଖଣ୍ଡ "ପବିତ୍ର ମୁଦ୍ରା " କୁ ଅନୁବାଦ ହୋଇପାରିବ ଯଥା "ସମାଗମ ତମ୍ବୁ ନିମନ୍ତେ ଦିଆଯାଇଥିବା ବିଭିନ୍ନ ମୁଦ୍ରା "କିମ୍ବା "ମନ୍ଦିର ର ଯତ୍ନ ନେବା ପାଇଁ କର ଦେବା ନିମନ୍ତେ ମୁଦ୍ରା ବ୍ୟବହାର କରିବା"
- ବିଶେଷ ଦ୍ରଷ୍ଟବ୍ୟ:

ଆଧୁନିକ ଯୁଗର ମଣ୍ଡଳୀ ପରି ଗୋଟିଏ ଗୃହ ଭିତରେ ଉପାସନା କରିବ ନୁହେଁ ଅନୁବାଦକମାନେ ଅନୁବାଦ ସମୟରେ ଧ୍ୟାନ ଦେବେ

(ଦେଖ: ପବିତ୍ର, ପବିତ୍ର ଆତ୍ମା, ଶୁଦ୍ଧ, ପୃଥକୀ କରଣ, ସମାଗମ ତମ୍ବୁ, କର, ମନ୍ଦିର)

ବାଇବଲ ସନ୍ଦର୍ଭ:

- ଆମୋଷ ୦୭:୧୨-୧୩
- ଯାତ୍ରା ୨୫:୩-୭
- ଯିହିଜିକଲ ୨୫:୩-୫
- ଏବ୍ରୀ ୦୮:୧-୨
- କୁକ ୧୧:୪୯-୫୧
- ଗଣନା ୧୮:୧-୨
- ଗୀତସଂହିତା ୦୭୮:୬୭-୬୯

ବୋର୍ଡ ଡାଟା :

- Strong's: H4720, H6944, G39

ପବିତ୍ର ସ୍ଥାନ:

ସଂଜ୍ଞା:

ବାଇବଲରେ, "ପବିତ୍ର ସ୍ଥାନ "ଓ "ମହା ପବିତ୍ର ସ୍ଥାନ "ଶବ୍ଦ ତମ୍ବୁ ଓ ମନ୍ଦିରର ଦୁଇ ଭାଗ କୁ ଦର୍ଶାଏ I

- "ପବିତ୍ର ସ୍ଥାନ "ହେଉଛି ପ୍ରଥମ କୋଠରୀ ଓ ଏହି ଠାରେ ଧୂପ ବେଦୀ ଓ ବିଶେଷ ରୋଟୀ ରଖା ଯାଇଥିବା ମେଜ ରହେ I
- "ମହା ପବିତ୍ର ସ୍ଥାନ "ହେଉଛି ଦ୍ୱିତୀୟ କୋଠରୀ ଓ ଏହି ଠାରେ ନୀୟମ ସିନ୍ଦୁକ ରହେ I
- ଏକ ମୋଟା ଓ ଓଜନ ପରଦା ବାହାର କୋଠରୀଠାରୁ ଭିତର କୋଠରୀ କୁ ଅଲଗା କରେ I
- ମହାଯାଜକ କେବଳ ଜଣେ ଯେ ସେହି ମହା ପବିତ୍ର ସ୍ଥାନ କୁ ଯାଇପାରେ I
- ଅନେକ ସମୟରେ "ପବିତ୍ର ସ୍ଥାନ "ନିର୍ମିତ ଘର ଓ ବାହାର ପ୍ରାଂଗଣ ମନ୍ଦିର କିଅବା ତମ୍ବୁ ର ଦେଖାଏ I

ଏହା ଯେ କୌଣସି ସ୍ଥାନ କୁ ଦର୍ଶାଏ ଯାହା ପରମେଶ୍ୱରଙ୍କ ନିମନ୍ତେ ଅଲଗା କରାଯାଇଅଛି I

ଅନୁବାଦ ପ୍ରସ୍ତାବ:

- "ପବିତ୍ର ସ୍ଥାନ" ଶବ୍ଦକୁ "ପରମେଶ୍ୱରଙ୍କ ନିମନ୍ତେ ଅଲଗା କରା ଯାଇଥିବା କୋଠରୀ "କିଅବା "ଏକ ବିଶେଷ କୋଠରୀ ପ୍ରଭୁଙ୍କ ସହିତ ମିସିବାକୁ "କିଅବା "ପରମେଶ୍ୱରଙ୍କ ନିମନ୍ତେ ସଂରକ୍ଷିତ କୋଠରୀ" ରୂପରେ ଅନୁବାଦ କରାଯାଏ I
- "ମହା ପବିତ୍ର ସ୍ଥାନ" ଶବ୍ଦକୁ "ପରମେଶ୍ୱରଙ୍କ ନିମନ୍ତେ ସବୁଠୁ ଅଲଗା କରା ଯାଇଥିବା କୋଠରୀ "କିଅବା "ଏକ ବିଶେଷ କୋଠରୀ ପ୍ରଭୁଙ୍କ ସହିତ ମିସିବାକୁ "ରୂପରେ ଅନୁବାଦ କରାଯାଏ I
- ପୃଷ୍ଠଭୂମି ଉପରେ ନିର୍ଭର କରି, ଅଲଗା ପ୍ରକାରେ ସାଧାରଣ ଅଭିବ୍ୟକ୍ତି "ଏକ ପବିତ୍ର ସ୍ଥାନ "କୁ "ଏକ ଶୁଦ୍ଧି କରଣ ସ୍ଥାନ "କିଅବା "ଏକ ସ୍ଥାନ ଯାହା ପ୍ରଭୁ ଅଲଗା କରି ଅଛନ୍ତି "କିଅବା "ଏକ ସ୍ଥାନ ମନ୍ଦିର ପ୍ରାଂଗଣରେ, ଯାହା ପବିତ୍ର ଅଟେ "କିଅବା "ପରମେଶ୍ୱରଙ୍କ ପବିତ୍ର ମନ୍ଦିରର ପ୍ରାଂଗଣ "ରୂପରେ ଅନୁବାଦ କରାଯାଏ I

(ଆହୁରି ଦେଖନ୍ତୁ: ଧୂପ ବେଦୀ, ନୀୟମ ସିନ୍ଦୁକ, ରୋଟୀ, ଶୁଧିକରଣ, ପ୍ରାଂଗଣ, ପରଦା, ପବିତ୍ର, ଅଲଗା କରିବା, ତମ୍ବୁ, ମନ୍ଦିର)

ବାଇବଲ ପଦପର୍ବ:

- ୧ ରାଜାବଳି ୦୬:୧୬-୧୮
- ପ୍ରେରିତ ୦୬:୧୨-୧୫
- ଯାତ୍ରାପୁସ୍ତକ ୨୬:୩୧-୩୩
- ଯାତ୍ରାପୁସ୍ତକ ୩୧:୧୦-୧୧
- ଯିହଜିକଲ ୪୧:୧-୨
- ଏଜ୍ରା ୦୯:୮-୯
- ଏବ୍ରୀ ୦୯:୧-୨
- ଲେବୀୟ ବ୍ୟବସ୍ଥା ୧୬:୧୭-୧୯
- ମାଥିଉ ୨୪:୧୫-୧୮
- ପ୍ରକାଶିତ ବାକ୍ୟ ୧୫:୫-୬

ବୋର୍ଡ ଡାଟା :

- Strong's: H1964, H4720, H4725, H5116, H6918, H6944, G39, G40, G3485, G5117

ପବିତ୍ର, ପବିତ୍ର ବୋଲି ଘୋଷଣା କରିବା, ଉତ୍ସର୍ଗ

ସଂଜ୍ଞା:

ପବିତ୍ର କରିବା ଅର୍ଥ କୌଣସି କିମ୍ବା କିଛି କୁ ପରମେଶ୍ୱରଙ୍କ ସେବା କରିବା ନିମନ୍ତେ ଉତ୍ସର୍ଗ ବ୍ୟକ୍ତି କିମ୍ବା ପଦାର୍ଥ ଯାହା ପବିତ୍ରିକରଣ ହୋଇଛି ତାହାକୁ ପରମେଶ୍ୱରଙ୍କ ନିମନ୍ତେ ଅଲଗା କରିବା

- ଏହି ଶବ୍ଦ "ଶୁଦ୍ଧ" କିମ୍ବା "ପବିତ୍ର ହୁଅ "ଗୁଡିକର ଅର୍ଥ ସମାନ କିନ୍ତୁ ଆଉ କିଛି ଯୋଡା ଯାଇଛି ଯଥା ପରମେଶ୍ୱରଙ୍କ ସେବା ନିମନ୍ତେ କୌଣସି ବ୍ୟକ୍ତି କିମ୍ବା ପଦାର୍ଥ ଅଲଗା କର
- ଯେଉଁ ପଦାର୍ଥ ପରମେଶ୍ୱର ପବିତ୍ରୀକୃତ କରିଛନ୍ତି ତାହା ବଳିଦାନ ନିମନ୍ତେ ପଶୁ, ହୋମବଳି ଦାନ, ଏବଂ ସମାଗମ ତମ୍ବୁ
- ପରମେଶ୍ୱରଙ୍କ ନିମନ୍ତେ ଯେଉଁ ବ୍ୟକ୍ତି ଉତ୍ସର୍ଗ ହୋଇଛନ୍ତି ପୁରୋହିତ ସହିତ, ଇସ୍ରାଏଲ ଲୋକ ଏବଂ ବୃଦ୍ଧି ପାଉଥିବା ପୁରୁଷ ପିଲା
- ବେଳେବେଳେ "ପବିତ୍ରୀ କରଣ" ଶବ୍ଦର ଅର୍ଥ "ଶୁଦ୍ଧ" ସହିତ ସମାନ, ବିଶେଷ ଭାବେ ଯେତେବେଳେ ପରମେଶ୍ୱରଙ୍କ ସେବା ନିମନ୍ତେ ପ୍ରସ୍ତୁତ କରିବା ଯେପରି ସେମାନେ ଶୁଦ୍ଧ ଓ ତାହାଙ୍କ ଗ୍ରାହ୍ୟ ହେବେ

ଅନୁବାଦ ପ୍ରସ୍ତାବ:

- "ପବିତ୍ର "ଅନୁବାଦ ସହିତ "ପରମେଶ୍ୱରଙ୍କ ସେବା ନିମନ୍ତେ ଅଲଗା କରିବା" କିମ୍ବା "ପରମେଶ୍ୱରଙ୍କ ସେବା ନିମନ୍ତେ ଶୁଚୀ ହେବ"
- ଆହୁରି "ପବିତ୍ର" ଏବଂ "ଶୁଦ୍ଧ" ଅନୁବାଦ କରାଯାଇଛି

(ଦେଖ: ପବିତ୍ର, ଶୁଦ୍ଧ, ପବିତ୍ରୀ କରଣ)

ବାଇବଲ ସନ୍ଦର୍ଭ:

- ୧ମ ତୀମଥି ୦୪:୩-୫
- ୨ୟ ବଂଶାବଳି ୧୩:୮-୯
- ଯିହିଜିକଲ ୪୪:୧୯

ବୋର୍ଡ ଡାଟା :

- Strong's: H2763, H3027, H4390, H4394, H5144, H5145, H6942, H6944, G1457, G5048

ପବିତ୍ର, ପବିତ୍ରତା, ଅପବିତ୍ର, ଶୁଦ୍ଧ

ପରିଭାଷା:

"ପବିତ୍ର" ଓ ପବିତ୍ରତା ଶବ୍ଦ ଈଶ୍ୱରଙ୍କ ବିଶେଷତାକୁ ବୁଝାଏ ଯାହା ସମ୍ପୂର୍ଣ୍ଣ ଭାବେ ପୃଥକ ଅଟେ ଓ ସମସ୍ତ ପାପମୟ ଓ ଅଶୁଦ୍ଧ ବିଷୟଠାରୁ ଅଲଗା ଅଟେ I

- କେବଳ ଈଶ୍ୱର ହିଁ ସିଦ୍ଧ ପବିତ୍ର ଅଟନ୍ତି। ସେ ଲୋକମାନଙ୍କୁ ଓ ସମସ୍ତ ବସ୍ତୁକୁ ପବିତ୍ର କରନ୍ତି।
- ଜଣେ ବ୍ୟକ୍ତି ଯିଏ ପବିତ୍ର ଅଟନ୍ତି ସେ ଈଶ୍ୱରଙ୍କର ଅଟନ୍ତି ଓ ସେ ଈଶ୍ୱରଙ୍କ ସେବା କରିବା ଓ ତାହାଙ୍କର ମହିମା କରିବା ନିମନ୍ତେ ପୃଥକ ହୋଇଅଛନ୍ତି।
- କୌଣସି ବସ୍ତୁ ଯାହା ଈଶ୍ୱର ପବିତ୍ର ବୋଲି ଘୋଷଣା କରିଛନ୍ତି, ଏହାର ଅର୍ଥ ସେ ଏହାକୁ ନିଜ ଗୌରବ ଏବଂ ବ୍ୟବହାର ପାଇଁ ପୃଥକ କରିଅଛନ୍ତି, ଯେପରିକି ଏକ ଯଜ୍ଞବେଦି ଯାହା ତାହାଙ୍କୁ ବଳି ଉତ୍ସର୍ଗ କରିବା ଉଦ୍ଦେଶ୍ୟରେ କେବଳ ବ୍ୟବହୃତ ହୁଏ।
- ଲୋକମାନେ ତାହାଙ୍କ ନିକଟକୁ କେବେ ହେଁ ଆସିପାରନ୍ତି ନାହିଁ ଯେ ପର୍ଯ୍ୟନ୍ତ ସେ ଅନୁମତି ନ ଦିଅନ୍ତି, କାରଣ ସେ ପବିତ୍ର ଅଟନ୍ତି ଏବଂ ସେମାନେ ସାଧାରଣ ମନୁଷ୍ୟ, ପାପୀ ଏବଂ ତ୍ରୁଟିଯୁକ୍ତ ଅଟନ୍ତି।
- ପୂରାତନ ନିୟମରେ, ଈଶ୍ୱର ଯାଜକମାନଙ୍କୁ ତାହାଙ୍କର ବିଶେଷ ସେବା ନିମନ୍ତେ ପୃଥକ କରିଥିଲେ। ଈଶ୍ୱରଙ୍କ ନିକଟବର୍ତ୍ତି ହେବା ନିମନ୍ତେ ସେମାନେ ବିଧିମତ ଅନୁସାରେ ପାପରୁ ଦୌତ ହେଉଥିଲେ।
- ଈଶ୍ୱର ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନ ଯେପରି ପବିତ୍ର ଏବଂ ଜିନିଷଗୁଡ଼ିକ ପୃଥକ କରିଥିଲେ ଯାହା ତାହାଙ୍କର ଥିଲା କିମ୍ବା ତାହାଙ୍କ ମନ୍ଦିର ଯେଉଁଠାରେ ସେ ନିଜକୁ ପ୍ରକାଶ କରୁଥିଲେ ।

"ଅପବିତ୍ର" ଶବ୍ଦର ଅର୍ଥ ଆକ୍ଷରିକ ରୂପରେ "ପବିତ୍ର ନୁହେଁ" ଅଟେ । ଏହା କେହି କିମ୍ବା କୌଣସି ବସ୍ତୁ ଯାହା ଈଶ୍ୱରଙ୍କୁ ସମ୍ମାନ ଦିଏ ନାହିଁ ତାହାକୁ ସୂଚାଏ।

- ଏହି ଶବ୍ଦ ସେହି ବ୍ୟକ୍ତିକୁ ବର୍ଣ୍ଣନା କରେ ଯିଏ ଈଶ୍ୱରଙ୍କୁ ବିରୋଧ କର ଅସମ୍ମାନ କରେ।
- ଏକ ବସ୍ତୁ ଯାହାକୁ "ଅପବିତ୍ର" ବୋଲି କୁହାଯାଏ ଏହାକୁ ସାଧାରଣ, ଅପବିତ୍ର କିମ୍ବା ଅଶୁଚି ବୋଲି ବର୍ଣ୍ଣନା କରାଯାଇପାରେ । ଏହା ଈଶ୍ୱରଙ୍କର ନୁହେଁ।

"ଶୁଦ୍ଧ ବା ପରିଶୁଦ୍ଧ" ଶବ୍ଦ ଈଶ୍ୱରଙ୍କୁ ଉପାସନା କରିବା ବସ୍ତୁ ସହିତ ସମ୍ବନ୍ଧାନ୍ୱିତ ରଖେ କିମ୍ବା ବିଜାତୀୟମାନଙ୍କ ଦ୍ୱାରା ମିଥ୍ୟା ଦେବତାମାନଙ୍କୁ ପୂଜା କରିବାକୁ ବର୍ଣ୍ଣନା କରେ।

- ପୂରାତନ ନିୟମରେ, ମିଥ୍ୟା ଦେବତାମାନଙ୍କର ପୂଜାରେ ବ୍ୟବହୃତ ପଥର ସ୍ତମ୍ଭ ଏବଂ ଅନ୍ୟାନ୍ୟ ବସ୍ତୁକୁ ବର୍ଣ୍ଣନା କରିବା ପାଇଁ "ଶୁଦ୍ଧ" ଶବ୍ଦ ଅନେକଥର ବ୍ୟବହାର କରାଯାଇଅଛି । ଏହାକୁ "ଧର୍ମପରାୟଣ" ବୋଲି ଅନୁବାଦ କରାଯାଇପାରେ।
- "ଶୁଦ୍ଧ ଭଜନ" କିମ୍ବା "ଶୁଦ୍ଧ ଗୀତ" ସେହି ବାଦ୍ୟ ଯନ୍ତ୍ରକୁ ଦର୍ଶାଏ ଯାହା ଈଶ୍ୱରଙ୍କ ମହିମା ନିମନ୍ତେ ବ୍ୟବହୃତ ହୁଏ। ଏହାକୁ "ଯିହୋବାଙ୍କ ନିମନ୍ତେ ଉପାସନା କରିବା ନିମନ୍ତେ ବାଦ୍ୟ ଯନ୍ତ୍ର" କିମ୍ବା "ଈଶ୍ୱରଙ୍କ ସ୍ତୁତି କରୁଥିବା ସଂଗୀତ" ବୋଲି ଅନୁବାଦ କରାଯାଇପାରେ।
- "ଶୁଦ୍ଧ କର୍ତ୍ତବ୍ୟସବୁ" ବାକ୍ୟାଂଶକୁ "ଧାର୍ମିକ କର୍ତ୍ତବ୍ୟସବୁ" କିମ୍ବା ଈଶ୍ୱରଙ୍କ ଉପାସନା କରିବାରେ ଯାଜକ ଲୋକମାନଙ୍କ ନେତୃତ୍ୱରେ "ଶୁଦ୍ଧି କରଣ" କରନ୍ତି I ଏହା ବିଜାତୀୟ ପୂଜାରୀ ତାର ମିଥ୍ୟା ଦେବତାମାନଙ୍କର ପୂଜା କରିବାର ବିଧିକୁ ମଧ୍ୟ ବୁଝାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

· "ପବିତ୍ର" ଶବ୍ଦକୁ "ଈଶ୍ୱରଙ୍କ ନିମନ୍ତେ ପୃଥକ କରାଯିବା" କିମ୍ବା "ସଂପୂର୍ଣ୍ଣ ଶୁଦ୍ଧ" କିମ୍ବା "ସଂପୂର୍ଣ୍ଣ ପାପ ରହିତ" କିମ୍ବା "ପାପରୁ ପୃଥକ" ବୋଲି ଅନୁବାଦ କରାଯାଇପାରେ।

· "ପବିତ୍ର କରିବା" ବାକ୍ୟାଂଶକୁ ଅନେକ ସମୟରେ ଇଂରାଜୀରେ "ଶୁଦ୍ଧି କରଣ କରିବା" ବୋଲି ଅନୁବାଦ କରାଯାଏ । ଏହି ଶବ୍ଦକୁ "ଈଶ୍ୱରଙ୍କ (କାହା) ନିମନ୍ତେ ପୃଥକ କରାଯିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।

· "ଅପବିତ୍ର" ଶବ୍ଦକୁ "ପବିତ୍ର ନୁହେଁ" କିମ୍ବା "ଈଶ୍ୱରଙ୍କର ନୁହେଁ" କିମ୍ବା "ଈଶ୍ୱରଙ୍କୁ ଅସମ୍ମାନ କରେ" କିମ୍ବା "ଈଶ୍ୱରୀୟ ନୁହେଁ" ବୋଲି କରାଯାଇପାରେ।

· କେତେକ ପ୍ରସଙ୍ଗରେ "ଅପବିତ୍ର" ଶବ୍ଦକୁ "ଅଶୁଦ୍ଧ" ବୋଲି କରାଯାଇପାରେ।

(ପବିତ୍ର ଆତ୍ମା, ପବିତ୍ର କରିବା, ପବିତ୍ର କରିବା, ପୃଥକ କରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 28:22
- 2 ରାଜାବଳୀ 3:2
- ବିଳାପ 4:1
- ଯିହିଜିକଲ 20:18-20

- ମାଥିଉ 7:6
- ମାର୍କ 8:38
- ପ୍ରେରିତ 7:33
- ପ୍ରେରିତ 11:8
- ରୋମୀୟ 1:2
- 2 କରିନ୍ଥୀୟ 12:3-5
- କଲସୀୟ 1:22
- 1 ଥେସଲନୀକୀୟ 3:13
- 1 ଥେସଲନୀକୀୟ 4:7
- 2 ତୀମଥି Timothy 3:15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **1:16** ସେ (ଈଶ୍ୱର) ସପ୍ତମ ଦିନକୁ ଆଶୀର୍ବାଦ କଲେ ଓ ଏହାକୁ **ପବିତ୍ର** କଲେ କାରଣ ଏହି ଦିନରେ ସେ ସମସ୍ତ କାର୍ଯ୍ୟରୁ ବିଶ୍ରାମ ନେଲେ।
- **9:12** "ତୁମ୍ଭେ ଏକ **ପବିତ୍ର** ଭୂମିରେ ଠିଆ ହୋଇଅଛ।
- **13:1** "ଯଦି ତୁମ୍ଭେ ମୋହର ବିଶ୍ୱାସ କରିବ ଓ ମୋର ନିୟମ ପାଳନ କରିବ, ତେବେ ତୁମ୍ଭେ ମୋର ଉପହାର ସମ୍ପତି, ଯାଜକମାନଙ୍କ ବର୍ଗ ଓ ଏକ **ପବିତ୍ର** ଜାତି ହେବ।"
- **13:5** "ବିଶ୍ରାମ ଦିନକୁ ପବିତ୍ର ବୋଲି ସ୍ମରଣ ରଖ।"
- **22:5** "ତେଣୁ ଶିଶୁ ପବିତ୍ର, ଈଶ୍ୱରଙ୍କ ପୁତ୍ର ହେବ।"
- **50:2** ଯେବେ ଆମ୍ଭେମାନେ ଯୀଶୁଙ୍କ ପୁନରାଗମନକୁ ଅପେକ୍ଷା କରୁ, ପ୍ରଭୁ ଆମ୍ଭେମାନେ ଏପରି ଜୀବନଯାପନ କରନ୍ତୁ ବୋଲି ଚାହାନ୍ତି ଯାହା ପବିତ୍ର ଓ ତାହାଙ୍କୁ ସମ୍ମାନ କରେ I

ଶବ୍ଦବିନ୍ୟାସ:

- Strong's: H0430, H2455, H2623, H4676, H4720, H6918, H6922, H6942, H6944, H6948, G00370, G00380, G00400, G00400, G00410, G00420, G04620, G18590, G21500, G24120, G24130, G28390, G37410, G37420

ପରମେଶ୍ୱର

ପରିଭାଷା:

ବାଇବେଲରେ, "ପରମେଶ୍ୱର" ଶବ୍ଦ ଅନନ୍ତ ଈଶ୍ୱର ଓ ଯେ ସମସ୍ତ ବିଶ୍ୱକୁ ଶୂନ୍ୟତାରୁ ସୃଷ୍ଟି କରିଅଛନ୍ତି ତାହାଙ୍କୁ ଦର୍ଶାଏ। ପରମେଶ୍ୱର ପିତା, ପୁତ୍ର ଓ ପବିତ୍ର ଆତ୍ମା ରୂପରେ ଅସ୍ତିତ୍ୱରେ ଅଛନ୍ତି। ପରମେଶ୍ୱରଙ୍କ ବ୍ୟକ୍ତିଗତ ନାମ "ଯିହୋବା" ଅଟେ।

- ପରମେଶ୍ୱର ସର୍ବଦା ବିଦ୍ୟମାନ ଅଛନ୍ତି; ସେ ସୃଷ୍ଟିର ଅସ୍ତିତ୍ୱ ପୁର୍ବେ ଥିଲେ, ଓ ସେ ଚିରକାଳ ନିମନ୍ତେ ନିରନ୍ତର ବିଦ୍ୟମାନ ରହିବେ।
- ସେ ହିଁ କେବଳ ସତ୍ୟ ଈଶ୍ୱର ଅଟନ୍ତି ଓ ବିଶ୍ୱର ସମସ୍ତ ବିଷୟ ଉପରେ ତାହାଙ୍କ ଅଧିକାର ଅଛି।
- ଈଶ୍ୱର ସିଦ୍ଧ ଭାବରେ ଧାର୍ମିକ, ଅନନ୍ତ ଜ୍ଞାନୀ, ପବିତ୍ର, ପାପ ରହିତ, ଧର୍ମୀ, ଦୟାଳୁ ଓ ପ୍ରେମିମୟ ଅଟନ୍ତି।
- ସେ ଆପଣା ଚୁକ୍ତି ରଖନ୍ତି, ସର୍ବଦା ତାହାଙ୍କ ପ୍ରତିଜ୍ଞାଗୁଡ଼ିକ ପୁରଣ କରନ୍ତି ।
- ଈଶ୍ୱରଙ୍କ ଉପାସନା କରିବା ନିମନ୍ତେ ଲୋକମାନଙ୍କୁ ସୃଷ୍ଟି କରାଯାଇଅଛି ଓ ସେମାନେ କେବଳ ତାହାଙ୍କୁ ହିଁ ଉପାସନା କରିବା ଉଚିତ ଅଟେ।
- ଈଶ୍ୱର ତାହାଙ୍କ ନାମ "ଯିହୋବା" ବୋଲି ପ୍ରକାଶ କଲେ, ଯାହାର ଅର୍ଥ "ସେ ଅଟନ୍ତି" କିମ୍ବା"ଆମ୍ଭେ" କିମ୍ବା"ଯିଏ ସର୍ବଦା ବିଦ୍ୟମାନ।"
- ବାଇବେଲ "ମିଥ୍ୟା ଦେବତାମାନଙ୍କ" ବିଷୟରେ ମଧ୍ୟ ଶିକ୍ଷା ଦିଏ, ଯାହା ନିର୍ଜୀବ ପ୍ରତିମୂର୍ତ୍ତି ଅଟେ ଯାହାକୁ ଲୋକମାନେ ପୂଜା କରନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଈଶ୍ୱର" ଶବ୍ଦକୁ "ଦେବ" କିମ୍ବା"ସୃଷ୍ଟିକର୍ତ୍ତା" କିମ୍ବା "ପରମ ବ୍ୟକ୍ତି" କିମ୍ବା "ପରମ ସୃଷ୍ଟିକର୍ତ୍ତା" କିମ୍ବା "ଅସୀମ ସର୍ବଶକ୍ତିମାନ ଈଶ୍ୱର" କିମ୍ବା"ଅନନ୍ତ ସର୍ବୋଚ୍ଚ ବ୍ୟକ୍ତି" ବୋଲି ଅନ୍ୟ ଶବ୍ଦରେ ଅନୁବାଦ କରାଯାଇପାରେ ।
- ଈଶ୍ୱରଙ୍କୁ କିପରି ସ୍ଥାନୀୟ ଓ ରାଷ୍ଟ୍ରୀୟ ଭାଷାରେ ଅନୁବାଦ କରାଯାଇ ଅଛି ତାହା ଦେଖନ୍ତୁ । ହୁଏତ ଅନୁବାଦ କରାଯାଉଥିବା ଭାଷାରେ ଈଶ୍ୱର ଶବ୍ଦ ପାଇଁ ଅନ୍ୟ କୌଣସି ଶବ୍ଦ ଥାଇପାରେ। ଯଦି ଥାଏ, ତେବେ ନିଶ୍ଚିତ କରନ୍ତୁ ଯେ ସେହି ଶବ୍ଦସତ୍ୟ ଈଶ୍ୱରଙ୍କ ଚରିତ୍ର ସହ ମେଳଖାଏ।
- ଅନେକ ଭାଷାରେ ମିଥ୍ୟା ଦେବତାମାନଙ୍କଠାରୁ ପୃଥକ କରିବା ନିମନ୍ତେ ପ୍ରକୃତ ସତ୍ୟ ଈଶ୍ୱରଙ୍କ ନିମନ୍ତେ ଶବ୍ଦର ପ୍ରଥମ ଅକ୍ଷର ବଡ଼ ରଖନ୍ତି । ଏହାକୁ ପୃଥକ କରିବା ନିମନ୍ତେ "ଈଶ୍ୱର" ଓ "ଦେବତା" ଶବ୍ଦ ବ୍ୟବହାର କରାଯାଇପାରେ। ଟିପ୍ପଣୀ: ବାଇବେଲରେ, ଯେତେବେଳେ ଜଣେ ବ୍ୟକ୍ତି ଯିଏ ଯିହୋବାଙ୍କର ଉପାସନା କରେ ନାହିଁ ଯିହୋବାଙ୍କ ବିଷୟରେ କଥା କହେ ଏବଂ "ଦେବତା" ଶବ୍ଦର ବ୍ୟବହାର କରେ, ତେବେ ଏହା ଶବ୍ଦର ପ୍ରଥମ ଅକ୍ଷର ବଡ଼ ନକରି ଲେଖିଲେ ମଧ୍ୟ ଗ୍ରହଣୀୟ ଅଟେ (ଯୂନସ 1:6, 3:9 ଦେଖନ୍ତୁ)।
- "ମୁଁ ସେମାନଙ୍କର ଈଶ୍ୱର ହେବି ଆଉ ସେମାନେ ମୋର ଲୋକ ହେବେ" ବାକ୍ୟାଂଶକୁ "ମୁଁ ଈଶ୍ୱର ଏହି ଲୋକମାନଙ୍କ ଉପରେ ଶାସନ କରିବି ଓ ସେମାନେ ମୋତେ ଉପାସନା କରିବେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକୁ କିପରି ଅନୁବାଦ କରାଯାଏ)

(ସୃଷ୍ଟି, ମିଥ୍ୟା ଦେବତା, ପିତା ଈଶ୍ୱର, ପବିତ୍ର ଆତ୍ମା, ଈଶ୍ୱରଙ୍କ ପୁତ୍ର, ଯିହୋବା ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 1:7
- ପ୍ରଥମ ଶାମୁୟେଲ 10:7-8
- ପ୍ରଥମ ତିମଥି 4:10
- କଲସୀୟ1:16
- ବିବରଣ 29:14-16
- ଏଜ୍ରା 3:1-2
- ଆଦି ପୁସ୍ତକ 1:2
- ହୋଶେୟ4:11-12
- ଯିଶାଇୟ 36:6-7
- ଯାକୁବ 2:20
- ଯିରିମୀୟ 5:5
- ଯୋହନ 1:3
- ଯିହୋଶୂୟ 3:9-11
- ବିଳାପଗୀତ 3:43
- ମିଖା 4:5
- ଫିଲିପ୍ପୀୟ 2:6
- ହିତୋପଦେଶ 24:12

- ଗୀତସଂହିତା 47:9

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 1:1 **ପରମେଶ୍ୱର** ସମସ୍ତ ବିଶ୍ୱ ଓ ତାହା ମଧ୍ୟରେ ସମସ୍ତ ବିଷୟକୁ ଛଅ ଦିନରେ ସୃଷ୍ଟି କଲେ।
- **1:15 ପରମେଶ୍ୱର** ନର ଓ ନାରୀକୁ ତାହାଙ୍କ ପ୍ରତିମୂର୍ତ୍ତିରେ ନିର୍ମାଣ କଲେ।
- **5:3** "ମୁଁ ଶର୍ବଶକ୍ତିମାନ **ପରମେଶ୍ୱର** ଅଟେ"I ମୁଁ ତୁମ୍ଭ ସହିତ ଏକ ଚୁକ୍ତି ସ୍ଥାପନ କରିବି।"
- **9:14 ପରମେଶ୍ୱର** କହିଲେ, "ଆମ୍ଭେ ଯେ ଆମ୍ଭେ ଅଟୁ," 'ସ୍ୱୟମ୍ଭୂ ତୁମ୍ଭମାନଙ୍କ ନିକଟକୁ ମୋତେ ପଠାଇ ଅଛନ୍ତି।' ଆହୁରି ସେମାନଙ୍କୁ କୁହ, 'ଆମ୍ଭେ ସଦାପ୍ରଭୁ, ତୁମ୍ଭମାନଙ୍କର ପୂର୍ବପୁରୁଷ ଅବ୍ରହାମ, ଇସ୍‌ହାକ ଓ ଯାକୁବଙ୍କ **ପରମେଶ୍ୱର** ଅଟୁ। ଚିରଦିନ ନିମନ୍ତେ ଏହା ମହୋର ନାମ ଅଟେ।"
- **10:2** ଏହି ମହାମାରୀ ସକଳ ଦେଇ **ପରମେଶ୍ୱର** ଫାରୁକୁ ଦର୍ଶାଇଲେ ଯେ ସେ ଫାର ଓ ସମସ୍ତ ମିସରୀୟ ଦେବତାମାନଙ୍କଠାରୁ ଅତି ଶକ୍ତିଶାଳୀ ଅଟନ୍ତି।
- **16:1** ଇସ୍ରାଏଲ ଲୋକମାନେ ସଦାପ୍ରଭୁ ଯେ ସତ୍ୟ **ଯିହୋବାଙ୍କୁ** ଛାଡ଼ି କିଣାନୀୟ ଦେବତାମାନଙ୍କର ଉପାସନା କରିବାକୁ ଆରମ୍ଭ ଲାଗିଲେ।
- **22:7** ତୁମ୍ଭେ, ମୋହର ପୁତ୍ର ସର୍ବୋପରିସ୍ଥ **ପରମେଶ୍ୱରଙ୍କର** ଭବିଷ୍ୟତବକ୍ତା କୁହାଯିବ ଯେ ମସିହାଙ୍କୁ ଗ୍ରହଣ କରିବା ନିମନ୍ତେ ଲୋକ ସମୂହକୁ ପ୍ରସ୍ତୁତ କରିବ!"
- **24:9 ପରମେଶ୍ୱର** କେବଳ ଏକ ଅଟନ୍ତି। କିନ୍ତୁ ଯୋହନ ଯେତେବେଳେ ବାପ୍ତିସ୍ମ ଦେଉଥିଲେ ସେ ପିତା **ପରମେଶ୍ୱରଙ୍କର** ବାଣୀ ଶୁଣିଲେ ଓ ପୁତ୍ର ଯୀଶୁଙ୍କୁ ଓ ପବିତ୍ର ଆତ୍ମାଙ୍କୁ ଦେଖିଲେ।
- **25:7** "କେବଳ ତୁମ୍ଭର ପ୍ରଭୁ **ପରମେଶ୍ୱରଙ୍କର** ଉପାସନା କରିବ ଓ ତାହାଙ୍କର ସେବା କରିବ।"
- **28:1** "କେବଳ ଜଣେ ଅଛନ୍ତି ଯିଏ ଉତ୍ତମ ଅଟନ୍ତି, ଓ ସେ **ପରମେଶ୍ୱର** ଅଟନ୍ତି।"
- **49:9** କିନ୍ତୁ **ପରମେଶ୍ୱର** ଜଗତକୁ ଏମନ୍ତ ପ୍ରେମ କଲେ ଯେ ସେ ଆପଣାର ଏକମାତ୍ର ପୁତ୍ରଙ୍କୁ ଦାନ କଲେ, ଯେହେତୁ ଯେ କେହି ଯୀଶୁଙ୍କଠାରେ ବିଶ୍ୱାସ କରେ ସେ ତାର ପାପ ନିମନ୍ତେ ଦଣ୍ଡିତ ହେବ ନାହିଁ, କିନ୍ତୁ ଅନନ୍ତ କାଳ **ପରମେଶ୍ୱରଙ୍କ** ସହିତ ଚୀରକାଳ ଜୀବିତ ରହିବ।
- **50:16** କିନ୍ତୁ ଦିନେ **ପରମେଶ୍ୱର** ଏକ ନୂତନ ପୃଥିବୀ ଓ ନୂତନ ସ୍ୱର୍ଗର ସୃଷ୍ଟି କରିବେ ଯାହା ସମ୍ପୂର୍ଣ୍ଣ ହେବ।

ଶବ୍ଦବିନ୍ୟାସ:

- Strong's: H0136, H0305, H0410, H0426, H0430, H0433, H2486, H2623, H3068, H3069, H3863, H4136, H6697, G01120, G05160, G09320, G09350, G10960, G11400, G20980, G21240, G21280, G21500, G21520, G21530, G22990, G23040, G23050, G23120, G23130, G23140, G23150, G23160, G23170, G23180, G23190, G23200, G33610, G37850, G41510, G52070, G53770, G54630, G55370, G55380

ପରମେଶ୍ୱରଙ୍କ ସ୍ୱରୂପ, ପ୍ରତିରୁପ

ସଂଜ୍ଞା:

"ସ୍ୱରୂପ "ଶବ୍ଦ କିଛି ବସ୍ତୁ କୁ ଦର୍ଶାଏ ଯାହା ଆଉକିଛି ବସ୍ତୁ ପରି ଚରିତ୍ର ଓ ମର୍ମରେ ସମାନ ଦେଖାଯାଏ I ବାକ୍ୟାଂଶ "ପରମେଶ୍ୱରଙ୍କର ପ୍ରତିରୁପ "ଏକ ଅଲଗା ପ୍ରକାରେ ବ୍ୟବହାର କରାଯାଏ ଓ ପୃଷ୍ଠଭୂମି ଉପରେ ନିର୍ଭର କରି I

- ଆରମ୍ଭରେ, ପରମେଶ୍ୱର ମନୁଷ୍ୟକୁ "ତାହାଙ୍କର ପ୍ରତିମୁତ୍ତିରେ "ସୃଷ୍ଟି କରିଥିଲେ ଯାହା "ତାହାଙ୍କ ସମାନତା ଅଟେ "

ଏହାର ଅର୍ଥ ଲୋକଙ୍କର କେତେକ ଚରିତ୍ର ଅଛି ଯାହା ପରମେଶ୍ୱରଙ୍କ ସ୍ୱରୂପ କୁ ପ୍ରତିଫଳନ କରେ, ଯେପରିକି ଭାବପ୍ରବଣତାର ସାମାର୍ଥ୍ୟ, ତର୍କ ଓ ସହଭାଗିତା ର ଦକ୍ଷତା ଓ ଏକ ଆତ୍ମା ଯାହା ଚୀରଦିନ ବାସ କରେ I

- ବାଇବଲ ଶିକ୍ଷା ଦିଏ ଯେ ଯୀଶୁ, ପରମେଶ୍ୱରଙ୍କର ପୁତ୍ର, ଓ "ସେ କେବଳ ପରମେଶ୍ୱରଙ୍କର ପ୍ରତି ରୁପ। ଅଟନ୍ତି "କାରଣ ସେ ହେଉ ଅଛନ୍ତି ପରମେଶ୍ୱର ନିଜେ I

ମନୁଷ୍ୟମାନଙ୍କପରି ଯୀଶୁ ସୃଷ୍ଟି ହୋଇ ନାହାନ୍ତି I ଅନାଦୀ କାଳରୁ ଅନନ୍ତ କାଳ ପର୍ଯ୍ୟନ୍ତ ପୁତ୍ର ପରମେଶ୍ୱରଙ୍କର ସମସ୍ତ ଈଶ୍ୱରୀୟ ଚରିତ୍ରଥିଲା କାରଣ ତାହାଙ୍କର ପିତା ପରମେଶ୍ୱରଙ୍କ ସହିତ ସମାନ ମର୍ମସାରଥିଲା I

ଅନୁବାଦ ପ୍ରସ୍ତାବ:

- ଯେତେବେଳେ ଯୀଶୁଙ୍କୁ ସମ୍ବୋଧିତ କରେ "ପରମେଶ୍ୱରଙ୍କ ସ୍ୱରୂପ" କୁ "ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ସମାନତା "କିଅବା "ପରମେଶ୍ୱରଙ୍କ ପରି ସମାନ ମର୍ମ "କିଅବା "ପରମେଶ୍ୱରଙ୍କ ପରି ସମାନ ସ୍ଥିତି" ରୂପରେ ଅନୁବାଦ କରାଯାଇପାରେ I
- ଯେତେବେଳେମାନବ ଜାତି କୁ ସମ୍ବୋଧିତ କରାଯାଏ "ପରମେଶ୍ୱର ତାହାଙ୍କୁ ତାହାଙ୍କ ପ୍ରତିରୁପରେ ସୃଷ୍ଟି କଲେ "କୁ "ପରମେଶ୍ୱର ତାହାଙ୍କୁ ତାହାଙ୍କ ପରି ହେବାକୁ ରେ ସୃଷ୍ଟି କଲେ" କିଅବା ""ପରମେଶ୍ୱର ତାହାଙ୍କ ଚରିତ୍ରରେ ତାହାଙ୍କ ନିଜ ପରି ସୃଷ୍ଟି କଲେ" ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦଖନ୍ତୁ: ସ୍ୱରୂପ, ପରମେଶ୍ୱରଙ୍କ ପୁତ୍ର)

ବାଇବଲ ପଦପର୍ବ:

- ୨ କରିନ୍ଥିୟ ୦୪:୩-୪
- କଲସୀୟ୦୩:୯-୧୧
- ଆଦିପୁସ୍ତକ ୦୧:୨୬-୨୭
- ଆଦିପୁସ୍ତକ ୦୯: ୫-୭
- ଯାକୁବ ୦୩:୯-୧୦
- ରୋମୀୟ ୦୮:୨୮-୩୦

ବୋର୍ଡ ଡାଟା :

- Strong's: H4541, H1544, H2553, H6456, H6459, H6754, H6816, H8403, G504, G179

ପରୀକ୍ଷା, ପରୀକ୍ଷିତ, ପରୀକ୍ଷା, ଅଗ୍ନିରେ ପରୀକ୍ଷା

ପରିଭାଷା:

"ପରୀକ୍ଷା" ଶବ୍ଦଟି ଏକ କଷ୍ଟ କିମ୍ବା ଯନ୍ତ୍ରଣାଦାୟକ ଅନୁଭୂତିକୁ ସୁଚାଏ, ଯାହା ଜଣେ ବ୍ୟକ୍ତିର ଶକ୍ତି ଏବଂ ଦୁର୍ବଳତାକୁ ପ୍ରକାଶ କରେ I

- ଈଶ୍ୱର ଲୋକମାନଙ୍କୁ ପରୀକ୍ଷା କରନ୍ତି, କିନ୍ତୁ ସେ ସେମାନଙ୍କୁ ପାପରେ ପରୀକ୍ଷିତ କରନ୍ତି ନାହିଁ I କିନ୍ତୁ, ଶୟତାନ ଲୋକମାନଙ୍କୁ ପାପ କରିବାକୁ ପ୍ରଲୋଭିତ କରେ I
- ବେଳେବେଳେ ଲୋକମାନଙ୍କ ପାପକୁ ପ୍ରକାଶ କରିବାକୁ ଈଶ୍ୱର ପରୀକ୍ଷାକୁ ବ୍ୟବହାର କରନ୍ତି I ପରୀକ୍ଷା ଜଣେ ବ୍ୟକ୍ତିକୁ ପାପରୁ ପ୍ରତ୍ୟାବର୍ତ୍ତନ କରିବାକୁ ଏବଂ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାକୁ ସାହାଯ୍ୟ କରେ I
- ସ୍ୱର୍ଣ୍ଣ ଏବଂ ଅନ୍ୟ ଧାତବ ବସ୍ତୁଗୁଡ଼ିକ କେତେ ଶୁଦ୍ଧ ଏବଂ ଶକ୍ତିଶାଳୀ ତାହାକୁ ଅନୁସନ୍ଧାନ କରିବା ପାଇଁ ଅଗ୍ନିରେ ପରୀକ୍ଷା କରାଯାଏ I ଈଶ୍ୱର ତାଙ୍କର ଲୋକମାନଙ୍କୁ ପରୀକ୍ଷା କରିବା ପାଇଁ କଷ୍ଟଦାୟକ ପରିବେଶକୁ ବ୍ୟବହାର କରିବା ସମ୍ପର୍କରେ ଏହା ଏକ ଛବି ଅଟେ I
- "ପରୀକ୍ଷାରେ ପକାଇବା" ବାକ୍ୟାଂଶର ଅର୍ଥ "କୌଣସି ବିଷୟ କିମ୍ବା ଜଣେ ବ୍ୟକ୍ତିକୁ ଆପଣାର ମୂଲ୍ୟକୁ ପ୍ରମାଣିତ କରିବାକୁ ଆହ୍ୱାନ ଦେବା" ଅଟେ I
- ଈଶ୍ୱରଙ୍କୁ ପରୀକ୍ଷାରେ ପକାଇବା ପରିପ୍ରେକ୍ଷୀରେ, ଏହାର ଅର୍ଥ ଆମ୍ଭମାନଙ୍କ ନିମନ୍ତେ ଆଶ୍ଚର୍ଯ୍ୟକର୍ମ କରିବା ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିବା ନିମନ୍ତେ ଚେଷ୍ଟା କରିବା ଏବଂ ତାଙ୍କର ଅନୁଗ୍ରହର ଲାଭ ନେବାକୁ ଚେଷ୍ଟା କରିବା ଅଟେ I
- ଯୀଶୁ ଶୟତାନକୁ କହିଲେ ଯେ ଈଶ୍ୱରଙ୍କୁ ପରୀକ୍ଷାରେ ପକାଇବା ତାହା ପକ୍ଷରେ ଭୁଲ ଅଟେ I ସେ ସର୍ବଶକ୍ତିମାନ, ପବିତ୍ର ଈଶ୍ୱର ଅଟନ୍ତି ଏବଂ ସେ ପ୍ରତ୍ୟେକ ବିଷୟ ଏବଂ ପ୍ରତ୍ୟେକ ବ୍ୟକ୍ତିର ଉର୍ଦ୍ଧ୍ୱରେ ଅଛନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପରୀକ୍ଷା କରିବା" ଶବ୍ଦକୁ "ଆହ୍ୱାନ କରିବା" କିମ୍ବା "କଠିନତା ଏବଂ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜଣକୁ ନେବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ଏକ ପରୀକ୍ଷା" ବକ୍ୟାଂଶକୁ "ଆହ୍ୱାନ" କିମ୍ବା "କଠିନ ଅନୁଭୂତି" ବୋଲି କରାଯାଇପାରେ I
- "ପରୀକ୍ଷାରେ ପକାଇବା" ବାକ୍ୟାଂଶକୁ "ପରୀକ୍ଷା କରିବା" କିମ୍ବା "ଏକ ଆହ୍ୱାନ ସ୍ଥାପନ କରିବା" କିମ୍ବା "ଜଣେ ନିଜକୁ ପ୍ରମାଣିତ କରିବା ନିମନ୍ତେ" ବୋଲି ଅନୁବାଦ କରାଯାଇପାରେ I
- ଈଶ୍ୱରଙ୍କୁ ପରୀକ୍ଷାରେ ପକାଇବା ପରିପ୍ରେକ୍ଷୀରେ,, ଏହାକୁ "ଈଶ୍ୱରଙ୍କ ଉପରେ ଶକ୍ତି ପ୍ରୟୋଗ କରି ନିଜର ପ୍ରେମ ପ୍ରତିପାଦିତ କରିବାକୁ କହିବା" ବୋଲି ଅନୁବାଦ କରାଯାଇପାରେ I
- କେତେକ ପରିପ୍ରେକ୍ଷୀରେ, ଯେତେବେଳେ ଈଶ୍ୱର କର୍ତ୍ତା ନୁହନ୍ତି, ତେବେ "ପରୀକ୍ଷା କରିବା" ଶବ୍ଦକୁ "ପ୍ରଲୋଭିତ କରିବା" ବୋଲି ଅନୁବାଦ କରାଯାଇପାରେ I

(ପ୍ରଲୋଭିତ କରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 4:1
- ପ୍ରଥମ ଥେସଲନୀକୀୟ 5:21
- ପ୍ରେରିତ 15:10
- ଆଦି ପୁସ୍ତକ 22:1
- ଯିଶାଇୟ 7:13
- ଯାକୁବ 1:12
- ବିଳାପ ଗୀତ 3:40-43
- ମଲାଖୀ 3:10
- ଫିଲିପ୍ପୀୟ 1:10
- ଗୀତସଂହିତା 26:2

ଶବ୍ଦବିନ୍ୟାସ :

- Strong's: H5254, H5713, H5715, H5749, H6030, H8584, G12420, G12630, G13030, G13820, G19570, G31400, G31410, G31420, G31430, G39840, G43030, G44510, G48280, G60200

ପାତାଳ

ପରିଭାଷା:

"ହେଡସ୍" (ଗ୍ରୀକ୍ ଭାଷାରେ) ଏବଂ "ଶିଅଲ୍" (ହିବ୍ରୁ ଭାଷାରେ) "ପାତାଳ" କୁ ବୁଝାଏ ଯାହାର ଅର୍ଥ ଏକ ଭୂତଳ ବାସସ୍ଥାନ ଯେଉଁଠାକୁ ଜଣେ ବ୍ୟକ୍ତି ମୃତ୍ୟୁବରଣ ପରେ ଯାଏ ବୋଲି ପ୍ରାଚୀନ ସଂସ୍କୃତିର ଲୋକମାନେ ବିଶ୍ୱାସ କରୁଥିଲେ I

- ପୁରାତନ ନିୟମରେ, ଏବ୍ରୀ ଶବ୍ଦ "ଶିଅଲ୍" ଏକ ନାମ ବାଚକ ଭାବରେ କିମ୍ବା ସାଧାରଣ ବିଶେଷ୍ୟ ଭାବରେ "ପାତାଳ" ପାଇଁ ବ୍ୟବହୃତ ହୋଇଅଛି I
- ନୂତନ ନିୟମରେ, ଗ୍ରୀକ୍ ଶବ୍ଦ "ହେଡସ୍" ମୃତ ଲୋକମାନଙ୍କ ପାଇଁ ଏକ ସ୍ଥାନ ଭାବରେ ବର୍ଣ୍ଣନା କରାଯାଇଛି ଯେଉଁମାନେ ଯୀଶୁଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି ସେମାନେ ସେଠାକୁ ମୃତ୍ୟୁବରଣ ପରେ ଯାଆନ୍ତି । ନୂତନ ନିୟମ ଲୋକମାନଙ୍କୁ ହେଡ୍ସକୁ ତଥା "ତଳକୁ ଯିବା" ବୋଲି ବର୍ଣ୍ଣନା କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି ପୁରାତନ ନିୟମ "ଶିଅଲ" ଶବ୍ଦକୁ ବିଭିନ୍ନ ଉପାୟରେ ଅନୁବାଦ କରାଯାଇପାରେ । କେତେକ ସମ୍ଭାବନା ଅନୁବାଦଗୁଡ଼ିକ: "ମୃତମାନଙ୍କର ସ୍ଥାନ;" "ମୃତ ଆତ୍ମାମାନଙ୍କ ପାଇଁ ସ୍ଥାନ;" "ଗର୍ତ୍ତ;" କିମ୍ବା "ମୃତ୍ୟୁ" ।
- ପ୍ରସଙ୍ଗ ଉପରେ ଆଧାର କରି ନୂତନ ନିୟମ "ହେଡସ୍" ଶବ୍ଦକୁ ମଧ୍ୟ ବିଭିନ୍ନ ଉପାୟରେ ଅନୁବାଦ କରାଯାଇପାରେ । କେତେକ ସମ୍ଭାବନା ଅନୁବାଦଗୁଡ଼ିକ: "ଅବିଶ୍ୱାସୀ ମୃତ ଆତ୍ମାମାନଙ୍କ ପାଇଁ ସ୍ଥାନ;" "ମୃତମାନଙ୍କ ପାଇଁ ଯନ୍ତ୍ରଣା;" କିମ୍ବା "ଅବିଶ୍ୱାସୀ ମୃତମାନଙ୍କ ଆତ୍ମା ପାଇଁ ସ୍ଥାନ ।"
- କେତେକ ଅନୁବାଦକଗଣ ନାମ ବାଚକ "ଶିଅଲ୍" ଏବଂ "ହେଡସ୍" ଶବ୍ଦ ହିଁ ବ୍ୟବହାର କରନ୍ତି, ଯେପରି ସେଗୁଡ଼ିକ ଅନୁବାଦ ଭାଷାର ମେଳଖାଏ । (ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ: ଦେଖନ୍ତୁ) ।
- ଏହି ଶବ୍ଦଗୁଡ଼ିକ ବ୍ୟାଖ୍ୟା କରିବା ପାଇଁ ପ୍ରତ୍ୟେକ ଶବ୍ଦ ସହ ଏକ ବାକ୍ୟାଂଶ ମଧ୍ୟ ଯୋଗ କରାଯାଇପାରେ, ଏହା କରିବାର ଉଦାହରଣଗୁଡ଼ିକ ହେଲା, "ଶିଅଲ୍, ଯେଉଁଠାରେ ମୃତ ଲୋକମାନେ ଅଛନ୍ତି" ଏବଂ "ପାତାଳ, ମୃତ୍ୟୁ ସ୍ଥାନ ।"

(ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ମୃତ୍ୟୁ, ସ୍ୱର୍ଗ, ନରକ, କବର : ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 2:31
- ଆଦିପୁସ୍ତକ 44:29
- ଯୂନସ 2:2
- ଲୂକ 10:15
- ଲୂକ 16:23
- ମାଥିଉ 11:23
- ମାଥିଉ 16:18
- ପ୍ରକାଶିତ ବାକ୍ୟ 1:18

ଶବ୍ଦବିନ୍ୟାସ :

- Strong's: H7585, G0860

ପାପ, ପାପପୂର୍ଣ୍ଣ, ପାପୀ, ପାପ

ପରିଭାଷା:

"ପାପ" ଶବ୍ଦକୁ କାର୍ଯ୍ୟଗୁଡ଼ିକ, ଚିନ୍ତାଧାରା, ଏବଂ ଈଶ୍ୱରଙ୍କ ଇଚ୍ଛା ବିରୋଧ କରିବା ଏବଂ ବ୍ୟବସ୍ଥା ଉଲଂଘନ କରିବାକୁ ବୁଝାଏ। ଈଶ୍ୱର ଆମ୍ଭମାନଙ୍କୁ ଯାହା କରିବା ପାଇଁ କୁହନ୍ତି ତାହା ନକରିବା ହେଉଛି ପାପ।

- ପାପ ଆମ୍ଭେମାନେ ଯାହା ଯାହାକିଛି କରିଥାଉ ତାହା ଈଶ୍ୱରଙ୍କ ଆଜ୍ଞାକାରୀ ନ ହୁଏ କିମ୍ବା ଈଶ୍ୱରଙ୍କୁ ସନ୍ତୁଷ୍ଟ କରେ ନାହିଁ, ଏପରି ବିଷୟ ଯାହା ଅନ୍ୟ ଲୋକମାନେ ଜାଣନ୍ତି ନାହିଁ।
- ଚିନ୍ତାଧାରା ଏବଂ କାର୍ଯ୍ୟଗୁଡ଼ିକ ଯାହା ଈଶ୍ୱରଙ୍କ ଇଚ୍ଛାର ବିରୋଧୀ ତାହା "ଅଧର୍ମ" କୁହାଯାଏ।
- ଯେହେତୁ ଆଦମ ପାପ କଲେ, ସମସ୍ତ ମାନବ ଜାତି "ପାପର ସ୍ୱଭାବରେ" ଜନ୍ମି ଅଛନ୍ତି, ଏହା ଏକ ସ୍ୱଭାବ ତାହା ଯାହା ସେମାନଙ୍କୁ ନିୟନ୍ତ୍ରଣ କରେ ଓ ପାପ କରିବାକୁ ପ୍ରବର୍ତ୍ତାଏ।
- ଯିଏ ପାପ କରେ ସେ "ପାପୀ" ଅଟେ, ଯେଣୁ ସମସ୍ତ ମାନବ ଜାତି ପାପୀ ଅଟନ୍ତି।
- ବେଳେବେଳେ ଧାର୍ମିକ ଗୋଷ୍ଠୀର ଲୋକମାନେ ଯଥା ଫାରୂଶୀମାନଙ୍କ ଦ୍ୱାରା "ପାପୀ" ଶବ୍ଦ ବ୍ୟବହୃତ ହୋଇଥିଲା ସେହି ଲୋକମାନଙ୍କ ପାଇଁ ଯେଉଁମାନେ ବ୍ୟବସ୍ଥା ସହ ଫାରୂଶୀମାନଙ୍କ ଚିନ୍ତାଧାରାକୁ ଅମାନ୍ୟ କରୁଥିଲେ।
- "ପାପୀ" ଶବ୍ଦ ମଧ୍ୟ ଅନ୍ୟମାନଙ୍କ ପାଇଁ ବ୍ୟବହୃତ ହୋଇଥିଲା ଯେଉଁମାନେ ଅନ୍ୟ ଲୋକମାନଙ୍କ ଅପେକ୍ଷା ଅଧିକ ପାପୀ ବୋଲି ବିବେଚନା କରାଯାଉଥିଲେ। ଦାହରଣ ସ୍ୱରୂପ, କରଗ୍ରାହୀ ଏବଂ ବେଶ୍ୟାମାନଙ୍କ ସ୍ତରର ଲୋକମାନଙ୍କୁ ଦିଆଯାଇଛି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପାପ" ଶବ୍ଦକୁ ଏକ ବାକ୍ୟ କିମ୍ବା ଖଣ୍ଡବାକ୍ୟ ସହିତ ଅନୁବାଦ କରାଯାଇପାରେ ଯାହାର ଅର୍ଥ "ଈଶ୍ୱରଙ୍କ ଅବାଧ୍ୟ" କିମ୍ବା "ଈଶ୍ୱରଙ୍କ ଇଚ୍ଛା ବିରୋଧୀ କାର୍ଯ୍ୟ କରିବା" କିମ୍ବା "ମନ୍ଦ ଆଚରଣ କିମ୍ବା ଚିନ୍ତାଧାରା" କିମ୍ବା "ମନ୍ଦ କାର୍ଯ୍ୟ।"
- "ପାପ" ଶବ୍ଦକୁ "ଈଶ୍ୱରଙ୍କ ଅବାଧ୍ୟ" କିମ୍ବା "ମନ୍ଦ କାର୍ଯ୍ୟ" ବୋଲି ଅନୁବାଦ କରାଯାଇପାରିବ।
- ପ୍ରସଙ୍ଗ ଉପରେ ଆଧାର କରି "ପାପପୂର୍ଣ୍ଣ" ଶବ୍ଦକୁ "ମନ୍ଦତ୍ୱାରେ ପରିପୂର୍ଣ୍ଣ" କିମ୍ବା "ଦୁଷ୍ଟ" କିମ୍ବା "ଅନୈତିକ" କିମ୍ବା "ମନ୍ଦ" କିମ୍ବା "ଈଶ୍ୱରଙ୍କୁ ବିଦ୍ରୋହ" ବୋଲି ଅନୁବାଦ କରାଯାଇପାରେ।
- ପ୍ରସଙ୍ଗ ଉପରେ ଆଧାର କରି "ପାପୀ" ଶବ୍ଦକୁ ଏକ ଶବ୍ଦ କିମ୍ବା ବାକ୍ୟାଂଶ ସହିତ ଯାହାର ଅର୍ଥ "ଯେଉଁ ବ୍ୟକ୍ତି ପାପ କରେ" କିମ୍ବା "ଯେଉଁ ବ୍ୟକ୍ତି ଭୁଲ ବିଷୟ କରେ ବା କାର୍ଯ୍ୟ କରେ" କିମ୍ବା "ଈଶ୍ୱରଙ୍କୁ ଅବମାନନା କରୁଥିବା ବ୍ୟକ୍ତି" କିମ୍ବା "ବ୍ୟକ୍ତି ଯିଏ ବ୍ୟବସ୍ଥା ପାଳନ କରେ ନାହିଁ" ବୋଲି ଅନୁବାଦ କରାଯାଇପାରେ।
- "ପାପୀମାନେ" ଶବ୍ଦ ଯେପରି ଏକ ବାକ୍ୟ କିମ୍ବା ବାକ୍ୟାଂଶ ଯାହାର ଅର୍ଥ "ଅତ୍ୟଧିକ ପାପପୂର୍ଣ୍ଣ ବ୍ୟକ୍ତି" କିମ୍ବା "ଅତ୍ୟଧିକ ପାପୀ ବୋଲି ବିବେଚନା କରାଯାଉଥିବା ଲୋକମାନେ" କିମ୍ବା "ଅନୈତିକ ଲୋକମାନେ" ବୋଲି ଅନୁବାଦ କରାଯାଇପାରେ।
- "ପାପୀ ଏବଂ କରଗରାହୀମାନେ" ବାକ୍ୟାଂଶକୁ "ଯେଉଁ ଲୋକମାନେ ସରକାରଙ୍କ ପାଇଁ ଟଙ୍କା ସଂଗ୍ରହ କରନ୍ତି, ଏବଂ ଅନ୍ୟ ଅତ୍ୟଧିକ ପାପପୂର୍ଣ୍ଣ ଲୋକମାନେ" କିମ୍ବା "ବହୁତ ପାପପୂର୍ଣ୍ଣ ଲୋକମାନେ, କରଗ୍ରାହୀମାନେ ସୁଦ୍ଧା ଅନ୍ତର୍ଭୁକ୍ତ ହୋଇପାରେ।
- ନିଶ୍ଚିତ ହୁଅନ୍ତୁ ଯେ ଏହି ଅନୁବାଦ ଶବ୍ଦ ପାପପୂର୍ଣ୍ଣ ଆଚରଣ ଏବଂ ଚିନ୍ତାଧାରାଗୁଡ଼ିକ ଅନ୍ତର୍ଭୁକ୍ତ କରେ, ଯାହାକି ଅନ୍ୟ ଲୋକମାନେ ଦେଖନ୍ତି ନାହିଁ କିମ୍ବା ଜାଣନ୍ତି ନାହିଁ।
- "ପାପ" ଶବ୍ଦ ସାଧାରଣ, ଏବଂ "ଦୁଷ୍ଟତା" ଓ "ମନ୍ଦ" ଶବ୍ଦଠାରୁ ଭିନ୍ନ ହେବା ଉଚିତ।

(ଅବାଧ, ମନ୍ଦ, ଶାରୀରିକ, କରଗ୍ରାହୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 9:1-3
- ପ୍ରଥମ ଯୋହନ 1:10
- ପ୍ରଥମ ଯୋହନ 2:2
- 2 ଶାମୁୟେଲ 7:12-14
- ପ୍ରେରିତ 3:19
- ଦାନିୟେଲ 9:24
- ଆଦି ପୁସ୍ତକ 4:7
- ଏବ୍ରୀ 12:2
- ଯିଶାଇୟ 53:11
- ଯିରିମୀୟ 18:23

- ଲେବୀୟ 4:14
- ଲୂକ 15:18
- ମାଥିଉ 12:31
- ରୋମୀୟ 6:23
- ରୋମୀୟ 8:4

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **3:15** ଈଶ୍ୱର କହିଲେ, "ଆମ୍ଭେ ମନୁଷ୍ୟ ହେତୁରୁ ଆଉ ପୃଥିବୀକି ଅଭିଶାପ ଦେବାନାହିଁ, କିମ୍ବା ବନ୍ୟା ପରିସ୍ଥିତି ସୃଷ୍ଟି କରିବା ଦ୍ୱାରା ପୃଥିବୀକୁ ବିନାଶ କରିବା ନାହିଁ, ଯଦ୍ୟପି ବାଲ୍ୟ କାଳଠାରୁ ମନୁଷ୍ୟମାନେ **ପାପପୂର୍ଣ୍ଣ ଅଟନ୍ତି**।
- **13:12** ଈଶ୍ୱର ସେମାନଙ୍କ ଉପରେ କ୍ରୋଧାନ୍ୱିତ ହୋଇଥିଲେ କାରଣ ସେମାନଙ୍କର **ପାପ** ଏବଂ ବିନଷ୍ଟ କରିବା ପାଇଁ ଯୋଜନା କରିଥିଲେ।
- **21:13** ଭବିଷ୍ୟଦ୍ବକ୍ତାମାନେ ଏହା ମଧ୍ୟ କହିଛନ୍ତି ଯେ ଖ୍ରୀଷ୍ଟ କୌଣସି **ପାପ** ନ କରି ସିଦ୍ଧ ହେବେ। ଅନ୍ୟ ଲୋକମାନଙ୍କ **ପାପ** ପାଇଁ ଦଣ୍ଡ ପାଇବାକୁ ସେ ମୃତ୍ୟୁବରଣ କରିବେ।
- **35:1** ଦିନେ, ଯୀଶୁ ଅନେକ କରଗ୍ରାହୀ ଏବଂ ଅନ୍ୟ **ପାପୀମାନଙ୍କୁ** ଶିକ୍ଷା ଦେଉଥିଲେ ଯେଉଁମାନେ ତାହାଙ୍କର ଶିକ୍ଷା ଶୁଣିବାକୁ ଏକତ୍ର ହୋଇଥିଲେ।
- **38:5** ପରେ ଯୀଶୁ ପାନ ପାତ୍ର ନେଲେ ଏବଂ କହିଲେ, "ଏଥିରୁ ପାନ କର ଏହା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମର ଯାହା ତୁମ୍ଭର **ପାପରୁ** ପରିତ୍ରାଣ ନିମନ୍ତେ ବୁହାଯାଇଅଛି।"
- **43:11** ପିତର ସେମାନଙ୍କୁ ଉତ୍ତର ଦେଲେ, "ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ମନପରିବର୍ତ୍ତନ କର ଆଉ ନିଜ ନିଜ **ପାପ** କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ।"
- **48:8** ଆମ୍ଭେମାନେ ସମସ୍ତେ ଆମ୍ଭମାନଙ୍କ **ପାପ** ହେତୁରୁ ମରିବାକୁ ଯୋଗ୍ୟ।
- **49:17** ଯଦ୍ୟପି ତୁମ୍ଭେ ଜଣେ ଖ୍ରୀଷ୍ଟିୟାନ, ତୁମ୍ଭେ ପାପ କରିବାକୁ ପ୍ରଲୋଭିତ ହେବ। କିନ୍ତୁ ଈଶ୍ୱର ବିଶ୍ୱସ୍ତ ଏବଂ ଏହା କହନ୍ତି ଯଦି ତୁମ୍ଭେ ଆପଣା **ପାପ** ସ୍ୱୀକାର କର, ସେ ତୁମ୍ଭକୁ କ୍ଷମା କରିବେ। ସେ ତୁମ୍ଭମାନଙ୍କୁ **ପାପ** ବିରୁଦ୍ଧରେ ଯୁଦ୍ଧ କରିବାକୁ ଶବଳ କରିବେ।

ଶବ୍ଦବିନ୍ୟାସ:

- Strong's: H0817, H0819, H2398, H2399, H2400, H2401, H2402, H2403, H2408, H2409, H5771, H6588, H7683, H7686, G02640, G02650, G02660, G02680, G03610, G37810, G39000, G42580

ପାପାଚ୍ଛାଦନ

ସଂଜ୍ଞା

"ପାପାଚ୍ଛାଦନ" ହେଉଛି ସୁନାର ଏକ ମୋଟା ଚାଦର ଯାହାକି ନୀୟମ ସିନ୍ଦୁକ ର ଉପର ଭାଗ କୁ ଆଚ୍ଛାଦିତ କରୁଥିଲା ।

- ଅନେକ ଇଂରାଜୀ ଅନୁବାଦରେ ଏହାକୁ ପ୍ରାୟଶ୍ଚିତ ର ଢାଙ୍କୁଣୀ ଭାବେ ଉଲ୍ଲେଖ କରାଯାଇଛି ।
- ପାପାଚ୍ଛାଦନ 115 ସେ.ମି. ଲମ୍ବ ଓ 70 ସେ.ମି. ପ୍ରସ୍ଥ ।
- ପାପାଚ୍ଛାଦନ ର ଉପରେ ଦୁଇଟି ସୁନାର କିରୁବ ତାହାର ପକ୍ଷ ସହ ସ୍ପର୍ଶ କରନ୍ତି ।
- ସଦାପ୍ରଭୁ କହିଲେ ଯେ ସେ କିରୁବଗଣ ପ୍ରସାରିତ ଡେଣା ତଳେ ପାପାଚ୍ଛାଦନର ଉପରେ ଇଶ୍ରାୟେଲୀୟମାନଙ୍କ ସହ ସାକ୍ଷାତ କରିବେ ।

କେବଳ ପ୍ରଧାନ ଯାଜକ ହିଁ ଲୋକମାନଙ୍କ ତରଫରୁ ସଦାପ୍ରଭୁ ଙ୍କ ସହ ସାକ୍ଷାତ କରିବାକୁ ସୁଯୋଗ ପାଉଥିଲେ ।

- ବେଳେବେଳେ ପାପାଚ୍ଛାଦନ କୁ "ଅନୁଗ୍ରହର ଆସନ" ବୋଲି ଉଲ୍ଲେଖିତ ହୋଇଛି କାରଣ ପରମେଶ୍ୱର ଙ୍କ ଅନୁଗ୍ରହ ମନୁଷ୍ୟ ର ପାପକୁ ଉଦ୍ଧାର କରିବାକୁ ଓହ୍ଲାଇ ଆସେ ।

ଅନୁବାଦର ପ୍ରସ୍ତାବ

- ଅନ୍ୟ ଅର୍ଥରେ ଏହି ଶବ୍ଦ କୁ ଏହିପରି ଭାବରେ ଅନୁବାଦ କରାଯାଇପାରେ ଯେପରିକି ପାପାଚ୍ଛାଦନ ଦ୍ୱାରା"ପରମେଶ୍ୱର ଉଦ୍ଧାର କରିବାକୁ ପ୍ରତିଜ୍ଞା କରନ୍ତି କିମ୍ବା "ପରମେଶ୍ୱର ପାପରୁ ପ୍ରାୟଶ୍ଚିତ କରନ୍ତି" କିମ୍ବା "ପରମେଶ୍ୱର କ୍ଷମା କରନ୍ତି ଓ ପୁନଃ ଉଦ୍ଧାର କରନ୍ତି"
- ପ୍ରାୟଶ୍ଚିତାର୍ଥକ ବଳି
- "ଅନୁତାପ", "ପ୍ରାୟଶ୍ଚିତ", "ଉଦ୍ଧାର" ଏହି ଶବ୍ଦ ଗୁଡ଼ିକ ର ତୁଳନା କରନ୍ତୁ ।

(ଦେଖନ୍ତୁ:ନୀୟମ ସିନ୍ଦୁକ,ଅନୁତାପ,କିରୁବ,ପ୍ରାୟଶ୍ଚିତ,ଉଦ୍ଧାର)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- ଯାତ୍ରା 25:15-18
- ଯାତ୍ରା 30:5-6
- ଯାତ୍ରା 40:17-20
- ଲେବୀୟ 16:1-2
- ଗଣନା 07:8-9

ବୋର୍ଡ ଡାଟା :

- Strong's: H3727, G2435

ପାଳକ

ପରିଭାଷା:

"ପାଳକ" ଶବ୍ଦ ଆକ୍ଷରିକ ଭାବରେ "ମେଷପାଳକ" ଶବ୍ଦ ସହିତ ସମାନ ଅଟେ I ଏହା ବିଶ୍ୱାସୀମାନଙ୍କର ଏକ ଦଳ ନିମନ୍ତେ ଆଧ୍ୟାତ୍ମିକ ନେତା ଭାବରେ ରହିଥିବା ଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ପଦବୀ ଭାବରେ ବ୍ୟବହୃତ ହୁଏ I

- ଇଂରାଜୀ ବାଇବେଲରେ 'ପାଳକ' ଶବ୍ଦଟି କେବଳ ଥରେ ମାତ୍ର ଏଫିସୀୟ ପୁସ୍ତକରେ ଉଲ୍ଲେଖ ହୋଇଅଛି I ଅନ୍ୟ ସ୍ଥାନଗୁଡ଼ିକରେ ସେହି ଶବ୍ଦକୁ 'ମେଷପାଳକ' ଭାବରେ ଅନୁବାଦ କରାଯାଇଅଛି I
- କେତେକ ଭାଷାରେ, 'ପାଳକ' ନିମନ୍ତେ ବ୍ୟବହୃତ ଶବ୍ଦଟି 'ମେଷପାଳକ' ଶବ୍ଦକୁ ବ୍ୟବହାର କରାଯାଏ I
- ଏହା ମଧ୍ୟ ସେହି ଶବ୍ଦ ଅଟେ ଯାହା ଯୀଶୁଙ୍କୁ 'ଉତ୍ତମ ମେଷପାଳକ' ବୋଲି ଦର୍ଶାଇବାକୁ ବ୍ୟବହାର କରାଯାଇଅଛି I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡ଼ିକ:

- ସ୍ଥାନୀୟ ଭାଷାରେ ଏହି ଶବ୍ଦକୁ 'ମେଷପାଳକ' ଶବ୍ଦ ବ୍ୟବହାର କରି ଅନୁବାଦ କରନ୍ତୁ I
- ଏହି ଶବ୍ଦକୁ "ଆତ୍ମିକ ପାଳକ" କିମ୍ବା "ପାଳକତ୍ୱ ଖ୍ରୀଷ୍ଟିୟାନ ନେତା" ବୋଲି ଅନୁବାଦ କରାଯାଇପାରେ I

(ମେଷପାଳକ, ମେଷ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଏଫିସୀୟ 4:11-13

ଶବ୍ଦବିନ୍ୟାସ :

- Strong's: H7462, G41660

ପିତା ଈଶ୍ୱର, ସ୍ୱର୍ଗୀୟ ପିତା, ପିତା

ଘଟଣାବଳୀ:

ଶବ୍ଦ "ପିତା ଈଶ୍ୱର" ଓ "ସ୍ୱର୍ଗୀୟ ପିତା " ଯିହୋବା ଏକ ସତ୍ୟ ଈଶ୍ୱରଙ୍କୁ ବୁଝାଏ I ଆଉ ଏକ ଶବ୍ଦ ସମାନ ଅର୍ଥବୋଧକ ଶବ୍ଦ "ପିତା" ଅଟେ ଯାହା ଅଧିକାଂଶ ସମୟରେ ବ୍ୟବହୃତ ହୁଏ ଯେତେବେଳେ ଯୀଶୁ ତାହାଙ୍କୁ ସୂଚାଉଥିଲେ I

- ଈଶ୍ୱର, ପିତା ଈଶ୍ୱର, ପୁତ୍ର ଈଶ୍ୱର ଓ ପବିତ୍ର ଆତ୍ମା ଈଶ୍ୱର ଭାବରେ ଅସ୍ତିତ୍ୱରେ ଅଛନ୍ତି I ସେମାନେ ପ୍ରତ୍ୟେକ ପୂର୍ଣ୍ଣ ଈଶ୍ୱର ଅଟନ୍ତି ଓ ତଥାପି ସେମାନେ ଏକ ସତ୍ୟ ଈଶ୍ୱର ଅଟନ୍ତି I ଏହା ଏକ ରହସ୍ୟ ବିଷୟ ଅଟେ ଯାହା ସାଧାରଣ ମନୁଷ୍ୟ କେବେ ହେଁ ସମ୍ପୂର୍ଣ୍ଣ ରୂପେ ବୁଝି ପାରିବ ନାହିଁ I
- ପିତା ଈଶ୍ୱର ପୁତ୍ର ଈଶ୍ୱର (ଯୀଶୁ) ଙ୍କୁ ଏହି ଜଗତକୁ ପଠାଇଲେ ଓ ସେ ପବିତ୍ର ଆତ୍ମାଙ୍କୁ ତାହାଙ୍କ ଲୋକମାନଙ୍କ ମଧ୍ୟକୁ ପଠାଇଲେ I
- ଯେ କେହି ପୁତ୍ର ଈଶ୍ୱର ଉପରେ ବିଶ୍ୱାସ କରେ ସେ ଈଶ୍ୱରଙ୍କ ସନ୍ତାନ ହୁଏ ଓ ପବିତ୍ର ଆତ୍ମା ଈଶ୍ୱର ଆସି ସେହି ବ୍ୟକ୍ତି ଜୀବନରେ ବାସ କରନ୍ତି I ଏହା ଆଉ ଏକ ରହସ୍ୟବିଷୟ ଅଟେ ଯାହା ମନୁଷ୍ୟ ପୂର୍ଣ୍ଣ ରୂପରେ କେବେ ହେଁ ବୁଝି ପାରିବ ନାହିଁ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପିତା ଈଶ୍ୱର" ବାକ୍ୟାଂଶକୁ ସ୍ଥାନୀୟ ଭାଷା ଶାରୀରିକ ପିତାଙ୍କ ପାଇଁ ସ୍ୱାଭାବିକ ଭାବେ ବ୍ୟବହାର କରୁଥିବା ଶବ୍ଦକୁ ବ୍ୟବହାର କରି ଅନୁବାଦ କରିପାରିବେ I
- ଶବ୍ଦ "ସ୍ୱର୍ଗୀୟ ପିତା" ବାକ୍ୟାଂଶକୁ "ପିତା ଯେ ସ୍ୱର୍ଗରେ ବାସ କରନ୍ତି" କିମ୍ବା"ପିତା ଈଶ୍ୱର ଯେ ସ୍ୱର୍ଗରେ ବାସ କରନ୍ତି" କିମ୍ବା "ଆମ୍ଭର ପିତା ଯେ ସ୍ୱର୍ଗରେ ବାସ କରନ୍ତି "ବୋଲି ଅନୁବାଦ କରାଯାଇପାରେ I
- ସାଧାରଣତଃ ଈଶ୍ୱରଙ୍କୁ ସୂଚାଇବା ପାଇଁ "ପିତା" ବଡ଼ ଅକ୍ଷରରେ ଲେଖାଯାଏ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକୁ କିପରି ଅନୁବାଦ କରାଯାଏ ଦେଖନ୍ତୁ)

(ପୂର୍ବପୁରୁଷ, ଈଶ୍ୱର, ସ୍ୱର୍ଗ, ପବିତ୍ର ଆତ୍ମା, ଯୀଶୁ, ଈଶ୍ୱରଙ୍କ ପୁତ୍ର ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 8:4-6
- ପ୍ରଥମ ଯୋହନ 2:1
- ପ୍ରଥମ ଯୋହନ 2:23
- ପ୍ରଥମ ଯୋହନ 3:1
- କଲସୀୟ 1:1-3
- ଏଫିସୀୟ 5:18-21
- ଲୂକ 10:22
- ମାଥିଉ 5:16
- ମାଥିଉ 23:9

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **24:9** କେବଳ ଏକମାତ୍ର ଈଶ୍ୱର ଅଟନ୍ତି I କିନ୍ତୁ ଯୋହନ **ପିତା ଈଶ୍ୱରଙ୍କ** ବାଣୀ ଶୁଣିଲେ ଓ ଯେତେବେଳେ ସେ ବାପ୍ତିସ୍ମ ଦେଉଥିଲେ ସେତେବେଳେ ସେ ପୁତ୍ର ଯୀଶୁ ଓ ପବିତ୍ର ଆତ୍ମାଙ୍କୁ ଦେଖିଲେ I
- **29:9** ତା'ପରେ ଯୀଶୁ କହିଲେ, "ଯଦି ତୁମ୍ଭେମାନେ ନିଜ ଭାଇକୁ ହୃଦୟରୁ କ୍ଷମା ନକର, ତେବେ ମୋର **ସ୍ୱର୍ଗୀୟ ପିତା** ତୁମ୍ଭ ପ୍ରତ୍ୟେକଙ୍କ ପାଇଁ ଏହିପରି କରିବେ I"
- **37:9** ତା'ପରେ ଯୀଶୁ ସ୍ୱର୍ଗକୁ ଚାହିଁ କହିଲେ, "**ପିତା**, ମୋ କଥା ଶୁଣିଥିବାରୁ ଧନ୍ୟବାଦ I"
- **40:7** ତତ୍ପରେ ଯୀଶୁ ଚିତ୍କାର କରି କହିଲେ, "ସମାପ୍ତ ହେଲା ! **ପିତା**, ମୋର ଆତ୍ମା ତୁମ୍ଭ ହସ୍ତରେ ସମର୍ପଣ କରୁଅଛି I
- **42:10**" ତେଣୁ ଯାଅ ସମସ୍ତ ଜାତିର ଲୋକମାନଙ୍କୁ ତୁମ୍ଭେମାନେ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇ ଅଛି ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର;
- **43:8** "ବର୍ତ୍ତମାନ ଯୀଶୁ **ପିତା ଈଶ୍ୱରଙ୍କ** ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇ ଅଛନ୍ତି I
- **50:10** "ତେବେ ଧର୍ମୀ ବ୍ୟକ୍ତି **ପିତା ଈଶ୍ୱରଙ୍କ** ରାଜ୍ୟରେ ସୂର୍ଯ୍ୟ ପରି ଆଲୋକିତ ହେବେ I"

ଶବ୍ଦବିନ୍ୟାସ :

- Strong's: H0001, H0002, G39620

ପୁତ୍ର

ପରିଭାଷା:

ପୁରୁଷ ଓ ମହିଳାରୁ ଜାତ ପୁରୁଷ ସନ୍ତାନକୁ ସେମାନଙ୍କ ସମ୍ପୂର୍ଣ୍ଣ ଜୀବନର "ପୁତ୍ର" ବୋଲି କୁହାଯାଏ। ସେ ମଧ ସେହି ପୁରୁଷ ଓ ମହିଳାର ପୁତ୍ର ଭାବରେ ପରିଚିତ ହୁଏ। ଜଣେ "ପୌଗ୍ୟ ପୁତ୍ର" ହେଉଛି ପୁଂଜାତୀୟ ବ୍ୟକ୍ତି ଯାହାକୁ ଆଇନଗତ ଭାବେ ପୁତ୍ର ହେବାର ଅବସ୍ଥାପିତ କରାଯାଇଛି।

- ବାଇବେଲରେ, "ପୁତ୍ରର" ବାକ୍ୟାଂଶ ଜଣେ ବ୍ୟକ୍ତିର ପିତା, ମାତା, କିମ୍ବା ପୂର୍ବପିଢ଼ି ପୈତୃକର ପରିଚୟ ଦେବାରେ ବ୍ୟବହାର କରାଯାଏ। ଏହି ବାକ୍ୟାଂଶ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବଂଶାବଳୀ ବ୍ୟବହୃତ ହେଇଅଛି।
- "ଇସ୍ରାଏଲର ପୁତ୍ରମାନେ" ସାଧାରଣତଃ ଇସ୍ରାଏଲ ଦେଶ ଅଟେ (ଆଦିପୁସ୍ତକ ପରେ) ।
- ପିତାଙ୍କ ନାମ ଦେବା ପାଇଁ "ପୁତ୍ର" ଶବ୍ଦ ବ୍ୟବହାର କରିବା ବାରମ୍ବାର ସମାନ ନାମ ଥିବା ଲୋକଙ୍କୁ ପୃଥକ କରିବାରେ ସାହାଯ୍ୟ କରେ । ଉଦାହରଣ ସ୍ୱରୁପ, ପ୍ରଥମ ରାଜାବଳୀ 4 ରେ "ସାଦୋକର ପୁତ୍ର ଅସରୀୟ" ଏବଂ "ନାଥନର ପୁତ୍ର ଅସରୀୟ" ଏବଂ "ଅମତ୍‌ସୀୟଙ୍କର ପୁତ୍ର ଅସରୀୟ" ଦ୍ୱିତୀୟ ରାଜାବଳୀ 15ରେ ତିନୋଟି ପୁରୁଷ ଭିନ୍ନ ଭିନ୍ନ ବ୍ୟକ୍ତି ଅଟନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦର ଅଧିକାଂଶ ଘଟଣାରେ, ଏହା "ପୁତ୍ର" ଶବ୍ଦକୁ ଆକ୍ଷରିକ ଭାଷା ଦ୍ୱାରା ଅନୁବାଦ କରିବା ଉତ୍ତମ, ଯାହା ଜଣେ ପୁତ୍ରକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ।
- ବ୍ୟବହୃତ ଭାଷା "ଈଶ୍ୱରଙ୍କ ପୁତ୍ର" ବୋଲି ଅନୁବାଦ କରିବା ସମୟରେ, ପ୍ରକଳ୍ପ ଭାଷାରେ "ପୁତ୍ର ବା ସନ୍ତାନ" ନିମନ୍ତେ ସାଧାରଣ ଶବ୍ଦର ବ୍ୟବହାର କରିବା ଆବଶ୍ୟକ।
- ବେଳେବେଳେ "ପୁତ୍ରମାନେ" ଯେପରି "ସନ୍ତାନମାନେ" ବୋଲି ଅନୁବାଦ କରାଯାଇପାରେ, ଯେତେବେଳେ ଉଭୟ ପୁରୁଷ ଏବଂ ସ୍ତ୍ରୀମାନଙ୍କୁ ଦର୍ଶାଏ। ଉଦାହରଣ ସ୍ୱରୁପ, "ଈଶ୍ୱରଙ୍କ ପୁତ୍ରମାନେ ବା ପୁତ୍ରଗଣ" ଯେପରି "ଈଶ୍ୱରଙ୍କ ସନ୍ତାନମାନେ" ବୋଲି ଅନୁବାଦ କରାଯାଇପାରେ, କାରଣ ଏହି ଅଭିବ୍ୟକ୍ତିରେ ଝିଅ ଓ ମହିଳା ବା ସ୍ତ୍ରୀମାନେ ଅନ୍ତର୍ଭୁକ୍ତ ଅଟନ୍ତି।
- "ପୁତ୍ର" ଶବ୍ଦଟି କୌଣସି ବ୍ୟକ୍ତି କିମ୍ବା ଧାରଣା ପରବର୍ତ୍ତୀ ସମୟରେ ସେହି ବ୍ୟକ୍ତିଙ୍କୁ ଯୋଡିବା ପାଇଁ ବ୍ୟବହୃତ ହୋଇପାରେ । ଏହାର ଅର୍ଥ ପ୍ରସଙ୍ଗ ଦ୍ୱାରା ନିର୍ଣ୍ଣୟ କରାଯାଏ । ଏହା ସକରାତ୍ମକ ହୋଇପାରେ (ଉଦାହରଣ ସ୍ୱରୂପ 2 ରାଜା 2:16 "ଦକ୍ଷତାର ପୁତ୍ର"), ନକାରାତ୍ମକ (ଉଦାହରଣ ସ୍ୱରୂପ 2 ଶାମୁୟେଲ 7: 10 "ଦୁଷ୍ଟତାର ପୁତ୍ର"), ଏକ ଗୋଷ୍ଠୀର ସଦସ୍ୟତାକୁ ସୂଚାଇଥାଏ, ବ୍ୟକ୍ତିଙ୍କ ନାମ ନ ଦେଇ ଅବମାନନା ପ୍ରକାଶ କରେ; (ଉଦାହରଣ ସ୍ୱରୂପ "ତୁମେ ସରୁୟାର ପୁତ୍ର"), ଇତ୍ୟାଦି |

(ବଂଶଧର , ପୂର୍ବପୁରୁଷ, ଈଶ୍ୱରଙ୍କ ପୁତ୍ର, ଈଶ୍ୱରଙ୍କ ସନ୍ତାନଗଣ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 18:15
- ପ୍ରଥମ ରାଜାବଳୀ 13:2
- ପ୍ରଥମ ଥେସଲନୀକୀୟ 5:5
- ଗାଲାତୀୟ 4:7
- ହୋଶେୟ 11:1
- ଯିଶାଇୟ 9:6
- ମାଥିଉ 3:17
- ମାଥିଉ 5:9
- ମାଥିଉ 8:12
- ନିହିମୀୟା 10:28

ବାଇବେଲ କାହାଣୀରୁ ଉଦହାରଣଗୁଡ଼ିକ:

- **4:8** ଈଶ୍ୱର ଅବ୍ରାମଙ୍କୁ କହିଲେ ଏବଂ ପୁନର୍ବାର ପ୍ରତିଜ୍ଞା କଲେ ଯେ ସେ ଏକ **ପୁତ୍ର** ଲାଭ କରିବେ ଏବଂ ତାହାଙ୍କ ବଂଶଧରମାନେ ଆକାଶର ତାରାଗଣ ସଦୃଶ୍ୟ ହେବେ।
- **4:9** ଈଶ୍ୱର କହିଲେ, "ଆମ୍ଭେ ତୁମ୍ଭର ନିଜ ଶରୀରରୁ ଏକ **ପୁତ୍ର** ତୁମ୍ଭକୁ ଦେବା।"

- **5:5** ଏକ ବର୍ଷ ବ୍ୟବଧାନରେ, ଅବ୍ରାହମଙ୍କର 100 ବର୍ଷ ବୟସରେ ଏବଂ ସାରାଙ୍କ 90 ବର୍ଷ ବୟସରେ, ସାରା ଅବ୍ରାହମଙ୍କ ନିମନ୍ତେ ଏକ **ପୁତ୍ର** ପ୍ରସବ କଲେ।
- **5:8** ଯେତେବେଳେ ସେମାନେ ବଳିଦାନ ସ୍ଥାନରେ ଉପସ୍ଥିତ ହେଲେ, ଅବ୍ରାହମ ତାହାଙ୍କ **ପୁତ୍ର** ଇସ୍‌ହାକକୁ ବାନ୍ଧିଲେ ଏବଂ ବେଦିର ଉପରେ ଶୁଆଇଲେ। ସେ ଆପଣାର **ପୁତ୍ରକୁ** ବଧ କରିବାକୁ ଯାଉଥିବା ସମୟରେ ଈଶ୍ୱର କହିଲେ, "ରୁହ! ବାଳକକୁ କଷ୍ଟ ଦିଅ ନାହିଁ! ବର୍ତ୍ତମାନ ଆମ୍ଭେ ଜାଣିଲୁ ଯେ ତୁମ୍ଭେ ଆମ୍ଭଙ୍କୁ ଭୟ କରୁଅଛ କାରଣ ତୁମ୍ଭେ ଆପଣାର ଏକମାତ୍ର **ପୁତ୍ରକୁ** ଆମ୍ଭଙ୍କୁ ଦେବାକୁ ହିଁ ଅସମ୍ମତ ନୋହିଲ।"
- **9:7** ଯେତେବେଳେ ସେ ଶିଶୁକୁ ଦେଖିଲେ, ଆପଣାର **ପୁତ୍ର** ସଦୃଶ ତାହାକୁ ଆପଣାର କଲେ।
- **11:6** ଈଶ୍ୱର ମିସରର ସମସ୍ତ ପ୍ରଥମ ଜାତ **ସନ୍ତାନମାନଙ୍କୁ** ବଧ କଲେ।
- **18:1** ବହୁ ବର୍ଷ ପରେ, ଦାଉଦ ମଲେ, ଏବଂ ତାହାଙ୍କର **ପୁତ୍ର** ଶଲୋମନ ଶାସନ କରିବାକୁ ଆରମ୍ଭ କଲେ।
- **26:4** ସେମାନେ କହିଲେ, “ଏ କ'ଣ ଯୋଷେଫର **ପୁତ୍ର**?

ଶବ୍ଦବିନ୍ୟାସ:

- Strong’s: H1060, H1121, H1123, H1248, H3173, H3206, H3211, H4497, H5209, H5220, G38160, G50430, G52070

ପୁନରୁତ୍ଥାନ

ପରିଭାଷା:

"ପୁନରୁତ୍ଥାନ" ଶବ୍ଦ ମୃତ୍ୟୁ ପରେ ପୁନର୍ବାର ଜୀବନ୍ତ ହେବାକୁ ବୁଝାଏ I

- କାହାକୁ ପୁନରୁତ୍ଥିତ କରିବା ଅର୍ଥ ସେହି ବ୍ୟକ୍ତିକୁ ପୁଣିଥରେ ଜୀବନ ମଧ୍ୟକୁ ଫେରାଇ ଆଣିବା ଅଟେ I କେବଳ ଈଶ୍ୱରଙ୍କଠାରେ ଏହିପରି କ୍ଷମତା ଅଛି I
- "ପୁନରୁତ୍ଥାନ" ଶବ୍ଦ ଅନେକ ସମୟରେ ଯୀଶୁ ମୃତ୍ୟୁବରଣ କରିବା ପରେ ପୁନର୍ବାର ଜୀବିତ ହେବା ବିଷୟକୁ ସୂଚାଏ I
- ଯେତେବେଳେ ଯୀଶୁ କହିଲେ, "ମୁଁ ପୁନରୁତ୍ଥାନ ଓ ଜୀବନ" ସେ ଜଣାଇବାକୁ ଚାହିଁଲେ ଯେ, ସେ ପୁନରୁତ୍ଥାନର ଉତ୍ସ ଅଟନ୍ତି, ଏବଂ ସେ ହିଁ ଲୋକମାନଙ୍କୁ ଜୀବନ ମଧ୍ୟକୁ ଫେରାଇ ଆଣିଥାନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଜଣେ ବ୍ୟକ୍ତିର "ପୁନରୁତ୍ଥାନ" ବାକ୍ୟାଂଶକୁ "ଜୀବନ ମଧ୍ୟକୁ ଫେରି ଆସିବା" କିମ୍ବା "ମୃତ୍ୟୁଭୋଗ ପରେ ପୁଣିଥରେ ଜୀବିତ ହେବା" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦର ଆକ୍ଷରିକ ଅର୍ଥ "ଉଠାଇବା" କିମ୍ବା "ଉତ୍ଥିତ ହେବା କାର୍ଯ୍ୟ(ମୃତମାନଙ୍କ ମଧ୍ୟରୁ)" ଅଟେ I ଏହି ଶବ୍ଦକୁ ଅନୁବାଦ କରିବା ନିମନ୍ତେ ଏଗୁଡ଼ିକ ଅନ୍ୟାନ୍ୟ ସମ୍ଭାବ୍ୟ ଉପାୟମାନ ହୋଇପାରେ I

(ଜୀବନ, ମୃତ୍ୟୁ, ଉଠାଇବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 15:13
- ପ୍ରଥମ ପିତର 3:21
- ଏବ୍ରୀ 11:35
- ଯୋହନ 5:28-29
- ଲୂକ 20:27
- ଲୂକ 20:36
- ମାଥିଉ 22:23
- ମାଥିଉ 22:30
- ଫିଲିପ୍ପୀୟ 3: 11

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **21:14** ମସୀହଙ୍କ ମୃତ୍ୟୁ ଏବଂ **ପୁନରୁତ୍ଥାନ** ଦ୍ୱାରା ଈଶ୍ୱର ପାପୀମାନଙ୍କୁ ଉଦ୍ଧାର କରିବା ଏବଂ ନୂୟନ ନିୟମ ଆରମ୍ଭ କରିବା ନିମନ୍ତେ ଆପଣା ଯୋଜନା ସାଧନ କରିବେ I
- **37:5** ଯୀଶୁ ଉତ୍ତର ଦେଲେ, "ମୁଁ **ପୁନରୁତ୍ଥାନ** ଓ ଜୀବନ I ଯେ କେହି ମୋଠାରେ ବିଶ୍ୱାସ କରେ ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ I"

ଶବ୍ଦବିନ୍ୟାସ :

- Strong's: G3860, G14540, G18150

ପୁନରୁଦ୍ଧାର, ପୁନରୁଦ୍ଧାର କରିବା

ପରିଭାଷା:

" ପୁନରୁଦ୍ଧାର" ଏବଂ "ପୁନରୁଦ୍ଧାର କରିବା" ଶବ୍ଦଗୁଡ଼ିକ କେତେକ ବିଷୟକୁ ତାହାର ମୂଳ ଅବସ୍ଥାକୁ ଏବଂ ପୂର୍ବାପେକ୍ଷା ଉତ୍ତମ ଅବସ୍ଥାକୁ ଫେରାଇ ଆଣିବାକୁ ସୂଚାଏ I

- ଯେତେବେଳେ ଗୋଟିଏ ରୋଗାକ୍ରାନ୍ତ ଶରୀରର ଅଂଶ " ପୁନରୁଦ୍ଧାର" ପାଇଥାଏ, ତାହାର ଅର୍ଥ "ସୁସ୍ଥ ହେଲା" ବୁଝାଏ I
- ଯେତେବେଳେ ଭଗ୍ନ ହୋଇଥିବା ସମ୍ପର୍କ ପୁନରୁଦ୍ଧାର ପ୍ରାପ୍ତ ହୁଏ ତେବେ ତାହାକୁ "ପୁନର୍ମିଳନ" କୁହାଯାଏ I ପାପପୂର୍ଣ୍ଣ ମନୁଷ୍ୟକୁ ଈଶ୍ୱର ପୁନରୁଦ୍ଧାର କରନ୍ତି ଏବଂ ଆପଣା ନିକଟକୁ ଫେରାଇ ନିଅନ୍ତି I
- ଯଦି ଲୋକମାନେ ସେମାନଙ୍କ ନିଜ ଦେଶକୁ ଫେରିଯାଆନ୍ତି, ସେମାନେ "ପୁଣି ଅଣାଗଲେ" ବା ସେହି ଦେଶକୁ "ପ୍ରତ୍ୟାବର୍ତ୍ତନ" କଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପୃଷ୍ଠଭୂମିକୁ ଧ୍ୟାନରେ ରଖି " ପୁନରୁଦ୍ଧାର" ଶବ୍ଦକୁ "ନୂତନୀକରଣ" କିମ୍ବା "ପୁଣିଥରେ ମୂଲ୍ୟ ଦେବା" କିମ୍ବା "ଫେରି ଆସିବା" କିମ୍ବା "ସୁସ୍ଥ ହେବା" କିମ୍ବା "ଫେରାଇ ଆଣିବା" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦର ଅନ୍ୟ ଅଭିବ୍ୟକ୍ତିଗୁଡ଼ିକ "ନୂତନ କରିବା" କିମ୍ବା "ପୁଣିଥରେ ନୂତନ ଭଳି କରିବା" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ସମ୍ପତ୍ତି "ପୁନରୁଦ୍ଧାରପ୍ରାପ୍ତ" ହୁଏ, ଏହାକୁ "ପୁଣି ମରାମତି" କରାଯାଏ, କିମ୍ବା "ପୁଣି ସ୍ଥାପନ" କରାଯାଏ କିମ୍ବା ଏହାର ମାଲିକକୁ "ଫେରାଇ ଦିଆଯାଏ" I
- ପୃଷ୍ଠ ଭୂମିକୁ ଧ୍ୟାନରେ ରଖି "ପୁନରୁଦ୍ଧାର ପ୍ରାପ୍ତ" ଶବ୍ଦକୁ "ନୂତନୀକରଣ" କିମ୍ବା "ସୁସ୍ଥତା" ବା "ପୁନର୍ମିଳନ" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ ରାଜାବଳୀ 5:10
- ପ୍ରେରିତ 3:21
- ପ୍ରେରିତ 15:15-18
- ଯିଶାଇୟ 49:5-6
- ଯିରିମୀୟ 15:19-21
- ବିଳାପ 5: 22
- ଲେବୀୟ 6:5-7
- ଲୂକ 19:8
- ମାଥିଉ 12:13
- ଗୀତସଂହିତା 80:1-3

ଶବ୍ଦବିନ୍ୟାସ :

- Strong's: H7725, H7999, H8421, G600, G2675

ପୁନର୍ବାର ଜନ୍ମ, ଈଶ୍ୱରଙ୍କଠାରୁ ଜାତ, ନୂତନ ଜନ୍ମ

ପରିଭାଷା:

ଜଣେ ବ୍ୟକ୍ତିର ଆତ୍ମିକ ଭାବରେ ମୃତ୍ୟୁରୁ, ଆତ୍ମିକ ଭାବରେ ଜୀବିତ ହେବାର ଅର୍ଥ ଈଶ୍ୱରଙ୍କ ନିମନ୍ତେ କ'ଣ ଅଟେ ତାହା ବୁଝାଇବାକୁ "ପୁନର୍ବାର ଜନ୍ମ" ଶବ୍ଦକୁ ପ୍ରଥମେ ଯୀଶୁଙ୍କ ଦ୍ୱାରା ବ୍ୟବହୃତ କରାଯାଇଥିଲା । "ଈଶ୍ୱରଙ୍କଠାରୁ ଜାତ" ଏବଂ "ଆତ୍ମାଙ୍କଠାରୁ ଜାତ" ବାକ୍ୟାଂଶର ଅର୍ଥ ମଧ୍ୟ ଜଣେ ବ୍ୟକ୍ତିର ନୂତନ ଆତ୍ମିକ ଜୀବନକୁ ସୂଚାଏ।

- ପ୍ରତ୍ୟେକ ମନୁଷ୍ୟ ଆତ୍ମିକ ଭାବରେ ମୃତହୋଇ ଜାତ ହୁଅନ୍ତି ଏବଂ ସେମାନେ ଯୀଶୁ ଖ୍ରୀଷ୍ଟଙ୍କୁ ଆପଣା ତ୍ରାଣକର୍ତ୍ତା ରୂପେ ଗ୍ରହଣ କଲାପରେ "ନୂତନ ଜନ୍ମ" ପ୍ରାପ୍ତ କରନ୍ତି ।
- ଆତ୍ମିକ ନୂତନ ଜନ୍ମରେ, ଈଶ୍ୱରଙ୍କ ପବିତ୍ର ଆତ୍ମା ନୂତନ ବିଶ୍ୱାସୀଠାରେ ବାସ କରେ ଏବଂ ତାହାକୁ ଆପଣା ଜୀବନରେ ଉତ୍ତମ ଆତ୍ମିକ ଫଳ ଉତ୍ପନ୍ନ କରିବା ପାଇଁ ସାହାଯ୍ୟ କରେ।
- କେବଳ ଈଶ୍ୱର ହିଁ ଏକ ବ୍ୟକ୍ତିକୁ ପୁନର୍ଜନ୍ମ ଏବଂ ତାହାଙ୍କ ସନ୍ତାନ ହେବାକୁ ସାହାଯ୍ୟ କରନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପୁନର୍ଜନ୍ମ" ବାକ୍ୟାଂଶକୁ "ଏକ ନୂତନ ଜନ୍ମ" କିମ୍ବା "ଆତ୍ମିକ ଭାବରେ ଜନ୍ମ" ବୋଲି ଅନୁବାଦ କରାଯାଇପାରେ।
- ଏହି ଶବ୍ଦକୁ ଆକ୍ଷରିକ ଭାବେ ଅନୁବାଦ କରିବା ଏବଂ ସାଧାରଣ ଶବ୍ଦକୁ ସେହି ଭାଷାରେ ବ୍ୟବହାର କରିବା ସର୍ବୋତ୍ତମ ଅଟେ ଯାହା ପୁନର୍ଜନ୍ମ ପାଇଁ ବ୍ୟବହାର ହେବ ।
- "ନୂତନ ଜନ୍ମ" ଶବ୍ଦକୁ "ଆତ୍ମିକ ଜନ୍ମ" ବୋଲି ଅନୁବାଦ କରାଯାଇପାରେ।
- "ଈଶ୍ୱରଙ୍କଠାରୁ ଜାତ" ବାକ୍ୟାଂଶକୁ "ଈଶ୍ୱରଙ୍କ ଦ୍ୱାରା ନୂତନୀକୃତ ହୋଇ ନବଜାତ ଶିଶୁ ସଦୃଶ ହେବା" କିମ୍ବା ଈଶ୍ୱରଙ୍କ ଦ୍ୱାରା ନୂତନ ଜୀବନ ପ୍ରାପ୍ତ ହେବା" ବୋଲି ଅନୁବାଦ କରାଯାଇପାରେ।
- ସେହିପରି " ଆତ୍ମାଙ୍କଠାରୁ ଜାତ" ଅର୍ଥାତ୍ "ପବିତ୍ର ଆତ୍ମାଙ୍କ ଦ୍ୱାରା ନୂତନ ଜୀବନ ପାଇବା" କିମ୍ବା "ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତି ପ୍ରାପ୍ତ ହୋଇ ଈଶ୍ୱରଙ୍କ ସନ୍ତାନ ହେବା" କିମ୍ବା "ଆତ୍ମାଙ୍କ ଦ୍ୱାରା ନୂତନୀକୃତ ହୋଇ ନବଜାତ ଶିଶୁ ସଦୃଶ ହେବା" ବୋଲି ଅନୁବାଦ କରାଯାଇପାରେ।

(ପବିତ୍ର ଆତ୍ମା, ଉଦ୍ଧାର: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ଯୋହନ 3:9
- 1 ପିତର 1:3
- 1 ପିତର 1:23
- ଯୋହନ 3:4
- ଯୋହନ 3:7
- ତୀତସ 3:5

ଶବ୍ଦବିନ୍ୟାସ:

- Strong's: G313, G509, G1080, G3824

ପୁନର୍ମିଳନ,ପୁନର୍ମିଳିତ, ପୁନଃସ୍ଥାପନ

ପରିଭାଷା:

"ପୁନର୍ମିଳନ" ଏବଂ "ପୁନଃସ୍ଥାପନ" ଶବ୍ଦ ଯେଉଁମାନେ ପୂର୍ବରୁ ପରସ୍ପରର ଶତ୍ରୁ ଥିଲେ ସେମାନଙ୍କ ମଧ୍ୟରେ "ଶାନ୍ତି ସ୍ଥାପନ" କରିବାକୁ ବୁଝାଏ | "ପୁନଃସ୍ଥାପନ" ଶାନ୍ତି ସ୍ଥାପନ କରିବାର ଏକ କାର୍ଯ୍ୟ ଅଟେ |

- ବାଇବେଲରେ, ଏହି ଭାବ ପ୍ରକାଶକ ପଦ ସାଧାରଣତଃ, ଈଶ୍ୱର ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ବଳିଦାନ ମାଧ୍ୟମରେ ଆପଣା ସହିତ ଲୋକମାନଙ୍କୁ ପୁନର୍ମିଳନ କରିବା ବିଷୟକୁ ସୂଚାଇଥାଏ I
- ପାପ ହେତୁ ସମସ୍ତ ମାନବ ଜାତି ଈଶ୍ୱରଙ୍କ ଶତ୍ରୁ ଅଟନ୍ତି I କିନ୍ତୁ ତାହାଙ୍କ ସ୍ନେହପୂର୍ଣ୍ଣ କରୁଣା ହେତୁ, ଈଶ୍ୱର ଲୋକମାନଙ୍କ ନିମନ୍ତେ ଏକ ପଥ ପ୍ରଦାନ କଲେ ଯେପରି ଯୀଶୁଙ୍କ ମାଧ୍ୟମରେ ତାହାଙ୍କ ସହିତ ସେମାନେ ପୁନର୍ମିଳିତ ବା ସମ୍ମିଳିତ ହୋଇପାରିବେ I
- ଯୀଶୁଙ୍କ ବଳିଦାନ ଯେ, ସେମାନଙ୍କ ପାପ ନିମନ୍ତେ ଏକ ମୂଲ୍ୟ ପ୍ରଦାନ କରେ ବୋଲି ବିଶ୍ୱାସ କରିବା ଦ୍ୱାରା ଲୋକମାନେ ପାପକ୍ଷମା ପ୍ରାପ୍ତ ହେବେ ଏବଂ ଈଶ୍ୱରଙ୍କ ସହିତ ଶାନ୍ତିରେ ରହିପାରିବେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି "ପୁନର୍ମିଳନ" କରିବା ଶବ୍ଦ "ଶାନ୍ତି ସ୍ଥାପନ କରିବା" କିମ୍ବା "ଉତ୍ତମ ସମ୍ପର୍କ ପୁନଃସ୍ଥାପନ କରିବା" କିମ୍ବା "ବନ୍ଧୁତା ସ୍ଥାପନ କରିବା" ବୋଲି ଅନୁବାଦ କରାଯାଇପାରେ I
- ଏହି "ପୁନଃସ୍ଥାପନ କରିବା କାର୍ଯ୍ୟ" ବକ୍ୟାଂଶକୁ "ଉତ୍ତମ ସମ୍ପର୍କ ପୁନଃସ୍ଥାପନ କରିବା" କିମ୍ବା "ଶାନ୍ତି ସ୍ଥାପନ କରିବା" କିମ୍ବା "ଶାନ୍ତିପୂର୍ଣ୍ଣ ସମ୍ପର୍କ ଗଢ଼ିବା" ବୋଲି ଅନୁବାଦ କରାଯାଇପାରେ I

(ଶାନ୍ତି, ବଳିଦାନ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ

- ଦ୍ୱିତୀୟ କରିନ୍ଥୀୟ 5: 19
- କଲସୀୟ 1:18-20
- ମାଥିଉ 5: 24
- ହିତୋପଦେଶ 13: 17-18
- ରୋମୀୟ 5:10

ଶବ୍ଦବିନ୍ୟାସ :

- Strong's: H2398, H3722, G06040, G12590, G24330, G26430, G26440

ପୂର୍ବରୁ ନିର୍ଦ୍ଧାରଣ, ପୂର୍ବରୁ ନିର୍ଦ୍ଧାରିତ

ପରିଭାଷା:

"ପୂର୍ବ ନିର୍ଦ୍ଧାରଣ" ଏବଂ "ପୂର୍ବ ନିର୍ଦ୍ଧାରିତ" ଶବ୍ଦ କୌଣସି ଘଟଣା ଘଟିବା ପୂର୍ବରୁ ନିଷ୍ପତ୍ତି କିମ୍ବା ଯୋଜନା କରିବାକୁ ସୂଚାଏ I

- ଏହି ଶବ୍ଦ ବିଶେଷ ଭାବରେ ଈଶ୍ୱର ଅନନ୍ତ ଜୀବନ ଦେବାକୁ ମନୋନୀତ କରିଥିବା ଲୋକମାନଙ୍କୁ ସୂଚାଏ I
- ବେଳେବେଳେ "ପୂର୍ବରୁ ସ୍ଥିର କରିବା" ଶବ୍ଦ ମଧ୍ୟ ବ୍ୟବହୃତ ହୁଏ, ଯାହା ଅର୍ଥ ମଧ୍ୟ ପୂର୍ବରୁ ନିର୍ଦ୍ଧାରିତ କରିବାକୁ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପୂର୍ବରୁ ନିର୍ଦ୍ଧାରଣ କରିବା" ଶବ୍ଦକୁ "ପୂର୍ବରୁ ନିଷ୍ପତ୍ତି କରିବା" ବା "ସମୟ ପୂର୍ବେ ନିଷ୍ପତ୍ତି ନେବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- ଏହି "ପୂର୍ବରୁ ନିର୍ଦ୍ଧାରିତ କରିବା" ଶବ୍ଦକୁ "ଅନେକ ସମୟ ପୂର୍ବରୁ ନିଷ୍ପତ୍ତି କରାଯାଇଛି" ବା "ସମୟ ପୂର୍ବରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି" ବୋଲି ଅନୁବାଦ କରାଯାଇପାରେ I
- "ଆମ୍ଭମାନଙ୍କୁ ପୂର୍ବରେ ନିର୍ଦ୍ଧାରଣ" ଶବ୍ଦକୁ "ଅନେକ କାଳ ପୂର୍ବରୁ ନିଷ୍ପତ୍ତି ଯେ ଆମ୍ଭେମାନେ" କିମ୍ବା "ସମୟର ପୂର୍ବରୁ ନିଷ୍ପତ୍ତି କରାଯାଇଥିଲା ଯେ ଆମ୍ଭେମାନେ" ବୋଲି ଅନୁବାଦ କରାଯାଇପାରେ I
- ଧ୍ୟାନ ଦିଅନ୍ତୁ ଯେ ଏହି ଶବ୍ଦର ଅନୁବାଦ "ପୂର୍ବରୁ ଜାଣିବା" ଶବ୍ଦର ଅନୁବାଦଠାରୁ ଭିନ୍ନ ହେବା ଉଚିତ I

(ପୂର୍ବରୁ ଜାଣିବା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ କରିନ୍ଥୀୟ 2:6-7

ଶବ୍ଦବିନ୍ୟାସ :

- Strong's: G43090

ପେଣ୍ଟିକଷ୍ଟ, ସପ୍ତାହଗୁଡ଼ିକର ପର୍ୱ

ତଥ୍ୟ ଗୁଡ଼ିକ:

"ସପ୍ତାହଗୁଡ଼ିକର ପର୍ୱ" ଏକ ଯିହୂଦୀୟ ପର୍ୱଥିଲା, ଯାହା ନିସ୍ତାରପର୍ୱର ପଞ୍ଚାଶ ଦିନ ପରେ ପଡୁଥିଲା I ଏହା ପରବର୍ତ୍ତୀ ସମୟରେ "ପେଣ୍ଟିକଷ୍ଟ" ଭାବରେ ଆଖ୍ୟାୟିତ ହେଲା I

- ପ୍ରଥମ ଫଳର ପର୍ୱ ପରେ ସପ୍ତାହଗୁଡ଼ିକର ପର୍ୱ ସାତ ସପ୍ତାହ (ପଞ୍ଚାଶ ଦିନ) ଧରି ରହୁଥିଲା I

ନୂତନ ନୀୟମର ସମୟରେ, ଏହି ପର୍ୱକୁ "ପେଣ୍ଟିକଷ୍ଟ" ଭାବରେ କୁହାଗଲା, ଯାହାର ଅର୍ଥ ଭାବରେ ଏକ ଅଂଶ "ପଞ୍ଚାଶ" ଅଟେ I

- ସପ୍ତାହଗୁଡ଼ିକର ପର୍ୱ ଶସ୍ୟ ଅମଳର ଆରମ୍ଭ ଭାବରେ ପାଳନ କରାଯାଉଥିଲା I

ଏହା ମଧ୍ୟ ଏଭଳି ଏକ ସମୟକୁ ସ୍ମରଣ କରିବା ନିମନ୍ତେ ପାଳନ କରାଯାଉଥିଲା, ଯେତେବେଳେ ଈଶ୍ୱର ପ୍ରଥମ କରି ପ୍ରସ୍ତର ଫଳକରେ ଲିଖିତ ହୋଇଥିବା ବ୍ୟବସ୍ଥା ଇସ୍ରାଏଲମାନଙ୍କୁ ମୋଶାଙ୍କ ଦ୍ୱାରା ପ୍ରଦାନ କଲେ I

- ନୂତନ ନିୟମରେ ପେଣ୍ଟିକଷ୍ଟ ଦିବସ ବିଶେଷ ଭାବରେ ମହତ୍ତ୍ୱ ବହନ କରେ, କାରଣ ଏହି ଦିନ ଯୀଶୁଙ୍କଠାରେ ବିଶ୍ୱାସକାରୀମାନେ ଏକ ନୂତନ ଶୈଳୀରେ ପବିତ୍ର ଆତ୍ମାଙ୍କୁ ଗ୍ରହଣ କଲେ I

(ଅନୁବାଦ କରିବା ନିମନ୍ତେ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ଉତ୍ସବ, ପ୍ରଥମ ଫଳଗୁଡ଼ିକ, ଶସ୍ୟ ସଂଗ୍ରହ, ପବିତ୍ର ଆତ୍ମା, ଉତ୍ତୋଳନ କରିବା)

ବାଇବଲ ପଦଗୁଡ଼ିକ

- 2 ୟ ବଂଶାବଳି 08:12-13
- ପ୍ରେରିତ 02:1-4
- ପ୍ରେରିତ 20:15-16
- ଦ୍ୱିତୀୟବିବରଣ 16:16-17
- ଗଣନାପୁସ୍ତକ 18:26-28

ବୋର୍ଡ ଡାଟା :

- Strong's: H2282, H7620, G4005

ପୋଷ୍ୟପୁତ୍ର, ଉତ୍ତରାଧିକାରୀ ଭାବରେ ଗ୍ରହଣ କରିବା, ପୋଷ୍ୟ ସନ୍ତାନ ଭାବେ ଗୃହୀତ ହେବା

ପରିଭାଷା:

'ଉତ୍ତରାଧିକାରୀ ଭାବରେ ଗ୍ରହଣ କରିବା ଓ ''ପୋଷ୍ୟପୁତ୍ର'' ଶବ୍ଦଗୁଡ଼ିକ ଆଇନଗତ ଭାବରେ କାହାର ସନ୍ତାନ ହେବା ପ୍ରକ୍ରିୟାକୁ ସୂଚିତ କରେ ଯେଉଁମାନେ ସେହିଲୋକମାନଙ୍କର ନିଜ ସନ୍ତାନ ନୁହଁନ୍ତି।

- ବାଇବେଲରେ ''ପୋଷ୍ୟପୁତ୍ର'' ଓ 'ଉତ୍ତରାଧିକାରୀ ଭାବରେ ଗ୍ରହଣ କରିବା" ଶବ୍ଦଗୁଡ଼ିକୁ ଈଶ୍ୱର କିପରି ପ୍ରତ୍ୟେକ ବ୍ୟକ୍ତିକୁ ତାଙ୍କ ପରିବାରର ଆତ୍ମିକ ସନ୍ତାନ ହେବାକୁ ବ୍ୟବହାର କରନ୍ତି ତାହା ସାଙ୍କେତିକ ଭାବେ ବର୍ଣ୍ଣନା କରିବାକୁ ବ୍ୟବହାର କରେ I
- ପୋଷ୍ୟ ସନ୍ତାନ-ସନ୍ତୁତି ଭାବେ, ଈଶ୍ୱର ପ୍ରତ୍ୟେକ ବିଶ୍ୱାସୀମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ଉତ୍ତରାଧିକାରୀ ପ୍ରତ୍ୟେକଙ୍କୁ ଈଶ୍ୱରଙ୍କ ସନ୍ତାନ-ସନ୍ତୁତି ହେବାର ଲାଭ ଉଠାଇବାକୁ ସୁଯୋଗ ପ୍ରଦାନ କରନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ି:

- ଏହି ଶବ୍ଦକୁ ଏକ ଶବ୍ଦ ସହିତ ଅନୁବାଦ କରାଯାଇପାରେ ଯାହା ସ୍ଥାନୀୟ ଭାଷାରେ ଏହି ବିଶେଷ ପିତାମାତା-ସନ୍ତାନ ସମ୍ପର୍କକୁ ବର୍ଣ୍ଣନା କରିବାକୁ ବ୍ୟବହାର ହୁଏ | ନିଶ୍ଚିତ କରନ୍ତୁ ଯେ ଏହି ଶବ୍ଦ ଏକ ସାଙ୍କେତିକ ବା ଆତ୍ମିକ ଅର୍ଥକୁ ପ୍ରକାଶ କରେ I
- ''ପୋଷ୍ୟପୁତ୍ର ଭାବେ ଅନୁଭୂତି କରିବା'' ବାକ୍ୟାଂଶକୁ ''ଈଶ୍ୱରଙ୍କ ଦ୍ୱାରା ତାଙ୍କର ସନ୍ତାନ-ସନ୍ତୁତି ଭାବରେ ଗ୍ରହଣ କରାଯିବା'' କିମ୍ବା ''ଈଶ୍ୱରଙ୍କ ଆତ୍ମିକ ସନ୍ତାନ-ସନ୍ତୁତି ହେବା'' ବୋଲି ଅନୁବାଦ କରାଯାଇପାରେ I
- ''ପୁତ୍ର ସନ୍ତାନଗଣର ଗ୍ରହଣ ହେବା ନିମନ୍ତେ ଅପେକ୍ଷା କର'' ବକ୍ୟାଂଶକୁ ''ଈଶ୍ୱରଙ୍କ ସନ୍ତାନ-ସନ୍ତୁତି ହେବା ନିମନ୍ତେ ଅପେକ୍ଷା କରିବା'' କିମ୍ବା ''ଈଶ୍ୱର ଆପଣା ସନ୍ତାନ-ସନ୍ତୁତି ଭାବେ ଗ୍ରହଣ କରିବା ପର୍ଯ୍ୟନ୍ତ ଅପେକ୍ଷାରେ ରହିବା'' ବୋଲି ଅନୁବାଦ କରାଯାଇପାରେ I
- ''ସେମାନଙ୍କୁ ଗ୍ରହଣ କର '' ବାକ୍ୟାଂଶକୁ ''ଆପଣା ସନ୍ତାନ-ସନ୍ତୁତି ଭାବେ ସେମାନଙ୍କୁ ଗ୍ରହଣ କରିବା'' କିମ୍ବା ''ସେମାନଙ୍କୁ ଆପଣା ଆତ୍ମିକ ସନ୍ତାନ କରିବା'' ବୋଲି ଅନୁବାଦ କରାଯାଇପାରେ I

(ଉତ୍ତରାଧିକାରୀ, ଉତ୍ତରାଧିକାରୀ, ଆତ୍ମା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଏଫିସୀୟ 1:5
- ଗାଲାତୀୟ 4:3-5
- ରୋମୀୟ 8:14-15
- ରୋମୀୟ 8:23
- ରୋମୀୟ 09:3-5

ଶବ୍ଦବିନ୍ୟାସ :

- Strong's: G52060

ପ୍ରକାଶ କରିବା, ପ୍ରକାଶିତ, ପ୍ରକାଶନ

ପରିଭାଷା:

"ପ୍ରକାଶ କରିବା" ଶବ୍ଦର ଅର୍ଥ କୌଣସି ବିଷୟକୁ ଜ୍ଞାତ କରାଇବା ଅଟେ । ଏକ "ପ୍ରକାଶନ" ଶବ୍ଦର ଅର୍ଥ କୌଣସି ବିଷୟକୁ ଜ୍ଞାତ କରାଯାଇଛି ।

- ଈଶ୍ୱର ସ୍ୱୟଂ ସେ ସୃଷ୍ଟି କରିଥିବା ପ୍ରତ୍ୟେକ ବିଷୟ ଦ୍ୱାରା ଏବଂ ଲୋକମାନଙ୍କ ସହିତ ମୌଖିକ ଏବଂ ଲିଖିତ ସମ୍ବାଦଗୁଡ଼ିକ ଦ୍ୱାରା ତାହାଙ୍କ ଯୋଗାଯୋଗ ମାଧ୍ୟମରେ ଆପଣାକୁ ପ୍ରକାଶିତ କରିଅଛନ୍ତି।
- ଈଶ୍ୱର ମଧ୍ୟ ଆପଣାକୁ ସ୍ୱପ୍ନ ଏବଂ ଦର୍ଶନଗୁଡ଼ିକ ମାଧ୍ୟମରେ ପ୍ରକାଶ କରନ୍ତି।
- ଯେତେବେଳେ ପାଉଲ କହିଲେ ଯେ ସେ "ଯୀଶୁ ଖ୍ରୀଷ୍ଟଠାରୁ ପ୍ରକାଶନ" ଦ୍ୱାରା ସୁସମାଚାର ପ୍ରାପ୍ତ ହେଲେ, ସେ କହନ୍ତି ଯେ, ଯୀଶୁ ନିଜେ ତାହାଙ୍କୁ ସୁସମାଚାର ବ୍ୟାଖ୍ୟା କଲେ।
- ନୂତନ ନିୟମର "ପ୍ରକାଶିତ ବାକ୍ୟ" ପୁସ୍ତକରେ "ପ୍ରକାଶନର" ଅର୍ଥ ଶେଷ ସମୟରେ ଯାହା ସବୁ ଘଟିବାକୁ ଯାଉଛି, ଈଶ୍ୱର ସେହି ଘଟଣାଗୁଡ଼ିକ ପ୍ରକାଶ କରିଅଛନ୍ତି । ସେ ସେହିସବୁ ବିଷୟକୁ ଦର୍ଶନ ମାଧ୍ୟମରେ ଯୋହନଙ୍କ ଦ୍ୱାରା ପ୍ରକାଶିତ କଲେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରକାଶ" ଶବ୍ଦକୁ "ଜଣାଇବା" ବା "ପ୍ରକାଶ କରିବା" କିମ୍ବା "ସ୍ପଷ୍ଟ ଭାବରେ ଦର୍ଶାଇବା" ବୋଲି ଅନୁବାଦ କରାଯାଇପାରେ।
- ପ୍ରସଙ୍ଗ ଉପରେ ଆଧାର କରି "ପ୍ରକାଶିତ" ଶବ୍ଦକୁ "ଈଶ୍ୱରଙ୍କଠାରୁ ଯୋଗାଯୋଗ" କିମ୍ବା "ଈଶ୍ୱର ପ୍ରକାଶିତ କରିଥିବା ବିଷୟଗୁଡ଼ିକ" କିମ୍ବା "ଈଶ୍ୱରଙ୍କ ସମ୍ପର୍କରେ ଶିକ୍ଷାଗୁଡ଼ିକ" ବୋଲି ଅନୁବାଦ କରାଯାଇପାରେ । ଅନୁବାଦରେ "ପ୍ରକାଶ କରିବା" ଶବ୍ଦର ଅର୍ଥ ରଖିବା ଉତ୍ତମ ଅଟେ।
- "ଯେଉଁଠାରେ କୌଣସି ପ୍ରକାଶନ ନାହିଁ" ଏହି ବାକ୍ୟାଂଶକୁ "ଯେତେବେଳେ ଈଶ୍ୱର ନିଜକୁ ଲୋକମାନଙ୍କ ନିକଟରେ ପ୍ରକାଶ କରୁ ନାହାନ୍ତି" କିମ୍ବା "ଯେତେବେଳେ ଈଶ୍ୱର ଲୋକମାନଙ୍କୁ କଥା କହୁ ନାହାନ୍ତି" କିମ୍ବା "ଲୋକମାନଙ୍କ ମଧ୍ୟରେ ଯାହାଙ୍କଠାରେ ଈଶ୍ୱର ଯୋଗାଯୋଗ କରିନାହାନ୍ତି" ବୋଲି ଅନୁବାଦ କରାଯାଇପାରେ।

(ସୁସମାଚାର, ସୁସମ୍ବାଦ, ସପ୍ନ, ଦର୍ଶନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦାନିୟେଲ 11:1-2
- ଏଫିସୀୟ 3:5
- ଗାଲାତୀୟ 1:12
- ବିଳାପ 2:13-14
- ମାଥିଉ 10:26
- ଫିଲିପୀୟ 3:15
- ପ୍ରକାଶିତବାକ୍ୟ 1:1

ଶବ୍ଦବିନ୍ୟାସ:

- Strong's: H0241, H1540, H1541, G06010, G06020, G55370

ପ୍ରଚାରକ

ପରିଭାଷା:

"ପ୍ରଚାରକ" ଜଣେ ବ୍ୟକ୍ତି ଅଟେ ଯିଏ ଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ସୁସମାଚାର ଅନ୍ୟମାନଙ୍କୁ କହେ I

- " ପ୍ରଚାରକ" ର ଆକ୍ଷେରିକ ଅର୍ଥ "ଯିଏ ସୁସମାଚାର ପ୍ରଚାର କରେI"
- ଯୀଶୁ ନିଜ ପ୍ରେରିତମାନଙ୍କୁ ଯୀଶୁଙ୍କ ଉପରେ ଏବଂ ପାପ ପାଇଁ ବଳିଦାନରେ ବିଶ୍ୱାସ କରି ଈଶ୍ୱରଙ୍କ ରାଜ୍ୟର ଅଂଶ ହେବା ବିଷୟରେ ସୁସମାଚାର ପ୍ରଚାର କରିବାକୁ ପଠାଇଲେ I
- ଏହି ସୁସମାଚାରକୁ ପ୍ରଚାର କରିବାକୁ ସମସ୍ତ ଖ୍ରୀଷ୍ଟିୟାନଙ୍କୁ ଉତ୍ସାହିତ କରାଯାଇଛି I
- କେତେକ ଖ୍ରୀଷ୍ଟିୟାନମାନଙ୍କୁ ଫଳପ୍ରଦ ଭାବରେ ଅନ୍ୟମାନଙ୍କ ନିକଟରେ ସୁସମାଚାର କହିବା ପାଇଁ ସ୍ୱତନ୍ତ୍ର ଆତ୍ମିକ ଦାନ ଦିଆଯାଇଛି I ଏହି ପରି ଲୋକମାନଙ୍କୁ ପ୍ରଚାର କରିବା ଦାନ ଦିଆଯାଇଛି ଫଳରେ ସେମାନଙ୍କୁ "ପ୍ରଚାରକ" ବୋଲି କୁହାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରଚାରକ" ଶବ୍ଦଟିକୁ "ଯିଏ ସୁସମାଚାର ପ୍ରଚାର କରେ" କିମ୍ବା "ଯିଏ ସୁସମାଚାର ଶିକ୍ଷା ଦିଏ" କିମ୍ବା "ଯିଏ ସୁସମାଚାର ଘୋଷଣା କରେ" କିମ୍ବା "ସୁସମାଚାର ପ୍ରଚାରକ" ବୋଲି ଅନୁବାଦ କରାଯାଇପାରେ I

(ସୁସମାଚାର, ଆତ୍ମା, ଦାନ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି 4: 5
- ଏଫିସୀୟ 4:11-13

ଶବ୍ଦବିନ୍ୟାସ :

- Strong's: G20990

ପ୍ରତିଜ୍ଞା, ପ୍ରତିଜ୍ଞା କଲେ

ପରିଭାଷା:

ଯେତେବେଳେ "ପ୍ରତିଜ୍ଞା" ଶବ୍ଦ କ୍ରିୟା ଭାବରେ ବ୍ୟବହୃତ ହୁଏ, ଜଣେ ବ୍ୟକ୍ତିର କାର୍ଯ୍ୟକୁ ବୁଝାଏ ଯାହା ସେ କହିଛନ୍ତି ତାହା ସେ ନିଜେ ସମ୍ପୂର୍ଣ୍ଣ କରିବାକୁ ବାଧ ହେବେ। ଯେପରି "ପ୍ରତିଜ୍ଞା" ଶବ୍ଦ ବିଶେଷ୍ୟ ଭାବରେ ବ୍ୟବହୃତ ହୁଏ, ସେତେବେଳେ ସେହି ବିଷୟକୁ ବୁଝାଏ ଯାହା ଜଣେ ବ୍ୟକ୍ତି ସେ ନିଜେ କରିବାକୁ ବାଧ ଅଟନ୍ତି।

- ବାଇବେଲ ଅନେକଗୁଡ଼ିଏ ପ୍ରତିଜ୍ଞାମାନ ଲିପିବଦ୍ଧ କରେ ଈଶ୍ୱର ଯାହା ତାହାଙ୍କ ଲୋକମାନଙ୍କ ନିମନ୍ତେ କରିଅଛନ୍ତି।
- ପ୍ରତିଜ୍ଞା ସବୁ ଔପଚାରିକ ଚୁକ୍ତି ପତ୍ର ଯଥା ନିୟମସମୂହଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରତିଜ୍ଞା" ଶବ୍ଦକୁ "ସମର୍ପଣ ବା ଅଙ୍ଗୀକାରବଦ୍ଧ" କିମ୍ବା "ପ୍ରତିଶ୍ରୁତି" କିମ୍ବା "ବଇନା" ବୋଲି ଅନୁବାଦ କରାଯାଇପାରେ।
- କିଛି କରିବା ନିମନ୍ତେ ପ୍ରତିଜ୍ଞା କରିବା" ବାକ୍ୟାଂଶକୁ "କାହାକୁ ଭରସା ଦିଅ ଯେ ତୁମ୍ଭେ କିଛି କରିବ" କିମ୍ବା "କିଛି କରିବାର ପ୍ରତିଶ୍ରୁତି ଦିଅ" ବୋଲି ଅନୁବାଦ କରାଯାଇପାରେ।

(ନିୟମ, ପ୍ରତିଜ୍ଞା, ଶପଥ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 3:15-16
- ଆଦି ପୁସ୍ତକ 25:31-34
- ଏବ୍ରୀ 11:9
- ଯାକୁବ 1:12
- ଗଣନା 30:2

ବାଇବେଲର କାହାଣୀରୁ ଉଦାହରଣଗୁଡ଼ିକ:

- **3:15** ଈଶ୍ୱର କହିଲେ, "ଆମ୍ଭେ **ପ୍ରତିଜ୍ଞା କରୁ** ଲୋକମାଣେ କରୁଥିବା ମନ୍ଦ କାର୍ଯ୍ୟ ହେତୁ ଆମ୍ଭେ ଭୂମିକୁ ଆଉ ଅଭିଶାପ ଦେବା ନାହିଁ, କିମ୍ବା ପୃଥିବୀକୁ ବନ୍ୟା ଦ୍ୱାରା ବିନାଶ କରିବା ନାହିଁ, ଯଦିଓ ଲୋକମାନେ ସେମାନଙ୍କ ବାଲ୍ୟାବଧି ପାପପୂର୍ଣ୍ଣ ଅଟନ୍ତି।"
- **3:16** ତହିରେ ଈଶ୍ୱର ତାହାଙ୍କ **ପ୍ରତିଜ୍ଞାର** ପ୍ରଥମ ଚିହ୍ନର ସଦୃଶ ଇନ୍ଦ୍ରଧନୁ ଦେଖାଇଲେ । ପ୍ରତ୍ୟେକ ଥର ଇନ୍ଦ୍ରଧନୁ ଆକାଶରେ ଦେଖାଦିଏ, ଈଶ୍ୱର ଏବଂ ତାହାଙ୍କ ଲୋକମାନେ ସ୍ମରଣ କରିବେ ଯେ ସେ କଅଣ **ପ୍ରତିଜ୍ଞା କରିଥିଲେ**।
- **4:8** ଈଶ୍ୱର ଅବ୍ରାମଙ୍କୁ କହିଲେ ଏବଂ ପୁନର୍ବାର **ପ୍ରତିଜ୍ଞା କଲେ** ଯେ ସେ ଏକ ପୁତ୍ର ଲାଭ କରିବେ ଏବଂ ତାହାଙ୍କ ବଂଶଧରମାନେ ଆକାଶର ତାରାଗଣ ସଦୃଶ୍ୟ ହେବେ। ଅବ୍ରାମ ଈଶ୍ୱରଙ୍କ **ପ୍ରତିଜ୍ଞାରେ** ବିଶ୍ୱାସ କଲେ।
- **5:4** "ତୁମ୍ଭର ଭାର୍ଯ୍ୟା, ସାରୀ, ଏକ ପୁତ୍ରଜାତ କରିବ—ସେ **ପ୍ରତିଜ୍ଞାତର** ପୁତ୍ର ହେବ।"
- **8:15** **ପ୍ରତିଜ୍ଞାର** ନିୟମ ଯାହା ଈଶ୍ୱର ଅବ୍ରାହାମଙ୍କୁ ଦେଲେ ତାହା ଇସହାକଙ୍କ ପରେ ତାପରେ ଯାକୁବଙ୍କୁ, ଏବଂ ତାପରେ ଯାକୁବଙ୍କ ବାର ଜଣ ପୁତ୍ରମାନଙ୍କୁ ଏବଂ ସେମାନଙ୍କ ପରିବାରବର୍ଗକୁ ଦିଆଗଲା।
- **17:14** ଦାଉଦ ଈଶ୍ୱରଙ୍କଠାରେ ଅବିଶ୍ୱସ୍ତ ହୋଇ ଆସିଥିଲେ ସୁଦ୍ଧା, ଈଶ୍ୱର ଆପଣା **ପ୍ରତିଜ୍ଞାରେ** ବିଶ୍ୱସ୍ତ ଥିଲେ।
- **50:1** ଯୀଶୁ **ପ୍ରତିଜ୍ଞା କଲେ** ସେ ପୁନର୍ବାର ପୃଥିବୀର ଶେଷ ସମୟରେ ଆସିବେ। ଯଦିଓ ସେ ଏପର୍ଯ୍ୟନ୍ତ ଫେରି ନାହାନ୍ତି, ସେ ଆପଣା **ପ୍ରତିଜ୍ଞା** ରଖିବେ ।

ଶବ୍ଦବିନ୍ୟାସ:

- Strong's: H0559, H0562, H1696, H8569, G18430, G18600, G18610, G18620, G36700, G42790

ପ୍ରତିଜ୍ଞାତ ଦେଶ

ତଥ୍ୟଗୁଡିକ:

"ପ୍ରତିଜ୍ଞାତ ଦେଶ" ପଦ କେବଳ ବାଇବଲର କାହାଣୀଗୁଡିକରେ ପରିଲକ୍ଷିତ ହୋଇଥାଏ; ବାଇବଲର ଶାସ୍ତ୍ରଂଶରେ ନୁହେଁ I ଈଶ୍ୱର ଅବ୍ରହାମଙ୍କୁ ଏବଂ ତାହାଙ୍କ ବଂଶଧରମାନଙ୍କୁ ଦେବା ନିମନ୍ତେ କରିଥିବା ପ୍ରତିଜ୍ଞାତ କିଣାନ ଦେଶକୁ ସୂଚାଇବା ନିମନ୍ତେ ଏହା ଏକ ବୈକଳ୍ପିକ ଉପାୟ ଅଟେ I

- ଯେତେବେଳେ ଅବ୍ରହାମ ଉର ନଗରେ ବାସ କରୁଥିଲେ, ଈଶ୍ୱର ତାହାଙ୍କୁ କିଣାନ ଦେଶରେ ଯାଇ ବାସ କରିବା ନିମନ୍ତେ ଆଜ୍ଞା ଦେଲେ I

ଅବ୍ରହାମ ଏବଂ ତାହାଙ୍କ ବଂଶଧରମାନେ ଇସ୍ରାଏଲୀୟମାନେ ସେଠାରେ ଅନେକ ବର୍ଷ ଧରି ବାସ କଲେ I

- ଯେତେବେଳେ ସେଠାରେ ଭୟଙ୍କର ଦୁର୍ଭିକ୍ଷ ଦେଖାଗଲା, ଯାହା ଫଳରେ କିଣାନରେ ଖାଦ୍ୟର ଅଭାବ ଦେଖାଗଲା; ଇସ୍ରାଏଲୀୟମାନେ ମିସରକୁ ଯାତ୍ରା କଲେ I
- ଚାରିଶହ ବର୍ଷ ପରେ, ଈଶ୍ୱର ଇସ୍ରାଏଲୀୟମାନଙ୍କୁ ମିସରର ଦାସତ୍ୱ ବନ୍ଧନରୁ ଉଦ୍ଧାର କଲେ ଏବଂ ଯେଉଁ କିଣାନ ଦେଶକୁ ସେମାନଙ୍କୁ ଦେବା ନିମନ୍ତେ ଈଶ୍ୱର ପ୍ରତିଜ୍ଞାକରିଥିଲେ ସେହି ଦେଶକୁ ପୂନର୍ଶ୍ୱାର ଫେରାଇ ଆଣିଲେ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ:

- "ପ୍ରତିଜ୍ଞାତ ଦେଶ" ପଦକୁ "ଈଶ୍ୱର ଅବ୍ରହାମଙ୍କୁ ଦେବା ନିମନ୍ତେ କହିଥିବା ପ୍ରତିଜ୍ଞାତ ଦେଶ" ବା "ଈଶ୍ୱର ଅବ୍ରହାମଙ୍କୁ ଦେବା ନିମନ୍ତେ କରିଥିବା ପ୍ରତିଜ୍ଞାତ ଦେଶ" ବା "ଈଶ୍ୱର ତାହାଙ୍କ ଲୋକମାନଙ୍କୁ ଦେବା ନିମନ୍ତେ କରିଥିବା ପ୍ରତିଜ୍ଞାତ ଦେଶ" କିମ୍ବା "କିଣାନ ଦେଶ" ବୋଲି ଅନୁବାଦ କରାଯାଇପାରେ I
- ବାଇବଲର ଶାସ୍ତ୍ରଂଶରେ, ଏହି ଭାବ ପ୍ରକାଶକ ଶବ୍ଦ "ଈଶ୍ୱର ପ୍ରତିଜ୍ଞା କରିଥିବା ଦେଶ" ଭଳି କେତେକେ ଗଠନ ଅନୁସାରେ ପରିଲକ୍ଷିତ ହୋଇଥାଏ I

(ଆହୁରି ମଧ୍ୟ ଦେଖ: କିଣାନ, ପ୍ରତିଜ୍ଞା)

ବାଇବଲ ପଦଗୁଡିକ:

- ଦ୍ୱିତୀୟ ବିବରଣ 08:1-2
- ଯିହିଜିକଲ 07:26-27

ବାଇବଲର କାହାଣୀଗୁଡ଼ିକ ମଧ୍ୟରୁ ଉଦାହରଣଗୁଡିକ:

- **12:01** ସେମାନେ (ଇସ୍ରାଏଲୀୟମାନେ) ଆଉ କ୍ରୀତଦାସ ନୁହନ୍ତି, ଏବଂ ସେମାନେ ପ୍ରତିଜ୍ଞାତ ଦେଶକୁ _ ଯାଉ ଅଛନ୍ତି_!
- **14:01** ଈଶ୍ୱର ଇସ୍ରାଏଲୀୟମାନଙ୍କୁ ବ୍ୟବସ୍ଥାଗୁଡିକ ଜଣାଇବା ପରେ ସେ ଚାହିଁଲେ ଯେ ସେମାନେ ତାହାଙ୍କ ନୀୟମର ଅଂଶସ୍ୱରୂପ ଲୋକ ଭାବରେ ସେଗୁଡିକର ବାଧ ହେବେ ଏବଂ ପାଳନ କରିବେ I ଈଶ୍ୱର ସେମାନଙ୍କୁ ସିନୟରୁ_ ପ୍ରତିଜ୍ଞାତ ଦେଶ_ ଯାହା ମଧ୍ୟ କିଣାନ ବୋଲି ଖ୍ୟାତଥିଲା I
- **14:02** ଈଶ୍ୱର ଅବ୍ରହାମ, ଇସହାକ୍ ଏବଂ ଯାକୁବଙ୍କ ନିକଟରେ ପ୍ରତିଜ୍ଞା କରିଥିଲେ ଯେ ସେ _ ପ୍ରତିଜ୍ଞାତ ଦେଶ_ ସେମାନଙ୍କ ବଂଶଧରମାନଙ୍କୁ ଦେବେ, କିନ୍ତୁ ବର୍ତ୍ତମାନ ସେଠାରେ ଅନେକ ଲୋକଦଳଗୁଡିକ ବାସ କରୁଛନ୍ତି I
- **14:14** ତା'ପରେ ଈଶ୍ୱର ଲୋକମାନଙ୍କୁ_ ପ୍ରତିଜ୍ଞାତ ଦେଶର_ପ୍ରାନ୍ତ ନିକଟକୁ ପୂନର୍ଶ୍ୱାର କଢ଼ାଇଆଣିଲେ I
- **15:02** ଇସ୍ରାଏଲୀୟମାନଙ୍କୁ ଯର୍ଦ୍ଦନ ନଦୀ ପାର ହୋଇ_ ପ୍ରତିଜ୍ଞାତ ଦେଶରେ_ ପ୍ରବେଶ କରିବାକୁ ହେବ I
- **15:12** ଏହି ଯୁଦ୍ଧ ପରେ, ଈଶ୍ୱର ଇସ୍ରାଏଲୀୟମାନଙ୍କର ପ୍ରତ୍ୟେକ ଗୋଷ୍ଠୀକୁ ଆପଣାମାନଙ୍କର ନିଜ ଭାଗ ବା ଅଂଶ ଅନୁସାରେ **ପ୍ରତିଜ୍ଞାତ ଦେଶ** ଦେଲେ I
- **20:09** ଯେତେବେଳେ ଈଶ୍ୱରଙ୍କ ଲୋକମାନେ_ ପ୍ରତିଜ୍ଞାତ ଦେଶ ଦେଶ ଛାଡି ଯିବା ନିମନ୍ତେ ବଳପୂର୍ବକ ବାଧ ହେଲେ, ସେହି ସମୟ କାଳକୁ_ନିର୍ଯ୍ୟାସନ କୁହାଯାଏ I

ବୋର୍ଡ ଡାଟା :

- Strong's: H776, H3068, H3423, H5159, H5414, H7650

ପ୍ରଭୁ ଭୋଜ

ସଂଜ୍ଞା:

"ପ୍ରଭୁ ଭୋଜ" ଶବ୍ଦ ପ୍ରେରିତ ପାଉଲ ଦ୍ୱାରା ନିସ୍ତର ପର୍ୱ ଭୋଜ କୁ ସମ୍ବୋଧିତ କରିବା ନିମନ୍ତେ ବ୍ୟବହାର କରାଯାଇଅଛି କି ଯେତେବେଳେ ଯୀଶୁ ନିଜ ଶିଷ୍ୟମାନଙ୍କ ସହିତ ରାତ୍ରୀ ଭୋଜନରେ ବସିଥିଲେ ଓ ଯିହୁଦୀ ନେତାମାନଙ୍କ ଦ୍ୱାରା ବନ୍ଦୀ କରା ଗଲେ I

- ଏହି ଭୋଜ ସମୟରେ ଯୀଶୁ ନିସ୍ତାର ପରବ ର ରୋଟୀ ନେଲେ ତାହାକୁ ଭାଂଗିଲେ ଯାହାକୁ ସେ ନିଜର ଶରୀର କହିଲେ ଯାହା ଅତି ଶୀଘ୍ର ପ୍ରହାରିତ ହେବ ଓ ହତ୍ୟା କରା ଯିବ I
- ସେ ପାନପାତ୍ର ର ରସକୁ ରକ୍ତ କହିଲେ, ଯାହା ଅତି ଶୀଘ୍ର ବହି ଯିବ ଯେତେବେଳେ ସେ ପାପର ପ୍ରାୟଶ୍ଚିତ ନିମନ୍ତେ କ୍ରୁଶରେ ମରିବେ I
- ଯୀଶୁ ଆଜ୍ଞା ଦେଲେ କି ଯେତେବେଳେଯାଏ ତାହାଙ୍କର ଅନୁଗାମୀ ଏହି ଭୋଜ ଏକତ୍ରିତ ହୋଇ ଖାଆନ୍ତି ସେମାନେ ତାହାଙ୍କର ମୃତ୍ୟୁ ଓ ପୁନରୁଥାନ କୁ ସ୍ମରଣ କରିବେ I
- କରିନ୍ଥିୟ କୁ ତାହାଙ୍କର ପତ୍ରରେ, ପ୍ରେରିତ ପାଉଲ ଆଗକୁ ଏହା ସ୍ଥାପନ କରି ଅଛନ୍ତି କି ପ୍ରଭୁ ଭୋଜ ଯୀଶୁଙ୍କର ବିଶ୍ୱାସୀମାନଙ୍କର ନିମନ୍ତେ ଏକ ଏକ ଅଭ୍ୟାସ ଅଟେ I
- ମଣ୍ଡଳୀ ଆଜି ଅନେକ ସମୟରେ ପ୍ରଭୁ ଭୋଜ ନିମନ୍ତେ "ସହଭାଗିତା" ଶବ୍ଦ ବ୍ୟବହାର କରେ I

"ଶେଷ ଭୋଜ" ଶବ୍ଦ ମଧ୍ୟ ବ୍ୟବହାର କରାଯାଏ I

ଅନୁବାଦ ପ୍ରସ୍ତାବ:

- ଏହି ଶବ୍ଦକୁ "ପ୍ରଭୁ ଭୋଜ" କିଅବା "ପ୍ରଭୁ ଯୀଶୁଙ୍କର ଭୋଜ" କିଅବା "ଏକ ଭୋଜ ପ୍ରଭୁ ଯୀଶୁଙ୍କର ସ୍ମରଣ ନିମନ୍ତେ "ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ: ନିସ୍ତାର ପର୍ୱ)

ବାଇବଲ ପଦପର୍ବ:

- ୧ କରିନ୍ଥିୟ ୧୧:୨୦-୨୨
- ୧ କରିନ୍ଥିୟ ୧୧:୨୫-୨୬

ବୋର୍ଡ ଡାଟା :

- Strong's: G1173, G2960

ପ୍ରଭୁ ସଦାପ୍ରଭୁ, ସଦାପ୍ରଭୁ ପରମେଶ୍ୱର

ତଥ୍ୟ:

ପୁରାତନ ନିୟମରେ, "ପ୍ରଭୁ ସଦାପ୍ରଭୁ" ବାରମ୍ବାର ଏକ ସତ୍ୟ ପରମେଶ୍ୱର କୁ ଦେଖାଇବାକୁ ବ୍ୟବହାର୍ କରାଯାଇଅଛି I "ପ୍ରଭୁ" ଈଶ୍ୱରୀୟ ଶବ୍ଦ ଓ "ସଦାପ୍ରଭୁ" ବ୍ୟକ୍ତିଗତ ନାମ ଅଟେ I

- "ସଦାପ୍ରଭୁ" ଅନେକ ସମୟରେ "ପରମେଶ୍ୱର" ଶବ୍ଦ ସହିତ ସଂଯୁକ୍ତ କରା ଯାଇ "ସଦାପ୍ରଭୁ ପରମେଶ୍ୱର ଲେଖାଯାଏ I

ଅନୁବାଦ ପ୍ରସ୍ତାବ:

- ଯଦି "ସଦାପ୍ରଭୁ" ନାମ ପରମେଶ୍ୱରଙ୍କର ବ୍ୟକ୍ତିଗତ ନାମ ର ଅନୁବାଦ କରା ଯାଉ ଅଛି, ତେବେ "ପ୍ରଭୁ ସଦାପ୍ରଭୁ" ଓ "ସଦାପ୍ରଭୁ ପରମେଶ୍ୱର" ଶବ୍ଦ କୁ ଆକ୍ଷରିକ ଭାବରେ ଅନୁବାଦ କରାଯାଇପାରେ I

ସେହି ସମୟରେ ଆମକୁ ମନେ ରଖିବା ଉଚିତ୍ ଯେ "ପ୍ରଭୁ" ଶବ୍ଦ ଅନ୍ୟ ପୃଷ୍ଠଭୂମିରେ କିପରି ପରମେଶ୍ୱର କୁ ଦର୍ଶାଉ ଅଛି I

- କେତେକ ଭାଷାରେ ନାମ ପରେ ପଦବୀ ରଖନ୍ତି ଯେପରି "ସଦାପ୍ରଭୁ ପ୍ରଭୁ" ଅଟେ I

ମନେ ରଖନ୍ତୁ କି ବ୍ୟବହୃତ ଭାଷାରେ କଅଣ ବାସ୍ତବିକ ଅଟେ: କଅଣ ପଦ "ପ୍ରଭୁ", 'ସଦାପ୍ରଭୁ" ପରେ କି ପୂର୍ବ ରୁ ଆସିବା ଉଚିତ୍ I "ସଦାପ୍ରଭୁ ପରମେଶ୍ୱର" ଉତ୍ତମ ରୂପରେ ରଖିଲେ "ପରମେଶ୍ୱର ଯାହାକୁ ସଦାପ୍ରଭୁ କୁହାଯାଏ "କିଅବା "ପରମେଶ୍ୱର ଯେ ଜୀବନ୍ତ ଅଟନ୍ତି "କିଅବା "ମୁଁ ଯେ ସେହି ପରମେଶ୍ୱର ଅଟେ "ହୋଇପାରେ I

- ଯଦି ଅନୁବାଦ ପରମ୍ପରା ଅନୁସାରେ ହୁଏ "ସଦାପ୍ରଭୁ", ପ୍ରଭୁ" ରୂପରେ କିଅବା ଇଂରାଜୀରେ ""ପ୍ରଭୁ"" ବଡ଼ ଅକ୍ଷର ତେବେ "ପ୍ରଭୁ ସଦାପ୍ରଭୁ" କୁ "ପ୍ରଭୁ ପରମେଶ୍ୱର" କିଅବା "ପରମେଶ୍ୱର ଯେ ପ୍ରଭୁ ଅଟନ୍ତି" ରୂପରେ ହୋଇପାରେ I

ଅନ୍ୟ ପ୍ରକାରେ ସମ୍ଭବତ ଅନୁବାଦ "ସ୍ୱାମୀ ପ୍ରଭୁ" କିଅବା "ପରମେଶ୍ୱର ପ୍ରଭୁ" ହୋଇପାରେ I

- "ପ୍ରଭୁ ସଦାପ୍ରଭୁ "ଶବ୍ଦ କୁ "ପ୍ରଭୁ ସହିତ ବଡ଼ ଅକ୍ଷର ପ୍ରଭୁ ସଂଯୁକ୍ତ _ହୋଇ ନପାରେ _ କାରଣ ପାଠକ ଏହି ଦୁଇ ଶବ୍ଦ ମଧ୍ୟରେ ଭିନ୍ନତା କୁ ବୁଝି ପାରିବେ ନାହିଁ ଯାହା ପରମ୍ପରା ଭାବରେ ବ୍ୟବହାର କରାଯାଇଅଛି I ଏହା ଭଲ ଲାଇବ ନାହିଁ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ପରମେଶ୍ୱର, ପ୍ରଭୁ, ସଦାପ୍ରଭୁ)

ବାଇବଲ ପଦପର୍ବ:

- ୧ କରିନ୍ଥିୟ୍ ୦୪:୩-୪
- ୨ ଶାମୁଏଲ ୦୭:୨୧-୨୩
- ବ୍ୟବସ୍ଥାବିବରଣ ୦୩:୨୩-୨୫
- ଯିହଜିକଲ ୩୯:୨୫-୨୭
- ଯିହଜିକଲ ୪୫: ୧୮-୨୦
- ଯିରିମିୟ୍ ୪୪:୨୬-୨୮
- ବିଚାରକର୍ତ୍ତା ୦୬:୨୨-୨୪
- ମିଖା ୦୧:୨-୪

ବୋର୍ଡ ଡାଟା :

- Strong's: H136, H430, H3068, G2316, G2962

ପ୍ରଭୁଙ୍କର ଦିନ, ଯେହୋବାଙ୍କର ଦିନ

ବ୍ୟାଖ୍ୟା:

ପୁରାତନ ନିୟମରେ "ଯେହୋବାଙ୍କର ଦିନ" କୁ ଗୋଟିଏ ନିର୍ଦ୍ଦିଷ୍ଟ ସମଯକୁ ବୁଝାଇଥାଏ ଯେତେବେଳେ ଈଶ୍ୱର ଲୋକମାନଙ୍କର ପାପ ନିମନ୍ତେ ସେମାନଙ୍କୁ ଦଣ୍ଡ ଦେଉଥିଲେ I

- ନୂତନ ନିୟମରେ "ପ୍ରଭୁଙ୍କର ଦିନ" କୁ ପ୍ରାୟତଃ ଏହି ସମୟ ବା ଦିନ କୁ ବୁଝାଇଥାଏ, ଯେତେବେଳେ ପ୍ରଭୁ ଯୀଶୁ ଆସିବେ ଓ ଶେଷ ସମୟରେ ଲୋକମାନଙ୍କର ବିଚାର କରିବେ I
- ଏହି ଶେଷ, ଆଗାମୀ ସମୟର ବିଚାର ଓ ପୁନଃରୁଥାନ କୁ ମଧ୍ୟ ବେଳେବେଳେ "ଶେଷ ଦିନ" ବୋଲି କୁହାଯାଏ I

ଏହି ସମୟ ଆରମ୍ଭ ହେବ ଯେତେବେକେ ପ୍ରଭୁ ଯୀଶୁ ଆଉଥରେ ପାପିମାନଙ୍କର ବିଚାର କରିବାକୁ ଓ ସବୁଦିନ ପାଇଁ ତାଙ୍କର ରାଜ୍ୟ ସ୍ଥାପନ କରିବାକୁ ଆସିବେ I

- ଏହି ଶବ୍ଦ "ଦିନ" ଏହି ବାକ୍ୟାଂଶ ଗୁଡିକରେ ବେଳେବେଳେ ସ୍ୱଭାବିକ ଦିନକୁ ବୁଝାଏ କିମ୍ବା "ସମୟ" ବା "ବିଶେଷ ଘଟଣା" କୁ ବୁଝାଇଥାଏ ଯାହାକି ଗୋଟିଏ ଦିନଠାରୁ ଅଧିକ ସମୟ ଲାଗିଥାଏ I
- ଦଣ୍ଡ ବେଳେବେଳେ ଅଣବିଶ୍ୱସୀମାନଙ୍କର ଉପରେ ଈଶ୍ୱରଙ୍କ କ୍ରୋଧ କୁ ବୁଝାଇଥାଏ I

ଭାଷାନ୍ତର ପ୍ରସ୍ତାବ:

ପୃଷ୍ଠଭୂମି ଉପରେ ନିର୍ଭର କରି ଅନ୍ୟ ଭାବରେ ଭାଷାନ୍ତର କଲେ "ସଦାପ୍ରଭୁ ଙ୍କର ଦିନ" "ସଦାପ୍ରଭୁଙ୍କର ସମୟ" କିମ୍ବା ସେହି ସସମୟକୁ ଯେତେବେଳେ ସଦାପ୍ରଭୁ ତାଙ୍କର ଶତ୍ରୁମାନଙ୍କୁ ଦଣ୍ଡଦେବେ କିମ୍ବା "ସଦାପ୍ରଭୁଙ୍କର କ୍ରୋଧ"ରେ ଅନ୍ତର୍ଭୁକ୍ତ ହୋଇପାରେ I

- ଅନ୍ୟ ଅର୍ଥରେ ଭାଷାନ୍ତର କଲେ "ପ୍ରଭୁଙ୍କର ଦିନ" "ପ୍ରଭୁଙ୍କର ବିଚାର ସମୟକୁ" କିମ୍ବା ଯେତେବେଳେ "ପ୍ରଭୁ ଯୀଶୁ ଲୋକମାନଙ୍କର ବିଚାର କରିବାକୁ ଆସିବା ସମୟ" ହୋଇପାରେ I

(ମଧ୍ୟ ଦେଖିବା: ଦିନ, ବିଚାର ଦିନ, ପ୍ରଭୁ, ପୁନଃରୁଥାନ, ଯିହୋବା)

ବାଇବଲ ପଦଗୁଡିକ:

- ୧ କରନ୍ଥୀୟ ୦୫:୩ -୫
- ୧ ଥେସଲନିକିୟ ୦୫:୧ -୩
- ୨ ପିତର ୦୩:୧୦
- ୨ ଥେସଲନିକିୟ ୦୨:୧ -୩
- ପ୍ରେରିତ ୦୨:୨୦ -୨୧
- ଫିଲିପିୟ୦୧:୯ -୧୧

ବୋର୍ଡ ଡାଟା :

- Strong's: H3068, H3117, G2250, G2962

ପ୍ରଲୋଭିତ କରିବା, ପ୍ରଲୋଭନ

ପରିଭାଷା:

କାହାକୁ ପ୍ରଲୋଭିତ କରିବା ଅର୍ଥ ସେହି ବ୍ୟକ୍ତିକୁ ମନ୍ଦ ବିଷୟ କରିବାକୁ ପ୍ରବର୍ତ୍ତାଇବା ଅଟେ I

- ପ୍ରଲୋଭନ ଏଭଳି ଏକ ବିଷୟ ଯାହା ଜଣେ ବ୍ୟକ୍ତିକୁ କିଛି ମନ୍ଦ ବିଷୟ କରେଇବା ନିମନ୍ତେ ପ୍ରବର୍ତ୍ତାଇଥାଏ I
- ଲୋକମାନେ ଆପଣାମାନଙ୍କ ପାପପୂର୍ଣ୍ଣ ସ୍ୱଭାବ ଦ୍ୱାରା ଏବଂ ଅନ୍ୟମାନଙ୍କ ଦ୍ୱାରା ପ୍ରଲୋଭିତ ହୋଇଥାଆନ୍ତି I
- ଶୟତାନ ମଧ୍ୟ ଲୋକମାନଙ୍କୁ ଈଶ୍ୱରଙ୍କ ଅବାଧ୍ୟ ହେବା ନିମନ୍ତେ ଏବଂ ମନ୍ଦ କାର୍ଯ୍ୟଗୁଡ଼ିକ କରିବା ଦ୍ୱାରା ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିବା ନିମନ୍ତେ ପ୍ରଲୋଭିତ କରିଥାଏ I
- ଶୟତାନ ଯୀଶୁଙ୍କୁ ପରୀକ୍ଷା କଲା ଏବଂ ଚେଷ୍ଟା କଲା ଯେପରି ସେ କିଛି ମନ୍ଦ କାର୍ଯ୍ୟ କରିବେ, ମାତ୍ର ଯୀଶୁ ଶୟତାନର ସମସ୍ତ ପରୀକ୍ଷା ପ୍ରଲୋଭନକୁ ପ୍ରତିରୋଧ କଲେ ଏବଂ ପାପ କଲେ ନାହିଁ I
- ଯେ କେହି "ଈଶ୍ୱରଙ୍କୁ ପ୍ରଲୋଭିତ କରୁଛି" ସେ ତାହାଙ୍କ ଦ୍ୱାରା କିଛି ମନ୍ଦ ବିଷୟ କରାଇବା ନିମନ୍ତେ ଚେଷ୍ଟା କରୁଛି, ତାହା ନୁହେଁ, ବରଂ, ସେ ତାହାଙ୍କ ନିକଟରେ ଏତେଦୂର ଶକ୍ତଗ୍ରୀବ ଅବାଧ୍ୟ ହୋଇଚାଲିଛି ଯେ ଈଶ୍ୱର ପ୍ରତ୍ୟୁତ୍ତରରେ ନିଶ୍ଚୟ ତାହାକୁ ଦଣ୍ଡ ଦେବେ I ଏହାକୁ ମଧ୍ୟ "ଈଶ୍ୱରଙ୍କୁ ପରୀକ୍ଷା କରିବା" ବୋଲି କୁହାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରଲୋଭିତ କରିବା" ଶବ୍ଦକୁ "ପାପ କରିବା ନିମନ୍ତେ ପ୍ରବର୍ତ୍ତାଇବା" କିମ୍ବା "ପାପ କରିବାକୁ" କିମ୍ବା "ପାପ କରିବା ନିମନ୍ତେ ଏକ ଇଚ୍ଛା ଜାତ କରିବା" ବୋଲି ଅନୁବାଦ କରାଯାଇପାରେ I
- "ପ୍ରଲୋଭନ" ଶବ୍ଦକୁ "ଯାହାସବୁ ପ୍ରଲୋଭିତ କରିଥାଏ" କିମ୍ବା "ଜଣକୁ ପାପ କରିବା ନିମନ୍ତେ ପ୍ରବର୍ତ୍ତାଇବା ବିଷୟ ସବୁ" କିମ୍ବା "କିଛି ମନ୍ଦ କାର୍ଯ୍ୟ କରିବା ନିମନ୍ତେ ପ୍ରବର୍ତ୍ତାଉଥିବା ବିଷୟଗୁଡ଼ିକ" ଅନ୍ତର୍ଭୁକ୍ତ ହୋଇପାରେ I
- "ଈଶ୍ୱରଙ୍କୁ ପ୍ରଲୋଭିତ କରିବା" ଶବ୍ଦକୁ ""ଈଶ୍ୱରଙ୍କୁ ପରୀକ୍ଷାରେ ପକାଇବା" କିମ୍ବା ""ଈଶ୍ୱରଙ୍କୁ ପରୀକ୍ଷା କରିବା" କିମ୍ବା ""ଈଶ୍ୱରଙ୍କ ଧୈର୍ଯ୍ୟର ପରୀକ୍ଷା କରିବା" କିମ୍ବା ""ଈଶ୍ୱରଙ୍କୁ ଦଣ୍ଡ ଦେବା ନିମନ୍ତେ ବାଧ କରିବା" କିମ୍ବା "ଶକ୍ତଗ୍ରୀବ ହୋଇ "ଈଶ୍ୱରଙ୍କ ଅବାଧ୍ୟ ହୋଇଚାଲିବା" ବୋଲି ଅନୁବାଦ କରାଯାଇପାରେ I

(ଅବାଧ୍ୟ, ଶୟତାନ, ପାପ, ପରୀକ୍ଷା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀୟ 3:4-5
- ଏବ୍ରୀ 4:15
- ଯାକୁବ 1:13
- ଲୂକ 4:2
- ଲୂକ 11:4
- ମାଥିଉ 26:41

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 25:1 ତା'ପରେ ଶୟତାନ ଯୀଶୁଙ୍କ ନିକଟକୁ ଆସିଲା ଏବଂ ତାହାଙ୍କୁ ପାପ କରେଇବା ନିମନ୍ତେ **ପରୀକ୍ଷା** କଲା I
- 25:8 ଯୀଶୁ ଶୟତାନର ପରୀକ୍ଷାଗୁଡ଼ିକରେ **ପଡିଲେ ନାହିଁ**, ତେଣୁ ଶୟତାନ ତାଙ୍କୁ ଛାଡି ଚାଲିଗଲା I
- 38:11 ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ କହିଲେ ଯେପରି ସେମାନେ **ପରୀକ୍ଷାରେ** ନପଡନ୍ତି I

ଶବ୍ଦବିନ୍ୟାସ :

- Strong's: H0974, H4531, H5254, G05510, G15980, G39850, G39860, G39870

ପ୍ରସ୍ତର, ପଥରରେ ମାରିବା

ପରିଭାଷା:

ଏକ ପ୍ରସ୍ତର ଏକ ଛୋଟ ପ୍ରସ୍ତର ଅଟେ । କାହାକୁ "ପଥରରେ ମାରିବା" ଅର୍ଥ ସେହି ବ୍ୟକ୍ତିକୁ ହତ୍ୟା କରିବା ଉଦ୍ଦେଶ୍ୟରେ ସେହି ବ୍ୟକ୍ତି ଉପରେ ପ୍ରସ୍ତର ଫିଙ୍ଗିବା ଅଟେ । ଏକ "ପଥର ମାରିବା" ବାକ୍ୟାଂଶ ଏକ ଘଟଣାକୁ ବୁଝାଏ ଯେଉଁଥିରେ ଜଣେ ବ୍ୟକ୍ତି ଉପରେ ପଥର ଫିଙ୍ଗିବା ଅଟେ ।

- ପ୍ରାଚୀନ ଯୁଗରେ, ଆପରାଧ କରିଥିବା ଲୋକମାନଙ୍କୁ ପ୍ରସ୍ତର ଫିଙ୍ଗି ବଧ କରିବା ସାଧାରଣ ପଦ୍ଧତି ଥିଲା ।
- କେତେକ ନିର୍ଦ୍ଦିଷ୍ଟ ପାପ ଯଥା ବ୍ୟଭିଚାର ନିମନ୍ତେ ଈଶ୍ୱର ଇସ୍ରାଏଲ ନେତାଗଣଙ୍କୁ ପ୍ରସ୍ତର ଫିଙ୍ଗି ବଧ କରିବାକୁ ଆଦେଶ ଦେଇଥିଲେ ।
- ନୂତନ ନିୟମରେ, ଯୀଶୁ ବ୍ୟଭିଚାରରେ ଧରା ଯାଇଥିବା ସ୍ତ୍ରୀର ପାପ କ୍ଷମା କଲେ ଏବଂ ତାକୁ ପ୍ରସ୍ତର ଫିଙ୍ଗି ବଧ କରିବାରୁ ନିବୃତ୍ତ କଲେ ।
- ସ୍ତିଫାନ, ବାଇବେଲର ପ୍ରଥମ ବ୍ୟକ୍ତି ଥିଲେ ଯାହାକୁ ଯୀଶୁଙ୍କ ବିଷୟରେ ପ୍ରଚାର କରୁଥିବା ନିମନ୍ତେ ପ୍ରସ୍ତରରେ ବଧ କରାଯାଇଥିଲା ।
- ଲୁସ୍ତ୍ରା ସହରରେ, ପ୍ରେରିତ ପାଉଲଙ୍କୁ ପ୍ରସ୍ତରରେ ଆଘାତ କରାଯାଇଥିଲା, ସେ କ୍ଷତବିକ୍ଷତ ହୋଇଥିଲେ କିନ୍ତୁ ମରିନଥିଲେ ।

(ବ୍ୟଭିଚାର, ପାପ କରିବା, ଅପରାଧ, ମୃତ୍ୟୁ, ଲୁସ୍ତ୍ରା, ସାକ୍ଷ : ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7:57-58
- ପ୍ରେରିତ 7: 59-60
- ପ୍ରେରିତ 14:5
- ପ୍ରେରିତ 14: 19-20
- ଯୋହନ 8: 4-6
- ଲୂକ 13:34
- ଲୂକ 20: 6
- ମାଥିଉ 23:37-39

ଶବ୍ଦବିନ୍ୟାସ:

- Strong's: H68, H69, H810, H1382, H1496, H1530, H216, H2672, H2687, H2789, H4676, H4678, H5553, H561, H5619, H6344, H6443, H6697, H6864, H6872, H7275, H7671, H868, G2642, G2991, G334, G335, G336, G337, G474, G4348, G5586

ପ୍ରାର୍ଥନା କରିବା, ପ୍ରାର୍ଥନା

ପରିଭାଷା:

"ପ୍ରାର୍ଥନା ବା ପ୍ରାର୍ଥନା କରିବା" ଶବ୍ଦଗୁଡ଼ିକ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରିବା ବିଷୟକୁ ସୂଚାଇଥାଏ। ଏହି ଶବ୍ଦଗୁଡ଼ିକ ସାଧାରଣତଃ ଲୋକମାନେ ଏକ ମିଥ୍ୟା ଦେବତା ସହିତ କଥାବାର୍ତ୍ତା କରିବା ନିମନ୍ତେ ଚେଷ୍ଟା କରିବା ବିଷୟକୁ ସୂଚାଇଥାଏ।

- ଲୋକମାନେ ନୀରବରେ ପ୍ରାର୍ଥନା କରି ପାରିବେ, ସେମାନଙ୍କ ଚିନ୍ତାଧାରା ସହ ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରିପାରିବେ, କିମ୍ବା ସେମାନେ ଉଚ୍ଚ ସ୍ୱରରେ ପ୍ରାର୍ଥନା କରି ପାରିବେ। ବେଳେବେଳେ ପ୍ରାର୍ଥନା ଲେଖାଯାଏ, ଯେପରିକି ଯେତେବେଳେ ଦାଉଦ ଆପଣାର ପ୍ରାର୍ଥନାଗୁଡ଼ିକ ଗୀତସଂହିତା ପୁସ୍ତକରେ ଲେଖିଲେ।
- ପ୍ରାର୍ଥନାରେ ଈଶ୍ୱରଙ୍କୁ ଦୟାଭିକ୍ଷା କରିବା ନିମନ୍ତେ, ଏକ ସମସ୍ୟାରେ ଈଶ୍ୱରଙ୍କ ସାହାଯ୍ୟ ପାଇଁ, ଏବଂ ନିଷ୍ପତ୍ତିଗୁଡ଼ିକ ନେବା ବେଳେ ଈଶ୍ୱରଙ୍କଠାରୁ ଜ୍ଞାନ ମାଗିବା ଅନ୍ତର୍ଭୁକ୍ତ ହୋଇପାରେ।
- ଅଧିକାଂଶ ସମୟରେ ଲୋକମାନେ ଅସୁସ୍ଥ ଲୋକମାନଙ୍କୁ ସୁସ୍ଥ କରିବା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରନ୍ତି କିମ୍ବା ଅନ୍ୟ ଭାବରେ ଯିଏ ତାହାଙ୍କ ସାହାଯ୍ୟ ଆବଶ୍ୟକ ନିମନ୍ତେ ପ୍ରାର୍ଥନା କରନ୍ତି।
- ଲୋକମାନେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିବା ବେଳେ ତାହାଙ୍କ ଧନ୍ୟବାଦ ଓ ପ୍ରଶଂସା ମଧ୍ୟ କରନ୍ତି।
- ପ୍ରାର୍ଥନାରେ ଈଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କର ପାପ ସ୍ୱୀକାର ଏବଂ ଆମ୍ଭମାନଙ୍କୁ କ୍ଷମା କରିବା ନିମନ୍ତେ ଅନୁରୋଧ କରିବା ଅନ୍ତର୍ଭୁକ୍ତ ହୋଇଥାଏ।
- ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରିବା ବିଷୟକୁ ବେଳେବେଳେ ତାହାଙ୍କ ସହିତ "ଯୋଗାଯୋଗ ବା ସମ୍ପର୍କ" ବୋଲି କୁହାଯାଏ ଯେପରି ତାହାଙ୍କ ଆତ୍ମା ଆମ୍ଭମାନଙ୍କ ଆତ୍ମାଙ୍କ ସହିତ ସଂଯୁକ୍ତ ହୁଏ, ଆମ୍ଭମାନଙ୍କର ଭାବାବେଗଗୁଡ଼ିକୁ ଅଂଶୀ କରାଇଥାଏ ଏବଂ ତାହାଙ୍କ ଉପସ୍ଥିତି ସହିତ ଆନନ୍ଦ ଅନୁଭବ କରିଥାଏ।
- ଏହି ଶବ୍ଦକୁ "ଈଶ୍ୱରଙ୍କ ସହିତ କଥାବାର୍ତ୍ତା କରିବା" କିମ୍ବା "ଈଶ୍ୱରଙ୍କ ସହିତ ଯୋଗାଯୋଗ ବା ସମ୍ପର୍କ ସ୍ଥାପନ କରିବା" ବୋଲି ଅନୁବାଦ କରାଯାଇପାରେ। ଏହି ଶବ୍ଦ ଅନୁବାଦ ନୀରବରେ ପ୍ରାର୍ଥନାକୁ ଅନ୍ତର୍ଭୁକ୍ତ କରିପାରିବା ଉଚିତ।

(ମିଥ୍ୟା ଦେବତା, କ୍ଷମା, ପ୍ରଶଂସା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନିକୀୟ 3:9
- ପ୍ରେରିତ 8:24
- ପ୍ରେରିତ 14:26
- କଲସୀୟ 4:4
- ଯୋହନ 17:9
- ଲୂକ 11:1
- ମାଥିଉ 5:43-45
- ମାଥିଉ 14:22-24

ବାଇବେଲର କାହାଣୀରୁ ଉଦାହରଣଗୁଡ଼ିକ:

- **6:5** ଇସହାକ୍ ରିବିକା ନିମନ୍ତେ **ପ୍ରାର୍ଥନା** କଲେ, ଏବଂ ଈଶ୍ୱର ରିବିକାକୁ ଜାଆଁଳ ସନ୍ତାନକୁ ଗର୍ଭରେ ଧାରଣ କରିବା ନିମନ୍ତେ ଅନୁମତି ଦେଲେ।
- **13:12** କିନ୍ତୁ ମୋଶା ସେମାନଙ୍କ ନିମନ୍ତେ **ପ୍ରାର୍ଥନା କଲେ**, ଏବଂ ଈଶ୍ୱର ତାହାଙ୍କ **ପ୍ରାର୍ଥନା** ଶୁଣିଲେ ଏବଂ ସେମାନଙ୍କୁ ଧ୍ୱଂସ କଲେ ନାହିଁ।
- **19:8** ତା'ପରେ ବାଲର ବିଷ୍ୟତବକ୍ତାମାନେ ବାଲ୍ ଦେବତାକୁ **ପ୍ରାର୍ଥନା କଲେ**, "ହେ ବାଲ୍, ଆମ୍ଭମାନଙ୍କ ପ୍ରାର୍ଥନା ଶୁଣ!"
- **21:7** ଲୋକମାନଙ୍କ ନିମନ୍ତେ ଈଶ୍ୱରଙ୍କ ନିକଟରେ ଯାଜକମାନେ ମଧ୍ୟ **ପ୍ରାର୍ଥନା କଲେ**।
- **38:11** ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ **ପ୍ରାର୍ଥନା କରିବାକୁ** କହିଲେ ଯେପରି ସେମାନେ ପରୀକ୍ଷାରେ ନ ପଡ଼ନ୍ତି।
- **43:13** ଶିଷ୍ୟମାନେ ନିବିଷ୍ଟ ଚିତ୍ତ ହୋଇ ଏକତ୍ରିତ ଭାବରେ ପ୍ରେରିତମାନଙ୍କ ଶିକ୍ଷାରେ, ଭୋଜନ କରିବାରେ ଏବଂ **ପ୍ରାର୍ଥନାରେ** ପରସ୍ପର ଲାଗି ରହିଲେ।
- **49:18** ଈଶ୍ୱର ତୁମ୍ଭମାନଙ୍କୁ ତାହାଙ୍କ ବାକ୍ୟ ଅଧ୍ୟୟନ କରିବାକୁ, ଅନ୍ୟ ଖ୍ରୀଷ୍ଟିୟାନମାନଙ୍କ ସହିତ ତାହାଙ୍କ ଉପାସନା କରିବାକୁ, ଏବଂ ସେ ତୁମ୍ଭମାନଙ୍କ ନିମନ୍ତେ ଯାହା କରିଅଛନ୍ତି ତାହା ଅନ୍ୟମାନଙ୍କୁ କହିବା ନିମନ୍ତେ **ପ୍ରାର୍ଥନା କରିବାକୁ** କହନ୍ତି।

ଶବ୍ଦବିନ୍ୟାସ:

- Strong's: H0559, H0577, H1156, H2470, H3863, H3908, H4994, H6279, H6293, H6419, H6739, H7592, H7878, H7879, H7881, H8034, H8605, G01540, G11620, G11890, G17830, G20650, G21710, G21720, G38700, G43350, G43360

ପ୍ରାୟଶ୍ଚିତ କ୍ଷତିପୂରଣ, ଭୁଲ ସୁଧାରିବା, ଭୁଲଗୁଡିକୁ ସୁଧାରିବା, ଭୁଲ ସୁଧାରିଲେ

ସଂଜ୍ଞା:

"ଭୁଲ ସୁଧାରିବା" ଏବଂ "କ୍ଷତିପୂରଣ" ବାକ୍ୟାଂଶ ଈଶ୍ୱର କିପରି ଲୋକମାନଙ୍କ ପାପ ନିମନ୍ତେ ଏବଂ ପାପ ନିମନ୍ତେ ତାଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଏକ ବଳି ଦେଲେ ତାହାକୁ ସୂଚାଏ I

- ପୁରାତନ ନୀୟମ ସମୟରେ, ଇସ୍ରାଏଲମାନେ ପାପ ନିମନ୍ତେ ରକ୍ତ ବଳି ଦେବା ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ପାଇଁ କ୍ଷତିପୂରଣ କରିବା ପାଇଁ ଈଶ୍ୱର ଅନୁମତି କଲେ, ଯାହା ପଶୁ ହତ୍ୟାର ଅନ୍ତର୍ଭୁକ୍ତଥିଲା I
- ନୂତନ ନୀୟମର ତଥ୍ୟ ଅନୁଯାୟୀ, କ୍ରୁଶ ଉପରେ ଖ୍ରୀଷ୍ଟଙ୍କ ମୃତ୍ୟୁ କେବଳ ସତ୍ୟ ଏବଂ ପାପ ନିମନ୍ତେ ଚିରସ୍ଥାୟୀ କ୍ଷତିପୂରଣ ଅଟେ I
- ଯୀଶୁ ଯେତେବେଳେ ମୃତ୍ୟୁବରଣ କଲେ, ସେ ଦଣ୍ଡ ସହିଲେ ଯାହା ମନୁଷ୍ୟ ଆପଣା ପାପ ନିମନ୍ତେ ପାଇବାରଥିଲା I

ସେ ଆପଣା ମୃତ୍ୟୁର ବଳି ଦ୍ୱାରା କ୍ଷତିପୂରଣର ମୂଲ୍ୟ ବାନ୍ଧିଦେଇଅଛନ୍ତି I

ଅନୁବାଦର ପ୍ରସ୍ତାବିତ ବିଷୟମାନ:

"ଭୁଲ ସୁଧାରିବା" ପଦ ଏକ ଶବ୍ଦ କିମ୍ବା ବାକ୍ୟାଂଶରେ ଅନୁବାଦ କରାଯାଇପାରେ ଯାହା ଅର୍ଥ, "ଦେବା ପାଇଁ" କିମ୍ବା "ମୂଲ୍ୟ ଦେବାପାଇଁ" କିମ୍ବା "କୌଣସି ଏକ ବ୍ୟକ୍ତିର ପାପ କ୍ଷମାର କାରଣ" କିମ୍ବା "ଏକ ଅପରାଧର ନିମନ୍ତେ ସଂଶୋଧନ କରିବା" "କ୍ଷତିପୂରଣ" ଶବ୍ଦର ଅନୁବାଦ କରିବାର ମାଧ୍ୟମ "ପରିଶୋଧ" କିମ୍ବା "ପାପ ନିମନ୍ତେ ବଳି ଦେବା" କିମ୍ବା "କ୍ଷମା କରିବାର ଅର୍ଥକୁ ପ୍ରକାଶ କରିବା" ହୋଇପାରେ I

- ଜାଣିରଖୁ ଏହି ବାକ୍ୟାଂଶ ଅନୁବାଦ କରିବାର ଅର୍ଥ ଅର୍ଥ ପ୍ରଦାନ କରିବାକୁ ଦର୍ଶାଏ ନାହିଁ I

(ମଧ୍ୟ ଦେଖିପାରିବା: କ୍ଷତିପୂରଣର ଆବରଣ, କ୍ଷମା, ସନ୍ତୋଷଜନକ, ପୁନର୍ମିଳନ, ମୋଚନ କରିବା)

ବାଇବଲ ପଦ ପର୍ଶ୍ୱ:

- ଯିହିଜିକଲ ୪୩:୨୫-୨୭
- ଯିହିଜିକଲ ୪୫:୧୮-୨୦
- ଲେବୀୟ ୦୪:୨୦-୨୧
- ଗଣନା ୫:୮-୧୦
- ଗଣନା ୨୮:୧୯-୨୨

ବୋର୍ଡ ଡାଟା :

- Strong's: H3722, H3725, G2643

ପ୍ରାୟଶ୍ଚିତ୍ତ

ପରିଭାଷା:

"ପ୍ରାୟଶ୍ଚିତ୍ତ" ଶବ୍ଦଟି ଏକ ବଳିଦାନକୁ ସୂଚାଏ ଯାହା ଈଶ୍ୱରଙ୍କ ନ୍ୟାୟକୁ ସନ୍ତୁଷ୍ଟ କରିବା କିମ୍ବା ପୂରଣ କରିବାକୁ ଏବଂ ତାହାଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ ଉତ୍ସର୍ଗ କରାଯାଏ I

- ଯୀଶୁ ଖ୍ରୀଷ୍ଟଙ୍କ ବଳିଦାନର ରକ୍ତ ମନୁଷ୍ୟର ପାପ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାୟଶ୍ଚିତ୍ତ ଅଟେ I
- କ୍ରୁଶରେ ଯୀଶୁଙ୍କ ମୃତ୍ୟୁ ପାପ ବିରୁଦ୍ଧରେ ଈଶ୍ୱରଙ୍କ କ୍ରୋଧକୁ ଶାନ୍ତ କଲା I ଏଥିରେ ଈଶ୍ୱର ଲୋକମାନଙ୍କୁ ଅନୁଗ୍ରହ ଏବଂ ଅନନ୍ତ ଜୀବନ ପ୍ରଦାନ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ “ପ୍ରସନ୍ନ” କିମ୍ବା “ପାପଗୁଡ଼ିକୁ କ୍ଷମା କରିବା ଏବଂ ଲୋକମାନଙ୍କୁ ଅନୁଗ୍ରହ ଦେବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା” ବୋଲି ଅନୁବାଦ କରାଯାଇପାରେ I
- “ପାପାଚ୍ଛାଦନ” ଶବ୍ଦର ଅର୍ଥ “ପ୍ରାୟଶ୍ଚିତ” ଶବ୍ଦର ଅର୍ଥ ସହ ସମାନ ଅଟେ I ଏହି ଦୁଇଟି ଶବ୍ଦ କିପରି ବ୍ୟବହୃତ ହୁଏ ତାହା ତୁଳନା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ I

(<u>ପାପଚ୍ଛାଦନ</u>, ଚିରସ୍ଥାୟୀ, କ୍ଷମା, ବଳିଦାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ଯୋହନ 2:2
- 1 ଯୋହନ 4:10
- ରୋମୀୟ 3:25-26

ଶବ୍ଦବିନ୍ୟାସ :

- Strong’s: G2434, G2435

ପ୍ରିୟ

ପରିଭାଷା:

"ପ୍ରିୟ" ଶବ୍ଦଟି ହେଉଛି ସ୍ନେହର ଏକ ଅଭିବ୍ୟକ୍ତି ତାହା ଅନ୍ୟ ଜଣ ପ୍ରତି ଥିବା ସ୍ନେହ ଓ ପ୍ରେମକୁ ଯଥାର୍ଥ ରୂପକୁ ବୁଝାଏ।

- "ପ୍ରିୟ" ଶବ୍ଦଟିର ଆକ୍ଷରିକ ଅର୍ଥ ହେଉଛି "ପ୍ରିୟତମ ବା ପ୍ରିୟଜନ (ଜଣେ)" କିମ୍ବା "(ଯାହାକୁ) ପ୍ରେମ କରାଯାଏ।"
- ଈଶ୍ୱର ଯୀଶୁଙ୍କୁ ତାହାଙ୍କର "ପ୍ରିୟ ପୁତ୍ର" ବୋଲି କହନ୍ତି।
- ପ୍ରେରିତମାନେ, ଖ୍ରୀଷ୍ଟିୟାନ ମଣ୍ଡଳୀଗୁଡ଼ିକୁ ପତ୍ର ଲେଖିଲା ସମୟରେ "ପ୍ରିୟ" ବୋଲି ସମ୍ବୋଧନ କରୁଥିଲେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ପ୍ରେମ କରାଯାଇଥିବା" କିମ୍ବା "ପ୍ରିୟ" କିମ୍ବା "ପ୍ରିୟଜନ" କିମ୍ବା "ଅତିପ୍ରିୟ," କିମ୍ବା " ପ୍ରିୟତମ" ବୋଲି ଅନୁବାଦ କରାଯାଇପାରେ।
- ଜଣେ ଘନିଷ୍ଠ ବନ୍ଧୁ ବା ଅତିପ୍ରିୟ ବନ୍ଧୁଙ୍କ ବିଷୟରେ କଥାବାର୍ତ୍ତା ହେବା ପ୍ରସଙ୍ଗରେ, ଏହାକୁ "ମୋହର ପ୍ରିୟ ବନ୍ଧୁ" କିମ୍ବା "ମୋହର ଘନିଷ୍ଠ ବନ୍ଧୁ" ଭାବରେ ଅନୁବାଦ କରାଯାଇପାରିବ । ଇଂରାଜୀରେ “ମୋର ପ୍ରିୟ ବନ୍ଧୁ ପାଉଲ” କିମ୍ବା “ପାଉଲ, ଯିଏ ମୋର ପ୍ରିୟ ବନ୍ଧୁ” କହିବା ସ୍ୱାଭାବିକ ଅଟେ। ଅନ୍ୟ ଭାଷାଗୁଡ଼ିକରେ ଏହା ଏକ ଭିନ୍ନ କ୍ରମରେ ଅଧିକ ସ୍ୱାଭାବିକ ହୋଇପାରେ।
- "ପ୍ରିୟ" ଶବ୍ଦ ପ୍ରତି ଧ୍ୟାନ ଦିଅନ୍ତୁ ଯାହାକି ଈଶ୍ୱରଙ୍କ ପ୍ରେମ, ନିଃସର୍ତ୍ତ, ନିଃସ୍ୱାର୍ଥପର ଏବଂ ବଳିଦାନ ବାକ୍ୟରୁ ଆସିଛି।

(ପ୍ରେମ ଦେଖନ୍ତୁ)

ବାଇବେଲ ପଦ ପର୍ବ:

- ପ୍ରଥମ କରନ୍ଥୀୟ 4:14
- ପ୍ରଥମ ଯୋହନ 3:2
- ପ୍ରଥମ ଯୋହନ 4:7
- ମାର୍କ 1:11
- ମାର୍କ 12:6
- ପ୍ରକାଶିତ 20:9
- ରୋମୀୟ 16:8
- ପରମଗୀତ 1:14

ଶବ୍ଦବିନ୍ୟାସ:

- Strong’s: H0157, H1730, H2532, H3033, H3039, H4261, G00250, G00270, G52070

ପ୍ରେମ, ପ୍ରିୟତମ

ପରିଭାଷା:

ଜଣେ ଅନ୍ୟ ବ୍ୟକ୍ତିକୁ ପ୍ରେମ କରିବାର ଅର୍ଥ ସେ ବ୍ୟକ୍ତିର ଯତ୍ନ ନେବା ଏବଂ ଏପରି କାର୍ଯ୍ୟ କରିବା ଯାହା ତାହାର ଲାଭଦାୟକ ହେବ। "ପ୍ରେମ" ପାଇଁ ଭିନ୍ନ ଅର୍ଥଗୁଡ଼ିକ ଅଛି କେତେକ ଭାଷା ବିଭିନ୍ନ ଶବ୍ଦର ବ୍ୟବହାର କରି ଏହା ପ୍ରକାଶ କରିପାରେ:

ଈଶ୍ୱରଙ୍କ ପ୍ରେମ ଅନ୍ୟମାନଙ୍କର ଉତ୍ତମତାକୁ ଧ୍ୟାନ ଦିଏ ଏହା ନିଜର ଲାଭ ଖୋଜେନାହିଁ। ଏହି ପ୍ରକାରର ପ୍ରେମ ଅନ୍ୟମାନଙ୍କର ଯତ୍ନ ନିଏ ଯଦିଓ ସେମାନେ ଅପରାଧ କରନ୍ତି। ଈଶ୍ୱର ସ୍ୱୟଂ ପ୍ରେମ ଅଟନ୍ତି ଏବଂ ସେ ପ୍ରକୃତ ପ୍ରେମର ଉତ୍ସ ଅଟନ୍ତି।

· ଯୀଶୁ ଆତ୍ମମାନଙ୍କୁ ଆତ୍ମମାନଙ୍କ ପାପରୁ ଏବଂ ମୃତ୍ୟୁରୁ ଉଦ୍ଧାର କରିବା ନିମନ୍ତେ ଆପଣା ପ୍ରାଣକୁ ଉତ୍ସର୍ଗ କରିବା ଦ୍ୱାରା ଏହି ପ୍ରକାର ପ୍ରେମ ପ୍ରକାଶ କଲେ। ଆହୁରି ସେ ମଧ୍ୟ ଆପଣା ଅନୁଗାମୀମାନଙ୍କୁ ଅନ୍ୟମାନଙ୍କୁ ପ୍ରାୟଶ୍ଚିତ୍ତ ସ୍ୱରୂପ ପ୍ରେମ କର ବୋଲି ଶିକ୍ଷା ଦେଲେ।

· ଯେତେବେଳେ ଲୋକମାନେ ଅନ୍ୟମାନଙ୍କୁ ଏହିପରି ପ୍ରେମରେ ପ୍ରେମ କରନ୍ତି, ସେମାନେ ଏପରି ଭାବରେ କାର୍ଯ୍ୟ କରନ୍ତି ଯାହା ଦର୍ଶାଏ ଯେ ସେମାନେ କିପରି ଅନ୍ୟମାନେ ସମୃଦ୍ଧିଶାଳୀ ହେଇପାରିବେ ତାହା ଚିନ୍ତା କରୁଅଛନ୍ତି। ବିଶେଷତଃ ଏହି ପ୍ରକାର ପ୍ରେମରେ ଅନ୍ୟମାନଙ୍କୁ କ୍ଷମା କରିବା ଅନ୍ତର୍ଭୁକ୍ତ ଥାଏ।

· ULT ରେ, "ପ୍ରେମ" ଶବ୍ଦ ପ୍ରାୟଶ୍ଚିତ୍ତ ପ୍ରେମକୁ ଦର୍ଶାଏ, ଯେପର୍ଯ୍ୟନ୍ତ ଏକ ଅନୁବାଦ ଟିପ୍ପଣୀ ବା ଟୀକା ଏକ ଭିନ୍ନ ଅର୍ଥ ସୂଚାଏ ନାହିଁ।

1. ନୂତନ ନିୟମରେ ଆଉ ଏକ ଶବ୍ଦ "ଭାତୃ ପ୍ରେମ"କୁ ଦର୍ଶାଏ, କିମ୍ବା ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ପ୍ରତି ପ୍ରେମକୁ ବୁଝାଏ।

· ଏହି ଶବ୍ଦ ବନ୍ଧୁ ଓ ଆତ୍ମୀୟ ମଧ୍ୟରେ ସ୍ୱାଭାବିକ ମାନବୀୟ ପ୍ରେମକୁ ଦର୍ଶାଏ।

· ଏହି ଶବ୍ଦ ଏପରି ପ୍ରସଙ୍ଗ ଅନୁସାରେ ବ୍ୟବହାର କରାଯାଏ ଯେପରି, "ସେମାନେ ଭୋଜନରେ ସର୍ବାଧିକ ପ୍ରଧାନ ସ୍ଥାନମାନଙ୍କରେ ବସିବାକୁ ଭଲ ପାଆନ୍ତି।" ଏହାର ଅର୍ଥ "ସେମାନେ ବିଶେଷ ଭଲ ପାଆନ୍ତି" କିମ୍ବା "ଅତ୍ୟଧିକ ଇଚ୍ଛା କରନ୍ତି" ତାହା କରିବାକୁ।

1. "ପ୍ରେମ" ଶବ୍ଦ ଜଣେ ପୁରୁଷ ଏବଂ ନାରୀ ବା ସ୍ତ୍ରୀ ମଧ୍ୟରେ ରୋମାଣ୍ଟିକ୍ ପ୍ରେମକୁ ମଧ୍ୟ ବୁଝାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏକ ଅନୁବାଦ ଟିପ୍ପଣୀରେ ଅନ୍ୟଥା ସୂଚିତ ନହେବା ପର୍ଯ୍ୟନ୍ତ, ULT ରେ, "ପ୍ରେମ" ଶବ୍ଦ ପ୍ରାୟଶ୍ଚିତ୍ତ ପ୍ରେମକୁ ଦର୍ଶାଏ ଯାହା ଈଶ୍ୱରଙ୍କଠାରୁ ଆସେ ।
- ନିଃସ୍ୱାର୍ଥପର ନିମନ୍ତେ କେତେକ ଭାଷାରେ ଏକ ବିଶେଷ ଶବ୍ଦ ରହିପାରେ, ପ୍ରାୟଶ୍ଚିତ୍ତ ପ୍ରେମ ଯାହା ଈଶ୍ୱରଙ୍କଠାରେ ଅଛି। ଏହାକୁ ଭିନ୍ନ ପ୍ରକାରେ ଅନୁବାଦ କଲେ "ସମର୍ପିତ, ବିଶ୍ୱସ୍ତ ଯତ୍ନକାରୀ" କିମ୍ବା "ନିଃସ୍ୱାର୍ଥପର ଭାବେ ଯତ୍ନ ନେବା" କିମ୍ବା "ଈଶ୍ୱରଙ୍କ ପ୍ରେମ" ଅନ୍ତର୍ଭୁକ୍ତ ହୋଇପାରେ। ନିଶ୍ଚିତ କରନ୍ତୁ ଯେ ଈଶ୍ୱରଙ୍କ ପ୍ରେମକୁ ଅନୁବାଦ କରିବା ପାଇଁ ବ୍ୟବହୃତ ଶବ୍ଦଟି ଅନ୍ୟର ଲାଭ ପାଇଁ ନିଜର ସ୍ୱାର୍ଥ ତ୍ୟାଗ କରିବା ଏବଂ ସେମାନେ ଯାହା କରନ୍ତି ନା କାହିଁକି ସେମାନଙ୍କୁ ପ୍ରେମ କରିବା ଅର୍ଥକୁ ଅନ୍ତର୍ଭୁକ୍ତ କରେ।
- ଅନେକ ସମୟରେ ଇଂରାଜୀ ଶବ୍ଦ "ପ୍ରେମ" ଯାହା ବନ୍ଧୁ କିମ୍ବା ପରିବାର ସଦସ୍ୟମାନଙ୍କ ପ୍ରତି ଲୋକମାନେ ଆପଣା ଗଭୀର ଯତ୍ନ ଅଛି ତାହା ବର୍ଣ୍ଣନା କରେ। କେତେକ ଭାଷାରେ ଏହାକୁ ଏକ ଶବ୍ଦ କିମ୍ବା ବାକ୍ୟାଂଶ ସହିତ ଅନୁବାଦ କରାଯାଏ ଯାହାର ଅର୍ଥ "ଅତ୍ୟଧିକ ପସନ୍ଦ କରିବା" କିମ୍ବା "ଯତ୍ନ ନେବା ପାଇଁ" କିମ୍ବା "ଦୃଢ଼ ସ୍ନେହ କରିବା ପାଇଁ" ବୋଲି ଅନୁବାଦ କରାଯାଇପାରେ।
- ପ୍ରସଙ୍ଗ ଅନୁସାରେ ଯେଉଁଠାରେ "ପ୍ରେମ" ଶବ୍ଦ କୌଣସି ଜିନିଷ ପ୍ରତି ପ୍ରାଧାନ୍ୟ ଦେଇ ଦୃଢ଼ରେ ବ୍ୟକ୍ତି କରିବା, "ଦୃଢ଼ ରୂପରେ ଅଧିକ ପସନ୍ଦ କରିବା ବା ବାଛିବା" କିମ୍ବା "ଅତ୍ୟଧିକ ପସନ୍ଦ କରିବା" କିମ୍ବା "ଅତ୍ୟଧିକ ଇଚ୍ଛା କରିବା" ବୋଲି ଅନୁବାଦ କରାଯାଇପାରେ।
- କେତେକ ଭାଷାରେ ସ୍ୱତନ୍ତ୍ର ଶବ୍ଦ ମଧ୍ୟ ଥାଇପାରେ ଯାହା ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ କଳ୍ପନାପ୍ରବଣ କିମ୍ବା ଯୌନ ପ୍ରେମକୁ ସମ୍ପର୍କକୁ ବୁଝାଏ।
- ଅନେକ ଭାଷାଗୁଡ଼ିକରେ ଯେପରି "ପ୍ରେମ" ଏକ କର୍ମ ରୂପରେ ବ୍ୟକ୍ତ କରିବା ଉଚିତ। ଉଦାହାରଣ ସ୍ୱରୂପେ, ସେମାନେ "ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ" ଯେପରି, "ଯେତେବେଳେ ଜଣେ ବ୍ୟକ୍ତି ଜଣକୁ ପ୍ରେମ କରେ, ସେ ତାହା ପ୍ରତି ଦୀର୍ଘସହିଷ୍ଣୁ ଓ ହିତଜନକ ଅଟେ।"

(ନିୟମ, ମୃତ୍ୟୁ, ଉତ୍ସର୍ଗ, ଉଦ୍ଧାର, ପାପ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ13:7
- ପ୍ରଥମ ଯୋହନ 3:2
- ପ୍ରଥମ ଥେସଲନୀକୀୟ 4:10
- ଗାଲାତୀୟ 5:23
- ଆଦି ପୁସ୍ତକ 29:18

- ଯିଶାଇୟ 56:6
- ଯିରିମୀୟ 2:2
- ଯୋହନ 3:16
- ମାଥିଉ 10:37
- ନିହିମୀୟା 9:32-34
- ଫିଲିପ୍ପୀୟ1:9
- ପରମ ଗୀତ 1:2

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **27:2** ବ୍ୟବସ୍ଥା ବିଶେଷଜ୍ଞ ଉତ୍ତର ଦେଲା ଈଶ୍ୱରଙ୍କ ବ୍ୟବସ୍ଥା କହେ, “ତୁମ୍ଭେ ଆପଣା ଈଶ୍ୱରଙ୍କୁ ସମସ୍ତ ହୃଦୟ, ପ୍ରାଣ, ମନ ଏବଂ ଶକ୍ତିର ସହିତ **ପ୍ରେମ** କର। ଆଉ ତୁମ୍ଭର ପଡ଼ୋଶୀକୁ ଆତ୍ମତୁଲ୍ୟ **ପ୍ରେମ** କର।"
- **33:8** "କଣ୍ଟା ଭୂମି ହେଉଛି ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କ ବାକ୍ୟ ଶୁଣେ, କିନ୍ତୁ ଯେବେ ସମୟ ଅତିକ୍ରମ କରେ, ପୁଣି ଯତ୍ନ, ସାଂସାରିକ ଚିନ୍ତା ଓ ଧନର ମାୟା, ଈଶ୍ୱରଙ୍କ ପ୍ରତି ତାହାର **ପ୍ରେମକୁ** ଚାପିପକାଏ।"
- **36:5** ପିତର କଥା କହୁଥିବା ସମୟରେ, ଏକ ଉଜଳା ମେଘ ସେମାନଙ୍କ ଉପରକୁ ଆସିଲା ଏବଂ ମେଘରୁ ଏକ ବାଣୀ ଏହା ହେଲା, “ଏ ଆମ୍ଭର ପ୍ରିୟ ପୁତ୍ର, ଯାହାକୁ ଆମ୍ଭେ **ପ୍ରେମ** କରୁ।"
- **39:10** “ପ୍ରତ୍ୟେକ ଜଣ ଯେଉଁମାନେ ସତ୍ୟକୁ **ପ୍ରେମ** କରନ୍ତି ମୋହର କଥା ଶୁଣନ୍ତି।"
- **47:1** ସେ (ଲିଦିୟା) ଈଶ୍ୱରଙ୍କୁ **ପ୍ରେମ** ଓ ଉପାସନା କଲେ।
- **48:1** ଯେତେବେଳେ ଈଶ୍ୱର ଜଗତର ସୃଷ୍ଟି କଲେ ସବୁ କିଛି ସିଦ୍ଧ ଥିଲା। ସେଥିରେ ପାପ ନ ଥିଲା। ଆଦମ ଓ ହବା ପରସ୍ପରକୁ **ପ୍ରେମ କଲେ**, ଓ ସେମାନେ ଈଶ୍ୱରଙ୍କୁ **ପ୍ରେମ** କରୁଥିଲେ।
- **49:3** ସେ(ଯୀଶୁ) ତୁମ୍ଭମାନଙ୍କୁ ଶିକ୍ଷା ଦେଇଛନ୍ତି ଯେ ତୁମ୍ଭେମାନେ ଯେପରି ନିଜକୁ **ପ୍ରେମ କର** ସେହିପରି ଅନ୍ୟମାନଙ୍କୁ ମଧ୍ୟ ପ୍ରେମ କର।
- **49:4** ସେ (ଯୀଶୁ) ତୁମ୍ଭମାନଙ୍କୁ ଶିକ୍ଷା ଦେଇଛନ୍ତି ଯେ ତୁମ୍ଭେମାନେ **ପ୍ରେମ** କରୁଥିବା ଯେକୌଣସି ଜିନିଷ କି ଆପଣାର ଧନସମ୍ପତ୍ତି ଅପେକ୍ଷା ଈଶ୍ୱରଙ୍କୁ ଅଧିକ **ପ୍ରେମ** କରିବା ଆବଶ୍ୟକ।
- **49:7** ଈଶ୍ୱର ପାପୀମାନଙ୍କୁ ଅଧିକ **ପ୍ରେମ** କରନ୍ତି ବୋଲି ଯୀଶୁ ଶିକ୍ଷା ଦେଇଛନ୍ତି।
- **49:9** କିନ୍ତୁ ଈଶ୍ୱର ଜଗତରେ ଥିବା ପ୍ରତ୍ୟେକଙ୍କୁ ଏତେ **ପ୍ରେମ** କରନ୍ତି ଯେ ସେ ଆପଣାର କେବଳ ଏକ ମାତ୍ର ପୁତ୍ରଙ୍କୁ ଦାନ କଲେ ଯେପରି ଯେକେହିଁ ଯୀଶୁଙ୍କଠାରେ ବିଶ୍ୱାସ କରେ ସେ ତାହାର ପାପ ନିମନ୍ତେ ଦଣ୍ଡିତ ହେବା ନାହିଁ, ବରଂ ଈଶ୍ୱରଙ୍କ ସହିତ ଚିରଦିନ ଜୀବତ ରହିବ।
- **49:13** ଈଶ୍ୱର ତୁମ୍ଭମାନଙ୍କୁ **ପ୍ରେମ** କରନ୍ତି ଓ ତୁମ୍ଭେମାନେ ଯୀଶୁଙ୍କଠାରେ ବିଶ୍ୱାସ କର ବୋଲି ଇଚ୍ଛା କରନ୍ତି ଯେପରି ସେ ତୁମ୍ଭମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ରଖିପାରନ୍ତି।

ଶବ୍ଦବିନ୍ୟାସ:

- Strong’s: H0157, H0158, H0159, H0160, H2245, H2617, H2836, H3039, H4261, H5689, H5690, H5691, H7355, H7356, H7453, H7474, G00250, G00260, G53600, G53610, G53620, G53630, G53650, G53670, G53680, G53690, G53770, G53810, G53820, G53830, G53880

ପ୍ରେରିତ, ପ୍ରେରିତପଦ

ପରିଭାଷା:

ଈଶ୍ୱର ଏବଂ ତାହାଙ୍କ ରାଜ୍ୟ ବିଷୟରେ ପ୍ରଚାର କରିବା ନିମନ୍ତେ ଯୀଶୁଙ୍କ ଦ୍ୱାରା ପ୍ରେରିତ ଲୋକମାନଙ୍କୁ "ପ୍ରେରିତଗଣ" କୁହାଯାଏ । "ପ୍ରେରିତପଦ" ଶବ୍ଦଟି ସେହି ଲୋକମାନଙ୍କର ପଦବୀ ଏବଂ ଅଧିକାରକୁ ବୁଝାଏ ଯେଉଁମାନଙ୍କୁ ପ୍ରେରିତ ଭାବରେ ମନୋନୀତ କରାଯାଇଥିଲା।

- "ପ୍ରେରିତ" ଶବ୍ଦର ଅର୍ଥ "ଜଣେ ବ୍ୟକ୍ତି ଯାହାକୁ ଏକ ବିଶେଷ ଉଦ୍ଦେଶ୍ୟରେ ପଠାଯାଇଅଛି।" ପ୍ରେରିତଙ୍କୁ ପ୍ରେରିତ କରିଥିବା ବ୍ୟକ୍ତିଙ୍କ ଅଧିକାର ସମାନ ପ୍ରେରିତ ବ୍ୟକ୍ତିର ଅଧିକାର ଥାଏ।
- ଯୀଶୁଙ୍କର ଘନିଷ୍ଠ ବାରଶିଷ୍ୟ ପ୍ରଥମେ ପ୍ରେରିତ ଭାବରେ ନିଯୁକ୍ତ ହୋଇଥିଲେ। ଅନ୍ୟ ବ୍ୟକ୍ତିମାନେ ମଧ୍ୟ ପ୍ରେରିତ ଥିଲେ ଯଥା, ପାଉଲ ଏବଂ ଯାକୁବ।
- ଈଶ୍ୱରଙ୍କ ଶକ୍ତି ଦ୍ୱାରା, ପ୍ରେରିତମାନେ ନିର୍ଭୀକତାରେ ସୁସମାଚାର ପ୍ରଚାର କରିବାକୁ ଏବଂ ଲୋକମାନଙ୍କୁ ସୁସ୍ଥ କରିବାକୁ ଏବଂ ଲୋକମାନଙ୍କଠାରୁ ମନ୍ଦ ଆତ୍ମାକୁ ବାହାର କରିବାକୁ ସକ୍ଷମ ହେଉଥିଲେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରେରିତ" ଶବ୍ଦକୁ "ଜଣେ ଯିଏ ପଠାଯାଇଅଛନ୍ତି" କିମ୍ବା "ପଠାଯାଇଥିବା ଜଣକ" କିମ୍ବା "ବ୍ୟକ୍ତି ଯାହାକୁ ଲୋକମାନଙ୍କୁ ଈଶ୍ୱରଙ୍କ ବାକ୍ୟ ପ୍ରଚାରକରିବା ନିମନ୍ତେ ଆହୂତ।"
- "ପ୍ରେରିତ" ଏବଂ "ଶିଷ୍ୟ" ପଦକୁ ଭିନ୍ନ ଭାବରେ ଅନୁବାଦ କରିବା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ।
- ଏହି ପଦକୁ କିପରି ସ୍ଥାନୀୟ ଭାଷାର କିମ୍ବା ଜାତୀୟ ଭାଷାର ବାଇବେଲ ଅନୁବାଦରେ ଅନୁବାଦ କରାଯାଇଅଛି ତାହା ଦେଖନ୍ତୁ । (ଅଜ୍ଞାତବିଷୟଗୁଡ଼ିକୁ କିପରି ଅନୁବାଦ କରାଯାଏ: ଦେଖନ୍ତୁ)

(ଅଧିକାର, ଶିଷ୍ୟ, ଯାକୁବ(ଜେବଦୀଙ୍କ ପୁତ୍ର), ପାଉଲ, ବାରଜଣ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯିହୂଦା 1:17-19
- ଲୂକ 9:12-14

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 26:10 ତା'ପରେ ଯୀଶୁ ବାରଜଣଙ୍କୁ ମନୋନୀତ କଲେ ଯେଉଁମାନେ ତାହାଙ୍କ **ପ୍ରେରିତ** ବୋଲି ଡକାଗଲେ। **ପ୍ରେରିତମାନେ** ଯୀଶୁଙ୍କ ସହ ଯାତ୍ରା କଲେ ଏବଂ ତାଙ୍କଠାରୁ ଶିଖିଲେ।
- 30:1 ଯୀଶୁ ଲୋକମାନଙ୍କୁ ପ୍ରଚାର କରିବା ଏବଂ ଶିକ୍ଷା ଦେବା ନିମନ୍ତେ ଆପଣା **ପ୍ରେରିତମାନଙ୍କୁ** ଅନେକ ଭିନ୍ନଭିନ୍ନ ଗ୍ରାମଗୁଡ଼ିକୁ ପଠାଇଲେ।
- 38:2 ଯିହୂଦା ଯୀଶୁଙ୍କ **ପ୍ରେରିତମାନଙ୍କ** ମଧ୍ୟରୁ ଜଣେ ଥିଲେ। ସେ ପ୍ରେରିତମାନଙ୍କ ଟଙ୍କାଥଳିର ଦାୟିତ୍ୱରେ ଥିଲେ, କିନ୍ତୁ ସେ ଟଙ୍କାକୁ ଲୋଭ କରୁଥିଲେ ଏବଂ ବହୁ ସମୟରେ ଥଳିରୁ ଚୋରୀ କରୁଥିଲେ।
- 43:13 ଶିଷ୍ୟମାନେ ଆପଣା ଆପଣାକୁ **ପ୍ରେରିତ** ଭାବରେ ଶିକ୍ଷା ଦେବାରେ, ସହଭାଗିତାରେ, ଏକତ୍ର ଭୋଜନ କରିବାରେ ଏବଂ ପ୍ରାର୍ଥନାରେ ସମର୍ପିତ କରିଥିଲେ।
- 46:8 ତା'ପରେ ବର୍ଣ୍ଣବା ନାମକ ଜଣେ ବିଶ୍ୱାସୀ ଶାଉଲଙ୍କୁ **ପ୍ରେରିତମାନଙ୍କ** ନିକଟକୁ ଘେନିଗଲେ ଏବଂ ଶାଉଲ କିପରି ଦମ୍ମେଶକରେ ସାହସର ସହ ପ୍ରଚାର କଲେ ତାହା ସେମାନଙ୍କୁ କହିଲେ।

ଶବ୍ଦବିନ୍ୟାସ:

ଫାରୂଶୀ

ସତ୍ୟ ଘଟଣାବଳୀ:

ଯୀଶୁଙ୍କ ସମୟରେ ଫାରୂଶୀମାନେ ଯିହୁଦୀ ଧର୍ମ ନେତାମାନଙ୍କର ଏକ ମହତ୍ୱପୂର୍ଣ୍ଣ ଶକ୍ତିଶାଳୀ ଦଳ ଥିଲେ I

- ସେମାନଙ୍କ ମଧ୍ୟରୁ ଅନେକେ ମଧ୍ୟବିତ୍ତ ଶ୍ରେଣୀୟ ବ୍ୟବସାୟ ଲୋକଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ଯାଜକ ମଧ୍ୟ ଥିଲେ I
- ସମସ୍ତ ଯିହୁଦୀ ନେତାମାନଙ୍କ ମଧ୍ୟରେ, ଫାରୂଶୀମାନେ ମୋଶାଙ୍କ ବ୍ୟବସ୍ଥାଗୁଡ଼ିକ ଏବଂ ଅନ୍ୟାନ୍ୟ ଯିହୁଦୀ ନିୟମଗୁଡ଼ିକ ଏବଂ ପରମ୍ପରାଗୁଡ଼ିକ ଅତି କଠୋର ଭାବରେ ପାଳନ କରୁଥିଲେ I
- ସେମାନଙ୍କର ଆଖପାଖ ଅଞ୍ଚଳରେ ବାସ କରୁଥିବା ବିଜାତିମାନଙ୍କର ପ୍ରଭାବଠାରୁ ଯିହୁଦୀ ଲୋକମାନଙ୍କୁ ପୃଥକ କରି ରଖିବା ବିଷୟରେ ସେମାନେ ଅତିଶୟ ମନୋଯୋଗୀ ଓ ଚିନ୍ତାଶୀଳ ଥିଲେ I "ଫାରୂଶୀ" ନାମ "ପୃଥକ" ଶବ୍ଦରୁ ଆସିଅଛି I
- ଫାରୂଶୀମାନେ ମୃତ୍ୟୁ ପରେ ଜୀବନ ବିଷୟରେ ବିଶ୍ୱାସ କରନ୍ତି; ସେମାନେ ଦୂତମାନଙ୍କର ଅସ୍ତିତ୍ୱ ଏବଂ ଅନ୍ୟ ଆତ୍ମିକ ବ୍ୟକ୍ତିତ୍ୱଗୁଡ଼ିକର ଅସ୍ତିତ୍ୱ ବିଷୟରେ ବିଶ୍ୱାସ କରନ୍ତି I
- ଫାରୂଶୀମାନେ ଏବଂ ସାଦ୍ଦୁକୀମାନେ ସକ୍ରୀୟ ଭାବରେ ଯୀଶୁଙ୍କୁ ଏବଂ ଆଦ୍ୟ ଖ୍ରୀଷ୍ଟିଆନମାନଙ୍କୁ ବିରୋଧ କଲେ I

(ମହାସଭା, ଯିହୁଦୀ ନେତାମାନେ, ବ୍ୟବସ୍ଥା, ସାଦ୍ଦୁକୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 26:4
- ଯୋହନ 3: 1-2
- ଲୂକ 11: 44
- ମାଥିଉ 3:7
- ମାଥିଉ 5: 20
- ମାଥିଉ 9:11
- ମାଥିଉ 12: 2
- ମାଥିଉ 12:38
- ଫିଲିପ୍ପୀୟ 3: 5

ଶବ୍ଦବିନ୍ୟାସ :

- Strong's: G5330

ବାନ୍ଧିବା, ବନ୍ଧନ, ବନ୍ଧାହୋଇଥିବା

ପରିଭାଷା:

ବାନ୍ଧିବା ଶବ୍ଦର ଅର୍ଥ କୌଣସି ବିଷୟକୁ ବାନ୍ଧିବା କିମ୍ବା ସୁରକ୍ଷିତ ଭାବେ ରଖିବା ଅଟେ । କୌଣସି ବସ୍ତୁ ଯାହାକି ବନ୍ଧା ହୋଇଅଛି କିମ୍ବା ଯୋଗ କରାଯାଇଅଛି ତାହାକୁ ବନ୍ଧନ କୁହାଯାଏ । ବନ୍ଧାହୋଇଥିବା ଶବ୍ଦକୁ ଅତୀତର କ୍ରିୟାକୁ ଦର୍ଶାଏ ।

- "ବନ୍ଧା" ହେବାର ଅର୍ଥ କୌଣସି ବସ୍ତୁକୁ କୌଣସି ବସ୍ତୁ ସହ ବାନ୍ଧିବା ଅଟେ ।
- ଏକ ସାଙ୍କେତିକ ଅର୍ଥରେ, ଜଣେ ବ୍ୟକ୍ତି ଏକ ପ୍ରତିଶ୍ରୁତି ପାଇଁ "ବାଧ୍ୟ" ହୋଇପାରେ, ଅର୍ଥାତ୍ ସେ ଯାହା କରିବାକୁ ପ୍ରତିଜ୍ଞା କରିଥିଲେ ତାହା ପୂରଣ କରିବା ଅନିବାର୍ଯ୍ୟ ଅଟେ ।
- "ବନ୍ଧନ" ଶବ୍ଦ ଏପରି ବିଷୟକୁ ବୁଝାଏ, ଯାହା କାହାରିକୁ ସୀମିତ କରେ କିମ୍ବା ଆବଦ୍ଧ କରିରଖେ । ଏହା ସାଧାରଣତଃ ଶାରୀରିକ ଶୃଙ୍ଖଳା, ଶିକୁଳି କିମ୍ବା ଦଉଡିକୁ ବୁଝାଏ ଯାହା ଜଣେ ବ୍ୟକ୍ତିକୁ ଆବଦ୍ଧ କରିଥାଏ ।
- ବାଇବେଲ ସମୟରେ ବନ୍ଦୀମାନଙ୍କୁ ପଥରର କାରାଗୃହରେ, କାନ୍ଥ କିମ୍ବା ଭୂମିରେ ଦଉଡ଼ି କିମ୍ବା ଶିକୁଳିରେ ବାନ୍ଧି ରଖାଯାଉଥିଲା ।
- ବାନ୍ଧିବା ଶବ୍ଦକୁ କୌଣସି କ୍ଷତରେ କପଡ଼ା ଗୁଡ଼ାଇ ତାହାକୁ ସୁସ୍ଥ ହେବା ନିମନ୍ତେ ବ୍ୟବହାର ବ୍ୟବହାର କରାଯାଏ ।
- ଜଣେ ମୃତ ବ୍ୟକ୍ତିକୁ ସମାଧି ଦେବା ପୂର୍ବରୁ କପଡ଼ାରେ ଗୁଡ଼ାଯାଏ ।
- "ବାନ୍ଧିବା" ଶବ୍ଦଟି ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, ଯେପରିକି ପାପ ଯାହାକୁ ନିୟନ୍ତ୍ରଣ କରେ କିମ୍ବା ଦାସତ୍ୱ ରଖେ ।
- ଗୋଟିଏ ବନ୍ଧନ ମଧ୍ୟ ଲୋକମାନଙ୍କୁ ଆବେଗିକ ଭାବେ, ଆଧ୍ୟାତ୍ମିକ ଭାବେ ଏବଂ ଶାରିରୀକ ଭାବେ ପରସ୍ପର ମଧ୍ୟରେ ବାନ୍ଧି ରଖେ । ଏହା ବିବାହ ବନ୍ଧନକୁ ବୁଝାଇବା ପାଇଁ ମଧ୍ୟ ବ୍ୟବହାର ହୁଏ ।
- ଉଦାହରଣ ସ୍ୱରୂପ ଜଣେ ସ୍ୱାମୀ ଓ ସ୍ତ୍ରୀ ପରସ୍ପର ମଧ୍ୟରେ ବାନ୍ଧିହୋଇ ଥା'ଆନ୍ତି । ଏହି ବନ୍ଧନକୁ ଈଶ୍ୱର ଭାଙ୍ଗିବାକୁ ଇଚ୍ଛା କରନ୍ତି ନାହିଁ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ବାନ୍ଧିବା" ଶବ୍ଦକୁ "ବାନ୍ଧିବା" କିମ୍ବା "ବାନ୍ଧିବା" କିମ୍ବା "ଆବୃତ କରିବା (ଚାରିପାଖରେ)" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- ସାଙ୍କେତିକ ଭାବରେ, ଏହାକୁ "ପ୍ରତିରୋଧ କରିବା" କିମ୍ବା "ବାଧା ଦେବା" କିମ୍ବା କୌଣସି ବିଷୟରୁ ଦୂରରେ ରହିବା ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- ମାଥିଉ 16 ଏବଂ 18 ଅନୁଯାୟୀ ବନ୍ଧନ ଶବ୍ଦର ବିଶେଷ ଅର୍ଥ "ମନାକରିବା" କିମ୍ବା "ଅନୁମତି ନ ଦେବା" ଅଟେ ।
- "ବନ୍ଧନ" ଶବ୍ଦକୁ "ଶିକୁଳି" କିମ୍ବା "ଦଉଡ଼ି" କିମ୍ବା "ହାତକଡ଼ି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- ସାଙ୍କେତିକ ଭାବରେ ବନ୍ଧନ ଶବ୍ଦକୁ "ଗଣ୍ଠି ପକାଇବା" କିମ୍ବା "ଯୋଡ଼ିବା" କିମ୍ବା "ଦୃଢ଼ ସମ୍ପର୍କ ରଖିବା" ବୋଲି ଅନୁବାଦ କରାଯାଇପାରେ ।
- "ଶାନ୍ତିର ବନ୍ଧନ" ବାକ୍ୟାଂଶର ଅର୍ଥ "ଲୋକମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖିବାରେ ଐକ୍ୟବଦ୍ଧତା" କିମ୍ବା "ପରସ୍ପର ମିଳିମିଶି ରହିବା ଦ୍ୱାରା ଶାନ୍ତି ବଜାୟ ରଖିବା" ଅଟେ ।
- ବାନ୍ଧିବା ଶବ୍ଦର ଅର୍ଥ "ଆବୃତ କରିବା" କିମ୍ବା "ଗୁଡ଼ାଇରଖିବା" ଅଟେ ।
- "ପ୍ରତିଜ୍ଞାରେ ବନ୍ଧାହେବା" ବାକ୍ୟାଂଶକୁ "କୌଣସି ପ୍ରତିଜ୍ଞାକୁ ପୂର୍ଣ୍ଣ କରିବା" କିମ୍ବା "ପୂର୍ଣ୍ଣ କରିବାକୁ ନିଷ୍ପତି ନେବା" ବୋଲି ଅନୁବାଦ କରାଯାଇପାରେ ।
- ପୃଷ୍ଠଭୂମିକୁ ଅଧାର କରି "ବନ୍ଧନ" ଶବ୍ଦକୁ "ବାନ୍ଧିହେବା" କିମ୍ବା "ବାଧହେବା" କିମ୍ବା "ଆବଶ୍ୟକ ଅନୁଯାୟୀ କାର୍ଯ୍ୟ କରିବା" ବୋଲି ଅନୁବାଦ କରାଯାଇପାରେ ।

(ସମ୍ପୂର୍ଣ୍ଣ, ଶାନ୍ତି, ଜେଲ, ଦାସ, ନିୟମ : ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲେବୀୟ ପୁସ୍ତକ 8:7

ଶବ୍ଦବିନ୍ୟାସ :

- Strong's: H0247, H0481, H0519, H0615, H0631, H0632, H0640, H1366, H1367, H1379, H2280, H2706, H3256, H3533, H3729, H4147, H4148, H4205, H4562, H5650, H5656, H5659, H6029, H6123, H6616, H6696, H6872, H6887, H7194, H7405, H7573, H7576, H8198, H8244, H8379, G02540, G03310, G03320, G11950, G11960, G11980, G11990, G12100, G13970, G13980, G14010, G14020, G26110, G26150, G37340, G37840, G38140, G40190, G40290, G43850, G48860, G48870, G52650

ବାପ୍ତିଜିତ କରିବା, ବାପ୍ତିଜିତ, ବାପ୍ତିସ୍ମ

ପରିଭାଷା:

ନୂତନ ନିୟମରେ "ବାପ୍ତିଜିତ" ଏବଂ “ବାପ୍ତିସ୍ମ" ଶବ୍ଦକୁ ସାଧାରଣତଃ ଖ୍ରୀଷ୍ଟିୟାନମାନଙ୍କ ବିଧି ଅନୁଯାୟୀ ଜଳରେ ସ୍ନାନ କରିବା ବିଷୟକୁ ସୂଚିତ କରେ ଯାହା ଦର୍ଶାଏ ଯେ ଜଣେ ବ୍ୟକ୍ତି ପାପରୁ ମୁକ୍ତ ହୋଇ ଖ୍ରୀଷ୍ଟଙ୍କ ସହ ମିଳିତ ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଜଣେ ବ୍ୟକ୍ତି କିପରି ଜଳରେ ବାପ୍ତିଜିତ ହେବା ଉଚିତ ସେବିଷୟରେ ଖ୍ରୀଷ୍ଟିୟାନମାନଙ୍କର ଅନେକ ମତ ରହିଛି । ଯଦି ସମ୍ଭବ ଏହି ଶବ୍ଦକୁ ସାଧାରଣ ଶବ୍ଦ, ଯାହା ଜଳ ସ୍ନାନ କରିବାର ବିଭିନ୍ନ ଉପାୟକୁ ସୂଚାଏ, ବ୍ୟବହାର କରି ଅନୁବାଦ କରନ୍ତୁ ।
- ପ୍ରସଙ୍ଗକୁ ଅଧାର କରି "ବାପ୍ତିଜିତ କରିବା" ଶବ୍ଦକୁ "ଶୁଦ୍ଧ କରିବା""ଢ଼ଳାଯିବା","ବୁଡ଼ିବା","ଧୋଇହେବା" ବୋଲି ଅନୁବାଦ କରାଯାଇପାରେ । ଉଦାହରଣ ସ୍ୱରୂପେ "ଜଳରେ ବାପ୍ତିସ୍ମ ଦେବା" ବାକ୍ୟାଂଶକୁ "ଜଳରେ ଡୁବନ" ଦେବା ବୋଲି ଅନୁବାଦ କରାଯାଇପାରେ ।
- "ବାପ୍ତିସ୍ମ" ଶବ୍ଦକୁ "ପବିତ୍ରିକୃତ","ଢ଼ାଳିହେବା","ବୁଡ଼ାଯିବା","ସଫା ହେବା" ବୋଲି ଅନୁବାଦ କରାଯାଇପାରେ ।
- ସ୍ଥାନୀୟ ଏବଂ ଜାତୀୟ ଭାଷାର ଏହି ଶବ୍ଦକୁ ବାଇବେଲରେ କିପରି ଅନୁବାଦ କରାଯାଇଅଛି ତାହା ଦେଖନ୍ତୁ ।

(ଅଜଣାବିଷୟ ଗୁଡ଼ିକ କିପରି ଅନୁବାଦ କରିବେ: ଦେଖନ୍ତୁ)

(ଯୋହନ (ବାପ୍ତିଜକ), ଅନୁତାପ, ପବିତ୍ର ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ

- ପ୍ରେରିତ 2:38
- ପ୍ରେରିତ 8:36
- ପ୍ରେରିତ 9:18
- ପ୍ରେରିତ 10: 48
- ଲୂକ 3:16
- ମାଥିଉ 3:14
- ମାଥିଉ 28:18-19

ବାଇବେଲ କାହାଣୀରୁ ଉଦାହରଣ:

- **24:3** ଯେତେବେଳେ ଲୋକମାନେ ଯୋହନଙ୍କ ବାକ୍ୟ ଶୁଣିଲେ, ଅନେକ ଲୋକ ଆପଣା ଆପଣା ପାପରୁ ଅନୁତାପ କଲେ ଏବଂ ଯୋହନ ସେମାନଙ୍କୁ **ବାପ୍ତିସ୍ମ** ଦେଲେ । ଅନେକ ଧାର୍ମିକ ନେତାଗଣ ଯୋହନଙ୍କ ଦ୍ୱାରା **ବାପ୍ତିଜିତ** ହେବାକୁ ଆସିଲେ କିନ୍ତୁ ସେମାନେ ଆପଣା ଆପଣା ପାପକୁ ଅନୁତାପ କିମ୍ବା ସ୍ୱୀକାର କଲେ ନାହିଁ ।
- **24:6** ତହିଁ ପରଦିନ ଯୀଶୁ ଯୋହନଙ୍କ ଦ୍ୱାରା **ବାପ୍ତିଜିତ** ହେବକୁ ଆସିଲେ ।
- **24:7** ଯୋହନ ଯୀଶୁଙ୍କୁ କହିଲେ, “ମୁଁ ଆପଣଙ୍କୁ **ବାପ୍ତିଜିତ** କରିବାକୁ ଯୋଗ୍ୟ ନୁହେଁ । ଏହା ବଦଳରେ ଆପଣ ମୋତେ **ବାପ୍ତିସ୍ମ** ଦେବା ଉଚିତ “।
- **42:10** “ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକମାନଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାରେ **ବାପ୍ତିସ୍ମ** ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷାଦେଇ ସେମାନଙ୍କୁ ଶିଷ୍ୟ କର ।”
- **43:11** ସେଥିରେ ପିତର ସେମାନଙ୍କୁ କହିଲେ, “ଆପଣମାନେ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ **ବାପ୍ତିଜିତ** ନିଅନ୍ତୁ ତାହାହେଲେ ଈଶ୍ୱର ତୁମ୍ଭମାନଙ୍କର ପାପ କ୍ଷମା କରିବେ ।”
- **43:12** ପ୍ରାୟ 3000 ଲୋକ ପିତରଙ୍କ କଥାକୁ ବିଶ୍ୱାସ କଲେ ଏବଂ ଯୀଶୁଙ୍କର ଶିଷ୍ୟ ହେଲେ । ସେମାନେ **ବାପ୍ତିଜିତ** ହେଲେ ଏବଂ ଯିରୂଶାଲମ ମଣ୍ଡଳୀର ଅଂଶୀ ହେଲେ ।
- **45:11** ଫିଲିପ୍ପ ଏବଂ ଇଥିଓପିୟ ଜଳାଶୟ ନିକଟକୁ ଗଲେ । ଇଥିଓପିୟ କହିଲେ "ଦେଖ"! ଏଠାରେ ତ ଜଳ ଅଛି ! ମୁଁ ଏଠାରେ **ବାପ୍ତିଜିତ** ହୋଇପାରେ କି ?"
- **46:5** ଶାଉଲ ତତ୍‌କ୍ଷଣାତ୍ ଦେଖିବାକୁ ଲାଗିଲେ, ଏବଂ ହନାନୀୟ ତାହାଙ୍କୁ **ବାପ୍ତିସ୍ମ** ଦେଲେ ।
- **49:14** ଯୀଶୁ ତାହାଙ୍କ ଠାରେ ବିଶ୍ୱାସ କରିବା ପାଇଁ ଓ **ବାପ୍ତିଜିତ** ହେବାପାଇଁ ଆପଣଙ୍କୁ ନିମନ୍ତ୍ରଣ କରନ୍ତି ।

ଶବ୍ଦବିନ୍ୟାସ :

- Strong's: G09070

ବିଚାର କରିବା, ବିଚାର

ପରିଭାଷା:

"ବିଚାର କରିବା" ଏବଂ "ବିଚାର" ଶବ୍ଦଗୁଡ଼ିକ କୌଣସି ବିଷୟ ଭଲ, ଜ୍ଞାନଯୁକ୍ତ କିମ୍ବା ସଠିକ୍ କୁ ନୁହଁ ବିଚାର କରିବାକୁ ସୂଚିତ କରେ I ଏହି ଶବ୍ଦଗୁଡ଼ିକ ଜଣେ ବ୍ୟକ୍ତି ଦ୍ୱାରା ନିଆଯାଇଥିବା କାର୍ଯ୍ୟକୁ ମଧ୍ୟ ସୂଚାଇପାରେ, ସାଧାରଣତଃ କୌଣସି ଖରାପ, ଭୁଲ କିମ୍ବା ମନ୍ଦ ତାହା ସ୍ଥିର କରିବା ପରିପ୍ରେକ୍ଷୀରେ ବ୍ୟବହୃତ ହୁଏ I

- "ବିଚାର କରିବା" ଏବଂ "ବିଚାର" ଶବ୍ଦର ଅର୍ଥ "କ୍ଷତି କରିବା" (ସାଧାରଣତଃ ଈଶ୍ୱର ଜଣେ ବ୍ୟକ୍ତି ବା ଦେଶର କାର୍ଯ୍ୟ ଦୁଷ୍ଟଯୁକ୍ତ କି ନୁହଁ ନିଷ୍ପତ୍ତି ନିଅନ୍ତି) I
- ସାଧାରଣତଃ “ଈଶ୍ୱରଙ୍କ ବିଚାର” କୌଣସି ବିଷୟ କିମ୍ବା କାହାକୁ ପାପୀ ବୋଲି ନିନ୍ଦା କରିବାର ନିଷ୍ପତ୍ତିକୁ ସୂଚିତ କରେ I
- ଈଶ୍ୱରଙ୍କ ବିଚାର ସାଧାରଣତଃ ଲୋକମାନଙ୍କୁ ସେମାନଙ୍କର ପାପ ପାଇଁ ଦଣ୍ଡ ଦେବାକୁ ଅନ୍ତର୍ଭୁକ୍ତ କରେ I
- “ବିଚାର କରିବା” ଶବ୍ଦର ଅର୍ଥ “ନିନ୍ଦା କରିବା” ମଧ୍ୟ ହେଇପାରେ I ଈଶ୍ୱର ତାଙ୍କ ଲୋକମାନଙ୍କୁ ପରସ୍ପରକୁ ଏହିପରି ବିଚାର ନକରିବାକୁ ନିର୍ଦ୍ଦେଶ ଦିଅନ୍ତି I
- ଅନ୍ୟ ଅର୍ଥରେ “ସେମାନଙ୍କ ବିବାଦ ମଧ୍ୟରେ କେଉଁ ବ୍ୟକ୍ତି ଠିକ୍ ତାହା ସ୍ଥିର କରିବା” ଯେପରି “ବିଚାର କରିବା” କିମ୍ବା “ମଧ୍ୟରେ ବିଚାର କରିବା” I
- କେତେକ ପ୍ରସଙ୍ଗରେ, ଈଶ୍ୱରଙ୍କର “ବିଚାର” ସେ ଯାହା ନ୍ୟାୟ କରିଅଛନ୍ତି ତାହା ସଠିକ ଧାର୍ମିକ କାମ ଅଟେ I ସେଗୁଡ଼ିକ ତାଙ୍କର ଆଦେଶ, ନିୟମ, କିମ୍ବା ଆଦେଶ ସହିତ ସମାନ ଅଟେ I
- “ବିଚାର କରିବା” ବୁଦ୍ଧିମାନ ନିଷ୍ପତ୍ତି ନେବା କ୍ଷମତାକୁ ସୂଚାଇପାରେ I ଯେଉଁ ବ୍ୟକ୍ତିଙ୍କର “ବିଚାର କରିବା” ର ଅଭାବ ଅଛି, ସେହି ବ୍ୟକ୍ତିର ଜ୍ଞାନନପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଜ୍ଞାନ ନାହିଁ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି , “ବିଚାର କରିବା ” ଶବ୍ଦକୁ “ନିର୍ନୟ” କିମ୍ବା “ଦୋଷ” କିମ୍ବା “ଦଣ୍ଡ ଦେବା” କିମ୍ବା” ନୀୟମାବଳୀ ଲାଗୁ କରିବା” ବୋଲି ଅନୁବାଦ କରାଯାଇପାରେ I
- “ବିଚାର କରିବା” ଶବ୍ଦକୁ “ଦଣ୍ଡ ଦେବା” କିମ୍ବା “ନିର୍ନୟ କରିବା” କିମ୍ବା “ନୀୟମାବଳୀ ଲାଗୁ କରିବା” କିମ୍ବା “ଦୋଷାରୋପ କରିବା” ବୋଲି ଅନୁବାଦ କରାଯାଇପାରେI
- କେତେକ ପ୍ରସଙ୍ଗ ରେ, “ବିଚାର” ବାକ୍ୟାଂଶକୁ “ବିଚାର ଦିନରେ” କିମ୍ବା “ସେହି ଦିନ ଯେତେବେଳେ ଈଶ୍ୱର ଲୋକମାନଙ୍କର ବିଚାର କରିବେ” ବୋଲି ଅନୁବାଦ କରାଯାଇପାରେ I

(ନୀୟମାବଳୀ, ବିଚାର, ନ୍ୟାୟର ଦିନ, ଧାର୍ମିକ, ବ୍ୟବସ୍ଥା ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 4:17
- ପ୍ରଥମ ରାଜାବଳୀ 3:9
- ପ୍ରେରିତ 10:42-43
- ଯିଶାଇୟ 3:14
- ଯାକୁବ 2:4
- ଲୂକ 6:37
- ମିଖା 3:9-11
- ଗୀତସଂହିତା 54:1

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **19:16** ଭବିଷ୍ୟବକ୍ତାମାନେ ଲୋକମାନଙ୍କୁ ସାବଧାନ କରାଇଲେ ଯେ ଯଦି ସେମାନେ ମନ୍ଦ କାମ କରିବେ କିମ୍ବା ବନ୍ଦ ନ କରିବେ ଏବଂ ଈଶ୍ୱରଙ୍କର ଆଜ୍ଞାକାରୀ ନହେବେ, ତାହାହେଲେ ଈଶ୍ୱର ସେମାନଙ୍କୁ ଦୋଷୀ ବୋଲି **ବିଚାର କରିବେ** ଏବଂ ଦଣ୍ଡ ଦେବେ I
- **21:8** ଏକ ରାଜା ସିଏ ଯେ ଏକ ରାଜ୍ୟ ଉପରେ ଶାସନ କରେ ଏବଂ ଲୋକମାନଙ୍କର **ବିଚାର** କରେ I ଯେଉଁ ଖ୍ରୀଷ୍ଟ ଆସିବେ ସେ ଏକ ସିଦ୍ଧ ରାଜା ହେବେ ଯେ ତାହାର ପୂର୍ବପୁରୁଷ ଦାଉଦର ରାଜ ସିଂହାସନରେ ବସିବେ I ସେ ସମସ୍ତ ପୃଥିବୀ ଉପରେ ଚିରଦିନ ଶସାନ କରିବେ, ଯେ ବିଶ୍ୱସ୍ତହୋଇ **ବିଚାର** କରିବେ ଏବଂ ଉଚିତ ନିର୍ନୟ ନେବେ I
- **39:4** ମହାଯାଜକ କ୍ରୋଧରେ ତାହାର ବସ୍ତ୍ର ଫାଡିଦେଲେ ଏବଂ ଅନ୍ୟ ଧାର୍ମିକ ନେତାଗଣକୁ ଚିତ୍କାର କରି କହିଲେ, “ଆମ୍ଭେମାନେ ଆଉ ଅଧିକ ସାକ୍ଷ ଚାହୁଁ ନାହୁଁ” I ତୁମ୍ଭେ ଶୁଣିଅଛ ସେ କହୁଅଛି ସେ ଈଶ୍ୱରଙ୍କର ପୁତ୍ର ଅଟେ I ଆପଣଙ୍କ **ବିଚାର** କ’ଣ?”

- **50:14** କିନ୍ତୁ ପ୍ରତ୍ୟେକକୁ ଯେ ଯୀଶୁଙ୍କ ଉପରେ ବିଶ୍ୱାସ କରେ ନାହିଁ **ବିଚାର** କରିବେ I ସେ ସେମାନଙ୍କୁ ନର୍କରେ ନିକ୍ଷେପ କରିବେ, ଯେଉଁଠାରେ ସେମାନେ ଦୁଃଖରେ ଚିରଦିନ ନିମନ୍ତେ କ୍ରନ୍ଦନ ଏବଂ ଦନ୍ତର କିଡିମିଡି କରିବେ I

ଶବ୍ଦବିନ୍ୟାସ :

- Strong's: H0148, H0430, H1777, H1778, H1779, H1780, H1781, H1782, H2940, H4055, H4941, H6414, H6415, H6416, H6417, H6419, H6485, H8196, H8199, H8201, G01440, G03500, G09680, G11060, G12520, G13410, G13450, G13480, G13490, G29170, G29190, G29200, G29220, G29230, G42320

ବିଚାର ଦିନ

ପରିଭାଷା:

"ବିଚାର ଦିନ" ସେହି ଭବିଷ୍ୟତ ଦିନକୁ ଦର୍ଶାଏ ଯେବେ ଈଶ୍ୱର ପ୍ରତ୍ୟକ ବ୍ୟକ୍ତିକୁ ବିଚାର କରିବେ I

- ଈଶ୍ୱର ତାହାଙ୍କର ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କୁ ସମସ୍ତ ଲୋକର ବିଚାରକର୍ତ୍ତା ନିଯୁକ୍ତ କରି ଅଛନ୍ତି I
- ବିଚାର ଦିନରେ ଖ୍ରୀଷ୍ଟ ଲୋକମାନଙ୍କର ଧାର୍ମିକ ଚରିତ୍ର ଅନୁସାରେ ବିଚାର କରିବେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ବିଚାର ସମୟ" ବୋଲି ମଧ୍ୟ ଅନୁବାଦ କରାଯାଇପାରିବ କାରଣ ଏହା ଗୋଟିଏ ଦିନରୁ ଅଧିକ ଦିନକୁ ବୁଝାଏ I
- ଏହି ଶବ୍ଦକୁ "ଅନ୍ତିମ ଦିନ ଯେବେ ପ୍ରଭୁ ପ୍ରତ୍ୟେକ ବ୍ୟକ୍ତିର ବିଚାର କରିବେ" ବୋଲି ଅନୁବାଦ କରାଯାଇପାରେ I
- କେତେକ ଅନୁବାଦରେ ଏହାକୁ ବଡ଼ ଶବ୍ଦରେ ଲେଖାଯାଏ କାରଣ ଏହା ଏକ ବିଶେଷ ଦିନ ଅର୍ଥାତ "ବିଚାର ଦିନ" କିମ୍ବା "ବିଚାର ସମୟ" କୁ ବୁଝାଏ I

(ନ୍ୟାୟ, ଯୀଶୁ, ସ୍ୱର୍ଗ, ନରକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ 10: 12
- ଲୂକ 11: 31
- ଲୂକ 10:32
- ମାଥିଉ 10:14-15
- ମାଥିଉ 12:36-37

ଶବ୍ଦବିନ୍ୟାସ :

- Strong's: H2962, H3117, H4941, G2250, G2920, G2962

ବିଜାତୀୟ

ପରିଭାଷା:

"ବିଜାତୀୟ" ଶବ୍ଦ ଅଣଯିହୁଦୀ ବ୍ୟକ୍ତିକୁ ବୁଝାଏ । ଯେଉଁ ଲୋକମାନେ ଯାକୁବର ବଂଶଧର ନୁହନ୍ତି ସେମାନେ ବିଜାତୀୟ ଅଟନ୍ତି I

- ବାଇବେଲରେ, "ଅସୁନ୍ନତ" ଶବ୍ଦ ସାଙ୍କେତିକ ରୂପରେ ବିଜାତୀୟଲୋକମାନଙ୍କୁ ବୁଝାଇବାକୁ ମଧ୍ୟ ବ୍ୟବହାର କରାଯାଇଛି କାରଣ ସେମାନଙ୍କ ମଧ୍ୟରୁ ଅନେକ ନିଜର ପୁତ୍ର ସନ୍ତାନର ଇସ୍ରାଏଲୀୟମାନଙ୍କ ପରି ସୁନ୍ନତ କରି ନଥିଲେ I
- କାରଣ ଈଶ୍ୱର ଯିହୁଦୀଲୋକମାନଙ୍କୁ ବିଶେଷ ଲୋକ କରି ମନୋନୀତ କଲେ, ସେମାନେ ବିଜାତୀୟଲୋକମାନଙ୍କୁ ବାହାର ଲୋକ ଯେଉଁମାନେ ଈଶ୍ୱରଙ୍କର ଲୋକ କେବେ ହେବେ ନାହିଁ ବୋଲେ ବୋଲି ମନେକଲେ I
- ଯିହୁଦୀ ଲୋକମାନଙ୍କୁ ଇତିହାସର ଅନେକ ସମୟରେ "ଇସ୍ରାଏଲୀୟ" କିମ୍ବା "ଏବ୍ରୀ" ବୋଲି କୁହାଯାଏ I ସେମାନେ କାହାରିକୁ ମଧ୍ୟ "ବିଜାତୀୟ" ବୋଲି କହିଲେ I
- ବିଜାତୀୟ ଶବ୍ଦକୁ "ଅଣଯିହୁଦୀ" କିମ୍ବା "ଅଣଯିହୁଦୀୟ " କିମ୍ବା "ଇସ୍ରାଏଲୀୟ ନୁହେଁ"(ପୁରାତନ ନିୟମ) କିମ୍ବା "ଅଣଯିହୁଦୀ" ବୋଲି ଅନୁବାଦ କରାଯାଇପାରେ I
- ପରମ୍ପରା ଅନୁସାରେ, ଯିହୁଦୀଲୋକ ବିଜାତୀୟ ସହ ଖାଏ ନାହିଁ କି ସହଭାଗିତା କରେ ନାହି, ଯାହା ପ୍ରାରମ୍ଭିକ ମଣ୍ଡଳୀର ଏକ ସମସ୍ୟା ଥିଲା I

(ଇସ୍ରାଏଲ, ଯାକୁବ, ଯିହୁଦୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 9:13-16
- ପ୍ରେରିତ 14: 5-7
- ଗାଲାତିୟ 2:16
- ଲୂକ 2: 32
- ମାଥିଉ 5:47
- ମାଥିଉ 6:5-7
- ରୋମୀୟ 11:25

ଶବ୍ଦବିନ୍ୟାସ :

- Strong's: H1471, G1482, G1484, G1672

ବିନାଶ ହେବା

ପରିଭାଷା:

"ବିନାଶ ହେବାର" ଅର୍ଥ ହିଂସା କିମ୍ବା ବିପର୍ଯ୍ୟୟର ପରିଣାମ ସ୍ୱରୂପ ମରିବା କିମ୍ବା ନଷ୍ଟ ହେବା ଅଟେ I ନୂତନ ନିୟମରେ, ପ୍ରାୟତଃ ଈଶ୍ୱରଙ୍କ ଲୋକମାନଙ୍କଠାରୁ ପୃଥକ ହେବା କିମ୍ବା ଅଲଗା ହେବାର ଆତ୍ମିକ ଅର୍ଥକୁ ସୂଚାଏ I

"ବିନାଶ ହେବା" ର ଆତ୍ମିକ ଅର୍ଥ:

- ଯେଉଁ ଲୋକମାନେ "ବିନାଶ" ହେଉଛନ୍ତି, ସେମାନେ ନିଜର ପରିତ୍ରାଣ ପାଇଁ ଯୀଶୁଙ୍କ ଉପରେ ବିଶ୍ୱାସ କରିବାକୁ ମନା କରି ଦେଇଛନ୍ତି I
- ଯେଉଁମାନେ "ବିନାଶ" ହୁଅନ୍ତି ସେମାନେ ସ୍ୱର୍ଗରେ ଈଶ୍ୱରଙ୍କ ସହିତ ଅନନ୍ତକାଳ ରହିବେ ନାହିଁ I ଏହା ପରିବର୍ତ୍ତେ, ସେମାନେ ଈଶ୍ୱରଙ୍କ ଦଣ୍ଡ ଅନ୍ତର୍ଗତ ନର୍କରେ ଅନନ୍ତକାଳ ଦଣ୍ଡିତ ହେବେ I
- ସମସ୍ତେ ଶାରୀରିକ ଭାବରେ ମୃତ୍ୟୁବରଣ କରିବେ, କିନ୍ତୁ ଯେଉଁମାନେ ନିଜ ପରିତ୍ରାଣ ପାଇଁ ଯୀଶୁଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ଅନନ୍ତକାଳ ପାଇଁ ବିନଷ୍ଟ ହେବେ I
- ଯେତେବେଳେ "ବିନାଶ" ଆତ୍ମିକ ଅର୍ଥରେ ବ୍ୟବହୃତ ହୁଏ, ନିଶ୍ଚିତ କରନ୍ତୁ ଯେ ଆପଣଙ୍କ ଅନୁବାଦ ଶାରୀରିକ ଭାବରେ ମରିବା ଅପେକ୍ଷା ଏହାକୁ ଭିନ୍ନ ଭାବରେ ପ୍ରକାଶ କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, ଏହି ଶବ୍ଦର ଅନୁବାଦ "ଈଶ୍ୱରଙ୍କ ଲୋକମାନଙ୍କଠାରୁ ପୃଥକ ହେବା" କିମ୍ବା "ଅନନ୍ତକାଳ ମରିବା" କିମ୍ବା "ନର୍କରେ ଦଣ୍ଡିତ ହେବା" କିମ୍ବା "ବିନାଶ ହେବା" ବୋଲି କରାଯାଇପାରେ I
- ଏକ ଶବ୍ଦ କିମ୍ବା ଅଭିବ୍ୟକ୍ତି ଏହିପରି ଅନୁବାଦ କରିବାକୁ ଚେଷ୍ଟା କରନ୍ତୁ ଯାହା କେବଳ "ଶାରୀରିକ ଭାବରେ ମରିବା" କିମ୍ବା "ଅସ୍ତିତ୍ୱ ନରହିବା" ଅର୍ଥକୁ ବୁଝାଏ ନାହିଁ I

(ମୃତ୍ୟୁ, ଅନନ୍ତକାଳସ୍ଥାୟୀ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ପିତର 1:23
- ଦ୍ୱିତୀୟ କରିନ୍ଥୀୟ 2:16-17
- ଦ୍ୱିତୀୟ ଥେସଲନୀକୀୟ 2:10
- ଯିରିମୀୟ 18:18
- ଗୀତସଂହିତା 49:18-20
- ଯିଖରୀୟ 9:5-7
- ଯିଖରୀୟ 13:8-9

ଶବ୍ଦବିନ୍ୟାସ :

- Strong's: H0006, H0007, H0008, H1478, H1820, H1826, H5486, H5595, H6544, H8045, G05990, G06220, G06840, G08530, G13110, G27040, G48810, G53560

ବିବେକ ବା ହିତାହିତ ଜ୍ଞାନ

ସଂଜ୍ଞା:

ବିବେକ ହେଉଛି ଜଣେ ବ୍ୟକ୍ତିଙ୍କ ଭାବନାର ଅଂଶ ଅଟେ ଯାହା ଦ୍ୱାରା ଈଶ୍ୱର ତାହାକୁ ଅବଗତ କରନ୍ତି ଯେ ସେ କୌଣସି ପାପପୂର୍ଣ୍ଣ କାର୍ଯ୍ୟ କରୁଅଛି।

- ଈଶ୍ୱର ଲୋକମାନଙ୍କୁ ବିବେକ ଦେଇଛନ୍ତି ଯେପରି ସେମାନେ କଅଣ ଭଲ ଏବଂ କଅଣ ଭୁଲ ମଧ୍ୟରେ ଭିନ୍ନତା ବିଚାର କରିପାରିବେ।
- ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କ ବାଧ ହୁଏ ତାହାକୁ "ଶୁଦ୍ଧ" କିମ୍ବା "ସ୍ପଷ୍ଟ" କିମ୍ବା "ଶୁଚୀ" ବିବେକ ଅଛି ବୋଲି କୁହାଯାଏ।
- ଯଦି ଜଣେ ବ୍ୟକ୍ତିଙ୍କର "ଶୁଦ୍ଧ ବିବେକ" ଅଛି ଏହାର ଅର୍ଥ ଯେ ସେ କୌଣସି ପାପକୁ ଲୁଚାନ୍ତି ନାହିଁ।
- ଯଦି କେହି ଆପଣା ବିବେକକୁ ଜାଣିଶୁଣି ଅଗ୍ରାହ୍ୟ କରେ ଏବଂ ଯେତେବେଳେ ସେ ପାପ କରି ମଧ୍ୟ ଦୋଷୀ ବୋଧ କରେ ନାହିଁ, ଏହାର ଅର୍ଥ ତହାର ବିବେକ ଭୁଲ କଅଣ ସେଥିର ସମ୍ବେଦନଶୀଳ କରିପାରେ ନାହିଁ। ବାଇବଲ "ଅପ୍ରଭାବିତ" ବିବେକ ବୋଲି କୁହେ, ଏପରି ଜଣେ "କଳଙ୍କ" ଯେପରି ସତେ ଯେପରି ଗରମ ଲୁହା ସହିତ। ଏପରି ବିବେକକୁ ମଧ୍ୟ "ଅସମ୍ବେଦ୍ୟ" ଏବଂ "ଦୁଷିତ" କୁହାଯାଏ।
- ଏପରି ନିର୍ଦ୍ଦିଷ୍ଟ ଭାବ ପ୍ରକାଶକ ଶବ୍ଦକୁ "ଆନ୍ତରିକ ନୈତିକ ପଥ ପ୍ରଦର୍ଶକ" କିମ୍ବା "ନୈତିକ ଚିନ୍ତାଧାରା" ଭାବରେ ଅନୁବାଦ କରିବାର ସମ୍ଭାବ୍ୟ ପ୍ରଣାଳୀ ଅନ୍ତର୍ଭୁକ୍ତ ହୋଇପାରେ।

ବାଇବଲ ପଦ ପର୍ବ:

- 1 ତୀମଥି 01:19
- 1 ତୀମଥି 03:09
- 2 କରନ୍ଥୀୟ 05:11
- 2 ତୀମଥି 01:03
- ରୋମୀୟ 09:01
- ତୀତସ 01:15-16

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: G4893

ବିଳାପ, ବିଳାପ କରନ୍ତି, ବିଳାପ ଗୀତ

ସଂଜ୍ଞା:

"ବିଳାପ "ଓ "ବିଳାପ ଗୀତ" ଅତି ଦୁଖିତ ଓ ଶୋକାକୁଳ ଅଭିବ୍ୟକ୍ତିକୁ ଦର୍ଶାଏ I

- କେତେକ ସମୟରେ ଏହା ପାପ ନିମନ୍ତେ ଗଭୀର ଅନୁତାପ କୁ ଦର୍ଶାଏ କିଅବା ଯେଉଁମାନେ ବିପତ୍ତିରେ ପଡ଼ି ଅଛନ୍ତି ସେହି ଲୋକଙ୍କ ନିମନ୍ତେ ଅନୁକମ୍ପା ଅନୁଭବ କରିବା I
- ବିଳାପ କାନ୍ଦିବା ଓ ଶୋକାକୁଳ ହେବାକୁ ଦର୍ଶାଏ I

ଅନୁବାଦ ପ୍ରସ୍ତାବ:

- "ବିଳାପ" ଶବ୍ଦ କୁ "ଅତି ଶୋକିତ "କିଅବା "ଦୀର୍ଘ ରୋଦନ" କିଅବା "ଦୁଖିତ ହେବା" ରୂପରେ ଅନୁବାଦ କରାଯାଏ I
- ବିଳାପ କରିବା" (ବିଳାପ) କୁ "ଚିତ୍କାର କରି ରୋଦନ କରିବା "କିଅବା "ଅତି ଦୁଖିତ" କିଅବା "କନ୍ଦା କଟା କରିବା" ରୂପରେ ଅନୁବାଦ କରାଯାଏ I

ବାଇବଲ ପଦପର୍ବ:

- ଆମୋଷ ୦୮:୯-୧୦
- ଯିହିଜିକଲ ୩୨:୧-୨
- ଯିରିମିୟ ୨୨:୧୭-୧୯
- ଆୟୁବ ୨୭:୧୫-୧୭
- ବିଳାପ ଗୀତ ୦୨:୫-୭
- ବିଳାପ ଗୀତ ୦୨:୮-୯
- ମିଖା ୦୨:୩-୫
- ଗୀତସଂହିତା ୧୦୨:୧-୨
- ଯିଖରୀୟ ୧୧:୧-୩

ବୋର୍ଡ ଡାଟା :

- Strong's: H56, H421, H578, H592, H1058, H4553, H5091, H5092, H5594, H6088, H6969, H7015, H8567, G2354, G2355, G2870, G2875

ବିଶୁଦ୍ଧ, ବିଶୁଦ୍ଧ କରିବା, ବିଶୁଦ୍ଧତା

ପରିଭାଷା:

"ବିଶୁଦ୍ଧ" ହେବା ଅର୍ଥ କୌଣସି ତ୍ରୁଟି ନ ରହିବା କିମ୍ବା ସେଥିରେ କିଛି ମିଶ୍ରିତ ନହିବା ଯାହା ସେଥିରେ ରହିବା ଉଚିତ ନୁହେଁ। କୌଣସି ବିଷୟକୁ ଶୁଦ୍ଧ କରିବା ଅର୍ଥ ଏହାକୁ ପରିଷ୍କାର କରିବା ଏବଂ ତାହାକୁ ସଂକ୍ରମିତ କିମ୍ବା ଦୁଷିତ କରୁଥିବା ଯେକୌଣସି ବିଷୟକୁ କାଢ଼ି ବାହାର କରିଦେବା ଅଟେ।

- ପୁରାତନ ନିୟମର ବ୍ୟବସ୍ଥାଗୁଡ଼ିକ ଅନୁସାରେ, "ଶୁଦ୍ଧିକରଣ" ଏବଂ "ଶୁଦ୍ଧତା" କହିଲେ ମୁଖ୍ୟତଃ, ଯେ କୌଣସି ବସ୍ତୁ କିମ୍ବା ବ୍ୟକ୍ତିକୁ ରୀତିନୀତି ବା ବିଧି ଅନୁସାରେ ଅଶୁଚି କରେ, ସେହି ବିଷୟଗୁଡ଼ିକୁ କାଢ଼ି ବାହାର କରିଦେବା ଅଟେ; ଯଥା, ରୋଗ, ଶାରୀରିକ ସ୍ରାବ, କିମ୍ବା ସନ୍ତାନ ପ୍ରସବ କରିବା ଅଟେ।
- ପୁରାତନ ନିୟମରେ ମଧ୍ୟ ବ୍ୟବସ୍ଥାଗୁଡ଼ିକ ଥିଲା ଯେ ଲୋକଙ୍କୁ ପାପରୁ କିପରି ଶୁଦ୍ଧ ହେବେ ପ୍ରକାଶ କରୁଥିଲା, ସାଧାରଣତଃ ଏହା ଏକ ପଶୁବଳି ଦ୍ୱାରା କରାଯାଉଥିଲା । ଏହା କେବଳ ଅସ୍ଥାୟୀ ଥିଲା ଏବଂ ବଳିଦାନକୁ ବାରମ୍ବାର ପୁନରାବୃତ୍ତି କରିବା ଆବଶ୍ୟକ ଥିଲା ।
- ନୂତନ ନିୟମରେ, ଅନେକ ସମୟରେ ଶୁଚିକରଣ ହେବା ବିଷୟ ପାପରୁ ପରିଷ୍କୃତ ହେବାକୁ ସୂଚାଇଥାଏ।
- ଲୋକମାନେ ପାପରୁ ସମ୍ପୂର୍ଣ୍ଣ ଏବଂ ସ୍ଥାୟୀ ଭାବରେ ଶୁଚି ହେବା ପାଇ, ଏକମାତ୍ର ଉପାୟ ହେଉଛି ଅନୁତାପ କରିବା ଏବଂ ମନପରିବର୍ତ୍ତନ କରି ଈଶ୍ୱରଙ୍କ କ୍ଷମା ପାଇବା, ଯୀଶୁଙ୍କଠାରେ ଏବଂ ତାହାଙ୍କର ବଳିଦାନରେ ବିଶ୍ୱାସ କରିବା ।

ଅନୁବାଦ ପ୍ରସ୍ତାବଗୁଡ଼ିକଗୁଡ଼ିକ:

- "ଶୁଚିକରଣ" ଶବ୍ଦକୁ "ଶୁଚି କରିବା" କିମ୍ବା "ପରିଷ୍କାର କରିବା" କିମ୍ବା "ସମସ୍ତ ପ୍ରଦୂଷଣରୁ ପରିଷ୍କାର କରିବା" ବା "ସମସ୍ତ ପାପରୁ ମୁକ୍ତ କରିବା" ବୋଲି ଅନୁବାଦ କରଯାଇପାରେ।
- "ଯେତେବେଳେ ସେମାନଙ୍କର ଶୁଚିକରଣର ସମୟ ସମାପ୍ତ ହେଲା" ଏହି ବାକ୍ୟାଂଶକୁ "ଯେତେବେଳେ ସେମାନେ ଆବଶ୍ୟକ ଦିନ ଅପେକ୍ଷା କରି ସେମାନେ ନିଜେ ଶୁଦ୍ଧ ହେଲେ" ବୋଲି ଅନୁବାଦ କରାଯାଇପାରେ।
- "ପାପସବୁ ପାଇ ଶୁଚିକରଣ ପ୍ରଦାନ କଲେ" ବାକ୍ୟାଂଶକୁ "ଲୋକମାନଙ୍କୁ ସେମାନଙ୍କର ପାପରୁ ସମ୍ପୂର୍ଣ୍ଣ ରୂପେ ପରିଷ୍କାର କରାଯିବା ପାଇଁ ଏକ ମାର୍ଗ ପ୍ରଦାନ କରାଯାଇଛି" ବୋଲି ଅନୁବାଦ କରାଯାଇପାରେ।
- "ଶୁଦ୍ଧତାକୁ" ବାକ୍ୟାଂଶକୁ "ପରିଷ୍କାର କରିବା" କିମ୍ବା "ଆତ୍ମିକ ଧୌତ" କିମ୍ବା "ରୀତି କିମ୍ବା ବିଧି ଅନୁସାରେ ଶୁଚି ହେବା" ବୋଲି ଅନୁବାଦ କରାଯାଇପାରେ।

(ପ୍ରାୟଶ୍ଚିତ୍ତ , ପରିଷ୍କାର, ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ତୀମଥି 1:5
- ଯାତ୍ରା 31:6-9
- ଏବ୍ରୀ 9:13-15
- ଯାକୁବ 4:8
- ଲୂକ 2:22
- ପ୍ରକାଶିତ ବାକ୍ୟ 14:4

ଶବ୍ଦବିନ୍ୟାସ:

- Strong's: H1249, H1252, H1253, H1305, H1865, H2134, H2135, H2141, H2212, H2398, H2403, H2561, H2889, H2890, H2891, H2892, H2893, H3795, H3800, H4795, H5343, H5462, H6337, H6884, H6942, H8562, G00480, G00490, G00530, G00540, G15060, G25110, G25120, G25130, G25140

ବିଶ୍ୱାସ

ପରିଭାଷା:

ସାଧାରଣ ଭାବରେ “ବିଶ୍ୱାସ“ ଶବ୍ଦ କୌଣସି ବ୍ୟକ୍ତି କିମ୍ବା ବସ୍ତୁରେ ଦୃଢ ଧାରଣା, ଭରସା ଓ ଆତ୍ମବିଶ୍ୱାସକୁ ଦର୍ଶାଏ।

- କାହା ଉପରେ “ବିଶ୍ୱାସ କରିବା" ଅର୍ଥ କେହି ଯାହା କହେ କିମ୍ବା କରେ ତାହା ସତ୍ୟ ଓ ବିଶ୍ୱାସଯୋଗ୍ୟ ବୋଲି ଗ୍ରହଣ କରିବା ଅଟେ I
- "ଯୀଶୁଙ୍କଠାରେ ବିଶ୍ୱାସ କରିବାର" ଅର୍ଥ ଯୀଶୁଙ୍କ ବିଷୟରେ ଈଶ୍ୱରଙ୍କ ସମସ୍ତ ଶିକ୍ଷା ଉପରେ ବିଶ୍ୱାସ କରିବା ଅଟେ। ଏହାର ବିଶେଷ ଅର୍ଥ ଏହା ଯେ ଲୋକମାନେ ଯୀଶୁଙ୍କଠାରେ ଓ ତାହାଙ୍କ ବଳିଦାନ ଯାହା ସେମାନଙ୍କୁ ସେମାନଙ୍କ ପାପରୁ ଧୌତ କରେ ଏବଂ ସେମାନଙ୍କୁ ପାପର ଯୋଗ୍ୟ ଦଣ୍ଡରୁ ଉଦ୍ଧାର କରିବା ଅଟେ ।
- ଯୀଶୁଙ୍କ ଉପରେ ପ୍ରକୃତ ଭରୋସା କିମ୍ବା ବିଶ୍ୱାସ କରିବା ଜଣେ ବ୍ୟକ୍ତିଙ୍କୁ ଉତ୍ତମ ଫଳ ଧାରଣ କରିବାରେ ଓ ଉତ୍ତମ ବ୍ୟବହାର କରିବାରେ କିମ୍ବା ଆଚରଣ କରିବାରେ କାରଣ ହେବ ଯେହେତୁ ପବିତ୍ର ଆତ୍ମା ତାହାଙ୍କ ମଧ୍ୟରେ ବାସ କରୁଅଛନ୍ତି।
- ବେଳେବେଳେ “ବିଶ୍ୱାସ“ ଯୀଶୁଙ୍କ ବିଷୟରେ ସମସ୍ତ ଶିକ୍ଷାକୁ ଦର୍ଶାଏ, ଯେପରି “ବିଶ୍ୱାସର ସତ୍ୟତା” ଅଭିବ୍ୟକ୍ତିରେ ।
- କେତେକ ପ୍ରସଙ୍ଗରେ ଯେପରିକି “ବିଶ୍ୱାସକୁ ଧାରଣ କର“ କିମ୍ବା "ବିଶ୍ୱାସକୁ ଛାଡ଼ି ଦିଅ“ ବିଶ୍ୱାସ ଯୀଶୁଙ୍କ ବିଷୟରେ ସମସ୍ତ ଶିକ୍ଷା ଉପରେ ବିଶ୍ୱାସ କରିବାର ସ୍ଥିତି କିମ୍ବା ଅବସ୍ଥାକୁ ଦର୍ଶାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କେତେକ ପ୍ରସଙ୍ଗରେ, "ବିଶ୍ୱାସକୁ" ଶବ୍ଦକୁ “ଧାରଣା“ କିମ୍ବା “ହୃଦବୋଧ“ କିମ୍ବା “ଦୃଢ଼ ବିଶ୍ୱାସ“ କିମ୍ବା"ଭରସା" ବୋଲି ଅନୁବାଦ କରାଯାଇପାରେ।
- କେତେକ ଭାଷାରେ ଏହି ଶବ୍ଦଗୁଡ଼ିକୁ “ବିଶ୍ୱାସ କରିବା ବୋଲି ଅନୁବାଦ କରାଯାଇପାରେ। (ଗୁଣ ବାଚକ ବିଷେଶ୍ୟ ଦେଖନ୍ତୁ)
- “ବିଶ୍ୱାସକୁ ରକଖିବା“ ଅଭିବ୍ୟକ୍ତିକୁ “ଯୀଶୁଙ୍କ ଉପରେ ନିରନ୍ତର ବିଶ୍ୱାସ ରଖ” କିମ୍ବା “ଯୀଶୁଙ୍କଠାରେ ନିରନ୍ତର ବିଶ୍ୱାସ କରିବା” ବୋଲି ଅନୁବାଦ କରାଯାଇପାରେ।
- “ସେମାନେ ବିଶ୍ୱାସର ଗଭୀର ସତ୍ୟତାକୁ ଦୃଢତାରେ ଧାରଣା କରିବାକୁ ପଡ଼ିବ“ ବାକ୍ୟାଂଶକୁ “ଯୀଶୁଙ୍କ ବିଷୟରେ ସମସ୍ତ ଉତ୍ତମ ବିଷୟ ଯାହା ସେମାନଙ୍କୁ ଶିକ୍ଷା ପ୍ରଦାନ କରାଯାଇଅଛି ନିରନ୍ତର ନିଶ୍ଚିତ ଧାରଣା କରିବାକୁ ପଡ଼ିବ।"
- “ବିଶ୍ୱାସରେ ମୋର ସତ୍ୟ ପୁତ୍ର “ ଅଭିବ୍ୟକ୍ତିକୁ “ସେ ମୋହର ପୁତ୍ର ପରି ଅଟେ କାରଣ ମୁଁ ତାକୁ ଯୀଶୁଙ୍କ ଉପରେ ବିଶ୍ୱାସ କରିବାକୁ ଶିକ୍ଷା ଦେଇଅଛି ।"

(ବିଶ୍ୱାସ କରିବା, ବିଶ୍ୱସ୍ତ ଦେଖନ୍ତୁ)

ବାଇବେଲ ପ୍ରସଙ୍ଗ:

- ଦ୍ୱିତୀୟ ତିମଥି 4:7
- ପ୍ରେରିତ 6 :7
- ଗାଲାତୀୟ 2:20-21
- ଯାକୁବ 2:20

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **5:6** ଯେତେବେଳେ ଇସ୍‌ହାକ ବାଳକ ଥିଲେ, ପରମେଶ୍ୱର ଅବ୍ରହାମଙ୍କ **ବିଶ୍ୱାସକୁ** ପରୀକ୍ଷା କରି କହିଲେ, “ତୁମ୍ଭର ଏକମାତ୍ର ପୁତ୍ର ଇସ୍‌ହାକଙ୍କୁ ଘେନି, ମୋ ନିମନ୍ତେ ବଳି କରି ତାହାକୁ ଉତ୍ସର୍ଗ କର।"
- **31:7** ତେବେ ସେ (ଯୀଶୁଦେ) ପିତରଙ୍କୁ କହିଲେ, “ହେ ଅଳ୍ପ **ବିଶ୍ୱାସୀ**, ତୁମ୍ଭେ କାହିଁକି ସନ୍ଦେହ କଲ?”
- **32:16** ଯୀଶୁ ସେହି ସ୍ତ୍ରୀକୁ କହିଲେ, “ତୁମ୍ଭର **ବିଶ୍ୱାସ** ତୁମ୍ଭକୁ ସୁସ୍ଥ କଲା ଶାନ୍ତିରେ ଚାଲି ଯାଅ।"
- **38:9** ତେବେ ଯୀଶୁ ପିତରକୁ କହିଲେ, “ଶୟତାନ ତୁମ୍ଭ ସମସ୍ତଙ୍କୁ ନିଜ ଅଧିନରେ କରିବାକୁ ଚାହେଁ, କିନ୍ତୁ ମୁଁ ତୁମ୍ଭ ପାଇଁ ପ୍ରାର୍ଥନା କରି ଅଛି ପିତର, ତୁମ୍ଭର **ବିଶ୍ୱାସ** ବିଫଳ ହେବ ନାହିଁ।“

ଶବ୍ଦବିନ୍ୟାସ:

- Strong’s: H0529, H0530, G16800, G36400, G41020, G60660

ବିଶ୍ୱାସ କରିବା, ବିଶ୍ୱାସୀ, ବିଶ୍ୱାସ, ଅବିଶ୍ୱାସୀ, ଅବିଶ୍ୱାସ

ପରିଭାଷା:

ବିଶ୍ୱାସ କରିବା ଓ ବିଶ୍ୱାସରେ ରହିବା ଶବ୍ଦଗୁଡ଼ିକ ଅତି ନିକଟତର କିନ୍ତୁ ସାମାନ୍ୟ ଅଲଗା ଅଟେ।

1. ବିଶ୍ୱାସ

- କୌଣସି ବିଷୟକୁ ବିଶ୍ୱାସ କରିବା ହେଉଛି ସେହି ଘଟଣା ସତ୍ୟ ବୋଲି ଧରିନେବା।
- ଜଣେ ବ୍ୟକ୍ତିଙ୍କୁ ବିଶ୍ୱାସ କରିବା ଅର୍ଥ ହେଉଛି ସେ ଯେଉଁ କଥା କହୁଛନ୍ତି ତାହା ସତ୍ୟ ଅଟେ।

2. ବିଶ୍ୱାସରେ ରହିବା

- "ବିଶ୍ୱାସରେ ରହିବା" ଅର୍ଥ ହେଉଛି ସେହି ବ୍ୟକ୍ତିଙ୍କୁ ଭରସା କରିବା। ଏହାର ଅର୍ଥ ତାହା ଯେ ସେହି ବ୍ୟକ୍ତି ଯିଏ ସେ କୁହନ୍ତି ଯେ ସେ ସର୍ବଦା ସତ୍ୟ କୁହନ୍ତି, ଏବଂ ସେ ଯାହା କରିବାକୁ ପ୍ରତିଜ୍ଞା କରିଛନ୍ତି ତାହା କରିବେ।
- ଜଣେ ବ୍ୟକ୍ତି ଯେତେବେଳେ କୌଣସି ବିଷୟକୁ ବିଶ୍ୱାସ ଯୋଗ୍ୟ ବୋଲି ମନେକରେ, ସେ ତାହାର ବିଶ୍ୱସ୍ତତାକୁ ପ୍ରକାଶ କରେ।
- "ବିଶ୍ୱାସରେ ରହିବା" ଖଣ୍ଡ ବାକ୍ୟଟିର ଅର୍ଥ ବିଶ୍ୱାସ କରିବାକୁ ସୂଚାଏ।
- “ଯୀଶୁଙ୍କଠାରେ ବିଶ୍ୱାସ କରିବା” ଅର୍ଥ ହେଉଛି ଯେ ସେ ଈଶ୍ୱରଙ୍କ ପୁତ୍ର, ଯେ ସେ ନିଜେ ଈଶ୍ୱର ଅଟନ୍ତି ଯିଏ ମଧ୍ୟ ମନୁଷ୍ୟ ଥିଲେ ଏବଂ ଆମ୍ଭମାନଙ୍କ ପାପ ପାଇଁ ବଳିଦାନ ଭାବରେ ମୃତ୍ୟୁବରଣ କଲେ। ଏହାର ଅର୍ଥ ହେଉଛି ତାହାଙ୍କୁ ତ୍ରାଣକର୍ତ୍ତା ଭାବରେ ବିଶ୍ୱାସ କରିବା ଏବଂ ତାହାଙ୍କୁ ସମ୍ମାନ କରୁଥିବା ଜୀବନଯାପନ କରିବା ଅଟେ ।

3. ବିଶ୍ୱାସୀ

ବାଇବେଲରେ, "ବିଶ୍ୱାସୀ" ଶବ୍ଦ ଜଣେ ବ୍ୟକ୍ତିକୁ ଦର୍ଶାଏ ଯିଏ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ରୂପରେ ଗ୍ରହଣ କରେ ଏବଂ ତାହାଙ୍କଠାରେ ନିର୍ଭର କରେ।

- "ବିଶ୍ୱାସୀ" ଶବ୍ଦଟି ଆକ୍ଷରିକ ଭାବରେ "ଜଣେ ବ୍ୟକ୍ତି ଯିଏ ବିଶ୍ୱାସ କରେ" ତାହାକୁ ସୂଚାଏ।
- ଖ୍ରୀଷ୍ଟିୟାନ ଶବ୍ଦଟି ଶେଷରେ ବିଶ୍ୱାସ ଶବ୍ଦରୁ ଆସିଛି କାରଣ ଏହା ସୂଚିତ କରେ ଯେ ସେମାନେ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତି ଏବଂ ତାହାଙ୍କ ଶିକ୍ଷାକୁ ମାନନ୍ତି।

4. ଅବିଶ୍ୱାସ

"ଅବିଶ୍ୱାସ" ଶବ୍ଦଟି କିଛି କିମ୍ବା କାହାକୁ ବିଶ୍ୱାସ ନକରିବାକୁ ବୁଝାଏ।

- ବାଇବେଲରେ "ଅବିଶ୍ୱାସ" ଶବ୍ଦଟି ଯୀଶୁଙ୍କୁ ଜଣେ ତ୍ରାଣକର୍ତ୍ତା ରୂପରେ ବିଶ୍ୱାସ ନକରିବା କିମ୍ବା ବିଶ୍ୱାସ ନକରିବାକୁ ବୁଝାଏ।
- ଜଣେ ବ୍ୟକ୍ତି ଯିଏ ଯୀଶୁଙ୍କୁ ବିଶ୍ୱାସ କରେ ନାହିଁ "ଅବିଶ୍ୱାସୀ" ବୋଲି କୁହାଯାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

· "ବିଶ୍ୱାସ କରିବା" ବାକ୍ୟାଂଶକୁ "ସତ୍ୟ ବୋଲି ଜାଣିବା" କିମ୍ବା "ଏହା ଉପଯୁକ୍ତ ବା ଯଥାର୍ଥ ବୋଲି ଜାଣିବା" ବୋଲି ଅନୁବାଦ କରାଯାଇପାରେ।

· "ବିଶ୍ୱାସରେ" ବାକ୍ୟାଂଶକୁ "ସମ୍ପୂର୍ଣ୍ଣ ରୂପେ ଭରସା କରିବା" କିମ୍ବା "ଭରସା ଓ ଆଜ୍ଞାକାରୀ ହେବା" କିମ୍ବା "ସମ୍ପୂର୍ଣ୍ଣ ରୂପେ ଭରସା ରଖିବା ଓ ଅନୁକରଣ କରିବା" ବୋଲି ଅନୁବାଦ କରାଯାଇପାରେ।

· କେତେକ ଅନୁବାଦରେ "ଯୀଶୁଙ୍କର ବିଶ୍ୱାସୀ" କିମ୍ବା "ଖ୍ରୀଷ୍ଟଙ୍କର ବିଶ୍ୱାସୀ" ବୋଲି ଅନୁବାଦ କରାଯାଇପାରେ।

· ଏହି ଶବ୍ଦଟି ଏକ ବାକ୍ୟ କିମ୍ବା ବାକ୍ୟାଂଶକୁ "ଜଣେ ବ୍ୟକ୍ତି ଯିଏ ଯୀଶୁଙ୍କଠାରେ ଭରସା କରେ" କିମ୍ବା "ଜଣେ ଯିଏ ଯୀଶୁଙ୍କୁ ଜାଣନ୍ତି ଏବଂ ତାହାଙ୍କୁ ନିମନ୍ତେ ଜୀବନଯାପନ କରେ" ଦ୍ୱାରା ଅନୁବାଦ କରାଯାଇପାରେ।

· "ବିଶ୍ୱାସୀ" ଶବ୍ଦକୁ ଭିନ୍ନ ଭାବରେ ଅନୁବାଦ କରାଯାଇପାରେ ଯେପରି "ଯୀଶୁଙ୍କର ଅନୁସରଣକାରୀ" କିମ୍ବା "ଯୀଶୁଙ୍କୁ ଜାଣିବା ବ୍ୟକ୍ତି ଏବଂ ଆଜ୍ଞାକାରୀ।"

· ବିଶ୍ୱାସୀ ଶବ୍ଦଟି ସାଧାରଣ ଭାବେ ଖ୍ରୀଷ୍ଟଙ୍କ ବିଶ୍ୱାସୀକୁ ବୁଝାଏ କିନ୍ତୁ ଯୀଶୁଙ୍କ ଜୀବିତ ଥିବା ସମୟରେ "ଶିଷ୍ୟ" ଏବଂ "ପ୍ରେରିତ" ଶବ୍ଦକୁ ବ୍ୟବହାର କରାଯାଉଥିଲା। ଏହି ଶବ୍ଦକୁ ପୃଥକ ନକରି ବିଭିନ୍ନ ଭାବରେ ଅନୁବାଦ କରାଯାଇପାରେ।

· "ଅବିଶ୍ୱାସ" ଶବ୍ଦଟିକୁ "ବିଶ୍ୱାସର ଅଭାବ ବା ଅବହେଳା" କିମ୍ବା "ବିଶ୍ୱାସ ନକରିବା" ଅନୁର୍ଭୁକ୍ତ କରାଯାଇପାରେ

· "ଅବିଶ୍ୱାସୀ" ଶବ୍ଦକୁ "ଜଣେ ବ୍ୟକ୍ତି ଯିଏ ଯୀଶୁଙ୍କୁ ବିଶ୍ୱାସ କରେ ନାହିଁ" କିମ୍ବା "ଯୀଶୁଙ୍କୁ ତ୍ରାଣକର୍ତ୍ତା ଭାବେ ଗ୍ରହଣ କରେ ନାହିଁ" ବୋଲି ଅନୁବାଦ କରାଯାଇପାରେ।

(ବିଶ୍ୱାସ, ପ୍ରେରିତ, ଖ୍ରୀଷ୍ଟିୟାନ, ଶିଷ୍ୟ, ପ୍ରତ୍ୟୟ, ଭରସା ଦେଖନ୍ତୁ)

ବାଇବେଲ ପଦପର୍ବ

- ଆଦି ପୁସ୍ତକ 15:6
- ଆଦି ପୁସ୍ତକ 45:26
- ଆୟୁବ 9:16-18
- ହବକୁକ୍କ 1:5-7
- ମାର୍କ 6:4-6
- ମାର୍କ 1:14-15
- ଲୂକ 9:41
- ଯୋହନ 1:12
- ପ୍ରେରିତ 6:5
- ପ୍ରେରିତ 9:42
- ପ୍ରେରିତ 28:23-24
- ରୋମୀୟ 3:3
- ପ୍ରଥମ କରନ୍ଥୀୟ 6:1
- ପ୍ରଥମ କରନ୍ଥୀୟ 9:5
- ଦ୍ୱିତୀୟ କରନ୍ଥୀୟ 6:15
- ଏବ୍ରୀ 3:12
- ପ୍ରଥମ ଯୋହନ 3:23

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ :

- **3:4** ନୋହ ଆଗାମୀ ସମୟରେ ଆସୁଥିବା ଜଳ ପ୍ଲାବନ ବିଷୟରେ ଲୋକମାନଙ୍କୁ ସଚେତନ କରାଇ ଈଶ୍ୱରଙ୍କ ନିକଟକୁ ଫେରିବା ନିମନ୍ତେ ପ୍ରବର୍ତ୍ତାଉ ଥିଲେ କିନ୍ତୁ ସେମାନେ ତହାଙ୍କ କଥାକୁ **ବିଶ୍ୱାସ** କଲେ ନାହିଁ।
- **4:8** ଅବ୍ରାମ ଈଶ୍ୱରଙ୍କ ପ୍ରତିଜ୍ଞାକୁ ବିଶ୍ୱାସ କଲେ। ଈଶ୍ୱର ଘୋଷଣା କଲେ ଯେ ଅବ୍ରମ ଜଣେ ଧାର୍ମିକ ବ୍ୟକ୍ତିଥିଲେ କାରଣ ସେ ଈଶ୍ୱରଙ୍କ ପ୍ରତିଜ୍ଞାକୁ ପ୍ରତ୍ୟୟକଲେ ।
- **11:2** ଈଶ୍ୱର ପ୍ରଥମଜାତ ସନ୍ତାନମାନଙ୍କୁ ସୁରକ୍ଷା ଦେଲେ ଯେଉଁମାନେ **ତାହାଙ୍କୁ ବିଶ୍ୱାସ କଲେ**।
- **11:6** କିନ୍ତୁ ମିସରୀୟମାନେ ଈଶ୍ୱରଙ୍କୁ **ବିଶ୍ୱାସ** କଲେ ନାହିଁ ଏବଂ ତାହାଙ୍କୁ ମାନିଲେ ନାହିଁ।
- **37:5** ଯୀଶୁ ଉତ୍ତର ଦେଲେ, "ମୁଁ ପୁନରୁତ୍ଥାନ ଓ ଜୀବନ।" ଯଦି କେହି ମୋଠାରେ ବିଶ୍ୱାସ କରେ ଯଦ୍ୟପି ସେ ମରେ ତଥାପି ବଞ୍ଚିବ। ଯେକେହି ମୋଠାରେ **ବିଶ୍ୱାସ କରେ** ସେ କଦାପି ମରିବ ନାହିଁ। ତୁମ୍ଭେମାନେ ଏହା ବିଶ୍ୱାସ କର କି?"
- **43:1** ଯୀଶୁ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରନ୍ତେ, ଯୀଶୁ ଯେପରି ଶିଷ୍ୟମାନଙ୍କୁ ଯିରୂଶାଲମ ରେ ରହିବା ପାଇଁ ଆଦେଶ କରିଥିଲେ ସେମାନେ ସେଠାରେ ରହିଲେ। **ବିଶ୍ୱାସୀମାନେ** ଏକତ୍ରିତ ହୋଇ ନିରନ୍ତର ପ୍ରାର୍ଥନା କରୁଥିଲେ।
- **43:3** ଯେତେବେଳେ **ବିଶ୍ୱାସୀମାନେ** ଏକତ୍ରିତ ଯେଉଁ ଗୃହରେ ସେମାନେ ଥିଲେ ହଠାତ ପ୍ରଚଣ୍ଡ ପବନର ବେଗ ତୁଲ୍ୟ ଏକ ଶବ୍ଦ ଆସି ସେହି ଗୃହକୁ ପୂର୍ଣ୍ଣ କଲା। ତା'ର କିଛି ସମୟ ପରେ ଅଗ୍ନି ସଦୃଶ ଜିହ୍ୱା ଗୁଡ଼ିକ **ବିଶ୍ୱାସୀମାନଙ୍କ** ମସ୍ତକରେ ଦେଖାଦେଲା।
- **43:13** ପ୍ରତ୍ୟେକ ଦିନ, ଅନେକ ଲୋକ ବିଶ୍ୱାସୀ ହେଲେ।
- **46:6** ସେହି ଦିନମାନଙ୍କରେ ଯିରୂଶାଲମ ରେ ବହୁତ ଲୋକ ଯୀଶୁଙ୍କର ଅନୁକରଣକାରୀମାନଙ୍କୁ ତାଡ଼ନା କଲେ, ତେଣୁ **ବିଶ୍ୱାସୀମାନେ** ସେହି ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଚାଲିଗଲେ। କିନ୍ତୁ ଏହା ସତ୍ତ୍ୱେ ସେମାନେ ଯେଉଁ ସ୍ଥାନକୁ ଯାଉଥିଲେ ଯୀଶୁଙ୍କ ବିଷୟରେ ପ୍ରଚାର କରୁଥିଲେ।
- **46:1** ଶାଉଲ ଜଣେ ବ୍ୟକ୍ତିଥିଲା ଯିଏକୁ ସ୍ତିଫାନକୁ ମାରିବାର ମୁଖ୍ୟ କାରଣ ଥିଲା। ସେ ଯୀଶୁଙ୍କୁ ବିଶ୍ୱାସ କରୁ ନଥିଲା ତେଣୁ **ବିଶ୍ୱାସୀମାନଙ୍କୁ** ତାଡ଼ନା କରୁଥିଲା।
- **46:9** କେତେକ **ବିଶ୍ୱାସୀମାନେ** ଯେଉଁମାନେ ତାଡ଼ନା ପ୍ରାପ୍ତ ହୋଇଥିଲେ ସେମାନେ ଯିରୂଶାଲମ ରୁ ଯାଇ ଆନ୍ତିୟଖିୟା ଯାଇ ଯୀଶୁଙ୍କ ବିଷୟରେ ପ୍ରଚାର କଲେ। ଆନ୍ତିୟଖିୟାର **ବିଶ୍ୱାସୀମାନଙ୍କୁ** ପ୍ରଥମ ଖ୍ରୀଷ୍ଟିୟାନ ବୋଲି କୁହାଯାଏ।

- **47:14** ସେମାନେ ମଧ୍ୟ **ବିଶ୍ୱାସୀମାନଙ୍କୁ** ଉତ୍ସାହିତ କରିବା ନିମନ୍ତେ ମଣ୍ଡଳୀକୁ ଅନେକ ଚିଠି ଲେଖିଲେ।

ଶବ୍ଦବିନ୍ୟାସ:

- Strong's: H0539, H0540, G05430, G05440, G05690, G05700, G05710, G39820, G41000, G41020, G41030, G41350

ବିଶ୍ୱାସ, ବିଶ୍ୱସ୍ତ, ବିଶ୍ୱାସଯୋଗ୍ୟ, ବିବିଶ୍ୱାସନୀୟତା

ପରିଭାଷା:

କେତେକ ବିଷୟକୁ କିମ୍ବା କାହାକୁ "ବିଶ୍ୱାସ କରିବା" ଅର୍ଥ ସେହି ବିଷୟକୁ ବା ସେହି ବ୍ୟକ୍ତିକୁ ସତ୍ୟ ବା ନିର୍ଭରଯୋଗ୍ୟ ବୋଲି ବିଶ୍ୱାସ କରିବା ଅଟେ। ସେହି ବିଶ୍ୱାସକୁ ମଧ୍ୟ "ଆସ୍ଥା" ବୋଲି କୁହାଯାଇଥାଏ। "ବିଶ୍ୱାସଯୋଗ୍ୟ" ବ୍ୟକ୍ତି ଏଭଳି ଜଣେ ବ୍ୟକ୍ତି ଅଟନ୍ତି, ଯାହାଙ୍କ ଉପରେ ଯାହା ସଠିକ୍ ବା ଯଥାର୍ଥ ଏବଂ ସତ୍ୟ ତାହା କରିବା ନିମନ୍ତେ ଆପଣ ଆସ୍ଥା ସ୍ଥାପନ କରିପାରିବେ ଏବଂ ସେଥପାଇଁ ସେହି ବ୍ୟକ୍ତିଙ୍କ ନିକଟରେ "ବିଶ୍ୱାସଯୋଗ୍ୟ ହେବା" ଗୁଣ ରହିଛି।

- ନିର୍ଭରତା ସହ ବିଶ୍ୱାସ ଘନିଷ୍ଠ ଭାବରେ ସମ୍ପର୍କୀତ ଅଟେ। ଯଦି ଆମ୍ଭେମାନେ ଜଣକୁ ବିଶ୍ୱାସକରୁ, ସେମାନେ ଯାହା କରିବା ନିମନ୍ତେ ପ୍ରତିଜ୍ଞା କରିଛନ୍ତି ତାହା ସାଧନ ବା ସମ୍ପାଦନ କରିବେ ବୋଲି ଆମ୍ଭମାନଙ୍କର ବିଶ୍ୱାସ ସେହି ବ୍ୟକ୍ତିଙ୍କଠାରେ ଅଛି।
- ଜଣକଠାରେ ଆସ୍ଥା ସ୍ଥାପନ କରିବା ଅର୍ଥ ସେହି ବ୍ୟକ୍ତିଙ୍କ ଉପରେ ନିର୍ଭର କରିବା ଅଟେ।
- "ଯୀଶୁଙ୍କଠାରେ" ଆସ୍ଥା ସ୍ଥାପନ କରିବା" ଅର୍ଥ ବିଶ୍ୱାସ କରିବା ଯେ ସେ ଈଶ୍ୱର ଅଟନ୍ତି, ବିଶ୍ୱାସ କରିବା ଯେ ସେ ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁବରଣ କଲେ, ଏବଂ ସେ ଆମ୍ଭମାନଙ୍କୁ ଉଦ୍ଧାର କରିବେ ବୋଲି ତାହାଙ୍କ ଉପରେ ଆଧାର କରିବା ଅଟେ।
- ଏକ "ବିଶ୍ୱାସଯୋଗ୍ୟ ଉକ୍ତି" ଏଭଳି ଏକ କୁହାଯାଇଥିବା ବିଷୟ ଅଟେ ଯାହାକୁ ସତ୍ୟ ବୋଲି ବିବେଚନା ବା ଗଣନା କରାଯାଇପାରିବ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଆସ୍ଥା" ଶବ୍ଦକୁ "ବିଶ୍ୱାସ କରିବା" କିମ୍ବା "ବିଶ୍ୱାସ ରଖିବା" ବା "ଆଧାର କରିବା" ବୋଲି ଅନୁବାଦ କରାଯାଇପାରେ।
- "ତୁମ୍ଭର ଆସ୍ଥା ସ୍ଥାପନ କର" ବାକ୍ୟାଂଶକୁ "ଆସ୍ଥା ସ୍ଥାପନ କରିବା" ପଦ ସହ ସମାନ ବାକ୍ୟାଂଶର ଅର୍ଥ ସହ ଅନୁବାଦ କରାଯାଇପାରେ।
- "ବିଶ୍ୱାସଯୋଗ୍ୟ" ବାକ୍ୟାଂଶକୁ "ନିର୍ଭରଯୋଗ୍ୟ" କିମ୍ବା "ଭରସାଯୋଗ୍ୟ" କିମ୍ବା "ସବୁବେଳେ ନିର୍ଭର କରାଯାଇପାରେ" ବୋଲି ଅନୁବାଦ କରାଯାଇପାରିବ।

(ବିଶ୍ୱାସ, ଆତ୍ମପ୍ରତ୍ୟୟ, ବିଶ୍ୱାସ, ବିଶ୍ୱସ୍ତ, ସତ୍ୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 9:22-24
- 1 ତୀମଥି 4:9
- ହୋଶେୟ 10:12-13
- ଯିଶାଇୟ 31:1-2
- ନିହିମୀୟା 13:13
- ଗୀତସଂହିତା 31:5
- ତୀତସ 3:8

ବାଇବେଲ କାହାଣୀରୁ ଉଦାହାରଣଗୁଡ଼ିକ:

- 12:12 ଯେତେବେଳେ ଇସ୍ରାଏଲୀୟମାନେ ଦେଖିଲେ ଯେ ମିସ୍ରୀୟମାନେ ମୃତ ହୋଇଛନ୍ତି, ସେମାନେ ଈଶ୍ୱରଙ୍କଠାରେ **ବିଶ୍ୱାସ କଲେ** ଏବଂ ମୋଶା ଈଶ୍ୱରଙ୍କର ଜଣେ ଭବିଷ୍ୟତବକ୍ତା ବୋଲି ବିଶ୍ୱାସ କଲେ।
- 14:15 ଯିହୋଶୂୟ ଜଣେ ଉତ୍ତମ ନେତାଥିଲେ କାରଣ ସେ **ବିଶ୍ୱାସ କଲେ** ଏବଂ ଈଶ୍ୱରଙ୍କର ବାଧ୍ୟ ହେଲେ।
- 17:2 ଦାଉଦ ଜଣେ ନମ୍ର ଏବଂ ଧାର୍ମିକ ବ୍ୟକ୍ତିଥିଲେ ଯିଏ **ବିଶ୍ୱାସ କଲେ** ଏବଂ ଈଶ୍ୱରଙ୍କର ଆଜ୍ଞାବହ ହେଲେ।
- 34:6 ତା'ପରେ ଯୀଶୁ ଲୋକମାନଙ୍କ ସମ୍ପର୍କରେ ଏକ କାହାଣୀ କହିଲେ ଯେଉଁମାନେ ଆପଣା ଆପଣାର ଉତ୍ତମ କାର୍ଯ୍ୟଗୁଡ଼ିକରେ **ବିଶ୍ୱାସ କଲେ**ଏବଂ ଅନ୍ୟମାନଙ୍କୁ ପରିହାସ ବା ତୁଚ୍ଛ କଲେ।

ଶବ୍ଦବିନ୍ୟାସ:

- ମୂଳଶବ୍ଦ: H539, H982, H1556, H2620, H2622, H3176, H409, H4268, H7365, G1679, G3872, G3982, G406, G4100, G4276

ବିଶ୍ୱାସବିହୀନ , ବିଶ୍ୱାସବିହୀନତା, ଅବିଶ୍ୱସ୍ତତା

ପରିଭାଷା:

“ବିଶ୍ୱାସବିହୀନ” ଶବ୍ଦର ଅର୍ଥ ବିଶ୍ୱାସ ନ କରିବା କିମ୍ବା ବିଶ୍ୱାସ ନ ଥିବା ଅଟେ I

- ଏହି ଶବ୍ଦ ସେହିମାନଙ୍କୁ ବ୍ୟାଖ୍ୟା କରେ ଯେଉଁମାନେ ଈଶ୍ୱରଙ୍କ ଉପରେ ବିଶ୍ୱାସ କରନ୍ତି ନାହିଁ I ସେମାନଙ୍କ ଅଳ୍ପ ବିଶ୍ୱାସ ସେହିମାନଙ୍କ ଅନୈତିକ କାର୍ଯ୍ୟ ଦ୍ୱାରା ଦେଖାଯାଏ I
- ଯିରିମୀୟ ଭବିଷ୍ୟବକ୍ତା ଇସ୍ରାଏଲ ଲୋକମାନଙ୍କୁ ଈଶ୍ୱରଙ୍କ ପ୍ରତି ବିଶ୍ୱାସବିହୀନ ଏବଂ ଅନାଜ୍ଞାକାରୀ ହେବା ହେତୁ ଦୋଷାରୋପ କଲେ I
- ସେମାନେ ମୂର୍ତ୍ତି ପୂଜାକଲେ ଓ ଅନ୍ୟ ଲୋକମାନଙ୍କର ଅଧାର୍ମିକ ପ୍ରଥାରେ ଚାଲିଲେ ଯେଉଁମାନେ ଈଶ୍ୱରଙ୍କ ଆରାଧନା କରନ୍ତି ନାହିଁ କିମ୍ବା ତାହାଙ୍କ ଆଜ୍ଞାକାରୀ ହୁଅନ୍ତି ନାହିଁ I

"ବିଶ୍ୱାସବିହୀନତା" ଶବ୍ଦ ଏପରି ଲୋକମାନଙ୍କୁ ବର୍ଣ୍ଣନା କରେ ଯେଉଁମାନେ ଈଶ୍ୱର ଯାହା କରିବାକୁ ଆଦେଶ ଦେଇଛନ୍ତି ତାହା କରନ୍ତି ନାହିଁ | ଅବିଶ୍ୱାସର ଅବସ୍ଥା କିମ୍ବା ଅଭ୍ୟାସ “ଅବିଶ୍ୱାସ୍ତତା” ଅଟେ |

- ଯେତେବେଳେ ଇସ୍ରାଏଲର ଲୋକମାନେ ମୂର୍ତ୍ତି ପୂଜା କରିବା ଏବଂ ଅନ୍ୟ ଉପାୟରେ ଈଶ୍ୱରଙ୍କୁ ଅବମାନନା କରିବା ଆରମ୍ଭ କଲେ, ସେତେବେଳେ ସେ ସେମାନଙ୍କୁ “ବିଶ୍ୱାସବିହୀନ” ବୋଲି କହିଲେ |
- ବିବାହରେ, ବ୍ୟଭିଚାର କରୁଥିବା ବ୍ୟକ୍ତି “ଅବିଶ୍ୱସ୍ତ” ଅଟେ |
- ଈଶ୍ୱର ଇସ୍ରାଏଲର ଅବାଧ ଆଚରଣକୁ ବର୍ଣ୍ଣନା କରିବା ପାଇଁ “ଅବିଶ୍ୱସ୍ତତା” ଶବ୍ଦ ବ୍ୟବହାର କଲେ | ସେମାନେ ଈଶ୍ୱରଙ୍କୁ ମାନୁ ନ ଥିଲେ କିମ୍ବା ସମ୍ମାନ ଦେଉ ନ ଥିଲେ |

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପୃଷ୍ଠଭୂମି ଉପରେ ଅଧାର କରି, "ଅବିଶ୍ୱସ୍ତତା" ଶବ୍ଦକୁ "ଅବିଶ୍ୱାସୀ" କିମ୍ବା "ଅବିଶ୍ୱାସୀ" କିମ୍ବା "ଈଶ୍ୱରଙ୍କ ଅବମାନନା" କିମ୍ବା "ବିଶ୍ୱାସ କରନ୍ତି ନାହିଁ" ବୋଲି ଅନୁବାଦ କରାଯାଇପାରେ।
- “ବିଶ୍ୱାସବିହୀନତା “ଶବ୍ଦକୁ “ଅବିଶ୍ୱାସ “କିମ୍ବା ଅବିଶ୍ୱସ୍ତତା” କିମ୍ବା “ଈଶ୍ୱରଙ୍କ ବିଦ୍ରୋହୀ“ ବୋଲି ଅନୁବାଦ କରାଯାଇପାରେ I
- "ଅବିଶ୍ୱସ୍ତତା" ଶବ୍ଦକୁକୁ "ଯେଉଁମାନେ ବିଶ୍ୱାସୀ ନୁହଁନ୍ତି" କିମ୍ବା "ଅବିଶ୍ୱାସୀ ଲୋକ" କିମ୍ବା "ଯେଉଁମାନେ ଈଶ୍ୱରଙ୍କୁ ଅବମାନନା କରନ୍ତି" କିମ୍ବା "ଯେଉଁମାନେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କରନ୍ତି" ବୋଲି ଅନୁବାଦ କରାଯାଇପାରରେ |
- କେତେକ ଭାଷାରେ, “ଅବିଶ୍ୱସ୍ତ” ଶବ୍ଦ “ଅବିଶ୍ୱାସ” ଶବ୍ଦ ସହିତ ସମ୍ପୃକ୍ତ ଅଟେ |

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ବିଶ୍ୱାସ କରିବା, ବିଶ୍ୱସ୍ତ, ଅନାଜ୍ଞାକାରୀ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯିହିଜିକଲ 43:6-8
- ଏଜ୍ରI 9:1-2
- ଯିରିମୀୟ 2:19
- ହିତୋପଦେଶ 2:22
- ପ୍ରକାଶିତ ବାକ୍ୟ 21:7-8

ଶବ୍ଦବିନ୍ୟାସ :

- Strong’s: G05710

ବିଶ୍ୱାସଯୋଗ୍ୟ , ବିଶ୍ୱସ୍ତ, ବିଶ୍ୱସ୍ତତା

ପରିଭାଷା:

ଈଶ୍ୱରଙ୍କ ପ୍ରତି "ବିଶ୍ୱସ୍ତ" ହେବାର ଅର୍ଥ ଈଶ୍ୱରଙ୍କ ଶିକ୍ଷା ଅନୁସାରେ ଜୀବନଯାପନ କରିବା ଅଟେ। ଏହା ତାହାଙ୍କର ଆଜ୍ଞାକାରୀ ହୋଇ ନିଷ୍ଠାବାନ ବ୍ୟକ୍ତି ହେବାକୁ ବୁଝାଏ। ବିଶ୍ୱସ୍ତତାର ସ୍ଥିତିକୁ "ବିଶ୍ୱାସଯୋଗ୍ୟତା" କୁହାଯାଏ।

- ଜଣେ ବ୍ୟକ୍ତି ଯିଏ ବିଶ୍ୱସ୍ତ ସର୍ବଦା ତାଙ୍କ ପ୍ରତିଜ୍ଞା ପାଳନ କରିବାକୁ ଏବଂ ସବୁବେଳେ ଅନ୍ୟ ଲୋକଙ୍କ ପ୍ରତି ନିଜର ଦାୟିତ୍ୱ ଭାର ପୂରଣ କରିବାକୁ ବିଶ୍ୱାସ କରାଯାଇପାରେ।
- ଜଣେ ବିଶ୍ୱସ୍ତ ବ୍ୟକ୍ତି ଦୃଢ଼ଭାବରେ ନିଜ କାର୍ଯ୍ୟକୁ ଏହା ଦୀର୍ଘ ଏବଂ କଷ୍ଟସାଧ୍ୟ ହେଲେ ସୁଦ୍ଧା ପୂରଣ କରନ୍ତି ।
- ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିବା ଅର୍ଥ ଈଶ୍ୱର ଆମ୍ଭେମାନେ ଯାହା କରୁ ବୋଲି ଇଚ୍ଛା କରନ୍ତି ତାହା କରିବାକୁ ବୁଝାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଅନେକ ପ୍ରସଙ୍ଗରେ, "ବିଶ୍ୱସ୍ତ" ଶବ୍ଦକୁ "ନିଷ୍ଠାବାନ" କିମ୍ବା "ସମର୍ପିତ" କିମ୍ବା "ନିର୍ଭରଶୀଳ" ବୋଲି ଅନୁବାଦ କରାଯାଇପାରେ।
- ଅନ୍ୟ ପ୍ରସଙ୍ଗରେ, "ବିଶ୍ୱସ୍ତ" ଶବ୍ଦକୁ ଏକ ଶବ୍ଦ ବା ବାକ୍ୟାଂଶ ଦ୍ୱାରା "ନିରନ୍ତର ବିଶ୍ୱାସ କରିବା" କିମ୍ବା "ଈଶ୍ୱରଙ୍କଠାରେ ବିଶ୍ୱାସ କରି ଏବଂ ଆଜ୍ଞା ପାଳନ କରିବା ପାଇଁ ସ୍ଥିର ରହିବା" ବୋଲି ଅନୁବାଦ କରାଯାଇପାରେ।
- "ବିଶ୍ୱସ୍ତଯୋଗ୍ୟତା" ବାକ୍ୟାଂଶକୁ " ବିଶ୍ୱାସ କରିବାରେ ସୁରକ୍ଷିତ କରିବା" କିମ୍ବା "ବିଶ୍ୱାସ୍ୟ" କିମ୍ବା "ଭରସାଯୋଗ୍ୟ" କିମ୍ବା " ଈଶ୍ୱରଙ୍କୁ ବିଶ୍ୱାସ କରିବା ଏବଂ ତାହାଙ୍କ ଆଜ୍ଞା ପାଳନ କରିବା" ଅଟେ।

(ବିଶ୍ୱାସ କରିବା, ବିଶ୍ୱାସ, ବିଶ୍ୱାସ କରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 24:49
- ଲେବୀୟ ପୁସ୍ତକ 26:40
- ଗଣନା ପୁସ୍ତକ 12:07
- ଯିହୋଶୂୟ 2:14
- ବିଚାରକର୍ତ୍ତା 2:16-17
- 1 ଶାମୁୟେଲ 2:9
- ଗୀତସଂହିତା 12:1
- ହିତୋପଦେଶ 11:12-13
- ଯିଶାଇୟ 1:26
- ଯିରିମୀୟ 9:7-9
- ହୋଶେୟ 5:7
- ଲୂକ 12:46
- ଲୂକ 16:10
- କଲସୀୟ 1:7
- 1 ଥେସଲନିକିୟ 5:24
- ତୃତୀୟ ଯୋହନ 1:5

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 8:5 କାରାଗାରରେ ମଧ୍ୟ, ଯୋଷେଫ ଈଶ୍ୱରଙ୍କ ପ୍ରତି **ବିଶ୍ୱସ୍ତ** ରହିଲେ, ଏବଂ ଈଶ୍ୱର ତାହାଙ୍କୁ ଆଶୀର୍ବାଦ କଲେ।
- 14:12 ତଥାପି ଈଶ୍ୱର ଅବ୍ରହାମ, ଇସ୍‌ହାକ ଓ ଯାକୁବଙ୍କ ପ୍ରତି **ବିଶ୍ୱସ୍ତ** ରହିଲେ।
- 15:13 ଲୋକମାନେ ଈଶ୍ୱରଙ୍କ ପ୍ରତି **ବିଶ୍ୱସ୍ତ** ରହିବେ ଓ ବିଧି ଅନୁସାରେ ଚାଲିବେ ବୋଲି ପ୍ରତିଜ୍ଞା କଲେ।
- 17:9 ଦାଉଦ ଧର୍ମରେ ଓ **ବିଶ୍ୱସ୍ତତାରେ** ବହୁ ବର୍ଷ ଶାସନ କଲେ ଓ ଈଶ୍ୱର ତାହାକୁ ଆଶୀର୍ବାଦ କଲେ। କିନ୍ତୁ, ଜୀବନର ଅନ୍ତିମ ସମୟରେ ସେ ଈଶ୍ୱରଙ୍କ ବିରୁଧରେ ଜଘନ୍ୟ ପାପ କଲେ।
- 35:12 "ବଡ଼ ପୁଅ ତାହାର ପିତାକୁ କହିଲା, "ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ **ବିଶ୍ୱସ୍ତତାରେ** ତୁମ ପାଇଁ କାର୍ଯ୍ୟ କରିଆସିଛି!"

- 49:17 କିନ୍ତୁ ଈଶ୍ୱର **ବିଶ୍ୱସ୍ତ** ଏବ କହନ୍ତି ଯଦି ତୁମ୍ଭେ ତୁମ୍ଭର ପାପ ସ୍ୱୀକାରକର, ସେ ତୁମ୍ଭକୁ କ୍ଷମା କରିବେ।
- 50:4 ଯଦି ତୁମ୍ଭେ ଶେଷ ପର୍ଯ୍ୟନ୍ତ ମୋ ପ୍ରତି **ବିଶ୍ୱସ୍ତ** ରହିବ, ତେବେ ଈଶ୍ୱର ତୁମ୍ଭକୁ ଉଦ୍ଧାର କରିବେ।"

ଶବ୍ଦବିନ୍ୟାସ:

- Strong's: H0529, H0530, H0539, H0540, H0571, H0898, H2181, H4603, H4604, H4820, G05690, G05710, G41030

ବୁଦ୍ଧିମାନ, ବୁଦ୍ଧି

ପରିଭାଷା:

"ବୁଦ୍ଧିମାନ" ଶବ୍ଦ ସେହି ବ୍ୟକ୍ତିକୁ ବ୍ୟାଖ୍ୟା କରେ ଯେ ସଠିକ ଓ ନୈତିକ ବିଷୟ କ'ଣ ହୋଇପାରେ ଜାଣେ ଓ ତାହା କରେ I "ବୁଦ୍ଧି" ସତ୍ୟ ଓ ନୈତିକତାର ବୁଝାମଣା ଓ ଅଭ୍ୟାସକୁ ବୁଝାଏ I

- ଏକ ବୁଦ୍ଧିମାନ ହେବାର ଅର୍ଥ ହେଉଛି ଉତ୍ତମ ନିଷ୍ପତ୍ତି ନେବା ନିମନ୍ତେ ଦକ୍ଷତା ବିଶେଷ କରି, ସେହିସବୁ କରିବାକୁ ନିଷ୍ପତ୍ତି କରେ ଯାହା ଈଶ୍ୱରଙ୍କୁ ଭଲ ଲାଗେ I
- ଲୋକମାନେ ଈଶ୍ୱରଙ୍କରଠାରୁ ଶ୍ରବଣ କରି ଓ ନମ୍ରତା ପୂର୍ବକ ତାହାଙ୍କର ଆଜ୍ଞାକାରୀ ହୋଇ ବୁଦ୍ଧିମାନ ହୁଅନ୍ତି I
- ଏକ ବୁଦ୍ଧିମାନ ବ୍ୟକ୍ତି ତାହା ଜୀବନରେ ଆନନ୍ଦ, ଦୟା, ପ୍ରେମ ଓ ଧର୍ଯ୍ୟ ପରି ପବିତ୍ର ଆତ୍ମାର ଫଳ ଧାରଣ କରିବ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି , "ବୁଦ୍ଧିମାନ" ଶବ୍ଦକୁ "ଈଶ୍ୱରଙ୍କର ଆଜ୍ଞାକାରୀ" କିମ୍ବା "ଚେତନା ଓ ଆଜ୍ଞାକାରୀ" କିମ୍ବା "ଈଶ୍ୱରଙ୍କର ଭୟକାରୀ" ବୋଲି ଅନୁବାଦ କରାଯାଇପାରେ I
- " ବୁଦ୍ଧି" ଶବ୍ଦକୁ "ବୁଦ୍ଧିମତାରେ ଜୀବନ ଯାପନ କରିବା" କିମ୍ବା "ଚେତନା ପୂର୍ବକ ଓ ଆଜ୍ଞାକାରୀ ଭାବେ ଜୀବନ ଯାପନ" କିମ୍ବା "ଉତ୍ତମ ନ୍ୟାୟ" ବୋଲି ଅନୁବାଦ କରାଯାଇପାରେ I
- "ବୁଦ୍ଧିମାନ" ଏବଂ "ବୁଦ୍ଧି" ଶବ୍ଦକୁ ଧାର୍ମିକ ଏବଂ ଆଜ୍ଞାକାରୀ ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଆଜ୍ଞାକାରୀ, ଫଳ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 6:3
- କଲସୀୟ 3:15-17
- ଯାତ୍ରାପୁସ୍ତକ 31:6
- ଆଦି ପୁସ୍ତକ 3: 6
- ଯିଶାଇୟ 19: 12
- ଯିରିମୀୟ 18:18
- ମାଥିଉ 7:24

ବାଇବେଲ କାହାଣୀରୁ ଉଦାରଣଗୁଡ଼ିକ:

- **2:5** ସେ ମଧ୍ୟ **ବୁଦ୍ଧିମାନ** ହେବାକୁ ଇଚ୍ଛା କଲା, ତେଣୁ ସେ ଫଳ ତୋଳି ଖାଇଲା I
- **18:1** ଯେତେବେଳେ ଶଲୋମନ **ବୁଦ୍ଧି** ମାଗିଲେ, ଈଶ୍ୱର ଆନନ୍ଦିତ ହେଲେ ଓ ତାହାକୁ ଦୁନିଆର ସବୁଠୁ **ବୁଦ୍ଧିମାନ** ପୁରୁଷ କଲେ I
- **23:9** କିଛି ସମୟ ପରେ ପୂର୍ବ ଦେଶର **ବୁଦ୍ଧିମାନ** ପୁରୁଷମାନେ ଏକ ଅସାଧାରଣ ତାରା ଆକାଶରେ ଦେଖିଲେ I
- **45:1** ସେ (ସ୍ତିଫାନ) ଏକ ମାନ୍ୟଗଣ୍ୟ ଓ ପବିତ୍ର ଆତ୍ମାରେ ଓ **ବୁଦ୍ଧି**ରେ ପୂର୍ଣ୍ଣ ବ୍ୟକ୍ତି ଥିଲା I

ଶବ୍ଦବିନ୍ୟାସ :

- Strong's: H0998, H1350, H2445, H2449, H2450, H2451, H2452, H2454, H2942, H3820, H3823, H6195, H6493, H6912, H7535, H7919, H7922, H8454, G46780, G46790, G46800, G49200, G54280, G54290, G54300

ବେଦୀ

ପରିଭାଷା:

ବେଦୀ ଏକ ଉଚ୍ଚ ଧରଣର ସ୍ଥାନ ଯେଉଁ ସ୍ଥାନରେ ଇସ୍ରାଏଲ ଲୋକମାନେ ପଶୁମାନଙ୍କୁ ଏବଂ ଶସ୍ୟଗୁଡ଼ିକ ଭେଟି ଭାବେ ଈଶ୍ୱରଙ୍କ ନିମନ୍ତେ ଆଣୁଥିଲେ I

- ବାଇବେଲ ସମୟରେ, ସାଧାରଣ ବେଦୀଗୁଡ଼ିକ ମୃତ୍ତିକା ଦ୍ୱାରା ଗଠିତ ହେଉଥିଲା, କିମ୍ବା ପ୍ରସ୍ତର ବ୍ୟବହାର କରି ଗଠନ ହେଉଥିଲା I
- କେତେକ ବେଦୀଗୁଡ଼ିକ ଏକ ବିଷେଶ ପେଢି ଭାବେ କାଠ ଉପରେ ଧାତୁ ସହ ଯଥା ସୁନା, ପିତଳ, କିମ୍ବା କଂସା ଦେଇ ଗଠନ କରାଯାଉଥିଲା I
- ଯେଉଁମାନେ ଇସ୍ରାଏଲୀୟ ଲୋକମାନଙ୍କ ନିକଟରେ ବସବାସ କରୁଥିଲେ, ସେମାନେ ସେମାନଙ୍କର ଦେବାଦେବୀମାନଙ୍କୁ ବଳି ଉତ୍ସର୍ଗ କରିବା ନିମନ୍ତେ ବେଦୀ ମଧ୍ୟ ନିର୍ମାଣ କରୁଥିଲେ I

(ଧୂପବେଦୀ, ଭଣ୍ଡ ଦେବା-ଦେବୀ, ଉକ୍ଷ ନୈବେଦ୍ୟ, ବଳିଦାନ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 8:20
- ଆଦି ପୁସ୍ତକ 22:9
- ଯାକୁବ 2:21
- ଲୂକ 11:49-51
- ମାଥିଉ 5:23
- ମାଥିଉ 23: 19

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **3:14** ନୋହ ଜାହାଜରୁ ଓହ୍ଲାଇ ଆସିବା ପରେ, ସେ ଏକ **ବେଦୀ** ନିର୍ମାଣ କଲେ ଏବଂ ସମସ୍ତ ପ୍ରକାରର ପଶୁକୁ ବଳୀ ଦେଲେ I
- **5:8** ଯେତେବେଳେ ସେମାନେ ବଳି ଦେବା ସ୍ଥାନରେ ପହଞ୍ଚିଲେ ଅବ୍ରହାମ ତାଙ୍କ ପୁତ୍ରଙ୍କୁ ବାନ୍ଧି **ବେଦୀ** ଉପରେ ଶୁଆଇଲେ I
- **13:9** ଏକ ଯାଜକ ପଶୁକୁ ବଦ୍ଧକରି **ବେଦୀରେ** ଦଗ୍ଧ କରନ୍ତି I
- **16:6** ସେ (ଗିଦୀୟୋନ) ଏକ ନୂତନ ବେଦୀ ନିର୍ମାଣ କରି ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କଲେ, ଯେଉଁଠାରେ **ବେଦୀର** ମୂର୍ତ୍ତି ରହେ, ତହିଁ ଉପରେ ପ୍ରଭୁଙ୍କ ନିକଟରେ ବଳି ଉତ୍ସର୍ଗ କଲେ I

ଶବ୍ଦବିନ୍ୟାସ :

- Strong's: H0741, H2025, H4056, H4196, G10410, G23790

ବ୍ୟବସ୍ଥା,ମୋଶାଙ୍କ ବ୍ୟବସ୍ଥା, ଯିହୋବାଙ୍କ ବ୍ୟବସ୍ଥା, ଈଶ୍ୱଙ୍କର ବ୍ୟବସ୍ଥା

ପରିଭାଷା:

ଅତି ସରଳ ଭାବରେ, "ବ୍ୟବସ୍ଥା" ଶବ୍ଦ ଏକ ନିୟମ କିମ୍ବା ନିର୍ଦ୍ଦେଶକୁ ବୁଝାଏ ଯାହା ଅନୁସରଣ କରାଯିବା ଉଚିତ। ବାଇବେଲରେ, "ନିୟମ" ଶବ୍ଦ ସାଧାରଣତଃ କୌଣସି ଜିନିଷକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ ଏବଂ ଈଶ୍ୱର ଚାହାଁନ୍ତି ଯେ ତାହାଙ୍କ ଲୋକମାନେ ତାହା ପାଳନ କରନ୍ତୁ ଏବଂ ଆଚରଣ କରନ୍ତୁ। ନିର୍ଦ୍ଦିଷ୍ଟ ଶବ୍ଦ "ମୋଶାଙ୍କ ବ୍ୟବସ୍ଥା" ଇସ୍ରାଏଲ ଲୋକମାନଙ୍କର ଆଜ୍ଞାକାରୀ ନିମନ୍ତେ ଈଶ୍ୱର ମୋଶାଙ୍କୁ ଦେଇଥିବା ଆଦେଶ ଏବଂ ନିର୍ଦ୍ଦେଶଗୁଡ଼ିକୁ ବୁଝାଏ।

- ପ୍ରସଙ୍ଗରେ ଉପରେ ନିର୍ଭର କରି, "ବ୍ୟବସ୍ଥା" ବୁଝାଇପାରେ:
- ଦଶ ଆଜ୍ଞା ଯାହା ଈଶ୍ୱର ପଥର ଫଳକ ଉପରେ ଇସ୍ରାଏଲମାନଙ୍କ ନିମନ୍ତେ ଲେଖିଥିଲେ।
- ସମସ୍ତ ବ୍ୟବସ୍ଥା ମୋଶାଙ୍କୁ ଦିଆଗଲା।
- ପୁରାତନ ନିୟମର ପ୍ରଥମ ପାଞ୍ଚଟି ପୁସ୍ତକ।
- ସମ୍ପୂର୍ଣ୍ଣ ପୁରାତନ ନିୟମର (ଯାହା ନୂତନ ନିୟମରେ "ଧର୍ମୋଶାସ୍ତ୍ର" ରୂପରେ ସମ୍ବୋଧିତ କରାଯାଇଅଛି)।
- ଈଶ୍ୱରଙ୍କ ସମସ୍ତ ନିର୍ଦ୍ଦେଶ ଓ ଇଚ୍ଛା।
- "ବ୍ୟବସ୍ଥା ଏବଂ ଭବିଷ୍ୟବକ୍ତାମାନେ" ବାକ୍ୟାଂଶ ନୂତନ ନିୟମରେ ଏବ୍ରୀ ଧର୍ମଶାସ୍ତ୍ରରେ କିମ୍ବା (ପୁରାତନନିୟମ)କୁ ସମ୍ବୋଧିତ କରିବା ନିମନ୍ତେ ବ୍ୟବହାର କରାଯାଇଅଛି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ବହୁବଚନ ବ୍ୟବହାର କରି "ବ୍ୟବସ୍ଥା" ଶବ୍ଦକୁ ଅନୁବାଦ କରାଯାଇପାରେ, କାରଣ ସେଗୁଡ଼ିକ ଅନେକ ନିର୍ଦ୍ଦେଶକୁ ଦର୍ଶାଏ।
- "ମୋଶାଙ୍କର ବ୍ୟବସ୍ଥା" ବାକ୍ୟାଂଶକୁ "ବ୍ୟବସ୍ଥା ଯାହା ଈଶ୍ୱର ଇସ୍ରାଏଲ ଲୋକମାନଙ୍କୁ ଦେବା ନିମନ୍ତେ ମୋଶାଙ୍କୁ କହିଥିଲେ" ବୋଲି ଅନୁବାଦ କରାଯାଇପାରେ।
- ପ୍ରସଙ୍ଗ ଉପରେ ନିର୍ଭର କରି, "ମୋଶାଙ୍କ ବ୍ୟବସ୍ଥା" ବାକ୍ୟାଂଶକୁ "ବ୍ୟବସ୍ଥା ଯାହା ଈଶ୍ୱର ମୋଶାଙ୍କୁ କହିଥିଲେ" କିମ୍ବା"ଈଶ୍ୱରଙ୍କ ବ୍ୟବସ୍ଥା ଯାହା ମୋଶା ଲେଖିଥିଲେ" କିମ୍ବା"ବ୍ୟବସ୍ଥା ଯାହା ଈଶ୍ୱର ଇସ୍ରାଏଲ ଲୋକମାନଙ୍କୁ ଦେବା ନିମନ୍ତେ ମୋଶାଙ୍କୁ କହିଥିଲେ" ବୋଲି ଅନୁବାଦ କରାଯାଇପାରେ।
- "ବ୍ୟବସ୍ଥା" କିମ୍ବା "ବ୍ୟବସ୍ଥାର ଈଶ୍ୱର" କିମ୍ବା "ଈଶ୍ୱରଙ୍କ ବ୍ୟବସ୍ଥା" ବାକ୍ୟାଂଶକୁ "ବ୍ୟବସ୍ଥା ଈଶ୍ୱରଙ୍କଠାରୁ" କିମ୍ବା"ଈଶ୍ୱରଙ୍କର ଆଦେଶଗୁଡ଼ିକ" କିମ୍ବା "ଈଶ୍ୱରଙ୍କ ପ୍ରଦତ୍ତ ବ୍ୟବସ୍ଥା" କିମ୍ବା "ସବୁକିଛି ଯାହା ଈଶ୍ୱର ଆଜ୍ଞା କରିଅଛନ୍ତି" କିମ୍ବା"ଈଶ୍ୱରଙ୍କର ସମସ୍ତ ଆଦେଶଗୁଡ଼ିକ" ଭାବରେ ଅନୁବାଦ କରାଯାଇପାରେ।
- "ଯିହୋବାଙ୍କର ବ୍ୟବସ୍ଥା" ବାକ୍ୟାଂଶକୁ "ଯୋହିବାଙ୍କ ବ୍ୟବସ୍ଥା" କିମ୍ବା"ବ୍ୟବସ୍ଥା ଯାହା ସଦାପ୍ରଭୁ ମାନିବାକୁ କହିଲେ" କିମ୍ବା "ଯିହୋବାଙ୍କଠାରୁ ବ୍ୟବସ୍ଥା" କିମ୍ବା "ଯିହୋବା ଯାହା ଆଦେଶ ଦେଇଛନ୍ତି" ବୋଲି ଅନୁବାଦ କରାଯାଇପାରେ।

(ନିର୍ଦ୍ଦେଶ, ମୋଶା, ଦଶ ଆଜ୍ଞା, ବିଧିଗତ, ସଦାପ୍ରଭୁ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 15:6
- ଦାନିୟେଲ 9:13
- ଯାତ୍ରା ପୁସ୍ତକ 28:42-43
- ଏଜ୍ରା 7:25-26
- ଗାଲାତୀୟ 2:15
- ଲୂକ 24:44
- ମାଥିଉ 5:18
- ନିହିମୀୟା 10:29
- ରୋମୀୟ 3:20

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **13:7** ଈଶ୍ୱର ଆହୁରି ଅନେକ **ବ୍ୟବସ୍ଥା** ଓ ନିୟମଗୁଡ଼ିକ ମାନିବାକୁ ପ୍ରଦାନ କରିଅଛନ୍ତି। ଯଦି ଲୋକମାନେ ଏହି **ବ୍ୟବସ୍ଥା** ପାଳନ କରନ୍ତି, ଈଶ୍ୱର ପ୍ରତିଜ୍ଞା କରିଅଛନ୍ତି ଯେ ସେ ସେମାନଙ୍କୁ ଆଶୀର୍ବାଦ ଓ ସୁରକ୍ଷା ପ୍ରଦାନ କରିବେ। ଯଦି ସେମାନେ ସେଗୁଡ଼ିକ ପାଳନ କରନ୍ତି ନାହିଁ, ଈଶ୍ୱର ସେମାନଙ୍କୁ ଦଣ୍ଡ ଦେବେ।
- **13:9** ଯେକେହି ଈଶ୍ୱରଙ୍କ **ବ୍ୟବସ୍ଥା** ପାଳନ କରେ ନାହିଁ ସେ ଗୋଟିଏ ପଶୁକୁ ଈଶ୍ୱରଙ୍କ ନିମନ୍ତେ ବଳିଦାନ ଭାବରେ ପାଇଁ ସମାଗମ ତମ୍ବୁ ସମ୍ମୁଖକୁ ଆଣିପାରିବ।

- **15:13** ତେବେ ଯିହୋଶୂୟ ଲୋକମାନଙ୍କୁ ସୀନୟରେ ଇସ୍ରାଏଲୀୟମାନଙ୍କ ସହିତ ଈଶ୍ୱର କରିଥିବା ଚୁକ୍ତି ପାଳନ କରିବା କର୍ତ୍ତବ୍ୟକୁ ସ୍ମରଣ କରାଇଲେ। ଲୋକମାନେ ଈଶ୍ୱରଙ୍କ ପ୍ରତି ବିଶ୍ୱସ୍ତ ରହିବାକୁ ଏବଂ ତାହାଙ୍କ ଆଜ୍ଞା ପାଳନ କରିବାକୁ ପ୍ରତିଜ୍ଞା କରିଥିଲେ।
- **16:1** ଯିହୋଶୂଙ୍କ ମୃତ୍ୟୁ ପରେ, ଇସ୍ରାଏଲ ଲୋକମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କଲେ ନାହିଁ ଓ ଅନ୍ୟ କିଣାନୀୟମାନଙ୍କ ଦେଶରୁ ବାହାର କଲେ ନାହିଁ କିମ୍ବା **ଈଶ୍ୱରଙ୍କ ବ୍ୟବସ୍ଥା** ପାଳନ କଲେ ନାହିଁ।
- **21:5** ନୂତନ ଚୁକ୍ତିରେ, ଈଶ୍ୱର **ତାହାଙ୍କ ବ୍ୟବସ୍ଥା** ଲୋକମାନଙ୍କ ହୃଦୟରେ ଲେଖିବେ, ଲୋକମାନେ ଈଶ୍ୱରଙ୍କୁ ବ୍ୟକ୍ତିଗତ ରୂପରେ ଜାଣିବେ, ସେମାନେ ତାହାଙ୍କର ଲୋକ ହେବେ ଓ ଈଶ୍ୱର ସେମାନଙ୍କ ପାପ ସବୁ କ୍ଷମା କରିବେ।
- **27:1** ଯୀଶୁ ଉତ୍ତର ଦେଲେ, "**ଈଶ୍ୱରଙ୍କ ବ୍ୟବସ୍ଥାରେ** କ'ଣ ଲେଖା ହେଇଅଛି?"
- **28:1** ଯୀଶୁ ତାହାକୁ କହିଲେ, କାହିଁକି ମତେ 'ଉତ୍ତମ' ବୋଲି ଡାକୁଅଛ? କେବଳ ଜଣେ ଯେ ଉତ୍ତମ ଅଟନ୍ତି, ସେ ଈଶ୍ୱର ଅଟନ୍ତି। କିନ୍ତୁ ଅନନ୍ତ ଜୀବନର ଅଧିକାରୀ ହେବାକୁ ଚାହୁଁ, ତେବେ **ଈଶ୍ୱରଙ୍କ ବ୍ୟବସ୍ଥା** ପାଳନ କର।"

ଶବ୍ଦବିନ୍ୟାସ:

- Strong's: H0430, H1881, H1882, H2706, H2710, H3068, H4687, H4872, H4941, H8451, G23160, G35510, G35650

ବ୍ୟଭିଚାର,ବ୍ୟଭିଚାରୀ,ବ୍ୟଭିଚାରୀ, ବ୍ୟଭିଚାରିଣୀ

ପରିଭାଷା:

"ବ୍ୟଭିଚାର" ଶବ୍ଦ ଏପରି ପାପକୁ ସୂଚାଏ ଯାହା ଜଣେ ବିବାହିତ ବ୍ୟକ୍ତି ଅନ୍ୟବ୍ୟକ୍ତି ସହ ଯୌନ ସମ୍ପର୍କ ସ୍ଥାପନ କରିବା ବିଷୟକୁ ବୁଝାଏ I ସେହି ଦୁଇଜଣ ବ୍ୟଭିଚାର ପାଇଁ ଦୋଷୀ ଅଟନ୍ତି I "ବ୍ୟଭିଚାରୀ" ଶବ୍ଦ ଏହି ପ୍ରକାରର ବ୍ୟବହାର କିମ୍ବା ଯେଉଁ ବ୍ୟକ୍ତି ଏହି ପାପ କରେ ତାହାକୁ ବର୍ଣ୍ଣନା କରେ I

- "ବ୍ୟଭିଚାରି" ଶବ୍ଦ ସାଧାରଣତଃ ବ୍ୟଭିଚାର କରୁଥିବା ସମସ୍ତ ଲୋକମାନଙ୍କୁ ସୂଚାଏ I
- ବେଳେବେଳେ "ବ୍ୟଭିଚାରିଣୀ" ଶବ୍ଦ ବ୍ୟଭିଚାର କରିଥିବା ଏକ ନିର୍ଦ୍ଦିଷ୍ଟ ମହିଳାକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ I
- "ବ୍ୟଭିଚାର" ସେହି ପ୍ରତିଜ୍ଞାଗୁଡ଼ିକୁ ଭାଙ୍ଗି ଦିଏ ଯାହା ସ୍ୱାମୀ ଏବଂ ସ୍ତ୍ରୀ ବିବାହର ଚୁକ୍ତିରେ ପରସ୍ପର ପ୍ରତି କରିଥିଲେ I
- ଈଶ୍ୱର ଇସ୍ରାଏଲକୁ ବ୍ୟଭିଚାର ନ କରିବାକୁ ଆଦେଶ ଦେଇଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯଦି ଏକ ସ୍ଥାନୀୟ ଭାଷାର 'ବ୍ୟଭିଚାର'' ପାଇଁ ଏକ ନିର୍ଦ୍ଦିଷ୍ଟ ଶବ୍ଦ ନ ଥାଏ ତେବେ 'ଏହି ଶବ୍ଦକୁ ''ଅନ୍ୟ କାହାରି ସ୍ତ୍ରୀ ସହିତ ଶାରୀରିକ ସମ୍ପର୍କ ରଖିବା'' କିମ୍ବା ''ଅନ୍ୟ କୌଣସି ପୁରୁଷ କି ସ୍ତ୍ରୀ ସହିତ ଶାରୀରିକ ସମ୍ପର୍କ ରଖିବା'''' ବୋଲି ଅନୁବାଦ କରାଯାଇପାରେ I
- କେତେକ ଭାଷାରେ ''ବ୍ୟଭିଚାର'' ବିଷୟରେ ପ୍ରକାଶ କରିବା ପାଇଁ ପରୋକ୍ଷ ପ୍ରକାଶନଗୁଡ଼ିକ ଥାଇପାରେ, ଯେପରି ''ଅନ୍ୟ କାହାରି ସ୍ୱାମୀ କି ସ୍ତ୍ରୀ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିବା " କିମ୍ବା 'ନିଜ ସ୍ତ୍ରୀ ପ୍ରତି ଅବିଶ୍ୱସ୍ତ ହେବା I'' : euphemism ଦେଖନ୍ତୁ

(ଅପରାଧ କରିବା, ଚୁକ୍ତି, ଯୌନ ଅନୈତିକତା, ଶୋଇବା, ବିଶ୍ୱସ୍ତ ବିଶ୍ୱସ୍ତ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯାତ୍ରାପୁସ୍ତକ 20: 14
- ହୋଶେୟ 4:1_2
- ଲୂକ 16:18
- ମାଥିଉ 5:_28
- ମାଥିଉ 12:39
- ପ୍ରକାଶିତ 2:22

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **13:6** "**ବ୍ୟଭିଚାର** କର ନାହିଁ."
- **28:2 ବ୍ୟଭିଚାର** କର ନାହିଁ.
- **34:7** "ଧର୍ମପରାୟଣ ନେତା ଏହି ପ୍ରକାର ପ୍ରାର୍ଥନା କଲେ, ହେ ପରମେଶ୍ୱର, ଧନ୍ୟବାଦ ଦେଉଛି, ମୁଁ ଅନ୍ୟ ଲୋକମାନଙ୍କ ପରି ଡକାୟତ, ଅଧାର୍ମିକ, **ବ୍ୟଭିଚାରୀ**, କିମ୍ବା ସେହି କରଗ୍ରାହୀ ପରି ସୁଦ୍ଧା ନୁହେଁ I"

ଶବ୍ଦବିନ୍ୟାସ :

- Strong's: H5003, H5004, G34280, G34290, G34300, G34310, G34320

ଭଣ୍ଡଖ୍ରୀଷ୍ଟ

ପରିଭାଷା:

"ଭଣ୍ଡଖ୍ରୀଷ୍ଟ" ଶବ୍ଦଟି ଯୀଶୁଖ୍ରୀଷ୍ଟ ଏବଂ ତାହାଙ୍କ କାର୍ଯ୍ୟ ବିରୁଦ୍ଧରେ ଶିକ୍ଷା ଦେଉଥିବା ଏକ ବ୍ୟକ୍ତିକୁ ଦର୍ଶାଏ I ପୃଥିବୀରେ ଅନେକ ଭଣ୍ଡଖ୍ରୀଷ୍ଟଗଣ ଅଛନ୍ତି I

- ଯଦି ଜଣେ ବ୍ୟକ୍ତି ଯୀଶୁ ମସିହ ନୁହନ୍ତି ବୋଲି କହି ଧୋକା ଦିଏ କିମ୍ବା ସେ ଯୀଶୁ ଉଭୟ ଈଶ୍ୱର ଏବଂ ମନୁଷ୍ୟ ବୋଲି ଅସ୍ୱୀକାର କରେ ତେବେ ସେହି ବ୍ୟକ୍ତିଜଣକ ଭଣ୍ଡଖ୍ରୀଷ୍ଟ ଅଟେ ବୋଲି ପ୍ରେରିତ ଯୋହନ ଉଲ୍ଲେଖ କରନ୍ତି।
- ଜଗତରେ ଏକ ଭଣ୍ଡଖ୍ରୀଷ୍ଟର ଆତ୍ମା ଅଛି, ଯିଏ ଯୀଶୁଙ୍କ କାର୍ଯ୍ୟକୁ ପ୍ରତିରୋଧ କରେ ବୋଲି ବାଇବେଲ ଶିକ୍ଷା ଦିଏ I
- ନୂତନ ନୀୟମର ପ୍ରକାଶିତ ପୁସ୍ତକ 13 ଅଧ୍ୟାୟ ପ୍ରକାଶ କରେ ଯେ, ଭଣ୍ଡଖ୍ରୀଷ୍ଟ ନାମରେ ଏକ ବ୍ୟକ୍ତି ଅନ୍ତିମ ସମୟରେ ପ୍ରକଟ ହେବ I ଏହି ବ୍ୟକ୍ତି ଈଶ୍ୱରଙ୍କ ଲୋକମାନଙ୍କୁ ବିନାଶ କରିବାକୁ ଚେଷ୍ଟା କରିବ କିନ୍ତୁ ସେ ଯୀଶୁଙ୍କ ଦ୍ୱାରା ପରାସ୍ତ ହେବେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ଯୀଶୁଙ୍କ ପ୍ରତିରୋଧକାରୀ" କିମ୍ବା "ଯୀଶୁଙ୍କ ଶତ୍ରୁ" କିମ୍ବା "ଏକ ବ୍ୟକ୍ତି ଯେ ଖ୍ରୀଷ୍ଟଙ୍କ ବିରୋଧୀ" ବୋଲି ଅନୁବାଦ କରାଯାଇପାରେ I
- "ଭଣ୍ଡଖ୍ରୀଷ୍ଟର ଆତ୍ମା" ବାକ୍ୟାଂଶକୁ "ଏକ ଆତ୍ମା ଯାହା ଖ୍ରୀଷ୍ଟଙ୍କ ବିରୋଧୀ" କିମ୍ବା "(ଜଣେ ବ୍ୟକ୍ତି) ଖ୍ରୀଷ୍ଟଙ୍କ ବିଷୟରେ ମିଥ୍ୟା ଶିକ୍ଷା ଦିଏ" କିମ୍ବା "ଖ୍ରୀଷ୍ଟଙ୍କ ବିଷୟରେ ମିଥ୍ୟା ବିଷୟଗୁଡ଼ିକୁ ବିଶ୍ୱାସ କରିବାର ମନୋଭାବ" କିମ୍ବା "ଏକ ଆତ୍ମା ଯାହା ଖ୍ରୀଷ୍ଟଙ୍କ ବିଷୟରେ ମିଥ୍ୟା ଶିକ୍ଷା ଦିଏ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- ଏହା ସ୍ଥାନୀୟ ଏବଂ ଜାତୀୟ ଭାଷାର ବାଇବେଲରେ କିପରି ଅନୁବାଦିତ ତାହା ମଧ୍ୟ ଦେଖନ୍ତୁ I (ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ: ଦେଖନ୍ତୁ)

(ଖ୍ରୀଷ୍ଟ, ପ୍ରକାଶ, କ୍ଲେଶ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 2:18
- ପ୍ରଥମ ଯୋହନ 4:3
- ଦ୍ୱିତୀୟ ଯୋହନ 1:7

ଶବ୍ଦବିନ୍ୟାସ:

- Strong's: G05000

ଭବିଷ୍ୟଦ୍‌ବକ୍ତା, ଭବିଷ୍ୟବାଣୀ, ଭବିଷ୍ୟବାଣୀ, ଦ୍ରଷ୍ଟା, ଭବିଷ୍ୟଦ୍‌ବକ୍ତ୍ରୀ

ପରିଭାଷା:

"ଭବିଷ୍ୟଦ୍‌ବକ୍ତା" ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କ ବାର୍ତ୍ତାଗୁଡ଼ିକ ଲୋକମାନଙ୍କୁ କହନ୍ତି। ଏହି କାର୍ଯ୍ୟ କରୁଥିବା ଜଣେ ସ୍ତ୍ରୀକୁ ଏକ "ଭବିଷ୍ୟତବକ୍ତ୍ରୀ" ବୋଲି କୁହାଯାଏ।

- ଅନେକ ସମୟରେ ଭବିଷ୍ୟଦ୍‌ବକ୍ତାମାନେ ଲୋକମାନଙ୍କୁ ଚେତାବନୀ ବା ସତର୍କବାଣୀ କହୁଥିଲେ ଯେପରି ସେମାନେ ଆପଣା ଆପଣା ପାପଗୁଡ଼ିକରୁ ଫେରି ଆସିବେ ଏବଂ ଈଶ୍ୱରଙ୍କ ବାଧ ହେବେ।
- ଏକ "ଭବିଷ୍ୟବାଣୀ" ଏକ ବାକ୍ୟ ଅଟେ ଯାହା ଭବିଷ୍ୟଦ୍‌ବକ୍ତା କହନ୍ତି। "ଭାବବାଣୀ କହିବାର" ଅର୍ଥ ଈଶ୍ୱରଙ୍କ ବାର୍ତ୍ତା କହିବା ଅଟେ।
- ଅନେକ ସମୟରେ ଏକ ଭବିଷ୍ୟବାଣୀର ସମ୍ବାଦ ଭବିଷ୍ୟତରେ ଘଟିବାକୁ ଯାଉଥିବା କିଛି ବିଷୟରେ ଜଣାଏ I
- ପୁରାତନ ନିୟମରେ ଥିବା ଅନେକ ଭବିଷ୍ୟବାଣୀଗୁଡ଼ିକ ସଫଳ ହୋଇଅଛି।
- ବାଇବେଲରେ ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡ଼ିକର ସଂଗ୍ରହକୁ ବେଳେବେଳେ "ଭବିଷ୍ୟଦ୍‌ବକ୍ତାମାନେ" ବୋଲି ଉଲ୍ଲେଖ କରାଯାଏ।
- ଉଦାହରଣ ସ୍ୱରୂପ, "ବ୍ୟବସ୍ଥା ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କ ପୁସ୍ତକଗୁଡ଼ିକ" ବାକ୍ୟାଂଶ ସମସ୍ତ ଏବ୍ରୀ ପୁସ୍ତକଗୁଡ଼ିକ ଉଲ୍ଲେଖ କରିବା ପଦ୍ଧତି ଥିଲା, ଯାହା "ପୁରାତନ ନିୟମର" ଭାବରେ ପରିଚିତ ଅଟେ।
- ଜଣେ ଭବିଷ୍ୟଦ୍‌ବକ୍ତାଙ୍କ ପାଇଁ ଏକ ପୁରାତନ ଶବ୍ଦ "ଦ୍ରଷ୍ଟା" କିମ୍ବା "ଦେଖୁଥିବା ବ୍ୟକ୍ତି।"
- ବେଳେବେଳେ ଏହି "ଦ୍ରଷ୍ଟା" ଶବ୍ଦ ମିଥ୍ୟା ଭବିଷ୍ୟଦ୍‌ବକ୍ତାଙ୍କୁ କିମ୍ବା ଭବିଷ୍ୟବାଣୀ କରୁଥିବା ବ୍ୟକ୍ତିଙ୍କୁ ସୂଚାଇଥାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକଗୁଡ଼ିକ:

- "ଦ୍ରଷ୍ଟା" ଶବ୍ଦକୁ "ଈଶ୍ୱରଙ୍କ ମୁଖପାତ୍ର" କିମ୍ବା "ଈଶ୍ୱରଙ୍କ ପକ୍ଷରେ କଥା କହୁଥିବା ବ୍ୟକ୍ତି" କିମ୍ବା "ଈଶ୍ୱରଙ୍କ ବାକ୍ୟ କହୁଥିବା ବ୍ୟକ୍ତି" ବୋଲି ଅନୁବାଦ କରାଯାଇପାରେ।
- ଜଣେ "ଦ୍ରଷ୍ଟା" ଶବ୍ଦକୁ "ଦର୍ଶନଗୁଡ଼ିକ ଦେଖୁଥିବା ଜଣେ ବ୍ୟକ୍ତି" କିମ୍ବା "ଈଶ୍ୱରଙ୍କଠାରୁ ଭବିଷ୍ୟତ ବିଷୟ ଦେଖିଥିବା ଜଣେ ବ୍ୟକ୍ତି" ବୋଲି ଅନୁବାଦ କରଯାଇପାରେ।
- "ଭବିଷ୍ୟତବକ୍ତ୍ରୀ" ଶବ୍ଦକୁ "ଈଶ୍ୱରଙ୍କ ମୁଖପାତ୍ରୀ" କିମ୍ବା "ଈଶ୍ୱରଙ୍କ ପକ୍ଷରେ କଥା କହୁଥିବା ଜଣେ ନାରୀ" କିମ୍ବା "ଈଶ୍ୱରଙ୍କ ବାର୍ତ୍ତା କହୁଥିବା ଜଣେ ନାରୀ" ବୋଲି ଅନୁବାଦ କରାଯାଇପାରେ।
- "ଭବିଷ୍ୟବାଣୀ" ଶବ୍ଦକୁ "ଈଶ୍ୱରଙ୍କ ନିକଟରୁ ବାର୍ତ୍ତା" କିମ୍ବା "ଭବିଷ୍ୟଦ୍‌ବକ୍ତାଙ୍କ ବାର୍ତ୍ତା" ବୋଲି ଅନୁବାଦ କରଯାଇପାରେ।
- "ଭବିଷ୍ୟବାଣୀ କରିବା" ଶବ୍ଦକୁ "ଈଶ୍ୱରଙ୍କ ନିକଟରୁ ଆସିଥିବା ବାର୍ତ୍ତାକୁ କହିବା" କିମ୍ବା "ଈଶ୍ୱରଙ୍କ ବାର୍ତ୍ତାକୁ କହିବା" ବୋଲି ଅନୁବାଦ କରଯାଇପାରେ।
- ଆଳଙ୍କାରିକ ଭାବ ପ୍ରକାଶନରେ "ବ୍ୟବସ୍ଥା ଏବଂ ଭବିଷ୍ୟଦ୍‌ବକ୍ତାମାନେ" ବାକ୍ୟାଂଶକୁ "ବ୍ୟବସ୍ଥା ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କ ପୁସ୍ତକଗୁଡ଼ିକ" କିମ୍ବା "ଈଶ୍ୱରଙ୍କ ସମ୍ପର୍କରେ ଏବଂ ତାହାଙ୍କ ଲୋକମାନଙ୍କ ବିଷୟରେ ପ୍ରତ୍ୟେକ ଲିଖିତ ବିଷୟଗୁଡ଼ିକ, ଯହିଁରେ ଈଶ୍ୱରଙ୍କ ବ୍ୟବସ୍ଥାଗୁଡ଼ିକ ଏବଂ ତାହାଙ୍କ ଭବିଷ୍ୟଦ୍‌ବକ୍ତାମାନେ ଯାହା ପ୍ରଚାର କରିଛନ୍ତି" ବୋଲି ମଧ୍ୟ ଅନୁବାଦ କରଯାଇପାରେ I (ଉପଲକ୍ଷ୍ୟ ଅଳଙ୍କାର: ଦେଖନ୍ତୁ)
- ଯେତେବେଳେ ଏକ ମିଥ୍ୟା ଦେବତାର ଜଣେ ଭବିଷ୍ୟଦ୍‌ବକ୍ତା(ଦ୍ରଷ୍ଟା)କୁ ଉଲ୍ଲେଖ କରାଯାଏ, ଉଦାହରଣ ସ୍ୱରୂପ ଯେପରି "ଏକ ମିଥ୍ୟା ଭବିଷ୍ୟଦ୍‌ବକ୍ତା (ଦ୍ରଷ୍ଟା)" କିମ୍ବା "ଜଣେ ମିଥ୍ୟା ଦେବତାର ଭବିଷ୍ୟଦ୍‌ବକ୍ତା (ଦ୍ରଷ୍ଟା)" କିମ୍ବା "ବାଲ୍ ଦେବତାର ଭବିଷ୍ୟଦ୍‌ବକ୍ତା" ବୋଲି ଅନୁବାଦ କରିବା ଆବଶ୍ୟକ ଅଟେ। (ବାଲ୍, ଅଲୌକିକ ଶକ୍ତି ଦ୍ୱାରା ଭବିଷ୍ୟତର ଅନ୍ୱେଷଣ, ମିଥ୍ୟା ଦେବତା, ମିଥ୍ୟା ଭବିଷ୍ୟଦ୍‌ବକ୍ତା, ସଫଳ, ନିୟମର, ଦର୍ଶନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀୟ 2:14-16
- ପ୍ରେରିତ 3:25
- ଯୋହନ 1:43-45
- ମଲାଖୀ 4:4-6
- ମାଥିଉ 1:23
- ମାଥିଉ 2:18
- ମାଥିଉ 5:17
- ଗୀତସଂହିତା 51:1

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **12:12** ଯେତେବେଳେ ଇସ୍ରାଏଲୀୟମାନେ ମିସ୍ରୀୟମାନଙ୍କ ମୃତ୍ୟ ଦେଖିଲେ, ସେମାନେ ଈଶ୍ୱରଙ୍କଠାରେ ଆସ୍ଥା ସ୍ଥାପନ କଲେ ଏବଂ ବିଶ୍ୱାସ କଲେ ଯେ, ମୋଶା ଜଣେ ଈଶ୍ୱରଙ୍କ **ଭବିଷ୍ୟଦ୍‌ବକ୍ତା** ଥିଲେ।

- **17:13** ଦାଉଦ କରିଥିବା କାର୍ଯ୍ୟ ହେତୁ ଈଶ୍ୱର ଅତିଶୟ କ୍ରୁଦ୍ଧ ହେଲେ, ତେଣୁ ସେ **ଭବିଷ୍ୟଦ୍‌ବକ୍ତା** ନାଥନ ପ୍ରେରଣ କଲେ ଯେପରି ଦାଉଦଙ୍କ ପାପ ଯେ କେତେ ମନ୍ଦ ତାହା ସେ ତାହାଙ୍କୁ ଜଣାଇବେ I
- **19:1** ଇସ୍ରାଏଲର ଇତିହାସରେ, ଈଶ୍ୱର ସେମାନଙ୍କ ପାଖକୁ **ଭବିଷ୍ୟଦ୍‌ବକ୍ତାମାନଙ୍କୁ** ପଠାଇଲେ। ଭବିଷ୍ୟଦ୍‌ବକ୍ତାମାନେ ଈଶ୍ୱରଙ୍କଠାରୁ ବାକ୍ୟ ଶୁଣିଲେ ଏବଂ ତା'ପରେ ଲୋକମାନଙ୍କୁ ଈଶ୍ୱରଙ୍କ ବାର୍ତ୍ତା ଜଣାଇଲେ।
- **19:6** ବାଲ୍ ର 450 ଭବିଷ୍ୟଦ୍‌ବକ୍ତାଙ୍କ ସମେତ ସମଗ୍ର ଇସ୍ରାଏଲର ସମସ୍ତ ଲୋକ କର୍ମିଲସ୍ଥ ପର୍ବତକୁ ଆସିଲେ।
- **19:17** ଅଧିକାଂଶ ସମୟରେ ଲୋକମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରୁ ନଥିଲେ। ଅନେକ ସମୟରେ ସେମାନେ **ଭବିଷ୍ୟଦ୍‌ବକ୍ତାମାନଙ୍କୁ** ଖରାପ ବ୍ୟବହାର କଲେ ଏବଂ ଏପରିକି ବେଳେବେଳେ ସେମାନଙ୍କୁ ବଧ କଲେ।
- **21:9** ଏହି **ଭବିଷ୍ୟଦ୍‌ବକ୍ତା** ଯିଶାଇୟ **ଭବିଷ୍ୟବାଣୀ କହିଲେ** ଯେ ମସୀହ ଜଣେ କୁମାରୀ ଗର୍ଭରୁ ଜାତ ହେବେ।
- **43:7** "ଏହା ସେ **ଭବିଷ୍ୟବାଣୀକୁ** ସଫଳ କଲା ଯାହା କହେ, "ତୁମ୍ଭେ ଆପଣା ପବିତ୍ର ଜଣଙ୍କୁ ପାତାଳରେ କ୍ଷୟ ହେବାକୁ ଦେବ ନାହିଁ।"
- **48:12** ମୋଶା ଜଣେ ମହାନ **ଭବିଷ୍ୟଦ୍‌ବକ୍ତା** ଥିଲେ ଯିଏ ଈଶ୍ୱରଙ୍କ ବାକ୍ୟ ଘୋଷଣା କଲେ। କିନ୍ତୁ ଯୀଶୁ ସମସ୍ତଙ୍କଠାରୁ ମହାନ **ଭବିଷ୍ୟଦ୍‌ବକ୍ତା** ଅଟନ୍ତି। ସେ ଈଶ୍ୱରଙ୍କ ବାକ୍ୟ ଅଟନ୍ତି।

ଶବ୍ଦବିନ୍ୟାସ:

- Strong's: H2372, H2374, H4853, H5012, H5013, H5016, H5017, H5029, H5030, H5031, H5197, G24950, G43940, G43950, G43960, G43970, G43980, G55780

ଭାଇ

ପରିଭାଷା:

"ଭାଇ" ଶବ୍ଦଟି ଭାଇମାନଙ୍କୁ ବୁଝାଏ ଯିଏ ଗୋଟିଏ ପିତା-ମାତାର ପୁତ୍ରଗଣ ଅଟନ୍ତି ।

- ପୁରାତନ ନିୟମରେ "ଭାଇମାନଙ୍କୁ" ସାଧାରଣ ଭାବରେ ନିଜ ପରିବାରର ସଦସ୍ୟ ବା ବଂଶ ବା କିମ୍ବା ସହଯୋଗୀ ସଦସ୍ୟ ବା ବନ୍ଧୁ, ସତେ ଯେପରି ସମାନ ଜାତିର,ଗୋଷ୍ଠୀ, ଜୀବିକା, କିମ୍ବା ଲୋକମାନଙ୍କ ଦଳକୁ ବୁଝାଏ। ଏପରି ଭାବରେ ଯେତେବେଳେ ବ୍ୟବହୃତ ହୁଏ, ଏକ ନିର୍ଦ୍ଦିଷ୍ଟ ଭାବ ପ୍ରକାଶକ ଶବ୍ଦ ଉଭୟ ପୁରୁଷ ଏବଂ ମହିଳାମାନଙ୍କୁ ଉଭୟକୁ ବୁଝାଏ।
- ନୂତନ ନିୟମରେ, ପ୍ରେରିତମାନେ ଅନୁଗତ ଶିଷ୍ୟମାନଙ୍କୁ ଭାଇ ବୋଲି ସମ୍ବୋଧନ କରୁଥିଲେ ସେମାନେ ପୁରୁଷ ହେଉନ୍ତୁ ବା ସ୍ତ୍ରୀ ମଣ୍ଡଳୀର ବିଶ୍ୱାସୀ ବିଶ୍ୱାସିନୀ ସମସ୍ତେ ଆତ୍ମିକ ପରିବାରର ଥିଲେ ଏବଂ ସ୍ୱର୍ଗସ୍ଥ ପିତା ସେମାନଙ୍କ ଈଶ୍ୱର ଥିଲେ।
- ନୂତନ ନିୟମରେ ବହୁତ କମ୍ ସମୟରେ ପ୍ରେରିତମାନେ ଭଉଣୀ ସମ୍ବୋଧନ କରୁଥିବା ବିଷୟ ଦେଖିବାକୁ ମିଳେ ଯେଉଁଠାରେ କି ପୁରୁଷ ଓ ସ୍ତ୍ରୀ ଉଭୟ ଥାଆନ୍ତି ମହିଳାମାନଙ୍କୁ ଭଉଣୀ ସମ୍ବୋଧନ କରାଯାଉଥିଲା । ଉଦାହରଣ ସ୍ୱରୂପ ଯାକୁବ "ଖାଦ୍ୟ ଏବଂ ପୋଷାକର ଆବଶ୍ୟକ ସମୟରେ ଭାଇ ଓ ଭଉଣୀମାନଙ୍କୁ" ସମସ୍ତ ବିଶ୍ୱାସୀ ବୋଲି ଗୁରୁତ୍ୱ ସହ କହିଥିଲେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହାକୁ ଉତ୍ତମ ରୂପେ ଅନୁବାଦ କରାଯାଇପାରେ ଯେ ଜଣେ ସ୍ୱାଭାବିକ ପିତା କିମ୍ବା ମାତାର ପୁରୁଷ ସନ୍ତାନମାନଙ୍କୁ ଭାଇ ବୋଲି କୁହାଯାଏ, ଅନ୍ୟଥା ଏହାର ଅର୍ଥ ଭୁଲ ହୋଇପାରେ।
- ପୁରାତନ ନିୟମରେ ଭାଇ କହିଲେ ନିଜ ପରିବାର ବା ବଂଶ ବା ନିଜ ଦଳକୁ ଜଣାଯାଉଥିଲା ତାହାର ସାମ୍ଭାବ୍ୟ ଅନୁବାଦ ହେଉଛି ସମ୍ପର୍କୀୟ ବା ବଂଶିକ ଲୋକ ବା ଅନୁସରଣକାରୀ ଇଶ୍ରାୟେଲୀୟ ।
- ଖ୍ରୀଷ୍ଟ ବିଶ୍ୱାସୀ ସମ୍ବନ୍ଧରେ କହିବା ବେଳେ ଏହାକୁ ଖ୍ରୀଷ୍ଟରେ ଭାଇ ବା ଆତ୍ମିକ ଭାଇ ବୋଲି ଅନୁବାଦ କରାଯାଇପାରେ।
- ଯଦି ଉଭୟ ପୁରୁଷ ଏବଂ ସ୍ତ୍ରୀଙ୍କୁ ଭାଇ ବୋଲି ସୂଚିତ କରାଯାଏ ତେବେ ଏହାର ଭୁଲ ଅର୍ଥ ବାହାରିପାରେ ତେଣୁ ସେହି ସ୍ଥାନରେ ପୁରୁଷ ଏବଂ ସ୍ତ୍ରୀଙ୍କ କ୍ଷେତ୍ରରେ ସାଧାରଣ ଶବ୍ଦ ବ୍ୟବହାର କରାଯାଇପାରେ।
- ଅନ୍ୟ ଅର୍ଥରେ ଉଭୟ ପୁରୁଷ ଏବଂ ସ୍ତ୍ରୀ ବିଶ୍ୱାସୀମାନଙ୍କ ସମ୍ବନ୍ଧରେ ପ୍ରକାଶ କଲାବେଳେ ଏହାକୁ "ବିଶ୍ୱାସୀ ଅନୁସରଣକାରୀ" କିମ୍ବା "ଖ୍ରୀଷ୍ଟିୟାନ ଭାଇ ଓ ଭଉଣୀ" ବୋଲି ଅନୁବାଦ କରାଯାଇପାରେ।
- କେବଳ ପୁରୁଷକୁ ସୂଚିତ କରାଯାଉଅଛି ଅବା ଉଭୟ ପୁରୁଷ ଏବଂ ସ୍ତ୍ରୀଙ୍କୁ କୁହାଯାଉଛି ତାହା ପ୍ରସଙ୍ଗ ଅନୁସାରେ ଅନୁବାଦ କରାଯିବା ଉଚିତ।

(ପ୍ରେରିତ, ପିତା ଈଶ୍ୱର, ଭଉଣୀ, ଆତ୍ମା ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7:26-28
- ଆଦି ପୁସ୍ତକ 29:9-10
- ଲେବୀୟ 19:17
- ନିହିମୀୟା 3:1
- ଫିଲିପ୍ପିୟ 4:21
- ପ୍ରକାଶିତ ବାକ୍ୟ 1:9

ଶବ୍ଦବିନ୍ୟାସ:

- Strong's: H0251, H0252, H0264, H1730, H2992, H2993, H2994, H7453, G00800, G00810, G23850, G24550, G25000, G46130, G53600, G55690

ଭୂତ,ମନ୍ଦ ଆତ୍ମା,ଅଶୁଚି ଆତ୍ମା

ପରିଭାଷା:

ଏହି ସମସ୍ତ ଶବ୍ଦଗୁଡ଼ିକ ଈଶ୍ୱରଙ୍କ ବିରୁଦ୍ଧରେ ଠିଆ ହେଉଥିବା ଭୂତ ଆତ୍ମାମାନଙ୍କୁ ବୁଝାଏ I

- ଈଶ୍ୱର ଦୂତମାନଙ୍କୁ ତାଙ୍କ ସେବା ନିମନ୍ତେ ସୃଷ୍ଟି କଲେ I ଯେତେବେଳେ ଶୟତାନ ଈଶ୍ୱରଙ୍କ ବିରୁଦ୍ଧାଚରଣ କଲା, କେତେକ ଦୂତ ମଧ୍ୟ ବିରୁଦ୍ଧାଚରଣ କଲେ ଏବଂ ସ୍ୱର୍ଗରୁ ପତିତ ହେଲେ I ଏହା ବିଶ୍ୱାସ କରାଯାଏ ଯେ ଭୂତ ଏବଂ ମନ୍ଦ ଆତ୍ମା ସବୁ "ପତିତ ଦୂତଗଣ" ଅଟନ୍ତି I
- ବେଳେବେଳେ ଏହି ଭୂତ କିମ୍ବା ଆତ୍ମାମାନଙ୍କୁ "ଅଶୁଚି ଆତ୍ମା" ବୋଲି କୁହାଯାଏ I "ଅଶୁଚି" ଶବ୍ଦର ଅର୍ଥ "ମନ୍ଦ" କିମ୍ବା "ଅପବିତ୍ର" ଅଟେ I
- ଭୂତମାନେ ଶୟତାନର ସେବା କରନ୍ତି ତେଣୁ ସେମାନେ ମନ୍ଦ ବିଷୟଗୁଡ଼ିକୁ କରିଥାଆନ୍ତି I ବେଳେବେଳେ ସେମାନେ ଲୋକମାନଙ୍କ ମଧ୍ୟରେ ବାସକରି ସେମାନଙ୍କୁ ନୀୟନ୍ତ୍ରଣ କରନ୍ତି I
- ଭୂତଆତ୍ମାମାନେ ମନୁଷ୍ୟମାନଙ୍କଠାରୁ ଅଧିକ ଶକ୍ତିଶାଳୀ କିନ୍ତୁ ଈଶ୍ୱରଙ୍କଠାରୁ ଅଧିକ ଶକ୍ତିଶାଳୀ ନୁହନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଭୂତ" ଶବ୍ଦକୁ "ମନ୍ଦଆତ୍ମା" ବୋଲି ଅନୁବାଦ କରାଯାଇପାରେ I
- "ଅଶୁଚି ଆତ୍ମା" ଶବ୍ଦକୁ "ମନ୍ଦଆତ୍ମା" କିମ୍ବା "ଭ୍ରଷ୍ଟଆତ୍ମା" ବୋଲି ଅନୁବାଦ କରାଯାଇପାରେ I
- ଶୟତାନକୁ ବୁଝାଉ ଥିବା ଶବ୍ଦଠାରୁ ଭିନ୍ନ ଶବ୍ଦକୁ ବ୍ୟବହାର କରନ୍ତୁ I
- "ଭୂତ" ଶବକୁ ସ୍ଥାନୀୟ ଏବଂ ଜାତୀୟ ଭାଷାରେ କିପରି ଅନୁବାଦ କରାଯାଇଅଛି ଦେଖନ୍ତୁ I
    - (ଅଜ୍ଞାତବିଷୟଗୁଡ଼ିକୁ କିପରି ଅନୁବାଦ କରିବେ ଦେଖନ୍ତୁ)

(ଭୂତଗ୍ରସ୍ତ, ଶୟତାନ, ମିଥ୍ୟା ଦେବତା, ଦୂତ, ମନ୍ଦ, ଶୁଚି ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯାକୁବ 2:19
- ଯାକୁବ 3:15
- ଲୂକ 4:36
- ମାର୍କ 3:22
- ମାଥିଉ 4:24

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 26:9 ଅନେକେ ଲୋକ ଯାହାର ଅନ୍ତରରେ **ଭୂତ** ଥିଲା ସେମାନଙ୍କୁ ଯୀଶୁଙ୍କ ନିକଟକୁ ଅଣାଗଲା I ଯୀଶୁ ଯେତେବେଳେ ସେମାନଙ୍କୁ ଆଦେଶ ଦେଲେ **ଭୂତ** ଲୋକମାନଙ୍କୁଠାରୁ ବାହାରି ଗଲା ଏବଂ ସେମାନେ "ତୁମେ ଈଶ୍ୱରଙ୍କ ସନ୍ତାନ ଅଟ" ବୋଲି ଚିତ୍କାର କଲେ I
- 32:8 **ଭୂତମାନେ** ଲୋକମାନଙ୍କଠାରୁ ବାହାରି ଘୁଷୁରୀମାନଙ୍କ ମଧ୍ୟରେ ପ୍ରବେଶ କଲେ I
- 47:5 ଶେଷରେ ଦିନେ ଯେତେବେଳେ ଦାସୀ ଝିଅ ଚିତ୍କାର କରିବା ଆରମ୍ଭ କଲା**, ପାଉଲ ତାଙ୍କ ଆଡ଼କୁ ଅନେଇ ସେମାନଙ୍କ ଠାରେ ଥିବା ଭୂତକୁ** କହିଲେ, "ଯୀଶୁଙ୍କ ନାମରେ, ବାହାରି ଯା" ସେହି କ୍ଷଣି **ଭୂତ** ତାହାଠାରୁ ଚାଲିଗଲା I
- 49:2 ଯୀଶୁ ସମୁଦ୍ରରେ ଚାଲିଲେ, ଝଡକୁ ଶାନ୍ତ କଲେ, ଅନେକ ରୋଗୀକୁ ସୁସ୍ଥ କଲେ, **ଭୂତ** ଛଡାଇଲେ, ମୃତ୍ୟୁକୁ ଉଠାଇଲେ ଏବଂ ପାଞ୍ଚ ରୁଟି ଏବଂ ଦୁଇ ମାଛ ଦ୍ୱାରା ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ ଲୋକଙ୍କୁ ଖୁଆଇଲେ I

ଶବ୍ଦବିନ୍ୟାସ :

- Strong's: H2932, H7307, H7451, H7700, G01690, G11390, G11400, G11410, G11420, G41900, G41510, G41520, G41890

ଭୂତଗ୍ରସ୍ତ ଲୋକ

ପରିଭାଷା:

ଯେଉଁ ବ୍ୟକ୍ତି ଭୂତଗ୍ରସ୍ତ ତାଠାରେ ଭୂତ କିମ୍ବା ମନ୍ଦ ଆତ୍ମା ଅଛି ଯିଏ ସେ ଯାହା କରେ ଏବଂ ଚିନ୍ତାକରେ ତାକୁ ନୀୟନ୍ତ୍ରଣ କରେ I

- ବେଳେବେଳେ ଭୂତଗ୍ରସ୍ତ ବ୍ୟକ୍ତି ନିଜକୁ କିମ୍ବା ଅନ୍ୟକୁ ଆଘାତ ଦେଇଥାଏ କାରଣ ଭୂତ ତାକୁ ସେହିପରି କରିବା ପାଇଁ ପ୍ରବର୍ତ୍ତାଏ I
- ଯୀଶୁ ଭୂତକୁ ଭୂତଗ୍ରସ୍ତ ଲୋକମାନଙ୍କଠାରୁ ବାହାରି ଯିବା ପାଇଁ ଆଦେଶ ଦେଇ ସେହି ଲୋକମାନଙ୍କୁ ସୁସ୍ଥ କଲେ I ଏହାକୁ "ଭୂତ ଛଡେଇବା" କୁହାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ବାକ୍ୟାଂଶକୁ "ଭୂତଗ୍ରସ୍ତ" କିମ୍ବା "ମନ୍ଦ ଆତ୍ମା ଦ୍ୱାରା ନୀୟନ୍ତ୍ରଣ ହେବା" କିମ୍ବା "ଶରୀରରେ ଏକ ମନ୍ଦଆତ୍ମା ବାସ କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଭୂତ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ମାର୍କ 1:32
- ମାଥିଉ 4:24
- ମାଥିଉ 8:16
- ମାଥିଉ 8:33

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **26:9** ଅନେକ ଲୋକ ଯେଉଁମାନଙ୍କଠାରେ ଭୂତଥିଲା ସେମାନଙ୍କୁ ଯୀଶୁଙ୍କ ନିକଟକୁ ଅଣାଗଲା I
- **32:2** ଯେତେବେଳେ ସେମାନେ ସମୁଦ୍ରର ଆର ପାରିକି ପହଞ୍ଚିଲେ, ଜଣେ ଭୂତଗ୍ରସ୍ତ ଲୋକ ଯୀଶୁଙ୍କ ନିକଟକୁ ଦୌଡି ଆସିଲା I
- **32:6** _ଭୂତଗ୍ରସ୍ତ **ଲୋକ** ଚିତ୍କାର କଲା, "ଯୀଶୁ, ଈଶ୍ୱରଙ୍କ ପୁତ୍ର, ତୁମ୍ଭେ ମୋଠାରୁ କଅଣ ଚାହଁ? ଦୟାକରି ମୋତେ ଯନ୍ତ୍ରଣା ଦିଅ ନାହିଁ !"
- **32:9** ସହରରୁ ଲୋକମାନେ ଆସି ସେହି ଭୂତଗ୍ରସ୍ତ **ଲୋକକୁ** ଦେଖିଲେ I
- **47:3** ସବୁଦିନ ପାଉଲ ଓ ଶିଲା ଯିବା ବେଳେବେଳେ ଜଣେ ଭୂତଗ୍ରସ୍ତ ଦାସୀ ଝିଅ ସେମାନଙ୍କ ଅନୁକରଣ କରୁଥିଲା I

ଶବ୍ଦବିନ୍ୟାସ:

- Strong's: G11390

ଭୟ, ଭୀତ, ଭୟଯୁକ୍ତ

ପରିଭାଷା:

"ଭୟ" ଶବ୍ଦ ଜଣେ ବ୍ୟକ୍ତି ନିଜର ସୁରକ୍ଷା କିମ୍ବା ସୁସ୍ଥତା ବିରୁଦ୍ଧରେ ବିପଦକୁ ସମ୍ମୁଖୀନ କରିବା ଅବସ୍ଥାକୁ ବୁଝାଏ । ବାଇବେଲରେ, "ଭୟ" ଶବ୍ଦର ଅର୍ଥ ଅନ୍ୟ ଜଣଙ୍କ ପ୍ରତି ଆଦର, ସମ୍ମାନ, ଭୟ କିମ୍ବା ଆଜ୍ଞାର ମନୋଭାବକୁ ବୁଝାଏ, ସାଧାରଣତଃ ଈଶ୍ୱର କିମ୍ବା ରାଜା ପରି ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କ ପ୍ରତି ବ୍ୟବହୃତ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

· ପ୍ରସଙ୍ଗକୁ ଆଧାର କରି “ଭୟ” ଶବ୍ଦକୁ “ଡରିବା” କିମ୍ବା “ଗଭୀର ସମ୍ମାନ,” କିମ୍ବା “ଗଭୀର ସମ୍ମାନ;” “ସମ୍ମାନ,” କିମ୍ବା “ସମ୍ମାନ;” କିମ୍ବା “ଭୟଭୀତ ହେବା” ବୋଲି ଅନୁବାଦ କରାଯାଇପାରେ I

· “ଭୟ କର ନାହିଁ” ବାକ୍ୟକୁ “ଭୟଭୀତ ହୁଅ ନାହିଁ” କିମ୍ବା “ଭୟ କରିବା ବନ୍ଦ କର” ବୋଲି ଅନୁବାଦ କରାଯାଇପାରେ I

· “ଈଶ୍ୱରଙ୍କ ଭୟ ସେ ସମସ୍ତଙ୍କ ଉପରେ ପଡ଼ିଲା” ବାକ୍ୟାଂଶକୁ "ହଠାତ୍ ସମସ୍ତେ ଈଶ୍ୱରଙ୍କ ପ୍ରତି ଗଭୀର ଭୟ ଓ ସମ୍ମାନ ଅନୁଭବ କଲେ" କିମ୍ବା "ସଙ୍ଗେ ସଙ୍ଗେ, ସେମାନେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ ଏବଂ ଈଶ୍ୱରଙ୍କୁ ଗଭୀର ସମ୍ମାନ କଲେ" କିମ୍ବା "ସେହି ସମୟରେ, ସେମାନେ ସମସ୍ତେ ଈଶ୍ୱରଙ୍କୁ ଭୟ କରୁଥିଲେ (ତାଙ୍କର ମହାନ ଶକ୍ତି ହେତୁ)" ବୋଲି ଅନୁବାଦ କରାଯାଇପାରେ I

(ଆଚମ୍ବ, ବିସ୍ମୟତା, ଶକ୍ତି, ଯିହୋବା , ପ୍ରଭୁ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 4:18
- ପ୍ରେରିତ 2:43
- ପ୍ରେରିତ 19:15-17
- ଆଦିପୁସ୍ତକ 50:21
- ଯିଶାଇୟ 11:3-5
- ଆୟୁବ 6:14
- ଯୂନସ 1:9
- ଲୂକ 12:5
- ମାଥିଉ 10:28
- ହିତୋପଦେଶ 10:24-25

ଶବ୍ଦବିନ୍ୟାସ :

- Strong’s: H367, H926, H124, H1481, H1672, H1674, H1763, H2119, H2296, H2727, H2729, H2730, H2731, H2844, H2849, H2865, H316, H325, H368, H3372, H3373, H3374, H432, H434, H435, H4116, H4172, H626, H6342, H6343, H6345, H6427, H7264, H7267, H7297, H7374, H7461, H7493, H8175, G8700, G11670, G11680, G11690, G16300, G17190, G21240, G21250, G29620, G53980, G53990, G54000, G5410

ମଣ୍ଡଳୀ, ମଣ୍ଡଳୀ

ପରିଭାଷା:

ନୂତନ ନିୟମରେ, "ମଣ୍ଡଳୀ" ଶବ୍ଦ ଯୀଶୁଙ୍କଠାରେ ବିଶ୍ୱାସ କରିଥିବା ସ୍ଥାନୀୟ ଗୋଷ୍ଠୀକୁ ବୁଝାଏ ଯେଉଁମାନେ ପ୍ରାର୍ଥନା ଓ ପ୍ରଚାରିତ ହେଉଥିବା ଈଶ୍ୱରଙ୍କ ବାକ୍ୟ ଶୁଣିବା ପାଇଁ ନୀୟମିତ ଭାବେ ଏକତ୍ର ହୁଅନ୍ତି। ବେଳେବେଳେ "ମଣ୍ଡଳୀ" ଶବ୍ଦଟି ସମସ୍ତ ଖ୍ରୀଷ୍ଟିୟାନମାନଙ୍କ ପାଇଁ ମଧ୍ୟ ଉଲ୍ଲେଖ କରାଯାଏ।

- ଆକ୍ଷରିକ ଭାବେ ଏହି ଶବ୍ଦ "ଆହ୍ୱାନ ପ୍ରାପ୍ତ" ଲୋକମାନଙ୍କର ସଭା ବା ଧର୍ମସଭାକୁ ବୁଝାଏ ଯେଉଁମାନେ ଏକ ବିଶେଷ ଉଦ୍ଦେଶ୍ୟ ନେଇ ଏକତ୍ର ହୁଅନ୍ତି।
- ଯେତେବେଳେ ଏହି ଶବ୍ଦ ଖ୍ରୀଷ୍ଟଙ୍କ ସମଗ୍ର ଶରୀରରେ ଥିବା ସମସ୍ତ ବିଶ୍ୱାସୀମାନଙ୍କୁ ନିର୍ଦ୍ଦେଶ କରିବା ପାଇଁ ବ୍ୟବହୃତ ହୁଏ, କେତେକ ଇଂରାଜୀ ବାଇବେଲ ଅନୁବାଦଗୁଡ଼ିକ ଏହାକୁ ସ୍ଥାନୀୟ ମଣ୍ଡଳୀରୁ ଭିନ୍ନତା ଦେଖାଇବା ପାଇଁ ମଣ୍ଡଳୀର ପ୍ରଥମ ଅକ୍ଷରକୁ ("Church") ବଡ଼ ଅକ୍ଷରରେ ଲେଖନ୍ତି।
- ସମୟ ସମୟରେ ନିର୍ଦ୍ଦିଷ୍ଟ ଅଞ୍ଚଳର ବିଶ୍ୱାସୀମାନେ କାହାରି ଗୃହରେ ମଧ୍ୟ ଏକାଠି ହୁଅନ୍ତି। ଏହି ସ୍ଥାନୀୟ ମଣ୍ଡଳୀଗୁଡ଼ିକୁ ସହରର ନାମ ଦିଆଯାଇଥିଲା ଯେପରିକି "ଏଫିସୀୟ ମଣ୍ଡଳୀ।"
- ବାଇବେଲରେ, "ମଣ୍ଡଳୀ" ଏକ ଅଟ୍ଟାଳିକା ବା କୋଠା ଗୃହକୁ ବୁଝାଏ ନାହିଁ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମଣ୍ଡଳୀ" ଶବ୍ଦକୁ ବିଭିନ୍ନ ଅର୍ଥରେ ଯେପରି "ଏକତ୍ରିକରଣ" କିମ୍ବା "ସଭା", କିମ୍ବା "ଧାର୍ମିକ ସଭା" କିମ୍ବା "ଯେଉଁମାନେ ଏକତ୍ର ହୁଅନ୍ତି" ବୋଲି ଅନୁବାଦ କରାଯାଇପାରେ।
- ଏହି ଶବ୍ଦକୁ ଅନୁବାଦ କରିବା ପାଇଁ ବ୍ୟବହୃତ ଶବ୍ଦ ବା ବାକ୍ୟାଂଶ କେବଳ ଗୋଟିଏ ଛୋଟ ଗୋଷ୍ଠୀ ନୁହେଁ ସମସ୍ତ ବିଶ୍ୱାସୀମାନଙ୍କୁ ସୂଚାଇବାରେ ସକ୍ଷମ ହେବା ଆବଶ୍ୟକ ଅଟେ।
- ନିଶ୍ଚିତ ହୁଅନ୍ତୁ ଯେ, "ମଣ୍ଡଳୀ" ଶବ୍ଦର ଅନୁବାଦ ଏକ ଅଟ୍ଟାଳିକା ବା କୋଠା ଗୃହକୁ ସୂଚିତ କରେ ନାହିଁ।
- ପୁରାତନ ନିୟମରେ ଅନୁବାଦ କରିବା ପାଇଁ ବ୍ୟବହୃତ ଶବ୍ଦ "ସଭା" ମଧ୍ୟ ଏହି ଶବ୍ଦର ଅନୁବାଦ ପାଇଁ ବ୍ୟବହୃତ ହୋଇପାରେ।
- ଏହି ଶବ୍ଦ ଆପଣଙ୍କ ଏକ ସ୍ଥାନୀୟ କିମ୍ବା ଜାତୀୟ ବାଇବେଲ ଅନୁବାଦରେ କିପରି ଅନୁବାଦ ହୋଇଅଛି ତାହା ଦେଖନ୍ତୁ । (: କିପରି ଅଜ୍ଞାତବିଷୟଗୁଡ଼ିକୁ ଅନୁବାଦ କରବେ ଦେଖନ୍ତୁ)

(ସଭା, ବିଶ୍ୱାସ, ଖ୍ରୀଷ୍ଟିୟାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 5:12
- ପ୍ରଥମ ଥେସଲନିକୀୟ 2:14
- ପ୍ରଥମ ତୀମଥି 3:5
- ପ୍ରେରିତ 9:31
- ପ୍ରେରିତ 14:23
- ପ୍ରେରିତ 15:41
- କଲସୀୟ 4:15
- ଏଫିସୀୟ 5:23
- ମାଥିଉ 16:18
- ଫିଲିପ୍ପୀୟ 4:15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **43:12** ଆଉ ସେଥିରେ ଯେଉଁମାନେ ପିତରଙ୍କ ବାକ୍ୟ ଗ୍ରହଣ କଲେ ସେମାନେ ଯୀଶୁ ଖ୍ରୀଷ୍ଟଙ୍କ ଶିଷ୍ୟ ହେଲେ ସେହିଦିନ ପ୍ରାୟ 3,000 ଲୋକ ମଣ୍ଡଳୀ ସାହିତ ସଂଯୁକ୍ତ ହେଲେ। ସେମାନେ ବାପ୍ତିଜିତ ହୋଇ ଯିରୂଶାଲମ **ମଣ୍ଡଳୀ** ସହିତ ସଂଯୁକ୍ତ ହେଲେ।
- **46:9** ଆନ୍ତିୟଖିଆର ଅଧିକାଂଶ ଲୋକମାନେ ଯିହୁଦୀ ନୁହନ୍ତି କିନ୍ତୁ ପ୍ରଥମ ଥର ପାଇଁ ସେମାନଙ୍କ ମଧ୍ୟରୁ ଅନେକ ବିଶ୍ୱାସୀ ହେଲେ। ବର୍ଣ୍ଣବ୍ବା ଓ ଶାଉଲ ସେଠାକୁ ଯାଇ ନୂତନ ବିଶ୍ୱାସୀମାନଙ୍କୁ ଯୀଶୁଙ୍କ ବିଷୟରେ ଶିକ୍ଷା ଦେଇ **ମଣ୍ଡଳୀକୁ** ଶକ୍ତିଯୁକ୍ତ କଲେ।
- **46:10** ଏଣୁ ଆନ୍ତିୟଖିଆର **ମଣ୍ଡଳୀ** ବର୍ଣ୍ଣବ୍ବା ଓ ଶାଉଲଙ୍କ ନିମନ୍ତେ ହସ୍ତ ଥୋଇ ପ୍ରାର୍ଥନା କଲେ। ତାପରେ ସେମାନଙ୍କୁ ଅନ୍ୟ ସ୍ଥାନମାନଙ୍କରେ ଯୀଶୁଙ୍କ ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରଣ କଲେ।
- **47:13** ଯୀଶୁଙ୍କର ସୁସମାଚାର ବ୍ୟାପିବାକୁ ଲାଗିଲା, ଏବଂ **ମଣ୍ଡଳୀ** ବୃଦ୍ଧି ହେଲା

- **50:1** ପାଖାପାଖି 2,000 ବର୍ଷ ପରେ, ଅଧିକରୁ ଅଧିକ ଲୋକମାନେ ଯୀଶୁ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ସୁସମାଚାର ଶୁଣି ଆସୁଅଛନ୍ତି। **ମଣ୍ଡଳୀ** ବୃଦ୍ଧି ପାଇଆସୁଅଛି।

ଶବ୍ଦବିନ୍ୟାସ:

- Strong's: G15770

ମଧ୍ୟସ୍ଥତା, ମଧ୍ୟସ୍ଥତା କରନ୍ତି, ମଧ୍ୟସ୍ଥତା ପ୍ରାର୍ଥନା

ସଂଜ୍ଞା:

"ମଧ୍ୟସ୍ଥତା "ଓ "ମଧ୍ୟସ୍ଥତା ପ୍ରାର୍ଥନା "ଶବ୍ଦ ଏକ ବ୍ୟକ୍ତି କୁ ଆଉ ଏକ ବ୍ୟକ୍ତି ନିମନ୍ତେ ଅନୁରୋଧ କରିବା କୁ ଦର୍ଶାଏ I ବାଇବଲରେ ସାଧାରଣତଃ ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଦର୍ଶାଏ I

- ଅଭିବ୍ୟକ୍ତି "ମଧ୍ୟସ୍ଥତା ପ୍ରାର୍ଥନା କରିବା' ଓ ' କାହା ପାଇଁ ମଧ୍ୟସ୍ଥତା "ଏହି ଦୁଇ ଶବ୍ଦ ର ଅର୍ଥ ଅନ୍ୟ ଲୋକଙ୍କ ଲାଭ ନିମନ୍ତେ ପରମେଶ୍ୱରଙ୍କୁ ଅନୁରୋଧ କରିବା I
- ବାଇବଲ ଆମକୁ ଶିକ୍ଷା ଦିଏ କି ପବିତ୍ର ଆତ୍ମା ଆମ ପାଇଁ ମଧ୍ୟସ୍ଥତା କରନ୍ତି, ତାହା ହେଲା ସେ ପରମେଶ୍ୱରଙ୍କୁ ଆମ ନିମନ୍ତେ ପ୍ରାର୍ଥନା କରନ୍ତି I
- ଏକ ବ୍ୟକ୍ତି ଆଉ ଏକ ବ୍ୟକ୍ତି ନିମନ୍ତେ ମଧ୍ୟସ୍ଥତା କରିବା ହେଉଛି ତାଙ୍କ ନିମନ୍ତେ ଯେ ପଦାଧିକାରୀ ଅଛି ତାହାଙ୍କୁ ଅନୁରୋଧ କରିବା I

ଅନୁବାଦ ପ୍ରସ୍ତାବ "

- "ମଧ୍ୟସ୍ଥତା" କୁ ଅଲଗା ପ୍ରକାର ଅନୁବାଦ କଲେ ତାହା "କାହା ନିମନ୍ତେ ଓକିଲାତି କରିବା "କିଅବା "କାହାକୁ ପ୍ରବଳ ଭାବରେ ଆଉ କାହା ନିମନ୍ତେ ବାଧ କରାଇବା "ହୁଏ I
- "ମଧ୍ୟସ୍ଥ ପ୍ରାର୍ଥନା କରିବା" କୁ "ଦୃଷ୍ଟି ଆକର୍ଷଣ କରିବା" କିଅବା "ଅନୁରୋଧ" କିଅବା "ବାଧ ପ୍ରାର୍ଥନା "ରୂପରେ ଅନୁବାଦ କରାଯାଏ I
- ବାକ୍ୟାଂଶ "ମଧ୍ୟସ୍ଥତା କରିବା" କୁ "କାହାର ଲାଭ ନିମନ୍ତେ ଅନୁରୋଧ କରିବା" କିଅବା "କାହା ତରଫରୁ ଓକିଲାତି କରିବା" କିଅବା "ସାହାଯ୍ୟ ନିମନ୍ତେ ପରମେଶ୍ୱରଙ୍କୁ ପଚାରିବା "କିଅବା "ପରମେଶ୍ୱରଙ୍କୁ କାହା ପାଇଁ ଓକିଲାତି କରିବା କି ପ୍ରଭୁ ତାହାକୁ ଆଶୀର୍ବାଦ କରନ୍ତୁ "ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ: ପ୍ରାର୍ଥନା)

ବାଇବଲ ପଦପର୍ବ:

- ଏବ୍ରୀ ୦୭:୨୫-୨୬
- ଯିଶାଇୟ ୫୩:୧୨
- ଯିରିମିୟ ୨୯:୬-୭
- ରୋମୀୟ ୦୮:୨୬-୨୭
- ରୋମୀୟ ୦୮:୩୩-୩୪

ବୋର୍ଡ ଡାଟା :

- Strong's: H6293, G1783, G1793, G5241

ମନୁଷ୍ୟ ପୁତ୍ର, ମନୁଷ୍ୟ ପୁତ୍ର

ପରିଭାଷା:

"ମନୁଷ୍ୟ ପୁତ୍ର" ର ଆଖ୍ୟା ଯୀଶୁ ଓ କେବଳ ତାହାଙ୍କ ପାଇଁ ବ୍ୟବହାର କରାଯାଏ ସେ ସଦା ସର୍ବଦା "ମୁଁ "କିମ୍ବା "ମୋହର" ସର୍ବନାମ ବ୍ୟବହାର କରିବା ପରିବର୍ତ୍ତେ ଏହି ବାକ୍ୟକୁ ବ୍ୟବହାର କରିଥିଲେ ।

- ବାଇବେଲରେ, "ମନୁଷ୍ୟ ପୁତ୍ର" ଜଣେ ମନୁଷ୍ୟକୁ ବୁଝାଇପାରେ । ଏହାର ଅର୍ଥ "ମାନବ ଜାତି" ମଧ୍ୟ ହୋଇପାରେ ।
- ପୁରାତନ ନିୟମର ଯିହିଜିକଲରେ ଯିହିଜିକଲ ଈଶ୍ୱରଙ୍କୁ "ମନୁଷ୍ୟ ପୁତ୍ର" ବୋଲି ସମ୍ବୋଧନ କରିଛନ୍ତି ଉଦାହରଣ ସ୍ୱରୂପ ସେ କହିଲେ, "ତୁମ୍ଭେ, ମନୁଷ୍ୟ ପୁତ୍ର, ନିଶ୍ଚିତ ଭାବବାଣୀ କରିବା ଉଚିତ। "
- ଭବିଷ୍ୟତବକ୍ତା ଦାନିୟେଲ ଦର୍ଶନରେ ଜଣେ "ମନୁଷ୍ୟ ପୁତ୍ର" ମେଘ ମାଳରେ ଆସୁଥିବା ଦେଖିଲେ ଯାହା ମସୀହଆସୁଥିବା ଖ୍ରୀଷ୍ଟଙ୍କ ବିଷୟରେ ବୁଝାଏ।
- ଯୀଶୁ ମଧ୍ୟ କହିଲେ ଯେ ମନୁଷ୍ୟ ପୁତ୍ର ଦିନେ ମେଘ ମାଳରେ ନିଶ୍ଚୟ ଆସିବେ ।
- ମନୁଷ୍ୟ ପୁତ୍ର ମେଘ ମାଲରେ ଅସିବେ ବାକ୍ୟାଂଶ ପ୍ରକାଶ କରେ ଯେ ଯୀଶୁ ମସୀହ ଈଶ୍ୱର ଅଟନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

· ଯୀଶୁ ଯେତେବେଳେ "ମନୁଷ୍ୟ ପୁତ୍ର" ଶବ୍ଦ ବ୍ୟବହାର କଲେ, ଏହାକୁ "ଯେ ମନୁଷ୍ୟ ପରି ଦେହବନ୍ତ ହେଲେ" କିମ୍ବା "ସ୍ୱର୍ଗରୁ ଆନୀତ ମନୁଷ୍ୟ" ବୋଲି ଅନୁବାଦ କରନ୍ତୁ ।

· କେତେକ ଅନୁବାଦକ "ମୁଁ" କିମ୍ବା "ମୋହର" (ଯଥା ମୁଁ, ମନୁଷ୍ୟ ପୁତ୍ର) ସର୍ବନାମ ସହ ବ୍ୟବହାର କରି ସ୍ପଷ୍ଟ କରନ୍ତି ଯେ ଯୀଶୁ ନିଜ ବିଷୟରେ କହନ୍ତି।

· ଏହି ଶବ୍ଦର ଅନୁବାଦ ଯେପରି କୌଣସି ଭୁଲ୍ ଅର୍ଥ ପ୍ରକାଶ ନ କରେ (ଯଥା ଅବୈଧ ପୁତ୍ର କିମ୍ବା ଭୁଲ ଆଦର୍ଶ ଦେବା ଯେପରି ଯୀଶୁ କେବଳ ମନୁଷ୍ୟଥିଲେ)ତାହା ନିଶ୍ଚିତ କରନ୍ତୁ ।

· ଯେତେବେଳେ ଜଣେ ବ୍ୟକ୍ତିଙ୍କୁ ଦର୍ଶାଏ, "ମନୁଷ୍ୟ ପୁତ୍ର" ଏହି ବାକ୍ୟାଂଶକୁ "ତୁମ୍ଭେ ଜଣେ ମନୁଷ୍ୟ ଅଟ" କିମ୍ବା "ତୁମ୍ଭେ ମଣିଷ "କିମ୍ବା "ମାନବ ଜାତି "କିମ୍ବା "ମଣିଷ" ବୋଲି ଅନୁବାଦ କରାଯାଇପାରେ ।

(ସ୍ୱର୍ଗ, ପୁତ୍ର, ଈଶ୍ୱରଙ୍କ ପୁତ୍ର, ଯିହୋବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7: 56
- ଦାନିୟେଲ 7:14
- ଯିହିଜିକଲ 43:6-8
- ଯୋହନ 3:12-13
- ଲୂକ 6:5
- ମାର୍କ 2:10
- ମାଥିଉ 13:37
- ଗୀତସଂହିତା 80:17-18
- ପ୍ରକାଶିତ ବାକ୍ୟ 14:14

ଶବ୍ଦବିନ୍ୟାସ :

- Strong's: H120, H66, H1121, H1247, G444, G527

ମନୋନୀତ,ବାଛିବା,ମନୋନୀତ ଲୋକମାନେ,ମନୋନୀତ ବ୍ୟକ୍ତି,ମନେ ମନେ ସ୍ଥିର କରିବା ବା ନିର୍ବାଚନ କରିବା

ପରିଭାଷା:

"ମନୋନୀତ" ଶବ୍ଦର ଆକ୍ଷେରିକ ଅର୍ଥ "ମନୋନୀତ ବ୍ୟକ୍ତିମାନେ" କିମ୍ବା "ମନୋନୀତ ଲୋକମାନେ" ଏବଂ ଯେଉଁମାନଙ୍କୁ ପ୍ରଭୁ ନିଯୁକ୍ତି କଲେ କିମ୍ବା ବାଛିଲେ ସେମାନଙ୍କୁ ସୁଚାଏ। "ମନୋନୀତ ବ୍ୟକ୍ତି" କିମ୍ବା "ଈଶରଙ୍କ ମନୋନୀତ ବ୍ୟକ୍ତି" ଏପରି ଶିରୋନାମା ଯାହା ଯୀଶୁଙ୍କୁ ବୁଝାଏ, ଯିଏ ମନୋନୀତ ମସୀହ ଅଟନ୍ତି।

- "ମନୋନୀତ" ଶବ୍ଦର ଅର୍ଥ କେତେକ ବିଷୟ ବାଛିବା କିମ୍ବା କାହାକୁ ବାଛିବା କିମ୍ବା କିଛି ନିଷ୍ପତି ନେବା। ଅନେକ ସମୟରେ ଏହି ଶବ୍ଦଟି ପରମେଶ୍ୱରଙ୍କ ନିଜର ସେବା ପାଇଁ ମନୋନୀତ ବା ନିଯୁକ୍ତି କରିଥିବା ଲୋକମାନଙ୍କୁ ବୁଝାଏ।
- "ମନୋନୀତ" ହେବାର ଅର୍ଥ "ସର୍ବଶ୍ରେଷ୍ଠ ବିଷୟକୁ ବାଛିବା" କିମ୍ବା "ନିଯୁକ୍ତି ହେବା" କିମ୍ବା କିଛି କରିବା ଅଟେ।
- ଈଶ୍ୱର ଲୋକମାନଙ୍କୁ ପବିତ୍ର ହେବା ନିମନ୍ତେ ବାଛିଲେ, ଏବଂ ଉତ୍ତମ ଫଳ ବହନ କରିବା ଉଦ୍ଦେଶ୍ୟରେ ତାହାଙ୍କ ଦ୍ୱାରା ପୃଥକ କଲେ। ସେଥି ପାଇଁ ସେମାନେ "ମନୋନୀତ ଲୋକ" କିମ୍ବା "ସର୍ବଶ୍ରେଷ୍ଠ ଲୋକ" ବୋଲି କୁହାଯାଆନ୍ତି।
- "ମନୋନୀତ ବ୍ୟକ୍ତି" ଶବ୍ଦଟି ବାଇବେଲରେ ଅନେକ ସମୟରେ କେତେକ ନିର୍ଦ୍ଦିଷ୍ଟ ଲୋକମାନଙ୍କ ନିମନ୍ତେ ବ୍ୟବହାର କରାଯାଇଅଛି ଯେପରି ମୋଶା ଏବଂ ଦାଉଦ ରାଜା ଯେଉଁମାନଙ୍କୁ ପରମେଶ୍ୱର ଆପଣାର ଲୋକମାନଙ୍କର ନେତା ଭାବରେ ନିଯୁକ୍ତ କରିଥିଲେ। ଏହା ମଧ୍ୟ ପରମେଶ୍ୱରଙ୍କ ମନୋନୀତ ଜାତି ଇସ୍ରାଏଲ ଦେଶକୁ ଦର୍ଶାଏ।
- ଖଣ୍ଡବାକ୍ୟ "ମନୋନୟନ" ଏକ ପୁରୁଣା ବ୍ୟବହୃତ ଭାଷା ଯାହାର ଆକ୍ଷେରିକ ଅର୍ଥ "ମନୋନୀତ ଲୋକମାନେ" କିମ୍ବା "ବଛାଯାଇଥିବା ଲୋକ।" ଖ୍ରୀଷ୍ଟରେ ବିଶ୍ୱାସୀମାନଙ୍କୁ ବୁଝାଇବାବେଳେ ଏହି ଖଣ୍ଡବାକ୍ୟ ମୂଳ ଭାଷାରେ ବହୁବଚନ ଅଟେ।
- ପୁରାତନ ଇଂରାଜୀ ବାଇବେଲ ସଂସ୍କରଣରେ, "ମନୋନୀତ" ଶବ୍ଦ ଉଭୟ ପୁରାତନ ଓ ନୂତନ ନିୟମରେ "ମନୋନୀତ ଲୋକ" ଭାବରେ ଅନୁବାଦ କରାଯାଉଥିଲା। ଅନେକ ଆଧୁନିକ ସଂସ୍କରଣରେ "ନିର୍ବାଚିତ କରିବା" ଶବ୍ଦଟି ନୂତନ ନିୟମରେ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରି ପରିତ୍ରାଣ ପ୍ରାପ୍ତ ଲୋକମାନଙ୍କୁ ଦର୍ଶାଏ। ବାଇବେଲ ମୂଳପାଠର ଅନ୍ୟ ସ୍ଥାନରେ, ଏହି ଶବ୍ଦଟିକୁ ଆକ୍ଷେରିକ ଭାବରେ ଅନୁବାଦକରି "ମନୋନୀତ ବ୍ୟକ୍ତି" ଭାବରେ ଅନୁବାଦକରାଯାଇଛି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମନୋନୀତ" ଶବ୍ଦକୁ "ମନୋନୀତ ବ୍ୟକ୍ତି" କିମ୍ବା "ମନୋନୀତ ଲୋକ" ଭାବରେ ଅନୁବାଦ କରିବା ଉତ୍ତମ ଅଟେ। ଏହା ମଧ୍ୟ ଏହିପରି ଭାବରେ ଯଥା "ଲୋକମାନେ ଯେଉଁମାନଙ୍କୁ ଈଶ୍ୱର ମନୋନୟନ କଲେ" କିମ୍ବା "ଈଶ୍ୱର ଯେଉଁମାନଙ୍କୁ ଆପଣାର ଲୋକ କରିବା ନିମନ୍ତେ ନିଯୁକ୍ତି କଲେ" ବୋଲି ଅନୁବାଦ କରାଯାଇପାରେ।
- "ଯେଉଁମାନେ ମନୋନୀତ" ବାକ୍ୟାଂଶଟିକୁ "ଯେଉଁମାନେ ନିଯୁକ୍ତ ହୋଇଥିଲେ" କିମ୍ବା "ଯେଉଁମାନେ ବଛା ଯାଇଥିଲେ" କିମ୍ବା "ଯାହାକୁ ଈଶ୍ୱର ବାଛିଲେ" ବୋଲି ଅନୁବାଦ କରାଯାଇପାରେ।
- "ମୁଁ ତୁମ୍ଭକୁ ମନୋନୀତ କରିଛି" ଏହି ବାକ୍ୟାଂଶକୁ "ମୁଁ ତୁମ୍ଭକୁ ନିଯୁକ୍ତି କରିଛି" କିମ୍ବା "ମୁଁ ତୁମକୁ ବାଛିଅଛି" ବୋଲି ଅନୁବାଦ କରାଯାଇପାରେ।
- ଯୀଶୁଙ୍କ ସମନ୍ଧରେ ବ୍ୟବହୃତ ହେଲେ,"ମନୋନୀତ ବ୍ୟକ୍ତି" ବାକ୍ୟାଂଶକୁ "ଈଶ୍ୱରଙ୍କ ମନୋନୀତ ବ୍ୟକ୍ତି" କିମ୍ବା "ଈଶ୍ୱରଙ୍କ ମନୋନୀତ ମସୀହ" କିମ୍ବା "ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ (ଲୋକମାନଙ୍କୁ ରକ୍ଷା କରିବା ନିମନ୍ତେ)" ବୋଲି ଅନୁବାଦ କରାଯାଇପାରେ।

(ନିଯୁକ୍ତି,ଖ୍ରୀଷ୍ଟ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ଯୋହନ 1:1
- କଲସୀୟ 3:12
- ଏଫିସୀୟ 1:3-4
- ଯିଶାଇୟ 65:22-23
- ଲୂକ 18:7
- ମାଥିଉ 24:19-22
- ରୋମୀୟ 8:33

ଶବ୍ଦବିନ୍ୟାସ:

- Strong's: H0970, H0972, H0977, H1262, H1305, H4005, H6901, G01380, G01400, G15860, G15880, G15890, G19510, G37240, G44000, G44010, G47580, G48990, G55000

ମନ୍ଦ,ଦୁଷ୍ଟ,ଦୁଷ୍ଟାମି

ପରିଭାଷା:

ବାଇବଲରେ, "ମନ୍ଦ" ଶବ୍ଦଟି ନୈତିକ ଦୁଷ୍ଟତା କିମ୍ବା ଅପ୍ରୀତିକର ଭାବପ୍ରବଣ ଧାରଣାକୁ ସୂଚାଏ I ସାଧାରଣତଃ ଏହି ଶବ୍ଦ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କେଉଁ ଅର୍ଥ ବୁଯାଏ ତାହା ପ୍ରସଙ୍ଗ ସ୍ପଷ୍ଟ କରିଥାଏ I

- "ମନ୍ଦ" ଶବ୍ଦଟି ଏକ ବ୍ୟକ୍ତିର ଚରିତ୍ରକୁ ବର୍ଣ୍ଣନା କରେ, "ଦୁଷ୍ଟ" ଶବ୍ଦଟି ଏକ ବ୍ୟକ୍ତିର ଆଚରଣକୁ ବର୍ଣ୍ଣନା କରେ I କିନ୍ତୁ, ଉଭୟ ଶବ୍ଦଗୁଡ଼ିକ ସମାନ ଅର୍ଥ ପ୍ରକାଶ କରେ I
- "ଦୁଷ୍ଟାମି" ଶବ୍ଦଟି ଲୋକମାନଙ୍କର ପାପପୂର୍ଣ୍ଣ ଆଚରଣକୁ ବୁଝାଏ I
- ମନ୍ଦର ପରିଣାମ ଲୋକମାନେ କିପରି ଅନ୍ୟମାନଙ୍କୁ ହତ୍ୟା, ଚୋରୀ, ଗାଳି କରନ୍ତି ଏବଂ ନିଷ୍ଠୁର ବ୍ୟବହାର କରନ୍ତି ଏଥିରେ ପ୍ରକାଶ ପାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି "ମନ୍ଦ" ଏବଂ "ଦୁଷ୍ଟ" ଶବ୍ଦଗୁଡ଼ିକୁ "ଖରାପ" କିମ୍ବା "ପାପମୟ" କିମ୍ବା "ଅନୈତିକ" ବୋଲି ଅନୁବାଦ କରାଯାଇପାରେ I
- ଅନ୍ୟ ଭାବରେ ମଧ୍ୟ ଅନୁବାଦ କରାଯାଇପାରେ ଯେପରି "ଭଲ ନୁହେଁ" କିମ୍ବା "ଧାର୍ମିକ ନୁହେଁ" କିମ୍ବା "ନୈତିକ ନୁହେଁ" I
- ପ୍ରସଙ୍ଗ ଉପରେ ଆଧାର କରି ଶବ୍ଦଗୁଡ଼ିକୁ ସ୍ୱଭାବିକ ଭାବେ ଅନୁବାଦ କରିବା ଆବଶ୍ୟକ ଅଟେ I

(ଅବାଧ,ପାପ,ଉତ୍ତମ,ଧାର୍ମିକ,ଦିଆବଳ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ 24:11
- ପ୍ରଥମ ତୀମଥି 6:10
- ତୃତୀୟ ଯୋହନ 1:10
- ଆଦି ପୁସ୍ତକ 2:17
- ଆଦି ପୁସ୍ତକ 6:5-6
- ଆୟୁବ 1:1
- ଆୟୁବ 8:20
- ବିଚାରକର୍ତ୍ତା 9:57
- ଲୂକ 6:22-23
- ମାଥିଉ 7:11-12
- ହିତୋପଦେଶ 3:7
- ଗୀତସଂହିତା 22:16-17

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **2:4** " ଈଶ୍ୱର ଜାଣିଥିଲେ କି ଫଳ ଖାଇବା ମାତ୍ରେ ତୁମ୍ଭେମାନେ ଈଶ୍ୱରଙ୍କ ପରି ହେବ ଏବଂ ଭଲ ଏବଂ **ମନ୍ଦ** ପ୍ରଭେଦ ଜାଣିବ I
- **3:1** ଅନେକେ ସମୟପରେ ଅନେକ ଲୋକ ଜଗତରେ ବାସ କରୁଥିଲେ I ସେମାନେ ଅତି **ଦୁଷ୍ଟ** ଏବଂ ହିଂସ୍ରକ ହେଲେ I
- **3:2** କିନ୍ତୁ ନୋହ ଈଶ୍ୱରଙ୍କ ଦୃଷ୍ଟିରେ ଅନୁଗ୍ରହ ପାଇଲେ I **ଦୁଷ୍ଟ** ଲୋକମାନଙ୍କ ମଧ୍ୟରେ ସେ ଜଣେ ଧାର୍ମିକ ଲୋକଥିଲେ I
- **4:2** ଈଶ୍ୱର ଦେଖିଲେ କି ଯଦି ସେମାନେ ମନ୍ଦ କାର୍ଯ୍ୟ କରିବା ପାଇଁ ଚେଷ୍ଟା କଲେ ତା ହେଲେ ସେମାନେ ଅନେକ ପାପରେ ପଡ଼ି ପାରନ୍ତି I
- **8:12** "ତୁମ୍ଭେ ମୋ ପ୍ରତି ମନ୍ଦ ଚିନ୍ତା କଲ କିନ୍ତୁ ଯେତେବେଳେ ତୁମେ ମୋତେ ଦାସ ଭାବେ ବିକ୍ରୀକଲ କିନ୍ତୁ ଈଶ୍ୱର ସେହି **ମନ୍ଦକୁ** ଭଲରେ ପରିଣତ କଲେ I"
- **14:2** କିଣାନୀୟମାନେ ଦେବତାମାନଙ୍କର ଉପାସନା କଲେ ଏବଂ ଅନେକ **ମନ୍ଦ** କାର୍ଯ୍ୟ କଲେ I
- **17:1** କିନ୍ତୁ ଶାଉଲ ପାପ କଲେ ଆଉ ଈଶ୍ୱରଙ୍କ ଅବାଧ ହୋଇ **ମନ୍ଦ** କର୍ମ କଲେ ତେଣୁ ଆଉ ଏକ ଜଣକୁ ରାଜା କରି ନିଯୁକ୍ତି କଲେ I
- **18:11** ଇସ୍ରାଏଲରେ ସବୁ ରାଜା ମନ୍ଦ କାର୍ଯ୍ୟ କଲେ I
- **29:8** ରାଜା ଅତିଶୟ କ୍ରୋଧ କରି **ଦୁଷ୍ଟ** ଦାସକୁ କାରାଗାରରେ ନିକ୍ଷେପ କଲେ ଯେଉଁ ପର୍ଯ୍ୟନ୍ତ ସେ ତାଙ୍କ ଋଣ ପରିଶୋଧ କଲେ ନାହିଁ I
- **45:2** ସେମାନେ କହିଲେ, "ଆମ୍ଭେମାନେ ସ୍ତିପାନକୁ **ମନ୍ଦ** କଥା ମୋଶା ଏବଂ ଈଶ୍ୱରଙ୍କ ବିରୁଦ୍ଧରେ କହିବା ଶୁଣିଲୁ !"

- **50:17** ଯୀଶୁ ସବୁ ଲୋଡକ ପୋଛିଦେବେ ଏବଂ ଆଉ କିଛି କ୍ଲେଶ, ଦୁଃଖ, କ୍ରନ୍ଦନ, ମନ୍ଦ, କଷ୍ଟ, କିମ୍ବା ମୃତ୍ୟୁ ରହିବ ନାହିଁ I

*

ଶବ୍ଦବିନ୍ୟାସ:

- Strong's: H0205, H0605, H1100, H1681, H1942, H2154, H2162, H2254, H2617, H3399, H3415, H4209, H4849, H5753, H5766, H5767, H5999, H6001, H6090, H7451, H7455, H7489, H7561, H7562, H7563, H7564, G00920, G01130, G04590, G09320, G09870, G09880, G14260, G25490, G25510, G25540, G25550, G25560, G25570, G25590, G25600, G26350, G26360, G41510, G41890, G41900, G41910, G53370

ମନ୍ଦିର, ଗୃହ, ଈଶ୍ୱରଙ୍କ ଗୃହ

ସତ୍ୟ ଘଟଣାବଳୀ:

ଗୋଟିଏ ମନ୍ଦିର ଗୃହ ଥିଲା ଯାହା ପ୍ରାଚୀର ପ୍ରାଙ୍ଗଣ ଦ୍ୱାରା ଘେରି ରହିଥିଲା ଯେଉଁଠାରେ ଇସ୍ରାଏଲୀୟମାନେ ପ୍ରାର୍ଥନା କରିବାକୁ ଏବଂ ଈଶ୍ୱରଙ୍କୁ ବଳି ଉତ୍ସର୍ଗ କରିବାକୁ ଆସୁଥିଲେ । ଏହା ଯିରୂଶାଲମ ସହରର ମୋରୀୟା ପର୍ବତ ଉପରେ ଅବସ୍ଥିତ ଥିଲା ।

- ଅନେକ ସମୟରେ "ମନ୍ଦିର" ଶବ୍ଦ ସମୁଦାୟ ମନ୍ଦିର ପରିସରକୁ ବୁଝାଏ, ଯାହା ମଧ୍ୟରେ ମୁଖ୍ୟ ଗୃହକୁ ଘେରି ରହିଥିବା ପ୍ରାଙ୍ଗଣଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ଥାଏ I ବେଳେବେଳେ ଏହା କେବଳ ଗୃହକୁ ସୂଚାଏ I
- ମନ୍ଦିର ଗୃହର ଦୁଇଟି କୋଠରୀ ଥିଲା, ଯାହା ପବିତ୍ର ସ୍ଥାନ ଏବଂ ମହାପବିତ୍ର ସ୍ଥାନ ଥିଲା I
- ଈଶ୍ୱର ମନ୍ଦିରକୁ ଆପଣାର ଆବାସ ସ୍ଥଳ ବୋଲି ଉଲ୍ଲେଖ କରିଥିଲେ I
- ରାଜା ଶଲୋମନ ଆପଣା ରାଜତ୍ୱ ସମୟରେ ଏହି ମନ୍ଦିର ନିର୍ମାଣ କରିଥିଲେ I ଏହା ଯିରୂଶାଲମରେ ଉପାସନାର ନିତ୍ୟସ୍ଥାୟୀ ସ୍ଥାନ ହେବାର ଥିଲା I
- ନୂତନ ନିୟମରେ, ଯୀଶୁଙ୍କଠାରେ ବିଶ୍ୱାସୀମାନଙ୍କୁ ଏକ ଦଳ ଭାବରେ "ପବିତ୍ର ଆତ୍ମାଙ୍କ ମନ୍ଦିର" ଶବ୍ଦକୁ ଉଲ୍ଲେଖ କରାଯାଉଥିଲା, ଯେହେତୁ ପବିତ୍ର ଆତ୍ମା ସେମାନଙ୍କ ମଧ୍ୟରେ ବାସ କରନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ସାଧାରଣତଃ ଯେତେବେଳେ ବାକ୍ୟ କହେ ଯେ ଲୋକମାନେ "ମନ୍ଦିରରେ ଥିଲେ", ତାହା ଗୃହର ବାହାରେ ଥିବା ପ୍ରାଙ୍ଗଣଗୁଡ଼ିକ ବୁଝାଏ I ଏହାକୁ "ମନ୍ଦିର ପ୍ରାଙ୍ଗଣଗୁଡ଼ିକରେ" କିମ୍ବା "ମନ୍ଦିରର ପରିସର ମଧ୍ୟରେ" ବୋଲି ଅନୁବାଦ କରାଯାଇପାରେ I
- ଯେଉଁ ସ୍ଥାନରେ ଏହା କେବଳ ଏକ ଗୃହକୁ ବୁଝାଏ, କେତେକ ଅନୁବାଦଗୁଡ଼ିକରେ "ମନ୍ଦିର" ଶବ୍ଦକୁ "ମନ୍ଦିର ଗୃହ" ବୋଲି ଅନୁବାଦ କରାଯାଇପାରେ I
- "ମନ୍ଦିର" ଶବ୍ଦକୁ "ଈଶ୍ୱରଙ୍କ ପବିତ୍ର ଗୃହ" କିମ୍ବା "ପବିତ୍ର ଉପାସନାର ସ୍ଥଳ" ବୋଲି ଅନୁବାଦ କରାଯାଇପାରେ I
- ଅନେକ ସମୟରେ ବାଇବେଲରେ, ମନ୍ଦିର ଶବ୍ଦ "ଯିହୋବାଙ୍କ ଗୃହ" କିମ୍ବା "ଈଶ୍ୱରଙ୍କ ଗୃହ" ବୋଲି ଉଲ୍ଲେଖ କରାଯାଇଛି I

(ବଳିଦାନ, ଶଲୋମନ, ବାବିଲୋ, ପବିତ୍ର ଆତ୍ମା, ସମାଗମ ତମ୍ବୁ, ପ୍ରାଙ୍ଗଣ ,ସିୟୋନ, ଗୃହ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 3:2
- ପ୍ରେରିତ 3:8
- ଯିହିଜିକଲ 45:18-20
- ଲୂକ 19:46
- ନିହିମୀୟା 10:28
- ଗୀତସଂହିତା 79:1-3

ବାଇବେଲର କାହାଣୀରୁ ଉଦାହରଣଗୁଡ଼ିକ:

- **17:6** ଦାଉଦ ଏକ ମନ୍ଦିର **ନିର୍ମାଣ** କରିବାକୁ ଚାହିଁଲେ ଯେଉଁଠାରେ ସମସ୍ତ ଇସ୍ରାଏଲୀୟମାନେ ଈଶ୍ୱରଙ୍କ ଉପାସନା କରିପାରିବେ ଏବଂ ତାହାଙ୍କ ନିକଟରେ ବଳିଦାନ ଉତ୍ସର୍ଗ କରିପାରିବେ I
- **18:2** ଯିରୂଶାଲମଠାରେ, ଶଲୋମନ **ମନ୍ଦିର** ନିର୍ମାଣ କଲେ ଯହିଁ ପାଇଁ ତାହାଙ୍କ ପିତା ଦାଉଦ ଯୋଜନା କରିଥିଲେ ଏବଂ ସମସ୍ତ ଉପାଦାନଗୁଡ଼ିକ(ବିଷୟବସ୍ତୁ) ଏକତ୍ରିତ କରିଥିଲେ I ସମାଗମ ତମ୍ବୁ ପରିବର୍ତ୍ତେ, ବର୍ତ୍ତମାନ ଲୋକମାନେ **ମନ୍ଦିରରେ** ଈଶ୍ୱରଙ୍କ ଉପାସନା କଲେ ଏବଂ ତାହାଙ୍କ ନିକଟରେ ବଳିଦାନ ଉତ୍ସର୍ଗ କଲେ I ଈଶ୍ୱର ଆସିଲେ ଏବଂ ମନ୍ଦିରରେ ଉପସ୍ଥିତ ହୋଇ ରହିଲେ ଏବଂ ସେ ସେଠାରେ ଆପଣା ଲୋକମାନଙ୍କ ମଧ୍ୟରେ ବାସ କଲେ I
- **20:7** ସେମାନେ (ବାବିଲୀୟମାନେ) ଯିରୂଶାଲମ ନଗରୀ ଅଧିକାର କଲେ, **ମନ୍ଦିରକୁ** ଧ୍ୱଂସ କଲେ, ଏବଂ ସମସ୍ତ ଧନସମ୍ପତ୍ତି ଲୁଟ୍ କରି ନେଇଗଲେ I
- **20:13** ଯେତେବେଳେ ଲୋକମାନେ ଯିରୂଶାଲମକୁ ଆସିଲେ, ସେମାନେ **ମନ୍ଦିର** ଏବଂ ନଗରୀର ଚାରିଆଡେ ପ୍ରାଚେରୀ ପୁନଃନିର୍ମାଣ କଲେ I
- **25:4** ତାହାପରେ ଶୟତାନ ଯୀଶୁଙ୍କୁ **ମନ୍ଦିରର** ଛାତକୁ ଘେନିଯାଇ କହିଲା, "ତୁମ୍ଭେ ଯେତେବେଳେ ଈଶ୍ୱରଙ୍କ ପୁତ୍ର, ତେବେ ତଳକୁ ଡେଇଁ ପଡ, କାରଣ ଲେଖାଅଛି, ସେ ଆପଣା ଦୂତମାନଙ୍କୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ, ଆଉ କାଳେ ତୁମ୍ଭ ପାଦ ପ୍ରସ୍ତରରେ ବାଜିବ, ଏଥିପାଇଁ ସେମାନେ ତୁମ୍ଭକୁ ହସ୍ତରେ ତୋଳି ଧରିବେ I

- **40:7** ସେ ଯେତେବେଳେ ମୃତ୍ୟୁବରଣ କଲେ, ଏକ ଭୂମିକମ୍ପ ହେଲା ଏବଂ **ମନ୍ଦିରର** ଈଶ୍ୱରଙ୍କ ଉପସ୍ଥିତିରୁ ଲୋକମାନଙ୍କୁ ବିଚ୍ଛେଦ କରୁଥିବା ବିଶାଳ ପରଦା ଉପରୁ ତଳ ପର୍ଯ୍ୟନ୍ତ ଦୁଇ ଖଣ୍ଡ ହୋଇ ଚିରିଗଲା I

ଶବ୍ଦବିନ୍ୟାସ :

- Strong's: H104, H1964, H1965, G14930, G24110, G34850

ମହାଯାଜକ, ପ୍ରଧାନ ଯାଜକ

ପରିଭାଷା:

"ମହାଯାଜକ" ଶବ୍ଦ ବିଶେଷ କରି ଏକ ଜାଯାକକୁ ବୁଝାଏ ଯିଏ ଇସ୍ରାଏଲର ସମସ୍ତ ଯାଜକମାନଙ୍କ ମୁଖ୍ୟସେବକ ଭାବରେ ଗୋଟିଏ ବର୍ଷ ନିମନ୍ତେ ନିଯକ୍ତ ହୋଇ ଥା'ଆନ୍ତି I ନୂତନ ନିୟମ ସମୟରେ, ଅନ୍ୟ କେତେକ ଯାଜକମାନେ ମଧ୍ୟ ଅନ୍ୟ ଯିହୁଦୀ ଧାର୍ମିକ ନେତା ଭାବରେ ବିବେଚିତ ହେଉଥିଲେଯାହାର ଅନ୍ୟ ଯାଜକ ଏବଂ ଲୋକମାନଙ୍କ ଉପରେ ଅଧିକାର ଥିଲା | ଏମାନେ ପ୍ରଧାନ ଯାଜକ ଥିଲେ।

- ମହାଯାଜକଙ୍କର ବିଶେଷ ଦାୟିତ୍ୱ ଥିଲା। ସେ ହିଁ ଏକମାତ୍ର ବ୍ୟକ୍ତି ଥିଲେ ଯିଏ ବର୍ଷକୁ ଥରେ ଏକ ବିଶେଷ ବଳି ଉତ୍ସର୍ଗ କରିବା ପାଇଁ ମନ୍ଦିରର ମହାନ ପବିତ୍ର ସ୍ଥାନକୁ ଯିବାକୁ ଅନୁମତି ପାଇଥିଲେ।
- ଇସ୍ରାଏଲରେ ଅନେକ ଯାଜକଥିଲେ କିନ୍ତୁ କେବଳ ଜଣେ ଏକ ସମୟରେ ପ୍ରବେଶ କରିପାରୁଥିଲେ I
- ମହାଯାଜକମାନେ ଅବସର ନେବା ପରେ, ସେମାନେ କାର୍ଯ୍ୟାଳୟର କିଛି ଦାୟିତ୍ୱରେ ରହୁଥିଲେ ଏବଂ ସେମାନଙ୍କର ଏହି ଉପାଧି ମଧ୍ୟ ସମାନ ରହୁଥିଲା I ଉଦାହରଣ ସ୍ୱରୂପ, କୟାଫା ଏବଂ ଅନ୍ୟମାନଙ୍କ ଯାଜକ ସମୟରେ ହାନାଙ୍କୁ ମହାଯାଜକ ଭାବରେ ସମ୍ବୋଧିତ କରାଯାଇଥିଲା I
- ମନ୍ଦିରରେ ଆବଶ୍ୟକ ହେଉଥିବା ସମସ୍ତ ବିଷୟ ପାଇଁ ମହାଯାଜକମାନେ ଦାୟୀ ଥିଲେ। ମନ୍ଦିରକୁ ଦିଆଯାଇଥିବା ଦାନଟଙ୍କା ମଧ୍ୟ ସେମାନେ ଦାୟିତ୍ୱରେ ଥିଲେ।
- ମୁଖ୍ୟ ଯାଜକମାନେ ସାଧାରଣ ଯାଜକମାନଙ୍କ ଅପେକ୍ଷା ପଦ ଓ କ୍ଷମତାରେ ଉଚ୍ଚ ଥିଲେ। କେବଳ ମହାଯାଜକଙ୍କର ଅଧିକ ଅଧିକାର ଥିଲା।
- ମହାଯାଜକମାନେ ଯୀଶୁଙ୍କର କେତେକ ମୁଖ୍ୟ ଶତ୍ରୁ ଥିଲେ ଏବଂ ସେମାନେ ତାଙ୍କୁ ଧରିବା ଓ ହତ୍ୟା କରିବା ପାଇଁ ରୋମୀୟ ନେତାମାନଙ୍କୁ ପ୍ରଭାବିତ କରିଥିଲେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମହାଯାଜକ" ଶବ୍ଦକୁ "ସର୍ବୋଚ୍ଚ ଯାଜକ "କିମ୍ବା "ଉଚ୍ଚ ପଦବୀ ଧାରୀ ମହାଯାଜକ "ବୋଲି ଅନୁବାଦ କରାଯାଇପାରେ I
- "ପ୍ରଧାନ ଯାଜକ" ବାକ୍ୟାଂଶକୁ "ମୁଖ୍ୟ ଯାଜକ" କିମ୍ବା "ଅଗ୍ରଣୀ ଯାଜକ" କିମ୍ବା "ଶାସକ ଯାଜକ" ବୋଲି ଅନୁବାଦ କରାଯାଇପାରେ I

(ହାନା, କୟଫା, ଯାଜକ, ମନ୍ଦିର: ଦେଖନ୍ତୁ)

ବାଇବଲ ପଦପର୍ବ:

- ପ୍ରେରିତ 5:27
- ପ୍ରେରିତ 7:1
- ପ୍ରେରିତ 9:1
- ଯାତ୍ରାପୁସ୍ତକ 30:10
- ଏବ୍ରୀ 6:19-20
- ଲେବୀୟ ପୁସ୍ତକ 16:32
- ଲୂକ 3:2
- ମାର୍କ 2:25-26
- ମାଥିଉ 26:3-5
- ମାଥିଉ 26:51-54

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **13:8** ମହାଯାଜକଙ୍କୁ ଛାଡ଼ି ପରଦା ପଛରେ ଥିବା ମହା ପବିତ୍ର ସ୍ଥାନକୁ ଆଉ କେହି ପ୍ରବେଶ କରି ପାରିବେ ନାହିଁ କାରଣ ଈଶ୍ୱର ସେଠାରେ ବାସ କରୁଥିଲେ I
- **21:7** ଯେଉଁ ଖ୍ରୀଷ୍ଟ ଆସିବେ ସେ ଏକ ସିଦ୍ଧ **ମହାଯାଜକ** ହେବେ ଯେ ନିଜକୁ ଏକ ନିଖୁନ୍ତ ବଳି କରି ପରମେଶ୍ୱରଙ୍କୁ ଉତ୍ସର୍ଗ କରିବେ I
- **38:3** ଯିହୁଦୀ ନେତାମାନେ ମହାଯାଜକଙ୍କ ନେତୃତ୍ୱରେ ଯୀଶୁଙ୍କୁ ବିଶ୍ୱାସଘାତ କରିବା ନିମନ୍ତେ 30 ଟି ରୂପାମୁଦ୍ରା ଦେଇଥିଲେ I
- **39:1** ସୈନିକମାନେ ଯୀଶୁଙ୍କୁ ମହାଯାଜକ ନିକଟକୁ ନେଲେ ଯେପରି ସେ ତାହାଙ୍କୁ ପ୍ରଶ୍ନ କରିପାରିବେ I
- **39:3** ଶେଷରେ, **ମହାଯାଜକ** ଯୀଶୁଙ୍କୁ ସିଧା ଦେଖି ପଚାରିଲେ, "ଆମ୍ଭକୁ କୁହ କଅଣ ତୁମ୍ଭେ ଖ୍ରୀଷ୍ଟ, ପରମେଶ୍ୱରଙ୍କ ପୁତ୍ର ଅଟ I
- **44:7** ତା'ପର ଦିନ, ଯିହୁଦୀ ନେତାମାନେ ପିତର ଓ ଯୋହନକୁ ମହାଯାଜକ ଓ ଅନ୍ୟ ଇସ୍ରାଏଲର ନେତାମାନଙ୍କ ନିକଟକୁ ଆଣିଲେ I

- **45:2** ତେଣୁ ଧାର୍ମିକ ନେତାମାନ ସ୍ତିପାନକୁ ବନ୍ଦୀ କରି ମହାଯାଜକ ଓ ଯିହୁଦୀ ନେତାମାନଙ୍କ ନିକଟକୁ ଆଣିଲେ ଯେଉଁଠାରେ ସ୍ତିପାନ ବିରୁଧରେ ଅନେକ ମିଥ୍ୟା ସାକ୍ଷ ଦେଲେI
- **46:1 ମହାଯାଜକ** ଶାଉଲକୁ ଦମ୍ମେଶକ ସହରକୁ ଯାଇ ଖ୍ରୀଷ୍ଟିୟାନ ଲୋକମାନଙ୍କୁ ବନ୍ଦୀ କରି ଯିରୂଶାଲମକୁ ଅଣିବାକୁ ଅନୁମତି ଦେଲେ I
- **48:6** ଯୀଶୁ ଜଣେ ମହାନ ମହାଯାଜକ ଅଟନ୍ତି I ଅନ୍ୟ ମହାଯାଜକ ପରି ସେ ନିଜକୁ ଉତ୍ସର୍ଗ କଲେ ଯାହା ସମସ୍ତ ମାନବ ଜାତିର ପାପକୁ ଦୂରକରେ I ଯୀଶୁ ସିଦ୍ଧ ମହାଯାଜକ ଥିଲେ କାରଣ ସେ ସମସ୍ତ ପାପର ଦଣ୍ଡ ନିଜ ଉପରେ ନେଲେ I

ଶବ୍ଦବିନ୍ୟାସ:

- Strong's: H7218, H1419, H3548, G748, G749

ମହିମା

ପରିଭାଷା:

"ମହିମା" ଶବ୍ଦ ମହାନତା ଓ ଐଶର୍ଯ୍ୟକୁ ବୁଝାଏ, ଏହା ଅଧିକାଂଶ ସମୟରେ ରାଜାର ଗୁଣକୁ ବୁଝାଏ I

- ବାଇବେଲରେ, "ମହିମା" ଈଶ୍ୱରଙ୍କର ମହାନତାକୁ ସର୍ବଦା ବୁଝାଏ ଯିଏ ବିଶ୍ୱର ସର୍ବଜ୍ଞ ରାଜା ଅଟନ୍ତି I
- "ମହା ମହିମ" ବୋଲି ମଧ୍ୟ ଜଣେ ରାଜାଙ୍କୁ ସମ୍ବୋଧିତ କରାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ରାଜାକିୟ ମହାନତା" କିମ୍ବା "ରାଜକୀୟ ଐଶ୍ୱର୍ଯ୍ୟ "ବୋଲି ଅନୁବାଦ କରାଯାଇପାରେ I
- "ମହା ମହିମ"ଶବ୍ଦକୁ "ତୁମ୍ଭର ମହତ୍ତ୍ୱ" କିମ୍ବା "ହେ ମାନ୍ୟବର" କିମ୍ବା ଏକ ସ୍ୱାଭାବିକ ଭାବେ ଏକ ରାଜାକୁ କିମ୍ବା ଶାସକକୁ ସମ୍ବୋଧିତ କରିବାର ଶୈଳୀ ଭାବେ ଅନୁବାଦ କରାଯାଇପାରେ I

(ରାଜା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ପିତର 1:16-18
- ଦାନିୟେଲ 4:36
- ଯିଶାଇୟ 2:10
- ଯିହୂଦା 1:25
- ମୀଖା 5:4-5

ଶବ୍ଦବିନ୍ୟାସ :

- Strong's: H1347, H1348, H1420, H1923, H1926, H1935, H7238, G3168, G3172

ମାନତ

ପରିଭାଷା:

ଗୋଟିଏ "ମାନତ" ଏକ ପ୍ରତିଜ୍ଞା ବା ଶପଥ ଯାହା ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ଦେଇଥାଏ I

- ଯଦି ପ୍ରାଚୀନ ଇସ୍ରାଏଲର ଜଣେ ବ୍ୟକ୍ତି ଈଶ୍ୱରଙ୍କ ନିକଟରେ ଏକ ମାନତ କରିଥିଲେ, ସେହି ବ୍ୟକ୍ତି ସେହି ମାନତ ପୂରଣ କରିବାକୁ ବାଧ ଥିଲେ | ପ୍ରାଚୀନ ଇସ୍ରାଏଲୀୟମାନେ ବିଶ୍ୱାସ କରୁଥିଲେ ଯଦି ଜଣେ ବ୍ୟକ୍ତି ଈଶ୍ୱରଙ୍କ ନିକଟରେ ମାନତ କରି ପୂରଣ କରେ ନାହିଁ ତେବେ ଏପରି କରିଥିବା ବ୍ୟକ୍ତିଙ୍କୁ ଈଶ୍ୱର ଦଣ୍ଡ ଦେବେ I
- ପ୍ରାଚୀନ ଇସ୍ରାଏଲରେ, ବେଳେବେଳେ ଜଣେ ବ୍ୟକ୍ତି ଈଶ୍ୱରଙ୍କୁ ତାଙ୍କୁ ସୁରକ୍ଷା ଦେବାକୁ କିମ୍ବା ମାନତ କରିଥାଏ | ତଥାପି, ଏହି ଅନୁରୋଧଗୁଡ଼ିକୁ ଈଶ୍ୱର ପୂରଣ କରିବେ ବୋଲି ପ୍ରାଚୀନ ଇସ୍ରାଏଲୀୟମାନେ ବିଶ୍ୱାସ କରୁ ନଥିଲେ I
- ପ୍ରସଙ୍ଗ ଉପରେ ନିର୍ଭର କରି, "ମାନତ" ଶବ୍ଦକୁ "ପ୍ରତିଜ୍ଞା" କିମ୍ବା "ଶପଥ" କିମ୍ବା "ଈଶ୍ୱରଙ୍କୁ ଦିଆଯାଇଥିବା ପ୍ରତିଜ୍ଞା" ଭାବରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ: ପ୍ରତିଜ୍ଞା:, ଶପଥ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ କରିନ୍ଥୀୟ 7:27-28
- ପ୍ରେରିତ 21:22-24
- ଆଦିପୁସ୍ତକ 28:21
- ଆଦିପୁସ୍ତକ 31:12-13
- ଯୂନସ 1:14-16
- ଯୂନସ 2:9-10
- ହିତୋପଦେଶ 7:14

ଶବ୍ଦବିନ୍ୟାସ :

- Strong's: H5087, H5088, G21710

ମାନ୍ନା

ସଂଜ୍ଞା:

ମାନ୍ନା ଏକ ଧବଳ ଶସ୍ୟ ସମାନ ଖାଦ୍ୟ ଯାହା ପରମେଶ୍ୱର ଇସ୍ରାଏଲ ଲୋକଙ୍କୁ ୪୦ ବର୍ଷ ଜଂଗଲ ଯାତ୍ରାରେ ଯେତେବେଳେ ସେମାନେ ମିସର ଛାଡ଼ିଥିଲେ ତେବେ ପ୍ରଦାନ କରିଥିଲେ I

- ମାନ୍ନା ଏକ ଧଳା ବରଫ ଖଣ୍ଡ ପରି ଦେଖା ଯାଉଥିଲା ଯାହା ପ୍ରତି ସଖାଳେ ଭୂମି ଉପରେ ଶିଶିର ତଳେ ଆବିର୍ଭାବ ହେଉଥିଲା I

ଏହା ମଧୁ ପରି ସ୍ୱାଦିଷ୍ଟଥିଲା I

- ଇସ୍ରାଏଲ ଲୋକମାନେମାନ୍ନା ବିଶ୍ରାମ ଦିନ କୁ ଛାଡ଼ି ପ୍ରତିଦିନ ସାଉଁଟୁଥିଲେ I
- ବିଶ୍ରାମ ଦିନର ପୂର୍ବ ଦିନ ପ୍ରଭୁ ଇସ୍ରାଏଲ୍ ଲୋକଙ୍କୁ ପରମେଶ୍ୱର ଦୁଇ ଦିନ ପାଇଁମାନ୍ନାଏକତ୍ରିତ କରିବାକୁ କହିଲେ କି ସେମାନେ ବିଶ୍ରାମ ଦିନରେ ଆଉ ଏକତ୍ରିତ ନ କରନ୍ତୁ I
- "ମାନ୍ନା" ଶବ୍ଦ ଅର୍ଥ "ଏହା କଅଣ ଅଟେ ?"
- ବାଇବଲରେ,ମାନ୍ନା "ସ୍ୱର୍ଗର ରୋଟି "ରୂପରେ ଦର୍ଶାଇ ଯାଇ ଅଛି ଓ "ସ୍ୱର୍ଗରୁ ଶସ୍ୟ "ରୂପରେ I

ଅନୁବାଦ ପ୍ରସ୍ତାବ

- ଅଲଗା ପ୍ରକାରେ ଏହିଶବ୍ଦ କୁ ଅନୁବାଦ କଲେ "ବରଫର ଛୋଟ ଖଣ୍ଡ ପରି ଖାଦ୍ୟ" କିଅବା "ସ୍ୱର୍ଗର ଖାଦ୍ୟ" କୁ ଅନ୍ତର୍ଭୁକ୍ତ କରାଯାଇପାରେ I
- ଏହା ମଧ୍ୟ ଧ୍ୟାନ ଦିଅନ୍ତୁ କି ଏହି ଶବ୍ଦ କୁ ସ୍ଥାନୀୟ ଓ ରାଷ୍ଟ୍ରୀୟ ଭାଷାରେ କିପରି ଅନୁବାଦ କରାଯାଇଅଛି I

(ଦେଖନ୍ତୁ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ରୋଟି, ମରୁଭୁମୀ, ଶସ୍ୟ, ସ୍ୱର୍ଗ, ବିଶ୍ରାମ ଦିନ)

ବାଇବଲ ପଦପର୍ବ:

- ବ୍ୟବସ୍ଥାବିବରଣ ୦୮:୩
- ଯାତ୍ରାପୁସ୍ତକ ୧୬:୨୬-୨୭
- ଏବ୍ରୀ ୦୯:୩-୫
- ଯୋହନ ୦୬:୩୦-୩୧
- ଜିହୁଶିୟ୍ ୦୫:୧୨

ବୋର୍ଡ ଡାଟା :

- Strong's: H4478, G3131

ମୁକ୍ତ କରିବା, ମୁକ୍ତିକର୍ତ୍ତା, ମୁକ୍ତି

ପରିଭାଷା:

"ମୁକ୍ତି" ଶବ୍ଦଟି କୌଣସି ବସ୍ତୁ କିମ୍ବା ଅନ୍ୟକୁ କିଣିବାକୁ ବୁଝାଏ ଯାହା ପୂର୍ବରୁ କେହି କ୍ରୟ କରିଥିଲା କିମ୍ବା ବନ୍ଦୀକରି ରଖିଥିଲା। ଜଣେ "ମୁକ୍ତିକର୍ତ୍ତା" ବ୍ୟକ୍ତି ଅଟେ ଯିଏ କି କୌଣସି ବସ୍ତୁ କିମ୍ବା କାହାକୁ ମୁକ୍ତ କରେ।

- ଲୋକମାନଙ୍କୁ କିମ୍ବା କୌଣସି ବସ୍ତୁକୁ କିପରି ମୁକ୍ତ କରିବାକୁ ହୁଏ, ସେସମ୍ପର୍କରେ ଈଶ୍ୱର ଇସ୍ରାଏଲୀୟମାନଙ୍କୁ ବ୍ୟବସ୍ଥା ପ୍ରଦାନ କଲେ। ଉଦାହରଣ ସ୍ୱରୁପ ଦାସତ୍ୱରେ ଥିବା ବ୍ୟକ୍ତିଙ୍କୁ ମୂଲ୍ୟ ଦେଇ କେହି ମୁକ୍ତ କରିପାରନ୍ତି ଯାହା ଦ୍ୱାରା ଦାସ ମୁକ୍ତ ହୋଇପାରିବ। "ବନ୍ଦୀ ମୁକ୍ତିର ମୂଲ୍ୟ" ଶବ୍ଦ ମଧ୍ୟ ଏହି ପ୍ରଥାକୁ ବୁଝାଏ।
- ଯଦି କାହାରି ଭୂମି ବିକ୍ରୟ ହୁଏ, ସେହି ବ୍ୟକ୍ତିଙ୍କର ଜଣେ ଆତ୍ମୀୟ ସେହି ଭୂମିକୁ "ମୁକ୍ତ" କିମ୍ବା " କ୍ରୟ କରିପାରିବ," ଯେପରି ଭୂମି ଖଣ୍ଡିକ ପରିବାର ମଧ୍ୟରେ ରହି ପାରିବ ଯାହା ଦ୍ୱାରା ଏହା ପରିବାରରେ ରହିବ।
- ଏହି ପ୍ରଥାଗୁଡ଼ିକ ଦର୍ଶାଏ ଯେ, ଈଶ୍ୱର କିପରି ପାପର ଦାସତ୍ୱରେ ଥିବା ଲୋକମାନଙ୍କୁ ମୁକ୍ତ କରନ୍ତି। ଯେତେବେଳେ ଯୀଶୁ କ୍ରୁଶରେ ମୃତ୍ୟୁବରଣ କଲେ, ସେ ଲୋକମାନଙ୍କର ପାପ ନିମନ୍ତେ ସମ୍ପୂର୍ଣ୍ଣ ମୂଲ୍ୟ ପ୍ରଦାନ କଲେ ଏବଂ ପରିତ୍ରାଣ ନିମନ୍ତେ ତାଙ୍କଠାରେ ବିଶ୍ୱାସ କରୁଥିବା ସମସ୍ତଙ୍କୁ ମୁକ୍ତ କଲେ। ଯେଉଁ ଲୋକମାନେ ଈଶ୍ୱରଙ୍କ ଦ୍ୱାରା ମୁକ୍ତ ହୋଇଅଛନ୍ତି, ସେମାନେ ପାପରୁ ଏବଂ ଏହାର ଦଣ୍ଡରୁ ମୁକ୍ତ ହୋଇଅଛନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, ଏହି "ମୁକ୍ତ କରିବା" ବାକ୍ୟାଂଶକୁ "ପୁଣି କ୍ରୟକରିବା" କିମ୍ବା "(ଜଣକୁ)ମୁକ୍ତ କରିବା ନିମନ୍ତେ ମୂଲ୍ୟ ଦେବା" ବା "ମୁକ୍ତିର ମୂଲ୍ୟ ଦେବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- ଏହି "ମୁକ୍ତି" ଶବ୍ଦକୁ "ମୁକ୍ତିର ମୂଲ୍ୟ ପ୍ରଦାନକରିବା" କିମ୍ବା "ସ୍ୱାଧିନତାର ମୂଲ୍ୟଦାନ" କିମ୍ବା "ପୁଣି କ୍ରୟ କରିବା" ବୋଲି ଅନୁବାଦ କରାଯାଇପାରେ।
- "ବନ୍ଦୀ ମୁକ୍ତିର ମୂଲ୍ୟ" ଏବଂ "ମୁକ୍ତ କରିବା" ଶବ୍ଦଗୁଡ଼ିକର ମୌଳିକ ଭାବରେ ସମାନ ଅର୍ଥ ରହିଛି, ଏଣୁ ଏହି ଶବ୍ଦଗୁଡ଼ିକର ଅନୁବାଦ କରିବାକୁ କେତେକ ଭାଷାରେ କେବଳ ଗୋଟିଏ ଶବ୍ଦ ଥାଇପାରେ। ତଥାପି, "ବନ୍ଦୀ ମୁକ୍ତିର ମୂଲ୍ୟ" ଶବ୍ଦର ଅର୍ଥ ମଧ୍ୟ କୌଣସି ବିଷୟ କିମ୍ବା କାହାକୁ "ମୁକ୍ତ କରିବା" ପାଇଁ ଆବଶ୍ୟକ ପରିଶୋଧ ଦେଇପାରେ। "ମୁକ୍ତି" ଶବ୍ଦ କଦାପି ପ୍ରକୃତ ପରିଶୋଧକୁ ସୂଚିତ କରେ ନାହିଁ। ଏହି ପରିଶୋଧ ସ୍ୱୟଂ ପ୍ରକାଶ କରିବ ଯେ ମୂଲ୍ୟଦାନ କରିବା ଆବଶ୍ୟକ ଅଟେ।

(ମୁକ୍ତ, ମୁକ୍ତିର ମୂଲ୍ୟ: ଦେଖନ୍ତୁ)

ବାଇବଲ ପଦପର୍ବ:

- କଲସୀୟ 1:13-14
- ଏଫିସୀୟ 1:7-8
- ଏଫିସୀୟ 5:16
- ଗାଲାତୀୟ 3:13-14
- ଗାଲାତୀୟ 4:5
- ଲୂକ 2:38
- ରୂତ 2:20

ଶବ୍ଦବିନ୍ୟାସ:

- Strong's: H1350, H1353, H6299, H6302, H6304, H6306, H6561, H7069, G00590, G06290, G18050, G30840, G30850

ମୁକ୍ତିର ମୂଲ୍ୟସ୍ୱରୂପ, ମୁକ୍ତିର ମୂଲ୍ୟ ପ୍ରଦାନ କରିବା

ସଂଜ୍ଞା:

ମୁକ୍ତିର ମୂଲ୍ୟସ୍ୱରୂପ" କହିଲେ, ପଣବନ୍ଦୀ ଭାବରେ ରଖାଯାଇଥିବା ଜଣେ ବ୍ୟକ୍ତିର ମୁକ୍ତି ନିମନ୍ତେ ଦାବୀ କରାଯାଇଥିବା ବା ପ୍ରଦାନ କରାଯାଇଥିବା କିଛି ପରିମାଣର ଅର୍ଥ ବା ଅନ୍ୟ ପ୍ରକାର ପାଉଣାକୁ ସୂଚାଏ I

- ଏକ କ୍ରିୟା ପଦ ଭାବରେ ମୁକ୍ତିର ମୂଲ୍ୟ ଦେବା କହିଲେ ବନ୍ଦୀ କରାଯାଇଥିବା, ଦାସତ୍ୱରେ ରଖାଯାଇଥିବା ବା ପାପ ପ୍ରତି ଦାସ ହେବା ଅବସ୍ଥାରୁ ଜଣକୁ ଉଦ୍ଧାର ବା ରକ୍ଷା କରିବା ନିମନ୍ତେ କିଛି ପାଉଣା ପ୍ରଦାନ କରିବା ବା ଆତ୍ମ-ତ୍ୟାଗସ୍ୱରୂପ କିଛି କରିବା ବିଷୟକୁ ବୁଝାଏ I

ଏହି "ପୁଣି ଥରେ ଫେରସ୍ତ କିଣିବା" ଅର୍ଥ "ମୁକ୍ତ କରିବା" ସହିତ ସମାନ ଅର୍ଥବୋଧକ ଅଟେ I

- ଯୀଶୁ ମୁକ୍ତିର ମୂଲ୍ୟସ୍ୱରୂପେ ଆପଣାକୁ ବଧ କରାଯିବା ନିମନ୍ତେ ଅନୁମତି ପ୍ରଦାନ କଲେ ଯେପରି ପାପୀ ମନୁଷ୍ୟମାନଙ୍କୁ ସେମାନଙ୍କ ପାପର ଦାସତ୍ୱ ବନ୍ଧନରୁ ଉଦ୍ଧାର କରିବେ I

ଈଶ୍ୱରଙ୍କ ଦ୍ୱାରା ଆପଣା ଲୋକମାନଙ୍କୁ ସେମାନଙ୍କର ପାପର ଦଣ୍ଡ ବା ଜୋରିମାନା ପୂରଣ କରିବା ନିମନ୍ତେ ପୁଣି ଥରେ ଫେରସ୍ତ କିଣିନେବା କାର୍ଯ୍ୟକୁ ବାଇବଲରେ "ମୁକ୍ତି" ବୋଲି କୁହାଯାଏ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ:

- "ମୁକ୍ତିରସ୍ୱରୂପ" ପ୍ରତିଶବ୍ଦକୁ "ଛାଡିଦେବା ନିମନ୍ତେ ପ୍ରାପ୍ୟ ପ୍ରଦାନ କରିବା" ବା "ମୁକ୍ତ କରିବା ନିମନ୍ତେ ଏକ ମୂଲ୍ୟ ଦେବା" ବା "ଫେରସ୍ତ କ୍ରୟ କରିବା" ବୋଲି ଅନୁବାଦ କରାଯାଇପାରେ I
- "ମୁକ୍ତିର ମୂଲ୍ୟ ଦେବା" ପଦକୁ "ମୂଲ୍ୟ ପ୍ରଦାନ କରିବା (ସ୍ୱାଧୀନତାର)" କିମ୍ବା "ଜୋରିମାନା ଦେବା (ଲୋକମାନଙ୍କୁ ମୁକ୍ତ କରିବା ନିମନ୍ତେ)" କିମ୍ବା "ଆବଶ୍ୟକୀୟ ପାଉଣା ପ୍ରଦାନ କରିବା" ବୋଲି ଅନୁବାଦ କରାଯାଇପାରେ I
- "ମୁକ୍ତିର ମୂଲ୍ୟସ୍ୱରୂପ" ବିଶେଷ୍ୟ ପଦକୁ "ଛାଡି ଦେବା ନିମନ୍ତେ ମୂଲ୍ୟ ପ୍ରଦାନ କରିବା" ବା ମୁକ୍ତ କରିବା ନିମନ୍ତେ ଏକ ମୂଲ୍ୟ ଦେବା" (ମୁକ୍ତ କରିବା ପାଇଁ ବା ଲୋକମାନ ବା ଦେଶକୁ ଫେରସ୍ତ କ୍ରୟ କରିବା) ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ମୁକ୍ତିର ମୂଲ୍ୟସ୍ୱରୂପ" ଏବଂ "ମୁକ୍ତି" ପ୍ରତିଶବ୍ଦଗୁଡିକର ଅର୍ଥ ଇଂରାଜୀରେ ସମାନ ଅର୍ଥ ରହିଛି, କିନ୍ତୁ ବେଳେବେଳେ କିଛିଟା ଭିନ୍ନ ଭାବରେ ବ୍ୟବହୃତ ହୋଇଥାଏ I

ଅନ୍ୟ ଭାଷାଗୁଡିକରେ ଏହି ଚିନ୍ତାଧାରା ନିମନ୍ତେ କେବଳ ଗୋଟିଏ ପ୍ରତିଶବ୍ଦ ଥାଇପାରେ I

- ନିଶ୍ଚିତ କର ଯେ ଏହା "ପ୍ରାୟଶ୍ଚିତ୍ତ"ଠାରୁ ଭିନ୍ନ ଭାବରେ ଅନୁବାଦ କରାଯିବ I

(ଆହୁରି ମଧ୍ୟ ଦେଖ: ପ୍ରାୟଶ୍ଚିତ୍ତ, ମୁକ୍ତ)

ବାଇବଲ ପଦଗୁଡିକ:

- 1ମ ତୀମଥି 02:5-7
- ଯିଶାଇୟ 43:2-3
- ଆୟୁବ 06:21-23
- ଲେବୀୟ 19:20-22
- ମାଥିଉ 20:25-28
- ଗୀତସଂହିତା 049:6-8

ବୋର୍ଡ ଡାଟା :

- Strong's: H1350, H3724, H6299, H6306, G487, G3083

ମୂର୍ଖ, ନିର୍ବୋଧ, ନିର୍ବୋଧତା

ପରିଭାଷା:

"ମୂର୍ଖ" ଶବ୍ଦ ଜଣେ ବ୍ୟକ୍ତିକୁ ଯିଏ ଅନେକ ସମୟରେ ଭୁଲ ବିଷୟକୁ ବାଛେ, ବିଶେଷ ଭାବରେ ଅନାଜ୍ଞାକାରୀ ହେବା ନିମନ୍ତେ ନିର୍ଣ୍ଣୟ କରିବାକୁ ବୁଝାଏ। "ମୂର୍ଖତା" ଶବ୍ଦ ଜଣେ ବ୍ୟକ୍ତିକୁ କିମ୍ବା ତାହା ନିର୍ବୋଧ ବ୍ୟବହାରକୁ ବ୍ୟାଖ୍ୟା କରେ।

- ବାଇବେଲରେ "ମୂର୍ଖ" ଶବ୍ଦ ସାଧାରଣ ଭାବରେ ଜଣେ ବ୍ୟକ୍ତିକୁ ଯିଏ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ କିମ୍ବା ଆଜ୍ଞାକାରୀ ହୁଏ ନାହିଁ ତାହାକୁ ବୁଝାଏ। ଏହା ଅନେକ ସମୟରେ ଜ୍ଞାନୀ ବ୍ୟକ୍ତି, ଯିଏ ଈଶ୍ୱରଙ୍କଠାରେ ବିଶ୍ୱାସ କରେ ଏବଂ ଆଜ୍ଞା ପାଳନ କରେ ତାହା ସହିତ ତୁଳନାରେ ପ୍ରଭେଦ ଦେଖାଏ ।
- ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ, ଜଣେ ଯିଏ ଈଶ୍ୱରଙ୍କ ସୃଷ୍ଟିରେ ସମସ୍ତ ପ୍ରମାଣ ଉପେକ୍ଷା କରେ ଏପରି ଜଣେ ବ୍ୟକ୍ତିକୁ ଦାଉଦ ଗୀତସଂହିତାରେ ମୂର୍ଖ ବୋଲି ବ୍ୟାଖ୍ୟା କରନ୍ତି।
- ପୁରାତନ ନିୟମରର ହିତୋପଦେଶ ପୁସ୍ତକ ମୂର୍ଖ କିମ୍ବା ନିର୍ବୋଧ ବ୍ୟକ୍ତି କିପରି ଅଟେ ସେହି ବିଷୟରେ ଅନେକ ବ୍ୟାଖ୍ୟା କରେ।
- "ନିର୍ବୋଧତା" ଶବ୍ଦ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କାର୍ଯ୍ୟକୁ ବୁଝାଏ । "ନିର୍ବୋଧତା" ଶବ୍ଦ ଅନେକ ସମୟରେ ହାସ୍ୟାସ୍ପଦ କିମ୍ବା ବିପଦପୂର୍ଣ୍ଣ ଅର୍ଥକୁ ମଧ୍ୟ ଅନ୍ତର୍ଭୁକ୍ତ କରେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମୂର୍ଖ" ଶବ୍ଦକୁ "ନିର୍ବୋଧ ବ୍ୟକ୍ତି" କିମ୍ବା "ଅଜ୍ଞାନୀ ବ୍ୟକ୍ତି" କିମ୍ବା "ନିର୍ବୋଧ ବ୍ୟକ୍ତି" କିମ୍ବା "ଅଧାର୍ମିକ ବ୍ୟକ୍ତି" ବୋଲି ଅନୁବାଦ କରାଯାଇପାରେ ।
- "ନିର୍ବୋଧ" ଶବ୍ଦକୁ "ବୁଝାମଣାର ଅଭାବ" କିମ୍ବା "ଅଜ୍ଞାନ" କିମ୍ବା "ନିର୍ବୋଧ" ବୋଲି ଅନୁବାଦ କରାଯାଇପାରେ ।

(ଜ୍ଞାନୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଉପଦେଶକ 1:17
- ଏଫିସୀୟ 5:15
- ଗାଲାତୀୟ 3:3
- ଆଦି ପୁସ୍ତକ 31:28
- ମାଥିଉ 7:26
- ମାଥିଉ 25:8
- ହିତୋପଦେଶ 13:16
- ଗୀତସଂହିତା 49:13

ଶବ୍ଦବିନ୍ୟାସ:

- Strong's: H0191, H0196, H0200, H1198, H1984, H2973, H3684, H3687, H3688, H3689, H3690, H5014, H5034, H5036, H5039, H5528, H5529, H5530, H5531, H6612, H8417, H8602, H8604, G04530, G04540, G07810, G08010, G08770, G08780, G27570, G31500, G31540, G34710, G34720, G34730, G34740, G39120

ମେଷଶାବକ, ଈଶ୍ୱରଙ୍କ ମେଷଶାବକ

ପରିଭାଷା:

"ମେଷଶାବକ" ଶବ୍ଦ ଛୋଟ ମେଷକୁ ଦର୍ଶାଏ I ମେଷମାନେ ଚାରି ଗୋଡ଼ିଆ ପଶୁ ଅଟନ୍ତି, ଯାହାର ମୋଟା ବାଳ ଥାଏ ଓ ଯାହା ଈଶ୍ୱରଙ୍କ ନିମନ୍ତେ ବଳି କରାଯାଏ I ଯୀଶୁଙ୍କୁ ଈଶ୍ୱରଙ୍କର "ମେଷଶାବକ" କୁହାଯାଏ କାରଣ ତାହାଙ୍କୁ ଲୋକମାନଙ୍କର ପାପ ନିମନ୍ତେ ବଳିଦାନ କରାଗଲା I

- ଏହି ପଶୁମାନଙ୍କୁ ଅତି ସହଜରେ ଭୁଲ୍ ପଥରେ ନିଆ ଯାଇପାରେ ଓ ସେମାନେ ସୁରକ୍ଷା ଆବଶ୍ୟକ କରନ୍ତି I ଈଶ୍ୱର ମନୁଷ୍ୟକୁ ମେଷ ସହ ତୁଳନା କରନ୍ତି I
- ଈଶ୍ୱର ତାହାଙ୍କ ଲୋକମାନଙ୍କୁ ଶାରୀରିକ ଭାବେ ନିଖୁନ୍ତ ମେଷ ଓ ମେଷଶାବକକୁ ବଳି ଉତ୍ସର୍ଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ I
- ଯୀଶୁଙ୍କୁ ଈଶ୍ୱରଙ୍କର "ମେଷଶାବକ "କୁହାଯାଏ କାରଣ ତାହାଙ୍କୁ ଲୋକମାନଙ୍କର ପାପ ନିମନ୍ତେ ବଳିଦେବାକୁ ପଡ଼ିଲା I ସେ ଏକ ସିଦ୍ଧ ଓ ନିଖୁନ୍ତ ବଳି ଅଟନ୍ତି କାରଣ ସେ ପାପ ରହିତ ଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯଦି ମେଷମାନେ ସ୍ଥାନୀୟ ଭାଷାରେ ପରିଚିତ, ସେମାନଙ୍କର ଶାବକର ଶବ୍ଦକୁ "ମେଷଶାବକ" ଓ "ଈଶ୍ୱରଙ୍କର ମେଷଶାବକ " କୁ ଅନୁବାଦରେ ବ୍ୟବହୃତ କରନ୍ତୁ I"
- "ଈଶ୍ୱରଙ୍କର ମେଷଶାବକ" ବାକ୍ୟାଂଶକୁ "ଈଶ୍ୱରଙ୍କ ପାଇଁ ବଳି ଉତ୍ସର୍ଗ ମେଷଶାବକ" କିମ୍ବା "ମେଷଶାବକ ଈଶ୍ୱରଙ୍କ ନିମନ୍ତେ ବଳି ଉତ୍ସର୍ଗ କରାଗଲା" କିମ୍ବା "ଈଶ୍ୱରଙ୍କ ପାଇଁ ବଳି ଉତ୍ସର୍ଗ ନିମନ୍ତେ ମେଷଶାବକ" ବୋଲି ଅନୁବାଦ କରାଯାଇପାରେ I
- ଯଦି ମେଷମାନେ ଅପରିଚିତ, ଏହି ଶବ୍ଦକୁ "ଏକ ଛୋଟ ମେଷ" ବୋଲି ଅନୁବାଦ କରି ମେଷ ପାଇଁ ଏକ ପାଦଟୀକା ବ୍ୟବହାର କରନ୍ତୁ I ସେହି ପାଦଟୀକାକୁ ମେଷ ଓ ମେଷଶାବକ ସହିତ ତୁଳନା କରନ୍ତୁ ଯାହା ସେହି ସ୍ଥାନର ଏକ ପଶୁ ସହପୋଲରେ ବାସ କରେ ଯିଏ ନିଜକୁ ରକ୍ଷା କରିପାରେ ନାହିଁ ଓ ଅନେକ ସମୟରେ ହଜିଯାଏ I
- ଏହି ଶବ୍ଦକୁ ସ୍ଥାନୀୟ ଏବଂ ରାଷ୍ଟ୍ରୀୟ ଭାଷାରେ କିପରି ଅନୁବାଦ କରାଯାଇଅଛି ତାହା ଦେଖନ୍ତୁ I

(ଅଜଣା ବିଷୟକୁ କିପରି ଅନୁବାଦ କରିବେ: ଦେଖନ୍ତୁ)

(ମେଷ, ପ୍ରତିପାଳକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ଶାମୁୟେଲ 12:1-3
- ଏଜ୍ରା 8:35-36
- ଯିଶାଇୟ 66:3
- ଯିରିମୀୟ 11:19
- ଯୋହନ 1:29
- ଯୋହନ 1: 36
- ଲେବୀୟ ବ୍ୟବସ୍ଥା 14:21-23
- ଲେବୀୟ ବ୍ୟବସ୍ଥା 17:1-4
- ଲୂକ 10:3
- ପ୍ରକାଶିତ ବାକ୍ୟ 15:3-4

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **5**:**7** ଯେତେବେଳେ ଅବ୍ରହାମ ଓ ଇସ୍ହାକ ବଳି ଉତ୍ସର୍ଗ ସ୍ଥାନକୁ ପହଁଚିଲେ, ଇସ୍ହାକ ପଚାରିଲା "ବଳି ନିମନ୍ତେ ଆମ ପାଖରେ କାଠ ଅଛି କିନ୍ତୁ ମେଣ୍ଢାଛୁଆ କାହିଁ?"
- 11:**2** ଈଶ୍ୱର ତାହାଙ୍କ ଉପରେ ବିଶ୍ୱାସ କରୁଥିବା ପ୍ରଥମ ଯାତ ସନ୍ତାନର ଉଦ୍ଧାର ନିମନ୍ତେ ପ୍ରବନ୍ଧ କଲେ I ପ୍ରତ୍ୟେକ ପରିବାର ଏକ ସିଦ୍ଧ **ମେଷ** କିମ୍ବା ଛାଗକୁ ବଧ କରିବାର ଥିଲା I
- 24:**6** ତା'ପର ଦିନ, ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିସ୍ମ ନେବା ନିମନ୍ତେ ଆସିଲେ I ଯେତେବେଳେ ଯୋହନ ତାହାଙ୍କୁ ଦେଖିଲେ, ସେ କହିଲେ,"ଦେଖ , **ଈଶ୍ୱରଙ୍କର ମେଷଶାବକ** ଯେ ଜଗତର ପାପ ଭାର ବହିନେଇ ଯାଆନ୍ତି I

- 45:**8** ସେ ପଠନ କଲେ, ସେମାନେ ତାହାଙ୍କୁ ଏକ ମେଷଶାବକ ପରି ବଧ କରିବାକୁ ନେଇ ଯାଉଥିଲେ ଓ ଏକ **ମେଷ ଶାବକ**ପରି ସେ ଶାନ୍ତ ରହିଲେ ଓ ନିଜର ମୁଖ ଖୋଲିଲେ ନାହିଁ I
- 48:**8** ଯେତେବେଳେ ଈଶ୍ୱର ଅବ୍ରହାମକୁ ତାହାଙ୍କର ପୁତ୍ର ଇସ୍‌ହାକକୁ ଉତ୍ସର୍ଗ କରିବାକୁ କହିଲେ, ଈଶ୍ୱର ଇସ୍‌ହାକ ବଦଳରେ ଏକ **ମେଷଶାବକ**କୁ ପ୍ରବନ୍ଧ କଲେ I ଆମେ ସମସ୍ତେ ଆମ ପାପ ନିମନ୍ତେ ମରିବାକୁ ଯୋଗ୍ୟ! କିନ୍ତୁ ଈଶ୍ୱର ଯୀଶୁଙ୍କୁ ଯେ **ଈଶ୍ୱରଙ୍କର ମେଷଶାବକ** ଅଟନ୍ତି, ଆମ୍ଭମାନଙ୍କର ନିମନ୍ତେ ବଳି ହେବା ନିମନ୍ତେ ଦେଲେ I
- 48:**9** ଈଶ୍ୱର ମିସରରେ ଯେତେବେଳେ ଶେଷ ମହାମାରୀ ପଠାଇଲେ, ସେ ପ୍ରତ୍ୟେକ ଇସ୍ରାଏଲୀୟ ପରିବାରକୁ ଏକ ଏକ ସିଦ୍ଧ **ମେଷଶାବକ** ବଧ କରିବାକୁ କହିଲେ ଓ ତାହାର ରକ୍ତ କବାଟ ଉପରେ ଓ ସବୁ ଆଡ଼େ ଲଗାଇବାକୁ କହିଲେ I

ଶବ୍ଦବିନ୍ୟାସ :

- Strong's: H7716, G721, G2316

ଯାଜକ, ଯାଜକତ୍ୱ

ପରିଭାଷା:

ବାଇବେଲରେ, ଜଣେ ଯାଜକ ଥିଲେ ଯିଏ ଈଶ୍ୱରଙ୍କ ଲୋକମାନଙ୍କ ପକ୍ଷରୁ ଈଶ୍ୱରଙ୍କ ପ୍ରତି ବଳିଦାନ ଉତ୍ସର୍ଗ କରିବା ନିମନ୍ତେ ମନୋନୀତ ହୋଇଥିଲେ I ଜଣେ ଯାଜକ ହେବା ନିମନ୍ତେ ତାହାର ପଦବୀ ବା ଅବସ୍ଥାକୁ "ଯାଜକତ୍ୱ" ନାମ ଦିଆଯାଇଛି I

- ପୁରାତନ ନିୟମରେ, ଈଶ୍ୱର ଇସ୍ରାଏଲୀୟ ଲୋକମାନଙ୍କର ନିମନ୍ତେ ତାହାଙ୍କର ଯାଜକ ହେବା ନିମନ୍ତେ ହାରୋଣ ଏବଂ ତାଙ୍କର ବଂଶଧରମାନଙ୍କୁ ମନୋନୀତ କରିଥିଲେ I
- "ଯାଜକତ୍ୱ" ଏକ ଅଧିକାର ଏବଂ ଦାୟିତ୍ୱଥିଲା ଯାହା ଲେବୀୟ ଗୋଷ୍ଠୀରେ ପିତାଙ୍କଠାରୁ ପୁତ୍ର ପର୍ଯ୍ୟନ୍ତ କ୍ରମାଗତ ଭାବରେ ପ୍ରଦତ୍ତ ହୋଇ ପ୍ରଚଳିତ ହେଉଥିଲା I
- ଲୋକମାନଙ୍କର ବଳିଗୁଡ଼ିକ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କରିବା ସଙ୍ଗେ ସଙ୍ଗେ ମନ୍ଦିରରେ ଅନ୍ୟାନ୍ୟ କର୍ତ୍ତବ୍ୟଗୁଡ଼ିକ ସମ୍ପାଦନ କରିବା ଇସ୍ରାଏଲୀୟ ଯାଜକମାନଙ୍କର ଦାୟୀତ୍ୱଥିଲା I
- ଯାଜକମାନେ ମଧ୍ୟ ଈଶ୍ୱରଙ୍କ ନିକଟରେ ତାହାଙ୍କର ଲୋକମାନଙ୍କ ନିମନ୍ତେ ନୀୟମିତ ପ୍ରାର୍ଥନା ଉତ୍ସର୍ଗ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଧର୍ମସଂକ୍ରାନ୍ତୀୟ ବିଧିସବୁ ସମ୍ପାଦନ କରୁଥିଲେ I
- ଯାଜକମାନେ ଲୋକମାନଙ୍କ ଉପରେ ବିଧିଯୁକ୍ତ ଆଶୀର୍ବାଦ ଉଚ୍ଚାରଣ କରୁଥିଲେ ଏବଂ ସେମାନଙ୍କୁ ଈଶ୍ୱରଙ୍କ ବ୍ୟବସ୍ଥାଗୁଡ଼ିକ ଶିକ୍ଷା ପ୍ରଦାନ କରୁଥିଲେ I
- ଯୀଶୁଙ୍କ ସମୟରେ, ବିଭିନ୍ନ ସ୍ତରର ଯାଜକମାନେଥିଲେ, ଯହିଁରେ ପ୍ରଧାନ ଯାଜକଗଣ ଏବଂ ମହାଯାଜକ ଅନ୍ତର୍ଭୁକ୍ତ ଥିଲେ I
- ଯୀଶୁ ଆମ୍ଭମାନଙ୍କର "ମହାନ ମହାଯାଜକ" ଅଟନ୍ତି ଏବଂ ସେ ଈଶ୍ୱରଙ୍କ ଉପସ୍ଥିତିରେ ଆମ୍ଭମାନଙ୍କ ନିମନ୍ତେ ନିବେଦନ କରନ୍ତି I ସେ ଆପଣାକୁ ପାପ ନିମନ୍ତେ ଚୁଡାନ୍ତ ବଳି ଭାବରେ ଉତ୍ସର୍ଗ କଲେ I ଏହାର ଅର୍ଥ ଏହି ଯେ, ମଣିଷରୂପୀ ଯାଜକମାନଙ୍କ ଦ୍ୱାରା ଉତ୍ସର୍ଗୀକୃତ ବଳିଗୁଡ଼ିକର ଆଉ କୌଣସି ଆବଶ୍ୟକତା ନାହିଁ I
- ନୂତନ ନିୟମରେ, ଯୀଶୁଙ୍କଠାରେ ଥିବା ପ୍ରତ୍ୟେକ ବିଶ୍ୱାସୀକୁ ଜଣେ ଜଣେ "ଯାଜକ" ଭାବେ ନାମିତ କରାଯାଏ, ଯିଏ ସିଧାସଳଖ ଭାବରେ ପ୍ରାର୍ଥନାରେ ଈଶ୍ୱରଙ୍କ ନିକଟକୁ ଆସିପାରେ ଏବଂ ନିଜ ନିମନ୍ତେ ଓ ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରିପାରିବ I
- ପ୍ରାଚୀନ ସମୟରେ, ବିଜାତୀୟ ଯାଜକମାନେ ମଧ୍ୟ ଥିଲେ ଓ ସେମାନେ ବାଲ୍ ଭଳି ମିଥ୍ୟା ଦେବତାଗଣ ପ୍ରତି ବଳି ଉତ୍ସର୍ଗ କରୁଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି ଏହି "ଯାଜକ" ଶବ୍ଦକୁ "ବଳିଦାନର ବ୍ୟକ୍ତି" କିମ୍ବା "ଈଶ୍ୱରଙ୍କ ମଧ୍ୟସ୍ଥ" ବା "ଈଶ୍ୱର ଆପଣାକୁ ପ୍ରତିନିଧିତ୍ୱ କରିବା ନିମନ୍ତେ ନିଯୁକ୍ତ କରିଥିବା ବ୍ୟକ୍ତି" ଭାବରେ ଅନୁବାଦ କରାଯାଇପାରେ I
- "ଯାଜକ" ଶବ୍ଦର ଅନୁବାଦଠାରୁ "ମଧ୍ୟସ୍ଥି" ଶବ୍ଦର ଅନୁବାଦ ଭିନ୍ନ ହେବା ଉଚିତ I
- କେତେକ ଅନୁବାଦଗୁଡ଼ିକ ସବୁବେଳେ ଏଭଳି କହିବା ପସନ୍ଦ କରନ୍ତି, ଯଥା; "ଇସ୍ରାଏଲୀୟ ଯାଜକ" ବା "ଯିହୁଦୀୟ ଯାଜକ" ବା "ଯିହୋବାଙ୍କ ଯାଜକ" ବା "ବାଲର ଯାଜକ" I ଏଭଳି କହିବା ଦ୍ୱାରା ସେମାନେ ସ୍ପଷ୍ଟ କରିଦେବା ପାଇଁ ଚାହାନ୍ତି ଯେ, ଏହା ଆଧୁନିକ ଧରଣର ଯାଜକକୁ ବୁଝାଏ ନାହିଁ I
- ଯାଜକ ନିମନ୍ତେ ବ୍ୟବହୃତ ଶବ୍ଦ "ପ୍ରଧାନ ଯାଜକ" ଏବଂ "ମହାଯାଜକ" ଏବଂ "ଲେବୀୟ" ଏବଂ "ଭବିଷ୍ୟତବକ୍ତା" ଶବ୍ଦଗୁଡ଼ିକଠାରୁ ଭିନ୍ନ ହେବା ଉଚିତ I

(ହାରୋଣ, ପ୍ରଧାନ ଯାଜକଗଣ, ମହାଯାଜକ, ମଧ୍ୟସ୍ଥି, ବଳିଦାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ବଂଶାବଳୀ 6:41
- ଆଦିପୁସ୍ତକ 14:17-18
- ଆଦିପୁସ୍ତକ 47: 22
- ଯୋହନ 1:19-21
- ଲୂକ 10:31
- ମାର୍କ 1:44
- ମାର୍କ 2:25-26
- ମାଥିଉ 8:4
- ମାଥିଉ 12:4
- ମୀଖା 3:9-11
- ନିହିମୀୟା 10:28-29
- ନିହିମୀୟା 10:34-36

- ପ୍ରକାଶିତବାକ୍ୟ 1:4-6

ବାଇବେଲର କାହାଣୀରୁ ଉଦାହରଣଗୁଡ଼ିକ:

- **4:7**" ମଲକୀଷେଦକ, ପରାତ୍ପର ଈଶ୍ୱରଙ୍କ **ଯାଜକ** ଥିଲେ I
- **13:9** ଯେକେହି ଈଶ୍ୱରଙ୍କ ବ୍ୟବସ୍ଥା ଉଲଂଘନ କରେ ସେ ସମାଗମ ତମ୍ବୁ ସମ୍ମୁଖକୁ ଏକ ପଶୁକୁ ଈଶ୍ୱରଙ୍କ ପ୍ରତି ବଳି ସ୍ୱରୂପେ ଏକ ପଶୁକୁ ଆଣିବ I ଜଣେ **ଯାଜକ** ପଶୁକୁ ବଧ କରିବ ଏବଂ ବେଦି ଉପରେ ଏହାକୁ ଦଗ୍ଧ କରିବ I ସେହି ଉତ୍ସର୍ଗ କରାଯାଇଥିବା ପଶୁର ରକ୍ତ ସେହି ବ୍ୟକ୍ତିର ପାପକୁ ଆଚ୍ଛାଦନ କରେ ଏବଂ ଈଶ୍ୱରଙ୍କ ଦୃଷ୍ଟିରେ ସେହି ବ୍ୟକ୍ତିକୁ ଶୁଚି କରେ I ଈଶ୍ୱର ମୋଶାଙ୍କ ଭାଇ ହାରୋଣଙ୍କୁ ଏବଂ ତାଙ୍କର ବଂଶଧରମାନଙ୍କୁ ତାହାଙ୍କର **ଯାଜକଗଣ** ଭାବେ ମନୋନୀତ କଲେ I
- **19:7** ଅତଏବ ବାଲର **ଯାଜକମାନେ** ଏକ ବଳିଦାନ ପ୍ରସ୍ତୁତ କଲେ କିନ୍ତୁ ଉର୍ଦ୍ଧ୍ୱରୁ ଅଗ୍ନି ଆଣିପାରିଲେ ନାହିଁ I
- **21:7** ଜଣେ ଇସ୍ରାଏଲୀୟ ଯାଜକ ଯିଏ ଲୋକମାନଙ୍କ ପକ୍ଷରୁ ସେମାନଙ୍କ ପ୍ରତିନିଧି ଭାବରେ ସେମାନଙ୍କ ପାପଗୁଡ଼ିକ ନିମନ୍ତେ ଈଶ୍ୱରଙ୍କ ପ୍ରତି ବଳିଦାନ ଉତ୍ସର୍ଗ କରେ, ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା ମଧ୍ୟ କରେ I

ଶବ୍ଦବିନ୍ୟାସ :

- Strong's: H3547, H3548, H3549, H3550, G748, G749, G245, G246, G247, G249, G2420

ଯିହୁଦୀ, ଯିହୁଦୀୟ

ସତ୍ୟ ଘଟଣାବଳୀ:

ଯିହୁଦୀଲୋକମାନେ ଅବ୍ରହାମଙ୍କ ନାତି ଯାକୁବର ବଂଶଧର ଅଟନ୍ତି। "ଯିହୁଦୀ" ଶବ୍ଦ "ଯିହୂଦା " ଶବ୍ଦରୁ ଆସିଛି।

- ଇସ୍ରାଏଲିୟମାନେ ବାବିଲର ନିର୍ବାସନରୁ ଯିହୂଦାକୁ ଫେରି ଆସିଲା ପରେ ଲୋକମାନେ ସେମାନଙ୍କୁ "ଯିହୁଦୀ" ବୋଲି କହିବାକୁ ଲାଗିଲେ।
- ଯୀଶୁ ଖ୍ରୀଷ୍ଟ ଜଣେ ଯିହୁଦୀ ଥିଲେ। ତଥାପି, ଯିହୁଦୀ ଧାର୍ମିକ ନେତାମାନେ ଯୀଶୁଙ୍କୁ ଅଗ୍ରାହ୍ୟ କଲେ ଏବଂ ତାହାଙ୍କୁ ହତ୍ୟା କରା ଯାଉ ବୋଲି ଦାବି କଲେ।

((ଅବ୍ରହାମ୍, ଯାକୁବ, ଇସ୍ରାଏଲ, ବାବିଲ, ଯିହୁଦୀ ନେତାମାନେ: ଦେଖନ୍ତୁ))

ବାଇବେଲ ପଦପର୍ବ:

- ପ୍ରେରିତ 2:5
- ପ୍ରେରିତ 10:28
- ପ୍ରେରିତ 14:5-7
- କଲସୀୟ 3:11
- ଯୋହନ 2:14
- ମାଥିଉ 28:15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 20:11 ବର୍ତ୍ତମାନ ଇସ୍ରାଏଲ ଲୋକମାନେ **ଯିହୁଦୀ** କୁହାଗଲେ ଓ ସେହି ସମସ୍ତଙ୍କ ମଧ୍ୟରୁ ଅଧିକାଂଶ ଲୋକ ସେମାନଙ୍କର ସମ୍ପୁର୍ଣ୍ଣ ଜୀବନ ବାବିଲରେ ବିତାଇ ଥିଲେ।
- 20:12 ତେଣୁ, ନିର୍ବାସନର 70 ବର୍ଷ ପରେ, **ଯିହୁଦୀମାନଙ୍କର** ଏକ ଛୋଟ ସମୂହ ଯିହୂଦାର ଯିରୂଶାଲାମ ସହରକୁ ଫେରି ଆସିଲେ।
- 37:10 ଅନେକ **ଯିହୁଦୀ** ଏହି ଅଶ୍ଚାର୍ଯ୍ୟ କର୍ମ ହେତୁ ଯୀଶୁଙ୍କ ଉପରେ ବିଶ୍ୱାସ କଲେ।
- 37:11 କିନ୍ତୁ **ଯିହୁଦୀମାନଙ୍କର** ଧାର୍ମିକ ନେତାମାନେ ହିଂଶା କଲେ, ତେଣୁ ସେମାନେ ଏକତ୍ରିତ ହୋଇ ଯୀଶୁ ଓ ଲାଜାରକୁ କିପରି ହତ୍ୟା କରିବେ ଯୋଜନା କଲେ।
- 40:**2** ଏକ ଫଳକ ଯୀଶୁଙ୍କ ମସ୍ତକ ଉପରେ "**ଯିହୁଦୀମାନଙ୍କର** ରାଜା" ବୋଲି ସେମାନଙ୍କୁ ଲେଖିବାକୁ ପିଲାତ ଆଜ୍ଞା ଦେଲେ।
- 46:**6** ସେହି ସମୟରେ, ଶାଉଲ **ଯିହୁଦୀମାନଙ୍କୁ** ଦମ୍ମେସକରେ ପ୍ରଚାର କରି "ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି" କହିବାକୁ ଲାଗିଲେ!

ଶବ୍ଦବିନ୍ୟାସ:

- Strong's: H3054, H3061, H3062, H3064, H3066, G24500, G24510, G24520, G24530, G24540

ଯିହୁଦୀମାନଙ୍କର ରାଜା

ପରିଭାଷା:

"ଯିହୁଦୀମାନଙ୍କର ରାଜା" ବାକ୍ୟାଂଶ ଏକ ପଦବୀ ଅଟେ ଯାହା ଯୀଶୁ ଖ୍ରୀଷ୍ଟଙ୍କୁ ବୁଝାଏ I

- ବାଇବେଲରେ ପ୍ରଥମଥର ଏହି ନାମକୁ ପଣ୍ଡିତମାନେ ଯୀଶୁଙ୍କୁ ଦେଖିବା ପାଇଁ ବେଥଲିହିମରେ "ଯିହୁଦୀମାନଙ୍କର ରାଜା" ବୋଲି ବ୍ୟବହାର କରିଥିଲେ I
- ସ୍ୱର୍ଗଦୂତ ମରୀୟମକୁ କହିଲେ ଯେ ତାହାର ପୁତ୍ର, ଦାଉଦର ବଂଶଧର ହେବ, ସେ ରାଜା ହେବେ ଯେ ଚିରଦିନ ଯାଏ ରାଜତ୍ୱ କରିବେ I
- ଯୀଶୁ କ୍ରୁଶାର୍ପିତ ହେବା ପୂର୍ବରୁ, ରୋମୀୟ ସୈନିକମାନେ ପରିହାସ କରି "ଯିହୁଦୀମାନଙ୍କର ରାଜା" ବୋଲି କହିଲେ I ଏହି ନାମକୁ ଏକ କାଠଖଣ୍ଡ ଉପରେ ଲେଖି ଯୀଶୁଙ୍କର କ୍ରୁଶ କଣ୍ଟାବିଦ୍ଧ କରାଯାଇଥିଲାI
- ବାସ୍ତବରେ ଯୀଶୁ ଯିହୁଦୀମାନଙ୍କର ରାଜା ଓ ସମସ୍ତ ସୃଷ୍ଟିର ରାଜା ଅଟନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଯିହୁଦୀମାନଙ୍କର ରାଜା" ବାକ୍ୟାଂଶକୁ "ଯିହୁଦୀମାନଙ୍କର ଉପରେ ରାଜା" କିମ୍ବା "ରାଜା ଯିଏ ଯିହୁଦୀ ଉପରେ ରାଜତ୍ୱ କରନ୍ତି" କିମ୍ବା "ଯିହୁଦୀମାନଙ୍କର ସର୍ବଚ୍ଚ ଶାସକ ଅଟନ୍ତି" ବୋଲି ଅନୁବାଦ କରାଯାଇପାରେ I
- "ରାଜା" ଶବ୍ଦକୁ ଅନ୍ୟ ସ୍ଥାନରେ କିପରି ଅନୁବାଦ କରାଯାଇଛି ଦେଖନ୍ତୁI

(ବଂଶଧର, ଯିହୁଦୀ, ଯୀଶୁ, ରାଜା, ରାଜ୍ୟ, ଈଶ୍ୱରଙ୍କର ରାଜ୍ୟ, ପଣ୍ଡିତମାନେ: ଦେଖନ୍ତୁ)

ବାଇବଲ ପଦପର୍ବ:

- ଲୂକ 23:3
- ଲୂକ 23:38
- ମାଥିଉ 2:2
- ମାଥିଉ 27:11
- ମାଥିଉ 27:35-37

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **23:9** କିଛି ସମୟପରେ, ପଣ୍ଡିତମାନେ ପୂର୍ବ ଦେଶରେ ଏକ ଅସାଧାରଣ ତାରା ଆକାଶରେ ଦେଖିଲେ I ସେମାନେ ଯିହୁଦୀମାନଙ୍କର ଜାଣେ ନୂତନ ରାଜା ଜନ୍ମହେଲେ ବୋଲି ବୁଝିପାରିଲେ I
- **39:9** ପିଲାତ ଯୀଶୁଙ୍କୁ ପଚାରିଲେ, "ତୁମ୍ଭେ କ'ଣ ଯିହୁଦୀମାନଙ୍କର ରାଜା ଅଟ?"
- **39:12** ରୋମୀୟ ସୈନିକମାନେ ଯୀଶୁଙ୍କୁ କୋରୋଡା ପ୍ରହାର କରାଇଲେ, ଏକ ରାଜକୀୟ ବସ୍ତ୍ର ପିନ୍ଧାଇଲେ ଓ ଏକ କଣ୍ଟକ ମୁକୁଟ ତାହାଙ୍କ ମସ୍ତକରେ ପିନ୍ଧାଇଲେ I ତା'ପରେ ସେମାନେ ପରିହାସ କରି କହିଲେ, "ଯିହୁଦୀମାନଙ୍କର ରାଜା!"
- **40:2** ପିଲାତ ଆଜ୍ଞା କଲେ ଯେ ସେମାନେ ଏକ ଚିହ୍ନ ସ୍ୱରୂପେ ଯୀଶୁଙ୍କର କ୍ରୁଶ ଉପରେ ଏହି ବ୍ୟକ୍ତି "ଯିହୁଦୀମାନଙ୍କର ରାଜା" ବୋଲି ଲେଖନ୍ତୁ I

ଶବ୍ଦବିନ୍ୟାସ:

- Strong's: G935, G2453

ଯୀଶୁ, ଯୀଶୁ ଖ୍ରୀଷ୍ଟ, ଖ୍ରୀଷ୍ଟ ଯୀଶୁ

ଘଟଣାବଳୀ:

ଯୀଶୁ ଈଶ୍ୱରଙ୍କର ପୁତ୍ର ଅଟନ୍ତି। "ଯୀଶୁ" ନାମର ଅର୍ଥ "ଯିହୋବା ଉଦ୍ଧାର କରନ୍ତି।" "ଖ୍ରୀଷ୍ଟ" ଶବ୍ଦ ଏକ ଉପାଧି ଅଟେ ଯାହାର ଅର୍ଥ "ଅଭିଶିକ୍ତ ବ୍ୟକ୍ତି" ଓ ମସୀହ ଅନ୍ୟ ଏକ ଶବ୍ଦ ଅଟେ ।

- ଦୁଇ ନାମକୁ ଅନେକ ସମୟରେ ସଂଯୁକ୍ତ କରାଯାଏ ଯେପରି "ଯୀଶୁ ଖ୍ରୀଷ୍ଟ" ଓ "ଖ୍ରୀଷ୍ଟ ଯୀଶୁ।" ଏହି ନାମଗୁଡ଼ିକ ଗୁରୁତ୍ୱ ଦିଏ ଯେ ଈଶ୍ୱରଙ୍କ ପୁତ୍ର ମସୀହ। ଅଟନ୍ତି ଯେ ଲୋକମାନଙ୍କୁ ପାପ ନିମନ୍ତେ ଅନନ୍ତ ଦଣ୍ଡ ପାଉଥିବା ହେତୁ ସେମାନଙ୍କୁ ସ୍ୱତନ୍ତ୍ର କରିବାକୁ ଆସିଲେ।
- ଆଶ୍ଚର୍ଯ୍ୟଜନକ ରୂପରେ ପବିତ୍ର ଆତ୍ମା ଈଶ୍ୱରଙ୍କର ଅନନ୍ତ ପୁତ୍ରକୁ ମାନବ ରୂପରେ ଜନ୍ମାଇଲେ। ତାହାଙ୍କ ମାତା ଏକ ଦୂତ ଦ୍ୱାରା ତାହାଙ୍କୁ ଯୀଶୁ ନାମ ଦେବ ବୋଲି କୁହାଗଲେ କାରଣ ସେ ନିଜ ଲୋକମାନଙ୍କୁ ତାହାଙ୍କ ପାପରୁ ଉଦ୍ଧାର କରିବେ।
- ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ ଯାହା ପ୍ରକାଶ କରେ ଯେ ସେ ଈଶ୍ୱର ଅଟନ୍ତି ଏବଂ ସେ ଖ୍ରୀଷ୍ଟ ଅଟନ୍ତି ଅବା ମସୀହ ଅଟନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଅନେକ ଭାଷାରେ "ଯୀଶୁ" ଏବଂ "ଖ୍ରୀଷ୍ଟ" ଏପରି ଭାବରେ ବନାନ କରାଯାଇଥାଏ ଯାହା ଶବ୍ଦ କିମ୍ବା ବନାନକୁ ଯଥା ସମ୍ଭବ ମୂଳ ଭାଷାର ନିକଟତର କରିଥାଏ । ଉଦାହରଣ ସ୍ୱରୂପ, "ଜେସୁକ୍ରିଷ୍ଟୋ", "ଜେଜୁସ୍ ଖ୍ରୀଷ୍ଟସ୍", "ୟେସୁସ୍ କ୍ରିଷ୍ଟସ୍" ଏବଂ "ହେସୁକ୍ରିଷ୍ଟୋ" ହେଉଛି କେତେକ ଉପାୟ ଯାହାକି ଏହି ନାମଗୁଡିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇଥାଏ।
- "ଖ୍ରୀଷ୍ଟ" ଶବ୍ଦ ପାଇଁ କେତେକ ଅନୁବାଦକ କେବଳ "ମସୀହ " ଶବ୍ଦକୁ ବ୍ୟବହାର କରନ୍ତି।
- ନିକଟସ୍ଥ ସ୍ଥାନୀୟ କିମ୍ବା ଜାତୀୟ ଭାଷାରେ ଏହି ନାମଗୁଡ଼ିକ କିପରି ବନାନ କରାଯାଇଅଛି ତାହା ମଧ୍ୟ ଦେଖନ୍ତୁ ।

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମ କିପରି ଅନୁବାଦ କରାଯାଏ ଦେଖନ୍ତୁ)

(ଖ୍ରୀଷ୍ଟ, ଈଶ୍ୱର, ପିତା ଈଶ୍ୱର, ମହାଯାଜକ, ଈଶ୍ୱରଙ୍କ ରାଜ୍ୟ, ମରୀୟମ, ଉଦ୍ଧାରକର୍ତ୍ତା, ଈଶ୍ୱରଙ୍କ ପୁତ୍ର:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 6:11
- ପ୍ରଥମ ଯୋହନ 2:2
- ପ୍ରଥମ ଯୋହନ 4:15
- ପ୍ରଥମ ତୀମଥି 1:2
- ଦ୍ୱିତୀୟ ପିତର1:2
- ଦ୍ୱିତୀୟ ଥେସଲନୀକୀୟ 2:15
- ଦ୍ୱିତୀୟ ତୀମଥି 1:10
- ପ୍ରେରିତ 2:23
- ପ୍ରେରିତ 5:30
- ପ୍ରେରିତ 10:36
- ଏବ୍ରୀ 9:14
- ଏବ୍ରୀ 10:22
- ଲୂକ 24:20
- ମାଥିଉ 1:21
- ମାଥିଉ 4:3
- ଫିଲିପ୍ପୀୟ2:5
- ଫିଲିପ୍ପୀୟ2:10
- ଫିଲିପ୍ପୀୟ4:21-23
- ପ୍ରକାଶିତ ବାକ୍ୟ 1:6

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **22:4** ସ୍ୱର୍ଗ ଦୂତ କହିଲେ, ତୁମ୍ଭେ ଗର୍ଭବତୀ ହେବ ଓ ଏକ ପୁତ୍ରକୁ ଜନ୍ମ ଦେବ। ତୁମ୍ଭେ ତାହାର ନାମ **ଯୀଶୁ** ଦେବ ଓ ସେ ମସୀହ ହେବେ।

- **23:2** "ତାହାଙ୍କ ନାମ **ଯୀଶୁ** ଦେବ (ଯାହାର ଅର୍ଥ, 'ସଦାପ୍ରଭୁ ଉଦ୍ଧାର କରନ୍ତି') କାରଣ ସେ ଲୋକମାନଙ୍କୁ ସେମାନଙ୍କ ପାପରୁ ଉଦ୍ଧାର କରିବେ।
- **24:7** ଏଣୁ ଯୋହନ ତାହାଙ୍କୁ (ଯୀଶୁ) ବାପ୍ତିସ୍ମ ଦେଲେ, ଯଦ୍ୟପି **ଯୀଶୁ** କେବେ ହେଁ ପାପ କରି ନଥିଲେ।
- **24:9** କେବଳ ଜଣେ ହିଁ ଈଶ୍ୱର ଅଛନ୍ତି। କିନ୍ତୁ ଯୋହନ **ଯୀଶୁ** ବାପ୍ତିସ୍ମ ଦେଲାବେଳେ ସେ ପିତା ଈଶ୍ୱରଙ୍କ କଥା କହିବାର ଶୁଣିଲେ, ଏବଂ **ଯୀଶୁ** ଯେ ପୁତ୍ର ଏବଂ ପବିତ୍ର ଆତ୍ମାଙ୍କୁ ଦେଖିଲେ।
- **25:9** **ଯୀଶୁ** ଶୟତାନର ପରିକ୍ଷାରେ ବିଜୟୀ ପ୍ରାପ୍ତ ହେଲେ ଓ ଶୟତାନ ତାହାଙ୍କୁ ଛାଡ଼ି ଚାଲି ଗଲା।
- **26:8** ତାପରେ **ଯୀଶୁ** ଗାଲିଲି ଅଞ୍ଚଳକୁ ଚାଲିଗଲେ, ଆଉ ଏକ ବଡ଼ ଭିଡ଼ ତାହାଙ୍କ ପାଖକୁ ଆସିଲା। ସେମାନେ ଅନେକ ଲୋକମାନଙ୍କୁ ଯେଉଁମାନେ ରୋଗୀ କିମ୍ବା ଭିନ୍ନକ୍ଷମ ସହ ଯେଉଁମାନେ ଦେଖି ପାରନ୍ତି ନାହିଁ, ଶୁଣିବା କିମ୍ବା କଥା କହି ପାରୁ ନ ଥିବା ଲୋକମାନଙ୍କୁ ତାହାଙ୍କ ପାଖକୁ ଆଣିଲେ ଆଉ **ଯୀଶୁ** ସେମାନଙ୍କୁ ସୁସ୍ଥ କଲେ।
- **31:3** ତାପରେ **ଯୀଶୁ** ପ୍ରାର୍ଥନା କରିବା ସମାପ୍ତ କଲେ ଏବଂ ଶିଶ୍ୟମାନଙ୍କ ନିକଟକୁ ଗଲେ। ସେ ପାଣି ଉପରେ ଚାଲି ଚାଲି ହ୍ରଦର ଏ ପାଖରୁ ସେପାଖକୁ ସେମାନଙ୍କ ନୌକା ଆଡକୁ ଗଲେ।
- **38:2** ସେ (ଯିହୂଦା) ଜାଣିଲା ଯେ ଯିହୁଦୀ ନେତାମାନେ **ଯୀଶୁଙ୍କୁ** ମସୀହ ବୋଲି ଅସ୍ୱିକାର କରୁଥିଲେ ଏବଂ ସେମାନେ ଯେ ତାହାଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର କରୁଥିଲେ।
- **40:8** ତାହାଙ୍କ ମୃତ୍ୟୁ ଦ୍ୱାରା, **ଯୀଶୁ** ଈଶ୍ୱରଙ୍କ ନିକଟକୁ ଆସିବାକୁ ଲୋକମାନଙ୍କ ନିମନ୍ତେ ଏକ ପଥ ପ୍ରସ୍ତୁତ କଲେ।
- **42:11** ତାପରେ **ଯୀଶୁ** ସ୍ୱର୍ଗକୁ ଅନ୍ତର୍ନିହିତ ହେଲେ ଓ ଏକ ମେଘ ତାହାଙ୍କୁ ସେମାନଙ୍କ ଚକ୍ଷୁରୁ ଘୋଡ଼ାଇଲା। **ଯୀଶୁ** ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇ ସମସ୍ତ ବିଷୟ ଉପରେ ଶାସନ କରନ୍ତି।
- **50:17** **ଯୀଶୁ** ଓ ତାହାଙ୍କ ଲୋକମାନେ ନୂତନ ପୃଥିବୀରେ ବାସ କରିବେ, ଏବଂ ସେ ଯାହା କିଛି ଅସ୍ତିତ୍ୱରେ ଅଛି ଚିରଦିନ ନିମନ୍ତେ ତାହା ଉପରେ ରାଜୁତି କରିବେ। ସେ ସମସ୍ତଙ୍କର ଲୋତକ ପୋଛି ଦେବେ ଏବଂ ସେଥିରେ ଆଉ ଯାତନା ଓ ଦୁଃଖ, କ୍ରନ୍ଦନ, ମନ୍ଦତା, କଷ୍ଟ ଓ ମୃତ୍ୟୁ ରହିବ ନାହିଁ। **ଯୀଶୁ** ତାହାଙ୍କ ରାଜ୍ୟ ଶାନ୍ତି ଓ ନ୍ୟାୟରେ ଶାସନ କରିବେ ଓ ସେ ତାହାଙ୍କ ଲୋକମାନଙ୍କ ସହିତ ଚିରଦିନଯାଏ ରହିବେ।

ଶବ୍ଦବିନ୍ୟାସ:

- Strong's: G24240, G55470

ରକ୍ତ

ପରିଭାଷା:

"ରକ୍ତ" ଶବ୍ଦଟି ଲାଲ୍ ତରଳ ପଦାର୍ଥକୁ ବୁଝାଏ ଯାହା ଯେବେ ଜଣେ ବ୍ୟକ୍ତିର ଶରୀରରେ ଆଘାତ କିମ୍ବା କ୍ଷତ ହେଲେ ତାହାର ଚର୍ମରୁ ବାହାରିଥାଏ । ରକ୍ତ ଏକ ବ୍ୟକ୍ତିର ସମଗ୍ର ଶରୀରକୁ ଜୀବନ ପ୍ରଦାନକାରୀ ପୁଷ୍ଟିକର ବିଷୟକୁ ଯୋଗାଇଥାଏ । ବାଇବେଲରେ, "ରକ୍ତ" ଶବ୍ଦକୁ ସାଙ୍କେତିକ ଭାବରେ "ଜୀବନ" ଏବଂ / କିମ୍ବା ଅନ୍ୟାନ୍ୟ ଧାରଣାକୁ ପ୍ରକାଶ କରିବାକୁ ବ୍ୟବହାର କରାଯାଇଅଛି |

- ଯେତେବେଳେ ଲୋକମାନେ ଈଶ୍ୱରଙ୍କୁ ବଳି ପ୍ରଦାନ କରୁଥିଲେ, ସେମାନେ ଗୋଟିଏ ପଶୁକୁ ବଧକରି ବେଦିରେ ଏହାର ରକ୍ତ ଢ଼ାଳୁଥିଲେ । ଏହା ଲୋକମାନଙ୍କ ପାପର ମୂଲ୍ୟ ଦେବାପାଇଁ ପଶୁର ଜୀବନ ବଳିଦାନର ପ୍ରତୀକ ଥିଲା ।
- "ମାଂସ ଏବଂ ରକ୍ତ" ଅଭିବ୍ୟକ୍ତି ମାନବ ଜାତିକୁ ବୁଝାଏ ।
- "ମୋ ନିଜ ମାଂସ ଏବଂ ରକ୍ତ" ବକ୍ୟାଂଶଟି ଆତ୍ମୀୟ ସ୍ୱଜନ ସମ୍ପର୍କକୁ ବୁଝାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ ରକ୍ତ ପାଇଁ ବ୍ୟବହାର ହେଉଥିବା ସ୍ଥାନୀୟ ଭାଷାର ଶବ୍ଦ ସହ ଅନୁବାଦ କରାଯିବା ଉଚିତ ।
- "ମାଂସ ଏବଂ ରକ୍ତ" ବକ୍ୟାଂଶକୁ "ଲୋକମାନେ" ଓ"ମାନବ ଜାତି" ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗ ଉପରେ ଅଧାର କରି "ମୋ ନିଜ ମାଂସ ଏବଂ ରକ୍ତ" ବକ୍ୟାଂଶକୁ " ମୋ ନିଜ ପରିବାର" କିମ୍ବା "ମୋ ସମ୍ପର୍କିୟ" କିମ୍ବା "ମୋ ନିଜ ଲୋକ" ବୋଲି ଅନୁବାଦ କରାଯାଇପାରେ ।
- ଯଦି ସ୍ଥାନୀୟ ଭାଷାରେ "ରକ୍ତ ଏବଂ ମାଂସ" ଶବ୍ଦର ଅର୍ଥ ପ୍ରକାଶ କରୁଥିବା ଶବ୍ଦ ଥାଏ ତେବେ ସେହି ଶବ୍ଦକୁ ସ୍ଥାନୀୟ ଭାଷାରେ ଅନୁବାଦ କରାଯାଇପାରିବ ।

(ରକ୍ତପାତ, ମାଂସ; ଜୀବନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 1:7
- ପ୍ରଥମ ଶାମୁୟେଲ 14:32
- ପ୍ରେରିତ 2:20
- ପ୍ରେରିତ 5:28
- କଲସୀୟ 1:20
- ଗାଲାତୀୟ 1:16
- ଆଦିପୁସ୍ତକ 4:11
- ଗୀତସଂହିତା 16:4
- ଗୀତସଂହିତା 105:28-30

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **8:3** ଯୋଷେଫର ଭାଇମାନେ ଗୃହକୁ ଫେରିବା ପୂର୍ବରୁ ତାହାର ପୋଷାକୁ ଚିରି ଗୋଟିଏ ମେଷର **ରକ୍ତରେ** ବୁଡ଼ାଇଲେ ।
- **10:3** ଈଶ୍ୱର ନୀଳନଦୀର ଜଳକୁ **ରକ୍ତରେ** ପରିଣତ କଲେ କିନ୍ତୁ ଫାରୋ ଇସ୍ରାଏଲୀୟମାନଙ୍କୁ ଯିବାକୁ ଦେଲେ ନାହିଁ ।
- **11:5** ପ୍ରତ୍ୟେକ ଇସ୍ରାଏଲୀୟ ଲୋକଙ୍କ ଦ୍ୱାରବନ୍ଧରେ **ରକ୍ତ** ଲାଗିଥିଲା ତେଣୁ ଈଶ୍ୱର ସେହି ଗୃହଗୁଡ଼ିକ ଅତିକ୍ରମ କଲେ ଏବଂ ସେମାନେ ଗୃହ ମଧ୍ୟରେ ନିରାପଦରେ ରହିଲେ । ସେମାନେ ମେଷ **ରକ୍ତ** ହେତୁ ଉଦ୍ଧାର ପାଇଲେ ।
- **13:9** ସେହି ବଳିକୃତ ପଶୁର **ରକ୍ତ** ଏକ ବ୍ୟକ୍ତିର ପାପକୁ ଆଚ୍ଛାଦନ କରୁଥିଲା ଏବଂ ସେହି ବ୍ୟକ୍ତି ଈଶ୍ୱରଙ୍କ ଦୃଷ୍ଟିରେ ଶୁଚିକୃତ ହେଉଥିଲା ।
- **38:5** ତତ୍ପରେ ଯୀଶୁ ଗୋଟିଏ ପାନପାତ୍ର ଘେନି କହିଲେ, "ଏହାକୁ ପାନ କର" । ଏହା ହେଉଛି ନୂତନ ନିୟମର ସ୍ଥାପିତ ମୋହର **ରକ୍ତ** ଯାହା ଦ୍ୱାରା ସମସ୍ତ ପାପ କ୍ଷମା ହୁଏ ।
- **48:10** ଯେତେବେଳେ କେହି ଯୀଶୁଙ୍କୁ ବିଶ୍ୱାସ କରେ, ଯୀଶୁଙ୍କ **ରକ୍ତ** ସେହି ବ୍ୟକ୍ତିଙ୍କ ପାପ ଦୂରିକୃତ କରେ ଏବଂ ଈଶ୍ୱରଙ୍କ ଦଣ୍ଡରୁ ସେ ମୁକ୍ତ ହୁଏ ।

ଶବ୍ଦବିନ୍ୟାସ :

- Strong's: H1818, H5332, G01290, G01300, G01310

ରକ୍ଷା କରିବା, ଉଦ୍ଧାର କଲେ, ନିରାପଦ, ପରିତ୍ରାଣ

ପରିଭାଷା:

"ରକ୍ଷା କରିବା" ଶବ୍ଦ କୌଣସି ବ୍ୟକ୍ତିଙ୍କୁ କ୍ଷତି କିମ୍ବା ବିପଦରୁ ରକ୍ଷା କରିବାକୁ ବୁଝାଏ। "ନିରାପଦ"ର ଅର୍ଥ କୌଣସି କ୍ଷତି କିମ୍ବା ବିପଦରୁ ସୁରକ୍ଷିତ ହେବା।

- ଶାରୀରିକ ଭାବେ, ଲୋକମାନେ କ୍ଷତି, ବିପଦ କିମ୍ବା ମୃତ୍ୟୁ ମୁଖରୁ ଉଦ୍ଧାର ହେବା।
- ଆତ୍ମିକ ଦୃଷ୍ଟିରୁ, ଯଦି ଜଣେ ବ୍ୟକ୍ତି "ପରିତ୍ରାଣ" ପାଇଅଛି, ତେବେ ଈଶ୍ୱର, କ୍ରୁଶରେ ଯୀଶୁଙ୍କ ମୃତ୍ୟୁ ଦ୍ୱାରା, ତାଙ୍କୁ କ୍ଷମା କରି ଦେଇଛନ୍ତି ଏବଂ ପାପ ପାଇଁ ନର୍କ ଦଣ୍ଡରୁ "ଉଦ୍ଧାର" କରିଅଛନ୍ତି।
- ଲୋକମାନେ ଲୋକମାନଙ୍କୁ ବିପଦରୁ ଉଦ୍ଧାର କିମ୍ବା ରକ୍ଷା କରିପାରିବେ, କିନ୍ତୁ କେବଳ ଈଶ୍ୱର ସେମାନଙ୍କର ପାପ ନିମନ୍ତେ ଅନନ୍ତ କାଳୀନ ଦଣ୍ଡରୁ ଉଦ୍ଧାର କରିପାରିବେ।

"ପରିତ୍ରାଣ" ଶବ୍ଦ ମନ୍ଦ ଏବଂ ବିପଦରୁ ଉଦ୍ଧାର ପାଇବାକୁ ବୁଝାଏ।

- ବାଇବେଲରେ, "ପରିତ୍ରାଣ" ସାଧାରଣ ଆତ୍ମିକ ଏବଂ ଈଶ୍ୱରଙ୍କ ନିକଟରେ ପାପ ସ୍ୱୀକାର ଓ ଅନୁତାପ କରିବା ଏବଂ ଯୀଶୁଙ୍କଠାରେ ବିଶ୍ୱାସ କରିବା ସେମାନଙ୍କୁ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଆତ୍ମିକ ଏବଂ ଅନନ୍ତ ମୁକ୍ତିକୁ ବୁଝାଏ।
- ବାଇବେଲ ମଧ୍ୟ ଈଶ୍ୱରଙ୍କ ନିଜ ଲୋକମାନଙ୍କୁ ଶାରୀରିକ ଶତ୍ରୁମାନଙ୍କଠାରୁ ରକ୍ଷା କରିବା କିମ୍ବା ଉଦ୍ଧାର କରିବା ବିଷୟରେ କହିଥାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଉଦ୍ଧାର" ଶବ୍ଦକୁ "ରକ୍ଷା" କିମ୍ବା "ବିପଦରୁ ରକ୍ଷା" କିମ୍ବା "ବିପଦ ପଥରୁ ବାହାର କରିନେବା" କିମ୍ବା "ମୃତ୍ୟୁରୁ ରକ୍ଷା କରିବା" ବୋଲି ଅନୁବାଦ କରାଯାଇପାରିବ।
- "ଯିଏ ନିଜ ଜୀବନ ରକ୍ଷା କରିବେ" ଅଭିବ୍ୟକ୍ତିରେ "ଉଦ୍ଧାର" ଶବ୍ଦକୁ "ସଂରକ୍ଷଣ" କିମ୍ବା "ସୁରକ୍ଷା" ବୋଲି ଅନୁବାଦ କରାଯାଇପାରିବ।
- "ନିରାପଦ" ଶବ୍ଦକୁ "ବିପଦରୁ ସୁରକ୍ଷା" କିମ୍ବା "ଏପରି ଏକ ସ୍ଥାନ ଯେଉଁଠି ବିପଦ ନାହିଁ" ବୋଲି ଅନୁବାଦ ହୋଇପାରିବ।
- "ପରିତ୍ରାଣ" ଶବ୍ଦକୁ "ଉଦ୍ଧାର" କିମ୍ବା "ରକ୍ଷା" ସହିତ ସମ୍ପର୍କ ଥିବା ଶବ୍ଦ ସହ "ଈଶ୍ୱରଙ୍କ ଲୋକମାନେ ଉଦ୍ଧାର ପାଇବେ (ସେମାନଙ୍କ ପାପ ପାଇଁ ଦଣ୍ଡରୁ)" କିମ୍ବା "ଈଶ୍ୱର ତାହଙ୍କର ଲୋକମାନଙ୍କୁ ଉଦ୍ଧାର କରନ୍ତି (ସେମାନଙ୍କ ଶତ୍ରୁମାନଙ୍କଠାରୁ)" ବୋଲି ଅନୁବାଦ ହୋଇପାରିବ।
- "ସଦାପ୍ରଭୁ ମୋର ଉଦ୍ଧାରକର୍ତ୍ତା" ବାକ୍ୟାଂଶକୁ "ଈଶ୍ୱର ଯିଏ ମୋତେ ଉଦ୍ଧାର କରନ୍ତି" ବୋଲି ଅନୁବାଦ କରାଯାଇପାରେ।
- "ତୁମ୍ଭେମାନେ ପରିତ୍ରାଣ ରକୂପରୁ ଜଳ ବାହାର କରିବ" ବାକ୍ୟାଂଶକୁ "ତୁମ୍ଭେମାନେ ଜଳ ପରି ସତେଜ ହେବ କାରଣ ଈଶ୍ୱର ତୁମ୍ଭମାନଙ୍କୁ ଉଦ୍ଧାର କରୁଛନ୍ତି।" (କ୍ରୁଶ, ଉଦ୍ଧାର, ଦଣ୍ଡ, ପାପ, ଉଦ୍ଧାରକର୍ତ୍ତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 49:18
- ଆଦି ପୁସ୍ତକ 47:25-26
- ଗୀତସଂହିତା 80:3
- ଯିରିମୀୟ 16:19-21
- ମୀଖା 6:3-5
- ଲୂକ 2:30
- ଲୂକ 8:36-37
- ପ୍ରେରିତ 4:12
- ପ୍ରେରିତ 28:28
- ପ୍ରେରିତ 2:21
- ରୋମୀୟ 1:16
- ରୋମୀୟ 10:10
- ଏଫିସୀୟ 6:17
- ଫିଲିପ୍ପୀୟ 1:28
- 1 ତୀମାଥି 1:15-17
- ପ୍ରକାଶିତ ବାକ୍ୟ 19:1-2

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **9:8** ମୋଶା ଆପଣା ସାଥୀ ଇସ୍ରାଏଲୀୟକୁ **ରକ୍ଷା** କରିବାକୁ ଚେଷ୍ଟା କଲେ।
- **11:2** ଈଶ୍ୱର ତାହାଙ୍କଠାରେ ବିଶ୍ୱାସ କରୁଥିବା ଯେକୌଣସି ବ୍ୟକ୍ତିର ପ୍ରଥମଜାତ ପୁତ୍ରକୁ **ଉଦ୍ଧାର** କରିବା ନିମନ୍ତେ ଏକ ଉପାୟ ପ୍ରଦାନ କଲେ।
- **12:5** ମୋଶା ଇସ୍ରାଏଲ ସନ୍ତାନଗଣକୁ କହିଲେ, “ଭୟ କର ନାହିଁ! ଆଜି ଈଶ୍ୱର ତୁମ୍ଭମାନଙ୍କ ନିମନ୍ତେ ଯୁଦ୍ଧ କରିବେ ଏବଂ ତୁମ୍ଭମାନଙ୍କୁ **ଉଦ୍ଧାର** କରିବେ।"
- **12:13** ଇସ୍ରାଏଲ ସନ୍ତାନଗଣ ସେମାନଙ୍କର ନୂତନ ସ୍ୱାଧିନତା ପାଳନ ଉଦ୍ଦେଶ୍ୟରେ ନୂତନ ଗୀତ ଗାନ କଲେ ଏବଂ ଈଶ୍ୱରଙ୍କ ପ୍ରଶଂସା କଲେ କାରଣ ସେ ସେମାନଙ୍କୁ ମୀସରୀୟ ସୈନିକଠାରୁ **ଉଦ୍ଧାର** କଲେ।
- **16:17** ଏହି ପ୍ରଣାଳୀ ଅନେକ ଥର ପୁନରାବୃତ୍ତି ହୋଇଛି: ଇସ୍ରାଏଲମାନେ ପାପ କରିବେ, ଈଶ୍ୱର ସେମାନଙ୍କୁ ଦଣ୍ଡ ଦେବେ, ସେମାନେ ଅନୁତାପ କରିବେ ଏବଂ ଈଶ୍ୱର ସେମାନଙ୍କୁ **ଉଦ୍ଧାର** କରିବା ନିମନ୍ତେ ଜଣେ ଉଦ୍ଧାରକାରୀଙ୍କୁ ପଠାଇବେ।
- **44:8** "ତୁମ୍ଭେମାନେ ଯୀଶୁଙ୍କୁ କ୍ରୁଶରେ ବଦ୍ଧ କଲ, କିନ୍ତୁ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି! ତୁମ୍ଭେମାନେ ତାହାଙ୍କୁ ଅଗ୍ରାହ୍ୟ କଲ, କିନ୍ତୁ ଯୀଶୁଙ୍କ ଶକ୍ତି ବିହୁନେ **ପରିତ୍ରାଣ** ପାଇବା ନିମନ୍ତେ ଅନ୍ୟ କୌଣସି ମାର୍ଗ ନାହିଁ!"
- **47:11** କାରଗାରର ଅଧ୍ୟକ୍ଷ ଭୟ ଭିତ ହେଲେ ଯେତେବେଳେ ସେ ପାଉଲ ଓ ସିଲାଙ୍କ ନିକଟକୁ ଆସିଲେ ଆଉ ପଚାରିଲେ, “ମୋତେ **ପରିତ୍ରାଣ** ପାଇବାକୁ କଅଣ କରିବାକୁ ହେବ?"ପାଉଲ ଉତ୍ତର ଦେଲେ, “ଯୀଶୁଙ୍କଠାରେ ବିଶ୍ୱାସ କର, ତୁମ୍ଭେ ଏବଂ ତୁମ୍ଭର ପରିବାର **ପରିତ୍ରାଣ** ପାଇବ।”
- **49:13** ଉତ୍ତମ କାର୍ଯ୍ୟ ତୁମ୍ଭମାନଙ୍କୁ **ପରିତ୍ରାଣ** କରିପାରିବ ନାହିଁ।
- **49:13** ଈଶ୍ୱର ପ୍ରତ୍ୟେକଙ୍କୁ **ଉଦ୍ଧାର** କରିବେ ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରିବେ ଏବଂ ତାହାଙ୍କୁ ଆପଣାର କାର୍ତ୍ତା ସ୍ୱରୁପେ ଗ୍ରହଣ କରିବେ। କିନ୍ତୁ ଯେକୌଣସି ବ୍ୟକ୍ତି ଯିଏ ତାହାଙ୍କଠାରେ ବିଶ୍ୱାସ କରେ ନାହିଁ ସେ **ଉଦ୍ଧାର** କରିବେ ନାହିଁ।

ଶବ୍ଦବିନ୍ୟାସ:

- Strong’s: H0983, H2421, H2502, H3444, H3467, H3468, H4190, H4422, H4931, H5338, H6308, H6403, H7682, H7951, H7965, H8104, H8199, H8668, G08030, G08040, G08060, G12950, G15080, G49820, G49910, G49920, G51980

ରାବବୀ

ସଂଜ୍ଞା:

"ରାବବୀ" ପ୍ରତିଶବ୍ଦର ଆକ୍ଷରିକ ଅର୍ଥ "ମୋହର ପ୍ରଭୁ ବା ମୁନିବ" କିମ୍ବା "ମୋହର ଗୁରୁ ବା ଶିକ୍ଷକ" ଅଟେ I

- ଏହା ଏକ ସମ୍ମାନଜନକ ପଦବୀଥିଲା ଯାହା ଜଣେ ଯିହୂଦୀୟ ଧର୍ମ ନେତା, ବିଶେଷତଃ ଈଶ୍ୱରଙ୍କ ବ୍ୟବସ୍ଥାର ଗୁରୁ ବା ଶିକ୍ଷକଙ୍କୁ ସମ୍ବୋଧନ କରିବା ନିମନ୍ତେ ବ୍ୟବହୃତ ହେଉଥିଲା I
- ଉଭୟ ଯୋହନ ଏବଂ ଯୀଶୁ କେତେକ ସମୟରେ ସେମାନଙ୍କର ଶିଷ୍ୟମାନଙ୍କ ଦ୍ୱାରା ରାବବୀ ବା ଗୁରୁ ଭାବରେ ସମ୍ବୋଧିତ ହୋଇଥିଲେ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ:

- ଏହି ପ୍ରତିଶବ୍ଦକୁ ଅନୁବାଦ କଲାବେଳେ "ମୋହର ପ୍ରଭୁ" ବା "ମୋହର ଗୁରୁ" ବା "ସମ୍ମାନୀୟ ଗୁରୁ" ବା "ଧର୍ମଗୁରୁ" ବୋଲି ପଦଗୁଡିକୁ ଅନ୍ତର୍ଭୁକ୍ତ କରାଯାଇପାରେ I

କେତେକ ଭାଷାଗୁଡିକରେ ଗୋଟିଏ ଅଭିବାଦନକୁ ବଡ଼ ଅକ୍ଷରରେ ଲେଖିପାରନ୍ତି, କେହି କେହି ଲେଖନ୍ତି ନାହିଁ I

- ପ୍ରକଳ୍ପ ଭାଷାର ହୁଏତ ମଧ୍ୟ ଏକ ବିଶେଷ ଉପାୟ ଥାଇପାରେ ଯାହାକୁ ନେଇ ଶିକ୍ଷକମାନଙ୍କୁ ସାଧାରଣ ଭାବରେ ସମ୍ବୋଧନ କରାଯାଇଥାଏ I
- ସୁନିଶ୍ଚିତ କର ଯେ ଏହି ପ୍ରତିଶବ୍ଦ ଯୀଶୁ ଜଣେ ବିଦ୍ୟାଳୟରେ ଶିକ୍ଷକଥିଲେ ବୋଲି ଏହା ଯେପରି ନ ସୂଚାଏ I
- ଆହୁରି ମଧ୍ୟ ବିଚାର କର ଯେ "ରାବବୀ" ଶବ୍ଦ କିପରି ଭାବରେ ଅନୁବାଦ କରାଯାଇଛି ବିଶେଷତଃ ଏକ ବାଇବଲର ଅନୁବାଦରେ ସମ୍ପର୍କୀତ ଭାଷା ବା ଏକ ଜାତୀୟ ଭାଷାରେ କରାଯାଇଛି I

ଦେଖନ୍ତୁ: ଅଜଣା ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ

(ଆହୁରି ମଧ୍ୟ ଦେଖ: ଶିକ୍ଷକ)

ବାଇବଲ ପଦଗୁଡିକ:

- ଯୋହନ 01:49-51
- ଯୋହନ 06:24-25
- ମାର୍କ 14:43-46
- ମାଥିଉ 23:8-10

ବୋର୍ଡ ଡାଟା :

- Strong's: G4461

ଶକ୍ତି, ଶକ୍ତିଶାଳୀ, ପ୍ରଭାବଶାଳୀଭାବେ

ପରିଭାଷା:

"ଶକ୍ତି" ଶବ୍ଦ କୌଣସି ବିଷୟକୁ ଘଟାଇବା କ୍ଷମତାକୁ ବୁଝାଏ, ଅନେକ ସମୟରେ ବହୁତ ଶକ୍ତି ବ୍ୟବହାର କରି। "ଶକ୍ତିଗୁଡ଼ିକ" ଲୋକମାନଙ୍କ ପ୍ରତି ବା ଆତ୍ମାମାନଙ୍କ ପ୍ରତି ସୂଚାଇଥାଏ, ଯାହାର ବିଷୟମାନ ଘଟାଇ ପାରିବାରେ ବିଶେଷ ସାମର୍ଥ ଅଛି।

- "ଈଶ୍ୱରଙ୍କ ଶକ୍ତି" ପ୍ରତ୍ୟେକ ବିଷୟକୁ ସାଧନ କରିବା ନିମନ୍ତେ ସାମର୍ଥକୁ ସୂଚାଇଥାଏ, ବିଶେଷତଃ ବିଷୟଗୁଡ଼ିକ ଯାହା ଲୋକମାନେ କରିପାରିବାକୁ ସକ୍ଷମ ନୁହଁନ୍ତି।
- ଈଶ୍ୱର ସୃଷ୍ଟି କରିଥିବା ସମସ୍ତ ବିଷୟରେ ତାହାଙ୍କର କ୍ଷମତା ଅଛି।
- ଈଶ୍ୱର ଯାହା ଇଚ୍ଛା କରନ୍ତି ତାହା କରିବାକୁ ସେ ତାହାଙ୍କର ଲୋକମାନଙ୍କୁ ଶକ୍ତି ପ୍ରଦାନ କରନ୍ତି, ଯାହା ଫଳରେ ଯେତେବେଳେ ସେମାନେ ଲୋକମାନଙ୍କୁ ସୁସ୍ଥ କଲେ କିମ୍ବା ଅନ୍ୟ ଆଶ୍ଚର୍ଯ୍ୟକର୍ମଗୁଡ଼ିକ ସାଧନ କଲେ, ସେମାନେ ଈଶ୍ୱରଙ୍କ ଶକ୍ତି ଦ୍ୱାରା ଏହା ସାଧନ କଲେ।
- ଯେହେତୁ ଯୀଶୁ ଏବଂ ପବିତ୍ର ଆତ୍ମା ଈଶ୍ୱର ଅଟନ୍ତି, ସେମାନଙ୍କର ଏହି ସମାନ ଶକ୍ତି ଅଛି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି "ଶକ୍ତି" ଶବ୍ଦକୁ "ସାମର୍ଥ୍ୟ" କିମ୍ବା "ଶକ୍ତି" କିମ୍ବା "ବଳ" କିମ୍ବା "ଆଶ୍ଚର୍ଯ୍ୟକର୍ମଗୁଡ଼ିକ ସାଧନ କରିବା ନିମନ୍ତେ ସାମର୍ଥ" କିମ୍ବା "ନୀୟନ୍ତ୍ରଣ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ଶକ୍ତି" ଶବ୍ଦକୁ "କ୍ଷମତା ସମ୍ପନ୍ନ ବ୍ୟକ୍ତିଗଣ" କିମ୍ବା "ନୀୟନ୍ତ୍ରଣକାରୀ ଆତ୍ମାଗୁଡ଼ିକ" କିମ୍ବା "ଯେଉଁମାନେ ଅନ୍ୟମାନଙ୍କୁ ନୀୟନ୍ତ୍ରଣ କରନ୍ତି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।

(ପବିତ୍ର ଆତ୍ମା, ଯୀଶୁ, ଆଶ୍ଚର୍ଯ୍ୟକର୍ମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ଥେସଲନୀକୀୟ 1:5
- କଲସୀୟ 1:11-12
- ଆଦିପୁସ୍ତକ 31:29
- ଯିରିମୀୟ 18:21
- ଯିହୂଦା 1:25
- ବିଚାରକର୍ତ୍ତା 2:18
- ଲୂକ 1:17
- ଲୂକ 4:14
- ମାଥିଉ 26:64
- ଫିଲିପ୍ପୀୟ 3:21
- ଗୀତସଂହିତା 80:2

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 22:**5** ଦୂତ ବୁଝାଇ କହିଲେ, "ପବିତ୍ର ଆତ୍ମା ତୁମ୍ଭ ଉପରେ ଅଧିଷ୍ଠାନ କରିବେ, ଏବଂ ଈଶ୍ୱରଙ୍କ **ଶକ୍ତି** ଆବୋରିବେ। ଯାହାଫଳରେ ସେହି ଶିଶୁ ପବିତ୍ର, ଈଶ୍ୱରଙ୍କ ପୁତ୍ର ହେବେ।"
- 26:**1** ଶୟତାନର ପରୀକ୍ଷାଗୁଡ଼ିକ ଉପରେ ଜୟଲାଭ କଲା ଉତ୍ତାରେ, ଯୀଶୁ ପବିତ୍ର ଆତ୍ମାଙ୍କ **ଶକ୍ତିରେ** ସେ ବାସ କରିଥିବା ଗାଲିଲୀ ଅଞ୍ଚଳକୁ ଆସିଲେ।
- 32:15 ତତକ୍ଷଣାତ୍ ଯୀଶୁ ଅନୁଭବ କଲେ ଯେ ତାହାଙ୍କଠାରୁ **ଶକ୍ତି** ନିର୍ଗତ ହେଲା।
- 42:11 ମୃତମାନଙ୍କ ମଧ୍ୟରୁ ଉତଥିତ ହେବାର ଚାଳିଶ ଦିନପରେ, ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ କହିଲେ, "ଯେପର୍ଯ୍ୟନ୍ତ ମୋହର ପିତା ତୁମ୍ଭମାନଙ୍କୁ **ଶକ୍ତି** ଦେଇ ନାହାନ୍ତି ଯେପର୍ଯ୍ୟନ୍ତ ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅଧିଷ୍ଠାନ କରି ନାହାନ୍ତି ସେପର୍ଯ୍ୟନ୍ତ ତୁମ୍ଭେମାନେ ଏହି ଯିରୂଶାଲମରେ ରହିଥାଅ।
- 43:**6** "ହେ ଇସ୍ରାଏଲୀୟ ଲୋକମାନେ, ସେହି ମନୁଷ୍ୟ ଯୀଶୁ, ଅନେକ ଶକ୍ତିଯୁକ୍ତ ଚିହ୍ନଗୁଡ଼ିକ ଏବଂ ଆଶ୍ଚର୍ଯ୍ୟ କର୍ମଗୁଡ଼ିକ ଈଶ୍ୱରଙ୍କ **ଶକ୍ତି** ଦ୍ୱାରା ସାଧନ କଲେ, ଯାହା ତୁମ୍ଭେମାନେ ଦେଖୁଅଛ ଏବଂ ଜାଣିଅଛ।
- 44:**8** ପିତର ଉତ୍ତର ଦେଲେ, "ତୁମ୍ଭମାନଙ୍କ ସମ୍ମୁଖରେ ଛିଡା ହୋଇଥିବା ଏହି ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କ **ଶକ୍ତିରେ** ସୁସ୍ଥ ହୋଇଅଛି।

ଶବ୍ଦବିନ୍ୟାସ:

- Strong's: H0410, H1369, H1370, H2220, H2393, H2428, H2429, H2632, H3027, H3028, H3581, H4475, H4910, H5794, H5797, H5808, H6184, H7786, H7980, H7981, H7983, H7989, H8280, H8592, H8633, G14110, G14150, G17540, G17560, G18490, G18500, G21590, G24780, G24790, G29040, G31680

ଶତ-ସେନାପତି

ପରିଭାଷା:

ଜଣେ ଶତ-ସେନାପତି ରୋମୀୟ ସେନାବାହୀନୀର ଜାଣେ ସେନାପତି ଥିଲେ ଯାହାଙ୍କ ଆଦେଶକୁ 100 ଜଣ ସେନା ପାଳନ କରିବାକୁ ବାଧ ଥିଲେ ।

- ଏହି ବାକ୍ୟାଂଶକୁ, "ଶହେ ଲୋକମାନଙ୍କର ନେତା" ଅଥବା "ସେନାବାହୀନୀ ନେତା" କିମ୍ବା "ଶହେ ଜଣଙ୍କ ଦଦାୟିତ୍ୱରେ ଥିବା ଅଧିକାରୀ" ବୋଲି ଅନୁବାଦ କରାଯାଇପାରେ ।
- ଜଣେ ରୋମୀୟ ଶତ-ସେନାପତି ଯୀଶୁଙ୍କ ନିକଟକୁ ଆସି ଆପଣା ଦାସକୁ ସୁସ୍ଥ କରିବାକୁ ନିବେଦନ କଲେ ।
- ଯୀଶୁଙ୍କୁ କ୍ରୁଶବିଦ୍ଧ କରିବା ଦାୟିତ୍ୱରେ ଥିବା ଶତ-ସେନାପତି ଯୀଶୁଙ୍କ ମୃତ୍ୟୁକୁ ଦେଖି ଆଶ୍ଚର୍ଯ୍ୟ ହେଲେ ।
- ଈଶ୍ୱର ଜଣେ ଶତସେନାପତିଙ୍କୁ ପିତର ନିକଟକୁ ପଠାଇଲେ ଯେପରି ପିତର ତାହାଙ୍କୁ ଯୀଶୁଙ୍କ ବିଷୟରେ ସୁସମାଚାର ବର୍ଣ୍ଣନା କରିବେ ।

(ରୋମୀୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 10:1
- ପ୍ରେରିତ 27:1
- ପ୍ରେରିତ 27:42-44
- ଲୂକ 7:4
- ଲୂକ 23:47
- ମାର୍କ 15:39
- ମାଥିଉ 8:7
- ମାଥିଉ 27:54

ଶବ୍ଦବିନ୍ୟାସ :

- Strong's: G15430, G27600

ଶରୀର

ପରିଭାଷା:

"ଶରୀର" ଶବ୍ଦଟି ବ୍ୟକ୍ତି କିମ୍ବା ପଶୁମାନଙ୍କ ଶାରୀରିକ ଶରୀରକୁ ବୁଝାଏ । ଏହି ଶବ୍ଦଟି ସାଙ୍କେତିକ ଭାବରେ ଏକ ବସ୍ତୁ କିମ୍ବା ବ୍ୟକ୍ତିଗତ ସଦସ୍ୟମାନଙ୍କୁ ନେଇ ଏକ ଗୋଷ୍ଠୀକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ ।

- ବେଳେବେଳେ ଏହି ଶବ୍ଦ ମରିଯାଇଥିବା ମନୁଷ୍ୟ କିମ୍ବା ପଶୁକୁ ସୂଚିତ କରେ । ବେଳେବେଳେ ଏହା "ମୃତ ଶରୀର" କିମ୍ବା "ଶବ" କୁ ସୂଚିତ କରେ ।
- ଯେତେବେଳେ ଯୀଶୁ ଶେଷରାତ୍ର ଭୋଜ ସମୟରେ ତାଙ୍କ ଶିଷ୍ୟମାନଙ୍କୁ କହିଲେ, "ଏହି ରୁଟି ହେଉଛି ମୋର ଶରୀର" ଲୋକମାନଙ୍କ ପାପ ନିମନ୍ତେ ମୂଲ୍ୟ ଦେବା ନିମନ୍ତେ ତାଙ୍କ ଶରୀରକୁ ଭଙ୍ଗାଯିବ (ମାରି ଦିଆଯିବା) ବୋଲି କହିଲେ ।
- ବାଇବେଲରେ ଖ୍ରୀଷ୍ଟିୟାନମାନଙ୍କୁ "ଖ୍ରୀଷ୍ଟଙ୍କ ଶରୀର" ଭାବେ ସୂଚିତ କରାଯାଏ ।
- ଯେପରିକି ଶରୀରରେ ଅନେକ ଅଙ୍ଗ ଅଛି ସେହିପରି "ଖ୍ରୀଷ୍ଟଙ୍କ ଶରୀର"ରେ ଅନେକ ବ୍ୟକ୍ତିଗତ ସଦସ୍ୟ ଅଛନ୍ତି ।
- ପ୍ରତ୍ୟେକ ବ୍ୟକ୍ତିଗତ ବିଶ୍ୱାସୀଙ୍କ ସ୍ୱତନ୍ତ୍ର କାର୍ଯ୍ୟ ରହିଛି ସମସ୍ତେ ମିଳିମିଶି ଖ୍ରୀଷ୍ଟଙ୍କ ଶରୀରକୁ ସାହାଯ୍ୟ କରିବେ ଏବଂ ଈଶ୍ୱରଙ୍କୁ ଗୌରବ ପ୍ରଦାନ କରିବେ ।
- ଯୀଶୁଙ୍କୁ ତାଙ୍କ ବିଶ୍ୱାସୀମାନଙ୍କ "ମସ୍ତକ" ବୋଲି ସୂଚିତ କରାଯାଏ । ଯେପରିକି ଜଣେ ବ୍ୟକ୍ତିର ମସ୍ତକ ତାର ଶରୀରକୁ କ'ଣ କରିବାକୁ ହେବ କହେ ସେହିପରି ଯୀଶୁ ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ତାଙ୍କ ଶରୀରର ସଦସ୍ୟ ଭାବେ ପରିଚାଳନା କରନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ସ୍ଥାନୀୟ ଭାଷାନୁଯାୟୀ ଏହି ଶବ୍ଦକୁ ସାଧାରଣତଃ ଶାରୀରିକ ଶରୀର ଅଙ୍ଗ ନିମନ୍ତେ ବ୍ୟବହୃତ ଶବ୍ଦକୁ ବ୍ୟବହାର କରି ଅନୁବାଦ କରନ୍ତୁ । ଆପଣ ନିଶ୍ଚିତ କରନ୍ତୁ ଯେ ଯେଉଁ ଶବ୍ଦକୁ ଆପଣ ବ୍ୟବହାର କରନ୍ତି ତାହା ଅପମାନସୂଚକ ଶବ୍ଦ ହେଇ ନଥିବ ।
- ଯେତେବେଳେ ଅନେକ ବିଶ୍ୱାସୀ ଏକ ଭାଷାରେ ଏକ ସଙ୍ଗେ ମିଳିତ ରହନ୍ତି ତାହାକୁ "ଖ୍ରୀଷ୍ଟଙ୍କ ଆତ୍ମିକ ଶରୀର" ବୋଲି କହିବା ସ୍ୱାଭାବିକ ଏବଂ ସଠିକ ହେବ ।
- ଯେତେବେଳେ ଯୀଶୁ କହିଲେ ଯେ "ଏହା ମୋର ଶରୀର" ଏହି ବାକ୍ୟାଂଶଅର ଅର୍ଥକୁ ପାଦଟିକାରେ ଉଲ୍ଲେଖ କରି ଏହି ଶବ୍ଦକୁ ଅକ୍ଷେରିକ ଅନୁବାଦ କରିବା ଉଚିତ ।
- କେତେକ ଭାଷାରେ ମୃତ ଶରୀରକୁ ଦର୍ଶାଇବା ପାଇଁ ଅଲଗା ଶବ୍ଦର ବ୍ୟବହାର କରାଯାଏ ଯେପରିକି ମନୁଷ୍ୟ ପାଇଁ ଶବ ଏବଂ ପଶୁ ପାଇଁ ପଶୁର ଶବ । ପ୍ରସଙ୍ଗକୁ ଆଧାର କରି ସଠିକ ଶବ୍ଦକୁ ବ୍ୟବହାର କରି ଅନୁବାଦ କରନ୍ତୁ ।

(ମସ୍ତକ, ହସ୍ତ; ମୁଖ; ସିଂହ; ଡାହାଣ ହାତ; ଜିଭ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 10:12
- ପ୍ରଥମ ବଂଶାବଳୀ 5:5
- ଏଫିସୀୟ 4:4
- ବିଚାରକର୍ତ୍ତା 14:8
- ଗଣନା ପୁସ୍ତକ 6:6-8
- ଗୀତସଂହିତା 31:9
- ରୋମୀୟ 12:5

ଶବ୍ଦବିନ୍ୟାସ :

- Strong's: H0990, H1320, H1460, H1465, H1472, H1480, H1655, H3409, H4191, H5038, H5085, H5315, H6106, H6297, H7607, G44300, G49540, G49830, G55590

ଶାସ୍ତ୍ରୀ

ପରିଭାଷା:

ଶାସ୍ତ୍ରୀମାନେ ଏପରି ଅଧିକାରୀ ଥିଲେ ଯେଉଁମାନେ ହସ୍ତରେ ଗୁରୁତ୍ୱପୂର୍ଣ୍ଣ ସରକାରୀ କିମ୍ବା ଧାର୍ମିକ ଦଲିଲ ଲେଖିବା କିମ୍ବା ନକଲ କରିବା ପାଇଁ ଦାୟୀତ୍ୱ ଥିଲେ। ଯିହୁଦୀ ଶାସ୍ତ୍ରୀଙ୍କ ଅନ୍ୟ ନାମ ଥିଲା "ଯିହୁଦୀ ବ୍ୟବସ୍ଥାରେ ପାରଦର୍ଶୀ।"

- ପୁରାତନ ନିୟମର ପୁସ୍ତକଗୁଡ଼ିକର ନକଲ ଏବଂ ସୁରକ୍ଷିତ ରଖିବା ପାଇଁ ଶାସ୍ତ୍ରୀମାନେ ଦାୟୀ ଥିଲେ ।
- ସେମାନେ ଧାର୍ମିକ ମତ ଏବଂ ଈଶ୍ୱରଙ୍କ ବ୍ୟବସ୍ଥାରେ ଉପରେ ମନ୍ତବ୍ୟର ନକଲ, ସଂରକ୍ଷଣ ଏବଂ ବ୍ୟାଖ୍ୟା କରିଥିଲେ ।
- ବେଳେବେଳେ ଶାସ୍ତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ସରକାରୀ କର୍ମଚାରୀ ପଦବୀରେ ନିଯୁକ୍ତ ହେଉଥିଲେ।
- ବାଇବେଲରେ ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ରୀମାନଙ୍କ ମଧ୍ୟରେ ବାରୂକ ଏବଂ ଏଜ୍ରା ଅନ୍ତର୍ଭୁକ୍ତ ଅଟନ୍ତି ।
- ନୂତନ ନିୟମରେ, "ଶାସ୍ତ୍ରୀ"ଶବ୍ଦକୁ "ବ୍ୟବସ୍ଥାର ଶିକ୍ଷକ" ବୋଲି ଅନୁବାଦ କରାଯାଇଛି ।
- ନୂତନ ନିୟମରେ, ଶାସ୍ତ୍ରୀମାନେ ଧାର୍ମିକ ଦଳର ଅଂଶ ଥିଲେ, ସେହି ଦଳକୁ "ଫାରୂଶୀ" ଦଳ ବୋଲି କୁହାଯାଏ ଏବଂ ଏହି ଦୁଇ ଦଳ ବାରମ୍ବାର ଉଲ୍ଲେଖ କରାଯାଇଛି ।

(ବ୍ୟବସ୍ଥା, ଫାରୂଶୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 4:5
- ଲୂକ 7:29-30
- ଲୂକ 20:47
- ମାର୍କ 1:22
- ମାର୍କ 2:16
- ମାଥିଉ 5:19-20
- ମାଥିଉ 7:28
- ମାଥିଉ 12:38
- ମାଥିଉ 13:52

ଶବ୍ଦବିନ୍ୟାସ :

- Strong's: H568, H5613, H783, G1122

ଶିଷ୍ୟ

ପରିଭାଷା:

"ଶିଷ୍ୟ" ଜଣେ ବ୍ୟକ୍ତି ଅଟେ ଯିଏ ଅଧିକାଂଶ ସମୟ ଏକ ଗୁରୁଙ୍କ ସହ ବିତାଏ, ସେ ଗୁରୁଙ୍କର ଚରିତ୍ର ତଥା ଶିକ୍ଷାରୁ ଶିଖେ ।

- ଯେଉଁମାନେ ଯୀଶୁଙ୍କ ଶିକ୍ଷାକୁ ଶୁଣିଲେ, ପାଳନ କଲେ ଏବଂ ତାହାଙ୍କୁ ଅନୁସରଣ କଲେ ସେମାନଙ୍କୁ ତା'ଙ୍କ "ଶିଷ୍ୟ" ବୋଲି କୁହାଗଲା ।
- ଯୋହନ ବାପ୍ତିଜକଙ୍କର ମଧ୍ୟ ଶିଷ୍ୟମାନେ ଥିଲେ ।
- ଯୀଶୁଙ୍କ ସେବାକାର୍ଯ୍ୟ ସମୟରେ, ସେଠାରେ ଅନେକ ଶିଷ୍ୟମାନେ ଥିଲେ ଯିଏ ତା'ଙ୍କୁ ଅନୁସରଣ କଲେ ଏବଂ ତା'ଙ୍କ ଶିକ୍ଷାକୁ ଶୁଣିଲେ ।
- ଯୀଶୁ ତା'ଙ୍କ ନିକଟତମ ଅନୁସରଣକାରୀମାନଙ୍କ ମଧ୍ୟରୁ ଦ୍ୱାଦଶ ଶିଷ୍ୟମାନଙ୍କୁ ବାଛିଲେ; ଏହି ଲୋକମାନେ ତା'ଙ୍କ "ପ୍ରେରିତଗଣ" ବୋଲି ପରିଚିତ ହେଲେ ।
- ଯୀଶୁଙ୍କ ଦ୍ୱାଦଶ ପ୍ରେରିତଗଣ ସ୍ଥାୟୀରୂପେ ତା'ଙ୍କ "ଶିଷ୍ୟଗଣ" ବା "ଦ୍ୱାଦଶ" ବୋଲି ପରିଚିତ ହେଲେ ।
- ଯୀଶୁଙ୍କ ସ୍ୱର୍ଗାରୋହଣ ପୂର୍ବରୁ, ଲୋକେ କିପରି ତାହାଙ୍କ ଶିଷ୍ୟହେବେ ସେବିଷୟରେ ଅନ୍ୟ ଲୋକମାନଙ୍କୁ ଶିକ୍ଷା ଦେବାକୁ ସେ ଆପଣା ଶିଷ୍ୟମାନଙ୍କୁ ଆଦେଶ ଦେଲେ ।
- ଯେକେହି ଯୀଶୁଙ୍କୁ ବିଶ୍ୱାସ କରେ ଓ ତାହାଙ୍କ ଶିକ୍ଷାକୁ ପାଳନ କରେ ତେବେ ସେ ଜଣେ ଯୀଶୁଙ୍କ ଶିଷ୍ୟ ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଶିଷ୍ୟ" ଶବ୍ଦକୁ "ଅନୁଗମନକାରୀ" କିମ୍ବା "ଛାତ୍ର" କିମ୍ବା "ଅଧ୍ୟୟନକାରୀ" କିମ୍ବା "ଶିଖୁଥିବା ବ୍ୟକ୍ତି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- ଏହି ଶବ୍ଦର ଅନୁବାଦ ଯେପରି ଜଣେ ଛାତ୍ର ଯିଏ କେବଳ ଶ୍ରେଣୀରେ ଶିକ୍ଷା ଗ୍ରହଣ କରେ ତାହା ନ ବୁଝାଏ ତାହା ନିଶ୍ଚିତ କରନ୍ତୁ ।
- ଏହି ଶବ୍ଦର ଅନୁବାଦ ମଧ୍ୟ "ପ୍ରେରିତ" ଶବ୍ଦର ଅନୁବାଦଠାରୁ ଭିନ୍ନ ହେବା ଉଚିତ ।

(ପ୍ରେରିତ, ବିଶ୍ୱାସ, ଯୀଶୁ, ଯୋହନ(ବାପ୍ତିଜକ), ଦ୍ୱାଦଶ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 6:1
- ପ୍ରେରିତ 9: 26-27
- ପ୍ରେରିତ 11: 26
- ପ୍ରେରିତ 14: 22
- ଯୋହନ 13: 23
- ଲୂକ 6: 40
- ମାଥିଉ 11:3
- ମାଥିଉ 26: 33-35
- ମାଥିଉ 27: 64

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **30**:**8** ସେ (ଯୀଶୁ) ଲୋକମାନଙ୍କୁ ଦେବାକୁ ଆପଣା ଶିଷ୍ୟମାନଙ୍କୁ ଖଣ୍ଡ ଖଣ୍ଡ କରିଦେଲେ । **ଶିଷ୍ୟମାନେ** ଖାଦ୍ୟ ପରିବେଷଣ କଲେ, ପୁଣି ଏହା ଶେଷହେଲା ନାହିଁ !
- **38**:**1** ଯୀଶୁ ପ୍ରଥମେ ସର୍ବସାଧାରଣ ସ୍ଥାନରେ ପ୍ରଚାର ଓ ଶିକ୍ଷା ଦେବାର ପ୍ରାୟ ତିନି ବର୍ଷ ପରେ, ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ ଯେ ସେ ଏହି ନିସ୍ତାର ପର୍ବ ସେମାନଙ୍କ ସହ ଯିରୂଶାଲମରେ ପାଳନ କରିବେ ଏବଂ ସେ ସେଠାରେ ଘାତ କରାଯିବେ ।
- **38**:**11** ପରେ ଯୀଶୁ ଆପଣା ଶିଷ୍ୟମାନଙ୍କ ସହ ଗେଥ୍‌ଶିମାନୀ ନାମକ ଗୋଟିଏ ସ୍ଥାନକୁ ଗଲେ । ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ କହିଲେ ଯେପରି ସେମାନେ ପରୀକ୍ଷାରେ ନ ପଡନ୍ତି ।
- **42**:**10** ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, "ସ୍ୱର୍ଗ ଓ ପୃଥିବୀରେ ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଏଣୁ ଯାଅ, ସମସ୍ତ ଗୋଷ୍ଠୀର ଲୋକସମୂହଙ୍କୁ ପିତା, ପୁତ୍ର, ଓ ପବିତ୍ର ଆତ୍ମାଙ୍କ ନାମରେ ସେମାନଙ୍କୁ ବାପ୍ତିସ୍ମ ଦେଇ ଶିଷ୍ୟ କର, ଏବଂ ସେମାନଙ୍କୁ ଶିକ୍ଷା ପାଳନ କରିବାକୁ ଶିକ୍ଷା ଦିଅ ଯାହା ମୁଁ ତୁମ୍ଭମାନଙ୍କୁ ଆଦେଶ ଦେଇଅଛି ।"

ଶବ୍ଦବିନ୍ୟାସ:

- Strong's: H3928, G31000, G31010, G31020

ଶୁଚି, ଧୌତ

ପରିଭାଷା:

ଆକ୍ଷରିକ ଭାବରେ "ଶୁଚି" ଶବ୍ଦର ଅର୍ଥ କୌଣସି ବ୍ୟକ୍ତି/ବିଷୟଠାରୁ ମଇଳା କିମ୍ବା କଳଙ୍କ ଅପସାରଣ କରିବା କିମ୍ବା ପ୍ରଥମ ସ୍ଥାନରେ କୌଣସି ମଇଳା କିମ୍ବା ଦାଗ ନହେବାକୁ ବୁଝାଏ। " ଧୌତ " ଶବ୍ଦ ନିର୍ଦ୍ଦିଷ୍ଟ ଭାବରେ କାହାକୁ/କୌଣସି ବିଷୟରୁ ମଇଳା କିମ୍ବା ଦାଗ ହଟାଇବା କାର୍ଯ୍ୟକୁ ସୂଚିତ କରେ।

- "ପରିଷ୍କାର" କୌଣସି ବସ୍ତୁକୁ "ଶୁଦ୍ଧ କରିବା" ପ୍ରଣାଳୀ ଅଟେ। ଏହାକୁ ମଧ୍ୟ "ଧୋଇବା" କିମ୍ବା "ଶୁଦ୍ଧ କରିବା" ବୋଲି ଅନୁବାଦ କରାଯାଇପାରେ
- ପୁରାତନ ନିୟମରେ, ଈଶ୍ୱର ଇସ୍ରାଏଲୀୟମାନଙ୍କୁ କହିଲେ, ଯେ ସେ କେଉଁ ପଶୁମାନଙ୍କୁ ରୀତି ଅନୁଯାୟୀ "ଶୁଚି" ଓ କେଉଁମାନଙ୍କୁ "ଅଶୁଚି" ବୋଲି ଉଲ୍ଲେଖ କରିଛନ୍ତି । କେବଳ ଶୁଚି ପ୍ରାଣୀମାନଙ୍କୁ ଖାଇବାକୁ ଓ ବଳିଦାନ ନିମନ୍ତେ ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ଏହି ପ୍ରସଙ୍ଗରେ, "ଶୁଚି" ଶବ୍ଦର ଅର୍ଥ ପଶୁକୁ ବଳି ଭାବରେ ବ୍ୟବହାର ପାଇଁ ଈଶ୍ୱରଙ୍କ ନିକଟରେ ଗ୍ରହଣୀୟ ଥିଲା।
- ଜଣେ ବ୍ୟକ୍ତି ଯାହାଙ୍କଠାରେ ନିର୍ଦ୍ଦିଷ୍ଟ ଏକ ଚର୍ମ ରୋଗ ଥିଲା, ସେ ଚର୍ମରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ନହେବା ପର୍ଯ୍ୟନ୍ତ ସଂକ୍ରମଣ ହୋଇ ରୁହେ । ସେହି ବ୍ୟକ୍ତିଙ୍କୁ ପୁନର୍ବାର "ଶୁଚି" ବୋଲି ଘୋଷିତ କରିବା ନିମନ୍ତେ ଚର୍ମ ପରିଷ୍କାର କରିବା ପାଇଁ ନିର୍ଦ୍ଦେଶଗୁଡ଼ିକ ପାଳନ କରିବାକୁ ପଡୁଥିଲା।
- ବେଳେବେଳେ ନୈତିକ ପବିତ୍ରତାକୁ ବୁଝାଇବା ପାଇ "ଶୁଚି" ଶବ୍ଦକୁ ଆଳଙ୍କାରିକ ଭାବରେ ବ୍ୟବହାର କାରାଯାଇଛି, ଅର୍ଥାତ୍ ପାପରୁ "ପରିଷ୍କାର" ହେବା।

ବାଇବାଲାରେ, "ଅଶୁଚି" ଶବ୍ଦକୁ ଆଳଙ୍କାରିକ ଭାବରେ ଈଶ୍ୱର ତାହାଙ୍କ ଲୋକମାନଙ୍କୁ ଛୁଇଁବା, ଖାଇବା କିମ୍ବା ବଳିଦାନ ଦେବା ପାଇଁ ଅଯୋଗ୍ୟ ବୋଲି ଘୋଷଣା କରିଥିବା ବିଷୟଗୁଡ଼ିକୁ ବୁଝାଏ।

- ଈଶ୍ୱର ଇସ୍ରାଏଲୀୟମାନଙ୍କୁ କେଉଁ ପ୍ରାଣୀ "ଶୁଚି" ଏବଂ କେଉଁମାନେ "ଅଶୁଚି" ସେ ବିଷୟରେ ଶିକ୍ଷା ଦେଲେ। ଅଶୁଚି ପଶୁମାନଙ୍କୁ ଖାଇବା କିମ୍ବା ବଳିଦାନରେ ବ୍ୟବହାର କରିବାକୁ ଅନୁମତି ଦିଆଯାଇନଥିଲା।
- ନିର୍ଦ୍ଦିଷ୍ଟ ଚର୍ମ ରୋଗରେ ଆକ୍ରାନ୍ତ ଲୋକମାନେ ସମ୍ପୂର୍ଣ୍ଣ ସୁସ୍ଥ ନ ହେବା ପର୍ଯ୍ୟନ୍ତ ସେମାନେ "ଅଶୁଚି" ବୋଲି ବିବେଚନା କରାଯାଉଥିଲା।
- ଯଦି ଜଣେ ଇସ୍ରାଏଲୀୟ ବ୍ୟକ୍ତି କୌଣସି ଅଶୁଚି ପଦାର୍ଥକୁ ସ୍ପର୍ଶ କରୁଥିଲା ତେବେ ସ୍ପର୍ଷକାରୀ ମଧ୍ୟ କିଛି ସମୟ ନିମନ୍ତେ ଅଶୁଚି ଭାବେ ପରିଗଣିତ ହେଉଥିଲା ।
- ଅଶୁଚି ବସ୍ତୁ ଛୁଇଁବା କିମ୍ବା ନ ଖାଇବା ବିଷୟରେ ଈଶ୍ୱରଙ୍କ ଆଜ୍ଞା ପାଳନ କରିବାକୁ ଇସ୍ରାଏଲୀୟମାନଙ୍କୁ ଈଶ୍ୱରଙ୍କ ସେବା କରିବା ନିମନ୍ତେ ପୃଥକ କରାଗଲା।
- ଏହି ଶାରୀରିକ ଓ ଅଶୁଚି ରୀତିନୀତି ନୈତିକ ଅଶୁଚିତାର ଏକ ସାଙ୍କେତିକ ଚିହ୍ନଥିଲା।
- ଅନ୍ୟ ଆଳଙ୍କାରିକ ଭାବରେ, ଏକ "ଅଶୁଚି ଆତ୍ମା" ଏକ ମନ୍ଦ ଆତ୍ମାକୁ ବୁଝାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦ ସାଧାରଣ ଶବ୍ଦ "ଶୁଚି" କିମ୍ବା "ପବିତ୍ର" (ମଇଳା ନହେବା ଉଦ୍ଦେଶ୍ୟରେ) ଅର୍ଥରେ ଅନୁବାଦ କରାଯାଇପାରେ ।
- ଏହି ଶବ୍ଦକୁ "ରୀତିନୀତି ଅନୁସାରେ ଶୁଚି" କିମ୍ବା "ଈଶ୍ୱରଙ୍କ ଗ୍ରହଣୀୟ" ବୋଲି ଅନୁବାଦ କରାଯାଇପାରେ।
- "ଶୁଚି କରଣ" ଶବ୍ଦକୁ "ସଫା ବା ପରିଷ୍କାର" କିମ୍ବା "ଶୁଦ୍ଧତା" ବୋଲି ଅନୁବାଦ କରାଯାଇପାରେ।
- ଶବ୍ଦ "ଶୁଚି" କିମ୍ବା "ଶୁଚିକରଣ" ମଧ୍ୟ ଆଳଙ୍କାରିକ ଭାବରେ ବୁଝିବା ଅର୍ଥରେ ବ୍ୟବହାର ହୁଏ ତାହା ନିଶ୍ଚିତ କରନ୍ତୁ ।
- "ଅଶୁଚି" ଶବ୍ଦକୁ "ଶୁଚି ନୁହେଁ" କିମ୍ବା "ଈଶ୍ୱରଙ୍କ ନିକଟରେ ଅଯୋଗ୍ୟ" କିମ୍ବା "ଶାରୀରିକ ଭାବରେ ଅଶୁଚି" କିମ୍ବା "ଦୂଷିତ" ବୋଲି ଅନୁବାଦ କରାଯାଇପାରେ।
- ଏକ ଭୂତକୁ ଅଶୁଚି ଆତ୍ମା ବୋଲି ଦର୍ଶାଇ ସମୟରେ, "ଅଶୁଚି" ଶବ୍ଦକୁ "ମନ୍ଦ" କିମ୍ବା "ଅପବିତ୍ର" ବୋଲି ଅନୁବାଦ କରାଯାଇପାରେ।
- ଏହି ଶବ୍ଦର ଅନୁବାଦ ଆତ୍ମିକ ଅଶୁଦ୍ଧତା ପାଇଁ ଅନୁମତି ଦେବା ଉଚିତ । ଏହା ସ୍ୱର୍ଗ କରିବା, ଖାଇବା କିମ୍ବା ବଳିଦାନ ନିମନ୍ତେ ଈଶ୍ୱରଙ୍କ ପାଇଁ ଯୋଗ୍ୟ ନାହିଁ ବୋଲି ଯେକୌଣସି ବିଷୟକୁ ବୁଝାଇବା ଆବଶ୍ୟକ ଅଟେ।

(ଦୂଷିତ, ପିଶାଚ, ପବିତ୍ର, ବଳିଦାନ **ଦେଖନ୍ତୁ**)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 7:2
- ଆଦି ପୁସ୍ତକ 7:8
- ଦ୍ୱିତୀୟ ବିବରଣ 12:15
- ଗୀତସଂହିତା 51:7
- ହିତୋପଦେଶ 20:30
- ଯିହିଜିକଲ 24:13
- ମାଥିଉ 23:27
- ଲୂକ 5:13

- ପ୍ରେରିତ 8:7
- ପ୍ରେରିତ 10:27-29
- କଲସୀୟ 3:5
- ପ୍ରଥମ ଥେସଲନିକୀୟ 4:7
- ଯାକୁବ 4:8

ଶବ୍ଦବିନ୍ୟାସ:

- Strong's: H1249, H1252, H1305, H2134, H2135, H2141, H2398, H2548, H2834, H2889, H2890, H2891, H2893, H2930, H2931, H2932, H3001, H3722, H5079, H5352, H5355, H5356, H6172, H6565, H6663, H6945, H7137, H8552, H8562, G01670, G01690, G25110, G25120, G25130, G28390, G28400, G33940, G36890

ଶେଷ ଦିନ, ଅନ୍ତିମ ଦିନସବୁ

ପରିଭାଷା:

"ଶେଷ ଦିନମାନ" କିମ୍ବା "ଅନ୍ତିମ ଦିନସବୁ" ଶବ୍ଦଗୁଡ଼ିକ ସାଧାରଣ ଭାବରେ ବର୍ତ୍ତମାନ ଯୁଗର ଶେଷ ସମୟକୁ ଦର୍ଶାଏ I

- ଏହି ସମୟ ଅବଧି ଏକ ଅଜ୍ଞାତ ଅବଧି ରହିବ I
- "ଶେଷ ଦିନମାନ" ଯେଉଁମାନେ ଈଶ୍ୱରଙ୍କୁ ତ୍ୟାଗ କରି ଦେଇଅଛନ୍ତି ସେହି ସମସ୍ତଙ୍କ ନିମନ୍ତେ ବିଚାରର ଦିନ ହେବ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଶେଷ ଦିନମାନ "ବାକ୍ୟାଂଶକୁ "ଅନ୍ତିମ ଦିନମାନ" କିମ୍ବା "ଶେଷ ସମୟ "ବୋଲି ଅନୁବାଦ କରାଯାଇପାରେ I
- କେତେକ ପ୍ରସଙ୍ଗରେ, ଏହାକୁ "ଦୁନିଆର ଶେଷ "କିମ୍ବା "ଯେତେବେଳେ ଏହି ଦୁନିଆ ଶେଷ ହେବ" ବୋଲି ଅନୁବାଦ କରାଯାଇପାରେ I

(ପ୍ରଭୁଙ୍କର ଦିନ, ବିଚାର, ଫେର, ଦୁନିଆ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ପିତର 3:3-4
- ଦାନିୟେଲ 10:14-15
- ଏବ୍ରୀ 1:2
- ଯିଶାଇୟ 2:2
- ଯାକୁବ 5:3
- ଯିରିମୀୟ 23:19-20
- ଯୋହନ 11:24-26
- ମିଖା 4:1

ଶବ୍ଦବିନ୍ୟାସ:

- Strong's: H0319, H3117, G20780, G22500

ଶୟତାନ, ମନ୍ଦ, ମନ୍ଦ ଜଣକ

ଘଟଣାବଳି:

ଯଦିଓ ଶୟତାନ ଏକ ଆତ୍ମା ଯାହାକୁ ଈଶ୍ୱର ସୃଷ୍ଟି କରିଥିଲେ, ସେ ଈଶ୍ୱରଙ୍କ ବିରୁଦ୍ଧରେ ବିଦ୍ରୋହ କଲା ଏବଂ ଈଶ୍ୱରଙ୍କ ଶତ୍ରୁ ହେଲା I ଶୟତାନକୁ "ଶୟତାନ" ଏବଂ "ମନ୍ଦ" ମଧ୍ୟ କୁହାଯାଏ I

- ଶୟତାନ ଈଶ୍ୱରଙ୍କୁ ଏବଂ ତାହାଙ୍କ ସମସ୍ତ ସୃଷ୍ଟିକୁ ଘୃଣା କରେ କାରଣ ସେ ଈଶ୍ୱରଙ୍କ ସ୍ଥାନ ଏବଂ ଈଶ୍ୱରଙ୍କ ପରି ଗୌରବ ପାଇବାକୁ ଚାହେଁ I
- ଈଶ୍ୱରଙ୍କ ବିରୋଧରେ ଶୟତାନ ଲୋକମାନଙ୍କୁ ପ୍ରଲୋଭିତ କରେ I
- ଲୋକମାନଙ୍କୁ ଶୟତାନର ଶକ୍ତିରୁ ମୁକ୍ତ କରିବା ନିମନ୍ତେ ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ପ୍ରେରଣ କଲେ I
- "ଶୟତାନ" ନାମର ଅର୍ଥ "ବିରୁଦ୍ଧାଚରଣ ବ୍ୟକ୍ତି" କିମ୍ବା "ଶତ୍ରୁ" ଅଟେ I
- "ଶୟତାନ" ଶବ୍ଦର ଅର୍ଥ "ଦୋଷାରୋପ କରୁଥିବା ବ୍ୟକ୍ତି" ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଶୟତାନ" ଶବ୍ଦକୁ "ଦୋଷାରୋପ ବ୍ୟକ୍ତି" କିମ୍ବା "ନୈତିକ ପତନ ହୋଇଥିବା ବ୍ୟକ୍ତି" କିମ୍ବା "ମନ୍ଦ ଆତ୍ମାମାନଙ୍କର ରାଜା" କିମ୍ବା "ମନ୍ଦ ଆତ୍ମା ପ୍ରଧାନ" ବୋଲି ଅନୁବାଦ କରାଯାଇପାରେ I
- "ଶୟତାନ" ଶବ୍ଦକୁ "ବିପକ୍ଷ" କିମ୍ବା "ଦୋଷାରୋପକାରୀ "କିମ୍ବା ଅନ୍ୟ କୌଣସି ନାମ ଯାହାକି ସେ ଖଳ ବୋଲି ନିର୍ଦ୍ଦେଶ କରୁଥିବ ବ୍ୟବହାର କରି ଅନୁବାଦ କରାଯାଇପାରେ I
- ଏହି ଶବ୍ଦକୁ ଭୂତ କିମ୍ବା ମନ୍ଦ ଆତ୍ମାଠାରୁ ଭିନ୍ନ ଶବ୍ଦ ବ୍ୟବହାର କରି ଅନୁବାଦ କରିବା ଉଚିତ I
- ସ୍ଥାନୀୟ କିମ୍ବା ଜାତୀୟ ଭାଷାରେ ଏହି ଶବ୍ଦଗୁଡ଼ିକୁ କିପରି ଅନୁବାଦ କରାଯାଇଅଛି ଦେଖନ୍ତୁ I

(ଅଜଣା ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ ଦେଖନ୍ତୁ)

(ଆନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକୁ କିପରି ଅନୁବାଦ କରିବେ ଦେଖନ୍ତୁ)

(ଭୂତ, ମନ୍ଦ, ଈଶ୍ୱରଙ୍କ ରାଜ୍ୟ, ପ୍ରଲୋଭନ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 3:8
- ପ୍ରଥମ ଥେସଲନୀକୀୟ 2:17-20
- ପ୍ରଥମ ତୀମଥି 5:15
- ପ୍ରେରିତ 13:10
- ଆୟୁବ 1:8
- ମାର୍କ 8:33
- ଯିଖରୀୟ 3:1

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **21:1** ହବାଙ୍କୁ ପ୍ରତାରଣା କରିଥିବା ସର୍ପ **ଶୟତାନ** ଥିଲା I ପ୍ରତିଜ୍ଞାର ଅର୍ଥ ଏହା ଯେ ମସୀହ ଆସିବେ ଏବଂ **ଶୟତାନକୁ** ପରାସ୍ତ କରିବେ I
- **25:6** ପରେ **ଶୟତାନ** ଏହି ପୃଥିବୀର ସମସ୍ତ ରାଜ୍ୟ ଏବଂ ମହିମା ଯୀଶୁଙ୍କୁ ଦେଖାଇଲା ଏବଂ କହିଲା, "ଅତଏବ, ତୁମ୍ଭେ ଯେତେବେଳେ ଆମ୍ଭ ଛାମୁରେ ପ୍ରଣାମ କରିବ, ତେବେ ସେ ସମସ୍ତ ତୁମ୍ଭର ହେବ" I
- **25:8** ଯୀଶୁ ତାର ପ୍ରଲୋଭନରେ ନ ଆସିବାରୁ **ଶୟତାନ**, ତାଙ୍କୁ ପରିତ୍ୟାଗ କଲା I
- **33:6** ଏଣୁ ଯୀଶୁ ବୁଝାଇଲେ, "ବୀଜ ହେଉଛି ଈଶ୍ୱରଙ୍କ ବାକ୍ୟ, ପଥ ହେଉଛି ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କ ବାକ୍ୟ ଶୁଣେ, କିନ୍ତୁ ବୁଝିପାରେ ନାହିଁ ଏବଂ **ଶୟତାନ** ତାହା ନିକଟରୁ ବାକ୍ୟ ହରଣ କରିନିଏ I
- **38:7** ଯିହୁଦା ରୁଟି ନେବା ପରେ **ଶୟତାନ** ତା'ଭିତରକୁ ପ୍ରବେଶ କଲା I

- **48:4** ଈଶ୍ୱର ପ୍ରତିଜ୍ଞା କରିଥିଲେ ଯେ ହବାର ସନ୍ତାନ **ଶୟତାନର** ମସ୍ତକକୁ ଆଘାତ କରିବେ, ଏବଂ **ଶୟତାନ** ତାହାର ଗୋଇଠିକୁ ଆଘାତ କରିବ ଏହାର ଅର୍ଥ **ଶୟତାନ** ମସୀହଙ୍କୁ ହତ୍ୟା କରିବ, କିନ୍ତୁ ଈଶ୍ୱର ତାଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିବେ, ତାହାପରେ ମସୀହ **ଶୟତାନକୁ** ସବୁଦିନ ପାଇଁ ପରାସ୍ତ କରିବେ I
- **49:15** ଈଶ୍ୱର ତୁମ୍ଭମାନଙ୍କୁ **ଶୟତାନଠାରୁ** ଅନ୍ଧକାର ରାଜ୍ୟରୁ ନେଇଯାଇଛନ୍ତି ଏବଂ ଈଶ୍ୱରଙ୍କ ଆଲୋକରେ ରଖିଅଛନ୍ତି I
- **50:9** " ବାଳୁଙ୍ଗା **ଶୟତାନର** ଲୋକଗଣକୁ ଉପସ୍ଥାପନ କରେ। ବାଳୁଙ୍ଗା ଲଗାଇଥିବା ଶତ୍ରୁ **ଶୟତାନର** ପ୍ରତିନିଧିତ୍ୱ କରେ।"
- **50:10** "ଯୁଗାନ୍ତ ସମୟରେ ସେହିପରି ଘଟିବ, ଦୂତମାନେ ବାହାରି ଆସି ଧାର୍ମିକମାନଙ୍କ ମଧ୍ୟରୁ **ଦୁଷ୍ଟମାନଙ୍କୁ** ପୃଥକ କରିବେ, ପୁଣି ସେମାନଙ୍କୁ ଅଗ୍ନିକୁଣ୍ଡରେ ପକାଇ ଦେବେ; ସେଠାରେ ରୋଦନ ଏବଂ ଦନ୍ତର କିଡିମିଡି ହେବ" I
- **50:15** ଯେତେବେଳେ ଯୀଶୁ ଫେରିବେ, ସେ **ଶୟତାନ** ଏବଂ ତାହାର ରାଜ୍ୟ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବେ I ସେ **ଶୟତାନକୁ** ଏବଂ ଯେଉଁମାନେ ଈଶ୍ୱରଙ୍କ ବାଧ୍ୟ ହେବା ପରିବର୍ତ୍ତେ ତାହାର ଆଜ୍ଞାକାରି ହେବାକୁ ମନସ୍ଥ ନରକରେ ନିକ୍ଷେପ କରିବେ ଯେଉଁଠି ସେମାନେ ଅନନ୍ତ କାଳ ଜଳିବେ I

ଶବ୍ଦବିନ୍ୟାସ :

- Strong's: H7700, H7854, H8163, G11390, G11400, G11410, G11420, G12280, G41900, G45660, G45670

ସତ୍ୟ, ସତ୍ୟତା

ପରିଭାଷା:

"ସତ୍ୟ" ଶବ୍ଦ ବାସ୍ତବତା, ଘଟଣାଗୁଡ଼ିକ, ଏବଂ ବକ୍ତବ୍ୟ ଯାହା ପ୍ରକୃତ ଘଟଣାର ଅନୁକୂଳ ବିଷୟକୁ ସୁଚିତ କରେ। ପ୍ରକୃତ ଘଟଣାବଳୀ ବିଶ୍ୱକୁ ଯେପରି ଏହା ପ୍ରକୃତରେ ବିଦ୍ୟମାନ ଅଛି ବୋଲି ବର୍ଣ୍ଣନା କରେ। ପ୍ରକୃତ ଘଟଣାଗୁଡ଼ିକ ଘଟଣା ଯାହା ବାସ୍ତବରେ ଘଟିଛି। ପ୍ରକୃତ ବକ୍ତବ୍ୟ ବା ସାକ୍ଷ୍ୟଗୁଡ଼ିକ ହେଉଛି ବକ୍ତବ୍ୟ ବା ସାକ୍ଷ୍ୟ ଯାହା ବାସ୍ତବ ଜଗତ ଅନୁଯାୟୀ ମିଥ୍ୟା ନୁହେଁ।

- "ସତ୍ୟ" ବିଷୟଗୁଡ଼ିକ ବାସ୍ତବ, ସତ୍ୟବାଦୀ, ପ୍ରକୃତ, ଅଧିକାରଯୁକ୍ତ, ବିଧିସଙ୍ଗତ ଏବଂ ଘଟଣାବଳୀ ସମ୍ବନ୍ଧୀୟ ଅଟେ।
- "ସତ୍ୟତା" ଅର୍ଥ ବୁଝାମଣା, ବିଶ୍ୱାସ, ବାସ୍ତବ ସତ୍ୟ ଘଟଣାବଳୀ, କିମ୍ବା ଯାହା ସତ୍ୟ ତହିଁର ଉକ୍ତି ବା ବକ୍ତବ୍ୟ ଅଟେ।
- ଏକ ଭବିଷ୍ୟବାଣୀ "ସତ୍ୟ ହେଲା" କିମ୍ବା "ସତ୍ୟ ହେବା" କହିବାର ଅର୍ଥ ହେଉଛି ପୂର୍ବରୁ ଭବିଷ୍ୟବାଣୀ ଅନୁସାରେ ତାହା ପ୍ରକୃତରେ ଘଟିଛି କିମ୍ବା ତାହା ସେଭଳି ଭାବରେ ଘଟିବ।
- ବାଇବେଲରେ "ସତ୍ୟ"ର ଧାରଣା ଏପରି ଭାବରେ କାର୍ଯ୍ୟ କରେ ଯାହା ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ସଂକଳ୍ପକୁ ଅନ୍ତର୍ଭୁକ୍ତ କରେ
- ଯୀଶୁ ଯାହା ସେ କହିଲେ ସେହି ବାକ୍ୟଗୁଡ଼ିକର ଈଶ୍ୱରଙ୍କ ସତ୍ୟକୁ ପ୍ରକାଶିତ କଲେ।
- ବାଇବେଲ ସତ୍ୟ ଅଟେ। ପ୍ରକୃତ ଈଶ୍ୱର କିଏ ଏବଂ ଏହା ସେ କରିଥିବା ସମସ୍ତ କାର୍ଯ୍ୟ ବିଷୟରେ ଶିକ୍ଷା ଦିଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଏବଂ ଯାହା ବର୍ଣ୍ଣନା କରାଯାଇଅଛି ତାହା ଉପରେ ନିର୍ଭର କରି, "ସତ୍ୟ" ଶବ୍ଦକୁ "ପ୍ରକୃତ" କିମ୍ବା "ଯଥାର୍ଥ" କିମ୍ବା "ସଂଶୋଧନ" କିମ୍ବା "ଉଚିତ" କିମ୍ବା "ନିଶ୍ଚିତ ବା ନିର୍ଦ୍ଦିଷ୍ଟ" କିମ୍ବା "ସତ୍ୟବାଦୀ ବା ବିଶୁଦ୍ଧ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ସତ୍ୟ" ଶବ୍ଦକୁ "ସତ୍ୟ କ'ଣ ଅଟେ" କିମ୍ବା "ସତ୍ୟ ବା ଘଟଣାବଳୀ" କିମ୍ବା "ନିଶ୍ଚିତତା" କିମ୍ବା "ମୌଳିକ ସତ୍ୟ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ସତ୍ୟ" ଅଭିବ୍ୟକ୍ତିକୁ "ପ୍ରକୃତରେ ଘଟେ" କିମ୍ବା "ପୂର୍ଣ୍ଣ ହେବା" କିମ୍ବା "ପୂର୍ବାନୁମାନ ଅନୁଯାୟୀ ଘଟିବା" ବୋଲି ଅନୁବାଦ କରାଯାଇପାରେ ।
- "ସତ୍ୟ କୁହ" କିମ୍ବା "ସତ୍ୟ କଥା କୁହ ବା ସତ୍ୟର ଉତ୍ତର ଦିଅ" ଅଭିବ୍ୟକ୍ତିକୁ ମଧ୍ୟ "ସତ୍ୟ କ'ଣ କୁହ" କିମ୍ବା "ଯାହା ପ୍ରକୃତରେ ଘଟିଅଛି ତାହା କୁହ" କିମ୍ବା "ସେ ବିଷୟଗୁଡ଼ିକ କୁହ ଯାହା ନିର୍ଭରଯୋଗ୍ୟ" ବୋଲି ଅନୁବାଦ କରାଯାଇପାରେ।
- "ସତ୍ୟ ଗ୍ରହଣ କରିବାକୁ" ବାକ୍ୟାଂଶକୁ "ଈଶ୍ୱରଙ୍କ ବିଷୟରେ ଯାହା ସତ୍ୟ ତାହାକୁ ବିଶ୍ୱାସ କର" ବୋଲି ଅନୁବାଦ କରାଯାଇପାରେ।
- ଏକ ଅଭିବ୍ୟକ୍ତି "ଇଶ୍ୱରଙ୍କ ପ୍ରଶଂସା ଆତ୍ମା ଓ ସତ୍ୟରେ କରିବା" ବାକ୍ୟାଂଶକୁ "ସତ୍ୟରେ" ଅଭିବ୍ୟକ୍ତିକୁ "ଈଶ୍ୱର ଆତ୍ମମାନଙ୍କୁ ଯାହା ଶିକ୍ଷା ଦେଇଅଛନ୍ତି ତାହା ବିଶ୍ୱସ୍ତ ଭାବରେ ପାଳନ କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।

(ବିଶ୍ୱାସ, ବିଶ୍ୱସ୍ତ, ପାଳନ କରିବା, ଭବିଷ୍ୟଦ୍‌ବକ୍ତା, ବୁଝିବା: **ଦେଖନ୍ତୁ**)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 5:6-8
- ପ୍ରଥମ ଯୋହନ 1:5-7
- ପ୍ରଥମ ଯୋହନ 2:8
- ତୃତୀୟ ଯୋହନ 1:8
- ପ୍ରେରିତ 26:24-26
- କଲସୀୟ 1:6
- ଆଦି ପୁସ୍ତକ 47:29-31
- ଯାକୁବ 1:18
- ଯାକୁବ 3:14
- ଯାକୁବ 5:19
- ଯିରିମୀୟ 4:2
- ଯୋହନ 1:9
- ଯୋହନ 1:16-18
- ଯୋହନ 1:51
- ଯୋହନ 3:31-33
- ଯିହୋଶୂୟ 7:19-21
- ବିଳାପ 5:19-22
- ମାଥିଉ 8:10

- ମାଥିଉ 12:17
- ଗୀତସଂହିତା 26:1-3
- ପ୍ରକାଶିତ ବାକ୍ୟ 1:19-20
- ପ୍ରକାଶିତ ବାକ୍ୟ 15:3-4

ବାଇବେଲର କାହାଣୀରୁ ଉଦାହରଣଗୁଡ଼ିକ:

- **2:4** ସର୍ପ ନାରୀଙ୍କି କହିଲା, "ତାହା **ସତ୍ୟ** ନୁହେଁ! ତୁମ୍ଭେମାନେ ମରିବ ନାହିଁ।"
- **14:6** ଅବିଳମ୍ବେ କାଲେବ ଏବଂ ଯିହୋଶୂୟ ଅନ୍ୟ ଦୁଇଜଣ ଗୁପ୍ତଚରଙ୍କୁ କହିଲେ, ଏହା **ସତ୍ୟ** ଯେ କିଣାନର ଲୋକମାନେ ଡେଙ୍ଗା ଏବଂ ବଳବାନ ଅଟନ୍ତି, କିନ୍ତୁ ଆମ୍ଭେମାନେ ନିଶ୍ଚିତ ଭାବରେ ସେମାନଙ୍କୁ ପରାଜିତ କରିପାରିବା!"
- **16:1** ଇସ୍ରାଏଲୀୟମାନେ ସଦାପ୍ରଭୁ **ସତ୍ୟ** ଈଶ୍ୱରଙ୍କ ଉପାସନା କରିବା ପରିବର୍ତ୍ତେ କିଣାନୀୟ ଦେବତାଗଣର ଉପାସନା କରିବା ଆରମ୍ଭ କଲେ।
- **31:8** ସେମାନେ ଯୀଶୁଙ୍କୁ ଭୂମିଷ୍ଠ ପ୍ରଣାମ କଲେ, ତାହାଙ୍କୁ କହିଲେ, "**ସତ୍ୟରେ**, ଆପଣ ଈଶ୍ୱରଙ୍କ ପୁତ୍ର ଅଟନ୍ତି।"
- **39:10** ମୁଁ ଜଗତକୁ ଈଶ୍ୱରଙ୍କ ସମ୍ପର୍କରେ **ସତ୍ୟ** କହିବାକୁ ଆସିଅଛି। ପ୍ରତ୍ୟେକ ଜଣ ଯେମାନେ **ସତ୍ୟକୁ** ଭଲ ପାଆନ୍ତି ମୋହର ବାକ୍ୟ ଶୁଣନ୍ତି।" ପିଲାତ କହିଲେ, "**ସତ୍ୟ** କ'ଣ?"

ଶବ୍ଦବିନ୍ୟାସ:

- Strong's: H0199, H0389, H0403, H0529, H0530, H0543, H0544, H0551, H0571, H0935, H3321, H3330, H6237, H6656, H6965, H7187, H7189, G02250, G02260, G02270, G02280, G02300, G11030, G33030, G34830, G36890, G41030, G41370

ସଦାପ୍ରଭୁ

ସତ୍ୟ ଘଟଣାବଳିଗୁଡ଼ିକ:

ପୁରାତନ ନିୟମରେ "ସଦାପ୍ରଭୁ" ଶବ୍ଦ ଈଶ୍ୱରଙ୍କ ବ୍ୟକ୍ତିଗତ ନାମ ଅଟେ I ଏହି ନାମର ନିର୍ଦ୍ଦିଷ୍ଟ ଉତ୍ପତ୍ତି ଅଜ୍ଞାତ ଅଟେ, କିନ୍ତୁ ଏହା ବୋଧହୁଏ ଏବ୍ରୀୟ କ୍ରିୟାରୁ ଉତ୍ପନ୍ନ ହୋଇଅଛି, ଯାହାର ଅର୍ଥ “ହେବା ଅଟେ” I

- ପରମ୍ପରାକୁ ଅନୁସାରେ, ଅନେକ ବାଇବେଲ ସଂସ୍କରଣ “ଈଶ୍ୱର” କିମ୍ବା “ସଦାପ୍ରଭୁ” ଶବ୍ଦକୁ “ଯିହୋବା” କୁ ପ୍ରତିନିଧିତ୍ୱ କରିବାକୁ ବ୍ୟବହାର କରେ I ଏହି ପରମ୍ପରାଟି ଐତିହାସିକ ଅଟେ କାରଣ ଯିହୁଦୀଲୋକମାନେ ଯିହୋବାଙ୍କ ନାମକୁ ଭୁଲ ଉଚ୍ଚାରଣ କରିବାକୁ ଭୟ କରୁଥିଲେ ତେଣୁ ସେମାନେ ଏହି ନାମକୁ “ପ୍ରଭୁ” କହିବା ଆରମ୍ଭ କଲେ I ଈଶ୍ୱରଙ୍କ ବ୍ୟକ୍ତିଗତ ନାମକୁ ସମ୍ମାନ ଜଣାଇବା ଏବଂ ଏହାକୁ "ପ୍ରଭୁ" ଠାରୁ ପୃଥକ କରିବା ପାଇଁ ଇଂରାଜୀ ଆଧୁନିକ ବାଇବେଲଗୁଡ଼ିକ ସମସ୍ତ ବଡ଼ ଅକ୍ଷରରେ "LORD" ଲେଖନ୍ତି ଯାହାକି ଏକ ଏବ୍ରୀୟ ଶବ୍ଦଠାରୁ ପୃଥକ ଅଟେ I
- ପୁରାତନ ନିୟମର ଏବ୍ରୀୟ ପାଠ୍ୟ ସହିତ ULT ଏବଂ UST ଗ୍ରନ୍ଥଗୁଡ଼ିକ ସର୍ବଦା “ଯିହୋବା” ବୋଲି ଅନୁବାଦ କରନ୍ତି I
- "ଯିହୋବା" ଶବ୍ଦ ନୂତନ ନିୟମର ମୂଳ ପାଠ୍ୟରେ ଉଲ୍ଲେଖ ହୋଇ ନାହିଁ; ପୁରାତନ ନିୟମରୁ ଉଦ୍ଧୃତ କରିବାବେଳେ କେବଳ "ପ୍ରଭୁ" ପାଇଁ ଗ୍ରୀକ୍ ଶବ୍ଦ ବ୍ୟବହୃତ ହୋଇଅଛି I
- ପୁରାତନ ନିୟମରେ, ଯେତେବେଳେ ଈଶ୍ୱର ନିଜ ବିଷୟରେ କହୁଥିଲେ, ସେ ପ୍ରାୟତଃ ସର୍ବନାମ ପରିବର୍ତ୍ତେ ତାଙ୍କ ନାମ ବ୍ୟବହାର କରୁଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- “ଯିହୋବା” ଶବ୍ଦକୁ ଏକ ବାକ୍ୟ କିମ୍ବା ବାକ୍ୟାଂଶ ସହ ଅନୁବାଦ କରାପାରେ ଯାହାର ଅର୍ଥ “ମୁଁ” କିମ୍ବା “ଜୀବିତ ଈଶ୍ୱର” କିମ୍ବା “ଯିଏ ଅଛି” କିମ୍ବା “ଯିଏ ଜୀବିତ” ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦକୁ ବନାନ ମଧ୍ୟ କରାଯାଇପାରେ ଯାହା "ଯିହୋବା" ର ବନାନ ସହ ସମାନ ଅଟେ I
- କେତେକ ମଣ୍ଡଳୀ "ଯିହୋବା" ଶବ୍ଦ ବ୍ୟବହାର ନକରି, ପାରମ୍ପାରିକ ଅନୁବାଦ "LORD ବା ସଦାପ୍ରଭୁ" ବ୍ୟବହାର କରିବାକୁ ପସନ୍ଦ କରନ୍ତି I ଏକ ଗୁରୁତ୍ୱପୂର୍ଣ୍ଣ ଏହା ଯେ ଏହା ଦ୍ୱନ୍ଦ୍ୱପୂର୍ଣ୍ଣ ଉଚ୍ଚାରଣ ହୋଇପାରେ କାରଣ ଏହା "ପ୍ରଭୁ" ଆଖ୍ୟା ସହିତ ଅତ୍ୟନ୍ତ ସମାନ ଅଟେ I କେତେକ ଭାଷାରେ ଅନ୍ୟାନ୍ୟ ବ୍ୟାକରଣଗତ ମାର୍କର୍ ରହିପାରେ ଯାହା “ପ୍ରଭୁ” କୁ “LORD” (ଯିହୋବା) ଏବଂ ‘Lord’ କି ପୃଥକ କରେ I
- ଯଦି ସମ୍ଭବ ତେବେ ପାଠ୍ୟରେ ଯିହୋବା ଉଲ୍ଲେଖ ଥିବା ସ୍ଥାନରେ ଯିହୋବା ଉଲ୍ଲେଖ କରିବା ସର୍ବୋତ୍ତମ, କିନ୍ତୁ କେତେକ ଅନୁବାଦ ପାଠ୍ୟକୁ ଅଧିକ ପ୍ରାକୃତିକ ଏବଂ ସ୍ପଷ୍ଟ କରିବା ପାଇଁ କେତେକ ସ୍ଥାନରେ କେବଳ ସର୍ବନାମ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇପାରେ I
- "ଏହିପରି ଭାବରେ ଯିହୋବା କୁହନ୍ତି।" ବୋଲି ଆପଣ ଉଦ୍ଧୃତ ପାଠାଂଶକୁ ଅନୁବାଦ କରି ପାରିବେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକୁ କିପରି ଅନୁବାଦ କରାଯିବ)

(ଈଶ୍ୱର, ପ୍ରଭୁ, ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ରାଜାବଳୀ 21: 20
- ପ୍ରଥମ ଶାମୁୟେଲ 16: 7
- ଦାନିୟେଲ 9:3
- ଯିହିଜିକଲ 17:24
- ଆଦିପୁସ୍ତକ 2:4
- ଆଦିପୁସ୍ତକ 4:3-5
- ଆଦିପୁସ୍ତକ 28:13
- ହୋଶେୟ11:12
- ଯିଶାଇୟ 10: 4
- ଯିଶାଇୟ 38:8
- ଆୟୁବ 12:10
- ଯିହୋଶୂୟ 1:9
- ବିଲାପ ଗୀତ 1:5
- ଲେବୀୟ ବ୍ୟବସ୍ଥା 25:35
- ମଲାଖୀ 3:4
- ମୀଖା 2: 5

- ମୀଖା 6: 5
- ଗଣନା ପୁସ୍ତକ 8: 11
- ଗୀତସଂହିତା 124:3
- ରୂତ 1:21
- ଯିଖରୀୟ 14:5

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **09:14** ଈଶ୍ୱର କହିଲେ, "ମୁଁ ଯେ ସେ ଅଟେ"I ସେମାନଙ୍କୁ କୁହ "ମୁଁ ମୋତେ ତୁମ ନିକଟକୁ ପଠାଇଛି" I ଆହୁରି ସେମାନଙ୍କୁ କୁହ "ମୁଁ **ସଦାପ୍ରଭୁ** ତୁମ୍ଭ ପୂର୍ବପୁରୁଷ ଅବ୍ରହାମ୍, ଇସାକ ଓ ଯାକୁବର ଈଶ୍ୱର I ଏହା ମୋର ନାମ ଚିରଦିନ ନିମନ୍ତେ ଅଟେ I
- **13:04** ତେବେ ଈଶ୍ୱର ସେମାନଙ୍କୁ ନୀୟମାବଳି ଦେଲେ ଓ କହିଲେ "ମୁଁ **ସଦାପ୍ରଭୁ**ତୁମ୍ଭର ଈଶ୍ୱର, ଯେ ତୁମ୍ଭକୁ ମିସରର ଦାସତ୍ୱରୁ ଉଦ୍ଧାର କଲେ I ଅନ୍ୟଦେବତା ପୂଜା କର ନାହିଁ I"
- **13:05** "ମୂର୍ତ୍ତି ନିର୍ମାଣ କର ନାହିଁ କି ସେଗୁଡ଼ିକୁ ପୂଜା କର ନାହିଁ, କାରଣ ମୁଁ **ସଦାପ୍ରଭୁ** ଇର୍ଷା ରଖିବା ଈଶ୍ୱର ଅଟେ I
- **16:01** ଇସ୍ରାଏଲ ଲୋକମାନେ କିଣାନୀୟ ମୁର୍ତ୍ତୀଗୁଡ଼ିକୁ **ସଦାପ୍ରଭୁ** ସତ୍ୟ ଈଶ୍ୱର ବଦଳରେ ପୂଜା କରିବା ଆରମ୍ଭ କଲେ I
- **19:10** ତତ୍ପରେ ଏଲୀୟ ପ୍ରାର୍ଥନା କରି କହିଲେ, ହେ **ସଦାପ୍ରଭୁ** ଅବ୍ରହାମ, ଇସାକ ଓ ଯାକୁବର ଈଶ୍ୱର, ଆଜି ଆମ୍ଭକୁ ଦେଖାଅ କି ତୁମ୍ଭେ ହିଁ ଇସ୍ରାଏଲର ଈଶ୍ୱର ଅଟ ଓ ମୁଁ ତୁମ୍ଭର ଦାସ I

ଶବ୍ଦବିନ୍ୟାସ :

- Strong's: H3050, H3068, H3069

ସନ୍ତାନ, ସନ୍ତାନ, ସନ୍ତାନସନ୍ତତି

ପରିଭାଷା:

"ସନ୍ତାନ" ଶବ୍ଦ (ବହୁବଚନ "ସନ୍ତାନଗଣ") ଜଣେ ପୁରୁଷ ଏବଂ ସ୍ତ୍ରୀର ସନ୍ତାନସନ୍ତତିକୁ ବୁଝାଏ। ଏହି ଶବ୍ଦଟି ଅନେକ ସମୟରେ ଯୁବକ କିମ୍ବା ଯୁବତୀକୁ ବୁଝାଇବା ପାଇଁ ସାଧାରଣ ଭାବରେ ବ୍ୟବହୃତ ହେ। "ସନ୍ତାନସନ୍ତତି" ଶବ୍ଦ ସାଧାରଣ ଭାବରେ ଲୋକମାନଙ୍କର କିମ୍ବା ପ୍ରାଣୀମାନଙ୍କର ବଂଶଧରମାନଙ୍କୁ ବୁଝାଇବାକୁ ବ୍ୟବହୃତ ହୁଏ।

· ବାଇବେଲରେ, ଶିଷ୍ୟମାନଙ୍କୁ କିମ୍ବା ଅନୁଗାମୀମାନଙ୍କୁ ବେଳେବେଳେ "ସନ୍ତାନ" ବୋଲି ସମ୍ବୋଧନ କରାଯାଇଛି।

· "ସନ୍ତାନ" ଶବ୍ଦ ଅନେକ ସମୟରେ ଜଣେ ବ୍ୟକ୍ତିର ସନ୍ତାନ ବା ବଂଶଧରକୁ ବୁଝାଏ।

· ବାଇବେଲରେ ଅନେକ ସମୟରେ "ସନ୍ତାନସନ୍ତତି" ଶବ୍ଦର "ପିଲାମାନେ" କିମ୍ବା "ବଂଶଧର" ଶବ୍ଦ ସହ ସମାନ ଅର୍ଥ ଥାଏ।

· "ବୀଜ" ଶବ୍ଦ କେତେବେଳେ ସନ୍ତାନସନ୍ତତିକୁ ସୂଚାଇବା ପାଇଁ ଆଳଙ୍କାରିକ ଭାବରେ ବ୍ୟବହୃତ ହଇଅଛି।

· "ସନ୍ତାନଙ୍କର" ବାକ୍ୟାଂଶ କୌଣସି ବିଷୟର ଚରିତ୍ରକୁ ବର୍ଣ୍ଣନା କରିବାକୁ ମଧ୍ୟ ବ୍ୟବହୃତ ଅଟେ । ଏହାର କେତେକ ଉଦାହରଣ ହେବ:

· ଆଲୋକର ସନ୍ତାନ

· ବାଧ୍ୟତାର ସନ୍ତାନ

· ଶୟତାନର ସନ୍ତାନ

· ଏହି ଶବ୍ଦଟି ମଣ୍ଡଳୀକୁ ମଧ୍ୟ ସୂଚାଇପାରେ। ଉଦାହରଣ ସ୍ୱରୂପ, ବେଳେବେଳେ ନୂତନ ନିୟମ ଲୋକମାନଙ୍କୁ "ଈଶ୍ୱରଙ୍କ ସନ୍ତାନ" ବୋଲି ଦର୍ଶାଏ, ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସନ୍ତାନ" ଶବ୍ଦକୁ "ବଂଶଧର" ବୋଲି ଅନୁବାଦ କରାଯାଇପାରେ ଯେତେବେଳେ ଏହା ଜଣେ ବ୍ୟକ୍ତିଙ୍କର ଅନେକ ପିଢିକୁ ସୂଚିତ କରେ।
- "ସନ୍ତାନଙ୍କର" ବାକ୍ୟାଂଶକୁ ପ୍ରସଙ୍ଗ ଉପରେ ଆଧାର କରି, "ଯେଉଁ ଲୋକମାନଙ୍କର ବିଶିଷ୍ଟତା ଅଛି" କିମ୍ବା "ଯେଉଁମାନେ ଆଚରଣ କରନ୍ତି" ବୋଲି ଅନୁବାଦ କରାଯାଇପାରେ।
- ଯଦି ସମ୍ଭବ ତେବେ "ଈଶ୍ୱରଙ୍କ ସନ୍ତାନ" ବାକ୍ୟାଂଶକୁ ଆକ୍ଷରିକ ଭାବରେ ଅନୁବାଦ କରାଯିବା ଉଚିତ କାରଣ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବାଇବେଲ ଭିତ୍ତିକ ଶବ୍ଦ ଅଟେ ଯାହା ଈଶ୍ୱର ଆତ୍ମମାନଙ୍କର ସ୍ୱର୍ଗୀୟ ପିତା ବୋଲି ବୁଝାଏ । "ଯେଉଁ ଲୋକମାନେ ଈଶ୍ୱରଙ୍କ ଅଟନ୍ତି" କିମ୍ବା "ଈଶ୍ୱରଙ୍କ ଆତ୍ମିକ ସନ୍ତାନ" ଏହି ବାକ୍ୟାଂଶକୁ ଅନୁବାଦ କରାଯାଇପାରେ।
- ଯେତେବେଳେ ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ "ସନ୍ତାନମାନେ" ବୋଲି ଡାକନ୍ତି, ଏହି ବାକ୍ୟାଂଶକୁ "ପ୍ରିୟ ବନ୍ଧୁଗଣ" କିମ୍ବା "ମୋର ପ୍ରିୟ ଶିଷ୍ୟମାନେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- ଯେତେବେଳେ ବିଶ୍ୱାସୀମାନଙ୍କୁ ପାଉଲ ଏବଂ ଯୋହନ ଯୀଶୁଙ୍କଠାରେ "ସନ୍ତାନମାନେ" ବୋଲି କହନ୍ତି, ଏହାକୁ "ପ୍ରିୟ ସହ ବିଶ୍ୱାସୀଗଣ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ପ୍ରତିଜ୍ଞାର ସନ୍ତାନଗଣ" ବାକ୍ୟାଂଶକୁ "ଯାହା ଈଶ୍ୱର ପ୍ରତିଜ୍ଞା କରିଥିଲେ ତାହା ଯେଉଁଲୋକମାନେ ପ୍ରାପ୍ତ କରିଅଛନ୍ତି" ବୋଲି ଅନୁବାଦ କରାଯାଇପାରେ।

(ବଂଶଧର, ସନ୍ତାନ, ପ୍ରତିଜ୍ଞା, ପୁତ୍ର, ଆତ୍ମା, ବିଶ୍ୱାସ, ପ୍ରିୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 2:28
- ତୃତୀୟ ଯୋହନ 1:4
- ଗାଲାତୀୟ 4:19
- ଆଦିପୁସ୍ତକ 45:11
- ଯିହୋଶୂୟ 8:34-35
- ନିହିମୀୟା 5:5
- ପ୍ରେରିତ 17:29
- ଯାତ୍ରାପୁସ୍ତକ 13:11-13

- ଆଦିପୁସ୍ତକ 24:7
- ଯିଶାଇୟ 41:8-9
- ଆୟୁବ 5:25
- ଲୂକ 3:7
- ମାଥିଉ 12:34

ଶବ୍ଦବିନ୍ୟାସ:

- Strong's: H1069, H1121, H1123, H1129, H1323, H1397, H1580, H2029, H2030, H2056, H2138, H2145, H2233, H2945, H3173, H3205, H3206, H3208, H3211, H3243, H3490, H4392, H5209, H5271, H5288, H5290, H5759, H5764, H5768, H5953, H6185, H6363, H6529, H6631, H7908, H7909, H7921, G07300, G08150, G10250, G10640, G10810, G10850, G14710, G34390, G35150, G35160, G38080, G38120, G38130, G38160, G50400, G50410, G50420, G50430, G50440, G52060, G52070, G53880

ସନ୍ଥ

ପରିଭାଷା:

"ସନ୍ଥ" ଶବ୍ଦର ଅର୍ଥ "ପବିତ୍ର ଲୋକ" ଏବଂ ଯୀଶୁଙ୍କଠାରେ ବିଶ୍ୱାସୀମାନଙ୍କୁ ବୁଝାଏ I

- ପରବର୍ତ୍ତୀ ସମୟରେ ମଣ୍ଡଳୀ ଇତିହାସରେ, ଜଣେ ବ୍ୟକ୍ତିର ଉତ୍ତମ କାର୍ଯ୍ୟ ନିମନ୍ତେ "ସନ୍ଥ" ଉପାଖ୍ୟାନ ଦିଆଯାଉଥିଲା କିନ୍ତୁ ନୂତନ ନିୟମରେ ଏହି ଶବ୍ଦର ଅର୍ଥ ଏପରି ଭାବେ ବ୍ୟବହାର କରାଯାଉନଥିଲା I
- ଯୀଶୁଙ୍କୁ ବିଶ୍ୱାସ କରୁଥିବା ବିଶ୍ୱାସୀମାନଙ୍କୁ ସନ୍ଥ କିମ୍ବା ପବିତ୍ର ଲୋକ ବୋଲି କୁହାଯାଉଥିଲା, କାରଣ ସେମାନେ କ'ଣ କରିଛନ୍ତି ସେଥିପାଇଁ ନୁହେଁ ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ଉଦ୍ଧାର କାର୍ଯ୍ୟରେ ଯେଉଁମାନେ ବିଶ୍ୱାସ କରିଥିଲେ, ସେ ଲୋକମାନଙ୍କୁ ପବିତ୍ର କରିଛନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସନ୍ଥ" ଶବ୍ଦକୁ "ପବିତ୍ର" କିମ୍ବା "ପବିତ୍ର ଲୋକ", କିମ୍ବା "ଯୀଶୁଙ୍କଠାରେ ପବିତ୍ର ବିଶ୍ୱାସୀଗଣ" କିମ୍ବା "ପୃଥକୀକୃତମାନେ" ବୋଲି ଅନୁବାଦ କରାଯାଇପାରେ I
- କେବଳ ଖ୍ରୀଷ୍ଟିୟାନ ଗୋଷ୍ଠୀକୁ ସୂଚିତ କରୁଥିବା ଶବ୍ଦକୁ ବ୍ୟବହାର କରନ୍ତୁ ନାହିଁ I

(ପବିତ୍ର ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ତୀମଥି 5:10
- ଦ୍ୱିତୀୟ କରିନ୍ଥୀୟ 9:12-15
- ପ୍ରକାଶିତ ବାକ୍ୟ 16:6
- ପ୍ରକାଶିତ ବାକ୍ୟ 20:9-10

ଶବ୍ଦବିନ୍ୟାସ :

- Strong's: H2623, H6918, H6922, G00400

ସମାଜଗୃହ

ପରିଭାଷା:

ସମାଜଗୃହ ଏକ ଗୃହ ଅଟେ ଯେଉଁଠାରେ ଯିହୁଦୀ ଲୋକମାନେ ଈଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ଏକତ୍ର ହୁଅନ୍ତି ।

- ପ୍ରାଚୀନ ଯୁଗରେ, ସମାଜଗୃହରେ ସେବାଗୁଡ଼ିକରେ ପ୍ରାର୍ଥନାର ସମୟ, ଶାସ୍ତ୍ରପାଠ ଏବଂ ଧର୍ମପୁସ୍ତକ ସମ୍ବନ୍ଧୀୟ ଶିକ୍ଷା ସାମିଲ କରାଯାଉଥିଲା ।
- ଯିହୁଦୀମାନେ ପ୍ରଥମେ ସମାଜଗୃହକୁ ପ୍ରାର୍ଥନା କରିବା ସ୍ଥାନ ଏବଂ ନିଜ ସହରରେ ଈଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ନିର୍ମାଣ କରିଥିଲେ କାରଣ ସେମାନଙ୍କ ମଧ୍ୟରୁ ଅନେକ ଲୋକେ ଯିରୂଶାଲମ ମନ୍ଦିରଠାରୁ ଅନେକ ଦୂରରେ ବାସ କରୁଥିଲେ ।
- ଯୀଶୁ ଅନେକ ସମୟରେ ସମାଜଗୃହରେ ଶିକ୍ଷା ଦେଉଥିଲେ ଏବଂ ଲୋକମାନଙ୍କୁ ସୁସ୍ଥତା ପ୍ରଦାନ କରୁଥିଲେ ।
- "ସମାଜଗୃହ" ଶବ୍ଦକୁ ଆଳଙ୍କାରିକ ଭାବେ ସେଠାରେ ଏକତ୍ର ହେଉଥିବା ଲୋକମାନଙ୍କୁ ବୁଝାଇବାକୁ ବ୍ୟବହାର କରାଯାଇ ପାରିବେ।

(ସୁସ୍ଥତା, ଯିରୂଶାଲମ, ଯିହୁଦୀ, ପ୍ରାର୍ଥନା, ମନ୍ଦିର, ଈଶ୍ୱରଙ୍କ ବାକ୍ୟ, ଉପାସନା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 6:9
- ପ୍ରେରିତ 14:1-2
- ପ୍ରେରିତ 15:21
- ପ୍ରେରିତ 24:10-13
- ଯୋହନ 6:59
- ଲୂକ 4:14
- ମାଥିଉ 6:1-2
- ମାଥିଉ 9:35-36
- ମାଥିଉ 13:54

ଶବ୍ଦବିନ୍ୟାସ:

- Strong's: H4150, G656, G752, G4864

ସମ୍ପୂର୍ଣ୍ଣ କରିବା, ସମ୍ପୂର୍ଣ୍ଣ, ସମ୍ପୂର୍ଣ୍ଣ କରାଗଲା

ପରିଭାଷା:

"ସମ୍ପୂର୍ଣ୍ଣ କରିବା" ଶବ୍ଦର ଅର୍ଥ ପ୍ରତ୍ୟାଶା କରିଥିବା ବିଷୟକୁ ସଂପୂର୍ଣ୍ଣ କରିବା କିମ୍ବା ସମ୍ପନ୍ନ କରିବା ଅଟେ I

- ଯେତେବେଳେ ଏକ ଭବିଷ୍ୟତବାଣୀ ପୂର୍ଣ୍ଣ ହୁଏ, ଏହାର ଅର୍ଥ, ଯାହା ପୂର୍ବରୁ ଭବିଷ୍ୟତବାଣୀରେ କୁହାଯାଇଥିଲା ତାହା ଈଶ୍ୱର କରନ୍ତି I
- ଯଦି ଜଣେ ବ୍ୟକ୍ତି କରିଥିବା ପ୍ରତିଜ୍ଞା କିମ୍ବା ମାନତକୁ ପୂର୍ଣ୍ଣକରେ, ଏହାର ଅର୍ଥ ସେ ଯାହା ପ୍ରତିଜ୍ଞା କରିଥିଲେ ସେ ତାହା କଲେ I
- ଉତ୍ତରଦାୟିତ୍ୱକୁ ପୂର୍ଣ୍ଣ କରିବାର ଅର୍ଥ , ସେହି କାର୍ଯ୍ୟଭାର କରିବା ଯାହା ନିର୍ଦ୍ଧାରିତ କରାଯାଇଅଛି କିମ୍ବା ଆବଶ୍ୟକ କରେ ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଅଧାର କରି, "ସମ୍ପୂର୍ଣ୍ଣ କରିବା" ବକ୍ୟାଂଶକୁ "ସମ୍ପନ୍ନ କରିବା" କିମ୍ବା "ସଂପୂର୍ଣ୍ଣ କରିବା" କିମ୍ବା "ଘଟାଇବା "କିମ୍ବା "ଆଜ୍ଞାକାରୀ ହେବା" କିମ୍ବା "କରିବା" ବୋଲି ଅନୁବାଦ କରାଯାଇପାରେ I
- "ସମ୍ପୂର୍ଣ୍ଣ କରଗଲା" ବାକ୍ୟାଂଶକୁ "ସଫଳ ହେଲା" କିମ୍ବା "ହୋଇଅଛି "କିମ୍ବା "ଘଟିଅଛି" ବୋଲି ଅନୁବାଦ କରାଯାଇପାରେ I
- "ସମ୍ପୂର୍ଣ୍ଣ କରିବା" ବକ୍ୟାଂଶକୁ "ତୁମ୍ଭର ସେବା ପରିପୂର୍ଣ୍ଣ ହେଉ" କିମ୍ବା "ସମ୍ପୂର୍ଣ୍ଣ କରିବା "କିମ୍ବା "ସମ୍ପାଦନ କରିବା "କିମ୍ବା "ଅଭ୍ୟାସ କରିବା "କିମ୍ବା "ଅନ୍ୟ ଲୋକମାନଙ୍କୁ ସେବା କର ଯେପରି ଈଶ୍ୱର ତୁମ୍ଭକୁ ଆହ୍ୱାନ କରିଛନ୍ତି" ବୋଲି ଅନୁବାଦ କରାଯାଇପାରେ I

(ଭବିଷ୍ୟବକ୍ତା, ଖ୍ରୀଷ୍ଟ, ସେବକ, ଆହ୍ୱାନ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 2:27
- ପ୍ରେରିତ 3:17-18
- ଲେବୀୟ ପୁସ୍ତକ 22:17-19
- ଲୂକ 4:21
- ମାଥିଉ 1: 22-23
- ମାଥିଉ 5: 17
- ଗୀତସଂହିତା 116:12-15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **24:4** ଯାହା ଭବିଷ୍ୟତବକ୍ତାମାନଙ୍କ ଦ୍ୱାରା କୁହା ଯାଇଥିଲା ତାହା ଯୋହନ **ପରିପୂର୍ଣ୍ଣ କଲେ**, "ଦେଖ, ତୁମ୍ଭ ଆଗରେ ମୁଁ ମୋ ଦୂତକୁ ପଠାଇବି, ଯେ ତୁମ୍ଭ ନିମନ୍ତେ ପଥ ପ୍ରସ୍ତୁତ କରିବ I
- **40:3** ସୈନିକମାନେ ଯୀଶୁଙ୍କ ବସ୍ତ୍ର ନିମନ୍ତେ ଗୁଲିବାଣ୍ଟ କଲେ I ଯେତେବେଳେ ସେମାନେ ଏହା କଲେ, ସେମାନେ ଭବିଷ୍ୟତବାଣୀ ଯାହା କହେ ତାହା **ପୂର୍ଣ୍ଣକଲେ**, "ସେମାନେ ମୋର ବସ୍ତ୍ର ନିଜ ମଧ୍ୟରେ ବାଣ୍ଟିଲେ, ଓ ମୋ ବସ୍ତ୍ର ନିମନ୍ତେ ଗୁଲିବାଣ୍ଟ କଲେ"
- **42:7** ଯୀଶୁ କହିଲେ, "ମୁଁ ତୁମ୍ଭକୁ କହିଅଛି, ମୋ ବିଷୟରେ ଯାହାକିଛି ଈଶ୍ୱରଙ୍କ ବାକ୍ୟରେ ଲିଖିତ ତାହା **ପୂର୍ଣ୍ଣ** ହେବ I
- **43:5** " ଈଶ୍ୱର ଯାହା ଯୋୟେଲ ଭବିଷ୍ୟବକ୍ତା ଦ୍ୱାରା ଭବିଷ୍ୟତବାଣୀ କହିଥିଲେ ତାହା ଏହା **ପୂର୍ଣ୍ଣକରେ**, "ଶେଷ ଦିନରେ, ମୁଁ ମୋର ଆତ୍ମା ଢାଳିବି I"
- **43:7** "ଏହା ସେହି ଭବିଷ୍ୟତବାଣୀକୁ **ପୂର୍ଣ୍ଣ** କରେ, ଯାହା କହେ, "ତୁମ୍ଭେ ତୁମ୍ଭର ପବିତ୍ର ଜନକୁ କବରରେ ଛାଡ଼ିବ ନାହିଁ"
- **44:5**" ଯାହା ତୁମ୍ଭେମାନେ କାରୁଥିଲ ତାହା ଯଦିଓ ବୁଝିପାରୁ ନ ଥିଲ, ଯେଉଁ ଭବିଷ୍ୟତବାଣୀରେ ଖ୍ରୀଷ୍ଟ ଦୁଃଖଭୋଗ କରିବେ ଓ ମୃତ୍ୟୁ ଲାଭ କରିବେ ବୋଲି କୁହାଯାଇଅଛି ତାହାକୁ ଈଶ୍ୱର ତୁମ୍ଭ କାର୍ଯ୍ୟଗୁଡ଼ିକୁ ବ୍ୟବହାର କରି **ପୂର୍ଣ୍ଣ** କରିବେ"

ଶବ୍ଦବିନ୍ୟାସ :

- Strong's: H1214, H5487, G10960, G41380

ସମ୍ମାନ କରିବା

ପରିଭାଷା:

"ସମ୍ମାନ "ଏବଂ "ସମ୍ମାନ ଦେବା" ଶବ୍ଦଗୁଡ଼ିକ ଏକ ବ୍ୟକ୍ତି ପ୍ରତି ଭକ୍ତି, ଆଦର ଏବଂ ଶ୍ରଦ୍ଧା ପ୍ରକାଶ କରିବାକୁ ବୁଝାଏ I

· ସମ୍ମାନ ସେହି ବ୍ୟକ୍ତିକୁ ଦିଆଯାଏ ଯେ ବଡ଼ ପଦବୀରେ କିମ୍ବା ମହତ୍ୱପୂର୍ଣ୍ଣ ପଦବୀରେ ଥାଆନ୍ତି, ଯେପରିକି ରାଜା କିମ୍ବା ଈଶ୍ୱର I

· ଈଶ୍ୱର ଖ୍ରୀଷ୍ଟିୟାନମାନଙ୍କୁ ଅନ୍ୟମାନଙ୍କୁ ସମ୍ମାନ କରିବାକୁ ଶିକ୍ଷା ଦେଇଛନ୍ତି I

· ସନ୍ତାନମାନଙ୍କୁ ଆପଣା ପିତାମାତାହାଙ୍କୁ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯାହା ସେମାନଙ୍କୁ ସମ୍ମାନ କରିବା ଏବଂ ଆଜ୍ଞା ପାଳନ କରିବାକୁ ଅନ୍ତର୍ଭୁକ୍ତ କରେ ।

· "ସମ୍ମାନ" ଏବଂ "ମହିମା" ଶବ୍ଦଗୁଡ଼ିକ ଅନେକ ସମୟରେ ଏକତ୍ର ବ୍ୟବହୃତ ହୁଏ ବିଶେଷ କରି ଯେବେ ଯୀଶୁଙ୍କ ବିଷୟରେ ଉଲ୍ଲେଖ କରାଯାଏ I ଏହା ଗୋଟିଏ ବିଷୟକୁକୁ ସୂଚାଇବା ପାଇଁ ଦୁଇଟି ଭିନ୍ନ ଉପାୟ ହୋଇପାରେ I

· ଈଶ୍ୱରଙ୍କୁ ସମ୍ମାନ କରିବା ତାହାଙ୍କୁ ଧନ୍ୟବାଦ ଦେବା, ପ୍ରସଂଶା କରିବା ତାହାଙ୍କ ଆଜ୍ଞାକାରୀ ହେବା ଏବଂ ଏହି ପ୍ରକାର ଏକ ଜୀବନ ବିତାଇବା ଯାହା ସେ କେତେ ମହାନ ଅଟନ୍ତି ତାହା ପ୍ରକାଶ କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସମ୍ମାନ" ଶବ୍ଦକୁ "ଆଦର କରିବା" କିମ୍ବା "ଶ୍ରଦ୍ଧା ପ୍ରକାଶ କରିବା" କିମ୍ବା "ଭକ୍ତି କରିବା" ବୋଲି ଅନୁବାଦ କରାଯାଇପାରେ I
- "ସମ୍ମାନ" ଶବ୍ଦକୁ "ବିଶେଷ ସମ୍ମାନ ଦେଖାଇବା" କିମ୍ବା "ପ୍ରଶଂସା କରିବାର କାରଣ ହେବା" କିମ୍ବା "ଭଲଖାତିର କରିବା" କିମ୍ବା "ଉଚ୍ଚ ମୂଲ୍ୟ ଦେବା" ବୋଲି ଅନୁବାଦ କରାଯାଇପାରେ I

(ଅସମ୍ମାନ, ମହିମା, ପ୍ରଶଂସା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ 2:8
- ପ୍ରେରିତ 19:17
- ଯୋହନ 4:44
- ଯୋହନ 12: 26
- ମାର୍କ 6:4
- ମାଥିଉ 15:6

ଶବ୍ଦବିନ୍ୟାସ :

- Strong's: H1420, H1921, H1922, H1923, H1926, H1927, H1935, H282, H2142, H3366, H3367, H3368, H3372, H3373, H3374, H3444, H3513, H3519, H3655, H3678, H581, H5375, H5457, H6213, H6286, H6437, H6942, H6944, H6965, H7236, H7613, H7812, H8597, H8416, G8200, G13910, G13920, G17840, G21510, G25700, G31700, G44110, G45860, G5910, G5920, G5930, G53990

ସର୍ବଶକ୍ତିମାନ

ସତ୍ୟ ଘଟଣାଗୁଡ଼ିକ:

'' ସର୍ବଶକ୍ତିମାନ'' ଶବ୍ଦର ଆକ୍ଷାରିକ ଅର୍ଥ ''ସମସ୍ତ ଶକ୍ତିଶାଳୀ''; ବାଇବେଲରେ ଏହା ସର୍ବଦା ଈଶ୍ୱରଙ୍କୁ ଦର୍ଶାଏ I

· '' ସର୍ବଶକ୍ତିମାନ'' କିମ୍ବା '' ଜଣେ ସର୍ବଶକ୍ତିମାନ'' ଶବ୍ଦଟି ''ଈଶ୍ୱରଙ୍କୁ'' ଦର୍ଶାଏ ଏବଂ ପ୍ରକାଶ କରେ ଯେ, ତାଙ୍କର ସମସ୍ତ ସୃଷ୍ଟି ଉପରେ ସମ୍ପୂର୍ଣ୍ଣ ଶକ୍ତି ଏବଂ ଅଧିକାର ଅଛି I

· '' ସର୍ବଶକ୍ତିମାନ ଈଶ୍ୱର'' ଏବଂ ''ଈଶ୍ୱର ସର୍ବଶକ୍ତିମାନ'' ଏବଂ ''ପ୍ରଭୁ ସର୍ବଶକ୍ତିମାନ'' ଏବଂ ''ପ୍ରଭୁ ଈଶ୍ୱର ସର୍ବଶକ୍ତିମାନ'' ଏହି ଶବ୍ଦଟି ଈଶ୍ୱରଙ୍କୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: କିପରି ନାମଗୁଡ଼ିକୁ ଅନୁବାଦ କରାଯିବ)

(ପ୍ରଭୁ, ଈଶ୍ୱର, ଶକ୍ତି ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଯାତ୍ରାପୁସ୍ତକ 6:2-5
- ଆଦିପୁସ୍ତକ 17:1
- ଆଦିପୁସ୍ତକ 35:11-13
- ଆୟୁବ ପୁସ୍ତକ 8:1-3
- ଗଣନା ପୁସ୍ତକ 24:15-16
- ପ୍ରକାଶିତ 01:7-8
- ରୂତ 1:19-21

ଶବ୍ଦବିନ୍ୟାସ :

- Strong's: H7706, G38410

ସର୍ବୋପରିସ୍ଥ

ସତ୍ୟ ଘଟଣାବଳୀ:

"ସର୍ବୋପରିସ୍ଥ" ଶବ୍ଦ ଈଶ୍ୱରଙ୍କର ଏକ ଉପାଧି ଅଟେ I ଏହା ତାହାଙ୍କର "ମହାନତା ଓ ଅଧିକାରକୁ ବୁଝାଏ I

- ଏହାର ଅର୍ଥ "ସର୍ବଶକ୍ତିମାନ" କିମ୍ବା "ସର୍ବୋଚ୍ଚ" ସହ ସମାନ ଅଟେ I
- "ଉଚ୍ଚ" ଶବ୍ଦ ଶାରୀରିକ ଉଚ୍ଚତା କିମ୍ବା ଦୂରତାକୁ ବୁଝାଏ ନାହିଁ I ଏହା ମହାନତାକୁ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ସର୍ବୋପରିସ୍ଥ ଈଶ୍ୱର " କିମ୍ବା "ସର୍ବୋଚ୍ଚ ବ୍ୟକ୍ତି" କିମ୍ବା "ଈଶ୍ୱର ସର୍ବୋପରିସ୍ଥ ଅଟନ୍ତି" କିମ୍ବା "ସବୁଠାରୁ ମହାନ ଈଶ୍ୱର" କିମ୍ବା "ସର୍ବୋଚ୍ଚ ଈଶ୍ୱର" କିମ୍ବା "ଈଶ୍ୱର ସର୍ବୋତ୍କୃଷ୍ଟ ଅଟନ୍ତି" ବୋଲି ଅନୁବାଦ କରାଯାଇପାରେ I
- ଯଦି "ଉଚ୍ଚ" ପରି ଶବ୍ଦ ବ୍ୟବହାର କରାଯାଏ, ନିଶ୍ଚିତ କରନ୍ତୁ ଯେ ଏହା ଶାରୀରିକ ଉଚ୍ଚ କିମ୍ବା ଲମ୍ବାକୁ ବୁଝାଏ ନାହିଁ I

(ଈଶ୍ୱର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7:47-50
- ପ୍ରେରିତ 16:16-18
- ଦାନିୟେଲ 4:17-18
- ଦ୍ୱିତୀୟ ବିବରଣ 32:7-8
- ଆଦିପୁସ୍ତକ 14:17-18
- ଏବ୍ରୀ 7:1-3
- ହୋଶେୟ7:16
- ବିଳାପ ଗୀତ 3:35
- ଲୂକ 1:32

ଶବ୍ଦବିନ୍ୟାସ :

- Strong's: H5945, G5310

ସହଭାଗିତା

ପରିଭାଷା:

ସାଧାରଣତଃ, "ସହଭାଗିତା" ଶବ୍ଦ ଏକ ଲୋକସମୂହର ବନ୍ଧୁତାପୂର୍ଣ୍ଣ ଆଦାନ ପ୍ରଦାନକୁ ପ୍ରକାଶ କରେ ଯେଉଁଠାରେ ଲୋକମାନେ ସମାନ ଆଗ୍ରହ ଏବଂ ଅଭିଜ୍ଞତାକୁ ଅଂଶଗ୍ରହଣ କରାନ୍ତି I

- ବାଇବେଲରେ "ସହଭାଗିତା" ଶବ୍ଦ ଖ୍ରୀଷ୍ଟରେ ବିଶ୍ୱାସୀମାନଙ୍କ ଏକତ୍ରିତ ହେବାକୁ ବୁଝାଏ I
- ଖ୍ରୀଷ୍ଟିୟ ସହଭାଗିତା ବିଶ୍ୱାସୀମାନଙ୍କ ପରସ୍ପର ସହିତ, ଖ୍ରୀଷ୍ଟ ଓ ପବିତ୍ର ଆତ୍ମାଙ୍କ ସହ ସମ୍ପର୍କକୁ ବୁଝାଏ I
- ଆଦ୍ୟ ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରିବା, ପ୍ରାର୍ଥନା କରିବା ଏବଂ ଆପଣା ଆପଣାର ସମ୍ପତ୍ତିକୁ ପରସ୍ପର ମଧ୍ୟରେ ଭାଗ କରି, ଓ ଏକତ୍ରିତ ହୋଇ ଭୋଜନ ଗ୍ରହଣ କରିବାରେ ସେମାନଙ୍କରସହଭାଗିତାକୁ ପ୍ରକାଶ କରୁଥିଲେ I
- ଖ୍ରୀଷ୍ଟିୟାନମାନେ ମଧ୍ୟ ଯୀଶୁଙ୍କ ଉପରେ ବିଶ୍ୱାସ ଏବଂ କ୍ରୁଶରେ ତାଙ୍କର ବଳିଦାନ ଦ୍ୱାରା ଈଶ୍ୱରଙ୍କ ସହ ସହଭାଗିତା କରନ୍ତି ଯାହା ଈଶ୍ୱର ଏବଂ ଲୋକମାନଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକକୁ ଦୂରକଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସହଭାଗିତା" ଶବ୍ଦକୁ "ମିଳିମିଶି ଭାଗ କରିବା" କିମ୍ବା "ସମ୍ପର୍କ" କିଅବା "ବନ୍ଧୁତା" କିମ୍ବା "ଖ୍ରୀଷ୍ଟିୟାନ ସମୂହ" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- 1 ଯୋହନ 1:3
- ପ୍ରେରିତ 2:40-42
- ଫିଲିପ୍ପୀୟ 1:3-6
- ଫିଲିପ୍ପୀୟ 2:1
- ଫିଲିପ୍ପୀୟ 3: 10
- ଗୀତସଂହିତା 55: 12-14

ଶବ୍ଦବିନ୍ୟାସ:

- Strong's: H2266, H8667, G2842, G2844, G3352, G4790

ସାକ୍ଷ୍ୟ ତମ୍ବୁ

ସଂଜ୍ଞା:

ଏହି ସାକ୍ଷ୍ୟ ତମ୍ବୁ ଏକ ବିଶେଷ ତମ୍ବୁ-ଭଳି ଆକୃତିଥିଲା, ଯେଉଁଠାରେ ଇସ୍ରାଏଲୀୟମାନେ 40 ବର୍ଷ ପ୍ରାନ୍ତରରେ ଭ୍ରମଣ କରୁଥିବା ସମୟରେ ଈଶ୍ୱରଙ୍କ ଉପାସନା କରୁଥିଲେ I

- ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଏହି ବଡ ତମ୍ବୁ ନିର୍ମାଣ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଆଦେଶ ଦେଇଥିଲେ, ଯାହା ଦୁଇଟି କୋଠରୀ ବିଶିଷ୍ଟଥିଲା ଏବଂ ତାହା ଆବଦ୍ଧ ପ୍ରାଙ୍ଗଣ ଦ୍ୱାରା ଚାରିଆଡେ ଘେରିରହିଥିଲା I
- ପ୍ରତ୍ୟେକ ସମୟରେ ଇସ୍ରାଏଲୀୟମାନେ ବାସ କରିବା ପାଇଁ ମରୁଭୂମୀର ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିଲେ, ସେତେବେଳେ ଯାଜକ ପୃଥକୀକୃତ ଭାବରେ ଏହି ସାକ୍ଷ୍ୟ ତମ୍ବୁକୁ ଅନ୍ୟ ଏକ ଶିବିର ଅଞ୍ଚଳକୁ ବୋହି ନେଇ ଯାଉଥିଲେ I

ତା'ପରେ ସେମାନେ ପୂନର୍ଷ୍ୱାର୍ ନୂତନ ଶିବିରର ମଧ ଭାଗରେ ତାହା ସ୍ଥାପନ କରୁଥିଲେ I

- ଏହି ସାକ୍ଷ୍ୟ ତମ୍ବୁରେ କାଠର ଚୌକାଠ ନିର୍ମାଣ କରାଯାଇଥିଲା, ପର୍ଦା ଟଙ୍ଗା ଯାଇଥିଲା ଯାହାକି ଲୁଗାରେ,ଛେଳିର ବାଳରେ,ପଶୁ ଚମଡାରେ ତିଆରି ହୋଇଥିଲା I

ପ୍ରାଙ୍ଗଣଟି ସମ୍ପୂର୍ଣ୍ଣରୂପେ ଅଧିକ ପରଦାରେ ବେଷ୍ଟିତ ହୋଇଥିଲା I

- ସାକ୍ଷ୍ୟ ତମ୍ବୁର ଦୁଇଟି ବିଭାଗ ମଧ୍ୟରୁ ଗୋଟିଏ ପବିତ୍ର ସ୍ଥାନଥିଲା (ଯେଉଁଠାରେ ଯଜ୍ଞବେଦୀର ସୁଗନ୍ଧିଧୂପ ଉତ୍ସର୍ଗ ସ୍ଥାନଥିଲା) ଏବଂ ଅନ୍ୟଟି ମହାପବିତ୍ର ସ୍ଥାନ (ଯେଉଁଠାରେ ନୀୟମ ସିନ୍ଦୁକ ରଖାଯାଇଥିଲା) I
- ସାକ୍ଷ୍ୟ ତମ୍ବୁର ପ୍ରାଙ୍ଗଣରେ ପଶୁବଳିଗୁଡିକ ଦଗଧ କରିବା ପାଇଁ ଏକ ଯଜ୍ଞବେଦିଥିଲା ଏବଂ ବିଧି ଅନୁସାରେ ପରିଷ୍କାର କରିବା ନିମନ୍ତେ ଏକ ବିଶେଷ ଧୌତ କରିବା ପାତ୍ରଥିଲା I
- ଯେତେବେଳେ ଶଲୋମନଙ୍କ ଦ୍ୱାରା ଯିରୁଶାଲମ ମନ୍ଦିର ନିର୍ମାଣ ହେଲା, ସେତେବେଳେ ଇସ୍ରାଏଲୀୟମାନେ ଏହି ସାକ୍ଷ୍ୟ ତମ୍ବୁକୁ ବ୍ୟବହାର କରିବା ବନ୍ଦ କରିଦେଇଥିଲେ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ

- "ସାକ୍ଷ୍ୟ ତମ୍ବୁ" କହିଲେ "ଆବାସ ସ୍ଥଳ" ଅଟେ I

"ପବିତ୍ର ତମ୍ବୁ" କିମ୍ବା "ଯେଉଁ ତମ୍ବୁରେ ଈଶ୍ୱରଥିଲେ" କିମ୍ବା "ଈଶ୍ୱରଙ୍କ" ତମ୍ବୁ ପଦଗୁଡିକ ସାମିଲ କରି ଅନ୍ୟ ପ୍ରକାରେ ଏହାକୁ ଅନୁବାଦ କରାଯାଇପାରେ I"

- ନିଶ୍ଚିତ ହେବ ଯେ, ଏହି ଅନୁବାଦର ପ୍ରତିଶବ୍ଦଟି "ମନ୍ଦିରର" ଅନୁବାଦଠାରୁ ଭିନ୍ନ ଅଟେ I

(ଆହୁରି ମଧ ଦେଖ:ଯଜ୍ଞବେଦୀ, ସୁଗନ୍ଧିତ ଯଜ୍ଞବେଦୀ, ନୀୟମ ସିନ୍ଦୁକ, ମନ୍ଦିର, ସମାଗମ ତମ୍ବୁ)

ବାଇବଲ ପଦଗୁଡିକ:

- 1 ବଂଶାବଳି 21: 28-30
- 2 ବଂଶାବଳି 01: 2-5
- ପ୍ରେରିତ 07:43
- ପ୍ରେରିତ 07:44-46
- ଯାତ୍ରା 38:21-23
- ଯିହୋଶୁୟ 22:19-20
- ଲେବୀୟ 10:16-18

ବୋର୍ଡ ଡାଟା :

- Strong's: H168, H4908, H5520, H5521, H5522, H7900, G4633, G4634, G4636, G4638

ସାକ୍ଷ୍ୟ, ସାକ୍ଷୀ ଦେବା, ପ୍ରତ୍ୟକ୍ଷଦର୍ଶୀ, ଚାକ୍ଷୁଷ ସାକ୍ଷୀ, ପ୍ରମାଣ

ପରିଭାଷା:

ଯେତେବେଳେ ଜଣେ ବ୍ୟକ୍ତି "ସାକ୍ଷ୍ୟ" ଦିଏ ସେ ଜାଣି ଥିବା କିଛି ବିଷୟ ଉପରେ ଏକ ଉକ୍ତି ପ୍ରଦାନ କରିଥାଏ, ଦାବୀ କରେ ଯେ ତାହାର ସେହି ଉକ୍ତି ସତ୍ୟ ଅଟେ। "ସାକ୍ଷୀ ହେବା" ଅର୍ଥ "ସାକ୍ଷ୍ୟ" ଦେବା ଅଟେ।

- ଅନେକ ସମୟରେ ଜଣେ ବ୍ୟକ୍ତି କିଛି ବିଷୟ ପ୍ରତ୍ୟକ୍ଷ ଭାବରେ ଅନୁଭୂତି ପାଇଥିବା ସମ୍ପର୍କରେ "ସାକ୍ଷ୍ୟ ଦିଏ।"
- ଜଣେ ପ୍ରତ୍ୟକ୍ଷଦର୍ଶୀ ଯିଏ "ମିଥ୍ୟା ସାକ୍ଷ୍ୟ" ଦିଏ ଘଟିଥିବା ଘଟଣା ସମ୍ପର୍କରେ ସତ୍ୟ କଥା କହି ନ ଥାଏ।
- ବେଳେବେଳେ "ସାକ୍ଷ୍ୟ" ଶବ୍ଦ ଜଣେ ଭବିଷ୍ୟଦ୍‌ବକ୍ତା କହିଥିବା ଭବିଷ୍ୟବାଣୀକୁ ଉଲ୍ଲେଖ କରିଥାଏ।
- ନୂତନ ନିୟମରେ, ଏହି ଶବ୍ଦ ଅନେକ ସମୟରେ ଯୀଶୁଙ୍କ ଜୀବନ, ମୃତ୍ୟୁ ଏବଂ ପୁନରୁତ୍ଥାନର ଘଟଣାବଳି ସମ୍ପର୍କରେ କିପରି ଭାବରେ ଯୀଶୁଙ୍କର ଶିଷ୍ୟମାନେ ସାକ୍ଷ୍ୟ ଦେଇଥିଲେ, ତାହାକୁ ବୁଝାଇଥାଏ।

"ପ୍ରତ୍ୟକ୍ଷଦର୍ଶୀ" ଶବ୍ଦ ଜଣେ ବ୍ୟକ୍ତିଙ୍କୁ ବୁଝାଏ ଯିଏ ବ୍ୟକ୍ତିଗତ ଭାବରେ ଅନୁଭୂତି ହେଇଛନ୍ତି ଯାହା ଘଟିଅଛି। ସାଧାରଣତଃ ଜଣେ ପ୍ରତ୍ୟକ୍ଷଦର୍ଶୀ ମଧ୍ୟ କେହି ଯାହା ସେମାନେ ସତ୍ୟ ବୋଲି ଜାଣନ୍ତି ତାହା ସାକ୍ଷୀ ଦିଅନ୍ତି। "ଚାକ୍ଷୁଷ ସାକ୍ଷୀ" ଶବ୍ଦ ସେ ବ୍ୟକ୍ତି ବିଷୟରେ ଗୁରୁତ୍ୱ ଦିଏ ଯେ ପ୍ରକୃତରେ ସ୍ଥାନରେ ଉପସ୍ଥିତ ଥିଲା ଏବଂ ଘଟିଥିବା ବିଷୟ ଦେଖିଛନ୍ତି।

- "ପ୍ରତ୍ୟକ୍ଷଦର୍ଶୀ" ଅର୍ଥ ଏହା ଘଟିଥିବାର ଦେଖିଥିବା କିଛି ବିଷୟକୁ ବୁଝାଏ।
- ମହାସଭାରେ, ଜଣେ ପ୍ରତ୍ୟକ୍ଷଦର୍ଶୀ "ସାକ୍ଷ୍ୟ ଦେବା" କିମ୍ବା "ସାକ୍ଷ୍ୟ କହିବା।" ଏହା ସହିତ "ସାକ୍ଷୀ ଦେବା" ସମାନ ଅର୍ଥ ରହିଛି।
- ପ୍ରତ୍ୟକ୍ଷଦର୍ଶୀମାନେ ଯାହା ଦେଖିଥିବା କିମ୍ବା ଶୁଣିଥିବା ବିଷୟରେ ସତ କଥା କହନ୍ତୁ ବୋଲି ତାଙ୍କଠାରୁ ଅପେକ୍ଷା କରାଯାଇଥାଏ।
- ଘଟିଥିବା ଘଟଣା ସମ୍ପର୍କରେ ସତ କଥା କହୁ ନ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀକୁ "ମିଥ୍ୟା ସାକ୍ଷୀ" ବୋଲି କୁହାଯାଇଥାଏ। ସେ "ମିଥ୍ୟା ସାକ୍ଷ୍ୟ ଦିଏ" କିମ୍ବା "ମିଥ୍ୟା ସାକ୍ଷ୍ୟ ପ୍ରଦାନ କରେ" ବୋଲି କୁହାଯାଇଥାଏ।
- "ମଧ୍ୟସ୍ଥି ଭାବରେ ଏକ ସାକ୍ଷୀ ହେବା" ବାକ୍ୟାଂଶକୁ କିଛି ବିଷୟ କିମ୍ବା କେହି ଜଣେ କରାଯାଇଥିବା ଏକ ଚୁକ୍ତିର ପ୍ରମାଣସ୍ୱରୂପ ହେବ। ପ୍ରତ୍ୟକ୍ଷଦର୍ଶୀ ନିଶ୍ଚିତ କରେ ଯେ ପ୍ରତ୍ୟେକ ବ୍ୟକ୍ତି ପ୍ରତିଜ୍ଞା କରିଥିବା ବିଷୟକୁ କରନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସାକ୍ଷୀ ଦେବା" କିମ୍ବା ସାକ୍ଷ୍ୟ ଦେବା" ଶବ୍ଦକୁ "ସତ କଥା କହିବା" କିମ୍ବା "ଯାହା ଶୁଣିଛ ବା ଦେଖିଛ ତାହା କହିବା" କିମ୍ବା "ବ୍ୟକ୍ତିଗତ ଅନୁଭୂତିରୁ କହିବା" କିମ୍ବା "ପ୍ରମାଣ ଦେବା" କିମ୍ବା "ଯାହା ଘଟିଛି ତାହା ଜଣାଇବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ସାକ୍ଷ୍ୟ" ଶବ୍ଦକୁ "ଘଟିଥିବା ବିଷୟର ବିବରଣ ଦେବା" କିମ୍ବା "ସତ୍ୟର ଉକ୍ତି" କିମ୍ବା "ପ୍ରମାଣ" କିମ୍ବା "ଯାହା କୁହାଯାଇଅଛି" କିମ୍ବା "ଭବିଷ୍ୟବାଣୀ" ବୋଲି ଅନୁବାଦ କରାଯାଇପାରେ।
- "ସେମାନଙ୍କ ନିମନ୍ତେ ଏକ ସାକ୍ଷ୍ୟ ସ୍ୱରୂପ" ଶବ୍ଦକୁ "ଯାହା ସତ୍ୟ ତାହା ସେମାନଙ୍କୁ ଦେଖାଅ" କିମ୍ବା "ଯାହା ସତ୍ୟ ତାହା ସେମାନଙ୍କ ନିକଟରେ ପ୍ରମାଣିତ କର" ବୋଲି ଅନୁବାଦ କରାଯାଇପାରିବ I
- "ସେମାନଙ୍କ ବିପକ୍ଷରେ ଏକ ସାକ୍ଷ୍ୟ ସ୍ୱରୂପ" ବାକ୍ୟାଂଶକୁ "ଯାହା ସେମାନଙ୍କୁ ସେମାନଙ୍କ ପାପଗୁଡ଼ିକୁ ଦେଖାଇ ଦେବ" କିମ୍ବା "ସେମାନଙ୍କର ପ୍ରତାରଣା ବା ଛଳନାକୁ ପ୍ରକାଶ କରିବ" କିମ୍ବା "ସେମାନେ ଭୁଲ ବୋଲି ତାହା ପ୍ରମାଣିତ କରିବ" ବୋଲି ଅନୁବାଦ କରାଯାଇପାରିବ।
- "ମିଥ୍ୟା ସାକ୍ଷ୍ୟ ଦେବା" ବାକ୍ୟାଂଶକୁ "ମିଥ୍ୟା କଥାଗୁଡ଼ିକ କହିବା" କିମ୍ବା "ମିଥ୍ୟା ଘଟଣାବଳୀ ବିଷୟଗୁଡ଼ିକ କହନ୍ତି" ବୋଲି ଅନୁବାଦ କରାଯାଇପାରିବ।
- "ପ୍ରତ୍ୟକ୍ଷଦର୍ଶୀ" କିମ୍ବା "ଚାକ୍ଷୁଷ ସାକ୍ଷୀ" ଶବ୍ଦକୁ ଗୋଟିଏ ଶବ୍ଦ କିମ୍ବା ବାକ୍ୟାଂଶ ଦ୍ୱାରା ଅନୁବାଦ କରାଯାଇପାରିବ ଯାହାର ଅର୍ଥ "ଏହା ଦେଖିଥିବା ବ୍ୟକ୍ତି" କିମ୍ବା "ଏହା ଘଟିବା ବିଷୟ ଯେଉଁ ବ୍ୟକ୍ତି ଦେଖିଛି" କିମ୍ବା "ଯେଉଁମାନେ ଦେଖିଲେ ଓ ଶୁଣିଲେ (ସେହି ବିଷୟସବୁ) ବୋଲି ଅନୁବାଦ କରାଯାଇପାରିବ।"
- "ଏକ ସାକ୍ଷୀ" ଶବ୍ଦକୁ "ଆମର ପ୍ରତିଜ୍ଞାର ଚିହ୍ନ" କିମ୍ବା "ଏହି ବିଷୟ ସତ୍ୟ ବୋଲି ସାକ୍ଷ୍ୟ ଦେଉଥିବା କିଛି ବିଷୟ" ବୋଲି ଅନୁବାଦ କରାଯାଇପାରିବ।
- "ତୁମ୍ଭେମାନେ ମୋହର ସାକ୍ଷୀ ହେବ" ବାକ୍ୟାଂଶକୁ "ତୁମ୍ଭେମାନେ ମୋ ବିଷୟରେ ଅନ୍ୟ ଲୋକମାନଙ୍କୁ କହିବ" କିମ୍ବା "ମୁଁ ଦେଇଥିବା ଶିକ୍ଷାକୁ ତୁମ୍ଭେମାନେ ଲୋକମାନଙ୍କୁ ଶିକ୍ଷା ଦେବ" କିମ୍ବା "ମୁଁ କରିବା ଏବଂ ତୁମ୍ଭେମାନେ ଯାହା ଯାହା ଦେଖିଅଛ ଏବଂ ମୋହର ଶିକ୍ଷା ଶୁଣିଅଛ, ତୁମ୍ଭେମାନେ ତାହା ଲୋକମାନଙ୍କୁ କହିବ" ବୋଲି ମଧ୍ୟ ଅନୁବାଦ କରାଯାଇପାରିବ।
- "ପ୍ରତ୍ୟକ୍ଷଦର୍ଶୀ ହେବା" ପଦକୁ "କୁହ ଯାହା ଦେଖିଛ" କିମ୍ବା "ସାକ୍ଷ୍ୟ ଦିଅ" କିମ୍ବା "ଯାହା ଘଟିଛି ତାହା ବ୍ୟକ୍ତ କର" ବୋଲି ଅନୁବାଦ କରାଯାଇପାରିବ।
- "ପ୍ରତ୍ୟକ୍ଷଦର୍ଶୀ" ଶବ୍ଦକୁ "କିଛି ବିଷୟ ଦେଖିବା" କିମ୍ବା "କିଛି ଘଟିଥିବା ବିଷୟରେ ଅନୁଭୂତି ହେବା" ବୋଲି ଅନୁବାଦ କରାଯାଇପାରିବ।

(ନିୟମର ସିନ୍ଦୁକ, ଦୋଷୀ.,ବିଚାର, ଭବିଷ୍ୟଦ୍‌ବକ୍ତା, ସାକ୍ଷ୍ୟ, ସତ୍ୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ 31:28
- ମୀଖା 6:3

- ମାଥିଉ 26:60
- ମାର୍କ 1:44
- ଯୋହନ 1:7
- ଯୋହନ 3:33
- ପ୍ରେରିତ 4:32-33
- ପ୍ରେରିତ 7:44
- ପ୍ରେରିତ 13:31
- ରୋମୀୟ 1:9
- ପ୍ରଥମ ଥେସଲନୀକୀୟ 2:10-12
- ପ୍ରଥମ ତୀମଥି 5:19-20
- ଦ୍ୱିତୀୟ ତୀମଥି 1:8
- ଦ୍ୱିତୀୟ ପିତର 1:16-18
- ପ୍ରଥମ ଯୋହନ 5:6-8
- ତୃତୀୟ ଯୋହନ 1:12
- ପ୍ରକାଶିତବାକ୍ୟ 12:11

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **39:2** ଗୃହ ମଧ୍ୟରେ, ଯିହୁଦୀୟ ନେତାମାନେ ଯୀଶୁଙ୍କୁ ବିଚାର କରିବା ପାଇଁ ରଖିଲେ। ସେମାନେ ଅନେକ **ମିଥ୍ୟା ସାକ୍ଷୀ** ଆଣିଲେ ସେମାନେ ତାହାଙ୍କ ବିଷୟରେ ମିଛ କହିଲେ।
- **39:4** ମହାଯାଜକ କ୍ରୋଧରେ ଆପଣାର ବସ୍ତ୍ର ଚିରିଲେ ଓ ଉଚ୍ଚ ସ୍ୱରରେ କହିଲେ," ଆମ୍ଭମାନଙ୍କର ଆଉ ଅଧିକ **ପ୍ରତ୍ୟକ୍ଷଦର୍ଶୀର** ଆବଶ୍ୟକ ନାହିଁ। ସେ ଆପଣାକୁ ଈଶ୍ୱରଙ୍କ ପୁତ୍ର ବୋଲି କହିବା କଥା ଆପଣମାନେ ଶୁଣିଅଛନ୍ତି। ଆପଣମାନଙ୍କର ବିଚାର କ'ଣ?
- **42:8** "ଶାସ୍ତ୍ରରେ ଏହା ମଧ୍ୟ ଲିଖିତ ହୋଇଅଛି ଯେ ମୋହର ଶିଷ୍ୟମାନେ ଘୋଷଣା କରିବେ ଯେ ପ୍ରତ୍ୟେକ ବ୍ୟକ୍ତି ଅନୁତାପ କରି ମନପରିବର୍ତ୍ତନ କର ଯେପରି ସେମାନେ ନିଜ ନିଜ ପାପରୁ କ୍ଷମା ପ୍ରାପ୍ତ ହୋଇପାରିବେ। ସେମାନେ ଏହା ଯିରୂଶାଲମରୁ ଆରମ୍ଭ କରିବେ, ଏବଂ ତାପରେ ପ୍ରତ୍ୟେକ ସ୍ଥାନରେ ସମସ୍ତ ଗୋଷ୍ଠୀ ନିକଟକୁ ଯିବେ। ତୁମ୍ଭେମାନେ ଏହି ସମସ୍ତ ବିଷୟର **ସାକ୍ଷୀ** ହେବ।"
- **43:7** "ଈଶ୍ୱର ଯୀଶୁଙ୍କୁ ପୁନର୍ବାର ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ଆମ୍ଭେମାନେ ଏହି ସତ୍ୟର **ସାକ୍ଷୀ**।

ଶବ୍ଦବିନ୍ୟାସ:

- Strong's: H5707, H5713, H5715, H5749, H6030, H8584, G02670, G12630, G19570, G26490, G31400, G31410, G31420, G31430, G31440, G43030, G48280, G49010, G55750, G55760, G55770, G60200

ସାଦ୍ଦୂକୀ

ପରିଭାଷା:

ସାଦ୍ଦୂକୀମାନେ ଯୀଶୁଖ୍ରୀଷ୍ଟଙ୍କ ସମୟରେ ଯିହୁଦୀ ରାଜନୈତିକ ଯାଜକଦଳ ଥିଲେ I ସେମାନେ ରୋମୀୟ ଶାସନକୁ ସ୍ୱୀକାର କରୁଥିଲେ ଏବଂ ପୁନରୁତ୍ଥାନରେ ବିଶ୍ୱାସ କରୁନଥିଲେ I

- ଅଧିକାଂଶ ସାଦ୍ଦୂକୀମାନେ ଧନୀ (ସମ୍ପତିବାନ)ଥିଲେ, ଉଚ୍ଚ ଯିହୁଦୀ ଜାତି ଯେଉଁମାନଙ୍କ ନେତୃତ୍ୱ ସ୍ଥିତିରେ ରହିଥିଲେ ଯଥା ପ୍ରଧାନ ଯାଜକ ଏବଂ ମହାନ ଯାଜକ I
- ସାଦ୍ଦୂକୀମାନଣେ ମନ୍ଦିରର ପ୍ରାଂଗଣକୁ ଯହ୍ନ ନେଉଥିଲେ ଏବଂ ଯାଜକମାନେ ବଳିଦାନ ଉତ୍ସର୍ଗ ଦଦାୟିତ୍ୱ ତୁଲାଉ ଥିଲେ I
- ସାଦ୍ଦୂକୀ ଏବଂ ଫାରୂଶୀମାନେ ଯୀଶୁଙ୍କୁ କ୍ରୁଶରେ ହତ କରିବା ନିମନ୍ତେ ରୋମୀୟ ନେତାମାନଙ୍କୁ ଦୃଢ ଭାବେ ପ୍ରଭାବିତ କରିପାରିଥିଲେ I
- ଯୀଶୁ ଏହି ଦୁଇ ଧାର୍ମିକ ଗୋଷ୍ଠୀର ସ୍ୱାର୍ଥପର ସ୍ୱଭାବ ଓ କପଟତା ବିରୁଦ୍ଧରେ କହିଥିଲେ I

(ପ୍ରଧାନ ଯାଜକ, ପରିଷଦ, ମହାନ ଯାଜକ, କପଟତା, ଯିହୁଦୀ ନେତୃତ୍ୱ , ଫାରୂଶୀ, ଯାଜକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 4:3
- ପ୍ରେରିତ 5:17-18
- ଲୂକ 20:27
- ମାଥିଉ 3:7
- ମାଥିଉ 16:1

ଶବ୍ଦବିନ୍ୟାସ:

- Strong's: G4523

ସାବ୍ଥ

ପରିଭାଷା:

"ସାବ୍ଥ" ଶବ୍ଦ ସପ୍ତାହର ସପ୍ତମ ଦିନକୁ ବୁଝାଏ, ଯେଉଁ ଦିନକୁ ଈଶ୍ୱର ଇସ୍ରାଏଲ ଦେଶକୁ ଆଜ୍ଞା ଦେଇଥିଲେ ଯେ ଏହି ଦିନକୁ ସେମାନେ ଅଲଗା କରିବେ ଏବଂ ସେହିଦିନ ସେମାନେ କୌଣସି କାର୍ଯ୍ୟ ନକରି ବିଶ୍ରାମ କରିବେ I

- ଈଶ୍ୱର ଷଷ୍ଠ ଦିନରେ ପୃଥିବିସ୍ତ ସମସ୍ତ ବିଷୟ ସୃଷ୍ଟି କଲେ, ଏବଂ ସପ୍ତମ ଦିନରେ ସେ ବିଶ୍ରାମ କଲେ I ଠିକ ସେହିପରି, ଈଶ୍ୱର ଇସ୍ରାଏଲ ଜାତିକୁ ସପ୍ତମ ଦିନକୁ ପୃଥକ୍ ରଖିବା ନିମନ୍ତେ ଆଦେଶ ଦେଇଥିଲେ, ସେହିଦିନରେ ସେମାନେ ବିଶ୍ରାମ କରିବେ ଓ ତାହାଙ୍କୁ ଉପାସନା କରିବେ I
- "ସାବ୍ଥକୁ ପବିତ୍ର ଦିନ ଭାବେ ପାଳନ କର" ଆଦେଶ ଈଶ୍ୱର ଇସ୍ରାଏଲ ସନ୍ତାନଗଣଙ୍କ ନିମନ୍ତେ ମୋଶାଙ୍କ ଦ୍ୱାରା ଲିଖିତ ଦଶ ଆଜ୍ଞା ଫଳକରେ ଲିଖିତ ଥିବା ଆଜ୍ଞା ମଧ୍ୟରୁ ଗୋଟିଏ ଥିଲା I
- ଯିହୁଦୀମାନଙ୍କ ଦିନଗଣନା ପ୍ରଣାଳୀରେ, ସାବ୍ଥ ଶୁକ୍ରବାର ସନ୍ଧ୍ୟାଠାରୁ ଆରମ୍ଭ ହୋଇ ଶନିବାର ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ଜାରିରହେ I
- ସମୟ ସମୟରେ ସାବ୍ଥ ବାଇବେଲରେ ସାବ୍ଥ ପରିବର୍ତେ "ସାବ୍ଥ ଦିନ" କୁହାଯାଇଛି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ବିଶ୍ରାମ ଦିନ" କିମ୍ବା "ବିଶ୍ରାମ ପାଇଁ ଦିନ" କିମ୍ବା "କାର୍ଯ୍ୟ ନ କରିବା ଦିନ" କିମ୍ବା "ଈଶ୍ୱରଙ୍କ ବିଶ୍ରାମ ଦିବସ" ବୋଲି ଅନୁବାଦ କରାଯାଇପାରେ I
- କେତେକ ଅନୁବାଦ ଏହି ଦିନଟିକୁ ଏକ ବିଶେଷ ଦିନ, ଯେପରି "ବିଶ୍ରାମ ବାର "କିମ୍ବା "ସମସ୍ତ କାର୍ଯ୍ୟରୁ ବିରତି ଦିନ" ବୋଲି ଅନୁବାଦ କରେ I
- ସ୍ଥାନୀୟ ଭାଷା କିମ୍ବା ଜାତୀୟ ଭାଷାରେ ଏହି ଶବ୍ଦକୁ କିପରି ଅନୁବାଦ କରାଯାଇଛି ଦେଖନ୍ତୁ I

(ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ: ଦେଖନ୍ତୁ:)

(ବିଶ୍ରାମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ବଂଶାବଳୀ 31:2-3
- ପ୍ରେରିତ 13:26-27
- ଯାତ୍ରାପୁସ୍ତକ 31:14
- ଯିଶାଇୟ 56:6-7
- ବିଳାପ 2:6
- ଲେବୀୟପୁସ୍ତକ 19:3
- ଲୂକ 13:14
- ମାର୍କ 2:27
- ମାଥିଉ 12:2
- ନିହିମୀୟା 10:32-33

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **13:5** "ସଦା ସର୍ବଦା ବିଶ୍ରାମ ଦିନ ପବିତ୍ର ରୂପରେ ପାଳିବାକୁ ସ୍ମରଣ କର ତାହା, ଛଅଦିନ ପରିଶ୍ରମ ଓ ଆପଣା ସବୁ କର୍ମ କରିବ, ମାତ୍ର ସପ୍ତମ ଦିନ ତୁମ୍ଭ ଯିହୋବା ଈଶ୍ୱରଙ୍କର ବିଶ୍ରାମ ଦିନ ଅଟେ ତେଣୁ କେହି କୌଣସି କାର୍ଯ୍ୟ କରିବ ନାହିଁ I
- **26:2** ଯୀଶୁ ନାଜରିତ ନଗରକୁ ଗଲେ ଯେଉଁଠି ସେ ତାଙ୍କର ପିଲାଦିନରୁ ବସବାସ କରୁଥିଲେ ବିଶ୍ରାମ ଦିନ, ସେ ଉପାସନା ସ୍ଥଳୀକୁ ଯାଉଥିଲେ I
- **41:3** ଯୀଶୁଙ୍କୁ ସମାଧି ଦେବାର ପରଦିନ ବିଶ୍ରାମ ଦିନ ଥିଲା, ଏବଂ ଯିହୁଦୀମାନେ ସେହିଦିନ ସମାଧି ସ୍ଥଳକୁ ଯିବା ବିଧେୟ ନଥିଲା I

ଶବ୍ଦବିନ୍ୟାସ :

- Strong's: H4868, H7676, H7677, G4315, G4521

ସାମନ୍ତ ରାଜା

ପରିଭାଷା:

"ସାମନ୍ତ ରାଜା" ଶବ୍ଦ ଏକ ଅଧିକାରୀ ପଦସ୍ଥ ବ୍ୟକ୍ତିଙ୍କୁ ବୁଝାଏ ଯିଏ ରୋମୀୟ ସାମ୍ରାଜ୍ୟର ଏକ ଅଞ୍ଚଳରେ ଶାସନ କରୁଥିଲେ I ପ୍ରତ୍ୟେକ ସାମନ୍ତ ରାଜା ରୋମୀୟ ସମ୍ରାଟଙ୍କର କ୍ଷମତା ଅଧିନରେ ରହିଥିଲେ I

- "ସାମନ୍ତ ରାଜା" ପଦବୀର ଅର୍ଥ "ଚାରି ମିଳିତ ଶାସକମାନଙ୍କ ମଧ୍ୟରେ ଜଣେ" ଶାସକକୁ ବୁଝାଏ I
- ସମ୍ରାଟ ଡାଇଓକ୍ଲିଟନଙ୍କ ଅଧିନରୁ ଆରମ୍ଭ କରି, ରୋମୀୟ ସାମ୍ରାଜ୍ୟକୁ ମୁଖ୍ୟ ଚାରୋଟି ଅଞ୍ଚଳରେ ବିଭକ୍ତ କରାଯାଇଥିଲା ଏବଂ ପ୍ରତ୍ୟେକ ସାମନ୍ତ ରାଜା ଗୋଟିଏ ଅଞ୍ଚଳରେ ଶାସନ କରୁଥିଲେ I
- ଯୀଶୁଙ୍କ ଜନ୍ମ ସମୟରେ "ମହାନ" ରାଜା ହେରୋଦଙ୍କ ରାଜ୍ୟ, ତାହାଙ୍କ ମୃତ୍ୟୁ ପରେ ଚାରୋଟି ଖଣ୍ଡରେ ବିଭକ୍ତ ହେଲା, ଏବଂ ତାହାଙ୍କର ପୁତ୍ରମାନେ "ସାମନ୍ତ ରାଜାଗଣ" ଭାବରେ ବା "ଏକ ଚତୁର୍ଥାଂଶର ଶାସକ" ଭାବରେ ଶାସନ କଲେ I
- ପ୍ରତ୍ୟେକ ରାଜ୍ୟ ଖଣ୍ଡ ବା ଅଞ୍ଚଳର ଗୋଟିଏ କିମ୍ବା କ୍ଷୁଦ୍ର ଅଂଶବିଶେଷ ଥିଲା ଯାହାକୁ "ପ୍ରଦେଶ" ବୋଲି କୁହାଯାଉଥିଲା, ଯଥା ଗାଲିଲୀ ବା ଶମିରୋଣ ପ୍ରଦେଶ I
- ନୂତନ ନିୟମରେ ଅନେକ ଥର "ସାମନ୍ତ ରାଜା ହେରୋଦ"ଙ୍କ ବିଷୟରେ ଉଲ୍ଲେଖ କରାଯାଇଛି I ସେ "ଆନ୍ତିପା ହେରୋଦ" ନାମରେ ମଧ୍ୟ ପରିଚିତ ଥିଲେ I
- "ସାମନ୍ତ ରାଜା" ଶବ୍ଦକୁ "ଆଞ୍ଚଳିକ ଶାସକ" କିମ୍ବା "ପ୍ରାଦେଶିକ ଶାସକ" ବା "ଶାସନକର୍ତ୍ତା" ବା "ରାଜ୍ୟପାଳ" ବୋଲି ଅନୁବାଦ କରାଯାଇପାରେ I

(ଶାସକ, ଆନ୍ତିପା ହେରୋଦ, ପ୍ରଦେଶ, ରୋମୀୟ, ଶାସକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ 3:1-2
- ଲୂକ 9:7-9
- ମାଥିଉ 14:1-2

ଶବ୍ଦବିନ୍ୟାସ :

- Strong's: G575, G576

ସାଷ୍ଟାଙ୍ଗ ପଡ଼ିଯିବା, ନତମସ୍ତକ ହେବା, ଉପାସନା

ପରିଭାଷା:

"ସାଷ୍ଟାଙ୍ଗ ପଡ଼ିଯିବା" ବାକ୍ୟାଂଶର ଅର୍ଥ ଭୂମିରେ ଅଧୋମୁଖ ହୋଇ ଶୋଇବା ଅଟେ, ସାଧାରଣତଃ ଏହା ଜଣେ ରାଜା କିମ୍ବା ଅନ୍ୟ କେତେକ ଶକ୍ତିଶାଳୀ ବ୍ୟକ୍ତିଙ୍କ ନିକଟରେ ବଶୀଭୂତ ହେବାକୁ କରାଯାଏ I ଏହି ବାକ୍ୟାଂଶର ଅର୍ଥ "ଉପାସନା" ମଧ୍ୟ ହୋଇପାରେ, ବିଶେଷ କରି ଈଶ୍ୱରଙ୍କୁ ସମ୍ମାନ ଦେବା, ମହିମା କରିବା ଓ ତାହାଙ୍କର ଆଜ୍ଞାକାରୀ ହେବା ଦୃଷ୍ଟିରେ I

- ଅଧିକାଂଶ ସମୟରେ ଏହି ଶବ୍ଦର ଅର୍ଥ କାହାକୁ ସମ୍ମାନ ଦେବା ନିମନ୍ତେ "ନତ ମସ୍ତକ ହେବା" କିମ୍ବା "ସାଷ୍ଟାଙ୍ଗ ପ୍ରଣାମ କରିବା" ଅଟେ I
- ଈଶ୍ୱରଙ୍କର ସେବା ଓ ସମ୍ମାନ କରି, ପ୍ରଶଂସା କରି ଓ ଆଜ୍ଞାକାରୀ ହୋଇ ଆମ୍ଭେମାନେ ତାହାଙ୍କର ଉପାସନା କରୁ I
- ଯେତେବେଳେ ଇସ୍ରାଏଲ ଲୋକମାନେ ଈଶ୍ୱରଙ୍କର ଉପାସନା କରନ୍ତି ସେତେବଲେ ସେମାନେ ବେଦୀରେ ବଳି ଉତ୍ସର୍ଗ କରି କରିଥାନ୍ତି I
- ଏହି ଶବ୍ଦକୁ ଉଭୟ ଲୋକମାନଙ୍କ ପାଇଁ ବ୍ୟବହାର କରାଯାଇପାରେ ଯେଉଁମାନେ ଯିହୋବାଙ୍କୁ ଏକ ସତ୍ୟ ଈଶ୍ୱର ଭାବରେ ଉପାସନା କରନ୍ତି ଏବଂ ଯୁଏନ୍ମାନେ ମିଥ୍ୟା ଦେବତାଗାନକୁ ପୂଜା କରନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଉପାସନା" ଶବ୍ଦକୁ "ନତ ମସ୍ତକ ହେବା "କିମ୍ବା "ସମ୍ମାନ ଓ ସେବା କରିବା"କିମ୍ବା "ସମ୍ମାନ ଓ ଆଜ୍ଞାକାରୀ ହେବା" ବୋଲି ଅନୁବାଦ କରାଯାଇପାରେ I
- କେତେକ ପ୍ରସଙ୍ଗରେ, ଏହାକୁ "ନମ୍ର ହୋଇ ପ୍ରଶଂସା କରିବା" କିମ୍ବା "ସମ୍ମାନ କର ଓ ପ୍ରଶଂସା କର" ବୋଲି ଅନୁବାଦ କରାଯାଇପାରେ I

(ପ୍ରେଣାମ, ଭୟ, ବଳିଦାନ, ପ୍ରଶଂସା, ସମ୍ମାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- କଲସୀୟ 2:18-19
- ଦ୍ୱିତୀୟ ବିବରଣ 29:18
- ଯାତ୍ରାପୁସ୍ତକ 3:11-12
- ଲୂକ 4:7
- ମାଥିଉ 2:2
- ମାଥିଉ 2: 8

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

· 13:4 ତେବେ ଈଶ୍ୱର ତାହାଙ୍କୁ ନିୟମ ଦେଇ କହିଲେ, "ମୁଁ ଯିହୋବା ଅଟେ, ତୁମ୍ଭର ଈଶ୍ୱର ଯିଏ ତୁମ୍ଭକୁ ମିସରର ଦାସତ୍ୱ ବନ୍ଧନରୁ ଉଦ୍ଧାର କରି ଅଛନ୍ତି I ଅନ୍ୟ ଈଶ୍ୱରଙ୍କ ଉପାସନା କର ନାହିଁ I

· 14:2 କିଣାନୀୟ ଲୋକମାନେ ଈଶ୍ୱରଙ୍କର ଉପାସନା କଲେ ନାହିଁ କି ଆଜ୍ଞାକାରୀ ହେଲେ ନାହିଁ I ସେମାନେ ମିଥ୍ୟା ଦେବତାର **ଉପାସନା** କଲେ ଓ ଅନେକ ମନ୍ଦ କାମ କଲେ I

· 17:6 ଦାଉଦ ଏକ ମନ୍ଦିର ନିର୍ମାଣ କଲେ ଯେଉଁଠାରେ ସମସ୍ତ ଇସ୍ରାଏଲୀୟ ଲୋକମାନେ **ଉପାସନା** କଲେ ଓ ତାହାଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କଲେ I

· 18:12 ଇସ୍ରାଏଲର ସମସ୍ତ ରାଜ୍ୟର ରାଜା ଓ ଅଧିକାଂଶ ଲୋକ ମୂର୍ତ୍ତି **ଉପାସନା** କଲେ I

· 25:7 ଯୀଶୁ ଉତ୍ତର ଦେଲେ, "ମୋଠାରୁ ଦୂର ହୁଅ, ଶୟତାନ! ଈଶ୍ୱର ତାହାଙ୍କ ବାକ୍ୟରେ ତାହାଙ୍କ ଲୋକମାନଙ୍କୁ ଆଜ୍ଞା ଦିଅନ୍ତି , "କେବଳ ତୁମ୍ଭର ପ୍ରଭୁ ଈଶ୍ୱରଙ୍କର ଉପାସନା କର ଓ ତାହାଙ୍କର ସେବା କର I"

· 26:2 ବିଶ୍ରାମ ଦିନରେ, ସେ (ଯୀଶୁ)**ଉପାସନା** ସ୍ଥଳକୁ ଗଲେ I

· 47:1 ସେମାନେ ସେହିଠାରେ ଜଣେ ସ୍ତ୍ରୀ ସହ ସାକ୍ଷାତ କଲେ ଯାହାର ନାମ ଲୁଦ୍ ଥିଲା ଓ ସେ ଏକ ବଣିକା ଥିଲା I ସେ ଈଶ୍ୱର ଙ୍କୁ ପ୍ରେମ କରୁଥିଲେ ଓ **ଉପାସନା** କରୁଥିଲେ I

· 49:18 ଈଶ୍ୱର ତୁମ୍ଭମାନଙ୍କୁ ପ୍ରାର୍ଥନା କରିବାକୁ, ବାକ୍ୟ ପଢିବାକୁ ଓ ଅନ୍ୟ ଖ୍ରୀଷ୍ଟିୟାନ ସହିତ ମିସି **ଉପାସନା** କରିବାକୁ କହୁଅଛନ୍ତି ଓ ସେ ଯାହା କରି ଅଛନ୍ତି ଅନ୍ୟକୁ କହିବାକୁ କହୁଅଛନ୍ତି I

ଶବ୍ଦବିନ୍ୟାସ :

- Strong's: H5457, H5647, H687, H7812, G1391, G1479, G2151, G2318, G2323, G2356, G3000, G3511, G4352, G4353, G4573, G4574, G4576

ସିୟୋନ, ସିୟୋନ ପର୍ବତ

ସଂଜ୍ଞା:

ମୁଳ ରୂପରେ "ସିୟୋନ" ଓ "ସିୟୋନ ପର୍ବତ" ଜେବୁସିୟଙ୍କୁଠାରୁ ରାଜା ଦାଉଦ ଅଧିକାର କରିଥିବା ଦୃଢ଼ ଦୁର୍ଗ କୁ ଦର୍ଶାଏ I ଏହି ଦୁଇ ଶବ୍ଦ ଯିରୁଶାଲମ କୁ ସମ୍ବୋଧିତ କରିବା ନିମନ୍ତେ ଆଉ ଏକ ପ୍ରକାର ଅଟେ I

- ସିୟୋନ ପର୍ବତ ଓ ମୋରିଆ ପର୍ବତ ଦୁଇ ପାହାଡ ଯାହା ଉପରେ ଯିରୁଶାଲମ ସହର ଅବସ୍ଥିତ ଅଟେ I

ପରେ "ସିୟୋନ "ଓ "ସିୟୋନ ପର୍ବତ" ଏକ ସାଧାରଣ ଶବ୍ଦ ରୂପରେ ବ୍ୟବହାର କରାଯାଇଅଛି କି ଏହି ଦୁଇ ପର୍ବତ ଓ ଯିରୁଶାଲମ ସହର କୁ ସମ୍ବୋଧିତ କରିବାକୁ ଦର୍ଶାଏ I କେତେକ ସମୟରେ ଏହି ସବୁ ଯିରୁଶାଲମରେ ଥିବା ମନ୍ଦିରରେ କୁ ଦର୍ଶାଏ I

(ଦେଖନ୍ତୁ: ଶବ୍ଦ ଲକ୍ଷଣ ସୁଚକ)

- ଦାଉଦ ସିୟୋନ ଓ ଯିରୁଶାଲମ କୁ "ଦାଉଦଙ୍କ ନଗର" ରୂପରେ ନାମିତ କଲେ I

ଏହା ଦାଉଦଙ୍କ ଘର ବେଥାଲିହିମଠାରୁ ଭିନ୍ନ ଅଟେ ଯାହାକୁ ମଧ୍ୟ ଦାଉଦର ନଗର କୁହାଯାଏ I

- "ସିୟୋନ" ଶବ୍ଦ ଅଲଗା ପ୍ରକାରେ ସାଙ୍କେତିକ ରୂପରେ ବ୍ୟବହାର କରାଯାଇଅଛି, ଯାହାକୁ ଇସ୍ରାଏଲ କୁ ପରମେଶ୍ୱରଙ୍କର ଆତ୍ମିକ ରାଜ୍ୟ କୁ କିଅବା ନୂତନ ସ୍ୱର୍ଗ ଯିରୁଶାଲମ ଯାହା ପରମେଶ୍ୱର ସୃଷ୍ଟି କରିବେ କୁ ସମ୍ବୋଧିତ କରାଯାଏ I

(ଆହୁରି ଦେଖନ୍ତୁ: ଅବ୍ରହାମ୍, ଦାଉଦ, ଯିରୁଶାଲମ, ବେଥାଲିହିମ, ଜେବୁସିୟ)

ବାଇବଲ ପଦପର୍ବ:

- ୧ ବଂଶାବଳି ୧୧:୪-୬
- ଆମୋଷ ୦୧:୧-୨
- ଯିରିମିୟ ୫୧:୩୪-୩୫
- ଗୀତସଂହିତା ୦୭୬:୧-୩
- ରୋମୀୟ ୧୧:୨୬-୨୭

ବୋର୍ଡ ଡାଟା :

- Strong's: H6726

ସିୟୋନର କନ୍ୟା

ଉପକରଣ:

"ସିୟୋନର କନ୍ୟା" ହେଉଛି ଗୋଟିଏ ତୁଳନାତ୍ମକ ଶବ୍ଦ ଯାହାକି ଇସ୍ରାଏଲ ର ଲୋକମାନଙ୍କୁ ବୁଝାଇଥାଏ I ଏହା ଭବିଷ୍ୟତ ବାଣୀରେ ବିଶେଷ ଭାବରେ ବ୍ୟବହୃତ ହୋଇଥାଏ I

- ପୁରାତନ ନିୟମରେ "ସିୟୋନ" ପ୍ରାୟ ଯିରୁଶାଲମ ନଗର ପାଇଁ ଅନ୍ୟ ନାମ ଭାବରେ ବ୍ୟବହାର କରାଯାଉଥିଲା I

"ସିୟୋନ" ଏବଂ "ଯିରୁଶାଲମ" ଏହି ଦୁଇଟି ନାମ ମଧ୍ୟ ଇସ୍ରାଏଲ କୁ ବୁଝାଇଥାଏ I

- "କନ୍ୟା" ଶବ୍ଦ ଟି ହେଉଛି ସ୍ନେହ କିମ୍ବା ଆଦର ପ୍ରକାଶକର ଶବ୍ଦସମୂହ I

ଏହା ଧର୍ଯ୍ୟ ଏବଂ ଯତ୍ନ ର ଗୋଟିଏ ଉପମା ଯାହା ଈଶ୍ୱର ତାଙ୍କର ଲୋକମାନଙ୍କ ପାଇଁ କରିଥିଲେ I

ତର୍ଜମା ପ୍ରସ୍ତାବନା:

- ଅନ୍ୟ ଭାବରେ ଏହିପରି ତର୍ଜମା ଅନ୍ତର୍ଭୁକ୍ତ ହୋଇପାରେ "ମୋହର କନ୍ୟା ଇସ୍ରାଏଲ, ସିୟୋନଠାରୁ" କିମ୍ବା "ସିୟୋନର ଲୋକସମୂହ,ଯେଉଁମାନେ ମୋପାଇଁ ମୋର କନ୍ୟା ସଦୃଶ୍ୟ" କିମ୍ବା "ସିୟୋନ, ମୋର ପ୍ରିୟ ଇସ୍ରାଏଲ ଲୋକ I"
- ଏହି "ସିୟୋନ" ଶବ୍ଦ ରଖିବା ଉତ୍ତମ ଅଟେ ଯେହେତୁ ଏହି ଶବ୍ଦଟିର ବ୍ୟକ୍ତ କୁ ବାଇବଲରେ ଅନେକ ଥର ବ୍ୟବହାର କରାଯାଇଛି I

ଏହି ଭାଷାନ୍ତର କୁ ବ୍ୟାଖ୍ୟା କରିବାପାଇଁ ତାହାର ଉପମାର ଅର୍ଥ ଏବଂ ଭବିଷ୍ୟତବାଣୀରେ ବ୍ୟବହାର କରିବାପାଇଁ ଏହା ଗୋଟିଏ ଟିପ୍ପଣୀଭାବରେ ଅନ୍ତର୍ଭୁକ୍ତ ହୋଇପାରେ I

- ଏହି "କନ୍ୟା" ଶବ୍ଦ ରଖିବା ଉତ୍ତମ ଅଟେ ଯେହେତୁ ଏହି ଭାଷାନ୍ତର ର ବ୍ୟକ୍ତ କୁ ସଠିକ୍ ଭାବେ ବୁଝିବା ଯେପର୍ଯ୍ୟନ୍ତ ବୁଝିନହୋଇଛି I

(ମଧ୍ୟ ଦେଖନ୍ତୁ: ଯିରୁଶାଲମ, ଭବିଷ୍ୟତବକ୍ତା, ସିୟୋନ)

ବାଇବଲ ର ପଦପର୍ବ:

- ଯିରିମିୟ ୦୬:୧-୩
- ଯୋହନ ୧୨:୧୪-୧୫
- ମାଥିଉ ୨୧:୪-୫

ବୋର୍ଡ ଡାଟା :

- Strong's: H1323, H6726

ସୁନ୍ନତ କରିବା, ସୁନ୍ନତ, ଅସୁନ୍ନତ, ଅସୁନ୍ନତ କରିବା

ପରିଭାଷା:

"ସୁନ୍ନତ" ଶବ୍ଦର ଅର୍ଥ ପୁରୁଷ କିମ୍ବା ପୁତ୍ର ସନ୍ତାନର ଲିଙ୍ଗାଗ୍ର ଆଚ୍ଛାଦକକୁ ବୁଝାଏ। ସୁନ୍ନତର ରୀତିକୁ ଏଥିରେ ସମ୍ପୃକ୍ତ କରି ପାଳନ କରାଯାଇପାରେ ।

- ଈଶ୍ୱର ଅବ୍ରାହାମଙ୍କୁ ତାହାଙ୍କ ପରିବାରର ସମସ୍ତ ପୁରୁଷ ଓ ଦାସମାନଙ୍କର ସୁନ୍ନତ କରିବାକୁ ଆଦେଶ ଦେଇଥିଲେ ଏବଂ ଏହା ଈଶ୍ୱର ଏବଂ ସେମାନଙ୍କ ମଧ୍ୟରେ ବ୍ୟବସ୍ଥାର ଚିହ୍ନ ସ୍ୱରୂପ ଥିଲା।
- ଅବ୍ରାହାମଙ୍କର ସନ୍ତାନମାନଙ୍କ ମଧ୍ୟରେ ଯେତେ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିବେ ସେମାନଙ୍କର ମଧ୍ୟ ସୁନ୍ନତ କରିବାକୁ ଈଶ୍ୱର ଆଦେଶ ଦେଲେ।
- "ହୃଦୟର ସୁନ୍ନତ କରିବା" ବାକ୍ୟାଂଶ "କାଟି ପକାଇବା" କିମ୍ବା ଜଣେ ବ୍ୟକ୍ତିଙ୍କୁ ପାପଠାରୁ ଦୂରେଇ ରହିବାକୁ ଆଳଙ୍କାରିକ ଭାବେ ବୁଝାଏ।
- ଆଧ୍ୟାତ୍ମିକ ଭାବରେ, "ସୁନ୍ନତିକରଣ" ବାକ୍ୟାଂଶ ଈଶ୍ୱର ଯେଉଁମାନଙ୍କୁ ଯୀଶୁଙ୍କ ରକ୍ତ ଦ୍ୱାରା ପାପରୁ ଶୁଦ୍ଧ କରିଅଛନ୍ତି ଓ ଯେଉଁ ଲୋକମାନେ ତାହାଙ୍କର ଅଟନ୍ତି ସେହି ଲୋକମାନଙ୍କୁ ବୁଝାଏ।
- "ଅସୁନ୍ନତ" ଶବ୍ଦ ଶାରୀରିକ ଭାବେ ଯେଉଁମାନେ ସୁନ୍ନତ ହୋଇ ନାହାନ୍ତି ସେମାନଙ୍କୁ ବୁଝାଏ। ଯେଉଁମାନେ ଆତ୍ମିକ ଭାବରେ ସୁନ୍ନତ ହୋଇ ନାହାଁନ୍ତି, ଯେଉଁମାନେ ଈଶ୍ୱରଙ୍କ ସହିତ କୌଣସି ସମ୍ପର୍କରେ ନାହାଁନ୍ତି, ଏହା ଆଳଙ୍କାରିକ ଭାବରେ ସେହି ଲୋକମାନଙ୍କୁ ମଧ୍ୟ ବୁଝାଏ।

"ଅସୁନ୍ନତ" ଏବଂ "ଅସୁନ୍ନତଯୁକ୍ତ" ଶବ୍ଦ ଏକ ପୁରୁଷକୁ ବୁଝାଏ ଯିଏ ଶାରୀରିକ ଭାବରେ ସୁନ୍ନତ ହୋଇନାହିଁ। ଏହି ଶବ୍ଦଗୁଡ଼ିକ ଆଳଙ୍କାରିକ ଭାବରେ ମଧ୍ୟ ବ୍ୟବହୃତ ହୁଏ।

- ମିସର ଗୋଟିଏ ଦେଶ ଥିଲା ଯେଉଁଥିରେ ସୁନ୍ନତ ହେବା ଆବଶ୍ୟକ ଥିଲା। ତେଣୁ ଯେତେବେଳେ ଈଶ୍ୱର ମିସରର "ଅସୁନ୍ନତମାନଙ୍କ" ଦ୍ୱାରା ପରାଜୟ ହେବା ବିଷୟରେ କହନ୍ତି, ସେତେବେଳେ ସେ ସେହି ଲୋକମାନଙ୍କୁ ସୂଚାନ୍ତି ଯାହାକୁ ସୁନ୍ନତ ନହେବା ହେତୁ ମିସରୀୟମାନେ ଘୃଣା କରୁଥିଲେ।
- ବାଇବେଲ ଯେଉଁମାନଙ୍କର "ଅସୁନ୍ନତ ହୃଦୟ" କିମ୍ବା "ଯେଉଁମାନେ ହୃଦୟରେ ଅସୁନ୍ନତ" ସେମାନଙ୍କୁ ବୁଝାଏ। ସେହି ଲୋକମାନେ ଈଶ୍ୱରଙ୍କର ନୁହନ୍ତି ଓ ଏବଂ ତାହାଙ୍କର ଅବାଧ୍ୟ ଶକ୍ତଗ୍ରୀବ ଅଟନ୍ତି ବୋଲି କହିବାକୁ ଏହା ଆଳଙ୍କାରିକ ବ୍ୟବହାର ଅଟେ।
- ଯଦି ସୁନ୍ନତ ପାଇଁ ଏକ ଶବ୍ଦ ବ୍ୟବହୃତ ହୁଏ କିମ୍ବା ସ୍ଥାନୀୟ ଭାଷାରେ ଜଣାଶୁଣା ଅଟେ, ତେବେ "ଅସୁନ୍ନତ" ଶବ୍ଦକୁ "ଅସୁନ୍ନତ ନୁହେଁ" ବୋଲି ଅନୁବାଦ କରାଯାଇପାରେ।
- "ଅସୁନ୍ନତ" ବାକ୍ୟାଂଶର ଅଭିବ୍ୟକ୍ତିକୁ "ଯେଉଁ ଲୋକମାନେ ସୁନ୍ନତ ନୁହନ୍ତି" କିମ୍ବା "ଯେଉଁ ଲୋକମାନେ ଈଶ୍ୱରଙ୍କର ମନୋନୀତ ନୁହନ୍ତି" ବୋଲି ପ୍ରସଙ୍ଗ ଉପରେ ନିର୍ଭର କରି ଅନୁବାଦ କରାଯାଇପାରେ।
- ଏହି ବାକ୍ୟାଂଶର ଆଳଙ୍କାରିକ ଅର୍ଥରେ ଏହାକୁ "ଈଶ୍ୱରଙ୍କ ଲୋକମାନେ ନୁହନ୍ତି" କିମ୍ବା "ଯେଉଁମାନେ ଈଶ୍ୱରଙ୍କର ନୁହଁନ୍ତି ସେମାନଙ୍କ ପରି ବିଦ୍ରୋହୀ" କିମ୍ବା "ଯେଉଁମାନଙ୍କର ଈଶ୍ୱରଙ୍କ ବୋଲି କୌଣସି ଚିନ୍ନ ନାହିଁ " ବୋଲି ଅନୁବାଦ କରାଯାଇପାରେ ।
- "ହୃଦୟରେ ଅସୁନ୍ନତ" ଅଭିବ୍ୟକ୍ତିକୁ "ଶକ୍ତଗ୍ରୀବ ବିଦ୍ରୋହୀ" କିମ୍ବା "ଅବାଧ୍ୟତାର ଶକ୍ତଗ୍ରୀବ" କିମ୍ବା "ବିଶ୍ୱାସ କରିବାକୁ ନାପସନ୍ଦ କରିବା" ବୋଲି ଅନୁବାଦ କରାଯାଇପାରେ । ଏହି ଅଭିବ୍ୟକ୍ତିକୁ ସମାନ ରଖିବା ଉତ୍ତମ କାରଣ ଆତ୍ମିକ ସୁନ୍ନତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯଦି ସ୍ଥାନୀୟ ଭାଷାର ସଂସ୍କୃତିରେ ପୁରୁଷମାନଙ୍କର ସୁନ୍ନତ କରାଯାଏ, ଏଠାରେ ସେମାନେ ବ୍ୟବହାର କରୁଥିବା ଶବ୍ଦ ବ୍ୟବହାର କରନ୍ତୁ।
- ଏହି ଶବ୍ଦକୁ "ଚାରିପାଖ କାଟିବା" କିମ୍ବା "ବୃତ୍ତାକାର କରି କାଟିବା" କିମ୍ବା "ଲିଙ୍ଗାଗ୍ର ଆଚ୍ଛାଦନ କରିବା" ବୋଲି ଅନୁବାଦ କରାଯାଇପାରେ ।
- ଯେଉଁ ସଂସ୍କୃତିରେ ସୁନ୍ନତ ଅଜ୍ଞାତ ଅଟେ, ଏହି ଶବ୍ଦକୁ ପାଦଟୀକା କିମ୍ବା ଶବ୍ଦାର୍ଥମାନଙ୍କର ତାଲିକାରେ ଉଲ୍ଲେଖ କରିବା ଉଚିତ ଅଟେ ।
- ଏହି ଶବ୍ଦର ଅର୍ଥକୁ ବୁଝାଇବା ନିମନ୍ତେ ବ୍ୟବହୃତ ଶବ୍ଦ ଯେପରି ମହିଳାମାନଙ୍କୁ ନ ସୂଚାଏ ତାହା ନିଶ୍ଚିତ କରନ୍ତୁ। ଏହାକୁ ପୁରୁଷ ସମ୍ବନ୍ଧିତ ଶବ୍ଦ ବା ବାକ୍ୟାଂଶକୁ ବ୍ୟବହାର କରି ଅନୁବାଦ କରିବା ଉଚିତ ଅଟେ।

(ଅଜ୍ଞାତ ବିଷୟକୁ କିପରି ଅନୁବାଦ କରାଯାଏ: ଦେଖନ୍ତୁ)

((ଅବ୍ରହାମ ,ନିୟମ: ଦେଖନ୍ତୁ))

ବାଇବେଲ ପଦପର୍ବ:

- ଆଦିପୁସ୍ତକ 17:11
- ଆଦିପୁସ୍ତକ 17:14
- ଯାତ୍ରାପୁସ୍ତକ 12:48
- ଲେବୀୟ ପୁସ୍ତକ 26:41
- ଯିହୋଶୂୟ 5:3
- ବିଚାରକର୍ତ୍ତା 15:18

- 2 ଶାମୁୟେଲ 1:20
- ଯିରିମୀୟ 9:26
- ଯିହିଜିକଲ 32:25
- ପ୍ରେରିତ 10:44-45
- ପ୍ରେରିତ 11:3
- ପ୍ରେରିତ 15:1
- ପ୍ରେରିତ 11:3
- ରୋମୀୟ 2:27
- ଗାଲାତୀୟ 5:3
- ଏଫିସୀୟ 2:11
- ଫିଲିପ୍ପୀୟ 3:3
- କଲସୀୟ 2:11
- କଲସୀୟ 2:13

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **5:3** "ତୁମ୍ଭେ ତୁମ୍ଭ ପରିବାରର ସମସ୍ତ ପୁତ୍ର ସନ୍ତାନର **ସୁନ୍ନତ** କରିବ । "
- **5:5** ସେହି ଦିନ ଅବ୍ରହାମ ତାହାଙ୍କ ଗୃହର ସମସ୍ତ ପୁରୁଷମାନଙ୍କର **ସୁନ୍ନତ କରାଇଲେ**।

ଶବ୍ଦବିନ୍ୟାସ:

- Strong's: H4135, H4139, H5243, H6188, H6189, H6190, G02030, G05640, G19860, G40590, G40610

ସେବା କରିବା, ସେବା

ପରିଭାଷା:

ବାଇବେଲରେ, "ସେବା" ଶବ୍ଦ ଅନ୍ୟମାନଙ୍କୁ ଈଶ୍ୱରଙ୍କ ବିଷୟରେ ଶିକ୍ଷା ଦେଇ ଏବଂ ସେମାନଙ୍କର ଆତ୍ମିକ ଆବଶ୍ୟକତାକୁ ପୂରଣ କରି ସେବା କରିବାକୁ ବୁଝାଏ I

- ପୁରାତନ ନିୟମରେ, ଯାଜକମାନେ ଈଶ୍ୱରଙ୍କର ସେବା ମନ୍ଦିରରେ ତାହାଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରି କରୁଥିଲେ I
- ସେମାନଙ୍କର "ସେବା" ମନ୍ଦିରର ଯତ୍ନନେବା ଏବଂ ଈଶ୍ୱରଙ୍କୁ ଲୋକଙ୍କ ନିମନ୍ତେ ପ୍ରାର୍ଥନା କରିବା ଅନ୍ତର୍ଭୁକ୍ତ ଥିଲା I
- ଲୋକମାନଙ୍କ "ସେବା କରିବାର" ଅର୍ଥ ସେମାନଙ୍କୁ ଈଶ୍ୱରଙ୍କର ବିଷୟରେ ଶିକ୍ଷା ଦେଇ ଆତ୍ମିକ ଭାବରେ ସେବା କରିବା ଅଟେ I
- ଏହା ଲୋକଙ୍କର ଶାରୀରିକ ସେବାକୁ ମଧ୍ୟ ବୁଝାଏ ଯେପରିକି ରୋଗୀମାନଙ୍କର ଯତ୍ନ ନେବା ଏବଂ ସେମାନଙ୍କ ନିମନ୍ତେ ଖାଦ୍ୟ ବନ୍ଦବସ୍ତ କରିବା I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଲୋକମାନଙ୍କର ସେବା କରିବା ପୃଷ୍ଠଭୂମିରେ, "ସେବା" ଶବ୍ଦକୁ "ସେବା କରିବା" କିମ୍ବା "ଯତ୍ନ ନେବା" କିମ୍ବା "ଅନ୍ୟମାନଙ୍କର ଆବଶ୍ୟକତା ପୂରଣ କରିବା" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ମନ୍ଦିରର ସେବାକୁ ଦର୍ଶାଏ, "ସେବା" ଶବ୍ଦକୁ "ମନ୍ଦିରରେ ଈଶ୍ୱରଙ୍କର ସେବା କରିବା" କିମ୍ବା "ଲୋକମାନଙ୍କ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିବା" ବୋଲି ଅନୁବାଦ କରାଯାଇପାରେ I
- ଈଶ୍ୱରଙ୍କର ସେବା କରିବା ପୃଷ୍ଠଭୂମିରେ ଏହାକୁ "ସେବା କରିବା" କିମ୍ବା "ଈଶ୍ୱରଙ୍କ ନିମନ୍ତେ କାର୍ଯ୍ୟ କରିବା" ବୋଲି ଅନୁବାଦ କରାଯାଇପାରେ I
- "ସେବା କରିବାକୁ" ବାକ୍ୟାଂଶକୁ "ଯତ୍ନ ନେବା" କିମ୍ବା "ପ୍ରବନ୍ଧ କରିବା" କିମ୍ବା "ସାହାଯ୍ୟ କରିବା" ବୋଲି ଅନୁବାଦ କରାଯାଇପାରେ I

(ସେବା, ବଳିଦାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ଶାମୁୟେଲ 20:23-26
- ପ୍ରେରିତ 6:4
- ପ୍ରେରିତ 21:17-19

ସୈନ୍ୟାଧିପତି ଯିହୋବା, ସୈନ୍ୟାଧିପତି ଈମେଶ୍ୱର, ସ୍ୱର୍ଗର ସେନାଗଣ, ସ୍ୱର୍ଗମାନର ସେନାଗଣ, ସୈନ୍ୟାଧିପତି ପ୍ରଭୁ

ପରିଭାଷା:

"ସୈନ୍ୟାଧିପତି ଯିହୋବା" ଓ" ସୈନ୍ୟାଧିପତି ଈଶ୍ୱର" ଏହି ସବୁ ପଦବିମାନ ଯାହା ହଜାର ହଜାର ସ୍ୱର୍ଗଦୂତଙ୍କ ଉପରେ ଈଶ୍ୱରଙ୍କ ଅଧିକାରକୁ ଦର୍ଶାଏI

- "ସେନା" ଓ "ସେନାଗଣ" ଶବ୍ଦ ଯାହା ଏକ ବଡ଼ ସଂଖ୍ୟାକୁ ଦର୍ଶାଏ, ଯେପରି ଏକ ଲୋକ ସମୂହର ସୈନ୍ୟବିଭାଗ, କିମ୍ବା ଅଗଣିତ ତାରାଗଣ ଅଟେ I ଏହା ଆତ୍ମା ମଧ୍ୟ ଦର୍ଶାଏ, ମନ୍ଦ ଆତ୍ମା ମଧ୍ୟ ହେଇପାରେ I ଏହାକୁ ପ୍ରସଙ୍ଗ ସ୍ପଷ୍ଟ ଭାବେ ବୁଝିହେବ I
- ଏହା ସହିତ ଯେଉଁ ଶବ୍ଦ ସମାନ ଅର୍ଥ ହୁଏ ତାହା "ସ୍ୱର୍ଗର ସେନା ଗଣ" ପରି ବାକ୍ୟାଂଶଗୁଡ଼ିକ ସମସ୍ତ ତାରା, ଗ୍ରହ ଏବଂ ଅନ୍ୟାନ୍ୟ ସ୍ୱର୍ଗୀୟ ଶରୀରକୁ ଦର୍ଶାଏI
- ନୂତନ ନିୟମରେ, ବାକ୍ୟାଂଶ "ସୈନ୍ୟାଧିପତି ପ୍ରଭୁ" ବାକ୍ୟର ଅର୍ଥ "ସୈନ୍ୟାଧିପତି ଯିହୋବା" ଅଟେ କିନ୍ତୁ ସମାନ ଭାବରେ ଅନୁବାଦ ହୋଇପାରିବ ନାହିଁ ଯେହେତୁ ନୂତନ ନିୟମରେ ଏବ୍ରୀ ଶବ୍ଦ "ଯିହୋବା" ବ୍ୟବହୃତ ହୋଇ ନାହିଁ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- " ସୈନ୍ୟାଧିପତି ଯିହୋବା" ଶବ୍ଦକୁ "ଯିହୋବା ଯେ ସମସ୍ତ ଦୂତଗଣ ଉପରେ ଶାସନ କରନ୍ତି" କିମ୍ବା "ଯିହୋବା, ଦୂତ ଗଣର ସେନାର ଶାସକ" କିମ୍ବା"ଯିହୋବା, ସମସ୍ତ ସୃଷ୍ଟିର ଶାସକ" ବୋଲି ଅନୁବାଦ କରାଯାଇପାରେ I
- "ସେନାଗଣର "ବାକ୍ୟାଂଶକୁ "ସୈନ୍ୟାଧିପତି ଈଶ୍ୱର" ଓ "ସୈନ୍ୟାଧିପତି ପ୍ରଭୁ" କିମ୍ବା"ସୈନ୍ୟାଧିପତି ଯିହୋବା" ବୋଲି ଅନୁବାଦ କରାଯାଇପାରିବ I
- କେତେକ ମଣ୍ଡଳୀ ଆକ୍ଷରିକ ଶବ୍ଦ "ଯିହୋବା" ଶବ୍ଦକୁ ଗ୍ରହଣ କରନ୍ତି ନାହିଁ ଓ ତାହା ବଦଳରେ ବଡ଼ ଶବ୍ଦ "ପ୍ରଭୁ" (LORD) ବ୍ୟବହାର କରନ୍ତି ଯେପରି ଅନେକ ବାଇବେଲର ପରମ୍ପରା ରହି ଆସିଛି I ଏହି ମଣ୍ଡଳୀମାନଙ୍କ ନିମନ୍ତେ, ପୁରାତନ "ସୈନ୍ୟାଧିପତି ଯିହୋବା" ବଦଳରେ "ସୈନ୍ୟାଧିପତି ପ୍ରଭୁ ହିଁ ବ୍ୟବହାର କରା ଯିବା ଉଚିତ୍ ଅଟେ I

(ଦୂତ, ଅଧିକାର, ଈଶ୍ୱର, ପ୍ରଭୁ, ଯିହୋବା ଈଶ୍ୱର, ଯିହୋବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯିଶାଇୟ 13:1-2

ଶବ୍ଦବିନ୍ୟାସ :

- Strong's: H0430, H3068, H6635, G29620, G45190

ସ୍ୱର୍ଗ,ଆକାଶ,ଆକାଶ ମଣ୍ଡଳ, ସ୍ୱର୍ଗୀୟ

ପରିଭାଷା:

ଯେଉଁ ଶବ୍ଦ "ସ୍ୱର୍ଗ" ନିମନ୍ତେ ବ୍ୟବହାର କରାଯାଇଅଛି ସାଧାରଣ ଭାବରେ ଯେଉଁଠାରେ ଈଶ୍ୱର ବାସ କରନ୍ତି ସେହି ସ୍ଥାନକୁ ଦର୍ଶାଏ I ସେହି ସମାନ ଶବ୍ଦ, ପ୍ରସଙ୍ଗ ଉପରେ ଆଧାର କରି "ଆକାଶ" ବୋଲି ମଧ୍ୟ ବ୍ୟବହୃତ ହୋଇପାରିବ I

- "ସ୍ୱର୍ଗ "ଶବ୍ଦର ଅର୍ଥ ଆମ୍ଭେମାନେ ଦେଖୁଥିବା ସମସ୍ତ ବିଷୟ, ସୂର୍ଯ୍ୟ, ଚନ୍ଦ୍ରମା ଓ ତାରାଗଣ ଯାହା ପୃଥିବୀ ଉପରେ ଅଛି ଦର୍ଶାଏ I ଏହା ମହା ଆକାଶରେ ଥିବା ବଡ଼ ବଡ଼ ବସ୍ତୁକୁ ମଧ୍ୟ ଦର୍ଶାଏ, ଯେପରି କି ଦୂରରେ ଥିବା ଗ୍ରହମଣ୍ଡଳ ଯାହା ଆମ୍ଭେମାନେ ସିଧାସଳଖ ପୃଥିବୀରୁ ଦେଖି ନ ପାରୁ I
- "ଆକାଶ" ଶବ୍ଦ ପୃଥିବୀ ଉପରେ ଥିବା ନୀଳ ଶୂନ୍ୟତାକୁ ଦର୍ଶାଏ ଯେଉଁଠାରେ ବାଦଲ ଓ ବାୟୁ ରହେ ଯାହା ଆମର ଶ୍ୱାସ ଅଟେ I ଅନେକ ସମୟରେ ସୂର୍ଯ୍ୟ ଓ ଚନ୍ଦ୍ରମାକୁ ମଧ୍ୟ "ଉପର ଆକାଶରେ" ଅଛନ୍ତି ବୋଲି କୁହାଯାଏ I
- ବାଇବେଲର କେତେକ ପ୍ରସଙ୍ଗରେ, "ସ୍ୱର୍ଗ" ଶବ୍ଦ ଆକାଶକୁ କିମ୍ବା ଯେଉଁଠାରେ ଈଶ୍ୱର ବାସ କରନ୍ତି ସେହି ସ୍ଥାନକୁ ଦର୍ଶାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ମାଥିଉଙ୍କ ପୁସ୍ତକରେ "ସ୍ୱର୍ଗରାଜ୍ୟ" ପାଇଁ "ସ୍ୱର୍ଗ" ଶବ୍ଦ ରଖିବା ଉତ୍ତମ ହେବ, କାରଣ ମାଥିଉଙ୍କ ସୁସମାଚାର ଭିନ୍ନ ଅଟେ I
- ଦୁଇଟି ଶବ୍ଦ "ଆକାଶ ମଣ୍ଡଳ "କିମ୍ବା "ସ୍ୱର୍ଗୀୟ ବସ୍ତୁ" ବାକ୍ୟାଂଶକୁ ସୂର୍ଯ୍ୟ" ଚନ୍ଦ୍ରମା ଓ ତାରାଗଣ "କିମ୍ବା "ଆକାଶରେ ଥିବା ସମସ୍ତ ତାରାଗଣ "ବୋଲି ଅନୁବାଦ କରାଯାଇପାରେ I
- "ସ୍ୱର୍ଗର ତାରାଗଣ" ବାକ୍ୟାଂଶକୁ "ଆକାଶର ତାରାଗଣ" କିମ୍ବା "ଆକାଶର ତାରାଗଣ "କିମ୍ବା "ବ୍ରହ୍ମାଣ୍ଡର ତାରାଗଣ" ବୋଲି ଅନୁବାଦ କରାଯାଇପାରେ I

(ଈଶ୍ୱରଙ୍କ ରାଜ୍ୟ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 8:22-24
- ପ୍ରଥମ ଥେସଲନୀକୀୟ 1:8-10
- ପ୍ରଥମ ଥେସଲନୀକୀୟ 4:17
- ଦ୍ୱିତୀୟ ବିବରଣ 9:1
- ଏଫିସୀୟ 6:9
- ଆଦି ପୁସ୍ତକ 1:1
- ଆଦି ପୁସ୍ତକ 7: 11
- ଯୋହନ 3:12
- ଯୋହନ 3:27
- ମାଥିଉ 5: 18
- ମାଥିଉ 5:46-48

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **4:2** ସେମାନେ ଏକ ବୃହତ ଦୁର୍ଗ ନିର୍ମାଣ କରି **ସ୍ୱର୍ଗ** ପହଞ୍ଚିବାକୁ ଚାହିଁଲେ I
- **14::11** ସେ (ଈଶ୍ୱର) ତାହାଙ୍କୁ **ସ୍ୱର୍ଗରୁ** ରୁଟି ଦେଲେ, ଯାହାକୁ ମାନ୍ନା କୁହାଯାଏ I
- **23:7** ଅଚାନକ, ଆକାଶ ମଣ୍ଡଳ ଈଶ୍ୱରଙ୍କ ସ୍ତୁତି କରୁ ଥିବା ଦୂତମାନଙ୍କ ଦ୍ୱାରା ପୂର୍ଣ୍ଣ ହେଲା, ଯେ "**ସ୍ୱର୍ଗରେ** ଈଶ୍ୱରଙ୍କ ମହିମା ଓ ପୃଥିବୀରେ ତାହାଙ୍କ ଲୋକମାନଙ୍କ ମଧ୍ୟରେ ଶାନ୍ତି" କହୁଥିଲେ I
- **29:9** ତା'ପରେ ଯୀଶୁ କହିଲେ, "ଯଦି ତୁମ୍ଭେ ନିଜ ଭାଇକୁ ହୃଦୟରେ କ୍ଷମା କର ନାହିଁ, ତେବେ ମୋର **ସ୍ୱର୍ଗୀୟ** ପିତା ତୁମ୍ଭମାନଙ୍କ ପ୍ରତି ଏହିପରି କରିବେ।"
- **37:9** ତା'ପରେ ଯୀଶୁ **ସ୍ୱର୍ଗକୁ** ଚାହିଁ କହିଲେ, "ପିତା, ମୋ କଥା ଶୁଣିଥିବାରୁ ଧନ୍ୟବାଦ।"
- **42:11** ତା'ପରେ ଯୀଶୁ **ସ୍ୱର୍ଗକୁ** ନିତ ହେଲେ ଓ ବାଦଲ ତାହାଙ୍କୁ ସେମାନଙ୍କ ଚକ୍ଷୁରୁ ଲୁଚାଇଲା I

ଶବ୍ଦବିନ୍ୟାସ :

- Strong's: H1534, H6160, H6183, H7834, H8064, H8065, G09320, G20320, G33210, G37700, G37710, G37720

ସ୍ୱାମୀ,ପ୍ରଭୁ, ଗୁରୁ, ମହାଶୟ

ପରିଭାଷା:

"ସ୍ୱାମୀ" ଶବ୍ଦ ସେହି ବ୍ୟକ୍ତିକୁ ଦର୍ଶାଏ ଯେ ମାଲିକ ଅଟନ୍ତି ଓ ଅନ୍ୟ ଲୋକମାନଙ୍କର ଉପରେ ଯାହାର ଅଧିକାର ଅଛି I ବାଇବେଲରେ, ଏହି ଶବ୍ଦଟି ଈଶ୍ୱରଙ୍କ ସମେତ ବିଭିନ୍ନ ପ୍ରକାରର ଲୋକମାନଙ୍କୁ ସମ୍ବୋଧନ କରିବା ପାଇଁ ବ୍ୟବହୃତ ହୁଏ I

- ଅନେକ ସମୟରେ ଏହି ଶବ୍ଦ କୁ "ଗୁରୁ" ବୋଲି ଅନୁବାଦ କରାଯାଏ ଯେତେବେଳେ ଯୀଶୁଙ୍କୁ ସମ୍ବୋଧିତ କରାଯାଏ କିମ୍ବା ତାହାକୁ ସମ୍ବୋଧନ କରାଯାଏ ଯାହାର କ୍ରିତଦାସ ଅଛନ୍ତି I
- କେତେକ ଇଂରାଜୀ ଅନୁବାଦ ଏହାକୁ "ମହାଶୟ" ବୋଲି ଅନୁବାଦ କରନ୍ତି, ପ୍ରସଙ୍ଗ ଅନୁସାରେ ଜଣେ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିକୁ ମାନସମ୍ମାନର ସହିତ ସମ୍ବୋଧିତ କରେ I ଯେତେବେଳେ "ସ୍ୱାମୀ" ଇଂରାଜୀ ଶବ୍ଦ ବଡ଼ ଅକ୍ଷରରେରେ ଲେଖାଯାଏ ଏହା ଈଶ୍ୱରଙ୍କୁ ବୁଝାଏ I

ମନେ ରଖନ୍ତୁ, ଯାହା ଭି ହେଉ, ଯେତେବେଳେ ଏହା କାହାକୁ ସମ୍ବୋଧିତ କରିବା ନିମନ୍ତେ ହୁଏ କିମ୍ବାବାକ୍ୟ ର ଆରମ୍ଭରେ ଆସେ ଏହା ବଡ଼ ଆକାରରେ ଲେଖାଯାଏ ଓ ଏହାର ଅର୍ଥ "ମହାଶୟ" କିମ୍ବା"ଗୁରୁ" ରୂପରେ ଏହାର ଅର୍ଥ ହୁଏ

ଯେତେବେଳେ "ପ୍ରଭୁ" ବଡ଼ ଅକ୍ଷରରେ ଲେଖାଯାଇ, ଏହା ଏକ ଆଖ୍ୟା ଯାହା ଈଶ୍ୱରଙ୍କୁ ସୂଚିତ କରେ I (ଧ୍ୟାନ ଦିଅନ୍ତୁ, ଯଦିଓ, ଯେତେବେଳେ ଏହା କାହାକୁ ଦର୍ଶାଇବାକୁ ବ୍ୟବହୃତ ହୁଏ କିମ୍ବା ଏହା ବାକ୍ୟର ପ୍ରାରମ୍ଭରେ ଉଲ୍ଲେଖ ହୁଏ, ସେତେବେଳେ ଏହା ବଡ଼ ହୋଇପାରେ ଏବଂ ଏହାର ଅର୍ଥ "ମହାଶୟ" କିମ୍ବା "ମାଲିକ" ହୋଇପାରେ)

- ପୁରାତନ ନିୟମରେ, ଏହି ଶବ୍ଦର ଅଭିବ୍ୟକ୍ତି, ଏହି ପରି ବ୍ୟବହୃତ ହୁଏ ଯେପରି "ସର୍ବ ଶକ୍ତିମାନ ପ୍ରଭୁ ଈଶ୍ୱର "କିମ୍ବା"ସଦାପ୍ରଭୁ ପ୍ରଭୁ" କିମ୍ବା "ଆମ୍ଭର ଈଶ୍ୱର ଯିହୋବା" ହୁଏ I
- ନୂତନ ନିୟମରେ, ପ୍ରେରିତ ଏହି ଶବ୍ଦର ଅଭିବ୍ୟକ୍ତି, ଏହି ପରି ବ୍ୟବହୃତ ହୁଏ ଯେପରି "ପ୍ରଭୁ ଯୀଶୁ" କିମ୍ବା "ପ୍ରଭୁ ଯୀଶୁ ଖ୍ରୀଷ୍ଟ" ଯାହା ଏହା ଦେଖାଏ କି ଯୀଶୁ ଈଶ୍ୱର ଅଟନ୍ତି I
- "ପ୍ରଭୁ" ଶବ୍ଦ ସିଧାସଳଖ ନୂତନ ନିୟମରେ ଗୋଟିଏ ଶବ୍ଦ ଈଶ୍ୱରଙ୍କ ନିମନ୍ତେ ହିଁ ବ୍ୟବହାର କରାଯାଇଅଛି I ଉଦାହରଣ ସ୍ୱରୂପ, ପୁରାତନ ନିୟମରେ "ଯେ ଯିହୋବାଙ୍କର ନାମରେ ଆସୁଛି ସେ ଧନ୍ୟ" ଓ ସେହି ବାକ୍ୟାଂଶ ନୂତନ ନିୟମରେ "ଯେ ପ୍ରଭୁଙ୍କର ନାମରେ ଆସୁଛି ସେ ଧନ୍ୟ" ବୋଲି ଉଲ୍ଲେଖ ଅଛି I
- ULB ଓ USTରେ "ପ୍ରଭୁ" ଶବ୍ଦ କେବଳ ଏବ୍ରୀ ଓ ଗ୍ରୀକ୍ ଶବ୍ଦ ର ମୂଳ ଅର୍ଥ "ପ୍ରଭୁ" ଶବ୍ଦରୁ ଅନୁବାଦ ହୋଇଅଛି I ଏହା କେବେ ହେଁ ଈଶ୍ୱରଙ୍କ ନାମ (ଯିହୋବା) ର ଅନୁବାଦ ଭାବରେ ବ୍ୟବହୃତ ହୁଏ ନାହିଁ, ଯେପରି ଅନେକ ଅନୁବାଦରେ କରାଯାଇଥାଏ I
- କେତେକ ଭାଷାରେ "ପ୍ରଭୁ" ଶବ୍ଦକୁ "ଗୁରୁ" କିମ୍ବା"ଶାସକ" ଭାବରେ ଅନୁବାଦ କରନ୍ତି କିମ୍ବା ଅନ୍ୟାନ୍ୟ ଶବ୍ଦ ଯାହା ମାଲିକ କିମ୍ବା ସର୍ବୋଚ୍ଚ ନିୟମକୁ ପ୍ରକାଶ କରେ I
- ଉପଯୁକ୍ତ ପ୍ରସଙ୍ଗରେ, ଅନେକ ଅନୁବାଦରେ ଏହା ଈଶ୍ୱରଙ୍କ ବିଷୟରେ ଏକ ଆଖ୍ୟା ଅଟେ ବୋଲି ପାଠକମାନଙ୍କୁ ସ୍ପଷ୍ଟ କରିବାକୁ ଏହାର ପ୍ରଥମ ଅକ୍ଷର ବଡ଼ ଅକ୍ଷରରେ ଉଲ୍ଲେଖ କରାଯାଏ I
- ନୂତନ ନିୟମରର ଅନେକ ସ୍ଥାନରେ ଯାହା ପୁରାତନ ନିୟମରର ଉଲ୍ଲେଖ ଅଛି, "ପ୍ରଭୁ ଈଶ୍ୱର" ଶବ୍ଦକୁ ସ୍ପଷ୍ଟ ରୂପରେ ଈଶ୍ୱରକୁ ସମ୍ବୋଧିତ କରିବା ନିମନ୍ତେ ବ୍ୟବହାର କରାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ଗୁରୁ" ଶବ୍ଦ ସହିତ ସମାନ ଭାବେ ଅନୁବାଦ କରାଯାଏ ଯେତେବେଳେ ଏହା ଦାସମାନଙ୍କର ମାଲିକକୁ ସମ୍ବୋଧିତ କରେ I ଏହା ଦାସ ଦ୍ୱାରା ମଧ୍ୟ ତାହାଙ୍କର ମାଲିକକୁ ସମ୍ବୋଧିତ କରାଯାଏ I
- ଯେତେବେଳେ ଏହା ଯୀଶୁଙ୍କୁ ସମ୍ବୋଧିତ କରେ, ଯଦି ପ୍ରସଙ୍ଗରେ ବକ୍ତା ତାହାକୁ ଏକ ଧର୍ମ ଗୁରୁ ପରି ଦେଖେ, ଏହାକୁ ଏକ ସମ୍ମାନୀୟ ସମ୍ବୋଧନ ରୂପରେ ଏକ ଧର୍ମ ଗୁରୁକୁ କୁହାଯାଏ, ଯେପରି "ଗୁରୁ" I
- ଯଦି ଯୀଶୁଙ୍କୁ ସମ୍ବୋଧନ କରୁଥିବା ବ୍ୟକ୍ତି ତାଙ୍କୁ ଜାଣନ୍ତି ନାହିଁ, "ପ୍ରଭୁ" ଏକ ସମ୍ମାନଜନକ ସମ୍ବୋଧନ ସହିତ ଅନୁବାଦ କରାଯାଇପାରେ ଯେପରିକି "ମହାଶୟ" I ଏହି ଅନୁବାଦ ଅନ୍ୟାନ୍ୟ ପ୍ରସଙ୍ଗ ପାଇଁ ମଧ୍ୟ ବ୍ୟବହୃତ ହେବ ଯେଉଁଥିରେ ଜଣେ ପୁରୁଷଙ୍କୁ ଭଦ୍ରତାରେ ସମ୍ବୋଧନ କରାଯାଏ I
- ଯେତେବେଳେ ପିତା ଈଶ୍ୱରଶ୍ୱର କିମ୍ବା ଯୀଶୁଙ୍କୁ ସମ୍ବୋଧିତ କରାଯାଏ ଏହି ଶବ୍ଦ ଏକ ପଦବୀ ରୂପରେ ବ୍ୟବହାର କରାଯାଏ, "ପ୍ରଭୁ" ଶବ୍ଦ ଇଂରାଜୀରେ ବଡ଼ ଅକ୍ଷରରେ ଲେଖାଯାଏ I

(ଈଶ୍ୱର, ଯୀଶୁ, ଶାସକ, ସଦାପ୍ରଭୁ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 39:2

- ଯିହୋଶୂୟ 3:9-11
- ଗୀତସଂହିତା 86:15-17
- ଯିରିମୀୟ 27:4
- ବିଳାପ ଗୀତ 2:1-2
- ଯିହିଜିକଲ 18:29
- ଦାନିୟେଲ9:9
- ଦାନିୟେଲ9:17-19
- ମଲାଖୀ 3:1
- ମାଥିଉ 7:21-23
- ଲୂକ 1:30-33
- ଲୂକ 16:13
- ରୋମୀୟ 6:23
- ଏଫିସୀୟ 6:9
- ଫିଲିପ୍ପୀୟ2:9-11
- କଲସୀୟ3:23
- ଏବ୍ରୀ 12:14
- ଯାକୁବ 2:1
- ପ୍ରଥମ ପିତର 1:3
- ଯିହୁଦା 1:5
- ପ୍ରକାଶିତ ବାକ୍ୟ 15:4

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **25:5** ଧର୍ମ ଶାସ୍ତ୍ରକୁ ଉଦ୍ଧୃତ କରି ଯୀଶୁ ଶୟତାନକୁ ଉତ୍ତର ଦେଲେ I ସେ କହିଲେ, "ଈଶ୍ୱରଙ୍କର ବାକ୍ୟରେ, ସେ ତାହାଙ୍କ ଲୋକମାନଙ୍କୁ ଆଜ୍ଞା କରି ଅଛନ୍ତି, "ତୁମ୍ଭେ ଆପଣା **ପ୍ରଭୁ** ଈଶ୍ୱରକୁ ପରୀକ୍ଷା କରିବ ନାହିଁ I
- **25:7** ଯୀଶୁ ଉତ୍ତର ଦେଲେ, "ମୋଠାରୁ ଦୂର ହ ଶୟତାନ! , "ଈଶ୍ୱରଙ୍କର ବାକ୍ୟରେ, ସେ ତାହାଙ୍କ ଲୋକମାନଙ୍କୁ ଆଜ୍ଞା କରି ଅଛନ୍ତି, କେବଳ ତୁମ୍ଭର **ପ୍ରଭୁ** ଈଶ୍ୱରକୁ ପୂଜା କରିବ ଓ ତାହାଙ୍କର ଉପାସନା କରିବ"
- **26:3** ଏହା **ପ୍ରଭୁ**ଙ୍କର ଅନୁଗ୍ରହର ବର୍ଷ ଅଟେ I
- **27:2** ବ୍ୟବସ୍ଥାର ବିଜ୍ଞ ଉତ୍ତର ଦେଲା ଯେ ଈଶ୍ୱରଙ୍କର ବ୍ୟବସ୍ଥା କହେ, "କି ତୁମ୍ଭେ ଆପଣା ସମସ୍ତ ମନ, ସମସ୍ତ ପ୍ରାଣ ଓ ଶକ୍ତି ଦେଇ **ପ୍ରଭୁ** ଆପଣା ଈଶ୍ୱରଙ୍କୁ ପ୍ରେମ କରିବ I
- **31:5** ତା'ପରେ ପିତର ଯୀଶୁଙ୍କୁ କହିଲା "**ଗୁରୁ** ଯଦି ଏହା ତୁମ୍ଭେ , ମୋତେ ତୁମ୍ଭ ପାଖକୁ ଆସିବା ନିମନ୍ତେ ଆଜ୍ଞା କରନ୍ତୁ"
- **43:9**"ଏହା ନିଶ୍ଚିନ୍ତ ରୂପରେ ଜାଣନ୍ତୁ କି ଈଶ୍ୱର ଯୀଶୁଙ୍କୁ **ପ୍ରଭୁ** ଓ ଖ୍ରୀଷ୍ଟ କରି ଅଛନ୍ତି I
- **47:3** ଏହି ପ୍ରେତାତ୍ମା ଦ୍ୱାରା ସେ ଲୋକମାନଙ୍କର ଭବିଷ୍ୟ କହୁଥିଲା, ସେ ତାର **ସ୍ୱାମୀ** ନିମନ୍ତେ ଭବିଷ୍ୟ କଥା କହି ବହୁତ ଅର୍ଥ ଉପାର୍ଜନ କରିଥିଲା I
- **47:11** ପାଉଲ ଉତ୍ତର ଦେଲେ, "**ପ୍ରଭୁ** ଯୀଶୁଙ୍କ ଉପରେ ବିଶ୍ୱାସ କର, ତେବେ ତୁମ୍ଭେ ଓ ତୁମ୍ଭର ପରିବାର ଉଦ୍ଧାର ପାଇବ I"

ଶବ୍ଦବିନ୍ୟାସ :

- Strong's: H0113, H0136, H1167, H1376, H4756, H7980, H8323, G02030, G06340, G09620, G12030, G29620

ସ୍ୱୀକାର କରିବା, ସ୍ୱୀକାର

ପରିଭାଷା:

ସ୍ୱୀକାର କରିବା ଅର୍ଥ ସତ୍ୟକୁ ଗ୍ରହଣ କରିବା ଅଟେ । "ପାପକର୍ମର ସ୍ୱୀକାର" ଏକମନ୍ତବ୍ୟ କିମ୍ବା ସ୍ୱୀକାରୋକ୍ତି ଅଟେ ଯାହା ସତ୍ୟ ।

- "ସ୍ୱୀକାର" ଶବ୍ଦର ଅର୍ଥ ଈଶ୍ୱରଙ୍କ ବିଷୟରେ ସତ୍ୟକୁ ସାହସିକତା ସହ ପ୍ରକାଶ କରିବା ଅଟେ । ଆମ୍ଭେମାନେ ପାପୀ ଅଟୁ ବୋଲି ସ୍ୱୀକାର କରିବାକୁ ମଧ୍ୟ ଏହା ଦର୍ଶାଇପାରେ ।
- ବାଇବେଲ କହେ ଯେ ଯଦି ଲୋକମାନେ ଈଶ୍ୱରଙ୍କ ନିକଟରେ ଆପଣା ଆପଣା ପାପ ସ୍ୱୀକାର କରିବେ, ଈଶ୍ୱର ସେମାନଙ୍କର ପାପସବୁ କ୍ଷମା କରିବେ ।
- ଯେତେବେଳେ ବିଶ୍ୱାସୀମାନେ ପରସ୍ପରର ପାପ ସ୍ୱୀକାର କରନ୍ତି, ଏହା ଆତ୍ମିକ ଆରୋଗ୍ୟତାକୁ ଆଣେ ବୋଲି ପ୍ରେରିତ ଯାକୁବ ତାଙ୍କ ପତ୍ରରେ ଲେଖନ୍ତି ।
- ଏପରି ଦିନ ଆସିବ ଯେଉଁଦିନ ପ୍ରତ୍ୟେକ ଜିହ୍ୱା ସ୍ୱୀକାର କରିବ କିମ୍ବା ଘୋଷଣା କରିବ ଯେ ଯୀଶୁ ହିଁ ପ୍ରଭୁ ଅଟନ୍ତି ବୋଲି ପ୍ରେରିତ ପାଉଲ ଫିଲିପ୍ପୀୟ ବିଶ୍ୱାସୀମାନଙ୍କୁ ଲେଖନ୍ତି ।
- ଯୀଶୁଙ୍କୁ ପ୍ରଭୁ ଏବଂ ଈଶ୍ୱର ତାଙ୍କୁ ମୃତମାନଙ୍କ ମଧ୍ୟରୁ ଜୀବିତ କଲେ ବୋଲି ଯଦି ଲୋକମାନେ ବିଶ୍ୱାସ କରିବେ, ସେମାନେ ପରିତ୍ରାଣ ପାଇବେ ବୋଲି ପାଉଲ ଆହୁରି କହିଲେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ସ୍ୱୀକାର କରିବା" ଶବ୍ଦକୁ "ସତ୍ୟ ବୋଲି ଗ୍ରହଣ କରିବା" କିମ୍ବା "ପରୀକ୍ଷା କରିବା" କିମ୍ବା "ଘୋଷଣା କରିବା" କିମ୍ବା "ପ୍ରାପ୍ତି ସ୍ୱୀକାର କରିବା" କିମ୍ବା "ଦୃଢ଼ତା ସହ କହିବା" ବୋଲି ଅନୁବାଦ କରାଯାଇପାରେ ।"
- "ସ୍ୱୀକାର" ଶବ୍ଦକୁ "ଘୋଷଣାନାମା" କିମ୍ବା "ସାକ୍ଷ୍ୟ" କିମ୍ବା "ଯାହା ବିଶ୍ୱାସ କରୁ ସେହି ବିଷୟରେ କହିବା" କିମ୍ବା "ପାପକୁ ସ୍ୱୀକାର କରିବା" ବୋଲି ଅନୁବାଦ କରାଯାଇପାରେ ।

(ବିଶ୍ୱାସ, ସାକ୍ଷ୍ୟ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 1:8-10
- ଦ୍ୱିତୀୟ ଯୋହନ 1:7-8
- ଯାକୁବ 5:16
- ଲେବୀୟ ପୁସ୍ତକ 5:5-6
- ମାଥିଉ 3:4-6
- ନିହିମୀୟା 1:6-7
- ଫିଲିପ୍ପୀୟ 2: 9-11
- ଗୀତସଂହିତା 38: 17-18

ଶବ୍ଦବିନ୍ୟାସ:

- Strong's: H3034, H8426, G18430, G36700, G36710

ହାୟ୍

ପରିଭାଷା:

"ହାୟ୍" ଶବ୍ଦ ବଡ଼ ଦୁଃଖର ଅନୁଭବକୁ ଦର୍ଶାଏ I କେହି ଭୟାନକ ସମସ୍ୟାରେ ପଡ଼ିବ ବୋଲି ମଧ୍ୟ ଏହା ସତର୍କ କରାଏ I

- "ତୁମ୍ଭ ପ୍ରତି ହାୟ୍" ଅଭିବ୍ୟକ୍ତି ଲୋକମାନଙ୍କ ନିମନ୍ତେ ଏକ ସାବଧାନର ବାର୍ତ୍ତା ଅଟେ ଯେ ସେମାନଙ୍କର ପାପ ହେତୁ ସେମାନେ ଯାତନା ମଧ୍ୟ ଦେଇ ଯିବେ I
- ବାଇବେଲର ଅନେକ ସ୍ଥାନରେ, ଭୟାନକ ନ୍ୟାୟ୍ ଦେଖାଇବା ନିମନ୍ତେ "ହାୟ୍" ଶବ୍ଦର ପୁନରାବୃତି କରାଯାଇଅଛି I
- ଏକ ବ୍ୟକ୍ତି ଯେତେବେଳେ ଏହା କହେ "ମୋ ପାଇଁ ହାୟ୍" କିମ୍ବା "ମୋ ନିମନ୍ତେ ହାୟ୍" ସେ ଅତି ଜାତନାରେ ଦୁଃଖର ଅନୁଭୁତିକୁ ବ୍ୟାଖ୍ୟା କରୁଅଛି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ହାୟ୍" ଶବ୍ଦକୁ "ବଡ଼ଦୁଃଖ" କିମ୍ବା "ବିଶାଦ" କିମ୍ବା "ବିପତି" କିମ୍ବା "ଆକସ୍ମିକ ଦୁର୍ଭାଗ୍ୟ" ବୋଲି ଅନୁବାଦ କରାଯାଇପାରେ I
- "ହାୟ୍ (ସହର ନିମନ୍ତେ)" ଶବ୍ଦକୁ "ସହର ପାଇଁ କେତେ ବିପତି ଆସିବ" କିମ୍ବା "ସେହି ସହରର ଲୋକମାନେ ଭୟାନକ ରୂପରେ ଦଣ୍ଡିତ ହେବେ "କିମ୍ବା "ସେହି ଲୋକମାନେ ଭୟାନକ ରୂପରେ ଯାତନା ପାଇବେ" ବୋଲି ଅନୁବାଦ କରାଯାଇପାରେ I
- "ମୋ ପାଇଁ ହାୟ୍" କିମ୍ବା "ମୁଁ ନିଜେ ହାୟ୍" ଅଭିବ୍ୟକ୍ତିକୁ "ମୁଁ କେତେ ଦୁଖିତ ଅଟେ" କିମ୍ବା "ମୁଁ ବାସ୍ତବରେ ଦୁଃଖିତ ଅଟେ" କିମ୍ବା "ମୋ ପାଇଁ ଏହା ଅତି ବିପତି ପୂର୍ଣ୍ଣ ଅଟେ" ବୋଲି ଅନୁବାଦ କରାଯାଇପାରେ I
- "ତୁମ୍ଭ ନିମନ୍ତେ ହାୟ୍" ଅଭିବ୍ୟକ୍ତିକୁ "ତୁମ୍ଭେ ଭୟାନକ ରୂପରେ ଯାତନା ପାଇବ" କିମ୍ବା "ତୁମ୍ଭେ ଅତି ବିପତିର ଅନୁଭବ କରିବ" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ଯିହଜିକଲ 13:17-18
- ହବକ୍କୂକ 2:12
- ଯିଶାଇୟ 31:1-2
- ଯିରିମୀୟ 45:1-3
- ଯିହୂଦା 1:9-11
- ଲୂକ 6:24
- ଲୂକ 17:1-2
- ମାଥିଉ 23:23

ଶବ୍ଦବିନ୍ୟାସ :

- Strong's: H188, H190, H337, H480, H1929, H1945, H1958, G3759

ହୃଦୟ

ପରିଭାଷା:

"ହୃଦୟ" ଶବ୍ଦ ଆଭ୍ୟନ୍ତରୀଣ ଶାରୀରିକ ଅଙ୍ଗକୁ ବୁଝାଏ ଯାହା ଲୋକ ଏବଂ ପଶୁମାନଙ୍କ ଶରୀରରେରେ ରକ୍ତ ସଞ୍ଚାଳନ କରିଥାଏ | ବାଇବେଲରେ, "ହୃଦୟ" ଶବ୍ଦ ଅନେକ ସମୟରେ ଗୋଟିଏ ବ୍ୟକ୍ତିର ଚିନ୍ତା, ଭାବନା, କାମନା ଏବଂ ଇଚ୍ଛା ଦର୍ଶାଇବା ନିମନ୍ତେ ରୂପକ ରୂପରେ ବ୍ୟବହୃତ ହୁଏ I

- "କଠିନ ହୃଦୟ" ହେବା ଏହା ସାଧାରଣ ଅଭିବ୍ୟକ୍ତି ଅଟେ ଏହାର ଅର୍ଥ ଏକ ବ୍ୟକ୍ତି ଜିଦ୍‌ଖୋର ହୋଇ ଈଶ୍ୱରଙ୍କ ଆଜ୍ଞାକାରୀ ହେବାକୁ ମନା କରେ I
- "ମୋର ସମସ୍ତ ହୃଦୟ ସହିତ" କିମ୍ବା "ମୋର ପୁରା ହୃଦୟରେ" ଅଭିବ୍ୟକ୍ତିର ଅର୍ଥ ହୃଦୟରେ କିଛି ବିଷାଦନ ରଖି ସମ୍ପୂର୍ଣ୍ଣ ସମର୍ପଣ ଏବଂ ଇଚ୍ଛା ସହିତ କାମ କରିବାକୁ ବୁଝାଏ I
- "ହୃଦୟକୁ ନେବା" ଅଭିବ୍ୟକ୍ତିର ଅର୍ଥ କିଛି ବିଷୟକୁ ଗମ୍ଭିରତାରେ କରିବା ଏବଂ ନିଜ ଜୀବନରେ ଲାଗୁ କରିବା ଅଟେ I
- "ଭଗ୍ନ ହୃଦୟ" ଏକ ଅତ୍ୟନ୍ତ ଦୁଃଖିତ ବ୍ୟକ୍ତିକୁ ଦର୍ଶାଏ I ସେହି ବ୍ୟକ୍ତି ଭାବନାତ୍ମକ ରୂପରେ ଆଘାତ ପାଇଅଛି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କେତେକ ଭାଷା ଏହି ଧାରଣାକୁ ପ୍ରକାଶ କରିବାକୁ ଶରୀରର ବିଭିନ ଅଂଶକୁ ଯେପରି "ଉଦର" କିମ୍ବା "କଲିଜା" ଶବ୍ଦକୁ ବ୍ୟବହାର କରେ I
- କେତେକ ଭାଷାରେ ଏହି ଅଭିବ୍ୟକ୍ତି ନିମନ୍ତେ ଅନ୍ୟ କେତେକ ଶବ୍ଦ ବ୍ୟବହାର ହୁଏ ଏବଂ ଅନ୍ୟ ଭାଷା ଅନ୍ୟ ଶବ୍ଦଗୁଡ଼ିକୁ ବ୍ୟବହାର କରେ I
- ଯଦି "ହୃଦୟ" କିମ୍ବା ଶରୀରର ବିଭିନ୍ନ ଅଂଶ ଏହି ଶବ୍ଦର ଅର୍ଥ ପ୍ରକାଶ ନକରେ ତେବେ କେତେକ ଭାଷା ଏହି ଶବ୍ଦକୁ ଆକ୍ଷରିକ ଭାବେ "ଚିନ୍ତା" କିମ୍ବା "ଭାବନା "କିମ୍ବା "ଇଚ୍ଛା" ଶବ୍ଦଗୁଡ଼ିକୁ ବ୍ୟବହାର କରି ଅନୁବାଦ କରିପାରିବେ I
- ପ୍ରସଙ୍ଗ ଉପରେ ଆଧାର କରି , "ମୋର ସମସ୍ତ ହୃଦୟ ସହିତ "କିମ୍ବା "ମୋର ପୁରା ହୃଦୟରେ" ବାକ୍ୟାଂଶକୁ "ମୋର ସମସ୍ତ ଶକ୍ତି ସହିତ" କିମ୍ବା "ସମ୍ପୂର୍ଣ୍ଣ ସମର୍ପଣ ସହିତ" କିମ୍ବା "ପୂର୍ଣ୍ଣ ରୂପରେ" କିମ୍ବା "ପୁରା ସମର୍ପଣ ସହିତ" ବୋଲି ଅନୁବାଦ କରାଯାଇପାରେ I
- "ହୃଦୟକୁ ନେବା" ଅଭିବ୍ୟକ୍ତିକୁ "ଗମ୍ଭିରତାରେ ନେବା" କିମ୍ବା "ଯତ୍ନ ପୂର୍ବକ ଏହା ବିଷୟରେ ଚିନ୍ତା କରିବା" ବୋଲି ଅନୁବାଦ କରାଯାଇପାରେ I
- "କଠିନ ହୃଦୟେ" ଅଭିବ୍ୟକ୍ତିକୁ "ଜିଦ୍‌ଖୋର ହୋଇ ବିରୋଧ କରିବା" କିମ୍ବା "ମାନିବାକୁ ମନା କରିବା" କିମ୍ବା "ନିରନ୍ତର ଈଶ୍ୱରଙ୍କ ଅନାଜ୍ଞାକାରୀ ହେବା" ବୋଲି ଅନୁବାଦ କରାଯାଇପାରେ I
- "ଭଗ୍ନ ହୃଦୟ" ଶବ୍ଦକୁ "ଅତି ଦୁଖିତ" କିମ୍ବା "ଗଭୀର ରୂପରେ ଆଘାତ ପାଇବା" ବୋଲି ଅନୁବାଦ କରାଯାଇପରେ I

(କଠିନ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 3:17
- ପ୍ରଥମ ଥେସଲନୀକୀୟ 2:4
- ଦ୍ୱିତୀୟ ଥେସଲନୀକୀୟ 3:13-15
- ପ୍ରେରିତ 8:22
- ପ୍ରେରିତ 15:9
- ଲୂକ 8:15
- ମାର୍କ 2:6
- ମାଥିଉ 5:8
- ମାଥିଉ 22:37

ଶବ୍ଦବିନ୍ୟାସ :

- Strong's: H1079, H2436, H2504, H2910, H3519, H3629, H3820, H3821, H3823, H3824, H3825, H3826, H4578, H5315, H5640, H7130, H7307, H7356, H7907, G06740, G12820, G12710, G21330, G25880, G25890, G46410, G46980, G55900

translationWords

Names

ଅକ୍ଷସରସ

ତଥ୍ୟମାନ:

ଅକ୍ଷସରସ ଜଣେ ପ୍ରାଚୀନ ପାରସ୍ୟ ରାଜ୍ୟର ରାଜାଥିଲେ, ଯେ ପାରସ୍ୟ ରାଜ୍ୟ ଉପରେ କୋଡିଏ ବର୍ଷ ଶାସନ କଲେ I

- ଏହା ବନ୍ଦିତ୍ୱରେ ଥିବା ଯିହୁଦୀମାନେ ଯେତେବେଳେ ବାବିଲନରେ, ଯାହା ପାରସ୍ୟ ରାଜ୍ୟ ର ନୀୟନ୍ତ୍ରଣରେଥିଲା I
- ଏହି ରାଜାଙ୍କ ଅନ୍ୟ ନାମ ଅକ୍ଷସରସ ହୋଇଥାଇପାରେ I
- କ୍ରୋଧର ଚରଣରେ ତାଙ୍କ ରାଣୀଙ୍କୁ ପଠାଇବା ପରେ, ରାଜା ଅକ୍ଷସରସର ଏକ ଯିହୁଦୀ ମହିଳା ଏଷ୍ଟରଙ୍କୁ ନିଜ ଜୀବନର ନୂତନ ସ୍ତ୍ରୀ ଏବଂ ରାଣୀ ଭାବେ ମନୋନୀତ କଲେ I

(ଅନୁବାଦର ସୂଚନାମାନ: ନାମ ଗୁଡ଼ିକର ଅନୁବାଦ)

(ମଧ୍ୟ ଦେଖିପାରିବା: ବାବିଲୋନ, ଏଷ୍ଟର, କୁଶ, ବନ୍ଦୀ, ପାରସ୍ୟ)

ବାଇବଲ ପଦ ପର୍ଶ୍ୱ:

- ଦାନୀୟେଲ ୦୯:୧-୨
- ଏଷ୍ଟର ୧୦:୧-୨
- ଏଜ୍ରା ୦୪:୭-୮

ବୋର୍ଡ ଡାଟା :

- Strong's: H325

ଅଥଲୀୟା

ତଥ୍ୟମାନ:

ଅଥଲୀୟା ଯିହୁଦାର ରାଜା ଯିହୋରାମଙ୍କ ଦୁଷ୍ଟ ସ୍ତ୍ରୀଥିଲେ I ସେ ଇସ୍ରାଏଲର ଦୁଷ୍ଟ ରାଜା ଅମ୍ରିଙ୍କ ନାତୁଣୀଥିଲେ I

- ଯିହୋରାମଙ୍କ ମୃତ୍ୟୁ ପରେ ଅଥଲୀୟାଙ୍କ ପୁତ୍ର ଅହସୀୟ ରାଜା ହେଲେ I
- ଯେତେବେଳେ ଅଥଲୀୟାଙ୍କ ପୁତ୍ର ଅହସୀୟ ମୃତ୍ୟୁବରଣ କଲେ, ଅଥଲୀୟା ରାଜାଙ୍କ ପରିବାରର ବାକି ସଦସ୍ୟମାନଙ୍କୁ ହତ୍ୟା କରିବାକୁ ଯୋଜନା କଲେ I
- କିନ୍ତୁ ଅଥଲୀୟାର ଯୁବା ନାତି ଯୋୟାଶ ତାଙ୍କ ପିଉସୀଙ୍କ ଦ୍ୱାରା ଲୁଚିଥିଲେ ଏବଂ ହତ୍ୟା ହେବାଠାରୁ ବଞ୍ଚିଯାଇଥିଲେ I

ଦେଶରେ ଅଥଲୀୟାଙ୍କ ଛଅ ବର୍ଷର ଶାସନ ପରେ, ତାଙ୍କୁ ହତ୍ୟା କରାଯାଇଥିଲା ଏବଂ ଯୋୟାଶ ରାଜା ହୋଇଥିଲେ I

(ଅନୁବାଦର ପ୍ରସ୍ତାବିତ ସୂଚନାମାନ: ନାମର ଅନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ଅହସୀୟ, ଯିହୋରାମ, ଯୋୟାଶ, ଅମ୍ରି)

ବାଇବଲ ପଦପର୍ବ:

- ଦ୍ୱିତୀୟ ବଂଶାବଳି ୨୨:୧-୩
- ଦ୍ୱିତୀୟ ବଂଶାବଳି ୨୪:୬-୭
- ଦ୍ୱିତୀୟ ରାଜାବଳି ୧୧:୧-୩

ବୋର୍ଡ ଡାଟା :

- Strong's: H6721

ଅଦୋନୀୟ

ସଂଜ୍ଞା:

ଅଦୋନୀୟ ଦାଉଦଙ୍କ ଚତୁର୍ଥ ପୁତ୍ରଥିଲେ I

- ଅଦୋନୀୟ ତାଙ୍କ ଭାଇ ଅବଶାଲୋମ୍ ଏବଂ ଅମ୍ନୋନଙ୍କ ମୃତ୍ୟୁ ପରେ ଇସ୍ରାଏଲ ଉପରେ ରାଜା ହେବା ନିମନ୍ତେ ଚେଷ୍ଟା କଲେ I
- ଯାହା ହେଲେ ମଧ୍ୟ ପରମେଶ୍ୱର, ପ୍ରତିଜ୍ଞା କାରିଥିଲେ ଯେ ଦାଉଦଙ୍କ ପୁତ୍ର ଶଲୋମନ ରାଜା ହେବେ, ସେଥିପାଇଁ ଅଦୋନୀୟଙ୍କ ସ୍ଥାନକୁ ବଳପୂର୍ବକ ଦୂର କରାଯାଇଥିଲା ଏବଂ ଶଲୋମନଙ୍କୁ ରାଜା କରାଯାଇଥିଲା I
- ଯେତେବେଳେ ଅଦୋନୀୟ ଦ୍ୱିତୀୟ ଥର ପାଇଁ ରାଜା ହେବା ନିମନ୍ତେ ଚେଷ୍ଟା କଲେ, ଶଲୋମନ ତାଙ୍କୁ ମୃତ୍ୟୁଦଣ୍ଡ ଦେଲେ I

(ଅନୁବାଦ ସୂଚନାମାନ:ନାମଗୁଡ଼ିକର ଅନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ଦାଉଦ, ଶଲୋମନ)

ବାଇବଲ ପଦ ପର୍ଶ:

ବୋର୍ଡ ଡାଟା :

- Strong's: G138

ଅବଶାଲମ

ତଥ୍ୟମାନ:

ଅବଶାଲମ ଦାଉଦ ରାଜାଙ୍କ ତୃତୀୟ ପୁତ୍ରଥିଲେ I ସେ ତାଙ୍କର ସୁନ୍ଦର ଦେଖାଯିବାରେ ଓ ଜ୍ୱଳନ୍ତ ସ୍ୱଭାବ ପାଇଁ ଜଣାଶୁଣାଥିଲେ I

- ଯେତେବେଳେ ଅବଶାଲମଙ୍କ ଭଉଣୀ ତାମର ତାଙ୍କର ସାବତ ଭାଇ ଅମ୍ନୋନ୍‌ଙ୍କ ଦ୍ୱାରା ବଳତ୍କାର ହୋଇଥିଲେ, ସେତେବେଳେ ଅବଶାଲମ ଅମ୍ନୋନଙ୍କୁ ହତ୍ୟା କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କଲେ I
- ଅମ୍ନୋନଙ୍କ ବଦ୍ଧ ପରେ, ଅବଶାଲମ ଗଶୁରର ଏକ ଅଞ୍ଚଳକୁ ପଳାୟନ କଲେ (ଯେଉଁଠାରୁ ତାଙ୍କ ମାଁ ମିଖଲା ଆସିଥିଲେ) ଏବଂ ସେଠାରେ ତିନି ବର୍ଷ ରହିଲେ I

ତାହାପରେ ଦାଉଦ ରାଜା ତାଙ୍କୁ ଯିରୁଶାଲମକୁ ଫେରିଯିବା ପାଇଁ କହିପଠାଇଲେ, କିନ୍ତୁ ଅବଶାଲମକୁ ଦୁଇ ବର୍ଷ ପର୍ଯ୍ୟନ୍ତ ତାଙ୍କ ସମ୍ମୁଖକୁ ଆସିବା ନିମନ୍ତେ ଅନୁମତି ଦେଲେ ନାହିଁ I

- ଅବଶାଲମ ଦାଉଦ ରାଜାଙ୍କ ବିରୁଦ୍ଧରେ କେତେକଙ୍କୁ ଏକତ୍ର କଲେ ଏବଂ ତାଙ୍କ ବିରୁଦ୍ଧରେ ବିଦ୍ରୋହର ନେତୃତ୍ୱ ନେଲେ I
- ଦାଉଦଙ୍କ ସେନା ଅବଶାଲମଙ୍କ ବିରୁଦ୍ଧରେ ଯୁଦ୍ଧ କଲେ ଏବଂ ତାଙ୍କୁ ହତ୍ୟା କଲେ I

ଯେତେବେଳେ ଏହା ଘଟିଲା ଦାଉଦ ବହୁତ ଦୁଃଖିତଥିଲେ I

(ଅନୁବାଦ ସୂଚନା: ନାମ ଗୁଡିକୁ କିପରି ଅନୁବାଦ କରାଯାଏ)

(ମଧ୍ୟ ଦେଖିପାରିବା: ଗଶୂରୀୟ, ଅମ୍ନୋନ)

ବାଇବଲ ପଦପର୍ବ:

- ପ୍ରଥମ ବଂଶାବଳି ୦୩:୧-୩
- ପ୍ରଥମ ରାଜାବଳି ୦୧:୫-୬
- ଦ୍ୱିତୀୟ ଶାମୁୟେଲ ୧୫:୧-୨
- ଦ୍ୱିତୀୟ ଶାମୁୟେଲ ୧୭:୧-୪
- ଦ୍ୱିତୀୟ ଶାମୁୟେଲ ୧୮:୧୮
- ଗୀତସଂହିତା ୦୦୩:୧-୨

ବୋର୍ଡ ଡାଟା :

- Strong's: H53

ଅବିମେଲକ

ତଥ୍ୟମାନ:

ଯେଉଁ ସମୟରେ ଅବ୍ରହାମ ଏବଂ ଇସ୍‌ହାକ କିଣାନ ଦେଶରେ ବାସ କରୁଥିଲେ ସେହି ସମୟରେ ଅବିମେଲକ ଗରାର ଅଞ୍ଚଳ ଉପରେ ପଲେଷ୍ଟୀୟ ରାଜାଥିଲେ I

- ଅବ୍ରହାମ ସାରାଙ୍କୁ ନିଜ ସ୍ତ୍ରୀ କହିବା ବଦଳରେ ଭଉଣୀ କହି ରାଜା ଅବିମେଲକଙ୍କୁ ଠକିଲେ I
- ଅବ୍ରହାମ ଏବଂ ଅବିମେଲକ ବେରଶେବାରେ ଥିବା କୂପଗୁଡିକର ମାଲିକାନା ବିଷୟରେ ଚୁକ୍ତି କଲେ I
- ବହୁ ବର୍ଷ ପରେ, ଇସ୍‌ହାକ ମଧ୍ୟ ନିଜ ସ୍ତ୍ରୀ ରିବିକାଙ୍କୁ ତାଙ୍କ ଭଉଣୀ କହି ଅବିମେଲକ ଏବଂ ଗରାରର ଅନ୍ୟମାନଙ୍କୁ ଠକିଲେ I
- ରାଜା ଅବିମେଲକ ଅବ୍ରହାମ ଏବଂ ପରେ ଇସ୍‌ହାକଙ୍କୁ ମିଛ କହିଥିବାରୁ ଅନୁଯୋଗ କଲେ I
- ଅବିମେଲକ ନାମକ ଅନ୍ୟ ଏକ ବ୍ୟକ୍ତି ଗିଦୀଅନ୍‌ଙ୍କ ପୁତ୍ର ଏବଂ ଯୋଥମ୍‌ର ଜଣେ ଭାଇଥିଲେ I
- କେତେକ ଅନୁବାଦରେ ରାଜା ଅବିମେଲକ ଯେ ଅନ୍ୟ ଏକ ବ୍ୟକ୍ତି ତାହା ବୁଝିବା ନିମନ୍ତେ କିଛି ନାମରେ ବନାନ ପରିବର୍ତ୍ତନ କରି ବ୍ୟବହାର କରାଯାଇପାରିବ I

(ଅନୁବାଦ ସୂଚନା: ନାମକୁ ଅନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ବେର୍‌ଶେବା, ଗରାର, ଗିଦିଅନ୍, ଯୋଥମ୍, ପଲେଷ୍ଟୀୟ)

ବାଇବଲ ପଦପର୍ବ:

- ଦ୍ୱିତୀୟ ଶାମୁୟେଲ ୧୧:୨୧
- ଆଦି ପୁସ୍ତକ ୨୦:୧-୩
- ଆଦି ପୁସ୍ତକ ୨୦:୪-୫
- ଆଦି ପୁସ୍ତକ ୨୧:୨୨-୨୪
- ଆଦି ପୁସ୍ତକ ୨୬:୯-୧୧
- ବିଚାରକର୍ତ୍ତା ୦୯:୫୨-୫୪

ବୋର୍ଡ ଡାଟା :

- Strong's: H40

ଅବୀୟ୍

ସତ୍ୟ ଘଟଣାବଳୀ:

ଅବୀୟ୍ ଯିହୂଦାର ଜଣେ ରାଜା ଥିଲେ ଯିଏକି ଖ୍ରୀଷ୍ଟପୂର୍ବ 915 ଠାରୁ 913 ପର୍ଯ୍ୟନ୍ତ ଶାସନ କରିଥିଲେ I ସେ ରାଜା ରିହବୀୟାମଙ୍କ ପୁତ୍ର ଥିଲେ I ପୂରାତନ ନିୟମରେ ଅବୀୟ୍ ନାମକ ଅନେକ ଅନ୍ୟ ପୁରୁଷ ମଧ୍ୟ ଥିଲେ I

- ଶାମୁୟେଲଙ୍କ ପୁତ୍ରଗଣ ଅବୀୟ୍ ଏବଂ ଯୋୟେଲ ବେର୍‌ଶେବାରେ ଇସ୍ରାଏଲ ଲୋକମାନଙ୍କ ଉପରେ ଶାସନ କରୁଥିଲେ I କାରଣ ଅବୀୟ୍ ଏବଂ ତାଙ୍କ ଭାଇ ଅସାଧୁ ଏବଂ ଲୋଭୀ ଥିଲେ, ଲୋକମାନେ ତାଙ୍କ ବଦଳରେ ଶାସନ କରିବା ନିମନ୍ତେ ଅନ୍ୟ ରାଜାଙ୍କୁ ନିଯୁକ୍ତି କରିବାକୁ ଶାମୁୟେଲଙ୍କୁ କହିଲେ I
- ଦାଉଦ ରାଜାଙ୍କ ସମୟରେ ଅବୀୟ୍ ଏକ ମନ୍ଦିରର ଧର୍ମଯାଜକ ଥିଲେ I
- ଅବୀୟ୍ ଯାରବୀୟାମ୍ ରାଜାଙ୍କର ଜଣେ ପୁତ୍ରଥିଲେ I
- ଅବୀୟ୍ ଜଣେ ମହାଯାଜକ ମଧ୍ୟ ଥିଲେ ଯିଏକି ବାବିଲର ବନ୍ଦୀତ୍ୱରୁ ଯିରୂଶାଲମକୁ ଯିରୁବାବିଲ ସହ ଫେରି ଆସିଥିଲେ I

(ନାମ ଅନୁବାଦ: ଆନୁବାଦ ପ୍ରସ୍ତାବଗୁଡ଼ିକ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 15:3
- ପ୍ରଥମ ଶାମୁୟେଲ 8:1-3
- ଦ୍ୱିତୀୟ ବଂଶାବଳୀ 13:2
- ଦ୍ୱିତୀୟ ବଂଶାବଳୀ 13:19
- ଲୂକ 1:5

ଶବ୍ଦବିନ୍ୟାସ :

- Strong's: H29, G7

ଅବୀୟାଥର

ସଂଜ୍ଞା

ଅବୀୟାଥର ଦାଉଦ ରାଜାଙ୍କ ସମୟରେ ଇସ୍ରାଏଲ ଦେଶ ନିମନ୍ତେ ମହାଯାଜକଥିଲେ I

- ଯେତେବେଳେ ଶାଉଲ ରାଜା ଧର୍ମଯାଜକମାନଙ୍କୁ ହତ୍ୟା କଲେ, ଅବୀୟାଥର ବଞ୍ଚିଗଲେ ଏବଂ ଦାଉଦଙ୍କ ପାଖକୁ ନିର୍ଜନ ସ୍ଥାନକୁ ଗଲେ I
- ଅବୀୟାଥର ଏବଂ ଅନ୍ୟ ସାଦୋକ୍ ନାମକ ମହାଯାଜକ ଦାଉଦଙ୍କୁ ତାଙ୍କ ଶାସନ କାଳ ମଧ୍ୟରେ ବିଶ୍ୱସ୍ତ ଭାବରେ ସେବା କଲେ I
- ଦାଉଦଙ୍କ ମୃତ୍ୟୁ ପରେ, ଅବୀୟାଥର ଶଲୋମନଙ୍କ ବଦଳରେ ଅଦୋନୀୟଙ୍କୁ ରାଜା ହେବା ନିମନ୍ତେ ସାହାଯ୍ୟ କଲେ I
- ଏହି କାରଣରୁ ଶଲୋମନ ରାଜା ଅବୀୟାଥରଙ୍କୁ ଯାଜକ ବର୍ଗରୁ ବାହାର କରିଦେଲେ I

(ମଧ୍ୟ ଦେଖିପାରିବା: ସାଦୋକ୍, ଶାଉଲ, ଦାଉଦ, ଶଲୋମନ, ଅଦୋନୀୟ)

ବାଇବଲ ପଦପର୍ବ:

- ପ୍ରଥମ ବଂଶାବଳି ୨୭:୩୨-୩୪
- ପ୍ରଥମ ରାଜାବଳି ୦୧:୭-୮
- ପ୍ରଥମ ରାଜାବଳି ୦୨:୨୨-୨୩
- ଦ୍ୱିତୀୟ ଶାମୁୟେଲ ୧୭:୧୫-୧୬
- ମାର୍କ ୦୨:୨୫-୨୬

ବୋର୍ଡ ଡାଟା :

- Strong's: H54, G8

ଅବ୍ରହାମ, ଅବ୍ରାମ

ଘଟଣାବଳୀ:

ଅବ୍ରାମ ଉର ନଗରର ଏକ କଲଦୀୟ ଲୋକଥିଲେ ଯିଏ ଇସ୍ରାଏଲୀୟମାନଙ୍କ ଜାତି ପିତା ହେବା ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ମନୋନୀତ ହୋଇଥିଲେ I ଈଶ୍ୱର ତାହାର ନାମ ଅବ୍ରହାମରେ ପରିବର୍ତ୍ତନ କଲେ I

- ଅବ୍ରହାମ ନାମର ଅର୍ଥ "ମହାନ ପିତା" ଅଟେ I
- ଅବ୍ରହାମ ଅର୍ଥ "ବହୁ ଲୋକର ପିତା" ଅଟେ I
- ଈଶ୍ୱର ଅବ୍ରହାମଙ୍କ ପ୍ରତିଜ୍ଞା କଲେ ଯେ ତାଙ୍କର ବାହୁ ବଂଶ ହେବ, ଯିଏ ମହାନ ଗୋଷ୍ଠୀରେ ପରିଣତ ହେବ I
- ଅବ୍ରହାମ ଈଶ୍ୱରଙ୍କୁ ବିଶ୍ୱାସ କଲେ ଏବଂ ତାଙ୍କୁ ମାନ୍ୟକଲେ I କଲଦୀୟଠାରୁ କିଣାନକୁ ଯିବା ପାଇଁ ଈଶ୍ୱର ଅବ୍ରହାମଙ୍କୁ ଚାଳନା କଲେ I
- ଅବ୍ରହାମ ଏବଂ ତାଙ୍କ ସ୍ତ୍ରୀ ସାରା, ଯେତେବେଳେ ସେମାନେ ବହୁତ ବୃଦ୍ଧ ହୋଇଥିଲେ ଏବଂ କିଣାନରେ ବସବାସ କରୁଥିଲେ, ଏକ ପୁତ୍ର ପ୍ରାପ୍ତ ହେଲେ, ଯାହାର ନାମ ଇସ୍ହାକ ଦେଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକର ଅନୁବାଦ କରନ୍ତୁ

(କିଣାନ, କଲଦୀୟ, ସାରା, ଇସ୍ହାକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 3:8
- ଆଦି ପୁସ୍ତକ 11:29-30
- ଆଦି ପୁସ୍ତକ 21:1-4
- ଆଦି ପୁସ୍ତକ 22:2
- ଯାକୁବ 2:23
- ମାଥିଉ 1:2

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 4:6 ଯେତେବେଳେ **ଅବ୍ରାମ** କିଣାନରେ ପହଞ୍ଚିଲେ, ପରମେଶ୍ୱର କହିଲେ, "ତୁମ୍ଭର ଚାରିଆଡ଼େ ଅନାଅ. ଯାହା ତୁମ୍ଭେ ଦେଖିପାରୁଛ ସେହି ସମସ୍ତ ଦେଶକୁ ମୁଁ ତୁମ୍ଭକୁ ଏବଂ ତୁମ୍ଭର ବଂଶକୁ ଉତ୍ତରାଧିକାରୀ ସ୍ୱରୂପେ ଦେବି I
- **5:4** ତା'ପରେ, ପରମେଶ୍ୱର **ଅବ୍ରାମ**ର ନାମକୁ ଅବ୍ରହାମରେ ପରିବର୍ତ୍ତନ କଲେ, ଯାହାର ଅର୍ଥ "ବହୁଲୋକର ପିତା I"
- **5:6** କେତେବର୍ଷ ପରେ, ଯେତେବେଳେ **ଅବ୍ରହାମ** 100 ବର୍ଷ ଏବଂ ସାରା 90 ବର୍ଷ ହୋଇଥିଲେ, ସେତେବେଳେ ସାରା ଅବ୍ରହାମର ପୁତ୍ରକୁ ଜନ୍ମ କଲେ I
- **5*;*6** ଯେତେବେଳେ ଇସ୍ହାକ ଏକ ଯୁବା ବ୍ୟକ୍ତିଥିଲେ, ପରମେଶ୍ୱର **ଅବ୍ରହାମର** ବିଶ୍ୱାସକୁ ପରୀକ୍ଷା କଲେ, ଏବଂ ଏହା କହିଲେ, "ତୁମ୍ଭର ଏକମାତ୍ର ପୁତ୍ରକୁ ନିଅ, ଏବଂ ତାଙ୍କୁ ମୋ' ନିମନ୍ତେ ବଳିଦାନ ସ୍ୱରୂପେ ହତ୍ୟା କର I"
- **6:1** ଯେତେବେଳେ **ଅବ୍ରହାମ** ଗତ ବୟସ୍କ ହୋଇଥିଲେ ଏବଂ ତାଙ୍କ ପୁତ୍ର, ଇସ୍ହାକ, ବୟସ ପ୍ରାପ୍ତ ବ୍ୟକ୍ତି ହୋଇଥିଲେ, **ଅବ୍ରହାମ** ଯେଉଁ ସ୍ଥାନରେ ତାଙ୍କ ସମ୍ପର୍କୀୟମାନେ ରହୁଥିଲେ ସେହି ସ୍ଥାନକୁ ତାଙ୍କ ପୁତ୍ର ଇସ୍ହାକଙ୍କ ନିମନ୍ତେ ଏକ କନ୍ୟା ଖୋଜିବା ନିମନ୍ତେ ଏକ ଦାସକୁ ପଠାଇଲେ I
- **6:4** ବହୁ ସମୟ ପରେ **ଅବ୍ରହାମ** ମୃତ୍ୟୁ ଭୋଗ କଲେ ଏବଂ ପରମେଶ୍ୱର ତାଙ୍କୁ ଚୁକ୍ତି କରି ଯେଉଁ ସମସ୍ତ ପ୍ରତିଜ୍ଞା କରିଥିଲେ ତାହା ଇସ୍ହାକଙ୍କୁ ହସ୍ତାନ୍ତର କରାଗଲା I
- **21:2** ପରମେଶ୍ୱର ପ୍ରତିଜ୍ଞା କଲେ **ଅବ୍ରହାମ** ଯେ ତାଙ୍କ ଦ୍ୱାରା ପୃଥିବୀର ସମସ୍ତ ଗୋଷ୍ଠୀର ଲୋକ ଏକ ଆଶୀର୍ବାଦ ପ୍ରାପ୍ତ ହେବେ I

ଶବ୍ଦବିନ୍ୟାସ :

- Strong's: H0087, H0085, G00110

ଅବ୍‌ନର

ସଂଜ୍ଞା

ପୁରାତନ ନିୟମରେ ଅବ୍‌ନର ଶାଉଲ ରାଜାଙ୍କ ଜ୍ଞାତି ଭାଇଥିଲେ I

- ଅବ୍‌ନର ଶାଉଲଙ୍କ ସେନାର ମୁଖ୍ୟ ସେନାପତିଥିଲେ, ଏବଂ ଦାଉଦ ବୀର ଗଲିୟାତ୍‌ଙ୍କୁ ହତ୍ୟା କଲା ଉତ୍ତାରେ, ଯୁବା ଦାଉଦଙ୍କୁ ଶାଉଲଙ୍କ ସହ ପରିଚୟ କରାଇଥିଲେ I
- ଶାଉଲ ରାଜାଙ୍କ ମୃତ୍ୟୁ ପରେ, ଯେତେବେଳେ ଦାଉଦ ଯିହୁଦାର ରାଜା ରୂପେ ନିଯୁକ୍ତି ହୋଇଥିଲେ, ଅବ୍‌ନର ଶାଉଲଙ୍କ ପୁତ୍ର ଈଶ୍‌ବୋଶତଙ୍କୁ ଇସ୍ରାଏଲର ରାଜା ରୂପେ ନିଯୁକ୍ତି କଲେ I
- ପରେ, ଅବ୍‌ନର ଦାଉଦଙ୍କ ମୁଖ୍ୟ ସେନାପତି ଯୋୟାବଙ୍କ ଦ୍ୱାରା ବିଶ୍ୱାସଘାତପୂର୍ବକ ମୃତ୍ୟୁଭୋଗ କଲେ I

(ଅନୁବାଦ ସୂଚନା: ନାମକୁ ଅନୁବାଦ କିପରି କରାଯାଏ)

ବାଇବଲ ପଦପର୍ବ:

- ପ୍ରଥମ ବଂଶାବଳି ୨୬:୨୬-୨୮
- ପ୍ରଥମ ରାଜାବଳି ୦୨:୫-୬
- ପ୍ରଥମ ରାଜାବଳି ୦୨:୩୨-୩୩
- ପ୍ରଥମ ଶାମୁୟେଲ ୧୬:୫୫-୫୬
- ଦ୍ୱିତୀୟ ଶାମୁୟେଲ ୦୩:୨୨-୨୩

ବୋର୍ଡ ଡାଟା :

- Strong's: H74

ତଥ୍ୟମାନ:

ଅମତ୍‌ସୀୟ ଯିହୁଦା ରାଜ୍ୟ ଉପରେ ରାଜା ହେଲେ, ଯେତେବେଳେ ତାଙ୍କ ପିତା ଯୋୟାଶଙ୍କୁ ହତ୍ୟା କରାଗଲା I

- ଅମତ୍‌ସୀୟ ରାଜା ଯିହୁଦା ରାଜ୍ୟ ଉପରେ ଖ୍ରୀଷ୍ଟପୂର୍ବ ୭୯୬ଠାରୁ ଖ୍ରୀଷ୍ଟପୂର୍ବ ୭୬୭ ପର୍ଯ୍ୟନ୍ତ ଅଣତିରିଶ ବର୍ଷ କାଳ ଶାସନ କଲେ I
- ସେ ଜଣେ ଉତ୍ତମ ରାଜାଥିଲେ, କିନ୍ତୁ ଯେଉଁ ସ୍ଥାନରେ ମୂର୍ତ୍ତୀ ପୂଜା କରାଯାଉଥିଲା, ସେହି ସ୍ଥାନଗୁଡ଼ିକ ସେ ବିନଷ୍ଟ କଲେ ନାହିଁ I
- ଅନ୍ତିମରେ ଅମତ୍‌ସୀୟ ଯେଉଁମାନେ ତାଙ୍କ ପିତାଙ୍କର ମୃତ୍ୟୁର କାରଣ ହୋଇଥିଲେ ସେହି ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେଲେ I
- ସେ ବିଦ୍ରୋହକାରୀ ଇଦୋମୀୟମାନଙ୍କୁ ପରାସ୍ତ କଲେ ଏବଂ ସେମାନଙ୍କୁ ଆଣି ଯିହୁଦା ରାଜ୍ୟର ନୀୟନ୍ତ୍ରଣରେ ରଖିଲେ I
- ସେ ଇସ୍ରାଏଲର ରାଜା ଯିହୋୟାହସ୍‌ଙ୍କୁ ଯୁଦ୍ଧ ନିମନ୍ତେ ପ୍ରତିଯୋଗିତାର ଆହ୍ୱାନ ଦେଲେ, କିନ୍ତୁ ପରାସ୍ତ ହେଲେ I

୯.ଯିରୁଶାଲମ ମନ୍ଦିରର କାନ୍ଥଗୁଡ଼ିକର ଅଂଶଗୁଡ଼ିକ ଭାଙ୍ଗିଯାଇଥିଲା ଏବଂ ମନ୍ଦିରର ରୂପା ଓ ସ୍ୱର୍ଣ୍ଣ ପାତ୍ରଗୁଡ଼ିକ ଚୋରି ହୋଇଯାଇଥିଲା I

- ଅନେକ ବର୍ଷ ପରେ ଅମତ୍‌ସୀୟ ସଦାପ୍ରଭୁଙ୍କଠାରୁ ଦୂରେଇ ଗଲେ ଏବଂ ଯିରୁଶାଲମରେ କିଛି ନିର୍ଦ୍ଦିଷ୍ଟ ଲୋକମାନେ ଏକତ୍ରୀତ ହୋଇ ଯୋଜନା କଲେ ଏବଂ ତାଙ୍କୁ ହତ୍ୟା କଲେ I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମ ଗୁଡ଼ିକର ଅନୁବାଦ)

(ମଧ୍ୟ ଦେଖିପାରିବା: ଯୋୟାଶ, ଇଦୋମ୍)

ବାଇବଲ ପଦ ପର୍ଯ୍ୟ:

- ପ୍ରଥମ ବଂଶାବଳି ୦୩:୧୦-୧୨
- ପ୍ରଥମ ବଂଶାବଳି ୦୪:୩୪-୩୮
- ଦ୍ୱିତୀୟ ବଂଶାବଳି ୨୫:୯-୧୦
- ଦ୍ୱିତୀୟ ରାଜାବଳି ୧୪:୮-୧୦

ବୋର୍ଡ ଡାଟା :

- Strong's: H558

ଅମାଲେକ, ଅମାଲେକୀୟ, ଅମାଲେକୀୟଗଣ

ତଥ୍ୟମାନ:

ଅମାଲେକୀୟ ଲୋକମାନେ ଏକ ଯାଯାବର ଦଳର ଲୋକଥିଲେ, ଯେଉଁମାନେ କିଣାନର ଦକ୍ଷିଣ ଦିଗରେ ନେଗେଭ୍ ମରୁଭୂମିଠାରୁ ଆରବ ଦେଶ ପର୍ଯ୍ୟନ୍ତ ବସବାସ କରୁଥିଲେ I ଏହି ଦଳର ଲୋକମାନେ ଏଷୌଙ୍କ ନାତି ଅମାଲେକଙ୍କ ବଂଶରୁ ଆନୀତ I

- ଯେତେବେଳେ ଇସ୍ରାଏଲ ଲୋକମାନେ ପ୍ରଥମ ଥର ପାଇଁ କିଣାନକୁ ଜୀବନଯାପନ କରିବାକୁ ଆସିଲେ, ସେହି ସମୟଠାରୁ ଅମାଲେକୀୟମାନେ ଇସ୍ରାଏଲର ଚିକ୍କ ଶତ୍ରୁଗଣଥିଲେ I
- କେତେକ ସମୟରେ "ଅମାଲେକ" ପଦଟି ସାଂକେତିକ ଭାବେ ସମସ୍ତ "ଅମାଲେକୀୟଗଣ"କୁ ଦର୍ଶାଇବା ପାଇଁ ବ୍ୟବହାର କରାଯାଇଛି I

(ଦେଖନ୍ତୁ: ସିନେକ୍‌ଡୋକେ)

- ଅମାଲେକୀୟମାନଙ୍କ ବିରୋଧରେ ଏକ ଯୁଦ୍ଧ ସମୟରେ, ମୋଶା ଯେତେବେଳେ ତାଙ୍କରି ହସ୍ତଗୁଡ଼ିକ ଉପରକୁ ଉଠାଇଥିଲେ, ସେତେବେଳେ ଇସ୍ରାଏଲ ଲୋକମାନେ ଜୟଯୁକ୍ତ ହେଉଥିଲେ I

ଯେତେବେଳେ ସେ କ୍ଲାନ୍ତ ହୋଇଯାଉଥିଲେ ଏବଂ ତାଙ୍କ ହାତ ତଳକୁ ହୋଇଯାଉଥିଲା, ସେତେବେଳେ ସେମାନେ ପରାଜୟ ହେଉଥିଲେ I ତେଣୁ ଅମାଲେକୀୟମାନଙ୍କୁ ହରାଇବା ପର୍ଯ୍ୟନ୍ତ, ହାରଣ ଏବଂ ହୂର ମୋଶାଙ୍କ ଦୁଇ ହାତକୁ ଉପରେ ରଖିବାକୁ ସାହାଯ୍ୟ କଲେ,

- ଅମାଲେକୀୟମାନଙ୍କ ବିରୁଦ୍ଧରେ ଉଭୟେ ଶାଉଲ ରାଜା ଓ ଦାଉଦ ସାମରିକ ଅଭିଯାନ ଚଳାଇଲେ I
- ଅମାଲେକୀୟମାନଙ୍କ ଉପରେ ଏକ ବିଜୟ ପରେ, ଶାଉଲ ପ୍ରଭୁଙ୍କ ଆଦେଶ କ୍ରମେ ଅମାଲେକୀୟ ରାଜାଙ୍କୁ ହତ୍ୟା କଲେ ନାହିଁ ଏବଂ ଲୁଣ୍ଠନ ସମ୍ପତ୍ତି ରଖିବା ଦ୍ୱାରା ଅବାଧ୍ୟ ହେଲେ I

(ଅନୁବାଦର ପ୍ରସ୍ତାବିତ ବିଷୟ: ନାମ ଗୁଡ଼ିକର ଅନୁବାଦ)

(ମଧ୍ୟ ଦେଖିପାରିବା: ଆରବ, ଦାଉଦ, ଏଷୌ, ନେଗେଭ୍, ଶାଉଲ)

ବାଇବଲ ପଦ ପର୍ଶ୍ୱ:

- ପ୍ରଥମ ବଂଶାବଳି ୦୪:୪୨-୪୩
- ଦ୍ୱିତୀୟ ଶାମୁୟେଲ ୦୧:୮-୧୦
- ଯାତ୍ରାପୁସ୍ତକ ୧୭:୮-୧୦
- ଗଣନା ପୁସ୍ତକ ୧୪:୨୩-୨୫

ବୋର୍ଡ ଡାଟା :

- Strong's: H6002, H6003

ଅମ୍ନୋନ

ତଥ୍ୟମାନ:

ଅମ୍ନୋନ ଦାଉଦ ରାଜାଙ୍କ ବଡ ପୁଅଥିଲେ I ଙ୍କ ମାତା ଦାଉଦଙ୍କ ରାଜା ସ୍ତ୍ରୀ ଅହୀନୋୟମଥିଲେ I

- ଅମ୍ନୋନ ତାଙ୍କ ସାବତ ଭଉଣୀ ତାମରକୁ ବଳତ୍କାର କଲେ, ଯିଏକି ଅବଶାଲୋମଙ୍କର ମଧ୍ୟ ଭଉଣୀଥିଲେ I
- ଏହି କାରଣ ନିମନ୍ତେ ଅବଶାଲୋମ ଅମ୍ନୋନ ବିରୁଦ୍ଧରେ ଯୋଜନା ପ୍ରସ୍ତୁତ କଲେ ଏବଂ ତାଙ୍କୁ ହତ୍ୟା କଲେ I

(ମଧ୍ୟ ଦେଖିପାରିବା: ଦାଉଦ, ଅବଶାଲୋମ)

ବାଇବଲ ପଦ ପର୍ଶ୍ୱ:

- ପ୍ରଥମ ବଂଶାବଳି ୦୩:୧-୩
- ଦ୍ୱିତୀୟ ଶାମୁୟେଲ ୧୩:୧-୨
- ଦ୍ୱିତୀୟ ଶାମୁୟେଲ ୧୩:୭-୯

ବୋର୍ଡ ଡାଟା :

- Strong's: H550

ଅମ୍ମୋନ, ଅମ୍ମୋନୀୟ, ଅମ୍ମୋନୀୟମାନେ

ତଥ୍ୟମାନ

"ଅମ୍ମୋନର ଲୋକ" କିମ୍ବା "ଅମ୍ମୋନୀୟ" କିଣାନରେ ଏକ ଲୋକମାନଙ୍କ ଗୋଷ୍ଠୀଥିଲେ I ସେମାନେ ଲୋଟ ଏବଂ ଲୋଟଙ୍କ ସାନ ଝିଅଙ୍କ ଦ୍ୱାରା ଜନ୍ମିତ ପୁତ୍ର ବିନ-ଅମ୍ମିଙ୍କ ବଂଶାବଳିଥିଲେ I

- "ଅମ୍ମୋନୀୟ" ପଦଟି ବିଶ୍ୱସ୍ତ ସ୍ତ୍ରୀ ଲିଙ୍ଗ "ଅମ୍ମୋନୀୟକୁ" ବୁଝାଏ I

ଏହା "ଅମ୍ମୋନୀୟ ସ୍ତ୍ରୀ" ଭାବରେ ମଧ୍ୟ ଅନୁବାଦ କରାଯାଇପାରେ I

- ଏହି ନିର୍ଦ୍ଦିଷ୍ଟ ଅମୋନୀୟମାନେ ଯର୍ଦ୍ଦନ ନଦୀର ପୂର୍ବ ଦିଗ ପରିତ୍ୟାଗ କଲେ ଏବଂ ଇସ୍ରାଏଲର ଶତ୍ରୁଗଣଥିଲେ I
- ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ, ଅମ୍ମୋନୀୟମାନେ ଇସ୍ରାଏଲକୁ ଅଭିଶାପ ଦେବା ଉଦ୍ଦେଶ୍ୟରେ ବାଲାମ୍ ଭବିଷ୍ୟତବକ୍ତାଙ୍କୁ ଭଡା ନେଲେ, କିନ୍ତୁ ଈଶ୍ୱର ତାଙ୍କୁ ଏହା କରିବାକୁ ଦେଲେ ନାହିଁ I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମକୁ କିପରି ଅନୁବାଦ କରାଯାଏ)

(ମଧ୍ୟ ଦେଖିପାରିବା: ଅଭିଶାପ, ଯର୍ଦ୍ଦନ ନଦୀ, ବହୁ ସଂଖ୍ୟା)

ବାଇବଲ ପଦ ପର୍ଷ୍ଣ:

- ପ୍ରଥମ ବଂଶାବଳି ୧୯:୧-୩
- ଯିହିଜିକଲ ୨୫:୧-୨
- ଆଦିପୁସ୍ତକ ୧୯:୩୬-୩୮
- ଯିହୋଶୂୟ ୧୨:୧-୨
- ବିଚାରକର୍ତ୍ତା ୧୧:୨୬-୨୮
- ସିଫନୀୟ ୦୨:୮-୯

ବୋର୍ଡ ଡାଟା :

- Strong's: H5983, H5984, H5985

ଅମ୍ରି

ଘଟଣାବଳି:

ଅମ୍ରି ଜଣେ ସାମରିକ ସେନାପତିଥିଲେ ଯିଏ ଷଷ୍ଠତମ ଇସ୍ରାଏଲ ରାଜା ହେଲେ

- ଅମ୍ରି ୧୨ ବର୍ଷ ତିର୍ସା ସହରକୁ ଶାସନ କରିଥିଲେ
- ତାଙ୍କ ପୂର୍ବରୁ ଇସ୍ରାଏଲର ସମସ୍ତ ରାଜାଙ୍କ ପରି, ଅମ୍ରି ଜଣେ ଦୁଷ୍କର୍ମକାରୀ ରାଜାଥିଲେ ଯିଏକି ଇସ୍ରାଏଲ ଲୋକମାନଙ୍କୁ ଆହୁରି ଅଧିକ ପ୍ରତିମା ପୂଜା କରିବାକୁ ପ୍ରବର୍ତ୍ତାଇଥିଲେ
- ଅମ୍ରି ରାଜା ଆହବଙ୍କର ପିତାଥିଲେ

(ଅନୁବାଦ ପ୍ରସ୍ତାବ: ନାମ ଗୁଡିକ ଅନୁବାଦ କରିବେ କିପରି)

(ଦେଖ: ଆହବ, ଇସ୍ରାଏଲ, ଯିହୋରାମ, ତିର୍ସା)

ବାଇବଲ ପୃଷ୍ଠଭୂମି:

- ୨ ବଂଶାବଳି ୨୨:୧-୩

ବୋର୍ଡ ଡାଟା :

- Strong's: H6018

ଅରାମ, ଅରାମୀୟ, ଅରାମୀୟମାନେ, ଅରାମୀୟ ଭାଷାବାଦୀ

ସଂଜ୍ଞା:

ପୁରାତନ ନିୟମରେ "ଅରାମ" ଦୁଇ ବ୍ୟକ୍ତିଙ୍କର ନାମଥିଲା I ଏହା ଉତ୍ତର କିଣାନର ଏକ ଅଞ୍ଚଳର ମଧ୍ୟ ନାମଥିଲା, ଯେଉଁ ସ୍ଥାନରେ ଆଧୁନିକ ଦିନର ସିରିୟା ଅବସ୍ଥିତ I

- ଅରାମରେ ବସବାସ କରୁଥିବା ଲୋକ ଅରାମୀୟ ହୋଇଗଲେ ଏବଂ ଅରାମୀୟ ଭାଷା କହିଲେ I

ଯୀଶୁ ଏବଂ ତାଙ୍କ ସମୟର ଅନ୍ୟ ଯିହୁଦୀମାନେ ଅରାମୀୟ ଭାଷା କହିଲେ I

- ଜଣେ ଶେମର ପୁତ୍ରଙ୍କ ନାମ ଅରାମଥିଲା I

ଅନ୍ୟ ଏକ ବ୍ୟକ୍ତି ଅରାମରେବିକାଙ୍କ ଜ୍ଞାତି ଭାଇଥିଲେ I ଏହା ସମ୍ଭବତଃ ଅରାମ ଅଞ୍ଚଳ ଏହି ଦୁଇ ବ୍ୟକ୍ତିଙ୍କ ମଧ୍ୟରୁ, କେହି ଜଣେ ବ୍ୟକ୍ତିଙ୍କ ନାମ ଅନୁସାରେ ନାମିତ ହେଲା I

- ତତ୍ପରେ ଅରାମର ଗ୍ରୀକ୍ ନାମ "ସିରିୟା" ନାମରେ ଜଣା ଗଲା I
- "ପଦ୍ଦନ୍‌ଅରାମୀୟ" ଶବ୍ଦର ଅର୍ଥ "ଅରାମର ସମତଳ ଭୂମି'' ଏବଂ ଏହି ସମତଳ ଭୂମି ଅରାମର ଉତ୍ତର ଭାଗରେ ଅବସ୍ଥିତଥିଲା I
- ଅବ୍ରହାମଙ୍କ କିଛି ସମ୍ପର୍କୀୟ ଆରମ୍ ନଗରରେ ବାସ କଲେ, ଯାହା "ପଦ୍ଦନ୍‌ଅରାମୀୟ"ରେ ଅବସ୍ଥିତଥିଲା I
- ପୁରାତନ ନିୟମରେ, ବେଳେବେଳେ "ଆରମ୍" ଏବଂ "ପଦ୍ଦନ୍‌ଅରାମୀୟ" ପଦ ସମାନ ଅଞ୍ଚଳକୁ ଦର୍ଶାଏ I
- "ଅରାମ ନହରୟିମ୍" ପଦଟିର ଅର୍ଥ "ଦୁଇ ନଦୀର ଅରାମକୁ'' ବୁଝାଯାଏ I

ଏହି ଅଞ୍ଚଳ ମେସପଟାମିଆର ଉତ୍ତର ଏବଂ "ପଦ୍ଦନ୍‌ଅରାମୀୟ"ର ପୂର୍ବ ଭାଗରେ ଅବସ୍ଥିତଥିଲା I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମ କିପରି ଅନୁବାଦ କରାଯାଏ)

(ଦେଖିପାରିବା ମଧ୍ୟ: ମେସପଟାମିଆ, ପଦ୍ଦନ୍‌ଅରାମୀୟ, ରେବିକା, ସିରିୟା ଅରାମୀୟ)

ବାଇବଲ ପଦ ପର୍ଶ୍ୱ:

- ପ୍ରଥମ ବଂଶାବଳି ୦୧:୧୭-୧୯
- ଦ୍ୱିତୀୟ ଶାମୁୟେଲ ୦୮:୫-୬
- ଆମୋଷ ୦୧:୫
- ଯିହିଜିକଲ ୨୭:୧୬-୧୮
- ଆଦିପୁସ୍ତକ ୩୧:୧୯-୩୧
- ହୋଶେୟ ୧୨:୧୧-୧୨
- ଗୀତସଂହିତା ୬୦:୧

ବୋର୍ଡ ଡାଟା :

- Strong's: H758, H763, G689

ଅର୍ତ୍ତକ୍ଷସ୍ତ୍ର

ତଥ୍ୟମାନ:

ଅର୍ତ୍ତକ୍ଷସ୍ତ୍ର ଏକ ରାଜାଥିଲେ ଯେ ପେରସିଆ ସମ୍ରାଟ ଉପରେ ପ୍ରାୟ ଖ୍ରୀଷ୍ଟପୂର୍ବ ୪୬୪ଠାରୁ ୪୨୪ ପର୍ଯ୍ୟନ୍ତ ରାଜତ୍ୱ କଲେ I

- ଅର୍ତ୍ତକ୍ଷସ୍ତ୍ରଙ୍କ ଶାସନ ସମୟରେ, ଇସ୍ରାଏଲୀୟମାନେ ଯିହୁଦାଠାରୁ ବାବିଲୋନରେ ନିର୍ବାସିତଥିଲେ, ଯାହା ସେହି ସମୟରେ ପେରସିଆ ରାଜ୍ୟର ଅଧିନରେଥିଲା I
- ଅର୍ତ୍ତକ୍ଷସ୍ତ୍ର ଏଜ୍ରା ଯାଜକ ଏବଂ ଯିହୂଦୀ ନେତାମାନଙ୍କୁ ବାବିଲୋନ ଛାଡ଼ି ଯିରୂଶାଲମକୁ ଯାଇ ଇସ୍ରାଏଲମାନଙ୍କୁ ପରମେଶ୍ୱରଙ୍କ ନୀୟମ ଶିଖାଇବା ନିମନ୍ତେ ଅନୁମତି ଦେଲେ I
- ଏହି ସମୟ ପରେ, ଅର୍ତ୍ତକ୍ଷସ୍ତ୍ର ତାଙ୍କ ପାନପାତ୍ର ବାହକ ନିହିମିୟ ଯିରୁଶାଲମକୁ ଯାଇ ଯିହୁଦୀମାନଙ୍କୁ ନଗରର ଚତୁଃପାର୍ଶ୍ୱରେ ପ୍ରାଚୀର ପୁର୍ନସ୍ଥାପନ କରିବା ପାଇଁ ନେତୃତ୍ୱ ନେବା ନିମନ୍ତେ ମଧ୍ୟ ଅନୁମତି ଦେଲେ I
- କାରଣ ବାବିଲୋନ ପେରସିଆର ଶାସନ ଅଧିନରେଥିଲା, ଅର୍ତ୍ତକ୍ଷସ୍ତ୍ର ବେଳେବେଳେ "ବାବିଲୋନର ରାଜା" କୁହାଯାଉଥିଲେ I
- ଜାଣି ରଖୁ ଯେ ଅର୍ତ୍ତକ୍ଷସ୍ତ୍ର, କ୍ଷୟାର୍ଷ (ଅକ୍ଷରେଶ୍ୱରଙ୍କ) ସଙ୍ଗେ ସମାନ ନୁହଁନ୍ତି I

(ଅନୁବାଦର ସୂଚନାମାନ: ନାମର ଅନୁବାଦ)

(ମଧ୍ୟ ଦେଖିପାରିବା: ଅର୍ତ୍ତକ୍ଷସ୍ତ୍ର, ବାବିଲୋନ, ପାନପାତ୍ର ବାହକ, ଏଜ୍ରା, ନିହିମୀୟା, ପେରସିଆ)

ବାଇବଲ ପଦ ପର୍ଶ:

- ଏଜ୍ରା 04:7-8
- ଏଜ୍ରା 07:1-5
- ନିହିମୀୟା 02:1-2
- ନିହିମୀୟା 13:6-7

ବୋର୍ଡ ଡାଟା :

- Strong's: H783

ଅଶୂର, ଅଶୂରୀୟ, ଅଶୂରୀୟଗଣ, ଅଶୂରୀୟ ସାମ୍ରାଜ୍ୟ

ତଥ୍ୟମା:

କିଣାନ ଦେଶରେ ଇସ୍ରାଏଲୀୟ ଲୋକମାନେ ବାସ କରୁଥିବା ସମୟରେ ଅଶୂର ଏକ ଶକ୍ତିଶାଳୀ ରାଷ୍ଟ୍ରଥିଲା I ଅଶୂରୀୟ ସମ୍ରାଜ୍ୟ ଏକ ଦେଶର ଗୋଷ୍ଠୀଥିଲା, ଯାହା ଅଶୂରୀୟ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲେ I

- ଅଶୂର ରାଷ୍ଟ୍ର ଏକ ଅଞ୍ଚଳରେଥିଲା, ଯାହା ଏବେ ଇରାକ୍‌ର ଉତ୍ତର ଭାଗରେ ଅବସ୍ଥିତ I
- ଅଶୂରୀୟମାନେ ସେମାନଙ୍କ ଇତିହାସରେ ଭିନ୍ନ ଭିନ୍ନ ସମୟରେ ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ କଲେ I
- ୭୨୨ ଖ୍ରୀଷ୍ଟପୂର୍ବରେ, ଅଶୂରୀୟମାନେ ସମ୍ପୂର୍ଣ୍ଣ ଭାବରେ ଇସ୍ରାଏଲୀୟ ରାଜ୍ୟକୁ ପରାସ୍ତ କଲେ ଏବଂ ଅନେକ ଇସ୍ରାଏଲୀୟମାନଙ୍କୁ ଅଶୂରକୁ ଯିବା ନିମନ୍ତେ ବାଧ କଲେ I
- ବଳକା ଇସ୍ରାଏଲୀୟମାନେ ଭିନ୍ନଜାତିର ବିଦେଶୀମାନଙ୍କୁ ବିବାହ କଲେ, ଯାହା ଅଶୂରୀୟମାନେ ସମରୀୟଠାରୁ ଇସ୍ରାଏଲ ମଧ୍ୟକୁ ଆଣିଥିଲେ I

ତତ୍ପରେ ଏହି ଭିନ୍ନଜାତିରେ ବିବାହ କରିଥିବା ଲୋକମାନଙ୍କ ବଂଶଗତକୁ ସମରୀୟ କୁହାଗଲା I

(ମଧ୍ୟ ଦେଖିପାରିବା: ସମରୀୟ)

ବାଇବଲ ପଦ ପର୍ଶ୍ୱ:

- ଆଦିପୁସ୍ତକ ୧୦:୧୧-୧୪
- ଆଦିପୁସ୍ତକ ୨୫:୧୭-୧୮
- ଯିଶାଇୟ ୦୭:୧୬-୧୭
- ଯିରିମୀୟ ୫୦:୧୭-୧୮
- ମୀଖା ୦୭:୧୧-୧୩

ବାଇବଲ କାହାଣୀରୁ ଉଦାହରଣ:

- **20:02** ସେଥି ନିମନ୍ତେ ଦୁଇ ରାଷ୍ଟ୍ରକୁ ଧ୍ୱଂସ କରିବା ନିମନ୍ତେ ଈଶ୍ୱର ସେମାନଙ୍କ ଶତ୍ରୁମାନଙ୍କୁ ଅନୁମତି ଦେଲେ I

ଇସ୍ରାଏଲ ଦେଶ ଏକ ଶକ୍ତିଶାଳୀ ଏବଂ ନିଷ୍ଠୁର **ଅଶୂର ସମ୍ରାଜ୍ୟ** ଦ୍ୱାରା ବିନଷ୍ଟ ହୋଇଥିଲା ଇସ୍ରାଏଲ ଦେଶରେ ଅନେକ ଲୋକଙ୍କୁ **ଅଶୂରୀୟମାନେ** ହତ୍ୟା କଲେ, ସମସ୍ତ ମୂଲ୍ୟବାନ ବସ୍ତୁ ନେଇଗଲେ ଏବଂ ଦେଶକୁ ଜାଳିଦେଲେ I

- **20:23** ଅଶୂରୀୟମାନେ ସମସ୍ତ ନେତା, ଦକ୍ଷ ଧନୀ ଲୋକକୁ ଏକତ୍ର କଲେ, ଏବଂ ସେମାନଙ୍କୁ **ଅଶୂରକୁ** ନେଇଗଲେ I
- **20:04** ତତ୍ପରେ **ଅଶୂରୀୟମାନେ** ବିଦେଶୀମାନଙ୍କୁ ବସବାସ କରିବା ନିମନ୍ତେ ଆଣିଲେ ଯେଉଁଠାରେ ଇସ୍ରାଏଲ ଦେଶଥିଲା I

ବୋର୍ଡ ଡାଟା :

- Strong's: H804, H1121

ଅସରିୟ୍

ଘଟଣାବଳି:

ପୂରାତନ ନିୟମରେ ଅସରିୟ୍ ନାମରେ ଅନେକ ଲୋକଥିଲେ ।

- ଜଣେ ଅସରିୟ୍ ତାଙ୍କ ବାବିଲୋନୀୟ୍ ନାମ "ଅବେଦନୋଗ" ନାମରେ ସୁପରିଚିତଥିଲେ ।

ସେ ହେଉଛନ୍ତି ଯିହୁଦା ରୁ ଅନେକ ଇସ୍ରାଏଲୀୟମାନଙ୍କ ମଧ୍ୟରୁ ଜଣେଥିଲେ ଯିଏକି ନବୁଖଦନିତ୍ସରଙ୍କ ସେନାବାହୀନୀ ଦ୍ୱାରା ବନ୍ଦୀ କରାଯାଇ ବାବିଲୋନ କୁ ନିଆଯାଇଥିଲେ । ଅସରିୟ୍ ଓ ତାଙ୍କ ଇସ୍ରାଏଲୀୟ୍ ସାଥି ହନାନୀୟ୍ ଓ ମିଶାୟେଲ ବାବିଲୋନୀୟ୍ ରାଜା ଙ୍କୁ ଉପାସନା କରିବା ପାଇଁ ମନା କରିଦେଲେ ତେଣୁ ସେ ସେମାନଙ୍କୁ ଦଣ୍ଡ ସ୍ୱରୂପେ ଜ୍ୱଳନ୍ତା ଅଗ୍ନି କୁଣ୍ଡକୁ ନିକ୍ଷେପ କଲେ । କିନ୍ତୁ ପରମେଶ୍ୱର ସେମାନଙ୍କୁ ରକ୍ଷା କଲେ ଓ ସେମାନଙ୍କ ର କୌଣସି କ୍ଷତି ହେଲା ନାହିଁ ।

- ଯିହୁଦାର ରାଜା ଉଷିୟ୍ ମଧ୍ୟ "ଅସରିୟ୍" ନାମରେ ଜଣାଶୁଣାଥିଲେ ।
- ଅନ୍ୟ ଜଣେ ଅସରିୟ୍ ପୂରାତନ ନୀୟମ ର ଜଣେ ମହାଯାଜକଥିଲେ ।
- ଯିରିମିୟ୍ ଭବିଷ୍ୟତବକ୍ତାଙ୍କ ସମୟରେ, ଅସରିୟ୍ ନାମକ ଜଣେ ବ୍ୟକ୍ତି ଇସ୍ରାଏଲୀୟମାନଙ୍କୁ ଭୁଲ ଭାବରେ ବାଧ କରି ସେମାନଙ୍କ ନିଜ ସ୍ଥାନ ପରିତ୍ୟାଗ କରି ପରମେଶ୍ୱରଙ୍କୁ ଅବଜ୍ଞା କଲେ ।

(ଅନୁବାଦ ର ପ୍ରସ୍ତାବ: ନାମ ର ଅନୁବାଦ)

(ଦେଖନ୍ତୁ: ବାବିଲୋନ, ଦାନୀୟେଲ, ହନାନୀୟ, ମିଶାୟେଲ, ଯିରିମିୟ, ଉଷିୟ)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- 1ବଂଶାବଳି 02:36-38
- 1 ରାଜାବଳି 04:1-4
- 2 ବଂଶାବଳି 15:1-2
- ଦାନୀୟେଲ 01:6-7
- ଯିରିମିୟ୍ 43:1-3

ବୋର୍ଡ ଡାଟା :

- Strong's: H5838

ଅସ୍କିଲୋନ

ତଥ୍ୟମାନ:

ବାଇବଲ ସମୟରେ, ଅସ୍କିଲୋନୀୟ ପଲେଷ୍ଟୀୟର ଏକ ମୂଖ୍ୟ ନଗର, ଯାହା ଭୂମଧ୍ୟ-ସାଗର ଉପକୂଳରେ ଅବସ୍ଥିତଥିଲା I ଏହା ଆଜି ମଧ୍ୟ ଇସ୍ରାଏଲରେ ଅଛି I

- ଅସ୍କିଲୋନୀୟ, ପଲେଷ୍ଟୀୟର ପାଞ୍ଚଟି ପ୍ରଧାନ ନଗର ମଧ୍ୟରୁ ଗୋଟିଏଥିଲା, ଅସ୍‌ଦୋଦ, ଇକ୍ରୋଣୀୟ, ଗାଥ, ଏବଂ ଘସା ସହ I
- ଇଶ୍ରାଏଲୀୟମାନେ ସମ୍ପୂର୍ଣଭାବରେ ଅସ୍କିଲୋନର ଲୋକମାନଙ୍କୁ ପରାସ୍ତ କରି ନଥିଲା, ଯଦ୍ୟପି ଯିହୁଦା ଦେଶର ପାହାଡିଆ ଅଞ୍ଚଳକୁ ଦଖଲ କରିଥିଲା I
- ଅସ୍କିଲୋନ ପଲେଷ୍ଟୀୟମାନଙ୍କ ଦ୍ୱାରା ଶହେ ବର୍ଷ ପର୍ଯ୍ୟନ୍ତ ଦାଖଲ କରାଯାଇଥିଲା I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମଗୁଡ଼ିକର ଅନୁବାଦ)

(ମଧ୍ୟ ଦେଖିପାରିବା: ଅସ୍‌ଦୋଦ, କିଣାନ, ଗାଥ, ଘସା, ପଲେଷ୍ଟୀୟ, ଭୂମଧ୍ୟ-ସାଗର)

ବାଇବଲ ପଦ ପର୍ଜ୍ଞ:

- ପ୍ରଥମ ଶାମୁୟେଲ ୦୬:୧୭-୧୮
- ଆମୋଷ ୦୧:୮
- ଯିରିମୀୟ ୨୫:୧୯-୨୧
- ଯିହୋଶୂୟ ୧୩:୨-୩
- ବିଚାରକର୍ତ୍ତା ୦୧:୧୮-୧୯
- ଯିଖରୀୟ ୦୯:୫-୭

ବୋର୍ଡ ଡାଟା :

- Strong's: H831

ଅସ୍‌ଦୋଦସ, ଅଷ୍‌ଦୋଦ୍

ତଥ୍ୟମାନ:

ଅସ୍‌ଦୋଦସ ପଲେଷ୍ଟୀୟର ପାଞ୍ଚଟି ଅତି ଗୁରୁତ୍ୱପୂର୍ଣ୍ଣ ନଗର ମଧ୍ୟରେ ଗୋଟିଏଥିଲା I ଏହା ଭୂମଧ୍ୟସାଗରର ନିକଟବର୍ତ୍ତୀ ଦକ୍ଷିଣ-ପଶ୍ଚିମ କିଣାନରେ ଅବସ୍ଥିତ ଥିବା ଘଷା ଏବଂ ଯାଫ ନଗର ମଧ୍ୟରେଥିଲା I

- ପଲେଷ୍ଟୀୟମାନଙ୍କ ମନ୍ଦିରରେ ଭ୍ରାନ୍ତ ଦେବତା ଦାଗନ୍ ଅଷ୍‌-ଦୋଦ୍ ଅବସ୍ଥିତଥିଲା I
- ଯେତେବେଳେ ପଲେଷ୍ଟୀୟମାନେ ନୀୟମ ସିନ୍ଦୁକ ଚୋରୀ କରି ଅଷ୍‌-ଦୋଦ୍‌ର ବିଜାତୀ ମନ୍ଦିରରେ ରଖିଲେ, ସେତେବେଳେ ପରମେଶ୍ୱର ଅଷ୍‌-ଦୋଦ୍ ଲୋକମାନଙ୍କୁ କଠୋର ଦଣ୍ଡ ଦେଲେ I
- ଏହି ସହର ନିମନ୍ତେ ଗ୍ରୀକ୍ ନାମ ଅସ୍‌ଦୋଦସଥିଲା I

ଏହା ଅନେକ ନଗରମାନଙ୍କ ମଧ୍ୟରେ ଗୋଟିଏ ନଗର, ଯେଉଁଠାରେ ସୁସମାଚାର ପ୍ରଚାରକ ଫିଲିପ୍ପ ସୁସମାଚାର ପ୍ରଚାର କରିଥିଲେ I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମଗୁଡ଼ିକର ଅନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ଇକ୍ରୋଣ, ଗାଥ, ଘସା, ଯାଫ, ଫିଲିପ୍ପ, ଫିଲିପ୍ପୀୟ)

ବାଇବଲ ପଦ ପର୍ଖ:

- ପ୍ରଥମ ଶାମୁୟେଲ ୦୫:୧-୩
- ପ୍ରେରିତ ୦୮:୩୯-୪୦
- ଆମୋଷ ୦୧:୮
- ଯିହୋଶୂୟ ୧୫:୪୫-୪୭
- ଯିଖରୀୟ ୦୯:୫-୭

{{ଟ୍ୟାଗ୍>କେଟିଲିଙ୍କର ପ୍ରକାଶ}

ବୋର୍ଡ ଡାଟା :

- Strong's: H795, G108

ଅହସୀୟ

ତଥ୍ୟମାନ:

ଅହସୀୟ ଦୁଇଟି ରାଜାଙ୍କର ନାମଥିଲା: ଜଣେ ଇସ୍ରାଏଲ ରାଜ୍ୟକୁ ଶାସନ କରୁଥିଲେ ଏବଂ ଅନ୍ୟ ଜଣ ଯିହୁଦା ରାଜ୍ୟକୁ ଶାସନ କରୁଥିଲେ I

- ଯିହୁଦା ରାଜ୍ୟର ରାଜା ଅହସୀୟ ଯିହୋରାମ ରାଜାଙ୍କ ପୁତ୍ରଥିଲେ I

ସେ ଏକ ବର୍ଷ ପାଇଁ ରାଜତ୍ୱ କଲେ (ଖ୍ରୀଷ୍ଟପୂର୍ବ ୮୪୧) ଏବଂ ତତ୍ପରେ ସେ ଯେହୁଙ୍କ ଦ୍ୱାରା ହତ୍ୟା କରାଯାଇଥିଲେ I

ଅନ୍ତିମରେ ଅହସୀୟଙ୍କ କନିଷ୍ଠ ପୁତ୍ର ଯୋୟାଶ ରାଜା ଭାବରେ ତାଙ୍କ ସ୍ଥାନ ଅଧିକାର କଲେ I

- ଇସ୍ରାଏଲର ରାଜା ଅହସୀୟ, ଆହାବ ରାଜାଙ୍କ ପୁତ୍ରଥିଲେ I

ସେ ଦୁଇ ବର୍ଷ ପାଇଁ ରାଜତ୍ୱ କଲେ (ଖ୍ରୀଷ୍ଟପୂର୍ବ ୮୫୦-୮୪୯) I

ସେ ତାଙ୍କ ପ୍ରାସାଦରେ ପଡି ଆଘାତ ପ୍ରାପ୍ତ ହୋଇ ପ୍ରାଣ ତ୍ୟାଗ କଲେ, ଏବଂ ତାଙ୍କ ଭାଇ ଯିହୋରାମ୍ ରାଜା ହେଲେ I

(ଅନୁବାଦର ସୂଚନାମାନ: ନାମର ଆନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ଯେହୁ, ଆହାବ, ଯାରବିୟାମ, ଯୋୟାଶ)

ବାଇବଲ ପଦ ପର୍ଶ୍ୱ:

- ପ୍ରଥମ ରାଜାବଳି ୨୨:୩୯-୪୦
- ଦ୍ୱିତୀୟ ବଂଶାବଳି ୨୨:୧-୩
- ଦ୍ୱିତୀୟ ବଂଶାବଳି ୨୫:୨୩-୨୪
- ଦ୍ୱିତୀୟ ରାଜାବଳି ୧୧:୧-୩

ବୋର୍ଡ ଡାଟା :

- Strong's: H274

ଅହୀୟ

ତଥ୍ୟମାନ:

ଅହୀୟ ପୁରାତନ ନିୟମରେ ବିଭିନ୍ନ ବ୍ୟକ୍ତିଙ୍କ ନାମଥିଲା I ନିମ୍ନରେ ସେହି କେତେକ ବ୍ୟକ୍ତିଙ୍କ ନାମ ଦିଆଯାଇଛି I

- ଶାଉଲଙ୍କ ସମୟରେ ଅହୀୟ ଜଣେ ଯାଜକଙ୍କ ନାମଥିଲା I
- ଶଲୋମନ ରାଜାଙ୍କ ଶାସନ କାଳରେ ଅହୀୟ ନାମକ ଜଣେ ବ୍ୟକ୍ତି ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ I
- ଶୀଲୋହର ଜଣେ ଭାବବାଦୀଙ୍କ ନାମ ଅହୀୟଥିଲା, ଯେ ଇସ୍ରାଏଲ ଦେଶଟି ଦୁଇଟି ରାଜ୍ୟରେ ବିଭକ୍ତ ହେବା ବିଷୟ କହିଥିଲେ I
- ଇସ୍ରାଏଲ ଦେଶରେ ବାଶା ରାଜାଙ୍କ ପିତାଙ୍କ ନାମ ଅହୀୟଥିଲା I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମର ଅନୁବାଦ)

(ମଧ୍ୟ ଦେଖିପାରିବା: ବାଶା, ଶିଲୋ)

ବାଇବଲ ପଦ ପର୍ଷ:

- ପ୍ରଥମ ରାଜାବଳି ୧୫:୨୭-୨୮
- ପ୍ରଥମ ରାଜାବଳି ୨୧:୨୧-୨୨
- ପ୍ରଥମ ଶାମୁୟେଲ ୧୪:୧୮-୧୯
- ଦ୍ୱିତୀୟ ରାଜାବଳି ୧୦:୧୫

ବୋର୍ଡ ଡାଟା :

- Strong's: H281

ଅୟ

ତଥ୍ୟମାନ:

ପୁରାତନ ବ୍ୟବସ୍ଥା ସମୟରେ, ଅୟ କିଣାନରେ ଥିବା ଏକ ସହର, ଯାହା ବୈଥେଲର ୪. ଦକ୍ଷିଣରେ ଏବଂ ପ୍ରାୟ ୮ କିଲୋମିଟର ଯିରୀହୋର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତଥିଲା I

- ଯିହୋଶୂୟ ଯିରୀହୋକୁ ପରାସ୍ତ କରିବା ପରେ, ଅୟକୁ ଆକ୍ରମଣ କରିବା ପାଇଁ ଇସ୍ରାଏଲ ଲୋକମାନଙ୍କୁ ନେତୃତ୍ୱ ଦେଲେ I

କିନ୍ତୁ ସେମାନେ ସହଜରେ ପରାସ୍ତ ହେଲେ କାରଣ ଈଶ୍ୱର ସେମାନଙ୍କ ପ୍ରତି ସନ୍ତୁଷ୍ଟ ନଥିଲେ I

- ଇସ୍ରାଏଲର ଆଖାନ୍ ନାମକ ବ୍ୟକ୍ତି ଯୁଦ୍ଧ ସମୟରେ ଯିରୀହୋଠାରୁ ଲୁଣ୍ଠନ କରିଥିଲେ, ଏବଂ ଈଶ୍ୱର ଆଦେଶ ଦେଲେ ସେ (ଆଖାନ୍) ଓ ତାଙ୍କ ପରିବାର ମୃତ୍ୟୁ ଦଣ୍ଡ ପାଇବେ I

ତତ୍ପରେ ଈଶ୍ୱର ଅୟକୁ ପରାସ୍ତ କରିବା ନିମନ୍ତେ ଇସ୍ରାଏଲ ଲୋକଙ୍କୁ ସାହାଯ୍ୟ କଲେ I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମର ଆନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ବୈଥେଲ, ଯିରୀହୋ)

ବାଇବଲ ପଦ ପର୍ଯ୍ୟ:

- ଏଜ୍ରା ୦୨:୨୭-୩୦
- ଆଦିପୁସ୍ତକ ୧୨:୮-୯
- ଆଦିପୁସ୍ତକ ୧୩:୩-୪
- ଯିହୋଶୂୟ ପୁସ୍ତକ ୦୭:୨-୩
- ଯିହୋଶୂୟ ପୁସ୍ତକ ୦୮:୧୦-୧୨

ବୋର୍ଡ ଡାଟା :

- Strong's: H5857

ଆକ୍ୱିଲା

ସତ୍ୟ ଘଟଣାବଳୀ:

ଆକ୍ୱିଲା କୃଷ୍ଣ ସାଗରର ଦକ୍ଷିଣ ଉପକୂଳବର୍ତ୍ତୀ ପନ୍ତ ପ୍ରଦେଶର ଜଣେ ଯିହୁଦୀ ଖ୍ରୀଷ୍ଟିୟାନ ଥିଲେ I

- ଆକ୍ୱିଲା ଏବଂ ପ୍ରିସ୍କିଲା କିଛି ସମୟ ଧରି ରୋମ, ଇଟାଲୀରେ ବାସକରୁ ଥିଲେ, କିନ୍ତୁ ତା'ପରେ ରୋମୀୟ ସମ୍ରାଟ କ୍ଲାଉଦିଅ, ସମସ୍ତ ଯିହୁଦୀମାନଙ୍କୁ ରୋମ ଛାଡିବା ନିମନ୍ତେ ବାଧ କଲେ I
- ତା'ପରେ ଆକ୍ୱିଲା ଏବଂ ପ୍ରିସ୍କିଲା କରିନ୍ଥୀୟକୁ ଯାତ୍ରା କଲେ, ଯେଉଁଠାରେ ସେମାନେ ପ୍ରେରିତ ପାଉଲଙ୍କୁ ଭେଟିଲେ I
- ସେମାନେ ପାଉଲଙ୍କ ସହ ତମ୍ବୁ ବଣାଳୀ ଭାବରେ କାମ କଲେ ଏବଂ ତାଙ୍କ ସେବାକାର୍ଯ୍ୟରେ ତାଙ୍କୁ ସାହାଯ୍ୟ କଲେ I
- ଆକ୍ୱିଲା ଏବଂ ପ୍ରିସ୍କିଲା ଦୁହେଁ ବିଶ୍ୱାସୀମାନଙ୍କୁ ଯୀଶୁଙ୍କ ସତ୍ୟ ବିଷୟ କହିଲେ; ଏହି ବିଶ୍ୱାସୀମାନଙ୍କ ମଧ୍ୟରୁ ଜଣେ ଦାନପ୍ରାପ୍ତ ଶିକ୍ଷକଥିଲେ, ଯାହାର ନାମ ଆପଲ୍ଲ ଥିଲା I

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ଆପଲ୍ଲ, କରିନ୍ଥୀୟ, ରୋମ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 16:19-20
- ଦ୍ୱିତୀୟ ତୀମଥି 4:19-22
- ପ୍ରେରିତ 18:2
- ପ୍ରେରିତ 18:24

ଶବ୍ଦବିନ୍ୟାସ :

- Strong's: G02070

ଆଦମ

ସତ୍ୟ ଘଟଣାବଳୀ:

ଆଦମ ପ୍ରଥମ ବ୍ୟକ୍ତି ଥିଲେ, ଯାହାକୁ ଈଶ୍ୱର ସୃଷ୍ଟି କରିଥିଲେ I ସେ ଏବଂ ତାଙ୍କ ସ୍ତ୍ରୀ ହବାକୁ ଈଶ୍ୱର ଆପଣା ପ୍ରତିମୂର୍ତ୍ତିରେ ନିର୍ମିତ କରିଥିଲେ I

- ଈଶ୍ୱର ଆଦମକୁ ଧୂଳିରୁ ଗଠନ କଲେ ଏବଂ ତା' ମଧ୍ୟକୁ ଜୀବନ ଶ୍ୱାସ ପ୍ରବାହ କଲେ I
- ଆଦମର ନାମ ଏବ୍ରୀୟ ଶବ୍ଦ "ରଙ୍ଗ ମାଟି" କିମ୍ବା "ଭୂମି" ଶବ୍ଦ ସହ ସମାନ ଅଟେ I
- ଆଦମ ନାମ "ମାନବ ଜାତି" କିମ୍ବା "ମାନବ" ପାଇଁ ପୁରାତନ ନିୟମର ଶବ୍ଦ ସହ ସମାନ ଅଟେ I
- ପ୍ରତ୍ୟେକ ବ୍ୟକ୍ତି ହବା ଏବଂ ଆଦମଙ୍କ ବଂଶଧର ଅଟନ୍ତି I
- ଆଦମ ଏବଂ ହବା ଈଶ୍ୱରଙ୍କର ଅବାଧ ହେଲେ I ଏହା ସେମାନଙ୍କୁ ଈଶ୍ୱରଙ୍କ ଠାରୁ ବିଚ୍ଛିନ୍ନ କଲା ଏବଂ ପୃଥିବୀରେ ପାପ ଏବଂ ମୃତ୍ୟୁ ଆସିବାର କାରଣ ହେଲା I

(ନାମଗୁଡ଼ିକ କିପରି ଅନୁବାଦ କରାଯିବ: ଅନୁବାଦ ପ୍ରସ୍ତାବଗୁଡ଼ିକ:)

(ମୃତ୍ୟୁ, ବଂଶ, ହବା, ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ, ଜୀବନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ତୀମଥି 2:14
- ଆଦିପୁସ୍ତକ 3:17
- ଆଦିପୁସ୍ତକ 5:1
- ଆଦିପୁସ୍ତକ 11:5
- ଲୂକ 3:38
- ରୋମୀୟ 5:15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **1:9** ତା'ପରେ ଈଶ୍ୱର କହିଲେ, "ଆସୁ ଆମ୍ଭେ ମନୁଷ୍ୟକୁ ଆମ୍ଭ ଭଳି ହେବା ନିମନ୍ତେ ଆମ୍ଭ ପ୍ରତିମୂର୍ତ୍ତିରେ ନିର୍ମାଣ କରୁ I"
- **1:10** ଏହି ମନୁଷ୍ୟର ନାମ **ଆଦମ** ଥିଲା **I** ଈଶ୍ୱର ଏକ ଉଦ୍ୟାନ ସ୍ଥାପନ କଲେ ଯେଉଁଥିରେ **ଆଦମ** ବସବାସ କରିପାରିବ, ଏବଂ ଏହାର ଦାୟିତ୍ୱ ନେବା ନିମନ୍ତେ ତାହାକୁ ସେଠାରେ ରଖିଲେ I
- **1:12** ତା'ପରେ ଈଶ୍ୱର କହିଲେ, ମନୁଷ୍ୟ ଏକାକୀ ରହିବା ଭଲ ନୁହେଁ I କିନ୍ତୁ କୌଣସି ପଶୁଗଣ **ଆଦମର** ସାହାଯ୍ୟକାରୀ ହେଲେ ନାହିଁ I
- **2:11** ଏବଂ ଈଶ୍ୱର **ଆଦମ** ଏବଂ ହବାକୁ ପଶୁର ଚମଡା ପିନ୍ଧାଇଲେ I
- **2:12** ତେଣୁ ଈଶ୍ୱର **ଆଦମ** ଏବଂ ହବାକୁ ସୁନ୍ଦର ଉଦ୍ୟାନରୁ ବାହାର କରିଦେଲେ I
- **49:8** ଯେତେବେଳେ **ଆଦମ** ଏବଂ ହବା ପାପ କଲେ, ଏହା ତାଙ୍କ ସମସ୍ତ ବଂଶଧରମାନଙ୍କୁ ଆକ୍ରାନ୍ତ କଲା I
- **50:16** କାରଣ **ଆଦମ** ଏବଂ ହବା ଈଶ୍ୱରଙ୍କର ଅବାଧ ହେଲେ ଏବଂ ଏହି ପୃଥିବୀକୁ ପାପ ଆଣିଲେ, ଈଶ୍ୱର ଏହାକୁ ଅଭିଶାପ କଲେ ଏବଂ ଏହାକୁ ବିନଷ୍ଟ କରିବାକୁ ନିଷ୍ପତ୍ତି ନେଲେ I

ଶବ୍ଦବିନ୍ୟାସ:

- Strong's: H120, G0760

ଆନ୍ତିୟଖିଆ

ସତ୍ୟ ଘଟଣାବଳୀମାନ:

ନୂତନ ନିୟମରେ ଆନ୍ତିୟଖିଆ ଦୁଇଟି ନଗରର ନାମ ଥିଲା I ଗୋଟିଏ ଭୂମଧ୍ୟ ସାଗରର ଉପକୂଳରେ ଥିବା ସିରିୟାରେ ଥିଲା I ଅନ୍ୟଟି କଲସୀୟ ନିକଟରେ ଥିବା ପିସିଦିଆର ରୋମୀୟ ପ୍ରଦେଶରେ ଥିଲା I

- ସିରିୟାର ଆନ୍ତିୟଖିଆରେ ଥିବା ସ୍ଥାନୀୟ ମଣ୍ଡଳୀ ହିଁ ପ୍ରଥମ ସ୍ଥାନ, ଯେଉଁଠାରେ ଯୀଶୁଙ୍କଠାରେ ବିଶ୍ୱାସୀମାନଙ୍କୁ ପ୍ରଥମଥର ଖ୍ରୀଷ୍ଟିୟାନ କୁହାଗଲା I ସେଠାରେ ମଣ୍ଡଳୀ ବିଜାତୀମାନଙ୍କ ନିକଟରେ ଧର୍ମପ୍ରଚାରକମାନଙ୍କୁ ପଠାଇବା ନିମନ୍ତେ କାର୍ଯ୍ୟରତ ଥିଲା I
- ଯିରୂଶାଲମ ମଣ୍ଡଳୀର ନେତାଗଣ ଆନ୍ତିୟଖିଆ ମଣ୍ଡଳୀକୁ ସାହାଯ୍ୟ କରିବା ନିମନ୍ତେ ଏକ ପତ୍ର ଲେଖିଲେ, ଯାହା ଖ୍ରୀଷ୍ଟିୟାନ ହେବାପାଇଁ ଯିହୁଦୀମାନଙ୍କ ବ୍ୟବସ୍ଥା ମାନିବା ବାଧ୍ୟତା ନ ଥିଲା I
- ପାଉଲ, ବର୍ଣ୍ଣବା ଓ ଯୋହନ ମାର୍କ ପିସିଦୀଆସ୍ଥିତ ଆନ୍ତିୟଖିଆକୁ ସୁସମାଚାର ପ୍ରଚାର କରିବା ନିମନ୍ତେ ଯାତ୍ରା କଲେ I ଅନ୍ୟ ସହରର କେତେକ ଯିହୁଦୀମାନେ ସମସ୍ୟାକୁ ଉତ୍ତେଜିତ କରିବାକୁ ଆସିଲେ ଏବଂ ସେମାନେ ପାଉଲଙ୍କୁ ହତ୍ୟା କରିବା ନିମନ୍ତେ ଚେଷ୍ଟା କଲେ I କିନ୍ତୁ ଅନେକ ଲୋକ, ଯିହୁଦୀ ଓ ବିଜାତିମାନେ ଶିକ୍ଷାକୁ ଶୁଣିଲେ ଏବଂ ଯୀଶୁଙ୍କଠାରେ ବିଶ୍ୱାସ କଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ବର୍ଣ୍ଣବା, କଲସୀୟ, ଯୋହନ ମାର୍କ, ପାଉଲ, ପ୍ରଦେଶ, ରୋମୀୟ, ସିରିୟା ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି 3:10-13
- ପ୍ରେରିତ 6:5-6
- ପ୍ରେରିତ 11:19-21
- ପ୍ରେରିତ 11:26
- ଗାଲାତୀୟ 2:11-12

ଶବ୍ଦବିନ୍ୟାସ :

- Strong's: G04910

ଆନ୍ଦ୍ରିୟ

ସତ୍ୟ ଘଟଣାବଳୀ:

ଆନ୍ଦ୍ରିୟ ସେହି ବାର ଜଣଙ୍କ ମଧ୍ୟରୁ ଜଣେ ଥିଲେ ଯାହାକୁ ଯୀଶୁ ଘନିଷ୍ଠ ଶିଷ୍ୟ ଭାବରେ ମନୋନୀତ କରିଥିଲେ (ପରବର୍ତ୍ତୀ ସମୟରେ ପ୍ରେରିତ ବୋଲି କୁହାଗଲା) I

- ଶିମୋନ ପିତର ଆନ୍ଦ୍ରିୟଙ୍କ ଭାଇଥିଲେ I ସେ ଦୁହେଁ ମାଛୁଆ ଥିଲେ I
- ପିତର ଏବଂ ଆନ୍ଦ୍ରିୟ ଗାଲିଲୀ ସମୁଦ୍ରରେ ମାଛ ଧରୁଥିଲେ, ଯେତେବେଳେ ଯୀଶୁ ସେମାନଙ୍କୁ ଶିଷ୍ୟ ହେବା ନିମନ୍ତେ ଡାକିଲେ I
- ପିତର ଏବଂ ଆନ୍ଦ୍ରିୟ ଯୀଶୁଙ୍କୁ ଭେଟିବା ପୂର୍ବରୁ, ସେମାନେ ବାପ୍ତିଜକ ଯୋହନଙ୍କ ଶିଷ୍ୟଥିଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଦେଖନ୍ତୁ)

(ପ୍ରେରିତ, ଶିଷ୍ୟ, ବାର: ଦେଖନ୍ତୁ)

ବାଇବଲ ପଦ ପର୍ଝ:

- ପ୍ରେରିତ 1:12-14
- ଯୋହନ 1:40
- ମାର୍କ 1:17
- ମାର୍କ 1:29-31
- ମାର୍କ 3:17-19
- ମାଥିଉ 4:19
- ମାଥିଉ 10:2-4

ଶବ୍ଦବିନ୍ୟାସ:

- Strong's: G406

ଆପଲ୍ଲ

ତଥ୍ୟମାନ:

ଆପଲ୍ଲ ମିସରସ୍ଥିତ ଆଲେକ୍‌ଜାଣ୍ଡ୍ରିୟା ନଗରର ଏକ ଯିହୁଦୀ ବ୍ୟକ୍ତିଥିଲେ, ଯେ ଯୀଶୁଙ୍କ ବିଷୟରେ ଲୋକମାନଙ୍କୁ ଶିକ୍ଷା ଦେବାରେ ସ୍ୱତନ୍ତ୍ର ଦକ୍ଷତା ପାଇଥିଲେ।

- ଆପଲ୍ଲ ଗ୍ରୀକ୍ ଧର୍ମଗ୍ରନ୍ଥରେ ଉଚ୍ଚ ଶିକ୍ଷିତ ବ୍ୟକ୍ତିଥିଲେ ଏବଂ ଏକ ପ୍ରତିଭାବାନ ବକ୍ତା ଥିଲେ।
- ସେ ଏଫିସରେ ଆକ୍ୱିଲା ଏବଂ ପ୍ରୀସ୍କିଲ୍ଲା ନାମକ ଦୁଇ ଖ୍ରୀଷ୍ଟିଆନଙ୍କ ଦ୍ୱାରା ନିର୍ଦ୍ଦେଶ ପ୍ରାପ୍ତ ହୋଇଥିଲେ।
- ପାଉଲ ପ୍ରାଧାନ୍ୟତା ଦେଇ କହିଥିଲେ ଯେ, ସେ ଏବଂ ଆପଲ୍ଲ, ତଥା ଅନ୍ୟ ପ୍ରଚାରକମାନେ ଏବଂ ଶିକ୍ଷକମାନେ, ଯୀଶୁଙ୍କୁ ବିଶ୍ୱାସ କରିବା ନିମନ୍ତେ ଲୋକମାନଙ୍କୁ ସାହାଯ୍ୟ କରିବାର, ଏକ ସମାନ ଲକ୍ଷ୍ୟ ଅଭିମୁଖେ କାର୍ଯ୍ୟ କରୁଥିଲେ।

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମକୁ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆକ୍ୱିଲା, ଏଫିସ, ପ୍ରିସ୍କିଲ୍ଲା, ପରମେଶ୍ୱର ବାକ୍ୟ)

ବାଇବଲ ପଦ ପର୍ବ:

- ପ୍ରଥମ କରିନ୍ଥୀୟ 01:13
- ପ୍ରଥମ କରିନ୍ଥୀୟ 16:12
- ପ୍ରେରିତ 18:25
- ତୀତସ 03:

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: G625

ଆମୋଷ

ତଥ୍ୟମାନ:

ଆମୋଷ ଯିଶାଇୟ ଭବିଷ୍ୟତବକ୍ତାଙ୍କ ପିତାଥିଲେ I

- କେବଳ ଥରେ ମାତ୍ର ଆମୋଷଙ୍କ ନାମ ବାଇବଲରେ ଦିଆଯାଇଅଛି, ଯେତେବେଳେ ଯିଶାଇୟ ଆମୋଷଙ୍କ ପୁତ୍ର ଭାବେ ପରିଚିତ ହେଲେ I
- ଏହି ନାମଟି ଭବିଷ୍ୟତବକ୍ତା ଆମୋଷଙ୍କଠାରୁ ଭିନ୍ନ ଅଟେ ଏବ ଭିନ୍ନଭାବରେ ଉଚ୍ଚାରଣ କରାଯିବା ଉଚିତ୍ I

(ଅନୁବାଦର ସୂଚନାମାନ: ନାମକୁ କିପରି ଅନୁବାଦ କରାଯାଏ)

(ମଧ୍ୟ ଦେଖାଯାଏ: ଆମୋଷ, ଯିଶାଇୟ)

ବାଇବଲ ପଦ ପର୍ଷ:

- ଦ୍ୱିତୀୟ ରାଜାବଳି ୧୯:୧-୨
- ଯିଶାଇୟ ୩୭:୧-୨
- ଯିଶାଇୟ ୩୭:୨୧-୨୩

ବୋର୍ଡ ଡାଟା :

- Strong's: H531

ଆରବ

ତଥ୍ୟମାନ:

ପୁରାତନ ନିୟମରେ "ଆରବ" ଶବ୍ଦ ଏକ ବିଶାଳ ମରୁଭୂମି ଏବଂ ଯର୍ଦ୍ଦନ ନଦୀ ଉପତ୍ୟକାର ପରିପାର୍ଶ୍ୱ ଏବଂ ଦକ୍ଷିଣଠାରୁ ଉତ୍ତରରେ କିଣାନ ଦେଶର ଶେଷଯାଏ ବ୍ୟାପ୍ତ ସମଷ୍ଟି,ସୁଫ ସାଗରର ସମତଳ ଅଞ୍ଚଳକୁ ଦର୍ଶାଏ I

- ମିସରରୁ କିଣାନ ଦେଶକୁ ଯାତ୍ରା କରୁଥିବା ସମୟରେ ଇସ୍ରାଏଲୀୟ ଲୋକମାନେ ଏହି ମରୁଭୂମି ଅଞ୍ଚଳ ଦେଇ ଯାତ୍ରା କଲେ I
- "ଆରବ ସାଗର"କୁ "ଆରବ ମରୁଭୂମି ଅଞ୍ଚଳରେ ଅବସ୍ଥିତ ସମୁଦ୍ର" ଭାବରେ ମଧ୍ୟ ଅନୁବାଦ କରାଯାଇପାରେ I

ଏହି ସମୁଦ୍ର "ଲବଣ ସମୁଦ୍ର" କିମ୍ବା "ମୃତ ସମୁଦ୍ର" ଭାବରେ ଅନେକ ସମୟରେ ସୂଚାଏ I

- "ଆରବ" ଶବ୍ଦ ସାଧାରଣତଃ ଯେକୌଣସି ମରୁଭୂମି ଅଞ୍ଚଳକୁ ମଧ୍ୟ ଦର୍ଶାଇପାରେ I

(ଅନୁବାଦର ସୂଚନାମାନ: ନାମର ଅନୁବାଦ)

(ମଧ୍ୟ ଦେଖିପାରିବା: ମରୁଭୂମି, , ଯର୍ଦ୍ଦନ ନଦୀ, କିଣାନ, ଲବଣ ସମୁଦ୍ର, ମିସର)

ବାଇବଲ ପଦ ପର୍ଷ:

- ପ୍ରଥମ ଶାମୁୟେଲ ୨୩:୨୪-୨୫
- ଦ୍ୱିତୀୟ ରାଜାବଳି ୨୫:୪-୫
- ଦ୍ୱିତୀୟ ଶାମୁୟେଲ ୦୨:୨୮-୨୯
- ଯିରିମୀୟ ୦୨:୪-୬
- ଆୟୁବ ୨୪:୫-୭
- ଯିଶାଇୟ ୧୪:୯-୧୧

ବୋର୍ଡ ଡାଟା :

- Strong's: H1026, H6160

ଆରବ, ଆରବୀୟ, ଆରବୀୟମାନେ

ତଥ୍ୟମାନ:

ପୃଥିବୀରେ ଆରବ ଏକ ବୃହତ୍ ଉପଦ୍ୱୀପ, ଯାହା ପ୍ରାୟ ୩,୦୦୦,୦୦୦ ବର୍ଗ କିଲୋମିଟର ଅଟେ I ଏହା ଇସ୍ରାଏଲର ପଶ୍ଚିମ ଭାଗରେ ଅବସ୍ଥିତ, ଏବଂ ସୁଫ ସାଗର, ଆରବୀୟ ସମୁଦ୍ର ଓ ପାରସିକ ଉପସାଗରର ସୀମାବଦ୍ଧ ଅଟେ I

- ''ଆରବୀୟନିବାସୀ'' ପଦଟି ଯେ ଆରବରେ ବାସ କରେ କିମ୍ବା କିଛି ଏକ ବିଷୟ ଯାହା ଆରବୀୟ ସହ ସମ୍ବନ୍ଧ ଅଟେ, ତାହାକୁ ସୂଚାଏ I
- ଆରବୀୟରେ ବାସ କରୁଥିବା ପୂର୍ବତନ ଲୋକମାନେ ଶେମଙ୍କ ନାତି ନାତୁଣୀଥିଲେ I

ଆରବୀୟର ଅନ୍ୟ ପୂର୍ବ ନିବାସୀମାନେ ଅବ୍ରାହମଙ୍କ ପୁତ୍ର ଇଶ୍ମାଏଲ, ଓ ତାଙ୍କର ଉତ୍ତରାଧିକାରୀମାନେ, ତଥା ଏଷୌଙ୍କ ଉତ୍ତରାଧିକାରୀମାନେଥିଲେ I

- ଆରବୀୟ ଏକ ନିର୍ଦ୍ଦିଷ୍ଟ ମରୁପ୍ରାନ୍ତର ଦେଶ, ଯେଉଁଠାରେ ଇଶ୍ରାଏଲମାନେ ଚାଳିଶ ବର୍ଷ ଘୁରିବୁଲିଥିଲେ I
- ଯୀଶୁଙ୍କଠାରେ ବିଶ୍ୱାସ କଲାପରେ, ପ୍ରେରିତ ପାଉଲ କିଛି ବର୍ଷ ଏହି ଆରବୀୟ ମରୁପ୍ରାନ୍ତରରେ ସମୟ କାଟିଲେ I
- ଗାଲାତୀୟରେ ଥିବା ଖ୍ରୀଷ୍ଟିଆନମାନଙ୍କୁ ଲେଖାହୋଇଥିବା ପତ୍ରରେ, ପାଉଲ ପ୍ରକାଶ କରନ୍ତି, ଆରବୀୟରେ ସୀନୟ ପର୍ବତ ଥିବା କଥା I

(ଅନୁବାଦର ସୂଚନାମାନ: ନାମକୁ କିପରି ଅନୁବାଦ କରାଯାଏ)

(ମଧ୍ୟ ଦେଖିପାରିବା: ଏଷୌ, ଗାଲାତ, ଇସ୍ରାଏଲ୍, ଶେମ, ସୀନୟ)

ବାଇବଲ ପଦ ପର୍ଶ:

- ପ୍ରଥମ ରାଜାବଳି ୧୦:୧୪-୧୫
- ପ୍ରେରିତ ୦୨:୮-୧୧
- ଗାଲାତୀୟ ୦୧:୧୫-୧୭
- ଗାଲାତୀୟ ୦୪:୨୪-୨୫
- ଯିରିମୀୟ ୨୫:୨୪-୨୬
- ନିହିମୀୟା ୦୨:୧୯-୨୦

ବୋର୍ଡ ଡାଟା :

- Strong's: H6152, H6153, H6163, G688, G690

ଆରାରଟ

ତଥ୍ୟମାନ:

ବାଇବଲ ମଧ୍ୟରେ, ଆରାରଟ ଏକ ନାମ ଅଟେ, ଯାହାକୁ ଏକ ଭୂମିର ନାମ ଦିଆଯାଇଥିଲା, ଏକ ରାଜ୍ୟ, ପାହାଡିଆ ଅଞ୍ଚଳ I

- "ଆରାରଟ ଦେଶ" ହୁଏତ ବର୍ତ୍ତମାନ ତୁର୍କୀ ଦେଶର ଦକ୍ଷିଣ ଭାଗରେ ଯେଉଁ ସ୍ଥାନ ଅଛି ସେହି ସ୍ଥାନରେ ଅବସ୍ଥିତଥିଲା I
- ଆରାରଟ ଏକ ପର୍ବତର ନାମଥିଲା ଯାହା ଉପରେ ନୋହଙ୍କର ଜାହାଜ ବୃହତ ଜଳ ପ୍ଲାବନ କମିବା ପରେ ଅବସ୍ଥିତଥିଲା I
- ଆଧୁନିକ ସମୟରେ, ଆରାରଟ ପର୍ବତଟି ଅନେକ ସମୟରେ ବାଇବଲରେ ଥିବା ଆରାରଟ ପର୍ବତମାଳାକୁ ବୁଝାଏ I

(ଅନୁବାଦାର ସୂଚନାମାନ: ନାମର ଅନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ଜାହାଜ, ନୋହ)

ବାଇବଲ ପଦ ପର୍ଶ୍ୱ:

- ଦ୍ୱିତୀୟ ରାଜାବଳି ୧୯:୩୫-୩୭
- ଆଦିପୁସ୍ତକ ୦୮:୪-୫
- ଯିଶାଇୟ ୩୭:୩୮
- ଯିରିମୀୟ ୫୧:୨୭-୨୮

ବୋର୍ଡ ଡାଟା :

- Strong's: H780

ଆଶେର

ସତ୍ୟ ଘଟଣାବଳୀ:

ଆଶେର ଯାକୁବଙ୍କର ଅଷ୍ଟମ ପୁତ୍ର ଥିଲେ I ସେ ସିଲ୍ପାର ଦ୍ୱିତୀୟ ପୁତ୍ର ଥିଲେ I ତାଙ୍କର ବଂଶଧରମାନେ ଇସ୍ରାଏଲର ଗୋଟିଏ ଗୋଷ୍ଠୀ ହେଲେ I

- ତାଙ୍କଠାରୁ ଆସିଥିବା ବଂଶକୁ "ଆଶେରର ବଂଶ" କିମ୍ବା "ଆଶେର" ବୋଲି କୁହାଯାଏ I
- ତାଙ୍କ ନାମ ଏକ ଏବ୍ରୀ ଶବ୍ଦ ସହ ସମାନ ଅଟେ, ଯାହାର ଅର୍ଥ "ଆଶୀଶିତ, ଖୁସି" ଅଟେ I
- ଆଶେରର ବଂଶ କିଣାନର ଉତ୍ତର-ପଶ୍ଚିମ ଅଞ୍ଚଳରେ, ଭୂମଧ୍ୟସାଗରରେ ଅବସ୍ଥିତ ଅଟେ I ଯେତେବେଳେ ଏକ ଅଞ୍ଚଳର ନାମ ଭାବରେ ବ୍ୟବହୃତ ହୁଏ, "ଆଶେର" ଶବ୍ଦ ଆଶେର ବଂଶକୁ ଦିଆଯାଇଥିବା ଭୂମିକୁ ବୁଝାଏ I

(ନାମଗୁଡ଼ିକର ଅନୁବାଦ କିପରି କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଇସ୍ରାଏଲର ବାରଗୋଷ୍ଠୀ, ଯାକୁବ, ସିଲ୍ପା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 30:13
- 1 ବଂଶାବଳୀ 2:1-2
- 1 ରାଜାବଳୀ 4:16
- ଯିହିଜିକଲ 48:1-3
- ଲୂକ 2:36-38

ଶବ୍ଦବିନ୍ୟାସ :

- Strong's: H836

ଆଶେରା, ଆଶେରା ଖୁଣ୍ଟ, ଅଷ୍ଟାରୋତ୍, ଅଷ୍ଟାରୋତ୍‌ମାନେ

ସଂଜ୍ଞା:

ଆଶେରା ଏକ ଦେବୀଙ୍କ ନାମ, ଯାହା କିଣାନୀୟ ଲୋକମାନଙ୍କ ଦ୍ୱାରା ପୁରାତନ ନୀୟମର ସମୟରେ ପୂଜା କରାଯାଉଥିଲା I "ଆଶେରା"ଙ୍କ ଅନ୍ୟ ନାମ "ଅଷ୍ଟାରୋତ୍" ହୋଇପାରେ, କିମ୍ବା ଏହା ଅନେକ ଦେବୀଗଣଙ୍କ ନାମ ହୋଇପାରେ ଯାହା ଅତୀ ତଦନୁରୂପଥିଲା I

- "ଆଶେରା ଖୁଣ୍ଟ" ଶବ୍ଦଟି କାଠରେ ନିର୍ମିତ ଖୋଦିତ ପ୍ରତିମା କିମ୍ବା ବୃକ୍ଷରେ ଖୋଦିତ, ଯାହା ଦେବୀଗଣକୁ ପ୍ରତିନିଧିତ୍ୱ କରିବାକୁ ଦର୍ଶାଉଥିଲା I
- ଆଶେରା ଖୁଣ୍ଟଗୁଡ଼ିକ ମିଥ୍ୟା ଦେବତା ବାଲ୍‌ନିକଟରେ ଅବସ୍ଥାପିତ କରାଯାଇଥିଲା, ଯାହାକୁ ଆଶେରାଙ୍କ ସ୍ୱାମୀ ଭାବରେ ଚିନ୍ତା କରାଯାଉଥିଲେ I

କେତେକ ଲୋକଦଳ ବାଲ୍‌ଦେବତାଙ୍କୁ ଏକ ସୁର୍ଯ୍ୟ ଦେବତା ଭାବେ ଏବଂ ଆଶେରା କିମ୍ବା ଅଷ୍ଟାଙ୍କରୋତ୍ ଚନ୍ଦ୍ର ଦେବୀ ଭାବରେ ପୂଜା କରୁଥିଲେ I

- ପରମେଶ୍ୱର ଆଶେରାର ସମସ୍ତ ଖୋଦିତ ପ୍ରତିମାକୁ ବିନଷ୍ଟ କରିବା ନିମନ୍ତେ ଆଦେଶ ଦେଲେ I
- ଗିଦୀୟୋନ୍, ଆସା ରାଜା, ଏବଂ ଯୋଶୀୟ ରାଜା ଭଳି ଇସ୍ରାଏଲର କେତେକ ନେତାଗଣ ପରମେଶ୍ୱରଙ୍କୁମାନିଲେ ଏବଂ ମୂର୍ତ୍ତୀଗୁଡିକୁ ବିନଷ୍ଟ କରିବାକୁ ଲୋକମାନଙ୍କ ନେତୃତ୍ୱ ଦେଲେ I
- କିନ୍ତୁ ଶଲୋମନ ରାଜା, ମନଃଶି ରାଜା, ଏବଂ ଆହବ୍ ରାଜା ଭଳି ଅନ୍ୟ କେତେକ ଇସ୍ରାଏଲର ନେତାଗଣ ଆଶେରା ଖୁଣ୍ଟର ପୂଜା କରିବାରେ ପଛେଇ ଯାଇ ନଥିଲେ ଏବଂ ଏହି ମୂର୍ତ୍ତୀଗୁଡିକୁ ପୂଜା କରିବା ନିମନ୍ତେ ଉତ୍ସାହିତ କରିଥିଲେ I

(ମଧ୍ୟ ଦେଖିପାରିବା: ମିଥ୍ୟା ଦେବତା, ବାଲ୍, ସିୟୋନ, ପ୍ରତିମୂର୍ତ୍ତୀ, ଶଲୋମନ)

ବାଇବଲ ପଦ ପର୍ଶ୍ୱ:

- ଦ୍ୱିତୀୟ ରାଜାବଳି ୧୮:୪-୫
- ଦ୍ୱିତୀୟ ରାଜାବଳି ୨୧:୧-୩
- ଯିଶାଇୟ ୨୭:୯
- ବିଚାରକର୍ତ୍ତା ୦୩:୭-୮
- ମୀଖା ୦୫:୧୨-୧୫

ବୋର୍ଡ ଡାଟା :

- Strong's: H842, H6252, H6253

ଆସା

ତଥ୍ୟମାନ:

ଆସା ଜଣେ ରାଜାଥିଲେ ଯେ ଯିହୁଦା ଦେଶ ଉପରେ ଖ୍ରୀଷ୍ଟପୂର୍ବ ୯୧୩ଠାରୁ ଖ୍ରୀଷ୍ଟପୂର୍ବ ୮୭୩ ପର୍ଯ୍ୟନ୍ତ ଚାଳିଶ ବର୍ଷ କାଳ ଶାସନ କରିଥିଲେ I

- ଆସା ରାଜା ଏକ ଉତ୍ତମ ରାଜାଥିଲେ, ଯେ ଭଣ୍ଡ ପ୍ରଭୁମାନଙ୍କ ଅନେକ ମୂର୍ତ୍ତୀ ବାହାର କରିଥିଲେ ଏବଂ ଇସ୍ରାଏଲରେ ସଦାପ୍ରଭୁଙ୍କ ଆରାଧନା ଆରମ୍ଭ କଲେ I
- ସଦାପ୍ରଭୁ ରାଜା ଆସାଙ୍କୁ ଅନ୍ୟ ଦେଶ ବିରୁଦ୍ଧରେ ଯୁଦ୍ଧ କଲାବେଳେ ସଫଳତା ଦେଲେ I
- ତତ୍ପରେ ତାଙ୍କ ଶାସନ କାଳରେ, କୌଣସି ଭାବାରେ, ଆସା ରାଜା ସଦପ୍ରଭୁଙ୍କ ଉପରେ ବିଶ୍ୱାସ କରିବା ବନ୍ଦ କରିଦେଲେ ଏବଂ ଏକ ରୋଗରେ ପୀଡିତ ହୋଇ କାଳକ୍ରମେ ମୃତ୍ୟୁଭୋଗ କଲେ I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମର ଅନୁବାଦ)

ବାଇବଲ ପଦ ପର୍ଶ୍ୱ:

- ପ୍ରଥମ ବଂଶାବଳି ୦୯:୧୪-୧୭
- ପ୍ରଥମ ରାଜାବଳି ୧୫:୭-୮
- ଦ୍ୱିତୀୟ ବଂଶାବଳି ୧୪:୧-୪
- ଯିରିମୀୟ ୪୧:୮-୯
- ମାଥିଉ ୦୧:୭-୮

ବୋର୍ଡ ଡାଟା :

- Strong's: H609

ଆସାଫ

ତଥ୍ୟମାନ:

ଆସାଫ ଜଣେ ଲେବୀୟ ଯାଜକ ଏବଂ ଦାନପ୍ରାପ୍ତ ସଙ୍ଗୀତଜ୍ଞଥିଲେ ଯେ ଦାଉଦଙ୍କ ଗୀତସଂହିତା ନିମନ୍ତେ ଗୀତ ରଚନା କରିଥିଲେ I ସେ ମଧ୍ୟ ନିଜର ଗୀତସଂହିତା ଲେଖିଲେ I

- ତିନିଜଣ ସଙ୍ଗୀତଜ୍ଞ ମଧ୍ୟରେ ଜଣେ ହେବା ନିମନ୍ତେ ଆସାଫ ଦାଉଦ ରାଜାଙ୍କ ଦ୍ୱାରା ନିଯୁକ୍ତି ହୋଇଥିଲେ, ଯେଉଁମାନେ ମନ୍ଦିରରେ ଆରାଧନା ନିମନ୍ତେ ଆବଶ୍ୟକ ସଙ୍ଗୀତ ଯୋଗାଇବାର ଦାୟିତ୍ୱରେଥିଲେ I

ଏହି ଗୀତ ଗୁଡ଼ିକ ମଧ୍ୟରୁ କେତେକ ଗୀତ ଭବିଷ୍ୟତବାଣୀ ମଧ୍ୟଥିଲା I

- ଆସାଫ ତାଙ୍କ ପୁତ୍ରଗଣକୁ ତାଲିମ ଦେଲେ ଏବଂ ସେମାନେ, ବାଦ୍ୟଯନ୍ତ୍ର ବଜାଇବାର ଏବଂ ମନ୍ଦିରରେ ଭବିଷ୍ୟତବାଣୀ କରିବାର ଦାୟିତ୍ୱକୁ ବହନ କଲେ I
- ଲ୍ୟୁଟ୍, ହାର୍ପ୍, ତୂରୀ, ଗିନିମାନ ବାଦ୍ୟଯନ୍ତ୍ରର ସମଷ୍ଟିଥିଲା I
- ଗୀତସଂହିତା ୫୦ ଏବଂ ୭୩-୮୩ ଆସାଫରଙ୍କ ଦ୍ୱାରା କୁହାଯାଇଅଛି I

ଏହା ହୋଇପାରେ ଯେ ଗୀତସଂହିତାର କିଛି ଅଂଶ ତାଙ୍କ ପରିବାରର ସଦସ୍ୟମାନଙ୍କ ଦ୍ୱାରା ଲେଖା ହୋଇଅଛି I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମର ଅନୁବାଦ)

(ମଧ୍ୟ ଦେଖିପାରିବା: ବଂଶଗତ, ହାର୍ପ, ଲ୍ୟୁଟ୍, ଭବିଷ୍ୟତବକ୍ତା, ଗୀତସଂହିତା, ତୂରୀ)

ବାଇବଲ ପଦ ପର୍ଷ:

- ପ୍ରଥମ ବଂଶାବଳି ୦୬:୩୯-୪୩
- ଦ୍ୱିତୀୟ ବଂଶାବଳି ୩୫:୧୫
- ନିହିମୀୟ ୦୨:୭-୮
- ଗୀତସଂହିତା ୫୦:୧-୨

ବୋର୍ଡ ଡାଟା :

- Strong's: H623

ଆହସ

ସଂଜ୍ଞା:

ଯିହୁଦା ଦେଶର ଏକ ଦୁଷ୍ଟ ରାଜା ଆହସ ଯେ ଖ୍ରୀଷ୍ଟପୂର୍ବ ୭୩୨ଠାରୁ ଖ୍ରୀଷ୍ଟପୂର୍ବ ୭୧୬ ପର୍ଯ୍ୟନ୍ତ ଶାସନ କଲେ I ଏହା ଇସ୍ରାଏଲ ଓ ଯିହୁଦା ଦେଶ ବନ୍ଦିତ୍ୱ ଅବସ୍ଥାରେ ବାବିଲୋନ୍‌ରେ ରହିବାର ପ୍ରାୟ ୧୪୦ ବର୍ଷ ପୂର୍ବର ବିଷୟଥିଲା I

- ସେ ଯେତେବେଳେ ଯିହୁଦାକୁ ଶାସନ କରୁଥିଲେ, ଆହାସ ଆସରିୟାର ମିଥ୍ୟା ଦେବତାକୁ ପୂଜା କରିବା ପାଇଁ ଏକ ବେଦୀ ନିର୍ମାଣ କରିଥିଲେ I
- ଆହସ ରାଜା ତାଙ୍କର କୋଡିଏ ବର୍ଷ ବୟସରେ ଯିହୁଦା ରାଜ୍ୟକୁ ଷୋହଳ ବର୍ଷ ଶାସନ କଲେ I

(ଅନୁବାଦର ପ୍ରସ୍ତାବିତ ବିଷୟମାନ: ନାମର ଆନୁବାଦ କିପରି କରାଯାଏ)

(ମଧ୍ୟ ଦେଖିପାରିବା: ବାବିଲୋନ)

ବାଇବଲ ପଦ ପର୍ଷ:

- ପ୍ରଥମ ବଂଶାବଳି ୦୮:୩୫-୩୭
- ଦ୍ୱିତୀୟ ବଂଶାବଳି ୨୮:୧-୨
- ଦ୍ୱିତୀୟ ରାଜାବଳି ୧୬:୧୯-୨୦
- ହୋଶେୟ ୦୧:୧-୨
- ଯିଶାଇୟ ୦୧:୧
- ଯିଶାଇୟ ୦୭:୩-୪
- ମାଥିଉ ୦୧:୯-୧୧

ବୋର୍ଡ ଡାଟା :

- Strong's: H271

ଆହାବ

ତଥ୍ୟମାନ:

ଆହାବ ଏକ ଅତି ମନ୍ଦ ରାଜାଥିଲେ ଯିଏ ଖ୍ରୀଷ୍ଟପୂର୍ବ ୮୭୫ଠାରୁ ୮୫୪ ପର୍ଯ୍ୟନ୍ତ ଇସ୍ରାଏଲର ଉତ୍ତର ରାଜ୍ୟରେ ରାଜତ୍ୱ କଲେ I

- ଆହାବ ରାଜା ମିଥ୍ୟା ପ୍ରଭୁଙ୍କୁ ଆରଧନା କରିବା ନିମନ୍ତେ ଇସ୍ରାଏଲର ଲୋକମାନଙ୍କୁ ପ୍ରବର୍ତ୍ତାଇଲେ I
- ଏଲୀୟ ଭବିଷ୍ୟତବକ୍ତା ଆହାବଙ୍କ ସହ ମୁହାଁ-ମୁହିଁ ହେଲେ ଏବଂ ତାଙ୍କୁ କହିଲେ ଆହାବ ଇସ୍ରାଏଲ ପାପ କରିବାର କାରଣ ହେବାରୁ ତାହାର ଦଣ୍ଡ ସ୍ୱରୂପେ ସେଠାରେ ସାଢ଼େ ତିନି ବର୍ଷ ଏକ ଭୟଙ୍କର ମରୁଡି ହେବାକୁ ଯାଉଅଛି I
- ଆହାବ ଏବଂ ତାଙ୍କ ସ୍ତ୍ରୀ ଇଷେବେଲ ଅନେକ ଅନ୍ୟାନ୍ୟ ମନ୍ଦ ବିଷୟ କଲେ, ତା'ସହିତ ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରିବା ନିମନ୍ତେ ଶକ୍ତିର ବ୍ୟବହାର କଲେ I

ଅନୁବାଦ ପ୍ରସ୍ତାବିତ ବିଷୟମାନ:

(ମଧ୍ୟ ଦେଖିପାରିବା: ବାଲ୍, ଏଲୀୟ, ଇଷେବେଲ, ଇସ୍ରାଏଲ ରାଜ୍ୟ, ସଦାପ୍ରଭୁ ପରମେଶ୍ୱର)

ବାଇବଲ ପଦ ପର୍ଖ:

- ୧ ରାଜାବଳି ୧୮:୧_୨
- ୧ ରାଜାବଳି ୨୦:୧_୩
- ୨ ବଂଶାବଳି ୨୧:୬_୭
- ୨ ରାଜାବଳି ୦୯:୭_୮

ବାଇବଲ କାହାଣୀରୁ ଉଦାହରଣ:

- **୧୯:୦୨** ଏଲୀୟ ଜଣେ ଭବିଷ୍ୟତବକ୍ତାଥିଲେ **ଆହାବ** ଇସ୍ରାଏଲ ରାଜ୍ୟ ଉପରେ ରାଜାଥିଲେ I **ଆହାବ** ଜଣେ ଦୁଷ୍ଟ ବ୍ୟକ୍ତିଥିଲେ ଯିଏ ମିଥ୍ୟା ଦେବତା ବାଲକୁ ପୂଜା କରିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଉଥିଲେ I
- **୧୯:୦୩ ଆହାବ** ଏବଂ ତାଙ୍କ ସୈନ୍ୟଗଣ ଏଲୀୟଙ୍କୁ ଖୋଜିଲେ, ମାତ୍ର ସେମାନେ ତାଙ୍କୁ ପାଇଲେ ନାହି I
- _ ୧୯:୦୫_ ସାଢ଼େ ତିନି ବର୍ଷ ପରେ ପୁନର୍ଶ୍ୱାର ପ୍ରଭୁ ଏଲୀୟଙ୍କୁ କହିଲେ, ଇସ୍ରାଏଲ ରାଜ୍ୟକୁ ଫେରିଯାଅ ଏବଂ **ଆହାବଙ୍କୁ** କୁହ, କାରଣ ସେ(ପ୍ରଭୁ) ପୁନର୍ଶ୍ୱାର ବର୍ଷା ପଠାଇବେ I

ବୋର୍ଡ ଡାଟା :

- Strong's: H256

ଆୟୁବ

ଘଟଣାବଳୀ:

ଆୟୁବ ଏକ ବ୍ୟକ୍ତି ଯାହାକୁ ବାଇବେଲରେ ପରମେଶ୍ୱରଙ୍କ ସମ୍ମୁଖରେ ନିର୍ଦୋଷ ଓ ଧାର୍ମିକ ବ୍ୟକ୍ତିଥିଲେ I ସେ ଏକ ପ୍ରସିଦ୍ଧ ବ୍ୟକ୍ତି ଯେ ଅତି ଯନ୍ତ୍ରଣା ସମୟରେ ପରମେଶ୍ୱରଙ୍କ ଉପରେ ବିଶ୍ୱାସ କରିବା ବନ୍ଦ କରି ନଥିଲେ I

- ଆୟୁବ ଉଷ୍ ଦେଶରେ ବାସ କରୁଥିଲେ, ଯାହା କିଣାନର ପୂର୍ବରେ ଅବସ୍ଥିତ ଥିଲା ହୋଇପାରେ ଇଦୋମୀୟ ଅଞ୍ଚଳ ପାଖରେ ତାହାଥିଲା I
- ଏହା ହୋଇପାରେ କି ସେ ଏଷୌ ଓ ଯାକୁବର ସମୟରେ ଥିଲେ କାରଣ ଆୟୁବର ଏକ ମିତ୍ର "ତେମାନୀୟ "ଥିଲେ ତାହା ଏକ ଲୋକ ସମୂହ ଏଷୌର ନାତି ନାମ ଅନୁସାରେ ହୋଇଥିଲା I
- ପୁରାତନ ନିୟମରର ଆୟୁବ ପୁସ୍ତକ ଏହି ବିଷୟକୁ କହେ କି ଆୟୁବ ଓ ଅନ୍ୟମାନେ ଯନ୍ତ୍ରଣାକୁ କିପରି ପ୍ରତିକ୍ରିୟା ଦେଇ ଅଛନ୍ତି I ଏହା ପରମେଶ୍ୱର ଯେ ସମସ୍ତ ସୃଷ୍ଟିର ସୃଷ୍ଟିକର୍ତ୍ତା ଓ ବିଶ୍ୱରର ଶାସକ ଅଟନ୍ତି ଏହି ମତ ସେ ପ୍ରଦାନ କରନ୍ତି I
- ଏହି ସମସ୍ତ ଦୁଃଖ ପରେ, ପରମେଶ୍ୱର ଆୟୁବକୁ ସୁସ୍ଥ କଲେ ଓ ତାହାକୁ ଆହୁରି ସନ୍ତାନ ଓ ସମ୍ପତି ଦେଲେ I
- ସେ ଅତ୍ୟନ୍ତ ବୃଦ୍ଧାବସ୍ଥାରେ ମଲେ ବୋଲି ଆୟୁବ ପୁସ୍ତକ କହେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମ କିପରି ଅନୁବାଦ କରାଯାଏ)

(ଅବ୍ରହାମ , ଏଷୌ, ଜଳ ପ୍ରଳୟ, ଯାକୁବ, ଲୋକ ସମୂହ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯିହଜିକଲ 14:12-14
- ଯାକୁବ 5:9-11
- ଆୟୁବ 1:1
- ଆୟୁବ 3:5

ଶବ୍ଦବିନ୍ୟାସ :

- Strong's: H0347, G24920

ଇକନୀୟ୍

ସତ୍ୟ ଘଟଣାବଳୀ:

ଇକନୀୟ୍ ଦକ୍ଷିଣ ତୁର୍କୀର ଏକ ଅଂଶ ଥିଲା ଯାହା ବର୍ତ୍ତମାନ ତୁର୍କୀର ଦେଶ ଅଟେ I

- ପାଉଲଙ୍କର ପ୍ରଥମ ମିଶନାରୀ ଯାତ୍ରାରେ, ସେ ଏବଂ ବର୍ଣ୍ଣବ୍ବା ଇକନୀୟ୍କୁ ଗଲେ ଯେତେବେଳେ ଯିହୁଦୀମାନେ ସେମାନଙ୍କୁ ଆନ୍ତ୍ୟିୟ୍ଖିଆ ସହର ଛାଡିବାକୁ ବାଧ କଲେ I
- ତା'ପରେ ଅବିଶ୍ୱାସୀ ଯିହୁଦୀ ଏବଂ ଇକନୀୟ୍ର ଅଣଯିହୂଦୀମାନେ ମଧ୍ୟ ପାଉଲ ଏବଂ ତାଙ୍କ ସାଥୀମାନଙ୍କୁ ପଥରାଘାତ କରିବା ପାଇଁ ଯୋଜନା କଲେ, କିନ୍ତୁ ସେମାନେ ନିକଟସ୍ଥ ଲୁସ୍ତ୍ରା ସହରକୁ ପଳାଇଲେ I
- ଏହାପରେ ଆନ୍ତ୍ୟିୟ୍ଖିଆ ଏବଂ ଇକନୀୟ୍ର ଲୋକମାନେ ଲୁସ୍ତ୍ରାକୁ ଆସି ପାଉଲଙ୍କୁ ପଥରାଘାତ ପାଇଁ ସେଠାରେ ଲୋକଙ୍କୁ ଏକତ୍ରିତ କଲେI

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ବର୍ଣ୍ଣବ୍ବା, ଲୁସ୍ତ୍ରା, ପଥର ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ୍ ତୀମଥି 3:10-13
- ପ୍ରେରିତ 14:1
- ପ୍ରେରିତ 14:19 -20
- ପ୍ରେରିତ 16:1-3

ଶବ୍ଦବିନ୍ୟାସ :

- Strong's: G24300

ଇକ୍ରୋଣ, ଇକ୍ରୋଣୀୟମାନେ

ସୂଚନା:

ଇକ୍ରୋଣ ପଲେଷ୍ଟାଇନର ଏକ ବୃହତ ସହରଥିଲା ଯାହା ଭୂମଧ୍ୟସାଗରରୁ ନଅ ମାଇଲ୍ ଦୁରରେ ଅବସ୍ଥିତଥିଲା I

- ଇକ୍ରୋଣରେ ବାଲ ଜେବୁବ୍ ଦେବତାର ମନ୍ଦିରଥିଲା I
- ପଲେଷ୍ଟୀୟମାନେ ଯେତେବେଳେ ନୀୟମ ସିନ୍ଦୁକ ନେଲେ, ସେମାନେ ସେହି ସିନ୍ଦୁକକୁ ଅସ୍ ଦୋଦକୁ ନେଇ ଏବଂ ଗାଥ ଏବଂ ଇକ୍ରୋଣ ମଧ୍ୟ ପ୍ରେରଣ କଲେ କାରଣ ଇଶ୍ୱର ସେମାନଙ୍କୁ ଅସୁସ୍ଥ କଲେ ଏବଂ ମଧ୍ୟ ସଂହାର କଲେ ଯେଉଁ ଯେଉଁ ଆଡେ ସିନ୍ଦୁକକୁ ନିଆଗଲା I

ଶେଷରେ ପଲେଷ୍ଟୀୟମାନେ ସେହି ନୀୟମ ସିନ୍ଦୁକ ଇସ୍ରାଏଲକୁ ପଠାଇଲେ I

- ଅହାଜୀୟ ରାଜା ଯେତେବେଳେ ଗୃହର ଛାତ ଉପରୁ ପଡିଲେ ଏବଂ ନିଜେ କ୍ଷତ ହେଲେ ଏବଂ ଇକ୍ରୋଣରେ ବାଲ ଜେବୁବ୍ ଦେବତାଠାରୁ ସେ ଜାଣିବା ପାଇଁ ଚେଷ୍ଟା କଲେ କି ଯେ ସେ ସେହି କ୍ଷତରୁ ମରିବେ କି ନାହିଁ I

ପାପ ହେତୁ, ସଦାପ୍ରଭୁ କହିଲେ ସେ ନିତାନ୍ତ ମରିବ I

(ଭାଷାନ୍ତର ନିମନ୍ତେ ପ୍ରସ୍ତାବନା:ନାମ ଗୁଡ଼ିକ ଭାଷାନ୍ତର କର)

(ମଧ୍ୟ ଦେଖନ୍ତୁ:ଅହାଯିଆ,ନୀୟମ ସିନ୍ଦୁକ,ଆସାଦୋଦ, ବେଲଯେବୁଲ୍,ମିଥ୍ୟା ଦେବତା,ଗାଥ, ପଲେଷ୍ଟୀୟମାନେ)

ବାଇବଲ ପଦପର୍ବ:

- ୧ଶାମୁୟେଲ ୦୫:୧୦
- ଯିହୋଶୂୟ:୧୩:୨-୩
- [ବିଚାରକର୍ତ୍ତା ୦୧:୧୮-୧୯]
- ଯିଖରିୟ ୦୯:୫-୭

ବୋର୍ଡ ଡାଟା :

- Strong's: H6138, H6139

ଇଥିଓପିୟା, ଇଥିଓପିୟାମାନେ

ସୂଚନା:

ଇଥିଓପିୟା ଏକ ଆଫ୍ରିକା ଦେଶ ଦକ୍ଷିଣ ମିସରରେ ଅବସ୍ଥିତ,ପଶ୍ଚିମ ଆଡ଼କୁ ନୀଳ ନଦୀ ଏବଂ ପୂର୍ବ ଆଡ଼କୁ ସୁଫ ସାଗରଥିଲା I ଇଥିଓପିୟାର ଲୋକକୁ ଏଥିୟପୀୟ ବୋଲି ଜଣା ଯାଉଥିଲା I

- ପ୍ରାଚୀନ ଇଥିଓପିୟା ଦକ୍ଷିଣ ମିସରରେ ଅବସ୍ଥିତଥିଲା ଏବଂ ଏହାର ଆଧୁନିକ ଆଫ୍ରିକାର ଏକ ବିଶେଷ ଅଙ୍ଗଥିଲା ଏବଂ ଏଥିରେ ମଧ୍ୟ ସୁଡାନ, ଆଧୁନିକ ଇଥିଓପିୟା, ସୋମାଲିଆ, କେନିଆ, ଉଗାଣ୍ଡା, କେନ୍ଦ୍ର ଆଫ୍ରିକା ରିପାବଳିକ୍ ଏବଂ ଚାଦ୍ ଅନ୍ତର୍ଭୁକ୍ତ ଅଟେ I
- ବାଇବଲରେ, ଇଥିଓପିୟାକୁ ବେଳେବେଳେ “କୂଶ୍” କିମ୍ବା “ନୁବିଆ” ବୋଲି ଡକାଯାଏ I
- ଇଥିଓପିୟା ଏବଂ ମିସର ଦେଶଗୁଡିକ ବେଳେବେଳେ ବାଇବଲରେ ଏକାସମୟରେ ଉଲ୍ଲେଖ କରାଯାଇଛି କାରଣ ସେମାନେ ପାଖାପାଖି ଅବସ୍ଥିତ ଏବଂ ସେମାନଙ୍କ ପୂର୍ବପୁରୁଷମାନେ ପ୍ରାୟ ସମାନଥିଲେ I
- ଈଶ୍ୱର ପ୍ରଚାରକ ଫିଲିପ୍ପକୁ ପ୍ରାନ୍ତର ମଧ୍ୟକୁ ପ୍ରେରଣ କଲେ ଯେପରି ସେ ନପୁଂସକକୁ ଯୀଶୁଙ୍କ ସୁସମାଚାର ଶୁଣାଇବେ I

(ଭାଷାନ୍ତର ପାଇଁ ପ୍ରସ୍ତାବନା:ନାମ ଗୁଡିକୁ କିପରି ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:କୂଶ, ମିସର, ନପୁଂସକ,ଫିଲିପ୍ପ)

ବାଇବଲ ପଦପର୍ବ:

- ପ୍ରେରିତ ୦୮:୨୬-୨୮
- ପ୍ରେରିତ ୦୮:୨୯-୩୧
- ପ୍ରେରିତ ୦୮:୩୨-୩୩
- ପ୍ରେରିତ ୦୮:୩୬-୩୮
- ଯିଶାଇୟ ୧୮:୧-୨
- ନାହୁମ ୦୩:୮-୯
- ସିଫନୀୟ ୦୩:୯-୧୧

ବୋର୍ଡ ଡାଟା :

- Strong's: H3568, H3569, H3571, G128

ଇଦୋମ୍, ଇଦୋମୀୟ,

ବାସ୍ତବତା

ଇଦୋମ ଏଷୌଙ୍କ ଆଉ ଏକ ନାମଥିଲା I ଯେଉଁ ସ୍ଥାନରେ ଏଷୌ ବାସ କରୁଥିଲେ ତାହା ଏଦୋମ୍ ଭାବେ ଜଣାଯାଏ I "ଇଦୋମୀୟମାନେ" ତାଙ୍କ ବଂଶଧରଥିଲେ I

- ଇଦୋମର ସ୍ଥାନ ବାରମ୍ବାର ବଦଳିଛି I

ଏହା ମୁଖ୍ୟତଃ ଦକ୍ଷିଣ ଇସ୍ରାଏଲ୍ ଅବସ୍ଥିତଥିଲା ଏବଂ ପରିଶେଷରେ ଦକ୍ଷିଣ ଯିହୁଦୀ ଆଡ଼କୁ ପ୍ରସାରିତ ହେଲା I

- ନୂତନ ନୀୟମ ସମୟରେ, ଇଦୋମ ଦକ୍ଷିଣ ଯିହୁଦୀର ଅଧା ଅଞ୍ଚଳ ଆଡ଼କୁ ପ୍ରସାରିତ ହୋଇଛି I

ଗ୍ରୀକ୍ ଲୋକମାନେ ଏହାକୁ "ଇଦୋମୀୟ" ବୋଲି ଡାକିଲେ I "ଇଦୋମ" ନାମର ଅର୍ଥ "ଲାଲ୍" ଅଟେ ଯାହା ଏଷୌ ଜନ୍ମ ହେବା ସମୟରେ ଲାଲ୍ କେଶରେ ପୂର୍ଣ୍ଣଥିଲେ I କିମ୍ବା ଏହା ରଙ୍ଗା ଡାଲି ଯାହା ଏଷୌ ନିଜର ଜନ୍ମଅଧିକାରକୁ ବିକ୍ରି କରିବା ବିଷୟକୁ ବୁଝାଏ I

- ପୁରାତନ ନିୟମରେ, ଇଦୋମ୍ ଦେଶକୁ ଇସ୍ରାଏଲର ସତ୍ରୁ ଭାବରେ ବେଳେବେଳେ ବ୍ୟାଖ୍ୟା କରାଯାଏ I
- ଓବଦିୟ ପୁରା ପୁସ୍ତକଟି ଇଦୋମର ଧ୍ୱଂସ ବିଷୟରେ ଅଟେ I

ପୁରାତନ ନୀୟମର ଭବିଷ୍ୟତବକ୍ତାମାନେ ଇଦୋମ ସମ୍ପର୍କରେ ନକରାକମ୍ଭକ ଭାବବାଣୀ ଦେଇଥିଲେ I

(ଭାଷାନ୍ତର ନିମନ୍ତେ ପ୍ରସ୍ତାବନା: ନାମଗୁଡିକ କିପରି ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:ଶତ୍ରୁ,ଜନ୍ମଅଧିକାର,ଏଷୌ,ଓବଦିୟ,ଭବିଷ୍ୟତବକ୍ତା)

ବାଇବଲ ପଦପର୍ବ:

- ଆଦିପୁସ୍ତକ ୨୫:୨୯-୩୦
- ଆଦିପୁସ୍ତକ ୩୨:୩-୫
- ଆଦିପୁସ୍ତକ ୩୬:୧-୩
- ଯିଶାଇୟ ୧୧:୧୪-୧୫
- ଯିହୋଶୂୟ ୧୧:୧୬-୧୭
- ଓବଦିୟ ୦୧:୧-୨

ବୋର୍ଡ ଡାଟା :

- Strong's: H123, H130, H8165, G2401

ଇଫ୍ରାଥ, ଇଫ୍ରାଥା

ସତ୍ୟ ଘଟଣାବଳି:

"ଇଫ୍ରାଥ' ଏବଂ "ଇଫ୍ରାଥା" ଶବ୍ଦଗୁଡ଼ିକ ବୋଧହୁଏ "ଇଫ୍ରୟିମ" ନାମରୁ ଆସିଅଛି ଯିଏ ଯୋଷେଫଙ୍କ ପୁତ୍ରମାନଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ଇସ୍ରାଏଲର ବାରଗୋଷ୍ଠୀର ପିତୃପୁରୁଷ ମଧ୍ୟ ଥିଲେ I ବିଭିନ୍ନ

- "ଇଫ୍ରାଥା" ଏକ ଅଞ୍ଚଳର ନାମ ଅଟେ ଯେଉଁଠାରେ ରାହେଲ ମୃତ୍ୟୁବରଣ କରିଥିଲେ ଏହା ବେଥେଲ୍ ନଗର ନିକଟବର୍ତ୍ତୀ ଥିଲାI
- ପୁରାତନ ନିୟମରେ "ଇଫ୍ରାଥା" ନାମରେ ଜଣେ ମହିଳା ଥିଲେ, ଯିଏ କାଲେବଙ୍କର ସ୍ତ୍ରୀ ଥିଲେI
- ବେଥଲିହିମର ଉଭୟ କିରୀୟଥ୍-ଯିୟାରୀମ୍ ନଗରଗୁଡ଼ିକୁ "ଇଫ୍ରାଥ" କୁହାଯାଏ ଯଦିଓ ଏହି ନଗରଗୁଡ଼ିକ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥିତ ଅଟେ ଯେପରି ଉପରେ ବର୍ଣିତ (ବେଥେଲ୍ ନଗର ନିକଟବର୍ତ୍ତୀ) I

(ଅନୁବାଦ ପ୍ରସ୍ତାବଗୁଡ଼ିକ:ନାମଗୁଡ଼ିକୁ କିପରି ଅନୁବାଦ କରାଯିବ)

(ବେଥଲିହିମ, ବୋୟଜ, କାଲେବ,,ଦାଉଦ, ଇସ୍ରାଏଲ ମଧ୍ୟ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

ଶବ୍ଦବିନ୍ୟାସ :

- Strong's: H672, H673

ଇଫ୍ରୟିମ, ଇଫ୍ରୟିମୀୟ, ଇଫ୍ରୟିମର ଲୋକ

ସୂଚନା:

ଇଫ୍ରୟିମ ଯୋଷେଫର ଦ୍ୱିତୀୟ ପୁତ୍ରଥିଲା I ତାହାର ବଂଶ, ଇଫ୍ରୟିମୀୟ, ଇସ୍ରାଏଲର ବାର ଗୋଷ୍ଠୀ ମଧ୍ୟରେ ଗୋଟିଏ I

- ଇଫ୍ରୟିମ ଗୋଷ୍ଠୀ ବାର ଗୋଷ୍ଠୀ ମଧ୍ୟରୁ ଗୋଟିଏ ଯାହା ଉତ୍ତର ଭାଗରେ ଅବସ୍ଥିତଥିଲା I
- ବେଳେବେଳେ ଇଫ୍ରୟିମକୁ ବାଇବଲରେ ଇସ୍ରାଏଲର ଉତ୍ତର ଭାଗର ବୋଲି ଲେଖାଯାଏ I

(ଦେଖନ୍ତୁ:ସିନେକ୍ ଡୋକେ)

- ଇଫ୍ରୟିମ ହୁଏତ ଏକ ପର୍ବତମୟ କିମ୍ବା ପାହାଡ଼ମୟଥିଲା I ଏହା ଏହି ଦୁଇଟି ଉଦୃତ ଉପରେ ଆଧାର କରି କୁହାଯାଏ ଯାହା "ଇଫ୍ରୟିମର ପାହାଡ଼" କିମ୍ବା "ଇଫ୍ରୟିମର ପର୍ବତ" I

(ଭାଷାନ୍ତର ନିମନ୍ତେ ପ୍ରସ୍ତାବନା:ନାମ ଗୁଡିକ କିପରି ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:ଇସ୍ରାଏଲ ରାଜ୍ୟ,ଇସ୍ରାଏଲର ବାର ଗୋଷ୍ଠୀ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୭:୬୬-୭୯
- ୨ ବଂଶାବଳି ୧୩:୪-୫
- ଯିହିଜିକଲ ୩୭:୧୫-୧୭
- ଆଦିପୁସ୍ତକ ୪୧:୫୦-୫୨
- ଆଦିପୁସ୍ତକ ୪୮:୧-୨
- ଯୋହନ ୧୧:୫୪-୫୫

ବୋର୍ଡ ଡାଟା :

- Strong's: H669, H673, G2187

ଇମୋରୀୟ, ଇମୋରୀୟଗଣ

ତଥ୍ୟମାନ:

ଇମୋରୀୟମାନେ ଏକ ଶକ୍ତିଶାଳୀ ଗୋଷ୍ଠୀର ଲୋକମାନେଥିଲେ ଯେଉଁମାନେ ନୋହଙ୍କ ବଡ ପୁଅ କିଣାନଙ୍କ ବଂଶଗତଥିଲେ I

- ତାଙ୍କର ନାମର ଅର୍ଥ "ଶ୍ରେଷ୍ଠ ଏକ" ଯାହା ପାର୍ୱତୀୟ ସ୍ଥାନକୁ ସୂଚାଇପାରେ, ଯେଉଁଠାରେ ସେମାନେ ବାସ କରୁଥିଲେ କିମ୍ବା ଏହି ତଥ୍ୟ ନିମନ୍ତେ କି ସେମାନେ ବହୁତ ଡେଙ୍ଗା ହେଉଥିଲେ I
- ଇମୋରୀୟମାନେ ଯର୍ଦ୍ଦନ ନଦୀର ଦୁଇ ପାର୍ଶ୍ୱରେ ବସବାସ କରୁଥିଲେ I

ଅୟ ନଗର ଇମୋରୀୟମାନଙ୍କ ଦ୍ୱାରା ସ୍ଥାପିତ କରାଯାଇଥିଲା I

- ପରମେଶ୍ୱର ଇମୋରୀୟମାନଙ୍କ ପାପକୁ ସୂଚାନ୍ତି, ଯାହା ମିଥ୍ୟା ପ୍ରଭୁଙ୍କ ଆରାଧନା ଏବଂ ପାପଯୁକ୍ତ ବ୍ୟବହାରରେ ମଧ୍ୟ ଲିପ୍ତଥିଲେ I
- ଯିହୋଶୂୟ ଇମୋରୀୟକୁ ନଷ୍ଟ କରିବାରେ ଇସ୍ରାଏଲୀୟମାନଙ୍କୁ ପ୍ରବର୍ତ୍ତାଇଥିଲେ, ଯେପରି ପରମେଶ୍ୱର ସେମାନଙ୍କୁ କରିବାକୁ ଆଦେଶ ଦେଇଥିଲେ I

ବାଇବଲ ପଦ ପର୍ୱ:

- ଆମୋଷ ୦୨:୯-୧୦
- ଯିହିଜିକଲ ୧୬:୧-୩
- ଆଦିପୁସ୍ତକ ୧୦:୧୫-୧୮
- ଆଦିପୁସ୍ତକ ୧୫:୧୪-୧୬
- ଯିହୋଶୂୟ ୦୯:୯-୧୦

ବାଇବଲ କାହାଣିରୁ ଉଦାହରଣ:

- **୧୫:୦୭** କିଛି ସମୟ ପରେ, କିଣାନରେ ଅନ୍ୟ ଏକ ଲୋକମାନଙ୍କ ଗୋଷ୍ଠୀର ରାଜା, **ଇମୋରୀୟ**, ଶୁଣିଲେ ଯେ ଗିବିୟୋନୀୟମାନେ ଇସ୍ରାଏଲୀୟମାନଙ୍କ ସହ ସାନ୍ତିର ସନ୍ଧି କରିଛନ୍ତି, ସେଥିପାଇଁ ସେମାନେ ସେମାନଙ୍କ ସୈନ୍ୟମାନଙ୍କୁ ଏକତ୍ର କରି ଏକ ବଡ ସେନା ପ୍ରସ୍ତୁତ କଲେ ଏବଂ ଗିବିୟୋନ୍‌କୁ ଆକ୍ରମଣ କଲେ I
- **୧୫:୦୮** ଅତୀ ପ୍ରଭାତରେ ସେମାନେ **ଇମୋରୀୟ** ସେନାକୁ ଆଶ୍ଚର୍ଯ୍ୟ କଲେ ଏବଂ ସେମାନଙ୍କୁ ଆକ୍ରମଣ କଲେ I
- **୧୫:୦୯** ପରମେଶ୍ୱର ସେହିଦିନ ଇଶ୍ରାଏଲ ନିମନ୍ତେ ଯୁଦ୍ଧ କଲେ I

ସେ **ଇମୋରୀୟମାନଙ୍କୁ** ଭ୍ରମ କରିବାର କାରଣ ହେଲେ ଏବଂ ସେ ବିଶାଳ କୁଆପଥର ଗୁଡ଼ିକ ପଠାଇଲେ ତାହା ଅନେକ **ଇମୋରୀୟମାନଙ୍କୁ** ହତ୍ୟା କଲା I

- **୧୫:୧୦** ପରମେଶ୍ୱର ସୁର୍ଯ୍ୟକୁ ମଧ୍ୟ ଆକାଶ ମଧ୍ୟରେ ଏକ ସ୍ଥାନରେ ରଖିଲେ ସେଥିନିମନ୍ତେ ଇଶ୍ରାଏୟ **ଇମୋରୀୟମାନଙ୍କୁ** ସମ୍ପୂର୍ଣ୍ଣ ହରାଇବା ନିମନ୍ତେ ଯଥେଷ୍ଟ ସମୟ ପାଇଲେ I

ବୋର୍ଡ ଡାଟା :

- Strong's: H567,

ଇଲିୟାକୀମ୍

ସତ୍ୟ ଘଟଣାବଳୀ:

ପୁରାତନ ନିୟମର ଦୁଇ ବ୍ୟକ୍ତିଙ୍କର ଇଲିୟାକୀମ୍ ନାମ ଥିଲା I

- ଜଣେ ବ୍ୟକ୍ତି ଯାହାଙ୍କର ନାମ ଇଲିୟାକୀମ୍ ଥିଲା ସେ ହିଜକିୟ ରାଜାଙ୍କ ରାଜଗୃହାଧକ୍ଷ ଥିଲେ I
- ଅନ୍ୟ ଏକ ବ୍ୟକ୍ତି ଯାହାଙ୍କର ନାମ ଇଲିୟାକୀମ୍ ଥିଲା ସେ ଯୋଶିୟ ରାଜାଙ୍କ ପୁତ୍ର ଥିଲେ I ସେ ମିସର ଦେଶର ରାଜା ଫାରୋ-ନଖୋଙ୍କ ଦ୍ୱାରା ଯିହୂଦାର ରାଜା ଭାବରେ ନିଯୁକ୍ତ ହୋଇଥିଲେ I
- ନଖୋ ମିସରର ରାଜା ଇଲିୟାକୀମର ନାମ ପରିବର୍ତ୍ତନ କରି ଯିହୋୟାକୀମ ରଖିଲେ I

(ନାମଗୁଡ଼ିକର ଅନୁବାଦ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ହିଜକିୟ, ଯିହୋୟାକୀମ, ଯୋଶିୟ, ଫାରୋ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ରାଜାବଳୀ 18:18
- 2 ରାଜାବଳୀ 18:26
- 2 ରାଜାବଳୀ 18:37
- 2 ରାଜାବଳୀ 23:34-35

ଶବ୍ଦବିନ୍ୟାସ :

- Strong's: H0471, G16620

ଇଲିୟାସର

ସୂଚନା:

ଇଲିୟାସର ନାମ ବାଇବାଲରେ ଅନେକଙ୍କ ନାମଥିଲା I

- ଇଲିୟାସର ମୋଶାଙ୍କ ଭାଇ ହରୋଣଙ୍କ ତୃତୀୟ ପୁତ୍ରଥିଲା I

ହରୋଣଙ୍କ ମୃତ୍ୟୁ ପରେ, ଇଲିୟାସର ଇସ୍ରାଏଲର ପ୍ରଧାନ ଯାଜକ ହେଲେ I

- ଇଲିୟାସର ନାମ ଦାଉଦଙ୍କର "ଯୋଦ୍ଧାମାନଙ୍କ" ନାମଥିଲା I
- ଅନ୍ୟ ଏକ ଇଲିୟାସର ଯୀଶୁଙ୍କର ବଂଶଜଥିଲା I

(ଭାଷାନ୍ତର ନିମନ୍ତେ ପ୍ରସ୍ତାବନା:ନାମଗୁଡିକ କିପରି ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:ହାରୋଣ,ପ୍ରଧାନ ଯାଜକ,ଦାଉଦ,ଶକ୍ତିଶାଳୀ)

ବାଇବଲ ପଦପର୍ବ:

- ୧ ବଂଶାବଳି ୨୪:୧-୩
- ବିଚାରକର୍ତ୍ତା ୨୦:୨୭-୨୮
- ଗଣନା ପୁସ୍ତକ ୨୬:୧-୨
- ଗଣନା ପୁସ୍ତକ ୩୪:୧୬-୧୮

ବୋର୍ଡ ଡାଟା :

- Strong's: H499, G1648

ଇଲୀଶା

ସତ୍ୟ ଘଟଣାବଳୀ:

ଇଲୀଶା ଇସ୍ରାଏଲ ଦେଶର ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ ସେହି ସମୟରେ ସେଠାରେ ଅନେକ ରାଜା ରାଜତ୍ୱ କରୁଥିଲେ: ଆହାବ, ଅହସୀୟ,ଯେହୂ,ଯୋୟାଶ୍, ଏବଂ ଯିହୋୟାହସ୍ I

- ଈଶ୍ୱର ଏଲୀୟ ଭବିଷ୍ୟଦ୍‌ବକ୍ତାଙ୍କୁ ଇଲୀଶାକୁ ଭବିଷ୍ୟଦ୍‌ବକ୍ତା ଭାବରେ ନିଯୁକ୍ତ କରିବା ପାଇଁ କହିଲେ I
- ଏଲୀୟ ଯେତେବେଳେ ଘୂର୍ଣ୍ଣିବାୟୁରେ ସ୍ୱର୍ଗକୁ ନିତ ହେଲେ, ଇଲୀଶା ଇସ୍ରାଏଲର ଭବିଷ୍ୟଦ୍‌ବକ୍ତା ହେଲେ I
- ଇଲୀଶା ଏନେକ ଆଶ୍ଚର୍ଯ୍ୟ କର୍ମ କେଲେ, ସେ ସିରିୟାର କୁଷ୍ଠ ରୋଗୀକୁ ସୁସ୍ଥ କଲେ ଏବଂ ଶୁନେମୀୟାର ବିଧବାର ପୁତ୍ରକୁ ମୃତ୍ୟୁରୁ ଉଠାଇଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଏଲୀୟ, ନାମାନ୍, ଭବିଷ୍ୟତବକ୍ତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ରାଜାବଳୀ 19:15-16
- 2 ରାଜାବଳୀ 3:15-17
- 2 ରାଜାବଳୀ 5::8-10
- ଲୂକ 4:25

ଶବ୍ଦବିନ୍ୟାସ:

- Strong’s: H0477

ଇଷ୍କାରିୟୋତୀୟ ଯିହୂଦା

ସତ୍ୟ ଘଟଣାବଳୀ:

ଇଷ୍କାରିୟୋତୀୟ ଯିହୂଦା ଯୀଶୁଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ଥିଲା I ଏହି ଯିହୂଦା ଯୀଶୁଙ୍କୁ ଯିହୁଦୀନେତାମାନଙ୍କଠାରେ ଧୋକା ଦେଇଥିଲା I

- "ଇଷ୍କାରିୟୋତୀୟ " ନାମର ଅର୍ଥ ହେଲା "କରିୟୋଥ୍‌ଠାରୁ" ହୋଇପାରେ, ଯିହୂଦା ସେହି ନଗରେରେ ବୃଦ୍ଧି ପାଇଥିଲା I
- ଇଷ୍କାରିୟୋତୀୟ ଯିହୂଦା ପ୍ରେରିତମାନଙ୍କର ଅର୍ଥର ହିସାବ ରଖୁଥିଲା ଓ ଅର୍ଥ ଚୋରିକରିବା ତାର ଅଭ୍ୟାସ ଥିଲା I
- ଯୀଶୁ କେଉଁଠି ଅଛନ୍ତି ତାହା ଯିହୂଦା ନେତାମାନଙ୍କୁ କହିବା ଦ୍ୱାରା ଯିହୂଦା ଯୀଶୁଙ୍କୁ ଧୋକା ଦେଲା ଯାହା ଦ୍ୱାରା ସେମାନେ ଯିଶୁକୁ ବନ୍ଦୀ କରି ପାରିଲେ I
- ଧାର୍ମିକ ନେତାମାନେ ଯୀଶୁଙ୍କୁ ମୃତ୍ୟୁ ନିମନ୍ତେ ନିନ୍ଦା କରିବା ପରେ ଯିହୂଦା ଅନୁତାପ କଲା ଯେ ସେ ଯୀଶୁଙ୍କ ପ୍ରତି ବିଶ୍ୱାସଘାତକତା କଲା, ତେଣୁ ସେ ବିଶ୍ୱାସଘାତକତାର ଅର୍ଥକୁ ଯିହୁଦୀ ନେତାମାନଙ୍କୁ ଫେରାଇ ଦେଲା ଏବଂ ପରେ ନିଜକୁ ହତ୍ୟା କଲାI
- ଯୀଶୁଙ୍କର ଅନ୍ୟ ପ୍ରେରିତମାନଙ୍କ ମଧ୍ୟରୁ ଜଣେ ଯାକୁବର ପୁତ୍ର ଯିହୂଦା ଥିଲେ। ସେ ଇଷ୍କାରିୟୋତୀୟ ଯିହୂଦା ପରି ସମାନ ବ୍ୟକ୍ତି ନଥିଲେ I
- ଯୀଶୁଙ୍କର ଜଣେ ଭାଇର ନାମ ଯିହୂଦା ଥିଲା। ପରେ ସେ "ଯିହୂଦା" ଭାବରେ ପରିଚିତ ହେଲେ I ସେ ଇଷ୍କାରିୟୋତୀୟ ଯିହୂଦା ପରି ସମାନ ବ୍ୟକ୍ତି ନଥିଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ପ୍ରେରିତ, ଧୋକା, ଯିହୁଦୀ ନେତା, ଯାକୁବର ପୁତ୍ର ଯିହୂଦା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ 6:14-16
- ଲୂକ 22:47-48
- ମାର୍କ 3:19
- ମାର୍କ 14:10-11
- ମାଥିଉ 26:23-25

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **38:2** ଯୀଶୁଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଜଣକର ନାମ **ଯିହୂଦା** ଥିଲା I ଯୀଶୁ ଓ ତାହାଙ୍କର ଶିଶୟମାନେ ଯିରୂଶାଲମକୁ ଆସିବା ପରେ, **ଯିହୂଦା** ଯିହୁଦୀନେତାଗଣ ନିକଟକୁ ଗଲା ଏବଂ ଅର୍ଥ ବଦଳରେ ଯିଶୁକୁ ଧୋକା ଦେଲା I
- **38:3** ଯିହୁଦୀ ନେତାମାନେ, ମହାଯାଜକର ନେତୃତ୍ୱରେ **ଯିହୂଦା**କୁ 30 ରୌପ୍ୟ ମୁଦ୍ରା ଦେଲେ, ସେ ଯିଶୁକୁ ବିଶ୍ୱାସଘାତ କଲା I
- **38:14** ଯିହୂଦା ଯିହୁଦୀ ନେତାଗଣ, ସୈନିକ ଓ ଏକ ବଡ଼ ଭିଡ଼ ସହିତ ଆସିଲା I ସେ ସମସ୍ତେ ଖଣ୍ଡା ଓ ହତିଆର ଧରିଥିଲେ I **ଯିହୂଦା** ଯୀଶୁଙ୍କ ନିକଟକୁ ଆସିଲା ଓ କହିଲା,"ପ୍ରଣାମ! ଗୁରୁ" କହି ତାହାଙ୍କୁ ଚୁମ୍ବନ କଲା I
- **39:8** ଏହି ସମୟରେ, ଧୋକାବାଜ **ଯିହୂଦା** ଦେଖିଲା ଯେ ଯିହୁଦୀ ନେତାମାନେ ଯୀଶୁଙ୍କୁ ମାରିବାକୁ ନିନ୍ଦା କଲେ I ସେ ଅତି ଦୁଖିତ ହୋଇ ଚାଲିଗଲା ଓ ଆତ୍ମହତ୍ୟା କଲା I

ଶବ୍ଦବିନ୍ୟାସ:

- Strong's: G24550, G24690

ଇସାଖର

ତଥ୍ୟ:

ଇସାଖର ଯାକୁବର ପଂଚମ ଜାତ ସନ୍ତାନଥିଲେ I ତାର ମାତା ଲେହାଥିଲେ I

- ଇସାଖର ଜାତି ଇସରେଲର ବାର ଜାତି ମଧ୍ୟରୁ ଏକ ଜାତିଥିଲା I
- ଇସାଖର ଭୂମି ନପ୍ତାଲି, ଜେବୁଲୁନ୍, ମନାସେ ଓ ଗାଦ ର ସୀମା ସହିତ ଲାଗିଥିଲା I
- ଏହା ଗାଲିଲି ସମୁଦ୍ରର ଦକ୍ଷିଣ ପାଖରେ ଅବସ୍ଥିତ ଅଟେI

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଗାଦ, ମନାସେ, ନପ୍ତାଲି, ଇସ୍ରାଏଲ ର ବାର ଜାତି, ଜବୁଲୁନ୍)

ବାଇବଲ ପଦପର୍ବ:

- ଯାତ୍ରାପୁସ୍ତକ ୦୧:୧-୫
- ଯିହଜିକଲ ୪୮: ୨୩-୨୬
- ଆଦିପୁସ୍ତକ ୩୦:୧୬-୧୮
- ଯିହୋଶୂୟ୧୭:୯-୧୦

ବୋର୍ଡ ଡାଟା :

- Strong's: H3485, G2466

ଇସାବେଲ

ତଥ୍ୟ:

ଇସାବେଲ ଆହାବ ରାଜାର ଏକ ଦୁଷ୍ଟ ପତ୍ନୀଥିଲା I

- ଇସାବେଲ ଆହାବକୁ ଓ ଅନ୍ୟ ଇସ୍ରାଏଲ କୁ ପ୍ରଭାବିତ କଲେ କି ସେମାନେ ମୂର୍ତ୍ତି ପୂଜା କରନ୍ତୁ I
- ସେ ପରମେଶ୍ୱରଙ୍କ ଅନେକ ଭବିଷ୍ୟବକ୍ତା ଗଣକୁ ହତ୍ୟା କଲା I
- ଇସାବେଲ ଏକ ନିର୍ଦୋଷ ମନୁଷ୍ୟ ନାବୋତକୁ ହତ୍ୟା କରିଥିଲା କି ଆହାବ ନାବୋତର ଦ୍ରାକ୍ଷା ଖେତ୍ର କୁ ଚୋରୀ କରେ I
- ଅନ୍ତରେ ଇସାବେଲ କୁ ତାହାର ସମସ୍ତ ପାପ ନିମନ୍ତେ ହତ୍ୟା କରା ଗଲା I

ଏଲୀୟ ଏହି ଭବିଷ୍ୟବାଣୀ କରିଥିଲେ ଯେ ସେ ମରିବ ଓ ଠିକ ଏହି ପରି ହେଲା ସେ ଯେ ପ୍ରକାରେ କହିଥିଲେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖନ୍ତୁ: ଆହବ, ଏଲୀୟ, ଭଣ୍ଡ ଦେବ)

ବାଇବଲ ପଦପର୍ବ:

- ୧ ରାଜାବଳି ୧୬:୩୧-୩୩
- ୧ ରାଜାବଳି ୧୯:୧-୩
- ୨ ରାଜାବଳି ୯ ୭-୮:
- ୧ ରାଜାବଳି ୦୯:୩୦-୩୨
- ପ୍ରକାଶିତ ବାକ୍ୟ ୦୨:୨୦-୨୧

ବୋର୍ଡ ଡାଟା :

- Strong's: H348, G2403

ଇସ୍ମାଏଲ,

ତଥ୍ୟ:

ଇସ୍ମାଏଲ ଅବ୍ରହାମ୍ ଓ ମିସରୀୟ ହାଗାରର ପୁତ୍ର ଅଟେ I ପୁରାତନ ନିୟମରେ ଅନେକ ଲୋକ ର ନାମ ଇସ୍ମାଏଲ ଅଟେ I

- "ଇସ୍ମାଏଲ" ନାମ ଅର୍ଥ ହେଉଛି "ପରମେଶ୍ୱର ଶୁଣନ୍ତି" I
- ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ ଅବ୍ରହାମ୍ ର ପୁତ୍ର ଇସ୍ମାଏଲ କୁ ଆଶୀର୍ବାଦ କରିବେ କିନ୍ତୁ ସେ ପରମେଶ୍ୱର ଦ୍ୱାରା ପ୍ରତିଜ୍ଞାତ୍ ଚୁକ୍ତିର ସନ୍ତାନ ନଥିଲେ I
- ପରମେଶ୍ୱର ହାଗାର ଓ ଇସ୍ମାଏଲ କୁ ଯେତେବେଳେ ମରୁଭୁମୀ ଆଡ଼କୁ ଯାଉଥିଲେ ସୁରକ୍ଷା କଲେ I
- ଯେତେବେଳେ ଇସ୍ମାଏଲ ପାରନ ମରୁଭୂମିରେ ରହୁଥିଲେ ସେ ଏକ ମିସରୀୟ ସ୍ତ୍ରୀ କୁ ବିବାହ କଲେ I

Iନାଥାନୀୟ ର ପୁତ୍ର ଇସ୍ମାଏଲ ଯିହୁଦାର ଏକ ସୈନ୍ୟ ହାକିମଥିଲେ ଯେ ଏକ ସମୁହ ର ନେତୃତ୍ୱ ନେଇଥିଲେ କି ଏକ ରାଜ୍ୟପାଳ କୁ ହତ୍ୟା କରନ୍ତି ଯେ ବାବିଲୋନୀୟ ରାଜା ନବୁକଦ୍‌ନେସର ଦ୍ୱାରା ନିଯୁକ୍ତି କରା ଯାଇଥିଲେ I

- ପୁରାତନ ନିୟମରେ ଆହୁରି ଚାରି ଜନ ଲୋକଙ୍କ ନାମ ଇସ୍ମାଏଲ ଅଟେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଅବ୍ରହାମ୍, ବାବିଲନ, ଚୁକ୍ତି, ମରୁଭୁମୀ, ମିସର, ହାଗାର, ଇସାକ, ନବୁକଦ୍‌ନେସର, ପାରନ, ସାରା)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୧:୨୮-୩୧
- ୨ ବଂଶାବଳି ୨୩:୧-୩
- ଆଦିପୁସ୍ତକ ୧୬:୧୧-୧୨
- ଆଦିପୁସ୍ତକ ୨୫:୯-୧୧
- ଆଦିପୁସ୍ତକ ୨୫:୧୩-୧୬
- ଆଦିପୁସ୍ତକ ୩୬:୨୫-୨୬

ବାଇବଲ କାହାଣୀ ରୁ ଉଦାହରଣ:

- **୦୫:୦୨** ଏଥି ନିମନ୍ତେ ଅବ୍ରହାମ୍ ହାଗାର ସହିତ ବିବାହ କଲେ I

ହାଗାର ର ଏହା ଶିଶୁ ସନ୍ତାନ ହେଲା ଓ ଅବ୍ରହାମ୍ ତାର ନାମ _ଇସ୍ମାଏଲ _ ରଖିଲେ I

- **୦୫:୦୪** "ମୁଁ **ଇସ୍ମାଏଲ**ଠାରୁ ଏକ ମହାନ ଜାତି ଉତ୍ପନ କରିବି କିନ୍ତୁ ମୋର ଚୁକ୍ତି ଇସାକ ସହିତ ରହିବ I

ବୋର୍ଡ ଡାଟା :

- Strong's: H3458, H3459

ଇସ୍ରାଏଲ ରାଜ୍ୟ

ତଥ୍ୟ:

ଯାହାକୁ ଛି ମଧ୍ୟ ଇସ୍ରାଏଲ ଜାତି ର ଉତ୍ତର ଭାଗରେ ହେଲା ତାହା ଇସ୍ରାଏଲ ରାଜ୍ୟ ହେଲା ଯେତେବେଳେ ଇସ୍ରାଏଲ ର ବାର ଜାତି ସଲମନ ର ମୃତ୍ୟୁ ପରେ ଦୁଇଟି ରାଜ୍ୟରେ ବିଭକ୍ତ ହେଲା I ଇସ୍ରାଏଲ ରାଜ୍ୟ ଉତ୍ତର ଭାଗରେ ଦଶଟି ଜାତି ଓ ଯିହୁଦା ରାଜ୍ୟ ଦକ୍ଷିଣରେ ଦୁଇଟି ଜାତିଥିଲେ I

- ଇସ୍ରାଏଲ ରାଜ୍ୟର ରାଜଧାନୀ ସମରଣଥିଲା I

ଏହା ଲଗଭଗ ଯିରୁଶାଲମରୁ ୫୦ କି.ମି. ଦୁର ଯାହା ଯିହୁଦା ରାଜ୍ୟର ରାଜଧାନୀ ଅଟେ I

- ଇସ୍ରାଏଲ ରାଜ୍ୟ ର ସମସ୍ତ ରାଜା ମନ୍ଦଥିଲେ I

ସେମାନେ ଲୋକଙ୍କୁ ପ୍ରୋତ୍ସାହନ କଲେ କି ପ୍ରତିମା ପୂଜା ଓ ଭଣ୍ଡ ଦେବ ପୂଜା କରାଯାଏ I

- ପରମେଶ୍ୱର ଆସିରୀୟ ଲୋକଙ୍କୁ ପଠାଇଲେ କି ଇସ୍ରାଏଲ ରାଜ୍ୟ ଉପରେ ଆକ୍ରମଣ କରାଯାଏ I

ଅନେକ ଇସ୍ରାଏଲ ଲୋକମାନେ ଧରା ଗଲେ ଓ ଆସିରୀୟରେ ରହିବାକୁ ନିଆଗଲେ I

- ଆସିରୀୟ ଲୋକମାନେ ବିଦେଶୀ ଲୋକଙ୍କୁ ଆଣି ଆଉ ଇସ୍ରାଏଲ ରାଜ୍ୟରେ ବଳକା ଥିବା ଲୋକଙ୍କ ସହିତ ରଖିଲେ I

ଏହି ବିଦେଶୀ ଲୋକମାନେ ଅନ୍ତର ବିବାହ କଲେ ଓ ତାହାଙ୍କର ବଂଶଧର ସମରୀୟ ଲୋକମାନେ ହେଲେ I

(ଆହୁରି ଦେଖନ୍ତୁ: ଆସିରୀୟ, ଇସ୍ରାଏଲ, ଯିହୁଦା, ଯିରୁଶାଲମ,ରାଜ୍ୟ, ସମିରଣ,)

ବାଇବଲ ପଦପର୍ବ:

- ବଂଶାବଳି ୩୫:୧୮-୧୯
- ଯିରିମିୟ ୦୫:୧୦-୧୩
- ଯିରିମିୟ ୦୯:୨୫-୨୬

ବାଇବଲ କାହାଣୀ ରୁ ଉଦାହରଣ:

- **୧୮:୦୮** ଆଉ ଅନ୍ୟ ଇସ୍ରାଏଲ ର ଦଶଟି ଜାତି ଯେଉଁମାନେରେହୋବୋଆମ ବିରୁଧରେ ବିଦ୍ରୋହ କଲେ ଓ ଏକ ବ୍ୟକ୍ତି କୁ ଯାହାର ନାମ ଜେରୋବୋଆମ ତାହାକୁ ନିଜ ରାଜା କରି ନିଯୁକ୍ତି କଲେ I

ସେମାନେ ଦେଶର ଉତ୍ତର ଭାଗରେ ନିଜର ରାଜ୍ୟ ସ୍ଥାପନ କଲେ ଓ ତାହାକୁ **ଇସ୍ରାଏଲ ରାଜ୍ୟ** କହିଲେ I

- **୧୮:୧୦** ଇସ୍ରାଏଲ ରାଜ୍ୟ ଓ ଯିହୁଦା ରାଜ୍ୟ ଶତ୍ରୁ ହୋଇ ଗଲେ ଓ ଅନେକ ସମୟରେ ପରସ୍ପର ବିରୁଧରେ ଯୁଦ୍ଧ କରୁଥିଲେ I
- **୧୮:୦୧** ନୂତନ _ ଇସ୍ରାଏଲ ରାଜ୍ୟ_ର ସମସ୍ତ ରାଜା ମନ୍ଦଥିଲେ I
- **୨୦:୦୧** ଇସ୍ରାଏଲ ରାଜ୍ୟ ଓ ଯିହୁଦା ପରମେଶ୍ୱରଙ୍କର ବିରୁଧରେ ପାପ କଲେ I
- **୨୦:୦୨ ଇସ୍ରାଏଲ ରାଜ୍ୟ**ଆସିରୀୟ ସାମ୍ରାଜ୍ୟ, ଶକ୍ତିଶାଳୀ,ଓ ହିଂସରକ ଲୋକଙ୍କର ଦ୍ୱାରା ଧ୍ୱଂଶ କରା ଗଲା I

ଆସିରୀୟ ଲୋକମାନେ _ ଇସ୍ରାଏଲ ରାଜ୍ୟ_ର ଅନେକ ଲୋକଙ୍କୁ ହତ୍ୟା କଲେ, ସମସ୍ତ ମୂଲ୍ୟବାନ ବସ୍ତୁ ନେଇଗଲେ ଓ ଦେଶର ଅଧିକାଂଶ ସ୍ଥାନ ଦଗ୍ଧ କଲେ I

- **୨୦:୦୪** ପରେ ଆସିରୀୟ ଲୋକମାନେ ବିଦେଶୀୟମାନଙ୍କୁ ଆଣି _ ଇସ୍ରାଏଲ ରାଜ୍ୟ_ରେ ବାସ କରାଇଲେ I

ବିଦେଶୀ ଲୋକମାନେ ଯେଉଁ ସହର ସବୁ ନଷ୍ଟ ହୋଇ ଯାଇଥିଲା ତାହାକୁ ପୁନଃ ସ୍ଥାପନା କଲେ ଓ ଯେଉଁ ଇସରେଲିୟମାନେ ସେହିଠାରେ ରହି ଯାଇଥିଲେ ତାହାଙ୍କ ସହିତ ବିବାହ କଲେ I ଇସ୍ରାଏଲ ର ଏହି ବଂଶଧର କୁ ଯେଉଁମାନେ ବିଦେଶୀୟ ଲୋକଙ୍କୁ ବିବାହ କରିଥିଲେ ସମିରଣ ଲୋକ କୁହାଗଲା I

ବୋର୍ଡ ଡାଟା :

- Strong's: H3478, H4410, H4467, H4468

ଇସ୍‌ହାକ

ଘଟଣାବଳୀ:

ଇସ୍‌ହାକ ଅବ୍ରହାମ ଓ ସାରାର ଏକମାତ୍ର ପୁତ୍ରଥିଲେ I ପରମେଶ୍ୱର ସେମାନଙ୍କୁ ଏକ ପୁତ୍ର ସନ୍ତାନ ଦେବେ ବୋଲି ପ୍ରତିଜ୍ଞା କରିଥିଲେ ଯଦିଚ ସେମାନେ ଅତି ବୃଦ୍ଧାବସ୍ଥାରେ ଥିଲେ I

- "ଇସ୍‌ହାକ" ନାମର ଅର୍ଥ "ସେ ହସନ୍ତି" I ଯେତେବେଳେ ଈଶ୍ୱର ଅବ୍ରହାମ କୁ କହିଲେ କି ସାରା ଏକ ପୁତ୍ର ସନ୍ତାନ ଜାତ କରିବ, ଅବ୍ରହାମ ହସିଲେ କାରଣ ସେମାନେ ଅତି ବୃଦ୍ଧାବସ୍ଥାରେ ଥିଲେ I କିଛି ସମୟ ପରେ ସାରା ମଧ୍ୟ ହସିଲେ ଯେତେବେଳେ ସେ ଏହି ଖବର ଶୁଣିଲେ I
- କିନ୍ତୁ ଈଶ୍ୱର ତାହାଙ୍କ ପ୍ରତିଜ୍ଞାକୁ ପୁରାକଲେ ଓ ଇସ୍‌ହାକ ଅବ୍ରହାମ ଓ ସାରାର ବୃଦ୍ଧାବସ୍ଥାରେ ଜନ୍ମ ଲାଭ କଲା I
- ଈଶ୍ୱର ଅବ୍ରହାମ କୁ କହିଲେ ଯେ ସେ ଯେଉଁ ଚୁକ୍ତି ଅବ୍ରହାମ ସହ ସ୍ଥାପନ କରି ଅଛନ୍ତି, ତାହା ଇସ୍‌ହାକ ଓ ତାହାଙ୍କ ବଂଶଧରର ମଧ୍ୟ ଅଟେ I
- ଯେତେବେଳେ ଇସ୍‌ହାକ ଜଣେ ଯୁବାଥିଲେ, ଅବ୍ରହାମଙ୍କ ବିଶ୍ୱାସକୁ ପରୀକ୍ଷା କରି ତାଙ୍କୁ ଇସ୍‌ହାକଙ୍କୁ ବଳି ଦେବାକୁ ନିର୍ଦ୍ଦେଶ ଦେଲେ I
- ଇସ୍‌ହାକର ପୁତ୍ର ଯାକୁବର ବାର ପୁତ୍ରଥିଲେ ଯାହାର ବଂଶଧର ପରେ ଇସ୍ରାଏଲର ବାର ଗୋଷ୍ଠୀ ହୋଇ ଏକ ଦେଶ ନାମରେ ଖ୍ୟାତ ହେଲେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମ କିପରି ଅନୁବାଦ କରିବେ:)

(ଅବ୍ରହାମ , ବଂଶଧର, ଅନନ୍ତତା, ପରିପୂର୍ଣ୍ଣ, ଯାକୁବ, ସାରା, ଇସ୍ରାଏଲର ବାର ଜାତି:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 4:28-29
- ଆଦି ପୁସ୍ତକ 25:9-11
- ଆଦି ପୁସ୍ତକ 25:19
- ଆଦି ପୁସ୍ତକ 26:1
- ଆଦି ପୁସ୍ତକ 26:8
- ଆଦି ପୁସ୍ତକ 28:1-2
- ଆଦି ପୁସ୍ତକ 31:18
- ମାଥିଉ 8:11-13
- ମାଥିଉ 22:32

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **5:4** "ତୁମ୍ଭର ପତ୍ନୀ ସାରାର ଏକ ପୁତ୍ର ହେବ –ସେ ପ୍ରତିଜ୍ଞାତ ପୁତ୍ର ହେବ I ତାହାକୁ **ଇସ୍‌ହାକ** ନାମ ଦେବ I
- **5:4** ଯେତେବେଳେ **ଇସ୍‌ହାକ** ଏକ ଯୁବା ପିଲାଥିଲା, ପରମେଶ୍ୱର ଅବ୍ରହାମର ବିଶ୍ୱାସକୁ ପରୀକ୍ଷା କରିବା ନିମନ୍ତେ କହିଲେ, ତୁମ୍ଭର ଏକ ମାତ୍ର ପୁତ୍ର ଇସ୍‌ହାକକୁ ନିଅ, ଓ ତାହାକୁ ମୋ ନିମନ୍ତେ ଏକ ବଳି କରି ଉତ୍ସର୍ଗ କର"
- **5:9** ପରମେଶ୍ୱର ଏକ ମେଷକୁ **ଇସ୍‌ହାକ** ସ୍ଥାନରେ ବଳି ନିମନ୍ତେ ପ୍ରଦାନ କଲେ I
- **6:1** ଯେତେବେଳେ ଅବ୍ରହାମ ଅତି ବୃଦ୍ଧ ହେଲେ ଓ ତାହାର ପୁତ୍ର **ଇସ୍‌ହାକ** ବଢିଲା, ଅବ୍ରହାମ ତାହାର ଦାସମାନଙ୍କ ମଧ୍ୟରୁ ଜଣକୁ ସେହି ଦେଶକୁ ଯେଉଁଠାରେ ତାହାର ଆତ୍ମୀୟ ବାସ କରନ୍ତି ସେଠାରୁ ତାହାର ପୁତ୍ର ଇସ୍‌ହାକ ନିମନ୍ତେ ଏକ ପତ୍ନୀ ଖୋଜି ଆଣିବାକୁ ପଠାଇଲେ I
- **6:5 ଇସ୍‌ହାକ** ରିବିକା ନିମନ୍ତେ ପ୍ରାର୍ଥନା କଲେ ଓ ପରମେଶ୍ୱର ତାହାକୁ ଦୁଇ ଜାଁଳା ସନ୍ତାନର ସେ ଗର୍ଭବତୀ ହେବାକୁ ଅନୁମତି ଦେଲେ I
- **7:10** ପରେ **ଇସ୍‌ହାକ** ମୃତ୍ୟୁ ବରଣ କଲେ ଓ ଯାକୁବ ଓ ଏଷୌ ତାହାକୁ କବର ଦେଲେ I ଯେଉଁ ଚୁକ୍ତି ପରମେଶ୍ୱର ଅବ୍ରହାମ ସହ ସ୍ଥାପନ କରିଥିଲେ ଓ ତା'ପରେ ଇସ୍‌ହାକ ସହିତ, ବର୍ତ୍ତମାନ ତାହା ଯାକୁବ ପାଖକୁ ମଧ୍ୟ ଆସିଲା I

ଶବ୍ଦବିନ୍ୟାସ :

- Strong's: H3327, H3446, G24640

ଈଶ୍ୱରଙ୍କ ଜନ

ସତ୍ୟ ଘଟଣାବଳୀଗୁଡ଼ିକ:

"ଈଶ୍ୱରଙ୍କ ଜନ" ର ଅଭିବ୍ୟକ୍ତି ସଦାପ୍ରଭୁଙ୍କର ଭବିଷ୍ୟଦ୍‌ବକ୍ତାଙ୍କୁ ସମ୍ମାନ ଦର୍ଶାଇବାକୁ ଶୈଳୀ ଅଟେ I ଏହା ସଦାପ୍ରଭୁଙ୍କର ଦୂତକୁ ମଧ୍ୟ ଦର୍ଶାଏ I

- ଯେତେବେଳେ ଏକ ଭବିଷ୍ୟଦ୍‌ବକ୍ତାଙ୍କୁ ସମ୍ବୋଧିତ କରାଯାଏ, ଏହାକୁ "ମନୁଷ୍ୟ ଯେ ଈଶ୍ୱରଙ୍କର ଅଟେ "କିମ୍ବା "ମନୁଷ୍ୟ ଯେ ବଛାଯାଇ ଅଛି "କିମ୍ବା "ମନୁଷ୍ୟ ଯେ ଈଶ୍ୱରଙ୍କର ସେବା କରେ" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ଏକ ସ୍ୱର୍ଗ ଦୂତକୁ ସମ୍ବୋଧିତ କରାଯାଏ, ତାହା "ଈଶ୍ୱରଙ୍କର ସମ୍ବାଦ ବାହକ "କିମ୍ବା "ତୁମ୍ଭର ଦୂତ" କିମ୍ବା "ଈଶ୍ୱରଙ୍କଠାରୁ ସ୍ୱର୍ଗରୁ ଏକ ବ୍ୟକ୍ତି ଯେ ମନୁଷ୍ୟ ପରି ଦେଖାଯାଏ" ବୋଲି ଅନୁବାଦ କରାଯାଇପାରେ I

(ସ୍ୱର୍ଗ ଦୂତ, ସମ୍ମାନ, ଭବିଷ୍ୟଦ୍‌ବକ୍ତା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ବଂଶାବଳୀ 23:12-14
- ପ୍ରଥମ ରାଜାବଳୀ 12:22
- ପ୍ରଥମ ଶାମୁୟେଲ 9:9-11

ଶବ୍ଦବିନ୍ୟାସ :

- Strong's: H0376, H0430, G04440, G23160

ଉଦ୍‌ଯୋଗୀ ଶିମୋନ

ସତ୍ୟ ଘଟଣାବଳୀ:

ଉଦ୍‌ଯୋଗୀ ଶିମୋନ ଯୀଶୁଙ୍କର ବାର ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ଅଟନ୍ତି ।

- ଯୀଶୁଙ୍କ ଶିଷ୍ୟମାନଙ୍କ ତାଲିକାରେ ତିନିଥର ଶିମୋନଙ୍କ ନାମ ଉଲ୍ଲେଖ ଅଛି, କିନ୍ତୁ ତାଙ୍କ ବିଷୟରେ ଅଳ୍ପ ଜ୍ଞାତ ଅଟେ ।
- ଯୀଶୁଙ୍କର ସ୍ୱର୍ଗାରୋହଣ ପରେ ଏଗାର ଜଣଙ୍କ ମଧ୍ୟରୁ ଶିମୋନ ହେଉଛନ୍ତି ଜଣେ ଯେକି ପ୍ରାର୍ଥନା କରିବା ନିମନ୍ତେ ଯିରୂଶାଲମରେ ଏକତ୍ର ହୋଉଥିଲେ ।
- "ଉଦ୍‌ଯୋଗୀ"ଶବ୍ଦର ଅର୍ଥ ଶିମୋନ ଜଣେ "ଉଦ୍‌ଯୋଗୀସମର୍ଥକ "ଙ୍କର ସଦସ୍ୟଥିଲେ ଅର୍ଥାତ ଯିହୁଦୀ ଧାର୍ମିକ ଦଳ ଯେଉଁମାନେ ରୋମୀୟ ଅଧିକାରୀଙ୍କ ନୀତିକୁ ବିରୋଧ କରୁଥିଲେ ଏବଂ ମୋଶାଙ୍କ ଦତ୍ତ ବ୍ୟବସ୍ଥାକୁ ଗ୍ରହଣ କରୁଥିଲେ ।
- କିମ୍ବା "ଉଦ୍‌ଯୋଗୀ ବ୍ୟକ୍ତି"ସରଳ ଭାବରେ ଶିମୋନଙ୍କର ଧାର୍ମିକ ଜୀବନରେ"ଅତି ଆଗ୍ରହୀ "ବ୍ୟକ୍ତିଥିଲେ ।

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଦେଖନ୍ତୁ)

(ପ୍ରେରିତ, ଶିଷ୍ୟ, ବାର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ ୧:୧୨-୧୪
- ଲୂକ ୬:୧୪-୧୬
- ମାର୍କ ୩:୧୭-୧୯

ଶବ୍ଦବିନ୍ୟାସ:

- Strong's: G22080, G25810, G46130

ଉର

ତଥ୍ୟ:

ପୁରାତନ ଅଞ୍ଚଳ କଲଦୀୟ ନିକଟ ଇଉଫ୍ରେଟିସ୍ ନଦୀ ନିକଟରେ ଉର୍ ଏକ ମହତ୍ୱପୂର୍ଣ୍ଣ ସହରଥିଲା ଯାହା ମେସପୋଟାମିୟା ଏକ ଭାଗଥିଲା ନାମ କିପରି ଅନୁବାଦ କରାଯାଏ ଏହି ଅଞ୍ଚଳ ଯାହା ବର୍ତ୍ତମାନ ଇରାକ୍ କୁହାଯାଏ ସେହିଠାରେ ଅବସ୍ଥିତ ଅଟେ I

- ଅବ୍ରହାମ୍ ଉର ସହର ରୁଥିଲେ, ଏହା ସେହି ସସହର ଯେଉଁଠାରୁ ପରମେଶ୍ୱର ତାହାକୁ ଆହ୍ୱାନ କଲେ କି ଏହି ସ୍ଥାନ ଛାଡ଼ି କିଣାନ ଦେଶ ଯିବା ନିମନ୍ତେ I ଲୋଟ ର ପିତା ଓ ଅବ୍ରହାମ୍ ର ଭାଇ ହାରାନ ଏହି ଠାରେ ମାରୀଥିଲେ I

ହୋଇପାରେ ଏହା ଏକ ବିଷୟ ଯାହା ହେତୁ ଲୋଟ ଅବ୍ରହାମ୍ ସହିତ ଆସିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଅବ୍ରହାମ୍, କିଣାନ, ଚାଲଡିଆ, ଇଉଫ୍ରେଟିସ୍ ନଦୀ, ହାରାନ, ଲୋଟ, ମେସପୋଟାମିୟା)

ବାଇବଲ ପଦପର୍ବ:

- ଆଦିପୁସ୍ତକ ୧୧:୨୭-୨୮
- ଆଦିପୁସ୍ତକ ୧୧: ୩୧-୩୨

ବୋର୍ଡ ଡାଟା :

- Strong's: H218

ଉରୀୟ

ତଥ୍ୟ:

ଉରୀୟ ଏକ ଧାର୍ମିକ ବ୍ୟକ୍ତିଥିଲେ ଓ ରାଜା ଦାଉଦର ସବୁଠାରୁ ଉତ୍ତମ ସୈନିକଥିଲେ I ସେ ଅନେକ ସମୟରେ "ହିତିୟ ଉରୀୟ" ରୂପରେ ସମ୍ବୋଧିତ ହୁଅନ୍ତୁ I

- ଉରୀୟ ର ଏକ ସୁନ୍ଦର ସ୍ତ୍ରୀଥିଲା ଯାହାର ନାମ ବଥସେବାଥିଲା I
- ଦାଉଦ ଉରୀୟ ର ପତ୍ନୀ ସହିତ ବ୍ୟଭିଚାର କରିଥିଲେ, ଓ ସେ ଦାଉଦ ଦ୍ୱାରା ଗର୍ଭବତୀ ହୋଇଥିଲା I
- ଏହି ପାପକୁ ଲୁଚାଇବା ନିମନ୍ତେ, ଦାଉଦ ଯୁଦ୍ଧରେ ଉରୀୟ କୁ ହତ୍ୟା କରି ଦେଇଥିଲେ I

ତା ପରେ ଦାଉଦ ବଥସେବା କୁ ବିବାହ କଲେ I

- ଆଉ ଏକ ବ୍ୟକ୍ତି ଯାହାର ନାମ ଉରୀୟ ଥିଲା ସେ ଆହସ ରାଜା ସମୟରେ ଯାଜକ ଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆହସ, ବଥସେବା, ଦାଉଦ, ହିତିୟ)

ବାଇବଲ ପଦପର୍ବ:

- ୧ ରାଜାବଳି ୧୫:୪-୬
- ୨ ଶାମୁଏଲ ୧୧:୨-୩
- ୨ ଶାମୁଏଲ୍ ୧୧:୨୬-୨୭
- ନିହିମିୟ ୦୩:୩-୫

ବାଇବଲ କାହାଣୀ ରୁ ଉଦାହରଣ:

- **୧୭:୧୨** ବଥସେବା ର ସ୍ୱାମୀ ଏକ ବ୍ୟକ୍ତି ଯାହାର ନାମ **ଉରୀୟ**ଥିଲା ଯେ ଦାଉଦ ର ଏକ ଉତ୍ତମ ସୈନିକଥିଲା I

ଦାଉଦ **ଉରୀୟ**କୁ ଯୁଦ୍ଧ ରୁ ଫେରେଇ ଆଣିଲେ ଓ ତାହାକୁ କି ନିଜ ପତ୍ନୀ ପାଖକୁ ଯିବା ନିମନ୍ତେ କହିଲେ I କିନ୍ତୁ **ଉରୀୟ** ଘରକୁ ଯିବାକୁ ମନା କରିଦେଲେ କାରଣ ଆଉ ଅନ୍ୟ ସନ୍ୟମାନେ ଯୁଦ୍ଧ କ୍ଷେତ୍ରରେଥିଲେ I ତେଣୁ ଦାଉଦ **ଉରୀୟ** କୁ ପୁଣି ଯୁଦ୍ଧ କ୍ଷେତ୍ର କୁ ପଠାଇଲେ ଓ ସେନାଧକ୍ଷ କୁ କହିଲେ କି ତାହା କୁ ଯେଉଁଠାରେ ଶତ୍ରୁ ସୈନ୍ୟ ସବୁଠାରୁ ବେଶୀ ଦୃଢ଼ ସେହିଠାରେ ରଖା ଯାଉ କି ସେ ମାରୀ ଯାଉ I

- **୧୭:୧୩ ଉରୀୟ** ମରିଗଲା ପରେ ଦାଉଦ ବଥସେବା ସହ ବିବାହ କଲେ I

ବୋର୍ଡ ଡାଟା :

- Strong's: H223, G3774

ଉସୀୟ,ଆଜାରିୟା

ତଥ୍ୟ:

ଉସୀୟ ୧୬ ବର୍ଷ ବୟସରେ ଯିହୁଦାର ରାଜା ହେଲେ ଓ ସେ ୫୨ ବର୍ଷ ରାଜତ୍ୱ କଲେ ଯାହା ସାଧାରଣ ଭାବରେ ଏକ ଲମ୍ବା ସମୟ ଶାସନ କଲେ I ଉସୀୟ ରାଜା "ଆଜାରିୟା "ନାମରେ ପ୍ରସିଦ୍ଧ ଅଟେ I

- ରାଜା ଉସୀୟ ତାହାର ସଂଗଠିତ ଓ ଦକ୍ଷତା ସେନା ନିମନ୍ତେ ପ୍ରସିଦ୍ଧ ଅଟେ I

ସହର କୁ ସୁରକ୍ଷା ଦେବା ନିମନ୍ତେ ବଡ଼ ବଡ଼ ଦୁର୍ଗ ନିର୍ମାଣ କରିଥିଲେ ଓ ବିଶେଷ ରୂପରେ ଯୁଦ୍ଧ ଅସ୍ତ୍ର ପର୍ବତ ଆରୋହଣ ନିମନ୍ତେ ଓ ତୀର ଓ ବଡ଼ ବଡ଼ ପଥର ମଧ ନିର୍ମାଣ କରିଥିଲେ I

- ଯେତେ ପର୍ଯ୍ୟନ୍ତ ଉସୀୟ ପ୍ରଭୁଙ୍କର ସେବା କରୁଥିଲେ ସେ ସଫଳ ହେଉଥିଲେ I

ତାହାର ରାଜତ୍ୱ ର ଅନ୍ତରେ, ଯାହା ଭି ହେଉ ସେ ଗର୍ବ କଲେ ଓ ପରମେଶ୍ୱରଙ୍କର ଅନାଜ୍ଞାକାରୀ ହେଲେ ଓ ମନ୍ଦିରରେ ଧୁପ ଜଳାଇଲେ ଯାହା କେବଳ ଯାଜକ କୁ ହିଁ ଅନୁମତି ଥିଲା I

- ଏହି ପାପ ହେତୁ, ଉସୀୟ କୁଷ୍ଠ ରୋଗରେ ପୀଡିତ ହେଲେ ଓ ସବୁଠାରୁ ଅଲଗା ହୋଇ ତାହାର ରାଜତ୍ୱ ର ଶେଷ ଯାଇ ରହିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଯିହୁଦା, ରାଜା, କୁଷ୍ଠ, ରାଜତ୍ୱ, ସୁରକ୍ଷା ଦୁର୍ଗ)

ବାଇବଲ ପଦପର୍ବ:

- ୨ ରାଜାବଳି ୧୪:୨୦-୨୨
- ଆମୋଷ ୦୧:୧-୨
- ହୋଶେୟ୦୧:୧-୨
- ଯିଶାଇୟ ୦୬:୧-୨
- ମାଥିଉ ୦୧:୭-୮

ବୋର୍ଡ ଡାଟା :

- Strong's: H5814, H5818, H5838, H5839

ଏଜ୍ରା

ସୂଚନା:

ଏଜ୍ରା ଜଣେ ଇସ୍ରାଏଲୀୟ ଯାଜକ ଏବଂ ଯିହୁଦୀମାନଙ୍କ ବ୍ୟବସ୍ଥାରେ ନିପୁଣଥିଲେ ଯିଏ ବାବିଲରେ ସତୁରୀ ବର୍ଷ ନିର୍ଦ୍ଧାସିତ ଅବସ୍ଥାରେ ରହି ଯୀରୁଶାଲମକୁ ଫେରିବା ଇତିହାସକୁ ଲେଖିଅଛନ୍ତି I

- ଏଜ୍ରା ଇସ୍ରାଏଲମାନଙ୍କ ଇତିହାସକୁ ଏଜ୍ରା ପୁସ୍ତକରେ ଲିପିବଦ୍ଧ କରିଛନ୍ତି I

ସେ ନିହିମୀୟା ପୁସ୍ତକ ମଧ୍ୟ ଲେଖିଥିବେ ଯେହେତୁ ସେହି ଦୁଇଟି ପୁସ୍ତକ ଆରମ୍ଭରେ ଗୋଟିଏଥିଲା I

- ଯେତେବେଳେ ଏଜ୍ରା ଯୀରୁଶାଲମକୁ ଫେରିଲେ ସେ ବ୍ୟବସ୍ଥାକୁ ପୁନଃସ୍ଥାପନ କଲେ କାରଣ ଇସ୍ରାଏଲୀୟମାନେ ବିଶ୍ରାମବାରର ବ୍ୟବସ୍ଥାକୁମାନିବା ବନ୍ଦ କରିଥିଲେ ଏବଂ ଅନ୍ୟ ଦେଶୀୟ ଲୋକମାନଙ୍କ ସହିତ ବିବାହ କଲେ I
- ସେ ମଧ୍ୟ ମନ୍ଦିରର ପୁନଃନିର୍ମାଣ କଲେ ଯାହା ବାବିଲ ଦ୍ୱାରା ନଷ୍ଟ ହୋଇଥିଲା I
- ପୁରାତନ ନିୟମରେ ଅନ୍ୟ ଦୁଇ ଜଣ ବ୍ୟକ୍ତିଙ୍କ ନାମ ମଧ୍ୟ ଏଜ୍ରା ଅଟେ I

(ଭାଷାନ୍ତର ପାଇଁ ପ୍ରସ୍ତାବନା:ନାମଗୁଡ଼ିକ କିପରି ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:ବାବିଲ,ନିର୍ଦ୍ଧାସନ,ଯିରୁଶାଲମ,ବ୍ୟବସ୍ଥା,ନିହିମୀୟା,ମନ୍ଦିର)

ବାଇବଲ ପଦପର୍ବ:

- ଏଜ୍ରା ୦୭:୬-୭
- ନିହିମୀୟା ୦୮:୧-୩
- ନିହିମୀୟା ୧୨:୧-୩

ବୋର୍ଡ ଡାଟା :

- Strong's: H250, H5830, H5831, H5834

ଏଦନ, ଏଦନ ଉଦ୍ୟାନ

ସତ୍ୟତା:

ପ୍ରାଚୀନ କାଳରେ, ଏଦନ ଏକ ସ୍ଥାନଥିଲା ଯେଉଁଠାରେ ଏକ ଉଦ୍ୟାନଥିଲା ଯେଉଁଠି ଈଶ୍ୱର ପ୍ରଥମ ପୁରୁଷ ଏବଂ ସ୍ତ୍ରୀଙ୍କୁ ରଖିଲେ I

- ଯେଉଁ ଉଦ୍ୟାନରେ ଆଦମ ଏବଂ ହୋବା ରହୁଥିଲେ ଏହା ଏଦନର ଏକ ଅଂଶଥିଲା I
- ଏଦନର ବାସ୍ତବ ସ୍ଥାନ ଅଶୁନିଶ୍ଚିତ ଅଟେ, କିନ୍ତୁ ହିଦ୍ଦେକଲ ଏବଂ ଫରାତ ନଦୀ ସେଥି ମଧ୍ୟରୁ ପ୍ରବାହିତ ହୋଉଥିଲା I
- "ଏଦନ" ଶବ୍ଦଟି ଏବ୍ରୀ ଭାଷାରୁ ଆନିତ ଓ ଏହାର ଅର୍ଥ "ଏଥିରେ ଆନନ୍ଦ କର" I

(ଭାଷାନ୍ତର ନିମନ୍ତେ ପ୍ରସ୍ତାବନା:ନାମ ଗୁଡିକ କିପରି ଭାଷାନ୍ତର କରିବା ଉଚିତ)

(ମଧ୍ୟ ଦେଖନ୍ତୁ:ଆଦମ, ଫରାତ ନଦୀ,ହୋବା)

ବାଇବଲ ପଦପର୍ବ:

- ଯିହିଯିକଲ ୨୮:୧୧-୧୩
- ଆଦିପୁସ୍ତକ ୦୨:୭-୮
- ଆଦିପୁସ୍ତକ ୦୨:୯-୧୦
- ଆଦିପୁସ୍ତକ ୦୨:୧୫-୧୭
- ଆଦିପୁସ୍ତକ ୦୪:୧୬-୧୭
- ଯୋୟେଲ ୦୨:୩

ବୋର୍ଡ ଡାଟା :

- Strong's: H5729, H5731

ଏଫିସୀୟ, ଏଫିସୀୟମାନେ

ସତ୍ୟ ଘଟଣାବଳିଗୁଡ଼ିକ:

ବର୍ତ୍ତମାନର ତୁର୍କୀ ଦେଶ ଯାହା ପଶ୍ଚିମ ତଟରେ ଏଫିସୀୟ ଏକ ପ୍ରାଚୀନ ଗ୍ରୀକ୍ ସହର ଥିଲା I

- ପ୍ରାଚୀନ ଖ୍ରୀଷ୍ଟିୟାନମାନଙ୍କ ସମୟରେ, ଏଫିସୀୟ ଏସିଆର ରାଜଧାନୀଥିଲା ଯାହାକି ସେହି ସମୟର ଏକ ଛୋଟ ରୋମୀୟ ପ୍ରଦେଶ ଥିଲା I
- ଏହି ସହରର ଅବସ୍ଥାନ ହେତୁ ଏହା ବାଣିଜ୍ୟ ଏବଂ ଯାତ୍ରା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରସ୍ଥଳ ଥିଲା I
- ଏଫିସୀୟ ସହରରେ ଆର୍ତ୍ତେମୀ (ଦିଆନା) ଦେବୀର ସର୍ବବୃହତ ପ୍ରାଚୀନ ଗ୍ରୀକ୍ ମନ୍ଦିରଥିଲା I
- ପାଉଲ ଏଫିସରେ ଦୁଇ ବର୍ଷରୁ ଊର୍ଦ୍ଧ ରହିଲେ ଏବଂ କାର୍ଯ୍ୟ କଲେ ପୁଣି ତୀମଥିଙ୍କୁ ମଣ୍ଡଳୀର ନେତୃତ୍ୱ ନେବା ପାଇଁ ନିଯୁକ୍ତ କଲେ I
- ଏଫିସୀୟ ପୁସ୍ତକ ନୂତନ ନୀୟମର ଏକ ପତ୍ର ଯାହା ପାଉଲ ଏଫିସର ବିଶ୍ୱାସୀ ଭାଇ ଏବଂ ଭଉଣୀମାନଙ୍କ ନିକଟକୁ ଲେଖିଲେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ:ନାମଗୁଡ଼ିକୁ କିପରି ଅନୁବାଦ କରାଯିବ)

(ଏସୀଆ,ପାଉଲ,ତୀମଥି ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ କାରିନ୍ଥୀୟ 15:32
- ପ୍ରଥମ ତୀମଥି 1:3
- ଦ୍ୱିତୀୟ ତୀମଥି 4:11-13
- ପ୍ରେରିତ 19:1
- ଏଫିସୀୟ 1:1

ଶବ୍ଦବିନ୍ୟାସ :

- Strong's: G21790, G21800, G21810

ଏଲାମୀୟ, ଏଲାମୀୟମାନେ

ସୂଚନା

ଏଲାମୀୟ ଶେମଙ୍କ ପୁତ୍ରଥିଲେ ଏବଂ ନୋହଙ୍କ ନାତିଥିଲେ I

- ଏଲାମୀୟଙ୍କ ପୌତ୍ରାଦୀମାନଙ୍କୁ "ଏଲାମୀୟ" ବୋଲି ଡକା ଯାଉଥିଲା I
- ଏଲାମ ଅଞ୍ଚଳଟି ଦକ୍ଷିଣପୂର୍ବର ହିଦ୍ଦେକଲ ନଦୀରେ ଅବସ୍ଥିତ ଯାହା ବର୍ତ୍ତମାନ ପଶ୍ଚିମ ଇରାନ ଅଟେ I

(ଭାଷାନ୍ତର ନିମନ୍ତେ ପ୍ରସ୍ତାବନା:ନାମ ଗୁଡିକ କିପରି ଭାଷାନ୍ତର କରିବେ)

(ମଧ୍ୟ ଦେଖନ୍ତୁ:ନୋହ,ଶେମ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୧:୧୭-୧୯
- ପ୍ରେରିତ ୦୨:୦୮—୧୧
- ଏଜ୍ରା ୦୮:୦୪-୦
- ଯିଶାଇୟ ୨୨:୦୫-୦୭-୧୯

ବୋର୍ଡ ଡାଟା :

- Strong's: H5867, H5962, G1639

ଏଲୀଶାବେଥ

ସତ୍ୟ ଘଟଣାବଳୀ:

ଏଲୀଶାବେଥ ବାପ୍ତିଜକ ଯୋହନଙ୍କ ମାତା ଥିଲେ I ତାଙ୍କ ସ୍ୱାମୀଙ୍କ ନାମ ଜିଖରୀୟ ଥିଲା I

- ଜିଖରୀୟ ଏବଂ ଏଲୀଶାବେଥ ବହୁତ ବର୍ଷ ଧରି ନିସନ୍ତାନ ଥିଲେ କିନ୍ତୁ ସେମାନଙ୍କ ଗତ ବୟସରେ ଈଶ୍ୱର ଜିଖରୀୟଙ୍କୁ ପ୍ରତିଜ୍ଞା କଲେ ଯେ ଏଲୀଶାବେଥ ଏକ ସନ୍ତାନ ଜନ୍ମ ଦେବେ I
- ଈଶ୍ୱର ତାହାଙ୍କ ପ୍ରତିଜ୍ଞା ରଖିଲେ ଏବଂ ଜିଖରୀୟ ଏବଂ ଏଲୀଶାବେଥ ଜନ୍ମ ଦେବାରେ ସକ୍ଷମ ହେଲେ ଏବଂ ସେ ଏକ ପୁତ୍ରକୁ ଜନ୍ମ ଦେଲେ I ସେମାନେ ସେହି ଶିଶୁକୁ ଯୋହନ ବୋଲି ନାମିତ କଲେ I
- ଏଲୀଶାବେଥ ଯୀଶୁଙ୍କ ମାତା ମରୀୟମଙ୍କ ସମ୍ପର୍କୀୟ ମଧ୍ୟ ଥିଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଯୋହନ(ବାପ୍ତିଜକ), ଜିଖରୀୟ (NT: ଦେଖନ୍ତୁ))

ବାଇବେଲ ପଦପର୍ବ:

- ଲୂକ 1:5
- ଲୂକ 1:24-25
- ଲୂକ 1:41

ଶବ୍ଦବିନ୍ୟାସ :

- Strong’s: G16650

ଘଟଣାବଳୀ:

ଏଲୀୟ ଯିହୋବାଙ୍କ ଭବିଷ୍ୟଦ୍‌ବକ୍ତାଙ୍କ ମଧ୍ୟରୁ ଜଣେ ପ୍ରଧାନ ଭବିଷ୍ୟଦ୍‌ବକ୍ତା ଥିଲେ I ଏଲୀୟ ଯିହୁଦା ଏବଂ ଇସ୍ରାଏଲର ଅନେକ ରାଜାମାନଙ୍କ ରାଜତ୍ୱ ମଧ୍ୟରେ ଭାବବାଣୀ ଦେଲେ ସେମାନଙ୍କ ମଧ୍ୟରୁ ରାଜା ଆହାବ ଜଣେ ଥିଲେ I

- ଏଲୀୟଙ୍କ ଦ୍ୱାରା ଈଶ୍ୱର ଅନେକ ଆଶ୍ଚର୍ଯ୍ୟ କର୍ମ କଲେ ଏଥିରେ ମୃତ୍ୟୁ ଶିଶୁକୁ ଜୀବିତ କରିବା ଅନ୍ତର୍ଭୁକ୍ତ ଅଟେ I
- ଏଲୀୟ ଆହାବ ରାଜାଙ୍କୁ ବାଲ ଦେବତାର ଆରାଧନା କରିଥିବା ହେତୁ ଭର୍ତ୍ସନା କଲେ I
- ସେ ବାଲ ଦେବତାର ଭବିଷ୍ୟଦ୍‌ବକ୍ତାମାନଙ୍କୁ ଆହ୍ୱାନ ଦେଇ ଯିହୋବା ଯେ ସତ୍ୟ ପରମେଶ୍ୱର ତାହା ପ୍ରମାଣ କରିବା ପାଇଁ କହିଲେ I
- ଏଲୀୟଙ୍କ ଜୀବନ ଶେଷ ଆଡ଼କୁ, ପରମେଶ୍ୱର ଆଶ୍ଚର୍ଯ୍ୟ ଭାବରେ ତାଙ୍କୁ ସ୍ୱର୍ଗକୁ ଜୀବତ ଥିବା ଅବସ୍ଥାରେ ନେଲେ I
- ହଜାର ବର୍ଷ ପରେ, ଏଲୀୟ ମୋଶାଙ୍କ ସହିତ ଯୀଶୁଙ୍କୁ ପର୍ବତ ଉପରେ ସାକ୍ଷାତ କଲେ ଏବଂ ଯୀଶୁ ଯିରୂଶାଲମରେ କଷ୍ଟ ଏବଂ ମୃତ୍ୟୁ ଭୋଗ କରିବା ବିଷୟରେ ସେମାନେ ବାର୍ତ୍ତାଳାପ କଲେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ:ନାମଗୁଡ଼ିକ କିପରି ଅନୁବାଦ କରିବେ: ଦେଖନ୍ତୁ)

(ଆଶ୍ଚର୍ଯ୍ୟ କର୍ମ,ଭବିଷ୍ୟଦ୍‌ବକ୍ତା,ଯିହୋବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 17:1
- ଦ୍ୱିତୀୟ ରାଜାବଳୀ 1:3-4
- ଯାକୁବ 5:16-18
- ଯୋହନ 1:19-21
- ଯୋହନ 1:24-25
- ମାର୍କ 9:5

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **19:2 ଏଲୀୟ** ଭବିଷ୍ୟଦ୍‌ବକ୍ତା ଥିଲେ ଯେତେବେଳେ ଆହାବ ଇସ୍ରାଏଲର ରାଜାଥିଲେ I
- **19:2 ଏଲୀୟ** ଆହାବକୁ କହିଲେ, “ମୁଁ ନ କହିବା ପର୍ଯ୍ୟନ୍ତ ଇସ୍ରାଏଲରେ ବର୍ଷା କିମ୍ବା କୁହୁଡି ଆସିବ ନାହିଁ I
- **19:3** ଈଶ୍ୱର ଏଲୀୟଙ୍କୁ କହିଲେ, ତୁମ୍ଭେ ଯାଇ ପ୍ରାନ୍ତର ମଧ୍ୟରେ ଲୁଚିଯାଅ କାରଣ ଆହାବ ତୁମ୍ଭକୁ ମାରିବା ପାଇଁ ଚେଷ୍ଟା କରୁଛି I ପ୍ରତ୍ୟେକ ସକାଳ ଏବଂ ସନ୍ଧ୍ୟା, ପକ୍ଷୀମାନେ ରୋଟି ଏବଂ ମାଂସ ଆଣୁଥିଲେ I
- **19:4** କିନ୍ତୁ ସେମାନେ**ଏଲୀୟର** ଯତ୍ନ ନେଲେ ଏବଂ ଈଶ୍ୱର ସେମାନଙ୍କୁ ଏପରି ଯୋଗାଇଲେ ଯେ ସେମାନଙ୍କ ମଇଦା ପାତ୍ର ଏବଂ ତୌଳ ବତୋଲ ଖାଲି ହେଲା ନାହିଁ I
- **19:5** ସାଢ଼େ ତିନି ବର୍ଷ ପରେ, ଈଶ୍ୱର ଏଲୀୟଙ୍କୁ କହିଲେ ଇସ୍ରାଏଲକୁ ଫେରି ଆହାବ ସହିତ କଥାବାର୍ତ୍ତା କରିବା ପାଇଁ କାରଣ ସେ ପୁଣି ବର୍ଷା ପ୍ରେରଣ କରିବେ I
- **19:7** ତେବେ **ଏଲୀୟ** ବାଲର ଭବିଷ୍ୟଦ୍‌ବକ୍ତାମାନଙ୍କୁ କହିଲେ,”ଗୋଟିଏ ବାଛୁରୀକୁ ସଂହାର କରି ବଳି ଭାବରେ ପ୍ରସ୍ତୁତ କର କିନ୍ତୁ ଏହା ଦଗ୍ଧ କରନାହିଁ I”
- **19:3** ତେବେ **ଏଲୀୟ** କହିଲେ, “ବାଲର ଭବିଷ୍ୟଦ୍‌ବକ୍ତାମାନଙ୍କୁ ଖସିବାକୁ ଦିଅନାହିଁ!”
- **19***:***12** ତେବେ ମୋଶା ଏବଂ ଭବିଷ୍ୟଦ୍‌ବକ୍ତାମାନଙ୍କୁ **ଏଲୀୟ**ସାକ୍ଷାତ କଲେ I
- 36:3 ଏହି ଲୋକମାନେ ଏହା ପୂର୍ବରୁ ହଜାର ହଜାର ବର୍ଷ ବଞ୍ଚିଥିଲେ I ସେମାନେ ଯୀଶୁଙ୍କ ମୃତ୍ୟୁ ଯାହା ଯିରୂଶାଲମ ରେ ଶୀଘ୍ର ଘଟିବ ସେ ସମ୍ପର୍କରେ ଯୀଶୁଙ୍କ ସହିତ କଥାବାର୍ତ୍ତା କେଲ୍ I

ଶବ୍ଦବିନ୍ୟାସ :

- Strong’s: H0452, G22430

ଏଷୌ

ସୂଚନା:

ଏଷୌ ଇସ୍ ହାକ ଏବଂ ରିବିକାର ଯାଆଁଳା ପୁତ୍ରଥିଲେ I ସେ ପ୍ରଥମ ଜାତ ସନ୍ତାନ ସେମାନଙ୍କ କୋଳରେ ଜନ୍ମ ହୋଇଥିଲେ I ତାଙ୍କ ଯାଆଁଳା ଭାଇ ଯାକୁବଥିଲେ I

- ଏଷୌ ତାହାର ଜ୍ୟେଷ୍ଠାଧିକାର ଯାକୁବକୁ ମସୁର ଡାଲି ବଦଳରେ ବିକ୍ରୟ କଲା I
- ଯେହେତୁ ଏଷୌ ପ୍ରଥମ ଜାତ ସନ୍ତାନଥିଲା, ତାର ପିତା ଇସ୍ ହାକ ଏଷୌକୁ ସ୍ୱତନ୍ତ୍ର ଆଶୀର୍ବାଦ ଦେବାକୁଥିଲା I

କିନ୍ତୁ ଯାକୁବ ଇସ୍ ହାକକୁ ପ୍ରତାରଣ କରି ଆଶୀର୍ବାଦ ସେ ନେଲା I ପ୍ରଥମେ ସେ ଏତେ ରାଗିଲା ଯେ ଯାକୁବକୁ ମାରିବା ପାଇଁ ଚେଷ୍ଟା କଲା, କିନ୍ତୁ ପରେ ସେ ତାକୁ କ୍ଷମା ଦେଲା I

- ଏଷୌର ଏନେକ ପିଲାମାନେ ଏବଂ ନାତି ନାତୁଣୀ ଥଲେ ଏବଂ ସେମାନେ ଏକ ବଡ଼ ଗୋଷ୍ଠୀ ହୋଇ କିଣାନ ଦେଶରେ ବାସ କଲେ I

(ଭାଷାନ୍ତର ନିମନ୍ତେ ପ୍ରସ୍ତାବନା:ନାମ ଗୁଡିକ କିପରି ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:ଇଦୋମ୍, ଇସ୍ ହାକ, ଯାକୁବ,ରିବିକା)

ବାଇବଲ ପଦପର୍ବ:

- ଆଦିପୁସ୍ତକ ୨୫:୨୪-୨୬
- ଆଦିପୁସ୍ତକ ୨୫:୨୯-୩୦
- ଆଦିପୁସ୍ତକ ୨୬:୩୪-୩୫
- ଆଦିପୁସ୍ତକ ୨୭:୧୧-୧୨
- ଆଦିପୁସ୍ତକ ୩୨:୩-୫
- ଏବ୍ରୀ ୧୨:୧୪-୧୭
- ରୋମୀୟ ୦୯:୧୦-୧୩

ବାଇବଲ କାହାଣୀରୁ ଉଦାହରଣସମୂହ:

- **୦୬:୦୭** ଯେତେବେଳେ ରିବିକାର ସନ୍ତାନମାନେ ଜନ୍ମ ନେଲେ, ଜ୍ୟେଷ୍ଠ ପୁତ୍ର ରକ୍ତବର୍ଣ୍ଣ ଏବଂ ଲୋମଶଥିଲା ଏବଂ ସେମାନେ ତାକୁ_ ଏଷୌ__ଡାକିଲେ I
- **୦୭:୦୨** ତେଣୁ_ ଏଷୌ__ଯାକୁବକୁ ତାର ବଡ଼ ଭାଇ ଭାବରେ ଅଧିକାର ଦେଲା I
- **୦୭:୦୪** ଇସ୍ ହାକ ଯେତେବେଳେ ଲୋମକୁ ସ୍ପର୍ଶ କଲା ଏବଂବସ୍ତ୍ରର ଗନ୍ଧ ପାଇଲା ସେ ଭାବିଲା ସେ_ ଏଷୌ__ ଏବଂ ତାକୁ ଆଶୀର୍ବାଦ କଲା I
- **୦୭:୦୫** _ _ ଏଷୌ_ ଯାକୁବକୁ ଘୃଣା କଲା କାରଣ ସେ ତାର ଜ୍ୟେଷ୍ଠ ପୁତ୍ରର ଅଧିକାର ଏବଂ ଆଶୀର୍ବାଦ ଚୋରୀ କରି ନେଲା I
- **୦୭:୧୦** କିନ୍ତୁ_ ଏଷୌ__ଯାକୁବକୁ କ୍ଷମା ଦେଇ ସାରିଥିଲା ଏବଂ ସେମାନେ ପରସ୍ପର ସାକ୍ଷାତ କରିବାରେ ଆନନ୍ଦ କଲେ I

ବୋର୍ଡ ଡାଟା :

- Strong's: H6215, G2269

ଏଷ୍ଟର

ସୂଚନା:

ଏଷ୍ଟର ଜଣେ ଯିହୁଦୀ ମହିଳାଥିଲେ ଯିଏ ପାରସ୍ୟ ରାଜ୍ୟର ରାଣୀ ହେଲେ ସେହି ସମୟରେ ଯିହୁଦୀମାନେ ବାବିଲକୁ ନିର୍ବାସିତ ହୋଇଥିଲେ I

- ଏଷ୍ଟର କିପରି ପାରସ୍ୟ ରାଜାର ରାଣୀ ହେଲେ ଏବଂ କିପରି ପରମେଶ୍ୱର ତାଙ୍କ ଲୋକମାନଙ୍କୁ ଉଦ୍ଧାର କଲେ ଏ ବିଷୟରେ ଏହି ଏଷ୍ଟର ପୁସ୍ତକଟି ପ୍ରକାଶ କରେ I
- ଏଷ୍ଟର ଜଣେ ଅନାଥ ଝିଅଥିଲା ଯାହାକୁ ତାର ସମ୍ପର୍କୀୟ ଭାଇ ମର୍ଦ୍ଦଖୟ ପାଳନ କରିଥିଲେ I
- ନିଜର ପିତାର ବାଧ ହେବା ଦ୍ୱାରା ଜଣେ ପରମେଶ୍ୱରଙ୍କର ବାଧ ହେବାରେ ସାହାଯ୍ୟ କଲା I
- ଏଷ୍ଟର ନିଜର ଲୋକମାନଙ୍କରଉଦ୍ଧାର ନିମନ୍ତେ ପରମେଶ୍ୱରଙ୍କର ବାଧ ହୋଇ ନିଜର ଜୀବନକୁ ବିପଦରେ ପକାଇଲା I
- ଏଷ୍ଟରର କାହିଣୀ ପରମେଶ୍ୱରଙ୍କର ସର୍ବଭୋମ୍ୟତା ନୀୟନ୍ତ୍ରଣ ଇତିହାସର ସବୁ ଘଟଣା ଉପରେ ରହିଅଛି ଏହା ଦର୍ଶାଏ, ବିଶେଷକରି କିପରି ସେ ତାଙ୍କ ଲୋକମାନଙ୍କୁ ରକ୍ଷା କରନ୍ତି ଏବଂ ସେମାନଙ୍କ ଜୀବନରେ କାର୍ଯ୍ୟ କରନ୍ତି I

(ଭାଷାନ୍ତର ପାଇଁ ପ୍ରସ୍ତାବନା:ନାମ ଗୁଡିକ ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:ଅକ୍ଷଶ୍ୱେରଶ,ବାବିଲ,ମର୍ଦ୍ଦଖୟ,ପାରସ୍ୟ)

ବାଇବଲ ପଦପର୍ବ:

- ଏଷ୍ଟର ୦୨:୭
- ଏଷ୍ଟର ୦୨:୧୫-୧୭
- ଏଷ୍ଟର ୦୭:୧-୨
- ଏଷ୍ଟର ୦୮:୧-୨

ବୋର୍ଡ ଡାଟା :

- Strong's: H635

ଏସିଆ

ସତ୍ୟ ଘଟଣାବଳୀ:

ବାଇବେଲ ସମୟରେ ଏସିଆ ରୋମୀୟ ସାମ୍ରାଜ୍ୟର ଏକ ପ୍ରଦେଶ ଥିଲା I ଯାହା ବର୍ତ୍ତମାନ ତୁର୍କୀ ଦେଶର ପଶ୍ଚିମରେ ଅବସ୍ଥିତ ଥିଲା I

- ପାଉଲ ଏସିଆକୁ ଯାତ୍ରା କଲେ ଏବଂ ସେଠାରେ ଅନେକ ନଗରରେ ପ୍ରଚାର କଲେ I ଏହି ନଗରଗୁଡ଼ିକ ମଧ୍ୟରୁ ଏଫିସୀୟ ଏବଂ କଲସୀୟ ନଗର ଥିଲା I
- ଆଧୁନିକ ଏସିଆର ଦ୍ୱନ୍ଦ୍ୱ ଦୂର କରିବା ନିମନ୍ତେ, ଏହାକୁ "ପ୍ରାଚୀନ ରୋମୀୟ ପ୍ରଦେଶକୁ ଏସିଆ କୁହାଯାଏ" କିମ୍ବା "ଏସିଆ ପ୍ରଦେଶ" ବୋଲି ଅନୁବାଦ କରିବା ଆବଶ୍ୟକ ଅଟେ I
- ସମସ୍ତ ମଣ୍ଡଳୀ ଯାହା ପ୍ରକାଶିତ ପୁସ୍ତକରେ ଦର୍ଶାଯାଇ ଅଛି ସେହି ମଣ୍ଡଳୀଗୁଡ଼ିକ ଏସିଆର ରୋମୀୟ ପ୍ରଦେଶରେ ଅବସ୍ଥିତ ଥିଲା I

(ନାମଗୁଡ଼ିକର ଅନୁବାଦ କିପରି କରାଯିବ ଅନୁବାଦ ପ୍ରସ୍ତାବଗୁଡ଼ିକ ଦେଖନ୍ତୁ)

(ରୋମୀୟ, ପାଉଲ, ଏଫିସୀୟ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 16:19-20
- ପ୍ରଥମ ପିତର 1:1-2
- ଦ୍ୱିତୀୟ ତୀମଥି 1:15-18
- ପ୍ରେରିତ 6:8-9
- ପ୍ରେରିତ 16:7
- ପ୍ରେରିତ 27:1-2
- ପ୍ରକାଶିତ ବାକ୍ୟ 1:4-6
- ରୋମୀୟ 16:5

ଶବ୍ଦବିନ୍ୟାସ :

- Strong's: G07730

ଐନ୍-ଗଦୀ

ପରିଭାଷା:

ଐନ୍-ଗଦୀ ଯିହୁଦାର ପ୍ରାନ୍ତରର ଦକ୍ଷିଣପୂର୍ବ ଯିରୁଶାଲମର ଏକ ସହର୍ଥିଲା I

- ଐନ୍-ଗଦୀ ସୂଫସାଗରର ପଶ୍ଚିମ ତଟରେ ଅବସ୍ଥିତଥିଲା I
- ଏହି ନମର ଏକ ଅଂଶର ଅର୍ଥ "ନିର୍ଝର" ଯାହା ଝରଣା ଜଳ ସହରୁ ନିର୍ଗତ ହୋଇ ସମୁଦ୍ର ଆଡକୁ ପ୍ରବାହିତ ହେଉଥିବା ଜଳକୁ ବୁଝାଏ I
- ଐନ୍-ଗଦୀରେ ସୁନ୍ଦର ବଗିଚାଥିଲା ଏବଂ ଏହାର ମାଟି ଉର୍ବରଥିଲା ହୁଏତ ଝରଣାର ପାଣି ପ୍ରବାହିତ ହୋଇ ଏପରିଥିଲା I
- ଏଠାରେ ଅନେକ ନିରାପଦ ଆଶ୍ରୟସ୍ଥଳଥିଲା ଯେଉଁଠାରେ ଦାଉଦ ପଳାୟନ କରିଥିଲେ ଯେତେବେଳେ ଶାଉଲ ରାଜା ତାଙ୍କ ଜୀବନ ନେବା ପାଇଁ ଚେଷ୍ଟା କରୁଥିଲେ I

(ମଧ୍ୟ ଦେଖନ୍ତୁ:ଦାଉଦ,ପ୍ରାନ୍ତର.ଝରଣା,ଯିହୁଦା,ବିଶ୍ରାମ,ସୂଫସାଗର, ଶାଉଲ,ଆଶ୍ରୟସ୍ଥଳ,ବଗିଚା)

ବାଇବଲ ପଦପର୍ବ:

- ୨ ବଂଶାବଳି ୨୦:୧-୨
- ପରମ ଗୀତ ୦୧:୧୨-୧୪

ବୋର୍ଡ ଡାଟା :

- Strong's: H5872

ଘଟଣାବଳି:

ଓବଦିୟ ଜଣେ ପୁରାତନ ନୀୟମ ସମୟରେ ଭବିଷ୍ୟଦ ବକ୍ତାଥିଲେ ଯିଏ କି ଇଦୋମ ଲୋକମାନଙ୍କ ବିରୁଦ୍ଧରେ ପ୍ରଚାର କରୁଥିଲେ ଯେଉଁମାନେ ଏଷୌଙ୍କର ବଂଶଧରଥିଲେ ପୁରାତନ ନିୟମରେ ଅନେକ ଲୋକଙ୍କର ନାମ ଓବଦିୟଥିଲା

- ପୁରାତନ ନିୟମରେ ଓବଦିୟ ପୁସ୍ତକ ସବୁଠାରୁ ଛୋଟିଆ ଅଟେ ଓ ପ୍ରଭୁ ସଦାପ୍ରଭୁଙ୍କଠାରୁ ଓବଦିୟ ଯେଉଁ ଦର୍ଶନ ପାଇଥିଲେ ସେହି ବିଷୟରେ ପ୍ରକାଶ କରେ
- ଏହା ସ୍ପଷ୍ଟ ନୁହେଁ ଯେ କେବେ ଓବଦିୟ ବାସ କରୁଥିଲେ ଓ ଭବିଷ୍ୟବାଣୀ ପ୍ରଚାର କରୁଥିଲେ

ହୁଏତ ଯୋରାମ, ଅହସିୟ, ଯୋୟାସ ଏବଂ ଅମତସିୟ ଯେତେବେଳେ ଯିହୁଦା ରାଜ୍ୟରେ ବାସ କରୁଥିଲେ ଭବିଷ୍ୟତବକ୍ତା ଦାନୀୟେଲ, ଯିହିଜିକଲ ଓ ଯିରିମିୟ ମଧ୍ୟ ସେହି ସମୟରେ ପ୍ରଚାର କରୁଥିଲେ

- ଓବଦିୟ ହୁଏତ ପରବର୍ତ୍ତୀ ସମୟରେ ସିଦିକିୟଙ୍କ ରାଜତ୍ୱ ସମୟରେ ଓ ବାବିଲୋନରେ ବନ୍ଦିତ୍ୱ ଅବସ୍ଥାରେ ବାସ କରୁଥିଲେ
- ଓବଦୀୟଙ୍କ ନାମରେ ଅନ୍ୟମାନେ ଶଖାନୀୟର ସନ୍ତାନଗଣ, ଗାଦର ପ୍ରବାସୀ ଓ ଦାଉଦ ରାଜାଙ୍କର ରାଜକୀୟ କର୍ମଚାରୀ, ଆହବ ରାଜାଙ୍କ ପ୍ରାସାଦ ପ୍ରଶାନିକ ଅଧିକାରୀ, ରାଜା ଯୋହୋଶାଫତଙ୍କର କର୍ମଚାରୀ, ଯୋଷୀୟା ରାଜାଙ୍କ ସମୟରେ ମନ୍ଦିର ପୁନନିର୍ମାଣ କାରୀ ଓ ନିହିମିୟଙ୍କ ସମୟରେ ଦ୍ୱାର ଜଗୁଆଳି ଜଣେ ଲେବିୟ
- ହୋଇପାରେ ଓବଦିୟ ପୁସ୍ତକର ଲେଖକ ଏମାନଙ୍କ ମଧ୍ୟରୁ ଜଣେ

(ଅନୁବାଦ ପ୍ରସ୍ତାବ ଗୁଡିକ: ନାମର ଅନୁବାଦ)

(ଦେଖ: ଆହବ, ବାବିଲୋନ, ଦାଉଦ, ଇଦୋମ, ଏଷୌ, ଯିହିଜିକଲ, ଦାନିଏଲ, ଗାଦ, ଜିହୋଶାଫତ, ଯୋଷୀୟ, ଲେବିୟ, ଶାଉଲ, ସିଦିକିୟ)

ବାଇବଲ ପୃଷ୍ଠଭୂମି:

- ୧ମ ବଂଶାବଳି ୦୩:୧୯-୨୧
- ୧ମ ବଂଶାବଳି ୦୮:୩୮-୪୦
- ଏଜ୍ରା ୦୮:୮-୧୧
- ଓବଦିୟ ୦୧:୧-୨

ବୋର୍ଡ ଡାଟା :

- Strong's: H5662

କଫର୍ନାହୂମ

ସତ୍ୟ ଘଟଣାବଳୀ:

କଫର୍ନାହୂମ ଗାଲିଲୀ ସମୁଦ୍ରର ଉତ୍ତର-ପଶ୍ଚିମ ଉପକୂଳରେ ଥିବା ଏକ ମତ୍ସ୍ୟଜୀବୀ ଗ୍ରାମ ଅଟେ ।

- ଯୀଶୁ ଗାଲିଲୀ ଉପକୂଳ ଅଞ୍ଚଳଗୁଡ଼ିକରେ ଶିକ୍ଷା ଦେବ ଦିନଗୁଡ଼ିକରେ କଫର୍ନାହୂମରେ ରହୁଥିଲେ ।
- ତାହାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ କଫର୍ନାହୂମରୁ ଥିଲେ ।
- ଯୀଶୁ ଏହି ସହରରେ ଅନେକ ଆଶ୍ଚର୍ଯ୍ୟ କର୍ମ କରିଛନ୍ତି, ଜଣେ ମୃତ ବାଳିକାକୁ ମୃତ୍ୟୁରୁ ଜୀବିତ କରିଅଛନ୍ତି ।
- କଫର୍ନାହୂମ ତିନି ସହର ମଧ୍ୟରୁ ଏକ ସହର ଥିଲା ଯେଉଁଠି ଯୀଶୁ ସର୍ବସାଧାରଣରେ ଲୋକମାନଙ୍କୁ ସାବଧାନ କରିଥିଲେ କାରଣ ଏହି ସହରର ଲୋକମାନେ ତାହାଙ୍କୁ ଏବଂ ତାଙ୍କର ବାକ୍ୟ ବିଶ୍ୱାସ କଲେନାହିଁ । ସେ ସେମାନଙ୍କୁ ଚେତାବନୀ ଦେଲେ ଯେ, ସେମାନଙ୍କର ଅବିଶ୍ୱାସ ହେତୁ ଈଶ୍ୱର ସେମାନଙ୍କୁ ଦଣ୍ଡ ଦେବେ ।

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଗାଲିଲୀ, ଗାଲିଲୀ ସମୁଦ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ 2:12
- ଲୂକ 4:31
- ଲୂକ 7:1
- ମାର୍କ 1:21
- ମାର୍କ 2:2
- ମାଥିଉ 4:12-13
- ମାଥିଉ 17:24-25

ଶବ୍ଦବିନ୍ୟାସ :

- Strong’s: G25840

କରିନ୍ଥ, କରିନ୍ଥୀୟ

ସତ୍ୟ ଘଟଣାବଳି:

କରିନ୍ଥ ଗ୍ରୀକ୍ ଦେଶର ଗୋଟିଏ ସହର ଥିଲା,ଏହା ଆଥିନୀରୁ ପ୍ରାୟ 50 ମାଇଲ୍ ଦୂରରେ ଥିଲା I କରିନ୍ଥ ସହରରେ ବାସ କରୁଥିବା ଲୋକମାନଙ୍କୁ କରିନ୍ଥୀୟ କୁହାଯାଏ I

- କରନ୍ଥୀ ଆଦ୍ୟ ମଣ୍ଡଳୀଗୁଡ଼ିକର ଏକ ମଣ୍ଡଳୀ ଥିଲା I
- ନୂତନ ନିୟମ ପୁସ୍ତକରେ, ପ୍ରଥମ କରନ୍ଥୀ ଏବଂ ଦ୍ୱିତୀୟ କରନ୍ଥୀ ପତ୍ରଗୁଡ଼ିକ କରିନ୍ଥରେ ଥିବା ବିଶ୍ୱାସୀମାନଙ୍କ ନିମନ୍ତେ ପାଉଲ ଲେଖିଛନ୍ତି I
- ପାଉଲଙ୍କର ପ୍ରଥମ ମିଶନନାରୀ ଯାତ୍ରାରେ ପ୍ରାୟ 18 ମାସ ପାଉଲ କରନ୍ଥୀରେ ରହିଥିଲେ I
- ପାଉଲ କରିନ୍ଥରେ ଥିବା ସମୟରେ ସେ ବିଶ୍ୱାସୀ ଆକ୍ୱିଲା ଓ ପ୍ରିସ୍କିଲାଙ୍କ ସହ ସାକ୍ଷାତ କରିଥିଲେ I
- ଅନ୍ୟ ଆଦ୍ୟ ମଣ୍ଡଳୀର ନେତାଗଣ ଯଥା ତୀମଥି, ତୀତସ, ଆପଲ୍ଲ ଏବଂ ଶୀଲା ମଧ୍ୟ କରନ୍ଥୀ ସହିତ ସମ୍ମିଳିତ ଥିଲେ I

(ନାମଗୁଡ଼ିକୁ କିପରି ଆନୁବାଦ କରିବେ ଦେଖନ୍ତୁ)

(ଆପଲ୍ଲ, ତୀମଥି, ତୀତସ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 1:3
- ଦ୍ୱିତୀୟ କରନ୍ଥୀୟ 1:23-24
- ଦ୍ୱିତୀୟ ତୀମଥି 4:19-22
- ପ୍ରେରିତ 18:1

ଶବ୍ଦବିନ୍ୟାସ :

- Strong's: G28810, G28820

କରେଥୀୟ୍

ଘଟଣାବଳି:

କରେଥୀୟ୍ ଲୋକଦଳ ହୁଏତ ପଲେଷ୍ଟିୟମାନଙ୍କର ଅଂଶ ବିଶେଷ କୌଣସି ବୃତ୍ତାନ୍ତ ସେରେଥିୟ୍ ଭାବେ ଲେଖନ୍ତି

- "କରେଥିୟ୍ ଓ ପଲେଥିୟ୍" ରାଜା ଦାଉଦଙ୍କ ସୈନ୍ୟ ଦଳରେ ଅସାଧାରଣ ସୈନିକଗଣଥିଲେ ଯେଉଁମାନେ ତାଙ୍କର ଅଙ୍ଗରକ୍ଷୀ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ
- ପୁଣି, ଯିହୋୟାଦାର୍ ପୁତ୍ର ବନାୟ୍ କରେଥିୟ୍ ଓ ପଲେଥିୟମାନଙ୍କ ଉପରେ ନିଯୁକ୍ତଥିଲା; ଆଉ ଦାଉଦଙ୍କର ପୁତ୍ରମାନେ ରାଜାଙ୍କର ନିକଟବର୍ତ୍ତୀ ପ୍ରଧାନଥିଲେ
- ତହିଁରେ ଦାଉଦ ଆପଣା ସଂଗେ ଯିରୁଶାଲମରେ ଥିବା ଦାସ କରେଥିୟମାନଙ୍କୁ କହିଲେ ଉଠ, ଆମ୍ଭେମାନେ ପଳାଉ; ନୋହିଲେ ଆମ୍ଭେମାନେ କେହି ଅବଶାଲୋମଠାରୁ ରକ୍ଷା ପାଇବୁ ନାହିଁ

(ଅନୁବାଦର ଉପଦେଶଗୁଡିକ: ନାମ ଗୁଡିକର ଅନୁବାଦ)

(ଦେଖ: ଅବଶାଲୋମ, ବନାୟ୍, ଦାଉଦ, ପଲେଷ୍ଟିୟ୍)

ବାଇବଲର ସନ୍ଦର୍ଭ:

- ସଫନୀୟ୍ ୦୨:୪-୫

ବୋର୍ଡ ଡାଟା :

- Strong's: H3774

କର୍ଣ୍ଣୀଲିୟ

ଘଟଣାବଳି:

କର୍ଣ୍ଣୀଲିୟ ଜଣେ ଅଣଯିହୁଦୀ ବ୍ୟକ୍ତିଥିଲେ, ସେ ରୋମୀୟ ସୈନ୍ୟଦଳର ଶତସେନାପତିଥିଲେ

- ସେ ସର୍ବଦା ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରୁଥିଲେ ଏବଂ ସେ ଗରିବମାନଙ୍କୁ ବହୁତ ଦନ ଦେଉଥିଲେ
- ଯେତେବେଳେ କର୍ଣ୍ଣୀଲିୟ ଓ ତାହାର ପରିବାର ଶୁଣିଲେ ପ୍ରେରିତ ପିତର ସୁସମାଚାର ବୁଝାଉଅଛନ୍ତି, ସେମାନେ ଯୀଶୁଙ୍କର ବିଶ୍ୱାସୀ ହେଲେ
- କର୍ଣ୍ଣୀଲିୟ ଓ ତାଙ୍କର ସପରିବାର ହେଉଛନ୍ତି ପ୍ରଥମ ଅଣ ଯିହୁଦୀ ବିଶ୍ୱାସୀ
- ଯୀଶୁଙ୍କର ଶିଷ୍ୟଙ୍କୁ ସୃଷ୍ଟିକରଣ ହେଲା ଯେ ସେ ସମସ୍ତଙ୍କର ଉଦ୍ଧାରକର୍ତ୍ତା ଏପରିକି ଅଣଯିହୁଦୀଙ୍କର ମଧ

(ଅନୁବାଦ ପ୍ରସ୍ତାବ: ନାମ ଗୁଡିକର ଅନୁବାଦ)

(ଦେଖ: ପ୍ରେରିତ, ବିଶ୍ୱାସୀ, ଅଣ ଯିହୁଦୀ, ସୁସମାଚାର, ଶତ ସେନାପତି)

ବାଇଅବଲ ର ସନ୍ଦର୍ଭ:

- ପ୍ରେରିତ ୧୦:୧-୨
- ପ୍ରେରିତ ୧୦:୬-୮
- ପ୍ରେରିତ ୧୦:୧୭-୧୮
- ପ୍ରେରିତ ୧୦:୨୨-୨୩
- ପ୍ରେରିତ ୧୦:୨୪
- ପ୍ରେରିତ ୧୦:୨୫-୨୬
- ପ୍ରେରିତ ୧୦:୩୦-୩୩

ବୋର୍ଡ ଡାଟା :

- Strong's: G2883

କର୍ମିଲ, କର୍ମିଲ ପର୍ବତ

ତଥ୍ୟାବଳି:

"କର୍ମିଲ ପର୍ବତ" ସାରୋଣ ମାଳ ଅଞ୍ଚଳରେ ଦକ୍ଷିଣକୁ ଥିବା ଭୁମଧ୍ୟ ସାଗର ଉପକୂଳବର୍ତ୍ତୀ ପାର୍ୱତ୍ୟ ଅଞ୍ଚଳକୁ ବୁଝାଏ ଏହାର ଶୃଂଗ ୫୪୬ ମିଟର ଉଚତା

- ସେହିଠାରେ ଥିବା ସହରଟି "କର୍ମିଲ" ନାମରେ "ଲବଣ ସମୁଦ୍ର" ଯିହୁଦା ପ୍ରଦେଶରେ ଅବସ୍ଥିତ
- ସେହି ସମୟରେ ଜଣେ ଲୋକ କର୍ମିଲରେ ବ୍ୟବସାୟ କରୁଥିଲେ, ସେ ଅତି ବଡ ଲୋକଥିଲେ ତାଙ୍କର ନାମ ନାବଲ ଓ ତାହାର ଭାର୍ଯ୍ୟାର ନାମ ଅବୀଗଲ ଯାହାଙ୍କୁ ଦାଉଦ ଏବଂ ତାଙ୍କର ସହକର୍ମୀମାନେ ନାବଲର ମେଷଲୋମ ଛେଦନକାରୀ ସାହାଯ୍ୟ କରିଥିଲେ
- କର୍ମିଲ ପର୍ବତରେ, ଏଲୀୟ ବାଲ୍ ଭବିଷ୍ୟତବକ୍ତାମାନଙ୍କୁ ଆହ୍ୱାନ ଦେଲେ ଯେ ପ୍ରକୃତ ସଦାପ୍ରଭୁ ହେଉଛନ୍ତି ପରମେଶ୍ୱର
- ଏଥିରୁ ଆମେ ସୁସ୍ପଷ୍ଟ ଯେ, କର୍ମିଲ ପର୍ବତ ଗୋଟିଏ ନୁହେଁ ଏଣୁ "କର୍ମିଲ ପର୍ବତ" କୁ ଅନୁବାଦ କରଯାଇପାରିବ" କର୍ମିଲ ପର୍ବତ ମାଳା ଉପରେ ପର୍ବତ" ନଡୁବା "କର୍ମିଲ ପର୍ବତ ମାଳା"

(ଅନୁବାଦ ନିମନ୍ତେ ଉପଦେଶ ଗୁଡିକ:: ନାମ ଗୁଡିକୁ ଅନୁବାଦ କିପରି କରିବେ)

(ଆହୁରି ଦେଖ: ବାଲ୍, ଏଲୀୟ, ଯିହୁଦା, ଲବଣ ସମୁଦ୍ର)

ବାଇବଲ ସନ୍ଦର୍ଭ:

- ୧ମ ରଜାବଳି ୧୮:୧୮-୧୯
- ୧ମ ଶାମୁଏଲ ୧୫:୧୨-୧୩
- ଯିରିମିୟ ୪୬:୧୮-୨୦
- ମିଖା ୦୭:୧୪-୧୫

ବୋର୍ଡ ଡାଟା :

- Strong's: H3760, H3761, H3762

କଲସୀ, କଲସୀୟ

ଘଟଣା:

ନୂତନ ନୀୟମ ସମୟରେ, କଲସୀୟ ସହରଟି ରୋମ ଅଧିନରେ ଥିବା ଫ୍ରିଜିଆରେ ଅବସ୍ଥିତ, ଅହି ସ୍ଥାନ ବର୍ତ୍ତମାନ ତର୍କୀର ଦକ୍ଷିଣ ପଶ୍ଚିମ ଦିଗରେ ଅବସ୍ଥିତ କଲସୀରେ ବାସ କରୁଥିବା ଲୋକମାନଙ୍କୁ କଲସୀୟ ନାମରେ ପରିଚିତ

- ଭୁମଧ୍ୟ ସାଗରର ୧୦୦ ମାଇଲ୍ ଦୁରରେ ଏହି ମାଳଭୁମି ଅଛି, ଏଫିସୀ ସହର ଏବଂ ୟୁଫ୍ରେଟିସ୍ ନଦୀ ମଝିରେ କଲସୀ ମାଳଦ୍ୱୀପ ଏକ ବାଣିଜ୍ୟ ସ୍ଥଳୀ
- ପାଉଲ ଯେତେବେଳେ ରୋମ କାରଗାରଥିଲେ, ସେ କଲସୀରେ ଥିବା ବିଶ୍ୱାସୀମାନଙ୍କ ମଧ୍ୟରେ ଥିବା ଭ୍ରାନ୍ତ ଶିକ୍ଷାଠାରୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ "କଲସୀୟ" ମଣ୍ଡଳୀକୁ ପତ୍ର ଲେଖିଲେ
- ସେ ପତ୍ର ଲେଖିବା ବେଳେ, ପାଉଲ କଲସୀ ମଣ୍ଡଳୀକୁ କେବେ ଯାଇ ନାହାନ୍ତି କିନ୍ତୁ ତାଙ୍କର ସହଦାସ ଏପାଫ୍ରାଙ୍କଠାରୁ କଲସୀରେ ଥିବା ବିଶ୍ୱାସୀମାନଙ୍କ ସମ୍ବନ୍ଧରେ ଶୁଣିଥିଲେ

ହୋଇଥାଇପାରେ ଏପାଫ୍ରା ଜଣେ ଖ୍ରୀଷ୍ଟିୟ ୍ଟାନ୍ ସେବକଥିଲେ ଯିଏ କଲସୀରେ ମଣ୍ଡଳୀ ସ୍ଥାପନ କରିଥିଲେ

- ଫିଲୀମୋନ ପୁସ୍ତକ ଯାହାକି କଲସୀରେ ଥିବା ଜଣେ କ୍ରିତଦାସ କର୍ତ୍ତାଙ୍କ ନିକଟକୁ ଏହି ଚିଠିଟିକୁ ଲେଖିଥିଲେ

(ଅନୁବାଦ ନିମନ୍ତେ ଉପଦେଶ: ନାମ ଗୁଡିକୁ ଅନୁବାଦ କରିବେ କିପରି)

(ଦେଖ: ଏଫିସୀ, ପାଉଲ)

ବାଇବଲ ସନ୍ଦର୍ଭ:

- କଲସୀୟ ୦୧:୧-୩

ବୋର୍ଡ ଡାଟା :

- Strong's: G2857, G2858

କଲାଦୀୟା, କଲଦୀୟ, କଲଦୀୟ ଲୋକମାନେ

ତଥ୍ୟାବଳି:

କଲଦୀୟ ଅଞ୍ଚଳଟି ମେସୋପଟାମିଆଁ ବା ବାବିଲୋନର ଦକ୍ଷିଣ ଅଂଶରେ ଅବସ୍ଥିତ ଏହି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ କଲଦୀୟ ନାମରେ ପରିଚିତ

- ଅବ୍ରାହମ ଉର୍ ସହରରୁ ଆସି କଲଦୀୟରେ ବସ୍ତି ସ୍ଥାପନ କଲେ ,

ଏହା ବାରମ୍ବାର "କଲଦୀୟ ଲୋକମାନଙ୍କର ଉର୍ "ଭାବରେ ବର୍ଣ୍ଣନା କରାଯାଇଛି

- କଲଦୀୟମାନଙ୍କ ଭଳି ରାଜା ନବୁକଦନେସର ଯିଏକି ବାବିଲୋନରେ ରାଜା ହୋଇପାରିଲେ
- ଅନେକ ବର୍ଷ ପରେ, ଖ୍ରୀ: ପୂ: ୬୦୦ରେ "କଲଦୀୟ" ଶବ୍ଦର ଅର୍ଥ "ବାବିଲୋନ" କୁ ବୁଝାଗଲା
- ଦାନୀୟେଲ ପୁସ୍ତକରେ, "କଲଦୀୟ" ଶବ୍ଦ କିଛି ଶ୍ରେଣୀର ପୁରୁଷମାନଙ୍କୁ କୁହାଗଲା ଯେଉଁମାନେ ଉଚ୍ଚଶିକ୍ଷିତ ଓ ସେମାନେ ତାରାର ଗତିକୁ ଗଣନା କରିପାରନ୍ତି

(ଅନୁବାଦ ନିମନ୍ତେ ସାହାଯ୍ୟ: ନାମ ଗୁଡିକ ଅନୁବାଦ କରିବେ କିପରି)

(ଦେଖ: ଅବ୍ରାହମ, ବାବିଲୋନ, ଶିନୀୟର, ଉର୍)

ବାଇବଲାର ସନ୍ଦର୍ଭ:

- ପ୍ରେରିତ ୦୭:୪-୫
- ଯିହିଜିକଲ ୦୧:୧-୩
- ଆଦି ୧୧:୨୭-୨୮
- ଆଦି ୧୧:୩୧-୩୨
- ଆଦି ୧୫:୬-୮
- ଯିଶାଇୟ ୧୩:୧୯-୨୦

ବୋର୍ଡ ଡାଟା :

- Strong's: H3679, H3778, H3779, G5466

କାଇସର

ସତ୍ୟ ଘଟଣାବଳୀ:

ରୋମୀୟ ସାମ୍ରାଜ୍ୟର ଅନେକ ଶାସକମାନଙ୍କ ଦ୍ୱାରା ବ୍ୟବହୃତ "କାଇସର" ଶବ୍ଦ ନାମ କିମ୍ବା ଆଖ୍ୟା ଥିଲା । ବାଇବେଲରେ, ଏହି ନାମ ତିନୋଟି ଭିନ୍ନ ରୋମୀୟ ଶାସକଙ୍କୁ ବୁଝାଏ ।

- ପ୍ରଥମ ରୋମୀୟ ସମ୍ରାଟଙ୍କ ନାମ "କାଇସର ଅଗଷ୍ଟ"ଥିଲା ଯିଏକି ଯୀଶୁଙ୍କ ଜନ୍ମ ସମୟରେ ଶାସନ କରୁଥିଲେ ।
- ପ୍ରାୟ ତିରିଶି ବର୍ଷ ପରେ, ବାପ୍ତିଜକ ଯୋହନ ପ୍ରଚାର କରୁଥିବା ସମୟରେ ତିବିରୀୟ କାଇସର ରୋମୀୟ ସାମ୍ରାଜ୍ୟରେ ଶାସନ କରୁଥିଲେ ।
- ଯେଉଁ ସମୟରେ ଯୀଶୁ ତାହାଙ୍କର ଶିସ୍ୟମାନଙ୍କୁ କହିଲେ ଯାହା କାଇସରଙ୍କର ତାହା କାଇସରଙ୍କୁ ଦିଅ, ଏହି ସମୟରେ ରୋମୀୟ ଶାସନ ଭାର ତିବିରୀୟ କାଇସରଙ୍କ ହାତରେ ଥିଲା ।
- ଯେଉଁ ସମୟରେ ପାଉଲ କାଇସରଙ୍କୁ ନିବେଦନ କଲେ ଅର୍ଥାତ ଏହା ରୋମୀୟ ଶାସନକର୍ତ୍ତାକୁ ବୁଝାଏ, କାଇସର ଶାସନକର୍ତ୍ତାର ନାମ ମଧ୍ୟ ଥିଲା
- ଯେଉଁ ଯେଉଁ ସ୍ଥାନରେ କାଇସର ନାମ ବ୍ୟବହାର ହୋଇଛି ଏହି ଶବ୍ଦକୁ ଶାସକ କିମ୍ବା ଶାସନକର୍ତା ଭାବେ ମଧ୍ୟ ଅନୁବାଦ କରାଯାଇପାରିବ ।
- କାଇସର ଅଗଷ୍ଟ କିମ୍ବା ତିବିରୀୟ କାଇସର ନାମଗୁଡ଼ିକ ଜାତୀୟ ଭାଷାର ଉଚ୍ଚାରଣ ଅନୁସାରେ ଉଚ୍ଚାରଣ କରାଯାଇପାରେ ।

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ରାଜା, ପାଉଲ, ରୋମୀୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 25: 6
- ଲୂକ 2:1
- ଲୂକ 20:23-24
- ଲୂକ 23:2
- ମାର୍କ 12: 13-15
- ମାଥିଉ 22:17
- ଫିଲିପ୍ପୀୟ 4:22

ଶବ୍ଦବିନ୍ୟାସ:

- Strong's: G25410

କାଇସରୀଆ, କାଇସରୀଆ ଫିଲିପ୍

ତଥ୍ୟ:

ଭୁମଧ୍ୟ ସାଗରର ଉପକୂଳ ଅଞ୍ଚଳରେ କାଇସରିଆ ଏକ ଗୁରୁତ୍ୱପୂର୍ଣ୍ଣ ସହରଥିଲା ଓ କର୍ମେଲ୍ ପର୍ବତ ଦକ୍ଷିଣ ଦିଗଠାରୁ ୩୯ କିଲୋମିଟର କାଇସରିଆ ଫିଲିପ୍ପି ଇସ୍ରାଏଲ ଦେଶର ଉତ୍ତର ପୂର୍ବ ଅଞ୍ଚଳରେ କାଇସରିଆ ଫିଲିପପି ସହରଟି ଅବସ୍ଥିତ

- ଏହି ସହର ଗୁଡିକ କାଇସରଙ୍କପାଇଁ ନାମକରଣ କରାଯାଇଥିଲା ଯିଏକି ରୋମ ସାମ୍ରାଜ୍ୟକୁ ଶାସନ କରୁଥିଲେ
- ଯୀଶୁଙ୍କ ଜନ୍ମ ସମୟରେ ଉପକୂଳ କାଇସରିଆର ଯିହୁଦା ରୋମ ଅଧିକାରକୁ ଆସିଲା
- ପ୍ରେରିତ ପିତର ପ୍ରଥମେ କାଇସରିଆଠାରେ ଅଣଯିହୁଦୀମାନଙ୍କୁ ପ୍ରଚାର କରିଥିଲେ
- ପାଉଲ କାଇସରିଆଠାରୁ ତରସିସ୍ ପର୍ଯ୍ୟନ୍ତ ଜଳଯାତ୍ରା କରୁଥିଲେ ଏବଂ ଦୁଇ ଥର ମିସନେରୀ ଯାତ୍ରାରେ ଏହି ସହରକୁ ଅତିକ୍ରମ କରିଛନ୍ତି
- ଯୀଶୁ ଏବଂ ତାଙ୍କର ଶିସ୍ୟମାନେ ସିରିୟାର କାଇସରିଆ ଫିଲିପ୍ପି ଅଞ୍ଚଳ ଦେଇ ଯାତ୍ରା କରୁଥିଲେ

ଦୁଇଟି ଯାକ ସହର ହେରୋଦ ଫିଲିପ୍ପୀଙ୍କ ନାମରେ ନାମିତ ହୋଇଥିଲା

(ଭାଷାନ୍ତର ନିମନ୍ତେ ଉପଦେଶ: କିପରି ନାମ ଗୁଡିକୁ ଭାଷାନ୍ତର କରିବ)

(ଆହୁରି ମଧ୍ୟ ଦେଖନ୍ତୁ: କାଇସର, ଅଣ-ଯିହୁଦୀ, ସମୁଦ୍ର, କାର୍ମେଲ୍, ହରୋଣ ପର୍ବତ, ରୋମ, ତର୍ସିସ୍)

ବାଇବଲ ସନ୍ଧର୍ଭ:

- ପ୍ରେରିତ ୦୯:୨୮-୩୦
- ପ୍ରେରିତ ୧୦:୧-୨
- ପ୍ରେରିତ ୨୫:୧-୩
- ପ୍ରେରିତ ୨୫:୧୩-୧୬
- ମାର୍କ ୦୮:୨୬-୨୮
- ମାଥିଉ ୧୬:୧୩-୧୬

ବୋର୍ଡ ଡାଟା :

- Strong's: G2542, G5376

କାଦେଶ୍, କାଦେଶ -ବର୍ନିଆ, ମେରିବା କାଦେଶ

ତଥ୍ୟ:

କାଦେଶ୍, କାଦେଶ -ବର୍ନିଆ, ମେରିବା କାଦେଶ ନାମ ଇସ୍ରାଏଲ ଇତିହାସ ର ଏକ ମହତ୍ୱ ପୂର୍ଣ୍ଣ ସହରକୁ ଦର୍ଶାଏ ଯାହା ଇସ୍ରାଏଲ ର ଦକ୍ଷିଣ ଭାଗରେ ଇଦୋମ ଅଞ୍ଚଳରେ ଅବସ୍ଥିତ ଅଟେ I

- କାଦେଶ ସହର ଏକ ମରୁଦ୍ୟାନଥିଲା, ଏକ ସ୍ଥାନ ଯାହା ଜଳ ଓ ଉର୍ବର ଖେତ ଜିନ୍ ମରୁଭୁମୀ ମଧ୍ୟରେ ଅବସ୍ଥିତଥିଲା I
- ମୋଶା ୧୨ ଛିଦ୍ର ଅନୁସନ୍ଧାନ କାରୀଙ୍କୁ କାଦେଶ -ବର୍ନିଆ ରୁ କିଣାନ ଦେଶକୁ ପଠାଇଥିଲେ I
- ଇସ୍ରାଏଲ ଲୋକମାନେ ଯେତେବେଳେ ଜଂଗଲରେ ଭ୍ରମଣ କରୁଥିଲେ ତେବେ କାଦେଶରେ ଛାଉଣୀ ଢାଳିଥିଲେ I
- ମିରିୟମ କାଦେଶ -ବର୍ନିଆରେ ମୃତ୍ୟୁ ବରଣ କରିଥିଲେ I
- ଏହା ମିରିବା କାଦେଶ ଅଟେ ଯେଉଁଠାରେ ମୋଶା ପରମେଶ୍ୱରଙ୍କର ଅନାଜ୍ଞାକାରୀ ହୋଇଥିଲେ ଓ ଏକ ପଥର କୁ ଆଜ୍ଞା ଦେବା ବଦଳେ ତାହାକୁ ଆଘାତ କରିଥିଲେ ଯେଉଁ ଠାରେ ଇସ୍ରାଏଲ ଲୋକମାନେ ଜଳ ସେବନ କଲେ I
- "କାଦେଶ "ଶବ୍ଦ ଏବ୍ରୀ ଶବ୍ଦ ରୁ ଆସି ଅଛି ଯାହାର ର ଅର୍ଥ ହେଉଛି "ପବିତ୍ର" କିଅବା "ଅଲଗା କରିବା" ଅଟେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ମରୁଭୁମୀ, ଇଦୋମ, ପବିତ୍ର)

ବାଇବଲ ପଦ ପର୍ଶ:

- ଯିହଜିକଲ ୪୮:୨୭-୨୯
- ଆଦିପୁସ୍ତକ ୧୪:୭-୯
- ଆଦିପୁସ୍ତକ ୧୬:୧୩-୧୪
- ଆଦିପୁସ୍ତକ ୨୦:୧-୩
- ଜିହୁଶିୟ୍ ୧୦:୪୦-୪୧
- ଗଣନା ପୁସ୍ତକ ୨୦:୧

ବୋର୍ଡ ଡାଟା :

- Strong's: H4809, H6946, H6947

କାନ୍ନା

ସଂଜ୍ଞା:

ଗାଲିଲୀ ପ୍ରଦେଶରେ କାନ୍ନା ଗୋଟିଏ ଗ୍ରାମ ବା ସହରର ନାମ, ଏହା ନାଜରିତର ଦକ୍ଷିଣ ଆଡକୁ ୯ ମାଇଲ ଦୂରରେ ସ୍ଥାପିତ

- ନଥନିଏଲଙ୍କର ଘର କାନ୍ନା ନଗରରେଥିଲା, ସେ ବାର ଜଣଙ୍କ ମଧ୍ୟରୁ ଜଣେ
- କାନ୍ନା ନଗରରେ ହେଉଥିବା ବିବାହ ଭୋଜିରେ ଯୀଶୁ ମଧ୍ୟ ନିମନ୍ତ୍ରିତ ହୋଇଥିଲେ ଏବଂ ସେହି ସ୍ଥାନରେ ସେ ତାଙ୍କର ପ୍ରଥମ ଆଶ୍ଚର୍ଯ୍ୟ କର୍ମ ପାଣିକୁ ଦ୍ରାକ୍ଷାରସରେ ପରିବର୍ତ୍ତନ କରିଥିଲେ
- ସେହି କାର୍ଯ୍ୟର କିଛି ସମୟ ପରେ, ଯୀଶୁ କାନ୍ନା ନଗରକୁ ପୁନର୍ଶ୍ଚାର ଫେରି ଆସିଲେ ଏବଂ ଜଣେ ରାଜକର୍ମଚାରୀଙ୍କର ପୁତ୍ର କଫର୍ନାହୁମ ପୀଡିତଥିଲେ ସେ ସେଠାରେ ତାଙ୍କୁ ସୁସ୍ଥ କଲେ

(ଆହୁରି ଦେଖ: କଫର୍ନାହୁମ, ଗାଲିଲୀ, ବାର ଜଣ)

ବାଇବଲ ସନ୍ଧର୍ଭ:

- ଯୋହନ ୦୨:୧-୨
- ଯୋହନ ୦୪:୪୬-୪୭

ବୋର୍ଡ ଡାଟା :

- Strong's: G2580

କାଲେବ୍

ତଥ୍ୟ ଗୁଡିକ

ମୋଶା କିଣାନ ଦେଶକୁ ଆବିଷ୍କାର କରିବା ପାଇଁ ଇସ୍ରାଏଲ ମଧ୍ୟରୁ ଯେଉଁ ବାର ଜଣ ଗୁପ୍ତଚରଙ୍କୁ ପ୍ରେରଣ କରିଥିଲେ ତନ୍ମଧ୍ୟରୁ ହୋଇଥିଲେ କାଲେବ୍ ଅନ୍ୟତମ

- ସେ ଏବଂ ଯିହୋଶୂୟ ଲୋକମାନଙ୍କୁ କହିଲେ ସଦପ୍ରଭୁଙ୍କ ପରେ ଭରସା ରଖ କାରଣ ସଦାପ୍ରଭୁ କିଣାନୀୟ ପରାସ୍ତ କରିବାରେ ସହାୟ ହେବେ
- ଯିହୋଶୂୟ ଏବଂ କାଲେବ୍ ଙ୍କ ପିଢିରେ କେବଳ ଦୁଇ ଜଣ ବ୍ୟକ୍ତିଥିଲେ ଯାହାଙ୍କୁ ପ୍ରତିଜ୍ଞାତ ଦେଶ କିଣାନକୁ ପ୍ରବେଶ କରିବା ପାଇଁ ଅନୁମତି ପାଇଥିଲେ
- କାଲେବ୍ ଅନୁରୋଧ କରି କହିଲେ ଯେପରି ତାଙ୍କୁ ଓ ତାଙ୍କର ପରିବାରକୁ ହିବ୍ରୋଣ ଦେଶ ମିଳେ

ସେ ଜାଣିଥିଲେ ଯେ ଇଶ୍ୱର ତାଙ୍କୁ ସେହି ଦେଶରେ ବାସ କରୁଥିବା ଲୋକମାନଙ୍କୁ ଅଧିକାର କରିବା ପାଇଁ ସହାୟ ହେବେ

(ଭାନ୍ତର ନିମନ୍ତେ ଉପଦେଶ: ନାମ ଗୁଡିକୁ ଭାଷାନ୍ତର କରିବେ କିପରି)

(ଦେଖ: ହିବ୍ରୋଣ, ଯିହୋଶୂୟ)

ବାଇବଲ ସନ୍ଧର୍ଭ:

- ୧ମ ବଂଶାବଳି ୦୪: ୧୩-୧୬
- ଯିହୋଶୂୟ ୧୪:୬-୭
- ବିଚାରକର୍ତ୍ତା ୦୧:୧୧-୧୩
- ଗଣନା ୩୨:୧୦-୧୨

ବାଇବଲ କାହାଣୀରୁ ଉଦାହରଣ:

- _ ୧୪:୦୪_ଯେତେବେଳେ ଇସ୍ରାଏଲ ଲୋକମାନେ କିଣାନ ଦେଶର ପରିସୀମାକୁ ଆସିଲେ,, ଇସ୍ରାଏଲର ପ୍ରତ୍ୟକ ଜାତିରୁ ଜଣେ ଜଣେ କରି ମୋଶା ୧୨ଜଣ ପୁରୁଷଙ୍କୁ ମନୋନୀତ କଲେ

କିଣାନ ଦେଶକୁ ଅନୁସଂଧାନ କରିବାକୁ ସେ ପୁରୁଷମାନଙ୍କୁ ଉପଦେଶ ଦେଲେ

- _ ୧୪:୦୬_ ତହୁଁ _ କାଲେବ୍ _ ` ଯିହୋଶୂୟ, ଓ ଅନ୍ୟ ଦୁଇ ଜଣ ଗୁପ୍ତଚରଙ୍କ ସହିତ, କହିଲେ, “ଏହା ସତ୍ୟ ଯେ କିଣାନ ଦେଶର ଲୋକମାନେ ଖୁବ୍ ଶକ୍ତିଶାଳୀ କିନ୍ତୁ ଆମ୍ଭେମାନେ ସେମାନଙ୍କୁ ହରାଇ ପାରିବା!

ଇଶ୍ୱର ଆମ୍ଭମାନଙ୍କ ପାଇଁ ଯୁଦ୍ଧ କରିବେ

- ୧୪:୦୮” ଯିହୋଶୂୟ ଓ_ କାଲେବ୍ ବ୍ୟତୀତ _, ଆଉ ଯେତେଜଣ କୋଡିଏ ବର୍ଷ ଓ ଏହାଠାରୁ ତତୋଧିକ ସମସ୍ତେ ସେଠାରେ ମରିବା କିନ୍ତୁ କେବେ ହେଁ ପ୍ରତିଜ୍ଞାତ ଦେଶକୁ ପ୍ରବେଶ କରିପାରିବା ନାହିଁ “

ଏଣୁ ଯେପରି ସେହି ଦେଶରେ ଶାନ୍ତିରେ ବଂଚି ପାରିବେ

ବୋର୍ଡ ଡାଟା :

- Strong's: H3612, H3614

କିଣାନ, କିଣାନୀୟ, କିଣାନୀୟମାନେ

ତଥ୍ୟ ଅଧାରିତ:

ହାମ କିଣାନର ପିତା,ନୋହଙ୍କର ପୁତ୍ରମାନଙ୍କ ମଧ୍ୟରୁ ଜଣେ କିଣାନୀୟ ହେଉଛନ୍ତି କିଣାନର ବଂଶଧର

- ଶବ୍ଦ "କିଣାନ" କିମ୍ବା "କିଣାନ ଦେଶ" ଭୂମଧ୍ୟ ସାଗର ଓ ଯର୍ଦନ ନଦୀ ମଝିରେ ଥିବା ଅଞ୍ଚଳକୁ ବୁଝାଏ

ଏହାର ସୀମା ମିସର ଓ ଦକ୍ଷିଣକୁ ସୀରିଆ କିନାରା ପର୍ଯ୍ୟନ୍ତ

- ଏହି ଦେଶରେ କିଣାନୀୟମାନଙ୍କ ସହିତ ଅନ୍ୟ ଲୋକଦଳ ମଧ୍ୟ ବସବାସ କରୁଥିଲେ
- ପରମେଶ୍ୱର ଅବ୍ରାହମ ଓ ତାଙ୍କର ସନ୍ତାନମାନଙ୍କୁ କିଣାନ ଦେଶ ଦେବା ପାଇଁ ପ୍ରତିଜ୍ଞା କରିଥିଲେ, ଇସ୍ରାଏଲ-ସନ୍ତାନଗଣ

(ଭାଷାନ୍ତର ନିମନ୍ତେ ଉପଦେଶ: ନାମ ଗୁଡିକୁ ଅନୁବାଦ କରିବେ କିପରି)

(ଆହୁରି ଦେଖ: ହାମ, ପ୍ରତିଜ୍ଞାତ ଦେଶ)

ବାଇବଲ ପୃଷ୍ଠଭୂମି

- ପ୍ରେରିତ ୧୩:୧୯-୨୦
- ଯାତ୍ରା ୦୩:୭-୮
- ଆଦି ୦୯:୧୮-୧୯
- ଆଦି ୧୦:୧୯-୨୦
- ଆଦି ୧୩:୫-୭
- ଆଦି ୪୭:୧-୨

ବାଇବଲରେ ଥିବା କାହାଣୀ ରୁ କିଛି ଉଦାହରଣ:

- _ ୦୪:୫_ ସେ (ଅବ୍ରାମ) ଆପଣାର ଭାର୍ଯ୍ୟା, ସାରୀ, ସବୁ ସମ୍ପତି, ଚାକର (ପରିଚାରକ) ଏବଂ ଲବ୍ଧ ପ୍ରାଣୀମାନଙ୍କୁ ଘେନି ପରମେଶ୍ୱର ପ୍ରତିଜ୍ଞା କରିଥିବା କିଣାନ ଦେଶ ଉଦ୍ଦେଶ୍ୟରେ ଯାତ୍ରା କରି କିଣାନ ଦେଶରେ ପହଂଚିଲେ
- **୦୪:୦୭** ଯେତେବେଳେ ଅବ୍ରାମ ପହଁଚିଲେ_କିଣାନ _ ପରମେଶ୍ୱର କହିଲେ, "ତୁମ୍ଭର ଚତୁଃ ପାର୍ଶ୍ୱକୁ ଦୃଷ୍ଟିପାତ କର

ମୁଁ ତୁମ୍ଭକୁ ଓ ଯୁଗାନୁକ୍ରମେ ତୁମ୍ଭର ବଂଶକୁ ଯେ ସକଳ ଦେଶ ଦେବା

- ୦୪:୦୯_ "ମୁଁ କିଣାନ ଦେଶ ତୁମ୍ଭଙ୍କୁ ଓ ତୁମ୍ଭର ସନ୍ତାନଗଣଙ୍କୁ ଦେଲି"
- _ ୦୫:୦୩ _ "ପୁଣି ତୁମ୍ଭେ ଏବେ ଏହି ଯେଉଁ କିଣାନ ଦେଶରେ ପ୍ରବାସ କରୁଅଛ, ତହିଁର ସମୁଦାୟ ଆମ୍ଭେ ତୁମ୍ଭକୁ ଓ ତୁମ୍ଭର ଭବିଷ୍ୟତ ବଂଶକୁ ଅନନ୍ତକାଳୀନ ଅଧିକାର ନିମନ୍ତେ ଦେବା ଓ ଆମ୍ଭେ ସେମାନଙ୍କର ପରମେଶ୍ୱର ହେବା"
- _ ୦୭:୦୮_ ଦୀର୍ଘ ୨୦ ବର୍ଷ ଘରଠାରୁ ବିଦେଶରେ କାଟିବା ପରେ, କିଣାନ, ଯାକୁବ ତାର ପରିବାର, ଦାସ ଓ ସମସ୍ତ ଲବ୍ଧ ପ୍ରାଣୀମାନଙ୍କୁ ନେଇ ଫେରିଲା

ବୋର୍ଡ ଡାଟା :

- Strong's: H3667, H3669, G2581, G5478

କିଦ୍ରଣ ଉପତ୍ୟକା

ତଥ୍ୟ:

କିଦ୍ରଣ ଉପତ୍ୟକା ଏକ ଗଭୀର ଉପତ୍ୟକା ଯିରୁଶାଲମର ବାହାରେ ଅଛି, ଏହାର ପୂର୍ବ କାଂଥି ଓ ଜୈତୁନ ପର୍ବତ ମଧ୍ୟରେ ଅବସ୍ଥିତ ଅଟେ I

- ଏହି ଉପତ୍ୟକା ୧୦୦୦ ମିଟର ଗଭୀର ଅଟେ ଓ ୩୨ କିଲୋମିଟର ଲମ୍ବା ଅଟେ I
- ଯେତେବେଳେ ରାଜା ଦାଉଦ ତାର ପୁତ୍ର ଅବସଲମଠାରୁ ପଳାୟନ କରୁଥିଲା ସେ କିଦ୍ରଣ ଉପତ୍ୟକା ହୋଇ ଜୈତୁନ ପର୍ବତକୁ ଗଲା I
- ରାଜା ଯୋସିୟ ଓ ରାଜା ଆଶା ଏକ ଆଜ୍ଞା କଲେ ଯେ ଉଚ ସ୍ଥାନ ଓ ଭଣ୍ଡ ଦେବ ସବୁକୁ ଧ୍ୱଂଶ କରି ଜାଳା ଯାଉ ଓ ତାର ପାଉଁଶ କିଦ୍ରଣ ଉପତ୍ୟକାରେ ପକା ଯାଉ I
- ରାଜା ହିଜିକିୟ ର ଶାସନ ସମୟରେ, କିଦ୍ରଣ ଉପତ୍ୟକା ସେହି ସ୍ଥାନଥିଲା ଯେଉଁଠାରେ ଯାଜକ ସମସ୍ତ ଅଶୁଧ ବସ୍ତୁ ଯାହା ମନ୍ଦିରରୁ ଆସୁଥିଲା ସେହି ସ୍ଥାନରେ ଫପାଡୁଥିଲେ I
- ମନ୍ଦ ରାଣୀ ଅଟଲିଆକୁ ଏହି ଉପତ୍ୟକାରେ ହତ୍ୟା କରା ଯାଇଥିଲା କାରଣ ସେ ଯେଉଁ ଦୁଷ୍ଟ କାମ କରିଥିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଅବସଲମ, ଅସା, ଅଟଲିଆ, ଦାଉଦ, ଭଣ୍ଡ ଦେବ, ହିଜିକିୟ, ଉଚ ସ୍ଥାନ, ଯୋସିୟ, ଯିହୁଦା, ଜୈତୁନ ପର୍ବତ)

ବାଇବଲ ପଦପର୍ବ:

- ଯୋହନ ୧୮:୧-୩

ବୋର୍ଡ ଡାଟା :

- Strong's: H5674, H6939, G2748, G5493

କିଲିକିଆ

ତଥ୍ୟାବଳି:

କିଲିକିଆ ରୋମ ରାଜ୍ୟର ଦକ୍ଷିଣପୂର୍ବ ଅଞ୍ଚଳରେ ଅବସ୍ଥିତ, ବର୍ତ୍ତମାନ ଯାହାକୁ ତର୍କି ଦେଶ ବୋଲି କୁହାଯାଉଛି ଏହା ଦ୍ୱୀପ ସମୁହର ସୀମା

- ପ୍ରେରିତ ପାଉଲ ତର୍ସିସ୍ ସହରରେ ନାଗରିକଥିଲେ ତାହା କିଲିକିଆରେ ଅବସ୍ଥିତ
- ପାଉଲଙ୍କର ଯୀଶୁଙ୍କ ସହିତ ଦମ୍ମେସକରେ ଲଢେଇ ହେବାପରେ ସେ ଅନେକ ବର୍ଷ କିଲିକିଆରେ କାଟିଛନ୍ତି
- କିଲିକିଆର କେତେକ ଯିହୁଦୀ ଯେଉଁମାନେ ସ୍ତିଫାନକୁ ସାମନା କରିଥିଲେ ଏବଂ ଲୋକମାନଙ୍କୁ ପ୍ରବର୍ତ୍ତାଇଲେ ତାଙ୍କୁ ପଥାର ଫିଙ୍ଗି ମାରିଲେ

(ଅନୁବାଦ ନିମନ୍ତେ ଉପଦେଶ: ନାମ ଗୁଡିକୁ ଅନୁବାଦ କରିବେ କିପରି)

(ଦେଖ: ପାଉଲ, ସ୍ତିଫାନ, ତର୍ସିସ୍)

ବାଇବଲର ସନ୍ଦର୍ଭ:

- ପ୍ରେରିତ ୦୬:୮-୯
- ପ୍ରେରିତ ୧୫:୩୯-୪୧
- ପ୍ରେରିତ ୨୭:୩-୬
- ଗାଲାତୀୟ ୦୧: ୨୧-୨୪

ବୋର୍ଡ ଡାଟା :

- Strong's: G2791

କୁପ୍ରିୟ

ତଥ୍ୟାବଳି:

ଭୁମଧ୍ୟ ସାଗରର କୁପ୍ରିୟ ଏକ ମାଳଦ୍ୱୀପ, ଏହା ୬୪ କିଲୋ ମିଟର ଦକ୍ଷିଣ ବର୍ତ୍ତମାନ ତର୍କି ଦେଶ

- ବର୍ଣ୍ଣବ୍ବା କୁପ୍ରିୟର ବାସିନ୍ଦା ଏବଂ ସମ୍ଭବ ହୋଇଥାଇପାରେ ତାହାର ଭାଇ ଯୋହନ ମାର୍କ ମଧ୍ୟ ସେହିସ୍ଥାନର ବାସିନ୍ଦା
- ପାଉଲ ଏବଂ ବର୍ଣ୍ଣବ୍ବ ବା ମିଶି ତାଙ୍କର ପ୍ରଥମ ମିସନେରୀ ଯାତ୍ରାରେ କୁପ୍ରିୟ ମାଳଦ୍ୱୀପରେ ପ୍ରଚାର କରିଥିଲେ

ଯୋହନ ମାର୍କ ସେହି ଯାତ୍ରାରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆସିଥିଲେ

- ପରବର୍ତ୍ତୀ ସମୟରେ, ବର୍ଣ୍ଣବ୍ବା ଓ ମାର୍କ କୁପ୍ରିୟ କୁ ଆଉଥରେ ଗମନ କରିଥିଲେ
- ପୁରାତନ ନିୟମରେ, କୁପ୍ରିୟ ଅଲୋନ ବୃକ୍ଷ ନିମନ୍ତେ ପ୍ରସିଦ୍ଧଥିଲା

(ଅନୁବାଦ ନିମନ୍ତେ ପ୍ରସ୍ତାବ: ନାମ ଗୁଡିକୁ ଅନୁବାଦ କରିବେ କିପରି)

(ଦେଖ: ବର୍ଣ୍ଣବ୍ବ ବା, ଯୋହନ ମାର୍କ, ସମୁଦ୍ର)

ବାଇବଲ ସନ୍ଦର୍ଭ:

- ପ୍ରେରିତ ୦୪:୩୬-୩୭
- ପ୍ରେରିତ ୧୩:୪-୫
- ପ୍ରେରିତ ୧୫:୩୯-୪୧
- ପ୍ରେରିତ ୨୭:୩-୬
- ଯିହିଜୀକଲ ୨୭:୬-୭
- ଯିଶାଇୟ ୨୩:୧୦-୧୨

ବୋର୍ଡ ଡାଟା :

- Strong's: G2953, G2954

କୁରିଣୀ, କୁରିଣିୟ, କୁରିଣିୟ ଅଧିବାସୀ

ଘଟଣାବଳି:

କୁରିଣୀ ଏକ ମାଳଦ୍ୱୀପ ଗ୍ରୀକ୍ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ "କୁରିଣିୟ" ସେହି ଦ୍ୱୀପରେ ବସବାସ କରୁଥିବା ଜନତା

- ପ୍ରେରିତ ପାଉଲ କୁରିଣିୟ ମାଳଦ୍ୱୀପ ଦେଇ ତାଙ୍କର ମିସନେରୀ ଯାତ୍ରା କରୁଥିଲେ
- ପାଉଲ ତାଙ୍କର ସହକର୍ମୀ ତୀତସଙ୍କୁ କୁରିଣିୟ ମାଳଦ୍ୱୀପରେ ଛାଡି ଗଲେ ଯେପରି ସେଠାରେ ଥିବା ଖ୍ରୀଷ୍ଟିଆନମାନଙ୍କୁ ଶିକ୍ଷା ଦେଇ ମଣ୍ଡଳୀର ନେତା ନିଯୁକ୍ତ କରିବେ

(ଅନୁବାଦ ପ୍ରସ୍ତାବ: ନାମ ଗୁଡିକୁ ଅନୁବାଦ କରିବେ କିପରି)

ବାଇବଲ ସନ୍ଦର୍ଭ:

- ପ୍ରେରିତ ୦୨:୮-୧୧
- ପ୍ରେରିତ ୨୭:୭-୮
- ଆମୋଶ ୦୯:୭-୮
- ତୀତସ ୦୧:୧୨-୧୩

ବୋର୍ଡ ଡାଟା :

- Strong's: G2912, G2914

କୁଶ

ଘଟଣା:

କୁଶ ନୋହଙ୍କ ପୁଅ ହାମର ବଡ ପୁଅଥିଲେ ସେ ନିମ୍ରୋଦଙ୍କର ବଂଶଥିଲେ ତାଙ୍କର ଦୁଇଟି ଭାଇ ମିସର ଓ କିଣାନ ନାମ ଦିଆଯାଇଥିଲା ପୁରାତନ ନୀୟମ ସମୟରେ, "କୁଶ" ଦକ୍ଷିଣ ଇସ୍ରାଏଲର ଏକ ବିଶାଳ ଅଞ୍ଚଳର ନାମଥିଲା

ଏହା ଅନୁମାନ କରଯାଏ ଯେ ଜମି (ସ୍ଥାନର) ନାମ ହାମଙ୍କ ପୁଅ କୁଶଙ୍କ ନାମରେ ନାମିତ

- କୁଶର ପ୍ରାଚୀନ ଅଞ୍ଚଳ ଏକ ସ୍ଥାନୀୟ ଅଚଳରେ ପରିବ୍ୟାପ୍ତଥିଲା ଯାହା ପରବର୍ତ୍ତୀ ସମୟରେ ଏବଂ ବର୍ତ୍ତମାନ ଦେଶ ଗୁଡିକ ସୁଦାନ୍, ମିସର୍, ୟୁଥୋପିଆ, ଏବଂ ସମ୍ଭାବ୍ୟ ସାଉଦୀ ଆରବିଆ
- କୁଶ ନାମରେ ଆଉ ଜଣେ ମନୁଷ୍ୟ ବିଷୟରେ ଗୀତସଂହିତାରେ ଲିପିବଦ୍ଧ ଅଛି

ସେ ଜଣେ ବେଞ୍ଜାମିନ ଗୋଷ୍ଠୀ ରଥିଲେ

(ଅନୁବାଦ ପ୍ରସ୍ତାବ: ନାମ ଗୁଡିକ ଅନୁବାଦ କରିବେ କିପରି)

(ଦେଖ: ଆରବ, କିଣାନ, ମିସର, ୟୁଥୋପିଆ)

ବାଇବଲ ସନ୍ଦର୍ଭ:

- ୧ମ ବଂଶାବଳି ୦୧:୮-୧୦
- ଯିହିଜିକଲ ୨୯:୮-୧୦
- ଆଦି ୦୨:୧୩-୧୪
- ଆଦି ୧୦:୬-୭
- ଯିରିମିୟ ୧୩:୨୨-୨୪

ବୋର୍ଡ ଡାଟା :

- Strong's: H3568, H3569, H3570

କୂରୀଣୀୟ

ସତ୍ୟ ଘଟଣାବଳୀ:

କୂରୀଣୀୟ ଆଫ୍ରିକାର ଦକ୍ଷିଣ ଭୂମଧ୍ୟସାଗରୀୟ ଉପକୂଳବର୍ତ୍ତୀ ଗ୍ରୀକ୍ ସହର ଥିଲା ।

- ନୂତନ ନିୟମ ସମୟରେ, କୂରୀଣୀୟରେ ଉଭଯ ଯିହୁଦୀ ଓ ଖ୍ରୀଷ୍ଟିୟାନମାନେ ବାସ କରୁଥିଲେ ।
- ବାଇବେଲରେ ଶିମୋନ କୂରୀଣୀୟ ବିଷୟରେ ଲେଖାଯାଇଛି ଯିଏ ଯୀଶୁଙ୍କର କ୍ରୁଶକୁ ବୋହିଥିଲେ ।

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(କ୍ରୀତୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 11:19-21
- ମାଥିଉ 27:32-34

ଶବ୍ଦବିନ୍ୟାସ :

- Strong's: G29560, G29570

କେଦାର

ତଥ୍ୟ:

କେଦାର ଇସ୍ମାଏଲ ର ଦ୍ୱିତୀୟ ପୁତ୍ରଥିଲେ I ଏହା ଏକ ମହତ୍ୱ ପୂର୍ଣ୍ଣ ସହରଥିଲା ହୋଇପାରେ ସେହି ମନୁଷ୍ୟ ଅନୁସାରେ ତାର ନାମ ଦିଆ ଯାଇଥିଲା I

- କେଦାର ସହର ଆରବର ଉତ୍ତର ଭାଗରେ ଅବସ୍ଥିତ ଅଟେ ଓ ପାଲେସତଇନ ର ଦକ୍ଷିଣ ସୀମାରେ ଅଛି I

ବାଇବଲ ସମୟରେ, ଏହା ତାର ମହାନତା ଓ ସୁନ୍ଦରତା ପାଇଁ ଜଣାଥିଲା I

- କେଦାର ର ବଂଶଧର ଏକ ବଡ଼ ଲୋକ ସମୁହ ହେଲେ ଓ ତାହାକୁ ମଧ୍ୟ "କେଦାର" କୁହାଯାଉଥିଲା I
- ବାକ୍ୟାଂଶ "କେଦାରର ଅନ୍ଧକାର ତମ୍ବୁ" ଛେଳି ର କଳା ଲୋମ ଯେଉଁଠାରେ କେଦାର ଲୋକମାନେ ବାସ କରୁଥିଲେ କୁ ଦର୍ଶାଏ I
- ଏହି ଲୋକମାନେ ମେଷ ଓ ଛାଗ ପାଳନ କରୁଥିଲେ I

ସେମାନେ ଓଟ ମଧ୍ୟ ନିଜର ଯାତାୟତ ନିମନ୍ତେ ବ୍ୟବହାର କରୁଥିଲେ I

- ବାଇବଲରେ, ବାକ୍ୟାଂଶ "କେଦାରର ଗୌରବ" ସେହି ସହର ଓ ଲୋକ ର ମହାନତା କୁ ଦର୍ଶାଏ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆରବ, ଛାଗ, ଇସ୍ମାଏଲ, ବଳି)

ବାଇବଲ ପଦପର୍ବ:

- ପରମ ଗୀତ ୦୧:୫-୬

ବୋର୍ଡ ଡାଟା :

- Strong's: H6938

କେଦେଶ

ତଥ୍ୟ:

କେଦେଶ ଏକ କିଣାନୀୟ ସହରଥିଲା, ଇସ୍ରାଏଲ ଲୋକମାନେ ଯେତେବେଳେ କିଣାନ ପ୍ରବେଶ କଲେ ସେମାନେ ତାହା ଜିତିଥିଲେ I

- ଏହି ସହର ଇସ୍ରାଏଲ ର ଉତ୍ତର ଭାଗରେ ଅବସ୍ଥିତଥିଲା, ଏହିଭୁଇ ଭାଗ କୁ ନପ୍ତାଲି ଜାତି କୁ ଦିଆ ଯାଇଥିଲା I
- କେଦେଶ ସେହି ସହର ମଧ୍ୟ ରୁ ବଛା ଯାଇଥିଲା ଯେଉଁଠାରେ ଲେବିୟ ଲୋକମାନେ ବାସ କରୁଥିଲେ କାରଣ ତାହାଙ୍କର ନିଜର କୌଣସି ଭୂମି ନଥିଲା I
- ଏହାକୁ "ସରନାର୍ଥି ସହର" ରୂପରେ ଅଲଗା କରା ଯାଇଥିଲା I

(ଅନୁବାଦ ପ୍ରସ୍ତାବ: ନାମ ର ଅନୁବାଦ)

(ଆହୁରି ଦେଖନ୍ତୁ: କିଣାନ, ହେବରନ୍, ଲେବିୟ, ନପ୍ତାଲି, ଯାଜକ, ସରନାର୍ଥୀ, ଶିଖିମ, ଇସ୍ରାଏଲ ର ବାର ଜାତି)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୬:୭୧-୭୩
- ଜିହୁଶିୟ ୧୯:୩୫-୩୭
- ବିଚାରକର୍ତ୍ତା ୦୪:୧୦

ବୋର୍ଡ ଡାଟା :

କୋରସ

ଘଟଣାବଳି:

କୋରସ ଜଣେ ପାରସ୍ୟର ରାଜା ୫୫୦ ଖ୍ରୀ:ପୂ: କୋରସ ରାଜ୍ୟକୁ ଜୟ କରିଥିଲେ ଇତିହାସରେ କୋରସ ଜଣେ ମହାନ୍ ରାଜା ଭାବେ ପରିଚିତ

- ରାଜ କୋରସ ବାବିଲୋନକୁ ଅଧିକାର କଲେ, ଯାହାକି ଇସ୍ରାଏଲ ଲୋକମାନଙ୍କୁ ନିର୍ବାସନ ରୁ ମୁକ୍ତ କରିଥିଲେ

କୋରସଙ୍କର ଯେଉଁ ଦେଶକୁ ଜୟକାରୀ ଅକ୍ତିୟାର କରିଥିଲେ ସେହି ଦେଶର ଲୋକମାନଙ୍କ ନିମନ୍ତେ ତାଙ୍କର ସହନଶୀଳ ଗୁଣ ପାଇଁ ସେ ଜଣାଶୁଣା ତାଙ୍କର ଯିହୁଦୀମାନଙ୍କ ପ୍ରତି ଦୟା ଭାବ ନିର୍ବାସନ ପରେ ଯିରୁଶାଲମ ମନ୍ଦିରକୁ ପୁନର୍ବାର ନିର୍ମାଣ କରିବାରେ ସାହାଯ୍ୟ କରିଥିଲା କୋରସ ରାଜାଙ୍କ ସମୟରେ ଦାନୀୟେଲ, ଏଜ୍ରା, ନିହିମିୟ୍ ବାସ କରୁଥିଲେ

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଦେଖ: ଦାନିଏଲ, ଦାରିଅସ୍, ଏଜ୍ରା, ନିହିମିୟା, ପାରସ୍ୟ)

ବାଇବଲ ସନ୍ଦର୍ଭ:

- ୨ୟ ବଂଶାବଳି ୩୬:୨୨-୨୩
- ଦାନିଏଲ ୦୧:୧୯-୨୧
- ଏଜ୍ରା ୦୫:୧୨-୧୩
- ଯିଶାଇୟ ୪୪:୨୮

ବୋର୍ଡ ଡାଟା :

- Strong's: H3566

କୋରହ, କରାହାତିୟ, କୋରହତିୟମାନେ

ସଂଜ୍ଞା:

କୋରହ ପୁରାତନ ନିୟମରେ ତିନଟି ବ୍ୟକ୍ତିର ନାମ ଅଟେ I

- ଏସ ର ଏକ ସନ୍ତାନ ର ନାମ କୋରହ ଅଟେ I

ସେ ତାହାର ଜାତିର ନେତା ହେଲା I କୋରହ ଲେବିୟ ବଂଶଧର ଅଟେ ଓ ମିଳାପ ତମ୍ବୁରେ ଯାଜକ ରୂପରେ କାମ ସେବା କରି ଅଛନ୍ତି I ସେ ମୋଶା ଓ ହାରୁଣ ଉପରେ ହିଂସା କରି ଅନେକ ଲୋକଙ୍କୁ ନେଇ ତାହାଙ୍କ ବିରୁଧରେ ବିଦ୍ରୋହ କଲା I

- ତୃତୀୟ ବ୍ୟକ୍ତିର ନାମ କୋରହ ଯେ ଯୁହୁଦାର ବଂଶଧର ଅଟେ I

(ଆହୁରି ଦେଖନ୍ତୁ: ହାରୁଣ, ଅଧିକାର, କାଲେବ, ବଂଶଧର, ଏସ, ଯିହୁଦା, ଯାଜକ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୧:୩୪-୩୭
- ଗଣନା ପୁସ୍ତକ ୧୬:୧-୩
- ଗଣନା ପୁସ୍ତକ ୧୬:୨୫-୨୭
- ଗୀତସଂହିତା ୦୪୨:୧-୨

ବୋର୍ଡ ଡାଟା :

- Strong's: H7141

କୟାଫା

ସତ୍ୟ ଘଟଣାବଳୀ:

ବାପ୍ତିଜକ ଯୋହନ ଓ ଯୀଶୁଙ୍କ ସମୟରେ କୟାଫା ଇସ୍ରାଏଲର ଜଣେ ମହାଯାଜକ ଥିଲେ ।

- ଯୀଶୁଙ୍କ ଦୁଃଖଭୋଗ ଓ ବିଚାର ସମୟରେ କୟାଫା ମୁଖ୍ୟ ଭୂମିକା ତୁଲାଇଥିଲେ ।
- ମହାଯାଜକ ହାନାନ ଏବଂ କୟାଫା ମଧ୍ୟ ପିତର ଓ ଯୋହନଙ୍କ ବିଚାର ସମୟରେ ଥିଲେ ଯେଉଁ ସମୟରେ ସେମାନେ ପକ୍ଷାଘାତ ରୋଗୀକୁ ସୁସ୍ଥ କରିବା ପରେ ବନ୍ଦୀ ହୋଇଥିଲେ ।
- ଲୋକସଧାରଣଙ୍କ ନିମନ୍ତେ ଜଣେ ମରିବା ମଙ୍ଗଳ ଜନକ ବୋଲି ଯିହୁଦୀମାନଙ୍କୁ ଯେ ପରାମର୍ଶ ଦେଇଥିଲେ ଏ ସେହି କୟାଫା ଅଟନ୍ତି। ଯୀଶୁ ଏହା କହିଲେ ତୁମ୍ଭେ ମୋତେ ଯେଉଁମାନଙ୍କୁ ଦେଇଅଛ ସେମାନଙ୍କ ମଧ୍ୟରୁ ମୁଁ ଜଣକୁ ସୁଦ୍ଧା ହରାଇ ନାହିଁ ।

(<u>ନାମଗୁଡ଼ିକ କିପରି ଅନୁବାଦ କରିବେ:</u> ଅନୁବାଦ ପ୍ରସ୍ତାବଗୁଡ଼ିକ)

(ହାନାନ, <u>ମହାଯାଜକ:</u> ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 4:5-7
- ଯୋହନ 18:12
- ଲୂକ 3:2
- ମାଥିଉ 26:3-5
- ମାଥିଉ 26:57-58

ଶବ୍ଦବିନ୍ୟାସ :

- Strong’s: G25330

କୟିନ

ଘଟଣାବଳୀ:

ବାଇବଲରେ ଉଲ୍ଲେଖ କରାଯାଇଥିବା ଆଦମ ଏବଂ ହବାଙ୍କର ପ୍ରଥମ ପୁତ୍ରମାନେ କୟିନ ଏବଂ ତାଙ୍କ ସାନ ଭାଇ ଆବେଲ ଥିଲେ I

- କୟିନ ଜଣେ କୃଷକଥିଲେ ଏବଂ ସେ କୃଷି କାର୍ଯ୍ୟ ଦ୍ୱାରା ଖାଦ୍ୟଶସ୍ୟ ଉତ୍ପାଦନ କରୁଥିଲେ ଓ ହେବଲ ମେଷ ପାଳକଥିଲେ I
- କୟିନ ଆପଣା ଭାଇ ହେବଲକୁ ବଦ୍ଧ କଲା କାରଣ ସଦାପ୍ରଭୁ ହେବଲକୁ ଓ ତାଙ୍କର ନୈବେଦ୍ୟକୁ ଗ୍ରହଣ କଲେ ମାତ୍ର କୟିନକୁ ଓ ତାହାର ନୈବେଦ୍ୟକୁ ସେ ଗ୍ରହଣ କଲେନାହିଁ I
- ଜଣେ ଦୋଷୀ ଭାବରେ, ସଦାପ୍ରଭୁ ତାଙ୍କୁ ଏଦନରୁ ବାହାର କରିଦେଲେ ଏବଂ ତାଙ୍କୁ କହିଲେ ଭୂମିରେ ଆଉ ଶସ୍ୟ ଉତ୍ପାଦନ ହେବ ନାହିଁ I
- ଈଶ୍ୱର କୟିନକୁ ବଦ୍ଧ ହେବାରୁ ରକ୍ଷା କରିବାକୁ ତାହାର କପାଳରେ ଏକ ଚିହ୍ନ ଦେଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଦେଖନ୍ତୁ)

(ଆଦମ, ନୈବେଦ୍ୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 3: 12
- ଆଦିପୁସ୍ତକ 4:2
- ଆଦିପୁସ୍ତକ 4:9
- ଆଦିପୁସ୍ତକ 4:15
- ଏବ୍ରୀ 11:4
- ଯିହୂଦା 1:11

ଶବ୍ଦବିନ୍ୟାସ:

- Strong’s: H7014, G2535

ଗଲଗଥା

ତଥ୍ୟ:

"ଗଲଗଥା "ସେହି ଜାଗାର ନାମ ଯେଉଁଠାରେ ଯୀଶୁଙ୍କୁକ୍ରୁଶାର୍ପିତ କରାଯାଇଥିଲା I ଏହି ନାମ ଆରମିକ ଶବ୍ଦରୁ ଆସେ ଯାହାର ଅର୍ଥ "ଖପୁରୀ" କିଅବା "ଖପୁରୀ ସ୍ଥଳ "I

- ଗଲଗଥା ଯିରୁଶାଲମର ନଗର ପ୍ରାଚୀର ବାହାରେ ସ୍ଥାପିତ ଅଟେ, ନିକଟରେ I

ହୋଇପାରେ ଏହା ଜିତ ପର୍ବତର ଢଲାଣରେ ଅବସ୍ଥିତ ଅଟେ I ଅନ୍ୟରେଜିର କେତେକ ପୁରୁଣା ଭାର୍ଜନରେ ଗଲଗଥା "କାଲବରୀ" ରୂପରେ ଅନୁବାଦ କରାଯାଇଅଛି ଯାହା ଲାଟିନ ଶବ୍ଦ "ଖପୁରୀ "ରୁ ଅସୀ ଅଛି I

- ଅନେକ ବାଇବଲ ପାଠାନ୍ତର ଏକ ଶବ୍ଦ କୁ ବ୍ୟବହାର କରନ୍ତି ଯାହା ଦେଖାଯାଏ ଓ ଧ୍ୱନି "ଗଲଗଥା "ରୂପରେ କରେ କାରଣ ଏହାର ଅର୍ଥ ବାଇବଲ ଅନୁଚ୍ଛେଦରେ ବ୍ୟାଖ୍ୟା କରାଯାଇଅଛି I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆରାମ, ଜିତ ପର୍ବତ)

ବାଇବଲ ପଦପର୍ବ:

- ଯୋହନ ୧୯:୧୭-୧୮
- ମାର୍କ ୧୫:୨୨-୨୫
- ମାଥିଉ ୨୭:୩୨-୩୪

ବୋର୍ଡ ଡାଟା :

- Strong's: G1115

ଗାଜା:

ତଥ୍ୟ:

ବାଇବଲ ସମୟରେ, ଗାଜା ଏକ ସମୃଦ୍ଧିଶାଳୀ ପଲେଷ୍ଟିୟ ସହର ଭୂମଧ୍ୟ ସାଗର ତଟରେ ଅବସ୍ଥିତଥିଲା, ଆସଦୋଡ଼ ସହରର ଦକ୍ଷିଣ ଭାଗରେ ୩୮ କିଲୋମିଟର ଦୂରରେଥିଲା I ଏହା ପଲେଷ୍ଟିୟ ପାଞ୍ଚଟି ମୁଖ୍ୟ ସହର ମଧ୍ୟରୁ ଗୋଟିଏ ସହର ଅଟେ I

- ଏହାର ଅବସ୍ଥିତି କାରଣୁ, ଗାଜା ଏକ ମୁଖ୍ୟ ସମୁଦ୍ର ବନ୍ଦର ସହର ଅଟେ ଯେଉଁଠାରେ ବ୍ୟବସାୟ ଗତିବିଧି ଅନେକ ଜନ ସମୂହ ଓ ଜାତି ମଧ୍ୟରେ ହୁଏ I
- ଆଜି ମଧ୍ୟ ଗାଜା ଏକ ମହତ୍ୱପୂର୍ଣ୍ଣ ସମୁଦ୍ର ବନ୍ଦର ସହର ଅଟେ, ଏହା ଏକ ଅଞ୍ଚଳ ଭୂମଧ୍ୟ ସାଗର ତଟରେ ଅବସ୍ଥିତ ଅଟେ ଓ ଯାହାର ସୀମା ଇସ୍ରାଏଲର ଉତ୍ତର ପୂର୍ବରେ ଓ ମିସର ଦକ୍ଷିଣରେ ଅଛି I
- ଗାଜା ସେହି ସହର ଯେଉଠାକୁ ପଲେଷ୍ଟିୟ ଲୋକମାନେ ଶାମ୍‌ଶୋନ୍ କୁ ଧରିବା ପରେ ନେଇ କି ଯାଇଥିଲେ I
- ପ୍ରଚାରକ ଫିଲିପ ଗାଜାକୁ ମରୁସ୍ଥଳ ରାସ୍ତାରେ ଯେତେବେଳେ ଚାଲି ଯାଉଥିଲେ ତେବେ ସେ ଇଥିଓପିୟ ନପୁଂସକ ସହ ମିସିଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଇପାରେ)

(ଆହୁରି ଦେଖନ୍ତୁ: ଆଶଦୋଦ, ଫିଲିପ, ପଲେଷ୍ଟିୟ, ଇଥିଓପିୟା, ଗାଥ)

ବାଇବଲ ପଦପର୍ବ:

- ୧ ରାଜା ୦୪:୨୪-୨୫
- ପ୍ରେରିତ ୦୮: ୨୬-୨୮
- ଆଦିପୁସ୍ତକ ୧୦: ୧୯-୨୦
- ଯିହୋଶୂୟ ୧୦:୪୦-୪୧
- ବିଚାରକର୍ତ୍ତା ୦୬:୩-୪

ବୋର୍ଡ ଡାଟା :

- Strong's: H5804, H5841, G1048

ଗାଥ, ଗାଥିୟ, ସକଳ ଗାଥିୟ

ତଥ୍ୟ:

ଗାଥ ପଲେଷ୍ଟିୟ ପାଞ୍ଚଟି ମୁଖ୍ୟ ସହର ମଧ୍ୟରୁ ଗୋଏ ଅଟେ I ଏହା ଇକ୍ରୋଣ୍ ର ଉତ୍ତରରେ ଓ ଅଶଦୋଦ ଓ ଆଶକେଲନ ର ପୂର୍ବରେ ଅବସ୍ତିତ ଅଟେ I

- ପଲେଷ୍ଟିୟ ଯୋଦ୍ଧା ଗୋଲିଆଥ ଗାଥ ସହରରୁ ଅଟେ I
- ଶାମୁଏଲଙ୍କ ସମୟରେ, ପଲେଷ୍ଟିୟ ଲୋକମାନେ ଚୁକ୍ତି ସିଂଦୁକ ଇସ୍ରାଏଲଠାରୁ ଚୋରି କରି ନେଇ ଯାଇଥିଲେ ଓ ତାହାଙ୍କ ବିଜାତିୟ ମନ୍ଦିର ଅଶଦୋଦ ପାଖକୁ ନେଇ ଗଲେ I

ତା ପରେ ଗାଥ ସହରକୁ ଓ ଶେଷରେ ଇକ୍ରୋଣ ସହରକୁ I କିନ୍ତୁ ପରମେଶ୍ୱର ସେହି ନଗର ସକଳକୁ ରୋଗରେ ଦଣ୍ଡିତ କଲେ, ତେଣୁ ସେମାନେ ତାହା ଇସ୍ରାଏଲକୁ ଫେରାଇ ଦେଲେ I

- ଯେତେବେଳେ ଦାଉଦ ଶାଉଲଙ୍କଠାରୁ ମୁକ୍ତି ପାଇବା ନିମନ୍ତେ, ଗାଥ ସହରକୁ ପଳାୟନ କରି ତାହାଙ୍କ ଦୁଇ ସ୍ତ୍ରୀ ଓ ଛ ଶହ ତାହାଙ୍କ ରାଜକୀୟ ଅନୁଗାମୀ ସହିତ ଯାଇ ସେହିଠାରେ ରହିଲେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ କରିବା)

(ଆହୁରି ଦେଖନ୍ତୁ: ଆସକେଲନ, ଇକ୍ରୋଣ, ଗାଜା, ଗୋଲିଆଥ, ପଲେଷ୍ଟିୟ)

ବାଇବଲ ପଦପର୍ବ:

- ୧ ରାଜା ୦୨:୩୯-୪୦
- ୧ ଶାମୁଏଲ ୦୫:୮-୯
- ୨ ବଂଶାବଳି ୨୬:୬-୮
- ଯିହୋଶୂୟ ୧୧:୨୧-୨୨

ବୋର୍ଡ ଡାଟା :

- Strong's: H1661, H1663

ଗାଦ

ତଥ୍ୟ:

ଗାଦ ଯାକୁବର ପୁତ୍ରମାନଙ୍କ ମଧ୍ୟରୁ ଜଣେ ଅଟନ୍ତି I ଯାକୁବର ଇସ୍ରାଏଲ ନାମ ମଧ୍ୟ ରଖାଗଲା I

- ଗାଥର ପରିବାର ଇସ୍ରାଏଲର ବାର ଜାତି ମଧ୍ୟରୁ ଏକ ଜାତି ହେଲା I
- ବାଇବଲରେ ଆଉ ଏକ ମନୁଷ୍ୟର ନାମ ଗାଦ ଅଟେ, ଯେ ଏକ ଭବିଷ୍ୟତବକ୍ତା ଅଟନ୍ତି, ଯେ ଦାଉଦ ରାଜାଙ୍କୁ ଇସ୍ରାଏଲ ଲୋକଙ୍କ ଜନଗଣନା କରି ପାପ କରି ଥିବାରୁ ତାହାଙ୍କ ମୁଖରେ ପାପ ସ୍ମରଣ କରାଇଲେ I
- ବାଲଗାଥ ଓ ମିଗଦାଲଗାଥ ଦୁଇଟି ନଗରର ନାମ ମୂଳ ଲେଖାରେ ଉଲ୍ଲେଖ ଅଛି ଓ ବେଳେ ବେଳେ "ବାଲ ଗାଦ "ଓ "ମିଗଦଲ ଗାଦ "ଲେଖାଯାଏ I

(ଅନୁବାଦ ପ୍ରସ୍ତାବ: ନାମଗୁଡିକର ଅନୁବାଦ କିପରି କରିବେ)

(ଆହୁରି ଦେଖନ୍ତୁ: ଜନଗଣନା, ଭବିଷ୍ୟତବକ୍ତା, ଇସ୍ରାଏଲର ବାର ଗୋଷ୍ଠୀ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୫:୧୮-୧୯
- ଯାତ୍ରାପୁସ୍ତକ ୦୧:୧-୫
- ଆଦିପୁସ୍ତକ ୩୦:୯-୧୧
- ଯିହୋଶୂୟ ୦୧: ୧୨-୧୩
- ଯିହୋଶୂୟ ୨୧: ୩୬-୩୮

ବୋର୍ଡ ଡାଟା :

- Strong's: H1410, H1425, G1045

ଗାବ୍ରିଏଲ

ସତ୍ୟ ଘଟଣାବଳୀ:

ଗାବ୍ରିଏଲ ଈଶ୍ୱରଙ୍କ ଦୂତଗଣ ମଧ୍ୟରୁ ଜଣେ ଦୂତ ଅଟେ I ପୁରାତନ ଓ ନୂତନ ନିୟମରେ ତାହାକୁ ଏହି ନାମରେ ଅନେକଥର ଉଲ୍ଲେଖ କରାଯାଇଛି I

- ଈଶ୍ୱର ଗାବ୍ରିଏଲ ଦୂତକୁ ଭବିଷ୍ୟଦ୍‌ବକ୍ତା ଦାନିୟେଲ ନିକଟକୁ ଯେଉଁ ଦର୍ଶନ ସେ ଦେଖିଥିଲେ ତାହାର ଅର୍ଥ କହିବା ନିମନ୍ତେ ପଠାଇଲେ I
- ଆଉ ଏକ ସମୟରେ, ଯେତେବେଳେ ଦାନିୟେଲ ପ୍ରାର୍ଥନା କରୁଥିଲେ, ଗାବ୍ରିଏଲ ଦୂତ ତାହାଙ୍କ ନିକଟକୁ ଆସିଲେ ଓ ଭବିଷ୍ୟତରେ କଅଣ ହେବ ସେହି ବିଷୟରେ ଭବିଷ୍ୟତବାଣୀ କହିଲେ I ଦାନିୟେଲ ତାହାଙ୍କୁ ଏକ “ମନୁଷ୍ୟ“ରୂପରେ ବ୍ୟାଖ୍ୟା କରନ୍ତି I
- ନୂତନ ନିୟମରେ, ଏହା ଉଲ୍ଲେଖ ଅଛି ଯେ ଗାବ୍ରିଏଲ ଜିଖରୀୟ ନିକଟକୁ ଆସିଲେ ଓ ଭବିଷ୍ୟତବାଣୀ କରି କହିଲେ ଯେ ତାର ବୃଦ୍ଧା ସ୍ତ୍ରୀଠାରୁ ଏକ ଶିଶୁ ଯୋହନ ଉତ୍ପନ ହେବ I
- ତହିଁ ଉତାରେ ଛଅ ମାସପରେ, ଗାବ୍ରିଏଲ ମରୀୟମଙ୍କ ନିକଟକୁ ଏହା କହିବାକୁ ପ୍ରେରଣ କରାଗଲା ଯେ ପ୍ରଭୁ ଈଶ୍ୱର ଆଶ୍ଚର୍ଯ୍ୟ ରୂପରେ ଏକ ପୁତ୍ର ସନ୍ତାନ ଦ୍ୱାରା ଗର୍ଭଧାରଣ କରାଇବେ ଯିଏ “ଈଶ୍ୱରଙ୍କ ପୁତ୍ର” ହେବେ I ଗାବ୍ରିଏଲ ମରୀୟମକୁ ତାହାଙ୍କ ପୁତ୍ରର ନାମ “ଯୀଶୁ” ରଖ ବୋଲି କହିଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଦୂତ, ଦାନିୟେଲ, ଏଲିଜାବେଥ, ବାପ୍ତିଜକ ଯୋହନ, ମରୀୟମ ଭବିଷ୍ୟଦ୍‌ବକ୍ତା, ଈଶ୍ୱରଙ୍କ ପୁତ୍ର, ଜିଖରୀୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦାନିୟେଲ 8:15-17
- ଦାନିୟେଲ 9:21
- ଲୂକ 1:19
- ଲୂକ 1: 26

ଶବ୍ଦବିନ୍ୟାସ :

- Strong’s: H1403, G10430

ଗାଲାତୀୟ, ଗାଲାତୀୟମାନେ

ସତ୍ୟ ଘଟଣାବଳୀ:

ନୂତନ ନିୟମ ସମୟରେ, ଗାଲାତୀୟ ମଧ୍ୟ ଭାଗରେ ସ୍ଥିତ ଏକ ବୃହତ ରୋମୀୟ ପ୍ରଦେଶ ଥିଲା ଯାହା ବର୍ତ୍ତମାନ ତୁର୍କୀ ଦେଶ ଅଟେ I

- ଗାଲାତୀୟର ଏକ ଅଂଶ ଉତ୍ତର ଦିଗରେ ଥିବା କୃଷ୍ଣ ସାଗରକୁ ସୀମାବଦ୍ଧ କରିଥିଲା I ଏହା ମଧ୍ୟ ଏସିଆ, ବୀଥୂନିଆ, କାପ୍ପାଦକିଆ, କିଲିକିଆ ଏବଂ ପଂଫୂଲିଆ ପ୍ରଦେଶ ଦ୍ୱାରା ସୀମାବଦ୍ଧ ଥିଲା I
- ପ୍ରେରିତ ପାଉଲ ଗାଲାତୀୟ ପ୍ରଦେଶରେ ରହୁଥିବା ବିଶ୍ୱାସୀଲୋକଙ୍କୁ ଏକ ପତ୍ର ଲେଖିଥିଲେ I ଏହି ପତ୍ର ନୂତନ ନିୟମର ଏକ ପୁସ୍ତକ ଅଟେ ଏହାକୁ “ଗାଲାତୀୟ “କୁହାଯାଏ I
- ପାଉଲ ଏହି ପତ୍ର ଗାଲାତୀୟ ଲୋକଙ୍କୁ ଲେଖିବାର ଗୋଟିଏ କାରଣ ଏହା ଯେ ଅନୁଗ୍ରହରେ ସୁସମାଚାର ଦ୍ୱାରା ଉଦ୍ଧାର ପ୍ରାପ୍ତ, କର୍ମ ଦ୍ୱାରା ନୁହେଁ I
- ଯିହୁଦୀ ଖ୍ରୀଷ୍ଟିୟାନମାନେ ଭୁଲ ରୂପରେ ଅଣଯିହୂଦୀ ଖ୍ରୀଷ୍ଟିଆନମାନଙ୍କୁ ଶିକ୍ଷା ଦେଉଥିଲେ ଯେ ବିଶ୍ୱାସୀମାନଙ୍କ ପାଇଁ କେତେକ ଯିହୁଦୀ ନିୟମ ପାଳନ କରିବା ଆବଶ୍ୟକ I

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ଏସିଆ, ବିଶ୍ୱାସ, କିଲିକିଆ, ସୁସମାଚାର, ପାଉଲ, କାର୍ଯ୍ୟ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 16:1-2
- ପ୍ରଥମ ପିତର 1:1-2
- ଦ୍ୱିତୀୟ ତୀମଥି 4:9-10
- ପ୍ରେରିତ 16: 6-8
- ଗାଲାତୀୟ 1: 1

ଶବ୍ଦବିନ୍ୟାସ :

- Strong’s: G10530, G10540

ଗାଲିଲୀ ସମୁଦ୍ର, କିନ୍ନେରତ୍ ହ୍ରଦ, ଗିନ୍ନେସରତ ହ୍ରଦ, ତିବିରୀୟା ହ୍ରଦ

ସତ୍ୟ ଘଟଣାବଳୀ:

"ଗାଲିଲୀ ସମୁଦ୍ର" ପୂର୍ବ ଇସ୍ରାଏଲର ଏକ ହ୍ରଦ ଅଟେ । ପୁରାତନ ନିୟମରେ ଏହାକୁ "କିନ୍ନେରତ୍ ହ୍ରଦ"' ବୋଲି କୁହାଯାଉଥିଲା ।

- ଏହି ହ୍ରଦର ଜଳସ୍ରୋତ ଦକ୍ଷିଣରୁ ଝରି ଯର୍ଦ୍ଦନ ନଦୀ ଦେଇ ଲବଣ ସମୁଦ୍ରରେ ମିଶିଯାଏ ।
- ନୂତନ ନିୟମ ସମୟରେ କଫର୍ନାହୂମ, ବେଥ୍‌ସାଇଦା, ଗିନ୍ନେସରତ ଏବଂ ତିବିରୀୟା ନଗରଗୁଡ଼ିକ ଗାଲିଲୀ ସମୁଦ୍ର ଉପକୂଲବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲା ।
- ଯୀଶୁଙ୍କ ଜୀବନର ଅଧିକାଂଶ ଘଟଣାଗୁଡ଼ିକ ଗାଲିଲୀ ଓ ଏହାର ଆଖପାଖ ସ୍ଥାନଗୁଡ଼ିକରେ ଘଟିଥିଲା ।
- ଗାଲିଲୀ ସମୁଦ୍ରକୁ "ତିବିରୀୟା ହ୍ରଦ" ଓ "ଗିନ୍ନେସରତ ହ୍ରଦ" ମଧ୍ୟ କୁହାଯାଏ ।
- ଏହି ବାକ୍ୟାଂଶକୁ "ଗାଲିଲୀ ପ୍ରଦେଶରେ ଥିବା ହ୍ରଦ" କିମ୍ବା "ଗାଲିଲୀ ହ୍ରଦ" କିମ୍ବା "ତିବେରୀୟା (ଗିନ୍ନେସରତ) ନିକଟରେ ହ୍ରଦ" ବୋଲି ଅନୁବାଦ କରାଯାଇପାରେ ।

(ନାମଗୁଡ଼ିକୁ କିପରି ଅନୁବାଦ କରିବେ : ଅନୁବାଦ ପ୍ରସ୍ତାବଗୁଡ଼ିକ)

(କଫର୍ନାହୂମ, ଗାଲିଲୀ, ଯର୍ଦ୍ଦନ ନଦୀ, ଲବଣ ସମୁଦ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ 6:1-3
- ଲୂକ 5:1
- ମାର୍କ 1:16-18
- ମାଥିଉ 4:12-13
- ମାଥିଉ 4:18-20
- ମାଥିଉ 8:18-20
- ମାଥିଉ 13:1-2
- ମାଥିଉ 15:29-31

ଶବ୍ଦବିନ୍ୟାସ:

- Strong's: H3220, H3672, G10560, G10820, G22810, G30410, G50850

translationWords *Names* :: ଗାଲିଲୀ, ଗାଲିଲୀୟ

ଗାଲିଲୀ, ଗାଲିଲୀୟ

ସତ୍ୟ ଘଟଣାବଳୀ:

ଗାଲିଲୀ ଇସ୍ରାଏଲର ଅତି ଉତ୍ତର ଭାଗର ଶମରିୟାରେ ଅବସ୍ଥିତ ଥିଲା I ଯେଉଁ ବ୍ୟକ୍ତି ଗାଲିଲୀରେ ବାସକରେ ସେ ଜଣେ "ଗାଲିଲୀୟ ବ୍ୟକ୍ତି" ଅଟେ I

- ନୂତନ ନିୟମ ସମୟରେ ଗାଲିଲୀ, ଶମରିୟା ଓ ଯିହୂଦା ଏହି ତିନି ମୁଖ୍ୟ ପ୍ରଦେଶ ଇସ୍ରାଏଲରେ ଥିଲା I
- ଗାଲିଲୀର ପୂର୍ବ ସୀମାରେ ଏକ ବଡ଼ ହ୍ରଦ ଲାଗି ରହିଛି ଯାହାକୁ "ଗାଲିଲୀ ସମୁଦ୍ର "କୁହାଯାଏ I
- ଯୀଶୁ ଗାଲିଲୀର ନାଜରିତ ସହରରେ ଜୀବନଯାପନ କଲେ I
- ଯୀଶୁଙ୍କର ଅଧିକାଂଶ ଆଶ୍ଚର୍ଯ୍ୟ କର୍ମ ଓ ଶିକ୍ଷା ଗାଲିଲୀ ଅଞ୍ଚଳରେ ହୋଇଥିଲା I

(ନାଜରିତ ଶମରିୟା, ଗାଲିଲୀ ସମୁଦ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 9:32
- ପ୍ରେରିତ 13:31
- ଯୋହନ 2:1-2
- ଯୋହନ 4:3
- ଲୂକ 13:3
- ମାର୍କ 3:7
- ମାଥିଉ 2:22-23
- ମାଥିଉ 3:13-15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **21:10** ଭବିଷ୍ୟଦ୍‌ବକ୍ତା ଯିଶାଇୟ କହିଲେ ଯେ ମସୀହ ଗାଲିଲୀରେ ବାସ କରିବେ, ଭଗ୍ନ ହୃଦୟ ଲୋକମାନଙ୍କୁ ସାନ୍ତ୍ୱନା ଦେବେ ଏବଂ ବନ୍ଦୀମାନଙ୍କୁ ମୁକ୍ତ କରିବେ I
- **26:1** ଶୟତାନର ପ୍ରଲୋଭନକୁ ଦୂର କରିବା ପରେ, ଯୀଶୁ ପବିତ୍ର ଆତ୍ମାଙ୍କ ଶକ୍ତିରେ ଗାଲିଲୀ ଅଞ୍ଚଳକୁ ଫେରିଗଲେI
- **39:6** ଶେଷରେ, ଲୋକମାନେ କହିଲେ, "ଆମ୍ଭେମାନେ ଜାଣୁ ଯେ ତୁମ୍ଭେମାନେ ଯୀଶୁଙ୍କ ସହିତ ଥିଲ, କାରଣ ତୁମ୍ଭେ ଦୁହେଁ ଗାଲିଲୀରୁ ଆସିଛ।"
- **41:6** ତା'ପରେ ସ୍ୱର୍ଗଦୂତ ମହିଳାମାନଙ୍କୁ କହିଲେ, "ଯାଅ ଏବଂ ଶିଷ୍ୟମାନଙ୍କୁ କୁହ, ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛନ୍ତି ଏବଂ ସେ ତୁମ୍ଭମାନଙ୍କ ଆଗରେ ଗାଲିଲୀ ଯିବେ।"

ଶବ୍ଦବିନ୍ୟାସ :

- Strong's: H1551, G10560, G10570

ଗିଦିଅନ

ତଥ୍ୟ:

ଗିଦିଅନ ଏକ ଇସ୍ରାଏଲ ମନୁଷ୍ୟଥିଲେ ଯାହାକୁ ପ୍ରଭୁ ଉଠାଇଲେ କି ତାହାଙ୍କ ଶତ୍ରୁଠାରୁ ମୁକ୍ତ କରିବେ I

- ଗିଦିଅନଙ୍କ ସମୟରେ, ମିଦିୟାନୀୟ ନାମରେ ଏକ ଜାତିଥିଲା ଯେ ଲଗାତର ଇସ୍ରାଏଲ ଉପରେ ଆକ୍ରମଣ କରି ତାହାଙ୍କ ଶସ୍ୟ ବିନାଶ କରୁଥିଲେ I
- ଗିଦିଅନ ଏକ ଡରୁଆ ମଣିଷଥିଲେ ମଧ ଇଶ୍ୱର ତାହାଙ୍କୁ ମିଦିୟନୀୟ ବିରୁଦ୍ଧରେ ଯୁଦ୍ଧ କରି ତାହାଙ୍କୁ ହରାଇବା ନିମନ୍ତେ ଏକ ନେତା କରି ବାଛିଲେ I
- ଗିଦିଅନ ମିଥ୍ୟା ଇଶ୍ୱର ବାଲ ଓ ଆଶେରା କୁ ବିନଷ୍ଟ କରିବା ଦ୍ୱାରା ପରମେଶ୍ୱରଙ୍କ ଆଜ୍ଞାକାରୀ ହେଲେ I
- ଯେ କେବଳ ଲୋକଙ୍କ ଶତ୍ରୁ ହରାଇବାରେ ତାହାଙ୍କ ନେତୃତ୍ୱ କରୁଥିଲେ ତାହା ନୁହଁ କିନ୍ତୁ ତାହାଙ୍କୁ ସଦାପ୍ରଭୁ ସତ୍ୟ ପରମେଶ୍ୱର ଜାଣି ତାହାଙ୍କର ଉପାସନା କରିବାକୁ ଓ ଆଜ୍ଞାକାରୀ ହେବାକୁ ଉତ୍ସାହିତ କରୁଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଇପାରେ)

(ଆହୁରି ଦେଖନ୍ତୁ: ବାଲ୍, ଆଶେରା, ମୁକ୍ତ କରିବା, ମିଦିୟନ, ସଦାପ୍ରଭୁ)

ବାଇବଲ ପଦପର୍ବ:

- ଏବ୍ରୀ ୧୧: ୩୨-୩୪
- ବିଚାରକର୍ତ୍ତା ୦୬: ୧୧-୧୨
- ବିଚାରକର୍ତ୍ତା ୦୬:୨୨-୨୪
- ବିଚାରକର୍ତ୍ତା ୦୮:୧୫-୧୭

ବାଇବଲ କାହାଣୀରୁ ଉଦାହରଣ:

- **୧୬:୦୫** ସଦାପ୍ରଭୁଙ୍କ ଦୂତ –ଗିଦିଅନ_ ପାଖକୁ ଆସିଲେ ଓ କହିଲେ, “ହେ ଯୋଦ୍ଧା ପ୍ରଭୁ ତୁମ ସହିତ ଅଛନ୍ତି “I

ଯାଅ ଓ ଇସ୍ରାଏଲ ଜାତି କୁ ମିଦିୟନ ହାତରୁ ଉଦ୍ଧାର କର I

- **୧୬:୦୬** _ଗିଦିଅନଙ୍କ ପିତାର ଏକ ବେଦୀ ମୂର୍ତ୍ତି ନିମନ୍ତେ ସମର୍ପିତଥିଲା I

ପରମେଶ୍ୱର _ଗିଦିଅନକୁ ସେହି ବେଦୀ କୁ ନଷ୍ଟ କରିବା ନିମନ୍ତେ କହିଲେ I

- **୧୬:୦୮** ସେମାନେ (ମିଦିୟନୀୟ) ଅନେକଥିଲେ ଓ ଗଣନା ରୁ ବାହାରେଥିଲେ, _ଗିଦିୟନ _ ଇସ୍ରାଏଲ୍ ଲୋକଙ୍କୁ ଡାକରା ଦେଲେ କି ତାହାଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ I
- **୧୬:୦୮** _ଗିଦିୟନ _ ପ୍ରଭୁଙ୍କଠାରୁ ଦୁଇଟି ଚିହ୍ନ ମାଗିଲେ କି ସେ ନିଶ୍ଚିନ୍ତ ହୋଇ ପାରନ୍ତି କି ପ୍ରଭୁ ତାହାଙ୍କୁଇସ୍ରାଏଲ ର ମୁକ୍ତି ନିମନ୍ତେ ବ୍ୟବହାର କରିବେ I
- **୧୬:୧୦** ୩୨,୦୦୦ ଇସ୍ରାଏଲ ସେନା _ଗିଦିୟନ _ ନିକଟକୁ ଆସିଲେ, କିନ୍ତୁ ପରମେଶ୍ୱର ତାହାକୁ କହିଲେ ଏହା ଅତ୍ୟଧିକ ଅଟେ I
- **୧୬:୧୨** ତହିଁ ଉତାରେ _ଗିଦିୟନ _ ସେନା ନିକଟକୁ ଫେରି ଆସିଲେ ଓ ପ୍ରତ୍ୟକ ଜଣକୁ ଏକ ଶିଙ୍ଗ, ଏକ ମାଟି ପାତ୍ର ଓ ଏକ ମୋଶାଲ ଦେଲେ I
- **୧୬:୧୫** ଲୋକ ସମୁହ ଗିଡିୟାନକୁ ତାଙ୍କର ରାଜା କରିବାକୁ ଚାହୁଁଥିଲେ I
- **୧୬:୧୬** ତା ପରେ _ଗିଦିୟନ _ ଏକ ବିଶେଷ ବସ୍ତ୍ର ଯେପରି ମହାଯାଜକ ପରିଧାନ କରନ୍ତି ଏପରି ସୁନାରେ ନିର୍ମିତ ଏକ ବସ୍ତ୍ର ତିଆରି କଲେ I

କିନ୍ତୁ ଲୋକମାନେ ମୂର୍ତ୍ତି କୁ ପୂଜା କଲା ପରି ଏହାକୁ ମଧ ପୂଜା କଲେ I

ବୋର୍ଡ ଡାଟା :

- Strong's: H1439, H1441

ଗିବିୟନ, ଗିବିୟନୀୟ, ଗିବିୟନୀୟମାନେ

ତଥ୍ୟ:

ଗିବିୟନ ଏକ ନଗର ଯାହା ଯିରୁଶାଲମ ର ଉତ୍ତର ପୂର୍ବରେ ୧୩ କିଲୋମିଟର ଦୁରରେ ଅବସ୍ଥିତ ଅଟେ I ଯେଉଁମାନେ ଗିବିୟନରେ ରହୁଅଛନ୍ତି ସେମାନେ ଗିବିୟନୀୟ ଅଟନ୍ତି I

- ଯେତେବେଳେ ଗିବିୟନୀୟମାନେ ଶୁଣିଲେ ଯେ କି ପ୍ରକାରେ ଇସ୍ରାଏଲ ଲୋକମାନେ ଯିରିହୋ। ଓ ଅଇ କୁ ବିନାଶ କଲେ, ସେମାନେ ଭୟଭିତ ହେଲେ I

ତେଣୁ ଗିବିୟନୀୟମାନେ ଇସ୍ରାଏଲ ନେତାମାନଙ୍କ ପାଖକୁ ଗିଲଗଲକୁ ଆସିଲେ ଓ ଛଳ କଲେ କି ସେମାନେ ସୁଦୁର ଦେଶରୁ ଆସିଥିବା ଲୋକମାନେ I

- ଇସ୍ରାଏଲର ନେତାଗଣ ଠକରେ ପଡ଼ିଲେ ଓ ଗିବିୟନୀୟଙ୍କ ସହ ଚୁକ୍ତି କଲେ କି ତାଙ୍କୁ ସୁରକ୍ଷା ଦେବେ ଓ ତାଙ୍କୁ ବିନାଶ କରିବେ ନାହିଁ I

(ଆହୁରି ଦେଖନ୍ତୁ: ଗିଲଗଲ, ଯିରିହୋ।' ଯିରୁଶାଲମ)

ବାଇବଲ ପଦପର୍ବ:

- ବଂଶାବଳି ୦୮:୨୯-୩୦
- ୧ ରାଜାବଳି ୦୩:୪-୫
- ୨ ଶାମୁଏଲ ୦୨:୧୨-୧୩
- ଯିହୋଶୂୟ ୦୯:୩-୫

ବାଇବଲ କାହାଣୀରୁ ଉଦାହରଣ:

- **୧୫:୦୭** କିଣାନୀୟ ଜନ ସମୁହ ମଧ୍ୟରୁ, ଗିବିୟନୀୟ ଯିହୋଶୂୟକୁ ମିଥ୍ୟା କହିଲେ ଯେ ସେମାନେ କିଣାନଠାରୁ ଦୁର ପ୍ରାନ୍ତରରୁ ଆସି ଅଛନ୍ତି I
- **୧୫:୦୭** କିଛି ସମୟ ପରେ, କିଣାନର ଆଉ ଏକ ଲୋକ ସମୁହ ଆମରୀୟ ଶୁଣିଲେ ଯେ, ଗିବିୟନମାନେ _ ଇସ୍ରାଏଲ ସହିତ ଚୁକ୍ତି କଲେ, ତେଣୁ ସେମାନେ ତାହାଙ୍କ ସେନା ସମୁହ କୁ ଏକତ୍ରିତ କରି ବଡ଼ କଲେ ଓ _ଗିବିୟନୀୟ ଉପରେ ଆକ୍ରମଣ କଲେ I
- **୧୫:୦୮** ତେଣୁ ଯିହୋଶୂୟ ସମସ୍ତ ଇସ୍ରାଏଲ ସେନା କୁ ଏକତ୍ରିତ କଲେ ଓ ପୁରା ରାତି ଯାତ୍ରା କରି _ଗିବିୟନୀୟ _ଙ୍କ ନିକଟରେ ପହଁଚିଲେ I

ବୋର୍ଡ ଡାଟା :

- Strong's: H1391, H1393

ଗିବିୟୋନ

ତଥ୍ୟ:

ଗିବିୟୋନ ଏକ ନଗର ଯିରୁଶାଲମର ଉତ୍ତରରେ ଓ ବେଥେଲର ଦକ୍ଷିଣରେ ଅବସ୍ଥିତଥିଲା I

- ଗିବିୟୋନ ବିନ୍ୟାମିନ୍ ଜାତିର କ୍ଷେତ୍ରରେଥିଲା I

ଏହା ବିନ୍ୟାମିନ୍ ଓ ଇସ୍ରାଏଲ ମଧ୍ୟରେ ଭୟାନକ ଯୁଦ୍ଧର ସ୍ଥାନଥିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଇପାରେ)

(ଆହୁରି ଦେଖନ୍ତୁ: ବିନ୍ୟାମିନ୍, ବେଥେଲ, ଯିରୁଶାଲମ)

ବାଇବଲ ପଦପର୍ବ:

- ୧ ଶାମୁଏଲ ୧୦:୨୬-୨୭
- ୨ ଶାମୁଏଲ ୨୧:୫-୬
- ହୋସେୟ ୦୯: ୮-୯
- ବିଚାରକର୍ତ୍ତା ୧୯:୧୨-୧୩

ବୋର୍ଡ ଡାଟା :

- Strong's: H1387, H1389, H1390, H1394

ଗିର୍ଗାଶୀୟ୍

ତଥ୍ୟ:

ଗିର୍ଗାଶୀୟ୍ ଏକ ଲୋକ ସମୁହ ଯେଉଁମାନେ କିଣାନ ଦେଶର ଗାଲିଲୀ ସମୁଦ୍ର ନିକଟରେ ବାସ କରୁଥିଲେ I

- ସେମାନେ ହାମର ପୁତ୍ର କିଣାନର ବଂଶଧର ଅଟନ୍ତି ଓ "କିଣାନୀୟ୍ "ସମୁହ ମଧ୍ୟରୁ ଏକ ଜନ ସମୁହ ଅଟନ୍ତି I

ପରମେଶ୍ୱର ଇସ୍ରାଏଲ ଲୋକଙ୍କୁ ପ୍ରତିଜ୍ଞା କରିଥିଲେ ଯେ ସେ ତାହାଙ୍କୁ ଗିର୍ଗାଶୀୟ୍ ଓ ଅନ୍ୟ କିଣାନୀୟ୍ ଲୋକ ସମୁହକୁ ହରାଇବାରେ ସାହାଯ୍ୟ କରିବେ I

- ଅନ୍ୟ କିଣାନୀୟ୍ ଲୋକଙ୍କ ପରି, ଗିର୍ଗାଶୀୟ୍ ଲୋକମାନେ ମିଥ୍ୟା ଦେବତା କୁ ପୂଜା କରୁଥିଲେ ଓ ତାହାଙ୍କ ପୂଜା ବିଧି ଅନୁସାରେ ଅନୈତିକ କାମ କରୁଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: କିଣାନ, ହାମ, ନୁହ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୧:୧୩-୧୬
- ବ୍ୟବସ୍ଥାବିବରଣ ୦୭:୦୧
- ଆଦିପୁସ୍ତକ ୧୦: ୧୫-୧୮
- ଯିହୋଶୁୟ୦୩: ୯-୧୧
- ଯିହୋଶୁୟ୨୪:୧୧-୧୨

ବୋର୍ଡ ଡାଟା :

- Strong's: H1622

ଗିଲଗଲ

ତଥ୍ୟ:

ଗିଲଗଲ ଏକ ସହର ଯାହା ଯିରିହୋର ଉତ୍ତରରେ ଅବସ୍ଥିତ ଅଟେ ଓ ଏହା ପ୍ରଥମ ସ୍ଥାନ ଅଟେ ଯେଉଁଠାରେ ଯର୍ଦ୍ଦନ ନଦୀ ପାର ହେବା ପରେ ଓ କିଣାନରେ ପ୍ରବେଶ କରିବା ପୂର୍ବରୁ ଛାଉଣୀ ଢାଳିଥିଲେ I

- ଗିଲଗଲରେ ଯିହୋଶୂୟବାର ପଥର ନଦୀ ମଧ୍ୟରୁ ଉଠାଇ ନେଇଥିଲେ ଯେତେବେଳେ ସେମାନେ ଯର୍ଦ୍ଦନ ନଦୀ ପାର ହେଲେ I
- ଗିଲଗଲ ସେହି ସହର ଯେଉଁଠାରୁ ଏଲୀୟ ଏବଂ ଏଲିଶା ପ୍ରତ୍ୟାବର୍ତ୍ତନ କରୁଥିଲେ ଯେପରି ସେମାନେ ଯର୍ଦ୍ଦନ ନଦୀ ପାର ହେଲେ, ଯେତେବେଳେ ଏଲୀୟଙ୍କୁ ସ୍ୱର୍ଗକୁ ଉଠାଗଲା I
- ପୁରାତନ ନିୟମରେ ଆଉ ଅନେକ ସ୍ଥାନଥିଲା ଯାହାକୁ ଗିଲଗଲ୍ କୁହାଯାଉଥିଲା I
- "ଗିଲଗଲ" ଶବ୍ଦର ଅର୍ଥ ହେଉଛି "ପଥରର ପରିଧି "ହୋଇପାରେ ଏକ ସ୍ଥାନ କୁ ଦର୍ଶାଉ ଥିବ ଯାହା ଏକ ଗୋଲାକାର ବେଦୀ ନିର୍ମିତ ହୋଇଥିଲା I
- ପୁରାତନ ନିୟମରେ, ଏହି ନାମ ଅନେକ ସମୟରେ "ଗିଲଗଲ ହିଁ "ରୂପରେ ଦେଖାଯାଏ I

ଏହା ଦର୍ଶାଏ ଯେ ଏହା ଏକ ନିର୍ଦ୍ଦିଷ୍ଟ ସ୍ଥାନର ନାମ ନୁହଁ କିନ୍ତୁ ଏକ ପ୍ରକାର ସ୍ଥାନ ର ବ୍ୟାଖ୍ୟା ଅଟେ I

(ଅନୁବାଦ ପ୍ରସ୍ତାବ: ନାମ ଅନୁବାଦ)

(ଆହୁରି ଦେଖନ୍ତୁ: ଏଲୀୟ, ଯିରିହୋ, ଯର୍ଦ୍ଦନ ନଦୀ)

ବାଇବଲ ପଦପର୍ବ:

- ୧ ଶାମୁଏଲ ୦୭: ୧୫-୧୭
- ୨ ରାଜାବଳି ୦୨:୧-୨
- ହୋଶେୟ ୦୪:୧୫-୧୭
- ବିଚାରକର୍ତ୍ତା ୦୨:୧-୨

ବୋର୍ଡ ଡାଟା :

- Strong's: H1537

ଗିଲିୟଦ, ଗିଲିୟଦୀୟ, ଗିଲିୟାଦିୟମାନେ

ସଂଜ୍ଞା:

ଗିଲିୟଦ ଯର୍ଦନ ନଦୀର ପୂର୍ବରେ ଅବସ୍ଥିତ ଏକ ପର୍ବତମାଳା ଅଞ୍ଚଳ ଯାହା ଇସ୍ରାଏଲ ଜାତିର ଗାଦ, ରୁବେନ, ଓ ମନଶିଃ ଜାତି ରହୁଥିଲେ I

- ଏହି ଅଞ୍ଚଳ କୁ "ଗିଲିୟଦ ର ପାର୍ଶ୍ୱତ୍ୟ ଅଞ୍ଚଳ "କିଅବା "ଗିଲିୟଦ ପର୍ବତ" କୁହାଯାଏ I
- "ଗିଲିୟଦ" ନାମ ପୁରାତନ ନିୟମରେ ଅନେକ ଲୋକ ର ନାମ ଅଛି I

ଜଣେ ମନୁଷ୍ୟ ର ନାମ ମନଶିଃ ର ନାତିଥିଲା I ଆଉ ଏକ ଗିଲିୟଦ ଜେଫତର ପିତାଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଇପାରେ)

(ଆହୁରି ଦେଖନ୍ତୁ: ଗାଦ, ଜେଫତହ, ମନଶିଃ, ରୁବେନ, ଇସ୍ରାଏଲ ଜାତି)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୨:୨୧-୨୨
- ୧ ଶାମୁଏଲ ୧୧:୧-୨
- ଆମୋଷ ୦୧:୩-୪
- ବ୍ୟବସ୍ଥାବିବରଣ ୦୨:୩୬-୩୭
- ଆଦିପୁସ୍ତକ ୩୧:୧୯-୨୧
- ୩୭:୨୫-୨୬

ବୋର୍ଡ ଡାଟା :

- Strong's: H1568, H1569

ଗେତସମନୀ

ତଥ୍ୟ:

ଗେତସମନୀ ଜୈତୁନ ବୃକ୍ଷର ଏକ ଉଦ୍ୟାନଥିଲା, ଯିରୁଶାଲମର ପୂର୍ବରେ, କିଦ୍ରୋଣ ଉପତ୍ୟକା ପରେ ଓ ଜୈତୁନ ପର୍ବତର ପାଖରେ ଅବସ୍ଥିତଥିଲା I

- ଗେତସମନୀ ଉଦ୍ୟାନ ସେହି ସ୍ଥାନଥିଲା ଯାହା ଯୀଶୁ ଓ ତାହାଙ୍କ ଅନୁଗାମୀ ଭିଡ଼ରୁ ଦୁରେଇ ଏକୁଟିଆ ହୋଇ ବିଶ୍ରାମ କରିବାକୁ ଯାଉଥିଲେ I
- ଏହା ଗେଥ୍‌ଶିମାନୀ ଯାହା ଯୀଶୁ ଯିହୁଦୀ ନେତାମାନଙ୍କ ଦ୍ୱାରା ବନ୍ଦୀ ହେବା ପୂର୍ବରୁ ଅତି ଶୋକାକୁଳ ହୋଇ ପ୍ରାର୍ଥନା କଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଇପାରେ)

(ଆହୁରି ଦେଖନ୍ତୁ: ଯିହୁଦା ଇସ୍କାରିୟୋତ, କିଦ୍ରୋଣ ଉପତ୍ୟକା, ଜୈତୁନ ପର୍ବତ)

ବାଇବଲ ପଦପର୍ବ:

- ମାର୍କ ୧୪:୩୨-୩୪
- ମାଥିଉ ୨୬: ୩୬-୩୮

ବୋର୍ଡ ଡାଟା :

- Strong's: G1068

ଗେରାର

ତଥ୍ୟ:

ଗେରାର କିଣାନ ଦେଶର ଏକ ସହର ଓ ପ୍ରଦେଶ ଅଟେ, ହିବ୍ରୋଣ ର ଦକ୍ଷିଣ-ପଶ୍ଚିମରେ ଓ ବେରଶେବାର ଉତ୍ତର ପଶ୍ଚିମରେ ଅବସ୍ଥିତ ଅଟେ I

- ରାଜା ଅବିମେଲେକ ଗେରାର ର ଶାସକଥିଲେ ଯେତେବେଳେ ଅବ୍ରହାମ ଓ ସମସ୍ତେ ସେହିଠାରେ ରହୁଥିଲେ I

ପଲେଷ୍ଟିୟ ଲୋକମାନେ ଗେରାର ଅଞ୍ଚଳକୁ ଅଧିକାର କରିଥିଲେ ଯେତେବେଳେ ଇସ୍ରାଏଲୀୟ ଲୋକମାନେ କିଣାନରେ ବାସ କରୁଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଅବିମେଳକ, ବେରଶେବା, ହିବ୍ରୋଣ, ପଲେଷ୍ଟିୟ)

ବାଇବଲ ପଦପର୍ବ:

- ୨ ବଂଶାବଳି ୧୪:୧୨-୧୩
- ଆଦିପୁସ୍ତକ ୨୦:୧-୩
- ଆଦିପୁସ୍ତକ ୨୬:୧
- ଆଦିପୁସ୍ତକ ୨୬:୬-୮

ବୋର୍ଡ ଡାଟା :

- Strong's: H1642

ଗେଶୁର. ଗେଶୁରୀୟ

ସଂଜ୍ଞା:

ରାଜା ଦାଉଦଙ୍କ ସମୟରେ, ଗେଶୁର ଏକ ଛୋଟ ରାଜ୍ୟଥିଲା ଯାହା ଗାଲିଲୀ ସମୁଦ୍ରର ପୂର୍ବ ପଟରେ ଓ ଆରମ୍ ଓ ଇସ୍ରାଏଲ ଦେଶର ମଧ୍ୟରେଥିଲା I

- ରାଜା ଦାଉଦ ମାକା କୁ ବିବାହ କଲେ, ସେ ଗେଶୁର ରାଜାର ପୁତ୍ରୀଥିଲେ, ସେ ଅବୋସଲାମ କୁ ଜନ୍ମ ଦେଇଥିଲେ I
- ତାହାର ଅର୍ଧ-ଭ୍ରାତା ଆମନ କୁ ହତ୍ୟା କଲା ପରେ ଅବଶଲମ ଉତ୍ତର-ପୂର୍ବ କୁ ଯିରୁଶାଲମଠାରୁ ଗେଶୁର କୁ ପଳାୟନ କଲେ, ଯାହା ୧୪୦ କିଲୋମିଟର ଦୁରଥିଲା I

ସେ ସେହିଠାରେ ତିନି ବର୍ଷ ରହିଲା I

(ଆହୁରି ଦେଖନ୍ତୁ: ଆମୋନ, ଅବଶୋଲାମ, ଆରାମ, ଗାଲିଲୀ ସମୁଦ୍ର)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୨:୨୩-୨୪
- ୨ ଶାମୁଏଲ ୦୩: ୨-୩
- ବ୍ୟବସ୍ଥାବିବରଣ ୦୩:୧୪
- ଯିହୋଶୂୟ ୧୨: ୩-୫

ବୋର୍ଡ ଡାଟା :

- Strong's: H1650

ଗୋଲିଆଥ

ତଥ୍ୟ:

ଗୋଲିଆଥ ଏକ ଲମ୍ବା ଚୌଡ଼ା ପଲେଷ୍ଟିୟ ସେନାର ସୈନିକ ଯେ ଦାଉଦଙ୍କ ଦ୍ୱାରା ବଦ୍ଧ କରା ଯାଇଥିଲେ I

- ଗୋଲିଆଥ ଦୁଇ ତିନି ମିଟର ଲମ୍ବାଥିଲା I

ତାହାର ଆକାର ଯୋଗୁ ସେ ବହୁବାର ଅସୁର ରୂପରେ ସମ୍ବୋଧିତ କରାଯାଉଥିଲା I

- ଗୋଲିଆଥ ର ଅସ୍ତ୍ର ଉତ୍ତମ ଓ ଦାଉଦଠାରୁ ବଡ଼ ଥିଲେ ମଧ୍ୟ ପ୍ରଭୁ ଦାଉଦକୁ ଶକ୍ତି ଓ ଦକ୍ଷତା ଦେଲେ କି ଗୋଲିଆଥ କୁ ପରାଜୟ କରି ପାରୁ I
- ଦାଉଦ ଗୋଲିଆଥକୁ ପରାଜିତ କରିବା ହେତୁ ଇସ୍ରାଏଲୀୟମାନେ ପଲେଷ୍ଟିୟଙ୍କ ଉପରେ ବିଜୟ ଘୋଷଣା କରି ପାରିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଦାଉଦ, ପଲେଷ୍ଟିୟ)

ବାଇବଲ ପଦପର୍ବ:

- ୧ ବଂଶାବଳି ୨୦:୪-୫
- ୧ ଶାମୁଏଲ ୧୭:୪-୫
- ୧ ଶାମୁଏଲ ୨୧:୮-୯
- ୧ ଶାମୁଏଲ ୨୨:୯-୧୦

ବୋର୍ଡ ଡାଟା :

- Strong's: H1555

ଗୋଶନ୍

ସଂଜ୍ଞା:

ଗୋଶନ ଏକ ଉର୍ବର ଭୂମି ର ଅଞ୍ଚଳ ଯାହା ମିସରର ଉତ୍ତର ଭାଗରେ ନୀଳ ନଦୀ ପାଖରେ ଅବସ୍ଥିତ ଅଟେ I ଯେତେବେଳେ ଯୋଶେଫ ମିସରର ଶାସକଥିଲେ, ତାର ପିତା, ଭାଇମାନେ ଓ ସମସ୍ତ ପରିବାର କିଣାନର ଦୁର୍ଭିକ୍ଷ ରୁ ବଞ୍ଚିବାନିମନ୍ତେ ଗୋଶନରେ ବସ ବାସ କଲେ I

- ସେମାନେ ଓ ତାହାଙ୍କ ବଂଶଧର ୪୦୦ ବର୍ଷ ଉତ୍ତମ ରୂପରେ ଗୋଶନ ପ୍ରଦେଶରେ ବାସ କଲେ, କିନ୍ତୁ ପରେ ସେମାନେ ବଳ ପୂର୍ବକ ମିସରୀୟ ଫାର ଦ୍ୱାରା କ୍ରୀତଦାସ କରା ଗଲେ I
- ଶେଷରେ ପ୍ରଭୁ ମୋଶାଙ୍କୁ ପଠାଇଲେ କି ଇସ୍ରାଏଲ ଲୋକଙ୍କୁ ଗୋଶନ ପ୍ରଦେଶ ରୁ ବାହାର କରି ଆଣିବା ନିମନ୍ତେ କ୍ରୀତଦାସ ରୁ ମୁକ୍ତ କରିବା ନିମନ୍ତେ ସାହାଯ୍ୟ କଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ମିସର, ଦୁର୍ଭିକ୍ଷ, ମୋଶା, ନୀଳ ନଦୀ)

ବାଇବଲ ପଦ ପର୍ଶ୍ୱ:

- ଯାତ୍ରାପୁସ୍ତକ ୦୮:୨୨-୨୪
- ଆଦିପୁସ୍ତକ ୪୫: ୯-୧୧
- ଆଦିପୁସ୍ତକ ୪୭:୧-୨
- ଆଦିପୁସ୍ତକ ୫୦:୭-୯
- ଯିହୋଶୂୟ୧୦:୪୦-୪୧

ବୋର୍ଡ ଡାଟା :

- Strong's: H1657

ଗ୍ରୀକ୍, ଗ୍ରିସିୟ

ତଥ୍ୟ:

"ଗ୍ରୀକ୍" ଶବ୍ଦ ଗ୍ରୀସ୍ ଦେଶରେ କୁହା ଯାଉ ଥିବା ଭାଷାକୁ ଦର୍ଶାଏ, ଏକ ଗ୍ରୀସ୍ ଦେଶର ଏକ ବ୍ୟକ୍ତି ମଧ୍ୟ ଅଟେ I ସମ୍ପୂର୍ଣ୍ଣ ରୋମୀୟ ସାମ୍ରାଜ୍ୟରେ ଗ୍ରୀକ୍ ଭାଷା କୁହାଯାଉଥିଲା I "ଗ୍ରେସିୟ "ଶବ୍ଦର ଅର୍ଥ "ଗ୍ରୀକ୍-ଭାଷାବାଦୀ "ଅଟେ I

- କାରଣ ରୋମୀୟ ରାଜ୍ୟରେ ଅଧିକ ଅଣ-ଯିହୁଦୀ ଲୋକମାନେ ଗ୍ରୀକ୍ କହୁଥିଲେ, ତେଣୁ ନୂତନ ନିୟମରେ ବିଜାତୀୟ "ଗ୍ରୀକ୍" ରୂପରେ ଦର୍ଶା ଯାଉଥିଲେ, ବିଶେଷ କରି ଯେତେବେଳେ ଯିହୁଦୀ ବିପରୀତ କଥା ହୁଏ I
- "ଗ୍ରିସିୟ ଯିହୁଦୀ" ବାକ୍ୟାଂଶ ଟି ଗ୍ରୀକ୍ କହୁଥିବା ଯିହୁଦୀ ଲୋକଙ୍କୁ ଦର୍ଶାଏ ଯେ "ଏବ୍ରୀ ଯିହୁଦୀ" ର ବିରୋଧୀ ଅଟନ୍ତି ଯେ କେବଳ ଏବ୍ରୀ ଭାଷା ହୀ କୁହନ୍ତି, ହୋଇପାରେ ଆରମିକ ଭାଷା ମଧ୍ୟ କହୁ ଥିବେ I
- ଅଲଗା ପ୍ରକାରେ "ଗ୍ରିସିୟ "କୁ ଅନୁବାଦ କଲେ "ଗ୍ରୀକ୍-ଭାଷା ବାଦୀ" କିଅବା "ସଂସ୍କୃତି ରୂପରେ ଗ୍ରୀକ୍" କିଅବା "ଗ୍ରୀକ୍ "ହୋଇପାରେ I
- ଯେତେବେଳେ ଅଣ-ଯିହୁଦୀ କୁ ସମ୍ବୋଧିତ କରେ, "ଗ୍ରୀକ୍" କୁ ବିଜାତୀୟ ରୂପରେ ଅନୁବାଦ କରା ଯାଇ ଥାଏ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆମେନ, ବିଜାତୀୟ, ଗ୍ରୀକ୍ ଦେଶ, ଏବରୀ, ରୋମୀୟ)

ବାଇବଲ ପଦପର୍ବ:

- ପ୍ରେରିତ ୦୬:୧
- ପ୍ରରିତ ୦୯: ୨୮-୩୦
- ପ୍ରେରିତ ୧୧:୧୯-୨୧
- ପ୍ରେରିତ ୧୪:୧-୨
- କଲସୀୟ୦୩:୯-୧୧
- ଗାଲାତୀୟ ୦୨:୩-୫
- ୦୭ଯୋହନ ୦୭:୩୫-୩୬

ବୋର୍ଡ ଡାଟା :

- Strong's: H3125, G1672, G1673, G1674, G1675, G1676

ଜଖୀୟ୍

ସତ୍ୟ ଘଟଣାବଳୀ:

ଜଖୀୟ୍ ଯିରୀହୋରୁ ଜଣେ କର ଆଦାୟକାରୀ ଥିଲେ ଯିଏ ଯୀଶୁଙ୍କୁ ଦେଖିବା ପାଇଁ ଏକ ଗଛ ଉପରକୁ ଚଢିଥିଲେ ଯାହାଙ୍କୁ ବହୁ ସଂଖ୍ୟାରେ ଲୋକ ଘେରି ରହିଥିଲେ I

- ଜଖୀୟ୍ ଯୀଶୁଙ୍କ ଉପରେ ବିଶ୍ୱାସ କଲାପରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ହେଲେ I
- ସେ ଲୋକମାନଙ୍କୁ ପ୍ରତାରଣା କରିଥିବାବାର ପାପରୁ ଅନୁତାପ କଲେ ଏବଂ ତାଙ୍କର ଅଧା ସମ୍ପତ୍ତି ଗରିବ ଲୋକମାନଙ୍କୁ ଦେବେ ବୋଲି ପ୍ରତିଶୃତି ଦେଲେ I
- ସେ ଲୋକମାନଙ୍କଠାରୁ ଆଦାୟ୍ କରିଥିବା କରର ଚାରିଗୁଣ ଅଧିକ ଫେରେଇ ଦେବେ ବୋଲି ପ୍ରତିଶୃତି ଦେଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ବିଶ୍ୱାସ, ପ୍ରତିଜ୍ଞା, ଅନୁତାପ, ପାପ, କର, କର ଆଦୟକାରୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ ୧୯:୨
- ଲୂକ ୧୯:୬

ଶବ୍ଦବିନ୍ୟାସ :

- Strong’s: G21950

ଜନାଥନ

ତଥ୍ୟ:

ପୁରାତନ ନିୟମରେ ଜନାଥନ ଦଶଟି ବ୍ୟକ୍ତି ର ନାମ ଅଟେ I ଏହି ନାମର ଅର୍ଥ ହେଉଛି "ପରମେଶ୍ୱର ଦେଇ ଅଛନ୍ତି" I

- ଦାଉଦ ର ସର୍ୱୋତ୍ତମ ବନ୍ଧୁ, ଜନାଥନ, ବାଇବଲରେ ଏହି ନାମ ର ଅତି ଜଣା ଶୁଣା ବ୍ୟକ୍ତି ଅଟନ୍ତି I

ଏହି ଜନାଥନ ରାଜା ଶାଉଲ ର ସବୁଠାରୁ ବଡ଼ ପୁତ୍ର ଅଟେ I

- ଆଉ ଜନାଥନମାନ ଯାହା ବାଇବଲରେ ଅନ୍ତର୍ଭୁକ୍ତ କରାଯାଇଅଛି ସେହିମାନେ ହେଉ ଅଛନ୍ତି ଏକ ମୋଶାଙ୍କର ବଂଶଧର, ରାଜା ଦାଉଦର ଭଣଜା, ଅନେକ ଯାଜକ ସେହି ମଧ୍ୟରୁ ଅବ୍ୟଥର ମଧ୍ୟ ଆସେ ; ଏକ ପୁରାତନ ନୀୟମର ଶାସ୍ତ୍ରୀ ଯାହା ଘରେ ଭବିଷ୍ୟବକ୍ତା ଯିରିମିୟ ବନ୍ଦୀଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଅବିଅଥର, ଦାଉଦ, ମୋଶା, ଯିରିମିୟ, ଯାଜକ, ଶାଉଲ, ଶାସ୍ତ୍ରୀ)

ବାଇବଲ ପଦପର୍ବ:

- ୧ ରାଜାବଳି ୦୧:୪୧-୪୨
- ୧ ଶାମୁଏଲ ୧୪:୧
- ୧ ଶାମୁଏଲ ୨୦:୧-୨
- ୨ ଶାମୁଏଲ ୦୧: ୩-୫

ବୋର୍ଡ ଡାଟା :

- Strong's: H3083, H3129

ଜଫେତ

ତଥ୍ୟ:

ଜଫେତ ନୁହଙ୍କର ତିନି ପୁତ୍ର ମଧ୍ୟରୁ ଜଣେ ଅଟେ I

- ସମସ୍ତ ପୃଥିବୀରେ ଜଳ ପ୍ରଳୟ ସମୟରେ ଯାହା ସମ୍ପୂର୍ଣ୍ଣ ପୃଥିବୀରେ ହୋଇଥିଲା, ଜଫେତ ଓ ତାର ଦୁଇ ଭାଇ ନିଜ ନିଜ ସ୍ତ୍ରୀ ସହିତ ନୁହର ଜାହାଜରେ ପ୍ରବେଶ କଲେ I
- ନୁହର ପୁତ୍ରମାନେ “ଶେମ, ହାମ ଓ ଜଫେତ ରୂପରେ ଲେଖା ଯାଇ ଅଛନ୍ତି I

ଏହି ଥିରୁ ଜଣା ପଡ଼େ କି ଜଫେତ କନିଷ୍ଠଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ:ପାଣି ଜାହାଜ, ଜଳ ପ୍ରଳୟ, ହାମ, ନୁହ, ଶେମ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୧:୧-୪
- ଆଦିପୁସ୍ତକ ୦୫:୩୨
- ଆଦିପୁସ୍ତକ ୦୬:୯-୧୦
- ଆଦିପୁସ୍ତକ ୦୭:୧୩-୧୪
- ଆଦିପୁସ୍ତକ ୧୦:୧

ବୋର୍ଡ ଡାଟା :

- Strong's: H3315

ଜବ୍‌ଲୁନ୍

ତଥ୍ୟ:

ଜ଼ବଲୁନ ଯାକୁବ ଓ ଲେହା ର ଅନ୍ତିମ ପୁତ୍ରଥିଲେ ଓ ଇସ୍ରାଏଲ ର ବାର ଜାତି ମଧ୍ୟରୁ ଗୋଟିଏ ଜାତି ଅଟେ I ଇସ୍ରାଏଲ ଜାତି ଜ଼ବଲୁନ କୁ ଲବଣ ସାଗରରେ ପସ୍ଚିମରେ ଭୂମି ପ୍ରଦାନ କରା ଗଲା I

- କେତେକ ସମୟରେ “ଜ଼ାବଲୁନ” ନାମ ଏହି ଜାତି ଯେଉଁ ଭୂମିରେ ବାସ କରନ୍ତି ତାହାକୁ କୁହାଯାଏ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ,)

(ଆହୁରି ଦେଖନ୍ତୁ: ଯାକୁବ, ଲେହା, ଲବଣ ସାଗର, ଇସ୍ରାଏଲ ର ବାର ଜାତି)

ବାଇବଲ ପଦପର୍ବ:

- ଯାତ୍ରାପୁସ୍ତକ ୦୧:୧-୫
- ଆଦିପୁସ୍ତକ ୩୦:୧୯-୨୧
- ଯିଶାଇୟ ୦୯:୧-୨
- ବିଚାରକର୍ତ୍ତା ୦୪:୧୦
- ମାଥିଉ ୦୪:୧୨-୧୩
- ମାଥିଉ ୦୪:୧୪-୧୬

ବୋର୍ଡ ଡାଟା :

- Strong's: H2074, H2075, G2194

ଜିଫ଼ନୀୟ

ତଥ୍ୟ:

ଜିଫନୀୟ, କୁସିର ପୁତ୍ର, ଏକ ଭବିଷ୍ୟବକ୍ତାଥିଲେ ଯେ ଯିରୁଶାଲମରେ ବାସ କରୁଥିଲେ ଓ ସେ ଯୋସିୟ୍ ର ରାଜତ୍ୱ ସମୟରେ ଭବିଷ୍ୟବାଣୀ କରିଥିଲେ I ଯିରିମିୟ୍ ବାସ କରୁଥିବା ସମୟରେ ସେ ମଧ୍ୟ ବାସ କରୁଥିଲେ I

- ସେ ଯିହୁଦା ର ଲୋକମାନଙ୍କୁ ଭଣ୍ଡ ଦେବାଦେବୀଙ୍କୁ ଉପାସନା କରିବା ନିମନ୍ତେ ଭତ୍ସନା କରିଥିଲେ I

ତାହାଙ୍କର ଭବିଷ୍ୟବାଣୀ ପୁରାତନ ନୀୟମର ଜିଫନୀୟ୍ ପୁସ୍ତକରେ ଉଲ୍ଲେଖ ଅଛି I

- ପୁରାତନ ନିୟମରେ ଅନେକ ଲୋକମାନଙ୍କର ନାମ ଜିଫନୀୟଥିଲେ, ସେହି ସମସ୍ତଙ୍କ ମଧ୍ୟରୁ ଅଧିକାଂଶ ଯାଜକଥିଲେ I

(ଅନୁବାଦ ପ୍ରସ୍ତାବ: ନାମର ନୁବାଦ)

(ଆହୁରି ଦେଖନ୍ତୁ: ଯିରିମିୟ୍, ଯୋସିୟ୍, ଯାଜକ)

ବାଇବଲ ପଦପର୍ବ:

- ୨ ରାଜାବଳି ୨୫:୧୮-୧୯
- ଯିରିମିୟ୍ ୫୨:୨୪-୨୫
- ଯିଖରୀୟ୍ ୦୬:୯-୧୧
- ସିଫନୀୟ୍ ୦୧:୧-୩

ବୋର୍ଡ ଡାଟା :

- Strong's: H6846

ଜ଼ୋଆର

ତଥ୍ୟ:

ଜ଼ୋଆର ଏକ ଛୋଟ ସହରଥିଲା ଯେଉଁଠାକୁ ଲୋଟ ପଳାୟନ କରିଥିଲେ ଯେତେବେଳେ ପରମେଶ୍ୱର ସଦୋମ ଓ ହମାରା କୁ ବିନାଶ କରିଥିଲେ I

- ପ୍ରଥମରେ ଏହା "ବେଲା "ରୂପରେ ଜଣାଥିଲା କିନ୍ତୁ ଲୋଟ ଯେତେବେଳେ ପରମେଶବରକୁ ଏହି "ଛୋଟ" ସହରକୁ ଛାଡ଼ି ଦେବାକୁ କହିଲେ ତେବେ ଏହାର ନାମ "ଜ଼ୋଆର" ରଖା ଗଲା I
- ଲୋକମାନେ ଭାବନ୍ତି କି ଜ଼ୋଆର ସହର ଯର୍ଦନ ନଦୀର ସମତଳରେ ଅବସ୍ଥିତଥିଲା ଓ ମୃତ ସାଗରର ଦକ୍ଷିଣ ଦିଗରେ ଅବସ୍ଥିତଥିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଏଖାନ୍ତୁ: ଲୋଟ, ସଦୋମ, ହମାରା)

ବାଇବଲ ପଦପର୍ବ:

- ବ୍ୟବସ୍ଥାବିବରଣ ୩୪:୧-୩
- ଆଦିପୁସ୍ତକ ୧୩:୧୦-୧୧
- ଆଦିପୁସ୍ତକ ୧୪:୧-୨
- ଆଦିପୁସ୍ତକ ୧୯:୨୧-୨୨
- ଆଦିପୁସ୍ତକ ୧୯:୨୩-୨୫

ବୋର୍ଡ ଡାଟା :

- Strong's: H6820

ଜାଦକ

ତଥ୍ୟ:

ଦାଉଦ ରାଜା ର ରାଜତ୍ୱ ସମୟରେ ଜାଦକ ନାମରେ ଏକ ମହତ୍ୱପୂର୍ଣ୍ଣ ମହା ଯାଜକଥିଲେ I

- ଯେତେବେଳେ ଅବସଲମ ରାଜା ଦାଉଦ ବିରୁଧରେ ବିଦ୍ରୋହ କଲେ, ଜାଦକ ରାଜା ଦାଉଦ କୁ ସହାୟ କଲେ ଓ ତାହାଙ୍କୁ ଚୁକ୍ତି ସିନ୍ଦୁକ ଯିରୁଶାଲମରେ ଆଣିବାକୁ ସାହାଯ୍ୟ କଲେ I
- କିଛି ବର୍ଷ ପରେ, ସେ ଦାଉଦ ରାଜାଙ୍କର ପୁତ୍ର ସଲମନ ର ରାଜ ଅଭିଷେକରେ ଭାଗ ନେଲେ I
- ନିହିମିୟ ସମୟରେ ଦୁଇଟି ଜାଦକ ନାମରେ ଅଲଗା ଲୋକମାନେ ଯିରୁଶାଲମର ପ୍ରାଚୀର ନିର୍ମାଣ କରିବାରେ ସାହାଯ୍ୟ କରିଥିଲେ I
- ରାଜା ଯୋଥାମ ର ଜେଜେ ବାପାର ନାମ ମଧ୍ୟ ଜାଦକଥିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ନୀୟମ ସିନ୍ଦୁକ, ଦାଉଦ, ଯୋଥାମ, ନିହିମିୟ, ରାଜତ୍ୱ, ସଲମନ)

ବାଇବଲ ପଦପର୍ବ:

- ୧ ବଂଶାବଳି ୨୪:୧-୩
- ୧ ରାଜାବଳି ୦୧:୨୬-୨୭
- ୨ ଶାମୁଏଲ ୧୫:୨୪-୨୬
- ମାଥିଉ ୦୧:୧୨-୧୪

ବୋର୍ଡ ଡାଟା :

- Strong's: H6659, G4524

ଜିଖରୀୟ (NT)

ସତ୍ୟ ଘଟଣାବଳୀ:

ନୂତନ ନିୟମରେ, ଜିଖରୀୟ ଜଣେ ଯିହୁଦୀ ଯାଜକଥିଲେ ଯିଏ ବାପ୍ତିଜକ ଯୋହନଙ୍କର ପିତା ଅଟନ୍ତି I

- ଜିଖରୀୟ ଈଶ୍ୱରଙ୍କୁ ପ୍ରେମ କରୁଥିଲେ ଓ ତାହାଙ୍କର ଆଜ୍ଞାକାରୀ ଥିଲେ I
- ଅନେକ ବର୍ଷଯାଏ ଜିଖରୀୟ ଓ ତାହାଙ୍କର ପତ୍ନୀ ଏଲୀଶାବେଥ, ସନ୍ତାନ ନିମନ୍ତେ ଉଦ୍ଦୀପନା ସହିତ ପ୍ରାର୍ଥନା କରୁଥିଲେ କିନ୍ତୁ ହେଉ ନଥିଲା I କିନ୍ତୁ ଯେତେବେଳେ ସେମାନେ ଅତି ବୃଦ୍ଧ ଅବସ୍ଥାରେ ଥିଲେ, ଈଶ୍ୱର ସେମାନଙ୍କ ପ୍ରାର୍ଥନାର ଉତ୍ତର ଦେଲେ ଓ ସେମାନଙ୍କୁ ଏକ ପୁତ୍ର ସନ୍ତାନ ଦେଲେ I
- ଜିଖରୀୟ ଏହି ଭବିଷ୍ୟବାଣୀ କଲେ କି ତାହାଙ୍କର ପୁତ୍ର ଯୋହନ ଜଣେ ଭବିଷ୍ୟଦ୍ବକ୍ତା ହେବ ଯିଏ ମସୀହଙ୍କ ନିମନ୍ତେ ଘୋଷଣା କରି, ପଥ ପ୍ରସ୍ତୁତ କରିବ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଖ୍ରୀଷ୍ଟ, ଏଲୀଶାବେଥ, ଭବିଷ୍ୟଦ୍ବକ୍ତା: ଆହୁରି ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ ୧:୫-୭
- ଲୂକ ୧:୨୧-୨୩
- ଲୂକ ୧:୩୯-୪୧
- ଲୂକ ୩:୧-୨

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- ୨୨:୧ ଅଚାନକ ଏକ ସ୍ୱର୍ଗଦୂତ ଏକ ସମ୍ବାଦ ଈଶ୍ୱରଙ୍କଠାରୁ ନେଇ ଏକ ବୃଦ୍ଧ ଯାଜକ ନିକଟରେ ଉପସ୍ଥିତ ହେଲେ ଯାହାର ନାମ **ଜିଖରୀୟ** ଓ ତାହାର ସ୍ତ୍ରୀ ର ନାମ ଏଲୀଶାବେଥ ଥିଲା, ସେମାନେ ଧର୍ମୀ ଲୋକଥିଲେ, ତାହାଙ୍କର କୌଣସି ସନ୍ତାନ ହେଉ ନଥିଲେ I
- ୨୨:୨ ସ୍ୱର୍ଗଦୂତ **ଜିଖରୀୟ**କୁ କହିଲେ, "ତୁମ୍ଭର ସ୍ତ୍ରୀର ଏକ ପୁତ୍ର ହେବ, ତାହାକୁ ଯୋହନ ନାମ ଦେବ I "
- ୨୨:୩ ଅଚାନକ, **ଜିଖରୀୟ** କଥା କହି ପାରିଲେ ନାହିଁ I
- ୨୨:୭ ତାହାପରେ ଜିଖରୀୟକୁ ପୁଣିଥରେ କଥା କହିବା ନିମନ୍ତେ ଈଶ୍ୱର ଅନୁମତି ଦେଲେ I

ଶବ୍ଦବିନ୍ୟାସ :

- Strong's: G21970

ଜିଥ୍ର, ରିଉଏଲ୍

ତଥ୍ୟ:

"ଜିଥ୍ର "ଓ "ରିଉଏଲ୍" ଏହି ଦୁଇ ନାମ ମୋଶାଙ୍କ ସସୁରର କୁ ସମ୍ବୋଧିତ କରେ I ପୁରାତନ ନିୟମରେ ଆଉ ଦୁଇ ଜଣ ବ୍ୟକ୍ତି ରୁଏଲ ନାମରେଥିଲେ I

- ଯେତେବେଳେ ମୋଶା ମିଦିୟନରେ ମେଷ ଚରାଉଥିଲେ, ସେ ଏକ ମିଦିୟନ ମନୁଷ୍ୟ ର ନାମ ରୁଏଲଥିଲା ତାର ପୁତ୍ରୀ କୁ ବିବାହ କଲେ I
- ପରବର୍ତ୍ତୀ ସମୟରେ ରୁଏଲ "ମିଦିୟାନୀୟ ଯାଜକ, ଜିଥ୍ର" ରୂପରେ ସମ୍ବୋଧିତ କରା ଗଲା I

ଏହା ହୋଇପାରେ କି ରୁଏଲ ତାର ଖାନଦାନ ନାମ ହୋଇପାରେ I

- ଯେତେବେଳେ ପ୍ରଭୁ ମୋଶାକୁ ଜ୍ୱଳନ୍ତ ବୁଦା ମଧ୍ୟରୁ କଥା କହିଲେ ମୋଶା ଜିଥ୍ର ର ମେଷପଲ ଚରାଉଥିଲେ I
- କିଛି ସମୟ ପରେ, ଯେତେବେଳେ ପ୍ରଭୁ ଇସ୍ରାଏଲଙ୍କୁ ମିସରରୁ ରକ୍ଷା କଲେ ଜିଥ୍ର ଜଂଗଲରେ ଇସ୍ରାଏଲ ନିକଟକୁ ମିସିବାକୁ ଆସିଲେ ଓ ମୋଶା କୁ ଉତ୍ତମ ଉପଦେଶ ଦେଲେ କି କିପରି ଲୋକଙ୍କର ନ୍ୟାୟ କରିବେ I
- ସେ ଯେତେବେଳେ ପରମେଶ୍ୱରଙ୍କର ସମସ୍ତ ଆଶ୍ଚର୍ଯ୍ୟ କର୍ମ ଇସ୍ରାଏଲ ଲୋକଙ୍କ ନିମନ୍ତେ ମିସରରେ କରିଥିଲେ ଶୁଣିଲେ ତେବେ ପରମେଶ୍ୱର ଉପରେ ବିଶ୍ୱାସ କଲେ I
- ଏସର ଏକ ପୁତ୍ର ର ନାମ ରୁଏଲଥିଲା I
- ଆଉ ଏକ ବ୍ୟକ୍ତି ର ନାମ ରୁଏଲଥିଲା ଯେତେବେଳେ ଇସ୍ରାଏଲ ଲୋକମାନେ ବାବିଲନ ରୁ ବନ୍ଦିତ୍ୱ ରୁ ଯିହୁଦା ପୁନସ୍ଥାପନ ନିମନ୍ତେ ଫେରି ଆସିଲେ ସେହି ଶାରଣୀରେ ଉଲ୍ଲେଖ ଅଛି I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ବନ୍ଦୀ, ଖାନଦାନ, ମରୁଭୁମୀ, ମରୁଭୁମୀ, ଏସ, ଅସ୍ଚାର୍ଯ୍ୟ କାମ, ମୋଶା)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୧:୩୪-୩୭
- ଯାତ୍ରାପୁସ୍ତକ ୦୨:୧୮-୨୦
- ଯାତ୍ରାପୁସ୍ତକ ୦୩:୧-୩
- ଯାତ୍ରାପୁସ୍ତକ ୧୮:୧-୪
- ଗଣନା ପୁସ୍ତକ ୧୦:୨୯-୩୦

ବୋର୍ଡ ଡାଟା :

- Strong's: H3503, H7467

ଜିଫ୍ତହ

ତଥ୍ୟ:

ଜିଫ୍ତ ହ ଗିଲିଆଦର ଏକ ଯୋଦ୍ଧାଥିଲା ଯେ ଇସ୍ରାଏଲ ଉପରେ ବିଚାରପତି ରୂପରେ ସେବା କରୁଥିଲେ I

- ଏବ୍ରୀ ୧୧:୩୨ରେ, ଜିଫ୍ତହ ଏକ ମହତ୍ୱପୂର୍ଣ୍ଣ ନେତା ରୂପରେ ପ୍ରସଂସିତ ହେଲେ ଯେ ନିଜର ଲୋକ ସମୂହ କୁ ଶତ୍ରୁ ହସ୍ତରୁ ଉଦ୍ଧାର କଲେ I
- ଯେ ଇସ୍ରାଏଲକୁ ଆମନୀୟ ହାତରୁ ରକ୍ଷା କଲେ ଓ ଏଫରିମିୟ କୁ ହରାଇବାକୁ ନିଜ ଲୋକଙ୍କ ନେତୃତ୍ୱ କରିଥିଲେ I
- ଯାହା ଭି ହେଉ, ଜିଫ୍ତହ ଏକ ମୁର୍ଖାମୀ ଓ ଖରାପମାନତ ମନାସିଲେ ଯାହା ତାର କନ୍ୟା କୁ ବଳି ଉତ୍ସର୍ଗ କରିବାକୁ ପଡ଼ିଲା I

(ଅନୁବାଦ ପ୍ରସ୍ତାବ: ନାମେ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆମ୍ମୋନ, ଉଦ୍ଧାର, ଇଫରାଇମ, ବିଚାରପତି, ମାନତ)

ବାଇବଲ ପଦପର୍ବ:

- ଏବ୍ରୀ ୧୧:୩୨-୩୪
- ବିଚାରପତି ୧୧: ୧-୩
- ବିଚାରପତି ୧୧:୩୪-୩୫
- ବିଚାରପତି ୧୨:୧-୨

ବୋର୍ଡ ଡାଟା :

- Strong's: H3316

translationWords *Names* :: ଜିହୁଶିୟ

ଜିହୁଶିୟ

ତଥ୍ୟ:

ବାଇବଲରେ ଅନେକ ବ୍ୟକ୍ତିର ନାମ ଜିହୁଶିୟ ଅଟେ I ଅତି ଜଣାଶୁଣା ହେଉଛନ୍ତି ନୁନର ପୁତ୍ର ଜିହୁଶିୟ ଯେ ମୋଶାର ସହାୟକଥିଲେ ଓ ପରେ ଇସ୍ରାଏଲ ର ଏକ ମହତ୍ୱପୂର୍ଣ୍ଣ ନେତା ହେଲେ I

- ଜିହୁଶିୟ ୧୨ ଛିଦ୍ର ଅନୁସନ୍ଧାନ କାରୀ ମଧ୍ୟରୁ ଜଣେଥିଲେ ଯାହାକୁ ମୋଶା ପ୍ରତିଜ୍ଞାତ ଦେଶ ଅନୁସନ୍ଧାନ କରିବା ନିମନ୍ତେ ପଠାଇଥିଲେ I
- କାଲେବ ସହିତ ଜିହୁଶିୟ ଇସ୍ରାଏଲ ଲୋକଙ୍କୁ ଏହି ଅନୁରୋଧ କଲେ କି ପରମେଶ୍ୱରଙ୍କର ଆଜ୍ଞା ପାଳନ କରି ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବାକୁ ଓ କିଣାନୀୟ ଲୋକଙ୍କୁ ହରାଇବାକୁ I
- ଅନେକ ବର୍ଷ ପରେ, ମୋଶା ମଲା ପରେ, ପରମେଶ୍ୱର ଜିହୁଶିୟ କୁ ନିଯୁକ୍ତ କଲେ କି ସେ ଇସ୍ରାଏଲ ଲୋକଙ୍କୁ ପ୍ରତିଜ୍ଞାତ ଦେଶ ପ୍ରବେଶ କରିବା ନିମନ୍ତେ ନେତୃତ୍ୱ କରେ I
- ପ୍ରଥମ ଓ ମହତ୍ୱପୂର୍ଣ୍ଣ ଯୁଦ୍ଧ ଯାହା କିଣାନୀୟ ବିରୁଧରେଥିଲା ତାହାକୁ ଜିହୁଶିୟ ନେତୃତ୍ୱ ନେଇ ଜେରିହୋ ସହରକୁ ହରାଇଥିଲେ I
- ପୁରାତନ ନିୟମରେ ଜିହୁଷିୟ ପୁସ୍ତକ କୁହେ କି କିପରି ଜିହୁଶିୟ ଇସ୍ରାଏଲ ଲୋକଙ୍କର ନେତୃତ୍ୱ କରି ପ୍ରତିଜ୍ଞାତ ଦେଶ ନିଜ ଅଧିନରେ ନେଲେ ଓ ସେ ଇସ୍ରାଏଲ ର ପ୍ରତିଟି ଜାତି କୁ ନିଜ ନିଆ ର ଭୂମି ବାଣ୍ଟି ଦେଲେ I
- ଯାଦକର ପୁତ୍ର ଜିହୁଶିୟ ଯେ ହାଗୟ ଓ ଯିଖରୀୟ ପୁସ୍ତକରେ ଲିଖିତ ଅଛି ;ସେ ଏକ ମହାଯାଜକ ଯେ ଜିରୁହାଲାମର କାନ୍ଥ କୁ ପୁନଃନିର୍ମାଣ କରିଥିଲେ I
- ଆଉ ଅନେକ ବ୍ୟକ୍ତି ଜିହୁଶିୟ ନାମରେ ବାଇବଲ ର ଅନେକ ବଂଶାବଳିରେ ଲିଖିତ ଅଟେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: କିଣାନ, ହାଗୟ, ଜିରିହୋ, ମୋଶା,ପ୍ରତିଜ୍ଞାତ ଦେଶ, ଯିଖରୀୟ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୭:୨୫-୨୭
- ବ୍ୟବସ୍ଥାବିବରଣ ୧୭:୨୧-୨୨
- ଯାତ୍ରାପୁସ୍ତକ ୧୭:୮-୧୦
- ଜିହୁଶିୟ ୦୧:୧-୩
- ଗଣନା ପୁସ୍ତକ ୨୭:୧୮-୧୯

ବାଇବଲ କାହାଣୀ ରୁ ଉଦାହରଣ:

- **୧୪:୦୪** ଇସ୍ରାଏଲ ଲୋକମାନେ ଯେତେବେଳେ କିଣାନ ସୀମାରେ ପହଁଚିଲେ, ମୋଶା ପ୍ରତିଟି ଜାତିରୁ ବାର ଜନ ଲୋକକୁ ବାଛିଲେ I

ସେ ସେହିମାନଙ୍କୁ ନିର୍ଦେଶ ଦେଲେ କି ସେହି ଦେଶକୁ ଯାଇ ଛିଦ୍ର ଅନୁସନ୍ଧାନ କରିବେ ଓ କହିବେ କି ସେହି ଦେଶ କିପରି ଦେଖିବାକୁ ଲାଗୁଛି I

- **୧୪:୦୭** ତୁରନ୍ତ କାଲେବ ଓ **ଜିହୁଶିୟ** ଦୁଇ ଛିଦ୍ର ଅନୁସନ୍ଧାନ କାରୀ କହିଲେ, ଶୁଣନ୍ତୁ, "ଏହା ସତ୍ୟ ଯେ କିଣାନର ଲୋକମାନେ ଉଚ୍ଚ ଓ ବଳଶାଳୀ କିନ୍ତୁ ଆମ୍ଭେ ନିଶ୍ଚିନ୍ତ ରୂପରେ ସେହିମାନଙ୍କୁ ହରାଇବା I
- **୧୪:୦୮ ଜିହୁଶିୟ** ଓ କାଲେବକୁ ଛାଡ଼ି, ପ୍ରତ୍ୟକ ଯେ ୨୦ ବର୍ଷରୁ ଉର୍ଧ ନିଶ୍ଚିନ୍ତ ମରିବେ ଓ ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବେ ନାହିଁ I"
- **୧୪:୧୪** ମୋଶା ଏବେ ଅତି ବୁଢ଼ା ହୋଇ ଗଲେ, ତେଣୁ ପ୍ରଭୁ **ଜିହୁଶିୟ** କୁ ବାଛିଲେ କି ତାହାକୁ ସାହାଯ୍ୟ କରନ୍ତୁ କି ଲୋକଙ୍କର ନେତୃତ୍ୱ ନିଅନ୍ତୁ I
- **୧୪:୧୫** _ଜିହୁଶିୟ_ ଏକ ଉତ୍ତମ ନେତାଥିଲେ କାରଣ ସେ ଈଶ୍ୱରଙ୍କ ଉପରେ ଭରସା ରଖୁଥିଲେ ଓ ତାହାଙ୍କର ଆଜ୍ଞାକାରୀଥିଲେ I
- **୧୫:୦୩** ଲୋକମାନେ ଯେତେବେଳେ ଯର୍ଦନ ନଦୀ ପାର ହେଲେ, ପ୍ରଭୁ **ଜିହୁଶିୟ** କୁ କହିଲେ କିପରି ଶକ୍ତିଶାଳୀ ସହର ଜିରିହୋ କୁ ଆକ୍ରମଣ କରିବ I

ବୋର୍ଡ ଡାଟା :

- Strong's: H3091, G2424

ଜେଜରିଲ୍, ଜେଜରିଲିୟ୍

ସଂଜ୍ଞା:

ଜେଜରିଲ୍ ଇସାଖର ଜାତି ର ସୀମାରେ ଇସ୍ରାଏଲ ର ଏକ ମହତ୍ୱ ପୂର୍ଣ୍ଣ ନଗର ଅଟେ, ଯାହା ଲବଣ ସମୁଦ୍ର ର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ଅଟେ I

- ଜେଜରିଲ୍ ସହର ମେଗିଡୋ ସମତଳରେ ଏକ ପଶ୍ଚିମ ବିନ୍ଦୁ ଅଟେ ଯାହାକୁ "ଜେଜରିଲ୍ ର ଉପତ୍ୟକା" ମଧ୍ୟ କହନ୍ତି I
- ଇସ୍ରାଏଲ ର ଅନେକ ରାଜାଙ୍କର ରାଜ ପ୍ରସାଦ ଜେଜରିଲ୍ ନଗରରେଥିଲା I
- ନାବୋତ ର ଦ୍ରାକ୍ଷାକ୍ଷେତ୍ର ଜେଜରିଲ୍ରେ ଆହାବର ରାଜ ପ୍ରସାଦ ପାଖରେଥିଲା I

ଭବିଷ୍ୟବକ୍ତା ଏଲୀୟ ସେହିଥାଏ ଆହାବ ବିରୁଧରେ ଭବିଷ୍ୟବାଣୀ କରିଥିଲେ I

- ଆହାବର ଦୁଷ୍ଟ ପତ୍ନୀ ଇସାବେଲ ଜେଜରିଲ୍ରେ ହତ୍ୟା କରା ଯାଇଥିଲା I
- ଅନେକ ବଡ଼ ଘଟଣା ଏହି ନଗରରେ ଘଟି ଅଛି, ଅନେକ ଯୁଦ୍ଧ ମଧ୍ୟ ଅନ୍ତର୍ଭୁକ୍ତ ଅଟେ I

(ଆହୁରି ଦେଖନ୍ତୁ: ଆହାବ, ଏଲୀୟ, ଇସାଖର, ଇସାବେଲ, ରାଜ ପ୍ରସାଦ, ଲବଣ ସମୁଦ୍ର)

ବାଇବଲ ପଦପର୍ବ:

- ୧ ରାଜାବଳି ୦୪:୧୧-୧୪
- ୧ ଶାମୁଏଲ ୨୫:୪୩-୪୪
- ୨ ରାଜାବଳି ୦୮:୨୮-୨୯
- ୨ ଶାମୁଏଲ ୦୨:୧-୩
- ବିଚାରକର୍ତ୍ତା ୦୬:୩୩

ବୋର୍ଡ ଡାଟା :

- Strong's: H3157, H3158, H3159

ଜେବଦୀ

ସତ୍ୟ ଘଟଣାବଳୀ:

ଜେବଦୀ ଜଣେ କେଉଟ ଥିଲେ ଯେ ଯାକୁବ ଓ ଯୋହନ ତାହାଙ୍କର ପୁତ୍ରମାନଙ୍କ ନିମନ୍ତେ ଅଧିକ ପ୍ରସିଦ୍ଧ ଅଟନ୍ତି, ଯେଉଁମାନେ ଯୀଶୁଙ୍କର ଶିଷ୍ୟଥିଲେ I ସେମାନେ ଅଧିକାଂଶ ସମୟରେ ନୂତନ ନିୟମରେ "ଜେବଦୀର ପୁତ୍ର"ବୋଲି ପରିଚିତ I

- ଜେବଦୀର ପୁତ୍ରମାନେ ମଧ୍ୟ କେଉଟ ଥିଲେ ଓ ତାହା ସହ ମାଛ ଧରୁଥିଲେ I
- ଯାକୁବ ଓ ଯୋହନ ତାହାଙ୍କ ପିତା ସହିତ ମାଛ ଧରିବା କାମ ଛାଡି ଯୀଶୁଙ୍କ ଅନୁଗାମୀ ହେଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବ)

(ଶିଷ୍ୟ, କେଉଟ, ଯାକୁବ (ଜେବଦୀର ପୁତ୍ର), ଯୋହନ (ପ୍ରେରିତ): ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ ୨୧:୧-୩
- ଲୂକ ୫:୮-୧୧
- ମାର୍କ ୧:୧୯-୨୦
- ମାଥିଉ ୪:୨୧-୨୨
- ମାଥିଉ ୨୦:୨୦
- ମାଥିଉ ୨୬:୩୬-୩୮

ଶବ୍ଦବିନ୍ୟାସ :

- Strong's: G21990

ଜେବୁସ, ଜେବୁସିୟ, ଜେବୁସିୟମାନେ

ତଥ୍ୟ:

ଜେବୁସିୟମାନେ ଏକ ଲୋକ ସମୁହ ଯେଉଁମାନେ କିଣାନ ଦେଶରେ ବାସ କରୁଥିଲେ I ସେମାନେ ହାମର ପୁତ୍ର କିଣାନର ବଂଶଧରଥିଲେ I

- ଜେବୁସିୟମାନେ ଜେବୁସ ସହରରେ ରହୁଥିଲେ ଓ ଏହାର ନାମ ପରବର୍ତ୍ତୀ ସମୟରେ ଯିରୁଶାଲମ ରଖା ଗଲା ଯେତେବେଳେ ରାଜା ଦାଉଦ ଏହାକୁ ଅଧିକାର କଲେ I
- ମଲକିଜେଦକ, ଶାଲାମର ରାଜା ହୋଇପାରେ ଜେବୁସିୟ ମୁଳ ବାସିନ୍ଦା ହୋଇ ପାରନ୍ତି I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: କିଣାନ, ହାମ,ଯିରୁଶାଲମ, ମଲକିଜେଦକ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୧:୧୩-୧୬
- ୧ ରାଜାବଳି ୦୯:୨୦-୨୧
- ଯାତ୍ରାପୁସ୍ତକ ୦୩:୭-୮
- ଆଦିପୁସ୍ତକ ୧୦:୧୫-୧୮
- ଯିହୋଶୂୟ୦୩:୯-୧୧
- ବିଚାରକର୍ତ୍ତା ୦୧:୨୦-୨୧

ବୋର୍ଡ ଡାଟା :

- Strong's: H2982, H2983

ଜେରୋବୋଆମ୍

ତଥ୍ୟ:

ବାବୋତର ପୁତ୍ର ଜେରୋବୋଆମ୍ ଇସ୍ରାଏଲ ର ଉତ୍ତର ରାଜ୍ୟ ର ପ୍ରଥମ ରାଜାଥିଲେ ଯେ ଖ୍ରୀଷ୍ଟ ପୂର୍ବ ୯୦୦-୯୧୦ରେ ରାଜୁତି କରୁଥିଲେ I ଆଉ ଏକ ଜେରୋବୋଆମ୍ ଯିହୋୟାସ ର ପୁତ୍ର ସେ ମଧ୍ୟ ଇସ୍ରାଏଲରେ ୧୨୦ ବର୍ଷ ପରେ ଶାସନ କଲେ I

- ସଦାପ୍ରଭୁ ନାବତ ର ପୁତ୍ର ଜେରୋବୋଆମ୍ କୁ ଏକ ଭବିଷ୍ୟବାଣୀ ଦେଲେ ଯେ ସେ ସଲମନ ପରେ ରାଜା ହେବ ଓ ସେ ଇସ୍ରାଏଲ ର ଦଶ ଜାତି ଉପରେ ରାଜ କରିବ I
- ଯେତେବେଳେ ସଲମନ ମରି ଗଲେ, ଉତ୍ତରର ଦଶଟି ଇସ୍ରାଏଲ ଜାତି ସଲମନ ର ପୁତ୍ର ରିହୋବୋଆମ ବିରୁଧରେ ଗଲେ ଓ ଜେରୋବୋଆମ କୁ ରାଜା କଲେ ଓ ରିହୋବୋଆମ କୁ ଆଉ ଦୁଇଟି ଦକ୍ଷିଣର, ଜାତି ଯିହୁଦା ଓ ବେନଜାମିନ ଉପରେ ରାଜା କରି ଛାଡ଼ି ଗଲେ I
- ଜେରୋବୋଆମ୍ ଏକ ଦୁଷ୍ଟ ରାଜାଥିଲେ ଯେ ଇସ୍ରାଏଲ ଲୋକଙ୍କୁ ସଦାପ୍ରଭୁକୁ ପୂଜା କରିବାଠାରୁ ଦୁରେଇ ନେଲେ ଓ ତା ବଦଳରେ ମୂର୍ତ୍ତି ସ୍ଥାପନ କଲେ କି ତାର ପୂଜା କରାଯାଏ I

ଇସ୍ରାଏଲ ର ଆଉ ସବୁ ରାଜା ଜେରୋବୋଆମ ର ଉଦାହରଣ ର ଅନୁଗାମୀ ହେଲେ ଓ ତା ପର ମନ୍ଦ ହେଲେ I

- ଲଗଭଗ ୧୨୦ ବର୍ଷ ପରେ ଆଉ ଏକ ରାଜା ଜେରୋବୋଆମ ଉତ୍ତର ରାଜ୍ୟ ଇସ୍ରାଏଲରେ ଶାସନ କଲେ I

ଏହି ଜେରୋବୋଆମ ରାଜା ଯୋଆସ ର ପୁତ୍ରଥିଲେ ଓ ଇସ୍ରାଏଲ ର ପୂର୍ବର ସମସ୍ତ ରାଜାମାନଙ୍କ ପରି ଦୁଷ୍ଟଥିଲେ I

- ଇସ୍ରାଲିୟଙ୍କର ଦୁଷ୍ଟତା ଦେଖିଲେ ମଧ୍ୟ, ପରମେଶ୍ୱର ତାହାଙ୍କ ଉପରେ କରୁଣା କଲେ ଓ ଜେରୋବୋଆମ କୁ ସାହାଯ୍ୟ କଲେ କି ତାହାକୁ ଆଉ ଭୂମି ମେଳୁ ଓ ରାଜ୍ୟ ର କ୍ଷେତ୍ର ର ସୀମା କୁ ବଦାଇଲେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖନ୍ତୁ: ଭଣ୍ଡ ଦେବ, ଇସ୍ରାଏଲ ରାଜ୍ୟ, ଯିହୁଦା, ସଲମନ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୫: ୧୬-୧୭
- ୧ ରାଜାବଳି ୧୨:୧-୨
- ୨ ବଂଶାବଳି ୦୯:୨୯-୩୧
- ୧ ରାଜାବଳି ୦୩:୧-୩
- ଆମୋଷ ୦୧:୧-୨

ବାଇବଲ କାହାଣୀ ରୁ ଉଦାହରଣ:

- **୧୮:୦୮** ଆଉ ଦଶଟି ଜାତି ଯେଉଁମାନେରେହୋବୋଆମ ବିରୁଧରେ ବିଦ୍ରୋହ କଲେ ସେମାନେ ଏକ ବ୍ୟକ୍ତିକୁ ତାହାଙ୍କର ନିଯୁକ୍ତ କଲେ, ତାହାର ନାମ **ଜେରୋବୋଆମ**ଥିଲା I
- **୧୮:୦୯** _ଜେରୋବୋଆମ _ ପରମେଶ୍ୱରଙ୍କ ବିରୁଧରେ ବିଦ୍ରୋହ କଲେ ଓ ଲୋକଙ୍କୁ ପାପ କରାଇଲେ I

ସେ ତାର ଲୋକଙ୍କ ନିମନ୍ତେ ପୂଜା କରିବାକୁ ଦୁଇଟି ମୂର୍ତ୍ତି ସ୍ଥାପନ କଲେ ନାକି ସଦାପ୍ରଭୁ କୁ ଯିହୁଦା ରାଜ୍ୟ ର ମନ୍ଦିରରେ ପୂଜା କରିବାକୁ କହିଲା I

ବୋର୍ଡ ଡାଟା :

- Strong's: H3379

ଜେହୁ

ତଥ୍ୟ:

ପୁରାତନ ନିୟମରେ ଜେହୁ ଦୁଇ ବ୍ୟକ୍ତିର ନାମ ଅଟେ I

- ହାନାନୀ ର ପୁତ୍ର ଜେହୁ ଏକ ଭବିଷ୍ୟବକ୍ତାଥିଲେ ଯେ ଇସ୍ରାଏଲ ର ରାଜା ର ରାଜୁତି ଓ ଯିହୁଦା ର ରାଜା ଜିହୋଶାଫାତ ସମୟରେଥିଲେ I
- ଜେହୁ ଯିହୋଶାଫାତ ର ପୁତ୍ର (ବଂଶଧର) ଇସ୍ରାଏଲ ସେନାରେ ସେନାଧକ୍ଷଥିଲେ ଯେ ଏକ ଏଲିଶା ଦ୍ୱାରା ଅଭିଶିକ୍ତ ରାଜା ଅଟନ୍ତି I
- ରାଜା ଜେହୁ ଦୁଇଟି ମନ୍ଦ ରାଜା କୁ ହତ୍ୟା କରିଥିଲେ, ସେମାନେ ହେଲେ ଇସ୍ରାଏଲ ର ରାଜା ଯୋରାମ ଓ ଯିହୁଦାର ରାଜା ଆହସିୟ ଅଟେI
- ରାଜା ଜେହୁ, ରାଜା ଆହାବ ର ସମସ୍ତ ଆତ୍ମୀୟ କୁ ହତ୍ୟା କରିଥିଲେ ଓ ମନ୍ଦ ରାଣୀ ଇସାବେଲ କୁ ମଧ ହତ୍ୟା କରିଥିଲେ I
- ଯେଉ ରାଜା ସମିରଣ ର ସମସ୍ତ ବାଲ ପୂଜା ସ୍ଥାନ ବିନାଶ କଲେ ଓ ସମସ୍ତ ବାଲ ପୂଜାରୀ କୁ ହତ୍ୟା କଲେ I
- ରାଜା ଜେହୁ କେବଳ ଏକ ସତ୍ୟ ଇଶ୍ୱର ସଦାପ୍ରଭୁକୁ ପୂଜା କଲେ ଓ ଇସ୍ରାଏଲରେ ୨୮ ବର୍ଷଯାଏ ରାଜୁତି କଲେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖନ୍ତୁ: ଆହାବ, ଆହସିୟ, ବାଲ, ଏଲିଶା, ଯିହୋଶାଫତ, ଜେହୁ, ଇଶାବେଲ, ଯୋରାମ୍, ଯିହୁଦା, ସମିରଣ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୪:୩୪-୩୮
- ୧ ରାଜାବଳି ୧୬:୧-୨
- ୧ ବଂଶାବଳି ୧୯:୧-୩
- ୧ ରାଜାବଳି ୧୦:୮-୯
- ହୋଶେୟ୦୧:୩-୫

ବୋର୍ଡ ଡାଟା :

- Strong's: H3058

ଜୈତୁନ ପର୍ବତ

ପରିଭାଷା:

ଜୈତୁନ ପର୍ବତ ଏକ ପର୍ବତ ବଡ଼ ପାହାଡ଼ ଅଟେ ଯାହା ଯିରୂଶାଲମ ସହରର ପୂର୍ବରେ ଅବସ୍ଥିତ ଅଟେ I ଏହା ପ୍ରାୟ 787 ମିଟର ଉଚ୍ଚ ଅଟେ I

- ପୁରାତନ ନିୟମରେ ବେଳେବେଳେ ଏହି ପର୍ବତକୁ "ଯିରୂଶାଲମର ପୂର୍ବରେ ଅବସ୍ଥିତ ପର୍ବତ" କୁହାଯାଏ I
- ନୂତନ ନିୟମରେ ଅନେକ ସମୟରେ ଏହା ଉଲ୍ଲେଖ ଅଛି ଯେତେବେଳେ ଯୀଶୁ ଓ ତାହାଙ୍କର ଶିଷ୍ୟମାନେ ଜୈତୁନ ପର୍ବତକୁ ପ୍ରାର୍ଥନା ଓ ବିଶ୍ରାମ କରିବାକୁ ଗଲେ I
- ଯୀଶୁଙ୍କୁ ଅଲିଭ୍ ପର୍ବତରେ ଅବସ୍ଥିତ ଗେଥ୍‌ଶିମାନୀ ବଗିଚାରେ ଗିରଫ କରାଯାଇଥିଲା I
- ଏହାକୁ "ଜୀତ ପାହାଡ଼" କିମ୍ବା "ଜୀତ ବୃକ୍ଷର ପର୍ବତ" ବୋଲି ଅନୁବାଦ କରାଯାଇପାରିବ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଗେଥ୍‌ଶିମାନୀ, ଜୀତ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ 19:29
- ଲୂକ 19:37
- ମାର୍କ 13:3
- ମାଥିଉ 21:1-3
- ମାଥିଉ 24:3-5
- ମାଥିଉ 26:30

ଶବ୍ଦବିନ୍ୟାସ :

- Strong's: H2022, H2132, G37350, G16360

ତର୍ଶୀଶ୍

ସତ୍ୟ ଘଟଣାବଳିଗୁଡ଼ିକ:

ବାଇବଲ ସମୟରେ, ତର୍ଶୀଶ୍ ଭୂମଧ୍ୟସାଗରରେ ଅବସ୍ଥିତ ଏକ ବନ୍ଦର ସହର ଥିଲା I ଏହି ସହରର ନିର୍ଦ୍ଦିଷ୍ଟ ସ୍ଥାନ ଜଣା ପଡିନାହିଁ I ଆହୁରି ମଧ୍ୟ, ପୁରାତନ ନିୟମରେ ତର୍ଶୀଶ ନାମକ ଦୁଇଜଣ ଭିନ୍ନ ବ୍ୟକ୍ତି ପାଇଁ ଉଲ୍ଲେଖ କରାଯାଇଅଛି I

- ତର୍ଶୀଶ୍ ସହର ଜାହାଜ ସହିତ ଏକ ସମୃଦ୍ଧ ବନ୍ଦର ସହର ଥିଲା ଯାହା କି କିଣିବା, ବିକ୍ରୟ କିମ୍ବା ବାଣିଜ୍ୟ ପାଇଁ ଉତ୍ପାଦ ପରିବହନ କରୁଥିଲା । ବାଇବେଲ ଉଲ୍ଲେଖ କରେ ଯେ ରାଜା ଶଲୋମନ ତର୍ଶୀଶରେ ଜାହାଜଗୁଡ଼ିକ ରଖିଥିଲେ I
- ପୁରାତନ ନିୟମ ଭବିଷ୍ୟଦ୍ବକ୍ତା ଯୂନସ ଈଶ୍ୱରଙ୍କ ଆଦେଶ ପାଳନ କରି ନୀନିବୀକୁ ପ୍ରଚାର କରିବାକୁ ଯିବା ପରିବର୍ତ୍ତେ ତର୍ଶୀଶ୍ ସହର ଅଭିମୁଖେ ଏକ ଜାହାଜରେ ଯାତ୍ରାକଲେ।
- ଯେଫତ୍‌ର ଜଣେ ନାତିଙ୍କ ନାମ ତର୍ଶୀଶ୍ ଥିଲାI
- ତର୍ଶୀଶ୍ ମଧ୍ୟ ରାଜା ଅକ୍ଷଶ୍ୱେରଶର ଜଣେ ଜ୍ଞାନୀ ବ୍ୟକ୍ତିଙ୍କ ନାମ ଥିଲା।

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକ କିପରି ଅନୁବାଦ କରାଯିବ)

(ଏଷ୍ଟର, ଯେଫତ୍, ଯୂନସ, ନୀନିବୀ, ଫୈନୀକିଆ, ପଣ୍ଡିତମାନେ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଆଦିପୁସ୍ତକ 10:2-5
- ଯିଶାଇୟ 2:16
- ଯିରିମୀୟ 10:9
- ଯୂନସ 1:1-3
- ଗୀତସଂହିତା 48:7

ଶବ୍ଦବିନ୍ୟାସ :

- Strong's: H8659

ତାମର

ସତ୍ୟ ଘଟଣାବଳିଗୁଡ଼ିକ:

ପୂରାତନ ନିୟମରେ ଅନେକ ସ୍ତ୍ରୀମାନଙ୍କର ନାମ ତାମର ଥିଲା I ପୂରାତନ ନିୟମରେ ଅନେକ ସହର **ଏବଂ** ଅନ୍ୟ ସ୍ଥାନଗୁଡ଼ିକର ନାମ ମଧ୍ୟ ତାମର ଥିଲା I

- ତାମର ଯିହୁଦାଙ୍କର ପୁତ୍ରବଧୂ ଥିଲେ I ସେ ପେରସଙ୍କୁ ଜନ୍ମ ଦେଇଥିଲେ, ଯିଏ କି ଯୀଶୁ ଖ୍ରୀଷ୍ଟଙ୍କର ପୂର୍ବପୁରୁଷ ଥିଲେ I
- ରାଜା ଦାଉଦଙ୍କର ତାମର ନାମରେ ଏକ କନ୍ୟାଥିଲା; ସେ ଅବଶାଲୋମର ଭଉଣୀ ଥିଲେ I ତାହାର ସାବତ ଭାଇ ଅମ୍ନୋନ ତାହାକୁ ବଳାତ୍କାର କରି ଏକାକୀ ଛାଡିଥିଲା I
- ଅବଶାଲୋମଙ୍କର ମଧ୍ୟ ତାମର ନାମରେ ଏକ କନ୍ୟା ଥିଲା I
- "ହତ୍-ସସୋନ୍-ତାମର" ନାମକ ଏକ ନଗର ଥିଲା ଯାହା ଲବଣ ସମୁଦ୍ରର ପଶ୍ଚିମ କୂଳରେ ଐନଗ ନଗରୀ ସହିତ ସମାନ ଥିଲା I ସେଠାରେ "ବାଲ୍ ତାମର" ମଧ୍ୟ ଅଛି ଏବଂ "ତାମର" ସ୍ଥାନକୁ ମଧ୍ୟ ସାଧାରଣ ଭାବରେ ଉଲ୍ଲେଖ ଅଛି ଯାହା ନଗରଗୁଡ଼ିକଠାରୁ ଅଲଗା ହୋଇଥାଇପାରେ I

(ଅବଶାଲୋମ୍, ପୂର୍ବପୁରୁଷ, ଅମ୍ନୋନ୍, ଦାଉଦ, ପୂର୍ବପୁରୁଷ, ଯିହୁଦା, ଲବଣ ସମୁଦ୍ର ଦେଖନ୍ତୁ)

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକ କିପରି ଅନୁବାଦ କରାଯାଇପାରିବ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ବଂଶାବଳୀ 2:3-4
- ଦ୍ୱିତୀୟ ଶାମୁୟେଲ 13:2
- ଦ୍ୱିତୀୟ ଶାମୁୟେଲ 14:25-27
- ଆଦିପୁସ୍ତକ 38:6-7
- ଆଦିପୁସ୍ତକ 38:24
- ମାଥିଉ 1:1-3

ଶବ୍ଦବିନ୍ୟାସ :

- Strong's: H1193, H2688, H8412, H8559

ତାର୍ଷ

ତଥ୍ୟଗୁଡିକ:

ତାର୍ଷ କିଲିକିଆର ରୋମୀୟ ସାମ୍ରାଜ୍ୟର ଏକ ସମୃଦ୍ଧିଶାଳି ସହରଥିଲା I ଏହା ବର୍ତ୍ତମାନ ଦକ୍ଷିଣ କେନ୍ଦ୍ର ତୁର୍କୀରେ ଅବସ୍ଥିତ ଅଟେ I

- ତାର୍ଷ ଏକ ବିରାଟ ନଦୀ କୂଳରେ ଏବଂ ଭୂମଧ୍ୟସାଗର ନିକଟରେ ଅବସ୍ଥିତଥିଲା, ତେଣୁ ଏହା ବ୍ୟବସାୟ କରିବା ନିମନ୍ତେ ଏହା ଏକ ପ୍ରଧାନ ରାସ୍ତାର ଅଂଶବିଶେଷଥିଲା I
- ଗୋଟିଏ ସମୟରେ ଏହା କିଲିକିଆର ରାଜଧାନୀଥିଲା I
- ନୂତନ ନିୟମରେ, ତାର୍ଷ ପ୍ରେରିତ ପାଉଲଙ୍କର ବାସସ୍ଥାନ ଭାବରେ ପରିଚିତଥିଲା I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: କିଲିକିଆ, ପାଉଲ, ପ୍ରଦେଶ, ସମୁଦ୍ର)

ବାଇବଲ ପଦଗୁଡିକ:

- ପ୍ରେରିତ 09:10-12
- ପ୍ରେରିତ 09:28-30
- ପ୍ରେରିତ 11:25-26

ବୋର୍ଡ ଡାଟା :

- Strong's: G5018, G5019

ତିର୍ସା

ତଥ୍ୟଗୁଡିକ:

ତିର୍ସା ଏକ ମହତ୍ତ୍ୱପୂର୍ଣ୍ଣ କିଣାନୀୟ ନଗରୀଥିଲା ଯାହା ଇସ୍ରାଏଲୀୟମାନଙ୍କ ଦ୍ୱାରା ଜୟଲାଭ ଏବଂ ଅଧିକୃତ ହୋଇଥିଲା I ଏହା ମଧ୍ୟ ଗିଲିୟଦଙ୍କ ଏକ କନ୍ୟାର ନାମଥିଲା ଏବଂ ଏହି ଗିଲିୟଦ ମନଃଶି ବଂଶଜାତଥିଲେ I

- ତିର୍ସା ନଗରୀ ମନଃଶି ଗୋଷ୍ଠୀ ଦ୍ୱାରା ଅଧିକୃତ ଅଞ୍ଚଳରେ ଅବସ୍ଥିତଥିଲା I

ଏହା ଅନୁମାନ କରାଯାଏ ଯେ ଏହି ନଗରୀ ଶିଖିମ ନଗରୀଠାରୁ 10 ମାଇଲ ଉତ୍ତର ଦିଗରେ ଅବସ୍ଥିତଥିଲା I

- ଅନେକ ବର୍ଷ ପରେ, ତିର୍ସା ଚାରିଜଣ ଇସ୍ରାଏଲ ରାଜାମାନଙ୍କ ରାଜତ୍ୱ ସମୟରେ ଅସ୍ଥାୟୀ ଭାବରେ ଇସ୍ରାଏଲର ଉତ୍ତର ରାଜ୍ୟର ରାଜଧାନୀ ନଗରୀ ହୋଇଥିଲା I
- ମନଃଶିଙ୍କର ପୌତ୍ରୀମାନଙ୍କ ମଧ୍ୟରୁ ଜଣକର ନାମ ମଧ୍ୟ ତିର୍ସାଥିଲା I

ସେମାନେ ଦେଶର କିଛି ଅଂଶ ଆପଣାମାନଙ୍କୁ ଦେବା ନିମନ୍ତେ ମାଗିଲେ, କାରଣ ସେମାନଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା ଏବଂ ସ୍ୱାଭାବିକ ପରମ୍ପରା ଅନୁସାରେ ଉତ୍ତରାଧିକାରୀ ଭାବରେ ଦେଶର ଅଂଶ ପାଇବା ନିମନ୍ତେ ତାହାଙ୍କର କୌଣସି ପୁତ୍ର ନଥିଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: କିଣାନ, ଉତ୍ତରାଧିକାରୀ ହେବା, ଇସ୍ରାଏଲର ରାଜ୍ୟ, ମନଃଶି, ଶିଖିମ୍)

ବାଇବଲ ପଦଗୁଡିକ:

- ଗଣନା 27:1
- ଗଣନା 36:10-12
- ପରମଗୀତ 06:4

ବୋର୍ଡ ଡାଟା :

- Strong's: H8656

ତୀତସ

ତଥ୍ୟଗୁଡିକ:

ତୀତସ ଜଣେ ବିଜାତି ଥିଲେ। ଆଦ୍ୟ ମଣ୍ଡଳୀଗୁଡିକରେ ନେତା ହେବା ନିମନ୍ତେ ସେ ପାଉଲଙ୍କ ଦ୍ୱାରା ତାଲିମପ୍ରାପ୍ତ ହୋଇଥିଲେ।

- ପାଉଲଙ୍କ ଦ୍ୱାରା ତୀତସଙ୍କ ନିକଟକୁ ଏକ ପତ୍ର ଲିଖିତ ହୋଇଥିଲା ଯାହା ନୂତନ ନୀୟମର ପୁସ୍ତକଗୁଡ଼ିକ ମଧ୍ୟରେ ଅନ୍ୟତମ ଅଟେ।
- ଏହି ପତ୍ରରେ ପାଉଲ ତୀତସଙ୍କୁ ପରାମର୍ଶ ଦେଇଥିଲେ ଯେପରି ସେ କ୍ରୀତୀ ଦୀପକୁ ଯାଇ ସେଠାରେ ମଣ୍ଡଳୀଗୁଡ଼ିକ ନିମନ୍ତେ ପ୍ରାଚୀନମାନଙ୍କୁନ ନିଯୁକ୍ତ କରିବେ।
- ଖ୍ରୀଷ୍ଟିଆନମାନଙ୍କୁ ଆପଣାର ଅନ୍ୟ ପତ୍ରଗୁଡ଼ିକରେ ପାଉଲ ତୀତସଙ୍କ ନାମ ଉଲ୍ଲେଖ କରିଛନ୍ତି, ଯିଏ କି ତାଙ୍କୁ ଉତ୍ସାହିତ କଲେ ଏବଂ ତାଙ୍କ ମନରେ ଆନନ୍ଦ ଆଣିଲେ।

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ନିଯୁକ୍ତ କରିବା, ବିଶ୍ୱାସ, ମଣ୍ଡଳୀ, ସୁନ୍ନତ କରିବା, କ୍ରୀତୀ, ପ୍ରାଚୀନ, ଉତ୍ସାହିତ କରିବା, ଜ୍ଞାନ ବା ଆଦେଶ ଦେବା, ସେବକ)

ବାଇବଲ ପଦ ପର୍ବଗୁଡିକ:

- 2ୟ ତୀମଥି 04:9-10
- ଗାଲାତୀୟ 02:1-2
- ଗାଲାତୀୟ 02:3-5
- ତୀତସ 01:4-5

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: G5103

ତୀମଥି

ସତ୍ୟ ଘଟଣାବଳିଗୁଡ଼ିକ:

ତୀମଥି ଲୁସ୍ତ୍ରାର ଜଣେ ଯୁବକ ଥିଲେ | ପରବର୍ତ୍ତୀ ସମୟରେ ସେ ପାଉଲଙ୍କ ସହ ମିଶି ଅନେକ ମିଶନାରୀ ଯାତ୍ରା କରିଥିଲେ ଏବଂ ନୂତନ ବିଶ୍ୱାସୀମାନଙ୍କର ସମ୍ପ୍ରଦାୟକୁ ପାଳକୀୟ ସେବାରେ ସାହାଯ୍ୟ କରିଥିଲେ I

- ତୀମଥିଙ୍କ ପିତା ଜଣେ ଗ୍ରୀକ ଲୋକଥିଲେ, କିନ୍ତୁ ଉଭୟ ତାହାଙ୍କର ଜେଜେମା ଲୋୟି ଏବଂ ତାହାଙ୍କର ମାଆ ଇଉନୀକୀ ଯିହୂଦୀଥିଲେ ଏବଂ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀନୀଥିଲେ I
- ପ୍ରାଚୀନମାନେ ଏବଂ ପାଉଲ ବିଧିବଦ୍ଧ ଭାବରେ ସେବାକାର୍ଯ୍ୟ ନିମନ୍ତେ ତୀମଥିଙ୍କ ଉପରେ ହସ୍ତାର୍ପଣ କଲେ ଏବଂ ତାହାଙ୍କ ନିମନ୍ତେ ପ୍ରାର୍ଥନା କଲେ I
- ନୂତନ ନୀୟମର ଦୁଇଟି ପୁସ୍ତକ (ପ୍ରଥମ ତୀମଥି ଏବଂ ଦ୍ୱିତୀୟ ତୀମଥି) ପାଉଲଙ୍କ ଦ୍ୱାରା ଲିଖିତ, ଯାହା ସ୍ଥାନୀୟ ମଣ୍ଡଳୀଗୁଡ଼ିକରେ ତୀମଥିଙ୍କୁ ଜଣେ ଯୁବା ନେତା ଭାବରେ ପରାମର୍ଶ ଏବଂ ପରିଚାଳନା ପ୍ରଦାନ କରିଥାଏ I

(ଅନୁବାଦ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ନିଯୁକ୍ତ କରିବା, ବିଶ୍ୱାସ, ମଣ୍ଡଳୀ, ଗ୍ରୀକ୍, ସେବକ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ଥେସଲନୀକୀୟ 3:1-3
- ପ୍ରଥମ ତୀମଥି 1:1-2
- ପ୍ରେରିତ 16:3
- କଲସୀୟ 1:1
- ଫିଲୀମୋନ 1:1
- ଫିଲିପ୍ପୀୟ 1:1
- ଫିଲିପ୍ପୀୟ 2:19

ଶବ୍ଦବିନ୍ୟାସ :

- Strong's: G50950

ତୁଖିକ

ତଥ୍ୟଗୁଡିକ:

ତୁଖିକ ସୁସମାଚାର ସେବାରେ ପାଉଲଙ୍କର ଜଣେ ସହକର୍ମୀ ସେବକ ଥିଲେ।

- ତୁଖିକ ପାଉଲଙ୍କ ସହିତ ଏସିଆକୁ ତାହାଙ୍କର ଅନ୍ତତଃ ଗୋଟିଏ ମିଶନେରୀ/ଆଦର୍ଶ ପ୍ରଚାରକ ବା ଆଦର୍ଶ ପ୍ରଚାର ଯାତ୍ରାରେ ଯୋଗ ଦେଇଥିଲେ।
- ପାଉଲ ତାହାଙ୍କୁ ଏକ "ପ୍ରିୟ" ଏବଂ ବିଶ୍ୱସ୍ତ" ବ୍ୟକ୍ତି ବୋଲି ବର୍ଣ୍ଣନା କରିଛନ୍ତି।
- ତୁଖିକ ପାଉଲଙ୍କର ପତ୍ରଗୁଡିକ ଧରି ଏଫୀସ ଏବଂ କଲସୀକୁ ଯାଇଥିଲେ।

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ଏସିଆ, ବନ୍ଧୁଗଣ, କଲସୀ, ଏଫିସ, ବିଶ୍ୱସ୍ତ, ସୁସମାଚାର, ସେବକ)

ବାଇବଲ ପଦଗୁଡିକ:

- 2ୟ ତୀମଥି 04:11-13
- କଲସୀୟ 04:7-9
- ତୀତସ 03:12-13

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: G5190

ତୂବଲ

ତଥ୍ୟଗୁଡିକ:

ପୁରାତନ ନିୟମରେ ଅନେକ ଲୋକମାନଙ୍କର ନାମ "ତୂବଲ"ଥିଲା I

- ଯେଫତଙ୍କର ଅନ୍ୟତମ ପୁତ୍ରଙ୍କର ନାମ "ତୂବଲ"ଥିଲା I
- "ତୂବଲ କୟିନ"ନାମକ ଜଣେ ବ୍ୟକ୍ତି ଲେମକଙ୍କର ପୁତ୍ରଥିଲେ ଏବଂ ସେ କୟିନଙ୍କ ବଂଶଧରଥିଲେ I
- "ତୂବଲ" ଏକ ଲୋକ ଦଳର ନାମଥିଲା ଯାହା ଯିଶାଇୟ ଏବଂ ଯିହିଜିକଲ ଭବିଷ୍ୟତବକ୍ତାମାନଙ୍କ ପୁସ୍ତକଗୁଡିକରେ ଉଲ୍ଲେଖ କରାଯାଇଛି I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡିକ କିପରି ଅନୁବାଦ କରିବା)

(ଆହୁରି ମଧ୍ୟ ଦେଖ: କୟିନ, ବଂଶଧର, ଯିହିଜିକଲ, ଯିଶାଇୟ, ଯେଫତ୍, ଲେମକ, ଲୋକଦଳ, ଭବିଷ୍ୟତବକ୍ତା)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 01:5-7
- ଯିହିଜିକଲ 27:12-13
- ଆଦିପୁସ୍ତକ 10:2-5

ବୋର୍ଡ ଡାଟା :

- Strong's: H8422, H8423

ତେରହ

ସତ୍ୟ ଘଟଣାବଳୀ:

ତେରହ ନୋହଙ୍କ ପୁତ୍ର ଶେମଙ୍କର ବଂଶଧର ଥିଲେ I ସେ ଅବ୍ରହାମ, ନାହୋର ଏବଂ ହାରୋଣଙ୍କର ପିତା ଥିଲେ I

- ତେରହ ଉରଠାରେ ଆପଣା ଗୃହ ପରିତ୍ୟାଗ କରି ପୁତ୍ର ଅବ୍ରାମ, ପୌତ୍ର ଲୋଟ, ଏବଂ ଅବ୍ରାମଙ୍କ ସ୍ତ୍ରୀ ସାରାଙ୍କୁ ନେଇ କିଣାନକୁ ଯାତ୍ରା କଲେ I
- କିଣାନକୁ ଯିବା ପଥରେ, ତେରହ ଏବଂ ତାଙ୍କ ପରିବାର କିଛି ବର୍ଷ ମେସୋପଟାମିଆର ହାରଣ ନଗରରେ ବାସ କଲେ I ତେରହ ୨୦୫ ବର୍ଷ ବୟସରେ ହାରଣରେ ମୃତ୍ୟୁବରଣ କଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଅବ୍ରହାମ, କିଣାନ, ହାରୋଣ, ଲୋଟ, ମେସୋପଟାମିଆ, ନାହୋର, ସାରା, ଶେମ, ଉର)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୧୧:୩୧-୩୨
- ପ୍ରଥମ ବଂଶାବଳୀ ୧:୨୪-୨୭
- ଲୂକ ୩:୩୩-୩୫

ଶବ୍ଦବିନ୍ୟାସ:

- Strong's: H8646, G22910

ତ୍ରୋୟା

ସତ୍ୟ ଘଟଣାବଳୀ:

ତ୍ରୋୟା ନଗରୀ ଏସିଆର ପ୍ରାଚୀନ ରୋମୀୟ ପ୍ରଦେଶର ଉତ୍ତର-ପଶ୍ଚିମ ଉପକୂଳରେ ଅବସ୍ଥିତ ଏକ ସମୁଦ୍ର ବନ୍ଦର ଥିଲା I

- ପାଉଲ ଆପଣାର ସୁସମାଚାର ପ୍ରଚାର ଯାତ୍ରାରେ ବିଭିନ୍ନ ସ୍ଥାନକୁ ଯାତ୍ରା କଲାବେଳେ ସେ ତିନିଥର ତ୍ରୋୟାକୁ ପରିଦର୍ଶନ କରିଥିଲେ I
- ଥରେ ତ୍ରୋୟାରେ, ପାଉଲ ରାତ୍ରୀରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରଚାର କଲେ ଏବଂ ଇଉତୁଖ ନାମକ ଜଣେ ଯୁବା ତାହା ଶୁଣୁଥିବା ଅବସ୍ଥାରେ ଶୋଇପଡ଼ିଲା I ଯେହେତୁ ସେ ଏକ ଖୋଲା ଝରକା ଉପରେ ବସି ଶୁଣୁଥିଲା, ଇଉତୁଖ ଖୁବ ଉଚ୍ଚରୁ ତଳେ ଖସିପଡ଼ିଲା ଏବଂ ମୃତ୍ୟୁବରଣ କଲା I ଈଶ୍ୱରଙ୍କ ଶକ୍ତି ମାଧ୍ୟମରେ ପାଉଲ ଏହି ଯୁବା ଲୋକକୁ ପୁଣି ଥରେ ଜୀବିତବସ୍ଥାକୁ ଫେରାଇ ଆଣିଲେ I
- ଯେତେବେଳେ ପାଉଲ ରୋମରେ ଥିଲେ, ସେ ତୀମଥିଙ୍କୁ ତାହାଙ୍କ ପୁସ୍ତକଗୁଡ଼ିକୁ ତାଙ୍କ ସଙ୍ଗରେ ଆଣିବା ନିମନ୍ତେ କହିଲେ, ଯାହା ସେ ତ୍ରୋୟାରେ ଛାଡ଼ି ଆସିଥିଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବା ଦେଖନ୍ତୁ)

(ଏସିଆ, ପ୍ରଚାର କରିବା, ପ୍ରଦେଶ, ଉଠାଇବା, ରୋମ, ପୁସ୍ତକ, ତୀମଥି ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ କରିନ୍ଥୀୟ 2:13
- ଦ୍ୱିତୀୟ ତୀମଥି 4:11-13
- ପ୍ରେରିତ 16:8
- ପ୍ରେରିତ 20:5

ଶବ୍ଦବିନ୍ୟାସ :

- Strong's: G51740

ଥେସଲନୀକୀ, ଥେସଲନୀୟ

ସତ୍ୟ ଘଟଣାବଳୀ:

ନୂତନ ନିୟମ ସମୟରେ, ପୂର୍ବବର୍ତ୍ତୀ ରୋମୀୟ ସାମ୍ରାଜ୍ୟ ସମୟରେ ଥେସଲନୀକା ମାକିଦନିଆର ରାଜଧାନୀ ଥିଲା I ସେହି ସହରରେ ବାସ କରୁଥିବା ଲୋକମାନେ "ଥେସଲନୀକୀୟ" ଅଟନ୍ତି I

- ଥେସଲନୀକୀ ସହର ଏକ ପ୍ରଧାନ ସାମୁଦ୍ରିକ ବନ୍ଦର ଥିଲା ଏବଂ ଏହା ରୋମୀୟ ସାମ୍ରାଜ୍ୟର ପୂର୍ବ ଭାଗରେ ମଧ୍ୟ ରୋମକୁ ଯୋଗାଯୋଗ କରୁଥିବା ଏକ ମୁଖ୍ୟ ରାସ୍ତାରେ ଅବସ୍ଥିତ ଥିଲା I
- ପାଉଲ, ତୀମଥି ଏବଂ ଶୀଲାଙ୍କ ସହିତ ତାଙ୍କର ଦ୍ୱିତୀୟ ପ୍ରଚାର ଯାତ୍ରାରେ ଥେସଲନୀକୀକୁ ପରିଦର୍ଶନ କରିଥିଲେ ଏବଂ ଯାହା ଫଳରେ ସେଠାରେ ଏକ ମଣ୍ଡଳୀ ସ୍ଥାପନ ହୋଇଥିଲା I ପରବର୍ତ୍ତୀ ସମୟରେ, ପାଉଲ ଆହୁରି ମଧ୍ୟ ତାଙ୍କର ତୃତୀୟ ପ୍ରଚାର ଯାତ୍ରାରେ ଏହି ସହରକୁ ପରିଦର୍ଶନ କରିଥିଲେ I
- ପାଉଲ ଥେସଲନୀକୀୟ ଖ୍ରୀଷ୍ଟିୟାନମାନଙ୍କୁ ଦୁଇଟି ପତ୍ର ଲେଖିଥିଲେ I ଏହି ପତ୍ରଗୁଡିକୁ (ପ୍ରଥମ ଥେସଲନୀକୀୟ ଏବଂ ଦ୍ୱିତୀୟ ଥେସଲନୀକୀୟ) ନୂତନ ନିୟମରେ ଅନ୍ତର୍ଭୁକ୍ତ କରାଯାଇଛି I

(ନାମଗୁଡ଼ିକ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ମାକିଦନିଆ, ପାଉଲ, ରୋମ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀ 1:1
- ଦ୍ୱିତୀୟ ଥେସଲନୀକୀ 1:1
- ଦ୍ୱିତୀୟ ତୀମଥି 4:9-10
- ପ୍ରେରିତ 17:1
- ଫିଲିପ୍ପୀୟ 4:14-17

ଶବ୍ଦବିନ୍ୟାସ:

- Strong's: G23310, G23320

ଥୋମା

ସତ୍ୟ ଘଟଣାବଳୀ:

ଥୋମା ଦ୍ୱାଦଶଙ୍କ ମଧ୍ୟରୁ ଜଣେଥିଲେ ଯାହାଙ୍କୁ ଯୀଶୁ ଶିଷ୍ୟ ଭାବରେ ମନୋନୀତ କରିଥିଲେ, ଏବଂ ପରବର୍ତ୍ତୀ ସମୟରେ ସେ ପ୍ରେରିତ ହେଲେ I ତାହାଙ୍କୁ "ଦିଦୁମ"ଯାହାର ଅର୍ଥ "ଯମଜ"ବୋଲି କୁହାଯାଉଥିଲା I

- ଯୀଶୁଙ୍କ ଜୀବନର ଶେଷ ସମୟରେ ସେ ପିତାଙ୍କ ସହିତ ରହିବାକୁ ଯାଉଛନ୍ତି ଏବଂ ଶିଷ୍ୟମାନଙ୍କ ସହ ରହିବା ପାଇଁ ଏକ ସ୍ଥାନ ପ୍ରସ୍ତୁତ କରିବେ ବୋଲି ଆପଣା ଶିଷ୍ୟମାନଙ୍କୁ କହିଲେI ଥୋମା ଯୀଶୁଙ୍କୁ ପଚାରିଲେ, ସେଠାକୁ ଯିବା ନିମନ୍ତେ ଆମେ ପଥ କିପରି ଜାଣିପାରୁ, କାରଣ ସେମାନେ ସେପର୍ଯ୍ୟନ୍ତ ଜାଣି ନଥିଲେ ସେ କୁଆଡେ ଯାଉଅଛନ୍ତି I
- ଯୀଶୁ ମୃତ୍ୟୁଭୋଗ କଲାପରେ ପୁନର୍ଜୀବିତ ହେଲେ, ଥୋମା କହିଲେ ସେ ସ୍ୱଚକ୍ଷୁରେ ନ ଦେଖନ୍ତି ପୁଣି ଯେଉଁ ସ୍ଥାନରେ ତାଙ୍କର କ୍ଷତ ହୋଇଥିଲା ସେହି କ୍ଷତରେ ସ୍ପର୍ଶ ନ କରନ୍ତି ସେପର୍ଯ୍ୟନ୍ତ ସେ ଯୀଶୁ ଜୀବିତ ବୋଲି ବିଶ୍ୱାସ କରିବ ନାହିଁ ବୋଲି କହିଲା I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ପ୍ରେରିତ, ଶିଷ୍ୟମାନେ, ପିତା ଈଶ୍ୱର, ଦ୍ୱାଦଶ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ ୧:୧୨-୧୪
- ଯୋହନ ୧୧:୧୫-୧୬
- ଲୂକ ୬:୧୪-୧୬
- ମାର୍କ ୩:୧୭-୧୯
- ମାଥିଉ ୧୦:୨-୪

ଶବ୍ଦବିନ୍ୟାସ:

- Strong's: G23810

ଦକ୍ଷିଣାଞ୍ଚଳ (ନାଗେବ)

ଘଟଣାବଳି:

ଇସ୍ରାଏଲର ଦକ୍ଷିଣାଞ୍ଚଳ ନାଗେବ। ହେଉଛି ମରୁଭୂମୀ, ଲବଣ ସମୁଦ୍ରର ଦକ୍ଷିଣପଶ୍ଚିମ ଅଂଶ

- "ଦକ୍ଷିଣାଞ୍ଚଳ" ଆକ୍ଷରିକ ଅର୍ଥ, ଏବଂ କିଛି ଇଂରାଜୀ ଅନୁବାଦରେ ଏହିପରି ଅନୁବାଦ ହୋଇଛି
- ଏହା ମଧ୍ୟ "ଦକ୍ଷିଣ" ହୋଇପାରେ ଯେଉଁଠି ନାଗେବ ବର୍ତ୍ତମାନ ମରୁଭୂମୀ ନାହିଁ
- ଯେତେବେଳେ ଅବ୍ରାହମ କାଦେଶ ସହରରେ ବାସ କରୁଥିଲେ, ସେହି ସମୟରେ ସେ ନାଗେବ କିମ୍ବା ଦକ୍ଷିଣାଞ୍ଚଳରେଥିଲେ
- ଯେତେବେଳେ ରିବିକା ତାଙ୍କୁ ଭେଟି ତାଙ୍କର ସ୍ତ୍ରୀ ହେଲେ ସେହି ସମୟରେ ଇସାହାକ୍ ନାଗେବରେ ବାସ କରୁଥିଲେ
- ଯିହୁଦାର ଯିହୁଦୀ ଜାତି ଏବଂ ସିମୋନ ମଧ୍ୟ ଦକ୍ଷିଣାଞ୍ଚଳରେ ବାସ କରୁଥିଲେ
- ନାଗେବ ଅଞ୍ଚଳରେ ସବୁଠାରୁ ବଡ ସହର ବର୍ ଶେବାଥିଲା

(ଅନୁବାଦ ପ୍ରସ୍ତାବ ଗୁଡିକ: ନାମ ଗୁଡିକ ଅନୁବାଦ କିପରି)

(ଦେଖ: ଅବ୍ରାହମ, ବର୍ ଶେବା, ଇସ୍ରାଏଲ, ଯିହୁଦା, କାଦେଶ, ଲବଣ ସମୁଦ୍ର, ଶିମୋନ)

ବାଇବଲ ପୃଷ୍ଠଭୂମି:

- ଆଦି ୧୨:୮-୯
- ଆଦି ୨୦:୧-୩
- ଆଦି ୨୪:୬୧-୬୨
- ଜିହୋଶୁୟ ୦୩:୧୪-୧୬
- ଗଣନା ୧୩:୧୭-୨୦

ବୋର୍ଡ ଡାଟା :

- Strong's: H5045, H6160

ଦମ୍ମେଶକ

ବାସ୍ତବତା:

ଦମ୍ମେଶକ ସିରିୟା ଦେଶର ରାଜଧାନୀ ଅଟେ I ବାଇବଲ ସମୟରେ ଏହା ଯେଉଁ ଠାରେ ଅବସ୍ଥିତଥିଲା ଏବେ ମଧ୍ୟ ସେହି ସମାନ ସ୍ଥାନରେ ଅବସ୍ଥିତ I

- ଦମ୍ମେଶକ ଗୋଟିଏ ପୁରୁଣା ନଗର ଅଟେ, ନିରବଚ୍ଛିନ୍ନ ଭାବରେ ବସବାସ କରୁଥିବା ପୃଥିବୀର ନଗରମାନଙ୍କ ମଧ୍ୟରୁ ଏହା ଗୋଟିଏ ନଗର ଅଟେ I
- ଅବ୍ରହାମ୍ଙ୍କ ସମୟରେ, ଦମ୍ମେଶକ ଅରାମ ରାଜ୍ୟର ରାଜଧାନୀଥିଲା (ସିରିୟାରେ ବର୍ତ୍ତମାନ ଅବସ୍ଥିତ) I
- ପୁରାତନ ନୀୟମ ସମୟରେ, ଦମ୍ମେଶକର ଲୋକମାନେ ଏବଂ ଇସ୍ରାଲିୟମାନଙ୍କ ମଧ୍ୟରେ ଯୋଗାଯୋଗ ଥିବା ସମ୍ବନ୍ଧରେ ଅନେକ ଥର ଉଲ୍ଲେଖ ହୋଇଅଛି I
- ବାଇବଲ ଭିତିକ ଅନେକ ଭାବବାଣୀ ଦମ୍ମେଶକର ଧ୍ୱଂସ ବିଷୟରେ ପ୍ରକାଶ କରେ I

ଏହିସବୁ ଭାବବାଣୀ ପୂର୍ଣ୍ଣହୋଇଥାଇପାରେ ଯେତେବେଳେ ଅଶୂରଦେଶ ଏହି ନଗରକୁ ଧ୍ୱଂସ କଲା,କିମ୍ବା ଭବିଷ୍ୟତରେ ଏହି ନଗର ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ ହୋଇପାରେ I

- ନୂତନ ନୀୟମ ସମୟରେ,ଫାରୁସୀ ଶାଉଲ(ପରେ ପାଉଲ ନାମରେ ଜଣାଗଲେ) ଖ୍ରୀଷ୍ଟିୟାନ୍ମାନଙ୍କୁ ବନ୍ଦୀକରିବାକୁ ଦମ୍ମେଶକ ପଥଦେଇ ଯାଉଥିବାବେଳେ ଯୀଶୁ ତାଙ୍କର ସମ୍ମୁଖବର୍ତ୍ତି ହେଲେ ଏବଂ ସେ ତାଙ୍କୁ ତାଙ୍କର ବିଶ୍ୱାସୀ ହେବ ନିମନ୍ତେ ଆହ୍ୱାନ କଲେ I

(ତର୍ଜମା କରିବା ନିମନ୍ତେ ପ୍ରସ୍ତାବନା: ନାମ ଗୁଡିକ କିପରି ତର୍ଜମା କରା ହେବ)

ଦେଖମଧ: ଅରାମ, ଅଶୁରିୟ, ବିଶ୍ୱାସ, ସିରିୟା

ବାଇବଲ ଉଦ୍ଧିଷ୍ଟ ପଦପର୍ବ:

- ୨ ୟ ବଂଶାବଳି ୨୪:୨୩-24
- ପ୍ରେରିତ ୦୯:୧ -୨
- ପ୍ରେରିତ ୦୯:୩ -୪
- ପ୍ରେରିତ ୨୬:୧୨ -୧୪
- ଗାଲତୀୟ ୦୧:୧୫ -
- ଆଦିପୁସ୍ତକ ୧୪:୧୫ -୧୬

ବୋର୍ଡ ଡାଟା :

- Strong's: H1833, H1834, G1154

ଦଲୀଲା

ଘଟଣାଗୁଡିକ:

ଦଲୀଲା ଜଣେ ପଲେଷ୍ଟୀୟ ନାରୀଥିଲେ ଯିଏକି ଶାମ୍‌ଗୋନ ଦ୍ୱାରା ଭଲ ପାଉଥିଲେ, କିନ୍ତୁ ତାଙ୍କ ସ୍ତ୍ରୀ ନଥିଲେ ।

- ଦଲୀଲା ସେ ଶାମ୍‌ଗୋନଙ୍କୁ ଭଲ ପାଇବା ଅପେକ୍ଷା ଅଧିକା ଅର୍ଥକୁ ଭଲ ପାଇଲେ ।
- ପଲେଷ୍ଟୀୟମାନେ ଶାମ୍‌ଗୋନଙ୍କୁ ପ୍ରବଞ୍ଚନା କରି ଦଲୀଲାକୁ ଲାଞ୍ଚ ଦେଇ ତାକୁ କହନ୍ତି କିପରି ସେ ଦୁର୍ବଳ ହୋଇପାରିବ ।

ଯେତେବେଳେ ତାର ଶକ୍ତି ଚାଲିଗଲା, ପଲେଷ୍ଟୀୟମାନେ ତାକୁ ବନ୍ଦୀ କଲେ ।

(ଅନୁବାଦ ପ୍ରସ୍ତାବ ବିଷୟଗୁଡିକ: ଅନୁବାଦ ନାମଗୁଡିକ)

(ପୁନଶ୍ଚ ଦେଖନ୍ତୁ: ଲାଞ୍ଚ, ପଲେଷ୍ଟୀୟମାନେ, ଶାମ୍‌ଗୋନ)

ବାଇବଲ ଉଲ୍ଲେଖଗୁଡିକ:

- ବିଚାରକର୍ତ୍ତା ୧୬: ୪-୫
- ବିଚାରକର୍ତ୍ତା ୧୬: ୬-୭
- ବିଚାରକର୍ତ୍ତା ୧୬: ୧୦-୧୨
- ବିଚାରକର୍ତ୍ତା ୧୬: ୧୮-୧୯

ବୋର୍ଡ ଡାଟା :

- Strong's: H1807

ଦାଉଦ

ସତ୍ୟ ଘଟଣାବଳୀ:

ଦାଉଦ ଇସ୍ରାଏଲର ଦ୍ୱିତୀୟ ରାଜା ଥିଲେ ଏବଂ ସେ ଈଶ୍ୱରଙ୍କୁ ପ୍ରେମ କରୁଥିଲେ ଏବଂ ତାହାଙ୍କର ସେବା ଉପାସନା କରୁଥିଲେ I ସେ ଗୀତସଂହିତାର ପ୍ରଧାନ ଲେଖକ ଥିଲେ I

- ଯେତେବେଳେ ଦାଉଦ ଯୁବକ ଥିଲେ ତାଙ୍କ ପରିବାରର ମେଷପଲର ଯତ୍ନ ନେଉଥିଲେ, ଈଶ୍ୱର ତାହାଙ୍କୁ ଇସ୍ରାଏଲର ପରବର୍ତ୍ତୀ ରାଜା ହେବାକୁ ମନୋନୀତ କଲେ I
- ଦାଉଦ ଜଣେ ମୋହାନ ଯୋଦ୍ଧା ଥିଲେ ଏବଂ ସେମାନଙ୍କର ଶତ୍ରୁଗଣଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ସେ ଇସ୍ରାଏଲର ସୈନ୍ୟମାନଙ୍କୁ ନେତୃତ୍ୱ ଦେଇଥିଲେ I ସେ ପଲେଷ୍ଟୀୟ ଗଲୀୟାତକୁ ପରାସ୍ତ କରିଥିଲେ ଯାହାକି ଅତି ପରିଚିତ ଥିଲା I
- ଦାଉଦଙ୍କୁ ହତ୍ୟା କରିବାକୁ ରାଜା ଶାଉଲ ଅନେକ ଚେଷ୍ଟା କରିଥିଲେ, କିନ୍ତୁ ଈଶ୍ୱର ତାହାଙ୍କୁ ରକ୍ଷା କରିଥିଲେ, ଏବଂ ତାହାଙ୍କୁ ଶାଉଲଙ୍କର ମୃତ୍ୟୁପରେ ରାଜା କରିଥିଲେ I
- ଦାଉଦ ଗୋଟିଏ ଜଘନ୍ୟ ପାପ କରିଥିଲେ, କିନ୍ତୁ ସେ ଅନୁତାପ କରିଥିଲେ ଏବଂ ଈଶ୍ୱର ତାହାଙ୍କୁ କ୍ଷମା ଦେଇଥିଲେ I
- ଯୀଶୁ, ମସୀହ, "ଦାଉଦଙ୍କ ସନ୍ତାନ" ବୋଲି କୁହାଯାଉ ଥିଲେ କାରଣ ସେ ଦାଉଦ ରାଜାଙ୍କର ବଂଶଜାତ ଥିଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଗଲୀୟାତ, ପଲେଷ୍ଟୀୟ, ଶାଉଲ (OT): ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ 17:12-13
- ପ୍ରଥମ ଶାମୁୟେଲ 20:34
- ଦ୍ୱିତୀୟ ଶାମୁୟେଲ 5:2
- ଦ୍ୱତୀୟ ତିମଥି 2:8
- ପ୍ରେରିତ 2:25
- ପ୍ରେରିତ 13:22
- ଲୂକ 1:32
- ମାର୍କ 2:26

ବାଇବେଲ କହାଣୀରୁ ଉଦାହରଣଗୁଡ଼ିକ:

- **17:2** ଈଶ୍ୱର ଇସ୍ରାଏଲୀୟ ଯୁବକ **ଦାଉଦଙ୍କୁ** ଶାଉଲଙ୍କ ପରେ ରାଜା ହେବା ନିମନ୍ତେ ମନୋନୀତ କଲେ I **ଦାଉଦ** ବେଥଲିହିମ ନଗରର ଜଣେ ମେଷପାଳକ ଥିଲେ I ... **ଦାଉଦ** ଜଣେ ନମ୍ର ଏବଂ ଧାର୍ମିକ ବ୍ୟକ୍ତି ଥିଲେ ଯିଏ କି ଈଶ୍ୱରଙ୍କଠାରେ ଭରସା କରୁଥିଲେ ଓ ଈଶ୍ୱରଙ୍କର ଆଜ୍ଞାକାରୀ ଥିଲେ I
- **17:3 ଦାଉଦ** ଜଣେ ମୋହାନ ସୈନିକ ଏବଂ ନେତା ଥିଲେ I ଯେତେବେଳେ **ଦାଉଦ** ଜଣେ ଯୁବକ ଥିଲେ, ସେ ଗଲୀୟାତକୁ ଯୁଦ୍ଧରେ ପରାସ୍ତ କରିଥିଲେ I
- **17:4** ଶାଉଲ **ଦାଉଦ**ଙ୍କ ପ୍ରତି ଲୋକମାନଙ୍କର ପ୍ରେମ ଦେଖି ଈର୍ଷା କରିଥିଲେ I ଶାଉଲ **ଦାଉଦଙ୍କୁ** ହତ୍ୟା କରିବା ପାଇଁ ଅନେକ ଥର ଚେଷ୍ଟା କରିଥିଲେ, ତେଣୁ **ଦାଉଦ** ଶାଉଲଙ୍କଠାରୁ ଲୁଚି ରହୁଥିଲେ I
- **17:5 ଦାଉଦଙ୍କୁ** ଈଶ୍ୱର ଅର୍ଶିବାଦ କଲେ ଏବଂ ସଫଳତା ଦେଲେ I **ଦାଉଦ** ଅନେକ ଯୁଦ୍ଧ କରିଥିଲେ ଏବଂ ଈଶ୍ୱର ତାହାଙ୍କୁ ଇସ୍ରାଏଲର ଶତ୍ରୁମାନଙ୍କୁ ପରାସ୍ତ କରିବାରେ ସାହାଯ୍ୟ କଲେ I
- **17:6 ଦାଉଦ** ଗୋଟିଏ ମନ୍ଦିର ନିର୍ମାଣ କରିବାକୁ ଇଚ୍ଛା କଲେ ଯେଉଁଠାରେ ସମସ୍ତ ଇସ୍ରାଏଲୀୟମାନେ ଈଶ୍ୱରଙ୍କର ଉପାସନା ଏବଂ ବଳିଉତ୍ସର୍ଗ କରିପାରିବେ I
- **17:9 ଦାଉଦ** ନ୍ୟାୟ ଓ ବିଶ୍ୱସ୍ତତାରେ ଅନେକ ବର୍ଷ ରାଜତ୍ୱ କଲେ, ଏବଂ ଈଶ୍ୱର ତାହାଙ୍କୁ ଅର୍ଶିବାଦ କଲେ I ତଥାପି, ତାଙ୍କ ଜୀବନର ଶେଷ ପର୍ଯ୍ୟାୟରେ ସେ ଈଶ୍ୱରଙ୍କ ବିରୁଦ୍ଧରେ ଭୟଙ୍କର ପାପ କରିଥିଲେ I
- **17:13** ଈଶ୍ୱର **ଦାଉଦଙ୍କ** ପ୍ରତି କ୍ରୋଧାନିତ୍ୱ ହେଲେ, ତେଣୁକରି ଈଶ୍ୱର **ଦାଉଦ** କେତେ ଘୃଣ୍ୟପାପ କଲେ ତାହା ତାହାଙ୍କୁ କହିବା ନିମନ୍ତେ ନାଥନ ଭବିଷ୍ୟତବକ୍ତାଙ୍କୁ ପଠାଇଲେ I **ଦାଉଦ** ତାଙ୍କ ପାପ ପାଇଁ ଅନୁତାପ କଲେ ଏବଂ ଈଶ୍ୱର ତାହାଙ୍କୁ କ୍ଷମା ଦେଲେ I ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ, ଦାଉଦ ଦୁଃଖକଷ୍ଟ ସମୟରେ ମଧ୍ୟ, ଈଶ୍ୱରଙ୍କ ଆଜ୍ଞାବହ ହେଲେ ଏବଂ ତାଙ୍କର ଅନୁଗମନ କଲେ I

ଶବ୍ଦବିନ୍ୟାସ :

- Strong's: H1732, G11380

ଦାଉଦ-ନଗର

ସତ୍ୟ ଘଟଣାବଳୀ:

ଯିରୂଶାଲମ ଏବଂ ବେଥଲିହିମର "ଦାଉଦ-ନଗର" ଅନ୍ୟ ଏକ ନାମ ଅଟେ ।

- ଦାଉଦ ଯେତେବେଳେ ଇସ୍ରାଏଲ ଦେଶର ଶାସକ ଥିଲେ ସେ ଯିରୂଶାଲମରେ ବାସ କରୁଥିଲେ ।
- ଦାଉଦ ବେଥଲିହିମରେ ଜନ୍ମ ଗ୍ରହଣ କରିଥିଲେ ।

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଦାଉଦ, ବେଥଲିହିମ, ଯିରୂଶାଲମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ରାଜାବଳୀ 8:1-2
- 2 ଶାମୁୟେଲ 5:6-7
- ଯିଶାଇୟ 22:8-9
- ଲୂକ 2:4
- ନିହିମୀୟା 3:14-15

ଶବ୍ଦବିନ୍ୟାସ :

- Strong's: H1732, H5892, G11380, G41720

ଦାଉଦଙ୍କ ଗୃହ

ସତ୍ୟ ଘଟଣାବଳୀ:

"ଦାଉଦଙ୍କ ଗୃହ" ଅଭିବ୍ୟକ୍ତି ଦାଉଦ ରାଜାଙ୍କର ପରିବାର ଓ ବଂଶଧରମାନଙ୍କୁ ବୁଝାଏ I

- ଏହି ବାକ୍ୟାଂଶକୁ "ଦାଉଦଙ୍କ ବଂଶ" କିମ୍ବା "ଦାଉଦଙ୍କ ପରିବାର" କିମ୍ବା "ରାଜା ଦାଉଦଙ୍କ ପରିବାର ବର୍ଗ" ବୋଲି ଅନୁବାଦ କରାଯାଇପାରେ I
- କାରଣ ଯୀଶୁ ଦାଉଦଙ୍କ ବଂଶଧର ଥିଲେ ତେଣୁ ସେ ଦାଉଦଙ୍କର ଗୃହର ଅଂଶ ଥିଲେ I
- ବେଳେବେଳେ "ଦାଉଦଙ୍କ ଗୃହ" କିମ୍ବା "ଦାଉଦଙ୍କ ସପରିବାର" ଦାଉଦ ପରିବାରରେ ଯିଏ ଜୀବିତ ଥିଲେ ଏହା ସେହିସମସ୍ତଙ୍କୁ ବୁଝାଏ I
- ଅନ୍ୟ ସମୟରେ ଏହି ଶବ୍ଦ ସାଧାରଣ ଭାବେ ସମସ୍ତ ବଂଶଧରମାନଙ୍କୁ ବୁଝାଏ ଏପରିକି ଯେଉଁମାନେ ପୂର୍ବରୁ ମରିଯାଇଥିଲେ I

(<u>ନାମଗୁଡ଼ିକୁ କିପରି ଅନୁବାଦ କରିବେ:</u> ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଦାଉଦ, ବଂଶଧର, ଗୃହ, ଯୀଶୁ, ରାଜା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ବଂଶାବଳୀ 10: 19
- 2 ଶାମୁୟେଲ 3:6
- ଲୂକ 1:69-71
- ଗୀତସଂହିତା 122:5
- ଯିଖରୀୟ 12:7

ଶବ୍ଦବିନ୍ୟାସ:

- Strong's: H1004, H1732, G11380, G36240

ଦାନ

ବାସ୍ତବିକତା:

ଦାନ ଯାକୁବଙ୍କର ପଞ୍ଚମ ପୁତ୍ରଥିଲେ ଏବଂ ଦ୍ୱାଦଶ ଗୋଷ୍ଠୀ ମଧ୍ୟରୁ ଗୋଟିଏଥିଲେ I

- ଅବ୍ରାହମ ଙ୍କ ସମୟରେ,ପଶ୍ଚିମ ଯିରୁଶଲାମରେ ଦାନ ନାମର ଗୋଟିଏ ନଗର ଅବସ୍ଥିତଥିଲା I
- ବହୁତ ବର୍ଷପରେ,ଇସ୍ରାଏଲ୍ ଦେଶ ପ୍ରତିଜ୍ଞାତ ଦେଶ କୁ ପ୍ରବେଶ କରିବା ସମୟରେ, ଗୋଟିଏ ଭିନ୍ନ ନଗର ଯାହାକି ଉତ୍ତର ଯିରୁଶଲାମ ର ପ୍ରାୟ ୬୦ ମାଇଲ୍ ଦୁରରେ ଦାନ ନାମକ ନଗର ଅବସ୍ଥିତଥିଲା I
- ଏହି ''ଦାନୀୟ'' ଶବ୍ଦ ଟି ଦାନର ବଂଶ କୁ ଉଲ୍ଲେଖ କରାଯାଇଅଛି,ଯେଉଁମାନେ ତାଙ୍କର ପରିବାରର ସଦସ୍ୟଥିଲେ I

(ତର୍ଜମା କରିବା ପାଇଁ ମତାମତ: କିପରି ଭାବରେ ନାମକୁ ତର୍ଜମା କରାହେବ)

(ଦେଖ ମଧ୍ୟ: କିଣାନ, ଯିରୁଶଲାମ, ଇସ୍ରାଏଲ୍ ର ଦ୍ୱାଦଶ ଗୋଷ୍ଠୀ)

ବାଇବଲ ଭିତିକ ପଦପର୍ବ:

- ୧ ବଂଶାବଳି ୧୨:୩୪ -୩୫
- ୧ ରାଜାବଳି ୦୪:୨୪-୨୫
- ଗଣନା ପୁସ୍ତକ ୦୧:୧-୫
- ଆଦିପୁସ୍ତକ ୧୪:୧୩-୧୪
- ଆଦିପୁସ୍ତକ ୩୦:୫-୬

ବୋର୍ଡ ଡାଟା :

- Strong's: H1835, H1839, H2051

ଦାନୀୟେଲ

ବାସ୍ତବତା:

ଦାନୀୟେଲ ଇସ୍ରାଏଲର ଜଣେଭବିଷ୍ୟତବକ୍ତାଥିଲେ ଯିଏକି ଯୁବା ସମୟରେ ୬୦୦ ବି ସିରେ ବାବିଲର ରାଜା ନବୂଖଦ୍ ନିତ୍ସର ଦ୍ୱାରା ନିର୍ବାସିତ ହୋଇଥିଲେ I

- ଏହି ସମୟରେ ଯିହୁଦା ପ୍ରଦେଶର ଅନେକ ଇସ୍ରାଲିୟମାନେ ସତୁରୀ ବର୍ଷଯାଏ ବାବିଲ କୁ ନିର୍ବାସିତହୋଇଥିଲେ I
- ଦାନୀୟେଲ ଙ୍କୁ ବାବିଲର ନାମ ଅନୁଶାରେ ବେଲ୍ଟ ଟଶତ୍ସର ଦିଆଗଲା I
- ଦାନୀୟେଲ ଜଣେ ସମ୍ମାନୀୟ ଓ ଧାର୍ମିକ ଯୁବା ବ୍ୟକ୍ତିଥିଲେ ଯିଏକି ସଦାପ୍ରଭୁଙ୍କର ଆଜ୍ଞାବହ
- ବାବିଲର ରାଜା ନିମନ୍ତେ ପରମେଶ୍ୱର ଦାନୀୟେଲ ଙ୍କୁ ଅନେକ ସ୍ୱପ୍ନ ଓ ଦର୍ଶନ ତର୍ଜମା କରିବାପାଇଁ ସକ୍ଷମ କଲେ I
- କାରଣ ଏହି ଦକ୍ଷତ ଓ ସମ୍ମାନୀୟ ଗୁଣ ଯୋଗୁ, ବାବିଲର ରାଜା ଦାନୀୟେଲ ଙ୍କୁ ପ୍ରଧାନ ନେତା ଭାବରେ କର୍ତ୍ତୁତ୍ୱ ପଦରେ ରଖିଲେ I
- ବହୁତ ବର୍ଷ ପରେ, ଦାନୀୟେଲଙ୍କର ଶତ୍ରୁମାନେ କୌଶଳରେ ବାବିଲର ରାଜା ଦାରିୟାବସଙ୍କର ଦ୍ୱାରା ଗୋଟିଏ ନୀୟମ କଲେ ଯାହା ବାବିଲର ରାଜା ଛଡା ଅନ୍ୟ କାହାକୁ ପୂଜାକରିବାକୁ ନିଷେଧ କଲେ I

ଦାନୀୟେଲ ପରମେଶ୍ୱରଙ୍କଠାରେ ନିରନ୍ତର ପ୍ରାର୍ଥନା କଲେ,ତେଣୁ ସେ ବନ୍ଦୀ ହୋଇ ସିଂଘଗର୍ତ୍ତରେ ନିକ୍ଷିପ୍ତ ହେଲେ I କିନ୍ତୁ ସଦପ୍ରଭୁ ତାଙ୍କୁ ଉଦ୍ଧାର କଲେ ଓ ସେ କ୍ଷତବିକ୍ଷତ ହୋଇନଥିଲେ I ଭାଷାନ୍ତର ର ପ୍ରସ୍ତାବ: ନାମଗୁଡ଼ିକୁ କିପରି ଭାବରେ ଭାଷାନ୍ତର କରାହେବ

(ଦେଖିବା ମଧ: ବାବିଲ, ନବୂଖଦ୍ ନିତ୍ସର)

ବାଇବଲ ଉଦ୍ଦିଷ୍ଟ ପଦପର୍ବ:

- ଦାନୀୟେଲ ୦୧:୬ -୭
- ଦାନୀୟେଲ ୦୫:୨୯ -୩୍
- ଦାନୀୟେଲ ୦୭:୨୭ -୨୮
- ଯିହିଜିକଲ ୧୪:୧୨ -୧୪
- ମାଥିଉ ୨୪:୧୫ -୧୮

ବୋର୍ଡ ଡାଟା :

- Strong's: H1840, H1841, G1158

ଦାରିୟାବସ

ବାସ୍ତବିକତା:

ଦାରିୟାବସ ହେଲା ପାରସ୍ୟ ପ୍ରଦେଶର ଅନେକ ଗୁଡିଏ ରାଜାମାନଙ୍କର ନାମ I ଏହା ସମ୍ଭବ ଅଟେ ଯାହାକି "ଦାରିୟାବସ" ନାମ ଅପେକ୍ଷା ଗୋଟିଏ ଉପାଧିଥିଲା I

- "ଦାରିୟାବସ ମାଦୀୟ" ରାଜା ଯିଏକି କୌଶଳ କରି ଦାନୀୟେଲ ଭବିଷ୍ୟତବକ୍ତା ଙ୍କୁ ପରମେଶ୍ୱର ଙ୍କ ଉପାସନା କରିବା ଅଭିଯୋଗ ପାଇଁ ସିଂହ ଗର୍ତ୍ତରେ ନିକ୍ଷିପ୍ତ ହେଲେ I
- "ଦାରିୟାବସ ପାରସୀକ" ଏଜ୍ରା ଓ ନିହିମିୟାଙ୍କର ସମୟରେ ଯିରୁଶାଲମର ମନ୍ଦିର କୁ ପୁନଃଗଠନ କରିବା ନିମନ୍ତେ ସମସ୍ତ ସାହାଯ୍ୟ ଓ ସହଯୋଗ କରିଥିଲେ I

(ଭାଷାନ୍ତର ପ୍ରସ୍ତାବ: ନାମଗୁଡିକର ଭାଷାନ୍ତର କିପରି କରାହେବ)

(ଦେଖିବା ମଧ: ପାରସ୍ୟ, ବାବିଲ, ଦାନୀୟେଲ, ଏଜ୍ରା, ନିହିମିୟା)

ବାଇବଲ ଭିତିକ ପଦପର୍ବ:

- ଏଜ୍ରା ୦୪:୪ -୬
- ହାଗୟ ୦୧:୧ -୨
- ନିହିମିୟା ୧୨:୨୨ -୨୩
- ଯିଖରିୟ ୦୧:୧-୩

ବୋର୍ଡ ଡାଟା :

- Strong's: H1867, H1868

ନପ୍ତାଲି

ଘଟଣାବଳି:

ଯାକୁବଙ୍କର ଷଷ୍ଠ ପୁତ୍ରଥିଲେ ନପ୍ତାଲି ତାଙ୍କର ସନ୍ତାନଗଣ ନପ୍ତାଲି ଜାତିରେ ପରିଚିତ ହେଲେ, ଯାହା ଇସ୍ରାଏଲର ବାର ଜାତି ମଧ୍ୟରୁ ଗୋଟିଏ

- ବେଳେବେଳେ ଯେଉଁ ସ୍ଥାନରେ ନପ୍ତାଲି ଜାତି ବସତି କରୁଥିଲେ ସେହି ସ୍ଥାନ କୁ ନପ୍ତାଲି ନାମ ବ୍ୟବହାର ହୁଏ

(ଦେଖ: ତୁଳନାତ୍ମକ)

- ନପ୍ତାଲି ସ୍ଥାନ ଇସ୍ରାଏଲର ଦକ୍ଷିଣ ଦିଗରେ ଅବସ୍ଥିତ, ଦାନ୍ ଓ ଆଶେର୍ ନିକଟବର୍ତ୍ତୀ. ଏହାର ପୂର୍ବ ସୀମାରେଥିଲା ପଶ୍ଚିମ କାନେରେତ ସମୁଦ୍ର ଉପକୂଲବର୍ତ୍ତୀ
- ବାଇବଲ ପୁରାତନ ଓ ନୂତନ ନିୟମରେ ଏହି ଜାତି ବିଷୟରେ ବର୍ଣ୍ଣନା ଅଛି

(ଅନୁବାଦ ପ୍ରସ୍ତାବ ଗୁଡିକ: ନାମ ଗୁଡିକର ଅନୁବାଦ କେରିବେ କିପରି)

(ଦେଖ: ଆଶୀର୍, ଦାନ, ଯାକୁବ, ଗାଲିଲୀ ସମୁଦ୍ର, ଇସ୍ରାଏଲ ର ବାର ଜାତି)

ବାଇବଲ ପୃଷ୍ଠଭୂମି:

- ୧ ରାଜାବଳି ୦୪:୧୫-୧୭
- ଦ୍ୱିତୀୟ ବିବରଣ ୨୭:୧୩-୧୪
- ଯିହିଜିକଲ ୪୮:୧-୩
- ଆଦି ୩୦:୭-୮
- ବିଚାରକର୍ତ୍ତା ୦୧:୩୩
- ମାଥିଉ ୦୪:୧୨-୧୩

ବୋର୍ଡ ଡାଟା :

- Strong's: H5321, G3508

ନବୁଖତନିତ୍ସର

ଘଟଣାବଳି:

ବାବିଲୋନ ଦେଶର ନବୁଖତନିତ୍ସର ରାଜାଥିଲେ ଯାହାଙ୍କର ଶକ୍ତିଶାଳୀ ସୈନ୍ୟମାନେ ଅନେକ ଲୋକଦଳ ଓ ଦେଶ ଗୁଡିକ ଅଧିକାର କରିଥିଲେ

- ନବୁଖତନିତ୍ସରଙ୍କର ନେତୃତ୍ୱରେ, ବାବିଲୋନର ସୈନିକମାନେ ଆକ୍ରମଣ କରି ଯିହୁଦା ରାଜ୍ୟକୁ ଅଧିକାର କଲେ ଏବଂ ଯିହୁଦାର ଅଧିକାଂଶ ଲୋକମାନଙ୍କୁ ବନ୍ଦୀ କରି ବାବିଲୋନ କୁ ନେଲେ

ବନ୍ଦୀମାନଙ୍କୁ ସେଠାରେ ୭୦ ବର୍ଷ ରହିବାକୁ ବାଧ କଲେ ଯାହାକୁ "ବାବିଲୋନ ନିର୍ୱାସନ" କୁହାଯାଏ

- ନିର୍ୱାସନ ମଧ୍ୟରୁ ଗୋଟିଏ, ଦାନିଏଲ, ରାଜା ନବୁଖତନିତ୍ସରଙ୍କର ଦର୍ଶନ ଗୁଡିକର ନିଗୁଢ ବିଷୟ କହିଛନ୍ତି
- ଇସ୍ରାଏଲର ଆଉ ତିନିଜଣ ମଧ୍ୟ ବନ୍ଦୀ ହୋଇଥିଲେ, ହନନୀୟ, ମୀଶାୟେଲ ଏବଂ ଅସରୀୟଙ୍କୁ ଅଗ୍ନିକୁଣ୍ଡକୁ ଫିଙ୍ଗିଲେ ଯେହେତୁ ସେମାନେ ବହୁତ ବଡ ସ୍ୱର୍ଣ୍ଣ ମୂର୍ତ୍ତି ଯାହା ନବୁଖତନିତ୍ସର ତିଆରି କରିଥିଲେ ତାହାକୁ ପ୍ରଣାମ କରିବାକୁ ଅରାଜି ହେଲେ
- ରାଜା ନବୁଖତନିତ୍ସର ଜଣେ ଅହଂକାରୀ ଓ ନକଲି ଦେବତାମାନଙ୍କୁ ଉପାସନା କରୁଥିଲେ

ଯେତେବେଳେ ସେ ଯିହୁଦାକୁ ଅକ୍ତିଆର କଲେ, ଯିରୁଶାଲମ ମନ୍ଦିରରୁ ଅନେକ ସୁନା ଓ ରୁପା ଉପାଦାନ ଗୁଡିକୁ ଚୋରୀ କରି ଆଣିଲେ

- ଯେହେତୁ ନବୁଖତନିତ୍ସର ଜଣେ ଗର୍ବିଥିଲେ ଓ ନକଲି ଦେବତାମାନଙ୍କୁ ପୂଜା କରିବାରୁ ଓହରିଲେ ନାହିଁ, ୟିହୋବା ତାଙ୍କୁ ସାତ ବର୍ଷ ପଶୁ ପରି ନିଃସହାୟ କଲେ,

ସାତ ବର୍ଷ ପରେ, ନବୁଖତନିତ୍ସର ନିଜକୁ ନମ୍ର କଲେ ଓ ଏକ ପରମେଶ୍ୱର ୟିହୋବାଙ୍କୁ ପ୍ରଂଶସା କରିବାରୁ ପରମେଶ୍ୱର ତାଙ୍କୁ ପୁନଃ ସଂସ୍ଥାପନ କଲେ

(ଅନୁବାଦ ପ୍ରସ୍ତାବ ଗୁଡିକ: ନାମ ଗୁଡିକ କେମିତି ଅନୁବାଦ କରିବେ)

(ଦେଖ: ଅହଂକାରୀ, ଅଶୁରିୟ, ବାବିଲୋନ, ହନନୀୟ, ମୀଶାୟେଲ)

ବାଇବଲ ପୃଷ୍ଠଭୂମି:

- ୧ ବଂଶାବଳି ୦୬:୧୩-୧୫
- ୨ ରାଜାବଳି ୨୫:୧-୩
- ଦାନିଏଲ ୦୧:୧-୨
- ଦାନିଏଲ ୦୪:୪-୬
- ଜିହିଜକଲ ୨୬:୬-୮

ବାଇବଲ କାହାଣୀରୁ ଉଦାହରଣ:

- _ ୨୦:୦୬ଅଶୁରିୟମାନଙ୍କ ଦ୍ୱାରା ଇସ୍ରାଏଲ ରାଜ୍ୟର ୧୦୦ ବର୍ଷ ଧ୍ୱଂସ ପରେ, ପରମେଶ୍ୱର ପଠାଇଲେ _ନବୁଖତନିତ୍ସର, ବାବିଲୋନର ରାଜା ଭାବେ, ଯିହୁଦା ରାଜ୍ୟକୁ ଆକ୍ରମଣ କଲେ
- _ ୨୦:୦୬_ ଯିହୁଦାର ରାଜା ରାଜି ହେଲେ _ ନବୁଖତନିତ୍ସରଙ୍କର _ଦାସ ହେବେ ଏବଂ ପ୍ରତ୍ୟେକ ବର୍ଷ ପ୍ରଚୁର ଟଙ୍କା ଦେବେ
- _ ୨୦:୦୮_ ଯିହୁଦାର ରାଜାଙ୍କର ଅବାଧ୍ୟତାର ଦଣ୍ଡ ସ୍ୱରୂପେ, ନବୁଖତନିତ୍ସର ସୈନିକମାନେ ରାଜାଙ୍କପୁତ୍ରଗଣକୁ ତାହାଙ୍କ ସମ୍ମୁଖରେ ବଧ କଲେ ଏବଂ ପରେ ତାଙ୍କୁ ଅନ୍ଧ କଲେ
- _ ୨୦:୦୯_ନବୁଖତନିତ୍ସର _ ଓ ତାଙ୍କର ସୈନ୍ୟମାନେ ଯିହୁଦାର ଅଧିକରୁ ଅଧିକାଂଶ ଲୋକମାନଙ୍କୁ ବାବିଲୋନକୁ ନେଲେ, କେବଳ ଗରିବ ଚାଷୀମାନଙ୍କୁ ଛାଡି

ବୋର୍ଡ ଡାଟା :

- Strong's: H5019, H5020

ନଳ(ଗୁଡିକର) ସାଗର, ସୂଫ ସାଗର

ତଥ୍ୟଗୁଡିକ:

"ନଳଗୁଡିକର ସାଗର" ମିସର ଏବଂ ଆରବ ମଧ୍ୟରେ ଥିବା ଏକ ଜଳସମୂହର ନାମଥିଲା I ବର୍ତ୍ତମାନ ଏହାକୁ "ସୂଫ ସାଗର" କୁହାଯାଏ I

- ସୂଫ ସାଗର ଲମ୍ବା ଏବଂ ସଂକୀର୍ଣ୍ଣ ଅଟେ I

ଏହା ଗୋଟିଏ ହ୍ରଦଠାରୁ ବା ନଦୀଠାରୁ ବୃହତ୍ କିନ୍ତୁ ଗୋଟିଏ ସମୁଦ୍ରଠାରୁ ବହୁତ କ୍ଷୁଦ୍ରତର ଅଟେ I

- ଇସ୍ରାଏଲୀୟମାନେ ମିସରରୁ ପଳାୟନ କଲାବେଳେ ସେମାନଙ୍କୁ ଏହି ସୂଫ ସାଗର ଅତିକ୍ରମ କରି ଯିବାକୁ ପଡିଥିଲା I ଳ

ଈଶ୍ୱର ଏକ ଆଶ୍ଚର୍ଯ୍ୟକର୍ମ କଲେ ଏବଂ ସାଗରର ଜଳକୁ ଦୁଇ ଭାଗ କଲେ ଯେପରି ଲୋକମାନେ ଶୁଷ୍କ ଭୂମିରେ ଚାଲିଯାଇପାରିବେ I

- କିଣାନ ଦେଶ ଏହି ସାଗରର ଉତ୍ତର ଦିଗରେ ଅବସ୍ଥିତଥିଲା I
- ଏହାକୁ "ସୂଫଗୁଡିକର ସାଗର" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: ଆରବ. କିଣାନ, ମିସର)

ବାଇବଲ ପଦଗୁଡିକ:

- ପ୍ରେରିତ 07:35-37
- ଯାତ୍ରାପୁସ୍ତକ 13:17-18
- ଯିହୋଶୂୟ 04:22-24
- ଗଣନା 14:23-25

ବାଇବଲର କାହାଣୀ ଗୁଡିକ ମଧ୍ୟରୁ ଉଦାହରଣଗୁଡିକ:

- **12:04** ଯେତେବେଳେ ଇସ୍ରାଏଲୀୟମାନେ ମିସ୍ରୀୟମାନଙ୍କର ସୈନ୍ୟବାହୀନୀକୁ ଆସିବା ଦେଖିଲେ, ସେମାନେ ହୃଦୟଙ୍ଗମ କଲେ ଯେ' ସେମାନେ ଫାରୋ ସୈନ୍ୟବାହୀନୀ ଏବଂ**ସୂଫ ସାଗର** ଫନ୍ଦି ହୋଇଛନ୍ତି I
- **12:05** ତା'ପରେ ଈଶ୍ୱର ମୋଶାଙ୍କୁ କହିଲେ, "ଲୋକମାନଙ୍କୁ_ ସୂଫ ସାଗର ଆଡକୁ_ଅଗ୍ରସର ହେବାକୁ କୁହ I"
- **13:01** ଇସ୍ରାଏଲୀୟମାନଙ୍କୁ ଈଶ୍ୱର**ସୂଫ ସାଗର**ମଧ୍ୟ ଦେଇ କଢ଼ାଇ ନେବା ପରେ , ସେ ସେମାନଙ୍କୁ ପ୍ରାନ୍ତର ମଧ୍ୟ ଦେଇ ସୀନୟ୍ ନାମକ ଏକ ପର୍ବତକୁ କଢ଼ାଇ ନେଲେ I

ବୋର୍ଡ ଡାଟା :

- Strong's: H3220, H5488, G2063, G2281

ନାଜରିତ, ନାଜରିତୀୟ

ସତ୍ୟ ଘଟଣାବଳୀ:

ନାଜରିତ ଉତ୍ତର ଇସ୍ରାଏଲର ଗାଲିଲୀ ଅଞ୍ଚଳର ଏକ ସହର ଅଟେ । ଏହା ଯିରୂଶାଲମର ଉତ୍ତରରେ ପ୍ରାୟ 100 କିଲୋମିଟର ଦୂରରେ ଅବସ୍ଥିତ ଏବଂ ସେଠାକୁ ପାଦରେ ଯାତ୍ରା କରିବାକୁ ପ୍ରାୟ ତିନିରୁ ପାଞ୍ଚ ଦିନ ଲାଗେ ।

- ଯୋଷେଫ ଓ ମରୀୟମ ନାଜରିତ ବାସିନ୍ଦା ଥିଲେ ଏବଂ ସେଠାରେ ହିଁ ସେମାନେ ଯୀଶୁଙ୍କୁ ବଢ଼ାଇଥିଲେ ଏହି କାରଣରୁ ଯୀଶୁ "ନାଜରିତୀୟ" ଭାବେ ପରିଚିତ ଥିଲେ ।
- ଅଧିକାଂଶ ନାଜରିତରେ ବାସ କରୁଥିବା ଯିହୁଦୀମାନେ ଯୀଶୁଙ୍କ ଶିକ୍ଷାକୁ ଅବମାନନା କରିଥିଲେ କାରଣ ସେମାନଙ୍କ ମଧ୍ୟରେ ହିଁ ଯୀଶୁ ବଢିଥିଲେ ଏବଂ ସେମାନେ ତାହାଙ୍କୁ ଜଣେ ସାଧାରଣ ମନୁଷ୍ୟ ବୋଲି ବିଚାର କରୁଥିଲେ ।
- ଥରେ, ନାଜରିତର ସମାଜଗୃହରେ ଯୀଶୁ ଶିକ୍ଷା ଦେଉଥିଲେ, ଯିହୁଦୀମାନେ ତାହାଙ୍କୁ ବଧ କରିବା ପାଇଁ ଚେଷ୍ଟା କଲେ କାରଣ ସେ ମସୀହ ବୋଲି କହୁଥିଲେ ଏବଂ ସେମାନେ ତାହାଙ୍କୁ ବରଖାସ୍ତ କରୁଥିବାରୁ ସେ ସେମାନଙ୍କୁ ଧମକ ଦେଲେ ।
- ଯେତେବେଳେ ନିଥନିୟେଲ ଯୀଶୁ ନାଜରିତରୁ ବୋଲି ଶୁଣିଲେ, ସେତେବେଳେ ସେ ଦେଇଥିବା ମନ୍ତବ୍ୟ ସୂଚାଏ ଯେ ଏହି ସହର ଏହି ବିଷୟକୁ ଅଧିକ ଚିନ୍ତା କରି ନଥିଲେ ।

(ଖ୍ରୀଷ୍ଟ, ଗାଲିଲୀ, ଯୋଷେଫ, ମରୀୟମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 26:9-11
- ଯୋହନ 1:43-45
- ଲୂକ 1:26-29
- ମାର୍କ 16:5-7
- ମାଥିଉ 2:23
- ମାଥିଉ 21:9-11
- ମାଥିଉ 26:71-72

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **23:4** ଯୋଷେଫ ଏବଂ ମରୀୟମଙ୍କୁ ନାଜରିତରେ ସେମାନେ ରହୁଥିବା ସ୍ଥାନରୁ ବେଥଲିହିମ ପର୍ଯ୍ୟନ୍ତ ଏକ ଦୀର୍ଘ ଯାତ୍ରା କରିବାକୁ ପଡିଲା କାରଣ ସେମାନଙ୍କର ପୂର୍ବଜ ଦାଉଦ ସେଠାରେ ରହିଥିଲେ ଯାହାର ସହର ବେଥଲିହିମ ଥିଲା ।
- **26:2** ଯୀଶୁ ନାଜରିତ ସହରକୁ ଗଲେ ଯେଉଁଠାରେ ସେ ପିଲାଦିନେ ରହୁଥିଲେ ।
- **26:7** ନାଜରିତର ଲୋକମାନେ ଯୀଶୁଙ୍କୁ ଉପାସନା ସ୍ଥାନରୁ ଟାଣି ଆଣିଲେ ଏବଂ ତାଙ୍କୁ ହତ୍ୟା କରିବା ପାଇଁ ଏକ ଶିଖର କଡ଼କୁ ଆଣିଲେ ।

ଶବ୍ଦବିନ୍ୟାସ:

- Strong's: G34780, G34790, G34800

ନାଥନ

ସତ୍ୟ ଘଟଣାବଳୀ:

ନାଥନ ଈଶ୍ୱରଙ୍କର ଜଣେ ବିଶ୍ୱସ୍ତ ଭବିଷ୍ୟଦ୍‌ବକ୍ତା ଥିଲେ ଯିଏ ଦାଉଦ ଇସ୍ରାଏଲର ରାଜା ଥିବା ସମୟରେ ଜୀବିତ ଥିଲେ ।

- ଊରୀୟ ବିରୁଦ୍ଧରେ ଦାଉଦ ପାପ କଲାପରେ ଈଶ୍ୱର ନାଥନ ଭବିଷ୍ୟଦ୍‌ବକ୍ତାଙ୍କୁ ଦାଉଦଙ୍କ ନିକଟକୁ ପଠାଇଲେ ।
- ଦାଉଦ ରାଜା ଥିଲେ ସୁଦ୍ଧା ନାଥନ ଦାଉଦଙ୍କୁ ଚେତାବନୀ ଦେଲେ ।
- ନାଥନଙ୍କ ଚେତାବନୀ ପରେ ଦାଉଦ ତାଙ୍କର ପାପ ନିମନ୍ତେ ଅନୁତାପ କଲେ।

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଦାଉଦ, ବିଶ୍ୱସ୍ତ, ଭବିଷ୍ୟଦ୍‌ବକ୍ତା, ଊରୀୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 17:1-2
- 2 ବଂଶାବଳୀ 9:29
- 2 ଶାମୁୟେଲ 12:1-3
- ଗୀତସଂହିତା 51:1

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **17:7** ଈଶ୍ୱର ଏହି ବାର୍ତ୍ତା ଦେଇ ଭବିଷ୍ୟଦ୍‌ବକ୍ତା ନାଥନଙ୍କୁ ଦାଉଦଙ୍କ ନିକଟକୁ ପଠାଇଲେ, “କାରଣ ତୁମ୍ଭେ ଜଣେ ଯୁଦ୍ଧର ଲୋକ, ତେଣୁ ତୁମ୍ଭେ ମୋ ପାଇଁ ଏହି ମନ୍ଦିର ନିର୍ମାଣ କରିବ ନାହିଁ ।”
- **17:13** ଦାଉଦ ଯାହା କରିଥିଲେ, ସେଥିପାଇଁ ପରମେଶ୍ୱର ଅତ୍ୟନ୍ତ କ୍ରୋଧିତ ହେଲେ। ତେଣୁ ତାହାର ପାପ କେତେ ମନ୍ଦ ଥିଲା ତାହା କହିବାକୁ ସେ ନାଥନ୍ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଲେ।

ଶବ୍ଦବିନ୍ୟାସ :

- Strong’s: H5416, G34810

ନାମାନ୍

ସତ୍ୟ ଘଟଣାବଳୀ:

ପୁରାତନ ନିୟମରେ, ଅରାମୀୟ ରାଜାର ନାମାନ୍ ନାମକ ଜଣେ ସେନାପତି ଥିଲେ ।

- ନାମାନଙ୍କର ଭୟଙ୍କର ଚର୍ମ ରୋଗଥିଲା ଯାହାକୁ କୁଷ୍ଠରୋଗ କୁହାଯାଉଥିଲା ଓ ଏହି ରୋଗର କୌଣସି ଔଷଧ କିମ୍ବା ସୁସ୍ଥତା ପାଇବାର ଆଶା ବି ନଥିଲା ।
- ନାମାନ ଘରେ ଥିବା ଜଣେ ଯିହୁଦୀ ଦାସୀ ତାହାଙ୍କୁ ଭବିଷ୍ୟଦ୍‌ବକ୍ତା ଇଲୀଶାୟଙ୍କୁ ନିକଟକୁ ଯାଇ ସୁସ୍ଥ କରିବାକୁ କହିବାକୁ କହିଲା ।
- ଇଲୀଶାୟ ନାମାନଙ୍କୁ ଯର୍ଦ୍ଦନ ନଦୀରେ ସାତଥର ସ୍ନାନ କରିବାକୁ କହିଲେ, ଯେବେ ନାମାନ ତାହା କଲେ, ଈଶ୍ୱର ତାହାଙ୍କୁ ସେହି ରୋଗରୁ ସୁସ୍ଥତା ପ୍ରଦାନ କଲେ ।
- ଫଳରେ, ନାମାନ ଯିହୋବା ଏକମାତ୍ର ସତ୍ୟ ଈଶ୍ୱରଙ୍କୁ ବିଶ୍ୱାସ କଲେ ।
- ଯାକୁବଙ୍କର ପୁତ୍ର ବିନ୍ୟାମୀନଙ୍କର ବଂଶରେ ଆଉ ଦୁଇ ଜଣ ନାମାନ ଥିଲେ ।

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଅରାମ, ଯର୍ଦ୍ଦନ ନଦୀ, କୁଷ୍ଠ, ଭବିଷ୍ୟଦ୍‌ବକ୍ତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 8:6-7
- 2 ରାଜାବଳୀ 5:1
- ଲୂକ 4:27

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **19:14** ଶତ୍ରୁ ସେନାପତି ନାମାନଙ୍କ ସହ ଏକ ଚମତ୍କାର ଘଟଣା ଘଟିଥିଲା, ଯାହାର ଭୟଙ୍କର ଚର୍ମ ରୋଗ ଥିଲା ।
- **19:15** ପ୍ରଥମେ ନାମାନ କ୍ରୋଧିତ ହୋଇଥିଲେ ଏବଂ ଏହା କରିବେ ନାହିଁ ବୋଲି କହିଥିଲେ କାରଣ ଏହା ମୂର୍ଖତା ପରି ମନେ ହେଉଥିଲା । କିନ୍ତୁ ପରେ ସେ ନିଜର ବିଚାରକୁ ବଦଳାଇ ନିଜକୁ ସାତଥର ଯର୍ଦ୍ଦନ ନଦୀରେ ବୁଡ଼ାଇଲେ।
- **26:6** "ସେ (ଇଲୀଶାୟ) କେବଳ ଇସ୍ରାଏଲର ଶତ୍ରୁମାନଙ୍କର ସେନାପତି ନାମାନର ଚର୍ମ ରୋଗକୁ ସୁସ୍ଥ କଲେ।"

ଶବ୍ଦବିନ୍ୟାସ:

- Strong's: H5283, G34970

ନାହୁମ

ଘଟଣାବଳି:

ଯିହୁଦାର ରାଜା ମନଃଶି ଶାସନ କରୁଥିବା ସମୟରେ ନାହୁମ ଭବିଷ୍ୟଦ ବକ୍ତା ପ୍ରଚାର କରୁଥିଲେ

- ଯିରୁଶାଲମଠାରୁ ୨୦ ମାଇଲ ଦୂରରେ ଇଲୋକଶିୟ ସହରରେ ନାହୁମ ବାସ କରୁଥିଲେ
- ପୁରାତନ ନିୟମରେ ନାହୁମ ପୁସ୍ତକରେ ସେ ପ୍ରଚାରିତ କରିଥିବା ଅଶୂରିୟ ସହର ନିନିବୀର ଧ୍ୱଂସ ପାଇବା ଭାବବାଣୀ ଗୁଡିକ ଲିପିବଦ୍ଧ ହୋଇଛି

(ଅନୁବାଦ ପ୍ରସ୍ତାବ ଗୁଡିକ: ନାମ ଗୁଡିକର ଅନୁବାଦ କରିବେ କିପରି)

(ଦେଖ: ଅଶୂରିୟ, ମନଃଶି, ଭାବବାଦୀ, ନିନିବୀ)

ବାଇବଲ ପୃଷ୍ଠଭୂମି:

- ନାହୁମ ୦୧:୧

ବୋର୍ଡ ଡାଟା :

- Strong's: H5151, G3486

ନାହୋର

ସତ୍ୟ ଘଟଣାବଳି:

ଅବ୍ରହାମଙ୍କ ଦୁଇ ସମ୍ପର୍କୀୟମାନଙ୍କର ନାମ ନାହୋର ଥିଲା ଯିଏ ତାହାର ଭାଇ ଏବଂ ପୂର୍ବଜ ଥିଲେ ।

- ଅବ୍ରହାମଙ୍କ ଭାଇ ନାହୋର ଇସହାକଙ୍କର ସ୍ତ୍ରୀ ରିବିକାଙ୍କର ପୂର୍ବଜ ଥିଲେ ।
- "ନାହୋର ନଗର" ବାକ୍ୟାଂଶର ଅର୍ଥ "ନାହୋରଙ୍କ ନଗର ଅଟେ" କିମ୍ବା "ଯେଉଁ ନଗରରେ ନାହୋର ବସତି ସ୍ଥାପନ କରିଥିଲେ" କିମ୍ବା "ନାହୋରଙ୍କର ସହର।"

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଅବ୍ରହାମ , ରିବିକା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 1:24-27
- ଆଦିପୁସ୍ତକ 31:53
- ଯିହୋଶୂୟ 24:2
- ଲୂକ 3:34

ଶବ୍ଦବିନ୍ୟାସ:

- Strong's: H5152, G34930

ନିର୍ମାତା

ତଥ୍ୟ:

ସାଧାରଣ ଭାବରେ, "ନିର୍ମାତା" ସେହି ବ୍ୟକ୍ତି ଅଟନ୍ତି ଯେ ସୃଷ୍ଟି କରନ୍ତି କିଅବା ନିର୍ମାଣ କରନ୍ତି I

- ବାଇବଲରେ, "ନିର୍ମାତା" ବେଳେବେଳେ ଏକ ନାମ ରୂପରେ ବ୍ୟବହୃତ ହୁଏ କିଅବା ସଦାପ୍ରଭୁ ପଦବୀ କାରଣ ସେ ସବୁ କିଛି ସୃଷ୍ଟି କରି ଅଛନ୍ତି I
- ସାଧାରଣ ରୂପରେ ଏହି ଶବ୍ଦ "ତାହାର" କିଅବା "ମୋର" କିଅବା "ତୁମର" ସହିତ ସଂଯୁକ୍ତ ହୋଇ ଥାଏ I

ଅନୁବାଦ ପ୍ରସ୍ତାବ:

- "ନିର୍ମାତା" ଶବ୍ଦକୁ "ସୃଷ୍ଟିକର୍ତ୍ତା" କିଅବା "ପରମେଶ୍ୱର ଯେ ସୃଷ୍ଟି କରନ୍ତି" କିଅବା "ଯେ ସବୁ କିଛି ସୃଷ୍ଟି କରି ଅଛନ୍ତି "ରୂପରେ ଅନୁବାଦ କରାଯାଇପାରେ I
- ବାକ୍ୟାଂଶ "ତାହାର ନିର୍ମାତ" କୁ "ଯେ ତାହାକୁ ସୃଷ୍ଟି କରି ଅଛନ୍ତି" କିଅବା "ପରମେଶ୍ୱର ଯେ ତାହାକୁ ସୃଷ୍ଟି କରି ଅଛନ୍ତି" ରୂପରେ ଅନୁବାଦ କରାଯାଇପାରେ I
- ବାକ୍ୟାଂଶ "ତୁମ୍ଭର ନିର୍ମାତା" କିଅବା "ମୋର ନିର୍ମାତା" କୁ ଏହି ପ୍ରକାରେ ହିଁ ଅନୁବାଦ କରାଯାଇପାରେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ସୃଷ୍ଟି, ସଦାପ୍ରଭୁ)

ବାଇବଲ ପଦପର୍ବ:

- ହୋସେୟ ୦୮:୧୩-୧୪

ବୋର୍ଡ ଡାଟା :

- Strong's: H2796, H3335, H6213, H6466, H6467, G1217

ନିହିମୀୟା

ଘଟଣାବଳି:

ନିହିମୀୟା ଜଣେ ଇସ୍ରାଏଲୀୟ ଯାହାଙ୍କୁ ବାବିଲୋନର ସୈନ୍ୟମାନେ ବଳପୂର୍ବକ ନେଇଥିଲେ ଯେଉଁ ସମୟରେ ବାବିଲୋନ ସାମରିକ ବାହୀନୀ ଇସ୍ରାଏଲ ଓ ଯିହୁଦା ଲୋକମାନଙ୍କୁ ବନ୍ଦୀ କରି ନେଲେ

- ସେହିସମୟରେ ସେ ପାରସ୍ୟ ରାଜା ଅର୍ତ୍ତକ୍ଷସ୍ତ୍ରଙ୍କର ପାନ ପାତ୍ର ବାହାକଥିଲେ, ଜିରୁଶାଲମ କୁ ଫେରିବା ନିମନ୍ତେ ନିହିମୀୟା ରାଜାଙ୍କୁ ଅନୁମତି ମାଗିଲେ
- ବାବିଲୋନମାନଙ୍କ ଦ୍ୱାରା ଭଗ୍ନ ହୋଇଥିବା ଯିରୁଶାଲମର ପ୍ରାଚୀରକୁ ନିହିମୀୟାଙ୍କ ନେତୃତ୍ୱରେ ଇସ୍ରାଏଲ ଲୋକମାନେ ପୁନଃନିର୍ମାଣ କଲେ
- ରାଜ ପ୍ରାସାଦକୁ ଫେରିବା ପୂର୍ବରୁ ଯିରୁଶାଲମରେ ନିହିମୀୟା ବାର ବର୍ଷ ରାଜ୍ୟପାଳଥିଲେ
- ପୁରାତନ ନୀୟମର ନିହିମୀୟା ପୁସ୍ତକରେ ନିହିମୀୟାଙ୍କ ଦ୍ୱାରା ପ୍ରାଚୀର ନିର୍ମାଣ ଏବଂ ଯିରୁଶାଲାମରେ ଲୋକମାନଙ୍କ ନିମନ୍ତେ ରାଜ୍ୟପାଳ କାର୍ଯ୍ୟର କାହାଣୀ ବର୍ଣ୍ଣନା କରାଯାଇଛି
- ପୁରାତନ ନୀୟମର ଅନ୍ୟ ନିହିମୀୟାଙ୍କ ନାମ ମଧ୍ୟ ଉଲ୍ଲେଖ ଅଛି

ସାଧାରଣତଃ ପିତାମାନଙ୍କର ନାମ ମଧ୍ୟ ଯୋଗ କରାଯାଇଛି, ଏଣୁ ଯେଉଁ ନିହିମୀୟାଙ୍କ କାହାଣୀ ଭିନ୍ନ କରାଯାଇଛି

(ଅନୁବାଦ ପ୍ରସ୍ତାବ ଗୁଡିକ: ନାମ ଗୁଡିକୁ ଅନୁବାଦ କରିବା କେମିତି)

(ଦେଖ: ଅର୍ତ୍ତକ୍ଷସ୍ତ୍ର, ବାବିଲୋନ, ଯିରୁଶାଲମ, ପୁତ୍ର)

ବାଇବଲ ପୃଷ୍ଠଭୂମି:

- ଏଜ୍ରା ୦୧:୧-୨
- ନିହିମୀୟା ୦୧:୧-୨
- ନିହିମୀୟା ୧୦:୧-୩୩
- ନିହିମୀୟା ୧୨: ୪୬-୪୭

ବୋର୍ଡ ଡାଟା :

- Strong's: H5166

ନୀନିବୀ, ନୀନିବୀୟ

ସତ୍ୟ ଘଟଣାବଳୀ:

ନିନୀବୀ ଅଶୂରୀୟ ସାମ୍ରାଜ୍ୟର ରାଜଧାନୀ ଥିଲା I ଜଣେ "ନୀନିବୀୟ" ବ୍ୟକ୍ତି ସିଏ ଅଟନ୍ତି ଯିଏ ନୀନିବୀରେ ବାସ କରନ୍ତି I

- ଈଶ୍ୱର ନୀନିବୀର ଲୋକମାନଙ୍କୁ ସେମାନଙ୍କର ଦୁଷ୍ଟ ମାର୍ଗରୁ ବିମୁଖ ହେବାକୁ ଚେତାବନୀ ଦେବା ପାଇଁ ଯୂନସ ଭବିଷ୍ୟଦ୍‌ବକ୍ତାଙ୍କୁ ପଠାଇଲେ। ଲୋକମାନେ ହିଂସାତ୍ମକ କାର୍ଯ୍ୟ ବନ୍ଦ କଲେ ଏବଂ ସେହି ସମୟରେ ଈଶ୍ୱର ସେମାନଙ୍କୁ ବିନାଶ କଲେ ନାହିଁ I
- ଭବିଷ୍ୟଦ୍‌ବକ୍ତା ନାହୂମ ଏବଂ ସଫନୀୟ ଉଭୟ ଭବିଷ୍ୟବାଣୀ କରିଥିଲେ ଯେ ନୀନିବୀଙ୍କୁ ସେମାନଙ୍କର ପାପ ପାଇଁ ନ୍ୟାୟ ଈଶ୍ୱର ଧ୍ୱଂସ କରିବେ I

(ନାମଗୁଡ଼ିକ କିପରି ଅନୁବାଦ କରାଯିବ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଅଶୂରୀୟ, ଯୂନସ, ମନପରିବର୍ତ୍ତନ, ଫେରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 10:11-14
- ଯୂନସ 1:3
- ଯୂନସ 3:3
- ଲୂକ 11:32
- ମାଥିଉ 12:41

ଶବ୍ଦବିନ୍ୟାସ:

- Strong's: H5210, G35350, G35360

ନୀଳ ନଦୀ, ମିସରର ନଦୀ, ନୀଳ

ଘଟଣାବଳି:

ଆଫ୍ରିକା ଦକ୍ଷିଣ ପଶ୍ଚିମ କୁ ଓସାରିଆ ଏବଂ ଲମ୍ବା ନଦୀ ହେଉଛି ନୀଳ ଏହା ମିସର ର ମୁଖ୍ୟ ନଦୀ ଭାବେ ଜଣାଶୁଣା

- ନୀଳ ନଦୀ ମିସର ଦେଇ ଦକ୍ଷିଣ ଏବଂ ଭୁମଧ୍ୟ ସାଗରକୁ ପ୍ରବାହିତ ହେଉଛି
- ନୀଳ ନଦୀର ଉଭୟ ପାର୍ଶ୍ୱରେ ଥିବା ଉର୍ବର ଜମିରେ ଉତ୍ତମ କୃଷି ହୁଏ
- ଅଧିକାଂଶ ମିସରିୟମାନେ ନୀଳ ନଦୀ ଉପକୂଳରେ ବାସ କରିବାକୁ ପସନ୍ଦ କରନ୍ତି ଯେହେତୁ କୃଷି ନିମନ୍ତେ ଜଳରାଶି ପାଇଁ ଉତ୍ତମ ଉତ୍ସ
- ଇସ୍ରାଏଲ ସନ୍ତାନଗଣ ଗୋଶନରେ ବାସ କରୁଥିଲେ ଯାହା ଅତି ଉର୍ବର କାରଣ ଏହିସ୍ଥାନ ନୀଳ ନଦୀ ନିକଟରେ ଅବସ୍ଥିତ
- ଯେଉଁ ସମୟରେ ମୋଶା ଶିଶୁଥିଲେ, ଫାରୋଙ୍କ ଲୋକମାନଙ୍କଠାରୁ ରକ୍ଷା ପାଇବା ପାଇଁ ତାହାର ପିତାମାତା ନୀଳ ନଦୀରେ ଲୁଚାଇ ଭସାଇ ଦେଲେ

(ଅନୁବାଦ ପ୍ରସ୍ତାବ ଗୁଡିକ: ନାମ ର ଅନୁବାଦ)

(ଦେଖ: ମିସର, ଗୋଶନ, ମୋଶା)

ବାଇବଲ ପୃଷ୍ଠଭୂମି:

- ଆମୋଶ ୦୮:୭-୮
- ଆଦି ୪୧:୧-୩
- ଯିରିମିୟ ୪୬:୭-୯

ବାଇବଲ କାହାଣୀରୁ ଉଦାହରଣ:

- _ ୦୮:୦୪_ ମିସର ବୃହତ୍ତ, ଶକ୍ତିଶାଳୀ ଦେଶ ଅବସ୍ଥିତ _ନୀଳ ନଦୀ _
- _ ୦୯:୦୪ଫାରୋ ଦେଖିଲେ ଯେ ଇସ୍ରାଏଲ ସନ୍ତାନଗଣଙ୍କର ବହୁତ ଛୁଆ ପିଲା ହେଉଥିଲା, ଏଣୁ ସେ ତାଙ୍କର ଲୋକମାନଙ୍କୁ ଆଦେଶ ଦେଲେ ଯେ ସମସ୍ତ ଇସ୍ରାଏଲର ପୁରୁଷ ସନ୍ତାନମାନଙ୍କୁ ବଧ କରି _ନୀଳ ନଦୀରେ ଫିଙ୍ଗି ଦେବ
- _ ୦୯:୦୭_ ଏଣୁ ପୁରୁଷ ସନ୍ତାନର ପିତାମାତା ଲୁଚାଇ ରଖି ପାରିଲେ ନାହିଁ, ସେମାନେ ତାକୁ ଭାସମାନ ବୋଝରେ ପୁରାଇ ନାଳ କଡେ କଡେ ନୀଳ ନଦୀ ଯେପରି ବଧ କରିବାରୁ ରକ୍ଷା କରିପାରିବେ
- _ ୧୦:୦୩_ ପରମେଶ୍ୱର ନୀଳ ନଦୀକୁ ଲୋହିତ ବର୍ଣ୍ଣରେ ପରିଣତ କଲେ, କିନ୍ତୁ ଫାରୋ ତଥାପି ଇସ୍ରାଏଲ ଲୋକମାନଙ୍କୁ ଛାଡିବା ପାଇଁ ନାରାଜ

ବୋର୍ଡ ଡାଟା :

- Strong's: H2975, H4714, H5104

ନୋହ

ସତ୍ୟ ଘଟଣାବଳୀ:

ଚାରି ହଜାର ବର୍ଷ ପୂର୍ବରୁ ନୋହ ନାମରେ ଜଣେ ବ୍ୟକ୍ତିଥିଲେ, ସେହି ସମୟରେ ଈଶ୍ୱର ପୃଥିବୀ ସାରା ଜଳ ପ୍ଲାବନ ପଠାଇ ପୃଥିବୀରେ ଥିବା ସମସ୍ତ ପାପୀମାନଙ୍କୁ ବିନାଶ କଲେ । ଈଶ୍ୱର ନୋହଙ୍କୁ ଏକ ବିଶାଳ ଜାହାଜ ତିଆରି କରିବାକୁ କହିଲେ ଯେଉଁଠି ସେ ଓ ତାହାର ପରିବାର ପୃଥିବୀରେ ଜଳ ପ୍ଲାବନ ସମୟରେ ରହିପାରିବେ ।

- ନୋହ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ ସେ ସମସ୍ତ ବିଷୟରେ ଈଶ୍ୱରଙ୍କର ବାଧ୍ୟଥିଲେ ।
- ଯେତେବେଳେ ଈଶ୍ୱର ନୋହଙ୍କୁ କିପରି ଜାହାଜ ତିଆରି କରିବାକୁ ହେବ କହିଲେ, ନୋହ ଯେପରି ଈଶ୍ୱର କହିଲେ ଠିକ୍ ସେହିପରି ସେହି ଜାହାଜ ନିର୍ମାଣ କଲେ ।
- ଜାହାଜ ଭିତରେ, ନୋହ ଓ ତାହାର ପରିବାର ସୁରକ୍ଷିତ ରହିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କର ସନ୍ତାନ ସନ୍ତୁତି ଓ ନାତି ଅଣନାତିମାନେ ପୃଥିବୀକୁ ଲୋକମାନଙ୍କ ସଂଖ୍ୟାରେ ପୂର୍ଣ୍ଣକଲେ ।
- ଯେତେ ଲୋକ ଜଳପ୍ଲାବନ ପରେ ଜନ୍ମ ହୋଇଛନ୍ତି ସେମାନେ ସମସ୍ତେ ନୋହଙ୍କର ସନ୍ତାନଗଣ ଅଟନ୍ତି ।

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଦେଖନ୍ତୁ)

(ସନ୍ତାନଗଣ, ଜାହାଜ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 5:30-31
- ଆଦିପୁସ୍ତକ 5:32
- ଆଦିପୁସ୍ତକ 6:8
- ଆଦିପୁସ୍ତକ 8:1
- ଏବ୍ରୀ 11:7
- ମାଥିଉ 24:37

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **3:2** କିନ୍ତୁ ନୋହ ଈଶ୍ୱରଙ୍କ ଅନୁଗ୍ରହ ପାଇଲେ।
- **3:4** ନୋହ ଈଶ୍ୱରଙ୍କ ବାଧ୍ୟହେଲେ ସେ ଓ ତାହାର ତିନି ପୁଅ ଈଶ୍ୱର ସେମାନଙ୍କୁ ଯେପରି ଜାହାଜ ନିର୍ମାଣ କରିବାକୁ କହିଥିଲେ ଠିକ୍ ସେହିପରି ନିର୍ମାଣ କଲେ ।
- **3:13** ଦୁଇମାସ ପରେ ଈଶ୍ୱର ନୋହ କୁ କହିଲେ , “ତୁମ୍ଭେ ଓ ତୁମ୍ଭର ପରିବାର ଓ ସମସ୍ତ ପଶୁ, ପକ୍ଷୀଗଣ ଓ ଭୂଚର ଉରୋଗାମୀ ଆଦି ସବୁ ଜୀବଜନ୍ତୁ ବାହାରକୁ ଘେନିଯାଅ ପୃଥିବୀରେ ଲୋକବନ୍ତୁ ଓ ବହୁ ବଂଶ ହୁଅନ୍ତୁ” ଏଣୁ ନୋହ ଓ ତାହାର ପରିବାର ଜାହାଜର ବାହାରକୁ ଆସିଲେ ନୋହ।

ଶବ୍ଦବିନ୍ୟାସ:

- Strong’s: H5146, G35750

ପଦ୍ଦନ ଅରାମ

ତଥ୍ୟଗୁଡ଼ିକ:

କିଣାନ ଦେଶକୁ ଅଗ୍ରସର ହେବା ପୂର୍ବରୁ ଅବ୍ରାହମଙ୍କ ପରିବାର ରହିଥିବା ଏକ ଅଞ୍ଚଳର ନାମ ପଦ୍ଦନ ଅରାମଥିଲା I ଏହାର ଅର୍ଥ "ଅରାମର ସମତଳ ଭୂମି "

- ଯେତେବେଳେ ଅବ୍ରାହମ ପଦ୍ଦନ ଅରାମଠାରେ ହାରଣ ପରିତ୍ୟାଗ କରି କିଣାନ ଅଭିମୁଖେ ଯାତ୍ରା କଲେ, ତାଙ୍କ ପରିବାରର ଅଧିକାଂଶ ଅବଶିଷ୍ଟ ଲୋକମାନେ ହାରଣରେ ରହିଗଲେ I
- ଅନେକ ବର୍ଷ ପରେ, ଅବ୍ରହାମ୍ଙ୍କର ଦାସ ପଦ୍ଦନ ଅରାମକୁ ଯାଇ ସେଠାରେ ଥିବା ତାହାଙ୍କର ଜ୍ଞାତିମାନଙ୍କ ମଧ୍ୟରୁ ଇସହାକ ନିମନ୍ତେ ଏକ ଭାର୍ଯ୍ୟା ପାଇବା ନିମନ୍ତେ ଗଲେ ଏବଂ ବଥୂଯେଲର ନାତୁଣୀ ରିବିକାଙ୍କୁ ପାଇଲେ I
- ଇସହାକ ଏବଂ ରିବିକାଙ୍କର ପୁତ୍ର ଯାକୁବ ମଧ୍ୟ ପଦ୍ଦନ ଅରାମକୁ ଯାତ୍ରା କଲେ ଏବଂ ରିବିକାଙ୍କ ଭାଇ ଲାବନଙ୍କର ଦୁଇ ଜଣ କନ୍ୟାଙ୍କୁ ବିବାହ କଲେ; ସେ ହାରଣରେ ବାସ କରୁଥିଲେ I
- ଅରାମ, ପଦ୍ଦନ- ଅରାମ, ଏବଂ ଅରାମ-ନାହରିଅମ ସବୁ ସେହି ସମାନ ଅଞ୍ଚଳର ଅଂଶଥିଲେ, ସେଠାରେ ବର୍ତ୍ତମାନ ଆଧୁନିକ ସିରିଆ ଦେଶ ଅବସ୍ଥିତ ଅଟେ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡ଼ିକ: କିପରି ନାମଗୁଡ଼ିକର ଅନୁବାଦ କରିବା

(ଆହୁରି ମଧ୍ୟ ଦେଖ: ଅବ୍ରହାମ, ଅରାମ, ବଥୂଏଲ,କିଣାନ, ହାରଣ, ଯାକୁବ, ଲାବନ, ରିବିକା, ସୁରିଆ)

ବାଇବଲ ପଦଗୁଡ଼ିକ

- ଆଦିପୁସ୍ତକ 28:1-2
- ଆଦିପୁସ୍ତକ 35:9-10
- ଆଦିପୁସ୍ତକ 46: 12-15

ବୋର୍ଡ ଡାଟା :

- Strong's: H6307

ପନ୍ତ

ତଥ୍ୟଗୁଡିକ

ରୋମୀୟ ସାମ୍ରାଜ୍ୟ ଏବଂ ଆଦ୍ୟ ମଣ୍ଡଳୀର ସମୟରେ ପନ୍ତ ଗୋଟିଏ ରୋମୀୟ ପ୍ରଦେଶଥିଲା I କୃଷ୍ଣ ସାଗରର ଦକ୍ଷିଣ ଉପକୂଳରେ ଏବଂ ବର୍ତ୍ତମାନ ତୁର୍କୀ କୁହାଯାଉଥିବା ଦେଶର ଉତ୍ତର ଭାଗରେ ଏହି ପନ୍ତ ଅବସ୍ଥିତ ଅଟେ I

- ଯେ ପ୍ରକାରେ ପ୍ରେରିତ ପୁସ୍ତକରେ ଲିପିବଦ୍ଧ ହୋଇଛି, ଯେତେବେଳେ ପେନ୍ତିକଷ୍ଟ ଦିବସରେ ପବିତ୍ର ଆତ୍ମା ପ୍ରେରିତମାନଙ୍କ ଉପରେ ଅଧିଷ୍ଠାନ କଲେ, ସେତେବେଳେ ପନ୍ତ ପ୍ରଦେଶର ଲୋକମାନେ ଯିରୂଶାଲମରେ ଉପସ୍ଥିତଥିଲେ I
- ଆକ୍ୱିଲା ନାମକ ଜଣେ ବିଶ୍ୱାସୀ ଏହି ପନ୍ତରୁ ଆସିଥିଲେ I
- ବିଭିନ୍ନ ଅଞ୍ଚଳଗୁଡିକରେ ଛିନ୍ନଭିନ୍ନ ହୋଇଥିବା ବିଶ୍ୱାସୀମାନଙ୍କୁ ଯେତେବେଳେ ପିତର ପତ୍ର ଲେଖୁଥିଲେ, ସେ ଉଲ୍ଲେଖ କରିଥିବା ସେହି ଅଞ୍ଚଳଗୁଡିକ ମଧ୍ୟରେ ପନ୍ତ ଅନ୍ୟତମଥିଲା I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: କିପରି ନାମଗୁଡ଼ିକ ଅନୁବାଦ କରିବେ)

(ଆହୁରି ମଧ ଦେଖ: ଆକ୍ୱିଲା, ପେଣ୍ଟିକଷ୍ଟ)

ବାଇବଲ ପଦଗୁଡିକ:

- 1 ମ ପିତର 01:1-2
- ପ୍ରେରିତ 02:8-11

ବୋର୍ଡ ଡାଟା :

- Strong's: G4193, G4195

ପଲେଷ୍ଟୀୟା

ତଥ୍ୟଗୁଡିକ:

କିଣାନ ଦେଶରେ ପଲେଷ୍ଟୀୟା ଏକ ବିଶାଳ ଅଞ୍ଚଳର ନାମ ଅଟେ I ଏହା ଭୂମଧ୍ୟସାଗରର ଉପକୂଳରେ ଅବସ୍ଥିତ ଅଟେ I

- ଏହା ଉପକୂଳବର୍ତ୍ତୀ ସମତଳ ଭୂମି ବିଶିଷ୍ଟ ଏକ ଅତିଶୟ ଉର୍ବର ଅଞ୍ଚଳ ଅଟେ ଏବଂ ଉତ୍ତରରେ ଯାଫୋଠାରୁ ଦକ୍ଷିଣରେ ଗଜ୍ଜା ପର୍ଯ୍ୟନ୍ତ ବ୍ୟାପିଛି I

ଏହା ପ୍ରାୟ 64 କି.ମି. ଦୀର୍ଘ ଏବଂ 16 କି.ମି. ପ୍ରସ୍ଥ ଅଟେ I

- ପଲେଷ୍ଟୀୟା ଅଞ୍ଚଳ "ପଲେଷ୍ଟୀୟ"ମାନଙ୍କ ଦ୍ୱାରା ଅଧିକୃତଥିଲା I ସେମାନେ ଏକ ଅତିଶୟ ଶକ୍ତିଶାଳୀ ଲୋକଦଳଥିଲେ ଏବଂ ପୁନଃ ପୁନଃ ଇସ୍ରାଏଲୀୟମାନଙ୍କର ଶତ୍ରୁଥିଲେ I

(ଆହୁରି ମଧ୍ୟ ଦେଖ: ଫିଲିଷ୍ଟାଇନ୍, ଗଜଜା, ଯାଫୋ)

ବାଇବଲ ପଦଗୁଡିକ:

- 1 ମ ବଂଶାବଳି 10:9-10
- ଯୋୟେଲ 03:4-6
- ଗୀତସଂହିତା 060:8-9

ବୋର୍ଡ ଡାଟା :

- Strong's: H776 H6429 H06430

ପାଉଲ, ଶାଉଲ

ତଥ୍ୟଗୁଡିକ:

ପାଉଲ ଆଦ୍ୟ ମଣ୍ଡଳୀର ଜଣେ ନେତାଥିଲେ ଯିଏ ବହୁ ଅନ୍ୟ ଲୋକଦଳମାନଙ୍କ ନିକଟକୁ ସୁସମାଚାର ପହଞ୍ଚାଇବା ନିମନ୍ତେ ଯୀଶୁଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ।

- ପାଉଲ ଜଣେ ଯିହୂଦୀଥିଲେ ଏବଂ ରୋମୀୟ ନଗରୀ ତାର୍ଷରେ ଜନ୍ମ ଗ୍ରହଣ କରିଥିଲେ,ଏବଂ ସେଥିସକାଶୁ ସେ ଜଣେ ରୋମୀୟ ନାଗରିକ ମଧ୍ୟ ଥିଲେ।
- ପାଉଲ ମୂଳତଃ ତାଙ୍କର ଯିହୂଦୀ ନାମ ଶାଉଲ ଭାବରେ ସମ୍ବୋଧିତ ହେଉଥିଲେ।
- ଶାଉଲ ଏକ ଯିହୂଦୀୟ ଧର୍ମ ନେତାରେ ପରିଣତ ହେଲେ ଏବଂ ଖ୍ରୀଷ୍ଟିଆନ ହୋଇଥିବା ଅନେକ ଯିହୂଦୀମାନଙ୍କୁ ଗିରଫ କଲେ କାରଣ ସେ ଭାବିଲେ ଯେ ସେମାନେ ଯୀଶୁଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଈଶ୍ୱରଙ୍କୁ ଅସମ୍ମାନିତ କରୁଅଛନ୍ତି।
- ଯୀଶୁ ସ୍ୱୟଂ ଆପଣାକୁ ଶାଉଲଙ୍କ ଏକ ଆଖି ଝଲସାଇ ଦେବା ଭଳି ଉଜ୍ଜ୍ୱଳ ଆଲୋକ ମଧ୍ୟରେ ପ୍ରକାଶ ହେଲେ ଏବଂ ଖ୍ରୀଷ୍ଟିଆନମାନଙ୍କୁ କଷ୍ଟ ଦେବା ଦେବାରୁ ନିବୃତ୍ତ ହେବାକୁ ତାଙ୍କୁ କହିଲେ।
- ଶାଉଲ ଯୀଶୁଙ୍କଠାରେ ବିଶ୍ୱାସ କଲେ ଏବଂ ଆପଣା ସହ-ଯିହୂଦୀମାନଙ୍କ ନିକଟରେ ଯୀଶୁଙ୍କ ବିଷୟରେ ଶିକ୍ଷା ଦେବା ଆରମ୍ଭ କଲେ।
- ପରେ, ଅଣ-ଯିହୂଦୀ ଲୋକମାନଙ୍କୁ ଯୀଶୁଙ୍କ ବିଷୟରେ ଶିକ୍ଷା ଦେବା ନିମନ୍ତେ ଏବଂ ରୋମୀୟ ସାମ୍ରାଜ୍ୟର ବିଭିନ୍ନ ପ୍ରଦେଶଗୁଡ଼ିକ ଏବଂ ନଗରଗୁଡ଼ିକରେ ମଣ୍ଡଳୀଗୁଡ଼ିକ ଆରମ୍ଭ କରିବା ନିମନ୍ତେ ଈଶ୍ୱର ଶାଉଲଙ୍କୁ ପ୍ରେରଣ କଲେ। ଏହି ସମୟରେ ସେ ତାଙ୍କର ରୋମୀୟ ନାମ "ପାଉଲ" ଭାବରେ ସମ୍ବୋଧିତ ହେବା ଆରମ୍ଭ କଲେ।
- ପାଉଲ ମଧ୍ୟ ଏହି ନଗରୀଗୁଡିକରେ ଥିବା ମଣ୍ଡଳୀଗୁଡ଼ିକର ଖ୍ରୀଷ୍ଟିଆନମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏବଂ ଶିକ୍ଷା ଦେବା ନିମନ୍ତେ ପତ୍ରଗୁଡ଼ିକ ଲେଖିବା ଆରମ୍ଭ କଲେ। ଏହି ପତ୍ରଗୁଡିକ ମଧ୍ୟରୁ ଅନେକ ନୂତନ ନିୟମରେ ରହିଛି।

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡ଼ିକ: କିପରି ନାମଗୁଡ଼ିକ ଅନୁବାଦ କରିବା)

(ଆହୁରି ମଧ୍ୟ ଦେଖ: ଖ୍ରୀଷ୍ଟିଆନ, ଯିହୂଦୀ ନେତାଗଣ, ରୋମ୍)

ବାଇବଲ ପଦଗୁଡିକ:

- 1 ମ କରିନ୍ଥୀୟ 01:1-3
- ପ୍ରେରିତ 08:03
- ପ୍ରେରିତ 09:26
- ପ୍ରେରିତ 13:10
- ଗାଲାତୀୟ 01:01
- ଫିଲିମୋନ 01:08

ବାଇବଲର କାହାଣୀଗୁଡ଼ିକ ମଧ୍ୟରୁ ଉଦାହରଣ:

- **45:06** ଜଣେ ଯୁବକର ନାମ **ଶାଉଲ** ଯେଉଁମାନେ ସ୍ତାତିପାନଙ୍କୁ ହତ୍ୟା କଲେ ଏବଂ ସେମାନେ ତାଙ୍କ ଉପରେ ପଥର ଫୋପାଡୁଥିବା ସମୟରେ ସେମାନଙ୍କର ବସ୍ତ୍ର ଜଗିଥିଲେ ବୋଲି ସମ୍ମତ ହେଲେ।
- **46:01 ଶାଉଲ** ଜଣେ ଯୁବା ପୁରୁଷ ଯିଏ ସେ ପୁରୁଷମାନଙ୍କର ବସ୍ତ୍ର ଜଗିଥିଲେ ଯେଉଁମାନେ ସ୍ତିଫାନଙ୍କୁ ହତ୍ୟା କଲେ। ସେ ଯୀଶୁଙ୍କଠାରେ ବିଶ୍ୱାସ କରୁ ନଥିଲେ, ତେଣୁ ସେ ବିଶ୍ୱାସୀମାନଙ୍କୁ ତାଡନା କଲେ।
- **46:02** ଯେତେବେଳେ **ଶାଉଲ** ଦମ୍ମେଶକ ପଥରେ ଥିଲେ, ଏକ ଉଜ୍ଜ୍ୱଳ ଆଲୋକ ଆକାଶରୁ ତାଙ୍କ ଚାରିଆଡେ ଚମକି ଉଠିଲା ଏବଂ ସେ ଭୂମିରେ ପଡ଼ିଯାଇ ତାଙ୍କ ପ୍ରତି ଉକ୍ତ ଏହି ବାଣୀ ଶୁଣିଲେ,"_ ଶାଉଲ! ଶାଉଲ! ତୁମ୍ଭେ କାହିଁକି ଆମ୍ଭକୁ ତାଡନା କରୁଅଛ?
- **46:05** ହନନୀୟ **ଶାଉଲଙ୍କ** ନିକଟକୁ ଗଲେ, ତାଙ୍କ ଉପରେ ହସ୍ତାର୍ପଣ କଲେ, ଓ କହିଲେ, "ଯେଉଁ ଯୀଶୁ ତୁମ୍ଭର ଆସୁଥିବା ପଥରେ ତୁମ୍ଭକୁ ଦର୍ଶନ ଦେଲେ, ତୁମ୍ଭେ ଯେପରି ଦୃଷ୍ଟିପ୍ରାପ୍ତ ହୁଅ ଓ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହୁଅ,ଏଥିନିମନ୍ତେ ସେ ମୋତେ ପ୍ରେରଣ କରିଅଛନ୍ତି I" **ଶାଉଲ** ସେହିକ୍ଷଣି ଦୃଷ୍ଟି ପାଇଲେ, ଏବଂ ହନନୀୟ ତାହାଙ୍କୁ ବାପ୍ତିସ୍ମ ଦେଲେ I
- **46:06** ଅବିଳମ୍ବରେ, **ଶାଉଲ** ଦମ୍ମେଶକରେ ପ୍ରଚାର କରିବା ଆରମ୍ଭ କଲେ ପୁଣି ଘୋଷଣା କଲେ, "ଯୀଶୁ ଯେ ଈଶ୍ୱରଙ୍କ ପୁତ୍ର!"
- **46:09** ବର୍ଣ୍ଣବା ଏବଂ **ଶାଉଲ** ଏହି ନୂତନ ବିଶ୍ୱାସୀମାନଙ୍କୁ ଯୀଶୁଙ୍କ ବିଷୟରେ ଅଧିକ ଶିକ୍ଷା ଦେବା ନିମନ୍ତେ ଏବଂ ମଣ୍ଡଳୀକୁ ବଳିଷ୍ଠ କରିବା ନିମନ୍ତେ ସେଠାକୁ (ଆନ୍ତିୟଖିଆକୁ) ଗଲେ I
- **47:01**ଯେତେବେଳେ **ଶାଉଲ** ରୋମୀୟ ସାମ୍ରାଜ୍ୟ ସାରା ଯାତ୍ରା କରୁଥିଲେ, ସେ ତା ରୋମୀୟ ନାମ, "**ପାଉଲ** ବ୍ୟବହାର କରିବା ଆରମ୍ଭ କଲେ।"
- **47:14** ପାଉଲ ଏବଂ ଅନ୍ୟ ଖ୍ରୀଷ୍ଟିଆନ ନେତାମାନେ ବହୁ ଅନେକ ନଗରଗୁଡ଼ିକୁ ଯାତ୍ରା କଲେ, ଏବଂ ଯୀଶୁଙ୍କ ସମ୍ବନ୍ଧୀୟ ଶୁଭ ସମାଚାର ପ୍ରଚାର ଓ ଶିକ୍ଷା ଦେବାକୁ ଲାଗିଲେ।

ଦତ୍ତ ବିଷୟ ଶବ୍ଦବିନ୍ୟାସ:

- Strong's: G3972, G4569

ପାରଣ

ତଥ୍ୟ ଗୁଡ଼ିକ

ପାରଣ ଏକ ମରୁଭୂମି ବା ପ୍ରାନ୍ତରଥିଲା ଯାହା ମିସରର ପୂର୍ବ ଦେଶରେ ଏବଂ କିଣନ ଦେଶର ଦକ୍ଷିଣ ଦିଗରେଥିଲା I ଗୋଟିଏ ପାରଣ ପର୍ବତ ମଧ୍ୟଥିଲା, ଯାହା ହୁଏତ ସୀନୟ୍ ପର୍ବତର ଅନ୍ୟ ନାମ ହୋଇଥାଇପାରେ I

- କ୍ରୀତଦାସୀ ହାଗାର ଏବଂ ତାହାର ପୁତ୍ର ଇସ୍ମାଏଲଙ୍କୁ ତଡି ଦେବା ନିମନ୍ତେ ସାରା ଅବ୍ରହାମଙ୍କୁ ଆଜ୍ଞା କଲା ପରେ ସେମାନେ ପାରଣର ମରୁଭୂମି ବା ପ୍ରାନ୍ତରରେ ବାସ କରିବା ନିମନ୍ତେ ଗଲେ I
- ଯେତେବେଳେ ମୋଶା ଇସ୍ରାଏଲୀୟମାନଙ୍କୁ ମିସରରୁ ବାହାର କରି ଆଣିଲେ, ସେମାନେ ପାରଣର ମରୁଭୂମି ବା ପ୍ରାନ୍ତର ମଧ୍ୟ ଦେଇ ଯାତ୍ରା କଲେ I
- ପାରଣର ପ୍ରାନ୍ତରରେ କାଦେଶ ବର୍ଣ୍ଣେୟଠାରୁ ହିଁ ମୋଶା ବାର ଜଣ ଲୋକଙ୍କୁ କିଣାନ ଦେଶକୁ ଗୁପ୍ତଚର ଭାବରେ ଯାଇ ବିବରଣ ନେଇ ଫେରି ଆସିବା ନିମନ୍ତେ ପ୍ରେରଣ କଲେ I
- ସିନ୍ ପ୍ରାନ୍ତର ପାରଣର ଉତ୍ତରରେଥିଲା ଏବଂ ସୀନ ପ୍ରାନ୍ତର ପାରଣର ଦକ୍ଷିଣରେଥିଲା I

(ଅନୁବାଦ କରିବା ନିମନ୍ତେ ପ୍ରସ୍ତାବଗୁଡ଼ିକ: କିପରି ନାମଗୁଡ଼ିକ ଅନୁବାଦ କରିବ I)

(ଆହୁରି ମଧ୍ୟ ଦେଖ: କିଣାନ, ମରୁଭୂମି, ମିସର, କାଦେଶ, ସୀନୟ୍)

ବାଇବଲ ପଦଗୁଡିକ

- 1ମ ରାଜାବଳି 11:18-19
- 1 ମ ଶାମୁଏଲ 25:1
- ଆଦିପୁସ୍ତକ 21:19-21
- ଗଣନାପୁସ୍ତକ 10:11-13
- ଗଣନାପୁସ୍ତକ 13:3-4

ବୋର୍ଡ ଡାଟା :

- Strong's: H364, H6290

ପାରସିକ, ପାରସୀୟ ଲୋକମାନେ

ସଂଜ୍ଞା:

ପାରସ୍ୟ ଏକ ଦେଶଥିଲା ଯାହା ଏକ ଶକ୍ତିଶାଳୀ ସାମ୍ରାଜ୍ୟରେ ପରିଣତ ହେଲା I ଏହାକୁ ମହାନ କୋରସ ଖ୍ରୀ.ପୂ. 550ରେ ପ୍ରତିଷ୍ଠା କରିଥିଲେ I ପାରସ୍ୟ ଦେଶ ବାବିଲୋନୀୟ ଏବଂ ଆଶୂରୀୟର ଦକ୍ଷିଣପୂର୍ବରେ ଏକ ଅଞ୍ଚଳରେ ଅବସ୍ଥିତଥିଲା, ଯାହାକୁ ବର୍ତ୍ତମାନ ଆଧୁନିକ ସମୟର ଇରାନ ବୋଲି କୁହାଯାଉଛି I

- ପାରସ୍ୟର ଲୋକମାନଙ୍କୁ "ପାରସିକମାନେ" ବୋଲି କୁହାଯାଉଥିଲା I
- କୋରସ ରାଜାଙ୍କ ଆଦେଶାଜ୍ଞା ଅଧୀନରେ ଯିହୂଦୀୟମାନେ ବାବିଲର ବନ୍ଦୀତ୍ୱ ଅବସ୍ଥାରୁ ମୁକ୍ତ ହେଲେ ଏବଂ ଆପଣା ଗୃହକୁ ବାହୁଡି ଯିବା ନିମନ୍ତେ ଅନୁମତିପ୍ରାପ୍ତ ହେଲେ, ଏବଂ ପାରସିକ ସମ୍ରାଟଙ୍କ ଆର୍ଥିକ ସହାୟତା ପ୍ରଦାନ ସହିତ ମନ୍ଦିର ପୂନଃ-ନିର୍ମିତ ହେଲା I
- ଯେତେବେଳେ ଏଜ୍ରା ଏବଂ ନିହିମିୟା ଯିରୂଶାଲମର ପ୍ରାଚୀରଗୁଡ଼ିକ ପୂନଃ-ନିର୍ମାଣ କରିବା ନିମନ୍ତେ ଯିରୂଶାଲମକୁ ଫେରିଗଲେ, ସେତେବେଳେ ରାଜା ଅର୍ତ୍ତକ୍ଷସ୍ତ ପାରସିକ ସମ୍ରାଜ୍ୟର ଶାସକଥିଲେ I
- ଏଷ୍ଟର ଯେତେବେଳେ ରାଜା ଅକ୍ଷଶ୍ୱେରଶଙ୍କୁ ବିବାହ କଲେ, ସେତେବେଳେ ସେ ପାରସିକ ସାମ୍ରାଜ୍ୟର ରାଣୀ ହେଲେ I

(ଆହୁରି ଦେଖ: ଅକ୍ଷଶ୍ୱେରଶ, ଅର୍ତ୍ତକ୍ଷସ୍ତ, ଅଶୂରୀୟ, ବାବିଲୋନ, କୋରସ, ଏଷ୍ଟର, ଏଜ୍ରା, ନିହିମିୟା)

ବାଇବଲ ପଦଗୁଡିକ:

- 2 ଯି ବଂଶାବଳି 36:20-21
- ଦାନୀୟେଲ 10:12-13
- ଏଷ୍ଟର 01:3-4
- ଯିହିଜିକଲ 27:10-11

ବୋର୍ଡ ଡାଟା :

- Strong's: H6539, H6540, H6542, H6543

ପିତର, ଶିମୋନ ପିତର, କୈଫା

ସତ୍ୟ ଘଟଣାବଳୀ:

ଯୀଶୁଙ୍କର ବାର ଜଣ ପ୍ରେରିତମାନଙ୍କ ମଧ୍ୟରେ ପିତର ଅନ୍ୟତମ ଥିଲେ I ସେ ଆଦ୍ୟ ମଣ୍ଡଳୀର ଏକ ମହତ୍ୱପୂର୍ଣ୍ଣ ନେତାଥିଲେ I

- ଯୀଶୁ ପିତରଙ୍କୁ ଶିଷ୍ୟ ଭାବରେ ଆହ୍ୱାନ କରିବା ପୂର୍ବରେ ପିତରଙ୍କ ନାମ ଶିମୋନ ଥିଲା I
- ପରବର୍ତ୍ତୀ ସମୟରେ ଯୀଶୁ ତାହାକୁ କୈଫା ବୋଲି ନାମ ଦେଲେ ଯାହାର ଅର୍ଥ ଆରାମିକ୍ ଭାଷାରେ "ପ୍ରସ୍ତର" ବା "ଶୈଳ" ଅଟେ I ପିତର ନାମର ଅର୍ଥ ମଧ୍ୟ ଗ୍ରୀକ ଭାଷାରେ "ପ୍ରସ୍ତର" ବା "ଶୈଳ" ଅଟେ I
- ଈଶ୍ୱର ପିତରଙ୍କ ମଧ୍ୟ ଦେଇ କାର୍ଯ୍ୟ କଲେ ଯେପରି ଲୋକମାନେ ସୁସ୍ଥ ହେବେ ଏବଂ ସେ ଯୀଶୁଙ୍କ ସୁସମାଚାର ପ୍ରଚାର କରିବେ I
- ନୂତନ ନିୟମରେ ଦୁଇଟି ପୁସ୍ତକ ପିତରଙ୍କ ଦ୍ୱାରା ଲିଖିତ ପତ୍ରଗୁଡ଼ିକ ଅଟେ I ସହ-ବିଶ୍ୱାସୀମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଏବଂ ଶିକ୍ଷା ଦେବା ନିମନ୍ତେ ସେ ସେହିପତ୍ରଗୁଡ଼ିକୁ ଲେଖିଥିଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡ଼ିକ)

(ଶିଷ୍ୟଗଣ, ପ୍ରେରିତ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 8:25
- ଗାଲାତୀୟ 2:6-8
- ଗାଲାତୀୟ 2:12
- ଲୂକ 22:58
- ମାର୍କ 3:16
- ମାଥିଉ 4:18-20
- ମାଥିଉ 8:14
- ମାଥିଉ 14:30
- ମାଥିଉ 26:33-35

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 28:9 ପିତର ଯୀଶୁଙ୍କୁ କହିଲେ, "ଦେଖନ୍ତୁ, ଆମ୍ଭେମାନେ ସମସ୍ତ ପରିତ୍ୟାଗ କରି ଆପଣଙ୍କ ଅନୁଗାମୀ ହୋଇଅଛୁ I ଆମ୍ଭମାନଙ୍କ ପୁରସ୍କାର କଅଣ ହେବ?"
- 29:1 ଦିନେ **ପିତର** ଯୀଶୁଙ୍କୁ ପଚାରିଲେ, ହେ ପ୍ରଭୋ, କେତେଥର ମୋହର ଭାଇ ମୋ' ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି? ସାତଥର ପର୍ଯ୍ୟନ୍ତ କି ?"
- 31:5 ତା'ପରେ **ପିତର** ଯୀଶୁଙ୍କୁ କହିଲେ, "ହେ ପ୍ରଭୁ, ଯେବେ ଆପଣ, ତେବେ ଜଳ ଉପରେ ଆପଣଙ୍କ ନିକଟକୁ ଯିବା ପାଇଁ ମୋତେ ଆଜ୍ଞା କରନ୍ତୁ I ଯୀଶୁ କହିଲେ, ଆସ!"
- 36:1 ଦିନେ, ଯୀଶୁ ତାଙ୍କର ତିନି ଜଣ ଶିଷ୍ୟମାନଙ୍କୁ ନେଲେ, ପିତର**,** ଯାକୁବ**,** ଏବଂ ଯୋହନଙ୍କୁ ତାଙ୍କ ସହିତ ନେଲେ I
- 38:9 ପିତର ଉତ୍ତର ଦେଲେ**,"** ଯଦ୍ୟପି ସମସ୍ତେ ଆପଣଙ୍କୁ ପରିତ୍ୟାଗ କଲେ ହେଁ ମୁଁ କରିବି ନାହିଁ !**"** ତା'ପରେ ଯୀଶୁ କହିଲେ ପିତର, "ଶୟତାନ ତୁମ୍ଭର ସବୁ କିଛି ଅଧିକାର କରିବାକୁ ଚାହେଁ, କିନ୍ତୁ ମୁଁ ତୁମ୍ଭ ନିମନ୍ତେ ପ୍ରାର୍ଥନା କଲି, ପିତର, ଯେପରି ତୁମ୍ଭର ବିଶ୍ୱାସ ଲୋପ ନ ପାଏ I ଏପରିକି ଆଜି ରାତିରେ, କୁକୁଡା ଡାକିବା ପୂର୍ବରୁ ତୁମ୍ଭେ ମୋତେ ଯେ ମୋତେ ଜାଣ, ଏହା ତିନି ଥର ଅସ୍ୱୀକାର କରିବ I"
- 38:15 ସୈନ୍ୟମାନେ ଯୀଶୁଙ୍କୁ ଗିରଫ କରି ଧରି ନେବାବେଳେ, ପିତର ଖଣ୍ଡା ବାହାର କରି ମହାଯାଜକଙ୍କ ଦାସକୁ ଆଘାତ କଲେ ଓ ତାହାର କାନ କାଟିପକାଇଲେ I
- 43:11 ପିତର ସେମାନଙ୍କୁ ଉତ୍ତର ଦେଲେ, "ଆପଣମାନେ ପ୍ରତ୍ୟେକ ଜଣ ମନପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ I"
- 44:8 ପିତର ସେମାନଙ୍କୁ ଉତ୍ତର ଦେଲେ,"ଏହି ଯେଉଁ ଲୋକକୁ ଆପଣମାନଙ୍କ ସମ୍ମୁଖରେ ଛିଡା ହୋଇଥିବା ଦେଖୁଛନ୍ତି, ସେ ମସୀହ ଯୀଶୁଙ୍କ ଶକ୍ତି ଦ୍ୱାରା ସୁସ୍ଥ ହୋଇଛି I"

ଶବ୍ଦବିନ୍ୟାସ:

- Strong's: G27860, G40740, G46130

ପିନହସ୍

ତଥ୍ୟଗୁଡିକ:

ପୁରାତନ ନିୟମରେ ପିନହସ ଦୁଇ ଜଣ ବ୍ୟକ୍ତିଙ୍କର ନାମଥିଲା I

- ହାରୋଣଙ୍କ ନାତିମାନଙ୍କ ମଧ୍ୟରୁ ପିନହସ ନାମକ ଜଣେ ନାତି ଯାଜକଥିଲେ I ସେ ଇସ୍ରାଏଲରେ ପ୍ରତିମା ପୂଜାର ଘୋର ବିରୋଧ କରିଥିଲେ I
- ମିଦିୟନୀୟ ସ୍ତ୍ରୀମାନଙ୍କୁ ବିବାହ କରିଥିବାରୁ ଏବଂ ସେମାନଙ୍କର ମିଥ୍ୟା ଦେବତାଗଣକୁ ପୂଜା ଉପାସନା କରିଥିବାରୁ ଇସ୍ରାଏଲୀୟମାନଙ୍କୁ ଦଣ୍ଡ ଦେବା ନିମନ୍ତେ ସଦାପ୍ରଭୁ ପରମେଶ୍ୱର ପ୍ରେରଣ କରିଥିବା ଏକ ମହାମାରୀରୁ ପିନହସ ଇସ୍ରାଏଲୀୟମାନଙ୍କୁ ଉଦ୍ଧାର କରିଥିଲେ I
- ଅନେକ ଘଟଣାଗୁଡ଼ିକ ବେଳେ ପିନହସ ଇସ୍ରାଏଲୀୟମାନଙ୍କ ସୈନ୍ୟମାନଙ୍କ ସହିତ ଯାଇ ମିଦିୟନୀୟମାନଙ୍କୁ ଧ୍ୱଂସ କରିଥିଲେ I
- ପୁରାତନ ନିୟମରେ ଉଲ୍ଲେଖ ହୋଇଥିବା ଅନ୍ୟ ପିନହସ, ଭାବବାଦୀ ଶାମୁୟେଲଙ୍କ ସମୟରେ ଥିବା ଏଲୀ ଯାଜକଙ୍କର ଅନ୍ୟତମ ଦୁଷ୍ଟ ପୁତ୍ରଥିଲେ I
- ଯେତେବେଳେ ପଲେଷ୍ଟୀୟମାନେ ଇସ୍ରାଏଲକୁ ଆକ୍ରମଣ କଲେ ଏବଂ ନୀୟମ ସିନ୍ଦୁକ ହରଣ କରି ନେଇଗଲେ ସେତେବେଳେ ପିନହସ ଏବଂ ତାହାର ଭାଇ ହଫନି ଉଭୟେ ନିହତ ବା ବଧ ହେଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ ଅନୁବାଦ କର)

(ଆହୁରି ଦେଖ: ନୀୟମ ସିନ୍ଦୁକ, ଯର୍ଦ୍ଦନ ନଦୀ, ମିଦିୟନୀୟ, ଫିଲିଷ୍ଟାଇନ୍, ଶାମୁୟେଲ)

ବାଇବଲ ପଦଗୁଡିକ:

- 1ମ ଶାମୁୟେଲ 04:3-4
- ଏଜ୍ରା 08:1-3
- ଯିହୋଶୂୟ22:13-14
- ଗଣନା 25:6-7

ବୋର୍ଡ ଡାଟା :

- Strong's: H6372

ପିରିଷୀୟ୍

ତଥ୍ୟଗୁଡ଼ିକ

ପିରିଷୀୟ୍ମାନେ କିଣାନ ଦେଶରେ ବାସ କରୁଥିବା ବିଭିନ୍ନ ଲୋକଦଳମାନଙ୍କ ମଧ୍ୟରୁ ଏକ ଲୋକ ଦଳ ଅଟନ୍ତି I ଏହି ଲୋକଦଳ ବିଷୟ୍ରେ ଆମ୍ଭେମାନେ ଖୁବ୍ କମ୍ ବିଷୟ୍ ଜାଣିଛୁ ଯେ, କେଉଁମାନେ ସେମାନଙ୍କର ପୂର୍ବପୁରୁଷଥିଲେ କିମ୍ବା କିଣାନ ଦେଶରେ ସେମାନେ କେଉଁ ଭାଗରେ ବାସ କରୁଥିଲେ I

- ପୁରାତନ ନୀୟ୍ମର ବିଚାରକର୍ତ୍ତା ପୁସ୍ତକରେ ପିରିଷୀୟ୍ମାନେ ଅତିଶୟ୍ ଭାବରେ ବାରମ୍ବାର ଉଲ୍ଲେଖ କରାଯାଉଥିଲେ I ସେଠାରେ ଲିପିବଦ୍ଧ ହୋଇଛି ଯେ, ଏହି ପିରିଷୀୟ୍ମାନେ ଇସ୍ରାଏଲୀୟ୍ମାନଙ୍କ ସହିତ ପରସ୍ପର ମଧ୍ୟରେ ବିବାହର ଆଦାନପ୍ରଦାନ କରିଥିଲେ ଏବଂ ସେମାନଙ୍କୁ ମିଥ୍ୟା ଦେବତାମାନଙ୍କର ପୂଜା ଉପାସନା କରିବା ନିମନ୍ତେ ପ୍ରଭାବିତ କରିଥିଲେ I
- ଲକ୍ଷ୍ୟ କର ଯେ ପେରସ ବଂଶଧରମାନଙ୍କୁ ପେରସୀୟ୍ କୁହାଯାଉଥିଲା ଏବଂ ସେମାନେ ଏହି ପିରିଷୀୟ୍ମାନଠାରୁ ଭିନ୍ନ ଲୋକମାନେଥିଲେ I

ଏହି ବିଷୟ୍ର ଭିନ୍ନତାକୁ ସ୍ପଷ୍ଟ କରିବା ନିମନ୍ତେ ସେହି ନାମଗୁଡ଼ିକୁ ପୃଥକ୍ ଭାବରେ ଉଚ୍ଚାରଣ କରିବା ଆବଶ୍ୟକ ଅଟେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: କିପରି ନାମଗୁଡ଼ିକ ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: କିଣାନ, ମିଥ୍ୟା ଈଶ୍ୱର)

ବାଇବଲ ପଦଗୁଡିକ:

- 1 ମ ରାଜାବଳି 09:20-21
- 2 ୟ ବଂଶାବଳି 08:7-8
- ଯାତ୍ରାପୁସ୍ତକ 03:16-18
- ଆଦିପୁସ୍ତକ 13:5-7
- ଯିହୋଶୂୟ 03:9-11

ବୋର୍ଡ ଡାଟା :

- Strong's: H6522

ପିୟୋର, ପର୍ବତ ଶିଖର ପିୟୋର, ବାଲ୍ ପିୟୋର

ସଂଜ୍ଞା

ପିୟୋର ଏବଂ ପର୍ବତ ଶିଖର ପିୟୋର ପ୍ରତିଶବ୍ଦଟି ମୋୟାବ ଅଞ୍ଚଳରେ ଥିବା ଲବଣ ସମୁଦ୍ରର ଉତ୍ତର ପୂର୍ବରେ ଥିବା ଏକ ପର୍ବତକୁ ବୁଝାଏ I

- "ବେଥ୍ ପିୟୋର" ନାମଟି ଏକ ନଗରୀର ନାମ I ତାହା ହୁଏତ ସେହି ପର୍ବତ ଉପରେ କିମ୍ବା ଏହାର ନିକଟରେ ଅବସ୍ଥିତଥିଲା I

ଏହି ସ୍ଥାନରେ ମୋଶା ମୃତ୍ୟୁବରଣ କରିଥିଲେ I ଈଶ୍ୱର ତାହାଙ୍କୁ ପ୍ରତିଜ୍ଞାତ ଦେଶ ଦେଖାଇବା ପରେ ହିଁ ଏଠାରେ ତାଙ୍କର ମୃତ୍ୟୁ ହୋଇଥିଲା I

- ମୋୟାବୀୟମାନଙ୍କର ମିଥ୍ୟା ଦେବତା "ବାଆଲ୍ ପିୟୋର୍"ଥିଲା ଏବଂ ସେମାନେ ତାହାକୁ ସେହି ପର୍ବତ ପିୟୋରରେ ଉପାସନା କରୁଥିଲେ I

ଇସ୍ରାଏଲୀୟମାନେ ମଧ୍ୟ ଏହି ପ୍ରତିମାକୁ ଉପାସନା କରିବା ଆରମ୍ଭ କଲେ ଏବଂ ଈଶ୍ୱର ସେମାନଙ୍କୁ ଏଥିପାଇଁ ଦଣ୍ଡ ଦେଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡ଼ିକ: କିପରି ନାମଗୁଡ଼ିକ ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ବାଲ୍, ମିଥ୍ୟା ଦେବତା, ମୋୟାବ, ଲବଣ ସମୁଦ୍ର, ଉପାସନା)

ବାଇବଲ ପଦଗୁଡିକ

- ଗଣନାପୁସ୍ତକ 23:28-30
- ଗଣନାପୁସ୍ତକ 31:16-17
- ଗୀତସଂହିତା 106:28-29

ବୋର୍ଡ ଡାଟା :

- Strong's: H1047, H1187, H6465

ପୀଲାତ

ସତ୍ୟ ଘଟଣାବଳୀ:

ପୀଲାତ ଯିହୂଦାର ରୋମୀୟ ପ୍ରଦେଶର ଶାସନକର୍ତ୍ତା ଥିଲେ; ସେ ଯୀଶୁଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ I

- ପୀଲାତ ଶାସନକର୍ତ୍ତା ଥିବାରୁ, ଅପରାଧୀମାନଙ୍କୁ ମୃତ୍ୟୁଦଣ୍ଡ ଦେବା ନିମନ୍ତେ ତାହାଙ୍କର କ୍ଷମତା ଥିଲା I
- ଯିହୂଦୀୟ ଧର୍ମ ନେତାମାନେ ଚାହୁଁଥିଲେ ଯେପରି ପୀଲାତ ଯୀଶୁଙ୍କୁ କ୍ରୁଶାର୍ପିତ କରିବେ, ତେଣୁ ସେମାନେ ଯୀଶୁ ଜଣେ ଅପରାଧୀ ଅଟନ୍ତି ବୋଲି ମିଥ୍ୟା କହିଲେ I
- ପୀଲାତ ହୃଦୟଙ୍ଗମ କଲେ ଯେ ଯୀଶୁ ଦୋଷୀ ନୁହନ୍ତି; କିନ୍ତୁ ସେ ଜନତାର ଭିଡକୁ ଭୟ କରୁଥିଲେ ଏବଂ ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ଚାହିଁଲେ, ତେଣୁ ସେ ଯୀଶୁଙ୍କୁ କ୍ରୁଶାର୍ପିତ କରିବାକୁ ତାଙ୍କର ସୈନ୍ୟକମାନଙ୍କୁ ଆଦେଶ ଦେଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(କ୍ରୁଶାର୍ପିତ, ରାଜ୍ୟପାଳ, ଦୋଷୀକୃତ, ଯିହୂଦା , ରୋମୀୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 4:27-28
- ପ୍ରେରିତ 13:28
- ଲୂକ 23:2
- ମାର୍କ 15:2
- ମାଥିଉ 27:13
- ମାଥିଉ 27: 58

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **39:9** ପରଦିନ ସକାଳେ ଯିହୁଦୀ ନେତାମାନେ ଯୀଶୁଙ୍କୁ ରୋମୀୟ ଶାସକ ପୀଲାତଙ୍କ ନିକଟକୁ ଆଣିଲେ। ସେମାନେ ଆଶା କରିଥିଲେ ଯେ ପୀଲାତ ଯୀଶୁଙ୍କୁ ଦୋଷୀ ସାବ୍ୟସ୍ତ କରିବେ ଏବଂ ତାଙ୍କୁ ହତ୍ୟା କରିବାକୁ ଦଣ୍ଡିତ କରିବେ। ପୀଲାତ ଯୀଶୁଙ୍କୁ ପଚାରିଲେ, "ତୁମ୍ଭେ ଯିହୂଦୀମାନଙ୍କର ରାଜା ଅଟ କି?"
- **39:10 ପୀଲାତ** କହିଲେ, “ସତ୍ୟ କ’ଣ ଅଟେ?”
- **39:11** ଯୀଶୁଙ୍କ ସହିତ କଥାବାର୍ତ୍ତା କରିବା ପରେ ପୀଲାତ ଲୋକମାନଙ୍କ ନିକଟକୁ ଯାଇ କହିଲେ, “ମୁଁ ଏହି ଲୋକର କୌଣସି ଦୋଷ ପାଇଲି ନାହିଁ।” କିନ୍ତୁ ଯିହୂଦୀ ନେତା ଓ ଜନତା ପାଟି କରି କହିଲେ, “ତାଙ୍କୁ କ୍ରୁଶରେ ଚଢ଼ାଅ!” ପୀଲାତ ଉତ୍ତର ଦେଲେ, “ସେ ଦୋଷୀ ନୁହଁନ୍ତି।” କିନ୍ତୁ ସେମାନେ ଆହୁରି ଜୋରରେ ପାଟି କଲେ। ଏହା ପରେ ପୀଲାତ ତୃତୀୟ ଥର କହିଲେ, “ସେ ଦୋଷୀ ନୁହଁନ୍ତି।”
- **39:12** ଲୋକମାନେ କାଳେ ଦଙ୍ଗା ଆରମ୍ଭ କରିବେ ବୋଲି ପୀଲାତ ଭୟଭୀତ ହେଲେ, ତେଣୁ ସେ ତାଙ୍କର ସୈନ୍ୟମାନଙ୍କୁ ଯୀଶୁଙ୍କୁ କ୍ରୁଶରେ ବଧ କରିବାକୁ ଆଦେଶ ଦେଲେ।
- **40:2** ପୀଲାତ ଆଦେଶ ଦେଲେ ଯେ ଯୀଶୁଙ୍କ ମୁଣ୍ଡ ଉପରେ ଏକ ଚିହ୍ନ ରଖାଯିବ ଯେଉଁଥିରେ ଲେଖାଯିବ, “ଯିହୁଦୀମାନଙ୍କର ରାଜା।”
- **41:2** ପୀଲାତ କହିଲେ, “କେତେକ ସୈନ୍ୟମାନଙ୍କୁ ନେଇ କବରକୁ ଯେତେ ସୁରକ୍ଷା କର I”

ଶବ୍ଦବିନ୍ୟାସ:

- Strong’s: G40910, G41940

ପୋଟୀଫର

ତଥ୍ୟଗୁଡିକ:

ମିସରର ଫାରୋଙ୍କ ନିମନ୍ତେ ପୋଟୀଫର ଜଣେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟାଧ୍ୟକ୍ଷଥିଲେ ଯେତେବେଳେ ଯୋଷେଫ କେତେକ ଇସ୍ମାଏଲୀୟମାନଙ୍କ ନିକଟରେ ଏକ କ୍ରୀତଦାସ ଭାବରେ ବିକ୍ରୟ କରାଯାଇ -ଥିଲେ I

- ପୋଟୀଫର ଇସ୍ମାଏଲୀୟମାନଙ୍କ ନିକଟରୁ ଯୋଷେଫଙ୍କୁ କ୍ରୟ କରିଥିଲେ ଏବଂ ତାହାଙ୍କର ଗୃହର ସମସ୍ତ ବିଷୟର ଅଧିକାରୀ ଭାବରେ ନିଯୁକ୍ତ କରିଥିଲେ I
- ଯେତେବେଳେ ଯୋଷେଫ ମିଥ୍ୟାରେ ମନ୍ଦ ବିଷୟ କରିଥିବା ଅଭିଯୋଗରେ ଅଭିଯୁକ୍ତ ହେଲେ, ସେତେବେଳେ ପୋଟୀଫର ଯୋଷେଫଙ୍କୁ କାରାଗାରରେ ବନ୍ଦୀ କରି ପକାଇଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: କିପରି ନାମଗୁଡ଼ିକ ଅନୁବାଦ କରିବେ)

(ଆହୁରି ମଧ୍ୟ ଦେଖ: ମିସର, ଯୋଷେଫ, ଫାରୋ)

ବାଇବଲ ପଦଗୁଡିକ:

- ଆଦିପୁସ୍ତକ 37:34-36
- ଆଦିପୁସ୍ତକ 39:1-2
- ଆଦିପୁସ୍ତକ 39:13-15

ବୋର୍ଡ ଡାଟା :

- Strong's: H6318

ପ୍ରୀସ୍କିଲ୍ଲା

ସତ୍ୟ ଘଟଣାବଳୀ:

ପ୍ରୀସ୍କିଲ୍ଲା ଏବଂ ତାହାଙ୍କ ସ୍ୱାମୀ ଆକ୍ୱିଲା ଯିହୁଦୀୟ ଖ୍ରୀଷ୍ଟିୟାନଥିଲେ ଓ ସେମାନେ ପ୍ରେରିତ ପାଉଲଙ୍କ ସହିତ ତାହାଙ୍କ ମିଶନାରୀ କାର୍ଯ୍ୟରେ ଏକତ୍ର ମିଶି ସେବା କରିଥିଲେ I

- ପ୍ରୀସ୍କିଲ୍ଲା ଏବଂ ତାହାଙ୍କ ସ୍ୱାମୀ ଆକ୍ୱିଲା ରୋମ ପରିତ୍ୟାଗ କଲେ କାରଣ ସମ୍ରାଟ ଖ୍ରୀଷ୍ଟିୟାନମାନଙ୍କୁ ସେହି ସ୍ଥାନ ଛାଡି ଚାଲିଯିବାକୁ ଆଦେଶ ଦେଇଥିଲେ I
- ପ୍ରୀସ୍କିଲ୍ଲା ଏବଂ ତାହାଙ୍କ ସ୍ୱାମୀ ଆକ୍ୱିଲାଙ୍କୁ ପାଉଲ କରିନ୍ଥରେ ସାକ୍ଷାତ କଲେ I ସେମାନେ ତମ୍ବୁ ନିର୍ମାଣକାରୀ ଥିଲେ ଏବଂ ପାଉଲ ସେମାନଙ୍କ ସହିତ ଏହି କାର୍ଯ୍ୟରେ ଯୋଗ ଦେଲେ I
- ଯେତେବେଳେ ପାଉଲ ସିରିଆକୁ ଯିବା ନିମନ୍ତେ କରିନ୍ଥ ପରିତ୍ୟାଗ କଲେ ପ୍ରୀସ୍କିଲ୍ଲା ଏବଂ ଆକ୍ୱିଲା ମଧ୍ୟ ତାହାଙ୍କ ସହିତ ଗଲେ I
- ସିରିଆରୁ ସେହି ତିନି ଜଣ ଏଫିସକୁ ଗଲେ I ଯେତେବେଳେ ପାଉଲ ଏଫିସ ପରିତ୍ୟାଗ କଲେ, ପ୍ରୀସ୍କିଲ୍ଲା ଏବଂ ଆକ୍ୱିଲା ସେହି ସ୍ଥାନରେ ରହିଲେ ଏବଂ ସେଠାରେ ସୁସମାଚାରର ପ୍ରଚାର କାର୍ଯ୍ୟ ଜାରି ରଖିଲେ I
- ସେମାନେ ଏଫିସରେ ଆପଲ୍ଲ ନାମକ ଜଣେ ବ୍ୟକ୍ତିଙ୍କୁ ଶିକ୍ଷା ଦେଲେ I ସେ ଯୀଶୁଙ୍କଠାରେ ବିଶ୍ୱାସ କଲେ ଏବଂ ସେ ଜଣେ ଅନୁଗ୍ରହପ୍ରାପ୍ତ ବକ୍ତା ଏବଂ ଶିକ୍ଷକ ଥିଲେ I

(ନାମଗୁଡ଼ିକ କିପରି ଅନୁବାଦ କରିବେ ଦେଖନ୍ତୁ)

(ବିଶ୍ୱାସ କରିବା, ଖ୍ରୀଷ୍ଟିୟାନ, କରିନ୍ଥ, ଏଫିସ, ପାଉଲ, ରୋମ, ସିରିଆ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 16:19-20
- ଦ୍ୱିତୀୟ ତୀମଥି 4:19-22
- ପ୍ରେରିତ 18:1
- ପ୍ରେରିତ 18:24

ଶବ୍ଦବିନ୍ୟାସ :

- Strong's: G42520, G42510

ପ୍ରେରିତ ଫିଲିପ୍ପ

ସତ୍ୟ ଘଟଣାବଳୀ:

ପ୍ରେରିତ ଫିଲିପ୍ପ ଯୀଶୁଙ୍କ ମୂଳ ଦ୍ୱାଦଶ ଶିଷ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି I ସେ ବେଥସାଇଦା ସହରର ଲୋକଥିଲେ I

- ଯୀଶୁଙ୍କୁ ସାକ୍ଷାତ କରିବା ନିମନ୍ତେ ଫିଲିପ୍ପ ନିଥନୀୟେଲଙ୍କୁ ଆଣିଥିଲେ I
- 5000 ରୁ ଊର୍ଦ୍ଧ୍ୱ ଜନତାଙ୍କ ନିମନ୍ତେ କିପରି ଖାଦ୍ୟ ଯୋଗାଇବାକୁ ହେବ, ତହିଁ ବିଷୟରେ ଯୀଶୁ ଫିଲିପ୍ପଙ୍କୁ ପ୍ରଶ୍ନ ପଚାରିଥିଲେ I
- ଶେଷ ନିସ୍ତାର ପର୍ବର ରାତ୍ରଭୋଜନରେ ଯୀଶୁ ଆପଣାର ଶିଷ୍ୟମାନଙ୍କ ସହିତ ଭୋଜନ କରିଥିଲେ; ସେତେବେଳେ ସେ ସେମାନଙ୍କୁ ତାହାଙ୍କ ପିତା, ଈଶ୍ୱରଙ୍କ ବିଷୟରେ କହିଥିଲେ I ଫିଲିପ୍ପ ଯୀଶୁଙ୍କୁ ପିତାଙ୍କୁ ଦର୍ଶନ କରାଇବାକୁ କହିଲେ I
- ଦ୍ୱନ୍ଦ୍ୱକୁ ଏଡ଼ାଇବା ପାଇଁ କେତେକ ଭାଷା ଏହି ଫିଲିପ୍ପଙ୍କର ନାମ ଅନ୍ୟ ଫିଲିପ୍ପ (ପ୍ରଚାରକ) ଠାରୁ ଭିନ୍ନ ଭାବରେ ଉଚ୍ଚାରଣ କରିବାକୁ ପସନ୍ଦ କରିପାରନ୍ତି I

(ନାମଗୁଡ଼ିକ କିଅପରୀ ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବ)

(ଫିଲିପ୍ପ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 1:14
- ଯୋହନ 1:44
- ଯୋହନ 6:6
- ଲୂକ 6:14
- ମାର୍କ 3:17-19

ଶବ୍ଦବିନ୍ୟାସ:

- Strong’s: G53760

ଫରାତ୍ ନଦୀ, ନଦୀ

ସୂଚନା:

ଏଦନ ଉଦ୍ୟାନରୁ ପ୍ରବାହିତ ହେଉ ଥିବା ଚାରୋଟି ନଦୀ ମଧ୍ୟରୁ ଫରାତ୍ରିଲା ଏକ ନଦୀ I ଏହା ଏକ ନଦୀ ଯାହା ବିଷୟରେ ସବୁଠାରୁ ଅଧିକ ବାଇବଲରେ ଉଲ୍ଲେଖ କରାଯାଇଛି I

- ଆଧୁନିକ ଫରାତ୍ ନଦୀ ବର୍ତ୍ତମାନ ପୂର୍ବ ଦେଶରେ ଅବସ୍ଥିତ ଏବଂ ଏହା ଏସିଆର ସବୁଠାରୁ ଲମ୍ବା ଏବଂ ଗୁରୁତ୍ୱପୂର୍ଣ୍ଣ ନଦୀ ଅଟେ I
- ଟାଇଗ୍ରିସ୍ ନଦୀ ସହିତ ଫରାତ୍ ନଦୀ ମେସୋପଟାମିଆର ଦୁଇଟି ସିମାନ୍ତର ଅଞ୍ଚଳଥିଲା I
- ପ୍ରାଚୀନ ସହର ଉର ଯେଉଁଠାରେ ଅବ୍ରହାମ୍ ଆସିଥିଲେ ସେହି ସ୍ଥାନ ଫରାତ୍ ନଦୀର ମୂଳଥିଲା I
- ଏହି ନଦୀ ଇଶ୍ୱର ଅବ୍ରହାମ୍କୁ ପ୍ରତିଜ୍ଞା କରିଥିବା ଦେଶର ଏକ ସୀମାଥିଲା I (ଆଦିପୁସ୍ତକ ୧୫:୧୮)
- ବେଳେବେଳେ ଫରାତ୍ ନଦୀକୁ “ଏକ ନଦୀ” ବୋଲି ଡକା ଯାଉଥିଲା I

(ଭାଷାନ୍ତର ପାଇଁ ପ୍ରସ୍ତାବନା:ନାମଗୁଡିକ କିପରି ଭାଷାନ୍ତର କରିବା)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୫:୬-୯
- ୨ ବଂଶାବଳି ୦୯:୨୫-୨୬
- ଯାତ୍ରାପୁସ୍ତକ ୨୩:୩୦-୩୩
- ଆଦିପୁସ୍ତକ ୦୨:୧୩-୧୪
- ଯିଶାଇୟ ୦୬:୨୦-୨୨

ବୋର୍ଡ ଡାଟା :

- Strong's: H5104, H6578, G2166

ଫାରୋ, ମିସରର ରାଜା

ତଥ୍ୟଗୁଡିକ

ପ୍ରାଚୀନ କାଳରେ ମିସର ଉପରେ ଶାସନ କରୁଥିବା ରାଜାମାନଙ୍କୁ ଫାରୋ କୁହାଯାଉଥିଲା I

- ସର୍ୱମୋଟ 2000 ରୁ ଅଧିକ ବର୍ଷ ମଧ୍ୟରେ 300ରୁ ଅଧିକ ଫାରୋମାନେ ମିସର ଉପରେ ଶାସନ କଲେ I
- ଏହି ମିସରୀୟ ରାଜାମାନେ ଅତିଶୟ ଶକ୍ତିଶାଳୀ ଏବଂ ଧନଶାଳୀଥିଲେ I
- ଏହି ଫାରୋମାନଙ୍କ ମଧ୍ୟରୁ ଅନେକଙ୍କ ନାମ ବାଇବଲରେ ଉଲ୍ଲେଖ ହୋଇଛି I
- ଅନେକ ସମୟରେ ଏହି ପଦବୀକୁ ପଦବୀ ବଦଳରେ ଏକ ନାମ ଭାବରେ ବ୍ୟବହୃତ ହୋଇଛି I

ଏହି କ୍ଷେତ୍ରଗୁଡିକରେ, ଫାରୋ ପଦର ପ୍ରଥମ ଅକ୍ଷରକୁ ଇଂରାଜିରେ ବଡ ଅକ୍ଷର କରି ଫାରୋ ବୋଲି ଲେଖାଯାଇଅଛି I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: କିପରି ନାମଗୁଡ଼ିକ ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ମିସର, ରାଜା)

ବାଇବଲ ପଦଗୁଡିକ:

- ପ୍ରେରିତ 07:9-10
- ପ୍ରେରିତ 07:11-13
- ପ୍ରେରିତ 07:20-21
- ଆଦିପୁସ୍ତକ 12:14-16
- ଆଦିପୁସ୍ତକ 40:6-8
- ଆଦିପୁସ୍ତକ 41:25-26

ବାଇବଲର କାହାଣୀଗୁଡ଼ିକ ମଧ୍ୟରୁ ଉଦାହରଣଗୁଡ଼ିକ:

- **08:06** ଦିନେ ରାତିରେ, ଫାରୋ ଯାହା ମିସରୀୟମାନେ ସେମାନଙ୍କ ରାଜାମାନଙ୍କୁ କହନ୍ତି, ସେ ଦୁଇଟି ସ୍ୱପ୍ନ ଦେଖିଲା, ଯାହା ତାହାର ମନକୁ ଅତିଶୟ ବିଚଳିତ କଲା I
- **08:08** _ଫାରୋ _ ଯୋଷେଫଙ୍କ ପ୍ରତି ଏତେଦୂର ପ୍ରଭାବିତ ହେଲେ ଯେ, ସେ ତାହାଙ୍କୁ ସମସ୍ତ ମିସର ଉପରେ ଦ୍ୱିତୀୟ ଅତିଶକ୍ତିଶାଳୀ ବ୍ୟକ୍ତି ଭାବରେ ନିଯୁକ୍ତ କଲେ I
- **09:02** ତେଣୁ ସେହି_ଫାରୋ _ ସେହି ସମୟରେ ମିସର ଉପରେ ଶାସନ କରୁଥିଲେ, ସେ ଇସ୍ରାଏଲୀୟମାନଙ୍କୁ ମିସ୍ରୀୟମାନଙ୍କର କ୍ରୀତଦାସ କଲେ I
- **09:13** ମୁଁ ତୁମ୍ଭମାନଙ୍କୁ ପ୍ରେରଣ କରିବି _ଫାରୋ _ ଯେପରି ତୁମ୍ଭେ ଇସ୍ରାଏଲୀୟମାନଙ୍କୁ ମିସରରୁ ସେମାନଙ୍କ ଦାସତ୍ୱ ମଧ୍ୟରୁ ବାହାର କରି ଆଣିବ I
- **10:02** ଏହି ଦଣ୍ଡ ଓ ମହାମାରୀଗୁଡ଼ିକ ଦ୍ୱାରା, ଈଶ୍ୱର ଦେଖାଇଲେ_ ଫାରୋଙ୍କୁ _ ଯେ ସେ _ ଫାରୋଙ୍କଠାରୁ _ ଏବଂ ମିସରର ସମସ୍ତ ଦେବଗଣଙ୍କଠାରୁ ଅଧିକ ଶକ୍ତିଶାଳୀ ଅଟନ୍ତି I

ବୋର୍ଡ ଡାଟା :

- Strong's: H4428, H4714, H6547, G5328

ଫିଲିପ୍ପ, ଜଣେ ସୁସମାଚାର ପ୍ରଚାରକ

ତଥ୍ୟଗୁଡିକ:

ଯିରୂଶଲାମରେ ଆଦ୍ୟ ମଣ୍ଡଳୀରେ ଫିଲିପ୍ପ ସାତ ଜଣଙ୍କ ମଧ୍ୟରେ ଜଣେ ମନୋନୀତ ବ୍ୟକ୍ତିଥିଲେ, ଯିଏ ଦରିଦ୍ର ଏବଂ ଅଭାବୀ ଖ୍ରୀଷ୍ଟିଆନମାନଙ୍କର, ବିଶେଷତଃ, ବିଧବାମାନଙ୍କର ଯତ୍ନ ନେବେ I

- ଯିହୂଦା ପ୍ରଦେଶ ଏବଂ ଗାଲିଲୀ ପ୍ରଦେଶର ଅନେକ ଓ ବିଭିନ୍ନ ନଗରମାନରେ ଲୋକମାନଙ୍କୁ ସୁସମାଚାରର ଅଂଶୀ କରାଇବା ନିମନ୍ତେ ଈଶ୍ୱର ଫିଲିପ୍ପଙ୍କୁ ବ୍ୟବହାର କଲେ ଏବଂ ଏଥି ମଧ୍ୟରେ ଯିରୂଶାଲମରୁ ଗଜ୍ଜା ଆଡ଼କୁ ଯାଉଥିବା ମରୁଭୂମି ପଥରେ ସେ ସାକ୍ଷାତ କରିଥିବା ଜଣେ କୁଶ୍ ଦେଶୀୟ ନପୁଂସକ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି I
- ଅନେକ ବର୍ଷ ପରେ ଫିଲିପ୍ପ କାଇସରିଆରେ ବାସ କରୁଥିବା ବେଳେ ପାଉଲ ଏବଂ ତାହାଙ୍କର ସଙ୍ଗୀମାନେ ଯିରୂଶାଲମକୁ ଫେରି ଯାଉଥିବା ପଥରେ ଫିଲିପ୍ପଙ୍କ ଗୃହରେ ରହିଥିଲେ I
- ଅଧିକାଂଶ ବାଇବଲ ବିଶାରଦମାନେ ମନେ କରନ୍ତି ଯେ ସୁସମାଚାର ପ୍ରଚାରକ ଫିଲିପ୍ପ ସେହି ନାମବିଶିଷ୍ଟ ଯୀଶୁଙ୍କର ପ୍ରେରିତ ଶିଷ୍ୟ ସହିତ ସମାନ ବ୍ୟକ୍ତି ନୁହନ୍ତି I

କେତେକ ଭାଷାଗୁଡିକ ହୁଏତ ଏହି ଦୁଇଟି ବ୍ୟକ୍ତିଙ୍କ ନାମଗୁଡ଼ିକର ଭିନ୍ନତା ଦର୍ଶାଇବା ନିମନ୍ତେ ଅଳ୍ପ ପରିମାଣରେ ବନାନ୍ ଜନିତ ଭିନ୍ନତା ବ୍ୟବହାର କରନ୍ତି, ଯେପରି ସେମାନେ ଭିନ୍ନ ବ୍ୟକ୍ତି ଅଟନ୍ତି ବୋଲି ସ୍ପଷ୍ଟ କରିପାରିବେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: କିପରି ନାମ ଗୁଡ଼ିକ ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ଫିଲିପ୍ପ)

ବାଇବଲ ପଦଗୁଡିକ:

- ପ୍ରେରିତ 06:5-6
- ପ୍ରେରିତ 08:6-8
- ପ୍ରେରିତ 08:12-13
- ପ୍ରେରିତ 08: 29-31
- ପ୍ରେରିତ 08: 36-38
- ପ୍ରେରିତ 08:39-40

ବୋର୍ଡ ଡାଟା :

- Strong's: G5376

ଫିଲିପ୍ପୀ, ଫିଲିପ୍ପୀୟମାନେ

ତଥ୍ୟଗୁଡିକ:

ପ୍ରାଚୀନ ଗ୍ରୀସର ଉତ୍ତର ଭାଗରେ ମାକିଦନିଆରେ ଫିଲିପ୍ପୀ ଏକ ବିଶେଷ ନଗରୀ ଏବଂ ରୋମୀୟ ଉପନିବେଶଥିଲା I

- ପାଉଲ ଏବଂ ଶୀଲା ଫିଲିପ୍ପୀକୁ ଯାତ୍ରା କରି ସେଠାରେ ଥିବା ଲୋକମାନଙ୍କ ନିକଟରେ ଯୀଶୁଙ୍କ ବିଷୟରେ ପ୍ରଚାର କରିବା ନିମନ୍ତେ ଗଲେ I
- ଫିଲିପ୍ପୀରେ ଥିବା ସମୟରେ ପାଉଲ ଏବଂ ଶୀଲା ବନ୍ଦୀ ହୋଇଥିଲେ, କିନ୍ତୁ ଈଶ୍ୱର ସେମାନଙ୍କୁ ଆଶ୍ଚର୍ଯ୍ୟଜନକ ଭାବରେ ରକ୍ଷା କରିଥିଲେ I
- ନୂତନ ନୀୟମର ଫିଲିପ୍ପୀୟ ପୁସ୍ତକ ଗୋଟିଏ ପତ୍ର ଅଟେ, ଯାହା ପ୍ରେରିତ ପାଉଲ ଫିଲିପ୍ପରେ ଥିବା ମଣ୍ଡଳୀର ଖ୍ରୀଷ୍ଟିଆନମାନଙ୍କ ନିକଟକୁ ଲେଖିଥିଲେ I
- ଲକ୍ଷ୍ୟ କର ଯେ, ଏହା ହର୍ମୋଣ ପର୍ବତ ନିକଟରେ ଥିବା ଉତ୍ତରପୂର୍ବ ଇସ୍ରାଏଲର କାଇସରିଆ ଫିଲିପ୍ପୀଠାରୁ ଏହା ଏକ ଭିନ୍ନ ନଗରୀ ଅଟେ I

(ଆହୁରି ମଧ୍ୟ ଦେଖ: କାଇସରିଆ, ଖ୍ରୀଷ୍ଟିଆନ, ମଣ୍ଡଳୀ, ମାକିଦନିଆ, ପାଉଲ, ଶୀଲା)

ବାଇବଲ ପଦଗୁଡିକ:

- 1 ମ ଥେସଲନିକୀୟ 02:1-2
- ପ୍ରେରିତ 16:11-13
- ମାଥିଉ 16:13-16
- ଫିଲିପ୍ପୀୟ 01:1-2

ବାଇବଲର କାହାଣୀଗୁଡ଼ିକ ମଧ୍ୟରୁ ଉଦାହରଣଗୁଡିକ:

- **47:01** ଦିନେ ପାଉଲ ଏବଂ ତାଙ୍କର ବନ୍ଧୁ ଶୀଲା ଫିଲିପ୍ପୀ **ନଗରୀକୁ ଯାତ୍ରା କରି** ଯୀଶୁଙ୍କ ବିଷୟରେ ପ୍ରଚାର କରିବା ନିମନ୍ତେ ଗଲେ I
- **47:13** ପରଦିନ ନଗରୀର ନେତାମାନେ ପାଉଲ ଏବଂ ଶୀଲାଙ୍କୁ କାରାଗାରରୁ ମୁକ୍ତ କଲେ ଏବଂ ସେମାନଙ୍କୁ ଫିଲିପ୍ପୀ ପରିତ୍ୟାଗ କରିବା ନିମନ୍ତେ କହିଲେ I

ବୋର୍ଡ ଡାଟା :

- Strong's: G5374, G5375

ଫିଲିଷ୍ଟାଇନ୍, ପଲେଷ୍ଟୀୟା

ତଥ୍ୟଗୁଡିକ:

ପଲେଷ୍ଟୀୟମାନେ ଏକ ଲୋକଦଳଥିଲେ ଏବଂ ସେମାନେ ଫିଲିଷ୍ଟୀୟା ନାମକ ଏକ ଅଞ୍ଚଳ ଅଧିକାର କରି ରହିଥିଲେ ଯାହା ଭୂମଧ୍ୟସାଗର ତଟବର୍ତ୍ତୀ ଅଟେ I ସେମାନଙ୍କ ନାମର ଅର୍ଥ "ସମୁଦ୍ରର ଲୋକମାନେ" ଅଟେ I

- ପାଞ୍ଚଟି ମୁଖ୍ୟ ଫିଲିଷ୍ଟାଇନ୍ ଅଞ୍ଚଳଗୁଡ଼ିକ ରହିଥିଲା I

ଅସଦୋଦ, ଅସ୍କିଲୋନ୍, ଇକ୍ରୋଣ, ଗାଥ ଏବଂ ଗଜ୍ଜା(ଘସା) I

- ଅସଦୋଦ ନଗରୀ ଫିଲିଷ୍ଟାଇନର ବା ପଲେଷ୍ଟୀୟାର ଉତ୍ତର ଭାଗରେ ଏବଂ ଗଜ୍ଜା ନଗରୀ ଦକ୍ଷିଣ ଭାଗରେଥିଲା I
- ପଲେଷ୍ଟୀୟମାନେ ହୁଏତ ଇସ୍ରାଏଲୀୟମାନଙ୍କ ସହିତ ଅନେକ ବର୍ଷ ଧରି ଯୁଦ୍ଧରତ ଥିବା ବିଷୟ ହେତୁ ଅଧିକ ସୁପରିଚିତଥିଲେ I
- ବିଚାରକର୍ତ୍ତା ଶାମଗୋନ୍ ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ଜଣେ ବିଖ୍ୟାତ ଯୋଦ୍ଧାଥିଲେ I ସେ ଈଶ୍ୱରଙ୍କ ନିକଟରୁ ଅଲୌକିକ ଶକ୍ତି ପାଇ ତାହା ବ୍ୟବହାର କରିଥିଲେ I
- ରାଜା ଦାଉଦ ଅନେକ ସମୟରେ ପଲେଷ୍ଟୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧର ନେତୃତ୍ୱ ନେଇଥିଲେ I ଏହା ସହିତ, ସେ ଯୁବା ଥିବା ସମୟରେ ପଲେଷ୍ଟୀୟ ଯୋଦ୍ଧା ଗଲିୟାତକୁ ପରାଜିତ କରିଥିଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ଅସଦୋଦ, ଅସ୍କିଲୋନ୍, ଦାଉଦ, ଇକ୍ରୋଣ, ଗାଥ, ଗଜ୍ଜା ବା ଘସା, ଗଲିୟାତ, ଲବଣ ସମୁଦ୍ର)

ବାଇବଲ ପଦଗୁଡିକ:

- 1 ମ ବଂଶାବଳି 18:9-11
- 1 ମ ଶାମୁୟେଲ 13:3-4
- 2 ୟ ବଂଶାବଳି 09:25-26
- ଆଦିପୁସ୍ତକ 10:11-14
- ଗୀତସଂହିତା 056:1-2

ବୋର୍ଡ ଡାଟା :

- Strong's: H6429, H6430

ଫୈନୀକିଆ

ତଥ୍ୟଗୁଡିକ:

ପ୍ରାଚୀନ କାଳରେ ଫୈନୀକିଆ ଏକ ବିଭାବଶାଳୀ ଦେଶଥିଲା ଏବଂ ଏହା କିଣାନ ଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ଇସ୍ରାଏଲର ଉତ୍ତର ଦିଗରେ ଅବସ୍ଥିତଥିଲା I

- ଫୈନୀକିଆ ଦେଶର ଏକ ଅଞ୍ଚଳକୁ ଅଧିକାର କଲେ ଯାହା ପଶ୍ଚିମ ଗିଗରେଥିଲା I ଏହି ଅଞ୍ଚଳକୁ ଆଧୁନିକ ସମୟର ଲିବାନୋନ କୁହାଯାଉଛି I
- ମାଥିଉ ୧୬: ୧୩-୧୬
- ମାଥିଉ ୨୭: ୯-୧୦

ବାଇବଲ କାହାଣୀ ରୁ ଉଦାହରଣ:

- **୧୯:୧୭** ଥରେ, ଭବିଷ୍ୟବକ୍ତା **ଯିରିମିୟ**ଶୁସ୍କ କୁପରେ ମରିବା ନିମନ୍ତେ ଛାଡ଼ି ଦିଆ ଗଲେ I

ସେ କୁପର ତଳ ଭାଗରେ କାଦରେ ବୁଡିବାକୁ ଲାଗିଲେ, କିନ୍ତୁ ରାଜା ତା ଉପରେ କରୁଣା କରି ନିଜ ଦାସମାନଙ୍କ ଦ୍ୱାରା **ଯିରିମିୟ**କୁ ସେହି ମୃତ୍ୟୁ କୁପରୁ ବାହାର କରି ଆଣିଲେ I

- **୨୧:୦୫** ଯିରିମିୟ ଭବିଷ୍ୟବକ୍ତାଙ୍କୁ ଦ୍ୱାରା ପରମେଶ୍ୱର ପ୍ରତିଜ୍ଞା କଲେ ଯେ ସେ ଏକ ନୂତନ ଚୁକ୍ତି ନାମା ସ୍ଥାପନ କରିବେ, କିନ୍ତୁ ସେହି ଚୁକ୍ତି ନାମା ପରି ନୁହେଁ ପ୍ରଭୁ ଯାହା ସିନୟ ପର୍ବତରେ ସ୍ଥାପନ କରିଥିଲେ I

ବୋର୍ଡ ଡାଟା :

- Strong's: H3414, G2408

ଯିରୀହୋ

ସତ୍ୟ ଘଟଣାବଳୀ:

ଯିରୀହୋ କିଣାନର ଏକ ଶକ୍ତିଶାଳୀ ସହର ଥିଲା I ଏହା ଯର୍ଦନ ନଦୀର ପଶ୍ଚିମରେ ଓ ଲବଣ ସାଗରର ଉତ୍ତର ଦିଗରେ ଅବସ୍ଥିତ ଥିଲା I

- ଯେପରି ସମସ୍ତ କିଣାନୀୟମାନେ କରୁଥିଲେ ସେହିପରି ଯିରୀହୋ ଲୋକମାନେ ମଧ୍ୟ ଭଣ୍ଡଦେବତାର ପୂଜା କରୁଥିଲେ I
- ଯିରୀହୋ କିଣାନର ପ୍ରଥମ ସହରଥିଲା ଯାହାକୁ ଈଶ୍ୱର ଅଧିକାର କରିବାକୁ କହିଲେ I
- ଯେତେବେଳେ ଯିହୋଶୂୟ ଯିରୀହୋ ବିରୁଧରେ ଇସ୍ରାଏଲକୁ ନେତୃତ୍ୱ କରୁଥିଲେ, ଈଶ୍ୱର ଏକ ଚମତ୍କାର ରୂପରେ ସେହି ସହରକୁ ହରାଇବାକୁ ସାହାଯ୍ୟ କଲେ I

(କିଣାନ, ଯର୍ଦନ ନଦୀ, ଯିହୋଶୂୟ, ଆଶ୍ଚର୍ଯ୍ୟକର୍ମ, ଲବଣ ସାଗର: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 6:78
- ଯିହୋଶୂୟ 2:1-3
- ଯିହୋଶୂୟ 7:2-3
- ଲୂକ 18:35
- ମାର୍କ 10: 46-48
- ମାଥିଉ 20:29-31
- ଗଣନା ପୁସ୍ତକ 22:1

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **15:1** ଯିହୋଶୂୟ ଦୁଇ ଗୁପ୍ତଚରମାନଙ୍କୁ କିଣାନର ଯିରୀହୋ ନଗରକୁ ପଠାଇଲେ I
- **15:3** ଲୋକମାନେ ଯର୍ଦନ ନଦୀ ପାରହେଲା ପରେ, ଈଶ୍ୱର ଯିହୋଶୂୟକୁ କିପରି ଶକ୍ତିଶାଳୀ ଯିରୀହୋ ନଗରକୁ ଆକ୍ରମଣ କରିବେ କହିଲେ I
- **15:5** ତାପରେ ଯିରୀହୋ ନଗର ପ୍ରାଚୀର ଭୂମିସାତ୍ ହେଲା I ଇସ୍ରାଏଲୀୟମାନେ ନଗରର ସବୁକିଛି ନଷ୍ଟ କଲେ ଯେପରି ଈଶ୍ୱର ସେମାନଙ୍କୁ ଆଜ୍ଞା ଦେଇଥିଲେ I

ଶବ୍ଦବିନ୍ୟାସ:

- Strong's: H3405, G24100

ଯିରୁବ୍ବାବିଲ୍

ସତ୍ୟ ଘଟଣାବଳୀ:

ପୁରାତନ ନିୟମରେ ଯିରୁବ୍ବାବିଲ୍ ଦୁଇ ବ୍ୟକ୍ତିର ନାମଥିଲା I

- ଏହି ଦୁଇଜଣ ମଧ୍ୟରୁ ଜଣେ ଯିହୋୟାକିମ୍ ଓ ସିଦିକୀୟ ବଂଶଧର ଥିଲେ I
- ଅନ୍ୟ ଯିରୁବ୍ବାବିଲ୍, ଶଲ୍ଟୀୟେଲର ପୁତ୍ର ଥିଲେ, ନିହିମୀୟା ଓ ଏଜ୍ରା ସମୟରେ ସେ ଯିହୁଦା ବଂଶର ମୁଖ୍ୟଥିଲେ, ଯେତେବେଳେ ପାରସର ରାଜା ସାଇରସ ବାବିଲର ବନ୍ଦିତ୍ୱରୁ ଇସ୍ରାଏଲକୁ ମୁକ୍ତକଲେ ଏହା ସେହି ସମୟର କଥା ଅଟେ I
- ଯିରୁବ୍ବାବିଲ୍ ଓ ମହାଯାଜକ ଯିହୋଶୂୟ ସେହି ଲୋକମାନଙ୍କ ମଧ୍ୟରୁ ଥିଲେ ଯେଉଁମାନେ ମନ୍ଦିରର ଓ ବେଦୀର ପୁନଃସ୍ଥାପନ ନିମନ୍ତେ ସାହାଯ୍ୟ କରିଥିଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ବାବିଲ, ବନ୍ଦିତ୍ୱ, ସାଇରସ, ଏଜ୍ରା, ମହାଯାଜକ, ଯିହୋୟାକମ୍, ଯିହୋଶୂୟ, ଯିହୁଦା, ନିହିମୀୟା, ପାରସ, ସିଦିକୀୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୩:୧୯-୨୧
- ଏଜ୍ରା ୨:୨
- ଏଜ୍ରା ୩:୮-୯
- ଲୂକ ୩:୨୭-୨୯
- ମାଥିଉ ୧:୧୨

ଶବ୍ଦବିନ୍ୟାସ :

- Strong's: H2216, H2217, G22160

ଯିରୂଶାଲମ

ସତ୍ୟ ଘଟଣାବଳୀ:

ଯିରୂଶାଲମ ମୂଳତଃ କିଣାନର ଏକ ପୁରାତନ ସହର ଥିଲା ଯାହା ପରେ ଇସ୍ରାଏଲର ଏକ ମହତ୍ୱପୂର୍ଣ୍ଣ ସହର ହେଲା I ଏହା ଲବଣ ସାଗରର ପ୍ରାୟ 34 କିଲୋମିଟର ପଶ୍ଚିମ ଏବଂ ବେଥଲିହିହମର ଉତ୍ତରରେ ଅବସ୍ଥିତ ଥିଲା | ଏହା ଆଜି ମଧ୍ୟ ଇସ୍ରାଏଲର ରାଜଧାନୀ ଅଟେ I

- "ଯିରୂଶାଲମ" ନାମ ଯିହୋଶୂୟ ପୁସ୍ତକରେ ପ୍ରଥମେ ଉଲ୍ଲେଖ ଅଛି I ଏହି ନଗର ପାଇଁ ଅନ୍ୟ ପୁରାତନ ନିୟମ ନାମଗୁଡ଼ିକ ହେଉଛି "ଶାଲେମ" "ଯିବୂଷ ସହର" ଏବଂ "ସିୟୋନ" I ଉଭୟ "ଯିରୂଶାଲମ" ଏବଂ "ଶାଲେମ" ର ମୂଳ ଅର୍ଥ ହେଉଛି "ଶାନ୍ତି" I
- ମୂଳତଃ ଯିରୂଶାଲମ ଏକ ଯିବୂଷୀୟ ଦୁର୍ଗ ଯାହାକୁ ସିୟୋନ କୁହା ଯାଉଥିଲା ଯାହାକୁ ଦାଉଦ ରାଜା ଅଧିକାର କରି ରାଜଧାନୀ କଲେ I
- ଏହା ଯିରୂଶାଲମରେ ଥିଲା ଯାହା ଦାଉଦର ପୁତ୍ର ଶଲୋମନ ପ୍ରଥମ ମନ୍ଦିର ଯିରୂଶାଲମ ମୋରିଆ ପର୍ବତରେ ନିର୍ମାଣ କଲେ ଏହା ସେହି ପର୍ବତ ଅଟେ ଯେଉଁଠାରେ ଅବ୍ରହାମ ନିଜ ପୁତ୍ର ଇସହାକକୁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିବାକୁ ଯାଇଥିଲେ I କଲ୍‌ଦୀୟମାନେ ମନ୍ଦିର ଧ୍ୱଂଶ କଲାପରେ ସେଠାରେ ପୁନଃସ୍ଥାପନ କରାଗଲା I
- କାରଣ ମନ୍ଦିର ଯିରୂଶାଲମରେ ଥିଲା ତେଣୁ ଅନେକ ପର୍ବ ସେହିସ୍ଥାନରେ ପାଳନ କରାଯାଉଥିଲା I
- ଲୋକମାନେ ସାଧାରଣ ଭାବେ ଯିରୂଶାଲମ ଉପରକୁ ଯାଆନ୍ତି ବୋଲୁ କହୁଥିଲେ କାରଣ ଏହା ପର୍ବତ ଉପରେ ଅବସ୍ଥିତ ଥିଲା I

(ବାବିଲ, ଖ୍ରୀଷ୍ଟ, ଦାଉଦ, ଯିବୂଷ, ଯୀଶୁ, ଶଲୋମନ, ମନ୍ଦିର, ସିୟୋନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 4:26-27
- ଯୋହନ 2:13
- ଲୂକ 4:9-11
- ଲୂକ 13:5
- ମାର୍କ 3:7-8
- ମାର୍କ 3:20-22
- ମାଥିଉ 3:6
- ମାଥିଉ 4:23-25
- ମାଥିଉ 20: 17

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 17:5 ଯିରୂଶାଲମ ଦାଉଦ ରାଜା ଅଧିକାର କଲେ ଓ ତାହାଙ୍କ ରାଜଧାନୀ କଲେ I
- 18:2 **ଯିରୂଶାଲମରେ** ଶଲୋମନ ମନ୍ଦିର ନିର୍ମାଣ କଲେ ଯାହା ନିମନ୍ତେ ତାର ପିତା ଦାଉଦ ଯୋଜନା କରିଥିଲେ ଓ ସମସ୍ତ ଆବଶ୍ୟକ ପଦାର୍ଥ ଏକତ୍ରିତ କରିଥିଲେ I
- 20:7 ସେମାନେ(ବାବିଲୋନୀୟ) ଯିରୂଶାଲମ ସହର ଅଧିକାରରେ ନେଲେ, ମନ୍ଦିରକୁ ଧ୍ୱଂଶ କଲେ ଓ ସହରର ଓ ମନ୍ଦିରର ସମସ୍ତ ସମ୍ପତି ନେଇଗଲେ I
- 20:12 ତେଣୁ, ସତୁରୀ ବର୍ଷ ବନ୍ଧନରେ ରହିଲା ପରେ, ଯିହୁଦୀ ଲୋକର ଏକ ଛୋଟ ସମୁହ ଯିହୂଦାର ଯିରୂଶାଲମ ସହରକୁ ଫେରି ଆସିଲେ I
- 38:1 ତିନି ବର୍ଷଯାଏ ଯୀଶୁ ସର୍ବସାଧାରଣରେ ପ୍ରଚାର ଓ ଶିକ୍ଷା ଦେଲା ପରେ, ସେ ତାର ଶିଷ୍ୟମାନଙ୍କୁ କହିଲେ ଯେ ସେ ନିସ୍ତାର ପର୍ବ **ଯିରୂଶାଲମରେ** ପାଳନ କରିବେ ଓ ତାହାଙ୍କୁ ସେହି ସ୍ଥାନରେ ବଧ କରାଯିବ I
- 38:2 ଯୀଶୁ ଓ ତାହାଙ୍କ ଶିଷ୍ୟ **ଯିରୂଶାଲମ**କୁ ଆସିବାପରେ, ଯିହୂଦା ଯିହୁଦୀନେତାମାନଙ୍କ ପାଖକୁ ଯାଇ କହିଲା ଯେ ସେ ଅର୍ଥ ବଦଳରେ ଯୀଶୁଙ୍କ ସହିତ ବିଶ୍ୱାସଘାତ କରିପାରେ I
- 42:8 "ଶାସ୍ତ୍ରରେ ଏହା ମଧ୍ୟ ଲେଖାଯାଇଛି ଯେ ମୋହର ଶିଷ୍ୟମାନେ ଘୋଷଣା କରିବେ ଯେ ସେମାନଙ୍କର ପାପ କ୍ଷମା ପାଇବା ପାଇଁ ସମସ୍ତେ ଅନୁତାପ କରିବା ଉଚିତ୍। ସେମାନେ ଯିରୂଶାଲମରୁ ଏହା ଆରମ୍ଭ କରିବେ ଏବଂ ପରେ ସବୁ ଜାଗାରେ ସମସ୍ତ ଲୋକମାନଙ୍କ ଗୋଷ୍ଠୀକୁ ଯିବେ।"
- 42:11 ଯୀଶୁ ମୃତ୍ୟୁରୁ ପୁନରୁତ୍‌ଥିତ ହେବାର ଚାଳିଶ ଦିନ ପରେ, ସେ ଆପଣା ଶିଷ୍ୟମାନଙ୍କୁ କହିଲେ, "ଯେଉଁ ପର୍ଯ୍ୟନ୍ତ ପବିତ୍ରଆତ୍ମା ତୁମ୍ଭ ଉପରେ ଆସି ନାହିଁ ସେପର୍ଯ୍ୟନ୍ତ ଯିରୂଶାଲମରେ ରୁହ।"

ଶବ୍ଦବିନ୍ୟାସ:

- Strong's: H3389, H3390, G24140, G24150, G24190

ଯିଶୀ

ସତ୍ୟ ଘଟଣାବଳୀ:

ଯିଶୀ ରାଜା ଦାଉଦଙ୍କ ପିତା ଏବଂ ରୂତ ଏବଂ ବୋୟଜର ପୌତ୍ର ଥିଲେ I

- ଯିଶୀ ଯିହୂଦା ଗୋଷ୍ଠୀରୁ ଥିଲେ I
- ସେ ଜଣେ "ଇଫ୍ରାଥୀୟ ଲୋକ" ଥିଲେ ଏହାର ଅର୍ଥ ସେ ଇଫ୍ରାଥା ଅଞ୍ଚଳରୁ ଥିଲେ I ବେଥଲିହିମ ନଗର ଇଫ୍ରାଥା ଅଞ୍ଚଳରେ ଅବସ୍ଥିତ ଥିଲା I
- ଭବିଷ୍ୟଦ୍‌ବକ୍ତା ଯିଶାଇୟ "ଖୁଣ୍ଟ" ଏବଂ "ଶାଖା" ବିଷୟରେ ଭବିଷ୍ୟବାଣୀ କରିଥିଲେ ତାହା "ଯିଶୀର ମୂଳ" ରୁ ଆସିବ ଏବଂ ଫଳ ଧାରଣ କରିବ ତାହା ଯୀଶୁଙ୍କୁ ଦର୍ଶାଏ ଯିଏ ଯିଶୀର ବଂଶଧର ଅଟନ୍ତି I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ବେଥଲିହିମ, ବୋୟଜ, ବଂଶଧର, ଫଳ, ଯୀଶୁ, ରାଜା, ଭବିଷ୍ୟଦ୍‌ବକ୍ତା, ରୂତ , ଇସ୍ରାଏଲର ବାରଗୋଷ୍ଠୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 2: 12
- ପ୍ରଥମ ରାଜାବଳୀ 12:16
- ପ୍ରଥମ ଶାମୁୟେଲ 16:1
- ଲୂକ 3:32
- ମାଥିଉ 1:4-6

ଶବ୍ଦବିନ୍ୟାସ :

- Strong's: H3448, G24210

ଯିହିଜିକଲ

ସୂଚନା:

ଯିହୁଦୀମାନେ ବାବିଲକୁ ନିର୍ୱାସିତ ହେବା ସମୟରେ ଯିହିଜିକଲ ଜଣେ ଭାବବାଦୀଥିଲେ I

- ଯିହିଜିକଲ ଜଣେ ଯାଜକଥିଲେ ଯିଏ ଯିହୁଦା ପ୍ରଦେଶରେ ରହୁଥିଲେ ଯେଉଁ ସମୟରେ ଯିହିଜିକଲ ଏବଂ ଅନ୍ୟ ଯିହୁଦୀମାନେ ବାବିଲର ସୈନ୍ୟମାନେ ନିର୍ୱାସିତ କଲେ I
- କୋଡିଏ ବର୍ଷ ଧରି ସେ ଏବଂ ତାଙ୍କ ସହଧର୍ମିଣୀ ବାବିଲର ଏକ ନଦୀ ତଟରେ ବାସ କରୁଥିଲେ ଏବଂ ସେହି ସ୍ଥାନକୁ ଯିହୁଦୀମାନେ ଈଶ୍ୱରଙ୍କ ବାକ୍ୟ ଶୁଣିବା ପାଇଁ ଆସୁଥିଲେ I
- ଯିହିଜିକଲ ଅନ୍ୟ ଭାବବାଣୀ ସହିତ ଯୀରୁଶାଲମ ଏବଂ ମନ୍ଦିରର ଧ୍ୱଂସ ଏବଂ ପୁନଃସ୍ଥାପନ ବିଷୟରେ ଭାବବାଣୀ ଦେଇଥିଲେ I
- ସେ ମଧ୍ୟ ମସିହଙ୍କ ଭବିଷ୍ୟତ ରାଜ୍ୟ ବିଷୟରେ ଭାବବାଣୀ କହିଥିଲେ I

(ଭାଷାନ୍ତର ପାଇଁ ପ୍ରସ୍ତାବନା:ନାମଗୁଡିକୁ କିପରି ଭାଷାନ୍ତର କରିବା)

(ମଧ୍ୟ ଦେଖନ୍ତୁ:ବାବିଲ,ଖ୍ରୀଷ୍ଟ,ନିର୍ୱାସନ,ଭାବବାଦୀ)

ବାଇବଲ ପଦପର୍ବ:

- ଯିହିଜିକଲ ୦୧:୧-୩
- ଯିହିଜିକଲ ୨୪:୨୨-୨୪

ବୋର୍ଡ ଡାଟା :

- Strong's: H3168

ଯିହୁଦା, ଯିହୁଦା ପ୍ରଦେଶ

ତଥ୍ୟ:

ଇସରେଲର ବାର ଜାତି ମଧ୍ୟରୁ ଯିହୁଦା ର ଜାତି ସବୁଠାରୁ ବଡ଼ ଅଟେ I ଯିହୁଦା ର ଜାତି ଓ ବିନ୍ୟାମିନ୍ ଜାତି କୁ ନେଇ ଯିହୁଦା ପ୍ରଦେଶ ନିର୍ମିତ ଅଟେ I

- ଯେତେବେଳେ ରାଜା ସଲମନ ମରିଲେ ଇସ୍ରାଏଲ ଦେଶ ଦୁଇ ପ୍ରଦେଶରେ ବିଭକ୍ତ ହୋଇ ଗଲା:

ଇସ୍ରାଏଲ ଓ ଯିହୁଦା ଯିହୁଦା ପ୍ରଦେଶ ଦକ୍ଷିଣ ର ରାଜ୍ୟ ଅଟେ ଯାହା ଲବଣ ସମୁଦ୍ର ର ପଶ୍ଚିମରେ ଅବସ୍ଥିତ ଅଟେ I

- ଯିହୁଦା ପ୍ରଦେଶର ରାଜଧାନୀ ଯିରୁଶାଲମଥିଲା I
- ଯିହୁଦା ପ୍ରଦେଶର ୮ ଟି ରାଜା ସଦାପ୍ରଭୁ ପରମେଶ୍ୱରଙ୍କର ଆଜ୍ଞାକାରୀ ହେଲେ ଓ ଲୋକଙ୍କର ନତୃତ୍ୱ ନେଲେ କି ସେମାନେ ତାହାଙ୍କର ଉପାସନା କରନ୍ତୁ I

ଯିହୁଦା ର ଆଉ ଅନ୍ୟ ରାଜାମାନେ ମନ୍ଦଥିଲେ ସେମାନେ ଲୋକଙ୍କୁ ମୂର୍ତ୍ତି ପୂଜା ନିମନ୍ତେ ନେତୃତ୍ୱ ନେଲେ I

- ଅସ୍ସିରୀୟଠାରୁ ଇସ୍ରାଏଲ (ଉତ୍ତର ରାଜ୍ୟ)କୁ ହାରୀ ୧୨୦ ବର୍ଷ ପରେ ଯିହୁଦା ବାବିଲୋନ ଦେଶ ଦ୍ୱାରା ପରାଜିତ ହେଲା I

ବାବିଲନୀୟମାନେ ସହରକୁ ଓ ମନ୍ଦିରକୁ ବିନାଶ କରିଦେଲେ ଓ ଅଧିକାଂଶ ଲକକୁ ନିର୍ବାସନରେ ବାବିଲନ ନେଇଗଲେ I

(ଆହୁରି ଦେଖନ୍ତୁ: ଯିହୁଦା, ଲବଣ ସାଗର)

ବାଇବଲ ପଦପର୍ବ:

- ୧ ଶାମୁଏଲ ୩୦:୨୬-୨୮
- ୨ ଶାମୁଏଲ ୧୨:୭-୮
- ହୋଶେୟ୦୫:୧୪-୧୫
- ଯିରିମିୟ ୦୭:୩୩-୩୪
- ବିଚାରକର୍ତ୍ତା ୦୧:୧୬-୧୭

ବାଇବଲ କାହାଣୀ ରୁ ଉଦାହରଣ:

- **୧୮:୦୭** କେବଳ ଦୁଇଟି ଜାତି ତାହା (ରେହୋବୋଆମ)ପ୍ରତି ବିଶ୍ୱସ୍ତ ରହିଲେ I

ଏହି ଦୁଇଟି ଜାତି ପରେ **ଯିହୁଦା ପ୍ରଦେଶ** ହେଲେ I

- **୧୮:୧୦ ଯିହୁଦା ପ୍ରଦେଶ** ଓ ଇସ୍ରାଏଲ ପରେ ଶତ୍ରୁ ହୋଇ ଗଲେ ଓ ପରସ୍ପର ବିରୁଧରେ ଯୁଦ୍ଧ କରୁଥିଲେ I
- **୧୮:୧୩ ଯିହୁଦା ପ୍ରଦେଶ**ଦାଉଦ ର ବଂଶ ଧର ଅଟେ I

ଏହି ପ୍ରଦେଶର କେତେକ ରାଜା ଉତ୍ତମ ମନୁଷ୍ୟଥିଲେ ଓ ସେମାନେ ଧାର୍ମିକତାରେ ଶାସନ କରୁଥିଲେ ଓ ପରମେଶ୍ୱରଙ୍କର ଉପାସନା କରୁଥିଲେ I କିନ୍ତୁ **ଯିହୁଦା**ର ଅଧିକାଂଶ ରାଜା ମନ୍ଦ, ଭ୍ରଷ୍ଟ ଓ ସେମାନେ ମୁର୍ତ୍ତି ପୁଜକଥିଲେ I

- **୨୦:୦୧ ଯିହୁଦା ପ୍ରଦେଶ**ଓ ଇସ୍ରାଏଲ ଦୁହେଁ ପରମେଶ୍ୱରଙ୍କର ବିରୁଧରେ ପାପ କଲେ I
- **୨୦:୦୫ ଯିହୁଦା ପ୍ରଦେଶ**ର ଲୋକମାନେ ଦେଖିଲେ ଯେ ପରମେଶ୍ୱର କି ପ୍ରକାରେ ଇସ୍ରାଏଲ ରାଜ୍ୟ କୁ ବିଶ୍ୱାସ ନ କରିବା କିଅବା ଆଜ୍ଞାକାରୀ ନ ହେବା ହେତୁ ଦଣ୍ଡିତ କଲେ I

ତଥାପି ସେମାନେ ମୂର୍ତ୍ତି ପୂଜା କଲେ, କିଣାନୀୟ ଭଣ୍ଡ ଦେବମାନଙ୍କର ପୂଜା କଲେ I

- **୨୦:୦୨** ଆସିରୀୟ ଲୋକମାନେ ଇସ୍ରାଏଲ ରାଜ୍ୟ କୁ ବିନାଶ କରି ୧୦୦ ବର୍ଷ ପରେ, ପରମେଶ୍ୱର ବାବିଲନ ରାଜା ନବୁକଦ୍‌ନେସର କୁ **ଯିହୁଦା ପ୍ରଦେଶ** ଆକରମଣ କରିବାକୁ ପଠାଇଲେ I
- **୨୦:୦୯** ନବୁଖଦ ନେଜର ଓ ତାର ସେନା **ଯିହୁଦା ପ୍ରଦେଶ**ର ଅଧିକାଂଶ ଲୋକଙ୍କୁ ନେଇ ବାବିଲନ ଚାଲି ଗଲେ କେବଳ ଗରିବ ଲୋକଙ୍କୁ ଖେତରେ କାମ କରିବାକୁ ଛାଡ଼ି ଦେଲେ I

ବୋର୍ଡ ଡାଟା :

- Strong's: H4438, H3063

ଯିହୂଦା

ସତ୍ୟ ଘଟଣାବଳି:

ଯିହୂଦା ଯାକୁବଙ୍କର ଚତୁର୍ଥ ପୁତ୍ର ଥିଲେ I ସେ ଲେୟାଙ୍କର ଚତୁର୍ଥ ପୁତ୍ର ଥିଲେ I ତାଙ୍କର ବଂଶଧର ଇସ୍ରାଏଲର ଏକ ଜାତି ହେଲେ I

- ତାଙ୍କଠାରୁ ଉତ୍ପନ୍ନ ବଂଶଧରମାନେ "ଯିହୂଦା ଗୋଷ୍ଠୀ" ଭାବରେ ପରିଚିତ I
- ତାଙ୍କ ନାମ ଏବ୍ରୀ ଶବ୍ଦ "ପ୍ରଶଂସା" ଶବ୍ଦ ସହ ସମାନ ଅଟେ I
- ଯିହୂଦାର ଗୋଷ୍ଠୀ କିଣାନର ଦକ୍ଷିଣ ଭାଗରେ, ଯିରୂଶାଲମ ସହରର ଦକ୍ଷିଣର ପାର୍ବତ୍ୟ ଅଞ୍ଚଳ ସମେତ ଅନେକ ସ୍ଥାନରେ ବାସ କଲେ। ଯେବେ "ଯିହୂଦା" ଶବ୍ଦ ଏକ ଅଞ୍ଚଳର ନାମ ଭାବରେ ବ୍ୟବହୃତ ହୁଏ, ସେତେବେଳେ ଏହି ଶବ୍ଦ ଯିହୂଦା ବଂଶକୁ ଦିଆଯାଇଥିବା ଭୂମିକୁ ସୂଚାଏ I
- ପୁରାତନ ନିୟମରେ, ଯିହୂଦା ନାମଟି ବେଳେବେଳେ ସମଗ୍ର ଦକ୍ଷିଣ ଇସ୍ରାଏଲର ରାଜ୍ୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ (ଯେପରି ଇଫ୍ରୟିମ ନାମ ସମଗ୍ର ଉତ୍ତର ରାଜ୍ୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ) I
- ରାଜା ଦାଉଦ ଏବଂ ରାଜା ଶଲୋମନ ଏବଂ ତାପରେ ଦକ୍ଷିଣ ରାଜ୍ୟର ସମସ୍ତ ରାଜା ଯିହୂଦା ବଂଶଧର ଥିଲେ I ଯୀଶୁ ମଧ୍ୟ ଯିହୂଦାର ବଂଶଧର ଥିଲେ I
- "ଯିହୁଦୀ" ଏବଂ "ଯିହୂଦିୟା" ଶବ୍ଦ "ଯିହୂଦା " ଶବ୍ଦରୁ ଆସିଅଛି I

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଇସ୍ରାଏଲର ବାରଗୋଷ୍ଠୀ, ଯିହୂଦା (ରାଜ୍ୟ), ଯିହୁଦୀ, ଯିହୂଦିୟା, ଯାକୁବ, ଲେୟା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 2:1-2
- ପ୍ରଥମ ରାଜାବଳୀ 1:9
- ଆଦିପୁସ୍ତକ 29:35
- ଆଦିପୁସ୍ତକ 38:2
- ଲୂକ 3:33
- ରୂତ 1:2

ଶବ୍ଦବିନ୍ୟାସ:

- Strong's: H3063

ଯିହୂଦିୟା, ଯିହୁଦା

ସତ୍ୟ ଘଟଣାବଳୀ:

"ଯିହୂଦିୟା" ଶବ୍ଦ ପ୍ରାଚୀନ ଇସ୍ରାଏଲର ଏକ ଭୂମିକୁ ଦର୍ଶାଏ I ଏହା ବେଳେବେଳେ ଏକ ସଂକୀର୍ଣ୍ଣ ଅର୍ଥରେ ଏବଂ ଅନ୍ୟ ସମୟରେ ବ୍ୟାପକ ଅର୍ଥରେ ବ୍ୟବହୃତ କରାଯାଇଛି I

- ବେଳେବେଳେ "ଯିହୂଦିୟା" ଶବ୍ଦ ଏକ ସଂକୀର୍ଣ୍ଣ ଅର୍ଥରେ କେବଳ ମୃତ ସାଗରର ପଶ୍ଚିମ ପ୍ରାଚୀନ ଇସ୍ରାଏଲର ଦକ୍ଷିଣ ଭାଗରେ ଅବସ୍ଥିତ ପ୍ରଦେଶକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ I କେତେକ ଅନୁବାଦ ଏହି ପ୍ରଦେଶକୁ "ଯିହୁଦା" ବୋଲି କହିଥାଏ I
- ଅନ୍ୟ ସମୟରେ "ଯିହୁଦା" ଶବ୍ଦର ଏକ ବ୍ୟାପକ ଅର୍ଥ ଅଛି ଏବଂ ଗାଲିଲୀ, ଶମିରୋଣ, ପେରିଆ, ଇଦୁମିଆ ଏବଂ ଯିହୂଦିୟା (ଯିହୁଦା) ସମେତ ପ୍ରାଚୀନ ଇସ୍ରାଏଲର ସମସ୍ତ ପ୍ରଦେଶକୁ ବୁଝାଏ I
- ଯଦି ଅନୁବାଦକମାନେ ପାର୍ଥକ୍ୟକୁ ସ୍ପଷ୍ଟ କରିବାକୁ ଚାହାଁନ୍ତି, ତେବେ ଯିହୁଦାର ବ୍ୟାପକ ଅର୍ଥକୁ "ଯିହୁଦା ଦେଶ" ଭାବରେ ଅନୁବାଦ କରାଯାଇପାରେ ଏବଂ ସଂକୀର୍ଣ୍ଣ ଅର୍ଥକୁ "ଯିହୁଦା ପ୍ରଦେଶ" କିମ୍ବା "ଯିହୁଦା ପ୍ରଦେଶ" ଭାବରେ ଅନୁବାଦ କରାଯାଇପାରେ କାରଣ ଏହା ପ୍ରାଚୀନ ଇସ୍ରାଏଲର ଏକ ଅଂଶ ଯେଉଁଠାରେ ଯିହୁଦାର ଗୋଷ୍ଠୀ ମୂଳତଃ ବାସ କରୁଥିଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଗାଲିଲୀ, ଇଦମ, ଯିହୂଦା , ଶମରୀୟା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଥେସଲନୀକୀୟ 2:14
- ପ୍ରେରିତ 2:9
- ପ୍ରେରିତ 9:32
- ପ୍ରେରିତ 12:19
- ଯୋହନ 3:22-24
- ଲୂକ 1:5
- ଲୂକ 4:44
- ଲୂକ 5:17
- ମାର୍କ 10:1-4
- ମାଥିଉ 2:1
- ମାଥିଉ 2:5
- ମାଥିଉ 2:22-23
- ମାଥିଉ 3:1-3
- ମାଥିଉ 19:1

ଶବ୍ଦବିନ୍ୟାସ:

- Strong's: G24530

ଯିହୋଇଅଦା

ତଥ୍ୟ:

ଯିହୋଇଅଦା ଏକ ଯାଜକଥିଲେ ଯେ ରାଜା ଆହସିୟ ର ପୁତ୍ର ଯୋଆଶ କୁ ସୁରକ୍ଷାରେ ଲୁଚାଇବାରେ ସାହାଯ୍ୟ କଲେ I

- ଯିହୋଇଅଦା ଶହ ଶହ ଅଂଗ ରକ୍ଷକ କୁ ପ୍ରସ୍ତୁତ କଲେ କି ସେମାନେ ଯୋଆଶ ର ରାଜା ଘୋଷଣା ସମୟରେ ତାହାକୁ ମନ୍ଦିରରେ ସୁରକ୍ଷା ଦିଅନ୍ତି I

ଯିହୋଇଅଦା ମିଥ୍ୟା ଦେବତା ବାଲ ର ସମସ୍ତ ବେଦୀ ରୁ ଲୋକଙ୍କୁ ଦୁରେଇ ରଖିଲେ I

- ତାର ଜୀବନ ସାରା,ଯାଜକ ଯିହୋଇଅଦା ରାଜା ଯୋଆଶ କୁ ଉପଦେଶ ଦେଇ ସାହାଯ୍ୟ କରୁଥିଲେ କି ପରମେଶ୍ୱରଙ୍କ ଆଜ୍ଞାକାରୀ ହୁଅନ୍ତୁ ଓ ଲୋକଙ୍କୁ ବୁଦ୍ଧିମତା ର ସହିତ ଶାସନ କରନ୍ତୁ I
- ଆଉ ଏକ ମନୁଷ୍ୟ ର ନାମ ଯିହୋଇଅଦା ସେ ବେନିଆର ପିତାଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆଜାରୀୟ, ବାଲ୍, ବେନାନୀୟ, ଯୋଆଶ୍)

ବାଇବଲ ପଦପର୍ବ:

- ୨ ରାଜାବଳି ୧୧:୪-୬
- ୨ ରାଜାବଳି ୧୨:୧-୩

ବୋର୍ଡ ଡାଟା :

- Strong's: H3077, H3111

ଯିହୋରାମ୍, ଯୋରାମ୍

ତଥ୍ୟ:

ଯିହୋରାମ୍ ପୁରାତନ ନିୟମରେ ଦୁଇ ରାଜା କା ନାମ ଅଟେ I ଏହି ଦୁଇ ରାଜା "ଯୋରାମ୍" ନାମରେ ମଧ୍ୟ ଜଣା ଅଟନ୍ତି I

- ଗୋଟିଏ ରାଜା ଯିହୋରାମ୍ ଆଠ ବର୍ଷଯାଏ ଯିହୁଦା ର ରାଜାଥିଲେ I

ସେ ଯିହୋସାଫତ ରାଜାର ପୁତ୍ରଥିଲେ I ଏ ସେହି ରାଜା ଅଟନ୍ତି ଯେ ଯିହୋରାମ୍ ନାମରେ ପ୍ରସିଦ୍ଧ ଅଟନ୍ତି I

- ଆଉ ଜଣେ ରାଜା ଯିହୋରାମ୍ ଯେ ଇସ୍ରାଏଲରେ ୨୦ ବର୍ଷ ରାଜୁତି କଲେ I

ସେ ରାଜା ଆହବର ପୁତ୍ରଥିଲେ I

- ଯିହୋରାମ୍ ରାଜା ଯିହୁଦାରେ ଭବିଷ୍ୟବକ୍ତା ଯିରିମିୟ, ଡାନିଏଲ୍, ଓବଦୀୟ ଓ ଯିହଜିକଲ ସମୟରେ ରାଜୁତି କରୁଥିଲେ, ଯେ ତାହାଙ୍କ ସମୟରେ ଯିହୁଦାରେ ଭବିଷ୍ୟବାଣୀ କରିଥିଲେ I
- ଯିହୋରାମ୍ ରାଜା କିଛି ସମୟ ତାର ପିତା ଯିହୋସାଫତ ରାଜୁତି କରିବା ସମୟରେ ଯିହୁଦାରେ ରାଜୁତି କରୁଥିଲେ I
- କେତେକ ଅନୁବାଦରେ ଲଗାତର ଇସ୍ରାଏଲ ର ରାଜା ନିମନ୍ତେ "ଯିହୋରାମ୍"ଓ ଯିହୁଦାର ରାଜା ନିମନ୍ତେ "ଯୋରାମ" ବ୍ୟବହାର କରନ୍ତି I
- ଆଉ ଅଲଗା ପ୍ରକାରେ ସ୍ପଷ୍ଟ ରୂପରେ ଜାଣିବା ନିମନ୍ତେ ଦୁଇ ଜଣକର ପିତାଙ୍କ ନାମ କୁ ଅନ୍ତର୍ଭୁକ୍ତ କରାଯାଇଅଛି I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଆହାବ, ଯିହୋସାଫତ, ଯୋରାମ୍, ଯିହୁଦା, ଇସ୍ରାଏଲ ରାଜ୍ୟ, ଓବୋଦୀୟ)

ବାଇବଲ ପଦପର୍ବ:

- ୧ ରାଜାବଳି ୨୨:୪୮-୫୦
- ୨ ବଂଶାବଳି ୨୧:୧-୩
- ୨ ରାଜାବଳି ୧୧:୧-୩
- ୨ ରାଜାବଳି ୧୨:୧୭-୧୮

ବୋର୍ଡ ଡାଟା :

- Strong's: H3088, H3141, G2496

ଯିହୋଶାପଟ

ତଥ୍ୟ:

ଯିହୋଶଆପଟ ନାମ ପୁରାତନ ନିୟମରେ ଜୁଇ ଜଣକର ନାମ ଅଟେ I

- ଏହି ନାମ ଦ୍ୱାରା ସବୁଠାରୁ ପ୍ରସିଦ୍ଧ ବ୍ୟକ୍ତି ହେଉ ଅଛନ୍ତି ରାଜା ଯିହୋଶାଫତ ଯେ ଯିହୁଦା ପ୍ରଦେଶର ଚତୁର୍ଥ ରାଜା ଅଟନ୍ତି I
- ସେ ଇସ୍ରାଏଲ ଓ ଯିହୁଦା ମଧ୍ୟରେ ଶାନ୍ତି ସ୍ଥାପନ କଲେ ଓ ମିଥ୍ୟା ଦେବତାଙ୍କ ବେଦୀ ସବୁ ନାଶ ଅଲେ I
- ଅନ୍ୟ ଜଣେ ଯିହୋଶାଫାତ ଦାଉଦ ରାଜା ଓ ସଲମନ ରାଜାର ଜଣେ “ଲେଖ୍ୟ”ଥିଲେ

ତାହାଙ୍କ କାର୍ଯ୍ୟ ରାଜାଙ୍କ ନିମନ୍ତେ ହସ୍ତାକ୍ଷର ନିମନ୍ତେ ଦସ୍ତାଭେଜ ଲେଖିବାର କାର୍ଯ୍ୟଥିଲା ଏବଂ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡିକ ଯାହା ରାଜ୍ୟରେ ଘଟିଅଛି, ସେହିବିଷୟଗୁଡିକ ଲେଖ୍ୟ କରି ରଖିବାର କାର୍ଯ୍ୟ ମଧ୍ୟଥିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ବେଦୀ, ଦାଉଦ, ମିଥ୍ୟା ଦେବତା, ଇସ୍ରାଏଲ, ଜିହୁଡା, ଯାଜକ, ସଲମନ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୩:୧୦-୧୨
- ୧ ରାଜାବଳି ୦୪:୧୫-୧୭
- ୨ ବଂଶାବଳି ୧୭:୧-୨
- ୨ ରାଜାବଳି ୦୧:୧୭-୧୮
- ୨ ଶାମୁଏଲ ୦୮:୧୫-୧୮
- ମାଥିଉ ୦୧:୭-୮

ବୋର୍ଡ ଡାଟା :

- Strong's: H3092, H3146, G2498

ଯିହୋୟାକିମ୍

ତଥ୍ୟ:

ଯିହୋୟାକିମ୍ ଏକ ମନ୍ଦ ରାଜାଥିଲେ ଯେ ଯିହୁଦା ପ୍ରଦେଶରେ ଖ୍ରୀଷ୍ଟ ପୂର୍ବ ୬୦୮ ର ଆରମ୍ଭରେ ରାଜୁତି କରୁଥିଲେ I ଆରମ୍ଭରେ ତାର ନାମ ଏଲିଆକିମ୍ଥିଲା I

- ମିସରର ରାଜା ଫାର ନେଚ ତାର ନାମ ପରିବର୍ତ୍ତନ କରି ଏଲିଆକିମ୍ଠାରୁ ଯିହୋୟାକିମ୍ ରଖିଲେ ଓ ନେଚ ତାହାକୁ ଯିହୁଦାର ରାଜା କଲେ I
- ନେଚ ଯିହୋୟାକିମ୍କୁ ବଳ ପୂର୍ବକ ମିସର କୁ ଉଚ କରା ଦେବା ନିମନ୍ତେ କହିଲେ I
- ପରେ ଯିହୁଦା ଯେତେବେଳେ ରାଜା ନବୁକଦ୍‌ନେସର ଦ୍ୱାରା ଆକ୍ରମଣ କରା ଗଲା, ଯିହୋୟାକିମ୍ ସେହିମାନଙ୍କ ସହିତଥିଲେ ଯେଉଁମାନେ ବାବିଲୋନ କୁ ବନ୍ଦୀ କରି ନିଆଗଲେ I
- ଯିହୋୟାକିମ୍ ଏକ ମନ୍ଦ ରାଜାଥିଲେ ଯେ ଯିହୁଦାକୁ ସଦାପ୍ରଭୁଠାରୁ ଦୁରେଇ ନେଲେ I

ଯିରିମିୟ ଭବିଷ୍ୟତବକ୍ତା ତାହା ବିରୁଧରେ ଭବିଷ୍ୟତ ବାଣୀ କଲେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖନ୍ତୁ: ବାବିଲନ, ଏଲିଆକିମ୍, ଯିରିମିୟ, ଯିହୁଦା, ନବୁକଦ୍‌ନେସର)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୩:୧୫-୧୬
- ୨ ରାଜାବଳି ୨୩:୩୪-୩୫
- ୨ ରାଜାବଳି ୨୪:୧-୨
- ଦାନିଏଲ ୦୧:୧-୨
- ଯିରିମିୟ ୦୧:୧-୩

ବୋର୍ଡ ଡାଟା :

- Strong's: H3079

ଯିହୋୟାଚିନ୍

ତଥ୍ୟ:

ଯିହୋୟାଚିନ୍ ଏକ ରାଜା ଯେ ଯିହୁଦା ପ୍ରଦେଶରେ ରାଜ କରୁଥିଲେ I ଯିହୋୟାଚିନ୍ ୧୮ ବର୍ଷ ବୟସରେ ରାଜା ହୋଇଥିଲେ I ସେ କେବଳ ତିନି ମାସ ରାଜୁତି କଲେ, ତା ପରେ ସେ ବାବିଲୋନୀୟ ସେନା ଦ୍ୱାରା ବନ୍ଦୀ ହୋଇ ବାବିଲୋନ କୁ ନିଆଗଲେ I ତାର ଅଳ୍ପ ଦିନ ରାଜୁତିରେ, ଯିହୋୟାଚିନ୍ ତାର ଅଜା ମନାସେ ଓ ପିତା ଯିହୋୟାକିମ୍ ପରି ମନ୍ଦ କାମ କଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ବାବିଲନ, ଯିହୋୟାକିମ୍, ଜିହୁଡା, ମନାସେ)

ବାଇବଲ ପଦପର୍ବ:

- ୨ ବଂଶାବଳି ୩୬:୮
- ୨ ରାଜାବଳି ୨୪:୧୫-୧୭
- ଏସ୍ଥର ୦୨:୫-୬
- ଯିହିଜିକଲ ୦୧:୧-୩
- ଯିରିମିୟ ୨୨:୨୪-୨୬
- ଯିରିମିୟ ୩୭:୧-୨

ବୋର୍ଡ ଡାଟା :

- Strong's: H3078, H3112, H3204, H3659

ଯୀଶୁଙ୍କ ମାତା ମରୀୟମ

ସତ୍ୟ ଘଟଣାବଳୀ:

ମରୀୟମ ନାଜରିତରେ ରହୁଥିବା ଜଣେ ଯୁବତୀ ଥିଲେ, ଯିଏ ଯୋଷେଫ ନାମକ ଜଣେ ବ୍ୟକ୍ତିଙ୍କ ସହ ବିବାହ କରିବାକୁ ପ୍ରତିଶୃତି ଦେଇଥିଲେ I ଈଶ୍ୱର ମରୀୟମଙ୍କୁ ଈଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ମାତା ହେବାକୁ ମନୋନୀତ କଲେ I

- ପବିତ୍ର ଆତ୍ମା ଆଶ୍ଚର୍ଯ୍ୟଜନକ ଭାବରେ ମରୀୟମଙ୍କୁ କୁମାରୀ ଥିବାବେଳେ ଗର୍ଭବତୀ କରାଇଲେ I
- ସ୍ୱର୍ଗଦୂତ ମରୀୟମକୁ କହିଲେ ଯେ ଯେଉଁ ପୁତ୍ର ତାହାଙ୍କ ଗର୍ଭରୁ ଜାତ ହେବ ସେ ଈଶ୍ୱରଙ୍କର ପୁତ୍ର ଅଟେ, ସେ ତାହାର ନାମ ଯୀଶୁ ଦେବ I
- ମରୀୟମ ଈଶ୍ୱରଙ୍କୁ ପ୍ରେମ କରୁଥିଲେ ଓ ଈଶ୍ୱର ତାହା ପ୍ରତି ଅନୁଗ୍ରହ କରିଥିବାରୁ ଈଶ୍ୱରଙ୍କର ପ୍ରଶଂସା କରୁଥିଲେ I
- ଯୋଷେଫ ମରୀୟମକୁ ବିବାହ କଲେ କିନ୍ତୁ ସେ ତାହାର ପ୍ରଥମ ଜାତ ସନ୍ତାନ ଜନ୍ମ ନେବାଯାଏ କୁମାରୀ ରହିଲେ I
- ମରୀୟମ ମେଷପାଳକ ଏବଂ ଜ୍ଞାନୀ ଲୋକମାନେ ଶିଶୁ ଯୀଶୁଙ୍କ ବିଷୟରେ କହିଥିବା ଆଶ୍ଚର୍ଯ୍ୟଜନକ ବିଷୟଗୁଡ଼ିକ ବିଷୟରେ ଗଭୀର ଭାବରେ ଚିନ୍ତା କଲେ I
- ମରୀୟମ ଓ ଯୋଷେଫ ଶିଶୁ ଯୀଶୁକୁ ଅର୍ପଣ କରିବା ନିମନ୍ତେ ମନ୍ଦିରକୁ ନେଲେ I ତା'ପରେ ସେମାନେ ତାହାକୁ ମିସରକୁ ନେଇ ପଳାୟନ କଲେ କାରଣ ରାଜା ହେରୋଦ ଶିଶୁ ଯୀଶୁଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର କରୁଥିଲା I ଶେଷରେ ସେମାନେ ନାଜରିତକୁ ଫେରିଗଲେ I
- ଯେତେବେଳେ ଯୀଶୁ ବୟସରେ ବଡ଼ ହେଲେ କାନା ନଗର ବିବାହରେ ଜଳକୁ ଦ୍ରାକ୍ଷାରସ କଲେ ସେତେବେଳେ ମରୀୟମ ତାହାଙ୍କ ସହିତ ଥିଲେ I
- ସୁସମାଚାର ମଧ୍ୟ ଏହା ବର୍ଣ୍ଣନା କରେ ଯେ ଯୀଶୁଙ୍କର ଯେତେବେଳେ ମୃତ୍ୟୁହେଲା ମରୀୟମ ସେଠାରେ ଥିଲେ I ଯୀଶୁ ଆପଣା ଶିଷ୍ୟମାନଙ୍କୁ ତାହାଙ୍କର ମାତାର ଯତ୍ନନେବାକୁ କହିଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(କାନା, ମିସର, ମହାନ ରାଜା ହେରୋଦ, ଯୀଶୁ, ଯୋଷେଫ, ଈଶ୍ୱରଙ୍କ ପୁତ୍ର, କୁମାରୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ 2:4
- ଯୋହନ 2:12
- ଲୂକ 1:29
- ଲୂକ 1:35
- ମାର୍କ 6:3
- ମାଥିଉ 1:16
- ମାଥିଉ 1:19

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **22**:**4** ଯେତେବେଳେ ଏଲୀଶାବେଥ ଛଅ ମାସର ଗର୍ଭବତୀ ଥିଲେ, ସେହି ସ୍ୱର୍ଗଦୂତ ଏଲୀଶାବେଥଙ୍କ ସମ୍ପର୍କୀୟଙ୍କୁ ଦେଖାକଲେ, ଯାହାର ନାମ ମରୀୟମ I ସେ କୁମାରୀ ଥିଲେ ଏବଂ ଯୋଷେଫ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିବାକୁ ସ୍ଥିର ହୋଇଥିଲେ I ସ୍ୱର୍ଗଦୂତ କହିଲେ, "ତୁମେ ଗର୍ଭବତୀ ହେବ ଏବଂ ଏକ ପୁତ୍ର ସନ୍ତାନ ଜନ୍ମ ଦେବ। ତୁମ୍ଭେ ତାଙ୍କୁ ଯୀଶୁ ନାମ ଦେବେ ଏବଂ ସେ ଖ୍ରୀଷ୍ଟ ହେବେ।"
- **22**:**5** ସ୍ୱର୍ଗଦୂତ କହିଲେ, "ପବିତ୍ରଆତ୍ମା ତୁମ୍ଭ ନିକଟକୁ ଆସିବେ ଏବଂ ଈଶ୍ୱରଙ୍କ ଶକ୍ତି ତୁମ୍ଭକୁ ଛାୟା କରିବ I ତେଣୁ ଶିଶୁଟି ପବିତ୍ର ଈଶ୍ୱରଙ୍କ ପୁତ୍ର ହେବ। " ଦୂତ ଯାହା କହିଲେ ତାହା ମରୀୟମ ବିଶ୍ୱାସ କଲେ ଏବଂ ଗ୍ରହଣ କଲେ I
- **22**:**6** ଦୂତ ମରୀୟମଙ୍କ ସହ କଥା ହେବାର କିଛି ସମୟ ପରେ ସେ ଯାଇ ଏଲୀଶାବେଥଙ୍କୁ ଦେଖାକଲେ I ଏଲୀଶାବେଥ ମରୀୟମଙ୍କ ଅଭିବାଦନ ଶୁଣିବା ମାତ୍ରେ ଏଲୀଶାବେଥଙ୍କ ଶିଶୁ ତା'ଭିତରେ ଡେଇଁ ପଡିଲା I
- **23**:**2** ସ୍ୱର୍ଗଦୂତ କହିଲେ, "ଯୋଷେଫ, ମରିୟମଙ୍କୁ ତୁମ୍ଭର ସ୍ତ୍ରୀ ଭାବରେ ଗ୍ରହଣ କରିବାକୁ ଭୟ କର ନାହିଁ। ତାଙ୍କ ଗର୍ଭରେ ଥିବା ଶିଶୁ ପବିତ୍ରଆତ୍ମାଙ୍କଠାରୁ ଅଟେ ।"
- **23**:**4** ଯୋଷେଫ ଏବଂ ମରୀୟମଙ୍କୁ ନାଜରିତରେ ରହୁଥିବା ସ୍ଥାନରୁ ବେଥଲିହିମ ପର୍ଯ୍ୟନ୍ତ ଏକ ଦୀର୍ଘ ଯାତ୍ରା କରିବାକୁ ପଡିଲା କାରଣ ସେମାନଙ୍କର ପୂର୍ବଜ ଦାଉଦ ଥିଲେ ଯାହାର ନଗର ବେଥଲିହିମ ଥିଲା I
- **49**:**1** ଜଣେ ସ୍ୱର୍ଗଦୂତ ମରିୟମ ନାମକ ଏକ କୁମାରୀଙ୍କୁ କହିଲେ ଯେ ସେ ଈଶ୍ୱରଙ୍କ ପୁତ୍ରକୁ ଜନ୍ମ ଦେବେ I ତେଣୁ ସେ କୁମାରୀ ଥିବାବେଳେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଲେ ଏବଂ ଯୀଶୁ ନାମ ରଖିଲେ I

ଶବ୍ଦବିନ୍ୟାସ:

- Strong's: G31370

ଯୂନସ

ପରିଭାଷା:

ଯୂନସ ପୁରାତନ ନିୟମରେ ଜଣେ ଏବ୍ରୀୟ ଭବିଷ୍ୟଦ୍‌ବକ୍ତା ଥିଲେ I

- ଯୂନସଙ୍କ ପୁସ୍ତକ ସେହି ସମୟର ଘଟିଥିବା କାହାଣୀ ବିଷୟରେ ବର୍ଣ୍ଣନା କରେ ଯେତେବେଳେ ଈଶ୍ୱର ଯୂନସଙ୍କୁ ନୀନିବୀର ଲୋକମାନଙ୍କୁ ପ୍ରଚାର କରିବାକୁ ପଠାଇଲେ I
- ଯୂନସ ନୀନିବୀକୁ ଯିବାକୁ ମନା କରିଦେଲେ ଏବଂ ତର୍ଶୀଶ ଅଭିମୁଖେ ଯାଉଥିବା ଏକ ଜାହାଜରେ ଚଢ଼ିଲେ I
- ଈଶ୍ୱର ସେହି ଯାହାଜରେ ଏକ ପ୍ରବଳ ତୋଫାନକୁ ପଠାଇଲେ I
- ଯୂନସ ଜାହାଜରେ ଥିବା ଲୋକମାନଙ୍କୁ କହିଲେ ଯେ ସେ ଈଶ୍ୱରଙ୍କଠାରୁ ଦୂରେଇ ଯାଉଛନ୍ତି ଏବଂ ତାହାଙ୍କୁ ସମୁଦ୍ରରେ ନିକ୍ଷେପ କରିବାକୁ ସେ ସେମାନଙ୍କୁ ପରାମର୍ଶ ଦେଲେ I ଯେତେବେଳେ ସେମାନେ ତାହା କଲେ, ତୋଫାନ ସ୍ଥିର ହେଲା ଏବଂ ନାବିକମାନେ ଯିହୋବାଙ୍କୁ ବଳି ଉତ୍ସର୍ଗ କଲେ I
- ଯୂନସକୁ ଏକ ବୃହତ ମତ୍ସ୍ୟ ଗିଳିଲା ଏବଂ ସେ ମତ୍ସ୍ୟ ଉଦରରେ ତିନି ଦିନ ଓ ତିନି ରାତି ରହିଲା I
- ଏହାପରେ ଯୂନସ ନୀନିବୀକୁ ଯାଇ ସେଠାରେ ଥିବା ଲୋକମାନଙ୍କୁ ପ୍ରଚାର କଲେ ଏବଂ ଲୋକମାନେ ଅନ୍ୟମାନଙ୍କ ପ୍ରତି ହିଂସା କରିବା ବନ୍ଦ କଲେ I
- ନୀନିବୀକୁ ବିନାଶ ନକରିବାରୁ ଯୂନସ ଈଶ୍ୱରଙ୍କ ଉପରେ କ୍ରୋଧିତ ହେଲେ, ଏବଂ ଈଶ୍ୱର ଯୂନସଙ୍କୁ ଦୟା ବିଷୟରେ ଶିକ୍ଷା ଦେବା ପାଇଁ ଏକ ଉଦ୍ଭିଦ ଏବଂ ପୋକ ବ୍ୟବହାର କଲେ I

(ନାମଗୁଡ଼ିକ କିପରି ଅନୁବାଦ କରାଯିବ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଅନାଜ୍ଞାକାରୀ, ନୀନିବୀ, ଫେରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୂନସ 1:3
- ଲୂକ 11:30
- ମାଥିଉ 12:39
- ମାଥିଉ 16:4

ଶବ୍ଦବିନ୍ୟାସ:

- Strong's: H3124, G24950

ଯୋଆବ

ସଂଜ୍ଞା

ଯୋଆବ ରାଜା ଦାଉଦର ରାଜାକାଳ ସମୟରେ ଏକ ମହତ୍ୱପୂର୍ଣ୍ଣ ସୈନ୍ୟ ନେତୃତ୍ୱକାରୀଥିଲେ I

- ଦାଉଦ ରାଜା ପୂର୍ବରୁ, ଯୋଆବ ତାହାର ଏକ ବିଶ୍ୱସ୍ତ ଅନୁଗାମୀ ହୋଇ ଯାଇଥିଲେ I
- ତା ପରେ ଯେତେବେଳେ ଦାଉଦ ରାଜା ହେଲେ, ଯୋଆବ ଦାଉଦ ସେନାର ସେନାଧ୍ୟକ୍ଷଥିଲେ I
- ଯୋଆବ ଦାଉଦର ଭଣଜାଥିଲେ କାରଣ ତାହାର ମାତା ଦାଉଦ ରାଜାର ଏକ ଭଉଣୀଥିଲେ I
- ଯେତେବେଳେ ଦାଉଦର ପୁତ୍ର ଅବସଲମ ତାହାର ରାଜ କୁ ନିଜର କରିବାକୁ ତାହାକୁ ବିଶ୍ୱାସଘାତ କଲା I ଯୋଆବ ରାଜା ଦାଉଦକୁ ସୁରକ୍ଷା ଦେବା ନିମନ୍ତେ ଅବସଲମ କୁ ହତ୍ୟା କଲେ I
- ଯୋଆବ ଏକ ଆକ୍ରଣମୃକ ଯୋଦ୍ଧାଥିଲେ ଓ ଯେଉଁମାନେ ଇସ୍ରାଏଲ ର ଶତ୍ରୁଥିଲେ ସେ ଅନେକଙ୍କୁ ହତ୍ୟା କରିଥିଲେ I

(ଆହୁରି ଦେଖନ୍ତୁ: ଅବସଲମ, ଦାଉଦ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୨:୧୬-୧୭
- ୧ ରାଜାବଳି ୦୧: ୭-୮
- ୧ ଶାମୁଏଲ ୨୬: ୬-୮
- ୨ ଶାମୁଏଲ ୦୨: ୧୮-୧୯
- ନେହେମିୟ ୦୭:୧୧-୧୪

ବୋର୍ଡ ଡାଟା :

- Strong's: H3097

ଯୋଆଶ

ତଥ୍ୟ:

ପୁରାତନ ନିୟମରେ ଯୋଆଶ ଅନେକ ଲୋକଙ୍କର ନାମ ଅଛି I

- ଏକ ଯୋଆଶ ହେଉଛନ୍ତି ଇସ୍ରାଏଲର ଉଦ୍ଧାରକର୍ତ୍ତା ଗିଦିୟନ ର ପିତା ଅଟନ୍ତି I
- ଆଉ ଏକ ବ୍ୟକ୍ତିର ର ନାମ ଯୋଆଶ ଯେ ଜାକୁବର ପୁତ୍ର ବେନଜାମିଂ ର ବଂଶଧର ଅଟେ I
- ପ୍ରସିଦ୍ଧ ଯୋଆଶ ହେଉଛନ୍ତି ଯିହୁଦା ର ରାଜା ଏଗାର ବର୍ଷରେ ହୋଇଥିଲେ I

ସେ ଯିହୁଦା ର ରାଜା ଆହସିୟ ର ପୁତ୍ରଥିଲେ, ଯାହାକୁ ହତ୍ୟା କରା ଯାଇଥିଲା I

- ଯେତେବେଳେ ଯୋଆଶ ଏକ ଛୋଟ ପିଲାଥିଲେ, ତାହାର ମାଉସୀ ତାହାକୁ ସୁରକ୍ଷାରେ ବଡ଼ ହେବାଯାଏ ରଖିଥିଲା ଯେଯାଏ ସେ ରାଜା ହେବା ପାଇଁ ଅଭିଶିକ୍ତ ହୋଇ ନଥିଲେ I
- ରାଜା ଯୋଆଶ ଏକ ଉତ୍ତମ ରାଜାଥିଲେ ଯେ ପ୍ରଥମରେ ପରମେଶ୍ୱରଙ୍କର ଆଜ୍ଞାକାରୀଥିଲେ I

କିନ୍ତୁ ସେ ଉଚ ସ୍ଥାନମାନ ଦୁର କରି ନଥିଲେ ଓ ଇସରେଲିୟମାନେ ପୁଣିଥରେ ପ୍ରତିମା ପୂଜା କରିବା ଆରମ୍ଭ କରି ଦେଇଥିଲେ I

- ଯୋଆଶ ରାଜା ଯେତେବେଳେ ଯିହୁଦାରେ ରାଜୁତି କରୁଥିଲେ ସେହି ସମୟରେ ଯିହୋୟାଶ ରାଜା ଇସ୍ରାଏଲରେ ରାଜୁତି କରୁଥିଲେ I

ସେମାନେ ଦୁହେଁ ଅଲଗା ଅଲଗା ରାଜାଥିଲେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖନ୍ତୁ: ଆହସିୟ, ବେଦୀ, ବିନ୍ୟାମିନ୍, ଭଣ୍ଡ ଦେବ, ଗିଦିୟନ, ଉଚ ସ୍ଥାନ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୩: ୧୦-୧୨
- ୨ ବଂଶାବଳି ୧୮:୨୫-୨୭
- ୨ ରାଜାବଳି ୧୧:୧-୩
- ଆମୋଷ ୦୧:୧-୨
- ବିଚାରପତି ୦୬: ୧୧-୧୨

ବୋର୍ଡ ଡାଟା :

- Strong's: H3101, H3135

ଯୋଏଲ

ତଥ୍ୟ:

ଯୋଏଲ ଏକ ଭବିଷ୍ୟବକ୍ତାଥିଲେ ଯେ ହୋଇପାରେ ଯିହୁଦାର ରାଜା ଯୋଆଶ ସମୟରେ ବାସ କରୁଥିଲେ I ପୁରାତନ ନିୟମରେ ଅନେକ ବ୍ୟକ୍ତିର ନାମ ଯୋଏଲ ଅଟେ I

- ଯୋଏଲ ପୁସ୍ତକ ପୁରାତନ ନୀୟମର ଛୋଟ ଭବିଷ୍ୟବକ୍ତା ଭରା ଏକ ପୁସ୍ତକ ଅଟେ I
- ଯୋଏଲ ଭବିଷ୍ୟବକ୍ତା ର ବ୍ୟକ୍ତିଗତ ଖବର ଯାହା ଅମ ପାଖରେ ଅଛି ତାହା ହେଉଛି ତାହାର ପିତା ର ନାମ ପେଥୁଏଲ ଅଟେ I
- ପ୍ରେରିତ ପିତର ପେନ୍ତିକସ୍ତ ସମୟର ପ୍ରଚାରରେ ଯୋଏଲ୍ ଭବିଷ୍ୟବକ୍ତା ପୁସ୍ତକରୁ ଉଲ୍ଲେଖ କରିଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଯୋଆଶ, ଯିହୁଦା, ପେନ୍ତିକସ୍ତ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୬:୩୩-୩୫
- ୧ ଶାମୁଏଲ ୦୮:୧-୩
- ପ୍ରେରିତ ୦୨: ୧୬-୧୭
- ଏଜ୍ରା ୧୦:୪୧-୪୪
- ଯୋଏଲ ୦୧:୧-୩

ବୋର୍ଡ ଡାଟା :

- Strong's: H3100, G2493

ଯୋଥାମ

ସଂଜ୍ଞା:

ପୁରାତନ ନିୟମରେ ତିନି ଜଣ ଅଛନ୍ତି ଯାହାର ନାମ ଯୋଥାମ ଅଟେ I

- ଏକ ବ୍ୟକ୍ତିର ନାମ ଯୋଥାମ ଯେ ଗିଦିୟନ ର କନିଷ୍ଠ ପୁତ୍ର ଅଟେ I

ଯୋଥାମ ତାର ବଡ଼ ଭାଇ କୁ ହରାଇବାକୁ ସାହାଯ୍ୟ କରିଥିଲା ଯେ ତାର ଆଉ ସବୁ ଭାଇକୁ ହତ୍ୟା କରିଥିଲା I

- ଆଉ ଏକ ବ୍ୟକ୍ତିର ନାମ ଯେ ଯିହୁଦା ର ରାଜା ୧୬ ବର୍ଷଯାଏଥିଲା, ତାଙ୍କର ପିତା (ଉସୀୟ) ର ମୃତ୍ୟୁ ପରେ ସେ ଶାସନ କଲେ I
- ତାଙ୍କର ପିତା ପରି ଯୋଥାମ ପରମେଶ୍ୱରଙ୍କର ଆଜ୍ଞାକାରୀ ହେଲେ ଓ ସେ ଏକ ଉତ୍ତମ ରାଜାଥିଲେ I
- ଯାହା ଭି ହେଉ, ମୂର୍ତ୍ତି ପୂଜା ସ୍ଥାନ ସବୁ ଦୁର ନ କରି ସେ ଯିହୁଦାର ଲୋକଙ୍କୁ ପୁଣି ଥରେ ପରମେଶ୍ୱରଙ୍କଠାରୁ ଦୁରେଇ ଦେଲେ I
- ଯୋଥାମ ଏକ ପୂର୍ବ ପୁରୁଷ ଯେ ମାଥିଉରେ ଯୀଶୁଙ୍କ ବଂଶାବଳିରେ ଉଲ୍ଲେଖ ଅଛି I

(ଆହୁରି ଦେଖନ୍ତୁ: ଅବିମେଳକ, ଆହସ, ଗିଦିଆନ, ଉସୀୟ)

ବାଇବଲ ପଦପର୍ବ:

- ୨ ବଂଶାବଳି ୨୬:୨୧
- ୨ ରାଜାବଳି ୧୫:୪-୫
- ଯିଶଇୟ ୦୧:୧
- ବିଚାରକର୍ତ୍ତା ୦୯:୫-୬

ବୋର୍ଡ ଡାଟା :

- Strong's: H3147

ଯୋରାମ

ତଥ୍ୟ:

ଯୋରାମ ଆହାବ ର ପୁତ୍ର ଓ ଇସ୍ରାଏଲ ର ରାଜାଥିଲେ I ଅନେକ ସମୟରେ ସେ "ଯିହୋରାମ" ନାମରେ ସମ୍ବୋଧିତ କରା ଯାଉଥିଲେ I

- ଯୋରାମ ରାଜା ଇସ୍ରାଏଲରେ ସେହି ସମୟରେ ରାଜୁତି କରୁଥିଲେ ଯେଉଁ ସମୟରେ ଯିହୁଦାରେ ଯିହୋରାମ ରାଜା ଶାସନ କରୁଥିଲେ I
- ଯୋରାମ ଏଆ ମନ୍ଦ ରାଜାଥିଲେ ଯେ ଭଣ୍ଡ ଦେବ ପୁଜ କରୁଥିଲେ ଓ ଇସ୍ରାଏଲ ପାପ କରିବାରେ କାରଣ ହେଲେ I
- ଯୋରାମ ରାଜା ଭବିଷ୍ୟବକ୍ତା ଏଲୀୟ ଓ ଓବୋଡିୟ ସମୟରେ ରାଜୁତି କରୁଥିଲେ I
- ଆଉ ଏକ ବ୍ୟକ୍ତି ର ନାମ ଯୋରାମଥିଲା ଯେ ହାମାତ ତାଉ ର ପୁତ୍ରଥିଲେ ଯେତେବେଳେ ଦାଉଦ ରାଜାଥିଲେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖନ୍ତୁ: ଆହାବ, ଦାଉଦ, ଏଲୀୟ, ହାମାତ, ଯିହୋରାମ, ଇସ୍ରାଏଲ ର ରାଜା, ଯିହୁଦା, ଓବୋଡିୟ, ଭବିଷ୍ୟବକ୍ତା)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୩:୧୦-୧୨
- ୨ ବଂଶାବଳି ୨୨ ୪-୫
- ୨ ରାଜାବଳି ୦୧:୧୭-୧୮
- ୨ ରାଜାବଳି ୦୮: ୧୬-୧୭

ବୋର୍ଡ ଡାଟା :

- Strong's: H3088, H3141, G2496

ଯୋଷେଫ (NT)

ସତ୍ୟ ଘଟଣାବଳୀ:

ଯୋଷେଫ ଯୀଶୁଙ୍କର ଜାଗତିକ ପିତା ଥିଲେ ଓ ତାହାଙ୍କୁ ନିଜ ସନ୍ତାନ ପରି ପାଳନପୋଷଣ କରିଥିଲେ I ସେ ଜଣେ ଧାର୍ମିକ ବ୍ୟକ୍ତିଥିଲେ ଯିଏ ଏକ ବଢ଼ାଇ ରୂପରେ କାମ କରୁଥିଲେ I

- ଯୋଷେଫ ଏକ ଯିହୁଦୀ କନ୍ୟା ମରୀୟମ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ, ଯେତେବେଳେ ସେମାନେ ଆବଦ୍ଧ ଥିଲେ ଈଶ୍ୱର ମରୀୟମଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ମାତା ହେବାକୁ ମନୋନୀତ କଲେ I
- ଜଣେ ସ୍ୱର୍ଗଦୂତ ଯୋଷେଫକୁ କହିଲେ ଯେ ମରୀୟମକୁ ପବିତ୍ର ଆତ୍ମା ଶକ୍ତିରେ ଗର୍ଭଧାରଣ କରିବେ ଓ ମରୀୟମର ଶିଶୁ ଈଶ୍ୱରଙ୍କ ପୁତ୍ର ହେବେ I
- ଯୀଶୁ ଜନ୍ମ ହେଲା ପରେ, ଏକ ସ୍ୱର୍ଗଦୂତ ଯୋଷେଫକୁ ସାବଧାନ କରାଇଲେ, ସେ ମରୀୟମ ଓ ଶିଶୁକୁ ନେଇ ହେରୋଦଠାରୁ ରକ୍ଷା ପାଇବା ନିମନ୍ତେ ମିସରକୁ ପଳାଇଲେ I
- ପରେ ଯୋଷେଫ ଓ ତାର ପରିବାର ଗାଲିଲୀର ନାଜରିତ ସହରରେ ବାସ କଲେ ଯେଉଁଠାରେ ସେ ବଢ଼ାଇ କାମ କରି ନିଜର ଜୀବିକା ଅର୍ଜନ କଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଖ୍ରୀଷ୍ଟ, ଗାଲିଲୀ, ଯୀଶୁ, ନାଜରିତ, ଈଶ୍ୱରଙ୍କ ପୁତ୍ର, କୁଆଁରୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ 1:43-45
- ଲୂକ 1:26-29
- ଲୂକ 2:4-5
- ଲୂକ 215-16
- ମାଥିଉ 1:18-19
- ମାଥିଉ 1:24-25
- ମାଥିଉ 2: 19-21
- ମାଥିଉ 13:54-56

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 22:4 ସେ (ମରୀୟମ) କୁଆଁରୀ ଥିଲେ ବିବାହ ନିମନ୍ତେ **ଯୋଷେଫ** ନାମକ ଏକ ବ୍ୟକ୍ତି ସହ ତାହାଙ୍କର ନିର୍ବନ୍ଧ ହୋଇଥିଲା I
- 23:1 **ଯୋଷେଫ** ଯାହାର ନିର୍ବନ୍ଧ ହୋଇଥିଲା ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲା I ସେ ଯେତେବେଳେ ଶୁଣିଲା ଯେ ମରୀୟମ ଗର୍ଭବତୀ ଅଛି, ସେ ଜାଣିଲେ ଯେ ଏହା ତାହାଙ୍କର ଶିଶୁ ନୁହେଁ I ସେ ତାହାକୁ ଲଜ୍ଜିତ କରିବାକୁ ଚାହୁଁ ନଥିଲେ, ତେଣୁ ସେ ଗୁପ୍ତ ଭାବରେ ତ୍ୟାଗ କରିବାକୁ ବିଚାର କଲେ I
- 23:2 ସ୍ୱର୍ଗଦୂତ କହିଲେ, "**ଯୋଷେଫ**, ମରୀୟମକୁ ନିଜର ପତ୍ନୀ ରୂପରେ ଗ୍ରହଣ କରିବାକୁ ଭୟକର ନାହିଁ I ଯେଉଁ ଶିଶୁ ତାହାର ଶରୀରରେ ଅଛି ତାହା ପବିତ୍ର ଆତ୍ମା ଦ୍ୱାରା ହୋଇଅଛି I ସେ ଏକ ପୁତ୍ର ସନ୍ତାନ ଜାତ କରିବ I ତାହାର ନାମ ଯୀଶୁ ହେବ (ଯାହାର ଅର୍ଥ "ଯିହୋବା ଉଦ୍ଧାର କରନ୍ତି") କାରଣ ସେ ଆପଣା ଲୋକମାନଙ୍କୁ ସେମାନଙ୍କ ପାପରୁ ଉଦ୍ଧାର କରିବେ I"
- 23:3 ତେଣୁ ମରୀୟମ ସହ ବିବାହ କଲେ ଓ ତାହାକୁ ନିଜର ପତ୍ନୀରୂପେ ନିଜ ଗୃହକୁ ନେଲେ କିନ୍ତୁ ସେ ପର୍ଯ୍ୟନ୍ତ ଶିଶୁକୁ ଜନ୍ମ ଦେଲେ ନାହିଁ ସେ ତାହା ସହବାସ କଲେ ନାହିଁ I
- 23:4 **ଯୋଷେଫ** ଓ ମରୀୟମକୁ ନାଜରିତରେ ରହୁଥିବା ସ୍ଥାନରୁ ବେଥଲିହିହମ ପର୍ଯ୍ୟନ୍ତ ଏକ ଦୀର୍ଘ ଯାତ୍ରା କରିବାକୁ ପଡିଲା କାରଣ ସେମାନଙ୍କର ପୂର୍ବଜ ଦାଉଦ ଥିଲେ ଯାହାର ନଗର ବେଥଲିହିହମ ଥିଲା I
- 26:4 ଯୀଶୁ କହିଲେ, "ମୁଁ ତୁମ୍ଭକୁ ପାଠକରି ଶୁଣାଇଥିବା ବିଷୟ ବର୍ତ୍ତମାନ ଘଟୁଛି।" ସମସ୍ତଲୋକ ଆଶ୍ଚର୍ଯ୍ୟ ହେଲେ। "ଏ କ'ଣ ଯୋଷେଫଙ୍କ ପୁତ୍ର ନୁହେଁ?" ସେମାନେ କହିଲେ I

ଶବ୍ଦବିନ୍ୟାସ:

- Strong's: G25010

ଯୋଷେଫ (ପୁ. ନି)

ତଥ୍ୟ:

ଯୋଷେଫ ଯାକୁବର ଏଗାରତମ ସନ୍ତାନ ଅଟେ ଓ ତା ମାଁ ରାହେଲ ର ପ୍ରଥମ ସନ୍ତାନ ଅଟେ I

- ଯୋଷେଫ ତାର ପିତାର ପସନ୍ଦିତା ପୁତ୍ରଥିଲେ I
- ତାର ଭାଇମାନେ ତାହାକୁ ହିଂଶା କରି ଦାସକରୀ ବିକି ଦେଇଥିଲେ I
- ଯେତେବେଳେ ମିସରରେଥିଲେ ଯୋଷେଫ କୁ ମିଥ୍ୟା ଅଭିଯୋଗ କରି ବନ୍ଦୀ ଘରେ ଢାଳି ଦେଇଥିଲେ I
- ତାର କଠିନତା ମଧ୍ୟରେ ମଧ୍ୟ ଯୋଷେଫ ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ଥଥିଲେ I
- ପ୍ରଭୁ ତାହାକୁ ମିସରର ଦ୍ୱିତୀୟ ଶକ୍ତିଶାଳୀ ପଦବୀରେ ବସାଇଲେ ଓ ଯେତେବେଳେ ଅଳ୍ପ ଖାଦ୍ୟଥିଲା ଲୋକଙ୍କୁ ଉଦ୍ଧାର କରିବା ନିମନ୍ତେ ତାହାକୁ ବ୍ୟବହାର କଲେ I

ମିସରର ଲୋକମାନେ ଓ ତାର ପରିବାର ଭୋକରେଥିଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ମିସର, ଯାକୁବ)

ବାଇବଲ ପଦପର୍ବ:

- ଆଦିପୁସ୍ତକ ୩୦:୨୨-୨୪
- ଆଦିପୁସ୍ତକ ୩୩:୧-୩
- ଆଦିପୁସ୍ତକ ୩୭:୨୩-୨୪
- ଆଦିପୁସ୍ତକ ୩୭:୨୩-୨୪
- ଆଦିପୁସ୍ତକ ୪୧:୫୫-୫୭
- ଯୋହନ ୦୪:୪-୫

ବାଇବଲ କାହାଣୀ ରୁ ଉଦାହରଣ:

- **୦୮:୦୨ ଯୋଷେଫର**ର ଭାଇମାନେ ତାହାକୁ ଘୃଣା କଲେ କାରଣ ତାହାର ପିତା ସମସ୍ତ ଭାଇମାନକ ମଧ୍ୟରୁ ତାହାକୁ ଅଧିକ ପସନ୍ଦ କରୁଥିଲା କାରଣ ଯୋଷେଫ ଏହି ସ୍ୱପ୍ନ ଦେଖିଥିଲେ ଯେ ସେ ତାହାଙ୍କର ଶାସକ ହେବେ I
- **୦୮:୦୪** କ୍ରୀତଦାସ ବ୍ୟବସାୟୀମାନେ **ଯୋଷେଫ**କୁ ମିସର ନେଇ ଗଲେ I
- **୦୮:୦୫** ବନ୍ଦିଘରେ ମଧ୍ୟ, **ଯୋଷେଫ** ପରମେଶ୍ୱରଙ୍କ ପ୍ରତି ବିଶ୍ୱସ୍ଥଥିଲେ ଓ ପରମେଶ୍ୱର ତାହାକୁ ଆଶୀର୍ବାଦ କଲେ I
- **୦୮:୦୭** ପରମେଶ୍ୱର **ଯୋଷେଫ**କୁ ସ୍ୱପ୍ନ ର ଅର୍ଥ କହିବାକୁ ଦକ୍ଷତା ପ୍ରଦାନ କରିଥିଲେ ତେଣୁ ଫାର ତାହାକୁ ବନ୍ଦୀ ଘରୁ ବାହାର କରି ଆଣିଲେ I
- **୦୮:୦୯ ଯୋଷେଫ** ଲୋକଙ୍କୁ କହିଲେ ଯେ ଯେଉଁ ସାତ ବର୍ଷରେ ଉତ୍ତମ ଫସଲ ହେବ ସେହି ସମୟରେ ଖାଦ୍ୟ ସଂଗ୍ରହ କରି ରଖ I
- **୦୯:୦୨** ମିସର ଲୋକମାନେ ଆଉ **ଯୋଷେଫ**କୁ ନା ସେ ତାହାଙ୍କ ପ୍ରତି ଯାହାକିଛି କରିଥିଲେ ଆଉ ମନେ ରଖୀଲେ ନାହିଁ I

ବୋର୍ଡ ଡାଟା :

- Strong's: H3084, H3130, G2500, G2501

ଯୋହନ (ପ୍ରେରିତ)

ସତ୍ୟ ଘଟଣାବଳୀ:

ଯୋହନ ଯୀଶୁଙ୍କର ବାରଶିଷ୍ୟ ମଧ୍ୟରୁ ଜଣେ ଓ ଉତ୍ତମ ବନ୍ଧୁ ଥିଲେ I

- ଯୋହନ ଓ ତାହାର ସାନ ଭାଇ ଯାକୁବ ମତ୍ସ୍ୟଜୀବୀ ଜେବଦୀର ପୁତ୍ର ଅଟନ୍ତି I
- ସୁସମାଚାରରେ ସେ ଯୀଶୁଙ୍କ ଜୀବନ ବିଷୟରେ ଲେଖିଲେ, ଯୋହନ ନିଜକୁ "ଯୀଶୁ ଯେଉଁ ଶିଷ୍ୟକୁ ପ୍ରେମ କରନ୍ତି ବୋଲି ସମ୍ବୋଧିତ କରନ୍ତି I ଏହା ଦର୍ଶାଏ ଯେ ଯୋହନ ଯୀଶୁଙ୍କର ନିକଟତମ ବନ୍ଧୁ ଥିଲେ I
- ପ୍ରେରିତ ଯୋହନ ନୂତନ ନିୟମରେ ପାଞ୍ଚଟି ପୁସ୍ତକ ଲେଖିଅଛନ୍ତି: ଯୋହନଙ୍କ ସୁସମାଚାର, ଯୀଶୁ ଖ୍ରୀଷ୍ଟଙ୍କର ପ୍ରକାଶିତ ବାକ୍ୟ ଓ ଅନ୍ୟ ବିଶ୍ୱାସୀମାନଙ୍କ ନିମନ୍ତେ ତିନଟି ପତ୍ର I
- ପ୍ରେରିତ ଯୋହନ, ଯୋହନ ବାପ୍ତିଜକଠାରୁ ଭିନ୍ନ ବ୍ୟକ୍ତି ଅଟନ୍ତି I

(ନାମ କିପରି ଅନୁବାଦ କରାଯାଏ: ଅନୁବାଦ ପ୍ରସ୍ତାବ)

(ପ୍ରେରିତ, ପ୍ରକାଶନ, ଯାକୁବ (ଜେବଦୀର ପୁତ୍ର), ଜେବଦୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 2:9-10
- ଯୋହନ 1:19-21
- ମାର୍କ 3:17-19
- ମାଥିଉ 4:21-22
- ପ୍ରକାଶିତ ବାକ୍ୟ 1:1-3

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 36:1 ଏକଦା, ଯୀଶୁ ତାହାଙ୍କର ଶିଷ୍ୟ ମଧ୍ୟରୁ ତିନିଜଣ ପିତର, ଯାକୁବ **ଯୋହନ**କୁ ନିଜ ସହ ନେଲେ I (**ଯୋହନ** ଓ ବାପ୍ତିଜକ ଯୋହନ ଦୁହେଁ ଅଲଗା ବ୍ୟକ୍ତି ଅଟନ୍ତି I) ସେମାନେ ନିଜେ ନିଜେ ଉଚ୍ଚ ପର୍ବତକୁ ଗଲେ I
- 44:1 ଦିନେ, ପିତର ଓ **ଯୋହନ** ମନ୍ଦିରକୁ ଯାଉଥିଲେ I ଯେତେବେଳେ ସେମାନେ ମନ୍ଦିରର ଫାଟକରେ ପହଁଚିଲେ ସେମାନେ ଏକ ପଙ୍ଗୁ ବ୍ୟକ୍ତିକୁ ଦେଖିଲେ ଯେ ସେ ଅର୍ଥ ମାଗୁଥିଲା I
- 44:6 ମନ୍ଦିରର ନେତାମାନେ ପିତର ଓ ଯୋହନ ଯାହା କିଛି କହୁଥିଲେ ଶୁଣି ଅତି କ୍ରୋଧିତ ହେଲେ I ତେଣୁ, ସେମାନେ ସେହି ଦୁଇକୁ ବନ୍ଦୀକରି କାରାଗାରରେ ପକାଇଲେ I
- 44:7 ତା'ପରଦିନ, ଯିହୁଦୀନେତାମାନେ ପିତର ଓ **ଯୋହନ**କୁ ମହାଯାଜକ ଓ ଅନ୍ୟ ଧାର୍ମିକ ନେତାମାନଙ୍କ ନିକଟକୁ ଆଣିଲେ I ସେମାନେ ପିତର ଓ **ଯୋହନ**କୁ ପଚାରିଲେ, "ତୁମ୍ଭେ କାହାର ଶକ୍ତିରେ ଏହି ପଙ୍ଗୁ ବ୍ୟକ୍ତିକୁ ସୁସ୍ଥ କଲ?"
- 44:9 ନେତାମାନେ ଚକିତ ହେଲେ ଯେ ପିତର ଓ **ଯୋହନ** ସାହାସର ସହିତ କହିଲେ କାରଣ ସେମାନେ ଦେଖିଲେ ଯେ ଏମାନେ ସାଧାରଣ ଓ ଅଶିକ୍ଷିତ ଲୋକ ଅଟନ୍ତି I କିନ୍ତୁ ସେମାନେ ମନେକଲେ ଯେ ସେମାନେ ଯୀଶୁଙ୍କ ସହିତ ଥିଲେ I ସେମାନେ ପିତର ଓ **ଯୋହନ**କୁ ଧମକ ଦେଇ ଛାଡ଼ି ଦେଲେ I

ଶବ୍ଦବିନ୍ୟାସ:

- Strong's: G24910

ଯୋହନ (ବାପ୍ତିଜକ)

ସତ୍ୟ ଘଟଣାବଳୀ:

ଯୋହନ ଜିଖରୀୟ ଓ ଏଲୀଶାବେଥର ପୁତ୍ର ଥିଲେ I "ଯୋହନ" ସାଧାରଣ ନାମ ଥିଲା, ତାହାକୁ ପ୍ରେରିତ ଯୋହନ ଏବଂ ଅନ୍ୟ ଲୋକ ଯାହାର ନାମ ଯୋହନ ଅଟେ ସେମାନଙ୍କଠାରୁ ପୃଥକ କରିବାକୁ ବାପ୍ତିଜକ ଯୋହନ କୁହାଯାଉଥିଲା I

- ଯୋହନ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ ଯାହାକୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବା ଏବଂ ଅନୁସରଣ କରିବା ପାଇଁ ଲୋକମାନଙ୍କୁ ପ୍ରସ୍ତୁତ କରିବାକୁ ଈଶ୍ୱର ପଠାଇଲେ I
- ଯୋହନ ଲୋକମାନଙ୍କୁ ସେମାନଙ୍କର ପାପ ସ୍ୱୀକାର କରିବାକୁ, ଈଶ୍ୱରଙ୍କ ନିକଟକୁ ଫେରିବାକୁ ଏବଂ ପାପ ନ କରିବାକୁ କହିଲେ, ଯାହାଫଳରେ ସେମାନେ ମସୀହଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ I
- ଯୋହନ ଅନେକ ଲୋକମାନଙ୍କୁ ଜଳରେ ବାପ୍ତିସ୍ମ ଦେଲେ ଯାହା ସେମାନେ ସେମାନଙ୍କର ପାପ ପାଇଁ ଦୁଃଖିତ ଏବଂ ପାପଠାରୁ ଦୂରେଇ ଯିବାର ଚିହ୍ନ ଥିଲା I
- ଯୋହନକୁ "ବାପ୍ତିଜକ ଯୋହନ "କୁହାଯାଉଥିଲା କାରଣ ସେ ଅନେକ ଲୋକମାନଙ୍କୁ ବାପ୍ତିସ୍ମ ଦେଇଥିଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଦେଖନ୍ତୁ)

(ବାପ୍ତିସ୍ମ, ଜିଖରୀୟ (NT)ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ 3:22-24
- ଲୂକ 1:11-13
- ଲୂକ 1:62-63
- ଲୂକ 3:7
- ଲୂକ 3:15-16
- ଲୂକ 7:27-28
- ମାଥିଉ 3:13
- ମାଥିଉ 11:14

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 22:2 ସ୍ୱର୍ଗଦୂତ ଜିଖରୀୟକୁ କହିଲେ, "ତୁମ୍ଭର ସ୍ତ୍ରୀଙ୍କର ଗୋଟିଏ ପୁତ୍ର ସନ୍ତାନ ହେବ I "ତୁମ୍ଭେ ତାହାର ନାମ **ଯୋହନ** ରଖିବ I ସେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବ ଓ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିମନ୍ତେ ପ୍ରସ୍ତୁତ କରିବ I"
- 22:7 ଏଲୀଶାବେଥ ଏକ ପୁତ୍ର ସନ୍ତାନ ଜାତ କଲାପରେ, ଯେପରି ଆଜ୍ଞା ଦେଇଥିଲେ ସେହିପରି ଜିଖରୀୟ ଓ ଏଲୀଶାବେଥ ଶିଶୁକୁ **ଯୋହନ** ନାମ ଦେଲେ I
- 24:1 ଜିଖରୀୟ ଓ ଏଲୀଶାବେଥର ପୁତ୍ର **ଯୋହନ** ବୃଦ୍ଧି ପାଇଲା ଓ ଜଣେ ଭବିଷ୍ୟଦ୍‌ବକ୍ତା ହେଲା I ସେ ଜଂଗଲରେ ରହିଲା ଓ ବନମଧୁ ଓ ପଙ୍ଗପାଳ ଖାଉଥିଲା ଓ ଓଟ ଲୋମର ବସ୍ତ୍ର ପିନ୍ଧୁଥିଲା I
- 24:2 ଅନେକ ଲୋକ ଜଂଗଲକୁ ଆସି **ଯୋହନ**ର କଥା ଶୁଣୁଥିଲେ I ସେ ସେମାନଙ୍କୁ ପ୍ରଚାର କରି କହିଲେ, "ଅନୁତାପ କର କାରଣ ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ I"
- 24:6 ତା'ପର ଦିନ ଯୀଶୁ **ଯୋହନ** ନିକଟକୁ ବାପ୍ତିସ୍ମ ନେବା ନିମନ୍ତେ ଆସିଲେ I ଯେତେବେଳେ **ଯୋହନ** ତାହାଙ୍କୁ ଦେଖିଲେ ଓ କହିଲେ "ଦେଖ ! ଈଶ୍ୱରଙ୍କର ମେଷଶାବକ ଜଗତର ପାପ ଭାର ନେଇ ଯାଆନ୍ତି I "

ଶବ୍ଦବିନ୍ୟାସ:

- Strong's: G09100 G24910

ଯୋହନ ମାର୍କ

ସତ୍ୟ ଘଟଣାବଳୀ:

ଯୋହନ ମାର୍କକୁ "ମାର୍କ " ବୋଲି ମଧ୍ୟ କୁହାଯାଏ, ସେ ପାଉଲଙ୍କ ସହିତ ତାହାଙ୍କ ସେବା ଯାତ୍ରାରେ ଯାତ୍ରା କରୁଥିଲେ I ସେ ହିଁ ମାର୍କ ସୁସମାଚାରର ଲେଖକ ଅଟନ୍ତି I

- ଯୋହନ ମାର୍କ ପାଉଲ ଓ ବର୍ଣ୍ଣବ୍ବା ପ୍ରଥମ ସେବା ଯାତ୍ରାରେ ସାଥିରେ ଥିଲେ I
- ଯେତେବେଳେ ପିତର ଯିରୂଶାଲାମରେ କାରାଗାରରେ ବନ୍ଦୀ କରା ଗଲେ, ବିଶ୍ୱାସୀମାନେ ଯୋହନ ମାର୍କଙ୍କର ମାତାର ଗୃହରେ ପ୍ରାର୍ଥନା କରୁଥିଲେ I
- ମାର୍କ ଜଣେ ପ୍ରରିତ ନ ଥିଲେ କିନ୍ତୁ ପାଉଲ ଓ ପିତର ଦ୍ୱାରା ଶିକ୍ଷା ପ୍ରାପ୍ତ କରିଥିଲେ ଓ ଏକତ୍ର ସେବାକାର୍ଯ୍ୟ କରିଥିଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

ବର୍ଣ୍ଣବ୍ବା, ପାଉଲ ଦେଖନ୍ତୁ

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି 4:11-13
- ପ୍ରେରିତ 12:24-25
- ପ୍ରେରିତ 13:5
- ପ୍ରେରିତ 13:13
- ପ୍ରେରିତ 15:36-38
- ପ୍ରେରିତ 15:39-41
- କଲସୀୟ 4:10-11

ଶବ୍ଦବିନ୍ୟାସ :

- Strong's: G24910, G31380

ରବ୍ବା

ସଂଜ୍ଞା:

ରବ୍ବା ଅମ୍ମୋନୀୟ ଲୋକମାନଙ୍କର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ନଗରୀଥିଲା I

- ଅମ୍ମୋନୀୟମାନଙ୍କ ବିରୁଦ୍ଧରେ ଯୁଦ୍ଧଗୁଡିକରେ ଇସ୍ରାଏଲୀୟମାନେ ଅନେକ ସମୟରେ ରବ୍ବାକୁ ଆକ୍ରମଣ କରୁଥିଲେ I
- ଇସ୍ରାଏଲର ରାଜା ଦାଉଦ ତାଙ୍କର ଶେଷ ବିଜୟଗୁଡିକ ମଧ୍ୟରେ ଅନ୍ୟତମ ଭାବରେ ରବ୍ବାକୁ କରଗତ ବା ଅଧିକାର କରିଥିଲେ I
- ଅତୀତରେ ରବ୍ବା ରହିଥିବା ସ୍ଥାନରେ ବର୍ତ୍ତମାନ ଆଧୁନିକ ଦିନର ନଗରୀ ଅମ୍ମାନ ଜୋର୍ଡାନ୍ ଅବସ୍ଥିତ ଅଟେ I

(ଆହୁରି ମଧ୍ୟ ଦେଖ: ଅମ୍ମୋନ, ଦାଉଦ)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 20:1
- 2ୟ ଶାମୁୟେଲ 12:26-28
- ଦ୍ୱିତୀୟବିବରଣ 03:11
- ଯିହିଜିକଲ 25:3-5
- ଯିରିମିୟ 49:1-2

ବୋର୍ଡ ଡାଟା :

- Strong's: H7237

ରାମା

ତଥ୍ୟଗୁଡିକ:

ରାମା ଏକ ପ୍ରାଚୀନ ଇସ୍ରାଏଲୀୟ ନଗରୀଥିଲା I ଏହା ଯିରୂଶାଲମଠାରୁ 8 କି.ମି. ଦୂରରେ ଅବସ୍ଥିତଥିଲା I ଏହି ଅଞ୍ଚଳରେ ବିନ୍ୟାମିନ ଗୋଷ୍ଠୀୟ ଲୋକମାନେ ବାସ କରୁଥିଲେ I

- ରାମାଠାରେ ରାହେଲ ବିନ୍ୟାମିନଙ୍କୁ ଜନ୍ମ ଦେବା ପରେ ମୃତ୍ୟୁବରଣ କରିଥିଲେ i
- ଯେତେବେଳେ ଇସ୍ରାଏଲୀୟମାନେ ବାବିଲକୁ ବନ୍ଦୀ ଭାବରେ ନିଆଗଲେ, ସେମାନଙ୍କୁ ବାବିଲକୁ ନିଆଯିବା ପୂର୍ବରୁ ପ୍ରଥମେ ରାମାକୁ ଅଣାଯାଇଥିଲେ I
- ରାମା ଶାମୁୟେଲଙ୍କ ପିତାମାତାଙ୍କର ବାସସ୍ଥାନଥିଲା I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: କିପରି ନାମଗୁଡ଼ିକ ଅନୁବାଦ କରିବା)

(ଆହୁରି ମଧ୍ୟ ଦେଖ: ବେଞ୍ଜାମିନ, ଇସ୍ରାଏଲର ବାର ଗୋଷ୍ଠୀ)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 27:25-27
- 1ମ ଶାମୁଏଲ 02:11
- 2ୟ ବଂଶାବଳି ୧୬:1
- ଯିରିମିୟ 31:15
- ଯିହୋଶୂୟ 18:25-28
- ମାଥିଉ 02:17-18

ବୋର୍ଡ ଡାଟା :

- Strong's: H7414, G4471

ରାମୋତ୍

ତଥ୍ୟଗୁଡିକ:

ଯର୍ଦ୍ଦନ ନଦୀ ନିକଟରେ ଥିବା ଗିଲିୟଦ ପର୍ବତମାଳାରେ ରାମୋତ୍ ଏକ ମହତ୍ତ୍ୱପୂର୍ଣ୍ଣ ନଗରୀଥିଲା I ଏହାକୁ ମଧ୍ୟ ରାମୋତ୍-ଗିଲିୟଦ ବୋଲି କୁହାଯାଉଥିଲା I

- ରାମୋତ୍ ଇସ୍ରାଏଲୀୟ ଗାଦ୍ ଗୋଷ୍ଠୀର ଅଧିନରେଥିଲା ଏବଂ ଏହା ଏକ ଆଶ୍ରୟ ନଗରୀ ଭାବରେ ନିର୍ଦ୍ଦିଷ୍ଟ ବା ନାମିତ କରାଯାଇଥିଲା I
- ଇସ୍ରାଏଲର ରାଜା ଆହାବ ଏବଂ ଯିହୁଦାର ରାଜା ଯିହୋଶାଫଟ ରାମୋତଠାରେ ଅରାମର ରାଜା ବିରୁଦ୍ଧରେ ଯୁଦ୍ଧ କଲେ I

ସେହି ଯୁଦ୍ଧରେ ଆହାବ ହତ ହେଲେ I

- କିଛି କାଳ ଉତ୍ତାରେ ରାଜା ଅହସିୟ ଏବଂ ରାଜା ଯୋରାମ ଅରାମର ରାଜାଙ୍କଠାରୁ ରାମୋତ୍ ନଗରୀ ଛଡ଼ାଇ ନେବାକୁ ଚେଷ୍ଟା କଲେ I
- ରାମୋତ୍-ଗିଲିୟଦଠାରେ ହିଁ ଯେହୂ ଇସ୍ରାଏଲ ଉପରେ ରାଜାଭିଷେକ ହୋଇଥିଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ ଅନୁବାଦ କର)

(ଆହୁରି ମଧ୍ୟ ଦେଖ: ଆହାବ, ଅହସିୟ, ଅରାମ, ଗାଦ, ଯେହୂ, ଯୋରାମ, ଯର୍ଦ୍ଦନ ନଦୀ, ଯିହୁଦା, ଆଶ୍ରୟସ୍ଥଳ)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 06:71:73
- 1ମ ରାଜାବଳି 22:3-4
- 2ୟ ବଂଶାବଳି 18:1-3
- 2ୟ ରାଜାବଳି 08:28-29

ବୋର୍ଡ ଡାଟା :

- Strong's: H7216, H7418, H7433

ରାହାବ

ଘଟଣାବଳୀ:

ରାହାବ ଜଣେ ସ୍ତ୍ରୀ ଲୋକ ଅଟନ୍ତି I ଇସ୍ରାଏଲମାନେ ଯିରୀହୋ ଆକ୍ରମଣ କଲାବେଳେ ସେ ସେଠାରେ ବାସ କରୁଥିଲେ I ସେ ଜଣେ ବେଶ୍ୟାଥିଲେ I

- ଯିରୀହୋ ନଗରୀକୁ ଆକ୍ରମଣ କରିବା ପୂର୍ବରୁ ସେଠାକୁ ଗୁପ୍ତଚର ଭାବରେ ଆସିଥିବା ଦୁଇଜଣ ଇସ୍ରାଏଲୀୟମାନଙ୍କୁ ରାହାବ ଲୁଚାଇ ରଖିଥିଲେ I ସେ ସେହି ଗୁପ୍ତଚରମାନଙ୍କୁ ପୁଣି ଥରେ ଇସ୍ରାଏଲୀୟର ଶିବିର ମଧ୍ୟକୁ ଖସି ପଳାଇବାରେ ସାହାଯ୍ୟ କଲେ I
- ରାହାବ ଯିହୋବାଙ୍କଠାରେ ଜଣେ ବିଶ୍ୱାସିନୀରେ ପରିଣତ ହେଲେ I
- ଯେତେବେଳେ ଯିରୀହୋ ଧ୍ୱଂସ କରାଗଲା, ସେତେବେଳେ ସେ ଏବଂ ତାହାଙ୍କ ପରିବାରକୁ ରକ୍ଷା କରାଗଲା ଏବଂ ସେମାନେ ସମସ୍ତେ ଆସି ଇସ୍ରାଏଲୀୟମାନଙ୍କ ସହିତ ବାସ କଲେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକ କିପରି ଅନୁବାଦ କରିବେ)

(ଇସ୍ରାଏଲ, ଯିରୀହୋ, ବେଶ୍ୟା:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଏବ୍ରୀ 11:29-31
- ଯାକୁବ 2:25
- ଯିହୋଶୂୟ 2:21
- ଯିହୋଶୂୟ 6:17-19
- ମାଥିଉ 1:5

ବାଇବେଲର କାହାଣୀଗୁଡ଼ିକ ମଧ୍ୟରୁ ଉଦାହରଣଗୁଡ଼ିକ:

- **15:1** ସେହି ନଗରୀରେ ଜଣେ ବେଶ୍ୟା ବାସ କରୁଥିଲେ ଯାହାର **ନାମ ରାହାବ ଥିଲା ସେ** ଗୁପ୍ତଚରମାନଙ୍କୁ ଲୁଚାଇ ରଖିଲେ ଏବଂ ପରେ ଖସି ପଳାଇବାରେ ସେମାନଙ୍କୁ ସାହାଯ୍ୟ କଲେ I ସେ ଏହି କାର୍ଯ୍ୟ କଲେ, କାରଣ ସେ ଈଶ୍ୱରଙ୍କଠାରେ ବିଶ୍ୱାସ କଲେ I ଯେତେବେଳେ ଇସ୍ରାଏଲୀୟମାନେ ଯିରୀହୋକୁ ଧ୍ୱଂସ କରିବେ, ସେତେବେଳେ ସେମାନେ ରାହାବ ଏବଂ ତାଙ୍କର ପରିବାରକୁ ସୁରକ୍ଷା ଦେବେ ବୋଲି ପ୍ରତିଜ୍ଞା କଲେ I
- **15:5** ଈଶ୍ୱରଙ୍କ ଆଜ୍ଞାନୁସାରେ ଇସ୍ରାଏଲୀୟମାନେ ନଗରୀର ପ୍ରତ୍ୟେକ ବିଷୟ ଧ୍ୱଂସ କଲେ I କେବଳ ସେହି ନଗରୀର **ରାହାବ** ଏବଂ ତାଙ୍କର ପରିବାର ହିଁ ଏକମାତ୍ର ଲୋକମାନେ, ଯେଉଁମାନଙ୍କୁ ସେମାନେ ବଧ କଲେନାହିଁ I ସେମାନେ ଇସ୍ରାଏଲୀୟମାନଙ୍କର ଅଂଶବିଶେଷରେ ପରିଣତ ହେଲେ I

ଶବ୍ଦବିନ୍ୟାସ :

- Strong's: H7343, G44600

ରାହେଲ

ସତ୍ୟ ଘଟଣାବଳିଗୁଡ଼ିକ:

ରାହେଲ ଯାକୁବଙ୍କ ଭାର୍ଯ୍ୟମାନଙ୍କ ମଧ୍ୟରେ ଜଣେ ଥିଲେ I ସେ ଯୋଷେଫ ଏବଂ ବିନ୍ୟାମୀନର ମାତା ଥିଲେ, ଯାହାର ବଂଶଧରମାନେ ଇସ୍ରାଏଲର ବାରଟି ଗୋଷ୍ଠୀ ମଧ୍ୟରୁ ତିନିଜଣ ହେଲେ I

- ରାହେଲ ଏବଂ ତାଙ୍କ ଭଉଣୀ ଲେୟା ଯାକୁବଙ୍କ ମାମୁଁ ଲାବନର କନ୍ୟା ଥିଲେ। I
- ଅନେକ ବର୍ଷ ଧରି ରାହେଲ କୌଣସି ସନ୍ତାନ ପ୍ରସବ କରିପାରି ନଥିଲେ I ତା'ପରେ ଈଶ୍ୱର ତାହାଙ୍କୁ ଯୋଷେଫକୁ ପ୍ରସବ କରିବା ନିମନ୍ତେ ଗର୍ଭଧାରଣର ଶକ୍ତି ଦେଲେ I
- ଅନେକ ବର୍ଷ ପରେ, ବିନ୍ୟାମୀନକୁ ପ୍ରସବ କରି, ରାହେଲ ମୃତ୍ୟୁବରଣ କଲେ ଏବଂ ଯାକୁବ ତାଙ୍କୁ ବେଥଲିହିମ ନିକଟରେ ସମାଧି ଦେଲେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: କିପରି ନାମଗୁଡ଼ିକୁ ଅନୁବାଦ କରାଯିବ)

(ବେଥଲିହିମ, ଯାକୁବ, ଲାବନ, ଲେୟା, ଯୋଷେଫ(ପୁରାତନ ନିୟମ), ଇସ୍ରାଏଲର ଦ୍ୱାଦଶ ଗୋଷ୍ଠୀଗଣ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଆଦିପୁସ୍ତକ 29: 6
- ଆଦିପୁସ୍ତକ 29:19-20
- ଆଦିପୁସ୍ତକ 29: 30
- ଆଦିପୁସ୍ତକ 31: 6
- ଆଦିପୁସ୍ତକ 33:1-3
- ମାଥିଉ 2: 18

ଶବ୍ଦବିନ୍ୟାସ :

- Strong's: H7354, G44780

ରିବିକା

ତଥ୍ୟଗୁଡିକ:

ରିବିକା ଅବ୍ରାହମଙ୍କ ଭାଇ ନାହୋରଙ୍କର ନାତୁଣୀଥିଲେ I

- ଈଶ୍ୱର ରିବିକାଙ୍କୁ ଅବ୍ରହାମଙ୍କ ପୁତ୍ର ଇସହାକଙ୍କ ଭାର୍ଯ୍ୟା ହେବା ନିମନ୍ତେ ମନୋନୀତ କଲେ I
- ରିବିକା ନିଜେ ବାସ କରୁଥିବା ଅରାମନହରୟିମ ଦେଶ ପରିତ୍ୟାଗ କରି ଅବ୍ରହାମଙ୍କ ଦାସଙ୍କ ସହିତ ଇସହାକ୍ ରହୁଥିବା ନେଗେବ୍ ଅଞ୍ଚଳକୁ ଗଲା I
- ଅନେକ କାଳ ପର୍ଯ୍ୟନ୍ତ ରିବିକାଙ୍କର କୌଣସି ସନ୍ତାନ ଜନ୍ମି ନଥିଲେ, କିନ୍ତୁ ପରିଶେଷରେ ଈଶ୍ୱର ରିବିକାଙ୍କୁ ଆଶୀର୍ବାଦ କରି ଦୁଇଟି ଜାଆଁଳାପୁତ୍ର, ଏଷୌ ଏବଂ ଯାକୁବଙ୍କୁ ଦେଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: କିପରି ନାମଗୁଡ଼ିକ ଅନୁବାଦ କରିବ)

(ଆହୁରି ମଧ ଦେଖ: ଅବ୍ରହାମ, ଏଷୌ, ଇସହାକ୍, ଯାକୁବ, ନାହୋର୍, ନେଗେବ୍)

ବାଇବଲ ପଦଗୁଡିକ:

- ଆଦିପୁସ୍ତକ 24:15-16
- ଆଦିପୁସ୍ତକ 24:45-46
- ଆଦିପୁସ୍ତକ 24:56-58
- ଆଦିପୁସ୍ତକ 24:63-65
- ଆଦିପୁସ୍ତକ 25:27-28
- ଆଦିପୁସ୍ତକ 26:6-8

ବାଇବଲର କାହାଣୀଗୁଡିକ ମଧ୍ୟରୁ ଉଦାହରଣ ଗୁଡିକ:

- **06:02** ଅବ୍ରାହମଙ୍କର ଆତ୍ମୀୟମାନେ ବାସ କରୁଥିବା ବହୁ ଦୂର ଦେଶକୁ ଯାତ୍ରା କରିବା ପରେ ଈଶ୍ୱର ଦାସଙ୍କୁ_ ରିବିକା_ I

ସେ ଅବ୍ରାହମଙ୍କ ଭାଇଙ୍କର ନାତୁଣୀଥିଲେ I

- **06:06** ଈଶ୍ୱର ରିବିକାଙ୍କୁ**କହିଲେ**, “ତୁମ୍ଭ ଗର୍ଭରେ ଦୁଇଟି ଗୋଷ୍ଠୀ ଅଛନ୍ତି I”
- **07:01** ଯେତେବେଳେ ବାଳକମାନେ ବୃଦ୍ଧି ପାଇଲେ,**ରିବିକା** ଯାକୁବଙ୍କୁ ପ୍ରେମ କଲା, ମାତ୍ର ଇସହାକ୍ ଏଷୌଙ୍କୁ ପ୍ରେମ କଲେ I
- **07:03** ଇସହାକ୍ ଆପଣାର ଆଶୀର୍ବାଦସବୁ ଏଷୌଙ୍କୁ ଦେବାକୁ ଚାହିଁଲେ I

କିନ୍ତୁ ସେ ତାହା କରିବା ପୂର୍ବରୁ**ରିବିକା**ଏବଂ ଯାକୁବ ମିଶି କୌଶଳ କଲେ ଏବଂ ଯାକୁବ ତାଙ୍କ ଆଗରେ ଯାଇ ଏଷୌ ଭଳି ଛଳନା କଲେ I

- **07:06** କିନ୍ତୁ **ରିବିକା** ଏଷୌଙ୍କର ଯୋଜନା ସବୁ ଶୁଣିଲେ I

ତେଣୁ ସେ ଯାକୁବଙ୍କୁ ବହୁଦୂରକୁ ନିଜର ଆତ୍ମୀୟମାନଙ୍କ ସହିତ ରହିବା ନିମନ୍ତେ ପଠାଇଦେଲେ I

ବୋର୍ଡ ଡାଟା :

- Strong's: H7259

ରିମ୍ମୋଣ

ତଥ୍ୟଗୁଡିକ

ରିମ୍ମୋଣ ଜଣେ ବ୍ୟକ୍ତିଙ୍କ ନାମ ଏବଂ ଅନେକ ସ୍ଥାନଗୁଡିକର ନାମଥିଲା, ଯାହା ବାଇବଲରେ ଉଲ୍ଲେଖ କରାଯାଇଛି I ଏହା ମଧ୍ୟ ଏକ ମିଥ୍ୟା ଦେବତାର ନାମଥିଲା I

- ବିନ୍ୟାମୀନ ଗୋଷ୍ଠୀର ଜଣେ ଲୋକର ନାମ ରିମ୍ମୋଣଥିଲା ଏବଂ ସେ ସବୂଲୂନର ବେରୋତ୍ ନଗର ନିବାସୀଥିଲେ I

ଏହି ବ୍ୟକ୍ତିଙ୍କ ପୁତ୍ରମାନେ ଯୋନାଥନଙ୍କର ଖଞ୍ଜ ପୁତ୍ର ଇଶବୋଶେଥକୁ ବଧ କଲେ I

- ରିମ୍ମୋଣ ଯିହୁଦାର ଦକ୍ଷିଣ ଭାଗରେ ଥିବା ଏକ ସହରଥିଲା I ସେହି ଅଞ୍ଚଳ ବିନ୍ୟାମୀନ ଗୋଷ୍ଠୀର ଲୋକମାନଙ୍କ ଅଧିକାରରେଥିଲା I
- "ରିମ୍ମୋଣ-ଶୈଳ" ଗୋଟିଏ ନିରାପଦ ସ୍ଥାନଥିଲା ଏବଂ ବିନ୍ୟାମୀନୀୟ ଲୋକମାନେ ସେଠାକୁ ଗୋଟିଏ ଯୁଦ୍ଧରେ ବଧ ହେବାଠାରୁ ରକ୍ଷା ପାଇବା ନିମନ୍ତେ ପଳାୟନ କଲେ I
- ରିମ୍ମୋଣ-ପେରେସ ଯିହୁଦାର ପ୍ରନଡରରେ ଏକ ଅଜଣା ସ୍ଥାନଥିଲା I
- ସୁରିଆର ସେନାପତି ନାମାନ୍ ରିମ୍ମୋଣ-ମିଥ୍ୟା ଦେବତା ସମ୍ପର୍କରେ କହିଲା, ଯେଉଁଠାରେ ସୁରିଆର ରାଜା ପ୍ରଣାମ କରୁଥିଲା I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ ଅନୁବାଦ କର)

(ଆହୁରି ମଧ୍ୟ ଦେଖ:ବିନ୍ୟାମୀନ, ଯିହୁଦା, ନାମାନ୍, ସୁରିଆ, ସବୂଲୂନ୍)

ବାଇବଲ ପଦଗୁଡିକ:

- 2 ରାଜାବଳି 05:17-19
- 2 ଶାମୁୟେଲ 04:5-7
- ବିଚାରକର୍ତ୍ତା 20:45-46
- ବିଚାରକର୍ତ୍ତା 21:13-15

ବୋର୍ଡ ଡାଟା :

- Strong's: H7417

ରିହବିୟାମ

ତଥ୍ୟଗୁଡିକ:

ରିହବିୟାମ ରାଜା ଶଲୋମନଙ୍କ ଅନ୍ୟତମ ପୁତ୍ରଥିଲେ ଏବଂ ସେ ଶଲୋମନଙ୍କ ମୃତ୍ୟୁ ପରେ ଇସ୍ରାଏଲ ଦେଶର ରାଜା ହେଲେ I

- ତାଙ୍କ ରାଜତ୍ୱର ଆରମ୍ଭରେ, ରିହବିୟାମ ଲୋକମାନଙ୍କ ପ୍ରତି ଅତି କଠୋରଥିଲେ, ତେଣୁ ଇସ୍ରାଏଲର ଦଶଗୋଟି ଗୋଷ୍ଠୀ ତାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଏବଂ ଉତ୍ତର ଦିଗରେ "ଇସ୍ରାଏଲ ରାଜ୍ୟ" ଗଠନ କଲେ I
- ରିହବିୟାମ ଦକ୍ଷିଣରେ ଯିହୂଦା ରାଜ୍ୟର ରାଜା ହୋଇ ରହିଲେ, ଯାହା ମଧ୍ୟରେ ଯିହୂଦା ଏବଂ ବିନ୍ୟାମିନ ଗୋଷ୍ଠୀ ଅନ୍ତର୍ଭୁକ୍ତଥିଲା I
- ରିହବିୟାମ ଜଣେ ଦୁଷ୍ଟ ରାଜାଥିଲେ I ସେ ସଦାପ୍ରଭୁଙ୍କର ବାଧ ହେଲେ ନାହିଁ, କିନ୍ତୁ ମିଥ୍ୟା ଦେବତାଗଣର ପୂଜା କଲେ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ ଦେଖ: ଇସ୍ରାଏଲର ରାଜ୍ୟ, ଯିହୂଦା, ଶଲୋମନ)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 03:10-12
- 1ମ ରାଜାବଳି 11:41-43
- 1ମ ରାଜାବଳି 14:21-22
- ମାଥିଉ 01:7-8

ବାଇବଲର କାହାଣୀଗୁଡିକ ମଧ୍ୟରୁ ଉଦାହରଣଗୁଡିକ:

- **18:05** ଶଲୋମନଙ୍କ ମୃତ୍ୟୁ ପରେ, ତାଙ୍କର ପୁତ୍ର,_ ରିହବିୟାମ**, ରାଜା ହେଲେ *I*** _ରିହବିୟାମଜଣେ ମୁର୍ଖ ବ୍ୟକ୍ତିଥିଲେ I
- **18:06** _ ରିହବିୟାମ_ମୁର୍ଖ ଭାବରେ ଉତ୍ତର ଦେଲେ ଏବଂ ସେମାନଙ୍କୁ କହିଲେ, "ତୁମ୍ଭେମାନେ ଭାବୁଛ ଯେ, ମୋହର ପିତା ଶଲୋମନ ତୁମ୍ଭମାନଙ୍କୁ କଠିନ କାର୍ଯ୍ୟ କରିବାକୁ ଦେଲେ, ମାତ୍ର ମୁଁ ତୁମ୍ଭମାନଙ୍କର କାର୍ଯ୍ୟଭାର ତାଙ୍କଠାରୁ ଆହୁରି ଅଧିକ କଠିନତର କରିବି, ଏବଂ ମୁଁ ତାଙ୍କଠାରୁ ଅଧିକ ପରିମାଣରେ ତୁମ୍ଭମାନଙ୍କୁ ଦଣ୍ଡ ଦେବି I
- **18:07** ଇସ୍ରାଏଲ ଜାତିର ଦଶଗୋଟି ଗୋଷ୍ଠୀ **ରିହବିୟାମଙ୍କ ବିରୁଦ୍ଧରେ**ବିଦ୍ରୋହ କଲେ I

କେବଳ ଦୁଇଟି ଗୋଷ୍ଠୀ ତାଙ୍କ ପ୍ରତି ବିଶ୍ୱସ୍ତ ହୋଇ ରହିଲେ I

ବୋର୍ଡ ଡାଟା :

- Strong's: H7346, G4497

ରୁବେନ

ତଥ୍ୟଗୁଡିକ:

ରୁବେନ ଯାକୁବଙ୍କ ପ୍ରଥମଜାତ ପୁତ୍ରଥିଲେ I ଲେୟା ତାହାଙ୍କର ମାତାଥିଲେ I

- ଯେତେବେଳେ ତାହାଙ୍କ ଭାଇମାନେ ସେମାନଙ୍କର ସାନ ଭାଇ ଯୋଷେଫଙ୍କୁ ବଧ କରିବା ନିମନ୍ତେ ଯୋଜନା କରୁଥିଲେ, ସେତେବେଳେ ରୁବେନ ତାହା ପରିବର୍ତ୍ତେ ଗାତ ମଧ୍ୟରେ ତାହାଙ୍କୁ ପକାଇବା ନିମନ୍ତେ ସେମାନଙ୍କୁ କହି ଯୋଷେଫଙ୍କ ପ୍ରାଣରକ୍ଷା କଲେ I
- ପରେ ରୁବେନ ଯୋଷେଫଙ୍କୁ ରକ୍ଷା କରିବା ନିମନ୍ତେ ଫେରିଆସିଲେ, କିନ୍ତୁ ଅନ୍ୟ ଭାଇମାନେ ସେହି ବାଟ ଦେଇ ଯାଉଥିବା ବଣିକମାନଙ୍କ ହସ୍ତରେ ତାହାଙ୍କୁ ଜଣେ କ୍ରୀତଦାସ ଭାବରେ ବିକ୍ରୟ କରିଦେଇଥିଲେ I
- ରୁବେନଙ୍କ ବଂଶଧରମାନେ ଇସ୍ରାଏଲର ବାରଗୋଷ୍ଠୀ ମଧ୍ୟରେ ଏକ ଗୋଷ୍ଠୀ ହେଲେ I

(ଅନୁବାଦନିମନ୍ତେ ପ୍ରସ୍ତାବଗୁଡିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ଆହୁରି ମଧ୍ୟ ଦେଖ: ଯାକୁବ, ଯୋଷେଫ, ଲେୟା, ଇସ୍ରାଏଲର ବାରଗୋଷ୍ଠୀ)

ବାଇବଲର ପଦଗୁଡିକ:

- ଆଦିପୁସ୍ତକ29:31-32
- ଆଦିପୁସ୍ତକ 35;21-22
- ଆଦିପୁସ୍ତକ 42:21-22
- ଆଦିପୁସ୍ତକ 42:37-38

ବୋର୍ଡ ଡାଟା :

- Strong's: H7205, H7206, G4502

ରୂତ

ସତ୍ୟ ଘଟଣାବଳିଗୁଡ଼ିକ:

ରୂତ ଜଣେ ମୋୟାବୀୟ ମହିଳା ଥିଲେ I ସେ ଇସ୍ରାଏଲରେ ବିଚାରକର୍ତ୍ତାମାନେ ଶାସନ କରୁଥିବା ସମୟରେ ସେଠାରେ ବାସ କରୁଥିଲେ I ଇସ୍ରାଏଲରେ ଏକ ଦୁର୍ଭିକ୍ଷ ହେତୁ ଜଣେ ଇସ୍ରାଏଲୀୟ ଲୋକ ଆପଣା ପରିବାର ସହିତ ମୋୟାବ ଦେଶକୁ ଚାଲିଯିବା ପରେମ୍ ସେଠାରେ ରୂତ ଜଣେ ଇସ୍ରାଏଲୀୟ ଲୋକ ମହଲୋନଙ୍କୁ ବିବାହ କଲେ I ମହଲୋନ ମୃତ୍ୟୁବରଣ କଲାପରେ, କେତେ ଦିନ ଉତାରେ ରୂତ ଆପଣା ଶାଶୁ ନୟମୀଙ୍କ ସହିତ ଇସ୍ରାଏଲର ବେଥଲିହିମ ନଗରକୁ ଫେରି ଆସିଥିଲେ I

- ରୂତ ନୟମୀଙ୍କ ପ୍ରତି ବିଶ୍ୱସ୍ତ ଥିଲେ ଏବଂ ସେ ତାଙ୍କୁ ଖାଦ୍ୟ ଯୋଗାଇବା ନିମନ୍ତେ କଠିନ ପରିଶ୍ରମ କରୁଥିଲେ I
- ସେ ମଧ୍ୟ ଇସ୍ରାଏଲର ଏକମାତ୍ର ସତ୍ୟ ଈଶ୍ୱରଙ୍କ ସେବା କରିବା ନିମନ୍ତେ ସମର୍ପିତ ଥିଲେ I
- ରୂତ ବୋୟଜ ନାମକ ଜଣେ ଇସ୍ରାଏଲୀୟ ଲୋକଙ୍କୁ ବିବାହ କଲେ ଏବଂ ଓବେଦ୍ ନାମକ ଏକ ପୁତ୍ର ସନ୍ତାନ ପ୍ରସବ କଲେ ଯିଏ ରାଜା ଦାଉଦଙ୍କର ପିତାମହ ଥିଲେ ଏବଂ ରାଜା ଦାଉଦ ଯୀଶୁ ଖ୍ରୀଷ୍ଟଙ୍କର ପୂର୍ବପୁରୁଷଥିଲେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକ କିପରି ଅନୁବାଦ କରିବ)

(ବେଥଲିହିମ, ବୋୟଜ, ଦାଉଦ, ବିଚାରକର୍ତ୍ତା ମଧ୍ୟ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ମାଥିଉ 01: 4-6
- ରୂତ 01:3-5
- ରୂତ 03:8-9
- ରୂତ 04:4-5

ଶବ୍ଦବିନ୍ୟାସ :

- Strong's: H7327, G4503

ରୋମ, ରୋମୀୟ

ସତ୍ୟ ଘଟଣାବଳୀଗୁଡ଼ିକ:

ନୂତନ ନୀୟମ ସମୟରେ, ରୋମ ନଗରୀ ରୋମୀୟ ସାମ୍ରାଜ୍ୟର କେନ୍ଦ୍ରସ୍ଥଳ ଥିଲା I ଏହା ବର୍ତ୍ତମାନ ଆଧୁନିକ ଇଟାଲୀ ଦେଶର ରାଜଧାନୀ ଅଟେ I

- ଭୂମଧ୍ୟ ସାଗରର ଚାରିଆଡେ ଥିବା ସମସ୍ତ ଅଞ୍ଚଳଗୁଡ଼ିକରେ ରୋମୀୟ ସାମ୍ରାଜ୍ୟର ଶାସନ ଥିଲା ଏବଂ ଇସ୍ରାଏଲ ଦେଶ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଥିଲା I
- "ରୋମୀୟ" ଶବ୍ଦ ରୋମ ଅଧିକାରୀର ନୀୟନ୍ତ୍ରଣରେ ଥିବା ଅଞ୍ଚଳଗୁଡ଼ିକର ସମ୍ପର୍କୀତ ଯେକୌଣସି ବିଷୟକୁ ସୂଚାଉ ଥିଲା; ଏଥିରେ ରୋମୀୟ ନାଗରିକମାନେ ଏବଂ ରୋମୀୟ ପଦାଧିକାରୀମାନେ ଅନ୍ତର୍ଭୁକ୍ତ ଥିଲେ I
- ପ୍ରେରିତ ପାଉଲ ଜଣେ ବନ୍ଦୀ ଭାବରେ ରୋମ ନଗରୀକୁ ନିଆଗଲେ, କାରଣ ସେ ଯୀଶୁଙ୍କ ବିଷୟରେ ସୁସମାଚାର ପ୍ରଚାର କଲେ I
- ନୂତନ ନୀୟମର "ରୋମୀୟ" ପୁସ୍ତକ ଗୋଟିଏ ପତ୍ର ଅଟେ, ଯାହା ପାଉଲ ରୋମରେ ଥିବା ଖ୍ରୀଷ୍ଟିୟାନମାନଙ୍କ ନିକଟକୁ ଲେଖିଥିଲେ I

(ସୁସମାଚାର, ସମୁଦ୍ର, ପିଲାତ, ପାଉଲ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି 1: 15-18
- ପ୍ରେରିତ 22: 25
- ପ୍ରେରିତ 28: 14
- ଯୋହନ 11: 48

ବାଇବେଲ କାହାଣୀଗୁଡ଼ିକରୁ ଉଦାହରଣଗୁଡ଼ିକ:

- **23:4** ଯେତେବେଳେ ମରିୟମଙ୍କ ପ୍ରସବ କାଳ ପାଖେଇ ଆସିଲା, **ରୋମୀୟ** ଅଧିକାରୀ ପ୍ରତ୍ୟେକ ବ୍ୟକ୍ତିକୁ ଜନଗଣନା କରିବା ନିମନ୍ତୁ ନାମ ଲେଖାଇବାକୁ ଆପଣାମାନଙ୍କ ପୈତୃକ ନଗରୀକୁ ଯିବା ନିମନ୍ତେ ଘୋଷଣା କଲେ I
- **32:6** ତା'ପରେ ଯୀଶୁ ସେହି ଭୂତକୁ ପଚାରିଲେ, ତୋହର ନାମ କ'ଣ ?" ସେ ଉତ୍ତର ଦେଲା," ମୋହର ନାମ ବାହୀନୀ, କାରଣ ଆମେ ଅନେକ I" (ଗୋଟିଏ ବାହୀନୀ କହିଲେ **ରୋମୀୟ** ସୈନ୍ୟବାହୀନୀର ଅନେକ ହଜାର ସୈନ୍ୟର ଦଳ ଅଟେ I)
- **39:9** ଅତି ପ୍ରଭାତରେ ଯିହୁଦୀୟ ନେତାମାନେ ଯୀଶୁଙ୍କୁ **ରୋମୀୟ** ସମ୍ରାଟ ପିଲାତଙ୍କ ନିକଟକୁ ଆଣିଲେ; ସେମାନେ ତାହାଙ୍କ ଦ୍ୱାରା ଯୀଶୁଙ୍କୁ ବଧ କରିବା ନିମନ୍ତେ ଅପେକ୍ଷା କରୁଥିଲେ I
- **39:12 ରୋମୀୟ** ସୈନ୍ୟମାନେ ଯୀଶୁଙ୍କୁ ବେତ୍ରାଘାତ କଲେ ଏବଂ ଏକ ରାଜକୀୟ ବସ୍ତ୍ର ପିନ୍ଧାଇଲେ ଏବଂ ଏକ କଣ୍ଟାର ମୁକୁଟ ପ୍ରସ୍ତୁତ କରି ମସ୍ତକରେ ପିନ୍ଧାଇଲେ I ତା'ପରେ ସେମାନେ ତାହାଙ୍କୁ ପରିହାସ କରି କହିବାକୁ ଲାଗିଲେ, ଦେଖ, "ଯିହୁଦୀମାନଙ୍କ ରାଜା !"

ଶବ୍ଦବିନ୍ୟାସ :

- Strong's: G45140, G45160

ଲବଣ ସମୁଦ୍ର, ମୃତ ସାଗର

ତଥ୍ୟାବଳି:

ଲବଣ ସମୁଦ୍ର (ଯାହାକୁ ମୃତ ସାଗର ମଧ୍ୟ କୁହାଯାଏ) ଇସ୍ରାଏଲ ଉତ୍ତର ଦିଗର ପଶ୍ଚିମ ଭାଗ ଏବଂ ମୋୟାବ ଏହାର ପୂର୍ବ ଦିଗରେ ଅବସ୍ଥିତ

- ଏହାର ଉତ୍ତର ଦେଇ ଜର୍ଦ୍ଦନ ନଦୀ ଲବଣ ସମୁଦ୍ର କୁ ପ୍ରଭାହିତ ହେଉଛି
- ଯେହେତୁ ଏହା ଅନ୍ୟ ସାଗର ଅପେକ୍ଷା ଛୋଟ, ସେଥିପାଇଁ ଏହାକୁ "ଲବଣ ସମୁଦ୍ର" ବୋଲି କୁହାଯାଏ
- ଏହି ସମୁଦ୍ରରେ ପ୍ରଚୁର ଖଣିଜ (କିମ୍ବା "ଲବଣ") ଫଳରେ ଏହାର ପାଣିରେ କୌଣସି ବିଷୟ୍ ବଞ୍ଚିପାରିବା ନାହିଁ

"ମୃତ ସାଗର" ପରିବେଶ କାରଣରୁ କୌଣସି ଉଦ୍ଦଦ କିମ୍ବା ପଶୁ ଦେଖିବାକୁ ମିଳେନାହିଁ

- ପୁରାତନ ନିୟମରେ, ଏହି ସମୁଦ୍ର କୁ "ପଦାଭୁମୀ" ଏବଂ "ନାଗେବା ସମୁଦ୍ର" କୁହାଯାଏ ଯେହେତୁ ପଦାଭୁମୀ ଓ ନଗେବା ଅଞ୍ଚଳ ନିକଟସ୍ଥ ଏହାର ଅବସ୍ଥିତି

(ଅନୁବାଦ ପ୍ରସ୍ତାବ: ନାମ ଗୁଡିକର ଅନୁବାଦ)

(ଦେଖ: ଅମ୍ମୋନ, ପଦାଭୁମୀ, ଜର୍ଦ୍ଦନ ନଦୀ, ମୋୟାବ, ନଗେବା)

ବାଇବଲର ସନ୍ଦର୍ଭ:

- ୨ୟ ବଂଶାବଳି ୨୦:୧-୨
- ଦ୍ୱିତୀୟ ବିବରଣ ୦୩:୧୭
- ଯିହୋଶୂୟ ୦୩:୧୪-୧୬
- ଗଣନା ୩୪:୧-୩

ବୋର୍ଡ ଡାଟା :

- Strong's: H3220, H4417

ଲାଜାର

ତଥ୍ୟ:

ଲାଜାର ଓ ତାର ଭଉଣୀମାନେ ମାର୍ଥା ଓ ମରିୟମ, ଯୀଶୁଙ୍କର ବିଶେଷ ବନ୍ଧୁଥିଲେ I ଯୀଶୁ ଅନେକ ସମୟରେ ବେତହାନିରେ ତାହାଙ୍କ ଘରେ ରହୁଥିଲେ I

- ଲାଜାର ଯୀଶୁଙ୍କର ଦ୍ୱାରା ଅନେକ ଦିନ କବରରେ ରହିଲା ପରେ ମୃତ୍ୟୁରୁ ଉତ୍ଥିତ ହୋଇ ଥିବା ହେତୁ ଜଣାଶୁଣା ଅଟନ୍ତି I
- ଯିହୁଦୀ ନେତାମାନେ ଯୀଶୁଙ୍କ ଉପରେ କ୍ରୋଧିତ ହେଲେ ଓ ତାହାଙ୍କୁ ହିଂଶା କଲେ କାରଣ ସେ ଏହି ଆଶ୍ଚର୍ଯ୍ୟକର୍ମ କଲେ, ସେମାନେ ଯୋଜନା କଲେ କି ଯୀଶୁ ଓ ଲାଜାର କୁ କତ୍ୟା କରିବେ I
- ଯୀଶୁ ଏକ ଦୃଷ୍ଟାନ୍ତ ଗରିବ ଭିକାରୀ ଓ ଧନୀ ବ୍ୟକ୍ତି ବିଷୟରେ କହିଲେ ଯେଉଁଠାରେ ଭିକାରୀ ର ନାମ “ଲାଜାର”ଥିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଭିକ, ଯିହୁଦୀ ନେତା, ମାର୍ଥା, ମରିୟମ, ଉତ୍ଥିତ)

ବାଇବଲ ପଦପର୍ବ:

- ଯୋହନ ୧୧:୧୦-୧୧
- ଯୋହନ ୧୨:୧-୩
- ଲୁକ ୧୬:୧୯-୨୧

ବାଇବଲ କାହାଣୀ ରୁ ଉଦାହରଣ:

- **୩୭:୦୧** ଗୋଟିଏ ଦିନ, ଯୀଶୁ ଏକ ଖବର ପାଇଲେ କି **ଲାଜାର** ଅତି ପୀଡିତଥିଲେ, **ଲାଜାର**ଓ ତାର ଦୁଇ ଭଉଣୀ ମାର୍ଥା ଓ ମରିୟମ ଯୀଶୁଙ୍କର ନିକଟତମ ବନ୍ଧୁଥିଲେ I
- **୩୭:୦୨** ଯୀଶୁ କହିଲେ, “ଆମର ବନ୍ଧୁ **ଲାଜାର**ସୟନ କରୁ ଅଛନ୍ତି, ତେବେ ସେ ଶୀଘ୍ର ଠିକ ହୋଇ ଯିବ “
- **୩୭:୦୩** ଯୀଶୁଙ୍କର ଶିଷ୍ୟମାନେ ଉତ୍ତର ଦେଲେ, ପ୍ରଭୁ, ଯଦି **ଲାଜାର** ସୋଇ ଅଛି, ତେବେ ସେ ଭଲ ହୋଇ ଯିବ I

ପରେ ଯୀଶୁ ସ୍ପଷ୍ଟ ରୂପରେ ତାହାଙ୍କୁ କହିଲେ _ଲାଜାର _ ମରି ଯାଇ ଅଛି I

- **୩୭:୦୪** ଯେତେବେଳେ ଯୀଶୁ **ଲାଜାର** ଘରକୁ ଆସିଲେ, ଲାଜାର ଚାରି ଦିନ ହେଲାଣି ମରି ଯାଇଥିଲା I
- **୩୭:୦୬** ଯୀଶୁ ସେମାନଙ୍କୁ କହିଲେ, “**ଲାଜାରକୁ**କେଉଁଠାରେ ରଖି ଅଛ?
- **୩୭:୦୯** ଯୀଶୁ ଚିତ୍କାର କରି କହିଲେ, “**ଲାଜାର**ବାହାରି ଆସ !” I
- **୩୭:୧୦** ତେଣୁ **ଲାଜାର**ବାହାରି ଆସିଲା I

ସେ ସେହି ସମୟରେ କବର ବସ୍ତ୍ରରେ ରେ ଆବୃତ ହୋଇଥିଲେ I

- **୩୭:୧୧** କିନ୍ତୁ ଯିହୁଦୀ ନେତାମାନେ ତାହାଙ୍କୁ ହିଂଶା କଲେ ଓ ଏକତ୍ରିତ ହୋଇ ସେମାନେ ଯୋଜନା କଲେ କି ଯୀଶୁ ଓ **ଲାଜାର** କୁ କିପରି କତ୍ୟା କରିବେ I

ବୋର୍ଡ ଡାଟା :

- Strong's: G2976

ଲାବାନ

ତଥ୍ୟ:

ପୁରାତନ ନିୟମରେ, ଲାବାନ ଯାକୁବର ମାମୁ ଓ ସସୁର ଅଟେ I

- ଯାକୁବ ଲାବାନର ଖାନଦାନରେ ପଦନ ଆରାମରେ ବାସ କଲା ଓ ବିବାହ ସର୍ତ୍ତରେ ଲାବାନର ମେଷ ପଲ ଓ ଛାଗ ପଲାର ଯତ୍ନ ନେଲା I

ଯାକୁବର ପସନ୍ଦ ଲାବାନର ପୁତ୍ରୀ ରାହେଲ ବିବାହ ନିମନ୍ତ୍ରେଥିଲା I

- ଲାବାନ ଯାକୁବ କୁ ଠକିଲା ଓ ରାହେଲ ସହିତ ତାର ବିବାହ ଦେବା ପୂର୍ବ ରୁ ତାର ବଡ଼ ଝିଅ ଲେହା ସହିତ ତାର ବିବାହ କରିଦେଲେ I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଯାକୁବ, ନାହୋର, ଲେହା, ରାହେଲ)

ବାଇବଲ ପଦପର୍ବ:

- ଆଦିପୁସ୍ତକ ୨୪:୨୮-୩୦
- ଆଦିପୁସ୍ତକ ୨୪:୫୦-୫୧
- ଆଦିପୁସ୍ତକ ୨୭:୪୩-୪୫
- ଆଦିପୁସ୍ତକ ୨୮:୧-୨
- ଆଦିପୁସ୍ତକ ୨୯:୪-୬
- ଆଦିପୁସ୍ତକ ୨୯:୧୩-୧୪
- ଆଦିପୁସ୍ତକ ୩୦:୨୫-୨୬
- ଆଦିପୁସ୍ତକ ୪୬:୧୬-୧୮

ବୋର୍ଡ ଡାଟା :

- Strong's: H3837

ଲୁସ୍ତ୍ରା

ସତ୍ୟ ଘଟଣାବଳୀ:

ଲୁସ୍ତ୍ରା ପ୍ରାଚୀନ ଏସିଆ ପ୍ରଦେଶର ଏକ ସହର ଥିଲା ଯେଉଁଠାକୁ ପାଉଲ ତାଙ୍କର ଏକ ମିଶନାରୀ ଯାତ୍ରା ସମୟରେ ଯାଇଥିଲେ I ଏହା ଇକନୀୟ ଅଞ୍ଚଳରେ ଅବସ୍ଥିତ ଥିଲା ଯାହା ବର୍ତ୍ତମାନ ଆଧୁନିକ ତୁର୍କୀ ଅଟେ I

- ଇକନୀୟରେ ଯିହୁଦୀମାନେ ସେମାନଙ୍କୁ ଧମକ ଦେବାରୁ ପାଉଲ ଏବଂ ତାଙ୍କ ସାଥୀମାନେ ଦର୍ବୀ ଏବଂ ଲୁସ୍ତ୍ରାକୁ ପଳାଇ ଯାଇଥିଲେI
- ଲୁସ୍ତ୍ରାଠାରେ, ପାଉଲ ତୀମଥିଙ୍କୁ ଭେଟିଥିଲେ, ଯିଏ ଜଣେ ସହ -ପ୍ରଚାରକ ମଣ୍ଡଳୀ ସ୍ଥାପନ କାରୀ ଥିଲେ I
- ପାଉଲ ଲୁସ୍ତ୍ରାଠାରେ ଜଣେ ପଙ୍ଗୁ ଲୋକକୁ ସୁସ୍ଥ କରିବା ପରେ ସେଠାରେ ଥିବା ଲୋକମାନେ ପାଉଲ ଏବଂ ବର୍ଣ୍ଣବ୍ବାଙ୍କୁ ଦେବତା ଭାବରେ ପୂଜା କରିବାକୁ ଚେଷ୍ଟା କଲେ, କିନ୍ତୁ ପ୍ରେରିତମାନେ ସେମାନଙ୍କୁ ଭର୍ତ୍ସନା କଲେ ଏବଂ ସେମାନଙ୍କୁ ତାହା କରିବାକୁ ଅଟକାଇଲେ I

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ପ୍ରଚାରକ, ଇକନୀୟ, ତୀମଥି ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି 3:10-13
- ପ୍ରେରିତ 14:6
- ପ୍ରେରିତ 14:8
- ପ୍ରେରିତ 14:21-22

ଶବ୍ଦବିନ୍ୟାସ :

- Strong's: G30820

ଲୂକ

ସତ୍ୟ ଘଟଣାବଳୀ:

ଲୂକ ନୂତନ ନିୟମରେ ଦୁଇଟି ପୁସ୍ତକ: ଲୂକ ଲିଖିତ ସୁସମାଚାର ଓ ପ୍ରେରିତ ପୁସ୍ତକ ଲେଖିଛନ୍ତି I

- କଲସୀୟ ମଣ୍ଡଳୀକୁ ପତ୍ରରେ ପାଉଲ ଲୂକଙ୍କୁ ଏକ ଚିକିତ୍ସକ ରୂପରେ ସମ୍ବୋଧିତ କରିଛନ୍ତି I ପାଉଲ ତାହାଙ୍କର ଆଉ ଦୁଇଟି ପତ୍ରରେ ଲୂକଙ୍କର ନାମ ଉଲ୍ଲେଖ କରିଛନ୍ତି I
- ଏପରି କୁହାଯାଏ କି ଲୂକ ଏକ ବିଜାତୀ ଓ ଗ୍ରୀକ୍ ଲୋକ ଯେ ଯୀଶୁଙ୍କୁ ଜାଣିଲେ I ତାହାଙ୍କର ସୁସମାଚାରରେ, ଲୂକ ଅନେକ ବିଷୟ ଲେଖିଛନ୍ତି ଯାହା ଉଭୟ ଯିହୂଦୀ ଓ ଅଣଯିହୂଦୀମାନଙ୍କ ପାଇଁ ଯୀଶୁଙ୍କ ପ୍ରେମକୁ ଅନ୍ତର୍ଭୁକ୍ତ କରେ I
- ଲୂକ ପାଉଲଙ୍କର ଦୁଇଟି ମିଶନାରୀ ଯାତ୍ରାରେ ସହଭାଗୀ ଥିଲେ ଓ ତାହାଙ୍କର ସେବାରେ ସହାୟକ ଥିଲେ I
- ପ୍ରାରମ୍ଭିକ ମଣ୍ଡଳୀଗୁଡ଼ିକୁ ପତ୍ର ଗୁଡ଼ିକରେ ଲୂକ ସିରିୟାର ଆନ୍ତିୟଖିଆ ସହରରେ ଜନ୍ମଗ୍ରହଣ କରିଥିଲେ ବୋଲି ଉଲ୍ଲେଖ ଅଛି I

(ନାମଗୁଡ଼ିକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ଆନ୍ତିୟଖିଆ, ପାଉଲ, ସିରିୟା ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି 4:11-13
- କଲସୀୟ 4:12-14
- ଫିଲିମନ 1:24

ଶବ୍ଦବିନ୍ୟାସ :

- Strong's: G30650

ଲେବାନନ

ତଥ୍ୟ:

ଲେବାନନ ଏକ ସୁନ୍ଦର୍ ପର୍ୱତ ଅଞ୍ଚଳ ଭୁମଧ୍ୟ ସାଗରର ତଟରେ ଓ ଇସ୍ରାଏଲ ର ଉତ୍ତରରେ ଅବସ୍ଥିତ ଅଟେ I ବାଇବଲ ସମୟରେ ଏହି ଅଞ୍ଚଳ ଘନ ଫିର୍ କାଠରେ ଭର୍ତୀଥିଲା ଯେପରି କି ଦେବଦାରୁ ଗଛ ଓ ସଇପ୍ରେସ ଗଛାମାନଥିଲା I

- ରାଜା ସଲମନ ଲେବାନନ କୁ ଶ୍ରମିକ ପଠାଇଥିଲେ କି ଦେବଦାରୁ ଗଛର କାଠ ଆଣିବେ ଯାହା ପରମେଶ୍ୱରଙ୍କର ମନ୍ଦିର ନିର୍ମାଣରେ କାମରେ ଆସିବ I
- ପୁରାତନ ଲେବାନନରେ ଫନିସିୟ୍ ଲୋକମାନେ ବାସ କରୁଥିଲେ, ଯେଉଁମାନେ ଜଳ ଜାହାଜ ନିର୍ମାଣ କରିବାରେ ନିପୁଣଥିଲେ ଯାହା ଏକ ସଫଳ ବ୍ୟବସାୟ ଉଦ୍ୟୋଗ ରୂପରେ ବ୍ୟବହୃତ ହେଉଥିଲା I
- ତଇଆର ଓ ସିଦୋନ ସହର ଲେବାନନରେ ଅବସ୍ଥିତଥିଲେ I

ଏହା ସେହି ସହର ଯେଉଁଠାରେ ମୁଲ୍ୟବାନ ବାଇଗଣୀ ଡାଇ ପ୍ରଥମେ ବ୍ୟବହାର କରା ଗଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଦେବଦାରୁ, ସଇପ୍ରେସ, ଫିରୀ, ଫେନିସିୟ୍)

ବାଇବଲ ପଦପର୍ବ:

- ୧ ରାଜାବଳି ୦୪:୩୨-୩୪
- ୨ ବଂଶାବଳି ୦୨:୮-୧୦
- ବ୍ୟବସ୍ଥାବିବରଣ ୦୧:୭-୮
- ଗୀତସଂହିତା ୦୨୯:୩-୫
- ଯିଖରୀୟ୍ ୧୦:୮-୧୦

ବୋର୍ଡ ଡାଟା :

- Strong's: H3844

ଲେବିଆଥନ

ତଥ୍ୟ:

"ଲେବିଆଥନ "ଶବ୍ଦ ଏକ ବଡ଼ ଓ ଲୁପ୍ତ ହୋଇ ଯାଇଥିବା ପଶୁ କୁ ଦର୍ଶାଏ ଯାହା ଆରମ୍ଭ ର ପୁରାତନ ନିୟମରେ ଲିଖିତ ଅଛି: ଆୟୁବ. ଗୀତସଂହିତା ଓ ଯିଶାଇୟ I

- ଲିବିଆଥାନ କୁ ସାପ ପରି ଏକ ବଡ଼ ସବଳ ଓ ଭୟାନକ ଓ ପାଣି କୁ ଉଖୁଳାଇ ଦିଏ ରୂପରେ ବ୍ୟାଖ୍ୟା କରାଯାଇଅଛି I

ଏହା ଏହି ପରି ବର୍ଣ୍ଣନା କି ଲାଗେ ଦାଇନସର I

- ଭବିଷ୍ୟବକ୍ତା ଯିଶାଇୟ ଲେବିଆଥନ କୁ "ଧିର ଗତି ର ସର୍ପ" ରୂପରେ ଦର୍ଶାଇ ଅଛନ୍ତି I

ଆୟୁବ ଲେବିଆଥନ କୁ ଚକ୍ଷୁ ଦର୍ଶୀ ରୂପରେ ଲେକଖୀ ଅଛି ତେଣୁ ଏହି ପଶୁ ତାହା ସମୟରେ ହୋଇ ଥାଇପାରେ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖାଣୁ: ଯିଶାଇୟ, ଆୟୁବ, ସାପ)

ବାଇବଲ ପଦପର୍ବ:

- ଆୟୁବ ୦୩:୮-୧୦
- ଗୀତସଂହିତା ୧୦୪:୨୫-୨୬

ବୋର୍ଡ ଡାଟା :

- Strong's: H3882

ଲେବୀ, ଲେବିୟ

ପରିଭାଷା:

ଲେବୀ ଯାକୁବର ତୃତୀୟ ସନ୍ତାନ ଥିଲେ I ସେ ଲେୟାଙ୍କର ତୃତୀୟ ପୁତ୍ର ଥିଲେ। ତାଙ୍କର ବଂଶଧରମାନେ ଇସ୍ରାଏଲର ଗୋଟିଏ ଗୋଷ୍ଠୀ ହେଲେ I

- ତାଙ୍କଠାରୁ ଆସିଥିବା ଗୋଷ୍ଠୀ "ଲେବୀ ଗୋଷ୍ଠୀ" କିମ୍ବା "ଲେବୀୟ" ଭାବରେ ପରିଚିତ ହେଲେ I
- ଲେବୀ ନାମ ପାଇଁ ହିବ୍ରୁ ଶବ୍ଦ "ଯୋଗଦାନ" ଶବ୍ଦ ସହ ସମାନ ଅଟେ I
- ଅନ୍ୟ ଗୋଷ୍ଠୀ ପରି, ଲେବୀ ଗୋଷ୍ଠୀ କିଣାନରେ ଏକୀକୃତ ଭୂମିର ଉତ୍ତରାଧିକାରୀ ହୋଇନଥିଲେ I ଏହା ପରିବର୍ତ୍ତେ, ସେମାନେ ଅନ୍ୟ ଗୋଷ୍ଠୀର ବିଭିନ୍ନ ଅଞ୍ଚଳରେ ବିସ୍ତୃତ ବିଭିନ୍ନ ସହରକୁ ଉତ୍ତରାଧିକାରୀ ହୋଇଥିଲେ I
- ଲେବୀର ଗୋଷ୍ଠୀ ତମ୍ବୁର ଯତ୍ନ (ପରବର୍ତ୍ତୀ ସମୟରେ ମନ୍ଦିରର) ନେବା ଏବଂ ଇସ୍ରାଏଲୀୟମାନଙ୍କ ପାଇଁ ବଳିଦାନ ଓ ପ୍ରାର୍ଥନା କରିବା ସହିତ ଧାର୍ମିକ ରୀତିନୀତି କରିବା ପାଇଁ ଦାୟୀତ୍ୱରେ ଥିଲେ।
- ପୁରାତନ ନିୟମରେ, ଏହା ସର୍ବଦା ସ୍ପଷ୍ଟ ନୁହେଁ ଯେ "ଲେବୀୟ" ଶବ୍ଦ ସାଧାରଣତ ଲେବୀର ବଂଶଧରମାନଙ୍କୁ କିମ୍ବା ମନ୍ଦିରରେ ସେବା କରୁଥିବା ବ୍ୟକ୍ତି ଯିଏ ଯାଜକମାନଙ୍କୁ ସାହାଯ୍ୟ କରେ ତାହାକୁ ବୁଝାଏ କି ନାହିଁ ତାହା ସ୍ପଷ୍ଟ ନୁହେଁ I
- ପୁରାତନ ନିୟମ ନିୟମ ଅନୁଯାୟୀ ସମସ୍ତ ଯାଜକମାନଙ୍କୁ ଲେବୀ ବଂଶରୁ ମନୋନୀତ କରାଯିବା ଉଚିତଥିଲା I ଲେବୀୟ ଯାଜକମାନେ ଅଲଗା ହୋଇ ମନ୍ଦିରରେ ଈଶ୍ୱରଙ୍କ ସେବା କରିବାର ବିଶେଷ କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ ଥିଲେ I
- "ଲେବୀ" ନାମକ ଅନ୍ୟ ଦୁଇଜଣ ବ୍ୟକ୍ତି ଯୀଶୁଙ୍କ ପୂର୍ବଜ ଥିଲେ। ସେମାନଙ୍କ ନାମ ଲୂକ ସୁସମାଚାରରେ ବଂଶାନୁକ୍ରମିକ ତାଲିକାରେ ଉଲ୍ଲେଖ ଅଛି I
- ଯୀଶୁଙ୍କର ଶିଷ୍ୟ ମାଥିଉକୁ ମଧ୍ୟ ଲେବୀ କୁହାଯାଉଥିଲା I

(ମାଥିଉ, ଯାଜକ, ବଳିଦାନ, ମନ୍ଦିର, ଇସ୍ରାଏଲର ବାରଜାତି: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 2:1-2
- 1 ରାଜାବଳୀ 8:3-5
- ପ୍ରେରିତ 4:36-37
- ଆଦିପୁସ୍ତକ 29:34
- ଯୋହନ 1:19-21
- ଲୂକ 10:32

ଶବ୍ଦବିନ୍ୟାସ:

- Strong's: H3878, H3879, H3881, G30170, G30180, G30190, G30200

ଲେମକ

ସତ୍ୟ ଘଟଣାବଳୀ:

ଆଦିପୁସ୍ତକରେ ଲେମକ ନାମକ ଦୁଇ ବ୍ୟକ୍ତିର ନାମ ଉଲ୍ଲେଖ ଅଛି I

- ପ୍ରଥମ ଲେମକ କୟିନର ବଂଶଧର ଅଟେ I ସେ ଜଣେ ବ୍ୟକ୍ତିକୁ ଆଘାତ ଦେଇ ହତ୍ୟା କରିଛି ବୋଲି ସେ ତାର ଦୁଇ ପତ୍ନୀ ନିକଟରେ ଗର୍ବ କରିଥିଲା I
- ଦ୍ୱିତୀୟ ଲେମକ ଶେଥର ବଂଶଧର ଅଟେ I ଯେ ନୋହର ପିତା ମଧ୍ୟ ଥିଲା I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(କୟିନ, ନୋହ, ଶେଥ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 4:18-19
- ଆଦିପୁସ୍ତକ 4:24
- ଆଦିପୁସ୍ତକ 5:25
- ଆଦିପୁସ୍ତକ 5:29
- ଆଦିପୁସ୍ତକ 5:31
- ଲୂକ 3:36

ଶବ୍ଦବିନ୍ୟାସ :

- Strong’s: H3929, G29840

ଲେୟା

ସତ୍ୟ ଘଟଣାବଳି:

ଲେୟା ଯାକୁବଙ୍କ ଭାର୍ଯ୍ୟମାନଙ୍କ ମଧ୍ୟରୁ ଜଣେ ଥିଲେ I ସେ ରାହେଲଙ୍କ ବଡ ଭଉଣୀ ଏବଂ ଯାକୁବଙ୍କ ଛଅଟି ପୁତ୍ରର: ରୁବେନ, ଶିମୋନ, ଲେବୀ, ଯିହୁଦା, ଇସାଖର ଏବଂ ସବୂଲୂନର ମାତା ଥିଲେ । ସେ ଯାକୁବଙ୍କ କନ୍ୟା ଦିନାଙ୍କ ମାତା ମଧ୍ୟ ଥିଲେ I

- ଆଦି ପୁସ୍ତକରେ ଲେୟାଙ୍କ ପିତା ଲାବନ ରାହେଲଙ୍କୁ ବିବାହ କରେଇବା ପୂର୍ବରୁ ଯାକୁବଙ୍କୁ କିପରି ପ୍ରତାରଣା କରିଥିଲେ ତାହାର କାହାଣୀ ବର୍ଣ୍ଣନା କରେ I
- ଈଶ୍ୱର ଲେୟାଙ୍କୁ ଅନେକ ସନ୍ତାନ ଦେଇ ଆଶୀର୍ବାଦ କଲେ, ତଥାପି ତାଙ୍କ ସ୍ୱାମୀ ଯାକୁବ ରାହେଲଙ୍କୁ ତାଙ୍କ ଅପେକ୍ଷା ଅଧିକ ପ୍ରେମ କଲେ I
- ଲେୟା ଉଭୟ ରାଜା ଦାଉଦ ଏବଂ ଯୀଶୁଙ୍କ ପୈତୃକ ମାତା ଅଟନ୍ତି I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକୁ କିପରି ଅନୁବାଦ କରାଯିବ)

(ଯାକୁବ, ଯିହୁଦା, ଲାବାନ, ରାହେଲ, ରିବିକା, ଇସ୍ରାଏଲର ବାର ଗୋଷ୍ଠୀ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଆଦିପୁସ୍ତକ 29:17
- ଆଦିପୁସ୍ତକ 29: 28
- ଆଦିପୁସ୍ତକ 31:6
- ରୂତ 4:11

ଶବ୍ଦବିନ୍ୟାସ :

- Strong's: H3812

ଲୋଟ

ସତ୍ୟ ଘଟଣାବଳୀ:

ଲୋଟ ଅବ୍ରହାମଙ୍କର ପୁତୁରା ଥିଲେ I

- ସେ ଅବ୍ରହାମଙ୍କର ଭାଇ ହାରଣର ପୁତ୍ର ଥିଲେ I
- ଲୋଟ ଅବ୍ରହାମ ସହ କିଣାନ ଦେଶକୁ ଯାତ୍ରା କଲେ ଓ ସଦୋମ ସହରରେ ବସବାସ କଲେ I
- ଲୋଟ ମୋୟାବୀୟ ଓ ଆମନୀୟର ବଂଶଧର ଥିଲେ I
- ଯେତେବେଳେ ଶତ୍ରୁ ରାଜାମାନେ ସଦୋମକୁ ଆକ୍ରମଣ କରି ଲୋଟକୁ ବନ୍ଦୀ କଲେ ତେବେ ଅବ୍ରହାମ ତାହାର କେତେକ ଲୋକ ଆଣି ଲୋଟ ଓ ତାହାର ସମସ୍ତ ସମ୍ପତ୍ତିକୁ ଉଦ୍ଧାର କଲେ I
- ସଦୋମ ସହରରେ ରହୁଥିବା ଲୋକମାନେ ଅତି ଦୁଷ୍ଟଥିଲେ, ତେଣୁ ଈଶ୍ୱର ସେହି ସହରକୁ ନଷ୍ଟ କଲେ I କିନ୍ତୁ ସେ ପ୍ରଥମରେ ଲୋଟ ଓ ତାର ପରିବାରକୁ କହିଲେ, ସେହି ସହର ଛାଡ଼ି ଦେବାକୁ ଯାହା ଦ୍ୱାରା ସେମାନେ ସୁରକ୍ଷିତ ରହିବେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଅବ୍ରହାମ, ଆମୋନ, ହାରଣ, ମୋଆବ, ସଦୋମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ପିତର 2:8
- ଆଦିପୁସ୍ତକ 11:27-28
- ଆଦିପୁସ୍ତକ 12:4-5

ଶବ୍ଦବିନ୍ୟାସ:

- Strong’s: H3876, G30910

ଶମରୀୟା, ଶମରୀୟ

ସତ୍ୟ ଘଟଣାବଳୀ:

ଶମରୀୟା ଇସ୍ରାଏଲର ଉତ୍ତର ଭାଗର ଏବଂ ଏହାର ଆଖପାଖ ଅଞ୍ଚଳର ଏକ ସହରର ନାମ ଥିଲା । ଏହି ଅଞ୍ଚଳ ଏହାର ପଶ୍ଚିମରେ ଶାରୋଣର ସମସ୍ତ ତଳିଭୂମିଏବଂ ପୂର୍ବରେ ଜର୍ଦ୍ଦନ ନଦୀ ମଧ୍ୟରେ ଅବସ୍ଥିତ ଥିଲା ।

- ପୁରାତନ ନିୟମରେ, ଶମରୀୟା ଇସ୍ରାଏଲ ଉତ୍ତର ରାଜ୍ୟର ରାଜଧାନୀ ଥିଲା ପରବର୍ତ୍ତୀ ସମୟରେ ଏହାର ଚତୁପାର୍ଶ୍ୱ ଅଞ୍ଚଳଗୁଡ଼ିକୁ ମଧ୍ୟ ଶମରୀୟା କୁହାଗଲା।
- ଯେତେବେଳେ ଅଶୂରୀୟମାନେ ଇସ୍ରାଏଲର ଉତ୍ତର ରାଜ୍ୟକୁ ଅଧିକାର କଲେ, ସେମାନେ ଶମରୀୟା ସହରକୁ ମଧ୍ୟ ଅଧିକାର କଲେ ଓ ଉତ୍ତର ଇସ୍ରାଏଲ ଲୋକମାନଙ୍କୁ ବଳ ପୂର୍ବକ ସେହି ଅଞ୍ଚଳରୁ ବିତାଡିତ କରି ଅଶୂରୀୟମାନଙ୍କ ଭିନ୍ନ ସହରକୁ ପଠାଇଦେଲେ ।
- ଶମରୀୟା ଅଞ୍ଚଳକୁ ଅଶୂରୀୟମାନେ ବିଦେଶୀମାନଙ୍କୁ ଆଣିଲେ ଓ ବିତାଡିତ ଇସ୍ରାଏଲ ଲୋକମାନଙ୍କ ସ୍ଥାନରେ ସେମାନଙ୍କୁ ଥଇଥାନ କଲେ ।
- କେତେକ ଇସ୍ରାଏଲୀୟମାନେ ସେହି ଅଞ୍ଚଳରେ ରହିଲେ, ସେମାନେ ବାହାରୁ ଥଇଥାନ ହୋଇଥିବା ବିଦେଶୀମାନଙ୍କୁ ବିବାହ କଲେ ଏବଂ ସେମାନଙ୍କର ସନ୍ତାନମାନେ ଶମରୀୟ କୁହାଗଲେ।
- ଯିହୁଦୀମାନେ ଶମରୀୟମାନଙ୍କୁ ଅବହେଳିତ କରୁଥିଲେ କାରଣ ସେମାନେ ଅର୍ଦ୍ଧଯିହୁଦୀ ଥିଲେ ଓ ସେମାନଙ୍କର ପୂର୍ବ ପୁରୁଷମାନେ ମିଥ୍ୟା ଦେବାଦେବୀମାନଙ୍କର ଉପାସକ ଥିଲେ ।
- ନୂତନ ନିୟମ ସମୟରେ, ଶମରୀୟା ଅଞ୍ଚଳ ଗାଲିଲୀର ଉତ୍ତର ସୀମା ଆଡକୁ ଏବଂ ଏହାର ଉତ୍ତରକୁ ଯିହୂଦା ପ୍ରଦେଶକୁ ବିକାଶ ହୋଇଥିଲା ।

- ଇସ୍ରାଏଲୀୟ ଲୋକମାନେ ମଧ୍ୟ ଈଶ୍ୱରଙ୍କର "ବିଶେଷ ଅଧିକାରସ୍ୱରୂପ" ବୋଲି ପରିଚିତ ଥିଲେ I ଏହାର ଅର୍ଥ ସେମାନେ ତାହାଙ୍କର ଲୋକଗଣ ଭାବରେ ତାହାଙ୍କର ନିଜସ୍ୱ ଅଟନ୍ତି ଯାହାଙ୍କୁ ସେ ବିଶେଷ ଭାବରେ ତାହାଙ୍କର ସେବା କରିବା ନିମନ୍ତେ ଏବଂ ଉପାସନା କରିବା ନିମନ୍ତେ ଆହ୍ୱାନ କରାଯାଇଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଅଧିକାର କରିବା" ବାକ୍ୟାଂଶକୁ "ନିଜସ୍ୱ" ବା "ଲାଭ କରିବା" ବା "ଉପରେ ନୀୟନ୍ତ୍ରଣାଧିନ ହାସଲ କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ଅଧିକାର ଲାଭ କରିବା" ବକ୍ୟାଂଶକୁ ପ୍ରସଙ୍ଗ ଅନୁସାରେ "ନୀୟନ୍ତ୍ରଣାଧିନ କରିବା" କିମ୍ବା "ଅଧିକାର କରିବା" ବା "ବାସ କରିବା" ବୋଲି ଅନୁବାଦ କରାଯାଇପାରେ I
- ଯେବେ ଲୋକମାନେ କୌଣସି ବିଷୟ ହାସଲ ବା ଲାଭ କରନ୍ତି ବୋଲି ଉଲ୍ଲେଖ କରାଯାଏ, "ଅଧିକାର" ଶବ୍ଦକୁ "ନିଜସ୍ୱ ବିଷୟ" କିମ୍ବା "ସମ୍ପତ୍ତି" କିମ୍ବା "ନିଜସ୍ୱ କରିଥିବା ବିଷୟ" କିମ୍ବା "ସେମାନେ ନିଜସ୍ୱ କରିଥିବା ବିଷୟଗୁଡ଼ିକ" ବୋଲି ଅନୁବାଦ କରାଯାଇପାରେ I
- ଯେବେ ଯିହୋବା ଇସ୍ରାଏଲୀୟ ଲୋକମାନଙ୍କୁ ଆହ୍ୱାନ କଲେ, "ଆମ୍ଭର ବିଶେଷ ଅଧିକାର" ଏହି ବିଷୟକୁ ମଧ୍ୟ "ଆମ୍ଭର ବିଶେଷ ଲୋକମାନେ" କିମ୍ବା "ଆମ୍ଭର ଲୋକମାନେ" କିମ୍ବା "ଆମ୍ଭେ ପ୍ରେମ ଓ ରାଜତ୍ୱ କରୁଥିବା ଆମ୍ଭର ଲୋକମାନେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ସେମାନେ ସେମାନଙ୍କର ଅଧିକାର ହେବେ" ବାକ୍ୟାଂଶ ଯେବେ ଦେଶକୁ ସୂଚାଏ, ଏହାକୁ "ସେମାନେ ଦେଶ ଅଧିକାର କରିବେ" କିମ୍ବା "ଦେଶ ସେମାନଙ୍କର ଅଧିକାରଭୁକ୍ତ ହେବେ" ବୋଲି ଅନୁବାଦ କରାଯାଇପାରେ I
- "ତାହାଙ୍କର ଅଧିକାରଭୁକ୍ତ" ଭଳି ଅଭିବ୍ୟକ୍ତିକୁ "ସେ ତାହା ଅଧିକାର କରି ରଖିଥିଲା" କିମ୍ବା "ତାହା ସହିତ ଥିଲା" ବୋଲି ଅନୁବାଦ କରାଯାଇପାରେ I
- "ତୁମ୍ଭମାନଙ୍କର ଅଧିକାର ସ୍ୱରୂପ" ବାକ୍ୟାଂଶକୁ "କୌଣସି ବିଷୟ ତୁମ୍ଭର ନିଜର ଅଟେ" କିମ୍ବା "ତୁମ୍ଭେମାନେ ବାସ କରିବାକୁ ଯାଉଥିବା ଏକ ସ୍ଥାନ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ତାହାଙ୍କର ଅଧିକାରରେ" ବକ୍ୟାଂଶକୁ "ସେ ତାହା ଲାଭ କଲେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଦେଖନ୍ତୁ: କିଣାନ, ଉପାସନା, ଅଧିକାର)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୬:୭୦
- ପ୍ରଥମ ରାଜାବଳୀ ୯:୧୭-୧୯
- ପ୍ରେରିତ ୨:୪୫
- ଦ୍ୱିତୀୟବିବରଣ ୪:୫-୬
- ଆଦିପୁସ୍ତକ ୩୧:୩୬-୩୭
- ମାଥିଉ ୧୩:୪୪

ଶବ୍ଦବିନ୍ୟାସ:

- Strong's: H0270, H0272, H0834, H2505, H2631, H3027, H3423, H3424, H3425, H3426, H4180, H4181, H4672, H4735, H4736, H5157, H5159, H5459, H7069, G11390, G21920, G26970, G27220, G29320, G29330, G29350, G40470, G52240, G55640

ଅଧ୍ୟାଦେଶ, ବିଧି, ଆବଶ୍ୟକତା, କଠୋର ନିୟମ, ପ୍ରଥା

ପରିଭାଷା:

ଏକ ଅଧ୍ୟାଦେଶ ଏକ ସାର୍ବଜନୀନ ନିୟମାବଳୀ କିମ୍ବା ନିୟମ ଅଟେ ଯାହା ଲୋକମାନଙ୍କୁ ଅନୁସରଣ କରିବାକୁ ନିୟମ କିମ୍ବା ନିର୍ଦ୍ଦେଶ ଦେଇଥାଏ । ଏହି ଶବ୍ଦ "ଆଦେଶ" ଶବ୍ଦ ସହ ସମ୍ପୃକ୍ତ ଅଟେ ।

- ବେଳେବେଳେ ଏକ ଅଧ୍ୟାଦେଶ ଏକ ପ୍ରଥା ଯାହା ବର୍ଷ ବର୍ଷ ଧରି ଅଭ୍ୟାସ ମାଧ୍ୟମରେ ଭଲ ଭାବରେ ପ୍ରତିଷ୍ଠିତ ଥିବା ବିଷୟକୁ ବୁଝାଏ ।
- ବାଇବେଲରେ, ଏକ ଅଧ୍ୟାଦେଶ ଯାହା ଈଶ୍ୱର ଇସ୍ରାଏଲୀୟମାନଙ୍କୁ କରିବାକୁ ଆଦେଶ ଦେଇଥିଲେ ତାହାକୁ ବୁଝାଏ । ବେଳେବେଳେ ସେ ସେମାନଙ୍କୁ ଏହା ସବୁଦିନ ପାଇଁ କରିବାକୁ ଆଦେଶ ଦେଇଥିଲେ ।
- ପ୍ରସଙ୍ଗ ଉପରେ ଆଧାର କରି "ଅଧ୍ୟାଦେଶ" ଶବ୍ଦକୁ "ସର୍ବସାଧାରଣ ଆଦେଶ" କିମ୍ବା "ନିୟମାବଳୀ" କିମ୍ବା "ଆଇନ" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ଆଦେଶ, ନିୟମ , ବ୍ୟବସ୍ଥା, ଅଭିଷେକ, ନିୟମାବଳୀ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ ୪:୧୩-୧୪
- ଯାତ୍ରା ପୁସ୍ତକ ୨୭:୨୦-୨୧
- ଲେବୀୟ ପୁସ୍ତକ ୮:୩୧-୩୩
- ମଲାଖୀ ୩:୬-୭

ଶବ୍ଦବିନ୍ୟାସ:

- Strong's: H2706, H4687, H4931, H4941

ଅନୁକରଣ କରିବା ବା ଅନୁକରଣ, ଅନୁକରଣକାରୀ

ସଂଜ୍ଞା:

"ଅନୁକରଣ" ଏବଂ "ଅନୁକରଣକାରୀ" ଶବ୍ଦଗୁଡ଼ିକ ସେହି ବ୍ୟକ୍ତିଙ୍କୁ ବୁଝାଏ ଯିଏ ଅନ୍ୟ କାହାକୁ ଯଥାର୍ଥ ଭାବରେ ନକଲ କରେ।

- ଖ୍ରୀଷ୍ଟିଆନମାନଙ୍କୁ ଈଶ୍ୱରଙ୍କ ଆଜ୍ଞା ପାଳନ କରି ଏବଂ ଅନ୍ୟମାନଙ୍କୁ ପ୍ରେମ କରିବା ଦ୍ୱାରା ଯୀଶୁ ଖ୍ରୀଷ୍ଟଙ୍କର ଅନୁକରଣ କରିବାକୁ ଶିକ୍ଷା ଦିଆଯାଏ, ଯେପରି ଯୀଶୁ କଲେ।
- ପ୍ରେରିତ ପାଉଲ ଆଦ୍ୟ ମଣ୍ଡଳୀକୁ ତାହାଙ୍କ ଅନୁକରଣ କରିବାକୁ କହିଲେ ଯେପରି ସେ ଖ୍ରୀଷ୍ଟଙ୍କର ଅନୁକରଣ କଲେ।

ଅନୁବାଦ ପ୍ରସ୍ତାବ:

- "ଅନୁକରଣ" ଶବ୍ଦକୁ "ସେପରି ସମାନ କାର୍ଯ୍ୟ କର" କିଅବା "ତାହାଙ୍କ ଉଦାହରଣର ଅନୁଶରଣ କର" ରୂପରେ ଅନୁବାଦ କରାଯାଇପାରେ।
- "ଈଶ୍ୱରଙ୍କ ଅନୁକରଣ କର" ଅଭିବ୍ୟକ୍ତି ଶବ୍ଦକୁ "ଏପରି ଲୋକ ହୁଅ ଯେପରି ଈଶ୍ୱର କାର୍ଯ୍ୟ କରନ୍ତି" କିଅବା "ଯେପରି ଈଶ୍ୱର କାର୍ଯ୍ୟ କରନ୍ତି ସେହି ପ୍ରକାର କାର୍ଯ୍ୟ କରିବା ଲୋକ ହୁଅ" ରୂପରେ ଅନୁବାଦ କରାଯାଇପାରେ।
- "ତୁମ୍ଭେ ଆମ୍ଭମାନଙ୍କ ଅନୁକରଣକାରୀ ହେଇଅଛ" କୁ "ତୁମ୍ଭେ ଆମ୍ଭମାନଙ୍କର ଉଦାହରଣ ଅନୁଶାରଣ କଲ" କିଅବା "ତୁମ୍ଭେ ସମାନ ପ୍ରକାର ଈଶ୍ୱରୀୟ କାର୍ଯ୍ୟ କରୁଅଛ ଯାହା ତୁମ୍ଭେ ଆମ୍ଭେମାନେ କରିବା ଦେଖିଛ" ରୂପରେ ଅନୁବାଦ କରାଯାଇପାରେ।

ବାଇବଲ ପଦପର୍ବ:

- 3 ଯୋହନ 01:11
- ମାଥିଉ 23:1-3

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H310, H6213, G1096, G2596, G3401, G3402, G4160

ଅନୁଯୋଗ କରିବା, ଭର୍ତ୍ସନା କରିବା

ପରିଭାଷା:

ଅନୁଯୋଗ କରିବା କାହାକୁ ମୌଖିକ ଭାବରେ କଠୋର ବାକ୍ୟରେ ସଂଶୋଧନ କରିବାକୁ ବୁଝାଏ I

- ନୂତନ ନିୟମ ଖ୍ରୀଷ୍ଟିୟାନମାନଙ୍କୁ ଆଜ୍ଞା ଦିଏ ଯେ ଅନ୍ୟ ବିଶ୍ୱାସୀମାନେ ସ୍ପଷ୍ଟ ଭାବରେ ଈଶ୍ୱରଙ୍କ ଅବାଧ୍ୟ ହେବା ବେଳେ ସେମାନେ ସେମାନଙ୍କୁ ଅନୁଯୋଗ କରିବେ I
- ହିତୋପଦେଶ ପୁସ୍ତକ ପିତାମାତାମାନଙ୍କୁ ଶିକ୍ଷା ଦିଏ ଯେ ସେମାନେ ସେମାନଙ୍କର ସନ୍ତାନମାନେ ଆବାଧ୍ୟ ହେଲେ ସେମାନଙ୍କୁ ଅନୁଯୋଗ କରିବେ I
- ଏକ ଅନୁଯୋଗ ସେହି ଲୋକମାନଙ୍କୁ କରାଯାଏ, ଯେଉଁମାନେ ଏକ ମନ୍ଦ କାର୍ଯ୍ୟ କରିଥାନ୍ତି ଏବଂ ସେମାନେ ଯେପରି ଆହୁରି ଅଧିକ ପାପରେ ଜଡ଼ିତ ନ ହୁଅନ୍ତି I
- ଏହାକୁ "କଠୋର ଭାବରେ ସଂଶୋଧନ କରିବା" କିମ୍ବା "ବାଧ୍ୟତାପୂର୍ଣ୍ଣ ଅନୁଯୋଗ" ବୋଲି ଅନୁବାଦ କରାଯାଇପାରେ I
- "ଅନୁଯୋଗ" ଶବ୍ଦକୁ "ଏକ କଠୋର ସଂଶୋଧନ" କିମ୍ବା "କଠୋର ଭର୍ତ୍ସନା କରିବା" କିମ୍ବା ସମାଲୋଚନା କରିବା" ବୋଲି ଅନୁବାଦ କରାଯାଇପାରେ I
- "ଅନୁଯୋଗବିହୀନ" ବାକ୍ୟାଂଶକୁ "କଠୋର ସଂଶୋଧନ ନ କରିବା" କିମ୍ବା "ସମାଲୋଚନା ବିହୀନ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଅନୁଯୋଗ କରିବା, ଅମାନ୍ୟ କରିବା)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୨୧:୨୫
- ମାର୍କ ୧:୨୩-୨୬
- ମାର୍କ ୧୬:୧୪
- ମାଥିଉ ୮:୨୬-୨୭
- ମାଥିଉ ୧୭:୧୭-୧୮

ଶବ୍ଦବିନ୍ୟାସ:

- Strong's: H1605, H1606, H2778, H2781, H3198, H4045, H4148, H8156, H8433, G16490, G16510, G19690, G20080, G36790

ଅନୁରୋଧ କରିବା,ଅନୁରୋଧ, ନିବେଦନ, ପ୍ରାର୍ଥନା କରିବା

ସତ୍ୟ ଘଟଣାବଳିଗୁଡ଼ିକ:

"ଅନୁରୋଧ" ଏବଂ "ପ୍ରାର୍ଥନା କରିବା" ଶବ୍ଦଗୁଡ଼ିକର ଅର୍ଥ କାହାକୁ ଜରୁରୀ ଭାବେ କୌଣସି କାର୍ଯ୍ୟ କରିବାକୁ ଅନୁରୋଧ କରିବାକୁ ସୂଚାଏ I ଏକ "ନିବେଦନ" ଏକ ଜରୁରୀ ଅନୁରୋଧ ଅଟେ I

- ଅନେକ ସମୟରେ ଅନୁରୋଧ ଶବ୍ଦ ଜଣେ ବ୍ୟକ୍ତିର ଆବଶ୍ୟକତା କିମ୍ବା ସାହାଯ୍ୟ ମାଗିବାକୁ ସୂଚାଏ I
- ଲୋକମାନେ ଈଶ୍ୱରଙ୍କ ନିକଟରେ ଦୟା ପାଇବା ନିମନ୍ତେ ପ୍ରାର୍ଥନା କିମ୍ବା ଜରୁରୀ ନିବେଦନ କରିପାରିବେ କିମ୍ବା ତାହାଙ୍କୁ ସେମାନଙ୍କ ନିମନ୍ତେ କିମ୍ବା ଅନ୍ୟ କାହା ନିମନ୍ତେ କୌଣସି ବିଷୟ ମଞ୍ଜୁର କରିବା ନିମନ୍ତେ ଅନୁରୋଧ କରିପାରିବେ I
- ଏହାକୁ "ପ୍ରାର୍ଥନା କରିବା" କିମ୍ବା "ବିନୟ କରିବା" କିମ୍ବା "ଜରୁରୀ ଭାବରେ ଅନୁରୋଧ କରିବା" ବୋଲି ଅନୁବାଦ କରାଯାଇପାରେ I
- "ଅନୁରୋଧ" ଶବ୍ଦକୁ "ଜରୁରୀ ଅନୁରୋଧ" ବା "ଦୃଢ଼ ଆବେଦନ" ବୋଲି ଅନୁବାଦ କରାଯାଇପାରେ I
- ଏହି ବିଷୟକୁ ନିଶ୍ଚିତ କରନ୍ତୁ ଯେ, ଏହା ଏହି ପୃଷ୍ଠଭୂମିରେ ଅର୍ଥ ମାଗିବା ଅର୍ଥକୁ ଯେପରି ପ୍ରକାଶ ନକରେ I

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ କରିନ୍ଥୀୟ 8:3-5
- ବିଚାରକର୍ତ୍ତା 6:31
- ଲୂକ 4: 39
- ହିତୋପଦେଶ 18:17

ଶବ୍ଦବିନ୍ୟାସ :

- Strong's: H1777, H2603, H3198, H4941, H4994, H6279, H6293, H6664, H6419, H7378, H7379, H7775, H8199, H8467, H8469, G11890, G17930, G20650, G38700

ଅନୁର୍ବର, ଶୁଷ୍କ

ପରିଭାଷା:

"ଅନୁର୍ବର" ହେବା ଶବ୍ଦର ଅର୍ଥ ଉର୍ବର ବା ଫଳପ୍ରଦ ନ ହେବା ଅଟେ ।

- ମୃତ୍ତିକା କିମ୍ବା ଭୂମି ଯାହା ଅନୁର୍ବର ଅଟେ ତାହା ବୃକ୍ଷଲତା ଉତ୍ପନ କରିବାରେ ଅସମର୍ଥ ହୁଏ ।
- ଜଣେ ସ୍ତ୍ରୀ ଲୋକ ଯିଏକି ଶାରୀରିକ ଭାବେ ଗର୍ଭବତୀ ହୋଇ ସନ୍ତାନ ଧାରଣ କରିପାରେ ନାହିଁ ତାହାକୁ ବାଂଝ (ବନ୍ଧ୍ୟା) କୁହାଯାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେବେ ଏହି ଶବ୍ଦ ଭୂମିକୁ ସୂଚାଏ ଏହାକୁ "ଅନୁର୍ବର" କିମ୍ବା "ନିଷ୍ପଳା" କିମ୍ବା "ବୃକ୍ଷହୀନ"ବୋଲି ଅନୁବାଦ କରାଯାଇପାରେ ।
- ଯେତେବେଳେ ଏହା ଜଣେ ବନ୍ଧ୍ୟା ସ୍ତ୍ରୀକୁ ସୂଚାଏ ଏହାକୁ "ସନ୍ତାନ ବିହୀନ" କିମ୍ବା "ସନ୍ତାନ ଧାରଣ କରିବାକୁ ଅସମର୍ଥ" କିମ୍ବା "ଗର୍ଭବତୀ ହେବାକୁ ଅସମର୍ଥ" ବୋଲି ଅନୁବାଦ କରାଯାଇପାରେ ।

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ ୨:୫
- ଗାଲାତୀୟ ୪:୨୭
- ଆଦିପୁସ୍ତକ ୧୧:୩୦
- ଆୟୁବ ୩:୭

ଶବ୍ଦବିନ୍ୟାସ:

- Strong's: H4420, H6115, H6135, H6723, H7921, G06920, G47230

ଅନୁସନ୍ଧାନ କରିବା, ଅନୁସନ୍ଧାନ କରନ୍ତି, ଅନୁସନ୍ଧାନ କଲେ, ଅନେକ ଅନୁସନ୍ଧାନ

ତଥ୍ୟ:

"ଅନୁସନ୍ଧାନ" ଶବ୍ଦର ଅର୍ଥ ହେଉଛି କାହାକୁ ପଚାରି ଖବର ନେବା I

ଅଭିବ୍ୟକ୍ତି "ର ଅନୁସନ୍ଧାନ "ଅନେକ ସମୟରେ ଇଶ୍ୱରକୁ ଜ୍ଞାନ ଓ ସାହାଯ୍ୟ ନିମନ୍ତେ ପଚାରିବା କୁ ଦର୍ଶାଏ I

- ପୁରାତନ ନିୟମରେ ଅନେକ ଘଟଣା ଉଲ୍ଲେଖିତ ଅଛି କି ଲୋକମାନେ ପରମେଶ୍ୱରଙ୍କର ଅନୁସନ୍ଧାନ କଲେ I
- ଏହି ଶବ୍ଦ ରାଜା କିଅବା ଅଧିକାରୀ ହାକିମ ଅଧିକାରୀ ଅଭିଲେଖ ରୁ ଖୋଜିବାରେ ବ୍ୟବହୃତ ହୁଏ I
- ପୃଷ୍ଠଭୂମି ଉପରେ ନିର୍ଭର କରି, "ଅନୁସନ୍ଧାନ" କୁ "ପଚାରିବା" କିଅବା "ଖବର ଜାଣିବାକୁ ପଚାରିବା" ରୂପରେ ଅନୁବାଦ କରାଯାଇପାରେ I
- ଅଭିବ୍ୟକ୍ତି "ସଦାପ୍ରଭୁଙ୍କ ପାଇଁ ଅନୁସନ୍ଧାନ "କୁ "ସଦାପ୍ରଭୁଙ୍କୁ ଦିଶା ନିର୍ଦ୍ଦେଶ ନିମନ୍ତେ ପଚାରିବା" କିଅବା "ସଦାପ୍ରଭୁଙ୍କୁ ପଚାରିବା କଅଣ କରିବାକୁ ହେବ "ରୂପରେ ଅନୁବାଦ କରାଯାଏ I
- "ଅନୁସନ୍ଧାନ ନିମନ୍ତେ" କୁ "ଘଟଣା ବିଷୟରେ ପ୍ରଶ୍ନ ପଚାରିବା" କିଅବା "ଖବର ପାଇବା ନିମନ୍ତେ ପଚାରିବା "ରୂପରେ ଅନୁବାଦ କରାଯାଏ I
- ଯେତେବେଳେ ସଦାପ୍ରଭୁ କହିଲେ, 'ମୁଁ ମୋ ବିଷୟରେ ଅନୁସନ୍ଧାନ କରିବକୁ ଦେବି ନାହିଁ "ଏହାକୁ "ମୁଁ ତୁମକୁ ମୋ ଖବର ଦେବା ନିମନ୍ତେ ଅନୁମତି ଦେବି ନାହିଁ "କିଅବା ତୁମକୁ ଅନୁମତି ଦିଆଯିବ ନାହିଁ କି ମୋଠାରୁ ସାହାଯ୍ୟ ମାଗ ' ରୂପରେ ଅନୁବାଦ କରାଯାଇପାରେ I

ବାଇବଲ ପଦପର୍ବ:

- ବ୍ୟବସ୍ଥାବିବରଣ ୧୯:୧୭-୧୯
- ଯିହଜିକଲ ୨୦:୧
- ଯିହଜିକଲ ୨୦:୩୦-୩୨
- ଏଜ୍ରା ୧୦: ୪-୭
- ଆୟୁବ 10:4-7

ବୋର୍ଡ ଡାଟା :

- Strong's: H1240, H1245, H1875, G1830

ଅନୈତିକ ଯୌନ ସମନ୍ଧ , ଅନୈତିକତା, ଅନୈତିକ, ଅବୈଧ ଯୌନ ସଂଗମ

ପରିଭାଷା:

"ଅନୈତିକ ଯୌନ ସମନ୍ଧ "ସେହି ଯୌନ କ୍ରିୟାକୁ ଦର୍ଶାଏ ଯାହା ଗୋଟିଏ ପୁରୁଷ ଏବଂ ସ୍ତ୍ରୀର ବୈବାହିକ ସମନ୍ଧ ବାହାରେ ହୋଇ ଥାଏ I ଏହା ଈଶ୍ୱରଙ୍କ ଯୋଜନାର ବିପରୀତ ଅଟେ I ପୁରାତନ ଇଂରାଜୀ ବାଇବେଲ ସଂସ୍କରଣଗୁଡ଼ିକ ଏହାକୁ "ଅବୈଧ ଯୌନ ସଂଗମ" ବୋଲି ଉଲ୍ଲେଖ କରେ I

- ଏହି ଶବ୍ଦ ଯେକୌଣସି ଯୌନ ସଂଗମ ଯାହା ଈଶ୍ୱରଙ୍କ ଇଚ୍ଛା ବିରୋଧରେ ହୁଏ ତାହାକୁ ଦର୍ଶାଏ, ଏପରିକି ସମଲିଙ୍ଗୀ ବ୍ୟକ୍ତି ପ୍ରତି ଯୌନ କାମନା ଏବଂ କାମୋତ୍ତେଜନା ବୃଦ୍ଧିକାରୀ ଯୌନଚିତ୍ର ବା ଅଶ୍ଳୀଳଛବି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଅଟେ I
- ଏକ ପ୍ରକାର ଅନୈତିକ ଯୌନ ସମନ୍ଧ ବ୍ୟଭିଚାର ଅଟେ, ଏହା ଏକ ଯୌନ ସଂଗମକୁ ବୁଝାଏ ବିଶେଷ କରି ଏକ ବିବାହିତ ପୁରୁଷ ଏବଂ ଏକ ସ୍ତ୍ରୀ ମଧ୍ୟରେ ଯିଏ ତାର ଜୀବନ ସାଥୀ ନୁହେଁ I
- ଆଉ ଏକ ପ୍ରକାର ଅନୈତିକ ଯୌନ ସମନ୍ଧ "ବେଶ୍ୟାବୃତି" ଅଟେ, ଯେଉଁଥିରେ ଅର୍ଥ ପାଇଁ ଯୌନ ସମନ୍ଧ ରଖାଯାଏ I
- ଏହି ଶବ୍ଦ ସାଙ୍କେତିକ ଅର୍ଥରେ ଇସ୍ରାଏଲ ଜାତିର ଈଶ୍ୱରଙ୍କ ପ୍ରତି ଅବିଶ୍ୱସ୍ତତାକୁ ଦର୍ଶାଇବାକୁ ମଧ୍ୟ ବ୍ୟବହାର କରାଯାଏ ଯେତେବେଳେ ସେମାନେ ମିଥ୍ୟା ଦେବତାକୁ ପୂଜା କଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେଉଁ ପର୍ଯ୍ୟନ୍ତ ଶବ୍ଦର ସଠିକ ଉତ୍ତର ସ୍ପଷ୍ଟ ଅଟେ "ଅନୈତିକ ଯୌନ ସମନ୍ଧ" ଶବ୍ଦକୁ "ଅନୈତିକତା" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦକୁ "ଅନୁଚିତ ଯୌନ ସମ୍ପର୍କ" କିମ୍ବା "ବିବାହ ବାହାରେ ଯୌନ ସମନ୍ଧ" ବୋଲି ଭିନ୍ନ ପ୍ରକାରେ ଅନୁବାଦ କରାଯାଇପାରେ I
- ଏହି ଶବ୍ଦକୁ "ବ୍ୟଭିଚାର" ଶବ୍ଦଠାରୁ ଭିନ୍ନ କରି ଅନୁବାଦ କରାଯିବା ଉଚିତ୍ ଅଟେ I
- ଏହି ଶବ୍ଦର ଅନୁବାଦରେ ସାଙ୍କେତିକ ଅର୍ଥ ବ୍ୟବହାର କଲେ ସମ୍ଭବତଃ ଏହାର ଆକ୍ଷରିକ ଶବ୍ଦକୁ ବ୍ୟବହାର କରିବା ଆବଶ୍ୟକ ଅଟେ କାରଣ ବାଇବେଲରେ ଏହି ଶବ୍ଦ ସାଧାରଣତଃ ଈଶ୍ୱରଙ୍କ ପ୍ରତି ଅବିଶ୍ୱସ୍ତତା ଏବଂ ଯୌନ ସମନ୍ଧରେ ଅବିଶ୍ୱସ୍ତତାକୁ ତୁଳନା କରିବା ନିମନ୍ତେ ବ୍ୟବହାର କରାଯାଇଅଛି I

(ବ୍ୟଭିଚାର, ମିଥ୍ୟା ଦେବତା, ବେଶ୍ୟାବୃତି, ବିଶ୍ୱସ୍ତତା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରେରିତ 15:20
- ପ୍ରେରିତ 21:25-26
- କଲସୀୟ 3:5-8
- ଏଫିସୀୟ 5:3
- ଆଦି ପୁସ୍ତକ 38:24-26
- ହୋଶେୟ 4:13-14
- ମାଥିଉ 5:31-32
- ମାଥିଉ 19:7-9

ଶବ୍ଦବିନ୍ୟାସ:

- Strong's: H2181, H8457, G16080, G42020, G42030

ଅନ୍ଧକାର

ପରିଭାଷା:

"ଅନ୍ଧକାର" ଶବ୍ଦର ଆକ୍ଷରିକ ଅର୍ଥ ଆଲୋକର ଅନୁପସ୍ଥିତି ଅଟେ । ଏହି ଶବ୍ଦର ଅନେକ ସାଙ୍କେତିକ ଅର୍ଥ ମଧ୍ୟ ରହିଛି I

- ଏକ ରୂପକଭାବେ, "ଅନ୍ଧକାର" ଶବ୍ଦର ଅର୍ଥ "ଅପରିଷ୍କୃତ" କିମ୍ବା "ଆତ୍ମିକ ଅନ୍ଧତା" ଅଟେ I
- ଏହା ଯେକୌଣସି ପାପ ସମନ୍ଧିୟ ବିଷୟ ଏବଂ ଅନୈତିକ ଭ୍ରଷ୍ଟାଚାରକୁ ମଧ୍ୟ ସୂଚାଏ I
- "ଅନ୍ଧକାରର ଶକ୍ତି" ଅଭିବ୍ୟକ୍ତି ସେସମସ୍ତ ମନ୍ଦ ଏବଂ ଶୟତାନ ଦ୍ୱାରା ରାଜତ୍ୱ ହେଉଥିବା ଲୋକମାନଙ୍କୁ ବୁଝାଏ I
- "ଅନ୍ଧକାର" ଶବ୍ଦକୁ ମୃତ୍ୟୁ ପାଇଁ ମଧ୍ୟ ଉପମା ଭାବରେ ବ୍ୟବହାର କରାଯାଇପାରେ I (ଦେଖନ୍ତୁ: ଉପମା)
- ଯେଉଁ ଲୋକମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ସେହିମାନେ "ଅନ୍ଧକାର ବାସୀ" ବୋଲି ଗଣାଯାଆନ୍ତି, ଯାହାର ଅର୍ଥ ସେମାନେ ବୁଝିପାରନ୍ତି ନାହିଁ କିମ୍ବା ଧାର୍ମିକତା ଜୀବନଯାପନ କରନ୍ତି ନାହିଁ I
- ଈଶ୍ୱର ଆଲୋକ ଅଟନ୍ତି (ଧାର୍ମିକତା) ଏବଂ ଅନ୍ଧକାର (ମନ୍ଦ) କେବେ ମଧ୍ୟ ଅଲୋକ ନିକଟକୁ ଆସିପାରେ ନାହିଁ I
- ଯେଉଁମାନେ ଈଶ୍ୱରଙ୍କୁ ଅଗ୍ରାହ୍ୟ କରନ୍ତି ସେମାନଙ୍କ ଶାସ୍ତି ପାଇଁ ଯେଉଁ ଜାଗା ପ୍ରସ୍ତୁତ ହୋଇଛି ତାହା ବେଳେବେଳେ "ଅନ୍ଧକାର" କୁ ସୂଚାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ସ୍ଥାନୀୟ ଭାଷାରେ ଏକ ଶବ୍ଦ ଯାହା ଆଲୋକର ଅନୁପସ୍ଥିତିକୁ ଦର୍ଶାଏ ବ୍ୟବହାର କରି ଏହି ଶବ୍ଦକୁ ଆକ୍ଷରିକ ଭାବରେ ଅନୁବାଦ କରିବା ସର୍ବୋତ୍ତମ ଉପାୟ ଅଟେ । ଏହା ଏପରି ଏକ ଶବ୍ଦ ମଧ୍ୟ ହୋଇପାରେ ଯାହା କୋଠରୀର ଅନ୍ଧକାରକୁ କିମ୍ବା ଆଲୋକ ନଥିବା ଦିନ ସମୟକୁ ବୁଝାଏ I
- ସାଙ୍କେତିକ ବ୍ୟବହାର ପାଇଁ, ଅନ୍ଧକାରର ଚିତ୍ରକୁ ଆଲୋକର ବିପରୀତରେ ରଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ ଯାହା ଭଲ ଏବଂ ସତ୍ୟର ବିପରୀତ ମନ୍ଦ ଏବଂ ପ୍ରତାରଣାକୁ ବର୍ଣ୍ଣନା କରିବାର ଏକ ଉପାୟ ଅଟେ I
- ପ୍ରସଙ୍ଗକୁ ଆଧାର କରି, ଏହି ବକ୍ୟାଂଶକୁ "ଅନ୍ଧକାରର ରାତ୍ରୀ"(ଯାହାକି "ଦିବସର ଆଲୋକ"ର ବିପରୀତ ଅଟେ) କିମ୍ବା "କୌଣସି ବିଷୟ ଦେଖା ନ ଯିବାପରି ଅନ୍ଧକାର ସମାନ" କିମ୍ବା "ଅନ୍ଧକାରର ସ୍ଥାନପରି ମନ୍ଦ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଭ୍ରୋଷ୍ଟ, ପ୍ରଭୁତ୍ୱ, ରାଜତ୍ୱ, ଆଲୋକ, ଉଦ୍ଧାର, ଧାର୍ମିକ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ ୧:୬
- ପ୍ରଥମ ଯୋହନ ୨:୮
- ପ୍ରଥମ ଥେସଲନୀକୀୟ ୫:୫
- ଦ୍ୱିତୀୟ ଶାମୁୟେଲ ୨୨:୧୨
- କଲସୀୟ ୧:୧୩
- ଯିଶାଇୟ ୫:୩୦
- ଯିରିମୀୟ ୧୩:୧୬
- ଯିହୋଶୂୟ ୨୪:୬
- ମାଥିଉ ୮:୧୨

ଶବ୍ଦବିନ୍ୟାସ

- Strong's: H0652, H0653, H2816, H2821, H2822, H2825, H3990, H3991, H4285, H5890, H6205, G22170, G46520, G46530, G46550, G46560

ଅପବିତ୍ର, ଅପବିତ୍ର ହେବା

ପରିଭାଷା:

କୌଣସି ବିଷୟକୁ ଅପବିତ୍ର କରିବା ଅର୍ଥ କୌଣସି ପବିତ୍ର ବିଷୟକୁ ଅଶୁଚି କରିବା, ଦୂଷିତ କରିବା, କିମ୍ବା ସେହି ପବିତ୍ର ବିଷୟକୁ ତୁଚ୍ଛ ଜ୍ଞାନ କରିବା ବା ଅସମ୍ମାନିତ କରିବା ଅଟେ I

- ଏକ ଅଶୁଚି ବା ଅପବିତ୍ର ବ୍ୟକ୍ତି ଯିଏ ଅପବିତ୍ର ଏବଂ ଈଶ୍ୱରଙ୍କୁ ଅଗୌରବ ଦିଏ ନାହିଁ I
- "ଅପବିତ୍ର" କ୍ରିୟାପଦକୁ "ଦୂଷିତ ବା ଅପବିତ୍ର ଭାବରେ ବ୍ୟବହାର କରିବା" କିମ୍ବା "କୌଣସି ବିଷୟ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା" କିମ୍ବା "ଅଗୌରବ କରିବା" ବୋଲି ଅନୁବାଦ କରାଯାଇପାରେ I
- ଈଶ୍ୱର ଇସ୍ରାଏଲୀୟମାନଙ୍କୁ କହିଲେ ଯେ, ସେମାନେ ଆପଣାମାନଙ୍କୁ ପ୍ରତିମାଗୁଡ଼ିକ ଦ୍ୱାରା ଅପବିତ୍ର ଏବଂ ଅଶୁଚି କରିଅଛନ୍ତି, ଏହାର ଅର୍ଥ ଲୋକମାନେ ଏହି ପାପ ଦ୍ୱାରା ଆପଣାମାନଙ୍କୁ "ଅଶୁଚି" କିମ୍ବା "ଅସମ୍ମାନିତ" କରୁଥିଲେ I ସେମାନେ ଈଶ୍ୱରଙ୍କୁ ମଧ୍ୟ ଅସମ୍ମାନିତ କରୁଥିଲେ I
- ପୃଷ୍ଠଭୂମି ଉପରେ ଆଧାର କରି ଏହି "ଅପବିତ୍ର" ଶବ୍ଦ ବିଶେଷଣକୁ "ଅସମ୍ମାନିତ କରିବା" କିମ୍ବା "ଈଶ୍ୱର ବିହୀନତା" କିମ୍ବା "ଅପବିତ୍ର" ବୋଲି ଅନୁବାଦ କରାଯାଇପାରେ I

(ଅପବିତ୍ର କରିବା, ପବିତ୍ର, ଶୁଚି ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ ତୀମଥି 2:16-18
- ଯିହିଜିକଲ 20:9
- ମଲାଖୀ:1:10-12
- ମାଥିଉ 12:5
- ଗଣନା ପୁସ୍ତକ 18:30-32

ଶବ୍ଦବିନ୍ୟାସ :

- Strong's: H2455, H2490, H2491, H5234, H8610, G09520, G09530

ଅପବିତ୍ର, ଅପବିତ୍ର ହେବା, ଅପବିତ୍ର କରିବା

ପରିଭାଷା:

"ଅପବିତ୍ର"ର ଅର୍ଥ ପବିତ୍ର ସ୍ଥାନକୁ କିମ୍ବା ପବିତ୍ର ବିଷୟକୁ ଏପରି କରିବା ଯାହା ଆରାଧନା ନିମନ୍ତେ ଗ୍ରହଣୀୟ ହୁଏ ନାହିଁ I

- ବେଳେବେଳେ କିଛି ବିଷୟକୁ ଅପବିତ୍ର କରିବା ସେହି ବିଷୟ ପ୍ରତି ଘୃଣା ଭାବ ରଖିବା ଅଟେ I
- ଉଦାହରଣ ସ୍ୱରୂପ, ବିଜାତୀୟ ରାଜାମାନେ ଈଶ୍ୱରଙ୍କ ମନ୍ଦିରର ପବିତ୍ର ପାତ୍ର ସବୁକୁ ପାର୍ଟିରେ ବ୍ୟବହାର କରି ଅପବିତ୍ର କଲେ I
- ମୃତ୍ୟୁ ବ୍ୟକ୍ତିମାନଙ୍କର ଅସ୍ଥିକୁ ଈଶ୍ୱରଙ୍କ ମନ୍ଦିରକୁ ଅପବିତ୍ର କରିବା ପାଇଁ ଶତ୍ରୁମାନେ ଏସବୁ ବ୍ୟବହାର କରୁଥିଲେ I
- ଏହାକୁ ମଧ୍ୟ ଏପରି ଭାଷାନ୍ତର କରାଯାଇପାରେ "ଅପବିତ୍ର କରାଇବା" କିମ୍ବା "ଅପବିତ୍ର କରି ଅସମ୍ମାନ କରିବା" କିମ୍ବା "ଘୃଣ୍ୟଭାବେ ଅପବିତ୍ର କରିବା" କିମ୍ବା "ଅଶୁଚି କରିବା" I

(ମଧ୍ୟ ଦେଖନ୍ତୁ:ବେଦୀ, ଅପବିତ୍ର,ଅସମ୍ମାନ,ଅଶୁଚି,ପବିତ୍ର,ମନ୍ଦିର, ପବିତ୍ର)

ବାଇବଲ ପଦପର୍ବ:

- ପ୍ରେରିତ ୨୪:୪-୬
- ଯୀଶାଇୟ ୨୪:୪-୬
- ଗୀତସଂହିତା ୭୪:୭-୮
- ଗୀତସଂହିତା ୮୯:୩୮-୪୦

ବୋର୍ଡ ଡାଟା :

- Strong's: H2490, H2610, H2930, G953

ଅପମାନ କରିବା, ଅପମାନ କରିଲେ, ଆପମାନିତ

ତଥ୍ୟ:

"ଅପମାନ କରିବା" ଶବ୍ଦ ର ଅର୍ଥ କାହାକୁ ଲଜ୍ଜିତ କରିବା କିଅବା ନିଚା ଦିଖାଇବା I ଏହା ସାଧାରଣତଃ ସର୍ୱସାଧାରଣରେ ହୁଏ I କାହାକୁ ଲଜ୍ଜିତ କରିବାର କର୍ମ ହିଁ "ଅପମାନିତ" ଅଟେ I

- ଯେତେବେଳେ ପରମେଶ୍ୱର କାହାକୁ ନମ୍ର କରନ୍ତି ତାହାର ଅର୍ଥ ହେଲା ସେ ଏକ ଗର୍ବି କୁ ନିଷ୍ଫଳତା ଅନୁଭବ କରାନ୍ତି ସେ ଗର୍ବିତ ଜୀବନରୁ ଉପରକୁ ଉଠେ I

ଏହା କାହାକୁ ଆପମାନ କରିବାଠାରୁ ଅଲଗା ଅଟେ, ଯାହା କେଉଁ ବ୍ୟକ୍ତି କୁ ଆଘାତ ପହଂଚାଇବାକୁ କରାଯାଏ I

- "ଅପମାନ କରିବାକୁ "କୁ "ଲଜ୍ଜିତ କରିବା" କିଅବା "ଲଜ୍ଜିତ ର କାରଣ ହେବା" କିଅବା "କିଅବା "ଅତି ଲଜ୍ଜିତ କରାଇବା "ରୂପରେ ଅନୁବାଦ କରାଯାଇପାରେ I
- ପୃଷ୍ଠଭୂମି ଉପରେ ନିର୍ଭର କରି, ଅଲଗା ପ୍ରକାର ଅନୁବାଦ କଲେ "ଅପମାନିତ "କୁ "ଲଜ୍ଜା" କିଅବା "ନୀଚ କରିବା "ନିଚା ଦେଖିବା" ହୁଏ I

(ଆହୁରି ଦେଖନ୍ତୁ: ନିଚା ଦେଖିବା, . ନମ୍ର, . ଲଜ୍ଜା)

ବାଇବଲ ପଦପର୍ବ:

- ବ୍ୟବସ୍ଥା ବିବରଣ ୨୧:୧୩-୧୪
- ଏଜ୍ରା ୦୯:୫-୬
- ହିତୋପଦେଶ ୨୫:୬-୮
- ଗୀତସଂହିତା ୦୦୬:୮-୧୦
- ଗୀତସଂହିତା ୧୨୩:୩-୪

ବୋର୍ଡ ଡାଟା :

- Strong's: H937, H954, H1421, H2778, H2781, H3001, H3637, H3639, H6030, H6031, H6256, H7034, H7043, H7511, H7817, H8216, H8213, H8217, H8589, G2617, G5014

ଅପରାଧ, ଅପରାଧୀ

ପରିଭାଷା:

"ଅପରାଧ" ଶବ୍ଦ ସାଧାରଣତଃ ଏକ ପାପକୁ ବୁଝାଏ ଯାହା ଏକ ଦେଶ କିମ୍ବା ରାଜ୍ୟର ନିୟମ ଭାଙ୍ଗିବା ସହିତ ଜଡିତ ଥାଏ । "ଅପରାଧୀ" ଶବ୍ଦ ଅପରାଧ କରିଥିବା ଏକ ବ୍ୟକ୍ତିକୁ ବୁଝାଏ ।

- ଅପରାଧଗୁଡ଼ିକ ଜଣେ ବ୍ୟକ୍ତିକୁ ହତ୍ୟା କରିବା କିମ୍ବା କାହାର ସମ୍ପତ୍ତି ଚୋରି କରିବାକୁ ବୁଝାଏ ।
- ଜଣେ ଅପରାଧୀକୁ ସାଧାରଣତଃ ବନ୍ଦୀ କିମ୍ବା ଅକ୍ତିୟାର କରି ଏକ ସ୍ଥାନରେ ରଖାଯାଏ ଯାହାକୁ କାରାଗାର କୁହାଯାଏ ।
- ବାଇବେଲ ସମୟରେ, କେତେକ ଅପରାଧିମାନେ ପଳାତକ ଥିଲେ, ସେମାନେ ଯେଉଁମାନେ ସେମାନଙ୍କର ଅପରାଧର ପ୍ରତିଶୋଧ ନେବାକୁ ସେମାନଙ୍କୁ କ୍ଷତି ପହଞ୍ଚାଇବାକୁ ଚାହୁଁଥିଲେ ସେମାନଙ୍କ ଠାରୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିଲେ ।

(ଦେଖନ୍ତୁ: ଚୋର)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି ୨:୯
- ହୋଶେୟ ୬:୮-୯
- ଆୟୁବ ୩୧:୨୬-୨୮
- ଲୂକ ୨୩:୩୨
- ମାଥିଉ ୨୬:୨୩-୨୪

ଶବ୍ଦବିନ୍ୟାସ:

- Strong's: H2154, H2400, H4639, H5771, H7563, H7564, G25560, G25570, G44670

ଅବତରଣ କରିବା, ବଂଶଧର

ପରିଭାଷା:

ଜଣେ "ବଂଶଧର" ସିଏ ଅଟେ ଯିଏ ଇତିହାସରେ ଅନ୍ୟର ପ୍ରତ୍ୟକ୍ଷ ରକ୍ତ ସମ୍ପର୍କୀୟ ଅଟେ I

- ଉଦାହରଣ ସ୍ୱରୁପ, ଅବ୍ରହାମ ନୋହଙ୍କ ବଂଶଧର ଥିଲେ I
- ଜଣେ ବ୍ୟକ୍ତିର ବଂଶଧର ତାଙ୍କର ପିଲାମାନେ, ନାତି ନାତୁଣୀ ଅଟନ୍ତି I ଯାକୁବଙ୍କର ବଂଶଧର ଇସ୍ରାଏଲର ବାର ଜାତି ଥିଲେ I
- "ବଂଶରୁ" ଶବ୍ଦକୁ "ଏକ ବଂଶଧର" ବୋଲି ଅନୁବାଦ କରାଯାଇପାରେ ଯେପରି "ଅବ୍ରହାମ ନୋହଙ୍କ ବଂଶଧର ଥିଲେ I" ଏହାକୁ "ପରିବାରର" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଅବ୍ରହାମ, ପୂର୍ବପୁରୁଷ, ଯାକୁବ, ନୋହ, ବାର ଗୋଷ୍ଠୀ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 9:4-5
- ପ୍ରେରିତ 13:23
- ଦ୍ୱିତୀୟ ବିବରଣୀ 2:20-22
- ଆଦି ପୁସ୍ତକ 10:1
- ଆଦି ପୁସ୍ତକ 28:12-13

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **2:9** _ "ନାରୀର **ବଂଶ** ତୁମ୍ଭର ମସ୍ତକକୁ ଆଘାତ କରିବ ଏବଂ ତୁମ୍ଭେ ତାହାଙ୍କ ଗୋଇଠିକୁ ଆଘାତ କରିବI"
- **4:9** "ମୁଁ ତୁମ୍ଭର **ବଂଶକୁ** କିଣାନ ଦେଶ ଦେବିI"
- **5:10** _" ତୁମ୍ଭର **ବଂଶ** ଆକାଶର ନକ୍ଷେତ୍ରଠାରୁ ଅଧିକ ହେବ I"
- **17:7** _"ତୁମ ପରିବାରରୁ ଜଣେ ଇସ୍ରାଏଲ ଉପରେ ରାଜା ହୋଇ ସବୁବେଳେ ରାଜତ୍ୱ କରିବ ଏବଂ ମସିହ ସେମାନଙ୍କ **ବଂଶରୁ** ଜଣେ ହେବେ I"
- **18:13** ଯିହୁଦାର ରାଜା ସମସ୍ତେ ଦାଉଦଙ୍କ **ବଂଶଧର** ଥିଲେ I
- **21:4** ଈଶ୍ୱର ଦାଉଦ ରାଜାଙ୍କୁ ପ୍ରତିଜ୍ଞା କଲେ ଯେ ମସିହ ଦାଉଦଙ୍କ ନିଜ **ବଂଶରୁ** ହେବେ I
- **48:13** ଈଶ୍ୱର ଦାଉଦ ରାଜାଙ୍କୁ ପ୍ରତିଜ୍ଞା କଲେ ଯେ ମସିହ ଦାଉଦଙ୍କ **ବଂଶରୁ** ହେବେ I ଯୀଶୁ, ମସିହ, ସେହି ବିଶେଷ **ବଂଶ** ଥିଲେ I

ଶବ୍ଦବିନ୍ୟାସ :

- Strong's: H0319, H1004, H1121, H1323, H1755, H2232, H2233, H3205, H3211, H3318, H3409, H4294, H5220, H6849, H7611, H8435, G10740, G10850, G46900

ଅବରୋଧ, ଘେରିନେବା, ବେଷ୍ଟନକାରୀ, ଅବରୋଧ କରୁଛି, ଦୁର୍ଗ ଅବରୋଧ କାର୍ଯ୍ୟ

ସଂଜ୍ଞା:

"ଅବରୋଧ" କରାଯାଏ ଯେତେବେଳେ ସୈନିକ ଏକ ସହରକୁ ଆକ୍ରମଣ କରନ୍ତି ଏବଂ କୌଣସି ଖାଦ୍ୟ ଓ ପାନୀୟ ଯୋଗାଣକୁ ବନ୍ଦ କରିଦିଅନ୍ତି ଗୋଟିଏ ସହରକୁ "ଘେରିବା" କିମ୍ବା "ନଜରବନ୍ଦୀ" କରିବା ଅର୍ଥ ଅବରୋଧ କରି ଆକ୍ରମଣ କରିବା

- ଯେତେବେଳେ ବାବିଲୋନ ଇସ୍ରାଏଲ କୁ ଆକ୍ରମଣ କଲେ, ସେମାନେ ଅବରୋଧ କରିବା କୌଶଳ କୁ ବ୍ୟବହାର କଲେ ଯେପରି ଯିରୁଶାଲମ ସହର ଭିତରେ ବାସ କରୁଥିବା ଲୋକମାନେ ଦୁର୍ବଳ ହେବେ
- ଅବରୋଧ ସମୟରେ, ଗଡର ପ୍ରାଚୀର ଗୁଡିକ ନିର୍ମାଣ କରନ୍ତି ଯେପରି ସୈନିକମାନେ ସହର ପରିସୀମାକୁ ଅତିକ୍ରମ କରିବେ ଓ ସହରକୁ ଅକ୍ତିଆର କରିବେ
- ଗୋଟିଏ ସହରକୁ "ଘେରିବା" ପ୍ରକାଶ କରିହେବ ଯଥା ଏହାକୁ "ଅବରୋଧ କରି ରଖିବା" କିମ୍ବା "ବନ୍ଦ ଡାକରା ଦେବା "
- "ଘେରିବା" ଶବ୍ଦ ସମାନ ଅର୍ଥ ବୁଝାଏ ଯେପରି "ଅବରୋଧକୁ ଅଧିନରେ ରଖିବା"

ଉଭୟ ପ୍ରକାଶନ ବର୍ଣ୍ଣନା କରେ ଗୋଟିଏ ସହର୍ ଯାହା ଜଣେ ଶତ୍ରୁର ସୈନିକ ଚାରିପାଖ ଘେରୀ ଅଛନ୍ତି ଏବଂ ଅବରୋଧ କରିଅଛନ୍ତି

ବାଇବଲ ସନ୍ଦର୍ଭ:

- ୧ ବଂଶାବଳି ୨୦:୧
- ୧ ରାଜାବଳି ୨୦:୧-୩
- ୧ ଶାମୁଏଲ ୧୧:୧-୨
- ଯିରିମିୟ ୩୩:୪-୫

ବୋର୍ଡ ଡାଟା :

- Strong's: H4692, H4693, H5341, H5437, H5564, H6693, H6696, H6887

ଅବିରତ ଚେଷ୍ଟା କରିବା, ନିରନ୍ତର ଅଧ୍ୟବସାୟ

ପରିଭାଷା:

"ଅବିରତ ଚେଷ୍ଟା କରିବା" ଏବଂ "ନିରନ୍ତର ଅଧ୍ୟବସାୟ" ବାକ୍ୟାଂଶ ନିରନ୍ତର କିଛି କରୁଥିବା ବିଷୟକୁ ବୁଝାଏ, ଯଦିଓ ଏହା ଅତି କଷ୍ଟସାଧ୍ୟ ବିଷୟ ହୋଇଥାଏ କିମ୍ବା ଅଧିକ ସମୟ ନେଇଥାଏ।

- ଅଧ୍ୟବସାୟ କହିଲେ କଷ୍ଟକର ପରୀକ୍ଷାଗୁଡ଼ିକ ବା ପରିସ୍ଥିତିଗୁଡ଼ିକ ଆସିଲେ ମଧ୍ୟ ଖ୍ରୀଷ୍ଟଙ୍କ-ସଦୃଶ ନିରନ୍ତର କାର୍ଯ୍ୟ କରିବାକୁ ବୁଝାଏ।
- ଯଦି ଜଣେ ବ୍ୟକ୍ତିର "ନିରନ୍ତର ଅଧ୍ୟବସାୟ" ବା ପରିଶ୍ରମ ରହିଛି ଏହାର ଅର୍ଥ, ଯେତେ ଯନ୍ତ୍ରଣାଦାୟକ ବା କଷ୍ଟକର ପରିସ୍ଥିତି ହେଉ ନା କାହିଁକି ସେ ଯାହା କରିବା ଉଚିତ, ତାହା କରିବା ନିମନ୍ତେ ସେ ସମର୍ଥ ଅଟେ।
- ଈଶ୍ୱର ଯାହା ଶିକ୍ଷା ପ୍ରଦାନ କରନ୍ତି ତାହା ବିଶ୍ୱାସ କରିବା ନିମନ୍ତେ ଅଧ୍ୟବସାୟର ଆବଶ୍ୟକତା ରହିଛି, ବିଶେଷତଃ, ଯେତେବେଳେ ଆମ୍ଭେମାନେ ଭ୍ରାନ୍ତ ଶିକ୍ଷାର ସମ୍ମୁଖୀନ ହେଉ।
- "ଜିଦଖୋର" ଭଳି ଶବ୍ଦ ବ୍ୟବହାର ନ କରିବା ବିଷୟରେ ସାବଧାନ ରୁହନ୍ତୁ, କାରଣ ଏହି ଶବ୍ଦର ନକରାତ୍ମକ ଅର୍ଥ ରହିଛି।

(ଦେଖନ୍ତୁ: ଧୈର୍ଯ୍ୟ, ପରୀକ୍ଷା)

ବାଇବେଲ ପଦପର୍ବ:

- କଲସୀୟ ୧:୧୧
- ଏଫିସୀୟ ୬:୧୮
- ଯାକୁବ ୫:୯-୧୧
- ଲୂକ ୮:୧୪-୧୫

ଶବ୍ଦବିନ୍ୟାସ:

- Strong's: G31150, G43430, G52810

ଅବୈଧ, ଜୋରରେ ଆଗକୁ ବହାରିଯିବା, ଘଟିବା, ନିରୀକ୍ଷଣ

୩ ସଂଜ୍ଞା:

"ଅବୈଧ" ଏବଂ "ନିରୀକ୍ଷଣ" କାହାରିକୁ କିମ୍ବା କୌଣସି ବିଷୟକୁ ନିଜ ବଶବର୍ତ୍ତୀ କରିବା ଏହା ସାଧାରଣରେ କୌଣସି ବିଷୟର ଅଗ୍ରଗତି ଉପରେ ନିରୀକ୍ଷଣ କରିବା

- ଯେତେବେଳେ ସାମରିକ ବାହୀନୀ ଶତ୍ରୁ କୁ "ଅକ୍ତିଆର" କରନ୍ତି, ଏହା ବୁଝାଏ ଯେ ସେମାନେ ଯୁଦ୍ଧରେ ଶତ୍ରୁକୁ ହରାଇଛନ୍ତି
- ଯେତେବେଳେ ଶିକାରୀ ଶିକାର କରେ ଅର୍ଥାତ ସେ ବଳ ପୂର୍ବକ ଶିକାର କରିଛି
- ଯଦି ଅଭିଶାପ କାହାରି ଉପରେ "ଘଟେ" ଅର୍ଥ ଯେଉଁ ସବୁ ଶବ୍ଦ ସେହି ଅଭିଶାପରେ ବ୍ୟକ୍ତିଙ୍କୁ କୁହାଯାଇଥିଲା ତାହା ସବୁ ଘଟୁଅଛି
- ଯଦି ଆଶୀର୍ବାଦ ବ୍ୟକ୍ତିଙ୍କ ପ୍ରତି "ହେଉଛି", ଅର୍ଥ ସେହି ଲୋକମାନେ ଏହିସବୁ ଆଶୀର୍ବାଦ ଗୁଡିକୁ ଅନୁଭୁତି କରୁଛନ୍ତି
- ପୃଷ୍ଠଭୁମୀକୁ ଦେଖି, "ଅବୈଧ" ଅନୁବାଦ ହେବ ଯଥା "ଅକ୍ତିଆର" କିମ୍ବା "ବଶିଭୁତ" କିମ୍ବା "ପରାଜୟ" କିମ୍ବା "ଧରିନେବା"କିମ୍ବା "ସମ୍ପୂର୍ଣ୍ଣ ଆଘାତ"
- ଅତୀତ କାର୍ଯ୍ୟରେ, "ଅବୈଧ" ଅନୁବାଦ ହେବ ଯଥା "ଧରିନେଲା" କିମ୍ବା "ମିଶିକି ଆସିଲା" କିମ୍ବା "ଅଧିନରେ ରଖିଛି" କିମ୍ବା "ପରାଜିତ" କିମ୍ବା "କ୍ଷତ ବିକ୍ଷତ ହେବା"
- ଯେତେବେଳେ ଚେତାବନୀରେ ବ୍ୟବହାର କରାଯାଏ ତେବେ ଅନ୍ଧକାର କିମ୍ବା ଦଣ୍ଡ କିମ୍ବା ଲୋକମାନଙ୍କର ପାପ ସେମାନଙ୍କୁ ବିନାଶ କଲା, ଆହୁରି ହୋଇପାରିବ ଯେ ଯଦି ସେହି ଲୋକମାନେ ମନପରିବର୍ତ୍ତନ ନକରନ୍ତି ତେବେ ସେମାନେ ବିପଦକୁ ସାମନା କରିବେ
- "ମୋର ବାକ୍ୟ ତୁମ ପିତାଙ୍କ ନିମନ୍ତେ କ୍ଷତିକାରକ" ବାକ୍ୟଖଣ୍ଡର ଅର୍ଥ ଯେ ୟହୋବା ସେମାନଙ୍କର ପୂର୍ବଜମାନଙ୍କୁ ଦେଇଥିବା ଶିକ୍ଷା ବର୍ତ୍ତମାନ ସେମାନଙ୍କ ପୂର୍ବଜଙ୍କ ପ୍ରତି ଅଭିଶାପ ଘଟିବ ଯେହେତୁ ସେମାନେ ସେହି ଶିକ୍ଷାର ଅବାଧ ହେଲେ

(ଦେଖ: ଆଶୀର୍ବାଦ, ଅଭିଶାପ, ଶିକାର, ଦଣ୍ଡ)

ବାଇବଲ ପୃଷ୍ଠଭୂମି:

- ୨ ରାଜାବଳି ୨୫:୪-୫
- ଯୋହନ ୧୨:୩୪-୩୬

{ {tag>publish ktlink}

ବୋର୍ଡ ଡାଟା :

- Strong's: H579, H935, H1692, H4672, H5066, H5381, G2638, G2983

ଅଭିଯୋଗ, ଅଭିଯୁକ୍ତ, ଅଭିଯୋଗକାରୀ, ଦୋଷାରୋପ

ପରିଭାଷା:

"ଅଭିଯୋଗ"ଏବଂ "ଦୋଷାରୋପଣ"ଶବ୍ଦଗୁଡ଼ିକ ଜଣେ ବ୍ୟକ୍ତିର ଅପରାଧ ହେତୁ ତାହାକୁ ନିନ୍ଦା କରିବାକୁ ବୁଝାଏ । ଯେଉଁ ବ୍ୟକ୍ତି ଅନ୍ୟକୁ ଦୋଷାରୋପଣ କରେ ସେ ଏକ ଅଭିଯୋଗକାରୀ ଅଟେ।

- ମିଥ୍ୟା ଦୋଷାରୋପଣ ଏହା ଅଟେ ଯେତେବେଳେ ସତ୍ୟତା ବିନା ଅନ୍ୟକୁ ବିରୋଧ କରାଯାଏ, ଯେପରି ଯୀଶୁ ମଧ୍ୟ ଯିହୁଦୀ ନେତାମାନଙ୍କ ଦ୍ୱାରା ମିଥ୍ୟାରେ ଦୋଷାରୋପଣ କରାଯାଇଥିଲେ।
- ନୂତନ ନିୟମର ପ୍ରକାଶିତ ବାକ୍ୟ ପୁସ୍ତକରେ ଶୟତାନକୁ "ଅଭିଯୋଗକାରୀ"କୁହାଯାଇଅଛି।

ବାଇବେଲ ପଦପର୍ବ:

- ପ୍ରେରିତ ୧୯:୪୦
- ହୋଶେୟ ୪:୪
- ଯିରିମୀୟ ୨:୯-୧୧
- ଲୂକ ୬:୬-୮
- ରୋମୀୟ ୮:୩୩

ଶବ୍ଦବିନ୍ୟାସ:

- Strong's: H3198, H6818, G14580, G21470, G25960, G27240

ଅଭିଷେକ କରିବା, ଅଭିଶିକ୍ତ, ପାଦ୍ରୀପଦରେ ନିଯୁକ୍ତି, ବହୁ ପୂର୍ବରୁ ପରିକଳ୍ପିତ ଯୋଜନା, ବ୍ୟବସ୍ଥିତ, ପ୍ରସ୍ତୁତ

ପରିଭାଷା:

ଅଭିଷେକ କରିବା ଅର୍ଥ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କିମ୍ବା ଦାୟିତ୍ୱ ନିମନ୍ତେ ଜଣେ ବ୍ୟକ୍ତିଙ୍କୁ ଆନୁଷ୍ଠାନିକ ଭାବରେ ନିଯୁକ୍ତ କରିବା ଅଟେ । ଏହା ଆନୁଷ୍ଠାନିକ ଭାବରେ ଏକ ନିୟମ କିମ୍ବା ଆଇନାନୁଯାଇ ନିଷ୍ପତି ନେବାକୁ ମଧ୍ୟ ବୁଝାଏ।

- "ଅଭିଷେକ" ଶବ୍ଦ ଅଧିକାଂଶ ସମୟରେ ଜଣେ ବ୍ୟକ୍ତିଙ୍କୁ ଆନୁଷ୍ଠାନିକ ଭାବରେ ଯାଜକ, ମନ୍ତ୍ରୀ କିମ୍ବା ଗୁରୁ ପଦରେ ନିଯୁକ୍ତି କରିବାକୁ ବୁଝାଏ।
- ଉଦାହରଣ ସ୍ୱରୂପ, ଈଶ୍ୱର ହାରୋଣ ଏବଂ ତାହାର ସନ୍ତାନଗଣକୁ ଯାଜକ ପଦରେ ଅଭିଷେକ କଲେ।
- ଏହାର ଅର୍ଥ ଅନୁଷ୍ଠାନ କିମ୍ବା କିଛି ପ୍ରତିଷ୍ଠା କରିବାକୁ ମଧ୍ୟ ବୁଝାଏ, ଯଥା ଏକ ଧାର୍ମିକ ଉତ୍ସବ କିମ୍ବା ନିୟମକୁ।
- ପ୍ରସଙ୍ଗ ଉପରେ ଆଧାର କରି, "ଅଭିଷେକ କରିବା" ଶବ୍ଦକୁ "ଦାୟିତ୍ୱ ଦେବା" କିମ୍ବା "ନିଯୁକ୍ତି କରିବା" କିମ୍ବା "ଆଦେଶ ଦେବା" କିମ୍ବା "ନିୟମ ସ୍ଥାପନ କରିବା" କିମ୍ବା "ଅନୁଷ୍ଠାନ କରିବା" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ଆଦେଶ, ନିୟମ , ଘୋଷଣାନାମା, ବ୍ୟବସ୍ଥା, ଯାଜକ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୨:୩୧-୩୨
- ୨ ଶାମୁୟେଲ ୧୭:୧୩-୧୪
- ଯାତ୍ରାପୁସ୍ତକ ୨୮:୪୦-୪୧
- ଗଣନାପୁସ୍ତକ ୩:୩
- ଗୀତସଂହିତା ୧୧୧:୭-୯

ଶବ୍ଦବିନ୍ୟାସ:

- Strong's: H3245, H4390, H6186, H6213, H6680, H7760, H8239, G12990, G25250, G42700, G42820

ଅମାନ୍ୟ କରିବା, ଅମାନ୍ୟ କଲେ, ଅବାଧ୍ୟତା, ବିଦ୍ରୋହୀ

ପରିଭାଷା:

"ଅମାନ୍ୟ" ଶବ୍ଦର ଅର୍ଥ ଜଣେ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଆଦେଶ ବା ନିର୍ଦ୍ଦେଶଗୁଡ଼ିକୁ ନ ମାନିବାକୁ ବୁଝାଏ। ଯେଉଁ ବ୍ୟକ୍ତି ଏହା କରେ ସେ "ଅବାଧ" ଅଟେ।

- ଜଣେ ବ୍ୟକ୍ତି ଯିଏ ଏପରି କିଛି ବିଷୟ କରେ ଯାହା ତାହାକୁ ନ କରିବାକୁ କୁହାଯାଇଥିଲା ତେବେ ଅମାନ୍ୟ କରେ।
- ଅମାନ୍ୟର ଅର୍ଥ କୌଣସି ବିଷୟକୁ କରିବାକୁ ଆଦେଶକୁ ପାଳନ ନ କରିବାକୁ ବୁଝାଏ।
- "ଅବାଧ" ଶବ୍ଦକୁ ଏକ ବ୍ୟକ୍ତିର ଚରିତ୍ରକୁ ବର୍ଣ୍ଣନା କରିବାକୁ ମଧ୍ୟ ବ୍ୟବହାର କରାଯାଏ ଯିଏ ଅଭ୍ୟାସଗତ ଭାବରେ ଅବାଧ ହୁଏ ବା ବିଦ୍ରୋହ କରେ। ଏହାର ଅର୍ଥ ସେମାନେ ପାପୀ କିମ୍ବା ଦୁଷ୍ଟ ଅଟନ୍ତି।
- "ଆଦେଶ ଲଂଘନ" ଶବ୍ଦ "ଅମାନିଆ ବ୍ୟବହାର" କିମ୍ବା "ଏପରି ବ୍ୟବହାର ଯାହା ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧ" କୁ ବୁଝାଏ।
- "ଅବାଧ ଲୋକମାନେ" ବାକ୍ୟାଂଶକୁ "ଯେଉଁ ଲୋକମାନେ ନିରନ୍ତର ଅବାଧ ହୁଅନ୍ତି" କିମ୍ବା "ଯେଉଁ ଲୋକମାନେ ଈଶ୍ୱରଙ୍କ ଆଦେଶକୁ ଅମାନ୍ୟ କରନ୍ତି" ବୋଲି ଅନୁବାଦ କରାଯାଇପାରେ।

(ଦେଖନ୍ତୁ: ଅଧିକାର, ମନ୍ଦ, ପାପ, ମାନିବା)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୩:୨୧
- ପ୍ରେରିତ ୨୬:୧୯
- କଲସୀୟ ୩:୬
- ଲୂକ ୧:୧୭
- ଲୂକ ୬:୪୯
- ଗୀତସଂହିତା ୮୯:୩୦-୩୨

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- ୨:୧୧ ଈଶ୍ୱର ମନୁଷ୍ୟକୁ କହିଲେ, "ତୁମ୍ଭେ ତୁମ୍ଭର ସ୍ତ୍ରୀର କଥା ଶୁଣିଲ ଏବଂ ମତେ **ଅମାନ୍ୟ କଲ**।"
- ୧୩:୬ ଈଶ୍ୱର ପ୍ରତିଜ୍ଞା କଲେ ଯେ ସେ ସେମାନଙ୍କୁ ଆଶୀର୍ବାଦ ଏବଂ ରକ୍ଷା କରିବେ, ଯଦି ଲୋକମାନେ ଏହି ସମସ୍ତ ବ୍ୟବସ୍ଥାକୁ ପାଳନ କରନ୍ତି। ଯଦି ସେମାନେ ସେଗୁଡ଼ିକ **ଅମାନ୍ୟ କରିବେ**, ଈଶ୍ୱର ସେମାନଙ୍କୁ ଦଣ୍ଡ ଦେବେ।
- ୧୬:୨ କାରଣ ଇସ୍ରାଏଲ ସନ୍ତାନଗଣ ଈଶ୍ୱରଙ୍କୁ ନିରନ୍ତର **ଅମାନ୍ୟ କଲେ**, ସେ ସେମାନଙ୍କୁ ସେମାନଙ୍କ ଶତ୍ରୁମାନଙ୍କ ଦ୍ୱାରା ସେମାନଙ୍କୁ ପରାଜୟ ହେବାକୁ ସମର୍ପିତ କଲେ।
- ୩୫:୧୨ "ବଡ଼ ପୁଅ ଆପଣା ପିତାଙ୍କୁ କହିଲେ, 'ଏହି ସମସ୍ତ ଦିନଗୁଡ଼ିକ ମୁଁ ତୁମ୍ଭ ପାଇଁ ବିଶ୍ୱସ୍ତ ଭାବେ କାର୍ଯ୍ୟ କରିଅଛି! ମୁଁ କେବେହେଲେ ତୁମ୍ଭକୁ **ଅମାନ୍ୟ କଲି** ନାହିଁ, ପୁଣି ମୋ ସାଥିମାନଙ୍କ ସହ ଭୋଜି କରିବାକୁ ତୁମ୍ଭେ ମୋତେ ଛୋଟ ଛେଳି ଛୁଆଟିଏ ହେଲେ ଦେଲ ନାହିଁ"

ଶବ୍ଦବିନ୍ୟାସ:

- Strong's: H4784, H5674, G05060, G05430, G05440, G05450, G38470, G38760

ଅଲୋନ, ଅଲୋନ ବୃକ୍ଷ

ସଂଜ୍ଞା:

ଗୋଟିଏ ଅଲୋନ କିମ୍ବା ଅଲୋନ ବୃକ୍ଷ, ଲମ୍ବା ସହିତ ବିଶାଳ ଗଣ୍ଡୀ ଏବଂ ଚାରିପାଖ ଶାଖା ପ୍ରଶାଖା ମେଲି ଚାଇ ଯୋଗାଏ

- ଅଲୋନ ବୃକ୍ଷ ବହୁତ ଶକ୍ତ, କଠିନ କାଷ୍ଠ ଯାହା ଜାହାଜ ତିଆରି ଏବଂ କୃଷି ଉପକରଣମାନ ତିଆରି ସହିତ ବଳଦ ବେକରେ ଜୁଆଳି ଓ ଚାଲିବା ନିମନ୍ତେ ବାଡି ତିଆରି କରାଯାଏ
- ଅଲୋନ ବୃକ୍ଷର ଫଳ କୁ ବାଜାମ କୁହାଯାଏ
- କିଛି ଅଲୋନ ବୃକ୍ଷର ଗଣ୍ଡୀ ୬ ମିଟର ଓସାର ହୋଇଥାଏ
- ଉପମା ବ୍ୟବହାରରେ ଅଲୋନ ବୃକ୍ଷ ଦୀର୍ଘଜୀବୀ ଓ ଅନ୍ୟ ଆତ୍ମିକ ଅର୍ଥ କୁ ବୁଝାଏ

ବାଇବଲରେ, ସେଗୁଡିକ ପବିତ୍ର ସ୍ଥାନ ସହିତ ବ୍ୟବହାର ହୋଇଥାଏ

ଅନୁବାଦ ପ୍ରସ୍ତାବ ଗୁଡିକ:

- ଅଧିକାଂଶ ଅନୁବାଦରେ କେବଳ "ଅଲୋନ" ବ୍ୟବହାରଠାରୁ "ଅଲୋନ ବୃକ୍ଷ" ବ୍ୟବହାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି
- ଯଦି ଅଲୋନ ବୃକ୍ଷ ପ୍ରାପ୍ତେଷୁଙ୍କ ଅଞ୍ଚଳରେ ଜଣା ନାହିଁ, "ଗୋଟିଏ ଅଲୋନ " ଅନୁବାଦ ହେବ ଯଥା "ଗୋଟିଏ ଅଲୋନ, ଛାୟା ପ୍ରଦାନକାରୀ ଗଛ ପରି", ତାପରେ ସ୍ଥାନୀୟ ଅଞ୍ଚଳରେ ସେହିପରି ଥିବା ବୃକ୍ଷର ନାମ କୁହ
- ଦେଖ: ଅଜଣା ବିଷୟରେ ଅନୁବାଦ କରିବେ କିପରି

(ଦେଖ: ପବିତ୍ର)

ବାଇବଲ ପୃଷ୍ଠଭୂମି:

- ଶାମୁଏଲ ୧୦:୩-୪
- ଆଦି ୧୩:୧୬-୧୮
- ଆଦି ୧୪:୧୩-୧୪
- ଆଦି ୩୫:୪-୫
- ବିଚାରକର୍ତ୍ତା ୦୬:୧୧-୧୨

ବୋର୍ଡ ଡାଟା :

- Strong's: H352, H424, H427, H436, H437, H438

ଅଲୌକିକ ଶକ୍ତି, ଗଣକ, ଭବିଷ୍ୟତ ବାଣୀ, ଭବିଷ୍ୟତବକ୍ତା

ସଂଜ୍ଞା:

"ଅଲୌକିକ ଶକ୍ତି" ଏବଂ "ଭବିଷ୍ୟତ ବାଣୀ" ଶବ୍ଦ ଗୁଡିକ ଅସ୍ୱଭାବିକ ଜଗତରେ ଆତ୍ମାଗୁଡିକଙ୍କଠାରୁ ସୂଚନା ପାଇବାକୁ ଚେଷ୍ଟା କରିବା ଅଭ୍ୟାସକୁ ସୂଚାଏ । ଜଣେ ବ୍ୟକ୍ତି ଯିଏକି ଏହି କିଛି କିଛି ସମୟରେ କରେ ତାହାକୁ ଜଣେ "ଗଣକ" ବା "ଭବିଷ୍ୟତବକ୍ତା"ବୋଲି କହନ୍ତି ।

- ପୁରାତନ ନୀୟମ ସମୟରେ, ଈଶ୍ୱର ଇସ୍ରାଏଲମାନଙ୍କୁ ଅଲୌକିକ ଶକ୍ତି ବା ଭବିଷ୍ୟତବକ୍ତାଙ୍କ ଅଭ୍ୟାସ ନ କରିବାକୁ ଆଦେଶ ଦେଲେ ।
- ଈଶ୍ୱର ଉରୀମ୍ ଓ ତୁମୀମ୍ ଯେଉଁ ପଥରଗୁଡିକଥିଲେ ବ୍ୟବହାରକରି ତା'ଙ୍କଠାରୁ ସୂଚନା ସଂଗ୍ରହ କରିବାକୁ ତା'ଙ୍କ ଲୋକମାନଙ୍କୁ ଅନୁମତି ଦେଲେ ଯେପରି ସେହି ଉଦ୍ଦେଶ୍ୟ ନିମନ୍ତେ ସେ ପ୍ରଧାନ ଯାଜକଙ୍କ ଦ୍ୱାରା ଉପାଧି ପାଇଥିଲେ ।

କିନ୍ତୁ ସେ ତା'ଙ୍କ ଲୋକମାନଙ୍କୁ ମନ୍ଦ ଆତ୍ମାଗୁଡିକର ସାହାଯ୍ୟ ଦେଇ ସୂଚନା ସଂଗ୍ରହ କରିବାକୁ ଅନୁମତି ଦେଲେ ନାହିଁ ।

- ଭିନ୍ନଧର୍ମୀ ଗଣକମାନେ ସୂଚନା ଖୋଜିବାକୁ ଆତ୍ମା ଜଗତଠାରୁ ଚେଷ୍ଟାକରି ବିଭିନ୍ନ ପ୍ରଣାଳୀଗୁଡିକୁ ବ୍ୟବହାର କଲେ ।

ସମୟ ସମୟରେ ସେମାନେ ଏକ ମୃତ ପଶୁ ପ୍ରାଣୀର ଆଭ୍ୟନ୍ତରୀଣ ଅଂଶ ବା ଭୂମି ଉପରେ ଫୋପାଡିବା ପଶୁ ପ୍ରାଣୀର ଅସ୍ଥିଗୁଡିକୁ ପ୍ରଣାଳୀଗୁଡିକ ପାଇଁ ନିରୀକ୍ଷଣ କରି ପରୀକ୍ଷା କରିଥାନ୍ତି ତାହା ସେମାନେ ସେମାନଙ୍କର କୃତ୍ରିମ ଦେବତାମାନଙ୍କଠାରୁ ସମ୍ବାଦଗୁଡିକ ରୂପେ ଭାଷାନ୍ତର କରିଥାନ୍ତି ।

- ନୂତନ ନିୟମରେ, ଯୀଶୁ ଓ ପ୍ରେରିତମାନେ ମଧ୍ୟ ଅଲୌକିକ ଶକ୍ତି, ତାନ୍ତ୍ରିକ, ଗୁଣିଆ ଏବଂ କୁହୁକ ବିଦ୍ୟା ପରିତ୍ୟାଗ କଲେ ।

ଏହି ସମସ୍ତ ଅଭ୍ୟାସଗୁଡିକ ମନ୍ଦ ଆତ୍ମାଗୁଡିକର ଶକ୍ତି ବ୍ୟବହାର କରି ଅନ୍ତର୍ଭୁକ୍ତ କରନ୍ତି ପୁଣି ଈଶ୍ୱରଙ୍କ ଦ୍ୱାରା ଅସମ୍ମତ ଅଭିବ୍ୟକ୍ତ ହେଲା ।

(ପୁନଶ୍ଚ ଦେଖନ୍ତୁ: ପ୍ରେରିତ, କୃତ୍ରିମ ଦେବତା, କୁହୁକ ବିଦ୍ୟା, ତାନ୍ତ୍ରିକ)

ବାଇବଲ ଉଲ୍ଲେଖଗୁଡିକ:

- ୧ ଶାମୁୟେଲ ୦୬: ୧-୨
- ପ୍ରେରିତ ୧୬: ୧୬-୧୮
- ଯିହିଜିକଲ ୧୨: ୨୪-୨୫
- ଆଦିପର୍ବ ୪୪: ୩-୫
- ଯିରିମୀୟ ୨୭: ୯-୧୧

ବୋର୍ଡ ଡାଟା :

- Strong's: H1870, H4738, H5172, H6049, H7080, H7081, G4436

ଅସମ୍ମାନ, ଅସମ୍ମାନଜନକ

ପରିଭାଷା:

"ଅସମ୍ମାନ" ଶବ୍ଦ କାହାକୁ ପୂର୍ଣ୍ଣ ଅସମ୍ମାନ କରିବା ଅର୍ଥକୁ ବୁଝାଏ । ଏହା ସେହି ବ୍ୟକ୍ତିର ଲଜ୍ଜା କିମ୍ବା ଅଗୌରବର କାରଣ ମଧ୍ୟ ହୋଇପାରେ ।

- "ଅସମ୍ମାନଜନକ" ଶବ୍ଦ ଏକ କାର୍ଯ୍ୟକୁ ବର୍ଣ୍ଣନା କରେ ଯାହା ଲଜ୍ଜାଜନକ କିମ୍ବା କାହାକୁ ଅପମାନିତ କରେ ।
- ବେଳେବେଳେ " ଅସମ୍ମାନଜନକ " ବିଷୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ ଯାହା କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ଉପଯୋଗୀ ନୁହେଁ ।
- ସନ୍ତାନମାନେ ସେମାନଙ୍କର ପିତାମାତାମାନଙ୍କୁ ସମ୍ମାନ ଏବଂ ବାଧ୍ୟ ହେବାକୁ ଆଦେଶ ଦିଆଯାଇଅଛନ୍ତି । ଯେତେବେଳେ ସନ୍ତାନମାନେ ଅବାଧ୍ୟ ହୁଅନ୍ତି, ସେମାନେ ସେମାନଙ୍କର ପିତାମାତାମାନଙ୍କୁ ଅସମ୍ମାନ କରନ୍ତି । ସେମାନେ ସେମାନଙ୍କର ପିତାମାତାମାନଙ୍କୁ ଏଭଳି ବ୍ୟବହାର କରୁଛନ୍ତି ଯାହା ସେମାନଙ୍କୁ ସମ୍ମାନ ଦିଏ ନାହିଁ ।
- ଯେତେବେଳେ ସେମାନେ ମିଥ୍ୟା ଦେବତାକୁ ପୂଜା କଲେ ଏବଂ ଅନୈତିକ ବ୍ୟବହାର କଲେ ସେତେବେଳେ ଇସ୍ରାଏଲୀୟମାନେ ଯିହୋବାଙ୍କୁ ଅପମାନିତ କଲେ।
- ଯୀଶୁ ଯେ ଏକ ମନ୍ଦ ଆତ୍ମା ଦ୍ୱାରା ପରିଚାଳିତ ବୋଲି କହି ଯିହୂଦୀମାନେ ଯୀଶୁଙ୍କର ଅପମାନିତ କଲେ ।
- "ସମ୍ମାନ ନ କରିବା" କିମ୍ବା "ଆଦର ନ ଦେବା" ବୋଲି ଏହି ଶବ୍ଦକୁ ଅନୁବାଦ କରାଯାଇପାରେ ।
- "ଅସମ୍ମାନ" ବିଶେଷ୍ୟକୁ "ହଦାଦର" କିମ୍ବା "ସମ୍ମାନବିହୀନ" ବୋଲି ଅନୁବାଦ କରାଯାଇପାରେ ।
- "ଅସମ୍ମାନଜନକ" ବାକ୍ୟାଂଶକୁ ପୃଷ୍ଠଭୂମି ଉପରେ ଆଧାର କରି "ସମ୍ମାନ ନ କରିବା " କିମ୍ବା "ଲଜ୍ଜାଜନକ" କିମ୍ବା "ଅପ୍ରୟୋଜନୀୟ" କିମ୍ବା "ମୂଲ୍ୟହୀନ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ସମ୍ମାନ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 4: 10
- ପ୍ରଥମ ଶାମୁୟେଲ 20: 34
- ଦ୍ୱିତୀୟ କରିନ୍ଥୀୟ 6: 8-10
- ଯିହିଜିକଲ 22: 7
- ଯୋହନ 8: 48
- ଲେବୀୟ ପୁସ୍ତକ 18: 8

ଶବ୍ଦବିନ୍ୟାସ :

- Strong's: H1540, H2490, H2781, H3637, H3639, H5006, H5034, H6172, H6173, H7034, H7043, G08180, G08190, G08200, G26170

ଅସୁବିଧା, ବିଚଳିତ, ଉତ୍ତେଜିତ, ଦୁଃଖପୂର୍ଣ୍ଣ, କ୍ଲେଶ, ବିପଦ

ପରିଭାଷା:

ଏକ "ଅସୁବିଧା" ଜୀବନର ଏକ ଅନୁଭୂତି ଯାହା ଅତ୍ୟନ୍ତ କଷ୍ଟଦାୟକ ଏବଂ ଦୁଃଖପୂର୍ଣ୍ଣ ଅଟେ I କାହାକୁ "ଅସୁବିଧା" କରେଇବା ଅର୍ଥ ସେହି ବ୍ୟକ୍ତିକୁ "ବ୍ୟଥିତ କରିବା" କିମ୍ବା କଷ୍ଟ ଦେବା ଅଟେ I "ଅସୁବିଧାରେ ପଡ଼ିବା" ଅର୍ଥ କୌଣସି ବିଷୟରେ ବିବ୍ରତ କିମ୍ବା ଉତ୍ତେଜିତ ହେବା ଅଟେ I

- ଅସୁବିଧାଗୁଡ଼ିକ ହୁଏତ ଶାରୀରିକ, ଆବେଗଜନିତ, ବା ଆତ୍ମିକ। ବିଷୟଗୁଡ଼ିକ ହୋଇପାରେ ଯାହା ଜଣେ ବ୍ୟକ୍ତିକୁ ଆଘାତ ଦେଇପାରେ I
- ବାଇବେଲରେ, ଅନେକ ସମୟରେ ଅସୁବିଧାଗୁଡ଼ିକ ପରୀକ୍ଷାର ସମୟ ଅଟେ ଯାହାକୁ ଈଶ୍ୱର ବ୍ୟବହାର କରନ୍ତି ଓ ସାହାଯ୍ୟ କରନ୍ତି ଯେ ବିଶ୍ୱାସୀମାନେ ସେମାନଙ୍କ ବିଶ୍ୱାସରେ ପରିପକ୍ୱ ହେବେ ଏବଂ ବୃଦ୍ଧି ପାଇବେ I
- ପୁରାତନ ନିୟମରେ "ଅସୁବିଧା" ଶବ୍ଦର ବ୍ୟବହାର ମଧ୍ୟ ବିଚାରକୁ ବୁଝାଇଥାଏ ଯାହା ଅନୈତିକ ଏବଂ ଈଶ୍ୱରଙ୍କୁ ପ୍ରତ୍ୟାଖ୍ୟାନ କରିଥିବା ଲୋକମାନଙ୍କ ଦଳଗୁଡ଼ିକରେ ଆସିଲା I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି "ଅସୁବିଧା" କିମ୍ବା "ଅସୁବିଦ୍ଧଗୁଡ଼ିକ" ଶବ୍ଦକୁ "ବିପଦ" ବା "ଘଟୁଥିବା ଯନ୍ତ୍ରଣାଦାୟକ ବିଷୟଗୁଡ଼ିକ" ବା "ତାଡ଼ନା" ବା "କଷ୍ଟକର ଅନୁଭୂତି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ବିଚଳିତ" ଶବ୍ଦକୁ ଗୋଟିଏ ଶବ୍ଦ କିମ୍ବା ବାକ୍ୟାଂଶରେ ଅନୁବାଦ କରାଯାଇପାରେ, ଯାହାର ଅର୍ଥ "ଦୁଃଖ ଭୋଗିବା" କିମ୍ବା "ଭୟଙ୍କର ଦୁଃଖ ଅନୁଭବ କରିବା" କିମ୍ବା "ଚିନ୍ତିତ" କିମ୍ବା "ବ୍ୟସ୍ତ" କିମ୍ବା "ବିବ୍ରତ" ଅଟେ I
- ତାହାକୁ କଷ୍ଟ ଦିଅ ନାହିଁ " ପଦକୁ "ତାହାକୁ ବ୍ୟତିବ୍ୟସ୍ତ କରନାହିଁ " କିମ୍ବା "ତାହାକୁ ସମାଲୋଚନା କର ନାହିଁ " ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ବିପଦର ଦିନ" ବା "ବିପଦର ସମୟଗୁଡ଼ିକ" ବାକ୍ୟାଂଶକୁ "ଯେତେବେଳେ ତୁମ୍ଭେମାନେ ମାନସିକ ଯନ୍ତ୍ରଣାର ଅନୁଭୂତି ପାଇବ" ବା "ଯେତେବେଳେ କଷ୍ଟକର ବିଷୟସବୁ ତୁମ୍ଭ ପ୍ରତି ଘଟିବ" ବା "ଯେତେବେଳେ ଈଶ୍ୱର ଯନ୍ତ୍ରଣାଦାୟକ ବିଷୟଗୁଡ଼ିକ ହେବାକୁ ଅନୁମତି ଦେବେ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ସମସ୍ୟା ସୃଷ୍ଟି କରିବା" ବା "ବିପଦ ଆଣିବା" ବାକ୍ୟାଂଶକୁ "ମାନସିକ ଯନ୍ତ୍ରଣାଦାୟକ ଅଶାନ୍ତିକର ବିଷୟଗୁଡ଼ିକ ଘଟାଇବା" କିମ୍ବା "ସମସ୍ୟାଗୁଡ଼ିକ ସୃଷ୍ଟି କରିବା" କିମ୍ବା "ସେମାନଙ୍କୁ ଅତି କଷ୍ଟଦାୟକ ବିଷୟଗୁଡ଼ିକର ଅନୁଭୂତି ପାଇବାକୁ ଦେବା" ବୋଲି ଅନୁବାଦ କରାଯାଇପାରେ I

(ମାନସିକ ଯନ୍ତ୍ରଣା, ତାଡନା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ରାଜାବଳୀ 18:18-19
- 2 ବଂଶାବଳୀ 25:19
- ଲୂକ 24:38
- ମାଥିଉ 24:6
- ମାଥିଉ 26:36-38

ଶବ୍ଦବିନ୍ୟାସ :

- Strong's: H0205, H0926, H0927, H1204, H1607, H1644, H1804, H2000, H4103, H5916, H5999, H6031, H6040, H6470, H6696, H6862, H6869, H6887, H7264, H7267, H7451, H7489, H8513, G03870, G16130, G17760, G23460, G23470, G23500, G23600, G28730, G36360, G39260, G39300, G39860, G44230, G46600, G50150, G51820

ଅସ୍ତ୍ରଶସ୍ତ୍ର, ଅସ୍ତ୍ରାଗାର

ପରିଭାଷା:

ଅସ୍ତ୍ରଶସ୍ତ୍ର ଶବ୍ଦ ସରଞ୍ଜାମକୁ, ଯାହା ଏକ ଯୋଦ୍ଧା ଯୁଦ୍ଧ ସମୟରେ ବ୍ୟବହାର କରେ ଏବଂ ଶତ୍ରୁର ପ୍ରହାରରୁ ନିଜକୁ ରକ୍ଷା କରେ ତାହାକୁ ବୁଝାଏ I ଏହା ସାଙ୍କେତିକ ଭାବରେ ଆତ୍ମିକ ଅସ୍ତ୍ରଶସ୍ତ୍ରକୁ ସୂଚାଇବା ନିମନ୍ତେ ମଧ୍ୟ ବ୍ୟବହାର କରାଯାଇଅଛି I

- ଗୋଟିଏ ଶିରସ୍ତ୍ରାଣ, ଗୋଟିଏ ଢାଲ, ଗୋଟିଏ ବୁକୁପଟା, ଗୋଭୟ ଆବରଣ, ଏବଂ ଏକ ଖଣ୍ଡାର ସମଷ୍ଟି, ଏକ ସୈନିକର ଅସ୍ତ୍ରଶସ୍ତ୍ରର ଅଂଶ ଅଟେ I
- ସାଙ୍କେତିକ ଭାବେ ବ୍ୟବହାର କରି, ପ୍ରେରିତ ପାଉଲ ଶାରୀରିକ ଅସ୍ତ୍ରଶସ୍ତ୍ରକୁ ଆତ୍ମିକ ଅସ୍ତ୍ରଶସ୍ତ୍ର ସହ ତୁଳନା କରନ୍ତି, ଯାହା ଈଶ୍ୱର ତାଙ୍କ ବିଶ୍ୱାସୀମାନଙ୍କୁ ଆତ୍ମିକ ଯୁଦ୍ଧ ଲଢିବା ନିମନ୍ତେ ତାହାଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଦେଇଥାନ୍ତି I
- ପାପ ଏବଂ ଶୟତାନ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ତାହା ସହିତ ସତ୍ୟ, ଧାର୍ମିକତା ଶାନ୍ତିର ସୁସମାଚାର, ବିଶ୍ୱାସ, ପରିତ୍ରାଣ, ଏବଂ ପବିତ୍ର ଆତ୍ମା ନିମନ୍ତେ ଈଶ୍ୱର ତାଙ୍କ ଲୋକମାନଙ୍କୁ ଆତ୍ମିକ ଅସ୍ତ୍ରଶସ୍ତ୍ର ଦିଅନ୍ତି I
- ଏହାକୁ "ସୈନିକର ମୁଖ୍ୟ ଅଂଶ"କିମ୍ବା "ରକ୍ଷଣଶୀଳ ଯୁଦ୍ଧ ପୋଷାକ"କିମ୍ବା "ରକ୍ଷଣଶୀଳ ଆବରଣ"କିମ୍ବା "ଅସ୍ତ୍ର"ବୋଲି ଅନୁବାଦ କରାଯାଇପାରେ I

(ବିଶ୍ୱାସ, ପବିତ୍ର ଆତ୍ମା, ଶାନ୍ତି, ଉଦ୍ଧାର ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ ୩୧:୯-୧୦
- ଦ୍ୱିତୀୟ ଶାମୁୟେଲ ୨୦:୮
- ଏଫିସୀୟ ୬:୧୧
- ଯିରିମୀୟ ୫୧:୩-୪
- ଲୂକ ୧୧:୨୨
- ନିହିମୀୟ ୪:୧୫-୧୬

ଶବ୍ଦବିନ୍ୟାସ:

- Strong's: H2290, H2488, H3627, H4055, H5402, G36960, G38330

ଅହଙ୍କାର କଲା,ଅହଙ୍କାର କରିବା

ସଂଜ୍ଞା:

"ଅହଙ୍କାର କଲା"ପ୍ରତିଶବ୍ଦ ଏକ ଆଳଙ୍କାରିକ ଭାବ ପ୍ରକାଶକ ପଦ ଅଟେ ଯାହା ଗର୍ବ କରିବା ବା ଅହଙ୍କାର କରିବା ବିଷୟକୁ ସୂଚାଏ I

(ଦେଖ: ରୁଢ଼୍ୟୋକ୍ତି)

- ଅହଙ୍କାର କରୁଥିବା ବ୍ୟକ୍ତି ମନରେ ଅନ୍ୟମାନଙ୍କଠାରୁ ନିଜକୁ ବଡ଼ ବୋଲି ଭାବିବା ମନୋଭାବ ଥାଏ I
- ପାଉଲ ଶିକ୍ଷା ଦେଲେ ଯେ ଅନେକଗୁଡିଏ ତଥ୍ୟ ଜାଣିବା କିମ୍ବା ଧର୍ମ ସଂକ୍ରାନ୍ତିୟ ଅନୁଭୂତିଗୁଡିକ ପାଇବା ବିଷୟ "ଅହଙ୍କାରୀ ହେବା" ଆଡ଼କୁ ବା "ଗର୍ବ କରିବା" ଆଡ଼କୁ କଢ଼ାଇ ନେଇପାରେ I
- ଅନ୍ୟ ଭାଷାଗୁଡିକର ହୁଏତ ସାମସ ଥିବା ରୁଢ଼୍ୟୋକ୍ତି ବା ଏହି ଅର୍ଥ ପ୍ରକାଶ କରୁଥିବା ଏକ ଭିନ୍ନ ପ୍ରକାଶ ଥାଇପାରେ, ଯଥା "ଗୋଟିଏ ବଡ଼ ମୁଣ୍ଡ ପାଇଥିବା ବ୍ୟକ୍ତି" I
- ଏହାକୁ "ଅତ୍ୟନ୍ତ ଗର୍ବୀ" ବା "ଅନ୍ୟମାନଙ୍କର ଘୃଣାପୂର୍ଣ୍ଣ" ବା "ଦାମ୍ଭିକ" ବା "ନିଜକୁ ଅନ୍ୟମାନଙ୍କଠାରୁ ଉତ୍କୃଷ୍ଟତର ଭାବିବା" ବୋଲି ଅନୁବାଦ କରାଯାଇପାରିବ I

(ଆହୁରି ମଧ୍ୟ ଦେଖ: ଉଦ୍ଧତ ବା ଦାମ୍ଭିକ, ଗର୍ବୀ)

ବାଇବଲ ପଦଗୁଡିକ:

- 1ମ କରିନ୍ଥୀୟ 04: 6-7
- 1ମ କରିନ୍ଥୀୟ 08:1-3
- 2ୟ କରିନ୍ଥୀୟ 12:6-7
- ହବକକୁକ୍ 02:4-5

ବୋର୍ଡ ଡାଟା :

- Strong's: H6075, G5229, G5448

ଆଜ୍ଞା ପାଳନ କରିବା, ରଖିବା

ପରିଭାଷା:

"ଆଜ୍ଞା ପାଳନ କରିବା" ଶବ୍ଦର ଅର୍ଥ ଯାହା ଜଣେ ବ୍ୟକ୍ତି କିମ୍ବା ବ୍ୟବସ୍ଥା ଦ୍ୱାରା ଆଦେଶ ଦିଆଯାଇଛି ତାହା କରିବା ଅଟେ। "ଆଜ୍ଞାବହ" ଶବ୍ଦ ତାହାକୁ ବର୍ଣ୍ଣନା କରେ ଯିଏ ଆଜ୍ଞାପାଳନ କରେ। ବେଳେବେଳେ ଏକ ଆଦେଶ ଆଜ୍ଞା ଯେପରି "ଚୋରି କର ନାହିଁ" କିଛି କରିବାରୁ ନିଷେଧ କରେ। ଏପରି ସ୍ଥଳେ, "ପାଳନ କରିବା" ଅର୍ଥ ଚୋରି ନ କରିବା। ବାଇବେଲରେ, "ରଖିବା" ଶବ୍ଦର ଅର୍ଥ "ପାଳନ କରିବା" ଅଟେ ।

- ସାଧାରଣ ପ୍ରସଙ୍ଗରେ "ଆଜ୍ଞା ପାଳନ କରିବା" ଶବ୍ଦ ଜଣେ କ୍ଷମତାରେ ଥିବା ବ୍ୟକ୍ତିଙ୍କ ନିୟମ କିମ୍ବା ଆଦେଶ ପାଳନ କରିବାକୁ ବୁଝାଏ । ଉଦାହରଣ ସ୍ୱରୁପ, ଲୋକମାନେ ବ୍ୟବସ୍ଥାକୁ ପାଳନ କରନ୍ତି ଯାହା ସବୁ ଗୋଟେ ଦେଶ, ରାଜ୍ୟ କିମ୍ବା ସଂଗଠନର ନେତାମାନଙ୍କ ଦ୍ୱାରା ପ୍ରଚଳିତ ହେଇଛି।
- ସନ୍ତାନମାନେ ସେମାନଙ୍କ ପିତା-ମାତାଙ୍କର ଆଜ୍ଞା ପାଳନ କରନ୍ତି , ଲୋକମାନେ ଈଶ୍ୱରଙ୍କ ଆଜ୍ଞା ପାଳନ କରନ୍ତି, ଏବଂ ନାଗରିକମାନେ ଆପଣା ଆପଣା ଦେଶର ନିୟମଗୁଡ଼ିକ ପାଳନ କରନ୍ତି।
- ଯେତେବେଳେ ଜଣେ ଅଧିକାରୀ ଲୋକମାନଙ୍କୁ କିଛି ବିଷୟ ନ କରିବାକୁ ଆଦେଶ ଦିଅନ୍ତି, ତାହା ସେମାନେ ନ କରିବା ଦ୍ୱାରା ପାଳନ କରନ୍ତି।
- ବିଭିନ୍ନ ମାଧ୍ୟମରେ ପାଳନ କରିବା ଶବ୍ଦକୁ ଗୋଟେ ଶବ୍ଦ କିମ୍ବା ବାକ୍ୟାଂଶ ସହ ଅନୁର୍ଭୁକ୍ତ କରି ଅନୁବାଦ କଲେ ତାହାର ଅର୍ଥ "ଯାହା ଆଜ୍ଞା ଦିଆଯାଇଛି ତାହା କର" କିମ୍ବା "ଆଦେଶକୁ ଅନୁସରଣ କର" କିମ୍ବା "ଯାହା ଈଶ୍ୱର କହିଛନ୍ତି ତାହା କର" ହେବ ।
- "ବାଧ୍ୟତା" ଶବ୍ଦକୁ "ଯାହା ଆଦେଶ କରାଯାଇଥିଲା ତାହା କର" କିମ୍ବା "ଆଦେଶର ଅନୁସରଣ କର" କିମ୍ବା "ଯାହା ଈଶ୍ୱର ଆଦେଶ କରିଅଛନ୍ତି ତାହା କର" ବୋଲି ଅନୁବାଦ କରାଯାଇପାରିବ ।

(ନାଗରିକ, ଆଦେଶ, ଅବାଧ୍ୟ, ରାଜ୍ୟ, ବ୍ୟବସ୍ଥା:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 5:32
- ପ୍ରେରିତ 6:7
- ଆଦି ପୁସ୍ତକ 28:6-7
- ଯାକୁବ 1:25
- ଯାକୁବ 2:10
- ଲୂକ 6:47
- ମାଥିଉ 7:26
- ମାଥିଉ 19:20-22
- ମାଥିଉ 28:20

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **3:4** ନୋହ ଈଶ୍ୱରଙ୍କ **ଆଜ୍ଞା ପାଳନ କଲେ**। ସେ ଓ ତାହାଙ୍କ ତିନି ପୁତ୍ରମାନେ ଈଶ୍ୱର ଯେପରି ସେମାନଙ୍କୁ କହିଲେ ସେପରି ସେମାନେ ଜାହଜ ନିର୍ମାଣ କଲେ।
- **5:6** ପୁଣି ଅବ୍ରାହମ ଈଶ୍ୱରଙ୍କ **ଆଜ୍ଞା ପାଳନ କଲେ** ଆଉ ଆପଣାର ପୁତ୍ରଙ୍କୁ ବଳିଦାନ ନିମନ୍ତେ ପ୍ରସ୍ତୁତ କଲେ।
- **5:10** "ଯେହେତୁ ତୁମ୍ଭେ (ଅବ୍ରାହମ) ମୋର **ଆଜ୍ଞା ପାଳନ** କଲ, ପୃଥିବୀର ସମସ୍ତ ପରିବାର ତୁମ୍ଭ ଦ୍ୱାରା ଆଶୀର୍ବାଦ ପାଇବେ"
- **5:10** କିନ୍ତୁ ମିସରୀୟମାନେ ଈଶ୍ୱରଙ୍କୁ ବିଶ୍ୱାସ କଲେ ନାହିଁ କିମ୍ବା ତାହାଙ୍କର **ଆଜ୍ଞା ପାଳନ** କଲେ ନାହିଁ।
- **13:7** ଯଦି ଲୋକମାନେ ଏହି ବ୍ୟବସ୍ଥା **ଆଜ୍ଞା ପାଳନ** କରିଥିଲେ, ଈଶ୍ୱର ପ୍ରତିଜ୍ଞା କଲେ ଯେ ସେ ସେମାନଙ୍କୁ ଆଶୀର୍ବାଦ କରିବେ ଓ ସୁରକ୍ଷା ଦେବେ।

ଶବ୍ଦବିନ୍ୟାସ:

- Strong's: H1697, H2388, H3349, H4928, H6213, H7181, H8085, H8086, H8104, G01910, G39800, G39820, G50830, G50840, G52180, G52190, G52550, G52920, G52930, G54420

ଆତଙ୍କ, ଆତଙ୍କିତ କରିବା, ଆତଙ୍କିତ କରାଇବା, ଭୟଭୀତ, ଭୟଭୀତ ହେବା

ପରିଭାଷା:

"ଆତଙ୍କିତ" ଶବ୍ଦ ଅତ୍ୟଧିକ ଭୟ ଅନୁଭବ କରିବାକୁ ବୁଝାଏ I ଅନ୍ୟ କାହାକୁ ଭୟଭୀତ କରାଇବା ଅର୍ଥ ସେହି ବ୍ୟକ୍ତିକୁ ଅତ୍ୟଧିକ ଭୟଭୀତ ଅନୁଭବ କରାଇବା ଅଟେ I

- "ଆତଙ୍କ" ଏପରି ଏକ ବିଷୟ ବା ବ୍ୟକ୍ତି ଯାହା ଅତ୍ୟଧିକ ବା ଭୟାନକ ଭୟ ସୃଷ୍ଟି କରାଏ I ଏକ ଆତଙ୍କର ଉଦାହରଣ ଶତ୍ରୁ ଆକ୍ରମଣ କରିବା ହୋଇପାରେ, କିମ୍ବା ମହାମାରୀ କିମ୍ବା କୌଣସି ରୋଗ ଯାହା ବ୍ୟାପିଯାଇ ଅନେକ ଲୋକଙ୍କୁ ମାରି ପକାଏ ହୋଇପାରେ I
- ଏହି ଆତଙ୍କକୁ "ଭୟଙ୍କର" ବୋଲି ବର୍ଣ୍ଣନା କରାଯାଇପାରେ I ଏହି ଶବ୍ଦକୁ "ଭୟ-ଜାତକାରୀ" କିମ୍ବା "ଭୟ-ଉତ୍ପନ୍ନକାରୀ" ବୋଲି ଅନୁବାଦ କରାଯାଇପାରେ I
- ଅନୁତାପ କରି ନ ଥିବା ଲୋକମାନେ ଯେଉଁମାନେ ଅନୁଗ୍ରହକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ଈଶ୍ୱରଙ୍କ ବିଚାର ସେମାନଙ୍କୁ ଦିନେ ଭୟଭୀତ କରିବ I
- "ଯିହୋବାଙ୍କର ଭୟ" ବାକ୍ୟାଂଶକୁ "ଯିହୋବାଙ୍କ ଉପସ୍ଥିତିର ଭୟ" କିମ୍ବା "ଯିହୋବାଙ୍କର ବିଚାରର ଭୟାନକ ଅବସ୍ଥା" କିମ୍ବା "ଯେତେବେଳେ ଯିହୋବା ଭୟ ଉତ୍ପନ୍ନ କରିବେ" ବୋଲି ଅନୁବାଦ କରାଯାଇପାରେ I
- "ଆତଙ୍କ" ଶବ୍ଦକୁ "ଅତ୍ୟଧିକ ଭୟ" କିମ୍ବା "ଗଭୀର ଭାବରେ ଭୟଭୀତ ହେବା" ବୋଲି ଅନୁବାଦ ମଧ୍ୟ କରାଯାଇପାରେ I

(ବିରୋଧୀ ବ୍ୟକ୍ତି, ଭୟ, ବିଚାରକ, ମହାମାରୀ, ଯିହୋବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ 2:25
- ଯାତ୍ରାପୁସ୍ତକ 14:10
- ଲୂକ 21:9
- ମାର୍କ 6:48-50

ଶବ୍ଦବିନ୍ୟାସ:

- Strong's: H0367, H0926, H0928, H1091, H1161, H1204, H1205, H1763, H2111, H2113, H2189, H2731, H2847, H2851, H2865, H3372, H3707, H4032, H4172, H4288, H4637, H6184, H6206, H6343, H6973, G16290, G16300, G22580, G44220, G44260, G54010

ଆତ୍ମ ସଂଯମ ବା ନିଜକୁ ନୀୟନ୍ତ୍ରଣ କରିବା, ଆତ୍ମ ନୀୟନ୍ତ୍ରିତ

ସଂଜ୍ଞା:

ଆତ୍ମ ସଂଯମ ହେଉଛି ଜଣକର ଆଚରଣକୁ ପାପ କରିବାଠାରୁ ଦୁରେଇ ରଖିବାର ଏକ ଦକ୍ଷତା।

- ଏକ ଉତ୍ତମ ଆଚରଣକୁ, ଯାହା ପାପପୁର୍ଣ୍ଣ ଚିନ୍ତା, ବକ୍ତୁବ୍ୟ ଏବଂ କାର୍ଯ୍ୟ ନକରିବାକୁ ଦର୍ଶାଏ।
- ଆତ୍ମ ସଂଯମ ହେଉଛି ଫଳ କିମ୍ବା ଚରିତ୍ର ଯାହା ପବିତ୍ର ଆତ୍ମା ଖ୍ରୀଷ୍ଟବିଶ୍ୱାସୀମାନଙ୍କୁ ଦିଅନ୍ତି।
- ଜଣେ ବ୍ୟକ୍ତି ଯିଏ ଆତ୍ମ ସଂଯମ ବ୍ୟବହାର କରନ୍ତି ସେ କୌଣସି ଭୁଲ୍ କାର୍ଯ୍ୟ କରିବାର ଇଚ୍ଛାରୁ ନିଜକୁ ନିବୃତ୍ତ କରିପାବ। ଈଶ୍ୱର ଜଣେ ବ୍ୟକ୍ତିଙ୍କୁ ଆତ୍ମ ସଂଯମ କରିବା ସକ୍ଷମ କରନ୍ତି।

(ଆହୁରି ଦେଖ: ଫଳ, ପବିତ୍ର ଆତ୍ମା)

ବାଇବଲ ପଦ ପର୍ବ:

- 1 କରନ୍ଥିୟ 07:8-9
- 2 ପିତର 01:5-7
- 2 ତୀମଥି 03:1-4
- ଗାଲାତୀୟ 05:23

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H4623, H7307, G192, G193, G1466, G1467, G1468, G4997

ଆତ୍ମୀୟ,ରକ୍ତ ସମ୍ପର୍କୀୟ, ସମ୍ପର୍କୀୟ, ନିକଟ-କୁଟୁମ୍ବ

ପରିଭାଷା:

"ଆତ୍ମୀୟ" ଶବ୍ଦ ଜଣେ ବ୍ୟକ୍ତିର ରକ୍ତ ସମ୍ପର୍କୀୟଙ୍କୁ ବୁଝାଏ, ଯାହାକି ଗୋଷ୍ଠୀ ଭାବରେ ପରିଗଣିତ ହୁଏ | ଶବ୍ଦ " ନିକଟ-କୁଟୁମ୍ବ " ଏକ ପୁରୁଷ ସମ୍ପର୍କୀୟଙ୍କୁ ନିର୍ଦ୍ଦିଷ୍ଟ ଭାବରେ ବୁଝାଏ I

- "ଆତ୍ମୀୟ" ଏକ ବ୍ୟକ୍ତିର ନିକଟତମ ସମ୍ପର୍କୀୟକୁ ଦର୍ଶାଏ, ଯେପରି କି ମାତା-ପିତା, ଭାଇ ଭଉଣୀ କିମ୍ବା ଏହା ଦୁର ସମ୍ପର୍କୀୟକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ ଯେପରି କି ମଉସା, ମାମୁ, ପୁଡୁରା ଇତ୍ୟାଦି I
- ପୁରାତନ ଇସ୍ରାଏଲରେ ଯଦି ଜଣେ ପୁରୁଷ ମରିଯାଏ, ତାର ନିକଟତମ ଆତ୍ମୀୟ ତାହାର ବିଧବା ସ୍ତ୍ରୀ ସହ ବିବାହ କରେ, ତାର ସମ୍ପତିର ଯତ୍ନ ନିଏ, ତାର ପରିବାରର ନାମ ଆଗକୁ ନେଏ I ଏହି ଆତ୍ମୀୟକୁ "ନିକଟ-କୁଟୁମ୍ବ" କୁହାଯାଏ I
- ଏହି "ଆତ୍ମୀୟ" ଶବ୍ଦକୁ "ସମ୍ପର୍କୀୟ" କିମ୍ବା "ପରିବାର ସଦଶ୍ୟ" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ରୋମୀୟ ୧୬:୯-୧୧
- ରୂତ ୨:୨୦
- ରୂତ ୩:୯

ଶବ୍ଦବିନ୍ୟାସ:

- Strong's: H0251, H1350, H4129, H4130, H7138, H7607, G47730

ଆଦେଶ, ଆଜ୍ଞା

ପରିଭାଷା:

"ଆଦେଶ" ଶବ୍ଦର ଅର୍ଥ ଏକ ଆଦେଶ ଦେବା ଯାହା ନିଶ୍ଚିତ ଭାବରେ ପାଳନ କରାଯିବା ଅନିବାର୍ଯ୍ୟ ଅଟେ I ଏହି ଆଦେଶକୁ ଏକ "ଆଜ୍ଞା" ମଧ୍ୟ କୁହାଯାଇପାରେ ।

- ଏକ "ଆଦେଶ" ଏକ "ନିୟମ" ସହିତ ସମାନ ଅଟେ, କିନ୍ତୁ ସାଧାରଣତଃ ଲେଖିବା ପରିବର୍ତ୍ତେ କଥିତ ବିଷୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ I
- "ଆଦେଶ" ଶବ୍ଦକୁ "ଆଜ୍ଞା" କିମ୍ବା "ନିର୍ଦ୍ଦେଶ" କିମ୍ବା "ଆନୁଷ୍ଠାନିକ ଭାବରେ ଆବଶ୍ୟକ" କିମ୍ବା "ସର୍ବସାଧାରଣରେ ଏକ ଆଇନ ତିଆରି କରିବା"ବୋଲି ଅନୁବାଦ କରାଯାଇପାରେ I
- ଈଶ୍ୱରଙ୍କ ନିୟମକୁ ମଧ୍ୟ ନିୟମ, ବ୍ୟବସ୍ଥା ବା ଆଦେଶ ମଧ୍ୟ କୁହାଯାଏ I
- ମାନବ ଶାସକମାନଙ୍କ ଦ୍ୱାରା ଦିଆଯାଇଥିବା ଏକ ଆଦେଶର ଏକ ଉଦାହରଣ କାଇସର ଅଗଷ୍ଟ ଘୋଷଣାରେ ରୋମୀୟ ସାମ୍ରାଜ୍ୟରେ ବାସ କରୁଥିବା ପ୍ରତ୍ୟେକ ଲୋକ ଏକ ଜନଗଣନାରେ ଅଂଶଗ୍ରହଣ କରିବାକୁ ହେଲେ ନିଜ ସହରକୁ ଫେରିବାକୁ ପଡିବ।

(ଦେଖନ୍ତୁ: ଆଜ୍ଞା, ଘୋଷଣା କରିବା, ନିୟମ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୧୫: ୧୩-୧୫
- ପ୍ରଥମ ରାଜାବଳୀ ୮: ୫୭-୫୮
- ପ୍ରେରିତ ୧୭: ୫-୭
- ଦାନିୟେଲ ୨:୧୩
- ଏଷ୍ଟର ୧:୨୨
- ଲୂକ ୨:୧

ଶବ୍ଦବିନ୍ୟାସ:

Strong's: H0559, H0633, H1697, H5715, H1504, H1510, H1881, H1882, H1696, H2706, H2708, H2710, H2711, H2782, H2852, H2940, H2941, H2942, H3791, H3982, H4055, H4406, H4687, H4941, H5407, H5713, H6599, H6680, H7010, H8421, G13780

ଆନନ୍ଦ, ଆନନ୍ଦମୟ, ଆନନ୍ଦ କରିବା, ଆନନ୍ଦ କରନ୍ତି, ଅନନ୍ଦିତ

ପରିଭାଷା:

ଆନନ୍ଦ

" ଆନନ୍ଦ" ଶବ୍ଦର ଅର୍ଥ ଆନନ୍ଦ କିମ୍ବା ଗଭୀର ସନ୍ତୁଷ୍ଟିର ଅନୁଭବ ଅଟେ । ସମ୍ପୃକ୍ତ ଶବ୍ଦ "ଆନନ୍ଦ" ଜଣେ ବ୍ୟକ୍ତିଙ୍କୁ ବର୍ଣ୍ଣନା କରେ ଯିଏ ବହୁତ ଆନନ୍ଦ ଅନୁଭବ କରେ ଏବଂ ଗଭୀର ସୁଖରେ ପରିପୂର୍ଣ୍ଣ ଅଟେ।

- ଜଣେ ବ୍ୟକ୍ତି ଆନନ୍ଦ ଅନୁଭବ କରେ ଯେତେବେଳେ ସେ ଏକ ଗଭୀର ଚେତନର ଅନୁଭବ କରେ ତାହାର ଅନୁଭବ ଅତି ଉତ୍ତମ ଅଟେ I
- କେବଳ ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସତ୍ୟ ଆନନ୍ଦ ଦିଅନ୍ତି।
- ଆନଦ ହେବାର ଅର୍ଥ ଏହା ନୁହେଁ କି ଶୃଙ୍ଖଳତା ପରିସ୍ଥିତି ଉପରେ ନିର୍ଭର କରିବା। ଜୀବନରେ ବହୁତ କଷ୍ଟଦାୟକ ଘଟଣା ଘଟୁଥିଲେ ମଧ୍ୟ ଈଶ୍ୱର ଲୋକମାନଙ୍କୁ ଆନନ୍ଦ ଦେଇପାରନ୍ତି।
- ଅନେକ ସମୟରେ ସ୍ଥାନଗୁଡ଼ିକ ଆନନ୍ଦ ସଦୃଶ୍ୟରେ ବ୍ୟାଖ୍ୟା କରାଯାଇଛି, ଯେପରି ଗୃହଗୁଡ଼ିକ କିମ୍ବା ନଗର ବା ସହରସବୁ। ଏହାର ଅର୍ଥ ସେଠାରେ ବସବାସ କରୁଥିବା ଲୋକମାନେ ଶାନ୍ତିପୂର୍ଣ୍ଣ ବା ଆନଦମୟ ଅଟନ୍ତି।

ଆନନ୍ଦିତ କରିବା

“ଆନନ୍ଦ” ଶବ୍ଦର ଅର୍ଥ ଆନନ୍ଦ ଏବଂ ଆନନ୍ଦରେ ପରିପୂର୍ଣ୍ଣ ଅଟେ।

- ଏହି ଶବ୍ଦ ପ୍ରାୟତଃ ଈଶ୍ୱର କରିଥିବା ଉତ୍ତମ କାର୍ଯ୍ୟଗୁଡ଼ିକ ଉପରେ ଅତ୍ୟଧିକ ଖୁସି ହେବା ବିଷୟରେ ସୂଚିତ କରେ।
- ଏହାକୁ “ଅତି ଖୁସି ହେବା” କିମ୍ବା “ଖୁସିରେ ଝୁମିବା” କିମ୍ବା ଆନନ୍ଦିତ ହୁଅନ୍ତୁ “ବୋଲି ଅନୁବାଦ କରାଯାଇପାରେ ।
- ଯେତେବେଳେ ମରୀୟମ କହିଲେ, ମୋହର ହୃଦୟ ଈଶ୍ୱର ମୋହର ଉଦ୍ଧାର କର୍ତ୍ତାଙ୍କଠାରେ ଆନନ୍ଦିତ କରେ” ତାହାଙ୍କର(ମରୀୟମ)ର ଅର୍ଥ "ଈଶ୍ୱର ମୋହର ଉଦ୍ଧାରକର୍ତ୍ତା ମୋତେ ବହୁତ ଖୁସି କରିଅଛନ୍ତି” କିମ୍ବା “ମୁଁ ଅତି ଆନନ୍ଦିତ ଅନୁଭବ କରୁଅଛି କାରଣ ମୋହର ପ୍ରଭୁ ମୋହର ଉଦ୍ଧାରକର୍ତ୍ତା ମୋ ପାଇଁ ଯାହା କିଛି କରିଅଛନ୍ତି।“

ଅନୁବାଦ ପ୍ରସ୍ତାବଗୁଡ଼ିକ:

· “ଆନଦ” ଶବ୍ଦକୁ “ଝୁମି ଉଠିବା” କିମ୍ବା “ଖୁସିରେ ନାଚିବା” କିମ୍ବା “ଅତି ଖୁସି” ବୋଲି ଅନୁବାଦ କରାଯାଇପାରେ ।

· ଜଣେ ବ୍ୟକ୍ତି ଯିଏ ଆନନ୍ଦିତ ଅଟେ ତାହାକୁ “ଅତ୍ୟଧିକ ଆନନ୍ଦ” କିମ୍ବା “ଖୁସିରେ ଝୁମି ଉଠିବା“ କିମ୍ବା “ଅତି ଆନନ୍ଦିତ ହେବା “ରୂପରେ ବ୍ୟାଖ୍ୟା କରାଯାଏ।

· “ଆନନ୍ଦଧ୍ୱନି କର” ବାକ୍ୟାଂଶକୁ "ଏପରି ଭାବରେ ଆନନ୍ଦିତ ହୁଅ ଯାହା ଦର୍ଶାଏ ଯେ ତୁମ୍ଭେମାନେ ଅତ୍ୟଧିକ ଆନନ୍ଦିତ" ବୋଲି ଅନୁବାଦ କରାଯାଇପାରେ ।

· ଏକ ବାକ୍ୟାଂଶକୁ “ଆନନ୍ଦରେ ଜୟ ଧ୍ୱନି କର “ ଏପରି ଚିତ୍କାର କର ଯେ ତୁମ୍ଭେମାନେ ଅତି ଆନନ୍ଦିତ ଅଛ “ବୋଲି ଅନୁବାଦ କରାଯାଇପାରେ I

· ଏକ “ଆନନ୍ଦମୟ ସହର “କିମ୍ବା“ଆନନ୍ଦମୟ ଘର” ବାକ୍ୟାଂଶକୁ ସହର ଯେଉଁଠାରେ ଆନନ୍ଦିତ ଲୋକମାନେ ରହନ୍ତି” କିମ୍ବା“ଘର ଯେଉଁଠାରେ ଆନନ୍ଦିତ ଲୋକମାନେ ରହନ୍ତି”କିମ୍ବା“ସହର ଯାହାର ଲୋକମାନେ ଅତି ଆନନ୍ଦିତ ଅଟନ୍ତି” ବୋଲି ଅନୁବାଦ କରାଯାଇପାରେ I (<u>ଲକ୍ଷଣାତ୍ମକ ଶବ୍ଦ</u>: ଦେଖନ୍ତୁ)

ବାଇବେଲ ପଦପର୍ବ:

- ନିହିମୀୟା 8:10
- ଗୀତସଂହିତା 48:2
- ଯିଶାଇୟ 56:6-7
- ଯିରିମୀୟ15:15-16
- ମାଥିଉ 2:9-10
- ଲୂକ 15:7
- ଲୂକ 19:37-38
- ଯୋହନ 3:29

- ପ୍ରେରିତ 16:32-34
- ରୋମୀୟ 5:1-2
- ରୋମୀୟ 15:30-32
- ଗାଲାତୀୟ 5:23
- ଫିଲିପ୍ପୀୟ4:10-13
- ପ୍ରଥମ ଥେସଲନୀକୀୟ 5:6-7
- ପ୍ରଥମ ଥେସଲନୀକୀୟ 5:16
- ଫିଲୀମୋନ 1:4-7
- ଯାକୁବ 1:2
- ତୃତୀୟ ଯୋହନ 1:1-4

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **33:7** "ପଥୁରିଆ ଭୂମି ଏକ ବ୍ୟକ୍ତି ଅଟେ ଯେ ଈଶ୍ୱରଙ୍କର ବାକ୍ୟ **ଆନନ୍ଦ** ସହିତ ଗ୍ରହଣ କରେ।"
- **34:4** "ଈଶ୍ୱରଙ୍କ ରାଜ୍ୟ ମଧ୍ୟ ଲୁକ୍କାୟିତ ଧନ ସଦୃଶ ଯାହାକୁ କେହି କ୍ଷେତରେ ଲୁଚାଇ ରଖିଥିଲେ.। ଆଉ ଜଣେ ବ୍ୟକ୍ତି ସେହି ଧନ ପାଇଲେ ଏବଂ ପୁନର୍ବାର ପୋତି ଦେଲେ। ସେ ଅତ୍ୟଧିକ **ଆନନ୍ଦରେ** ପରିପୂର୍ଣ୍ଣ ଥିଲେ ଯେ ସେ ଯାଇ ତଙ୍କ ପାଖରେ ଥିବା ସର୍ବସ୍ୱ ବିକ୍ରୟ କଲା ଓ ସେହି ଅର୍ଥରେ ସେହି କ୍ଷେତ୍ର କିଣିବା ପାଇଁ ଟଙ୍କା ବ୍ୟବହାର କରିଥିଲେ।"
- **41:7** ମହିଳାମାନେ ଭୟ ଏବଂ ମହା **ଆନନ୍ଦରେ** ପରିପୂର୍ଣ୍ଣ ଥିଲେ। ସେମାନେ ଶିଷ୍ୟମାନଙ୍କୁ ସୁସମାଚାର ଜଣାଇବାକୁ ବେଗେ ଦୌଡ଼ି ଗଲେ।

ଶବ୍ଦବିନ୍ୟାସ:

- Strong's: H1523, H1524, H1525, H2302, H2304, H2305, H2654, H2898, H4885, H5937, H5947, H5965, H5970, H6342, H6670, H7440, H7442, H7444, H7445, H7797, H7832, H8055, H8056, H8057, H8342, H8643, G00200, G00210, G21650, G21670, G27440, G46400, G47960, G49130, G54630, G54790

ଆନନ୍ଦିତ

ପରିଭାଷା:

"ଆନନ୍ଦିତ" ଶବ୍ଦର ଅର୍ଥ ଅତ୍ୟଧିକ ଆନନ୍ଦ ବା ମହାନନ୍ଦ ଅଟେ ।

- କୌଣସି ବିଷୟରେ "ଆନନ୍ଦିତ" ହେବାର ଅର୍ଥ "ଆନନ୍ଦରେ ନେବା" କିମ୍ବା "ଖୁସି ହେବାକୁ" ବୁଝାଏ ।
- ଯେବେ କୌଣସି ବିଷୟ ଅତ୍ୟନ୍ତ ଗ୍ରହଣୀୟ ବା ପ୍ରୀତିକର, ତେବେ ଏହାକୁ "ଆନନ୍ଦିତପୂର୍ଣ୍ଣ" କୁହାଯାଏ ।
- "ଯିହୋବାଙ୍କ ବିଧିରେ ମୋର ଆନନ୍ଦ ଅଛି" ଅଭିବ୍ୟକ୍ତିକୁ "ଯିହୋବାଙ୍କର ବିଧି ମୋତେ ବହୁତ ଆନନ୍ଦ ଦିଏ" କିମ୍ବା "ଯିହୋବାଙ୍କର ବିଧିଗୁଡ଼ିକୁ ପାଳନ କରିବାକୁ ମୁଁ ଭଲ ପାଏ" କିମ୍ବା "ଯେତେବେଳେ ମୁଁ ଯିହୋବାଙ୍କର ଆଜ୍ଞାଗୁଡ଼ିକ ପାଳନ କରେ ମୁଁ ଆନନ୍ଦିତ ହୁଏ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- "କୌଣସି ଆନନ୍ଦ ଦିଏ ନାହିଁ" କିମ୍ବା "କୌଣସି ଆନନ୍ଦ ନାହିଁ" ବାକ୍ୟାଂଶକୁ "ଆଦୌ ତା'ଦ୍ୱାରା ଖୁସି ନୁହଁ" କିମ୍ବା "କୌଣସି ବିଷୟରେ ପ୍ରଫୁଲ୍ଲ ନୁହଁ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- "ନିଜ ମଧ୍ୟରେ ଆନନ୍ଦିତ ହେବା" ବାକ୍ୟାଂଶକୁ "ସେ କାର୍ଯ୍ୟକରି ଉପଭୋଗ କରନ୍ତି" କିମ୍ବା କୌଣସି ବିଷୟରେ ବା କାହା ବିଷୟରେ "ସେ ଅତ୍ୟନ୍ତ ଖୁସି ଅଟନ୍ତି" ବୋଲି ଅନୁବାଦ କରାଯାଇପାରେ ।
- "ଆନନ୍ଦିତ ହୁଏ" ଶବ୍ଦଟି ଜଣେ ବ୍ୟକ୍ତି ଉପଭୋଗ କରୁଥିବା ବିଷୟଗୁଡ଼ିକୁ ସୂଚାଏ । ଏହା "ସନ୍ତୋଷଗୁଡ଼ିକ" କିମ୍ବା "ବିଷୟଗୁଡ଼ିକ ଯାହା ଖୁସି ଦିଏ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- "ମୁଁ ତୁମ୍ଭ ଇଚ୍ଛା ସାଧନ କରିବାକୁ ଆନନ୍ଦିତ ଅଟେ" ବାକ୍ୟାଂଶକୁ "ମୁଁ ତୁମ୍ଭ ଇଚ୍ଛା ସାଧନ କରିବାକୁ ଉପଭୋଗ କରେ" କିମ୍ବା "ଯେତେବେଳେ ମୁଁ ତୁମ୍ଭ ଆଜ୍ଞା ପାଳନ କରେ ମୁଁ ଅତ୍ୟନ୍ତ ଖୁସି ହୁଏ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।

ବାଇବେଲ ପଦପର୍ବ:

- ହିତୋପଦେଶ ୮: ୩୦
- ଗୀତସଂହିତା ୧:୨
- ଗୀତସଂହିତା ୧୧୯: ୬୯-୭୦
- ପରମଗୀତ ୧:3

ଶବ୍ଦବିନ୍ୟାସ:

- Strong's: H1523, H2530, H2531, H2532, H2654, H2655, H2656, H2836, H4574, H5276, H5727, H5730, H6026, H6027, H7306, H7381, H7521, H7522, H8057, H8173, H8191, H8588, H8597

ଆଶ୍ରୟ ସ୍ଥଳ, ଶରଣାର୍ଥୀ, ଆଶ୍ରୟସ୍ଥାନ, ଆଶ୍ରୟ ଦେବା

ପରିଭାଷା:

"ଆଶ୍ରୟ ସ୍ଥଳ" ଶବ୍ଦ ଏକ ସୁରକ୍ଷା ସ୍ଥାନ ବା ଅବସ୍ଥାକୁ ସୂଚାଏ I "ଶରଣାର୍ଥୀ" ଶବ୍ଦ ଏଭଳି ଜଣେ ବ୍ୟକ୍ତିକୁ ସୂଚାଏ ଯିଏ ଏକ ନିରାପଦ ସ୍ଥାନକୁ ଅନ୍ୱେଷଣ କରେ I "ଆଶ୍ରୟସ୍ଥାନ" ଏକ ସ୍ଥାନକୁ ସୂଚାଏ ଯାହା ପାଣିପାଗ ଏବଂ ବିପଦରୁ ସୁରକ୍ଷା ପ୍ରଦାନ କରେ I

- ବାଇବେଲରେ, ଅନେକ ସମୟରେ ଈଶ୍ୱରଙ୍କୁ ଏକ ଆଶ୍ରୟ ସ୍ଥଳ ଭାବରେ ଉଲ୍ଲେଖ କରାଯାଏ, ଯାହାଙ୍କଠାରେ ତାହାଙ୍କ ଲୋକମାନେ ନିରାପଦରେ, ସୁରକ୍ଷିତ ଭାବରେ ରହିପାରିବେ ଏବଂ ସେମାନେ ଯତ୍ନ ପାଇବେ I
- ପୁରାତନ ନିୟମରେ "ଆଶ୍ରୟ ନଗରୀ" ଏଭଳି ଅନେକ ନଗରୀମାନଙ୍କୁ ସୂଚାଉଥିଲା ଯେଉଁଠାରେ ଜଣେ ବ୍ୟକ୍ତି ଦୁର୍ଘଟଣାବଶତଃ କାହାରିକୁ ବଧ କରି ଏହି ନଗରୀକୁ ପଳାଇ ତାହାର ପ୍ରତିଶୋଧ ନେବା ନିମନ୍ତେ ତାହାକୁ ଆକ୍ରମଣ କରିବାକୁ ଯାଉଥିବା ଲୋକମାନଙ୍କ କବଳରୁ ରକ୍ଷା ପାଉଥିଲେ I
- ଅନେକ ସମୟରେ "ଆଶ୍ରୟ ସ୍ଥଳ" ଗୋଟିଏ କୋଠା ବା ଛାତ ଭଳି ଏକ ବସ୍ତୁଗତ ଗଠନ ଅଟେ, ଯାହା ଲୋକମାନଙ୍କୁ କିମ୍ବା ପଶୁମାନଙ୍କୁ ସୁରକ୍ଷା ଦେଇପାରେ I
- ବେଳେବେଳେ "ଆଶ୍ରୟ ସ୍ଥଳ" ର ଅର୍ଥ "ସୁରକ୍ଷା"କୁ ବୁଝାଏ; ବିଶେଷତଃ ଯେତେବେଳେ ଲୋଟ କହିଲେ ଯେ, ତାହାଙ୍କର ଅତିଥିମାନେ ତାଙ୍କର ଛାତ ତଳେ "ଆଶ୍ରୟପ୍ରାପ୍ତ" ହୋଇଛନ୍ତି I ସେ କହୁଥିଲେ ଯେ ସେମାନେ ନିରାପଦରେ ରହିବା ଉଚିତ କାରଣ ସେ ସେମାନଙ୍କୁ ତାଙ୍କ ଗୃହର ସଦସ୍ୟ ଭାବରେ ସୁରକ୍ଷା ଦେବା ନିମନ୍ତେ ଦାୟିତ୍ୱ ନେଇଛନ୍ତି I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡ଼ିକ:

- "ଆଶ୍ରୟ ସ୍ଥଳ" ଶବ୍ଦକୁ "ନିରାପଦ ସ୍ଥାନ" କିମ୍ବା "ସୁରକ୍ଷାର ସ୍ଥଳ" ବୋଲି ଅନୁବାଦ କରାଯାଇପାରିବ I
- "ଶରଣାର୍ଥୀମାନେ" ବିପଦଜନକ ପରିସ୍ଥିତିରୁ ରକ୍ଷା ପାଇବା ନିମନ୍ତେ ଆପଣାର ଗୃହ ଛାଡ଼ି ପଳାୟନନ କରନ୍ତି ଏବଂ ଏହାକୁ "ବିଦେଶୀ", ବାସଗୃହଶୂନ୍ୟ ଲୋକମାନେ" ବା "ପ୍ରବାସିତ" ବୋଲି ଅନୁବାଦ କରାଯାଇପାରେ I
- ପରିସ୍ଥିତିକୁ ଆଧାର କରି ଏହି "ଆଶ୍ରୟ ସ୍ଥାନ" ଶବ୍ଦକୁ "ଯାହା ସୁରକ୍ଷା ପ୍ରଦାନ କରେ" କିମ୍ବା "ସୁରକ୍ଷା" ବା "ସୁରକ୍ଷିତ ସ୍ଥାନ" ବୋଲି ଅନୁବାଦ କରାଯାଇପାରେ I
- ଯଦି ଏହା ଏକ ବସ୍ତୁଗତ ଗଠନକୁ ସୂଚାଏ, ତାହାହେଲେ "ଆଶ୍ରୟ ସ୍ଥାନ"କୁ ମଧ୍ୟ "ସୁରକ୍ଷା ପ୍ରଦାନକାରୀ କୋଠା" ବା "ନିରାପତ୍ତାର ଗୃହ" ବୋଲି ଅନୁବାଦ କରାଯାଇପାରେ I
- "ସୁରକ୍ଷିତ ଆଶ୍ରୟ ସ୍ଥଳକୁ" ବକ୍ୟାଂଶକୁ "ଏକ ନିରାପଦ ସ୍ଥାନକୁ" କିମ୍ବା "ସୁରକ୍ଷା ପ୍ରଦାନକାରୀ ସ୍ଥାନ ମଧ୍ୟକୁ" ବୋଲି ଅନୁବାଦ କରାଯାଇପାରେ I
- "ଆଶ୍ରୟ ପ୍ରାପ୍ତ ହେବା" କିମ୍ବା "ଆଶ୍ରୟ ନେବା" ପଦଗୁଡିକୁ "ଏକ ସୁରକ୍ଷିତ ସ୍ଥାନ ପାଇବା" କିମ୍ବା "ନିଜକୁ ଏକ ସୁରକ୍ଷିତ ସ୍ଥାନରେ ରଖିବା" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ ଶାମୁୟେଲ 22:3-4
- ଦ୍ୱିତୀୟ ବିବରଣ 32:37-38
- ଯିଶାଇୟ 23:13-14
- ଯିରିମୀୟ 16:19-21
- ଗଣନା 35:24-25
- ଗୀତସଂହିତା 46:1
- ଗୀତସଂହିତା 28:8

ଶବ୍ଦବିନ୍ୟାସ :

- Strong's: H2620, H4268, H4498, H4585, H4733, H4869

ଇସ୍ରାଏଲର ବାର ଗୋଷ୍ଠୀ, ବାର ଗୋଷ୍ଠୀ

ପରିଭାଷା:

''ଇସ୍ରାଏଲର ବାର ଗୋଷ୍ଠୀ'' ପଦଟି ଯାକୁବଙ୍କ ବାର ସନ୍ତାନମାନଙ୍କୁ ଓ ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ବୁଝାଏ I

- ଏହି ସମସ୍ତ ସେହି ଗୋଷ୍ଠୀଗୁଡ଼ିକର ନାମ ଅଟେ: ରୁବେନ୍, ଶିମିୟୋନ୍, ଲେବୀ, ଯିହୁଦା, ଦାନ, ନପ୍ତାଲି, ଗାଦ୍, ଆଶେର୍, ଇଷାଖର, ସବୂଲୂନ୍, ଯୋଷେଫ, ଏବଂ ବିନ୍ୟାମିନ୍ I
- ବାଇବେଲରେ ଅନେକ ସ୍ଥାନ ଅଛି ଯେଉଁଥିରେ ବାର ଗୋଷ୍ଠୀର ତାଲିକା ଅଳ୍ପ ଭିନ୍ନ ଅଛି I ବେଳେବେଳେ ଲେବୀ, ଯୋଷେଫ, ଏବଂ ଦାନଙ୍କୁ ତାଲିକାରୁ ବାହାର କରିଦିଆଯାଇଛି ଏବଂ କେତେକ ସମୟରେ ଯୋଶେଫଙ୍କ ଦୁଇ ପୁତ୍ର ଇଫ୍ରୟିମ ଏବଂ ମନଃଶିଙ୍କୁ ତାଲିକାଭୁକ୍ତ କରାଯାଇଛି I

(ରୁବେନ୍, ଶିମିୟୋନ୍, ଲେବୀ, ଯିହୁଦା, ଦାନ, ନପ୍ତାଲି, ଗାଦ୍, ଆଶେର୍, ଇଷାଖର, ସବୂଲୂନ୍, ଯୋଷେଫ, ବିନ୍ୟାମିନ୍, ଇଫ୍ରୟିମ, ମନଃଶି, ଇସ୍ରାଏଲ, ଯାକୁବ, ଗୋଷ୍ଠୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 26:7
- ଆଦି ପୁସ୍ତକ 49:28
- ଲୂକ 22:28-30
- ମାଥିଉ 19:28

ଶବ୍ଦବିନ୍ୟାସ :

- Strong's: H3478, H7626, H8147, G14270, G24740, G54430

ଈର୍ଷା, ଲୋଭ

ପରିଭାଷା:

"ଈର୍ଷା" ଶବ୍ଦଟି ଜଣକ ପ୍ରତି ଈର୍ଷାନିତ୍ୱ ହେବାର କାରଣ ଯାହା ସେହି ବ୍ୟକ୍ତିଠାରେ ଅଛି କିମ୍ବା ସେହି ବ୍ୟକ୍ତିଠାରେ ଥିବା ଉତ୍କୃଷ୍ଟ ଗୁଣଗୁଡ଼ିକ ହେତୁ ଅଟେ। "ଲୋଭ" ଶବ୍ଦଟିର ଅର୍ଥ କୌଣସି ବିଷୟକୁ ପାଇବା ପାଇଁ ଦୃଢ଼ ଇଚ୍ଛା କରିବାକୁ ବୁଝାଏ।

- ଈର୍ଷା ସାଧାରଣତଃ ଅନ୍ୟ ବ୍ୟକ୍ତିଙ୍କର ସଫଳତା, ସୌଭାଗ୍ୟ, କିମ୍ବା ସମ୍ପତ୍ତିଗୁଡ଼ିକ ହେତୁ ଏକ ନକରାତ୍ମକ ବିରକ୍ତିଭାବ ଅଟେ।
- ଅନ୍ୟ ବ୍ୟକ୍ତିର ସମ୍ପତ୍ତିକୁ କିମ୍ବା ଅନ୍ୟର ସ୍ତ୍ରୀ ବା ପୁରୁଷକୁ ପାଇବା ପାଇଁ ଦୃଢ଼ ଇଚ୍ଛା କରିବା ଲୋଭ ଅଟେ।

(ଈର୍ଷା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ13:4-7
- ପ୍ରଥମ ପିତର 2:1
- ଯାତ୍ରାପୁସ୍ତକ 20:17
- ମାର୍କ 7:20-23
- ହିତୋପଦେଶ 3:31-32
- ରୋମୀୟ 1:29

ଶବ୍ଦବିନ୍ୟାସ:

- Strong's: H0183, H1214, H1215, H2530, H3415, H5869, H7065, H7068, G08660, G19370, G22050, G22060, G37130, G37880, G41230, G41240, G41900, G53540, G53550, G53660

ଉତ୍କ୍ରୋଶ ପକ୍ଷୀ

ପରିଭାଷା:

ଉତ୍କ୍ରୋଶ ପକ୍ଷୀ ଏକ ବିରାଟ ଶକ୍ତିଶାଳୀ ପକ୍ଷୀ ଯାହା ଛୋଟ ପ୍ରାଣୀ ଯେପରି ମାଛ, ମୁଷା, ସାପ, ଏବଂ କୁକୁଡ଼ା ଖାଦ୍ୟପାଇଁ ଶିକାର କରେI

- ବାଇବେଲ ସୈନ୍ୟଦଳର ବେଗ ଏବଂ ଶକ୍ତି ସହିତ ଉତ୍କ୍ରୋଶ ପକ୍ଷୀର ଶିକାର ପ୍ରତି ଆକ୍ରମଣ କରିବାର ବେଗ ସହିତ ତୁଳନା କରେ I
- ଯିଶାଇୟ କହନ୍ତି ଯେ ଯେଉଁମାନେ ଈଶ୍ୱରଙ୍କଠାରେ ନିର୍ଭର କରନ୍ତି ସେମାନେ ଉତ୍କ୍ରୋଶ ପକ୍ଷୀ ପରି ଉଡ଼ିବେ I ଏହା ଆଳଙ୍କାରିକ ଭାଷା ଅଟେ ଯାହା ସ୍ୱାଧିନତା ଏବଂ ଶକ୍ତିକୁ ବୁଝାଏ ଯାହା ଈଶ୍ୱରଙ୍କଠାରେ ବିଶ୍ୱାସ କରିବା ଏବଂ ବାଧ ହେବା ଦ୍ୱାରା ଆସିଥାଏ I
- ଦାନିୟେଲ ପୁସ୍ତକରେ, ରାଜା ନବୂଖଦ୍‌ନିତ୍ସରଙ୍କର କେଶର ଲମ୍ବା ଉତ୍କ୍ରୋଶ ପକ୍ଷୀର ପର ସହ ତୁଳନା କରାଯାଇଛି ଯାହା ୫୦ ସେଣ୍ଟୀମିଟରଠାରୁ ଅଧିକ ଲମ୍ବା ହୋଇପାରେ I

(ଦେଖନ୍ତୁ: ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

(ଦେଖନ୍ତୁ: ଦାନିୟେଲ, ମୁକ୍ତ, ନବୂଖଦ୍‌ନିତ୍ସର, ଶକ୍ତି)

ବାଇବେଲ ପଦପର୍ବ:

- ୨ ଶାମୁୟେଲ ୧:୨୩
- ଦାନିୟେଲ ୭:୪
- ଯିରିମୀୟ ୪:୧୩-୧୫
- ଲେବୀୟପୁସ୍ତକ ୧୧:୧୩-୧୭
- ପ୍ରକାଶିତ ବାକ୍ୟ ୪:୭

ଶବ୍ଦବିନ୍ୟାସ:

- Strong’s: H5403, H5404, G01050

ଉଚ ସ୍ଥାନ, ଉଚ ସ୍ଥାନ ସକଳ

ସଂଜ୍ଞା:

"ଉଚ ସ୍ଥାନ" ଶବ୍ଦର ଅର୍ଥ ବେଦୀ ଓ ପୁଣ୍ୟ ପିଠ ଯାହା ମୂର୍ତ୍ତି ପୂଜା ନିମନ୍ତେ ବ୍ୟବହୃତ ହୁଏ I ଏହି ସବୁ ସାଧାରଣତଃ ଉଚ ସ୍ଥାନରେ ଉଚ ପଡ଼ିଆରେ ନିର୍ମିତ ହେଉଥିଲେ, ଯେପରିକି ଉଚ ପର୍ବତ କିଅବା ପର୍ବତ ପାଖରେ I

- ଇସରେଲର ଅନେକ ରାଜା ଉଚ ସ୍ଥାନରେ ମିଥ୍ୟା ନିମନ୍ତେ ଭଣ୍ଡ ଦେବ ବେଦୀ ନିର୍ମାଣ କରି ପାପ କଲେ I

ଏହି ସବୁ ଲୋକଙ୍କ ନିମନ୍ତେ ମୂର୍ତ୍ତି ପୂଜା କରିବାରେ ଅତି ଭାଗୀଦାରୀଥିଲା I

- ଏହା ଏହି ପ୍ରକାର ହୁଏ ଯେତେବେଳେ ଯିହୁଦାରେ ଓ ଓ ଇସ୍ରାଏଲରେ ଇଶ୍ୱର ଭକ୍ତ ଶାସନ କରିବାକୁ ଆରମ୍ଭ କଲେ, ଅନେକ ସମୟରେ ସେ ମୂର୍ତ୍ତି ପୂଜା ବନ୍ଦ ଉଚ ସ୍ଥାନ ଓ ବେଦୀ ବିନାଶ କରନ୍ତି I
- ଯାହା ମଧ୍ୟ ହେଉ, କେତେକ ଭଲ ରାଜା ଅବହେଳା ହୋଇ ଉଚ୍ଚ ସ୍ଥାନ ନାଶ କରି ନଥିଲେ, ଯାହା ସମ୍ପୂର୍ଣ୍ଣ ଇସ୍ରାଏଲ ଦେଶ କୁ ମୂର୍ତ୍ତି ପୂଜା ନିମନ୍ତେ ବନ୍ଦ ହୋଇ ପାରୁ ନଥିଲେ I

ଅନୁବାଦ ପ୍ରସ୍ତାବ:

- ଅଲଗା ପ୍ରକାରେ ଏହାକୁ ଅନୁବାଦ କଲେ "ମୂର୍ତ୍ତି ପୂଜା ନିମନ୍ତେ ଚଢିବା ସ୍ଥାନ "କିଅବା "ପର୍ବତ ଶିଖର ମୂର୍ତ୍ତି ପୁଣ୍ୟ ପିଠ "କିଅବା "ଛୋଟ ପାହାଡ଼ ମୂର୍ତ୍ତି ପାଇଁ ବେଦୀ "ରୂପରେ ଅନୁବାଦ କରାଯାଏ I
- ନିଶ୍ଚିନ୍ତ ହୁଅନ୍ତୁ ଏହି ଶବ୍ଦ ମୂର୍ତ୍ତି ବେଦୀ କୁ ଦର୍ଶାଏ, କେବଳ ଉଚ ସ୍ଥାନ ନୁହେଁ ଯେଉଁଠାରେ ପୁର୍ତ୍ତୀ ସବୁ ଅଛି I

(ଆହୁରି ଦେଖନ୍ତୁ: ବେଦୀ, ମିଥ୍ୟା ଇଶ୍ୱର, ପୂଜା)

ବାଇବଲ ପଦପର୍ବ:

- ୧ ଶାମୁଏଲ ୦୯:୧୨-୧୩
- ୨ ରାଜା ୧୬: ୩-୪
- ଆମୋଷ ୦୪:୧୨-୧୩
- ବ୍ୟବସ୍ଥାବିବରଣ ୩୩:୨୯
- ଯିହଜିକଲ୍ ୦୬:୧-୩
- ହବକୁକ୍ ୦୩:୧୬-୧୯

ବୋର୍ଡ ଡାଟା :

- Strong's: H1116, H1181, H1354, H2073, H4791, H7311, H7413

ଉଚ୍ଚରେ, ଉଚ୍ଚତମ ସ୍ଥାନରେ

ପରିଭାଷା:

"ଉଚ୍ଚରେ" ଏବଂ "ଉଚ୍ଚତମ ସ୍ଥାନରେ" ବାକ୍ୟାଂଶ ସାଧାରଣତଃ "ସ୍ୱର୍ଗରେ" ବୋଲି ବୁଝାଏ ।

- "ଉଚ୍ଚତମ ସ୍ଥାନରେ" ବାକ୍ୟାଂଶର ଅର୍ଥ "ସବୁଠାରୁ ସମ୍ମାନିତ" ମଧ୍ୟ ହୋଇପାରେ ।
- ଏହି ଅଭିବ୍ୟକ୍ତିକୁ ଆକ୍ଷରିକ ଭାବେ ମଧ୍ୟ ଅନୁବାଦ କରାଯାଇ ପାରେ ଯେପରି "ଉଚ୍ଚତମ ବୃକ୍ଷ" ଯାହାର ଅର୍ଥ "ଦୀର୍ଘକାୟ ବୃକ୍ଷ" ଅଟେ ।
- "ଉଚ୍ଚରେ" ଆକାଶ ପରି ଉଚ୍ଚରେ ରହିବାକୁ ମଧ୍ୟ ବୁଝାଏ, ଯେପରି ପକ୍ଷୀର ବସା ଯାହା ଉଚ୍ଚରେ ଥାଏ । ସେହି ପ୍ରସଙ୍ଗରେ ଏହି ବାକ୍ୟାଂଶକୁ "ଉଚ୍ଚ ଆକାଶରେ" କିମ୍ବା "ଦୀର୍ଘକାୟର ବୃକ୍ଷର ଅଗ୍ରଭାଗରେ" ବୋଲି ଅନୁବାଦ କରାଯାଇପାରେ ।
- "ଉଚ୍ଚ" ଶବ୍ଦ ଉଚ୍ଚ ସ୍ଥାନ କିମ୍ବା କୌଣସି ବ୍ୟକ୍ତିର ଗୁରୁତ୍ୱ କିମ୍ବା ପଦାର୍ଥକୁ ମଧ୍ୟ ବୁଝାଏ ।
- "ଉଚ୍ଚ ସ୍ଥାନରୁ" ଅଭିବ୍ୟକ୍ତିକୁ "ସ୍ୱର୍ଗରୁ" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ସ୍ୱର୍ଗ, ସମ୍ମାନ)

ବାଇବେଲ ପଦପର୍ବ:

- ବିଳାପଗୀତ ୧:୧୩
- ଗୀତସଂହିତା ୬୯:୨୯

ଶବ୍ଦବିନ୍ୟାସ:

- Strong's: H1361, H4605, H4791, H7682, G17220, G53080, G53100, G53110

ଉଠାଇବା, ଉଠିବା, ଉଠାଇବା, ଉଠିବା, ଉଠିବା

ପରିଭାଷା:

ଉଠାଇବା, ଉଠିବା

ସାଧାରଣତଃ, "ଉଠାଇବା" ଶବ୍ଦର ଅର୍ଥ "ଉଠାଇବା" କିମ୍ବା "ଉଚ୍ଚ କରିବା" ଅଟେ I

- "ଉଠାଇବା" ବାକ୍ୟାଂଶର ଅର୍ଥ ବେଳେବେଳେ କୌଣସି ବିଷୟକୁ ସୃଷ୍ଟି କରିବା କିମ୍ବା ପ୍ରକାଶ କରିବାକୁ ସୂଚିତ କରେ I ଏହାର ଅର୍ଥ କୌଣସି କାର୍ଯ୍ୟ କରିବାକୁ କାହାକୁ ନିଯୁକ୍ତ କରିବା ମଧ୍ୟ ହେଇପାରେ I
- ବେଳେବେଳେ "ଉଠିବା" ଶବ୍ଦର ଅର୍ଥ "ପୂନଃସ୍ଥାପନ କରିବା" କିମ୍ବା "ପୁନଃଗଠନ କରିବା" ଅଟେ I
- "ମୃତ୍ୟୁରୁ ପୁନରୁତ୍ଥାନ" ବାକ୍ୟାଂଶରେ "ଉଠାଇବା" ଶବ୍ଦର ଏକ ବିଶେଷ ଅର୍ଥ ଅଛି I ଏହାର ଅର୍ଥ ଜଣେ ମୃତ ବ୍ୟକ୍ତିଙ୍କୁ ପୁନରୁତ୍ଥାନ କରିବା ଅଟେ I
- ବେଳେବେଳେ "ଉଠିବା" ଅର୍ଥ ଜଣକୁ କିମ୍ବା କୌଣସି ବିଷୟକୁ "ଉଚ୍ଚ କରିବା" କରିବା ଅଟେ I

ଉଠାଇବା, ଉଠିବା

"ଉଠାଇବା" କିମ୍ବା "ଉଠିବା" ଅର୍ଥ "ଉପରକୁ ଯିବା" କିମ୍ବା "ଉଠିବା" ଅଟେ I "ଉଠି", "ଉଠିବା" ଏବଂ "ଉଠିଲା" ଶବ୍ଦଗୁଡ଼ିକ ଅତୀତର କ୍ରିୟାକୁ ଦର୍ଶାଏ I

- ଯେତେବେଳେ ଜଣେ ବ୍ୟକ୍ତି କୌଣସି ସ୍ଥାନକୁ ଯିବାକୁ ଉଠେ, ବେଳେବେଳେ ଏହି କ୍ରିୟାପଦକୁ "ସେ ଉଠିଲା ଏବଂ ଗଲା କିମ୍ବା "ସେ ଉଠିଗଲା" ବୋଲି ଅନୁବାଦ କରାଯାଇପାରେ I
- ଯଦି କୌଣସି ବିଷୟ "ଉଠିଲା" ତେବେ ଏହାର ଅର୍ଥ ଏହା ଯେ ଏହା "ଘଟେ" କିମ୍ବା "ଘଟିବା ଆରମ୍ଭ ହୁଏ I"
- ଯୀଶୁ ଭବିଷ୍ୟଦ୍‌ବାଣୀ କରିଥିଲେ ଯେ ସେ ମୃତ୍ୟୁରୁ ପୁନରୁତ୍ଥିତ ହେବେ। ଯୀଶୁଙ୍କ ମୃତ୍ୟୁର ତିନି ଦିନରେ, ଦୂତ କହିଲେ, "ସେ ଉଠିଅଛନ୍ତି!"

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଉଠାଇବା" କିମ୍ବା "ଉଠିବା" ଶବ୍ଦଗୁଡ଼ିକୁ "ଉତ୍ତୋଳନ କରିବା" କିମ୍ବା "ଉଚ୍ଚତର କରିବା" ବୋଲି ଅନୁବାଦ କରାଯାଇପାରେ I
- "ଉଠାଇବା" ଶବ୍ଦକୁ "ପ୍ରକାଶିତ କରିବା" କିମ୍ବା "ନିଯୁକ୍ତ କରିବା" କିମ୍ବା "ସ୍ଥିତି ମଧ୍ୟକୁ ଆଣିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ତୁମ୍ଭମାନଙ୍କର ଶତ୍ରୁମାନଙ୍କ ଶକ୍ତିକୁ ଉଠାଇବା" ବାକ୍ୟାଂଶକୁ "ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ଅତିଶୟ ବଳିଷ୍ଠ କରିବା" ବୋଲି ଅନୁବାଦ କରାଯାଇପାରେ I
- "ଜଣକୁ ମୃତ୍ୟୁରୁ ଉଠାଇବା" ବାକ୍ୟାଂଶକୁ "ଜଣକୁ ପୁଣିଥରେ ମୃତ୍ୟୁରୁ ଜୀବନକୁ ଫେରେଇ ଆଣିବା" କିମ୍ବା "ଜଣକୁ ଜୀବନ ଦେବା" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ କୁ ଆଧାର କରି "ଉଠାଇବା" ଶବ୍ଦକୁ "ଯୋଗାଇବା" ଲିମ୍ବ "ନିଯୁକ୍ତି ଦେବା" କିମ୍ବା "ପାଇବା" କିମ୍ବା "ନିର୍ମାଣ କରିବା" କିମ୍ବା "ପୁଣିଥରେ ମରାମତି କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ଉଠିଲା ଏବ ଗଲା" ବାକ୍ୟାଂଶକୁ "ଉଠିଗଲା" କିମ୍ବା "ଗଲା" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗକୁ ଆଧାର କରି "ଉଠିଲା" ବାକ୍ୟାଂଶକୁ "ଆରମ୍ଭ କଲା" କିମ୍ବା "ଆରମ୍ଭ କରିବାକୁ ଲାଗିଲା" କିମ୍ବା "ଉଠି ଛିଡ଼ା ହେଲା" କିମ୍ବା "ଠିଆ ହେଲା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ପୁନରୁତ୍ଥିତ, ନିଯୁକ୍ତ କରିବା, ଉନ୍ନୀତ: ଦେଖନ୍ତୁ)

ବାଇବେଲ ପଦଗୁଡ଼ିକ:

- ଦ୍ୱିତୀୟ ବଂଶାବଳୀ 6:41
- ଦ୍ୱିତୀୟ ଶାମୁୟେଲ 7:12
- ପ୍ରେରିତ 10:40
- କଲସୀୟ 3:1
- ଦ୍ୱିତୀୟ ବିବରଣ 13:1-3
- ଯିରିମୀୟ 6:1
- ବିଚାରକର୍ତ୍ତା 2:18
- ଲୂକ 7:22

- ମାଥିଉ 20:19

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **21:14** ଭବିଷ୍ୟଦ୍‌ବକ୍ତାମାନେ ଆଗରୁ ଭବିଷ୍ୟବାଣୀ ଜଣାଇଲେ ଯେ ମସୀହ ମୃତ୍ୟୁଭୋଗ କରିବେ ଏବଂ ଈଶ୍ୱର ତାହାଙ୍କୁ ମୃତ୍ୟୁରୁ ମଧ୍ୟ **ଉତ୍ଥିତ** କରିବେ I
- **41:5** "ଯୀଶୁ ଏଠାରେ ନାହାନ୍ତି I ଯେପରି ସେ କହିଥିଲେ, ସେପ୍ରକାରେ ସେ ମୃତ୍ୟୁରୁ **ଉଠିଅଛନ୍ତି** I
- **43:7** ଯଦିଓ ଯୀଶୁ ମୃତ୍ୟୁବରଣ କଲେ, ଈଶ୍ୱର ତାହାଙ୍କୁ ମୃତ୍ୟୁରୁ **ଉଠାଇଲେ** I ଯେପରି ଏହି ଭାବବାଣୀ ସଫଳ ହୁଏ, "ତୁମ୍ଭେ ଆପଣା ପବିତ୍ର ବ୍ୟକ୍ତିଙ୍କୁ ପାତାଳରେ କ୍ଷୟ ପାଇବାକୁ ଦେବ ନାହିଁ I" ଆମ୍ଭେମାନେ ଏତି ସତ୍ୟ ବିଷୟର ସାକ୍ଷୀ ଅଟୁ ଯେ ଈଶ୍ୱର ପୁନର୍ବାର ଯୀଶୁଙ୍କୁ ଜୀବନ ମଧ୍ୟକୁ **ଉଠାଇଲେ** I
- **44:5** "ତୁମ୍ଭେମାନେ ଜୀବନର କର୍ତ୍ତାଙ୍କୁ ବଧ କଲ, କିନ୍ତୁ ଈଶ୍ୱର ତାହାଙ୍କୁ ମୃତ୍ୟୁରୁ **ଉଠାଇଲେ** I
- **44:8** ପିତର ସେମାନଙ୍କୁ ଉତ୍ତର ଦେଲେ, "ତୁମ୍ଭମାନଙ୍କ ସମ୍ମୁଖରେ ଛିଡ଼ା ହୋଇଥିବା ଏହି ବ୍ୟକ୍ତି ମସୀହ ଯୀଶୁଙ୍କ ଶକ୍ତି ଦ୍ୱାରା ସୁସ୍ଥ ହୋଇଅଛି I ତୁମ୍ଭେମାନେ ଯୀଶୁଙ୍କୁ କ୍ରୁଶାର୍ପିତ କଲ, କିନ୍ତୁ ଈଶ୍ୱର ତାହାଙ୍କୁ ଜୀବନ ମଧ୍ୟକୁ **ଫେରାଇ ଆଣିଲେ** I
- **48:4** ଏହାର ଅର୍ଥ ଶୟତାନ ଯୀଶୁଙ୍କୁ ବଧ କରିବ, କିନ୍ତୁ ଈଶ୍ୱର ତାହାଙ୍କୁ ଜୀବନ ମଧ୍ୟକୁ ପୁନର୍ବାର **ଫେରାଇ ଆଣିବେ** I
- **49:2** ସେ (ଯୀଶୁ) ଜଳ ଉପରେ ଚାଲିଲେ, ଝଡକୁ ସୁସ୍ଥିର କଲେ, ଅନେକ ଅସୁସ୍ଥ ଲୋକମାନଙ୍କୁ ସୁସ୍ଥ କଲେ, ଭୂତମାନଙ୍କୁ ଛଡାଇଲେ, **ଜୀବନ ମଧ୍ୟକୁ** ଉଠାଇଲେ, ଏବଂ ପାଞ୍ଚ ରୁଟି ଓ ଦୁଇ ମାଛକୁ ପ୍ରାଚୁର୍ଯ୍ୟତାରେ ପରିଣତ କରି 5,000ରୁ ଊର୍ଦ୍ଧ୍ୱ ଲୋକମାନଙ୍କୁ ଭୋଜନ କରାଇଲେ I
- **49:12** ତୁମ୍ଭେମାନେ ନିଶ୍ଚୟ ବିଶ୍ୱାସ କରିବା ଆବଶ୍ୟକ ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ସେ ତୁମ୍ଭମାନଙ୍କ ପ୍ରତିବଦଳରେ କ୍ରୁଶ ଉପରେ ମୃତ୍ୟୁବରଣ କଲେ, ଏବଂ ଈଶ୍ୱର ତାହାଙ୍କୁ ଜୀବନ ମଧ୍ୟକୁ ପୁଣିଥରେ **ଫେରାଇ ଆଣିଲେ** I

ଶବ୍ଦବିନ୍ୟାସ:

- Strong's: H2210, H2224, H5549, H5782, H5927, H5975, H6965, H6966, H6974, H7613, G03050, G03860, G03930, G04500, G10960, G13260, G14530, G15250, G18170, G18250, G18920, G19990, G48910

ଉତ୍ତରାଧିକାରୀ, ଉତ୍ତରାଧିକାରୀମାନେ

ପରିଭାଷା:

ଜଣେ "ଉତ୍ତରାଧିକାରୀ" ଜଣେ ବ୍ୟକ୍ତି ଅଟେ ଯିଏ ମୃତ୍ୟୁବରଣ କରିଥିବା ବ୍ୟକ୍ତିର ସମ୍ପତ୍ତି କିମ୍ବା ଅର୍ଥକୁ ଆଇନଗତ ଭାବରେ ଅଧିକାରୀ ହୁଏ ।

- ବାଇବେଲ ସମୟରେ, ମୁଖ୍ୟ ଉତ୍ତରାଧିକାରୀ ପ୍ରଥମଜାତ ଥିଲା, ଯିଏ ପିତାଙ୍କ ଅଧିକାଂଶ ଧନ ଏବଂ ସମ୍ପତ୍ତିକୁ ପ୍ରାପ୍ତ କରେ ।
- ବାଇବେଲ ଏକ ସାଙ୍କେତିକ ଅର୍ଥରେ "ଉତ୍ତରାଧିକାରୀ" ଶବ୍ଦକୁ ମଧ୍ୟ ବ୍ୟବହାର କରେ ଯିଏ ଖ୍ରୀଷ୍ଟିୟାନ ଭାବରେ ସେମାନଙ୍କର ଆତ୍ମିକ ପିତା ଈଶ୍ୱରଙ୍କଠାରୁ ଆତ୍ମିକ ଲାଭ କରେ ।
- ଈଶ୍ୱରଙ୍କ ସନ୍ତାନ ଭାବରେ ଖ୍ରୀଷ୍ଟିୟାନମାନେ ଯୀଶୁ ଖ୍ରୀଷ୍ଟଙ୍କ ସହିତ “ମିଳିତ ଉତ୍ତରାଧିକାରୀ” ବୋଲି କୁହାଯାଏ।ଏହାକୁ "ସହ-ଉତ୍ତରାଧିକାରୀ" କିମ୍ବା "ସାଥୀ ଉତ୍ତରାଧିକାରୀ" କିମ୍ବା "ଏକତ୍ର ଉତ୍ତରାଧିକାରୀ" ବୋଲି ଅନୁବାଦ କରାଯାଇପାରେ ।
- "ଉତ୍ତରାଧିକାରୀ" ଶବ୍ଦକୁ "ବ୍ୟକ୍ତି ହିତାଧିକାରୀ" ବୋଲି ଅନୁବାଦ କରାଯାଇପାରେ କିମ୍ବା ଯେବେ ପିତାମାତା କିମ୍ବା ଅନ୍ୟ ସମ୍ପର୍କୀୟ ଦେହାନ୍ତ ପରେ ସମ୍ପତ୍ତି ଏବଂ ଅନ୍ୟାନ୍ୟ ଜିନିଷ ଗ୍ରହଣ ପ୍ରାପ୍ତ କରିବାକୁ କହିବା ପାଇଁ ବ୍ୟବହୃତ ସ୍ଥାନୀୟ ଭାଷାର ଯେକୌଣସି ଅଭିବ୍ୟକ୍ତି ବେବହାର କରିପାରିବେ ।

(ପ୍ରଥମ ଜାତ, ଉତ୍ତରାଧିକାରୀ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 4:1-2
- ଗାଲାତୀୟ 4:7
- ଆଦି ପୁସ୍ତକ 15:1
- ଆଦି ପୁସ୍ତକ 21:10-11
- ଲୂକ 20:14
- ମାର୍କ 12:7
- ମାଥିଉ 21:38-39

ଶବ୍ଦବିନ୍ୟାସ:

- Strong’s: H1121, H3423, G28160, G28180, G28200, G47890

ଉତ୍ତେଜିତ କରିବା, ଉତ୍ତେଜିତ କରାଇବା, ଉତ୍ତେଜିତ

ସତ୍ୟ ଘଟଣାବଳୀଗୁଡ଼ିକ:

"ଉତ୍ତେଜିତ କରିବା" ଶବ୍ଦର ଅର୍ଥ ଏକ ବ୍ୟକ୍ତିର ମନରେ ନକରାତ୍ମକ ପ୍ରତିକ୍ରିୟା ବା ମନୋଭାବର ଅନୁଭୂତି ଉତ୍ପନ କରେଇବା I

- ଜଣକୁ ଉତ୍ତେଜିତ କରି କ୍ରୋଧାନ୍ୱିତ କରିବା ଅର୍ଥ, ଏଭଳି କିଛି କରିବା ଯାହା ଦ୍ୱାରା ସେହି ବ୍ୟକ୍ତି ରାଗିଯିବ I ଏହାକୁ "କ୍ରୋଧିତ ହେବାର କାରଣ" କିମ୍ବା "କ୍ରୋଧ" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ ଏଭଳି ପଦରେ ବ୍ୟବହୃତ ହୁଏ, "ତାଙ୍କୁ ଉତ୍ତେଜିତ କର ନାହିଁ," କିମ୍ବା " ଏହାକୁ କ୍ରୋଧ କରାଅ ନାହିଁ" କିମ୍ବା "ତାଙ୍କୁ କ୍ରୋଧ କରାଅ ନାହିଁ" କିମ୍ବା "ତୁମ ଉପରେ କ୍ରୋଧ କରାଅ ନାହିଁ" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବଗୁଡ଼ିକ:

- ଯିହିଜିକଲ 20:27-29

ଶବ୍ଦବିନ୍ୟାସ :

- Strong's: H3707, H3708, H4784, H4843, H5006, H7065, H7069, H7107, H7264, G20420, G38630, G39470, G39490, G42920

ଉତ୍ସବ

ପରିଭାଷା:

ସାଧାରଣତଃ ଉତ୍ସବ ଏକ ସମ୍ପ୍ରଦାୟ ଦ୍ୱାରା ଆୟୋଜିତ ଏକ ପର୍ବ ଅଟେ I

- ପୁରାତନ ନିୟମରେ "ଉତ୍ସବ" ଶବ୍ଦ ଆକ୍ଷରିକ ଅର୍ଥ "ନିଯୁକ୍ତ ସମୟ" ଅଟେI
- ଇସ୍ରାଏଲ ଲୋକମାନଙ୍କ ଦ୍ୱାରା ଯେଉଁ ଉତ୍ସବ ପାଳନ କରାଯାଉଥିଲା ତାହା ବିଶେଷ ନିଯୁକ୍ତ ସମୟ ଓ ଋତୁ ଅନୁସାରେ ଈଶ୍ୱରଙ୍କ ଆଜ୍ଞାନୁସାରେ ହେଉଥିଲା I
- କେତେକ ଇଂରାଜୀ ଅନୁବାଦରେ, ଉତ୍ସବ ବଦଳରେ "ଭୋଜି"ଶବ୍ଦର ପ୍ରୟୋଗ ହୋଇଅଛି କାରଣ ଉତ୍ସବ ଏକ ବଡ଼ ଭୋଜି ଏକତ୍ରିତ ହୋଇ ପାଳନ କରିବାକୁ ବୁଝାଏ I
- ପ୍ରତିବର୍ଷ ଇସ୍ରାଏଲ ଲୋକେ ଅନେକ ମୁଖ୍ୟ ଉତ୍ସବ ପାଳନ କରୁଥିଲେ:
    - ନିସ୍ତାରପର୍ବ
    - ତାଡିଶୂନ୍ୟ ରୁଟିର ଉତ୍ସବ
    - ପ୍ରଥମଫଳ
    - ସପ୍ତାହର ଉତ୍ସବ (ପେଣ୍ଟିକଷ୍ଟ)
    - ତୂରୀର ଧ୍ୱନିର ଉତ୍ସବ
    - ପ୍ରାୟଶ୍ଚିତର ଦିବସ
    - ତମ୍ବୁବାସ ଉତ୍ସବ
- ଏହି ଉତ୍ସବମାନ ପାଳନ କରିବାର ଉଦ୍ଦେଶ୍ୟଥିଲା ଈଶ୍ୱରଙ୍କୁ ଧନ୍ୟବାଦ ଦେବା ଓ ତାହଙ୍କ ଲୋକମାନଙ୍କୁ ଉଦ୍ଧାର, ସୁରକ୍ଷା ଏବଂ ଯୋଗାଇବା ପାଇଁ ସେ କରିଥିବା ଆଶ୍ଚର୍ଯ୍ୟଜନକ କାର୍ଯ୍ୟଗୁଡ଼ିକୁ ମନେ ରଖିବା I

(ଦେଖନ୍ତୁ: ଉତ୍ସବ)

ବାଇବେଲ ପଦପର୍ବ:

- ୧ ବଂଶାବଳୀ ୨୩: ୩୧
- ୨ ବଂଶାବଳୀ ୮:୧୩
- ଯାତ୍ରପୁସ୍ତକ ୫:୧
- ୧ ଯୋହନ ୪: ୪୫
- ଲୂକ ୨୨:୧

ଶବ୍ଦବିନ୍ୟାସ:

Strong's: H1974, H2166, H2282, H2287, H6213, H4150, G14560, G18580, G18590

ଉତ୍ସର୍ଗ, ଉତ୍ସର୍ଗ କରିବା, ଉତ୍ସର୍ଗୀକୃତ, ଉତ୍ସର୍ଗୀକରଣ

ସଂଜ୍ଞା:

ଉତ୍ସର୍ଗ କରିବା ପୃଥକୀକୃତ ହେବା ବା ଗୋଟିଏ ବିଶେଷ ଉଦ୍ଦେଶ୍ୟ ବା ପର୍ଣ୍ଣ ପାଇଁ କିଛି ସ୍ୱୀକାର କରିବା ଅଟେ ।

- ଦାଉଦ ତାଙ୍କ ସୁବର୍ଣ୍ଣ ଏବଂ ରୋପ୍ୟ ପ୍ରଭୁଙ୍କୁ ଉତ୍ସର୍ଗ କଲେ ।
- "ଉତ୍ସର୍ଗୀକରଣ" ଶବ୍ଦଟି ବହୁବାର ଗୋଟିଏ ବିଶେଷ ଉଦ୍ଦେଶ୍ୟ ପାଇଁ କିଛି ପୃଥକୀକୃତ ବିଷୟ ଏକ ସାଧାରଣ ଘଟଣା ବା ରୀତିନୀତି ପାଳନକୁ ବୁଝାଏ ।
- ବେଦିର ଉତ୍ସର୍ଗୀକରଣ ଈଶ୍ୱରଙ୍କୁ ଗୋଟିଏ ବଳି ଅର୍ପଣ ଅନ୍ତର୍ଭୁକ୍ତ ହେବା ।
- କେବଳ ପରମେଶ୍ୱରଙ୍କୁ ସେବା କରିବାକୁ ଓ ତାଙ୍କ ସହରର ଯତ୍ନ ନେବାକୁ ଗୋଟିଏ ନୂତନୀକୃତ ପ୍ରତିଜ୍ଞା ସହ ଯିରୂଶାଲମର ମରାମତି କାନ୍ଥଗୁଡିକର ଉତ୍ସର୍ଗୀକରଣରେ ଇସ୍ରାଏଲଲୋକଙ୍କୁ ନିହିମୀୟା କଢାଇ ନେଲେ ।

ଏହି ଘଟଣା ସଙ୍ଗୀତ ବାଦ୍ୟଯନ୍ତ୍ରଗୁଡିକ ପୁଣି ଗାନ ସହ ଈଶ୍ୱରଙ୍କୁ ଧନ୍ୟବାଦ ଦେବାରେ ଅନ୍ତର୍ଭୁକ୍ତ ହେବା । "ଉତ୍ସର୍ଗ" ଶବ୍ଦଟି "ବିଶେଷତଃ ଗୋଟିଏ ବିଶେଷ ଉଦ୍ଦେଶ୍ୟ ନୀୟୋଗ କରିବା" ବା "ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟବହାର ପାଇଁ ବ୍ୟବହୃତ ହେବାରେ କିଛି ସ୍ୱୀକାର କରିବା" ବା "ଏକ ବିଶେଷ କାର୍ଯ୍ୟ କରିବାକୁ ଜଣେ ସ୍ୱୀକାର କରିବା" ଭାବେ ମଧ୍ୟ ଅନୁବାଦ କରିପାରିବା ।

(ପୁନଶ୍ଚ ଦେଖନ୍ତୁ: ସ୍ୱୀକାର)

ବାଇବଲ ଉଲ୍ଲେଖଗୁଡିକ:

- ୧ ବଂଶାବଳି ୧୫: ୧୧-୧୨
- ୧ କରିନ୍ଥୀୟ ୦୬: ୯-୧୧
- ୧ ରାଜାବଳି ୦୭: ୫୧
- ୧ ତୀମଥି ୦୪: ୩-୫
- ୨ ବଂଶାବଳି ୦୨: ୪-୫
- ଯୋହନ ୧୭: ୧୮-୧୯

ବୋର୍ଡ ଡାଟା :

- Strong's: H2596, H2597, H2598, H2764, H4394, H6942, H6944, G1456, G1457

ଉଦର

ପରିଭାଷା:

"ଉଦର" ଶବ୍ଦ ମାତର ଗର୍ଭକୁ ବୁଝାଏ ଯେଉଁଠାରେ ଜଣେ ଶିଶୁ ବଢ଼େ I

- ଏହା ଏକ ପୁରାତନ ଶବ୍ଦ ଅଟେ ଯାହାକି ଭଦ୍ର ଏବଂ କମ୍ ପ୍ରତ୍ୟକ୍ଷ ହେବା ପାଇଁ ବେଳେବେଳେ ବ୍ୟବହୃତ ହୁଏ | (ଇଉଫିଜିମ୍: ଦେଖନ୍ତୁ) I
- "ଉଦର" ନିମନ୍ତେ ଆଧୁନିକ ଶବ୍ଦ "ଗର୍ଭାଶୟ" ଅଟେ I
- କେତେକ ଭାଷା ମହିଳାଙ୍କ ପେଟ କିମ୍ବା ଗର୍ଭାଶୟକୁ ସୂଚାଇବା ପାଇଁ "ପେଟ" ଶବ୍ଦ ବ୍ୟବହାର କରେ I
- ସ୍ଥାନୀୟ ଭାଷାରେ ଏହି ଶବ୍ଦ ପାଇଁ ଏକ ଶବ୍ଦ ବ୍ୟବହାର କରନ୍ତୁ ଯାହା ପରିଚିତ, ସ୍ୱାଭାବିକ ଏବଂ ଗ୍ରହଣୀୟ ଅଟେ I

ବାଇବେଲ ପଦପର୍ବ:

- ଆଦିପୁସ୍ତକ 25:23
- ଆଦିପୁସ୍ତକ 25:24-26
- ଆଦିପୁସ୍ତକ 38:27-28
- ଆଦିପୁସ୍ତକ 49:25
- ଲୂକ 2:21
- ଲୂକ 11: 27
- ଲୂକ 23:29
- ମାଥିଉ 19:12

ଶବ୍ଦବିନ୍ୟାସ:

- Strong's: H0990, H4578, H7356, H7358, G10640, G28360, G33880

ଉଦ୍ଧତ

ସଂଜ୍ଞା:

"ଉଦ୍ଧତ "ଶବ୍ଦର ଅର୍ଥ ଗର୍ବ କରିବା କିଅବା ହସ୍ଥାନ୍ତର କରିବା ତେ I ଯେ "ଉଦ୍ଧତ" ଅଟେ ସେ ନିଜ ବିଷୟରେ ନିଜକୁ ଅତି ବଡ଼ ଭାବେ I

- ଅନେକ ସମୟରେ ଏହା ଏକ ଗର୍ବିତ ବ୍ୟକ୍ତି କୁ ବ୍ୟାଖ୍ୟା କରେ ଯେ ଯେ ଲଗାତର ପରମେଶ୍ୱରଙ୍କ ବିରିଧରେ ପାପ କରେ I
- ସାଧାରଣତଃ ଯେ ଉଦ୍ଧତ ସେ ନିଜ ବିଷୟରେ ଗର୍ବ କରେ I
- ଏକ ଉଦ୍ଧତ ବ୍ୟକ୍ତି ମୁର୍ଖ ଅଟେ, ସେ ନମ୍ର ନୁହେଁ I
- ଏହି ଶବ୍ଦକୁ "ଗର୍ବ" କିଅବା "ହସ୍ଥାନ୍ତର "କିଅବା "ନିଜେ ନିଜର "ରୂପରେ ଅନୁବାଦ କରାଯାଇପାରେ I
- ରୁପକ ଅଭିବ୍ୟକ୍ତି "ଉଦ୍ଧତ ଚକ୍ଷୁ "କୁ "ଗର୍ବରେ ଦେଖିବା" କିଅବା "ଅନ୍ୟକୁ ନୀଚ ଦେଖିବା" କିଅବା "ଯେ ଗର୍ବିତ ବ୍ୟକ୍ତି ସେ ଅନ୍ୟକୁ ନୀଚ ଦେଖେ "ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ: ଫୁଲିବା, ଗର୍ବ)

ବାଇବଲ ପଦପର୍ବ:

- ୨ ତିମୋଥି ୦୩:୧-୪
- ଯିଶାଇୟ ୦୨: ୧୭-୧୯
- ହିତୋପଦେଶ ୧୬:୧୭-୧୮
- ହିତୋପଦେଶ ୨୧: ୨୩-୨୪
- ଗୀତସଂହିତା ୧୩୧:୧

ବୋର୍ଡ ଡାଟା :

- Strong's: H1361, H1363, H1364, H3093, H4791, H7312

ଉଦ୍ଧତ, ଗର୍ବ

ପରିଭାଷା:

"ଉଦ୍ଧତ" ଶବ୍ଦର ଅର୍ଥ ଗର୍ବ କରିବା ଅଟେ, ପ୍ରାୟତଃ ଏକ ସ୍ପଷ୍ଟ ବାହ୍ୟ ଉପାୟରେ କରିବାକୁ ବୁଝାଏ I

- ଏକ ଉଦ୍ଧତ ବ୍ୟକ୍ତି ବାରମ୍ବାର ନିଜ ବିଷୟରେ ଗର୍ବ କରେ I
- ଉଦ୍ଧତ ବ୍ୟକ୍ତି ପ୍ରାୟତଃ ଏହା ଭାବେ ଯେ, ନିଜ ଭଳି ଅନ୍ୟ ଲୋକମାନେ ଗୁରୁତ୍ୱପୂର୍ଣ୍ଣ କିମ୍ବା ଦକ୍ଷ ନୁହଁନ୍ତି I
- ସେମାନେ ଉଦ୍ଧତ ବ୍ୟକ୍ତି, ଯେଉଁଲୋକ ଈଶ୍ୱରଙ୍କୁ ମାନ୍ୟ କରନ୍ତି ନାହିଁ ଏବଂ ଯେଉଁମାନେ ତାଙ୍କ ପ୍ରତି କଠୋର- ମନା କାରଣ ସେମାନେ ଜାଣନ୍ତି ନାହିଁ ଯେ ଈଶ୍ୱର କେତେ ମହାନ I

(ସ୍ୱୀକାର କରିବା, ଅହଙ୍କାର, ଗର୍ବ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 4:18
- ଦ୍ୱିତୀୟ ପିତର 2:18
- ଯିହିଜିକଲ 16:49
- ହିତୋପଦେଶ 16:5
- ଗୀତସଂହିତା 56:1-2

ଶବ୍ଦବିନ୍ୟାସ :

- Strong's: H1346, H1347, H2102, H2103, H6277, G02120, G54500

ଉଦ୍ଧତ, ଶକ୍ତଗ୍ରୀବ, ଅବାଧ୍ୟ ଭାବେ, ଅବାଧ୍ୟତା

ସଂଜ୍ଞା:

"ଉଦ୍ଧତ" ଗୋଟିଏ ଲୋକଭାଷା ବାଇବଲରେ ବ୍ୟବହାର ହୋଇଛି ଲୋକମାନେ ଯିଏ ପରମଶ୍ୱରଙ୍କର ଅବାଧ ହୋଇ ସ୍ୱୀକାରକରିବାକୁ ରାଜି ହୁଅନ୍ତି ନାହିଁ ସେହିପରି ଲୋକମାନେ ଅତି ଗର୍ବୀ ଏବଂ ପରମେଶ୍ୱରଙ୍କ ଅଧିନସ୍ଥ ହୁଅନ୍ତି ନାହିଁ

- ସାଦୃଶ୍ୟ, "ଉଦ୍ଧତ" ଜଣେ ବ୍ୟକ୍ତିଙ୍କୁ ବର୍ଣ୍ଣନା କରେ ଯିଏ ନିଜର ମନ କିମ୍ବା କାର୍ଯ୍ୟ ପରିବର୍ତ୍ତନ କରେ ନାହିଁ ଏପରିକି କରିବା ପାଇଁ ଅନୁରୋଧ କଲେ ବୀ ମଧ

ଶକ୍ତ ଗ୍ରୀବ ଲୋକ ଉତ୍ତମ ଉପଦେଶମାନିବା ନାହିଁ କିମ୍ବା ଅନ୍ୟମାନେ ସେମାନଙ୍କୁ ଯେଉଁ ସଚେତନ କରନ୍ତି

- ପୁରାତନ ନିୟମରେ ଇସ୍ରାଏଲ ସନ୍ତାନଗଣ କୁ "ଶକ୍ତଗ୍ରୀବା" ଲୋକ ପରି ବର୍ଣ୍ଣନା କରାଯାଇଛି ଯେହେତୁ ସେମାନେ ପରେମଶ୍ୱରଙ୍କ ଭାବବାଦୀମାନଙ୍କର ସମ୍ବାଦ ଶୁଣିଲେ ନାହିଁ ଯାହା ଦ୍ୱାରା ସେମାନେ ଅନୁତାପ କରି ଯିହୋବାଙ୍କ ନିକଟକୁ ଫେରିଲେ ନାହିଁ
- ଯଦି ଜଣକର ବେକ "ଶକ୍ତ" ହୁଏ ତାହା ଆଉ ସହଜରେ ବଙ୍କେଇ ହେବ ନାହିଁ

ଭବିଷ୍ୟତବକ୍ତାଙ୍କ ଭାଷାରେ ହୁଏତ ଅନ୍ୟ ଲୋକଭାଷା ଥାଇପାରେ ଯାହା ଯୋଗାଯୋଗ କରେ ଯେ ଜଣେ ବ୍ୟକ୍ତି "ବଙ୍କେଇ ହେବ ନାହିଁ" ଏଣୁ ସେ ତାହାର ପଥ ରୁ ଓହରିବ ନାହିଁ

- ଅନ୍ୟଭାବେ ଲୋକଭାଷାକୁ ଅନୁବାଦ ହେବ ଯଥା "ଗର୍ବରେ ଶକ୍ତ ଗ୍ରୀବ" କିମ୍ବା "ହସ୍ତାନ୍ତର ଓ ଜିଦଖୋର" କିମ୍ବା "ପରିବର୍ତ୍ତନ କୁ ଅଗ୍ରାହ୍ୟ" କରିବା

(ଦେଖ: ହସ୍ତାନ୍ତର, ଗର୍ବ, ଅନୁତାପ)

ବାଇବଲ ସନ୍ଦର୍ଭ:

- ପ୍ରେରିତ ୦୭:୫୧-୫୩
- ଦ୍ୱିତୀୟ ବିବରଣ ୦୯:୧୩-୧୪
- ଯାତ୍ରା ୧୩:୧୪-୧୬
- ଯିରିମିୟ ୦୩:୧୭-୧୮

ବୋର୍ଡ ଡାଟା :

- Strong's: H47, H3513, H5637, H6203, H6484, H7185, H7186, H7190, H8307, G483, G4644, G4645

ଉଦ୍ଧାର କରିବା,ହସ୍ତାନ୍ତର କରିବା,ହସ୍ତାନ୍ତର କରିବା,ମୁକ୍ତ କରିବା,ଉଦ୍ଧାର କରିବା

ପରିଭାଷା:

କାହାକୁ "ଉଦ୍ଧାର" କରିବା ଅର୍ଥ ସେହି ବ୍ୟକ୍ତିଙ୍କୁ ଉଦ୍ଧାର କରିବା | "ଉଦ୍ଧାରକାରୀ" ଶବ୍ଦ ଯିଏ ଲୋକଙ୍କୁ ଦାସତ୍ୱ, ଅତ୍ୟାଚାର କିମ୍ବା ଅନ୍ୟାନ୍ୟ ବିପଦରୁ ଉଦ୍ଧାର କରେ କିମ୍ବା ମୁକ୍ତ କରେ ତାହାକୁ ବୁଝାଏ | "ଉଦ୍ଧାର" ଶବ୍ଦ ଯେତେବେଳେ କେହି ଲୋକମାନଙ୍କୁ ଦାସତ୍ୱ, ଅତ୍ୟାଚାର କିମ୍ବା ଅନ୍ୟାନ୍ୟ ବିପଦରୁ ଉଦ୍ଧାର କରନ୍ତି କିମ୍ବା ମୁକ୍ତ କରନ୍ତି ସେହି କାର୍ଯ୍ୟକୁ ବୁଝାଏ ।

- ପୁରାତନ ନିୟମରେ, ଈଶ୍ୱର ଇସ୍ରାଏଲ ଲୋକମାନଙ୍କ ଦ୍ୱାରା ସେମାନଙ୍କୁ ଯୁଦ୍ଧରେ ଅନ୍ୟ ଗୋଷ୍ଠୀର ଲୋକମାନଙ୍କ ବିପକ୍ଷରେ ଯିଏ ସେମାନଙ୍କୁ ଆକ୍ରମଣ କରିବାକୁ ଆସିଲେ ଆଗୁଆନ ହୋଇ ସୁରକ୍ଷା କରିବାକୁ ଉଦ୍ଧାରକର୍ତ୍ତାମାନଙ୍କୁ ନିଯୁକ୍ତ କଲେ ।
- ଏହି ଉଦ୍ଧାରକଗଣ ମଧ୍ୟ "ବିଚାରକର୍ତ୍ତା" ବୋଲାଗଲେ ପୁଣି ଯେତେବେଳେ ଏହି ବିଚାରକଗଣ ଇସ୍ରାଏଲକୁ ପରିଚାଳନା କରୁଥିଲେ, ପୁରାତନ ନିୟମର ବିଚାରକ ପୁସ୍ତକ ଇତିହାସରେ ସମୟ ଲିପିବଦ୍ଧ କରାଯାଏ ।
- ଈଶ୍ୱର ମଧ୍ୟ ଜଣେ "ଉଦ୍ଧାରକର୍ତ୍ତା" ବୋଲି କୁହାଯାଏ । ସମଗ୍ର ଇସ୍ରାଏଲର ଇତିହାସ, ସେ ତାଙ୍କ ଲୋକମାନଙ୍କୁ ସେମାନଙ୍କର ଶତ୍ରୁମାନଙ୍କଠାରୁ ଉଦ୍ଧାର ବା ମୁକ୍ତ କଲେ ।
- କାହାକୁ ଶତ୍ରୁକୁ ହସ୍ତାନ୍ତର କରିବା କିମ୍ବା ହସ୍ତାନ୍ତର କରିବାର ଏକ ଭିନ୍ନ ଅର୍ଥ, ଯେପରିକି ଯେତେବେଳେ ଯିହୁଦା ଯିହୁଦୀ ନେତାମାନଙ୍କୁ ଯୀଶୁଙ୍କୁ ହସ୍ତାନ୍ତର କଲା ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଲୋକମାନଙ୍କୁ ସେମାନଙ୍କର ଶତ୍ରୁମାନଙ୍କଠାରୁ ରକ୍ଷା ପାଇବାରେ ସାହାଯ୍ୟ କରିବା କ୍ଷେତ୍ରରେ, "ଉଦ୍ଧାର" ଶବ୍ଦକୁ "ଉଦ୍ଧାର" କିମ୍ବା "ମୁକ୍ତ" କିମ୍ବା "ରକ୍ଷା" ବୋଲି ଅନୁବାଦ କରାଯାଇପାରେ ।
- ଶତ୍ରୁ ଉପରେ କାହାକୁ ହସ୍ତାନ୍ତର କରିବା ଅର୍ଥକୁ" ହସ୍ତାନ୍ତର କରିବା" ବାକ୍ୟାଂଶକୁ "ପ୍ରବଞ୍ଚନା କରିବା" କିମ୍ବା "ହସ୍ତାନ୍ତର କରିବା" କିମ୍ବା "ଦେଇଦେବା" ବୋଲି ଅନୁବାଦ କରାଯାଇପାରେ ।
- "ଉଦ୍ଧାରକର୍ତ୍ତା" ଶବ୍ଦଟି "ରକ୍ଷାକାରୀ" କିମ୍ବା "ମୁକ୍ତିକାରୀ" ବୋଲି ଅନୁବାଦ କରାଯାଇପାରେ ।
- ଯେତେବେଳେ "ଉଦ୍ଧାରକର୍ତ୍ତା" ଶବ୍ଦ ଇସ୍ରାଏଲର ନେତୃତ୍ୱ ନେଇଥିବା ବିଚାରକମାନଙ୍କୁ ବୁଝାଏ, ଏହାକୁ "ରାଜ୍ୟପାଳ" କିମ୍ବା "ବିଚାରକ" କିମ୍ବା "ନେତା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ବିଚାରକର୍ତ୍ତା, ଉଦ୍ଧାର ଦେଖନ୍ତୁ)

ବାଇବେଲ ଉଲ୍ଲେଖଗୁଡ଼ିକ:

- ଦ୍ୱିତୀୟ କରିନ୍ଥୀୟ 1:10
- ପ୍ରେରିତ 7: 35
- ଗାଲାତୀୟ 1: 4
- ବିଚାରକର୍ତ୍ତା 10: 12

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **16:3** ତା'ପରେ ଈଶ୍ୱର ଏକ **ଉଦ୍ଧାରକର୍ତ୍ତାଙ୍କୁ** ଯୋଗାଇଲେ ଯିଏ ସେମାନଙ୍କ ଶତ୍ରୁମାନଙ୍କଠାରୁ ସେମାନଙ୍କୁ ଉଦ୍ଧାର କଲେ ତଥା ଦେଶରେ ଶାନ୍ତି ଆଣିଲେ ।
- **16: 16** ସେମାନେ (ଇସ୍ରାଏଲ) ପୁଣି ଶେଷରେ ଈଶ୍ୱରଙ୍କୁ ସାହାଯ୍ୟ ଭିକ୍ଷା କଲେ, ଆଉ ଈଶ୍ୱର ସେମାନଙ୍କୁ ଅନ୍ୟ **ଉଦ୍ଧାରକର୍ତ୍ତାଙ୍କୁ** ପଠାଇଲେ ।
- **16:17** ବହୁ ବର୍ଷ ପୂର୍ବରୁ, ଈଶ୍ୱର ବହୁ ଜଣଙ୍କୁ **ଉଦ୍ଧାରକର୍ତ୍ତାଗଣଙ୍କୁ** ପଠାଇଲେ ଯିଏ ସେମାନଙ୍କର ଶତ୍ରୁମାନଙ୍କଠାରୁ ଇସ୍ରାଏଲ ଜାତିକୁ ରକ୍ଷା କଲେ ।

ଶବ୍ଦବିନ୍ୟାସ :

- Strong's: H1350, H2020, H2502, H3205, H3444, H3467, H4042, H4422, H4672, H5337, H5414, H5462, H6299, H6403, H6413, H6475, H6561, H7725, H7804, H8199, G03250, G05250, G06290, G10800, G13250, G15600, G16590, G18070, G19290, G26730, G30860, G38600, G45060, G49910, G50880, G54830

ଉପଦେଶ ଦେବା ବା ମୃଦୁ ଭର୍ତ୍ସନା କରିବା, ସାବଧାନ କରାଇଦେବା ବା ଚେତାବନୀ, ଅବଗତ

ସଂଜ୍ଞା:

"ଉପଦେଶ ଦେବା" ଶବ୍ଦର ଅର୍ଥ ସାମାନ୍ୟ ଭାବରେ ଚେତାବନୀ ଦେବା କିମ୍ବା କାହାକୁ ପରାମର୍ଶ ଦେବା।

- ପ୍ରାୟତ "ଉପଦେଶ ଦେବା" ଅର୍ଥ ଜଣକୁ କୌଣସି କାର୍ଯ୍ୟ ନ କରିବା ପାଇଁ ପରାମର୍ଶ ଦେବା।
- ଖ୍ରୀଷ୍ଟଙ୍କ ଶରୀରରେ, ବିଶ୍ୱାସୀମାନଙ୍କ ପାପକୁ ତ୍ୟାଗ କରିବା ଏବଂ ପବିତ୍ର ଜୀବନ ଅତିବାହିତ କରିବା ନିମନ୍ତେ ପରସ୍ପରକୁ ପରାମର୍ଶ ଦେବାପାଇଁ ଶିକ୍ଷା ଦିଆଯାଇଛି I
- ଗାଳିଦେବା ଶବ୍ଦ "ପାପ ନ କରିବା ପାଇଁ ଉତ୍ସାହିତ କରିବା" କିମ୍ବା "ପାପ ନ କରିବା ପାଇଁ ଜଣକୁ ଅନୁରୋଧ କରିବା" ଭାବରେ ଅନୁବାଦ କରାଯାଇପାରିବ I

ବାଇବଲ ପଦ ପର୍ବ:

- ନିହିମୀୟା 09:32-34

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H2094, H5749, G3560, G3867, G5537

ଉପବାସ, ଉପବାସ କରିବା

ପରିଭାଷା:

"ଉପବାସ" ଶବ୍ଦର ଅର୍ଥ ଅଳ୍ପ ସମୟ ପାଇଁ ଖାଦ୍ୟ ଖାଇବା ବନ୍ଦ କରିବା ଅଟେ ଯେପରିକି ଗୋଟିଏ ଦିନ କିମ୍ବା ଏକାଧିକ ଦିନ ପାଇଁ ଅଟେ । ବେଳେବେଳେ ଏଥିରେ ଜଳପାନ ନକରିବା ମଧ୍ୟ ଅନ୍ତର୍ଭୁକ୍ତ ହୁଏ I

- ଉପବାସ ଲୋକମାନଙ୍କୁ ଈଶ୍ୱରଙ୍କ ଉପରେ ଧ୍ୟାନ ଦେବାରେ ଏବଂ ଭୋଜିନ ପାନ ନକରି ପ୍ରାର୍ଥନା କରିବାରେ ସାହାଯ୍ୟ କରେ ।
- ମନ୍ଦ ଉଦ୍ଦେଶ୍ୟର ଉପବାସ କରିବା ହେତୁ ଯୀଶୁ ଯିହୁଦୀ ଧାର୍ମିକ ନେତାମାନଙ୍କୁ ଦୋଷୀ କଲେ । ଯେପରି ଅନ୍ୟଲୋକମାନେ ସେମାନଙ୍କୁ ଧାର୍ମିକ ବୋଲି ଭାବିବେ ସେଥିପାଇଁ ସେମାନେ ଉପବାସ କରୁଥିଲେ ।
- ବେଳେବେଳେ ଲୋକମାନେ ଉପବାସ କରନ୍ତି କାରଣ ସେମାନେ ବହୁତ ଦୁଃଖିତ କିମ୍ବା କୌଣସି ବିଷୟରେ ଦୁଃଖିତ ଅଟନ୍ତି ।
- "ଉପବାସ କରିବା" କ୍ରିୟାପଦ ମଧ୍ୟ "ଖାଇବାଠାରୁ ଦୂରେଇ ରହିବା" କିମ୍ବା "ନ ଖାଇବା"ବୋଲି ଅନୁବାଦ କରାଯାଇପାରେ ।
- "ଉପବାସ" ବିଶେଷ୍ୟକୁ "ନଖାଇବା ସମୟ" କିମ୍ବା "ଖାଦ୍ୟରୁ ନିବୃତ୍ତ ରହିବା ସମୟ" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: [ଯିହୁଦୀ ନେତା] ଯିହୁଦୀ ଅଧିକାରୀ, ଯିହୁଦୀ ନେତା)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ ୨୧:୮-୧୦
- ଦ୍ୱିତୀୟ ବଂଶାବଳୀ ୨୦: ୩
- ପ୍ରେରିତ ୧୩:୧-୩
- ଯୂନସ ୩:୪-୫
- ଲୂକ ୫:୩୪
- ମାର୍କ ୨:୧୯
- ମାଥିଉ ୬:୧୮
- ମାଥିଉ ୯:୧୫

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- ୨୫:୧ ଯୀଶୁ ବାପ୍ତିଜିତ ହେବା ପରେ, ସଙ୍ଗେ ସଙ୍ଗେ ପବିତ୍ର ଆତ୍ମା ତାହାଙ୍କୁ ମରୁଭୂମିକୁ ନେଇଗଲେ, ଯେଉଁଠାରେ ସେ ଚାଳିଶ ଦିନ ଓ ଚାଳିଶ ରାତି **ଉପବାସ କଲେ** I
- ୩୪:୮ "'ଉଦାହରଣ ସ୍ୱରୂପ, ମୁଁ ପ୍ରତି ସପ୍ତାହରେ ଦୁଇଥର **ଉପବାସ** କରେ ଏବଂ ମୁଁ ଲାଭ କରୁଥିବା ସମସ୍ତ ଅର୍ଥ ଏବଂ ଦ୍ରବ୍ୟର ଦଶମାଂସ ଦେଇଥାଏ।' "
- ୪୬:୧୦ ଦିନେ, ଆନ୍ତିୟଖିଆର ଖ୍ରୀଷ୍ଟିୟାନମାନେ **ଉପବାସ**ଓ ପ୍ରାର୍ଥନା କରୁଥିବା ସମୟରେ, ପବିତ୍ରଆତ୍ମା ସେମାନଙ୍କୁ କହିଲେ, "ବର୍ଣ୍ଣବା ଓ ଶାଉଲକୁ ମୁଁ ଯେଉଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଛି, ତାହା କରିବା ପାଇଁ ସେମାନଙ୍କୁ ପୃଥକ କର। "

ଶବ୍ଦବିନ୍ୟାସ:

- Strong's: H2908, H5144, H6684, H6685, G35210, G35220

ଉପହାର ବା ଉପଢୌକନ

ସଂଜ୍ଞା:

ଏହି "ଉପହାର ବା ଉପଢୌକନ" ଭାବ ପ୍ରକାଶକ ପଦ ଜଣେ ରାଜା ଆଉ ଜଣେ ରାଜାଙ୍କୁ ସୁରକ୍ଷା ପାଇବା ଉଦ୍ଦେଶ୍ୟରେ ଏବଂ ଦେଶଗୁଡିକ ମଧ୍ୟରେ ଉତ୍ତମ ସମ୍ପର୍କ ନିମନ୍ତେ ପ୍ରଦାନ କରିଥାଆନ୍ତି I

- ଏକ ଉପହାର ବା ଉପଢୌକନ ମଧ୍ୟ ଏକ ପାଉଣା ବା ପ୍ରାପ୍ୟ ହୋଇପାରେ ଯାହା ଜଣେ ଶାସକ ବା ଅଧିକାରୀ ଲୋକମାନଙ୍କଠାରୁ ଆବଶ୍ୟକ କରିଥାନ୍ତି, ଯଥା: ଏକ ପଥ କର ବା ଶୁଳକ I
- ବାଇବଲ ସମୟରେ, ଭ୍ରାମ୍ୟମାଣ ରାଜାମାନେ ବା ଶାସକମାନେ ବେଳେବେଳେ ସେମାନେ ଯାତ୍ରାରେ ପ୍ରବେଶ କରି ଯାଉଥିବା ଅଞ୍ଚଳର ରାଜାଙ୍କୁ ଉପହାର ବା ଉପଢୌକନ ପ୍ରଦାନ କରୁଥିଲେ ଯେପରି ସେମାନେ ସୁରକ୍ଷିତ ଓ ନିରାପଦରେ ରହିବେ ବା ଯାତ୍ରା କରିପାରିବେ I
- ଅନେକ ସମୟରେ ଉପହାର ବା ଉପଢୌକନ ମଧ୍ୟରେ ଅର୍ଥ ବ୍ୟତୀତ ଖାଦ୍ୟ, ମସଲା, ବହୁମୂଲ୍ୟ ବସ୍ତ୍ର, ଏବଂ ମୂଲ୍ୟବାନ ଧାତବ ବସ୍ତୁ, ଯଥା ସୁନା ଅନ୍ତର୍ଭୁକ୍ତଥିଲା I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ:

- ପୂର୍ବାପର ସମ୍ବନ୍ଧ ଉପରେ ନିର୍ଭର କରି "ଉପହାର ବା ଉପଢୌକନ"କୁ "ଆନୁଷ୍ଠାନିକ ଉପହାର" କିମ୍ବା "ବିଶେଷ କର" କିମ୍ବା "ଆବଶ୍ୟକୀୟ ପାଉଣା ବା ପ୍ରାପ୍ୟ" ବୋଲି ଅନୁବାଦ କରାଯାଇପାରିବ I

(ଆହୁରି ମଧ୍ୟ ଦେଖ: ସୁନା, ରାଜା, ଶାସନକର୍ତ୍ତା, କର)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 18:1-2
- 2ୟ ବଂଶାବଳି 09:22-24
- 2ୟ ରାଜାବଳି 17:1-3
- ଲୂକ 23:1-2

ବୋର୍ଡ ଡାଟା :

- Strong's: H1093, H4060, H4061, H4371, H4503, H4522, H4530, H4853, H6066, H7862, G1323, G2778, G5411

ଉପହାସ କରିବା, ଉପହାସକ, ବିଦ୍ରୂପ, ତାତ୍ସଲ୍ୟ କରିବା, ଉପହାସ କରିବା, ହାସ୍ୟାସ୍ପଦ ବ୍ୟକ୍ତି

ପରିଭାଷା:

"ଉପହାସ କରିବା", "ଉପହାସ କରିବା" ଏବଂ "ବିଦ୍ରୂପ କରିବା" ଏହି ସବୁ ଶବ୍ଦ କାହାକୁ ପାରିହାସ କରିବାକୁ ବୁଝାଏ ବିଶେଷ କରି ନିର୍ଦ୍ଦୟ ଭାବରେ I

- କାହାକୁ ଲଜ୍ଜା ଦେବା କିମ୍ବା କାହା ପ୍ରତି ନିର୍ଦ୍ଦୟତା ଦେଖାଇବା ଉଦ୍ଦେଶ୍ୟରେ ଉପହାସ କରିବା ପ୍ରାୟତଃ ଲୋକମାନଙ୍କ ବାକ୍ୟ କିମ୍ବା କାର୍ଯ୍ୟକୁ ଅନୁକରଣ କରିବାକୁ ବୁଝାଏ I
- ରୋମୀୟ ସୈନିକମାନେ ଯୀଶୁଙ୍କୁ ବସ୍ତ୍ର ପିନ୍ଧେଇ ତାହାଙ୍କୁ ରାଜା ଭାବରେ ସମ୍ମାନ କରିବା ବାହାନାରେ ତାହାଙ୍କୁ ଉପହାସ ଓ ବିଦ୍ରୂପ କଲେ I
- ଏକ ଯୁବଗୋଷ୍ଠୀ ଇଲୀଶାୟଙ୍କୁ ଚନ୍ଦା ମୁଣ୍ଡିଆ କହି ତାହାଙ୍କୁ ଉପହାସ କଲେ କିମ୍ବା ପରିହାସ କଲେ I
- "ବିଦ୍ରୂପ କରିବା" ଶବ୍ଦ ଏକ ବିଚାର ଧାରାକୁ ଯାହା ଅବିଶ୍ୱାସନୀୟ କିମ୍ବା ଗୁରୁତ୍ୱହୀନତାକୁ ବୁଝାଏ I
- ଜଣେ "ଉପହାସକାରୀ" ଜଣେ ବ୍ୟକ୍ତି ଅଟେ ଯିଏ ନିରନ୍ତର ଉପହାସ ଓ ବିଦ୍ରୂପ କରେ I

ବାଇବେଲ ପଦପର୍ବ:

- ୨ ପିତର ୩:୩-୪
- ପ୍ରେରିତ ୨:୧୨-୧୩
- ଗାଲାତୀୟ ୬:୬-୮
- ଆଦିପୁସ୍ତକ ୩୯:୧୩-୧୫
- ଲୂକ ୨୨:୬୩-୬୫
- ମାର୍କ ୧୦:୩୪
- ମାଥିଉ ୯:୨୩-୨୪
- ମାଥିଉ ୨୦:୧୯
- ମାଥିଉ ୨୭:୨୯

ବାଇବେଲ କାହାଣୀଗୁଡ଼ିକରୁ ଉଦାହରଣଗୁଡ଼ିକ:

- **୨୧:୧୨** ଲୋକମାନେ ଖ୍ରୀଷ୍ଟଙ୍କ ଉପରେ ଛେପ ପକାଇବେ, **ଉପହାସ କରିବେ** ଏବଂ ପ୍ରହାର କରିବେ I
- **୩୯:5** ଯିହୁଦୀ ନେତାମାନେ ସମସ୍ତେ ମହାଯାଜକକୁ ଉତ୍ତର ଦେଲେ "ସେ ପ୍ରାଣ ଦଣ୍ଡର ଯୋଗ୍ୟ ଅଟେ!" ସେମାନେ ଯୀଶୁଙ୍କର ଚକ୍ଷୁ ବାନ୍ଧି ତାହାଙ୍କ ଉପରେ ଛେପ ପକାଇଲେ, ପ୍ରହାର କଲେ ଓ **ଉପହାସ କଲେ** I
- **୩୯:୧୨** ସୈନିକମାନେ ଯୀଶୁଙ୍କୁ କୋରଡା ପ୍ରହାର କଲେ ଓ ଏକ ରାଜକୀୟ ବସ୍ତ୍ର ଏବଂ ଏକ କଣ୍ଟକ ମୁକୁଟ ତାହାଙ୍କୁ ପିନ୍ଧାଇଲେ I ପୁଣି ସେମାନେ ତାହାଙ୍କୁ "ଦେଖ, ଏ ଯିହୁଦୀମାନଙ୍କର ରାଜା ଅଟେ!" ବୋଲି କହି **ଉପହାସ କଲେ** I
- **୪୦:୪** ଯୀଶୁ ଦୁଇ ଡକାୟତ ମଧ୍ୟରେ କ୍ରୁଶବିଦ୍ଧ ହେଲେ । ସେମାନଙ୍କ ମଧ୍ୟରୁ ଜଣେ ଯୀଶୁଙ୍କୁ **ପରିହାସ କଲା**, କିନ୍ତୁ ଅନ୍ୟ ଜଣକ କହିଲା, "ତୁମ୍ଭେ ଈଶ୍ୱରଙ୍କୁ ଭୟ କରୁ ନାହଁ କି?"
- **୪୦:5** ଯିହୁଦୀ ନେତା ଓ ଅନ୍ୟ ଲୋକମାନେ ଯୀଶୁଙ୍କୁ **ଉପହାସ କଲେ** I ସେମାନେ ତାହାଙ୍କୁ କହିଲେ, "ଯଦି ତୁମ୍ଭେ ଈଶ୍ୱରଙ୍କର ପୁତ୍ର, କ୍ରୁଶରୁ ତଳକୁ ଆସ ଓ ନିଜକୁ ରକ୍ଷା କର! ତେବେ ଆମ୍ଭେମାନେ ତୁମ୍ଭ ଉପରେ ବିଶ୍ୱାସ କରିବୁ I "

ଶବ୍ଦବିନ୍ୟାସ:

- Strong's: H1422, H2048, H2049, H2778, H2781, H3213, H3887, H3931, H3932, H3933, H3934, H3944, H3945, H4167, H4485, H4912, H5058, H5607, H6026, H6711, H7046, H7048, H7814, H7832, H8103, H8148, H8437, H8595, G15920, G17010, G17020, G17030, G23010, G26060, G34560, G55120

ଉଲ୍ଲସିତ, ଆନନ୍ଦିତ

ପରିଭାଷା:

ଉଭୟ ଶବ୍ଦ "ଉଲ୍ଲସିତ" କିମ୍ବା "ଆନନ୍ଦିତ ହେବା" ସଫଳତା କିମ୍ବା ଆଶୀର୍ବାଦ ପାଇଲା ପରେ ବିଶେଷ ଆନନ୍ଦିତ ହେବାକୁ ବୁଝାଏ I

- "ଉଲ୍ଲସିତ ହେବା" ବିଚିତ୍ର ହେବା ଭାବନାକୁ ବୁଝାଏ I
- ଜଣେ ବ୍ୟକ୍ତି ଈଶ୍ୱରଙ୍କ ଉତ୍ତମତା ପାଇଁ ଆନନ୍ଦ କରିପାରେ I
- "ଉଲ୍ଲସିତ" ଶବ୍ଦ ସଫଳତା ଏବଂ ସମୃଦ୍ଧି ପାଇ ଗର୍ବି ମନଭାବ ରଖିଥିବା ଲୋକମାନଙ୍କୁ ବୁଝାଏ I
- ଏହି ଶବ୍ଦକୁ "ଆନନ୍ଦର ସହ ପାଳନ" କିମ୍ବା "ମହାଆନନ୍ଦରେ ପ୍ରଶଂସା କରିବା" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ ଉପରେ ଆଧାର କରି, "ଉଲ୍ଲସିତ ହେବା" ଶବ୍ଦକୁ "ବିଜୟର ସହ ପ୍ରଶଂସା କରିବା" କିମ୍ବା "ଅହଂକାରୀ ଭାବରେ କିମ୍ବା ଆତ୍ମପ୍ରଶଂସା କରି ପାଳନ କରିବା" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଅହଂକାର, ଆନନ୍ଦ, ପ୍ରଶଂସା, ଉଲ୍ଲାସ)

ବାଇବେଲ ପଦପର୍ବ:

- ୧ ଶାମୁୟେଲ ୨:୧
- ଯିଶାଇୟ ୧୩:୩
- ଆୟୁବ ୬:୧୦
- ଗୀତସଂହିତା ୬୮:୧-୩
- ସଫନୀୟ ୨:୧୫

ଶବ୍ଦବିନ୍ୟାସ:

- Strong's: H5539, H5947, H5970

ଏକାକୀ, ଜନଶୂନ୍ୟତା, ଏକା, ନିର୍ଜନତା

ପରିଭାଷା:

"ଏକାକୀ" ଏବଂ "ଜନଶୂନ୍ୟତା" ଏକ ନିବାସୀ ଅଞ୍ଚଳକୁ ଧ୍ୱଂସ କରିବାକୁ ବୁଝାଏ ଯାହା ଦ୍ୱାରା ଏହା ଜନବିହୀନ ହୁଏ I

- ଯେବେ ଏହା କୌଣସି ବ୍ୟକ୍ତିବିଶେଷକୁ ବୁଝାଏ, ସେତେବେଳେ ଏହା ଏକାକୀ, ଏବଂ ଦୁଃଖର ପରିସ୍ଥିତିକୁ ବୁଝାଏ I
- "ଜନଶୂନ୍ୟ" ଶବ୍ଦ ଏକ ନଷ୍ଟ ହୋଇଥିବା ପରିବେଶକୁ ବୁଝାଏ I
- ଯଦି କ୍ଷେତ୍ରରେ ଫଳୁଥିବା ଶସ୍ୟ ନଷ୍ଟ କରାଯାଏ ତେବେ କେହି ଶସ୍ୟକୁ ନଷ୍ଟ କରିଛି, ଯେପରି ପୋକ କିମ୍ବା କୌଣସି ଜୀବ I
- ଏକ ଜନଶୂନ୍ୟ ଅଞ୍ଚଳ ଏପରି ଏକ ସ୍ଥାନକୁ ବୁଝାଏ ଯେଉଁଠାରେ ଲୋକେ ବାସ କରନ୍ତି କାରଣ ସେହି ସ୍ଥାନରେ ଅଳ୍ପ ଶସ୍ୟ କିମ୍ବା ପାରିବା ଉତ୍ପନ୍ନ ହୁଏ I
- ଏକ "ଜନଶୂନ୍ୟ ଭୂମି" କିମ୍ବା "ପ୍ରାନ୍ତର" ଶବ୍ଦ ଏପରି ସ୍ଥାନକୁ ବୁଝାଏ ଯେଉଁଠାରେ କୁଷ୍ଠିରୋଗୀ ଏବଂ ବିପଦପୂର୍ଣ୍ଣ ଜନ୍ତୁ ବାସ କରୁଥିଲେ I
- ଯଦି ଏକ ସହରକୁ ନଷ୍ଟ କରାଯାଏ, ଏହାର ଅର୍ଥ ସହରର କୋଠା ଏବଂ ସାମଗ୍ରୀ ସବୁ ଚୋରି କିମ୍ବା ନଷ୍ଟ ହୋଇଅଛି ଏବଂ ସେ ସ୍ଥାନରେ ରହୁଥିବା ଲୋକମାନେ ହତ୍ୟା କରାଯାଇଛନ୍ତି ଅଟେ I ସହର "ଶୂନ୍ୟ" ଏବଂ "ନଷ୍ଟ"ହୋଇଅଛି I ଏହାର "ବିଧ୍ୱସ୍ତ" କିମ୍ବା "ବିଧ୍ୱସ୍ତ କରିବା" ଅର୍ଥ ମଧ୍ୟ ହୋଇପାରେ କିନ୍ତୁ ଏହା ଶୂନ୍ୟତା ଉପରେ ପ୍ରାଧାନ୍ୟ ଦିଏ I
- ପ୍ରସଙ୍ଗ ଉପରେ ଅଧାର କରି, ଏହି ଶବ୍ଦକୁ "ନଷ୍ଟ" କିମ୍ବା "ବିନଷ୍ଟ" କିମ୍ବା "ଶୂନ୍ୟ" କିମ୍ବା "ଏକାକୀ" କିମ୍ବା "ପରିତ୍ୟକ୍ତ" କିମ୍ବା "ଛଡ଼ା ଯାଇଥିବା" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଶୁଷ୍କ, ବିଧ୍ୱସ୍ତ, ନଷ୍ଟ, ନାସ)

ବାଇବେଲ ପଦପର୍ବ:

- ୨ ରଜାବଳୀ ୨୨:୧୯
- ପ୍ରେରିତ ୧:୨୦
- ଦାନିୟେଲ ୯:୧୭-୧୯
- ବିଳାପଗୀତ ୩:୧୧
- ଲୂକ ୧୧:୧୭
- ମାଥିଉ ୧୨:୨୫

ଶବ୍ଦବିନ୍ୟାସ:

- Strong's: H0490, H0816, H0910, H1565, H2717, H2720, H2721, H2723, H3173, H3341, H3456, H3582, H4875, H4923, H5352, H5800, H7582, H7701, H7722, H8047, H8074, H8076, H8077, G20480, G20490, G20500, G34430

ଏରସ ବୃକ୍ଷ, ଏରସ ବୃକ୍ଷ ସକଳ

ସଂଜ୍ଞା:

ଏରସ ବୃକ୍ଷ ଏପରି ବୃକ୍ଷ ଯାହା ବର୍ଷ ସାରା ସବୁଜ ଦେଖାଯାଏ ଓ ଓ ଏହାର ଶଂକୁ ପତ୍ର ବିହନ ଧାରଣ କରି ଥାଏ I

- ଏରସ ବୃକ୍ଷ କୁ "ଚିର ସବୁଜ "ବୃକ୍ଷ ରୂପରେ ମଧ୍ୟ ଦର୍ଶାଇଯାଏ I
- ପ୍ରାଚୀନ କାଳରେ, ଏରସ କାଠରୁ ସଂଗୀତ ସମନ୍ଧ ଯନ୍ତ୍ର ନିର୍ମିତ ହେଉଥିଲା ଓ ନୌକା, ଘର ଓ ମନ୍ଦିର ନିର୍ମାଣ ଶୈଳୀରେ କାମରେ ଆସୁଥିଲା I
- ବାଇବଲରେ ଏରସ ବୃକ୍ଷ ର କେତେକ ଉଦାହରଣ ଦିଆ ଯାଇ ଅଛି, ସେହି ସବୁ ଦେବଦାରୁ, ତିଧର, କଅଣୁକ ଓ ତାଶୁର ବୃକ୍ଷ ଅଟେ I

(ଆହୁରି ଦେଖନ୍ତୁ:ଅଜଣା କୁ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ:ଦେବଦାରୁ, ତିଧର)

ବାଇବଲ ଟିପ୍ପଣୀ:

- ଯିହଜିକଲ ୨୭:୪-୫
- ଯିଶାଇୟ ୩୭:୨୪-୨୫
- ଯିଶାଇୟ ୪୧:୧୯-୨୦
- ଯିଶାଇୟ ୪୪:୧୪
- ଯିଶାଇୟ ୬୦: ୧୨-୧୩
- ଗୀତସଂହିତା ୧୦୪:୧୬-୧୮

ବୋର୍ଡ ଡାଟା :

- Strong's: H766, H1265, H1266

ଏରସ ବୃକ୍ଷମାନ (ଦେବଦାରୁ), ଏରସ ବୃକ୍ଷସବୁ, ଏରସ କାଠ

ସଂଜ୍ଞା:

"ଏରସ" ଶବ୍ଦଟି ଫର ନାମକ ଲମ୍ବା ଉଚ୍ଚତା ବିଶିଷ୍ଟ ବୃକ୍ଷ ଅଟେ ଏବଂ ତାହାର କାଠର ବର୍ଣ୍ଣ ରକ୍ତ-ବାଦାମୀ ଅନ୍ୟ ଫର ପରି, ଏହାର ଶୁଣ୍ଡାକାର ପରି ଫଳ ଓ ଛୁଞ୍ଚିପରି ପତ୍ର ଅଛି

- ପୁରାତନ ନିୟମରେ ଲିବାନୋନ ସହିତ ଏରସ ବୃକ୍ଷର ବର୍ଣ୍ଣନା କରାଯାଇଛି ଯେଉଁଠି ଏହାର ବୃଦ୍ଧି ପ୍ରଚୁର ହୁଏ
- ଏରସ ବୃକ୍ଷର କାଠ ଯିରୁଶାଲେମ ମନ୍ଦିର ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇଛି
- ଏହାକୁ ମଧ୍ୟ ବଳିଦାନ ଓ ପବିତ୍ର ଭେଟ ଭାବେ ବ୍ୟବହାର କରାଯାଏ

(ଦେଖ: ଫର, ଶୁଚିକରଣ, ବଳିଦାନ, ମନ୍ଦିର)

ବାଇବଲରେ ସନ୍ଦର୍ଭ:

- ୧ମ ବଂଶାବଳି ୧୪:୧-୨
- ୧ମ ରାଜାବଳି ୦୭:୧-୨
- ଯିଶାଇୟ ୦୨:୧୨-୧୩
- ଯିଖରିୟ ୧୧:୧-୩

ବୋର୍ଡ ଡାଟା :

- Strong's: H730

ଏହା ଲେଖାଅଛି

ପରିଭାଷା:

"ଯେପରି ଲେଖାଅଛି" କିମ୍ବା "ଯାହା ଲେଖାଅଛି" ବାକ୍ୟାଂଶ ନୂତନ ନିୟମରେ ଅନେକ ସ୍ଥାନରେ ଉଲ୍ଲେଖ ଅଛି ଓ ସାଧାରଣ ଭାବରେ ଏବ୍ରୀ ଭାଷାରେ ଲିଖିତ ଆଜ୍ଞା ଓ ଭବିଷ୍ୟଦ୍‌ବାଣୀକୁ ବୁଝାଏ I

- କେତେକ ସମୟରେ "ଯେପରି ଲେଖାଅଛି" ବାକ୍ୟାଂଶ ମୋଶାଙ୍କ ଲିଖିତ ବ୍ୟବସ୍ଥାକୁ ବୁଝାଏ I
- ଅନ୍ୟ ସମୟରେ ଏହା ଭବିଷ୍ୟଦ୍‌ବକ୍ତା ପୁରାତନ ନିୟମରେ ଲେଖିଥିବା ବିଷୟକୁ ବୁଝାଏ I
- ଏହାକୁ "ମୋଶାଙ୍କ ବ୍ୟବସ୍ଥାରେ ଯେପରି ଲେଖାଅଛି "କିମ୍ବା "ଭବିଷ୍ୟଦ୍‌ବକ୍ତାମାନେ ପୂର୍ବରୁ ଯେପରି ଲେଖିଛନ୍ତି" କିମ୍ବା "ଈଶ୍ୱରଙ୍କ ବ୍ୟବସ୍ଥା ଯାହା କହେ ଯାହା ମୋଶା ବହୁ ବର୍ଷ ପୂର୍ବେ ଉଲ୍ଲେଖ କରିଛନ୍ତି" ବୋଲି ଅନୁବାଦ କରାଯାଇପାରେ I
- "ଏହା ଲେଖାଅଛି "ବୋଲି ଉଲ୍ଲେଖ କରି ଏହାର ଅର୍ଥକୁ ପାଦଟୀକାରେ ଉଲ୍ଲେଖ କରାଯାଇପାରିବ I

(ଆଜ୍ଞା, ବ୍ୟବସ୍ଥା, ଭବିଷ୍ୟଦ୍‌ବକ୍ତା, ଈଶ୍ୱରଙ୍କ ବାକ୍ୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ଯୋହନ 5:13-15
- ପ୍ରେରିତ 13:29
- ଯାତ୍ରାପୁସ୍ତକ 32:15-16
- ଯୋହନ 21:25
- ଲୂକ 3:4
- ମାର୍କ 9:12
- ମାଥିଉ 4: 6
- ପ୍ରକାଶିତ ବାକ୍ୟ 1: 3

ଶବ୍ଦବିନ୍ୟାସ :

- Strong's: H3789, G11250

ଓଟ

ପରିଭାଷା:

ଏକ ଓଟ ଏକ ବଡ଼, ଚାରି ଗୋଡବିଶିଷ୍ଟ ପ୍ରାଣୀ ଅଟେ, ଯାହାର ପିଠିରେ ଗୋଟିଏ କିମ୍ବା ଦୁଇଟି କୁଜ ଥାଏ ।

(ଦେଖନ୍ତୁ: ଅଜଣା ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

- ବାଇବେଲ ସମୟରେ, ଇସ୍ରାଏଲରେ ଓ ଆଖପାଖ ଅଞ୍ଚଳରେ ଓଟ ସବୁଠାରୁ ବଡ଼ ଜନ୍ତୁଥିଲା ।
- ଓଟକୁ ଲୋକମାନେ ମୁଖ୍ୟତଃ ଭାରୀ ଜିନିଷ ବୋହିବା ପାଇଁ ବ୍ୟବହାର କରୁଥିଲେ ।
- କିଛି ଲୋକଦଳ ଓଟକୁ ଖାଦ୍ୟ ଭାବେ ମଧ୍ୟ ଖାଉଥିଲେ କିନ୍ତୁ ଇସ୍ରାଏଲ ଲୋକ ନୁହେଁ କାରଣ ଈଶ୍ୱର କହିଥିଲେ ଯେ ଓଟ ଶୁଚୀପ୍ରାଣୀ ନୁହେଁ ଏବଂ ଏଥିପାଇଁ ଏହା ଖାଦ୍ୟ ଯୋଗ୍ୟ ନ ଥିଲା ।
- ଓଟ ବହୁତ ମୂଲ୍ୟବାନ ଥିଲା କାରଣ ସେମାନେ ବାଲୁକାରେ ଶୀଘ୍ର ଚାଲି ପାରନ୍ତି ଓ ଖାଦ୍ୟ ଓ ପାଣି ବିନା ଏକ ସମୟରେ କିଛି ସପ୍ତାହ ଜୀବିତ ରହି ପାରନ୍ତି ।

(ଦେଖନ୍ତୁ: ବୋଝ, ଶୁଚି)

ବାଇବେଲ ପଦପର୍ବ:

- ୧ ବଂଶାବଳୀ ୫:୨୧
- ୨ ବଂଶାବଳୀ ୯:୧-୨
- ଯାତ୍ରାପୁସ୍ତକ ୯:୧-୪
- ମାର୍କ ୧୦:୨୫
- ମାଥିଉ ୩:୪
- ମାଥିଉ ୧୯:୨୩-୨୪

ଶବ୍ଦବିନ୍ୟାସ:

- Strong’s: H1581, G25740

ଓଳାଇବା

ଘଟଣାବଳୀ:

"ଓଳାଇବା" ଶବ୍ଦର ଅର୍ଥ ସାଧାରଣତଃ ଗୋଟିଏ ଝାଡୁ ସାହାଯ୍ୟରେ ମଇଳା ଅପସାରଣ କରିବା । "ଓଳାଇଲେ" ଶବ୍ଦ "ଓଳାଇବା" କ୍ରିୟାର ଅତୀତ କ୍ରିୟାପଦ ଅଟେ । ଏହି ଶବ୍ଦଗୁଡ଼ିକୁ ସାଙ୍କେତିକ ଭାବରେ ମଧ୍ୟ ବ୍ୟବହାର କରାଯାଏ ।

- ସୈନିକମାନେ କିପରି ଦ୍ରୁତ, ନିର୍ଣ୍ଣାୟକ, ବ୍ୟାପକ ବିସ୍ତାରିତ ଗତିବିଧି ସହ ଆକ୍ରମଣ କରନ୍ତି ତାହା ବୁଝାଇବା ନିମନ୍ତେ "ଓଳାଇବା" ଶବ୍ଦକୁ ସାଙ୍କେତିକ ଭାବରେ ବ୍ୟବହାର କରାଯାଇଛି ।
- ଉଦାହରଣ ସ୍ୱରୂପ, ଯିଶାଇୟ ଭବିଷ୍ୟବାଣୀ କରିଥିଲେ ଯେ ଅଶୂରୀୟମାନେ ଯିହୁଦାର ରାଜ୍ୟକୁ "ସଫାକରିଦେବେ" । ଏହାର ଅର୍ଥ ସେମାନେ ଯିହୁଦାକୁ ଧ୍ୱଂସ କରିବେ ଏବଂ ଏହାର ଲୋକମାନଙ୍କୁ ଧରିନେବେ।
- ଯେତେବେଳେ ଜଣେ ବ୍ୟକ୍ତିଙ୍କ ସହିତ ଅତ୍ୟଧିକ, କଷ୍ଟଦାୟକ ଘଟଣା ଘଟୁଛି, ଏହା ତାହାକୁ "ଓଳାଏ" ବୋଲି ଅନୁବାଦ କରାଯାଇପାରେ ।

(ଅଶୂରିୟ, ଯିଶାଇୟ, ଯିହୂଦା , ଭବିଷ୍ୟଦ୍‌ବକ୍ତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ରାଜାବଳୀ 16:3
- ଦାନିୟେଲ 11:40-41
- ଆଦିପୁସ୍ତକ 18:24
- ହିତୋପଦେଶ 21:7-8
- ଗୀତସଂହିତା 90:5

ଶବ୍ଦବିନ୍ୟାସ:

- Strong's: H0622, H0857, H1640, H2498, H2894, H3261, H5500, H5595, H7857, G42160, G45630, G49510

କଟି ବନ୍ଧନ, କଟି ବନ୍ଧନ କଲେ

ସଂଜ୍ଞା:

"କଟି ବନ୍ଧନ" ଶବ୍ଦ ର ଅର୍ଥ କୌଣସି ବସ୍ତୁ କୁ କୌଣସି ବସ୍ତୁ ଦ୍ୱାରା ଚାରି ପଟରେ ବାନ୍ଧିବା I ଏହା ବେଲଟ୍ କିଅବା ଏକ ପତଳା ଦୌଡ଼ି କଟିରେ ବାନ୍ଧିବା ଯାହା ଦ୍ୱାରା ତାହା କଟିରେ ବସ୍ତ୍ରକୁ ଧରି ରହିପାରେ I

- ଏକ ସାଧାରଣ ବାଇବଲ ବାକ୍ୟାଂଶ, "ସିଂହ କୁ ବାନ୍ଧି ରଖ "ଗୋଟିଏ ବେଲଟ୍ରେ ବସ୍ତ୍ରର ତଳ ଦୁଇ ଭାଗକୁ ଭଲରେ ବାନ୍ଧିବା କି ଏକ ବ୍ୟକ୍ତି କାମ କରିବା ନିମନ୍ତେ ଖୋଲାରେ ଚଳ ଚଂଚଲ ହୋଇପାରେ I
- ଏହି ବାକ୍ୟାଂଶର ଅର୍ଥ 'କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ ରୁହନ୍ତୁ "କିଅବା "କିଛି କଠିନ କାମ କରିବା ନିମନ୍ତେ ପ୍ରସ୍ତୁତ ରୁହନ୍ତୁ "ହୋଇପାରେ I
- ଅଭିବ୍ୟକ୍ତି "ସିଂହ କୁ ବାନ୍ଧି ରଖ "କୁ ଭାଷା ଅନୁସାରେ ଅଭ୍ୟକ୍ତି କରି ଏହାର ଅନୁବାଦ କରାଯାଇପାରେ I

କିଅବା ଏକା କୁ ସାଙ୍କେତିକ ରୂପରେ "ନିଜକୁ ପ୍ରସ୍ତୁତ କର କାର୍ଯ୍ୟ ନିମନ୍ତେ "କିଅବା "ପ୍ରସ୍ତୁତ ରୁହ "ରୂପରେ ଅନୁବାଦ କରାଯାଇପାରେ I

- "ସହିତ ବନ୍ଧନ" ଶବ୍ଦ କୁ "ଗୋଲାକାରରେ ବାନ୍ଧିବା "ଘୋଡାଇବା "କିଅବା "କଟି ବାନ୍ଧିବା "ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ: ସିଂହ)

ବାଇବଲ ପଦପର୍ବ:

- ୧ ପିତର ୦୧:୧୩-୧୪
- ଆୟୁବ ୩୮:୧-୩

ବୋର୍ଡ ଡାଟା :

- Strong's: H247, H640, H2290, H2296, H8151, G328, G1241, G2224, G4024

କଟିଭାଗ, ଅଣ୍ଟା

ପରିଭାଷା:

"କଟିଭାଗ" ଶବ୍ଦ ଏକ ପଶୁ କିମ୍ବା ବ୍ୟକ୍ତିର ଶରୀରର ଅଙ୍ଗକୁ ବୁଝାଏ ଯାହା ତଳ ପଟି ଏବଂ କଟି ହାଡ ମଧ୍ୟରେ ରହିଥାଏ, ଯାହାକୁ ତଳ ପେଟ ମଧ୍ୟ କୁହାଯାଏ |

- "ଅଣ୍ଟାଭିଡିବା" ଅଭିବ୍ୟକ୍ତି କଠିନ ପରିଶ୍ରମ କରିବାକୁ ପ୍ରସ୍ତୁତ ହେବାକୁ ବୁଝାଏ | ସହଜରେ କାର୍ଯ୍ୟ କରିବା ପାଇଁ ଏହା ଏକ ପୋଷାକର ତଳ ଅଂଶକୁ ଅଣ୍ଟାର ବନ୍ଧନକୁ ବୁଝାଏ |
- ବଳି ଦିଆଯାଇଥିବା ପଶୁର ତଳ ଅଂଶକୁ ବୁଝାଇବା ପାଇଁ "କଟିଭାଗ" ଶବ୍ଦ ବାଇବେଲରେ ବ୍ୟବହୃତ |
- ବାଇବେଲରେ, "କଟିଭାଗ" ଶବ୍ଦଟି ସାଙ୍କେତିକ ଭାବରେ ଏବଂ ଆଳଙ୍କାରିକ ଭାବରେ ମନୁଷ୍ୟର ପ୍ରଜନନ ଅଙ୍ଗକୁ ତାଙ୍କ ବଂଶର ଉତ୍ସ ଭାବରେ ସୂଚିତ କରେ | (ଦେଖନ୍ତୁ: euphemism)
- "ତୁମ୍ଭର କଟିଭାଗରୁ ଆସିବ" ଅଭିବ୍ୟକ୍ତିକୁ "ତୁମ୍ଭର ସନ୍ତାନ ହେବ" କିମ୍ବା "ତୁମ୍ଭର ବଂଶରୁ ଜନ୍ମ ହେବ" କିମ୍ବା "ତୁମ୍ଭଠାରୁ ଆସିବାକୁ ଈଶ୍ୱର ପ୍ରେରିତ କରିବେ |" (ଦେଖନ୍ତୁ: euphemism)
- ଶରୀରର ଏକ ଅଙ୍ଗକୁ ସୂଚାଇବାବେଳେ, ପ୍ରସଙ୍ଗ ଉପରେ ଆଧାର କରି ଏହାକୁ "ପେଟ" କିମ୍ବା "କଟି" କିମ୍ବା "ଅଣ୍ଟା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ |

(ଦେଖନ୍ତୁ: ବଂଶ, ଭିଡିବା, ସନ୍ତାନ)

ବାଇବେଲ ପଦପର୍ବ:

- ୧ ପିତର ୧:୧୩
- ୨ ବଂଶାବଳୀ ୬:୯
- ବ୍ୟବସ୍ଥା ବିବରଣୀ ୩୩:୧୧
- ଆଦି ପୁସ୍ତକ ୩୭:୩୪
- ଆୟୁବ ୧୫:୨୭

ଶବ୍ଦବିନ୍ୟାସ:

- Strong's: H2504, H3409, H3689, H4975, G37510

କଠିନ, କଠୋର, କଠିନତା

ପରିଭାଷା:

"କଠିନ" ଶବ୍ଦ ସାଧାରଣତଃ ଏପରି ବିଷୟକୁ ବୁଝାଏ ଯାହା କଷ୍ଟସାଧ୍ୟ, ସ୍ଥିର, କିମ୍ବା ଦୃଢ଼ ଅଟେ I

- "ହୃଦୟ" ସହିତ "କଠିନ" (ବିଭିନ୍ନ ରୂପରେ) ଶବ୍ଦର ବ୍ୟବହାର ଲୋକମାନଙ୍କ ଅନୁତାପ ନକରିବା କିମ୍ବା ଈଶ୍ୱରଙ୍କ ଅନାଜ୍ଞାକାରୀତାକୁ (ସାଧାରଣତଃ) ବୁଝାଏ ।
- ଯେତେବେଳେ ଏକ ରୂପାନ୍ତରକାରୀ ଭାବରେ ବ୍ୟବହୃତ ହୁଏ, ସେତେବେଳେ ଏହାର ଅର୍ଥ "ମହାନ ପ୍ରୟାସ"ସହିତ ସମାନ ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "କଠିନ" ଶବ୍ଦକୁ ପ୍ରସଙ୍ଗ ଉପରେ ଅଧାର କରି "କଷ୍ଟ' କିମ୍ବା "ଅବାଧ" କିମ୍ବା "ତୁନତିପୂର୍ଣ୍ଣ" ବୋଲି ଅନୁବାଦ କରାଯାଇପାରେ I
- "କଠିନତା" କିମ୍ବା "ହୃଦୟର କଠିନତା" କିମ୍ବା "କଠିନ ହୃଦୟ" ବକ୍ୟାଂଶଗୁଡ଼ିକ "ଅନମନୀୟ" କିମ୍ବା "ଲଗାତର ବିରୋଧ କରିବା" କିମ୍ବା "ବିରୋଧୀ ମନଭାବ" କିମ୍ବା "ଅନମନୀୟ ଅନାଜ୍ଞାକାରିତା" କିମ୍ବା "ଅନୁତାପ ନକରିବା"ବୋଲି ଅନୁବାଦ କରାଯାଇପାରେ I
- "କଠୋର" ଶବ୍ଦକୁ "ଅନମନୀୟ ଅନୁତାପ ନକରିବା" କିମ୍ବା "ମାନିବାକୁ ମନା କରିବା" ବୋଲି ଅନୁବାଦ କରାଯାଇପାରେ I
- "ତୁମର ହୃଦୟ କଠିନ କର ନାହିଁ ' ବକ୍ୟାଂଶକୁ "ଅନୁତାପ କରିବାକୁ ମନାକର ନାହିଁ" କିମ୍ବା "ଲଗାତର ଅବାଧ ହୋଇ ଅନଜ୍ଞାକାରୀ ହୁଅ ନାହିଁ" ବୋଲି ଅନୁବାଦ କରାଯାଇପାରେ I
- "କଠିନ –ମସ୍ତିକ" କିମ୍ବା "କଠିନ-ହୃଦୟ" ବକ୍ୟାଂଶକୁ "ଜିଦ୍‌ଖୋର ଅନାଜ୍ଞାକାରିତା" କିମ୍ବା "ଲଗାତର ଅନଜ୍ଞାକାରିତା" କିମ୍ବା "ଅନୁତାପ କରିବାକୁ ମନା କରିବା" କିମ୍ବା "ସବୁବେଳେ ବିରୋଧ କରିବା"ବୋଲି ଅନୁବାଦ କରାଯାଇପାରେ I
- "କଠିନ କାମ କର" କିମ୍ବା "କଠିନ ଚେଷ୍ଟା କର" ଅଭିବ୍ୟକ୍ତିଗୁଡ଼ିକ "ଧାର୍ଯ୍ୟର ସହିତ" କିମ୍ବା "ତତ୍ପରତାପୂର୍ବକ" ବୋଲି ଅନୁବାଦ କରାଯାଇପାରେ I
- "ବିରୁଦ୍ଧରେ କଠିନ ଚାପ" ଅଭିବ୍ୟକ୍ତିକୁ "ବଳପୂର୍ବକ ଠେଲିବା" କିମ୍ବା "ବିପରୀତ ଦିଗରେ ଦୃଢତାରେ ଠେଲିବା" ବୋଲି ଅନୁବାଦ କରାଯାଇପାରେ I
- "ଲୋକମାନଙ୍କୁ କଠିନ ପରିଶ୍ରମରେ କ୍ଲେଶ ଦେବା" ବକ୍ୟାଂଶକୁ "ଲୋକମାନଙ୍କୁ ବଳପୂର୍ବକ କଠିନ ପରିଶ୍ରମ କରି ଯନ୍ତ୍ରଣା ଦେବା" କିମ୍ବା "ଲୋକମାନଙ୍କୁ ବଳ ପୂର୍ବକ କଠିନ ପରିଶ୍ରମ କରାଇ କଷ୍ଟ ଦେବା" ବୋଲି ଅନୁବାଦ କରାଯାଇପାରେ I
- ଏକ ଅଲଗା ପ୍ରକାର "କଠିନତା" ସ୍ତ୍ରୀ ଦ୍ୱାରା ଅନୁଭବ କରାଯାଏ ଯେବେ ସେ ଶିଶୁ ପ୍ରସବ କରେ I

(ଦେଖନ୍ତୁ: ଅନାଜ୍ଞାକାରୀ, ମନ୍ଦ, ହୃଦୟ, ପ୍ରସବ ବେଦନା ପୀଡା, ସିଧା-ଗଳା)

ବାଇବେଲ ପଦପର୍ବ:

- ଦ୍ୱିତୀୟ କରିନ୍ଥୀୟ ୧୧:୨୩
- ଦ୍ୱିତୀୟ ବିବରଣ ୧୫:୭
- ଯାତ୍ରାପୁସ୍ତକ ୧୪:୪
- ଏବ୍ରୀ ୪:୭
- ଯୋହନ ୧୨:୪୦
- ମାଥିଉ ୧୯:୮

ଶବ୍ଦବିନ୍ୟାସ:

- Strong's: H0553, H1692, H2388, H2389, H2420, H2864, H3021, H3332, H3513, H3515, H3966, H4165, H4522, H5450, H5647, H5797, H5810, H5980, H5999, H6089, H6381, H6635, H7185, H7186, H7188, H7280, H8068, H8307, H8631, G09170, G14190, G14210, G14220, G14230, G22050, G25320, G25530, G28720, G28730, G34250, G34330, G40530, G41830, G44560, G44570, G46410, G46420, G46430, G46450, G49120

କଣ୍ଟା, କଣ୍ଟାବୁଦା, ଗୋଖରା ଗଛ

ସତ୍ୟ ଘଟଣାବଳୀ:

କଣ୍ଟାବୁଦା ଏବଂ ଗୋଖରା ଗଛ ଉଦ୍ଭିଦ ଅଟେ, ଯାହାର ଶାଖା କିମ୍ବା ଫୁଲ ଥାଏ | ଏହି ଉଦ୍ଭିଦଗୁଡ଼ିକ ଫଳ କିମ୍ବା ଅନ୍ୟ ଉପଯୋଗୀ ବସ୍ତୁକୁ ଉତ୍ପନ୍ନ କରେ ନାହିଁI

- ଏକ "କଣ୍ଟା" ଗୋଟିଏ କଠିନ, ଧାରୁଆ ଅଂଶ ଅଟେ, ଯାହା ଏକ ଗଛର ଶାଖାରେ ବା ପତ୍ରରେ ବୃଦ୍ଧି ପାଏ I ଏକ "କଣ୍ଟାବୁଦା" ଏଭଳି ଏକ ପ୍ରକାର ଛୋଟ ଗଛ ବା ବୁଦା ଅଟେ ଯାହାର ଡାଳଗୁଡ଼ିକରେ ଅନେକ କଣ୍ଟା ଥାଏ I
- ଏକ "ଗୋଖରା ଗଛ" ଏଭଳି ଏକ ଗଛ ଯହିଁରେ ମୁନିଆ ଡାଳ ଏବଂ ପତ୍ରଗୁଡ଼ିକ ଥାଏ I ଅନେକ ସମୟରେ ଏହାର ଫୁଲଗୁଡ଼ିକ ବାଇଗଣିଆ ରଙ୍ଗର ହୋଇଥାଏ I
- କଣ୍ଟା ଏବଂ ଗୋଖରା ଗଛ ଖୁବ୍ ଶୀଘ୍ର ବୃଦ୍ଧି ପାଏ ଏବଂ ନିକଟବର୍ତ୍ତୀ ବୃକ୍ଷ ଓ ଫସଲକୁ ବୃଦ୍ଧି ପାଇବାରେ ବାଧା ଦେଇଥାଏ I ଏହା ପାପର ଏକ ଚିତ୍ର ଅଟେ, ଯାହା ଜଣେ ବ୍ୟକ୍ତିକୁ ଉତ୍ତମ ଆତ୍ମିକ ଫଳ ଉତ୍ପନ୍ନ କରିବାରେ ବାଧା ଦିଏ I
- ଏକ କଣ୍ଟାଥିବା ଡାଳଦ୍ୱାରା ଏକ ମୁକୁଟ ତିଆରି କରାଗଲା ଏବଂ ଯୀଶୁଙ୍କୁ କ୍ରୁଶାର୍ପିତ କରିବା ପୂର୍ବରୁ ତାହାଙ୍କ ମସ୍ତକରେ ପିନ୍ଧାଇ ଦିଆଗଲା I
- ଯଦି ସମ୍ଭବ, ଏହି ଶବ୍ଦଗୁଡ଼ିକୁ ଦୁଇଟି ଭିନ୍ନ ଭିନ୍ନ ଗଛର ନାମ ଦ୍ୱାରା ବା ବୁଦାଗୁଡ଼ିକର ନାମ ଦ୍ୱାରା ଅନୁବାଦ କରାଯିବା ଉଚିତ ଏବଂ ସେହି ନାମଗୁଡ଼ିକ ସ୍ଥାନୀୟ ଭାଷାରେ ପରିଚିତ ଥିବା ଉଚିତ I

(ମୁକୁଟ, ଫଳ, ଆତ୍ମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଏବ୍ରୀ 6:7-8
- ମାଥିଉ 13:7
- ମାଥିଉ 13:22
- ଗଣନାପୁସ୍ତକ 33:55

ଶବ୍ଦବିନ୍ୟାସ :

- Strong's: H0329, H1863, H2312, H2336, H4534, H5285, H5518, H5544, H6791, H6796, H6975, H7063, H7898, G01730, G01740, G46470, G51460

କନ୍ୟା, କନ୍ୟାମାନେ, କନ୍ୟାର

ସଂଜ୍ଞା:

କନ୍ୟା ହେଉଛି ଜଣେ ସ୍ତ୍ରୀ ଯିଏ କୁ ତାହାର ସ୍ୱାମୀ କୁ ବିବାହ ଦିନରେ ବର ରୂପରେ ଦେଖେ ।

- "କନ୍ୟା" ଶବ୍ଦକୁ ମଣ୍ଡଳୀରେ ଯୀଶୁଙ୍କ ବିଶ୍ୱାସୀର ରୂପକ ଭାବେ ବ୍ୟବହାର କରାଯାଏ ।
- ଯୀଶୁ ଙ୍କୁ ମଣ୍ଡଳୀ ନିମନ୍ତେ "ବର" ଭାବେ ତୁଳନା କରାଯାଏ ।

(ଦେଖନ୍ତୁ: ରୂପକ)

(ଦେଖନ୍ତୁ: ବର, ମଣ୍ଡଳୀ)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- ଯାତ୍ରା 22:16-17
- ଯିଶାଇୟ 62:5
- ଯୋୟେଲ 02:15-16

ବୋର୍ଡ ଡାଟା :

- Strong's: H3618, G3565

କପାଳ

ପରିଭାଷା:

"କପାଳ" ଶବ୍ଦ ମନୁଷ୍ୟ କିମ୍ବା ପ୍ରାଣୀ ମୁଣ୍ଡର ହାଡୁଆ କଙ୍କାଳ ଆକୃତିକୁ ବୁଝା ।

- ବେଳେବେଳେ "କପାଳ" ଶବ୍ଦ "ମସ୍ତକ"କୁ ବୁଝାଏ, ଯେପରି "ତୁମ୍ଭର ମୁଣ୍ଡ ଲଣ୍ଡା କର" ବାକ୍ୟାଂଶ ବୁଝାଏ ।
- ଗଲାଗଥାର ଅନ୍ୟ ନାମ "କପାଳୀ ନାମକ ସ୍ଥାନ" ଅଟେ ଯେଉଁଠି ଯୀଶୁଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା।
- ଏହି ଶବ୍ଦକୁ "ମସ୍ତକ" କିମ୍ବା "ମୁଣ୍ଡର ହାଡ଼" ବୋଲି ଅନୁବାଦ କରାଯାଇପାରେ ।"

(ଦେଖନ୍ତୁ: କ୍ରୁଶାର୍ପିତ, ଗଲଗଥା)

ବାଇବେଲ ପଦପର୍ବ:

- ୨ ରାଜାବଳୀ ୯:୩୫-୩୭
- ଯିରିମୀୟ ୨:୧୬
- ଯୋହନ ୧୯:୧୭
- ମାଥିଉ ୨୭:୩୨-୩୪

ଶବ୍ଦବିନ୍ୟାସ:

- Strong's: H1538, H6936, H7218, G28980

କପୋତ, ପାରା

ପରିଭାଷା:

କପୋତ ଏବଂ ପାରା କ୍ଷୁଦ୍ର, ପାଉଁଶିଆ-ବାଦାମୀ ରଙ୍ଗର ଦୁଇ ପ୍ରକାରର ପକ୍ଷୀ ଅଟନ୍ତି ଯାହା ଏକାପରି ଦେଖାଯାଏ । ଏକ କପୋତ ରଙ୍ଗରେ ଫିକା, ପ୍ରାୟତଃ ଧଳା ଦେଖାଯାଏ।

- କେତେକ ଭାଷା ସେମାନଙ୍କ ନିମନ୍ତେ ଦୁଇଟି ଭିନ୍ନ ନାମ ରହିଅଛି, ଅନ୍ୟ କେତକ ଭାଷା ଉଭୟ ପକ୍ଷୀ ପାଇଁ ଗୋଟିଏ ନାମ ବ୍ୟବହାର କରେ ।
- କପୋତ ଏବଂ ପାରା ଈଶ୍ୱରଙ୍କ ଉତ୍ସର୍ଗରେ ବ୍ୟବହୃତ ହେଉଥିଲା, ବିଶେଷତଃ ଲୋକମାନଙ୍କ ନିମନ୍ତେ ଯିଏ ଏକ ବୃହତ୍ତର ପଶୁ କିଣିବାକୁ ଅସମର୍ଥ ଥିଲା ।
- ଯେତେବେଳେ ଜଳପ୍ଲାବନର ଜଳ ତଳକୁ ଖସିଲା ଏକ କପୋତ ଗୋଟିଏ ଜିତ ବୃକ୍ଷର ଡାଳଟି ନୋହଙ୍କ ନିକଟକୁ ଆଣିଲା ।
- କପୋତ ବିଶୁଦ୍ଧ, ନିର୍ଦ୍ଦୋଷତା ଓ ଶାନ୍ତିର ପ୍ରତୀକ ଅଟେ ।
- ଯଦି କପୋତ ବା ପାରା ସ୍ଥାନୀୟ ଭାଷାରେ ଅପରିଚିତ ତେବେ ଏହି ଶବ୍ଦକୁ "ଏକ ଛୋଟ ପାଉଁଶିଆ-ବାଦାମୀ ପକ୍ଷୀ ଯାହାକୁ କପୋତ କୁହାଯାଏ" କିମ୍ବା "ଏକ ଛୋଟ ପାଉଁଶିଆ ବା ବାଦାମୀ ପକ୍ଷୀ, ଏପରି ଦେଖାଯାଉଥିବା ଏକ(ସ୍ଥାନୀୟ ପକ୍ଷୀର ନାମ) ରେ ମଧ୍ୟ ଅନୁବାଦ କରାଯାଇପାରିବ ।
- ଯଦି ଉଭୟ କପୋତ ଏବଂ ପାରାକୁ ଏକ ପଦରେ ସୂଚାଯାଇଛି ତେବେ ଏହି ପକ୍ଷୀ ନିମନ୍ତେ ଦୁଇଟି ଭିନ୍ନ ଶବ୍ଦ ବ୍ୟବହାର କରନ୍ତୁ।

(ଦେଖନ୍ତୁ: ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

(ଦେଖନ୍ତୁ: ଜିତ, ନିର୍ଦ୍ଦୋଷତା, ବିଶୁଦ୍ଧ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୮:୯
- ଲୂକ ୨:୨୨-୨୪
- ମାର୍କ ୧: ୧୦
- ମାଥିଉ ୩:୧୬
- ମାଥିଉ ୨୧:୧୨-୧୪

ଶବ୍ଦବିନ୍ୟାସ:

- Strong's: H1469, H1686, H3123, H8449, G40580

କବର, କବର ଖନନକାରୀ, କବର, ସମାଧିସ୍ଥଳ

ପରିଭାଷା:

"କବର" ଏବଂ "ସମାଧି" ଏକ ସ୍ଥାନକୁ ବୁଝାଏ ଯେଉଁଠାରେ ଲୋକମାନେ ମୃତ୍ୟୁବରଣ କରିଥିବା ବ୍ୟକ୍ତିର ଶବକୁ ରଖନ୍ତି | ଏକ "ସମାଧି ସ୍ଥାନ" ଏକ ସାଧାରଣ ଶବ୍ଦ ଅଟେ ଯାହା ଏହାକୁ ମଧ୍ୟ ସୂଚାଏI

- ଯିହୂଦୀମାନେ ବେଳେବେଳେ ପ୍ରାକୃତିକ ଗୁମ୍ଫାଗୁଡ଼ିକୁ ସମାଧି ଭାବରେ ବ୍ୟବହାର କରୁଥିଲେ, ଏବଂ ବେଳେବେଳେ ସେମାନେ ଏକ ପାହାଡ଼ କଡ଼ରେ ପ୍ରସ୍ତର ଭିତରେ ଗୁମ୍ଫା ଖୋଳି ସମାଧି ଭାବରେ ବ୍ୟବହାର କରୁଥିଲେ I
- ନୂତନ ନିୟମ ସମୟରେ, ଗୋଟିଏ ବିରାଟ ଓଜନିଆ ପ୍ରସ୍ତରକୁ ଗଡ଼ାଇ ସମାଧି ସ୍ଥଳର ପ୍ରବେଶ ଦ୍ୱାର ସମ୍ମୁଖରେ ସମାଧିକୁ ବନ୍ଦ ରଖିବାକୁ ଏକ ସାଧାରଣ ବିଷୟଥିଲା I
- ଯଦି ସମାଧି ଶବ୍ଦ ସ୍ଥାନୀୟ ଭାଷାରେ କେବଳ ଏକ ଗର୍ତ୍ତକୁ ବୁଝାଏ ଯହିଁରେ ମୃତ ଶରୀରକୁ ରଖାଯାଇପାରିବ, ତେବେ ଏହାକୁ ଅନ୍ୟ ଭାବରେ ଅନୁବାଦ କରିବା ନିମନ୍ତେ "ଗୁମ୍ଫା" ବା "ଏକ ପାହାଡ ପାର୍ଶ୍ୱରେ ଥିବା ଏକ ଗର୍ତ୍ତ" ଶବ୍ଦକୁ ବ୍ୟବହାର କରାଯାଇପାରିବ I
- "ସମାଧି" ବାକ୍ୟାଂଶ ଅନେକ ସମୟରେ ସାଧାରଣ ଅର୍ଥରେ ଏବଂ ଆଳଙ୍କାରିକ ଭାବରେ ମୃତାବସ୍ଥା ବା ଯେଉଁଠାରେ ମୃତଲୋକମାନଙ୍କ ଆତ୍ମାଗୁଡ଼ିକ ଥାଏ ବୁଝାଏ I

(କବର ଦେବା, ମୃତ୍ୟୁ: ଦେଖନ୍ତୁ)

ବାଇବେଲ ପଦପାର୍ବ:

- ପ୍ରେରିତ 2:29-31
- ଆଦିପୁସ୍ତକ 23:6
- ଆଦିପୁସ୍ତକ 50:5
- ଯୋହନ 19:41
- ଲୂକ 23:53
- ମାର୍କ 5:1-2
- ମାଥିଉ 27:53
- ରୋମୀୟ 3:13

ବାଇବେଲ କାହାଣୀରୁ ଉଦାହାରଣଗୁଡ଼ିକ:

- 32:4 ଲୋକଟି ସେହି ଅଞ୍ଚଳର **ସମାଧି ସ୍ଥାନଗୁଡ଼ିକରେ** ବାସ କରୁଥିଲା I
- 37:6 ଯୀଶୁ ସେମାନଙ୍କୁ ପଚାରିଲେ,"ତୁମ୍ଭେମାନେ ଲାଜାରଙ୍କୁ କେଉଁଠାରେ ରଖିଅଛ ?" ସେମାନେ ତାହା କହିଲେ, "ସମାଧିରେ, ଆସି ଦେଖନ୍ତୁ I"
- 37:7 ସମାଧି ଏକ ଗୁମ୍ଫାଥିଲା ଏବଂ ତାହାର ମୁହଁରେ ଗୋଟିଏ ପ୍ରସ୍ତର ରଖାଯାଇଥିଲା I
- 40:9 ତାହାପରେ ଯୋଷେଫ ଏବଂ ନୀକଦୀମ ନାମକ ଦୁଇଜଣ ଯିହୂଦୀ ନେତା ଯେଉଁମାନେ ଯୀଶୁ ଯେ ମସୀହ ଅଟନ୍ତି ବୋଲି ବିଶ୍ୱାସ କରିଥିଲେ; ସେମାନେ ପିଲାତଙ୍କୁ ଯୀଶୁଙ୍କ ଶରୀର ମାଗିଲେ I ସେମାନେ ତାହାଙ୍କ ଶରୀରକୁ ଲୁଗାରେ ଗୁଡାଇଲେ ଏବଂ **ପ୍ରସ୍ତରରେ ଖୋଳାହୋଇଥିବା ଏକ ସମାଧିରେ** ରଖିଲେ I ତାହାପରେ ସେମାନେ ଏକ ବିରାଟ ପ୍ରସ୍ତରକୁ ସମାଧି **ସମ୍ମୁଖରେ** ଦ୍ୱାର ବନ୍ଦ କରିବା ନିମନ୍ତେ ଗଡ଼ାଇ ଦେଲେ I
- 41:4 ସେ (ଦୂତ) ସମାଧି ସ୍ଥଳର ସମ୍ମୁଖରେ ଥିବା ପ୍ରସ୍ତରକୁ ଗଡ଼ାଇ ଦେଲେ ଏବଂ ତାହା ଉପରେ ବସିଲେ I ସମାଧିକୁ ଜଗି ରହିଥିବା ସୈନ୍ୟମାନେ ଭୟଭୀତ ହେଲେ ଏବଂ ମୃତ ବ୍ୟକ୍ତିମାନଙ୍କ ପରି ଭୂମିରେ ମୁହଁ ମାଡ଼ି ପଡ଼ିରହିଲେ I
- 41:5 ଯେତେବେଳେ ସ୍ତ୍ରୀଲୋକମାନେ ଆସି **ସମାଧିରେ** ପହଞ୍ଚିଲେ, ଦୂତ ସେମାନଙ୍କୁ କହିଲେ, "ଭୟ କରନାହିଁ I ଯୀଶୁ ଏଠାରେ ନାହାନ୍ତି I ସେ ଯେପରି କହିଥିଲେ, ସେହିପରି ମୃତମାନଙ୍କ ମଧ୍ୟରୁ ଉଠିଅଛନ୍ତି! ତୁମ୍ଭେମାନେ ସମାଧିକୁ ଏବଂ ଦେଖ I" ସ୍ତ୍ରୀଲୋକମାନେ ସମାଧି ଦେଖିଲେ ଏବଂ ଯେଉଁଠାରେ ଯୀଶୁଙ୍କ ଶରୀର ରଖାଯାଇଥିଲା ତାହା ଦେଖିଲେ I ସେଠାରେ ତାହାଙ୍କ ଶରୀର ନଥିଲା !

ଶବ୍ଦବିନ୍ୟାସ:

- Strong's: H1430, H6900, H6913, H7585, H7845, G34180, G34190, G50280

କମ୍ପିତ ହେବା,କମ୍ପେ,ବିଚଳିତ ହେବା

ପରିଭାଷା:

"କମ୍ପିତ" ଶବ୍ଦର ଅର୍ଥ ସାଧାରଣତଃ ଭୟ କିମ୍ବା ଦୁଃଖରୁ ଥରି ଉଠିବା କିମ୍ବା ଟିକେ ଏବଂ ବାରମ୍ବାର କମ୍ପିବାକୁ ବୁଝାଏ।ଏହି ଶବ୍ଦଟି ସାଙ୍କେତିକ ଭାବରେ ବ୍ୟବହୃତ ହୋଇପାରେ, ଯାହାର ଅର୍ଥ "ବହୁତ ଭୟଭୀତ ହେବା |

- ବେଳେବେଳେ ଯେବେ ଭୂମି କମ୍ପିତ ହୁଏ ତାହାକୁ "କମ୍ପନ" ବୋଲି କୁହାଯାଏ I ଏହା ଏକ ଭୂମିକମ୍ପ ସମୟରେ ବା ଏକ ଅତିଶୟ ଉଚ୍ଚ ଶବ୍ଦର ପ୍ରତ୍ୟୁତ୍ତରରେ ହୋଇପାରେ I
- ବାଇବେଲ କହେ ଯେ ସଦାପ୍ରଭୁଙ୍କ ଉପସ୍ଥିତିରେ ପୃଥିବୀ କମ୍ପମାନ ହେବ I ଏହାର ଅର୍ଥ ଏହା ଯେ ପୃଥିବୀର ଲୋକମାନେ ଈଶ୍ୱରଙ୍କ ଭୟ ହେତୁ ଥରହର ହେବେ କିମ୍ବା ପୃଥିବୀ ସ୍ୱୟଂ କମ୍ପମାନ ହେବ I
- ଏହି ଶବ୍ଦକୁ "ଭୟଭୀତ ହେବା" କିମ୍ବା "ଈଶ୍ୱରଙ୍କୁ ଭୟ କରିବା" କିମ୍ବା "ଥରହର ବା ଟଳମଳ ହେବା" ବୋଲି ଅନୁବାଦ କରାଯାଇପାରେ I

(ପୃଥିବୀ, ଭୟ, ସଦାପ୍ରଭୁ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ କରିନ୍ଥୀୟ 7:15
- ଦ୍ୱିତୀୟ ଶାମୁୟେଲ 22:44-46
- ପ୍ରେରିତ 16:29-31
- ଯିରିମୀୟ 5:22
- ଲୂକ 8:47

ଶବ୍ଦବିନ୍ୟାସ :

- Strong's: H1674, H2111, H2112, H2151, H2342, H2648, H2729, H2730, H2731, H5128, H5568, H6342, H6426, H6427, H7264, H7268, H7269, H7322, H7460, H7461, H7481, H7493, H7578, H8078, H8653, G17900, G51410, G51560, G54250

କର, କର ଦିଆଯିବା, କର ପ୍ରଦାନକାରୀ, କର ଆଦାୟକାରୀ

ପରିଭାଷା:

"କର" ଏବଂ "କରସମୂହ" ଶବ୍ଦ ଅର୍ଥ ବା ସାମଗ୍ରୀକୁ ବୁଝାଏ ଯାହାକୁ ଲୋକମାନେ ସେମାନଙ୍କ ଉପରେ ଥିବା ଏକ ଆଧିକାରୀକୁ ଦିଅନ୍ତି I ଜଣେ "କର ଆଦାୟକାରୀ" ଜଣେ ସରକାରୀ କର୍ମଚାରୀ ଥିଲେ ଏବଂ ଯେଉଁ ଅର୍ଥକୁ ଲୋକମାନେ ଅଧିକାରୀଙ୍କୁ କର ଭାବରେ ଦେଉଥିଲେ ସେହି ଅର୍ଥକୁ ସଂଗ୍ରହ କରିବା ତାହାର କାର୍ଯ୍ୟ ଥିଲା I

- ଯେଉଁ ପରିମାଣର ଅର୍ଥ କର ଆକାରରେ ପୈଠ କରାଯାଏ, ତାହା ସାଧାରଣତଃ ଗୋଟିଏ ବସ୍ତୁର ମୂଲ୍ୟ ଉପରେ ବା ଜଣେ ବ୍ୟକ୍ତିର ସମ୍ପତ୍ତିର ମୂଲ୍ୟର ପରିମାଣ ଉପରେ ଆଧାରିତ ହୋଇଥାଏ I
- ଯୀଶୁ ଏବଂ ତାଙ୍କ ପ୍ରେରିତମାନଙ୍କ ସମୟରେ, ରୋମୀୟ ସାମ୍ରାଜ୍ୟରେ ବାସ କରୁଥିବା ସମସ୍ତଙ୍କଠାରୁ ଏବଂ ଯିହୁଦୀମାନଙ୍କଠାରୁ ମଧ୍ୟ ରୋମୀୟ ଅଧିକାରୀ କର ଆଦାୟ କରୁଥିଲେ I
- ଯଦି କରଗୁଡ଼ିକ ପଇଠ କରାଯାଇ ନାହିଁ, ତେବେ ଅଧିକାରୀ ତାଙ୍କର ପ୍ରାପ୍ୟ ଅର୍ଥ ପାଇବା ପାଇଁ ସେହି ବ୍ୟକ୍ତିର ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ I
- ଯୋଷେଫ ଏବଂ ମରୀୟମ ରୋମୀୟ ଶାସନକର୍ତ୍ତାଙ୍କୁ କର ଦେବା ପାଇଁ ଜନଗଣନା ସମୟରେ ବେଥେଲିହିମକୁ ଯାତ୍ରା କଲେ I
- ପ୍ରସଙ୍ଗ ଉପରେ ଆଧାର କରି "କର" ଶବ୍ଦକୁ "ଆବଶ୍ୟକୀୟ ଦେୟ" କିମ୍ବା "ଅଧିକାରୀ ଅର୍ଥ" କିମ୍ବା "ମନ୍ଦିର ଅର୍ଥ" ବୋଲି ଅନୁବାଦ କରାଯାଇପାରେ" I
- "କରଦେବା" ଶବ୍ଦକୁ ପ୍ରସଙ୍ଗକୁ ଆଧାର କରି "ଅଧିକାରୀଙ୍କୁ ଅର୍ଥ ଦେବା" କିମ୍ବା "ଅଧିକାରୀଙ୍କ ନିମନ୍ତେ ଅର୍ଥ ଗ୍ରହଣ କରିବା" କିମ୍ବା "ଅର୍ଥ ପଇଠ କରିବା ଆବଶ୍ୟକ" ବୋଲି ଅନୁବାଦ କରାଯାଇପାରେ I "କର ଆଦାୟ କରିବା" ପ୍ରବାକ୍ୟାଂଶକୁ ପ୍ରସଙ୍ଗ ଉପରେ ଅଧାର କରି "ଅଧିକାରୀଙ୍କ ନିମନ୍ତେ ଅର୍ଥ ଗ୍ରହଣ କରିବା" ବୋଲି ଅନୁବାଦ କରାଯାଇପାରେ I
- "ଜଣେ କର ଆଦାୟକାରୀ" ଜଣେ ବ୍ୟକ୍ତି ଅଟେ ଯିଏ କି ଅଧିକାରୀଙ୍କ ନିମନ୍ତେ କାର୍ଯ୍ୟ କରେ ଏବଂ କର ଦେବା ନିମନ୍ତେ ଆବଶ୍ୟକୀୟ ଅର୍ଥ ଲୋକମାନଙ୍କଠାରୁ ଗ୍ରହଣ କରେ I
- ଯେଉଁ ଲୋକମାନେ ରୋମୀୟ ଅଧିକାରୀଙ୍କ ନିମନ୍ତେ କର ଆଦାୟ କରନ୍ତି, ସେମାନେ ଅନେକ ସମୟରେ ଅଧିକାରୀ ଆବଶ୍ୟକ କରୁଥିବା ଅର୍ଥଠାରୁ ଅଧିକ ଅର୍ଥ ଦାବୀ କରୁଥିଲେ I କର ଆଦାୟକାରୀମାନେ ନିଜ ନିମନ୍ତେ ଅଧିକା ଅର୍ଥକୁ ରଖୁଥିଲେ I
- ଯେହେତୁ ଏହିପରି ଭାବରେ କର ଆଦାୟକାରୀମାନେ ଲୋକମାନଙ୍କୁ ପ୍ରତାରଣା କରୁଥିଲେ, ଯିହୁଦୀ ଲୋକମାନେ ସେମାନଙ୍କୁ ପାପୀ ବୋଲି ଗଣନା କରୁଥିଲେ I
- ଆହୁରି ମଧ୍ୟ ଯିହୁଦୀ ଲୋକମାନେ ନିଜ ଲୋକମାନଙ୍କ ମଧ୍ୟରେ, ଏହି ଯିହୁଦୀ କରଗ୍ରାହୀମାନଙ୍କୁ ଦେଶଦ୍ରୋହୀ ବୋଲି ଗଣନା କରୁଥିଲେ କାରଣ ସେମାନେ ରୋମୀୟ ଅଧିକାରୀଙ୍କ ନିମନ୍ତେ କାର୍ଯ୍ୟ କରୁଥିଲେ, ଯେଉଁମାନେ ଯିହୁଦୀ ଲୋକମାନଙ୍କ ଉପରେ ଅତ୍ୟାଚାର କରୁଥିଲେ I
- "କରଗ୍ରାହୀମାନେ ଏବଂ ପାପୀମାନେ" ବାକ୍ୟାଂଶଟି ନୂତନ ନିୟମରେ ଏକ ସାଧାରଣ ଅଭିବ୍ୟକ୍ତି ଥିଲା ଏବଂ ଯିହୁଦୀୟମାନେ କିପରି କରଗ୍ରାହୀମାନଙ୍କୁ ତୁଚ୍ଛ ଭାବରେ ଦେଖୁଥିଲେ ତାହା ପ୍ରକାଶ କରେ I

(<u>ଯିହୁଦୀ</u>, <u>ରୋମୀୟ</u>, <u>ପାପ</u>: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ 20:21-22
- ମାର୍କ 2:13-14
- ମାଥିଉ 9:7-9
- ଗଣନା 31:28-29
- ରୋମୀୟ 13:6-7
- ଲୂକ 3:12-13
- ଲୂକ 5:27-28
- ମାଥିଉ 5:46-48
- ମାଥିଉ 9:10-11
- ମାଥିଉ 11:18-19
- ମାଥିଉ 17:26-27
- ମାଥିଉ 18:17

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

34:6 ସେ କହିଲେ “ଦୁଇ ଜଣ ଲୋକ ମନ୍ଦିରକୁ ପ୍ରାର୍ଥନା କରିବା ପାଇଁ ଗଲେ I ସେମାନଙ୍କ ମଧ୍ୟରୁ ଜଣେ କରଗ୍ରାହୀ, ଏବଂ ଅନ୍ୟ ଜଣେ ଫାରୂଶୀ ଧାର୍ମିକ ନେତାଥିଲେ” I 34:7 “ଧାର୍ମିକ ନେତା ଏହି ପ୍ରକାରେ ପ୍ରାର୍ଥନା କଲେ, “ହେ ଈଶ୍ୱର ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛି ଯେ, ମୁଁ ଅନ୍ୟ ସମସ୍ତ ଲୋକଙ୍କପରି ଅତ୍ୟାଚାରୀ, ଅଧାର୍ମିକ, ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ I” 34:9 “କିନ୍ତୁ କରଗ୍ରାହୀ ସେହି ଧାର୍ମିକ ଅଧ୍ୟକ୍ଷଠାରୁ ଦୂରରେ ଛିଡା ହୋଇଥିଲା, ଏପରିକି ସ୍ୱର୍ଗ ଆଡେ ଅନାଇବାକୁ ସୁଦ୍ଧା କରିବାକୁ ସାହସ କଲାନାହିଁ I କିନ୍ତୁ ନିଜ ଛାତିରେ ମାରି ହୋଇ କହିବାକୁ ଲାଗିଲା, ହେ ଈଶ୍ୱର ମୁଁ ପାପୀ ମୋତେ ଦୟା କରନ୍ତୁ I” 34:10 କିନ୍ତୁ ଯୀଶୁ କହିଲେ, “ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଈଶ୍ୱର କରଗ୍ରାହୀର ପ୍ରାର୍ଥନା ଶୁଣିଲେ ଏବଂ ତାହାକୁ ଧାର୍ମିକ ବୋଲି ଗଣନା କଲେ” I 35:1 ଦିନେ, ଯୀଶୁ ଅନେକ କରଗ୍ରାହୀମାନଙ୍କୁ ଏବଂ ଅନେକ ପାପୀମାନଙ୍କୁ ଶିକ୍ଷା ଦେଉଥିଲେ, ଯେଉଁମାନେ ତାହାଙ୍କ କଥା ଶୁଣିବା ନିମନ୍ତେ ଏକତ୍ରିତ ହୋଇଥିଲେ I

ଶବ୍ଦବିନ୍ୟାସ:

- Tax: Strong’s: H2670, H4060, H4371, H4522, H4864, H6186, G13230, G27780, G50550, G54110
- Tax Collector: Strong’s: H5065, H5674, G50570, G50580

କାଣ୍ଡ ଜ୍ଞାନ ଥିବା ଓ ବିଚାରବନ୍ତ ଥିବା (ବ୍ୟକ୍ତି), ଚତୁରତା

ସଂଜ୍ଞା:

"ଚତୁର" ଶବ୍ଦ ଜଣେ ବ୍ୟକ୍ତିର ବିଦ୍ୱାନ ଓ ଚତୁର ପଣିଆ ମୁଖ୍ୟତ ଅଭ୍ୟାସ ଦିଗରେ ବୁଝାଏ

- ବାରମ୍ବାର "ଚତୁର" ଶବ୍ଦର ଅର୍ଥ ନାସ୍ତିକ ଅର୍ଥରେ ମଧ୍ୟ ବୁଝାଯାଏ ଯେତେବେଳେ ଏହି ଶବ୍ଦକୁ ସ୍ୱାର୍ଥ କ୍ଷେତ୍ରରେ ବ୍ୟବହାର କରିବା
- ଜଣେ ଚତୁର୍ ବ୍ୟକ୍ତି ନିଜର ଲାଭ ପାଇଁ ନିଜେ କାର୍ଯ୍ୟ କରେ ଅନ୍ୟ ପାଇଁ ନୁହେଁ
- ପରିସ୍ଥିତିକୁ ନେଇ ଅନ୍ୟଭାବେ ଏହାକୁ ଅନୁବାଦ କରିହେବ ଯଥା "ପ୍ରତାରକ" କିମ୍ବା "ଧୂର୍ତ୍ତ ଭାବରେ" କିମ୍ବା "କୁଶଳ" କିମ୍ବା "ଚତୁର"

ବାଇବଲ ସନ୍ଦର୍ଭ:

ବୋର୍ଡ ଡାଟା :

- Strong's: H2450, H6175, G5429

କାଣ୍ଡିବା

ପରିଭାଷା:

"କାଣ୍ଡିବା" କିମ୍ବା "ଶସ୍ୟରୁ ଦାନା ବାହାରକରିବା" ଶବ୍ଦଗୁଡ଼ିକ ଅବଶିଷ୍ଟ ଉଦ୍ଭିଦରୁ ଶସ୍ୟକୁ ପୃଥକ କରିବାର ପ୍ରକ୍ରିୟାର ପ୍ରଥମ ଭାଗକୁ ସୂଚିତ କରେ I

- ଶସ୍ୟରୁ ଦାନା ବାହାରକରିବାରେ ସସ୍ୟ ଚଷୁରୁ ଅଲଗା ହୋଇଥାଏ I ଏହା ପରେ ଶସ୍ୟକୁ ସମସ୍ତ ଅନାବଶ୍ୟକ ପଦାର୍ଥରୁ ସମ୍ପୂର୍ଣ୍ଣ ଭାବେ ଅଲଗା କରିବା ପାଇଁ କେବଳ ଖାଇବାକୁ ଥିବା ଅଂଶ ଛାଡି "ପାଛୁଡ଼ାଯାଏ I
- ବାଇବେଲ ସମୟରେ, "ଖଳା" ଏକ ବଡ ସମତଳବିଶିଷ୍ଟ ପଥର କିମ୍ବା ଭୂମି ଥିଲା, ଯାହାର ଟାଣୁଆ ସମତଳବିଶିଷ୍ଟ ଉପରି ଭାଗ ରହିଥିଲା, ଯେପରି ତାହା ଉପରେ ଗହମକୁ ପିଟି ନଡ଼ାଠାରୁ ଅଲଗା କରାଯାଉଥିଲା I
- ଏକ "ଖଳାର ଶଗଡ ଗାଡି" କିମ୍ବା "ଖଳାର ଚକ" ବେଳେବେଳେ ଦାନା କିମ୍ବା ବୀଜକୁ ପେଷିବା ନିମନ୍ତେ ଏବଂ ବୀଜକୁ ନଡ଼ା ଏବଂ ଚଷୁଠାରୁ ଅଲଗା କରିବା ନିମନ୍ତେ ବ୍ୟବହାର କରାଯାଉଥିଲା I
- ବୀଜକୁ ଅଲଗା କରିବା ନିମନ୍ତେ ଏକ "କୁଟିବା କିମ୍ବା ପିଟିବା ଗାଡ଼ି" କିମ୍ବା "କୁଟିବା କିମ୍ବା ପିଟିବା ପଟା" ମଧ୍ୟ ବ୍ୟବହାର କରାଯାଉଥିଲା I ଏହା କାଠରେ ତିଆରି ପଟାଗୁଡ଼ିକ ଥିଲା ଯାହାର ଶେଷ ଭାଗରେ ଧାରୁଆ ଧାତବ ତୀକ୍ଷଣମୁନ କିମ୍ବା କୀଳାଥିଲା I

(ଚଷୁ, ଶସ୍ୟ, ପାଛୁଡିବା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ ବଂଶାବଳୀ 3:1-3
- ଦ୍ୱିତୀୟ ରାଜାବଳୀ 13:7
- ଦ୍ୱିତୀୟ ଶାମୁୟେଲ 24:16
- ଦାନିୟେଲ 2:35
- ଲୂକ 3:17
- ମାଥିଉ 3:12
- ରୁତ 3:1-2

ଶବ୍ଦବିନ୍ୟାସ :

- Strong's: H0212, H4173, H1637, H1758, H1786, H1869, H2251, G02480

କାବୁ କରିବା, ଦଖଲ, ଦଖଲ୍ କରିବା

ପରିଭାଷା:

"କାବୁ କରିବା" ଅର୍ଥ କାହାକୁ କିମ୍ବା କୌଣସି ପଦାର୍ଥକୁ ଜବରଦସ୍ତି ଦଖଲକୁ ଆଣିବା ଅଟେ । ଏହା କାହାକୁ ବଶ କରିବା କିମ୍ବା ନୀୟନ୍ତ୍ରଣରେ ରଖିବାକୁ ମଧ୍ୟ ବୁଝାଏ ।

- ଯେବେ ସେନାବାହିନୀ କୌଣସି ନଗରକୁ ଅକ୍ତିଆରକୁ ଆଣନ୍ତି, ସୈନିକମାନେ ଲୋକମାନଙ୍କର ମୂଲ୍ୟବାନ ସମ୍ପତିକୁ କାବୁ କରି ସେମାନଙ୍କର ଅଧିକାର ସୀମା ଭିତରକୁ ଆଣନ୍ତି ।
- ଯେବେ ଏହାକୁ ଆଳଙ୍କାରିକ ଭାବରେ ବ୍ୟବହାର କରାଯାଏ "ଭୟରେ କାବୁ କଲେ" ବୋଲି ବର୍ଣ୍ଣନା କରାଯାଇ ପାରିବ । ଏହାର ଅର୍ଥ ସେହି ବ୍ୟକ୍ତି ହଠାତ୍ "ଭୟରୁ ଜୟଲାଭ" କଲା । ଯଦି ଜଣେ ବ୍ୟକ୍ତି "ଭୟରେ ଧରା ଯାଇଛନ୍ତି" ବାକ୍ୟାଂଶକୁ "ହଠାତ୍ ବହୁତ ଭୟ ପାଇଲେ" ବୋଲି ଅନୁବାଦ କରାଯାଇପାରେ ।
- ଜଣେ ମହିଳାର ପ୍ରସବ ବେଦନା ପରିସ୍ଥିତିରେ "କାବୁ କରିବା" ଅର୍ଥ ଏପରି ଯନ୍ତ୍ରଣା ହଠାତ୍ ହୁଏ ଓ ବ୍ୟାକୁଳ କରେ । ମହିଳାର ଏହି ଯନ୍ତ୍ରଣା ଉପରେ "ଜୟଲାଭ" କିମ୍ବା "ଅଜଣାତରେ ହଠାତ୍ ଆସେ" ବୋଲି ଅନୁବାଦ କରାଯାଇପାରେ ।
- ଏହି ବାକ୍ୟାଂଶକୁ "ନୀୟନ୍ତ୍ରଣ କର" କିମ୍ବା "ହଠାତ୍ ନିଅ" କିମ୍ବା "ଜାବୁଡି ଧର" ବୋଲି ଅନୁବାଦ କରାଯାଇପାରେ ।
- "ବଳପୁର୍ବକ ତାହା ସହିତ ସହବାସ କଲେ" ବାକ୍ୟାଂଶକୁ "ତାହା ଉପରେ ନିଜର ବଳ ପ୍ରୟୋଗ କରିବା" କିମ୍ବା "ତାହା ସହ ଅସଙ୍ଗତ ବ୍ୟବହାର" କିମ୍ବା "ତାକୁ ଧର୍ଷଣ କରିବା" ବୋଲି ଅନୁବାଦ କରାଯାଇପାରେ କିନ୍ତୁ ଏହି ବାକ୍ୟାଂଶ ଗ୍ରହଣୀୟ ଆଡେ ତାହା ନିଶ୍ଚିତ କରନ୍ତୁ ।

(ଦେଖନ୍ତୁ: euphemism)

ବାଇବେଲ ପଦପର୍ବ:

- ପ୍ରେରିତ ୧୬:୧୯-୨୧
- ଯାତ୍ରାପୁସ୍ତକ ୧୫:୧୪
- ଯୋହନ ୧୦:୩୭-୩୯
- ଲୂକ ୮:୨୯
- ମାଥିଉ ୨୬:୪୮

ଶବ୍ଦବିନ୍ୟାସ:

- Strong's: H0270, H1497, H2388, H3027, H3920, H3947, H4672, H5377, H5860, H6031, H7760, H8610, G07240, G19490, G26380, G29020, G29830, G48150, G48840

କାରାଗାର, ବନ୍ଦୀ, କାରାରୁଦ୍ଧ କରିବା

ପରିଭାଷା:

"କାରାଗାର" ଶବ୍ଦ ଏକ ସ୍ଥାନକୁ ବୁଝାଏ, ଯେଉଁଠାରେ ଅପରାଧୀମାନଙ୍କୁ ସେମାନଙ୍କର ଅପରାଧ ସକାଶେ ଦଣ୍ଡ ସ୍ୱରୂପେ ରଖାଯାଇ ଥାଏ I ଜଣେ "ବନ୍ଦୀ" ଏକ ବ୍ୟକ୍ତି ଅଟେ ଯାହାକୁ କାରାଗାରରେ ରୁଦ୍ଧ କରି ରଖାଯାଏ I

- ଏକ ବ୍ୟକ୍ତିକୁ ବିଚାରିତ ହେବା ନିମନ୍ତେ ଅପେକ୍ଷା କରିବାକୁ କାରାଗାରରେ ରଖାଯାଇପାରେ I
- "କାରାରୁଦ୍ଧ କରିବା" ଶବ୍ଦର ଅର୍ଥ "କାରାଗାରରେ ରଖାଯାଇଛି" କିମ୍ବା "ବନ୍ଦୀ ଅବସ୍ଥାରେ ରଖାଯାଇଛି I"
- ଅନେକ ଭବିଷ୍ୟଦ୍‌ବକ୍ତା ଏବଂ ଈଶ୍ୱରଙ୍କ ଅନ୍ୟ ସେବକଗଣକୁ କାରାଗାରରେ ରୁଦ୍ଧ କରାଯାଇଥିଲା, ଯଦିଓ ସେମାନେ କୌଣସି ଭୁଲ କରି ନ ଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "କାରାଗାର" ଶବ୍ଦ ପାଇଁ ଅନ୍ୟ ଏକ ଶବ୍ଦ "ଜେଲ" ଅଟେ I
- ଏହି ଶବ୍ଦକୁ "ଅନ୍ଧକୂପ" ବୋଲି ଅନୁବାଦ କରାଯାଇପାରେ ଯେଉଁଠାରେ କାରାଗାର ଭୂମି ତଳେ କିମ୍ବା ଏକ ପ୍ରସାଦର ବା ଅନ୍ୟ କୋଠାର ମୁଖ୍ୟ ଭାଗ ତଳେ ନିର୍ମିତ ଥାଏ I
- "ବନ୍ଦୀ" ଶବ୍ଦକୁ ସାଧାରଣ ଭାବରେ ସେହି ଲୋକମାନଙ୍କୁ ସୂଚାଏ, ଯେଉଁମାନେ ଶତ୍ରୁ ଦ୍ୱାରା ଅଧିକୃତ ହୋଇଛନ୍ତି ଏବଂ ସେମାନଙ୍କ ଇଚ୍ଛା ବିରୁଦ୍ଧରେ କୌଣସି ଗୋଟିଏ ସ୍ଥାନରେ ରଖାଯାଇଛନ୍ତି I ଏହି ଅର୍ଥକୁ "ଆବଦ୍ଧ" ବୋଲି ଅନୁବାଦ କରାଯାଇପାରେ I
- "କାରାରୁଦ୍ଧ ହୋଇଥିବା" ଶବ୍ଦକୁ "ବନ୍ଦୀ ଭାବରେ ରଖାଯିବା" କିମ୍ବା "ବନ୍ଦୀତ୍ୱ ଅବସ୍ଥାରେ ରଖାଯିବା" କିମ୍ବା "ଆବଦ୍ଧ କରି ରଖିବା" ବୋଲି ଅନୁବାଦ କରାଯାଇପରେ I

(ଦେଖନ୍ତୁ: ଆବଦ୍ଧ)

ବାଇବେଲ ପଦପର୍ବ:

- ପ୍ରେରିତ ୨୫:୪
- ଏଫିସୀୟ ୪:୧
- ଲୂକ ୧୨:୫୮
- ଲୂକ ୨୨:୩୩-୩୪
- ମାର୍କ ୬:୧୭
- ମାଥିଉ ୫:୨୬
- ମାଥିଉ ୧୪:୩
- ମାଥିଉ ୨୫:୩୪-୩୬

ଶବ୍ଦବିନ୍ୟାସ:

- Strong's: H0612, H0613, H0615, H0616, H0631, H0953, H1004, H1540, H3608, H3628, H3947, H4115, H4307, H4455, H4525, H4929, H5470, H6495, H7617, H7622, H7628, G11980, G11990, G12000, G12010, G12020, G12100, G22520, G36120, G47880, G48690, G50840, G54380, G54390

କିରୁବ, କିରୁବଦ୍ୱୟ, କିରୁବଗଣ

ସଂଜ୍ଞା:

"କିରୁବ" ଶବ୍ଦ ଓ ଏହାର ବହୁବଚନ କିରୁବଦ୍ୱୟ" ଦିବ୍ୟ ଜୀବିକା କୁ ବୁଝାଏ ଯେଉଁମାନଙ୍କୁ ପରମେଶ୍ୱର ସୃଷ୍ଟି କରିଛନ୍ତି କିରୁବଗଣମାନଙ୍କର ଅଗ୍ନିଶିଖା ପରି ଡେଣା ଅଛି ବୋଲି ବାଇବଲରେ ବର୍ଣ୍ଣନା ହୋଇଛି

- କିରୁବଗଣ ପରମେଶ୍ୱରଙ୍କର ମହିମା ଓ ଶକ୍ତି ପ୍ରଦର୍ଶନ କରନ୍ତି ଏବଂ ପବିତ୍ର ବିଷୟରେ ରକ୍ଷା କରନ୍ତି
- ଆଦମ ଓ ହବା ପାପ କଲା ପରେ, ଅମୃତ ବୃକ୍ଷର ପଥ ରକ୍ଷା ନିମିତ୍ତ ସଦାପ୍ରଭୁ ଏଦନ ଉଦ୍ୟାନର ପୂର୍ବ ଦିଗରେ କିରୁବଗଣ ଓ ଚାରିଆଡେ ଘୁର୍ଣିୟମାନ ତେଜୋମୟ ଖଡଗ ସ୍ଥାପନ କଲେ ଯେପରି ଲୋକମାନେ ଜୀବନ ବୃକ୍ଷର ଫଳ ପାଇବେ ନାହିଁ
- ପୁଣି କିରୁବମାନେ ପରସ୍ପର ସମ୍ମୁଖୀନ ହୋଇ ପକ୍ଷ ଉର୍ଦ୍ଧକୁ ବିସ୍ତାର କରି ପାପାଚ୍ଛାଦନ ଆବରଣ କରିବେ; ପାପାଚ୍ଛାଦନ ପ୍ରତି କିରୁବମାନଙ୍କର ମୁଖ ରହିବ
- ସେ ଆହୁରି ସେମାନଙ୍କୁ କହିଲେ, ଆମ୍ଭେ ତୁମ୍ଭକୁ ଯେଉଁ ସାକ୍ଷପତ୍ର ଦେବା, ତାହା ସେହି ସିନ୍ଦୁକ ଭିତରେ ଥୋଇବ
- କୌଣସି ଶାସ୍ତ୍ରାଂଶରେ, ଏହି ପ୍ରାଣୀମାନଙ୍କର ଚାରିଟି ମୁଖ ଅଛି: ମନୁଷ୍ୟ ପରି, ଗୋଟିଏ ସିଂହ, ଗୋଟିଏ ବଳଦ ଏବଂ ଏକ ଈଗଲ
- ବେଳେବେଳେ କିରୁବ ଗଣ ଙ୍କୁ ଦୂତ ଭାବରେ ବିଚାର କରାଯାଇପାରେ, କିନ୍ତୁ ବାଇବଲ୍ ଏ ବିଷୟରେ କୌଣସି ସୃଷ୍ଟି କରଣ ନାହିଁ

ଅନୁବାଦ ନିମନ୍ତେ ଉପଦେଶ ଗୁଡିକ:

- "କିରୁବ" ଶବ୍ଦକୁ "ପକ୍ଷ ଥିବା ପ୍ରାଣୀ" କିମ୍ବା "ପକ୍ଷଧାରୀ ରକ୍ଷାକର୍ତ୍ତା" ନଡୁବା "ଡେଣା ସହିତ ଆତ୍ମିକ ରକ୍ଷକ", "ପବିତ୍ର ଡେଣାଧାରୀ ରକ୍ଷକ ", ମଧ୍ୟ ଅନୁବାଦ କରାଯାଇଛି
- ଉଦାହରଣ ନିମନ୍ତେ, ଜଣେ "କିରୁବ", କିରୁବଗଣର ଅସାମାନ୍ୟ ଅନୁବାଦ କରାଯାଇଛି, ଯେମିତି "ଡେଣା ଥିବା ପ୍ରାଣୀ "ଡେଣା ଥିବା ଆତ୍ମିକ ରକ୍ଷକ"
- "ଦୂତ" ନିମନ୍ତେ ଅନୁବାଦ ହୋଇଥିବା ଶବ୍ଦଠାରୁ କିରୁବମାନଙ୍କର ଅନୁବାଦ ଭିନ୍ନ ଅଟେ
- ନିଜ ନିଜର ସ୍ଥାନୀୟ ଭାଷା କିମ୍ବା ରାଷ୍ଟ୍ରୀୟ ଭାଷାରେ ଏହି ଶବ୍ଦ ଗୁଡିକର ବାଇବଲ ଅନୁବାଦକମାନେ ଅନୁବାଦ କରିଛନ୍ତି

(ଦେଖ: ଅଜଣା ବିଷୟ ବସ୍ତୁକୁ କିପରି ଅନୁବାଦ କରିବେ)

(ଦେଖ: ଦୂତ)

ବାଇବଲାର ସନ୍ଦର୍ଭ:

- ୧ମ ବଂଶାବଳି ୧୩:୫-୬
- ୧ମ ରାଜାବଳି ୦୬:୨୩-୨୬
- ଯାତ୍ରା ୨୫:୧୫-୧୮
- ଯିହିଜିକଲ ୦୯:୩-୪
- ଆଦି ୦୩:୨୨-୨୪

ବୋର୍ଡ ଡାଟା :

- Strong's: H3742, G5502

କୁଆପଥର (ଶୁଭ କାମନା), କୁଆପଥରମାନ, କୁଆପଥର ବୃଷ୍ଟି, କୁଆ ବଡ଼ ପଥର ବୃଷ୍ଟି

ତଥ୍ୟ:

ଏହି ଶବ୍ଦ ବହୁଳ ଭାବରେ ଜମି ଯାଇଥିବା ପାଣି କୁ ଦର୍ଶାଏ ଯାହା ଆକାଶରୁ ପଡ଼େ I ଇଂରାଜୀରେ ଏହି ପରି ହୀ ବନାନ ଥାଇ “ହେଲ”ଶବ୍ଦର ଅର୍ଥ କାହାକୁ ଶୁଭ କାମନା ଦେବ ଯାହାର ଅର୍ଥ “ନମସ୍କାର” କିଅବା “ଆପଣଙ୍କୁ ଶୁଭ କାମନା” ହୋଇ ଥାଏ I

- କୁଆ ଯାହା ଆକାଶରୁ ତଳକୁ ଆସେ ବରଫର ବଲ୍ କିଅବା ଖଣ୍ଡ ଗୁଡାକ ପରି ଯାହାକୁ “କୁଆପଥର “କୁହାଯାଏ I
- ସାଧାରଣ ଭାବରେ କୁଆପଥର ଛୋଟ (କିଛି ସେନ୍ଟି ମିଟର) ହୋଇ ଥାଏ, କିନ୍ତୁ ବେଳେ ବେଳେ କୁଆପଥର ବଡ଼ ହୋଇ ଥାଏ ଲଗଭଗ ୨୦ ସେନ୍ଟି ମିଟରଯାଏ ଯାହା ୧ କିଲୋଗ୍ରାମଯାଏ ଓଜନ ହୋଇ ଥାଏ I
- ନୂତନ ନୀୟମର ପ୍ରକାଶିତ ବାକ୍ୟରେ ୫୦ କିଲୋଗ୍ରାମ କୁଆପଥରର ବ୍ୟାଖ୍ୟା ଅଛି ଯାହା ପ୍ରଭୁ ଅନ୍ତିମ ଦିନରେ ଲୋକଙ୍କ ଦୁଷ୍ଟତା ପାଇଁ ବିଚାର କରିବେ ସେହି ସମୟରେ ପୃଥିବୀ ଉପରେ ଫପାଡିବେ I
- “ହେଲ” ଶବ୍ଦ ପୁରୁଣା ବାଇବଲରେ ଯଥାରୀତି ଅନୁସାରେ ଏକ ଶୁଭେଚ୍ଛା ଅଟେ ଆକ୍ଷେରିକ ରୂପରେ ଅର୍ଥ “ଆନନ୍ଦିତ” ହେବା ଓ ଏହାକୁ “ଶୁଭେଚ୍ଛା ବାର୍ତ୍ତା’ କିଅବା “ନମସ୍କାର “ଅନୁବାଦ କରାଯାଏ I

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

ବାଇବଲ ପଦପର୍ବ:

- ମାଥିଉ ୨୭:୨୭-୨୯
- ମାଥିଉ ୨୮: ୮-୧୦
- ଗୀତସଂହିତା ୦୭୮: ୪୭-୪୯
- ଗୀତସଂହିତା ୧୪୮: ୭-୮
- ପ୍ରକାଶିତ ବାକ୍ୟ ୦୮: ୬-୭

ବୋର୍ଡ ଡାଟା :

- Strong's: H68, H417, H1258, H1259, G5463, G5464

କୁମାରୀ, କୁମାରୀତ୍ୱ

ପରିଭାଷା:

କୁମାରୀ ଜଣେ ମହିଳା ଅଟେ ଯିଏ କେବେ ହେଁ କୌଣସି ବ୍ୟକ୍ତି ସହ ଯୌନ ସମ୍ପର୍କ ରଖିନାହିଁ।

- ମସୀହ ଏକ କୁମାରୀ ଠାରୁ ଜାତ ହେବେ ବୋଲି ଭବିଷ୍ୟଦ୍‌ବକ୍ତା ଯିଶାଇୟ କହିଥିଲେ I
- ଯେତେବେଳେ ମରୀୟମ ଯୀଶୁଙ୍କୁ ଗର୍ଭଧାରଣ କରିଥିଲେ ସେତେବେଳେ ସେ କୁମାରୀ ଥିଲେ I ଯୀଶୁଙ୍କର କେହି ମାନବ ପିତା ନଥିଲେ।
- କେତେକ ଭାଷାରେ ଏକ କୁମାରୀକୁ ସୂଚାଇବା ପାଇଁ ଏକ ଭଦ୍ର ଶବ୍ଦ ଥାଇପାରେ I (Euphemism: ଦେଖନ୍ତୁ)

(ଖ୍ରୀଷ୍ଟ, ଯିଶାଇୟ, ଯୀଶୁ, ମରୀୟମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 24:15-16
- ଲୂକ 1:27
- ଲୂକ 1:35
- ମାଥିଉ 1:23
- ମାଥିଉ 25:2

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **21:9** ଭବିଷ୍ୟଦ୍‌ବକ୍ତା ଯିଶାଇୟ ଭବିଷ୍ୟବାଣୀ କଲେ ଯେ କି ମସୀହ କେବଳ କୁମାରୀ ଗର୍ଭରୁ ହିଁ ଜନ୍ମ ଲାଭ କରିବେ I
- **22:4** ସେ (ମରୀୟମ) ଏକ କୁମାରୀ ଥିଲେ ଓ ଯୋଷେଫ ନାମକ ଜଣେ ବ୍ୟକ୍ତି ସହିତ ତାହାଙ୍କର ବିବାହ ନିର୍ବନ୍ଧ ହୋଇଥିଲା I
- **22:5** ମରୀୟମ ଉତ୍ତର ଦେଲେ, "ଏହା କିପରି ସମ୍ଭବ କାରଣ ମୁଁ ଜଣେ କୁମାରୀ ଅଟେ?"
- **49:1** ଜଣେ ଦୂତ ମରୀୟମ ନାମକ ଏକ କୁମାରୀଙ୍କୁ କହିଲେ ଯେ ସେ ଈଶ୍ୱରଙ୍କ ପୁତ୍ରକୁ ଜନ୍ମ ଦେବେ I ତେଣୁ ସେ କୁମାରୀ ଥିବାବେଳେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଲେ ଏବଂ ତାହାର ନାମ ଯୀଶୁ ରଖିଲେ।

ଶବ୍ଦବିନ୍ୟାସ:

- Strong's: H1330, H1331, G39320, G39330

କୁରାଢ଼ୀ

ପରିଭାଷା:

କୁରାଢ଼ୀ ଗଛ କିମ୍ବା କାଠ କାଟିବା ପାଇଁ ବ୍ୟବହାର କରାଯାଉଥିବା ଉପକରଣ ଅଟେ ।

- କୁରାଢ଼ୀରେ ଗୋଟିଏ ଲମ୍ବା ବେଣ୍ଟ ସହ ଗୋଟିଏ ଧାରୁଆ ଧାତବ ପଦାର୍ଥ ଲାଗି ରହିଥାଏ । ଯଦି ଆପଣଙ୍କ ସଂସ୍କୃତିରେ କୌଣସି ଉପକରଣ ଅଛି ଯାହାକି କୁରାଢ଼ୀ ସହ ସମାନ ସେହି ଉପକରଣର ନାମ "କୁରାଢ଼ୀ"ପାଇଁ ବ୍ୟବହାର କରି ଅନୁବାଦ କରାଯାଇପାରେ ।
- ଅନ୍ୟ ଅର୍ଥରେ ଏହି ଶବ୍ଦକୁ "ବୃକ୍ଷ କାଟିବା ଉପକରଣ"କିମ୍ବା "ଧାର ଥିବା କାଠ ଉପକରଣ"କିମ୍ବା "ଲମ୍ବା ବେଣ୍ଟ ଥିବା କାଠ କଟା ଉପକରଣ"ବୋଲି ଅନୁବାଦ କରାଯାଇପାରେ ।
- ପୂରାତନ ନିୟମର ଏକ ଘଟଣାରେ ଗୋଟିଏ କୁରାଢ଼ୀର ଧାରୁଆ ଅଂଶ ନଦୀ ଭିତରେ ପଡ଼ି ଯାଇଥିଲା, ତେଣୁ ଯଦି ଗୋଟିଏ ଧାରୁଆ ଉପକରଣ ବିଷୟରେ ବର୍ଣ୍ଣିତ ହୋଇଅଛି ତେବେ ତାହା କାଠ ବେଣ୍ଟରୁ ଢ଼ିଲା ହୋଇପାରେ ବୋଲି ଅନୁବାଦ କରାଯାଇପାରିବ ।

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ ୬:୬-୮
- ଦ୍ୱିତୀୟ ରାଜାବଳୀ ୬:୫
- ବିଚାରକର୍ତ୍ତା ୯:୪୮-୪୯
- ଲୂକ ୩:୯
- ମାଥିଉ ୩:୧୦
- ଗୀତସଂହିତା ୩୫:୩

ଶବ୍ଦବିନ୍ୟାସ:

- Strong's: H1631, H4621, H7134, G05130

କୁଲା, ପାଛୁଡିବା

ପରିଭାଷା:

"କୁଲା "ଏବଂ "ପାଛୁଡିବା" ଉଭୟ ଶବ୍ଦର ଅର୍ଥ ବିହନକୁ ଅଦରକାରୀ ପଦାର୍ଥରୁ ଅଲଗା କରିବା ଅଟେ I ବାଇବେଲରେ, ଏହି ଉଭୟ ଶବ୍ଦ ସାଙ୍କେତିକ ରୂପରେ ଲୋକମାନଙ୍କୁ ଅଲଗା କିମ୍ବା ବିଭାଜନ କରିବାରେ ବ୍ୟବହାର କରାଯାଇପାରେ I

- "କୁଲା କରିବା" ଅର୍ଥ ବିହନକୁ ଫସଲର ଅଦରକାରୀ ପଦାର୍ଥରୁ ଅଲଗା କରିବା I ବିହନ ଏବଂ ତାସୁକୁ ବାୟୁରେ ଉଡାଯାଏ I
- "ପାଛୁଡିବା" ଶବ୍ଦର ଅର୍ଥ ଏହାକୁ ଭଲରେ ହଲାଇ ଯେଉଁ ଅଦରକାରୀ ପଦାର୍ଥ ଯଥା ଛୋଟ ଛୋଟ ପ୍ରସ୍ତରଗୁଡ଼ିକ ବାହାର କରିବା ଅଟେ I
- ପୁରାତନ ନିୟମରେ, "ପାଛୁଡିବା" କିମ୍ବା "କୁଲା " ଉଭୟ ଶବ୍ଦ ସାଙ୍କେତିକ ରୂପରେ କଠିନତାକୁ ବ୍ୟାଖ୍ୟା କରେ ଯାହା ଅଧାର୍ମିକଠାରୁ ଧାର୍ମିକକୁ ଅଲଗା କରିବାକୁ ବୁଝାଏ I
- ଯୀଶୁ ମଧ୍ୟ "ପାଛୁଡିବା" ଶବ୍ଦକୁ ସାଙ୍କେତିକ ରୂପରେ ବ୍ୟବହାର କଲେ ଯେତେବେଳେ ସେ ସିମନ ପିତରକୁ କିପରି ସେ ଏବଂ ତାହାର ସହ ଶିଷ୍ୟମାନେ ତାହାଙ୍କର ବିଶ୍ୱାସ ନିମନ୍ତେ ପରୀକ୍ଷିତ ହେବେ ବୋଲି କହିଲେ I
- ଏହି ଶବ୍ଦଗୁଡ଼ିକ ସ୍ଥାନୀୟ ଭାଷାରେ ଶବ୍ଦ କିମ୍ବା ବାକ୍ୟାଂଶଗୁଡ଼ିକ ବ୍ୟବହାର କରି ଅନୁବାଦ କରାଯାଇପାରେ, ସମ୍ଭବତଃ "ହଲାଇବା" କିମ୍ବା "ଉଡାଇବା" ଶବ୍ଦରେ ମଧ୍ୟ ଅନୁବାଦ କରାଯାଇପାରେ I ଯଦି "ପାଛୁଡିବା" କିମ୍ବା "କୁଲା କରିବା" ସ୍ଥାନୀୟ ଭାଷାରେ ଅଜଣା ତେବେ ଏହି ଶବ୍ଦଗୁଡ଼ିକ ବିହନ ଏବଂ ତାସୁକୁ ଅଲଗା କରୁଥିବା ସ୍ଥାନୀୟ ଶବ୍ଦଗୁଡ଼ିକ ବ୍ୟବହାର କରି ଅନୁବାଦ କରାଯାଇପାରେ I

(<u>ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ:</u> ଦେଖନ୍ତୁ)

(ତାସୁ, ବିହନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯିଶାଇୟ 21:10
- ଲୂକ 22:31
- ମାଥିଉ 3:12
- ହିତୋପଦେଶ 20:8
- ରୂତ 3:2

ଶବ୍ଦବିନ୍ୟାସ :

- Strong's: H2219, H5128, H5130, G4425, G46170

କୂପ, କୂଅ

ପରିଭାଷା:

"ଜଳ ଗର୍ତ " ଓ "କୂଅ" ଶବ୍ଦଗୁଡ଼ିକ ବାଇବେଲ ସମୟରେ ଜଳ ପାଇଁ ବ୍ୟବହୃତ ବିଭିନ୍ନ ପ୍ରକାରର ଉତ୍ସକୁ ବୁଝାଏ I

- ଏକ କୂଅ ଭୂମିରେ ଖୋଳା ଯାଇଥିବା ଏକ ଗଭୀର ଗର୍ତ୍ତ ଅଟେ ଯାହା ଦ୍ୱାରା ଭୂତଳୁ ଜଳ ପ୍ରବାହିତ ହୁଏ I
- ଏକ ଜଳ ଗର୍ତ ପଥରରେ ଖୋଳା ଯାଇଥିବା ଏକ ଗଭୀର ଗର୍ତ୍ତ ଯାହା ବର୍ଷା ଜଳ ସଂଗ୍ରହ କରେ I
- ଜଳ ଗର୍ତ ସବୁ ପ୍ରସ୍ତରରେ ଗାତ କରି ପ୍ଲାସ୍ଟରରେ ଯୋଡ଼ି ଜଳ ସଂଗ୍ରହ କରି ରଖାଯାଏ I ପ୍ଲାଷ୍ଟର ଫାଟିଯିବା ପରେ ପାଣି ବାହାରିବା ପରେ ଏକ "ଭଙ୍ଗା କୂଅରେ" ପରିଣତ ହୁଏ I
- "ଅଧିକାଂଶ ସମୟରେ ଜଳ ଗର୍ତ ଲୋକମାନଙ୍କର ପ୍ରାଗଣରେ ନିର୍ମିତ ହୋଇ ଥାଏ ଯେଉଁଠାରେ ବର୍ଷା ଜଳ ଛାତୁରୁ ବହି ସେଥିରେ ସଂଗୃହିତ ହୋଇପାରେ I
- କୂଅଗୁଡ଼ିକ ସେହି ସ୍ଥାନରେ ଥାଏ ଯାହା କେତେକ ପରିବାର କିମ୍ବା ପୁରା ସମାଜ ସହଜରେ ଜଳ ସଂଗ୍ରହ କରି ପାରିବେ I
- କାରଣ ଜଳ ଜନସମୂହ ଓ ପଶୁସମୂହ ନିମନ୍ତେ ଅତି ଆବଶ୍ୟକ ଅଟେ, କୂଅ ବ୍ୟବହାର କରିବାର ଅଧିକାର ଅନେକ ସମୟରେ ଦ୍ୱନ୍ଦ ଓ ଝଗଡା ଉତ୍ପନ୍ନ କରି ଥାଏ I
- ଏଥିରେ ଯେପରି କୌଣସି ଜିନିଷ ନ ପଡ଼େ ସେଥିପାଇଁ ଉଭୟ କୂଅ ଏବଂ ଜଳ ଗର୍ତ ସାଧାରଣତଃ ଏକ ବଡ଼ ପଥରରେ ଆଚ୍ଛାଦିତ ହେଉଥିଲା I ଜଳକୁ ଭୂପୃଷ୍ଠରୁ ଆଣିବା ପାଇଁ ପ୍ରାୟତଃ ଏକ ଦଉଡି ଥାଏ ଯେଉଁଥିରେ ଏକ ବାଲ୍ଟି କିମ୍ବା ପାତ୍ର ଲାଗିଥାଏ I
- ବେଳେବେଳେ ଯୋଷେଫ ଏବଂ ଯିରିମୀୟଙ୍କ ପରି କୌଣସି ବ୍ୟକ୍ତିକୁ କାରାଗାରରେ ରଖିବା ପାଇଁ ଏକ ଶୁଖିଲା ଜଳ ଗର୍ତ ବ୍ୟବହାର କରାଯାଉଥିଲା I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କୂଅ ଶବ୍ଦକୁ "ଗଭୀର ଜଳଗର୍ତ" କିମ୍ବା "ଗଭୀର ଜଳ ଛିଦ୍ର" କିମ୍ବା "ଝରଣା ଜଳ ପାଇଁ ଗଭୀର ଛିଦ୍ର" କିମ୍ବା "ଜଳ ଟାଣିବା ପାଇଁ ଗଭୀର ଛିଦ୍ର" ବୋଲି ଅନୁବାଦ କରାଯାଇପାରେ I
- ଜଳ ଗର୍ତକୁ "ପଥର ଜଳ ଗର୍ତ୍ତ" କିମ୍ବା "ଜଳ ପାଇଁ ଗଭୀର ଏବଂ ସଂକୀର୍ଣ୍ଣ ଗର୍ତ୍ତ" କିମ୍ବା "ଜଳ ଧାରଣ ପାଇଁ ଭୂତଳ ଟାଙ୍କି" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦଗୁଡ଼ିକ ଅର୍ଥରେ ସମାନ ଅଟେ I ଏହାର ମୁଖ୍ୟ ପାର୍ଥକ୍ୟ ଏହା ଅଟେ ଯେ ଏକ କୂଅ କ୍ରମାଗତ ଭାବରେ ଭୂତଳ ଝରଣାଠାରୁ ଜଳ ଗ୍ରହଣ କରିଥାଏ, ଯେତେବେଳେ କି ଏକ ଜଳ ଗର୍ତ୍ତ ଜଳ ପାଇଁ ଏକ ଧାରଣକାରୀ ଟ୍ୟାଙ୍କ ଯାହା ସାଧାରଣତଃ ବର୍ଷାପାଣିରୁ ସଂଗ୍ରହ କରାଯାଏI

(ଯିରିମୀୟ, ବନ୍ଦୀ, ବିବାହ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 11:17
- 2 ଶାମୁୟେଲ 17:17-18
- ଆଦିପୁସ୍ତକ 16:14
- ଲୂକ 14:4-6
- ଗଣନାପୁସ୍ତକ 20:17

ଶବ୍ଦବିନ୍ୟାସ :

- Strong's: H0875, H0883, H0953, H1360, H4599, H4726, H4841, G40770, G54210

କେନ୍ଦୁଆ, ବନ କୁକୁର

ପରିଭାଷା:

ଏକ କେନ୍ଦୁଆ ଏକ ଭୟାନକ ପଶୁ ଅଟେ, ମାଂସ ଖାଉଥିବା ପଶୁ ଯାହା ଏକ ବନ କୁକୁର ପରି ଦେଖାଯାଏ I

- କେନ୍ଦୁଆ ସମୂହରେ ଶିକାର କରନ୍ତି ଓ ସେମାନଙ୍କର ଶିକାରକୁ ଚତୁରତାରେ ଓ କୌଶଳରେ ଆକ୍ରମଣ କରନ୍ତି I
- ବାଇବେଲରେ, "କେନ୍ଦୁଆ" ଶବ୍ଦ ସାଙ୍କେତିକ ରୂପରେ ଭଣ୍ଡ ଶିକ୍ଷକ ଓ ଭଣ୍ଡ ଭାବବାଦୀଙ୍କୁ ଦର୍ଶାଏ ଯେଉଁମାନେ ବିଶ୍ୱାସୀମାନଙ୍କୁ ବିନାଶ କରନ୍ତି, ବିଶ୍ୱାସୀମାନଙ୍କୁ ମେଷ ସହ ତୁଳନା କରାଯାଇଅଛି I ଭଣ୍ଡ ଶିକ୍ଷା ଲୋକମାନଙ୍କୁ ଭୁଲ୍ ଶିକ୍ଷା ବିଶ୍ୱାସ କରିବାର କାରଣ ହୁଏ ଯାହା ସେମାନଙ୍କ ନିମନ୍ତେ ହାନୀ କାରକ ଅଟେ I
- ଏହି ତୁଳନା ସତ୍ୟ ଘଟଣାବଳୀ ଉପରେ ଆଧାରିତ ଯେ କିପରି ମେଶମାନେ କେନ୍ଦୁଆ ଦ୍ୱାରା ଆକ୍ରମଣ ହୋଇ ଦୁର୍ଦଶାରେ ପଡନ୍ତି କାରଣ ସେମାନେ ଦୁର୍ବଳ ଓ ନିଜର ସୁରକ୍ଷା କରି ପାରନ୍ତି ନାହିଁ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ବନ କୁକୁର" କିମ୍ବା "ବନପଶୁ " ବୋଲି ଅନୁବାଦ କରାଯାଇପାରେ I
- ବନ କୁକୁରର ଅନ୍ୟ ନାମ "କୋକି ଶିଆଳି "ଓ "କେନ୍ଦୁଆ" ଅଟେ I
- ଯେତେବେଳେ ଏହା ସାଙ୍କେତିକ ରୂପରେ ଲୋକମାନଙ୍କୁ ଦର୍ଶାଏ, ଏହାକୁ "ମନ୍ଦ ଲୋକମାନେ ଯେଉଁମାନେ ଲୋକମାନଙ୍କର କ୍ଷତି କରନ୍ତି ଯେପରି ଏକ ହିଂସ୍ରକ ପଶୁ ମେଷ ଉପରେ ଆକ୍ରମଣ କରେ" ବୋଲି ଅନୁବାଦ କରାଯାଇପାରେ I

(ମନ୍ଦ, ଭଣ୍ଡ ଭାବବାଦୀ, ମେଷ, ଶିକ୍ଷା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 20:29
- ଯିଶାଇୟ 11:7
- ଯୋହନ 10:11-13
- ଲୂକ 10:3
- ମାଥିଉ 7:15
- ସଫନୀୟ3:3-4

ଶବ୍ଦବିନ୍ୟାସ:

- Strong's: H2061, H3611, G30740

କ୍ରନ୍ଦନ କରିବା, ଚିତ୍କାର କରିବା, ଚିତ୍କାର

ପରିଭାଷା:

"କ୍ରନ୍ଦନ" କିମ୍ବା "ଚିତ୍କାର କରିବା" ଶବ୍ଦର ଅର୍ଥ ଉଚ୍ଚ ସ୍ୱରରେ କହିବା ଅଟେ I କେହି କେହି ସାହାଯ୍ୟ ମାଗିବା ଉଦ୍ଦେଶ୍ୟରେ ଯନ୍ତ୍ରଣା, ଦୁଃଖ, କ୍ରୋଧ କିମ୍ବା ଭୟରେ "ଚିତ୍କାର" କରିପାରନ୍ତି I

- "ଚିତ୍କାର" ଶବ୍ଦର ଅର୍ଥ ମଧ୍ୟ ସାହାଯ୍ୟ ମାଗିବା ଉଦ୍ଦେଶ୍ୟରେ ଚିତ୍କାର କରିବା କିମ୍ବା ଡାକିବା ଅଟେ I
- ଏହା ପ୍ରାର୍ଥନା କରିବାକୁ ମଧ୍ୟ ସୂଚାଏ I
- ଏହି ଶବ୍ଦଟି ପ୍ରସଙ୍ଗ ଉପରେ ନିର୍ଭର କରି "ଉଚ୍ଚ ସ୍ୱରରେ ଚିତ୍କାର କରିବା" କିମ୍ବା "ତୁରନ୍ତ ସାହାଯ୍ୟ ପାଇଁ ଅନୁରୋଧ କରିବା" ବୋଲି ଅନୁବାଦ କରାଯାଇପାରେ I
- "ମୁଁ ତୁମ୍ଭକୁ ଚିତ୍କାର କରି ପ୍ରାର୍ଥନା କରେ" ଅଭିବ୍ୟକ୍ତିକୁ "ମୁଁ ତୁମ୍ଭକୁ ସାହାଯ୍ୟ ପାଇଁ ଡାକେ" କିମ୍ବା "ମୁଁ ତୁମ୍ଭକୁ ସାହାଯ୍ୟ ମାଗୁଛି" ବୋଲି ଅନୁବାଦ କରାଯାଇପାରେ I

(ଡାକିବା, ଅନୁରୋଧ ପ୍ରାର୍ଥନା କରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆୟୁବ 27:9
- ମାର୍କ 5:5-6
- ମାର୍କ 6:48-50
- ଗୀତସଂହିତା 22:1-2

ଶବ୍ଦବିନ୍ୟାସ :

- Strong's: H1058, H2199, H2201, H6030, H6463, H6670, H6682, H6817, H6818, H6873, H6963, H7121, H7123, H7321, H7440, H7442, H7723, H7737, H7768, H7771, H7775, H8663, G03100, G03490, G08630, G09940, G09950, G19160, G20190, G27990, G28050, G28960, G29050, G29060, G29290, G43770, G54550

କ୍ରୀତଦାସ କରିବା, କ୍ରୀତଦାସ, ବିନା ମଜୁରୀରେ ସେବା କରିବା ଦାସ, ସୀମା

ତଥ୍ୟ:

"କ୍ରୀତଦାସ" କରିବାର ଅର୍ଥ ଜଣେ ମୁନିବର କିମ୍ବା ଗୋଟେ ଦେଶ ରାଜାର ସେବା କରିବା ନିମନ୍ତେ କୌଣସି ବ୍ୟକ୍ତିକୁ ବାଧ କରିବା। “କ୍ରୀତଦାସ” କିମ୍ବା “ବନ୍ଧନର" ଅର୍ଥ କୌଣସି ବ୍ୟକ୍ତି ବିଶେଷଙ୍କର କିମ୍ବା କୌଣସି ବିଷୟର ଅଧିନରେ ରହିବା।

- ଯେଉଁ ବ୍ୟକ୍ତି କ୍ରୀତଦାସ କିମ୍ବା ବନ୍ଧନରେ ଥାଏ ସେ ଅନ୍ୟମାନଙ୍କର ସେବା ମଜୁରୀ ବିନା କରେ; ସେ ଯାହା ଇଚ୍ଛା କରେ ତାହା କରିପାରେ ନାହିଁ। "ବନ୍ଧନର" ଶବ୍ଦର ଅନ୍ୟ ଅର୍ଥ "ଦାସତ୍ୱ" ଅଟେ।
- ନୂତନ ନିୟମ ମଣିଷମାନଙ୍କୁ ପାପର “ଅଧୀନସ୍ଥଦାସ” ବୋଲି କହିଥାଏ ଯେପର୍ଯ୍ୟନ୍ତ ଯୀଶୁ ସେମାନଙ୍କୁ ସେଥିର ନିୟନ୍ତ୍ରଣ ଏବଂ ଶକ୍ତିରୁ ମୁକ୍ତ ନକରନ୍ତି। ଯେତେବେଳେ ଜଣେ ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ପାଏ, ସେ ପାପର କ୍ରୀତଦାସ ହୁଏ ନାହିଁ ମାତ୍ର ଧାର୍ମିକତାର କ୍ରୀତଦାସ ହୁଏ।

ଭାଷାନ୍ତର ନିମନ୍ତେ ପ୍ରସ୍ତାବନା:

- “କ୍ରୀତଦାସ” ଶବ୍ଦଟିକୁ “ଅସ୍ୱାଧୀନ କରିବା” କିମ୍ବା “ଅନ୍ୟର ସେବା କିରବା ପାଇଁ ବାଧ କରାଯିବା” କିମ୍ବା ”ଅନ୍ୟମାନଙ୍କ ଅଧିନରେ ରହିବା" ଭାବରେ ଅନୁବାଦ କରିହେବ।
- “କ୍ରୀତଦାସ ହେବା” କିମ୍ବା “ବନ୍ଧନରେ ରହିବା” ବାକ୍ୟାଂଶ ଗୁଡ଼ିକୁ “କ୍ରୀତଦାସ ହେବା ପାଇଁ ଚାପରେ ଆସିବା” କିମ୍ବା “ସେବା କରିବା ପାଇଁ ଚାପରେ ଆସିବା” କିମ୍ବା “ଅଧିନରେ ରହିବା” ଭାବରେ ଭାଷାନ୍ତର କରାଯାଇପାରିବ।

(ପୁନଶ୍ଚ ଦେଖନ୍ତୁ:ସ୍ୱାଧୀନ,ଧାର୍ମିକ,ଦାସ)

ବାଇବଲ ପଦପର୍ବ:

- ଗାଲାତୀୟ 04:03
- ଗାଲାତୀୟ 04:24-25
- ଆଦିପୁସ୍ତକ 15:13
- ଯିରିମିୟ 30:8-9

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H3533, H5647, G1398, G1402, G2615

କ୍ରୋଧ, କ୍ରୋଧ ବିଷୟଗୁଡିକ, କ୍ରୋଧାନ୍ୱିତ ହେବା, ଭୟଙ୍କର ରାଗିବା

ତଥ୍ୟଗୁଡିକ:

କ୍ରୋଧ ଅଧିକ ପରିମାଣର ରାଗ ଅଟେ ଯାହା ନୀୟନ୍ତ୍ରଣର ବାହାର ଅଟେ I ଯେତେବେଳେ ଜଣେ କେହି କ୍ରୋଧ କରେ, ତାହାର ଅର୍ଥ ସେହି ବ୍ୟକ୍ତି ଆପଣାର ରାଗ ଭାବକୁ ଧ୍ୱଂସାତ୍ମକ ଭାବରେ ପ୍ରକାଶ କରେ I

- ଯେତେବେଳେ ଜଣେ ବ୍ୟକ୍ତିର ରାଗର ଭାବାବେଗ ତାହାକୁ ଆତ୍ମସଂଯମ ହରାଇବା ଅବସ୍ଥାକୁ ନେଇଯାଏ, ସେତେବେଳେ କ୍ରୋଧ ଜାତ ହୋଇଥାଏ I
- ଲୋକମାନେ କ୍ରୋଧ ଦ୍ୱାରା ନୀୟନ୍ତ୍ରିତ ହୋଇ ଧ୍ୱଂସାତ୍ମକ କାର୍ଯ୍ୟଗୁଡିକ କରନ୍ତି ଏବଂ ଧ୍ୱଂସାତ୍ମକ ବିଷୟଗୁଡିକ କହନ୍ତି I
- "କ୍ରୋଧ" ପ୍ରତିଶବ୍ଦ ମଧ୍ୟ ଶକ୍ତିଯୁକ୍ତ ଭାବରେ ଗତି କରିବା ବିଷୟକୁ ମଧ୍ୟ ବୁଝାଇବ, ଯଥା ଏକ "କ୍ରୋଧାନ୍ୱିତ" ଝଡ ବା "କ୍ରୋଧରେ" ଗର୍ଜ୍ଜନ କରୁଥିବା ସମୁଦ୍ରର ତରଙ୍ଗର ବର୍ଣ୍ଣନା I
- ଯେତେବେଳେ "ଜାତିଗଣ କ୍ରୋଧ କରନ୍ତି", ସେମାନଙ୍କର ଈଶ୍ୱରବିହୀନ ଲୋକମାନେ ଈଶ୍ୱରଙ୍କ ଅବାଧ ହୁଅନ୍ତି ଏବଂ ତାହାଙ୍କ ବିରୁଦ୍ଧରେ ଛିଡ଼ା ହୁଅନ୍ତି I
- "କ୍ରୋଧରେ ପରିପୂର୍ଣ୍ଣ ହେବା" କହିଲେ ଅତିଶୟ ରାଗରେ ବିହ୍ୱଳ ହେବାର ଏକ ଅନୁଭୁତି ଅଟେ I

(ଆହୁରି ମଧ୍ୟ ଦେଖ: ରାଗିବା, ଆତ୍ମସଂଯମ)

ବାଇବଲ ପଦଗୁଡିକ:

- ପ୍ରେରିତ 04:23-25
- ଦାନୀୟେଲ 03:13:14
- ଲୂକ 04:28-30
- ଗଣନାପୁସ୍ତକ 25:10-11
- ହିତୋପଦେଶ 19:3-4

ବୋର୍ଡ ଡାଟା :

- Strong's: H398, H1348, H1984, H1993, H2121, H2195, H2196, H2197, H2534, H2734, H2740, H3491, H3820, H5590, H5678, H7264, H7265, H7266, H7267, H7283, H7857, G1693, G2830, G3710, G5433

କ୍ରୋଧ, କ୍ରୋଧୀ

ସଂଜ୍ଞା:

"କ୍ରୋଧୀ ହେବା" କିମ୍ବା "କ୍ରୋଧ ରଖିବା" ଅର୍ଥ କୌଣସି ବିଷୟ କିମ୍ବା କୌଣସି ବ୍ୟକ୍ତିର ବିରୋଧରେ ଅତିମାତ୍ରାରେ ଅସନ୍ତୋଷ, ବିରକ୍ତ ଓ ମନ ଖରାପ କରିବା I

- ଯେତେବେଳେ ଲୋକ ରାଗିଯାଆନ୍ତି, ସେମାନେ ବାରମ୍ବାର ଅଧର୍ମୀ ଏବଂ ସ୍ୱାର୍ଥପର ହୋଇଯାନ୍ତି, କିନ୍ତୁ ସମୟେ ସମୟେ ସେମାନେ ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଧାର୍ମିକତାର କ୍ରୋଧ କରନ୍ତି I
- ପାପ ସମ୍ବନ୍ଧରେ ପରମେଶ୍ୱରଙ୍କ କ୍ରୋଧ (ପ୍ରଚଣ୍ଡ କ୍ରୋଧ ମଧ୍ୟ କୁହାଯାଏ) ତାଙ୍କ ତୀବ୍ର ଅସନ୍ତୋଷକୁ ଦର୍ଶାଏ I
- "କ୍ରୋଧକୁ ପ୍ରରୋଚିତ କରିବା" ବାକ୍ୟାଂଶର ଅର୍ଥ "କ୍ରୋଧୀ ହେବାର କାରଣ"

(ମଧ୍ୟ ଦେଖିପାରିବା: ପ୍ରଚଣ୍ଡ କ୍ରୋଧ)

ବାଇବଲ ପଦ ପର୍ଶ:

- ଏଫିସୀୟ 04:25-27
- ଯାତ୍ରାପୁସ୍ତକ 32:9-11
- ଯିଶାଇୟ 57:16-17
- ଯୋହନ 06:52-53
- ମାର୍କ 10:13-14
- ମାଥିଉ 26:6-9
- ଗୀତସଂହିତା 018:7-8

ବୋର୍ଡ ଡାଟା :

- Strong's: H599, H639, H1149, H2152, H2194, H2195, H2198, H2534, H2734, H2787, H3179, H3707, H3708, H3824, H4751, H4843, H5674, H5678, H6225, H7107, H7110, H7266, H7307, G23, G1758, G2371, G2372, G3164, G3709, G3710, G3711, G3947, G3949, G5520

କ୍ଲେଶ, ଅତ୍ୟଧିକ ଦୁଃଖ, ଦୁଃଖଦୁର୍ଦ୍ଦଶା

ପରିଭାଷା:

"କ୍ଲେଶ" ଶବ୍ଦ କଠିନତାର ସମୟକୁ, ଦୁଃଖଭୋଗକୁ ଏବଂ ମାନସିକ ଦୁଃଖକୁ ବୁଝାଏ I

- ନୂତନ ନିୟମରେ ଏହା ବୁଝାଇ ଦିଆଯାଇଛି ଯେ ଖ୍ରୀଷ୍ଟିୟାନମାନେ ତାଡ଼ନାର ସମୟଗୁଡ଼ିକୁ ଏବଂ ଅନ୍ୟ ପ୍ରକାରର କ୍ଲେଶକୁ ସହ୍ୟ କରିବେ, କାରଣ ଏହି ପୃଥିବୀରେ ଅନେକ ଲୋକମାନେ ଯୀଶୁଙ୍କର ଶିକ୍ଷାଗୁଡ଼ିକର ବିରୋଧୀ ଅଟନ୍ତି I
- "କ୍ଲେଶ" ଶବ୍ଦକୁ "ବିଶେଷ ଦୁଃଖଭୋଗର ସମୟ" କିମ୍ବା "ଗଭୀର ମାନସିକ ଅବସ୍ଥା" କିମ୍ବା "ଦାରୁଣ କଠିନ ଅବସ୍ଥା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ପୃଥିବୀ, ଶିକ୍ଷା, ପ୍ରଚଣ୍ଡ କ୍ରୋଧ: ଦେଖନ୍ତୁ)

ବାଇବେଲର ପଦଗୁଡ଼ିକ:

- ମାର୍କ 4:17
- ମାର୍କ 13:19
- ମାଥିଉ 13:20-21
- ମାଥିଉ 24:9
- ମାଥିଉ 24:29
- ରୋମୀୟ 2:9

ଶବ୍ଦବିନ୍ୟାସ:

- Strong's: H6869, G23470, G44230

ଖଡ୍ଗ, ଖଡ୍ଗଧାରୀ

ପରିଭାଷା:

ଖଡ୍ଗ ଏକ ସମତଳ –ଫଳକ ଧାତୁ ଅସ୍ତ୍ର ଅଟେ ଯାହାକି କାଟିବା କିମ୍ବା ଭୂଶିବା ପାଇଁ ବ୍ୟବହାର କରାଯାଏ । ଏହାର ଏକ ବେଣ୍ଟ ଅଛି ଏବଂ ଏହା ଲମ୍ବା, ତିକ୍ଷ୍ଣ ମୁନ ସହ କାଟିବା ପାଇଁ ଅତି ଧାରୁଆ ଅଟେ ।

- ପ୍ରାଚୀନ କାଳରେ ଏକ ଖଡ୍ଗର ଲମ୍ବ 60 ରୁ 91 ସେ.ମି. ଥିଲା ।
- କେତେକ ଖଡ୍ଗ ଦୁଇ ଧାର ବିଶିଷ୍ଟ ହୋଇଥାଏ ଏବଂ ଏହାକୁ “ଦୁଇ ଧାର” କିମ୍ବା “ଦୁଇଧାର ଖଡ୍ଗ” କୁହାଯାଏ ।
- ଯୀଶୁଙ୍କର ଶିଷ୍ୟମାନେ ନିଜର ସୁରକ୍ଷା ନିମନ୍ତେ ଏହିପରି ଖଡ୍ଗ ରଖୁଥିଲେ । ସେହି ଖଡ୍ଗରେ, ପିତର ମହାଯାଜକଙ୍କର ସେବକର କାନ କାଟିଥିଲେ ।
- ଉଭୟ୍ ବାପ୍ତିଜକ ଯୋହନ ଏବଂ ପ୍ରେରିତ ଯାକୁବ ଏହି ଖଡ୍ଗରେ ଶିରଶ୍ଛେଦନ କରାଯାଇଥିଲେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଖଡ୍ଗ ଈଶ୍ୱରଙ୍କ ବାକ୍ୟର ଉପମା ରୂପରେ ବ୍ୟବହାର କରାଯାଇଛି । ବାଇବେଲ ଈଶ୍ୱରଙ୍କ ଶିକ୍ଷା ପ୍ରକାଶ କରି ଲୋକମାନଙ୍କୁ ସେମାନଙ୍କର ପାପ ହେତୁ ଦୋଷୀ କରେ । ସେହିପରି ଗୋଟିଏ ଖଡ୍ଗ ଗଭୀର ଭାବେ କାଟେ ଓ ଯନ୍ତ୍ରଣା ଦିଏ । (ଉପମା ଦେଖନ୍ତୁ)
- ଏହି ଆଳଙ୍କାରକୁ “ଈଶ୍ୱରଙ୍କ ବାକ୍ୟ ଖଡ୍ଗ ତୁଲ୍ୟ ଅଟେ ଯାହା ଅନ୍ତରକୁ ଭେଦ କରେ ଓ ପାପକୁ ଦେଖେଇ ଦିଏ” ବୋଲି ଅନୁବାଦ କରାଯାଇପାରିବ ।
- ଏହି ଆଳଙ୍କାରର ବ୍ୟବହାର ଗୀତସଂହିତାରେ ଦେଖିବାକୁ ମିଳେ, ଯେଉଁଠି ଜଣେ ବ୍ୟକ୍ତିଙ୍କର ଜିହ୍ୱା କିମ୍ବା କଥା ଖଡ୍ଗ ସହ ତୁଳନା କରାଯାଇଛି ଯାହା ଲୋକମାନଙ୍କୁ କ୍ଷତ ବିକ୍ଷତ କରେ । ଏହି ବାକ୍ୟାଂଶକୁ “ଜିହ୍ୱା ଏକ ଖଡ୍ଗ ପରି ଅଟେ ଯାହା କାହାକୁ ବି କ୍ଷତ କରିପାରେ” ବୋଲି ଅନୁବାଦ କରାଯାଇ ପାରେ ।
- ଯଦି ଆପଣଙ୍କ ସଂସ୍କୃତିରେ ଖଡ୍ଗ ଅଜ୍ଞାତ ବସ୍ତୁ ଅଟେ, ତେବେ ଏହି ଶବ୍ଦକୁ ଅନ୍ୟ ଏକ ଖଡ୍ଗର ନାମ ବ୍ୟବହାର କରି ଅନୁବାଦ କରନ୍ତୁ ଯାହା ଲମ୍ବା ଧାର ବିଶିଷ୍ଟ ଅସ୍ତ୍ର ଅଟେ ଯାହା କାଟିବା କିମ୍ବା ଭୂଶିବା ପାଇଁ ବ୍ୟବହାର ହୁଏ ।
- ଏକ ଖଡ୍ଗକୁ “ଧାରୁଆ ଅସ୍ତ୍ର” କିମ୍ବା “ଲମ୍ବା ଛୁରୀ” ବୋଲି ମଧ୍ୟ ଅନୁବାଦ କରାଯାଇପାରିବ । କେତେକ ଅନୁବାଦ ଖଡ୍ଗର ଏକ ଛବିକୁ ସାମିଲ୍ କରିପାରିବେ ।

(ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ: ଦେଖନ୍ତୁ)

(ଯାକୁବ (ଯୀଶୁଙ୍କର ଭାଇ), ଯୋହନ (ବାପ୍ତିଜକ), ଜିହ୍ୱା, ଈଶ୍ୱରଙ୍କ ବାକ୍ୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 12:2
- ଆଦିପୁସ୍ତକ 27:40
- ଆଦି ପୁସ୍ତକ 34:25
- ଲୂକ 2:33-35
- ଲୂକ 21:24
- ମାଥିଉ 10:34
- ମାଥିଉ 26:55
- ପ୍ରକାଶିତ ବାକ୍ୟ 1:16

ଶବ୍ଦବିନ୍ୟାସ:

- Strong’s: H0019, H1300, H2719, H4380, H6609, H7524, H7973, G31620, G45010

ଖମୀର, ଖମୀରମୟ, ଖମୀରଶୂନ୍ୟ

ପରିଭାଷା:

"ଖମୀର" ସାଧାରଣ ଏକ ଶବ୍ଦ ଅଟେ ଏହାକୁ ଅଟାକୁ ଫୁଲାଏ I "ଖମୀର" ଏକ ବିଶେଷ ପ୍ରକାରର ଖମୀର ଅଟେ I

- କେତେକ ଇଂରାଜୀ ଅନୁବାଦରେ, ଖମୀରକୁ "ଖମୀର" ଭାବରେ ଅନୁବାଦ କରାଯାଇଅଛି, ଏହା ରୁଟିକୁ ବାଷ୍ପରେ ଫୁଲାଏ, ଏହାକୁ ପ୍ରସ୍ତୁତ କରିବା ପୂର୍ବରୁ ଏହା ଅଟାକୁ ଫୁଲାଏ I "ଖମୀରକୁ" ଅଟାରେ ଦଳାଯାଏ ଯାହା ଦ୍ୱାରା ସମ୍ପୂର୍ଣ୍ଣ ଅଟାରେ ମିଶିଯାଇ ଏହାକୁ ଫୁଲାଏ I
- ପୁରାତନ ନିୟମ ସମୟରେ, ଅଟାକୁ ଖମୀର କରିବା ଓ ଫୁଲାଇବାକୁ କିଛି ସମୟଯାଏ ଏହାକୁ ରଖା ଯାଉଥିଲା I ପୂର୍ବରୁ ବ୍ୟବହାର କରା ଯାଇଥିବା ଦଳା ଯାଇଥିବା ଅଟାରଖି ବର୍ତ୍ତମାନ ଅଟା ସହ ମିଳାଇ ତାହାକୁ ଖମୀରଯୁକ୍ତ କରାଯାଉଥିଲା I
- ଯେତେବେଳେ ଇସ୍ରାଏଲ ଲୋକମାନେ ମିସରରୁ ବାହାରି ଆସିଲେ, ସେମାନଙ୍କ ପାଖରେ ରୁଟି ଫୁଲିବାକୁ ଅପେକ୍ଷା କରିବାକୁ ସମୟ ନଥିଲା, ତେଣୁ ସେମାନେ ଯାତ୍ରା ସମୟରେ ଖମୀରଶୂନ୍ୟ ରୁଟି ତିଆରି କଲେ I ଏହାକୁ ସ୍ମରଣକରିବାକୁ, ପ୍ରତିବର୍ଷ ଯିହୁଦୀଲୋକମାନେ ଖମୀରଶୂନ୍ୟ ରୁଟି ଖାଇ ନିସ୍ତାରପର୍ବ ପାଳନ କରନ୍ତି I
- "ଖମୀର" ଶବ୍ଦକୁ ସାଙ୍କେତିକ ରୂପରେ ବାଇବେଲରେ ବ୍ୟବହାର କରାଯାଇଅଛି, ଏହା ଜଣେ ବ୍ୟକ୍ତିର ଜୀବନରେ ପାପ କିପରି ବ୍ୟାପ୍ତ ହୁଏ ଓ କିପରି ଅନ୍ୟ ଲୋକଙ୍କ ଜୀବନରେ ପ୍ରଭାବିତ କରେ I
- ଏହା ଭଣ୍ଡଶିକ୍ଷାକୁ ମଧ୍ୟ ବୁଝାଏ ଯାହା ଅଧିକାଂଶ ସମୟରେ ଅନେକ ଲୋକର ଜୀବନରେ ପ୍ରଭାବିତ କରେ I
- "ଖମୀର" ଶବ୍ଦ ସାକାରାତ୍ମକ ରୂପରେ ମଧ୍ୟ ବ୍ୟାଖ୍ୟା କରାଯାଇଅଛି ଯାହା ଈଶ୍ୱରଙ୍କର ରାଜ୍ୟ ଲୋକମାନଙ୍କର ଜୀବନରେ ପ୍ରବେଶ କରେ ଓ ବ୍ୟକ୍ତିରୁ ବ୍ୟକ୍ତିକୁ ବ୍ୟାପ୍ତ ହୁଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହାକୁ "ଖମୀର" କିମ୍ବା "ଦ୍ରବ୍ୟ ଯାହା ଅଟାକୁ ଫୁଲାଏ" କିମ୍ବା "ବିସ୍ତାର କରୁଥିବା ଦ୍ରବ୍ୟ" ଭାବେ ଅନୁବାଦ କରାଯାଇପାରେ I "ଫୁଲାଇବା"ଶବ୍ଦକୁ "ବ୍ୟାପ୍ତ କରାଇବା "କିମ୍ବା "ବଢ଼କରିବା" କିମ୍ବା "ଫୁଲିବା" ବୋଲି ଅନୁବାଦ କରାଯାଇପାରେ I
- ଯଦି ସ୍ଥାନୀୟ ଭାଷାରେ ଖମୀର ଅଟାକୁ ଫୁଳାଇବା ପାଇଁ ବ୍ୟବହାର କରାଯାଏ ତେବେ ସେହି ଶବ୍ଦକୁ ବ୍ୟବହାର କରନ୍ତୁ I ଯଦି ଖମୀର ପାଇଁ ସ୍ଥାନୀୟ ଭାଷାରେ ଶବ୍ଦ ଅଛି ତେବେ ସେହି ଶବ୍ଦକୁ ବ୍ୟବହାର କରନ୍ତୁ I

(ମିସର, ନିସ୍ତାରପର୍ବ, ଖମୀରଶୂନ୍ୟ ରୁଟି: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯାତ୍ରାପୁସ୍ତକ 12:8
- ଗାଲାତୀୟ 5:9-10
- ଲୂକ 12:1
- ଲୂକ 13: 21
- ମାଥିଉ 13:33
- ମାଥିଉ 16: 8

ଶବ୍ଦବିନ୍ୟାସ:

- Strong's: H2556, H2557, H4682, H7603, G01060, G22190, G22200

ଖର୍ଜ୍ଜୁରୁ, ଖର୍ଜ୍ଜୁରୁଗୁଡ଼ିକ

ସଂଜ୍ଞା:

ଏହି 'ଖର୍ଜ୍ଜୁର' ଶବ୍ଦ ଏକ ପ୍ରକାର ଗଛକୁ ଉଲ୍ଲେଖ କରେ, ଯହିଁରେ ଉପରୁ ତଳ ପର୍ଯ୍ୟନ୍ତ ପଙ୍ଖା ପରି ଆକୃତିରେ ପ୍ରସାରିତ ହୋଇଥିବା ଲମ୍ବା, ନମନୀୟ, ପତ୍ରବହୁଳ ଡାଳଗୁଡ଼ିକ ଥାଏ I

- ବାଇବଲରେ ଖର୍ଜ୍ଜୁର ଗଛ ସାଧାରଣତଃ ଏଭଳି ଏକ ପ୍ରକାର ଖର୍ଜ୍ଜୁର ଗଛକୁ ବୁଝାଏ ଯାହା ଏକ ଫଳ ଉତ୍ପାଦନ କରେ, ଯାହାକୁ ଏକ "ଖଜୁରି କୋଳି " କୁହାଯାଏ I

ପତ୍ରଗୁଡିକର ଏକ ପର-ସଦୃଶ ସୁନ୍ଦର ଆକୃତି ଥାଏ I ଖର୍ଜ୍ଜୁର ଗଛ ସାଧାରଣତଃ ଏକ ଉଷ୍ଣ, ଆର୍ଦ୍ର ଜଳବାୟୁ ଥିବା ସ୍ଥାନଗୁଡିକରେ ବୃଦ୍ଧି ପାଇଥାଏ I ସେମାନଙ୍କର ପତ୍ରଗୁଡିକ ବର୍ଷ ସାରା ସବୁଜ ରହିଥାଏ I

- ଯେତେବେଳେ ଯୀଶୁ ଗଧ ଉପରେ ଆରୋହଣ କରି ଯିରୂଶାଲମରେ ପ୍ରବେଶ କରୁଥିଲେ, ଲୋକମାନେ ତାହାଙ୍କ ସମ୍ମୁଖରେ ଭୂମି ଉପରେ ଖର୍ଜ୍ଜୁର ଗଛର ଡାଳଗୁଡ଼ିକ ଆଣି ବିଛାଇଦେଲେ I
- ଖର୍ଜ୍ଜୁର ଗଛର ଡାଳଗୁଡ଼ିକ ଶାନ୍ତିର ଏବଂ ଏକ ବିଜୟର ଉତ୍ସବ ପାଳନକୁ ସୂଚାଇଲା I

(ଆହୁରି ମଧ୍ୟ ଦେଖ: ଗଧ, ଯିରୂଶାଲମ, ଶାନ୍ତି)

ବାଇବଲ ପଦଗୁଡ଼ିକ

- 1 ରାଜାବଳି 06:29 -30
- ଯିହିଜିକଲ 40: 14-16
- ଯୋହନ 12: 12-13
- ଗଣନା 33: 8-10

ବୋର୍ଡ ଡାଟା :

- Strong's: H3712, H8558, H8560, H8561, G5404

ଖୁରା, ଖୁରାମାନ, ଖୁରା ସକଳ

ତଥ୍ୟ:

ଏହି ଶବ୍ଦ କିଛି ପଶୁର ପାଦରେ ଆବରଣ କରିବା ପାଇଁ ଏକ ଶକ୍ତ ବସ୍ତୁ କୁ ଦର୍ଶାଏ ଯେପରି କି ଓଟ, ହରିଣ, ଘୋଡ଼ା, ଗଧ, ଘୁସୁରୀ, ମେଷ, ବଳଦ ଓ ଛେଳି ଅଟେ I

- ଏକ ପଶୁର ଖୁରା ତାହାକୁ ସୁରକ୍ଷା ଦିଏ ଯେତେବେଳେ ସେ ଚାଲେ I
- କେତେକ ପଶୁର ଖୁରା ମଧ୍ୟରେ ଫାଳ ଅଛି ଆଉ କେତେକରେ ନାହିଁ I
- ପରମେଶ୍ୱର ଇସ୍ରାଏଲ ଜାତିକୁ କହିଲେ କି ଯେଉଁ ପଶୁର ଖୁରାରେ ଫାଳ ଅଛି ଓ ସେ ଚୋବାଇ ଖାଇ ସେ ଶୁଦ୍ଧ ପଶୁ ଅଟେ ଓ ଖାଇବା ଯୋଗ୍ୟ ଅଟେ I

ଏହାରେ ଗୋରୁ, ହରିଣ, ମେଷ ଓ ବଳଦ ଅନ୍ତର୍ଭୁକ୍ତ ଅଟେ I

(ଆହୁରି ଦେଖନ୍ତୁ: ନାମର କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ଓଟ, ଗାଇ, ଗଧ, ଛେଳି, ଘୁସୁରୀ, ମେଷ)

ବାଇବଲ ପଦପର୍ବ:

- ବ୍ୟବସ୍ଥାବିବରଣ ୧୪:୬-୭
- ଯିହିଜିକଲ ୨୬:୯-୧୧
- ଲେବୀୟ ବ୍ୟବସ୍ଥା ୧୧: ୩-୪
- ଗୀତସଂହିତା ୦୬୯:୩୦-୩୧

ବୋର୍ଡ ଡାଟା :

- Strong's: H6119, H6471, H6536, H6541, H7272

ଖୋଜିବା, ଅନ୍ୱେଷଣ କରିବା, ଅନୁସନ୍ଧାନ କରିବା

ପରିଭାଷା:

"ଖୋଜିବା" ଶବ୍ଦର ଅର୍ଥ କୌଣସି ପଦାର୍ଥ କିମ୍ବା କାହାକୁ ଖୋଜିବା ଅଟେ I ଏହାର ଅତୀତ "ଖୋଜିଲା" ଏହାର ଅର୍ଥ "ଖୋଜାଗଲା" ଅଟେ I ଏହି ଶବ୍ଦଟି ବେଳେବେଳେ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, ଯାହାର ଅର୍ଥ "କିଛି କରିବା" କିମ୍ବା କିଛି କରିବା ପାଇଁ "ପ୍ରୟାସ କରିବା" ଅଟେ I

- କୌଣସି ବିଷୟକୁ କରିବା ପାଇଁ ଏକ ସୁଯୋଗ "ଖୋଜିବା" କିମ୍ବା "ଅନୁସନ୍ଧାନ କରିବା" ର ଅର୍ଥ "ଏହା କରିବା ପାଇଁ ସମୟ ପାଇବା ନିମନ୍ତେ ଚେଷ୍ଟା କରିବା" ଅଟେ I
- "ଯିହୋବାଙ୍କୁ ଖୋଜିବା" ଅର୍ଥ "ସମସ୍ତ ସମୟ ଓ ଶକ୍ତି ଦେଇ ଯିହୋବାଙ୍କୁ ଜାଣିବା ଏବଂ ତାହାଙ୍କର ବାଧ ହେବା ନିମନ୍ତେ ପ୍ରଶିକ୍ଷଣ କରିବା" ଅଟେ I
- "ସୁରକ୍ଷା ଅନୁସନ୍ଧାନ କରିବା" ଅର୍ଥ "ଜଣେ ବ୍ୟକ୍ତିଙ୍କୁ ଖୋଜିବା ଯିଏ ଆପଣଙ୍କୁ ବିପଦରୁ ସୁରକ୍ଷା ଦେଇପାରିବେ" ଅଟେ I
- "ନ୍ୟାୟ ଖୋଜିବା" ଅର୍ଥ "ଲୋକମାନେ ଯେପରି କୁଶଳରେ ନ୍ୟାୟ ପାଇପାରିବେ ସେଥି ନିମନ୍ତେ ପ୍ରୟାସ କରିବା" ଅଟେ I
- "ସତ୍ୟର ଅନୁସନ୍ଧାନ କରିବା" ଅର୍ଥ "ସତ୍ୟତାକୁ ଜାଣିବା ନିମନ୍ତେ ପ୍ରୟାସ କରିବା" ଅଟେ I
- "ଅନୁଗ୍ରହ ଅନେଷ୍ୱଣ କରିବା" ଅର୍ଥ "ଅନୁଗ୍ରହ ପାଇବା ନିମନ୍ତେ ଚେଷ୍ଟା କରିବା" କିମ୍ବା "ଏପରି କାର୍ଯ୍ୟ କରିବା ଯେପରି କେହିଜଣେ ତୁମ୍ଭମାନଙ୍କୁ ସାହାଯ୍ୟ କରିବ" ଅଟେ I

(ଦେଖନ୍ତୁ: ନ୍ୟାୟ, ସତ୍ୟ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୧୦:୧୪
- ପ୍ରେରିତ ୧୭:୨୬-୨୭
- ଏବ୍ରୀ ୧୧:୬
- ଲୂକ ୧୧:୯
- ଗୀତସଂହିତା ୨୭:୮

ଶବ୍ଦବିନ୍ୟାସ:

- Strong's: H0579, H1156, H1239, H1243, H1245, H1556, H1875, H2470, H2603, H2658, H2664, H3289, H7125, H7592, H7836, H8446, G03270, G15670, G19340, G20520, G22120

ଗଢିବା, ଗଢନ୍ତି, ଗଢିଲେ, ଗାଢ଼ ଅଛନ୍ତି, ଗଢିବା ଲୋକମାନେ, ଗଢନ

ସଂଜ୍ଞା:

ଗଢିବା ହେଉଛି କାଠ, ଧାତୁ କିଅବା ମାଟିର ଏକ ଖଣ୍ଡ କୁ ଢାଂଚ କରି ବ୍ୟବହାର କରି ସୁନା, ରୁପା କିଅବା ଅଲଗା ପଦାର୍ଥ କୁ ନରମ କରି ଗଢି ଏକ ରୁପ ଦିଆଯାଏ I

- ଗଢି ଅଳଂକାର, ଥାଳି, ଖାଇବା ନିମନ୍ତେ ବାସନ ଆଦି ନିର୍ମାଣ କରାଯାଏ I
- ବାଇବଲରେ, ଗଢିବା ଶବ୍ଦ ମୂର୍ତ୍ତି ନିର୍ମାଣ ଓ ତାହାର ପୂଜା ସମ୍ବଧିତ ବିଷୟରେ ଉଲ୍ଲେଖ ଅଛି I
- ଧାତୁ ସବୁ କୁ ଉଚ ତାପମାନରେ ଅତି ଗରମ କରି ତା ପରେ ଗଢିବା ନିମନ୍ତେ ବ୍ୟବହାର କରାଯାଏ I
- କିଛି ଗଢିବା ର ଅର୍ଥ କୌଣସି ବସ୍ତୁ କୁ ଏକ ବିଶେଷ ପ୍ରକାର ଆକାର ଦେବା, ଗଢିବା ଦ୍ୱାରା କିଅବା ହାତରେ ଆକାର ଦେଇ ହୋଇ ଥାଏ I

ଅନୁବାଦ ପ୍ରସ୍ତାବ:

- ଏହି ଶବ୍ଦକୁ "ରୁପ" ଆକାର" କିଅବା "ନିର୍ମାଣ" ରୂପରେ ଅନୁବାଦ କରାଯାଇପାରେ I
- "ଗଢିଲେ" ଶବ୍ଦକୁ "ରୁପ ଦେଲେ" କିଅବା "ଆକାର ଦେଲେ "ରୂପରେ ଅନୁବାଦ କରାଯାଏ I
- "ଗଢ଼ନ "ବସ୍ତୁ କୁ ଅନୁବାଦ କଲେ ଏକ ବାକ୍ୟାଂଶ କିଅବା ଶବ୍ଦରେ ତାହାର ଅର୍ଥ "ଆକାର କାରୀ" କିଅବା "ମୁରତଡିକାର "ରୂପରେ ଅନୁବାଦ କରାଯାଏ I

(ଆହୁରି ଦେଖନ୍ତୁ: ଭଣ୍ଡ ଦେବ, ସୁନା, ଚାନ୍ଦି)

ବାଇବଲ ପଦପର୍ବ:

- ଯାତ୍ରାପୁସ୍ତକ ୩୨:୩-୪

ବୋର୍ଡ ଡାଟା :

- Strong's: H4541, H4165, G4110, G4111

ଗନ୍ତା ଘର, ଗନ୍ତା ଘର ଗୁଡିକ

ସଂଜ୍ଞା:

"ଗନ୍ତା ଘର "ହେଉଛି ଏକ ବଡ ଅଟ୍ଟାଳିକା ଯେଉଠି ଖାଦ୍ୟ କିମ୍ବା ଅନ୍ୟନ୍ୟ ଜିନିଷ ବହୁତ ଦିନ ସଂରକ୍ଷଣ ହୁଏ

- ବାଇବଲରେ "ଗନ୍ତା ଘର" ସାଧାରଣ ଭାବେ ଅଧିକ ଶସ୍ୟ କିମ୍ବା ଅନ୍ୟ ଖାଦ୍ୟ ଉପଯୋଗୀ ବସ୍ତୁ ସଂରକ୍ଷଣ ନିମନ୍ତେ ବ୍ୟବହାର କରାଯାଏ ପରବର୍ତ୍ତୀ ସମୟରେ ଅର୍ଥାତ ଦୁର୍ଭିକ୍ଷ ସମୟରେ ବାହାର କରି ବ୍ୟବହାର କରନ୍ତି
- ଏହି ଶବ୍ଦ ଉପମା ଦେଇ ବ୍ୟବହାର ହେଲେ ସମସ୍ତ ଉତ୍ତମ ବିଷୟ ଯାହା ପରମେଶ୍ୱର ଚାହାନ୍ତି ତାଙ୍କର ଲୋକମାନଙ୍କୁ ଦେବା ପାଇଁ ପରି ବୁଝାଇବ
- ମନ୍ଦିର ର ଗନ୍ତା ଘର ମୂଲ୍ୟବାନ ପଦାର୍ଥ ଯାହାକୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଏ ଯଥା ସୁନା ଏବଂ ରୁପା ଇତ୍ୟାଦି

ଏଥି ମଧ୍ୟରୁ କିଛି ବିଷୟ ଗୁଡିକ ମରାମତି ହୁଏ ଏବଂ ମନ୍ଦିରରେ ଏହା ଯେଉଁଠି ରହିବା ସ୍ଥାନରେ ରଖି ଦିଆଯାଏ

- ଅନ୍ୟ ଭାବେ ଅନୁବାଦ ହେବ "ଗନ୍ତାଘର" ସାହିତ "ଶୀତଳ ଭଣ୍ଡାର" କିମ୍ବା "ଖାଦ୍ୟ ସଂରକ୍ଷଣ ଜାଗା" କିମ୍ବା "ସୁରକ୍ଷିତ ଭାବେ ମୂଲ୍ୟବାନ ବସ୍ତୁ ରଖିବାର ସ୍ଥାନ"

(ଦେଖ: ପ୍ରତିଷ୍ଠିତ, ଉତ୍ସର୍ଗ, ଦୁର୍ଭିକ୍ଷ, ସୁନା, ଶସ୍ୟ, ରୁପା, ମନ୍ଦିର)

ବାଇବଲ ପୃଷ୍ଠଭୂମି:

- ୨ ବଂଶାବଳି ୧୬:୨-୩
- ଲୁକ ୦୩:୧୭
- ମାଥିଉ ୦୩:୧୦-୧୨
- ଗୀତସଂହିତା ୦୩୩:୭-୯

ବୋର୍ଡ ଡାଟା :

- Strong's: H214, H618, H624, H4035, H4200, H4543, G596

ଗନ୍ଧକ, ଗନ୍ଧକବର୍ଣ୍ଣ

ପରିଭାଷା:

ଗନ୍ଧକ ଏକ ହଳଦିଆ ପଦାର୍ଥ ଅଟେ ଯାହା ନିଆଁରେ ଜଳିବା ପରେ ଜଳୁଥିବା ତରଳ ପଦାର୍ଥରେ ପରିଣତ ହୁଏ ।

- ଗନ୍ଧକର ମଧ୍ୟ ବହୁତ ଶକ୍ତିଶାଳୀ ଗନ୍ଧ ଅଛି ଯାହା ପଚା ଅଣ୍ଡାର ଗନ୍ଧ ପରି ଅଟେ ।
- ବାଇବେଲରେ, ଜଳୁଥିବା ଗନ୍ଧକ ବିଚାର ଦିନରେ ଅପବିତ୍ର ଏବଂ ବିରୋଧୀ ଲୋକମାନଙ୍କ ଉପରେ ଈଶ୍ୱରଙ୍କ ବିଚାରର ପ୍ରତୀକ ଅଟେ ।
- ଲୋଟ ସମୟରେ ଈଶ୍ୱର ସଦୋମ ଏବଂ ଗୋମୋରାର ମନ୍ଦତା ଥିବା ସହର ଗୁଡ଼ିକରେ ଉପରେ ଅଗ୍ନି ଓ ଗନ୍ଧକ ବର୍ଷା କଲେ ।
- କେତେକ ଇଂରାଜୀ ବାଇବେଲ ସଂସ୍କରଣରେ, ଗନ୍ଧକକୁ "ଗନ୍ଧକ" brimstone କୁହାଯାଏ, ଯାହାର ଅର୍ଥ "ଜଳୁଥିବା ପଥର" ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦର ସମ୍ଭାବ୍ୟ ଅନୁବାଦ ହେଲା "ଜଳୁଥିବା ହଳଦିଆ ପଥର" କିମ୍ବା "ହଳଦିଆ ଜଳୁଥିବା ପଥର ।"

(ଗୋମୋରା, ବିଚାରକ, ଲୋଟ, ଅବାଧ, ସଦୋମ, ପବିତ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 19:24
- ଯିଶାଇୟ 34:9
- ଲୂକ 17:29
- ପ୍ରକାଶିତ ବାକ୍ୟ 20:10

ଶବ୍ଦବିନ୍ୟାସ:

- Strong's: H1614, G23030

ଗନ୍ଧରସ

ସଂଜ୍ଞା:

ଗନ୍ଧରସ ଏକ ସୁଗନ୍ଧ ମସଲାରେସିଂ ବୃକ୍ଷରୁ ନିର୍ମିତ ଅଟେ I ଏହା ଅତର ଓ ସୁଗନ୍ଧ ଦ୍ରବ୍ୟ ବନାଇବାରେ ବ୍ୟବହୃତ ହୁଏ I

- ବାଇବଲ ସମୟରେ, ଗନ୍ଧରସ ଏକ ମହତ୍ୱପୂର୍ଣ୍ଣ ମସଲାଥିଲା ଯାହାକୁ କବର ଦେବା ପୂର୍ବରୁ ମୃତ ଶରୀରରେ ଲେପନ କରାଯାଉଥିଲା I
- ଏହି ମସଲା ଏହାର ସୁସ୍ତତା ଓ ଶାନ୍ତ କରିବା ଗୁଣ ନିମନ୍ତେ ମଧ୍ୟ ଅତି ମୂଲ୍ୟବାନ ଅଟେ I
- ଯେତେବେଳେ ପୂର୍ବ ଦେଶରୁ ପଣ୍ଡିତ ଲୋକ ଶିଶୁ ଯୀଶୁଙ୍କୁ ଭେଟ କରିବା ନିମନ୍ତେ ବେଥେଲିହିମ ଆସିଲେ, ଗନ୍ଧରସ ଏକ ମୁକ୍ତ ଉପହାର ସେମାନେ ଆଣିଥିଲେ I

(ଆହୁରି ଦେଖନ୍ତୁ: ବେଥେଲିହିମ, ପଣ୍ଡିତ)

ବାଇବଲ ପଦପର୍ବ:

- ୧ ବଂଶାବଳି ୦୯:୨୮-୨୯
- ଯାତ୍ରାପୁସ୍ତକ ୩୦: ୩୪-୩୬
- ମାଥିଉ ୦୨:୧୧-୧୨
- ଗଣନା ପୁସ୍ତକ ୦୫:୧୫

ବୋର୍ଡ ଡାଟା :

- Strong's: H3828, G3030

ଗର୍ଦ୍ଦଭ, ଖଚର

ପରିଭାଷା:

ଏକ ଗର୍ଦ୍ଦଭ, ଚାରି ଗୋଡ଼ବିଶିଷ୍ଟ ଘୋଡା ପରି ଏକ କାର୍ଯ୍ୟରତ ପ୍ରାଣୀ ଅଟେ, କିନ୍ତୁ ଏହାର ଛୋଟ ଏବଂ ଲମ୍ବା କାନ ଥାଏ ।

- ଖଚର ଏକ ପୁଂଜାତୀୟ ଗଧ ଏବଂ ଏକ ସ୍ତ୍ରୀଜାତୀୟ ଘୋଡାର ବନ୍ଧ୍ୟା ବଂଶ ଅଟେ ।
- ଖଚର ଅତ୍ୟନ୍ତ ଦୃଢ ପ୍ରାଣୀ ଅଟେ ଏବଂ ସେମାନେ ମୂଲ୍ୟବାନ କାର୍ଯ୍ୟରତ ପଶୁଗଣ ଅଟନ୍ତି ।
- ଉଭୟ ଗର୍ଦ୍ଦଭ ଏବଂ ଗଧ ଖଚର ଭାରଗୁଡ଼ିକ ବହନ ଏବଂ ଲୋକମାନେ ଭ୍ରମଣ କରିବା ବେଳେ ବ୍ୟବହାର କରିଥାନ୍ତି ।
- ବାଇବେଲ ସମୟରେ, ରାଜାଗଣ ଯୁଦ୍ଧ ସମୟରେ ଘୋଡା ବ୍ୟବହାର କରୁଥିଲେ, ଏବଂ ଶାନ୍ତିର ସମୟରେ ଗର୍ଦ୍ଦଭ ବ୍ୟବହାର କରୁଥିଲେ ।
- ଯୀଶୁ କ୍ରୁଶାର୍ପିତ ହେବାର ଏକ ସପ୍ତାହ ପୂର୍ବରୁ ଏକ ତରୁଣ ଗର୍ଦ୍ଦଭ ଉପରେ ଚଢି ଯିରୂଶାଲମକୁ ପ୍ରବେଶ କରିଥିଲେ ।

(ଦେଖନ୍ତୁ: ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧:୩୨-୩୪
- ୧ ଶାମୁୟେଲ ୯:୪
- ୨ ରାଜାବଳୀ ୪:୨୧-୨୨
- ଦ୍ୱିତୀୟବିବରଣ ୫:୧୨-୧୪
- ଲୂକ୧୩:୧୫
- ମାଥିଉ ୨୧:୨

ଶବ୍ଦବିନ୍ୟାସ:

Strong's: H0860, H2543, H3222, H5895, H6167, H6501, H6505, H6506, G36780, G36880, G52680

ଗର୍ବ, ଅହଙ୍କାର, ଅହଙ୍କାରପୂର୍ଣ୍ଣ

ପରିଭାଷା:

"ଗର୍ବ" ଏବଂ "ଅହଙ୍କାରପୂର୍ଣ୍ଣ" ଶବ୍ଦଗୁଡ଼ିକ, ସେହି ବ୍ୟକ୍ତିକୁ ବୁଝାଏ ଯିଏ ନିଜକୁ ଅତ୍ୟଧିକ ଉଚ୍ଚ ଭାବେ ଏବଂ ବିଶେଷ ଭାବରେ ଭାବେ ଯେ ସେ ଅନ୍ୟ ଲୋକମାନଙ୍କ ଅପେକ୍ଷା ଅଧିକ ଉତ୍ତମ ଅଟେI

- ଜଣେ ଅହଙ୍କାରୀ ବ୍ୟକ୍ତି ଅନେକ ସମୟରେ ଆପଣାର ଦୋଷକୁ ସ୍ୱୀକାର କରେ ନାହିଁ I ସେ ନମ୍ର ନୁହେଁ I
- ଅହଙ୍କାର ଅନ୍ୟ ମାର୍ଗଗୁଡ଼ିକ ଦ୍ୱାରା ଈଶ୍ୱରଙ୍କ ଅବାଧ ହେବା ପଥରେ କଢ଼ାଇନିଏ I
- ଏହି "ଗର୍ବ କରିବା" ଏବଂ "ଗର୍ବୀ" ଶବ୍ଦଗୁଡ଼ିକୁ ସକରାତ୍ମକ ଅର୍ଥରେ ବ୍ୟବହାର କରାଯାଇପାରେ, ଯଥା, ମୁଁ ଜଣକ ସଫଳତା କିମ୍ବା କିଛି ହାସଲ କରିଥିବା ହେତୁ "ଗର୍ବ କରେ କିମ୍ବା ଗର୍ବିତ" ଏବଂ ତୁମ୍ଭର ସନ୍ତାନମାନଙ୍କ ହେତୁ "ଗର୍ବିତ" ହେବା I "ତୁମ୍ଭର କାର୍ଯ୍ୟ ହେତୁ ଗର୍ବ କରିବା" କହିଲେ ତୁମ୍ଭର କାର୍ଯ୍ୟ ଉତ୍ତମ ଭାବରେ କରାଯାଉଥିବାରୁ ଆନନ୍ଦ ପାଇବା ଅଟେ I
- କେହି କେହି ସେମାନେ କରିଥିବା କାର୍ଯ୍ୟ ବିଷୟରେ ଗର୍ବ ନ କରି ଗର୍ବିତ ହୋଇପାରନ୍ତି।"ଗର୍ବ" ର ଏହି ଦୁଇଟି ଭିନ୍ନ ଅର୍ଥ ପାଇଁ କେତେକ ଭାଷାରେ ଭିନ୍ନ ଶବ୍ଦ ଥାଇପାରେ I
- "ଅହଙ୍କାରପୂର୍ଣ୍ଣ" ଶବ୍ଦର ଅର୍ଥ ସବୁବେଳେ ନକରାତ୍ମକ ଅଟେ, ଏବଂ ଏଥିରେ "ଉଦ୍ଧତ ହେବା" ବା "ଅହମିକା: ବା "ଆତ୍ମ-ବଡିମା " ଅର୍ଥଗୁଡ଼ିକ ବହନ କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଗର୍ବ" ଶବ୍ଦର ବିଶେଷ୍ୟ ପଦକୁ "ଉଦ୍ଧତ" ବା "ଅହମିକା" ବା "ଆତ୍ମ-ବଡିମା" ବୋଲି ଅନୁବାଦ କରାଯାଇପାରେ I
- ଅନ୍ୟ ପ୍ରସଙ୍ଗରେ "ଗର୍ବ" ଶବ୍ଦକୁ "ଆନନ୍ଦ" କିମ୍ବା "ସନ୍ତୋଷ" କିମ୍ବା "ଆତ୍ମ-ତୃପ୍ତି" ବୋଲି ଅନୁବାଦ କରାଯାଇପାରେ I
- "ଗର୍ବିତ ହେବା" ଶବ୍ଦକୁ "ଆନନ୍ଦିତ ହେବା" କିମ୍ବା "ସନ୍ତୋଷ ଲାଭ କରିବା" କିମ୍ବା "ଆନନ୍ଦମୟ ହେବା (ଜଣକର ସଫଳତା ହେତୁ) ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ତୁମ୍ଭର କାର୍ଯ୍ୟ ହେତୁ ଗର୍ବ କରିବା" ଶଦକୁ "ତୁମ୍ଭର କାର୍ଯ୍ୟ ଉତ୍ତମ ଭାବରେ କରାଯାଉଥିବାରୁ ସନ୍ତୁଷ୍ଟି ପାଇବା" ବୋଲି ଅନୁବାଦ କରାଯାଇପାରେ I
- "ଯିହୋବାଙ୍କଠାରେ ଗର୍ବ କରିବା" ଅଭିବ୍ୟକ୍ତିକୁ "ଯିହୋବା ସାଧନ କରିଥିବା ସମସ୍ତ ଆଶ୍ଚର୍ଯ୍ୟଜନକ ମହତ୍ୱ କାର୍ଯ୍ୟଗୁଡ଼ିକ ନିମନ୍ତେ ଆନନ୍ଦିତ ହେବା "କିମ୍ବା "ସଦାପ୍ରଭୁ କେଡେ ଆଶ୍ଚର୍ଯ୍ୟଜନକ ହୋଇଥିବାରୁ ଆନନ୍ଦିତ ହେବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଗର୍ବୀ, ନମ୍ର, ଆନନ୍ଦ: ଦେଖନ୍ତୁ)

ବାଇବେଲର ପଦପର୍ବ:

- ପ୍ରଥମ ତୀମଥି 3:6-7
- ଦ୍ୱିତୀୟ କରିନ୍ଥୀୟ 1:12
- ଗାଲାତୀୟ 6:3-5
- ଯିଶାଇୟ 13:19
- ଲୂକ 1:51

ବାଇବେଲର କାହାଣୀରୁ ଉଦାହରଣଗୁଡ଼ିକ:

- **4:2** ସେମାନେ ଅତିଶୟ **ଗର୍ବୀ** ଏବଂ ସେମାନେ ଈଶ୍ୱର କହିଥିବା ବିଷୟକୁ ମନୋଯୋଗ କଲେନାହିଁ I
- **34:10** ତା'ପରେ ଯୀଶୁ କହିଲେ, "ମୁଁ ତୁମ୍ଭମାନ ସତ୍ୟ କହୁଅଛି, ଈଶ୍ୱର ସେହି କରଗ୍ରାହୀର ପ୍ରାର୍ଥନା ଶୁଣିଲେ ଏବଂ ତାହାକୁ ଧାର୍ମିକ ଗଣିତ କଲେ I ମାତ୍ର ସେ ସେହି ଧର୍ମନେତାଙ୍କ ପ୍ରାର୍ଥନାକୁ ପସନ୍ଦ କଲେ ନାହିଁ I ଯେଉଁମାନେ **ଗର୍ବୀ,** ଈଶ୍ୱର ସେହି ପ୍ରତ୍ୟେକକୁ ନମ୍ର କରିବେ ଏବଂ ସେ ଆପେ ନମ୍ରମନା ଲୋକମାନଙ୍କୁ ଉଠାଇବେ I

ଶବ୍ଦବିନ୍ୟାସ :

- Strong's: H1341, H1343, H1344, H1346, H1347, H1348, H1349, H1361, H1362, H1363, H1364, H1396, H1466, H1467, H1984, H2086, H2087, H3093, H3238, H3513, H4062, H1431, H4791, H5965, H7295,

H7312, H7342, H7311, H7830, H8597, G13910, G13920, G27440, G27450, G27460, G31730, G51870, G52290, G52430, G52440, G53080, G53090, G54260

ଗର୍ଭବତୀ, ଧାରଣ କରିବା

ପରିଭାଷା:

ଏହି ଉଭୟ ଶବ୍ଦ "ଗର୍ଭବତୀ" ଏବଂ "ଧାରଣ କରିବା" ଗର୍ଭବତୀ ହେବାକୁ ବୁଝାଏ ଏହା ମଧ୍ୟ ପଶୁ ଗର୍ଭ ଧାରଣ ପାଇଁ ବ୍ୟବହାର ହୋଇପାରେ I

- "ଗର୍ଭବତୀ ହୁଅ" ବାକ୍ୟାଂଶଟି "ଗର୍ଭବତୀ ହୁଅ" କିମ୍ବା ଏହା ସୂଚାଇବା ପାଇଁ ଅନ୍ୟ ଗ୍ରହଣୀୟ ଶବ୍ଦ ବ୍ୟବହାର କରି ଅନୁବାଦ କରାଯାଇପାରେ I
- "ଧାରଣ କରିବା" ବାକ୍ୟାଂଶକୁ "ଗର୍ଭ ଧାରଣର ପ୍ରାଥମିକ ଅବସ୍ଥା" କିମ୍ବା "ଯେଉଁ ସମୟରେ ଗର୍ଭ ଧାରଣ କଲା" ବୋଲି ଅନୁବାଦ କରାଯାଇପାରେ I
- ଏହି ବାକ୍ୟଗୁଡ଼ିକ କୌଣସି ବିଷୟକୁ ସୃଷ୍ଟି କରିବା କିମ୍ବା କୌଣସି ବିଷୟରେ ଚିନ୍ତା କରିବା ଯଥା କଳ୍ପନା, ଯୋଜନା କିମ୍ବା କାର୍ଯ୍ୟକୁ ବୁଝାଏ I ଏହି ଶବ୍ଦକୁ ଏହିପରି "ଭାବିବା" କିମ୍ବା "ଯୋଜନା" କିମ୍ବା "ସୃଷ୍ଟି" ପ୍ରସଙ୍ଗକୁ ଆଧାର କରି ଅନୁବାଦ କରାଯାଇପାରେ I
- ବେଳେବେଳେ ଏହି ଶବ୍ଦ ଆଳଙ୍କାରିକ ଭାବରେ ମଧ୍ୟ ବ୍ୟବହାର ହୁଏ ଯେପରି "ଯେତେବେଳେ ପାପ ଧାରଣ କରେ" ଯାହାର ଅର୍ଥ "ଯେତେବେଳେ ପାପ ପ୍ରଥମେ ଭାବନାକୁ ଆସିଲା" କିମ୍ବା "ପାପର ଆରମ୍ଭ" କିମ୍ବା "ଯେଉଁ ସମୟରେ ପାପ ଆରମ୍ଭ ହେଲା I"

(ଦେଖନ୍ତୁ: ସୃଷ୍ଟି, ଗର୍ଭ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୨୧:୧-୪
- ହୋଶେୟ ୨:୪-୫
- ଆୟୁବ ୧୫:୩୫
- ଲୂକ ୧:୨୪-୨୫
- ଲୂକ ୨:୨୧

ଶବ୍ଦବିନ୍ୟାସ:

- Strong's: H2029, H2030, H2032, H2232, H2254, H2803, H3179, G10800, G17220, G28450, G48150

ଗହମ

ପରିଭାଷା:

ଗହମ ଏକ ପ୍ରକାର ଶସ୍ୟ ଅଟେ ଯାହା ଲୋକମାନେ ଖାଦ୍ୟ ନିମନ୍ତେ ଚାସ କରନ୍ତି I ବାଇବେଲ ଯେତେବେଳେ "ଶସ୍ୟ" କିମ୍ବା "ବିହନ" ବିଷୟରେ ଉଲ୍ଲେଖ କରେ, ଏହା ଅଧିକାଂଶ ସମୟରେ ଗହମ ଶସ୍ୟ କିମ୍ବା ବିହନ ବିଷୟରେ ପ୍ରକାଶ କରେ I

- ଗହମ ଶସ୍ୟ କିମ୍ବା ବିହନ ଗହମ ତୃଣର ଉପର ଭାଗରେ ଉତ୍ପନ ହୁଏ I
- ଗହମ ଫସଲ କାଟିଲା ପରେ, ବିହନକୁ ଖଳାରେ ତୃଣରୁ ଅଲଗା କରାଯାଏ I ଗହମ ତୃଣର କୁଟାକୁ ଛଣ କୁହାଯାଏ ଏବଂ ଅନେକ ସମୟରେ ପଶୁବିଶ୍ରାମ ନିମନ୍ତେ ଭୂମିରେ ରଖାଯାଏ I
- ଖଳାରେ ଗହମ ଚୋପା କାଡି ଦିଆଯାଏ ଏବଂ ତାହାକୁ ଫିଙ୍ଗି ଦିଆଯାଏ I
- ଲୋକମାନେ ଗହମକୁ ଚକିରେ ଅଟାଗୁଣ୍ଡ କରି ରୁଟି କରିବା ନିମନ୍ତେ ବ୍ୟବହାର କରନ୍ତି I

(ଯୋବ, ଚୋପା, ଶସ୍ୟ, ବିହନ, ଖଳା, କୁଲା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 27:36-38
- ଯାତ୍ରାପୁସ୍ତକ 34:21-22
- ଯୋହନ 12: 24
- ଲୂକ 3:17
- ମାଥିଉ 3: 12
- ମାଥିଉ 13: 26

ଶବ୍ଦବିନ୍ୟାସ:

- Strong's: H1250, H246, G46210

ଗାଈ, ଷଣ୍ଢ, ବାଛୁରୀ, ଗୃହପାଳିତ ପଶୁ, ଛଡ଼ା, ବଳଦ

ପରିଭାଷା:

ଗାଈ, ଷଣ୍ଢ, ବାଛୁରୀ, ଗୃହପାଳିତ ପଶୁ, ଛଡ଼ା, ବଳଦ ଶବ୍ଦଗୁଡ଼ିକ ଲମ୍ବା ଚାରିଗୋଡ ବିଶିଷ୍ଟ ପଶୁ, ଘାସ ଖାଉଥିବା ପଶୁଗଣକୁ ବୁଝାଏ ।

- ଏହି ପ୍ରକାର ପ୍ରାଣୀମାନଙ୍କର ସ୍ତ୍ରୀଲିଙ୍ଗୀୟ ପଶୁକୁ "ଗାଈ", ପୁଲିଙ୍ଗୀୟ ପଶୁକୁ "ଷଣ୍ଢ" ଏବଂ ସେମାନଙ୍କର ପଶୁବଂଶକୁ "ବାଛୁରୀ" କୁହାଯାଏ ।
- ବାଇବେଲ ସମୟରେ, ବାଛୁରୀମାନଙ୍କୁ "ଶୁଚି"ବୋଲି ବିଚାର କରାଯାଉଥିଲା ଯାହାକୁ ଲୋକମାନେ ଖାଇ ପାରିବେ କିମ୍ବା ବଳିଦାନ କରି ପାରିବେ । ସେମାନଙ୍କୁ ପ୍ରାଥମିକ ଭାବେ ମାଂସ ଏବଂ ଦୁଗ୍ଧ ପାଇଁ ପାଳନ କରୁଥିଲେ ।

"ଛଡ଼ା"ଏକ ବୟସ୍କ ସ୍ତ୍ରୀଲିଙ୍ଗୀୟ ଗାଈ ଯାହା ଏପର୍ଯ୍ୟନ୍ତ ଗୋଟିଏ ବାଛୁରୀ ଜନ୍ମ ଦେଇ ନାହିଁ ।

ଗୋଟେ "ବଳଦ" ଗୃହପାଳିତ ପଶୁ ଅଟେ ଯାହାକୁ କୃଷିକର୍ମ ପାଇଁ ତାଲିମ ଦିଆଯାଇଥାଏ । ଏହି ଶବ୍ଦ ବହୁବଚନ ଶବ୍ଦ "ବଳଦପଲ" ଅଟେ । ସାଧାରଣତଃ ଭାବେ ବଳଦମାନେ ପୁଲିଙ୍ଗୀୟ ପଶୁ ଅଟନ୍ତି ଏବଂ ସେମାନେ ମୁଷ୍କଚ୍ଛେଦନ ହୋଇଥାନ୍ତି ।

- ବାଇବେଲରେ, ବଳଦମାନଙ୍କୁ ଯୁଆଳି କିମ୍ବା ଶଗଡ଼ ଟାଣୀବା ଏବଂ ଚାଷ କରିବା ଉଦ୍ଦେଶ୍ୟରେ ବ୍ୟବହୃତ କରାଯାଇଛି ।
- ଗୋଟିଏ ଯୁଆଳିରେ ଏକାଠି କରିବା ବାଇବେଲରେ ଏପରି ଏକ ସାଧାରଣ ଘଟଣା ଥିଲା "ଯୁଆଳି ନିୟନ୍ତ୍ରଣରେ ରହିବା" ବାକ୍ୟ କଠିନ ପରିଶ୍ରମ ଏବଂ କାର୍ଯ୍ୟର ରୂପକ ଅଟେ ।
- ଗୋଟିଏ ଷଣ୍ଢ ପୁଲିଙ୍ଗୀୟ ପଶୁ ଅଟେ, କିନ୍ତୁ ଏହାକୁ ମୁଷ୍କଚ୍ଛେଦନ କରାଯାଏ ନାହିଁ ଏବଂ ଏହାକୁ କାର୍ଯ୍ୟ କରିବାକୁ ତାଲିମ ଦିଆଯାଏ ନାହିଁ ।

(ଦେଖନ୍ତୁ: ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

(ଦେଖନ୍ତୁ: ଯୁଆଳି)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୧୫:୯-୧୧
- ଯାତ୍ରାପୁସ୍ତକ ୨୪:୫-୬
- ଗଣନାପୁସ୍ତକ ୧୯:୧-୨
- ଦ୍ୱିତୀୟବିବରଣ ୨୧:୩-୪
- ପ୍ରଥମ ଶାମୁୟେଲ ୧: ୨୪-୨୫
- ପ୍ରଥମ ଶାମୁୟେଲ ୧୫:୩
- ପ୍ରଥମ ଶାମୁୟେଲ ୧୬:୨-୩
- ପ୍ରଥମ ରାଜାବଳୀ ୧:୯
- ଦ୍ୱିତୀୟ ବଂଶାବଳୀ ୧୧:୧୫
- ଦ୍ୱିତୀୟ ବଂଶାବଳୀ ୧୫:୧୦-୧୧
- ମାଥିଉ ୨୨:୪
- ଲୂକ ୧୩:୧୫
- ଲୂକ ୧୪:୬
- ଏବ୍ରୀ ୯:୧୩

ଶବ୍ଦବିନ୍ୟାସ:

- Strong's: H0047, H0441, H0504, H0929, H1165, H1241, H4399, H4735, H4806, H5695, H5697, H6499, H6510, H6629, H7214, H7716, H7794, H7921, H8377, H8450, G10160, G11510, G23530, G29340, G34470, G34480, G41650, G50220

ଗାତ, ଚୋରା ଗର୍ତ୍ତ, ଗଭୀର ଓ ଅପ୍ରଶସ୍ତ ଖାତ, ଜଳାଧାର

ପରିଭାଷା:

ଗୋଟିଏ ଗାତ ଏକ ଗଭୀର ଗର୍ତ୍ତ ଅଟେ ଯାହା ଭୂମିରେ ଖୋଳା ଯାଇଥାଏ I

- ଏକ "ଜଳଧାର" ଗୋଟିଏ ଗାତ ଥିଲା ଯାହା ପାଣି ସଂରକ୍ଷଣ କରିବାକୁ ଖୋଳା ଯାଇଥିଲା I
- ଲୋକମାନେ ପଶୁମାନଙ୍କୁ ଫାନ୍ଦରେ ପକାଇବା ନିମନ୍ତେ କିମ୍ବା ଜଳ ପାଇବା ନିମନ୍ତେ ଗାତ ଖୋଳନ୍ତି I
- ଜଣେ ବନ୍ଦୀକୁ ଅସ୍ଥାୟୀ ଭାବରେ ରଖିବା ନିମନ୍ତେ ମଧ୍ୟ ଏକ ଗାତକୁ ବ୍ୟବହାର କରାଯାଇପାରେ I
- ବେଳେବେଳେ "ଗାତ" ଶବ୍ଦ ସମାଧି କିମ୍ବା ନର୍କକୁ ବୁଝାଏ I ଅନେକ ସମୟରେ ଏହା ହୁଏତ "ଅତଳ ଗର୍ତ୍ତକୁ" ବୁଝାଏ I
- "ଗାତ" ଶବ୍ଦ ଆଳଙ୍କାରିକ ଭାବରେ "ଧ୍ୱଂସର ଗର୍ତ୍ତକୁ" ବୁଝାଏ ଯାହା ବିପର୍ଯ୍ୟୟଗ୍ରସ୍ତ ଅବସ୍ଥାରେ ଛନ୍ଦି ହୋଇଥିବା ପରିସ୍ଥିତିକୁ କିମ୍ବା ଗମ୍ଭୀର ଭାବରେ ପାପପୂର୍ଣ୍ଣ ବିନାଶକାରୀ ଅଭ୍ୟାସରେ ଜଡ଼ିତ ହୋଇଥିବା ଅବସ୍ଥାକୁ ବର୍ଣ୍ଣନା କରେ I

(ଦେଖନ୍ତୁ: ଅତଳ ଗର୍ତ୍ତ, ନରକ, ବନ୍ଦୀଶାଳା)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୩୭:୨୧-୨୨
- ଆୟୁବ ୩୩:୧୮
- ଲୂକ ୬:୩୯
- ହିତୋପଦେଶ ୧:୧୨

ଶବ୍ଦବିନ୍ୟାସ:

Strong's: H0875, H0953, H1356, H1475, H2352, H4087, H4113, H4379, H6354, H7585, H7745, H7816, H7825, H7845, H7882, G00120, G09990, G54210

ଗୁଣୀ ଗାରେଡି, ଗୁଣିଆ, ଜାଦୁ କରଣୀ, ଜାଦୁ, ଗୁଣିଆଗଣ, ଯାଦୁକର

ସଂଜ୍ଞା:

"ଗୁଣିଆ" କିମ୍ବା "ଜାଦୁ" ମାୟାକୁ ବୁଝାଏ, ଯାହାର ଅର୍ଥ ଶକ୍ତିଶାଳୀ କାର୍ଯ୍ୟ କରିବା ନିମନ୍ତେ ମନ୍ଦ ଆତ୍ମା ର ସାହାଯ୍ୟ ନେବା "ଜଣେ "ଯାଦୁକର" ଯିଏ ଜଣକ ଶକ୍ତିଶାଳୀ, ମାୟା କାର୍ଯ୍ୟ ଗୁଇଦକ କରେ

- ଜାଦୁ କିମ୍ବା ଗୁଣିଆ ଉଭୟ ବିଷୟରେ ଲାଭ ହୁଏ (ଯେପରି ଜଣକୁ ସୁସ୍ଥ କରିବା) ଏବଂ କ୍ଷତି ଆଣିବା (ଯେପରି କାହାକୁ ଅଭିଶାପ ଦେବା)

କିନ୍ତୁ ସବୁ ପ୍ରକାର ଜାଦୁ ଭୁଲ ଅଟେ କାରଣ ସେମାନେ ମନ୍ଦ ଶକ୍ତିର କ୍ଷମତା ବ୍ୟବହାର କରନ୍ତି

- ବାଇବଲରେ, ପରମେଶ୍ୱର କହିଲେ ଯେ ଜାଦୁକୁ ବ୍ୟବହାର କରିବା ହେଉଛି ପାପ ସାହିତ ସମାନ (ଯେପରି ବ୍ୟଭିଚାର, ପ୍ରତିମା ପୂଜା ଏବଂ ଶିଶୁ ବଳି)
- "ଗୁଣୀ" ଏବଂ "ଜାଦୁ" ଅନୁବାଦ ହେବ ଯଥା "ମନ୍ଦ ଆତ୍ମା ର କ୍ଷମତା" କିମ୍ବା "ବଶୀକରଣ"
- ସମ୍ଭାବ୍ୟ ଉପାୟରେ "ଗୁଣିଆ "ଶବ୍ଦର ଅନୁବାଦ ସହିତ "ମାୟା କାର୍ଯ୍ୟକାରୀ" କିମ୍ବା "ବ୍ୟକ୍ତି ଯିଏ ବଶୀକରଣ କରେ" କିମ୍ବା "ବ୍ୟକ୍ତି ଯିଏ ମନ୍ଦ ଆତ୍ମା ବ୍ୟବହାର ଦ୍ୱାରା ଆଶ୍ଚର୍ଯ୍ୟ କର୍ମ କରେ"
- ସୂଚନା "ଗୁଣିଆ" ଶବ୍ଦ "ଦୈବୀ" ଶବ୍ଦଠାରୁ ପୃଥକ୍ ଅଟେ ଯାହା ପୃଥିବୀ ଆତ୍ମା ସହିତ ସଂଯୋଗୀକରଣ ନିମନ୍ତେ ଚେଷ୍ଟା କରେ

(ଦେଖ: ବ୍ୟଭିଚାର, ପିଶାଚ, ଦୈବୀ, ମିଥ୍ୟା ଭଗବାନ, ଜାଦୁ, ବଳିଦାନ, ଉପାସନା)

ବାଇବଲ ସନ୍ଦର୍ଭ:

- ପ୍ରେରିତ ୦୮:୯-୧୧
- ଯାତ୍ରା ୦୭:୧୧-୧୩
- ଗାଲାତିୟ ୦୫:୧୯-୨୧
- ପ୍ରକାଶିତ ବାକ୍ୟ ୦୯:୨୦-୨୧

ବୋର୍ଡ ଡାଟା :

- Strong's: H3784, H3785, H3786, H6049, G3095, G3096, G3097, G5331, G5332, G5333

ଗୁଲିବାଣ୍ଟ, ଗୁଲିବାଣ୍ଟ କରିବା

ପରିଭାଷା:

ବାଇବେଲରେ, "ଗୁଲିବାଣ୍ଟ" ବସ୍ତୁ ଭାବରେ ଉଲ୍ଲେଖ କରାଯାଇଛି ଯାହା ନ୍ୟାୟଯୁକ୍ତ ଏବଂ/କିମ୍ବା ନିଷ୍ପତ୍ତି ନେବା ପାଇଁ ବ୍ୟବହୃତ ହୁଏ, ସାଧାରଣତଃ ଏକ ଗୋଷ୍ଠୀ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ବାଛିବା ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ । "ଗୁଲିବାଣ୍ଟ କରିବା" ଏକ ନ୍ୟାୟଯୁକ୍ତ ଏବଂ/କିମ୍ବା ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ବୁଝାଏ I

- ଆଧୁନିକ ଯୁଗରେ, କେତେକ ସଂସ୍କୃତିରେ ନଡ଼ା ବ୍ୟବହାର କରି ଗୁଲିବାଣ୍ଟ କରାଯାଏ । କିଛି ଲୋକ ନଡ଼ା ଧରିଥା'ନ୍ତି ଯାହା କେତେ ଲମ୍ବା କେହି ଦେଖି ପାରନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତି ଏକ ନଡ଼ା ବାହାର କରନ୍ତି ଏବଂ ଯିଏ ଲମ୍ବା (କିମ୍ବା କ୍ଷୁଦ୍ର) ନଡ଼ା ବାହାର କରେ ସେହି ବ୍ୟକ୍ତି ମନୋନୀତ ହୁଏ I
- ବାଇବେଲ ସମୟରେ, ବସ୍ତୁଗୁଡ଼ିକ ("ଗୁଲିବାଣ୍ଟ") ପାଇଁ ବ୍ୟବହୃତ ହେଉଥିଲା ଯାହା ବୋଧହୁଏ ଛୋଟ ପ୍ରସ୍ତର ଥିଲା । ପ୍ରକୃତରେ "ଗୁଲିବାଣ୍ଟ" କିପରି ଏକ ନିଷ୍ପତ୍ତିକୁ ସୂଚାଉଥିଲା ତାହା ଅଜ୍ଞାତ ଅଟେ, କିନ୍ତୁ ଏହା ବୋଧହୁଏ ପ୍ରସ୍ତରକୁ ଭୂମିରେ ପକାଇବା ସହ ସମ୍ପୃକ୍ତ ଥିଲା I
- "ଗୁଲିବାଣ୍ଟ କରିବା" ବାକ୍ୟାଂଶକୁ "ଗୁଲିବାଣ୍ଟ" କିମ୍ବା "ଗୁଲିବାଣ୍ଟ ଫିଙ୍ଗିବା" କିମ୍ବା "ଗୁଲିବାଣ୍ଟ କରିବା" ବୋଲି ଅନୁବାଦ କରାଯାଇପାରେ । "ଗୁଲିବାଣ୍ଟ" ଶବ୍ଦର ଅନୁବାଦ ଗୁଲିବାଣ୍ଟକୁ ଦୂରରୁ ଫୋପାଡିବା ପରି ଶବ୍ଦ ହେବା ଉଚିତ ନୁହେଁ I
- ଯଦି "ଗୁଲିବାଣ୍ଟ ଦ୍ୱାରା" ନିଷ୍ପତ୍ତି ନିଆଯାଏ, ତେବେ ଏହାକୁ "ଗୁଲିବାଣ୍ଟ ଦ୍ୱାରା" କିମ୍ବା "ଗୁଲିବାଣ୍ଟ ଫିଙ୍ଗିବା ଦ୍ୱାରା" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଏଲୀଶାବେଥ, [ଯାଜକ] ଯାଜକ, ଯାଜକତ୍ୱ, ଜିଖରୀୟ (OT) ଜିଖରୀୟ (NT))

ବାଇବେଲ ପଦପର୍ବ:

- ଯୂନସ ୧:୭
- ଲୂକ ୧:୮-୧୦
- ଲୂକ ୨୩:୩୪
- ମାର୍କ ୧୫:୨୨
- ମାଥିଉ ୨୭:୩୫-୩୭
- ଗୀତସଂହିତା ୨୨:୧୮-୧୯

ଶବ୍ଦବିନ୍ୟାସ :

- Strong's: H1486, H5307, G28190, G29750

ଗୁଚ୍ଛ, ରୋପଣ,ପ୍ରତିରୋପଣ,ପ୍ରତିରୋପଣ, ପ୍ରତିରୋପଣ, ବିହନ

ପରିଭାଷା:

ଗୋଟିଏ "ଗୁଚ୍ଛ" ସାଧାରଣତଃ ଯାହା ବୃଦ୍ଧି ପାଏ ଏବଂ ଭୂମି ସହିତ ସଂଲଗ୍ନ ଥାଏ । "ବୁଣିବା" ଅର୍ଥ ବୀଜଗୁଡ଼ିକୁ ଭୂମିରେ ପକାଇବା ଯେପରି ସେହି ଗୁଚ୍ଛ ବଢିବ । ଜଣେ "ବୀଜ ବୁଣାଳି" ଜଣେ ବ୍ୟକ୍ତି ଯିଏ ବୁଣେ କିମ୍ବା ବୀଜ ରୋପଣ କରେ ।

- ବୁଣିବା କିମ୍ବା ରୋପଣ କରିବା ପଦ୍ଧତି ବଦଳେ କିନ୍ତୁ ଗୋଟିଏ ପଦ୍ଧତି ହେଉଛି ହାତରେ ମୁଠାଏ ବୀଜ ନେବା ଏବଂ ଭୂମିରେ ଏଣେତେଣେ ସେଗୁଡ଼ିକୁ ବିଛୁଡି ଦେବା ।
- ବୀଜ ବୁଣିବା ପାଇଁ ଆଉ ଗୋଟିଏ ପଦ୍ଧତି ହେଉଛି ଭୂମିରେ ଗାତକରି ଏବଂ ସେହିଥିରେ ପ୍ରତ୍ୟେକ ଗାତରେ ମଞ୍ଜି ପକାଇବା ।
- "ବୁଣିବା "ଶବ୍ଦ ଉପମା ଭାବେ ମଧ୍ୟ ବ୍ୟବହାର ହୁଏଯଥା "ଜଣେ ବ୍ୟକ୍ତି ଯାହା ବୁଣିବ ତାହା କାଟିବ" ଏହାର ଅର୍ଥ ଯେ ଯଦି ଜଣେ ବ୍ୟକ୍ତି କିଛି ମନ୍ଦ କରେ, ସେ ନକରାତ୍ମକ ଫଳ ଭୋଗିବ, ଯଦି ଜଣେ ବ୍ୟକ୍ତି ଉତ୍ତମ କରେ, ସେ ନିଶ୍ଚୟ ସକାରାତ୍ମକ ଫଳ ଉପାର୍ଜନ କରିବ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ବୁଣିବା" ଶବ୍ଦକୁ "ଗୁଚ୍ଛ" ଭାବରେ ମଧ୍ୟ ଅନୁବାଦ କରାଯାଇପାରିବ । ଏହି ଶବ୍ଦର ଅନୁବାଦ ଯେପରି ବୀଜ ବୁଣିବାକୁ ବୁଝାଏ ତାହା ନିଶ୍ଚିତ କରନ୍ତୁ ।
- "ବୁଣାଳି" ଶବ୍ଦକୁ "ରୋପଣକାରୀ" କିମ୍ବା "କୃଷକ" କିମ୍ବା "ବ୍ୟକ୍ତି ଯେ ବୀଜ ବୁଣେ" ବୋଲି ଅନୁବାଦ କରାଯାଇପାରିବ ।
- ଇଂରାଜୀରେ,"ବୁଣାଳି" କେବଳ ବୀଜ ବୁଣିବା କ୍ଷେତ୍ରରେ ବ୍ୟବହାର ହୁଏ, କିନ୍ତୁ ଇଂରାଜୀ ଶବ୍ଦ "ଗୁଚ୍ଛ" ବୀଜ ରୋପଣରେ ବ୍ୟବହାର କରାଯାଇପାରିବ । ହୁଏତ ବୃହତ ପଦାର୍ଥ ଯଥା ଗଛଗୁଡ଼ିକ ଅନ୍ୟ ଭାଷାରେ ଭିନ୍ନ ଶବ୍ଦ ବ୍ୟବହାର ହୋଇପାରେ, କେଉଁ ବିଷୟ ରୋପଣ ହୋଇଛି ତାହା ଉପରେ ନିର୍ଭର କରେ ।
- "ଯେ ଯାହା ବୁଣେ ସେ ତାହା କାଟେ" ବାକ୍ୟାଂଶକୁ "ଯେପରି ଏକ ପ୍ରକାର ବୀଜ ଉତ୍ପାଦନ କରେ ସେହି ପ୍ରକାର ଗଛ, ସେହିପରି ଜଣେ ବ୍ୟକ୍ତିର ଉତ୍ତମ କାର୍ଯ୍ୟ ଉତ୍ତମ ଫଳ ଆଣେ ଏବଂ ଜଣେ ବ୍ୟକ୍ତିର ମନ୍ଦ କାର୍ଯ୍ୟ ମନ୍ଦ ଫଳାଫଳ ଆଣେ" ବୋଲି ଅନୁବାଦ କରାଯାଇପାରିବ ।

(ମନ୍ଦ, ଉତ୍ତମ, କାଟିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 6:8
- ଲୂକ 8:5
- ମାଥିଉ 6:25-26
- ମାଥିଉ 13:4
- ମାଥିଉ 13:19
- ମାଥିଉ 25:24

ଶବ୍ଦବିନ୍ୟାସ :

- Strong's: H2221, H2232, H2233, H2236, H4218, H4302, H5193, H7971, H8362, G46870, G47030, G54520

ଗୋବର, ଖତ ସାର

ସଂଜ୍ଞା:

"ଗୋବର" ଶବ୍ଦଟି ମନୁଷ୍ୟ ବା ପଶୁ ମଳକୁ ବୁଝାଏ, ଏବଂ ଅବସାର ବା ବିଷ୍ଠା ମଧ୍ୟ କୁହାଯାଏ । ଯେତେବେଳେ ମୃତ୍ତିକା ବଳବତ୍ତର କରିବା ପାଇଁ ସାର ରୂପରେ ବ୍ୟବହାର ହୁଏ, ଏହା "ଖତ ସାର" ବୋଲି କୁହାଯାଏ ।

- ଏହି ଶବ୍ଦଗୁଡିକ ଆକ୍ଷରିକଭାବେ କିଛି ବିଷୟକୁ ବୁଝାଏ ଯାହା ମୂଲ୍ୟହୀନ ବା ଭିତ୍ତିହୀନ ବୋଲି ମଧ୍ୟ ବ୍ୟବହାର କରିପାରିବା ।
- ଶୁଷ୍କ ପଶୁ ପ୍ରାଣୀ ଗୋବର ବହୁବାର ଜାଳେଣୀ ପାଇଁ ବ୍ୟବହୃତ ହୁଏ ।
- "ପୃଥିବୀର ପୃଷ୍ଠ ଉପରେ ଗୋବର ପରି ହୋଇ" ପ୍ରକାଶ୍ୟଟି "ଭୂମି ଉପରେ ମୂଲ୍ୟହୀନ ପରି ବିକ୍ଷିପ୍ତ ହୋଇ ପଡିବା" ରୂପେ ମଧ୍ୟ ଅନୁବାଦ କରିପାରିବା ।
- :ଯିରୁଶାଲମର ଦକ୍ଷିଣ ପ୍ରାଚୀରରେ "ଗୋବର ଦ୍ୱାର"ଟି ବୋଧହୁଏ ଦ୍ୱାରଟିଥିଲା ଯେଉଁଠାରେ ଅଳିଆ ଏବଂ ଅପଦାର୍ଥଗୁଡିକ ସହରର ବାହାରକୁ ନିଆଯାଉଥିଲା ।

(ପୁନଶ୍ଚ ଦେଖନ୍ତୁ: ଦ୍ୱାର)

ବାଇବଲ ଉଲ୍ଲେଖଗୁଡିକ:

- ୧ ରାଜାବଳି ୧୪: ୯-୧୦
- ୨ ରାଜାବଳି ୦୬: ୨୪-୨୬
- ଯିଶାଇୟ ୨୫: ୯-୧୦
- ଯିରିମୀୟ ୦୮: ୧-୩

ବୋର୍ଡ ଡାଟା :

- Strong's: H830, H1119, H1557, H1561, H1686, H1828, H6569, H6675, G906, G4657

ଗୋଷ୍ଠୀ, ଗୋଷ୍ଠୀୟ, ଗୋଷ୍ଠୀର ଲୋକମାନେ

ପରିଭାଷା:

ଗୋଟିଏ ଗୋଷ୍ଠୀ ଏକ ଲୋକଦଳ ଅଟନ୍ତି ଯେଉଁମାନେ ଏକ ସମାନ ପୂର୍ବପୁରୁଷଠାରୁ ବଂଶଧର ହୋଇ ଆସୁଛନ୍ତି I

- ସମାନ ଗୋଷ୍ଠୀରୁ ଉତ୍ପନ୍ନ ଲୋକମାନେ ସାଧାରଣତଃ ଏକ ସମାନ ଭାଷା ଏବଂ ସଂସ୍କୃତିର ଅଂଶୀ ମଧ୍ୟ ହୋଇଥାଆନ୍ତି I
- ପୁରାତନ ନିୟମରେ, ଈଶ୍ୱର ଇସ୍ରାଏଲର ଲୋକମାନଙ୍କୁ ଦ୍ୱାଦଶ ଗୋଷ୍ଠୀରେ ବିଭକ୍ତ କଲେ I ପ୍ରତ୍ୟେକ ଗୋଷ୍ଠୀ ଯାକୁବଙ୍କର ଏକ ପୁତ୍ର କିମ୍ବା ପୌତ୍ର ବା ନାତିଠାରୁ ବଂଶଧର ଭାବରେ ଉତ୍ପନ୍ନ ହେଲେ I
- ଗୋଟିଏ ଗୋଷ୍ଠୀ ଏକ ଜାତିଠାରୁ କ୍ଷୁଦ୍ରତର ଅଟେ, ମାତ୍ର ଏହା ଗୋଟିଏ କୁଳ ବା ଗୋତ୍ର ବା ପରିବାରଠାରୁ ବୃହତ୍ତର ଅଟେ I

(ପୂର୍ବପୁରୁଷଙ୍କ ବଂଶଧର, ଜାତି, ଲୋକଦଳ,ଇସ୍ରାଏଲର ଦ୍ୱାଦଶ ଗୋଷ୍ଠୀ: ଦେଖନ୍ତୁ)

ବାଇବେଲର ପଦପର୍ବ:

- ପ୍ରଥମ ଶାମୁୟେଲ 10:19
- ଦ୍ୱିତୀୟ ରାଜାବଳୀ 17:16-18
- ଆଦି ପୁସ୍ତକ 25:16
- ଆଦି ପୁସ୍ତକ 49:17
- ଲୂକ 2:36-38

ଶବ୍ଦବିନ୍ୟାସ :

- Strong's: H0523, H4294, H7625, H7626, G14290, G54430

ଗ୍ରହଣ, ଗ୍ରହଣ କରେ, ସାଦରେ ଗୃହୀତ, ଗ୍ରହଣ କରିବା

ପରିଭାଷା:

"ଗ୍ରହଣ କରିବା" ଶବ୍ଦ ସାଧାରଣତଃ କିଛି ପାଇବା ବା ଗ୍ରହଣ ବା ସ୍ୱୀକାର କରିବା ଅଟେ ଯାହା ପ୍ରଦତ୍ତ ବା ଉତ୍ସର୍ଗ ହୋଇଛି ବା ପ୍ରଦାନ କରାଯାଇଥାଏ।

- "ଗ୍ରହଣ କରିବା" କଷ୍ଟ ଭୋଗିବା ବା କିଛି ଅନୁଭବ କରିବାର ଅର୍ଥ ମଧ୍ୟ ହୋଇପାରେ, ଯଥା "ସେ ଯାହା କରିଥିଲା ତହିଁର ଦଣ୍ଡ ପାଇଲା।"
- ଆହୁରି ଆଉ ଏକ ବିଶେଷ ଅର୍ଥରେ ଆମ୍ଭେମାନେ ଜଣେ ବ୍ୟକ୍ତିଙ୍କୁ "ଗ୍ରହଣ" କରିପାରୁ। ଉଦାହରଣ ସ୍ୱରୂପ, "ଅତିଥିମାନଙ୍କୁ ବା ପରିଦର୍ଶନକାରୀମାନଙ୍କୁ ଗ୍ରହଣ କରିବା ଅର୍ଥ ସେମାନଙ୍କୁ ସ୍ୱାଗତ କରିବା ଏବଂ ସେମାନଙ୍କୁ ସମ୍ମାନ ସହକାରେ ବ୍ୟବହାର କରିବା, ଯେପରି ସେମାନଙ୍କ ସହିତ ଏକ ଉତ୍ତମ ସମ୍ପର୍କ ସ୍ଥାପନ କରାଯାଇପାରିବ।
- "ପବିତ୍ର ଆତ୍ମାଙ୍କ ଅନୁଗ୍ରହ ଦାନ ଗ୍ରହଣ କରିବା" ଅର୍ଥ ଆମ୍ଭମାନଙ୍କୁ ପବିତ୍ର ଆତ୍ମା ପ୍ରଦତ୍ତ ହୋଇଛି ଏବଂ ଆମ୍ଭେମାନେ ତାହାଙ୍କୁ ସ୍ୱାଗତ କରିବା ଯେପରି ସେ ଆମ୍ଭମାନଙ୍କ ଜୀବନ ମଧ୍ୟରେ ଏବଂ ଜୀବନ ଦ୍ୱାରା କାର୍ଯ୍ୟ କରିବେ I
- "ଯୀଶୁଙ୍କୁ ଗ୍ରହଣ କରିବା" ଅର୍ଥ ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ଈଶ୍ୱର ପରିତ୍ରାଣକୁ ଗ୍ରହଣ ବା ସ୍ୱୀକାର କରିବା ଅଟେ I
- ଯେତେବେଳେ ଜଣେ ଅନ୍ଧ ବ୍ୟକ୍ତି "ଦୃଷ୍ଟିଶକ୍ତି ପାଇଲା" ଅର୍ଥ ଈଶ୍ୱର ତାହାକୁ ସୁସ୍ଥ କଲେ ଏବଂ ଦେଖିବା ନିମନ୍ତେ ସକ୍ଷମ କଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, "ଗ୍ରହଣ କରିବା" ବାକ୍ୟକୁ "ସ୍ୱୀକାର କରିବା" କିମ୍ବା "ସାଦରେ ଗୃହୀତ" କିମ୍ବା "ବ୍ୟକ୍ତିଗତ ଅଭିଜ୍ଞତା" କିମ୍ବା "ପ୍ରଦତ୍ତ ହେବ ବା ଦିଆଯିବା" ବୋଲି ଅନୁବାଦ କରାଯାଇପାରେ।
- "ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ" ଅଭିବ୍ୟକ୍ତିକୁ "ତୁମ୍ଭମାନଙ୍କୁ ଶକ୍ତି ଦତ୍ତ ହେବ" କିମ୍ବା "ଈଶ୍ୱର ତୁମ୍ଭମାନଙ୍କୁ ଶକ୍ତି ଦେବେ" କିମ୍ବା "ତୁମ୍ଭେମାନେ (ଶ୍ୱରଙ୍କ ଦ୍ୱାରା) ଶକ୍ତି ପ୍ରଦତ୍ତ ହେବ" କିମ୍ବା "ଈଶ୍ୱର ପବିତ୍ର ଆତ୍ମାଙ୍କୁ ଶକ୍ତିଯୁକ୍ତ ଭାବରେ ତୁମ୍ଭମାନଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଦେବେ" ବୋଲି ଅନୁବାଦ କରାଯାଇପାରେ ।
- "ସେ ଦୃଷ୍ଟିଶକ୍ତି ପାଇଲା" ବାକ୍ୟାଂଶକୁ "ଦେଖିବାକୁ ସମର୍ଥ ହେଲା" କିମ୍ବା "ଦେଖିବାରେ ସକ୍ଷମ ହେଲା" କିମ୍ବା "ଈଶ୍ୱରଙ୍କ ଦ୍ୱାରା ସୁସ୍ଥ ହେଲା ଯେପରି ସେ ଦେଖିପାଇଲା" ବୋଲି' ଅନୁବାଦ କରାଯାଇପାରେ।

(ପବିତ୍ର ଆତ୍ମା, ଯୀଶୁ, ପ୍ରଭୁ, ଉଦ୍ଧାର କରିବା: ଦେଖନ୍ତୁ)

ବାଇବେଲ ପଦ ପର୍ବ:

- ପ୍ରଥମ ଯୋହନ 5: 9
- ପ୍ରଥମ ଥେସଲନୀକୀୟ 1:6
- ପ୍ରଥମ ଥେସଲନୀକୀୟ 4:1
- ପ୍ରେରିତ 8: 15
- ଯିରିମୀୟ32: 33
- ଲୂକ 9: 5
- ମଲାଖି 3: 10-12
- ଗୀତସଂହିତା 49: 14-15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- 21:13 ଭବିଷ୍ୟଦ୍ବକ୍ତାମାନେ ମଧ୍ୟ କହିଲେ ଯେ ମସୀହ ସିଦ୍ଧ ହେବେ ଏବଂ ତାହାଙ୍କର କୌଣସି ପାପ ନ ଥିବ। ସେ ଅନ୍ୟ ଲୋକମାନଙ୍କର ପାପର ଦଣ୍ଡ ଗ୍ରହଣ କରିବା ନିମନ୍ତେ ମୃତ୍ୟୁଭୋଗ କରିବେ। ତାହାଙ୍କ ଦୁଃଖକଷ୍ଟ ଈଶ୍ୱରଙ୍କ ଏବଂ ମଣିଷମାନଙ୍କ ମଧ୍ୟରେ ଶାନ୍ତି ଆଣିବ।
- 45:5 ସ୍ତିଫାନ ମୃତ୍ୟୁଭୋଗ କରୁଥିବା ବେଳେ ସେ ଚିତ୍କାର କରି ଡାକିଲେ, "ହେ ଯୀଶୁ ମୋହର ଆତ୍ମା ଗ୍ରହଣ କରନ୍ତୁ।"
- 49:6 ସେ (ଯୀଶୁ) ଶିକ୍ଷା ଦେଲେ ଯେ କିଛି ଲୋକ ତାହାଙ୍କୁ ଗ୍ରହଣ କରିବେ ଏବଂ ପରିତ୍ରାଣ ପ୍ରାପ୍ତ ହେବେ କିନ୍ତୁ ଅନ୍ୟ ଲୋକମାନେ କରିବେ ନାହିଁ।
- 49:10 ଯେତେବେଳେ ଯୀଶୁ କ୍ରୁଶ ଉପରେ ମୃତ୍ୟୁଭୋଗ କଲେ ସେ ତୁମ୍ଭମାନଙ୍କର ଦୁଃଖକଷ୍ଟ ଗ୍ରହଣ କଲେ।
- 49:13 ଈଶ୍ୱର ଯୀଶୁଙ୍କଠାରେ ବିଶ୍ୱାସ କରୁଥିବା ଏବଂ ତାହାଙ୍କୁ ପ୍ରଭୁ ଭାବରେ ଗ୍ରହଣ କରୁଥିବା ପ୍ରତ୍ୟେକ ଲୋକମାନଙ୍କୁ ଉଦ୍ଧାର କରିବେ।

ଶବ୍ଦବିନ୍ୟାସ:

- Strong's: H3557, H3947, H6901, H6902, H8254, G03080, G03240, G03530, G03540, G05680, G05880, G06180, G11830, G12090, G15230, G16530, G19260, G28650, G29830, G30280, G33350, G33360, G35490, G38580, G38800, G43270, G43550, G43560, G46870, G52640, G55620

ଗ୍ରାସ କରିବା

ପରିଭାଷା:

"ଗ୍ରାସ କରିବା" ଶବ୍ଦ ଆକ୍ରମଣାତ୍ମକ ଢଙ୍ଗରେ ଖାଇବା କିମ୍ବା ଶେଷ କରିବାକୁ ବୁଝାଏ ।

- ଏହି ଶବ୍ଦକୁ ସାଙ୍କେତିକ ଅର୍ଥରେ ବ୍ୟବହାର କରି ପାଉଲ ବିଶ୍ୱାସୀମାନଙ୍କୁ ପରସ୍ପରକୁ ଗ୍ରାସ ନକରିବାକୁ ଚେତାବନୀ ଦେଲେ, ଅର୍ଥାତ୍ ଶବ୍ଦ କିମ୍ବା କାର୍ଯ୍ୟ ଦ୍ୱାରା ପରସ୍ପର ଉପରେ ଆକ୍ରମଣ କିମ୍ବା ନଷ୍ଟ ନକରିବା କହିଲେ (ଗାଲାତୀୟ ୫:୧୫)।
- ଏକ ସାଙ୍କେତିକ ଅର୍ଥରେ, "ଗ୍ରାସ" ଶବ୍ଦଟି ପ୍ରାୟତଃ "ସଂପୂର୍ଣ୍ଣ ଧ୍ୱଂସ କରିବା" ଅର୍ଥରେ ବ୍ୟବହୃତ ହୁଏ ଯେପରି ଦେଶଗୁଡ଼ିକ ପରସ୍ପରକୁ ଗ୍ରାସ କରନ୍ତି କିମ୍ବା ଅଗ୍ନି ଗ୍ରାସ କରୁଥିବା ଅଟ୍ଟାଳିକା ଏବଂ ଲୋକମାନଙ୍କୁ ବୁଝାଏ।
- ଏହି ଶବ୍ଦକୁ "ସଂପୂର୍ଣ୍ଣ ଗ୍ରାସ କରିବା" କିମ୍ବା "ସଂପୂର୍ଣ୍ଣ ଧ୍ୱଂସ କରିବା" ବୋଲି ଅନୁବାଦ କରାଯାଇପାରେ।

(ଦେଖନ୍ତୁ: ବିନାଶ)

ବାଇବେଲ ପଦପର୍ବ:

- ୧ ପିତର ୫: ୮
- ଆମୋଷ ୧:୧୦
- ଯାତ୍ରାପୁସ୍ତକ ୨୪:୧୭
- ଯିହିଜିକଲ ୧୬:୨୦
- ଲୂକ ୧୫:୩୦
- ମାଥିଉ ୨୩:୧୩-୧୫
- ଗୀତସଂହିତା ୨୧:୯

ଶବ୍ଦବିନ୍ୟାସ:

- Strong's: H0398, H0399, H0400, H0402, H1104, H1105, H3216, H3615, H3857, H3898, H7462, H7602, G20680, G26660, G27190, G53150

ଘଣ୍ଟା, ମୁହୂର୍ତ୍ତ, ତୁରନ୍ତ, ଅଳ୍ପ ସମୟ ପାଇଁ

ପରିଭାଷା:

"ଘଣ୍ଟା" ଶବ୍ଦ ବାଇବେଲରେ କୌଣସି ନିର୍ଦ୍ଦିଷ୍ଟ ଘଟଣା କେଉଁ ସମୟରେ ଘଟିଥିଲା ତାହା ବିଷୟରେ ଉଲ୍ଲେଖ କରେ । ଏହାକୁ ଆକ୍ଷରିକ ଭାବେ "ସମୟ" କିମ୍ବା "ମୁହୂର୍ତ୍ତ" ପାଇଁ ମଧ୍ୟ ବ୍ୟବହାର କରାଯାଏ ।

- ଯିହୁଦୀମାନେ ଦିନ ସମୟକୁ ସୂର୍ଯ୍ୟୋଦୟରୁ(ସକାଳ ୬ରେ) ଗଣନା କରୁଥିଲେ । ଉଦାହରଣ ସ୍ୱରୂପ "ନବମ ପ୍ରହର" ଅର୍ଥାତ ଅପରାହ୍ନ ତିନିଟା ସମୟକୁ ବୁଝାଏ ।
- ରାତ୍ରି ସମୟ ସୂର୍ଯ୍ୟାସ୍ତରୁ ଆରମ୍ଭ ହେଉଥିଲା (ସନ୍ଧ୍ୟା ୬ରେ) । ଉଦାହରଣ ସ୍ୱରୂପ "ରାତ୍ରିର ତୃତୀୟ ପ୍ରହର" ଅର୍ଥାତ ବର୍ତ୍ତମାନ ଦିନର ରାତ୍ରି "ନଅ ଘଣ୍ଟିକା" କୁ ବୁଝାଏ ।
- ଯେହେତୁ ବାଇବେଲରେ ସମୟର ସନ୍ଦର୍ଭଗୁଡ଼ିକ ବର୍ତ୍ତମାନର ସମୟ ପ୍ରଣାଳୀ ସହ ସମାନ ନୁହେଁ, ତେଣୁ "ପ୍ରାୟ ନଅ" କିମ୍ବା "ପ୍ରାୟ ଛଅ ଘଣ୍ଟା" ପରି ବାକ୍ୟାଂଶ ବ୍ୟବହାର କରନ୍ତୁ ।
- କେତେକ ଅନୁବାଦ ହୁଏତ ଦିନର କେଉଁ ସମୟ ବିଷୟରେ ଏହା ଉଲ୍ଲେଖ କରେ ତାହା ସ୍ପଷ୍ଟ କରିବାକୁ "ସନ୍ଧ୍ୟାରେ" କିମ୍ବା "ସକାଳେ" କିମ୍ବା "ଅପରାହ୍ନରେ" ପରି ବାକ୍ୟାଂଶଗୁଡ଼ିକୁ ବ୍ୟବହାର କରିପାରେ |
- "ସେହି ଘଣ୍ଟାରେ" ବାକ୍ୟାଂଶକୁ "ସେହି ସମୟରେ" କିମ୍ବା "ସେହି ମୁହୂର୍ତ୍ତରେ" ବୋଲି ଅନୁବାଦ କରାଯାଇପାରେ |
- ଯୀଶୁଙ୍କ ବିଷୟରେ ଉଲ୍ଲେଖ କରି, "ତାଙ୍କ ସମୟ ଆସିଲା" ଅଭିବ୍ୟକ୍ତିକୁ "ସମୟ ଆସିଲା" କିମ୍ବା "ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟ ଉପସ୍ଥିତ ହେଲା" ବୋଲି ଅନୁବାଦ କରାଯାଇପାରେ |

ବାଇବେଲ ପଦପର୍ବ:

- ପ୍ରେରିତ ୨: ୧୫
- ଯୋହନ ୪:୫୧-୫୨
- ଲୂକ ୨୩:୪୪
- ମାଥିଉ ୨୦:୩

ଶବ୍ଦବିନ୍ୟାସ:

- Strong's: H8160, G56100

ଘର, ସପରିବାର

ପରିଭାଷା:

"ଘର" ଶବ୍ଦ ଏକ ଛୋଟ କୋଠା, ଆଶ୍ରୟ ସ୍ଥଳ କିମ୍ବା ତମ୍ବୁକୁ ବୁଝାଏ, ସାଧାରଣତଃ ଯେଉଁଠାରେ ଗୋଟିଏ ପରିବାର ଶୋଇଥାଏ । ଏହି ଶବ୍ଦଟି ଅନେକ ସମୟରେ ବାଇବେଲରେ ସାଙ୍କେତିକ ଅର୍ଥରେ ବ୍ୟବହୃତ ହୁଏ ଯେପରିକି "ଘରୋଇ" କିମ୍ବା "ବଂଶଧର" ଇତ୍ୟାଦି I

- କେତେକ ସମୟରେ ଏହାର ଅର୍ଥ "ପରିବାର" ସେହି ଲୋକମାନଙ୍କୁ ସମ୍ବୋଧିତ କରେ ଯେଉଁମାନେ ଏକତ୍ରିତ ହୋଇ ସେଠାରେ ବାସ କରନ୍ତି ଏହା ସେହି ପରିବାର ସଦସ୍ୟ ଏବଂ ସେମାନଙ୍କର ସମସ୍ତ ସେବକଗଣକୁ ମଧ୍ୟ ବୁଝାଏ I
- ଅନେକ ସମୟରେ 'ଘର" ବଂଶଧର କିମ୍ବା ଆତ୍ମୀୟ ଲୋକମାନଙ୍କୁ ଦର୍ଶାଏ I ଉଦାହରଣ ସ୍ୱରୂପ, "ଦାଉଦର ଘର" କିମ୍ବା "ରାଜା ଦାଉଦର ସମସ୍ତ ବଂଶ ଧରକୁ ଦର୍ଶାଏ I
- "ଈଶ୍ୱରଙ୍କ ଘର" ଏବଂ "ଯିହୋବାଙ୍କ ଘର" ଏହି ଦୁଇ ଶବ୍ଦ ମିଳାପ ତମ୍ବୁ କିମ୍ବା ମନ୍ଦିରକୁ ଦର୍ଶାଏ I ଏହି ଅଭିବ୍ୟକ୍ତିଗୁଡ଼ିକ ସାଧାରଣ ଭାବରେ ଈଶ୍ୱର ବାସ କରୁଥିବା କେନ୍ଦ୍ରୀୟ ସ୍ଥାନକୁ ଦର୍ଶାଏ I
- "ଇସ୍ରାଏଲର ଘର" ସାଧାରଣ ଭାବରେ ସମସ୍ତ ଇସ୍ରାଏଲ ଜାତିକୁ ଦର୍ଶାଏ କିମ୍ବା ଆଉ ବିଶେଷ କରି ଇସ୍ରାଏଲର ଉତ୍ତର ରାଜ୍ୟ ଜାତିକୁ ଦର୍ଶାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ଘର" ଶବ୍ଦକୁ "ପରିବାର" କିମ୍ବା "ଲୋକମାନେ" କିମ୍ବା "ବଂଶଧର" କିମ୍ବା "ମନ୍ଦିର" କିମ୍ବା "ବାସ ସ୍ଥାନ" ବୋଲି ଅନୁବାଦ କରାଯାଇପାରେ I
- "ଦାଉଦର ଘର" ବାକ୍ୟାଂଶକୁ "ଦାଉଦର ବଂଶଧର" କିମ୍ବା "ଦାଉଦର ପରିବାର" କିମ୍ବା "ଦାଉଦର ପିଢି" ବୋଲି ଅନୁବାଦ କରାଯାଇପାରେ I ଏହିପରି ଅଭିବ୍ୟକ୍ତିକୁ ମଧ୍ୟ ସମାନ ଅର୍ଥରେ ହିଁ ଅନୁବାଦ କରାଯାଇପାରେ I
- "ଇସ୍ରାଏଲର ଘରକୁ" ବାକ୍ୟକୁ "ଇସ୍ରାଏଲ ଲୋକ" କିମ୍ବା "ଇସ୍ରାଏଲର ବଂଶଧର" କିମ୍ବା "ଇସ୍ରାଏଲୀୟ" ବୋଲି ଅନୁବାଦ କରାଯାଇପାରେ I
- "ଯିହୋବାଙ୍କ ଘର" ବାକ୍ୟାଂଶକୁ "ଯିହୋବାଙ୍କ ମନ୍ଦିର" କିମ୍ବା "ଯିହୋବା ଯେଉଁ ସ୍ଥାନରେ ଉପାସନା ପାଆନ୍ତି "କିମ୍ବା "ଯେଉଁ ସ୍ଥାନରେ ଯିହୋବା ତାହାଙ୍କ ଲୋକମାନଙ୍କ ସହିତ ମିସନ୍ତି" ବୋଲି ଅନୁବାଦ କରାଯାଇପାରେ I "ଈଶ୍ୱରଙ୍କ ଘର" ସମାନ ଅର୍ଥରେ ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଦାଉଦ, ବଂଶଧର, ଈଶ୍ୱରଙ୍କ ଘର, ଇସ୍ରାଏଲ ରାଜ୍ୟ, ମିଳାପ ତମ୍ବୁ, ମନ୍ଦିର, ଯିହୋବା)

ବାଇବେଲ ପଦପର୍ବ:

- ପ୍ରେରିତ ୭:୪୨
- ପ୍ରେରିତ ୭: ୪୯
- ଆଦି ପୁସ୍ତକ ୩୯:୪
- ଆଦି ପୁସ୍ତକ ୪୧:୪୦
- ଲୂକ ୮:୩୯
- ମାଥିଉ ୧୦:୬
- ମାଥିଉ ୧୫:୨୪

ଶବ୍ଦବିନ୍ୟାସ:

- Strong's: H1004, H1005, G36090, G36130, G36140, G36240

ଘୁଷୁରି, ଘୁଷୁରିମାଂସ, ଶୂକର

ପରିଭାଷା:

ଘୁଷୁରି ଗୋଟିଏ ଚାରି ପାଦ ଓ ଖୁରାବିଶିଷ୍ଟ ପ୍ରାଣୀ ଅଟେ I ତାହାକୁ ମାଂସ ନିମନ୍ତେ ପାଳନ କରାଯାଇଥାଏ I ଏହାର ମାଂସକୁ "ଘୁଷୁରିମାଂସ" ଅର୍ଥାତ ପୋର୍କ କୁହାଯାଏ I ଘୁସୁରୀ କିମ୍ବା ତଦ୍ ସମ୍ବନ୍ଧୀୟ ପ୍ରାଣୀମାନଙ୍କ ନିମନ୍ତେ "ସ୍ୱାଇନ୍" ବା 'ଶୂକର' ଶବ୍ଦ ବ୍ୟବହୃତ ହୁଏ I

- ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଘୁସୁରିମାଂସ ଭୋଜିନ ନ କରିବା ପାଇଁ ଏବଂ ଏହାକୁ ଅଶୁଚି ବୋଲି ବିବେଚନା କରିବା ନିମନ୍ତେ କହିଲେ I ଏବେ ସୁଦ୍ଧା ଯିହୂଦୀମାନେ ଘୁଷୁରିମାନଙ୍କୁ ଅଶୁଚି ଭାବରେ ବିବେଚନା କରନ୍ତି ଏବଂ ଘୁଷୁରୀ ମାଂସ ଭୋଜିନ କରନ୍ତି ନାହି I
- ଘୁଷୁରିମାନଙ୍କୁ ଫାର୍ମଗୁଡ଼ିକରେ ପାଳନ କରାଯାଏ ଯେପରି ତାହାର ମାଂସ ଅନ୍ୟ ଲୋକମାନଙ୍କ ନିକଟରେ ବିକ୍ରୟ କରାଯାଇପାରିବ I
- ଗୋଟିଏ ପ୍ରକାର ଘୁଷୁରି ବା ଶୂକର ଅଛି ଯାହାକୁ ଫାର୍ମଗୁଡ଼ିକରେ ପାଳନ କରାଯାଏ ନାହିଁ, ବରଂ ଖୋଲା ସ୍ଥାନରେ ବନ୍ୟପଶୁ ଭଳି ବଞ୍ଚିବା ନିମନ୍ତେ ଛାଡ଼ି ଦିଆଯାଇଥାଏ I ସେଗୁଡିକୁ "ବନ୍ୟଶୂକର" କୁହାଯାଏ I ବନ୍ୟଶୂକରଗୁଡ଼ିକର ଶୁଣିଗୁଡ଼ିକ ଥାଏ ଏବଂ ସେମାନଙ୍କୁ ବିପଦଜନକ ପଶୁଗୁଡ଼ିକ ଭାବରେ ବିବେଚନା କରାଯାଇଥାଏ I
- ବେଳେବେଳେ ବିରାଟ ଶୂକରଗୁଡ଼ିକ "ହଗସ୍" ବା "ଅଣ୍ଡିରା ଘୁଷୁରି" ବୋଲି ଉଲ୍ଲେଖ କରାଯାଏ I

(ଦେଖନ୍ତୁ: ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

(ଦେଖନ୍ତୁ: ଶୁଚି)

ବାଇବେଲ ପଦପର୍ବ:

- ୨ ପିତର ୨:୨୨
- ମାର୍କ ୫:୧୩
- ମାଥିଉ ୭:୬
- ମାଥିଉ ୮:୩୨

ଶବ୍ଦବିନ୍ୟାସ:

- Strong's: H2386, G55190

ଘୃଣା କରିବା, ଘୃଣା କଲେ, ଘୃଣିତ

ଘଟଣା:

"ଘୃଣିତ" ଶବ୍ଦଟି କିଛି ବିଷୟ ବର୍ଣ୍ଣନା କରେ ଯେ ଅନାଦର ପୁଣି ପରିତ୍ୟାଗ ହେବା ଉଚିତ । "ଘୃଣା କରିବା" କିଛି ବିଷୟକୁ ଦୃଢ଼ତାର ସହ ଏହାର ଅନାଦରକୁ ବୁଝାଏ ।

- ବାଇବଲ ବହୁବାର ମନ୍ଦର ଘୃଣା କରିବା ବିଷୟରେ କହେ ।

ଏହାର ଅର୍ଥ ମନ୍ଦକୁ ଘୃଣା କରିବା ଓ ଏହାକୁ ପରିତ୍ୟାଗ କରିବା ।

- ଯେଉଁମାନେ କି ଅସତ୍ୟ ଦେବଗଣକୁ ପୂଜା କଲେ ମନ୍ଦ ଅଭ୍ୟାସଗୁଡିକ ବର୍ଣ୍ଣନା କରି ଈଶ୍ୱର "ଘୃଣିତ"ଶବ୍ଦକୁ ବ୍ୟବହାର କଲେ ।
- ପାପପୂର୍ଣ୍ଣ, ଅନୈତିକ କାର୍ଯ୍ୟଗୁଡିକ ଯାହା କିଛି ପଡୋଶୀ ଲୋକ ଦଳ ଅଭ୍ୟାସ କଲେ ଇସ୍ରାଏଲୀୟମାନଙ୍କୁ "ଘୃଣା କରିବା"କୁ ଆଦେଶ ଦେଲେ ।
- ସମସ୍ତ ମନ୍ଦ ଯୌନାଚାର କାର୍ଯ୍ୟଗୁଡାକ ଈଶ୍ୱର "ଘୃଣିତ" ବୋଲି ନାମିତ କଲେ ।
- ଅଲୌକିକ ଶକ୍ତି, ଗୁଣିଆ, ପୁଣି ଶିଶୁ ବଳି ସମସ୍ତ ଈଶ୍ୱର "ଘୃଣିତ" କଲେ ।
- "ଘୃଣା କରିବା" ଶବ୍ଦଟି "ଦୃଢ଼ରୂପେ ପରିତ୍ୟାଗ" ବା "ହତାଦର କରିବା" ବା "ଅତ୍ୟନ୍ତ ମନ୍ଦକୁ ଆଦର କରିବା" ରୂପେ ମଧ୍ୟ ଅନୁବାଦ କରିପାରିବା ।
- "ଘୃଣିତ" ଶବ୍ଦଟି "ଭୟଙ୍କର ମନ୍ଦ" ବା "ବିରକ୍ତିକର ଭାବ" ବା "ପରିତ୍ୟକ୍ତ ପାଇଁ ଉପଯୁକ୍ତ"ରୂପେ ମଧ୍ୟ ଅନୁବାଦ କରିପାରିବା ।
- ଦୁଷ୍ଟ ଲୋକଙ୍କୁ "ଘୃଣିତ କରିବା" ବେଳେ ଧାର୍ମିକ ବ୍ୟକ୍ତିଙ୍କୁ ପ୍ରୟୋଗ କରାଯାଏ, "ଅତ୍ୟନ୍ତ ଅବାଞ୍ଛନୀୟ ବିଚାରିତ ହେବା " ବା "ଅତୃପ୍ତିପୂର୍ଣ୍ଣ ହେବା" ବା "ପରିତ୍ୟକ୍ତ ହେବା ଦ୍ୱାରା "ରୂପେ ମଧ୍ୟ ଅନୁବାଦ କରିପାରିବା ।
- ଈଶ୍ୱର ଇସ୍ରାଏଲୀୟମାନଙ୍କୁ କେତେକ ପ୍ରକାର ପ୍ରାଣୀମାନଙ୍କୁ "ଘୃଣା କରିବା" କହିଲେ ଯାହା ଈଶ୍ୱର "ଅଶୁଚି" ପୁଣି ଖାଦ୍ୟ ଅନୁପଯୋଗୀ ଭାବେ ଘୋଷିତ କଲେ ।

ଏହା "ଦୃଢ଼ରୂପେ ଅନାଦର କରିବା" ବା "ପରିତ୍ୟାଗ କରିବା" ବା "ଅଗ୍ରାହ୍ୟରୂପେ ବିବେଚନା କରିବା" ରୂପେ ମଧ୍ୟ ଅନୁବାଦ କରିପାରିବା ।

(ପୁନଶ୍ଚ ଦେଖନ୍ତୁ: ଅଲୌକିକ ଶକ୍ତି, ଧୌତ)

ବାଇବଲ ଉଲ୍ଲେଖଗୁଡିକ:

- ଆଦିପର୍ବ ୪୩: ୩୨-୩୪
- ଯିରିମୀୟ ୦୭: ୨୯-୩୦
- ଲେବୀୟ ପୁସ୍ତକ ୧୧: ୯-୧୦
- ଲୂକ ୧୬: ୧୪-୧୫
- ପ୍ରକାଶିତ ୧୭: ୩-୫

ବୋର୍ଡ ଡାଟା :

- Strong's: H1602, H6973, H8130, H8251, H8262, H8263, H8441, H8581, G946, G947, G948, G4767, G5723, G3404

ଘୋଷଣା, ଘୋଷଣା କରିବା, ଘୋଷଣା

ପରିଭାଷା:

"ଘୋଷଣା" ଏବଂ "ଘୋଷଣାନାମା" ଶବ୍ଦ ଏକ ଆନୁଷ୍ଠାନିକ କିମ୍ବା ସର୍ବସାଧାରଣ ବିବୃତ୍ତି କରିବାକୁ ବୁଝାଏ, ଏହା ପ୍ରାୟତଃ କୌଣସି ବିଷୟ ଉପରେ ଗୁରୁତ୍ୱ ଦେବା ପାଇଁ ବ୍ୟବହାର ହୁଏ । ସମାନ ଅର୍ଥବଧକ ଅନ୍ୟ ଶବ୍ଦଗୁଡ଼ିକ ହେଲା "ପ୍ରଚାର", "ଉଦ୍‌ଘୋଷଣା" କିମ୍ବା "ଘୋଷଣା ପତ୍ର" ଏବଂ "ଜ୍ଞାପନ କରିବା" ଅଟେ ।

- ଏକ "ଘୋଷଣାନାମା"କେବଳ ଘୋଷିତ ହେଉଥିବା ବିଷୟର ଗୁରୁତ୍ୱକୁ ଗୁରୁତ୍ୱ ଦେଇନଥାଏ, ବରଂ ଏହା ଘୋଷଣା କରୁଥିବା ବ୍ୟକ୍ତିଙ୍କ ପ୍ରତି ମଧ୍ୟ ଧ୍ୟାନ ଆକର୍ଷିତ କରିଥାଏ ।
- ଉଦାହରଣ ସ୍ୱରୂପ, ପୁରାତନ ନିୟମରେ, ଈଶ୍ୱରଙ୍କଠାରୁ ଏକ ବାର୍ତ୍ତା ପ୍ରାୟତଃ "ଯିହୋବାଙ୍କ ଘୋଷଣା" କିମ୍ବା "ଏହା ହିଁ ଯିହୋବା ଘୋଷଣା କରନ୍ତି "ନିଜେ ଯିହୋବା ଏହା କହୁଛନ୍ତି ବୋଲି ଗୁରୁତ୍ୱ ଦେଇଥାଏ । ଏହି ବାର୍ତ୍ତା ଯିହୋବାଙ୍କଠାରୁ ଆସିଛି ଏହା ଏହାର ଗୁରୁତ୍ୱପୂର୍ଣ୍ଣତାକୁ ବୁଝାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ଘୋଷଣା କରିବା" ଶବ୍ଦକୁ "ଘୋଷଣା" କିମ୍ବା "ସାର୍ବଜନୀନ ଭାବରେ ପ୍ରକାଶ କରିବା "କିମ୍ବା "ଦୃଢ଼ ଭାବରେ କହିବା" କିମ୍ବା "ଦୃଢ଼ତାର ସହ କହିବା" ବୋଲି ଅନୁବାଦ କରାଯାଇପାରେ ।
- "ଘୋଷଣାନାମା" ଶବ୍ଦକୁ "ବିବୃତ୍ତି" କିମ୍ବା "ଘୋଷଣା କରିବା"ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- "ଏହା ଯିହୋବାଙ୍କ ଘୋଷଣା" ବାକ୍ୟାଂଶକୁ "ଏହା ଯିହୋବା ଘୋଷଣା କରନ୍ତି" କିମ୍ବା "ଏହା ଯିହୋବା କହନ୍ତି" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ଘୋଷଣା ପ୍ରଚାର କରିବା)

ବାଇବେଲ ପର୍ଦପର୍ବ:

- ପ୍ରଥମ ବଂଶାବଳୀ ୧୬:୨୪
- ପ୍ରଥମ କରିନ୍ଥୀୟ ୧୫: ୩୧-୩୨
- ପ୍ରଥମ ଶାମୁୟେଲ ୨୪: ୧୭-୧୮
- ଆମୋଷ ୨: ୧୬
- ଯିହିଜିକଲ ୫: ୧୧-୧୨
- ମାଥିଉ ୭: ୨୧-୨୩

ଶବ୍ଦବିନ୍ୟାସ:

Strong's: H0262, H0559, H0816, H0874, H1696, H3045, H4853, H5002, H5042, H5046, H5608, H6567, H7121, H7561, H7878, H8085, G03120, G05180, G06690, G12290, G13440, G15550, G17180, G18340, G20970, G25110, G26050, G26070, G31400, G36700, G37240, G38220, G38700, G39550, G42960

ଘୋଡ଼ା ଚାଳକ, ଘୋଡ଼ା ଚାଳକମାନେ

ସଂଜ୍ଞା:

ବାଇବଲ ସମୟରେ, "ଘୋଡ଼ା ଚାଳକ ତାହାକୁ କୁହାଯାଉଥିଲା ଯେ ଯୁଦ୍ଧରେ ଘୋଡ଼ା ଚଲାଉଥିଲା I

- ଯୋଦ୍ଧାମାନେ ଯିଏ ଘୋଡ଼ା-ରଥ ଚଲାଉଥିଲେ ସେହିମାନଙ୍କୁ "ଘୋଡ଼ା ଚାଳକ" କୁହାଯାଉଥିଲା ଯଦିଚ ଏହି ଶବ୍ଦ ସେହି ବ୍ୟକ୍ତି କୁ ଦର୍ଶାଏ ଯେ ଘୋଡ଼ା ଚଲାଏ I

ଇସ୍ରାଏଲ ଲୋକମାନେ ଏହା ବିଶ୍ୱାସ କରୁଥିଲେ ଯେ ଯୁଦ୍ଧ କ୍ଷେତ୍ରରେ ବ୍ୟବହାର କରିବା ଅର୍ଥ ସଦାପ୍ରଭୁକୁ ଛାଡ଼ି ନିଜ ବଳ ଉପରେ ଅଧିକ ଗୁରୁତ୍ୱ ଦେବା ଅଟେ, ତେଣୁ ତାହାଙ୍କ ପାଖରେ ଅଧିକ ଘୋଡ଼ା ଚାଳକ ନଥିଲେ I

- ଏହି ଶବ୍ଦ କୁ "ଘୋଡ଼ା ବାହକ "କିଅବା "ଯେ ଘୋଡ଼ା ଉପରେ ଅଛି" ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ: ରଥ, ଘୋଡ଼ା)

ବାଇବଲ ପଦପର୍ବ:

- ୧ ରାଜାବଳି ୦୧:୫-୬
- ଦାନିଏଲ ୧୧:୪୦-୪୧
- ଯାତ୍ରାପୁସ୍ତକ ୧୪:୨୩-୨୫
- ଆଦିପୁସ୍ତକ ୫୦:୭-୯

ବୋର୍ଡ ଡାଟା :

- Strong's: H6571, H7395, G2460

ଘୋଡ଼ା, ଯୁଦ୍ଧଘୋଡ଼ା, ଘୋଡ଼ା

ପରିଭାଷା:

ଘୋଡ଼ା ଏକ ବଡ଼, ଚୌପାଦ ପଶୁ ଯାହାକୁ ବାଇବେଲ ସମୟରେ ଅଧିକାଂଶ ସମୟରେ କୃଷି କାମ ଓ ଯାତାୟତ ନିମନ୍ତେ ବ୍ୟବହାର କରାଯାଉଥିଲା I

- କେତେକ ଘୋଡ଼ା ସଗଡ଼ କିମ୍ବା ରଥ ଟାଣିବାକୁ ବ୍ୟବହାର କରାଯାଏ, ଆଉ କେତେ ବ୍ୟକ୍ତିଗତ ବାହକକୁ ନେଇ ଯାଆନ୍ତି I
- ବାଇବେଲରେ, ଘୋଡ଼ା ଏକ ବହୁମୂଲ୍ୟ ସମ୍ପତି ଓ ବଡ଼ ଧନ ରୂପରେ ଗଣନା କରାଯାଉଥିଲା କାରଣ ଯୁଦ୍ଧରେ ସେମାନଙ୍କର ବ୍ୟବହାର ନିମନ୍ତେ I ଉଦାହରଣ ସ୍ୱରୂପ, ରାଜା ଶଲୋମନଙ୍କର ମହାନ ସମ୍ପତ୍ତିର ତାଙ୍କ ପାଖରେ ଥିବା ହଜାର ହଜାର ଘୋଡା ଓ ରଥ ଏକ ଅଂଶ ଥିଲା I
- ଯେଉଁ ପଶୁମାନେ ଘୋଡ଼ା ସହିତ ସମକକ୍ଷ ଅଟନ୍ତି ସେହିମାନେ ଗଧ ଓ ଗର୍ଧବୀ ଅଟେ I
- ଘୋଡାମାନେ ସେମାନଙ୍କୁ ମାର୍ଗଦର୍ଶନ କରିବା ପାଇଁ ପ୍ରାୟତଃ ମୁଣ୍ଡରେ ଲଗାମ ପିନ୍ଧନ୍ତି I

(ରଥ, ଗଧ, ଶଲୋମନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 18:4
- ଦ୍ୱିତୀୟ ରାଜାବଳୀ 2:11
- ଯାତ୍ରାପୁସ୍ତକ 14:23-25
- ଯିହଜିକଲ 23:5-7
- ଯିଖରୀୟ 6: 8

ଶବ୍ଦବିନ୍ୟାସ :

- Strong's: H0047, H5483, H5484, H6571, H7409, G24620

ଚକିତ ହେବା, ବିସ୍ମୟ ହେବା, ବିସ୍ମିତ ହେବା, ଚମତ୍କାରିତା, ଚମତ୍କାର ହେବା, ଚମତ୍କାରମୟ, ଆଶ୍ଚର୍ଯ୍ୟଜନକ, ଅପ୍ରତ୍ୟାଶିତ

ପରିଭାଷା:

ଏହି ସମସ୍ତ ଶବ୍ଦଗୁଡ଼ିକ କୌଣସି ଅସାଧାରଣ ବିଷୟ ଘଟିଥିବା ହେତୁ ପ୍ରକୃତରେ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟକୁ ବୁଝାଏ I

- କେତେକ ଶବ୍ଦଗୁଡ଼ିକ ଗ୍ରୀକ୍ ଭାଷାରୁ ଅନୁବାଦିତ ଅଟେ, ଏହାର ଅର୍ଥ "ବିସ୍ମୟତାର ଆଘାତ"କିମ୍ବା "ବାହାରେ ଏକୁଟିଆ ଠିଆ ହେବା (ସ୍ୱୟଂ) I"କିପରି ଜଣେ ବ୍ୟକ୍ତି ଅତି ଆଶ୍ଚର୍ଯ୍ୟ ଓ ବିସ୍ମୟ ଅନୁଭବ କରେ ତାହା ଏହି ବାକ୍ୟାଂଶଗୁଡ଼ିକ ଦର୍ଶାଏ I ଅନ୍ୟ ଭାଷାଗୁଡ଼ିକରେ ଏହା ପ୍ରକାଶ କରିବା ପାଇଁ ଅନ୍ୟ ମାଧ୍ୟମ ଥାଇପାରେ I
- ସାଧାରଣତଃ ଯେଉଁ ଘଟଣା ଅପ୍ରତ୍ୟାଶିତ ଓ ବିସ୍ମୟକାରକ ଥିଲା, ତାହା ଅଲୌକିକ ବିଷୟଥିଲା, ଯାହା କେବଳ ଈଶ୍ୱର କରିଥିଲେ I
- ଏହି ଶବ୍ଦଗୁଡ଼ିକର ଅର୍ଥ ଦ୍ୱନ୍ଦ୍ୱର ଅନୁଭବକୁ ବୁଝାଯାଇପାରେ, କାରଣ ଯାହା ଘଟିଲା ତାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ବିଷୟ ଥିଲା I
- ଏହି ଶବ୍ଦଗୁଡ଼ିକୁ "ଅତ୍ୟନ୍ତ ଆଶ୍ଚର୍ଯ୍ୟ"କିମ୍ବା "ଅତି ବିସ୍ମୟକର"ବୋଲି ଅନୁବାଦ କରାଯାଇପାରେ I
- "ଚମତ୍କାର"(ଚକିତ, ବିସ୍ମୟକର), "ବିସ୍ମୟ ", ଓ "ଆଶ୍ଚର୍ଯ୍ୟଜନକ"ଶବ୍ଦଗୁଡ଼ିକ ସମ୍ପର୍କିତ ଶବ୍ଦ ଅଟେ I
- ସାଧାରଣତଃ ଏହି ଶବ୍ଦଗୁଡ଼ିକ ସକରାତ୍ମକ ଏବଂ ଯାହା ଘଟିଥିଲା ସେଥିରେ ଲୋକେ ଖୁସି ଥିଲେ ବୋଲି ପ୍ରକାଶ କରେ I

(ଅଲୌକିକ, ଲକ୍ଷଣ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ ୮:୯-୧୧
- ପ୍ରେରିତ ୯:୨୦-୨୨
- ଗାଲାତୀୟ ୧:୬
- ମାର୍କ ୨:୧୦-୧୨
- ମାଥିଉ ୭:୨୮
- ମାଥିଉ ୧୫:୨୯-୩୧
- ମାଥିଉ ୧୯:୨୫

ଶବ୍ଦବିନ୍ୟାସ:

- Strong's: H0926, H2865, H3820, H4159, H6313, H6381, H6382, H6383, H6395, H8074, H8429, H8539, H8540, H8541, G06390, G15680, G15690, G16050, G16110, G18390, G22840, G22850, G22960, G22970, G22980, G40230, G45920, G50590

ଚଟବସ୍ତ୍ର

ପରିଭାଷା:

ଚଟବସ୍ତ୍ର ଏକ ଖଦଡ଼ିଆ, ଆଞ୍ଚୁଡ଼ା ପ୍ରକାରର କପଡା ଯାହା ଛେଳି କେଶ କିମ୍ବା ଓଟ କେଶରୁ ତିଆରି ହୋଇଥାଏ I

- ଯେଉଁ ବ୍ୟକ୍ତି ଏଥିରୁ ନିର୍ମିତ ପୋଷାକ ପିନ୍ଧୁଥିଲେ ଏହା ତାଙ୍କ ପାଇଁ ଅସହଜ ହେଉଥିଲେ I ଚଟବସ୍ତ୍ରକୁ ଦୁଃଖ କିମ୍ବା ନମ୍ର ଅନୁତାପ ପ୍ରକାଶ କରିବା ପାଇଁ ପିନ୍ଧୁଥିଲେ I
- "ଚଟବସ୍ତ୍ର ଏବଂ ପାଉଁଶ" ବାକ୍ୟାଂଶ ଏକ ସାଧାରଣ ଶବ୍ଦ ଥିଲା ଯାହା ଦୁଃଖ ଏବଂ ଅନୁତାପର ପାରମ୍ପାରିକ ଅଭିବ୍ୟକ୍ତିକୁ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ପଶୁ କେଶରୁ ନିର୍ମିତ ଖଦଡ଼ିଆ କପଡା" କିମ୍ବା "ଛେଳି କେଶରେ ତିଆରି ପୋଷାକ" କିମ୍ବା "ଆଞ୍ଚୁଡ଼ା ପୋଷାକ" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦକୁ "ରୁକ୍ଷ, ଆଞ୍ଚୁଡ଼ା ଶୋକ ପୋଷାକ" ବୋଲି ଅନୁବାଦ କରାଯାଇପାରେ I
- "ଚଟବସ୍ତ୍ର ଓ ପାଉଁଶରେ ବସନ୍ତି" ବାକ୍ୟାଂଶକୁ "ଆଞ୍ଚୁଡ଼ା କପଡା ପିନ୍ଧି ପାଉଁଶରେ ବସି ଶୋକ ଏବଂ ନମ୍ରତା ପ୍ରଦର୍ଶନ କରିବା" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଅଜ୍ଞାତବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

(ଦେଖନ୍ତୁ: ପାଉଁଶ, ଓଟ, ଛେଳି, ନମ୍ର, ଶୋକ କରିବା, ଅନୁତାପ, ଚିହ୍ନ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ଶାମୁୟେଲ ୩:୩୧
- ଆଦିପୁସ୍ତକ ୩୭:୩୪
- ଯୋୟେଲ ୧:୮-୧୦
- ଯୂନସ ୩:୫
- ଲୂକ ୧୦:୧୩
- ମାଥିଉ ୧୧:୨୧

ଶବ୍ଦବିନ୍ୟାସ:

- Strong's: H8242, G45260

ଚରିତ୍ରହୀନ ବା ଅନୈତିକ, ଭ୍ରଷ୍ଟ, ଦୁର୍ନୀତି, ଅବିନଶ୍ୱରତା ବା ଦୁର୍ନୀତିପରାୟଣରତାର ଅସମ୍ଭାବ୍ୟତା, ଅନୈତିକ

ସଂଜ୍ଞା:

"ଚରିତ୍ରହୀନ" ଓ "ଦୁର୍ନୀତି" ଶବ୍ଦ ଏକ ଅବସ୍ଥାକୁ ବୁଝାଏ ଯେଉଁଥିରେ ଲୋକମାନେ ନଷ୍ଟ ହୋଇଯାଇଛନ୍ତି, ଅନୈତିକ କିମ୍ବା ଠକରେ ପଡନ୍ତି।

- "ଚରିତ୍ରହୀନ" ଶବ୍ଦ ଆକ୍ଷରିକ ଅର୍ଥ ହେଉଛି ନୈତିକତାରେ "ବଙ୍କା" କିମ୍ବା ସଦାଚାରପୂର୍ଣ୍ଣ ଭାବରେ "ଭଙ୍ଗା" ହୋଇଥିବା।
- ଜଣେ ବ୍ୟକ୍ତି ଯିଏ ଚରିତ୍ରହୀନ ଅଟେ ସେ ଚରିତ୍ର ସତ୍ୟତାରୁ ଦୂରେଇ ଯାଇଛି ଏବଂ ଯେଉଁ କାର୍ଯ୍ୟ କରୁଅଛି ତାହା ଠକ କିମ୍ବା ଅନୈତିକ ଅଟେ।
- କାହାରିକୁ ଚରିତ୍ର ହୀନ କହିବା ଅର୍ଥ ଯେ କୌଣସି ବ୍ୟକ୍ତି ଅସାଧୁ କିମ୍ବା ଅନୈତିକ କାର୍ଯ୍ୟ କରିବା ପାଇଁ ପ୍ରବର୍ତ୍ତାଇବା।

ଅନୁବାଦ ପ୍ରସ୍ତାବ:

- "ଚରିତ୍ରହୀନ" ଶବ୍ଦକୁ ମଧ୍ୟ "ମନ୍ଦ କାର୍ଯ୍ୟ କରିବା ନିମନ୍ତେ ପ୍ରବର୍ତ୍ତାଇବା" ବୋଲି ଭାଷାନ୍ତର କରାଯାଇପାରିବ କିମ୍ବା "ନୀତିହୀନ କାର୍ଯ୍ୟ କରିବାର କାରଣ ହେବା।"
- ଜଣେ ଚରିତ୍ର ହୀନ ବ୍ୟକ୍ତିଙ୍କୁ ଯଦି ବର୍ଣ୍ଣନା କରାଯାଏ ତେବେ "ଯିଏ ଅନୈତିକ କାର୍ଯ୍ୟ କରିଛି" କିମ୍ବା "ମନ୍ଦତାକୁ ଅଭ୍ୟାସ କରୁଛି।"
- ଏହି ତଥ୍ୟ ପ୍ରକାଶ କରୁଥିବା ଶବ୍ଦକୁ ଏପରି ଭାବରେ ମଧ୍ୟ ଅନୁବାଦ କରାଯାଇପାରିବ ଯଥା "ଖରାପ," କିମ୍ବା "ଅନୈତିକ" କିମ୍ବା "ମନ୍ଦ।"
- "ଦୁର୍ନୀତି" ଶବ୍ଦ ଅନୁବାଦ କରାଯାଇପାରିବ ଯଥା "ମନ୍ଦ ଅଭ୍ୟାସ" କିମ୍ବା "ମନ୍ଦ" କିମ୍ବା "ଅନୈତିକ।"

(ପୁନଶ୍ଚ ଦେଖ: ମନ୍ଦ)

ବାଇବଲ ପଦ ପର୍ବ:

- ଯିହିଜିକଲ 20:42-44
- ଗାଲାତୀୟ 06:6-8
- ଆଦି 06:12
- ମାଥିଉ 12:33-35
- ଗୀତ 014:1

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H2610, H3891, H4889, H7843, H7844, G861, G1311, G2704, G5351, G5356

ଚର୍ମ ରୋଗ, କୁଷ୍ଠ ରୋଗୀ, କୁଷ୍ଠ ରୋଗ

ପରିଭାଷା:

"କୁଷ୍ଠ" ଶବ୍ଦ ବାଇବେଲରେ ଅନେକ ଅଲଗା ଅଲଗା ଚର୍ମ ରୋଗକୁ ବୁଝାଏ I ଜଣେ "କୁଷ୍ଠ ରୋଗୀ" ସିଏ ଅଟେ ଯାହାର କୁଷ୍ଠ ରୋଗ ଅଛି I "କୁଷ୍ଠ ରୋଗରେ ଆକ୍ରାନ୍ତ" ଶବ୍ଦ ସେହି ବ୍ୟକ୍ତି କିମ୍ବା ଶରୀର ଅଂଶକୁ ବୁଝାଏ ଯାହା କୁଷ୍ଠ ରୋଗ ଦ୍ୱାରା ଆକ୍ରାନ୍ତ ଅଟେ I

- କେତେକ ପ୍ରକାର କୁଷ୍ଠ ରୋଗ ଧବଳ ଦାଗରେ ଚର୍ମର ରଙ୍ଗ ପରିବର୍ତ୍ତନ କରି ଦିଏ ଯେପରିକି ମିରୀୟମ ଓ ନାମାନକୁ ହୋଇଥିଲା I
- ଆଧୁନିକ ସମୟରେ, କୁଷ୍ଠ ରୋଗ ହାତ, ପାଦ ଓ ଶରୀରର ଅନ୍ୟ ଅଙ୍ଗକୁ ନଷ୍ଟ କରେ କିମ ଅସୁନ୍ଦର କରେI
- ଶିକ୍ଷା ଅନୁସାରେ ଯାହା ଈଶ୍ୱର ଇସ୍ରାଏଲ ଲୋକମାନଙ୍କୁ ଦେଲେ, ଯେବେ ଜଣେ ବ୍ୟକ୍ତିକୁ କୁଷ୍ଠ ରୋଗ ହୁଏ, ତାହାକୁ "ଅଶୁଦ୍ଧ" ଗଣନା କରାଯାଉଥିଲା ଏବଂ ସେ ଲୋକ ଅନ୍ୟ ଲୋକଦଳରୁ ଅଲଗା ରହିବାକୁ ପଡୁଥିଲା ଯାହା ଫଳରେ ଅନ୍ୟ ଲୋକେ ଏହି ରୋଗରେ ଆକ୍ରାନ୍ତ ହେବେ ନାହିଁI
- ଜଣେ "କୁଷ୍ଠରୋଗୀ" ଅନେକ ସମୟରେ "ଅଶୁଦ୍ଧ" ବୋଲି ଗଣନା କରାଯାଉଥିଲା ଯାହା ଦ୍ୱାରା ଅନ୍ୟ ଲୋକମାନେ ସାବଧାନ ହୋଇ ସେହି ଲୋକ ନିକଟକୁ ଆସିବେ ନାହିଁ I
- ଯୀଶୁ ଅନେକ କୁଷ୍ଠିକୁ ଓ ଅନେକ ପ୍ରକାର ରୋଗରେ ଆକ୍ରାନ୍ତ ଥିବା ଲୋକକୁ ସୁସ୍ଥ କରିଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ବାଇବେଲ ରେ "କୁଷ୍ଠ" ଶବ୍ଦକୁ "ଚର୍ମ ରୋଗ" କିମ୍ବା "ଭୟାନକ ଚର୍ମ ରୋଗ" ବୋଲି ଅନୁବାଦ କରାଯାଇପାରେ I
- "କୁଷ୍ଠ" ଶବ୍ଦକୁ "ସମ୍ପୂର୍ଣ୍ଣ କୁଷ୍ଠ ରୋଗ" କିମ୍ବା "ଚର୍ମ ରୋଗରେ ସଂକ୍ରମିତ" କିମ୍ବା "ଚର୍ମ ଘା'ରେ ଆବୃତ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ମିରୀୟମ, ନାମାନ, ଶୁଚି)

ବାଇବେଲ ପଦପର୍ବ:

- ଲୂକ ୫:୧୩
- ଲୂକ ୧୭:୧୨
- ମାର୍କ ୧:୪୦
- ମାର୍କ ୧୪:୩
- ମାଥିଉ ୮:୩
- ମାଥିଉ ୧୦:୮-୧୦
- ମାଥିଉ ୧୧:୫

ଶବ୍ଦବିନ୍ୟାସ:

- Strong's: H6879, H6883, G30140, G30150

ଚାଲିବା, ଚାଲିଲେ

ପରିଭାଷା:

"ଚାଲିବା" ଶବ୍ଦ ଅନେକ ସମୟରେ ଆଳଙ୍କାରିକ ରୂପରେ ବ୍ୟବହାର କରାଯାଏ ଯାହାର ଅର୍ଥ "ଜୀବିତ ରହିବା" ଅଟେ।

- "ହନୋକ ଈଶ୍ୱରଙ୍କ ସହ ଚାଲିଲେ" ଏହାର ଅର୍ଥ ହନୋକ ଈଶ୍ୱରଙ୍କ ସହ ଏକ ଘନିଷ୍ଠ ସହଭାଗିତାରେ ଜୀବନଯାପନ କଲେ।
- "ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିବା" ଅର୍ଥ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିଚାଳିତ ହେବା ଯାହାଫଳରେ ଆମ୍ଭେମାନେ ସେହି ସବୁ କାମ କରୁ ଯାହା ଈଶ୍ୱରଙ୍କୁ ଆନନ୍ଦ ଓ ସମ୍ମାନ ଦିଏ।
- ଈଶ୍ୱରଙ୍କ ଆଜ୍ଞା ଅନୁସାରେ "ଚାଲିବା" କିମ୍ବା ତାହାଙ୍କ ପଥରେ ଚାଲିବାର ଅର୍ଥ ହେଲା, ତାହାଙ୍କର ଆଜ୍ଞାଅନୁସାରେ "ଆଜ୍ଞାକାରୀ ହୋଇ ଜୀବନଯାପନ କରିବା" ତାହା ହେଉଛି "ତାହାଙ୍କ ଆଜ୍ଞାସବୁ ପାଳନ କରିବା" କିମ୍ବା "ତାହାଙ୍କ ଇଚ୍ଛାରେ କାର୍ଯ୍ୟ କରିବା" ହୋଇପାରେ।
- ଯେତେବେଳେ ଈଶ୍ୱର କହନ୍ତି ସେ ତାହାଙ୍କ ଲୋକମାନଙ୍କ "ମଧ୍ୟରେ ଚାଲିବେ," ଏହାର ଅର୍ଥ ଯେ ସେ ସେହି ସମସ୍ତଙ୍କ ମଧ୍ୟରେ ରହିବେ କିମ୍ବା ନିକଟବର୍ତ୍ତୀ ହୋଇ ସେମାନଙ୍କ ସହିତ କଥାବାର୍ତ୍ତା ହେବେ।
- "ପ୍ରତିକୂଳରେ ଚାଲିବା" ବଞ୍ଚିବାକୁ କିମ୍ବା ଏପରି ଭାବରେ ଯେ କୌଣସି ଜିନିଷ କିମ୍ବା କାହା ବିରୁଦ୍ଧରେ ଆଚରଣ କରିବା ଅର୍ଥକୁ ବୁଝାଏ।
- "ପଛରେ ଚାଲିବା" ଅର୍ଥ କାହାକୁ ଖୋଜିବା କିମ୍ବା କାହାକୁ ଅନୁସରଣ କରିବା। ଏହାର ଅର୍ଥ ମଧ୍ୟ ଅନ୍ୟ ଯାହା ପରି ସମାନ ଭାବରେ କାର୍ଯ୍ୟ କରିବା ହୋଇପାରେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଚାଲିବା" ଏହା ଆକ୍ଷରିକ ଭାବରେ ଅନୁବାଦ କରିବା ସର୍ବୋତ୍ତମ ଅଟେ, ଯେପର୍ଯ୍ୟନ୍ତ ଏହା ଯଥାର୍ଥ ଅର୍ଥକୁ ପ୍ରକାଶ କରେ।
- ଅନ୍ୟଥା, "ଚାଲିବା" ଶବ୍ଦର ଆଳଙ୍କାରିକ ଅର୍ଥ "ବଞ୍ଚିବା" କିମ୍ବା "କାର୍ଯ୍ୟ କରିବା" କିମ୍ବା "ଆଚରଣ କରିବା" ଭାବରେ ଅନୁବାଦ କରାଯାଇପାରେ।
- "ପବିତ୍ର ଆତ୍ମା ଦ୍ୱାରା ଚାଳିତ" ବାକ୍ୟାଂଶକୁ "ପବିତ୍ର ଆତ୍ମାର ଅଜ୍ଞାକାରୀ ହୋଇ ଜୀବନ ଯାପନ କରିବା" କିମ୍ବା "ଏପରି ବ୍ୟବହାର କରିବା ଯାହା ପବିତ୍ର ଆତ୍ମାଙ୍କୁ ସନ୍ତୁଷ୍ଟ କରେ" କିମ୍ବା "ଏପରି ଈଶ୍ୱରଙ୍କୁ ସନ୍ତୁଷ୍ଟ କଲା ପରି କାର୍ଯ୍ୟ କର ଯେପରି ତୁମ୍ଭକୁ ପବିତ୍ର ଆତ୍ମା ଚାଳନା କରନ୍ତି।"
- "ଈଶ୍ୱରଙ୍କ ଆଜ୍ଞା ଅନୁସାରେ ଚାଲିବା"ବାକ୍ୟାଂଶକୁ "ଈଶ୍ୱରଙ୍କ ଆଜ୍ଞା ଅନୁସାରେ ଜୀବନଯାପନ କରିବା" କିମ୍ବା "ଈଶ୍ୱରଙ୍କ ଆଜ୍ଞା ପାଳନ କରିବା" ବୋଲି ଅନୁବାଦ କରାଯାଇପାରେ।
- "ଈଶ୍ୱରଙ୍କ ସହ ଚାଲିଲେ" ବାକ୍ୟାଂଶକୁ "ଘନିଷ୍ଠ ସମ୍ପର୍କ ସହ ଈଶ୍ୱରଙ୍କ ଆଜ୍ଞା ପାଳନ ଓ ତାହାଙ୍କୁ ସମ୍ମାନ କରିବା ଦ୍ୱାରା ଜୀବନଯାପନ କରିବା" ବୋଲି ଅନୁବାଦ କରାଯାଇପାରେ।

(ପବିତ୍ର ଆତ୍ମା, ସମ୍ମାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ଯୋହନ 1:7
- 1 ରାଜାବଳୀ 2:4
- କଲସୀୟ 2:7
- କଲସୀୟ 5:25
- ଆଦି ପୁସ୍ତକ 17:1
- ଯିଶାଇୟ 2:5
- ଯିରିମୀୟ 13:10
- ମୀଖା 4:2

ଶବ୍ଦବିନ୍ୟାସ:

- Strong's: H1869, H1980, H1981, H3212, H4108, G17040, G40430, G41980, G47480

ଚିତାବାଘ, ଚିତାବାଘମାନେ

ତଥ୍ୟ:

ଏକ ଚିତାବାଘ ଏକ ବିଲେଇ- ପରି, ବଡ଼ ଜଂଗଲରେ ରହିବା ମାଟିଆ ରଂଗ ଓ କଳା ଦାଗର ପଶୁ ଅଟେ I

- ଚିତାବାଘ ଏକ ପଶୁ ଅଟେ ଯେ ଅନ୍ୟ ପଶୁମାନଙ୍କର ଶିକାର କରେ ଓ ଖାଏ I
- ବାଇବଲରେ, ଚିତାବାଘ ସହିତ ଆପଦା ର ଦୁଖ କୁ ତୁଳନା କରାଯାଏ ଯାହା ଅଚାନକ ତାର ଶିକାର ଉପରେ ଝପଟ ମାରେ I
- ଡାନିଏଲ୍ ଭବିଷ୍ୟବାଣୀ ଓ ପ୍ରେରିତ ଯୋହନ ଦର୍ଶନ ବିଷୟରେ କହନ୍ତି ଯେଉଁଠାରେ ସେମାନେ ଏକ ଜନ୍ତୁ କୁ ଦେଖନ୍ତି ଯାହା ଚିତାବାଘ ପରି ଦେଖାଯାଏ I

(ଆହୁରି ଦେଖନ୍ତୁ: ନାମ କିପରି ଅନୁବାଦ କରାଯାଏ)

(ଅନୁବାଦ ପ୍ରସ୍ତାବ: ନାମର ଅନୁବାଦ)

(ଆହୁରି ଦେଖନ୍ତୁ: ଜନ୍ତୁ,ଦାନିଏଲ, ଶିକାର, ଦର୍ଶନ)

ବାଇବଲ ପଦପର୍ବ:

- ଡାନିଏଲ୍ ୦୭:୬-୭
- ହୋଶେୟ୧୩:୭-୮
- ପ୍ରକାଶିତ ବାକ୍ୟ ୧୩:୧-୨
- ପରମ ଗୀତ ୦୪:୮

ବୋର୍ଡ ଡାଟା :

- Strong's: H5245, H5246

ଚୁକ୍ତି, ଚୁକ୍ତିନାମା, ଶପଥ ନେବା, ଶପଥ ଦ୍ୱାରା

ପରିଭାଷା:

ବାଇବଲରେ "ଚୁକ୍ତି" ଶବ୍ଦ ଏକ ଆନୁଷ୍ଠାନିକ ପ୍ରତିଜ୍ଞାକୁ ବୁଝାଏ, ସାଧାରଣତଃ ଏହା ଏକ ଆଇନଗତ କିମ୍ବା ଧାର୍ମିକ ପ୍ରସଙ୍ଗରେ କରାଯାଇଥାଏ, ଯେଉଁଥିରେ ଶପଥ ଗ୍ରହଣ କରୁଥିବା ବ୍ୟକ୍ତି ଯଦି ପ୍ରତିଜ୍ଞା ପୂରଣ ନକରନ୍ତି ତେବେ କିଛି ଉତ୍ତରଦାୟିତ୍ୱ କିମ୍ବା ଦଣ୍ଡ ଗ୍ରହଣ କରନ୍ତି I ବାଇବେଲରେ, "ଶପଥ" ଶବ୍ଦର ଅର୍ଥ ହେଉଛି ଶପଥ ନେବା I

- ନ୍ୟାୟଳୟରେ, ଜଣେ ସାକ୍ଷୀଙ୍କୁ ଶପଥ ଦିଆଯାଏ ପ୍ରତିଜ୍ଞା କରିବାକୁ ଯେ ସେ ଯାହା କହିବ ସତ ଏବଂ ଘଟଣାକୁ ପ୍ରକାଶ କରିବ I
- ଆଧୁନିକ ଯୁଗରେ, “ଶପଥ” ଶବ୍ଦର ଗୋଟିଏ ଅର୍ଥ ହେଉଛି ଖରାପ ବା ଅଶ୍ଳୀଳ ଭାଷା ବ୍ୟବହାର କରିବା I ବାଇବେଲରେ ଏହା କଦାପି ଏହି ଅର୍ଥ ପ୍ରକାଶ କରେ ନାହିଁ I
- “ଶପଥ” ଶବ୍ଦର ଅର୍ଥ ଶପଥ କରାଯାଉଥିବା ଆଧାର କିମ୍ବା ଶକ୍ତି ଭାବରେ କିଛି କିମ୍ବା କାହାର ନାମ ବ୍ୟବହାର କରିବା ଅଟେ I
- ଅବ୍ରାହମ ତାଙ୍କର ଦାସମାନଙ୍କୁ ଶପଥ ନେବାକୁ କହିଲେ (ନୀୟମାନୁସାରେ ପ୍ରତିଜ୍ଞାଦେଖନ୍ତୁ) ଯେପରି ଅବ୍ରାହମଙ୍କ ଜାତିଗଣରୁ ଗୋଟିଏ କନ୍ୟା ଇସ୍‌ହାକ ଙ୍କ ନିମନ୍ତେ ଆଣିବେ I
- ଯେତେବେଳେ ଅବ୍ରହାମ ଏବଂ ଅବୀମେଲକ ଏକ କୂଅର ବ୍ୟବହାର ବିଷୟରେ ଏକ ଚୁକ୍ତି କଲେ, ସେତେବେଳେ ସେମାନେ ଶପଥ କଲେI

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗକୁ ଦୃଷ୍ଟିରେ ରଖି, “ଶପଥ” ଶବ୍ଦକୁ “ପ୍ରତିଜ୍ଞା” କିମ୍ବା “ଏକ ପବିତ୍ର ପ୍ରତିଜ୍ଞା” ବୋଲି ଅନୁବାଦ କରାଯାଇପାରିବ I
- “ଶପଥ ନେବା” ବାକ୍ୟକୁ “ନୀୟମାନୁଯାୟୀ ପ୍ରତିଜ୍ଞା” କିମ୍ବା “ପ୍ରତିଜ୍ଞା” କିମ୍ବା “କିଛି କରିବାକୁ ଚୁକ୍ତିବଦ୍ଧ ହେବା” ବୋଲି ଅନୁବାଦ କରାଯାଇପାରିବ I
- “ନାମ ଧରି ଶପଥ କରିବା” ବାକ୍ୟାଂଶକୁ “ପ୍ରତିଜ୍ଞାକୁ ସମର୍ଥନ ନିମନ୍ତେ ମୋର ନାମ ନେବା” ବୋଲି ଅନୁବାଦ କରାଯାଇପାରିବ I
- “ସ୍ୱର୍ଗ ଓ ପୃଥିବୀ ନାମ ନେଇ ଶପଥ କରିବା” ବାକ୍ୟାଂଶକୁ “କିଛି କରିବାକୁ ପ୍ରତିଜ୍ଞା କରିବା, ଉକ୍ତିରେ ସ୍ୱର୍ଗ ଓ ପୃଥିବୀ ଏହାର ସାକ୍ଷୀ” ବୋଲି ଅନୁବାଦ କରାଯାଇପାରିବI
- “ଶପଥ” କିମ୍ବା “ଚୁକ୍ତି” ଶବ୍ଦ ଅଭିଶାପକୁ ଯେପରି ନ ବୁଝାଏ ତାହା ନିଶ୍ଚିତ କରନ୍ତୁ I

(ଅବିମେଲେଖ, ଚୁକ୍ତି, ଶପଥ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 21:23
- ଆଦି ପୁସ୍ତକ 24:3
- ଆଦି ପୁସ୍ତକ 31:51-53
- ଆଦି ପୁସ୍ତକ 47: 31
- ଲୂକ 1: 73
- ମାର୍କ 6:26
- ମାଥିଉ 5:26
- ମାଥିଉ 14:6-7
- ମାଥିଉ 26: 72

ଶବ୍ଦବିନ୍ୟାସ :

- Strong’s: H0422, H0423, H3027, H5375, H7621, H7650, G03320, G36600, G37270, G37280

ଚୁମ୍ବନ

ପରିଭାଷା:

ଚୁମ୍ବନ ଏକ କର୍ମ ଅଟେ ଯାହା ଏକ ବ୍ୟକ୍ତି ନିଜର ଓଠକୁ ଆଉ ଏକ ବ୍ୟକ୍ତିର ଓଠ କିମ୍ବା ମୁହଁରେ ସ୍ପର୍ଷକରେ I ଏହି ଶବ୍ଦକୁ ସାଙ୍କେତିକ ଅର୍ଥରେ ମଧ୍ୟ ବ୍ୟବହାର କରାଯାଇପାରେ I

- କେତେକ ସଂସ୍କୃତିରେ ପରସ୍ପର ଚୁମ୍ବନ କରିବାର ଅର୍ଥ ହେଉଛି ଶୁଭେଚ୍ଛା ଜଣାଇବା କିମ୍ବା ବିଦାୟ ଦେବା ଅଟେ I
- ଏକ ଚୁମ୍ବନ ଦୁଇ ବ୍ୟକ୍ତି ମଧ୍ୟରେ ଥିବା ଗଭୀର ପ୍ରେମକୁ ବୁଝାଏ ଯେପରିକି ପତି ଓ ପତ୍ନୀ ମଧ୍ୟରେ ଥିବା ପ୍ରେମI
- "ବିଦାୟର ଚୁମ୍ବନ" ଅଭୁବ୍ୟକ୍ତିର ଅର୍ଥ ଏକ ଚୁମ୍ବନ ସହିତ ବିଦାୟ ଦେବା ଅଟେ I
- ଅନେକ ସମୟରେ "ଚୁମ୍ବନ" ଶବ୍ଦକୁ "ବିଦାୟ କହିବାକୁ" ବ୍ୟବହୃତ ହୁଏ I ଯେତେବେଳେ ଏଲିଶା, ଏଲୀୟକୁ କହିଲେ "ପ୍ରଥମେ ମୋତେ ମୋର ମାତା ଓ ପିତାକୁ ଯାଇ ଚୁମ୍ବନ ଦେବାକୁ ଅନୁମତି ଦିଅ," ସେ ଏଲୀୟ ପଛରେ ଯିବା ପୂର୍ବରୁ ନିଜ ମାତାପିତାକୁ ବିଦାୟ କହିବାକୁ ଚାହୁଁଥିଲା I

ବାଇବେଲ ପଦପର୍ବ:

- ୧ ଥେସଲନୀକୀୟ ୫:୨୫-୨୮
- ଆଦିପୁସ୍ତକ ୨୭:୨୬-୨୭
- ଆଦିପୁସ୍ତକ ୨୯:୧୧
- ଆଦିପୁସ୍ତକ ୩୧:୨୮
- ଆଦିପୁସ୍ତକ ୪୫:୧୫
- ଆଦିପୁସ୍ତକ ୪୮:୧୦
- ଲୂକ ୨୨:୪୮
- ମାର୍କ ୧୪:୪୫
- ମାଥିଉ ୨୬:୪୮

ଶବ୍ଦବିନ୍ୟାସ:

- Strong's: H5390, H5401, G27050, G53680, G53700

ଚୋଗା, ବସ୍ତ୍ରାନ୍ୱିତ

ପରିଭାଷା:

ଏକ ଚୋଗା ଲମ୍ବା ଧଡିବିଶିଷ୍ଟ ଏଭଳି ଏକ ଉପରି ଭାଗର ବସ୍ତ୍ର, ଯାହା ଜଣେ ପୁରୁଷ କିମ୍ବା ନାରୀ ଦ୍ୱାରା ପିନ୍ଧା ଯାଇପାରିବ ଏହା ଏକ କୋଟ୍ ସଦୃଶ ଅଟେ I

- ଚୋଗାଗୁଡ଼ିକ ସମ୍ମୁଖ ଭାଗରେ ଖୋଲାଥାଏ ଏବଂ ଗୋଟିଏ କଟୀବନ୍ଧନୀ ବା ବେଲ୍ଟ ଦ୍ୱାରା ବନ୍ଧା ଯାଇ ବନ୍ଦ କରାଯାଏ I
- ସେଗୁଡ଼ିକ ଲମ୍ବା କିମ୍ବା କ୍ଷୁଦ୍ର ହୋଇପାରେ I
- ରାଜକୀୟ, ବିଭବଶାଳୀ ଏବଂ ସମ୍ମାନସୂଚକ ଚିହ୍ନ ବା ପ୍ରତୀକ ଭାବରେ ରାଜାମାନେ ବାଇଗଣିଆ ଚୋଗାଗୁଡ଼ିକ ପରିଧାନ କରୁଥିଲେ I

(ଦେଖନ୍ତୁ: ରାଜକୀୟ, ଅଙ୍ଗରଖା)

ବାଇବେଲ ପଦପର୍ବ:

- ଯାତ୍ରାପୁସ୍ତକ ୨୮:୪-୫
- ଆଦିପୁସ୍ତକ ୪୯:୧୧-୧୨
- ଲୂକ ୧୫:୨୨
- ଲୂକ ୨୦:୪୬
- ମାଥିଉ ୨୭:୨୭-୨୯

ଶବ୍ଦବିନ୍ୟାସ:

- Strong's: H0145, H0155, H0899, H1545, H2436, H2684, H3671, H3801, H3830, H3847, H4060, H4254, H4598, H5497, H5622, H6614, H7640, H7757, H7897, H8071, G17460, G20670, G24400, G47490, G40160, G55110

ଚୋର, ଚୋରି, ଡକାୟତ, ଚୋରି, ଦସ୍ୟୁମାନେ

ସତ୍ୟ ଘଟଣାବଳୀ:

"ଚୋର" ଶବ୍ଦଟି ଏପରି ଜଣେ ବ୍ୟକ୍ତିକୁ ସୂଚାଏ ଯିଏ କି ଅନ୍ୟର ଅର୍ଥ ଏବଂ ସମ୍ପତ୍ତି ଚୋରି କରେ I "ଚୋରକୁ" ଶବ୍ଦର ବହୁବଚନ "ଚୋରମାନେ" ଅଟେ I "ଡକାୟତ" ଶବ୍ଦଟି ଜଣେ ଚୋରକୁ ବୁଝାଏ, ଯିଏ ଚୋରି କରିବା ପାଇଁ ଲୋକମାନଙ୍କୁ ଶାରୀରିକ ଭାବରେ କ୍ଷତି ପହଞ୍ଚାଇଥାଏ କିମ୍ବା ଧମକ ଦେଇଥାଏ I

- ଯୀଶୁ ଶମିରୋଣୀୟ ବ୍ୟକ୍ତି ବିଷୟରେ ଏକ ଦୃଷ୍ଟାନ୍ତ ଦେଇଥିଲେ ଯିଏ ଡକାୟତମାନଙ୍କ ଦ୍ୱାରା ଆକ୍ରମଣ ହୋଇଥିବା ଜଣେ ଯିହୁଦୀଙ୍କର ଯତ୍ନ ନେଇଥିଲା I ଡକାୟତମାନେ ସେହି ଯିହୁଦୀ ଲୋକକୁ ତାହାର ଅର୍ଥ ଏବଂ ବସ୍ତ୍ର ଚୋରି କରିବା ପୂର୍ବରୁ ପ୍ରହାରିତ ଏବଂ କ୍ଷତବିକ୍ଷତ କରିଥିଲେ I
- ଯେତେବେଳେ ଲୋକମାନେ ଅପେକ୍ଷା କରୁ ନ ଥିବେ, ଉଭୟ ଚୋର ଏବଂ ଡକାୟତମାନେ ହଠାତ୍ ଚୋରି କରିବାକୁ ଆସନ୍ତି I ଅନେକ ସମୟରେ ସେମାନେ ଅନ୍ଧକାରରେ ନିଜକୁ ଲୁଚାନ୍ତି ଫଳରେ ସେମାନେ ଯାହା କରନ୍ତି ଦେଖାଯାଏ ନାହିଁ I
- ଆଳଙ୍କାରିକ ଅର୍ଥରେ, ନୂତନ ନିୟମରେ ଶୟତାନକୁ ଚୋର ଭାବରେ ବର୍ଣ୍ଣନା କରାଯାଇଛି ଯିଏକି ଚୋରି, ବଧ ଏବଂ ବିନଷ୍ଟ କରିବାକୁ ଆସିଥାଏ I ଏହାର ଅର୍ଥ ଏହି ଯେ ଯେପରି ଈଶ୍ୱରଙ୍କ ଲୋକମାନଙ୍କୁ ତାଙ୍କର ଆଜ୍ଞା ପାଳନ ନ କରିବାକୁ ବାଧା ଦେବ ସେପରି ଶୟତାନର ଯୋଜନା ରହିଛି I ଯଦି ଏହା କରିବା ଦ୍ୱାରା ସେ ସଫଳ ହୁଏ ତେବେ ଈଶ୍ୱର ସେମାନଙ୍କ ପାଇଁ ଯେଉଁ ଉତ୍ତମ ଯୋଜନା କରିଛନ୍ତି ଶୟତାନ ସେମାନଙ୍କଠାରୁ ଚୋରି କରି ନେଇଯାଏ I
- ଚୋର ଯେପ୍ରକାରେ ହଠାତ୍ ଲୋକମାନଙ୍କଠାରୁ ଚୋରି କରିବାକୁ ଆସେ, ଯୀଶୁ ତାଙ୍କର ଆଗମନର ଆକସ୍ମିକତାକୁ ଠିକ୍ ସେପ୍ରକାରେ ତୁଳନା କରିଛନ୍ତି I ଯେତେବେଳେ ଲୋକମାନେ ଅପେକ୍ଷା କରୁ ନ ଥିବେ, ସେହି ସମୟରେ ଚୋର ଆସେ, ଯୀଶୁ ମଧ୍ୟ ଠିକ୍ ସେହି ସମୟରେ ଆସିବେ ଯେତେବେଳେ ଲୋକମାନେ ତାହା ଅପେକ୍ଷା କରୁ ନ ଥିବେ I

(ଆଶୀର୍ବାଦ, ଅପରାଧ, କ୍ରୁଶାର୍ପିତ, ଅନ୍ଧକାର, ବିନଷ୍ଟକାରୀ, ଶକ୍ତି, ଶମରିୟା, ଶୟତାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ପିତର 3:10
- ଲୂକ 12:33
- ମାର୍କ 14:48
- ହିତୋପଦେଶ 6:30
- ପ୍ରକାଶିତବାକ୍ୟ 3:3

ଶବ୍ଦବିନ୍ୟାସ:

- Strong's: H1214, H1215, H1416, H1589, H1590, H1980, H6530, H7703, G07270, G24170, G28120, G30270

ଛାଇ, ଛାୟା, ଛାଇ,

ପରିଭାଷା:

"ଛାଇ" ଶବ୍ଦ ଆକ୍ଷରିକ ଅର୍ଥ ଅନ୍ଧକାର ଯାହା କୌଣସି ବିଷୟ ଆଲୋକ ପ୍ରବେଶକୁ ପ୍ରତୋରୋଧ କରେ ଏହାର ମଧ ଅନେକ ଆଳଙ୍କାରିକ ଅର୍ଥ ଅଛି ।

- "ମୃତ୍ୟୁ ଛାୟା" ମାନେ ହେଉଛି ମୃତ୍ୟୁ ଅତି ନିକଟରେ, ଯେପରି ଛାୟାର ଉପାଦାନକୁ ଦର୍ଶାଏ |
- ବାଇବେଲରେ ଅଧିକାଂଶ ମନୁଷ୍ୟ ଜୀବନକୁ ଛାୟା ସହିତ ତୁଳନା କରାଯାଇଛି ଯାହାର ଅବସ୍ଥିତି ଦୀର୍ଘ ସମୟ ନୁହେଁ |
- "ଛାଇ "ବେଳେ ବେଳେ "ଅନ୍ଧକାର" ପାଇଁ ବ୍ୟବହାର କରାଯାଏ |
- ଈଶ୍ୱରଙ୍କ ପକ୍ଷର ଛାଇ ତଳେ କିମ୍ବା ହସ୍ତରେ ଲୁଚିବା ଓ ସୁରକ୍ଷିତ ବିଷୟ ବାଇବଲେ ପ୍ରକାଶ କରେ ଏହା ବିପଦରୁ ଲୁଚିବା କିମ୍ବା ରକ୍ଷା ପାଇବାକୁ ବୁଝାଏ, "ଛାଇ" ଶବ୍ଦକୁ "ଛାୟା" କିମ୍ବା "ନିରାପତ୍ତା" କିମ୍ବା "ସୁରକ୍ଷିତ" "ଛାଇ" ବୋଲି ଅନୁବାଦ କରାଯାଇପାରେ ।
- ପ୍ରକୃତ ଛାୟାକୁ ସୂଚାଇବା ପାଇଁ ବ୍ୟବହୃତ ସ୍ଥାନୀୟ ଶବ୍ଦକୁ ବ୍ୟବହାର କରି "ଛାୟା" ଶବ୍ଦକୁ ଆକ୍ଷରିକ ଭାବରେ ଅନୁବାଦ କରିବା ସର୍ବୋତ୍ତମ ଅଟେ ।

(: ଅନ୍ଧକାର, ଆଲୋକ ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ରାଜାବଳୀ 20:9
- ଆଦି ପୁସ୍ତକ 19:8
- ଯିଶାଇୟ 30:2
- ଯିରିମୀୟ 6:4
- ଗୀତସଂହିତା 17:8

ଶବ୍ଦବିନ୍ୟାସ :

- Strong's: H2927, H6738, H6751, H6752, H6754, H6757, G06440, G19820, G26830, G46390

ଛାଡପତ୍ର

ପରିଭାଷା:

ଏକ ଛାଡପତ୍ର ଗୋଟିଏ ବିବାହ ପରିଶେଷର ଆଇନଗତ କାର୍ଯ୍ୟ ଅଟେ । "ଛାଡପତ୍ର" ଶବ୍ଦଟି ବିବାହ ପରିସମାପ୍ତି କରିବା ପାଇଁ ଜଣେ ବ୍ୟକ୍ତିଙ୍କ ସ୍ୱାମୀ ବା ସ୍ତ୍ରୀ'ଙ୍କଠାରୁ ଆନୁଷ୍ଠାନିକ ଓ ଆଇନଗତ ଭାବେ ବିଚ୍ଛେଦ ହେବା ବିଷୟକୁ ବୁଝାଏ ।

- "ଛାଡପତ୍ର" ଶବ୍ଦଟିର ଆକ୍ଷରିକ ଅର୍ଥ "ପଠାଇବା" କିମ୍ବା "ଆନୁଷ୍ଠାନିକ ଭାବେ ବିଚ୍ଛେଦଠାରୁ" ଅଟେ । ଅନ୍ୟ ଭାଷାଗୁଡ଼ିକରେ ଛାଡପତ୍ରକୁ ବୁଝାଇବାକୁ ଅନ୍ୟ ଅଭିବ୍ୟକ୍ତି ଥାଇପାରେ ।
- ଏକ "ବିବାହ ବିଚ୍ଛେଦ ପ୍ରମାଣପତ୍ର" ବାକ୍ୟାଂଶକୁ "ବିବାହ ପରିସମାପ୍ତି ଲିଖିତ ପତ୍ର" ବୋଲି ଅନୁବାଦ କରାଯାଇପାରେ ।

ବାଇବେଲ ପଦପର୍ବ:

- ୧ ବଂଶାବଳୀ ୮: ୮-୧୧
- ଲେବୀୟପୁସ୍ତକ ୨୧:୭-୯
- ଲୂକ ୧୬:୧୮
- ମାର୍କ ୧୦:୪
- ମାଥିଉ ୫: ୩୨
- ମାଥିଉ ୧୯:୩

ଶବ୍ଦବିନ୍ୟାସ:

- Strong's: H1644, H3748, H5493, H7971, G06300, G06470, G08630

ଛିନ୍ନହେବା, କାଟିବା

ପରିଭାଷା:

"ଛିନ୍ନହେବା" ଏକ ଅଭିବ୍ୟକ୍ତି ଅଟେ ଯାହାର ଅର୍ଥ ବହିଷ୍କାର କରିବା, ଉଭେଇ ଯିବା କିମ୍ବା ମୁଖ୍ୟ ଦଳରୁ ବାଦ ପଡିବା ଅଟେ । ଏହା ମଧ ପାପ ନିମନ୍ତେ ଐଶ୍ୱରିକ ବିଚାରରେ ମୃତ୍ୟୁକୁ ବୁଝାଏ ।

- ପୁରାତନ ନିୟମରେ, ଈଶ୍ୱରଙ୍କ ବ୍ୟବସ୍ଥାର ଅବାଧର ପରିଣାମ ଈଶ୍ୱରଙ୍କ ଲୋକ ଏବଂ ଉପସ୍ଥିତିରୁ ଛିନ୍ନହେବା କିମ୍ବା ଭିନ୍ନ ହେବା ଥିଲା ।
- ଈଶ୍ୱର କହିଲେ, ଅଣ-ଇସ୍ରାଏଲ ଦେଶମାନଙ୍କୁ ସେ ବିନଷ୍ଟ ନ ହୁବା ଧ୍ୱଂସ କରିବେ କାରଣ ସେମାନେ ଉପାସନା କିମ୍ବା ତାହାଙ୍କର ଅବାଧତା ଓ ସେମାନେ ଇସ୍ରାଏଲର ଶତ୍ରୁ ଥିଲେ ।
- "ଛିନ୍ନହେବା: ଅଭିବ୍ୟକ୍ତିର ଅର୍ଥ ଈଶ୍ୱର ନଦୀର ଜଳର ପ୍ରବାହିତ ସ୍ଥିର କରିବାକୁ ମଧ ବୁଝାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଛିନ୍ନହେବା" ବାକ୍ୟାଂଶକୁ "ଉଭେଇ ଯିବା" କିମ୍ବା "ପଠାଇ ଦେବା" କିମ୍ବା "ଭିନ୍ନ କରିବା" କିମ୍ବା "ମାରିବା" କିମ୍ବା "ଧ୍ୱଂସ" କରିବା ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗ ଉପରେ ଆଧାର କରି, "ଛିନ୍ନହେବା" ଶବ୍ଦକୁ "ଧ୍ୱଂସ" କିମ୍ବା "ବାହାରକୁ ପଠାଇବା" କିମ୍ବା "ଅଲଗା ହେବା" କିମ୍ବା "ଧ୍ୱଂସ କରିବା" ବୋଲି ଅନୁବାଦ କରାଯାଇପାରେ ।
- ପ୍ରଭାହିତ ଜଳ ବନ୍ଦ ହେବା ପ୍ରସଙ୍ଗରେ "ବନ୍ଦ କରିଥିଲେ" କିମ୍ବା "ପ୍ରବାହିତ ଅବରୋଧ" କିମ୍ବା "ବିଭିନ୍ନ କରିବା" ବୋଲି ଅନୁବାଦ କରାଯାଇପାରେ ।
- ଛୁରୀରେ କୌଣସି ବସ୍ତୁକୁ କାଟିବାର ଆକ୍ଷରିକ ଅର୍ଥ ଏହି ଶବ୍ଦର ସାଙ୍କେତିକ ବ୍ୟବହାରଠାରୁ ଭିନ୍ନ ହେବା ଉଚିତ ।ବାଇବେଲ ପଦପର୍ବ:

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୧୭:୧୪
- ବିଚାରକର୍ତ୍ତା ୨୧:୬
- ହିତୋପଦେଶ ୨୩:୧୮

ଶବ୍ଦବିନ୍ୟାସ:

- Strong's: H1214, H1219, H1438, H1494, H1504, H1629, H1820, H2686, H3582, H3772, H5243, H5352, H6789, H7088, H7096, H7112, H7113, G06090, G08510, G15810

ଛେଳି, ଛେଳିଚର୍ମ, ବଳିଛାଗ, ଶାବକ

ପରିଭାଷା:

ଏକ ଛେଳି ମଧ୍ୟମ ଆକାରର ଅଟେ, ଏହା ଚାରି ଗୋଡବିଶିଷ୍ଟ ଅଟେ ଅଟେ ଯାହା ମେଷ ସହ ସମାନ ଅଟେ ଓ ପ୍ରାଥମିକ ସ୍ତରରେ ଏହାକୁ ଦୁଧ ଓ ମାଂସ ନିମନ୍ତେ ପାଳନ କରାଯାଏ I ଏକ ଅଳ୍ପ ବୟସର ଛେଳିକୁ "ଶାବକ" କୁହାଯାଏ I

- ବିଶେଷ କରି ନିସ୍ତାର ପର୍ବରେ ବଳି ନିମନ୍ତେ ମେଷ ପରି ଛେଳି ମଧ୍ୟ ଏକ ମହତ୍ୱପୂର୍ଣ୍ଣ ପଶୁ ଥିଲା I
- ମେଷ ଓ ଛେଳି ମଧ୍ୟରେ ଅତି ସମାନତା ଥାଇପାରେ କିନ୍ତୁ ସେମାନଙ୍କ ପ୍ରକାରରେ ଅନେକ ଅସମାନତା ଦେଖିବାକୁ ମିଳେ I
- ଛେଳିର କେଶ ଘନ ; ମେଷର ପଶମ କେଶ ଅଟେ I
- ଛେଳିର ଲାଞ୍ଜ ଉପରକୁ ଉଠିଥାଏ ; ମେଷର ଲାଞ୍ଜ ତଳକୁ ହୋଇଥାଏ I
- ମେଷ ନିଜ ଗୋଠ ମଧ୍ୟରେ ରହିବାକୁ ପସନ୍ଦ କରେ, କିନ୍ତୁ ଛେଳି ଅତି ସ୍ୱାଧୀନ ଓ ଅନେକ ସମୟରେ ନିଜ ଗୋଠରୁ ବାହାରକୁ ଯିବାକୁ ତତ୍ପର ହୁଏ I
- ବାଇବେଲ ସମୟରେ, ଇସ୍ରାଏଲରେ ଛେଳି ଦୁଧର ମୁଖ୍ୟ ଉତ୍ସ ଥିଲା I
- ଛେଳି ଚମଡା ତମ୍ବୁ ନିର୍ମାଣରେ ବ୍ୟବହୃତ ହୁଏ ଓ ମଦ ଧରିବା ପାଇଁ ଥଳି ପରି ମଧ୍ୟ ବ୍ୟବହାର ହେଉଥିଲା I
- ପୁରାତନ ଓ ନୂତନ ନିୟମରେ ଛେଳି ଅଧାର୍ମିକ ଜନର ପ୍ରତିକ ରୂପରେ ବ୍ୟବହୃତ ହେଉଥିଲା, ବୋଧହୁଏ ଏହାର ଯତ୍ନ ନେଉଥିବା ବ୍ୟକ୍ତିଠାରୁ ଦୂରେଇ ଯିବାର ପ୍ରବୃତ୍ତି ହେତୁ I
- ଇସ୍ରାଏଲ ଲୋକ ମଧ୍ୟ ଛେଳିକୁ ପାପ ବହନକାରୀ ପ୍ରତିକ ରୂପରେ ବ୍ୟବହାର କଲେ I ଯେତେବେଳେ ଗୋଟିଏ ଛାଗର ବଳି ହୁଏ, ଯାଜକ ତାର ହାତ ଦ୍ୱିତୀୟ ଜୀବନ୍ତ ଛାଗ ଉପରେ ହାତ ରଖି ସେହି ପଶୁ ଲୋକମାନଙ୍କର ପାପ ବହନ କରେ ବୋଲି ଦେଖାଇବାକୁ ଏହାକୁ ମରୁଭୂମିକୁ ପଠାଉଥିଲେ ।

(ଦେଖନ୍ତୁ: ଗୋଠ, ବଳି, ମେଷ, ଧାର୍ମିକ, ମଦ୍ୟ)

ବାଇବେଲ ପଦପର୍ବ:

- ଯାତ୍ରାପୁସ୍ତକ ୧୨:୩-୪
- ଆଦିପୁସ୍ତକ ୩୦:୩୨
- ଆଦିପୁସ୍ତକ ୩୧:୧୦
- ଆଦିପୁସ୍ତକ ୩୭: ୩୧
- ଲେବୀୟ ୩:୧୨-୧୪
- ମାଥିଉ ୨୫:୩୩

ଶବ୍ଦବିନ୍ୟାସ:

- Strong's: H0689, H1423, H1429, H3277, H3629, H5795, H5796, H6260, H6629, H6842, H7716, H8163, H8166, H8495, G01220, G20550, G20560, G51310

ଜଗିବା,ପହରା ଦେବା, ଯତ୍ନ ନେବା,ମନଯୋଗ ଦେବା, ସାବଧାନ ହେବା

ପରିଭାଷା:

"ଜଗିବା" ଶବ୍ଦର ଅର୍ଥ କୌଣସି ବସ୍ତୁକୁ ଭଲରେ ଏବଂ ଯତ୍ନରେ ଦେଖିବା ଅଟେ I ଏହାର ଅନେକ ସାଙ୍କେତିକ ଅର୍ଥ ମଧ୍ୟ ଅଛି I ଜଣେ "ପ୍ରହରୀ" ଜଣେ ବ୍ୟକ୍ତି ଅଟେ ଯାହାର କାମ ସହରର ସମସ୍ତ ପାର୍ଶ୍ୱକୁ ଉତ୍ତମ ରୂପରେ ଦେଖି ଏହାକୁ ବିପତି କିମ୍ବା ଆକ୍ରମଣରୁ ଲୋକମାନଙ୍କୁ ସୁରକ୍ଷା ଦେବା ଅଟେ I

- "ନିଜ ଜୀବନ ଓ ଶିକ୍ଷାକୁ ଉତ୍ତମ ରୂପରେ ଦେଖ" ବାକ୍ୟାଂଶର ଅର୍ଥ ଏକ ବୁଦ୍ଧିମାନ ପରି ଯତ୍ନ ରୂପରେ ଜୀବନଯାପନ କରିବା ଓ ମିଥ୍ୟା ଶିକ୍ଷା ଉପରେ ବିଶ୍ୱାସ ନ କରିବାକୁ ବୁଝାଏ I
- "ସମ୍ଭାଳି ରୁହ" ଏକ ସାବଧାନତାର ବାର୍ତ୍ତା ଅଟେ ଯାହା ବିପତି ଓ ହାନୀକାରକ ପ୍ରଭାବରୁ ଦୂରରେ ରହିବାକୁ ବୁଝାଏ I
- "ସାବଧାନ" କିମ୍ବା "ସାବଧାନ ରହିବା" ବାକ୍ୟାଂଶର ଅର୍ଥ ସବୁବେଳେ ପାପ ଓ ମନ୍ଦତା ପ୍ରତି ସତର୍କ ଓ ସୁରକ୍ଷିତ ରହିବାକୁ ବୁଝାଏ I ଏହାର ଆଉ ଏକ ଅର୍ଥ "ପ୍ରସ୍ତୁତ ରହିବା" ଅଟେ I
- "ଯତ୍ନ ନେବା "କିମ୍ବା "ଭଲରେ ଯତ୍ନ ନେବା" ବାକ୍ୟାଂଶର ଅର୍ଥ କାହାର କିମ୍ବା କୌଣସି ବସ୍ତୁର ସୁରକ୍ଷା ଦେବା କିମ୍ବା ଯତ୍ନ ନେବା ଅଟେ I
- "ଜଗିବା" ଶବ୍ଦକୁ "ଧ୍ୟାନ ଦିଅନ୍ତୁ" କିମ୍ବା "ତତ୍ପର ହେବା" କିମ୍ବା "ଅତି ଯତ୍ନଶୀଳ ହେବା "କିମ୍ବା "ନିଜର ସୁରକ୍ଷା କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପରେ I
- "ପ୍ରହରୀ" ଶବ୍ଦକୁ "ଜଗୁଆଳ" କିମ୍ବା "ସୁରକ୍ଷାକାରୀ" ବୋଲି ମଧ୍ୟ ଅନୁବାଦ କରାଯାଇପରେ I

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀୟ 5:6
- ଏବ୍ରୀ 13:17
- ଯିରିମୀୟ 31:4-6
- ମାର୍କ 8:15
- ମାର୍କ 13:33-34
- ମାଥିଉ 25:10-13

ଶବ୍ଦବିନ୍ୟାସ:

- Strong's: H0821, H2370, H4929, H4931, H5027, H5341, H6486, H6822, H6836, H6974, H7462, H7789, H7919, H8104, H8108, H8245, G00690, G09910, G11270, G14920, G23340, G28920, G35250, G37080, G39060, G43370, G46480, G50830, G54380

ଜନ ଗଣନା

ସଂଜ୍ଞା:

ଗୋଟିଏ ଦେଶ ବା ରାଜ୍ୟରେ ବିଧିବଦ୍ଧ ଭାବେ ଲୋକମାନଙ୍କୁ ଗଣନା କରିବାକୁ "ଜନ ଗଣନା" କୁହାଯାଏ

- ପୁରାତନ ନିୟମରେ ବିଭିନ୍ନ ସମୟରେ ପରମେଶ୍ୱର ଇସ୍ରାଏଲ ଲୋକମାନଙ୍କୁ ଗଣନା କରିବା ପାଇଁ ନିର୍ଦ୍ଦେଶ ଦେବାର କାଗଜ ଅଛି, ଯଥା ଇସ୍ରାଏଲ ଲୋକମାନେ ମିସର ଦେଶରୁ ବାହାରି ଆସିବାର ଜନସଂଖ୍ୟା ପୁଣି କିଣାନ ଦେଶରେ ପ୍ରବେଶ କରିବା ପୂର୍ବର ଜନସଂଖ୍ୟା ହିସାବ ଦେଖିବାକୁ ମିଳେ
- ସାଧାରଣତଃ କେତେ ଲୋକ ଅଧିକାରୀଙ୍କୁ କର ଦେବେ ଜାଣିବା ନିମନ୍ତେ ଜଣ ଗଣନା କରାଯାଏ
- ଉଦାହରଣ ସ୍ୱରୂପ, ଯାତ୍ରାପୁସ୍ତକରେ ଥରେ ଇସ୍ରାଏଲର ପୁରୁଷମାନଙ୍କର ଗଣନା ହୋଇଥିଲା ଯେପରି ପ୍ରତ୍ୟେକ ଜଣ ଅର୍ଦ୍ଧଶେକଲ ମନ୍ଦିର ଯତ୍ନ ନେବା ପାଇଁ ଦେବ
- ଯେତେବେଳେ ଯୀଶୁ ଶିଶୁଥିଲେ, ରୋମ ସମ୍ରାଟ ରୋମ ରାଜ୍ୟ ର କେତେ ଲୋକମାନେ ବାସ କରୁଛନ୍ତି ଓ ସେମାନଙ୍କୁ କର ଆଣିବା ନିମନ୍ତେ ଜନ ଗଣନା କରିଥିଲେ

ଭାଷାନ୍ତର ନିମନ୍ତେ ଉପଦେଶ ମାଳା

- ଏହି ବାକ୍ୟାଂଶ କୁ ସମ୍ଭାବ୍ୟ ଉପରେ ଅନୁବାଦ କରି ହେବ ଯଥା: "ନାମ ଗଣତି", କିମ୍ବା "ନାମ ତାଲିକା" ନତୁବା "ନାମ ଲେଖାଇବା"
- "ଜଣ ଗଣନା" କରିବ ବାକ୍ୟଟିକୁ ଅନ୍ୟ ଭାବରେ ଅନୁବାଦ କରିବା "ଲୋକମାନଙ୍କର ନାମଗୁଡିକୁ ପଞ୍ଜିକରଣ" କିମ୍ବା "ଲୋକମାନଙ୍କର ନାମଲେଖା" ଅଥବା "ଲୋକମାନଙ୍କର ନାମଗୁଡିକୁ ଲେଖିବା"

(ଦେଖ: ଦେଶ, ରୋମ)

ବାଇବଲର ସନ୍ଦର୍ଭ:

- ପ୍ରେରିତ ୦୫:୩୫-୩୭
- ଯାତ୍ରା ୩୦:୧୧-୧୪
- ଯାତ୍ରା ୩୮:୨୪-୨୬
- ଲୁକ ୦୨:୧-୩
- ଗଣନା ୦୪:୧-୪

ବୋର୍ଡ ଡାଟା :

- Strong's: H3789, H5674, H5921, H6485, H7218, G582, G583

ଜଳ, ଗଭୀର

ପରିଭାଷା:

ଏହାର ମୁଖ୍ୟ ଅର୍ଥ ସହିତ "ଜଳ" ଅଧିକାଂଶ ସମୟରେ ଗଭୀର ଜଳକୁ ମଧ୍ୟ ଦର୍ଶାଏ, ଯେପରି ମହା ସାଗର, ସମୁଦ୍ର, ହ୍ରଦ ଏବଂ ନଦୀ ଅଟେI

- "ଗଭୀର ଜଳ" ବହୁଜଳ କିମ୍ବା ଜଳର ଅନେକ ଉତ୍ସକୁ ଦର୍ଶାଏ I ଏହା ସାଧାରଣ ଭାବରେ ବହୁଳ ପରିମାଣରେ ଜଳକୁ ମଧ୍ୟ ଦର୍ଶାଏ I
- ସାଙ୍କେତିକ ରୂପରେ ଜଳକୁ ବ୍ୟବହାର କଲେ କ୍ଲେଶ, କଠିନତା ଏବଂ ତାଡନକୁ ଦର୍ଶାଏ I ଉଦାହରଣ ସ୍ୱରୂପ, ଈଶ୍ୱର ପ୍ରତିଜ୍ଞା କରି ଅଛନ୍ତି ଯେ "ଯେତେବେଳେ ଆମ୍ଭେମାନେ ଜଳ ମଧ୍ୟରେ ହୋଇ ଯିବା "ସେ ଆମ ସହିତ ହେବେ I
- ବାକ୍ୟାଂଶ "ଗଭୀର ଜଳ "ଆମର ଯାତନା କେତେ ବଡ଼ ତାହା ଦର୍ଶାଏ I
- ଗୃହପାଳିତ ପଶୁ ଏବଂ ଅନ୍ୟ ପଶୁମାନଙ୍କୁ "ଜଳ" ବ୍ୟବସ୍ଥା ଅର୍ଥ ସେମାନଙ୍କ ନିମନ୍ତେ "ଜଳ ପ୍ରବନ୍ଧ କରିବା" ଅଟେ I ବାଇବେଲ ସମୟରେ, ଏହା ସାଧାରଣତଃ ଏକ ବାଲ୍ଟି ସହିତ ଏକ କୂଅରୁ ପାଣି ଟାଣିବା ଏବଂ ପଶୁମାନଙ୍କୁ ପିଇବା ପାଇଁ ଏକ ପାତ୍ର କିମ୍ବା ଅନ୍ୟ ପାତ୍ରରେ ପାଣି ଦେଉଥିଲେ I
- "ଗଭୀର" ଜଳର ଏକ ଗଭୀର ଶରୀରକୁ ବୁଝାଏ, ଯେପରିକି ସୃଷ୍ଟି ଆରମ୍ଭରେ ଜଳର ଗଭୀରତା କିମ୍ବା ଜଳର ଏକ ଶରୀର ଯାହା ପୃଥିବୀ ପୃଷ୍ଠରେ ଗଭୀର ଭାବରେ ବିସ୍ତାର ହୁଏ ଯେପରିକି ସମୁଦ୍ର, ସାଗର ଇତ୍ୟାଦି I
- ପୁରାତନ ନିୟମରେ, ଈଶ୍ୱରଙ୍କୁ "ଜୀବନ୍ତ ଜଳ" ର ଉତ୍ସ କିମ୍ବା ଝରଣା ରୂପରେ ତାହାଙ୍କର ଲୋକମାନଙ୍କ ନିମନ୍ତେ ସମ୍ବୋଧିତ କରାଯାଇଅଛି I ଏହାର ଅର୍ଥ ସେ ଆତ୍ମିକ ଶକ୍ତି ଏବଂ ସତେଜତା ନିମନ୍ତେ ଉତ୍ସ ଅଟନ୍ତି I
- ନୂତନ ନିୟମରେ, ଯୀଶୁ "ଜୀବନ୍ତ ଜଳ" ବାକ୍ୟାଂଶ ବ୍ୟବହାର କରି ପବିତ୍ରଆତ୍ମାଙ୍କୁ ନୂତନ ଜୀବନ ପରିବର୍ତ୍ତନ ଏବଂ ଆଣିବା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିଷୟରେ କହିଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଜଳ ବାହାର କରିବା" ବାକ୍ୟାଂଶକୁ "ବାଲ୍ଟି ସହିତ କୂଅରୁ ପାଣି ଟାଣିବା" ବୋଲି ଅନୁବାଦ କରାଯାଇପାରେ I
- "ଜୀବନ୍ତ ଜଳର ଉତ୍ସ ତାହାଙ୍କ ମଧ୍ୟରୁ ବାହାରି ଆସିବ" ବାକ୍ୟାଂଶକୁ "ପବିତ୍ର ଆତ୍ମାଙ୍କଠାରୁ ଶକ୍ତି ଏବଂ ଆଶୀର୍ବାଦ ସେହି ସମସ୍ତଙ୍କ ଉପରେ ଜଳର ଉତ୍ସ ପରି ବହିବ"ବୋଲି ଅନୁବାଦ କରାଯାଇପାରେ I "ଆଶୀର୍ବାଦ" ଶବ୍ଦ ବଦଳରେ "ବରଦାନ" କିମ୍ବା "ଫଳ" କିମ୍ବା "ଈଶ୍ୱରୀୟ ଚରିତ୍ର" ଶବ୍ଦ ସବୁ ବ୍ୟବହାର କରାଯାଇପାରେ I
- ଯେତେବେଳେ ଯୀଶୁ କୂଅ ନିକଟରେ ଶମିରୋଣୀୟ ସ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରନ୍ତି, "ଜୀବନ୍ତ ଜଳ" ବାକ୍ୟକୁ "ଜୀବନ ପ୍ରଦାନ କରୁଥିବା ଜଳ" କିମ୍ବା "ଜୀବନ ପ୍ରଦାନକାରୀ ଜଳ" ବୋଲି ଅନୁବାଦ କରାଯାଇପାରେ I ଏହି ପରିପ୍ରେକ୍ଷୀରେ, ଜଳର ଚିତ୍ରକୁ ଅନୁବାଦରେ ରଖିବା ଜରୁରୀ ଅଟେ I
- ପ୍ରସଙ୍ଗକୁ ଆଧାର କରି, "ଗଭୀର ବହୁଳ" କିମ୍ବା "ବହୁଳ ଜଳ" କିମ୍ବା "ବଡ଼ ଯାତନା"(ଯାହା ତୁମକୁ ଜଳ ପରି ଘେରି ରହିଥାଏ) କିମ୍ବା "ଅସହ୍ୟ କଠିନତା"(ବନ୍ୟାର ଜଳ ପରି)" କିମ୍ବା "ଏକ ବଡ଼ ପରିମାଣରେ ଜଳ" ବୋଲି ଅନୁବାଦ କରାଯାଇପାରେ I

(ଜୀବନ, ଆତ୍ମା, ପବିତ୍ର ଆତ୍ମା, ଶକ୍ତି: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 8:36-38
- ଯାତ୍ରା ପୁସ୍ତକ 14:21
- ଯୋହନ 4:10
- ଯୋହନ 4:14
- ଯୋହନ 4:15
- ମାଥିଉ 14:28-30

ଶବ୍ଦବିନ୍ୟାସ :

- Strong's: H2222, H4325, H4529, H4857, H7301, H7783, H8248, H8415, G05040, G42150, G42220, G52020, G52040

ଜାଣିବା, ଜ୍ଞାନ, ଅଜଣା, ପ୍ରଭେଦ

ପରିଭାଷା:

"ଜାଣିବା" ଏବଂ "ଜ୍ଞାନ" ଶବ୍ଦର ଅର୍ଥ ସାଧାରଣତଃ କିଛି କିମ୍ବା କାହାକୁ ବୁଝିବା ଅଟେ। ଏହାର ଅର୍ଥ ମଧ୍ୟ ଏକ ସତ୍ୟ ବିଷୟରେ ସଚେତନ ହେବା କିମ୍ବା ଜଣେ ବ୍ୟକ୍ତିଙ୍କ ସହିତ ପରିଚିତ ହେବାକୁ ବୁଝାଏ। "ଜଣାଇବା" ଅଭିବ୍ୟକ୍ତିର ଅର୍ଥ ଖବର କହିବା ଅଟେ।

- "ଜ୍ଞାନ" ଶବ୍ଦର ଅର୍ଥ ଘଟଣାବଳୀକୁ ବୁଝାଏ ଯାହା ଲୋକମାନେ ଜାଣନ୍ତି। ଏହା ଶାରୀରିକ ଓ ଆତ୍ମିକ ଦୁନିଆର ଜାଣିବାକୁ ଲାଗୁ କରିବା ଅଟେ। ଏହା ଶାରୀରିକ କିମ୍ବା ଚିନ୍ତା ବା ତତ୍ତ୍ୱମୂଳକ ଧାରଣା ଜାଣିବା ପାଇଁ ପ୍ରୟୋଗ ହୋଇପାରେ।
- ଈଶ୍ୱରଙ୍କ "ବିଷୟରେ ଜାଣିବା" ଅର୍ଥ ତାହାଙ୍କ ବିଷୟକ ଘଟଣାବଳୀ ବୁଝିବା ଅଟେ କାରଣ ସେ ଯାହା ଆମ୍ଭ ପ୍ରକାଶ କରି ଅଛନ୍ତି।
- ଈଶ୍ୱରଙ୍କୁ ଜାଣିବାର ଅର୍ଥ ତାହାଙ୍କ ସହିତ ସହଭାଗିତା କରିବା ଅଟେ। ଏହା ମଧ୍ୟ ଲୋକମାନଙ୍କୁ ଜାଣିବାରେ ପ୍ରୟୋଗ ହୋଇପାରେ।
- ଈଶ୍ୱରଙ୍କ ଇଚ୍ଛା ଜାଣିବାର ଅର୍ଥ ସେ ଯାହା ଆଜ୍ଞା କରିଅଛନ୍ତି ସେ ବିଷୟରେ ଅବଗତ ହେବା, କିମ୍ବା ସେ ଜଣେ ବ୍ୟକ୍ତିଙ୍କୁ କଅଣ କରୁ ବୋଲି ଚାହାନ୍ତି ତାହା ଜାଣିବା ଅଟେ।
- "ବ୍ୟବସ୍ଥାକୁ ଜାଣିବା" ଅର୍ଥ ଯାହା ଈଶ୍ୱର ଆଜ୍ଞା କରିଛନ୍ତି ସେଥିର ଅବଗତ ହେବା କିମ୍ବା ମୋଶାଙ୍କୁ ଦେଇଥିବା ବ୍ୟବସ୍ଥାରେ ଈଶ୍ୱର ଯାହା ନିର୍ଦ୍ଦେଶ ଦେଇ ଅଛନ୍ତି ତାହାକୁ ବୁଝିବା ଅଟେ।
- କେତେକ ସମୟରେ "ଜ୍ଞାନ" ସମାର୍ଥବିଶିଷ୍ଟ ଶବ୍ଦ ଭାବରେ "ବୁଦ୍ଧି," ବ୍ୟବହୃତ ହୋଇଥାଏ, ଏପରି ଭାବରେ ଜୀବନ ଯାପନ କରିବା ଯାହା ଈଶ୍ୱରଙ୍କୁ ସନ୍ତୁଷ୍ଟ କରେ।
- "ଈଶ୍ୱରଙ୍କର ଜ୍ଞାନ" କେତେକ ସମୟରେ ସମାର୍ଥବିଶିଷ୍ଟ ଶବ୍ଦ ଭାବରେ "ଯିହୋବାଙ୍କ ଭୟ" ବୋଲି ବ୍ୟବହାର କରାଯାଏ।
- ଯେତେବେଳେ ଏହି ଶବ୍ଦ "ଜାଣିବା" ଜଣେ ପୁରୁଷ ଏବଂ ସ୍ତ୍ରୀ ମଧ୍ୟରେ ଯୌନ ସମ୍ପର୍କକୁ ସ୍ଥାପନ କରିବା ପାଇଁ ବ୍ୟବହୃତ ହୁଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି, "ଜାଣିବା" ଶବ୍ଦକୁ "ବୁଝିବା" କିମ୍ବା "ସହ ସୁପରିଚିତ" କିମ୍ବା "ଅବଗତ ହେବା" କିମ୍ବା "ପରିଚିତ ହେବା" କିମ୍ବା "ସହଭାଗିତାରେ ରହିବା" ନୋଳି ଅନୁବାଦ କରାଯାଇପାରେ।
- ଦୁଇଟି ବିଷୟ ମଧ୍ୟରେ ପାର୍ଥକ୍ୟ ବୁଝୁଥିବା ପ୍ରସଙ୍ଗରେ, ଶବ୍ଦଟି ସାଧାରଣତଃ "ପ୍ରଭେଦ ଦେଖାଇବା" ବୋଲି ଅନୁବାଦ କରାଯାଇଥାଏ। ଏହି ପ୍ରକାରେ ଯେବେ ବ୍ୟବହୃତ ହୁଏ, ପ୍ରାୟତଃ ସମ୍ବନ୍ଧସୂଚକ ଅବ୍ୟୟପଦ ପରେ "ମଧ୍ୟରେ ବା ଅନ୍ତର୍ବର୍ତ୍ତୀ" ପଦର ବ୍ୟବହୃତ ହୋଇଥାଏ।
- କେତେକ ଭାଷାରେ "ଜାଣିବା" ପାଇଁ ଦୁଇଟି ଭିନ୍ନ ଶବ୍ଦ ଅଛି, ଗୋଟିଏ ଘଟଣାବଳୀ ବା ସତ୍ୟ ଜାଣିବା ନିମନ୍ତେ ଏବଂ ଅନ୍ୟଟି ଜଣେ ବ୍ୟକ୍ତିକୁ ଜାଣିବା ଏବଂ ତାହଙ୍କ ସହିତ ସମ୍ପର୍କ ରଖିବା ବିଷୟରେ।
- "ଜଣାଇବା" ଶବ୍ଦକୁ "ଲୋକମାନଙ୍କୁ ଜଣାଇବା" କିମ୍ବା "ପ୍ରକାଶି କରିବା" କିମ୍ବା "ବିଷୟରେ କହିବା" କିମ୍ବା "ବ୍ୟାଖ୍ୟା କରିବା" ବୋଲି ଅନୁବାଦ କରାଯାଇପାରେ ।
- କୌଣସି "ବିଷୟରେ ଜାଣିବା"କୁ "ଅବଗତ ହେବା" କିମ୍ବା "ଭଲରେ ଜାଣିବା" ବୋଲି ଅନୁବାଦ କରାଯାଇପାରେ ।
- ଅଭିବ୍ୟକ୍ତି, "କିପରି ଜାଣିବା" ଅର୍ଥ କୌଣସି କାମ କରିବା ପ୍ରକ୍ରିୟା କିମ୍ବା ପଦ୍ଧତିକୁ ବୁଝିବା ଅଟେ। ଏହାକୁ "କରି ପାରିବା" କିମ୍ବା"ସକ୍ଷମ ହେବା" କିମ୍ବା "କରିବାର ଦକ୍ଷତା ଅଛି" ବୋଲି ଅନୁବାଦ କରାଯାଇପାରେ।
- ପ୍ରସଙ୍ଗ ଅନୁସାରେ "ଜ୍ଞାନ" ଶବ୍ଦକୁ "ଯାହା ଜଣା ଅଛି" କିମ୍ବା "ବୁଦ୍ଧି" କିମ୍ବା "ବୁଝାମଣା" ବୋଲି ଅନୁବାଦ କରାଯାଇପାରେ।

(ବ୍ୟବସ୍ଥା, ପ୍ରକାଶ କରିବା, ବୁଝିବା, ଜ୍ଞାନୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ2:12-13
- ପ୍ରଥମ ଶାମୁୟେଲ 17:46
- ଦ୍ୱିତୀୟ କରିନ୍ଥୀୟ 2:15
- ଦ୍ୱିତୀୟ ପିତର1:3-4
- ଦ୍ୱିତୀୟ ବିବରଣ 4:39-40
- ଆଦି ପୁସ୍ତକ 19:5
- ଲୂକ 1:77

ଶବ୍ଦବିନ୍ୟାସ:

- Strong's: H1843, H1844, H1847, H1875, H3045, H3046, H4093, H4486, H5046, H5234, H5475, H5869, G00500, G00560, G10970, G11070, G11080, G14920, G19210, G19220, G19870, G24670, G25890, G42670, G48940

ଜାତି, ଜାତିଗଣ

ସଂଜ୍ଞା:

"ଜାତି" ଶବ୍ଦ ଏକ ଦଳର ପରିବାର ସଦସ୍ୟମାନେ ଯେଉଁମାନେ ଗୋଟିଏ ପୂର୍ବଜ ରୁ ଆନୀତ

- ପୁରାତନ ନିୟମରେ, ଇସ୍ରାଏଲ ଲୋକମାନେ ଜାତି କିମ୍ବା ପରିବାର ଦଳ ଅନୁସାରେ ଗଣନା ହେଉଥିଲେ,
- ଜାତିଗଣ ସାଧାରଣତଃ ସେମାନଙ୍କ ପୂର୍ବଜ ଅନୁସାରେ ନାମାଙ୍କରଣ କରାଗଲା
- ବ୍ୟକ୍ତିଗତ ଲୋକମାନେ ବେଳେବେଳେ ସେମାନଙ୍କର ଜାତି ଅନୁସାରେ ପରିଚିତ ହୁଅନ୍ତି

ଉଦାହରଣ ସ୍ୱରୂପ ମୋଶାଙ୍କ "ଶଶୁର" ଯେଥ୍ରୋ ବେଳେବେଳେ ତାଙ୍କର ଜାତି ରୁବେଲ୍ ଅନୁସାରେ ଡକା ଯାଆନ୍ତି

- ଜାତିକୁ ମଧ୍ୟ "ପରିବାରର ଦଳ" କିମ୍ବା "ବଢିଥିବା ପରିବାର" ନଡୁବା "ସମ୍ପର୍କୀୟ" ଅନୁବାଦ କରି ହେବ

(ଦେଖ: ପରିବାର, ଯିଥ୍ରୋ, ଜନଜାତି)

ବାଇବଲ ସନ୍ଦର୍ଭ:

- ୧ମ ବଂଶାବଳି ୦୬:୩୩-୩୫
- ଆଦି ୧୦:୨-୫
- ଆଦି ୩୬:୧୫-୧୬
- ଆଦି ୩୬:୨୯-୩୦
- ଆଦି ୩୬:୪୦-୪୩
- ଯିହୋଶୂୟ ୧୫:୨୦
- ଗଣନା ୦୩: ୩୮-୩୯

ବୋର୍ଡ ଡାଟା :

- Strong's: H1, H441, H1004, H4940

ଜିହ୍ୱା, ଭାଷା

ପରିଭାଷା:

" ଜିହ୍ୱା " ଶବ୍ଦଟି ଜଣେ ବ୍ୟକ୍ତିଙ୍କ ପାଟି ଭିତରେ ଥିବା ଅଙ୍ଗକୁ ବୁଝାଏ ଯାହା କହିବା ପାଇଁ ବ୍ୟବହୃତ ହୁଏ I ଶବ୍ଦଟି ପ୍ରାୟତଃ "ସାଙ୍କେତିକ ଭାବରେ" ଭାଷା "କିମ୍ବା" କଥା "ଅର୍ଥରେ ବ୍ୟବହୃତ ହୁଏ I ଏହା ବ୍ୟତୀତ, ଏହି ଶବ୍ଦର ଅନ୍ୟାନ୍ୟ ଅନେକ ସାଙ୍କେତିକ ଅର୍ଥ ଅଛି I

- ବାଇବେଲରେ, ଏହି ଭାବ ପ୍ରକାଶକ ପଦ ନିମନ୍ତେ ଅତି ସାଧାରଣ ଆଳଙ୍କାରିକ ଅର୍ଥ “ଭାଷା” ବା “ଭାଷଣ ବା ବକ୍ତବ୍ୟ” ଅଟେ I
- ବେଳେବେଳେ “ଜିହ୍ୱା” ହୁଏତ ନିର୍ଦ୍ଦିଷ୍ଟ ଲୋକ ଦଳ ଦ୍ୱାରା କଥିତ ମାନବୀୟ ଭାଷାକୁ ସୂଚାଇଥାଏ I
- ଅନ୍ୟ ସମୟରେ ଏହା ଅଲୌକିକ ଭାଷାକୁ ବୁଝାଏ ଯାହା ଖ୍ରୀଷ୍ଟରେ ଥିବା ବିଶ୍ୱାସୀମାନଙ୍କୁ ପବିତ୍ର ଆତ୍ମା ଦେଉଥିବା “ଆତ୍ମା ଅନୁଗ୍ରହ ଦାନ” ମଧ୍ୟରୁ ଅନ୍ୟତମ ଦାନକୁ ସୂଚାଏ I
- ପ୍ରେରିତ ପୁସ୍ତକରେ, ଅଗ୍ନିର “ଜିଭ” ଶବ୍ଦ “ଜ୍ୱଳନ୍ତ” କୁ ସୂଚାଏ, ଯାହା ସମ୍ଭବତଃ ଜିଭ ଆକାରର ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି ଏହି “ଜିହ୍ୱା” ଶବ୍ଦକୁ “ଭାଷା” ବା “ଆତ୍ମିକ ଭାଷା” ବୋଲି ଅନୁବାଦ କରାଯାଇପାରିବ I ଯଦି ଏହା କେଉଁ ବିଷୟକୁ ଉଲ୍ଲେଖ କରୁଛି ବୋଲି ସ୍ପଷ୍ଟ ହୁଏ ନାହି, ତେବେ ଏହାକୁ “ଭାଷା” ବୋଲି ଅନୁବାଦ କରିବା ଅଧିକ ଉତ୍ତମ ହେବ I
- ଯେତେବେଳେ ଏହା ଅଗ୍ନିକୁ ସୂଚାଇଥାଏ, ଏହି ଭାବ ପ୍ରକାଶକ ପଦକୁ “ଶିଖା” ବୋଲି ଅନୁବାଦ କରାଯାଇପାରିବ I
- “ମୋହର ଜିହ୍ୱା ଉଲ୍ଲାସ କରୁଅଛି” ବୋଲି କହିବା ଅଭିବ୍ୟକ୍ତିକୁ “ମୁଁ ଆନନ୍ଦ କରୁଛି ଏବଂ ଈଶ୍ୱରଙ୍କ ପ୍ରଶଂସା କରୁଛି” କିମ୍ବା “ମୁଁ ଆନନ୍ଦପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ପ୍ରଶଂସା କରୁଛି” ବୋଲି ଅନୁବାଦ କରାଯାଇପାରିବ I
- “ମିଥ୍ୟାବାଦୀ ଜିହ୍ୱା” ବାକ୍ୟାଂଶକୁ “ମିଥ୍ୟା କଥା କହୁଥିବା ବ୍ୟକ୍ତି” ବା “ମିଥ୍ୟା କଥା କହୁଥିବା ଲୋକମାନେ” ବୋଲି ଅନୁବାଦ କରାଯାଇପାରିବ I
- “ସେମାନଙ୍କ ଜିହ୍ୱାରେ” ଭଳି ବାକ୍ୟାଂଶଗୁଡ଼ିକୁ “ସେମାନେ ଯାହା କହନ୍ତି ତାହା ସହିତ” କିମ୍ବା “ସେମାନଙ୍କ ବାକ୍ୟ ଦ୍ୱାରା” ବୋଲି ଅନୁବାଦ କରାଯାଇପାରିବ I

(ଅନୁଗ୍ରହ ଦାନ, ପବିତ୍ର ଆତ୍ମା, ଆନନ୍ଦ, ପ୍ରଶଂସା, ଆନନ୍ଦ କରିବା, ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 12:10
- ପ୍ରଥମ ଯୋହନ 3:18
- ଦ୍ୱିତୀୟ ଶାମୁୟେଲ 23:2
- ପ୍ରେରିତ 2:26
- ଯିହିଜିକଲ 36:3
- ଫିଲିପ୍ପୀୟ 2:11

ଶବ୍ଦବିନ୍ୟାସ :

- Strong’s: H3956, G11000, G12580, G20840

ଜୀତ

ପରିଭାଷା:

ଜୀତ କ୍ଷୁଦ୍ର, ଜୀତ ବୃକ୍ଷର ଫଳ ଅଣ୍ଡାକୃତି ଅଟେ, ଯାହା ଭୂମଧ୍ୟ ସାଗରର ଚତୁପାର୍ଶ୍ୱର ଅଞ୍ଚଳ ଗୁଡ଼ିକରେ ଉତ୍ପନ୍ନ ହୁଏ ।

- ଜୀତ ବୃକ୍ଷରେ ସଦାସର୍ବଦା ସବୁଜ ଛୋଟ ଛୋଟ ଧଳା ରଙ୍ଗର ଫୁଲ ହୋଇଥାଏ ସେଗୁଡ଼ିକ ଗ୍ରୀଷ୍ମ ପ୍ରବାହିତ ପାଗରେ ବୃଦ୍ଧି ହୁଏ ଏବଂ ଅଳ୍ପ ଜଲରାଶିରେ ଜୀବିତ ରହନ୍ତି ।
- ଜୀତ ବୃକ୍ଷର ଫଳ ସବୁଜ ହୋଇ ଆରମ୍ଭ ହୁଏ ଏବଂ ପାଚିଲା ବେଳକୁ ତାହା କଳା ରଙ୍ଗ ଦେଖାଯାଏ ଜୀତ ଫଳ ଖାଦ୍ୟଉପଯୋଗୀ ଏବଂ ଏଥିରୁ ତେଲ ମଧ୍ୟ ବାହାର କରାଯାଏ ।
- ଜୀତ ତେଲ ଷ୍ଟୋଭରେ ରାନ୍ଧିବା ଓ ଧାର୍ମିକ ରୀତି ନିମନ୍ତେ ବ୍ୟବହାର କରାଯାଏ ।
- ବାଇବେଲରେ, ଜୀତ ବୃକ୍ଷ ଏବଂ ଏହାର ଶାଖା ବେଳେ ବେଳେ ଲୋକମାନଙ୍କ ନିମନ୍ତେ ଉପମାରେ ବ୍ୟବହାର ହୋଇଥାଏ ।

(ଲଣ୍ଠନ, ସମୁଦ୍ର, ଜୀତ ପର୍ବତ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 27:28-29
- ଦ୍ୱିତୀୟ ବିବରଣ 6:10-12
- ଯାତ୍ରା 23:10-11
- ଆଦି ପୁସ୍ତକ 8:11
- ଯାକୁବ 3:12
- ଲୂକ 16:6
- ଗୀତସଂହିତା 52:8

ଶବ୍ଦବିନ୍ୟାସ :

- Strong’s: H2132, H3323, H8081, G00650, G16360, G16370, G25650

ଜୀବନ ପୁସ୍ତକ

ସଂଜ୍ଞା:

"ଜୀବନ ପୁସ୍ତକ" ଏହାକୁ ସୂଚିତ କରେ କି ପରମେଶ୍ୱର ଯାହାକୁ ଉଦ୍ଧାର କରିଛନ୍ତି ସେହି ଲୋକମାନଙ୍କର ନାମ ଗୋଟିଏ ପୁସ୍ତକରେ ଲେଖି ସେମାନଙ୍କୁ ଅନନ୍ତ ଜୀବନ ଦେବେ ।

- ପ୍ରକାଶିତ ପୁସ୍ତକ ଏହା ସୂଚିତ କରେ ଯେ "ଏହା ଈଶ୍ୱରଙ୍କ ମେଷ ଶାବକଙ୍କ ଜୀବନ ପୁସ୍ତକ" ।

ଏହାକୁ ଏପରି ଭାବେ ଅନୁବାଦ କରାଯାଇପାରେ ଯେ " ଜୀବନ ପୁସ୍ତକ ଯୀଶୁଙ୍କର ଯିଏ କି ଈଶ୍ୱର ଙ୍କ ମେଷଶାବକ । ଯୀଶୁ ଖ୍ରୀଷ୍ଟ ଙ୍କ କ୍ରୁଶଉପରେ ଲୋକମାନଙ୍କ ପାପ ନିମନ୍ତେ ମରଣ ଦ୍ୱାରା ଓ ତାହାଙ୍କୁ ବିଶ୍ୱାସ କରିବା ଦ୍ୱାରା ଅନନ୍ତ ଜୀବନ ପ୍ରାପ୍ତ ହୁଅନ୍ତି ।

- "ପୁସ୍ତକ" ଶବ୍ଦ ର ଅର୍ଥ "ନାମ ତାଲିକା"ବା "ଚିଠି" ବା "ଲେଖା" ବା "ବୈଧ ନଥିପତ୍ର" ।

ଏହା ଆକ୍ଷରିକ କିମ୍ବା ପ୍ରାସଙ୍ଗିକ ହୋଇପାରେ ।

(ଦେଖନ୍ତୁ: ଚିରସ୍ଥାୟୀ, ମେଷ, ଜୀବନ, ତ୍ୟାଗ, ନାମ ତାଲିକା)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- ଫିଲିପ୍ପିୟ 04:1-3
- ଗୀତ 069:28-29
- ପ୍ରକାଶିତ 03:5-6
- ପ୍ରକାଶିତ 20:11-12

ବୋର୍ଡ ଡାଟା :

- Strong's: H2416, H5612, G976, G2222

ଝରଣା, ଉତ୍ସ, ନିର୍ଝର

ପରିଭାଷା:

"ଉତ୍ସ "ଓ "ଝରଣା "ଶବ୍ଦ ସାଧାରଣ ଭାବରେ ବହୁତ ପରିମାଣର ଜଳ ପ୍ରାକୃତିକ ରୂପରେ ଭୂମି ତଳୁ ବାହାରି ଆସିବାକୁ ଦର୍ଶାଏ I

- ଏହି ଶବ୍ଦ ସବୁ ସାଙ୍କେତିକ ରୂପରେ ବାଇବେଲରେ ବ୍ୟବହାର କରାଯାଇଅଛି , ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ଝରି ଆସୁଛିକୁ ଦର୍ଶାଏ କିମ୍ବା କୌଣସି ବସ୍ତୁକୁ ଧୌତ କରିବା କିମ୍ବା ସଫା କରିବାକୁ ଦର୍ଶାଏ I
- ଆଧୁନିକ ସମୟରେ, ଏକ ଝରଣା ବାଧଡା ମୁଳ ବସ୍ତୁକୁ ଦେଖାଏ ଯେଉଁଠାରୁ ପାଣି ପ୍ରବାହିତ ହୁଏ, ଯେପରି କି ପେୟଜଳ ନିର୍ଝର I ସୁନିଶ୍ଚିନ୍ତ ହୁଅନ୍ତୁ କି ଏହି ଶବ୍ଦର ଅନୁବାଦ ଏକ ପ୍ରାକୃତିକ ଉତ୍ସରୁ ଜଳ ପ୍ରବାହିତ ହେବାକୁକୁ ଦର୍ଶାଉ ଥିବା ଆବଶ୍ୟକ ଅଟେ I
- ଏହି ଶବ୍ଦର ଅନୁବାଦକୁ "ଜଳ ପ୍ରଳୟ" ଶବ୍ଦ ସହ ତୁଳନା କରନ୍ତୁ I

(ଜଳ ପ୍ରଳୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ପିତର2:17
- ଆଦି ପୁସ୍ତକ 7:11
- ଆଦି ପୁସ୍ତକ 8: 2
- ଆଦି ପୁସ୍ତକ 24:13
- ଆଦି ପୁସ୍ତକ 24:42
- ଯାକୁବ 3:11

ଶବ୍ଦବିନ୍ୟାସ :

- Strong's: H0953, H1530, H1543, H3222, H4002, H4161, H4456, H4599, H4726, H5033, H5869, H5927, H6524, H6779, H8444, H8666, G02420, G40770

ଝୁଣ୍ଟିବା, ଅବରୋଧ

ପରିଭାଷା:

"ଝୁଣ୍ଟିବା" ଅର୍ଥ ଚାଲିବା ସମୟରେ "ପ୍ରାୟ ପଡ଼ିବା" କୁ ବୁଝାଏ । ସାଧାରଣତଃ, ଏହା କୌଣସି ବସ୍ତୁ ଉପରେ ଝୁଣ୍ଟି ପଡ଼ିବାକୁ ଅନ୍ତର୍ଭୁକ୍ତ କରେ |

- ସାଙ୍କେତିକ ଭାବରେ, " ଝୁଣ୍ଟିବା " ଅର୍ଥ ବିଶ୍ୱାସରେ "ପାପ" କରିବାକୁ ବୁଝାଏ |
- ଏହି ଶବ୍ଦ ଦୁଃଖ କିମ୍ବା ନିର୍ଯ୍ୟାତନା କିମ୍ବା ଦଣ୍ଡ ଦିଆଯିବା ସମୟରେ ଦୁର୍ବଳତା ଦେଖାଇବାକୁ ମଧ୍ୟ ବୁଝାଇପାରେ |

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେଉଁ ପ୍ରସଙ୍ଗରେ " ଝୁଣ୍ଟିବା" ଶବ୍ଦର ଅର୍ଥ କୌଣସି ବସ୍ତୁ ଉପରେ ଶାରୀରିକ ଭାବରେ ଆଘାତ ହେବାକୁ, ଏକ ଶବ୍ଦ ସହ ଅନୁବାଦ କରାଯିବା ଉଚିତ ଯାହାର ଅର୍ଥ "ପ୍ରାୟ ପତନ" କିମ୍ବା " ଝୁଣ୍ଟିବା" ଅଟେ |
- ଏହାର ଆକ୍ଷରିକ ଅର୍ଥକୁ ମଧ୍ୟ ଏକ ସାଙ୍କେତିକ ପ୍ରସଙ୍ଗରେ ବ୍ୟବହୃତ ହୋଇପାରେ ଯଦି ଏହା ସେହି ପ୍ରସଙ୍ଗରେ ପ୍ରକୃତ ଅର୍ଥକୁ ପ୍ରକାଶ କରେ |
- ସାଙ୍କେତିକ ବ୍ୟବହାର ପାଇଁ ଯେଉଁଠାରେ ଆକ୍ଷରିକ ଅର୍ଥ ସ୍ଥାନୀୟ ଭାଷାରେ ବୁଝାପଡେ ନାହିଁ, ପ୍ରସଙ୍ଗ ଉପରେ ନିର୍ଭର କରି "ଝୁଣ୍ଟିବା" ଶବ୍ଦକୁ "ପାପ" କିମ୍ବା "ଅଙ୍ଗେଇ ହେବା" କିମ୍ବା "ବିଶ୍ୱାସ ବନ୍ଦ କରିବା" କିମ୍ବା "ଦୁର୍ବଳ ହେବା" ବୋଲି ଅନୁବାଦ ହୋଇପାରେ |
- ଏହି ଶବ୍ଦକୁ "ପାପ କରିବାରୁ ନିବୃତ୍ତ" କିମ୍ବା "ଅବିଶ୍ୱାସ ପାଇଁ ଅବରୋଧ" ବୋଲି ଅନୁବାଦ ହୋଇପାରେ |
- " ଝୁଣ୍ଟି ପଡିଲା" ବାକ୍ୟାଂଶକୁ "ଦୁର୍ବଳ ହେବାର କାରଣ" କିମ୍ବା " ଅଙ୍ଗେଇ ହେବାର କାରଣ" ବୋଲି ଅନୁବାଦ କରାଯାଇପାରେ |

(ବିଶ୍ୱାସ, ତାଡନା, ପାପ, ଝୁଣ୍ଟି: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ପିତର 2:8
- ହୋଶେୟ 4:5
- ଯିଶାଇୟ 31:3
- ମାଥିଉ 11:4-6
- ମାଥିଉ 18:8

ଶବ୍ଦବିନ୍ୟାସ :

- Strong's: H1762, H3782, H4383, H5062, H5063, H5307, H6328, H6761, H8058, G06790, G43480, G43500, G44170, G46240, G46250

ଝୁଣ୍ଟିବାର ଦ୍ରବ୍ୟ, ବାଧାଜନକ ପ୍ରସ୍ତର

ପରିଭାଷା:

"ଝୁଣ୍ଟିବାର ଦ୍ରବ୍ୟ" କିମ୍ବା "ବାଧାଜନକ ପ୍ରସ୍ତର" ଶାରୀରିକ ଉପାଦାନକୁ ବୁଝାଏ ଯାହା ଜଣେ ବ୍ୟକ୍ତିର ଝୁଣ୍ଟିବା ଏବଂ ପଡିବାର କାରଣ ହୁଏ ।

- ଉପାମା ଅର୍ଥରେ ଝୁଣ୍ଟିବାର ଦ୍ରବ୍ୟର ଅର୍ଥ ଜଣେ ବ୍ୟକ୍ତିକୁ ନୈତିକ କିମ୍ବା ଆତ୍ମିକ ଦୃଷ୍ଟିରୁ ବିଫଳ କରିବା ଅଟେ ।
- "ଝୁଣ୍ଟିବାର ଦ୍ରବ୍ୟ" କିମ୍ବା "ବାଧାଜନକ ପ୍ରସ୍ତର" ବାକ୍ୟାଂଶର ଆଳଙ୍କାରିକ ଅର୍ଥ ଯୀଶୁଙ୍କୁ ବିଶ୍ୱାସ କରିବାରୁ ପ୍ରତିରୋଧ କରିବା କିମ୍ବା ଆତ୍ମିକ ଜୀବନରେ ବୃଦ୍ଧି ହେବାକୁ ନ ଦେବା ଅଟେ ।
- ବେଳେବେଳେ ଏହା ପାପ ଅଟେ ଯାହା ନିଜେ ନିଜର କିମ୍ବା ଅନ୍ୟମାନଙ୍କର ବିଘ୍ନର କାରଣ ହୁଏ ।
- ବେଳେବେଳେ ଈଶ୍ୱର ଯେଉଁମାନେ ତାଙ୍କର ବିରୁଦ୍ଧାଚରଣ କରନ୍ତି ସେମାନଙ୍କ ପାଇଁ ବିଘ୍ନତା ଆଣନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯଦି ଏକ ଭାଷାରେ ଝୁଣ୍ଟି ପଡିବା ପାଇଁ ଫାନ୍ଦ ପରି ଏକ ଉପାଦାନ ଥାଏ, ତେବେ ସେହି ଶବ୍ଦକୁ ଅନୁବାଦରେ ବ୍ୟବହାର କରନ୍ତୁ ।
- ଏହି ବାକ୍ୟାଂଶକୁ "ପ୍ରସ୍ତର ଯାହା ବାଧାର କାରଣ ହୁଏ" କିମ୍ବା "କୌଣସି ଏକ ବିଷୟ ବିଶ୍ୱାସ କରିବାରୁ ନିବୃତ୍ତ କରେ" କିମ୍ବା "ପ୍ରତିରୋଧ ଯାହା ସନ୍ଦେହ ସୃଷ୍ଟି କରେ" କିମ୍ବା "ବିଶ୍ୱାସର ପ୍ରତିରୋଧ" କିମ୍ବା "କୌଣସି ବିଷୟ ଯାହା ଜଣକୁ ପାପ କରାଏ" ବୋଲି ଅନୁବାଦ କରାଯାଇପାରେ ।

(ବିଘ୍ନ, ପାପ: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 କରିନ୍ଥୀୟ 1:23
- ଗାଲାତୀୟ 5:11
- ମାଥିଉ 5:29-30
- ମାଥିଉ 16:23
- ରୋମୀୟ 9:33

ଶବ୍ଦବିନ୍ୟାସ:

- Strong's: H4383, G30370, G43490, G46250

ଟୋକେଇ, ଟୋକେଇପୂର୍ଣ୍ଣ

ପରିଭାଷା:

"ଟୋକେଇ" ବୁଣା ସାମଗ୍ରୀରେ ନିର୍ମିତ ଏକ ପାତ୍ରକୁ ବୁଝାଏ ।

- ବାଇବେଲ ସମୟରେ ଟୋକେଇଗୁଡ଼ିକ ଶକ୍ତିଶାଳୀ ଉଦ୍ଭିଦ ସାମଗ୍ରୀରେ ବୁଣା ଯାଉଥିଲା, ଯେପରିକି ଗଛର ଡାଳ କିମ୍ବା ଚୋପାରୁ ।
- ଟୋକେଇକୁ ଜଳପ୍ରବାହ ପଦାର୍ଥ ସହ ଆବୃତ କରାଯାଇପାରେ ଯାହା ଦ୍ୱାରା ଏହା ଭାସମାନ ହୋଇରହିପାରିବ ।
- ଯେତେବେଳେ ମୋଶା ଶିଶୁଥିଲେ ତାଙ୍କ ମାତା ଗୋଟିଏ ଜଳ ରୋଧକ ଟୋକେଇ ପ୍ରସ୍ତୁତ କରି ନୀଳ ନଦୀର ଗୋଟିଏ ବୁଦାରେ ଭସାଇ ଦେଇଥିଲେ ।
- ଟୋକେଇ ଶବ୍ଦଟି ଏହି ଗଳ୍ପରେ ଯେଉଁ ଉଦ୍ଦ୍ୟେଶରେ ଅନୁବାଦିତ ହୋଇଅଛି ସେହି ସମାନ ଶବ୍ଦ ନୋହଙ୍କ ଜାହାଜର "ସିନ୍ଦୁକ" ସହ ଅନୁବାଦିତ ହୋଇଅଛି । ଏହି ଦୁଇ ଶବ୍ଦର ସାଧାରଣ ଅର୍ଥ ଭାସୁଥିବା ପାତ୍ର ଅଟେ ।

(ଦେଖନ୍ତୁ: ସିନ୍ଦୁକ, ମୋଶା, ନୀଳନଦୀ, ନୋହ)

ବାଇବେଲ ପଦପର୍ବ:

- ୨ କରିନ୍ଥୀୟ ୧୧:୩୩
- ପ୍ରେରିତ ୯:୨୫
- ଆମୋଷ ୮:୧
- ଯୋହନ ୬:୧୩-୧୫
- ବିଚାରକର୍ତ୍ତା ୬:୧୯-୨୦
- ମାଥିଉ ୧୪:୨୦

ଶବ୍ଦବିନ୍ୟାସ:

Strong's: H0374, H1731, H1736, H2935, H3619, H5536, H7991, G28940, G34260, G45530, G47110

ଠେଲିବା, ଠେଲାଯାଇଥିବା, ଠେଲିବା

ସଂଜ୍ଞା:

"ଠେଲିବା" ପ୍ରତିଶବ୍ଦ ଆକ୍ଷରିକ ଭାବରେ ବଳ ପ୍ରୟୋଗ ଦ୍ୱାରା ଶାରୀରିକ ଭାବରେ କୌଣସି ବିଷୟକୁ ଗତିଶୀଳ କରିବା ବା ଘୁଞ୍ଚାଇବା ଅଟେ I ଏହି ପ୍ରତିଶବ୍ଦର ଅନେକଗୁଡିଏ ଆଳଙ୍କାରିକ ଅର୍ଥଗୁଡିକ ରହିଛି I

- "ଠେଲି ଦୂରେଇ ଦେବା" କହିବା ଭାବର ଅର୍ଥ "ପ୍ରତ୍ୟାଖ୍ୟାନ କରିବା" ବା "ସାହାଯ୍ୟ କରିବା ନିମନ୍ତେ ମନା କରିବା" ହୋଇପାରେ I
- ◦ "ଠେଲି ପକାଇ ଦେବା" କହିଲେ ତାହାର ଅର୍ଥ "ଅତ୍ୟାଚାର କରିବା" ବା "ପରାସ୍ତ କରିବା" ହୋଇପାରେ I

ଏହାର ଅର୍ଥ ମଧ୍ୟ ଆକ୍ଷରିକ ଭାବରେ ଜଣକୁ ତଳେ ଭୂମିରେ ଠେଲି ପକାଇ ଦେବା ହୋଇପାରେ I

- "ଜଣକୁ ଠେଲି ବାହାର କରିଦେବା" ଅର୍ଥ "ତାହାଠାରୁ ତ୍ରାହି ବା ରକ୍ଷା ପାଇବା" ବା ସେହି ବ୍ୟକ୍ତିକୁ "ବିଦାୟ କରିଦେବା" ଅଟେ I
- "ଆଗକୁ ଠେଲିବା" ଅଭିବ୍ୟକ୍ତିର ଅର୍ଥ, କୌଣସି ବିଷୟକୁ ସଂରକ୍ଷିତ କରିବା ବା କୌଣସି ବିଷୟକୁ ସଠିକ୍ କି ନିରାପଦ ବୋଲି ନିଶ୍ଚିତଭାବରେ ନ ଜାଣି ସୁଦ୍ଧା ତାହାକୁ କାର୍ଯ୍ୟକାରୀ କରିବାରେ ଜାରି ରଖିବା ଅଟେ I

(ଆହୁରି ମଧ୍ୟ ଦେଖ: ଅତ୍ୟାଚାର ବା ତାଡ଼ନା କରିବା, ତାଡନା କରିବା, ପ୍ରତ୍ୟାଖ୍ୟାନ)

ବାଇବଲ ପଦଗୁଡିକ:

ବୋର୍ଡ ଡାଟା :

- Strong's: H1556, H1760, H3276, H3423, H5055, H5056, H5186, H8804, G683, G4261

ଡାଳିମ୍ବ, ଡାଳିମ୍ବଗୁଡ଼ିକ

ତଥ୍ୟଗୁଡିକ:

ଡାଳିମ୍ବ ଏଭଳି ଏକ ଫଳ ଯାହାର ଏକ ମୋଟା କଠିନ ଚୋପା ଥାଏ ଏବଂ ତା'ଭିତରେ ଅନେକ ମଞ୍ଜି ଥାଏ ଯହିଁରେ ଖାଇବା ଯୋଗ୍ୟ ନାଲି ଶସ ବା ଫଳର ମାଂସଳ ଅଂଶ ଥାଏ I

- ବାହାରର ଚୋପା ନାଲି ରଙ୍ଗର ଥାଏ ଏବଂ ମଞ୍ଜିଗୁଡ଼ିକର ଚାରିପଟେ ମାଂସଳ ଅଂଶ ଥାଏ, ଯାହା ଚକମକ୍ କରେ ଏବଂ ନାଲି ଅଟେ I
- ଡାଳିମ୍ବଗୁଡ଼ିକ ମିସର ଏବଂ ଇସ୍ରାଏଲ ଭଳି ଗ୍ରୀଷ୍ମ, ଶୁଷ୍କ ଜଳବାୟୁ ଥିବା ଦେଶମାନଙ୍କରେ ଅତିଶୟ ପରିମାଣରେ ସର୍ୱସାଧାରଣରେ ଉତ୍ପନ୍ନ କରାଯାଇଥାଏ I
- ସଦାପ୍ରଭୁ ଇସ୍ରାଏଲୀୟମାନଙ୍କୁ ପ୍ରତିଜ୍ଞା କରିଥିଲେ ଯେ, କିଣାନ ଦେଶରେ ପ୍ରଚୁର ଜଳ ଓ ଉର୍ବର ଭୂମି ରହିବ ଯେପରି ସେଠାରେ ପ୍ରଚୁର ଖାଦ୍ୟ ମିଳିବା ସହିତ ଡାଳିମ୍ବଗୁଡ଼ିକ ମଧ୍ୟ ମିଳିବ I
- ଶଲୋମନଙ୍କ ମନ୍ଦିର ନିର୍ମାଣରେ ଡାଳିମ୍ବଗୁଡ଼ିକର ଆକୃତିରେ କାଂସର(ବ୍ରୋଞ୍ଜ) କାରୁକାର୍ଯ୍ୟ ଅନ୍ତର୍ଭୁକ୍ତ ରହିଥିଲା I

(ଆହୁରି ଦେଖ: ବ୍ରୋଞ୍ଜ, କିଣାନ, ମିସର, ଶଲୋମନ, ମନ୍ଦିର)

ବାଇବଲ ପଦଗୁଡିକ:

- 2 ୟ ରାଜାବଳି 25:16-17
- ଦ୍ୱିତୀୟବିବରଣ 08:7-8
- ଯିରିମିୟ 52:22-23
- ଗଣନା 13:23-24
- ମିସର

ବୋର୍ଡ ଡାଟା :

- Strong's: H7416

ଡିମିରି ଫଳ

ପରିଭାଷା:

ଡିମିରି ଫଳ ଏକ ଛୋଟ, କୋମଳ ଓ ମିଠା ଫଳ ଯାହା ଗଛରେ ଫଳେ I ଯେତେବେଳେ ଏହି ଫଳ ପାଚିଯାଏ, ଏହା ଅଲଗା ଅଲଗା ରଙ୍ଗ ର ହୁଏ ଯେପରି କି ମାଟିଆ, ହଳଦିଆ ଓ ବାଇଗଣିଆ I

- ଡିମିରି ଗଛ 6 ମିଟରଯାଏ ଉଚ୍ଚ ହୁଏ ଓ ତାହାର ବଡ଼ ପତ୍ର ଆନନ୍ଦଦାୟକ ଛାଇ ପ୍ରଦାନ କରେ I ଫଳ 3-5 ମିଟର ଲମ୍ବା ହୁଏ I
- ଆଦମ ଓ ହବା ପାପ କଲା ପରେ ନିଜକୁ ଡିମିରି ବୃକ୍ଷର ପତ୍ରରେ ଆବୋରି ଥିଲେ I
- ଡିମିରି ଫଳ କଚା, ରନ୍ଧା କିମ୍ବା ସୁଖେଇ କି ଖାଇ ହୁଏ I ଲୋକମାନେ ସେ ସବୁକୁ ଚୁନା କରନ୍ତି, ଦଳନ୍ତି ଓ ପିଠା ବନାଇ ପରବର୍ତ୍ତୀ ସମୟ ପାଇଁ ରଖନ୍ତି I
- ବାଇବେଲରେ ଡିମିରି ଫଳ ଖାଦ୍ୟ ନିମନ୍ତେ ଓ ଆୟ ନିମନ୍ତେ ଅତି ମହତ୍ୱ ପୂର୍ଣ୍ଣଥିଲା I
- ଫଳବନ୍ତ ଡିମିରି ବୃକ୍ଷର ଉପସ୍ଥିତି ଫଳବନ୍ତ ଜୀବନର ଚିହ୍ନ ସ୍ୱରୂପେ ବାଇବେଲରେ ଲଗାତର ଲେଖା ଯାଇଅଛି I
- ଅନେକ ସମୟରେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଆତ୍ମିକ ସତ୍ୟତା ଶିକ୍ଷା ଦେବା ନିମନ୍ତେ ଡିମିରି ବୃକ୍ଷର ଦୃଷ୍ଟାନ୍ତ ଦେଉଥିଲେ I

ବାଇବେଲ ଟିପ୍ପଣୀ:

- ହବକ୍କୂକ 3:17
- ଯାକୁବ 3: 12
- ଲୂକ 13: 7
- ମାର୍କ 11: 14
- ମାଥିଉ 7: 17
- ମାଥିଉ 21:18

ଶବ୍ଦବିନ୍ୟାସ :

- Strong’s: H1061, H1690, H6291, H8384, G36530, G48080, G48100

ଢାଲ

ପରିଭାଷା:

ଶତ୍ରୁ ଅସ୍ତ୍ରରେ ଆଘାତ ନହେବା ପାଇଁ ଯୁଦ୍ଧରେ ଜଣେ ସୈନିକ ବ୍ୟବହାର କରୁଥିବା ଏକ ଅସ୍ତ୍ର ଅଟେ | କାହାକୁ "ଢାଲ" କରିବା ଅର୍ଥ ସେହି ବ୍ୟକ୍ତିଙ୍କୁ କ୍ଷତିରୁ ରକ୍ଷା କରିବା ଅଟେ |

- ଢାଲର ଆକୃତି ଗୋଲାକାର କିମ୍ବା ଅଣ୍ଡାକାର ଅଟେ, ଏହା ଚମଡା, କାଠ କିମ୍ବା ଧାତୁ ଦ୍ୱାରା ପ୍ରସ୍ତୁତ ଏବଂ ଏହା ଖଣ୍ଡା କିମ୍ବା ତୀର ମାଡରୁ ସୁରକ୍ଷା ଦେବାର ସମର୍ଥ ଥାଏ |
- ଏହି ଶବ୍ଦକୁ ଉପମା ଭାବେ ବ୍ୟବହାର କରି ବାଇବେଲରେ ସଦାପ୍ରଭୁ ଯେ ତାଙ୍କର ଲୋକମାନଙ୍କୁ ସୁରକ୍ଷାର ଢାଲ ସ୍ୱରୂପ ଅଟନ୍ତି ତାହା ପ୍ରକାଶ କରେ | (ଉପମା ଦେଖନ୍ତୁ)
- ପାଉଲ "ବିଶ୍ୱାସର ଢାଲ" ବିଷୟରେ କହନ୍ତି ଯାହା ଆଳଙ୍କାରିକ ଭାବେ କୁହାଯାଇପାରେ ଯେ ଯୀଶୁଙ୍କଠାରେ ବିଶ୍ୱାସ ଏବଂ ବିଶ୍ୱାସରେ ଈଶ୍ୱରଙ୍କର ଆଜ୍ଞା ବହତା ଜୀବନଯାପନ କରିବା ବିଶ୍ୱାସୀମାନଙ୍କୁ ଶୟତାନ ଆତ୍ମିକ ଆକ୍ରମଣରୁ ରକ୍ଷା କରେ |

(ବିଶ୍ୱାସ, ବାଧ୍ୟତା, ସୟତାନ, ଆତ୍ମା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ରାଜାବଳୀ 14: 26
- ଦ୍ୱିତୀୟ ବଂଶାବଳୀ 23:8-9
- ଦ୍ୱିତୀୟ ଶାମୁୟେଲ 22:36
- ଦ୍ୱିତୀୟ ବିବରଣ 33:29
- ଗୀତସଂହିତା 18:35-36

ଶବ୍ଦବିନ୍ୟାସ :

- Strong's: H2653, H3591, H4043, H5437, H5526, H6793, H7982, G23750

ଢାଲ, ବୁକୁପଟା

ପରିଭାଷା:

"ଢାଲ" ଶବ୍ଦ ଯୁଦ୍ଧ ସମୟରେ ଜଣେ ସୈନିକକୁ ସୁରକ୍ଷା ଦେବା ପାଇଁ ଛାତିର ସମ୍ମୁଖ ଭାଗକୁ ଆଚ୍ଛାଦନ କରୁଥିବା ଏକ ଅସ୍ତ୍ରଶସ୍ତ୍ରକୁ ବୁଝାଏ | "ବୁକୁପଟା" ଶବ୍ଦଏକ ବିଶେଷ ପୋଷାକକୁ ବୁଝାଏ ଯାହା ଇସ୍ରାଏଲର ମହାଯାଜକ ତାଙ୍କ ଛାତିର ଆଗ ଭାଗରେ ପିନ୍ଧିଥିଲେ |

- ଜଣେ ସୈନିକ ଦ୍ୱାରା ବ୍ୟବହୃତ "ଢାଲ" କାଠ, ଧାତୁ କିମ୍ବା ପଶୁ ଚର୍ମରେ ତିଆରି ହୋଇଥାଏ | ଏହା ତୀର, ବର୍ଚ୍ଛା କିମ୍ବା ଖଣ୍ଡାକୁ ସୈନିକର ଛାତିରେ ବିଦ୍ଧ ନକରିବା ପାଇଁ ନିର୍ମାଣ କରାଯାଏ |
- ଇସ୍ରାଏଲର ମହାଯାଜକ ପିନ୍ଧିଥିବା "ବୁକୁପଟା" କପଡ଼ାରେ ତିଆରି ହୋଇ ବହୁମୂଲ୍ୟ ପଥରରେ ସଜାଯାଉଥିଲା। ମନ୍ଦିରରେ ଈଶ୍ୱରଙ୍କର ସେବା କରିବା ସମୟରେ ଯାଜକ ଏହାକୁ ପିନ୍ଧୁଥିଲେ।
- " ଢାଲ " ଶବ୍ଦର ଅନୁବାଦ କରିବାର ଅନ୍ୟ ଉପାୟଗୁଡ଼ିକ ହେଲା "ଧାତୁ ପ୍ରତିରକ୍ଷା ଛାତି ଆବରଣ" କିମ୍ବା "ଛାତି ରକ୍ଷା କରୁଥିବା ବାହୁବଳୀ" |
- " ବୁକୁପଟା " ଶବ୍ଦକୁ "ଛାତି ଆଚ୍ଛାଦନ କରୁଥିବା ଯାଜକ ପୋଷାକ" କିମ୍ବା "ଯାଜକୀୟ ବସ୍ତ୍ରଖଣ୍ଡ" କିମ୍ବା "ଯାଜକଙ୍କ ପୋଷାକର ଆଗ ଖଣ୍ଡ" ବୋଲି ଅନୁବାଦ କରାଯାଇପାରେ |

(ଅସ୍ତ୍ର, ମହାଯାଜକ, ବେଦ୍ଧ, ଯାଜକ, ମନ୍ଦିର, ସୈନିକ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- 1 ଥେସଲନୀକୀୟ 5:8
- ଯାତ୍ରା ପୁସ୍ତକ 39:14-16
- ଯିଶାଇୟ 59:17
- ପ୍ରକାଶିତ ବାକ୍ୟ 9:7-9

ଶବ୍ଦବିନ୍ୟାସ:

- Strong's: H2833, H8302, G23820

ତତ୍ତ୍ୱାବଧାନ ବା ତଦାରଖ, ପର୍ଯ୍ୟବେକ୍ଷକ, ଜଗୁଆଳି

ସଂଜ୍ଞା:

ତଥ୍ୟ ପ୍ରକାଶ କରୁଥିବା ଶବ୍ଦ “ପର୍ଯ୍ୟବେକ୍ଷକ” ଜଣେ ଯିଏକି ଲୋକମାନଙ୍କର ଉନ୍ନତି ମୂଳକ କାର୍ଯ୍ୟର ଦଦାୟିତ୍ୱ ଦେଉଥିବା ବ୍ୟକ୍ତିଙ୍କୁ ବୁଜଝାଏ। ବାଇବଲରେ, ବହୁବାର ତଥ୍ୟ ପ୍ରକାଶ କରୁଥିବା ଶବ୍ଦ "ଜଗୁଆଳି" ଅର୍ଥ "ପର୍ଯ୍ୟବେକ୍ଷକ"

- ପୁରାତନ ନିୟମରେ, ପର୍ଯ୍ୟବେକ୍ଷକଙ୍କର ଦଦାୟିତ୍ୱ ଯେ ତାଙ୍କ ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ କାର୍ଯ୍ୟକାରୀ ଠିକ୍ ଭାବେ ସେମାନଙ୍କର କାର୍ଯ୍ୟ କରିଅଛନ୍ତି।
- ନୂତନ ନିୟମରେ, ବ୍ୟବହୃତ ଭାଷାକୁ ଆଦ୍ୟ ଖ୍ରୀଷ୍ଟିୟାନ ମଣ୍ଡଳୀର ନେତାମାନଙ୍କୁ ବର୍ଣ୍ଣନା କରିବାକୁ ବ୍ୟବହାର କରାଯାଉଥିଲା। ସେମାନଙ୍କର ଦଦାୟିତ୍ୱ ମଣ୍ଡଳୀର ଆଧାତ୍ମିକ ଆବଶ୍ୟକତାର ଦାୟିତ୍ୱ ନେବାର ଥିଲା, ନିଶ୍ଚିତ କରିବାର ଥିଲା ଯେ ବିଶ୍ୱାସୀମାନେ ବାଇବଲର ସଠିକ୍ ଶିକ୍ଷା ଗ୍ରହଣ କରିଛନ୍ତି।
- ପାଉଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ବର୍ଣ୍ଣନା କରାଯାଇଛି ଯେପରି ଜଣେ ମେଷପାଳକ ସ୍ଥାନୀୟ ମଣ୍ଡଳୀର ବିଶ୍ୱାସୀମାନଙ୍କର ଦଦାୟିତ୍ୱ ନିଅନ୍ତି, ଯେଉଁମାନେ ତାଙ୍କର “ମେଷପଲ” ଅଟନ୍ତି।
- ପର୍ଯ୍ୟବେକ୍ଷକ, ମେଷପାଳକ ପରି, ମେଷପଲ ଉପରେ ନିରନ୍ତର ଦେଖାଶୁଣା କରନ୍ତି। ସେ ବିଶ୍ୱାସୀମାନଙ୍କୁ ପହରା ଏବଂ ଭ୍ରାନ୍ତ ଆତ୍ମିକ ଶିକ୍ଷାରୁ ଏବଂ ଅନ୍ୟାନ୍ୟ ମନ୍ଦ ପ୍ରଭାବରୁ ସୁରକ୍ଷା ଦିଅନ୍ତି।
- ନୂତନ ନିୟମରେ, “ପର୍ଯ୍ୟବେକ୍ଷକ ବା ଅଧୀକ୍ଷକ,” “ପ୍ରାଚୀନଗଣ,” ଏବଂ “ମେଷପାଳକ/ପାଳକ” ବ୍ୟବହୃତ ଭାଷାକୁ ସମାନ ଆଧାତ୍ମିକ ନେତାମାନଙ୍କୁ ଭିନ୍ନ ଭାବରେ ସୁଚାଏ।

ଅନୁବାଦ ପ୍ରସ୍ତାବ

- ଏହି ଶବ୍ଦର ଅନ୍ୟ ବ୍ୟବହାରର ଅନୁବାଦ ହେଉଛି “ତତ୍ତ୍ୱାବଧାରକ ବାପର୍ଯ୍ୟବେକ୍ଷକ” କିମ୍ବା “ରଖୁଆଳ ବା ପଦାଧିକାରୀ” କିମ୍ବା “ପରିଚାଳକ।”
- ଈଶ୍ୱରଙ୍କ ଲୋକମାନଙ୍କର ଏକ ସ୍ଥାନୀୟ ଗୋଷ୍ଠୀର ଜଣେ ନେତାଙ୍କୁ ସୂଚାଇବାବେଳେ, ଏହି ଶବ୍ଦଟି ଏକ ଶବ୍ଦ ବା ବାକ୍ୟାଂଶ ସହିତ ଅନୁବାଦ କରାଯାଇପାରେ ଯାହାର ଅର୍ଥ ହେଉଛି “ଆଧାତ୍ମିକ ପରିଚାଳକ” କିମ୍ବା “କେହି ଜଣେ ସ୍ଥାନୀୟ ବିଶ୍ୱାସୀମାନଙ୍କର ଦଳକୁ ସେମାନଙ୍କର ଆତ୍ମିକ ଆବଶ୍ୟକତାକୁ ପୂରଣ କରିବା” କିମ୍ବା “ବ୍ୟକ୍ତି ଯିଏକି ମଣ୍ଡଳୀର ଆତ୍ମିକ ଆବଶ୍ୟକତାକୁ ତଦାରଖ କରନ୍ତି।”

(ପୁନଶ୍ଚ ଦେଖନ୍ତୁ: ମଣ୍ଡଳୀ, ପ୍ରାଚୀନ, ପାଳକ, ମେଷପାଳକ)

ବାଇବଲ ପଦପର୍ବ:

- 1 ବଂଶାବଳି 26:31-32
- 1 ତୀମଥି 03:02
- ପ୍ରେରିତ 20:28
- ଆଦି ପୁସ୍ତକ 41:33-34
- ଫିଲିପପୀୟ 01:01

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H5329, H6485, H6496, H7860, H8104, G1983, G1984, G1985

ତମ୍ବୁ, ତମ୍ବୁଗୁଡିକ, ତମ୍ବୁ ନିର୍ମାଣକାରୀ

ସଂଜ୍ଞା:

ଗୋଟିଏ ତମ୍ବୁ ଏକ ଅସ୍ଥାୟୀ ଆଶ୍ରୟସ୍ଥଳ ଯାହାକି ଟାଣୁଆ ବୁଣା ଯାଇଥିବା ଉପାଦାନରେ ତିଆରି ଯାହା ଖୁମ୍ବ ଗୁଡିକ ସହିତ ସଂଯୁକ୍ତ ହୋଇଥାଏ I

- ତମ୍ବୁଗୁଡିକ ସାନ ହୋଇପାରେ, କିନ୍ତୁ ଯେପରି ଅଳ୍ପ ଲୋକ ଶୋଇପାରିବା ଭଳି ଯଥେଷ୍ଟ ସ୍ଥାନ ଥାଏ, କିମ୍ବା ବଡ ହୋଇପାରେ ଯାହା ଦ୍ୱାରା ଗୋଟିଏ ପରିବାର ଶୋଇପାରିବେ,ରାନ୍ଧି ପାରିବେ ଏବଂ ବାସ କରିପାରିବେ I
- ଅନେକ ଲୋକମାନଙ୍କ ନିମନ୍ତେ, ତମ୍ବୁଗୁଡିକ ସ୍ଥାୟୀ ବାସସ୍ଥଳ ରୂପେ ବ୍ୟବହାର ହେଉଛି I

ଉଦାହରଣସ୍ୱରୂପ, ଅନେକ ସମୟରେ ଅବ୍ରାହମଙ୍କ ପରିବାର କିଣାନରେ ବାସ କରୁଥିବା ସମୟରେ ସେମାନେ ବଡ ତମ୍ବୁରେ ବାସ କରୁଥିଲେ, ଯାହାକି ଛେଳିର ଲୋମରେ ତିଆରି ହୋଇଥିଲା I

- ଇସ୍ରାଏଲୀୟମାନେ ମଧ୍ୟ ସୀନୟ ପ୍ରାନ୍ତରରେ ଚାଳିଶ ବର୍ଷ ଭ୍ରମଣ କରୁଥିବା ସମୟରେ ତମ୍ବୁରେ ବାସ କରୁଥିଲେ I
- ଆବାସ ସ୍ଥଳ ଏକ ବିରାଟ ତମ୍ବୁଥିଲା, ଯାହାର କାନ୍ଥଗୁଡିକ ମୋଟା ଲୁଗାର ପରଦାରେ ତିଆରି ହୋଇଥିଲା I
- ଯେତେବେଳେ ପାଉଲ ବିଭିନ୍ନ ନଗରକୁ ସୁସମାଚାରର ଅଂଶୀ କରାଇବା ପାଇଁ ଯାଉଥିଲେ, ସେ ତମ୍ବୁ ନିର୍ମାଣ କରି ନିଜକୁ ସାହାଯ୍ୟ କରୁଥିଲେ I
- ଏହି "ତମ୍ବୁ" ପ୍ରତିଶବ୍ଦଟି ବେଳେବେଳେ ଆଳଙ୍କାରିକ ଭାବରେ ଯେଉଁଠାରେ ଲୋକମାନେ ବାସ କରନ୍ତି, ସେଥିପ୍ରତି ସୂଚାଇଥାଏ I

ଆହୁରି ମଧ୍ୟ ଏହା "ଘରଗୁଡିକ" କିମ୍ବା "ବାସସ୍ଥାନଗୁଡିକ" କିମ୍ବା "ଗୃହଗୁଡିକ" କିମ୍ବା "ଶରୀରଗୁଡିକ" ଭାବରେ ଅନୁବାଦ କରାଯାଇପାରେ (ଦେଖ:ସିନେକଦକ୍)

(ଅହୁରି ମଧ୍ୟ ଦେଖ: ଅବ୍ରହାମ, କିଣାନ, ପର୍ଦା ବା ଆବରଣ,ପାଉଲ, ସୀନୟ, ସମାଜଗୃହ, ସମାଗମ ତମ୍ବୁ)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 05:10
- ଦାନୀୟେଲ 11:44-45
- ଯାତ୍ରା 16:16-18
- ଆଦିପୁସ୍ତକ 12:8-9

ବୋର୍ଡ ଡାଟା :

- Strong's: H167, H168, H2583, H3407, H6898

ତରଳିବା, ତରଳିଲା, ତରଳୁ ଅଛି, ତରଳେ, ତରଳି ଯାଇଛି

ତଥ୍ୟ:

"ତରଳିବା" ଶବ୍ଦ ତାହାକୁ ଦର୍ଶାଏ ଯେତେବେଳେ କିଛି ବସ୍ତୁ ଗରମ ହେଲେ ତରଳ ପଦାର୍ଥ ହୋଇଯାଏ I ଏହା ସାଙ୍କେତିକ ଭାବାର୍ଥରେ ମଧ୍ୟ ବ୍ୟବହୃତ ହୁଏ I ଯାହା ତରଲୀ ଯାଇଛି ତାହାକୁ "ତରଳି ସରିଛି ବୋଲି ବ୍ୟାଖ୍ୟା କରାଯାଏ I

- ଅଲଗା ଅଲଗା ପ୍ରକାର ଧାତୁ ଗରମ କଲେ ତରଳିଯାଏ ଓ ତା ପରେ ତାହାକୁ ଧାଂଚାରେ ଢାଳି ଅଲଗା ବସ୍ତୁ ଯେପରି କି ଅସ୍ତ୍ର ଓ ମୂର୍ତ୍ତି ନିର୍ମାଣ କରାଯାଏ I

ଅଭିବ୍ୟକ୍ତି "ତରଳିବା ଧାତୁ" ଯେଉଁ ଧାତୁ ତରଲୀଯାଏ ତାହାକୁ ଦର୍ଶାଏ I

- ଯେତେବେଳେ ଏକ ମହମ ବତୀ ଜଳେ, ଏହାର ମହମ ଜଲେ ଓ କ୍ଷରୀ ପଡ଼େ I

ପୁରାତନ ସମୟରେ, ଚିଠି ସବୁକୁ ମୋହରଯୁକ୍ତ କରିବା ପାଇଁ ଚିଠିର ଧାରରେ ଟିକିଏ ମହମ ତରଳାଇ ଧଳା ଯାଉଥିଲା I

- "ତରଳିବା"ର ସାଙ୍କେତିକ ରୁପ ଦେଲେ ଏହାର ଅର୍ଥ ସରଳ ଓ ଦୁର୍ବଳ, ମହମ ପରି I
- ଅଭିବ୍ୟକ୍ତି "ତାହାଙ୍କର ହୃଦୟ ତରଳି ଯିବ "ଏହାର ଅର୍ଥ ହେଉଛି "ଡର ହେତୁ ସେମାନେ ଅତି ଦୁର୍ବଳ ହୋଇ ଯିବେ "I
- ଆଉ ଏକ ସାଙ୍କେତିକ ଅଭିବ୍ୟକ୍ତି "ସେମାନେ ତରଲୀ ଯିବେ "ଏହାର ଅର୍ଥ ହେଉଛି ସେମାନେ ବଳ ପୂର୍ବକ ବାହାର କରା ଯିବେ କିଅବା ସେମାନେ ଦୁବଲା ହୋଇ ହାରୀ ଯିବେ "ହୁଏ I
- "ତରଳିବା "ର ଆକ୍ଷରିକ ଅର୍ଥ ହେଉଛି "ତରଳ ପଦାର୍ଥ ହେବା" କିଅବା "ତରଳିକୃତ କରିବା "କିଅବା "ତରଳ କରିବା ର କାରଣ ହେବା" I
- ଅଲଗା ପ୍ରକାରେ ଅନୁବାଦ କଲେ ସାଙ୍କେତିକ ଅର୍ଥ "ତରଳିବା" କୁ "ସରଳ ହେବ" କିଅବା "ଦୁର୍ବଳ" କିଅବା "ହାରୀ ଯିବା" ହୁଏ I

(ଆହୁରି ଦେଖନ୍ତୁ: ହୃଦୟ, ମିଥ୍ୟା ଇଶ୍ୱର, ରୁପ, ମୋହର)

ବାଇବଲ ପଦପର୍ବ:

- ଗୀତସଂହିତା ୧୧୨:୧୦

ବୋର୍ଡ ଡାଟା :

- Strong's: H1811, H2003, H2046, H3988, H4127, H4529, H4541, H4549, H5140, H5258, H5413, H6884, H8557, G3089, G5080

ତର୍ସା ବୃକ୍ଷ

ଦେବଦାରୁ ଜାତିୟ ବୃକ୍ଷ

ସଂଜ୍ଞା:

"ତର୍ସା ବୃକ୍ଷ " ବାଇବଲ ସମୟରେ ଲୋକମାନେ ମୁଖ୍ୟତ ଭାବେ ଭୁମଧ୍ୟ ସାଗର ତିରରେ ଥିବା ଦେଶ ଗୁଡିକରେ ଦେବଦାରୁ ଜାତିୟ ବୃକ୍ଷ ପ୍ରଚୁର ଭାବେ ମିଳୁଥିଲା,

- କୁପିୟ ଏବଂ ଲିବାନୋନ ଦୁଇଟି ସ୍ଥାନ ଯେଉଁଠି ଦେବଦାରୁ ଜାତୀୟ ଗଛ ଗୁଡିକ ବାଇଅବଲ ସମୟରେ ମିଳୁଥିଲା
- ଏହି ଦେବଦାରୁ ଜାତୀୟ କାଷ୍ଠ ନୋହ ଜାହଜ ନିର୍ମାଣରେ ଲଗାଇଥିଲେ
- ଯେହେତୁ ଦେବଦାରୁ ଜାତୀୟ କାଠ ସଳଖ ଓ ଦୀର୍ଘକାଳ ରହେ, ଏହି କାଠକୁ ପ୍ରାଚୀନ ଯୁଗର ଲୋକମାନେ ଜହାଜ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଥିଲେ

(ଦେଖ: ଜହାଜ, କୁପିୟ, ଝାଉଁ ଜାତୀୟ କାଠ, ଲିବାନୋନ)

ବାଇବଲ ସନ୍ଦର୍ଭ:

- ପ୍ରେରିତ ୧୧:୧୯-୨୧
- ଆଦି ୦୬:୧୩-୧୫
- ହୋଶେୟ ୧୪:୭-୮
- ଯିଶାଇୟ ୪୪:୧୪
- ଯିଶାଇୟ ୬୦:୧୨-୧୩
- ଜିଖରିୟ ୧୧:୧-୩

ବୋର୍ଡ ଡାଟା :

- Strong's: H8645

ତୁଷ

ପରିଭାଷା:

ତୁଷ ଏକ ଶସ୍ୟ ମଞ୍ଜିର ଏକ ଶୁଖିଲା ପ୍ରତିରକ୍ଷା ଅଂଶ ଅଟେ | ତୁଷ ଖାଦ୍ୟ ପାଇଁ ଉପଯୋଗୀ ନୁହେଁ ତେଣୁ ଲୋକମାନେ ଏହାକୁ ମଞ୍ଜିରୁ ଅଲଗା କରି ଫିଙ୍ଗି ଦିଅନ୍ତି |

- ପ୍ରାୟତଃ, ଶସ୍ୟର ତୁଷକୁ ବାୟୁରେ ପକାଇ ଅଲଗା କରାଯାଏ | ପବନ ତୁଷକୁ ଉଡ଼ାଇ ଦିଏ ଏବଂ ମଞ୍ଜି ଭୂମିରେ ପଡେ | ଏହି ପ୍ରକ୍ରିୟାକୁ "କୁଲା କରିବା" କୁହାଯାଏ |
- ବାଇବେଲରେ, ଏହି ଶବ୍ଦକୁ ମନ୍ଦଲୋକ ଏବଂ ମନ୍ଦତା, ମୂଲ୍ୟହୀନ ପଦାର୍ଥ ପାଇଁ ବ୍ୟବହାର ହୋଇଛି |

(ଦେଖନ୍ତୁ: ଶସ୍ୟ, ଗହମ, ପାଛୁଡ଼ିବା)

ବାଇବେଲ ପଦପର୍ବ:

- ଦାନିୟେଲ ୨:୩୫
- ଆୟୁବ ୨୧:୧୮
- ଲୂକ ୩:୧୭
- ମାଥିଉ ୩: ୧୨

ଶବ୍ଦବିନ୍ୟାସ:

Strong's: H2842, H4671, H5784, H8401, G08920

ତୂରୀ, ତୂରୀଗୁଡିକ, ତୂରୀ ବଜାଇବା ଲୋକମାନେ

ସଂଜ୍ଞା:

"ତୂରୀ" ପ୍ରତିଶବ୍ଦ ଏକ ଯନ୍ତ୍ରକୁ ସୂଚାଏ ଯାହା ସଙ୍ଗୀତ ଉତ୍ପନ୍ନ କରେ ବା ଗୋଟିଏ ସଭା ନିମନ୍ତେ ବା ଘୋଷଣା କରିବା ନିମନ୍ତେ ଲୋକମାନଙ୍କୁ ଏକତ୍ର କରିବା ଉଦ୍ଦେଶ୍ୟରେ ଆହ୍ୱାନ କରେ I

- ଗୋଟିଏ ତୂରୀ ସାଧାରଣତଃ ଧାତବ ବସ୍ତୁ, ସମୁଦ୍ରଶାମୁକା, କିମ୍ବା ଏକ ପଶୁର ଶିଙ୍ଗରେ ନିର୍ମିତ ହୋଇଥାଏ I
- ତୂରୀଗୁଡିକ ପ୍ରାୟତଃ ଲୋକମାନଙ୍କୁ ଯୁଦ୍ଧ ନିମନ୍ତେ ଏକତ୍ର କରିବା ଉଦ୍ଦେଶ୍ୟରେ ଏବଂ ଇସ୍ରାଏଲର ସର୍ୱସାଧାରଣଙ୍କ ସମାଗମଗୁଡିକ ଉଦ୍ଦେଶ୍ୟରେ ବଜାଯାଇଥାଏ I
- ପ୍ରକାଶିତ ବାକ୍ୟ ପୁସ୍ତକ ଶେଷ ସମୟର ଏକ ଦୃଶ୍ୟକୁ ବର୍ଣ୍ଣନା କରିଥାଏ ଯେଉଁଠାରେ ଦୂତମାନେ ସେମାନଙ୍କର ତୂରୀ ବାଦନ କରୁଛନ୍ତି ଯେପରି ତାହା ପୃଥିବୀ ଉପରେ ଈଶ୍ୱରଙ୍କ ପ୍ରଚୁର କ୍ରୋଧ ଢଳାଯିବା ବିଷୟକୁ ଇଙ୍ଗିତ ବା ସୂଚନା ଦେବ I

(ଆହୁରି ମଧ୍ୟ ଦେଖ: ଦୂତ, ମହାସଭା, ପୃଥିବୀ, ଶିଙ୍ଗା, ଇସ୍ରାଏଲ, କ୍ରୋଧ)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 13:7-8
- 2ୟ ରାଜା09:11-13
- ଯାତ୍ରା 19:12-13
- ଏବ୍ରୀ 12:18-21
- ମାଥିଉ 06:1-2
- ମାଥିଉ 24:30-31

ବୋର୍ଡ ଡାଟା :

- Strong's: H2689, H2690, H3104, H7782, H8619, H8643, G4536, G4537, G4538

ତୈଳ

ପରିଭାଷା:

ତୈଳ ମୋଟା, ସ୍ୱଷ୍ଟ ତରଳ ପଦାର୍ଥ ଅଟେ ଯାହା ନିର୍ଦ୍ଦିଷ୍ଟ ବନସ୍ପତିରୁ ନିଆଯାଏ । ବାଇବେଲ ସମୟରେ, ଜୀତ ବୃକ୍ଷର ତେଲକୁ ବ୍ୟବହାର କରାଯାଉଥିଲା ।

- ଜୀତ ତେଲ ରାନ୍ଧିବା, ଅଭିଷେକ, ବଳିଦାନ, ଲଣ୍ଠନରେ ଏବଂ ଔଷଧ ରୂପରେ ବ୍ୟବହାର କରୁଥିଲେ ।
- ପ୍ରାଚୀନ କାଳରେ, ଜୀତ ତେଲ ବହୁମୂଲ୍ୟ ଥିଲା ଏବଂ ଜୀତ ତେଲକୁ ଜଣକର ସମ୍ପତ୍ତି ସହିତ ତୁଳନା କରାଯାଉଥିଲା।
- ନିଶ୍ଚିତ କରନ୍ତୁ ଯେ ଏହି ଶବ୍ଦର ଅନୁବାଦ ମୋଟର ତେଲକୁ ନୁହେଁ, ରୋଷେଇରେ ବ୍ୟବହାର କରାଯାଉଥିବା ତେଲକୁ ଦର୍ଶାଏ । ବିଭିନ୍ନ ପ୍ରକାରର ତେଲ ପାଇଁ କେତେକ ଭାଷାରେ ଭିନ୍ନ ଶବ୍ଦ ଥାଇପାରେ ।

(ଜୀତ, ବଳିଦାନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ଶାମୁୟେଲ 1:21
- ଯାତ୍ରା 29:2
- ଲେବୀୟ ପୁସ୍ତକ 5:11
- ଲେବୀୟ ପୁସ୍ତକ 8:1-3
- ମାର୍କ 6:12-13
- ମାଥିଉ 25:7-9

ଶବ୍ଦବିନ୍ୟାସ :

- Strong's: H2091, H3323, H4887, H6671, H7246, H8081, G16370, G34640

ଦଣ୍ଡ, ଦଣ୍ଡିତ, ଦଣ୍ଡବିଧାନ, ଅଦଣ୍ଡିତ

ପରିଭାଷା:

"ଦଣ୍ଡ" ଶବ୍ଦର ଅର୍ଥ ଜଣେ ବ୍ୟକ୍ତିକୁ ମନ୍ଦ କାର୍ଯ୍ୟ କରିଥିବା ହେତୁ ତାହାକୁ ଏକ ନକରାତ୍ମକ ପରିଣାମ ଭୋଗିବା ନିମନ୍ତେ ଦୁଃଖ ଦିଆଯିବାକୁଉ ବୁଝାଏ I "ଦଣ୍ଡବିଧାନ" ଶବ୍ଦ ସେହି ମନ୍ଦ ବ୍ୟବହାରର ଫଳସ୍ୱରୂପେ ଏକ ନକରାତ୍ମକ ପରିଣାମ ପ୍ରଦାନ କରିବା ବିଷୟକୁ ସୂଚାଏ I

- ଅନେକ ସମୟରେ ଦଣ୍ଡବିଧାନ ଜଣେ ବ୍ୟକ୍ତିକୁ ପାପ କରିବାରୁ ନିବୃତ୍ତ କରିବା ଉଦ୍ଦେଶ୍ୟରେ ପ୍ରଣୋଦିତ ହୁଏ I
- ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଦଣ୍ଡ ଦେଲେ ଯେତେବେଳେ ସେମାନେ ଅବାଧ ହେଲେ; ବିଶେଷତଃ, ଯେତେବେଳେ ସେମାନେ ମିଥ୍ୟା ଦେବତାମାନଙ୍କର ପୂଜା ଆରାଧନା କଲେ I ସେମାନଙ୍କର ପାପ ହେତୁ, ଈଶ୍ୱର ସେମାନଙ୍କ ଶତ୍ରୁମାନଙ୍କୁ ଆକ୍ରମଣ କରିବାକୁ ଏବଂ ସେମାନଙ୍କୁ ଅଧିକାର କରିବାକୁ ଅନୁମତି ଦେଲେ I
- ଈଶ୍ୱର ଧାର୍ମିକ ଏବଂ ନ୍ୟାୟବାନ ଅଟନ୍ତି, ତେଣୁ ତାହାଙ୍କୁ ପାପକୁ ଦଣ୍ଡ ଦେବାକୁ ହେବ I ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ବିରୁଦ୍ଧରେ ପାପ କରିଅଛି ଏବଂ ଦଣ୍ଡ ପାଇବା ନିମନ୍ତେ ଯୋଗ୍ୟ ଅଟେ I
- ପ୍ରତ୍ୟେକ ମନୁଷ୍ୟ ଯେକୌଣସି ସମୟରେ କରିଥିବା ସମସ୍ତ ମନ୍ଦବିଷୟଗୁଡ଼ିକ ନିମନ୍ତେ ଯୀଶୁ ଦଣ୍ଡିତ ହେଲେ I ସେ ଯଦିଓ କୌଣସି ଭୁଲ କାର୍ଯ୍ୟ କରି ନଥିଲେ ଏବଂ କୌଣସି ଦଣ୍ଡବିଧାନର ଯୋଗ୍ୟ ନଥିଲେ ତଥାପି ସେ ପ୍ରତ୍ୟେକ ବ୍ୟକ୍ତିର ଦଣ୍ଡ ଆପଣା ଉପରେ ଗ୍ରହଣ କଲେ I
- "ଅଦଣ୍ଡିତ ହୋଇ ଯିବା" ଏବଂ "ଅଦଣ୍ଡିତ କରି ଛାଡିଦେବା" ଅର୍ଥ ଲୋକମାନଙ୍କୁ ସେମାନଙ୍କର ମନ୍ଦ କାର୍ଯ୍ୟ ହେତୁ ଦଣ୍ଡ ନ ଦେବା ନିମନ୍ତେ ସ୍ଥିର କରିବା ଅଟେ I ଈଶ୍ୱର ଅନେକ ସମୟରେ ପାପକୁ ଅଦଣ୍ଡିତ ହୋଇ ଚାଲିଯିବା ନିମନ୍ତେ ଅନୁମତି ଦିଅନ୍ତି କାରଣ ସେ ଲୋକମାନଙ୍କୁ ଅନୁତାପ କରିବା ନିମନ୍ତେ ଅପେକ୍ଷା କରନ୍ତି I

(ଦେଖନ୍ତୁ: ନ୍ୟାୟ, ଅନୁତାପ, ଧାର୍ମିକ, ପାପ)

ବାଇବେଲ ପଦପର୍ବ:

- ୧ ଯୋହନ ୪:୧୮
- ୨ ଥେସଲନିକୀ ୧:୯
- ପ୍ରେରିତ ୪:୨୧
- ପ୍ରେରିତ ୭:୫୯-୬୦
- ଆଦିପୁସ୍ତକ ୪:୧୫
- ଲୂକ ୨୩:୧୬
- ମାଥିଉ ୨୫:୪୬

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୧୩:୬** ଈଶ୍ୱର ମଧ ପାଳନ କରିବା ନିମନ୍ତେ ଅନ୍ୟାନ୍ୟ ଅନେକ ବ୍ୟବସ୍ଥାଗୁଡ଼ିକ ଏବଂ ନୀତିନିୟମ ଗୁଡ଼ିକ ପ୍ରଦାନ କଲେ I ଯଦି ଲୋକମାନେ ଏହି ବ୍ୟବସ୍ଥା ପାଳନ କଲେ, ଈଶ୍ୱର ପ୍ରତିଜ୍ଞା କଲେ ଯେ ସେ ସେମାନଙ୍କୁ ଆଶୀର୍ବାଦ କରିବେ ଏବଂ ସୁରକ୍ଷା ପ୍ରଦାନ କରିବେ I ଯଦି ସେମାନେ ସେଗୁଡ଼ିକର ଅବାଧ ହେଲେ, ଈଶ୍ୱର ସେମାନଙ୍କୁ **ଦଣ୍ଡ** ଦେବେ I
- **୧୬:୨** ଯେହେତୁ ଇସ୍ରାଏଲୀୟମାନେ ଈଶ୍ୱରଙ୍କର ଅବାଧ ହୋଇ ଚାଲିଥିଲେ ଈଶ୍ୱର ସେମାନଙ୍କ ଶତ୍ରୁମାନଙ୍କୁ ଆକ୍ରମଣ କରିବାକୁ ଅନୁମତି ଦେଇ ସେମାନଙ୍କୁ **ପରାସ୍ତ କଲେ** I
- **୧୯:୧୬** ଭବିଷ୍ୟଦ୍‌ବକ୍ତାମାନେ ଲୋକମାନଙ୍କୁ ଚେତାବନୀ ଦେଲେ ଯେ ଯଦି ସେମାନେ ମନ୍ଦ କାର୍ଯ୍ୟ କରିବା ବନ୍ଦ ନ କରନ୍ତି ଏବଂ ଈଶ୍ୱର ବାଧତା ଆଚରଣ କରିବା ଆରମ୍ଭ ନ କରନ୍ତି, ତାହାହେଲେ ଈଶ୍ୱର ସେମାନଙ୍କୁ ଦୋଷୀ ବୋଲି ଗଣିତ କରିବେ, ଏବଂ ସେ ସେମାନଙ୍କୁ **ଦଣ୍ଡ** ଦେବେ I
- **୪୮:୬** ଯୀଶୁ ପ୍ରକୃତ ସିଦ୍ଧ ମହାଯାଜକ ଥିଲେ କାରଣ ସେ ପ୍ରତ୍ୟେକ ଲୋକର ପାପର **ଦଣ୍ଡକୁ** ଗ୍ରହଣ କଲେ I
- **୪୮:୧୦** ଯେତେବେଳେ କେହି ଯୀଶୁଙ୍କଠାରେ ବିଶ୍ୱାସ କରେ, ଯୀଶୁଙ୍କ ରକ୍ତ ସେହି ବ୍ୟକ୍ତିର ପାପକୁ ବହନ କରେ, ଏବଂ ଈଶ୍ୱରଙ୍କ **ଦଣ୍ଡବିଧାନ** ତାହାଠାରୁ ଅପସରି ଯାଏ I
- **୪୯:୯** କିନ୍ତୁ ଈଶ୍ୱର ଜଗତର ପ୍ରତ୍ୟେକ ବ୍ୟକ୍ତିକୁ ପ୍ରେମ କଲେ ଯେ ସେ ଆପଣାର ଏକ ମାତ୍ର ପୁତ୍ରଙ୍କୁ ଦାନ କଲେ ଯେପରି ଯେ କେହି ଯୀଶୁଙ୍କଠାରେ ବିଶ୍ୱାସ କରେ ସେ ତାହାର ପାପ ଗୁଡ଼ିକ ନିମନ୍ତେ **ଦଣ୍ଡିତ** ହେବ ନାହିଁ ମାତ୍ର ଅନନ୍ତ କାଳ ନିମନ୍ତେ ଈଶ୍ୱରଙ୍କ ସହିତ ବାସ କରିବ I
- **୪୯:୧୧** ଯୀଶୁ କଦାପି ପାପ କରି ନଥିଲେ, କିନ୍ତୁ ସେ **ଦଣ୍ଡିତ** ହେବାକୁ ମନୋନୀତ କଲେ ଏବଂ ଏକ ସିଦ୍ଧ ବଳି ଭାବରେ ମୃତ୍ୟୁ ଭୋଗିଲେ ଯେପରି ତୁମ୍ଭମାନଙ୍କର ପାପସବୁ ଏବଂ ଜଗତର ଥିବା ପ୍ରତ୍ୟେକ ବ୍ୟକ୍ତିର ପାପସବୁ ବହନ କରି ନେବେ I

ଶବ୍ଦବିନ୍ୟାସ:

- Strong's: H3027, H3256, H4148, H4941, H5221, H5414, H6031, H6064, H6213, H6485, H7999, H8011, H8199, G13490, G15560, G15570, G28490, G38110, G50970

ଦଣ୍ଡାଧିକାରୀ, ଦଣ୍ଡାଧିକାରୀଗଣ

ସଂଜ୍ଞା:

ଏକ ଦଣ୍ଡାଧିକାରୀ ଜିଜ୍ଞୁକ୍ତି କରା ଯାଇ ଥିବା ଏକ ଅଫିସର ଅଟେ ଯେ ଏକ ବିଚାରପତି ପରି କାମ କରେ ଓ ନୀୟମ କାନୁନ ବିଷୟ ନିର୍ନୟ କରେ I

- ବାଇବଲ ସମୟରେ, ଏକ ଦଣ୍ଡାଧିକାରୀ ଲୋକମାନଙ୍କ ମଧରେ ମତଭେଦ ବିଷୟରେ ନିର୍ନୟ ନିଏ I
- ପୃଷ୍ଠଭୂମି ଉପରେ ନିର୍ଭର କରି, ଅଲଗା ପ୍ରକାରେ ଏହି ଶବ୍ଦକୁ ଅନୁବାଦ କଲେ "ବିଚାରପତି "କିଅବା "ନୀୟମାନୁସାରେ ଅଫିସର" କିଅବା "ସହର ନେତା" ରୂପରେ ଅନୁବାଦ ହୋଇପାରେ I

(ଆହୁରି ଦେଖନ୍ତୁ: ବିଚାରପତି, ନୀୟମ)

ବାଇବଲ ପଦପର୍ବ:

- ପ୍ରେରିତ ୧୬:୧୯-୨୧
- ପ୍ରେରିତ ୧୬:୩୫-୩୬
- ଦାନିଏଲ ୦୩:୧-୨
- ଲୁକ ୧୨:୫୬-୫୯

ବୋର୍ଡ ଡାଟା :

- Strong's: H6114, H8200, H8614, G758, G3980, G4755

ଦମନ କରିବା, ଦମନ ହେବା, ଦମନ, ଦମନକାରୀ, ପ୍ରଭୁତ୍ୱ ଜାହିର କରିବା

ପରିଭାଷା:

"ଦମନ କରିବା" ଏବଂ "ଦମନ ହେବା" ଶବ୍ଦ ଲୋକମାନଙ୍କୁ କଠୋର ବ୍ୟବହାର କରିବାକୁ ବୁଝାଏ I ଜଣେ "ଦମନକାରୀ" ଜଣେ ବ୍ୟକ୍ତି ଅଟେ ଯିଏ ଲୋକମାନଙ୍କ ଉପରେ ଅତ୍ୟାଚାର କରେ I

- "ଦମନ" ଶବ୍ଦ ଏକ ପରିସ୍ଥିତିକୁ ବୁଝାଏ ଯେଉଁଠି ଅଧିକାର ପ୍ରାପ୍ତ ଲୋକ କିମ୍ବା ଯେଉଁମାନେ ଅଧିକାର ପ୍ରାପ୍ତ ଲୋକମାନଙ୍କ ଅଧିନରେ ଅଛନ୍ତି ସେମାନଙ୍କୁ ଅତ୍ୟାଚାର କରିବାକୁ ବୁଝାଏ I
- ଯେଉଁ ଲୋକମାନେ ଶୋଷଣ ହେଉଛନ୍ତି ସେମାନଙ୍କୁ "ଦଳିତ" ବୋଲି ବର୍ଣ୍ଣନା କରାଯାଏ I
- ସାଧାରଣତଃ ଶତ୍ରୁ ଜାତିଗଣ ଏବଂ ସେମାଙ୍କର ଶାସକ ଇସ୍ରାଏଲ ଲୋକମାନଙ୍କୁ ଶୋଷଣ କରୁଥିଲେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଦଳିତ" ଶବ୍ଦର ପୃଷ୍ଠଭୂମିକୁ ଆଧାର କରି, "କଠୋରତା ସହ ଅତ୍ୟାଚାର କରିବା" କିମ୍ବା "ବୋଝ ଉପରେ ନଳିତା ବିତା ଦେବା" କିମ୍ବା "ଦୁଃଖ ଉପରେ ଦୁଃଖକୁ ଲଦିଦେବା" କିମ୍ବା "କଠୋରତାରେ ଶାସନ କରିବା" ବୋଲି ଅନୁବାଦ କରାଯାଇପାରେ I
- "ଅତ୍ୟାଚାର" ଶବ୍ଦକୁ "ଅସହ୍ୟ ଦୁଃଖ ଏବଂ ବନ୍ଧନରେ ରଖିବା" କିମ୍ବା "ପରାଧିନ ଜୀବନ" ବୋଲି ଅନୁବାଦ କରାଯାଇପାରିବ I
- "ଅତ୍ୟାଚାରୀ" ଶବ୍ଦକୁ" ଦଳିତ ଲୋକ" କିମ୍ବା "ଦାସତ୍ୱରେ ଥିବା ଲୋକ" କିମ୍ବା "ଯେଉଁମାନଙ୍କୁ ଅତି ନିଷ୍ଠୁର ବ୍ୟବହୃତ" ବୋଲି ଅନୁବାଦ କରାଯାଇପାରେ I
- "ଅତ୍ୟାଚାରୀ" ଶବ୍ଦକୁ "ବ୍ୟକ୍ତି ଯିଏ ଅତ୍ୟାଚାର କରେ" କିମ୍ବା "ଦେଶ ଯାହା ବଶୀଭୂତ କିମ୍ବା କଠୋର ଶାସନ କରେ", କିମ୍ବା "ତାଡନାକାରୀ" ବୋଲି ଅନୁବାଦ କରାଯାଇପାରେI

(ବନ୍ଦୀ, କ୍ରିତଦାସ, ତାଡନା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ 10:17-19
- ଦ୍ୱିତୀୟ ବିବରଣ 26:7
- ଉପଦେଶକ 4:1
- ଆୟୁବ 10:3
- ବିଚାରକର୍ତ୍ତା 2:18-19
- ନିହିମୀୟା 5:14-15
- ଗୀତସଂହିତା 119:134

ଶବ୍ଦବିନ୍ୟାସ :

- Strong's: H1790, H1792, H2541, H2555, H3238, H3905, H3906, H4642, H5065, H6031, H6125, H6184, H6206, H6216, H6217, H6231, H6233, H6234, H6693, H7429, H7533, H7701, G26160, G26690

ଦର୍ଶନ, ସ୍ୱପ୍ନରେ ଦେଖିବା

ସତ୍ୟ ଘଟଣାବଳୀ:

"ଦର୍ଶନ" ଶବ୍ଦ ଜଣେ ବ୍ୟକ୍ତି ଦେଖୁଥିବା ବିଷୟକୁ ବୁଝାଏ I ଏହା ବିଶେଷ ଭାବରେ କିଛି ଅସାଧାରଣ କିମ୍ବା ଅଲୌକିକ ବିଷୟକୁ ବୁଝାଏ ଯାହା ଈଶ୍ୱର ଲୋକମାନଙ୍କୁ ଏକ ବାର୍ତ୍ତା ଦେବା ପାଇଁ ଦେଖାନ୍ତି I

- ସାଧାରଣତଃ, ଜଣେ ବ୍ୟକ୍ତି ଜାଗ୍ରତ ଥିବାବେଳେ ଦର୍ଶନ ଦେଖିଥାଏ | କିନ୍ତୁ, ବେଳେବେଳେ ଏକ ଦର୍ଶନକୁ ଜଣେ ବ୍ୟକ୍ତି ଶୋଇଥିବା ସମୟରେ ସ୍ୱପ୍ନରେ ଦେଖେ I
- ଲୋକମାନଙ୍କୁ ଏପରି କିଛି ବିଷୟ କହିବାକୁ ଈଶ୍ୱର ଦର୍ଶନ ପଠାନ୍ତି ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ | ଉଦାହରଣ ସ୍ୱରୂପ, ପିତର ଅଣଯିହୂଦୀମାନଙ୍କୁ ସ୍ୱାଗତ କରନ୍ତୁ ଏହା ଈଶ୍ୱର ଚାହାଁନ୍ତି ବୋଲି ଏକ ଦର୍ଶନ ତାଙ୍କୁ ଦିଆଗଲା I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଏକ ଦର୍ଶନ ଦେଖିଲେ" ବାକ୍ୟାଂଶକୁ "ଈଶ୍ୱରଙ୍କଠାରୁ କିଛି ଅସାଧାରଣ ବିଷୟ ଦେଖାଗଲା" କିମ୍ବା "ଈଶ୍ୱର ତାଙ୍କୁ କିଛି ବିଶେଷ ବିଷୟ ଦେଖାଇଲେ" ବୋଲି ଅନୁବାଦ କରାଯାଇପାରେ I
- କେତେକ ଭାଷାରେ "ଦର୍ଶନ" ଏବଂ "ସ୍ୱପ୍ନ" ପାଇଁ ଅଲଗା ଶବ୍ଦ ଥାଇ ନ ପାରେ । ତେଣୁ "ଦାନିୟେଲଙ୍କ ମନରେ ସ୍ୱପ୍ନ ଏବଂ ଦର୍ଶନ ପାଇଲେ" ପରି ଏକ ବାକ୍ୟାଂଶକୁ "ଦାନିୟେଲ ଶୋଇଥିବା ସମୟରେ ସ୍ୱପ୍ନ ଦେଖିଲେ ଏବଂ ଈଶ୍ୱର ତାଙ୍କୁ ଅସାଧାରଣ ଦେଖାଇଲେ" ବୋଲି ଅନୁବାଦ କରାଯାଇପାରେ I

(ସ୍ୱପ୍ନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 9:10-12
- ପ୍ରେରିତ 10:3-6
- ପ୍ରେରିତ 10:11
- ପ୍ରେରିତ 12:9-10
- ଲୂକ 1:22
- ଲୂକ 24:23
- ମାଥିଉ 17:9-10

ଶବ୍ଦବିନ୍ୟାସ:

- Strong's: H2376, H2377, H2378, H2380, H2384, H4236, H4758, H4759, H7203, H7723, H8602, G37010, G37050, G37060

ଦଶ ଆଜ୍ଞା

ତଥ୍ୟଗୁଡିକ:

ଇସ୍ରାଏଲମାନେ କିଣାନ ଦେଶକୁ ଯାତ୍ରା କରୁଥିବା ସମୟରେ ଯେତେବେଳେ ମରୁଭୂମିରେ ବାସ କରୁଥିଲେ, ସେତେବେଳେ ସଦାପ୍ରଭୁ ସୀନୟ ପର୍ବତରେ ମୋଶାଙ୍କୁ ଦଶ ଆଜ୍ଞା ଦେଇ ଆଦେଶ ଦେଇଥିଲେ I ଦୁଇଟି ବଡ ପ୍ରସ୍ତର ଫଳକରେ ସଦାପ୍ରଭୁ ଏହି ଆଜ୍ଞାଗୁଡିକ ଲେଖିଥିଲେ I

- ସଦାପ୍ରଭୁ ଇସ୍ରାଏଲମାନଙ୍କୁ ପାଳନ କରିବା ନିମନ୍ତେ ଅନେକ ଆଜ୍ଞା ଦେଇଥିଲେ, କିନ୍ତୁ ଦଶ ଆଜ୍ଞା ବିଶେଷ ଆଜ୍ଞାଥିଲା, ଯାହାକି ସଦାପ୍ରଭୁଙ୍କୁ ପ୍ରେମ ଏବଂ ଉପାସନା କରିବାକୁ ଏବଂ ଅନ୍ୟ ଲୋକମାନଙ୍କୁ ପ୍ରେମ କରିବାକୁ ଇସ୍ରାଏଲୀୟମାନଙ୍କୁ ସାହାଯ୍ୟ କରିବ I
- ଏହି ଆଜ୍ଞାଗୁଡିକ ମଧ୍ୟ ତାଙ୍କର ଲୋକମାନଙ୍କ ସହିତ ଈଶ୍ୱରଙ୍କର ନୀୟମର ଏକ ଅଂଶଥିଲା I

ଈଶ୍ୱରଙ୍କ ପ୍ରଦତ୍ତ ଆଜ୍ଞାଗୁଡିକ ପାଳନ କରିବା ଦ୍ୱାରା, ଇସ୍ରାଏଲମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ଏବଂ ସେମାନେ ଯେ ତାହାଙ୍କର ଅଟନ୍ତି, ତାହା ପ୍ରଦର୍ଶିତ କରୁଥିଲେ I

- ପ୍ରସ୍ତର ଫଳକରେ ଲେଖା ଯାଇଥିବା ଆଜ୍ଞାଗୁଡିକ ନୀୟମ ସିନ୍ଦୁକରେ ରଖା ଯାଇଥିଲା, ଯାହାକି ଆବାସ ସ୍ଥଳର ପବିତ୍ର ସ୍ଥାନରେ ଏବଂ ପରବର୍ତ୍ତୀ ସମୟରେ ମନ୍ଦିରରେ ରଖାଯାଇଥିଲା I

(ଆହୁରି ମଧ୍ୟ ଦେଖ: ନୀୟମ ସିନ୍ଦୁକ, ଆଦେଶ, ନୀୟମ, ମରୁଭୂମି, ନୀୟମ, ବାଧ୍ୟ ବା ପାଳନ କରିବା, ସୀନୟ, ଉପାସନା)

ବାଇବଲ ପଦଗୁଡିକ:

- ଦ୍ୱିତୀୟ ବିବରଣ 04:13-14
- ଦ୍ୱିତୀୟ ବିବରଣ 10:3-4
- ଯାତ୍ରା 34:27-28
- ଲୂକ 18:18-21

ବାଇବଲର କାହାଣୀଗୁଡିକ ମଧ୍ୟରୁ ଉଦାହରଣଗୁଡିକ:

- **13:07** ତା'ପରେ ଈଶ୍ୱର ଏହି **ଦଶ ଆଜ୍ଞା** ଦୁଇଟି ପ୍ରସ୍ତର ଫଳକରେ ଲେଖି ମୋଶାଙ୍କୁ ଦେଲେ I
- **13:13** ଯେତେବେଳେ ମୋଶା ପର୍ବତରୁ ଓହ୍ଲାଇଲେ ଏବଂ ପ୍ରତିମାକୁ ଦେଖିଲେ, ସେ ଏତେଦୂର କ୍ରୋଧାନ୍ୱିତ ହୋଇଥିଲେ ଯେ ସେ ପ୍ରସ୍ତର ଫଳକ ଉପରେ ଈଶ୍ୱରଙ୍କର ଲିଖିତ ଯେଉଁ ଦଶ ଆଜ୍ଞା ଦେଇଥିଲେ, ସେହି ପ୍ରସ୍ତର ଫଳକକୁ ଭାଙ୍ଗି ଚୁରମାର୍ କରିଦେଲେ I
- **13:15** ମୋଶା ଯେଉଁ ଫଳକକୁ ଭାଙ୍ଗି ଦେଇଥିଲେ, ତାହାର ପରିବର୍ତ୍ତେ ଏକ ନୂତନ ପ୍ରସ୍ତର ଫଳକରେ ଏହି **ଦଶ ଆଜ୍ଞାକୁ**ଲେଖିଲେ I

ବୋର୍ଡ ଡାଟା :

- Strong's: H1697, H6235

ଦଶମ, ଦଶମାଂଶ

ପରିଭାଷା:

"ଦଶମ" ଏବଂ "ଦଶମାଂଶ" ଶବ୍ଦ ଏକ ବ୍ୟକ୍ତିର "ଦଶଭାଗ" କିମ୍ବା "ଦଶଭାଗରୁ ଏକ ଭାଗ" ଶସ୍ୟ କିମ୍ବା ପଶୁସମ୍ପଦ, କିମ୍ବା ଅନ୍ୟାନ୍ୟ ସମ୍ପତ୍ତିକୁ ବୁଝାଏ, ଯାହା ଈଶ୍ୱରଙ୍କୁ ଦିଆଯାଇଛି I

- ପୂରାତନ ନିୟମରେ, ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଆଦେଶ ଦେଇଥିଲେ ଯେ, ସେମାନେ ସେମାନଙ୍କର ସମସ୍ତ ସମ୍ପତ୍ତିର ଦଶଭାଗ ଈଶ୍ୱରଙ୍କୁ ଦାନ ଏବଂ ଧନ୍ୟବାଦ ଦେବା ଉଦ୍ଦେଶ୍ୟରେ ପୃଥକ୍ କରିବେ I
- ଏହି ଦାନଗୁଡ଼ିକ ଇସ୍ରାଏଲର ଲେବୀୟ ବଂଶକୁ ସାହାଯ୍ୟ କରିବା ନିମନ୍ତେ ବ୍ୟବହାର ହେଉଥିଲା ଯେଉଁମାନେ କି ଇସ୍ରାଏଲର ଆବାସସ୍ଥଳ ଏବଂ ପରବର୍ତ୍ତୀ ସମୟରେ ମନ୍ଦିରର ଯାଜକଗଣ ଏବଂ ତତ୍ତ୍ୱାବଧାରକ ଭାବରେ ସେବା କରୁଥିଲେ I
- ନୂତନ ନିୟମରେ, ଈଶ୍ୱର ଦଶମାଂଶ ଦେବା ଆବଶ୍ୟକ କରନ୍ତି ନାହିଁ, କିନ୍ତୁ ଏହା ପରିବର୍ତ୍ତେ, ସେ ବିଶ୍ୱାସୀମାନଙ୍କୁ ପରାମର୍ଶ ଦିଅନ୍ତି ଯେ ସେମାନେ ହୃଷ୍ଟ ଚିତ୍ତରେ ଏବଂ ଆନନ୍ଦ ମନରେ ଲୋକମାନଙ୍କୁ ସେମାନଙ୍କର ଆବଶ୍ୟକ ସମୟରେ ସାହାଯ୍ୟ କରିବେ ଏବଂ ଖ୍ରୀଷ୍ଟିୟ ସେବାକାର୍ଯ୍ୟକୁ ସମର୍ଥନ କରିବେ I
- ଏହାକୁ "ଏକ-ଦଶମାଂଶ" କିମ୍ବା "ଦଶଭାଗରୁ ଏକ ଭାଗ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ବିଶ୍ୱାସ, ଇସ୍ରାଏଲ, ଲେବୀୟ, ପଶୁ ସମ୍ପଦ, ମଲକିଷେଦକ୍, ସେବକ, ବଳିଦାନ, ଆବାସ ତମ୍ବୁ, ମନ୍ଦିର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 14:19-20
- ଆଦିପୁସ୍ତକ 28:20-22
- ଏବ୍ରୀ 7:4-6
- ଯିଶାଇୟ 6:13
- ଲୂକ 11:42
- ଲୂକ 18:11-12
- ମାଥିଉ 23:23-24

ଶବ୍ଦବିନ୍ୟାସ:

- Strong's: H4643, H6237, H6241, G05860, G11810, G11830

ଦାନ

ପରିଭାଷା:

''ଦାନ'' ଶବ୍ଦଟି ''ଟଙ୍କା'', ''ଖାଦ୍ୟ'', କିମ୍ବା ଅନ୍ୟାନ୍ୟ ବିଷୟ ଯାହା ଗରିବ ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଦିଆଯାଇଥାଏ ତାହାକୁ ବୁଝାଏ I

- ଅନେକ ସମୟରେ ଦାନ ଦେବା ବିଷୟଟି ଲୋକମାନଙ୍କ ସମ୍ମୁଖରେ ଧାର୍ମିକତା ନିମନ୍ତେ ଧର୍ମର କର୍ତ୍ତବ୍ୟ ଭାବେ ଦେଖାଯାଇଥାଏ I
- ଯୀଶୁ କହିଲେ, ସର୍ବସାଧାରଣ ସମ୍ମୁଖରେ ଲୋକ ଦେଖାଇବା ପାଇଁ ଦାନ ଦେବା ଉଚିତ୍ ନୁହଁ I
- ଏହି ଶବ୍ଦକୁ ''ଟଙ୍କା'' କିମ୍ବା ''ଗରିବ ଲୋକମାନଙ୍କୁ ଦାନ'' କିମ୍ବା ''ଗରିବମାନଙ୍କ ପାଇଁ ସାହାଯ୍ୟ'' ବୋଲି ଅନୁବାଦ କରାଯାଇପାରିବ I

ବାଇବେଲ ପଦପର୍ବ:

- ପ୍ରେରିତ ୩:୧-୩
- ମାଥିଉ ୬:୧
- ମାଥିଉ ୬:୩

ଶବ୍ଦବିନ୍ୟାସ:

- Strong's: G16540

ଦାନବ, ଦାନବଗଣ

ସଂଜ୍ଞା:

"ଦାନବ" ଶବ୍ଦ ତାହାକୁ ଦର୍ଶାଏ ଯେ ସାଧାରଣ ଭାବରେ ଯେ ଅତି ଉଚ ଓ ବଳବାନ ଅଟେ I

- ଗୋଲିଆଥ, ଗୋଟିଏ ପଲେଷ୍ଟିୟ ଯୋଦ୍ଧା ଯେ ଦାଉଦ ସହିତ ଯୁଦ୍ଧ କରିଥିଲା, ତାହାକୁ ଏକ ଦାନବ କୁହାଯାଉଥିଲା କାରଣ ସେ ଅତି ଉଚ୍ଚ, ବଡ଼ ଓ ବଳବାନଥିଲା I
- ଇସ୍ରାଏଲର ଯେ ଛିଦ୍ର ଅନୁସନ୍ଧାନ କରିବାକୁ କିଣାନ ଦେଶକୁ ଯାଇଥିଲେ ଏବଂ କହିଲେ ଯେ ସେହିଠାରେ ଯେଉଁମାନେ ରହୁଅଛନ୍ତି ଦାନବ ପରିଥିଲେ I

(ଆହୁରି ଦେଖନ୍ତୁ: କିଣାନ, ଗୋଲିଆଥ, ପଲେଷ୍ଟିୟ)

ବାଇବଲ ପଦପର୍ବ:

- ଆଦିପୁସ୍ତକ ୦୬:୪
- ଗଣନା ପୁସ୍ତକ ୧୩: ୩୨-୩୩

ବୋର୍ଡ ଡାଟା :

- Strong's: H1368, H5303, H7497

ଦାହ୍ୟ ଯୁକ୍ତ ବଳି, ଅଗ୍ନି ଦ୍ୱରା ବଳି

ସଂଜ୍ଞା:

"ଦାହ୍ୟ ଯୁକ୍ତ ବଳି" ହେଉଛି ଏକ ବଳି ଯାହାକି ଗୋଟିଏ ବେଦି ଉପରେ ନିଆଁ ଲଗାଯାଇ ପରମେଶ୍ୱରଙ୍କୁ ଉତ୍ସର୍ଗ କରାଯାଉଥିଲା । ଏହା ଲୋକମାନଙ୍କ ପାପ ରୁ ପ୍ରାୟଶ୍ଚିତ ଉଦ୍ଦ୍ୟେଶରେ ଅର୍ପଣ କରାଯାଉଥିଲା । ଏହାକୁ "ଅଗ୍ନି ଦ୍ୱାରା ଅର୍ପଣ" ବୋଲି କୁହାଯାଉଥିଲା ।

- ଏହି ବଳି ନିମନ୍ତେ ବ୍ୟବହୃତ ହେଉଥିବା ପଶୁଗୁଡ଼ିକ ହେଉଛି ମେଣ୍ଢା କିମ୍ବା ଛେଳି କିନ୍ତୁ ବଳଦ ଏବଂ ପକ୍ଷୀମାନେ ମଧ୍ୟ ବ୍ୟବହୃତ ହେଉଥିଲା ।
- ଚର୍ମ ବ୍ୟତୀତ ପଶୁର ସବୁ ଅଂଶକୁ ଏହି ଉତ୍ସର୍ଗ ସମୟରେ ଦଗ୍ଧ କରାଯାଉଥିଲା ।

ଚର୍ମକୁ ଯାଜକଙ୍କୁ ଦିଆଯାଉଥିଲା ।

- ପରମେଶ୍ୱର ଯୀହୁଦୀମାନଙ୍କୁ ଦିନକୁ ଦୁଇ ଥର ଦାହ୍ୟ ବଳି ଅର୍ପଣ କରିବା ନିମନ୍ତେ ଆଦେଶ ଦେଇଥିଲେ ।

(ଦେଖନ୍ତୁ: ବେଦୀ, ପ୍ରାୟଶ୍ଚିତ, ବଳଦ, ଯାଜକ, ବଳି)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- ଯାତ୍ରା 40:5-7
- ଆଦି 08:20-22
- ଆଦି 22:1-3
- ଲେବୀୟ 03:3-5
- ମାର୍କ 12:32-34

ବୋର୍ଡ ଡାଟା :

- Strong's: H801, H5930, H7133, H8548, G3646

ଦିନ

ପରିଭାଷା:

"ଦିନ" ଶବ୍ଦ ସାଧାରଣତଃ ଏକ ସମୟ ଚକ୍ର (ଅର୍ଥାତ୍ 24 ଘଣ୍ଟା) ସଂପୂର୍ଣ୍ଣ କରିବା ପାଇଁ ଆକାଶରେ ଆଲୋକ ଏବଂ ଅନ୍ଧକାରର ବିକଳ୍ପ ସମୟ ପାଇଁ ଆବଶ୍ୟକ କରୁଥିବା ସମୟକୁ ସୂଚିତ କରେ । ତଥାପି, ବାଇବେଲରେ ସମାନ ଶବ୍ଦ ପ୍ରାୟତଃ ଏକ ସ୍ୱଳ୍ପ ସମୟ (ଯେପରିକି ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟୋସ୍ତ ମଧ୍ୟରେ ସମୟ ବ୍ୟବଧାନ) କିମ୍ବା ଏକ ଦୀର୍ଘ ସମୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ ଯାହା ପ୍ରାୟତଃ ନିର୍ଦ୍ଦିଷ୍ଟ ହୋଇ ନ ଥାଏ ।

- "ଦିନ" ବେଳେବେଳେ "ରାତ୍ରି" ଶବ୍ଦର ବିପରୀତରେ ବ୍ୟବହୃତ ହୁଏ । ଏହି କ୍ଷେତ୍ରରେ, ଏହି ଶବ୍ଦଟି ସମୟକୁ ବୁଝାଏ ଯେତେବେଳେ ଆକାଶ ଅଲୋକିତ ହୁଏ ।
- ଏହି ଶବ୍ଦଟି ଏକ ନିର୍ଦ୍ଦିଷ୍ଟ ସମୟର ଅବଧିକୁ ସୂଚାଇପାରେ, ଯେପରିକି "ଆଜି" ।
- ବେଳେବେଳେ "ଦିନ" ଶବ୍ଦ ସାଙ୍କେତିକ ଭାବରେ ଏକ ଦୀର୍ଘ ସମୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ, ଯେପରିକି "ଯିହୋବାଙ୍କ ଦିନ" କିମ୍ବା "ଶେଷ ଦିନ" । କେତେକ ଭାଷା ଏହି ସାଙ୍କେତିକ ବ୍ୟବହାରକୁ ଅନୁବାଦ କରିବା ପାଇଁ ଏକ ଭିନ୍ନ ଅଭିବ୍ୟକ୍ତି ବ୍ୟବହାର କରିପାରିବେ କିମ୍ବା "ଦିନ" ଶବ୍ଦକୁ ସାଙ୍କେତିକ ଭାବରେ ଅନୁବାଦ କରିପାରିବେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ ଆକ୍ଷରିକ ଭାବରେ "ଦିନ" କିମ୍ବା "ଦିନ ସମୟ" ବୋଲି ଅନୁବାଦ କରିବା ସର୍ବୋତ୍ତମ ଅଟେ, ଯାହା ଆପଣଙ୍କ ଭାଷାରେ ଦିନର ଆଲୋକର ଅଂଶକୁ ଦର୍ଶାଏ ।
- "ଦିନ" ଶବ୍ଦର ଅନ୍ୟ ଅନୁବାଦଗୁଡ଼ିକ ପ୍ରସଙ୍ଗକୁ ଆଧାର କରି "ଦିନ", "ସମୟ", "ଋତୁ", "ଉତ୍ସବ" କିମ୍ବା "ଘଟଣା" ବୋଲି ଅନୁବାଦ କରାଯାଇପାରେ ।

(ସମୟ ବିଚାର ଦିନ, ଶେଷ ଦିନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 20:6
- ଦାନିୟେଲ 10:4
- ଏଜ୍ରା 6:15
- ଏଜ୍ରା 6:19
- ମାଥିଉ 9:15

ଶବ୍ଦବିନ୍ୟାସ :

- Strong's: H3117, H3118, H6242, G22500

ଦୀନ, ଦୀନତା

ପରିଭାଷା:

"ଦୀନ" ଶବ୍ଦ ସେହି ବ୍ୟକ୍ତିକୁ ଦର୍ଶାଏ ଯେ ଭଦ୍ର, ସମର୍ପିତ ଓ ଯେ ସ୍ୱଇଚ୍ଛାରେ ଅନ୍ୟାୟକୁ ସହିପାରେ I "ଦୀନତା" ଏକ ଦକ୍ଷତା ଅଟେ ଭଦ୍ର ବ୍ୟକ୍ତି ହେବା ନିମନ୍ତେ କଠୋରତା କିମ୍ବା ବଳ ପୂର୍ବକ ଘଟଣା ସହ୍ୟ କରିବା I

- ଅନେକ ସମୟରେ "ଦୀନତା" ନମ୍ରତା ସହିତ ସମ୍ପୃକ୍ତ ଥାଏ I
- ଏହି ଶବ୍ଦକୁ "ଭଦ୍ର" କିମ୍ବା "ସରଳ ବ୍ୟବହାର" କିମ୍ବା "ମିଷ୍ଟାନ କ୍ରୋଧ" ବୋଲି ଅନୁବାଦ କରାଯାଇପାରେ I
- "ଦୀନତା" ଶବ୍ଦକୁ "ଭଦ୍ରତା" କିମ୍ବା "ନମ୍ରତା" ବୋଲି ଅନୁବାଦ କରାଯାଇପାରେ I

(<u>ନମ୍ର:</u> ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ପିତର 3:15-17
- ଦ୍ୱିତୀୟ କରନ୍ଥୀୟ10:1-2
- ଦ୍ୱିତୀୟ ତୀମଥି 2:25
- ମାଥିଉ 5:5
- ମାଥିଉ 11:29
- ଗୀତସଂହିତା 37:11

ଶବ୍ଦବିନ୍ୟାସ :

- Strong's: H6035, H6037, G42350, G42360, G42390, G42400

ଦୀପକ

ପରିଭାଷା:

"ଦୀପକ" ଶବ୍ଦ ସାଧାରଣତଃ ଆଲୋକ ଉତ୍ପନ କରୁଥିବା ଏକ ବସ୍ତୁକୁ ବୁଝାଏ I ବାଇବେଲ ସମୟରେ ଦୀପକ ତେଲରେ ବ୍ୟବହୃତ ହେଉଥିଲା I

ବାଇବେଲ ସମୟରେ ବ୍ୟବହାର କରାଯାଉଥିବା ଦୀପକ ଏକ ଛୋଟ ବସ୍ତୁ ଥିଲା ଯେଉଁଥିରେ ତେଲ ରଖି ଏହାକୁ ଜଳେଇ ଆଲୋକ ଉତ୍ପନ କରାଯାଉଥିଲା I

- ଏକ ସାଧାରଣ ତେଲର ଦୀପକ ଏକ ସାଧାରଣ ମାଟି ପାତ୍ରରେ ଜୀତ ତେଲ ବ୍ୟବହାର କରାଯାଉଥିଲା, ଏକ ସଳିତା ତେଲରେ ଜଳିବା ନିମନ୍ତେ ବ୍ୟବହାର କରାଯାଉଥିଲା I
- କେତେକ ଦିପକରେ, ପାତ୍ର ଅଣ୍ଡାକାର ଥିଲା ଯାହାକୁ ଏକ ପଟରେ ସଳିତା ଧରିବା ନିମନ୍ତେ ବ୍ୟବହାର କରାଯାଉଥିଲା I
- ଏକ ଦୀପକକୁ ଉଠାଇ ନିଆଯାଇପାରେ କିମ୍ବା ଏକ ସ୍ଥାନରେ ରଖାଯାଇପାରେ ଯାହା ଫଳରେ ଏହା ଆଲୋକ ଉତ୍ପନ କରି ସମଗ୍ର ଗୃହକୁ ଆଲୋକିତ କରେ I
- ଧର୍ମଶାସ୍ତ୍ରରେ ଦୀପକକୁ ଅନେକ ପ୍ରକାରେ ସାଙ୍କେତିକ ଅର୍ଥରେ ଆଲୋକ ଓ ଜୀବନ ନିମନ୍ତେ ବ୍ୟବହାର କରାଯାଇଛି I

(ଦେଖନ୍ତୁ: ଦିପ, ଜୀବନ , ଆଲୋକ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୧:୩୬
- ଯାତ୍ରାପୁସ୍ତକ ୨୫:୩-୭
- ଲୂକ ୮:୧୬-୧୮
- ମାଥିଉ ୫:୧୫
- ମାଥିଉ ୬:୨୨
- ମାଥିଉ ୨୫:୩

ଶବ୍ଦବିନ୍ୟାସ:

- Strong's: H3940, H3974, H4501, H5215, H5216, G29850, G30880

ଦୀପରୁଖା

ପରିଭାଷା:

ବାଇବେଲରେ, "ଦିପରୁଖା" ଶବ୍ଦ ସାଧାରଣ ଭାବରେ ଏକ ପ୍ରକାର ବସ୍ତୁର ଗଠନ ପ୍ରଣାଳୀ ଯାହା ଉପରେ ଏକ ଦୀପକୁ ରଖାଯାଏ ବିଶେଷ କରି ଗୃହକୁ ଆଲୋକିତ କରିବାକୁ ରଖାଯାଏ, ବୁଝାଏ I

- ଏକ ସାଧାରଣ ଦୀପରୁଖାରେ ଏକ ଦୀପ ଆଉ ମାଟିରେ ନିର୍ମିତ, କାଠ କିମ୍ବା ଧାତୁ (ଯେପରି କି ସୁନା, ରୁପା, କଂସା) ଅଟେ I
- ଯିରୂଶାଲମ ମନ୍ଦିରରେ ଏକ ବିଶେଷ ସୁନାରେ ନିର୍ମିତ ଦୀପରୁଖା ଥିଲା ଯାହାର ସାତଟି ସାଖାଥିଲା ଯେଉଁଠି ସାତଟି ଦୀପ ରଖା ଯାଇପାରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ

- ଏହି ଶବ୍ଦକୁ "ଦୀପପିଠ" କିମ୍ବା "ଏକ ଗଠନ ପ୍ରଣାଳୀ ଯାହା ଦୀପ ଧରି ରଖେ" କିମ୍ବା "ଦୀପ ଧରାଳୀ" ବୋଲି ଅନୁବାଦ କରାଯାଇପାରେ I
- ମନ୍ଦିର ଦୀପରୁଖା ପାଇଁ "ସାତ ଦିପର ଦିପରୁଖା" କିମ୍ବା "ସାତ ଦୀପ ନିମନ୍ତେ ସୁନାର ପାଦପିଠ" ବୋଲି ଅନୁବାଦ କରାଯାଇପାରେ I
- ବାଇବେଲ ଅନୁଚ୍ଛେଦ ସହ ପ୍ରଯୁଜ୍ୟ ପ୍ରାସଙ୍ଗରେ ଏକ ସାଧାରଣ ଦୀପରୁଖାର ଚିତ୍ର ଓ ସାତଟି ସାଖା ଦୀପରେଖାର ଚିତ୍ର ଅନ୍ତର୍ଭୁକ୍ତ କରି ଅନୁବାଦ କରିବା ସାହାଯ୍ୟକାରୀ ହୋଇପାରେ I

(ଦେଖନ୍ତୁ: କଂସା, ସୁନା, ଦୀପ, ଆଲୋକ, ରୁପା, ମନ୍ଦିର)

ବାଇବେଲ ପଦପର୍ବ:

- ଦାନିୟେଲ ୫:୫-୬
- ଯାତ୍ରାପୁସ୍ତକ ୩୭:୧୭
- ମାର୍କ ୪:୨୧-୨୩
- ମାଥିଉ ୫:୧୫-୧୬
- ପ୍ରକାଶିତ ବାକ୍ୟ ୧:୧୨-୧୩
- ପ୍ରକାଶିତ ବାକ୍ୟ ୧:୨୦

ଶବ୍ଦବିନ୍ୟାସ:

- Strong's: H4501, G30870

ଦୀପ୍ତି, ଜ୍ୟୋତିଷ୍କ, ଆଲୋକ, ଆଲୋକିତ, ଆଲୋକପାତ

ପରିଭାଷା:

ବାଇବେଲରେ "ଦୀପ୍ତି" ନିମନ୍ତେ ଅନେକ ସାଙ୍କେତିକ ଶବ୍ଦ ବ୍ୟବହାର କରା ଯାଇଆଛି I ଏହା ଅନେକ ସମୟରେ ଧାର୍ମିକତା, ପବିତ୍ରତା, ଏବଂ ସତ୍ୟ ନିମନ୍ତେ ରୂପକ ଭାବରେ ବ୍ୟବହାର କରାଯାଏ I

- ଈଶ୍ୱରଙ୍କ ପ୍ରକୃତ ବାର୍ତ୍ତା ଜଗତକୁ ଆଣିବାକୁ ଏବଂ ଲୋକମାନଙ୍କୁ ସେମାନଙ୍କର ପାପର ଅନ୍ଧକାରରୁ ଉଦ୍ଧାର କରିବାକୁ ଯୀଶୁ କହିଲେ, ମୁଁ ଜଗତର ଦୀପ୍ତି ଅଟେI"
- "ଆଲୋକରେ ଚାଲିବା "ନିମନ୍ତେ ଖ୍ରୀଷ୍ଟିୟାନ ଲୋକମାନଙ୍କୁ ଆଜ୍ଞା କରାଯାଇଅଛି ତାହାର ଅର୍ଥ ସେମାନେ ଏହି ପ୍ରକାର ଜୀବନଯାପନ କରିବେ ଯାହା ଈଶ୍ୱର ସେହିମାନଙ୍କଠାରୁ ଚାହାନ୍ତି ଏବଂ ପାପରୁ ଦୂରରେ ରହିବେ I
- ପ୍ରେରିତ ଯୋହନ କହିଲେ ଯେ, "ଈଶ୍ୱର ଦୀପ୍ତି ଅଟନ୍ତି" ଏବଂ ତାହାଙ୍କଠାରେ ଲେସମାତ୍ର ଅନ୍ଧକାର ନାହିଁ I
- ଯୀଶୁ କହିଲେ," ସେ ଜଗତର ଦୀପ୍ତି ଅଟନ୍ତି" ତେଣୁ ତାହାଙ୍କ ଅନୁଗାମୀମାନେ ଏହି ଜଗତରେ ଉତ୍ତମ ରୂପରେ ଜୀବନଯାପନ କରି, ଈଶ୍ୱର କେତେ ମହାନ ଅଟନ୍ତି ଦେଖାଇବାକୁ ଆଲୋକ ପରି ଚମକିବେ I
- "ଆଲୋକରେ ଚାଲିବା" ଦେଖାଏ ଏହି ପ୍ରକାର ଆଲୋକ ଯାହା ଉତ୍ତମ ଏବଂ ଠିକ କାମକରି ଈଶ୍ୱରକୁ ଆନନ୍ଦିତ କରେ I "ଅନ୍ଧକାରରେ ଚାଲିବା" ଦେଖାଏ, ଈଶ୍ୱର ବିରୋଧରେ ବିଦ୍ରୋହର ଜୀବନ ଏବଂ ମନ୍ଦ କାମ କରିବା ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଆଲୋକ" ଏବଂ "ଅନ୍ଧକାର" ଶବ୍ଦ ସାଙ୍କେତିକ ଭାବେ ବ୍ୟବହାର ହୋଇଥିଲେ ମଧ୍ୟ ଆକ୍ଷରିକ ଭାବରେ ଅନୁବାଦ କରିବା ଉଚିତ I
- ପାଠ୍ୟରେ ତୁଳନାକୁ ବ୍ୟାଖ୍ୟା କରିବା ଆବଶ୍ୟକ ହୋଇପାରେ I ଉଦାହରଣ ସ୍ୱରୂପ, "ଆଲୋକର ସନ୍ତାନ ପରି ଚାଲ" ବାକ୍ୟକୁ "ଧାର୍ମିକ ଜୀବନଯାପନ କରିବା, ଯେପରି ଜଣେ ଉଜ୍ଜ୍ୱଳ ସୂର୍ଯ୍ୟ ଆଲୋକରେ ଚାଲେ" ବୋଲି ଅନୁବାଦ କରାଯାଇପାରେ I
- ନିଶ୍ଚିତ କରନ୍ତୁ ଯେ "ଆଲୋକ" ଶବ୍ଦର ଅନୁବାଦ ଏକ ବସ୍ତୁକୁ ସୂଚୀତ ନ କରେ ଯାହା ଆଲୋକ ପ୍ରଦାନ କରେ, ଯେପରିକି ପ୍ରଦୀପ I ଏହି ଶବ୍ଦର ଅନୁବାଦ ଆଲୋକକୁ ସ୍ୱୟଂ ସୂଚିତ କରିବା ଉଚିତ ଅଟେ I

(ଅନ୍ଧକାର, ପବିତ୍ର, ବୁଦ୍ଧି, ଧାର୍ମିକ, ସତ୍ୟ, ଆନନ୍ଦ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 1:7
- ପ୍ରଥମ ଯୋହନ 2:8
- ଦ୍ୱିତୀୟ କରିନ୍ଥୀୟ 4:6
- ପ୍ରେରିତ 26:18
- ଯିଶାଇୟ 2:5
- ଯୋହନ 1:5
- ମାଥିଉ 5:16
- ମାଥିଉ 6:23
- ନିହିମୀୟା 9:12-13
- ପ୍ରକାଶିତ ବାକ୍ୟ 18:23-24

ଶବ୍ଦବିନ୍ୟାସ :

- Strong's: H0216, H0217, H3313, H3974, H5051, H5094, H5105, H5216, H7837, G06810, G07960, G16450, G29850, G30880, G53380, G54570, G54580, G54600, G54620

ଦୁଃଖ ଭୋଗିବା, ଦୁଃଖଭୋଗ

ପରିଭାଷା:

"ଦୁଃଖ ଭୋଗିବା" ଏବଂ "ଦୁଃଖୀଭୋଗ "ଶବ୍ଦ ଅପ୍ରିୟ ପରିସ୍ଥିତି ଯଥା ରୋଗ, ଯନ୍ତ୍ରଣା, କିମ୍ବା ଅନ୍ୟାନ୍ୟ କ୍ଲେଶଗୁଡ଼ିକୁ ଅନୁଭବ କରିବାକୁ ବୁଝାଏ I

- ଯେତେବେଳେ ଲୋକମାନେ ନିର୍ଯ୍ୟାତିତ ହୁଅନ୍ତି କିମ୍ବା ଅସୁସ୍ଥ ହୁଅନ୍ତି ସେତେବେଳେ ସେମାନେ ଦୁଃଖ ଭୋଗ କରନ୍ତି I
- ବେଳେବେଳେ ଲୋକମାନେ ସେମାନେ କରିଥିବା ଭୁଲ କାର୍ଯ୍ୟ ଯୋଗୁଁ ଦୁଃଖ ପାଆନ୍ତି; ଅନ୍ୟ ସମୟରେ ଜଗତରେ ପାପ ଏବଂ ରୋଗ ହେତୁ ସେମାନେ ଦୁଃଖ ପାଆନ୍ତି I
- ଦୁଃଖ ଭୋଗ ଶାରୀରିକ ହୋଇପାରେ, ଯେପରିକି ଯନ୍ତ୍ରଣା କିମ୍ବା ଅସୁସ୍ଥତା ଅନୁଭବ କରିବା I ଏହା ଭାବପ୍ରବଣ ମଧ୍ୟ ହୋଇପାରେ, ଯେପରିକି ଭୟଭୀତ, ଦୁଃଖୀ କିମ୍ବା ଏକାକୀ ଅନୁଭବ କରିବା I
- "ମୋର ଦୁଃଖ ଉଠାଅ" ବାକ୍ୟାଂଶର ଅର୍ଥ "ମୋ ସହ ସହ୍ୟ କର" କିମ୍ବା "ମୋ କଥା ଶୁଣ" କିମ୍ବା "ଧୈର୍ଯ୍ୟର ସହିତ ଶୁଣ" ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଦୁଃଖ" ଶବ୍ଦକୁ "ଯନ୍ତ୍ରଣା ଅନୁଭବ କରିବା" କିମ୍ବା "ଅସୁବିଧାର ସମ୍ମୁଖିନ ହେବା" କିମ୍ବା "କାଠିନ୍ୟତାକୁ ସହ୍ୟ କରିବା" କିମ୍ବା "କ୍ଲେଶ ଏବଂ ଯନ୍ତ୍ରଣା ଦେଇ ଗତିକରିବା" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗକୁ ଆଧାର କରି, "ଦୁଃଖଭୋଗ" ବାକ୍ୟାଂଶକୁ "ଅତ୍ୟନ୍ତ ଅସୁବିଧା ପରିସ୍ଥିତି" କିମ୍ବା "ଅସହ୍ୟ କଷ୍ଟ" କିମ୍ବା "କ୍ଲେଶ ଅନୁଭବ" କିମ୍ବା "ଯନ୍ତ୍ରଣା ସହ୍ୟ କରିବାର ସମୟ" ବୋଲି ଅନୁବାଦ କରାଯାଇପାରେ I
- "ଶୋଷରେ ଆଉଟୁ ପାଉଟୁ ହେବା" ବାକ୍ୟାଂଶକୁ "ଶୋଷ ଲାଗିବା" କିମ୍ବା "ଶୋଷରେ ପୀଡିତ" ବୋଲି ଅନୁବାଦ କରାଯାଇପାରେ I
- "କ୍ଲେଶ ସହ୍ୟ କରିବା" ବାକ୍ୟାଂଶକୁ "ହିଂସା ଦେଇ ଗତିକରିବା" କିମ୍ବା "ହିଂସାତ୍ମକ କାର୍ଯ୍ୟରେ ଆଘାତ ହେବା"ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନିକୀୟ 2:14-16
- ଦ୍ୱିତୀୟ ଥେସଲନୀକୀୟ 1:3-5
- ଦ୍ୱିତୀୟ ତୀମଥି 1:8
- ପ୍ରେରିତ 7:11-13
- ଯିଶାଇୟ 53:11
- ଯିରିମୀୟ 6:6-8
- ମାଥିଉ 16:21
- ଗୀତସଂହିତା 22:24
- ପ୍ରକାଶିତ ବାକ୍ୟ 1:9
- ରୋମୀୟ 5:3-5

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **9:13** ଈଶ୍ୱର କହିଲେ, ମୁଁ ମୋର ଲୋକମାନଙ୍କର **ଦୁଃଖ** ଦେଖିଅଛି I"
- **38:12** ଯୀଶୁ ତିନିଥର ପ୍ରାର୍ଥନା କଲେ, "ମୋର ପିତଃ, ଯଦି ସମ୍ଭବ, ଏହି **ଦୁଃଖଭୋଗର** ପାନପାତ୍ର ମୋଠାରୁ ଦୂର ହେଉ I"
- **42:3** ସେ (ଯୀଶୁ) ସେମାନଙ୍କୁ ମନେ ପକାଇ ଦେଲେ ଯେ ଭାବବାଦୀଗଣ ଭାବବାଣୀ କରିଥିଲେ ଯେ ମସୀହ **ଦୁଃଖଭୋଗ** କରିବେ ଏବଂ ମୃତ୍ୟୁ ବରଣ କରିବେ କିନ୍ତୁ ତୃତୀୟ ଦିନରେ ପୁନରୁତ୍ଥିତ ହେବେ I
- **42:7** ସେ (ଯୀଶୁ) କହିଲେ, "ଏହା ବହୁ ଆଗରୁ ଲେଖାଅଛି ଯେ ମସୀହ **ଦୁଃଖଭୋଗ** କରିବେ, ମୃତ୍ୟୁ ବରଣ କରିବେ, ଏବଂ ତୃତୀୟ ଦିନରେ ପୁନରୁତ୍ଥିତ ହେବେ I "
- **44:5** "ଯଦିଓ ତୁମ୍ଭେ ଯାହା କରୁଅଛ ବର୍ତ୍ତମାନ ବୁଝି ପାରୁନାହଁ, ଈଶ୍ୱର ତୁମ୍ଭର କାର୍ଯ୍ୟକୁ ବ୍ୟବହାର କରି ଭାବବାଣୀକୁ ସଫଳ କରିବେ ଯେ ମସୀହ **ଦୁଃଖଭୋଗ** କରିବେ ଏବଂ ମୃତ୍ୟୁ ବରଣ କରିବେ I"
- **46:4** ଈଶ୍ୱର କହିଲେ, ମୁଁ ତାଙ୍କୁ (ଶାଉଲ) ମନୋନୀତ କରିଅଛି ଉଦ୍ଧାର ପାଇ ନଥିବା ସ୍ଥାନମାନଙ୍କରେ ମୋର ନାମକୁ ଘୋଷଣା କରିବ ମୁଁ ତାଙ୍କୁ ଦେଖାଇବି ସେ ମୋ ନିମନ୍ତେ କେତେ **ଦୁଖାଭୋଗ** କରିବ I "
- **50:17** ସେ (ଯୀଶୁ) ସମସ୍ତ ଲୁହ ପୋଛିଦେବେ ଏବଂ ସେଠାରେ ଆଉ **ଦୁଃଖ**, କ୍ଲେଶ, କ୍ରନ୍ଦନ, ମନ୍ଦ, ଯନ୍ତ୍ରଣା, କିମ୍ବା ମୃତ୍ୟୁ ରହିବା ନାହିଁ I

ଶବ୍ଦବିନ୍ୟାସ :

- Strong's: H0943, H1741, H1934, H4531, H5142, H5375, H5999, H6031, H6040, H6041, H6064, H6090, H6770, H6869, H6887, H7661, G00910, G09410, G09710, G22100, G23460, G23470, G25520, G25530, G25610, G38040, G39580, G43100, G47780, G47770, G48410, G50040

ଦୁଃଖରେ ମୃଦୁ ଗର୍ଜ୍ଜନ, ଦୁଃଖରେ ମୃଦୁ ଗର୍ଜ୍ଜନମାନ, ଦୁଖରେ ମୃଦୁ ଗର୍ଜ୍ଜନ କଲେ, ଦୁଖରେ ମୃଦୁ ଗର୍ଜ୍ଜନ କରିବା, ଦୁଖରେ ମୃଦୁ ଗର୍ଜ୍ଜନ କରନ୍ତି

ସଂଜ୍ଞା:

"ଦୁଖରେ ମୃଦୁ ଗର୍ଜ୍ଜନ କରିବା" ବାକ୍ୟାଂଶ ଟି ଏକ ଗଭୀର, ତଳ ଶବ୍ଦ ଯାହା ଶାରୀରିକ କିଅବା ଦଲିତ ଭାବନାକୁ ଦର୍ଶାଏ I ଏହା ଧ୍ୱନି ହୋଇପାରେ କେହି ବିନା ଶବ୍ଦରେ କହେ I

- ଗୋଟିଏ ବ୍ୟକ୍ତି ଶୋକାତୁର ଅନୁଭବ ହେତୁ ମୃଦୁ ଗର୍ଜ୍ଜନ କରିପାରେ I
- ଦୁଃଖରେ ମୃଦୁ ଗର୍ଜ୍ଜନ କାରଣ ଭୟାନାକ ଅନୁଭବ, କଠୋର ବୋଝ ହୋଇପାରେ I
- ଅଲଗା ପ୍ରକାରେ ଦୁଃଖରେ ମୃଦୁ ଗର୍ଜ୍ଜନକୁ ଅନୁବାଦ କଲେ "ଯନ୍ତ୍ରଣାରେ ଧିରେ ଧିରେ କାନ୍ଦିବା "କିଅବା "ଅତି ଶୋକାତୁର ହେବ" ହୋଇପାରେ I
- ଏକ ବିଷେଶ୍ୟ ରୂପରେ ଏହାକୁ ଅନୁବାଦ କଲେ "କ୍ଲେଶରେ ଧିରେ ଧିରେ କାନ୍ଦିବା "କିଅବା "ଅତି ଦୁଖ ଓ ଯନ୍ତ୍ରଣାରେ ଗୁଣୁ ଗୁଣୁ କରିବା "ହୋଇପାରେ I

(ଆହୁରି ଦେଖନ୍ତୁ: କ୍ରନ୍ଦନ)

ବାଇବଲ ପଦପର୍ବ:

- ୨ କରିନ୍ଥିୟ ୦୫:୧-୩
- ଏବ୍ରୀ ୧୩:୧୫-୧୭
- ଆୟୁବ ୨୩:୧-୨
- ଗୀତସଂହିତା ୦୩୨: ୩-୪
- ଗୀତସଂହିତା ୧୦୨:୫-୬

ବୋର୍ଡ ଡାଟା :

- Strong's: H584, H585, H602, H603, H1901, H1993, H5008, H5009, H5098, H5594, H7581, G1690, G4726, G4727, G4959

ଦୁର୍ଗ, ଉଚ୍ଚ ଗଡ଼

ପରିଭାଷା:

"ଦୁର୍ଗ" ଶବ୍ଦ "ଏକ ଉଚ୍ଚ ଗଠନକୁ ବୁଝାଏ ଯେଉଁଠାରୁ ସୁରକ୍ଷାକର୍ମୀ କୌଣସି ବିପଦକୁ ଦେଖିପାରିବେ I ଏହି ଦୁର୍ଗଗୁଡ଼ିକ ପ୍ରାୟତଃ ପଥରରେ ତିଆରି ହେଉଥିଲା I

- ଅନେକ ସମୟରେ ମାଲିକମାନେ ବେଳେବେଳେ ଦୁର୍ଗ ନିର୍ମାଣ କରୁଥିଲେ ଯେଉଁଥିରୁ ସେମାନେ ସେମାନଙ୍କର ଫସଲକୁ ଜଗି ରହି ଚୋରି ହେବାରୁ ରକ୍ଷା କରିପାରୁଥିଲେ I
- ଉଚ୍ଚ ଗଡ଼ଗୁଡ଼ିକରେ ପ୍ରାୟତ କୋଠରୀ ଅନ୍ତର୍ଭୁକ୍ତ ଥିଲା ଯେଉଁଠାରେ ପ୍ରହରୀ ବା ପରିବାର ରହୁଥିଲେ, ଯାହାଫଳରେ ସେମାନେ ଦିନରାତି ଫସଲକୁ ଜଗି ରହିପାରୁଥିଲେ I
- ସହରଗୁଡ଼ିକ ପାଇଁ ଦୁର୍ଗଗୁଡ଼ିକ ସହରର କାନ୍ଥଠାରୁ ଅଧିକ ଉଚ୍ଚରେ ନିର୍ମିତ ହେଉଥିଲା ଯାହାଦ୍ୱାରା ସୁରକ୍ଷାକାରୀମାନେ କୌଣସି ଶତ୍ରୁ ସହର ଉପରେ ଆକ୍ରମଣ କରିବାକୁ ଆସୁଛନ୍ତି କି ନାହିଁ ଦେଖିପାରିବେ I
- ଶତ୍ରୁମାନଙ୍କଠାରୁ ସୁରକ୍ଷାର ପ୍ରତୀକ ଭାବରେ "ଦୁର୍ଗ" ଶବ୍ଦ ମଧ୍ୟ ବ୍ୟବହୃତ ହୁଏ I (ଦେଖନ୍ତୁ: ରୂପକ)

(ପ୍ରତିଦ୍ୱନ୍ଦ୍ୱୀ, ଜଗିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ବଂଶାବଳୀ 27:25-27
- ଯିହିଜିକଲ 26:3-4
- ମାର୍କ 12:1-3
- ମାଥିଉ 21:33-34
- ଗୀତସଂହିତା 62:2

ଶବ୍ଦବିନ୍ୟାସ:

- Strong's: H0803, H0971, H0975, H1785, H2918, H4026, H4029, H4692, H4707, H4869, H6076, H6438, H6836, G44440

ଦୁର୍ଭାଗ୍ୟ

ସଂଜ୍ଞା:

"ଦୁର୍ଭାଗ୍ୟ" ଶବ୍ଦଟି ଆବେଦନ ବା ଏଡାଇବାର ସମ୍ଭାବ୍ୟ ନ ଥିବା ସହ ଗୋଟିଏ ଦଣ୍ଡର ବିଚାରକୁ ବୁଝାଏ ।

- ଇସ୍ରାଏଲର ଦେଶଭାବେ ବାବିଲୋନ୍ ମଧ୍ୟରେ ବନ୍ଦୀତ୍ୱ ହୋଇ ନିଆଯାଇଥିଲା, ଭବିଷ୍ୟତବକ୍ତା ଯିହିଜିକଲ କହିଲେ, "ଦୁର୍ଭାଗ୍ୟ ସେମାନଙ୍କ ଉପରେ ଆସିଅଛି ।"
- ପ୍ରସଙ୍ଗର ଅନୁଯାୟୀ, ଏହି ଶବ୍ଦ "ବିପତ୍ତି" ବା "ଦଣ୍ଡ" ବା "ଆଶାଶୂନ୍ୟ ପତନ" ରୂପେ ଅନୁବାଦ କରିପାରିବା ।

ବାଇବଲ ଉଲ୍ଲେଖଗୁଡିକ:

- ଯିହିଜିକଲ ୦୭: ୫-୭
- ଯିହିଜିକଲ ୩୦: ୮-୯
- ଯିଶାଇୟ ୦୬: ୪-୫
- ଗୀତସଂହିତା ୦୯୨: ୬-୭

ବୋର୍ଡ ଡାଟା :

- Strong's: H1820, H3117, H6256, H6843, H8045

ଦୂଷିତ, ଦୂଷିତ କରିବା, ଦୂଷିତ ହେଲା

ପରିଭାଷା:

"ଦୂଷିତ" ଏବଂ "ଦୂଷିତ କରିବା" ଶବ୍ଦଟି କଳୁଷିତ ହେବାକୁ କିମ୍ବା ମଳିନ ହେବାକୁ ବୁଝାଏ । କେତେକ ବିଷୟ ଏକ ଶାରୀରିକ, ନୈତିକ, ବା କ୍ରିୟା ପଦ୍ଧତି ଅର୍ଥରେ କଳୁଷିତ ହୋଇପାରେ ।

- ଈଶ୍ୱର ଇସ୍ରାଏଲ ଜାତିଗଣକୁ ଖାଇବାରେ ବା ବସ୍ତୁଗୁଡ଼ିକୁ ଛୁଇଁବା ଦ୍ୱାରା ସେମାନଙ୍କୁ କଳୁଷିତ ନ ହେବାକୁ ସତର୍କ କଲେ ଯେପରି ସେ "ଅଶୁଚି" ଏବଂ "ଅପବିତ୍ର" ରୂପେ ଘୋଷଣା କରିଥିଲେ ।
- କେତେକ ବିଷୟ ଯେପରି ମୃତ ଶରୀରଗୁଡ଼ିକ ପୁଣି ସଂକ୍ରାମକ ରୋଗଗୁଡ଼ିକ ଈଶ୍ୱରଙ୍କ ଦ୍ୱାରା ଅଶୁଚି ବୋଲି ଘୋଷଣା କରାଯାଇଥିଲା ଏବଂ ଜଣେ ବ୍ୟକ୍ତି ଯଦି ସେଗୁଡ଼ିକୁ ଛୁଇଁବ ତେବେ ଦୂଷିତ ହୋଇପାରେ ।
- ଈଶ୍ୱର ଇସ୍ରାଏଲ ଜାତିକୁ ଶାରୀରିକ ପାପଗୁଡ଼ିକଠାରୁ ଦୂରରେ ରହିବାକୁ ଆଦେଶ ଦେଲେ । ଏହିଗୁଡ଼ିକ ସେମାନଙ୍କୁ ଦୂଷିତ କରିପାରେ ପୁଣି ସେମାନଙ୍କୁ ଈଶ୍ୱର ଅଗ୍ରାହ୍ୟ କରିବେ ।
- ଶରୀର ରୂପକ ପ୍ରଣାଳୀର ସେଠାରେ କିଛି ପ୍ରକାରର ବିଷୟ ଥିଲେ ତାହା ଜଣେ ବ୍ୟକ୍ତିକୁ ସେ କ୍ରିୟାପଦ୍ଧତିରେ ପୁଣି ଥରେ ପବିତ୍ର ନ ହେବା ପର୍ଯ୍ୟନ୍ତ ସାମୂହିକଭାବେ କଳୁଷିତ ହୋଇଥାଏ ।
- ନୂତନ ନିୟମରେ, ଯୀଶୁ ଶିକ୍ଷା ଦେଲେ ଯେ ପାପପୂର୍ଣ୍ଣ ଚିନ୍ତାଗୁଡ଼ିକ ପୁଣି କାର୍ଯ୍ୟଗୁଡ଼ିକ ଯାହା ଯଥାର୍ଥରେ ଗୋଟିଏ ବ୍ୟକ୍ତିକୁ ଦୂଷିତ କରେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଦୂଷିତ" ଶବ୍ଦଟି "ଅଶୁଚି ହେବାର କାରଣ" ବା "ଅପବିତ୍ର ଦେବାର କାରଣ" ବା "କ୍ରିୟାପଦ୍ଧତିରେ ଅଗ୍ରାହ୍ୟ ହେବାର କାରଣ" ବୋଲି ଅନୁବାଦ କରାଯାଇପାରେ ।
- "ଦୂଷିତ ହୋଇପାର" ଶବ୍ଦକୁ "ଅଶୁଚି ହୋଇପାର" ବା "ନୈତିକତାରେ ଅଗ୍ରାହ୍ୟ(ଈଶ୍ୱରଙ୍କୁ)ହେବାର କାରଣ ହୋଇପାର" ବା "କ୍ରିୟାପଦ୍ଧତିରେ ଅଗ୍ରାହ୍ୟ ହୋଇପାର" ବୋଲି ଅନୁବାଦ କରାଯାଇପାରେ ।

(ଧୌତ, ପରିଷ୍କୃତ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ରାଜାବଳୀ 23: 8
- ଯାତ୍ରାପୁସ୍ତକ 20: 24-26
- ଆଦିପର୍ବ 34: 27
- ଆଦି ପୁସ୍ତକ 49: 4
- ଯିଶାଇୟ 43: 27-28
- ଲେବୀୟ ପୁସ୍ତକ 11: 43-45
- ମାର୍କ 7: 14-16
- ମାଥିଉ 15: 10

ଶବ୍ଦବିନ୍ୟାସ :

- Strong's: H1351, H1352, H1602, H2490, H2491, H2610, H2930, H2931, G28390, G28400, G33920, G34350

ଦୃଢ଼ ବିଶ୍ୱାସ, ଆତ୍ମବିଶ୍ୱାସ

ପରିଭାଷା:

କୌଣସି ବିଷୟର ସତ୍ୟତା କିମ୍ବା ନିଶ୍ଚିତତାକୁ "ଦୃଢ଼ ବିଶ୍ୱାସ" ବାକ୍ୟାଂଶ ବୁଝାଏ I

- ବାଇବେଲରେ "ଆଶା" ଶବ୍ଦ ଅନେକଥର ବ୍ୟବହାର କରଯାଇଛି ଯାହା କୌଣସି ବିଷୟର ନିଶ୍ଚିତତାକୁ ବୁଝାଏ I ULT ଏହି ଶବ୍ଦକୁ ପ୍ରାୟତଃ "ଆତ୍ମବିଶ୍ୱାସ" କିମ୍ବା "ଭବିଷ୍ୟତ ପାଇଁ ଆତ୍ମବିଶ୍ୱାସ" କିମ୍ବା "ଭବିଷ୍ୟତର ଆତ୍ମବିଶ୍ୱାସ" ବୋଲି ଅନୁବାଦ କରେ, ବିଶେଷ କରି ଯୀଶୁଙ୍କଠାରେ ବିଶ୍ୱାସୀମାନଙ୍କୁ ଈଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି ତାହା ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଅଟେ I
- ପ୍ରାୟତଃ "ବିଶ୍ୱାସ" ଶବ୍ଦ ବିଶ୍ୱାସୀମାନେ ଯୀଶୁଙ୍କଠାରେ ଦିନେ ସ୍ୱର୍ଗରେ ଈଶ୍ୱରଙ୍କ ସହିତ ରହିବା ବିଷୟକୁ ବୁଝାଏ I
- "ଈଶ୍ୱଙ୍କ ଉପରେ ଭରସା ରଖିବା" ବାକ୍ୟାଂଶର ଅର୍ଥ ଈଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି ତାହା ଗ୍ରହଣ କରିବାକୁ ଏବଂ ଅନୁଭବ କରିବାକୁ ସମ୍ପୂର୍ଣ୍ଣ ଆଶା କରିବା ଅଟେ I
- "ଆତ୍ମବିଶ୍ୱାସ ହେବା" ଅର୍ଥ ଈଶ୍ୱରଙ୍କ ପ୍ରତିଶ୍ରୁତିର ପ୍ରତିଜ୍ଞା ଉପରେ ବିଶ୍ୱାସ କରିବା ଏବଂ ନିଶ୍ଚିତ ହେବା ଅଟେ I ଏହା ସାହସର ଏବଂ ଉତ୍ସାହର ସହିତ କାର୍ଯ୍ୟ କରିବାକୁ ମଧ୍ୟ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଆତ୍ମବିଶ୍ୱାସ "ଶବ୍ଦକୁ "ନିଶ୍ଚିତ" କିମ୍ବା "ବହୁତ ନିଶ୍ଚିତ" ବୋଲି ଅନୁବାଦ କରାଯାଇପାରେ I
- "ଆତ୍ମବିଶ୍ୱାସୀ ହେବା" ବକ୍ୟାଂଶକୁ "ସଂପୂର୍ଣ୍ଣ ବିଶ୍ୱାସ କରିବା" କିମ୍ବା "ସଂପୂର୍ଣ୍ଣ ନିଶ୍ଚିତ ହେବା" କିମ୍ବା "ନିଶ୍ଚିତ ଭାବରେ ଜାଣିବା" ବୋଲି ଅନୁବାଦ କରାଯାଇପାରେ I
- "ଆତ୍ମବିଶ୍ୱାସ" ବକ୍ୟାଂଶକୁ "ସାହସର ସହିତ" କିମ୍ବା "ନିଶ୍ଚିତତା ସହିତ" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ ଉପରେ ନିର୍ଭର କରି, "ଆତ୍ମବିଶ୍ୱାସ" ବକ୍ୟାଂଶକୁ "ସମ୍ପୂର୍ଣ୍ଣ ନିଶ୍ଚିତତା" କିମ୍ବା "ନିଶ୍ଚିତ ଆଶା" କିମ୍ବା "ନିଶ୍ଚିତତା" ବୋଲି ଅନୁବାଦ କରାଯାଇପାରେ I

(ବିଶ୍ୱାସ, ସାହସିକ, ବିସ୍ୱସ୍ତ, ଆଶା, ଭରସା: ଦେଖନ୍ତୁ)

ବାଇବେଲ ପଦପର୍ବ:

ଶବ୍ଦବିନ୍ୟାସ :

- Strong's: H982, H983, H986, H3689, H3690, H4009, G2292, G3954, G3982, G4006, G5287

ଦୃଢ଼ଗଡ, ଦୃଢଗଡ ଗୁଡିକ, ଦୁର୍ଗ, ଦୁର୍ଗ ଗୁଡିକ, କିଲା,କିଲା ଗୁଡିକ

ସଂଜ୍ଞା:

"ଦୃଢ ଗଡ" ଏବଂ "କିଲା" ଶବ୍ଦ ଗୁଡିକ ଉଭୟ ଏକ ସ୍ଥାନ ଯାହା ଶତୃମାନଙ୍କ ଆକ୍ରମଣଠାରୁ ଉତ୍ତମ ଭାବରେ ସୁରକ୍ଷିତ ସ୍ଥାନ କୁ ବୁଝାଏ "ଦୁର୍ଗ " ଏକ ସହର କିମ୍ବା ଅନ୍ୟ ସ୍ଥାନ ଅଟେ ଯେଉଁଠାରେ ଆକ୍ରମଣ ରୁ ରକ୍ଷା ପାଇବା ନିମନ୍ତେ ସ୍ଥାନ ଥିବ

- ସବୁବେଳେ ମନୁଷ୍ୟ ଦ୍ୱାରା ନିର୍ମିତ ଦୃଢ ଗଡ ଏବଂ ଦୁର୍ଗ ସୁରକ୍ଷିତ କାନ୍ଥ ଥିବ

ସେଗୁଡିକରେ ଅବରୋଧ କରିବା ନିମନ୍ତେ ସୁରକ୍ଷିତ ବସ୍ତୁ ଯଥା ପଥର ଗଡ କିମ୍ବା ଉଚ୍ଚା ପର୍ବତରେ ରହିବା ପାଇଁ ଗୁମ୍ଫା ବା ସ୍ଥାନ ଥାଏ

- ଲୋକମାନେ କିଲା ଦୃଢ ଗଡ ତିଆରି କରନ୍ତି ମୋଟା କାନ୍ଥ କିମ୍ବା ସେହିପରି କୌଣସି ବସ୍ତୁ ଯାହା ଶତୃମାନଙ୍କୁ ଭାଙ୍ଗିବାକୁ କଷ୍ଟ ହେବ
- "ଦୃଢ ଗଡ" କିମ୍ବା "କିଲା" ଅନୁବାଦ କରିହେବ କଥା "ନିସନ୍ଦେହ ସୁରକ୍ଷିତ ସ୍ଥାନ" କିମ୍ବା "ଶକ୍ତ ନିର୍ମିତ ସହର"
- "ଦୁର୍ଗୀକରଣ ସହର" ଅନୁବାଦ ହେବ ଯଥା "ସୁରକ୍ଷିତ ଭାବେ ରକ୍ଷା ପାଇବା ସହର" କିମ୍ବା "ଶକ୍ତ ହୋଇ ନିର୍ମିତ ସହର"
- ଉପମା ମାଧ୍ୟମରେ ଏହି ବାକ୍ୟ ବ୍ୟବହାର ହୁଏ ବର୍ଣ୍ଣନା କରିବା ପାଇଁ ଯେ ଯେଉଁମାନେ ପରମେଶ୍ୱରଙ୍କୁ ଭରଷା କାରଣଟି ସେହିମାନଙ୍କ ପାଇଁ ପରମେଶ୍ୱର ହେଉଛନ୍ତି ଦୃଢ ଗଡ କିମ୍ବା ଦୁର୍ଗ

(ଦେଖ: ଉପମା)

- ଆଉ ଗୋଟିଏ ଉପମା ର ଅର୍ଥ "ଦୃଢ ଗଡ" କୌଣସି ବା କାହାକୁ ସୁରକ୍ଷା ପାଇଁ ଭୁଲ୍ ଭାବରେ ଭରଷା କରିବା କୁ ବୁଝାଏ ଯେପରି ଅସତ୍ୟ ଭଗବାନ କିମ୍ବା ଅନ୍ୟ ବିଷୟ ଯେଉଁଠି ଯୋହାବା ଙ୍କ ପରିବର୍ତ୍ତେ ସେମାନଙ୍କର ଉପାସନା ହେଉଛି
- ଏହାକୁ ଅନୁବାଦ କରିବ ଯେ "ମିଥ୍ୟା ଦୃଢ ଗଡ"
- ଏହି ଶବ୍ଦ ମଧ୍ୟ ଅନ୍ୟାଭାବେ ଅନୁବାଦ ହେବ ଯଥା "ଶରଣାର୍ଥୀ" ଯାହା ଦୁର୍ଗ ଚିନ୍ତାଧାରାଠାରୁ ଆହୁରି ଅଧିକ ନିରାପତ୍ତା କୁ ଗୁରୁତ୍ୱାରୋପ କରେ

(ଦେଖ: ମିଥ୍ୟା ଦେବା ଦେବୀ, ମିଥ୍ୟା ଭଗବାନ, ଶରଣାର୍ଥୀ, ଯୋହୋବା)

ବାଇବଲ ପୃଷ୍ଠଭୂମି:

- ୨ କରନ୍ଥିୟ ୧୦:୩-୪
- ୨ ରାଜାବଳି ୦୮:୧୦-୧୨
- ୨ ଶାମୁଏଲ ୦୫:୮-୧୦
- ପ୍ରେରିତ ୨୧:୩୪-୩୬
- ହବକକୁକ ୦୧:୧୦-୧୧

ବୋର୍ଡ ଡାଟା :

- Strong's: H490, H553, H759, H1001, H1002, H1003, H1219, H1225, H2388, H4013, H4026, H4581, H4526, H4679, H4685, H4686, H4692, H4693, H4694, H4869, H5794, H5797, H5800, H6438, H6696, H6877, H7682, G3794, G3925

ଦେଶ

ପରିଭାଷା:

ଏକ ଦେଶ ଏକ ବୃହତ ଗୋଷ୍ଠୀ ଯାହାକି କେତେକ ନିୟମ ଶାସନନୁସାରେ ପରିଚାଳିତ ହୁଏ I ଏକ ଦେଶର ଲୋକମାନଙ୍କର ପ୍ରାୟତଃ ସମାନ ପୂର୍ବଜ ଥାଆନ୍ତି ଏବଂ ଏକ ଜାତିର ଅଂଶୀଦାର ହୁଅନ୍ତି I

- ଏକ "ଦେଶର" ସାଧାରଣତଃ ଏକ ସୁ-ପରିଭାଷିତ ସଂସ୍କୃତି ଏବଂ ଭୂମିର ସୀମା ଥାଏ I
- ବାଇବେଲରେ, ଗୋଟିଏ "ଦେଶ" ର ଅର୍ଥ ଗୋଟିଏ ଦେଶ (ମିସର ଏବଂ ଇଥୋପିଆ ପରି) ହୋଇପାରେ, କିନ୍ତୁ ଏହା ସାଧାରଣତଃ ଏକ ଲୋକ ଦଳକୁ ବୁଝାଏ, ମୁଖ୍ୟତଃ ବହୁବଚନ ଭାବରେ ଯେତେବେଳେ ବ୍ୟବହାର ହୁଏ I ଏହାକୁ ପ୍ରସଙ୍ଗ ଅନୁସାରେ ଅନୁବାଦ କରନ୍ତୁ I
- ବାଇବେଲରେ ଥିବା ଦେଶଗୁଡ଼ିକରେ ଇସ୍ରାଏଲୀୟ, ପଲେଷ୍ଟୀୟମାନେ, ଅଶୂରୀୟମାନେ, ବାବିଲୀୟମାନେ, କିଣାନୀୟମାନେ, ରୋମୀୟମାନେ ଏବଂ ଗ୍ରୀକମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ I
- ବେଳେବେଳେ "ଦେଶ" ଶବ୍ଦକୁ ଆଳଙ୍କାରିକ ଭାବେ ବ୍ୟବହାର କରାଯାଏ ଯାହା ଏକ ନିର୍ଦ୍ଦିଷ୍ଟ ଲୋକ ଦଳର ପୂର୍ବପୁରୁଷମାନଙ୍କୁ ବୁଝାଏ, ଯଥା ଯେତେବେଳେ ଈଶ୍ୱର ରିବିକାଙ୍କୁ କହିଲେ ଯେ ତାହାର ଜନ୍ମଗ୍ରହଣ କରି ନଥିବା ସନ୍ତାନମାନେ "ଦେଶ" ହେବେ ଯେଉଁମାନେ ପରସ୍ପର ବିରୁଦ୍ଧରେ ଯୁଦ୍ଧ କରିବେ ଏହାକୁ "ଦୁଇଟି ଦେଶରର ପ୍ରତିଷ୍ଠାତା" କିମ୍ବା "ଦୁଇଟି ଲୋକ ଦଳଗୁଡ଼ିକର ପୂର୍ବଜ" ବୋଲି ଅନୁବାଦ କରାଯାଇପାରେ I
- "ଦେଶ" ଶବ୍ଦର ଅନୁବାଦ ବେଳେବେଳେ "ଅଣଯିହୁଦୀମାନଙ୍କ" କିମ୍ବା ଲୋକମାନେ ଯିଏ ଯିହୋବାଙ୍କୁ ଉପାସନା କରନ୍ତି ନାହିଁ ସେମାନଙ୍କ ପାଇଁ ବ୍ୟବହାର ହୁଏ I ଏହାର ଅର୍ଥକୁ ପ୍ରସଙ୍ଗ ପ୍ରାୟ ସ୍ପଷ୍ଟ କରିଥାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗକୁ ଅଧାର କରି, "ଦେଶ" ଶବ୍ଦକୁ "ଲୋକଦଳ" କିମ୍ବା "ଲୋକମାନେ" କିମ୍ବା "ଦେଶ" ବୋଲି ଅନୁବାଦ କରାଯାଇପାରେ I
- ଯଦି "ଦେଶ" ଶବ୍ଦ ପାଇଁ ସ୍ଥାନୀୟ ଭାଷାରେ ଏକ ଶବ୍ଦ ଉପଲବ୍ଧ ଥାଏ, ତେବେ ବାଇବେଲରେ ଯେଉଁ ସ୍ଥାନଗୁଡ଼ିକରେ ଏହି ଶବ୍ଦ ଉଲ୍ଲେଖ ଅଛି ସେଠାରେ ଏହି ଶବ୍ଦକୁ ସଠିକ ଏବଂ ସ୍ୱାଭାବିକ ଭାବରେ ବ୍ୟବହାର କରନ୍ତୁ I
- "ଦେଶଗଣ" ବହୁବଚନ ଶବ୍ଦକୁ "ଲୋକଦଳ ଗୁଡ଼ିକ" ବୋଲି ଅନୁବାଦ କରନ୍ତୁ I
- କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ, ଏହି ଶବ୍ଦକୁ "ଅଣଯିହୁଦୀ" କିମ୍ବା "ବିଜାତୀ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଅଶୁରିୟ, ବାବିଲୋନ, କିଣାନ, ଅଣଯିହୁଦୀ, ଗ୍ରୀକ, ଲୋକଦଳ, ପଲିଷ୍ଟୀୟ, ରୋମୀୟ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୧୪:୧୫-୧୭
- ଦ୍ୱିତୀୟ ବଂଶାବଳୀ ୧୫:୬
- ଦ୍ୱିତୀୟ ରାଜାବଳୀ ୧୭:୧୧-୧୨
- ପ୍ରେରିତ ୨:୫
- ପ୍ରେରିତ ୧୩:୧୯
- ପ୍ରେରିତ ୧୭:୨୬
- ପ୍ରେରିତ ୨୬:୪
- ଦାନିୟେଲ ୩:୪
- ଆଦି ପୁସ୍ତକ ୧୦:୨-୫
- ଆଦି ପୁସ୍ତକ ୨୭:୨୯
- ଆଦି ପୁସ୍ତକ ୩୫:୧୧
- ଆଦି ପୁସ୍ତକ ୪୯:୧୦
- ଲୂକ ୬:୫
- ମାର୍କ ୧୩:୭-୮
- ମାଥିଉ ୨୧:୪୩
- ରୋମୀୟ ୪:୧୬-୧୭

ଶବ୍ଦବିନ୍ୟାସ:

- Strong's: H0523, H0524, H0776, H1471, H3816, H4940, H5971, G02460, G10740, G10850, G14840

ଦୋଷ ନୈବେଦ୍ୟ, ଦୋଷ ନୈବେଦ୍ୟମାନ

ସଂଜ୍ଞା:

ଏକ ଦୋଷ ନୈବେଦ୍ୟ ଏକ ନୈବେଦ୍ୟ ଓ ବଳି ଅଟେ ଯାହା ପରମେଶ୍ୱର ଇସ୍ରାଏଲ ଲୋକଙ୍କଠାରୁ ଅପେକ୍ଷା କରନ୍ତି ଯଦି ସେ ଅଚାନକ କିଛି ଭୁଲ୍ କରି ଅଛି ଯେପରିକି ପରମେଶ୍ୱରଙ୍କୁ ସମ୍ମାନ ନ ଦେବା କିଅବା ଅନ୍ୟ ବ୍ୟକ୍ତିର ସମ୍ପତି କୁ ହାନୀ କରିବା I

- ଏହି ନୈବେଦ୍ୟରେ ପଶୁର ବଳି ଓ ରୁପା କିଅବା ସୁନା ଜୋରିମାନା ଭରିବା ସାମିଲ୍ ଥାଏ I
- ଏହା ସହିତ ଯୋଡ଼ି ଳେ ଯେଉଁ ବ୍ୟକ୍ତି ଦାୟୀ ସେ ଯେଉଁ ହାନୀ ହୋଇଛି ତାହାକୁ ଉଠାଇବ I

(ଆହୁରି ଦେଖନ୍ତୁ: ଦଗ୍ଧ ନୈବେଦ୍ୟ, ଭକ୍ଷ ନୈବେଦ୍ୟ, ବଳି, ପାପ ନୈବେଦ୍ୟ)

ବାଇବଲ୍ ପଦ ପର୍ଷ୍ଟ:

- ଶାମୁଏଲ ୦୬:୩-୪
- ୨ ରାଜାବଳି ୧୨:୧୫-୧୬
- ଲେବୀୟ ବ୍ୟବସ୍ଥା ୦୫:୫-୬
- ଗଣନା ପୁସ୍ତକ ୦୬:୧୨

ବୋର୍ଡ ଡାଟା :

- Strong's: H817

ଦୋଷ, କଳଙ୍କ, ନିର୍ଦ୍ଦୋଷ

ଘଟଣାବଳି:

"ଦୋଷ" ଶବ୍ଦ ଟି କୌଣସି ପଶୁ କିମ୍ବା ବ୍ୟକ୍ତି ର ଶାରିରୀକ ତୃଟି ବା ଅସିଦ୍ଧତା କୁ ବୁଝାଏ । ଏହା ଲୋକମାନଙ୍କ ଆତ୍ମିକ ଅପୂର୍ଣ୍ଣତା ଏବଂ ଭୁଲ କୁ ମଧ୍ୟ ସୂଚିତ କରେ ।

- ଗୋଟିଏ ନିର୍ଦ୍ଦିଷ୍ଟ ବଳିଦାନ ନିମନ୍ତେ ପରମେଶ୍ୱର ଇଶ୍ରାୟେଲୀୟ ଲୋକମାନଙ୍କୁ ନିଜର ଦୋଷ କିମ୍ବା ଭୁଲ ପାଇଁ ପଶୁ ବଳିଦାନ ନିମନ୍ତେ ଆଜ୍ଞା ଦେଇଥିଲେ ।
- ଯୀଶୁ ଖ୍ରୀଷ୍ଟ ବିନା ପାପରେ କିପରି ସମ୍ପୂର୍ଣ୍ଣ ବଳିକୃତ ହୋଇଥିଲେ ତାହା ଗୋଟିଏ ଛବି ।
- ଖ୍ରୀଷ୍ଟରେ ଥିବା ବିଶ୍ୱାସୀମାନେ ତାହାଙ୍କ ରକ୍ତ ଦ୍ୱାରା ଧୌତ ହୋଇ ନିର୍ଦ୍ଦୋଷ ବୋଲି ବିଚାରିତ ହୁଅନ୍ତି ।
- ଏହି ଶବ୍ଦ କୁ "ତ୍ରୁଟି" ବା "ଅପୂର୍ଣ୍ଣତା" ବା "ପାପ" ବୋଲି ପ୍ରସଙ୍ଗ ଅନୁଯାୟୀ ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ବିଶ୍ୱାସ, ନିର୍ମଳ, ତ୍ୟାଗ, ପାପ)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- 1 ପିତର 01:18-19
- 2 ପିତର 02:12-14
- ଦ୍ୱିତିୟ ବିବରଣୀ 15:19-21
- ଗଣନା 06:13-15
- ପରମଗୀତ 04:6-7

ବୋର୍ଡ ଡାଟା :

- Strong's: H3971, H8400, H8549, G3470

ଦୋଷମୁକ୍ତ କରିବା, ଦୋଷମୁକ୍ତ, ଦୋଷମୁକ୍ତ ହେଲା

ସଂଜ୍ଞା:

ଦୋଷମୁକ୍ତ କରିବା ଅର୍ଥ ଏକ ବ୍ୟକ୍ତି ବେଆଇନ କିମ୍ବା ଅନୈତିକ ବ୍ୟବହାର ଦ୍ୱାରା ଅଭିଯୁକ୍ତଥିଲେ ତାଙ୍କୁ ଦୋଷୀ ନୁହଁ ବୋଲି ଘୋଷଣା କରିବା I

- ଏହି ପଦଟି ପାପକୁ କ୍ଷମା କରିବା ଅର୍ଥରେ ବାଇବଲରେ ବ୍ୟବହାର କରାଯାଇଛି I
- ପ୍ରାୟତଃ ଅଧିକାଂଶ ପ୍ରସଙ୍ଗରେ ଲୋକମାନଙ୍କୁ ଭ୍ରାନ୍ତଭାବରେ ଦୋଷମୁକ୍ତ ହୋଇଥାନ୍ତି, ଯେଉଁମାନେ ଦୁଷ୍ଟ ଏବଂ ଈଶ୍ୱର ବିରୋଧୀ ବିଦ୍ରୋହକାରୀ ଅଟନ୍ତି I
- ଏହା "ନିର୍ଦ୍ଦୋଷ ଭାବରେ" କିମ୍ବା "ଦୋଷୀଭାବେ ସାବ୍ୟସ୍ତ ନ ହେବା", ଭାବରେ ଅନୁବାଦ କରାଯାଇପାରେ I

(ମଧ୍ୟ ଦେଖିପାରିବା: କ୍ଷମା କରିବା, ଦୋଷୀ ମନେକରିବା, ପାପ)

ବାଇବଲ ପଦ ପର୍ଶ୍ୱ:

- ଦ୍ୱିତୀୟ ବିବରଣ ୨୫:୧-୨
- ଯାତ୍ରାପୁସ୍ତକ ୨୧:୨୮-୩୦
- ଯାତ୍ରାପୁସ୍ତକ ୨୩:୬-୯
- ଯିଶାଇୟ ୦୫:୨୨-୨୩
- ଆୟୁବ ୧୦:୧୨-୧୪

ବୋର୍ଡ ଡାଟା :

- Strong's: H3444, H5352, H5355, H6403, H6663

ଦୌଡିବା, ଦୌଡ଼ାଳି, ଦ୍ରୁତଗତି, ଶୀଘ୍ର ଗଲେ, ବିଛାଡ଼ି ହେବା, ପ୍ରବାହିତ ହେବା

ପରିଭାଷା:

ଆକ୍ଷରିକ ଭାବରେ "ଦୌଡିବା" ଶବ୍ଦର ଅର୍ଥ "ପାଦରେ ଶୀଘ୍ର ଗତି କରିବା" ଅଟେ ଯାହା ସାଧାରଣତଃ ଚାଲିବା ଅପେକ୍ଷା ଅଧିକତର ବେଗରେ ହାସଲ କରାଯାଇପାରେ I

"ଦୌଡିବା" ଶବ୍ଦର ଏହି ମୁଖ୍ୟ ଅର୍ଥ ମଧ୍ୟ ଆଳଙ୍କାରିକ ଭାବରେ ବ୍ୟକ୍ତ କରାଯାଇଥାଏ, ଯଥା:

- "ପୁରସ୍କାର ପାଇବା ଭଳି ଦୌଡିବା"- ଏହି ବାକ୍ୟାଂଶ ପ୍ରତିଯୋଗିତାରେ ବିଜୟ ଲାଭ କରିବା ନିମନ୍ତେ ଅଧ୍ୟବସାୟ କରିବା ଭଳି ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ନିମନ୍ତେ ଅଧ୍ୟବସାୟ କରିବାକୁ ବୁଝାଏ I
- "ତୁମ୍ଭର ଆଜ୍ଞାର ମାର୍ଗରେ ଦୌଡିବା"— ଅର୍ଥ ଆନନ୍ଦ ମନରେ ଏବଂ ଶୀଘ୍ର ଈଶ୍ୱରଙ୍କ ଆଜ୍ଞାସବୁକୁ ପାଳନ କରିବାକୁ ବୁଝାଏ I
- "ଅନ୍ୟ ଦେବତାଗଣର ପଛରେ ଦୌଡିବା" ଅର୍ଥ ଅନ୍ୟ ଦେବତାଗଣ ପୂଜା କରିବାରେ ନିବିଷ୍ଟ ହୋଇ ରହିବାକୁ ବୁଝାଏI
- "ମୁଁ ତୁମ୍ଭଠାରେ ଲୁଚିବାକୁ ତୁମ୍ଭନିକଟକୁ ଦୌଡି ଆସିଲି" ଅର୍ଥାତ୍ କଠିନ ପରିସ୍ଥିତିର ସମ୍ମୁଖୀନ ହେଲେ ଆଶ୍ରୟ ଏବଂ ନିରାପତ୍ତା ନିମନ୍ତେ ଶୀଘ୍ର ଈଶ୍ୱରଙ୍କ ନିକଟକୁ ଦୌଡି ଆସିବାକୁ ବୁଝାଏ I
- ପାଣି ବା ଅନ୍ୟ ଜଳୀୟ ବିଷୟଗୁଡ଼ିକ ଯଥା ଅଶ୍ରୁ, ରକ୍ତ, ଝାଳ, ଏବଂ ନଦୀଗୁଡ଼ିକ "ବହେ" ବୋଲି କୁହାଯାଏ I ଏହାକୁ "ପ୍ରବାହିତ ହୁଏ" ବୋଲି ଅନୁବାଦ କରାଯାଇପାରିବ I ଗୋଟିଏ ଦେଶ ବା ଅଞ୍ଚଳର ସୀମା ବା ପ୍ରାନ୍ତ ଗୋଟିଏ "ନଦୀ ସହିତ ବହେ" ବା ଗୋଟିଏ ଭିନ୍ନ ଦେଶର ସୀମାରେଖା ବୋଲି କୁହାଯାଏ I ଏହାକୁ ଦେଶର ସୀମା "ନଦୀର" ଆର ପଟେ" ବା ଅନ୍ୟ ଦେଶ, ସେହି ଦେଶ "ପ୍ରାନ୍ତ ଭାଗକୁ ନଦୀ ସ୍ଥିର କରେ ବା ଅନ୍ୟ ଦେଶ ବୋଲି ଅନୁବାଦ କରାଯାଇପାରେ I
- ନଦୀ ଏବଂ ଝରଣାଗୁଡ଼ିକ "ଶୁଷ୍କ ହୋଇଯାଏ" ବା ଶୁଖିଲା ବହେ, ଯାହାର ଅର୍ଥ ସେଗୁଡ଼ିକରେ ଆଉ ଜଳ ନାହିଁ I ଏହାକୁ "ଶୁଷ୍କ ହୋଇଯାଇଛି" ବା "ଶୁଖି ଯାଇଛି" ବୋଲି ଅନୁବାଦ କରିପାରେ I
- ଗୋଟିଏ ଉତ୍ସବର ଦିନଗୁଡ଼ିକରେ "ସେମାନଙ୍କ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରନ୍ତି" ଯାହାର ଅର୍ଥ ସେଗୁଡ଼ିକ ବିତିଗଲା ବା "ସମାପ୍ତ ହେଲା" ବା "ଶେଷ ହେଲା" ଅଟେ I

(ଦେଖନ୍ତୁ: ମିଥ୍ୟା ଦେବତା, ଅଧ୍ୟବସା, ଆଶ୍ରୟ, ଫେରିବା)

ବାଇବେଲ ପଦପର୍ବ:

- ୧ କରିନ୍ଥୀୟ ୬:୧୮
- ଗାଲାତୀୟ ୨:୨
- ଗାଲାତୀୟ ୫:୭
- ଫିଲିପ୍ପୀୟ ୨:୧୬
- ହିତୋପଦେଶ ୧:୧୬

ଶବ୍ଦବିନ୍ୟାସ:

- Strong's: H0213, H0386, H1065, H1272, H1556, H1980, H2100, H2416, H3001, H3212, H3332, H3381, H3920, H3988, H4422, H4754, H4794, H4944, H5074, H5127, H5140, H5472, H5756, H6437, H6440, H6544, H6805, H7272, H7291, H7310, H7323, H7325, H7519, H7751, H8264, H8308, H8444, G04130, G13770, G16010, G15300, G15320, G19980, G27010, G37290, G40630, G43700, G43900, G48900, G49360, G51430, G52400, G52950, G53430

ଦ୍ରାକ୍ଷାକ୍ଷେତ୍ର

ପରିଭାଷା:

ଏକ ଦ୍ରାକ୍ଷାକ୍ଷେତ୍ର ଏକ ବୃହତ ଉଦ୍ୟାନ ଅଟେ ଯେଉଁଠାରେ ଦ୍ରାକ୍ଷାକ୍ଷେତ୍ର ବଢ଼ିଥାଏ ଏବଂ ଅଙ୍ଗୁର ଚାଷ କରାଯାଏ I

- ଅଧିକାଂଶ ସମୟରେ ଫଳକୁ ଚୋର ଏବଂ ପଶୁମାନଙ୍କଠାରୁ ରକ୍ଷା କରିବା ପାଇଁ ଏକ ଦ୍ରାକ୍ଷାକ୍ଷେତ୍ରର ଚାରିପାଖରେ ଏକ କାନ୍ଥ ଥାଏ I
- ଈଶ୍ୱର ଇସ୍ରାଏଲ ଲୋକମାନଙ୍କୁ ଏକ ଦ୍ରାକ୍ଷାକ୍ଷେତ୍ର ସହ ତୁଳନା କଲେ ଯାହା ଭଲ ଫଳ ଦେଉନଥିଲା I (Metaphor: ଦେଖନ୍ତୁ)
- ଦ୍ରାକ୍ଷାକ୍ଷେତ୍ରକୁ "ଅଙ୍ଗୁର ବଗିଚା" କିମ୍ବା "ଅଙ୍ଗୁର ବୃକ୍ଷ" ବୋଲି ଅନୁବାଦ କରାଯାଇପାରେ I

(ଅଙ୍ଗୁର, ଇସ୍ରାଏଲ, ଲତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ 9:20-21
- ଲୂକ 13:6
- ଲୂକ 20:15
- ମାଥିଉ 20:2
- ମାଥିଉ 21:40-41

ଶବ୍ଦବିନ୍ୟାସ:

- Strong's: H1612, H3754, H3755, H8284, G02900

ଦ୍ରାକ୍ଷାରସ, ଦ୍ରାକ୍ଷାରସ କୁମ୍ଭା, ନୂତନ ଦ୍ରାକ୍ଷାରସ

ପରିଭାଷା:

ବାଇବଲରେ, "ଦ୍ରାକ୍ଷାରସ" ଶବ୍ଦ ଅଙ୍ଗୁର ନାମକ ଏକ ଫଳର ରସରୁ ନିର୍ମିତ ଏକ ପ୍ରକାର ପାନୀୟକୁ ବୁଝାଏ । ଦ୍ରାକ୍ଷାରସ “ଦ୍ରାକ୍ଷାରସ କୁମ୍ଭା” ରେ ରଖାଯାଉଥିଲା, ଯାହା ପଶୁ ଚର୍ମରେ ନିର୍ମିତ ପାତ୍ରଅଟେ ।

- “ନୂତନ ମଦ” ବାକ୍ୟାଂଶ ଦ୍ରାକ୍ଷରସକୁ ବୁଝାଏ ଯାହା ଅଙ୍ଗୁରରୁ ନିର୍ମିତ ଏବଂ ଏପର୍ଯ୍ୟନ୍ତ ଆମ୍ବିଳା ନଥିଲା | ବେଳେବେଳେ “ମଦ” ଶବ୍ଦଟି ଆମ୍ବିଳା ଅଙ୍ଗୁର ରସକୁ ମଧ୍ୟ ବୁଝାଏ।
- ଦ୍ରାକ୍ଷାରସ ପ୍ରସ୍ତୁତ କରିବା ପାଇଁ, ଦ୍ରାକ୍ଷାକୁ ଦ୍ରାକ୍ଷାପେଷଣ କରାଯାଏ ଯାହାଦ୍ୱାରା ରସ ବାହାରକୁ ଆସେ । ରସ ଶେଷରେ ସେଥିରେ ଆମ୍ବିଳା ଏବଂ ମଦ୍ୟପାନ ପ୍ରସ୍ତୁତ କରେ ।
- ବାଇବେଲ ସମୟରେ, ଦ୍ରାକ୍ଷାରସ ସାଧାରଣ ପାନୀୟ ଥିଲା । ବର୍ତ୍ତମାନର ମଦ ପରି ଏଥିରେ ଅଧିକ ମଦ୍ୟପାନ ନଥିଲା।
- ଦ୍ରାକ୍ଷାରସକୁ ଭୋଜନରେ ପରଷିବା ପୂର୍ବରୁ ଏହା ଜଳରେ ମିଶ୍ରଣ କରାଯାଉଥିଲା।
- ଯେଉଁ ଦ୍ରାକ୍ଷାରସ କୁମ୍ଭା ପୁରୁଣା ଓ ଭଙ୍ଗୁର ଏଥିରେ ଛିଦ୍ର ହୋଇଯାଏ, ଯାହା ଦ୍ରାକ୍ଷାରସକୁ ଛିଦ୍ର ଦେଇ ବାହାର କରିଦିଏ। ନୂତନ ଦ୍ରାକ୍ଷାରସ କୁମ୍ଭା ନରମ ଓ ନମନୀୟ ଅଟେ, ଯାହାର ଅର୍ଥ ତାହା ଅତି ଶୀଘ୍ର ଫାଟେ ନାହିଁ ଓ ଦ୍ରାକ୍ଷାରସ ସୁରକ୍ଷିତ ରଖା ଯାଇପାରେ।
- ଯଦି ଦ୍ରାକ୍ଷାରସ ଆପଣଙ୍କ ସଂସ୍କୃତିରେ ଅଜଣା ଏହାକୁ “ଆମ୍ବିଳା ଅଙ୍ଗୁର ରସ” କିମ୍ବା “ଅଙ୍ଗୁର ଫଳରୁ ତିଆରି ପେୟକୁ ପଚନକାରକ ପଦାର୍ଥ କୁହାଯାଏ” କିମ୍ବା “ଆମ୍ବିଳା ଫଳ ରସ” ବୋଲି ଅନୁବାଦ କରନ୍ତୁ। (ଅଜ୍ଞାତବିଷୟଗୁଡ଼ିକ କିଅପରୀ ଅନୁବାଦ କରିବେ: ଦେଖନ୍ତୁ)
- “ଦ୍ରାକ୍ଷାରସ କୁମ୍ଭା” ବାକ୍ୟାଂଶକୁ “ଦ୍ରାକ୍ଷାରସ ପାଇଁ ଥଳି” କିମ୍ବା “ପଶୁ ଚର୍ମର ଦ୍ରାକ୍ଷାରସ ଥଳି” କିମ୍ବା “ପଶୁ ଚର୍ମରେ ଦ୍ରାକ୍ଷାରସ ରଖିବା ପାତ୍ର” ବୋଲି ଅନୁବାଦ କରାଯାଇପାରେ ।

(ଅଙ୍ଗୁର, ଅଙ୍ଗୁରଲତା, ଦ୍ରାକ୍ଷାକ୍ଷେତ୍ର, ଅଙ୍ଗୁର-ପେଷିବା ଯନ୍ତ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 ତୀମଥି 5:23
- ଆଦିପୁସ୍ତକ 9:21
- ଆଦିପୁସ୍ତକ 49:12
- ଯୋହନ 2:3-5
- ଯୋହନ 2:10
- ମାଥିଉ 9:17
- ମାଥିଉ 11:18

ପେଷିଲେ

ଶବ୍ଦବିନ୍ୟାସ:

- Strong’s: H2561, H2562, H3196, H4469, H4997, H5435, H6025, H6071, H8492, G10980, G36310, G38200, G39430

ଦ୍ରାକ୍ଷାଲତା

ପରିଭାଷା:

"ଦ୍ରାକ୍ଷାଲତା" ସେହି ତୃଣକୁ ଦର୍ଶାଏ ଯାହା ଭୂମିରେ ବଢ଼େ ଓ ବୃକ୍ଷରେ ଲାଗି କି ବଢ଼େ କିମ୍ବା ଅଲଗା ଉପାୟରେ ବଢ଼େ I "ଦ୍ରାକ୍ଷାଲତା" ବାଇବେଲରେ ସାଧାରଣ ଭାବରେ ଅଙ୍ଗୁର ଲତାକୁ ଦର୍ଶାଏ ଯାହା କେବଳ ଫଳ ଧାରଣ କରିଥାଏ I

- ବାଇବେଲରେ "ଦ୍ରାକ୍ଷାଲତା" ସର୍ବଦା "ଅଙ୍ଗୁର ଦ୍ରାକ୍ଷାଲତା" କୁ ହିଁ ଦର୍ଶାଏ I
- ଦ୍ରାକ୍ଷାଲତାର ଶାଖା ସବୁ ମୁଖ୍ୟ ଜଡ଼ ସହିତ ସଂଯୁକ୍ତ ଅଟେ ଯାହାଠାରୁ ଶାଖା ସବୁ ଜଳ, ଓ ଅନ୍ୟ ପୋଷଣ ପ୍ରାପ୍ତ କରୀ ବଢି ପାରନ୍ତି I
- ଯୀଶୁ ନିଜକୁ "ଦ୍ରାକ୍ଷାଲତା" କହିଲେ ଓ ଲୋକମାନଙ୍କୁ "ଶାଖା" କହିଲେ I ପ୍ରସଙ୍ଗ ଉପରେ ଆଧାର କରି "ଦ୍ରାକ୍ଷାଲତା" ଶବ୍ଦକୁ "ଦ୍ରାକ୍ଷାଲତା ମୂଳ "କିମ୍ବା "ଅଙ୍ଗୁର ତୃଣ ମୂଳ" ବୋଲି ଅନୁବାଦ କରାଯାଇପାରେ I (ରୂପକ: ଦେଖନ୍ତୁ)

(ଅଙ୍ଗୁର, ଦ୍ରାକ୍ଷା କ୍ଷେତ୍ର:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 40:9
- ଆଦି ପୁସ୍ତକ 49:11
- ଯୋହନ 15:1
- ଲୂକ 22:8
- ମାର୍କ 12:3
- ମାଥିଉ 21:35-37

ଶବ୍ଦବିନ୍ୟାସ :

- Strong's: H5139, H1612, H8321, G02880, G02900, G10090, G10920

ଦ୍ୱାରବନ୍ଧ

ସଂଜ୍ଞା:

"ଦ୍ୱାରବନ୍ଧ" ଟି ଗୋଟିଏ ଦ୍ୱାରର ଉଭୟ ପାର୍ଶ୍ୱ ଉପରେ ଏକ ଭୂଲମ୍ବ ବନ୍ଧ, ଯାହା ଦ୍ୱାର ବାଡର ଉପରଭାଗଟିକୁ ଭାର ସମ୍ଭାଳିବା ବିଷୟ ଅଟେ ।

- ଈଶ୍ୱର ମିସରରୁ ପଳାୟନ କରିବା ଇସ୍ରାଏଲମାନଙ୍କୁ ସାହାଯ୍ୟ କଲା ଠିକ୍ ପୂର୍ବରୁ, ସେ ସେମାନଙ୍କୁ ଗୋଟିଏ ମେଷ ମାରିବାକୁ ନିର୍ଦ୍ଦେଶ ଦେଲେ ଏବଂ ଏହାର ରକ୍ତ ସେମାନଙ୍କର ଦ୍ୱାରବନ୍ଧଗୁଡିକରେ ଲଗାଅ ।
- ପୁରାତନ ନିୟମରେ, ଏକ ଦାସ ଯିଏ ତାହାର ଜୀବନସାରା ତା'ଙ୍କ ମୂନିବଙ୍କର ସେବା କରିବାକୁ ବାଞ୍ଛା କଲେ ତାହାର କାନ ତା'ଙ୍କ ମୂନିବଙ୍କର ଗୃହ ଦ୍ୱାରବନ୍ଧ ଉପରେ ଏକ କଅଣ୍ଟା ହାତୁଡି ମାଧ୍ୟମରେ ତାହାର କାନ ସ୍ଥଳରେ ଦ୍ୱାରବନ୍ଧ ମଧ୍ୟକୁ ବିନ୍ଧି ପାରିବ ।
- "ଗୋଟିଏ ଦ୍ୱାରର ଉଭୟ ପାର୍ଶ୍ୱ ଉପରେ କାଠ ଖୁଣ୍ଟ" ବା "ଗୋଟିଏ କାଠର ଦ୍ୱାରବନ୍ଧ ପାର୍ଶ୍ୱଗୁଡିକ" ବା "ଗୋଟିଏ କବାଟର ପାର୍ଶ୍ୱଗୁଡିକରେ କାଠ ସ୍ତମ୍ଭଗୁଡିକ" ରୂପେ ମଧ୍ୟ ଏହା ଅନୁବାଦ କରିପାରିବା ।

(ପୁନଶ୍ଚ ଦେଖନ୍ତୁ: ମିସର, ନିସ୍ତାରପର୍ବ)

ବାଇବଲ ଉଲ୍ଲେଖଗୁଡିକ:

- ୧ ରାଜାବଳି ୦୬: ୩୧-୩୨
- ଦ୍ୱିତୀୟ ବିବରଣ ୧୧: ୨୦-୨୧
- ଯାତ୍ରାପୁସ୍ତକ ୧୨: ୫-୮
- ଯିଶାଇୟ ୫୬: ୬-୮

ବୋର୍ଡ ଡାଟା :

- Strong's: H352, H4201

ଦ୍ୱାରବନ୍ଧ, ଦ୍ୱାରବନ୍ଧଗୁଡିକ

ସଂଜ୍ଞା:

"ଦ୍ୱାରବନ୍ଧ" ପ୍ରତିଶବ୍ଦ ଗୋଟିଏ ଦ୍ୱାର ବା ଫାଟକର ତଳ ଭାଗକୁ ବା ଗୋଟିଏ ଗୃହର ଅଂଶକୁ ବୁଝାଏ ଯାହା ଠିକ ଦ୍ୱାର(ଫାଟକ) ଭିତରେ ଥାଏ I

- ବେଳେବେଳେ ଏକ ଦ୍ୱାରବନ୍ଧ କାଠର ବା ପଥରର ପଟି ଅଟେ, ଯାହାକୁ ନିଶ୍ଚୟ ଚାଲି କରି ଡେଇଁ ବା ଅତିକ୍ରମ କରି ଗୋଟିଏ କୋଠରୀ ବା ଗୃହ ମଧ୍ୟରେ ପ୍ରବେଶ କରିବାକୁ ପଡିଥାଏ I
- ଉଭୟ ଗୋଟିଏ ଦ୍ୱାର(ଫାଟକ) ଏବଂ ଏକ ତମ୍ବୁ ମଧ୍ୟକୁ ପ୍ରବେଶ ପଥ ପାଇଁ ମଧ୍ୟ ଦ୍ୱାରବନ୍ଧ ରହିପାରିବ I
- ଏହି ପ୍ରତିଶବ୍ଦ ପ୍ରକଳ୍ପର ଭାଷାରେ ଏକ ପ୍ରତିଶବ୍ଦ ସହିତ ଅନୁବାଦ କରାଯିବା ଉଚିତ ଯାହା ଜଣେ ବ୍ୟକ୍ତି ପ୍ରବେଶ କରିବା ନିମନ୍ତେ ପାର ହୋଇ ଯିବାକୁ ଥିବା ଏକ ଗୃହର ଠିକ ପ୍ରବେଶ ସ୍ଥାନର ଜାଗାକୁ ବୁଝାଏ I
- ଯଦି ଏହି "ଦ୍ୱାରବନ୍ଧ"ନିମନ୍ତେ କୌଣସି ଭାବ ପ୍ରକାଶକ ପଦ ନ ଥାଏ ତେବେ ଏହାକୁ "ଦ୍ୱାରଦେଶ" ବା "ବାଟ" ବା "ପ୍ରବେଶ ପଥ" ବୋଲି ପୂର୍ବାପର ସମ୍ବନ୍ଧ ଉପରେ ନିର୍ଭର କରି ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: ଦ୍ୱାର, ତମ୍ବୁ)

ବାଇବଲ ପଦଗୁଡିକ:

- 1ମ ବଂଶାବଳି 09:17-19
- ଯିହିଜିକଲ 09:17-19
- ଯିଶାଇୟ 06:4-5
- ହିତୋପଦେଶ 17:19-20

ବୋର୍ଡ ଡାଟା :

- Strong's: H624, H4670, H5592

ଧନୁ ଏବଂ ଶର

ସଂଜ୍ଞା:

ଏହି ପ୍ରକାର ଅସ୍ତ୍ର ଗୋଟିଏ ତାର ଯୁକ୍ତ ଧନୁରେ ଶର ଲଗାଯାଇ ଥାଏ । ବାଇବନ ସମୟରେ ଏହା ଶତ୍ରୁମାନଙ୍କ ସହ ଯୁଦ୍ଧ କରିବା ସମୟରେ ବା ଖାଦ୍ୟ ପାଇଁ ପଶୁମାନଙ୍କୁ ମାରିବା ସମୟରେ ବ୍ୟବହାର କରାଯାଉଥିଲା ।

- ଧନୁକୁ କାଠ, ହାଡ଼, ଧାତୁ କିମ୍ବା ଅନ୍ୟ କଠିଣ ପଦାର୍ଥ ଯେପରିକି ହରିଣର ଶିଙ୍ଗ ଦ୍ୱାରା ନିର୍ମାଣ କରାଯାଉଥିଲା ।

ଏହା ବଙ୍କାକୃତି ଏବଂ ଗୋଟିଏ ରଶି କିମ୍ବା ତାରରେ ଜୋରେ ବନ୍ଧା ହୋଇଥାଏ ।

- ଶର ହେଉଛି ଏକ ପାଖରେ ପତଳା ବେଣ୍ଟ ଓ ଅନ୍ୟ ପାଖରେ ତୀକ୍ଷ୍ଣ ସୂଚକ ଥାଏ ।

ପ୍ରାଚୀନ କାଳରେ ଶରକୁ ବିଭିନ୍ନ ପଦାର୍ଥ ଯଥା କାଠ,ହାଡ଼,ପଥର କିମ୍ବା ଧାତୁରେ ନିର୍ମାଣ କରାଯାଉଥିଲା ।

- ଧନୁ ଏବଂ ଶର କୁ ସାଧାରଣ ଭାବେ ଶିକାରୀ ଏବଂ ଯୋଦ୍ଧାମାନେ ବ୍ୟବହାର କରୁଥିଲେ ।
- ପ୍ରାସଙ୍ଗିକ ଭାବେ "ଶର" ଶବ୍ଦକୁ ବାଇବଲରେ ଶତ୍ରୁର ଆକ୍ରମଣ କିମ୍ବା ଈଶ୍ୱରଙ୍କ ବିଚାରକୁ ବୁଝାଏ ।

ବାଇବଲ ସମ୍ବନ୍ଧ ଉଲ୍ଲେଖ

- ଆଦିପୁସ୍ତକ 21:14-16
- ହବକୁକ୍ 03:9-10
- ଆୟୁବ 29:20-22
- ବିଳାପ 02:3-4
- ଗୀତସଂହିତା 058:6-8

ବୋର୍ଡ ଡାଟା :

- Strong's: H2671, H7198, G5115

ଧନୁର୍ଦ୍ଧାରୀ, ଧନୁର୍ଦ୍ଧାରୀଗଣ

ସଂଜ୍ଞା:

"ଧନୁର୍ଦ୍ଧାରୀ" ଶବ୍ଦଟି ଏକ କୌଶଳୀ ବ୍ୟକ୍ତିଙ୍କୁ ବୁଝାଏ, ଯେ ଧନୁ ଏବଂ ତୀରକୁ ଏକ ଅସ୍ତ୍ରଶସ୍ତ୍ର ରୂପେ ବ୍ୟବହାର କରେ I

- ବାଇବଲରେ, ଧନୁର୍ଦ୍ଧାରୀ ଜଣେ ସୈନିକ, ଯେ ସେନାବାହୀନୀରେ ଯୁଦ୍ଧ ନିମନ୍ତେ ଧନୁ ଏବଂ ତୀରକୁ ବ୍ୟବହାର କରେ I
- ଅଶୁରୀୟ ସେନା ଦଳରେ ଧନୁର୍ଦ୍ଧାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାଥିଲା I
- "ଧନୁର୍ଦ୍ଧାର" ଭଳି କେତେକ ଭାଷାରେ ଏଥିନିମନ୍ତେ ଏକ ଶବ୍ଦ ଥାଇପାରେ I

(ମଧ୍ୟ ଦେଖିପାରିବା: ଅଶୁରୀୟ)

ବାଇବଲ ପଦ ପର୍ଶ:

- ପ୍ରଥମ ଶାମୁୟେଲ ୩୧:୧-୩
- ଦ୍ୱିତୀୟ ବଂଶାବଳି ୩୫:୨୩-୨୪
- ଆଦିପୁସ୍ତକ ୨୧:୧୯-୨୧
- ଯିଶାଇୟ ୨୧:୧୬-୧୭
- ଆୟୁବ ୧୬:୧୩-୧୪
- ହିତୋପଦେଶ ୨୬:୯-୧୦

ବୋର୍ଡ ଡାଟା :

- Strong's: H1167, H1869, H2671, H2686, H3384, H7198, H7199, H7228

ଧାରଣ କରିବା, ଧାରକ, ବହନ କରିବା

ସତ୍ୟ ଘଟଣାବଳୀ:

"ଧାରଣ କରିବା" ଶବ୍ଦର ଅର୍ଥ "କୌଣସି ବସ୍ତୁ କିମ୍ବା ବିଷୟକୁ ବହନ କରିବା" ଅଟେ । ଏହି ଶବ୍ଦର ଅନେକ ସାଙ୍କେତିକ ବ୍ୟବହାର ମଧ୍ୟ ଅଛି ।

- ଜଣେ ସ୍ତ୍ରୀ ଲୋକ ଯେତେବେଳେ ଶିଶୁକୁ ଧାରଣ କରିଛି ବୋଲି କୁହାଯାଏ, ଏହାର ଅର୍ଥ "ସେ ଶିଶୁକୁ ଜନ୍ମଦେବ ।"
- "ଗୋଟିଏ ବୋଝକୁ ବୋହିବା" ଅର୍ଥ "କଷ୍ଟ ଅନୁଭବ କରିବା ।" ଏହି କଷ୍ଟ ଉଭୟ ଶାରିରୀକ ଏବଂ ଆବେଗିକ ଦୁଃଖଭୋଗକୁ ବୁଝାଏ ।
- ବାଇବେଲର ଗୋଟିଏ ସାଧାରଣ ଅଭିବ୍ୟକ୍ତି ଅଛି "ଫଳ ଧାରଣ କରିବା" ଯାହାର ଅର୍ଥ "ଫଳ ଉତ୍ପାଦନ କରିବା"କିମ୍ବା "ଫଳିବା" ଅଟେ ।
- "ସାକ୍ଷ୍ୟ ଗ୍ରହଣ କରିବା" ଅର୍ଥ "ପ୍ରମାଣିତ କରିବା" କିମ୍ବା "ଜଣେ ବ୍ୟକ୍ତି ଯାହା ଦେଖିଛି କିମ୍ବା ଅନୁଭବ କରିଛି ତାହା ଜଣାଇବା" ଅଟେ ।
- "ପୁତ୍ର ପିତାଙ୍କ ଅନ୍ୟାୟକୁ ସହ୍ୟ କରିବ ନାହିଁ " ବାକ୍ୟର ଅର୍ଥ "ସେ ତାଙ୍କ ପିତାର ପାପ ପାଇଁ ଉତ୍ତରଦାୟୀ କିମ୍ବା ଦଣ୍ଡ ପାଇବାକୁ ଯୋଗ୍ୟ ନୁହେଁ ।
- ସାଧାରଣ ଅର୍ଥରେ ଏହି ଶବ୍ଦକୁ "ବହନ କରିବା" କିମ୍ବା "ଦାୟିତ୍ୱ ନେବା"କିମ୍ବା "ଉତ୍ପାଦନ କରିବା"କିମ୍ବା "ସହନ କରିବା"ବୋଲି ପ୍ରସଙ୍ଗକୁ ଆଧାର କରି ଅନୁବାଦ କରାଯାଇପାରେ ।

(ନାମଗୁଡ଼ିକ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ବୋଝ, ଇଲୀଶାୟ, ସହ୍ୟ, ଫଳ, ଅନ୍ୟାୟ, ବିବରଣୀ, ମେଷ, ସାମର୍ଥ, ସାକ୍ଷ୍ୟ, ସାକ୍ଷ୍ୟ ଗ୍ରହଣ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ବିଳାପଗୀତ ୩:୨୭

ଶବ୍ଦବିନ୍ୟାସ:

- Strong's: H2232, H3201, H3205, H5375, H5445, H5449, H6030, H6509, H6779, G01420, G04300, G09410, G10800, G16270, G25920, G31400, G41600, G47220, G48280, G50410, G50880, G53420, G54090, G55760

ଧୂପ

ପରିଭାଷା:

"ଧୂପ" ଶବ୍ଦ ସୁଗନ୍ଧ ମିଶ୍ରିତ ଅତରକୁ ଦର୍ଶାଏ ଯାହା ଜଳାଇଲା ପରେ ଏକ ସୁଖଦ ବାସନା ଉତ୍ପନ କରେ I

- ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଧୂପ ଜଳାଇବା ପାଇଁ କହିଥିଲେ।
- ଈଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମାନ ପରିମାଣର ପାଞ୍ଚଟି ନିର୍ଦ୍ଦିଷ୍ଟ ମସଲା ମିଶ୍ରଣ କରି ଧୂପ ତିଆରି କରାଯାଉଥିଲା I ଏହା ଏକ ପବିତ୍ର ଧୂପ ଥିଲା, ତେଣୁ ସେଗୁଡ଼ିକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିବାକୁ ଦିଆଯାଉନଥିଲା I
- "ଧୂପ ବେଦୀ" ଏକ ସ୍ୱତନ୍ତ୍ର ବେଦୀ ଥିଲା ଯାହା କେବଳ ଧୂପ ଜଳାଇବା ପାଇଁ ବ୍ୟବହୃତ ହେଉଥିଲା I
- ପ୍ରତ୍ୟେକ ଘଣ୍ଟା ପ୍ରାର୍ଥନାରେ ଦିନକୁ ଅତି କମରେ ଚାରିଥର ଧୂପ ଦିଆଯାଉଥିଲା I ପ୍ରତ୍ୟେକ ଥର ଜଳୁଥିବା ନୈବେଦ୍ୟ ମଧ୍ୟ ଦିଆଯାଉଥିଲା I
- ଧୂପ ଜାଳିବା ପ୍ରାର୍ଥନା ଏବଂ ଉପାସନାକୁ ପ୍ରତିପାଦିତ କରେ ଯାହା ତାଙ୍କ ଲୋକଙ୍କଠାରୁ ଈଶ୍ୱରଙ୍କ ନିକଟକୁ ଉଠେ I
- "ଧୂପ" ଶବ୍ଦକୁ "ସୁଗନ୍ଧିତ ମସଲା" କିମ୍ବା "ସୁଗନ୍ଧିତ ଉଦ୍ଭିଦ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଧୂପ ବେଦୀ, ହୋମାବଳୀ, ସୁଗନ୍ଧରସ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୩:୧-୩
- ୨ ବଂଶାବଳୀ ୧୩:୧୦-୧୧
- ୨ ରାଜାବଳୀ ୧୪:୪
- ଯାତ୍ରାପୁସ୍ତକ ୨୫:୩-୭
- ଲୂକ ୧:୧୦

ଶବ୍ଦବିନ୍ୟାସ:

- Strong's: H2553, H3828, H4196, H4289, H5208, H6988, H6999, H7002, H7004, H7381, G23680, G23690, G23700, G23790, G30310

ଧୂପବେଦି, ଧୂପବେଦି

ସତ୍ୟ ଘଟଣାବଳୀ:

ଧୂପବେଦି ଏକ ଆସବାବର ଅଂଶଥିଲା ଯାହା ଉପରେ ଯାଜକ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଧୂପ ଜଳାଇ ଉତ୍ସର୍ଗ କରୁଥିଲେ I ଏହାକୁ ସ୍ୱର୍ଣ୍ଣବେଦି ମଧ୍ୟ କୁହାଯାଉଥିଲା I

- ଧୂପବେଦି କାଠରେ ନିର୍ମାଣ କରାଯାଉଥିଲା ଏବଂ ଏହାର ଉପର ପାର୍ଶ୍ୱଭାଗ ସ୍ୱର୍ଣ୍ଣରେ ଆବରଣ କରାଯାଇଥିଲା I ଏହା ପ୍ରାୟ୍ ଅଧା ମିଟର ଲମ୍ବ, ଅଧା ମିଟର ଓସାର ଏବଂ ଏକ ମିଟର ଉଚ୍ଚ ଥିଲା I
- ପ୍ରଥମେ ଏହା ସମାଗମ ତମ୍ବୁରେ ରଖାଯାଇଥିଲା I ତତ୍ପରେ ଏହା ମନ୍ଦିରରେ ରଖାଯାଇଥିଲା I
- ପ୍ରତ୍ୟେକ ପ୍ରଭାତ ଏବଂ ସନ୍ଧ୍ୟାରେ ଜଣେ ଯାଜକ ଏଥିରେ ଧୂପ ଜଳାଇଥାନ୍ତି I
- ଏହି ବାକ୍ୟାଂଶକୁ "ଧୂପ ଜଳିବା ପାଇଁ ବେଦି"କିମ୍ବା "ସ୍ୱର୍ଣ୍ଣବେଦି "କିମ୍ବା "ଧୂପର ଦୀପମୁଖ"କିମ୍ବା "ଧୂପମେଜ"ବୋଲି ଅନୁବାଦ କରାଯାଇପାରେ I

(ନାମଗୁଡ଼ିକୁ କିପରି ଅନୁବାଦ କରିବେ: ଅନୁବାଦ ପ୍ରସ୍ତାବଗୁଡ଼ିକ)

(ଧୂପ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ ୧:୧୧-୧୩

ଶବ୍ଦବିନ୍ୟାସ :

- Strong's: H4196, H7004, G23680, G23790

ଧୈର୍ଯ୍ୟ, ଧୈର୍ଯ୍ୟତା, ଅଧୈର୍ଯ୍ୟ

ପରିଭାଷା

"ଧୈର୍ଯ୍ୟ" ଏବଂ "ଧୈର୍ଯ୍ୟତା" ଶବ୍ଦଗୁଡ଼ିକ କଠିନ ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ବୁଝାଏ I ଅନେକ ସମୟରେ ଧୈର୍ଯ୍ୟ ପ୍ରତୀକ୍ଷାକୁ ଅନ୍ତର୍ଭୁକ୍ତ କରିଥାଏ I

- ଯେତେବେଳେ ଲୋକମାନେ କାହା ପ୍ରତି ଧୈର୍ଯ୍ୟଶୀଳ ହୁଅନ୍ତି, ଏହାର ଅର୍ଥ ସେମାନେ ସେହି ବ୍ୟକ୍ତିକୁ ପ୍ରେମ କରନ୍ତି ଏବଂ ସେହି ବ୍ୟକ୍ତିର ସମସ୍ତ ଭୁଲକୁ କ୍ଷମା କରନ୍ତି I
- ବାଇବେଲ ଶିକ୍ଷା ଦିଏ ଯେ ଈଶ୍ୱରଙ୍କ ଲୋକମାନେ କଠିନ ପରିସ୍ଥିତିର ସମ୍ମୁଖୀନ ହେବାବେଳେ ଧୈର୍ଯ୍ୟଶୀଳ ହେବା ଆବଶ୍ୟକ ଏବଂ ପରସ୍ପର ପ୍ରତି ଧୈର୍ଯ୍ୟଶୀଳ ହୋଇ ସହ୍ୟ କରିବା ଆବଶ୍ୟକ ଅଟେ I
- ତାହାଙ୍କ ଦୟା ସକାଶୁ ଈଶ୍ୱର ଲୋକମାନଙ୍କ ପ୍ରତି ଧୈର୍ଯ୍ୟଶୀଳ ଅଟନ୍ତି ଯଦିଓ ସେମାନେ ପାପୀ ଏବଂ ଦଣ୍ଡ ପାଇବାର ଯୋଗ୍ୟ ଅଟନ୍ତି I

(ସହ୍ୟ କରିବା, କ୍ଷମା, ସହ୍ୟକରିବା: ଦେଖନ୍ତୁ)

ବାଇବେଲ ପଦପର୍ବ

- ପ୍ରଥମ ପିତର 3:20
- ଦ୍ୱିତୀୟ ପିତର 3:8-9
- ଏବ୍ରୀ 6:11-12
- ମାଥିଉ 18:28-29
- ଗୀତସଂହିତା 37:7
- ପ୍ରକାଶିତବାକ୍ୟ 2:2

ଶବ୍ଦବିନ୍ୟାସ :

- Strong's: H0750, H0753, H2342, H3811, H6960, H7114, G04200, G04630, G19330, G31140, G31150, G31160, G52780, G52810

ଧ୍ୟାନ କରିବା, ଧ୍ୟାନ କରନ୍ତି, ଭକ୍ତି

ସଂଜ୍ଞା:

"ଧ୍ୟାନ କରିବା "ଶବ୍ଦ ର ଅର୍ଥ ହେଉଛି କେଉଁ ବିଷୟରେ ଯତ୍ନ ପୂର୍ବକ ଓ ଗଭୀର ରୂପରେ ଭାବିସମୟ ବିତାଇବା ଅଟେ I

- ଏହି ଶବ୍ଦ ଅଧିକାଂଶ ସମୟରେ ବାଇବଲରେ ବ୍ୟବହାର କରାଯାଇଅଛି ଯାହା ପରମେଶ୍ୱରଙ୍କ ଓ ତାହାଙ୍କ ଶିକ୍ଷା ବିଷୟରେ ଚିନ୍ତନ କରିବା I
- ଗୀତସଂହିତା ୧ କୁହେ କି ଯେଉଁ ବ୍ୟକ୍ତି "ଦିନ" ଓ "ରାତି" ପରମେଶ୍ୱରଙ୍କର ବାକ୍ୟ ଧ୍ୟାନ କରେ ସେ ବହୁତ ଆଶୀର୍ବାଦ ପ୍ରାପ୍ତ ହେବ I

ଅନୁବାଦ ପ୍ରସ୍ତାବ:

- "ଧ୍ୟାନ କରିବା" କୁ ଅନୁବାଦ କଲେ "ଗଭିରତାରେ ଓ ଜାହ୍ନ ପୂର୍ବକ ଚିନ୍ତା କରିବା" କିଅବା "ବିବେଚନା ଅନୁସାରେ ଭାବନା "କିଅବା "ଅଧିକାଂଶ ସମୟରେ ଗୋଟିଏ ବିଷୟରେ ଚିନ୍ତା କରିବା "ଅଟେ I
- "ଧ୍ୟାନ" ଏକ ବିଶେଶ୍ୟ ଅଟେ ଓ ତାହାକୁ "ଗଭୀର ଚିନ୍ତା" ରୂପରେ ଅନୁବାଦ କରାଯାଇପାରେ I

ବାକ୍ୟାଂଶ ଯେପରି କି "ମୋ ହୃଦୟର ଧ୍ୟାନ" କୁ "ମୁଁ ଗଭୀର ଭାବେ ଯାହା ଚିନ୍ତା କରେ "କିଅବା "ଅଧିକାଂଶ ସମୟରେ ମୁଁ ଯାହା ଚିନ୍ତା କରେ "I

ବାଇବଲ ପଦପର୍ବ:

- ଆଦିପୁସ୍ତକ ୨୪:୬୩-୬୫
- ଜିହୁଶିୟ ୦୧:୮-୯
- ଗୀତସଂହିତା ୦୦୧:୧-୨
- ଗୀତସଂହିତା ୧୧୯:୧୫-୧୬

ବୋର୍ଡ ଡାଟା :

- Strong's: H1897, H1900, H1901, H1902, H7742, H7878, H7879, H7881, G3191, G4304

ଧ୍ୱଂସ କରିବା, ଗ୍ରାସ କରିବା

ପରିଭାଷା:

"ଧ୍ୱଂସ କରିବା" ଆକ୍ଷରିକ ଅର୍ଥ ହେଉଛି କୌଣସି ବିଷୟକୁ ସମ୍ପୂର୍ଣ୍ଣ ଶେଷ କରିବା ଅଟେ I ଏହି ବାକ୍ୟଖଣ୍ଡର ଅନେକ ପ୍ରକାର ଆଳଙ୍କାରିକ ଅର୍ଥ ରହିଛି I

- ବାଇବେଲ ରେ, "ଧ୍ୱଂସ କରିବା" ଶବ୍ଦ ଲୋକ କିମ୍ବା କୌଣସି ପଦାର୍ଥକୁ ଧ୍ୱଂସ କରିବାକୁ ବୁଝାଏ I
- ଅଗ୍ନି ପଦାର୍ଥକୁ ଗ୍ରାସ କରେ ଯାହାର ଅର୍ଥ ଲୋକ କିମ୍ବା ପଦାର୍ଥକୁ ଜଳାଇ ଧ୍ୱଂସ କରିବା ଅଟେ I
- ଈଶ୍ୱର "ଗ୍ରାସକାରୀ ଅଗ୍ନି ସଦୃଶ" ବୋଲି ବର୍ଣ୍ଣନା କରାଯାଇଛି ଯାହାର ଅର୍ଥ ପାପ ବିରୁଦ୍ଧରେ ତାଙ୍କର କ୍ରୋଧକୁ ତୁଳନା କରାଯାଇଛି ତାହାଙ୍କ କ୍ରୋଧ ଭୟଙ୍କର ଦଣ୍ଡ ସ୍ୱରୂପ ଯିଏ ପାପକୁ ସ୍ୱୀକାର କରନ୍ତି ନାହିଁ I
- ଖାଦ୍ୟ ଖାଇବା ଅର୍ଥ କିଛି ଖାଇବା କିମ୍ବା ପିଇବା ଅଟେ I
- "ଭୂମି ଗ୍ରାସ କରିବା" ବାକ୍ୟଖଣ୍ଡକୁ "ଦେଶ ବିନଷ୍ଟ କରିବା" ବୋଲି ଅନୁବାଦ କରାଯାଇ ପାରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଲୋକ କିମ୍ବା ଦେଶକୁ ଗ୍ରାସ କରିବା ପ୍ରସଙ୍ଗରେ ଏହି ଶବ୍ଦକୁ "ଧ୍ୱଂସ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- ଅଗ୍ନି କ୍ଷେତ୍ରରେ "ଗ୍ରାସ" ଶବ୍ଦକୁ "ଜଳିବା" ବୋଲି ଅନୁବାଦ କରାଯାଇପାରେ I
- ମୋଶା ଯେଉଁ ଜଳୁଥିବା ବୁଦା ଦେଖିଥିଲେ, "ଏହା ଜଳି ପାଉଁଶ ହେଉନଥିଲା" ଯାହାକୁ "ଜଳୁ ନ ଥିଲା" କିମ୍ବା "ଜଳିଲା ନାହିଁ" ବୋଲି ଅନୁବାଦ କରାଯାଇପାରେ I
- ଖାଦ୍ୟ କ୍ଷେତ୍ରରେ ଏହି ଶବ୍ଦକୁ "ଭୁଞ୍ଜିବା "କିମ୍ବା "ଗିଳିବା" ବୋଲି ଅନୁବାଦ କରାଯାଇପାରେ I
- ଯଦି କାହାର ଶକ୍ତି "ନଷ୍ଟ ହୋଇଯାଏ," ଏହାର ଅର୍ଥ ତାଙ୍କର ଶକ୍ତି "ବ୍ୟବହୃତ" କିମ୍ବା "ଚାଲିଯାଇଛି I"
- "ଈଶ୍ୱର ଗ୍ରାସକାରୀ ଅଗ୍ନି ଅଟନ୍ତି" ଅଭୁବ୍ୟକ୍ତିକୁ "ଈଶ୍ୱର ଅଗ୍ନି ସଦୃଶ ଯାହା ପଦାର୍ଥକୁ ଜଳେଇ ଜଳେଇ ନଷ୍ଟ କରେ" କିମ୍ବା "ଈଶ୍ୱର ପାପ ପ୍ରତି କ୍ରୋଧନ୍ୱିତ ହୋଇ ପାପୀକୁ ନଷ୍ଟ କରିବେ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଗିଳିବା, କ୍ରୋଧ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୮:୩୮-୪୦
- ଦ୍ୱିତୀୟ ବିବରଣ ୭:୧୬
- ଯିରିମୀୟ ୩:୨୩-୨୫
- ଆୟୁବ ୭:୯
- ଗଣନାପୁସ୍ତକ ୧୧:୧-୩

ଶବ୍ଦବିନ୍ୟାସ:

- Strong's: H0398, H0402, H1086, H1104, H1197, H2628, H3615, H3617, H3857, H4529, H5595, H8046, H8552, G03550, G26180, G26540, G27190, G53150

ଧ୍ୱଂସ କରିବା, ଧ୍ୱଂସ ହେଲା, ଧ୍ୱଂସକାରୀ, ବିଧ୍ୱଂସ, ବିଧ୍ୱଂସ ଅବସ୍ଥାଗୁଡିକ

ସଂଜ୍ଞା:

"ଧ୍ୱଂସ ହେଲା" ବା "ବିଧ୍ୱଂସ" ଶବ୍ଦଟି ଜଣଙ୍କର ସମ୍ପତ୍ତି ବା ଜମି ନଷ୍ଟ ବା ବିନଷ୍ଟ ହେବାକୁ ବୁଝାଏ । ଏହା ବହୁବାର ସେହି ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ବିନଷ୍ଟ ବା ଦଖଲ କରିବା ଅନ୍ତର୍ଭୁକ୍ତ ହୋଇଥାଏ ।

- ଏହା ଏକ ଅତ୍ୟନ୍ତ କଠୋର ପୁଣି ସମ୍ପୂର୍ଣ୍ଣ ବିନଷ୍ଟକୁ ବୁଝାଏ ।
- ଉଦାହରଣ ନିମନ୍ତେ, ସଦୋମ ସହର ସେଠାରେ ବାସ କରୁଥିବା ଲୋକମାନଙ୍କର ପାପ ନିମନ୍ତେ ଦଣ୍ଡ ସ୍ୱରୂପ ଈଶ୍ୱରଙ୍କ ଦ୍ୱାରା ଧ୍ୱଂସ ହେଲା ।
- "ବିଧ୍ୱଂସ" ଶବ୍ଦଟି ଦଣ୍ଡ ବା ବିନଷ୍ଟଠାରୁ ବହୁଳ ଭାବପ୍ରବଣତା ଦୁଃଖର ଫଳାଫଳର କାରଣ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ ।

ଅନୁବାଦ ପ୍ରସ୍ତାବ ବିଷୟଗୁଡିକ:

- "ଧ୍ୱଂସ କରିବା" ଶବ୍ଦଟି "ସମ୍ପୂର୍ଣ୍ଣରୂପେ ନଷ୍ଟ" ବା "ସମ୍ପୂର୍ଣ୍ଣରୂପେ ଭୂମିସାତ୍" ବା "ସମ୍ପୂର୍ଣ୍ଣରୂପେ ପତନ" ରୂପେ ମଧ୍ୟ ଅନୁବାଦ କରିପାରିବା ।
- "ବିଧ୍ୱଂସ" ପ୍ରସଙ୍ଗ ଉପରେ, "ସମ୍ପୂର୍ଣ୍ଣ ଭୂମିସାତ୍" ବା "ସମ୍ପୂର୍ଣ୍ଣ ପତନ" ବା "ଭାରାକ୍ରାନ୍ତ ଦୁଃଖ" ବା "ବିପତ୍ତି" ରୂପେ ଅନୁବାଦ କରିପାରିବା ।

ବାଇବଲ ଉଲ୍ଲେଖଗୁଡିକ:

- ଦାନୀୟେଲ ୦୮: ୨୪-୨୫
- ଯିରିମୀୟ ୦୪: ୧୩-୧୫
- ଗଣନା ୨୧: ୨୯-୩୦
- ସିଫନୀୟ ୦୧: ୧୨-୧୩

ବୋର୍ଡ ଡାଟା :

- Strong's: H1110, H1238, H2721, H1826, H3615, H3772, H7701, H7703, H7722, H7843, H8074, H8077

ଧ୍ୱଂସ, ଧ୍ୱଂସ, ଧ୍ୱଂସିତ

ପରିଭାଷା:

କୌଣସି ବିଷୟକୁ "ଧ୍ୱଂସ" କରିବା ଅର୍ଥ ନଷ୍ଟ କରିବା କିମ୍ବା ସର୍ବନାଶ କରିବା, କିମ୍ବା "ବ୍ୟବହାର ନିମନ୍ତେ ଅଯୋଗ୍ୟ କରିବା ଅଟେ I "ଧ୍ୱଂସ" ବା "ଧ୍ୱଂସ କରିବା" ଶବ୍ଦର ଅର୍ଥ ନଷ୍ଟ ହୋଇଯାଇଥିବା ଜିନିଷର ଅଳିଆ ଏବଂ ନଷ୍ଟ ହୋଇଯାଇଥିବା ଅବଶିଷ୍ଟାଂଶକୁ ବୁଝାଏ I

- ଭବିଷ୍ୟଦ୍‌ବକ୍ତା ସିଫନୀୟ ଈଶ୍ୱରଙ୍କ କ୍ରୋଧର ଦିନ ସମ୍ପର୍କରେ କହିଲେ, ଏହା "ସର୍ବନାଶର ଦିନ" ହେବ ଯେତେବେଳେ ଏହି ପୃଥିବୀ ବିଚାରିତ ଏବଂ ଦଣ୍ଡିତ ହେବ I
- ହିତୋପଦେଶ ପୁସ୍ତକ କହେ, ଅଧାର୍ମିକମାନଙ୍କ ନିମନ୍ତେ ଧ୍ୱଂସ ଏବଂ ବିନାଶ ଅପେକ୍ଷା କରି ରହିଅଛି I
- ପ୍ରସଙ୍ଗକୁ ଆଧାର କରି "ଧ୍ୱଂସ କରିବା" ପଦକୁ "ବିନାଶ କରିବା" କିମ୍ବା "ଲୁଟ କରିବା" କିମ୍ବା "ଅଦରକାରୀ କରି ଛାଡିଦେବା" କିମ୍ବା "ଭାଙ୍ଗିବା" ବୋଲି ଅନୁବାଦ କରାଯାଇପାରେ I
- "ଧ୍ୱଂସ" କିମ୍ବା "ଧ୍ୱଂସ କରିବା" ଶବ୍ଦକୁ "ଭଗ୍ନାବଶେଷ" କିମ୍ବା "ଭଗ୍ନ କୋଠାଗୁଡ଼ିକ" କିମ୍ବା "ବିନଷ୍ଟ ହୋଇଥିବା ନଗରୀ" କିମ୍ବା "ଧ୍ୱଂସ ବିଧ୍ୱଂସ" କିମ୍ବା "ଭଗ୍ନତା" କିମ୍ବା "ସର୍ବନାଶ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ବିନାଶ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବଂଶାବଳୀ ୧୨:୭-୮
- ଦ୍ୱିତୀୟ ରାଜାବଳୀ ୧୯: ୨୫-୨୬
- ପ୍ରେରିତ ୧୫:୧୬
- ଯିଶାଇୟ ୨୩:୧୩-୧୪

ଶବ୍ଦବିନ୍ୟାସ:

- Strong's: H0006, H1197, H1530, H1820, H1942, H2034, H2040, H2717, H2719, H2720, H2723, H2930, H3510, H3765, H3782, H3832, H4072, H4288, H4384, H4654, H4876, H4889, H5221, H5327, H5557, H5754, H5856, H7451, H7489, H7582, H7591, H7612, H7701, H7703, H7843, H8047, H8074, H8077, H8414, H8510, G26790, G26920, G36390, G44850

ନଳ

ସତ୍ୟ ଘଟଣାବଳୀ:

"ନଳ' ଶବ୍ଦଟି ଜଳ ମଧ୍ୟରେ ବୃଦ୍ଧି ପାଉଥିବା ଏକ ଲମ୍ବା ଡେମ୍ପବିଶିଷ୍ଟ ଉଦ୍ଭିଦକୁ ସୂଚାଏ I ଏହା ସାଧାରଣତଃ ନଦୀ ବା ଝରଣା କୂଳରେ ବଢ଼ିଥାଏ I

- ନୀଳ ନଦୀର ଯେଉଁ ନଳବନ ମଧ୍ୟରେ ଶିଶୁ ମୋଶାଙ୍କୁ ଲୁଚାଇ ଦିଆଯାଇଥିଲା; ତାହାକୁ ମଧ୍ୟ "ନଳ ତୃଣ" ବୋଲି କୁହାଯାଏ I ସେଗୁଡ଼ିକ ଲମ୍ବା, ଫମ୍ପା ଡେମ୍ପବିଶିଷ୍ଟ ଏବଂ ନଦୀ ଜଳ ମଧ୍ୟରେ ଘନ ବୁଦା ହୋଇ ବୃଦ୍ଧି ହୁଏ I
- ଏହି ତନ୍ତୁବିଶିଷ୍ଟ ଗଛ (ଲତା) ପ୍ରାଚୀନ ମିସରରେ କାଗଜ, ଝୁଡି (ଟୋକେଇ) ଏବଂ ଡଙ୍ଗା ତିଆରି କରିବାରେ ବ୍ୟବହାର କରାଯାଉଥିଲାI
- ନଳଗଛର ଡେମ୍ପ ଖୁବ ନମନୀୟ ଅଟେ ଏବଂ ଏହା ସହଜରେ ପବନ ଦ୍ୱାରା ନଇଁଯାଏ I

(ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକ ଅନୁବାଦ କରନ୍ତୁ)

(ଦେଖନ୍ତୁ: ମିସର, ମୋଶା, ନୀଳ ନଦୀ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୪:୧୫
- ଲୂକ ୭:୨୪
- ମାଥିଉ ୧୧:୭
- ମାଥିଉ ୧୨:୨୦
- ଗୀତସଂହିତା ୬୮:୩୦

ଶବ୍ଦବିନ୍ୟାସ:

- Strong's: H0098, H0100, H0260, H5488, H6169, H7070, G25630

ନଳାକାର ପୁସ୍ତକ

ପରିଭାଷା:

ପ୍ରାଚୀନ ଯୁଗରେ, ନଳାକାର ପୁସ୍ତକ ଏକ ପ୍ରକାର ପୁସ୍ତକ ଥିଲା ଯାହା ଲମ୍ବା ଏବଂ ସୁକ୍ଷ୍ମ ଚମଡାରେ ତିଆରି, ମୋଡା ହୋଇ ଥିବା କାଗଜ ତଅର ଜାତୀୟ କିମ୍ବା ଚମଡାରେ ନିର୍ମିତ ଥିଲା I

- ନଳାକାର ପୁସ୍ତକରେ ଲେଖିବା କିମ୍ବା ପଢିବା ପରେ, ଲୋକମାନେ ଏହାର ଅଗ୍ରଭାଗରେ ଲାଗିଥିବା ବାଡିକୁ ମୋଡି ରଖୁଥିଲେ I
- ନଳାକାର ପୁସ୍ତକ ଆଇନଗତ ଦଲିଲ ଏବଂ ଶାସ୍ତ୍ର ପାଇଁ ବ୍ୟବହାର କରୁଥିଲେ I
- ବେଳେବେଳେ ନଳାକାର ପୁସ୍ତକ କିମ୍ବା ଚମଡାକୁ ମହମରେ ମୋହର ଲଗାଇ ଦୂତ ଦ୍ୱାରା ଦିଆଯାଉଥିଲା I ପୁସ୍ତକ ଗ୍ରହଣ କରାଯିବାବେଳେ ଯଦି ମହମ ଉପସ୍ଥିତ ଥାଏ, ତେବେ ପ୍ରାପ୍ତକର୍ତ୍ତା ଜାଣୁଥିଲେ ଯେ ଏହାକୁ ପାଠ କରିବା କିମ୍ବା ଲେଖିବା ପାଇଁ କେହି ପୁସ୍ତକକୁ ଖୋଲି ନାହାଁନ୍ତି ଯେହେତୁ ଏହା ମୋହର ଲଗାଯାଇଛି I
- ସମାଜଗୃହରେ ଏବ୍ରୀୟ ଭାଷାରେ ଲିଖିତ ନଳାକାର ଶାସ୍ତ୍ରକୁ ଉଚ୍ଚ ପାଟିରେ ପାଠ କରାଯାଉଥିଲା I

(ଦେଖନ୍ତୁ: ମୋହର, ସମାଜଗୃହ, ଈଶ୍ୱରଙ୍କ ବାକ୍ୟ)

ବାଇବେଲ ପଦପର୍ବ:

- ଯିରିମୀୟ ୨୯:୩
- ଲୂକ ୪:୧୭
- ଗଣନା ପୁସ୍ତକ ୨୧:୧୪-୧୫
- ପ୍ରକାଶିତ ବାକ୍ୟ ୫:୨

ଶବ୍ଦବିନ୍ୟାସ:

- Strong’s: H4039, H4040, H5612, G09740, G09750

ନଷ୍ଟ କରିବା, ବର୍ଜ୍ୟତ, ଅଦରକାରୀ ଭୂମି, ଦୁର୍ବଳ ହୋଇଯାଏ

ପରିଭାଷା:

କୌଣସି ବିଷୟକୁ ନଷ୍ଟ କରିବାର ଅର୍ଥ ବେପରୁଆ ଭାବରେ ଏହାକୁ ଫିଙ୍ଗିବା କିମ୍ବା ଅଜ୍ଞାନ ଭାବରେ ବ୍ୟବହାର କରିବାକୁ ବୁଝାଏ I କୌଣସି ବିଷୟ ଯାହା "ଅଦରକାରୀ ଭୂମି" କିମ୍ବା "ବର୍ଜ୍ୟବସ୍ତୁ" ଭୂମି କିମ୍ବା ସହରକୁ ବୁଝାଏ ଯାହା ନଷ୍ଟ ହୋଇଯାଏ ଯାହା ଦ୍ୱାରା ସେଠାରେ ଆଉ କିଛି ରହେ ନାହିଁ I

- "ଅତି ଅଦରକାରୀ" ଏକ ଅଭିବ୍ୟକ୍ତି ଅଟେ ଯାହାର ଅର୍ଥ ଅଧିକରୁ ଅଧିକ ପୀଡିତ ଓ ଧ୍ୱଂସ ହେବା ଅଟେ I ଜଣେ ବ୍ୟକ୍ତି ଯେ "ଅତି ଅଦରକାରୀ" ସେ ସାଧାରଣ ଭାବରେ ରୋଗ ଓ ଖାଦ୍ୟର ଅଭାବ ହେତୁ ଅତି ପତଳା ହୁଏ I
- ଏକ ସହର କିମ୍ବା ଦେଶ "ଅଦରକାରୀ କରିବା "ର ଅର୍ଥ ହେଲା ବିନାଶ କରିବା ଅଟେ I
- "ଅଦରକାରୀ ଭୂମି "ଶବ୍ଦକୁ "ମରୁଭୂମୀ "କିମ୍ବା "ଜନମାନବଶୂନ୍ୟ ଅଞ୍ଚଳ" କୁହାଯାଏ I କିନ୍ତୁ ଏକ ଅଦରକାରୀ ଭୂମି ଏହାକୁ ମଧ୍ୟ ଦର୍ଶାଏ ଯେଉଁଠାରେ ଲୋକମାନେ ବସବାସ କରନ୍ତି ଓ ଭୂମିରେ ବୃକ୍ଷ ଓ ତୃଣ ସକଳ ଉତ୍ପନ ହୁଏ I

ବାଇବେଲ ପଦପର୍ବ:

- ଯିହଜିକଲ 6:6
- ଲେବୀୟପୁସ୍ତକ 26:39
- ମାଥିଉ 26:8
- ପ୍ରକାଶିତ ବାକ୍ୟ 18:15-17
- ଜିଖରୀୟ 7:13-14

ଶବ୍ଦବିନ୍ୟାସ:

- Strong's: H0535, H1086, H1104, H1326, H2100, H2490, H2522, H2717, H2721, H2723, H3615, H3856, H4127, H4198, H4592, H4743, H5307, H5327, H7334, H7582, H7703, H7736, H7843, H8047, H8074, H8077, H8414, G06840, G12870, G20490, G26730

ନାଗରିକ, ନାଗରିକତା

ପରିଭାଷା:

ଏକ ନାଗରିକ ଜଣେ ବ୍ୟକ୍ତି ଅଟେ ଯିଏ ଏକ ନିର୍ଦ୍ଦିଷ୍ଟ ସହର, ଦେଶ କିମ୍ବା ରାଜ୍ୟରେ ବାସ କରେ । ଏହା ବିଶେଷ ଭାବରେ ସେହି ବ୍ୟକ୍ତିଙ୍କୁ ବୁଝାଏ ଯିଏ ଆଇନନୁଯାୟୀ ସେହି ସ୍ଥାନର ଆଇନଗତ ବାସିନ୍ଦା ଭାବରେ ସ୍ୱୀକୃତିପ୍ରାପ୍ତ ଅଟେ ।

- ପ୍ରସଙ୍ଗ ଉପରେ ଆଧାର କରି, ଏହି ବାକ୍ୟାଂଶକୁ "ନିବାସୀ" କିମ୍ବା "ସ୍ୱୀକୃତିପ୍ରାପ୍ତ ନିବାସୀ" ବୋଲି ଅନୁବାଦ କରାଯାଇପାରେ ।
- ଜଣେ ନାଗରିକ ଏପରି ଏକ ଅଞ୍ଚଳରେ ବାସ କରିପାରେ ଯାହା ଏକ ବୃହତ ରାଜ୍ୟ ବା ସାମ୍ରାଜ୍ୟର ଏକ ଅଂଶ ଅଟେ ଯାହାକି ଜଣେ ରାଜା, ସମ୍ରାଟ କିମ୍ବା ଅନ୍ୟ ଶାସକ ଦ୍ୱାରା ପରିଚାଳିତ ହୁଏ । ଉଦାହରଣ ସ୍ୱରୂପ, ପାଉଲ ରୋମ୍ୟ ସାମ୍ରାଜ୍ୟର ନାଗରିକ ଥିଲେ, ଯାହାକି ବିଭିନ୍ନ ପ୍ରଦେଶକୁ ନେଇ ଗଠିତ ହୋଇଥିଲା; ପାଉଲ ସେହି ପ୍ରଦେଶଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରଦେଶରେ ବାସ କରୁଥିଲେ।
- ଆଳଙ୍କାରିକ ଅର୍ଥରେ, ଯୀଶୁଙ୍କର ଶିଷ୍ୟମାନଙ୍କୁ ସ୍ୱର୍ଗ ରାଜ୍ୟର "ନାଗରିକ" ଅର୍ଥାତ୍ ସେମାନେ ସେଠାରେ ବାସ କରିବେ ଅଟେ । ଏକ ଦେଶର ନାଗରିକ ପରି, ଖ୍ରୀଷ୍ଟିୟାନମାନେ ଈଶ୍ୱରଙ୍କ ରାଜ୍ୟର ନାଗରିକ ଅଟନ୍ତି ।

(ଦେଖନ୍ତୁ: ରାଜ୍ୟ, ପାଉଲ, ପ୍ରଦେଶ, ରୋମୀୟ)

ବାଇବେଲ ପଦପର୍ବ:

- ପ୍ରେରିତ ୨୧:୩୯-୪୦
- ଯିଶାଇୟ ୩:୩
- ଲୂକ ୧୫:୧୫
- ଲୂକ ୧୯:୧୪

ଶବ୍ଦବିନ୍ୟାସ:

- Strong's: H6440, G41750, G41770, G48470

ନିଆଁ, ଜଳନ୍ତାକାଠ ଖଣ୍ଡ ନିଆଁ କଣ୍ଡ, ନିଆଁ ହାଣ୍ଡି, ନିଆଁ ହାଣ୍ଡି

ପରିଭାଷା:

ଯେତେବେଳେ କିଛି ଜଳେ ଗରମ୍, ଉଜ୍ଜ୍ୱଳ ଓ ଅଗ୍ନି ଶିଖା ଉତ୍ପନ ହୁଏ ତାହାକୁ ନିଆଁ କୁହାଯାଏ I

- ଅଗ୍ନି ଦ୍ୱାରା କାଠକୁ ଜଳାଇଲେ କାଠ ପାଉଁଶ ହୋଇଯାଏ I
- "ଅଗ୍ନି" ଶବ୍ଦ ରୂପକ ରୂପରେ ମଧ୍ୟ ବ୍ୟବହାର କରାଯାଏ, ସାଧାରଣତଃ ବିଚାର କିମ୍ବା ଶୁଦ୍ଧିକରଣକୁ ଦର୍ଶାଏ I
- ଅବିଶ୍ୱାସୀମାନଙ୍କ ଅନ୍ତିମ ବିଚାର ନରକର ଅଗ୍ନିରେ ହେବ I
- ଅଗ୍ନି ସୁନା ଓ ଅନ୍ୟ ଧାତୁକୁ ଶୋଧନ କରିବାରେ ବ୍ୟବହୃତ ହୁଏ I ବାଇବେଲରେ, ଏହି ପ୍ରକ୍ରିୟା ବ୍ୟବହାର କରାଯାଇଅଛି କି କେମିତି ପ୍ରଭୁ ଲୋକ ସମୂହକୁ ତାହାଙ୍କ ଜୀବନରେ ବିପତି ଆଣିବା ଶୋଧନ କରନ୍ତି I
- "ଅଗ୍ନିରେ ବାପ୍ତିସ୍ମ ନେବା "ବାକ୍ୟାଂଶକୁ "ଶୋଧନ ହେବା ନିମନ୍ତେ ତାଡ଼ନାର ଅନୁଭବରେ ଯିବା " ବୋଲି ଅନୁବାଦ କରାଯାଇପାରେ I

(ଶୁଦ୍ଧ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 16:18-20
- ଦ୍ୱିତୀୟ ରାଜାବଳୀ 1: 10
- ପ୍ରଥମ ଥେସଲନୀକୀୟ 1:8
- ପ୍ରେରିତ 7:29-30
- ଯୋହନ 15:6
- ଲୂକ 3:16
- ମାଥିଉ 3:12
- ନିହିମୀୟା 1:3

ଶବ୍ଦବିନ୍ୟାସ :

- Strong's: H0215, H0217, H0398, H0784, H0800, H0801, H1197, H1200, H1513, H2734, H3341, H3857, H4071, H4168, H5135, H6315, H8316, G04390, G04400, G10670, G27410, G44420, G44430, G44470, G44480, G44510, G53940, G54570

ନିନ୍ଦା ଭାବ, ନୀଚ

ଘଟଣା:

"ନିନ୍ଦା" ଶବ୍ଦ ବୁଝାଏ କାହାରି ପ୍ରତି କିମ୍ବା କାହାକୁ ଗଭୀର ଅସମ୍ମାନ ଏବଂ ଘୃଣା ଭାବ ଦେଖାଇବା ଯେଉଁ ବିଷୟ ଅଧିକ ଘୃଣା ଜନ୍ମେ ତାହାକୁ "ନୀଚ" କୁହନ୍ତି

- ଜଣେ ବ୍ୟକ୍ତିଙ୍କର ଆଚରଣ ଯଦି ଈଶ୍ୱରଙ୍କୁ ଅସମ୍ମାନ କରେ ତାହାକୁ ମଧ୍ୟ ଘୃଣା ବା ନୀଚ ଭାବରେ ଦେଖାଯାଏ ଏବଂ ମଧ୍ୟ ଅନୁବାଦ ହେବ ଯଥା "ଗଭୀର ଅସମ୍ମାନ କରିବା", "ସମ୍ପୂର୍ଣ୍ଣ ଅସମ୍ମାନିତ କରିବା" କିମ୍ବା "ଗାଳି ଗୁଲଜ ନିମନ୍ତେ ଯୋଗ୍ୟ"
- ଜଣକୁ "ଅସଦାଚରଣ" ଅର୍ଥ ଜଣକର ବ୍ୟକ୍ତିତ୍ୱର ମୂଲ୍ୟ ନାହିଁ କିମ୍ବା ନିଜଠାରୁ ଅନ୍ୟମାନଙ୍କୁ ତଳୁଆ ନଜରରେ ଦେଖିବା
- ଆହୁରି ଏପରି ବାକ୍ୟ ଖଣ୍ଡ ଗୁଡିକର ଅର୍ଥ ମଧ୍ୟ ସମାନ ଯଥା "ଅସମ୍ମାନ କରିବା", "ଘୃଣା କରିବା", କିମ୍ବା "ଘୃଣିତ ହେବା" ନତୁବା "ଘୃଣା ର ସହ ଆତିଥ୍ୟ କରିବା"

ଏହିସବୁ ବାକ୍ୟ ଖଣ୍ଡର ଅର୍ଥ "ଦୃଢତାର ସହ ଅସମ୍ମାନ" କିମ୍ବା "ଶକ୍ତିଶାଳୀ ଭାବେ ଅସମ୍ମାନ" କାହାକୁ ନଡୁବା କାହାରି ପ୍ରତି ଏପରି କହିବା କିମ୍ବା କାର୍ଯ୍ୟ କରି ଦେଖାଇବା

- ଯେତେବେଳେ ରାଜା ଦାଉଦ ବ୍ୟଭିଚାର ଓ ହତ୍ୟ ଦୋଷରେ ଦୋଷୀ ହେଲେ, ପରମେଶ୍ୱର କହିଲେ ଯେ ପରମେଶ୍ୱରଙ୍କ "ଆଖିରେ ଯାହା ମନ୍ଦ" ତାହା ଦାଉଦ କରିଅଛି

ଏହା ବୁଝାଏ ଯେ ସେ ଏହି କାର୍ଯ କରିବା ଦ୍ୱାରା ପରମେଶ୍ୱରଙ୍କ ପ୍ରତି ଅସମ୍ମାନ କଲା

(ଦେଖ: ଅସମ୍ମାନିତ)

ବାଇବଲ ସନ୍ଦର୍ଭ:

- ଦାନିଏଲ ୧୨:୧-୨
- ହିତୋପଦେଶ ୧୫:୫-୬
- ଗୀତ ୦୩୧:୧୭-୧୮

ବୋର୍ଡ ଡାଟା :

- Strong's: H936, H937, H959, H963, H1860, H7043, H7589, H5006, G1848

ନିନ୍ଦା, ନିନ୍ଦକଗଣ, ତିରସ୍କାର କରିବା, ଅପମାନ

ସଂଜ୍ଞା:

ଅନ୍ୟ ଜଣେ ବ୍ୟକ୍ତିଙ୍କ ବିଷୟରେ ନିନ୍ଦା ଏକ ନକାରାତ୍ମକ ଓ ଅପମାନ କରିବା କଥିତ (ଲିଖିତ ନୁହେଁ)। ଏହିପରି ଯେ ଜଣକ ସମ୍ବନ୍ଧହରେ କୁହେଁ (ସେଗୁଡିକ ଲିଖିତ ନୁହେଁ) ତାହାକୁ ସେ ବ୍ୟକ୍ତିର ନିନ୍ଦା କୁହାଯାଏ। ଏହିପରି ବ୍ୟକ୍ତିଙ୍କୁ ନିନ୍ଦକ ବ୍ୟକ୍ତି କୁହାଯାଏ।

- ନିନ୍ଦା ହୁଏତ ଏକ ସତ ଘଟଣା ହୋଇଥିବ କିମ୍ବା ମିଥ୍ୟରେ ଦୋଷାରୋପ ହୋଇଥିବ, କିନ୍ତୁ ଏହାର ପ୍ରଭାବରେ ଅପବାଦ ହୋଇଥିବା ଜଣେ ବ୍ୟକ୍ତିଙ୍କ ବିଷୟରେ ନକାରାତ୍ମକ ଭାବନାକୁ ଅପମାନିତ କୁହାଯାଏ।
- "ନିନ୍ଦାକୁ" "ବିରୋଧର କଥା କହିବା" କିମ୍ବା "ମନ୍ଦ ତଥ୍ୟକୁ ପ୍ରସାର କରିବା" କିମ୍ବା "ଦୁର୍ନାମ" ବୋଲି ଅନୁବାଦ କରାଯାଇପାରିବ।
- ମିଥ୍ୟାବାଦୀକୁ "ସୂଚନାଦାତା" କିମ୍ବା "କାହାଣୀକାର" ମଧ୍ୟ କୁହାଯାଏ।

(ପୁନଶ୍ଚ ଦେଖ: ଈଶ୍ୱର ନିନ୍ଦା)

ବାଇବଲ ପଦପର୍ବ:

- 1 କରନ୍ଥିୟ 04:13
- 1 ତୀମଥି 03:11
- 2 କରନ୍ଥିୟ 06:8-10
- ମାର୍କ 07:20-23

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H1681, H1696, H1848, H3960, H5006, H5791, H7270, H7400, H8267, G987, G988, G1228, G1426, G2636, G2637, G3059, G3060, G6022

ନିବାରଣ କରିବା, ଲିଭାଇବା, ଅନିବାରଣ

ପରିଭାଷା:

"ନିବାରଣ" ଶବ୍ଦର ଅର୍ଥ, ସନ୍ତୁଷ୍ଟ ହେବାକୁ ଦାବି କରୁଥିବା କୌଣସି ବିଷୟକୁ ବାହାର କରିବା କିମ୍ବା ବନ୍ଦ କରିବା ଅଟେ I

- ଏହି ଶବ୍ଦ ସାଧାରଣତଃ ତୃଷା ନିବାରଣ କରିବା ପରିପ୍ରେକ୍ଷୀରେ ବ୍ୟବହୃତ ହୋଇଥାଏ ଏବଂ କିଛି ପାନ କରିବା ଦ୍ୱାରା ତୃଷାକୁ ଅଟକାଇବା ଅଟେ I
- ଏହା ଅଗ୍ନିକୁ ଲିଭାଇବା ନିମନ୍ତେ ମଧ୍ୟ ବ୍ୟବହାର କରିବା ବିଷୟକୁ ସୂଚାଇଥାଏ I
- ଉଭୟ ତୃଷା ଏବଂ ଅଗ୍ନି ଜଳ ଦ୍ୱାରା ନିବାରଣ ହୋଇପାରେ I
- ପାଉଲ ଏହି "ନିବାରଣ କରିବା" ଶବ୍ଦକୁ ଆଳଙ୍କାରିକ ଭାବରେ ବ୍ୟବହାର କରନ୍ତି ଯେତେବେଳେ ସେ ବିଶ୍ୱାସୀମାନଙ୍କୁ ପରାମର୍ଶ ବା ନିର୍ଦ୍ଦେଶନା ଦେଇ କହନ୍ତି, "ପବିତ୍ର ଆତ୍ମାଙ୍କୁ ନିବାରଣ ନକର" I ଏହାର ଅର୍ଥ ଏହା ଯେ ଆମ୍ଭେମାନେ ଲୋକମାନଙ୍କୁ ନିରୁତ୍ସାହିତ କରିବା ନାହିଁ, ସେମାନଙ୍କ ଜୀବନ ମଧ୍ୟରେ ପବିତ୍ର ଆତ୍ମାଙ୍କ ଫଳଗୁଡ଼ିକ ଏବଂ ଅନୁଗ୍ରହଦାନଗୁଡ଼ିକ ଉତ୍ପନ୍ନ କରିବା ନିମନ୍ତେ ସେମାନେ ଯେପରି ତାହାଙ୍କୁ ଅନୁମତି ଦେବେ I ପବିତ୍ର ଆତ୍ମାଙ୍କୁ ନିବାରଣ କରିବା ଅର୍ଥ ପବିତ୍ର ଆତ୍ମାଙ୍କୁ ସ୍ୱାଧୀନ ଭାବରେ ତାହାଙ୍କ ଶକ୍ତି ଓ କ୍ଷମତା ଏବଂ କାର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ତାଙ୍କୁ ପ୍ରତିବାଧା ଦେବା I

(ଫଳ, ଦାନ, ପବିତ୍ର ଆତ୍ମା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ଥେସଲନୀକୀୟ 5:19
- ଯିହିଜିକଲ 20:47
- ଯିଶାଇୟ 1:31
- ଯିରିମୀୟ 21:12

ଶବ୍ଦବିନ୍ୟାସ :

- Strong's: H1846, H3518, H7665, G07620, G45700

ନିମ୍ନ, ନମ୍ରତା

ପରିଭାଷା:

"ନିମ୍ନ" ଓ "ନମ୍ରତା" ଶବ୍ଦ ଗରିବ ଓ ନିମ୍ନ ଅବସ୍ଥାକୁ ଦର୍ଶାଏ I ନିମ୍ନ ହେବାର ଅର୍ଥ ନମ୍ର ମଧ୍ୟ ହୋଇପାରେ I

- ଯୀଶୁ ନିଜକୁ ନମ୍ର କରି ନିମ୍ନ ଅବସ୍ଥାକୁ ମାନବ ରୂପରେ ଆସିଲେ ଯେପରି ସେ ଅନ୍ୟ ଲୋକମାନଙ୍କର ସେବା କରି ପାରନ୍ତି I
- ତାହାଙ୍କର ଜନ୍ମ ଏକ ନିମ୍ନ ଧରଣର ଥିଲା କାରଣ ସେ ସେହି ସ୍ଥାନରେ ଜନ୍ମ ନେଲେ ଯେଉଁଠାରେ ପଶୁ ରଖା ଯାଉଥିଲା ଯାହା ଏକ ରାଜ ପ୍ରସାଦ ନ ଥିଲା I
- ଏକ ନିମ୍ନ ମନବୃତି ହେଉଛି ଗର୍ବ ମନବୃତିର ବିପରୀତ ଅଟେ I
- ନିମ୍ନତାକୁ "ନମ୍ରତା" କିମ୍ବା"ନିମ୍ନ ଅବସ୍ଥା" କିମ୍ବା"ମହତ୍ୱପୂର୍ଣ୍ଣ ନୁହଁ "ବୋଲି ଅନୁବାଦ କରାଯାଇପାରେ I
- "ନିମ୍ନ ଅବସ୍ଥା "ଶବ୍ଦକୁ "ନମ୍ର" କିମ୍ବା"କମ୍ ମହତ୍ୱପୂର୍ଣ୍ଣ "ବୋଲି ଅନୁବାଦ କରାଯାଇପାରେ I

(ନମ୍ର, ଗର୍ବ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 20:17-21
- ଯିହଜିକଲ 17:13-14
- ଲୂକ 1:48-49
- ରୋମୀୟ 12:14-16

ଶବ୍ଦବିନ୍ୟାସ :

- Strong's: H6041, H6819, H8217, G50110, G50120, G50140

ନିର୍ଯାତନା ଦେବା

ପରିଭାଷା:

"ନିର୍ଯାତନା ଦେବା" ଏବଂ "ତାଡ଼ନା" ଶବ୍ଦ ଜଣେ ବ୍ୟକ୍ତି କିମ୍ବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କୁ କ୍ରମାଗତ ଭାବରେ ଦୁର୍ବ୍ୟବହାର କରିବାକୁ ବୁଝାଏ ଯାହାକି ସେମାନଙ୍କର କ୍ଷତି ଘଟାଇଥାଏ I

- ତାଡ଼ନା ହୁଏତ ଜଣେ ବ୍ୟକ୍ତି ବିରୋଧରେ କିମ୍ବା ଅନେକ ଲୋକମାନଙ୍କ ବିରୋଧରେ ହୋଇପାରେ; ଏବଂ ଏହା ସାଧାରଣତଃ ବାରମ୍ବାର, କ୍ରମାଗତ ଆକ୍ରମଣକୁ ଅନ୍ତର୍ଭୁକ୍ତ କରିଥାଏ I
- ଇସ୍ରାଏଲୀୟମାନେ ବିଭିନ୍ନ ଲୋକଦଳମାନଙ୍କ ଦ୍ୱାରା ତାଡ଼ନାପ୍ରାପ୍ତ ହେଉଥିଲେ ଯେଉଁମାନେ ସେମାନଙ୍କୁ ଆକ୍ରମଣ କରୁଥିଲେ, ଅଧିକାର କରି ବନ୍ଦୀ କରୁଥିଲେ ଏବଂ ସେମାନଙ୍କର ଅନେକ ଜିନିଷପତ୍ରକୁ ଲୁଟ କରି ଏବଂ ଚୋରିକରି ନେଇଯାଉଥିଲେ I
- ଲୋକମାନେ ଅନେକ ସମୟରେ ଭିନ୍ନ ଧର୍ମ ବିଶ୍ୱାସର ବା ଅପେକ୍ଷାକୃତ ଦୁର୍ବଳ ଥିବା ଅନ୍ୟ ଲୋକମାନଙ୍କୁ ତାଡ଼ନା ଦିଅନ୍ତି I
- ଯିହୁଦୀ ଧାର୍ମିକ ନେତାମାନେ ଯୀଶୁଙ୍କୁ ତାଡ଼ନା ଦେଲେ କାରଣ ସେମାନେ ଯୀଶୁଙ୍କର ଶିକ୍ଷାକୁ ପସନ୍ଦ କରୁ ନଥିଲେ I
- ଯୀଶୁ ସ୍ୱର୍ଗକୁ ଫେରିଯିବା ପରେ, ଯିହୁଦୀ ଧାର୍ମିକ ନେତାମାନେ ଏବଂ ରୋମୀୟ ଅଧିକାରୀ ତାହାଙ୍କର ଶିଷ୍ୟମାନଙ୍କୁ ତାଡ଼ନା ଦେଲେ I
- ଏହି "ନିର୍ଯାତନା ଦେବା" ବାକ୍ୟାଂଶକୁ "ଅତ୍ୟାଚାର କରି ଚାଲିବା" କିମ୍ବା "କର୍କଶ ଭାବରେ ବ୍ୟବହାର କରିବା" କିମ୍ବା "ଅବିରତ ଭାବରେ ଅପବ୍ୟବହାର କରିବା" ବୋଲି ଅନୁବାଦ କରାଯାଇପାରେ I
- ଏହି "ନିର୍ଯାତନା ଦେବା" ବାକ୍ୟାଂଶକୁ "କର୍କଶ ଅପବ୍ୟବହାର" କିମ୍ବା "ଅତ୍ୟାଚାର କରିବା" କିମ୍ବା "ନିରବଚ୍ଛିନ୍ନ ଭାବରେ ଆଘାତପୂର୍ଣ୍ଣ ବ୍ୟବହାର କରିବା" ବୋଲି ଭିନ୍ନ ଭାବରେ ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଖ୍ରୀଷ୍ଟିୟାନ, ମଣ୍ଡଳୀ, ଅତ୍ୟାଚାର, ରୋମୀୟ)

ବାଇବେଲ ପଦପର୍ବ:

- ପ୍ରେରିତ ୭: ୫୨
- ପ୍ରେରିତ ୧୩:୫୦
- ଗାଲାତୀୟ ୧: ୧୩-୧୪
- ଯୋହନ ୫:୧୬-୧୮
- ମାର୍କ ୧୦:୩୦
- ମାଥିଉ ୫:୧୦
- ମାଥିଉ ୫:୪୩-୪୫
- ମାଥିଉ ୧୦:୨୧
- ମାଥିଉ ୧୩:୨୦-୨୧
- ଫିଲିପ୍ପୀୟ ୩:୬

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୩୩:୭** "ବାକ୍ୟ ଶୁଣିବା କ୍ଷଣି ଆନନ୍ଦରେ ତାହା ଗ୍ରହଣ କରୁଥିବା ବ୍ୟକ୍ତି ପଥରିଆ ଭୂମି ସଦୃଶ୍ୟ ଅଟେ I କିନ୍ତୁ ଯେବେ ବାକ୍ୟ ହେତୁ **ତାଡ଼ନା** କିମ୍ବା ଦୁଃଖ ଆସେ ସେ ବିଘ୍ନ ପାଏ I"
- **୪୫:୬** ସେହିଦିନ ଯିରୂଶାଲମରେ ଥିବା ମଣ୍ଡଳୀ ପ୍ରତି ଅତିଶୟ **ତାଡ଼ନା ଘଟିଲା**ସେଥିରେ ଅନ୍ୟ ସମସ୍ତେ ଚାରିଆଡେ ଛିନ୍ନଭିନ୍ନ ହେଲେ I
- **୪୬:୨** ଶାଉଲ ଏହି ବାଣୀ ଶୁଣିଲେ, "ହେ ଶାଉଲ, ହେ ଶାଉଲ! ତୁମ୍ଭେ କାହିଁକି ଆମ୍ଭଙ୍କୁ **ତାଡ଼ନା କରୁଅଛ** ? ଶାଉଲ ଉତ୍ତର ଦେଲେ, "ହେ ପ୍ରଭୁ, ଆପଣ କିଏ? ଯୀଶୁ ଉତ୍ତର ଦେଲେ, "ଆମ୍ଭେ ସେହି ଯୀଶୁ I ତୁମ୍ଭେ ଆମ୍ଭକୁ **ତାଡ଼ନା କରୁଅଛ** !"
- **୪୬:୪** କିନ୍ତୁ ହନନୀୟ ଉତ୍ତର ଦେଲେ, ପ୍ରଭୋ, ସାଧୁମାନଙ୍କ ପ୍ରତି ଏହି ଲୋକ ଯେ **ଉପଦ୍ରବ କରିଅଛି** ତାହା ମୁଁ ଶୁଣିଅଛି I"

ଶବ୍ଦବିନ୍ୟାସ:

- Strong's: H1814, H7291, H7852, G13750, G13760, G13770, G15590, G23470

ନିର୍ୱାସନ, ନିର୍ୱାସିତ, ନିର୍ୱାସିତ ହେଲେ

ପରିଭାଷା:

"ନିର୍ୱାସନ" ଶବ୍ଦଟି ଏପରି ଲୋକମାନଙ୍କୁ ବୁଝାଏ ଯେଉଁମାନଙ୍କୁ ନିଜ ଦେଶରୁ ଅନ୍ୟ ଦେଶକୁ ବିତାଡିତ ହେବା ପାଇଁ ବାଧ କରନ୍ତି I

- ଲୋକମାନଙ୍କୁ ସାଧାରଣତଃ ଦଣ୍ଡ କିମ୍ବା ରାଜନୀତିକ କାରଣରୁ ନିର୍ୱାସନ କରାଯାଏ I
- ପରାଜିତ ଲୋକମାନଙ୍କୁ ବିଜୟପ୍ରାପ୍ତ ଦେଶକୁ ନିର୍ୱାସିତ କରାଯାଉଥିଲା ସେମାନଙ୍କ ପାଇଁ କାର୍ଯ୍ୟ କରିବା ପାଇଁ I
- "ବାବିଲ ନିର୍ୱାସନ" ଏପରି ଏକ ବାଇବଲ ଇତିହାସର ଏକ

ଏହା ସତୁରି ବର୍ଷ ଧରି ଚାଲିଥିଲା I

- "ନିର୍ୱାସନ" ଶବ୍ଦଟି ଯେଉଁମାନେ ନିଜ ଗୃହ ଛାଡି ବା ଦେଶ ଛାଡି ନିର୍ୱାସିତ ଦେଶରେ ରହିବା ଲୋକମାନଙ୍କୁ ବୁଝାଏ I

ଭାଷାନ୍ତର ପାଇଁ ପ୍ରସ୍ତାବନା:

- "ନିର୍ୱାସନ" ଶବ୍ଦଟିକୁ ମଧ୍ୟ "ବାହାରକୁ ପଠେଇବା" କିମ୍ବା "ବାଧ କରି ପଠେଇବା" କିମ୍ବା "ନିର୍ୱାସନ କରିବା" ଭାବରେ ଭାଷାନ୍ତର କରାଯାଇପାରେ I
- "ନିର୍ୱାସନ" ଶବ୍ଦଟିକୁ ଅନ୍ୟ ଶବ୍ଦରେ ମଧ୍ୟ କୁହାଯାଇପାରେ "ପଠାଯାଇ ଥିବା ସମୟ" କିମ୍ବା "ନିର୍ୱାସିତ ହେବା ସମୟ" କିମ୍ବା "ବାଧ୍ୟତାମୂଳକ ଅନୁପସ୍ଥିତ ହେବା ସମୟ" କିମ୍ବା "ନିର୍ୱାସନ ହେବା ସମୟ" I
- ଏହା ମଧ୍ୟ କୁହାଯାଇପାରେ "ନିର୍ୱାସିତ ଲୋକ" କିମ୍ବା "ନିର୍ୱାସିତ ହେବା ଲୋକମାନେ" କିମ୍ବା "ବାବିଲରେ ନିର୍ୱାସିତ ଥିବା ଲୋକମାନେ" I

(ମଧ୍ୟ ଦେଖନ୍ତୁ:ବାବିଲ,ଯିହୁଦା)

ବାଇବଲ ପଦପର୍ବ:

- ୨ ରାଜାବଳି ୨୪:୧୩-୧୪
- ଦାନୀୟେଲ ୦୨:୨୫-୨୬
- ଯିହିଜିକଲ ୦୧:୧-୩
- ଯିଶାଇୟ ୨୦:୩-୪
- ଯିରିମିୟ ୨୯:୧-୩

ବୋର୍ଡ ଡାଟା :

- Strong's: H1123, H1473, H1540, H1541, H1546, H1547, H3212, H3318, H5080, H6808, H7617, H7622, H8689, G3927

ନିଶ୍ଚିତ କରିବା, ଦୃଢ଼ୀକରଣ, ଆଇନସମ୍ମତ

ପରିଭାଷା:

"ନିଶ୍ଚିତ କରିବା" ବାକ୍ୟାଂଶଟି ଯାଞ୍ଚ କରିବାକୁ ବୁଝାଏ ଯାହାକି କୌଣସି ବିଷୟ ସତ୍ୟ ଅଟେ କିମ୍ବା ଏକ କାରବାରକୁ ଆଇନଗତ ଭାବରେ ପ୍ରମାଣିତ ହୋଇଅଛି ବୋଲି ସୂଚାଏ I

- ଯେତେବେଳେ ଜଣେ ରାଜା "ନିଶ୍ଚିତ" ହୁଅନ୍ତି ଏହାର ଅର୍ଥ ହେଉଛି ଯେ ତାଙ୍କୁ ରାଜା କରିବାର ନିଷ୍ପତ୍ତି ଲୋକମାନଙ୍କ ଦ୍ୱାରା ସହମତ ଏବଂ ସମର୍ଥିନ ମିଳିଛି I
- କେହି କୌଣସି ବିଷୟ ଲେଖିଛନ୍ତି ଏବଂ ତାହା ନିଶ୍ଚିତ କରିବା ଅର୍ଥ ଯାହା ଲେଖାହୋଇଛି ତାହା ସତ୍ୟ ବୋଲି ପ୍ରମାଣ କରିବା ଅଟେ I
- ସୁସମଚାର "ଦୃଢୀକରଣ" ଅର୍ଥ ଲୋକମାନଙ୍କୁ ଯୀଶୁଙ୍କ ସୁସମଚାର ଶିକ୍ଷା ଏପରି ଦିଆଯାଏ ଯେ ଏହା ସତ୍ୟ ବୋଲି ପ୍ରକାଶ ହୁଏ
- "ନିଶ୍ଚିତକରଣ ଭାବରେ" ଶପଥ କରିବା ଅର୍ଥ ହେଉଛି କୌଣସି ବିଷୟ ସତ୍ୟ ବା ବିଶ୍ୱାସଯୋଗ୍ୟ ବୋଲି ଶପଥ କରିବା ଅଟେ I
- "ନିଶ୍ଚିତ କରିବା" ବକ୍ୟାଂଶକୁ ଅନୁବାଦ କରିବାର ଉପାୟଗୁଡ଼ିକ "ସତ୍ୟ ବୋଲି ଉଲ୍ଲେଖ କରିବା" କିମ୍ବା "ବିଶ୍ୱାସଯୋଗ୍ୟ ବୋଲି ପ୍ରମାଣିତ" କିମ୍ବା "ସହମତ" କିମ୍ବା "ନିଶ୍ଚିତ କରିବା" କିମ୍ବା "ପ୍ରତିଜ୍ଞା କରିବା" ପ୍ରସଙ୍ଗ ଉପରେ ନିର୍ଭର କରେ I

(ଚୁକ୍ତିପତ୍ର, ଶପଥ, ଭରଷା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ବଂଶାବଳୀ 16:15-18
- ଦ୍ୱିତୀୟ ବଂଶାବଳୀ 1:21
- ଦ୍ୱିତୀୟ ରାଜାବଳୀ 23:3
- ଏବ୍ରୀ 6:16-18

ଶବ୍ଦବିନ୍ୟାସ :

- Strong's: H553, H559, H1396, H3045, H3559, H4390, H4672, H5414, H5975, H6213, H6965, G950, G951, G1991, G2964, G3315, G4300, G49720

ନୂତନ ଚନ୍ଦ୍ର, ନୂତନ ଚନ୍ଦ୍ର

ସଂଜ୍ଞା:

"ନୂତନ ଚନ୍ଦ୍ର" ଚନ୍ଦ୍ରକୁ ବୁଝାଏ ଯେତେବେଳେ ଏହା ଛୋଟ ଦେଖାଯାଏ, ରୁପାଲୋକର ବର୍ଦ୍ଧନଶିଳ ଆକାର ଏହା ହେଉଛି ଚନ୍ଦ୍ରମାର ଆରମ୍ଭ ଅବସ୍ଥା ଯେଉଁ ସମୟରେ ପୃଥିବୀର ସୁର୍ଯ୍ୟାସ୍ତ ସମୟରେ କକ୍ଷରେ ଗତୀକରେ ଅମାବାସ୍ୟାରେ କିଛିଦିନ ଅନ୍ଧାର ହେବା ପରେ ପୂର୍ଣ୍ଣିମାର ପ୍ରଥମ ଦିନ ପରି ଦେଖାଯାଏ

- ପୁରାତନ ଯୁଗରେ, ମାସ ଗୁଡିକ ଉପଯୁକ୍ତ ଅବଧି ଆରମ୍ଭରେ ନୂତନ ଜହ୍ନ ଜଣାଯାଏ
- ଇସ୍ରାଏଲ ଲୋକମାନେ ନୂତନ ଚନ୍ଦ୍ରମାକୁ ଏକ ପର୍ବ ପରି ମେଷମାନଙ୍କର ଶୁଙ୍ଗବଜାଇ ପାଳନ କରନ୍ତି
- ବାଇବଲରେ ଏହି ସମୟକୁ "ମାସର ଆରମ୍ଭ" ଭାବେ ଚିହ୍ନାଯାଏ

(ଦେଖ: ମାସ, ପୃଥିବୀ, ପର୍ବ, ଶୁଙ୍ଗ, ମେଷ)

ବାଇବଲ ପୃଷ୍ଠଭୂମି:

- ୧ ବଂଶାବଳି ୨୩:୩୦-୩୧
- ୧ ଶାମୁଏଲ ୨୦:୪-୫
- ୨ ରାଜାବଳି ୦୪:୨୩-୨୪
- ଯିହିଜିକଲ ୪୫:୧୬-୧୭
- ଯିଶାଇୟ ୦୧:୧୨-୧୩

ବୋର୍ଡ ଡାଟା :

- Strong's: H2320, G3376, G3561

ପଂଗୁପାଳ, ପଂଗୁପାଳମାନ

ତଥ୍ୟ:

"ପଂଗୁପାଳ" ଶବ୍ଦ ଏକ ବଡ଼ ଝିନ୍ତିକା କୁ ଦର୍ଶାଏ ଅଟେ ଯାହା କେତେକ ସମୟରେ ଅନ୍ୟ ଝିନ୍ତିକା ସହିତ ଉଡ଼େ ଏହା ଏକ ନାଶକରି କିଟ ଯାହା ସମସ୍ତ ତୃଣ ଖାଇଯାଏ I

- ପଂଗୁପାଳ ଓ ଅନ୍ୟ ଝିନ୍ତିକା ବଡ଼, ସିଧା ପର ସହ ଓ ପଛ ପାଦ ଲମ୍ବା ଯାହା ସେହି ସମସ୍ତଙ୍କୁ ଲମ୍ବା ଦୁରକୁ ଦେଇନ୍ ବାକୁ ସାହାଯ୍ୟ କରେ I
- ପୁରାତନ ନିୟମରେ,ପଂଗୁପାଳ ପଲ ଅତି ଧ୍ୱଂଶ ର ସାଙ୍କେତିକ ରୂପରେ ଏକ ଚିହ୍ନ କିଅବା ଛବି କୁ ଦର୍ଶାଏ ଯେପରି କି ଇସ୍ରାଏଲ ର ଅନାଜ୍ଞାକାରିତା ହେତୁ ଯାହା ହେଲା I
- ପରମେଶ୍ୱର ପଂଗୁ ପାଳ କୁ ମିସରର ଦଶଟି ମହାମାରୀରେ ଏକ କରି ପଠାଇଲେ I
- ନୂତନ ନୀୟମ କୁହେ ପଂଗୁ ପାଳ ଯୋହନ ବାପ୍ତିଜକ ନିମନ୍ତେ ଯେତେବେଳେ ସେ ଜନ୍ମଲରେଥିଲେ ମୁଖ୍ୟ ଖାଦ୍ୟଥିଲା I

(ଅନୁବାଦ ପ୍ରସ୍ତାବ: ନାମ କିପରି ଅନୁବାଦ କରାଯାଏ)

(ଆହୁରି ଦେଖନ୍ତୁ: ବନ୍ଦିତ୍ୱ, ମିସର, ଇସ୍ରାଏଲ, ଯୋହନ (ବାପ୍ତିଜକ), ମହାମାରୀ)

ବାଇବଲ ପଦପର୍ବ:

- ୨ ବଂଶାବଳି ୦୬:୨୮-୩୧
- ବ୍ୟବସ୍ଥାବିବରଣ ୨୮:୩୮-୩୯
- ଯାତ୍ରାପୁସ୍ତକ ୧୦:୩-୪
- ମାର୍କ ୦୧:୪-୬
- ହିତୋପଦେଶ ୩୦:୨୭-୨୮

ବୋର୍ଡ ଡାଟା :

- Strong's: H697, H1357, H1462, H1501, H2284, H3218, H5556, H6767, G200

ପକ୍ଷପାତୀ, ପକ୍ଷପାତିତା

ପରିଭାଷା:

"ପକ୍ଷପାତୀ ହେବା" ଏବଂ "ପକ୍ଷପାତିତା ପ୍ରଦର୍ଶନ କରିବା" ନିର୍ଦ୍ଦିଷ୍ଟ ଲୋକମାନଙ୍କୁ ଅନ୍ୟ ଲୋକମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଭାବେ ବ୍ୟବହାର କରିବାକୁ ପସନ୍ଦ କରିବାକୁ ସୂଚିତ କରେ I

- ଏହା ପକ୍ଷପାତିତା ଦେଖାଇବା ସହ ସମାନ ଅଟେ ଯାହାର ଅର୍ଥ ଅନ୍ୟଲୋକମାନଙ୍କ ତୁଳନାରେ କିଛି ଲୋକମାନଙ୍କୁ ଭଲ ବ୍ୟବହାର କରିବା ଅଟେ I
- ସାଧାରଣତଃ ପକ୍ଷପାତୀ କିମ୍ବା ପକ୍ଷପାତିତା ଲୋକମାନଙ୍କୁ ଦେଖାଯାଏ କାରଣ ସେମାନେ ଅନ୍ୟ ଲୋକମାନଙ୍କ ଅପେକ୍ଷା ଅଧିକ ଧନୀ କିମ୍ବା ଅଧିକ ଲୋକପ୍ରିୟ ଅଟନ୍ତି I
- ଧନୀ କିମ୍ବା ଉଚ୍ଚ ମାନ୍ୟତା ଥିବା ଲୋକମାନଙ୍କୁ ପକ୍ଷପାତୀ କିମ୍ବା ପକ୍ଷପାତିତା ନକରିବାକୁ ବାଇବେଲ ତାଙ୍କ ଲୋକମାନଙ୍କୁ ନିର୍ଦ୍ଦେଶ ଦେଇଥାଏ I
- ରୋମୀୟମାନଙ୍କୁ ଲେଖିଥିବା ପତ୍ରରେ ପାଉଲ ଶିକ୍ଷା ଦିଅନ୍ତି ଯେ ଈଶ୍ୱର ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତି ଏବଂ କୌଣସି ପକ୍ଷପାତତା କରନ୍ତି ନାହିଁ I
- ଯାକୁବଙ୍କ ପତ୍ର ଶିକ୍ଷା ଦିଏ ଯେ ଜଣକୁ ଉତ୍କୃଷ୍ଟତର କିମ୍ବା ଉଚ୍ଚତର ଆସନ କିମ୍ବା ଉତ୍କୃଷ୍ଟତର ବ୍ୟବହାର ଦେଖାଇବା ଅନୁଚିତ ଏବଂ ଭୁଲ ଅଟେ I

(<u>ପକ୍ଷପାତ:</u> ଦେଖନ୍ତୁ)

ବାଇବେଲ ପଦଗୁଡ଼ିକ:

- ଦ୍ୱିତୀୟ ବିବରଣ 1:17
- ମଲାଖୀ 2:9
- ମାର୍କ 12: 13-15
- ମାଥିଉ 22:16
- ରୋମୀୟ 2:10-12

ଶବ୍ଦବିନ୍ୟାସ :

- Strong's: H5234, H6440, G09910, G15190, G29830, G42990, G43830

ପତ୍ର, ଚିଠି, ଚିଠିମାନ

ସଂଜ୍ଞା:

ଏକ ଚିଠି ଏକ ଲିଖିତ ସଂବାଦ ଅଟେ ଏକ ବ୍ୟକ୍ତି କୁ କିଅବା ସମୁହ କୁ ପଠାଯାଏ ସାଧାରଣତଃ ଯେଉଁମାନେ ଲେଖକଙ୍କଠାରୁ ଦୁରରେ ରୁହନ୍ତି I ପତ୍ର ଏକ ବିଶେଷ ଚିଠି ଅଟେ ଅନେକ ସମୟରେ ସଠିକ ରୂପରେ ଲେଖାଯାଏ, ବିଶେଷ ଉଦ୍ଦେଶ୍ୟ ସହିତ ଯେପରି କି ଶିକ୍ଷା ହୋଇ ଥାଏ I

- ନୂତନ ନୀୟମ ସମୟରେ, ପତ୍ର ଓ ଅଲଗା ପ୍ରକାରେ ଚିଠି ପଶୁ ଚର୍ମ ଉପରେ ଲେଖା ଯାଉଥିଲା ଓ ପାପିରସ ଯାହା ତୃଣରେ ନିର୍ମିତ ଅଟେ I
- ପାଉଲ, ଯୋହନ, ଯାକୁବ, ଯିହୁଦା, ପିତରଙ୍କଠାରୁ ନୂତନ ନୀୟମର ଅନୁଦେଶ ପତ୍ର ଯାହା ସେମାନେ ଆରମ୍ଭ ଖ୍ରୀଷ୍ଟିଆନ ଲୋକଙ୍କୁ ଅଲଗା ଅଲଗା ରୋମୀୟ ସହରରେ ଉତ୍ସାହ, ଉତ୍ସିକୃତ ଓ ଶିକ୍ଷା ଦେବା ନିମନ୍ତେ ଲେଖିଥିଲେ I
- ଅଲଗା ପ୍ରକାରେ ଅନୁବାଦ କଲେ ଏହି ଶବ୍ଦ କୁ "ଲିଖିତ ସମ୍ବାଦ" କିଅବା "ଲେଖା ଯାଇଥିବା ବାକ୍ୟ" କିଅବା "ଲେଖ" ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ: ଉତ୍ସାହ, ଉପର ଉଠାଇବା, ଶିକ୍ଷା)

ବାଇବଲ ପଦପର୍ବ:

- ୧ ଥେସଲାନିକିୟ ୦୫:୨୫-୨୮
- ୧ ଥେସଲାନିକିୟ ୦୨:୧୩-୧୫
- ପ୍ରେରିତ ୦୯:୧-୨
- ପ୍ରେରିତ ୨୮:୨୧-୨୨

ବୋର୍ଡ ଡାଟା :

- Strong's: H104, H107, H3791, H4385, H5406, H5407, H5612, H6600, G1121, G1989, G1992

ପବିତ୍ର ନଗର, ପବିତ୍ର ନଗରମାନ

ସଂଜ୍ଞା:

ବାଇବଲରେ, "ପବିତ୍ର ନଗର "ଶବ୍ଦ ଯିରୁଶାଲମ କୁ ଦର୍ଶାଏ I

- ଏହି ଶବ୍ଦ ପୁରବକାଳର ଯିରୁଶାଲମକୁ ଓ ନୁଆ କୁ ମଧ୍ୟ ଦର୍ଶାଏ, ସ୍ୱର୍ଗୀୟ ଯିରୁଶାଲମ ଯାହା ପରମେଶ୍ୱର ତାହାଙ୍କ ଲୋକଙ୍କୁ ଚିରଦିନ ନିମନ୍ତେ ଶାସନ କରିବେ I
- ଏହି ଶବ୍ଦ ଦୁଇଟି ଶବ୍ଦର ମିଳନରେ ହୁଏ ଯାହା "ପବିତ୍ର" ଓ "ନଗର" ଯାହା ଆଉ ସବୁ ଅନୁବାଦରେ ବ୍ୟବହାର କରାଯାଏ I

(ଆହୁରି ଦେଖନ୍ତୁ: ସ୍ୱର୍ଗ, ପବିତ୍ର, ଯିରୁଶାଲମ)

ବାଇବଲ ପଦପର୍ବ:

- ମାଥିଉ ୦୪:୫-୬
- ମାଥିଉ ୨୭: ୫୧-୫୩
- ପ୍ରକାଶିତ ବାକ୍ୟ ୨୧:୧-୨
- ପ୍ରକାଶିତ ବାକ୍ୟ ୨୧:୯-୧୦
- ପ୍ରକାଶିତ ବାକ୍ୟ ୨୨: ୧୮-୧୯

ବୋର୍ଡ ଡାଟା :

- Strong's: H5892, H6944, G40, G4172

ପରଦା, ପରଦା ସକଳ, ଆବୃତ, ଅନାବୃତ

ସଂଜ୍ଞା:

"ପରଦା" ସାଧାରଣ ଭାବରେ ଏକ ଲୁଗାର ର ଖଣ୍ଡକୁ ଦେଖାଏ ଯାହା ମସ୍ତକ ଆବୃତ କରିବା ନିମନ୍ତେ ବ୍ୟବହାର କରାଯାଏ, ମସ୍ତକ ଓ ମୁଖ ଆବୃତ ଏପରି କରାଯାଏ କି କିଛି ଦେଖାଯାଏ ନାହିଁ I

- ପରମେଶ୍ୱରଙ୍କର ଉପସ୍ଥିତିରୁ ଆସିଲା ପରେ ମୋଶା ନିଜ ମୁଖ ମଣ୍ଡଳ ଆଚ୍ଛାଦନ କରୁଥିଲେ କି ଯେପରି ତାହାଙ୍କ ମୁଖରୁ ଆସୁ ଥିବା ଚମକ ଲୋକଙ୍କଠାରୁ ଦୁରେ ରହେ I
- ବାଇବଲରେ, ସ୍ତ୍ରୀମାନେ ପରଦା ଦ୍ୱାରା ନିଜ ମସ୍ତକ ଆଚ୍ଛାଦନ କରନ୍ତି, ଅଧିକାଂଶ ସମୟରେ ଲୋକ ସମୂହ ମଧ୍ୟରେ ଓ ପୁରୁଷ ଲୋକ ମଧ୍ୟରେ ନିଜର ମୁଖ ଆଚ୍ଛାଦନ କରନ୍ତି I

"ପରଦା" କୁ କ୍ରିୟା ରୂପରେ ବ୍ୟବହାର କଲେ ଆଚ୍ଛାଦନ କରିବାକୁ ହୁଏ I

- କେତେକ ଇଂରାଜୀ ଅନୁବାଦରେ, "ପରଦା" ଶବ୍ଦ ଏକ ମୋଟା ପରଦା ମହା ପବିତ୍ର ସ୍ଥାନକୁ ପ୍ରବେଶ କରିବା ପ୍ରବେଶ ପଥରେ ଅଛି ଯାହା ମହା ପବିତ୍ର ସ୍ଥାନ କୁ ଆଚ୍ଛାଦନ କରେ I

କିନ୍ତୁ "ପରଦା" ସେହି ପୃଷ୍ଠଭୂମିରେ ଉତ୍ତମ ଶବ୍ଦ ଅଟେ କାରଣ ତାହା, ଓଜନ, ମୋଟ ଏକ ଲୁଗାର ଅଂଶ କୁ ଦର୍ଶାଏ I

ଅନୁବାଦ ପ୍ରସ୍ତାବ:

- "ପରଦା" ଶବ୍ଦକୁ "ପତଳା ଲୁଗା ଆବୃତ" କିଅବା "ଲୁଗା ଆଚ୍ଛାଦନ" କିଅବା "ମସ୍ତକ ଆଚ୍ଛାଦନ" ରୂପରେ ଅନୁବାଦ କରାଯାଇପାରେ I
- କେତେ ସାସ୍କୃତିରେ ସ୍ତ୍ରୀ ଲୋକମାନଙ୍କ ନିମନ୍ତେ "ପରଦା" ପାଇଁ ଅଲଗା ଶବ୍ଦ ବ୍ୟବହାର କରା ଯାଉଥିବ I

ମୋଶା ନିମନ୍ତେ ଯେଉଁ ଶବ୍ଦ ବ୍ୟବହାର କରାଯାଇଅଛି ତାହା ସମ୍ପୂର୍ଣ୍ଣ ଅଲଗା ହୋଇପାରେ I

(ଆହୁରି ଦେଖନ୍ତୁ: ମୋଶା)

ବାଇବଲ ପଦପର୍ବ:

- ୨ କରିନ୍ଥିୟ ୦୩:୧୨-୧୩
- ୨ କରିନ୍ଥିୟ ୦୩: ୧୪-୧୬
- ଯିହଜିକଲ ୧୩:୧୭-୧୮
- ଯିଶାଇୟ ୪୭:୧-୨
- ପରମ ଗୀତ ୦୪:୩

ବୋର୍ଡ ଡାଟା :

- Strong's: H7289, G2665

ପରମ୍ପରା, ପରମ୍ପରାଗୁଡିକ

ସଂଜ୍ଞା;

ଏହି "ପରମ୍ପରା" ଭାବ ପ୍ରକାଶକ ଶବ୍ଦ ଏକ ଚଳଣି ବା ପ୍ରଥାକୁ ଦର୍ଶାଏ ଯାହା କିଛି ସମୟ କାଳକ୍ରମେ ପାଳନ କରାଯାଉଛି ଏବଂ ଯାହା ପରବର୍ତ୍ତୀ ପିଢିର ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ହୋଇ ଆସୁଅଛି I

- ଅନେକ ସମୟରେ ବାଇବଲରେ ଏହି "ପରମ୍ପରାଗୁଡିକ" ଶବ୍ଦ ଈଶ୍ୱରଙ୍କ ବ୍ୟବସ୍ଥା ଦ୍ୱାରା ନୁହେଁ, ମାତ୍ର ମନୁଷ୍ୟମାନଙ୍କ ଦ୍ୱାରା ସ୍ଥାପିତ ଶିକ୍ଷାଗୁଡିକୁ ଏବଂ ପ୍ରଥା ବା ବିଧିଗୁଡିକୁ ଦର୍ଶାଇଥାଏ I

"ମନୁଷ୍ୟମାନଙ୍କ ପରମ୍ପରା" କିମ୍ବା "ମାନବୀୟ ପରମ୍ପରା" ଅଭିବ୍ୟକ୍ତି ଏହାକୁ ସ୍ପଷ୍ଟ କରିଥାଏ I

- "ପ୍ରାଚୀନମାନଙ୍କ ପରମ୍ପରା" ବା "ଆମ୍ଭମାନଙ୍କ ପିତୃପୁରୁଷମାନଙ୍କ ପରମ୍ପରାଗୁଡିକ" ଭଳି ବାକ୍ୟାଂଶଗୁଡିକ ବିଶେଷ ଭାବରେ ଯିହୂଦୀୟ ପ୍ରଥାଗୁଡିକୁ ଏବଂ ଅଭ୍ୟାସଗତ ବିଧିବିଧାନଗୁଡିକୁ ଦର୍ଶାଏ, ଯାହା ଯିହୂଦୀୟ ନେତାମାନେ କାଳକ୍ରମେ ମୋଶାଙ୍କ ମାଧ୍ୟମରେ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ବ୍ୟବସ୍ଥା ସହିତ ଯୋଗ କରିଥିଲେ I

ଯଦିଓ ଏହି ସଂଯୋଗ କରାଯାଇଥିବା ପରମ୍ପରାଗୁଡିକ ଈଶ୍ୱରଙ୍କଠାରୁ ଆସି ନଥିଲା, ଲୋକମାନେ ଭାବିଲେ ଯେ ଧାର୍ମିକ ହେବା ନିମନ୍ତେ ସେମାନଙ୍କୁ ସେଗୁଡିକ ପାଳନ କରିବାକୁ ହେବ I

- ପ୍ରେରିତ ପାଉଲ ଏହି "ପରମ୍ପରା" ପ୍ରତିଶବ୍ଦକୁ ଭିନ୍ନ ଭାବରେ ବ୍ୟବହାର କଲେ ଯେପରି ତାହା ଈଶ୍ୱରଙ୍କଠାରୁ ଆସିଥିବା ଖ୍ରୀଷ୍ଟିଆନ ଅଭ୍ୟାସ ସମ୍ପର୍କରେ ଶିକ୍ଷାଗୁଡିକ ଦର୍ଶାଇବ ଏବଂ ସେ ଓ ଅନ୍ୟ ପ୍ରେରିତମାନେ ନୂତନ ବିଶ୍ୱାସୀମାନଙ୍କୁ ତାହା ଶିକ୍ଷା ଦେଲେ I
- ଆଧୁନିକ ସମୟରେ, ଅନେକ ଖ୍ରୀଷ୍ଟିଆନ ପରମ୍ପରାଗୁଡିକ ରହିଛି, ଯାହାସବୁ ବାଇବଲରେ ଶିକ୍ଷା ଦିଆଯାଇନାହିଁ, କିନ୍ତୁ ବରଂ ସେଗୁଡିକ ଐତିହାସିକ ଭାବରେ ଗୃହୀତ ପ୍ରଥା ଏବଂ ଅଭ୍ୟାସଗୁଡିକର ଫଳାଫଳ ଅଟେ I

ବାଇବଲରେ ଈଶ୍ୱର ଆମ୍ଭମାନଙ୍କୁ ଯାହା ଶିକ୍ଷା ଦିଅନ୍ତି ତହିଁର ଆଲୋକରେ ଏହି ପରମ୍ପରାଗୁଡିକର ମୂଲ୍ୟ ନିର୍ଦ୍ଧାରଣ ସବୁବେଳେ କରାଯିବା ଉଚିତ ଅଟେ I

(ଆହୁରି ମଧ୍ୟ ଦେଖ; ପ୍ରେରିତ, ବିଶ୍ୱାସ, ଖ୍ରୀଷ୍ଟିଆନ, ପୂର୍ବପୁରୁଷ, ବଂଶଧର ପୁରୁଷ, ଯିହୁଦୀ, ବ୍ୟବସ୍ଥା, ମୋଶା)

ବାଇବଲ ପଦଗୁଡିକ:

- 2ୟ ଥେସଲନୀକୀୟ 03:6-9
- କଲସୀୟ 02:8-9
- ଗାଲାତୀୟ 01:13-14
- ମାର୍କ 07:2-4
- ମାଥିଉ 15:1-3

ବୋର୍ଡ ଡାଟା :

- Strong's: G3862, G3970

ପରାମର୍ଶ, ଉପଦେଶ, ପରାମର୍ଶଦାତା, ଉପଦେଶଦାତା, ପରାମର୍ଶକାରୀ, ପରାମର୍ଶଦାତା

ପରିଭାଷ:

"ପରାମର୍ଶଦେବା" ଏବଂ "ଉପଦେଶ ଦେବା" ଶବ୍ଦର ଅର୍ଥ ସମାନ ଅଟେ ଏବଂ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ ବୁଦ୍ଧିମାନ ଭାବରେ କ'ଣ କରିବାକୁ ନିଷ୍ପତ୍ତି ନେବାକୁ ସାହାଯ୍ୟ କରିବାକୁ ବୁଝାଏ I ଜଣେ ଜ୍ଞାନୀ "ପରାମର୍ଶଦାତା" କିମ୍ବା "ଉପଦେଶଦାତା" ଜଣେ ବ୍ୟକ୍ତି ଅଟେ ଯିଏ ପରାମର୍ଶ କିମ୍ବା ଉପଦେଶ ଦିଅନ୍ତି ଯାହା ଜଣେ ବ୍ୟକ୍ତିଙ୍କୁ ସଠିକ୍ ବିଷୟକୁ ଚୟନ କରିବାରେ ସାହାଯ୍ୟ କରେ I

- ରାଜାମାନେ ପ୍ରାୟତଃ ରାଜକୀୟ ପରାମର୍ଶଦାତା କିମ୍ବା ଉପଦେଶଦାତାଙ୍କୁ ନିଯୁକ୍ତି କରୁଥିଲେ ଯିଏ ଶାସନ କରୁଥିବା ଲୋକମାନଙ୍କ ପାଇଁ ଉଚିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରୁଥିଲେ I
- ବେଳେବେଳେ ଦିଆଯାଇଥିବା ପରାମର୍ଶ କିମ୍ବା ଉପଦେଶ ଉତ୍ତମ ନ ଥାଏ I ମନ୍ଦ ପରାମର୍ଶଦାତାମାନେ ଜଣେ ରାଜାଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କିମ୍ବା ଏକ ନିଷ୍ପତ୍ତି ନେବାକୁ ଅନୁରୋଧ କରିପାରନ୍ତି ଯାହା ତାଙ୍କୁ କିମ୍ବା ତାଙ୍କ ଲୋକଙ୍କୁ କ୍ଷତି ପହଞ୍ଚାଇପାରେ I
- ପ୍ରସଙ୍ଗ ଉପରେ ଆଧାର କରି "ପରାମର୍ଶ" କିମ୍ବା "ଉପଦେଶ" ଶବ୍ଦକୁ "ନିଷ୍ପତ୍ତି ନେବାରେ ସାହାଯ୍ୟ" କିମ୍ବା"ଚେତାବନୀ" କିମ୍ବା "ପରାମର୍ଶ" କିମ୍ବା "ମାର୍ଗଦର୍ଶନ" ବୋଲି ଅନୁବାଦ କରାଯାଇପାରେ I
- କ୍ରିୟାପଦ, "ପରାମର୍ଶ ଦେବା" ଶବ୍ଦକୁ "ପରାମର୍ଶ ଦେବା" କିମ୍ବା "ଉପଦେଶ ଦେବା" କିମ୍ବା "ଚେତାବନୀ" ବୋଲି ଅନୁବାଦ କରାଯାଇପାରେ I
- "ପରିଷଦ" "ଉପଦେଶ" ଶବ୍ଦଠାରୁ ଏକ ଭିନ୍ନ ଶବ୍ଦ ଅଟେ, ଯାହାକି ଏକ ଗୋଷ୍ଠୀକୁ ସୂଚାଏ I

(ଦେଖନ୍ତୁ: ସ୍ତୁତି, ପବିତ୍ର ଆତ୍ମା, ଜ୍ଞାନୀ)

ବାଇବେଲ ପଦପର୍ବ:

ଶବ୍ଦବିନ୍ୟାସ:

- Strong's: H1697, H1847, H1875,

H1884, H1907, H3272, H3289, H3982, H4156, H4431, H5475, H5779, H6440, H6963, H6098, H7592, H8458, G10110, G10120, G11060, G48230, G48250

ପରିଚାଳକ, ତତ୍ତ୍ୱାବଧାରକ, ତତ୍ତ୍ୱାବଧାରକତା

ପରିଭାଷା:

"ପରିଚାଳକ" କିମ୍ବା "ତତ୍ତ୍ୱାବଧାରକ" ଶବ୍ଦ ବାଇବେଲରେ ଜଣେ ଦାସକୁ ବୁଝାଏ ଯାହାକୁ ଆପଣା କର୍ତ୍ତାର ସମ୍ପତ୍ତି ଓ ବ୍ୟବସାୟର ଯତ୍ନ ନେବାକୁ ନିଯୁକ୍ତି କରାଯାଇଛି।

- ଏକ "ତତ୍ତ୍ୱାବଧାରକକୁ" ଅନେକ ଦାୟିତ୍ୱ ଦିଆଯାଏ, ଯାହା ଅନ୍ୟ ଦାସମାନଙ୍କ କାର୍ଯ୍ୟକୁ ଦେଖିବାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ।
- "ପରିଚାଳକ" ଶବ୍ଦ ତତ୍ତ୍ୱାବଧାରକ ପାଇଁ ଅଧିକ ଆଧୁନିକ ଶବ୍ଦ ଅଟେ । ଉଭୟ ଶବ୍ଦ ସେହି ବ୍ୟକ୍ତିକୁ ବୁଝାଏ ଯିଏ କାହାର ବ୍ୟବହାରିକ ବିଷୟକୁ ପରିଚାଳନା କରେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ପର୍ଯ୍ୟବେକ୍ଷକ" କିମ୍ବା "ଘରର ପରିଚାଳନକ" କିମ୍ବା "ଦାସ ଯିଏ ପରିଚାଳନା କରେ" କିମ୍ବା "ବ୍ୟକ୍ତି ଯେ ଆୟୋଜନ କରେ" ବୋଲି ଅନୁବାଦ କରାଯାଇପାରେ।

(ଦେଖନ୍ତୁ: ଦାସ)

ବାଇବେଲ ପଦପର୍ବ:

- ୧ ତୀମଥି ୩:୪-୫
- ଆଦିପୁସ୍ତକ ୩୯:୪
- ଆଦିପୁସ୍ତକ ୪୩:୧୬
- ଯିଶାଇୟ ୫୫:୧୦-୧୧
- ଲୂକ ୮:୩
- ଲୂକ ୧୬:୨
- ମାଥିଉ ୨୦:୮-୧୦
- ତୀତସ ୧:୭

ଶବ୍ଦବିନ୍ୟାସ:

- Strong's: H0376, H4453, H5057, H6485, G20120, G36210, G36230

ପରିତ୍ୟାଗ କରିବା, ପରିତ୍ୟକ୍ତ, ତ୍ୟାଗ କରିବା

ପରିଭାଷା:

"ପରିତ୍ୟାଗ" ଶବ୍ଦର ଅର୍ଥ କାହାକୁ ତ୍ୟାଗ କରିବା କିମ୍ବା କୌଣସି ବିଷୟକୁ ତ୍ୟାଗ କରିବା ଅଟେ | "ପରିତ୍ୟକ୍ତ" ହୋଇଥିବା ବ୍ୟକ୍ତିଙ୍କୁ ଅନ୍ୟ କେହି ପରିତ୍ୟାଗ କରିଛନ୍ତି କିମ୍ବା ପୃଥକ କରିଛନ୍ତି |

- ଯେତେବେଳେ ଲୋକମାନେ ଈଶ୍ୱରଙ୍କୁ "ପରିତ୍ୟାଗ କରନ୍ତି", ସେତେବେଳେ ସେମାନେ ତାଙ୍କୁ ଅବମାନନା କରି ତାଙ୍କ ପ୍ରତି ଅବିଶ୍ୱାସ ହୁଅନ୍ତି |
- ଯେତେବେଳେ ଈଶ୍ୱର ଲୋକମାନଙ୍କୁ "ପରିତ୍ୟାଗ କରନ୍ତି", ସେ ସେମାନଙ୍କୁ ସାହାଯ୍ୟ କରନ୍ତି ନାହିଁ ଏବଂ ସେମାନଙ୍କୁ ତାଙ୍କ ନିକଟକୁ ଫେରି ଆସିବା ପାଇଁ ଯନ୍ତ୍ରଣା ଭୋଗିବାକୁ ଦିଅନ୍ତି |
- ଏହି ଶବ୍ଦଟି ଅର୍ଥ ଅନ୍ୟ। ବିଷୟଗୁଡ଼ିକୁ ପରିତ୍ୟାଗ କରିବାରକୁ ମଧ୍ୟ ବୁଝାଏ, ଯେପରିକି ଈଶ୍ୱରଙ୍କ ଶିକ୍ଷା ପରିତ୍ୟାଗ କରିବା କିମ୍ବା ଅନୁସରଣ ନକରିବା |
- "ପରିତ୍ୟକ୍ତ" ଶବ୍ଦଟି ଅତୀତ କାଳ ପାଇଁ ବ୍ୟବହୃତ ହୋଇପାରେ, ଯେପରି ସେ "ତୁମକୁ ପରିତ୍ୟାଗ କରିଛନ୍ତି" କିମ୍ବା "ପରିତ୍ୟକ୍ତ" ବ୍ୟକ୍ତିଙ୍କୁ ସୂଚୀତ କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇପାରେ |

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦର ଅନୁବାଦ କରିବାର ଅନ୍ୟ ଉପାୟଗୁଡ଼ିକ "ପରିତ୍ୟାଗ କରିବା" କିମ୍ବା "ଅବହେଳା କରିବା" କିମ୍ବା "ତ୍ୟାଗ କରିବା" କିମ୍ବା "ଦୂରେଇ ଯିବା" କିମ୍ବା "ଛାଡି ଦେବା" ପ୍ରସଙ୍ଗ ଉପରେ ନିର୍ଭର କରିପାରେ |
- "ଈଶ୍ୱରଙ୍କ ନିୟମକୁ ପରିତ୍ୟାଗ" ବକ୍ୟାଂଶକୁ "ଈଶ୍ୱରଙ୍କ ନିୟମକୁ ଅବମାନନା କରିବା" ବୋଲି ଅନୁବାଦ କରାଯାଇପାରେ | ଏପରି ମଧ୍ୟ "ପରିତ୍ୟାଗ କରିବା" କିମ୍ବା "ତ୍ୟାଗ କରିବା" କିମ୍ବା "ତାଙ୍କ ଶିକ୍ଷା କିମ୍ବା ନିୟମ ପାଳନ କରିବା ବନ୍ଦ କରିବା" ବୋଲି ଅନୁବାଦ କରାଯାଇପାରେ |
- "ପରିତ୍ୟାଗ କରିବା" ବକ୍ୟାଂଶକୁ "ପରିତ୍ୟକ୍ତ" କିମ୍ବା "ପୃଥକ" ବୋଲି ଅନୁବାଦ କରାଯାଇପାରେ |
- ଏହି ଶବ୍ଦକୁ ଅନୁବାଦ କରିବା ପାଇଁ ବିଭିନ୍ନ ଶବ୍ଦ ବ୍ୟବହାର କରିବା ଅଧିକ ସ୍ପଷ୍ଟ ହେବ, ପାଠ୍ୟ ଏକ ବିଷୟ କିମ୍ବା ବ୍ୟକ୍ତି ପରିତ୍ୟାଗକୁ ବର୍ଣ୍ଣନା କରେ କି ନାହିଁ ତାହା ଉପରେ ନିର୍ଭର କରେ |

ବାଇବେଲର ପଦପର୍ବଗୁଡ଼ିକ:

- ପ୍ରଥମ ରାଜାବଳୀ 6:11-13
- ଦାନିୟେଲ 11:29-30
- ଆଦିପୁସ୍ତକ 24:27
- ଯିହୋଶୂୟ 24:16-18
- ମାଥିଉ 27:45-47
- ହିତପଦେଶ 27:9-10
- ଗୀତସଂହିତା 71:18

ଶବ୍ଦବିନ୍ୟାସ :

- Strong's: H0488, H2308, H5203, H5428, H5800, H5805, H7503, G06460, G06570, G08630, G14590, G26410

ପରିବାର, ପାରିବାରିକ

ପରିଭାଷା:

"ପରିବାର" ଶବ୍ଦ ଏକ ଲୋକ ସମୁହକୁ ବୁଝାଏ ଯେଉଁମାନେ ରକ୍ତ ସମ୍ବନ୍ଧୀୟ ଅଟନ୍ତି ସାଧାରଣତଃ ଏକ ପରିବାର ମାତା, ପିତା ଓ ସନ୍ତାନ ସଂତତିକୁ ନେଇ ନିର୍ମିତ ଅଟେ I ବାଇବେଲରେ ଅନେକଥର ଏହି ଶବ୍ଦ ଅଜାଆଇ, ନାତିପୋତି, ଦାଦାଖୁଡ଼ି ଓ ମାମୁମାଇଁ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରେ I

- ବାଇବେଲ ସମୟରେ ସାଧାରଣତଃ ପିତା ଘରର ମୁଖ୍ୟ ବା ପ୍ରଧାନ ବ୍ୟକ୍ତି ଥିଲେ I
- ପରିବାର ଶବ୍ଦ ଦାସ, ଉପପତ୍ନୀ ଓ ବିଦେଶୀକୁ ମଧ୍ୟ ବୁଝାଏ I
- କେତେକ ଭାଷାରେ ଏପରି ଶବ୍ଦ ଥାଇପାରେ ଯେପରିକି "କୁଳ" କିମ୍ବା "ପୁରା ପରିବାର" ଯାହା ପ୍ରସଙ୍ଗ ଅନୁସାରେ ବ୍ୟବହୃତ ହୁଏ, ଯେଉଁଠି ମାତାପିତା ଓ ପିଲାଙ୍କଠାରୁ ଅଧିକ ଲୋକମାଣେ ଅନ୍ତର୍ଭୁକ୍ତ ଅଟନ୍ତି I
- ନୂତନ ନିୟମରେ "ପରିବାର" ଶବ୍ଦ ସେହି ଲୋକମାନଙ୍କୁ ଦର୍ଶାଇବାକୁ ବ୍ୟବହାର କରେ ଯେଉଁମାନେ ଆତ୍ମିକତାରେ ସମ୍ବନ୍ଧୀୟ ଅଟନ୍ତି, ଯେଉଁ ଲୋକମାନେ ଯୀଶୁଙ୍କ ଉପରେ ବିଶ୍ୱାସ ରଖନ୍ତି ଅର୍ଥାତ ମଣ୍ଡଳୀକୁ ସୂଚାଏ I

(ଦେଖନ୍ତୁ: କୁଳ, ପୂର୍ବପୁରୁଷ, ଘର)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ ୮:୧-୨
- ପ୍ରଥମ ଶାମୁୟେଲ ୧୮:୧୮
- ଯାତ୍ରାପୁସ୍ତକ ୧:୨୧
- ଯିହୋଶୂୟ ୨:୧୨-୧୩
- ଲୂକ ୨:୪

ଶବ୍ଦବିନ୍ୟାସ:

- Strong's: H0001, H0251, H0272, H0504, H1004, H1121, H2233, H2859, H2945, H3187, H4138, H4940, H5387, H5712, G10850, G36140, G36240, G39650

ପରିଶ୍ରମ କରିବା, ଶ୍ରମିକ, ଶ୍ରମ, କଠିନ ପରିଶ୍ରମ

ପରିଭାଷା:

"ପରିଶ୍ରମ କରିବା "ଶବ୍ଦ ଯେକୌଣସି ପ୍ରକାରର କଠିନ ପରିଶ୍ରମକୁ ଦର୍ଶାଏ I

- ସାଧାରଣତଃ ପରିଶ୍ରମ କରିବାର ଅର୍ଥ ଯେକୌଣସି କାର୍ଯ୍ୟ ଅଟେ ଯାହା ଶକ୍ତି ବ୍ୟବହାର କରେ । କାର୍ଯ୍ୟଟି କଷ୍ଟସାଧ୍ୟ ବୋଲି ପ୍ରାୟତଃ ଅନୁମାନ କରାଯାଏI
- ଶ୍ରମିକ ସେହି ବ୍ୟକ୍ତି ଅଟେ ଯେ ଯେକୌଣସି ଶ୍ରମ କରେ I
- ଇଂରାଜୀରେ ପରିଶ୍ରମ କରିବା ଶବ୍ଦକୁ ପ୍ରସବ କରିବା ପ୍ରକ୍ରିୟାକୁ ଦର୍ଶାଏ I ଅନ୍ୟ ଭାଷାରେ ଏହି ଅର୍ଥ ନିମନ୍ତେ ସମ୍ପୂର୍ଣ୍ଣ ଭିନ୍ନ ଶବ୍ଦ ବ୍ୟବହୃତ ହେଇପାରେ I
- "ପରିଶ୍ରମ କରିବା" ଶବ୍ଦକୁ "ଶ୍ରମ" କିମ୍ବା "କଠିନ ପରିଶ୍ରମ କରିବା" କିମ୍ବା "କଷ୍ଟଦାୟକ ଶ୍ରମ" କିମ୍ବା " କଠିନ ପରିଶ୍ରମ" ବୋଲି ଅନୁବାଦ କରାଯାଇପାରେ I

(କଠିନ, ପ୍ରସବ ବେଦନା ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନୀକୀୟ 2:9
- ପ୍ରଥମ ଥେସଲନୀକୀୟ 3:5
- ଗାଲାତୀୟ 4:10-11
- ଯାକୁବ 5:4
- ଯୋହନ 4:38
- ଲୂକ 10:2
- ମାଥିଉ 10: 10

ଶବ୍ଦବିନ୍ୟାସ:

- Strong's: H3018, H3021, H3022, H3205, H4522, H4639, H5447, H5450, H5647, H5656, H5998, H5999, H6001, H6089, H6468, H6635, G00750, G20380, G20400, G20410, G28720, G28730, G48660, G49040

ପରୀକ୍ଷା, ପରୀକ୍ଷାଗୁଡ଼ିକ

ପରିଭାଷା:

"ପରୀକ୍ଷା" ଶବ୍ଦଟି ଏପ୍ରକାର ଅବସ୍ଥାକୁ ସୂଚାଏ ଯାହା ମଧ୍ୟରେ କିଛି ବିଷୟ୍ ବା କେହି ଜଣେ "ପରୀକ୍ଷିତ ହୋଇଛନ୍ତି " ବା ପରୀକ୍ଷା କରାଯାଇଛି I

- ପରୀକ୍ଷା ଏକ ଆଇନଗତ ଶୁଣାଣି ହୋଇପାରେ ଯେଉଁଠାରେ ଜଣେ ବ୍ୟକ୍ତି ନିର୍ଦ୍ଦୋଷ କିମ୍ବା ଭୁଲ୍ କାର୍ଯ୍ୟ କରିବାରୁ ଦୋଷୀ ବୋଲି ପ୍ରମାଣିତ କରିବା ନିମନ୍ତେ ପ୍ରମାଣ ଦିଆଯାଇଥାଏ I
- "ପରୀକ୍ଷା" ଶବ୍ଦଟି ଜଣେ ବ୍ୟକ୍ତିର କଠିନ ପରିସ୍ଥିତିକୁ ମଧ୍ୟ ବୁଝାଏ, ଯାହା ମଧ୍ୟ ଦେଇ ଜଣେ ବ୍ୟକ୍ତି ଗତି କରେ, ଯେତେବେଳେ ଈଶ୍ୱର ସେମାନଙ୍କର ବିଶ୍ୱାସର ପରୀକ୍ଷା ନିଅନ୍ତି I ଏହା ନିମନ୍ତେ ଅନ୍ୟ ଏକ ଶବ୍ଦ "ପରୀକ୍ଷା କରିବା" କିମ୍ବା "ପରୀକ୍ଷା ପ୍ରଲୋଭନ" ରହିଛି, ଏହା ଏକ ନିର୍ଦ୍ଦିଷ୍ଟ ପ୍ରକାରର ପରୀକ୍ଷା ଅଟେ I
- ବାଇବେଲରେ ଅନେକ ଲୋକମାନେ ପରୀକ୍ଷା ମଧ୍ୟ ଦେଇଗଲେ ଯେପରି ଏହା ଦେଖାଯିବ ଯେ ସେମାନେ ବିଶ୍ୱାସରେ ଲାଗି ରହିବେ ଏବଂ ଈଶ୍ୱରଙ୍କ ବାଧ୍ୟ ହେବେ ନା ନାହିଁ I ସେମାନେ ପରୀକ୍ଷାଗୁଡ଼ିକ ମଧ୍ୟ ଦେଇ ଗତି କଲେ, ଯହିଁରେ ପ୍ରହାରିତ ହେବା, କାରାଗାରରେ ବନ୍ଦୀ ହେବା, କିମ୍ବା ଏପରିକି ସେମାନଙ୍କ ବିଶ୍ୱାସ ହେତୁ ବଧ ହେବା ଅନ୍ତର୍ଭୁକ୍ତ ଅଟେ I

(ପ୍ରଲୋଭିତ, ପରୀକ୍ଷା, ନିରୀହ, ଦୋଷୀ ମନୋଭାବ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ 4:34
- ଯିହିଜିକଲ 21:12-13
- ବିଳାପଗୀତ 3:58-61
- ହିତୋପଦେଶ 25:7-8

ଶବ୍ଦବିନ୍ୟାସ :

- Strong's: H0974, H4531, H4941, H7378, G01780, G13830, G29190, G39860

ପଶୁ

ତଥ୍ୟାବଳୀ:

ବାଇବେଲରେ ଅଧିକାଂଶ ସମୟରେ "ପଶୁ" ଶବ୍ଦଟି ଅନ୍ୟ ଭାବରେ "ପ୍ରାଣୀ" ବୋଲି କୁହାଯାଇଛି।

- ବନ୍ୟପଶୁ ଏପରି ଏକ ପ୍ରାଣୀ ଯାହା ଜଙ୍ଗଲରେ କିମ୍ବା କ୍ଷେତରେ ମୁକ୍ତ ଭାବରେ ବାସ କରେ ଏବଂ ଲୋକମାନଙ୍କ ଦ୍ୱାରା ତାଲିମ ପ୍ରାପ୍ତ ହୁଏନାହିଁ।
- ଗୃହପାଳିତ ପଶୁ ମନୁଷ୍ୟ ସମାଜ ମଧ୍ୟରେ ରହେ ଏବଂ ତାହାକୁ ଖାଦ୍ୟ ଓ କ୍ଷେତ ଚାଷ କାର୍ଯ୍ୟ ପାଇଁ ନୀୟୋଜିତ କରାଯାଏ। ଏହି ପ୍ରକାର ପଶୁକୁ "ବ୍ୟବହାର ବା ବ୍ୟବସାୟ ନିମନ୍ତେ ପାଳିତ ପଶୁ ସମ୍ପଦ" ବୋଲି ମଧ୍ୟ କୁହାଯାଏ।
- ପୁରାତନ ନିୟମରର ଦାନିୟେଲ ପୁସ୍ତକରେ ଓ ନୂତନ ନିୟମରର ପ୍ରକାଶିତ ବାକ୍ୟରେ ମନ୍ଦ ଆତ୍ମାଧାରୀ ଓ ଅଧିକୃତ ପଶୁ ବିଷୟରେ ବର୍ଣ୍ଣିତ ହୋଇଛି ଯାହା ଈଶ୍ୱରଙ୍କୁ ପ୍ରତିରୋଧ କରେ। (ରୂପକ ଅଳଙ୍କାର: ଦେଖନ୍ତୁ)
- ଏହି କେତେକ ପଶୁମାନଙ୍କୁ ଉଲ୍ଲେଖନୀୟ ଅଂଶ ଅଦ୍ଭୁତ ଭାବେ ବର୍ଣ୍ଣନା କରାଯାଇଛି ଯେପରିକି ସେମାନଙ୍କର ଅନେକ ମସ୍ତକ ଓ ଅନେକ ଶିଙ୍ଗ ଅଛି। ସେମାନଙ୍କ ପାଖରେ ଏପରି ଶକ୍ତି ଓ ଅଧିକାର ଅଛି ଯେ ସେମାନେ ଅଧିକାଂଶ ସମୟରେ ଦେଶ, ଜାତି, ଓ ଅନ୍ୟାୟ ରାଜନୈତିକ ଦଳକୁ ପରିଚାଳନା କରନ୍ତି ବୋଲି ସୂଚାଏ ।
- ପ୍ରସଙ୍ଗ ଉପରେ ନିର୍ଭର କରି ଏହି ଶବ୍ଦକୁ "ଜୀବ" କିମ୍ବା "ସୃଷ୍ଟିବସ୍ତୁ" କିମ୍ବା "ବନ୍ୟପଶୁ" ବୋଲି ଅନୁବାଦ କରାଯାଇପାରେ।

(ଅଧିକାର, ଦାନିୟେଲ, ପଶୁ ସମ୍ପଦ, ଦେଶ, ଶକ୍ତି, ପ୍ରକାଶିତ , ବାଲ୍‌ଜିବୂଲ୍: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 15:32
- ପ୍ରଥମ ଶାମୁୟେଲ 17:44
- 2 ବଂଶାବଳୀ 25:18
- ଯିରିମୀୟ 16:1-4
- ଲେବୀୟ 7:21
- ଗୀତସଂହିତା 49:12-13

ଶବ୍ଦବିନ୍ୟାସ:

- Strong's: H0338, H0929, H1165, H2123, H2416, H2423, H2874, H3753, H4806, H7409, G22260, G23410, G23420, G29340, G49680, G50740

ପଶୁର ପଲ, ପଶୁପଲ

ପରିଭାଷା:

ବାଇବଲରେ, "ପଶୁର ପଲ" ଛେଳି, ମେଣ୍ଢାର ଏକ ଗୋଷ୍ଠୀକୁ ଏବଂ" ପଶୁପଲ ଗାଈ ବା ଅନ୍ୟ ପଶୁଙ୍କର ଗୋଷ୍ଠୀକୁ ବୁଝାଏ I

- ବିଭିନ୍ନ ଭାଷା ପଶୁ କିମ୍ବା ପକ୍ଷୀମାନଙ୍କର ନାମକରଣର ବିଭିନ୍ନ ଉପାୟ କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ବିଭିନ୍ନ ପ୍ରକାରର ପଶୁମାନଙ୍କୁ ସୂଚାଇବା ପାଇଁ ଆପଣଙ୍କ ଭାଷାରେ କେଉଁ ଶବ୍ଦଗୁଡ଼ିକ ବ୍ୟବହୃତ ହୁଏ ତାହା ବିଚାର କରନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ପଶୁ ପାଇଁ ଉପଯୁକ୍ତ ଶବ୍ଦ ବ୍ୟବହାର କରନ୍ତୁ I
- ଯଦି ଆପଣଙ୍କ ଭାଷା ସମାନ ଶବ୍ଦକୁ ଉଭୟ ମେଣ୍ଢା ଏବଂ ଗୋରୁକୁ ସୂଚାଇବା ପାଇଁ ବ୍ୟବହାର କରେ, ତେବେ ଆପଣ "ମେଣ୍ଢା ଗୋଷ୍ଠୀ"କହିପାରିବେ ଯେଉଁଠାରେ ବାଇବେଲ କେବଳ "ପଲ"ଏବଂ "ଗୋରୁ ଗୋଷ୍ଠୀ"ବୋଲି ଉଲ୍ଲେଖ କରେ । "ବିକଳ୍ପ ଅନୁବାଦ ଭାବରେ ଯଦି ବାଇବେଲ ପ୍ରସଙ୍ଗ ଭିନ୍ନତା ଆବଶ୍ୟକ କରେ ନାହିଁ (ଯଦି ପାଠଟି କେବଳ "ପଲ ଏବଂ ଗୋରୁ", ଅର୍ଥାତ୍ ସେସମସ୍ତ ଗୃହପାଳିତ ପଶୁ) ଆପଣ କେବଳ ଗୋଟିଏ ଶବ୍ଦ ବ୍ୟବହାର କରିପାରିବେ I

(ଦେଖନ୍ତୁ: ଛାଗ, ବଳଦ, ଘୁଷୁରି, ମେଷ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ ୧୦:୨୮-୨୯
- ଦ୍ୱିତୀୟ ବଂଶାବଳୀ ୧୭:୧୧
- ଦ୍ୱିତିୟ ବିବରଣ ୧୪:୨୨-୨୩
- ଲୂକ ୨:୮-୯
- ମାଥିଉ ୮:୩୦
- ମାଥିଉ ୨୬:୩୧

ଶବ୍ଦବିନ୍ୟାସ:

- Strong's: H0951, H1241, H2835, H4029, H4735, H4830, H5349, H5739, H6251, H6629, H7399, H7462, G00340, G41670, G41680

ପାଉଁଶ, ଭସ୍ମସ୍ତୂପ

ସତ୍ୟ ଘଟଣାବଳୀ:

"ପାଉଁଶ"ଶବ୍ଦ (କିମ୍ବା "ଭସ୍ମସ୍ତୂପ ") ଧୂସର ଗୁଣ୍ଡକୁ ବୁଝାଏ ଯାହା କାଠ ଜଳିବାପରେ ହୁଏ I

- ପ୍ରାଚୀନ କାଳରେ ପାଉଁଶରେ ବସିବାର ଅର୍ଥ ଶୋକ କିମ୍ବା ଦୁଃଖର ସଙ୍କେତ ଥିଲା। ଦୁଃଖ ସମୟରେ, ରୁକ୍ଷ, ଆଞ୍ଚୁଡ଼ା ଅଖା ପିନ୍ଧିବା ଏବଂ ପାଉଁଶରେ ବସିବା କିମ୍ବା ମୁଣ୍ଡରେ ପାଉଁଶ ଲଗାଇବା ପ୍ରଥା ଥିଲା I
- ମୁଣ୍ଡରେ ପାଉଁଶ ଲଗାଇବା ମଧ୍ୟ ଅପମାନ କିମ୍ବା ଲଜ୍ଜାର ସଙ୍କେତ ଥିଲା I
- ଏକ "ପାଉଁଶ ସ୍ତୂପ"ଏକ ପାଉଁଶ ଗଦା ଅଟେ I
- ବେଳେବେଳେ "ଧୂଳି"ଶବ୍ଦ "ପାଉଁଶ"ସହ ବାକ୍ୟାଂଶରେ ବ୍ୟବହୃତ ହୁଏ I ଏହି ବାକ୍ୟାଂଶକୁ "ଧୂଳି ଏବଂ ପାଉଁଶ"କିମ୍ବା କେବଳ "ପାଉଁଶ"ବୋଲି ଅନୁବାଦ କରାଯାଇପାରେ I
- "ପାଉଁଶ"ଶବ୍ଦକୁ ଅନୁବାଦ କରିବାବେଳେ, ସ୍ଥାନୀୟ ଭାଷାରେ ଏପରି ଶବ୍ଦ ବ୍ୟବହାର କରନ୍ତୁ ଯାହା କାଠ ଜଳିବାପରେ ଅବଶିଷ୍ଟାଂଶକୁ ସୂଚିତ କରେ I

(ଅଗ୍ନି, ଚଟବସ୍ତ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ ୨୦:୧୦
- ଯିରିମୀୟ ୬:୨୬
- ଗୀତସଂହିତା ୧୦୨:୯
- ଗୀତସଂହିତା ୧୧୩:୬

ଶବ୍ଦବିନ୍ୟାସ:

- Strong's: H0080, H0665, H1854, H6083, H6368, H7834, G28680, G47000, G50770, G55220

ପାଞ୍ଚଣ, ଦଣ୍ଡ ବା ବାଡି, ଦଣ୍ଡଗୁଡିକ

ସଂଜ୍ଞା:

"ଦଣ୍ଡ ବା ପାଞ୍ଚଣ" ଗୋଟିଏ ପତଳା, ମଜବୁତ୍, ବାଡି-ଭଳି ଯନ୍ତ୍ର ଯାହା ଅନେକ ବିଭିନ୍ନ ଉପାୟରେ ବ୍ୟବହୃତ ହେଉଥିଲା I ଏହା ହୁଏତ ଅତି କମରେ ଏକ ମିଟର ଲମ୍ବା ଥିଲା I

- ମେଷପାଳକମାନଙ୍କ ଦ୍ୱାରା ଏକ କାଠରେ ନିର୍ମିତ ପାଞ୍ଚଣ ବା ଦଣ୍ଡ ବା ବାଡି ବ୍ୟବହୃତ ହେଉଥିଲା ଯେପରି ସେମାନେ ମେଷମାନଙ୍କୁ ଅନ୍ୟନ୍ୟ ଜନ୍ତୁଗୁଡିକଠାରୁ ରକ୍ଷା କରିପାରିବେ I

ଏହା ମଧ୍ୟ ପଥହରା ହୋଇ ଏଣେତେଣେ ଘୁରି ବୁଲୁଥିବା ମେଷକୁ ପଲ ମଧ୍ୟକୁ ଫେରାଇ ଆଣିବା ନିମନ୍ତେ ତାହା ଆଡକୁ ଲମ୍ବାଇ ଦିଆଯାଉଥିଲା I

- ଗୀତସଂହିତା 23 ଗୀତରେ ରାଜା ଦାଉଦ ଏହି ଭାବପ୍ରକଶକ ପଦଗୁଡିକ "ପାଞ୍ଚଣ" ଏବଂ "ବାଡି"କୁ ରୂପକ ଭାବରେ ଈଶ୍ୱରଙ୍କ ଲୋକମାନଙ୍କ ନିମନ୍ତେ ଈଶ୍ୱରଙ୍କ ପରିଚାଳନା ଓ ଶାସନକୁ ସୂଚାଇବା ନିମନ୍ତେ ବ୍ୟବହାର କରିଥିଲେ I
- ଆପଣା ଅଧିନରେ ଥିବା ମେଷଗୁଡିକ ଆଗେଇ ଯାଉଥିବା ସମୟରେ ସେମାନଙ୍କୁ ଗଣନା କରିବା ନିମନ୍ତେ ଜଣେ ମେଷପାଳକର ବାଡି ମଧ୍ୟ ବ୍ୟବହୃତ ହେଉଥିଲା I
- ଅନ୍ୟ ଏକ ରୂପକ ଭାବରେ ଅଭିବ୍ୟକ୍ତି "ଲୌହ ଦଣ୍ଡ" ଈଶ୍ୱରଙ୍କ ଦଣ୍ଡ ଭାବରେ ସୂଚିତ କରୁଥିଲା; ଯେତେବେଳେ ଲୋକମାନେ ତାହାଙ୍କ ବିରୁଦ୍ଧରେ ବିଦ୍ରୋହ କରୁଥିଲେ ଏବଂ ମନ୍ଦ କାର୍ଯ୍ୟଗୁଡିକ କରୁଥିଲେ I
- ପ୍ରାଚୀନ କାଳରେ,ମାନଦଣ୍ଡଗୁଡିକ ଧାତୁରେ, କାଠରେ, ବା ପଥରରେ ନିର୍ମିତ ହେଉଥିଲା ଏବଂ ସେଗୁଡିକ ଗୋଟିଏ କୋଠାର ବା ବସ୍ତୁର ଦୈର୍ଘ୍ୟ ମାପିବା ନିମନ୍ତେ ବ୍ୟବହାର କରାଯାଉଥିଲା I
- ବାଇବଲରେ, କାଠର ବାଡିକୁ ମଧ୍ୟ ସନ୍ତାନମାନଙ୍କୁ ଶାସନ କରିବା ନିମନ୍ତେ ଏକ ଯନ୍ତ୍ର ଭାବରେ ସୂଚାଉଥିଲା I

(ଆହୁରି ମଧ୍ୟ ଦେଖ: ବାଡି, ମେଷ, ମେଷପାଳକ)

ବାଇବଲ ପଦଗୁଡିକ:

- 1 କରିନ୍ଥୀୟ 04:19-21
- 1 ଶାମୁୟେଲ 14: 43-44
- ପ୍ରେରିତ 16: 22-24
- ଯାତ୍ରାପୁସ୍ତକ 27:9-10
- ପ୍ରକାଶିତ ବାକ୍ୟ 11:1-2

ବୋର୍ଡ ଡାଟା :

- Strong's: H2415, H4294, H4731, H7626, G2563, G4463, G4464

ପାତାଳ, ଅତଳସ୍ପର୍ଶୀ ଗର୍ତ୍ତ

ପରିଭାଷା:

ପାତାଳ ଶବ୍ଦ ଏକ ବହୁତ ବଡ, ଗଭୀର ଗର୍ତ୍ତ କିମ୍ବା ଗର୍ତ୍ତ ଯାହାର ତଳ ନ ଥାଏ ତାହାକୁ ସୂଚାଏ I

- ବାଇବେଲରେ "ପାତାଳ"ଦଣ୍ଡର ସ୍ଥାନକୁ ବୁଝାଏ I
- ଉଦାହରଣ ସ୍ୱରୂପ, ଯେତେବେଳେ ଯୀଶୁ ମନ୍ଦ ଆତ୍ମାମାନଙ୍କୁ ଏକ ବ୍ୟକ୍ତିଠାରୁ ବାହାରିଯିବା ନିମନ୍ତେ ଆଦେଶ ଦେଲେ, ସେମାନେ ପାତାଳକୁ ନ ପଠାଇବା ନିମନ୍ତେ ନିବେଦନ କରୁଥିଲେ I
- "ଅତଳ" ଶବ୍ଦକୁ "ଅତଳସ୍ପର୍ଶୀ ଗର୍ତ୍ତ"କିମ୍ବା "ଗଭୀର ଗର୍ତ୍ତ"ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- ଏହି ଶବ୍ଦକୁ "ଯମପୁରୀ ", "ପରଲୋକ"କିମ୍ବା "ନର୍କ "ଠାରୁ ଅଲଗା କରି ଅନୁବାଦ କରିବା ଉଚିତ I

(ଯମପୁରୀ, ନର୍କ, ଦଣ୍ଡ : ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ ୮:୩୦-୩୧
- ରୋମୀୟ ୧୦:୭

ଶବ୍ଦବିନ୍ୟାସ :

- Strong's: G00120, G54210

ପାଦପିଠ

ପରିଭାଷା:

"ପାଦପିଠ "ଶବ୍ଦ ଏକ ବସ୍ତୁକୁ ଦର୍ଶାଏ ଯାହା ଏକ ବ୍ୟକ୍ତି ପାଦ ତଳେ ରଖେ, ସାଧାରଣତଃ ଯେତେବେଳେ ସେ ବସେ I ଏହି ଶବ୍ଦର ସାଙ୍କେତିକ ଅର୍ଥ ଅଛି ଯାହା ହେଲା ସମର୍ପଣ ଓ ତଳ ସ୍ଥିତି I

- ବାଇବେଲ ସମୟରେ ଲୋକମାନେ ପାଦକୁ ଶରୀରର ସର୍ବନିମ୍ନ ସମ୍ମାନଜନକ ଅଙ୍ଗ ବୋଲି ବିବେଚନା କରୁଥିଲେ I ତେଣୁ "ପାଦପିଠ ମଧ୍ୟ କମ୍ ସମ୍ମାନର ଅଟେ କାରଣ ଏହା ଉପରେ ପାଦ ରଖାଯାଇଥିଲା I
- ଯେତେବେଳେ ଈଶ୍ୱର କହନ୍ତି,"ମୁଁ ମୋର ଶତ୍ରୁକୁ ମୋର ପାଦପିଠ କରିବି "ସେ ସେହି ଲୋକମାନଙ୍କ ଉପରେ ଶକ୍ତି, ନିୟନ୍ତ୍ରଣ ଓ ଜୟ ଘୋଷଣା କରନ୍ତି ଯେ ତାହାଙ୍କ ବିରୋଧରେ ଯାଆନ୍ତି I ସେମାନଙ୍କୁ ଈଶ୍ୱରଙ୍କ ଇଚ୍ଛାର ଅଧିନ କରିବା ନିମନ୍ତେ ନମ୍ର ଓ ପରାସ୍ତ କରା ଯିବ I
- "ଈଶ୍ୱରଙ୍କ ପାଦପିଠରେ ଆରାଧନା କରିବାର "ଅର୍ଥ ହେଲା ଯେତେବେଳେ ସେ ସିଂହାସନ ଉପରେ ବସନ୍ତି ତେବେ ନତ ମସ୍ତକ ହୋଇ ତାହାଙ୍କ ଉପାସନା କରିବା I ଏହା ଈଶ୍ୱରଙ୍କ ପ୍ରତି ଦୀନ ଓ ସମର୍ପଣତାକୁ ଦର୍ଶାଏ I
- ଦାଉଦ ଈଶ୍ୱରଙ୍କ ମନ୍ଦିରକୁ ତାହାଙ୍କ "ପାଦପିଠ" କହନ୍ତି I ଏହା ତାହାଙ୍କ ଲୋକମାନଙ୍କ ଉପରେ ସମ୍ପୂର୍ଣ୍ଣ ଅଧିକାରକୁ ଦର୍ଶାଏ I ଏହା ଈଶ୍ୱର ତାହାଙ୍କ ସିଂହାସନରେ ଯେ ରାଜା ତାହା ଚିତ୍ରଣ କରେ, ତାହାଙ୍କ ପଦଯୁଗଳ ତାହାଙ୍କ ପାଦପିଠ ଉପରେ ବିଶ୍ରାମ ନେଉଅଛି, ଯାହା ତାହାଙ୍କ ଅଧିନରେ ଯେ ସବୁକିଛି ତାହା ଦର୍ଶାଏ I

ବାଇବେଲ ଟିପ୍ପଣୀ:

- ପ୍ରେରିତ 7:49
- ଯିଶାଇୟ 66:1
- ଲୂକ 20:43
- ମାଥିଉ 5:35
- ମାଥିଉ 22:44
- ଗୀତସଂହିତା 110:1

ଶବ୍ଦବିନ୍ୟାସ :

- Strong's: H1916, H3534, H7272, G42280, G52860

ପାଦରେ ଦଳିବା, ପାଦରେ ଦଳେ, ପାଦରେ ଦଳିତ ହେଲା, ପଦ ଦଳନ

ସଂଜ୍ଞା

"ପାଦରେ ଦଳିବା" ଅର୍ଥ କୋଣସି ବିଷୟ ଉପରେ ପାଦ ରଖିବା ଏବଂ ଗୋଦରେ ତାହାକୁ ଚୁରମାର କରିବା ଅଟେ I ଏହି ଭାବ ପ୍ରକାଶକ ପଦ ମଧ୍ୟ ବାଇବଲରେ ଆଳଙ୍କାରିକ ଭାବରେ "ଧ୍ୱଂସ କରିବା" ବା "ପରାଜିତ କରିବା" ବା "ଲଜ୍ଜିତ ବା ଅପମାନିତ କରିବା" ଅର୍ଥରେ ବ୍ୟବହୃତ ହୋଇଛି I

- "ପଦଦଳିତ କରିବା" ବିଷୟର ଏକ ଉଦାହରଣ: ଲୋକମାନେ ଏକ ପଡିଆ ଉପରେ ପାଦରେ ଦୌଡିବା ଦ୍ୱାରା ଘାସକୁ ନଷ୍ଟ କରିବା...ଅଟେ I
- ପ୍ରାଚୀନ କାଳରେ, ବେଳେବେଳେ ଦ୍ରାକ୍ଷା ଫଳ ଅଙ୍ଗୁରକୁ ପାଦରେ ଦଳିବା ଦ୍ୱାରା ତାହା ଭିତରୁ ରସ ବାହାର କରି ଦ୍ରାକ୍ଷାରସ ପ୍ରସ୍ତୁତ କରାଯାଉଥିଲା I
- ବେଳେବେଳେ ଏହି "ପାଦରେ ଦଳିବା" ଶବ୍ଦ ଆଳଙ୍କାରିକ ଭାବରେ "ଲଜ୍ଜା ଦେଇ ଦଣ୍ଡ ଦେବା" ଯାହାକୁ ଏକ ଖଳା ଚଟାଣରେ କାଦୁଅକୁ ଦଳିବା ସହିତ ତୁଳନା କରିବା ଅଟେ I
- ସଦାପ୍ରଭୁ ଆପଣାର ଇସ୍ରାଏଲୀୟ ଲୋକମାନଙ୍କୁ ସେମାନଙ୍କର ଗର୍ବ ଏବଂ ବିଦ୍ରୋହାଚରଣ ହେତୁ କିପରି ଭାବରେ ଦଣ୍ଡ ଦେବେ, ତାହା ପ୍ରକାଶ କରିବା ନିମନ୍ତେ ଏହି "ପାଦରେ ଦଳିବା" ଶବ୍ଦ ଆଳଙ୍କାରିକ ଭାବରେ ବ୍ୟବହୃତ ହୋଇଛି I
- ଅନ୍ୟ ପ୍ରକାରେ ଏହି "ପାଦରେ ଦଳିବା" ଶବ୍ଦର ଅନୁବାଦ କରିବାରେ "ପାଦରେ ଚୁରମାର କରିବା" ବା "ପାଦରେ ଦଳିବା ଚୁନା କରିବା" ବା "ଭୂମିସାତ କରିବା" ଅନ୍ତର୍ଭୁକ୍ତ କରାଯାଇପାରେ I
- ପୂର୍ବାପର ସମ୍ପର୍କ ଉପରେ ନିର୍ଭର କରି ଏହି ପ୍ରତିଶବ୍ଦକୁ ମଧ୍ୟ ଅନ୍ୟ ଭାବରେ ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: ଦ୍ରାକ୍ଷା ଫଳ ଅଙ୍ଗୁର, ଅପମାନିତ କରିବା, ଦଣ୍ଡ ଦେବା, ବିଦ୍ରୋହ କରିବା, ଶସ୍ୟ ମର୍ଦ୍ଦନ, ଦ୍ରାକ୍ଷାରସ)

ବାଇବଲ ପଦଗୁଡିକ:

- ଏବ୍ରୀ 10: 28-29
- ଗୀତସଂହିତା 007: 5

ବୋର୍ଡ ଡାଟା :

- Strong's: H947, H1758, H1869, H4001, H4823, H7429, H7512, G2662, G3961

ପାଦୁକା

ପରିଭାଷା:

ଏକ ପାଦୁକା ଏକ ସାଧାରଣ ଜୋତା ଅଟେ ଯାହା ଏକ ଫ୍ଲାଟ ସୋଲରେ ନିର୍ମିତ ଏବଂ ଏହାକୁ ଉଭୟ ପୁରୁଷ ଏବଂ ମହିଳାମାନେ ବ୍ୟବହାର କରନ୍ତି I

- ପ୍ରାଚୀନ ଇସ୍ରାଏଲରେ ଗୋଟିଏ ପାଦୁକାକୁ ବେଳେବେଳେ ଏକ ଆଇନଗତ କାରବାରକୁ ନିଶ୍ଚିତ କରିବା ପାଇଁ ବ୍ୟବହୃତ କରାଯାଉଥିଲା, ଯେପରିକି ସମ୍ପତ୍ତି ବିକ୍ରୟ କରିବା ସମୟରେ I ଜଣେ ବ୍ୟକ୍ତି ନିଜ ପାଦୁକାକୁ ଖୋଲି ଅନ୍ୟ ଜଣକୁ ଦେଉଥିଲେ ଯାହା ପ୍ରକାଶ କରେ ଯେ କାରବାର ଆଇନଗତ ଏବଂ ବାଧ୍ୟତାମୂଳକ ଅଟେ I
- ଯୋହନ କହିଲେ, ସେ ଯୀଶୁଙ୍କର ପାଦୁକା ଖୋଲିବା ପାଇଁ ମଧ୍ୟ ଯୋଗ୍ୟ ନୁହନ୍ତି, ଯାହା ଏକ ଯିହୁଦୀ ପରିବାରର ସର୍ବନିମ୍ନ ମାନ୍ୟତା ପାଇଥିବା ଦାସ କିମ୍ବା ଦାସୀ ପାଇଁ ଏକ ସାଧାରଣ କାର୍ଯ୍ୟ ଥିଲା I

ବାଇବେଲ ପଦପର୍ବ

- ପ୍ରେରିତ ୭:୩୩
- ଦ୍ୱିତୀୟ ବିବରଣ ୨୫:୧୦
- ଯୋହନ ୧:୨୭
- ଯିହୋଶୂୟ ୫:୧୫
- ମାର୍କ ୬:୭-୯

ଶବ୍ଦବିନ୍ୟାସ:

- Strong’s: H5274, H5275, H8288, G45470, G52660

ପାନପାତ୍ର, ପାନପାତ୍ରବାହକଗଣ

ସଂଜ୍ଞା:

ପୁରାତନ ନୀୟମ ସମୟର, ଜଣେ "ପାନପାତ୍ରବାହାକ" ରାଜାଙ୍କର ସେବକ ଯାହାଙ୍କର ଦଦାୟିତ୍ୱ ହେଉଛି ରାଜାଙ୍କୁ ମଦ ଗ୍ଲାସରେ ଗଡାଇ ଦେବା, ସଧାରଣତଃ ପାନପାତ୍ର ବାହକ ପ୍ରଥମେ ପାନୀୟକୁ ଚାଖିବେ ଏବଂ ନିଶ୍ଚିତ ହେବେ ଯେ ଏହି ପାନୀୟରେ କୌଣସି ବିଷ ନାହିଁ

- ଏହି ଶବ୍ଦର ଆକ୍ଷରିକ ଅର୍ଥ ହେଉଛି "ପାତ୍ର ବାହକ" ନତୁବା "ଯିଏ ପାତ୍ର ଆଣେ"
- ଏହି ପାନପାତ୍ର ବହାକ ରାଜା ଙ୍କର ବିଶ୍ୱସ୍ତ ଏବଂ ଅନୁଗତ
- ତାଙ୍କର ଏହି ଅନୁଗତ ଉପାଧି ଦ୍ୱାରା ରାଜା ନିଷ୍ପତ୍ତି ନେଉଥିବା ବିଷୟରେ ମଧ ସେ ହସ୍ତକ୍ଷେପ କରିବାର ସୌଭାଗ୍ୟ ଅଛି

ନିହିମିୟ ପାରସ୍ୟ ଦେଶର ରାଜା ଅର୍ତ୍ତକ୍ଷସ୍ତଙ୍କର ସମୟରେ ପାନପାତ୍ର ବାହକଥିଲେ ଯେଉଁ ସମୟରେ କିଛି ଇସ୍ରାଏଲୀୟମାନେ ବବିଲୋନରେ ବନ୍ଦୀଥିଲେ

(ଦେଖ: ଅର୍ତ୍ତକ୍ଷସ୍ତ, ବାବିଲୋନ, ବନ୍ଦୀ, ପାରସ୍ୟ, ଫାରୋ)

ବାଇବଲ ସନ୍ଦର୍ଭ:

- ୧ମ ରାଜାବଳି ୧୦:୩-୫
- ନିହିମିୟ ୦୧:୧୦-୧୧

ବୋର୍ଡ ଡାଟା :

- Strong's: H8248

ପାପାର୍ଥକ ବଳି, ପାପାର୍ଥକ ବଳି ଗୁଡିକ

ସଂଜ୍ଞା:

ଇସ୍ରାଏଲର ସନ୍ତାନ ଗଣ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଦେଉଥିବା ବଳି ଗୁଡିକ ମଧ୍ୟରୁ "ପାପାର୍ଥକ ବଳି "ଅନ୍ୟତମ

- ଏହି ବଳି ଆବଶ୍ୟକ କରେ ଗୋଟିଏ ବଳଦ, ଏହାର ରକ୍ତ ଓ ଚର୍ବୀ କୁ ନିଆଁରେ ବେଦୀ ଉପରେ ଭସ୍ମ କରାଯାଉଥିଲା ଓ ପ୍ରାଣୀ ଶରୀର ର ବଳକା ଅଂଶ ଇସ୍ରାଏଲ ସନ୍ତାନ ଗଣ ତମ୍ବୁର ବାହାରେ ଭୂମି ଉପରେ ନିଆଁରେ ପୋଡୁଥିଲେ
- ପ୍ରାଣୀ ବଳିଦାନ ହେଉଥିବା ସମ୍ପୂର୍ଣ୍ଣ ଧ୍ୱଂସ ପ୍ରକାଶ କରେ ଯେ ପରମେଶ୍ୱର କେତେ ପବିତ୍ର ଏବଂ ପାପ କେତେ ଗଭୀର ଅଟେ
- ବାଇବଲ ଶିକ୍ଷା ଦିଏ ଯେ ସେଠାରେ ପାପରୁ ଶୁଚୀ ହେବା ନିମନ୍ତେ, ରକ୍ତ ପାତ ହେବା ନିତାନ୍ତ ଜରୁରୀ କାରଣ ଯେଉଁ ପାପ କରାଯାଇଛି ତାହାର ମୂଲ୍ୟ ଦେବାକୁ ହେବ
- ପ୍ରାଣୀମାନଙ୍କର ବଳିଦାନ ସଦା ସର୍ବଦା ପାପରୁ ସ୍ଥାୟୀ ଭାବେ କ୍ଷମା ଦେଇପାରିବ ନାହିଁ
- ଯୀଶୁଙ୍କର କ୍ରୁଶରେ ମୃତ୍ୟୁ ପାପର ସମସ୍ତ ପାଉଣ ସବୁ ସମୟ ପାଇଁ ପରିଶୋଧ କଲେ

ସେ ହେଉଛନ୍ତି ଉପଯୁକ୍ତ ପାପର ବଳିଦାନ

(ଦେଖ: ଯଜ୍ଞ ବେଦୀ, ବଳଦ, କ୍ଷମା, ବଳିଦାନ, ପାପ)

ବାଇବଲ ସନ୍ଦର୍ଭ:

- ୨ ବଂଶାବଳି ୨୯:୨୦-୨୧
- ଯାତ୍ରା ୨୯:୩୫-୩୭
- ଯିହିଜିକଲ ୪୪:୨୫-୨୭
- ଲେବୀୟ ୦୫:୧୧
- ଗଣନା ୦୭:୧୫-୧୭

ବୋର୍ଡ ଡାଟା :

- Strong's: H2401, H2402, H2398, H2403

ପାଳିତ ପଶୁ, ପଶୁ

ସତ୍ୟ ଘଟଣାବଳି:

"ପଶୁପାଳନ" ଶବ୍ଦ ପଶୁମାନଙ୍କୁ ବୁଝାଏ ଯାହା ଖାଦ୍ୟ ଏବଂ ଅନ୍ୟାନ୍ୟ ଉପଯୋଗୀ ଦ୍ରବ୍ୟ ଯୋଗାଇବା ପାଇଁ ପାଳନ କରାଯାଏ । କେତେକ ପ୍ରକାରର ପଶୁମାନଙ୍କୁ କାର୍ଯ୍ୟ ପ୍ରାଣୀ ଭାବରେ ମଧ୍ୟ ତାଲିମ ଦିଆଯାଏ ।

- ପଶୁମାନଙ୍କ ପ୍ରକାରରେ ମେଣ୍ଢା, ଗୋରୁ, ଛେଳି, ଘୋଡା ଏବଂ ଗଧ ଅନ୍ତର୍ଭୁକ୍ତ ଅଟେ ।
- ବାଇବେଲ ସମୟରେ, ଜଣେ ବ୍ୟକ୍ତିଙ୍କର ଗୃହପାଳିତ ପଶୁ ସଂଖ୍ୟାରେ ସମ୍ପତ୍ତିକୁ ଆଂଶିକ ମାପ କରାଯାଉଥିଲା ।
- ଗୃହପାଳିତ ପଶୁ, ପଶମ, କ୍ଷୀର, ପନିର, ଗୃହ ସାମଗ୍ରୀ ଏବଂ ପୋଷାକ ପରି ଜିନିଷ ଉତ୍ପାଦନ ପାଇଁ ବ୍ୟବହୃତ ହେଉଥିଲେ ।
- ଏହି ଶବ୍ଦକୁ "କୃଷି ପ୍ରାଣୀ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକୁ କିପରି ଅନୁବାଦ କରାଯିବ)

(ଗାଇ, ବଳଦ, ଗଧ, ଛେଳି, ଘୋଡ଼ା, ମେଷ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ ରାଜାବଳୀ 3:15-17
- ଆଦିପୁସ୍ତକ 30:29
- ଯିହୋଶୂୟ 1:14-15
- ନିହିମୀୟା 9:36-37
- ଗଣନା ପୁସ୍ତକ 3:41

ଶବ୍ଦବିନ୍ୟାସ :

- Strong's: H0929, H4399, H4735

ପିଢ଼ି

ପରିଭାଷା:

"ପିଢ଼ି" ଶବ୍ଦ ସାଧାରଣତଃ ଏକ ଗୋଷ୍ଠୀକୁ ବୁଝାଏ ଯେଉଁମାନେ ସମସ୍ତେ ଏକ ସମୟରେ ଜୀବିତ ଥିଲେ I ସେମାନେ ସମସ୍ତେ ଏକ ସମୟ ଅବଧିରେ ଜନ୍ମଗ୍ରହଣ କରିଥିଲେ ଏବଂ ତେଣୁ ପ୍ରାୟ ସମାନ ବୟସର ଥିଲେ I

- ପିଢ଼ି ଏକ ସମୟ ଅବଧିକୁ ମଧ୍ୟ ବୁଝାଇପାରେ I ବାଇବେଲ ସମୟରେ, ଏକ ପିଢ଼ିକୁ ସାଧାରଣ ଭାବରେ ୪୦ ବର୍ଷ ସମୟସୀମାକୁ ବୁଝାଉଥିଲା I
- ପିତାମାତା ଏବଂ ସେମାନଙ୍କର ପିଲାମାନେ ଦୁଇଟି ଭିନ୍ନ ପିଢ଼ିରୁ ଆସନ୍ତି I
- ବାଇବେଲରେ, ଲୋକମାନଙ୍କୁ ବୁଝାଇବା ପାଇଁ "ପିଢ଼ି" ଶବ୍ଦକୁ ସାଙ୍କେତିକ ଭାବରେ ମଧ୍ୟ ବ୍ୟବହାର କରାଯାଇଛି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଏହି ପିଢ଼ି" ବାକ୍ୟାଂଶକୁ "ଏହି ପିଢ଼ିର ଲୋକ" କିମ୍ବା "ବର୍ତ୍ତମାନ ବାସ କରୁଥିବା ଲୋକ" କିମ୍ବା "ତୁମ୍ଭେମାନେ" ବୋଲି ଅନୁବାଦ କରାଯାଇପାରେ I
- "ଏହି ଦୁଷ୍ଟ ପିଢ଼ି" ଶବ୍ଦକୁ "ଏହି ଦୁଷ୍ଟ ଲୋକ ଯେଉଁମାନେ ଜୀବିତ ଅଛନ୍ତି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ପିଢ଼ି ପରେ ପିଢ଼ି" କିମ୍ବା "ଗୋଟିଏ ପିଢ଼ିରୁ ଅନ୍ୟ ପିଢ଼ି" ଅଭିବ୍ୟକ୍ତିକୁ "ବର୍ତ୍ତମାନ ବାସ କରୁଥିବା ଲୋକ ତଥା ସେମାନଙ୍କର ସନ୍ତାନ ଏବଂ ନାତିପୋତି" କିମ୍ବା "ପ୍ରତ୍ୟେକ ସମୟର ଲୋକ" କିମ୍ବା "ଏହି ସମୟର ଲୋକ" କିମ୍ବା "ଭବିଷ୍ୟତ ସମୟ ଅବଧି" କିମ୍ବା "ସମସ୍ତ ଲୋକ ଏବଂ ସେମାନଙ୍କର ବଂଶଧର" ବୋଲି ଅନୁବାଦ କରାଯାଇପାରେ I
- "ଆଗାମୀ ପିଢ଼ିମାନେ ତାଙ୍କର ସେବା କରିବେ; ସେମାନେ ପରବର୍ତ୍ତୀ ପିଢ଼ିକୁ ଯିହୋବାଙ୍କ ବିଷୟରେ କହିବେ" ବାକ୍ୟାଂଶକୁ "ଭବିଷ୍ୟତରେ ଅନେକ ଲୋକ ଯିହୋବାଙ୍କ ସେବା କରିବେ ଏବଂ ତାଙ୍କ ସନ୍ତାନ ଏବଂ ନାତିମାନଙ୍କୁ ତାଙ୍କ ବିଷୟରେ କହିବେ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ବଂଶଧର, ମନ୍ଦତା, ପୂର୍ବପୁରୁଷ)

ବାଇବେଲ ପଦପର୍ବ:

- ପ୍ରେରିତ ୧୫:୧୯-୨୧
- ଯାତ୍ରାପୁସ୍ତକ ୩:୧୩-୧୫
- ଆଦିପୁସ୍ତକ ୧୫:୧୫
- ଆଦିପୁସ୍ତକ ୧୭:୭
- ମାର୍କ ୮:୧୨
- ମାଥିଉ ୧୧:୧୬
- ମାଥିଉ ୨୩:୩୪-୩୬
- ମାଥିଉ ୨୪: ୩୪

ଶବ୍ଦବିନ୍ୟାସ :

- Strong's: H1755, H1859, H8435, G10740

ପିତୃକୁଳପତି, ପିତୃକୁଳପତିମାନେ

ସଂଜ୍ଞା:

ବାଇବଲରେ "ପିତୃକୁଳପତି" ଶବ୍ଦଟି ଯିହୂଦୀ ଲୋକମାନଙ୍କର ପ୍ରତିଷ୍ଠାତା ପୂର୍ବପୁରୁଷଙ୍କ ପ୍ରତି ବୁଝାଏ; ନିର୍ଦ୍ଦିଷ୍ଟ ଭାବରେ ଅବ୍ରହାମ, ଇସହାକ, କିମ୍ବା ଯାକୁବଙ୍କୁ ନିର୍ଦ୍ଦେଶ କରେ I

- ଏହା ମଧ୍ୟ ଯାକୁବଙ୍କର ବାର ଜଣ ପୁତ୍ରମାନଙ୍କୁ ବୁଝାଇବ, ଯେଉଁମାନେ ଇସ୍ରାଏଲର ବାର ଗୋଷ୍ଠୀର 12 ଜଣ ପିତୃକୁଳପତି ହେଲେ I
- "ପିତୃକୁଳପତି" ଶବ୍ଦ ସହିତ "ପୂର୍ବପୁରୁଷ" ଶବ୍ଦର ସମାନ ଅର୍ଥ ରହିଛି, କିନ୍ତୁ ଅଧିକ ନିର୍ଦ୍ଦିଷ୍ଟ ଭାବରେ ଏହା ଏକ ଲୋକ ଦଳର ଅତି ସୁପରିଚିତ ପୂର୍ବପୁରୁଷସମ୍ବନ୍ଧୀୟ ନେତାମାନଙ୍କୁ ବୁଝାଏ I

(ଆହୁରି ମଧ୍ୟ ଦେଖ: ପୂର୍ବପୁରୁଷ, ପିତା, ପରିବାର ବା ଜାତିର ପୂର୍ବପୁରୁଷମାନେ)

ବାଇବଲ ପଦଗୁଡିକ:

- ପ୍ରେରିତ 02:29-31
- ପ୍ରେରିତ 07: 6-8
- ପ୍ରେରିତ 07: 9-10
- ଏଜ୍ରା 03: 12-13

ବୋର୍ଡ ଡାଟା :

- Strong's: H1, H7218, G3966

ପୁରସ୍କାର, ପ୍ରତିଫଳ, ଉପଯୁକ୍ତ ବିବେଚିତ ହେବା

ପରିଭାଷା:

"ପୁରସ୍କାର" ଶବ୍ଦ ଜଣେ ବ୍ୟକ୍ତି ଦ୍ୱାରା କରାଯାଇଥିବା ଭଲ କି ମନ୍ଦ କାର୍ଯ୍ୟ ହେତୁ ପ୍ରାପ୍ତ କରିବାକୁ ବୁଝାଏ । କାହାକୁ "ପୁରସ୍କାର" ଦେବା ଅର୍ଥ ଯେଉଥି ପାଇଁ ଜଣେ ବ୍ୟକ୍ତି ଯୋଗ୍ୟ ତାହା ଦେବା ଅଟେ । ଅବଶ୍ୟ, ଏହା "ମଜୁରୀ" ର ଧାରଣାଠାରୁ ଭିନ୍ନ ଅଟେ, ଯାହା କରାଯାଇଥିବା କାର୍ଯ୍ୟ ବଦଳରେ ପ୍ରଦାନ କରାଯାଇଥିବା ଏକ ଦେୟ (ବେଳେବେଳେ ଟଙ୍କା) କୁ ସୂଚାଏ I

- ଗୋଟିଏ ପୁରସ୍କାର ହୁଏତ ଉତ୍ତମ ବା ସକରାତ୍ମକ ବିଷୟ ହୋଇପାରେ, ଯାହା ଜଣେ ବ୍ୟକ୍ତି ଗ୍ରହଣ କରେ, କାରଣ ସେ କିଛି ଉତ୍ତମ ବିଷୟ କରିଛନ୍ତି କିମ୍ବା ସେ ଈଶ୍ୱରଙ୍କ ଆଜ୍ଞାକାରୀ ହେଲେ I
- ବେଳେବେଳେ ଗୋଟିଏ ପୁରସ୍କାର ହୁଏତ ନକରାତ୍ମକ ବିଷୟଗୁଡ଼ିକ ସୂଚାଏ ଯାହା ହୁଏତ ଖରାପ ବ୍ୟବହାରର ପରିଣତି କିମ୍ବା ଫଳ ଅଟେ; ଯଥା ଦୁଷ୍ଟ ଲୋକର ପ୍ରତିଫଳ କିମ୍ବା ପୁରସ୍କାର ଅଟେ I ଏହି ପ୍ରସଙ୍ଗରେ ସେମାନଙ୍କର ପାପପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ହେତୁ ଦଣ୍ଡକୁ କିମ୍ବା ନକରାତ୍ମକ ପରିସ୍ଥିତିଗୁଡ଼ିକକୁ ଏହି "ପୁରସ୍କାର" ସୂଚାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି "ପୁରସ୍କାର" ଶବ୍ଦକୁ "ପ୍ରାପ୍ୟ" କିମ୍ବା "ଯାହା ପାଇବା ନିମନ୍ତେ ଯୋଗ୍ୟ ଅଟେ" କିମ୍ବା "ଦଣ୍ଡ" ବୋଲି ଅନୁବାଦ କରାଯାଇପାରେ I
- କାହାକୁ "ପୁରସ୍କୃତ କରିବା" ଶବ୍ଦକୁ "ପାରିତୋଷିକ ଦେବା" କିମ୍ବା "ଦଣ୍ଡ ଦେବା" କିମ୍ବା "ଯାହା ପାଇବାକୁ ଯୋଗ୍ୟ, ତାହା ଦେବା"ବୋଲି ଅନୁବାଦ କରାଯାଇପାରେ I
- ଯେପରି ଏହି ଶବ୍ଦର ଅନୁବାଦ ମଜୁରୀକୁ ସୂଚିତ କରେ ନାହିଁ ତାହା ନିଶ୍ଚିତ କରନ୍ତୁ I ଗୋଟିଏ ପୁରସ୍କାର ବିଶେଷତଃ କାର୍ଯ୍ୟର ଅଂଶ ଭାବରେ ଅର୍ଥ ଉପାର୍ଜନ କରିବା ବିଷୟ ନୁହେଁ I

(ଦେଖନ୍ତୁ: ଦଣ୍ଡ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ ୩୨:୬
- ଯିଶାଇୟ ୪୦:୧୦
- ଲୂକ ୬:୩୫
- ମାର୍କ ୯:୪୦-୪୧
- ମାଥିଉ ୫:୧୧-୧୨
- ମାଥିଉ ୬:୩-୪
- ଗୀତସଂହିତା ୧୨୭:୩-୫
- ପ୍ରକାଶିତ ବାକ୍ୟ ୧୧:୧୮

ଶବ୍ଦବିନ୍ୟାସ:

- Strong's: H0319, H0866, H0868, H1576, H1578, H1580, H4909, H4991, H5023, H6118, H6468, H6529, H7938, H7939, H7999, G04690, G05140, G05910, G26030, G34050, G34060, G34080

ପୂର୍ବପୁରୁଷ, ପିତା,ପିତର୍ତ୍ୱ, ପୂର୍ବପୁରୁଷ,ପୂର୍ବ ପୁରୁଷଗଣ

ପରିଭାଷା:

"ପିତା" ଶବ୍ଦ ଜଣେ ବ୍ୟକ୍ତିର ପିତାଙ୍କୁ ବୁଝାଏ I

- "ପିତା" ଏବଂ "ପୂର୍ବପୁରୁଷ" ଶବ୍ଦଗୁଡ଼ିକ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ଲୋକ ଗୋଷ୍ଠୀର ପୁରୁଷ ପିତୃପୁରୁଷଙ୍କୁ ସୂଚାଇବା ପାଇଁ ବ୍ୟବହୃତ ହୁଏ I ଏହି ଶବ୍ଦକୁ "ପିତୃପୁରୁଷ" କିମ୍ବା "ପୈତୃକ ପିତା" ବୋଲି ଅନୁବାଦ କରାଯାଇପାରେ I
- "ପିତାଙ୍କ" ଅଭିବ୍ୟକ୍ତିକୁ ସାଙ୍କେତିକ ଭାବରେ ସେହି ବ୍ୟକ୍ତିକୁ ବୁଝାଇପାରେ ଯିଏ ନେତାଙ୍କ ସମ୍ବନ୍ଧୀୟ ଗୋଷ୍ଠୀର ନେତା କିମ୍ବା କୌଣସି ବିଷୟର ପ୍ରଧାନ ଅଟେ | ଉଦାହରଣ ସ୍ୱରୂପ, ଆଦି ପୁସ୍ତକ 4 ରେ "ତମ୍ବୁରେ ବାସ କରୁଥିବା ସମସ୍ତଲୋକମାନଙ୍କର ପିତା" ଏହାର ଅର୍ଥ, "ତମ୍ବୁରେ ବାସ କରୁଥିବା ପ୍ରଥମ ଲୋକମାନଙ୍କର ପ୍ରଥମ ପରିବାରର ନେତା।" ଅଟେ I
- ପ୍ରେରିତ ପାଉଲ ସାଙ୍କେତିକ ରୂପରେ ସେ ଯାହାକୁ ସୁସମାଚାର ପ୍ରଚାର କରି ଖ୍ରୀଷ୍ଟ ବିଶ୍ୱାସରେ ଆଣିଲେ ସେମାନଙ୍କ ପାଇଁ ନିଜକୁ "ପିତା" ବୋଲି କହନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଜଣେ ପିତା ଏବଂ ତାଙ୍କର ଆକ୍ଷରିକ ପୁତ୍ର ବିଷୟରେ ଉଲ୍ଲେଖ କରିବା ସମୟରେ, ଏହି ଶବ୍ଦକୁ ସାଧାରଣ ଶବ୍ଦ ବ୍ୟବହାର କରି ଅନୁବାଦ କରାଯିବା ଉଚିତ୍ I
- "ପିତା ଈଶ୍ୱର" ଶବ୍ଦକୁ "ପିତା" ପାଇଁ ସାଧାରଣ ଶବ୍ଦ ବ୍ୟବହାର କରି ଅନୁବାଦ କରାଯିବା ଉଚିତ୍ I
- ଯେବେ ପୂର୍ବପୁରୁଷମାନଙ୍କୁ ଦର୍ଶାଏ, ତେବେ ଏହି ଶବ୍ଦକୁ "ପୂର୍ବପୁରୁଷ " କିମ୍ବା "ପୂର୍ବପୁରୁଷ ସମୂହ" ବୋଲି ଅନୁବାଦ କରାଯିବା ଉଚିତ ଅଟେ I
- ଯେବେ ପ୍ରେରିତ ପାଉଲ ସାଙ୍କେତିକ ରୂପରେ ନିଜକୁ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ "ପିତା" କହନ୍ତି, ଏହାକୁ "ଆତ୍ମିକ ପିତା "କିମ୍ବା "ଖ୍ରୀଷ୍ଟରେ ପିତା" ବୋଲି ଅନୁବାଦ କରାଯାଇପାରେ I
- କକେତେକ ସମୟରେ "ପିତା" ଶବ୍ଦ "କୁଳର ନେତା" ବୋଲି ପ୍ରସଙ୍ଗକୁ ଆଧାର କରି ଅନୁବାଦ କରାଯାଇପାରେ I
- "ସମସ୍ତ ମିଥ୍ୟାର ପିତା "ବାକ୍ୟାଂଶକୁ "ସମସ୍ତ ମିଥ୍ୟାର ସ୍ରୋତ" କିମ୍ବା "ଜଣେ ଯାହାଠାରୁ ସମସ୍ତ ମିଥ୍ୟା ଆସେ" ବୋଲି ଅନୁବାଦ କରାଯାଇପାରେ I

(ପିତା ଈଶ୍ୱର, ପୁତ୍ର, ଈଶ୍ୱରଙ୍କ ପୁତ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7:2
- ପ୍ରେରିତ 7:32
- ପ୍ରେରିତ 7:45
- ପ୍ରେରିତ 22:3
- ଆଦି ପୁସ୍ତକ 31:30
- ଆଦି ପୁସ୍ତକ 31:-42
- ଆଦି ପୁସ୍ତକ 31:53
- ଏବ୍ରୀ 7:4-6
- ଯୋହନ 4:12
- ଯିହୋଶୂୟ 24:3-4
- ମଲାଖୀ 3:7
- ମାର୍କ 10:7-9
- ମାଥିଉ 1:7
- ମାଥିଉ 3:9
- ମାଥିଉ 10:21
- ମାଥିଉ 18:14
- ରୋମୀୟ 4:12

ଶବ୍ଦବିନ୍ୟାସ :

- Strong's: H0001, H0002, H0025, H0369, H0539, H1121, H1730, H1733, H2524, H3205, H3490, H4940, H5971, H7223, G05400, G10800, G37370, G39620, G39640, G39660, G39670, G39700, G39710, G39950, G42450, G42690, G46130

ପୂର୍ବରୁ ଜାଣିଲେ , ପୂର୍ବ ଜ୍ଞାନ

ସଂଜ୍ଞା:

"ପୂର୍ବରୁ ଜାଣିଲେ "ଆଉ "ପୂର୍ବ ଜ୍ଞାନ "ଶବ୍ଦ "ଆଗରୁ ଜାଣିବା "ଶବ୍ଦରୁ ଆସିଛି ଯାହାର ଅର୍ଥ ହେଲା କିଛି ଘଟିବା ପୂର୍ବରୁ ତାହା ଜାଣିବା I

- ପରମେଶ୍ୱର ସମୟ ସୀମାରେ ଆବଦ୍ଧ ନୁହନ୍ତି I

ସେ ଅତୀତ, ବର୍ତମାନ ଓ ଭବିଷ୍ୟତରେ କଅଣ ହୁଏ ସବୁ ଜାଣନ୍ତି I

- ଏହି ଶବ୍ଦ ସେହି ପୃଷ୍ଠଭୂମିରେ ଲାଗୁ ହୁଏ କି ପ୍ରଭୁ ପୂର୍ବରୁ ଜାଣି ଅଛନ୍ତି କିଏ ଯୀଶୁଙ୍କୁ ଉଦ୍ଧାରକର୍ତା ରୂପରେ ଗ୍ରହଣ କରି ଉଦ୍ଧାର ପ୍ରାପ୍ତ ହେବ I

ଅନୁବାଦ ପ୍ରସ୍ତାବ:

- "ଆଗରୁ ଜାଣିଲେ" ଶବ୍ଦ "ପୂର୍ବରୁ ଜାଣିବା "କିଅବା "ସମୟର ଅତି ଆଗରୁ ଜାଣିବା "କିଅବା "ପୂର୍ବରୁ ଜାଣିଲେ "କିଅବା "ଜାଣି ସାରୀଥିଲେ "ରୂପରେ ଅନୁବାଦ କରାଯାଇପାରେ I
- "ପୂର୍ବଜ୍ଞାନ "ଶବ୍ଦ "ଆଗରୁ ଜାଣିବା "କିଅବା "ସମୟର ବହୁ ପୂର୍ବରୁ ଜାଣିବା "କିଅବା "ଜାଣି ସାରିଛନ୍ତି "କିଅବା "ଆଗ୍ରିମରେ ଜାଣିବା "ରୂପରେ ଅନୁବାଦ କରାଯାଇପାରେ I

(ଆହୁରି ଦେଖନ୍ତୁ:ଜାଣିବା,ପୂର୍ବରୁ ନିର୍ଧିଷ୍ଟତା)

ବାଇବଲ ଟିପ୍ପଣୀ:

- ରୋମୀୟ ୦୮:୨୮-୨୯
- ରୋମୀୟ ୧୧:୧-୩

ବୋର୍ଡ ଡାଟା :

- Strong's: G4267, G4268

ପୃଥିବୀ, ଦେଶ

ପରିଭାଷା:

ଏହି ଶବ୍ଦ "ପୃଥିବୀ" କୁ ବୁଝାଏ ଯେଉଁଠାରେ ମନୁଷ୍ୟ ଏବଂ ଅନ୍ୟ ଜୀବମାନେ ବାସ କରନ୍ତି I ବାଇବେଲରେ, ଏହି ଶବ୍ଦଟି ବେଳେବେଳେ "ଭୂମି" ଭାବରେ ଅନୁବାଦ କରାଯାଇଅଛି ଯେତେବେଳେ ଭୂମି କିମ୍ବା ମୃତ୍ତିକାକୁ ସାଧାରଣ ଭାବରେ ବ୍ୟବହାର କରାଯାଏ ସେତେବେଳେ, କିମ୍ବା ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରକୁ ସୂଚାଇବାକୁ ନିର୍ଦ୍ଦିଷ୍ଟ ଉପାୟରେ ବ୍ୟବହୃତ ହୁଏ, ସାଧାରଣତଃ ଏକ ଦେଶ କିମ୍ବା ରାଷ୍ଟ୍ର କ୍ଷେତ୍ରରେ I

- ବାଇବେଲରେ, "ପୃଥିବୀ" ଶବ୍ଦଟି 'ସ୍ୱର୍ଗ' ଶବ୍ଦ ସହ ଈଶ୍ୱରଙ୍କ ବାସସ୍ଥାନ ତୁଳନାରେ ପୃଥିବୀରେ ମାନବଜାତିର ବାସସ୍ଥାନକୁ ସୂଚାଇବା ପାଇଁ "ସ୍ୱର୍ଗ" ଶବ୍ଦ ବ୍ୟବହାର ହୁଏ I
- ଏହି ଶବ୍ଦ ସାଧାରଣତଃ "ଭୂମି" ବୋଲି ଅନୁବାଦ କରାଯାଇଥାଏ ଯେତେବେଳେ ସେହି ଗୋଷ୍ଠୀର ନାମ ସହିତ ଅନୁବାଦ ହୁଏ ଯେବେ ସେହି ଲୋକମାନଙ୍କ ଅଞ୍ଚଳକୁ ସୂଚାଏ, ଯେପରିକି "କିଣାନ ଦେଶ" I
- "ପାର୍ଥିବ" ଶବ୍ଦ ବେଳେବେଳେ ଶାରୀରିକ ଏବଂ / କିମ୍ବା ଅଦୃଶ୍ୟ ବିଷୟ ତୁଳନାରେ ଶାରୀରିକ ଏବଂ / କିମ୍ବା ଦୃଶ୍ୟମାନ ହେଉଥିବା ବିଷୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ I
- ଏହି ଶବ୍ଦଟି ସାଙ୍କେତିକ ଭାବରେ ପୃଥିବୀରେ ବାସ କରୁଥିବା ଲୋକମାନଙ୍କୁ କିମ୍ବା ପୃଥିବୀରେ ଯାହା ଅଛି ତାହା ସୂଚାଇବା ପାଇଁ ବ୍ୟବହୃତ ହୋଇପାରେ, ଯେପରିକି "ପୃଥିବୀ ଆନନ୍ଦିତ ହେଉ" ଏବଂ "ସେ ପୃଥିବୀର ବିଚାର କରିବେ" I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ ଶବ୍ଦ ବା ବାକ୍ୟାଂଶ ଦ୍ୱାରା ଅନୁବାଦ କରାଯାଇପାରେ ଯାହା ସ୍ଥାନୀୟ ଭାଷା କିମ୍ବା ନିକଟସ୍ଥ ଜାତୀୟ ଭାଷାଗୁଡ଼ିକ ଆମେ ବାସ କରୁଥିବା ପୃଥିବୀକୁ ସୂଚାଇବା ପାଇଁ ବ୍ୟବହାର କରେ I
- ପ୍ରସଙ୍ଗ ଉପରେ ନିର୍ଭର କରି "ପୃଥିବୀ" ଶବ୍ଦକୁ "ଜଗତ" କିମ୍ବା "ଭୂମି" କିମ୍ବା "ମଇଳା" କିମ୍ବା "ମାଟି" ବୋଲି ଅନୁବାଦ କରାଯାଇପାରେ |
- ଯେବେ ଏହା ସାଙ୍କେତିକ ଭାବରେ ବ୍ୟବହୃତ ହୁଏ ତେବେ "ପୃଥିବୀ" ଶବ୍ଦକୁ "ପୃଥିବୀର ଲୋକ" କିମ୍ବା "ପୃଥିବୀରେ ବାସ କରୁଥିବା ଲୋକ" କିମ୍ବା "ପୃଥିବୀର ସମସ୍ତ ବିଷୟ" ବୋଲି ଅନୁବାଦ କରାଯାଇପାରେ I
- "ପାର୍ଥିବ" ଶବ୍ଦକୁ "ଭୌତିକ" କିମ୍ବା "ପୃଥିବୀର ବିଷୟ" କିମ୍ବା "ଦୃଶ୍ୟ" ବୋଲି ଅନୁବାଦ କରାଯାଇପାରେ I

(ଆତ୍ମା,ଜଗତ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 1:38-40
- ଦ୍ୱିତୀୟ ବଂଶାବଳୀ 2:11-12
- ଦାନିୟେଲ 4:35
- ଲୂକ 12:51
- ମାଥିଉ 6:10
- ମାଥିଉ 11:25
- ଯିଖରୀୟ 6:5

ଶବ୍ଦବିନ୍ୟାସ :

- Strong's: H0127, H0772, H0776, H0778, H2789, H3007, H3335, H6083, H7494, G10930, G19190, G27090, G28860, G36250, G45780, G55170

ପେୟ୍ ନୈବେଦ୍ୟ

ସଂଜ୍ଞା:

ଏକ ପେୟ୍ ନୈବେଦ୍ୟ ଈଶ୍ୱରଙ୍କୁ ଗୋଟିଏ ବଳିଥିଲା ଯାହା ଏକ ବେଦି ଉପରେ ମଦ୍ୟ ଢାଳିବା ଅନ୍ତର୍ଭୁକ୍ତ ହେଲା । ଏହା ଏକ ଧୂପ ବଳି ଏବଂ ଏକ ଶସ୍ୟ ବଳି ସହ ଏକାଠି ବହୁବାର ଉତ୍ସର୍ଗ ହେଲା ।

- ପାଉଲ ତା'ଙ୍କ ଜୀବନକୁ ଏକ ପେୟ୍ ନୈବେଦ୍ୟ ପରି ଢାଳିବା ପରି ବିଷୟକୁ ବୁଝାଏ ।

ଏହାର ଅର୍ଥ ଯେ ସେ ଯୀଶୁଙ୍କ ବିଷୟରେ ଲୋକମାନଙ୍କୁ କହିବା ଏବଂ ଈଶ୍ୱରଙ୍କୁ ସେବା କରିବାକୁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତଥିଲେ ।

- ଯୀଶୁଙ୍କ କ୍ରୁଶ ଉପରେ ମୃତ୍ୟୁ ସର୍ବୋତ୍ତମ ପେୟ୍ ନୈବେଦ୍ୟଥିଲା, ଯେପରି ତା'ଙ୍କ ରକ୍ତ ଆମ୍ଭମାନଙ୍କର ପାପଗୁଡିକ ପାଇଁ କ୍ରୁଶ ଉପରେ ଢାଳିଲେ ।

ଅନୁବାଦ ପ୍ରସ୍ତାବ ବିଷୟଗୁଡିକ:

- ଏହି ଶବ୍ଦ "ଦ୍ରାକ୍ଷାରସର ବଳି" ଅନ୍ୟ ମାର୍ଗରେ ମଧ୍ୟ ଅନୁବାଦ କରିପାରିବା ।
- ଯେତେବେଳେ ପାଉଲ କହନ୍ତି "ପେୟ୍ ନୈବେଦ୍ୟ ପରି ଢାଳିଲି" ଏହି ରୂପେ ମଧ୍ୟ ଅନୁବାଦ କରିପାରିବା ଯେପରି "ମୁଁ ଲୋକମାନଙ୍କୁ ଈଶ୍ୱରଙ୍କର ସମ୍ବାଦ ଶିକ୍ଷା ଦେବାକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ ହେଲି, ସେପରି ଏକ ମଦ୍ୟର ବଳି ବେଦି ଉପରେ ସମ୍ପୂର୍ଣ୍ଣ ରୂପେ ଢଳାଗଲା ।

(ପୁନଶ୍ଚ ଦେଖନ୍ତୁ: ଧୂପ ବଳି, ଶସ୍ୟ ବଳି)

ବାଇବଲ ଉଲ୍ଲେଖଗୁଡିକ:

- ଯାତ୍ରାପୁସ୍ତକ ୨୫: ୨୮-୩୦
- ଯିହିଜିକଲ ୪୫: ୧୬-୧୭
- ଆଦିପର୍ବ ୩୫: ୧୪-୧୫
- ଯିରିମୀୟ ୦୭: ୧୬-୧୮
- ଗଣନା ୦୫: ୧୫

ବୋର୍ଡ ଡାଟା :

- Strong's: H5257, H5261, H5262

ପ୍ରକାର

ପରିଭାଷା:

"ପ୍ରକାର" ଓ "ସବୁ ପ୍ରକାର" ଏକ ସମୂହ କିମ୍ବା ବସ୍ତୁର ଅନ୍ତରତାର ଭାଗ ଯାହା ବର୍ଣ୍ଣନ ଚରିତ୍ର ସହ ସଂଯୁକ୍ତ ଅଟେ I

- ବାଇବେଲରେ,ବିଶେଷ କରି ଏହି ଶବ୍ଦ ଯେତେବେଳେ ଈଶ୍ୱର ଜଗତକୁ ସୃଷ୍ଟି କଲେ ବୃକ୍ଷ, ଲତା ଓ ପ୍ରାଣୀକୁ ଅଲଗା କରିବାକୁ ଦର୍ଶାଏ I
- ଅନେକ ସମୟରେ ଏକ "ପ୍ରକାର" ପ୍ରାଣୀରେ ଅଲଗା ଅଲଗା ଜୀବ ଦେଖାଯାଏ I ଉଦାହରଣ ସ୍ୱରୂପ, ଘୋଡ଼ା,ଜେବରା,ଗଧ ସବୁ ପଶୁର ସଦଶ୍ୟ ଏକ "ପ୍ରକାର" ଅଟେ କିନ୍ତୁ ସେମାନେ ଅଲଗା ଜାତି ଅଟନ୍ତି I
- ଯେଉଁ ମୁଖ୍ୟ ବିଷୟ ସମସ୍ତକୁ ଏକ ଅଲଗା ସମୂହ କରି ଅଲଗା କରେ ତାହା ସେହି ସମୂହର ପ୍ରାଣୀ ସମାନ "ପ୍ରକାର" ପ୍ରାଣୀ ଜନ୍ମ ଦିଅନ୍ତି I ଅଲଗା ଜାତିର ପ୍ରାଣୀ ଏହି ପ୍ରକାରେ କରି ପାରିବେ ନାହିଁ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଜାତି" କିମ୍ବା"ଶ୍ରେଣୀ" କିମ୍ବା"ସମୂହ" କିମ୍ବା"ପଶୁ (ଜଗତ) ସମୂହ" କିମ୍ବା"ଭାଗ" ବୋଲି ଏହି ଶବ୍ଦକୁ ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 1:21
- ଆଦି ପୁସ୍ତକ 1: 24
- ମାର୍କ 9:29
- ମାଥିଉ 13:47

ଶବ୍ଦବିନ୍ୟାସ :

- Strong's: H2178, H3978, H4327, G10850, G54490

ପ୍ରଚାର କରିବା, ପ୍ରଚାର, ପ୍ରଚାରକ, ଘୋଷଣା କରିବା, ଘୋଷଣା ପତ୍ର

ପରିଭାଷା:

"ପ୍ରଚାର କରିବା" ଅର୍ଥ ଲୋକମାନଙ୍କୁ କହିବାକୁ, ସେମାନଙ୍କୁ ଈଶ୍ୱରଙ୍କ ସମ୍ପର୍କରେ ଶିକ୍ଷା ଦେବାକୁ ଏବଂ ସେମାନଙ୍କୁ ତାହାଙ୍କ ଆଜ୍ଞା ପାଳନ କରିବାକୁ ଶିକ୍ଷା ଦେବାକୁ ବୁଝାଏ। "ଘୋଷଣା କରିବା" ଅର୍ଥ ସର୍ବ ସାଧାରଣରେ ଏବଂ ସାହସର ସହ କୌଣସି ବିଷୟକୁ ପ୍ରଚାର କରିବାକୁ ବୁଝାଏ।

- ଅନେକ ସମୟରେ ଏକ ବିଶାଳ ଜନତାକୁ ଜଣେ ବ୍ୟକ୍ତି ଦ୍ୱାରା ପ୍ରଚାର କରାଯାଇଥାଏ। ଏହା ସାଧାରଣତଃ ମୌଖିକ ଥାଏ, ଲିଖିତ ନ ଥାଏ।
- "ପ୍ରଚାର କରିବା" ଏବଂ "ଶିକ୍ଷା ଦେବା" ମଧ୍ୟରେ ସାମଞ୍ଜସ ରହିଛି, ସେଗୁଡ଼ିକ ଅବିକଳ ଭାବରେ ସମାନ ନୁହେଁ।
- ମୁଖ୍ୟତଃ "ପ୍ରଚାର କରିବା" ଆତ୍ମିକ କିମ୍ବା ନୈତିକ ସତ୍ୟକୁ ସର୍ବସାଧାରଣରେ ଘୋଷଣା କରିବା ଏବଂ ଶ୍ରୋତାମାନଙ୍କୁ ପ୍ରତ୍ୟୁତ୍ତର ଦେବା ନିମନ୍ତେ ଉତ୍ସାହ କରିବାକୁ ବୁଝାଏ। "ଶିକ୍ଷା ଦେବା" ଏକ ଭାବ ପ୍ରକାଶକ ପଦ ଅଟେ, ଯାହା ଉପଦେଶ ବା ପରାମର୍ଶ ଉପରେ ଗୁରୁତ୍ୱ ଆରୋପ କରିଥାଏ ଯାହା ଲୋକମାନଙ୍କୁ ସତ୍ୟ ଘଟଣାବଳୀ ଜଣାଇବା କିମ୍ବା କିପରି ଭାବରେ କୌଣସି ଏକ ବିଷୟ କରାଯିବ ସେହି ସମ୍ପର୍କରେ ଶିକ୍ଷା ଦେବାକୁ ବୁଝାଏ।
- "ପ୍ରଚାର କରିବା" ଶବ୍ଦ ସାଧାରଣତଃ "ସୁସମାଚାର" ଶବ୍ଦ ସହିତ ବ୍ୟବହାର କରାଯାଏ I
- ଜଣେ ବ୍ୟକ୍ତି ଅନ୍ୟମାନଙ୍କ ନିକଟରେ ପ୍ରଚାର କରିଥିବା ବିଷୟକୁ ମଧ୍ୟ ତାହାଙ୍କର "ଶିକ୍ଷାଗୁଡ଼ିକ" ଭାବରେ ଉଲ୍ଲେଖ କରାଯାଇପାରେ।
- ବାଇବେଲରେ ଅନେକ ସମୟରେ, "ଘୋଷଣା କରିବା" ଅର୍ଥ ସର୍ବସାଧାରଣରେ ଈଶ୍ୱର ଦେଇଥିବା ଆଜ୍ଞାକୁ ଘୋଷଣା କରିବା ବିଷୟକୁ ସୂଚାଏ, କିମ୍ବା ଈଶ୍ୱରଙ୍କ ବିଷୟରେ ଅନ୍ୟମାନଙ୍କୁ କହିବା ଏବଂ ସେ କେଡେ ମହାନ ବୋଲି ଜଣାଇବାକୁ ବୁଝାଏ।
- ନୂତନ ନିୟମରେ, ପ୍ରେରିତମାନେ ବିଭିନ୍ନ ନଗରରେ ଏବଂ ଅଞ୍ଚଳଗୁଡ଼ିକରେ ଅନେକ ଲୋକମାନଙ୍କ ନିକଟରେ ଯୀଶୁଙ୍କ ସମ୍ବନ୍ଧୀୟ ସୁସମାଚାର ଘୋଷଣା କଲେ।
- "ଘୋଷଣା କରିବା" ଶବ୍ଦକୁ ରାଜାମାନଙ୍କର ଘୋଷଣାନାମା ନିମନ୍ତେ କିମ୍ବା ପ୍ରକାଶ୍ୟରେ ମନ୍ଦତାକୁ ବର୍ଜନ ବା ବହିଷ୍କାର କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ।
- "ଘୋଷଣା କରିବା" ଶବ୍ଦକୁ "ଘୋଷଣାନାମା" କିମ୍ବା "ପ୍ରକାଶ୍ୟରେ ପ୍ରଚାର କରିବା" ବୋଲି ଅନୁବାଦ କରାଯାଇପାରେ।

(ଦେଖନ୍ତୁ: ସୁସମାଚାର, ଯୀଶୁ, ଈଶ୍ୱରଙ୍କ ରାଜ୍ୟ)

ବାଇବେଲ ପଦପର୍ବ:

- ୨ ତୀମଥି ୪:୧-୨
- ପ୍ରେରିତ ୮:୪-୫
- ପ୍ରେରିତ ୧୦:୪୨-୪୩
- ପ୍ରେରିତ ୧୪:୨୧-୨୨
- ପ୍ରେରିତ ୨୦:୨୫
- ଲୂକ ୪:୪୨
- ମାଥିଉ ୩:୧-୩
- ମାଥିଉ ୪:୧୭
- ମାଥିଉ ୧୨:୪୧
- ମାଥିଉ ୨୪:୧୪
- ପ୍ରେରିତ ୯:୨୦-୨୨
- ପ୍ରେରିତ ୧୩:୩୮-୩୯
- ଯୂନସ ୩:୧-୩
- ଲୂକ ୪:୧୮-୧୯
- ମାର୍କ ୧:୧୪-୧୫
- ମାଥିଉ ୧୦:୨୬

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୨୪:୨** ସେ (ଯୋହନ) ସେମାନଙ୍କ ନିକଟରେ **ପ୍ରଚାର କରି** କହିଲେ, "ମନ ପରିବର୍ତ୍ତନ କର, କାରଣ ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ ଅଟେ!"
- **୩୦:୧** ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ ଅନେକ ବିଭିନ୍ନ ଗ୍ରାମରେ ଲୋକମାନଙ୍କ ନିକଟରେ **ପ୍ରଚାର** କରିବାକୁ ଏବଂ ଶିକ୍ଷା ଦେବାକୁ ପ୍ରେରଣ କଲେ।
- **୩୮:୧** ପ୍ରାୟ ତିନି ବର୍ଷ ପରେ ଯୀଶୁ ପ୍ରଥମ ଥର **ପ୍ରଚାର** ଆରମ୍ଭ କଲେ ଏବଂ ସମସ୍ତଙ୍କ ସାକ୍ଷାତରେ ଶିକ୍ଷା ଦେଲେ, ଯୀଶୁ କହିଲେ ଯେ ସେ ଏହି ନିସ୍ତାର ପର୍ବ ସେମାନଙ୍କ ସହ ଯିରୂଶାଲମରେ ପାଳନ କରିବା ପାଇଁ ଇଚ୍ଛା କରୁଛନ୍ତି, ଏବଂ ସେ ସେଠାରେ ବଧ ହେବେ।
- **୪୫:୬** କିନ୍ତୁ ଏହି ସବୁ ବିଷୟ ସତ୍ତ୍ୱେ ସେମାନେ ଯେଉଁଆଡେ ଗଲେ ସେଠାରେ ସର୍ବତ୍ର ଯୀଶୁଙ୍କ ସମ୍ବନ୍ଧରେ **ପ୍ରଚାର କଲେ**।

- **୪୫:୭** ସେ (ଫିଲିପ୍ପ) ଶମରିୟାକୁ ଗଲେ ଏବଂ ସେଠାରେ ଯୀଶୁଙ୍କ ସମ୍ବନ୍ଧରେ ପ୍ରଚାର କଲେ ଏବଂ ଅନେକ ଲୋକମାନେ ପରିତ୍ରାଣ ପ୍ରାପ୍ତ ହେଲେ।
- **୪୬:୬** ସେହିକ୍ଷଣି ଶାଉଲ ଦମ୍ମେଶକରେ ଥିବା ଯିହୂଦୀମାନଙ୍କ ନିକଟରେ **ପ୍ରଚାର କରିବା** ଆରମ୍ଭ କରି କହିଲେ, "ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି! "
- **୪୬:୧୦** ତା'ପରେ ସେମାନେ ସେମାନଙ୍କୁ ଅନେକ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଯୀଶୁଙ୍କ ସୁସମାଚାର **ପ୍ରଚାର କରିବା** ନିମନ୍ତେ ପ୍ରେରଣ କଲେ I
- **୪୭:୧୪** ପାଉଲ ଏବଂ ଅନ୍ୟାନ୍ୟ ଖ୍ରୀଷ୍ଟିୟାନ ନେତାମାନେ ଯୀଶୁଙ୍କ ସମ୍ବନ୍ଧରେ ଅନେକ ନଗରମାନଙ୍କରେ **ପ୍ରଚାର** ଶିକ୍ଷା ଦେବା ନିମନ୍ତେ ଯାତ୍ରା କଲେ।
- **୫୦:୨** ଯେତେବେଳେ ଯୀଶୁ ଏହି ଜଗତରେ ବାସ କରୁଥିଲେ, ସେ କହିଲେ, "ମୋହର ଶିଷ୍ୟମାନେ ଜଗତର ସମସ୍ତ ଲୋକମାନଙ୍କୁ ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧରେ ସୁସମାଚାର **ପ୍ରଚାର** କରିବେ ଏବଂ ତାହାପରେ ଯୁଗାନ୍ତ ହେବ। "

ଶବ୍ଦବିନ୍ୟାସ:

- Strong's:
- preach: H1319, H7121, H7150, G1229, G2097, G2605, G2782, G2783, G2784, G2980, G4283
- proclaim: H1319, H1696, H1697, H2199, H3045, H3745, H4161, H5046, H5608, H6963, H7121, H7440, H8085, G518, G591, G1229, G1861, G2097, G2605, G2782, G2784, G2980, G3142, G4135

ପ୍ରତାରଣା, ପ୍ରବଞ୍ଚନା, ପ୍ରତାରଣା, ଭ୍ରାନ୍ତି

ପରିଭାଷା:

"ପ୍ରତାରଣା" ଶବ୍ଦ ଜଣକୁ କୌଣସି ମିଥ୍ୟା ବିଷୟରେ ବିଶ୍ୱାସ କରିବାପାଇଁ ପ୍ରବର୍ତ୍ତାଇବାକୁ ବୁଝାଏ। ଜଣକୁ ଠକିବାର କାର୍ଯ୍ୟକୁ "ପ୍ରବଞ୍ଚନା" କିମ୍ବା "ପ୍ରତାରଣା" ବୋଲି କୁହାଯାଏ।

- ଜଣକୁ କୌଣସି ମିଥ୍ୟା ବିଷୟରେ ବିଶ୍ୱାସ କରିବାପାଇଁ ଯିଏ ପ୍ରବର୍ତ୍ତାଇବାକୁ "ପ୍ରବଞ୍ଚକ" କୁହାଯାଏ। ଉଦାହରଣ ସ୍ୱରୂପ, ଶୟତାନ ଜଣେ "ପ୍ରବଞ୍ଚକ" କୁହାଯାଏ। ସେ ଯେଉଁ ମନ୍ଦ ଆତ୍ମାଗୁଡ଼ିକୁ ନିୟନ୍ତ୍ରଣ କରେ ସେସବୁକୁ ମଧ୍ୟ ପ୍ରବଞ୍ଚକ କୁହାଯାଏ।
- ଜଣେ ବ୍ୟକ୍ତିର, କାର୍ଯ୍ୟ, କିମ୍ବା ବାର୍ତ୍ତା ଯାହା ସତ୍ୟତା ନୁହେଁ ସେଗୁଡ଼ିକୁ "ବିଭ୍ରାନ୍ତିକର ବା ପ୍ରତାରଣାତ୍ମକ" ବୋଲି ଅନୁବାଦ କରାଯାଇପାରେ।
- ଏକ ବ୍ୟକ୍ତିର, କାର୍ଯ୍ୟ, କିମ୍ବା ବାର୍ତ୍ତାରେ ଯଦି ସତ୍ୟତା ନାହିଁ ତାକୁ "ପ୍ରତାରଣାତ୍ମକ" ବୋଲି ବର୍ଣ୍ଣନା କରାଯାଏ I
- "ପ୍ରବଞ୍ଚନା" ଏବଂ "ଭ୍ରାନ୍ତି ବା ମିଥ୍ୟା ବିଶ୍ୱାସ" ଶବ୍ଦର ସମାନ ଅର୍ଥକୁ ପ୍ରକାଶ କରେ, କିନ୍ତୁ ସେଗୁଡ଼ିକର ବ୍ୟବହାରରେ କିଛି ଭିନ୍ନତା ରହିଥାଏ।
- "ପ୍ରବଞ୍ଚନା" ଏବଂ "ପ୍ରତାରଣାତ୍ମକ" ଶବ୍ଦଗୁଡ଼ିକର ଅର୍ଥ ସମାନ ଅଟେ ଏବଂ ସେଗୁଡ଼ିକ ସମାନ ପ୍ରସଙ୍ଗରେ ବ୍ୟବହାର ହୋଇଥାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରତାରଣା" ଶବ୍ଦକୁ "ମିଥ୍ୟା କହିବାକୁ" କିମ୍ବା "ମିଥ୍ୟା କଥାକୁ ବିଶ୍ୱାସ କରାଇବା" କିମ୍ବା "ଯାହା ସତ ନୁହେଁ ସେହି ବିଷୟରେ ଚିନ୍ତା କରିବା ପାଇଁ ଜଣକୁ ପ୍ରବର୍ତ୍ତାଇବା" ବୋଲି ଅନୁବାଦ କରାଯାଇପାରେ।
- "ପ୍ରତାରିତ" ଶବ୍ଦକୁ ମଧ୍ୟ "କିଛି ମିଥ୍ୟା ଭାବିବାର କାରଣ ହେବା" କିମ୍ବା "ମିଥ୍ୟା କହିଲେ" କିମ୍ବା "ଚତୁରତା" କିମ୍ବା "ନିର୍ବୋଧ" କିମ୍ବା "ବିପଥଗାମୀ" ବୋଲି ଅନୁବାଦ କରାଯାଇପାରେ।
- "ପ୍ରତାରଣା" ଶବ୍ଦକୁ "ମିଥ୍ୟାବାଦୀ" କିମ୍ବା "ଜଣେ ଯିଏ ଭ୍ରାନ୍ତ କରେ" କିମ୍ବା "ଜଣେ ଯିଏ ପ୍ରତାରଣା କରେ" ଏପରି ମଧ୍ୟ ଅନୁବାଦ କରାଯାଇପାରେ।
- ପ୍ରସଙ୍ଗ ଉପରେ ନିର୍ଭର କରି, "ମିଥ୍ୟା ବିଶ୍ୱାସ ବା ଭ୍ରାନ୍ତ ଧାରଣା" କିମ୍ବା "ପ୍ରବଞ୍ଚନା" ଏକ ଶବ୍ଦ ବା ବାକ୍ୟ ସହିତ ଅନୁବାଦ କରାଯାଇପାରେ ଯାହାର ଅର୍ଥ "ମିଥ୍ୟା କହିବା" କିମ୍ବା "ପ୍ରତାରଣାକାରୀ" ଅଟେ ।
- "ଭ୍ରାନ୍ତିକର ବା ନିରର୍ଥକ ପ୍ରତାରଣା" କିମ୍ବା "ପ୍ରତାରଣାପୂର୍ଣ୍ଣ" ଶବ୍ଦକୁ "ଅସତ୍ୟ" କିମ୍ବା "ବିଭ୍ରାନ୍ତକାରୀ" କିମ୍ବା "ମିଥ୍ୟା" ଭାବରେ ଜଣେ ବ୍ୟକ୍ତି ଯିଏ ଲୋକମାନଙ୍କୁ ଯାହା ସତ୍ୟ ନୁହେଁ ସେଥିରେ ବିଶ୍ୱାସ କରିବାର କାରଣ ହୁଏ" ବୋଲି ଅନୁବାଦ କରାଯାଇପାରେ।

(ସତ୍ୟ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 1:8
- ପ୍ରଥମ ତୀମଥି 2:14
- ଦ୍ୱିତୀୟ ଥେସଲନୀକୀୟ 2:3-4
- ଆଦି ପୁସ୍ତକ 3:12-13
- ଆଦି ପୁସ୍ତକ 31:26-28
- ଲେବୀୟ ପୁସ୍ତକ 19:11-12
- ମାଥିଉ 27:64
- ମୀଖା 6:11

ଶବ୍ଦବିନ୍ୟାସ:

- Strong's: H0898, H2048, H3577, H3584, H3868, H4123, H4820, H4860, H5230, H5377, H5558, H6121, H6231, H6601, H7411, H7423, H7683, H7686, H7952, H8267, H8496, H8582, H8591, H8649, G05380, G05390, G13860, G13870, G13880, G18180, G38840, G41050, G41060, G41080, G54220, G54230

ପ୍ରତିବାସୀ, ପଡୋଶୀ, ପଡୋଶୀ

ପରିଭାଷା:

"ପଡ଼ୋଶୀ" ଶବ୍ଦ ସାଧାରଣତଃ ନିକଟରେ ରହୁଥିବା ବ୍ୟକ୍ତିଙ୍କୁ ବୁଝାଏ I ଏହା ସମାନ ସମ୍ପ୍ରଦାୟ କିମ୍ବା ଲୋକ ଗୋଷ୍ଠୀରେ ରହୁଥିବା ବ୍ୟକ୍ତିଙ୍କୁ ମଧ୍ୟ ସୂଚାଇପାରେ I

- ଜଣେ "ପଡ଼ୋଶୀ" ହେଉଛନ୍ତି ଏକ ବ୍ୟକ୍ତି ଯିଏକି ସୁରକ୍ଷିତ ଏବଂ ଦୟା କରାଯାଏ କାରଣ ସେ ସମାନ ସମ୍ପ୍ରଦାୟର ଅଂଶ ଅଟନ୍ତି I
- ନୂତନ ନିୟମର ଉତ୍ତମ ଶମିରୋଣୀୟ ଦୃଷ୍ଟାନ୍ତରେ, ଯୀଶୁ "ପଡ଼ୋଶୀ" ଶବ୍ଦକୁ ସାଙ୍କେତିକ ଭାବରେ ବ୍ୟବହାର କରି ଏହାର ଅର୍ଥକୁ ସମସ୍ତ ମନୁଷ୍ୟକୁ ଅନ୍ତର୍ଭୁକ୍ତ କରିବା ପାଇଁ କରିଥିଲେ, ଏପରିକି ଶତ୍ରୁ ଭାବରେ ପରିଗଣିତ ହେଉଥିବା ବ୍ୟକ୍ତି ମଧ୍ୟ ଅନ୍ତର୍ଭୁକ୍ତ ଅଟେ I
- ଯଦି ସମ୍ଭବ, ଏହି ଶବ୍ଦକୁ ଏପରି ଶବ୍ଦ ବା ବାକ୍ୟାଂଶ ସହିତ ଅନୁବାଦ କରିବା ସର୍ବୋତ୍ତମ ହେବ, ଯାହାର ଅର୍ଥ "ନିକଟବର୍ତ୍ତୀ ବ୍ୟକ୍ତି" ଅଟେ I

(ବିରୋଧୀ, ଦୃଷ୍ଟାନ୍ତ, ଲୋକଦଳ, ଶମିରୋଣ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7:26-28
- ଏଫିସୀୟ 4:25-27
- ଗାଲାତୀୟ 5:14
- ଯାକୁବ 2:8
- ଯୋହନ 9:8-9
- ଲୂକ 1:58
- ମାଥିଉ 5:43
- ମାଥିଉ 19:19
- ମାଥିଉ 22:39

ଶବ୍ଦବିନ୍ୟାସ :

- Strong's: H5997, H7138, H7453, H7468, H7934, G10690, G20870, G40400, G41390

ପ୍ରତିମା ପୂଜକ, ପ୍ରତିମା ପୂଜକଗଣ

ସଂଜ୍ଞା:

ବାଇବଲ ସମୟରେ, ଯେଉଁମାନେ ସଦାପ୍ରଭୁଙ୍କ ପରିବର୍ତ୍ତେ ମିଥ୍ୟା ଦେବତାମାନଙ୍କୁ ପୂଜା କରୁଥିଲେ, ସେମାନଙ୍କ ବର୍ଣ୍ଣନା କରିବା ନିମନ୍ତେ ଏହି 'ପ୍ରତିମା ପୂଜକ' ଶବ୍ଦ ବ୍ୟବହାର କରାଯାଉଥିଲା I

- ଯେକୌଣସି ବିଷୟ ଏହି ଲୋକମାନଙ୍କ ସହିତ ଜଡ଼ିତ, ଯଥା, ସେମାନେ ଉପାସନା କରୁଥିବା ସ୍ଥାନ ଯଜ୍ଞବେଦି, ସେମାନେ ସମ୍ପନ୍ନ କରୁଥିବା ବିଧିବିଧାନ, ଏବଂ ସେମାନଙ୍କ ବିଶ୍ୱାସମତଗୁଡିକୁ ମଧ୍ୟ 'ପ୍ରତିମାପୂଜା' କୁହାଯାଉଥିଲା I
- ପ୍ରତିମା ପୂଜାର ବିଶ୍ୱାସପଦ୍ଧତିଗୁଡ଼ିକ ଅନେକ ସମୟରେ ମିଥ୍ୟା ଦେବତାଗଣର ଏବଂ ପ୍ରକୃତିର ଉପାସନାକୁ ଅନ୍ତର୍ଭୁକ୍ତ କରୁଥିଲା I
- କେତେକ ପ୍ରତିମା ପୂଜାର ଧର୍ମଗୁଡ଼ିକ ଯୌନଜନିତ ଅନୈତିକ ବିଧିବିଧାନଗୁଡ଼ିକୁ ବା ମଣିଷମାନଙ୍କୁ ହତ୍ୟା କରିବା ବିଷୟକୁ ସେମାନଙ୍କର ଉପାସନାର ଅଂଶବିଶେଷ ଭାବରେ ଅନ୍ତର୍ଭୁକ୍ତ କରୁଥିଲେ I

(ଆହୁରି ମଧ୍ୟ ଦେଖ: ଯଜ୍ଞବେଦି, ମିଥ୍ୟା ଦେବତା, ବଳିଦାନ, ଉପାସନା, ସଦାପ୍ରଭୁ)

ବାଇବଲ ପଦଗୁଡ଼ିକ

- 1 କରିନ୍ଥୀୟ 10: 20- 22
- 1 କରିନ୍ଥୀୟ 12: 1-3
- 2 ଦ୍ୱିତୀୟ ରାଜାବଳି 17:14-15
- 2 ଦ୍ୱିତୀୟ ରାଜାବଳି 21:4-6

ବୋର୍ଡ ଡାଟା :

- Strong's: H1471, G1484

ପ୍ରତିମା, ଖୋଦିତ ପ୍ରତିମୂର୍ତ୍ତି, ଖୋଦିତ ପ୍ରତିମୂର୍ତ୍ତିମାନ, ଧାତୁ ନିର୍ମିତ ପ୍ରତିମୂର୍ତ୍ତି, ବାହ୍ୟ ଆକାର

ପରିଭାଷା:

ଏହି ଶବ୍ଦଗୁଡ଼ିକ ମୂର୍ତ୍ତିଗୁଡ଼ିକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ ଯାହା ଏକ ମିଥ୍ୟା ଦେବତାକୁ ପୂଜା କରିବା ପାଇଁ ତିଆରି କରାଯାଇଛି I ମୂର୍ତ୍ତିଗୁଡ଼ିକୁ ପୂଜା କରିବା ପ୍ରସଙ୍ଗରେ, "ପ୍ରତିମା" ଶବ୍ଦଟି "ଖୋଦିତ ପ୍ରତିଛବି" ର ସଂକ୍ଷିପ୍ତ ରୂପ I

- ଏକ "ଖୋଦିତ ପ୍ରତିମୂର୍ତ୍ତି" କିମ୍ବା "ଖୋଦିତ ପ୍ରତିମା" ଏକ କାଠରେ ନିର୍ମିତ ବସ୍ତୁ ଅଟେ ଯାହା ପଶୁ, ବ୍ୟକ୍ତି କିମ୍ବା ଏକ ବସ୍ତୁ ପରି ଦେଖାଯାଏ I
- "ଧାତୁ ନିର୍ମିତ ପ୍ରତିମା" ଏକ ବସ୍ତୁ କିମ୍ବା "ପ୍ରତିମା" କୁ ନିର୍ମାଣ କରିବା ନିମନ୍ତେ ଧାତୁକୁ ତରଳାଇ, ଏକ ଆକାରରେ ଢାଳିବସ୍ତୁ, ପଶୁ କିମ୍ବା ବ୍ୟକ୍ତିର ଆକାର ଦିଆଯାଏ I
- ଏହି କାଠ ଓ ଧାତୁ ବସ୍ତୁକୁ ମିଥ୍ୟା ଦେବତାକୁ ପୂଜା କରିବାରେ ବ୍ୟବହୃତ ହୁଏ I
- "ପ୍ରତିମୂର୍ତ୍ତି" ଶବ୍ଦ ଯେତେବେଳେ ଏକ ମୂର୍ତ୍ତିକୁ ଦର୍ଶାଏ ତେବେ ଏହା କାଠ କିମ୍ବା ଧାତୁ ହୋଇପାରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେତେବେଳେ ଏକ ମୂର୍ତ୍ତିକୁ ସମ୍ବୋଧିତ କରେ, "ପ୍ରତିମୂର୍ତ୍ତି" ଶବ୍ଦକୁ "ପ୍ରତିମା" କିମ୍ବା "ଖୋଦିତ ମୂର୍ତ୍ତି" କିମ୍ବା "ଖୋଦିତ ଧାର୍ମିକ ବସ୍ତୁ" ବୋଲି ଅନୁବାଦ କରାଯାଇପାରେ I
- କେତେକ ଭାଷାରେ ଏହାକୁ ଆହୁରି ସ୍ପଷ୍ଟ କରିବା ନିମନ୍ତେ ସବୁବେଳେ ବ୍ୟାଖ୍ୟାତ୍ମକ ବ୍ୟବହାର କରାଯାଏ, ଯେପରିକି "ଖୋଦିତ ପ୍ରତିମା" କିମ୍ବା "ଧାତୁ ନିର୍ମିତ ଆକୃତି " ଏହା କେତେକ ସ୍ଥାନରେ କେବଳ "ଛବି" କିମ୍ବା "ଆକୃତି: ମୁଳ ଲିପିରେ ଲିଖିତ ଅଛି I
- ଏହି ଶବ୍ଦ ଈଶ୍ୱରଙ୍କର ପ୍ରତିମୂର୍ତ୍ତି ପାଇଁ ବ୍ୟବହାର କରନ୍ତୁ ନାହିଁ I

(ଦେଖନ୍ତୁ: ମିଥ୍ୟା ଦେବ, ଈଶ୍ୱର , ଈଶ୍ୱରଙ୍କ ପ୍ରତିମା)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୪:୯-୧୦
- ପ୍ରେରିତ ୭:୪୩
- ଯିଶାଇୟ ୨୧:୮-୯
- ମାଥିଉ ୨୨:୨୧
- ରୋମୀୟ ୧:୨୩

ଶବ୍ଦବିନ୍ୟାସ:

- Strong's: H0457, H1544, H2553, H4541, H4676, H4853, H4906, H5257, H5262, H5566, H6091, H6456, H6459, H6754, H6755, H6816, H8403, H8544, H8655, G15040, G51790

ପ୍ରତିଶୋଧ, ପ୍ରତିଶୋଧ ଗ୍ରହଣକାରୀ, ପ୍ରତିଶୋଧ ନେବା, ପ୍ରତିଶୋଧ

ପରିଭାଷା:

"ପ୍ରତିଶୋଧ"କିମ୍ବା "ପ୍ରତିଶୋଧ ନେବା"ବାକ୍ୟାଂଶର ଅର୍ଥ ଜଣେ ବ୍ୟକ୍ତି ଅନ୍ୟ ଜଣ ବ୍ୟକ୍ତିପ୍ରତି କ୍ଷତି ପହଞ୍ଚାଇଥିବା ହେତୁ ପୁନଶ୍ଚ ଦଣ୍ଡ ଦେବାକୁ ବୁଝାଏ । ନିଜ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିରୋଧ କରିବା "ପ୍ରତିଶୋଧ"ଅଟେ ।

- ସାଧାରଣତଃ ପ୍ରତିଶୋଧ ଶବ୍ଦ ନ୍ୟାୟକୁ ଠିକ୍ କିମ୍ବା ଭୁଲ ଭାବରେ କରାଯାଇଛି ତାହା ଦେଖିବାକୁ ବୁଝାଏ ।
- ଯେତେବେଳେ "ପ୍ରତିଶୋଧ ନେବା"କିମ୍ବା "ପ୍ରତିଶୋଧ ପାଇବା"କଥା ଆସେ ଯେଉଁ ବ୍ୟକ୍ତି ଅନ୍ୟ ଜଣଙ୍କୁ କ୍ଷତି ପହଞ୍ଚାଇଛନ୍ତି ତାହାକୁ ତାହାଠାରୁ ଫେରାଇ ଆଣିବାକୁ ସୂଚୀତ କରେ ।
- ଯେତେବେଳେ ଈଶ୍ୱର "ପ୍ରତିଶୋଧ ନିଅନ୍ତି"କିମ୍ବା "ପ୍ରତିଶୋଧ ସମ୍ପନ କରନ୍ତି"ସେ ଧାର୍ମିକ ଭାବେ କରନ୍ତି କାରଣ ସେ ପାପ ଓ ବିଦ୍ରୋହତାକୁ ଦଣ୍ଡ ଦିଅନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରତିଶୋଧ ନେବା"ଶବ୍ଦକୁ "ଭୂଲରୁ ଠିକ୍"କିମ୍ବା "ନ୍ୟାୟ ପାଇବା"ଅର୍ଥରେ ମଧ ଅନୁବାଦ କରାଯାଇପାରେ ।
- ଲୋକମାନଙ୍କୁ ସୂଚୀତ କଲାବେଳେ "ପ୍ରତିଶୋଧ ନେବା"ଶବ୍ଦକୁ "ପୁନଶ୍ଚ ପାଇବା"କିମ୍ବା "ଦଣ୍ଡ ପାଇଁ ଆଘାତ କରିବା"କିମ୍ବା "ପୁନଶ୍ଚ ପାଇବା"ବୋଲି ଅନୁବାଦ କରାଯାଇପାରେ ।
- ଏହି ଶବ୍ଦକୁ ପ୍ରସଙ୍ଗ ଅନୁଯାୟୀ "ଦଣ୍ଡ"କିମ୍ବା "ପାପର ଦଣ୍ଡ"କିମ୍ବା "ଭୂଲ କାମ ନିମନ୍ତେ ପେୟ କରିବା ବୋଲି ଅନୁବାଦ କରାଯାଇପାରେ । ଯଦି "ପ୍ରତ୍ୟାକ୍ରମଣ"ଶବ୍ଦ ବ୍ୟବହାର କରାଯାଏ ତେବେ ଏହା କେବଳ ମନୁଷ୍ୟ ପ୍ରତି ବୁଝାଏ ।
- ଯେବେ ଈଶ୍ୱର କହନ୍ତି "ମୋହର ପ୍ରତିଶୋଧ ନିଅ"ଏହି ବାକ୍ୟାଂଶକୁ "ମୋହର ବିରୁଦ୍ଧରେ ଭୂଲ କରିଥିବା ହେତୁ ସେମାନଙ୍କୁ ଦଣ୍ଡ ଦିଅ"କିମ୍ବା "ସେମାନେ ମୋ ବିରୁଦ୍ଧରେ ପାପ କରିଥିବା ହେତୁ ସେମାନଙ୍କ ପ୍ରତି ଖରାପ ହେଉ"ବୋଲି ଅନୁବାଦ କରାଯାଇପାରେ ।
- ଈଶ୍ୱରଙ୍କ ପ୍ରତିଶୋଧ ସୂଚୀତ କଲାବେଳେ, ଈଶ୍ୱର ପାପର ଦଣ୍ଡ ଦେଲାବେଳେ ସର୍ବଦା ଠିକ୍ ଥାଆନ୍ତି ବୋଲି ଅର୍ଥ ପ୍ରଲାଶ କରିବା ଉଚିତ ତାହା ନିଶ୍ଚିତ କରନ୍ତୁ ।

(ଦଣ୍ଡ, ନ୍ୟାୟିକ, ଧାର୍ମିକତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଶାମୁୟେଲ ୨୪:୧୨-୧୩
- ଯିହିଜିକଲ ୨୫:୧୫
- ଯିଶାଇୟ ୪୭:୩-୫
- ଲେବୀୟ ୧୯:୧୭-୧୮
- ଗୀତସଂହିତା ୧୮: ୪୭
- ରୋମୀୟ ୧୨:୧୯

ଶବ୍ଦବିନ୍ୟାସ:

- Strong's: H1350, H3467, H5358, H5359, H5360, H8199, G15560, G15570, G15580, G37090

ପ୍ରତିଶ୍ରୁତି ଦେବା, ପ୍ରତିଶ୍ରୁତି ପ୍ରତିବଦ୍ଧତା

ପରିଭାଷା:

ଏହି ଉଭୟ ଶବ୍ଦ “ପ୍ରତିଶ୍ରୁତି ଦେବା” ଏବଂ “ପ୍ରତିବଦ୍ଧତା” ଏକ ନିଷ୍ପତ୍ତି ନେବାକୁ କିମ୍ବା କିଛି କରିବାକୁ ପ୍ରତିଜ୍ଞା କରିବାକୁ ବୁଝାଏ I

- ଜଣେ ବ୍ୟକ୍ତି ଯିଏ କୌଣସି ବିଷୟକୁ କରିବାକୁ ପ୍ରତିଜ୍ଞା କରେ ତାହା କରିବାକୁ ମଧ୍ୟ “ପ୍ରତିଶ୍ରୁତି ଦେବା” ବୋଲି ବର୍ଣ୍ଣନା କରାଯାଏ I
- କାହାକୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟର “ପ୍ରତିଶ୍ରୁତି ଦେବା” ଅର୍ଥ ସେହି କାର୍ଯ୍ୟକୁ ସେହି ବ୍ୟକ୍ତିକୁ ନ୍ୟସ୍ତ କରିବା ଅଟେ I ଉଦାହରଣ ସ୍ୱରୂପ, ଦ୍ୱିତୀୟ କରନ୍ଥୀୟରେ ପାଉଲ କହନ୍ତି ଯେ ଈଶ୍ୱର ଆମ୍ଭମାନଙ୍କୁ, ଲୋକମାନଙ୍କୁ ଈଶ୍ୱରଙ୍କ ସହିତ ମିଳନ କରେଇବାକୁ ସାହଯ୍ୟ କରିବା କାର୍ଯ୍ୟ ନ୍ୟସ୍ତ କରିଛନ୍ତି (କିମ୍ବା “ଦେଇଛନ୍ତି”) I
- “ପ୍ରତିଶ୍ରୁତି ଦେବା” ଏବଂ “ପ୍ରତିବଦ୍ଧ” ଶବ୍ଦଗୁଡ଼ିକ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଭୁଲ କାର୍ଯ୍ୟ କରିବାକୁ ସୂଚିତ କରେ ଯେପରିକି “ପାପ କରିବା” କିମ୍ବା “ବ୍ୟଭିଚାର କରିବା” କିମ୍ବା “ହତ୍ୟା କରିବା”I
- “କୌଣସି କାମ ହସ୍ତାନ୍ତର କରିବା” ବକ୍ୟାଂଶକୁ “ତାହାଙ୍କୁ କାର୍ଯ୍ୟ ଦେବା” କିମ୍ବା “କାର୍ଯ୍ୟର ଦଦାୟିତ୍ୱ ଦେବା” କିମ୍ବା “କାର୍ଯ୍ୟ କରିବା ନିମନ୍ତେ ନିଯୁକ୍ତି ଦେବା” ବୋଲି ମଧ୍ୟ ଭିନ୍ନ ଭାବରେ ଅନୁବାଦ କରାଯାଇପାରେ I
- “ପ୍ରତିବଦ୍ଧତା” ଶବ୍ଦକୁ “ଦିଆଯାଇଥିବା ଦାୟିତ୍ୱ” କିମ୍ବା “ଯେଉଁ ପ୍ରତିଜ୍ଞା ଦିଆଯାଇଥିଲା” ବୋଲି ମଧ୍ୟ ଭିନ୍ନ ଭାବରେ ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ବ୍ୟଭିଚାର, ବିଶ୍ୱସ୍ତ, ପ୍ରତିଜ୍ଞା, ପାପ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୨୮:୭
- ପ୍ରଥମ ପିତର ୨:୨୧-୨୩
- ଯିରିମୀୟ ୨:୧୨-୧୩
- ମାଥିଉ ୧୩:୪୧
- ଗୀତସଂହିତା ୫୮:୨

ଶବ୍ଦବିନ୍ୟାସ:

- Strong’s: H0539, H0817, H1361, H1497, H1500, H1540, H1556, H2181, H2388, H2398, H2399, H2403, H4560, H4603, H5003, H5753, H5766, H5771, H6213, H6466, H7683, H7760, H7847, G02640, G20380, G27160, G34290, G34310, G38600, G38720, G39080, G41020, G41600, G42030

ପ୍ରତ୍ୟାଖ୍ୟାନ କରିବା, ପ୍ରତ୍ୟାଖ୍ୟାନ କଲେ, ଅସ୍ୱୀକାର

ପରିଭାଷା:

କାହାକୁକୁ କିମ୍ବା କୌଣସି ବିଷୟକୁ "ପ୍ରତ୍ୟାଖ୍ୟାନ" କରିବା ଅର୍ଥ ସେହି ବ୍ୟକ୍ତି ବା ବିଷୟକୁ ଗ୍ରହଣ କରିବାକୁ ଅସ୍ୱୀକାର କରିବା ଅଟେ ।

- "ପ୍ରତ୍ୟାଖ୍ୟାନ" କରିବା ଶବ୍ଦର ଅର୍ଥ କୌଣସି ବିଷୟ ପ୍ରତି "ବିଶ୍ୱାସ କରିବାକୁ ଅସ୍ୱୀକାର କରିବା" ମଧ୍ୟ ହୋଇପାରେ।
- ଈଶ୍ୱରଙ୍କୁ ଅଗ୍ରାହ୍ୟ କରିବା ଅର୍ଥ ତାହାଙ୍କ ଆଜ୍ଞା ମଧ୍ୟ ପାଳନ ନ କରିବା ଅଟେ।
- ଯେବେ ଇସ୍ରାଏଲୀୟମାନେ ମୋଶାଙ୍କ ନେତୃତ୍ୱକୁ ପ୍ରତ୍ୟାଖ୍ୟାନ କଲେ, ଏହାର ଅର୍ଥ ସେମାନେ ତାହାଙ୍କ କର୍ତ୍ତୃତ୍ୱ ପ୍ରତି ବିଦ୍ରୋହ କରୁଥିଲେ। ସେମାନେ ତାହାଙ୍କର ଆଜ୍ଞା ପାଳନ କରିବାକୁ ଚାହୁଁ ନ ଥିଲେ।
- ଯେବେ ଇସ୍ରାଏଲୀୟମାନେ ମିଥ୍ୟା ଦେବତାଗଣର ପୂଜା କରି ଦର୍ଶାଇଲେ ଯେ ସେମାନେ ଈଶ୍ୱରଙ୍କୁ ଅଗ୍ରାହ୍ୟ କରୁଛନ୍ତି।
- "ଦୂରଇ ଦେବା" ଶବ୍ଦର ଆକ୍ଷରିକ ଅର୍ଥ ଅନ୍ୟ ଭାଷାମାନଙ୍କରେ କାହାକୁ କିମ୍ବା କୌଣସି ବିଷୟକୁ ପ୍ରତ୍ୟାଖ୍ୟାନ କିମ୍ବା ଅଗ୍ରାହ୍ୟ କରିବାକୁ ସମାନ ଶବ୍ଦ ଥାଇପାରେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ପ୍ରତ୍ୟାଖ୍ୟାନ"ଶବ୍ଦକୁ "ଗ୍ରହଣ ନ କରିବା" କିମ୍ବା "ସାହାଯ୍ୟ ବନ୍ଦ କରିବା" କିମ୍ବା "ଆଜ୍ଞା ପାଳନ କରିବାକୁ ଅସ୍ୱୀକାର କରିବା" କିମ୍ବା "ଆଜ୍ଞା ପାଳନ କରିବାରୁ ବନ୍ଦ କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ପ୍ରସ୍ତର ଯାହା ନିର୍ମାଣକାରୀମାନେ ଅଗ୍ରାହ୍ୟ କଲେ," ବାକ୍ୟାଂଶରେ "ପ୍ରତ୍ୟାଖ୍ୟାନ କଲେ" ଶବ୍ଦକୁ ଯେପରି "ବ୍ୟବହାର କରିବାକୁ ଅଗ୍ରାହ୍ୟ କଲେ" କିମ୍ବା "ଗ୍ରହଣ କଲେ ନାହିଁ" କିମ୍ବା "ଫୋପାଡ଼ି ଦେଲେ" କିମ୍ବା "ଏହାକୁ ବ୍ୟବହାର ଯୋଗ୍ୟ ନୁହେଁ" ବୋଲି ଅନୁବାଦ କରାଯାଇପାରେ।
- ଲୋକମାନେ ଈଶ୍ୱରଙ୍କ ଆଜ୍ଞାକୁ ଅଗ୍ରାହ୍ୟ କାରିବା ପ୍ରସଙ୍ଗରେ, ଅଗ୍ରାହ୍ୟ କଲେ ଯେପରି ତାହାଙ୍କ ଅଜ୍ଞାଗୁଡ଼ିକ "ପାଳନ କରିବାକୁ ଅଗ୍ରାହ୍ୟ କଲେ" କିମ୍ବା ଈଶ୍ୱରଙ୍କ ବ୍ୟବସ୍ଥାଗୁଡ଼ିକ "ହୃଦୟ କଠିନ ହେତୁ ଗ୍ରହଣ ନ କରିବାକୁ ମନୋନୀତ କଲେ" ବୋଲି ଅନୁବାଦ କରାଯାଇପାରେ।

(ଦେଖନ୍ତୁ: ଆଦେଶ, ଅମାନ୍ୟ କରିବା, ଆଜ୍ଞା ପାଳନ, ଶକ୍ତଗ୍ରୀବ)

ବାଇବେଲ ପଦପର୍ବ:

- ଗାଲାତୀୟ ୪:୧୨-୧୪
- ହୋଶେୟ ୪:୬-୭
- ଯିଶାଇୟ ୪୧:୯
- ଯୋହନ ୧୨:୪୮-୫୦
- ମାର୍କ ୭:୯

ଶବ୍ଦବିନ୍ୟାସ:

- Strong's: H0947, H0959, H2186, H2310, H3988, H5006, H5034, H5186, H5203, H5307, H5541, H5800, G01140, G04830, G05500, G05790, G05800, G05930, G06830, G07200, G16090, G38680

ପ୍ରଥମ ଜାତ

ପରିଭାଷା:

"ପ୍ରଥମ ଜାତ" ମନୁଷ୍ୟ କିମ୍ବା ପଶୁ ସନ୍ତାନରୁ ପ୍ରଥମ ଜାତକୁ ବୁଝାଏ, ଯାହାକି ଅନ୍ୟ ସନ୍ତାନ ଜନ୍ମ ହେବା ପୂର୍ବରୁ ପ୍ରଥମେ ଜନ୍ମ ହୁଏ I

- ବାଇବେଲରେ, "ପ୍ରଥମ ଜାତ" ସାଧାରଣତଃ ପ୍ରଥମେ ଜାତ ପୁତ୍ର ସନ୍ତାନକୁ ବୁଝାଏ I
- ବାଇବେଲ ସମୟରେ, ପ୍ରଥମ ଜାତ ସନ୍ତାନକୁ ଏକ ମୁଖ୍ୟ ସ୍ଥାନ ଓ ଅନ୍ୟ ସନ୍ତାନ ଅପେକ୍ଷା ଦୁଇଗୁଣ ଅଧିକ ସମ୍ପତ୍ତି ଦିଆଯାଉଥିଲା I
- ଅନେକ ସମୟରେ ପ୍ରଥମ ଜାତ ପଶୁକୁ ଈଶ୍ୱରଙ୍କ ନିମନ୍ତେ ବଳି ଉତ୍ସର୍ଗ କରାଯାଉଥିଲା I
- ଏହି ଧାରଣାକୁ ରୂପକ ଭାବେ ମଧ୍ୟ ବ୍ୟବହାର କରାଯାଇପାରେ I ଉଦାହରଣ ସ୍ୱରୂପ, ଇସ୍ରାଏଲ ଜାତିକୁ ଈଶ୍ୱରଙ୍କ ପ୍ରଥମ ଜାତ କୁହା ଯାଇଅଛି କାରଣ ଈଶ୍ୱର ଏହି ଜାତିକୁ ଅନ୍ୟ ଜାତି ଅପେକ୍ଷା ବିଶେଷ ସୁବିଧା ପ୍ରଦାନ କରିଛନ୍ତି I
- ଯୀଶୁ, ଈଶ୍ୱରଙ୍କ ପୁତ୍ର ଈଶ୍ୱରଙ୍କ ପ୍ରଥମ ଜାତ କୁହାଗଲେ କାରଣ ସମସ୍ତଙ୍କ ଉପରେ ତାହାଙ୍କ ମହାନତା ଓ ଅଧିକାର ଅଧିକ ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେବେ "ପ୍ରଥମ ଜାତ" ଶବ୍ଦ ବାଇବେଲରେ ଉଲ୍ଲେଖିତ, ଏହାକୁ "ପ୍ରଥମ ଜାତ ନର" କିମ୍ବା "ପ୍ରଥମ ଜାତ ପୁତ୍ର" ବୋଲି ଅନୁବାଦ କରାଯାଇପାରେ କାରଣ ଏହା ଅସ୍ପଷ୍ଟ I (ଦେଖନ୍ତୁ: ସତ୍ୟବୋଲି ଗ୍ରହଣ କରିବା ଜ୍ଞାନ ଓ ଅସ୍ପଷ୍ଟ ସୂଚନା)
- ଏହି ଶବ୍ଦକୁ "ଯେ ପ୍ରଥମେ ଜାତ" କିମ୍ବା "ସବୁଠାରୁ ବଡ଼ ପୁଅ" କିମ୍ବା "ପ୍ରଥମ ପୁତ୍ର" ବୋଲି ଅନୁବାଦ କରାଯାଇପାରେ I
- ଯେବେ ଏହା ଯୀଶୁଙ୍କୁ ବୁଝାଏ, ଏହାକୁ "ପୁତ୍ର ଯାହାର ଅଧିକାର ସମସ୍ତ ବିଷୟ ଉପରେ ଅଛି" କିମ୍ବା "ପୁତ୍ର ଯେ ସମ୍ମାନ ପାଇବାରେ ପ୍ରଥମ" ବୋଲି ଅନୁବାଦ କରାଯାଇପାରେ I
- ସାବଧାନ: ନିଶ୍ଚିନ୍ତ ହୁଅନ୍ତୁ ଯେ ଏହି ଶବ୍ଦ ଯୀଶୁ ସୃଷ୍ଟି ହୋଇଅଛନ୍ତି ବୋଲି ଯେପରି ନ ବୁଝାଏ I

(ଦେଖନ୍ତୁ: ଅଧିକାରୀ, ବଳିଦାନ, ପୁତ୍ର)

ବାଇବେଲ ପଦପର୍ବ:

- କଲସୀୟ ୧:୧୫
- ଆଦିପୁସ୍ତକ ୪:୩-୫
- ଆଦିପୁସ୍ତକ ୨୯:୨୬-୨୭
- ଆଦିପୁସ୍ତକ ୪୩:୩୩
- ଲୂକ ୨:୬-୭
- ପ୍ରକାଶିତ ବାକ୍ୟ ୧:୫

ଶବ୍ଦବିନ୍ୟାସ:

- Strong's: H1060, H1062, H1067, H1069, G44160, G52070

ପ୍ରଥମ ଫଳ

ପରିଭାଷା:

"ପ୍ରଥମ ଫଳ "ଶବ୍ଦ ପ୍ରତି ଋତୁରେ କାଟିବା ପ୍ରଥମ ଫସଲ ଓ ପନିପରିବାର କିଛି ଅଂଶକୁ ଦର୍ଶାଏ I

- ଇସ୍ରାଏଲ ଲୋକମାନେ ଏହି ପ୍ରଥମ ଫଳ ଏକ ନୈବେଦ୍ୟ ରୂପରେ ଈଶ୍ୱରଙ୍କୁ ଉତ୍ସର୍ଗ କରନ୍ତି I
- ଏହି ଶବ୍ଦ ରୂପକ ଭାବେ ମଧ୍ୟ ବାଇବେଲରେ ବ୍ୟବହାର କରାଯାଏ ଯେପରି ପ୍ରଥମ ସନ୍ତାନ ପରିବାରର ପ୍ରଥମ ଫଳ ରୂପରେ ଦର୍ଶାଏI କାରଣ ସେ ସେହି ପରିବାରରେ ଜନ୍ମ ହୋଇଥିବା ପ୍ରଥମ ପୁତ୍ର, ସେ ହିଁ ପରିବାରର ନାମ ଏବଂ ସମ୍ମାନ ବହନ କରିବI
- କାରଣ ଯୀଶୁ ମୃତ୍ୟୁରୁ ପୁନରୁତ୍ଥିତ ହେଲେ, ସେ ସମସ୍ତ ବିଶ୍ୱାସୀମାନଙ୍କ ନିମନ୍ତେ "ପ୍ରଥମ ଫଳ "ହେଲେ, ଯେଉଁ ବିଶ୍ୱାସୀମାନେ ମୃତ, ଗୋଟିଏ ଦିନ ମୃତ୍ୟୁରୁ ପୁନରୁତ୍ଥିତ ହେବେ I
- ଯୀଶୁଙ୍କ ଠାରେ ବିଶ୍ୱାସୀ ସମସ୍ତ ସୃଷ୍ଟିରେ "ପ୍ରଥମ ଫଳ" କୁହା ଯାଆନ୍ତି, ଯେଉଁମାନେ ଯୀଶୁଙ୍କ ଦ୍ୱାରା ଉଦ୍ଧାର ପ୍ରାପ୍ତ ଓ ଆହୁତ ଓ ବିଶେଷ ଅଧିକାର ଓ ପଦବୀରେ ଅଧିଷ୍ଠିତ ଥିବାକୁ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ ଆକ୍ଷରିକ ଭାବେ "ପ୍ରଥମ ଅଂଶ (ଶସ୍ୟର)" କିମ୍ବା"ଫସଲର ପ୍ରଥମ ଅଂଶ" ବୋଲି ଅନୁବାଦ କରାଯାଇପାରେ I
- ସମ୍ଭବତଃ, ରୂପକ ବ୍ୟବହାର କୁ ଆକ୍ଷରିକ ରୂପରେ ଅଲଗା ପ୍ରସଙ୍ଗରେ ଅଲଗା ଅର୍ଥ ନିମନ୍ତେ ଅନୁବାଦ କରା ଯିବା ଆବଶ୍ୟକ ଅଟେ I ଏହା ଆକ୍ଷରିକ ଅର୍ଥ ଓ ରୂପକ ବ୍ୟବହାର ମଧ୍ୟରେ ପରସ୍ପର ସମ୍ପର୍କକୁ ଦେଖାଏ I

(ପ୍ରଥମ ଜାତ: ଦେଖନ୍ତୁ)

ବାଇବେଲ ପର୍ବ:

- ଦ୍ୱିତୀୟ ବଂଶାବଳୀ 31:4-5
- ଦ୍ୱିତୀୟ ଥେସଲନିକୀୟ 2:13
- ଯାତ୍ରାପୁସ୍ତକ 23:16-17
- ଯାକୁବ 1: 18
- ଯିରିମୀୟ2: 3
- ଗୀତସଂହିତା 105:36

ଶବ୍ଦବିନ୍ୟାସ :

- Strong's: H1061, H6529, H7225, G05360

ପ୍ରଦେଶ, ପ୍ରଦେଶଗୁଡିକ, ପ୍ରାଦେଶିକ

ତଥ୍ୟଗୁଡିକ:

ପ୍ରଦେଶ ଗୋଟିଏ ଦେଶ ବା ସାମ୍ରାଜ୍ୟର ଏକ ବିଭାଗ ବା ଅଂଶ ଅଟେ I “ପ୍ରାଦେଶିକ” ଶବ୍ଦ ଏକ ପ୍ରଦେଶ ସମ୍ପର୍କୀତ ବିଷୟ ଅଟେ, ଯଥା ପ୍ରାଦେଶିକ ରାଜ୍ୟପାଳ ବା ଗଭର୍ଣ୍ଣର I

- ଉଦାହରଣସ୍ୱରୂପ, ପୁରାତନ ପାରସିକ ସାମ୍ରାଜ୍ୟ ପ୍ରଦେଶଗୁଡିକରେ ବିଭକ୍ତ ହେଲା; ଯଥା: ମାଦୀୟ, ପର୍ସିଆ, ସୁରିଆ ଏବଂ ମିସର I
- ନୂତନ ନୀୟମର ସମୟରେ, ରୋମୀୟ ସାମ୍ରାଜ୍ୟ ପ୍ରଦେଶଗୁଡିକରେ ବିଭକ୍ତ ହେଲା; ଯଥା: ମାକିଦନିଆ, ଏସିଆ, ସୁରିଆ, ଯିହୂଦା, ଶମରିୟା, ଗାଲିଲୀ ଏବଂ ଗାଲାତୀଆ I
- ପ୍ରତ୍ୟେକ ପ୍ରଦେଶର ନିଜ ନିଜର ଶାସନକର୍ତ୍ତାଥିଲେ I ସେ ସାମ୍ରାଜ୍ୟର ରାଜା ବା ଶାସକ ଅଧିନରେଥିଲେ I

ଏହି ଶାସନକର୍ତ୍ତାଙ୍କୁ ବେଳେବେଳେ “ପ୍ରାଦେଶିକ ଅଧିକାରୀ” ବା “ପ୍ରାଦେଶିକ ଗଭର୍ଣ୍ଣର” କୁହାଯାଉଥିଲା I

- “ପ୍ରଦେଶ” ଏବଂ “ପ୍ରାଦେଶିକ” ପଦଗୁଡିକୁ “ଅଞ୍ଚଳ” ବା “ଆଞ୍ଚଳିକ” ବୋଲି ମଧ୍ୟ ଅନୁବାଦ କରାଯାଇପାରିବ I

(ଆହୁରି ମଧ୍ୟ ଦେଖ: ଏସିଆ, ମିସର, ଏଷ୍ଟର, ଗାଲାତୀଆ, ଗାଲିଲୀ, ଯିହୁଦା, ମାକିଦନିଆ, ମାଦୀୟ, ରୋମ, ଶମରିୟା, ସିରିଆ)

ବାଇବଲ ପଦଗୁଡିକ:

- ପ୍ରେରିତ 19:30-32
- ଦାନୀୟେଲ 03:1-2
- ଦାନୀୟେଲ 06:1-3
- ଉପଦେଶକ 02:7-8

ବୋର୍ଡ ଡାଟା :

- Strong's: H4082, H4083, H5675, H5676, G1885

ପ୍ରଧାନ ଯାଜକ

ସଂଜ୍ଞା:

ଯୀଶୁ ପୃଥିବୀରେ ଥିବା ବେଳେ ଯିହୁଦୀମାନଙ୍କର ଧାର୍ମିକ ଗୁରୁ ପ୍ରଧାନ ଯାଜକମାନେଥିଲେ

- ମନ୍ଦିରରେ ଉପାସନା ନିମନ୍ତେ ସମସ୍ତ ବିଷୟ ଆୟୋଜନ କରିବା ଦଦାୟିତ୍ୱ ପ୍ରଧାନ ଯାଜକମାନଙ୍କରଥିଲା

ଏବଂ ଯେଉଁ ଅର୍ଥ (ଟଙ୍କା) ମନ୍ଦିରକୁ ଆସୁଥିଲା ତାହାର ଦଦାୟିତ୍ୱ ମଧ୍ୟ ଏମାନଙ୍କରଥିଲା

- ସେମାନେ ସାଧାରଣ ଯାଜକମାନଙ୍କଠାରୁ ଉଚ୍ଚ ପଦବୀରେଥିଲେ

କେବଳ ପ୍ରାଧାନ ଯାଜକଙ୍କର ଅଧିକ ଅଧିକାରଥିଲା

- ସେହି ପ୍ରାଧାନ ଯାଜକମାନଙ୍କ ମଧ୍ୟରୁ କେତେଜଣ ଯୀଶୁଙ୍କର ଶତ୍ରୁଥିଲେ ଓ ସେମାନେ ଦୃଢତାର ସହିତ ରୋମର ସୈନିକମାନଙ୍କୁ ଯୀଶୁଙ୍କୁ ବନ୍ଦୀ ଓ ମାରିବା ନିମନ୍ତେ ପ୍ରଭାବିତ କରୁଥିଲେ

ଅନୁବାଦ କରିବା ନିମନ୍ତେ ଉପଦେଶ ଗୁଡିକ:

- "ପ୍ରାଧାନ ଯାଜକ" ଶବ୍ଦକୁ ମଧ୍ୟ "ମୁଖ୍ୟ ଯାଜକ" କିମ୍ବା "ଆଗଧାଡିର ଯାଜକ" ନତୁବା "ଯାଜକମାନଙ୍କର ମୁଖ୍ୟ" ଭାବରେ ଅନୁବାଦ କରିହେବ
- ଏହି ଶବ୍ଦ ସମୟ ସମୟରେ "ପ୍ରାଧାନ ଯାଜକ" ଭିନ୍ନ ଭାବରେ ଅନୁବାଦ କରାଯାଇପାରେ

(ଦେଖ: ମୁଖ୍ୟ, ପ୍ରାଧାନ ଯାଜକ, ଯିହୁଦୀ ନେତା, ଯାଜକ)

ବାଇବଲ ସନ୍ଦର୍ଭ:

- ପ୍ରେରିତ ୦୯:୧୩-୧୬
- ପ୍ରେରିତ ୨୨:୩୦
- ପ୍ରେରିତ ୨୬:୧୨-୧୪
- ଲୁକ ୨୦:୧-୨
- ମାର୍କ ୦୮:୩୧-୩୨
- ମାଥିଉ ୧୬:୨୧-୨୩
- ମାଥିଉ ୨୬:୩-୫
- ମାଥିଉ ୨୬:୫୯-୬୧
- ମାଥିଉ ୨୭:୪୧-୪୨

ବୋର୍ଡ ଡାଟା :

- Strong's: H3548, H7218, G749

ପ୍ରବଳ ଇଚ୍ଛା, ଲାଲସା, ଆବେଗ, ଅଭିଳାଷ

ପରିଭାଷା:

ପ୍ରବଳ ଇଚ୍ଛା ଏକ ଦୃଢ ଇଚ୍ଛା ଶକ୍ତି ଅଟେ ସାଧାରଣ ଭାବରେ ପ୍ରସଙ୍ଗ ଅନୁସାରେ ପାପ କିମ୍ବା ଅନୈତିକ କାମ କରିବାକୁ ଦର୍ଶାଏ। ପ୍ରବଳ ଇଚ୍ଛାର ଲାଲସା ହେବାର ଅର୍ଥ ପ୍ରବଳ ଉପଭୋଗ କରିବା ଅଟେ।

- ବାଇବେଲରେ, "ଇଚ୍ଛା" ଶବ୍ଦକୁ ସାଧାରଣ ଭାବରେ ନିଜ ଜୀବନ ସାଥୀକୁ ଛାଡ଼ି ଆଉ ଅନ୍ୟ ଜଣକ ପ୍ରତି ଯୌନ ଇଚ୍ଛାକୁ ଦର୍ଶାଏ।
- ଅନେକ ସମୟରେ ଏହି ଶବ୍ଦ ସାଙ୍କେତିକ ରୂପରେ ମୂର୍ତ୍ତିପୂଜା ନିମନ୍ତେ ବ୍ୟବହାର ହେବାକୁ ଦର୍ଶାଏ।
- ପ୍ରସଙ୍ଗ ଉପରେ ନିର୍ଭର କରି, "କାମାତୁରକୁ" ଅନୁବାଦ କଲେବାକ୍ୟାଂଶକୁ "ଭୁଲ୍ ଅଭିଳାଷ" କିମ୍ବା"ପ୍ରବଳ ଇଚ୍ଛା" କିମ୍ବା"ଅବୈଧ ଯୌନ ଅଭିଳାଷ" କିମ୍ବା"ଭୁଲ୍ ଅନୈତିକ ଇଚ୍ଛା" କିମ୍ବା"ପାପ କରିବାକୁ ପ୍ରବଳ ଇଚ୍ଛା" ବୋଲି ଅନୁବାଦ କରାଯାଇପାରେ।
- "ପ୍ରବଳ ଇଚ୍ଛା ପଛରେ" ବାକ୍ୟାଂଶକୁ "ଭୁଲ୍ ଅଭିଳାଷ" କିମ୍ବା"ଅନୈତିକ ରୂପରେ ଚିନ୍ତା କରିବା" କିମ୍ବା"ଅନୈତିକ କାମନା" ବୋଲି ଅନୁବାଦ କରାଯାଇପାରେ ।

(ବ୍ୟଭିଚାର, ମିଥ୍ୟା ଦେବତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 2:16
- ଦ୍ୱିତୀୟ ତୀମଥି 2:22
- ଗାଲାତୀୟ 5:16
- ଗାଲାତୀୟ 5:19-21
- ଆଦି ପୁସ୍ତକ 39:7-9
- ମାଥିଉ 5:28

ଶବ୍ଦବିନ୍ୟାସ:

- Strong's: H0183, H0185, H0310, H1730, H2181, H2183, H2530, H5178, H5375, H5689, H5691, H5869, H7843, G07660, G19370, G19390, G22370, G37150, G38060

ପ୍ରଭେଦ ବାରି ପାରିବା, ଅନ୍ତର୍ଦୃଷ୍ଟି, ପ୍ରଭେଦ ଦେଖାଇବା

ପରିଭାଷା:

"ପ୍ରଭେଦ ବାରି ପାରିବା" ଶବ୍ଦଟି ଜାଣିବାକୁ ସକ୍ଷମ, ବିଶେଷତଃ କିଛି ବିଷୟ ସତ କିମ୍ବା ମିଛ ଜାଣିବା ସକ୍ଷମ ହେବାକୁ ବୁଝାଏ ।

- "ଅନ୍ତର୍ଦୃଷ୍ଟି" ଶବ୍ଦ ଏକ ନିଶ୍ଚିତ ବିଷୟରେ ବୁଝି, ବୁଦ୍ଧିମାନ ଭାବରେ ନିଷ୍ପତ୍ତି ନେବାକୁ ବୁଝାଏ।
- ଏହା ଜ୍ଞାନ ଏବଂ ଉତ୍ତମ ବିଚାର ଥିବା ବିଷୟକୁ ବୁଝାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ପ୍ରଭେଦ ବାରି ପାରିବା" ଶବ୍ଦକୁ ପ୍ରସଙ୍ଗ ଉପରେ ଅଧାର କରି, "ଜାଣିବା" କିମ୍ବା "ପାର୍ଥକ୍ୟ ଜାଣିବା" କିମ୍ବା "ଭଲ ବା ମନ୍ଦର ପ୍ରଭେଦ" କିମ୍ବା "ମନ୍ଦଠାରୁ ଭଲକୁ ବୁଝିପାରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ । "ଅନ୍ତର୍ଦୃଷ୍ଟି" ଶବ୍ଦକୁ ମଧ୍ୟ "ଜାଣିବା" କିମ୍ବା "ଭଲ ଓ ମନ୍ଦକୁ ପ୍ରଭେଦ କରିବା ସକ୍ଷମତା" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ବିଚାରକରିବା, ଜ୍ଞାନୀ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୩: ୭-୯
- ଆଦିପୁସ୍ତକ ୪୧:୩୩-୩୪
- ହିତୋପଦେଶ ୧:୫
- ଗୀତସଂହିତା ୧୯:୧୨

ଶବ୍ଦବିନ୍ୟାସ

- Strong's: H0995, H2940, H4209, H5234, H8085, G03500, G12520, G12530, G29240

ପ୍ରଶଂସା କରିବା, ପ୍ରଶଂସିତ, ପ୍ରଶଂସା ଯୋଗ୍ୟ

ପରିଭାଷା:

କାହାକୁ ପ୍ରଶଂସା କରିବା ଅର୍ଥ ସେହି ବ୍ୟକ୍ତିକୁ ପ୍ରଶଂସା ଏବଂ ସମ୍ମାନ କରିବାକୁ ବୁଝାଏ I

- ଲୋକମାନେ ଈଶ୍ୱରଙ୍କ ପ୍ରଶଂସା କରନ୍ତି, ଯେହେତୁ ସେ ମହାନ ଅଟନ୍ତି ଏବଂ ସେ ସୃଷ୍ଟିକର୍ତ୍ତା ଓ ଜଗତର ପରିତ୍ରାଣକର୍ତ୍ତା ଭାବରେ ସମସ୍ତ ଆଶ୍ଚର୍ଯ୍ୟଜନକ ବିଷୟମାନ ସାଧନ କରିଅଛନ୍ତି I
- ଅନେକ ସମୟରେ ଈଶ୍ୱରଙ୍କ ପ୍ରଶଂସା, ସେ କରିଥିବା କାର୍ଯ୍ୟ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ବୁଝାଏ I
- ଅନେକ ସମୟରେ ସଙ୍ଗୀତ, ବାଦ୍ୟ ଏବଂ ଗୀତ ଗାୟନକୁ ଈଶ୍ୱରଙ୍କ ପ୍ରଶଂସାରେ ଅନ୍ତର୍ଭୁକ୍ତ ହୁଏ I
- ଈଶ୍ୱରଙ୍କ ପ୍ରଶଂସା କରିବା ଅର୍ଥ ତାହାଙ୍କର ଉପାସନା କରିବା ଅଟେ I
- "ପ୍ରଶଂସା କରିବା" ବାକ୍ୟାଂଶକୁ "ଉତ୍ତମ ଭାବରେ କହିବା" କିମ୍ବା "ଶବ୍ଦରେ ଅତିଶୟ ସମ୍ମାନିତ କରିବା" କିମ୍ବା "ଉତ୍ତମ ବିଷୟରେ କହିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ପ୍ରଶଂସା କରିବା" ବିଶେଷ୍ୟ ପଦକୁ "ସମ୍ମାନ" କିମ୍ବା "ସମ୍ମାନ ଦେଉଥିବା ବକ୍ତବ୍ୟ" କିମ୍ବା "ଉତ୍ତମ ବିଷୟଗୁଡ଼ିକ କହିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଉପାସନା)

ବାଇବେଲ ପଦପର୍ବ:

- ଦ୍ୱିତୀୟ କରନ୍ଥୀୟ ୧:୩
- ପ୍ରେରିତ ୨: ୪୭
- ପ୍ରେରିତ ୧୩:୪୮
- ଦାନିୟେଲ ୩:୨୮
- ଏଫିସୀୟ ୧:୩
- ଆଦିପୁସ୍ତକ ୪୯:୮
- ଯାକୁବ ୩:୯-୧୦
- ଯୋହନ ୫:୪୧-୪୨
- ଲୂକ ୧:୪୬
- ଲୂକ ୧:୬୪-୬୬
- ଲୂକ ୧୯:୩୭-୩୮
- ମାଥିଉ ୧୧:୨୫-୨୬
- ମାଥିଉ ୧୫:୨୯-୩୧

ଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୧୨:୧୩** ଇସ୍ରାଏଲୀୟମାନେ ସେମାନଙ୍କର ନୂତନ ସ୍ୱାଧିନତାକୁ ପାଳନ କରିବା ନିମନ୍ତେ ଈଶ୍ୱରଙ୍କୁ **ପ୍ରଶଂସା** କରିବାକୁ ଅନେକ ଗୀତ ଗାୟନ କଲେ କାରଣ ସେ ସେମାନଙ୍କୁ ମିସରୀୟ ସୈନ୍ୟବାହୀନୀଠାରୁ ଉଦ୍ଧାର କଲେ I
- **୧୭:୮** ଯେବେ ଦାଉଦ ଏହି କଥା ଶୁଣିଲେ, ସେ ସେହିକ୍ଷଣି ଈଶ୍ୱରଙ୍କୁ ଧନ୍ୟବାଦ ଦେଇ **ପ୍ରଶଂସା** କଲେ, କାରଣ ସେ ଦାଉଦଙ୍କୁ ଏହି ମହାନ ସମ୍ମାନ ଏବଂ ଅନେକ ଆଶୀର୍ବାଦ ଦେବାକୁ ପ୍ରତିଜ୍ଞା କରିଥିଲେ I
- **୨୨:୭** ଜିଖରୀୟ କହିଲେ,"ଈଶ୍ୱରଙ୍କ **ପ୍ରଶଂସା** ହେଉ, କାରଣ ସେ ଆପଣା ଲୋକମାନଙ୍କୁ ସ୍ମରଣ କରିଅଛନ୍ତି I
- **୪୩:୧୩** ସେମାନେ (ଶିଷ୍ୟମାନେ) ଈଶ୍ୱରଙ୍କୁ ଏକତ୍ର **ପ୍ରଶଂସା** କରିବାର ଆନନ୍ଦ ନେଲେ ଏବଂ ସେମାନଙ୍କର ଯାହା ଥିଲା, ତାହା ପରସ୍ପର ମଧ୍ୟରେ ବାଣ୍ଟିଲେ I
- **୪୭:୮** ସେମାନେ ପାଉଲ ଏବଂ ଶିଲାଙ୍କୁ କାରାଗାରର ଅତି ସୁରକ୍ଷିତ ସ୍ଥାନରେ ବନ୍ଦୀ କରି ରଖିଲେ ଏବଂ ଏପରିକି ସେମାନଙ୍କର ପାଦଗୁଡ଼ିକ ଶିକୁଳିରେ ବାନ୍ଧି ରଖିଲେ I ତଥାପି ମଧ୍ୟରାତ୍ରିରେ, ସେମାନେ ଈଶ୍ୱରଙ୍କ ସ୍ତବଗାନ କରି **ପ୍ରଶଂସା** କରୁଥିଲେ I

ଶବ୍ଦବିନ୍ୟାସ:

- Strong's: H1319, H7121, H8416, G29800, G38530

ପ୍ରଶାସନ, ପ୍ରଶାସକ, ପ୍ରଶାସକଗଣ, ପ୍ରଶାସିତ, ପ୍ରଶାସନ କରିବା

ତଥ୍ୟମାନ:

''ପ୍ରଶାସନ'' ଓ ''ପ୍ରଶାସକ ଏହି ଯେଉଁ ପଦମାନ ବ୍ୟବହାର ହୋଇଛି, ତାହା ଦେଶରେ ବସବାସ କରୁଥିବା ପ୍ରତ୍ୟେକମାନବଜାତିର ସାହାଯ୍ୟ ନିମନ୍ତେ ସୂ-ବ୍ୟବସ୍ଥିତ କାର୍ଯ୍ୟନିର୍ଵାହୀ ଓ ଶାସନକୁ ବୁଝାଏ I

- ଦାନୀୟେଲ ଏବଂ ଅନ୍ୟ ତିନି ଯୁବା ଯିହୁଦୀ ପୁରୁଷମାନେ ବାବିଲନର ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଶାସକଗଣ ଓ ଅଧିକାରୀ ପଦରେ ନିଯୁକ୍ତି ହୋଇଥିଲେ I
- ନୂତନ ନିୟମରେ, ପ୍ରଶାସନ ଏକ ଆତ୍ମାଙ୍କ ଦାନ ଅଟେ I
- ଯେଉଁ ବ୍ୟକ୍ତି ପ୍ରଶାସନ କରିବାର ଦାନ ପାଇଅଛନ୍ତି, ସେ ଜନ-ସମାଜକୁ ନେତୃତ୍ୱ ଦେବାରେ ଓ ପ୍ରଶାସନ କରିବାରେ ସକ୍ଷମ ତଥା କୋଠାଘରର ଓ ଅନ୍ୟ ସମ୍ପତ୍ତିର ରକ୍ଷଣ କାର୍ଯ୍ୟ ତଦାରଖ କରିବା ପାଇଁ ସକ୍ଷମ ଅଟନ୍ତି I

ଅନୁବାଦ ସୂଚନା:

- ପ୍ରସଙ୍ଗ ଅନୁସାରେ ବିଭିନ୍ନ ଭାବରେ ଅନୁବାଦ କରାଯାଇପାରେ, ଯେପରି ''ପ୍ରଶାସକ'' କୁ ''ରାଜ୍ୟପାଳ'' କିଅବା ''ସଙ୍ଗଠକ'' କିଅବା ''ପରିଚାଳକ'' କିଅବା ''ଶାସକ'' କିଅବା ''ଅଧିକାରୀ କ୍ଷମତା'' ଭାବେ ଅନୁବାଦ କରାଯାଇପାରେ I
- ''ପ୍ରଶାସନ'' ପଦଟି ''ସୂବ୍ୟବସ୍ଥିତ ଶାସନ'' କିମ୍ବା ''ପରିଚାଳନା-ବର୍ଗ'' କିମ୍ବା ''ନେତୃତ୍ୱ'' କିମ୍ବା ''ସଙ୍ଗଠିତ ସଂସ୍ଥା'' ଭାବେ ଅନୁବାଦ କରାଯାଇପାରେ I
- ''ପ୍ରକାଶନ ଅଭିବ୍ୟକ୍ତି'' ପଦଟି ''ଭାରପ୍ରାପ୍ତ'' କିମ୍ବା ''ତତ୍ତ୍ୱାବଧାରକ'' କିମ୍ବା ''ତତ୍ତ୍ୱାବଧାନ'' ଭାବେ ଅନୁବାଦର ଏକ ଅଂଶ ହୋଇପାରେ I

(ମଧ୍ୟ ଦେଖିପାରିବ: ବାବିଲନ, ଦାନୀୟେଲ, ଉପହାର, ରାଜ୍ୟପାଳ, ହନାନୀୟ, ମିଶାୟେଲ, ଅସରୀୟ)

ବାଇବଲ ପଦ ପର୍ଷ:

- ପ୍ରଥମ ବଂଶାବଳି ୧୮:୧୪-୧୭
- ଦାନୀୟେଲ ୦୬:୧-୩
- ଏଷ୍ଟର ୦୯:୩-୫

ବୋର୍ଡ ଡାଟା :

- Strong's: H5532, H5608, H5632, H6213, H7860, G2941

ପ୍ରସବ, ପ୍ରସବରେ, ପ୍ରସବ ବେଦନା

ସଂଜ୍ଞା:

ଏକ ସ୍ତ୍ରୀ "ପ୍ରସବରେ "ଅଛି ସେ ଶିଶୁ ଜନ୍ମ ଦେବା ନିମନ୍ତେ ବେଦନା ର ଅନୁଭବ କରୁ ଅଛି I ଏହି ସବୁ କୁ "ପ୍ରସବ ବେଦନା"କୁହାଯାଏ I

- ଗାଲାତୀୟମାନଙ୍କୁ ତାହାର ପତ୍ରରେ ପ୍ରେରିତ ପାଉଲ ସାଙ୍କେତିକ ରୂପରେ ଏହି ଶବ୍ଦକୁ ବ୍ୟବହାର କରନ୍ତି କି ତାର ବିଶ୍ୱାସୀମାନଙ୍କୁ ଯୀଶୁଙ୍କ ପରି ଆହୁରି ଅହୁରୀ ହେବାକୁ ଆଗେ ଆସି ସାହାଯ୍ୟ କରିବାକୁ ବ୍ୟାଖ୍ୟା କରନ୍ତି I
- ବାଇବଲରେ ପ୍ରସବ ବେଦନା ର ରୁପ କୁ ବ୍ୟବହାର କରିବା ପାଇଁ ଅନ୍ତିମ ଦିନରେ ବିପତ୍ତି କିପରି ଧିରେ ଧିରେ ଓ ବଡ଼ ଆକାରରେ ବଡେ ବ୍ୟାଖ୍ୟା କରି ଅଛି I

(ଆହୁରି ଦେଖନ୍ତୁ: ପ୍ରସବ, ଅନ୍ତିମ ଦିନ)

ବାଇବଲ ପଦପର୍ବ:

- ୧ ଶାମୁଏଲ ୦୪:୧୯-୨୦
- ଗାଲାତୀୟ ୦୪:୧୯-୨୦
- ଯିଶାଇୟ ୧୩:୬-୮
- ଯିରିମିୟ ୧୩:୨୦-୨୧
- ଗୀତସଂହିତା ୦୪୮:୪-୬
- ରୋମୀୟ ୦୮:୨୦-୨୨

ବୋର୍ଡ ଡାଟା :

- Strong's: H2342, H2470, H3018, H3205, H5999, H6045, H6887, H8513, G3449, G4944, G5088, G5604, G5605

ପ୍ରସିଦ୍ଧ, ପ୍ରସିଦ୍ଧିପ୍ରାପ୍ତ

ସଂଜ୍ଞା:

"ପ୍ରସିଦ୍ଧ" ପ୍ରତିଶବ୍ଦ ମହାନତା ସହିତ ଜଡିତ ହୋଇ ସୁପରିଚିତ ହେବା ଏବଂ ପ୍ରଶଂସାଯୋଗ୍ୟ ସୁନାମ ହାସଲ କରିବା ବିଷୟକୁ ସୂଚାଇଥାଏ I କିଛି ବିଷୟ ବା କେହି ଜଣେ "ପ୍ରସିଦ୍ଧିପ୍ରାପ୍ତ" ଅଟନ୍ତି ଯଦି ସେ ପ୍ରସିଦ୍ଧ ହୋଇଥାନ୍ତି I

- ଏକ "ପ୍ରସିଦ୍ଧିପ୍ରାପ୍ତ" ବ୍ୟକ୍ତି ଅତି ସୁପରିଚିତ ଥାଆନ୍ତି ଏବଂ ଉଚ୍ଚ ସମ୍ମାନିତ ହୋଇଥାଆନ୍ତି I
- "ପ୍ରସିଦ୍ଧ" ବିଶେଷତଃ ଏକ ଉତ୍ତମ ସୁନାମକୁ ସୂଚାଇଥାଏ ଯାହା ଲୋକମାନେ ବ୍ୟାପକ ଭାବରେ ଏକ ଲମ୍ବା ସମୟ ଧରି ଜାଣିଥାଆନ୍ତି I
- ଏକ ନଗରୀ ଅନେକ ସମୟରେ ଏହାର ସମ୍ପଦ ଏବଂ ସମୃଦ୍ଧି ନିମନ୍ତେ "ପ୍ରସିଦ୍ଧି ଲାଭ" କରିଥାଏ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ:

- "ପ୍ରସିଦ୍ଧ" ପ୍ରତିଶବ୍ଦକୁ "ସୁଖ୍ୟାତି" ବା "ସମ୍ମାନିତ ସୁନାମ" ବା "ଅନେକ ଲୋକମାନଙ୍କ ଦ୍ୱାରା ଉତ୍ତମ ଭାବରେ ଜଣା ମହାନତା" ବୋଲି ମଧ୍ୟ ଅନୁବାଦ କରାଯାଇପାରିବ I
- ଏହି "ପ୍ରସିଦ୍ଧିପ୍ରାପ୍ତ" ପ୍ରତିଶବ୍ଦକୁ "ସୁପରିଚିତ ଏବଂ ଅତିଶୟ ସମ୍ମାନିତ" କିମ୍ବା "ଏକ ଚମତ୍କାର ସୁନାମ ପ୍ରାପ୍ତି" ବୋଲି ମଧ୍ୟ ଅନୁବାଦ କରାଯାଇପାରିବ I
- "ସଦାପ୍ରଭୁଙ୍କ ନାମ ଇସ୍ରାଏଲ ମଧ୍ୟରେ ପ୍ରସିଦ୍ଧି ଲାଭ କରୁ" ଅଭିବ୍ୟକ୍ତିକୁ * "ସଦାପ୍ରଭୁଙ୍କ ନାମ ଇସ୍ରାଏଲର ଲୋକମାନଙ୍କ ଦ୍ୱାରା ଉତ୍ତମ ଭାବରେ ପରିଚିତ ଏବଂ ସମ୍ମାନିତ ହେଉ" ବୋଲି ଅନୁବାଦ କରାଯାଇପାରିବ I
- "ପ୍ରସିଦ୍ଧ ଲୋକମାନେ" ପଦକୁ "ସେମାନଙ୍କ ସାହସ ହେତୁ ସୁପରିଚିତ ଲୋକମାନେ" କିମ୍ବା "ବିଖ୍ୟାତ ଯୋଦ୍ଧାମାନେ" ବା "ବିଶେଷ ସମ୍ମାନିତ ଲୋକମାନେ" ବୋଲି ଅନୁବାଦ କରିପାରିବେ I
- "ତୁମ୍ଭର ସୁଖ୍ୟାତି ପୁରୁଷାନୁକ୍ରମରେ ଥାଏ" ଅଭିବ୍ୟକ୍ତିକୁ "ବର୍ଷଗୁଡିକ ସାରା ଲୋକମାନେ ତୁମ୍ଭର ମହାନତା ସମ୍ପର୍କରେ ଜ୍ଞାତ ହେବେ" ବା "ପ୍ରତ୍ୟେକ ପୁରୁଷ ତୁମ୍ଭର ମହାନତାକୁ ଦେଖିଥାଏ ଏବଂ ଶୁଣିଥାଏ" ବୋଲି ଅନୁବାଦ କରାଯାଇପାରିବ I

(ଆହୁରି ମଧ୍ୟ ଦେଖ: ସମ୍ମାନ)

ବାଇବଲ ପଦଗୁଡିକ:

- ଆଦିପୁସ୍ତକ 06: 4
- ଗୀତସଂହିତା 135:12-14

ବୋର୍ଡ ଡାଟା :

- Strong's: H1984, H7121, H8034

ପ୍ରହର (ବାଇବେଲର ସମୟ)

ପରିଭାଷା:

ବାଇବେଲ ସମୟରେ, ଏକ "ପ୍ରହର" ରାତିର ଏକ ସମୟ ଥିଲା ଯେଉଁଥିରେ ଜଣେ ପ୍ରହରୀ କିମ୍ବା ସହରର ଜଗୁଆଳି ଶତ୍ରୁଠାରୁ ସୁରକ୍ଷା କରିବା ଦାୟୀତ୍ୱରେ ରହୁଥିଲେ ।

· ପୁରାତନ ନିୟମ ଅନୁଯାୟୀ ଇସ୍ରାଏଲୀୟମାନଙ୍କର ତିନୋଟି ପ୍ରହର ଥିଲା ଯେପରିକି "ଆରମ୍ଭ "(ସୂର୍ଯ୍ୟାସ୍ତରୁ ରାତ୍ରି ୧୦), "ମଧ୍ୟମ "(ରାତ୍ରି ୧୦ରୁ ପାହାନ୍ତିଆ ୨) ଏବଂ "ପ୍ରଭାତ" (ପାହାନ୍ତିଆ ୨ ରୁ ସୂର୍ଯୋଦୟ) ।

· ନୂତନ ନିୟମ ଅନୁଯାୟୀ ଯିହୁଦୀମାନେ ରୋମୀୟ ନୀୟମାନୁସାରେ ଚାରଟି ପ୍ରହର ଅନୁସରଣ କରୁଥିଲେ ଯେପରିକି "ପ୍ରଥମ "(ସୂର୍ଯ୍ୟାସ୍ତରୁ ରାତ୍ରି ୯), "ଦ୍ୱିତିୟ" (ରାତ୍ରି ୯ ଟାରୁ ମଧ୍ୟରାତ୍ରି), "ତୃତୀୟ "(ମଧ୍ୟରାତ୍ରିରୁ ପାହାନ୍ତିଆ ୩), "ଚତୁର୍ଥ" (ପାହାନ୍ତିଆ ୩ରୁ ସୂର୍ଯୋଦୟ) ପର୍ଯ୍ୟନ୍ତ ।

· ଏହି ଶବ୍ଦଗୁଡ଼ିକ ସାଧାରଣ ଭାବରେ ବିଭିନ୍ନ ସମୟ ଅନୁଯାୟୀ ମଧ ଅନୁବାଦ କରାଯାଇପାରେ ଯେପରିକି "ବିଳମ୍ବିତ ସନ୍ଧ୍ୟା" ବା "ମଧ ରାତ୍ରି" ବା "ଅତି ପ୍ରଭାତ ସମୟ"।

(ଦେଖନ୍ତୁ: ସମୟ)

ବାଇବେଲ ପଦପର୍ବ:

- ଲୂକ ୧୨:୩୭-୩୮
- ମାର୍କ ୬:୪୮-୫୦
- ମାଥିଉ ୧୪:୨୫-୨୭
- ଗୀତସଂହିତା ୯୦:୩-୪

ଶବ୍ଦବିନ୍ୟାସ:

Strong's: H0821, G54380

ପ୍ରାଙ୍ଗଣ, ଅଗଣା

ପରିଭାଷା:

"ଅଗଣା" ଓ "ପ୍ରାଙ୍ଗଣ" ଶବ୍ଦ ଏକ ଆବଦ୍ଧ ଜମି ଯାହା ମୁକ୍ତ ଆକାଶ ତଳେ ଓ କାନ୍ଥ ଦ୍ୱାରା ଘେରା ହୋଇଥିବା ସ୍ଥାନକୁ ବୁଝାଏ । "ଅଦାଲତ" ଶବ୍ଦ ଯେଉଁ ସ୍ଥାନରେ ବିଚାରପତି ନ୍ୟାୟ ଓ ଦୋଷ କରିଥିବା ବିଷୟଗୁଡ଼ିକ ବିଚାର କରୁଥିବା ସ୍ଥାନକୁ ବୁଝାଏ ।

- ସମାଗମ ତମ୍ବୁ ଚାରିପଟେ ମୋଟା କାନ୍ଥ, କପଡା ପରଦାରେ ଆବୃତ ହୋଇଥିବା ଅଗଣା ଥିଲା ।
- ମନ୍ଦିର ପ୍ରାଙ୍ଗଣରେ ତିନିଟି ଭିତର ଅଗଣା ଥିଲା: ପ୍ରଥମଟି ଯାଜକଗଣ ପାଇଁ, ଅନ୍ୟଟି ଯୁହୁଦୀ ପୁରୁଷମାନଙ୍କ ନିମନ୍ତେ ଓ ଶେଷଟି ଯିହୁଦୀ ମହିଳାମାନଙ୍କ ନିମନ୍ତେ ଥିଲା ।
- ଏହି ଆଭ୍ୟନ୍ତରୀଣ କୋଠାରୀଗୁଡ଼ିକର ଚାରିପାଖ ଛୋଟ ଛୋଟ ପ୍ରସ୍ତରର କାନ୍ଥ ଥିଲା ଯାହା ବାହ୍ୟ ଅଗଣାଠାରୁ ଅଲଗା ଥିଲା, ଯେଉଁଠି ବିଜାତୀମାନେ ଉପାସନା କରିପାରୁଥିଲେ ।
- ଏକ ଗୃହର ମଧ୍ୟ ଭାଗରେ ଥିବା ସ୍ଥାନକୁ ଖୋଲା ଅଗଣା ମଧ୍ୟ କୁହାଯାଏ ।
- "ରାଜ ପ୍ରାସାଦ" ଶବ୍ଦ ପ୍ରାସାଦକୁ ବୁଝାଇପାରେ ଅଥବା ଯେଉଁ ସ୍ଥାନରେ ସେ ବିଚାର କରନ୍ତି ସେହି ପ୍ରାସାଦକୁ ବୁଝାଇପାରେ ।
- "ଯିହୋବାଙ୍କର ପ୍ରାଙ୍ଗଣ" ଅଭିବ୍ୟକ୍ତି ଏକ ଉପମା ଅଟେ ଯାହାର ଅର୍ଥ ଯିହୋବାଙ୍କର ବାସସ୍ଥଳ ଅଟେ ଯେଉଁଠି ଲୋକାମାନେ ଯିହୋବାଙ୍କୁ ଉପାସନା କରିବାକୁ ଯାଆନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଅଗଣା" ଶବ୍ଦକୁ "ଆବଦ୍ଧ ଜାଗା" କିମ୍ବା "କାନ୍ଥ ଭିତର ଜାଗା" କିମ୍ବା "ମନ୍ଦିର ପ୍ରାଙ୍ଗଣ" କିମ୍ବା "ମନ୍ଦିର ବେଢା" ବୋଲି ଅନୁବାଦ କରାଯାଇପାରେ ।
- ବେଳେବେଳେ "ମନ୍ଦିର" ଶବ୍ଦକୁ "ମନ୍ଦିର ପ୍ରାଙ୍ଗଣ" କିମ୍ବା "ମନ୍ଦିର ବେଢା" ବୋଲି ଅନୁବାଦ କରାଯାଇପାରେ ଯାହା ଏହା ସ୍ପଷ୍ଟ କରିବ ଯେ ଅଗଣା, ମନ୍ଦିରର ଅଟ୍ଟାଳିକାକୁ ବୁଝାଏ ନାହିଁ ।
- "ଯିହୋବାଙ୍କର ଆବାସ" ଶବ୍ଦକୁ "ଯେଉଁ ସ୍ଥାନରେ ଯିହୋବା ବାସ କରନ୍ତି" କିମ୍ବା "ଯେଉଁ ସ୍ଥାନରେ ଯିହୋବା ଉପାସନା କରାଯାଆନ୍ତି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- ଯେଉଁ ଶବ୍ଦ ରାଜା ପ୍ରାସାଦ ନିମନ୍ତେ ବ୍ୟବହାର ହୋଇଛି ତାହା ମଧ୍ୟ ଯିହୋବାଙ୍କର ଆବାସ ସ୍ଥାନ ପାଇଁ ବ୍ୟବହାର କରାଯାଇପାରେ ।

(ଦେଖନ୍ତୁ: ବିଜାତୀବିଜାତୀୟ, [ବିଚାରପତି]ବିଚାରକ, [ରାଜା], ସମାଗମ ତମ୍ବୁ, ମନ୍ଦିର)

ବାଇବେଲ ପଦପର୍ବ:

- ୨ ରାଜାବଳୀ ୨୦:୪-୫
- ଯାତ୍ରାପୁସ୍ତକ ୨୭:୯
- ଯିରିମୀୟ ୧୯:୧୪-୧୫
- ଲୂକ ୨୨:୫୫
- ମାଥିଉ ୨୬:୬୯-୭୦
- ଗଣନାପୁସ୍ତକ ୩:୨୬
- ଗୀତସଂହିତା ୬୫:୪

ଶବ୍ଦବିନ୍ୟାସ:

- Strong's: H1004, H1508, H2691, H5835, H7339, H8651, G08330, G42590

ପ୍ରାଚୀନ, ବୃଦ୍ଧ, ବୟୋଜ୍ୟେଷ୍ଠ

ପରିଭାଷା:

"ପ୍ରାଚୀନ" କିମ୍ବା " ବୃଦ୍ଧ " ଶବ୍ଦ ଲୋକମାନଙ୍କୁ ଦର୍ଶାଏ (ସାଧାରଣତଃ, ବାଇବେଲରେ ପୁରୁଷମାନଙ୍କୁ ବୁଝାଏ) ଯେଉଁମାନେ ଏକ ସମ୍ପ୍ରଦାୟ ମଧ୍ୟରେ ପରିପକ୍ୱ ବୟସ୍କ ଏବଂ ନେତା ହେବା ପାଇଁ ଯଥେଷ୍ଟ ବୟସ୍କ ହୋଇଛନ୍ତି। ଉଦାହରଣ ସ୍ୱରୂପ, ପ୍ରାଚୀନମାନଙ୍କର ପକ୍ୱ କେଶ ଥାଇପାରେ, ବୟସ୍କ ସନ୍ତାନଗଣ ଥିବେ, କିମ୍ବା ନାତି ବା ନାତୁଣୀ କିମ୍ବା ନାତି ବା ନାତୁଣୀର ସନ୍ତାନମାନେ ମଧ୍ୟ ଥାଇପାରନ୍ତି।

- "ପ୍ରାଚୀନ" ଶବ୍ଦଟି ଏପରି ପରିପେକ୍ଷୀରୁ ଆସିଛି ଯେ ଯେଉଁମାନେ ମୂଳତଃ ପ୍ରାଚୀନଗଣ ବୟସ୍କ ବ୍ୟକ୍ତି ଥିଲେ, ଯେଉଁମାନେ ସେମାନଙ୍କର ବୟସ ଏବଂ ଅଭିଜ୍ଞତା ହେତୁ ଅଧିକ ଜ୍ଞାନ ପାଇଥିଲେ।
- ପୁରାତନ ନିୟମରେ, ପ୍ରାଚୀନମାନେ ଇସ୍ରାଏଲର ଲୋକମାନଙ୍କୁ ସାମାଜିକ ନ୍ୟାୟ ପାଇବାରେ ଏବଂ ମୋଶାଙ୍କ ବ୍ୟବସ୍ଥା ପାଳନ କରିବାରେ ସାହାଯ୍ୟ କରୁଥିଲେ।
- ନୂତନ ନିୟମରେ, ଯିହୁଦୀ ପ୍ରାଚୀନମାନେ ସେମାନଙ୍କ ସମାଜରେ ଲୋକମାନଙ୍କର ନେତୃତ୍ୱ ଦେଲେ ଏବଂ ଆହୁରି ବିଚାରକ ଭାବେ କାର୍ଯ୍ୟ କରୁଥିଲେ।
- ଆଦ୍ୟ ମଣ୍ଡଳୀଗୁଡ଼ିକରେ, ଖ୍ରୀଷ୍ଟଧର୍ମାବଲମ୍ବୀ ପ୍ରାଚୀନମାନେ ସ୍ଥାନୀୟ ବିଶ୍ୱାସୀ ମଣ୍ଡଳୀଗୁଡ଼ିକରେ ଆତ୍ମିକ ନେତୃତ୍ୱ ଦେଲେ। ପ୍ରାଚୀନମାନେ ଏହି ମଣ୍ଡଳୀଗୁଡ଼ିକରେ ଏନେକ ଯୁବା ନେତାମାନଙ୍କୁ ମଧ୍ୟ ଯୋଗ କଲେ ଯେଉଁମାନେ ଆତ୍ମିକଭାବେ ପରିପକ୍ୱ ଥିଲେ।
- ଏହି ଶବ୍ଦକୁ "ବୟସ୍କ ବ୍ୟକ୍ତିଗଣ" କିମ୍ବା "ମଣ୍ଡଳୀକୁ ଆତ୍ମିକଭାବେ କଡାଇ ନେବା ପରିପକ୍ୱ ବ୍ୟକ୍ତିଗଣ" ବୋଲି ଅନୁବାଦ କରାଯାଇପାରେ।

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 11:1-3
- ପ୍ରଥମ ତୀମଥି 3:1-3
- ପ୍ରଥମ ତୀମଥି 4:14
- ପ୍ରେରିତ 5:19-21
- ପ୍ରେରିତ 14:23
- ମାର୍କ 11:28
- ମାଥିଉ 21:23-24

ଶବ୍ଦବିନ୍ୟାସ:

- Strong's: H1419, H2205, H7868, G10870, G31870, G42440, G42450, G48500

ପ୍ରାଣୀ, ଜୀବଜନ୍ତୁ

ସଂଜ୍ଞା:

"ପ୍ରାଣୀ" ହେଉଛି ସମସ୍ତ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ ହୋଇଥିବା ଜୀବଜନ୍ତୁ, ଉଭୟ ମନୁଷ୍ୟ ଓ ପଶୁପକ୍ଷୀ

- ଭାବବାଦୀ ଯିହିଜିକଲ ପରମେଶ୍ୱରଙ୍କ ମହିମା ଦର୍ଶନରେ "ଜୀବିତ ପ୍ରାଣୀ"ମାନଙ୍କ ବିଷୟରେ ବର୍ଣ୍ଣନା କରନ୍ତି

ସେ ସେମାନଙ୍କୁ ଜାଣି ନାହାନ୍ତି, ଏଣୁ ସେ ସାଧାରଣ ଉକ୍ତି ଦେଇଛନ୍ତି

- ସେଠାରେ ବର୍ଣ୍ଣିତ ଶବ୍ଦ "ସୃଷ୍ଟି" ର ଭିନ୍ନ ଅର୍ଥ ଦେଇଛନ୍ତି କାରଣ ସେ ପରମେଶ୍ୱରଙ୍କ ସମସ୍ତ ସୃଷ୍ଟି, ଉଭୟ ଜୀବିତ ଓ ମୃତ ବିଷୟ (ଯଥା ଭୂମି, ପାଣି ଓ ତାରା)

"ପ୍ରାଣୀ" ଶବ୍ଦ କେବଳ ଜିବିତ ବିଷୟ କୁ ବୁଝାଏ

ଅନୁବାଦ ପ୍ରସ୍ତାବ:

- ପରିସ୍ଥିତି କୁ ଲକ୍ଷ୍ୟକରି, "ପ୍ରାଣୀ" ମଧ୍ୟ ଅନୁବାଦ କରିବା ଯଥା, "ଜୀବ" କିମ୍ବା "ଜୀବିତ" ନଡୁବା "ସୃଷ୍ଟ ଜୀବ"
- "ପ୍ରାଣୀ" ଶବ୍ଦର ବହୁବଚନ ଯଥା "ସମସ୍ତ ସୃଷ୍ଟ ପ୍ରାଣୀ" କିମ୍ବା "ମନୁଷ୍ୟ ଏବଂ ପଶୁପକ୍ଷୀ", ନଡୁବା "ପଶୁ" କିମ୍ବା "ମାନବଜାତି"

(ଦେଖ: ସୃଷ୍ଟି)

ବାଇବଲ ସନ୍ଦର୍ଭ:

- ଦାନିଏଲ ୦୪:୧୦-୧୨
- ଯିହିଜିକଲ ୦୧:୭-୯
- ଯିହୋଶୂୟ ୧୦:୨୮
- ଲେବୀୟ ୧୧:୪୭-୪୭
- ପ୍ରକାଶିତ ବାକ୍ୟ ୧୯:୩-୪

ବୋର୍ଡ ଡାଟା :

- Strong's: H255, H1320, H1321, H1870, H2119, H2416, H4639, H5315, H5971, H7430, H8318, G2226, G2937, G2938

ପ୍ରାସାଦ, ଗୃହ

ପରିଭାଷା:

"ପ୍ରାସାଦ" ଶବ୍ଦ ଏକ କୋଠା ବା ଗୃହକୁ ବୁଝାଏ, ଯେଉଁଠାରେ ଏକ ରାଜା, ତାଙ୍କର ପରିବାର ଏବଂ ଦାସଦାସୀମାନଙ୍କ ସହ ବାସ କରୁଥିଲେ I

- ଯେପରି ନୂତନ ନିୟମରେ ଉଲ୍ଲେଖ କରାଯାଇଛି, ମହାଯାଜକ ମଧ୍ୟ ଗୋଟିଏ ବହୁ ଅଂଶ ବିଶିଷ୍ଟ ପ୍ରାସାଦରେ ବାସ କରୁଥିଲେ I
- ପ୍ରାସାଦଗୁଡ଼ିକ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାପତ୍ୟ ଏବଂ ଆସବାସପାତ୍ରରେ ଅତିଶୟ ବହୁଳ ଭାବରେ ବିଭୂଷିତ ଥିଲା I
- ପ୍ରସାଦର ଆସବାସପାତ୍ରଗୁଡ଼ିକ ପ୍ରସ୍ତର କିମ୍ବା କାଷ୍ଠ ଦ୍ୱାରା ନିର୍ମିତ ହୋଇଥିଲା ଏବଂ ଅନେକ ସମୟରେ ମୂଲ୍ୟବାନ କାଷ୍ଠ, ସ୍ୱର୍ଣ୍ଣ, କିମ୍ବା ହାତୀଦାନ୍ତ ଦ୍ୱାରା ଆଚ୍ଛାଦିତ ହୋଇଥିଲା I
- ବହୁ ଅଂଶ ବିଶିଷ୍ଟ ପ୍ରସାଦରେ ଆହୁରି ଅନେକ ଲୋକମାନେ ବାସ କରୁଥିଲେ ଏବଂ କାର୍ଯ୍ୟ କରୁଥିଲେ, ଯହିଁରେ ସାଧାରଣତଃ, ଅନେକ କୋଠାଗୁଡ଼ିକ ଏବଂ ପ୍ରାଙ୍ଗଣଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା I

(ଦେଖନ୍ତୁ: ପ୍ରାଙ୍ଗଣ, ମହାଯାଜକ, ରାଜା)

ବାଇବେଲ ପଦପର୍ବ:

- ୨ ବଂଶାବଳୀ ୨୮:୭-୮
- ୨ ଶାମୁୟେଲ ୧୧:୨-୩
- ଦାନିୟେଲ ୫:୫-୬
- ମାଥିଉ ୨୬: ୩-୫
- ଗୀତସଂହିତା ୪୫:୮

ଶବ୍ଦବିନ୍ୟାସ:

- Strong's: H0759, H1002, H1004, H1055, H1406, H1964, H1965, G08330, G09330, G42320

ପ୍ରେମିକ, ପ୍ରେମିକମାନେ

ସଂଜ୍ଞା:

"ପ୍ରେମିକ" ଶବ୍ଦ ଆକ୍ଷେରିକ ରୂପରେ ଏହାର ଅର୍ଥ "ବ୍ୟକ୍ତି ଯେ ପ୍ରେମ କରେ "ହୁଏ I ସାଧାରଣ ଭାବରେ ଏହା ସେଇ ବ୍ୟକ୍ତିମାନଙ୍କୁ ଦର୍ଶାଏ ଯେଉଁମାନେ ଯୌନ ସମନ୍ଧରେ ଅନ୍ୟ ସହ ସଂଯୁକ୍ତ ଅଛନ୍ତି I

- ବାଇବଲରେ ଯେତେବେଳେ "ପ୍ରେମିକ" ଶବ୍ଦ ବ୍ୟବହାର କରାଯାଏ ସାଧାରଣ ଭାବରେ ସେହି ବ୍ୟକ୍ତି କୁ ଦର୍ଶାଏ ଯେ ଅନ୍ୟ ଲୋକଙ୍କ ସହିତ ଯୌନ ସମ୍ବଧରେ ଅଛି ଯିଏ ଅବିବାହିତ ଅଟେ I
- ଏହି ଭୁଲ୍ ଯୌନ ସମର୍କ ଅଧିକାଂଶ ସମୟରେ ବାଇବଲରେ ଇସ୍ରାଏଲ ର ପରମେଶ୍ୱରଙ୍କର ପ୍ରତି ଅନାଜ୍ଞାକାରିତା ଓ ମୂର୍ତ୍ତି ପୂଜା କୁ ଦଶାଏ I

ତେଣୁ "ପ୍ରେମିକ' ଶବ୍ଦ ମଧ୍ୟ ସାଙ୍କେତିକ ରୂପରେ ଇସ୍ରାଏଲ ଲୋକମାନେ ଯେଉଁ ମୂର୍ତ୍ତି ପୂଜା କରନ୍ତି ତାହାକୁ ଦର୍ଶାଏ I ଏହି ପୃଷ୍ଠଭୂମିରେ ସମ୍ଭବତଃ ଏହି ଶବ୍ଦ କୁ ଅନୁବାଦ କଲେ "ଅନୈତିକ ସାଥୀ" କିଅବା "ବ୍ୟଭିଚାରୀ ସାଥୀ" କିଅବା "ମୂର୍ତ୍ତି" ହୋଇପାରେ ଦେଖନ୍ତୁ: ରୁପକ

- ଅର୍ଥ ର "ପ୍ରେମିକ "ତାହାକୁ ଦର୍ଶାଏ ଯେ ଅର୍ଥ କୁ ଅତି ମହତ୍ୱ ଦିଏ ଓ ଧନୀ ହେବାକୁ ଚାହେଁ I
- ପୁରାତନ ନିୟମରେ ପରମ ଗୀତରେ "ପ୍ରେମିକ" ସାକାରାତ୍ମକ ରୂପରେ ବ୍ୟବହାର କରାଯାଏ I

(ଆହୁରି ଦେଖନ୍ତୁ: ବ୍ୟଭିଚାର, ଭଣ୍ଡ ଦେବ, ପ୍ରେମ)

ବାଇବଲ ପଦପର୍ବ:

- ହୋଶେୟ୦୨:୪-୫
- ଯିରିମିୟ ୦୩:୧-୨
- ବିଳାପ ଗୀତ ୦୧:୧-୨
- ଲୁକ ୧୬:୧୪-୧୫

ବୋର୍ଡ ଡାଟା :

- Strong's: H157, H158, H868, H5689, H7453, H8566, G865, G866, G5358, G5366, G5367, G5369, G5377, G5381, G5382

ପ୍ରେରଣ କରିବା, ପଠାଯାଇଛି, ପ୍ରେରଣ କରିବା

ପରିଭାଷା:

"ପ୍ରେରଣ କରିବା" ଅର୍ଥ କାହାକୁ କିମ୍ବା କୌଣସି ପଦାର୍ଥକୁ କୌଣସି ସ୍ଥାନକୁ ପଠେଇବା ଅଟେ। "ବାହାରକୁ ପଠାଇବା" ଅର୍ଥ କାହାକୁ ଏକ ଉଦ୍ଦେଶ୍ୟରେ ପ୍ରେରଣ କରିବା ଅଟେ।

- ସାଧାରଣତଃ ଜଣେ ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସମାପନ କରିବା ପାଇଁ ନିଯୁକ୍ତକରି "ବାହାରକୁ ପଠାଯାଏ।"
- ଖଣ୍ଡବାକ୍ୟ ଯଥା "ବର୍ଷା ପଠାଅ" କିମ୍ବା "ଦୁର୍ଭିକ୍ଷ ପଠାଅ" ଅର୍ଥ "ଏପରି ଘଟୁ ଅଟେ।" ଏହି ପ୍ରକାର ଭାବନା ସାଧାରଣତଃ ଈଶ୍ୱରଙ୍କୁ ଏହି ସମସ୍ତ ଘଟାଇବାକୁ ସୂଚାଏ ।
- "ପ୍ରେରଣ" ଶବ୍ଦଟି ଭାବନା ପ୍ରକାଶ ଗୁଡ଼ିକ ଯଥା "ଏକ ବାର୍ତ୍ତା ପଠାଅ" କିମ୍ବା "ଖବର ପଠେଇବା" ଯାହାର ଅର୍ଥ ହେଉଛି ଜଣେ ଜଣକୁ ଏକ ଖବର ପଠାଇବାକୁ ଅନ୍ୟ ଜଣକୁ ବାର୍ତ୍ତା ପ୍ରଦାନ କରେ।
- "କୌଣସି ବିଷୟ" ସହ "କାହାକୁ" ପଠାଇବା ମଧ୍ୟ ଏହାର ଅର୍ଥ ହୋଇପାରେ ଯେ ସେହି ବିଷୟକୁ "ଅନ୍ୟକୁ" ଦେବା, ସାଧାରଣତଃ ଏହାକୁ ଗ୍ରହଣ କରିବାକୁ କିଛି ଦୂରତା ବହନ କରୁଥିବା ବ୍ୟକ୍ତିକୁ ବୁଝାଏ |
- "ଯେ ମୋତେ ପ୍ରେରଣ କରିଛନ୍ତି" ଏହି ଶବ୍ଦକୁ ଯୀଶୁ ବାରମ୍ବାର ବ୍ୟବହାର କରୁଥିଲେ ସଦାସର୍ବଦା ପିତା ଈଶ୍ୱରଙ୍କୁ ଉଲ୍ଲେଖ କରି କୁହନ୍ତି, ଯିଏ ତାହାଙ୍କୁ ଲୋକମାନଙ୍କୁ ଉଦ୍ଧାର ଏବଂ ରକ୍ଷା କରିବା ନିମନ୍ତେ ପୃଥିବୀକୁ "ପ୍ରେରଣ" କରିଅଛନ୍ତି। ଏହାକୁ "ଯିଏ କୌଣସି କାର୍ଯ୍ୟ ନିମନ୍ତେ କର୍ତ୍ତୃତ୍ୱ ପ୍ରଦାନ କରିଛନ୍ତି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ନିଯୁକ୍ତ, ରକ୍ଷା, ବାହାର କରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7:33-34
- ପ୍ରେରିତ 8:14-17
- ଯୋହନ 20:21-23
- ମାଥିଉ 9:37-38
- ମାଥିଉ 10:5
- ମାଥିଉ 10:40
- ମାଥିଉ 21:1-3

ଶବ୍ଦବିନ୍ୟାସ:

- Strong's: H0935, H1540, H1980, H2199, H2904, H3318, H3474, H3947, H4916, H4917, H5042, H5130, H5375, H5414, H5674, H6963, H7368, H7725, H7964, H7971, H7972, H7993, H8421, H8446, G07820, G03750, G06300, G06490, G06520, G06570, G10260, G10320, G15440, G15990, G18210, G33330, G33430, G39360, G39920, G43110, G43410, G43690, G48420, G48820

ଫଳ, ଫଳବନ୍ତ, ଫଳହୀନ

ପରିଭାଷା:

"ଫଳ" ଶବ୍ଦର ଆକ୍ଷରିକ ଅର୍ଥ ହେଉଛି ବୃକ୍ଷର ସେହି ଭାଗ ଯାହାକୁ ଖାଦ୍ୟ ରୂପରେ ଗ୍ରହଣ କରାଯାଏ I କିଛି ଜିନିଷ ଯାହା "ଫଳବନ୍ତ" ଅଟେ ତାହା ବହୁତ ଫଳ ଫଳି ଥାଏ I ଏହି ଶବ୍ଦ ସବୁ ଆଳଙ୍କାରିକ ରୂପରେ ମଧ୍ୟ ବାଇବେଲରେ ବ୍ୟବହାର କରାଯାଇଅଛି।

- ବାଇବେଲ ଅନେକ ସମୟରେ ଗୋଟିଏ ବ୍ୟକ୍ତିର ଜୀବନ ଶୈଳୀ ନିମନ୍ତେ "ଫଳ" ଶବ୍ଦକୁ ବ୍ୟବହାର କରେ। ଯେପରି ଗୋଟିଏ ବୃକ୍ଷରଫଳ ଦେଖାଏ ଏହା କେଉଁ ପ୍ରକାର ଗଛ ଅଟେ, ସେହି ପ୍ରକାରେ ଗୋଟିଏ ବ୍ୟକ୍ତିର ଶବ୍ଦ ଓ କାର୍ଯ୍ୟ ପ୍ରକଟ କରେ କି ସେ କି ପ୍ରକାରେ ଚରିତ୍ର ଧାରଣ କରି ଅଛି।
- ଜଣେ ବ୍ୟକ୍ତି ଭଲ କିମ୍ବା ମନ୍ଦ ଆତ୍ମିକ ଫଳ ଉତ୍ପନ କରିପାରେ, କିନ୍ତୁ "ଫଳବନ୍ତ" ଶବ୍ଦର ସବୁବେଳେ ସାକାରାତ୍ମକ ବା ସୁନିଶ୍ଚିତ ଅର୍ଥ ହୋଇଥାଏ ଯାହା ବହୁଳ ଉତ୍ତମ ଫଳ ଉତ୍ପନ କରିବାକୁ ଦର୍ଶାଏ।
- "ଫଳବନ୍ତ" ଶବ୍ଦ ମଧ୍ୟ ଆଳଙ୍କାରିକ ବା ରୂପକ ରୂପରେ ବ୍ୟବହାର କରାଯାଏ ଯାହାର ଅର୍ଥ "ସମୃଦ୍ଧିଶାଳୀ"। ଏହା ଅନେକ ସମୟରେ ବହୁ ସନ୍ତାନ ସନ୍ତୁତିକୁ ଦର୍ଶାଏ, ତାହା ସହିତ ପ୍ରଚୁର ପରିମାଣରେ ଖାଦ୍ୟ ଓ ତାହା ସହିତ ଧନ ମଧ୍ୟ ଦର୍ଶାଏ। ସାଧାରଣତଃ, ଅଭିବ୍ୟକ୍ତି "ଏହାର ଫଳ" କାହାଠାରୁ କିଛି ଆସେ କି ଉତ୍ପନ ହୁଏକୁ ଦର୍ଶାଏ। ଉଦାହରଣ ସ୍ୱରୂପ, "ଜ୍ଞାନର ଫଳ" ଉତ୍ତମ ବସ୍ତୁକୁ ଦର୍ଶାଏ ଯାହା ଜ୍ଞାନରୁ ଆସେ।
- "ଭୂମିର ଫଳ" ଅଭିବ୍ୟକ୍ତି ସାଧାରଣ ଭାବରେ ସମସ୍ତ ଜିନିଷକୁ ଦର୍ଶାଏ ଯାହା ଭୂମି ଲୋକମାନଙ୍କ ଖାଦ୍ୟ ନିମନ୍ତେ ଉତ୍ପନ କରେ। ଏହା କେବଳ ସେହି ଫଳକୁ କୁହାଯାଏ ନାହିଁ ଯେପରି ଅଂଗୁର, ଖଜୁରୀ କିନ୍ତୁ ପନିପରିବା, ଚଣା ଓ ଶସ୍ୟକୁ ମଧ୍ୟ ଅନ୍ତର୍ଭୁକ୍ତ କରେ।
- "ଆତ୍ମାଙ୍କ ଫଳ" ଆଳଙ୍କାରିକ ବା ରୂପକ ଅଭିବ୍ୟକ୍ତି ଧାର୍ମିକ ଗୁଣକୁ ଦର୍ଶାଏ ଯାହା ପବିତ୍ର ଆତ୍ମା ଲୋକମାନଙ୍କ ଜୀବନରେ ଉତ୍ପନ କରନ୍ତି ଯେ ତାହାଙ୍କ ଆଜ୍ଞାକାରୀ ହୁଏ।
- "ଗର୍ଭର ଫଳ" ଅଭିବ୍ୟକ୍ତି "ଯାହା ଗର୍ଭ ଉତ୍ପନ କରେ—" ତାହାକୁ ଦର୍ଶାଏ ଯାହା ସନ୍ତାନ ସନ୍ତୁତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଫଳ" ପାଇଁ ସାଧାରଣ ଶବ୍ଦ ବ୍ୟବହାର କରି ଏହି ଶବ୍ଦକୁ ଅନୁବାଦ କରିବା ସର୍ବୋତ୍ତମ ଅଟେ, ଯାହା ସାଧାରଣତ ଏକ ଫଳ ଗଛର ଖାଇବା ଫଳକୁ ସୂଚାଇବା ପାଇଁ ସ୍ଥାନୀୟ ଭାଷାରେ ବ୍ୟବହୃତ ହୁଏ | ଅନେକ ଭାଷାରେ ଯେତେବେଳେ ଏହା ଏକରୁ ଅଧିକ ଫଳକୁ ସୂଚାଏ, ବହୁବଚନ "ଫଳ" ବ୍ୟବହାର କରିବା ଅଧିକ ସ୍ୱାଭାବିକ ହୋଇପାରେ।
- ପ୍ରସଙ୍ଗରେ ନିର୍ଭର କରି, "ଫଳବନ୍ତ" ଶବ୍ଦ ଯେପରି "ଅଧିକ ଆତ୍ମିକ ଫଳ ଉତ୍ପନ କରିବା" କିମ୍ବା "ଅଧିକ ସନ୍ତାନ ଜନ୍ମ କରିବା" କିମ୍ବା"ସମୃଦ୍ଧିଶାଳୀ ହେବା" ବୋଲି ଅନୁବାଦ କରାଯାଇପାରେ ।
- "ଭୂମିର ଫଳ" ଅଭିବ୍ୟକ୍ତି ଯେପରି "ଖାଦ୍ୟ ଯାହା ସେହି ଭୂମି ଉତ୍ପନ କରେ" କିମ୍ବା"ଖାଦ୍ୟ ଶସ୍ୟ ଯାହା ସେହି ସ୍ଥାନରେ ବଢ଼େ" ବୋଲି ଅନୁବାଦ କରାଯାଇପାରେ।
- ଯେତେବେଳେ ଈଶ୍ୱର ପଶୁ ଓ ମନୁଷ୍ୟକୁ ସୃଷ୍ଟି କଲେ, ସେ ସେମାନଙ୍କୁ "ପ୍ରଜାବନ୍ତ ଓ ବହୁ ବଂଶ ହୁଅ" ବୋଲି ଆଜ୍ଞା କରି କହିଲେ, "ଯାହା ଅନେକ ସନ୍ତାନ ଓ ବଂଶଧର ହେବାକୁ" ଦର୍ଶାଏ। ଏହାକୁ ଯେପରି "ଅନେକ ବଂଶଜ ହେବା" କିମ୍ବା"ଅଧିକ ସନ୍ତାନ ଓ ବଂଶଧର ହେବ" କିମ୍ବା"ଅଧିକ ସନ୍ତାନ ହେଉ ଯାହା ଦ୍ୱାରା ତୁମ୍ଭର ଅଧିକ ବଂଶଧର ହୁଅନ୍ତୁ" ବୋଲି ଅନୁବାଦ କରାଯାଇପାରେ ।
- "ଗର୍ଭର ଫଳ" ଅଭିବ୍ୟକ୍ତିକୁ "ଯାହା ଗର୍ଭ ଉତ୍ପନ କରେ" କିମ୍ବା"ସନ୍ତାନ ସନ୍ତୁତି ଯାହା ଜଣେ ସ୍ତ୍ରୀ ଜନ୍ମ ଦିଏ" କିମ୍ବା କେବଳ "ସନ୍ତାନ" ବୋଲି ଅନୁବାଦ କରାଯାଇପାରେ । ଯେତେବେଳେ ଏଲିଶାବେଥ ମରୀୟମଙ୍କୁ କହନ୍ତି "ତୁମ୍ଭ ଗର୍ଭର ଫଳ ଧନ୍ୟ ହେଉ," ତାଙ୍କର କହିବାର ଅର୍ଥ "ଯେଉଁ ଶିଶୁକୁ ତୁମ୍ଭେ ଜନ୍ମ ଦେବ ସେ ଧନ୍ୟ ହେଉ।" ସ୍ଥାନୀୟ ଭାଷାରେ ଏହାର ଅଲଗା ଅଭିବ୍ୟକ୍ତି ଥାଇପାରେ ।
- "ଦ୍ରାକ୍ଷାଲତାର ଫଳ" ଆଉ ଏକ ଅଭିବ୍ୟକ୍ତିକୁ "ଦ୍ରାକ୍ଷାଲତା ଫଳ" କିମ୍ବା "ଅଙ୍ଗୁରଲତା" ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗରେ ନିର୍ଭର କରି, "ଫଳପ୍ରଦ ହେବ" ଅଭିବ୍ୟକ୍ତିକୁ "ବହୁଳ ଫଳ ଉତ୍ପନ କରିବ" କିମ୍ବା "ଅଧିକ ସନ୍ତାନ ହେବେ" କିମ୍ବା "ସମୃଦ୍ଧିଶାଳୀ ହେବ" ବୋଲି ଅନୁବାଦ କରାଯାଇପାରେ ।
- ପ୍ରେରିତ ପାଉଲଙ୍କ ଅଭିବ୍ୟକ୍ତିରେ "ଫଲବନ୍ତ ପରିଶ୍ରମକୁ" ପରିଶ୍ରମ ଯାହା ଉତ୍ତମ ଫଳଫଳେ" କିମ୍ବା "ଉଦ୍ୟମ ଯାହା ଅନେକ ଲୋକ ଯୀଶୁଙ୍କଠାରେ ବିଶ୍ୱାସ କରନ୍ତି" ବୋଲି ଅନୁବାଦ କରାଯାଇପାରେ ।
- "ଆତ୍ମିକ ଫଳ" ଯେପରି "ପବିତ୍ର ଆତ୍ମା ଯାହା ଉତ୍ପନ୍ନ କରନ୍ତି" କିମ୍ବା "ଯାହା କାର୍ଯ୍ୟ ଏବଂ ବାକ୍ୟକୁ ଦର୍ଶାଏ ତାହା ପବିତ୍ର ଆତ୍ମା କାହା ଜୀବନେର କାର୍ଯ୍ୟ କରୁଅଛନ୍ତି" ବୋଲି ଅନୁବାଦ କରାଯାଇପାରେ ।

(ସନ୍ତାନ, ଶସ୍ୟ, ଅଙ୍ଗୁର, ପବିତ୍ର ଆତ୍ମା, ଦ୍ରାକ୍ଷାଲତା, ଗର୍ଭ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗାଲାତୀୟ 5:23
- ଆଦି ପୁସ୍ତକ 1:11
- ଲୂକ 8:15

- ମାଥିଉ 3:8
- ମାଥିଉ 7:17

ଶବ୍ଦବିନ୍ୟାସ:

- Strong's: H0004, H1061, H1063, H1069, H2233, H2981, H3581, H3759, H3899, H3978, H4022, H5108, H6509, H6529, H7019, H8393, H8570, G10810, G25900, G25920, G25930, G37030, G50520, G53520

ଫାଟକ, ଫାଟକ ବନ୍ଧକଗୁଡ଼ିକ, ଦ୍ୱାରପାଳ, ଫାଟକ ଖୁଣ୍ଟଗୁଡ଼ିକ, ପ୍ରବେଶ ପଥ

ପରିଭାଷା:

ଗୋଟିଏ "ଫାଟକ" ବାଡ଼ କିମ୍ବା କାନ୍ଥରେ ଏକ ଅବରୋଧକାରୀ ବସ୍ତୁ ଅଟେ ଯାହା ଘର କିମ୍ବା ସହରର ଚତୁର୍ପାର୍ଶ୍ୱରେ ନିର୍ମିତ ଥାଏ I "ଫାଟକ ରୋଧକ" କାଠ କିମ୍ବା ଧାତୁରେ ନିର୍ମିତ ବସ୍ତୁ ଅଟେ ଯାହାକୁ ନେଇ ଫାଟକରେ ତାଲା ଲଗାଯାଏ I

- ଗୋଟିଏ ନଗରର ଫାଟକକୁ ଲୋକ, ପଶୁ, ଏବଂ ମାଲକୁ ନଗର ଭିତରକୁ ଏବଂ ନଗର ବାହାରକୁ ନେବା ପାଇଁ ଫାଟକ ଖୋଲାଯାଇପାରେ I
- ସହରର ସୁରକ୍ଷା ନିମନ୍ତେ, ଏହାର କାନ୍ଥ ଏବଂ ଫାଟକ ଚଉଡା ଏବଂ ଶକ୍ତିଶାଳୀ ଥିଲା I ଶତ୍ରୁ ସୈନିକମାନେ ନଗରକୁ ପ୍ରବେଶ ନକରିବା ପାଇଁ ଫାଟକ ବନ୍ଦ କରି ଏକ ଧାତୁ କିମ୍ବା କାଠରେ ବନ୍ଦ କରି ଦିଆଯାଇଥିଲା I
- ଏକ ଫାଟକ ପାଇଁ ଏକ "ଖଣ୍ଡ" ଏକ କାଠ କିମ୍ବା ଧାତୁ ଖଣ୍ଡକୁ ବୁଝାଏ ଯାହା ସ୍ଥାନାନ୍ତରିତ ହୋଇପାରିବ ଯାହା ଦ୍ୱାରା ଫାଟକ ବାହାରୁ ଖୋଲାଯାଇପାରିବ ନାହିଁ I
- ବାଇବେଲ ସମୟରେ ନଗର ଫାଟକ ନଗର ନିମନ୍ତେ ପ୍ରାୟତଃ ସାମାଜିକ କେନ୍ଦ୍ର ଥିଲା I ଏହା ଏପରି ଏକ ସ୍ଥାନ ଥିଲା ଯେଉଁଠାରେ ସାମ୍ପ୍ରତିକ ଘଟଣାଗୁଡ଼ିକର ଖବର ଲୋକମାନଙ୍କ ମଧ୍ୟରେ ଆଦାନପ୍ରଦାନ ହେଉଥିଲା, ଯେଉଁଠାରେ ବ୍ୟବସାୟ କାରବାର ହେଉଥିଲା ଏବଂ ଯେଉଁଠାରେ ନାଗରିକମାନଙ୍କର ବିଚାର କରାଯାଉଥିଲା I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ଫାଟକ" ଶବ୍ଦକୁ "ଦ୍ୱାରା" କିମ୍ବା "ଖୋଲା କାନ୍ଥ" କିମ୍ବା "ଅବରୋଧକାରୀ "କିମ୍ବା "ପ୍ରବେଶ ପଥ" ବୋଲି ଅନୁବାଦ କରାଯାଇପାରେ I
- "ଫାଟକ ବନ୍ଦ କରିବା କଡ଼ି" ବାକ୍ୟାଂଶକୁ "ଫାଟକ ବୋଲଟ୍" କିମ୍ବା "ଫାଟକକୁ ତାଲା ପକାଇବାକୁ କାଠକଡ଼ି" କିମ୍ବା"ଫାଟକ ଧାତୁ ଛଡ଼ିର ତାଲା"ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ପ୍ରେରିତ ୯:୨୪
- ପ୍ରେରିତ ୧୦:୧୮
- ଦ୍ୱିତୀୟ ବିବରଣ ୨୧:୧୮-୧୯
- ଆଦିପୁସ୍ତକ ୧୯:୧
- ଆଦିପୁସ୍ତକ୨୪:୬୦
- ମାଥିଉ ୭:୧୩

ଶବ୍ଦବିନ୍ୟାସ:

- Strong's: H1817, H5592, H6607, H8179, G23740, G44390, G44400

ଫାନ୍ଦ,ଫାନ୍ଦରେ ପକାଇବା, ଫାଶ, ଫାଶ ବିଛେଇବା, ଫାଶରେ ପଡ଼ିବା, ପଡ଼ିବା

ପରିଭାଷା:

"ଫାନ୍ଦ" ଏବଂ "ଜାଲ" ଶବ୍ଦଗୁଡ଼ିକ ଉପକରଣଗୁଡ଼ିକ ବୁଝାଏ ଯାହା ପଶୁମାନଙ୍କୁ ଧରିବା ଏବଂ ସେମାନଙ୍କୁ ରକ୍ଷା ନକରିବା ପାଇଁ ବ୍ୟବହୃତ ହୁଏ I "ଫାନ୍ଦରେ" କିମ୍ବା "ଫାନ୍ଦରେ ପକାଇବା" ଅର୍ଥ ଏକ ଫାନ୍ଦ ଦ୍ୱାରା ଧରିବା, ଏବଂ "ଫାନ୍ଦରେ ପକାଇବା" କିମ୍ବା "ଫାନ୍ଦରେ" ଅର୍ଥ ଏକ ଜାଲରେ ଧରିବା ଅଟେ I ବାଇବେଲରେ, ଏହି ଶବ୍ଦଗୁଡ଼ିକ ସାଙ୍କେତିକ ଭାବରେ ବ୍ୟବହୃତ ହୋଇଅଛି ଯେପରି ପାପ ଏବଂ ପ୍ରଲୋଭନ କିପରି ଲୁକ୍କାୟିତ ଫାନ୍ଦ ପରି ଲୋକମାନଙ୍କୁ ଧରିଥାଏ ଏବଂ କ୍ଷତି ପହଞ୍ଚାଏ I

- ଏକ "ଫାନ୍ଦ" ଏକ ଦଉଡି କିମ୍ବା ତାରର ଏକ ଲୁପ୍ ଅଟେ ଯାହା ହଠାତ ଏକ ପଶୁର ଯେତେବେଳେ ପାଦ ଭିତରକୁ ଯାଏ, ତା'ର ଗୋଡକୁ ଫାନ୍ଦରେ ପକାଇଥାଏ I
- ଏକ "ଜାଲ" ସାଧାରଣତଃ ଧାତୁ କିମ୍ବା କାଠରେ ନିର୍ମିତ ଏବଂ ଦୁଇଟି ଅଂଶକୁ ନେଇ ଗଠିତ ଯାହା ହଠାତ ଏବଂ ଶକ୍ତିଶାଳୀ ଭାବରେ ବନ୍ଦ ହୋଇଯାଏ, ଏକ ପଶୁକୁ ଧରିଥାଏ ଯାହା ଦ୍ୱାରା ସେ ଯାଇପାରେ ନାହିଁ I ବେଳେବେଳେ ଏକ ଜାଲ ଏକ ଗଭୀର ଛିଦ୍ର ହୋଇପାରେ ଯେଉଁଥିରେ କିଛି ପଡ଼ିବା ପାଇଁ ତିଆରି କରାଯାଇଛି I
- ସାଧାରଣତଃ ଫାନ୍ଦ କିମ୍ବା ଜାଲ ଲୁଚାଇ ରଖାଯାଏ ଯାହା ଦ୍ୱାରା ଶିକାର ଏଠାରେ ଆଶ୍ଚର୍ଯ୍ୟଜନକ ଭାବରେ ଫଶୀଯାଏ I
- "ଗୋଟିଏ ଜାଲ ପ୍ରସ୍ତୁତ କରିବା" ବାକ୍ୟର ଅର୍ଥ କିଛି ଧରିବା ପାଇଁ ଏକ ଜାଲ ପ୍ରସ୍ତୁତ କରିବା ଅଟେ I
- "ଜାଲରେ ପଡ଼ିବା" ଏକ ଗଭୀର ଗର୍ତ୍ତରେ କିମ୍ବା ଗର୍ତ୍ତରେ ପଡ଼ିବା କୁ ବୁଝାଏ ଯାହା ଏକ ପଶୁକୁ ଧରିବା ପାଇଁ ଗୁପ୍ତ ରଖାଯାଏ I
- ଯେପରି ଏକ ପଶୁ ଫାନ୍ଦରେ ଫଶିଯାଏ କିନ୍ତୁ ପଶୁ ସେଥରୁ ଉଦ୍ଧାର ପାଇପାରେ ନାହିଁ ସେହିପରି ଜଣେ ବ୍ୟକ୍ତି ଯିଏ ପାପ କରିବା ଆରମ୍ଭ କରେ ଏବଂ ବନ୍ଦ କରିପାରିବ ନାହିଁ, ତାହାକୁ "ପାପର ଫାନ୍ଦରେ ଅଛି" ବୋଲି କୁହାଯାଇପାରେ I
- ଯେପରି ଗୋଟିଏ ପଶୁ ଜାଲରେ ପଡ଼ି ବିପଦରେ ପଡ଼େ ଏବଂ ଆଘାତ ପ୍ରାପ୍ତ ହୁଏ, ସେହିପରି ପାପର ଜାଲରେ ପଡ଼ିଥିବା ବ୍ୟକ୍ତି ସେହି ପାପର କ୍ଷତିଗ୍ରସ୍ତ ହୁଏ ଏବଂ ତାଙ୍କୁ ମୁକ୍ତ କରାଯିବା ଆବଶ୍ୟକ I

(ମୁକ୍ତ, ଶିକାର, ଶୟତାନ, ପ୍ରଲୋଭନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଉପଦେଶକ 7:26
- ଲୂକ 21:34
- ମାର୍କ 12:13
- ଗୀତସଂହିତା 18:5

ଶବ୍ଦବିନ୍ୟାସ:

- Strong's: H2256, H3353, H3369, H3920, H3921, H4170, H4204, H4434, H4685, H4686, H4889, H5367, H5914, H6341, H6351, H6354, H6679, H6983, H7639, H7845, H8610, G00640, G23390, G23400, G38020, G38030, G39850, G46250

ଫେରି ଆସିବା, ଫେରିବା

ପରିଭାଷା:

"ଫେରି ଆସିବା" ଶବ୍ଦ ଫେରିଯିବା କିମ୍ବା କୌଣସି ବିଷୟକୁ ଫେରସ୍ତ ଦେବାକୁ ବୁଝାଏ I

- କୌଣସି ବିଷୟ ପ୍ରତି "ଫେରିଯିବା" ଅର୍ଥ ସେହି କାର୍ଯ୍ୟକଳାପ ପୁଣି ଥରେ ଆରମ୍ଭ କରିବାକୁ ବୁଝାଏ I ଗୋଟିଏ ସ୍ଥାନକୁ ବା ବ୍ୟକ୍ତି ନିକଟକୁ ପୁଣି ଥରେ "ଫେରିଯିବା" ଅର୍ଥ ସେହି ସ୍ଥାନକୁ ବା ବ୍ୟକ୍ତିଙ୍କ ନିକଟକୁ ପୁଣି ଥରେ ଫେରିଯିବା ଅଟେ I
- ଯେତେବେଳେ ଇସ୍ରାଏଲୀୟମାନେ ପ୍ରତିମାଗଣକୁ ପୂଜା କରିବା ନିମନ୍ତେ ଫେରିଗଲେ, ସେମାନେ ସେଗୁଡ଼ିକର ପୂଜା ଉପାସନା କରିବା ଆରମ୍ଭ କଲେ I
- ଯେତେବେଳେ ସେମାନେ ଯିହୋବାଙ୍କ ନିକଟକୁ ଫେରିଆସିଲେ, ସେମାନେ ଅନୁତାପ ଓ ମନପରିବର୍ତ୍ତନ କଲେ ଏବଂ ଯିହୋବାଙ୍କୁ ଉପାସନା କରିବାକୁ ଲାଗିଲେ I
- ଅନ୍ୟ ଜଣକ ନିକଟରୁ ନେଇଯାଇ ଥିବା ବା ଗ୍ରହଣ କରିଥିବା ଜମି ବା ବିଷୟବସ୍ତୁ ଫେରସ୍ତ କରିବା ଅର୍ଥ, ଯେଉଁ ବ୍ୟକ୍ତିର ନିଜର ସମ୍ପତ୍ତିଥିଲା ତାହାକୁ ସେହି ସମ୍ପତ୍ତି ଫେରସ୍ତ କରିଦେବା ଅଟେ I

(ଦେଖନ୍ତୁ: ଫେରିବା)

ବାଇବେଲ ପଦପର୍ବ:

ଶବ୍ଦବିନ୍ୟାସ:

- Strong's: H5437, H7725, H7729, H8421, H8666, G03440, G03600, G03900, G18770, G18800, G19940, G52900

ଫେରିବା, ଫେରି ଯିବା, ପଛକୁ ଫେରିବା, ପଛକୁ ଫେରେ, ପ୍ରତ୍ୟାବର୍ତ୍ତନ

ପରିଭାଷା:

"ଫେରିବା" ଅର୍ଥ ଶାରୀରିକ ଭାବରେ ଦିଗ ପରିବର୍ତ୍ତନ କରିବା କିମ୍ବା ଆଉ କୌଣସି ବିଷୟର ଦିଗ ପରିବର୍ତ୍ତନ କରିବା ଅଟେ।

- ଏହି "ଫେରିବା" ଭାବ ପ୍ରକାଶକ ପଦର ଅର୍ଥ "ବୁଲିବା" ପଛକୁ ଦେଖିବା ଏକ ଭିନ୍ନ ଦିଗର ସମ୍ମୁଖୀନ ମଧ୍ୟ ହୋଇପାରେ।
- "ଫେରି ଆସିବା" କିମ୍ବା "ଚାଲିଯିବା" ଅର୍ଥ "ଚାଲି ଯିବା" କିମ୍ବା "ଦୂରକୁ ଚାଲିଯିବା" କିମ୍ବା "ଦୂରକୁ ଚାଲିଯିବା ନିମନ୍ତେ କିଛି କରିବା" ଅଟେ।
- "ଦୂରେଇ ଯିବା" ଅର୍ଥକୁ କୌଣସି କାର୍ଯ୍ୟ କରିବା "ବନ୍ଦ" କରିବା କିମ୍ବା କାହାକୁ ପ୍ରତ୍ୟାଖ୍ୟାନ କରିବା ଅଟେ।
- "ଜଣକ ପ୍ରତି ଫେରିବା" ଅର୍ଥ ସେହି ବ୍ୟକ୍ତିଙ୍କ ପ୍ରତି ସିଧାସଳଖ ଭାବରେ ଦେଖିବା ଅଟେ I
- "ଫେରିବା ଏବଂ ପରିତ୍ୟାଗ କରି ଚାଲିଯିବା" କିମ୍ବା "ଆପଣା ପଥେ ଚାଲିଯିବାକୁ" ଅର୍ଥ "ଦୂରେଇ ଯିବା" ଅଟେ।
- "ପୁଣି ଥରେ ପଛକୁ ଫେରିବା" ଅର୍ଥ "କିଛି ବିଷୟ ଆଉଥରେ ଆରମ୍ଭ କରିବା" ଅଟେ I
- "ଦୂରେଇ ଯିବା" ଅର୍ଥ "କିଛି କାର୍ଯ୍ୟ କରିବାକୁ ବନ୍ଦ କରିବା" ଅଟେ।
- "ଗୋଟିଏ ପାର୍ଶ୍ୱକୁ ବୁଲିବା" ଅର୍ଥ ଦିଗ ବଦଳାଇବା, ଯାହାର ଅର୍ଥ ପ୍ରାୟତଃ ଠିକ୍ କରିବା ବନ୍ଦ କରିବା ଏବଂ ମନ୍ଦ କାର୍ଯ୍ୟ ଆରମ୍ଭ କରିବା, କିମ୍ବା ବିପରୀତ କାର୍ଯ୍ୟ କରିବା ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ନିର୍ଭର କରି "ଫେରିବା" ପଦକୁ "ଦିଗ ପରିବର୍ତ୍ତନ କରିବା" କିମ୍ବା "ଯିବା" କିମ୍ବା "ଗତିଶୀଳ ହେବା" ବୋଲି ଅନୁବାଦ କରାଯାଇପାରେ।
- କେତେକ ପ୍ରସଙ୍ଗରେ, "ଫେରିବା" ଶବ୍ଦକୁ କିଛି କରିବା ନିମନ୍ତେ "ବାଧ କରିବା" (ଜଣକୁ) ବୋଲି ଅନୁବାଦ କରାଯାଇପାରେ।
- "ଈଶ୍ୱରଙ୍କଠାରୁ ଦୂରେଇ ଯିବା" ବାକ୍ୟାଂଶକୁ "ଈଶ୍ୱରଙ୍କ ଉପାସନା କରିବାରୁ ବନ୍ଦ କରିବା" ବୋଲି ଅନୁବାଦ କରାଯାଇପାରେ।
- "ଈଶ୍ୱରଙ୍କ ନିକଟକୁ ଫେର ଆସିବା" ବାକ୍ୟାଂଶକୁ "ପୁନର୍ବାର ଈଶ୍ୱରଙ୍କୁ ଉପାସନା କରିବା ଆରମ୍ଭ କରିବା" ବୋଲି ଅନୁବାଦ କରାଯାଇପାରେ।
- "ଯେତେବେଳେ ଶତ୍ରୁମାନେ "ଫେରି ଯାଆନ୍ତି" ତେବେ ଏହାର "ପଶ୍ଚାଦ୍‌ଗମନ ବା ପଛଘୁଞ୍ଚା" ଅଟେ I "ଶତ୍ରୁମାନଙ୍କୁ ଫେରାଇ ଦେବା" ଅର୍ଥ "ଶତ୍ରୁମାନଙ୍କୁ ପଶ୍ଚାଦ୍‌ଗମନ ବା ପଛଘୁଞ୍ଚା ହେବା ନିମନ୍ତେ ବାଧ କରିବା" ଅଟେ।
- ଯେତେବେଳେ ଇସ୍ରାଏଲ ମିଥ୍ୟା ଦେବତାମାନଙ୍କ ଆଡ଼କୁ "ଫେରିଲେ", ଆଳଙ୍କାରିକ ଭାବରେ ବ୍ୟବହୃତ କରାଗଲେ, ସେମାନେ ସେମାନଙ୍କର "ପୂଜା ଉପାସନା କରିବା ଆରମ୍ଭ କଲେ।" ଯେତେବେଳେ ସେମାନେ ପ୍ରତିମଗଣଠାରୁ "ଫେରି ଗଲେ ବା ବିମୁଖ ହେଲେ" ସେମାନେ ସେମାନଙ୍କର "ପୂଜା ଉପାସନା କରିବା ବନ୍ଦ କଲେ।"
- ଯେତେବେଳେ ଈଶ୍ୱର ତାହାଙ୍କର ବିଦ୍ରୋହୀ ଲୋକମାନଙ୍କଠାରୁ "ବିମୁଖ ହେଲେ ବା ଦୂରେଇ ଗଲେ" ସେ ସେମାନଙ୍କୁ "ସୁରକ୍ଷା ଦେବା ବନ୍ଦ କଲେ" କିମ୍ବା "ସାହାଯ୍ୟ କରିବା ବନ୍ଦ କଲେ I"
- "ପିତାମାନଙ୍କ ହୃଦୟ ସନ୍ତାନମାନଙ୍କ ପ୍ରତି ଫେରାଇବା" ବାକ୍ୟାଂଶକୁ "ପିତାମାନଙ୍କୁ ପୁନର୍ବାର ସେମାନଙ୍କର ସନ୍ତାନମାନଙ୍କର ଯତ୍ନ ନେବାକୁ ବାଧ କରିବା" ବୋଲି ଅନୁବାଦ କରାଯାଇପାରେ।
- "ମୋହର ସମ୍ମାନ ବା ଗୌରବକୁ ଲଜ୍ଜାରେ ପରିବର୍ତ୍ତିତ କର" ବାକ୍ୟାଂଶକୁ "ମୋହର ସମ୍ମାନକୁ ଲଜ୍ଜାରେ ପରିଣତ ହେବାକୁ ଦିଅ" କିମ୍ବା "ମୋତେ ଏଭଳି ଅସମ୍ମାନିତ କର ଯେ ମୁଁ ଲଜ୍ଜିତ ହେବି" କିମ୍ବା "ମୋତେ ଲଜ୍ଜିତ କର(ଯାହା ମନ୍ଦ ତାହା କରି) ଯେପରି ଲୋକମାନେ ମୋତେ ଆଉ ସମ୍ମାନ କରିବେ ନାହିଁ।"
- "ମୁଁ ତୁମ୍ଭମାନଙ୍କର ନଗରୀଗୁଡ଼ିକୁ ଧ୍ୱଂସରେ ପରିଣତ କରିବି" ପଦକୁ "ମୁଁ ଏପରି କରିବି ଯେ ତୁମ୍ଭମାନଙ୍କର ନଗରୀଗୁଡ଼ିକ ଧ୍ୱଂସ ହୋଇଯିବ" କିମ୍ବା "ମୁଁ ଶତ୍ରୁମାନଙ୍କୁ ତୁମ୍ଭମାନଙ୍କର ନଗରୀଗୁଡ଼ିକୁ ଧ୍ୱଂସ କରିବା ନିମନ୍ତେ ତୁମ୍ଭ ବିରୁଦ୍ଧରେ ପ୍ରେରଣ କରିବି" ବୋଲି ଅନୁବାଦ କରାଯାଇପାରେ।
- "ପରିବର୍ତ୍ତିତ ହେବା" ବାକ୍ୟାଂଶକୁ "ହେବା ବା ଘଟିବା" ବୋଲି ଅନୁବାଦ କରାଯାଇପାରେ I ଯେତେବେଳେ ମୋଶାଙ୍କର ଯଷ୍ଟି "ପରିବର୍ତ୍ତିତ ହେଲା," ତାହା ଏକ ସାପ ହେଲା I ଏହାକୁ ମଧ୍ୟ "ପରିବର୍ତ୍ତିତ ହେଲା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ମିଥ୍ୟା ଦେବତା, କୁଷ୍ଠ, ଉପାସନା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 11:2
- ପ୍ରେରିତ 7:42
- ପ୍ରେରିତ 11:21
- ଯିରିମୀୟ 36:1-3
- ଲୂକ 1:17
- ମଲାଖୀ 4:6
- ପ୍ରକାଶିତ ବାକ୍ୟ 11:6

ଶବ୍ଦବିନ୍ୟାସ:

- Strong's: H0541, H2015, H2017, H2186, H2559, H3943, H4672, H4740, H4878, H5186, H5253, H5414, H5437, H5472, H5493, H5528, H5627, H5753, H6437, H7227, H7725, H7734, H7750, H7760, H7847, H8159, H8447, G03440, G03870, G04020, G06540, G06650, G08680, G12940, G15780, G16120, G16240, G19940, G31790, G33130, G33290, G33440, G33460, G47620, G51570, G52900

ବଂଶାବଳି

ସଂଜ୍ଞା:

"ବଂଶାବଳି" ଶବ୍ଦଟି ଏକ ସମୟରେ ବିସ୍ତାର ହୋଇଥିବା ଲିଖିତ ଘଟଣାବଳିର ତଥ୍ୟକୁ ବୁଝାଏ

- ପୁରାତନ ନିୟମରେ ଦୁଇଟି ପୁସ୍ତକ "ପ୍ରଥମ ବଂଶବଳି" ଓ "ଦ୍ୱିତୀୟ ବଂଶାବଳି" କୁହାଯାଏ
- ପୁସ୍ତକ ଗୁଡିକ ଇସ୍ରାଏଲ ଲୋକମାନଙ୍କର ଇତିହାସର କିଛି ଅଂଶ, ଆଦମଙ୍କଠାରୁ ଆରମ୍ଭ କରି ପ୍ରତ୍ୟକ ବଂଶାନୁକ୍ରମର ତାଲିକାକୁ "ବଂଶାବଳି" କୁହାଯାଏ
- "ପ୍ରଥମ ବଂଶାବଳି" ହେଉଛି ଶାଉଲଙ୍କ ଜୀବନର ଶେଷ ଇତିହାସ ଏବଂ ରାଜା ଦାଉଦଙ୍କର ରାଜ୍ୟ ବୃଦ୍ଧି ର ଆରମ୍ଭ
- "ବଂଶାବଳିର ଦ୍ୱିତୀୟ ପୁସ୍ତକ" ହେଉଛି ଅନ୍ୟ ରାଜାମାନଙ୍କ ସହିତ, ରାଜା ସଲୋମୋନଙ୍କ ରାଜ୍ୟ ବିସ୍ତାର ଓ ମନ୍ଦିର ନିର୍ମାଣ ଏବଂ ରାଜ୍ୟ ବିଭାଜନ, ଉତ୍ତର ରାଜ୍ୟ ଇସ୍ରାଏଲ ଓ ଦକ୍ଷିଣ ରାଜ୍ୟ ଯିହୁଦା
- ଦ୍ୱିତୀୟ ବଂଶାବଳି ଶେଷ ଆଡକୁ ବାବିଲୋନକୁ ନିର୍ବାସନ ବିଷୟରେ ବର୍ଣ୍ଣନା କରେ

(ଦେଖ: ବାବିଲୋନ, ଦାଉଦ, ନିର୍ବାସନ, ଇସ୍ରାଏଲ ରାଜ୍ୟ, ଯିହୁଦା, ସଲୋମୋନ)

ବାଇବଲ ପୃଷ୍ଠଭୂମି:

- ୧ମ ବଂଶାବଳି ୨୭:୨୩-୨୪
- ୨ୟ ବଂଶାବଳି ୩୩:୧୮-୨୦
- ଏଷ୍ଟର ୧୦:୧-୨

ବୋର୍ଡ ଡାଟା :

- Strong's: H1697

ବଂଶୀ, ଅଧିକ ବଂଶୀ, ଧ୍ୱନି ନଳ, ଅଧିକ ଧ୍ୱନି ନଳ

ସଂଜ୍ଞା:

ବାଇବଲ ସମୟରେ, ହାଡ ଓ କାଠ ଦ୍ୱାରା ନିର୍ମିତ ନଳ ସଂଗୀତ ଯନ୍ତ୍ରଥିଲା ଯେଉଁଠି ଧ୍ୱନି ବାହାରିବା ନିମନ୍ତେ ଛିଦ୍ରଥିଲା I ଗୋଟିଏ ବଂଶୀ ଧ୍ୱନି ନଳ ପରି ଅଟେ I ଅଧିକତମ ଧ୍ୱନି ନଳ ଛେଚାନଳ ଥାଏ ଯାହା ମୋଟ ଘାସ ଦ୍ୱାରା ନିର୍ମିତ ଅଟେ, ତାହା ଉପରେ ପବନ ବହିଲେ କମ୍ପନ ହୁଏ I

- ଏକ ଧ୍ୱନିନଳ କୁ ଛେଚାନଳ ବିନାକୁ "ବଂଶୀ "କୁହାଯାଏ I
- ଏକ ମେଶପାଳକ ନିଜ ମେଷ ପଲକୁ ଶାନ୍ତ କରିବା ନିମନ୍ତେ ଧ୍ୱନିନଳ ବଜାଉଥିଲା I
- ଧ୍ୱନିନଳ ଓ ବଂଶୀ ଦୁଖଃ ଓ ସୁଖ ସମୟରେ ସଂଗୀତ ନିମନ୍ତେ ବ୍ୟବହାର କରାଯାଉଥିଲା I

(ଆହୁରି ଦେଖନ୍ତୁ: ପଲ, ମେଷ)

ବାଇବଲ ଟିପ୍ପଣୀ:

- ୧ କରିନ୍ଥିୟ୍ ୧୪:୭-୯
- ୧ ରାଜାବଳି ୦୧:୩୮-୪୦
- ଦାନିଲେଲ ୦୩:୩-୫
- ଲୁକ ୦୭:୩୧-୩୨
- ମାଥିଉ ୦୯:୨୩-୨୪
- ମାଥିଉ ୧୧:୧୬-୧୭

ବୋର୍ଡ ଡାଟା :

- Strong's: H4953, H5748, H2485, H2490, G832, G834, G836

ବଧ କରିବା, ହତ୍ୟା କରିବା

ସଂଜ୍ଞା:

"ବଧ କରିବା" ଅର୍ଥ ଜଣେ ବ୍ୟକ୍ତି କିମ୍ବା ପଶୁ କୁ ଜୀବନ ରୁ ମାରିଦେବା ସଦାବେଳେ ଏହା ବଳ ପୂର୍ବକ କିମ୍ବା ଅହିଂସା ଭାବରେ ମାରିବାକୁ ବୁଝାଏ ଯଦି ଜଣେ ବ୍ୟକ୍ତି ଗୋଟିଏ ପଶୁ କୁ ମାରିଛି ଅର୍ଥ ସେ ହତ୍ୟା କରିଛି

- ଯେତେବେଳେ ଗୋଟିଏ ପଶୁ କିମ୍ବା ଅଧିକ ସଂଖ୍ୟକ ଲୋକକୁ ବୁଝାଏ, ତେବେ ଏହି ଶବ୍ଦକୁ ଅନ୍ୟଭାବେ ସଦା ସର୍ବଦା ବ୍ୟବହାର ହେଉଥିବା ଶବ୍ଦ ହେଉଛି "ହତ୍ୟା"
- ହତ୍ୟା କରୁଥିବା କାର୍ଯ୍ୟକୁ ମଧ୍ୟ "ବଧ କରିବା" କୁହାଯାଇପାରିବ
- ବାକ୍ୟଖଣ୍ଡ "ବଧ କରିବା" ଅନୁବାଦ ହୋଇପାରିବ ଯଥା "ହତ ହେବା ଲୋକ" କିମ୍ବା "ଲୋକ ଯିଏ ହତ ହୋଇଛନ୍ତି"

(ଦେଖ: ହତ୍ୟା)

ବାଇବଲ ସନ୍ଦର୍ଭ:

- ଯିହିଜିକଲ ୨୮:୨୩-୨୪
- ଯିଶାଇୟ ୨୬:୨୦-୨୧

ବୋର୍ଡ ଡାଟା :

- Strong's: H2026, H2076, H2490, H2491, H2717, H2763, H2873, H2874, H4191, H4194, H5221, H6991, H6992, H7523, H7819, G337, G615, G1315, G2380, G2695, G4968, G4969, G5407

ବନ୍ଦୀ କରିବା, ଅଭିଭୂତ କରିବା, ବନ୍ଦୀ, ଧରିବା

ପରିଭାଷା:

"ବନ୍ଦୀ କରିବା" କିମ୍ବା "ଅଭିଭୂତ କରିବା" ଶବ୍ଦର ଅର୍ଥ ଲୋକମାନଙ୍କୁ ବଶିଭୂତ କରିବା ଏବଂ ବଳପୂର୍ବକ ଏମିତି ସ୍ଥାନରେ ରଖିବା ଯେଉଁଠି ରହିବା ପାଇଁ ଲୋକେ ଚାହାଁନ୍ତି ନାହିଁ, ଯେପରିକି ବିଦେଶରେ ।

- ଯିହୂଦା ରାଜ୍ୟରୁ ଇସ୍ରାଏଲୀୟମାନେ ବାବିଲୀୟ ରାଜ୍ୟରେ ୭୦ ବର୍ଷ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିଲେ ।
- ବନ୍ଦୀମାନେ ସାଧାରଣତଃ ବଶିଭୂତ କରିଥିବା ଲୋକ ଏବଂ ଦେଶ ପାଇଁ କାର୍ଯ୍ୟ କରନ୍ତି ।
- ଦାନିୟେଲ ଏବଂ ନିହିମୀୟା ମଧ୍ୟ ବନ୍ଦୀହୋଇ ବାବିଲୀୟ ରାଜାଙ୍କର କାର୍ଯ୍ୟ କରୁଥିଲେ ।
- "ବନ୍ଦୀ କରିବା" ଅଭିବ୍ୟକ୍ତି କାହାକୁ ଧରିବା ବିଷୟରେ କହିବାର ଅନ୍ୟ ଏକ ଉପାୟ ଅଟେ ।
- "ତୁମ୍ଭମାନଙ୍କୁ ବନ୍ଦୀ କରିନେବା" ଅଭିବ୍ୟକ୍ତି "ତୁମ୍ଭମାନଙ୍କୁ ବନ୍ଦୀ ଅବସ୍ଥାରେ ରହିବାକୁ ବାଧ କରିବା" କିମ୍ବା "ତୁମ୍ଭମାନଙ୍କୁ ଅନ୍ୟ ଦେଶକୁ ବନ୍ଦୀ କରିବା" ବୋଲି ଅନୁବାଦ କରାଯାଇପାରେ ।
- ଏକ ସାଙ୍କେତିକ ଅର୍ଥରେ, ପ୍ରେରିତ ପାଉଲ ଖ୍ରୀଷ୍ଟିୟାନମାନଙ୍କୁ ପ୍ରତ୍ୟେକ ଚିନ୍ତାଧାରାକୁ "କାବୁ"କରିବାକୁ ଏବଂ ଏହାକୁ ଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କରିବାକୁ କହନ୍ତି ।
- ଜଣେ ବ୍ୟକ୍ତି କିପରି ପାପ ଦ୍ୱାରା "ବନ୍ଦୀ" ହୁଏ ସେ ବିଷୟରେ ମଧ୍ୟ ଆଲୋଚନା କରନ୍ତି, ଅର୍ଥାତ୍ ସେ "ପାପ ଦ୍ୱାରା ନିୟନ୍ତ୍ରିତ"।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ବନ୍ଦୀହେବା" ବାକ୍ୟାଂଶକୁ, "ମୁକ୍ତହେବା ପାଇଁ ଅନୁମତି ନାହିଁ" କିମ୍ବା "କାରାଗାରରେ ବନ୍ଦୀ" କିମ୍ବା "ବିଦେଶରେ ରହିବା ପାଇଁ ବାଧ" ବୋଲି ଅନୁବାଦ କରାଯାଇପାରେ ।
- "ବନ୍ଦୀ ହେବା" କିମ୍ବା "ବନ୍ଦୀ କରିବା" ବାକ୍ୟାଂଶକୁ "ଦଖଲ କରିବା" କିମ୍ବା "କାରାଗାରରେ ନିକ୍ଷେପ କରିବା" କିମ୍ବା "ବିଦେଶକୁ ଯିବା ନିମନ୍ତେ ବାଧ କରିବା" ବୋଲି ଅନୁବାଦ କରାଯାଇପାରେ ।
- "ବନ୍ଦୀ" ଶବ୍ଦକୁ" ଯେଉଁ ଲୋକମାନେ ବନ୍ଦୀ" କିମ୍ବା "କ୍ରୀତଦାସ।" ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗ ଉପରେ ଆଧାର କରି, "ବନ୍ଦୀତ୍ୱ" ଶବ୍ଦକୁ "କାରାବାସ" କିମ୍ବା "ନିର୍ବାସନ" କିମ୍ବା "ବିଦେଶବାସୀ କରାଇବା " ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ବାବିଲୀୟ, ନିର୍ବାସନ, କାରାଗାର, ଜବରଦସ୍ତ)

ବାଇବେଲ ପଦପର୍ବ:

- ଦ୍ୱିତୀୟ କରନ୍ଥୀୟ ୧୦:୫
- ଯିଶାଇୟ ୨୦:୪
- ଯିରୀମୀୟ ୪୩: ୩
- ଲୂକ ୪:୧୮

ଶବ୍ଦବିନ୍ୟାସ:

- Strong's: H1123, H1473, H1540, H1546, H1547, H7617, H7622, H7628, H7633, H7686, G01610, G01620, G01630, G01640, G22210

ବନ୍ୟା

ପରିଭାଷା:

"ବନ୍ୟା ଶବ୍ଦ ବୃହତ୍ ପରିମାଣରେ ଜଳକୁ ଦର୍ଶାଏ ଯାହା ସମଗ୍ର ଭୂମିକୁ ଆଚ୍ଛାଦନ କରେI

- ଏହି ଶବ୍ଦଟି ସାଙ୍କେତିକ ଭାବରେ କେତେକ ବିଷୟକୁ, ବିଶେଷକରି କିଛି ହଠାତ୍ ଘଟୁଥିବା ବିଷୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ I
- ନୋହଙ୍କ ସମୟରେ, ଲୋକମାନେ ଏତେ ମନ୍ଦ ଥିଲେ ଯେ ଈଶ୍ୱର ପୃଥିବୀର ସମଗ୍ର ପୃଥିବୀ ଉପରେ ବନ୍ୟା ପରିସ୍ଥିତି ସୃଷ୍ଟି କଲେ, ଏପରିକି ପର୍ବତମାଳାକୁ ମଧ୍ୟ ଆଚ୍ଛାଦନ କଲେ I ନୋହଙ୍କ ସହିତ ଜାହଜରେ ନ ଥିବା ସମସ୍ତେ ଲୋକ ବୁଡ଼ିଗଲେ। ଅନ୍ୟ ସମସ୍ତ ବନ୍ୟା ପରିସ୍ଥିତି ଏକ ଛୋଟ ଅଞ୍ଚଳକୁ ଆଚ୍ଛାଦନ କରେ I
- ଏହି ଶବ୍ଦକୁ କ୍ରିୟା ଭାବେ ମଧ୍ୟ ଅନୁବାଦ କରାଯାଇପାରେ ଯେପରି "ଏହି ସ୍ଥାନରେ ନଦୀ ଜଳ ଦ୍ୱାରା ବନ୍ୟା ଆସିଲା I"

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ବନ୍ୟା" ଶବ୍ଦକୁ ଆକ୍ଷରିକ ଅର୍ଥରେ "ଜଳ ପ୍ରବାହିତ" କିମ୍ବା "ପ୍ରଚୁର ପରିମାଣର ଜଳ" ବୋଲି ଅନୁବାଦ କରାଯାଇପାରେ I
- ସାଙ୍କେତିକ ତୁଳନାତ୍ମକ ଭାବେ ଏହାକୁ "ବନ୍ୟା ପରି" ଆକ୍ଷରିକ ଶବ୍ଦରେ, କିମ୍ବା ଏକ ବିକଳ୍ପ ଶବ୍ଦ ବ୍ୟବହାର କରାଯାଇପାରେ ଯାହାକି ଏକ ନଦୀ ପରି ଏହାର ପ୍ରବାହିତ ଦିଗକୁ ବୁଝାଏ |
- "ଜଳର ବନ୍ୟା ପରି" ଅଭିବ୍ୟକ୍ତି ପାଇଁ ଯେଉଁଠାରେ ଜଳ ପୂର୍ବରୁ ଉଲ୍ଲେଖ କରାଯାଇଛି, "ବନ୍ୟା" ଶବ୍ଦକୁ "ଅତ୍ୟଧିକ ପରିମାଣ" କିମ୍ବା "ପ୍ରବାହିତ" ବୋଲି ଅନୁବାଦ କରାଯାଇପାରେ |
- ଏହି ଶବ୍ଦଟି ରୂପକ ଭାବରେ ବ୍ୟବହୃତ ହୋଇପାରେ, ଯେପରି "ମୋ ଉପରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାକୁ ଦିଅ ନାହିଁ", ଯାହାର ଅର୍ଥ "ଏହି ବିପର୍ଯ୍ୟୟ ମୋ ସହିତ ଘଟିବାକୁ ଦିଅ ନାହିଁ" କିମ୍ବା "ମୋତେ ବିପର୍ଯ୍ୟୟ ଦ୍ୱାରା ବିନାଶ ହେବାକୁ ଦିଅ ନାହିଁ" କିମ୍ବା "ତୁମ୍ଭର କ୍ରୋଧ ମୋତେ ବିନାଶ କରିବାକୁ ଦିଅ ନାହିଁ।" (ଦେଖନ୍ତୁ: ରୂପକ)
- "ମୁଁ ମୋର ବିଛଣାକୁ ଲୁହରେ ବୁଡ଼ାଇ ଦିଏ" ର ପ୍ରତୀକାତ୍ମକ ଅଭିବ୍ୟକ୍ତିକୁ "ମୋର ଲୁହ ମୋ ଶଯ୍ୟାକୁ ବନ୍ୟା ପରି ଆଚ୍ଛାଦନ କରେ" ବୋଲି ଅନୁବାଦ କରାଯାଇପାରେ |

(ଦେଖନ୍ତୁ: ଜାହଜ, ନୋହ)

ବାଇବେଲ ପଦପର୍ବ:

- ଦାନିୟେଲ ୧୧:୧୦
- ଆଦିପୁସ୍ତକ ୭:୬-୭
- ଲୂକ ୬:୪୬-୪୮
- ମାଥିଉ ୭:୨୪-୨୫
- ମାଥିଉ ୭:୨୬-୨୭
- ମାଥିଉ ୨୪:୩୭-୩୯

ଶବ୍ଦବିନ୍ୟାସ:

- Strong's: H3999, G26270

ବର

ପରିଭାଷା:

ଏକ ବିବାହ ଉତ୍ସବରେ ବର ଜଣେ କନ୍ୟାକୁ (ମହିଳା) ବିବାହ କରୁଥିବା ପୁରୁଷ ଅଟନ୍ତି ।

· ବାଇବେଲ ସମୟରେ ଯିହୁଦୀ ନିୟମ ଅନୁଯାୟୀ ବର କନ୍ୟାକୁ ନେବାକୁ ଆସିବା ସମୟରେ ପାଳନ କରାଯାଉଥିଲା ।

· ବାଇବେଲରେ ଯୀଶୁଙ୍କୁ ବର ସହ ତୁଳନା କରାଯାଏ ଯିଏ ଦିନେ ତାହାଙ୍କ କନ୍ୟାକୁ (ମଣ୍ଡଳୀ) ନେବା ପାଇଁ ଆସିବେ ।

· ବର ଥିବା ପର୍ଯ୍ୟନ୍ତ ତାଙ୍କ ସାଙ୍ଗମାନେ ଉତ୍ସବ ମନାଇବେ କିନ୍ତୁ ସେ ଚାଲିଗଲେ ସେମାନେ ଦୁଃଖ ଅନୁଭବ କରିବେ ବୋଲି ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ତୁଳନା କରନ୍ତି ।

(ଦେଖନ୍ତୁ: କନ୍ୟା)

ବାଇବେଲ ପଦପର୍ବ:

- ଯିଶାଇୟ ୬୨:୫
- ଯୋୟେଲ ୨:୧୫-୧୬
- ଯୋହନ ୩:୩୦
- ଲୂକ ୫:୩୫
- ମାର୍କ ୨:୧୯
- ମାର୍କ ୨:୨୦
- ମାଥିଉ ୯:୧୫

ଶବ୍ଦବିନ୍ୟାସ:

- Strong's: H2860, G35660

ବରଫ, ବରଫାଛର୍ଣ୍ଣ, ହିମ

ଘଟଣାବଳି:

"ହିମ" ଶବ୍ଦ ପାଣି ଉପରେ ପଡିଥିବା ଧଳା ରଙ୍ଗର ପରଦା ପରି ଯାହା ବାଦଲ ଉପରେ ପଡି ଯେଉଁ ଅଞ୍ଚଳ ଗୁଡିକରେ ଥଣ୍ଡା ତାପମାତ୍ରା ଥାଏ

- ଇସ୍ରାଏଲ ସବୁଠାରୁ ଉଚ୍ଚ ସ୍ଥାନରେ ବରଫ ବର୍ଷା ହୁଏ କିନ୍ତୁ ଭୂମିରେ ଏହା ବେଶୀ ସମୟ ବାସ୍ତରେ ପରିଣତ ହେବା ପାଇଁ ନିଏ ନାହିଁ

ପର୍ବତ ଗୁଡିକର ଅଗ୍ର ଭାଗରେ ବରଫ ଗୁଡିକ ବସ୍ତରେ ପରିଣତ ହେବାପାଇଁ ସମୟ ଲାଗେ ବାଇବଲରେ ଗୋଟିଏ ଏହିପରି ସ୍ଥାନର ଉଦାହରଣ ଅଛି ତାହା ହେଉଛି ଲିବାନୋନ ପର୍ବତ

- ଯାହାର ସଦାବେଳେ ରଙ୍ଗ ଅତ୍ୟଧିକ ଧଳା ତାହା ବରଫ ରଙ୍ଗ ସହିତ ତୁଳନା କରାଯାଏ

ଉଦାହରଣ, ପ୍ରକାଶିତ ବାକ୍ୟରେ ଯୀଶୁଙ୍କ ପୋଷାକ ଏବଂ ମୁଣ୍ଡର ବାଳ କୁ ବର୍ଣ୍ଣନା କରାଯାଇଛି "ବରଫ ପରି ସ୍ୱଚ୍ଛ"

- ବରଫର ଧବଳ ଅଂଶ ପବିତ୍ର ଓ ଶୁଚୀକୃତର ପ୍ରତିବିମ୍ବ ଅଟେ

ଉଦାହରଣ, ଉକ୍ତି ଯାହା ଏପରି କହେ ଆମର "ପାପ ବରଫାଛନ୍ନ ହେଲେ" ଅର୍ଥ ତାହାକୁ ପରମେଶ୍ୱର ସମ୍ପୂର୍ଣ୍ଣ ରୂପରେ ତାଙ୍କର ଲୋକମାନଙ୍କୁ ସେମାନଙ୍କର ପାପରୁ ପରିଷ୍କାର କରନ୍ତି

- କିଛି ଭାଷାରେ ଏହା ବରଫ "ତୁଷାର ବର୍ଷା" କିମ୍ବା "ବରଫ ସୁକ୍ଷ୍ମ ଖଣ୍ଡ" କିମ୍ବା "ସୁକ୍ଷ୍ମ ଖଣ୍ଡର ବର୍ଷା" ବୁଝାଇଥାଏ
- "ବରଫ ପାଣି" ଦର୍ଶାଏ ଯେ ଯେଉଁ ପାଣି ବାସ୍ପିତ ହୋଇଥିବା ବରଫ ରୁ ଅଣା ଯାଇଥାଏ

(ଦେଖ: ଅଜଣା କୁ କିପରି ଅନୁବାଦ କରିବେ)

(ଅନୁବାଦ ପ୍ରସ୍ତାବ: ନାମ ଗୁଡିକର ଅନୁବାଦ)

(ଦେଖ ମଧ୍ୟ: ଲିବାନୋନ, ପବିତ୍ର)

ବାଇବଲ ସନ୍ଦର୍ଭ:

- ଯାତ୍ରା ୦୪:୬-୭
- ଆୟୁବ ୩୭:୪-୬
- ମାଥିଉ ୨୮:୩-୪
- ଗୀତସଂହିତା ୧୪୭:୧୫-୧୬
- ପ୍ରକାଶିତ ବାକ୍ୟ ୦୧:୧୪-୧୬

ବୋର୍ଡ ଡାଟା :

- Strong's: H7949, H7950, H8517, G5510

ବର୍ଚ୍ଛା, ବର୍ଚ୍ଛା ଗୁଡିକ, ବର୍ଚ୍ଛାଘାତ କାରୀ

ସଂଜ୍ଞା:

ବର୍ଚ୍ଛା ଏକ ଅସ୍ତ୍ର ଏକ ଲମ୍ବା କାଠରେ ନିର୍ମିତ ମୁଠା ଏବଂ ଧାରୁଆ ଧାତୁରେ ଧାର ଗୋଟିଏ ଅଂଶରେ ଯାହାକୁ ଦୁର କୁ ଫିଙ୍ଗି ହେବ

- ବାଇବଲ ସମୟରେ ବର୍ଚ୍ଛା ଗୁଡିକ ସାଧାରଣ ଭାବେ ଯୁଦ୍ଧରେ ବ୍ୟବହାର କରାଯାଏ

ବର୍ତ୍ତମାନ ସମୟରେ ଗଣ୍ଡଗୋଳ କରୁଥିବା କିଛି ଲୋକଦଳ ମଧ୍ୟରେ ବ୍ୟବହାର ହେଉଛି

- ରୋମୀୟ ସୈନିକମାନେ ଯୀଶୁଙ୍କ ବକ୍ଷ ଦେଶ କୁ ବର୍ଚ୍ଛାରେ ମାରିଥିଲେ ଯେତେବେଳେ ସେ କ୍ରୁଶରେ ଝୁଲା ଯାଇଥିଲେ
- ବେଳେବେଳେ ଲୋକ ମାଛ କିମ୍ବା ଅନ୍ୟାନ୍ୟ ସୁସ୍ୱାଦୁ ପଦାର୍ଥ ଖାଇବାକୁ ବର୍ଚ୍ଛା ଫୋପାଡି ଶିକାର କରନ୍ତି
- ସେହିପରି ଅସ୍ତ୍ର ହେଉଛି "ଜାଭେଲିନ୍" କିମ୍ବା "ଭାଲା"
- "ବର୍ଚ୍ଛା ର" ଅନୁବାଦ "ଖଣ୍ଡା"ଠାରୁ ଭିନ୍ନ ଅଟେ, ଏହା ଏକ ଅସ୍ତ୍ର ଯେଉଁଠି ବଳ କିମ୍ବା ଛୁରା ମାଡ କିନ୍ତୁ ଫିଙ୍ଗିବା ନୁହେଁ

ମଧ୍ୟ, ଗୋଟିଏ ଖଣ୍ଡାରେ ଲମ୍ବା ଧାର ସହିତ ମୁଠା ଥାଏ ପରନ୍ତୁ ବର୍ଚ୍ଛାରେ ଲମ୍ବା ଅଗ୍ର ଭାବରେ ତୀର ପରି ସରୁ ଧାର ଥାଏ

(ଦେଖ: ଶିକାର, ରୋମ, ଖଣ୍ଡା, ଯୋଦ୍ଧା)

ବାଇବଲ ସନ୍ଦର୍ଭ:

- ୧ ଶାମୁଏଲ ୧୩:୧୯-୨୧
- ୨ ଶାମୁଏଲ ୨୧:୧୮-୧୯
- ନିହିମିୟ ୦୪:୧୨-୧୪
- ଗୀତସଂହିତା ୦୩୫:୧-୩

ବୋର୍ଡ ଡାଟା :

- Strong's: H1265, H2595, H3591, H6767, H7013, H7420, G3057

ବର୍ଷ

ପରିଭାଷା:

ଆକ୍ଷରିକ ଭାବେ କହିବାକୁ ଗଲେ ବାଇବେଲ ଅନୁଯାୟୀ "ବର୍ଷ" କୁ 354 ଦିନ ବୋଲି ଧରି ନିଆଯାଏ । ଏହା ଚନ୍ଦ୍ର କ୍ୟାଲେଣ୍ଡର ଅନୁଯାୟୀ ନିର୍ଦ୍ଧାରିତ ଯାହାକି ଚନ୍ଦ୍ର ପୃଥିବୀ ଚତୁର୍ଦ୍ଦିଗରେ ଥରେ ପରିକ୍ରମଣ କରେ ।

- ଆଜିର ଦିନରେ ଗୋଟିଏ ବର୍ଷ 365 ଦିନରେ ଶେଷ ହୁଏ ଏବଂ ଏହା 12 ମାସରେ ବିଭାଜିତ ହୁଏ ଯାହାକୁ ପୃଥିବୀ ସୂର୍ଯ୍ୟ ଚାରିପଟେ ଘୁରିବାକୁ ସମୟ ନିଏ ।
- ଦୁଇଟି କ୍ୟାଲେଣ୍ଡର ଅନୁଯାୟୀ ବର୍ଷକୁ ବାର ମାସ ଅଛି । ଚନ୍ଦ୍ରାବର୍ଷରେ ଅଧିକ 11 ଦିନ ଥିବା ହେତୁ କେତେକ ବର୍ଷରେ ଚନ୍ଦ୍ର କ୍ୟାଲେଣ୍ଡର ଅନୁଯାୟୀ ଅଧିକ ଏକ ବର୍ଷ ଅର୍ଥାତ୍ 13 ମାସ ହୋଇଥାଏ । ଏହା ଦ୍ୱାରା ଦୁଇଟି କ୍ୟାଲେଣ୍ଡର ମଧ୍ୟରେ ସମୟର ତାରତମ୍ୟ ଜଣା ପଡ଼ିଥାଏ ।
- ବାଇବେଲରେ "ବର୍ଷ" କୁ ଆକ୍ଷରିକ ଅର୍ଥରେ କୌଣସି ନିର୍ଦ୍ଦିଷ୍ଟ ସମୟକୁ କୌଣସି ଘଟଣାକୁ ନେଇ ମଧ୍ୟ ସୂଚିତ କରାଯାଏ । ଏହାର ଉଦାହରଣ ହେଉଛି ".ଯିହୋବାଙ୍କ ବର୍ଷରେ", "ଦୁର୍ଭିକ୍ଷ ବର୍ଷରେ","ପ୍ରଭୁଙ୍କର ଅନୁଗ୍ରହ ବର୍ଷରେ" । ଏହି ପ୍ରସଙ୍ଗ ରେ "ବର୍ଷ" କୁ "ସମୟ" କିମ୍ବା "ଋତୁ" କିମ୍ବା "ସମୟ କ୍ରମକୁ ସୂଚିତ କରେ ।

(ମାସ: ଦେଖନ୍ତୁ)

ବାଇବେଲ ପଦପର୍ବ

- ଦ୍ୱିତୀୟ ରାଜାବଳୀ 23:31
- ପ୍ରେରିତ 19:8-10
- ଦାନୀୟେଲ 8:1
- ଯାତ୍ରା ପୁସ୍ତକ 12:2

ଶବ୍ଦବିନ୍ୟାସ :

- Strong's: H3117, H7620, H7657, H8140, H8141, G17630, G20940

ବଳିଦାନ କରିବା, ବଳିଦାନଗୁଡ଼ିକ, ଦାନ

ପରିଭାଷା:

ବାଇବେଲରେ "ବଳିଦାନ କରିବା" ଏବଂ "ନୈବେଦ୍ୟ" ଶବ୍ଦଗୁଡ଼ିକ ଈଶ୍ୱରଙ୍କୁ ଉପାସନା କରିବାର ଏକ ବିଶେଷ ଉପହାର ବୋଲି ଦର୍ଶାଯାଏ । ଲୋକମାନେ ମିଥ୍ୟା ଦେବତାଗଣକୁ ମଧ୍ୟ ବଳି ଉତ୍ସର୍ଗ କରୁଥିଲେ।

ବଳିଦାନ

- "ଈଶ୍ୱରଙ୍କ ପାଇଁ ବଳିଦାନ ପାଇଁ ପ୍ରାୟ ପଶୁ ବଧ କରାଯାଉଥିଲା ।
- କେବଳ ଯୀଶୁଙ୍କର ବଳିଦାନ, ଈଶ୍ୱରଙ୍କ ଉପଯୁକ୍ତ, ପାପ ରହିତ ପୁତ୍ର, ଲୋକମାନଙ୍କୁ ପାପରୁ ପରିତ୍ରାଣ ଦେଇପାରିବ କିନ୍ତୁ ପଶୁବଳି କେବେବି ଏହା ଦେଇ ପାରିବ ନାହିଁ ।

ନୈବେଦ୍ୟ

- "ନୈବେଦ୍ୟ" ଶବ୍ଦ ସାଧାରଣତଃ ଏପରି ବସ୍ତୁବିଷୟକୁ ସୂଚାଏ ଯାହା କାହାକୁ ପ୍ରଦାନ କରାଯାଏ କିମ୍ବା ଦିଆଯାଏ । "ବଳିଦାନ" ଶବ୍ଦ ଦାତାଙ୍କ ବହୁ ମୂଲ୍ୟ ଦେବାକୁ ବୁଝାଏ ।
- ଈଶ୍ୱରଙ୍କୁ ନୈବେଦ୍ୟ ଉତ୍ସର୍ଗ କରିବା ଏକ ନିର୍ଦ୍ଦିଷ୍ଟ ବିଷୟକୁ ବୁଝାଏ ଯାହା ସେ ଇସ୍ରାଏଲୀୟମାନଙ୍କୁ ତାଙ୍କ ପ୍ରତି ଭକ୍ତି ଏବଂ ଆଜ୍ଞା ପ୍ରକାଶ କରିବାକୁ ଆଦେଶ ଦେଇଥିଲେ ।
- ବିଭିନ୍ନ ନୈବେଦ୍ୟର ନାମ ଯେପରିକି "ହୋମବଳୀ" ଏବଂ "ମଙ୍ଗଳାର୍ଥକ ବଳୀ" କେଉଁ ପ୍ରକାରର ନୈବେଦ୍ୟକୁ ବୁଝାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ନୈବେଦ୍ୟ" ଶବ୍ଦକୁ "ଈଶ୍ୱରଙ୍କୁ ଏକ ଉପହାର" କିମ୍ବା "ଈଶ୍ୱରଙ୍କୁ ଦିଆଯାଇଥିବା କେତେକ ବିଷୟ" କିମ୍ବା "ଈଶ୍ୱରଙ୍କ ନିକଟରେ ଉପସ୍ଥାପିତ କେତେକ ମୂଲ୍ୟବାନ ବିଷୟ" ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗ ଉପରେ ଆଧାର କରି, "ବଳିଦାନ" ଶବ୍ଦକୁ "ଉପାସନାରେ ଦିଆଯାଇଥିବା କେତେକ ମୂଲ୍ୟବାନ ବିଷୟ" କିମ୍ବା "ଏକ ବିଶେଷ ପଶୁକୁ ହତ୍ୟା କରି ଈଶ୍ୱରଙ୍କ ନିକଟରେ ଉପସ୍ଥାପିତ କରିବା" ବୋଲି ଅନୁବାଦ କରାଯାଇପାରେ । * "ବଳିଦାନ କରିବା" କାର୍ଯ୍ୟ "କେତେକ ମୂଲ୍ୟବାନ ବିଷୟକୁ ତ୍ୟାଗ କରିବା" କିମ୍ବା "ପଶୁକୁ ବଧ କରିବା ଏବଂ ଏହାକୁ ଈଶ୍ୱରଙ୍କୁ ଦେବା" ବୋଲି ଅନୁବାଦ କରାଯାଇପାରେ ।
- "ନିଜକୁ ଜୀବନ୍ତ ବଳି ରୂପେ ଉତ୍ସର୍ଗ କର" ବକ୍ୟାଂଶକୁ "ଯେପରି ଯଜ୍ଞବେଦିରେ ପଶୁ ଉତ୍ସର୍ଗ କରାଯାଏ ସେପରି ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର ଜୀବନ ଯାପନ କର" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ଯଜ୍ଞବେଦୀ, ହୋମବଳି, ପାନୀୟ ନୈବେଦ୍ୟ, ମିଥ୍ୟା ଦେବତା, ମଙ୍ଗଳାର୍ଥକ ବଳି, ସ୍ୱଇଚ୍ଛା ଭେଟି,ମଙ୍ଗଳାର୍ଥକ ବଳୀ , ଯାଜକ, ପାପବଳୀ, ଉପାସନା)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି ୪:୬
- ପ୍ରେରିତ ୭:୪୨
- ପ୍ରେରିତ ୨୧:୨୫
- ଆଦିପୁସ୍ତକ ୪:୩-୫
- ଯାକୁବ ୨:୨୧-୨୪
- ମାର୍କ ୧:୪୩-୪୪
- ମାର୍କ ୧୪:୧୨
- ମାଥିଉ ୫:୨୩

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୩:୧୪**ନୋହ ଜାହାଜରୁ ବାହାରି ଏକ ଜଙ୍କବେଦୀ ନିର୍ମାଣ କଲେ ଏବଂ ପ୍ରତ୍ୟେକ ପ୍ରକାର ପଶୁ **ବଳିଦାନ** କଲେ ଯାହା **ବଳିଦାନ** ନିମନ୍ତେ ବ୍ୟବହାର କରାଯାଇ ପାରିବ । ଈଶ୍ୱର **ବଳିଦାନରେ** ଖୁସିଥିଲେ ଏବଂ ନୋହ ଓ ତାଙ୍କର ପରିବାରକୁ ଆଶୀର୍ବାଦ କଲେ ।

- **୫:୬**"ଏକମାତ୍ର ପୁତ୍ର, ଇସ୍‌ହାକକୁ ନେଇ, ମୋ ନିମନ୍ତେ **ବଳିଦାନ** କର" ପୁଣି ଅବ୍ରହାମ ଈଶ୍ୱରଙ୍କ ବାଧ୍ୟ ହେଲେ ଓ ତାଙ୍କ ପୁତ୍ରକୁ **ବଳିଦାନ** ପାଇଁ ପ୍ରସ୍ତୁତ କଲେ ।
- **୫:୯** ଈଶ୍ୱର **ବଳିଦାନ** ପାଇଁ ଇସ୍‌ହାକ ପରିବର୍ତ୍ତେ ମେଷଶାବକ ଯୋଗାଇଲେ ।
- **୧୩:୯**ଯେକେହି ଈଶ୍ୱରଙ୍କ ବ୍ୟବସ୍ଥା ଅବଜ୍ଞା କରିବ, ସମାଗମ ତମ୍ବୁ ନିକଟକୁ ଗୋଟିଏ ପଶୁ ଆଣିବ ଯେପରି ଗୋଟିଏ **ବଳିଦାନ** ଈଶ୍ୱରଙ୍କ ନିମନ୍ତେ ଜଣେ ଯାଜକ ସେହି ପଶୁକୁ ବଧ କରିବ ଏବଂ ଜଞ୍ଜବେଦୀରେ ତାହା ଦଗ୍ଧ କରିବ । ପଶୁର **ବଳିଦାନ ରକ୍ତ** ପାପିର ପାପକୁ ଆଚ୍ଛାଦିତ କରିବ ଏବଂ ସେହି ବ୍ୟକ୍ତିକୁ ଈଶ୍ୱରଙ୍କ ସମ୍ମୁଖରେ ପବିତ୍ର କରିବ ।
- **୧୭:୬**ଦାଉଦ ମନ୍ଦିର ନିର୍ମାଣ କରିବେ ଯେଉଁଠି ସମସ୍ତ ଇସ୍ରାଏଲ ସନ୍ତାନମାନେ ଈଶ୍ୱରଙ୍କୁ ଉପାସନା କରି **ବଳିଦାନ** ଉତ୍ସର୍ଗ କରିବେ ।
- **୪୮:୬**ଯୀଶୁ ମହାଯାଜକ ଅଟନ୍ତି । ଅନ୍ୟ ଯାଜକ ପରି, ସେ ନିଜକୁ ଉତ୍ସର୍ଗ କଲେ ଯେପରି କେବଳ **ବଳିଦାନ** ଯିଏକି ପୃଥିବୀର ସମସ୍ତ ଲୋକମାନଙ୍କର ପାପକୁ ଦୂର କରିବେ ।
- **୪୮:୮**କିନ୍ତୁ ଈଶ୍ୱର ଆମ୍ଭମାନଙ୍କ ସ୍ଥାନରେ ମରିବା ପାଇଁ ଈଶ୍ୱରଙ୍କ ମେଷଶାବକ ଯୀଶୁଙ୍କୁ **ବଳି** ରୂପେ ପ୍ରଦାନ କଲେ ।
- **୪୯:୧୧** କାରଣ ଯୀଶୁ ନିଜକୁ **ବଳିଦାନ** କଲେ, ଈଶ୍ୱର ଯେକୌଣସି ପାପ, ଏପରିକି ଜଘନ୍ୟ ପାପ ମଧ୍ୟ କ୍ଷମା କରିପାରନ୍ତି ।

ଶବ୍ଦବିନ୍ୟାସ:

- Strong's: H0801, H0817, H0819, H1685, H1890, H1974, H2076, H2077, H2281, H2282, H2398, H2401, H2402, H2403, H2409, H3632, H4394, H4503, H4504, H5066, H5068, H5071, H5257, H5258, H5261, H5262, H5927, H5928, H5930, H6453, H6944, H6999, H7133, H7311, H8002, H8426, H8548, H8573, H8641, G02660, G03340, G10490, G14350, G14940, G23780, G23800, G36460, G43760, G54850

ବଶୀଭୂତ,ବଶୀକରଣ, ଅଧିନରେ

ପରିଭାଷା:

"ବଶୀଭୂତ" ଶବ୍ଦର ସାଧାରଣ ଅର୍ଥ ସ୍ୱେଚ୍ଛାକୃତ ଭାବେ ନିଜକୁ ସରକାର କିମ୍ବା ଜଣକର ଅଧିନରେ ରଖିବା ଅଟେ I

- ବାଇବେଲ ଯୀଶୁଙ୍କ ବିଶ୍ୱାସୀମାନଙ୍କୁ ଈଶ୍ୱର ଏବଂ ସେମାନଙ୍କ ଜୀବନରେ ଅନ୍ୟ ଅଧିକାରୀମାନଙ୍କ ନିକଟରେ ବଶୀଭୂତ ହେବାକୁ କହିଥାଏ I
- "ପରସ୍ପରକୁ ସମର୍ପଣ" କରିବାର ନିର୍ଦ୍ଦେଶ ଅର୍ଥ ନମ୍ରତାର ସହିତ ସଂଶୋଧନକୁ ଗ୍ରହଣ କରିବା ଏବଂ ଆମର ଆବଶ୍ୟକତା ଅପେକ୍ଷା ଅନ୍ୟମାନଙ୍କ ଆବଶ୍ୟକତା ଉପରେ ଧ୍ୟାନ ଦେବା ଅଟେI
- "ଅଧିନରେ ଜୀବନଯାପନ କରିବା" ଅର୍ଥ କୌଣସି କିମ୍ବା କାହାରି ଅଧିନରେ ନିଜକୁ କାହାର ଅଧୀନରେ ରଖିବା ଅଟେI

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ବଶୀଭୂତ ହୁଅ" ଆଦେଶକୁ "ଅଧିକାରୀର ଅଧିନରେ ବଶୀଭୂତ ହେବା" କିମ୍ବା "ନେତାଙ୍କର ଅନ୍ୱେଷଣ କର" କିମ୍ବା "ନମ୍ରତା ସହ ସମ୍ମାନ ଏବଂ ମାନ୍ୟ କର" ବୋଲି ଅନୁବାଦ କରାଯାଇପାରେ I
- "ବଶୀଭୂତ ହୁଅ" ଶବ୍ଦକୁ "ଆଜ୍ଞା ପାଳନ" କିମ୍ବା "ଅଧିକାରୀମାନଙ୍କୁ ଅନ୍ୱେଷଣ କର" ବୋଲି ଅନୁବାଦ କରାଯାଇପାରେ I
- "ବଶୀଭୂତ ହୋଇ ଜୀବନଯାପନ କର" ବାକ୍ୟାଂଶକୁ "ବାଧ ହୋଇ" କିମ୍ବା "ଅଧିକାରିର ବଶୀଭୂତ ହେବା" ବୋଲି ଅନୁବାଦ କରାଯାଇପାରେ I
- "ବଶୀଭୂତ ହୋଇରୁହ" ବାକ୍ୟାଂଶକୁ "ନମ୍ରତା ସହକାରେ ଅଧିକାରୀକୁ ଗ୍ରହଣ କର" ବୋଲି ଅନୁବାଦ କରାଯାଇପାରେ I

(ବିଷୟ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 14:34-36
- ପ୍ରଥମ ପିତର 3:1
- ଏବ୍ରୀ 13:15-17
- ଲୂକ 10:20

ଶବ୍ଦବିନ୍ୟାସ :

- Strong's: H3584, G52260, G52930

ବସ୍ତ୍ର

ପରିଭାଷା:

ବାଇବେଲରେ,"ବସ୍ତ୍ର" ଶବ୍ଦ ଏକ ମୋଟା ଭାରୀ ପଦାର୍ଥକୁ ବୁଝାଏ ଯାହା ସମାଗମ ତମ୍ବୁ ଓ ମନ୍ଦିରରେ ବ୍ୟବହାର ହେଇଥିଲା ।

- ବସ୍ତ୍ର ଉପର ଏବଂ ପାର୍ଶ୍ୱ ପାଇଁ ଚାରୋଟି ସ୍ତରର ପରଦା ବ୍ୟବହାର କରି ତମ୍ବୁ ନିର୍ମାଣ କରାଯାଇଥିଲା । ଏହି ବସ୍ତ୍ର ଆବରଣଗୁଡ଼ିକ କପଡା କିମ୍ବା ପଶୁ ଚର୍ମରେ ତିଆରି ହୋଇଥିଲା ।
- ତମ୍ବୁ ପ୍ରାଙ୍ଗଣର ଚତୁର୍ଦ୍ଦିଗରେ କାନ୍ଥ ତିଆରି କରିବା ପାଇଁ ବସ୍ତ୍ର ପରଦା ମଧ୍ୟ ବ୍ୟବହୃତ ହେଉଥିଲା । ଏହି ବସ୍ତ୍ରଗୁଡ଼ିକ "ଶ୍ୱେତ" ରେ ତିଆରି ହୋଇଥିଲା ଯାହା ଫ୍ଲାକ୍ସ ପ୍ଲାଣ୍ଟରୁ ନିର୍ମିତ' ଥିଲା ।
- ଉଭୟ ତମ୍ବୁ ଏବଂ ମନ୍ଦିର ଭବନରେ ପବିତ୍ର ସ୍ଥାନ ଏବଂ ମହା ପବିତ୍ର ସ୍ଥାନ ମଧ୍ୟରେ ଏକ ମୋଟା କପଡା ପରଦା ଟଙ୍ଗାଯାଉଥିଲା । ଯୀଶୁଙ୍କର ମୃତ୍ୟୁ ସମୟରେ ଏହି ପରଦା ହିଁ ଚମତ୍କାର ଭାବରେ ଦୁଇ ଭାଗରେ ଚିରିଗଲା।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେହେତୁ ଆଧୁନିକ ଯୁଗର ବସ୍ତ୍ର ବାଇବଲରେ ବ୍ୟବହୃତ ବସ୍ତ୍ରଠାରୁ ବହୁତ ଭିନ୍ନ ଅଟେ, ତେଣୁ ଏକ ଭିନ୍ନ ଶବ୍ଦ ବ୍ୟବହାର କରିବା କିମ୍ବା ପରଦାକୁ ବର୍ଣ୍ଣନା କରୁଥିବା ଶବ୍ଦ ବ୍ୟବହାର କରିବା ଅଧିକ ସ୍ପଷ୍ଟ ହୋଇପାରେ ।
- ପ୍ରସଙ୍ଗ ଉପରେ ନିର୍ଭର କରି, ଏହି ଶବ୍ଦର ଅନୁବାଦ "ପରଦା ଆବରଣ" କିମ୍ବା "ଆବରଣ" କିମ୍ବା "ମୋଟା କପଡ଼ାର ଖଣ୍ଡ" କିମ୍ବା "ପଶୁ ଚର୍ମ ଆବରଣ" କିମ୍ବା "କପଡ଼ାର ଝୁଲୁଥିବା ଖଣ୍ଡ" ହୋଇପାରେ ।

(ଦେଖନ୍ତୁ: ପବିତ୍ର ସ୍ଥାନ, ସମାଗମ ତମ୍ବୁ, ମନ୍ଦିର)

ବାଇବେଲ ପଦପର୍ବ:

- ଏବ୍ରୀୟ ୧୦:୨୦
- ଲେବୀୟ ୪:୧୭
- ଲୂକ ୨୩:୪୫
- ମାଥିଉ ୨୭:୫୧
- ଗଣନାପୁସ୍ତକ ୪:୫

ଶବ୍ଦବିନ୍ୟାସ:

- Strong's: H1852, H3407, H4539, H6532, H7050, G26650

ବସ୍ତ୍ର, ପୋଷାକ, ଲୁଗା, ପୋଷାକ ପରିଧାନ କରିବା, ନିବସ୍ତ୍ର,ବହିର୍ବାସ

ପରିଭାଷା:

ଯେତେବେଳେ ବାଇବେଲରେ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, "ପରିହିତ" ଅର୍ଥ ପ୍ରସ୍ତୁତ ହେବା କିମ୍ବା ଭୂଷିତ ହେବା ଅଟେ I ନିଜକୁ କୌଣସି ବସ୍ତ୍ରରେ ପରିଧାନ କରିବା ଅର୍ଥ ଏକ ନିର୍ଦ୍ଦିଷ୍ଟ ଚରିତ୍ର ଗୁଣ ପାଇବାକୁ ଚେଷ୍ଟା କରିବା ଅଟେ I

- ଯେହିଭଳି ପୋଷାକ ଆପଣଙ୍କ ଶରୀର ପାଇଁ ବାହ୍ୟବସ୍ତ୍ର ଅଟେ ଏବଂ ଏହା ସମସ୍ତଙ୍କ ପାଇଁ ଦୃଶ୍ୟମାନ, ଯେତେବେଳେ ଆପଣ ଏକ ନିର୍ଦ୍ଦିଷ୍ଟ ଚରିତ୍ର ଗୁଣ ସହିତ "ଭୂଷିତ" ହୁଅନ୍ତି, ଅନ୍ୟମାନେ ଏହାକୁ ସହଜରେ ଦେଖିପାରନ୍ତି I "ଦୟା ସହିତ ନିଜକୁ ପରିଧାନ କରିବା" ଅର୍ଥ ଆପଣଙ୍କ କାର୍ଯ୍ୟକୁ ଦୟା ଦ୍ୱାରା ବର୍ଣ୍ଣିତ ହେବାକୁ ଦେବା ଯାହାକୁ ସମସ୍ତେ ସହଜରେ ଦେଖିପାରନ୍ତି I
- "ଉର୍ଦ୍ଧ୍ୱରୁ ଶକ୍ତି ପରିଧାନ କରିବା" ଅର୍ଥ ଆପଣଙ୍କୁ ଶକ୍ତି ପ୍ରଦାନ କରାଯାଇଅଛି I
- ଏହି ଶବ୍ଦ ନକାରାତ୍ମକ ଅନୁଭୂତିକୁ ପ୍ରକାଶ କରିବାକୁ ମଧ୍ୟ ବ୍ୟବହୃତ ହୁଏ, ଯେପରିକି "ଲଜ୍ଜାରେ ପରିହିତ" କିମ୍ବା "ଆତଙ୍କରେ ପରିହିତ" I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯଦି ସମ୍ଭବ, ଏହାର ଆକ୍ଷରିକ ଅର୍ଥ "ନିଜକୁ ପରିଧାନ କର" ରଖନ୍ତୁ I ଏହାକୁ ଏହିପରି ମଧ୍ୟ ଅନୁବାଦ କରାଯାଇପାରେ ଯଦି ଏହା "ପୋଷାକ ପିନ୍ଧିବା" କୁ ବୁଝାଏ I
- ଯଦି ତାହା ସଠିକ୍ ଅର୍ଥ ପ୍ରଦାନ କରେ ନାହିଁ, "ବସ୍ତ୍ର ପରିହିତ" ବାକ୍ୟାଂଶକୁ "ଦେଖାଇବା" କିମ୍ବା "ପ୍ରକାଶ କରିବା" କିମ୍ବା "ଭରିବା" କିମ୍ବା "ଗୁଣବତ୍ତା" ବୋଲି ଅନୁବାଦ କରାଯାଇପାରେ I
- "ନିଜକୁ ପରିଧାନ କର" ବାକ୍ୟାଂଶକୁ "ନିଜକୁ ଆଚ୍ଛାଦନ କର" କିମ୍ବା "ଦେଖାଉଥିବା ଢ଼ଙ୍ଗରେ ଆଚରଣ କର" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ଲୂକ 24:49

ଶବ୍ଦବିନ୍ୟାସ :

- Strong's: H0899, H3680, H3736, H3830, H3847, H3848, H4055, H4374, H5497, H8008, H8071, H8516, G02940, G14630, G15620, G17370, G17420, G17460, G19020, G20660, G22240, G24390, G24400, G40160, G47490, G55090

ବହୁଗୁଣିତ ହେବା, ବହୁଗୁଣିତ, ଗୁଣନ

ପରିଭାଷା:

"ବହୁଗୁଣିତ ହେବା" ଶବ୍ଦର ଅର୍ଥ ସଂଖ୍ୟାରେ ବହୁଗୁଣିତ ହେବା I ଏହାର ଅର୍ଥ କୌଣସି ବିଷୟକୁ ପରିମାଣରେ ବୃଦ୍ଧି ହେବାର କାରଣ ମଧ୍ୟ ହୋଇପାରେ, ଯେପରିକି ଯନ୍ତ୍ରଣା ବହୁଗୁଣିତ ହେବା I

- ପରମେଶ୍ୱର ପଶୁ ଓ ମନୁଷ୍ୟକୁ ବୃଦ୍ଧି ପାଇବାକୁ ଓ ପୃଥିବୀକୁ ପୂର୍ଣ୍ଣ କରିବାକୁ କହିଲେ I ସେମାନଙ୍କର ନିଜ ଜାତିର ପୁନଃ ଉତ୍ପାଦନ କରିବାକୁ ଏହା ଏକ ଆଜ୍ଞା ଥିଲା I
- 5000 ଲୋକଙ୍କୁ ଖାଇବାକୁ ଦେବା ପାଇଁ ଯୀଶୁ ରୁଟି ଏବଂ ମାଛକୁ ବହୁଗୁଣିତ କଲେ | ଖାଦ୍ୟର ପରିମାଣ ବହୁଗୁଣିତ ଯାହା ଦ୍ୱାରା ସମସ୍ତଙ୍କୁ ଖାଇବାକୁ ଯଥେଷ୍ଟ ଖାଦ୍ୟ ଥିଲା I
- ପୃଷ୍ଠଭୂମି ଉପରେ ନିର୍ଭର କରି, ଏହି ଶବ୍ଦକୁ "ବୃଦ୍ଧି" କିମ୍ବା "ବୃଦ୍ଧି ହେବାର କାରଣ" କିମ୍ବା "ସଂଖ୍ୟାରେ ବହୁଗୁଣିତ" କିମ୍ବା "ସଂଖ୍ୟାରେ ବୃଦ୍ଧି" କିମ୍ବା "ଅଧିକ ହେବା" ବୋଲି ଅନୁବାଦ କରାଯାଇପାରେ I
- "ତୁମ୍ଭର ବେଦନା ଆହୁରି ଅସହାନୀୟ କରିବାର କାରଣ ହେବା " ବାକ୍ୟାଂଶକୁ "ତୁମ୍ଭର ବେଦନା ଅତିଶୟ ବୃଦ୍ଧି କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ଘୋଡାର ବୃଦ୍ଧି କରିବା" ର ଅର୍ଥ "ଧିରେ ଧିରେ ଅଧିକ ଘୋଡା ରଖିବା" କିଅବା "ଅଧିକ ସଂଖ୍ୟାରେ ଘୋଡା ଆଣିବା" କୁ ବୁଝାଏ I

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ ବିବରଣ 8:1
- ଆଦିପୁସ୍ତକ 9:7
- ଆଦିପୁସ୍ତକ 22: 17
- ହୋଶେୟ 4:6-7

8/Nov/2021 15:03## ଶବ୍ଦବିନ୍ୟାସ :

- Strong's: H3254, H3527, H6280, H7231, H7233, H7235, H7680, G40520, G41290

ବହୁମୂଲ୍ୟ

ତଥ୍ୟଗୁଡିକ:

ଏହି "ବହୁମୂଲ୍ୟ" ଶବ୍ଦ ଲୋକମାନଙ୍କୁ କିମ୍ବା ବସ୍ତୁଗୁଡିକୁ ବୁଝାଏ ଯାହା ଅତିଶୟ ମୂଲ୍ୟବାନ ଭାବରେ ବିବେଚନା କରାଯାଇଥାଏ I

- "ବହୁମୂଲ୍ୟ ପ୍ରସ୍ତର" ବା "ବହୁମୂଲ୍ୟ ଅଳଙ୍କାର" କହିଲେ ପ୍ରସ୍ତର ଏବଂ ଖଣିଜ ଦ୍ରବ୍ୟକୁ ସୂଚାଇଥାଏ, ଯାହା ରଙ୍ଗିନ କିମ୍ବା ଅନ୍ୟାନ୍ୟ ଗୁଣବିଶିଷ୍ଟ ହୋଇଥାଏ ଯାହା ସେମାନଙ୍କୁ ସୁନ୍ଦର ବା ବ୍ୟବହାର ଉପଯୋଗୀ କରିଥାଏ I
- ମୂଲ୍ୟବାନ ପ୍ରସ୍ତରଗୁଡିକ ମଧ୍ୟରେ ହୀରା, ପଦ୍ମରାଗ ମଣି, ଏବଂ ମର୍କତ ମଣି ଅନ୍ତର୍ଭୁକ୍ତ ଅଟେ I
- ସୁନା ଏବଂ ରୂପାକୁ "ବହୁମୂଲ୍ୟ ଧାତୁ" ବୋଲି କୁହାଯାଏ I
- ସଦାପ୍ରଭୁ କହିଲେ ଯେ, ତାହାଙ୍କ ଦୃଷ୍ଟିରେ ତାଙ୍କର ଲୋକମାନେ "ବହୁମୂଲ୍ୟ" ଅଟନ୍ତି (ଯିଶାଇୟ 43:4) I
- ପିତର ଲେଖିଲେ ଯେ, ହୃଦୟର ଯେଉଁ କୋମଳ ଓ ଶାନ୍ତିଯୁକ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ଅଟେ (1 ପିତର 3: 4) I
- ଏହି ଭାବ ପ୍ରକାଶକ ପଦକୁ "ମୂଲ୍ୟବାନ" ବା "ଅତି ପ୍ରିୟ" କିମ୍ବା "ସ୍ନେହ କରିବା ବିଷୟ" କିମ୍ବା "ଅତିଶୟ ମୂଲ୍ୟ ଦେବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: ସୁନା, ରୂପା)

ବାଇବଲ ପଦଗୁଡିକ:

- 2 ୟ ପିତର 01:1-2
- ପ୍ରେରିତ 20:22-24
- ଦାନୀୟେଲ 11:38-39
- ବିଳାପ 01:7
- ଲୂକ 07:2-5
- ଗୀତସଂହିତା 036:7-9

ବୋର୍ଡ ଡାଟା :

- Strong's: H68, H1431, H2532, H2580, H2667, H2896, H3357, H3365, H3366, H3368, H4022, H4030, H4261, H4262, H4901, H5238, H8443, G927, G1784, G2472, G4185, G4186, G5092, G5093

ବାଇଗଣିଆ

ସତ୍ୟ ଘଟଣାବଳୀ:

"ବାଇଗଣିଆ" ଶବ୍ଦ ଏକ ରଙ୍ଗର ନାମ ଅଟେ ଯାହା ନୀଳ ଏବଂ ନାଲି ରଙ୍ଗର ମିଶ୍ରଣକୁ ବୁଝାଏ I

- ପ୍ରାଚୀନ କାଳରେ, ବାଇଗଣିଆ ରଙ୍ଗ ଏକ କ୍ରୁଚିତ୍ ଏବଂ ଅତିଶୟ ବହୁମୂଲ୍ୟ ରଙ୍ଗଥିଲା ଯାହା ରାଜାମାନଙ୍କର ଏବଂ ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀମାନଙ୍କର ଲୁଗାଗୁଡ଼ିକୁ ରଙ୍ଗ କରିବା ନିମନ୍ତେ ବ୍ୟବହୃତ ହେଉଥିଲା I
- ଯେହେତୁ ଏହି ରଙ୍ଗ କରିବା କାର୍ଯ୍ୟ ମୂଲ୍ୟବାନ ଏବଂ ସମୟ-ସାପେକ୍ଷ ଥିଲା, ବାଇଗଣିଆ ବସ୍ତ୍ରକୁ ବିଭବ, ବିଶେଷତ୍ୱ ବା ଭିନ୍ନତା, ଏବଂ ରାଜକୀୟ ଚିହ୍ନ ଭାବରେ ବିବେଚନା କରା ଯାଉଥିଲା I
- ସମାଗମ ତମ୍ବୁର ଏବଂ ମନ୍ଦିରର ପରଦାଗୁଡ଼ିକ ନିମନ୍ତେ ଏବଂ ଯାଜକମାନଙ୍କ ଦ୍ୱାରା ପରିଧାନ କରାଯାଉଥିବା ଏଫୋଦ ନିମନ୍ତେ ବାଇଗଣିଆ ରଙ୍ଗକୁ ମଧ୍ୟ ଅନ୍ୟତମ ରଙ୍ଗ ଭାବରେ ବ୍ୟବହାର କରାଯାଉଥିଲା I
- ବାଇଗଣିଆ ରଙ୍ଗରେ ଡାଇ କରିବା ବା ରଙ୍ଗେଇବା ବିଷୟ ଏକ ପ୍ରକାର ସାମୁଦ୍ରିକ ଶାମୁକାଠାରୁ ଅଣାଯାଇଛି; ଯାହା ଶାମୁକାକୁ ଛେଚି ପେଷିବା ଦ୍ୱାରା କିମ୍ବା ଫୁଟାଇବା ଦ୍ୱାରା କିମ୍ବା ସେଗୁଡ଼ିକ ଜୀବନ୍ତ ଥିବା ଅବସ୍ଥାରେ ଏହି ଡାଇକୁ ନିସ୍କାସନ କରିବା ନିମନ୍ତେ ସେଗୁଡିକୁ ବାଧ କରାଯାଇଥାଏ I ଏହା ଏକ ବ୍ୟୟବହୁଳ ପ୍ରକ୍ରିୟା ଅଟେ I
- ରୋମୀୟ ସୈନ୍ୟମାନେ ଯୀଶୁଙ୍କ କ୍ରୁଶାରୋପଣ ପୂର୍ବରୁ ତାହାଙ୍କୁ ଏକ ବାଇଗଣିଆ ରାଜକୀୟ ବସ୍ତ୍ର ପିନ୍ଧାଇଲେ ଯେପରି ଯୀଶୁ ଆପଣାକୁ ଯିହୂଦୀମାନଙ୍କ ରାଜା ଭାବରେ ଦାବୀ କରୁଥିବାରୁ ସେମାନେ ତାହାଙ୍କୁ ପରିହାସ କରିପାରିବେ I
- ଫିଲିପ୍ପୀ ସହରର ଲୂଦିଆ ନାମ୍ନୀ ଜଣେ ମହିଳା ବାଇଗଣିଆ ବସ୍ତ୍ର ବିକ୍ରୟ କରି ଜୀବିକା ନିର୍ବାହ କରୁଥିଲେ I

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମ ଗୁଡ଼ିକର ଅନୁବାଦ କରନ୍ତୁ)

(ଦେଖନ୍ତୁ: ଏଫୋଦ, ଫିଲିପ୍ପୀ, ରାଜକୀୟ, ସମାଗମ ତମ୍ବୁ, ମନ୍ଦିର)

ବାଇବେଲ ପଦପର୍ବ:

- ୨ ବଂଶାବଳୀ ୨:୧୩-୧୪
- ଦାନିୟେଲ ୫:୭
- ଦାନିୟେଲ ୫:୨୯-୩୧
- ହିତୋପଦେଶ ୩୧:୨୨-୨୩

ଶବ୍ଦବିନ୍ୟାସ:

- Strong's: H0710, H0711, H0713, G42090, G42100, G42110

ବାକ୍ୟ, ବାକ୍ୟ ସବୁ

ସଂଜ୍ଞା:

ଏକ ବାକ୍ୟ ତାହାକୁ କୁହାଯାଏ ଯାହା ଏକ ବ୍ୟକ୍ତି କହୁ ଅଛି I

- ଉଦାହରଣ ସ୍ୱରୂପ ଯେତେବେଳେ ସ୍ୱର୍ଗ ଦୂତ ଗାବରିଏଲ କୁ କହିଲେ, "ତୁମ୍ଭେ ମୋର ବାକ୍ୟ ବିଶ୍ୱାସ କଲ ନାହିଁ," ଯାହାର ଅର୍ଥ "ଯାହା ମୁଁ କହିଲି ତୁମ୍ଭେ ବିଶ୍ୱାସ କଲ ନାହିଁ "ହୁଏ I
- ଏହି ଶବ୍ଦ ସବୁ ସମୟରେ ସମସ୍ତ ସମ୍ବାଦ କୁ ଦର୍ଶାଇ ଥାଏ ନା କି ଗୋଟିଏ ଶବ୍ଦ କୁ I
- କେତେକ ସମୟରେ "ବାକ୍ୟ" ସାଧାରଣ ବକ୍ତବ୍ୟ କୁ ଦର୍ଶାଏ, ଯେପରି କି "ଶବ୍ଦ ଓ କର୍ମରେ ସାମର୍ଥ ଯା"ହା ର ଅର୍ଥ "ବକ୍ତବ୍ୟ ଓ ବ୍ୟବହାରରେ ଶକ୍ତିଶାଳୀ ଅଟେ "
- ଅଧିକାଂଶ ସମୟରେ ବାଇବଲରେ, ପରମେଶ୍ୱର ଯାହା କିଛି କହି ଅଛନ୍ତି କିଅବା ଆଜ୍ଞା ଦେଇ ଅଛନ୍ତି ଯେପରି କି "ପରମେଶ୍ୱରଙ୍କର ବାକ୍ୟ" କିଅବା "ସତ୍ୟମୟ ବାକ୍ୟ" ସେହି ସବୁ କୁ ବାକ୍ୟ କୁହାଯାଏ I
- ଏହି ଶବ୍ଦର ଏକ ବିଶେଷ ବ୍ୟବହାର ଯେତେବେଳେ ଯୀଶୁଙ୍କୁ "ଏ ହିଁ ବାକ୍ୟ" କୁହାଯାଏ I

ଏହି ଶେଷ ଦୁଇର ଅର୍ଥ ପାଇଁ, ଦଖନ୍ତୁ: ପରମେଶ୍ୱରଙ୍କର ବାକ୍ୟ

ଅନୁବାଦ ପ୍ରସ୍ତାବ:

- "ବାକ୍ୟ" ଓ "ବାକ୍ୟମାଳା "ଅଲଗା ପ୍ରକାରେ ଅନୁବାଦ କଲେ ଏହା "ଶିକ୍ଷା" କିଅବା "ସମ୍ବାଦ" କିଅବା "ଖବର" କିଅବା "କଥା" କିଅବା "ଯାହା କୁହାଯାଏ "ରୂପରେ ଅନୁବାଦ କରାଯାଏ I

(ଆହୁରି ଦେଖନ୍ତୁ: ପରମେଶ୍ୱରଙ୍କର ବାକ୍ୟ)

ବାଇବଲ ପଦପର୍ବ:

- ୨ ତୀମଥି ୦୪:୧-୨
- ପ୍ରେରିତ ୦୮:୪-୫
- କଲସୀୟ୦୪: ୨-୪
- ଯାକୁବ ୦୧:୧୭-୧୮
- ଯିରିମିୟ ୨୭:୧-୪
- ଯୋହନ ୦୧:୧-୩
- ଯୋହନ ୦୧: ୧୪-୧୫
- ଲୁକ ୦୮:୧୪-୧୫
- ମାଥିଉ ୦୨:୭-୮
- ମାଥିଉ ୦୭: ୨୭-୨୭

ବୋର୍ଡ ଡାଟା :

- Strong's: H561, H562, H565, H1697, H1703, H3983, H4405, H4406, H6310, H6600, G518, G1024, G3050, G3054, G3055, G3056, G4086, G4487, G4935, G5023, G5542

ବାଧ୍ୟହେବା, ଅଧିନରେ ରହିବା, ଅଧୀନତା

ସତ୍ୟ ଘଟଣାବଳୀ:

ଜଣେ ବ୍ୟକ୍ତି ଅନ୍ୟର "ଅଧିନରେ ରହେ" ଯଦି ଦ୍ୱିତୀୟ ବ୍ୟକ୍ତି ପ୍ରଥମ ବ୍ୟକ୍ତି ଉପରେ ଶାସନ କରେ । "ଅଧୀନ ହେବା" ବାକ୍ୟାଂଶର ଅର୍ଥ "ପାଳନ କରିବା" କିମ୍ବା "କର୍ତ୍ତୃପକ୍ଷଙ୍କ ନିକଟରେ ବଶୀଭୂତ ହେବା" ଅଟେ ।"

- "ଅଧିନକୁ ଆଣିବା" ବାକ୍ୟାଂଶ ଲୋକମାନଙ୍କୁ ଜଣେ ନେତା କିମ୍ବା ଶାସକଙ୍କର ଅଧିକାରକୁ ଆଣିବାକୁ ବୁଝାଏ ।
- "କୌଣସି ବ୍ୟକ୍ତିଙ୍କୁ କୌଣସି ବିଷୟରେ ଅଧିନକରିବା" ବାକ୍ୟାଂଶ ଜଣେ ବ୍ୟକ୍ତିକୁ ନକରାତ୍ମକ ଅନୁଭୁତି ଦେବା ଯଥା ଦଣ୍ଡଦେବା ଅଟେ।
- ବେଳେବେଳେ "ଅଧିନ" ଶବ୍ଦଟି କେତେକ ବିଷୟର ବିଷୟ ବା କେନ୍ଦ୍ରିତ ବୋଲି ସୂଚାଇବା ପାଇଁ ବ୍ୟବହୃତ ହୁଏ, ଯେପରି କି, "ତୁମ୍ଭେ ପରିହାସର ବିଷୟ ହେବ ।"
- "ବଶିଭୂତ ହେବା" ବାକ୍ୟାଂଶର ଅର୍ଥ "ଅଧିନରେ ଆସିବା" କିମ୍ବା "ବଶ୍ୟତା ସ୍ୱୀକାର କରିବା" ଅଟେ ।

(ବଶ୍ୟତା ସ୍ୱୀକାର କରିବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 1 କରିନ୍ଥୀୟ 2:14-16
- 1 ରାଜାବଳୀ 4:6
- 1 ପିତର 2:18-20
- ଏବ୍ରୀ 2:5
- ହିତୋପଦେଶ 12:23-24

ଶବ୍ଦବିନ୍ୟାସ:

- Strong's: H1697, H3533, H3665, H4522, H5647, H5927, G03500, G13790, G13960, G17770, G36630, G52920, G52930

ବାର୍ତ୍ତାବାହକ

ଘଟଣାବଳୀ:

"ବାର୍ତ୍ତାବାହକ" ଶବ୍ଦ ଯିଏ ଅନ୍ୟମାନଙ୍କୁ ଜଣାଇବା ପାଇଁ ଏକ ବାର୍ତ୍ତା ଗ୍ରହଣକରେ ତାହାକୁ ବୁଝାଏI

- ପୁରାତନ ନିୟମରେ, ଏକ ବାର୍ତ୍ତାବାହକକୁ ବାର୍ତ୍ତାର ଆଦାନ ପ୍ରଦାନ ପାଇଁ ଯୁଦ୍ଧ କ୍ଷେତ୍ରକୁ ପଠା ଯାଉଥିଲା I
- ସ୍ୱର୍ଗଦୂତ ଏକ ବିଶେଷ ପ୍ରକାର ବାର୍ତ୍ତାବାହକ ଯାହାକୁ ଲୋକମାନଙ୍କୁ ବାର୍ତ୍ତା ପ୍ରଦାନ କରିବାକୁ ଈଶ୍ୱର ପ୍ରେରଣ କରନ୍ତିI
- ବାପ୍ତିଜକ ଯୋହନକୁ ଏକ ବାର୍ତ୍ତାବାହକ କୁହାଯାଏ ଯୀସେଶୁଙ୍କ ପୂର୍ବରୁ ଆସିଥିଲେ ଏବଂ ଏହା ଘୋଷଣା କରିଥିଲେ ଯେ ଖ୍ରୀଷ୍ଟ ଆସିବେ ଓ ସେ ଲୋକମାନଙ୍କୁ ପ୍ରସ୍ତୁତ କରୁଥିଲେ ଯେପରି ସେମାନେ ତାହାଙ୍କୁ ଗ୍ରହଣ କରିବେ I
- ଯୀଶୁଙ୍କର ପ୍ରେରିତମାନେ ତାହାଙ୍କର ବାର୍ତ୍ତାବାହକ ଥିଲେ ଯେଉଁମାନେ ଯାଇ ଲୋକମାନଙ୍କୁ ଈଶ୍ୱରଙ୍କର ରାଜ୍ୟ ବିଷୟରେ ଶୁଭ ସମାଚାର ଶୁଣାଉଥିଲେ I

(ସ୍ୱର୍ଗଦୂତ, ପ୍ରେରିତ, ଯୋହନ (ବାପ୍ତିଜକ):ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 19:1-3
- ପ୍ରଥମ ଶାମୁୟେଲ 6:21
- ଦ୍ୱିତୀୟ ରାଜାବଳୀ 1:1-2
- ଲୂକ 7:27
- ମାଥିଉ 11:10

ଶବ୍ଦବିନ୍ୟାସ :

- Strong's: H1319, H4397, H4398, H5046, H5894, H6735, H6737, H7323, H7971, G00320, G06520

ବାହାର କରିବା, ଛଡ଼ାଇବା, ପକାଇବା

ପରିଭାଷା:

କାହାକୁ କିମ୍ବା କିଛି ବିଷୟକୁ "ବାହାର କରିବା" କିମ୍ବା "ଛଡ଼ାଇବା" ଅର୍ଥ କୌଣସି ବସ୍ତୁ କିମ୍ବା ବ୍ୟକ୍ତିଙ୍କୁ ବଳପୂର୍ବକ ବହିଷ୍କାର କରିବାକୁ ବୁଝାଏ।

- "ବାହାର କରିବା" ଶବ୍ଦର ଅର୍ଥ ଯାହା "ପକାଇବା" ଶବ୍ଦ ସହିତ ସମାନ ଅଟେ । ଜାଲ ପକାଇବା ଅର୍ଥ ପାଣିରେ ଜାଲ ପକାଇବା ଅଟେ।
- ଆଳଙ୍କାରିକ ଅର୍ଥରେ, "ବାହାର କରିବା" କିମ୍ବା "ତଡିଦେବା" ଅର୍ଥ କେହି ଜଣେ ସେହି ବ୍ୟକ୍ତିଙ୍କୁ ପ୍ରତ୍ୟାଖ୍ୟାନ କରି ତାହାଙ୍କୁ ପଠାଇ ପାରନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ବାଧ କରିବା" କିମ୍ବା "ପଠାଇବା" କିମ୍ବା "ବାହାର କରିବା" ବୋଲି ମଧ୍ୟ ଏହି ଶବ୍ଦକୁ ଅନୁବାଦ କାରାଯାଇପାରେ।
- "ଭୂତ ଛଡାଇବା" ବାକ୍ୟାଂଶକୁ "ଅଶୁଚି ଆତ୍ମାକୁ ବାହାର କରିବା" କିମ୍ବା "ଅଶୁଚି ଆତ୍ମାକୁ ଛଡ଼ାଇବା" କିମ୍ବା "ଭୂତମାନଙ୍କୁ ତଡ଼ି ଦେବା" କିମ୍ବା "ଭୂତମାନଙ୍କୁ ବାହାରି ଯିବାକୁ ଆଦେଶ ଦେବା" ବୋଲି ଅନୁବାଦ କାରାଯାଇପାରେ।

(ଦେଖନ୍ତୁ: ଅଶୁଚିଆତ୍ମା, ଭୂତଗ୍ରସ୍ତ, ଗୁଲିବାଣ୍ଟ)

ବାଇବେଲ ପଦପର୍ବ:

- ପ୍ରେରିତ ୭:୧୭-୧୯
- ମାର୍କ ୩:୧୩-୧୬
- ମାର୍କ ୯:୨୯
- ମାଥିଉ ୭:୨୧-୨୩
- ମାଥିଉ ୯:୩୨-୩୪
- ମାଥିଉ ୧୨:୨୪
- ମାଥିଉ ୧୭:୧୯-୨୧

ଶବ୍ଦବିନ୍ୟାସ:

- Strong's: H1272, H1644, H1920, H3423, H7971, H7993, G15440

ବିଚାରକ

ପରିଭାଷା:

ବିଚାରକ ଜଣେ ବ୍ୟକ୍ତି ବ୍ୟକ୍ତି ଅଟେ ଯେତେବେଳେ ଲୋକମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୁଏ ସେତେବେଳେ ଯିଏ ଠିକ୍ କିମ୍ବା ଭୁଲ୍ ସ୍ଥିର କରନ୍ତି, ସାଧାରଣତଃ ଆଇନ ସମ୍ବନ୍ଧୀୟ ବିଷୟଗୁଡ଼ିକରେ I

- ବାଇବେଲରେ, ଈଶ୍ୱର ଅଧିକାଂଶ ସମୟରେ ବିଚାରକର୍ତ୍ତା ରୂପରେ ସମ୍ବୋଧିତ ହୁଅନ୍ତି କାରଣ ସେ ହିଁ ଜଣେ ଯେ ସିଦ୍ଧ ବିଚାରକ ଅଟନ୍ତି ଯେ କ'ଣ ଠିକ ଆଉ କ'ଣ ଭୁଲ୍ ଅଟେ ତାହାର ଅନ୍ତିମ ନିର୍ନୟ ନିଅନ୍ତି I
- ଇସ୍ରାଏଲ ଲୋକମାନେ କିଣାନ ଦେଶରେ ପ୍ରବେଶ କରିଲା ପରେ ଓ ରାଜା ଶାସନ କରିବା ପୂର୍ବରୁ, ପ୍ରଭୁ ନେତାମାନଙ୍କୁ ନିଯୁକ୍ତ କଲେ ଯାହାକୁ "ବିଚାରକ" କୁହାଗଲା ଓ ଯେଉଁମାନେ ସମସ୍ୟା ସମୟରେ ଆଗେ ରହି ନେତୃତ୍ୱ କରୁଥିଲେ I ଅନେକ ସମୟରେ ଏହି ବିଚାରକମାନେ ସୈନ୍ୟ ନେତାମାନେ ଥିଲେ ଯେଉଁମାନେ ତାହାଙ୍କର ଶତ୍ରୁମାନଙ୍କୁ ହରାଇ ଇସ୍ରାଏଲକୁ ଉଦ୍ଧାର କରୁଥିଲେ I
- "ବିଚାରକ "ଶବ୍ଦକୁ "ନିର୍ନୟକାରୀ" କିମ୍ବା "ନେତା" କିମ୍ବା "ଉଦ୍ଧାରକର୍ତ୍ତା" କିମ୍ବା "ରାଜ୍ୟପାଳ" ବୋଲି ପ୍ରସଙ୍ଗ ଉପରେ ଅଧାର କରି ଅନୁବାଦ କରାଯାଇପାରେ I

(ରାଜ୍ୟପାଳ, ବିଚାରକ, ବ୍ୟବସ୍ଥା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି 4:8
- ପ୍ରେରିତ 7:27
- ଲୂକ 11:19
- ଲୂକ 12:14
- ଲୂକ 18:1-2
- ମାଥିଉ 5:25
- ରୁତ 1:1

ଶବ୍ଦବିନ୍ୟାସ :

- Strong's: H0148, H0430, H1777, H1778, H1779, H1781, H1782, H6414, H6416, H6419, H8199, G03500, G12520, G13480, G29190, G29220, G29230

ବିଜ୍ଞତା, ବିଜ୍ଞ, ବିଜ୍ଞତା ସହକାରେ ବା ବିଚକ୍ଷଣତା ସହିତ

ତଥ୍ୟଗୁଡିକ

ଏହି "ବିଜ୍ଞ" ପ୍ରତିଶବ୍ଦ ଆପଣାର କାର୍ଯ୍ୟଗୁଡିକ ଜାଗ୍ରତ ସହକାରେ ଚିନ୍ତା କରୁଥିବା ଏବଂ ଜ୍ଞାନପୂର୍ଣ୍ଣ ସିଦ୍ଧାନ୍ତଗୁଡିକ ନେଉଥିବ ଜଣେ ବ୍ୟକ୍ତି ବିଷୟରେ ବର୍ଣ୍ଣନା କରେ I

- ଅନେକ ସମୟରେ "ବିଜ୍ଞତା" ପ୍ରତିଶବ୍ଦ ବ୍ୟବହାରିକ, ଭୌତିକ ଶାରୀରିକ ବିଷୟଗୁଡିକରେ ଜ୍ଞାନପୂର୍ଣ୍ଣ ସିଦ୍ଧାନ୍ତଗୁଡିକ ନେବା ନିମନ୍ତେ ସକ୍ଷମତା ସମ୍ପର୍କରେ ସୂଚାଇଥାଏ; ଯଥା: ଟଙ୍କାପଇସାର ବା ସମ୍ପତ୍ତିର ପରିଚାଳନା କରିବା I
- ଯଦିଓ "ବିଜ୍ଞତା" ଏବଂ "ଜ୍ଞାନ" ଶବ୍ଦଗୁଡିକର ସମାନ ଧରଣର ଅର୍ଥ ରହିଛି, ଅନେକ ସମୟରେ "ଜ୍ଞାନ" ଶବ୍ଦ ଅଧିକ ସାଧାରଣ ଭାବରେ ବ୍ୟବହୃତ ହୁଏ ଏବଂ ଆତ୍ମିକ ଓ ନୈତିକ ବିଷୟଗୁଡିକ ନିମନ୍ତେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିଥାଏ I
- ପୃଷ୍ଠଭୂମି ଉପରେ ଆଧାର କରି "ବିଜ୍ଞ" ଶବ୍ଦକୁ "ଚତୁର" ବା "ଯତ୍ନଶୀଳ" ବା "ବୁଦ୍ଧିମାନ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: ଚତୁର ବା ଚାଲାକ,ଆତ୍ମା, ଜ୍ଞାନୀ)

ବାଇବଲ ପଦଗୁଡିକ:

- ହିତୋପଦେଶ 08: 4-5
- ହିତୋପଦେଶ 12:23-24
- ହିତୋପଦେଶ 27:11-12

ବୋର୍ଡ ଡାଟା :

- Strong's: H995, H5843, H6175, H6191, H6195, H7080, H7919, H7922, G4908, G5428

ବିଣା, ବିଣାମାନ, ବିଣା ବାଦକ, ବିଣା ବାଦକମାନ

ସଂଜ୍ଞା:

ଏକ ବିଣା ତାର ବାଦ୍ୟ ଯନ୍ତ୍ର ଅଟେ ଯାହା ସାଧାରଣତଃ ଏକ ବଡ଼ ଖୋଲା କାଠର ଗଢ଼ଣରେ ସିଧା ତାର ସହିତ ସଂଯୁକ୍ତ ଅଟେ I

- ବାଇବଲ ସମୟରେ, ଝାଉଁ ଜାତିର ଗଛର କାଠରେ ବିଣା ଓ ଅନ୍ୟ ବାଦ୍ୟଯନ୍ତ୍ର ନିର୍ମିତ ହେଉଥିଲା I

ବିଣାମାନ ଅନେକ ସମୟରେ ହାତରେ ଧରି ବୁଲି ବୁଲି ବଜାୟାଯାଏ I

- ବାଇବଲର ଅନେକ ସ୍ଥାନରେ, ବିଣା ଏକ ବାଦ୍ୟ ଯନ୍ତ୍ର ରୂପରେ ପରମେଶ୍ୱରଙ୍କ ସ୍ତୁତି ମହିମା ନିମନ୍ତେ ବ୍ୟବହାର କରାଯାଉଥିଲା I
- ଦାଉଦ ଅନେକ ଭଜନ ଲେଖିଥିଲେ ଯାହା ବିଣା ର ସଂଗୀତ ଧ୍ୱନି ସହିତ ଲେଖା ଯାଇଥିଲା I
- ସେ ରାଜା ସାଉଲ ନିମନ୍ତେ ମଧ୍ୟ ବିଣା ବଜାଉଥିଲେ, ଯା ଦ୍ୱାରା ରାଜା ସାଉଲର ମନ୍ଦ ଆତ୍ମା ତାହାଠାରୁ ଚାଲି ଯାଉଥିଲା I

(ଆହୁରି ଦେଖନ୍ତୁ: ଦାଉଦ, ଝାଉଁ ଗଛ, ଭଜନ, ସାଉଲ)

ବାଇବଲ ପଦପର୍ବ:

- ୧ ବଂଶାବଳି ୧୫:୧୬-୧୮
- ଆମୋଷ ୦୫:୨୩-୨୪
- ଦାନିଏଲ ୦୩:୩-୫
- ଗୀତସଂହିତା ୦୩୩:୧-୩
- ପ୍ରକାଶିତ ବାକ୍ୟ ୦୫:୮

ବୋର୍ଡ ଡାଟା :

- Strong's: H3658, H5035, H5059, H7030, G2788, G2789, G2790

ବିଦେଶୀୟ, ବିଦେଶୀ, ପ୍ରବାସ

ପରିଭାଷା:

"ବିଦେଶୀୟ" ଶବ୍ଦ ଏକ ବ୍ୟକ୍ତିକୁ ଦର୍ଶାଏ ଯିଏ ନିଜ ଦେଶ ଛାଡି ଅନ୍ୟ ଦେଶରେ ବାସ କରେ I "ବିଦେଶୀ" ଶବ୍ଦ ପାଇଁ ଅନ୍ୟ ଏକ ଶବ୍ଦ ହେଲା "ଅନ୍ୟଦେଶୀୟ" ଜଣେ ପ୍ରବାସୀ କୌଣସି ଏକ ଦେଶରେ କିଛି ସମୟ ପାଇଁ ବିଦେଶୀ ଭାବରେ ବାସ କରେ I

- ପୁରାତନ ନିୟମରେ, ଏହି ଶବ୍ଦ ବିଶେଷ କରି ଏକ ବ୍ୟକ୍ତିକୁ ବୁଝାଏ ଯିଏ ଯେଉଁଠାରେ ରହେ ସେହି ଲୋକ ସମୁହରୁ ନୁହେଁ କିନ୍ତୁ ଅଲଗା ଲୋକ ସମୁହର ଅଟେ I
- ଏକ ବିଦେଶୀ ସେହି ବ୍ୟକ୍ତି ଅଟେ ଯାହାର ଭାଷା ଏବଂ ସଂସ୍କୃତି ଏକ ସ୍ଥାନୀୟ ଭାଷା ଏବଂ ସଂସ୍କୃତିଠାରୁ ଭିନ୍ନ ଅଟେ I
- ଉଦାହରଣ ସ୍ୱରୂପ, ଯେତେବେଳେ ନୟମୀ ଏବଂ ତାରୀ ପରିବାର ମୋୟାବ ଦେଶକୁ ଗଲେ, ସେମାନେ ସେହି ଦେଶରେ ବିଦେଶୀ ଥିଲେ I ପରେ ଯେତେବେଳେ ନୟମୀ ଏବଂ ତାର ପୁତ୍ରବଧୂ ଇସ୍ରାଏଲକୁ ଫେରି ଆସିଲେ, ସେତେବେଳେ ରୂତ ସେଠାରେ "ବିଦେଶୀ" ହେଲେ କାରଣ ସେ ଇସ୍ରାଏଲର ମୂଳ ନାଗରିକ ନଥିଲେ I
- ଜଣେ ଅସ୍ଥାୟୀ ବିଦେଶୀ ବାସିନ୍ଦା ପାଇଁ ପ୍ରବାସୀ ଅନ୍ୟ ଏକ ଶବ୍ଦ ଅଟେ I
- ପ୍ରେରିତ ପାଉଲ ଏଫିସୀୟମାନଙ୍କୁ କହିଲେ ଯେ ଯେବେ ସେମାନେ ଈଶ୍ୱରଙ୍କୁ ଜାଣି ନଥିଲେ ସେତେବେଳେ ସେମାନେ ଈଶ୍ୱରଙ୍କ ନିୟମ ପ୍ରତି "ବିଦେଶୀ" ଥିଲେ I
- ବେଳେବେଳେ "ବିଦେଶୀ" ଶବ୍ଦ "ଅପରିଚିତ" ବୋଲି ମଧ୍ୟ ଅନୁବାଦ କରାଯାଏ, କିନ୍ତୁ ଏହା ସବୁବେଳେ ଅପରିଚିତ **କିମ୍ବା** ଅଜଣା ବ୍ୟକ୍ତିକୁ ସୂଚାଏ ନାହିଁ I

ବାଇବେଲ ପଦପର୍ବ:

- ଦ୍ୱିତୀୟ ବଂଶାବଳୀ ୨:୧୭
- ପ୍ରେରିତ ୭:୨୯-୩୦
- ଦ୍ୱିତୀୟ ବିବରଣ ୧:୧୫-୧୬
- ଆଦିପୁସ୍ତକ ୧୫:୧୨-୧୩
- ଆଦିପୁସ୍ତକ ୧୭:୨୭
- ଲୂକ ୧୭:୧୮
- ମାଥିଉ ୧୭:୨୪-୨୫

ଶବ୍ଦବିନ୍ୟାସ:

- Strong's: H0312, H0628, H0776, H1471, H1481, H1616, H2114, H3937, H4033, H5236, H5237, H6154, H8453, G02410, G02450, G05260, G09150, G18540, G35810, G39270, G39410

ବିଦ୍ଧ କରିବା, ବିଦ୍ଧ

ପରିଭାଷା:

"ବିଦ୍ଧ କରିବା" ଶବ୍ଦର ଅର୍ଥ ଏକ ଧାରୁଆ ଓ ମୁନିଆ ତୀକ୍ଷଣ ବସ୍ତୁ ଦ୍ୱାରା କୌଣସି ବସ୍ତୁକୁ ଭୁଷିବା ବା ଆଘାତ କରିବା ଅଟେ I ଏହା କାହାକୁ ଗଭୀର ଭାବପ୍ରବଣାତ୍ମକ ଭାବରେ ଦୁଃଖ ବା ଯନ୍ତ୍ରଣା ଦେବା ବିଷୟକୁ ଉଲ୍ଲେଖ କରିବା ନିମନ୍ତେ ଆଳଙ୍କାରିକ ବା ରୂପକ ଭାବରେ ମଧ୍ୟ ବ୍ୟବହୃତ ହୁଏ I

- ଯୀଶୁ କ୍ରୁଶ ଉପରେ ଟଙ୍ଗା ହୋଇଥିବାବେଳେ ଜଣେ ସୈନ୍ୟ ତାହାଙ୍କ କକ୍ଷଦେଶରେ ବିଦ୍ଧ କଲା I
- ବାଇବେଲ ସମୟରେ, ଜଣେ ମୁକ୍ତ ହୋଇଥିବା କ୍ରୀତଦାସର କର୍ଣ୍ଣ ଏକ ଚିହ୍ନ ଭାବରେ ବିଦ୍ଧ ହେଉଥିଲା ଯାହା ଦର୍ଶାଏ ଯେ ସେ ସ୍ୱଇଚ୍ଛାରେ ଆପଣା ମୁନିବର ଗୃହରେ କାର୍ଯ୍ୟ କରିବା ନିମନ୍ତେ ମନୋନୀତ କରିଛି I
- ଶିମିୟୋନ ଆଳଙ୍କାରିକ ଭାବରେ ମରୀୟମଙ୍କୁ କହିଲେ, ଏକ ଖଡ୍ଗ ତାହାର ହୃଦୟକୁ (ପ୍ରାଣକୁ) ବିଦ୍ଧ କରିବ; ଅର୍ଥାତ୍ ସେ ତାଙ୍କର ପୁତ୍ର ଯୀଶୁଙ୍କ ପ୍ରତି ଯାହା ସବୁ ଘଟିବ, ସେଥିସକାଶେ ସେ ଆପଣା ହୃଦୟରେ ଗଭୀର ବେଦନାର ଅନୁଭୁତି ମଧ୍ୟ ଦେଇ ଯିବେ I

(ଦେଖନ୍ତୁ: କ୍ରୁଶ, ଯୀଶୁ, ଦାସ, ଶିମିୟୋନ)

ବାଇବେଲ ପଦଗୁଡ଼ିକ:

- ଆୟୁବ ୧୬:୧୩
- ଆୟୁବ ୨୦:୨୩-୨୫
- ଯୋହନ ୧୯:୩୭
- ଗୀତସଂହିତା ୨୨:୧୬

ଶବ୍ଦବିନ୍ୟାସ :

- Strong's: H0935, H1856, H2342, H2490, H2491, H2944, H3738, H4272, H5181, H5344, H5365, H6398, G13300, G13380, G15740, G26600, G35720, G40440

ବିଦ୍ରୋହୀ, ବିଦ୍ରୋହାଚରଣ, ବିଦ୍ରୋହପ୍ରବଣ, ବିଦ୍ରୋହାତ୍ମକ ଭାବ

ପରିଭାଷା:

"ବିଦ୍ରୋହୀ" ଶବ୍ଦ ଜଣକର କ୍ଷମତା ପ୍ରତି ସମର୍ପିତ ହେବା ନିମନ୍ତେ ଅସ୍ୱୀକାର କରିବାକୁ ବୁଝାଏ । ଜଣେ "ବିଦ୍ରୋହପ୍ରବଣ" ବ୍ୟକ୍ତି ଅନେକ ସମୟରେ ଅବାଧତା ଆଚରଣ କରିଥାଏ ଏବଂ ମନ୍ଦ କାର୍ଯ୍ୟସବୁ କରିଥାଏ। ଏଭଳି ବ୍ୟକ୍ତିକୁ "ଜଣେ ବିଦ୍ରୋହୀ" ବୋଲି କୁହାଯଏ।

- ଜଣେ ବ୍ୟକ୍ତି ସେତବେଳେ ବିଦ୍ରୋହ କରେ ଯେବେ ସେ ତାଙ୍କ ଉପର ଅଧିକାରୀମାନେ ତାହାଙ୍କୁ କୌଣସି ବିଷୟ ନ କରିବାକୁ କହିଥିବା ବିଷୟକୁ କରେ।
- ଜଣେ ବ୍ୟକ୍ତି ବିଦ୍ରୋହ କରେ ଯେବେ ତାହାର ଅଧିକାରୀମାନେ ତାହାଙ୍କୁ କୌଣସି ବିଷୟ କରିବା ନିମନ୍ତେ ଆଦେଶକୁ ସେ ପ୍ରତ୍ୟାଖ୍ୟାନ କରେ ।
- ବେଳେବେଳେ ଲୋକମାନେ ସେମାନଙ୍କ ଉପରେ ଶାସନ କରୁଥିବା ଅଧିକାରୀ କିମ୍ବା ନେତାମାନଙ୍କ ବିରୁଦ୍ଧରେ ବିଦ୍ରୋହ କରିଥାନ୍ତି।
- ପ୍ରସଙ୍ଗକୁ ଆଧାର କରି "ବିଦ୍ରୋହ କରିବା" ଶବ୍ଦକୁ "ଅବମାନନା କରିବା" କିମ୍ବା "ବିରକ୍ତିଭାବ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ବିଦ୍ରୋହପ୍ରବଣ" ଶବ୍ଦକୁ "ଅବିରତ ଭାବରେ ଅବାଧ୍ୟ" କିମ୍ବା "ବାଧ୍ୟ ହେବା ନିମନ୍ତେ ମନା କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।
- "ବିଦ୍ରୋହାଚରଣ" ଶବ୍ଦକୁ "ବାଧ୍ୟ ହେବାକୁ ପ୍ରତ୍ୟାଖ୍ୟାନ କରିବା" କିମ୍ବା "ଅବାଧ୍ୟ ଆଚରଣ" କିମ୍ବା "ଆଜ୍ଞାଲଙ୍ଘନ କରିବା" ବୋଲି ଅନୁବାଦ କରାଯାଇପାରେ।
- "ବିଦ୍ରୋହାଚରଣ କରିବା" କିମ୍ବା "ଜଣେ ବିଦ୍ରୋହୀ" ବାକ୍ୟାଂଶ ଏକ ସଂଗଠିତ ହୋଇଥିବା ଲୋକଦଳକୁ ସୂଚାଇ ପାରେ ଯେଉଁମାନେ ସର୍ବସାଧାରଣରେ ଆଜ୍ଞାଲଙ୍ଘନ କରନ୍ତି ଏବଂ ନେତାମାନଙ୍କୁ ଓ ଅନ୍ୟ ଲୋକମାନଙ୍କୁ ଆକ୍ରମଣ କରି ଶାସନ କରୁଥିବା ଅଧିକାରୀମାନଙ୍କ ବିରୁଦ୍ଧାଚରଣ କରନ୍ତି। ଅନେକ ସମୟରେ ସେମାନେ ଅନ୍ୟ ଲୋକମାନଙ୍କୁ ସେମାନଙ୍କ ବିଦ୍ରୋହରେ ଯୋଗଦେବାକୁ ଚେଷ୍ଟା କରନ୍ତି।

(ଦେଖନ୍ତୁ: କ୍ଷମତା, ଶାସନକର୍ତ୍ତା)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୨:୧୮-୧୯
- ୧ ଶାମୁୟେଲ ୧୨:୧୪
- ୧ ତୀମଥି ୧:୯-୧୧
- ୨ ବଂଶାବଳୀ ୧୦:୧୭-୧୯
- ପ୍ରେରିତ ୨୧:୩୮
- ଲୂକ ୨୩:୧୯

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୧୪:୧୪** ଇସ୍ରାଏଲୀୟମାନେ ପ୍ରାନ୍ତରରେ ଚାଳିଶ ବର୍ଷ ଧରି ଏଣେତେଣେ ଭ୍ରମଣ କଲା ପରେ, ସେମାନଙ୍କ ମଧ୍ୟରୁ ଯେଉଁମାନେ ଈଶ୍ୱରଙ୍କ **ବିଦ୍ରୋହାଚରଣ କରିଥିଲେ** ସେ ସମସ୍ତେ ମଲେ।
- **୧୮:୭** ଇସ୍ରାଏଲ ଜାତିର ଦଶ ଗୋଷ୍ଠୀ ରିହବିୟାମ ବିଦ୍ରୋହ କଲେ_
- **୧୮:୯** ଯାରବୀୟାମ ଈଶ୍ୱରଙ୍କୁ **ବିଦ୍ରୋହ କଲେ** ଏବଂ ଲୋକମାନଙ୍କୁ ପାପରେ ପକାଇଲେ।
- **୧୮:୧୩** ଯିହୂଦାର ଅଧିକାଂଶ ଲୋକମାନେ ମଧ୍ୟ ଈଶ୍ୱରଙ୍କ **ବିଦ୍ରୋହାଚରଣ କଲେ** ଏବଂ ଅନ୍ୟ ଦେବତାଗଣର ପୂଜା ଉପାସନା କଲେ।
- **୨୦:୭** କିନ୍ତୁ କିଛି ବର୍ଷ ପରେ, ଯିହୂଦାର ରାଜା ବାବିଲ ବିରୁଦ୍ଧରେ **ବିଦ୍ରୋହାଚରଣ କଲା**।
- **୪୫:୩** ତା'ପରେ ସେ (ସ୍ତିଫାନ) କହିଲେ, "ତୁମ୍ଭେ ଅବାଧ ପୁଣି **ବିଦ୍ରୋହୀ** ଲୋକ ତୁମ୍ଭେମାନେ ସର୍ବଦା ପବିତ୍ର ଆତ୍ମାଙ୍କୁ ପ୍ରତ୍ୟାଖ୍ୟାନ କର, ଯେପରି ତୁମ୍ଭମାନଙ୍କର ପିତୃପୁରୁଷମାନେ ଈଶ୍ୱରଙ୍କୁ ଅସ୍ୱୀକାର କଲେ ଓ ତାହାଙ୍କର ଭାବବାଦୀମାନଙ୍କୁ ବଧ କଲେ I

ଶବ୍ଦବିନ୍ୟାସ:

- Strong's: H4775, H4776, H4777, H4779, H4780, H4784, H4805, H5327, H5627, H5637, H6586, H6588, H7846, G38930, G49550

ବିଧାନ, ବିଧାନ

ସଂଜ୍ଞା:

ବିଧାନ ହେଉଛି ଲିଖିତ ନୀୟମ ଯାହା ଲୋକମାନଙ୍କୁ ବାସ କରିବା ପଥ ଦେଖାଏ

- "ବିଧାନ" ସମାନ ଅର୍ଥବୋଧକ ପରି "ଅଧାଦେଶ" କିମ୍ବା "ଆଦେଶ" ଏବଂ "ବ୍ୟବସ୍ଥା" ଓ "ଘୋଷଣାନାମା"

ଏହିସବୁ ଶବ୍ଦ ଗୁଡିକ ଉପଦେଶ ଏବଂ ଆବଶ୍ୟକତାକୁ ସାମିଲ କରେ ଯାହା ପରମେଶ୍ୱର ତାହାଙ୍କ ଲୋକମାନଙ୍କୁ ଦିଅନ୍ତି କିମ୍ବା ଶାସକ ସେମାନଙ୍କର ଲୋକମାନଙ୍କୁ ଦିଅନ୍ତି

- ରାଜା ଦାଉଦ କହିଲେ ଯେ ଯିହୋବାଙ୍କ ବିଧାନରେ ତାଙ୍କର ଆମୋଦ ଥାଏ
- "ବିଧାନ" ଶବ୍ଦ ର ଅନୁବାଦ ହେବ ଯଥା "ନିର୍ଦ୍ଦିଷ୍ଟ ଆଦେଶ" କିମ୍ବା "ମୁଖ୍ୟ ଘୋଷଣାନାମା"

(ଦେଖ: ଆଦେଶ, ଘୋଷଣାନାମା, ବ୍ୟବସ୍ଥା, ଯିହୋବା)

ବାଇଅବଲ୍ ସନ୍ଦର୍ଭ:

- ୧ ରାଜାବଳି ୧୧:୧୧-୧୩
- ଦ୍ୱିତୀୟ ବିବରଣ ୦୬:୨୦-୨୩
- ଯିହଜିକଲ ୩୩:୧୪-୧୬
- ଗଣନା ୧୯:୧-୨

ବୋର୍ଡ ଡାଟା :

- Strong's: H2706, H2708, H6490, H7010

ବିଧିସଙ୍ଗତ, ବିଧିସଙ୍ଗତ ନୁହେଁ, ବ୍ୟବସ୍ଥାହୀନ, ଅଧର୍ମ, ବ୍ୟବସ୍ଥା ଲଙ୍ଘନ

ପରିଭାଷା:

"ବିଧିସଙ୍ଗତ" ଶବ୍ଦ ବ୍ୟବସ୍ଥା କିମ୍ବା ଅନ୍ୟ ଆବଶ୍ୟକତା ଅନୁସାରେ କିଛି କାର୍ଯ୍ୟ କରିବାକୁ ଅନୁମତି ପ୍ରଦାନ କରିବାକୁ ବୁଝାଏ। ଏହାର ବିପରୀତ "ବିଧିସଙ୍ଗତ ନୁହେଁ" ଯାହାର ସାଧାରଣ ଅର୍ଥ "ବ୍ୟବସ୍ଥାହୀନ" ଅଟେ ।

- ବାଇବେଲରେ ଯାହା"ବିଧିସଙ୍ଗତ" ଥିଲା ତାହା ଈଶ୍ୱରଙ୍କ ନୈତିକ ବ୍ୟବସ୍ଥା ଅନୁସାରେ କିମ୍ବା ମୋଶାଙ୍କ ବ୍ୟବସ୍ଥା ଦ୍ୱାରା କିମ୍ବା ଅନ୍ୟ ଯିହୂଦୀୟ ବ୍ୟବସ୍ଥା ଅନୁସାରେ ଅନୁମତି ପ୍ରାପ୍ତ ଥିଲା । କୌଣସି ବିଷୟ ଯାହା "ବିଧିସଙ୍ଗତ ନଥିଲା" ତାହା ସେହି ବ୍ୟବସ୍ଥାଗୁଡ଼ିକ ଦ୍ୱାରା ନିଷେଧ କରାଯାଇ ଥିଲା। "
- "ବ୍ୟବସ୍ଥା ଅନୁସାରେ" କୌଣସି ବିଷୟକୁ କରିବା ଅର୍ଥ ଏହାକୁ "ଯଥାର୍ଥ ରୂପେ" କିମ୍ବା "ସଠିକ ଭାବରେ କରିବା" ଅଟେ ।
- ଅନେକ ବିଷୟ ଯାହାକୁ ଯିହୂଦୀ ବ୍ୟବସ୍ଥାଗୁଡ଼ିକ ବିଧି ସଂଗତ କିମ୍ବା ଆଇନ୍ ସଂଗତ ନୁହେଁ ବୋଲି ଗଣନା କରୁଥିଲା ଯାହା ଈଶ୍ୱରଙ୍କର ବ୍ୟବସ୍ଥାନୁସାରେ ପରସ୍ପରକୁ ପ୍ରେମ କରିବା ନିୟମ ସହ ସହମତ ନ ଥିଲା।
- ପ୍ରସଙ୍ଗ ଉପରେରେ ଆଧାର କରି, "ବିଧିସଙ୍ଗତ" ଶବ୍ଦକୁ "ଅନୁମତି ପ୍ରାପ୍ତ" କିମ୍ବା "ଈଶ୍ୱରଙ୍କ ନୀୟମାନୁସାରେ" କିମ୍ବା "ଆମ୍ଭମାନଙ୍କ ନିୟମ ଅନୁସାରେ ଚାଲିବା" କିମ୍ବା "ଯଥାର୍ଥ ଭାବରେ" କିମ୍ବା "ଉପଯୁକ୍ତ ଭାବେ" ଭାବେ ବୋଲି ଅନୁବାଦ କରାଯାଇପାରେ ।
- "ଏହା କ'ଣ ବିଧିସଙ୍ଗତ ଅଟେ କି? ବାକ୍ୟାଂଶକୁ "କଅଣ ଆମ୍ଭମାନଙ୍କ ନିୟମ ଅନୁମତି ଦିଏ?" କିମ୍ବା "କଅଣ ଏହା ଆମ୍ଭମାନଙ୍କ ନିୟମ ଅନୁମତି ଦିଏ?" ବୋଲି ଅନୁବାଦ କରାଯାଇପାରେ I

"ବିଧିସଙ୍ଗତ ନୁହଁ" ଏବଂ "ବ୍ୟବସ୍ଥାହୀନ" ଶବ୍ଦକୁ ନିୟମ ଖଣ୍ଡନ କରିଥିବା କ୍ରିୟାକୁ ବର୍ଣ୍ଣନା କରିବାକୁ ବ୍ୟବହାର କରାଯାଏ ।

- ନୂତନ ନିୟମରେ, "ବିଧିସଙ୍ଗତ ନୁହେଁ" ଶବ୍ଦକୁ କେବଳ ଈଶ୍ୱରଙ୍କର ବ୍ୟବସ୍ଥାକୁ ଖଣ୍ଡନ କରିବାକୁ ହିଁ ଦର୍ଶାଏ ନାହିଁ କିନ୍ତୁ ଅନେକ ସମୟରେ ଯିହୁଦୀମାନଙ୍କର ନିର୍ମିତ ନିୟମ ଖଣ୍ଡନ କରିବାକୁ ମଧ୍ୟ ଦର୍ଶାଏ।
- ଅନେକ ବର୍ଷ ମଧ୍ୟରେ ଯିହୂଦୀମାନେ ଈଶ୍ୱରଙ୍କର ବ୍ୟବସ୍ଥାରେ ଆଉ ଅନେକ ନିୟମ ସଂଯୁକ୍ତ କରି ଚାଲିଲେ। ଯିହୂଦୀ ନେତାମାନେ ଅନେକ ସମୟରେ ଅନେକ ବିଷୟକୁ "ବିଧିସଙ୍ଗତ ନୁହେଁ" ବୋଲି ବିବେଚନା କରୁଥିଲେ ଯଦି ଏହା ମନୁଷ୍ୟ ନିର୍ମିତ ନିୟମ ଅନୁସାରେ ନ ଥାଏ।
- ଯେବେ ଯୀଶୁ ଓ ତାହାଙ୍କର ଶିଷ୍ୟମାନେ ବିଶ୍ରାମ ଦିନରେ ଶସ୍ୟ ଛିଡାଉଥିଲେ ସେତେବେଳେ ଫାରୂଶୀମାନେ ସେମାନଙ୍କୁ ଦୋଷାରୋପ କରି କହିଲେ ଯେ ଏହା "ବିଧିସଙ୍ଗତ ନୁହେଁ" କାରଣ ବିଶ୍ରାମ ଦିନରେ କାର୍ଯ୍ୟ କରିବା ଯିହୂଦୀ ନିୟମ ବାହାରେ ଥିଲା।
- ପିତର ଯେବେ କହିଲେ ଅଶୁଚି ଖାଦ୍ୟ ଭୋଜିନ କରିବା ତାହା ନିମନ୍ତେ "ବିଧିସଙ୍ଗତ ନୁହେଁ," ତାହାର କହିବାର ଅର୍ଥ ଯଦି ସେ ଏହି ପ୍ରକାରର ଖାଦ୍ୟ ଖାଏ ତେବେ ସେ ଈଶ୍ୱରଙ୍କର ବିଧି ଖଣ୍ଡନ କରେ ଯାହା ଇସ୍ରାଏଲ ଲୋକମାନଙ୍କୁ କେତେକେ ଖାଦ୍ୟ ଭୋଜନ କରିବାରୁ ନିବୃତ ରଖେ।

"ବ୍ୟବସ୍ଥାହୀନ" ଶବ୍ଦ ଜଣେ ବ୍ୟକ୍ତିକୁ ବର୍ଣ୍ଣନା କରେ ଯିଏ ନିୟମ କିମ୍ବା ବ୍ୟବସ୍ଥାକୁ ପାଳନ କରେ ନାହିଁ । ଯେବେ କୌଣସି ଦେଶ ବା ଗୋଷ୍ଠୀ "ବ୍ୟବସ୍ଥାହୀନ" ଅବସ୍ଥାରେ ଥାଆନ୍ତି, ସେତେବେଳେ ବ୍ୟାପକ ଅବମାନନା, ବିଦ୍ରୋହ କିମ୍ବା ଅନୈତିକତା ଦେଖିବାକୁ ମିଳେ ।

- ଜଣେ "ବ୍ୟବସ୍ଥାହୀନ" ବ୍ୟକ୍ତି ବିଦ୍ରୋହୀ ଅଟେ ଏବଂ ଈଶ୍ୱରଙ୍କ ଆଜ୍ଞା ପାଳନ କରେ ନାହିଁ।
- ପ୍ରେରିତ ପାଉଲ କହନ୍ତି ଯେ ଅନ୍ତିମ ଦିନରେ "ବ୍ୟବସ୍ଥାହୀନ ବ୍ୟକ୍ତି" କିମ୍ବା ଲୋକେ "ବିଧିହୀନ" ହେବେ, ଯିଏ ଶୟତାନ ଦ୍ୱାରା ପ୍ରଭାବିତ ହୋଇ ସମସ୍ତ ମନ୍ଦ କର୍ମ କରିବେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ବିଧିସଙ୍ଗତ ନୁହେଁ" ଶବ୍ଦକୁ "ବ୍ୟବସ୍ଥାହୀନ" କିମ୍ବା "ନିୟମ ଖଣ୍ଡନ" ବୋଲି ଅନୁବାଦ କରାଯାଏ।
- "ବିଧିସଙ୍ଗତ ନୁହେଁ" ବାକ୍ୟାଂଶକୁ "ଅନୁମତି ନାହିଁ" କିମ୍ବା "ଈଶ୍ୱରଙ୍କର ନୀୟମାନୁସାରେ ନୁହେଁ" କିମ୍ବା "ଆମ୍ଭ ନିୟମ ଅନୁସାରେ ନୁହେଁ" ବୋଲି ଅନୁବାଦ କରାଯାଇପାରେ।
- "ନିୟମ ବିରୋଧୀ" ଅଭିବ୍ୟକ୍ତିକୁ "ବିଧିସଙ୍ଗତ ନୁହେଁ" ବୋଲି ଅନୁବାଦ କରାଯାଇପାରେ ।
- "ବ୍ୟବସ୍ଥାହୀନ" ଶବ୍ଦକୁ "ବିଦ୍ରୋହୀକାରୀ" କିମ୍ବା "ଅନାଜ୍ଞାକାରୀ" କିମ୍ବା "ନିୟମ ଖଣ୍ଡନକାରୀ" ବୋଲି ଅନୁବାଦ କରାଯାଇପାରେ I
- "ଅରାଜକତା" ଶବ୍ଦକୁ "କୌଣସି ନିୟମକୁ ନମାନିବା" କିମ୍ବା ବିଦ୍ରୋହ "(ଈଶ୍ୱରଙ୍କର ନିୟମର) କରିବା"ବୋଲି ଅନୁବାଦ କରାଯାଇପାରେ I
- "ବ୍ୟବସ୍ଥାହୀନ ମନୁଷ୍ୟ" ବାକ୍ୟାଂଶକୁ "ଯେଉଁ ବ୍ୟକ୍ତି କୌଣସି ନିୟମ ପାଳନ କରେ ନାହିଁ" କିମ୍ବା "ମନୁଷ୍ୟ ଯେ ଈଶ୍ୱରଙ୍କର ନିୟମ ବିରୁଦ୍ଧରେ ବିଦ୍ରୋହ କରେ" ବୋଲି ଅନୁବାଦ କରାଯାଇ ପାରେ ।
- ଯଦି ସମ୍ଭବ ତେବେ ଏହି ଶବ୍ଦରେ "ନିୟମର" ଧାରଣା ରଖିବା ଆବଶ୍ୟକ ଅଟେ।
- ମନେ ରଖନ୍ତୁ "ବିଧିସଙ୍ଗତ ନୁହେଁ" ଶବ୍ଦର ଏହି ଅର୍ଥରୁ ଭିନ୍ନ ଅର୍ଥ ମଧ୍ୟ ଅଛି।

(ଦେଖନ୍ତୁ: ନିୟମ, ବ୍ୟବସ୍ଥା, ମୋଶା, ବିଶ୍ରାମ ଦିନ)

ବାଇବେଲ ପଦପର୍ବ:

- ମାଥିଉ ୭:୨୧-୨୩
- ମାଥିଉ ୧୨:୨
- ମାଥିଉ ୧୨:୪
- ମାଥିଉ ୧୨:୧୦
- ମାର୍କ ୩:୪
- ଲୂକ ୬:୨
- ପ୍ରେରିତ ୨:୨୩
- ପ୍ରେରିତ ୧୦:୨୮
- ପ୍ରେରିତ ୨୨:୨୫
- ୨ ଥେସଲନୀକୀୟ ୨:୩
- ତୀତସ ୨:୧୪
- ୧ ଯୋହନ ୩:୪-୬

ଶବ୍ଦବିନ୍ୟାସ:

- Strong's: H6530, G01110, G01130, G02660, G04580, G04590, G18320, G35450

ବିନାଶ, ବିନାଶ ହେବା, ବିନାଶ ହେଲେ, ବିନାଶକାରୀ, ବିନାଶକାରୀଗଣ, ବିନାଶ ହୁଏଛି

ସଂଜ୍ଞା:

କିଛି ବିଷୟ ବିନାଶ ହେବାକୁ ଏହାକୁ ସମ୍ପୂର୍ଣ୍ଣରୂପେ ଗୋଟିଏ ଶେଷ କରିବାକୁ ହେବ, ଯେପରି ଏହା କୌଣସି ପ୍ରକାରେ ରହିବ ନାହିଁ ।

- "ବିନାଶକାରୀ" ଶବ୍ଦଟିର ଆକ୍ଷରିକ ଅର୍ଥ "ବ୍ୟକ୍ତି ଯିଏକି ବିନଷ୍ଟ କରେ ।"
- ଏହି ଶବ୍ଦ ବହୁବାର ପୁରାତନ ନିୟମରେ ବ୍ୟବହୃତ ହୋଇଥାଏ ଯେପରି ଯେକେହି ଏକ ସାଧାରଣ ଉଲ୍ଲେଖ ଭାବେ ଯିଏକି ଅନ୍ୟ ଲୋକମାନଙ୍କୁ ବିନଷ୍ଟ କରେ, ଯାହାକି ଏକ ଆକ୍ରମଣକାରୀ ସୈନ୍ୟଦଳ ।
- ଯେତେବେଳେ ଈଶ୍ୱର ମିସରରେ ସମସ୍ତ ପ୍ରଥମ ଜାତ ପୁଂସନ୍ତାନମାନଙ୍କୁ ସଂହାର କରିବାକୁ ଦୂତକୁ ପଠାଇଲେ, ସେହି ଦୂତ "ପ୍ରଥମ ଜାତର ବିନାଶକାରୀ" ରୂପେ ସୂଚୀତ ହେଲେ ।

"ଜଣେ(ବା ଦୂତ) ଯିଏକି ପ୍ରଥମ ଜାତ ପୁଂସନ୍ତାନମାନଙ୍କୁ ସଂହାର କଲା" ଏହିରୂପେ ଅନୁବାଦ କରାଯାଇପାରିବ ।

- ଅନ୍ତିମ ସମୟରେ ପ୍ରକାଶିତ ପୁସ୍ତକରେ, ଶୟତାନ ବା ଅନ୍ୟ ପ୍ରକାର ମନ୍ଦ ଆତ୍ମା "ବିନାଶକାରୀ" ବୋଲି କୁହାଯାଏ ।

ସେ "ଜଣେ ଯିଏ ବିନାଶ କରେ" ଅଟେ କାରଣ ତା'ର ଉଦ୍ଦେଶ୍ୟ ବିନାଶ କରିବାକୁ ଏବଂ ସମସ୍ତ ଈଶ୍ୱରଙ୍କ ସୃଷ୍ଟକୁ ନଷ୍ଟ କରିବା ।

(ପୁନଶ୍ଚ ଦେଖନ୍ତୁ: ଦୂତ, ମିସର, ପ୍ରଥମ ଜାତ, ନିସ୍ତାର ପର୍ବ)

ବାଇବଲ ଉଲ୍ଲେଖଗୁଡିକ:

- ଯାତ୍ରାପୁସ୍ତକ ୧୨: ୨୩
- ଏବ୍ରୀ ୧୧: ୨୭-୨୮
- ଯିରିମୀୟ ୦୬: ୨୫-୨୬
- ବିଚାରକର୍ତ୍ତା ୧୬: ୨୩-୨୪

ବୋର୍ଡ ଡାଟା :

- Strong's: H6, H7, H622, H398, H1104, H1197, H1820, H1942, H2000, H2015, H2026, H2040, H2254, H2255, H2717, H2718, H2763, H2764, H3238, H3341, H3381, H3423, H3582, H3615, H3617, H3772, H3807, H4191, H4199, H4229, H4591, H4889, H5218, H5221, H5307, H5362, H5420, H5422, H5428, H5595, H5642, H6789, H6979, H7665, H7667, H7703, H7722, H7760, H7843, H7921, H8045, H8074, H8077, H8316, H8552, G355, G396, G622, G853, G1311, G1842, G2049, G2506, G2507, G2647, G2673, G2704, G3089, G3645, G4199, G5351, G5356

ବିପଥ,ବିପଥରେ ଯିବା,ବିପଥରେ ଗଲା,ବିପଥଗାମୀ ହେଲେ, ପଥଭ୍ରଷ୍ଟହେବା

ପରିଭାଷା:

"ପଥଭ୍ରଷ୍ଟହେବା" ଏବଂ "ବିପଥରେ ଯିବା" ଶବ୍ଦର ଅର୍ଥ ଈଶ୍ୱରଙ୍କ ଇଚ୍ଛାକୁ ଅମାନ୍ୟ କରିବା। ଯେଉଁ ଲୋକମାନେ "ବିପଥଗାମୀ ହେଲେ" ଅନ୍ୟ ଲୋକମାନଙ୍କୁ କିମ୍ବା ପରିସ୍ଥିତି ସବୁ ଈଶ୍ୱରଙ୍କୁ ଅମାନ୍ୟ କରିବା ନିମନ୍ତେ ସେମାନଙ୍କୁ ପ୍ରଭାବିତ କଲା।

- "ବିପଥ" ଶବ୍ଦ ଏକ ଉତ୍ତମ ପଥ କିମ୍ବା ଏକ ସୁରକ୍ଷିତ ସ୍ଥାନକୁ ପରିତ୍ୟାଗ କରି ଭୁଲ ଏବଂ ଅସୁରକ୍ଷିତ ରାସ୍ତାରେ ଯିବାକୁ ଦର୍ଶାଏ।
- ଯେଉଁ ମେଷଗୁଡ଼ିକ ସେମାନଙ୍କର ମେଷପାଳକଙ୍କ ତୃଣଭୂମି ପରିତ୍ୟାଗ କରନ୍ତି, "ପଥଭ୍ରଷ୍ଟ ହୁଆନ୍ତି" ଈଶ୍ୱର ପାପୀ ମନୁଷ୍ୟମାନଙ୍କୁ ମେଷ ସହ ତୁଳନା କରନ୍ତି ଯେଉଁମାନେ ତାହାଙ୍କୁ ଛାଡି ବିପଥରେ ଯାଇଅଛନ୍ତି।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ବିପଥରେ ଯିବା" ବାକ୍ୟାଂଶ "ଈଶ୍ୱରଙ୍କଠାରୁ ଦୂରେଇ ଯିବା" କିମ୍ବା "ଈଶ୍ୱରଙ୍କ ଇଚ୍ଛାଠାରୁ ଦୂରେଇ ଯାଇ ଏକ ଭୁଲ ପଥକୁ ଧରିବା" କିମ୍ବା "ଈଶ୍ୱରଙ୍କ ଆଜ୍ଞାପାଳ ନ କରିବା" କିମ୍ବା "ଈଶ୍ୱରଙ୍କଠାରୁ ଦୂରେଇ ଯାଇ ଅନ୍ୟତ୍ର ଭାବରେ ଜୀବନଯାପନ କରିବା" ବୋଲି ଅନୁବାଦ କରାଯାଇପାରେ।
- "କୌଣସି ଏକ ବ୍ୟକ୍ତିକୁ ବିପଥରେ କଢାଇବା" ବାକ୍ୟକୁ "କୌଣସି ଏକ ବ୍ୟକ୍ତିକୁ ଈଶ୍ୱରଙ୍କୁ ଅମାନ୍ୟ କରିବା" କିମ୍ବା "ଈଶ୍ୱରଙ୍କୁ ମାନ୍ୟକରିବା ନିମନ୍ତେ କୌଣସି ଏକ ବ୍ୟକ୍ତିକୁ ପ୍ରଭାବିତ କରିବା" କିମ୍ବା "କୌଣସି ଏକ ବ୍ୟକ୍ତିକୁ ଭୁଲ ପଥକୁ ଅନୁକରଣ କରିବା" ବୋଲି ଅନୁବାଦ କରାଯାଇପାରେ।

(ଅମାନ୍ୟ, ମେଷପାଳକ: ଦେଖନ୍ତୁ)

ବାଇବେଲ ପଦ ପର୍ବ:

- ପ୍ରଥମ ଯୋହନ 3:7
- ଦ୍ୱିତୀୟ ତୀମଥି 3:13
- ଯାତ୍ରାପୁସ୍ତକ 23:4-5
- ଯିହିଜିକଲ 48:10-12
- ମାଥିଉ 18:13
- ମାଥିଉ 24:5
- ଗୀତସଂହିତା 58:3
- ଗୀତସଂହିତା 119:110

ଶବ୍ଦବିନ୍ୟାସ:

- Strong's: H5080, H7683, H7686, H8582, G41050, G53510

ବିପଦ ସଙ୍କେତ, ବିପଦ ସଙ୍କେତମାନ, ଭୟ ବିହ୍ୱଳିତ

ତଥ୍ୟମାନ:

ବିପଦ ସଙ୍କେତ ଏହା ଅଟେ, ଯାହା ଲୋକମାନଙ୍କୁ ବିପଦପୂର୍ଣ୍ଣ କ୍ଷତିଠାରୁ ରକ୍ଷା ପାଇବା ପାଇଁ ସତର୍କବାଣୀ ଦିଆଯାଇଥାଏ I ''ଭୟ ବିହ୍ୱଳିତ ହେବା'' ର ଅର୍ଥ କିଛି ବିପଦପୂର୍ଣ୍ଣ ଓ ଧମକପୂର୍ଣ୍ଣ ବିଷୟରେ, ଅଧିକ ବ୍ୟସ୍ତ ଓ ଭୟ କରିବା I

- ମୋୟାବୀୟ ଲୋକମାନେ ଯିହୁଦା ପ୍ରଦେଶକୁ ଆକ୍ରମଣ କରିବା ଯୋଜନାଟି, ଯିହୋଶଫଟ୍ ରାଜା ଶୁଣି, ଭୟ ବିହ୍ୱଳିତ ହୋଇଯାଇଥିଲେ I
- ଶିଷ୍ୟମାନେ ଅନ୍ତିମ ଦିନର ଦୁର୍ଦ୍ଦଶା ବିଷୟ ଶୁଣନ୍ତେ, ଯୀଶୁ ସେମାନଙ୍କୁ ଭୟବିହ୍ୱଳିତ ନ ହେବା ପାଇଁ କହିଲେ I
- ''ବିପଦ ସଙ୍କେତ ବଜାଅ'' ପ୍ରକାଶନଟିର ଅର୍ଥ ''ସତର୍କ ବାଣୀ ଦିଅ I

ପ୍ରାଚୀନ ଯୁଗରେ, ଜଣେ ବ୍ୟକ୍ତି ଉଚ୍ଚ କର୍କଶ ଶବ୍ଦରେ ବିପଦ ସଙ୍କେତ ଜଣାଉଥିଲେ I

ଅନୁବାଦର ପ୍ରସ୍ତାବିତ ବିଷୟମାନ:

- ''କୌଣସି ଲୋକଙ୍କୁ ବିପଦ ସଙ୍କେତ ଦେବା'' ର ଅର୍ଥ ''କୌଣସି ଲୋକଙ୍କ ବ୍ୟସ୍ତତାର କାରଣ ହେବା'' କିମ୍ବା ''କୌଣସି ଲୋକଙ୍କୁ ବ୍ୟସ୍ତ କରିବା'' I
- '' ଭୟ ବିହ୍ୱଳିତ ହେବା'' ମଧ୍ୟ ''ବ୍ୟସ୍ତ ହେବା'' କିମ୍ବା ''ଭୟଭୀତ ହେବା'' କିମ୍ବା ''ବିଶେଷ ଉଦ୍‌ବିଗ୍ନ ହେବା'' ଭାବେ ଅନୁବାଦ କରାଯାଇପାରେ I
- ''ବିପଦ ସଙ୍କେତ ବଜାଅ'' ପ୍ରକାଶନଟି ମଧ୍ୟ ''ସାମୁହିକ ଭାବେ ସତର୍କବାଣୀ'' କିମ୍ବା ''ଘୋଷଣା କରୁ ଯେ ବିପଦ ଆସୁଛି'' କିମ୍ବା ''ବିପଦ ସଙ୍କେତ ଦେବା ପାଇଁ ତୂରୀ ବଜାଅ'' ଭାବେ ଅନୁବାଦ କରାଯାଇପାରେ I

(ମଧ୍ୟ ଦେଖିପାରିବା: ଯିହୋଶାଫଟ୍, ମୋୟାବ)

ବାଇବଲ ପଦ ପର୍ଶ:

- ଦାନୀୟେଲ ୧୧:୪୪-୪୫
- ଯିରିମୀୟ ୦୪:୧୯-୨୦
- ଗଣନା ୧୦:୯

ବୋର୍ଡ ଡାଟା :

- Strong's: H7321, H8643

ବିବରଣ, ବିବରଣୀ, କହିବା, ଖ୍ୟାତି

ପରିଭାଷା:

"ବିବରଣୀ" ପ୍ରଦାନ କରିବା ଶବ୍ଦର ଅର୍ଥ ଘଟିଥିବା କୌଣସି ବିଷୟରେ ଜଣାଇବା, ଅନେକ ସମୟରେ ସେହି ଘଟଣା ସମ୍ପର୍କରେ ବିଶେଷ ବିବରଣୀ ଦେବାକୁ ବୁଝାଏ I ଏକ "ବିବରଣୀ" କୁହାଯାଏ, ଏବଂ ତାହା ମୌଖିକ ଭାବରେ କିମ୍ବା ଲିଖିତ ଆକାରେ ପ୍ରଦାନ କରାଯାଏ I

- "ବିବରଣୀ" ଶବ୍ଦକୁ "କହିବା" କିମ୍ବା "ବ୍ୟାଖ୍ୟା କରିବା" କିମ୍ବା "ଏହା ବିଶେଷ ଭାବରେ କହିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "କାହାରିକି ଏହାର ବିବରଣୀ ଦିଅ ନାହିଁ" ଅଭିବ୍ୟକ୍ତିକୁ "ଏହା ବିଷୟରେ କାହା ସହ କଥାବାର୍ତ୍ତା କର ନାହିଁ" କିମ୍ବା "ଏହା ବିଷୟରେ କାହାରିକୁ କିଛି କୁହନାହିଁ" ବୋଲି ଅନୁବାଦ କରାଯାଇପାରେ I
- "ଏକ ବିବରଣୀ" ଶବ୍ଦକୁ ପ୍ରସଙ୍ଗକୁ ଆଧାର କରି "ଏକ ବ୍ୟାଖ୍ୟା" କିମ୍ବା "ଏକ କାହାଣୀ" କିମ୍ବା "ଏକ ବିଶେଷ ବିବରଣୀ" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ପ୍ରେରିତ ୫:୨୨-୨୩
- ଯୋହନ ୧୨:୩୮
- ଲୂକ ୫:୧୫
- ଲୂକ ୮:୩୪-୩୫
- ମାଥିଉ ୨୮:୧୫

ଶବ୍ଦବିନ୍ୟାସ:

- Strong's: H1681, H1696, H1697, H5046, H7725, H8034, H8052, H8085, H8088, H8089, G01890, G01910, G03120, G05180, G09870, G12250, G13100, G18340, G20360, G21630, G30040, G30560, G31400, G33770

ବିବାଦ/ସଙ୍ଘର୍ଷ, ବିରୋଧ, ତର୍କବିତର୍କ, ଝଗଡ଼ା, ଯୁକ୍ତିତର୍କ, କଳହ

ସଂଜ୍ଞା:

"ବିରୋଧ" ଶବ୍ଦ ଲୋକମାନଙ୍କର ମଧ୍ୟରେ ଶାରୀରିକ କିମ୍ବାମାନସିକ ବିରୁଦ୍ଧାଚରଣକୁ ବୁଝାଏ

- ଜଣେ ବ୍ୟକ୍ତି ଯିଏ ବିବାଦ କରେ ଯେ ସେ ଲୋକମାନଙ୍କର ମତ୍ତକୁ ଦୃଢ ଭାବେ ମତାନ୍ତର କରେ କିମ୍ବା ବାଧିଲା ପରି ବ୍ୟବହାର କରେ
- ବେଳେବେଳେ "ବିରୋଧ" ଶବ୍ଦର ବ୍ୟବହାର ଆବେଦନ କରେ ଯେ ଦୃଢମାନସିକତା ହେଉଛି କ୍ରୋଧ କିମ୍ବା ତିକ୍ତତା
- ଗୋଟିଏ ପକ୍ଷେ ଏହି ଶବ୍ଦର ଅନୁବାଦ ଲଗାଇ "ମତାନ୍ତର" କିମ୍ବା "ବିବାଦ" କିମ୍ବା "ବିରୋଧ"

ବାଇବଲ ପଦପର୍ବ:

- 1 କରନ୍ଥିୟ 03:3-5
- ହାବାକ୍ କୁକ୍ 01:03
- ଫିଲିପପୀୟ 01:17
- ହିତୋପଦେଶ 17:01
- ଗୀତସଂହିତା 055:8-9
- ରୋମୀୟ 13:13

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H1777, H1779, H4066, H4090, H4683, H4808, H7379, H7701, G485, G2052, G2054, G3055, G3163, G5379

ବିଲୁପ୍ତ କରିବା, ପୋଛିଦେବା

ସଂଜ୍ଞା:

"ବିଲୁପ୍ତ କରିବା" ବା "ପୋଛିଦେବା" ଶବ୍ଦଟି କୌଣସି ବିଷୟକୁ ବା ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ରୂପେ ହଟାଇ ଦେବା ବା ନଷ୍ଟ କରିବାକୁ ପ୍ରକାଶ କରେ ।

- ଏହି ପରିପ୍ରକାଶ ଈଶ୍ୱରଙ୍କ ଆଡୁ ହେଲେ ତାହାର ସକରାତ୍ମକ ଭାବ ଦେଖାଯାଏ ଯେପରିକି ପରମେଶ୍ୱର ଆମର ସମସ୍ତ ପାପ କୁ ବିଲୁପ୍ତ କରନ୍ତି ଏବଂ ତାହା କେବେ ବି ସ୍ମରଣ କରନ୍ତି ନାହିଁ ।
- ବେଳେବେଳେ ଏହାର ନକରାତ୍ମକ ପରିପ୍ରକାଶ ହୁଏ ଯେପରିକି ପରମେଶ୍ୱର ସେମାନଙ୍କ ପାପ ହେତୁ ସମସ୍ତ ଲୋକଙ୍କୁ ବିଲୁପ୍ତ କଲେ ବା ଧ୍ୱଂସ କଲେ ।
- ବାଇବଲ ପରିପ୍ରକାଶ କରେ ଯେ ଜଣେ ବ୍ୟକ୍ତିଙ୍କ ନାମ ଜୀବନ ପୁସ୍ତକରୁ " ବିଲୁପ୍ତ କରିବା" ବା "ହଟାଇ ଦେବା" ଅର୍ଥାତ୍ ସେ ବ୍ୟକ୍ତି ଜଣକ ଅନନ୍ତ ଜୀବନ ପାଇବ ନାହିଁ ।

ଅନୁବାଦ ର ପ୍ରସ୍ତାବ

- ପ୍ରସଙ୍ଗ ଅନୁଯାୟୀ ଏହାକୁ "ପଛରେ ପକାଇ ଦେବା" ବା "ବାହାର କରିଦେବା" ବା "ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା" ବା "ସମ୍ପୂର୍ଣ୍ଣ ରୂପେ ହଟାଇ ଦେବା" ବୋଲି ଅନୁବାଦ କରାଯାଇପାରେ ।
- ଜୀବନ ପୁସ୍ତକରୁ କୌଣସି ବ୍ୟକ୍ତିଙ୍କ ନାମ ହଟାଇ ଦେବା ବିଷୟକୁ "ବାହାର କରିଦେବା" ବା "ଲିଭାଇ ଦେବା" ବୋଲି ଅନୁବାଦ କରାଯାଇପାରେ ।

ବାଇବଲ ସମ୍ବନ୍ଧ ଉଲ୍ଲେଖ

- ଦ୍ୱିତୀୟ ବିବରଣୀ 29:20-21
- ଗଣନା 32:30-32
- ଆଦି 07:23-24
- ଗୀତସଂହିତା 051:1-2

ବୋର୍ଡ ଡାଟା :

- Strong's: H3971, H4229, G631, G1591, G1813

ବିଶ୍ରାମ, ବିଶ୍ରାମ କଲେ, ଅଶାନ୍ତ

ପରିଭାଷା:

"ବିଶ୍ରାମ" ଶବ୍ଦର ସାଧାରଣ ସାମର୍ଥ୍ୟକୁ ପୁଣି ଫେରିପାଇବାକୁ କାର୍ଯ୍ୟରୁ ବିଶ୍ରାମ ନେବାକୁ ବୁଝାଏ I କିନ୍ତୁ ଏହି ଶବ୍ଦ ଭିନ୍ନ ଭିନ୍ନ ପ୍ରକାର ବିଶ୍ରାମକୁ ସୂଚାଇ ପାରେ I ଯେପରିକି ଯୁଦ୍ଧରୁ ବିଶ୍ରାମ ନେବା, କହିବାରୁ ବିଶ୍ରାମ ନେବା କିମ୍ବା କୌଣସି କାର୍ଯ୍ୟରୁ ବିଶ୍ରାମ ନେବା ଇତ୍ୟାଦିକୁ I

- ଗୋଟିଏ ବସ୍ତୁକୁ ମଧ୍ୟ କେତେକ କ୍ଷେତ୍ରରେ "ବିଶ୍ରାମ କରେ" ବୋଲି ଉଲ୍ଲେଖ କରାଯାଏ, ଯାହାର ଅର୍ଥ ସେଠାରେ "ଠିଆ ହେବା" କିମ୍ବା "ବସିଅଛି" ଅଟେ I
- କୌଣସି ବିଷୟ "ବିଶ୍ରାମ କରିବାକୁ ଆସେ" ଅର୍ଥାତ୍ ସେଠାରେ "ଅଟକି ଯାଇଅଛି" ଅଟେ I
- ଯେବେ ଏକ ବ୍ୟକ୍ତି ବା ପଶୁ ବିଶ୍ରାମ କରେ, ସେମାନେ ନିଜକୁ ସତେଜ କରିବା ନିମନ୍ତେ ବସିଥାଆନ୍ତି କିମ୍ବା ଶୟନ କରନ୍ତି I
- ଈଶ୍ୱର ଇସ୍ରାଏଲୀୟମାନଙ୍କୁ ସପ୍ତାହର ସପ୍ତମ ଦିନରେ ବିଶ୍ରାମ କରିବା ନିମନ୍ତେ ଆଜ୍ଞା ଦେଲେ I ଏହି ଦିନ କାର୍ଯ୍ୟ ନକରିବାକୁ "ବିଶ୍ରାମବାର" କୁହାଗଲା I
- କୌଣସି ବସ୍ତୁକୁ ଏକ ସ୍ଥାନରେ ରଖିବା ଅର୍ଥ "ସ୍ଥାନିତ କରିବା" ବା ସେଠାରେ "ରଖିବା" ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ବିଶ୍ରାମ କରିବା" ବାକ୍ୟକୁ "କାର୍ଯ୍ୟ ବନ୍ଦ କରିବା" କିମ୍ବା "ନିଜକୁ ସତେଜ କରିବା" କିମ୍ବା "ଭାର ବହନ କରିବା ବନ୍ଦ କରିବା" ବୋଲି ଅନୁବାଦ କରାଯାଇପାରେ I
- ଏକ ବସ୍ତୁରେ "ବିଶ୍ରାମ କରିବା" ବକ୍ୟାଂଶକୁ ସେହି ବସ୍ତୁକୁ କୌଣସି ବସ୍ତୁ ଉପରେ "ସ୍ଥାନିତ କରିବା" ବା "ଥୋଇବା" ବା "ସଜାଇ ସ୍ଥିର କରିବା' ବୋଲି ଅନୁବାଦ କରାଯାଇପାରେ I
- ଯେବେ ଯୀଶୁ କହିଲେ, "ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି," ଏହି ବକ୍ୟାଂଶକୁ "ମୁଁ ତୁମ୍ଭମାନଙ୍କୁ ତୁମ୍ଭର ଭାର ବହନ କରିବା ବନ୍ଦ କରିବା କାର୍ଯ୍ୟ କରିବି" ବା "ମୁଁ ତୁମ୍ଭମାନଙ୍କୁ ଶାନ୍ତିରେ ରହିବା ନିମନ୍ତେ ସାହାଯ୍ୟ କରିବି" ବା "ମୋ ଉପରେ ବିଶ୍ୱାସ କରିବାକୁ ତୁମ୍ଭମାନଙ୍କୁ ମୁଁ ସାହାଯ୍ୟ କରିବି" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- ଈଶ୍ୱର କହିଲେ, "ସେମାନେ ଆମ୍ଭର ବିଶ୍ରାମରେ ପ୍ରବେଶ କରିବେ ନାହିଁ," ଏବଂ ଏହି ଉକ୍ତିକୁ "ସେମାନେ ମୋହର ବିଶ୍ରାମ ରୂପକ ଆଶୀର୍ବାଦର ଅନୁଭୁତି ଲାଭ କରିବେ ନାହିଁ", ବୋଲି ଅନୁବାଦ କରାଯାଇପାରେ I
- "ଅବଶିଷ୍ଟ" ଶବ୍ଦକୁ "ଯାହା ବଳେ" ବା "ଅନ୍ୟ ସମସ୍ତ ଲୋକମାନେ" ବା "ବଳକା ରହିଥବା ପ୍ରତ୍ୟେକ ବିଷୟ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଅବଶିଷ୍ଟାଂଶ, ବିଶ୍ରାମବାର)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବଂଶାବଳୀ ୬:୪୧
- ଆଦିପୁସ୍ତକ ୨: ୩
- ଯିରିମୀୟ ୬:୧୬-୧୯
- ମାଥିଉ ୧୧:୨୯
- ପ୍ରକାଶିତବାକ୍ୟ ୧୪:୧୧

ଶବ୍ଦବିନ୍ୟାସ :

- Strong's: H0014, H1824, H1826, H2308, H3498, H3499, H4494, H4496, H4771, H5117, H5118, H5183, H5564, H6314, H7258, H7280, H7599, H7604, H7605, H7606, H7611, H7673, H7677, H7901, H7931, H7954, H8058, H8172, H8252, H8300, G03720, G03730, G04250, G15150, G18790, G19540, G19810, G22700, G26630, G26640, G26810, G28380, G30620, G45200

ବିଶ୍ୱାସଘାତ କରିବା, ବିଶ୍ୱାସଘାତକାରୀ

ପରିଭାଷା:

"ବିଶ୍ୱାସଘାତ କରିବା" ଶବ୍ଦଟି ଏପରି ଏକ ଶବ୍ଦ ଯାହାକି ଜଣକୁ ଠକିବା କିମ୍ବା କ୍ଷତି ପହଞ୍ଚାଇବାକୁ ବୁଝାଏ । "ବିଶ୍ୱାସଘାତି" ବ୍ୟକ୍ତି ହେଉଛି ଏପରି ଏକ ବ୍ୟକ୍ତି ଯିଏକି ନିଜର ବିଶ୍ୱାସ ଯୋଗ୍ୟ ସାଙ୍ଗକୁ ବିଶ୍ୱାସଘାତ କରେ ।

ଯିହୂଦା ଜଣେ "ବିଶ୍ୱାସଘାତି" ଥିଲା କାରଣ ସେ ଯିହୁଦୀୟ ନେତାମାନଙ୍କୁ ଯୀଶୁଙ୍କୁ ଧରାଇବାରେ ସାହାଯ୍ୟ କରିଥିଲା ।

ଯିହୂଦାର ବିଶ୍ୱାସଘାତ ଗୋଟିଏ ମନ୍ଦ ଉଦ୍ଦ୍ୟେଶ ଥିଲା କାରଣ ସେ ଜଣେ ଯୀଶୁଙ୍କର ପ୍ରେରିତ ଥିଲା ଏବଂ କିଛି ପଇସା ପାଇଁ ସେ ଯିହୁଦୀୟ ନେତାମାନଙ୍କୁ ଯୀଶୁଙ୍କ ବିଷୟରେ ସମ୍ବାଦ ଦେଇଥିଲା ଯାହାକି ଯୀଶୁଙ୍କ ଅନ୍ୟାୟ ଭାବେ ମୃତ୍ୟୁଦଣ୍ଡକୁ ଆଣିଥିଲା ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

ପ୍ରସଙ୍ଗକୁ ଅଧାର କରି "ବିଶ୍ୱାସଘାତ କରିବା" ଶବ୍ଦକୁ କ୍ଷତିକରିବା କିମ୍ବା ଶତ୍ରୁ ଆଡ଼କୁ ଢ଼ଳିଯିବା କିମ୍ବା ଶତ୍ରୁ ପରି ଆଚରଣ କରିବା ବୋଲି ଅନୁବାଦ କରାଯାଇପାରେ । "ବିଶ୍ୱାସଘାତି" ଶବ୍ଦକୁ "ଜଣେ ବ୍ୟକ୍ତି ଯିଏ ଠକେ କିମ୍ବା ପ୍ରତାରଣା କରେ" ବୋଲି ଅନୁବାଦ କରାଯାଇପାରେ । (ଦେଖନ୍ତୁ: ଇଷ୍କାରିୟୋତୀୟ ଯିହୂଦା , ଯିହୁଦୀ ନେତାଗଣ, ପ୍ରେରିତ)

ବାଇବେଲ ପଦପର୍ବ:

ପ୍ରେରିତ ୭:୫୨ ଯୋହନ ୬:୬୪ ଯୋହନ ୧୩:୨୨ ମାଥିଉ ୧୦:୪ ମାଥିଉ ୨୬:୨୨

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

୨୧:୧୧ ଅନ୍ୟ ଭବିଷ୍ୟତ୍‌ବକ୍ତା ପୂର୍ବରୁ କହିଯାଇଥିଲେ ଯେ ମସୀହଙ୍କୁ ମାରି ଦିଆଯିବ ଏବଂ ତାଙ୍କ ପୋଷାକକୁ ଗୁଲିବାଣ୍ଟ ଦ୍ୱାରା ନିଆଯିବ ଏବଂ ତାଙ୍କ ଜଣେ ବନ୍ଧୁ ତାହାଙ୍କୁ ବିଶ୍ୱାସଘାତ କରିବେ । ଜିଖରୀୟ ଭବିଷ୍ୟତ୍‌ବକ୍ତା କହିଥିଲେ ଯେ ତାଙ୍କ ସାଙ୍ଗ ତିରିଶ ଗୋଟି ରୌପ୍ୟ ମୁଦ୍ରା ପାଇଁ ମସୀହଙ୍କୁ ପ୍ରତାରଣା କରିବେ । ୩୮:୨ ଯୀଶୁ ଏବଂ ତାଙ୍କର ଶିଷ୍ୟମାନେ ଯିରୂଶାଲମକୁ ଆସିଲା ପରେ, ଯିହୂଦା ଯିହୁଦୀୟ ନେତାମାନଙ୍କ ପାଖକୁ ଯାଇ କିଛି ପଇସା ପାଇଁ ଯୀଶୁଙ୍କୁ ବିଶ୍ୱାସଘାତ କଲା । ୩୮:୩ ଜଣେ ମହାଯାଜକ ଦ୍ୱାରା ଯିହୁଦୀୟ ନେତାମାନେ ଯିହୂଦା ଙ୍କୁ ତିରିଶ ଗୋଟି ରୌପ୍ୟ ମୁଦ୍ରା ଦେଇ ଯୀଶୁଙ୍କୁ ବିଶ୍ୱାସଘାତ କରାଇଲେ ।

୩୮:୬ ତତ୍‌ପରେ ଯୀଶୁ ଶିଷ୍ୟମାନଙ୍କୁ କହିଲେ ଯେ ତୁମ୍ଭମାନଙ୍କ ମଧ୍ୟରୁ ଜଣେ ମୋତେ ବିଶ୍ୱାସଘାତ କରିବ । ଯୀଶୁ କହିଲେ ଯେଉଁ ବ୍ୟକ୍ତିଙ୍କୁ ମୁଁ ରୁଟି ଦେଉଅଛି ସେ ବିଶ୍ୱାସଘାତି ଅଟେ । ୩୮:୧୩ ସେ ଯେତେବେଳେ ତୃତୀୟ ଥର ଫେରିଲେ, ଯୀଶୁ କହିଲେ "ଉଠ!" ମୋର ପ୍ରବଞ୍ଚନାକାରୀ ଏଠାରେ"।

୩୮:୧୪ ତତ୍ପରେ ଯୀଶୁ କହିଲେ, ଯିହୂଦା ତୁମ୍ଭେ ମୋତେ ତୁମ୍ବନ ଦ୍ୱାରା ବିଶ୍ୱାସଘାତ କରିବ କି? "

୩୯:୮ ସେହି ସମୟରେ ବିଶ୍ୱାସଘାତି ଯିହୂଦା ଦେଖିଲା ଯେ ଯିହୁଦୀ ନେତାମାନେ ଯୀଶୁଙ୍କୁ ହତ୍ୟା କରିବାକୁ ନେଉଛନ୍ତି । ସେ ଦୁଃଖରେ ପରିପୂର୍ଣ୍ଣ ହୋଇ, ଯାଇ ନିଜକୁ ହତ୍ୟା କଲା।

ଶବ୍ଦବିନ୍ୟାସ :

Strong's: H7411, G38600, G42730

ବିସ୍ତାର, ବିସ୍ତାରଣ, ବିଛାଡ଼ି ଦେବା, ବଣ୍ଟନ କରିବା

ପରିଭାଷା:

"ବିସ୍ତାର" ଏବଂ "ବିସ୍ତାରଣ" ଶବ୍ଦଗୁଡ଼ିକ ଲୋକମାନଙ୍କର ବିକ୍ଷିପ୍ତ ବା ବହୁ ଦିଗରେ ବିଷୟଗୁଡ଼ିକ ରହିବା ବିଷୟକୁ ସୂଚାଏ ।

- ପୁରାତନ ନିୟମରେ, ଈଶ୍ୱର "ବିକ୍ଷିପ୍ତ" ଲୋକମାନଙ୍କ ବିଷୟରେ କହନ୍ତି, ପରସ୍ପରଠାରୁ ବିଭିନ୍ନ ସ୍ଥଳରେ ବାସ କରିବା ଏବଂ କାରଣରୁ ସେମାନେ ଅଲଗା ହୋଇ ରହିବା । ସେ ସେମାନଙ୍କର ପାପ ନିମନ୍ତେ ସେମାନଙ୍କୁ ଦଣ୍ଡ ଦେବାକୁ ଏହି ପ୍ରକାରେ କଲେ । ବୋଧହୁଏ ବିକ୍ଷିପ୍ତ ହେଲେ ସେମାନେ ଅନୁତାପ କରିବାରେ ସାହାଯ୍ୟ କରିବ ଏବଂ ସେମାନେ ପୁନର୍ବାର ଈଶ୍ୱରଙ୍କୁ ଆରାଧନା ଆରମ୍ଭ କରିବେ ।
- ନୂତନ ନିୟମରେ "ବିଚ୍ଛେଦ" ଶବ୍ଦ ଖ୍ରୀଷ୍ଟିଆନମାନଙ୍କୁ ସୂଚାଇବା ପାଇଁ ବ୍ୟବହୃତ ହୋଇଛି, ଯେଉଁମାନେ ନିର୍ଯ୍ୟାତାରୁ ରକ୍ଷା ପାଇବା ପାଇଁ ନିଜ ଘର ଛାଡି ଅନେକ ସ୍ଥାନକୁ ଚାଲିଯାଇଥିଲେ ।
- "ବିସ୍ତାରଣ" ବାକ୍ୟାଂଶଟି "ବିଭିନ୍ନ ସ୍ଥାନରେ ବିଶ୍ୱାସୀମାନେ" ବା "ଲୋକମାନେ ଯେଉଁମାନେ ବିଭିନ୍ନ ଦେଶରେ ବାସ କରିବାକୁ ସ୍ଥାନାନ୍ତରିତ ହେଲେ" ବୋଲି ଅନୁବାଦ କରାଯାଇପାରିବ ।
- "ବିସ୍ତାର" ଶବ୍ଦଟି "ବିଭିନ୍ନ ସ୍ଥାନରେ ପଠାଗଲେ" ବା "ବିଦେଶରେ ବିକ୍ଷିପ୍ତ ହେବା" ବା "ବିଭିନ୍ନ ଦେଶଗୁଡ଼ିକରେ ବାସ କରିବାକୁ ସ୍ଥାନାନ୍ତରିତର କାରଣ" ବୋଲି ଅନୁବାଦ କରାଯାଇପାରିବ ।

(ବିଶ୍ୱାସ, ନିର୍ଯ୍ୟାତନା, ବନ୍ଦୀ, ନିର୍ବାସ: ଦେଖନ୍ତୁ)

ବାଇବେଲ ଉଲ୍ଲେଖଗୁଡ଼ିକ:

- ପ୍ରଥମ ପିତର 1: 1
- ଯିହିଜିକଲ 12: 15
- ଯିହିଜିକଲ 30: 23
- ଗୀତସଂହିତା 18:14

ଶବ୍ଦବିନ୍ୟାସ :

- Strong's: H2219, H5310, H6327, H6340, H6504, H8600, G12870, G12900, G46500

ବିସ୍ମୟ, ଅଦ୍ଭୁତ

ସଂଜ୍ଞା:

ବିସ୍ମୟ ଶବ୍ଦ ଏହାକୁ ସୂଚାଏ ଯାହାକି କୌଣସି ଉତ୍ତମ,ଶକ୍ତିଶାଳୀ,ସୁନ୍ଦର ବିଷୟ ଦେଖିଲା ପରେ ମନରେ ଆନନ୍ଦ ଏବଂ ଗଭୀର ସମ୍ମାନ ଆସେ ।

- "ଭୟ ମିଶ୍ରିତ ଆନନ୍ଦ" ବର୍ଣ୍ଣନା କରେ ଯେ କୌଣସି ବ୍ୟକ୍ତି କିମ୍ବା ବିଷୟ ଉଚ୍ଚର ଅନୁଭୂତିକୁ ଉତ୍ସାହିତ କରେ ।
- ପରମେଶ୍ୱରଙ୍କ ଦର୍ଶନ ଯିହିଯିକଲ ଙ୍କ ପ୍ରତି "ଭୟ ମିଶ୍ରିତ ଆନନ୍ଦ" ଓ ଭୟ ଉତ୍ସାହ କାରୀଥିଲା ।
- ସାଧାରଣ ମନୁଷ୍ୟ ପରମେଶ୍ୱର ଙ୍କ ଉପସ୍ଥିତିରେ ଭୟ କରିବା: ଭୟ, ଆଣ୍ଠୁ ମାଡ଼ିବା, ମୁଖ ଆଚ୍ଛାଦନ ଏବଂ ଥରିବା ।

(ଦେଖନ୍ତୁ: ଭୟ, ଗୌରବ)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- 1 ବଂଶାବଳି 17:19-21
- ଆଦିପୁସ୍ତକ 28:16-17
- ଏବ୍ରୀ 12:27-29
- ଗୀତସଂହିତା 022:22-23
- ଗୀତସଂହିତା 147:4-5

ବୋର୍ଡ ଡାଟା :

- Strong's: H366, H1481, H3372, H6206, H7227, G2124

ବୀଜ, ବୀର୍ଯ୍ୟ

ପରିଭାଷା:

ଗୋଟିଏ ବୀଜ ଶସ୍ୟର ଅଂଶ ବିଶେଷ ଅଟେ ଯାହାକୁ ଭୂମିରେ ରୋପଣ କରାଯାଏ ଯେପରି ସ୍ୱଜାତି ଅନୁସାରେ ଉତ୍ପାଦନ କରିବ ଏହାର ଅନେକ ଆଳଙ୍କାରିକ ଅର୍ଥ ଅଛି ।

- "ବୀଜ" ଶବ୍ଦକୁ ଆଳଙ୍କାରିକ ଭାବରେ ମନୁଷ୍ୟ ମଧ୍ୟରେ ଥିବା ଛୋଟ କୋଷ ଯାହା ମହିଳା କୋଷରେ ମିଶି ଶିଶୁକୁ ଉତ୍ପନ୍ନ କରେ ଏହାକୁ ବୀର୍ଯ୍ୟ କୁହାଯାଏ ।
- ଏହି ସମ୍ପର୍କିତ, "ବୀଜ" ଶବ୍ଦ ଜଣେ ବ୍ୟକ୍ତିଙ୍କର ସନ୍ତାନ ସନ୍ତତିକୁ ଦର୍ଶାଇବା ନିମନ୍ତେ ମଧ୍ୟ ବ୍ୟବହାର ହୁଏ ।
- ଏହି ଶବ୍ଦ ପ୍ରାୟତଃ ବହୁବଚନ ଅଟେ ଏବଂ ଏହା ଏକାଧିକ ଶସ୍ୟ କିମ୍ବା ଏକାଧିକ ବଂଶକୁ ବୁଝାଏ ।
- ବୀଜ ବୁଣାଳି ଦୃଷ୍ଟାନ୍ତରେ, ଯୀଶୁ ତାଙ୍କର ବୀଜକୁ ଈଶ୍ୱରଙ୍କ ବାକ୍ୟ ସହ ତୁଳନା କରନ୍ତି, ଯାହା ଲୋକମାନଙ୍କ ହୃଦୟରେ ବୁଣା ଯାଇଅଛି, ଯେପରି ଏହା ଉତ୍ତମ ଆତ୍ମିକ ଫଳ ଉତ୍ପନ୍ନ କରିବ ।
- ପ୍ରେରିତ ପାଉଲ ମଧ୍ୟ "ବୀଜ" ଶବ୍ଦକୁ ଈଶ୍ୱରଙ୍କ ବାକ୍ୟ ନିମନ୍ତେ ବ୍ୟବହାର କରନ୍ତି ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏକ ଆକ୍ଷରିକ ବୀଜ ପାଇଁ ସ୍ଥାନୀୟ ଭାଷାରେ କୃଷକମାନେ ବ୍ୟବହାର କରିଥିବା "ବୀଜ" ଶବ୍ଦ ବ୍ୟବହାର କରନ୍ତୁ ।
- ଯେବେ ଏହା ଆଳଙ୍କାରିକ ଭାବେ ଈଶ୍ୱରଙ୍କ ବାକ୍ୟକୁ ବୁଝାଏ ତେବେ ଏହାକୁ ପ୍ରସଙ୍ଗକୁ ଆଧାର କରି ଆକ୍ଷରିକ ଶବ୍ଦରେ ଅନୁବାଦ କରାଯିବ ଉଚିତ ।
- ଗୋଟିଏ ବଂଶର ଲୋକମାନଙ୍କୁ ବୁଝାଇବା ନିମନ୍ତେ "ବୀଜ" ଶବ୍ଦ ବଦଳରେ "ବଂଶ" କିମ୍ବା "ବଂଶଧର" ଶବ୍ଦ ବ୍ୟବହାର କରିବା ଅଧିକ ସ୍ପଷ୍ଟ ହୋଇପାରେ । କେତେକ ଭାଷାରେ "ସନ୍ତାନ ଏବଂ ନାତି ବା ନାତୁଣୀ" ବିଶେଷ ଶବ୍ଦ ଥାଇପାରେ ।
- ପୁରୁଷ କିମ୍ବା ମହିଳାର "ବୀଜ" ଶବକୁ ସ୍ଥାନୀୟ ଭାଷାରେ ଗ୍ରହଣୀୟ ଭାବରେ ଅନୁବାଦ କରନ୍ତୁ । (ଦେଖନ୍ତୁ: euphemism)

(ଦେଖନ୍ତୁ: ଉତ୍ତରାଧିକାରୀ, ସନ୍ତାନ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୧୮:୩୨
- ଆଦିପୁସ୍ତକ ୧:୧୧
- ଯିରିମୀୟ ୨:୨୧
- ମାଥିଉ ୧୩:୮

ଶବ୍ଦବିନ୍ୟାସ:

- Strong's: H2232, H2233, H3610, H6507, G46150, G46870, G46900, G47010, G47030

ବୁଝିବା, ବୁଝନ୍ତି, ଭାବିବା

ପରିଭାଷା:

"ବୁଝିବା" ଶବ୍ଦର ଅର୍ଥ ସୂଚନା ଶୁଣିବା ଏବଂ ଗ୍ରହଣ କରିବା ଏବଂ ଏହାର ଅର୍ଥ କ'ଣ ଜାଣିବା ଅଟେ I

- "ବୁଝାବଣା" ଶବ୍ଦ "ଜ୍ଞାନ" କିମ୍ବା "ବୁଦ୍ଧି" କିମ୍ବା "କେଉଁ କାମ କେମିତି କରିବାର ଅନୁଭବକୁ ଦର୍ଶାଏ I
- କାହାକୁ ବୁଝିବାର ଅର୍ଥ ସେହି ବ୍ୟକ୍ତି କ'ଣ ଅନୁଭବ କରୁଛି ଜାଣିବା ଅଟେ I
- ଯେତେବେଳେ ଇମ୍ମାୟୁ ପଥରେ ଯାଉଥିଲେ ଯୀଶୁ ଶିଷ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ଧର୍ମ ଶାସ୍ତ୍ରରେ କ'ଣ ଉଲ୍ଲେଖ ଅଛି ତାହା ବୁଝାଉଥିଲେ I
- ପ୍ରସଙ୍ଗ ଉପରେ ଆଧାର କରି , "ବୁଝାବଣା" ଶବ୍ଦକୁ "ଜାଣିବା" କିମ୍ବା "ବିଶ୍ୱାସ କରିବା" କିମ୍ବା "ଭଲରେ ବୁଝିବା" କିମ୍ବା "ଏହାର ଅର୍ଥ କ'ଣ ଜାଣିବା" ବୋଲି ଅନୁବାଦ କରାଯାଇପାରେ I
- ଅନେକ ସମୟରେ "ବୁଝାବଣା" ଶବ୍ଦକୁ "ଜ୍ଞାନ" କିମ୍ବା "ବୁଦ୍ଧି" କିମ୍ବା "ଅନ୍ତର୍ଦୃଷ୍ଟି" ବୋଲି ଅନୁବାଦ କରାଯାଇପାରେ I

(ବିଶ୍ୱାସ, ଜାଣିବା, ପଣ୍ଡିତ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆୟୁବ 34:16-17
- ଲୂକ 2:47
- ଲୂକ 8:10
- ମାଥିଉ 13:12
- ମାଥିଉ 13:14
- ହିତୋପଦେଶ 3:5

ଶବ୍ଦବିନ୍ୟାସ :

- Strong's: H0995, H0998, H0999, H1847, H2940, H3045, H3820, H3824, H4486, H7200, H7919, H7922, H7924, H8085, H8394, G00500, G01450, G01910, G08010, G10970, G11080, G12710, G19210, G19220, G19870, G19900, G26570, G35390, G35630, G49070, G49080, G49200, G54240, G54280, G54290

ବୁଦ୍ଧିମାନ ଲୋକମାନେ

ତଥ୍ୟ:

ବାଇବଲରେ, ବାକ୍ୟାଂଶ "ବୁଦ୍ଧିମାନ ବ୍ୟକ୍ତି" ଅଧିକାଂଶ ସମୟରେ ସେହି ବ୍ୟକ୍ତି କୁ ଦର୍ଶାଏ ଯେ ପରମେଶ୍ୱରଙ୍କର ସେବା କରନ୍ତି ଓ ବୁଦ୍ଧିମାନର ସହିତ ବ୍ୟବହାର କରନ୍ତି ଓ ମୁର୍ଖାମୀ ର ସହିତ ନୁହଁ I ଏହା ଏକ ବିଶେଷ ଶବ୍ଦ ଅଟେ ଯାହା ଯେଉଁ ବ୍ୟକ୍ତିମାନଙ୍କର ଅସାଧାରଣ ବୁଦ୍ଧି ଓ ଦକ୍ଷତା ଅଛି ଓ ଯେଉଁମାନେ ରାଜ ପ୍ରସାଦରେ ସେବା କରନ୍ତି ତାହାଙ୍କୁ ଦର୍ଶାଏ I

- ଅନେକ ସମୟରେ "ବୁଦ୍ଧିମାନ ବ୍ୟକ୍ତି" ଅନୁଚ୍ଛେଦରେ ଏକ "ପ୍ରବୀଣ ବ୍ୟକ୍ତି "କିଅବା "ଯେଉଁ ମଣିଷ ର ବୁଝାମଣାଅଧିକ ଅଛି ତାହାକୁ ଦର୍ଶାଏ I
- ଏହା ସେହି ବ୍ୟକ୍ତିମାନଙ୍କୁ ଦର୍ଶାଏ ଯେଉଁମାନେ ବୁଦ୍ଧିମାନର ସହିତ ଓ ଧାର୍ମିକତା ର ସହିତ କାମ କରନ୍ତି କାରଣ ସେମାନେ ପରମେଶ୍ୱରଙ୍କର ଆଜ୍ଞାକାରୀ ଅଟନ୍ତି I
- "ବୁଦ୍ଧିମାନ ବ୍ୟକ୍ତିମାନେ" ଯେଉଁମାନେ ଫାର ଓ ଅନ୍ୟ ରାଜାମାନଙ୍କର ସେବା କରୁଥିଲେ ସେହିମାନେ ବିଜ୍ଞଥିଲେ, ଓ ସେମାନେ ତାରକା ର ଅଧ୍ୟୟନ କରୁଥିଲେ, ବିଶେଷ କରି ତାରକାର ଆକାଶରେ ଗତିବିଧି ଦେଖି ଏକ ବିଶେଷ ଅର୍ଥ ଖୋଜୁଥିଲେI
- ଅଧିକାଂଶ ସମୟରେ ବୁଦ୍ଧିମାନ ବ୍ୟକ୍ତିମାନେ ସ୍ୱପ୍ନ ର ଅର୍ଥ କହିବେ ବୋଲେ ଅପେକ୍ଷା କରାଯାଉଥିଲା I

ଉଦାହରଣ, ସ୍ୱରୂପେ, ରାଜା ନବୁକଦ୍‌ନେସର୍ ଏହା ଚାହିଁଲେ କି ତାହାର ବୁଦ୍ଧିମାନ ବ୍ୟକ୍ତିମାନେ ତାହାର ସ୍ୱପ୍ନ କୁହନ୍ତୁ ଓ ତାହାର ଅର୍ଥ ମଧ୍ୟ କୁହନ୍ତୁ କିନ୍ତୁ ଦାନିଏଲ କୁ ଛାଡ଼ି ଆଉ କେହି ଏହି ପରି କରି ପାରିଲେ ନାହିଁ କାରଣ ସେ ପରମେଶ୍ୱର ଙ୍କଠାରୁ ଜ୍ଞାନ ପ୍ରାପ୍ତ ହୋଇଥିଲେ I

- କେତେକ ସମୟରେ ବୁଦ୍ଧିମାନ ଲୋକମାନେ ଆଶ୍ଚର୍ଯ୍ୟ କର୍ମ ଓ ତନ୍ତ୍ର ମନ୍ତ୍ର କରି ଯାଦୁ ବିଦ୍ୟା କରନ୍ତି ଓ ଏହି ସବୁ ମନ୍ଦ ଆତ୍ମା ର ଶକ୍ତିରେ ଏହି ସବୁ କରନ୍ତି I
- ନୂତନ ନୀୟମ ସମୟରେ, ପୂର୍ବ ଦେଶରୁ ଏକ "ବୁଦ୍ଧିଜୀବୀ" ସମୂହ ଯୀଶୁଙ୍କର ଆରାଧନା କରିବାକୁ ଆସିଲେ, ଯାହାକୁ ଅଧିକାଂଶ ସମୟରେ ଅନୁବାଦ କଲେ "ବୁଦ୍ଧିମାନ ବ୍ୟକ୍ତି" ହୋଇ ଥାଏ I ହୋଇପାରେ ପୂର୍ବ ଦେଶରେ ଏହି ବିଜ୍ଞମାନେ ଶାସକ ରୂପରେ ଶାସନ କରୁଥିଲେ I
- ଏହା ହୋଇପାରେ କି ଏହି ଲୋକମାନେ "ଯ୍ୟୋତିଷୀ "ହୋଇ ପାରନ୍ତି ଯେ ତାରକା ଅଧ୍ୟୟନ କରନ୍ତି I

କେତେକ ଲୋକମାନେ ଏହା କହନ୍ତି କି ଡାନିଏଲ୍ ଯେଉଁ ଲୋକଙ୍କୁ ବାବିଲନରେ ଶିକ୍ଷା ଦେଇଥିଲେ ସେହିମାନଙ୍କର ବଂଶଧର ହୋଇ ଥାଇ ପାରନ୍ତି I

- ପୃଷ୍ଠଭୂମି ଉପରେ ନିର୍ଭର କରି, "ବୁଦ୍ଧିମାନ ବ୍ୟକ୍ତି " ଶବ୍ଦ କୁ ଅନୁବାଦ କରି "ବୁଦ୍ଧିମାନ" ବ୍ୟବହାର କଲେ ବାକ୍ୟାଂଶ ଯେପରିକି "ଦକ୍ଷ ବ୍ୟକ୍ତି" କିଅବା "ଶିକ୍ଷିତ ବ୍ୟକ୍ତି" ଓ ଅନ୍ୟ ଶବ୍ଦ ସବୁ ଯାହା ଯେଉଁମାନେ ରାଜ ଦରବାରରେ ଏକ ଉତ୍ତମ ସେବାରେ ନିବୃତ ଅଛନ୍ତି, ତାହାଙ୍କୁ ଦର୍ଶାଏ I
- ଯେତେବେଳେ "ବୁଦ୍ଧିମାନ ବ୍ୟକ୍ତି" ଏକ ବିଶେଷ ବାକ୍ୟାଂଶ ହୁଏ, ବୁଦ୍ଧିମାନ ଶବ୍ଦ ଏହି ପରି ହୀ ଅନୁବାଦ କରାଯାଇପାରେ ଯେପରି ବାଇବଲର ଅଲଗା ଭାଗରେ କରାଯାଇଅଛି I

(ଆହୁରି ଦେଖନ୍ତୁ: ବବିଳନ, ଦାନିଏଲ, ତନ୍ତ୍ର, ଯାଦୁ, ନବୁକଦ୍‌ନେସର, ଶାସକ, ବୁଦ୍ଧିମାନ)

ବାଇବଲ ପଦପର୍ବ:

- ୧ ବଂଶାବଳି ୨୭:୩୨-୩୪
- ଦାନିଏଲ ୦୨:୧-୨
- ଦାନିଏଲ ୦୨:୧୦-୧୧

ବୋର୍ଡ ଡାଟା :

- Strong's: H2445, H2450, H3778, H3779, G4680

ବୃଥା ଗପ, ବୃଥା ଗପମାନ, ବ୍ୟର୍ଥ କଥା

ପରିଭାଷା

"ବୃଥା ଗପ "ଶବ୍ଦ ଲୋକଙ୍କୁ କାହାର ବ୍ୟକ୍ତିଗତ ଜୀବନ ବିଷୟରେ, ସାଧାରଣତଃ ନକାରାତ୍ମକ ଏବଂ ଅଫଳପ୍ରଦ ରୀତିରେ କହିବାକୁ ଦର୍ଶାଇଥାଏ I ଅନେକ ସମୟରେ ଯାହା କଥାବାର୍ତ୍ତା ହୁଏ ତାହା ବାସ୍ତବରେ ଘଟି ନଥାଏ I

- ବାଇବେଲ କହେ ଯେ ଲୋକମାନଙ୍କ ବିଷୟରେ ନକାରାତ୍ମକ ସୂଚନା ବ୍ୟାପ୍ତ କରିବା ଭୁଲ ଅଟେ I ବୃଥା ଗପ ଏବଂ ଅପବାଦ ଏହିପରି ନକାରାତ୍ମକ ବିଷୟର ଉଦାହରଣ ଅଟେ I
- ବୃଥା ଗପ ଯାହା ବିଷୟରେ କରାଯାଉ ଅଛି ତାହା ନିମନ୍ତେ ହାନିକାରକ ଅଟେ କାରଣ ଅନେକ ସମୟରେ ଏହା ଅନ୍ୟ ଲୋକ ସହିତ ସହଭାଗିତାରେ ଆଘାତ ପହଞ୍ଚାଇଥାଏ I

(ଅପବାଦ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ତିମଥି 05:11-13
- ଦ୍ୱିତୀୟ କରିନ୍ଥୀୟ 12:20-21
- ଲେବୀୟ ପୁସ୍ତକ 19:15-16
- ହିତୋପଦେଶ 16:28
- ରୋମୀୟ 1:29-31

ଶବ୍ଦବିନ୍ୟାସ :

- Strong's: H5372, G26360, G53970

ବୃଥା ବା ଅସାରତା

ପରିଭାଷା:

“ବୃଥା” ଏବଂ " ଅସାରତା" ଶବ୍ଦ ଏପରି କିଛି ବର୍ଣ୍ଣନା କରେ ଯାହା ଅଦରକାରୀ କିମ୍ବା ଅତ୍ୟଧିକ କ୍ଷଣସ୍ଥାୟୀ ଅଟେ।

- ପୁରାତନ ନିୟମରେ, ମୂର୍ତ୍ତିଗୁଡ଼ିକୁ ବେଳେବେଳେ “ବୃଥା“ ମୂଲ୍ୟହୀନ ପଦାର୍ଥ ଏବଂ କିଛି କରିପାରନ୍ତି ନାହିଁ ବୋଲି ବର୍ଣ୍ଣନା କରାଯାଇଅଛି।
- ଯଦି କିଛି “ବୃଥାରେ“ କରାଯାଇଅଛି ଏହାର ଅର୍ଥ ସେଥିରେ ଚେଷ୍ଟା କିମ୍ବା କାର୍ଯ୍ୟ ଯାହା ଉଦ୍ଦେଶ୍ୟମୂଳକ ଭାବରେ ସମ୍ପାଦନ କରାଯାଇ ନାହିଁ। "ବୃଥାରେ" ଖଣ୍ଡବାକ୍ୟ ଅନେକ ଭାବରେ ଅନୁବାଦ କରାଯାଇପାରିବ, "ଫଳ ବିହୀନ;" "ନିଷ୍ଫଳ;" "ଉଦ୍ଦେଶ୍ୟ ବିହୁନେ;" କିମ୍ବା "ଲକ୍ଷ୍ୟ ବିହୀନ।"
- ପ୍ରସଙ୍ଗ ଉପରେ ନିର୍ଭର କରି, "ବୃଥା" ଶବ୍ଦକୁ "ଶୂନ୍ୟ," କିମ୍ବା“ଅଦରକାରୀ,”କିମ୍ବା “ଆଶାହୀନ,” କିମ୍ବା“ମୂଲ୍ୟହୀନ,” କିମ୍ବା “ଅର୍ଥହୀନ,” ଇତ୍ୟାଦି ବୋଲି ଅନୁବାଦ କରାଯାଇପାରେ।

(ମିଥ୍ୟା ଦେବତା, ଉପଯୁକ୍ତ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 15:1-2
- ପ୍ରଥମ ଶାମୁୟେଲ 25:21-22
- ଦ୍ୱିତୀୟ ପିତର 2:18
- ଯିଶାଇୟ 45:19
- ଯିରିମୀୟ 2:29-31
- ମାଥିଉ 15:9

ଶବ୍ଦବିନ୍ୟାସ:

- Strong’s: H1891, H1892, H2600, H7307, H7385, H7387, H7723, H8193, H8267, H8414, G09450, G15000, G27560, G27580, G27610, G31510, G31520, G31530, G31550

ବେଶ୍ୟା, ବେଶ୍ୟାବୃତ୍ତି, ବାରାଙ୍ଗନା

ପରିଭାଷା:

"ବେଶ୍ୟା ଏବଂ ବାରାଙ୍ଗନା" ଶବ୍ଦଗୁଡ଼ିକ ଉଭୟ ଏଭଳି ଜଣେ ବ୍ୟକ୍ତିକୁ ବୁଝାଏ ଯିଏ ଅର୍ଥ ନିମନ୍ତେ କିମ୍ବା ଧର୍ମ ସଂକ୍ରାନ୍ତୀୟ ବିଧି କ୍ରିୟା ନିମନ୍ତେ ଯୌନଜନିତ କାର୍ଯ୍ୟ ସମ୍ପାଦନ କରିଥାଏ I ବେଶ୍ୟାମାନେ ବା ବାରାଙ୍ଗନାମାନେ ସାଧାରଣତଃ ସ୍ତ୍ରୀଲୋକମାନେ ହିଁ ହୋଇଥାଆନ୍ତି, କିନ୍ତୁ କେହି କେହି ପୁରୁଷମାନେ ମଧ୍ୟ ହୋଇଥାଆନ୍ତି I

- ବାଇବେଲରେ, ଏହି "ବେଶ୍ୟା" ଶବ୍ଦ ଆଳଙ୍କାରିକ ଭାବରେ ବ୍ୟବହୃତ ହୋଇଥାଏ ଯେପରି ମିଥ୍ୟା ଦେବତାମାନଙ୍କୁ ପୂଜା କରୁଥିବା କିମ୍ବା କୁହୁକବିଦ୍ୟା ସାଧନ କରୁଥିବା ବ୍ୟକ୍ତିକୁ ବେଶ୍ୟା କୁହାଯାଏ I
- "ବେଶ୍ୟାବୃତ୍ତି କରିବା" ଅର୍ଥ ଜଣେ ବେଶ୍ୟା ଭଳି ଯୌନଗତ ବିଷୟରେ ଅନୈତିକ ଆଚରଣ କରିବା ଅଟେ I ବାଇବେଲରେ ଏହି ଭାବ ପ୍ରକାଶକ ପଦ ଜଣେ ପ୍ରତିମାମାନଙ୍କର ପୂଜକକୁ ସୂଚାଇଥାଏ I
- "ନିଜକୁ ବେଶ୍ୟା କରିବା" କହିବା ଅର୍ଥ ଯୌନଗତ ବିଷୟରେ ଅନୈତିକ ହେବା, କିମ୍ବା ଯେତେବେଳେ ଏହି ଶବ୍ଦ ଆଳଙ୍କାରିକ ଭାବରେ ବ୍ୟବହୃତ ହୋଇଥାଏ, ଏହାର ଅର୍ଥ ମିଥ୍ୟା ଦେବତାମାନଙ୍କୁ ପୂଜା କରିବା ଦ୍ୱାରା ଈଶ୍ୱରଙ୍କ ପ୍ରତି ଅବିଶ୍ୱସ୍ତ ହେବା ଅଟେ I
- ପୁରାତନ କାଳରେ, କେତେକ ବିଜାତୀୟ ମନ୍ଦିରଗୁଡ଼ିକରେ ସେମାନଙ୍କର ରୀତିନୀତି ଅନୁସାରେ ପୁରୁଷ ଏବଂ ସ୍ତ୍ରୀ ବେଶ୍ୟାମାନଙ୍କୁ ବ୍ୟବହାର କରୁଥିଲେ I
- ଏହି ଶବ୍ଦକୁ ସେହି ଶବ୍ଦ ବା ପଦ ଦ୍ୱାରା ଅନୁବାଦ କରାଯାଇପାରିବ ଯାହା ସ୍ଥାନୀୟ ଭାଷାରେ ଏକ ବେଶ୍ୟାକୁ ସୂଚାଏ I କେତେକ ଭାଷାରେ ଏଥିନିମନ୍ତେ ଏହି ଶବ୍ଦର ବହୁଳ ଭାବରେ ବ୍ୟାଖ୍ୟାନ ହୋଇଥାଏ I (euphemism: ଦେଖନ୍ତୁ)

(ବ୍ୟଭିଚାର, ମିଥ୍ୟା ଦେବତା, ଯୌନ ବ୍ୟଭିଚାର, ମିଥ୍ୟା ଦେବତା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 34:31
- ଆଦି ପୁସ୍ତକ 38:21
- ଲୂକ 15:30
- ମାଥିଉ 21:31

ଶବ୍ଦବିନ୍ୟାସ :

- Strong's: H2154, H2181, H2183, H2185, H6945, H6948, H8457, G42040

ବ୍ରୋଞ୍ଜ

ସଂଜ୍ଞା:

"ବ୍ରୋଞ୍ଜ" ଗୋଟିଏ ଧାତୁ ଯାହାକି ତମ୍ବା ଏବଂ ଟିନ୍ କୁ ତରଳାଇ ତାହାର ମିଶ୍ରଣରେ ଅନ୍ୟ ଏକ ନୂତନ ଧାତୁରେ ପରିଣତ ହୁଏ । ଏହାର ରଙ୍ଗ ଗଭୀର ଧୂସର ଏବଂ ସାମାନ୍ୟ ଲାଲ ଅଟେ ।

- ବ୍ରୋଞ୍ଜ ପାଣି ର ଅବକ୍ଷୟକୁ ପ୍ରତିରୋଧ କରେ ଏବଂ ତାହା ବିଦ୍ୟୁତର ଉତ୍ତମ ପରିବାହୀ ।
- ପ୍ରାଚୀନ କାଳରେ ବ୍ରୋଞ୍ଜକୁ ହତିଆର,ଶସ୍ତ୍ର,କଳାକୃତି,ବେଦି,ଖାଦ୍ୟ ପାତ୍ର ଏବଂ ଅନ୍ୟ ରାଜାଙ୍କ ସୈନିକମାନଙ୍କ ସାଞ୍ଜୁ ନିର୍ମାଣରେ ବ୍ୟବହାର କରାଯାଉଥିଲା ।
- ବହୁତ ଅଟ୍ଟାଳିକାର ସାମଗ୍ରୀ ଯେପରିକି ତମ୍ବୁ ଏବଂ ମନ୍ଦିର ନିମନ୍ତେ ବ୍ରୋଞ୍ଜ ଦ୍ୱାରା ନିର୍ମିତ ହେଉଥିଲା ।
- ମିଥ୍ୟା ଦେବତାମାନଙ୍କ ମୂର୍ତ୍ତି ମଧ୍ୟ ବ୍ରୋଞ୍ଜ ଦ୍ୱାରା ନିର୍ମାଣ କରାଯାଉଥିଲା ।
- ବ୍ରୋଞ୍ଜ ଦ୍ୱାରା ନିର୍ମିତ ବସ୍ତୁକୁ ପ୍ରଥମେ ତରଳାଇ ତାହାକୁ ଛାଞ୍ଚରେ ଢଳାଯାଇ ନୂତନ ବସ୍ତୁ ନିର୍ମାଣ କରାଯାଉଥିଲା ।

ଏହି ପ୍ରକାର ପଦ୍ଧତିକୁ ଢଳାଇ କୁହାଯାଏ ।

(ଦେଖନ୍ତୁ: ଅଜଣାକୁ କିପରି ଅନୁବାଦ କରିବେ)

(ଦେଖନ୍ତୁ: ସାଞ୍ଜୁ, ତମ୍ବୁ, ମନ୍ଦିର)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- 1 ରାଜାବଳି 07:15-17
- 1 ଶାମୁୟେଲ 17:37-38
- ଦାନୀୟେଲ 02:44-45
- ଯାତ୍ରା 25:3-7
- ପ୍ରକାଶିତ ବାକ୍ୟ 01:14-16

ବୋର୍ଡ ଡାଟା :

- Strong's: H5153, H5154, H5174, H5178, G5470, G5474, G5475

ବ୍ୟବସ୍ଥା, ନିୟମ,

ପରିଭାଷା:

"ବ୍ୟବସ୍ଥା" ହେଉଛି ଏକ ଆଇନଗତ ନିୟମ ଯାହା ସାଧାରଣତଃ କର୍ତ୍ତୃପକ୍ଷଙ୍କ ଦ୍ୱାରା ଲିଖିତ ଏବଂ କାର୍ଯ୍ୟକାରୀ ହୋଇଥାଏ। ନିଷ୍ପତ୍ତି ଏବଂ ଆଚରଣ ପାଇଁ "ନିୟମ" ଏକ ମାର୍ଗଦର୍ଶିକା ଅଟେ, ଏବଂ ସାଧାରଣତଃ ଏହା ଲେଖାଯାଇ ନ ଥାଏ କିମ୍ବା ବାଧ୍ୟତାମୂଳକ ହୋଇ ନ ଥାଏ । ତଥାପି, ବେଳେବେଳେ "ନିୟମ" ଶବ୍ଦଟି ଏକ "ବ୍ୟବସ୍ଥା" ପାଇଁ ବ୍ୟବହୃତ ହୁଏ।

- "ବ୍ୟବସ୍ଥା" ଏକ "ଆଦେଶ" ସହିତ ସମାନ ଅଟେ କିନ୍ତୁ "ବ୍ୟବସ୍ଥା" ଶବ୍ଦ ଏକ ସାଧାରଣତଃ କଥା ହେବା ପରିବର୍ତ୍ତେ ଲିଖିତ ଭାବରେ ଦର୍ଶାଏ।
- ଉଭୟ "ବ୍ୟବସ୍ଥା" ଏବଂ "ନିୟମ" ସାଧାରଣ ଭାବରେ ଏକ ନିୟମାବଳୀକୁ ଦର୍ଶାଏ ଯାହା ଜଣେ ବ୍ୟକ୍ତିର ଆଚରଣ ମାର୍ଗ ନିର୍ଦ୍ଦେଶ କରେ।
- ଏହି "ବ୍ୟବସ୍ଥାର" ଅର୍ଥ "ମୋଶାର ବ୍ୟବସ୍ଥା" ଅର୍ଥଠାରୁ ଅଲଗା ଅଟେ, ଯେଉଁଠାରେ ଏହା ଅଜ୍ଞା ଓ ନିର୍ଦ୍ଦେଶ ଈଶ୍ୱର ଇସ୍ରାଏଲ ଲୋକମାନଙ୍କୁ ପ୍ରଦାନ କରନ୍ତି।
- ଯେତେବେଳେ ସାଧାରଣ ନିୟମ ବିଷୟରେ ଆମ୍ଭେମାନେ ଉଲ୍ଲେଖ କରୁ "ନିୟମକୁ" ଅନୁବାଦ କଲେ "ନିୟମ" କିମ୍ବା"ସାଧାରଣ ନିୟମର" କୁହାଯାଏ।

(ମୋଶାଙ୍କ ବ୍ୟବସ୍ଥା, ଆଦେଶ, ଆଜ୍ଞାଦେବା, ଆଦେଶ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ 4:2
- ଏଷ୍ଟର 3:8-9
- ଯାତ୍ରାପୁସ୍ତକ 12:12-14
- ଆଦି ପୁସ୍ତକ 26:5
- ଯୋହନ 18:31
- ରୋମୀୟ 7:1

ଶବ୍ଦବିନ୍ୟାସ:

- Strong's: H1285, H1881, H1882, H2706, H2708, H2710, H4687, H4941, H6310, H7560, H8451, G17850, G35480, G35510, G47470

ବ୍ୟାଖ୍ୟା କରିବା, ବ୍ୟାଖ୍ୟା, ବ୍ୟାଖ୍ୟାକାରୀ

ସତ୍ୟ ଘଟଣାବଳୀ:

"ବ୍ୟାଖ୍ୟା କରିବା" ଏବଂ "ବ୍ୟାଖ୍ୟା" ଶବ୍ଦଗୁଡ଼ିକୁ କୌଣସି ଅସ୍ପଷ୍ଟ ବିଷୟକୁ ବୁଝି ବ୍ୟାଖ୍ୟା କରିବାକୁ ବୁଝାଏ I

- ପ୍ରାୟତଃ ବାଇବେଲରେ ଏହି ଶବ୍ଦଗୁଡ଼ିକ ସ୍ୱପ୍ନ କିମ୍ବା ଦର୍ଶନର ଅର୍ଥ ବ୍ୟାଖ୍ୟା କରିବାକୁ ବ୍ୟବହୃତ ହୁଏ I
- ଯେତେବେଳେ ବାବିଲର ରାଜା କିଛି ଦ୍ୱନ୍ଦ୍ୱପୂର୍ଣ୍ଣ ସ୍ୱପ୍ନ ଦେଖିଲେ, ଈଶ୍ୱର ଦାନିୟେଲଙ୍କୁ ସେଗୁଡ଼ିକୁ ବ୍ୟାଖ୍ୟା କରିବାକୁ ଏବଂ ସେଗୁଡ଼ିକ ଅର୍ଥ ବ୍ୟାଖ୍ୟା କରିବାରେ ସାହାଯ୍ୟ କଲେ I
- ସ୍ୱପ୍ନର "ବ୍ୟାଖ୍ୟା" ସ୍ୱପ୍ନର ଅର୍ଥ "ବ୍ୟାଖ୍ୟା" ଅଟେ I
- ପୁରାତନ ନିୟମରେ, ଈଶ୍ୱର ବେଳେବେଳେ ଲୋକମାନଙ୍କୁ ଭବିଷ୍ୟତରେ ଯାହା ଘଟିବ ତାହା ପ୍ରକାଶ କରିବାକୁ ସ୍ୱପ୍ନ ବ୍ୟବହାର କରୁଥିଲେ I ତେଣୁ ସେହି ସ୍ୱପ୍ନଗୁଡ଼ିକର ବ୍ୟାଖ୍ୟା ଭବିଷ୍ୟବାଣୀ ଥିଲା I
- "ବ୍ୟାଖ୍ୟା" ଶବ୍ଦ ଅନ୍ୟ ବିଷୟର ଅର୍ଥ ଜାଣିବା ପାଇଁ ମଧ୍ୟ ସୂଚିତ, ଯେପରିକି ଏହା ଥଣ୍ଡା କିମ୍ବା ଗରମ, କେତେ ପବନ ଏବଂ ଆକାଶର ଅବସ୍ଥା ଉପରେ ଆଧାର କରି ପାଗ କ'ଣ ହେବ ତାହା ଆକଳନ କରିବା ଅଟେ I
- "ବ୍ୟାଖ୍ୟା" ଶବ୍ଦକୁ "ଏହାର ଅର୍ଥ ଜାଣିବା" କିମ୍ବା "ବ୍ୟାଖ୍ୟା କରିବା" କିମ୍ବା "ଏହାର ଅର୍ଥ ଦେବା" ବୋଲି ଅନୁବାଦ କରାଯାଇପାରେI
- "ବ୍ୟାଖ୍ୟା" ଶବ୍ଦକୁ "ବ୍ୟାଖ୍ୟା" ବା "ଅର୍ଥ" ଭାବରେ ମଧ୍ୟ ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ବାବିଲୋ, ଦାନିୟେଲ, ସ୍ୱପ୍ନ, ଭବିଷ୍ୟଦ୍‌ବକ୍ତା, ଦର୍ଶନ)

ବାଇବେଲ ପଦପର୍ବ:

- ୧ କରିନ୍ଥୀୟ ୧୨:୧୦
- ଦାନିୟେଲ ୪:୪-୬
- ଆଦିପୁସ୍ତକ ୪୦:୪-୫
- ବିଚାରକର୍ତ୍ତା ୭:୧୫-୧୬
- ଲୂକ ୧୨:୫୬

ଶବ୍ଦବିନ୍ୟାସ:

- Strong's: H0995, H3887, H6591, H6622, H6623, H7667, H7760, H7922, G12520, G13280, G13290, G13810, G19550, G20580, G31770, G47930

ବୟସ, ବୟସ୍କ

ପରିଭାଷା:

''ବୟସ'' ଶବ୍ଦଟି ଜଣେ ବ୍ୟକ୍ତି ବଞ୍ଚିଥିବା ବର୍ଷର ସଂଖ୍ୟାକୁ ସୂଚାଏ। ଏହା ସାଧାରଣତଃ ଏକ ସମୟ ସୀମାକୁ ସୂଚାଇବା ନିମନ୍ତେ ମଧ୍ୟ ବ୍ୟବହାର କରାଯାଏ।

- ଏକ ବିସ୍ତାର ସମୟ ପ୍ରକାଶ କରିବାକୁ ଅନ୍ୟ ଶବ୍ଦଗୁଡ଼ିକ ବ୍ୟବହୃତ ହୁଏ ଯେପରି "ଯୁଗ"ଏବଂ "ଋତୁ। "
- ଯୀଶୁ "ଏହି ଯୁଗକୁ"ବର୍ତ୍ତମାନ ସମୟ ଭାବରେ ସୂଚାନ୍ତି, ଯେଉଁଠି ମନ୍ଦ, ପାପ, ଏବଂ ଅବାଧରେ ପୃଥିବୀକୁ ପୂର୍ଣ୍ଣ କରେ।
- ଏକ ଭବିଷ୍ୟତ କାଳ ଅଛି ଯେଉଁଠି ଧାର୍ମିକତା ଏକ ନୂତନ ସ୍ୱର୍ଗ ଏବଂ ଏକ ନୂତନ ପୃଥିବୀ ଉପରେ ରାଜ୍ୟ କରିବ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ଯୁଗ"ଶବ୍ଦକୁ "କାଳ"କିମ୍ବା "ପୂରାତନ ବର୍ଷ ଗୁଡ଼ିକର ସଂଖ୍ୟା"କିମ୍ବା "ସମୟସୀମା"କିମ୍ବା "ସମୟ"ବୋଲି ଅନୁବାଦ କରାଯାଇପାରିବ।
- "ବହୁ ବୃଦ୍ଧାବସ୍ଥାରେ" ବାକ୍ୟାଂଶକୁ "ବହୁ ବର୍ଷ ବୟସରେ" କିମ୍ବା "ଯେତେବେଳେ ସେ ବହୁତ ବୃଦ୍ଧ" କିମ୍ବା "ଯେତେବେଳେ ସେ ବହୁତ ଦିନ ବଞ୍ଚିଥିଲେ" ବୋଲି ଅନୁବାଦ କରାଯାଇପାରେ।
- "ଏହି ବର୍ତ୍ତମାନ ମନ୍ଦ ଯୁଗ'' ବାକ୍ୟାଂଶଟିର ଅର୍ଥ "ଏହି ସମୟ ମଧ୍ୟରେ ବର୍ତ୍ତମାନ ଯେଉଁଠାରେ ମନୁଷ୍ୟମାନେ ଅତି ମନ୍ଦ ଅଟନ୍ତି। "

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୨୯:୨୮
- ପ୍ରଥମ କରିନ୍ଥୀୟ ୨:୬
- ଏବ୍ରୀ ୬:୫
- ଆୟୁବ ୫:୨୬

ଶବ୍ଦବିନ୍ୟାସ:

- Strong's: G01650, G10740

ଭଉଣୀ

ପରିଭାଷା:

ଭଉଣୀ ଜଣେ ମହିଳା ଅଟନ୍ତି ଯେ ଗୋଟିଏ ପିତାମାତାଙ୍କଠାରୁ ଜାତ ଅଟେ । ତାଙ୍କୁ ସେହି ଅନ୍ୟର ଭଉଣୀ ବା ଅନ୍ୟର ଭଉଣୀ କୁହାଯାଏ ।

- ନୂତନ ନିୟମରେ, "ଭଉଣୀ" ଶବ୍ଦ ସାଙ୍କେତିକ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ ଯେଉଁ ମହିଳା ଯୀଶୁ ଖ୍ରୀଷ୍ଟଙ୍କଠାରେ ସହ ବିଶ୍ୱାସୀ ଅଟନ୍ତି ।
- ବେଳେ ବେଳେ "ଭାଇ ଏବଂ ଭଉଣୀ" ବାକ୍ୟାଂଶଟି ଖ୍ରୀଷ୍ଟଙ୍କଠାରେ ଉଭୟ ପୁରୁଷ ଏବଂ ମହିଳାଙ୍କୁ ବୁଝାଏ ।
- ପୁରାତନ ନିୟମରର ପରମଗୀତ ପୁସ୍ତକରେ, "ଭଉଣୀ" ଶବ୍ଦ ମହିଳା ପ୍ରେମିକା କିମ୍ବା ଦମ୍ପତି ମଧ୍ୟରୁ ଜଣକୁ ଦର୍ଶାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ ଏକ ଆକ୍ଷରିକ ଶବ୍ଦ ସହିତ ଅନୁବାଦ କରିବା ସର୍ବୋତ୍ତମ ହେବ, ଯଦି ଏହା ସ୍ଥାନୀୟ ଭାଷାରେ ନିଜ ପୈତୃକ ଭଉଣୀକୁ ବୁଝାଏ ଏବଂ ଭୁଲ ଅର୍ଥକୁ ପ୍ରକାଶ କରେ ନାହିଁ ।
- ଏହି ଶବ୍ଦକୁ "ଖ୍ରୀଷ୍ଟରେ ଭଉଣୀ" କିମ୍ବା "ଆତ୍ମିକ ଭଉଣୀ" କିମ୍ବା "ଯୀଶୁଙ୍କୁ ବିଶ୍ୱାସ କରିଥିବା ମହିଳା" କିମ୍ବା "ସହ ମହିଳା ବିଶ୍ୱାସୀ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।
- ଯଦି ସମ୍ଭବ, ପାରିବାରିକ ସମ୍ପର୍କ ବ୍ୟବହାର କରିବା ଉତ୍ତମ ହେବ ।
- ଯଦି କୌଣସି ଭାଷାରେ "ବିଶ୍ୱାସୀ" ନିମନ୍ତେ ସ୍ତ୍ରୀଲିଙ୍ଗ ଶବ୍ଦ ଅଛି, ତାହାହେଲେ ସେହି ଶବ୍ଦକୁ ବ୍ୟବହାର କରିବା ଉଚିତ ହେବ ।
- ଯେତେବେଳେ ଏହା ପ୍ରେମିକା କିମ୍ବା ସ୍ତ୍ରୀକୁ ସୂଚାଏ, ତେବେ ସ୍ତ୍ରୀଲିଙ୍ଗ ବାଚକ ଶବ୍ଦ "ପ୍ରେମିକା" କିମ୍ବା "ପ୍ରିୟେ" ବ୍ୟବହାର କରି ଅନୁବାଦ କରାଯାଇପାରିବ ।

(ଖ୍ରୀଷ୍ଟରେ ଭାଇ, ଆତ୍ମା ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 2:16-17
- ଦ୍ୱିତୀୟ ବିବରଣ 27:22
- ଫିଲୀମୋନ 1:2
- ରୋମୀୟ 16:1

ଶବ୍ଦବିନ୍ୟାସ:

- Strong's: H0269, H1323, G00270, G00790

ଭକ୍ଷ ନୈବେଦ୍ୟ, ବହୁଳ ଭକ୍ଷ ନୈବେଦ୍ୟ

ସଂଜ୍ଞା:

ଏକ ଭକ୍ଷ ନୈବେଦ୍ୟ ଅଟା କିଅବା ବାଜରା ର ଉପହାର ପରମେଶ୍ୱରଙ୍କୁ ଉତ୍ସର୍ଗ କରାଯାଏ ଅନେକ ସମୟରେ ହୋମ ନୈବେଦ୍ୟ ପରେ I

- ଯେଉଁ ଶସ୍ୟ ଭକ୍ଷ ନୈବେଦ୍ୟ ନିମନ୍ତେ ଉତ୍ସର୍ଗ କରାଯାଏ ତାହାକୁ ଭଲରେ ଚୁନା କରାଯାଏ I

ଅନେକ ସମୟରେ ଏହାକୁ ଉତ୍ସର୍ଗ କରିବା ପୂର୍ବେ ରନ୍ଧାଯାଏ କିନ୍ତୁ ଅନ୍ୟ ସମୟରେ ବିନା ରାନ୍ଧି ଉତ୍ସର୍ଗ କରାଯାଏ I

- ଲବଣ ଓ ତୈଳ ଅଟାରେ ମିଶ୍ରଣ କରାଯାଏ କିନ୍ତୁ କୌଣସି ଖମିର କିଅବା ମଧୁ ନିମନ୍ତେ ଅନୁମତି ନାହିଁ I
- ଭକ୍ଷ ନୈବେଦ୍ୟ ର ଗୋଟିଏ ଭାଗ ଅଗ୍ନିରେ ଦଗ୍ଧ କରାଯାଏ ଓ ଏକ ଭାଗ ଯାଜକଙ୍କ ଦ୍ୱାରା ଖିଆଯାଏ I

(ଆହୁରି ଦେଖନ୍ତୁ: ହୋମ ନୈବେଦ୍ୟ, ଦୋଷ ନୈବେଦ୍ୟ, ବଳି, ପାପବଳି ନୈବେଦ୍ୟ)

ବାଇବଲ ପଦପର୍ବ:

- ୧ ବଂଶାବଳି ୨୩:୨୭-୨୯
- ଯାତ୍ରା ୨୯:୪୧-୪୨
- ବିଚାରକର୍ତ୍ତା ୧୩: ୧୯-୨୦
- ଲେବୀୟ ବ୍ୟବସ୍ଥା ୦୨:୧-୩

ବୋର୍ଡ ଡାଟା :

- Strong's: H4503, H8641

ଭଣ୍ଡ ଭାବବାଦୀ

ପରିଭାଷା:

ଏକ ଭଣ୍ଡ ଭାବବାଦୀ ଜଣେ ବ୍ୟକ୍ତି ଅଟେ ଯେ ତାହାର ବାର୍ତ୍ତା ଈଶ୍ୱରଙ୍କଠାରୁ ଆସିଛି ବୋଲି ଭୁଲରେ ଦାବି କରେ I

- ଭଣ୍ଡ ଭାବବାଦୀଗଣର ଭବିଷ୍ୟବାଣୀ ସାଧାରଣତଃ ସଫଳ ହୁଏ ନାହିଁ I ତେଣୁ ଏହା ସତରେ ହୁଏ ନାହିଁ I
- ଭଣ୍ଡ ଭାବବାଦୀଗଣ ଏହି ଶିକ୍ଷା ଦିଅନ୍ତି ଯାହା ଆଂଶିକ କିମ୍ବା ପୂର୍ଣ୍ଣ ରୂପରେ ବାଇବେଲ ବିରୋଧୀ ଅଟେ I
- ଏହି ଶବ୍ଦକୁ "ଏକ ବ୍ୟକ୍ତି ମିଥ୍ୟାରେ ଦାବି କରେ ଯେ ସେ ଈଶ୍ୱରଙ୍କ ମୁଖାପାତ୍ର ଅଟେ" କିମ୍ବା "ଏପରି ଜଣେ ବ୍ୟକ୍ତି ଯିଏ ଈଶ୍ୱରଙ୍କ ବାକ୍ୟ କୁହେ ବୋଲି ଦାବି କରେ I"
- ନୂତନ ନିୟମ ଶିକ୍ଷା ଦିଏ ଯେ ଅନ୍ତିମ ସମୟରେ ଅନେକ ଭଣ୍ଡାଭାବବାଦୀମାନେ ଉତ୍ପନ ହେବେ ଯେଉଁମାନେ ଈଶ୍ୱରଙ୍କଠାରୁ ଆଗତ କହି ଲୋକମାନଙ୍କୁ ଠକିବେ I

(ଦେଖନ୍ତୁ ପୁରାହେବା, ଭବିଷ୍ୟଦ୍‌ବକ୍ତା, ସତ୍ୟ)

ବାଇବେଲ ପଦପର୍ବ:

- ୧ ଯୋହନ ୪:୧-୩
- ୨ ପିତର ୨:୧
- ପ୍ରେରିତ ୧୩:୬-୮
- ଲୂକ ୬:୨୬
- ମାଥିଉ ୭:୧୬
- ମାଥିଉ ୨୪:୨୩-୨୫

ଶବ୍ଦବିନ୍ୟାସ:

- Strong's: G55780

ଭବିଷ୍ୟତ ନିର୍ଦ୍ଧାରଣ କରିବା, ଭବିଷ୍ୟତ ନିର୍ଦ୍ଧାରଣ ହେବା, ଭାଗ୍ୟ, ପୂର୍ବରୁ ନିର୍ଦ୍ଧାରଣ ହୋଇଥିବା

ପରିଭାଷା:

"ଭାଗ୍ୟ" ଶବ୍ଦଟି ଭବିଷ୍ୟତରେ ଲୋକମାନଙ୍କ ଜୀବନରେ କ'ଣ ଘଟିବ ତାହା ବୁଝାଏ I ଯଦି କେହି କିଛି କରିବା ପାଇଁ ଇଚ୍ଛା କରେ, ଏହାର ଅର୍ଥ ହେଲା ଯାହା ସେହି ଲୋକ କରିବା ପାଇଁ ଇଚ୍ଛା କରେ ତାହା ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଧାରିତ ଅଟେ I

- ଯେତେବେଳେ ଈଶ୍ୱର କୌଣସି ଦେଶ ପ୍ରତି କ୍ରୋଧ ନିର୍ଦ୍ଧାରଣ କରନ୍ତି, ଏହାର ଅର୍ଥ ଯେ ଈଶ୍ୱର ନିର୍ଦ୍ଧାରିତ କରିଛନ୍ତି ଯେ ପାପ ହେତୁ ସେହି ଦେଶକୁ ଦଣ୍ଡ ଦେବ ପାଇଁ I
- ଯିହୁଦା ଦଣ୍ଡ ପାଇଁ ନିର୍ଦ୍ଧାରିତ ହୋଇଥିଲେ, ଯାହାରା ଅର୍ଥ ହେଲା ଈଶ୍ୱର ନିର୍ଦ୍ଧାରିତ କରିଥିଲେ ଯେ ଯିହୁଦା ତାଙ୍କ ଆବଧ ହେତୁ ବିନଷ୍ଟ ହେବେ I
- ପ୍ରତ୍ୟକ ବ୍ୟକ୍ତିର ଚୁଡାନ୍ତ ଅନନ୍ତକାଳ ଭାଗ୍ୟ ଅଛି ସ୍ୱର୍ଗରେ କିମ୍ବା ନର୍କରେ ହେଉ I
- ଯେତେବେଳେ ଉପଦେଶକ ପୁସ୍ତକର ଲେଖକ କହନ୍ତି ଯେ ସମସ୍ତଙ୍କ ଭାଗ୍ୟ ସମାନ ସେ କହନ୍ତି ଯେ ସବୁ ଲୋକ ଶେଷରେ ମୃତ୍ୟୁବରଣ କରିବେ I

ଭାଷାନ୍ତର ପାଇଁ ପ୍ରସ୍ତାବନା:

- ବାକ୍ୟାଶଂ "ଦଣ୍ଡ ନିମନ୍ତେ ନିର୍ଦ୍ଧାରିତ"କୁ ଭାଷାନ୍ତର ମଧ୍ୟ କରାଯାଇପାରେ ଯେପରି "ନିଷ୍ପତି ହୋଇଛି ତୁମେ ଦଣ୍ଡ ପାଇବା ପାଇଁ" କିମ୍ବା "ତୁମେ କ୍ରୋଧ ଅନୁଭବ କରିବା ପାଇଁ ସ୍ଥିରିକୃତ ହୋଇଅଛି"I
- ଆଳଙ୍କାରିକ ଭାବରେ "ଖଡ୍ଗ ପାଇଁ ସେମାନେ ନିର୍ଦ୍ଧାରିତ ଅଟନ୍ତି" ମଧ୍ୟ ଅନ୍ୟ ଭାବରେ ଭାଷାନ୍ତର କରାଯାଇପାରିବ ଯେପରି "ଈଶ୍ୱର ନିଷ୍ପତି କରିଛନ୍ତି ଯେ ସେମାନେ ସେମାନଙ୍କ ଶତ୍ରୁମାନଙ୍କ ଦ୍ୱାରା ଖଡ୍ଗରେ ହତ ହେବେ" କିମ୍ବା "ଈଶ୍ୱର ନିର୍ଦ୍ଧାରିତ କରିଛନ୍ତି ଯେ ସେମାନେ ସେମାନଙ୍କ ଶତ୍ରୁମାନଙ୍କ ଦ୍ୱାରା ଖଡ୍ଗରେ ମରା ଯିବେ "I
- ◦ ବାକ୍ୟାଶଂ "ତୁମେ ନିର୍ଦ୍ଧାରିତ ହୋଇଅଛ"କୁ ଭାଷାନ୍ତର ମଧ୍ୟ କରାଯାଇପାରେ ଯେପରି "ଈଶ୍ୱର ନିଷ୍ପତି ନେଇ ଅଛନ୍ତି ତୁମେ କ'ଣ ହେବ I"
- ପରିପ୍ରେକ୍ଷୀକୁ ନିର୍ଭର କରି, "ଭାଗ୍ୟ"କୁ "ଶେଷ" କିମ୍ବା "ଶେଷରେ କ'ଣ ଘଟିବ" କିମ୍ବା "ଈଶ୍ୱର କ"ଣ ନିର୍ଦ୍ଧାରିତ କରିଛନ୍ତି ଘଟିବା ପାଇଁ ଘଟିବ" I

(ମଧ୍ୟ ଦେଖନ୍ତୁ:ବନ୍ଦୀ, ଅନନ୍ତକାଳ,ସ୍ୱର୍ଗ, ନର୍କ,ଡୁବକ ଯୋହନ,ଅନୁତାପ)

ବାଇବଲ ପଦପର୍ବ:

- ୧ ଥେସଲନୀକୀୟ ୦୫:୮-୧୧
- ଉପଦେଶକ ୦୨:୧୩-୧୪
- ଏବ୍ରୀ ୦୯:୨୭-୨୮
- ଫିଲିପ୍ପୀୟ ୦୩:୧୭-୧୯
- ଗୀତସଂହିତା ୦୯:୧୭-୧୮

ବୋର୍ଡ ଡାଟା :

- Strong's: H2506, H4150, H4487, H4745, H6256, H4507, G5056, G5087

ଭର୍ତ୍ସନା ବା ତିରସ୍କାର, ଭର୍ତ୍ସନା କରେ, ଭର୍ତ୍ସନା କଲେ, ଭର୍ତ୍ସନା କରିବା, ଭର୍ତ୍ସନାମୂଳକ ଭାବେ

ସଂଜ୍ଞା:

ଜଣକୁ ଭର୍ତ୍ସନା କରିବା ଅର୍ଥ, ସେହି ବ୍ୟକ୍ତିର ଚରିତ୍ର, ସ୍ୱଭାବ ବା ବ୍ୟବହାର ନିମନ୍ତେ ତାହାକୁ ସମାଲୋଚନା କରିବା ଅଟେ I ଜଣକୁ ଭର୍ତ୍ସନା କରିବା ଅର୍ଥ, ସେହି ବ୍ୟକ୍ତି ସମ୍ପର୍କରେ ନକରାତ୍ମକ ମନ୍ତବ୍ୟ ଦେବା ଅଟେ I

- ଜଣେ ବ୍ୟକ୍ତି "ଭର୍ତ୍ସନାର ଊର୍ଦ୍ଧ୍ୱରେ ଅଛି" କିମ୍ବା "ଭର୍ତ୍ସନାର ବହୁ ଦୂରରେ" ବା "ଭର୍ତ୍ସନାବିହୀନ" ବୋଲି କହିବା ଅର୍ଥ ଏହି ବ୍ୟକ୍ତି ଈଶ୍ୱର-ସମ୍ମାନୀୟ ମାର୍ଗରେ ବ୍ୟବହାର କରନ୍ତି ଏବଂ ତାହାଙ୍କୁ ସମାଲୋଚନା କରିବା ନିମନ୍ତେ ତାଙ୍କ ଜୀବନରେ ଖୁବ୍ କମ୍ କଥା ବା ବିଲକୁଲ୍ କିଛି କଥା ନାହିଁ ବୋଲି କୁହାଯାଇପାରେ I
- "ଭର୍ତ୍ସନା" ଶବ୍ଦ "ଅଭିଯୋଗ କରିବା ବା ଦୋଷାରୋପ କରିବା" ବା "ଲଜ୍ଜା" ବା "ଅପମାନ ବା ଉଚ୍ଚପଦରୁ ପତନ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ଭର୍ତ୍ସନା" କରିବା କହିଲେ ପୂର୍ବାପର ସମ୍ବନ୍ଧ ଉପରେ ନିର୍ଭର କରି "ଅନୁଯୋଗ କରିବା" ବା "ଅଭିଗୋଗ କରିବା" ବା "ସମାଲୋଚନା କରିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: ଅଭିଯୋଗ ବା ଦୋଷାରୋପ କରିବା, ଭର୍ତ୍ସନା କରିବା, ଲଜ୍ୟା)

ବାଇବଲ ପଦଗୁଡିକ:

- 1ମ ତୀମଥି 05:7-8
- 1ମ ତୀମଥି 06:13-14
- ଯିରିମିୟ 15:15-16
- ଆୟୁବ 16:9-10
- ହିତୋପଦେଶ 18:3-4

ବୋର୍ଡ ଡାଟା :

- Strong's: H1421, H1442, H2617, H2659, H2778, H2781, H3637, H3639, H7036, G410, G423, G819, G3059, G3679, G3680, G3681, G5195, G5196, G5484

ଭାର, ବୋଝ, କଷ୍ଟଦାୟକ, କଠିନ ପରିଶ୍ରମ, କଠିନ କାର୍ଯ୍ୟ, ଉଚ୍ଚାରଣ

ପରିଭାଷା:

ଏକ ଭାର ଏକ ଭାରୀ ବୋଝ ଅଟେ । ଏହା ଏକ ଭୌତିକ ଭାରକୁ ବୁଝାଏ ଯେପରିକି ଏକ ପଶୁ କୌଣସି ବସ୍ତୁକୁ ବହନ କରେ । "ବୋଝ" ଶବ୍ଦର ଅନେକ ସାଙ୍କେତିକ ଅର୍ଥ ମଧ୍ୟ ରହିଅଛି:

- ଜଣେ ବ୍ୟକ୍ତି କରୁଥିବା ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କିମ୍ବା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟକୁ ବୋଝ ବୁଝାଏ । ତାହାକୁ "ଭାରୀ ବୋଝ" "ବହନ କରିବା" କିମ୍ବା "ଭାରୀ ବୋଝ" ବୋଲି ଅନୁବାଦ କରାଯାଇପାରେ ।
- ଜଣେ ନିଷ୍ଠୁର ନେତା ଯେଉଁମାନେ ତାହା ଅଧିନରେ ଅଛନ୍ତି ସେମାନଙ୍କ ଉପରେ କଷ୍ଟଦାୟକ ବୋଝ ଦେଇଥାଏ ଯେପରିକି ସେମାନଙ୍କୁ ଅଧିକ କର ଦେବାକୁ ବାଧ କରାଯାଏ ।
- ଜଣେ ବ୍ୟକ୍ତି ଯଦି ଅନ୍ୟର ବୋଝ ହେବାକୁ ଚାହୁଁ ନାହିଁ ଅର୍ଥାତ୍ ସେ ତାହାପ୍ରତି ବିପଦ ସୃଷ୍ଟି କରିବାର କାରଣ ହେବାକୁ ଚାହୁଁ ନାହିଁ ।
- ଜଣେ ବ୍ୟକ୍ତିର ପାପ ତାହା ପ୍ରତି ବୋଝ ଅଟେ ।
- "ଈଶ୍ୱରଙ୍କ ବୋଝ" ଆଳଙ୍କରିକ ଅର୍ଥ ଏହା ଯେ ଈଶ୍ୱରଙ୍କଠାରୁ ଏକ ବାର୍ତ୍ତା ଯାହାକି ଜଣେ ଭବିଷ୍ୟଦ୍‌ବକ୍ତା ତାହାଙ୍କ ଲୋକମାନଙ୍କୁ ନିଶ୍ଚିତ ଉଦ୍ଧାର କରିବେ ।
- ପ୍ରସଙ୍ଗକୁ ଅଧାର କରି "ବୋଝ" ଶବ୍ଦକୁ "ଦାୟିତ୍" କିମ୍ବା "ଭାରୀ" କିମ୍ବା "ଭାରୀ ବୋଝ" କିମ୍ବା "ବାର୍ତ୍ତା" ବୋଲି ଅନୁବାଦ କରାଯାଇପାରେ ।

ବାଇବେଲ ପଦପର୍ବ:

- ଦ୍ୱିତୀୟ ଥେସଲନୀକୀୟ ୩:୬-୯
- ଗାଲାତୀୟ ୬:୧-୨
- ଗାଲାତୀୟ ୬:୩
- ଆଦିପୁସ୍ତକ ୪୯:୧୫
- ମାଥିଉ ୧୧:୩୦
- ମାଥିଉ ୨୩:୪

ଶବ୍ଦବିନ୍ୟାସ :

- Strong's: H2960, H3053, H4614, H4853, H4864, H5445, H5447, H5448, H5449, H5450, H6006, G00040, G09160, G09220, G23470, G25990, G26550, G54130

ଭାଲୁ

ସଂଜ୍ଞା:

ଭାଲୁ ହେଉଛି ଗୋଟିଏ ଭୟଙ୍କର କଳା କିମ୍ବା ଧୂସର ରଙ୍ଗ ଲୋମ ଥିବା ଗୋଟିଏ ପ୍ରାଣୀ ଯାହାର କି ତୀକ୍ଷ୍ଣ ଦାନ୍ତ ଓ ପଞ୍ଜା ଥାଏ । ବାଇବଲ ସମୟରେ ଭାଲୁମାନେ ସାଧାରଣ ଭାବେ ଇଶ୍ରାଏଲରେ ରହୁଥିଲେ ।

- ଏହି ପଶୁ ଗୁଡ଼ିକ ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ବାସ କରନ୍ତି; ସେମାନେ ମାଛ ପୋକଜୋକ ଓ ଉଦ୍ଭିଦ ଖାଆନ୍ତି
- ପୂରାତନ ନିୟମରେ ଭାଲୁ କି ଦୃଢ଼ତାର ପ୍ରତୀକ ଭାବେ ଧରାଯାଉଥିଲା ।
- ମେଣ୍ଢା ଗୁଡ଼ିକୁ ଚରାଇବା ସମୟରେ ମେଷ ପାଳକ ଦାଉଦ ଗୋଟିଏ ଭାଲୁ ସହ ଲଢ଼ି ତାହାକୁ ପରାସ୍ତ କରିଥିଲା ।
- ଦୁଇଟି ଭାଲୁ ଜଙ୍ଗଲରୁ ବାହାରି ଆସି ଗୋଟିଏ ଯୁବ ଗୋଷ୍ଠୀଙ୍କୁ ବିଦୀର୍ଣ୍ଣ କଲେ ଯେଉଁମାନେ କି ଇଲିଶାୟଙ୍କ ସହ ମଜା କରୁଥିଲେ ।

(ଦେଖନ୍ତୁ: ଦାଉଦ, ଇଲିଶାୟ)

ବାଇବଲ ସମ୍ବନ୍ଧ ଉଲ୍ଲେଖ

ବୋର୍ଡ ଡାଟା :

- Strong's: H1677, G715

ଭିକ ମାଗିବା, ଭିକାରୀ, ଅଭାବୀ

ପରିଭାଷା:

"ଭିକ" ଶବ୍ଦର ଅର୍ଥ ତୁରନ୍ତ କାହାକୁ କିଛି ମାଗିବାଅଟେ । ଏହା ପ୍ରାୟତଃ ଟଙ୍କା ମାଗିବାକୁ ବୁଝାଏ, କିନ୍ତୁ ଏହା ସାଧାରଣତଃ କୌଣସି ବିଷୟ ପାଇଁ ନିବେଦନ କରିବାକୁ ମଧ୍ୟ ବୁଝାଏ ।

ପ୍ରାୟତଃ ଲୋକମାନେ ଯେତେବେଳେ କୌଣସି ବିଷୟକୁ ଆବଶ୍ୟକ କରନ୍ତି ସେତେବେଳେ ଭିକ୍ଷା କରନ୍ତି କିମ୍ବା ନିବେଦନ କରନ୍ତି, କିନ୍ତୁ ଅନ୍ୟ ଜଣକ ସେମାନେ ଯାହା ମାଗନ୍ତି ତାହା ଦେବେ କି ନାହିଁ ଜାଣନ୍ତି ନାହିଁ । ଜଣେ "ଭିକାରୀ" ବ୍ୟକ୍ତି ଅଟେ ଯିଏ ଜନଗହଳି ସ୍ଥାନରେ ବସି କିମ୍ବା ଠିଆ ହୋଇ ଲୋକମାନଙ୍କୁ ଟଙ୍କା ମାଗେ । ବିଭିନ୍ନ ପ୍ରସଙ୍ଗ ଅନୁଯାୟୀ ଏହି ଶବ୍ଦକୁ "ପ୍ରାର୍ଥନା କରିବା" କିମ୍ବା "ଅତି ଆବଶ୍ୟକ ସ୍ଥଳେ ମାଗିବା" କିମ୍ବା "ଟଙ୍କା ଦାବି କରିବା" କିମ୍ବା "ନିୟମିତ ଭାବେ ଟଙ୍କା ମାଗିବା"ବୋଲି ଅନୁବାଦ କରାଯାଇପାରେ । (ଦେଖନ୍ତୁ: ପ୍ରାର୍ଥନା କରିବା)

ବାଇବେଲ ପଦପର୍ବ:

ଲୂକ ୧୬:୨୦ ମାର୍କ ୬:୫୬ ମାଥିଉ ୧୪: ୩୬ ଗୀତସଂହିତା ୪୫:୧୨-୧୩

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

୧୦:୪ ଈଶ୍ୱର ସମସ୍ତ ମିସର ଦେଶକୁ ବେଙ୍ଗଗୁଡ଼ିକୁ ପଠାଇଲେ । ଫାରୋ ମୋଶାଙ୍କୁ ବେଙ୍ଗ ପ୍ରତ୍ୟାର୍ପଣ କରିବା ନିମନ୍ତେ ପ୍ରାର୍ଥନା କଲେ । ୨୯:୮ "ରାଜା ଆପଣା ଦାସକୁ ଡାକି କହିଲେ, "ରେ ଦୁଷ୍ଟ ଦାସ! ତୋର ଋଣ କୁ ମୁଁ କ୍ଷମା କଲି କାରଣ ତୁ ମୋତେ ପ୍ରାର୍ଥନା କଲୁ ।

୩୨:୭ ଭୂତମାନଙ୍କର ବାହୀନୀ ଯୀଶୁଙ୍କୁ ପ୍ରାର୍ଥନା କଲେ, "ଆମ୍ଭମାନଙ୍କୁ ଏହି ସ୍ଥାନରୁ ବାହାରକୁ ପଠାନ୍ତୁ ନାହିଁ । ନିକଟସ୍ଥ ପର୍ବତରେ ଗୋଟିଏ ଘୁଷୁରୀ ପଲ ଚରୁଥିଲେ । ତେଣୁ ଭୂତମାନଙ୍କର ବାହୀନୀ ଯୀଶୁଙ୍କୁ ନିବେଦନ କଲେ ଯେ "ଆମ୍ଭମାନଙ୍କୁ ସେହି ଘୁଷୁରୀମାନଙ୍କ ପାଖକୁ ଯିବାକୁ ଦିଅନ୍ତୁ । ୩୨:୧୦ ଯେଉଁ ବ୍ୟକ୍ତି ଭୂତାଗ୍ରସ୍ତ ହୋଇଥିଲା ସେ ଯୀଶୁଙ୍କ ସହ ଯିବା ପାଇଁ ପ୍ରାର୍ଥନା କଲା । ୩୫:୧୧ ତାଙ୍କ ପିତା ବାହାରକୁ ଆସି ତାହାଙ୍କୁ କହିଲେ ଆସ ଏବଂ ସେମାନଙ୍କ ସହ ଉତ୍ସବ ପାଳନ କର କିନ୍ତୁ ସେ ମନା କରିଦେଲା । ୪୪:୧ ଦିନେ ପିତର ଏବଂ ଯୋହନ ମନ୍ଦିରକୁ ଯାଉଥିଲେ । ସେମାନେ ମନ୍ଦିର ପ୍ରାଙ୍ଗଣ ପ୍ରବେଶ କରିବା ସମୟରେ ଜଣେ ଛୋଟା ସେମାନଙ୍କୁ ପଇସା ମାଗିବାର ଦେଖିଲେ ।

ଶବ୍ଦବିନ୍ୟାସ:

Strong's: H0034, H7592, G01540, G18710, G43190, G44340

ଭୁଲ୍, ଭୁଲମାନ, ଦୁରାଚାରୀ, ଦୁଷ୍କର୍ମ, ଆଘାତ, ଦୁଃଖଦାୟୀ

ପରିଭାଷା:

କାହାକୁ "ଭୁଲ୍" କରିବା ଅର୍ଥ ସେହି ବ୍ୟକ୍ତିଙ୍କୁ ଅନ୍ୟାୟ ଏବଂ ଅସାଧୁ ବ୍ୟବହାର କରିବା ଅଟେ I

- "ଖରାପ ବ୍ୟବହାର" ବାକ୍ୟାଂଶର ଅର୍ଥ କାହା ବିରୋଧରେ ମନ୍ଦତାରେ ବ୍ୟବହାର ଓ କୋମଳତାରେ ବ୍ୟବହାର ନ କରି ସେହି ବ୍ୟକ୍ତି ପ୍ରତି ଭାବନାତ୍ମକ ଓ ଶାରୀରିକ ହାନୀ କରିବା ଅଟେ I
- "ଆଘାତ କରିବା" ଶବ୍ଦ ଅତି ସାଧାରଣ ଅଟେ, ଏହାର ଅର୍ଥ "କାହାରୀ ହାନୀ କାରିବା ଅଟେ "I ଅଧିକାଂଶ ସମୟରେ ଏହା "ଶାରୀରିକ ଆଘାତ" କୁ ଦର୍ଶାଏ I
- ପ୍ରସଙ୍ଗ ଉପରେ ନିର୍ଭର କରି, ଏହି ଶବ୍ଦ ସବୁକୁ "ଭୁଲ୍ କାମ କରିବାକୁ" କିମ୍ବା "ଅନ୍ୟାୟ ଭାବେ ବ୍ୟବହାର କରିବା" କିମ୍ବା "ହାନୀ କରିବାକୁ" କିମ୍ବା "ହାନୀ କାରକ ବ୍ୟବହାର କରିବା" କିମ୍ବା "ଆଘାତ" ବୋଲି ଏହାକୁ ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ପ୍ରେରିତ 7:26
- ଯାତ୍ରାପୁସ୍ତକ 22:21
- ଆଦି ପୁସ୍ତକ 16:5
- ଲୂକ 6:28
- ମାଥିଉ 20:13-14
- ଗୀତସଂହିତା 71:13

ଶବ୍ଦବିନ୍ୟାସ:

- Strong's: H0205, H0816, H2248, H2250, H2255, H2257, H2398, H2554, H2555, H3238, H3637, H4834, H5062, H5142, H5230, H5627, H5753, H5766, H5791, H5792, H5916, H6031, H6087, H6127, H6231, H6485, H6565, H6586, H7451, H7489, H7563, H7665, H7667, H7686, H8133, H8267, H8295, G00910, G00920, G00930, G00950, G02640, G08240, G09830, G09840, G15360, G16260, G16510, G17270, G19080, G25560, G25580, G25590, G26070, G30760, G30770, G37620, G41220, G51950, G51960

ଭୋଜି, ଭୋଜି କରିବା

ପରିଭାଷା:

"ଭୋଜି" ଶବ୍ଦ ଏକ କାର୍ଯ୍ୟକ୍ରମକୁ ବୁଝାଏ ଯେଉଁଠାରେ ଏକ ଜନସମୂହ ଏକତ୍ରିତ ହୋଇ ବହୁ ପରିମାଣର ଖାଦ୍ୟ ଖାଆନ୍ତି, ବହୁବାର କେତେକ ଉତ୍ସବ ପାଳନରେ ହୋଇଥାଏ I ବାଇବେଲ ସମୟରେ, ଏକ ଭୋଜି ବେଳେବେଳେ ଅନେକ ଦିନ କିମ୍ବା ଅଧିକ ସମୟ ଧରି ଚାଲୁଥିଲା I

- ଅନେକ ସମୟରେ ଏକ ବିଶେଷ ପ୍ରକାର ଖାଦ୍ୟ ବିଶେଷ ଭୋଜିରେ ଲୋକମାନେ ଖାଆନ୍ତି I
- ଧାର୍ମିକ ପର୍ବ ଯାହା ପ୍ରଭୁ ଇସ୍ରାଏଲ ଲୋକମାନଙ୍କୁ ମାନିବାକୁ ଆଜ୍ଞା ଦେଇଥିଲେ ସାଧାରଣତଃ ତାହା ଏକତ୍ରିତ ହୋଇ ଭୋଜି ଖାଇବାକୁ ବୁଝାଏ I ଏହି କାରଣ ହେତୁ ପର୍ବକୁ "ଭୋଜି" ବୋଲି କୁହାଯାଏ I
- ବାଇବେଲ ସମୟରେ ରାଜାମାନେ ଓ ଧନୀ ଓ ଶକ୍ତିଶାଳୀ ଲୋକମାନେ ବହୁବାର ନିଜ ପରିବାର ଓ ବନ୍ଧୁମାନଙ୍କୁ "ଭୋଜି" ଦେଉଥିଲେ I
- ଅପବ୍ୟୟ ପୁତ୍ରର କାହାଣୀରେ, ପିତା ତାହାଙ୍କ ପୁତ୍ରର ଫେରିବା ହେତୁ ଏକ ବିଶେଷ ଭୋଜିର ଆୟୋଜନ କଲେ I
- "ଭୋଜି କରିବା" ଶବ୍ଦ "ପ୍ରଚୁର ଖାଇବା" କିମ୍ବା "ପ୍ରଚୁର ଖାଦ୍ୟ। ଖାଇ ଉତ୍ସବ" କିମ୍ବା "ଏକ ବିଶେଷ ବଡ଼ ଭୋଜି ଖାଇବା" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ ଉପରେ ଆଧାର କରି, "ଭୋଜି" ଶବ୍ଦକୁ "ପ୍ରଚୁର ଖାଦ୍ୟ ଖାଇ ଉତ୍ସବ ପାଳନ କରିବା" କିମ୍ବା "ବହୁ ପରିମାଣର ଖାଦ୍ୟ ସହ ଏକ ଭୋଜି ପାଳନ କରିବା" କିମ୍ବା "ଭୋଜି ପାଳନ କରିବା" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଭୋଜି, ପର୍ବ)

ବାଇବେଲ ପଦପର୍ବ:

- ୨ ପିତର ୨:୧୨-୧୪
- ଆଦିପୁସ୍ତକ ୨୬:୩୦
- ଆଦିପୁସ୍ତକ ୨୯:୨୨
- ଆଦିପୁସ୍ତକ ୪୦:୨୦
- ଯିହୂଦା ୧:୧୨-୧୩
- ଲୂକ ୨:୪୩
- ଲୂକ ୧୪:୭-୯
- ମାଥିଉ ୨୨:୧

ଶବ୍ଦବିନ୍ୟାସ:

- Strong's: H0398, H2077, H2282, H3899, H3900, H4150, H4797, H4960, H7646, H8057, H8354, G00260, G10620, G11730, G18590, G21650, G49100

ଭ୍ରଷ୍ଟ ସାକ୍ଷୀ, ମିଥ୍ୟା ବିବରଣୀ, ମିଥ୍ୟା ସାକ୍ଷ, ମିଥ୍ୟା ସାକ୍ଷୀ

ପରିଭାଷା:

"ମିଥ୍ୟା ସାକ୍ଷୀ" କିମ୍ବା "ଭ୍ରଷ୍ଟ ସାକ୍ଷୀ" ଶବ୍ଦ ଏକ ବ୍ୟକ୍ତିକୁ ଦର୍ଶାଏ ଯିଏ ଅନ୍ୟ ବ୍ୟକ୍ତି କିମ୍ବା ଘଟଣା ବିଷୟରେ ଅସତ୍ୟ କଥା ପ୍ରଚାର କରେ, ସାଧାରଣତଃ କଚେରୀରେ I

- ଏକ "ମିଥ୍ୟା ସାକ୍ଷ" କିମ୍ବା "ମିଥ୍ୟା ବିବରଣୀ" ବାସ୍ତବରେ କୁହାଯାଉଥିବା ଏକ ମିଥ୍ୟା ଅଟେ I
- "ମିଥ୍ୟା ସାକ୍ଷ ବହନ କରିବା" ଅର୍ଥ କୌଣସି ଏକ ବିଷୟରେ ମିଥ୍ୟା କହିବା କିମ୍ବା ମିଥ୍ୟା ବିବରଣୀ ଦେବା ଅଟେ I
- ବାଇବେଲ ଅନେକ ବିବରଣୀ ଦେଖିବାକୁ ମିଳେ ଯେଉଁଠାରେ ଏକ ବ୍ୟକ୍ତିକୁ ଦଣ୍ଡ ଦେବା କିମ୍ବା ହତ୍ୟା କରିବା ପାଇଁ କାହା ବିଷୟରେ ମିଥ୍ୟା ସାକ୍ଷ ଦେବା ପାଇଁ ନିୟୋଜିତ କରାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମିଥ୍ୟା ସାକ୍ଷୀ ହେବା" କିମ୍ବା "ମିଥ୍ୟା ସାକ୍ଷ ଦେବା" କିମ୍ବା "ମିଥ୍ୟା ସାକ୍ଷ ପ୍ରଦାନ କରିବା" କିମ୍ବା "ଅନ୍ୟ ବିଷୟରେ ମିଥ୍ୟା ବିବରଣ ଦେବା" କିମ୍ବା "କାହା ବିରୁଧରେ ମିଥ୍ୟା କଥା କହିବା" କିମ୍ବା "ମିଥ୍ୟା" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ "ମିଥ୍ୟା ସାକ୍ଷ" ଏକ ବ୍ୟକ୍ତିକୁ ଦର୍ଶାଏ, ଏହା "ମିଥ୍ୟାବାଦୀ "କିମ୍ବା "ଯେ ମିଥ୍ୟା ସାକ୍ଷ ଦିଏ "କିମ୍ବା "ଜଣେ ବ୍ୟକ୍ତି ସେହିସବୁ କହେ ଯାହା ସତ୍ୟ ନୁହେଁ " ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ:ସାକ୍ଷ, ସତ୍ୟ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ ୧୯:୧୯
- ଯାତ୍ରାପୁସ୍ତକ ୨୦:୧୬
- ମାଥିଉ ୧୫:୧୮-୨୦
- ମାଥିଉ ୧୯:୧୮-୧୯
- ହିତୋପଦେଶ ୧୪:୫-୬
- ଗୀତସଂହିତା ୨୭:୧୧-୧୨

ଶବ୍ଦବିନ୍ୟାସ:

- Strong's: H5707, H6030, H7650, H8267, G19650, G31440, G55710, G55750, G55760, G55770

ଭ୍ରଷ୍ଟ, ଭ୍ରାନ୍ତି, ବିପଥଗାମୀ, ଭ୍ରଷ୍ଟତା, ଦୁଷ୍ଟ, ଭ୍ରାନ୍ତ, ଅସାଧୁ, ବିକୃତ

ପରିଭାଷା:

"ଭ୍ରଷ୍ଟ" ଶବ୍ଦ ଜଣେ ବ୍ୟକ୍ତି ବା କାର୍ଯ୍ୟକୁ ବର୍ଣ୍ଣନା କରିବା ନିମନ୍ତେ ବ୍ୟବହୃତ ହୁଏ, ଯାହା ନୈତିକ ଭାବରେ ଭ୍ରଷ୍ଟ ଅଟେ । "ଭ୍ରାନ୍ତି ଭାବରେ" ବାକ୍ୟାଂଶର ଅର୍ଥ ଭ୍ରଷ୍ଟ ବା ଭ୍ରାନ୍ତିକର ଭାବରେ ଅଟେ । କୌଣସି ବିଷୟକୁ ଭ୍ରଷ୍ଟ ବା ଭ୍ରାନ୍ତ କରିବା ଅର୍ଥ ଏହାକୁ ଠିକ ବା ଉତ୍ତମ ପଥରୁ ବିପଥଗାମୀ କାରାଇବା ଅଟେ ।

- ଯାହା ଉତ୍ତମ ଏବଂ ଠିକ ତହିଁରୁ ପଥଚ୍ୟୁତ ହେବାକୁ ଭ୍ରଷ୍ଟ କୁହାଯାଏ ।
- ବାଇବେଲରେ, ଇସ୍ରାଏଲୀୟମାନେ ଯେବେ ଈଶ୍ୱରଙ୍କ ଅବାଧ୍ୟ ହେଲେ, ସେତେବେଳେ ସେମାନେ ବିପଥଗାମୀ ହେଲେ। ସେମାନେ ଅନେକ ସମୟରେ ମିଥ୍ୟା ଦେବତାଗଣର ପୂଜା ଉପାସନା କରି ଏଭଳି ବିପଥଗାମୀ ହେଲେ।
- ଈଶ୍ୱରଙ୍କ ମାନଦଣ୍ଡ କିମ୍ବା ବ୍ୟବହାର ବିରୁଦ୍ଧରେ ଥିବା ଯେକୌଣସି କାର୍ଯ୍ୟକୁ ଭ୍ରଷ୍ଟତା ବୋଲି ବିବେଚନା କରାଯାଏ।
- ପ୍ରସଙ୍ଗକୁ ଆଧାର କରି "ଭ୍ରଷ୍ଟତା" ଶବ୍ଦକୁ "ନୈତିକ ଭାବରେ" କିମ୍ବା "ଅନୈତି" କିମ୍ବା "ଈଶ୍ୱରଙ୍କ ସଳଖ ପଥରୁ ବିମୁଖ ହେବା" ବୋଲି ଅନୁବାଦ କରାଯାଇପାରେ ।
- "ବିଭ୍ରାନ୍ତିକର ବାକ୍ୟ" ପରି ବାକ୍ୟକୁ "ଏକ ମନ୍ଦ ଭାବରେ କଥା କହିବା" କିମ୍ବା "ପ୍ରତାରଣାପୂର୍ଣ୍ଣ କଥା" କିମ୍ବା "ଯେଉଁ ଲୋକମାନେ ଅନୈତିକ ଭାବରେ କଥାବାର୍ତ୍ତା କରନ୍ତି" ବୋଲି ଅନୁବାଦ କରାଯାଇପାରେ।
- "ଭ୍ରଷ୍ଟ ଲୋକମାନେ" ବାକ୍ୟାଂଶକୁ "ଅନୈତିକ ଲୋକମାନେ" କିମ୍ବା "ନୈତିକ ଭାବରେ ବିପଥଗମନରେ ଥିବା ଲୋକମାନେ" କିମ୍ବା "ଯେଉଁମାନେ ଅବିରତ ଭାବରେ ଈଶ୍ୱରଙ୍କ ଅବାଧତା ଆଚରଣ କରନ୍ତି" ବୋଲି ଅନୁବାଦ କରାଯାଇପାରେ।
- "ଭ୍ରାନ୍ତିକର ଭାବରେ କାର୍ଯ୍ୟ କରିବା" ବାକ୍ୟାଂଶକୁ "ମନ୍ଦ ଭାବରେ ଆଚରଣ କରିବା" କିମ୍ବା "ଈଶ୍ୱରଙ୍କ ଆଜ୍ଞାଗୁଡ଼ିକର ବିରୁଦ୍ଧରେ କାର୍ଯ୍ୟ କରିବା" କିମ୍ବା "ଈଶ୍ୱରଙ୍କ ଶିକ୍ଷାଗୁଡ଼ିକ ପ୍ରତ୍ୟାଖ୍ୟାନ କରି ଭିନ୍ନ ଭାବରେ ଜୀବନ କାଟିବା" ବୋଲି ଅନୁବାଦ କରାଯାଇପାରିବ।
- "ଭ୍ରାନ୍ତ କରିବା" ବାକ୍ୟାଂଶକୁ "ଭ୍ରଷ୍ଟ କରିବା" କିମ୍ବା "ମନ୍ଦତା ଆଡ଼କୁ ମୁଖ ଫେରାଇବା" ବୋଲି ଅନୁବାଦ କରାଯାଇପାରେ।

(ଦେଖନ୍ତୁ: ଦୁର୍ନୀତି, ପ୍ରତାରଣା, ଅବଜ୍ଞା, ମନ୍ଦତା, ଫେରିବା)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୮:୪୭
- ୧ ଶାମୁୟେଲ ୨୦:୩୦
- ଆୟୁବ ୩୩:୨୭-୨୮
- ଲୂକ ୨୩:୨
- ଗୀତସଂହିତା ୧୦୧:୪-୬

ଶବ୍ଦବିନ୍ୟାସ:

- Strong's: H1942, H2015, H3868, H4297, H5186, H5557, H5558, H5753, H5766, H5773, H5791, H6140, H6141, H8138, H8397, H8419, G12940

ମଙ୍ଗଳIର୍ଥକ ବଳିଦାନ, ମଙ୍ଗଳIର୍ଥକ ବଳିଦାନମାନ

ତଥ୍ୟ:

ପୁରାତନ ନିୟମରେ, "ମଙ୍ଗଳIର୍ଥକ ବଳିଦାନ" ଏକ ଏମିତି ବଳିଦାନ ଯାହା ଅଲଗା କାରଣ ନିମନ୍ତେ ଉତ୍ସର୍ଗ କରାଯାଉଥିଲା, ଯେମିତି କି ପରମେଶ୍ୱରଙ୍କୁ ଧନ୍ୟବାଦ କିଅବା ପ୍ରତିଜ୍ଞା ପୁରା କରିବା I

- ଏହି ନୈବେଦ୍ୟରେ ନର କିଅବା ନାରୀ ପଶୁ ମଧ୍ୟରୁ ବଳିଦାନ ର ଆବଶ୍ୟକ ହେଉଥିଲା I

ଏହା ହୋମବଳି ରୁ ଅଲଗା ଯାହା ପାଇଁ ନର ପଶୁ ର ଆବଶ୍ୟକ ଅଟେ I

- ପରମେଶ୍ୱର ଙ୍କୁ ନୈବେଦ୍ୟ ଉତ୍ସର୍ଗ କଲା ପରେ, ଯେଉଁ ବ୍ୟକ୍ତି ମଙ୍ଗଳIର୍ଥକ ବଳିଦାନ ନେଇ କି ଆସି ଥାଏ, ମାଂସ କୁ ଯାଜକ ଓ ଅନ୍ୟ ଇସ୍ରାଏଲ ଲୋକଙ୍କ ସହିତ ଭାଗ ବାଣ୍ଟ କରନ୍ତି I
- ଏହି ନୈବେଦ୍ୟ ସହିତ ଏକ ଭୋଜ ସଂଯୁକ୍ତ ହୋଇ ଥାଏ ଯାହା ସହିତ ଖମିର ଶୂନ୍ୟ ରୋଟୀ ଶାମିଲ ଅଟେ I
- କେତେକ ସମୟରେ ଏହାକୁ "ଶାନ୍ତି ନୈବେଦ୍ୟ "କୁହାଯାଏ I

(ଆହୁରି ଦେଖନ୍ତୁ: ହୋମବଳି, ପୂର୍ଣ୍ଣ ହେବା, ଭକ୍ଷ ନୈବେଦ୍ୟ, ଦୋଷବଳି, ଶାନ୍ତି ନୈବେଦ୍ୟ, ଯାଜକ, ବଳିଦାନ, ଖମିର ଶୂନ୍ୟ ରୋଟି, ଶପଥ)

ବାଇବଲ ଟିପ୍ପଣୀ:

- ୧ ବଂଶାବଳି ୨୧;୨୫-୨୭
- ୨ ବଂଶାବଳି ୨୯:୩୫-୩୬
- ଯାତ୍ରାପୁସ୍ତକ ୨୪:୫-୬
- ଲେବୀୟ ବ୍ୟବସ୍ଥା ୦୩:୩-୫
- ଗଣନା ପୁସ୍ତକ ୦୬:୧୩-୧୫

ବୋର୍ଡ ଡାଟା :

- Strong's: H8002

ମଙ୍ଗଳାର୍ଥକ ବଳି, ମଙ୍ଗଳାର୍ଥକ ବଳିଗୁଡ଼ିକ

ତଥ୍ୟ ଗୁଡ଼ିକ:

ଏହି "ମଙ୍ଗଳାର୍ଥକ ବଳି" ଅନେକଗୁଡିଏ ତ୍ୟାଗପୂର୍ଣ୍ଣ ମଧ୍ୟରେ ଅନ୍ୟତମ ଅଟେ, ଯାହା ଉତ୍ସର୍ଗ କରିବା ନିମନ୍ତେ ଈଶ୍ୱର ଇସ୍ରାଏଲୀୟମାନଙ୍କୁ ଆଜ୍ଞା ଦେଲେ I ଏହାକୁ ବେଳେବେଳେ "ଧନ୍ୟବାଦାର୍ଥକ ବଳି" ବା "ସହଭାଗୀତାର ବଳି" ବୋଲି କୁହାଯାଏ I

- ଏହି ବଳିଦାନରେ ଏକ ନିଖୁନ୍ତ ପଶୁକୁ ବଳି ଭାବରେ ଗ୍ରହଣ କରାଯାଏ ପଶୁର ରକ୍ତକୁ ବେଦୀ ଉପରେ ସିଞ୍ଚନ କରାଯାଏ, ଏବଂ ପଶୁର ମେଦକୁ ଦଗ୍ଧ କରାଯାଏ, ତହିଁ ସଙ୍ଗେ ସଙ୍ଗେ ପଶୁର ଅବଶିଷ୍ଟାଂଶ ପୃଥକ୍ ଭାବରେ ଦଗ୍ଧ କରାଯାଏ I
- ଏହି ବଳିଦାନ ସହିତ ଉଭୟ ଏକ ତାଡିଶୂନ୍ୟ ରୋଟୀ ଓ ତାଡିଯୁକ୍ତ ରୋଟୀ ମଧ୍ୟ ଉତ୍ସର୍ଗ କରାଯାଏ, ଯାହା ହୋମବଳି ଉପରେ ରଖି ଦଗ୍ଧ କରାଯାଏ I
- ଏହି ଉତ୍ସର୍ଗ କରାଯାଇଥିବା ଖାଦ୍ୟକୁ ଏକତ୍ର ଅଂଶୀ ହୋଇ ଭୋଜନ କରିବା ନିମନ୍ତେ ଯାଜକ ଏବଂ ବଳିର ଉତ୍ସର୍ଗକାରୀକୁ ଅନୁମତି ଦିଆଯାଏ I
- ଏହି ବଳିଦାନ ଈଶ୍ୱରଙ୍କ ସହିତ ତାହାଙ୍କର ଲୋକମାନଙ୍କ ସହିତ ସହଭାଗୀତାର ପ୍ରତୀକ ଅଟେ I

(ଆହୁରି ମଧ୍ୟ ଦେଖ: ହୋମବଳି, ସହଭାଗୀତା, ସହଭାଗୀତା ବଳି, ଶସ୍ୟ ଉତ୍ସର୍ଗ, ଯାଜକ, ବଳିଦାନ, ତାଡିଶୂନ୍ୟ ରୋଟୀ)

ବାଇବଲ ପଦଗୁଡିକ:

- 1 ମ ଶାମୁୟେଲ 13:8-10
- ଯିହିଜିକଲ 45:16-17
- ଯିହୋଶୂୟ 08:30-32
- ଲେବୀୟ 09:3-5
- ହିତୋପଦେଶ 07:13-15

ବୋର୍ଡ ଡାଟା :

- Strong's: H8002

ମତବାଦ, ଶିକ୍ଷାଦାନ, ବିଶ୍ୱାସ, ଉପଦେଶ, ଜ୍ଞାନ

ସଂଜ୍ଞା:

"ମତବାଦ" ଶବ୍ଦଟିର ଆକ୍ଷରିକ ଭାବେ "ଶିକ୍ଷାଦାନକୁ" ବୁଝାଏ। ଏହା ସାଧାରଣତଃ ଧାର୍ମିକ ଶିକ୍ଷାକୁ ସୂଚାଏ।

- ଖ୍ରୀଷ୍ଟୀବିଶ୍ୱାସ ବା ଖ୍ରୀଷ୍ଟିଆନ ଶିକ୍ଷାଦାନକ ଗୁଡ଼ିକ ପ୍ରସଙ୍ଗରେ,"ମତବାଦ" ସମସ୍ତ ତା'ଙ୍କ ଚରିତ୍ର ଗୁଣଗୁଡିକରେ ଅନ୍ତର୍ଭୁକ୍ତ- ଈଶ୍ୱର-ପିତା, ପୁତ୍ର ପୁଣି ପବିତ୍ର ଆତ୍ମାଙ୍କ ବିଷୟରେ ସମସ୍ତ ଶିକ୍ଷାଗୁଡିକୁ ସୂଚାଏ ଏବଂ ସମସ୍ତ ବିଷୟ ସେ କରିଛନ୍ତି।
- ଏହା ମଧ ଈଶ୍ୱର ଶିକ୍ଷା ଦିଅନ୍ତି ଖ୍ରୀଷ୍ଟିଆନମାନେ କିପରି ପବିତ୍ର ଜୀବନ କାଟିବେ ଯାହା ତାହାଙ୍କ ନିମନ୍ତେ ଗୌରବ ଆଣିବ ପ୍ରତ୍ୟେକ ବିଷୟକୁ ସୂଚାଏ।
- "ମତବାଦ" ଶବ୍ଦଟି ସମୟ ସମୟରେ ମଧ ମିଥ୍ୟା କିମ୍ବା ସଂସାରିକ ଧାର୍ମିକ ଶିକ୍ଷାଗୁଡ଼ିକ ଯାହା ମନୁଷ୍ୟମାନଙ୍କଠାରୁ ଆସିଥାଏ। ସେହି ପ୍ରସଙ୍ଗଟିର ସ୍ପଷ୍ଟ ଅର୍ଥ ପ୍ରକାଶ କରେ।
- ଏହି ଶବ୍ଦଟି "ଶିକ୍ଷା" ରୂପେ ମଧ ଅନୁବାଦ କରିପାରିବା।

(ପୁନଶ୍ଚ ଦେଖନ୍ତୁ: ଶିକ୍ଷା)

ବାଇବଲ ପଦପର୍ବ:

- 1 ତୀମଥି 01:03
- 2 ତୀମଥି 03:16-17
- ମାର୍କ 07:6-7
- ମାଥିଉ 15:7-9

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H3948, H4148, H8052, G1319, G1322, G2085

ମତ୍ସ୍ୟଜୀବୀ, ମାଛ ଧରାଳି

ପରିଭାଷା:

ମତ୍ସ୍ୟଜୀବୀମାନେ ଅର୍ଥ ଅର୍ଜନ ନିମନ୍ତେ ମାଛ ଧରନ୍ତି I ନୂତନ ନିୟମରେ, ମତ୍ସ୍ୟଜୀବୀମାନେ ମାଛ। ଧରିବା ନିମନ୍ତେ ବଡ଼ ବଡ଼ ଜାଲ ବ୍ୟବହାର କରୁଥିଲେ I "ମାଛ ଧରାଳି" ମତ୍ସ୍ୟଜୀବୀମାନଙ୍କ ଅନ୍ୟ ନାମ ଅଟେ I

- ଯୀଶୁ ଯେତେବେଳେ ପିତର ଓ ଅନ୍ୟ ଶିଷ୍ୟମାନଙ୍କୁ ଆହ୍ୱାନ କଲେ ସେହି ସମୟରେ ସେମାନେ ମତ୍ସ୍ୟଜୀବୀ ଥିଲେ I
- ଇସ୍ରାଏଲ ଦେଶ ଜଳ ନିକଟବର୍ତ୍ତୀ ସ୍ଥାନରେ ଥିବା ହେତୁ, ବାଇବେଲରେ ମତ୍ସ୍ୟ ଓ ମତ୍ସ୍ୟଜୀବୀ ବହୁବାର ଉଲ୍ଲେଖ ଅଛି I
- ଏହି ଶବ୍ଦକୁ "ଲୋକମାନେ ଯିଏ ମାଛ। ଧରନ୍ତି" କିମ୍ବା "ଯେଉଁ ଲୋକମାନେମାଛ ଧରି ଅର୍ଥ ଅର୍ଜନ କରନ୍ତି" ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ଯିହିଜିକଲ ୪୭:୯-୧୦
- ଯିଶାଇୟ ୧୯:୮
- ଲୂକ ୫:୧-୩
- ମାଥିଉ ୪:୧୯
- ମାଥିଉ ୧୩:୪୭

ଶବ୍ଦବିନ୍ୟାସ:

- Strong's: H1728, H1771, H2271, G02310

ମଦ୍ୟ ପାନ

ପରିଭାଷା:

"ମଦ୍ୟ ପାନ" ବାକ୍ୟାଂଶ ସୁଗନ୍ଧ ଏବଂ ସେଥିରେ ନିଶା ମିଶ୍ରିତ ପାନୀୟକୁ ବୁଝାଏ ।

- ନିଶାଯୁକ୍ତ ପାନୀୟ ଶସ୍ୟ କିମ୍ବା ଫଳରୁ ତିଆରି ହୋଇଥାଏ ଏବଂ ସେଥିରେ ନିଶାଯୁକ୍ତ ପଦାର୍ଥ ମିଶା ଯାଇଥାଏ ।
- "ମଦ୍ୟ ପାନ" ବିଭିନ୍ନ ପ୍ରକାରର ଅଛି ଯଥା ଦ୍ରାକ୍ଷାରସ, ଖଜୁରୀ ତାଡି, ମଦିରା, ଏବଂ ସେଓ ମଦିରା । ବାଇବେଲରେ, ଦ୍ରାକ୍ଷାରସ ବାରମ୍ବାର ମଦ୍ୟ ପାନୀୟରେ ଗଣତି ହୁଏ ।
- ଯାଜକ କିମ୍ବା ଯେକେହି ବିଶେଷ ଶପଥ ନିଏ ଯଥା "ନାଜରିତ ବ୍ରତ"ରେ ମଦ୍ୟ ପାନ ପାଇଁ ଅନୁମତି ନଥିଲା ।
- ଏହି ଶବ୍ଦକୁ "ପଚାଯୁକ୍ତ ପାନୀୟ" କିମ୍ବା "ନିଶାଯୁକ୍ତ ପାନୀୟ" ବୋଲି ଅନୁବାଦ କରାଯାଇପାରେ ।

(ଅଙ୍ଗୁର, ନାଜରିତ, ଶପଥ, ମଦ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯିଶାଇୟ 5:11-12
- ଲେବୀୟ 10:9
- ଲୂକ 1:14-15
- ଗଣନା 6:3

ଶବ୍ଦବିନ୍ୟାସ:

- Strong's: H5435, H7941, G46080

ମଧୁ, ମଧୁ ଘରା

ସଂଜ୍ଞା:

"ମଧୁ "ଏକ ମିଠା, ଅଠାଳିଆ,ଖାଇବା ବସ୍ତୁ ଯାହା ମହୁ ମାଛି ଫୁଲ ରସରୁ ବନାନ୍ତି I ମଧୁ ଘରା ଏକ ଅଠାଳିଆ ଫେଣା ଯେଉଁଠି ମହୁମାଛି ମଧୁ ସଂଗ୍ରହ କରି ରଖେ I

- ପ୍ରକାର ଉପରେ ନିର୍ଭର କରେ କି ମଧୁ ରଂଗରେ ହଳଦିଆ କିଅବା ମାଟିଆ ହୋଇ ଥାଏ I
- ମଧୁ ଜନ୍ଗଲରେ ମିଳେ, କେବେ ଗଛର ଫାଂକରେ ଓ ଯେଉଁଠାରେ ମଧୁ ମଖୀ ଘରା ବନାଏ I

ଲୋକମାନେ ବିକିବା କିଅବା ଖାଇବା ନିମନ୍ତେ କୁତ୍ରିମ ରୂପରେ ମଧୁ ବନାନ୍ତି କିନ୍ତୁ ବାଇବଲରେ ଯେଉଁ ମଧୁ ବିଷୟରେ ଉଲ୍ଲେଖ ଅଛି ତାହା ଜଂଗଲୀ ମଧୁ ହୋଇପାରେ I

- ତିନଟି ବ୍ୟକ୍ତିର ନାମ ବାଇବଲରେ ଉଲ୍ଲେଖ ଅଛି ଯେ ବନ ମଧୁ ଖାଇଥିଲେ, ସେଇମାନେ ହେଉଛନ୍ତି ଜନାଥନ, ଶାମ୍ଶୋନ୍ ଓ ବାପ୍ତିଜକ ଯୋହନ I
- ଏହି ଶବ୍ଦ ଅନେକ ସମୟରେ ସାଙ୍କେତିକ ରୂପରେ ବ୍ୟବହାର କରାଯାଇଅଛି, କିଛି ବସ୍ତୁ କୁ ମିଠା ଓ ଆନନ୍ଦଦାୟକ ବ୍ୟାଖ୍ୟା କରିବା ନିମନ୍ତେ I

ଉଦାହରଣ ସ୍ୱରୂପ, ପରମେଶ୍ୱରଙ୍କ ବାକ୍ୟ ଓ ବ୍ୟବସ୍ଥା କୁ "ମଧୁଠାରୁ ମିଷ୍ଟ" କୁହାଯାଏ (ଆହୁରି ଦେଖନ୍ତୁ: ଉପମା, ରୁପକ)

- ବେଳେ ବେଳେ ଏକ ବ୍ୟକ୍ତିର କଥା କୁ ମଧୁ ପରି ମିଠା କୁହାଯାଏ କିନ୍ତୁ ବେଳେ ବେଳେ ତାହାର କାମ ଠକ ଓ ଅନ୍ୟ କୁ ଦୁଖ ଦିଏ I

(ଆହୁରି ଦେଖନ୍ତୁ: ଯୋହନ (ବାପ୍ତିଜକ), ଜନାଥନ, ପଲେସ୍ତିୟ, ଶାମ୍ଶୋନ୍)

ବାଇବଲ ପଦପର୍ବ:

- ୧ ରାଜାବଳି ୧୪:୧-୩
- ବ୍ୟବସ୍ଥାବିବରଣ ୦୬:୦୩
- ଯାତ୍ରାପୁସ୍ତକ ୧୩:୩-୫
- ଯିହୋଶୂୟ୦୫: ୬-୭
- ହିତୋପଦେଶ ୦୫:୩-୫

ବୋର୍ଡ ଡାଟା :

- Strong's: H1706, H3293, H3295, H5317, H6688, G2781, G3192, G3193

ମଧ୍ୟସ୍ଥ

ପରିଭାଷା:

ଜଣେ ମଧ୍ୟସ୍ଥ ସେହି ବ୍ୟକ୍ତି ଅଟେ ଯେ ଦୁଇ ଜଣ କିମ୍ବା ଅଧିକ ଲୋକ ମଧ୍ୟରେ ଥିବା ଅସହମତି ଏବଂ ଦ୍ୱନ୍ଦକୁ ସମାଧାନ କରେ I ସେ ସେମାନଙ୍କୁ ପୁନଃମିଳନ ନିମନ୍ତେ ସାହାଯ୍ୟ କରେ I

- କାରଣ ଲୋକମାନେ ପାପ କରିଛନ୍ତି, ସେମାନେ ଈଶ୍ୱରଙ୍କର ଶତ୍ରୁ ଅଟନ୍ତି ଏବଂ ତାହାଙ୍କର କ୍ରୋଧ ଏବଂ ଦଣ୍ଡର ପାତ୍ର ଅଟନ୍ତି I ପାପ ହେତୁ, ମନୁଷ୍ୟ ଏବଂ ଈଶ୍ୱରଙ୍କ ମଧ୍ୟରେ ସହଭାଗିତା ପୃଥକ ହୋଇ ଯାଇଅଛି I
- ଯୀଶୁ ପିତା ଈଶ୍ୱର ଏବଂ ତାହାଙ୍କ ଲୋକ ମଧ୍ୟରେ ମଧ୍ୟସ୍ଥ ଅଟନ୍ତି ସେ ତାହାଙ୍କର ମୃତ୍ୟୁ ଦ୍ୱାରା ପାପର ମୂଲ୍ୟ ଦେଇ ସେହି ପୃଥକ ହୋଇଥିବା ସମ୍ପର୍କକୁ ପୁନଃସ୍ଥାପନ କରିଛନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମଧ୍ୟସ୍ଥ" ଶବ୍ଦକୁ "ଲୋକ ମଧ୍ୟରେ ପ୍ରବେଶ କରିବା" କିମ୍ବା "ପୁନଃସଂଯୋଗକାରୀ" କିମ୍ବା "ଯେ ଶାନ୍ତି ଆଣେ" ବୋଲି ଅନୁବାଦ କରାଯାଇପାରେ I
- "ମଧ୍ୟସ୍ଥ" ଶବ୍ଦକୁ "ଯାଜକ" ଶବ୍ଦ ସହ ତୁଳନା କରି ଦେଖନ୍ତୁ ଏହାକୁ କିପରି ଅନୁବାଦ କରାଯାଇଅଛି I ଯଦି "ମଧ୍ୟସ୍ଥ" ଶବ୍ଦକୁ ଭିନ୍ନ ଭାବରେ ଅନୁବାଦ କରାଯାଏ ତେବେ ଏହା ଉତ୍ତମ ହେବ I

(ଦେଖନ୍ତୁ: ଯାଜକ,ପୁନଃମିଳନ)

ବାଇବେଲ ପଦପର୍ବ:

- ପ୍ରଥମ ତୀମଥି ୨:୫
- ଗାଲାତୀୟ ୩:୨୦
- ଏବ୍ରୀ ୮:୬
- ଏବ୍ରୀ ୧୨:୨୪
- ଲୂକ ୧୨:୧୪

ଶବ୍ଦବିନ୍ୟାସ :

- Strong's: H3887, G33120, G33160

ମନ, ମନଯୋଗୀ, ସ୍ମରଣ କରିବା, ସ୍ମାରକ, ସମମତ ବିଶିଷ୍ଟ

ପରିଭାଷା:

"ମନ" ଜଣେ ବ୍ୟକ୍ତିର ଅଂଶକୁ ବୁଝାଏ ଯାହା ଚିନ୍ତା କରେ ଏବଂ ନିଷ୍ପତ୍ତି ନିଏ।

- ପ୍ରତ୍ୟେକ ବ୍ୟକ୍ତିର ମନ ତାହାର ସମ୍ପୂର୍ଣ୍ଣ ଚିନ୍ତା ଓ ତର୍କ ଜ୍ଞାନ ଅଟେ।
- "ଖ୍ରୀଷ୍ଟଙ୍କ ପରି ମନ ହେବା" ଅର୍ଥ ଚିନ୍ତା କରିବା ଓ ସେହି ଅନୁସାରେ କାର୍ଯ୍ୟ କରିବା ଯେପରି ଯୀଶୁ ଖ୍ରୀଷ୍ଟ ଚିନ୍ତା କରୁଥିଲେ ଓ କାର୍ଯ୍ୟ କରୁଥିଲେ। ଏହାର ଅର୍ଥ ପିତା ଈଶ୍ୱରଙ୍କର ଆଜ୍ଞାବହ ହେବା, ଖ୍ରୀଷ୍ଟଙ୍କ ଶିକ୍ଷାର ଆଜ୍ଞା ପାଳନ କରିବା, ଏହି ସବୁ ପବିତ୍ର ଆତ୍ମାଙ୍କର ଶକ୍ତିରେ କରିବାକୁ ସକ୍ଷମ ହେବା ଅଟେ।
- "ତାହାର ମନ ପରିବର୍ତ୍ତନ କରିବା" ଅର୍ଥ କେହି ଭିନ୍ନ ନିଷ୍ପତ୍ତି ନେଲା କିମ୍ବା ପୂର୍ବରେ ତାହାର ଯେଉଁ ଅଭିମତ ଥିଲା ଏବେ ଅଲଗା ହୋଇ ଯାଇଅଛି ଅଟେ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମନ" ଶବ୍ଦକୁ "ବିବେଚନା" କିମ୍ବା"ତର୍କ ଜ୍ଞାନ" କିମ୍ବା"ଭାବିବା" କିମ୍ବା"ବୁଝାମଣା" ବୋଲି ଅନୁବାଦ କରାଯାଇପାରେ ।
- "ମନେ ରଖନ୍ତୁ" ଅଭିବ୍ୟକ୍ତିକୁ "ମନେ ପକାନ୍ତୁ" କିମ୍ବା"ଧ୍ୟାନ ଦିଅନ୍ତୁ" କିମ୍ବା"ଏହା ଜାଣିବାକୁ ନିଶ୍ଚିତ ହୁଅନ୍ତୁ" ବୋଲି ଅନୁବାଦ କରାଯାଇପାରେ I
- "ମନରେ ରଖ" ଭାବପ୍ରକାଶକୁ "ମନେ ରଖ" କିମ୍ବା "ଏହା ପ୍ରତି ଧ୍ୟାନ ଦିଅ" କିମ୍ବା "ଏହା ଜାଣିବା ନିଶ୍ଚିତ ହୁଅ" ବୋଲି ଅନୁବାଦ କରାଯାଇପାରେ।
- ହୃଦୟ,ଆତ୍ମା ଏବଂ ମନ" ଭାବପ୍ରକାଶକୁ "ଆପଣ ଯାହା ଅନୁଭବ କରନ୍ତି, ଆପଣ କଅଣ ବିଶ୍ୱାସ କରନ୍ତି, ଏବଂ ଏ ବିଷୟରେ ଆପଣ କଅଣ ଭାବୁ ଅଛନ୍ତି" ବୋଲି ଅନୁବାଦ କରାଯାଇପାରିବ।
- "ମନର ଡାକରା" ଭାବପ୍ରକାଶକୁ "ମନେ ପକାନ୍ତୁ" କିମ୍ବା"ଏ ବିଷୟରେ ଚିନ୍ତା କରନ୍ତୁ" ବୋଲି ଅନୁବାଦ କରାଯାଇପାରେ।
- "ମନ ପରିବର୍ତ୍ତନ କରି ଚାଲିଗଲେ" ଭାବପ୍ରକାଶକୁ "ଭିନ୍ନ ଭାବେ ନିଷ୍ପତ୍ତି ନେଇ ଚାଲି ଗଲେ" କିମ୍ବା"ସମସ୍ତଙ୍କ ପଛରେ ଯିବାକୁ ନିଷ୍ପତ୍ତି ନେଲେ" କିମ୍ବା"ତାହାଙ୍କର ଅଭିମତ ପରିବର୍ତ୍ତନ କରି ଚାଲିଗଲେ" ବୋଲି ଅନୁବାଦ କରାଯାଇପାରେ ।
- "ଦୁଇମନା" ଭାବପ୍ରକାଶକୁ "ସନ୍ଦେହ" କିମ୍ବା "ନିଷ୍ପତ୍ତି ନେବାରେ ଅସମର୍ଥ" କିମ୍ବା "ଦ୍ୱନ୍ଦ ସହି ବିବେଚନା କରିବା" ବୋଲି ଅନୁବାଦ କରାଯାଇପାରେ ।

(ବିଶ୍ୱାସ, ହୃଦୟ, ଆତ୍ମା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଲୂକ 10:27
- ମାର୍କ 6:51-52
- ମାଥିଉ 21:29
- ମାଥିଉ 22:37
- ଯାକୁବ 4:8

ଶବ୍ଦବିନ୍ୟାସ:

- Strong's: H3629, H3820, H3824, H5162, H7725, G12710, G13740, G33280, G35250, G35400, G35630, G49930, G55900

ମନସ୍ତାପ

ପରିଭାଷା:

"ମନସ୍ତାପ"ଶବ୍ଦ କଠୋର ଯନ୍ତ୍ରଣା କିମ୍ବା ମାନସିକ ଅଶାନ୍ତିକୁ ସୂଚାଏ I

- "ମନସ୍ତାପ"ଶାରୀରିକ କିମ୍ବା ଆବେଗପ୍ରବଣ ଯନ୍ତ୍ରଣା କିମ୍ବା ମାନସିକ ଅଶାନ୍ତି ହୋଇପାରେ I
- ଯେଉଁ ଲୋକମାନେ ବାରମ୍ବାର ଅତିଶୟ ମନସ୍ତାପରେ ଥାଆନ୍ତି,ଏହା ସେମାନଙ୍କ ମୁହଁ ଏବଂ ବ୍ୟବହାରରେ ପ୍ରକାଶ ହୁଏ I
- ଉଦାହରଣ ସ୍ୱରୂପ, ପ୍ରବଳ ଯନ୍ତ୍ରଣା କିମ୍ବା ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତି ଦାନ୍ତ କଡ଼ମଡ଼ କରିପାରେ କିମ୍ବା ଚିତ୍କାର କରିପାରେ I
- "ମନସ୍ତାପ"ଶବ୍ଦକୁ "ଆବେଗ ପ୍ରବଣମାନସିକ ଅଶାନ୍ତି"କିମ୍ବା "ଗଭୀର ଦୁଃଖ"କିମ୍ବା "କଠୋର ଯନ୍ତ୍ରଣା"ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ଯିରିମୀୟ ୬:୨୪
- ଯିରିମୀୟ ୧୯:୯
- ଆୟୁବ ୧୫:୨୪
- ଲୂକ ୧୬:୨୪
- ଗୀତସଂହିତା ୧୧୬:୩-୪

ଶବ୍ଦବିନ୍ୟାସ:

- Strong's: H2342, H2470, H2479, H3708, H4164, H4689, H4691, H5100, H6695, H6862, H6869, H7267, H7581, G09280, G36000, G49280

ମନ୍ଦକାରୀ, ମନ୍ଦକାରୀମାନେ, ମନ୍ଦକରିବା

ପରିଭାଷା:

"ମନ୍ଦକାରୀ" ଶବ୍ଦଟି ସାଧାରଣତଃ ଏପରି ଲୋକମାନଙ୍କୁ ବୁଝାଏ ଯେଉଁମାନେ ପାପ କର୍ମ ଏବଂ ଦୁଷ୍ଟ କର୍ମ କରନ୍ତି I

- ଏହା ମଧ୍ୟ ଏକ ସାଧାରଣ ଶବ୍ଦ ଭାବରେ ଯେଉଁଲୋକମାନେ ଈଶ୍ୱରଙ୍କ ଅବାଧ୍ୟ ହୁଅନ୍ତି ସେମାନଙ୍କୁ ବୁଝାଏ I
- ଏହି ଶବ୍ଦଟିକୁ "ମନ୍ଦ" କିମ୍ବା "ଦୁଷ୍ଟ" କାର୍ଯ୍ୟ କରିବା କିମ୍ବା ତିଆରି କରିବା କିମ୍ବା କିଛି କରିବା ବିଷୟ ଭାବରେ ଭାଷାନ୍ତର କରାଯାଇପାରେ I

(ମଧ୍ୟ ଦେଖନ୍ତୁ:ମନ୍ଦ)

ବାଇବଲ ପଦପର୍ବ:

- ୧ ପିତର ୦୨:୧୩-୧୭
- ଯିଶାଇୟ ୦୯:୧୬-୧୭
- ଲୁକ ୧୩:୨୫-୨୭
- ମଲାଖି ୦୩:୧୩-୧୫
- ମାଥିଉ ୦୭:୨୧-୨୩

ବୋର୍ଡ ଡାଟା :

- Strong's: H205, H6213, H6466, H7451, H7489, G93, G458, G2038, G2040 , G2555

ମରୁଭୂମୀ, ପ୍ରାନ୍ତର

ପରିଭାଷା:

ମରୁଭୂମୀ କିମ୍ବା ପ୍ରାନ୍ତର ଏକ ଶୁଷ୍କ, ଟାଙ୍ଗରା ଭୂମି ଯେଉଁଠାରେ କିଛି ଅଳ୍ପ ଗଛ ବୃଦ୍ଧି ହୁଏ I

- ମରୁଭୂମି ଏକ ଶୁଷ୍କ ଏବଂ ଅଳ୍ପ ଗଛ କିମ୍ବା ପଶୁ ରହିବା ସ୍ଥାନ ଅଟେ I
- କଠିନ ପରିବେଶ ହେତୁ ଖୁବ୍ ଅଳ୍ପ ଲୋକ ମରୁଭୂମିରେ ବାସ କରନ୍ତି ଯାହାକୁ "ପ୍ରାନ୍ତର" ବୋଲି ମଧ୍ୟ କୁହାଯାଏ I
- "ପ୍ରାନ୍ତର" ଶବ୍ଦର ଅର୍ଥ ଦୂର, ଖାଲି ଏବଂ ଲୋକଙ୍କଠାରୁ ଅଲଗା ଅଟେ I
- ଏହା ଶବ୍ଦକୁ "ପରିତ୍ୟକ୍ତ ସ୍ଥାନ" କିମ୍ବା "ନିର୍ଜନ ସ୍ଥାନ" କିମ୍ବା "ଲୋକନଥିବା ସ୍ଥାନ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ପ୍ରେରିତ ୧୩:୧୬-୧୮
- ପ୍ରେରିତ ୨୧:୩୭-୩୮
- ଯାତ୍ରାପୁସ୍ତକ ୪::୨୭-୨୮
- ଆଦିପୁସ୍ତକ ୩୭:୨୧-୨୨
- ଯୋହନ ୩:୧୪
- ଲୂକ ୧:୮୦
- ଲୂକ ୯:୧୨-୧୪
- ମାର୍କ ୧:୩
- ମାଥିଉ ୪:୧
- ମାଥିଉ ୧୧:୮

ଶବ୍ଦବିନ୍ୟାସ:

Strong's: H0776, H2723, H3293, H3452, H4057, H6160, H6723, H6728, H6921, H8047, H8414, G20470, G20480

ମସ୍ତକ

ପରିଭାଷା:

"ମସ୍ତକ" ଶବ୍ଦଟି ମନୁଷ୍ୟ ଶରୀରର ଉପର ଅଂଶ, ବେକ ଉପରେ ଥାଏ । ଏହି ଶବ୍ଦ ଅନେକ ସମୟରେ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, "ଶୀର୍ଷ ", "ପ୍ରଥମ ", "ଆରମ୍ଭ ", "ଉତ୍ସ" ଏବଂ ଅନ୍ୟାନ୍ୟ ବିଷୟକୁ ସୂଚାଏ ।

"ମସ୍ତକ" ଶବ୍ଦର ବିଭିନ୍ନ ବ୍ୟବହାରର ଏହି ଉଦାହରଣରେ ଅନ୍ତର୍ଭୁକ୍ତ ଅଟେ:

- "ତାଙ୍କ ମସ୍ତକରେ କ୍ଷୁର କେବେ ଲାଗିବ ନାହିଁ" ଅଭିବ୍ୟକ୍ତିର ଅର୍ଥ ସେ କେବେ ବି କେଶ କାଟିବେ ନାହିଁ କିମ୍ବା କ୍ଷୌର କରିବେ ନାହିଁ ଅଟେ ।
- "ସେମାନଙ୍କର ରକ୍ତ ତାଙ୍କ ମସ୍ତକରେ ବର୍ତ୍ତୁ" ଅଭିବ୍ୟକ୍ତିର ଅର୍ଥ ସେହି ବ୍ୟକ୍ତି ସେମାନଙ୍କ ମୃତ୍ୟୁ ପାଇଁ ଦାୟୀ ଏବଂ ଏଥିପାଇଁ ଦଣ୍ଡ ପାଇବ ଅଟେ ।
- "ଶସ୍ୟର ମସ୍ତକ" ଅଭିବ୍ୟକ୍ତି ଗହମ ଗଛର ଉପର ଅଂଶକୁ ବୁଝାଏ ଯେଉଁଥିରେ ମଞ୍ଜି ଥାଏ । ସେହିଭଳି, "ପର୍ବତର ମସ୍ତକ" ଅଭିବ୍ୟକ୍ତି ପର୍ବତର ଉପର ଅଂଶକୁ ବୁଝାଏ ।
- "ମସ୍ତକ" ଶବ୍ଦ ମଧ୍ୟ କୌଣସି ବିଷୟର ଆରମ୍ଭ କିମ୍ବା ଉତ୍ସକୁ ସୂଚାଇପାରେ, କିମ୍ବା ଜିନିଷଗୁଡ଼ିକର କ୍ରମରେ ପ୍ରଥମ (ବସ୍ତୁ କିମ୍ବା ଲୋକ ହୋଇପାରେ) ସୂଚାଏ ।
- "ମସ୍ତକ" ଶବ୍ଦଟି ପ୍ରାୟତଃ ଗୋଷ୍ଠୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିକୁ କିମ୍ବା ଅନ୍ୟମାନଙ୍କ ଉପରେ କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ବୁଝାଏ । ଉଦାହରଣ ସ୍ୱରୂପ, "ତୁମେ ମୋତେ ଜାତିର ପ୍ରଧାନ କରିଅଛ" ବାକ୍ୟର ଅର୍ଥ "ତୁମେ ମୋତେ ଶାସକ କରିଅଛ..." କିମ୍ବା "ତୁମେ ମୋତେ ଅଧିକାର ଦେଇଅଛ...।"

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି "ମସ୍ତକ" ଶବ୍ଦକୁ "ଅଧିକାର" କିମ୍ବା "ଶାସକ" କିମ୍ବା "ଏଥି ନିମନ୍ତେ ଦାୟୀଥିବା ବ୍ୟକ୍ତି I"
- "ତାହାର ନିଜ ମସ୍ତକରେ ପଡ଼ିବ" ଅଭିବ୍ୟକ୍ତିକୁ "ତାହା ଉପରେ ପଡ଼ିବ" କିମ୍ବା "ସେଥି ନିମନ୍ତେ ତାହାକୁ ଦଣ୍ଡ ମିଳିବ" କିମ୍ବା "ସେଥି ନିମନ୍ତେ ସେ ଦାୟୀ ହେବେ" କିମ୍ବା "ସେ ଦୋଷୀ ହେବ" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ ଉପରେ ଆଧାର କରି, ଏହି ଶବ୍ଦକୁ "ଶିର୍ଷ" କିମ୍ବା "ଆରମ୍ଭ" କିମ୍ବା "ଉତ୍ସ" କିମ୍ବା "ଶାସକ" କିମ୍ବା "ନେତା" ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ପ୍ରଧାନ, ଶସ୍ୟ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ ୧:୫୧-୫୪
- ପ୍ରଥମ ରାଜାବଳୀ ୮:୧-୨
- ପ୍ରଥମ ଶାମୁୟେଲ ୯:୨୨
- କଲସୀୟ ୨:୧୦
- କଲସୀୟ ୨:୧୯
- ଗଣନା ପୁସ୍ତକ ୧:୪

ଶବ୍ଦବିନ୍ୟାସ:

- Strong's: H0441, H1270, H1538, H3852, H4425, H4761, H4763, H5110, H5324, H6285, H6287, H6797, H6915, H6936, H7139, H7144, H7146, H7217, H7226, H7218, H7541, H7636, H7641, H7872, G03460, G07550, G27750, G27760, G47190

ମହାମାରୀ, ମହାମାରୀଗୁଡ଼ିକ

ସଂଜ୍ଞା:

ମହାମାରୀଗୁଡ଼ିକ ଏଭଳି ଘଟଣାମାନ ଯାହା ବହୁ ସଂଖ୍ୟକ ଲୋକମାନଙ୍କର ଅସୁସ୍ଥତା ବା ମୃତ୍ୟୁ ଘଟାଇଥାଏ I ଅନେକ ସମୟରେ, ମହାମାରୀ ଏକ ରୋଗ ଯାହା ଖୁବ୍ ଶୀଘ୍ର ବ୍ୟାପୀଯାଇଥାଏ ଏବଂ ଏହାକୁ ରୋକିପାରିବା ପୂର୍ବରୁ ଅନେକ ଲୋକମାନଙ୍କର ମୃତ୍ୟୁ ଘଟାଇଥାଏ I

- ଅନେକ ମହାମାରୀଗୁଡ଼ିକର ପ୍ରାକୃତିକ କାରଣଗୁଡ଼ିକ ଥାଏ, କିନ୍ତୁ କେତେକ ମହାମାରୀକୁ ପାପ ହେତୁ ଲୋକମାନଙ୍କୁ ଦଣ୍ଡ ଦେବା ନିମନ୍ତେ ଈଶ୍ୱରଙ୍କ ଦ୍ୱାରା ପ୍ରେରଣ କରାଯାଇଥାଏ I
- ମୋଶାଙ୍କ ସମୟରେ, ଈଶ୍ୱର ମିସର ବିରୁଦ୍ଧରେ ଦଶଟି ମହାମାରୀ ପ୍ରେରଣ କଲେ ଯେପରି ମିସର ଛାଡ଼ି ଯିବା ନିମନ୍ତେ ଇସ୍ରାଏଲୀୟ ଲୋକମାନଙ୍କୁ ଅନୁମତି ଦେବା ପାଇଁ ସେ ଫାରୋଙ୍କୁ ବଳପୂର୍ବକ ବାଧ କରିବେ I

ଏହି ମହାମାରୀଗୁଡ଼ିକ ମଧ୍ୟରେ ଜଳକୁ ରକ୍ତରେ ପରିଣତ କରିବା, ଶାରୀରିକ ରୋଗଗୁଡିକ, ପଙ୍ଗପାଳ ଏବଂ ଶିଳାବୃଷ୍ଟି ଦ୍ୱାରା ଶସ୍ୟ ନଷ୍ଟ, ତିନି ଦିନ ଧରି ସମ୍ପୂର୍ଣ୍ଣ ଅନ୍ଧକାର, ଏବଂ ପ୍ରଥମ ଜାତ ପୁତ୍ର ସନ୍ତାନମାନଙ୍କର ମୃତ୍ୟୁ ଅନ୍ତର୍ଭୁକ୍ତଥିଲା I

- ଏହା ମଧ୍ୟ ପୂର୍ବାପର ସମ୍ବନ୍ଧକୁ ଆଧାର କରି “ବ୍ୟାପକ ବିପର୍ଯ୍ୟୟ” କିମ୍ବା “ବ୍ୟାପକ ରୋଗ” ଭାବରେ ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: କୁଆପଥର ବୃଷ୍ଟି, ଇସ୍ରାଏଲ, ମୋଶା, ଫାରୋ)

ବାଇବଲ ପଦଗୁଡିକ:

- 2 ୟ ଶାମୁଏଲ୍ 24:13-14
- ଯାତ୍ରାପୁସ୍ତକ 09:13-14
- ଆଦିପୁସ୍ତକ 12:17-20
- ଲୂକ 21:10-11
- ପ୍ରକାଶିତବାକ୍ୟ 09: 18-19

ବୋର୍ଡ ଡାଟା :

- Strong's: H1698, H4046, H4194, H4347, H5061, H5062, H5063, G3061, G3148, G4127

ମହାସଭା,

ପରିଭାଷା:

ମହାସଭା ଏକ ସ୍ଥାନକୁ ବୁଝାଏ ଯେଉଁଠାରେ ଏକ ଗୋଷ୍ଠୀ, ଆଲୋଚନା କରିବାକୁ, ପରାମର୍ଶ ଦେବାକୁ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ନିଷ୍ପତ୍ତି ନେବା ପାଇଁ ଏକତ୍ରିତ ହୁଅନ୍ତି I

- ଏକ ମହାସଭା ସାଧାରଣତଃ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏକ ସରକାରୀ ଏବଂ କିଛି ସ୍ଥାୟୀ ଉପାୟରେ ସଂଗଠିତ ହୋଇଥାଏ, ଯେପରିକି ଆଇନଗତ ବିଷୟ ଉପରେ ନିଷ୍ପତ୍ତି ନେବାକୁ I
- ଯିରୂଶାଲମରେ ଥିବା "ଯିହୁଦୀ ମହାସଭା" ଯାହା "ମହାସଭା" ନାମରେ ମଧ୍ୟ ଜ୍ଞାତ, ଏହାର ୭୦ ଜଣ ସଦସ୍ୟ ଥିଲେ, ଯେଉଁ ମହାସଭାରେ ଯିହୁଦୀ ନେତାଗଣ ଯଥା ମହାଯାଜକଗଣ, ପ୍ରାଚୀନଗଣ, ପେଶାଦାର ଧର୍ମଜ୍ଞାନୀ ବ୍ୟକ୍ତିଗଣ, ଫାରୂଶୀ ଏବଂ ସାଦ୍ଦୁକୀମାନେ ପ୍ରତ୍ୟେକ ସମୟରେ ଏକତ୍ର ହୋଇ ଯିହୁଦୀ ନୀୟମାନୁସାରେ ନିଷ୍ପତ୍ତି ନେଉଥିଲେ I ଏହି ଧାର୍ମିକ ମହାସଭାରେ ଯୀଶୁଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ନିଷ୍ପତ୍ତି କରାଯାଇଥିଲା I
- ସେହି ସମୟରେ ଅନ୍ୟ ସହରଗୁଡ଼ିକରେ ଛୋଟ ଛୋଟ ଯିହୁଦୀ ମହାସଭାଗୁଡ଼ିକ ମଧ୍ୟ ଥିଲା I
- ପ୍ରେରିତ ପାଉଲ ସୁସମାଚାର ପ୍ରଚାର ହେତୁ ବନ୍ଦୀ ଭାବରେ ରୋମୀୟ ମହାସଭାକୁ ଆଣାଯାଇଥିଲେ I
- ପ୍ରସଙ୍ଗ ଉପରେ ଆଧାର କରି, "ମହାସଭା" ଶବ୍ଦକୁ "ନ୍ୟାୟିକ ସମାଗମ" କିମ୍ବା "ରାଜନୈତିକ ବିଚାର ସ୍ଥଳୀ" ବୋଲି ଅନୁବାଦ କରାଯାଇପାରେ I
    - "ମହାସଭାରେ" ଥିବା ଅର୍ଥ କୌଣସି ବିଷୟରେ ନିଷ୍ପତ୍ତି ନେବା ପାଇଁ ସେଠାରେ ଉପସ୍ଥିତ ରହିବା ଅଟେ I
- ଏହା "ପରାମର୍ଶ" ଶବ୍ଦଠାରୁ ଭିନ୍ନ ଅଟେ ଯାହାର ଅର୍ଥ "ଜ୍ଞାନର ଉପଦେଶ ଦେବା" ଅଟେ I

(ଦେଖନ୍ତୁ: ସଭା, ପରାମର୍ଶ, ଫାରୂଶୀ, ବ୍ୟବସ୍ଥା, ଯାଜକ, ସାଦ୍ଦୂକୀ, ଶାସ୍ତ୍ରୀ)

ବାଇବେଲ ପଦପର୍ବ:

- ପ୍ରେରିତ ୬:୫୭-୫୮
- ପ୍ରେରିତ ୨୪:୨୦
- ଯୋହନ ୩:୨
- ଲୂକ ୨୨:୬୮
- ମାର୍କ ୧୩:୧୦
- ମାଥିଉ ୫:୨୨
- ମାଥିଉ ୨୬:୫୯

ଶବ୍ଦବିନ୍ୟାସ:

- Strong's: H4186, H5475, G10100, G48240, G48920

ମାତାଲ, ମଦ୍ୟାସକ୍ତ ବ୍ୟକ୍ତି

ସତ୍ୟ ଘଟଣାବଳୀ:

"ମାତାଲ" ଶବ୍ଦର ଅର୍ଥ ଅତ୍ୟଧିକ ମଦ୍ୟପାନ କରିବା ଅଟେ ।

- ଏକ "ମଦ୍ୟାସକ୍ତ ବ୍ୟକ୍ତି" ଜଣେ ଏପରି ବ୍ୟକ୍ତି ଅଟେ ଯିଏ ବହୁବାର ମଦ୍ୟପାନ କରିଥାଏ । ଏହି ପ୍ରକାରର ବ୍ୟକ୍ତିକୁ "ମଦମତ୍ତତା" ବୋଲି ଦର୍ଶା ଯାଇପାରେ ।
- ବାଇବେଲ ବିଶ୍ୱାସୀମାନଙ୍କୁ ମଦ୍ୟପାନରେ ମଦ୍ୟପାନ ନକରିବାକୁ ଉତ୍ସାହିତ କରେ ବରଂ ଈଶ୍ୱରଙ୍କ ପବିତ୍ର ଆତ୍ମା ଦ୍ୱାରା ନିୟନ୍ତ୍ରିତ ହେବାକୁ ଉତ୍ସାହିତ କରିଥାଏ।
- ବାଇବେଲ ଶିକ୍ଷା ଦିଏ ଯେ ମତ୍ତତା ଅଜ୍ଞାନତା ଅଟେ ପୁଣି ଏହା ଅନ୍ୟ ମାର୍ଗରେ ପାପରେ ଜଣେ ବ୍ୟକ୍ତିକୁ ପ୍ରଭାବିତ କରିଥାଏ ।
- "ମାତାଲ" ଶବ୍ଦକୁ "ମଦ୍ୟପ ହେବା" କିମ୍ବା "ନିଶାସକ୍ତ ହେବା" କିମ୍ବା "ଅତ୍ୟଧିକ ମଦମତ୍ତତା ହେବା" କିମ୍ବା "ଉତ୍ତେଜିତ ପାନୀୟ ସହ ପୂର୍ଣ୍ଣ ହେବା" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ମଦ୍ୟ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ ୫:୧୧-୧୩
- ପ୍ରଥମ ଶାମୁୟେଲ ୨୫: ୩୬
- ଯିରିମୀୟ ୧୩:୧୩
- ଲୂକ ୭: ୩୪
- ଲୂକ ୨୧: ୩୪
- ହିତୋପଦେଶ ୨୩: ୯-୨୧

ଶବ୍ଦବିନ୍ୟାସ:

- Strong's: H5433, H7301, H7910, H7937, H7941, H7943, H8354, H8358, G31780, G31820, G31830, G31840, G36300, G36320

ମାନିନେବା,ମାନିବା, ବୁଝିଲା, ସ୍ୱୀକାର କରିବା, ସ୍ୱୀକୃତ

ତଥ୍ୟମାନ:

ନିର୍ଦ୍ଦିଷ୍ଟ ପଦ "ସ୍ୱୀକାର କରିବା"ର ଅର୍ଥ କିଛି ବସ୍ତୁ ବା ବ୍ୟକ୍ତିକୁ ସଠିକ୍ ଭାବରେ ବୁଝିବା I

- ପ୍ରଭୁଙ୍କୁ ବୁଝିବା ମଧ୍ୟ ଏହିପ୍ରକାରେ ପ୍ରକାଶ କରେ, ସେ ଯାହା କରନ୍ତି ତାହା ସତ୍ୟ ଅଟେ I
- ଯେଉଁ ବ୍ୟକ୍ତିଗଣ ପ୍ରଭୁଙ୍କୁ ସ୍ୱୀକାର କରନ୍ତି, ସେମାନେମାନ୍ୟତା ଦ୍ୱାରା ପ୍ରକାଶ କରନ୍ତି, ଯାହା ପ୍ରଭୁଙ୍କ ନାମକୁ ଗୌରବ ଆଣିଦିଏ I
- କିଛି ବିଷୟକୁ ସ୍ୱୀକାର କରିବା ତାହାର ଅର୍ଥ ଯାହା ସତ୍ୟ ତାହାକୁ ବିଶ୍ୱାସ କରିବା, ପୁଣି କାର୍ଯ୍ୟ ଏବଂ ବାକ୍ୟ ଦ୍ୱାରା ତାହା ନିଶ୍ଚୟତା କରିବା I

ଅନୁବାଦର ପ୍ରସ୍ତାବିତ ବିଷୟ:

- ସ୍ୱୀକାର କରିବାର ପ୍ରଶଂଗରେ ଯାହା ସତ୍ୟ ଅଟେ, ତାହା "ସ୍ୱୀକାର"କୁ "ଗ୍ରହଣ" କିମ୍ବା "ଘୋଷଣା" କିମ୍ବା "ସତ୍ୟ ବୋଲି ଘୋଷଣା କରିବା" କିମ୍ବା "ବିଶ୍ୱାସ" ଭାବେ ଅନୁବାଦ କରାଯାଇପାରେ I
- ଯେତେବେଳେ ଜଣେ ବ୍ୟକ୍ତିକୁ "ସ୍ୱୀକାର କରିବା" ବିଷୟରେ ଦର୍ଶାଯାଏ ତେବେ ଏହା ବ୍ୟକ୍ତିଙ୍କୁ "ଗ୍ରହଣ" କିମ୍ବା "ମୂଲ୍ୟବୋଧକୁ ବୁଝିବା" କିମ୍ବା "ଅନ୍ୟମାନଙ୍କୁ କହିବା ଯେ ବ୍ୟକ୍ତିଟି ବିଶ୍ୱସ୍ତ", ଭାବେ ଅନୁବାଦ କରାଯାଇପାରେ I
- ପ୍ରଭୁଙ୍କୁ "ସ୍ୱୀକାର" କରିବା ପ୍ରଶଂଗରେ, "ପ୍ରଭୁଙ୍କୁ ବିଶ୍ୱାସ ଏବଂମାନ୍ୟ କରିବା" କିମ୍ବା "ସେ କିଏ ଅଟନ୍ତି ପ୍ରକାଶ କରିବା" କିମ୍ବା "ଅନ୍ୟମାନଙ୍କୁ ପ୍ରଭୁ କେତେ ମହାନ୍ କହିବା" କିମ୍ବା "ସ୍ୱୀକାର କରିବା ପ୍ରଭୁ ଯାହା କହନ୍ତି ଏବଂ ଯାହା କରନ୍ତି ତାହା ସତ୍ୟ ଅଟେ", ଏହିଭାବେ ଅନୁବାଦ କାରାଯାଇପାରେ I

(ମଧ୍ୟ ଦେଖିପାରିବା: ମାନିବା, ଗୌରବ, ରକ୍ଷା କରିବା)

ବାଇବଲ ପଦପର୍ବ:

- ଦାନୀୟେଲ ୧୧:୩୮-୩୯
- ଯିରିମୀୟ ୦୯:୪-୬
- ଆୟୁବ ୩୪:୨୬-୨୮
- ଲେବୀୟ ୨୨:୩୧-୩୩
- ଗୀତସଂହିତା ୦୨୯:୧-୨

ବୋର୍ଡ ଡାଟା :

- Strong's: H3045, H3046, H5046, H5234, H6942, G1492, G1921, G3670

ମାସ, ମାସିକ

ପରିଭାଷା:

"ମାସ" ଶବ୍ଦ ଚାରି ସପ୍ତାହ ସମୟକୁ ସୂଚିତ କରେ । ମାସରେ କେତେ ଦିନ ରହିବ ତାହା ଚନ୍ଦ୍ର ବା ସୌର କ୍ୟାଲେଣ୍ଡର ଉପରେ ନିର୍ଭର କରେ ।

- ଚନ୍ଦ୍ର କ୍ୟାଲେଣ୍ଡର ଅନୁଯାୟୀ ମାସର ଦିନ ସମୟକୁ ଏପରି ନିରୂପିତ କରାଯାଏ ଯେ ଚନ୍ଦ୍ର ପୃଥିବୀ ଚତୁର୍ଦ୍ଦିଗରେ ଘୂରିବା 29 ଦିନକୁ ସୂଚିତ କରେ । ଏହି ପ୍ରଣାଳୀରେ ଗୋଟିଏ ବର୍ଷରେ 12 କିମ୍ବା 13 ମାସ ହୁଏ । ଗୋଟିଏ ବର୍ଷରେ 12 କିମ୍ବା 13 ମାସ ହେବା ସତ୍ତ୍ୱେ ଯେ କୌଣସି ଋତୁରେ ମାସର ପ୍ରଥମ ନାମ ସମାନ ଥାଏ ।
- "ଅମାବାସ୍ୟା" ଦିନ କିମ୍ବା ଯେଉଁ ଦିନଠାରୁ ଚନ୍ଦ୍ର ତାହାର ଆକାରର ବୃଦ୍ଧି କରି ତାହାର ରୂପେଲି କିରଣ ପ୍ରଦାନ କରେ ସେହି ଦିନ ଚନ୍ଦ୍ର ମାସର ପ୍ରଥମ ଦିନ ବୋଲି ଧରାଯାଏ ।
- ମାସଗୁଡ଼ିକର ସମସ୍ତ ନାମ ବାଇବେଲରୁ ଆନିତ ଯାହାକି ଚନ୍ଦ୍ର ମାସ ବୋଲି ଧରାଯାଏ ତାହା ଇସ୍ରାଏଲୀୟମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିଲା । ଆଧୁନିକ ଯିହୁଦୀମାନେ ଧାର୍ମିକ କାର୍ଯ୍ୟ ନିମନ୍ତେ ଏହି କ୍ୟାଲେଣ୍ଡର ବ୍ୟବହାର କରନ୍ତି ।
- ଆଜିର ଦିନରେ ସୌର କ୍ୟାଲେଣ୍ଡର ଉପରେ ଆଧାରିତ ଯାହାକୁ ପୃଥିବୀ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ଘରିବାକୁ 365 ଦିନ ସମୟ ନିଏ । ଏହି ନିୟମ ଅନୁଯାୟୀ ବର୍ଷ କୁ 12 ମାସରେ ଭାଗ କରାଯାଏ ଏବଂ ମାସର ଦିନ 28 ରୁ 31 ମଧ୍ୟରେ ସୀମିତ ରହେ ।

ବାଇବେଲ ପଦପର୍ବ

- ପ୍ରଥମ ଶାମୁୟେଲ 20:34
- ପ୍ରେରିତ 18:9-11
- ଏବ୍ରୀ 11:23
- ଗଣନା 10:10

ଶବ୍ଦବିନ୍ୟାସ :

- Strong’s: H2320, H3391, H3393, G33760

ମୁକୁଟ, ମୁକୁଟରେ ଭୂଷିତ

ପରିଭାଷା:

ଏକ ମୁକୁଟ ରାଜା ଏବଂ ରାଣୀ ପରି ଶାସକଙ୍କ ମସ୍ତକରେ ପିନ୍ଧାଯାଇଥିବା ଏକ ସାଜସଜ୍ଜା, ବୃତ୍ତାକାର ଅଂଶବିଶେଷ ଅଟେ I “ମୁକୁଟ” ଶବ୍ଦର ଅର୍ଥ କାହାରି ମସ୍ତକରେ ଏକ ମୁକୁଟ ପିନ୍ଧାଇବା ଅଟେ; ଏହାର ସାଙ୍କେତିକ ଅର୍ଥ, ““ସମ୍ମାନିତ କରିବା” ଅଟେ I

- ମୁକୁଟଗୁଡ଼ିକ ସାଧାରଣ ଭାବେ ସୁନା କିମ୍ବା ରୁପାରେ ତିଆରି ହୋଇଥାଏ, ଏହାର ଚାରିପାଖ ସୁନ୍ଦର ହସ୍ତକୃତ କାରୁକାର୍ଯ୍ୟରେ ଝକମକ ଦେଖାଯାଉଥାଏ I
- ଗୋଟିଏ ମୁକୁଟ ଜଣେ ରାଜାଙ୍କର କ୍ଷମତା ଓ ସମ୍ପତ୍ତିର ଚିହ୍ନ ସ୍ୱରୂପ ଅଟେ I
- ଯେପରି ଯୀଶୁ ପରିହାସିତ ହେବେ ସେଥିପାଇଁ ଅସମତାରେ, କଣ୍ଟା ଡାଳରେ ମୁକୁଟ ତିଆରି କରି ରୋମୀୟ ସୈନିକମାନେ ଯୀଶୁଙ୍କ ମସ୍ତକରେ ପିନ୍ଧାଇଥିଲେ I
- ପ୍ରାଚୀନ କାଳରେ, ଖେଳରେ ବିଜେତାଙ୍କୁ ଜୀତବୃକ୍ଷ ଡାଳରେ ତିଆରି ହୋଇଥିବା ମୁକୁଟ ପିନ୍ଧାଉଥିଲେ ପ୍ରେରିତ ପାଉଲ ତୀମଥିଙ୍କୁ ଲେଖିଥିବା ପତ୍ରରେ ଏହି ମୁକୁଟ ବିଷୟରେ ଲେଖିଛନ୍ତି I
- “ମୁକୁଟ” ଶବ୍ଦର ସାଙ୍କେତିକ ଅର୍ଥ ଜଣକୁ ସମ୍ମାନିତ କରିବା ଅଟେ I ଆମ୍ଭେମାନେ ଈଶ୍ୱରଙ୍କୁ ଆଜ୍ଞାକାରୀ ହୋଇ ଏବଂ ଅନ୍ୟମାନଙ୍କ ନିକଟରେ ତାହାଙ୍କର ପ୍ରଂଶସା କରିବା ଦ୍ୱାରା ଆମ୍ଭେମାନେ ସମ୍ମାନିତ କରୁ I ଏହା ତାହାଙ୍କୁ ଆମ୍ଭେମାନେ ମୁକୁଟ ଦେଲାପରୀ ଅଟେ ଯେଉଁଥିରେ ଆମ୍ଭେମାନେ ଆମର ରାଜା ଭାବରେ ସ୍ୱୀକାର କରୁ I
- ପାଉଲ ତାଙ୍କର ସହ ବିଶ୍ୱସୀମାନଙ୍କୁ “ଆନନ୍ଦ ଓ ମୁକୁଟ “ବୋଲି ସମ୍ବୋଧନ କରନ୍ତି I ଏହି ଭାବର୍ଥାରେ “ମୁକୁଟ” ଶବ୍ଦକୁ ଯେ ପାଉଲ ପ୍ରଚୁର ଭାବେ ଆଶୀର୍ବାଦ ପାଇଥିଲେ ଓ ବିଶ୍ୱାସୀମାନଙ୍କର ଈଶ୍ୱରଙ୍କ ସେବା ଦେଖି ନିଜକୁ ସମ୍ମାନିତ ମନେ କରୁଛନ୍ତି ବୋଲି କହିବାକୁ ସାଙ୍କେତିକ ଅର୍ଥରେ ବ୍ୟବହାର କରାଯାଇଅଛି I
- ଯେତେବେଳେ “ମୁକୁଟ” ଶବ୍ଦକୁ ସାଙ୍କେତିକ ଅର୍ଥରେ ବ୍ୟବହାର କରାଯାଇଅଛି ସେତେବେଳେ ଏହାକୁ “ପୁରଷ୍କାର”, “ସମ୍ମାନ” କିମ୍ବା “ଉପହାର” ବୋଲି ଅନୁବାଦ କରାଯାଇପାରେ I
- “ମୁକୁଟ” ଶବ୍ଦର ସାଙ୍କେତିକ ଅନୁବାଦ “ସମ୍ମାନ” କିମ୍ବା “ସୁସଜ୍ଜିତ” ବୋଲି ଅନୁବାଦ କରାଯାଇପାରେ I
- ଯଦି ଜଣେ ବ୍ୟକ୍ତି “ମୁକୁଟରେ ଭୂଷିତ” ତେବେ ଏହି ଶବ୍ଦକୁ “ଗୋଟିଏ ମୁକୁଟ ତାଙ୍କ ମସ୍ତକରେ ପିନ୍ଧାଗଲା” ବୋଲି ଅନୁବାଦ କରାଯାଇପାରେ I
- “ସେ ଗୌରବ ଓ ସମ୍ମାନରେ ମଣ୍ଡିତ ହୋଇଛନ୍ତି” ବାକ୍ୟାଂଶର ଅଭିବ୍ୟକ୍ତିକୁ “ଗୌରବ ଓ ସମ୍ମାନରେ ଭୂଷିତ” କିମ୍ବା "ତାଙ୍କୁ ଗୌରବ ଓ ସମ୍ମାନ ଦିଆଗଲା" କିମ୍ବା "ତାଙ୍କୁ ଗୌରବ ଓ ସମ୍ମାନ ପ୍ରଦାନ କରାଯାଇଥିଲା" ବୋଲି ଅନୁବାଦ କରାଯାଇପାରେ I

(ଗୌରବ, ରାଜା, ଜୀତ:ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ 19:3
- ବିଳାପ ଗୀତ 5:16
- ମାଥିଉ 27:29
- ଫିଲିପ୍ପୀୟ 4:1
- ଗୀତସଂହିତା 21:3
- ପ୍ରକାଶିତ ବାକ୍ୟ 3:11

ଶବ୍ଦବିନ୍ୟାସ :

- Strong’s: H3803, H3804, H5145, H5849, H5850, H6936, G12380, G47350, G47370

ମୁଖ, ମୁଖ ମଣ୍ଡଳ

ପରିଭାଷା

"ମୁଖ" ଶବ୍ଦର ଅର୍ଥ ଜଣେ ବ୍ୟକ୍ତିର ମସ୍ତକର ସମ୍ମୁଖ ଭାଗକୁ ଦର୍ଶାଏ I ବାଇବେଲରେ ଏହି ଶବ୍ଦର ଅନେକ ସାଙ୍କେତିକ ଅର୍ଥ ମଧ୍ୟ ଅଛି I

- ବାଇବେଲରେ, “ମୁଖ” ଶବ୍ଦଟି ପ୍ରାୟତଃ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, ଯାହା ବ୍ୟକ୍ତିର ରୂପ, ବସ୍ତୁର ସମ୍ମୁଖ କିମ୍ବା କୌଣସି ବିଷୟର ପୃଷ୍ଠକୁ ବୁଝାଏ I
- ଜଣେ ବ୍ୟକ୍ତିଙ୍କୁ ସୂଚାଇବାବେଳେ, “ମୁଖ” ଶବ୍ଦଟି ପ୍ରାୟତଃ ସାଙ୍କେତିକ ଭାବରେ ଦେଖିବା ପାଇଁ ବ୍ୟବହୃତ ହୁଏ, ଯାହା ସେହି ବ୍ୟକ୍ତିଙ୍କ ଜ୍ଞାନ, ଧାରଣା, ଦୃଷ୍ଟି, ଧ୍ୟାନ, କିମ୍ବା ବିଚାରକୁ ପ୍ରତିପାଦିତ କରିପାରେ I
- ଶାରୀରିକ ଅର୍ଥରେ, କାହାକୁ କିମ୍ବା କୌଣସି ବସ୍ତୁକୁ “ସାମ୍ନା କରିବା” ଅର୍ଥ ସେହି ବ୍ୟକ୍ତି ବା ବସ୍ତୁର ଦିଗକୁ ଦେଖିବା ଅଟେ I
- “ପରସ୍ପରକୁ ସାମ୍ନା କରିବା” ଅର୍ଥ “ପରସ୍ପରକୁ ସିଧାସଳଖ ଦେଖିବା” ଅଟେ I
- "ମୁହାଁମୁହିଁ" ହେବାର ଅର୍ଥ ହେଉଛି ଦୁଇ ଜଣ ବ୍ୟକ୍ତି ପରସ୍ପରକୁ ଅତି ନିକଟରୁ ଦେଖୁଛନ୍ତି I
- ଯେତେବେଳେ ଯୀଶୁ “ଯିରୂଶାଲମକୁ ଯିବାକୁ ମୁଖ ଫେରିଲେ,” ଏହାର ଅର୍ଥ ହେଉଛି ଯେ ସେ ଯିବାକୁ ସ୍ଥିର କଲେ I
- ଏକ ଲୋକ କିମ୍ବା ସହର ବିରୁଦ୍ଧରେ "କାହାରି ମୁଖ ସ୍ଥିର କରିବା" ଅର୍ଥ ହେଉଛି ସେହି ସହର କିମ୍ବା ବ୍ୟକ୍ତିଙ୍କୁ ଆଉ ସମର୍ଥନ କରିବ ନାହିଁ କିମ୍ବା ପ୍ରତ୍ୟାଖ୍ୟାନ କରିବ କି ନାହିଁ ତାହା ସ୍ଥିର କରିବା ଅଟେ I
- "ସ୍ଥଳ ମୁଖ" ଅଭିବ୍ୟକ୍ତି ପୃଥିବୀ ପୃଷ୍ଠକୁ ବୁଝାଏ ଏବଂ ଏହା ପ୍ରାୟତଃ ସମଗ୍ର ପୃଥିବୀ ପାଇଁ ଏକ ସାଧାରଣ ସନ୍ଦର୍ଭ ଅଟେ I ଉଦାହରଣ ସ୍ୱରୂପ, “ପୃଥିବୀରେ ଦୁର୍ଭିକ୍ଷ” ପୃଥିବୀରେ ବାସ କରୁଥିବା ଅନେକ ଲୋକମାନଙ୍କୁ ପ୍ରଭାବିତ କରୁଥିବା ଏକ ବ୍ୟାପକ ଦୁର୍ଭିକ୍ଷକୁ ବୁଝାଏ I
- ସାଙ୍କେତିକ ଅଭିବ୍ୟକ୍ତିର "ନିଜ ଲୋକମାନଙ୍କଠାରୁ ମୁଖ ଲୁଚାଅ ନାହିଁ" ଅର୍ଥାତ୍ "ନିଜ ଲୋକମାନଙ୍କୁ ପ୍ରତ୍ୟାଖ୍ୟାନ କର ନାହିଁ" କିମ୍ବା "ନିଜ ଲୋକମାନଙ୍କୁ ପରିତ୍ୟାଗ କର ନାହିଁ" କିମ୍ବା "ତୁମ୍ଭର ଲୋକମାନଙ୍କ ଯତ୍ନ ନେବା ବନ୍ଦ କର ନାହିଁ" I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯଦି ସମ୍ଭବ, ଅଭିବ୍ୟକ୍ତିକୁ ସ୍ଥାନୀୟ ଭାଷାରେ ପ୍ରକାଶ କରିବା ସର୍ବୋତ୍ତମ ଅଟେ I
- "ମୁଖ" ଶବ୍ଦକୁ "ବୁଲିବା" କିମ୍ବା "ସିଧା ଦେଖିବା" କିମ୍ବା "ଚେହେରାକୁ ଦେଖିବା" ବୋଲି ଅନୁବାଦ କରାଯାଇପାରେ I
- "ମୁହାଁମୁହିଁ" ଅଭିବ୍ୟକ୍ତିକୁ "ନିକଟରେ" କିମ୍ବା "ସାମ୍ନାରେ" କିମ୍ବା "ଉପସ୍ଥିତିରେ" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗ ଉପରେ ନିର୍ଭର କରି, "ତାଙ୍କ ସାମ୍ନାରେ" ଅଭିବ୍ୟକ୍ତିକୁ "ତାଙ୍କ ଆଗରେ" କିମ୍ବା "ତାଙ୍କ ସମ୍ମୁଖରେ" କିମ୍ବା "ତାଙ୍କ ପୂର୍ବରେ" କିମ୍ବା "ତାଙ୍କ ଉପସ୍ଥିତିରେ" ବୋଲି ଅନୁବାଦ କରାଯାଇପାରେ I
- "ଆପଣା ମୁଖ ବୁଲାଇବା" ଅଭିବ୍ୟକ୍ତିକୁ "ତାଙ୍କ ଆଡକୁ ଚାଲିବା ଆରମ୍ଭ କଲା" କିମ୍ବା "ସଂପୂର୍ଣ୍ଣ ରୂପେ ଯିବାକୁ ମନସ୍ଥ କଲା ବୋଲି ଅନୁବାଦ କରାଯାଇପାରେ I
- “ତାଙ୍କଠାରୁ ମୁଖ ଲୁଚାଇବା” ଅଭିବ୍ୟକ୍ତିକୁ “ଦୂରେଇ ଯିବା” କିମ୍ବା “ସାହାଯ୍ୟ କିମ୍ବା ସୁରକ୍ଷା ଦେବା ବନ୍ଦ କରିବା” କିମ୍ବା “ପ୍ରତ୍ୟାଖ୍ୟାନ କରିବା” ବୋଲି ଅନୁବାଦ କରାଯାଇପାରେ I
- ଏକ ସହର କିମ୍ବା ଲୋକମାନଙ୍କ ବିରୋଧରେ “ତାଙ୍କ ମୁହଁ ସ୍ଥିର କରିବା” ବାକ୍ୟାଂଶକୁ “କ୍ରୋଧରେ ଦେଖିବା” କିମ୍ବା “ଗ୍ରହଣ କରିବାକୁ ମନା କରିବା” କିମ୍ବା “ପ୍ରତ୍ୟାଖ୍ୟାନ କରିବା” କିମ୍ବା “ନିନ୍ଦା ଏବଂ ପ୍ରତ୍ୟାଖ୍ୟାନ କରିବା” କିମ୍ବା “ବିଚାର କରିବା” ବୋଲି ଅନୁବାଦ କରାଯାଇପାରେ I
- “ଏହାକୁ ସେମାନଙ୍କ ସମ୍ମୁଖରେ କୁହ” ଅଭିବ୍ୟକ୍ତିକୁ “ସେମାନଙ୍କୁ ସିଧାସଳଖ କୁହ” କିମ୍ବା “ସେମାନଙ୍କୁ ସେମାନଙ୍କ ଉପସ୍ଥିତିରେ କୁହ” କିମ୍ବା “ବ୍ୟକ୍ତିଗତ ଭାବରେ ସେମାନଙ୍କୁ କୁହ” ବୋଲି ଅନୁବାଦ କରାଯାଇପାରେ I
- “ଭୂମି ସମ୍ମୁଖରେ” ଅଭିବ୍ୟକ୍ତିକୁ “ସମଗ୍ର ଦେଶରେ” କିମ୍ବା “ସମଗ୍ର ଦେଶ ଉପରେ” କିମ୍ବା “ସମଗ୍ର ଦେଶରେ ବାସ କରିବା” ବୋଲି ଅନୁବାଦ କରାଯାଇପାରେ I

ବାଇବେଲ ପଦପର୍ବ:

- ଦ୍ୱିତୀୟ ବିବରଣ 5:4
- ଆଦି ପୁସ୍ତକ 33:10

ଶବ୍ଦବିନ୍ୟାସ :

- Strong’s: H0600, H0639, H5869, H6440, H8389, G37990, G43830, G47500

ମୁଖ୍ୟ, ପ୍ରଧାନ

ପରିଭାଷା:

"ମୁଖ୍ୟ" ଶବ୍ଦ ଏକ ନିର୍ଦ୍ଦିଷ୍ଟ ଦଳର କ୍ଷମତା ସମ୍ପନ୍ନ ଓ ମହତ୍ୱପୂର୍ଣ୍ଣ ନେତାଙ୍କୁ ବୁଝାଏ ଦିଏ।

- ଯେପରି "ସଂଗୀତ ନିର୍ଦ୍ଦେଶକ", "ପ୍ରାଧାନ ଯାଜକ" ଏବଂ "ପ୍ରାଧାନ କର ଆଦାୟକାରୀ" ଓ "ପ୍ରଧାନ ଶାସକ।"
- ଏହି ଶବ୍ଦକୁ ଗ୍ରହର ମୁଖିଆ ନିମନ୍ତେ ମଧ୍ୟ ବ୍ୟବହାର କରାଯାଇ ପାରିବ, ଯେପରି ଆଦିପୁସ୍ତକ ୩୬ ପଦରେ କେତେକ ଲୋକମାନଙ୍କର ବଂଶର "ମୁଖ୍ୟଙ୍କ" ନାମ ଉଲ୍ଲେଖ କରାଯାଇଛି। ଏଥିରେ, "ମୁଖ୍ୟ" ଶବ୍ଦକୁ "ନେତା" କିମ୍ବା "ପ୍ରାଧାନ ପିତା" ବୋଲି ଅନୁବାଦ କରାଯାଇପାରେ ।
- ଯେତେବେଳେ ବିଶେଷ୍ୟ ତଥା ନାମ ବଚାକ ଶବ୍ଦକୁ ବର୍ଣ୍ଣନା କରେ, ଏହାର ଅର୍ଥ "ପ୍ରଧାନ" କିମ୍ବା "ଶାସକ" ବୋଲି ଅନୁବାଦ କରାଯାଇପାରେ, ଯେପରି "ଆଗ ଧାଡିର ସଂଗୀତଜ୍ଞ" କିମ୍ବା "କ୍ଷମତାପୂର୍ଣ୍ଣ ଯାଜକ।"

(ଦେଖନ୍ତୁ: ପ୍ରଧାନ, ପ୍ରାଧାନ ଯାଜକ, ଯାଜକ, କର ଆଦାୟକାରୀ)

ବାଇବେଲ ପଦପର୍ବ:

- ଦାନିୟେଲ ୧:୧୧-୧୩
- ଯିହିଜିକଲ ୨୬:୧୫-୧୬
- ଲୂକ ୧୯:୨
- ଗୀତସଂହିତା ୪:୧

ଶବ୍ଦବିନ୍ୟାସ:

- Strong's: H0047, H0441, H5057, H5387, H5632, H6496, H7218, H7225, H7227, H7229, H7262, H8269, H8334, G07490, G07500, G07540, G44100, G44130, G55060

ମୁଣ୍ଡ ନୁଆଁଇବା,ନୋଇଁ ପଡିବା, ଆଣ୍ଠେଇବା, ଆଣ୍ଠୁକୁ ବଙ୍କା କରିବା

ପରିଭାଷା:

ମୁଣ୍ଡ ନୁଆଁଇବା ଅର୍ଥ ନମ୍ରତାର ସହିତ କାହା ପ୍ରତି ସମ୍ମାନ ଏବଂ ଆଦର ପ୍ରକାଶ କରିବା ଅଟେ । "ପ୍ରଣାମ" କରିବା ଅର୍ଥ ନଇଁ ପଡ଼ିବା କିମ୍ବା ଆଣ୍ଠୁମାଡି ପଡ଼ିବା, ପ୍ରାୟତଃ ମୁହଁ ଏବଂ ହାତ ସହିତ ଭୂମି ଆଡକୁ ଦୃଷ୍ଟିକରିବା ଅଟେ ।

- ଅନ୍ୟାନ୍ୟ ଅଭିବ୍ୟକ୍ତିରେ "ଆଣ୍ଠୁ ଭାଙ୍ଗିବା" ଅର୍ଥ (ଆଣ୍ଠେଇବା) ଏବଂ ମୁଣ୍ଡ ନୁଆଁଇବା ଅର୍ଥ (ଦୁଃଖରେ କିମ୍ବା ସମ୍ମାନର ସହ ଅନ୍ୟ ଜଣଙ୍କୁ ନତ ମସ୍ତକ କରିବା) ଅଟେ ।
- ନତ ହେବା ମଧ୍ୟ ମାନସିକ ଅଶାନ୍ତି ଏବଂ ଦୁଃଖର ଚିହ୍ନ ଅଟେ । ଯଦି ଜଣେ କେହି ନତ ହୁଏ ତା'ହେଲେ ସେ ନମ୍ରତାରେ ତଳକୁ ଆସେ ।
- ଉଚ୍ଚ ପଦାଧିକାରୀ ଶାସକ କିମ୍ବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବା ରାଜାମାନଙ୍କଠାରେ ଜଣେ ବ୍ୟକ୍ତି ତାଙ୍କ ଉପସ୍ଥିତିରେ ତାଙ୍କ ନିକଟରେ ନତ ହୁଏ ।
- ଈଶ୍ୱରଙ୍କ ସମ୍ମୁଖରେ ନତ ହେବା ଅର୍ଥାତ୍ ତାହାଙ୍କୁ ଉପାସନା କରିବା ଅଟେ ।
- ବାଇବେଲରେ ଲୋକମାନେ ଯୀଶୁଙ୍କଠାରେ ନତ ହେଲେ କାରଣ ସେମାନେ ଅନୁଭବ କଲେ ଯେ ସେ ଯେଉଁ ଆଶ୍ଚର୍ଯ୍ୟ କାର୍ଯ୍ୟ ଏବଂ ଶିକ୍ଷା ଦେଉଥିଲେ ତାହା ଈଶ୍ୱରଙ୍କଠାରୁ ଆଗତ ଥିଲା ।
- ବାଇବେଲ ଏହା ପ୍ରକାଶ କରେ ଯେ ଯେତେବେଳେ ଯୀଶୁ ଆସିବେ ପ୍ରତ୍ୟେକ ଜାନୁ ତାଙ୍କ ନିକଟରେ ନତ ହେବ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଅନୁଯାୟୀ ଏହି ଶବ୍ଦକୁ "ସମ୍ମୁଖରେ ନତ ହେବା" ବା "ମୁଣ୍ଡକୁ ନୁଆଁଇବା" କିମ୍ବା "ଆଣ୍ଠୁ ଭାଙ୍ଗିବା "ବୋଲି ଅନୁବାଦ କରାଯାଇପାରେ ।
- "ନୋଇଁ ପଡିବା" ଶବ୍ଦକୁ "ଆଣ୍ଠୁ ଭାଙ୍ଗିବା" କିମ୍ବା "ସାଷ୍ଟାଙ୍ଗ ପ୍ରଣାମ କରିବା" ବୋଲି ଅନୁବାଦ କରାଯାଇପାରେ ।
- କେତେକ ଭାଷାରେ ପ୍ରସଙ୍ଗ ଅନୁଯାୟୀ ଏହି ଶବ୍ଦର ଅନୁବାଦ ଅନେକ ଉପାୟ ହୋଇପାରେ ।

(ଦେଖନ୍ତୁ: ନମ୍ର, ଉପାସନା)

ବାଇବେଲ ପଦପର୍ବ:

- ଦ୍ୱିତୀୟ ରାଜାବଳୀ ୫:୧୮
- ଯାତ୍ରା ପୁସ୍ତକ ୨୦:୫
- ଆଦିପୁସ୍ତକ ୨୪:୨୬
- ଆଦି ପୁସ୍ତକ ୪୪:୧୪
- ଯିଶାଇୟ ୪୪:୧୯
- ଲୂକ ୨୪:୫
- ମାଥିଉ ୨:୧୧
- ପ୍ରକାଶିତ ବାକ୍ୟ ୩:୯

ଶବ୍ଦବିନ୍ୟାସ:

- Strong's: H0086, H3721, H3766, H5753, H5791, H6915, H7743, H7812, H7817, G11200, G25780, G28270, G40980

ମୃଗ, ହରିଣୀ, ମାଈ ହରିଣୀଗୁଡିକ, ମୃଗଶାବକଗୁଡିକ, ପୁଂମୃଗଗୁଡିକ

ସଂଜ୍ଞା:

ଏକ ମୃଗ ଗୋଟିଏ ବୃହତ, ଅନୁଗ୍ରହପୂର୍ଣ୍ଣ, ଚତୁଃଷ୍ପଦ ପ୍ରାଣୀ ଯାହା ବନଗୁଡିକରେ ବା ପାର୍ଶ୍ୱତ୍ୟଗୁଡିକର ଶିଖରେ ରହେ । ପୁରୁଷ ପ୍ରାଣୀଟି ଏହାର ମୁଣ୍ଡ ଉପରେ ଲମ୍ବା ଶିଙ୍ଗଗୁଡିକ ବା କୃଷ୍ଣସାରଗୁଡିକ ଥାଏ ।

- "ହରିଣୀ" ଶବ୍ଦଟି ଗୋଟିଏ ମାଇ ହରିଣୀକୁ ସୂଚାଏ ଏବଂ ଗୋଟିଏ "ମୃଗଶାବକ" ଗୋଟିଏ ଛୁଆହରିଣୀର ନାମ ଅଟେ ।
- "ପୁଂମୃଗ" ଗୋଟିଏ ପୁରୁଷ ମୃଗକୁ ବୁଝାଏ ।
- ଗୋଟିଏ "କୃଷ୍ଣସାର ମୃଗ" ବିଶେଷ ଜାତିର ପୁରୁଷ ମୃଗ ଯାହାକୁ "ଛୋଟ ମୃଗ" କୁହାଯାଏ ।
- ମୃଗ ଦୃଢ, ପତଳା ଗୋଡଗୁଡିକ ରହିଅଛି ଯାହା ସେମାନଙ୍କୁ ଉଚ୍ଚ କୁଦା ମାରିବା ପୁଣି ଦ୍ରୁତ ଦୌଡରେ ସାହାଯ୍ୟ କରେ ।
- ସେମାନଙ୍କ ପାଦ ଖୁରାଗୁଡିକ ଦି'ଭାଗ ରହିଥାଏ ଯେଉଁଟା ସେମାନଙ୍କୁ ଉଚ୍ଚ ଉପତ୍ୟକା ଉପରେ ଚାଲିବା ବା ସହଜରେ ଚଢିବାରେ ସାହାଯ୍ୟ କରେ ।

(ପୁନଶ୍ଚ ଦେଖନ୍ତୁ: ଅଜଣାଗୁଡିକୁ କିପରି ଅନୁବାଦ କରିବା)

ବାଇବଲ ଉଲ୍ଲେଖଗୁଡିକ:

- ୨ ଶାମୁୟେଲ ୨୨: ୩୪-୩୫
- ଆଦିପର୍ୱ ୪୯: ୧୯-୨୧
- ଆୟୁବ ୩୯: ୧-୨
- ଗୀତସଂହିତା ୦୧୮: ୩୩-୩୪
- ପରମଗୀତ ୦୨: ୭

ବୋର୍ଡ ଡାଟା :

- Strong's: H354, H355, H365, H3180, H3280, H6643, H6646

ମୃତ୍ୟୁହେବା, ମୃତ,ମାରାତ୍ମକ, ମୃତ୍ୟୁ

ପରିଭାଷା:

"ମୃତ୍ୟୁ" ଶବ୍ଦଟି ଜୀବନ୍ତ ପରିବର୍ତ୍ତେ ଶାରୀରିକ ଭାବେ ମୃତ ଥିବାକୁ ବୁଝାଏ I

1. ଶାରୀରିକ ମୃତ୍ୟୁ

- "ମରିବା" ଅର୍ଥ ଜୀବନର ସମାପ୍ତି ଅଟେ I ମୃତ୍ୟୁ ଶାରୀରିକ ଜୀବନର ସମାପ୍ତି ଅଟେ I
- "ହତ୍ୟା କରିବା" ଶବ୍ଦଟି ଜଣଙ୍କୁ ହତ୍ୟା କିମ୍ବା ହତ୍ୟା କରିବାକୁ ବୁଝାଏ, ବିଶେଷ କରି ଯେତେବେଳେ ଜଣେ ରାଜା କିମ୍ବା ଅନ୍ୟ ଶାସକ କାହାକୁ ହତ୍ୟା କରିବାକୁ ଆଦେଶ ପ୍ରଦାନ କରନ୍ତି I

2. ଆତ୍ମିକ ମୃତ୍ୟୁ

- ଅନନ୍ତ ମୃତ୍ୟୁ ଜଣେ ବ୍ୟକ୍ତିକୁ ଈଶ୍ୱରଙ୍କଠାରୁ ପୃଥକ କରେ I
- ଆଦମ ଆତ୍ମିକ ମୃତ୍ୟୁବରଣ କରିଥିଲେ ଯେତେବେଳେ ସେ ଈଶ୍ୱରଙ୍କର ଅନାଜ୍ଞାବହ ହୋଇଥିଲେ I ଈଶ୍ୱରଙ୍କ ସହିତ ତାଙ୍କର ସମ୍ପର୍କ ଭାଙ୍ଗିଯାଇଥିଲା I ତାପରେ ସେ ଲଜ୍ଜିତ ହୋଇ ଈଶ୍ୱରଙ୍କଠାରୁ ଲୁଚିବାକୁ ଚେଷ୍ଟା କଲେ I
- କାରଣ ଆମେ ପାପ କରୁ ତେଣୁ ଏହି ପ୍ରକାରର ମୃତ୍ୟୁ ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଘଟେ, କିନ୍ତୁ ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମ୍ଭେମାନେ ବିଶ୍ୱାସ କରୁ, ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ ଅନୁବାଦ କରିବା ପାଇଁ, ମୃତ୍ୟୁକୁ ସୂଚାଉଥିବା ଦୈନନ୍ଦିନ, ସ୍ୱାଭାବିକ ଶବ୍ଦ କିମ୍ବା ଅଭିବ୍ୟକ୍ତିକୁ ସ୍ଥାନୀୟ ଭାଷାରେ ବ୍ୟବହାର କରିବା ସର୍ବୋତ୍ତମ ଅଟେ I
- କେତେକ ଭାଷାରେ, ମରିବା ଶବ୍ଦକୁ "ଜୀବିତ ନ ହେବା" ବୋଲି ଅନୁବାଦ କରାଯାଇପାରେ I ଏହି "ମୃତ" ଶବ୍ଦକୁ "ଜୀବିତ ନ ହେବା" କିମ୍ବା "ଜୀବନ ନ ଥିବା" କିମ୍ବା "ନ ବଞ୍ଚିବା" ବୋଲି ଅନୁବାଦ କରାଯାଇପାରେ I
- ଏହି ମୃତ୍ୟୁ ଶବ୍ଦକୁ ଅନେକ ଭାଷା ଉପମା ଦେଇ ବର୍ଣ୍ଣନା କରନ୍ତି, ଯେମିତିକି ଇଂରାଜୀ ଭାଷାରେ "ଚାଲିଗଲେ" I ବାଇବେଲରେ ଏହି ମୃତ୍ୟୁ ଶବ୍ଦକୁ ସିଧାସଳଖ ଭାବରେ ଦୈନନ୍ଦିନ ଉପଯୋଗ କରାଯାଉଥିବା ଭାଷା ବ୍ୟବହାର କରାଯାଇଛି I
- ବାଇବେଲରେ, ଶାରୀରିକ ଜୀବନ ଏବଂ ମୃତ୍ୟୁ ପ୍ରାୟତଃ ଆତ୍ମିକ ଜୀବନ ଏବଂ ମୃତ୍ୟୁ ସହିତ ତୁଳନା କରାଯାଇଥାଏ I ଶାରୀରିକ ମୃତ୍ୟୁ ଏବଂ ଆତ୍ମିକ ମୃତ୍ୟୁ ଏହି ଦୁଇଟି ଶବ୍ଦ ନିମନ୍ତେ ସମାନ ଶବ୍ଦ ବା ଭାବକୁ ଅନୁବାଦକାରୀ ବ୍ୟବହାର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ I
- ଯେତେବେଳେ ପ୍ରସଙ୍ଗରେ ଏହି ଶବ୍ଦର ଅର୍ଥ ଆବଶ୍ୟକ ହୋଇଥାଏ ସେତେବେଳେ କେତେକ ଭାଷାରେ ଏହା ଅତି ସ୍ପଷ୍ଟଭାବରେ "ଆତ୍ମିକ ମୃତ୍ୟୁ" ବୋଲି ଉଲ୍ଲେଖ କରିବା ଉତ୍ତମ ଅଟେ I କେତେକ ଅନୁବାଦକ ଅନୁଭବ କରିପାରନ୍ତି ଯେ ଯେତେବେଳେ ଆତ୍ମିକ ମୃତ୍ୟୁ ସହିତ ତୁଳନା ହେବାର ପରିପେକ୍ଷୀରେ ବ୍ୟବହାର ହୁଏ ସେହି ସମୟରେ "ଶାରୀରିକ ମୃତ୍ୟୁ" କହିବା ଉତ୍ତମ ହେବ I
- "ମୃତ" ଅଭିବ୍ୟକ୍ତି ଏକ ନାମଗତ ବିଶେଷଣ ଯାହା ମୃତ୍ୟୁବରଣ କରିଥିବା ଲୋକକୁ ବୁଝାଏ I କେତେକ ଭାଷା ଏହାକୁ "ମୃତ ଲୋକ" ବା "ଯେଉଁମାନେ ମରିଛନ୍ତି" ବୋଲି ଅନୁବାଦ କରେ I (ବିଶେଷ୍ୟ ବିଷୟକ ଦେଖନ୍ତୁ)
- "ମୃତ୍ୟୁଦଣ୍ଡ ଦେବା" ବାକ୍ୟକୁ 'ହତ୍ୟା" କିମ୍ବା ""ମାରିଦେବା କିମ୍ବା "ମୃତ୍ୟୁଦଣ୍ଡ କାର୍ଯ୍ୟରେ ପରିଣତ କରିବା" ବୋଲି ଅନୁବାଦ କରାଯାଇପାରେ I

(ବିଶ୍ୱାସ କରିବା, ବିଶ୍ୱାସ, ଜୀବନ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରିନ୍ଥୀୟ 15:21
- ପ୍ରଥମ ଥେସଲନୀକୀୟ 4:17
- ପ୍ରେରିତ 10:42
- ପ୍ରେରିତ 14:19
- କଲସୀୟ 2:15
- କଲସୀୟ 2:20
- ଆଦି ପୁସ୍ତକ 2:15-17

- ଆଦି ପୁସ୍ତକ 34:27
- ମାଥିଉ 16:28
- ରୋମୀୟ 5:10
- ରୋମୀୟ 5:12
- ରୋମୀୟ 6:10

ବାଇବେଲ କାହାଣୀର ଉଦାହରଣ:

- **1:11** ସଦାପ୍ରଭୁ ପରମେଶ୍ୱର ଆଦମକୁ ଉଦ୍ୟାନର ସମସ୍ତ ଫଳ ଖାଇବାକୁ ଆଜ୍ଞା କଲେ ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ କହିଲେ I ଯଦି ସେ ଏହି ବୃକ୍ଷର ଫଳ ଭୋଜନ କରେ,ସେ ନିତାନ୍ତ **ମରିବ।**
- **2:11**"ତାହେଲେ ତୁମ୍ଭେ **ମରିବ**,ଏବଂ ତୁମ୍ଭର ଶରୀର ପୁଣି ମୃତ୍ତିକାକୁ ଫେରିଯିବ I"
- **7:10** ତାପରେ ଇସହାକ **ମୃତ୍ୟୁବରଣ** କଲେ ଏବଂ ଯାକୁବ ଓ ଏଷୌ ତାହାଙ୍କୁ କବର ଦେଲେ I
- **37:5** ଯୀଶୁ ଉତ୍ତର ଦେଇକହିଲେ,"ମୁଁ ପୁନଃରୁତ୍ଥାନ ଓ ଜୀବନ I ଯେକେହି ମୋତେ ବିଶ୍ୱାସ କରେ ସେ ବଞ୍ଚିବ, ଯଦି ବା ସେ **ମରିବ** I ଯେକେହି ମୋତେ ବିଶ୍ୱାସ କରେ ସେ କେବେହେଁ **ମରିବ** ନାହିଁ" I
- **40:8** ତାହାଙ୍କ ମୃତ୍ୟୁ ଦ୍ୱାରା, ଈଶ୍ୱରଙ୍କ ନିକଟକୁ ଲୋକମାନେ ଆସିବା ପାଇଁ ଯୀଶୁ ସମସ୍ତ ପଥ ଖୋଲିଦେଲେ I
- **43:7** ଯଦ୍ୟପି ଯୀଶୁ **ମଲେ** , ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ I
- **48:2** କାରଣ ସେମାନେ ପାପକଲେ, ପୃଥିବୀରେ ସମସ୍ତେ ଅସୁସ୍ଥ ହୁଅନ୍ତି ଏବଂ ସମସ୍ତେ **ମରନ୍ତି** I
- **50:17** ସେ (ଯୀଶୁ)ସମସ୍ତ ଲୁହ ପୋଛିଦେବେ ଆଉ ସେଠାରେ ତାଡନା,ଦୁଖଃ,କ୍ରନ୍ଦନ,ମନ୍ଦ,କଷ୍ଟ,କିମ୍ବା **ମୃତ୍ୟୁ** ନ ଥିବ I

ଶବ୍ଦବିନ୍ୟାସ :

- Strong's: H0006, H1478, H1826, H1934, H2491, H4191, H4192, H4193, H4194, H4463, H5038, H5315, H6297, H6757, H7496, H7523, H8045, H8546, H8552, G03360, G03370, G05200, G05990, G06150, G06220, G16340, G19350, G20790, G22530, G22860, G22870, G22880, G22890, G23480, G28370, G29660, G34980, G34990, G35000, G44300, G48800, G48810, G50530, G50540

ମେଣ୍ଢୀ, ମେଣ୍ଢା, ମେଷ, ମେଣ୍ଢାଶାଳ, ମେଷର ଲୋମଚ୍ଛେଦକଗଣ, ଛାଗଚର୍ମ

ପରିଭାଷା:

"ମେଷ "ଏକ ମଧ୍ୟବିତ୍ତ ପ୍ରାଣୀ ଅଟେ ଏହା ଚାରି ଗୋଡବିଶିଷ୍ଟ ଅଟେ ଓ ଏହା ଶରୀର ଲୋମପୂର୍ଣ୍ଣ ଅଟେ । "ମେଷ" ଶବ୍ଦ ବହୁବଚନ ଅଟେ ।

- ମେଷର ଛୁଆକୁ "ଶାବକ" କୁହାଯାଏ ।
- ଇସ୍ରାଏଲ ଲୋକମାନେ ମେଷକୁ ବଳିଦାନ ପାଇଁ ବ୍ୟବହାର କରୁଥିଲେ ବିଶେଷକରି ମେଣ୍ଢାକୁ ।
- ଲୋକମାନେ ମେଷର ମାଂସ ଭୋଜିନ କରୁଥିଲେ ଏବଂ ସେମାନଙ୍କର ଲୋମରୁ ବସ୍ତ୍ର ଓ ଅନ୍ୟାନ୍ୟ ପଦାର୍ଥ ପ୍ରସ୍ତୁତ କରୁଥିଲେ ।
- ମେଷମାନେ ଦୁର୍ବଳ ଏବଂ ନିରିହ ଅଟନ୍ତି । ସେମାନେ ଖୁବ୍ ଶୀଘ୍ର ଏଣେତେଣେ ହୁଅନ୍ତି ସେମାନେ ପଥ ଦେଖିବା, ସୁରକ୍ଷିତ ଦେବା ଏବଂ ଖାଦ୍ୟ, ପାନୀୟ, ଆଶ୍ରୟ ସ୍ଥଳୀ ଯୋଗାଇବା ନିମନ୍ତେ ମେଷ ପାଳକ ଆବଶ୍ୟକ କରନ୍ତି ।
- ବାଇବେଲରେ ଲୋକମାନଙ୍କୁ ମେଷ ସହ ତୁଳନା କରାଯାଇଛି ଯାହାଙ୍କର ଈଶ୍ୱର ହିଁ ପ୍ରତିପାଳକ ଅଟନ୍ତି ।

(ଅନୁବାଦ ପ୍ରସ୍ତାବଗୁଡ଼ିକ: ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରିବେ)

(ଦେଖନ୍ତୁ: ଇସ୍ରାଏଲ, ମେଷ ଶାବକ, ବଳିଦାନ, ମେଷପାଳକ)

ବାଇବେଲ ପଦପର୍ବ:

- ପ୍ରେରିତ ୮:୩୨
- ଆଦିପୁସ୍ତକ ୩୦:୩୨
- ଯୋହନ ୨:୧୪
- ଲୂକ ୧୫:୫
- ମାର୍କ ୬:୩୪
- ମାଥିଉ ୯:୩୬
- ମାଥିଉ ୧୦:୬
- ମାଥିଉ ୧୨:୧୨
- ମାଥିଉ ୨୫:୩୩

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୯:୧୨** ଦିନେ ମୋଶା **ମେଷ** ଚରାଇବା ସମୟରେ, ସେ ଏକ ଜଳୁଥିବା ବୁଦା ଦେଖିଲେ ।
- **୧୭:୨** ବେଥଲିହିମ ନଗରରୁ ଦାଉଦ **ମେଷ**, ପାଳକଥିଲେ ଭିନ୍ନ୍ ଭିନ୍ନ୍ ସମୟରେ ସେ ତାଙ୍କ ପିତାଙ୍କ **ମେଷ**ମାନଙ୍କର ଯତ୍ନ ନେଉଥିଲେ, ଦାଉଦ ଉଭଯ ଗୋଟିଏ ସିଂହ ଏବଂ ଭାଲୁକୁ ବଧ କରିଥିଲେ ଯିଏ ମେଷମାନଙ୍କୁ ଆକ୍ରମଣ କରୁଥିଲେ ।
- **୩୦:୩** ଯୀଶୁଙ୍କ ଏହି ଲୋକମାନେ **ମେଷ**ପାଳକ ବିହୀନ ଥିଲେ ।
- **୩୮:୮** ଯୀଶୁ କହିଲେ, "ତୁମ୍ଭେମାନେ ସମସ୍ତେ ଆଜି ରାତ୍ରୀରେ ମୋତେ ପରିତ୍ୟାଗ କରିବ । ଏହା ଲେଖା ଅଛି, 'ମୁଁ ମେଷ ପାଳକଙ୍କୁ ଆଘାତ କରିବି ଏବଂ ସମସ୍ତ **ମେଷ** ଛିନ୍ନ ଭିନ୍ନ ହେବେ ।"'

ଶବ୍ଦବିନ୍ୟାସ:

- Strong's: H0352, H1494, H1798, H2169, H3104, H3532, H3535, H3733, H3775, H5739, H5763, H6260, H6629, H6792, H7353, H7462, H7716, G41650, G42620, G42630

ମେଷପାଳକ, ପଶୁପାଳକ, ପାଳକ

ପରିଭାଷା:

ମେଷପାଳକ ଜଣେ ବ୍ୟକ୍ତି ଅଟେ ଯିଏ ମେଷମାନଙ୍କର ଯତ୍ନ ନିଏ । ପୁରାତନ ନିୟମରେ, ଏହି ଶବ୍ଦ ଏକ "ପଶୁପାଳକ" କୁ ମଧ୍ୟ ସୂଚିତ କରେ ଯିଏ ଅନ୍ୟ ପ୍ରକାରର ପଶୁପଲ ଯଥା ଛେଳି କିମ୍ବା ଗୋରୁର ଯତ୍ନ ନିଏ ।

- ଏକ କ୍ରିୟା ଭାବରେ, "ମେଷପାଳକ" ଶବ୍ଦର ଅର୍ଥ ମେଷ (କିମ୍ବା ଅନ୍ୟ ପଶୁ) କୁ ଭଲ ଖାଦ୍ୟ ଏବଂ ଜଳ ଥିବା ସ୍ଥାନକୁ ନେଇଯିବା, ବନ୍ୟଜନ୍ତୁମାନଙ୍କଠାରୁ ରକ୍ଷା କରିବା, ପଶୁମାନଙ୍କୁ ଜୀବିତ ଏବଂ ସୁସ୍ଥ ରଖିବା ପାଇଁ

ଆବଶ୍ୟକୀୟ ଅନ୍ୟାନ୍ୟ କାର୍ଯ୍ୟ ଅଟେ ।

- ଲୋକମାନଙ୍କର ଆତ୍ମିକ ଜୀବନକୁ ଏବଂ ଶାରୀରିକ ଜିଗନକୁ ସୁରକ୍ଷିତ ରଖିବା ପାଇଁ ବାଇବେଲରେ ଏହା ଉପମା ଭାବରେ ବ୍ୟବହାର ହୋଇଅଛି ।
- ପୁରାତନ ନିୟମରେ, ଈଶ୍ୱର ତାଙ୍କ ଲୋକମାନଙ୍କର "ମେଷପାଳକ" ବୋଲି ପରିଚିତ କାରଣ ସେ ସେମାନଙ୍କର ଯତ୍ନ ନେଉଥିଲେ । ନୂତନ ନିୟମରେ, ଯୀଶୁ ନିଜକୁ "ଉତ୍ତମ ମେଷପାଳକ" ବୋଲି କହନ୍ତି ଏବଂ ଅନ୍ୟ ସ୍ଥାନରେ ଯୀଶୁଙ୍କୁ ମଣ୍ଡଳୀର "ମହାନ ମେଷପାଳକ" ବୋଲି କୁହାଯାଏ ।
- "ମେଷପାଳକ" ଶବ୍ଦ ନୂତନ ନିୟମରେ ମଧ୍ୟ ବ୍ୟବହୃତ ହୋଇଅଛି ଯିଏ ଅନ୍ୟ ବିଶ୍ୱାସୀଙ୍କ ଉପରେ ଆତ୍ମିକ ନେତା ଅଟେ । "ପାଳକ" ଭାବରେ ଅନୁବାଦିତ ଶବ୍ଦ ସମାନ ଶବ୍ଦ ଅଟେ ଯାହା "ମେଷପାଳକ" ଭାବରେ ଅନୁବାଦ କରାଯାଇଛି | ପ୍ରାଚୀନ ଏବଂ ଅଧ୍ୟକ୍ଷମାନଙ୍କୁ ମେଷପାଳକ ବୋଲି ମଧ୍ୟ କୁହାଯାଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ମେଷପାଳକ" ବିଶେଷ୍ୟକୁ "ମେଷାମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତି" କିମ୍ବା "ମେଷପାଳକ" କିମ୍ବା "ମେଷ ଯତ୍ନକାରୀ" ବୋଲି ଅନୁବାଦ କରାଯାଇପାରେ ।
- ମେଷ ବ୍ୟତୀତ ଅନ୍ୟ ପଶୁମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତିକୁ ସୂଚାଇବାବେଳେ ଏହି ଶବ୍ଦକୁ "ପଶୁପାଳକ", "ପଶୁମାନଙ୍କର ପାଳକ" କିମ୍ବା "ପଶୁମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତି" ବୋଲି ଅନୁବାଦ କରାଯାଇପାରେ ।
- ଯେବେ କ୍ରିୟା ଭାବରେ ବ୍ୟବହୃତ ହୁଏ, "ମେଷପାଳକ" ଶବ୍ଦକୁ "ମେଷମାନଙ୍କର ଯତ୍ନ ନେବାକାରୀ" କିମ୍ବା "ମେଷମାନଙ୍କର ଯତ୍ନ" ବୋଲି ଅନୁବାଦ କରାଯାଇପାରେ ।
- କେତେକ ପ୍ରସଙ୍ଗରେ, "ମେଷପାଳକ" ଶବ୍ଦକୁ "ନେତା" କିମ୍ବା "ନିର୍ଦ୍ଦେଶକ" କିମ୍ବା "ଯତ୍ନକାରୀ" ବୋଲି ଅନୁବାଦ କରାଯାଇପାରେ ।
- ଏହା ଯେତେବେଳେ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, "ମେଷପାଳକ" ବିଶେଷ୍ୟକୁ ବିଭିନ୍ନ ଉପାୟରେ ଅନୁବାଦ କରାଯାଇପାରେ, ଯେପରିକି "ଆତ୍ମିକ ପାଳକ" କିମ୍ବା "ଆତ୍ମିକ ନେତା" କିମ୍ବା "ଯିଏ ମେଷପାଳକ ପରି" କିମ୍ବା "ଯିଏ ମେଷପାଳକ ପରି ନିଜ ଲୋକଙ୍କ ଯତ୍ନ ନିଏ, ସେ ମେଷପାଳକ ପରି ଯତ୍ନ କରେ । "କିମ୍ବା" ଯିଏ ମେଷପାଳକ ପରି ନିଜ ଲୋକଙ୍କୁ ଆଗେଇ ନେଇଥାଏ, ସେ ନିଜ ମେଷକୁ ମାର୍ଗଦର୍ଶନ କରେ

"କିମ୍ବା" ଯିଏ ଈଶ୍ୱରଙ୍କ ମେଷମାନଙ୍କର ଯତ୍ନ ନିଏ ।"

- ଏହା ଯେତେବେଳେ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, "ମେଷପାଳକ" କ୍ରିୟାକୁ "ଯତ୍ନ ନେବା" କିମ୍ବା "ଆତ୍ମିକ ପୋଷଣ ଦେବା" କିମ୍ବା "ମାର୍ଗଦର୍ଶନ ଏବଂ ଶିକ୍ଷା ଦେବା" କିମ୍ବା "ନେତୃତ୍ୱ ନେବା ଏବଂ ଯତ୍ନ ନେବା" ବୋଲି ଅନୁବାଦ କରାଯାଇପାରେ ।

(ଦେଖନ୍ତୁ: ମେଷ, ପଶୁ, ପାଳକ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୧୩:୬
- ଆଦିପୁସ୍ତକ ୪୯:୨୪
- ଲୂକ ୨:୯
- ମାର୍କ ୬:୩୪
- ମାର୍କ ୧୪:୨୬-୨୭
- ମାଥିଉ ୨:୬
- ମାଥିଉ ୯:୩୬
- ମାଥିଉ ୨୫:୩୨
- ମାଥିଉ ୨୬:୩୧

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **୯:୧୧**ମୋଶା ପ୍ରାନ୍ତରେ ମିସରରୁ ଯାତ୍ରା କରୁଥିବା ବେଳେ ଜଣେ ମେଷପାଳକ ହେଲେ ।
- **୧୭:୨**ଦାଉଦ ବେଥଲିହିମମ ନଗରର ଜଣେ ମେଷପାଳକ ଥିଲେ। ବିଭିନ୍ନ ସମୟରେ ସେ ନିଜ ପିତାଙ୍କ ମେଷର ଯତ୍ନ ନେଉଥିଲେ ମେଷମାନଙ୍କୁ ଆକ୍ରମଣ କରିଥିବା ଉଭୟ ସିଂହ ଏବଂ ଭାଲୁକୁ ସେ ହତ୍ୟା କରିଥିଲେ।
- **୨୩:୬**ସେହି ଦିନ ରାତିରେ ନିକଟସ୍ଥ କ୍ଷେତରେ କେତେକ ମେଷପାଳକ ସେମାନଙ୍କ ମେଷପଲକୁ ଜଗି ରହିଥିଲେ।
- **୨୩: ୮**ମେଷପାଳକମାନେ ଶୀଘ୍ର ଯୀଶୁ ଥିବା ସ୍ଥାନରେ ପହଞ୍ଚିଲେ ଏବଂ ସେମାନେ ତାଙ୍କୁ ଯେପରି ଦୂତ କହିଥିଲେ ସେହିପରି ପାଇଲେ ।
- **୩୦:୩** ଯୀଶୁଙ୍କ ପାଇଁ, ଏହି ଲୋକମାନେ ମେଷପାଳକ ବିହୀନ ଥିଲେ ।

ଶବ୍ଦବିନ୍ୟାସ :

Strong's: H6629, H7462, H7469, H7473, G07500, G41650, G41660

ମୋହର, ମୁଦ୍ରା, ଅନାବୃତ

ପରିଭାଷା:

କୌଣସି ପଦାର୍ଥକୁ ମୋହର (ସାଧାରଣତଃ ଏକ "ମୁଦ୍ରା" କୁହାଯାଏ) ଲଗାଇବା ଅର୍ଥ ବନ୍ଦ ରଖିବା ଅଟେ ଯାହାକୁ ମୋହର ନ ଭାଙ୍ଗି ଖୋଲି ହେବ ନାହିଁ I

- ସମୟ ସମୟରେ ଏକ ନକ୍ସାର ଉତ୍ସକୁ ମୋହରର ପରିକଳ୍ପନା ଦ୍ୱାରା ଚିହ୍ନିତ କରାଯାଏ I
- ଚିଠି କିମ୍ବା ଅନ୍ୟାନ୍ୟ ପତ୍ରକୁ ସୁରକ୍ଷିତ ରଖିବା ପାଇଁ ତରଳ ମହମ (ଜଉ) ଦ୍ୱାରା ବନ୍ଦ କରାଯାଏ I ଯେତେବେଳେ ମହମ ଥଣ୍ଡା ଏବଂ କଠିନ ହୁଏ, ମହମ କୁ ନ ଭାଙ୍ଗିଲେ ପତ୍ରକୁ ଖୋଲି ହୁଏ ନାହିଁ I
- ଯୀଶୁଙ୍କ ସମାଧିକୁ ଯେପରି ଘୁଞ୍ଚାଇ ପାରିବେ ନାହିଁ ସେଥିପାଇଁ ଏହାର ସାମ୍ନାରେ ପଥର ଉପରେ ମୋହର ଲଗାଯାଇଥିଲା I
- ପାଉଲ ଆଳଙ୍କାରିକ ଅର୍ଥରେ ପବିତ୍ର ଆତ୍ମାଙ୍କୁ "ମୋହର" ପରି ବ୍ୟବହାର କରି ଆତ୍ମମାନଙ୍କର ପରିତ୍ରାଣ ସୁରକ୍ଷିତ ବୋଲି ଦର୍ଶାଇଲେ I

(ପବିତ୍ର ଆତ୍ମା, ସମାଧି ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯାତ୍ରା ପୁସ୍ତକ 2:3
- ଯିଶାଇୟ 29:11
- ଯୋହନ 6:27
- ମାଥିଉ 27:66
- ପ୍ରକାଶିତ ବାକ୍ୟ 5:2

ଶବ୍ଦବିନ୍ୟାସ :

ଯନ୍ତ୍ରଣା, ଦୁଃଖ, ଅତ୍ୟଧିକ ଦୁଃଖ

ପରିଭାଷା:

"ଯନ୍ତ୍ରଣା"ଶବ୍ଦର ଅର୍ଥ କାହାକୁ ଅତ୍ୟଧିକ ଦୁଃଖ କିମ୍ବା ଯନ୍ତ୍ରଣା ଦେବାକୁ ବୁଝାଏ । ଏକ "ଦୁଃଖ" ରୋଗ, ଭାବପ୍ରବଣତା କିମ୍ବା ଅନ୍ୟାନ୍ୟ ବିପର୍ଯ୍ୟୟକୁ ବୁଝାଏ I

- ଈଶ୍ୱର ବେଳେବେଳେ ତାହାଙ୍କ ଲୋକମାନଙ୍କୁ ସେମାନଙ୍କର ପାପରୁ ଅନୁତାପ କରିବା ଏବଂ ତାଙ୍କ ନିକଟକୁ ଫେରେଇ ଆଣିବା ଉଦ୍ଦେଶ୍ୟରେ ସେମାନଙ୍କୁ ଅସୁସ୍ଥତା କିମ୍ବା ଅନ୍ୟାନ୍ୟ କଷ୍ଟରେ ଯନ୍ତ୍ରଣା ଦେଇଥିଲେ I
- ମିସର ଦେଶବାସୀଙ୍କ ଉପରେ ଈଶ୍ୱର ଅତ୍ୟଧିକ ମହାମାରୀ ଘଟାଇଲେ କାରଣ ସେମାନଙ୍କର ରାଜା ଈଶ୍ୱରଙ୍କ କଥା ମାନିବାକୁ ମନା କଲେ I
- "ଯନ୍ତ୍ରଣାରେ ରହିବା"ଅର୍ଥ ଏକ ପ୍ରକାର ଦୁଃଖ ଭୋଗିବା, ଯେପରିକି ରୋଗ, ନିର୍ଯ୍ୟାତନା କିମ୍ବା ମାନସିକ ଦୁଃଖ I
- କେତେକ ପୁରାତନ ନିୟମ ପ୍ରସଙ୍ଗରେ, "ନିଜକୁ କଷ୍ଟ ଦେବା"କିମ୍ବା "ନିଜ ଆତ୍ମାକୁ କଷ୍ଟ ଦେବା"ବାକ୍ୟାଂଶର ଅର୍ଥ ଖାଦ୍ୟ ନଖାଇବା ଅଟେ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କାହାକୁ "ଯନ୍ତ୍ରଣା"ଦେବା ବାକ୍ୟାଂଶକୁ "କାହାକୁ ଅସୁବିଧାର ସମ୍ମୁଖୀନ କରିବା"କିମ୍ବା "କାହାକୁ ଦୁଃଖ ଦେବା"କିମ୍ବା "ଦୁଃଖ ଆଣିବା"ବୋଲି ଅନୁବାଦ କରାଯାଇପାରେ ।
- "କାହାକୁ କୁଷ୍ଠ ରୋଗରେ ପୀଡ଼ିତ କରିବା" ବାକ୍ୟାଂଶକୁ "କୁଷ୍ଠ ରୋଗରେ କାହାକୁ ପୀଡ଼ିତ କରିବା" ବୋଲି ଅନୁବାଦ କରାଯାଇପାରେ ।
- ଯେତେବେଳେ କୌଣସି ରୋଗ କିମ୍ବା ବିପର୍ଯ୍ୟୟ ଲୋକ କିମ୍ବା ପଶୁମାନଙ୍କୁ "ଯନ୍ତ୍ରଣା"ଦେବାକୁ ପଠାଯାଏ ତେବେ ଏହି ବାକ୍ୟାଂଶକୁ "ଦୁଃଖର କାରଣ ହେଲେ"ବୋଲି ଅନୁବାଦ କରାଯାଇପାରେ ।
- ପ୍ରସଙ୍ଗ ଉପରେ ଆଧାର କରି, "ଅତ୍ୟଧିକ ଦୁଃଖ"ଶବ୍ଦକୁ "ବିପର୍ଯ୍ୟୟ"କିମ୍ବା "ଅସୁସ୍ଥତା"କିମ୍ବା "ଯନ୍ତ୍ରଣା"କିମ୍ବା "ବଡ଼ ଦୁଃଖ"ବୋଲି ଅନୁବାଦ କରାଯାଇପାରେ ।
- "ଯନ୍ତ୍ରଣା" ଶବ୍ଦକୁ "ପୀଡ଼ିତ" କିମ୍ବା "ଅସୁସ୍ଥ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(କୋଷ୍ଠ, ମହାମାରୀ, ଯନ୍ତ୍ରଣା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ଥେସଲନୀକୀୟ ୧:୬
- ଆମୋଷ ୫:୧୨
- କଲସୀୟ ୧:୨୪
- ଯାତ୍ରାପୁସ୍ତକ ୨୨:୨୨-୨୪
- ଆଦିପୁସ୍ତକ ୧୨:୧୭-୨୦
- ଆଦିପୁସ୍ତକ ୧୫:୧୨-୧୩
- ଆଦିପୁସ୍ତକ ୨୯:୩୨

ଶବ୍ଦବିନ୍ୟାସ :

- Strong's: H0205, H3013, H3905, H3906, H6031, H6039, H6040, H6041, H6862, H6869, H6887, H7451, H7489, G23460, G23470, G38040

ଯବ

ପରିଭାଷା:

"ଯବ" ଶବ୍ଦଟି ଗୋଟିଏ ଶସ୍ୟକୁ ବୁଝାଏ ଯାହା ଦ୍ୱାରା ରୋଟି ପ୍ରସ୍ତୁତ ହୁଏ ।

· ଯବ ଗଛର ଲମ୍ବା ଡେମ୍ପ ଥାଏ ଯେଉଁଠାରେ ମଞ୍ଜି ଅବା ଶସ୍ୟ ବୃଦ୍ଧି ହୁଏ ।

- ଯବ ଉଷ୍ମ ଜଳବାୟୁରେ ଭଲ ହୁଏ ତେଣୁ ଏହା ପ୍ରାୟତଃ ବସନ୍ତ କିମ୍ବା ଗ୍ରୀଷ୍ମ ସମୟରେ ଅମଳ କରାଯାଏ ।
- ଯବ ଶସ୍ୟକୁ ଗୁଣ୍ଡୁକରି ଅଟା ପ୍ରସ୍ତୁତ କରାଯାଏ ଏବଂ ଏଥିରେ ପାଣି ଓ ତେଲ ମିଶାଇ ରୁଟି ପ୍ରସ୍ତୁତ କରାଯାଏ ।
- ଯବ ଯଦି ଆପଣଙ୍କ ଭାଷାରେ ବୁଝାଯିବ ନାହିଁ ତେବେ ଆପଣ ଏହାକୁ "ଯବ ନାମକ ଶସ୍ୟ" ବା "ଯବ ଶସ୍ୟ" ବୋଲି ଅନୁବାଦ କରାଯାଇପାରେ ।

(ଅଜଣା ବିଷୟକୁ କିପରି ଅନୁବାଦ କରାଯିବ ମଧ୍ୟ ଦେଖନ୍ତୁ)

(ଶସ୍ୟ, କାଣ୍ଡିବା, ଗହମ ମଧ୍ୟ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରଥମ ବଂଶାବଳୀ 11:12-14
- ଆୟୁବ 31: 40
- ବିଚାରକର୍ତ୍ତା 7: 14
- ଗଣନା ପୁସ୍ତକ 5:15
- ପ୍ରକାଶିତ ବାକ୍ୟ 6: 6

ଶବ୍ଦବିନ୍ୟାସ :

- Strong's: H8184, G2915, G29160

ଯଷ୍ଟି, ଲାଠି

ପରିଭାଷା:

ଏକ ଯଷ୍ଟି ଏକ ଲମ୍ବା କାଠ ବାଡି ବା ଛଡ଼ ଅଟେ ଯାହା ପ୍ରାୟତଃ ଚାଲିବା ବାଡ଼ି ଭାବରେ ବ୍ୟବହୃତ ହୁଏ ।

- ଯେତେବେଳେ ଯାକୁବ ବୃଦ୍ଧା ହେଲେ, ସେ ଚାଲିବା ନିମନ୍ତେ ଲାଠି ବ୍ୟବହାର କଲେ ।
- ଈଶ୍ୱର ଫାରୋଙ୍କୁ ତାଙ୍କର ଶକ୍ତି ପ୍ରଦର୍ଶନ କରିବା ପାଇଁ ମୋଶାଙ୍କର ଯଷ୍ଟିକୁ ସାପରେ ପରିଣତ କଲେ ।
- ମେଷପାଳକ ମେଷକୁ ଗତିପଥରେ କଢେଇ ନେବାକୁ କିମ୍ବା ମେଷକୁ ସୁରକ୍ଷା ଦେବାକୁ ଯଷ୍ଟିକୁ ବ୍ୟବହାର କରନ୍ତି ।
- ମେଷପାଳକମାନଙ୍କ ଲାଠିରେ ଅଗ୍ର ଭାଗରେ ଟାଣି ଧରିବା ପାଇଁ ଆଙ୍କୁଡି ଥାଏ, ଏଣୁ ମେଷପାଳକମାନଙ୍କ ଲାଠିରେ ପାର୍ଥକ୍ୟ ଅଛି, ଯେଉଁ ବନ୍ୟପଶୁ ମେଷମାନଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରୁଥିବା ବଣୁଆ ପଶୁମାନଙ୍କୁ ମାରିବା ପାଇଁ ବ୍ୟବହୃତ ହୋଇଥିଲା ।

(ଫାରୋ, କ୍ଷମତା, ମେଷ, ମେଷପାଳକ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯାତ୍ରାପୁସ୍ତକ 4:1-3
- ଯାତ୍ରାପୁସ୍ତକ 7:9
- ଲୂକ 9: 3
- ମାର୍କ 6:7-9
- ମାଥିଉ 10:8-10
- ମାଥିଉ 27: 29

ଶବ୍ଦବିନ୍ୟାସ:

- Strong's: H4132, H4294, H4731, H4938, H6086, H6418, H7626, G25630, G35860, G44640

ଯାତନା, ଯାତନାଗ୍ରସ୍ତ, ଯାତନା ପ୍ରଦାନକାରୀ

ସତ୍ୟ ଘଟଣାବଳୀ:

"ଯାତନା" ଶବ୍ଦ ଅତ୍ୟଧିକ ଯନ୍ତ୍ରଣାକୁ ବୁଝାଏ | କାହାକୁ ଯନ୍ତ୍ରଣା ଦେବା ଅର୍ଥ ସେହି ବ୍ୟକ୍ତିକୁ ଯନ୍ତ୍ରଣା ଦେବା, ପ୍ରାୟତଃ ଏହା ଏକ ନିଷ୍ଠୁର ବ୍ୟବହାରକୁ ବୁଝାଏ I

- ବେଳେବେଳେ "ଯାତନା" ଶବ୍ଦ ଶାରୀରିକ ଯନ୍ତ୍ରଣା ଏବଂ ଦୁଃଖଭୋଗକୁ ସୂଚାଇଥାଏ I ଉଦାହରଣସ୍ୱରୂପ, ପ୍ରକାଶିତ ବାକ୍ୟ ପୁସ୍ତକ ବର୍ଣ୍ଣନା କରେ ଯେ, ଶେଷ ସମୟରେ "ପଶୁ"ର ଉପାସକମାନେ ଶାରୀରିକ ଯାତନା ଭୋଗ କରିବେ I
- ଦୁଃଖଭୋଗ ହୁଏତ ଆତ୍ମିକ ଏବଂ ଆବେଗଜନିତ ରୂପ ମଧ୍ୟ ନେଇପାରେ, ଯେପରି ଆୟୁବଙ୍କ ଦ୍ୱାରା ଦୁଃଖଭୋଗର ଅନୁଭୁତି ପ୍ରକାଶ କରାଯାଇଛି I
- ପ୍ରେରିତ ଯୋହନ ପ୍ରକାଶିତ ବାକ୍ୟରେ ଲେଖିଲେ ଯେ ଯୀଶୁଙ୍କୁ ଆପଣାର ଉଦ୍ଧାରକର୍ତ୍ତା ଭାବରେ ବିଶ୍ୱାସ କରି ନ ଥିବା ଲୋକମାନେ ଅଗ୍ନିମୟ ହ୍ରଦରେ ଅନନ୍ତକାଳୀନ ଯନ୍ତ୍ରଣା ଭୋଗ କରିବେ I
- ଏହି ଶବ୍ଦକୁ "ଭୟଙ୍କର ଦୁଃଖଭୋଗ ଓ ଯାତନା" କିମ୍ବା "ଜଣକୁ ବିଶେଷ ଭାବରେ ଦୁଃଖଭୋଗ କରିବାକୁ ଦେବା" କିମ୍ବା "ବେଦନା ବା ଆର୍ତ୍ତନାଦ" ବୋଲି ଅନୁବାଦ କରାଯାଇପାରେ I କେତେକ ଅନୁବାଦକମାନେ ହୁଏତ ଅର୍ଥକୁ ସ୍ପଷ୍ଟ କରିବା ନିମନ୍ତେ "ଶାରୀରିକ" ବା "ଆତ୍ମିକ" ଶବ୍ଦ ଯୋଗ କରିପାରନ୍ତି I

(ପଶୁ, ଅନନ୍ତକାଳ, ଆୟୁବ, ତ୍ରାଣକର୍ତ୍ତା, ଆତ୍ମା, ଦୁଃଖଭୋଗ, ଉପାସନା: ଦେଖନ୍ତୁ)

ବାଇବେଲ ପଦପର୍ବ:

- 2 ପିତର 2:8
- ଯିରିମୀୟ 30:20-22
- ବିଳାପ 1:11-12
- ଲୂକ 8:28-29
- ପ୍ରକାଶିତବାକ୍ୟ 11 10-12

ଶବ୍ଦବିନ୍ୟାସ:

- Strong's: H3013, G09280, G09290, G09300, G09310, G25580, G28510, G36000

ଯାଦୁବିଦ୍ୟା, କୁହୁକ,ଯାଦୁକର, ଅନେକ ଯାଦୁକର

ସଂଜ୍ଞା:

"ଯାଦୁବିଦ୍ୟା" ଶବ୍ଦ ଏକ କୁହୁକ ଶକ୍ତିର ଉପଯୋଗୀ କୁ ଦର୍ଶାଏ ଯାହା ପରମେଶ୍ୱରଙ୍କର ନିକଟରୁ ନୁହେଁ I "ଯାଦୁକର "ସେହି ବ୍ୟକ୍ତି ଅଟେ ଯେ ଯାଦୁବିଦ୍ୟାର ଅଭ୍ୟାସ କରେ I

- ମିସରରେ, ଯେତେବେଳେ ପରମେଶ୍ୱର ମୋଶାଙ୍କ ଦ୍ୱାରା ଆଶ୍ଚର୍ଯ୍ୟକର୍ମ କଲେ ତେବେ ଫାର ର ଯାଦୁକର ମଧ୍ୟ ସେହି ପ୍ରକାରେ କରି ପାରିଲେ କିନ୍ତୁ ସେହି ସମସ୍ତଙ୍କର ଶକ୍ତି ପରମେଶ୍ୱରଙ୍କଠାରୁ ନଥିଲା I
- ଯାଦୁବିଦ୍ୟା ଅଧିକାଂଶ ସମୟରେ ମନ୍ତ୍ର ଉଚ୍ଚରଣ କିଅବା କିଛି ଶବ୍ଦ କୁ ବାରମ୍ବାର ଦୋହରାଇବା କି କୌଣସି ଆଲୌକିକ ଘଟଣା ଘଟୁ I
- ପରମେଶ୍ୱର ତାହାଙ୍କ ଲୋକଙ୍କୁ ଆଜ୍ଞା ଦେଇ ଅଛନ୍ତି ଏହି ପରି କାମ ଯେପରିକି ଜାଦୁବିଦ୍ୟା କିଅବା ତନ୍ତ୍ର ବିଦ୍ୟାଠାରୁ ଦୁରରେ ରହିବାକୁ I
- ଗୁଣିଆ ଏପରି ଏକ ଯାଦୁକର ଯେ ନିଜ ଯାଦୁରେ ଅନ୍ୟ ଲୋକଙ୍କର କ୍ଷତି କରେ I

(ଆହୁରି ଦେଖନ୍ତୁ: ତନ୍ତ୍ର, ମିସର, ଫାର, ଶକ୍ତି, ଗୁଣି)

ବାଇବଲ ପଦପର୍ବ:

- ଆଦିପୁସ୍ତକ ୪୧:୭-୮
- ଆଦିପୁସ୍ତକ ୪୧:୨୨-୨୪
- ଆଦିପୁସ୍ତକ ୪୪:୩-୫
- ଆଦିପୁସ୍ତକ ୪୪: ୧୪-୧୫

ବୋର୍ଡ ଡାଟା :

- Strong's: H2748, H2749, H3049, G3097

ଯିହୁଦୀ ଅଧିକାରୀ, ଯିହୁଦୀ ନେତା

ତଥ୍ୟ:

"'ଯିହୁଦୀ ଅଧିକାରୀ" ଓ "ଯିହୁଦୀ ନେତା" ଶବ୍ଦମାନ ଧାର୍ମିକ ନେତାଗଣ କୁ ସମ୍ବୋଧିତ କରେ ଯେପରିକି ଯାଜକଗଣ ଓ ପରମେଶ୍ୱରଙ୍କର ବ୍ୟବଶ୍ଥା ର ଶିକ୍ଷକ ଗଣ I ସେମାନଙ୍କ ପାଖରେ ଧର୍ମ କର୍ମ ବାହାର ର କାମ ବିଷୟରେ ମଧ ନ୍ୟାୟ କରିବାକୁ ଅଧିକାର ଅଛି I

- ମହାଯାଜକ, ମୁଖ୍ୟ ଯାଜକଗଣ ଓ ଶାସ୍ତ୍ରୀଗଣ (ପରମେଶ୍ୱରଙ୍କ ବ୍ୟବସ୍ଥାର ର ଶିକ୍ଷକଗଣ) କୁ ଯିହୁଦୀ ନେତା କୁହାଯାଏ I
- ଯିହୁଦୀ ନେତାମାନଙ୍କର ଦୁଇ ସମୂହ ହେଲେ ଫରୁସୀ ଓ ସାଧୁକୀ I
- ସତୁରୀ ଯିହୁଦୀ ନେତା ଯିରୁଶାଲାମ ପରିଷଦରେ ଏକତ୍ରିତ ହୋଇ ବ୍ୟବସ୍ଥା ବିଷୟରେ ନ୍ୟାୟ କରନ୍ତି I
- ଅନେକ ଯିହୁଦୀ ନେତା ଅଭିମାନୀଥିଲେ ଓ ଭାବୁଥିଲେ କି ସେମାନେ ଧାର୍ମିକ ଅଟନ୍ତି I

ସେମାନେ ଯୀଶୁଙ୍କ ଉପରେ ହିଂଶା କରୁଥିଲେ ଓ ତାହାଙ୍କୁ ହାନୀ କରିବାକୁ ଭାବୁଥିଲେ I ସେମାନେ ପରମେଶ୍ୱର କୁ ଜାଣିଛନ୍ତି ବୋଲି ଦାବି କରନ୍ତି କିନ୍ତୁ ତାହାଙ୍କର ଆଜ୍ଞାକାରୀ ହୁଅନ୍ତି ନାହିଁ I

- ଅନେକ ସମୟରେ ବାକ୍ୟାଂଶ "ଯିହୁଦୀମାନେ "ଯିହୁଦୀ ନେତାମାନଙ୍କୁ ଦର୍ଶାଏ ବିଶେଷ କରି ଏହି ପୃଷ୍ଠଭୂମିରେ ଯାହା ସେମାନେ ଯୀଶୁଙ୍କ ଉପରେ କ୍ରୋଧ କରୁଥିଲେ ଓ ତାହାଙ୍କୁ ଦ୍ୱିବିଧାରେ ଧାଳୁଥିଲେ ଓ ହାନୀ କରିବାକୁ ଚାହୁଁଥିଲେ I
- ଏହି ଶବ୍ଦ ସବୁ କୁ "ଯିହୁଦୀ ଶାସକ" କିଅବା "ଲୋକମାନେ ଯେ ଯିହୁଦୀ ଲୋକଙ୍କ ଉପରେ ଶାସନ କରନ୍ତି" କିଅବା "ଯିହୁଦୀ ଧାର୍ମିକ ନେତା" ରୂପରେ ଅନୁବାଦ କରାଯାଏ I

(ଆହୁରି ଦେଖନ୍ତୁ: ଯିହୁଦୀ, ମହାଯାଜକ, ପରିଷଦ, ମୁଖ୍ୟ ଯାଜକ, ଫାରୁସୀ, ଯାଜକ, ସଦୁକୀ, ଶାସ୍ତ୍ରୀ)

ବାଇବଲ ପଦପର୍ବ:

- ଯାତ୍ରାପୁସ୍ତକ ୧୬:୨୨-୨୩
- ଯୋହନ ୦୨:୧୭-୧୯
- ଯୋହନ ୦୫:୧୦-୧୧
- ଯୋହନ ୦୫:୧୬-୧୮
- ଲୁକ ୧୯: ୪୭-୪୮

ବାଇବଲ କାହାଣୀରୁ ଉଦାହରଣ:

- **୨୪:୦୩** ଅନେକ **ଧାର୍ମିକ ନେତା**ମାନେ ମଧ ଯୋହନଙ୍କ ପାଖକୁ ଆସି ବାପ୍ତିସ୍ମ ନେଲେ କିନ୍ତୁ ସେମାନେ ଅନୁତାପ କଲେ ନାହିଁ କି ପାପର ସ୍ୱୀକାରକଲେ ନାହିଁ I
- **୩୭:୧୧** କିନ୍ତୁ _ଯିହୁଦୀମାନଙ୍କର ଧାର୍ମିକ ନେତାମାନେ _ହିଂଶା କଲେ, ତେଣୁ ସେମାନେ ଏକତ୍ରିତ ହୋଇ ଯୋଜନା କଲେ କି କିପରି ଯୁଶୁ ଓ ଲାଜାର କୁ ହତ୍ୟା କରିବେ I
- **୩୮:୦୨** ସେ (ଯିହୁଦା) ଜାଣିଲା ଯେ **ଯିହୁଦୀ ନେତାମାନେ**ଯୀଶୁଙ୍କୁ ସ୍ୱୀକାରକରନ୍ତି ନାହିଁ କି ସେ ମସିହା ଓ ସେମାନେ ଷଡ଼ଯନ୍ତ୍ର କଲେ କି ତାହାଙ୍କୁ କିପରି ହତ୍ୟା କରିବେ I
- **[୩୮:୦୩]** ମହା ଜାଜକର ନେତୃତ୍ୱରେ **ଯିହୁଦୀ ନେତାମାନେ**ଯୀଶୁଙ୍କୁ ବିଶ୍ୱାସ ଘାତ କରିବାକୁ ୩୦ ଟି ରୁପା ମୁଦ୍ରା ଦେଲେ I
- **୩୯:୦୫ ଯିହୁଦୀ ନେତାମାନେ** ସମସ୍ତେ ଯୀଶୁଙ୍କୁ ଉତ୍ତର ଦେଲେ, "ସେ ମରିବାର ଯୋଗ୍ୟ ଅଟେ" !
- **୩୯:୦୯** ତା ପର ଦିନ ସଖାଲେ, **ଯିହୁଦୀ ନେତାମାନେ** ଯୀଶୁଙ୍କୁ ରୋମୀୟ ରାଜ୍ୟପାଳ ପିଲାତଙ୍କ ପାଖକୁ ଆଣିଲେ I
- **୩୯:୧୧** କିନ୍ତୁ **ଯିହୁଦୀ ନେତାମାନେ** ଓ ଭିଡ଼ ଚିତ୍କାର କରି କହିଲେ, "ତାହାଙ୍କୁକ୍ରୁଶାର୍ପିତ କର" I
- **[୪୦:୦୯]** ପରେ ଯୋଷେଫ ଓ ନିକଡିମାସ, ଦୁଇଜଣ **ଯିହୁଦୀ ନେତାମାନେ** ଯେଉଁମାନେ ଯୀଶୁଙ୍କୁ ମସିହା ବୋଲି ବିଶ୍ୱାସ କରୁଥିଲେ ପିଲାତକୁ ଯୀଶୁଙ୍କ ଶରୀର ମାଗିଲେ I
- **୪୪:୦୭** ତା ପର ଦିନ **ଯିହୁଦୀ ନେତାମାନେ** ପିତର ଓ ଜହୋନକୁ ମହାଯାଜକ ନିକଟକୁ ଆଣିଲେ ଓ ଅନ୍ୟ **ଧାର୍ମିକ ନେତାମାନେ** ମଧ I

ବୋର୍ଡ ଡାଟା :

- Strong's: G2453

ଯୁଆଳି, ଯୁଆଳିରେ ବନ୍ଧା, ବନ୍ଧା

ପରିଭାଷା:

ଯୁଆଳି ଏକ କାଠଖଣ୍ଡ କିମ୍ବା ଧାତୁ ଅଟେ ଯାହାକୁ ଦୁଇ କିମ୍ବା ଏକାଧିକ ପଶୁ ସହିତ ସଂଯୁକ୍ତ କରି ଶଗଡ଼ ଟାଣିବାକୁ କିମ୍ବା ହଳୋ କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ I ଏହି ଶବ୍ଦର ଅନେକ ସାଙ୍କେତିକ ଅର୍ଥ ଅଛି I

- "ଯୁଆଳି" ଶବ୍ଦ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ ଯାହାକି ଏକତ୍ର କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଲୋକମାନଙ୍କୁ ଏକତ୍ର କରିଥାଏ, ଯେପରିକି ଯୀଶୁଙ୍କ ସେବା କରିବାକୁ I
- ପାଉଲ "ଯୁଆଳି ସାଥୀ" ଶବ୍ଦ ବ୍ୟବହାର କରିଥିଲେ ଯିଏ ଖ୍ରୀଷ୍ଟଙ୍କର ସେବା କରୁଥିଲେ I ଏହାକୁ "ସହକର୍ମୀ" କିମ୍ବା "ସହସେବକ" କିମ୍ବା "ସହକର୍ମୀ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ଯୁଆଳି" ଶବ୍ଦ ସାଙ୍କେତିକ ଭାବରେ ଭାର ବହନ କରିବାକୁ, ଯେପରିକି ଦାସତ୍ୱ କିମ୍ବା ନିର୍ଯ୍ୟାତନା ଦ୍ୱାରା ବହନ କରିବାକୁ ବ୍ୟବହୃତ ହୁଏ I
- ଅଧିକାଂଶ ପୃଷ୍ଠଭୂମିରେ, ଏହି ଶବ୍ଦକୁ ଆକ୍ଷରିକ ଅନୁବାଦ କରାଯିବା ଉଚିତ, ଏକ ସ୍ଥାନୀୟ ଶବ୍ଦ ବ୍ୟବହାର କରନ୍ତୁ ଯେଉଁ ଶବ୍ଦକୁ ଚାଷ କରିବା ପାଇଁ ବ୍ୟବହାର କରାଯାଏ I
- ଏହି ଶବ୍ଦକୁ "ଦଳିତ ବୋଝ" କିମ୍ବା "ଭାରୀ ବୋଝ" ବନ୍ଧନ" ବୋଲି ପୃଷ୍ଠଭୂମିକୁ ଆଧାର କରି ଅନୁବାଦ କରାଯାଇପାରେ I

(ବନ୍ଧନ, ବୋଝ, ଦଳା ଯିବା, ତାଡନା, ସେବକ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ପ୍ରେରିତ 15:10
- ଗାଲାତୀୟ 5:1
- ଆଦି ପୁସ୍ତକ 27:40
- ଯିଶାଇୟ 9:4
- ଯିରିମୀୟ 27:4
- ମାଥିଉ 11:30
- ଫିଲିପ୍ପୀୟ 4:3

ଶବ୍ଦବିନ୍ୟାସ :

- Strong's: H3627, H4132, H4133, H5674, H5923, H6776, G20860, G22180

ଯୁଦଇସମ୍, ଯିହୁଦୀ ଧର୍ମ

ସଂଜ୍ଞା:

"ଯୁଦଇସମ୍ "ଶବ୍ଦ ଏକ ଧର୍ମ କୁ ଦର୍ଶାଏ ଯାହା ଯିହୁଦୀ ଲୋକଙ୍କ ଦ୍ୱାରା ଅଭ୍ୟାସ କରାଯାଏ I ଏହାକୁ "ଯିହୁଦୀ ଧର୍ମ" ରୂପରେ ମଧ୍ୟ ସମ୍ବୋଧିତ କରାଯାଏ I

- ପୁରାତନ ନିୟମରେ, "ଯିହୁଦୀ ଧର୍ମ" ଶବ୍ଦ ବ୍ୟବହାର କରାଯାଏ, କିନ୍ତୁ ନୂତନ ନିୟମରେ "ଯୁଦଇସମ୍" ଶବ୍ଦ ବ୍ୟବହାର କରାଯାଇଅଛି I

"ଯୁଦଇସମ୍ ସମସ୍ତ ପୁରାତନ ନୀୟମର ବ୍ୟବସ୍ଥା ଓ ଆଜ୍ଞା କୁ ଅନ୍ତର୍ଭୁକ୍ତ କରେ ଯାହା ପରମେଶ୍ୱର ଇସ୍ରାଏଲ ଲୋକକୁ ଆଜ୍ଞା ପାଳନ ନିମନ୍ତେ ପ୍ରଦାନ କରିଥିଲେ I ଏହା ଯିହୁଦୀ ଧର୍ମରେ ସମୟ ଅନୁସାରେ ସଂଯୁକ୍ତ କରା ଯାଇଥିବା ରୀତି ନୀତିକୁ ମଧ୍ୟ ଦର୍ଶାଏ

- ଯେତେବେଳେ ଅନୁବାଦ କରାଯାଏ, "ଯିହୁଦୀ ଧର୍ମ" କିଅବା ଯିହୁଦୀୟ ଲୋକଙ୍କର ଧର୍ମ "କୁ ପୁରାତନ ଓ ନୂତନ ନିୟମରେ ବ୍ୟବହାର କରାଯାଏ I
- 'ଯୁଦଇସମ୍" ଯାହା ଭି ହେଉ କେବଳ ନୂତନ ନିୟମରେ ହିଁ ବ୍ୟବହାର କରାଯିବା ଆବଶ୍ୟକ ଅଟେ କାରଣ ଏହି ଶବ୍ଦ ତାହା ପୂର୍ବରୁ ବ୍ୟବହାର କରା ଯାଇ ନାହିଁ I

ଆହୁରି ଦେଖନ୍ତୁ: ଯିହୁଦୀ, [ବ୍ୟବସ୍ଥା]

ବାଇବଲ ପଦପର୍ବ:

- ଗାଲାତୀୟ ୦୧:୧୩-୧୪

ବୋର୍ଡ ଡାଟା :

- Strong's: G2454

ଯୋଗ୍ୟ ହେବା, ଯୋଗ୍ୟ ବିବେଚିତ ହୋଇଛି, ଅଯୋଗ୍ୟ ବିବେଚିତ ହୋଇଛି

ସଂଜ୍ଞା:

ଏହି "ଯୋଗ୍ୟ ବିବେଚିତ ହେବା" ପ୍ରତିଶବ୍ଦ ଏକ ଅଧିକାରକୁ ହାସଲ କରିବା ନିମନ୍ତେ କିଛି ଲାଭଗୁଡିକ ଗ୍ରହଣ କରିବା ବା କେତେକ କୌଶଳ ହେତୁ ସ୍ୱୀକୃତିପ୍ରାପ୍ତ ହେବା ସୂଚାଇଥାଏ I

- ଏକ ନିର୍ଦ୍ଦିଷ୍ଟ ଚାକିରୀ ନିମନ୍ତେ "ଯୋଗ୍ୟ ବିବେଚିତ ହୋଇଥିବା" ଜଣେ ବ୍ୟକ୍ତି ପାଖରେ ସେହି କାଯ୍ୟ ବା ଚାକିରୀ କରିବା ନିମନ୍ତେ ଆବଶ୍ୟକୀୟ କୌଶଳ ଏବଂ ତାଲିମ ଥାଏ I
- କଲସୀୟ ମଣ୍ଡଳୀକୁ ଆପଣାର ପତ୍ରରେ ପ୍ରେରିତ ପାଉଲ ଲେଖିଲେ ଯେ ପିତା ଈଶ୍ୱର ବିଶ୍ୱାସୀମାନଙ୍କୁ ତାହାଙ୍କ ଆଲୋକମୟ ବ ଦୀପ୍ତିମୟ ରାଜ୍ୟର ସହଭାଗୀ ହେବା ନିମନ୍ତେ "ଯୋଗ୍ୟ" କରିଅଛନ୍ତି I

ଏହାର ଅର୍ଥ ଏହି ଯେ ଈଶ୍ୱର ସେମାନଙ୍କୁ ଈଶ୍ୱରପରାୟଣ ଜୀବନ କାଟିବା ନିମନ୍ତେ ସେମାନଙ୍କର ପ୍ରତ୍ୟେକ ଆବଶ୍ୟକୀୟ ବିଷୟ ପ୍ରଦାନ କରିଅଛନ୍ତି I

- ଈଶ୍ୱରଙ୍କ ରାଜ୍ୟର ସହଭାଗୀ ହେବା ନିମନ୍ତେ ବିଶ୍ୱାସୀ ନିଜେ କୌଣସି ଅଧିକାର ହାସଲ କରିପାରିବ ନାହିଁ I

ଯେହେତୁ ଈଶ୍ୱର ତାହାକୁ ଖ୍ରୀଷ୍ଟଙ୍କ ରକ୍ତରେ ମୁକ୍ତ କରିଅଛନ୍ତି, ସେଥପାଇଁ କେବଳ ସେ ଯୋଗ୍ୟ ବିବେଚିତ ହୋଇଥାଏ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ:

- ପୂର୍ବାପର ସମ୍ବନ୍ଧକୁ ଆଖି ଆଗରେ ରଖି "ଯୋଗ୍ୟ ହେଲା" ପଦକୁ "ସଜ୍ଜିତ ହେଲା" ବା "କୌଶଳପ୍ରାପ୍ତ ହେଲା" ବା "ସମର୍ଥ ହେଲା" ବୋଲି ଅନୁବାଦ କରାଯାଇପାରେ I
- ଜଣକୁ "ଯୋଗ୍ୟତା ହାସଲ କରିବା ନିମନ୍ତେ" କହିଲେ "ସଜ୍ଜିତ ହେବା" ବା "ସମର୍ଥ ହେବା" କିମ୍ବା "ଶକ୍ତିଯୁକ୍ତ ହେବା" ବୋଲି ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: କଲସୀ,ଈଶ୍ୱରପରାୟଣ,ଈଶ୍ୱରଙ୍କ ରାଜ୍ୟ,ଆଲୋକ ଦୀପ୍ତି, ପାଉଲ, ମୁକ୍ତ ହେବା)

ବାଇବଲ ପଦଗୁଡିକ:

- ଦାନୀୟେଲ 01:3-5

ବୋର୍ଡ ଡାଟା :

- Strong's: H3581

ରକ୍ତପାତ

ସଂଜ୍ଞା:

"ରକ୍ତପାତ" ଶବ୍ଦଟି କୌଣସି ବ୍ୟକ୍ତିର ମୃତ୍ୟୁକୁ ବୁଝାଏ ଯାହାକୁ ହତ୍ୟା,ଯୁଦ୍ଧ ବା କୌଣସି ହିଂସାତ୍ମକ କାର୍ଯ୍ୟଦ୍ୱାରା ଘଟିଥାଏ ।

- ଏହାର ଆକ୍ଷରିକ ଅର୍ଥ "ରକ୍ତ ପ୍ରବାହ" ଯାହାର ଅର୍ଥ କୌଣସି ବ୍ୟକ୍ତିର କ୍ଷତରୁରକ୍ତ ନିର୍ଗତ ହେବା।
- "ରକ୍ତପାତ" ଶବ୍ଦଟି ଅନେକ ଲୋକଙ୍କୁ ମାରିବା ବିଷୟରେ ଉଲ୍ଲେଖ କରେ ।
- ଏହା ନରହତ୍ୟା ପାପ ସହ ଜଡ଼ିତ ।

ଅନୁବାଦର ପ୍ରସ୍ତାବ

"ରକ୍ତପାତ" ଶବ୍ଦକୁ "ଲୋକମାନଙ୍କୁ ମାରିବା" ବା "ବହୁତ ଲୋକଙ୍କୁ ମରାଇବା" ବୋଲି ଅନୁବାଦ କରାଯାଇପାରେ । "ରକ୍ତପାତ ମାଧ୍ୟମରେ" ଶବ୍ଦକୁ "ଲୋକମାନଙ୍କୁ ମାରିବା" ବୋଲି ଅନୁବାଦ କରାଯାଇପାରେ ।

- "ନିର୍ଦ୍ଦୋଷରକ୍ତପାତ" ଅର୍ଥାତ୍ "ନିରୀହ ଲୋକଙ୍କୁ ମାରିବା" ।
- "ରକ୍ତପାତ ପରେରକ୍ତପାତ"କୁ ଏହିପରି ଅନୁବାଦ କରାଯାଇପାରେ "ସେମାନେ ଲୋକମାନଙ୍କୁ ମାରି ଚାଲିଛନ୍ତି" ବା "ଲୋକମାନଙ୍କୁ ମାରିବା ଚାଲୁରହିଛି",ବା "ସେମାନେ ଅନେକଙ୍କୁ ମାରି ସେହି କାମ ଜାରିରଖିଛନ୍ତି" ବା "ଲୋକମାନେ ଅନ୍ୟ ଲୋକଙ୍କୁ ମାରି ଚାଲିଛନ୍ତି" ।
- ଅନ୍ୟ ଆକ୍ଷରିକ ଅର୍ଥ "ରକ୍ତପାତ ତୁମ୍ଭକୁ ଅନୁସରଣ କରିବ" ବାକ୍ୟକୁ "ତୁମ୍ଭର ଲୋକମାନେ ରକ୍ତପାତ ଜାରିରଖିବେ" ବା "ତୁମ୍ଭର ଲୋକମାନଙ୍କୁ ମରାଯିବ" ବା "ତୁମ୍ଭର ଲୋକମାନଙ୍କୁ ଅନ୍ୟ ଦେଶ ସହିତ ଯୁଦ୍ଧରେ ନୀୟୋଜିତ କରାଯାଇ ମରିବାକୁ ଛାଡ଼ି ଦିଆଯିବ ।

(ଦେଖନ୍ତୁ: ରକ୍ତ, ପଶୁହତ୍ୟା)

ବାଇବଲ ସମ୍ବନ୍ଧ ଉଲ୍ଲେଖ

- 1 ବଂଶାବଳି 22:6-8
- ଆଦି 09:5-7
- ଏବ୍ରୀ 09:21-22
- ଯିଶାଇୟ 26:20-21
- ମାଥିଉ 23:29-31

ବୋର୍ଡ ଡାଟା :

- Strong's: H1818, G2210

ରକ୍ଷିତା ସ୍ତ୍ରୀ, ଉପ ପତ୍ନିଗଣ

ସଂଜ୍ଞା:

ଯେଉଁ ପୁରୁଷର ସ୍ତ୍ରୀ ଅଛି ସେହି ପୁରୁଷ ଯଦି ଦ୍ୱିତୀୟ ସ୍ତ୍ରୀ ଲୋକ ରଖେ ତାହାକୁ ଉପପତ୍ନୀ ବା ରକ୍ଷିତା ସ୍ତ୍ରୀ ଲୋକ କହନ୍ତି ସାଧାରଣ ଭାବେ ରକ୍ଷିତା ସ୍ତ୍ରୀ ଆଇନଗତ ଭାବେ ବିବାହିତ ନୁହେଁ

- ପୁରାତନ ନିୟମରେ ରକ୍ଷିତା ସ୍ତ୍ରୀମାନେ ହେଉଛନ୍ତି ମହିଳା ଦାସୀ
- ଜଣେ ରକ୍ଷିତା ସ୍ତ୍ରୀକୁ କିଣିକି ଆଣନ୍ତି, କିମ୍ବା ସୈନିକ ବିଜୟ ମାଧ୍ୟମରେ କିମ୍ବା ରୁଣ ପରିଶୋଧ କରି
- ରାଜାଙ୍କ ପାଇଁ, ଅଧିକ ରକ୍ଷିତା ସ୍ତ୍ରୀ ରଖିବା ହେଉଛି କ୍ଷମତାର ଚିହ୍ନ
- ନୂତନ ନୀୟମ ଶିକ୍ଷା ଦିଏ ଯେ ରକ୍ଷିତା ସ୍ତ୍ରୀ ଗ୍ରହଣ କରିବା ଇଶ୍ୱରଙ୍କ ଇଚ୍ଛା ବିରୋଧୀ

ବାଇବଲ ପୃଷ୍ଠଭୂମି:

- ୨ୟ ଶାମୁଏଲ ୦୩:୬-୭
- ଆଦି ୨୨:୨୩-୨୪
- ଆଦି ୨୫: ୫-୬
- ଆଦି ୩୫:୨୧-୨୨
- ଆଦି ୩୬:୯-୧୨
- ଯିହୋଶୂୟ ୧୯:୧-୨

ବୋର୍ଡ ଡାଟା :

- Strong's: H3904, H6370

ରଥ, ରଥ ଗୁଡିକ, ରଥ-ଅଶ୍ୱ

ସଂଜ୍ଞା:

ପୁରାତନ ଯୁଗରେ, ରଥ ଗୁଡିକ ହାଲୁକାଥିଲା, ଦୁଇ ଚକିଆ ଶଗଡ଼ ଯାହାକୁ ଘୋଡାମାନେ ଟାଣୁଥିଲେ

- ଲୋକମାନେ ରଥ ଉପରେ ବସି କିମ୍ବା ଛିଡା ହୋଇପାରୁଥିଲେ, ରଥକୁ ଯୁଦ୍ଧରେ କିମ୍ବା ଯିବା ଆସିବା କରିବା ନିମନ୍ତେ ବ୍ୟବହାର କରୁଥିଲେ
- ଯୁଦ୍ଧରେ, ଯଦି ଜଣେ ସୈନିକ ପାଖାରେ ରଥ ଅଛି ସେ ଖୁବ୍ ଶୀଘ୍ର ଧାବମାନ କରୁଥିଲେ ଅପେକ୍ଷା ଯେଉଁ ସୈନିକ ପାଖରେ ରଥ ନାହିଁ
- ପୁରାତନ ମିସରୀୟ ଓ ରୋମୀୟମାନେ ଅଶ୍ୱ- ରଥର ବ୍ୟବହାର ବିଷୟରେ ଭଲ ଜ୍ଞାନଥିଲା

(ଦେଖ: ଅଜଣା ବିଷୟରେ କିପରି ଅନୁବାଦ କରିବେ)

(ଦେଖ: ମିସର, ରୋମ)

ବାଇବଲ୍ ସନ୍ଦର୍ଭ:

- ୧ମ ରାଜାବଳି ୦୯:୨୨
- ୨ୟ ବଂଶାବଳି ୧୮:୨୮-୩୦
- ପ୍ରେରିତ ୦୮:୨୯-୩୧
- ପ୍ରେରିତ ୦୮:୩୬-୩୮
- ଦାନୀୟେଲ ୧୧:୪୦-୪୧
- ଯାତ୍ରା ୧୪:୨୩-୨୫
- ଆଦି ୪୧:୪୨-୪୩

ବାଇବଲ ଆଧାରିତ କାହାଣୀ ଗୁଡିକର ଉଦାହରଣ:

- _ ୧୨:୧୦ _ ତହିଁରେ ଇସ୍ରାଏଲ-ସନ୍ତାନ ଗଣ ଶୁଷ୍କ ପଥ ଦେଇ ସମୁଦ୍ର ମଧ୍ୟରେ ଗମନ କଲେ ମାତ୍ର ସଦାପ୍ରଭୁ ସେମାନଙ୍କର ରଥର ଚକ୍ର ବାହାର କରି ପକାନ୍ତେ, ସେମାନେ ଅତି କଷ୍ଟରେ ରଥ ଚଳାଇଲେ

ବୋର୍ଡ ଡାଟା :

- Strong's: H668, H2021, H4817, H4818, H5699, H7393, H7395, H7396, H7398, G716, G4480

ରହସ୍ୟ, ଗୁପ୍ତ ସତ୍ୟତା

ପରିଭାଷା:

ବାଇବେଲରେ, "ରହସ୍ୟ" ଶବ୍ଦ କୌଣସି ବିଷୟ ଯାହା ଅଜ୍ଞାତ କିମ୍ବା ବୁଝିବାକୁ କଠିନ ଅଟେ ତାହା ଈଶ୍ୱର ବର୍ତ୍ତମାନ ବ୍ୟାଖ୍ୟା କରନ୍ତି I

- ନୂତନ ନିୟମ ପ୍ରକାଶ କରେ ଯେ ଖ୍ରୀଷ୍ଟଙ୍କର ସୁସମାଚାର ଏକ ରହସ୍ୟ ଥିଲା ଯାହା ଅତୀତରେରେ କେହି ଜାଣି ନ ଥିଲେ I
- ଯିହୁଦୀ ଏବଂ ଅଣ-ଯିହୁଦୀମାନଙ୍କର ଖ୍ରୀଷ୍ଟଙ୍କଠାରେ ସମାନତାକୁ ଏକ ବିଶେଷ ରହସ୍ୟ ବୋଲି ବର୍ଣ୍ଣନା କରାଯାଏ I
- ଏହି ଶବ୍ଦକୁ "ଗୁପ୍ତ" କିମ୍ବା "ଗୁପ୍ତ ସତ୍ୟ" କିମ୍ବା "ଅଜ୍ଞାତ ବିଷୟ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଖ୍ରୀଷ୍ଟ, ବିଜାତୀୟ, ଶୁଭ ସମ୍ବାଦ, ଯିହୁଦୀ, ସତ୍ୟ)

ବାଇବେଲ ପଦପର୍ବ:

- କଲସୀୟ ୪:୨-୪
- ଏଫିସୀୟ ୬:୧୯-୨୦
- ଲୂକ ୮:୯-୧୦
- ମାର୍କ ୪:୧୦-୧୨
- ମାଥିଉ ୧୩:୧୧

ଶବ୍ଦବିନ୍ୟାସ:

- Strong's: H1219, H7328, G34660

ରାଜକୀୟ, ରାଜକୀୟ, ରାଜାଙ୍କ, ରାଣୀଙ୍କ

ପରିଭାଷା:

"ରାଜକୀୟ" ଶବ୍ଦ ଲୋକମାନଙ୍କୁ ଏବଂ ବସ୍ତୁଗୁଡ଼ିକୁ ବର୍ଣ୍ଣନା କରେ ଯାହା ରାଜାଙ୍କର କିମ୍ବା ରାଣୀଙ୍କର ସହିତ ଜଡିତ ଥାଏ I

- ଯେଉଁ ବିଷୟଗୁଡ଼ିକୁ "ରାଜକୀୟ" ବୋଲି କୁହାଯାଇପାରିବ, ତାହା ମଧ୍ୟରେ ରାଜାଙ୍କର ବସ୍ତ୍ର, ପ୍ରାସାଦ, ସିଂହାସନ, ଏବଂ ମୁକୁଟ ଅନ୍ତର୍ଭୁକ୍ତ ଅଟେ I
- ଜଣେ ରାଜା କିମ୍ବା ରାଣୀ ଏକ ରାଜକୀୟ ପ୍ରାସାଦରେ ରହୁଥିଲେ I
- ଜଣେ ରାଜା ବିଶେଷ ବସ୍ତ୍ର ପରିଧାନ କରୁଥିଲେ, ବେଳେବେଳେ ତାହାକୁ "ରାଜକୀୟ ଚୋଗା" ବୋଲି କୁହାଯାଉଥିଲା I ଅନେକ ସମୟରେ ରାଜାଙ୍କର ବସ୍ତ୍ର ବାଇଗଣିଆ ରଙ୍ଗରଥିଲା, ଏବଂ ଏହି ରଙ୍ଗ କେବଳ ବିଶେଷ ଧରଣର ବିରଳ ଏବଂ ବହୁମୂଲ୍ୟ ରଙ୍ଗେଇବା କାର୍ଯ୍ୟ ଦ୍ୱାରା ଉତ୍ପନ୍ନ କରାଯାଇପାରୁଥିଲା I
- ନୂତନ ନିୟମରେ ବିଶ୍ୱାସୀମାନ "ରାଜକୀୟ ଯାଜକକୂଳ" ବୋଲି କୁହାଯାଉଥିଲା I ଏହି ବିଷୟକୁ ଅନ୍ୟ ଭାବରେ ଅନୁବାଦ କରିବାକୁ ହେଲେ "ରାଜା ଈଶ୍ୱରଙ୍କର ସେବା କରୁଥିବା ଯାଜକମାନେ" ବା ରାଜା ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଯାଜକଗଣ ହେବା ନିମନ୍ତେ ଆହୂତ" ଅନ୍ତର୍ଭୁକ୍ତ ଅଟେ I
- ଏହି "ରାଜକୀୟ" ଶବ୍ଦକୁ "ରାଜାସଦୃଶ" ବା "ରାଜାଙ୍କ ନିଜସ୍ୱ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ରାଜା, ରାଜପ୍ରାସାଦ, ଯାଜକ, ବାଇଗଣିଆ, ରାଣୀ, ବସ୍ତ୍ର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 10:13
- ଦ୍ୱିତୀୟ ବଂଶାବଳୀ 18:28-30
- ଆମୋଷ 7:12-13
- ଆଦି ପୁସ୍ତକ 49:19-21

ଶବ୍ଦବିନ୍ୟାସ :

- Strong's: H0643, H1921, H1935, H4410, H4428, H4430, H4437, H4438, H4467, H4468, H7985, G09330, G09340, G09370

ରାଜକୁମାର ବ ଅଧିପତି, ରାଜକୁମାରଗଣ ବା ଅଧିପତିଗଣ, ରଜକୁମାରୀ, ରାଜକୁମାରୀଗଣ

ସଂଜ୍ଞା:

ଜଣେ "ରାଜକୁମାର" ଜଣେ ରାଜାଙ୍କ ପୁତ୍ର ଅଟନ୍ତି I ଜଣେ "ରାଜକୁମାରୀ" ଜଣେ ରାଜାଙ୍କ କନ୍ୟା ଅଟନ୍ତି I

- ଜଣେ "ରାଜକୁମାର" ପ୍ରତିଶବ୍ଦ ଅନେକ ସମୟରେ ଆଳଙ୍କରିକ ଭାବରେ ଏକ ନେତା, ଶାସକ, ବା ଅନ୍ୟ ଶକ୍ତିଶାଳୀ କ୍ଷମତାସମ୍ପନ୍ନ ବ୍ୟକ୍ତି ପ୍ରତି ବ୍ୟବହୃତ ହୋଇଥାଏ I
- ଅବ୍ରହାମଙ୍କ ସମ୍ପତ୍ତି ଏବଂ ମହତ୍ତ୍ୱ ହେତୁ, ସେ ହିତ୍ତୀୟମାନଙ୍କ ମଧ୍ୟରେ ବାସ କରୁଥିବା ସେହି ଲୋକମାନଙ୍କ ଦ୍ୱାରା ଏକ "ରାଜକୁମାର ବା ରାଜପୁତ୍ର " ଭାବରେ ଉଲ୍ଲେଖ କରାଯାଉଥିଲେ I
- ଦାନୀୟେଲ ପୁସ୍ତକରେ ଏହି "ରାଜକୁମାର ବା ରାଜପୁତ୍ର "ପ୍ରତିଶବ୍ଦ "ପାରସ୍ୟର ଅଧିପତି ବା ରାଜପୁତ୍ର" ଏବଂ "ଗ୍ରୀସର ଅଧିପତି ବା ରାଜପୁତ୍ର" ଭଳି ଭାବ ପ୍ରକାଶକ ପଦ ଭାବରେ ବ୍ୟବହୃତ ହୋଇଛି, ଯାହା ସେହି ପରିପ୍ରେକ୍ଷୀରେ ଓ ପୃଷ୍ଠଭୂମିରେ ହୁଏତ କ୍ଷମତାସମ୍ପନ୍ନ ମନ୍ଦ ଆତ୍ମାଗୁଡିକକୁ ସୂଚାଏ ଯାହାର ସେହି ଅଞ୍ଚଳଗୁଡିକରେ ଅଧିକାର ଓ କ୍ଷମତାଥିଲା I
- ଦାନୀୟେଲ ପୁସ୍ତକରେ ପ୍ରଧାନ ଦୂତ ମିଖାୟେଲ ମଧ୍ୟ ଏକ "ଅଧିପତି ବା ରାଜପୁତ୍ର" ଭାବରେ ଉଲ୍ଲେଖ କରାଯାଇଛନ୍ତି I
- ବେଳେବେଳେ ବାଇବଲରେ ଶୟତାନକୁ ଜଗତର ଅଧିପତି ବା ରାଜପୁତ୍ର ଭାବରେ ଉଲ୍ଲେଖ କରାଯାଇଥାଏ I
- ଯୀଶୁଙ୍କୁ "ଶାନ୍ତିରାଜା" ଏବଂ "ଜୀବନର କର୍ତ୍ତା" କୁହାଯାଏ I
- ପ୍ରେରିତ 02:36ରେ ଯୀଶୁଙ୍କୁ "ପ୍ରଭୁ ଏବଂ ଖ୍ରୀଷ୍ଟ" ଭାବରେ ଉଲ୍ଲେଖ କରାଯାଇଛି ଏବଂ ପ୍ରେରିତ 05:31ରେ "ଅଧିପତି ଓ ତ୍ରାଣକର୍ତ୍ତା" ଭାବରେ ଉଲ୍ଲେଖ କରାଯାଇଛି, ଏବଂ ଏହା "ପ୍ରଭୁ" ଓ "ଅଧିପତି" ପଦର ସମାନ୍ତର ଅର୍ଥ ଦର୍ଶାଏ I

ଅନୁବାଦ ନିମନ୍ତେ ପ୍ରସ୍ତାବଗୁଡିକ:

- "ରାଜକୁମାର" ପଦକୁ ଅନୁବାଦ କଲାବେଳେ "ରାଜା ପୁତ୍ର" କିମ୍ବା "ଶାସକ" ବା "ନେତା" ବା "ମୁଖିଆ" ବା "କପ୍ତାନ ବା ଚାଳକ" ପଦଗୁଡିକୁ ଅନ୍ତର୍ଭୁକ୍ତ କରଯାଇପାରିବ I
- ଯେତେବେଳେ ଏହା ଦୂତମାନଙ୍କ ପ୍ରତି ଉଲ୍ଲେଖ କରାଯାଏ, ଏହା "ଆତ୍ମିକ ଶାସକ" ବା "ନେତୃତ୍ୱ ନେଉଥିବା ଦୂତ" ବୋଲି ମଧ୍ୟ ଅନୁବାଦ କରାଯାଇପାରିବ I
- ଯେତେବେଳେ ଏହା ଶୟତାନ ପ୍ରତି କିମ୍ବା ଅନ୍ୟାନ୍ୟ ମନ୍ଦ ଆତ୍ମାମାନଙ୍କ ପ୍ରତି ଉଲ୍ଲେଖ କରାଯାଏ, ଏହି ପ୍ରତିଶବ୍ଦକୁ "ମନ୍ଦ ଆତ୍ମା ଅଧିପତି ବା ଭୂତ ଅଧିପତି" କିମ୍ବା "ଶକ୍ତିଶାଳୀ ଆତ୍ମାର ଅଧିପତି" ବା "ଶାସନ ଅଧିକାରୀ ଆତ୍ମା" ବୋଲି ମଧ୍ୟ ପୂର୍ବାପର ସମ୍ବନ୍ଧକୁ ରକ୍ଷା କରି ଅନୁବାଦ କରାଯାଇପାରିବ I

(ଆହୁରି ଦେଖ: ଦୂତ, ଅଧିକାର, ଖ୍ରୀଷ୍ଟ, ଭୂତପ୍ରେତ, ପ୍ରଭୁ, ଶକ୍ତି ବା କ୍ଷମତା, ଶାସନକର୍ତ୍ତା, ଶୟତାନ, ତ୍ରାଣକର୍ତ୍ତା, ଆତ୍ମା)

ବାଇବଲ ଅନୁବାଦ:

- ପ୍ରେରିତ 05:29-32
- ଆଦିପୁସ୍ତକ 12:14-16
- ଆଦିପୁସ୍ତକ 49:26
- ଲୂକ 01:52-53

ବୋର୍ଡ ଡାଟା :

- Strong's: H1, H117, H324, H2831, H3548, H4502, H5057, H5081, H5139, H5257, H5387, H5633, H5993, H6579, H7101, H7261, H7333, H7336, H7786, H7991, H8269, H8282, H8323, G747, G758, G1413, G2232, G3175

ରାଜତ୍ୱ କରିବା, ଶାସନ କରିବା

ପରିଭାଷା:

"ରାଜତ୍ୱ କରିବା" ଶବ୍ଦର ଅର୍ଥ ଏକ ନିର୍ଦ୍ଦିଷ୍ଟ ଦେଶ କିମ୍ବା ରାଜ୍ୟର ଲୋକମାନଙ୍କ ଉପରେ ଶାସନ କରିବା ଅଟେ I ଜଣେ ରାଜାଙ୍କ ରାଜତ୍ୱ ସେହି ସମୟ ବୁଝାଏ ଯେଉଁ ସମୟରେ ସେ ରାଜତ୍ୱ କରନ୍ତି I

- ଈଶ୍ୱର ରାଜା ଭାବରେ ସମୁଦାୟ ପୃଥିବୀ ଉପରେ ରାଜତ୍ୱ କରୁଥିବା ବିଷୟକୁ ସୂଚାଇବା ନିମନ୍ତେ ମଧ୍ୟ "ରାଜତ୍ୱ" ଶବ୍ଦ ବ୍ୟବହୃତ ହୋଇଥାଏ I
- ଲୋକମାନେ ଈଶ୍ୱରଙ୍କୁ ଆପଣାମାନଙ୍କ ଉପରେ ରାଜା ହେବା ନିମନ୍ତେ ଅଗ୍ରାହ୍ୟ କଲାପରେ ଈଶ୍ୱର ମନୁଷ୍ୟ ରାଜାମାନଙ୍କୁ ଇସ୍ରାଏଲ ଉପରେ ରାଜତ୍ୱ କରିବା ନିମନ୍ତେ ଅନୁମତି ଦେଲେ I
- ଯେତେବେଳେ ଯୀଶୁ ଖ୍ରୀଷ୍ଟ ପୁନର୍ବାର ଆସିବେ, ସେ ସାଧାରଣ ଭାବରେ ସମୁଦାୟ ପୃଥିବୀ ଉପରେ ରାଜତ୍ୱ କରିବେ ଏବଂ ଖ୍ରୀଷ୍ଟିୟାନମାନେ ତାହାଙ୍କ ସହିତ ରାଜତ୍ୱ କରିବେ I
- ଏହି ଶବ୍ଦକୁ "ସମ୍ପୂର୍ଣ୍ଣ ରାଜତ୍ୱ" କିମ୍ବା "ରାଜା ଭାବରେ ଶାସନ କରିବା"ବୋଲି ମଧ୍ୟ ଅନୁବାଦ କରାଯାଇପାରେ I (ଦେଖନ୍ତୁ: ରାଜ୍ୟ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତୀମଥି ୨:୧୧-୧୩
- ଆଦିପୁସ୍ତକ ୩୬:୩୪-୩୬
- ଲୂକ ୧:୩୦-୩୩
- ଲୂକ ୧୯:୨୬-୨୭
- ମାଥିଉ ୨:୨୨-୨୩

ଶବ୍ଦବିନ୍ୟାସ:

- Strong's: H3427, H4427, H4437, H4438, H4467, H4468, H4475, H4791, H4910, H6113, H7287, H7786, G07570, G09360, G22310, G48210

ରାଜଦଣ୍ଡ, ସାର୍ୱଭୌମତ୍ୱ ସୁଚକ ଦଣ୍ଡ

ସଂଜ୍ଞା:

"ରାଜଦଣ୍ଡ" ଶବ୍ଦ ଜଣେ ଶାସକଙ୍କର ଶୋଭା ବର୍ଦ୍ଧକ ପାଞ୍ଚଣ କିମ୍ବା ଯଷ୍ଟିକୁ ଦର୍ଶାଏ, ଯେପରି ଜଣେ ରାଜା

- ସାର୍ୱଭୌମତ୍ୱ ସୁଚକ ଦଣ୍ଡ ପ୍ରଥମରେ ବିଦ୍ୟମାନ କାଠର ଗୋଟିଏ ଡାଳ ସହିତ ସ୍ଥୁଳ ଆକାରରେ ସଜାଇବା

ପରେ ଏହି ସୁଚକ ଦଣ୍ଡ ଦାମୀ ପଦାର୍ଥ ଯେପରି ସୁନାରେ ନିର୍ମିତ

- ରାଜଦଣ୍ଡ ରାଜକୀୟ ର ଚିହ୍ନ ଏବଂ ଅଧିକାର ପ୍ରାପ୍ତ ପୁଣି ରାଜାଙ୍କର ସମ୍ମାନ ଓ ମହତ୍ତ୍ୱ ସହିତ ଜଡିତ ପ୍ରତୀକ ସ୍ୱରୂପ
- ପୁରାତନ ନିୟମରେ, ପରମେଶ୍ୱରଙ୍କୁ ଧାର୍ମିକତାର ରାଜଦଣ୍ଡ ସଦୃଶ ବର୍ଣ୍ଣନା କରାଯାଇଛି କାରଣ ପରମେଶ୍ୱର ରାଜା ପରି ତାଙ୍କର ଲୋକମାନଙ୍କୁ ଶାସନ କରନ୍ତି
- ପୁରାତନ ନୀୟମର ଭାବବାଣୀ ମସୀହଙ୍କୁ ରାଜଦଣ୍ଡ ର ପ୍ରତୀକ ସ୍ୱରୂପେ ଦର୍ଶାଏ ଯେହେତୁ ସେ ଇସ୍ରାଏଲ ବଂଶ ରୁ ଆସିବେ ଏବଂ ସମସ୍ତ ଜାତିକୁ ଶାସନ କରିବେ
- ଏହାକୁ ମଧ୍ୟ ଅନୁବାଦ କରିହେବ ଯଥା "ଶାସନ ଦଣ୍ଡ "କିମ୍ବା "ରାଜାଙ୍କର ପାଞ୍ଚଣ

(ଦେଖ: ଅଧିକାରୀ, ଖ୍ରୀଷ୍ଟ, ରାଜା, ଧାର୍ମିକ)

ବାଇବଲ ସନ୍ଦର୍ଭ:

- ଆମୋଷ ୦୧:୫
- ଏଷ୍ଟର ୦୪:୯-୧୨
- ଆଦି ୪୯:୧୦
- ଏବ୍ରୀ ୦୧:୮-୯
- ଗଣନା ୨୧:୧୭-୧୮
- ଗୀତ ୦୪୫:୫-୭

ବୋର୍ଡ ଡାଟା :

- Strong's: H2710, H4294, H7626, H8275, G4464

ରାଜଦୂତ, ପ୍ରତିନିଧି

ପରିଭାଷା:

ରାଜଦୂତ ଏକ ଅଧିକାରୀ ଦ୍ୱାରା ମନୋନୀତ ବ୍ୟକ୍ତି, ଯେ ବିଦେଶ ସହ ନିଜ ଦେଶକୁ ସମ୍ପର୍କିତ କରିବାରେ ପ୍ରତିନିଧିତ୍ୱ କରେ I ଶବ୍ଦଟି ଏକ ସାଙ୍କେତିକ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ ଏବଂ ବେଳେବେଳେ ସାଧାରଣତଃ "ପ୍ରତିନିଧୀ "ବୋଲି ଅନୁବାଦ କରାଯାଇଥାଏ I

- ଏକ ରାଜଦୂତ କିମ୍ବା ପ୍ରତିନିଧି ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ଯେଉଁ ଅଧିକାରୀ ତାଙ୍କୁ ପଠାଇଛନ୍ତି, ତାହାଙ୍କଠାରୁ ସମ୍ବାଦ ଦିଅନ୍ତି I
- "ପ୍ରତିନିଧିତ୍ୱ" ଏକ ସାଧାରଣ ପଦ ଅଟେ ଯାହା ଏକ ବ୍ୟକ୍ତିଙ୍କୁ ଦର୍ଶାଏ, ଯେ ଏକ ବ୍ୟକ୍ତି ତରଫରୁ କାର୍ଯ୍ୟ କରିବା ପାଇଁ ଓ କହିବା ପାଇଁ ଅଧିକାର ପ୍ରାପ୍ତ ହୋଇଥିବା ବ୍ୟକ୍ତି I
- ପ୍ରେରିତ ପାଉଲ ଶିକ୍ଷା ଦେଲେ ଯେ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଖ୍ରୀଷ୍ଟଙ୍କର "ରାଜଦୂତଗଣ" କିମ୍ବା "ପ୍ରତିନିଧିଗଣ", ଯେହେତୁ ସେମାନେ ଏହି ଜଗତରେ ଖ୍ରୀଷ୍ଟଙ୍କୁ ପ୍ରକାଶ କରନ୍ତି, ଅନ୍ୟମାନଙ୍କୁ ଶିକ୍ଷା ଦିଅନ୍ତି I
- ପ୍ରସଙ୍ଗ ଅନୁଯାୟୀ, ଏହି ପଦଟି "ଅଧିକାରୀ ପ୍ରତିନିଧି" କିମ୍ବା "ନିଯୁକ୍ତିପ୍ରାପ୍ତ ବାର୍ତ୍ତାବହ" କିମ୍ବା "ମନୋନୀତ ପ୍ରତିନିଧି" କିମ୍ବା "ଈଶ୍ୱରଙ୍କ ନିଯୁକ୍ତିପ୍ରାପ୍ତ ପ୍ରତିନିଧି" ବୋଲି ଅନୁବାଦ କରାଯାଇପାରେ I
- "ରାଜଦୂତଗଣର ପ୍ରତିନିଧି ଦଳ" ବାକ୍ୟାଂଶକୁ "କିଛି ଅଧିକାରୀ ଅଧିକାରପ୍ରାପ୍ତ ବାର୍ତ୍ତାବହ" କିମ୍ବା "ନିଯୁକ୍ତିପ୍ରାପ୍ତ ପ୍ରତିନିଧି ଦଳ" କିମ୍ବା "ପ୍ରତ୍ୟେକ ଲୋକଙ୍କ ପାଇଁ କହିବା ନିମନ୍ତେ ଗଠିତ ଏକ ଅଧିକାରୀ ଅଧିକାରପ୍ରାପ୍ତ ଦଳ" ଭାବେ ଅନୁବାଦ କରାଯାଇପାରେ I

(ଅଜଣା ଶବ୍ଦକୁ କିପରି ଅନୁବାଦ କରାଯିବ ଦେଖନ୍ତୁ)

(ବାର୍ତ୍ତାବହ ,ଅଧ ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଏଫିସୀୟ 6:20
- ଲୂକ 14:31-33
- ଲୂକ 19:13-15

ଶବ୍ଦବିନ୍ୟାସ :

- Strong's: H3887, H4135, H4136, H4397, H6735, H6737, G42430

ରାଜା, ରାଜପଦ

ପରିଭାଷା:

ବାଇବେଲରେ, "ରାଜା" ଶବ୍ଦ ଜଣେ ବ୍ୟକ୍ତିଙ୍କୁ ସୂଚାଏ ଯିଏ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନଙ୍କର କିମ୍ବା ଏକ ନିର୍ଦ୍ଦିଷ୍ଟ ଦେଶ (କିମ୍ବା ଉଭୟ)ର ସର୍ବୋଚ୍ଚ ଶାସକ ଅଟେ I

- ବାଇବେଲ ସମୟରେ, ଜଣେ ରାଜା ସାଧାରଣତଃ ପୂର୍ବ ରାଜା (ମାନଙ୍କ) ସହିତ ପାରିବାରିକ ସମ୍ପର୍କ ଆଧାରରେ ଶାସନ କରିବାକୁ ମନୋନୀତ ହେଉଥିଲେ । ଯେବେ ଜଣେ ରାଜା ମୃତ୍ୟୁବରଣ କରୁଥିଲେ ସେତେବେଳେ ତାଙ୍କର ଜ୍ୟେଷ୍ଠ ପୁତ୍ର ପରବର୍ତ୍ତୀ ରାଜା ହେଉଥିଲେ ।
- ବାଇବେଲରେ, ଈଶ୍ୱରଙ୍କୁ ରାଜା ରୂପରେ ସମ୍ବୋଧିତ କରାଯାଏ କାରଣ ସେ ସମଗ୍ର ବ୍ରହ୍ମାଣ୍ଡ ଉପରେ (ସାଧାରଣ ଅର୍ଥରେ) ଏବଂ ତାଙ୍କ ଲୋକମାନଙ୍କ ଉପରେ (ଏକ ନିର୍ଦ୍ଦିଷ୍ଟ ଅର୍ଥରେ) ଶାସନ କରନ୍ତି I
- ନୂତନ ନିୟମ ଯୀଶୁଙ୍କୁ ବିଭିନ୍ନ ଉପାୟରେ ରାଜା ଭାବରେ ଦର୍ଶାଏ, ଯେପରିକି: "ଯିହୁଦୀମାନଙ୍କର ରାଜା;" "ଇସ୍ରାଏଲର ରାଜା;"ଏବଂ "ରାଜାମାନଙ୍କର ରାଜା।"
- ଏହି ଶବ୍ଦକୁ "ସର୍ବୋଚ୍ଚ ପ୍ରଧାନ" କିମ୍ବା "ଏକମାତ୍ର ରାଜା"ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ରାଜାମାନଙ୍କର ରାଜା" ବାକ୍ୟାଂଶକୁ "ରାଜା ଯେ ସମସ୍ତ ରାଜା ଉପରେ ଶାସନ କରନ୍ତି" କିମ୍ବା "ମୁଖ୍ୟ ଶାସକ ଯାହାର ସମସ୍ତ ଶାସକ ଉପରେ ଅଧିକାର ଅଛି" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଅଧିକାର, ଆନ୍ତିପାସ ହେରୋଦ, ରାଜ୍ୟ, ଈଶ୍ୱରଙ୍କର ରାଜ୍ୟ)

ବାଇବେଲ ପଦପର୍ବ:

- ପ୍ରଥମ ତୀମଥି ୬:୧୫-୧୬
- ଦ୍ୱିତୀୟ ରାଜାବଳୀ ୫:୧୮
- ଦ୍ୱିତୀୟ ଶାମୁୟେଲ ୫:୩
- ପ୍ରେରିତ ୭:୯-୧୦
- ପ୍ରେରିତ ୧୩:୨୨
- ଯୋହନ ୧:୪୯-୫୧
- ଲୂକ ୧:୫
- ଲୂକ ୨୨:୨୪-୨୫
- ମାଥିଉ ୫:୩୫
- ମାଥିଉ ୧୪:୯

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- ୮:୬ ଗୋଟିଏ ରାତ୍ରିରେ, ଫାରୋ ଯାହାକୁ ମିସର ଲୋକମାନେ ନିଜର **ରାଜା** କହନ୍ତି, ତାହାକୁ ଦୁଇଟି ସ୍ୱପ୍ନ ଅତି ବିଚଳିତ କଲା I
- ୧୭:୧ ଇସ୍ରାଏଲୀୟମାନଙ୍କର **ରାଜା** ନଥିଲେ, ତେଣୁ ସମସ୍ତେ ନିଜ ମନରେ ଯାହା ଭଲ ଭାବୁଥିଲେ ତାହା କରୁଥିଲେ I
- ୧୭:୧୮ ଶେଷରେ, ଲୋକମାନେ ଅନ୍ୟ ଜାତିପରି ଈଶ୍ୱରଙ୍କୁ **ରାଜା** ପାଇଁ କହିଲେ I
- ୧୭:୫ ଶେଷରେ, ଶାଉଲ ଯୁଦ୍ଧରେ ମଲେ ଏବଂ ଦାଉଦ ଇସ୍ରାଏଲର **ରାଜା** ହେଲେ I ସେ ଏକ ଉତ୍ତମ **ରାଜା**ଥିଲେ ଏବଂ ଲୋକମାନେ ତାହାକୁ ପ୍ରେମ କରୁଥିଲେ I
- ୨୧:୬ ଈଶ୍ୱରଙ୍କର ଭବିଷ୍ୟଦ୍‌ବକ୍ତାମାନେ କହିଲେ ଯେ ଖ୍ରୀଷ୍ଟ ଏକ ଭବିଷ୍ୟଦ୍‌ବକ୍ତା, ଯାଜକ ଏବଂ **ରାଜା** ହେବେ I
- ୪୮:୧୪ ଦାଉଦ ଇସ୍ରାଏଲର **ରାଜା** ଥିଲେ କିନ୍ତୁ ଯୀଶୁ ସମସ୍ତ ବିଶ୍ୱର **ରାଜା** ଅଟନ୍ତି I

ଶବ୍ଦବିନ୍ୟାସ:

- Strong's: H4427, H4428, H4430, G09350, G09360

ରାଜ୍ୟ

ପରିଭାଷା:

ରାଜା ଦ୍ୱାରା ଶାସନ କରା ଯାଉଥିବା ଲୋକ ସମୁହକୁ ରାଜ୍ୟ କୁହାଯାଏ I ଏହା ରାଜନୈତିକ ଅଞ୍ଚଳକୁ କିମ୍ବା କ୍ଷେତ୍ରଫଳକୁ ଦର୍ଶାଏ ଯାହାକୁ ରାଜା କିମ୍ବା ଅନ୍ୟ ଶାସକଗଣ ନିଜ ଅଧିନରେ କିମ୍ବା ଅଧିକାରରେ ରଖନ୍ତି I

- ଏକ ରାଜ୍ୟ କୌଣସି ଭୌଗଳିକ ଆକାର ହୋଇପାରେ I ଏକ ରାଜା ଏକ ଦେଶ କିମ୍ବା ଏକ ସହର ଉପରେ ଶାସନ କରିପାରେ I
- "ରାଜ୍ୟ" ଶବ୍ଦ ଆତ୍ମିକ ଶାସନ କିମ୍ବା ଅଧିକାରକୁ ଦର୍ଶାଏ ଯେପରି "ଈଶ୍ୱରଙ୍କର ରାଜ୍ୟ I"
- ଈଶ୍ୱର ସମସ୍ତ ସୃଷ୍ଟିର ଶାସକ ଅଟନ୍ତି କିନ୍ତୁ "ଈଶ୍ୱରଙ୍କର ରାଜ୍ୟ" ଶବ୍ଦ ତାହାଙ୍କର ଅଧିକାର ଓ ଶାସନ ଯାହା ତାହାଙ୍କ ଲୋକମାନଙ୍କ ଉପରେ ଅଛି ଯେଉଁମାନେ ଯୀଶୁ ଖ୍ରୀଷ୍ଟ ଉପରେ ବିଶ୍ୱାସ କରନ୍ତି ଓ ଯେଉଁମାନେ ତାହାଙ୍କର ଅଧିକାରରେ ସମର୍ପିତ ଅଟନ୍ତି ତାହା ଦର୍ଶାଏ I
- ବାଇବେଲ ମଧ୍ୟ ଶୟତାନ "ରାଜ୍ୟ" ବିଷୟରେ ଉଲ୍ଲେଖ କରେ, ଯେଉଁଠାରେ ସେ କିଛି ସମୟ ପାଇଁ ପୃଥିବୀ ଉପରେ ଶାସନ କରେ I ତାହାର ରାଜ୍ୟ ମନ୍ଦ ଅଟେ ଓ ଏହାକୁ "ଅନ୍ଧକାର" କୁହାଯାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେତେବେଳେ ଭୌଗଳିକ ଅଞ୍ଚଳକୁ ବୁଝାଏ ଯାହା ଏକ ରାଜା ଦ୍ୱାରା ଶାସିତ ହୁଏ, ତେବେ ଏହି ଶବ୍ଦକୁ "ଦେଶ (ଏକ ରାଜା ଦ୍ୱାରା ଶାସିତ ଅଟେ)" କିମ୍ବା "ରାଜାର ଅଞ୍ଚଳ" କିମ୍ବା "ଅଞ୍ଚଳ ରାଜା ଦ୍ୱାରା ଶାସିତ" ବୋଲି ଅନୁବାଦ କରାଯାଇପାରେ I
- ଆତ୍ମିକ ଅର୍ଥରେ, "ରାଜ୍ୟ" ଶବ୍ଦକୁ "ଶାସନ କରିବା" କିମ୍ବା "ରାଜତ୍ୱ କରିବା" କିମ୍ବା "ନୀୟନ୍ତ୍ରଣ କରିବା" କିମ୍ବା "ନୀୟମାନୁଯାଇ ଶାସନ କରିବା" ବୋଲି ଅନୁବାଦ କରାଯାଇପାରେ I
- "ଯାଜକିୟ ରାଜ୍ୟ" ଶବ୍ଦକୁ "ଆତ୍ମିକ ଯାଜକଗଣ ଯେଉଁମାନେ ଈଶ୍ୱର ଦ୍ୱାରା ଶାସିତ ଅଟନ୍ତି" ବୋଲି ଅନୁବାଦ କରାଯାଇପାରେ I

·"ଆଲୋକର ରାଜ୍ୟ" ଶବ୍ଦକୁ "ଈଶ୍ୱରଙ୍କର ରାଜତ୍ୱ ଯାହା ଉତ୍ତମ ଅଟେ ଓ ଆଲୋକ ଅପ୍ରି ଅଟେ" କିମ୍ବା "ଯେତେବେଳେ ଈଶ୍ୱର, ଯେ ଆଲୋକ ଅଟନ୍ତି, ଲୋକମାନଙ୍କ ଉପରେ ଶାସନ କରନ୍ତି" କିମ୍ବା "ଈଶ୍ୱରଙ୍କର ରାଜ୍ୟର ଆଲୋକ ଓ ଉତ୍ତମତା ଅଟେ I "ଆଲୋକ" ଶବ୍ଦକୁ ଏହିଅପରୀ ଉଲ୍ଲେଖ କରିବା ଉତ୍ତମ ଅଟେ କାରଣ ଏହା ବାଇବେଲରେ ମହତ୍ତ୍ୱପୂର୍ଣ୍ଣ ଶବ୍ଦ ଅଟେ I

- ·"ରାଜ୍ୟ" ଶବ୍ଦ ସାମ୍ରାଜ୍ୟଠାରୁ ଭିନ୍ନ ଅଟେ ଯାହା ଯେଉଁଠାରେ ଜଣେ ସମ୍ରାଟ ଅନେକ ଦେଶ ଉପରେ ଶାସନ କରନ୍ତି I

(ଦେଖନ୍ତୁ:ଅଧିକାର, ରାଜା, ଈଶ୍ୱରଙ୍କର ରାଜ୍ୟ, ଇସ୍ରାଏଲର ରାଜ୍ୟ, ଯିହୂଦା, ଯିହୂଦା, ଯିହୂଦା)

ବାଇବେଲ ପଦପର୍ବ:

- 1 ଥେସଲାନୀକୀୟ 2:12
- 2 ତୀମଥି 4:17-18
- କଲସୀୟ 1:13-14
- ଯୋହନ 18:36
- ମାର୍କ 3:24
- ମାଥିଉ 4:7-9
- ମାଥିଉ 13:19
- ମାଥିଉ 16:28
- ପ୍ରକାଶିତ ବାକ୍ୟ 1:9

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- -୧୩:୨ ଈଶ୍ୱର ମୋଶା ଓ ଇସ୍ରାଏଲର ଲୋକକୁ କହିଲେ, 'ଯଦି ତୁମ୍ଭେ ମୋର କଥାମାନ ଓ ମୋର ବ୍ୟବସ୍ଥା ପାଳନ କର, ତୁମ୍ଭେ ମୋର ଉପହାର ସମ୍ପତି ହେବ, ଏକ ଜାଜକିୟ ରାଜ୍ୟ ଓ ପବିତ୍ର ଜାତି ହେବI"
- -୧୮:୪ ଈଶ୍ୱର ସଲମନ ଉପରେ କ୍ରୋଧିତ ହେଲେ ଓ ସଲମନର ଅବିଶ୍ୱସ୍ତତା ପାଇଁ ଦଣ୍ଡ ସ୍ୱରୂପେ, ସଲମନର ମୃତ୍ୟୁ ପରେ ସେ ଇସ୍ରାଏଲ ଦେଶକୁ ଦୁଇଟି ରାଜ୍ୟରେ ବିଭକ୍ତ କଲେ I

- -୧୮:୭ ଇସ୍ରାଏଲ ଜାତିର ଦଶଟି ଜାତି ରେହୋବିଆମର ବିରୋଧୀ କଲେ I କେବଳ ଦୁଇଟି ଜାତି ତାହା ପ୍ରତି ବିଶ୍ୱସ୍ତ ରହିଲେ I ଏହି ଦୁଇ ଜାତି ଯିହୂଦା"ରାଜ୍ୟ" ହେଲା I
- -୧୮:୮ ଆଉ ଦଶଟି ଜାତି ଯେଉଁମାନେ ରେହୋବିଆମ ବିରୁଧରେ ବିଦ୍ରୋହ କରିଥିଲେ ଏକ ବ୍ୟକ୍ତିକୁ ଜିରୋବିଆମ ନାମରେ ନିଜର ରାଜା କରି ନିଯୁକ୍ତ କଲେ I ସେମାନେ ନିଜର ରାଜ୍ୟ ଉତ୍ତର ଭାଗରେ ସ୍ଥାପନ କଲେ ଓ ତାହାକୁ ଇସ୍ରାଏଲ ରାଜ୍ୟ କୁହାଗଲା I
- ◦ ୨୧:୮ ଏକ ରାଜା ସିଏ ଅଟେ ଯେ ରାଜ୍ୟ ଉପରେ ଶାସନ କରେ ଓ ଲୋକଙ୍କର ନ୍ୟାୟ କରେ I

ଶବ୍ଦବିନ୍ୟାସ:

Strong's: H4410, H4437, H4438, H4467, H4468, H4474, H4475, G09320

ରାଣୀ

ପରିଭାଷା:

ଜଣେ ରାଣୀ ହୁଏତ ଗୋଟିଏ ଦେଶର ନାରୀ ଶାସକ କିମ୍ବା ଜଣେ ରାଜାଙ୍କର ପତ୍ନୀ ହୋଇଥାଇ ପାରନ୍ତି I

- ଏଷ୍ଟର ଯେତେବେଳେ ରାଜା ଅକ୍ଷଶ୍ୱେରସଙ୍କୁ ବିବାହ କଲେ ସେ ପାରସିକ ସାମ୍ରାଜ୍ୟର ରାଣୀ ହେଲେ I
- ରାଣୀ ଇଷେବଲ ଆହାବ ରାଜାଙ୍କର ଦୁଷ୍ଟ ପତ୍ନୀ ଥିଲେ I
- ଶିବା ଦେଶର ରାଣୀ ଜଣେ ବିଖ୍ୟାତ ଶାସନକର୍ତ୍ତ୍ରୀ ଥିଲେ ଓ ସେ ରାଜା ଶଲୋମନଙ୍କୁ ସାକ୍ଷାତ କରିବା ନିମନ୍ତେ ଆସିଥିଲେ I
ସାଧାରଣତଃ "ସଭା" ଶବ୍ଦ ଏକ ଲୋକମାନଙ୍କ ଗୋଷ୍ଠୀକୁ ସୂଚାଏ, ଯେଉଁମାନେ ଏକତ୍ରୀତ ହୋଇ ସମସ୍ୟା ବିଷୟରେ ଆଲୋଚନା କରନ୍ତି, ଉପଦେଶ ଦିଅନ୍ତି, ଏବଂ ନିଷ୍ପତ୍ତି ନିଅନ୍ତି I ସଭା ଏକ ସଙ୍ଗଠନର କ୍ଷମତାପ୍ରାପ୍ତ ଗୋଷ୍ଠୀ ଏବଂ କିଛିଟା ସ୍ଥାୟୀ ମାଧ୍ୟମ ହୋଇପାରେ, କିମ୍ବା ଏହା ଏକ ଲୋକ ଗୋଷ୍ଠୀ ହୋଇପାରେ ଯେଉଁମାନେ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ କିମ୍ବା ବିଶେଷ ଘଟଣା ନେଇ ନିର୍ଦ୍ଦିଷ୍ଟ ସମୟ ପାଇଁ ଏକତ୍ରୀତ ହୁଅନ୍ତି I

ପୁରାତନ ନିୟମ

- ପୁରାତନ ନିୟମରେ "ପବିତ୍ର ସଭା" ନାମକ ଏକ ସଭା ଥିଲା, ଯେଉଁଠାରେ ଇସ୍ରାଏଲୀୟ ଲୋକମାନେ ଯିହୋବାଙ୍କୁ ଆରାଧନା କରିବା ନିମନ୍ତେ ଏକତ୍ରିତ ହେଉଥିଲେ I
- ବେଳେବେଳେ "ସଭା" ଶବ୍ଦ ସାଧାରଣତଃ ଏକ ଗୋଷ୍ଠୀ ଭାବରେ ଇସ୍ରାଏଲୀୟମାନଙ୍କୁ ସୂଚାଏ I

ନୂତନ ନିୟମ

- ନୂତନ ନିୟମରେ, ଯିରୂଶାଲମ ଭଳି ମୂଖ୍ୟ ନଗରଗୁଡ଼ିକ ମଧ୍ୟରେ 70 ଜଣିଆ ଯିହୁଦୀ ନେତାମାନଙ୍କ ଏକ ସଭାରେ ଆଇନ ସମ୍ବନ୍ଧୀୟ ବିଷୟ ବିଚାର କରିବା ନିମନ୍ତେ ଏବଂ ଲୋକମାନଙ୍କ ମଧ୍ୟରେ ଥିବା ସମସ୍ୟାକୁ ସମାଧାନ କରିବା ନିମନ୍ତେ ଏକତ୍ରୀତ ହେଉଥିଲେ I ଏହି ସଭା "ପୁରାତନ ଯିରୂଶାଲମର ଉଚ୍ଚ ନ୍ୟାୟାଳୟ" କିମ୍ବା "ମନ୍ତ୍ରଣା ସଭା" ଭାବରେ ଜଣାଯାଉଥିଲା I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଅଧାର କରି , "ସଭା" ଶବ୍ଦକୁ "ବିଶେଷ ଉଦ୍ଦେଶ୍ୟରେ ଏକତ୍ରୀକରଣ" କିମ୍ବା "ଜନସମାବେଶ" କିମ୍ବା "ମନ୍ତ୍ରଣାସଭା" କିମ୍ବା "ସେନା", କିମ୍ବା "ବିଶାଳ ଗୋଷ୍ଠୀ" ବୋଲି ଅନୁବାଦ କରାଯାଇପାରେ I
- ଯେତେବେଳେ "ସଭା" ଶବ୍ଦ ସାଧାରଣତଃ ସମ୍ପୂର୍ଣ୍ଣ ଇସ୍ରାଏଲକୁ ସୂଚାଏ, ଏହା "ସଂପ୍ରଦାୟ" କିମ୍ବା "ଇସ୍ରାଏଲର ଲୋକ" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I
- "ସମସ୍ତ ସଭା" ବାକ୍ୟାଂଶଟି "ସମସ୍ତ ଲୋକ" କିମ୍ବା "ଇସ୍ରାଏଲର ସମସ୍ତ ଗୋଷ୍ଠୀ" କିମ୍ବା "ସମସ୍ତେ" ବୋଲି ଅନୁବାଦ କରାଯାଇପାରେ I (ଅତିଶୟୋକ୍ତି: ଦେଖନ୍ତୁ)
- ଶତ୍ରୁ ସୈନିକମାନଙ୍କର ଏକ ବିରାଟ ସମାବେଶକୁ ବେଳେବେଳେ ଏକ "ସଭା" ମଧ୍ୟ କୁହାଯାଉଥିଲା | ଏହାକୁ "ସେନା" ବୋଲି ଅନୁବାଦ କରାଯାଇପାରେ I

(: ମନ୍ତ୍ରଣାସଭା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ 8:14
- ପ୍ରେରିତ 7:38
- ଏଜ୍ରା 10:12-13
- ଏବ୍ରୀ 12:22-24
- ଲେବୀୟ 4:20-21
- ନିହିମୀୟ 8:1-3

ଶବ୍ଦବିନ୍ୟାସ :

- Strong's: H0622, H1481, H2199, H3259, H4150, H4186, H4744, H5475, H5712, H6116, H6908, H6950, H6951, H6952, G15770, G38310, G48630, G48640, G48710, G49050

ସମର୍ପଣ, ସମର୍ପିତ, ସମର୍ପଣ କରୁଅଛି, ମୂଲ୍ୟାୟନ କରିବା, ମୂଲ୍ୟାୟନ କରିବା ବିଷୟ, ପୁନର୍ଦ୍ଧାର ନିର୍ଦ୍ଧାରଣ କରିବା

ତଥ୍ୟମାନ:

"ସମର୍ପଣ" କିମ୍ବା "ସମର୍ପିତ" ଶବ୍ଦ "ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ନିମନ୍ତେ ଏକ ବ୍ୟକ୍ତିଙ୍କୁ ନିଯୁକ୍ତି କରିବା" କିମ୍ବା "ଏକ ବ୍ୟକ୍ତିଙ୍କୁ ଜଣେ କିମ୍ବା ଅନେକ ଲୋକଙ୍କୁ ଯୋଗାଇବା ନିମନ୍ତେ ନିର୍ଦ୍ଦିଷ୍ଟ କରିବା"କୁ ଦର୍ଶାଏ I

- ଭବିଷ୍ୟତବକ୍ତା ଶାମୁୟେଲ ପୂର୍ବରୁ କହିଥିଲେ ଯେ, ସେନାରେ ସେବା କରିବା ନିମନ୍ତେ ଶାଉଲ ରାଜା ଇସ୍ରାଏଲର ଉତ୍ତମ ଯୁବା ବ୍ୟକ୍ତି ନିଯୁକ୍ତି କରିବାରଥିଲା I
- ମୋଶା ଇସ୍ରାଏଲର ପ୍ରତ୍ୟେକ ବାର ଗୋଷ୍ଠୀ ଜୀବନଯାପନ କରିବା ନିମନ୍ତେ କିଣାନ ଦେଶର ଏକ ଭାଗକୁ "ସମର୍ପଣ" କଲେ I
- ପୁରାତନ ନୀୟମ ଅନୁଯାୟୀ, ଇସ୍ରାଏଲର କେତେକ ଗୋଷ୍ଠୀକୁ ଯାଜକ, କଳାକାର, ସଙ୍ଗୀତଜ୍ଞ, ଏବଂ ନିର୍ମାଣକାରୀ ଭାବରେ ନିଯୁକ୍ତି କରାଯାଇଥିଲା I
- ପ୍ରସଙ୍ଗ ଅନୁଯାୟୀ "ସମର୍ପଣ", "ଦେବା" କିମ୍ବା "ନିଯୁକ୍ତି କରିବା" କିମ୍ବା "କିଛି କାର୍ଯ୍ୟ ନିମନ୍ତେ ବାଛିବା" ଭାବରେ ଅନୁବାଦ କରାଯାଇପାରେ I
- "ସମର୍ପିତ" ଶବ୍ଦ "ନିଯୁକ୍ତି ପ୍ରାପ୍ତ", କିମ୍ବା "କିଛି କାର୍ଯ୍ୟ ଦିଆଯାଇଥିବା ବ୍ୟକ୍ତି" ଭାବରେ ଅନୁବାଦ କରାଯାଇପାରେ I

(ଅନୁବାଦର ପ୍ରସ୍ତାବୀୟ ସୂଚନାମାନ: ନାମ ଗୁଡ଼ିକର ଅନୁବାଦ)

(ମଧ୍ୟ ଦେଖିପାରିବା: ନିଯୁକ୍ତି, ଶାମୁୟେଲ, ଶାଉଲ)

ବାଇବଲ ପଦ ପର୍ଦ୍ଦ:

- ପ୍ରଥମ ବଂଶାବଳି ୦୬:୪୮
- ଦାନୀୟେଲ ୧୨:୧୨-୧୩
- ଯିରିମୀୟ ୪୩:୧୧-୧୩
- ଯିହୋଶୂୟ ୧୮:୧-୨
- ଗଣନା ୦୪:୨୭-୨୮
- ଗୀତସଂହିତା ୭୮:୫୪-୫୫

ବୋର୍ଡ ଡାଟା :

- Strong's: H2506, H3335, H4487, H4941, H5157, H5307, H5414, H5596, H5975, H6485, H7760, G3307

ସମାଗମ ତମ୍ବୁ

ତଥ୍ୟଗୁଡିକ:

"ସମାଗମ ତମ୍ବୁ" ପ୍ରତିଶବ୍ଦଟି ଏକ ତମ୍ବୁକୁ ବୁଝାଏ ଯାହାକି ଅସ୍ଥାୟୀ ସ୍ଥାନଥିଲା ଯେଉଁଠାରେ ଆବାସତମ୍ବୁ ନିର୍ମାଣ କରିବା ପୂର୍ବରୁ ଈଶ୍ୱର ମୋଶାଙ୍କ ସହିତ ସାକ୍ଷାତ କରୁଥିଲେ I

- ଇସ୍ରାଏଲୀୟମାନଙ୍କର ଶିବିରର ବାହାରେ ଏହି ସମାଗମ ତମ୍ବୁଟି ସ୍ଥାପିତ ହୋଇଥିଲା I
- ଯେତେବେଳେ ମୋଶା ଈଶ୍ୱରଙ୍କୁ ସାକ୍ଷାତ କରିବାକୁ ସମାଗମ ତମ୍ବୁକୁ ଯାଉଥିଲେ, ସେଠାରେ ଈଶ୍ୱରଙ୍କ ଉପସ୍ଥିତିର ଚିହ୍ନ ସ୍ୱରୂପେ ମେଘସ୍ତମ୍ଭ ତମ୍ବୁର ସମ୍ମୁଖଭାଗରେ ଛିଡା ହୋଇ ରହୁଥିଲା I
- ଇସ୍ରାଏଲୀୟମାନେ ଆବାସତମ୍ବୁ ନିର୍ମାଣ କରିବା ପରେ, ଅସ୍ଥାୟୀ ତମ୍ବୁର ଆବଶ୍ୟକ ଆଉ ରହୁ ନଥିଲା ଏବଂ ଏହି "ସମାଗମ ତମ୍ବୁ" ପ୍ରତିଶବ୍ଦଟି ବେଳେବେଳେ ଆବାସତମ୍ବୁ ଭାବରେ ବ୍ୟବହୃତ ହେଉଥିଲା I

(ଆହୁରି ମଧ୍ୟ ଦେଖ: ଇସ୍ରାଏଲ, ମୋଶା, ସ୍ତମ୍ଭ, ଆବାସ ତମ୍ବୁ, ତମ୍ବୁ)

ବାଇବଲ ପଦଗୁଡିକ:

- 1ମ ରାଜାବଳି 02:28-29
- ଯିହୋଶୂୟ 19:51
- ଲେବୀୟ 01:1-2
- ଗଣନା 04:31-32

ବାଇବଲର କାହାଣୀଗୁଡିକ ମଧ୍ୟରୁ ଉଦାହରଣଗୁଡିକ:

- **13:08** ଈଶ୍ୱର ତମ୍ବୁକୁ କିପରି ନିର୍ମାଣ କରିବାକୁ ଇଚ୍ଛା କରୁଛନ୍ତି, ଇସ୍ରାଏଲମାନଙ୍କୁ ତାହାର ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା ଦେଇଥିଲେ I

ଏହା **ସମାଗମ ତମ୍ବୁ** କୁହାଯାଉଥିଲା, ଏହାର ଦୁଇଟି କୋଠରୀଥିଲା,ଯାହାକୁ ଏକ ଲମ୍ବା ପରଦା ପୃଥକ୍ କରୁଥିଲା I

- **13:09** ଯେଉଁମାନେ ଈଶ୍ୱରଙ୍କ ବ୍ୟବସ୍ଥାକୁ ଅବଜ୍ଞା କରୁଥିଲେ, ସେମାନେ ଈଶ୍ୱରଙ୍କୁ ବଳିଦାନ ଦେବା ନିମନ୍ତେ _ସମାଗମ ତମ୍ବୁର _ ବେଦୀ ସମ୍ମୁଖକୁ ଏକ ପଶୁ ଆଣୁଥିଲେ I
- **14:08** ଈଶ୍ୱର ଅତିଶୟ କୃଦ୍ଧିତ ହୋଇ ଏହି ସମାଗମ ତମ୍ବୁ ନିକଟକୁ ଆସିଲେ I
- **18:02** ଏହି ସମାଗମ ତମ୍ବୁ ପରିବର୍ତ୍ତେ ବର୍ତ୍ତମାନ ଲୋକମାନେ ମନ୍ଦିରରେ ଈଶ୍ୱରଙ୍କୁ ଉପାସନା ଓ ବଳି ଉତ୍ସର୍ଗ କରୁଛନ୍ତି I

ବୋର୍ଡ ଡାଟା :

- Strong's: H168, H4150

ସମାଧିଦେବା, ସମାଧି, ସମାଧିଦେବା କାର୍ଯ୍ୟ

ପରିଭାଷା:

"ସମାଧି" ଶବ୍ଦ ଏକ ବସ୍ତୁକୁ (ସାଧାରଣତଃ ଏକ ମୃତ ଶରୀରକୁ) ଏକ ଗର୍ତ୍ତରେ କିମ୍ବା ଅନ୍ୟ ସମାଧି ସ୍ଥାନରେ ରଖିବା ଏବଂ ତା'ପରେ ଏହାକୁ ବାଲି କିମ୍ବା ପ୍ରସ୍ତରରେ ଆଚ୍ଛାଦନ କରିବାକୁ ବୁଝାଏ । "ସମାଧି" ଶବ୍ଦଟି କବର ଦେବା କାର୍ଯ୍ୟ, କିମ୍ବା ଏହା ଏକ ସ୍ଥାନକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ ଯେଉଁଠାରେ କିଛି ପୋତି ଦିଆଯାଏ ।

- ଅନେକ ସମୟରେ ଲୋକମାନେ ମୃତ ଶରୀରକୁ ଗଭୀର ଗାତ କରି ସେଠାରେ ପୋତି ଦିଅନ୍ତି ଏବଂ ମାଟି ଦ୍ୱାରା ତାହାକୁ ଆବୃତ କରନ୍ତି ।
- ବେଳେବେଳେ ମୃତ ଶରୀରକୁ ପୋତିବା ଆଗରୁ ଗୋଟିଏ ବାକ୍ସରେ ରଖାଯାଏ ଯାହାକୁ କଫିନ ବା ଶବାଧାର କୁହାଯାଏ ।
- ବାଇବେଲ ସମୟରେ ମୃତ ଶରୀରକୁ ଗୁମ୍ଫା ବା ତାହା ସଦୃଶ ସ୍ଥାନରେ ସମାଧି ଦିଆଯାଉଥିଲା । ଯୀଶୁଙ୍କ ମୃତ୍ୟୁପରେ ତାହାଙ୍କୁ ଗୋଟିଏ କପଡ଼ାରେ ଗୁଡ଼ାଯାଇ ଗୋଟିଏ ପ୍ରସ୍ତର ସମାଧି ମଧ୍ୟରେ ରଖାଯାଇ ଗୋଟିଏ ବଡ଼ ପ୍ରସ୍ତର ଦ୍ୱାରା ଏହାକୁ ଭଲଭାବେ ବନ୍ଦକରି ଦିଆଯାଇଥିଲା ।
- "ସମାଧି ସ୍ଥାନ" କିମ୍ବା "ସମାଧି ଗୃହ" କିମ୍ବା "ସମାଧି କକ୍ଷ" କିମ୍ବା "ସମାଧି ଗୁମ୍ଫା" ହେଉଛି ଏପରି ସ୍ଥାନ ଯେଉଁଠାରେ ମୃତ ଶରୀରକୁ ସମାଧି ଦିଆଯାଏ ।
- ଅନ୍ୟ କେତେକ ବିଷୟ ମଧ୍ୟ ପୋତାଯାଏ ଯେପରିକି ଆଖନ୍ ରୂପା ଓ ଅନ୍ୟ କିଛି ଦ୍ରବ୍ୟ ଯିରୀହୋରୁ ହରଣ କରି ଭୂମି ମଧ୍ୟରେ ପୋତିଥିଲା ।
- "ମୁହଁକୁ ପୋତିଅଛି: ବାକ୍ୟର ଅର୍ଥ "ମୁହଁକୁ ହସ୍ତ ଦ୍ୱାରା ଆଚ୍ଛାଦିତ କରିଅଛି।"
- ବେଳବେଳେ "ଲୁଚାଇବା" ଶବ୍ଦର ଅର୍ଥ "ପୋତିବା" କାରଣ ଯେତେବେଳେ ଆଖନ୍ ଯିରୀହୋରୁ କିଛି ଦ୍ରବ୍ୟ ହରଣ କରି ଭୂମିରେ ଲୁଚାଇଥିଲା ଏହାର ଅର୍ଥ ସେ ତାହାକୁ ଭୂମିରେ ସମାଧି ଦେଇଥିଲା ।

(ଦେଖନ୍ତୁ: ଯିରୀହୋ, ସମାଧି)

ବାଇବେଲ ପଦପର୍ବ:

- ୨ ରାଜାବଳୀ ୯:୯-୧୦
- ଆଦିପୁସ୍ତକ ୩୫:୪-୫
- ଯିରିମୀୟ ୨୫: ୩୩
- ଲୂକ ୧୬:୨୨
- ମାଥିଉ ୨୭:୭
- ଗୀତସଂଗୀତ ୭୯:୧-୩

ଶବ୍ଦବିନ୍ୟାସ:

- Strong's: H6900, H6912, H6913, G17790, G17800, G22900, G49160, G50270

ସମୁଦ୍ର ଗାଈ

ସଂଜ୍ଞା:

"ସମୁଦ୍ର ଗାଈ" ଦର୍ଶାଏ ଏକ ବିଶାଳକାୟ ସମୁଦ୍ର ପ୍ରାଣୀ ଯାହା ସମୁଦ୍ର ଘାସ ଏବଂ ମହାସାଗର ଚଟାଣରେ ମିଳୁଥିବା ପରିବା ଖାଏ

- ଗୋଟିଏ ସମୁଦ୍ର ଗାଈ ମୋଟା ଚମଡା ଧୂସର ରଂଗ ଦେଖାଯାଏ

ଏହା ପାଣି ଭିତରେ ଏହାର ଅଂଗ ବା ଡେଣାରେ ଗତି କରେ

- ବାଇବଲ ସମୟରେ ଲୋକମାନେ ତମ୍ବୁ ତିଆରି କରିବା ପାଇଁ ସମୁଦ୍ର ଗାଈ ର ଚମଡା ବ୍ୟବହାର କରୁଥିଲେ

ଏହି ପ୍ରାଣୀମାନଙ୍କ ଚମଡାରେ ସମାଗମ ତମ୍ବୁକୁ ଘୋଡାଇବା ନିମନ୍ତେ ବ୍ୟବହାର କରୁଥିଲେ

- "ସମୁଦ୍ର ଗାଈ "ହେଉଛି ଡାକ ନାମ କାରଣ ଏହା ଗାଈ ପରି ଘାସ ଖାଏ, କିନ୍ତୁ ଅନ୍ୟ ଭାବେ ଏହା ଗାଈ ସହିତ ସମାନ ନୁହେଁ
- ସେହି ପ୍ରକାରେ ପ୍ରାଣୀ ଗୁଡିକ ହେଲେ "ସ୍ତନ୍ୟପାୟୀ" ଏବଂ "ଡେଣା ଓ ଚଟକା ଲାଞ୍ଜଥିବା ଏକ ବଡ ଆକାରର ତୃଣଜୀବୀ ସମୁଦ୍ର ଜୀବ"

(ଦେଖ: ଅଜଣା ବିଷୟ୍ କୁ ଅନୁବାଦ କରିବେ କିପରି)

(ଦେଖ: ସମାଗମ ତମ୍ବୁ)

ବାଇବଲ ସନ୍ଦର୍ଭ:

- ଗଣନା ୦୪:୫-୬
- ଗଣନା ୦୪:୧୨-୧୪
- ଗଣନା ୦୪:୨୪-୨୬

ଯେଉଁ ବ୍ୟକ୍ତି ମୋଡା କାଗଜ ଗ୍ରହଣ କରେ ଭଗ୍ନ ହୋଇ ନଥିବା ମୋହର କୁ ଦେଖିବା ଏବଂ ଜାଣିବ ଯେ କେହି ଏହାକୁ ଖୋଲି ନାହାନ୍ତି

ବୋର୍ଡ ଡାଟା :

- Strong's: H8476

ସମ୍ପର୍କ ରଖିବା, ପ୍ରେମ କରିବା, ଶୋଇବା, ସହବାସ କରିବା, ନିଦ୍ରିତ, ଶୋଇବା

ସଂଜ୍ଞା:

ବାଇବଲରେ, ଏହି ଶବ୍ଦ ଗୁଡିକ ଶ୍ରୁତିମଧୁର ଯାହା ଯୌନ ସମ୍ପର୍କ ଲିପ୍ତ କୁ ଦର୍ଶାଏ

(ଦେଖ: ଶ୍ରୁତିମଧୁର)

- "ଶୋଇବା "ଶବ୍ଦ ଟି କେହି ଜଣେ ସାଧାରଣତଃ ଜଣଙ୍କ ସହିତ ସହବାସ କରିବା କୁ ବିଝାଇଥାଏ

ଏହାର ଅତୀତ କାଳ ହେବ "ଶୋଇଲା"

- ପୁରାତନ ନୀୟମ ପୁସ୍ତକ "ପରମ ଗୀତ"ରେ ସହରୀ ଭାଷାରେ ଏହି ଶବ୍ଦକୁ "ପ୍ରେମ କରିବା" ଅର୍ଥରେ ଅନୁବାଦ ହୋଇଛି "ପ୍ରେମ" ଶବ୍ଦ, ସେହି ପରିସ୍ଥିତିରେ ଏହି ଶବ୍ଦ ଶାରୀରିକ ଯୌନ ସମ୍ପର୍କ କୁ ବୁଝାଏ

ଏହି ଶବ୍ଦ "ପ୍ରେମ କରିବା" ଭାବନା ସହିତ ଜଡିତ

ଅନୁବାଦ ପ୍ରସ୍ତାବ ଗୁଡିକ:

- କିଛି ଭାଷାରେ ସ୍ଥାନୀୟ ପରିସ୍ଥିତିକୁ ନେଇ ଶବ୍ଦର ଭାବ ପ୍ରକାଶ ହୁଏ, ଏହା ହୁଏତ ବିବାହିତ ଯୋଡି କିମ୍ବା ସେମାନଙ୍କ ମଧ୍ୟରେ ସେହିପରି ସମ୍ପର୍କ ଉପରେ ନିର୍ଭର କରେ

ପ୍ରତ୍ୟେକ ପରିସ୍ଥିତିରେ ଶବ୍ଦର ଅର୍ଥକୁ ଅନୁବାଦ କରିବ ଗୁରୁତ୍ୱପୂର୍ଣ୍ଣ ଅଟେ

- ପରିସ୍ଥିତିକୁ ଲକ୍ଷ୍ୟ କରି, ଏହି ପ୍ରକାର ଭାବପ୍ରବଣତା ଶବ୍ଦ ଗୁଡିକ ବୁଝାଇବ ଯଥା "ଶୋଇଲେ" କିମ୍ବା "ତାହାଙ୍କ ସହିତ ଶୋଇଲେ" କିମ୍ବା "ପ୍ରେମ କରିବ" କିମ୍ବା "ଆତ୍ମିୟତା "
- ଅନ୍ୟ ଭାବେ, "ସମ୍ପର୍କ ରଖିବା", ଯୋଗ ହୋଇପାରେ "ଶାରୀରିକ ଯୌନ ସମ୍ଭୋଗ" କିମ୍ବା "ବୈବାହିକ ସମ୍ପର୍କ"
- "ପ୍ରେମ କରିବା" ଶବ୍ଦ ଅନୁବାଡ଼ ଅହୋଇପାରେ "ପ୍ରେମିକ" କିମ୍ବା "ଆତ୍ମିୟତା"

କିମ୍ବା ପ୍ରକଳ୍ପ ସଦସ୍ୟ ମଧ୍ୟ ସ୍ୱତ ପ୍ରବୃତ୍ତ ଭାଷାର ଇଙ୍ଗିତ ଅନୁବାଦ କରିପାରିବେ

- ଏହି ଶବ୍ଦର ଅନୁବାଦ ର ବ୍ୟବହାର ପରଖିବା ଜରୁରୀ କାରଣ ଅନୁବାଦ ହୋଇଥିବା ଚିନ୍ତାଧାରା ଯେପରି ଲୋକମାନେ ସହଜରେ ଗ୍ରହଣ କରି ପାରିବେ
- ଦେଖ: ଅନୈତିକ ଶାରୀରିକ ସମ୍ପର୍କ

ବାଇବଲ ସନ୍ଦର୍ଭ:

- ୧ କରନ୍ଥିୟ ୦୫:୧-୨
- ୧ ଶାମୁଏଲ ୦୧:୧୯-୨୦
- ଦ୍ୱିତୀୟ ବିବରଣ ୨୧:୧୩-୧୪
- ଆଦି ୧୯:୪-୫
- ମାଥିଉ ୦୧:୨୪-୨୫

ବୋର୍ଡ ଡାଟା :

- Strong's: H160, H935, H1540, H2181, H2233, H3045, H3212, H6172, H7250, H7901, H7903, G1097

ସମ୍ଭ୍ରାନ୍ତ, ସମ୍ଭ୍ରାନ୍ତ ବ୍ୟକ୍ତି, ରାଜକୀୟ ଶାସକୀୟ

ପରିଭାଷା:

"ସମ୍ଭ୍ରାନ୍ତ" ଶବ୍ଦ ଏକ ଉତ୍କୃଷ୍ଟ ଏବଂ ଉଚ୍ଚ ଗୁଣକୁ ବୁଝାଏ । ଜଣେ "ସମ୍ଭ୍ରାନ୍ତ ବ୍ୟକ୍ତି" ଜଣେ ବ୍ୟକ୍ତି ଅଟେ ଯିଏ ଉଚ୍ଚ ରାଜନୈତିକ କିମ୍ବା ସାମାଜିକ ଖ୍ୟାତିସମ୍ପର୍ଣ୍ଣ ଶ୍ରେଣୀର ଅଟେ । "ସମ୍ଭ୍ରାନ୍ତ ଜନ୍ମ" ଏକ ସମ୍ଭ୍ରାନ୍ତ ବ୍ୟକ୍ତିକୁ ବୁଝାଏ ।

- ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ରାଜ୍ୟରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ କିମ୍ବା ରାଜାଙ୍କର ଅତି ନିକଟତମ ଦାସକୁ ବୁଝାଏ ।
- "ସମ୍ଭ୍ରାନ୍ତ ବ୍ୟକ୍ତି" ଶବ୍ଦକୁ "ରାଜାଙ୍କର କର୍ମୀ" କିମ୍ବା "ସରକାରୀ କର୍ମଚାରୀ" ବୋଲି ଅନୁବାଦ କରାଯାଇପାରେ ।

ବାଇବେଲ ପଦପର୍ବ:

- ୨ ବଂଶାବଳୀ ୨୩:୨୦-୨୧
- ଦାନିୟେଲ ୪:୩୬
- ଉପଦେଶକ ୧୦:୧୭
- ଲୂକ ୧୯:୧୨
- ଗୀତସଂହିତା ୧୬:୧-୩

ଶବ୍ଦବିନ୍ୟାସ:

- Strong's: H0117, H1419, H2715, H3358, H3513, H5057, H5081, H6440, H6579, H7261, H8282, H8269, G09370, G21040

ସମ୍ମାନ କରିବା, ସମ୍ମାନିତ, ସମ୍ମାନବୋଧ, ସମ୍ମାନପୂର୍ଣ୍ଣ

ସଂଜ୍ଞା:

"ସମ୍ମାନ ବା ସମ୍ମାନବୋଧ" ଶବ୍ଦ କୌଣସି ବ୍ୟକ୍ତି ବା ବିଷୟ ପ୍ରତି ପ୍ରଗାଢ଼, ଗଭୀର ସମ୍ମାନର ଭାବାବେଗଗୁଡ଼ିକୁ ସୂଚାଇଥାଏ। ଜଣକୁ ବା ବିଷୟକୁ "ସମ୍ମାନ ବା ସମ୍ମାନବୋଧ" କରିବା କହିଲେ, ସେହି ବ୍ୟକ୍ତି ବା ବିଷୟ ପ୍ରତି ସମ୍ମାନ ବା ସମ୍ମାନବୋଧ ପ୍ରଦର୍ଶନ କରିବା ଅଟେ।

- ସମ୍ମାନବୋଧ ବା ସମ୍ମାନର ଭାବାବେଗଗୁଡ଼ିକ କାର୍ଯ୍ୟ କ୍ଷେତ୍ରରେ ଦେଖା ଦେଇପାରେ ଯାହା ସେହି ସମ୍ମାନିତ ହୋଇଥିବା ବ୍ୟକ୍ତିଙ୍କୁ ସମ୍ମାନ କରେ।
- ସଦାପ୍ରଭୁ ବିଷୟକ ଭୟ ଏକ ଅନ୍ତରସ୍ଥ ସମ୍ମାନବୋଧ ବା ସମ୍ମାନ ଅଟେ ଯାହା ଈଶ୍ୱରଙ୍କ ଆଜ୍ଞାଗୁଡ଼ିକ ପାଳନ କରିବା ଦ୍ୱାରା ନିଜକୁ ଦର୍ଶାଏ।
- ଏହି ପ୍ରତିଶବ୍ଦକୁ "ଭୟ ଓ ଭକ୍ତି" ବା "ଅକପଟ ଆଦର" ବୋଲି ମଧ୍ୟ ଅନୁବାଦ କରାଯାଇପାରେ।

(ଆହୁରି ମଧ୍ୟ ଦେଖ: ଭୟ, ସମ୍ମାନ, ଆଜ୍ଞାପାଳନ)

ବାଇବଲ ପଦପର୍ବ:

- 1ମ ପିତର 01:15-17
- ଏବ୍ରୀ 11:7
- ଯିଶାଇୟ 44:17
- ଗୀତସଂହିତା 005:7-8

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H3372, H3373, H3374, H4172, H6342, H7812, G127, G1788, G2125, G2412, G5399, G5401

ସମୟ

ପରିଭାଷା:

କୌଣସି ବିଷୟ କେବେ କିମ୍ବା କେତେ ସମୟ ଘଟିଲା ତାହା ସୂଚାଇବା ପାଇଁ ବ୍ୟବହୃତ ହେବା ସହିତ, "ସମୟ" ଶବ୍ଦ ମଧ୍ୟ ଅନେକ ସାଙ୍କେତିକ ଉପାୟରେ ବ୍ୟବହୃତ ହୁଏ:

- କେତେକ ସମୟରେ "ସମୟ" ନିତ୍ୟ ସମୟ ବୁଝାଏ ଯେପରିକି "ପ୍ରାର୍ଥନାର ସମୟ"
- ଯେତେବେଳେ ବାଇବେଲ କହେ ଯେ ଯୀଶୁଙ୍କୁ ଯନ୍ତ୍ରଣା ଭୋଗିବାକୁ ଓ ମୃତ୍ୟୁଦଣ୍ଡ ଦେବା ପାଇଁ "ସମୟ ଆସିଲା", ଏହାର ଅର୍ଥ ହେଉଛି ଯେ ଏହା ଘଟିବା ପାଇଁ ନିର୍ଦ୍ଦିଷ୍ଟ ସମୟ ଥିଲା - ଯାହା ଈଶ୍ୱର ବହୁ ପୂର୍ବରୁ ଯୋଜନା କରିଥିଲେ I
- "ସମୟ" ଶବ୍ଦର ଅର୍ଥ "ସେହି ମୁହୂର୍ତ୍ତରେ" କିମ୍ବା "ଠିକ୍ ସେହି ସମୟରେ"
- ଯେତେବେଳେ ବାଇବେଲ "ସମୟ" ବିଳମ୍ବ ହେବା ବିଷୟରେ କହେ, ଏହାର ଅର୍ଥ ଦିନର ବିଳମ୍ବିତ ସମୟରେ ଯେବେ ସୂର୍ଯ୍ୟ ଅସ୍ତ ହେବାI

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଯେତେବେଳେ ସାଙ୍କେତିକ ଭାବରେ ବ୍ୟବହୃତ ହୁଏ, "ସମୟ" ଶବ୍ଦକୁ "ସମୟ" କିମ୍ବା "ମୁହୂର୍ତ୍ତ" କିମ୍ବା "ନିର୍ଦ୍ଦିଷ୍ଟ ସମୟ" ଭାବରେ ଅନୁବାଦ କରାଯାଇପାରେ I
- "ସେହି ଘଣ୍ଟାରେ" ବା "ସମାନ ଘଣ୍ଟା" ବାକ୍ୟାଂଶକୁ "ସେହି ମୁହୂର୍ତ୍ତରେ" କିମ୍ବା "ସେହି ସମୟରେ" କିମ୍ବା "ତୁରନ୍ତ" କିମ୍ବା "ଠିକ୍ ସେହି ସମୟରେ" ବୋଲି ଅନୁବାଦ କରାଯାଇପାରେ I
- "ସମୟ ବିଳମ୍ବ" ଅଭିବ୍ୟକ୍ତିକୁ "ଦିନର ବିଳମ୍ବ ସମୟ" କିମ୍ବା "ଏହା ଶୀଘ୍ର ଅନ୍ଧାର ହୋଇଯିବ" କିମ୍ବା "ବିଳମ୍ବିତ ରାତି" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ବେଳ)

ବାଇବେଲ ପଦପର୍ବ:

- ୧ କରିନ୍ଥୀୟ ୧୫:୩୦
- ପ୍ରେରିତ ୧୦:୩୦
- ମାର୍କ ୧୪:୩୫

ଶବ୍ଦବିନ୍ୟାସ :

- Strong's: G56100

ସମୟ, ଅକାଳ, ତାରିଖ

ସତ୍ୟ ଘଟଣାବଳୀ:

ବାଇବଲରେ "ସମୟ" ଶବ୍ଦଟି ସାଙ୍କେତିକ ଭାବରେ ଏକ ନିର୍ଦ୍ଦିଷ୍ଟ ଋତୁ କିମ୍ବା ସମୟକୁ ତଥା ଯେବେ ଯେଉଁ ଘଟଣା ଘଟିଥିଲା ସୂଚାଇବା ପାଇଁ ବ୍ୟବହୃତ ହୋଇଥିଲା । ଏହାର ଅର୍ଥ "ବୟସ" କିମ୍ବା "ଯୁଗ" କିମ୍ବା "ବିଶିଷ୍ଟ ଘଟଣାବହୁଳ କାଳ" ସହିତ ସମାନ ଅଟେ ।

- "ସମୟ" ଅର୍ଥାତ୍ "ତୃତୀୟ ଥର" ପରି ବାକ୍ୟରେ "ଅବସର" ର ଅର୍ଥ ହୋଇପାରେ । "ଅନେକ ଥର" ବାକ୍ୟର ଅର୍ଥ "ଅନେକ ସମୟରେ" ହୋଇପାରେ।
- ପ୍ରସଙ୍ଗ ଉପରେ ନିର୍ଭର କରି, "ସମୟ" ଶବ୍ଦକୁ "ଋତୁ" କିମ୍ବା "ସମୟ ଅବଧି" କିମ୍ବା "ମୁହୂର୍ତ୍ତ" କିମ୍ବା "ଘଟଣା" କିମ୍ବା "କାଳ" ବୋଲି ଅନୁବାଦ କରାଯାଇପାରେ ।
- "ସମୟ ଏବଂ ଋତୁ" ବାକ୍ୟାଂଶ ଏକ ସାଙ୍କେତିକ ଅଭିବ୍ୟକ୍ତି ଅଟେ ଯାହା ସମାନ ଧାରଣାକୁ ଦୁଇଥର ଦର୍ଶାଏ । ଏହାକୁ "ନିର୍ଦ୍ଦିଷ୍ଟ ସମୟ ଅବଧିରେ ଘଟୁଥିବା କୌଣସି ଘଟଣା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ଯୁଗ, କ୍ଲେଶ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 1:7
- ଦାନିୟେଲ 12:1-2
- ମାର୍କ 11:11
- ମାଥିଉ 8:29
- ଗୀତସଂହିତା 68:28-29
- ପ୍ରକାଶିତବାକ୍ୟ 14:15

ଶବ୍ଦବିନ୍ୟାସ:

- Strong's: H0116, H0227, H0310, H1697, H1755, H2165, H2166, H2233, H2465, H3027, H3117, H3118, H3119, H3259, H3427, H3967, H4150, H4279, H4489, H4557, H5331, H5703, H5732, H5750, H5769, H6235, H6256, H6440, H6471, H6635, H6924, H7105, H7138, H7223, H7272, H7281, H7637, H7651, H7655, H7659, H7674, H7992, H8027, H8032, H8138, H8145, H8462, H8543, G07440, G05300, G10740, G12080, G14410, G15970, G16260, G19090, G20340, G21190, G21210, G22350, G22500, G25400, G34610, G35680, G37640, G38190, G39560, G39990, G41780, G41810, G41830, G42180, G42870, G43400, G44550, G51190, G51510, G53050, G55500, G55510, G56100

ସର୍ପ, ସାପ, କ୍ଷୁଦ୍ର ବିଷଧର ସର୍ପ

ସତ୍ୟ ଘଟଣାବଳୀ:

ଏହି ସବୁ ଶବ୍ଦଗୁଡ଼ିକ ଏକ ପ୍ରକାର ସରୀସୃପକୁ ବୁଝାଏ ଯାହା ଦେଖିବାକୁ ଲମ୍ବା, ସରୁ ଶରୀର ଏବଂ ବିଶାଳ, କଳପାଟିରେ ବିଷ ଦାନ୍ତ ଏବଂ ଭୂମି ଉପରେ ଆଗ ପଛ ହୋଇ ଗତି କରେ । “ସର୍ପ” ଶବ୍ଦ ବାରମ୍ବାର ଏକ ବଡ ସାପ ଏବଂ “ବିଷଧର ସାପ” କୁ ବୁଝାଏ, ଯିଏ ଶିକାର କରିବା ପାଇଁ ବିଷ ପ୍ରୟୋଗ କରେ ।

- ଏହି ପ୍ରାଣୀ ମଧ୍ୟ ଆଳଙ୍କାରିକ ମନ୍ଦ ବ୍ୟକ୍ତି ପ୍ରତି ବିଶେଷ କରି ଯିଏ ପ୍ରତାରକ ଅଟେ ବ୍ୟବହାର ହୁଏ ।
- ଯୀଶୁ ଧାର୍ମିକ ନେତାମାନଙ୍କୁ “କାଳ ସର୍ପର ବଂଶ” ବୋଲି କହିଲେ ଯେହେତୁ ସେମାନେ ଧାର୍ମିକ ଆଭରଣ ଦେଖାନ୍ତି କିନ୍ତୁ ଲୋକମାନଙ୍କୁ ପ୍ରତାରଣା କରନ୍ତି ଏବଂ ଅସଙ୍ଗତ ବ୍ୟବହାର କରନ୍ତି ।
- ଏଦନ ଉଦ୍ୟାନରେ, ଶୟତାନ ସାପ ରୂପରେ ଈଶ୍ୱରଙ୍କର ଅବାଧ କରିବା ପାଇଁ ହବା ସହ କଥାବାର୍ତ୍ତା କରି ପ୍ରଲୋଭନ ଦେଖାଇଲା ।
- ସର୍ପ ହବାକୁ ପାପ କରିବା ନିମନ୍ତେ ପ୍ରୋଲୋଭନ ପରେ, ଉଭୟ ହବା ଓ ତାଙ୍କର ସ୍ୱାମୀ ପାପ କଲେ, ଈଶ୍ୱର ସାପକୁ ଅଭିଶାପ ଦେଲେ, ଆଜିଠାରୁ ତୁମ୍ଭେ ଆପଣା ପେଟ ଦେଇ ଗମନ କରିବ ଅର୍ଥାତ ଏହା ପୂର୍ବରୁ ସର୍ପର ଗୋଡଥିଲା ।

(ଅନୁବାଦ ପ୍ରସ୍ତାବଗୁଡ଼ିକ: ନାମଗୁଡ଼ିକ କିପରି ଅନୁବାଦ କରିବେ)

(ଦେଖନ୍ତୁ: ଅଭିଶାପ, ପ୍ରତାରଣା, ଅବାଧ, ଏଦନ, ମନ୍ଦ, ସନ୍ତାନ, ଶିକାର, ଶୟତାନ, ପାପ, ପ୍ରୋଲୋଭନ)

ବାଇବେଲ ପଦପର୍ବ:

- ଆଦିପୁସ୍ତକ ୩:୩
- ଆଦିପୁସ୍ତକ ୩:୪-୬
- ଆଦିପୁସ୍ତକ ୩:୧୨-୧୩
- ମାର୍କ ୧୬:୧୭-୧୮
- ମାଥିଉ ୩:୭
- ମାଥିଉ ୨୩: ୩୩

ଶବ୍ଦବିନ୍ୟାସ:

- Strong’s: H0660, H2119, H5175, H6620, H6848, H8314, H8577, G21910, G20620, G37890

ସହ୍ୟକରିବା, ସହିଷ୍ଣୁତା

ପରିଭାଷା:

"ସହ୍ୟକରିବା" ଶବ୍ଦର ଅର୍ଥ ଯାହା ଦୀର୍ଘ ସମୟ ଧରି ରହେ କିମ୍ବା ଧୈର୍ଯ୍ୟର ସହ କଷ୍ଟ ସହିବାକୁ ବୁଝାଏ I

- ଏହାର ଅର୍ଥ ମଧ୍ୟ ପରୀକ୍ଷା ଆସିବା ସମୟରେ ଦୃଢ଼ ହୋଇ ରହିବା ଅଟେ I
- "ଧୈର୍ଯ୍ୟ" ଶବ୍ଦର ଅର୍ଥ "ସହିବା" କିମ୍ବା "ପରୀକ୍ଷା ମଧ୍ୟ ଦେଇ ଯିବା" କିମ୍ବା "ତାଡନା ସମୟରେ ଧୈର୍ଯ୍ୟ ଧରି ରହିବା" ଅଟେ I
- "ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବା" ନିମନ୍ତେ ଯେଉଁ ଉତ୍ସାହ ଦିଆଯାଇଛି ତାର ଉଦ୍ଦେଶ୍ୟ ହେଲା ଯେପରି ସେମାନେ ଯୀଶୁଙ୍କର ବାଧ ହେବେ ଯଦିବା ସେମାନଙ୍କ ପ୍ରତି କଷ୍ଟ ଅଛି I
- "କଷ୍ଟ ସହ୍ୟ କରିବା"ର ଅର୍ଥ "କଷ୍ଟ ଅନୁଭବ କରିବା" ଅଟେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସହ୍ୟ କରିବା" ଶବ୍ଦକୁ "ସହିବା" କିମ୍ବା "ବିଶ୍ୱାସ କରି ଚାଲିବା" କିମ୍ବା "ଯାହା ଈଶ୍ୱର ଭାହଁନ୍ତି ତାହା କରିବା" କିମ୍ବା "ଦୃଢ଼ ଭାବରେ ଠିଆ ହେବା" ବୋଲି ଅନୁବାଦ କରାଯାଇପାରେI
- କେତେକ ପ୍ରସଙ୍ଗରେ,"ସହ୍ୟ କରିବା" ବାକ୍ୟକୁ "ଅନୁଭୁବ" କିମ୍ବା "କୌଣସି ପରିସ୍ଥିତି ମଧ୍ୟରେ ଯିବା" ବୋଲି ଅନୁବାଦ କରାଯାଇପାରେ I
- ଦୀର୍ଘ ସମୟ ଧରି ଲାଗିରହିବା ଅର୍ଥକୁ "ସହିବା" କିମ୍ବା "ଚାଲୁ ରହିବା" କିମ୍ବା "ଜାରିରହିବା" ବୋଲି ଅନୁବାଦ କରାଯାଇପାରେ I "ସହ୍ୟ ନ କରିବା" ବାକ୍ୟାଂଶକୁ "ଚାଲୁ ନ ରହିବା" କିମ୍ବା "ଜାରିନରହିବା" ବୋଲି ଅନୁବାଦ କରାଯାଇପାରେ I
- "ସହନଶୀଳତା" ଶବ୍ଦକୁ "ଦୃଢ଼ ହୋଇ ରହିବା" କିମ୍ବା "ବିଶ୍ୱାସରେ ଜାରି ରଖିବା" କିମ୍ବା ବିଶ୍ୱସ୍ତ ହେବା" ବୋଲି ଅନୁବାଦ କରାଯାଇପାରେ I

(ଦୃଢ଼ ହେବା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଦ୍ୱିତୀୟ ତିମଥି 2:11-13
- ଯାକୁବ 1:3
- ଯାକୁବ 1:12
- ଲୂକ 21:19
- ମାଥିଉ 13:21
- ପ୍ରକାଶିତ ବାକ୍ୟ 1:9
- ରୋମୀୟ 5:3-5

ଶବ୍ଦବିନ୍ୟାସ :

H5331, H5375, H5975, G04300, G09070, G15260, G20050, G20760, G25940, G33060, G47220, G52780, G52810, G52970, G53420

ସାନ୍ତ୍ୱନା ଦେବା, ସାନ୍ତ୍ୱନା, ସାନ୍ତ୍ୱନାକାରୀ, ଅସାନ୍ତ୍ୱନା

ପରିଭାଷା:

ଏହି ଉଭୟ ଶବ୍ଦ "ସାନ୍ତ୍ୱନା ଦେବା"ଏବଂ "ସାନ୍ତ୍ୱନା" ଏକ ବ୍ୟକ୍ତି ଯିଏ ଶାରୀରିକ କିମ୍ବା ମାନସିକ ଯନ୍ତ୍ରଣା ପାଉଅଛି, ସେହି ବ୍ୟକ୍ତିକୁ ସାହାଯ୍ୟ କରିବାକୁ ସୂଚାଏ I

- ଜଣେ ବ୍ୟକ୍ତି ଯିଏ ଅନ୍ୟକୁ ସାନ୍ତ୍ୱନା ଦିଏ ତାକୁ "ସାନ୍ତ୍ୱନାକାରୀ" କୁହାଯାଏ I
- ପୁରାତନ ନିୟମରେ, "ସାନ୍ତ୍ୱନା" ଶବ୍ଦକୁ ଈଶ୍ୱର ତାହାଙ୍କ ଲୋକମାନଙ୍କର ଅଭାବ ସମୟରେ କିପରି ଦୟାଳୁ ଏବଂ ପ୍ରେମିକ ଥିଲେ ତାହା ବର୍ଣ୍ଣନା କରିବା ପାଇଁ ବ୍ୟବହାର କରାଯାଇଛି I
- ନୂତନ ନିୟମରେ ଏପରି ଉଲ୍ଲେଖ ଅଛି ଯେ ଈଶ୍ୱର ତାହାଙ୍କ ଲୋକମାନଙ୍କୁ ପବିତ୍ର ଆତ୍ମାଙ୍କ ଦ୍ୱାରା ସାନ୍ତ୍ୱନା ଦେବେ I ଯେଉଁମାନେ ସାନ୍ତ୍ୱନା ପାଇଲେ ସେମାନେ ଅନ୍ୟ ଅଭାବଗ୍ରସ୍ତ ଲୋକମାନଙ୍କୁ ସାନ୍ତ୍ୱନା ଦେବେ I
- "ଇସ୍ରାଏଲର ସାନ୍ତ୍ୱନାକାରୀ" ବାକ୍ୟାଂଶଟି ମସୀହଙ୍କୁ ବୁଝାଏ ଯିଏ ତାଙ୍କର ଲୋକମାନଙ୍କୁ ଉଦ୍ଧାର କରିବାକୁ ଆସିବେ I
- ଯୀଶୁ ପବିତ୍ର ଆତ୍ମାଙ୍କୁ ସାନ୍ତ୍ୱନାକାରୀ ବୋଲି ସମ୍ବୋଧନ କରନ୍ତି ଯିଏ ଯୀଶୁଙ୍କୁ ବିଶ୍ୱାସ କରିଥିବା ବିଶ୍ୱାସୀମାନଙ୍କୁ ସାହାଯ୍ୟ କରନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗ ଉପରେ ଆଧାର କରି, "ସାନ୍ତ୍ୱନା" ଶବ୍ଦକୁ "ଯନ୍ତ୍ରଣାରୁ ଆରମ୍ଭ" କିମ୍ବା "ଦୁଃଖକୁ ଭୁଲିଯିବା" ନଡୁବା "ଉତ୍ସାହିତ" କିମ୍ବା "ଆଶ୍ୱସନା" ବୋଲି ଅନୁବାଦ କରାଯାଇପାରେ I
- "ଆତ୍ମମାନଙ୍କର ସାନ୍ତ୍ୱନାକାରୀ" ବାକ୍ୟାଂଶକୁ "ଆତ୍ମମାନଙ୍କର ଉତ୍ସାହକାରୀ" କିମ୍ବା "ଆତ୍ମମାନଙ୍କର ଆଶ୍ୱାସନା" କିମ୍ବା "ଆତ୍ମମାନଙ୍କର ଦୁଃଖ ସମୟରେ ସାନ୍ତ୍ୱନାକାରୀ" ବୋଲି ଅନୁବାଦ କରାଯାଇପାରେ I
- "ସାନ୍ତ୍ୱନାକାରୀ" ଶବ୍ଦକୁ "ଜଣେ ବ୍ୟକ୍ତି ଯିଏ ସାନ୍ତ୍ୱନା ପ୍ରଦାନ କରନ୍ତି" କିମ୍ବା "କହି ଜଣେ ଯନ୍ତ୍ରଣାରୁ ରକ୍ଷା କରନ୍ତି" କିମ୍ବା "ବ୍ୟକ୍ତି ଜଣେ ଯିଏ ଉତ୍ସାହ ପ୍ରଦାନ କରନ୍ତି" ବୋଲି ଅନୁବାଦ କରାଯାଇପାରେ I
- ଯେବେ ପବିତ୍ର ଆତ୍ମାଙ୍କୁ "ସାନ୍ତ୍ୱନାକାରୀ" ବୋଲି କୁହାଯାଏ ଏହାର ଅର୍ଥ "ସେ ଉତ୍ସାହକାରୀ" କିମ୍ବା "ସାହାଯ୍ୟକାରୀ" କିମ୍ବା "ଜଣେ ବ୍ୟକ୍ତି ଯିଏ ସାହାଯ୍ୟ ଏବଂ ପରାମର୍ଶ ଦିଅନ୍ତି" ବୋଲି ଅନୁବାଦ କରାଯାଇପାରେ I
- "ଇସ୍ରାଏଲର ସାନ୍ତ୍ୱନାକାରୀ" ବ୍ୟାକ୍ୟାଂଶକୁ "ମସୀହ, ଯିଏ ଇସ୍ରାଏଲକୁ ସାନ୍ତ୍ୱନା କରନ୍ତି" ବୋଲି ଅନୁବାଦ କରାଯାଇପାରେ I
- "ସେମାନଙ୍କର କେହି ସାନ୍ତ୍ୱନାକାରୀ ନାହାନ୍ତି" ବକ୍ୟାଂଶକୁ "ସେମାନଙ୍କୁ କେହି ସାନ୍ତ୍ୱନା ଦେଇନାହିଁ" କିମ୍ବା "ସେମାନଙ୍କର କହି ଜଣେ ନାହିଁ ଯିଏକି ସେମାନଙ୍କୁ ସାହାଯ୍ୟ କିମ୍ବା ଉତ୍ସାହ ଦେବ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: ଉତ୍ସାହ, ପବିତ୍ର ଆତ୍ମା)

ବାଇବେଲ ପଦପର୍ବ:

- ପ୍ରଥମ ଥେସଲନିକୀୟ ୫:୮-୧୧
- ଦ୍ୱିତୀୟ କରନ୍ଥୀୟ ୧:୪
- ଦ୍ୱିତୀୟ ଶାମୁୟେଲ ୧୦:୧-୩
- ପ୍ରେରିତ ୨୦:୧୨

ଶବ୍ଦବିନ୍ୟାସ:

- Strong's: H2505, H5150, H5162, H5165, H5564, H8575, G03020, G38700, G38740, G38750, G38880, G38900, G39310

ସାମର୍ଥ୍ୟ, ଶକ୍ତିଶାଳୀ, ଶକ୍ତିଶାଳୀ କାର୍ଯ୍ୟ

ପରିଭାଷା:

"ସାମର୍ଥ୍ୟ" କିମ୍ବା "ଶକ୍ତିଶାଳୀ" ଶବ୍ଦ ବହୁତ ଶକ୍ତି କିମ୍ବା ସାମର୍ଥ୍ୟକୁ ବୁଝାଏ I

- ଅଧିକାଂଶ ସମୟରେ "ଶକ୍ତିଶାଳୀ" ଶବ୍ଦ ସାମର୍ଥ୍ୟର ଆଉ ଏକ ଶବ୍ଦକୁ ବୁଝାଏ I ଈଶ୍ୱରଙ୍କ ବିଷୟରେ କହିବା ବେଳେ ଏହାର ଅର୍ଥ "ଶକ୍ତି" ହୋଇପାରେ I
- "ବୀର ପୁରୁଷ" ବକ୍ୟାଂଶ ପ୍ରାୟତଃ ପୁରୁଷମାନଙ୍କୁ ବୁଝାଏ ଯେଉଁମାନେ ଯୁଦ୍ଧରେ ସାହସୀ ଏବଂ ବିଜୟୀ ହୁଅନ୍ତି । ଦାଉଦଙ୍କର ବିଶ୍ୱସ୍ତ ବ୍ୟକ୍ତି, ଯେଉଁମାନେ ତାହାଙ୍କୁ ସୁରକ୍ଷା କରିବାରେ ସାହାଯ୍ୟ କରିଥିଲେ, ସେମାନଙ୍କୁ ଅନେକ ସମୟରେ "ବୀର ପୁରୁଷ" ବୋଲି କୁହାଯାଏ I
- ଈଶ୍ୱରଙ୍କୁ ମଧ୍ୟ "ଶକ୍ତିଶାଳୀ" କୁହାଯାଏ I
- "ଶକ୍ତିଶାଳୀ କାର୍ଯ୍ୟ" ବାକ୍ୟାଂଶ ସାଧାରଣତଃ ଆଶ୍ଚର୍ଯ୍ୟଜନକ କାର୍ଯ୍ୟଗୁଡ଼ିକ ବୁଝାଏ ଯାହା ଈଶ୍ୱର କରନ୍ତି, ବିଶେଷ କରି ଚମତ୍କାର କର୍ମଗୁଡ଼ିକ ଅଟେ I
- ଏହି ଶବ୍ଦ "ସର୍ବଶକ୍ତିମାନ" ଶବ୍ଦକୁ ବୁଝାଏ, ଯାହା ଈଶ୍ୱରଙ୍କ ପାଇଁ ଏକ ସାଧାରଣ ବର୍ଣ୍ଣନା ଅଟେ, ଅର୍ଥାତ୍ ତାଙ୍କର ସମ୍ପୂର୍ଣ୍ଣ ଶକ୍ତିକୁ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗକୁ ଆଧାର କରି "ଶକ୍ତିଶାଳୀ" ଶବ୍ଦକୁ "ଶକ୍ତିଶାଳୀ" କିମ୍ବା "ଆଶ୍ଚର୍ଯ୍ୟଜନକ" କିମ୍ବା "ବହୁତ ଶକ୍ତିଶାଳୀ" ବୋଲି ଅନୁବାଦ କରାଯାଇପାରେ I
- "ତାଙ୍କର ଶକ୍ତି" ବାକ୍ୟକୁ "ତାଙ୍କର ବଳ" କିମ୍ବା "ତାଙ୍କର ସାମର୍ଥ୍ୟ" ବୋଲି ଅନୁବାଦ କରାଯାଇପାରେ I
- ପ୍ରେରିତ ୭ ରେ, ମୋଶାଙ୍କୁ ଜଣେ ବ୍ୟକ୍ତି ଭାବରେ ବର୍ଣ୍ଣନା କରାଯାଇଛି ଯିଏ "ବାକ୍ୟ ଓ କାର୍ଯ୍ୟରେ ଶକ୍ତିଶାଳୀ" ଥିଲେ । "ମୋଶା ଈଶ୍ୱରଙ୍କଠାରୁ ଶକ୍ତିଶାଳୀ ବାକ୍ୟ କହିଥିଲେ ଏବଂ ଚମତ୍କାର କରିଥିଲେ" କିମ୍ବା "ମୋଶା ଈଶ୍ୱରଙ୍କ ବାକ୍ୟକୁ ଶକ୍ତିଶାଳୀ ଭାବରେ କହିଥିଲେ ଏବଂ ଅନେକ ଚମତ୍କାର କର୍ମ କରିଥିଲେ" ବୋଲି ଏହାକୁ ଅନୁବାଦ କରାଯାଇପାରେ I
- ପ୍ରସଙ୍ଗକୁ ଆଧାର କରି, "ସାମର୍ଥ୍ୟ କର୍ମ" ବକ୍ୟାଂଶକୁ "ଅଦ୍ଭୁତ କର୍ମ ଯାହା ଈଶ୍ୱର କରନ୍ତି" କିମ୍ବା "ଆଶ୍ଚର୍ଯ୍ୟ କର୍ମ" କିମ୍ବା "ଈଶ୍ୱର ଶକ୍ତିର ସହ କର୍ମ କରନ୍ତି" ବୋଲି ଅନୁବାଦ କରାଯାଇପାରେ I
- "ସାମର୍ଥ୍ୟ" ଶବ୍ଦକୁ "ଶକ୍ତି" କିମ୍ବା "ମହାନ ଶକ୍ତି" ବୋଲି ଅନୁବାଦ କରାଯାଇପାରେ I
- ଏହି ଶବ୍ଦକୁ ଇଂରାଜୀ ଶବ୍ଦ ସହ ଦ୍ୱନ୍ଦରେ ପଡନ୍ତୁ ନାହିଁ ଯାହା ଏକ ସମ୍ଭାବନାକୁ ପ୍ରକାଶ କରିବାକୁ ବ୍ୟବହୃତ ହୁଏ, ଯେପରିକି "ବର୍ଷା ହୋଇପାରେ I"

(ଦେଖନ୍ତୁ: ସର୍ବଶକ୍ତିମାନ, ଆଶ୍ଚର୍ଯ୍ୟ କାମ, ଶକ୍ତି, ସାମର୍ଥ୍ୟ)

ବାଇବେଲ ପଦପର୍ବ:

- ପ୍ରେରିତ ୭:୨୨
- ଆଦିପୁସ୍ତକ ୬:୪
- ମାର୍କ ୯:୩୮-୩୯
- ମାଥିଉ ୧୧:୨୩

ଶବ୍ଦବିନ୍ୟାସ :

- Strong's: H0046, H0047, H0117, H0202, H0386, H0410, H0430, H0533, H0650, H1219, H1368, H1369, H1396, H1397, H1419, H2220, H2389, H2428, H3201, H3524, H3581, H3966, H4101, H5794, H5797, H6099, H6105, H6108, H6184, H7227, H7580, H8623, H8624, G14110, G14150, G14980, G24780, G24790, G29000, G29040, G31670, G31730

ସାଷ୍ଟାଙ୍ଗ ବା ଭୂମିଷ୍ଠ ପ୍ରଣାମ, ସାଷ୍ଟାଙ୍ଗ ପ୍ରଣିପାତ ହେବା

ସଂଜ୍ଞା:

"ସାଷ୍ଟାଙ୍ଗ ବା ଭୂମିଷ୍ଠ ପ୍ରଣାମ" ପ୍ରତିଶବ୍ଦର ଅର୍ଥ ମୁଖକୁ ସମ୍ମୁଖରେ ରଖି ଲମ୍ବା ହୋଇ ପଡିବା, ଭୂମିରେ ସିଧା ପଡ଼ିଯିବା ବିଷୟକୁ ବୁଝାଏ I

- ଜଣକ ସମ୍ମୁଖରେ "ସାଷ୍ଟାଙ୍ଗ" ହୋଇ ପଡ଼ିବା" କିମ୍ବା "ନିଜକୁ ସାଷ୍ଟାଙ୍ଗ କରି ପକାଇବା" ଅର୍ଥ ସେହି ବ୍ୟକ୍ତିର ସାମ୍ନାରେ ହଠାତ୍ ଅତିଶୟ ନଇଁ ଯିବା ଅଟେ I
- ସାଧାରଣତଃ, ଲମ୍ବା ହୋଇ ପଡିଯିବା ଅବସ୍ଥା ବା ଅବସ୍ଥିତି ଶଙ୍କା, ଚକିତ ହେବା, ଏବଂ ଭୟ ପ୍ରକାଶନର ଏକ ପ୍ରତ୍ୟୁତ୍ତର ଅଟେ I

ଏହା ମଧ୍ୟ ସାଷ୍ଟାଙ୍ଗ ବା ଭୂମିଷ୍ଠ ପ୍ରଣାମ ବା ଦଣ୍ଡବତ ହୋଇଥିବା ବ୍ୟକ୍ତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ ଅଟେ I

- ସାଷ୍ଟାଙ୍ଗ ବା ଭୂମିଷ୍ଠ ପ୍ରଣାମ କରିବା ମଧ୍ୟ ଈଶ୍ୱରଙ୍କୁ ଉପାସନା କରିବା ନିମନ୍ତେ ଏକ ଉପାୟ ବା ପଦ୍ଧତି ଅଟେ I

ଯେତେବେଳେ ସେ କୌଣସି ଗୋଟିଏ ଆଶ୍ଚର୍ଯ୍ୟକର୍ମ କଲେ କିମ୍ବା ତାଙ୍କୁ ଜଣେ ମହାନ ଗୁରୁ ବା ଶିକ୍ଷକ ଭାବରେ ଅନେକ ସମୟରେ ଲୋକମାନେ ଯୀଶୁଙ୍କ ପ୍ରତି ଏଭଳି ଭାବରେ ଧନ୍ୟବାଦଜ୍ଞାପନ ଏବଂ ଉପାସନା ଦ୍ୱାରା ଆପଣାମାନଙ୍କର ପ୍ରତ୍ୟୁତ୍ତର ଦେଲେ I

- ପୂର୍ବାପର ସମ୍ବନ୍ଧ ରକ୍ଷା କରି ପୃଷ୍ଠଭୂମି ଅନୁସାରେ "ସାଷ୍ଟାଙ୍ଗ ବା ଭୂମିଷ୍ଠ ପ୍ରଣାମ କଲେ" ପଦକୁ "ମୁଖକୁ ଭୂମି ସହିତ ଲଗାଇ ନମ୍ର ଭାବରେ ଝୁଙ୍କିଯିବା" କିମ୍ବା "ତାହାଙ୍କ ଛାମୁରେ ମୁଖ ଅବନତ କରି ତଳେ ପଡିଯିବା" କିମ୍ବା "ଆଶ୍ଚର୍ଯ୍ୟଚକିତ ହୋଇ ତଳେ ନଇଁ ପଡିବା' କିମ୍ବା "ଉପାସନା କରିବା ଓ ପ୍ରଣାମ କରିବା" ବୋଲି ଅନୁବାଦରେ ଅନ୍ତର୍ଭୁକ୍ତ କରାଯାଇପାରେ I
- ଆପଣାମାନଙ୍କୁ ଅବନତ ବା ଭୂମିଷ୍ଠ କରିବ ନାହିଁ" ଅର୍ଥ "ଉପାସନା କରିବ ନାହିଁ" କିମ୍ବା "ମୁହଁ ପାତି ପଡ଼ିବ ନାହିଁ ଓ ଉପାସନା କରିବ ନାହିଁ I
- "ସେ ଆପଣାକୁ ଭୂମିଷ୍ଠ ପ୍ରଣାମ କରିଲା" ପଦ ମଧ୍ୟ "ଉପାସନା କରିବା" କିମ୍ବା "ସମ୍ମୁଖରେ ନଇଁ ଯିବା" ବୋଲି ମଧ୍ୟ ଅନୁବାଦ କରାଯାଇପାରେ I

(ଆହୁରି ମଧ୍ୟ ଦେଖ: ବିସ୍ମୟ, ନତମସ୍ତକ)

ବାଇବଲ ପଦଗୁଡ଼ିକ:

- 2ୟ ରାଜାବଳି 17:36-38
- ଆଦିପୁସ୍ତକ 43:28-29
- ପ୍ରକାଶିତବାକ୍ୟ 19:3-4

ବୋର୍ଡ ଡାଟା :

- Strong's: H5307, H5457, H6440, H6915, H7812

ସାହସ, ସାହସିକ, ଉତ୍ସାହ, ଉତ୍ସାହିତ, ସାହସଧର, ହତଉତ୍ସାହିତ କରିବା, ନିରାଶ ହେବା, ହତୋଉତ୍ସାହ, ନିରାଶା, ଉତ୍ସାହିତ ନକରିବା

ଘଟଣାବଳି:

"ସାହସିକ" ଶବ୍ଦ କୌଣସି ଏକ କଠିନ, ଭୟଭିତ, କିମ୍ବା ବିପଦ ସଙ୍କୁଳ କାର୍ଯ୍ୟ କିମ୍ବା ସାହସ ସହିତ ସମ୍ମୁଖୀନ ହେବାକୁ ବୁଝାଏ।

- "ସାହସିକ" ଶବ୍ଦ ଏପରି ଜଣେ ବ୍ୟକ୍ତିଙ୍କୁ ବର୍ଣ୍ଣନା କରେ, ଯିଏ ସହାସ ଦେଖାଏ ଯଦିଓ ପରିତ୍ୟାଗ କରିବାର ଚାପ ହେଲେ ସୁଦ୍ଧା ଯିଏ ଯୁକ୍ତିଯୁକ୍ତ କାର୍ଯ୍ୟ କରେ।
- ଜଣେ ବ୍ୟକ୍ତି ଯେ ସାହସ ଦେଖାଏ ଯେତେବେଳେ ସେ ଭାବପ୍ରବଣ କିମ୍ବା ଶାରୀରିକ ପୀଡ଼ା ସହିତ ବଳପାଏ ଓ ଦୀର୍ଘ ସହିଷ୍ଣୁ ବା ସ୍ଥିରତା ହୁଏ।
- "ସାହସ ଧର" ଭାବନା ଅର୍ଥ, "ଭୟ କରନାହିଁ" କିମ୍ବା "ନିଶ୍ଚିତ ହୁଅ ଯେ ଜିନିଷଗୁଡ଼ିକ ଉତ୍ତମରେ ପରିଣତ ହେବ।"
- ଯେତେବେଳେ ଯିହୋଶୂୟ ବିପଦ ସଙ୍କୁଳ ଦେଶ କିଣାନକୁ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ, "ବଳବାନ ହୁଅ ଓ ସାହସିକ ହୁଅ" ବୋଲି ମୋଶା ତାଙ୍କୁ ଉତ୍ସାହିତ କଲେ।
- "ସାହସୀ" ଶବ୍ଦକୁ "ନିର୍ଭୟ" କିମ୍ବା "ନିର୍ଭୀକ" କିମ୍ବା "ଆତ୍ମପ୍ରତ୍ୟୟପୂର୍ଣ୍ଣ" ସ୍ୱରୂପେ ଅନୁବାଦ କରାଯାଇପାରେ।
- "ସାହସ ଧର" ଯେପରି "ମାନସିକତାରେ ଦୃଢ ହୁଅ" କିମ୍ବା "ନିଶ୍ଚିନ୍ତ ହୁଅ" କିମ୍ବା "ସ୍ଥିର ରୁହ" ପ୍ରସଙ୍ଗରେ ନିର୍ଭର କରି ଅନୁବାଦ କରାଯାଇପାରେ।
- "ସାହସରେ କୁହ" ଯେପରି "ସାହସରେ କଥା କୁହ" କିମ୍ବା "ଭୟ ନକରି କୁହ" କିମ୍ବା "ପ୍ରତ୍ୟୟ ସମ୍ପନ୍ନ କଥା କୁହ" ଅନୁବାଦ କରାଯାଇପାରେ।

"ଉତ୍ସାହିତ" ଓ "ଉତ୍ସାହ ଦେବା" ଶବ୍ଦ କାହାକୁ ଆସ୍ୱାସନା, ଆଶା, ନିଶ୍ଚୟତା,ଓ ସାହାସ ଯୋଗାଇ କିଛି କହିବା ବା କରିବାକୁ ବୁଝାଏ।

- "ସୁଚିନ୍ତିତ ପରାମର୍ଶ ଦେବା" ଶବ୍ଦ ଠିକ ସେହିପରି ଯାହାର ଅର୍ଥ ହେଉଛି ଜଣକର ଭୁଲ୍ କାର୍ଯ୍ୟକୁ ତ୍ୟାଗ କରିବା ନିମନ୍ତେ ଆଉ ଉତ୍ତମ ଏବଂ ଉପଯୁକ୍ତ କାର୍ଯ୍ୟ କରିବାକୁ ଉତ୍ସାହିତ କରିବା।
- ପ୍ରେରିତ ପାଉଲ ଓ ଅନ୍ୟ ନୂତନ ନିୟମର ଲେଖକମାନେ ପରସ୍ପରକୁ ପ୍ରେମ ଓ ସେବା କରିବାକୁ ଖ୍ରୀଷ୍ଟିୟାନମାନଙ୍କୁ ଶିକ୍ଷା ଦେଇ ଉତ୍ସାହିତ କଲେ।

"ନିରୁତ୍ସାହିତ ବା ନିରାସ" ଶବ୍ଦଟି କହିବା ଏବଂ କରିବା ଯାହାକି ଲୋକଙ୍କୁ ଆଶା, ଆତ୍ମବିଶ୍ୱାସ, ଏବଂ ସାହସ ହରାଇଥାଏ ଏବଂ ଯାହା କରିବା ଉଚିତ ତାହା କରିବା ପାଇଁ କଠିନ ପରିଶ୍ରମ କରିବାକୁ ଅଳ୍ପ ଇଚ୍ଛା ଥାଏ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ପ୍ରସଙ୍ଗରେ ନିର୍ଭର କରି, "ଉତ୍ସାହିତ" ଭିନ୍ନ ଭାବରେ ଅନୁବାଦ କଲେ "ଉତ୍ସାହ" କିମ୍ବା "ସାନ୍ତ୍ୱନା" କିମ୍ବା "ଦୟାଳୁ କଥା କହିବା" କିମ୍ବା "ସାହାଯ୍ୟ ଏବଂ ସମର୍ଥନ କରିବା" ଅନ୍ତର୍ଭୁକ୍ତ ହୋଇପାରେ।
- "ପଦେ ଉତ୍ସାହିତ କର" ବାକ୍ୟାଂଶର ଅର୍ଥ "ଏପରି କଥା କୁହ ଯେପରି ଅନ୍ୟମାନେ ପ୍ରେମ, ଗ୍ରହଣୀୟ ଓ ସଶକ୍ତ ହେବେ।"

(ପୁନଶ୍ଚ ଦେଖନ୍ତୁ: ଦୃଢ଼ ବିଶ୍ୱାସ ବା ଆସ୍ଥା, ଉପଦେଶ, ଭୟ, ଶକ୍ତିଯୁକ୍ତ)

ବାଇବଲ ପଦ ପର୍ବ:

- ଦ୍ୱିତୀୟ ବିବରଣ 01:37-38
- 2 ରାଜାବଳୀ 18:19-21
- 1 ବଂଶାବଳୀ 17:25
- ମାଥିଉ 09:20-22
- 1 କରିନ୍ଥୀୟ 14:1-4
- 2 କରିନ୍ଥୀୟ 07:13
- ପ୍ରେରିତ 05:12-13
- ପ୍ରେରିତ 16:40
- ଏବ୍ରୀ 03:12-13
- ଏବ୍ରୀ 13:5-6

ଦତ୍ତ ବିଷୟ ଶବ୍ଦ:

- ମୂଳଶବ୍ଦ: H533, H553, H1368, H2388, H2388, H2428, H3820, H3824, H7307, G2114, G2115, G2174, G2292, G2293, G2294, G3870, G3874, G3954, G4389, G4837, G5111

ସାହସ,ସାହସିକତା,ସାହସ କରାଇବା

ପରିଭାଷା:

ଏହି ଶବ୍ଦଗୁଡ଼ିକ ସତ୍ୟ କହିବା ପାଇଁ ସାହସ ଏବଂ ଆତ୍ମବିଶ୍ୱାସ ସହ କଷ୍ଟସାଧ୍ୟ କିମ୍ବା ବିପଜ୍ଜନକ ସମୟରେ ସଠିକ୍ କାର୍ଯ୍ୟ କରିବାକୁ ବୁଝାଏ |

- ଜଣେ ସାହସୀ ବ୍ୟକ୍ତି ଭୁଲ କରୁଥିବା ଲୋକଙ୍କୁ ପ୍ରତିରୋଧ କରି ଯାହା ଠିକ୍ ସେହି ବିଷୟ କହିବାକୁ କଦାପି ଭୟ କରେ ନାହିଁ । ଏହାକୁ "ଭୟଶୂନ୍ୟ" କିମ୍ବା "ସାହସୀ" ବୋଲି ଅନୁବାଦ କରାଯାଇପାରେ ।
- ନୂତନ ନିୟମରେ ଯୀଶୁଙ୍କ ଶିଷ୍ୟମାନେ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ସାହସର ସହ ବିଭିନ୍ନ ସ୍ଥାନରେ ଯୀଶୁଙ୍କ ବିଷୟରେ ପ୍ରଚାର କରୁଥିଲେ । ଏହାକୁ "ଦୃଢ଼ ବିଶ୍ୱାସରେ" କିମ୍ବା "ଦୃଢ଼ ସାହସରେ" କିମ୍ବା "ସାହସ" ବୋଲି ଅନୁବାଦ କରାଯାଇପାରେ ।
- ଆଦ୍ୟ ମଣ୍ଡଳୀର ବିଶ୍ୱାସୀମାନଙ୍କ "ସାହସିକତା" ଦ୍ୱାରା ଖ୍ରୀଷ୍ଟଙ୍କ ସୁସମାଚାରର ପ୍ରଚାର ଏବଂ ଖ୍ରୀଷ୍ଟଙ୍କ କ୍ରୁଶୀୟ ମୃତ୍ୟୁର ଉଦ୍ଧାର ବାର୍ତ୍ତା ପ୍ରଥମେ ଇସ୍ରାଏଲ ଏବଂ ନିକଟବର୍ତ୍ତୀ ଦେଶ ଓ ଶେଷରେ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ବ୍ୟାପିଗଲା । “ସାହସିକତା” ଶବ୍ଦକୁ “ଆତ୍ମବିଶ୍ୱାସୀ ସାହସ” ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

(ଦୃଢ଼ବିଶ୍ୱାସ, ସୁସମାଚାର, ଉଦ୍ଧାର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ଯୋହନ 2:28
- ପ୍ରଥମ ଥେସଲନୀକୀୟ 2:1-2
- ଦ୍ୱିତୀୟ କରନ୍ଥୀୟ 3:12-13
- ପ୍ରେରିତ 4:13

ଶବ୍ଦବିନ୍ୟାସ :

- Strong’s: H982, H5797, G662, G2292, G3618, G3954, G3955, G5111, G5112

ସିଂହ, ସିଂହୀ,

ପରିଭାଷା:

ସିଂହ ଏକ ବୃହତ୍, ବିଲେଇ ସଦୃଶ ପ୍ରାଣୀ, ଏହାର ଶିକାରକୁ ମାରିବା ଏବଂ ଫାଡି ଖାଇବା ପାଇଁ ଶକ୍ତିଶାଳୀ ଦାନ୍ତ ଓ ପଂଝା ଅଛି I

- ସିଂହମାନଙ୍କର ଶିକାର କରିବା ପାଇଁ ଶକ୍ତିଶାଳୀ ଶରୀର ଏବଂ ଦ୍ରୁତ ଗତି ଥାଏ | ସେମାନଙ୍କର ଲୋମ ଛୋଟ ଏବଂ ସୁବର୍ଣ୍ଣ-ବାଦାମୀ ଅଟେ I
- ପୁରୁଷ ସିଂହମାନଙ୍କ ମସ୍ତକର ଚତୁର୍ଦ୍ଦିଗରେ କେଶ ଅଛି I
- ସିଂହ ଖାଦ୍ୟ ପାଇଁ ଅନ୍ୟ ପଶୁମାନଙ୍କୁ ହତ୍ୟା କରେ ଏବଂ ଏହା ମଣିଷ ପାଇଁ ବିପଦଜନକ ହୋଇପାରେ I
- ଯେତେବେଳେ ରାଜା ଦାଉଦ ବାଳକ ଥିଲେ, ସେ ଯହ୍ନ ନେଉଥିବା ମେଷପଲ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରୁଥିବା ସିଂହମାନଙ୍କୁ ହତ୍ୟା କରିଥିଲେI
- ଶାମ୍‌ଗୋନ୍ ମଧ ଖାଲି ହାତରେ ସିଂହକୁ ହତ୍ୟା କଲା I

(ଅଜ୍ଞାତ ବିଷୟଗୁଡ଼ିକୁ କିପରି ଅନୁବାଦ କରାଯାଏ ଦେଖନ୍ତୁ)

(ଦାଉଦ, ଚିତା, ଶାମ୍‌ଗୋନ୍, ମେଷ ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 11:22-23
- ପ୍ରଥମ ରାଜାବଳୀ 7: 29
- ହିତୋପଦେଶ 19: 12
- ଗୀତସଂହିତା 17: 12
- ପ୍ରକାଶିତ ବାକ୍ୟ 5:5

ଶବ୍ଦବିନ୍ୟାସ :

- Strong's: H0738, H0739, H0744, H3715, H3833, H3918, H7826, H7830, G30230

ସିଂହାସନ, ଉପବିଷ୍ଟ

ପରିଭାଷା:

ଏକ ସିଂହାସନ, ଏକ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ଆସନ ଯେଉଁଠାରେ ଜଣେ ଶାସକ ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ବିଷୟରେ ନିଷ୍ପତ୍ତି କରନ୍ତି ଏବଂ ତାଙ୍କ ଲୋକଙ୍କ ଅନୁରୋଧ ଶୁଣନ୍ତି ସେତେବେଳେ ଉପବିଷ୍ଟ ଥା'ନ୍ତି I

- ଏକ ସିଂହାସନ ଜଣେ ଶାସକଙ୍କର ଅଧିକାର ଏବଂ ଶକ୍ତିର ମଧ୍ୟ ପ୍ରତୀକ ଅଟେ I
- "ସିଂହାସନ" ଶବ୍ଦ ଶାସକ, ତାଙ୍କ ଶାସନ କିମ୍ବା ତାଙ୍କ ଶକ୍ତିକୁ ମଧ୍ୟ ଦର୍ଶାଇବାକୁ ବ୍ୟବହାର କରାଯାଇପାରେ I
- ବାଇବେଲରେ, ଈଶ୍ୱର ପ୍ରାୟତଃ ସିଂହାସନରେ ଉପବିଷ୍ଟ ଥିବା ଜଣେ ରାଜା ଭାବରେ ଚିତ୍ରିତ ହୋଇଛନ୍ତି I ଯୀଶୁ ପିତା ଈଶ୍ୱରଙ୍କ ଡାହାଣ ପାର୍ଶ୍ୱରେ ସିଂହାସନରେ ଉପବିଷ୍ଟ ଥିବା ବିଷୟକୁ ବର୍ଣ୍ଣନା କରେ।
- ଯୀଶୁ କହିଲେ ସ୍ୱର୍ଗ ଈଶ୍ୱରଙ୍କ ସିଂହାସନ ଅଟେ I ଏହାକୁ "ଯେଉଁଠାରେ ଈଶ୍ୱର ରାଜା ଭାବରେ ରାଜତ୍ୱ କରନ୍ତି" ବୋଲି ଅନୁବାଦ କରିଯାଇପାରେ I

(ଅଧିକାର, ଶକ୍ତି, ରାଜା, ରାଜତ୍ୱ: ଦେଖନ୍ତୁ)

ବାଇବେଲ ପଦପର୍ବ:

- କଲସୀୟ 1:15-17
- ଆଦିପୁସ୍ତକ 41:40
- ଲୂକ 1:32
- ଲୂକ 22:30
- ମାଥିଉ 5:34
- ମାଥିଉ 19:28
- ପ୍ରକାଶିତ ବାକ୍ୟ 1:4-6

ଶବ୍ଦବିନ୍ୟାସ :

- Strong's: H3427, H3676, H3678, H3764, H7675, G09680, G23620

ସିଦ୍ଧ, ସମ୍ପୂର୍ଣ୍ଣ

ପରିଭାଷା:

ନୂତନ ନିୟମରେ, "ସିଦ୍ଧ" ଶବ୍ଦର ଅର୍ଥ ଆମର ଖ୍ରୀଷ୍ଟିୟାନ ଜୀବନରେ ପରିପକ୍ୱ ହେବାକୁ ସୂଚିତ କରେ।କୌଣସି ବିଷୟକୁ ସିଦ୍ଧ କରିବା ଅର୍ଥ ଏହା ଉତ୍କୃଷ୍ଟ ଏବଂ ତ୍ରୁଟିଶୂନ୍ୟ ନହେବା ପର୍ଯ୍ୟନ୍ତ ଏଥିରେ କାର୍ଯ୍ୟ କରିବା ଅଟେ।ପୁରାତନ ନିୟମର ବଳିଦାନଗୁଡ଼ିକ "ସିଦ୍ଧ" କିମ୍ବା "ସଂପୂର୍ଣ୍ଣ" ଅର୍ଥାତ୍ ତ୍ରୁଟିଶୂନ୍ୟ ହେବା ଅନିବାର୍ଯ୍ୟ ଥିଲା |

- ସିଦ୍ଧ ଏବଂ ପରିପକ୍ୱ ହେବା ଅର୍ଥ ଜଣେ ଖ୍ରୀଷ୍ଟିୟାନ ପାପଶୂନ୍ୟ ହେବା ଅଟେ I
- "ସିଦ୍ଧ" ଶବ୍ଦର ଅର୍ଥ "ସମ୍ପୂର୍ଣ୍ଣ" କିମ୍ବା "ପୂର୍ଣ୍ଣାଙ୍ଗ" ହେବା ମଧ୍ୟ ଅଟେ I
- ନୂତନ ନିୟମର ଯାକୁବ ପୁସ୍ତକରେ କୁହାଯାଏ ଯେ ପରୀକ୍ଷାଗୁଡ଼ିକ ମଧ୍ୟରେ ସହ୍ୟକଲା ଉତ୍ତାରେ ବିଶ୍ୱାସୀ ଜୀବନରେ ସମ୍ପୂର୍ଣ୍ଣତା ଏବଂ ପରିପକ୍ୱତା ଉତ୍ପନ୍ନ ହୋଇଥାଏ I
- ଯେତେବେଳେ ଖ୍ରୀଷ୍ଟିୟାନମାନେ ବାଇବେଲ ପାଠ କରନ୍ତି ଏବଂ ତାହା ପାଳନ କରନ୍ତି, ସେମାନେ ଆତ୍ମିକ ଭାବରେ ଅଧିକ ସିଦ୍ଧ ଏବଂ ପରିପକ୍ୱ ହୁଅନ୍ତି କାରଣ ସେମାନେ ଆପଣାମାନଙ୍କର ସ୍ୱଭାବରେ ଅଧିକ ଖ୍ରୀଷ୍ଟଙ୍କ ସଦୃଶ୍ୟ ହେବେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ଏହି ଶବ୍ଦକୁ "ତ୍ରୁଟିଶୂନ୍ୟ" କିମ୍ବା "ନିର୍ଭୁଲ" କିମ୍ବା "ତ୍ରୁଟିବିହୀନ" କିମ୍ବା "ଦୋଷହୀନ" କିମ୍ବା "କୌଣସି ଦୋଷ ନଥିବା" ବୋଲି ଅନୁବାଦ କରାଯାଇପାରେ I

(ତ୍ରୁଟି: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଏବ୍ରୀ 12:2
- ଯାକୁବ 3:2
- ମାଥିଉ 5:46-48
- ଗୀତସଂହିତା 19:7-8

ଶବ୍ଦବିନ୍ୟାସ :

- Strong's: H3632, H3634, H4359, H8003, H8503, H8537, H8549, H8552, G01990, G26750, G26760, G36470, G50460, G50470, G50480, G50500

ସୀତାର, ଦଶ ତାର ବାଦ୍ୟ ଯନ୍ତ୍ର

ସଂଜ୍ଞା:

ଏକ ସୀତାର ଛୋଟ, ତାର ସହ ବାଦ୍ୟ ଯନ୍ତ୍ର ଅଟେ ଯାହା ପରମେଶ୍ୱରଙ୍କର ଉପାସନା କରିବା ନିମନ୍ତେ ଇସ୍ରାଏଲ ଲୋକମାନେ ବ୍ୟବହାର କରୁଥିଲେ I

- ଏକ ଛୋଟ ଲୟିଅର ଦଶ ତାର ବାଦ୍ୟ ଯନ୍ତ୍ର ପରି ଦେଖାଯାଏ, ତାହାର ବନ୍ଧା ଯାଇ ଖୁଲା ଆକାରରେ ରଖାଯାଏ I
- ଏକ ସୀତାର ଆଧୁନିକ ଗିଟାର ପରି ଦେଖାଯାଏ, ଏକ କାଠ ଧ୍ୱନି ବାକ୍ସ ଓ ତାହା ଆଗକୁ ଲମ୍ବା ହୋଇ ତାର ବନ୍ଧାଯାଏ I
- ସୀତାର କିଅବା ଲୟୁର ବଜାଇବା ସମୟରେ କେତେକ ତାର ହାତ ତାଳରେ ରୁହେ ଆଉ ଅନ୍ୟ ତାର ଅନ୍ୟ ହାତରେ ଧରି ବଜାନ୍ତି I
- ସୀତାର, ଲୟୁର କିଅବା ଦଶ ତାର ବାଜା, ବଜାଇବା ସମୟରେ ତାର ସହ ବଜାଇଯାଏ I
- ଗଣନା ହିସାବରେ ତାର ଅଲଗା ହୁଏ କିନ୍ତୁ ପୁରାତନ ନୀୟମ ଅଶ ତାର ବାଜା ବିଷୟରେ ହିଁ କୁହେ I

(ଆହୁରି ଦେଖନ୍ତୁ: ଦଶ ତାର ବାଜା)

ବାଇବଲ ପଦପର୍ବ:

- ୧ ରାଜାବଳି ୧୦:୧୧-୧୨
- ୧ ଶାମୁଏଲ ୧୦:୫-୬
- ୨ ବଂଶାବଳି ୦୫:୧୧-୧୨

ବୋର୍ଡ ଡାଟା :

- Strong's: H3658, H5035, H5443

ସୁସ୍ଥ ହେବା, ଆରୋଗ୍ୟ, ସୁସ୍ଥ ହେଲେ, ସୁସ୍ଥ, ସୁସ୍ଥ କରିବା, ସୁସ୍ଥତାକାରୀ, ସ୍ୱାସ୍ଥ୍ୟ, ଉତ୍ତମ ସ୍ୱାସ୍ଥ୍ୟ, ଅସ୍ୱାସ୍ଥ୍ୟ

ପରିଭାଷା:

"ଆରୋଗ୍ୟ" ଓ "ଆରୋଗ୍ୟ ଲାଭକରିବା" ଉଭୟ ଶବ୍ଦ ଏକ ଏକ ରୋଗୀ, କ୍ଷତ ବିକ୍ଷତ, ପଂଗୁ ଲୋକ ପୁନର୍ବାର ସ୍ୱାସ୍ଥ୍ୟ ଲାଭ କରିବାକୁ ଦର୍ଶାଏ।

- ଜଣେ ବ୍ୟକ୍ତି ଯେ "ସୁସ୍ଥ ହେଲେ" କିମ୍ବା "ଆରୋଗ୍ୟ ଲାଭ କଲେ" କିମ୍ବା"ସୁସ୍ଥ କରାଗଲେ" କିମ୍ବା "ସ୍ୱାସ୍ଥ୍ୟ ପ୍ରାପ୍ତ କଲେ" ବୋଲି ଅନୁବାଦ କରାଯାଇପାରେ ।
- ଆତ୍ମମାନଙ୍କ ଶରୀର ସ୍ୱାଭାବିକ ରୂପରେ ସୁସ୍ଥତା ଲାଭ ହୋଇ ପାରିବ କାରଣ ଈଶ୍ୱର ଆତ୍ମମାନଙ୍କ ଶରୀରକୁ ଏହି ପରି ନିର୍ମାଣ କରି ଅଛନ୍ତି ଏହା ଅନେକ କ୍ଷତ ବିକ୍ଷତ ଓ ରୋଗରୁ ଆରୋଗ୍ୟ ହୋଇ ପାରିବ। ଏହି ପ୍ରକାର ସୁସ୍ଥତା ଧିରେ ଧିରେ ହୋଇଥାଏ।
- ତଥାପି, କେତେକ ପରିସ୍ଥିତିରେ, ଯେପରି ଏକ ଅନ୍ଧ କିମ୍ବା ପକ୍ଷାଘାତି, ଓ କେତେକ ବଡ଼ ବଡ଼ ରୋଗ ଯେପରି କୁଷ୍ଠ ରୋଗ ନିଜକୁ ନିଜେ ସୁସ୍ଥ ହୁଏ ନାହିଁ। ଯେତେବେଳେ ଲୋକମାନେ ଏହି ପ୍ରକାର ରୋଗରୁ ସୁସ୍ଥ ହୁଅନ୍ତି, ତାହା ଏକ ଆଶ୍ଚର୍ଯ୍ୟ କର୍ମ ଯାହା ଅପ୍ରତ୍ୟାଶିତ ଭାବରେ ହୁଏ I
- ଉଦାହରଣ ସ୍ୱରୂପ, ଯୀଶୁ ଅନେକ ଲୋକମାନଙ୍କୁ ଯେଉଁମାନେ ଅନ୍ଧ, ଛୋଟା ଓ ଅନେକ ରୋଗରେ ପିଡ଼ିତ ଥିଲେ ସୁସ୍ଥକଲେ।
- ପ୍ରେରିତମାନେ ମଧ୍ୟ ଅନେକ ଲୋକମାନଙ୍କୁ ଆଶ୍ଚର୍ଯ୍ୟ ରୂପରେ ସୁସ୍ଥ କଲେ, ଯେପରି ପିତର ଏକ ପଙ୍ଗୁ ବ୍ୟକ୍ତିକୁ ଅପ୍ରତ୍ୟାଶିତ ଭାବରେ ଚାଲିବାକୁ ସକ୍ଷମ କରାଇଲେ।

(ଆଶ୍ଚର୍ଯ୍ୟକର୍ମ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 5:16
- ପ୍ରେରିତ 8:6
- ଲୂକ 5:13
- ଲୂକ 6:19
- ଲୂକ 8:43
- ମାଥିଉ 4:23-25
- ମାଥିଉ 9:35
- ମାଥିଉ 13:15

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **19:14** ଏକ ଆଶ୍ଚର୍ଯ୍ୟ କର୍ମ ଯାହା ନାମାନ ଜୀବନରେ ହେଲା, ଏକ ଶତ୍ରୁ ସେନାଧ୍ୟକ୍ଷ ଯାହାକୁ ଏକ ଭୟାନକ ଚର୍ମ ରୋଗ ହୋଇଥିଲା। ସେ ଇଲୀଶା ବିଷୟରେ ଶୁଣିଥିଲେ ଓ ତାହାକୁ **ସୁସ୍ଥ କରିବା** ନିମନ୍ତେ ଅନୁରୋଧ କଲେ।
- **21:10** ସେ (ଯିଶାଇୟ) ଭବିଷ୍ୟବାଣୀ କଲେ କି ମସିହ ରୋଗୀ, ଯେ ମୂକ ବଧିର, ଅନ୍ଧ, ଛୋଟା ଲୋକମାନଙ୍କୁ **ସୁସ୍ଥତା** ପ୍ରଦାନ କରିବେ।
- **26:6** ଯୀଶୁ ଲଗାତର କହୁଥିଲେ, "ଭବିଷ୍ୟବକ୍ତା ଇଲୀଶା ସମୟରେ, ଇସ୍ରାଏଲରେ ଅନେକ ଲୋକ ଚର୍ମ ରୋଗରେ ପୀଡିତଥିଲେ I କିନ୍ତୁ ଇଲୀଶା ସେମାନଙ୍କ ମଧ୍ୟରୁ କାହାକୁ **ସୁସ୍ଥ** କଲେ ନାହିଁ। ସେ କେବଳ ନାମାନର ଚର୍ମ ରୋଗକୁ **ସୁସ୍ଥ କଲେ**, ଜଣେ ଇସ୍ରାଏଲର ଶତ୍ରୁ ସେନାଧ୍ୟକ୍ଷ ଥିଲେ।
- **26:8** ସେମାନେ ଅନେକ ଲୋକମାନଙ୍କୁ ତାହାଙ୍କ ନିକଟକୁ ଆଣିଲେ, ଯେଉଁମାନେ ରୋଗୀ, ଶାରୀରିକ ବା ମାନସିକ ଅସାମର୍ଥ୍ୟରେ ପୀଡ଼ିତ, ଯେଉଁମାନେ ଅନ୍ଧ, ଛୋଟ, ମୁକ, ବଧିର, ଏବଂ ଯୀଶୁ ସେମାନଙ୍କୁ **ସୁସ୍ଥ କଲେ**।
- **32:14** ସେ ଶୁଣିଲା ଯେ ଯୀଶୁ ଅନେକ ରୋଗୀମାନଙ୍କୁ **ଆରୋଗ୍ୟ କରୁଛନ୍ତି** ଓ ଭାବିଲା, "ଯଦି ମୁଁ କେବଳ ଯୀଶୁଙ୍କର ବସ୍ତ୍ର ସ୍ପର୍ଶ କରିବି ତେବେ ମୁଁ ମଧ୍ୟ **ଆରୋଗ୍ୟ** ହୋଇଯିବି!"
- **44:3** ସେଇ ମୁହୂର୍ତ୍ତରେ, ଈଶ୍ୱର ସେହି ଛୋଟା ଲୋକକୁ **ସୁସ୍ଥ କଲେ** ଓ ସେ ଚାଲିବାକୁ ଓ କୁଦା ମାରିବାକୁ ଲାଗିଲା, ଏବଂ ଈଶ୍ୱରଙ୍କର ପ୍ରଶଂସା କଲା।
- **44:8** ପିତର ସେମାନଙ୍କୁ ଉତ୍ତର ଦେଲେ "ଏହି ମନୁଷ୍ୟ ଯେ ତୁମ୍ଭ ସମୁଖରେ ଠିଆ ହୋଇ ଅଛି ସେ ଯୀଶୁ ଖ୍ରୀଷ୍ଟଙ୍କର ଶକ୍ତିରେ **ସୁସ୍ଥ ହୋଇଅଛି** I
- **49:2** ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ ଯାହା ପ୍ରମାଣ କରେ ଯେ ସେ ଈଶ୍ୱର ଅଟନ୍ତି। ସେ ପାଣି ଉପରେ ଚାଲିଲେ, ଝଡ଼ବର୍ଷା ଶାନ୍ତ କଲେ, ଅନେକ ରୋଗୀମାନଙ୍କୁ **ସୁସ୍ଥ କଲେ**, ଭୂତ ଛାଡେଇଲେ, ମୃତମାନଙ୍କୁ ଜୀବନ ଦେଲେ, ସେ ପାଞ୍ଚଟି ଛୋଟ ରୁଟି ଓ ଦୁଇଟି ଛୋଟ ମାଛ ଦ୍ୱାରା 5000 ଲୋକମାନଙ୍କୁ ତୃପ୍ତତାର ସହିତ ଭୋଜନ କରାଇଲେ।

ଶବ୍ଦବିନ୍ୟାସ:

- Strong's: H0724, H1369, H1455, H2280, H2421, H2896, H3545, H4832, H4974, H7495, H7499, H7500, H7725, H7965, H8549, H8585, H8644, H0622, G12950, G17430, G23220, G23230, G23860, G23900, G23920, G25110, G36470, G49820, G51980, G51990

ସୃଷ୍ଟି କରିବା, ସୃଷ୍ଟ,ସୃଷ୍ଟି, ସୃଷ୍ଟିକର୍ତ୍ତା

ପରିଭାଷା:

"ସୃଷ୍ଟି କରିବା" ଶବ୍ଦର ଅର୍ଥ କୌଣସି ବିଷୟକୁ ନିର୍ମାଣ କରିବା କିମ୍ବା କୌଣସି ବିଷୟକୁ ଉତ୍ପତ୍ତି କରିବାକୁ ବୁଝାଏ I ଯେଉଁ ସମସ୍ତ ବିଷୟକୁ ସୃଷ୍ଟି କରାଯାଏ ତାକୁ "ସୃଷ୍ଟି" କୁହାଯାଏ I ଈଶ୍ୱରଙ୍କୁ "ସୃଷ୍ଟିକର୍ତ୍ତା" କୁହାଯାଏ କାରଣ ଏହି ବିଶ୍ୱକୁ ସେ ହିଁ ସୃଷ୍ଟି କଲେ I

- ଏହି ଶବ୍ଦ ଈଶ୍ୱର ଜଗତକୁ ସୃଷ୍ଟି କରିଅଛନ୍ତି ବୋଲି ଜଣାଏ, ଏହାର ଅର୍ଥ ସେ ଶୂନ୍ୟରୁ ସବୁକିଛି ସୃଷ୍ଟି କଲେ I
- ଯେତେବେଳେ ମନୁଷ୍ୟ କୌଣସି ବିଷୟକୁ "ସୃଷ୍ଟି" କରେ, ଏହାର ଅର୍ଥ ସେମାନେ ଯାହା ସୃଷ୍ଟି ହୋଇଅଛି ସେଥିରୁ ନିର୍ମାଣ କରୁଛନ୍ତି I
- ବେଳେବେଳେ "ସୃଷ୍ଟି" ଶବ୍ଦ ଭୌତିକ ସତ୍ତାହୀନ ବିଷୟରେ ବର୍ଣ୍ଣନା କରେ ଯଥା ଶାନ୍ତି ସ୍ଥାପନ କରିବା କିମ୍ବା କୌଣସି ଲୋକର ହୃଦୟକୁ ଶୁଦ୍ଧ କରିବା ପାଇଁ ବ୍ୟବହାର ହୁଏI
- "ସୃଷ୍ଟି" ଶବ୍ଦ ଜଗତର ଆରମ୍ଭକୁ ସୂଚାଇପାରେ ଯେତେବେଳେ ଈଶ୍ୱର ପ୍ରଥମେ ସମସ୍ତ ବିଷୟ ସୃଷ୍ଟି କରିଥିଲେ I ସାଧାରଣତଃ ଈଶ୍ୱର ସୃଷ୍ଟି କରିଥିବା ସମସ୍ତ ବିଷୟକୁ ସୂଚାଇବା ପାଇଁ ଏହା ମଧ୍ୟ ବ୍ୟବହୃତ ହୋଇପାରେ I ବେଳେବେଳେ "ସୃଷ୍ଟି" ଶବ୍ଦଟି କେବଳ ଜଗତର ଲୋକମାନଙ୍କୁ ନିର୍ଦ୍ଦିଷ୍ଟ ଭାବରେ ସୂଚିତ କରେ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- କେତେକ ଭାଷାରେ ସିଧାସଳଖ ଭାବରେ ଈଶ୍ୱର ଜଗତକୁ "ଶୂନ୍ୟରୁ" ସୃଷ୍ଟି କରିଛନ୍ତି ବୋଲି ସ୍ପଷ୍ଟ ଭାବରେ ଅନୁବାଦ କରାଯାଇପାରେ I
- "ଏହି ଜଗତର ସୃଷ୍ଟିଠାରୁ" ବାକ୍ୟାଂଶର ଅର୍ଥ "ଯେବେଠାରୁ ଈଶ୍ୱର ଜଗତକୁ ସୃଷ୍ଟି କଲେ" ଅଟେ I
- "ସୃଷ୍ଟି ଆରମ୍ଭରେ" ବାକ୍ୟାଂଶକୁ "ଯେତେବେଳେ ଈଶ୍ୱର ଆରମ୍ଭରେ ଜଗତ ସୃଷ୍ଟି କରିଥିଲେ" କିମ୍ବା "ଯେତେବେଳେ ଜଗତ ପ୍ରଥମେ ସୃଷ୍ଟି ହେଲା" ବୋଲି ଅନୁବାଦ କରାଯାଇପାରେ I
- "ସମସ୍ତ ସୃଷ୍ଟିକୁ" ସୁସମଚାର ଘୋଷଣା କର ବାକ୍ୟର ଅର୍ଥ "ପୃଥିବୀରେ ଥିବା ସମସ୍ତ ଲୋକମାନଙ୍କ" ନିକଟରେ ସୁସମାଚାର ଘୋଷଣା କରିବା ଅଟେ I
- "ତାହାଙ୍କ ସମସ୍ତ ସୃଷ୍ଟ ଆନନ୍ଦ କରୁ" ବାକ୍ୟାଂଶର ଅର୍ଥ "ଯାହା ସବୁ ଈଶ୍ୱର ସୃଷ୍ଟି କରିଛନ୍ତି ଆନନ୍ଦ କରୁ" ଅଟେ I
- ପ୍ରସଙ୍ଗକୁ ଆଧାର କରି, "ସୃଷ୍ଟି କରିବା" ଶବ୍ଦକୁ "ତିଆରି କରିବା" କିମ୍ବା "ଉତ୍ପନ କରିବା" କିମ୍ବା "ଶୂନ୍ୟରୁ ତିଆରି ହେବା" ବୋଲି ଅନୁବାଦ କରାଯାଇପାରେ I
- "ସୃଷ୍ଟିକର୍ତ୍ତା" ଶବ୍ଦକୁ "ଯେ ସମସ୍ତ ବିଷୟ ସୃଷ୍ଟି କରିଛନ୍ତି" କିମ୍ବା "ଈଶ୍ୱର ଯିଏ ସମଗ୍ର ଜଗତକୁ ସୃଷ୍ଟି କରିଛନ୍ତି" ବୋଲି ଅନୁବାଦ କରାଯାଇପାରେ I
- "ତୁମ୍ଭର ସୃଷ୍ଟିକର୍ତ୍ତା" ପରି ବାକ୍ୟାଂଶକୁ "ଈଶ୍ୱର, ଯିଏ ତୁମ୍ଭକୁ ସୃଷ୍ଟି କରିଛନ୍ତି" ବୋଲି ଅନୁବାଦ କରାଯାଇପାରେ I

(ଈଶ୍ୱର, ସୁସମାଚାର, ପୃଥିବୀ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ କରନ୍ଥୀୟ 11: 9-10
- ପ୍ରଥମ ପିତର 4:17-19
- କଲସୀୟ 1:15
- ଗାଲାତୀୟ 6:15
- ଆଦି ପୁସ୍ତକ 1:1
- ଆଦି ପୁସ୍ତକ 14:19-20

ଶବ୍ଦବିନ୍ୟାସ :

- Strong's: H3335, H4639, H6213, H6385, H7069, G20410, G26020, G26750, G29360, G29370, G29390, G41600, G54800

ସେନାପତି, ସେନାଧ୍ୟକ୍ଷ

ସଂଜ୍ଞା:

"ସେନାପତି" ଶବ୍ଦ ଜଣେ ସେନାବାହୀନୀର ନେତା ଯାହାଙ୍କର ନିର୍ଦ୍ଦିଷ୍ଟ ସୈନିକ ଦଳର ଅଧିକାର ଦଦାୟିତ୍ୱ ଥାଏ

ଜଣେ ସେନାପତି ଗୋଟିଏ ଛୋଟ ଦଳିଆ ସୈନିକ କିମ୍ବା ବଡ ଦଳୀୟ ସୈନିକମାନଙ୍କର ତତ୍ୱାବଧାନରେ ଥାଏ

- ଏହି ଶବ୍ଦ ମଧ୍ୟ ସୈନିକ ଦୂତମାନଙ୍କ ଦଳର ମୁଖ୍ୟ ଯୋହବା ଙ୍କୁ ବୁଝାଏ

ଅନ୍ୟଭାବରେ "ସେନାପତି" କୁ ମଧ୍ୟ "ନେତା" କିମ୍ବା "ମୁଖ୍ୟ" ନଡୁବା "କର୍ମଚାରୀ" ଭାବେ ଭାଷାନ୍ତର ହୋଇଛି

- ଶବ୍ଦ "ଆଦେଶ" ଜଣେ ସୈନିକ୍ ଅନୁବାଦ କଲେ ଯଥା "ଅଗ୍ରସର" ବା "ଦଦାୟିତ୍ୱ ବହନ କାରୀ"

(ଦେଖ: ଆଦେଶ, ଶାସକ, ଶତ ସେନାପତି)

ବାଇବଲ ସନ୍ଦର୍ଭ:

- ୧ମ ବଂଶାବଳି ୧୧:୪-୬
- ୨ୟ ବଂଶାବଳି ୧୧:୧୧-୧୨
- ଦାନିଏଲ ୦୨:୧୪-୧୬
- ମାର୍କ ୦୬:୨୧-୨୨
- ହିତୋପଦେଶ ୦୬:୬-୮

ବୋର୍ଡ ଡାଟା :

- Strong's: H2710, H2951, H1169, H4929, H5057, H6346, H7101, H7262, H7218, H7227, H7229, H7990, H8269, G5506

ସେବକ, ସେବା କରିବା, କ୍ରୀତ ଦାସ, ଯୁବା ପୁରୁଷ, ଯୁବା ସ୍ତ୍ରୀ

ପରିଭାଷା:

ଜଣେ "ସେବକ" ବା "ଦାସ" ସେହି ବ୍ୟକ୍ତିଙ୍କୁ ବୁଝାଏ ଯିଏ ନିଜ ପସନ୍ଦରେ କିମ୍ବା ବଳ ଦ୍ୱାରା ଅନ୍ୟ ଜଣଙ୍କ ପାଇଁ କାମ କରେ (କିମ୍ବା ପାଳନ କରେ) । ଜଣେ ସେବକ ନିଜ ମାଲିକଙ୍କ ଅଧୀନରେ ଥିଲା। ବାଇବେଲରେ, "ସେବକ" ଏବଂ "ଦାସ" ପ୍ରାୟତ ଅଦଳବଦଳ ହୋଇ ବ୍ୟବହୃତ ହୁଏ । "ସେବା" ଶବ୍ଦ ସାଧାରଣତଃ କାହା ପାଇଁ କାମ କରିବାକୁ ବୁଝାଏ, ଏବଂ ଏହି ଧାରଣା ବିଭିନ୍ନ ପ୍ରସଙ୍ଗରେ ପ୍ରୟୋଗ କରାଯାଇପାରେ ।

- କ୍ରୀତଦାସ ଏକ ପ୍ରକାର ଦାସ ଅଟେ ଯିଏ ଯେଉଁ ବ୍ୟକ୍ତି ନିମନ୍ତେ କାର୍ଯ୍ୟ କରୁଥାଏ ତାହା ନିମନ୍ତେ ସମ୍ପତ୍ତି ଅଟେ। ଯେଉଁ ବ୍ୟକ୍ତି କ୍ରୀତଦାସକୁ କିଣେ ସେ ତା'ପାଇଁ "ମାଲିକ" କିମ୍ବା "ମୁନିବ" ହୁଏ। କେତେକ ମାଲିକମାନେ ତାଙ୍କର ଦାସମାନଙ୍କୁ ବହୁତ ନିଷ୍ଠୁର ଭାବେ ବ୍ୟବହାର କରନ୍ତି, ଯେତେବେଳେ ଅନ୍ୟମାନେ ପରିବାରର ମୂଲ୍ୟବାନ ସଦସ୍ୟ ପରି ସେମାନଙ୍କୁ ଉତ୍ତମ ବ୍ୟବହାର କରନ୍ତି। "ଦାସତ୍ୱ" ଶବ୍ଦର ଅର୍ଥ ଦାସ ହେବାର ଅବସ୍ଥାକୁ ବୁଝାଏ ।
- ଜଣେ ବ୍ୟକ୍ତି ଅସ୍ଥାୟୀ ଭାବରେ ଦାସ ହୋଇପାରେ, ଉଦାହରଣ ସ୍ୱରୂପ ତାଙ୍କ ମାଲିକଙ୍କୁ ଋଣ ପରିଶୋଧ କରିବାକୁ କାର୍ଯ୍ୟ କରିବା ସମୟରେ ।
- "ଯୁବକ" କିମ୍ବା "ଯୁବତୀ" ଶବ୍ଦର ଅର୍ଥ "ସେବକ" କିମ୍ବା "ଦାସ" ଅଟେ । ଏହି ଅର୍ଥ ପ୍ରସଙ୍ଗରୁ ସ୍ପଷ୍ଟହୁଏ । ଏହି ଅବସ୍ଥାର ଗୋଟିଏ ସୂଚକ ହେଉଛି ଯଦି ମାଲିକାନା ବ୍ୟବହୃତ ହୁଏ, ଯଥା। "ତାଙ୍କର ଯୁବତୀ" ମାନଙ୍କୁ "ତାଙ୍କର ଦାସୀ" କିମ୍ବା "ତାଙ୍କର ଦାସୀ" ଭାବରେ ଅନୁବାଦ କରାଯାଇପାରେ ।
- "ଦାସ" ଶବ୍ଦର ଅର୍ଥ "ଦାସ ହେବା" (ସାଧାରଣତଃ ବଳ ଦ୍ୱାରା) ।
- ନୂତନ ନିୟମ ମନୁଷ୍ୟମାନଙ୍କୁ "ପାପର ଦାସ" ବୋଲି କହିଥାଏ ଯେପର୍ଯ୍ୟନ୍ତ ଯୀଶୁ ସେମାନଙ୍କୁ ନିୟନ୍ତ୍ରଣ ଏବଂ ଶକ୍ତିରୁ ମୁକ୍ତ ନକରନ୍ତି । ଯେତେବେଳେ ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ଗ୍ରହଣ କରେ, ସେ ପାପର ଦାସ ହେବା ବନ୍ଦ କରି ଧାର୍ମିକତାର ଦାସ ହୁଏ ।

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସେବା" ଶବ୍ଦକୁ ପ୍ରସଙ୍ଗ ଉପରେ ନିର୍ଭର କରି "ମନ୍ତ୍ରୀ" କିମ୍ବା "କାର୍ଯ୍ୟ କରିବା" କିମ୍ବା "ଯତ୍ନ ନେବା" କିମ୍ବା "ମାନିବା" ବୋଲି ଅନୁବାଦ କରାଯାଇପାରେ |
- "ଦାସ" ଶବ୍ଦକୁ "ମୁକ୍ତ ନହେବା" କିମ୍ବା "ଅନ୍ୟମାନଙ୍କୁ ସେବା କରିବାକୁ ବାଧ୍ୟ କରିବା" କିମ୍ବା "ଅନ୍ୟମାନଙ୍କ ଅଧୀନରେ ରଖିବା" ବୋଲି ଅନୁବାଦ କରାଯାଇପାରେ |
- "ଦାସତ୍ୱ" ବା "ଦାସତ୍ୱରେ" ବାକ୍ୟକୁ "ଦାସ ହେବାକୁ ବାଧ୍ୟ" କିମ୍ବା "ସେବା କରିବାକୁ ବାଧ୍ୟ" କିମ୍ବା "ନିୟନ୍ତ୍ରଣରେ" ବୋଲି ଅନୁବାଦ କରାଯାଇପାରେ |
- "ଈଶ୍ୱରଙ୍କ ସେବା କରିବା" ବାକ୍ୟକୁ "ଈଶ୍ୱରଙ୍କୁ ଉପାସନା କରିବା ଏବଂ ପାଳନ କରିବା" କିମ୍ବା "ଈଶ୍ୱର ଯାହା ଆଦେଶ ଦେଇଛନ୍ତି ତାହା କରିବା" ବୋଲି ଅନୁବାଦ କରାଯାଇପାରେ |
- ପୁରାତନ ନିୟମରେ, ଈଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଏବଂ ଅନ୍ୟ ଲୋକମାନଙ୍କୁ ଯେଉଁମାନେ ଈଶ୍ୱରଙ୍କୁ ଉପାସନା କରୁଥିଲେ, ସେମାନଙ୍କୁ ଅନେକ ସମୟରେ ତାଙ୍କର "ଦାସ" କୁହାଯାଉଥିଲା |
- ନୂତନ ନିୟମରେ, ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କୁ ମାନନ୍ତି, ସେମାନଙ୍କୁ ଅନେକ ସମୟରେ ତାଙ୍କର "ଦାସ" କୁହାଯାଏ |
- " ମେଜ ପରିବେଷଣ" ଅର୍ଥ ଯେଉଁମାନେ ମେଜରେ ବସିଛନ୍ତି, କିମ୍ବା ସାଧାରଣତଃ " ଖାଦ୍ୟ ବିତରଣ କରିବା "ପାଇଁ ଖାଦ୍ୟ ଆଣିବାକୁ ବୁଝାଏ |
- ଅତିଥିମାନଙ୍କୁ ସେବା କରୀବା ବ୍ୟକ୍ତିଙ୍କ ପ୍ରସଙ୍ଗରେ, ଶବ୍ଦର ଅର୍ଥ "ଯତ୍ନ ନେବା" କିମ୍ବା "ଖାଦ୍ୟ ପରିବେଷଣ" କିମ୍ବା "ଖାଦ୍ୟ ଯୋଗାଇବା" ଅଟେ।ଯେତେବେଳେ ଯୀଶୁ ଶିଷ୍ୟମାନଙ୍କୁ ମାଛକୁ "ଦେବାକୁ" କହିଥିଲେ, ଏହାକୁ "ବିତରଣ" କିମ୍ବା "ହସ୍ତାନ୍ତର" କିମ୍ବା "ଦେବା" ବୋଲି ଅନୁବାଦ କରାଯାଇପାରେ |
- ଯେଉଁମାନେ ଈଶ୍ୱରଙ୍କ ବିଷୟରେ ଅନ୍ୟମାନଙ୍କୁ ଶିକ୍ଷା ଦିଅନ୍ତି, ସେମାନେ ଉଭୟ ଈଶ୍ୱର ଏବଂ ସେମାନେ ଶିକ୍ଷାଦେଉଥିବା ଲୋକମାନଙ୍କ ସେବା କରିବାକୁ ବୁଝାଏ |
- ପ୍ରେରିତ ପାଉଲ କରିନ୍ଥୀୟ ଖ୍ରୀଷ୍ଟିୟାନମାନଙ୍କୁ ପୁରାତନ ନିୟମକୁ କିପରି "ପାଳନ" କଲେ ସେ ବିଷୟରେ ଲେଖିଥିଲେ। ଏହା ମୋଶାଙ୍କ ନିୟମ ଅନୁସରଣ କରିବା ବିଷୟରେ ସୂଚିତ କରେ।ବର୍ତ୍ତମାନ ସେମାନେ ନୂତନ ନିୟମର "ପାଳନ" କରନ୍ତି।ତାହା, କ୍ରୁଶରେ ଯୀଶୁଙ୍କ ବଳିଦାନ ହେତୁ, ଯୀଶୁଙ୍କଠାରେ ବିଶ୍ୱାସୀମାନେ ପବିତ୍ର ଆତ୍ମା ଦ୍ୱାରା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିବା ଏବଂ ଏକ ପବିତ୍ର ଜୀବନଯାପନ କରିବାକୁ ସକ୍ଷମ ଅଟନ୍ତି |
- ପୁରାତନ କିମ୍ବା ନୂତନ ନିୟମ ପାଇଁ ସେମାନଙ୍କର "ସେବା" ଦୃଷ୍ଟିରୁ ପାଉଲ ସେମାନଙ୍କ କାର୍ଯ୍ୟ ବିଷୟରେ ଉଲ୍ଲେଖ କରନ୍ତି।ଏହାକୁ "ସେବା" କିମ୍ବା "ଆଜ୍ଞା" ବା "ଭକ୍ତି" ବୋଲି ଅନୁବାଦ କରାଯାଇପାରେ |
- ପ୍ରାୟତଃ, ଯେତେବେଳେ ଜଣେ ବ୍ୟକ୍ତି ନିଜକୁ "ତୁମ୍ଭର ସେବକ" ବୋଲି ଡାକନ୍ତି, ସେ ସମ୍ବୋଧିତ ବ୍ୟକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତି।ବୋଧହୁଏ ବ୍ୟକ୍ତିର ଉଚ୍ଚ ସାମାଜିକ ସ୍ଥିତି ଅଛି, କିମ୍ବା ବକ୍ତା ନମ୍ରତା ଦେଖାଉଛନ୍ତି।ଏହାର ଅର୍ଥ ନୁହେଁ ଯେ ବକ୍ତା ଜଣେ ପ୍ରକୃତ ସେବକ ଥିଲେ |

(ବନ୍ଧନ, କାର୍ଯ୍ୟ, ପାଳନ, ଗୃହ, ପ୍ରଭୁ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଆଦି ପୁସ୍ତକ 15:13
- ଆଦି ପୁସ୍ତକ 21:10-11
- ଆଦି ପୁସ୍ତକ 25:23
- ଦ୍ୱିତୀୟ ବିବରଣ 24:7

- ଯିରିମୀୟ 30:8-9
- ମାଥିଉ4:10-11
- ମାଥିଉ6:24
- ମାଥିଉ10:24-25
- ମାଥିଉ13:27-28
- ମାର୍କ8:7-10
- ମାର୍କ9:33-35
- ଲୂକ4:8
- ଲୂକ12:37-38
- ଲୂକ12:47-48
- ଲୂକ22:26-27
- ପ୍ରେରିତ4:29-31
- ପ୍ରେରିତ6:2-4
- ପ୍ରେରିତ10:7-8
- ଗାଲାତୀୟ4:3
- ଗାଲାତୀୟ4:24-25
- କଲସୀୟ1:7-8
- କଲସୀୟ3:22-25
- ଦ୍ୱିତୀୟ ତୀମଥି 2:3-5

ବାଇବେଲ କାହାଣୀରୁ ଉଦାହରଣଗୁଡ଼ିକ:

- **6:1** ଅବ୍ରାହମ ଯେତେବେଳେ ଅଧିକ ବୟସ୍କ ହେଲେ ଏବଂ ତାଙ୍କର ପୁତ୍ର, ଇସହାକ୍, ପୁରୁଷ ଭାବରେ ବୃଦ୍ଧି ପାଇଲେ, ଅବ୍ରାହମ ତାଙ୍କର **ଦାସମାନଙ୍କ** ମଧ୍ୟରୁ ଜଣକୁ ପ୍ରେରଣ କଲେ ଯେ ଯେଉଁ ଦେଶରେ ତାଙ୍କର ବଂଶଧର ବସବାସ କରୁଛନ୍ତି ସେହି ଦେଶରୁ ତାଙ୍କର ପୁତ୍ର ଇସ୍ହାକଙ୍କ ବିବାହ ନିମନ୍ତେ ଗୋଟିଏ କନ୍ୟା ଆଣିବ।
- **8:4** ସେହି **କ୍ରୀତଦାସ** ବଣିକମାନେ ଯୋଷେଫଙ୍କୁ ଏକ **କ୍ରୀତଦାସ** ରୂପେ ଜଣେ ଧନଶାଳୀ ସରକାର କାର୍ଯ୍ୟକାରୀଙ୍କୁ ବିକ୍ରୀ କଲେ।
- **9:13** "ମୁଁ (ଈଶ୍ୱର) ତୁମ୍ଭକୁ ଫାରୋଙ୍କ ନିକଟକୁ ପଠାଇବି ଯେପରି ତୁମ୍ଭେ ଇସ୍ରାଏଲ ଲୋକମାନଙ୍କୁ ମିସରରୁ **ଦାସତ୍ୱ** ଅବସ୍ଥାରୁ ବାହାର କାରି ଆଣିବ।"
- **19:10** ପୁଣି ଏଲୀୟ ପ୍ରାର୍ଥନା କଲେ, ହେ ଯିହୋବା, ଅବ୍ରାହମ, ଇସହାକ୍ ଏବଂ ଯାକୁବର ପରମେଶ୍ୱର, ଆଜି ଦେଖାନ୍ତୁ ଯେ ତୁମ୍ଭେ ଇସ୍ରାଏଲର ପରମେଶ୍ୱର ଏବଂ ମୁଁ ହେଉଛି ତୁମ୍ଭର **ଦାସ**।"
- **29:3**"ତହିଁରେ **ଦାସ** ଋଣ ପରିଶୋଧ କରିନ ପାରିଲାରୁ, ରାଜା କହିଲେ, 'ତାହାର ଋଣ ପରିଶୋଧ କରିବା ନିମନ୍ତେ ଏହି ଲୋକ ଓ ତା'ର ପରିବାରକୁ **ଦାସ** ସାଦୃଶ୍ୟ ବିକ୍ରୟ କର।"'
- **35:6** "ମୋ ପିତାଙ୍କ **ଦାସମାନଙ୍କର** ଅନେକ ଖାଇବା ଥାଉଁ ଥାଉଁ ମୁଁ ଏଠାରେ ଭୋକର ଅଭାବରେ ମରୁଛି।"
- **47:4** ସେମାନେ ଚାଲିବାବେଳେ ସେହି **କ୍ରୀତଦାସୀ** ବା ଦାସୀ ଝିଅ ନିରନ୍ତର ପାଟି କହିବାକୁ ଲାଗିଲା, "ସେହି ପୁରୁଷମାନେ ମହାନ ଈଶ୍ୱରଙ୍କର ଦାସ ଅଟନ୍ତି।"
- **50:4** ଯୀଶୁ ମଧ୍ୟ କହିଲେ, "ଜଣେ **ଦାସ** ତାହାର ମାଲିକଠାରୁ ଶ୍ରେଷ୍ଠ ନୁହେଁ"

ଶବ୍ଦବିନ୍ୟାସ:

- (Servant) Strong's: H0519, H5288, H5647, H5649, H5650, H5657, H7916, H8198, H8334, G12490, G14010, G14020, G23240, G34070, G34110, G36100, G38160, G49830, G52570
- (Serve) H0327, H3547, H4929, H4931, H5647, H5656, H5673, H5975, H6213, H6399, H6402, H6440, H6633, H6635, H7272, H8104, H8120, H8199, H8278, H8334, G1247, G1248, G1398, G1402, G1438, G1983, G2064, G2212, G2323, G2999, G3000, G3009, G4337, G4342, G4754, G5087, G5256
- (Enslave) H3533, G2615

ସେଲା

ସଂଜ୍ଞା:

"ସିଲା" ଶବ୍ଦ ହେଉଛି ଏବ୍ରୀୟ ଶବ୍ଦ ଯାହା ଗୀତସଂହିତାରେ ବାରମ୍ବାର ବ୍ୟବହାର୍ ହୋଇଛି ଏହାର କେତେ ଗୁଡିଏ ଅର୍ଥ ରହିଛି

- ଏହାର ଅର୍ଥ ହୋଇପାରେ "ରୁହ ଓ ପ୍ରଂଶସା କର", ଯେଉଁଠି ଶ୍ରୋତାମାନଙ୍କୁ ଯନ୍ତ୍ର ସହକାରେ ଭାବିବେ କଅଣ ସେମାନଙ୍କୁ କୁହାଯାଇଥିଲା
- ଅଧିକାଂଶ ଗୀତସଂହିତା ଗୀତା ଭାବେ ରଚନା ହୋଇଛି, ଏହା ଅନୁଧ୍ୟାନ କରାଯାଏ ଯେ "ସିଲା" ହେଉଛି ଏକ ସଙ୍ଗୀତର ଭାବ ଯେଉଁଥିରେ ସଙ୍ଗୀତଜ୍ଞକୁ ଉପଦେଶ ଦିଆଯାଏ ରହି ରହି ସଙ୍ଗୀତର ତାଳରେ ଗୀତ ବୋଲିବା କିମ୍ବା ଶ୍ରୋତାମାନଙ୍କୁ ଉତ୍ସାହିତ କରାଯାଏ ଯେ ସେମାନେ ସଙ୍ଗୀତର ଶବ୍ଦ ଓ ପଂକ୍ତି କୁ ବୁଝିବା ପରି ଗୀତ ଗାନ କରିବ

(ଦେଖ: ଗୀତସଂହିତା)

ବାଇବଲ ସନ୍ଦର୍ଭ:

- ଗୀତସଂହିତା ୦୦୩:୩-୪
- ଗୀତସଂହିତା ୦୨୪:୫-୬
- ଗୀତସଂହିତା ୦୪୬:୬-୭

ବୋର୍ଡ ଡାଟା :

- Strong's: H5542

ସୈନିକ, ଯୋଦ୍ଧା

ସତ୍ୟ ଘଟଣାବଳୀ:

"ଯୋଦ୍ଧା" କିମ୍ବା "ସୈନିକ" ଶବ୍ଦ ଯିଏ ସେନାରେ ଯୁଦ୍ଧକରେ ତାହାକୁ ଦର୍ଶାଏ I କିନ୍ତୁ ଏଥିରେ କିଛି ଭିନ୍ନତା ମଧ୍ୟ ଅଛି I

- ସାଧାରଣତଃ "ଯୋଦ୍ଧା" ଶବ୍ଦ ଏକ ସାଧାରଣ ଶବ୍ଦ ଅଟେ, ଯିଏ ବରଦାନ ପ୍ରାପ୍ତ ଓ ଯୁଦ୍ଧରେ ସାହାସୀ ଅଟେ ତାହାକୁ ଦର୍ଶାଏ I
- ସାଙ୍କେତିକ ରୂପରେ ଯିହୋବାଙ୍କୁ ଯୋଦ୍ଧା ଭାବରେ ବ୍ୟାଖ୍ୟା କରାଯାଏ I
- "ସୈନିକ "ଶବ୍ଦ ବିଶେଷ ଭାବେ ତାହାକୁ ଦର୍ଶାଏ ଯିଏ ଏକ ବିଶେଷ ସେନାର ଭାଗୀ ଅଟେ କିମ୍ବା ଯିଏ ଏକ ବିଶେଷ ଯୁଦ୍ଧରେ ଯୁଦ୍ଧ କରେ I
- ରୋମୀୟ ସୈନିକମାନେ ଯିରୂଶାଲମରେ ଏକ କ୍ରମକୁ ରଖନ୍ତି ଏବଂ ଏକ କାର୍ଯ୍ୟକୁ କରନ୍ତି ଯେପରି କି ବନ୍ଦୀମାନଙ୍କୁ ମୃତ୍ୟୁଦଣ୍ଡ ଦେବା ନିମନ୍ତେ କାର୍ଯ୍ୟ କରନ୍ତି I ଯୀଶୁଙ୍କର କ୍ରୁଶାର୍ପିତ ପୂର୍ବରୁ ତାହାଙ୍କୁ ସେମାନେ ଘେରାବନ୍ଦୀ କଲେ ଏବଂ କେତେକଙ୍କୁ ତାହାଙ୍କର କବର ଘେରାବନ୍ଦୀ କରିବା ନିମନ୍ତେ ଏହି ଆଜ୍ଞା ମଧ୍ୟ ଦିଆଗଲା I
- ଅନୁବାଦକକୁ ଏହା ଧ୍ୟାନ ଦେବା ଉଚିତ ଅଟେ ଯେ ଏହି ସ୍ଥାନୀୟ ଭାଷାରେ "ଯୋଦ୍ଧା" ଓ "ସୈନିକ" ନିମନ୍ତେ ଅଲଗା ଶବ୍ଦ ଅଛି କି ନାହିଁ I

(ସାହାସ, କ୍ରୁଶାର୍ପିତ, ରୋମ, କବର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ବଂଶାବଳୀ 21:5
- ପ୍ରେରିତ 21:33
- ଲୂକ 3: 14
- ଲୂକ 23:11
- ମାଥିଉ 8:8-10

ଶବ୍ଦବିନ୍ୟାସ :

- Strong's: H0352, H0510, H1368, H1416, H1995, H2389, H2428, H2502, H3715, H4421, H5971, H6518, H6635, H7273, H7916, G46860, G47530, G47540, G47570, G47580, G49610

ସ୍ତମ୍ଭ

ପରିଭାଷା:

"ସ୍ତମ୍ଭ" ଶବ୍ଦ ସାଧାରଣତଃ ଏକ ବିଶାଳ ଲମ୍ବାକାର ଆକୃତିକୁ ବୁଝାଏ ଯାହା ଗୋଟିଏ ଛାତକୁ କିମ୍ବା କୋଠାର ଅନ୍ୟ ଅଂଶକୁ ଧରିରଖିଥାଏ I "ସ୍ତମ୍ଭ" ନିମନ୍ତେ ଆଉ ଏକ ଶବ୍ଦ "ଖୁମ୍ବ" ରହିଛି I

- ବାଇବଲ ସମୟରେ, ଅଟ୍ଟାଳିକାରେ ସମର୍ଥନ ଭାବରେ ବ୍ୟବହୃତ ସ୍ତମ୍ଭଗୁଡ଼ିକ ସାଧାରଣତଃ ଗୋଟିଏ ପଥରରେ ତିଆରି ହୋଇଥିଲା I
- ପୁରାତନ ନିୟମରେ ଯେତେବେଳେ ଶାମ୍ଶୋନ୍ ପଲେଷ୍ଟୀୟମାନଙ୍କ ଦ୍ୱାରା କାବୁ ହୋଇଥିଲେ, ସେତେବେଳେ ସେ ସେମାନଙ୍କର ମନ୍ଦିରକୁ ଧ୍ୱଂସ କରିବାକୁ ସ୍ତମ୍ଭକୁ ଠେଲି ଦେଇ ମନ୍ଦିରକୁ ଭାଙ୍ଗି ଦେଇଥିଲେ I
- "ସ୍ତମ୍ଭ" ଶବ୍ଦ ବେଳେବେଳେ ଏକ ବିରାଟ ପଥର କିମ୍ବା ପ୍ରସ୍ତର ଖଣ୍ଡକୁ ବୁଝାଏ ଯାହା ସ୍ମରଣୀୟ ପ୍ରସ୍ତ ଭାବରେ ଏକ ସମାଧି କିମ୍ବା ଘଟିଥିବା ଏକ ମହତ୍ୱପୂର୍ଣ୍ଣ ଘଟଣାର ସ୍ଥାନକୁ ଚିହ୍ନିତ କରିବା ପାଇଁ ସ୍ଥାପନ କରାଯାଇଥାଏ I
- ଏହା ମଧ୍ୟ ଏକ ମିଥ୍ୟା ଦେବତାର ଉପାସନା କରିବା ନିମନ୍ତେ ନିର୍ମିତ ହୋଇଥିବା ଏକ ପ୍ରତିମାକୁ ସୂଚାଇପାରେ I ଏହା "ଖୋଦିତ ପ୍ରତିମାର" ଅନ୍ୟ ଏକ ନାମ ଅଟେ ଏବଂ "ମୂର୍ତ୍ତି" କିମ୍ବା "ପ୍ରତିମୂର୍ତ୍ତୀ" ଭାବରେ ଅନୁବାଦ କରାଯାଇପାରେ I
- "ସ୍ତମ୍ଭ" ଶବ୍ଦ ଏଭଳି ଏକ ବିଷୟକୁ ସୂଚାଏ ଯାହାର ଆକାର ଏକ ସ୍ତମ୍ଭ ଭଳି ଥାଏ, ଯଥା; "ଅଗ୍ନି ସ୍ତମ୍ଭ" ଯାହା ଇସ୍ରାଏଲୀୟମାନଙ୍କୁ ରାତ୍ରୀ ସମୟରେ ପ୍ରାନ୍ତର(ମରୁଭୂମି) ମଧ୍ୟରେ କଢ଼ାଇ ନେଲା କିମ୍ବା "ଲବଣ ସ୍ତମ୍ଭ" ଯାହା ଲୋଟଙ୍କ ସ୍ତ୍ରୀ ନଗରୀକୁ ପଛକୁ ଅନାଇ ପାଲଟିଥିଲା I
- ଗୋଟିଏ ଗୃହକୁ ସାହାଯ୍ୟ କରିବା ନିମନ୍ତେ ଏକ ଗଠନ ଭାବରେ, ଏହି "ସ୍ତମ୍ଭ" ଶବ୍ଦ କିମ୍ବା "ସ୍ତମ୍ଭ"କୁ "ସିଧାସଳଖ ସହାୟକାରୀ କଡି" କିମ୍ବା "ସାହାଯ୍ୟକାରୀଏ ପ୍ରସ୍ତର ଆକୃତି" ବୋଲି ଅନୁବାଦ କରାଯାଇପାରେ I
- "ସ୍ତମ୍ଭର" ଅନ୍ୟ ବ୍ୟବହାରଗୁଡ଼ିକୁ ପୃଷ୍ଠଭୂମି ଉପରେ ଆଧାର କରି "ପ୍ରତିମୂର୍ତ୍ତି" କିମ୍ବା "ଗଦା" କିମ୍ବା "ସ୍ତୁପ" କିମ୍ବା "କୀର୍ତ୍ତିସ୍ତମ୍ଭ " କିମ୍ବା ବିରାଟ "ଢିପ" ବୋଲି ଅନୁବାଦ କରାଯାଇପାରେ I

(ମୂଳଦୁଆ, ମିଥ୍ୟା ଦେବତା, ପ୍ରତିମା ଦେଖନ୍ତୁ)

ବାଇବେଲ ପଦପର୍ବଗୁଡ଼ିକ:

- ଦ୍ୱିତୀୟ ରାଜାବଳୀ 18:4
- ଯାତ୍ରା ପୁସ୍ତକ 13:21
- ଯାତ୍ରା ପୁସ୍ତକ 33:9
- ଆଦି ପୁସ୍ତକ 31:45
- ହିତୋପଦେଶ 9: 1-2

ଶବ୍ଦବିନ୍ୟାସ :

- Strong's: H0352, H0547, H2106, H2553, H3730, H4552, H4676, H4678, H4690, H5324, H5333, H5982, H8490, G47690

ସ୍ଥାପନା କରିବା, ପ୍ରତିଷ୍ଠାତା, ମୂଳଦୁଆ

ପରିଭାଷା:

"ସ୍ଥାପନା କରିବା" ବାକ୍ୟର ଅର୍ଥ ନିର୍ମାଣ କରିବା, ସୃଷ୍ଟି କରିବା କିମ୍ବା ମୂଳଦୁଆ ରଖିବା ଅଟେ I "ଉପରେ ସ୍ଥାପିତ" ବାକ୍ୟାଂଶର ଅର୍ଥ ସମର୍ଥନ କରିବା କିମ୍ବା ଆଧାରିତ ଅଟେ I ଏକ "ମୂଳଦୁଆ" ସମର୍ଥନ କିମ୍ବା ସହାୟତାର ଆଧାର ଯାହା ଉପରେ କିଛି ନିର୍ମାଣ ହେବ କିମ୍ବା ସୃଷ୍ଟି ହେବ I

- ଘର କିମ୍ବା କୋଠାର ମୂଳଦୁଆ ସମର୍ଥନ କରିବା ପାଇଁ ମୂଳଦୁଆ ଦୃଢ଼ ଏବଂ ନିର୍ଭରଶୀଳ ହେବା ଜରୁରୀ ଅଟେ I
- "ମୂଳଦୁଆ" ଶବ୍ଦ ମଧ୍ୟ ଆରମ୍ଭ କିମ୍ବା ସେହି ସମୟକୁ ସୂଚାଇପାରେ ଯେତେବେଳେ କିଛି ପ୍ରଥମେ ନିର୍ମିତ ହୋଇଥିଲା I
- ଏକ ସାଙ୍କେତିକ ଅର୍ଥରେ, ଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀମାନଙ୍କୁ ଏକ ଅଟ୍ଟାଳିକା ସହିତ ତୁଳନା କରାଯାଏ ଯାହା ପ୍ରେରିତ ଏବଂ ଭବିଷ୍ୟଦ୍‌ବକ୍ତାଙ୍କ ଶିକ୍ଷା ଉପରେ ଆଧାରିତ, ଖ୍ରୀଷ୍ଟ ନିଜେ ଗୃହର ମୂଳଦୁଆ ଅଟନ୍ତି I
- ଏକ "ମୂଳଦୁଆ ପ୍ରସ୍ତର" ଏକ ପ୍ରସ୍ତର ଥିଲା ଯାହା ମୂଳଦୁଆର ଅଂଶ ଭାବରେ ରଖାଯାଇଥିଲା I ଏହି ପ୍ରସ୍ତରଗୁଡ଼ିକ ସମଗ୍ର ଗୃହକୁ ସମର୍ଥନ କରିବାକୁ ଯଥେଷ୍ଟ ଶକ୍ତିଶାଳୀ ବୋଲି ନିଶ୍ଚିତ କରିବାକୁ ପରୀକ୍ଷଣ କରାଯାଉଥିଲା I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ଜଗତର ଉତ୍ପନ ପୂର୍ବେ" ବାକ୍ୟାଂଶକୁ "ଜଗତର ସୃଷ୍ଟି ପୂର୍ବରୁ" କିମ୍ବା "ସମୟର ପୂର୍ବରୁ ଯେତେବେଳେ ପୃଥିବୀ ପ୍ରଥମରେ ଅସ୍ତିତ୍ୱକୁ ଆସିଲା" କିମ୍ବା "ସବୁକିଛି ପ୍ରଥମେ ସୃଷ୍ଟି ହେବା ପୂର୍ବରୁ" ବୋଲି ଅନୁବାଦ କରାଯାଇପାରେ I
- "ଉପରେ ସ୍ଥାପିତ" ବାକ୍ୟାଂଶକୁ "ସୁରକ୍ଷିତ ଭାବରେ ନିର୍ମିତ" କିମ୍ବା "ଦୃଢ଼ ଭାବରେ ଆଧାରିତ" ବୋଲି ଅନୁବାଦ କରାଯାଇପାରେ I
- ପ୍ରସଙ୍ଗକୁ ଆଧାର କରି, 'ମୂଳଦୁଆ" ବାକ୍ୟାଂଶକୁ "ଦୃଢ ଆଧାର" କିମ୍ବା "ସୁଦୃଢ ସମର୍ଥନ" କିମ୍ବା "ଆରମ୍ଭ" କିମ୍ବା "ସୃଷ୍ଟି" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ: କୋଣର ପ୍ରଧାନ ପ୍ରସ୍ତର, ସୃଷ୍ଟି)

ବାଇବେଲ ପଦପର୍ବ:

- ପ୍ରଥମ ରାଜାବଳୀ ୬:୩୭-୩୮
- ଦ୍ୱିତୀୟ ବଂଶାବଳୀ ୩:୧-୩
- ଯିହିଜିକଲ ୧୩:୧୩-୧୪
- ଲୂକ ୧୪:୨୯
- ମାଥିଉ ୧୩: ୩୫
- ମାଥିଉ ୨୫:୩୪

ଶବ୍ଦବିନ୍ୟାସ:

- H0134, H0787, H2713, H3245, H3247, H3248, H4143, H4144, H4146, H4328, H4349, H4527, H8356, G23100, G23110, G26020

ସ୍ମରଣୀୟ, ସ୍ମରଣୀୟ ନୈବେଦ୍ୟ

ସଂଜ୍ଞା:

"ସ୍ମରଣୀୟ" ଶବ୍ଦ ସେହି କାର୍ଯ୍ୟ କିଅବା ବସ୍ତୁ କୁ ଦର୍ଶାଏ ଯାହା କାହାକୁ କିମ୍ବା କୌଣସି ବସ୍ତୁ କୁ ମନେ ପକାଇବାକୁ ପଡ଼େ I ଏହି ଶବ୍ଦ ମଧ୍ୟ ଏକ ଉଦ୍ଦେଶ୍ୟ ଭାବରେ ବ୍ୟବହୃତ ହୁଏ କି ଏକ ବସ୍ତୁ କୁ ବ୍ୟବହାର କରି ଆଉ ଏକ ବସ୍ତୁ କୁ ମନେ ପକାଇବା, ଯେପରିକି "ସ୍ମରଣୀୟ ନୈବେଦ୍ୟ "କିଅବା "ସ୍ମରଣୀୟ ଭାଗ"ଯାହା ଏକ ବଳିଦାନ "ସ୍ମରଣୀୟ ପଥର ଅଟେ "ଅଟେ I

- ପୁରାତନ ନିୟମରେ, ସ୍ମରଣୀୟ ନୈବେଦ୍ୟ କୁ ରଖା ଯାଇଥିଲା କି ଇସ୍ରାଏଲ ଲୋକମାନେପାରେଶ୍ୱର କଅଣ କରି ଅଛନ୍ତି ମନେ ରଖି ପାରନ୍ତି I
- ପରମେଶ୍ୱର ଇସ୍ରାଏଲ ର ଯାଜକମାନଙ୍କୁ ଏକ ବିଶେଷ ବସ୍ତ୍ର ପରିଧାନ କରିବାକୁ କହିଥିଲେ ଯେଉଁ ଠାରେ ସ୍ମରଣୀୟ ପଥରଥିଲା I

ଏହି ପଥର ସବୁରେ ବାର ଜାତିର ନାମ ଖୋଦା ଯାଇଥିଲା I ଏହିସବୁ ବୋଧେ ଏଥି ପାଇଁ କି ପରମେଶ୍ୱରଙ୍କର ବିଶ୍ୱସ୍ତତା ସେମାନେ ମନେ ରଖନ୍ତୁ I

- ନୂତନ ନିୟମରେ, ପରମେଶ୍ୱର ଏକ ବ୍ୟକ୍ତି କୁ ସମ୍ମାନ କଲେ ଯାହାର ନାମ କରନେଲିୟାସଥିଲା କାରଣ ତାହାର ଗରିବ ଲୋକଙ୍କ ପ୍ରତି ସେବାକୁ I

ଏହି ସବୁ କାମ ପରମେଶ୍ୱରଙ୍କର ସମ୍ମୁଖରେ "ସ୍ମରଣୀୟ" କୁହାଯାଏ I

ଅନୁବାଦ ପ୍ରସ୍ତାବ:

- ଏହାକୁ "ଚୀର ସ୍ମରଣୀୟ "ରୂପରେ ମନେ ରଖା ଯିବ I
- "ଏକ "ସ୍ମରଣୀୟ ପଥର "କୁ "ଏକ ପଥର ଯାହା ତାହାଙ୍କୁ କିଛି ମନେ ପକାଏ" ରୂପରେ ଅନୁବାଦ କରାଯାଏ I

ବାଇବଲ ପଦପର୍ବ:

- ପ୍ରେରିତ ୧୦:୩-୬
- ଯାତ୍ରାପୁସ୍ତକ ୧୨:୧୨-୧୪
- ଯିଶାଇୟ ୬୬:୩
- ଜିହୁଶ୍ୟ ୦୪:୬-୭
- ଲେବୀୟ ବ୍ୟବସ୍ଥା ୨୩:୨୩-୨୫

ବୋର୍ଡ ଡାଟା :

- Strong's: H2142, H2146, G3422

ସ୍ୱପ୍ନ

ସଂଜ୍ଞା:

ଗୋଟିଏ ସ୍ୱପ୍ନ କିଛି ବିଷୟ ଅଟେ ଯେ ଯେତେବେଳେ ସେମାନେ ଶୋଉଅଛନ୍ତି ଲୋକମାନେ ସେମାନଙ୍କ ମନଗୁଡିକରେ ଦେଖିବେ ନତୁବା ଅନୁଧ୍ୟାନ କରିବେ ।

- ସ୍ୱପ୍ନଗୁଡିକ ବହୁବାର ଲାଗେ ଯେପରିକି ସେମାନେ ପ୍ରକୃତରେ ଘଟୁଅଛି, କିନ୍ତୁ ସେମାନେ ନୁହନ୍ତି ।
- ସମୟ ସମୟରେ ଈଶ୍ୱର କିଛି ବିଷୟରେ ଲୋକଙ୍କୁ ସ୍ୱପ୍ନ ଦେଖାଇବାର କାରଣ ଯେପରି ସେମାନେ ଏହାଠାରୁ ଶିଖିପାରନ୍ତି ।

ସେ ମଧ୍ୟ ସେମାନଙ୍କର ସ୍ୱପ୍ନଗୁଡିକରେ ଲୋକମାନଙ୍କୁ ସିଧାସଳଖ ଭାବେ କଥା କହିପାରନ୍ତି ।

- ବାଇବଲରେ, କିଛି ଲୋକଙ୍କୁ ଈଶ୍ୱର ବହୁବାର କିଛି ବିଷୟରେ, ସେମାନଙ୍କୁ ଗୋଟିଏ ସମ୍ବାଦ ଦେବାକୁ ବିଶେଷ ସ୍ୱପ୍ନଗୁଡିକ ଦେଲେ ଯାହା ଭବିଷ୍ୟତରେ ଘଟିପାରେ ।
- ଏକ ସ୍ୱପ୍ନ ଏକ ଦର୍ଶନଠାରୁ ଭିନ୍ନ ଅଟେ ।

ସ୍ୱପ୍ନଗୁଡିକ ଘଟେ ଯେତେବେଳେ ଜଣେ ବ୍ୟକ୍ତି ଶୋଇଥାଏ, କିନ୍ତୁ ଦର୍ଶନଗୁଡିକ ସାଧାରଣତଃ ଘଟେ ଯେତେବେଳେ ଜଣେ ବ୍ୟକ୍ତି ଜାଗ୍ରତ ଥାଏ ।

(ପୁନଶ୍ଚ ଦେଖନ୍ତୁ: ଦର୍ଶନ)

ବାଇବଲ ଉଲ୍ଲେଖଗୁଡିକ:

- ପ୍ରେରିତ ୦୨: ୧୬-୧୭
- ଦାନୀୟେଲ ୦୧: ୧୭-୧୮
- ଦାନୀୟେଲ ୦୨: ୧-୨
- ଆଦିପୁସ୍ତକ ୩୭: ୫-୬
- ଆଦିପୁସ୍ତକ ୪୦: ୪-୫
- ମାଥିଉ ୦୨: ୧୩-୧୫
- ମାଥିଉ ୦୨: ୧୯-୨୧

ବାଇବଲ କାହାଣୀଗୁଡିକଠାରୁ ଉଦାହରଣଗୁଡିକ:

- **୦୮:୦୨** ଯୋଷେଫଙ୍କର ଭାତୃମାନେ ଯେହେତୁ ସେମାନଙ୍କର ପିତା ତାଙ୍କୁ ଅତ୍ୟଧିକ ଭଲ ପାଇଲେ ତାଙ୍କୁ ଘୃଣା କଲେ ଆଉ କାରଣ ଯୋଷେଫ **ସ୍ୱପ୍ନ ଦେଖିଥିଲେ** ଯେ ସେ ସେମାନଙ୍କର ଶାସକ ହେବେ ।
- **୦୮:୦୬** ଦିନେ ରାତ୍ର, ଫାରୋ, ଯେଉଁଥିରେ ମିସରୀମାନେ ସେମାନଙ୍କ ରାଜାମାନଙ୍କ ଦ୍ୱାରା କ'ଣ ଡକାଗଲେ, ଦୁଇଟି _ ସ୍ୱପ୍ନଥିଲା _ ଯାହା ତା'ଙ୍କୁ ବୃହତଭାବେ ବିଚଳିତ କଲା ।

ତା'ହାଙ୍କର ପରାମର୍ଶଦାତାଗଣ କେହିହେଲେ **ସ୍ୱପ୍ନଗୁଡିକର** ଅର୍ଥ ତା'ଙ୍କୁ କହିପାରିଲେ ନାହିଁ ।

- **୦୮:୦୭** ଈଶ୍ୱର ସ୍ୱପ୍ନଗୁଡିକର_ ଅନୁବାଦ_ କରିବାକୁ ଯୋଷେଫଙ୍କୁ ଦକ୍ଷତା ଦେଇଥିଲେ, ତେଣୁ ଫାରୋ ଯୋଷେଫଙ୍କୁ ବନ୍ଦୀଶାଳାରୁ ତା'ଙ୍କ ନିକଟକୁ ଅଣାଗଲେ ।

ଯୋଷେଫ ତା'ଙ୍କ ନିମନ୍ତେ **ସ୍ୱପ୍ନଗୁଡିକର** ଅନୁବାଦ କଲେ ଏବଂ କହିଲେ, " ଈଶ୍ୱର ସାତ ବର୍ଷ ପ୍ରଚୁରଭାବେ ଅମଳ କରିବାକୁ ଯାଉଛନ୍ତି ତା'ପଛରେ ସାତ ବର୍ଷର ଦୁର୍ଭିକ୍ଷ ଅନୁଗମନ କରିବ ।"

- **୧୬:୧୧** ସେହି ରାତ୍ର, ଗିଦିୟନ ଛାଉଣୀକୁ ଗଲେ ଏବଂ ଶୁଣିଲେ ଜଣେ ମିଦୀୟ ସୈନିକ ତା'ଙ୍କ ବନ୍ଧୁଙ୍କୁ ସେ ଦେଖିଥିବା **ସ୍ୱପ୍ନ** ବିଷୟରେ କିଛି କହୁଛି ।

ବ୍ୟକ୍ତିଙ୍କର ବନ୍ଧୁଙ୍କୁ କହିଲା, "ଏହି _ ସ୍ୱପ୍ନ _ ଅର୍ଥ ଯେ ଗିଦିୟନର ସୈନ୍ୟ ମିଦୀୟ ସୈନ୍ୟମାନଙ୍କୁ ପରାସ୍ତ କରିବ !"

- **୨୩:୦୧** ସେ (ଯୋଷେଫ) ତା'ଙ୍କୁ (ମରିୟମ)ଙ୍କୁ ଲଜ୍ୟା ଦେବାକୁ ଚାହିଁଲେ ନାହିଁ, ତେଣୁ ସେ ତା'ଙ୍କୁ ଗୋପନରେ ପରିତ୍ୟାଗ କରିବାକୁ ଯୋଜନା କଲେ ।

ସେ ସେହିପରି କରିବା ପୂର୍ବରୁ, ଜଣେ ଦୂତ ଆସିଲେ ଏବଂ ତା' ଙ୍କୁ ଗୋଟିଏ **ସ୍ୱପ୍ନରେ** କଥା କହିଲେ ।

ବୋର୍ଡ ଡାଟା :

- Strong's: H1957, H2472, H2492, H2493, G1797, G1798, G3677

ସ୍ୱର

ପରିଭାଷା:

"ସ୍ୱର" ଶବ୍ଦ ଶବ୍ଦକୁ ବୁଝାଏ ଯାହା ଜଣେ ବ୍ୟକ୍ତି କହିବା କିମ୍ବା ପ୍ରକାଶ କରିବା ସମୟରେ କରେ । ବାଇବେଲରେ, ଶବ୍ଦଟି ଶବ୍ଦ, ପ୍ରକାଶ ଏବଂ / କିମ୍ବା ଆଜ୍ଞାର ଧାରଣାକୁ ସୂଚାଇବା ନିମନ୍ତେ ସାଙ୍କେତିକ ଭାବରେ ବ୍ୟବହାର କରାଯାଇଛି I

ଅନୁବାଦ ପ୍ରସ୍ତାବଗୁଡ଼ିକ

- "କାହାର ସ୍ୱର ଶୁଣିବା" ଅଭିବ୍ୟକ୍ତିର ଅର୍ଥ ହୁଏତ "କାହା କଥା ଶୁଣିବା" କିମ୍ବା "କେହି ଯାହା କହୁଛନ୍ତି ତାହା ଶୁଣିବା" କୁ ବୁଝାଏ ।
- ବାଇବେଲ ଈଶ୍ୱରଙ୍କୁ "ବାକ୍ୟ" ଏବଂ "ସ୍ୱର" ବୋଲି ବର୍ଣ୍ଣନା କରେ, ଯଦିଓ ଈଶ୍ୱରଙ୍କ ମନୁଷ୍ୟ ଭଳି ଶାରୀରିକ ଶରୀର ନାହିଁ ।
- ଶବ୍ଦ "ସ୍ୱର" ବେଳେବେଳେ ଜଣେ ବ୍ୟକ୍ତିଙ୍କ ଉପସ୍ଥିତିକୁ ବୁଝାଏ, ଯେପରି ଏହି ବିବୃତ୍ତିରେ: "ମରୁଭୂମିରେ ଏକ ସ୍ୱର ଶୁଣାଯାଏ, 'ପ୍ରଭୁଙ୍କ ପଥ ପ୍ରସ୍ତୁତ କର।' ଏହାକୁ ଏପରି ଅନୁବାଦ କରାଯାଇପାରେ "ମରୁଭୂମିରେ ଜଣେ ବ୍ୟକ୍ତି ଡାକିବାର ସ୍ୱର ଶୁଣାଯାଏ...।" (synecdoche ଦେଖନ୍ତୁ)
- ବେଳେବେଳେ "ସ୍ୱର" ଶବ୍ଦ ବସ୍ତୁଗୁଡ଼ିକ ପାଇଁ ବ୍ୟବହୃତ ହୁଏ ଯାହା ଆକ୍ଷରିକ ଭାବରେ କଥା କହିପାରିବେ ନାହିଁ, ଯେପରିକି ଯେତେବେଳେ ଦାଉଦ ଗୀତରେ ଚିତ୍କାର କରନ୍ତି ଯେ ଆକାଶର ଏକ "ସ୍ୱର" ହେଲା ଯାହା ସମଗ୍ର ପୃଥିବୀରେ ଶୁଭାଯାଏ । ଏହାର ଅର୍ଥ ଏହା ଯେ ଆକାଶରେ ଥିବା ବସ୍ତୁଗୁଡ଼ିକ ମନୁଷ୍ୟକୁ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ବିଷୟରେ କିଛି ବିଷୟକୁ ପ୍ରକାଶ କରେ । (metaphor ଦେଖନ୍ତୁ)I

(ଆହ୍ୱାନ, ଘୋଷଣା କରିବା, ବୈଭବ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯୋହନ 5:36-38
- ଲୂକ 1:42
- ଲୂକ 9:35
- ମାଥିଉ 3:17
- ମାଥିଉ 12:19

ଶବ୍ଦବିନ୍ୟାସ:

- Strong's: H6963, H7032, H7445, H8193, G29060, G54560

ସ୍ୱର୍ଣ୍ଣ, ସ୍ୱର୍ଣ୍ଣମୟ

ପରିଭାଷା

ସ୍ୱର୍ଣ୍ଣ ହଳଦିଆ ଏବଂ ଉଚ୍ଚ ଗୁଣର ଧାତୁ ଅଟେ ଯାହା ଅଳଙ୍କାର ସମୂହର ଏବଂ ଧାର୍ମିକ ବସ୍ତୁର ନିର୍ମାଣ କରିବା ନିମନ୍ତେ ବ୍ୟବହୃତ ହୁଏ I ଏହା ପ୍ରାଚୀନ କାଳରେ ସବୁଠାରୁ ମୂଲ୍ୟବାନ ଧାତୁଥିଲା I

- ବାଇବେଲ ସମୟରେ, ଅଲଗା ଅଲଗା ବସ୍ତୁ ଚୋଖା ସ୍ୱର୍ଣ୍ଣରେ ନିର୍ମିତ ହେଉଥିଲେ କିମ୍ବା ସ୍ୱର୍ଣ୍ଣର ମୋଟା ପରତରେ ଢ଼ାକି ଦିଆ ଯାଉଥିଲା I
- ଏହି ବସ୍ତୁଗୁଡ଼ିକରେ କାନଫୁଲ ଏବଂ ଅନ୍ୟାନ୍ୟ ଅଳଙ୍କାର, ଏବଂ ପ୍ରତିମା, ଯଜ୍ଞବେଦୀ, ଏବଂ ତମ୍ବୁ କିମ୍ବା ମନ୍ଦିରରେ ବ୍ୟବହୃତ ଅନ୍ୟାନ୍ୟ ବସ୍ତୁ ଯେପରିକି ନିୟମ ସିନ୍ଦୁକ ଅନ୍ତର୍ଭୁକ୍ତ ଥିଲା I
- ପୁରାତନ ନିୟମର ସମୟରେ, ସ୍ୱର୍ଣ୍ଣ କ୍ରୟ ଏବଂ ବିକ୍ରୟ ଏବଂ ଆଦାନ ପ୍ରଦାନ ନିମନ୍ତେ ବ୍ୟବହୃତ ହେଉଥିଲା I ଏହାର ମୂଲ୍ୟ ଏକ ତରାଜୁରେ ଆଙ୍କଳନ କରାଯାଉଥିଲା I
- ପରେ, ସ୍ୱର୍ଣ୍ଣ ଏବଂ ଅନ୍ୟ ବସ୍ତୁ ଯେପରି କି ରୁପା ପଇସା ରୂପରେ କ୍ରୟ ଏବଂ ବିକ୍ରୟ ନିମନ୍ତେ ବ୍ୟବହୃତ ହେଉଥିଲା I
- କୌଣସି ବସ୍ତୁକୁ ଦର୍ଶାଇବାକୁ ଯାହା ପ୍ରକୃତରେ ସ୍ୱର୍ଣ୍ଣ ନୁହେଁ, କିନ୍ତୁ କେବଳ ସ୍ୱର୍ଣ୍ଣ ପରତରେ ଢ଼ାକି ଦିଆଯାଏ, "ସ୍ୱର୍ଣମୟ" କିମ୍ବା "ସ୍ୱର୍ଣ- ଆବୃତ "କିମ୍ବା "ସ୍ୱର୍ଣ୍ଣ ମଢ଼ାଯିବା" ଶବ୍ଦସବୁ ବ୍ୟବହୃତ କରି ଏହି ଶବ୍ଦଗୁଡ଼ିକୁ ଅନୁବାଦ କରାଯାଇପାରେ I
- ବେଳେ ବେଳେ ଗୋଟିଏ ବସ୍ତୁକୁ "ସ୍ୱର୍ଣ ରଙ୍ଗରେ" ବାଖ୍ୟା କରାଯାଏ, ଯାହାର ଅର୍ଥ ଏହା ସ୍ୱର୍ଣ୍ଣ ହଳଦିଆ ରଙ୍ଗ ଅଟେ କିନ୍ତୁ ବାସ୍ତବରେ ସ୍ୱର୍ଣ୍ଣରେ ନିର୍ମିତ ନୁହେଁ I

(ବେଦୀ, ନିୟମ ସିନ୍ଧୁକ, ମିଥ୍ୟା ଦେବତା , ରୂପା, ମିଳାପ ତମ୍ବୁ, ମନ୍ଦିର: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରଥମ ପିତର 1:7
- ପ୍ରଥମ ତିମଥି 2:8-10
- ଦ୍ୱିତୀୟ ବଂଶାବଳୀ 1:15
- ପ୍ରେରିତ 3:6
- ଦାନିୟେଲ 2:32

ଶବ୍ଦବିନ୍ୟାସ :

- Strong's: H1220, H1722, H2091, H2742, H3800, H5458, H6884, H6885, G55520, G55530, G55540, G55570

ସ୍ୱାଧିନ ହେବା,ସ୍ୱାଧିନ ପ୍ରାପ୍ତ,ସ୍ୱାଧିନ, ସ୍ୱାଧିନ ବ୍ୟକ୍ତି,ସ୍ୱଇଚ୍ଛା, ସ୍ୱତନ୍ତ୍ରତା

ପରିଭାଷା:

"ସ୍ୱାଧିନ" କିମ୍ବା "ସ୍ୱାଧିନତା "ଶବ୍ଦ ଦାସତ୍ୱରେ ନରହିବା କିମ୍ବା କୌଣସି ବନ୍ଧନରେ ନରହିବାକୁ ଦର୍ଶାଏ I "ସ୍ୱାଧିନତା" ନିମନ୍ତେ ଆଉ ଏକ ଶବ୍ଦ "ସ୍ୱତନ୍ତ୍ରତା" ଅଟେI

- "କାହାକୁ ମୁକ୍ତ" କିମ୍ବା "କାହାକୁ ସ୍ୱାଧିନ କରିବା"ର ଅର୍ଥ କେହି ଦାସତ୍ୱ କିମ୍ବା ବନ୍ଦୀ ଅବସ୍ଥାରେ ନହେବା ପାଇଁ ଏକ ମାର୍ଗ ପ୍ରଦାନ କରିବା ଅଟେ I
- ବାଇବେଲରେ, ଏହି ଶବ୍ଦସବୁକୁ ସାଙ୍କେତିକ ରୂପରେ ଖ୍ରୀଷ୍ଟଙ୍କଠାରେ ଏକ ବିଶ୍ୱାସୀ ଆଉ ପାପର ଶକ୍ତି ତଳେ ନାହିଁ ବୋଲି ଦର୍ଶାଇବାକୁ ବ୍ୟବହାର କରାଯାଇଅଛି I
- "ସ୍ୱାଧିନତା "କିମ୍ବା "ସ୍ୱତନ୍ତ୍ରତା "ପ୍ରାପ୍ତ କରିବା ଅର୍ଥ ମୋଶାଙ୍କ ବ୍ୟବସ୍ଥା ମାନିବାର ଆଉ ଆବଶ୍ୟକତା ନାହିଁକୁ ଦର୍ଶାଏ, କିନ୍ତୁ ସ୍ୱାଧିନ ରୂପରେ ପବିତ୍ର ଆତ୍ମାଙ୍କ ଶିକ୍ଷା ଓ ପଥ ପ୍ରଦର୍ଶନରେ ଜୀବନଯାପନ କରିବାକୁ ବୁଝାଏ I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- "ସ୍ୱାଧିନ" ଶବ୍ଦକୁ ଏକ ଶବ୍ଦ କିମ୍ବା ବାକ୍ୟାଂଶ ଦ୍ୱାରା ଅନୁବାଦ କରାଯାଇପାରେ ଯାହାର ଅର୍ଥ "ବନ୍ଧନ ନୁହଁ "କିମ୍ବା "ଦାସତ୍ୱ ନୁହଁ ' କିମ୍ବା "ଦାସତ୍ୱରେ ନୁହଁ" କିମ୍ବା "କାରାରୋଧରେ ନୁହଁ" ଅଟେI
- "ସ୍ୱାଧିନତା " କିମ୍ବା " ସ୍ୱତନ୍ତ୍ରତା "ଶବ୍ଦକୁ ଏକ ଶବ୍ଦ କିମ୍ବା ବାକ୍ୟାଂଶ ଦ୍ୱାରା ଅନୁବାଦ କରାଯାଏ ଯାହାର ଅର୍ଥ "ମୁକ୍ତ ଅବସ୍ଥା "କିମ୍ବା "କ୍ରିତ ଦାସ ନହେବାର ଅବସ୍ଥା "କିମ୍ବା ବନ୍ଦିତ୍ୱରେ ବନ୍ଧା ନହେବା" ଅଟେI
- "ମୁକ୍ତ କରିବା" ଅଭିବ୍ୟକ୍ତିକୁ "ସ୍ୱାଧିନ ନିମନ୍ତେ କାରଣ" କିମ୍ବା "ଦାସତ୍ୱରୁ ମୁକ୍ତ କରିବା" କିମ୍ବା "ବନ୍ଧନରୁ ମୁକ୍ତ କରିବା" ବୋଲି ଅନୁବାଦ କରାଯାଇପାରେ I
- ଯେଉଁ ବ୍ୟକ୍ତିକୁ "ସ୍ୱାଧିନ କରାଯାଇଅଛି "ତାହାକୁ ଛାଡ଼ି ଦିଆଯାଇଅଛି "କିମ୍ବା "ତାହାର ବନ୍ଧନ କିମ୍ବା ଦାସତ୍ୱ ତାହାଠାରୁ ନିଆ ଯାଇଅଛି" I

(ବନ୍ଧନ ଦାସତ୍ୱ, ଦାସ: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଗଲାତୀୟ 4:26
- ଗାଲାତୀୟ 5: 1
- ଯିଶାଇୟ 61: 1
- ଲେବୀୟ ପୁସ୍ତକ 25:10
- ରୋମୀୟ 6:18

ଶବ୍ଦବିନ୍ୟାସ :

- Strong's: H1865, H2600, H2666, H2668, H2670, H3318, H4800, H5068, H5069, H5071, H5337, H5352, H5355, H5425, H5674, H5800, H6299, H6362, H7342, H7971, G04250, G05250, G05580, G06290, G06300, G08590, G13440, G14320, G16570, G16580, G16590, G18490, G30890, G39550, G45060, G54830

ସ୍ୱେଚ୍ଛା ବଳିଦାନ,ସକଳ ସ୍ୱେଚ୍ଛା ବଳିଦାନ

ସଂଜ୍ଞା:

ସ୍ୱେଚ୍ଛା ବଳିଦାନ ଏପରି ଏକ ବଳିଦାନ ପରମେଶ୍ୱରଙ୍କ ପ୍ରତି ଉତ୍ସର୍ଗ କରାଯାଉଥିଲା ଯାହା ମୋଶାଙ୍କ ବ୍ୟବସ୍ଥା ଅନୁସାରେ ଆବଶ୍ୟକ ନଥିଲା I ଏହା ବଳିଦାନ ଉତ୍ସର୍ଗ କରିବା ବ୍ୟକ୍ତିର ନିଜ ପସନ୍ଦ ଅଟେ I

- ଯଦି ସ୍ୱେଚ୍ଛା ବଳିଦାନ ପଶୁ ମଧ୍ୟରୁ ବଳିଦାନ ଉତ୍ସର୍ଗ କରାଯାଏ, ପଶୁ ର ଛୋଟ ମୋଟ ଦାଗ ହୋଇପାରେ କାରଣ ଏହା ସ୍ୱେଚ୍ଛାକୃତ ଅଟେ I
- ଇସ୍ରାଏଲ ଲୋକମାନେ ବଳି ଉତ୍ସର୍ଗ ପଶୁ ଉତ୍ସବ ଭୋଜର ଭାଗ ସ୍ୱରୂପେ ଖାଉଥିଲେ I
- ଯେତେବେଳେ ସ୍ୱେଚ୍ଛାବଳିଦାନ ଉତ୍ସର୍ଗ କରାଯାଉଥିଲା, ଏହା ଇସ୍ରାଏଲ ଲୋକଙ୍କ ଆନନ୍ଦର କାରଣଥିଲା, ଏହା ଫସଲ ଭଲ ହୋଇ ଅଛି ଓ ଲୋକଙ୍କ ପାଖରେ ପ୍ରଚୁର ପରିମାଣରେ ଖାଦ୍ୟ ଅଛି ବଳି ଦେଖାଏ I
- ଏଜ୍ରା ପୁସ୍ତକରେ ଅଲଗା ପ୍ରକାର ସ୍ୱେଚ୍ଛା ବଳିଦାନ ର ବ୍ୟାଖ୍ୟା କରାଯାଇଅଛି ତାହା ମନ୍ଦିରର ପୁନଃ ସ୍ଥାପନା ନିମନ୍ତେ ଲୋକମାନେ ଆଣୁଥିଲେ I

ଏହି ଦାନ ସୁନା, ରୁପା କିଅବା ଅର୍ଥ ହୋଇ ଥାଇପାରେ, କିଅବା କଟୁରୀ କି ଆଉ ଅଲଗା ପଦାର୍ଥ ଯାହା ସୁନା କିଅବା ରୁପା ଦ୍ୱାରା ନିର୍ମିତ ହୋଇ ଥାଏ I

(ଆହୁରି ଦେଖନ୍ତୁ: ହୋମୋବଳି, ଏଜ୍ରା, ଭୋଜ, ଭକ୍ଷ ନୈବେଦ୍ୟ, ଦୋଶାର୍ଥକ ବଳିଦାନ' ବ୍ୟବସ୍ଥା, ପାପ ମୋଚନ ବଳିଦାନ)

ବାଇବଲ ପଦ ପର୍ଖ: ୩

- ୧ ରାଜାବଳି ୨୯:୬-୭
- ୨ ରାଜାବଳି ୩୫: ୭-୯
- ବ୍ୟବସ୍ଥାବିବରଣ ୧୨:୧୭
- ଯାତ୍ରାପୁସ୍ତକ ୩୬: ୨-୪
- ଲେବୀୟ ବ୍ୟବସ୍ଥା ୦୭: ୧୫-୧୬

ବୋର୍ଡ ଡାଟା :

- Strong's: H5068, H5071

ହଠାତ ଉଭାନ ହେବା, ଧରା ପଡିବା, ଆସିବା

ସଂଜ୍ଞା:

"ହଠାତ୍ ଉଭାନ୍ ହେବା" ଶବ୍ଦଟି ପରମେଶ୍ୱର ଜଣେ ବ୍ୟକ୍ତିଙ୍କୁ ହଠାତ୍ ସ୍ୱର୍ଗକୁ ନେଇଗଲେ ବା ଆଶ୍ଚର୍ଯ୍ୟ ଭାବେ ବ୍ୟକ୍ତିଙ୍କୁ ଉଠାଇ ନେବାକୁ ନିଦର୍ଶନ କରେ

- "ପହଞ୍ଚିବା" ବାକ୍ୟାଂଶ ଜଣେ ଅତି କଷ୍ଟରେ ଅନ୍ୟ ଜଣଙ୍କ ପାଖରେ ପହଞ୍ଚିଲା କୁ ମଧ୍ୟ ବୁଝାଏ

ଆଉ ଗୋଟିଏ ସୁତ୍ର ହେଉଛି "ଜୋରରେ ଆଗକୁ ବାହାରି ଯିବା" ଅର୍ଥ ମଧ୍ୟ ସମାନ

- ପ୍ରେରିତ ପାଉଲ କହନ୍ତି ସେ ତୃତୀୟ ସ୍ୱର୍ଗ କୁ ନିଆଯାଇଥିଲେ

ଏହା ମଧ୍ୟ ଅନୁବାଦ କରାଯାଇପାରେ "ଉଭାନ" ହୋଇଗଲେ

- ପାଉଲ କହିଲେ ଯେତେବେଳେ ଖ୍ରୀଷ୍ଟ ଆଗମନ କରିବେ, ଖ୍ରୀଷ୍ଟିୟାନମାନେ ତାହାଙ୍କ ସହିତ ଆକାଶମଣ୍ଡଳରେ ସାକ୍ଷାତ କରିବା ପାଇଁ ନୀତ ହେବା
- ଆଳଙ୍କାରିକ ଭାବେ କୁହାଯାଇପାରେ, "ମୋହର ଅଧର୍ମସବୁ ମୋତେ ଗୋଡାଇ ଧରିଅଛି" ଅନୁବାଦ କଲେ, "ମୁଁ ମୋର କରିଥିବା ଅପରାଧସବୁର ପରିଣାମ ପାଉଅଛି" ନତୁବା "ମୋର ପାପ ପାଇଁ ମୁଁ ଭୋଗୁଅଛି" କିମ୍ବା "ମୋର ଅପରାଧସବୁ ମୋତେ ବିପଦରେ ଘେରିଅଛି"

(ଦେଖ: ଆଶ୍ଚର୍ଯ୍ୟ କର୍ମ, ଘେରିବା, ଭୋଗ କରିବା, ବିପଦ)

ବାଇବଲ ସଂଦର୍ଭ:

- ୨ୟ କରନ୍ଥୀୟ ୧୨:୧-୨
- ପ୍ରେରିତ ୦୮:୩୯-୪୦

ବୋର୍ଡ ଡାଟା :

- Strong's: H1692, G726

ହତ୍ୟା, ବଧ

ପରିଭାଷା:

"ହତ୍ୟା" ଶବ୍ଦ ବହୁ ସଂଖ୍ୟକ ପଶୁ କିମ୍ବା ଲୋକମାନଙ୍କର ହତ୍ୟା କିମ୍ବା କ୍ରୁର ଭାବରେ ହତ୍ୟା କରିବାକୁ ଦର୍ଶାଏ । ଆହୁରି ଖାଦ୍ୟ ନିମନ୍ତେ ପଶୁ ହତ୍ୟା କରିବାକୁ ମଧ୍ୟ ବୁଝାଏ । ବଧ କରୁଥିବା କାର୍ଯ୍ୟ କୁ ମଧ୍ୟ "ହତ୍ୟା" କୁହାଯାଏ ।

- ଯେତେବେଳେ ପ୍ରାନ୍ତରରେ ଅବ୍ରାହମ ତମ୍ବୁରେ ତିନି ଅତିଥିଙ୍କୁ ଆତିଥ୍ୟ କଲେ, ସେ ତାଙ୍କ ଦାସଙ୍କୁ ଏକ ବାଛୁରୀକୁ ମାରି ଅତିଥିମାନଙ୍କ ନିମନ୍ତେ ରୋଷେଇ କରିବାକୁ ଆଦେଶ ଦେଲେ ।
- ଭବିଷ୍ୟଦ୍ବକ୍ତା ଯିହିଜିକଲ ଭାବବାଣୀ କଲେ ଯେ ଈଶ୍ୱର ତାଙ୍କର ଦୂତମାନଙ୍କୁ ପଠାଇ ଯେଉଁମାନେ ତାହାଙ୍କ ବାକ୍ୟର ଅବଜ୍ଞାକାରୀଙ୍କୁ ହତ୍ୟା କରିବେ ।
- ପ୍ରଥମ ଶାମୁୟେଲରେ ଲିଖିତ ଅଛି ଯେ ଈଶ୍ୱରଙ୍କୁ ଅବଜ୍ଞା କରିବାର ଫଳ ଏକ ଦିନରେ 30 ହଜାର ଇସ୍ରାଏଲ ସନ୍ତାନମାନେ ସେମାନଙ୍କର ଶତ୍ରୁ ଦ୍ୱାରା ହତ ହୋଇଥିଲେ ।
- "ହତ କରିବା ନିମନ୍ତେ ବ୍ୟବହୃତ ଅସ୍ତ୍ର" ଅନୁବାଦ ହୋଇପାରିବ ଯଥା "ହତ୍ୟା କରିବା ଅସ୍ତ୍ର" ।
- "ସାମୂହିକ ହତ୍ୟା" ବାକ୍ୟାଂଶକୁ "ବହୁ ସଂଖ୍ୟାରେ ମଲେ" କିମ୍ବା "ମୃତ୍ୟୁର ସଂଖ୍ୟା ଅନେକଥିଲା" କିମ୍ବା "ବହୁ ସଂଖ୍ୟକ ଲୋକ ଅତି ନିର୍ମମ ଭାବରେ ମଲେ" ବୋଲି ଅନୁବାଦ କରାଯାଇପାରେ ।
- "ହତ୍ୟା" ଶବ୍ଦକୁ "ମାରିବା" କିମ୍ବା "ନିର୍ମମ" କିମ୍ବା "ବଧ କରିବା" ବୋଲି ଅନୁବାଦ କରାଯାଇପାରେ ।

(ଦୂତ, ଗୋରୁ, ଅବାଧ, ଯିହିଜିକଲ, ଦାସ, ହତ୍ୟା: ଦେଖନ୍ତୁ)

ବାଇବେଲ ପଦପର୍ବ:

- ଯିହିଜିକଲ 21:10-11
- ଏବ୍ରୀ 7:1
- ଯିଶାଇୟ 34:2
- ଯିରିମୀୟ25:34

ଶବ୍ଦବିନ୍ୟାସ :

- Strong's: H2026, H2027, H2028, H2076, H2491, H2873, H2874, H2878, H4046, H4293, H4347, H4660, H5221, H6993, H7524, H7819, H7821, G28710, G49670, G49690

ହଳ, ହଳିତ, ହଳସମୂହ, ହଳ କରୁଥିବା ବ୍ୟକ୍ତି, ଲଙ୍ଗଳର ଫଳଗୁଡ଼ିକ, ଅହଳିତ

ପରିଭାଷା:

ଏକ "ହଳ" କୃଷି ଫାର୍ମର ଏକ ଯନ୍ତ୍ରପାତି ଅଟେ ଯାହା କ୍ଷେତ୍ରକୁ ପ୍ରସ୍ତୁତ କରିବା ନିମନ୍ତେ ମାଟି ହାଣିବା ନିମନ୍ତେ ବ୍ୟବହୃତ ହୁଏ I

- ହଳଗୁଡ଼ିକ ଧାରୁଆ ଏବଂ ତୀକ୍ଷଣ ଥାଏ ଏହା ମାଟିକୁ ଖୋଳେ I ସେଗୁଡ଼ିକୁ ଧରିବା ନିମନ୍ତେ ବେଣ୍ଟସବୁ ଥାଏ ଯେପରି କୃଷକ ତାହା ଧରି ହଳକୁ ବୁଲାଏ I
- ବାଇବେଲ ସମୟରେ, ହଳ ସାଧାରଣତଃ ହଳେ ବଳଦ ଦ୍ୱାରା କିମ୍ବା କାର୍ଯ୍ୟ କରୁଥିବା ପଶୁଗୁଡ଼ିକ ଦ୍ୱାରା ଟଣା ହେଉଥିଲା I
- ଅଧିକାଂଶ ହଳଗୁଡ଼ିକ କାଠରେ ନିର୍ମିତ ଥିଲା, କେବଳ ଏହାର ଧାରୁଆ ଅଂଶଗୁଡ଼ିକ ଧାତୁରେ ନିର୍ମିତ ଥିଲା; ଯଥା ଧାତୁ କିମ୍ବା ଲୁହାରେ ନିର୍ମିତ ଥିଲା I

(ଦେଖନ୍ତୁ: ଡମ୍ବା, ବଳଦ)

ବାଇବେଲ ପଦପର୍ବ:

- ୧ ଶାମୁୟେଲ ୮:୧୦-୧୨
- ଦ୍ୱିତୀୟବିବରଣ ୨୧:୪
- ଲୂକ ୯:୬୨
- ଲୂକ ୧୭:୭
- ଗୀତସଂହିତା ୧୪୧:୫-୭

ଶବ୍ଦବିନ୍ୟାସ:

- Strong's: H0406, H0855, H2758, H2790, H5215, H5647, H5656, H5674, H6213, H6398, G07220, G07230

ହସ୍ତ

ପରିଭାଷା:

"ହସ୍ତ" ଶବ୍ଦଟି ବାହୁର ଶେଷରେ ଶରୀରର ଏକ ଅଂଶକୁ ସୂଚାଏ I ଏହା ଈଶ୍ୱରଙ୍କ ବିଷୟରେ ହେଉ କିମ୍ବା ମନୁଷ୍ୟର ସନ୍ଦର୍ଭରେ ହେଉ, ଏହି ଶବ୍ଦକୁ ପ୍ରାୟତଃ ସାଙ୍କେତିକ ଭାବରେ ଜଣେ ବ୍ୟକ୍ତିର ଶକ୍ତି, ନିୟନ୍ତ୍ରଣ, କିମ୍ବା କାର୍ଯ୍ୟକୁ ସୂଚାଇବା ପାଇଁ ବ୍ୟବହୃତ ହୁଏI

"ହସ୍ତ" ଶବ୍ଦର ବିଭିନ୍ନ ବ୍ୟବହାରରେ ନିମ୍ନରେ ଅନ୍ତର୍ଭୁକ୍ତ କରାଯାଇଅଛି:

- "ହସ୍ତ" ଶବ୍ଦଟି ସାଙ୍କେତିକ ଭାବରେ ଜଣେ ବ୍ୟକ୍ତି, ବସ୍ତୁ, କିମ୍ବା ସ୍ଥାନ "ପାଖରେ" ସ୍ଥିତିକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ I
- "ହସ୍ତ ରଖିବା" ଅର୍ଥ "କ୍ଷତି" କରିବା ଅଟେ I "ହସ୍ତରୁ ବଞ୍ଚାଇବା" ଅର୍ଥ ଅନ୍ୟ ଜଣଙ୍କ ଦ୍ୱାରା କୌଣସି ଅନିଷ୍ଟରୁ ଉଦ୍ଧାର କରିବା ଅଟେ I
- "ଡାହାଣ ପାର୍ଶ୍ୱରେ" ରହିବାର ଅର୍ଥ "ଡାହାଣ ପାର୍ଶ୍ୱରେ" କିମ୍ବା "ଡାହାଣକୁ" ଅଟେ I
- "ହସ୍ତରେ" ଅଭିବ୍ୟକ୍ତିର ଅର୍ଥ ସେହି ବ୍ୟକ୍ତିର କାର୍ଯ୍ୟ ଦ୍ୱାରା କିମ୍ବା" ମାଧ୍ୟମରେ " ଅଟେ I ଉଦାହରଣ ସ୍ୱରୂପ, "ପ୍ରଭୁଙ୍କ ହସ୍ତରେ" ବାକ୍ୟର ଅର୍ଥ ଏହା ଯେ ଈଶ୍ୱର କୌଣସି ବିଷୟକୁ ଘଟାଇଲେ I
- "ହସ୍ତାନ୍ତର" କିମ୍ବା "ହସ୍ତରେ ବିତରଣ" ପରି ଅଭିବ୍ୟକ୍ତିଗୁଡ଼ିକ ଜଣକୁ ଅନ୍ୟର ନିୟନ୍ତ୍ରଣରେ କିମ୍ବା ଅଧିକାରରେ ରଖିବାକୁ ଦର୍ଶାଏ I
- "ହସ୍ତ ରଖିବା" ଶବ୍ଦ ସେହି ବ୍ୟକ୍ତିକୁ ଈଶ୍ୱରଙ୍କ ସେବାରେ ଉତ୍ସର୍ଗ କରିବା, ଆରୋଗ୍ୟ ପାଇଁ ପ୍ରାର୍ଥନା କରିବା କିମ୍ବା ସେହି ବ୍ୟକ୍ତିକୁ ଆଶୀର୍ବାଦ ଦେବା ପାଇଁ ଈଶ୍ୱରଙ୍କୁ ଅନୁରୋଧ କରିବା ପାଇଁ ଜଣେ ବ୍ୟକ୍ତି ଉପରେ ହସ୍ତ ରଖିବାକୁ ବୁଝାଇପାରେ I
- ଯେତେବେଳେ ପାଉଲ "ମୋ ହସ୍ତରେ ଲିଖିତ" କହନ୍ତି, ଏହାର ଅର୍ଥ ଏହା ଯେ ସେ ନିଜେ ସେହି ପତ୍ରର ସେହି ଅଂଶକୁ ଅନ୍ୟ କାହାଠାରୁ ଲେଖିବା ପରିବର୍ତ୍ତେ ନିଜେ ଲେଖିଛନ୍ତି I

ଅନୁବାଦ ପ୍ରସ୍ତାବଗୁଡ଼ିକ:

- ସମାନ ଅର୍ଥବୋଧକ ଶବ୍ଦଗୁଡ଼ିକୁ ବ୍ୟବହାର କରି ଏହି ଅଭିବ୍ୟକ୍ତି ଏବଂ ଅନ୍ୟାନ୍ୟ ସାଙ୍କେତିକ ଅଭିବ୍ୟକ୍ତି ବ୍ୟବହାର କରି ଅନୁବାଦ କରାଯାଇପାରେ I କିମ୍ବା ପ୍ରତ୍ୟକ୍ଷ, ଆକ୍ଷରିକ ଭାଷା ବ୍ୟବହାର କରି ଅର୍ଥକୁ ଅନୁବାଦ କରାଯାଇପାରେ (ଉପରେ ଉଦାହରଣ ଦେଖନ୍ତୁ) I
- "ତାଙ୍କୁ ହସ୍ତଲିପି ଦେଲା" ଅଭିବ୍ୟକ୍ତିକୁ "ହସ୍ତଲିପି ଦେଲା" କିମ୍ବା "ହାତରେ ହସ୍ତଲିପି ଦେଲେ" ବୋଲି ଅନୁବାଦ କରାଯାଇପାରେ | ଏହା ତାକୁ ସ୍ଥାୟୀ ଭାବରେ ଦିଆଯାଇ ନଥିଲା, ମାତ୍ର ସେହି ସମୟରେ ଏହାକୁ ବ୍ୟବହାର କରିବା ଉଦ୍ଦେଶ୍ୟରେ ଦିଆଯାଇଥିଲା |
- "ସେମାନଙ୍କୁ ସେମାନଙ୍କର ଶତ୍ରୁମାନଙ୍କ ହସ୍ତରେ ସମର୍ପଣ କଲେ" କିମ୍ବା "ସେମାନଙ୍କୁ ସେମାନଙ୍କର ଶତ୍ରୁମାନଙ୍କ ହସ୍ତରେ ସମର୍ପଣ କଲେ" ଭଳି ଏକ ଅଭିବ୍ୟକ୍ତିକୁ "ସେମାନଙ୍କର ଶତ୍ରୁମାନଙ୍କୁ ସେମାନଙ୍କୁ ପରାସ୍ତ କରିବାକୁ ଅନୁମତି ଦେଲେ" କିମ୍ବା "ସେମାନଙ୍କୁ ଶତ୍ରୁମାନଙ୍କ ଦ୍ୱାରା ଆକ୍ରମଣ କରିବାକୁ ଦେଲେ" କିମ୍ବା "ସେମାନଙ୍କର ଶତ୍ରୁମାନେ ସେମାନଙ୍କ ଉପରେ ନିୟନ୍ତ୍ରଣ କରିବାକୁ ଦଲେ" ବୋଲି ଅନୁବାଦ କରାଯାଇପାରେ I
- "ହସ୍ତ ଦ୍ୱାରା ମରାଗଲେ" ଶବ୍ଦକୁ "ହତ୍ୟା କରାଗଲା" ବୋଲି ଅନୁବାଦ କରାଯାଇପାରେ I
- "ଡାହାଣ ହସ୍ତର" ଅଭିବ୍ୟକ୍ତିକୁ "ଡାହାଣ ପଟେ" ବୋଲି ଅନୁବାଦ କରାଯାଇପାରେ I
- ଯୀଶୁଙ୍କ "ପିତାଙ୍କ ଡାହାଣ ହସ୍ତରେ ବସିବା" ବିଷୟରେ ଯଦି ଏହା ଭାଷାରେ ଉଚ୍ଚ ପଦବୀ କିମ୍ବା ସମାନ ଅଧିକାରକୁ ଦର୍ଶାଏ ନାହିଁ, ଏହି ଅର୍ଥକୁ ପ୍ରକାଶ କରିବାକୁ ଏକ ଭିନ୍ନ ଅଭିବ୍ୟକ୍ତିକୁ ବ୍ୟବହାର କରାଯାଇପାରେ I କିମ୍ବା ଏକ ଛୋଟ ବ୍ୟାଖ୍ୟା ଦିଆ ଯାଇପାରେ: "ପିତାଙ୍କ ଡାହାଣ ପଟେ, ସବୁଠାରୁ ଉଚ୍ଚ ଅଧିକାର ପ୍ରାପ୍ତ ପଦବୀରେI"

(ଶକ୍ତି, ଡାହାଣ ହସ୍ତ, ସମ୍ମାନ, ଶକ୍ତି: ଦେଖନ୍ତୁ)

ବାଇବେଲ ପଦପର୍ବ:

- ପ୍ରେରିତ 7:25
- ପ୍ରେରିତ 8:17
- ପ୍ରେରିତ 11:21
- ଆଦି ପୁସ୍ତକ 9:5
- ଆଦି ପୁସ୍ତକ 14: 20
- ଯୋହନ 3: 36
- ମାର୍କ 7: 32
- ମାଥିଉ 6:3

ଶବ୍ଦବିନ୍ୟାସ :

- Strong's: H2026, H2651, H2947, H2948, H3027, H3028, H3225, H3231, H3233, H3709, H7126, H7138, H8040, H8042, H8168, G07100, G11880, G14480, G14510, G21760, G29020, G40840, G44740, G54950, G54960, G54970

ହିତୋପଦେଶ

ପରିଭାଷା:

ହିତୋପଦେଶ ଏକ କ୍ଷୁଦ୍ର ଉକ୍ତି ଅଟେ ଯାହା ଜ୍ଞାନ ବା ସତ୍ୟ ପ୍ରକାଶ କରିଥାଏ I

- ହିତୋପଦେଶଗୁଡ଼ିକ ଶକ୍ତିଯୁକ୍ତ ଅଟେ କାରଣ ସେଗୁଡ଼ିକ ସ୍ମରଣରେ ରଖିବା ଏବଂ ପୁନରାବୃତ୍ତି କରିବା ସହଜ ଅଟେ I
- ଅନେକ ସମୟରେ ଏକ ହିତୋପଦେଶ ଦୈନନ୍ଦିନ ଜୀବନର ବ୍ୟବହାରିକ ଉଦାହରଣଗୁଡ଼ିକ ଅନ୍ତର୍ଭୁକ୍ତ କରିଥାଏ I
- କେତେକ ହିତୋପଦେଶଗୁଡ଼ିକ ଅତି ସ୍ପଷ୍ଟ ଏବଂ ସିଧାସଳଖ ଅଟେ, ଅଥଚ ଅନ୍ୟାନ୍ୟ ହିତୋପଦେଶଗୁଡ଼ିକ ବୁଝିବା ନିମନ୍ତେ ଅଧିକ କଷ୍ଟକର ଅଟେ I
- ରାଜା ଶଲୋମନ ଆପଣା ଜ୍ଞାନ ହେତୁ ସୁପରିଚିତ ଥିଲେ ଏବଂ ସେ ୧,୦୦୦ ରୁ ଊର୍ଦ୍ଧ୍ୱ ହିତୋପଦେଶଗୁଡ଼ିକ ଲେଖିଥିଲେ I
- ଯୀଶୁ ଅନେକ ସମୟରେ ଲୋକମାନଙ୍କୁ ଶିକ୍ଷା ଦେବା ନିମନ୍ତେ ହିତୋପଦେଶଗୁଡ଼ିକ କିମ୍ବା ଦୃଷ୍ଟାନ୍ତଗୁଡ଼ିକ ବ୍ୟବହାର କଲେ I
- "ହିତୋପଦେଶକୁ" ଶବ୍ଦକୁ "ଜ୍ଞାନୀ କଥା" କିମ୍ବା "ସତ୍ୟ ବାକ୍ୟ" ବୋଲି ଅନୁବାଦ କରାଯାଇପାରେ I

(ଦେଖନ୍ତୁ:ଶଲୋମନ, ସତ୍ୟ, ଜ୍ଞାନୀ)

ବାଇବେଲ ପଦପର୍ବ:

- ୧ ରାଜାବଳୀ ୪:୩୨-୩୪
- ୧ ଶାମୁୟେଲ ୨୪:୧୨-୧୩
- ୨ ପିତର ୨:୨୨
- ଲୂକ ୪:୨୪
- ହିତୋପଦେଶ ୧:୧-୩

ଶବ୍ଦବିନ୍ୟାସ:

- Strong's: H2420, H4911, H4912, G38500, G39420

"ଆଡ଼ମ୍ବରପୂର୍ଣ୍ଣ ଭୋଜନ ଉତ୍ସବ"

ପରିଭାଷା:

ଏକ ଆଡ଼ମ୍ବରପୂର୍ଣ୍ଣ ଭୋଜନ ଉତ୍ସବ ଏକ ବୃହତ ଭୋଜି ଅଟେ ଯେଉଁଠାରେ ଅନେକ ଖାଦ୍ୟର ସମାହାର ଥାଏ ।

- ପ୍ରାଚୀନ କାଳରେ ରାଜନୈତିକ ନେତାଗଣ ଏବଂ ଗୁରୁତ୍ୱପୂର୍ଣ୍ଣ ଅତିଥିମାନଙ୍କ ନିମନ୍ତେ ରାଜାମାନେ ଅନେକ ସମୟରେ ଭୋଜିର ଆୟୋଜନ କରୁଥିଲେ ।
- ଏହାକୁ "ବିସ୍ତୃତ ଭୋଜି" କିମ୍ବା "ଗୁରୁତ୍ୱପୂର୍ଣ୍ଣ ଭୋଜି" କିମ୍ବା "ଅନେକ ଖାଦ୍ୟର ସମାହାର"ବୋଲି ମଧ୍ୟ ଅନୁବାଦ କରାଯାଇପାରେ ।

ବାଇବେଲ ପଦପର୍ବ:

- ଦାନିୟେଲ ୫:୧୦
- ଯିଶାଇୟ ୫:୧୧-୧୨
- ଯିରିମୀୟ ୧୬:୮
- ଲୂକ ୫:୨୯-୩୨
- ପରମଗୀତ ୨:୩-୪

ଶବ୍ଦବିନ୍ୟାସ:

- Strong's: H4960, H4961, H8354, G11730, G14030

translationAcademy

ସଂସ୍କରଣ 22.1

ଅଜ୍ଞାତ ବିଷୟଗୁଡ଼ିକର ଅନୁବାଦ

ଯେତେବେଳେ ବାଇବେକୁ ଅନୁବାଦ କରୁଛନ୍ତି, ଆପଣ (ଅନୁବାଦକ) ନିଜକୁ ପଚାରନ୍ତି: "ମୁଁ ସିଂହ, ଡିମ୍ବିରି ଗଛ, ପର୍ବତ, ଯାଜକ, କିମ୍ବା ମନ୍ଦିର ପରି ଶବ୍ଦଗୁଡ଼ିକୁ କିପରି ଅନୁବାଦ କରିବି ଯେତେବେଳେ ମୋର ସଂସ୍କୃତିର ଲୋକମାନେ ଏହିସବୁ ଜିନିଷ କେବେଭି ଦେଖି ନାହାଁନ୍ତି ଏବଂ ଆମ୍ଭମନଙ୍କ ପାଖରେ ଏହିସବୁ ଶବ୍ଦକୁ ଅନୁବାଦ କରିବାପାଇଁ ଗୋଟିଏ ଶବ୍ଦ ମଧ୍ୟ ନାହିଁ ? "

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ମୋର ପାଠକମାନେ ପରିଚିତ ନ ଥିବା ଚିନ୍ତାଧାରାଗୁଡ଼ିକୁ ମୁଁ କିପରି ଅନୁବାଦ କରିବି ?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-sentences*]]

ବିବରଣ

ଅଜ୍ଞାତ ହେଉଛି ଜିନିଷ ଯାହା ଉତ୍ସ ପାଠ୍ୟରେ ଘଟିଥାଏ ଯାହା ଆପଣଙ୍କ ସଂସ୍କୃତିର ଲୋକଙ୍କୁ ଜଣା ନ ଥିବ । ଅନ୍ଟୁଲ୍ଟିଂଗ୍ ୱାଡ୍® ଏବଂ ଅନୁବାଦ ଶବ୍ଦର ପୃଷ୍ଠା ଏବଂ ଅନ୍ଟୁଲ୍ଟିଂଗ୍ ୱାଡ୍® ଅନୁବାଦ ଟିପ୍ପଣୀ ସେଗୁଡ଼ିକ କ'ଣ ତାହା ଆପଣଙ୍କୁ ବୁଝିବାରେ ସାହାଯ୍ୟ କରିବ । ଆପଣ ସେଗୁଡ଼ିକୁ ବୁଝିବା ପରେ, ଆପଣ ସେହି ଜିନିଷଗୁଡ଼ିକୁ ସୂଚାଇବା ପାଇଁ ଉପାୟ ଖୋଜିବାକୁ ପଡିବ ଯାହା ଆପଣଙ୍କ ଦ୍ୱାରା ଯେଉଁମାନେ ଆପଣଙ୍କ ଅନୁବାଦ ପଢନ୍ତି ସେମାନେ ବୁଝିବେ ।

ସେମାନେ ତାହାଙ୍କୁ କହିଲେ, " ଏଠାରେ ପାଞ୍ଚଟି ରୋଟୀ ଓ ଦୁଇଟି ମାଛ ବ୍ୟତୀତ ଆମପାଖରେ ଆଉ କିଛି ନାହିଁ।" (ମାଥିଉ 14:17 ULT)

ରୁଟି ହେଉଛି ଏକ ନିର୍ଦ୍ଦିଷ୍ଟ ଖାଦ୍ୟ ଯାହାକି ସୂକ୍ଷ୍ମ ଚୂର୍ଣ୍ଣ ହୋଇଥିବା ଶସ୍ୟକୁ ତେଲ ସହିତ ମିଶାଇ ପ୍ରସ୍ତୁତ କରାଯାଏ, ଏବଂ ତା'ପରେ ମିଶ୍ରଣକୁ ରାନ୍ଧିବା ଦ୍ୱାରା ଏହା ଶୁଖିଗଲା। (ଶସ୍ୟ ହେଉଛି ଏକ ପ୍ରକାର ଘାସର ମଞ୍ଜି।) କେତେକ ସଂସ୍କୃତିରେ ଲୋକଙ୍କ ପାଖରେ ରୁଟି ନାହିଁ ଏବଂ ଏହା କ'ଣ ଜାଣନ୍ତି ନାହିଁ ।

କାରଣ ଏହାଏକ ଅନୁବାଦ ସମସ୍ୟା

ପାଠକମାନେ ହୁଏତ କିଛି ଜିନିଷ ଜାଣି ନଥିବେ ଯାହା ବାଇବେଲରେ ଅଛି କାରଣ ସେହି ଜିନିଷଗୁଡ଼ିକ ସେମାନଙ୍କର ନିଜ ସଂସ୍କୃତିର ଅଂଶ ନୁହେଁ ।

ପାଠକମାନେ ଏକ ପାଠ ବୁଝିବାବାରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ଯଦି ସେମାନେ ଏଥିରେ ଉଲ୍ଲେଖ କରାଯାଇଥିବା କିଛି ଜିନିଷ ଜାଣନ୍ତି ନାହିଁ ।

ଅନୁବାଦ କୌଶଳଗୁଡ଼ିକ

ଯଦି ସମ୍ଭବ ତେବେ ଆପଣଙ୍କ ଭାଷାର ଏକ ଅଂଶ ଥିବା ଶବ୍ଦଗୁଡ଼ିକ ବ୍ୟବହାର କରନ୍ତୁ ।

ସମ୍ଭବ ହେଲେ ଅଭିବ୍ୟକ୍ତିକୁ ଛୋଟ ରଖନ୍ତୁ ।

ଈଶ୍ୱରଙ୍କ ଆଦେଶ ଏବଂ ଇତିତିହାସିକ ତଥ୍ୟକୁ ସଠିକ୍ ଭାବରେ ପ୍ରତିନିଧିତ୍ୱ କରନ୍ତୁ ।

ବାଇବେଲରୁ ଉଦାହରଣ

ତେଣୁ ମୁଁ ଯିରୂଶାଲମକୁ ଧ୍ୱଂସାବଶେଷରେ ପରିଣତ କରିବି, ଶୃଗାଳମାନଙ୍କ ପାଇଁ ଲୁଚି ରହିବି । (ଯିରିମିୟ 9: 11a ULT)

ଶୃଗାଳମାନେ କୁକୁର ପରି ବଣୁଆ ଜନ୍ତୁ ଯାହାକି ଦୁନିଆର ଅଳ୍ପ କିଛି ଅଞ୍ଚଳରେ ବାସ କରନ୍ତି । ତେଣୁ ସେଗୁଡ଼ିକ ଅନେକ ସ୍ଥାନରେ ଜଣା ନାହିଁ ।

ମିଥ୍ୟା ଭବିଷ୍ୟଦ୍ବକ୍ତାମାନଙ୍କଠାରୁ ସାବଧାନ ରୁହନ୍ତୁ, ଯେଉଁମାନେ ମେଣ୍ଢ

ପୋଷାକରେ ଆପଣଙ୍କ ନିକଟକୁ ଆସନ୍ତି, କିନ୍ତୁ ଭିତର ଭିତରେ ସେମାନେ ଘୃଣ୍ୟ ଗଧିଆ । (ମାଥିଉ 7:15 ULT)

ଯଦି ଗଧିଆମାନେ ବାସ କରନ୍ତି ନାହିଁ ଯେଉଁଠାରେ ଅନୁବାଦ ପଢାଯିବ, ପାଠକମାନେ ହୁଏତ ବୁଝିପାରିବେ ନାହିଁ ଯେ ସେମାନେ ଭୟଙ୍କର, ମେଣ୍ଢା ଉପରେ ଆକ୍ରମଣ କରୁଥିବା ଏବଂ ଖାଉଥିବା କୁକୁର ପରି ବଣୁଆ ଜନ୍ତୁ।

ସେମାନେ ତାଙ୍କୁ ଗନ୍ଧ ସହିତ ମିଶ୍ରିତ ଦ୍ରାକ୍ଷାରସ ଦେଲେ, କିନ୍ତୁ ସେ ଏହାକୁ ପିଇଲେ ନାହିଁ। (ମାର୍କ 15:23 ULT)

ଲୋକମାନେ ହୁଏତ ଜାଣିପାରନ୍ତି ନାହିଁ ଯେ ଗନ୍ଧ କ'ଣ ଏବଂ ଏହା ଏକ ଔଷଧ ଭାବରେ ବ୍ୟବହୃତ ହୋଇଥିଲା ।

... ଯିଏ ମହାନ ଆଲୋକ ସୃଷ୍ଟି କଲା... (ଗୀତସଂହିତା 136: 7a ULT)

କିଛି ଭାଷାରେ ଏପରି ଜିନିଷ ଅଛି ଯାହା ସୂର୍ଯ୍ୟ ଏବଂ ଅଗ୍ନି ପରି ଆଲୋକ ପ୍ରଦାନ କରେ, କିନ୍ତୁ ଆଲୋକ ପାଇଁ ସେମାନଙ୍କର କୌଣସି ସାଧାରଣ ଶବ୍ଦ ନାହିଁ ।

ତୁମର ପାପ ତୁଷାର ପରି ଧଳା ହେବ। (ଯିଶାଇୟ 1: 18b ULT)

ଦୁନିଆର ଅନେକ ଲୋକମାନେ ବରଫ ଦେଖିନାହାଁନ୍ତି, କିନ୍ତୁ ସେମାନେ ଏହାକୁ ଛବିରେ ଦେଖିଥିବେ ।

ଅନୁବାଦ କୌଶଳ

ଏଠାରେ ଏକ ଉପାୟ ଯାହାକି ଆପଣ ଏକ ଶବ୍ଦକୁ ଅନୁବାଦ କରିପାରନ୍ତି ଯାହା ଆପଣଙ୍କ ଭାଷାରେ ଜଣା ନାହିଁ:

(1) ଏକ ବାକ୍ୟାଂଶ ବ୍ୟବହାର କରନ୍ତୁ ଯାହା ଅଜ୍ଞାତ ଆଇଟମ୍ କ'ଣ, କିମ୍ବା ଅନୁବାଦ କରାଯାଉଥିବା ଅଜ୍ଞାତ ଆଇଟମ୍ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବିଷୟ ବର୍ଣ୍ଣନା କରେ ।

(2) ଯଦି ତୁମର ଭାଷା ଠାରୁ ସମାନ କିଛି ବଦଳାନ୍ତୁ ଯଦି ଏହା କରିବା ଏକ ଇତିହାସିକ ତଥ୍ୟକୁ ମିଥ୍ୟା ଭାବରେ ଉପସ୍ଥାପନ କରେ ନାହିଁ ।

(3) ଶବ୍ଦକୁ ଅନ୍ୟ ଭାଷାରୁ କପି କରନ୍ତୁ, ଏବଂ ଏହାକୁ ବୁଝିବାରେ ସାହାଯ୍ୟ କରିବାକୁ ଏକ ସାଧାରଣ ଶବ୍ଦ କିମ୍ବା ବର୍ଣ୍ଣନାକାରୀ ବାକ୍ୟାଂଶ ଯୋଗ କରନ୍ତୁ ।

(4) ଏକ ଶବ୍ଦ ବ୍ୟବହାର କରନ୍ତୁ ଯାହା ଅର୍ଥରେ ସାଧାରଣ ଅଟେ ।

(5) ଏକ ଶବ୍ଦ କିମ୍ବା ବାକ୍ୟାଂଶ ବ୍ୟବହାର କରନ୍ତୁ ଯାହା ଅର୍ଥରେ ଅଧିକ ନିର୍ଦ୍ଦିଷ୍ଟ ଅଟେ ।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳ ଉଦାହରଣ

(1) ଏକ ବାକ୍ୟାଂଶ ବ୍ୟବହାର କରନ୍ତୁ ଯାହା ଅଜ୍ଞାତ ଆଇଟମ୍ କ'ଣ, କିମ୍ବା ଅନୁବାଦ କରାଯାଉଥିବା ଅଜ୍ଞାତ ଆଇଟମ୍ ବିଷୟରେ ଗୁରୁତ୍ୱପୂର୍ଣ୍ଣ ବିଷୟ ବର୍ଣ୍ଣନା କରେ ।

ମିଥ୍ୟା ଭବିଷ୍ୟଦ୍ବକ୍ତାମାନଙ୍କଠାରୁ ସାବଧାନ ରୁହନ୍ତୁ, ଯେଉଁମାନେ ମେଣ୍ଢା ପୋଷାକରେ ଆପଣଙ୍କ ନିକଟକୁ ଆସନ୍ତି, କିନ୍ତୁ ଭିତରର ଭାବରେ ସେମାନେ ଘୃଣ୍ୟ ଗଧିଆ । (ମାଥିଉ 7:15 ULT)

ମିଥ୍ୟା ଭବିଷ୍ୟଦ୍ବକ୍ତାମାନଙ୍କଠାରୁ ସାବଧାନ ରୁହନ୍ତୁ, ଯେଉଁମାନେ ମେଣ୍ଢା ପୋଷାକରେ ଆପଣଙ୍କ ନିକଟକୁ ଆସନ୍ତି, କିନ୍ତୁ ଭିତର ଭିତରେ ସେମାନେ ବହୁତ ଭୋକିଲା ଏବଂ ବିପଦପୂର୍ଣ୍ଣ ପ୍ରାଣୀ ଅଟନ୍ତି ।

"ରେଭେନସ୍ ଗଧିଆ" ଏଠାରେ ଏକ ରୂପାନ୍ତରର ଏକ ଅଂଶ, ତେଣୁ ପାଠକ ଜାଣିବା ଆବଶ୍ୟକ କରନ୍ତି ଯେ ଏହି ରୂପକୁ ବୁଝିବା ପାଇଁ ସେମାନେ ମେଣ୍ଢା ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ । (ଯଦି ମେଣ୍ଢା ମଧ୍ୟ ଅଜ୍ଞାତ ଅଟେ, ତେବେ ଆପଣଙ୍କୁ ମେଣ୍ଢା ଅନୁବାଦ କରିବା ପାଇଁ ଅନୁବାଦ କୌଶଳ ମଧ୍ୟରୁ ଗୋଟିଏ ମଧ୍ୟ ବ୍ୟବହାର କରିବାକୁ ପଡିବ, କିମ୍ବା ରୂପକ ପାଇଁ ଅନୁବାଦ କୌଶଳ ବ୍ୟବହାର କରି ରୂପାନ୍ତରକୁ ଅନ୍ୟ କିଛିରେ ପରିବର୍ତ୍ତନ କରିବାକୁ ପଡିବ । ଅନୁବାଦ ମେଟାଫୋର୍ସ ଦେଖନ୍ତୁ ।)

ପାଞ୍ଚଟି ରୁଟି ଏବଂ ଦୁଇଟି ମାଛ ବ୍ୟତୀତ ଆମର ଏଠାରେ କିଛି ନାହିଁ। " (ମାଥିଉ 14:17 ULT)

ପାଞ୍ଚଟି ରନ୍ଧା ଶସ୍ୟ ମଞ୍ଜି ଏବଂ ଦୁଇଟି ମାଛ ବ୍ୟତୀତ ଆମର ଏଠାରେ କିଛି ନାହିଁ ।

(1) ଯଦି ତୁମର ଭାଷା ଠାରୁ ସମାନ କିଛି ବଦଳାନ୍ତୁ ଯଦି ଏପରି କରିବା ଏକ ଇତିହାସିକ ତଥ୍ୟକୁ ମିଥ୍ୟା ଭାବରେ ଉପସ୍ଥାପନ କରେ ନାହିଁ ।

ତୁମର ପାପ ତୁଷାର ପରି ଧଳା ହେବ। (ଯିଶାଇୟ 1:1b ULT) ଏହି ପଦଟି ବରଫ ବିଷୟରେ ନୁହେଁ । ଏହା କେତେ ଧଳା ହେବ ତାହା ଲୋକଙ୍କୁ ବୁଝିବାରେ ସାହାଯ୍ୟ କରିବା ପାଇଁ ଏହା ଏକ ଚିତ୍ରରେ ତୁଷାର ବ୍ୟବହାର କରେ ।

ତୁମର ପାପ କ୍ଷୀର ପରି ଧଳା ହେବ।

ତୁମର ପାପ ଚନ୍ଦ୍ର ପରି ଧଳା ହେବ।

(2) ଶବ୍ଦକୁ ଅନ୍ୟ ଭାଷାରୁ କପି କରନ୍ତୁ, ଏବଂ ଏହାକୁ ବୁଝିବାରେ ସାହାଯ୍ୟ କରିବାକୁ ଏକ ସାଧାରଣ ଶବ୍ଦ କିମ୍ବା ବର୍ଣ୍ଣନାକାରୀ ବାକ୍ୟାଂଶ ଯୋଗ କରନ୍ତୁ ।

ତା'ପରେ ସେମାନେ ଯୀଶୁଙ୍କୁ ଦ୍ରାକ୍ଷାରସ ଦେବାକୁ ଚେଷ୍ଟା କଲେ ଯାହା ଗନ୍ଧରସ ମିଶ୍ରିତ ଥିଲା । କିନ୍ତୁ ସେ ଏହାକୁ ପିଇବାକୁ ମନା କରିଦେଇଥିଲେ। (ମାର୍କ 15:23 ULT) - ସାଧାରଣ ଶବ୍ଦ "ଔଷଧ" ସହିତ ବ୍ୟବହୃତ ହେଲେ ମିରା କ'ଣ ଲୋକମାନେ ଭଲ ଭାବରେ ବୁଝିପାରନ୍ତି ।

ତା'ପରେ ସେମାନେ ଯୀଶୁଙ୍କୁ ଦ୍ରାକ୍ଷାରସ ଦେବାକୁ ଚେଷ୍ଟା କଲେ ଯାହା ମିରା ନାମକ ଏକ ଔଷଧ ସହିତ ମିଶ୍ରିତ ହୋଇଥିଲା । କିନ୍ତୁ ସେ ଏହାକୁ ପିଇବାକୁ ମନା କରିଦେଇଥିଲେ।

ପାଞ୍ଚଟି ରୁଟି ଏବଂ ଦୁଇଟି ମାଛ ବ୍ୟତୀତ ଆମର ଏଠାରେ କିଛି ନାହିଁ। " (ମାଥିଉ ୧୪: 17: 1 ULT)

ଆମର କ୍ଷତି ହୁଏ।

ପରବର୍ତ୍ତୀ ସମୟରେ ଆମେ ଜାଣିବାକୁ ସୁପାରିଶ କରୁଛୁ |:

[[*rc://or/ta/man/translate/translate-transliterate*]]
[[*rc://or/ta/man/translate/translate-names*]]

(**କୁ ଫେରିଯାଅ:** ଦୂତ, ପ୍ରଧାନ ଦୂତ; ପ୍ରେରିତ, ପ୍ରେରିତପଦ; ଖ୍ରୀଷ୍ଟ, ମସୀହ; ଖ୍ରୀଷ୍ଟିୟାନ; ମଣ୍ଡଳୀ, ମଣ୍ଡଳୀ; ସୁନ୍ନତ କରିବା, ସୁନ୍ନତ, ଅସୁନ୍ନତ, ଅସୁନ୍ନତ କରିବା; କ୍ରୁଶ; ଅନନ୍ତକାଳ, ଚିରସ୍ଥାୟୀ, ଚିରନ୍ତନ, ସଦାକାଳ; ପାତାଳ; ମେଷଶାବକ, ଈଶ୍ୱରଙ୍କ ମେଷଶାବକ; ମାନ୍ନା; ରାବବୀ; ସାବ୍ଥ; ଶୟତାନ, ମନ୍ଦ, ମନ୍ଦ ଜଣକ; ଶିଟୀମ୍; ରାଜଦୂତ, ପ୍ରତିନିଧି; ଯବ; ବ୍ରୋଞ୍ଜ; ଓଟ; ରଥ, ରଥ ଗୁଡିକ, ରଥ-ଅଶ୍ୱ; କିରୁବ, କିରୁବଦ୍ୱୟ, କିରୁବଗଣ; ମୃଗ, ହରିଣୀ, ମାଇ ହରିଣୀଗୁଡିକ, ମୃଗଶାବକଗୁଡିକ, ପୁଂମୃଗଗୁଡିକ; ଗର୍ଦ୍ଦଭ, ଖଚର; ଉତ୍କ୍ରୋଶ ପକ୍ଷୀ; ଏରସ ବୃକ୍ଷ, ଏରସ ବୃକ୍ଷ ସକଳ; ଖୁରା, ଖୁରାମାନ, ଖୁରା ସକଳ; ଚିତାବାଘ, ଚିତାବାଘମାନେ; ସିଂହ, ସିଂହୀ,; ଅଲୋନ, ଅଲୋନ ବୃକ୍ଷ; ଘୁଷୁରି, ଘୁଷୁରିମାଂସ, ଶୂକର; ସମୁଦ୍ର ଗାଈ; ମେଣ୍ଢା, ମେଣ୍ଢା, ମେଷ, ମେଣ୍ଢାଶାଳ, ମେଷର ଲୋମଚ୍ଛେଦକଗଣ, ଛାଗଚର୍ମ; ବରଫ, ବରଫାଚ୍ଛର୍ଣ୍ଣ, ହିମ; ଖଡ୍ଗ, ଖଡ୍ଗଧାରୀ)

ଅତିରଞ୍ଜନ/ଅତ୍ୟୁକ୍ତି

ବିବରଣ

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ଅତିରଞ୍ଜନ/ଅତ୍ୟୁକ୍ତି ରୂପେ ଗୁଡ଼ିକ କ'ଣ? ସଧାରନତା ପ୍ରତିପାଦନ ବା ସାଧାରଣ ଅନୁମାନ ଗୁଡ଼ିକ କ'ଣ? ମୁଁ କିପରି ସେଗୁଡ଼ିକ ଅନୁବାଦ କରିପାରେ?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-intro*]]

ଜଣେ ବକ୍ତା ବା ଲେଖକ ସଂପୂର୍ଣ୍ଣ ଭାବରେ ସତ୍ୟ, ସାଧାରଣତଃ ସତ୍ୟ, କିମ୍ବା ଅତିରଞ୍ଜନ/ଅତ୍ୟୁକ୍ତି ରୂପେ ସେ ଚାହୁଁଥିବା ବିଷୟକୁ କହିବା ପାଇଁ ସମାନ ଶବ୍ଦକୁ ସଠିକ୍ ଭାବରେ ବ୍ୟବହାର କରିପାରିବ। ଏଥି ସକାଶେ କିପରି ବକ୍ତବ୍ୟକୁ ବୁଝାଯିବ ତାହାକୁ ନିର୍ଣ୍ଣୟ କରିବା କଠିନ ହୋଇପାରେ। ଉଦାହରଣ ସ୍ୱରୂପ, ନିମ୍ନରେ ଥିବା ବାକ୍ୟଟି ତିନିଟି ଅନ୍ୟାନ୍ୟ ବିଷୟକୁ ବୁଝାଇପାରେ।

- ପ୍ରତି ରାତ୍ରି ଏଠାରେ ବର୍ଷା ହୁଏ।

ଯଦି ବକ୍ତା କହିବାର ଉଦ୍ଦେଶ୍ୟ ଯେ ଏଠାରେ ବାସ୍ତବରେ ପ୍ରତି ରାତ୍ରି ବର୍ଷା ହୁଏ, ତେବେ ସେ କହିବାର ଅଭିପ୍ରାୟ ଆକ୍ଷରିକ ଭାବେ ସତ୍ୟ ହେବ।
ଯଦି ବକ୍ତା କହିବାର ଉଦ୍ଦେଶ୍ୟ ଯେ ଏଠାରେ ଅଧିକାଂଶ ରାତ୍ରି ବର୍ଷା ହୁଏ, ତେବେ ତାହାର କହିବାର ଅଭିପ୍ରାୟ ଏକ **ସାଧାରଣ ଭାବରେ** ଅନୁମାନ ରୂପେ ହେବ।
ଯଦି ବକ୍ତା କହିବାକୁ ଚାହେଁ ଯେ **ଅତିରଞ୍ଜନ** ଏଠାରେ ବାସ୍ତବିକତା ଠାରୁ ଅଧିକ ବର୍ଷା ହୁଏ, ତେବେ ତାହାର କହିବାର ଅଭିପ୍ରାୟ ଏକ ଅତ୍ୟୁକ୍ତି ରୂପେ ହେବ, ସାଧାରଣତଃ ଏହା ବର୍ଷାର ପରିମାଣକୁ ପ୍ରକାଶ କରିବାର ଏକ ଦୃଢ ମନୋଭାବ, ଯେପରିକି, ବିରକ୍ତି ହେବା ବା ଖୁସି ହେବା।

ଅତିରଞ୍ଜନ: ଅତିରଞ୍ଜିତରେ, ଅଳଙ୍କାରିକ ଶବ୍ଦ ଯାହା ବଢ଼େଇ କହିବାରେ ବ୍ୟବହାର କରନ୍ତି, ଜଣେ ବକ୍ତା ଉଦ୍ଦେଶ୍ୟମୂଳକ ଭାବରେ କିଛି ବିଷୟକୁ, ସାଧାରଣତଃ ତହିଁ ପ୍ରତି ଥିବା ନିଜର ଦୃଢ ମନୋଭାବକୁ ପ୍ରକାଶ କରିବା ପାଇଁ ଅତ୍ୟନ୍ତ କିମ୍ବା ଏପରିକି ଅବାସ୍ତବ ଉକ୍ତି ଦ୍ୱାରା ବର୍ଣ୍ଣନା କରିଥାନ୍ତି, ସେ ଅତିରଞ୍ଜିତ କରିଥିବା ବିଷୟକୁ ଲୋକେ ବୁଝନ୍ତୁ ବୋଲି ସେ ଆଶା କରିଥାନ୍ତି।

> ସେମାନେ **ତୁମ୍ଭମାନଙ୍କ ଉପରେ ଗୋଟିଏ ପଥର ଉପରେ ଅନ୍ୟ ପଥର** ଛାଡିବେ ନାହିଁ। (ଲୂକ 19:44ଖ ULT)

ଏହା ଏକ ବଢ଼େଇ କହିବା ବାକ୍ୟ ଅଟେ। ଏହାର ଅର୍ଥ ଶତ୍ରୁମାନେ ଯିରୁଶାଲେମକୁ ସଂପୂର୍ଣ୍ଣ ଭାବରେ ଧ୍ୱଂସ କରିବେ।

> ମୋଶା **ମିଶରିୟମାନଙ୍କର ସମସ୍ତ ଜ୍ଞାନରେ** ଶିକ୍ଷିତ ହୋଇଥିଲେ। (ପ୍ରେରିତ 7: 22କ ULT)

ଏହି ଅତିରଞ୍ଜନ/(ବିଶେଷ ଉଦ୍ଦେଶ୍ୟରେ ଅତିକଥନ) ଅର୍ଥ ହେଉଛି ଯେ ସେ ମିଶର ଦେଶୀୟର ଶିକ୍ଷା ପ୍ରଦାନ କରୁଥିବା ସମସ୍ତ ବିଷୟ ଶିଖିଥିଲେ।

ସାଧାରଣକରଣ: ଏହା ଏକ ବିବୃତ୍ତି ଯାହା ଅଧିକାଂଶ ସମୟରେ ସତ୍ୟ ଅଟେ କିମ୍ବା ଅଧିକାଂଶ ପରିସ୍ଥିତିରେ ଏହା ପ୍ରୟୋଗ ହୋଇପାରେ।

> ଯେଉଁ ଜନ ଶାସନ ଅଗ୍ରାହ୍ୟ କରେ, **ସେ ଦରିଦ୍ରତା ଓ ଲଜ୍ଜା ପାଏ,** ମାତ୍ର ଯେ ସଂଶୋଧନରୁ ଶିଖେ, ତାଙ୍କ ନିମନ୍ତେ **ମର୍ଯ୍ୟାଦା ଆସିବ**। (ହିତୋପଦେଶ 13:18 ULT)

ଏହି ସାଧାରଣ ନିୟମାଧୀ ସେହି ଲୋକମାନଙ୍କ ବିଷୟରେ କହେଁ ଯେଉଁମାନେ ନିର୍ଦ୍ଦେଶକୁ ଅଣଦେଖା କରନ୍ତି ଏବଂ ଯାହା ସାଧାରଣ ଭାବରେ ଲୋକମାନଙ୍କୁ ଘଟେ ଯେଉଁମାନେ ସଂଶୋଧନରୁ ଶିକ୍ଷା କରିଥାଆନ୍ତି। ଏହି ବିବୃତ୍ତିରେ କିଛି ବ୍ୟତିକ୍ରମ ଥାଇପାରେ, କିନ୍ତୁ ସେଗୁଡ଼ିକ ସାଧାରଣତ ସତ୍ୟ ଅଟେ।

> ଏବଂ ତୁମ୍ଭେମାନେ ପ୍ରାର୍ଥନା କରିବା ସମୟରେ, ଅଦରକାରୀ ପୁନରାବୃତ୍ତି କର ନାହିଁ ଯେପରି **ଅଣଯିହୂଦୀମାନେ କରନ୍ତି, କାରଣ ସେମାନେ ମନେକରନ୍ତି ଯେ ସେମାନଙ୍କର ଅନେକ ଶବ୍ଦ ହେତୁ ଶୁଣାଯିବ।** (ମାଥିଉ 6: 7)

ଏହି ସାଧାରଣ ନିୟମାଧୀ ଅଣଯିହୂଦୀମାନେ କଅଣ କରିବାକୁ ହେତୁ ଜଣ ଶୁଣା। ଅନେକ ଅଣଯିହୂଦୀମାନେ ଏହା କରିଅଛନ୍ତି। ଯଦି ଅଳ୍ପ କେତେକ ନ କଲେଏହା କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ। ଏହାର ଉଦ୍ଦେଶ୍ୟ ଶ୍ରୋତାମାନେ ଏହି ଜଣାଶୁଣା ଅଭ୍ୟାସରେ ଯୋଗଦେବା ଉଚିତ ନୁହେଁ।

ଯଦିଓ ଏକ ବିଶେଷ ଉଦ୍ଦେଶ୍ୟରେ ଅତିକଥନ କିମ୍ବା ସାଧାରଣକରଣରେ ହୋଇପାରେ ଏକ ଶକ୍ତିଶାଳୀ ଶବ୍ଦ ଥାଇପାରେ ଯଥା "ସମସ୍ତ", "ସର୍ବଦା", "କେହି ନୁହେଁ" କିମ୍ବା "କେବେ ନୁହେଁ" ଏହାର ଅର୍ଥ **ଠିକ୍** "ସମସ୍ତ", "ସର୍ବଦା" ଭଳି ଆବଶ୍ୟକ ନୁହେଁ, "କେହି ନୁହେଁ," କିମ୍ବା "କେବେ ନୁହେଁ।" ଏହା ସରଳଭାବେ "ଅଧିକାଂଶ", "ଅଧିକାଂଶ ସମୟ", "ଅତ୍ୟନ୍ତ କଷ୍ଟରେ", କିମ୍ବା "କ୍ୱଚିତ"।

ଏହା ଅନୁବାଦ ସମସ୍ୟା ଉଦ୍ଦେଶ୍ୟ ଅଟେ

ଉକ୍ତି ବା ବକ୍ତ୍ୟବଟି ସଂପୂର୍ଣ୍ଣ ଭାବରେ ସତ୍ୟ କି ନାହିଁ, ଏହାକୁ ପାଠକମାନେ ବୁଝିବାରେ ସକ୍ଷମ ହେବା ଆବଶ୍ୟକ।

ଯଦି ପାଠକମାନେ ଜାଣନ୍ତି ଯେ ଉକ୍ତିଟି ସଂପୂର୍ଣ୍ଣ ସତ୍ୟ ନୁହେଁ, ତେବେ ଏହା ଅତ୍ୟୁକ୍ତି ସମ୍ବଳିତ, ସାଧାରଣ ଅନୁମାନ, କିଅବା ମିଥ୍ୟା ଅଟେ, ସେମାନେ ଏହାକୁ ବୁଝିବାରେ ସକ୍ଷମ ହେବା ଆବଶ୍ୟକ। (ଯଦିଓ ବାଇବଲ ସମ୍ପୁର୍ଣ୍ଣ ରୂପେ ସତ୍ୟ ଅଟେ, ଏହା ଏପରି ଲୋକମାନଙ୍କ ବିଷୟରେ କୁହେଁ ଯେଉଁମାନେ ସର୍ବଦା ସତ୍ୟ କହି ନ ଥିଲେ।)

ବାଇବଲରୁ କେତେକ ଉଦାହରଣ

ଅତିରଞ୍ଜନର ଉଦାହରଣଗୁଡ଼ିକ

> ପୁଣି, ତୁମ୍ଭର ହସ୍ତ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ **ତାହା କାଟିପକାଅ**। ପଙ୍ଗୁ ହୋଇ ଜୀବନରେ ପ୍ରବେଶ କରିବା ତୁମ୍ଭ ପକ୍ଷରେ ଉତ୍ତମ। (ମାର୍କ 9:43କ ULT)

ଯେତେବେଳେ ଯୀଶୁ ହସ୍ତ କାଟି ପକାଇବାକୁ କହିଲେ, ସେ କହିବାର ତାତ୍ପର୍ଯ୍ୟ ଯେ ଆମ୍ଭେମାନେ ପାପ ନ କରିବା ପାଇଁ **ଯାହାକିଛି ଚରମ ପର୍ଯ୍ୟାୟ** କରିବା ଆବଶ୍ୟକ। ପାପରୁ ନିବୃତ ହେବା ପାଇଁ ଚେଷ୍ଟା କରିବା ଯେ କେତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏହାକୁ ଦେଖାଇବା ପାଇଁ ସେ ଅତ୍ୟୁକ୍ତି ଶବ୍ଦକୁ ବ୍ୟବହାର କଲେ।

> ଏଉତ୍ତାରେ ଇସ୍ରାଏଲ ସହିତ ଯୁଦ୍ଧ କରିବା ପାଇଁ ପଲେଷ୍ଟୀୟମାନଙ୍କର ତିରିଶି ସହସ୍ର ରଥ, ଛଅ ସହସ୍ର ଅଶ୍ୱାରୋହୀ, ଓ **ସମୁଦ୍ର ତୀରସ୍ଥ ବାଲୁକାର ନ୍ୟାୟ ଲୋକାରଣ୍ୟ ଏକତ୍ର ହେଲେ**। (1ମ ଶାମୁୟେଲ 13:5କ ULT)

ପଲେଷ୍ଟୀୟ ସୈନିକ ସଂଖ୍ୟାରେ ଅତ୍ୟଧିକ ମାତ୍ରାରେ ଥିବା ଭାବନାକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ ବୋଲ୍ଡ ବାକ୍ୟାଂଶ ଅତ୍ୟଧିକ ଅଟେ। ଏହାର ଅର୍ଥ ହେଉଛି ପଲେଷ୍ଟୀୟ ସୈନବାହିନୀରେ **ଅନେକ, ଅନେକ** ସୈନିକ ଥିଲେ।

> କିନ୍ତୁ ଯେପରି ତାହାଙ୍କ ଅଭିଷେକ ତୁମ୍ଭମାନଙ୍କୁ **ପ୍ରତ୍ୟେକ ଜିନିଷ** ଶିକ୍ଷା ଦିଏ ଏବଂ ଏହା ସତ୍ୟ ଏବଂ ମିଥ୍ୟା ନୁହେଁ, ଏବଂ ଯେପରି ଏହା ତୁମ୍ଭମାନଙ୍କୁ ଶିକ୍ଷା ଦେଇଅଛି, ତାଙ୍କଠାରେ ରୁହନ୍ତୁ। (1 ଯୋହନ 2: 27ଖ ULT)

ଏହା ଏକ ବିଶେଷ ଉଦ୍ଦେଶ୍ୟରେ ଅତିକଥନ ଅଟେ। ଏହା ଆତ୍ମବିଶ୍ୱାସକୁ ପ୍ରକାଶ କରେ ଯେ ଈଶ୍ୱରଙ୍କ ଆତ୍ମା ଆମ୍ଭମାନଙ୍କୁ **ସମସ୍ତ ଜିନିଷ ବିଷୟରେ ଶିକ୍ଷା ଦିଅନ୍ତି ଯାହାକୁ ଆମ୍ଭେମାନେ ଜାଣିବା ଆବଶ୍ୟକ**। ଈଶ୍ୱରଙ୍କ ଆତ୍ମା ସବୁକିଛି ବିଷୟରେ ଆମ୍ଭମାନଙ୍କୁ ଶିକ୍ଷା ଦିଏ ନାହିଁ ଯାହା ଜାଣିବା ସମ୍ଭବ ଅଟେ।

ଯେତେବେଳେ ସେମାନେ ତାଙ୍କୁ ପାଇଲେ, ସେମାନେ ମଧ୍ୟ ତାଙ୍କୁ କହିଲେ, "**ସମସ୍ତେ** ତୁମ୍ଭମାନଙ୍କୁ ଖୋଜୁଅଛନ୍ତି।" (ମାର୍କ 1:37 ULT)

ବୋଧହୁଏ ଶିଷ୍ୟମାନଙ୍କ ଧାରଣା ଏହା ନ ଥିଲା ଯେ ସହରର ସମସ୍ତେ ଯୀଶୁଙ୍କୁ ଖୋଜୁଥିଲେ, କିନ୍ତୁ ଯେ **ଅନେକ ଲୋକ** ତାହାଙ୍କୁ ଖୋଜୁଥିଲେ, କିମ୍ବା ସେଠାରେ ଥିବା ଯୀଶୁଙ୍କ ନିକଟତମ ବନ୍ଧୁମାନେ ସମସ୍ତେ ତାହାଙ୍କୁ ଖୋଜୁଥିଲେ। ସେମାନେ ଏବଂ ଅନ୍ୟମାନେ ତାହାଙ୍କ ବିଷୟରେ ଚିନ୍ତିତ ଥିବାରୁ ଭାବନାକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ ଏହା ଅତିରଞ୍ଜିତ କରି ବର୍ଣ୍ଣନା କରିଅଛନ୍ତି।

ସାଧାରଣ ଅନୁମାନର ଉଦାହରଣଗୁଡ଼ିକ

> କ'ଣ ନାଜରିତରୁ **କୌଣସି ଉତ୍ତମ ଜିନିଷ** ଆସିପାରେ? (ଯୋହନ 1: 46ଖ ULT)

ଏହି ବକ୍ତବ୍ୟ ପ୍ରଶ୍ନ ନାଜରିତରେ କିଛି ହିଁ ଭଲ ନାହିଁ ବୋଲି ସାଧାରଣ ଭାବରେ ପ୍ରକାଶ କରି କହିବା ନିମନ୍ତେ ଅଟେ। ସେଠାକାର ଲୋକମାନେ ଅଶିକ୍ଷିତ ଏବଂ ବିଧିବଦ୍ଧ ରୂପେ ଧାର୍ମିକ ନୁହଁନ୍ତି। ଅବଶ୍ୟ, ଏହାର ବ୍ୟତିକ୍ରମ ଥିଲା। ଶିଷ୍ୟମାନେ ଯୀଶୁଙ୍କୁ କହିଲେ ଯେ ସମସ୍ତେ ତାହାଙ୍କର ଅନ୍ୱେଷଣ କରୁଥିଲେ।

> ସେମାନଙ୍କ ମଧ୍ୟରୁ ଜଣେ, ସେମାନଙ୍କର ନିଜର ଭାବବାଦୀମାନେ "**କ୍ରୀତିନିବାସୀ ସର୍ବଦା ମିଛୁଆ, ମନ୍ଦ ପଶୁ, ଅଲଶୁଆ ପେଟୁକ**" ବୋଲି କହିଅଛନ୍ତି। (ତୀତସ 1:12 ULT)

ଏହା ଏକ ସାଧାରଣକରଣ ଯାହାର ଅର୍ଥ ହେଉଛି ଯେ କ୍ରୀତିନିବାଶୀ ଏହିପରି ହେବା ପାଇଁ ଏକ ପ୍ରତିଷ୍ଠା କରିଥିଲେ କାରଣ ସାଧାରଣତ, କ୍ରୀତିନିବାଶୀ ଏହିପରି ବ୍ୟବହାର କରିଥିଲେ। ଏହା ସମ୍ଭବ ଯେ ସେଠାରେ ବ୍ୟତିକ୍ରମ ଥିଲା।

> **ଜଣେ ବ୍ୟକ୍ତିକୁ ଅଳସୁଆ ହସ୍ତ ଗରିବ କରିଦିଏ, କିନ୍ତୁ ପରିଶ୍ରମୀର ହସ୍ତ ବ୍ୟକ୍ତିକୁ ଧନ ଲାଭ କରାଏ।** (ହିତୋପଦେଶ 10: 4 ULT)

ଏହା ସାଧାରଣତ ସତ୍ୟ ଅଟେ, ଏବଂ ଏହା ଅଧିକାଂଶ ଲୋକଙ୍କ ଅଭିଜ୍ଞତାକୁ ପ୍ରତିଫଳିତ କରିଥାଏ। ଏହା ସମ୍ଭବ ଯେ କିଛି ପରିସ୍ଥିତିରେ ବ୍ୟତିକ୍ରମ ଅଛି।

ସତର୍କ

ଏହା ଅସମ୍ଭବ ମନେ ହେଉଥିବା ହେତୁ ତାହା ଅତିରଞ୍ଜନ ବୋଲି ଗ୍ରହଣ କରନ୍ତୁ ନାହିଁ। ପରମେଶ୍ୱର ଆଶ୍ଚର୍ଯ୍ୟ କାର୍ଯ୍ୟମାନ କରନ୍ତି।

> ସେମାନେ ଯୀଶୁଙ୍କୁ **ସମୁଦ୍ର ଉପରେ ଚାଲି** ନୌକା ନିକଟକୁ ଆସୁଥିବା ଦେଖିଲେ। (ଯୋହନ 6:19ଖ ULT)

ଏହା ବିଶେଷ ଉଦ୍ଦେଶ୍ୟରେ ଅତିକଥନ ନୁହେଁ। ଯୀଶୁ ବାସ୍ତବରେ ଜଳ ଉପରେ ଚାଲିଲେ। ଏହା ଏକ ଆକ୍ଷରିକ ଉକ୍ତି।

ସଦାପ୍ରଭୁ ସର୍ବଦା ଧର୍ମମୟ। ଏହା ସଂପୂର୍ଣ୍ଣ ଭାବରେ ସତ୍ୟ ଉକ୍ତି।

> ସଦାପ୍ରଭୁ ଆପଣାର **ସକଳ** ପଥରେ ଧର୍ମମୟ ଅଟନ୍ତି ଏବଂ ଆପଣାର **ସକଳ** କାର୍ଯ୍ୟରେ ଦୟାଳୁ ଅଟନ୍ତି। (ଗୀତସଂହିତା 145:17 ULT)

ସଦପ୍ରଭୁ ସର୍ବଦା ଧାର୍ମିକ ଅଟନ୍ତି। ଏହା ଏକ ସମ୍ପୁର୍ଣ୍ଣ ସତ୍ୟ ଉକ୍ତି ଅଟେ।

ଅନୁବାଦ କୌଶଳ

ଯଦି ଅତିରଞ୍ଜନ ବା ସାଧାରଣ ଅନୁମାନ ପ୍ରାକୃତିକ ଓ ଲୋକେ ଏହାକୁ ବୁଝିପାରିବେ ଏବଂ ଏହା ମିଥ୍ୟା ବୋଲି ମନେ କରିବେ ନାହିଁ, ତେବେ ଏହାକୁ ବ୍ୟବହାର କରିବା ପାଇଁ ବିଚାର କରନ୍ତୁ। ଯଦି ନାହିଁ, ଏଠାରେ ଅନ୍ୟ ବିକଳ୍ପଗୁଡ଼ିକ ରହିଛି।

(1) ଅତିରଞ୍ଜନ ଶବ୍ଦ ବିନା ଅର୍ଥକୁ ପ୍ରକାଶ କର। (2) ସାଧାରଣ ଅନୁମାନ ନିମନ୍ତେ, "ସାଧାରଣରେ" ବା "ଅଧିକାଂଶ କ୍ଷେତ୍ରରେ" ଭଳି ବାକ୍ୟାଂଶକୁ ବ୍ୟବହାର କରି ଏହା ଯେ ସାଧାରଣ ଅନୁମାନ ଅଟେ ଦେଖାଅ। (3) ସାଧାରଣ ଅନୁମାନ ନିମନ୍ତେ, ସାଧାରଣ ଅନୁମାନ ଯେ ନିର୍ଭୁଲ ନୁହେଁ, ଏହାକୁ ଦେଖାଇବା ପାଇଁ "ସର୍ବାଧିକ" ବା "ପ୍ରାୟ" ଶବ୍ଦକୁ ଯୋଗ କର। (4) ସାଧାରଣ ଅନୁମାନ ନିମନ୍ତେ ଯାହାର "ସମସ୍ତ", "ସର୍ବଦା", "କେହି ନୁହେଁ", କିମ୍ବା "କଦାପି ନୁହେଁ" ଭଳି ଶବ୍ଦ ଅଛି, ସେହି ଶବ୍ଦଗୁଡ଼ିକୁ ବାଦ୍ ଦେବା ପାଇଁ ବିଚାର କର।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

ଅତିରଞ୍ଜନ ଶବ୍ଦ ବିନା ଅର୍ଥକୁ ପ୍ରକାଶ କରନ୍ତୁ।

> ଏଉତ୍ତାରେ ଇସ୍ରାଏଲ ସହିତ ଯୁଦ୍ଧ କରିବା ପାଇଁ ପଲେଷ୍ଟୀୟମାନଙ୍କର ତିରିଶି ସହସ୍ର ରଥ ଓ ଛଅ ସହସ୍ର ଅଶ୍ୱାରୋହୀ ଓ **ସମୁଦ୍ର ତୀରସ୍ଥ ବାଲୁକାର ନ୍ୟାୟ ଲୋକାରଣ୍ୟ ଏକତ୍ର ହେଲେ**। (1ମ ଶାମୁୟେଲ 13:5କ ULT)
>
> > ଇସ୍ରାଏଲ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପଲେଷ୍ଟୀୟମାନେ ଏକତ୍ରିତ ହେଲେ: ତିନି ହଜାର ରଥ, ଛଅ ହଜାର ଲୋକମାନେ ରଥ ଚଳାଇବା ପାଇଁ ଏବଂ **ବହୁ ସଂଖ୍ୟକ ସୈନ୍ୟ**।

(2) ସାଧାରଣ ଅନୁମାନ ନିମନ୍ତେ, "ସାଧାରଣରେ" ବା "ଅଧିକାଂଶ କ୍ଷେତ୍ରରେ" ବାକ୍ୟାଂଶକୁ ବ୍ୟବହାର କରିବା ଦ୍ୱାରା ଏହା ଯେ ସାଧାରଣ ଅନୁମାନ ଅଟେ ଦେଖାଅ।

> ଯେଉଁ ଜନ ଶାସନ ଅଗ୍ରାହ୍ୟ କରେ, ସେ ଦରିଦ୍ରତା ଓ ଲଜ୍ଜା ପାଏ। (ହିତୋପଦେଶ 13:18କ ULT)
>
> > **ସାଧାରଣରେ**, ଯେଉଁ ଜନ ଶାସନ ଅଗ୍ରାହ୍ୟ କରେ, ସେ ଦରିଦ୍ରତା ଓ ଲଜ୍ଜା ପାଏ।

ପୁଣି, ପ୍ରାର୍ଥନା କରିବା ସମୟରେ ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କର ନାହିଁ, କାରଣ ସେମାନେ ବହୁତ କଥା କହିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି। (ମାଥିଉ 6:7 ULT)

ପୁଣି ତୁମ୍ଭେମାନେ ପ୍ରାର୍ଥନା କରିବା ସମୟରେ, ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କର ନାହିଁ, କାରଣ ସେମାନେ ବହୁତ କଥା କହିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି। (ମାଥିଉ 6: 7)

> "ପୁଣି ତୁମ୍ଭେମାନେ ପ୍ରାର୍ଥନା କରିବା ସମୟରେ, **ସାଧାରଣ ଭାବରେ** ବିଜାତୀୟମାନଙ୍କ ପରି ଅନର୍ଥକ ପୁନରୁକ୍ତି କର ନାହିଁ, କାରଣ ସେମାନେ ବହୁତ କଥା କହିବାରୁ ସେମାନଙ୍କ ପ୍ରାର୍ଥନା ଶୁଣାଯିବ ବୋଲି ମନେ କରନ୍ତି।

(3) ବିଶେଷ ଉଦ୍ଦେଶ୍ୟରେ ଅତିକଥନ ନିମନ୍ତେ କିମ୍ବା ଏକ ସାଧାରଣକରଣ ପାଇଁ, ଯେପରି ଏହାକୁ ଦେଖାଇବା ପାଇଁ "ଜନସମୂହ" କିମ୍ବା "ଅଧିକାଂଶ" ଶବ୍ଦକୁ ଯୋଗ କର।

> **ସମଗ୍ର** ଯିହୂଦା ଦେଶର ଓ **ସମସ୍ତ** ଯିରୁଶାଲମନିବାସୀ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ। (ମାର୍କ 1:5 ULT)
>
> > ଯିହୂଦା ଦେଶର **ପ୍ରାୟ ସମସ୍ତ** ଓ **ପ୍ରାୟ ସମସ୍ତ** ଯିରୁଶାଲମନିବାସୀ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ।" କିମ୍ବା ଜିହୁଦା ଦେଶର **ଜନସମୂହ** ଏବଂ **ଅଧିକାଂଶ** ଯିରୁଶାଲମନିବାସୀ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ।"

(4) ବିଶେଷ ଉଦ୍ଦେଶ୍ୟରେ ଅତିକଥନ ନିମନ୍ତେ କିମ୍ବା ଏକ ସାଧାରଣକରଣ ଶବ୍ଦ ଯଥା "ସମସ୍ତେ," ସର୍ବଦା," "କେହି ନୁହେଁ", କିମ୍ବା "କଦାପି ନୁହେଁ" ଭଳି ଶବ୍ଦ ଅଛି, ସେହି ଶବ୍ଦଗୁଡ଼ିକୁ ବାଦ୍ ଦେବା ପାଇଁ ବିଚାର କର।

> **ସମଗ୍ର** ଯିହୂଦା ପ୍ରଦେଶ ଓ **ସମସ୍ତ** ଯିରୁଶାଲମନିବାସୀ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ। (ମାର୍କ 1:5କ ULT)
>
> > ଯିହୂଦା ଦେଶ ଓ ଯିରୁଶାଲମନିବାସୀ ଲୋକମାନେ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ।

(**କୁ ଫେରିଯାଅ:** ସଭା,ସଭାମାନ,ସମାଗତ ହେବା, ସମାଗତ, ଏକତ୍ର ହେବା, ଗୋଷ୍ଠୀ)

ଅନୁମାନିକ ଜ୍ଞାନ ଓ ଅବ୍ୟକ୍ତ ସୂଚନା

ଜଣେ ବକ୍ତା ଯାହାକିଛି କହିବା ପୁର୍ବରୁ ଅନୁମାନ କରନ୍ତି ଯେ ସେ କହିବା ପୂର୍ବରୁ ତାଙ୍କ ଶ୍ରୋତାମାନେ ଜାଣନ୍ତି ଏବଂ ସେ ସେମାନଙ୍କୁ ଏକ ପ୍ରକାର ସୂଚନା ଦିଅନ୍ତି ଯାହାକୁ ଅନୁମାନିକ ଜ୍ଞାନ କୁହାଯାଏ। ବକ୍ତା ଶ୍ରୋତୃବର୍ଗକୁ ଏହି ସୂଚନା ଦିଅନ୍ତି ନାହିଁ କାରଣ ସେ ବିଶ୍ୱାସ କରନ୍ତି ଯେ ସେମାନେ ଏହା ପୁର୍ବରୁ ଜାଣିଛନ୍ତି।

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ମୋ'ର ଅନୁବାଦ ଆନୁମାନିକ ଜ୍ଞାନ ଓ ମୂଳ ସମ୍ବାଦର ସ୍ପଷ୍ଟ ତଥ୍ୟ ସହିତ ସନ୍ଦେହ ରହିତ ତଥ୍ୟର ଯୋଗାଯୋଗ କରୁଛି ବୋଲି ମୁଁ କିପରି ନିଶ୍ଚିତ ହୋଇପାରିବି?

ଯେତେବେଳେ ଜଣେ ବକ୍ତା ଶ୍ରୋତୃବର୍ଗଙ୍କୁ ସୂଚନା ଦିଅନ୍ତି, ସେ ଦୁଇ ପ୍ରକାର ମାଧ୍ୟମରେ କରିପାରନ୍ତି। ବକ୍ତା ସିଧାସଳଖ ଯାହା କହୁଛନ୍ତି ସେଥିରେ ସେ ସୁସ୍ପଷ୍ଟ ସୂଚନା ଦିଅନ୍ତି। ଯାହା ବକ୍ତା ସିଧାସଳଖ କୁହନ୍ତି ନାହିଁ କାରଣ ସେ ଆପଣା ଶ୍ରୋତୃବର୍ଗଙ୍କୁ ଅନ୍ୟ କୌଣସି ବିଷୟରୁ ଏହା ଶିଖିବାକୁ ସକ୍ଷମ ହୁଅନ୍ତୁ ବୋଲି ସେ ଆଶା କରି ଯାହା ବକ୍ତା ସିଧାସଳଖ କୁହନ୍ତି ନାହିଁ ତାହା ଅସ୍ପଷ୍ଟ ସୂଚନା ଅଟେ।

ବିବରଣ

କେହି ଜଣେ କହିବା ବା ଲେଖିବା ସମୟରେ, ତାହାଙ୍କ ମନରେ କିଛି ନିର୍ଦ୍ଦିଷ୍ଟ ବିଷୟ ରହିଥାଏ ଯାହାକି ଏହି ବିଷୟରେ ଲୋକମାନେ ଜାଣନ୍ତୁ, ବା କରନ୍ତୁ, ବା ଚିନ୍ତା କରନ୍ତୁ ବୋଲି ସେ ଚାହିଁଥାନ୍ତି। ସେ ପ୍ରାୟ ସାଧାରଣ ଭାବରେ ଏହାକୁ ସିଧାସଳଖ କହନ୍ତି। ଏହାକୁ ବ୍ୟକ୍ତ ସୂଚନା କୁହାଯାଏ।

ବକ୍ତା ଅନୁମାନ କରେ ଯେ ତାହାର ଶ୍ରୋତୃବର୍ଗ ସେହି ନିର୍ଦ୍ଦିଷ୍ଟ ବିଷୟକୁ ପୁର୍ବରୁ ଜାଣନ୍ତି ଯାହା ସେମାନେ ଏହି ସୂଚନାକୁ ବୁଝିବା ପାଇଁ ଚିନ୍ତା କରିବା ଆବଶ୍ୟକ ହେବ। ସାଧାରଣତଃ ସେ ଲୋକମାନଙ୍କୁ ଏହି ବିଷୟରେ କହେ ନାହିଁ, କାରଣ ସେମାନେ ପୂର୍ବରୁ ସେଗୁଡ଼ିକୁ ଜାଣନ୍ତି। ଏହାକୁ ଆନୁମାନିକ ଜ୍ଞାନ କହନ୍ତି।

ବକ୍ତା ସବୁବେଳେ ସମସ୍ତ ବିଷୟ ସିଧାସଳଖ କହନ୍ତି ନାହିଁ, ବରଂ ସେ ଯାହା କହନ୍ତି ତହିଁରୁ ତାହାର ଶ୍ରୋତୃବର୍ଗ ଶିଖନ୍ତୁ ବୋଲି ଆଶା କରିଥାନ୍ତି। ଯେଉଁ ସୂଚନା ସେ କହେ ତହିଁରୁ ଲୋକମାନେ ଶିଖନ୍ତୁ ବୋଲି ସେ ଆଶା କରେ, ଯଦିଓ ସେ ଏହାକୁ ସିଧାସଳଖ କହି ନଥାନ୍ତି, ଏହା ଅବ୍ୟକ୍ତ ସୂଚନା ବୋଲି ଅଟେ।

ଅନେକ ସମୟରେ, ଶ୍ରୋତୃବର୍ଗ ବକ୍ତା ସେମାନଙ୍କୁ ସିଧାସଳଖ କହିବା ବ୍ୟକ୍ତ ସୂଚନା ସହ ସେମାନେ ପୂର୍ବରୁ ଜାଣିଥିବା (ଆନୁମାନିକ ଜ୍ଞାନ) ସହ ଏକତ୍ର କରି ଏହି ଅବ୍ୟକ୍ତ ସୂଚନାକୁ ବୁଝିଥାନ୍ତି ଯାହା ବକ୍ତା ସେମାନଙ୍କୁ ସିଧାସଳଖ କହିଥାଆନ୍ତି।

ଏହା ଅନୁବାଦ ସମସ୍ୟା ଉଦ୍ଦେଶ୍ୟ ଅଟେ

ଏହି ସମସ୍ତ ତିନି ପ୍ରକାର ସୂଚନା ବକ୍ତାଙ୍କ ବାର୍ତ୍ତାର ଅଂଶ ବିଶେଷ ଅଟେ। ଯଦି ଏହି ସୂଚନାଗୁଡ଼ିକରୁ କୌଣସି ଗୋଟିଏ ପ୍ରକାର ସୂଚନା ବାଦ୍ ପଡ଼େ, ତେବେ ଶ୍ରୋତୃବର୍ଗଉକ୍ତ ବାର୍ତ୍ତାକୁ ବୁଝିବେ ନାହିଁ। କାରଣ ଲକ୍ଷ୍ୟ ବା ନିର୍ଦ୍ଦିଷ୍ଟ ଅନୁବାଦ ଭାଷା ବାଇବଲଭିତ୍ତିକ ଭାଷାଠାରୁ ଅଧିକ ଭିନ୍ନ ଅଟେ ଏବଂ ବାଇବଲର ଲୋକମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ସମୟ ଓ ସ୍ଥାନରେ ରହୁଥିବା ଶ୍ରୋତାମାନଙ୍କ ନିମନ୍ତେ ପ୍ରସ୍ତୁତ, ଅନେକ ସମୟରେ ସମ୍ବାଦରୁ ଆନୁମାନିକ ଜ୍ଞାନ ବା ଅବ୍ୟକ୍ତ ସୂଚନା ବାଦ୍ ପଡ଼ିଥାଏ। ଅନ୍ୟ ଶବ୍ଦରେ, ବାଇବଲର ମୂଳ ବକ୍ତାଗଣ ଓ ଶ୍ରୋତାମାନେ ଯାହା ଜାଣିଥାନ୍ତି, ସେହି ସବୁ ଆଧୁନିକ ପାଠକମାନେ ଜାଣନ୍ତି ନାହିଁ। ଯେବେ ଏହି ସମସ୍ତ ସମ୍ବାଦକୁ ବୁଝିବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟେ, ଆପଣ ଏହି ସୂଚନାକୁ ପାଠ କିମ୍ବା ବହି ପୃଷ୍ଠାର ନିମ୍ନ ଭାଗରେ ପ୍ରଦତ୍ତ ଟିକାରେ ଅନ୍ତର୍ଭୁକ୍ତ କରିପାରିବେ।

ବାଇବଲରୁ କେତେକ ଉଦାହରଣ

> ତାପରେ, ଜଣେ ଶାସ୍ତ୍ରୀ ତାହାଙ୍କ ନିକଟକୁ ଆସି କହିଲେ, "ହେ ଗୁରୁ, ଆପଣ ଯେକୌଣସି ସ୍ଥାନକୁ ଯିବେ, ମୁଁ ଆପଣଙ୍କ ଅନୁଗମନ କରିବି।'' ସେଥିରେ ଯୀଶୁ ତାହାଙ୍କୁ କହିଲେ, "କୋକିଶିଆଳିର **ଗାତ ଅଛି**, ଆକାଶ ପକ୍ଷୀର **ବସା ଅଛି**, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ।'' (ମାଥିଉ 8:20 ULT)

କୋକିଶିଆଳି ଓ ପକ୍ଷୀମାନେ ଗାତ ଓ ବସାଗୁଡ଼ିକୁ କଣ ପାଇଁ ବ୍ୟବହାର କରନ୍ତି, ଯୀଶୁ ତାହା କହୁ ନାହାନ୍ତି, କାରଣ ସେ ଅନୁମାନ କରନ୍ତି ଯେ କୋକିଶିଆଳିମାନେ ଭୂମିର ଗାତରେ ଓ ପକ୍ଷୀମାନେ ନିଡ ବା ପକ୍ଷୀବସାରେ ଶୋଇବା ବିଷୟ ଶାସ୍ତ୍ରୀ ଜାଣିଥିବ। ଏହାକୁ **ଆନୁମାନିକ ଜ୍ଞାନ** କହନ୍ତି।

"ମୁଁ ମନୁଷ୍ୟପୁତ୍ର'' ବୋଲି ଯୀଶୁ ସିଧାସଳଖ କହିଲେ ନାହିଁ, କିନ୍ତୁ ଯଦି ଶାସ୍ତ୍ରୀ ଏହା ପୂର୍ବରୁ ଜାଣି ନଥାନ୍ତେ, ତେବେ ଏହି ସତ୍ୟତା **ଅବ୍ୟକ୍ତ ସୂଚନା** ହେବ ଯାହା ସେ ଶିଖି ପାରିଥାନ୍ତେ କାରଣ ଯୀଶୁ ନିଜକୁ ସେହି ଭାବରେ ଦର୍ଶାଉଛନ୍ତି। ଆହୁରି ମଧ୍ୟ, ଯୀଶୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରି କହୁ ନାହାଁନ୍ତି ଯେ ସେ ସ୍ଥାନେ ସ୍ଥାନେ ଯାତ୍ରା କରନ୍ତି ଓ ପ୍ରତି ରାତ୍ରି କ୍ଷେପଣ ନିମନ୍ତେ ତାହାର ଘର ସୁଧା ନାହିଁ। ତାହା **ଅବ୍ୟକ୍ତ ସୂଚନା** ଅଟେ ଯାହାକି ତାହାର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ ବୋଲି ଯୀଶୁ କହିବା ସମୟରେ ଶାସ୍ତ୍ରୀ କିଛି ଶିକ୍ଷା କରିଥିବ।

> ହାୟ, ଦଣ୍ଡର ପାତ୍ର କୋରାଜୀନ୍! ହାୟ, ଦଣ୍ଡର ପାତ୍ର ବେଥସାଇଦା କାରଣ ତୁମ୍ଭମାନଙ୍କ ମଧ୍ୟରେ ଯେଉଁ ଯେଉଁ ଶକ୍ତିର କାର୍ଯ୍ୟ କରାଯାଇଛି,ସେହିସବୁ ଯେବେ **ସୋର ଓ ସିଦୋନ** ରେ କରାଯାଇଥାଆନ୍ତା, ତେବେ ସେମାନେ ଅନେକ କାଳ ପୂର୍ବରୁ ଅଖା ପିନ୍ଧି ପାଉଁଶରେ ବସି ମନ ପରିବର୍ତ୍ତନ କରିଥାଆନ୍ତେ। **ବିଚାର-ଦିନରେ** ତୁମ୍ଭମାନଙ୍କ ଦଶା ଅପେକ୍ଷା ସୋର ଓ ସିଦୋନର ଦଶା ସହନୀୟ ହେବ। (ମାଥିଉ 11:21-22 ULT)

ଯୀଶୁ ଅନୁମାନ କରନ୍ତି ଯେ ଯେଉଁ ଲୋକମାନଙ୍କୁ ସେ କହୁଥିଲେ ସେମାନେ ସୋର ଓ ସିଦୋନୀୟମାନେ ଅଧିକ ଦୁଷ୍ଟ ଥିବା ଜାଣିଥିଲେ, ଏବଂ ବିଚାର-ଦିନ ଏକ ଏପରି ସମୟ ଯେଉଁ ସମୟରେକି ଈଶ୍ୱର ପ୍ରତ୍ୟେକ ଜଣଙ୍କୁ ବିଚାର କରିବେ। ଯୀଶୁ ମଧ୍ୟ ଜାଣିଥିଲେ ଯେ ସେ ଯେଉଁ ଲୋକମାନଙ୍କୁ କହୁଥିଲେ ସେମାନେ ଉତ୍ତମ ଥିବା ଓ ମନପରିବର୍ତ୍ତନ କରିବାର ଆବଶ୍ୟକ ନଥିବା ବିଶ୍ୱାସ କରୁଥିଲେ। ଯୀଶୁ ସେମାନଙ୍କୁ ସମସ୍ତ ବିଷୟ କହିବା ଆବଶ୍ୟକ ନାହିଁ। ଏହିସବୁ **ଗ୍ରହଣ କରିଥିବା ଜ୍ଞାନ**।

ଏଠାରେ **ଅବ୍ୟକ୍ତ ସୂଚନା**ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଯେଯେଉଁ ଲୋକମାନଙ୍କୁ କହୁଥିଲେ ସେମାନେ ସୋର ଏବଂ ସିଦୋନ ଲୋକମାନଙ୍କ ଅପେକ୍ଷା ଅଧିକ କଠୋର ବିଚାର କରିବେ **କାରଣ** ସେମାନେ ମନପରିବର୍ତ୍ତନ କଲେ ନାହିଁ।

> ଆପଣଙ୍କର ଶିଷ୍ୟମାନେ କାହିଁକି ପ୍ରାଚୀନମାନଙ୍କର ପରମ୍ପରାଗତ ରୀତିନୀତି ଲଙ୍ଘନ କରନ୍ତି? କାରଣ **ଭୋଜନ କରିବା ସମୟରେ ସେମାନେ ହସ୍ତ ପ୍ରକ୍ଷାଳନ କରନ୍ତି ନାହିଁ**। **ରୁଟି** (ମାଥିଉ 15:2 ULT)

ଖାଇବା ପୂର୍ବରୁ ବିଧି ବିଧାନ ଅନୁଯାଇ ଶୁଚି ହେବା ପାଇଁ ଲୋକମାନେ ଆପଣା ଆପଣା ହସ୍ତ ପ୍ରକ୍ଷାଳନ କରିବାର ଏକ ଔପଚାରିକ ରୀତିସଙ୍ଗତ ପଦ୍ଧତି ପାଳନ କରନ୍ତି, ଯାହା ପ୍ରାଚୀନମାନଙ୍କର ପରମ୍ପରା ମଧ୍ୟରୁ ଗୋଟିଏ ପରମ୍ପରା ଥିଲା। ଲୋକେ ଭାବୁଥିଲେ ଯେ ଧାର୍ମିକ ହୋଇ ରହିବା ପାଇଁ, ସେମାନେ ପ୍ରାଚୀନାମାନଙ୍କ ସମସ୍ତ ପରମ୍ପରାଗୁଡ଼ିକୁ ପାଳନ କରିବାକୁ ହେବ। ଏହା **ଆନୁମାନିକ ଜ୍ଞାନ** ଥିଲା, ଯୀଶୁଙ୍କ ସହିତ କଥାବାର୍ତ୍ତା କରୁଥିବା ଫାରୁଶୀମାନେ ଆଶା କରୁଥିଲେ ଯେ ଯୀଶୁ ଏହା ଜାଣନ୍ତୁ। ଏହା କହିବା ଦ୍ୱାରା, ସେମାନେ ତାହାଙ୍କ ଶିଷ୍ୟମାନଙ୍କୁ ଏହି ପରମ୍ପରାଗୁଡ଼ିକୁ ପାଳନ କରୁ ନଥିବାର ଅଭିଯୋଗ କରିଥିଲେ। ଏହା **ଅବ୍ୟକ୍ତ ସୂଚନା** ଯାହା ସେମାନେ ତାହାଙ୍କୁ କହିଲେ ତହିଁରୁ ସେ ବୁଝନ୍ତୁ ବୋଲି ସେମାନେ ଚାହିଲେ।

ଅନୁବାଦ କୌଶଳ

ଯଦି ସମ୍ବାଦକୁ ଓ ତତ୍ ସଙ୍ଗେ ସଙ୍ଗେ ବ୍ୟକ୍ତ ସୂଚନା ସହ କୌଣସି ଗୁରୁତ୍ୱପୂର୍ଣ୍ଣ ଅବ୍ୟକ୍ତ ସୂଚନାକୁ ବୁଝିବାରେ ସକ୍ଷମ ହେବା ପାଇଁ ପାଠକମାନଙ୍କର ଯଥେଷ୍ଟ ଆନୁମାନିକ ଜ୍ଞାନ ଥାଏ, ତେବେ ସେହି ଜ୍ଞାନକୁ ଅକୁହା ଭାବରେ ଓ ଅବ୍ୟକ୍ତ ସୂଚନାକୁ ଅବ୍ୟକ୍ତ ଭାବରେ ଛାଡ଼ିଦେବା ଉତ୍ତମ ଅଟେ। ସେମାନଙ୍କ ନିମନ୍ତେ ଏଥି ମଧ୍ୟରୁ କିଛି ବିଷୟକୁ ବାଦ୍ ଦିଆଯାଇଥିବା ହେତୁ, ଯଦି ପାଠକମାନେ ସମ୍ବାଦକୁ ବୁଝୁ ନାହାଁନ୍ତି, ତେବେ ନିମ୍ନ ଲିଖିତ ଏହି କୌଶଳଗୁଡ଼ିକୁ ପାଳନ କରନ୍ତୁ:

ସେମାନଙ୍କର ନିର୍ଦ୍ଦିଷ୍ଟ ଆନୁମାନିକ ଜ୍ଞାନ ନଥିବା ହେତୁ, ଯଦି ପାଠକମାନେ ସମ୍ବାଦକୁ ବୁଝି ପାରନ୍ତି ନାହିଁ, ତେବେ ସେହି ଜ୍ଞାନକୁ ବ୍ୟକ୍ତ ସୂଚନା ରୂପେ ଯୋଗାନ୍ତୁ । (2) ଯଦି ପାଠକମାନେ ସମ୍ବାଦକୁ ବୁଝି ପାରନ୍ତୁ ନାହିଁ କାରଣ ସେମାନେ ନିର୍ଦ୍ଦିଷ୍ଟ ଅବ୍ୟକ୍ତ ସୂଚନାକୁ ଜାଣନ୍ତି ନାହିଁ, ତେବେ ସେହି ସୂଚନାକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରନ୍ତୁ, କିନ୍ତୁ ଏହାକୁ ଏକ ଏପରି ମାଧ୍ୟମରେ କରିବାକୁ ଚେଷ୍ଟା କରନ୍ତୁ ଯାହା ସୂଚିତ କରିବା ନାହିଁ ଯେ ମୂଳ ଶ୍ରୋତାମାନଙ୍କ ନିମନ୍ତେ ଏହି ସୂଚନା ନୂତନ ଥିଲା।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

(1) ସେମାନଙ୍କର ନିର୍ଦ୍ଦିଷ୍ଟ ଆନୁମାନିକ ଜ୍ଞାନ ନଥିବା ହେତୁ, ଯଦି ପାଠକମାନେ ସମ୍ବାଦକୁ ବୁଝି ପାରନ୍ତି ନାହିଁ, ତେବେ ସେହି ଜ୍ଞାନକୁ ବ୍ୟକ୍ତ ସୂଚନା ରୂପେ ଯୋଗାନ୍ତୁ।

> ସେଥିରେ ଯୀଶୁ ତାହାଙ୍କୁ କହିଲେ, "କୋକିଶିଆଳିର **ଗାତ ଅଛି**, ଓ ଆକାଶର ପକ୍ଷୀମାନଙ୍କର **ବସା ଅଛି**, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ।'' (ମାଥିଉ 8:20 ULT)

ଆନୁମାନିକ ଜ୍ଞାନ ହେଉଛି ଯେ କୋକିଶିଆଳିମାନେ ସେମାନଙ୍କର ଗାତରେ ଓ ପକ୍ଷୀମାନେ ସେମାନଙ୍କର ବସା ବା ନିଡରେ ଶୁଅନ୍ତି।

> > ଯୀଶୁ ତାହାଙ୍କୁ କହିଲେ, "କୋକିଶିଆଳିର **ରହିବା ପାଇଁ ଗାତ ଅଛି**, ଆକାଶ ପକ୍ଷୀର **ରହିବା ପାଇଁ ନୀଡ଼ ଅଛି**, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜି ଏବଂ ଶୋଇବାର ସ୍ଥାନ ନାହିଁ।''
>
> ବିଚାର-ଦିନରେ ଏହା ତୁମ୍ଭମାନଙ୍କ ଅପେକ୍ଷା **ସୋର ଓ ସିଦୋନର** ନିମନ୍ତେ ଅଧିକ ସହନସୀଳ ହେବ। (ମାଥିଉ 11:22 ULT)

ଆନୁମାନିକ ଜ୍ଞାନ ହେଉଛି ଯେ ସୋର ଓ ସିଦୋନର ଲୋକମାନେ ଅତ୍ୟନ୍ତ ଦୁଷ୍ଟ ଥିଲେ। ଏହାକୁ ସୁସ୍ପଷ୍ଟ ରୂପେ ବ୍ୟକ୍ତ କରା ଯାଇପାରିଥାଆନ୍ତା। >

> > ବିଚାର-ଦିନରେ, **ସେହି ସୋର ଓ ସିଦୋନ ସହରର, ଯେଉଁଥିର ଲୋକମାନେ ଅଧିକ ଦୁଷ୍ଟ ଥିଲେ**, ତୁମ୍ଭମାନଙ୍କ ଅପେକ୍ଷା ଏହା ସେମାନଙ୍କ ନିମନ୍ତେ ଅଧିକ ସହନସୀଳ ହେବ। କିମ୍ବା: ବିଚାର-ଦିନରେ ଏହା ତୁମ୍ଭମାନଙ୍କ ଅପେକ୍ଷା ସେହି **ଦୁଷ୍ଟ ନଗରଗୁଡ଼ିକ ସୋର ଏବଂ ସିଦୋନର** ଅତ୍ୟଧିକ ସହନସୀଳ ହେବ।
>
> ଆପଣଙ୍କର ଶିଷ୍ୟମାନେ କାହିଁକି ପ୍ରାଚୀନମାନଙ୍କର ପରମ୍ପରାଗତ ରୀତିନୀତି ଲଙ୍ଘନ କରନ୍ତି? କାରଣ ଭୋଜନ କରିବା ସମୟରେ **ସେମାନେ ହସ୍ତ ପ୍ରକ୍ଷାଳନ କରନ୍ତି ନାହିଁ**। (ମାଥିଉ 15:2 ULT)

ଆନୁମାନିକ ଜ୍ଞାନ ହେଉଛି ଯେ ଖାଇବା ପୂର୍ବରୁ ବିଧି ଅନୁଯାଇ ଶୁଚି ହେବା ପାଇଁ ଲୋକମାନେ ଆପଣା ଆପଣା ହସ୍ତ ପ୍ରକ୍ଷାଳନ କରିବାର ଏକ ଔପଚାରିକ ରୀତିସଙ୍ଗତ ପଦ୍ଧତି ପାଳନ କରନ୍ତି, ଯାହା ପ୍ରାଚୀନମାନଙ୍କର ପରମ୍ପରା ମଧ୍ୟରୁ ଗୋଟିଏ ପରମ୍ପରା ଥିଲା। ଯାହା ସେମାନେ ଧାର୍ମିକ ରହିବା ପାଇଁ କରିବା ଆବଶ୍ୟକ। ଯେଭଳି ଆଧୁନିକ ପାଠକ ଚିନ୍ତା କରନ୍ତି, ଏହା ସେମାନଙ୍କ ହାତରୁ ଜୀବାଣୁକୁ ଅପସାରଣ କରି ରୋଗରୁ ନିବାରଣ କରିବା ପାଇଁ ଉଦ୍ଦିଷ୍ଟ ନଥିଲା।

> > ଆପଣଙ୍କର ଶିଷ୍ୟମାନେ କାହିଁକି ପ୍ରାଚୀନମାନଙ୍କର ପରମ୍ପରାଗତ ରୀତିନୀତି ଲଙ୍ଘନ କରନ୍ତି? କାରଣ ସେମାନେ ରୋଟି ଭୋଜନ କରିବା ସମୟରେ **ସେମାନେ ଧାର୍ମିକତାର ଆନୁଷ୍ଠାନିକ ଦ୍ୱାରା ବିଧିଅନୁସାରେ ହସ୍ତପ୍ରକ୍ଷାଳନ କରନ୍ତି ନାହିଁ**।

(2) ଯଦି ପାଠକମାନେ ସମ୍ବାଦକୁ ବୁଝି ପାରନ୍ତୁ ନାହିଁ କାରଣ ସେମାନେ ନିର୍ଦ୍ଦିଷ୍ଟ ଅବ୍ୟକ୍ତ ସୂଚନାକୁ ଜାଣନ୍ତି ନାହିଁ, ତେବେ ସେହି ସୂଚନାକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କର, କିନ୍ତୁ ଏହାକୁ ଏକ ଏପରି ମାଧ୍ୟମରେ କରିବାକୁ ଚେଷ୍ଟା କର ଯାହା ସୂଚିତ କରିବ ନାହିଁ ଯେ ମୂଳ ଶ୍ରୋତାମାନଙ୍କ ନିମନ୍ତେ ଏହି ସୂଚନା ନୂତନ ଥିଲା।

> ତାପରେ ଜଣେ ଶାସ୍ତ୍ରୀ ତାହାଙ୍କ ନିକଟକୁ ଆସି କହିଲେ, "ହେ ଗୁରୁ, ଆପଣ ଯେକୌଣସି ସ୍ଥାନକୁ ଯିବେ, ମୁଁ ଆପଣଙ୍କ ଅନୁଗମନ କରିବି।'' ଯୀଶୁ ତାହାଙ୍କୁ କହିଲେ, "କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର କୌଣସି ସ୍ଥାନ ନାହିଁ।'' (ମାଥିଉ 8:19,20 ULT)

ଅସନ୍ଦିଗ୍ଧ ସୂଚନା ହେଉଛି ଯେ ଯୀଶୁ ନିଜେ ସେହି ମନୁଷ୍ୟପୁତ୍ର। ଅନ୍ୟ ଅସନ୍ଦିଗ୍ଧ ସୂଚନା ହେଉଛି ଯେ ଯଦି ସେହି ଶାସ୍ତ୍ରୀ ଯୀଶୁଙ୍କ ଅନୁଗମନ କରିବାକୁ ଚହାଁନ୍ତି, ତେବେ ତାହାଙ୍କୁ ଯୀଶୁଙ୍କ ଭଳି ବାସହରା ହୋଇ ରହିବାକୁ ହେବ।

> > ଯୀଶୁ ତାହାଙ୍କୁ କହିଲେ, "କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର **ମୁଁ, ମନୁଷ୍ୟପୁତ୍ରର, ବିଶ୍ରାମ ପାଇଁ ଗୃହ ନାହିଁ।'' ଯଦି ତୁମେ ମୋହର ଅନୁଗମନ କରିବାକୁ ଚାହୁଁଛ, ମୁଁ ଯେଭଳି ରହୁଛି ତୁମେ ସେହିଭଳି ରହିବ**।''
>
> ବିଚାର-ଦିନରେ ଏହା ତୁମ୍ଭମାନଙ୍କ ଅପେକ୍ଷା ସୋର ଓ ସିଦୋନର ସହନୀୟ ଅଧିକ ହେବ। (ମାଥିଉ 11:22 ULT)

ଅସନ୍ଦିଗ୍ଧ ସୂଚନା ହେଉଛି ଯେ ଈଶ୍ୱର ଲୋକମାନଙ୍କୁ କେବଳ ବିଚାର ହିଁ କରନ୍ତି ନାହିଁ, ବରଂ ସେ ସେମାନଙ୍କୁ ଦଣ୍ଡ ମଧ୍ୟ ଦିଅନ୍ତି। ଏହାକୁ ସୁସ୍ପଷ୍ଟ କରାଯାଇପାରିବ।

> > ବିଚାର-ଦିନରେ, ପରମେଶ୍ୱର **ସୋର ଓ ସିଦୋନକୁ ଦଣ୍ଡ ଦେବେ**, ନଗରର ଲୋକମାନେ ଅତ୍ୟଧିକ ଦୁଷ୍ଟ ଥିଲେ, **ତୁମ୍ଭମାନଙ୍କର କୋଠାର ଦଣ୍ଡ ଅପେକ୍ଷା ସେ ସେମାନଙ୍କୁ ଅଳ୍ପ ଦେବେ**। କିମ୍ବା: ପରମେଶ୍ୱର ବିଚାର-ଦିନରେ, ସୋର ଓ ସିଦୋନ ଅପେକ୍ଷା **ତୁମ୍ଭମାନଙ୍କୁ ଅଧିକ କୋଠର ଦଣ୍ଡ ଦେବେ**, ଯେଉଁ ନଗରର ଲୋକମାନେ ଅତ୍ୟଧିକ ଦୁଷ୍ଟ ଥିଲେ।

ଆଧୁନିକ ପାଠକମାନେ ବାଇବଲର କେତେକ ବିଷୟ ଜାଣନ୍ତି ନାହିଁ ଯେପରି ଯେଉଁମାନେ ପ୍ରଥମେ ବାଇବଲକୁ ପଢ଼ି ଥିଲେ ଜାଣନ୍ତି। ଜଣେ ବକ୍ତା କିମ୍ବା ଲେଖକ କଅଣ କହୁଛନ୍ତି ଏହାକୁ ବୁଝିବା ଓ ବକ୍ତା ଛାଡିଥିବା ଅସନ୍ଦିଗ୍ଧ ସୁଚନା ଶିଖିବା ପାଇଁ ସେମାନଙ୍କୁ କଠିନ ହୋଇପାରେ। ଅନୁବାଦକମାନଙ୍କୁ ସେମାନଙ୍କର ଅନୁବାଦରେ କେତେକ ବିଷୟ ଯାହା ମୂଳ ବକ୍ତା ଓ ଲେଖକ ଅକୁହା ବା ଅବ୍ୟକ୍ତ ଭାବେ ବାଦ୍ ଦେଇଛନ୍ତି, ସେଗୁଡ଼ିକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରି ପ୍ରକାଶ କରିବା ପାଇଁ ଆବଶ୍ୟକ ହୋଇପାରେ।

ପରବର୍ତ୍ତୀ ସମୟରେ ଆମେ ଜାଣିବାକୁ ସୁପାରିଶ କରୁଛୁ |: [[*rc://or/ta/man/translate/figs-explicitinfo*]]

(**କୁ ଫେରିଯାଅ:** ପ୍ରଥମ ଜାତ)

ଉପମା

ବିବରଣ

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: "ଉପମା" କହିଲେ କ'ଣ ବୁଝ ?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-intro*]]

ଉପମା ହେଉଛି ଦୁଇଟି ବିଷୟର ଏକ ତୁଳନା ଯାହାକୁ ସାଧାରଣତଃ ସମାନ ବୋଲି ଚିନ୍ତା କରାଯାଏ ନାହିଁ । ଏହା ଦୁଇଟି ସାମଗ୍ରୀ ଗୋଟିଏରେ ଥିବା ଏକ ନିର୍ଦ୍ଦିଷ୍ଟ ବିଶେଷ ଗୁଣ ଉପରେ ଦୃଷ୍ଟି କେନ୍ଦ୍ରିତ କରିଥାଏ, ଏବଂ ଏହା "ଭଳି/ଯେପରି", "ପରି" କିମ୍ବା "ଅପେକ୍ଷା" ଶବ୍ଦଗୁଡ଼ିକ ଅନ୍ତର୍ଭୁକ୍ତ ।

> ଆଉ, ଲୋକସମୂହକୁ ଦେଖି ସେମାନଙ୍କ ପ୍ରତି ସେ ଦୟାରେ ବିଗଳିତ ହେଲେ, କାରଣ ସେମାନେ **ଅରକ୍ଷକ ମେଷ ପରି** ଦୁର୍ଦ୍ଦଶାଗ୍ରସ୍ତ ଓ ଛିନ୍ନଭିନ୍ନ ଥିଲେ । (ମାଥିଉ 9:36)

ମେଷପାଳକ ବିନା ଲୋକସମୂହକୁ ଯୀଶୁ ଅରକ୍ଷକ ମେଷ ସହିତ ତୁଳନା କରୁଛନ୍ତି । ଯେତେବେଳେ ମେଷପାଳକ ମେଷମାନଙ୍କୁ ସୁରକ୍ଷିତ ସ୍ଥାନରେ ଚାଳିତ ନ କରନ୍ତି ସେତେବେଳେ ମେଷମାନେ ତ୍ରାସଯୁକ୍ତ ହୋଇଥାନ୍ତି । ଲୋକସମୂହ ସେହିପରି ଥିଲେ କାରଣ ସେମାନଙ୍କର ଉତ୍ତମ ଧାର୍ମିକ ନେତାଗଣ ନ ଥିଲେ ।

> ଦେଖ, **ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି** ମୁଁ ତୁମ୍ଭମାନଙ୍କୁ ପଠାଉଅଛି, ଅତଏବ **ସର୍ପ ପରି** ବୁଦ୍ଧିମାନ ଓ **କୋପତ ପରି** ଅହିଂସକ ହୁଅ । (ମାଥିଉ 10:16)

ଯୀଶୁ ଆପଣା ଶିଷ୍ୟମାନଙ୍କୁ ମେଷ ସହିତ ଓ ସେମାନଙ୍କର ଶତ୍ରୁମାନଙ୍କୁ ବାଘ ସହିତ ତୁଳନା କରୁଛନ୍ତି । ବାଘମାନେ ମେଷମାନଙ୍କୁ ଆକ୍ରମଣ କରନ୍ତି । ଯୀଶୁଙ୍କ ଶତ୍ରୁମାନେ ତାହାଙ୍କର ଶିଷ୍ୟମାନଙ୍କୁ ଆକ୍ରମଣ କରିନ୍ତି ।

> କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି **ଦ୍ୱିଧାର ଖଡ୍ଗଠାରୁ** ତୀକ୍ଷ୍ଣତର । (ଏବ୍ରୀ 4:12)

ଈଶ୍ୱରଙ୍କ ବାକ୍ୟକୁ ଦ୍ୱିଧାର ଖଡ୍ଗ ସହିତ ତୁଳନା କରାଯାଇଛି । ଦ୍ୱିଧାର ଖଡ୍ଗ ଏକ ଏପରି ଅସ୍ତ୍ର ଯାହା ଜଣେ ବ୍ୟକ୍ତିଙ୍କର ଶରୀରକୁ ସହଜରେ କାଟି ପାରିବ । ଜଣେ ବ୍ୟକ୍ତିଙ୍କ ହୃଦୟ ଓ ମନରେ କ'ଣ ଅଛି, ତାହାକୁ ପ୍ରକାଶ କରିବାରେ ଈଶ୍ୱରଙ୍କ ବାକ୍ୟ ଅଧିକ ପ୍ରଭାବଶାଳି ଅଟେ ।

ଉପମାର ଉଦ୍ଦେଶ୍ୟଗୁଡ଼ିକ

- ଉପମା କୌଣସି ଅଜ୍ଞାତ ବିଷୟକୁ ଜ୍ଞାତ ବିଷୟ ସହିତ ତୁଳନା କରି ଶିକ୍ଷା ଦେଇଥାଏ ।
- ଉପମା ଏକ ନିର୍ଦ୍ଦିଷ୍ଟ ବିଶେଷଗୁଣକୁ ଗୁରୁତ୍ୱାରୋପ କରିପାରେ, ବେଳେବେଳେ ଏହା ଏକ ଉପାୟରେ ଲୋକମାନଙ୍କର ଧ୍ୟାନକୁ ଆକର୍ଷଣ କରିଥାଏ ।
- ଉପମାଗୁଡ଼ିକ ମନରେ ଏକ ଛବିକୁ ଆଙ୍କିବାରେ ସାହାଯ୍ୟ କରେ କିମ୍ବା ଏହା ଜଣେ ପାଠକଙ୍କୁ ସେ ପାଠ କରୁଥିବା ବିଷୟକୁ ଅଧିକ ରୂପେ ଅନୁଭବ କରିବାରେ ସାହାଯ୍ୟ କରିଥାଏ ।

ଉଦ୍ଦେଶ୍ୟ ଏହା ଅନୁବାଦ ସମସ୍ୟା ଅଟେ

- ଦୁଇଟି ବିଷୟ କିପରି ସମାନ ଅଟେ, ଏହା ହୁଏତ ଲୋକମାନେ ଜାଣି ନ ପାରନ୍ତି ।
- ହୋଇପାରେ ଲୋକମାନେ ତୁଳନା କରାଯାଇଥିବା ବିଷୟ ସହ ସୁପରିଚିତ ହୋଇ ନ ପରନ୍ତି ।

ବାଇବେଲରୁ କେତେକ ଉଦାହରଣ

> ଖ୍ରୀଷ୍ଟ ଯୀଶୁଙ୍କ **ଜଣେ ଉତ୍ତମ ଯୋଦ୍ଧା ପରି** ମୋ ସହିତ କ୍ଲେଶ ସହ୍ୟ କର । (2ୟ ତୀମଥି 2:3)

ଏହି ଉପମାରେ, ପାଉଲ କ୍ଲେଶକୁ ସୈନିକମାନେ ସହ୍ୟ କରୁଥିବା କ୍ଲେଶ ସହିତ ତୁଳନା କରୁଛନ୍ତି, ଏବଂ ସେ ସେମାନଙ୍କର ଆଦର୍ଶକୁ ଅନୁକରଣ କରିବା ପାଇଁ ତୀମଥିଙ୍କୁ ଉତ୍ସାହିତ କରନ୍ତି ।

> କାରଣ ବିଜୁଳି ମାରି ଯେପରି ଆକାଶର ଗୋଟିଏ ପାଖରୁ ଆର ପାଖ ପର୍ଯ୍ୟନ୍ତ ଆଲୁଅ ଦିଏ, ମନୁଷ୍ୟପୁତ୍ର ଆପଣା ଦିନରେ ସେହିପରି ହେବେ । (ଲୂକ 17:24)

ମନୁଷ୍ୟପୁତ୍ରଙ୍କୁ ବିଜୁଳିରେ କିପରି ଦେଖା ଯିବେ ଏହି ପଦ ତାହା ପ୍ରକାଶକରେ ନାହିଁ । କିନ୍ତୁ ସେହି ପ୍ରସଙ୍ଗରୁ, ଆମେ ବୁଝି ପାରୁ ଯେ ବିଜୁଳି ମାରି ଯେପରି ଆକାଶର ଗୋଟିଏ ପାଖରୁ ଆର ପାଖ ପର୍ଯ୍ୟନ୍ତ ଆଲୁଅ ଦିଏ ଓ ଲୋକମାନେ ଏହାକୁ ଦେଖନ୍ତି, ତଦ୍ରୂପ ମନୁଷ୍ୟପୁତ୍ର ଅକସ୍ମାତ ଭାବରେ ଆସିବେ ଓ ପ୍ରତ୍ୟେକ ଜଣ ତାହାଙ୍କୁ ଦେଖିବାରେ ସକ୍ଷମ ହେବେ । କେହି ଏବିଷୟରେ କହିବେ ନାହିଁ ଯେ ଆମେ ଦେଖି ନାହୁଁ ବୋଲି ।

ଅନୁବାଦର କୌଶଳଗୁଡ଼ିକ

ଯଦି ଲୋକମାନେ ଉପମାର ସଠିକ୍ ଅର୍ଥକୁ ବୁଝି ପାରନ୍ତି, ତେବେ ଏହାକୁ ବ୍ୟବହାର କରିବାକୁ ବିଚାର କରନ୍ତୁ । ଯଦି ସେମାନେ ବୁଝି ପାରୁ ନାହାଁନ୍ତି, ତେବେ ଏଠାରେ କେତେକ କୌଶଳଗୁଡ଼ିକ ଦିଆଗଲା, ଯାହାକୁ ଆପଣ ବ୍ୟବହାର କରି ପାରିବେ:

(1) ଦୁଇଟି ବିଷୟ କିପରି ସମାନ ଅଟେ, ତାହା ଯଦି ଲୋକେ ବୁଝି ପାରନ୍ତି ନାହାଁ, ତେବେ ସେମାନେ କିପରି ସମାନ ଅଟନ୍ତି ଏହା ସେମାନଙ୍କୁ କୁହନ୍ତୁ । ତଥାପି, ଯଦି ମୂଳ ଶ୍ରୋତାମାନଙ୍କୁ ଉକ୍ତ ଅର୍ଥ ସ୍ପଷ୍ଟ ନ ଥାଏ ତେବେ ତାହାକୁ ତୁଳନା କରି ବୁଝାନ୍ତୁ ନାହିଁ । (2) ଯଦି ଲୋକମନେ ତୁଳନା କରାଯାଇଥିବା ବିଷୟ ସହିତ ସୁପରିଚିତ ନୁହଁନ୍ତି, ତେବେ ଆପଣଙ୍କର ନିଜ ସଂସ୍କୃତିରୁ ପ୍ରଯୁଜ୍ୟ ଦୃଷ୍ଟାନ୍ତକୁ ବ୍ୟବହାର କରନ୍ତୁ । ନିଶ୍ଚିତ କରନ୍ତୁ ଯେ ତାହା ବାଇବେଲର ସଂସ୍କୃତିରେ ବ୍ୟବହୃତ ହୋଇଥିବା ବିଷୟ ସହ ସମାନ ହୋଇଥିବ । (3) ଅନ୍ୟ ସହିତ ତୁଳନା କରିବା ବିନା ସରଳ ଭାବରେ ତାହାକୁ ବର୍ଣ୍ଣନା କରନ୍ତୁ ।

ପ୍ରଯୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

ଦୁଇଟି ବିଷୟ କିପରି ସମାନ ଅଟନ୍ତି, ଯଦି ତାହା ଲୋକମନେ ବୁଝି ପାରନ୍ତି ନାହାଁ, ତେବେ ସେମାନେ କିପରି ସମାନ ଅଟେ ଏହା ସେମାନଙ୍କୁ କୁହନ୍ତୁ । ତଥାପି, ଯଦି ମୂଳ ଶ୍ରୋତାମାନଙ୍କୁ ଉକ୍ତ ଅର୍ଥ ସ୍ପଷ୍ଟ ନ ଥିଏ, ତେବେ ତାହାକୁ ତୁଳନା କରି ବୁଝାନ୍ତୁ ନାହିଁ ।

- ଦେଖ, **ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି** ମୁଁ ତୁମ୍ଭମାନଙ୍କୁ ପଠାଉଅଛି, (ମାଥିଉ 10:16) – ଏହା ବିପଦ ସହିତ ତୁଳନା କରି କହେ ଯେ ମେଷମାନଙ୍କ ଚତୁର୍ଦିଗ ଯେପରି ବାଘମାନେ ବେଷ୍ଟନ କରନ୍ତି , ସେହିପରି ଯୀଶୁଙ୍କ ଶିଷ୍ୟମାନଙ୍କୁ ଚତୁର୍ଦିଗରେ ବିପଦ ଘେରି ରହିବ ।

  ଦେଖ,ବାଘମାନଙ୍କ ମଧ୍ୟରେ ଯେପରି ମେଣ୍ଢାମାନଙ୍କୁ ବିପଦ ଥାଏ ସେହିପରି ମୁଁ ତୁମ୍ଭମାନଙ୍କୁ ଦୁଷ୍ଟ ଲୋକମାନଙ୍କ ମଧ୍ୟକୁ ପଠାଉଅଛି

  କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି **ଦ୍ୱିଧାର ଖଡ୍ଗଠାରୁ** ତୀକ୍ଷ୍ଣତର । (ଏବ୍ରୀ 4:12a ULT)

  କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି **ତୀକ୍ଷ୍ଣ ଦ୍ୱିଧାର ଖଡ୍ଗଠାରୁ ଅଧିକ ଶକ୍ତଶାଳୀ** ।

ତୁଳନାତ୍ମକ ବିଷୟ ସହିତ ଲୋକେ ଯଦି ସୁପରିଚିତ ନୁହଁନ୍ତି, ତେବେ ଆପଣଙ୍କର ନିଜ ସଂସ୍କୃତିରୁ ପ୍ରଯୁଜ୍ୟ ଦୃଷ୍ଟାନ୍ତକୁ ବ୍ୟବହାର କରନ୍ତୁ । ନିଶ୍ଚିତ କରନ୍ତୁ ଯେ ତାହା ବାଇବେଲର ସଂସ୍କୃତିରେ ବ୍ୟବହୃତ ହୋଇଥିବା ବିଷୟ ସହ ସମାନ ହୋଇଥିବ । ଆପଣ ଯଦି ଏହି କୌଶଳଟିକୁ ବ୍ୟବହାର କରନ୍ତି, ହେଇପାରେ ଆପଣ ମୂଳ ବିଷୟକୁ ଏକ ପାଦଟୀକାରେ ରଖିବାକୁ ଇଚ୍ଛା କରିପାରନ୍ତି |

- ଦେଖ, **ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି** ମୁଁ ତୁମ୍ଭମାନଙ୍କୁ ପଠାଉଅଛି, (ମାଥିଉ 10:16) – ଯଦି ଲୋକମାନେ ମେଷ ଓ ବାଘମାନଙ୍କ ବିଷୟରେ ଜାଣନ୍ତି ନାହିଁ, କିମ୍ବା ବାଘ ମେଷମାନଙ୍କୁ ହତ୍ୟାକରି ଖାଇବା ବିଷୟକୁ ଜାଣିନାହାନ୍ତି, ତେବେ ଆପଣ ଅନ୍ୟ ହତ୍ୟାକାରୀ ପଶୁର ଉଦାହରଣ ଦେଇ ପାରିବ ।

  ଦେଖ,**ବନ୍ୟ କୁକୁରମାନଙ୍କ ମଧ୍ୟରେ କୁକୁଡ଼ାମାନଙ୍କ ପରି** ମୁଁ ତୁମ୍ଭମାନଙ୍କୁ ପଠାଉଅଛି ।

  କୁକୁଟୀ ଯେପରି ପକ୍ଷ ତଳେ ଆପଣା ଶାବକମାନଙ୍କୁ ଏକତ୍ର କରେ, ସେପରି ମୁଁ କେତେ ଥର ତୋହର ସନ୍ତାନମାନଙ୍କୁ ଏକତ୍ର କରିବାକୁ ଇଚ୍ଛା କଲି, କିନ୍ତୁ ତୁମ୍ଭେମାନେ ଇଚ୍ଛୁକ ହେଲ ନାହିଁ । (ମାଥିଉ 23:37)

  ମାଁ ଯେପରି ଆପଣା ପିଲାମାନଙ୍କ ଉପରେ ସ୍ଥିର ଦୃଷ୍ଟି ରଖେ ସେପରି ମୁଁ କେତେ ଥର ତୋହର ସନ୍ତାନମାନଙ୍କୁ ଏକତ୍ର କରିବାକୁ ଇଚ୍ଛା କଲି,କିନ୍ତୁ ତୁମ୍ଭେମାନେ ଅଗ୍ରାହ୍ୟ କଲ !

  ଯଦି **ଗୋଟିଏ ସୋରିଷଦାନା ପରି** ତୁମ୍ଭମାନଙ୍କର ବିଶ୍ୱାସ ଥାଏ, (ମାଥିଉ 17:20)

  ଯଦି **ଗୋଟିଏ କ୍ଷୁଦ୍ରଦାନା ପରି** ତୁମ୍ଭମାନଙ୍କର ବିଶ୍ୱାସ ଥାଏ

(3) ଅନ୍ୟ ସହିତ ତୁଳନା ନ କରି ବିଷୟକୁ ସରଳ ଭାବରେ ତାହାକୁ ବର୍ଣ୍ଣନା କରନ୍ତୁ ।

ଦେଖ, **ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି** ମୁଁ ତୁମ୍ଭମାନଙ୍କୁ ପଠାଉଅଛି, (ମାଥିଉ 10:16)

ଦେଖ,ମୁଁ ତୁମ୍ଭମାନଙ୍କୁ ପଠାଉଅଛି,**ଆଉ ଲୋକମାନେ ତୁମ୍ଭମାନଙ୍କୁ ଆଘାତ କରିବାକୁ ଚାହିଁବେ** ।

କୁକୁଟୀ ଯେପରି ପକ୍ଷ ତଳେ ଆପଣା ଶାବକମାନଙ୍କୁ ଏକତ୍ର କରେ, ସେପରି ମୁଁ କେତେ ଥର ତୋହର ସନ୍ତାନମାନଙ୍କୁ ଏକତ୍ର କରିବାକୁ ଇଚ୍ଛା କଲି, କିନ୍ତୁ ତୁମ୍ଭେମାନେ ଇଚ୍ଛୁକ ହେଲ ନାହିଁ । (ମାଥିଉ

23:37)

ମୁଁ କେତେ ଥର **ତୁମ୍ଭମାନଙ୍କୁ ସୁରକ୍ଷା** ଦେବାକୁ ଇଚ୍ଛା କଲି,କିନ୍ତୁ ତୁମ୍ଭେମାନେ ଅଗ୍ରାହ୍ୟ କଲ!

ପରବର୍ତ୍ତୀ ସମୟରେ ଆମେ ଜାଣିବାକୁ ସୁପାରିଶ କରୁଛୁ |:

[[*rc://or/ta/man/translate/figs-metaphor*]]
[[*rc://or/ta/man/translate/bita-part1*]]

(**କୁ ଫେରିଯାଅ:** ମଧୁ, ମଧୁ ଘରା; ସଦୃଶ,ଅନୁରୂପ, ସମାନ,ସାଦୃଶ୍ୟ, ସେହିପରି, ଅସଦୃଶ,ସତେ ଯେପରି)

ଉପମା/ରୂପକ

ବିବରଣ

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ଏକ ରୂପକ ଅଳଙ୍କାର/ଉପମା କ'ଣ ଏବଂ ମୁଁ କିପରି ବାଇବଲର ଏକ ଉଦ୍ଧୃତାଂଶ ଯାହା ଗୋଟିଏ ଅଛି ଅନୁବାଦ କରିପାରିବି?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-intro*]]
[[*rc://or/ta/man/translate/figs-simile*]]

ଉପମା ଏକ ଅଳଙ୍କାରିକ ଶବ୍ଦ ଅଟେ, ଯେଉଁଥିରେ କେହି ଜଣେ ଗୋଟିଏ ଧାରଣା କଥା କୁହନ୍ତି ଯେପରି ଏହା ଅନ୍ୟ ଏକ ଧାରଣା ନିମନ୍ତେ ବ୍ୟବହୃତ ହୁଏ ସେହି ଦୁଇଟି ପ୍ରସଙ୍ଗ କିପରି ସମାନ ତାହା ଲୋକମାନେ ଚିନ୍ତା କରନ୍ତୁ ବୋଲି ସେ ଚାହାନ୍ତି।

ଉଦାହରଣ ସ୍ୱରୂପ, "ମୁଁ ପ୍ରେମ କରୁଥିବା ଝିଅଟି ନାଲି ଗୋଲାପ" ବୋଲି କେହି କହିପାରନ୍ତି।

ଗୋଟେ ଝିଅ ଏବଂ ଗୋଲାପ ସମ୍ପୂର୍ଣ୍ଣ ଅଲଗା ବିଷୟ ଅଟେ, କିନ୍ତୁ ବକ୍ତା ମନେ କରନ୍ତି ଯେ ସେଗୁଡ଼ିକ କୌଣସି ଭାବରେ ସମାନ ଅଟନ୍ତି। ସେଗୁଡ଼ିକ କିପରି ଭାବରେ ସମାନ ଶ୍ରୋତାମାନେ ବୁଝିବା ଉପରେ ଅଧିକ ନିର୍ଭର କରେ।

ଏକ ଉପମାର ଅଂଶ ଗୁଡ଼ିକ

ଏକ ଉପମାର ତିନିଟି ଅଂଶ ଅଛି ବୋଲି ଉପରେ ଦିଆଯାଇଥିବା ଉଦାହରଣ ଆମ୍ଭମାନଙ୍କୁ ଦର୍ଶାଏ। ଏହି ଉପମାରେ, "ମୁଁ ଯେଉଁ ଝିଅକୁ ପ୍ରେମ କରେ" ଏହି ବିଷୟରେ ବକ୍ତା କହୁଛନ୍ତି। ଏହା ହିଁ **ଆଲୋଚନା** ଅଟେ। ଝିଅ ଏବଂ "ନାଲି ଗୋଲାପ" ମଧ୍ୟରେ କ'ଣ ସମାନତା ଅଛି ସେ ବିଷୟରେ ଶ୍ରୋତାମାନେ ଚିନ୍ତା କରନ୍ତୁ ବୋଲି ବକ୍ତା ଚାହାଁନ୍ତି। ନାଲି ଗୋଲାପ ଏକ **ପ୍ରତିଛବି** ଅଟେ ଯେଉଁଥିରେ ସେ ଝିଅ ସହିତ ତୁଳନା କରନ୍ତି। ସର୍ବାଧିକ ସମ୍ଭବତଃ, ସେ ଉଭୟକୁ ଶ୍ରୋତାମାନେ ସୁନ୍ଦର ମନେ କରନ୍ତୁ ବୋଲି ଚାଁହାନ୍ତି। ଏହି ହେଉଛି **ଉଦ୍ଦେଶ୍ୟ** ସେ ଝିଅ ଏବଂ ଗୋଲାପ ଉଭୟ ଅଂଶଗ୍ରହଣ କରିଛନ୍ତି, ଏବଂ ଏଣୁ ଆମ୍ଭେମାନେ **ଅଭିପ୍ରାୟର ତୁଳନା** ବୋଲି ମଧ୍ୟ କହିପାରିବା।

ପ୍ରତ୍ୟେକ ଉପମାର ତିନିଟି ଭାଗ ଅଛି:

- **ଆଲୋଚନା**, ଲେଖକ/ବକ୍ତା ଦ୍ୱାରା ଅଭିଲମ୍ବେ ଆଲୋଚାନ କରା ଯାଇଥିବା ସ୍ୱତନ୍ତ୍ର ସମ୍ବାଦ।
- **ପ୍ରତିଛବି**, ଭୌତିକ ବସ୍ତୁ (ବସ୍ତୁ, ଘଟଣା, କାର୍ଯ୍ୟ, ଇତ୍ୟାଦି) ଯାହା ଆଲୋଚନା ବିଷୟରେ ବର୍ଣ୍ଣନା କରିବାକୁ ବକ୍ତା ବ୍ୟବହାର କରନ୍ତି।
- **ଉଦ୍ଦେଶ୍ୟ**, ବିସ୍ତୃତ ଅବଧାରଣା ବା ଗୁଣବତ୍ତା ଯାହା ଶାରୀରିକ **ପ୍ରତିଛବି** ଶ୍ରୋତାମାନଙ୍କ ମନକୁ ଆଣିଥାଏ ଯେତେବେଳେ ସେ ଭାବନ୍ତି ଯେ **ପ୍ରତିଛବି** ଏବଂ **ଆଲୋଚନା** କିପରି ସମାନ। ଅଧିକାଂଶ ସମୟରେ, ଉପମାର **ଉଦ୍ଦେଶ୍ୟ** ବାଇବଲରେ ସ୍ପଷ୍ଟ ରୂପେ ଦେଖାଯାଇ ନାହି, କିନ୍ତୁ ଏହା କେବଳ ପ୍ରସଙ୍ଗରୁ ସୂଚିତ। ସାଧାରଣତ ଶ୍ରୋତା କିମ୍ବା ପାଠକ ନିଜେ **ଧାରଣାର** ଚିନ୍ତା କରିବା ଆବଶ୍ୟକ।

ଏହି ଭାବପ୍ରକାଶର ଭଙ୍ଗୀ ଗୁଡ଼ିକୁ ବ୍ୟବହାର କରି, ଆମ୍ଭେମାନେ କହିପାରିବା ଯେ ଉପମା ଗୋଟିଏ ଅଳଙ୍କାରିକ ଶବ୍ଦ ଅଟେ ଯାହା ବକ୍ତାର **ଆଲୋଚନା** ଏକ ବିସ୍ତୃତ **ଉଦ୍ଦେଶ୍ୟ** ବ୍ୟବହାର କରିବା ପାଇଁ ଏକ ଭୌତିକ **ପ୍ରତିଛବି** ବ୍ୟବହାର କରନ୍ତି।

ସାଧାରଣତ, ଜଣେ ଲେଖକ କି ବକ୍ତା **ଆଲୋଚନା** ବିଷୟରେ ପ୍ରକାଶ କରିବାକୁ ଉପମାରେ କିଛି ବ୍ୟବହାର କରନ୍ତି, ସହ **ଆଲୋଚନା** ଏବଂ **ପ୍ରତିଛବି** ମଧ୍ୟରେ ଅତି କମରେ ଏକ **ଅଭିପ୍ରାୟର ତୁଳନା** (**ଉଦ୍ଦେଶ୍ୟ**)। ଅଧିକାଂଶ ସମୟରେ ବିଷୟରେ ଉପମାରେ, **ଆଲୋଚନା** ଏବଂ **ପ୍ରତିଛବି** ସୁସ୍ପଷ୍ଟ ରୂପରେ ଦର୍ଶାଯାଇଥାଏ, କିନ୍ତୁ କେବଳ **ଉଦ୍ଦେଶ୍ୟ**ସୂଚିତ କରାଯାଏ। ଲେଖକ/ବକ୍ତା ପ୍ରାୟତ ପାଠକ ଶ୍ରୋତାମାନଙ୍କୁ **ଆଲୋଚନା** ଏବଂ **ପ୍ରତିଛବି** ମଧ୍ୟରେ ଥିବା ସମାନତା ବିଷୟରେ ଚିନ୍ତା କରିବାକୁ ଏବଂ ଯାହା ଯୋଗାଯୋଗ କରାଯାଇଅଛି ସେହି **ଉଦ୍ଦେଶ୍ୟ**ର ତର୍କ ସାହାଯ୍ୟରେ ସେମାନେ ନିଜ ପାଇଁ ଫଳ ପ୍ରକାଶ କରନ୍ତୁ ବୋଲି ଆମନ୍ତ୍ରଣ କରନ୍ତି।

ବକ୍ତାମାନେ ଅଧିକାଂଶ ସମୟରେ ଆପଣା ସମ୍ବାଦକୁ ଶକ୍ତଶାଳୀ, ଆପଣା ଭାଷାକୁ ଅଧିକ ଜୀବନ୍ତ, ଆପଣା ଭାବକୁକୁ ଅଧିକ ଭଲଭାବରେ ପ୍ରକାଶ କରିବା ପାଇଁ, ଭିନ୍ନ ମାଧମରେ ପ୍ରକାଶ କରିବାକୁ କଠିନ ଥିବା ବିଷୟକୁ କହିବା ପାଇଁ କିମ୍ବା ଆପଣା ସମ୍ବାଦକୁ ସ୍ମରଣଯୋଗ୍ୟ କରାଇବା ପାଇଁ ରୂପକ ଶବ୍ଦଗୁଡ଼ିକୁ ବ୍ୟବହାର କରନ୍ତି।

କେତେବେଳେ କେମିତି ବକ୍ତାମାନେ ଉପମା ଗୁଡ଼ିକର ବ୍ୟବହାର କରନ୍ତି ଯାହା ସେମାନଙ୍କ ଭାଷାରେ ଅତି ସାଧାରଣ ଅଟେ। ତଥାପି, ବେଳେବେଳେ ବକ୍ତାମାନେ ଉପମା ଗୁଡ଼ିକର ବ୍ୟବହାର କରନ୍ତି ଯାହା ଅସାଧାରଣ ଅଟେ, ଏବଂ କେତେକ ଉପମା ଗୁଡ଼ିକ ରୂପାନ୍ତର ମଧ ଅଟେ। ଯେତେବେଳେ ଏକ ଭାଷାରେ ଏକ ଉପମା ଅତି ସାଧାରଣ ହୋଇଯାଏ, ଅଧିକାଂଶ ସମୟରେ ଏହା ଏକ "କର୍ମବାଚ୍ୟସୂଚକ" ଉପମାରେ ପରିଣତ ହୁଏ, ଅସାଧାରଣ ଉପମାର ତୁଳନାରେ, ଯାହାକୁ ଆମ୍ଭେମାନେ "କ୍ରିୟାଶୀଳ" ଭାବରେ ବର୍ଣ୍ଣନା କରୁ। କର୍ମବାଚ୍ୟସୂଚକ ଉପମା ଏବଂ କ୍ରିୟାଶୀଳ ଉପମା ପ୍ରତେକ ଏକ ଭିନ୍ନ ପ୍ରକାର ଅନୁବାଦର ସମସ୍ୟା ଉତ୍ପନ୍ନ କରନ୍ତି, ଯାହା ଆମ୍ଭେମାନେ ନିମ୍ନରେ ଆଲୋଚନା କରିବା।

କର୍ମବାଚ୍ୟସୂଚକ ଉପମାଗୁଡ଼ିକ

ଏକ କର୍ମବାଚ୍ୟସୂଚକ ଉପମା ହେଉଛି ଏକ ଉପମା ଯାହା ଭାଷାରେ ବିଶେଷ ପରିମାଣରେ ବ୍ୟବହୃତ ହୋଇଛି ଯେ ଏହାର ବକ୍ତାମାନେ ଏହାକୁ ଆଉ ଗୋଟିଏ ଧାରଣା ଭାବରେ ଅନ୍ୟ ଧାରଣା ପାଇଁ ଗ୍ରହଣ କରନ୍ତି ନାହିଁ। ଭାଷାବିତ୍ମାନେ ବହୁବାର ଏହି "ମୃତ ଉପମା" ବୋଲି ଡାକନ୍ତି। କର୍ମବାଚ୍ୟସୂଚକ ଉପମା ଗୁଡ଼ିକ ଅତ୍ୟଧିକ ସାଧାରଣ। ଇଂରାଜୀରେ ଉଦାହରଣଗୁଡିକ "ମେଜ **ଗୋଡ**," "ପରିବାର **ଗଛ**," "ବହି **ପତ୍ର**" (ଯାହାର ଅର୍ଥ ପୁସ୍ତକ ଏକ ପ୍ରଭୃତିର ପୃଷ୍ଠା), କିମ୍ବା "କ୍ରେନ୍" (ଯାହାର ଅର୍ଥ ଭାରୀ ଜିନିଷ ଗୁଡ଼ିକୁ ଉଠାଇବା ନିମନ୍ତେ ବ୍ୟବହାର କରାଯାଉଥିବା ଯନ୍ତ୍ର)। ଏହି ଶବ୍ଦମାନଙ୍କର ଗୋଟିଏରୁ ଅଧିକ ଅର୍ଥ ରହିଛି ବୋଲି ଇଂରାଜୀ ବକ୍ତାମାନେ ଭାବନ୍ତି। ଏବ୍ରୀ

ବାଇବଲରେ ଅନ୍ତର୍ଭୁକ୍ତକରାଯାଇଥିବା ଥିବା କେତେକ ଉଦାହରଣ "ହାତ" ଅର୍ଥ "ଅଧିକାର" "ମୁଖ" ଅର୍ଥ "ଉପସ୍ଥିତି ରହିବା" ଏବଂ ଆବେଗ କିମ୍ବା ନୈତିକ ଗୁଣଗୁଡ଼ିକୁ କହିଲେ ଯେପରି ସେଗୁଡ଼ିକ"ପୋଷାକ ପରିଚ୍ଛଦ"।

ଉପମା ରୂପରେ କାର୍ଯ୍ୟ କରୁଥିବା ଧାରଣାର ଦୁଇ ନମୁନା ଯୁଗଳ

ଉପମା ରୂପରେ କହିବାର ଅନେକ ଧାରଣାଗୁଡ଼ିକର ମାଧ୍ୟମ ଦୁଇ ଅନୁରୂପ ଅଂଶ ଉପରେ ନିର୍ଭର କରେ, ଯେଉଁଠାରେ ଗୋଟିଏ ଶବ୍ଦ ତଳେ ଗାର ଦିଆଯାଇଥିବା ଧାରଣାଟି ବାରମ୍ବାର ଭିନ୍ନ ଶବ୍ଦ ତଳେ ଗାର ଦିଆଯାଇଥିବା ଧାରଣାକୁ ଅର୍ଥ ସୁଚିତ କରିଥାଏ। ଉଦାହରଣ ସ୍ୱରୂପେ, ଇଂରାଜୀରେ, ଅଧିକାଂଶ ସମୟରେ, "ଉପରକୁ" (ପ୍ରତିଛବି) ଅଧିକ କିମ୍ବା "ଉତ୍ତମ" (ଉଦ୍ଦେଶ୍ୟ) ଅନେକ ଧାରଣାକୁ ଅର୍ଥ ସୂଚିତ କରିଥାଏ। କାରଣ ଏହି ଶବ୍ଦ ତଳେ ଗାର ଦିଆଯାଇଥିବା ଧାରଣା ଯୁଗଳକୁ ନେଇ, ଆମଭେମାନେ ବାକ୍ୟଗୁଡ଼ିକର ଗଠନ କରି ପାରିବା ଯଥା, "ପେଟ୍ରୋଲ ର ଦାମ **ଅଧିକ** ବୃଦ୍ଧି ପାଉଅଛି", "ଜଣେ **ଅତ୍ୟଧିକ** ବୁଦ୍ଧିମାନ ବ୍ୟକ୍ତି", ଏବଂ ବିପରିତାର୍ଥବୋଧକ ଧାରଣା ମଧ୍ୟ ଅଟେ: "ତାପମାତ୍ରା **ନିମ୍ନ ତର** ହେଉଅଛି," ଏବଂ "ମୁଁ ବହୁତ **ନିମ୍ନ** ମନେ କରୁଛି।"

ବିଶ୍ୱ ଭାଷାରେ ଧାରଣାର ଦୁଇ ନମୁନା ଯୁଗଳକୁ ଉପମା ଭାବରେ ଥିବା ଉଦ୍ଦେଶ୍ୟ ନିମନ୍ତେ ସର୍ବଦା ବ୍ୟବହାର କରାଯାଏ, କାରଣ ସେମାନେ ବିଚାରଧାରାକୁ ସଂଘଟିତ କରିବା ପାଇଁ କାର୍ଯ୍ୟ ସମ୍ପାଦନ କରନ୍ତି। ସାଧାରଣତଃ, ଲୋକମାନେ ଭାବନା ପ୍ରସୂତ ଗୁଣ ବିଶିଷ୍ଟ କଥା କହିବାକୁ ଭଲ ପାଆନ୍ତି (ଯଥା, ଶକ୍ତି, ବ୍ୟକ୍ତିଙ୍କ ଆଚରଣ, ଆବେଗ, ଓ ନୈତିକ ଗୁଣସମୂହ) ଯେପରି ସେଗୁଡ଼ିକ ଦେଖାଯାଉଥିବା ବା ସ୍ପର୍ଶ କରିହେଉଥିବା ଗୋଟିଏ ଗୋଟିଏ ବସ୍ତୁ ଅଟେ, ଆଉ ମଧ୍ୟ ଯେପରି ସେଗୁଡ଼ିକ ଶରୀରର ଅଂଶ ଅଟେ, କିଅବା ସେଗୁଡ଼ିକ ଘଟିଥିବା ଘଟଣାବଳୀ ଯାହା ଦେଖି ହେବ।

ଯେତେବେଳେ ଏହି ଉପମାଗୁଡ଼ିକ ସାଧାରଣ ଭାବରେ ବ୍ୟବହାର କରାଯାଏ, ସେତେବେଳେ ଏହା କ୍ୱଚିତ୍ ମନେ ହୁଏ ଯାହାକୁ ବକ୍ତା ଏବଂ ଶ୍ରୋତାମାନେ ସେଗୁଡ଼ିକୁ ଆଳଙ୍କାରିକ ଶବ୍ଦ ରୂପେ ବିଚାର କରନ୍ତି। ଇଂରାଜୀରେ ଉପମାର କେତେକ ଉଦାହରଣ ଯାହା ଅଜଣା ଭାବରେ ରହିଯାଏ:

- "ଗରମକୁ **ଅଧିକ** କର।" ଅଧିକକୁ ଉପରକୁ ରୂପେ କୁହାଯାଇଥାଏ।
- "ଆସନ୍ତୁ ଆମ୍ଭେମାନେ ଆମ୍ଭମାନଙ୍କ ଆଲୋଚନା ସହ **ଆଗକୁ ବଢ଼ିବା**।" ଚାଲିବା ବା ପ୍ରଗତି କରିବା ରୂପେ ଯାହା ଯୋଜନା କରାଯାଇଥିଲା ତାହା କରିବା କୁହାଯାଇଥାଏ।
- "ଆପଣ ଆପଣମାନଙ୍କ ସିଦ୍ଧାନ୍ତକୁ ଉତ୍ତମ ରୂପେ **ପ୍ରତିରକ୍ଷା** କରିଥାଅ।" ଯୁକ୍ତିକୁ ଯୁଦ୍ଧ ରୂପେ କୁହାଯାଇଥାଏ।
- " ଏକ ଶବ୍ଦଗୁଡ଼ିକର **ବ୍ୟାପିଯିବା**," ଯାହାକି ଶବ୍ଦଗୁଡ଼ିକୁ ତରଳ ପଦାର୍ଥ ରୂପେ କୁହାଯାଇଥାଏ।"

ଇଂରାଜୀ ବକ୍ତାମାନେ ଏଗୁଡିକୁ ଅସାଧାରଣ କିମ୍ବା ଉପମା ରୂପକ ପ୍ରକାଶ ରୂପେ ଦେଖାନ୍ତି ନାହିଁ, ଯଦି ଏହା ଲୋକମାନଙ୍କୁ ଆଳଙ୍କାରିକ ଶବ୍ଦ ଭାବେ ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣ କରିବାକୁ ଚାଳିତ କରେ, ତେବେ ଏହା ଅନ୍ୟ ଭାଷାରେ ଏପରି ଭାବରେ ଅନୁବାଦ କରିବା ସେମାନଙ୍କ ପ୍ରତି ଭୁଲ ଯାହା ଲୋକମାନଙ୍କୁ ଆଳଙ୍କାରିକ ବକ୍ତବ୍ୟ ଭାବରେ ସେଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବେ। ବାଇବଲ ଭିତ୍ତିକ ଭାଷାରେ ଏହି ପ୍ରକାର ରୂପକ ଶବ୍ଦର ଗୁରୁତ୍ୱପୂର୍ଣ୍ଣ ଢାଞ୍ଚାର ବିବରଣ ନିମନ୍ତେ ବାଇବଲ ଭିତ୍ତିକ ରୂପକ ଶବ୍ଦ – ସାଧାରଣ ଢାଞ୍ଚାଏବଂ ଏହି ପୃଷ୍ଠାଗୁଡ଼ିକ ଆପଣମାନଙ୍କୁ ନିର୍ଦ୍ଦେଶ ଦେବ।

ଯେତେବେଳେ ଅନ୍ୟ ଏକ ଭାଷାରେ ଏକ କର୍ମବାଚ୍ୟସୂଚକ ଉପମା ଅନୁବାଦ କରେ, ଏହାକୁ ଉପମା ଭାବରେ ବ୍ୟବହାର କର ନାହିଁ। ଏହା ପରିବର୍ତ୍ତେ, ସେହି ବିଷୟ ନିମନ୍ତେ ଉତ୍ତମ ଅଭିବ୍ୟକ୍ତି କିମ୍ବା ଲକ୍ଷ୍ୟ ଭାଷାରେ ଧାରଣାକୁ ବ୍ୟବହାର କରନ୍ତୁ।

କ୍ରିୟାଶୀଳ ଉପମାଗୁଡ଼ିକ

ଏହି ଉପମାଗୁଡ଼ିକ ଯାହାକି ଲୋକମାନେ ଗୋଟିଏ ଧାରଣା ଭାବରେ ଅନ୍ୟ ଧାରଣା ପାଇଁ ଛିଡା ହୁଅନ୍ତି, କିମ୍ବା ଅନ୍ୟ ଜିନିଷ ପାଇଁ ଗୋଟିଏ ଜିନିଷ। ଉପମାଗୁଡ଼ିକ ଗୋଟିଏ ଜିନିଷ ଅନ୍ୟ ଜିନିଷ ସଦୃଶ କିପରି ସେ ବିଷୟରେ ଲୋକମାନଙ୍କୁ ଚିନ୍ତା କରାଏ, କାରଣ ଅଧିକାଂଶ ପଦ୍ଧତିରେ ଦୁଇଟି ଜିନିଷ ସମ୍ପୂର୍ଣ୍ଣ ଭାବରେ ଭିନ୍ନ। ଲୋକମାନେ ମଧ୍ୟ ଏହି ଉପମାକୁ ସହଜରେ ଚିହ୍ନିପାରନ୍ତି ଯାହା ବାର୍ତ୍ତାକୁ ଶକ୍ତି ଏବଂ ଅସ୍ୱାଭାବିକ ଗୁଣ ପ୍ରଦାନ କରେ। ଏହି କାରଣରୁ, ଲୋକମାନେ ଏହି ଉପମା ପ୍ରତି ଧ୍ୟାନ ଦିଅନ୍ତି। ଉଦାହରଣ ସ୍ୱରୁପ,

ମାତ୍ର ଆମ୍ଭ ନାମକୁ ଭୟ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କ ପ୍ରତି ଧର୍ମରୂପ ସୂର୍ଯ୍ୟ ଆରୋଗ୍ୟଦାୟକ ନିଜ ପକ୍ଷରେ ଉଦିତ ହେବେ। (ମଲାଖି 4:2a ULT)

ଏଠାରେ, ପରମେଶ୍ୱର ତାହାଙ୍କ ପରିତ୍ରାଣ ବିଷୟରେ କୁହନ୍ତି ଯେପରି ସେ ଯେଉଁମାନଙ୍କୁ ପ୍ରେମ କରନ୍ତି ସେମାନଙ୍କ ଉପରେ ସୂର୍ଯ୍ୟ ଉଦୟ ହୁଏ। ଆହୁରି ମଧ୍ୟ ସେ ସୂର୍ଯ୍ୟ କିରଣ ବିଷୟରେ କୁହନ୍ତି ଯେପରି ସେମାନେ ଡେଣା ଅଟନ୍ତି। ଏଥିସହ, ସେ ଏହି ଡେଣାଗୁଡ଼ିକ ବିଷୟରେ କୁହନ୍ତି ଯେପରି ସେମାନେ ଔଷଧ ଆଣିଅଛନ୍ତି ଯାହା ତାହାଙ୍କ ଲୋକମାନଙ୍କୁ ସୁସ୍ଥ କରିବ। ଏଠାରେ ଅନ୍ୟ ଏକ ଉଦାହରଣ ଅଛି:

> ଆଉ ସେ ସେମାନଙ୍କୁ କହିଲେ, "ଯାଅ ଏବଂ ସେହି କୋକିଶିଆଳିକି କୁହ ..." (ଲୁକ 13:32କ ULT)

ଏଠାରେ, "ସେହି କୋକିଶିଆଳିକି" ରାଜା ହେରୋଦଙ୍କୁ ବୁଝାଏ। ଯୀଶୁଙ୍କ କଥା ଶୁଣୁଥିବା ଲୋକମାନେ ନିଶ୍ଚିତ ଭାବରେ ବୁଝିଯାଇଥିଲେ ଯେ ହେରୋଦଙ୍କ ନିକଟରେ ଏକ କୋକିଶିଆଳିକିର କିଛି ଗୁଣ ପ୍ରୟୋଗ କରିବାକୁ ଯୀଶୁ ସେମାନଙ୍କ ଉଦ୍ଦେଶ୍ୟରେ ଥିଲେ। ବୋଧହୁଏ ସେମାନେ ବୁଝିପାରିଲେ ଯେ ହେରୋଦ ମନ୍ଦ, ଚତୁରତା ଭାବରେ କିମ୍ବା ଯେପରି କେହିଁ ଜଣେ ଜଣେ ବିନାଶକାରୀ, ହତ୍ୟାକାରୀ, କିମ୍ବା ସମସ୍ତ ଜିନିଷଗୁଡ଼ିକୁ ନେଇ ଯାଏ ଯାହା ତାହାର ନ ଥିଲା।

ଉପଯୁକ୍ତ ଅନୁବାଦ କରିବା ପାଇଁ କ୍ରିୟାଶୀଳ ଉପମାଗୁଡ଼ିକ ଅନୁବାଦକଙ୍କ ବିଶେଷ ଯତ୍ନ ଆବଶ୍ୟକ କରେ। ଏହା କରିବା ପାଇଁ, ଆପନାମାନେ ଏକ ଉପମାର ଅଂଶଗୁଡିକ ବୁଝିବାର ଆବଶ୍ୟକ ଏବଂ ପୁର୍ଣ୍ଣ ଅର୍ଥ ପ୍ରକାଶ କରିବା ପାଇଁ ସେଗୁଡ଼ିକ କିପରି ଏକତ୍ର କାର୍ଯ୍ୟ କରନ୍ତି।

> ଯୀଶୁ ସେମାନଙ୍କୁ କହିଲେ, "ମୁଁ ଜୀବନ୍ତ ରୁଟି; ଯେ ମୋ' ନିକଟକୁ ଆସେ, ସେ କଦାପି କ୍ଷୁଧିତ ହେବ ନାହିଁ, ଆଉ ଯେ ମୋ'ଠାରେ ବିଶ୍ୱାସ କରେ, ସେ କଦାପି ତୃଷିତ ହେବ ନାହିଁ।" (ଯୋହନ 6:35 ULT)

ଏହି ଉପମାରେ, ଯୀଶୁ ନିଜକୁ ଜୀବନର ରୁଟି ବୋଲି କହିଥିଲେ। **ଆଲୋଚନା** ହେଉଛି "ମୁଁ" (ଅର୍ଥ ଯୀଶୁ ନିଜେ) ଏବଂ **ପ୍ରତିଛବି** ହେଉଛି "ରୁଟି"। ସେହି ସ୍ଥାନରେ ସେହି ସମୟରେ ରୁଟି ପ୍ରାଥମିକ ଖାଦ୍ୟ ଥିଲା ଯାହା ଲୋକମାନେ ଖାଉଥିଲେ। ରୁଟି ଏବଂ ଯୀଶୁଙ୍କ ମଧ୍ୟରେ ସମାନତା ହେଉଛି ଲୋକମାନେ ବଞ୍ଚିବା ନିମନ୍ତେ ଉଭୟକୁ ଆବଶ୍ୟକ କରନ୍ତି। ଯେପରି ଶାରୀରିକ ଜୀବନ ପାଇବା ପାଇଁ ଲୋକମାନେ ଖାଦ୍ୟ ଖାଇବା ଆବଶ୍ୟକ କରନ୍ତି, ଅନନ୍ତ ଜୀବନ ପାଇବା ପାଇଁ ଲୋକମାନେ ଯୀଶୁଙ୍କଠାରେ ବିଶ୍ୱାସ କରିବା ଆବଶ୍ୟକ କରନ୍ତି। ଉପମାର **ଭାବନା** ହେଉଛି "ଜୀବନ"। ଏହି ପରିପ୍ରେକ୍ଷୀରେ, ଯୀଶୁ ରୂପାନ୍ତରର କେନ୍ଦ୍ରୀୟ ଭାବନାକୁ କହିଥିଲେ, କିନ୍ତୁ ପ୍ରାୟତ ଭାବନା କେବଳ ସୂଚିତ ହୋଇଥାଏ।

ଉପମାର ଉଦ୍ଦେଶ୍ୟସମୂହ

- ଉପମାର ଗୋଟିଏ ଉଦ୍ଦେଶ୍ୟ ହେଉଛି ଯଦି ଲୋକେ (**ଆଲୋଚନା**)କୁ ବୁଝି ପାରୁ ନାହାନ୍ତି, ତେବେ ସେମାନଙ୍କୁ ସେହି ବିଷୟରେ ପ୍ରକାଶ କରି ଶିକ୍ଷା ଦିଅ ଯେ ଏହା ସେମାନେ ପୂର୍ବରୁ (**ପ୍ରତିଛବି**)କୁ ଜାଣିଥିବା ବିଷୟ ଭଳି ଅଟେ।
- ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ଜୋର ଦେବା ଯେ କିଛି (**ଆଲୋଚନା**) ନିର୍ଦ୍ଦିଷ୍ଟ ଗୁଣ ରହିଥିବା କିମ୍ବା ଅତିରିକ୍ତ ମାଧ୍ୟମରେ ସେହି ଗୁଣ (**ଭାବନା**) ଥିବା ବିଷୟକୁ ପ୍ରକାଶ କରିବା।
- ଅନ୍ୟ ଉଦ୍ଦେଶ୍ୟ ହେଉଛି ଯେ ଲୋକମାନଙ୍କୁ ଅନ୍ୟ **ଆଲୋଚନା** ବିଷୟରେ ଯେପରି ଅନୁଭବ କରନ୍ତି, ସେହିପରି ଉପମା ବିଷୟରେ **ପ୍ରତିଛବି** ଅନୁଭବ କରିବା ପାଇଁ ସେମାନଙ୍କୁ ଚାଳିତ କରିବା।

ଏହା ଅନୁବାଦ ସମସ୍ୟାର କାରଣ ଅଟେ

- ଲୋକେ ଜାଣି ପାରିବେ ନାହିଁ ଯେ କିଛି ରୂପକ ଶବ୍ଦ ଅଟେ। ଅନ୍ୟ ଶବ୍ଦରେ, ସେମାନେ ଆକ୍ଷରିକ ଉକ୍ତି ନିମନ୍ତେ ରୂପକ ଶବ୍ଦକୁ ଭୁଲ ମତ ବାହାର କରି ପାରନ୍ତି, ଏବଂ ଏହିପରି ଏହାକୁ ଭୁଲ ବୁଝାଯିବ।
- ଲୋକମାନେ ହୁଏତ ସେହି ଜିନିଷ ସହିତ ପରିଚିତ ନୁହଁନ୍ତି ଯାହା ଏକ ପ୍ରତିଛବି ଭାବରେ ବ୍ୟବହୃତ ହୁଏ, ଏବଂ ତେଣୁ, ଉପମା ବୁଝିବାକୁ ସମର୍ଥ ହୁଅନ୍ତି ନାହିଁ।
- ଯଦି ଆଲୋଚନାକୁ ବ୍ୟକ୍ତ କରାଯାଇନାହିଁ, ତେବେ ଆଲୋଚନା କଣ ତାହା ଲୋକେ ଜାଣି ପାରିବେ ନାହିଁ।
- ଲୋକମାନେ ବୁଝନ୍ତୁ ବୋଲି ବକ୍ତା ଚାଁହୁଥିବା ତୁଳନାର ଦୃଷ୍ଟିକୋଣ ବିଷୟକୁ ହୁଏତ ସେମାନେ ବୁଝି ନ ପାରନ୍ତି। ଯଦି ସେମାନେ ଏହି ତୁଳନାର ଦୃଷ୍ଟିକୋଣକୁ ଚିନ୍ତା କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ଉପମାକୁ ବୁଝି ପାରିବେ ନାହିଁ। ହୁଏତ ଲୋକେ ମନେକରନ୍ତି ଯେ ସେମାନେ ଉପମା ବୁଝି ପାରନ୍ତି କିନ୍ତୁ ସେମାନେ ବୁଝି ପାରନ୍ତି ନାହିଁ। ଏହା ଘଟିପାରେ ଯେତବେଳେ ସେମାନେ ତୁଳନାର ଦୃଷ୍ଟିକୋଣ ଗୁଡ଼ିକୁ ବାଇବଲ ସଂସ୍କୃତିଠାରୁ ଅଧିକ ଆପଣା ସଂସ୍କୃତିରୁ ପ୍ରୟୋଗ କରନ୍ତି।

ଅନୁବାଦ ସିଦ୍ଧାନ୍ତ

- ମୂଳ ଶ୍ରୋତାମାନଙ୍କ ନିମନ୍ତେ ଯେପରି ଉପମା ଅର୍ଥ ସ୍ପଷ୍ଟ ଥିଲା, ସେହିପରି ଏହାର ଅର୍ଥକୁ ଲକ୍ଷ୍ୟ ଶ୍ରୋତାମାନଙ୍କ ପାଇଁ ସ୍ପଷ୍ଟ କରନ୍ତୁ।
- ମୂଳ ଶ୍ରୋତାମାନଙ୍କ ନିମନ୍ତେ ତୁମେ ଭାବୁଥିବା ଅପେକ୍ଷା ଲକ୍ଷ୍ୟ ଶ୍ରୋତାମାନଙ୍କ ନିମନ୍ତେ ଏକ ଉପମାର ଅର୍ଥ ଅଧିକ ସ୍ପଷ୍ଟ କର ନାହିଁ।

ବାଇବଲରୁ କେତେକ ଉଦାହରଣ

> ତୁମ୍ଭେମାନେ ଏହି ବାକ୍ୟ ଶୁଣ, ହେ **ବାଶନର ଗାଭୀ ସବୁ**, (ଆମୋଷ 4:1q ULT)

ଏହି ଉପମାରେ ଆମୋଷ ଶମରିୟାର ଉଚ୍ଚ-ଶ୍ରେଣୀର ମହିଳାମାନଙ୍କୁ କହୁଛନ୍ତି ("ତୁମ୍ଭେମାନେ" ଆଲୋଚନା) ଯେପରି ସେମାନେ ଗାଈ (ପ୍ରତିଛବି)। ଆମୋଷଙ୍କ ମନରେ ଏହି ମହିଳା ଓ ଗାଈମାନଙ୍କ ମଧ୍ୟରେ କେଉଁ ପ୍ରକାର ତୁଳନାତ୍ମକ ଦୃଷ୍ଟିକୋଣ ଅଛି ତାହାକୁ ସେ କହୁ ନାହାଁନ୍ତି। ସେ ଚାଁହାନ୍ତି ଯେ ପାଠକମାନେ ସେମାନଙ୍କ ବିଷୟରେ ବିଚାର କରନ୍ତୁ ଏବଂ ତାହାଙ୍କର ସଂସ୍କୃତିତର ଲୋକେ ଏହା ସହଜରେ କରିବେ ବୋଲି ସେ ଅଶା କରନ୍ତି। ପୃଷ୍ଠଭୂମିରୁ ଆମ୍ଭେମାନେ ଦେଖି ପାରିବା ଯେ ମହିଳାମାନେ ଗାଈ ପରି ଅଟନ୍ତି ଯେପରି ସେମାନେ ମୋଟା ଏବଂ ନିଜକୁ କେବଳ ଖାଦ୍ୟ ଖୁଆଇବାରେ ସ୍ୱାର୍ଥାନ୍ୱିତ ଅଟନ୍ତି। ଯଦି ଆମ୍ଭମାନଙ୍କୁ ଭିନ୍ନ ଭିନ୍ନ ସଂସ୍କୃତିଠାରୁ ତୁଳନା ଦୃଷ୍ଟିକୋଣ ଗୁଡିକୁ ପ୍ରୟୋଗ କରିବାର ଅଛି ଯେପରି ଗାଈ ଗୁଡିକ ପବିତ୍ର ଏବଂ ପୂଜା କରାଯିବା ଉଚିତ, ତେବେ ଆମ୍ଭେମାନେ ଏହି ପଦରୁ ଭୁଲ ଅର୍ଥକୁ ପ୍ରାପ୍ତ କରିବା। ଟିପ୍ପଣୀ, ତଥାପି, ବାସ୍ତବରେ ଆମୋଷଙ୍କ କହିବାର ତାତ୍ପର୍ଯ୍ୟ ଏହା ନଥିଲା ଯେ ମହିଳାମାନେ ଗାଈ ଅଟନ୍ତି। ବରଂ ସେ ସେମାନଙ୍କୁ ମନୁଷ୍ୟ ପ୍ରାଣୀ ରୂପେ କହୁଛନ୍ତି।

ଟିପ୍ପଣୀ: ଆମୋଷ ପ୍ରକୃତରେ କହିବାର ଅର୍ଥ ଏହା ନୁହେଁ ଯେ ମହିଳାମାନେ ଗାଈ ଅଟନ୍ତି। ସେ ସେମାନଙ୍କୁ ମଣିଷ ସଦୃଶ କଥା କୁହନ୍ତି।

> ମାତ୍ର ଏବେ ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ; **ଆମ୍ଭେମାନେ ମୃତ୍ତିକା**। **ତୁମ୍ଭେ ଆମ୍ଭମାନଙ୍କର କୁମ୍ଭକାର**; ପୁଣି, ଆମ୍ଭେ ସମସ୍ତେ ତୁମ୍ଭର ହସ୍ତକୃତ କର୍ମ ଅଟୁ। (ଯିଶାଇୟ 64:8 ULT)

ଉପରୋକ୍ତ ଉଦାହରଣରେ ଦୁଇଟି ସମ୍ପର୍କିତ ଉପମା ରହିଛି। ଆଲୋଚନା ଗୁଡ଼ିକ "ଆମ୍ଭେମାନେ" ଓ "ତୁମ୍ଭେ", ଏବଂ ପ୍ରତିଛବି ହେଉଛି "ମୃତ୍ତିକା" ଓ "କୁମ୍ଭକାର"। କୁମ୍ଭକାର ଓ ଈଶ୍ୱରଙ୍କ ମଧ୍ୟରେ ଥିବା ଉଦ୍ଦେଶ୍ୟମୂଳକ ତୁଳନାତ୍ମକ ଦୃଷ୍ଟିକୋଣର ବାସ୍ତବତା ହେଉଛି ଯେ ଉଭୟ ସେମାନେ ଯାହା ଇଚ୍ଛା କରନ୍ତି ତାହା ନିର୍ମାଣ କରିଥାନ୍ତି: କୁମ୍ଭକାର ମୃତ୍ତିକାକୁ ନେଇ ତହିଁରୁ ଯାହା ଇଚ୍ଛା ତାହା ନିର୍ମାଣ କରନ୍ତି, ଆଉ ପରମେଶ୍ୱର ଆପଣା ଲୋକମାନଙ୍କୁ ନେଇ ସେ ଯାହା ଇଚ୍ଛା ତାହା ନିର୍ମାଣ କରନ୍ତି। କୁମ୍ଭକାରର ମୃତ୍ତିକା ଓ "ଆମ୍ଭମାନଙ୍କ" ମଧ୍ୟରେ ଥିବା ତୁଳନାତ୍ମକ ଦୃଷ୍ଟିକୋଣ ହେଉଛି ଯେ **ଉଭୟ ମୃତ୍ତିକା ଓ ପରମେଶ୍ୱରଙ୍କର ଲୋକମାନେ ଯାହା ସେମାନେ ନିର୍ମାଣ କରାଯାଉଛନ୍ତି ସେହି ବିଷୟରେ ଅଭିଯୋଗ କରିବାରେ ଅଧିକାର ନାହିଁ**।

> ଯୀଶୁ ସେମାନଙ୍କୁ କହିଲେ, "**ଫାରୂଶୀ ଓ ସାଦ୍ଦୂକୀମାନଙ୍କ ଖମୀରଠାରୁ** ସାବଧାନ ହୋଇଥାଅ।" ଶିଷ୍ୟମାନେ ପରସ୍ପର ମଧ୍ୟରେ ତର୍କବିତର୍କ କରି କହିବାକୁ ଲାଗିଲେ, "ଆମ୍ଭେମାନେ ରୋଟୀ ଆଣି ନାହୁଁ ବୋଲି ସେ ଏହା କହୁଅଛନ୍ତି।'' (ମାଥିଉ 16:6-7 ULT)

ଯୀଶୁ ଏଠାରେ ଏକ ରୂପକ ଶବ୍ଦକୁ ବ୍ୟବହାର କଲେ, କିନ୍ତୁ ତାହାଙ୍କ ଶିଷ୍ୟମାନେ ତାହା ଜାଣି ପାରିଲେ ନାହିଁ । ଯେତେବେଳେ ସେ "ଖମୀର" ବୋଲି କହିଲେ, ସେମାନେ ବୁଝିଲେ ଯେ ସେ ରୋଟି ବିଷୟରେ କହୁଛନ୍ତି, କିନ୍ତୁ ତାହାଙ୍କ ରୂପକ ଶବ୍ଦରେ "ଖମୀର" ଏକ ରୂପକ ଛବି ଥିଲା, ଆଉ ଆଲୋଚନା ଫାରୂଶୀ ଓ ସାଦ୍ଦୂକୀମାନଙ୍କର ଶିକ୍ଷା ଥିଲା। ଶିଷ୍ୟମାନେ (ମୂଳ ଶ୍ରୋତାମାନେ) ଯୀଶୁଙ୍କ କହିବା ତାତ୍ପର୍ଯ୍ୟକୁ ବୁଝି ନଥିବା ହେତୁ, ଏଠାରେ ଯୀଶୁଙ୍କ କହିବା ତାତ୍ପର୍ଯ୍ୟକୁ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବା ଉଚିତ ହେବ ନାହିଁ।

ଅନୁବାଦ କୌଶଳଗୁଡିକ

ଯଦି ମୂଳ ପାଠକମାନେ ଯେପରି ଭାବରେ ରୂପକ ଶବ୍ଦକୁ ବୁଝି ଥିଲେ, ଠିକ୍ ସେହି ସମାନ ଭାବରେ ରୂପକ ଶବ୍ଦକୁ ଲୋକେ ବୁଝନ୍ତି, ତେବ ଏହାକୁ ବ୍ୟବହାର କରନ୍ତୁ। ଲୋକମାନେ ଏହାକୁ ସଠିକ ଭାବରେ ବୁଝୁଛନ୍ତି କି ନାହିଁ, ଏହାକୁ ନିଶ୍ଚିତ କରି ଅନୁବାଦକୁ ପରୀକ୍ଷା କରନ୍ତୁ। ଯଦି ଲୋକମାନେ ଏହାକୁ ବୁଝୁ ନାହାଁନ୍ତି ବା ବୁଝି ପାରିବେ ନାହିଁ, ତେବେ ଏଠାରେ ଅନ୍ୟ କେତେକ କୌଶଳଗୁଡ଼ିକ ପ୍ରଦାନ କରା ଯାଇଅଛି।

ଯଦି ଲୋକମାନେ ଏହାକୁ ବୁଝନ୍ତି ନାହିଁ କିମ୍ବା ବୁଝିପାରନ୍ତି ନାହିଁ, ଏଠାରେ ଅନ୍ୟ କିଛି କୌଶଳ ଅଛି।

(1) ଯଦି ସ୍ରୋତ ଭାଷାରେ ଉପମା କିମ୍ବା ବାଇବଲଭିତ୍ତିକ ଭାଷାରେ(ଏକ "ମୃତ" ରୂପକ) ଉପମା ଧାରଣାର ଢାଞ୍ଚା ଏକ ସାଧାରଣ ଅଭିବ୍ୟକ୍ତି ଅଟେ, ତେବେ ମୁଖ୍ୟ ଧାରଣାକୁ ଆପଣଙ୍କ ଭାଷାର ପସନ୍ଦୀୟ ଅତି ସରଳ ମାଧ୍ୟମରେ ପ୍ରକାଶ କରନ୍ତୁ। (2) ଯଦି ରୂପକ ଶବ୍ଦ "ଜୀବନ୍ତ" ରୂପକ ଶବ୍ଦ ପରି ଦେଖା ଯାଉଛି, ତେବେ ଆପଣ ଏହାକୁ ଅକ୍ଷରିକ ଭାବରେ ଅନୁବାଦ କରି ପାରିବେ ଯଦି ଲକ୍ଷ୍ୟ ଭାଷାରେ ଏହି ରୂପକ ଶବ୍ଦର ଅର୍ଥକୁ ବାଇବଲର ଅର୍ଥ ପ୍ରକାଶ କରୁଥିବା ଅର୍ଥରେ ବ୍ୟବହୃତ ହୁଏ। ଯଦି ଆପଣ ଏହା କରନ୍ତି, ତେବେ ଭାଷା ସମ୍ପ୍ରଦାୟ ଏହାକୁ ନିର୍ଭୁଲ ଭାବରେ ବୁଝନ୍ତି କି ନାହିଁ, ଏହାକୁ ନିଶ୍ଚିତ କରି ପରୀକ୍ଷା କରନ୍ତୁ।

(3) ଯଦି ଲକ୍ଷ୍ୟ ଶ୍ରୋତାମାନେ ଜାଣନ୍ତି ନାହିଁ ଯେ ଏହା ରୂପକ ଶବ୍ଦ ଅଟେ, ତେବେ ରୂପକ ଶବ୍ଦକୁ ଉପମାରେ ପରିବର୍ତ୍ତନ କରନ୍ତୁ। କେତେକ ଭାଷା ଏହାକୁ "ଭଳି" ବା "ରୂପେ" ସଦୃଶ ଶବ୍ଦଗୁଡିକୁ ଯୋଗ କରି କରିଥାନ୍ତି। Simile ଦେଖନ୍ତୁ।

(4) ଯଦି ଲକ୍ଷ୍ୟ ଶ୍ରୋତାମାନେ **ପ୍ରତିଛବି**କୁ ଜାଣି ପାରନ୍ତି ନାହିଁ, ତେବେ ସେହି ରୂପକ ଛବିକୁ କିପରି ଅନୁବାଦ କରିବେ, ସେଥିର ବିଚାରଧାରା ଅଜ୍ଞାତ ଅନୁବାଦ ଦେଖନ୍ତୁ।

(5) ଯଦି ଲକ୍ଷ୍ୟ ଭାଷାରେ ଶ୍ରୋତା ସେହି **ରୂପକ ଛବିକୁ** ବ୍ୟବହାର କରିବେ ନାହିଁ ତେବେ ତେବେ ତହିଁ ପରିବର୍ତ୍ତେ ଆପଣଙ୍କର ନିଜ ସଂସ୍କୃତିରୁ ଏକ ରୂପକ ଛବିକୁ ବ୍ୟବହାର କରନ୍ତୁ। ମନେରଖନ୍ତୁ ଯେ ଏହି ରୂପକ ଛବି ବାଇବଲ ସମୟରେ ସମ୍ଭବ ହୋଇ ପାରିଥାନ୍ତା।

(6) ଯଦି ଲକ୍ଷ୍ୟ ଶ୍ରୋତାମାନେ **ଆଲୋଚନା** କଣ ତାହା ଜାଣି ପାରିବେ ନାହିଁ, ତେବେ ଆଲୋଚନାକୁ ସ୍ପଷ୍ଟ ଭାବରେ ପ୍ରକାଶ କରନ୍ତୁ। (ତଥାପି, ପ୍ରସଙ୍ଗ କଣ ଥିଲା ତାହା ଯଦି ମୂଳ ଶ୍ରୋତାମାନେ ଜାଣି ନ ଥିଲେ, ତେବେ ଏହା କରନ୍ତୁ ନାହିଁ।)

(7) ଯଦି ଲକ୍ଷ୍ୟ ଶ୍ରୋତାମାନେ ରୂପକ ଶବ୍ଦ ଓ ପ୍ରସଙ୍ଗ ମଧ୍ୟରେ ଥିବା ଉଦ୍ଦେଶ୍ୟମୂଳକ ତୁଳନାତ୍ମକ ଦୃଷ୍ଟିକୋଣକୁ ଜାଣିବେ ନାହିଁ, ତେବେ ସ୍ପଷ୍ଟ ଭାବରେ ପ୍ରକାଶ କରନ୍ତୁ।
(8) ଯଦି ଏଥି ମଧ୍ୟରୁ କୌଣସି କୌଶଳ ସନ୍ତୋଷଜନକ ନୁହେଁ, ତେବେ ଉପମାକୁ ବ୍ୟବହାର ନ କରି **ବିଚାରଧାରାକୁ** ସ୍ପଷ୍ଟ ଭାବରେ କେବଳ ପ୍ରକାଶ କରନ୍ତୁ।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

(1) ଯଦି ସ୍ରୋତ ଭାଷାରେ ଉପମା କିମ୍ବା ବାଇବଲଭିତ୍ତିକ ଭାଷାରେ (ଏକ "ମୃତ" ରୂପକ) ରୂପକ ଧାରଣାର ଢାଞ୍ଚା ଏକ ସାଧାରଣ ଅଭିବ୍ୟକ୍ତି ଅଟେ, ତେବେ ମୁଖ୍ୟ ଉଦ୍ଦେଶ୍ୟକୁ ଆପଣଙ୍କ ଭାଷାର ପସନ୍ଦୀୟ ଅତି ସରଳ ମାଧ୍ୟମରେ ପ୍ରକାଶ କରନ୍ତୁ।

> ତାପରେ, ସମାଜଗୃହର ଅଧ୍ୟକ୍ଷଙ୍କ ମଧ୍ୟରୁ ଯାଇରସ ନାମକ ଜଣେ ବ୍ୟକ୍ତି ଆସି ତାହାଙ୍କୁ ଦେଖି **ତାହାଙ୍କ ଚରଣ ତଳେ ପଡ଼ିଲେ।** (ମାର୍କ 5:22 ULT)
>
> > ସେତେବେଳେ ସମାଜଗୃହର ଅଧ୍ୟକ୍ଷଙ୍କ ମଧ୍ୟରୁ ଯାଇରସ ନାମକ ଜଣେ ବ୍ୟକ୍ତି ଆସି ତାହାଙ୍କୁ ଦେଖିଲେ,
> > **ସେହି କ୍ଷଣି ତାହାଙ୍କୁ ସମ୍ମୁଖରେ ପ୍ରଣାମ କଲେ**।

(2) ଯଦି ଉପମା ଏକ କ୍ରିୟାଶୀଳ ଉପମା ପରି ମନେ ହୁଏ ତେବେ ଆପଣ ଏହାକୁ ଆକ୍ଷରିକ ଭାବରେ ଅନୁବାଦ କରିପାରିବେ **ଯଦି ଆପଣ ଭାବୁଛ ଯେ ଲକ୍ଷ୍ୟ ଭାଷା ମଧ୍ୟ ଏହି ଉପମାକୁ ବାଇବଲ ସଦୃଶ ସମାନ ବିଷୟକୁ ସମାନ ଭାବରେ ବ୍ୟବହାର କରେ।** ଯଦି ଆପଣ ଏହା କରନ୍ତି, ତେବେ ଭାଷା ସମ୍ପ୍ରଦାୟ ଏହାକୁ ନିର୍ଭୁଲ ଭାବରେ ବୁଝନ୍ତି କି ନାହିଁ, ଏହାକୁ ନିଶ୍ଚିତ କରି ପରୀକ୍ଷା କରନ୍ତୁ।

> କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, **ହୃଦୟର କଠିନତା** ହେତୁରୁ ସେ ଏହି ଆଜ୍ଞା ତୁମ୍ଭମାନଙ୍କୁ ଲେଖିଲେ। (ମାର୍କ 10:5 ULT)
>
> > ସେ ତୁମ୍ଭମାନଙ୍କର **କଠିନ ହୃଦୟ** ହେତୁ ସେ ତୁମ୍ଭମାନଙ୍କ ନିମନ୍ତେ ଏହି ବ୍ୟବସ୍ଥା ଲେଖିଲେ,

ଏଥିପାଇଁ ଆମ୍ଭେମାନେ ଏହାର କୌଣସି ପରିବର୍ତ୍ତନ କରି ନାହୁଁ, କିନ୍ତୁ ଲକ୍ଷ୍ୟ ଶ୍ରୋତାମାନେ ଏହି ଉପମାକୁ ନିର୍ଭୁଲ ଭାବରେ ବୁଝନ୍ତି କି ନାହିଁ, ଏହାକୁ ନିଶ୍ଚିତ କରି ପରୀକ୍ଷା କରାଯିବା ଉଚିତ।

(3) ଯଦି ଲକ୍ଷ୍ୟ ଶ୍ରୋତାମାନେ ଜାଣନ୍ତି ନାହିଁ ଯେ ଏହା ରୂପକ ଶବ୍ଦ ଅଟେ, ତେବେ ରୂପକ ଶବ୍ଦକୁ ଉପମାରେ ପରିବର୍ତ୍ତନ କରନ୍ତୁ। କେତେକ ଭାଷା ଏହାକୁ "ଭଳି" ବା "ରୂପେ" ସଦୃଶ ଶବ୍ଦଗୁଡିକୁ ଯୋଗ କରି କରିଥାନ୍ତି।

> ତଥାପି, ହେଁ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ; ଆମ୍ଭେମାନେ **ମୃତ୍ତିକା**। ତୁମ୍ଭେ ଆମ୍ଭମାନଙ୍କର **କୁମ୍ଭାକାର**; ପୁଣି, ଆମ୍ଭେ ସମସ୍ତେ ତୁମ୍ଭର ହସ୍ତକୃତ କର୍ମ। (ଯିଶାଇୟ 64:8 ULT)
>
> > ମାତ୍ର ଏବେ, ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ; ଆମ୍ଭେମାନେ ମୃତ୍ତିକା **ସଦୃଶ**। ତୁମ୍ଭେ ଏକ କୁମ୍ଭାକାର **ସଦୃଶ**; ପୁଣି, ଆମ୍ଭେ ସମସ୍ତେ ତୁମ୍ଭର ହସ୍ତକୃତ କର୍ମ।

(4) ଯଦି ଲକ୍ଷ୍ୟ ଶ୍ରୋତାମାନେ **ପ୍ରତିଛବି**କୁ ଜାଣି ପାରିବେ ନାହିଁ, ତେବେ ସେହି ପ୍ରତିଛବିକୁ କିପରି ଅନୁବାଦ କରିବେ, ସେଥିର ବିଚାରଧାରା ନିମନ୍ତେ ଅଜ୍ଞାତ ଅନୁବାଦ ଦେଖନ୍ତୁ।

> ଶାଉଲ, ଶାଉଲ, ତୁମ୍ଭେ ଆମ୍ଭକୁ କାହିଁକି ତାଡ଼ନା କରୁଅଛ? **ପାଞ୍ଚଣ କଣ୍ଟାମୁନରେ ଗୋଇଠା ମାରିବା** ତୁମ୍ଭ ପକ୍ଷରେ କଷ୍ଟକର। (ପ୍ରେରିତ 26:14 ULT)
>
> > ଶାଉଲ, ଶାଉଲ, ତୁମ୍ଭେ ଆମ୍ଭକୁ କାହିଁକି ତାଡ଼ନା କରୁଅଛ? **ମୁନିଆ ବାଡ଼ିକୁ ଗୋଇଠା ମାରିବା** ତୁମ୍ଭ ପକ୍ଷରେ କଷ୍ଟକର।

(5) ଯଦି ଲକ୍ଷ୍ୟ ଶ୍ରୋତା ସେହି **ପ୍ରତିଛବି**କୁ ସେହି ଅର୍ଥ ନିମନ୍ତେ ବ୍ୟବହାର କରନ୍ତି ନାହିଁ, ତେବେ ତହିଁ ପରିବର୍ତ୍ତେ ଆପଣଙ୍କର ନିଜ ସଂସ୍କୃତିରୁ ଏକ ପ୍ରତିଛବିକୁ ବ୍ୟବହାର କରନ୍ତୁ। ମନେ ରଖନ୍ତୁ ଯେ ଏହା ଏକ ପ୍ରତିଛବି ଅଟେ ଯାହା ବାଇବଲ ସମୟରେ ସମ୍ଭବ ହୋଇପାରିଥା'ନ୍ତା।

> ଅତଏବ, ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ; ଆମ୍ଭେମାନେ **ମୃତ୍ତିକା**। ତୁମ୍ଭେ ଆମ୍ଭମାନଙ୍କର **କୁମ୍ଭାକାର**; ପୁଣି, ଆମ୍ଭେ ସମସ୍ତେ ତୁମ୍ଭର ହସ୍ତକୃତ କର୍ମ। (ଯିଶାଇୟ 64:8 ULT)
>
> > "ମାତ୍ର ଏବେ, ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ; ଆମ୍ଭେମାନେ **କାଷ୍ଠ**। ତୁମ୍ଭେ ଆମ୍ଭମାନଙ୍କର **ଖଦନ ଶିଳ୍ପୀ**; ପୁଣି, ଆମ୍ଭେ ସମସ୍ତେ ତୁମ୍ଭର ହସ୍ତକୃତ କର୍ମ।" "ମାତ୍ର ଏବେ, ହେ ସଦାପ୍ରଭୁ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ; ଆମ୍ଭେମାନେ **ତୋରି**। ତୁମ୍ଭେ ଆମ୍ଭମାନଙ୍କର **ତନ୍ତୀ**; ପୁଣି, ଆମ୍ଭେ ସମସ୍ତେ ତୁମ୍ଭର ହସ୍ତକୃତ କର୍ମ।"

(6) ଯଦି ଲକ୍ଷ୍ୟ ଶ୍ରୋତାମାନେ ଆଲୋଚନା କଅଣ ତାହା ଜାଣି ପାରିବେ ନାହିଁ, ତେବେ ଆଲୋଚନାକୁ ସ୍ପଷ୍ଟ ଭାବରେ ପ୍ରକାଶକରନ୍ତୁ। (ତଥାପି, ପ୍ରସଙ୍ଗ କଣ ଥିଲା ତାହା ଯଦି ମୂଳ ଶ୍ରୋତାମାନେ ଜାଣି ନ ଥିଲେ, ତେବେ ଏହା କରନ୍ତୁ ନାହିଁ।)

> ସଦପ୍ରଭୁ ଜୀବିତ; **ମୋହର ଶୈଳ** ଧନ୍ୟ ହୁଅନ୍ତୁ, ମୋହର ପରିତ୍ରାଣ ସ୍ୱରୂପ ପରମେଶ୍ୱର ଉନ୍ନତ ହୁଅନ୍ତୁ। (ଗୀତସଂହିତା 18:46 ULT)
>
> > ସଦପ୍ରଭୁ ଜୀବିତ; **ସେ ମୋହର ଶୈଳ**। ସେ ଧନ୍ୟ ହୁଅନ୍ତୁ। ମୋହର ପରିତ୍ରାଣ ସ୍ୱରୂପ ପରମେଶ୍ୱର ଉଚ୍ଚରେ ପ୍ରଶଂସିତ ହୁଅନ୍ତୁ।

(7) ଯଦି ଲକ୍ଷ୍ୟ ଶ୍ରୋତାମାନେ ପ୍ରତିଛବି ଓ ପ୍ରସଙ୍ଗ ମଧ୍ୟରେ ଥିବା ଉଦ୍ଦେଶ୍ୟମୂଳକ ତୁଳନାତ୍ମକ ଦୃଷ୍ଟିକୋଣକୁ ଜାଣିବେ ନାହିଁ, ତେବେ ସ୍ପଷ୍ଟ ଭାବରେ ପ୍ରକାଶ କରନ୍ତୁ। >

> ସଦପ୍ରଭୁ ଜୀବିତ; **ମୋହର ଶୈଳ** ଧନ୍ୟ ହୁଅନ୍ତୁ। ମୋହର ପରିତ୍ରାଣ ସ୍ୱରୂପ ପରମେଶ୍ୱର ଉଚ୍ଚରେ ପ୍ରଶଂସିତ ହୁଅନ୍ତୁ। (ଗୀତସଂହିତା 18:46 ULT)
>
> ସଦପ୍ରଭୁ ଜୀବିତ; ସେ ଶୈଳ, **ଯେଉଁଠାରେ ମୁଁ ଆପଣା ଶତ୍ରୁମାନଙ୍କଠାରୁ ଲୁଚି ପାରିବି** ଏଣୁ ଧନ୍ୟ ହୁଅନ୍ତୁ। ମୋହର ପରିତ୍ରାଣ ସ୍ୱରୂପ ପରମେଶ୍ୱର ଉଚ୍ଚରେ ପ୍ରଶଂସିତ ହୁଅନ୍ତୁ।

> > ଶାଉଲ, ଶାଉଲ, ତୁମ୍ଭେ ଆମ୍ଭକୁ କାହିଁକି ତାଡ଼ନା କରୁଅଛ? **ପାଞ୍ଚଣ କଣ୍ଟାମୁନରେ ଗୋଇଠା ମାରିବା** ତୁମ୍ଭ ପକ୍ଷରେ କଷ୍ଟକର। (ପ୍ରେରିତ 26:14 ULT)
>
> ଶାଉଲ, ଶାଉଲ, ତୁମ୍ଭେ ଆମ୍ଭକୁ କାହିଁକି ତାଡ଼ନା କରୁଅଛ? ବଳଦ ଆପଣା ମାଲିକର ମୁନିଆ ବାଡ଼ିକୁ ଗୋଇଠା ମାରିବା ସଦୃଶ ତୁମ୍ଭେ **ଆମ୍ଭ ବିରୁଦ୍ଧରେ ଯୁଦ୍ଧ କରି ନିଜକୁ କ୍ଷତାକ୍ତ କରିବା ତୁମ୍ଭ ପକ୍ଷରେ କଷ୍ଟକର**।

(୪) ଯଦି ଏଥି କୌଣସି ମଧ୍ୟରୁ କୌଣସିଟି ସନ୍ତୋଷଜନକ ନୁହେଁ, ତେବେ ଉପମା ବ୍ୟବହାର ନ କରି ବିଚାରଧାରାକୁ ସ୍ପଷ୍ଟ ଭାବରେ ପ୍ରକାଶ କର।

> ମୁଁ ତୁମ୍ଭମାନଙ୍କୁ **ମନୁଷ୍ୟ ଧରିବା ଶିଖାଇବି**। (ମାର୍କ 1:17 ULT)
>
> > ଆମ୍ଭେ ତୁମ୍ଭମାନଙ୍କୁ ସେହିପରି **ଲୋକ କରିବା ଯେଉଁମାନେ ମନୁଷ୍ୟ ସଂଗ୍ରହ** କରନ୍ତି।
>
> ଆମ୍ଭେ ତୁମ୍ଭମାନଙ୍କୁ **ମନୁଷ୍ୟ ଧରିବା ଶିଖାଇବା** (ମାର୍କ 1:17ଖ ULT)
>
> > ଆମ୍ଭେ ତୁମ୍ଭମାନଙ୍କୁ ସେହିପରି **ଲୋକ କରିବା ଯେଉଁମାନେ ମନୁଷ୍ୟ ସଂଗ୍ରହ** କରନ୍ତି। ବର୍ତ୍ତମାନ ତୁମ୍ଭେମାନେ ମାଛ ସଂଗ୍ରହ କରୁଅଛ। ଆମ୍ଭେ ତୁମ୍ଭକୁ **ଲୋକମାନଙ୍କୁ ସଂଗ୍ରହ କରିବା**କୁ ତିଆର କରିବା।

ନିର୍ଦ୍ଦିଷ୍ଟ ଉପମା ବିଷୟରେ ଆହୁରି ଅଧିକ ଜାଣିବା ନିମନ୍ତେ Biblical Imagery - Common Patterns ଦେଖନ୍ତୁ।

(**କୁ ଫେରିଯାଅ:** ବାବିଲୋନ, ବାବିଲୋନିଆ, ବାବିଲୋନିଆ, ବାବିଲୋନୀୟମାନେ; ପଶୁ; କନ୍ୟା, କନ୍ୟାମାନେ, କନ୍ୟାର; ଅନ୍ଧକାର; ମଧୁ, ମଧୁ ଘରା; ଶସ୍ୟ କାଟିବା, ଶସ୍ୟ କାଟିବା ବିଷୟଗୁଡିକ, ଶସ୍ୟ କଟାଯାଇଛି, ଶସ୍ୟ କଟାଳି, ଶସ୍ୟ କଟାଳିମାନେ, ଶସ୍ୟକଟାଯାଉଛି; ଦୃଢ଼ଗଡ, ଦୃଢଗଡ ଗୁଡିକ, ଦୁର୍ଗ, ଦୁର୍ଗ ଗୁଡିକ, କିଲା,କିଲା ଗୁଡିକ; ଖଡ୍ଗ, ଖଡ୍ଗଧାରୀ; ଦ୍ରାକ୍ଷାଲତା; ଦ୍ରାକ୍ଷାକ୍ଷେତ୍ର; ସ୍ୱର; ଦୁର୍ଗ, ଉଚ୍ଚ ଗଡ଼; ଅଂଗୁର ମଚ୍ଛିବା ଯନ୍ତ୍ର)

ଉପଲକ୍ଷ୍ୟ ଅଳଙ୍କାର

ବିବରଣ

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: "ଉପଲକ୍ଷ୍ୟ ଅଳଙ୍କାର କ'ଣ ଏବଂ ମୁଁ କିପରି ମୋହର ଭାଷାରେ ଏପରି ବିଷୟକୁ ଅନୁବାଦ କରିପାରିବି?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-intro*]]

ଅନେକ ଅଂଶକୁ ଗୋଟିଏ ଅଂଶରେ କୁହାଯାଉଥିବା ଏକ ଉପଲକ୍ଷ୍ୟ ଅଳଙ୍କାର ଶବ୍ଦ, ଯାହାକି ଜଣେ ବକ୍ତା ସଂପୂର୍ଣ୍ଣ ବିଷୟକୁ ସୂଚିତ କରିବା ପାଇଁ ଆଂଶିକ ବିଷୟକୁ କିମ୍ବା ଆଂଶିକ ବିଷୟକୁ ସୂଚିତ କରିବା ପାଇଁ ସଂପୂର୍ଣ୍ଣ ବିଷୟକୁ ବ୍ୟବହାର କରିଥାଏ।

> **ମୋହର ପ୍ରାଣ** ପ୍ରଭୁଙ୍କର ପ୍ରଶଂସା କରୁଅଛି। (ଲୂକ 1:46ଖ ULT)

ପ୍ରଭୁ କରୁଥିବା କାର୍ଯ୍ୟ ବିଷୟରେ ମରିୟମ ଅତ୍ୟନ୍ତ ଆନନ୍ଦିତ ଥିଲେ, ଏଣୁ ସେ କହିଲେ, "ମୋହର ପ୍ରାଣ", ଯାହାର ଅର୍ଥ ଅନ୍ତରାତ୍ମା, ଆପଣା ଭାବପ୍ରବଣର ଅଂଶ, ଯାହା ତାହାର ସଂପୂର୍ଣ୍ଣତାକୁ ସୂଚିତ କରେ।

> ଏଣୁ **ଫାରୁଶୀମାନେ** ତାହାଙ୍କୁ କହିଲେ, "ଦେଖ, ଯାହା କରିବା ବିଧିସଙ୍ଗତ ନୁହେଁ, ସେମାନେ କାହିଁକି ତାହା କରୁଅଛନ୍ତି?" (ମାର୍କ 2:24କ ULT)

ସେଠାରେ ଠିଆ ହୋଇଥିବା ଫାରୁଶୀମାନେ ସମସ୍ତେ ଏକା ସମୟରେ ସମାନ କଥା କହି ନ ଥିଲେ। ବରଂ, ଏହା ସେ ଦଳକୁ ପ୍ରତିନିଧିତ୍ୱ କରୁଥିବା ଜଣେ ବ୍ୟକ୍ତି ସେହି ସବୁ ଶବ୍ଦ କହିବାର ଅଧିକ ସମ୍ଭାବନା।

କାରଣ ଏହା ଅନୁବାଦ ସମସ୍ୟା ଅଟେ

- କେତେକ ପାଠକମାନେ ସେହି ଉପଲକ୍ଷ୍ୟ ଅଳଙ୍କାର ଶବ୍ଦଗୁଡ଼ିକୁ ଆକ୍ଷରିକ ଭାବରେ ବୁଝି ପାରନ୍ତି ନାହିଁ।
- କେତେକ ପାଠକମାନେ ହୃଦୟଙ୍ଗମ କରନ୍ତି ଯେ ସେମାନେ ଉକ୍ତ ଶବ୍ଦକୁ ଆକ୍ଷରିକ ଭାବରେ ବୁଝିବା ନିମନ୍ତେ ନୁହେଁ, ସେହିପରି ସେମାନେ ସେଥିର ଅର୍ଥକୁ ମଧ୍ୟ ଜାଣନ୍ତି ନାହିଁ।

ବାଇବେଲରୁ କେତେକ ଉଦାହରଣ

> ତହୁଁ **ମୋହର ହସ୍ତ** ଯେସମସ୍ତ କାର୍ଯ୍ୟ କରିଥିଲା, ତହିଁ ପ୍ରତି ମୁଁ ଦୃଷ୍ଟିପାତ କଲି। (ଉପଦେଶକ 2:11କ ULT)

"ମୋହର ହସ୍ତ" ସଂପୂର୍ଣ୍ଣ ବ୍ୟକ୍ତିଙ୍କ ନିମନ୍ତେ ଅନେକ ଅଂଶକୁ ଗୋଟିଏ ଅଂଶରେ କୁହାଯାଉଥିବା ଏକ ଉପଲକ୍ଷ୍ୟ ଅଳଙ୍କାର ଶବ୍ଦ ଅଟେ। କାରଣ ବ୍ୟକ୍ତି ଜଣକ କରିଥିବା କାର୍ଯ୍ୟରେ ତାହାର ସଂପୂର୍ଣ୍ଣ ହସ୍ତ ଓ ଶରୀରର ଅବଶିଷ୍ଟାଶ ଏବଂ ମନ ମଧ୍ୟ ସ୍ପଷ୍ଟ ଭାବରେ ଜଡ଼ିତ ଥିଲା।

ଅନୁବାଦ କୌଶଳ

ଯଦି ଅନେକ ଅଂଶକୁ ଗୋଟିଏ ଅଂଶରେ କୁହାଯାଉଥିବା ଏକ ଉପଲକ୍ଷ୍ୟ ଅଳଙ୍କାର ଶବ୍ଦ ଆପଣଙ୍କର ଭାଷାରେ ପ୍ରାକୃତିକ ଓ ଯଥାର୍ଥ ଅର୍ଥ ପ୍ରଦାନ କରୁଛି, ତେବେ ଏହାକୁ ବ୍ୟବହାର କରିବାକୁ ବିଚାର କରନ୍ତୁ। ଯଦି ନାହିଁ, ଏଠାରେ ଅନ୍ୟ କୌଶଳଗୁଡିକ ପ୍ରଦାନ କରାଗଲା:

ଉପଲକ୍ଷ୍ୟ ଅଳଙ୍କାର କ'ଣ ଦର୍ଶାଏ ତାହା ସୁନିର୍ଦ୍ଦିଷ୍ଟ ଭାବରେ ବ୍ୟକ୍ତ କର।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

ଅନେକ ଅଂଶକୁ ଗୋଟିଏ ଅଂଶରେ କୁହାଯାଉଥିବା ଏକ ଉପଲକ୍ଷ୍ୟ ଅଳଙ୍କାର ଶବ୍ଦ କାହାକୁ ସୂଚିତ କରୁଛି, ତାହାକୁ ନିର୍ଦ୍ଦିଷ୍ଟ ଭାବରେ ବ୍ୟକ୍ତ କରନ୍ତୁ।

> "**ମୋହର ପ୍ରାଣ** ପ୍ରଭୁଙ୍କର ପ୍ରଶଂସା କରୁଅଛି।" (ଲୂକ 1:46ଖ ULT)
>
> > "**ମୁଁ** ପ୍ରଭୁଙ୍କର ପ୍ରଶଂସା କରୁଅଛି।"
> > ଏଣୁ **ଫାରୁଶୀମାନେ** ତାହାଙ୍କୁ କହିଲେ ... (ମାର୍କ 2:24କ ULT)
>
> > **ଜଣେ** ଫାରୁଶୀମାନଙ୍କର ପ୍ରତିନିଧି ତାହାଙ୍କୁ କହିଲେ ...
>
> ତହୁଁ ମୁଁ ଦେଖିଲି ଯେସମସ୍ତ କାର୍ଯ୍ୟ **ମୋହର ହସ୍ତ** କରିଅଛି। (ଉପଦେଶକ 2:11କ ULT)

> > ମୁଁ ସମସ୍ତ କାର୍ଯ୍ୟ ଉପରେ ଦୃଷ୍ଟି କଲି ଯାହା **ମୁଁ** ସମ୍ପାଦନ କରିଥିଲି।

ପରବର୍ତ୍ତୀ ସମୟରେ ଆମେ ଜାଣିବାକୁ ସୁପାରିଶ କରୁଛୁ |:

[[*rc://or/ta/man/translate/figs-metonymy*]]
[[*rc://or/ta/man/translate/bita-part2*]]

(**କୁ ଫେରିଯାଅ:** ଭବିଷ୍ୟଦ୍ବକ୍ତା, ଭବିଷ୍ୟବାଣୀ, ଭବିଷ୍ୟବାଣୀ, ଦ୍ରଷ୍ଟା, ଭବିଷ୍ୟଦ୍ବକ୍ତ୍ରୀ; ଅମାଲେକ, ଅମାଲେକୀୟ, ଅମାଲେକୀୟଗଣ; ବାବିଲୋନ, ବାବିଲୋନିଆ, ବାବିଲୋନିଆ, ବାବିଲୋନୀୟମାନେ; ଇଫ୍ରୟିମ, ଇଫ୍ରୟିମୀୟ, ଇଫ୍ରୟିମର ଲୋକ; ନପ୍ତାଲି; ରୁଟି; ତମ୍ବୁ, ତମ୍ବୁଗୁଡିକ, ତମ୍ବୁ ନିର୍ମାଣକାରୀ; ସ୍ୱର)

ଗୁଣବାଚକ ବା ଭାବବାଚକ ବିଶେଷ୍ୟଗୁଡ଼ିକ।

ଗୁଣବାଚକ ବିଶେଷ୍ୟଗୁଡ଼ିକ ସଂଜ୍ଞା ଅଟେ ଯାହା ସ୍ୱଭାବ, ଗୁଣ, ଘଟଣାବଳୀ, ପରିସ୍ଥିତି, କିମ୍ବା ଏପରିକି ଏହି ଧାରଣାଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇଥାଏ। ଏହି ବିଷୟଗୁଡ଼ିକ ଯାହା ଶାରୀରିକ କାଣ୍ଡଜ୍ଞାନରେ ଦେଖିହୁଏ ନାହିଁ କି ସ୍ପର୍ଶ କରି ପାରି ହୁଏନି, ଯଥା, ଖୁସି, ଓଜନ, ଭାବନା ପ୍ରତି ଆଘାତ, ଏକତା, ବନ୍ଧୁତ୍ୱ, ସ୍ୱାସ୍ଥ୍ୟ, ଓ ବିଚାର ଶକ୍ତି। ଏହା ଏକ ଅନୁବାଦ ସମସ୍ୟା ଅଟେ କାରଣ କେତେକ ଭାଷା ଗୁଣବାଚକ ବିଶେଷ୍ୟ ସହ ନିର୍ଦ୍ଦିଷ୍ଟ ଧାରଣାକୁ ପ୍ରକାଶ କରିପାରେ, ଯେବେକି ଅନ୍ୟାନ୍ୟ ଭାଷାଗୁଡ଼ିକ ଭିନ୍ନ ଭାବରେ ପ୍ରକାଶ କରିବା ଆବଶ୍ୟକ ମନେ କରିପାରନ୍ତି।

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ଗୁଣବାଚକ ବିଶେଷ୍ୟ କ'ଣ ଅଟେ ଏବଂ ମୋ' ଅନୁବାଦରେ ମୁଁ ସେଗୁଡ଼ିକୁ କିପରି ନିର୍ଦ୍ଦିଷ୍ଟ କରିବି?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-partsofspeech*]]
[[*rc://or/ta/man/translate/figs-sentences*]]

ବିବରଣ

ମନେ ରଖନ୍ତୁ ଯେ ସଂଜ୍ଞାଗୁଡ଼ିକ ଗୋଟିଏ ଗୋଟିଏ ଶବ୍ଦ ଅଟେ ଯାହା ଜଣେ ବ୍ୟକ୍ତି, ସ୍ଥାନ, ପଦାର୍ଥ, ବା ବିଚାରଧାରାକୁ ଦର୍ଶାଏ। ଗୁଣସୂଚକ ବିଶେଷ୍ୟ ଏକ ସଂଜ୍ଞା ଯାହା ବିଚାରଧାରାଗୁଡ଼ିକୁ ଦର୍ଶାଇଥାଏ। ଏହା ସ୍ୱଭାବ, ଗୁଣ, ଘଟଣାବଳୀ, ପରିସ୍ଥିତି, କିମ୍ବା ଏପରିକି ଏହି ଧାରଣାଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କଗୁଡ଼ିକ ହୋଇପାରେ। ଏହି ବିଷୟଗୁଡ଼ିକ ଯାହା ଶାରୀରିକ କାଣ୍ଡଜ୍ଞାନରେ ଦେଖିହୁଏ ନାହିଁ କି ସ୍ପର୍ଶ କରି ପାରି ହୁଏନି, ଯଥା ଆନନ୍ଦ, ଶାନ୍ତି, ସୃଷ୍ଟି, ଉତ୍ତମତା, ତୃପ୍ତି, ନ୍ୟାୟ, ସତ୍ୟତା, ସ୍ୱାଧୀନ, ପ୍ରତିଶୋଧ, ଧୀରତା, ଲମ୍ବ, ଓ ଦୈର୍ଘ୍ୟ।

ଗୁଣବାଚକ ବିଶେଷ୍ୟଗୁଡ଼ିକୁ ବ୍ୟବହାର କରି ସଂକ୍ଷିପ୍ତ ଶବ୍ଦରେ ବିଚାରଧାରା ବିଷୟରେ କିଛି ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ ଲୋକଙ୍କୁ ଅନୁମତି ଦିଅନ୍ତୁ, ଯଦି ସେମାନଙ୍କ ପାଖରେ ସେହି ସଂଜ୍ଞାଗୁଡ଼ିକ ନଥାଏ। ଏହା କୌଣସି କାର୍ଯ୍ୟ ବା ଗୁଣଗୁଡ଼ିକୁ ନାମ ଦେବାର ଏକ ମାଧ୍ୟମ ଅଟେ, ଯଦ୍ୱାରା ଯଦିଚ ସେଗୁଡ଼ିକ ପଦାର୍ଥ ହେଲେ ସୁଧା ଲୋକମାନେ ତହିଁ ବିଷୟରେ କହିପାରିବେ। ଏହା ଭାଷାରେ ସହଜ ପଦ୍ଧତି ପରି ଅଟେ। ଉଦାହରଣ ସ୍ୱରୂପେ, ଗୁଣବାଚକ ବିଶେଷ୍ୟକୁ ବ୍ୟବହାର କରିବା ଭାଷାଗୁଡ଼ିକରେ, ଲୋକେ କହି ପାରିବେ, "ମୁଁ ପାପକ୍ଷମାରେ ବିଶ୍ୱାସ କରେ।"
କିନ୍ତୁ କେତେକ ଭାଷାରେ ଅଧିକାଂଶ ଗୁଣ/ଭାବ ବାଚକ ବିଶେଷ୍ୟ ବ୍ୟବହାର କରାଯାଏ ନାହିଁ। ଏହି ଭାଷାଗୁଡ଼ିକରେ, ହୋଇପାରେ ବକ୍ତାମାନଙ୍କର ଗୁଣ/ଭାବ ବାଚକ ବିଶେଷ୍ୟ "ପାପ" ଓ "କ୍ଷମା" ଶବ୍ଦଗୁଡ଼ିକ ନ ରହିପାରେ, କିନ୍ତୁ ସେମାନେ ଅନ୍ୟ ଭାବରେ ସମାନ ଅର୍ଥକୁ ପ୍ରକାଶ କରିବେ। ଉଦାହରଣ ସ୍ୱରୂପ, "ମୁଁ ବିଶ୍ୱାସ କରେ ଯେ ଲୋକମାନେ ପାପ କରିବା ପରେ ପରମେଶ୍ୱର ସେମାନଙ୍କୁ କ୍ଷମା କରିବାକୁ ଇଚ୍ଛୁକ ଅଟନ୍ତି", ସେହି ଧାରଣାଗୁଡ଼ିକ ନିମନ୍ତେ ବିଶେଷ୍ୟ ବଦଳରେ କ୍ରିୟା ବାକ୍ୟାଂଶ ବ୍ୟବହାର କରିବା ଦ୍ୱାରା ସେମାନେ ମତ ବ୍ୟକ୍ତ କରିବେ।

ଉଦ୍ଦେଶ୍ୟ ଏହା ଅନୁବାଦ ସମସ୍ୟା ଅଟେ

ହୋଇପାରେ ଆପଣ ଅନୁବାଦ କରୁଥିବା ବାଇବଲ ନିର୍ଦ୍ଦିଷ୍ଟ ବିଚାରଧାରାକୁ ପ୍ରକାଶ କରିବା ପାଇଁ ଗୁଣବାଚକ ବିଶେଷ୍ୟ ଶବ୍ଦଗୁଡ଼ିକୁ ବ୍ୟବହାର କରେ। ଆପଣଙ୍କ ଭାଷା ସେହି କେତେକ ବିଚାରଧାରା ନିମନ୍ତେ ଗୁଣବାଚକ ବିଶେଷ୍ୟ ଶବ୍ଦଗୁଡ଼ିକୁ ବ୍ୟବହାର କରୁ ନ ଥାଇପାରେ। ଏହା ପରିବର୍ତ୍ତେ, ସେହି ବିଚାରଧାରାକୁ ପ୍ରକାଶ କରିବା ପାଇଁ ଖଣ୍ଡବାକ୍ୟର ବ୍ୟବହାର କରୁଥାଇ ପାରନ୍ତି। ସେହି ଖଣ୍ଡବାକ୍ୟ ବା ବାକ୍ୟାଂଶଗୁଡ଼ିକ ଗୁଣବାଚକ ବିଶେଷ୍ୟ ଶବ୍ଦଗୁଡ଼ିକର ଅର୍ଥକୁ ପ୍ରକାଶ କରିବା ପାଇଁ ଅନ୍ୟ ପ୍ରକାର ଶବ୍ଦଗୁଡ଼ିକୁ, ଯଥା, ବିଶେଷଣ, କ୍ରିୟାପଦ, ବା କ୍ରିୟା ବିଶେଷଣ ଶବ୍ଦଗୁଡ଼ିକୁ ବ୍ୟବହାର କରିବ। ଉଦାହରଣ ସ୍ୱରୂପେ, "ଏହାର **ଓଜନ** କେତେ?" ଏହାକୁ "ଏହା କେତେ **ବୋଝ** ହେଉଛି?" ବା "ଏହା କେତେ **ଭାରି** ଅଟେ?" ଭାବରେ ପ୍ରକାଶ କରାଯାଇପାରିବ।

ବାଇବଲରୁ କେତେକ ଉଦାହରଣ

> **ବାଲ୍ୟକାଳରୁ** ତୁମ୍ଭେ ପବିତ୍ର ଲେଖାସବୁ ଜ୍ଞାତ ଅଛ। (2ୟ ତୀମଥି 3:15କ ULT)

ଗୁଣ/ଭାବ ବାଚକ ବିଶେଷ୍ୟ "ବାଲ୍ୟକାଳ" ଜଣେ ଶିଶୁଥିବା ସମୟର ଅବସ୍ଥାକୁ ସୁଚାଏ।

> କିନ୍ତୁ **ଈଶ୍ୱରପରାୟଣତା** ସହ **ସନ୍ତୋଷଭାବଯୁକ୍ତ** ହେଲେ ପ୍ରକୃତରେ ବିଶେଷ **ଲାଭଜନକ**। (1ମ ତୀମଥି 6:6 ULT)

ଗୁଣ/ଭାବ ବାଚକ ବିଶେଷ୍ୟଗୁଡ଼ିକ "ଈଶ୍ୱରପରାୟଣତା" ଓ "ସନ୍ତୋଷଭାବଯୁକ୍ତ", ଏହା ଈଶ୍ୱରପରାୟଣ ଓ ସନ୍ତୁଷ୍ଟକୁ ସୁଚାଏ। ଗୁଣବାଚକ ବିଶେଷ୍ୟ ଶବ୍ଦ "ଲାଭଜନକ", ଏହା ଜଣକୁ ଉପକାର ବା ସାହାଯ୍ୟ ମିଳୁଥିବା ବିଷୟକୁ ସୁଚାଏ।

> ଆଜି ଏହି ଗୃହରେ **ପରିତ୍ରାଣ** ଉପସ୍ଥିତ ହୋଇଅଛି, ଯେଣୁ ଏ ମଧ୍ୟ ଅବ୍ରହାମଙ୍କ ଜଣେ ସନ୍ତାନ। (ଲୂକ 19:9 ULT)

ଗୁଣବାଚକ ବିଶେଷ୍ୟ ଶବ୍ଦ "ପରିତ୍ରାଣ", ଏହା ଉଦ୍ଧାରପ୍ରାପ୍ତକୁ ସୁଚାଏ।

> ଯେପରି କେତେକ ଲୋକ **ବିଳମ୍ବିତ** ବୋଲି ବିଚାର କରନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ; (2ୟ ପିତର 3:9କ ULT)

ଗୁଣ/ଭାବ ବାଚକ ବିଶେଷ୍ୟ ଶବ୍ଦ "ବିଳମ୍ବ" କିପରି ଗୋଟିଏ ବିଷୟ ଧୀର କାର୍ଯ୍ୟ କରିଥାଏ ତାହାକୁ ସୁଚାଏ।

> ସେ ଅନ୍ଧକାରର ଗୁପ୍ତ ବିଷୟଗୁଡିକ ଆଲୋକରେ ଦେଖାଇବେ, ପୁଣି ହୃଦୟର **ସଂକଳ୍ପ ସମସ୍ତ** ପ୍ରକାଶ କରିବେ। (1ମ କରନ୍ଥୀୟ 4:5ଖ ULT)

ଗୁଣ/ଭାବ ବାଚକ ବିଶେଷ୍ୟ ଶବ୍ଦ "ସଂକଳ୍ପ ସମସ୍ତ", ଏହା ସେ ଜିନିଷକୁ ବୁଝାଏ ଯାହା ଲୋକେ କୌଣସି କାର୍ଯ୍ୟକୁ କରିବାକୁ ଚାହାନ୍ତି ଓ ସେମାନେ କରିବାକୁ ଚାହୁଁଥିବ କାରଣଗୁଡ଼ିକୁ ସୂଚିତ କରେ।

ଅନୁବାଦ କୌଶଳ

ଯଦି ଭାବ/ଗୁଣ ବାଚକ ବିଶେଷ୍ୟ ଶବ୍ଦ ସ୍ୱାଭାବିକ ଓ ଆପଣଙ୍କ ଭାଷାରେ ଯଥାର୍ଥ ଅର୍ଥ ପ୍ରକାଶ କରୁଛି, ତେବେ ଏହାକୁ ବ୍ୟବହାର କରିବାକୁ ବିଚାର କରନ୍ତୁ। ଯଦି ନାହିଁ, ତେବେ ଏଠାରେ ବାଛିବାର ଅଧିକାରଗୁଡ଼ିକ ଦିଆଗଲା।

(1) ଗୁଣବାଚକ ବିଶେଷ୍ୟ ଶବ୍ଦର ଅର୍ଥ ପ୍ରକାଶ କରୁଥିବା ବାକ୍ୟଗୁଡ଼ିକୁ ଖଣ୍ଡବାକ୍ୟ ବା ବାକ୍ୟାଂଶ ସହ ଭିନ୍ନ ଶବ୍ଦରେ ପୁନର୍ବାର ପ୍ରକାଶ କର। ସଂଜ୍ଞା ପରିବର୍ତ୍ତେ, ନୂତନ ବାକ୍ୟାଂଶ ଗୁଣବାଚକ ବିଶେଷ୍ୟ ଶବ୍ଦର ବିଚାରଧାରାକୁ ପ୍ରକାଶ କରିବା ପାଇଁ କ୍ରିୟାପଦ, କ୍ରିୟା ବିଶେଷଣ, ବା ବିଶେଷଣକୁ ବ୍ୟବହାର କରିବ।

ପ୍ରୟୋଗ କରାଯାଇଥିବା ଅନୁବାଦ ରଣକୌଶଳର ଉଦାହରଣଗୁଡ଼ିକ

(1) ଗୁଣବାଚକ ବିଶେଷ୍ୟ ଶବ୍ଦର ଅର୍ଥ ପ୍ରକାଶ କରୁଥିବା ବାକ୍ୟଗୁଡ଼ିକୁ ଖଣ୍ଡବାକ୍ୟ ବା ବାକ୍ୟାଂଶ ସହ ଭିନ୍ନ ଶବ୍ଦରେ ପୁନର୍ବାର ପ୍ରକାଶ କର। ସଂଜ୍ଞା ପରିବର୍ତ୍ତେ, ନୂତନ ବାକ୍ୟାଂଶ ଗୁଣବାଚକ ବିଶେଷ୍ୟ ଶବ୍ଦର ବିଚାରଧାରାକୁ ପ୍ରକାଶ କରିବା ପାଇଁ କ୍ରିୟାପଦ, କ୍ରିୟା ବିଶେଷଣ, ବା ବିଶେଷଣକୁ ବ୍ୟବହାର କରିବ।

> ... ତାହା ତୁମେ **ବାଲ୍ୟକାଳ** ଠାରୁ ଜ୍ଞାତ ଅଛ ... (2ୟ ତୀମଥି 3:15କ ULT)
>
> > ଯେବେ **ତୁମେ ଶିଶୁ ଥିଲ** ସେବେଠାରୁ ତୁମ୍ଭେ ପବିତ୍ର ଲେଖାଗୁଡ଼ିକୁ ଜାଣିଛ। >
> > କିନ୍ତୁ **ଈଶ୍ୱରପରାୟଣତା ସନ୍ତୋଷଭାବଯୁକ୍ତ** ହେଲେ ପ୍ରକୃତରେ ବିଶେଷ **ଲାଭଜନକ**। (1ମ ତୀମଥି 6:6 ULT)
>
> > **ଈଶ୍ୱରପରାୟଣ** ଓ **ସନ୍ତୁଷ୍ଟତା** ଅଧିକ **ଉପକାରୀ** ଅଟେ।
> > କିନ୍ତୁ ଯେବେ ଆମେ **ଈଶ୍ୱରପରାୟଣ** ଓ **ସନ୍ତୁଷ୍ଟ**, ସେତେବେଳେ ଆମେ ବହୁ ପରିମାଣରେ **ଉପକୃତ**।
> > କିନ୍ତୁ ଯେବେ ଆମ୍ଭେମାନେ **ଈଶ୍ୱରଙ୍କୁ ସମାଦର କରୁ ଓ ବାଧ୍ୟ ହୁେ** ଆଉ ଯେବେ ଆମ୍ଭେମାନେ **ଆମ୍ଭମାନଙ୍କର ଯାହା ଅଛି ସେଥିରେ ସନ୍ତୁଷ୍ଟ ଅଟୁ** ସେତେବେଳେ ଆମ୍ଭେମାନେ ବହୁ ପରିମାଣରେ **ଉପକୃତ**।

> ଆଜି ଏହି ଗୃହରେ **ପରିତ୍ରାଣ** ଉପସ୍ଥିତ ହୋଇଅଛି, ଯେଣୁ ଏ ମଧ୍ୟ ଆବ୍ରାହମଙ୍କ ଜଣେ ସନ୍ତାନ। (ଲୂକ 19:9 ULT)
>
> > ଆଜି ଏହି ଗୃହରେ ଥିବା ଲୋକମାନେ **ଉଦ୍ଧାର ପାଇଛନ୍ତି**...
> > ଆଜି ପରମେଶ୍ୱର ଏହି ଗୃହରେ ଥିବା ଲୋକମାନଙ୍କୁ **ଉଦ୍ଧାର କରିଛନ୍ତି**...
>
> > ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ବିଳମ୍ବ କରନ୍ତି ନାହିଁ, ଯେପରି କେତେକ **ବିଳମ୍ବ** ବୋଲି ବିଚାର କରନ୍ତି। (2ୟ ପିତର 3:9କ ULT)
>
> > ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ବିଳମ୍ବ କରନ୍ତି ନାହିଁ, ଯେପରି କେତେକ **ଗତିଶୀଳରେ ବିଳମ୍ବ** ବୋଲି ବିଚାର କରନ୍ତି।
>
> ସେ ଅନ୍ଧକାରର ଗୁପ୍ତ ବିଷୟଗୁଡିକ ଆଲୋକରେ ଦେଖାଇବେ, ପୁଣି ହୃଦୟର **ସଂକଳ୍ପ ସବୁ** ପ୍ରକାଶ କରିବେ। (1ମ କରନ୍ଥୀୟ 3:15ଖ ULT)
>
> > ସେ ଅନ୍ଧକାରରେ ଥିବା ଗୁପ୍ତ ବିଷୟଗୁଡ଼ିକରେ ଆଲୋକ ଆଣିବେ ଆଉ **ଲୋକମାନେ ଯାହା କରିବାକୁ ଚାହୁଁଛନ୍ତି ସେ ବିଷୟକୁ ଓ ସେମାନେ ସେଗୁଡ଼ିକ କରିବାକୁ ଚାହିବା ଉଦ୍ଦେଶ୍ୟକୁ** ପ୍ରକାଶ କରିବେ।

(**କୁ ଫେରିଯାଅ:** ବିଶ୍ୱାସ; ଧର୍ମ, ନ୍ୟାୟସଙ୍ଗତ, ଅଧାର୍ମିକ, ଅନ୍ୟାୟ, ଯଥାର୍ଥତା, ନ୍ୟାୟ)

ନାମଗୁଡ଼ିକୁ କିପରି ଅନୁବାଦ କରିବେ।

ବର୍ଣ୍ଣନା

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ମୁଁ ମୋ' ସଂସ୍କୃତି ଦୃଷ୍ଟିରେ ନୂତନ ଲାଗୁଥିବା ନାମଗୁଡ଼ିକର ଅନୁବାଦ କିପରି କରିବି?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/translate-unknown*]]

ବାଇବଲର ବହୁତ ଲୋକମାନଙ୍କର ନାମ, ଲୋକମାନଙ୍କର ଗୋଷ୍ଠି ଓ ସ୍ଥାନ ଗୁଡ଼ିକର ନାମ ଅଛି ସେଗୁଡ଼ିକର କିଛି ନାମ ଅଜଣା ଓ କହିବାକୁ କଷ୍ଟ ଲାଗିପାରେ। ବେଳେବେଳେ ପାଠକ ଜାଣି ପାରନ୍ତି ନାହିଁ ଯେ ଏ ନାମ କଅଣ ବୁଝାଏ, ଓ ସମୟ ସମୟରେ ସେମାନେ ନାମର ଅର୍ଥ ମଧ୍ୟ ବୁଝିବା ଆବଶ୍ୟକ ହୁଏ। ଏହି ପୃଷ୍ଠା ଆପଣମାନେ ଜାଣିପାରିବ ଯେ ଆପଣମାନେ ସେହି ନାମଗୁଡ଼ିକୁ କିପରି ଅନୁବାଦ କରିପାରିବ ଏବଂ କିପରି ତୁମ୍ଭେମାନେ ଲୋକମାନଙ୍କୁ ବୁଝିବାରେ ସାହାଯ୍ୟ କରିବ ଯାହା ସେମାନେ ସେଗୁଡ଼ିକ ବିଷୟରେ ଜାଣିବା ଆବଶ୍ୟକ।

ନାମଗୁଡ଼ିକର ଅର୍ଥ

ବାଇବଲରେ ଥିବା ଅଧିକାଂଶ ନାମ ଗୁଡ଼ିକର ଅର୍ଥ ଅଛି। ଅଧିକାଂଶ ସମୟରେ, ସହଜରେ କେଉଁଠିକାର ଲୋକମାନେ ଓ ସେମାନଙ୍କର ପରିଚୟ ନିମନ୍ତେ ବାଇବଲରେ ନାମ ଗୁଡ଼ିକର ବ୍ୟବହାର ହୋଇଅଛି। କିନ୍ତୁ ବେଳେବେଳେ ଲୋକମାନଙ୍କର ନାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥାଏ।

> ଏହି **ମଲକୀଷେଦକ**, ଶାଲେମର ରାଜା, ପରାତ୍ପର ଈଶ୍ୱରଙ୍କ ଯାଜକ ଥିଲେ, ଯେ, ଅବ୍ରହାମ୍ ରାଜାମାନଙ୍କୁ ସଂହାର କରି ପ୍ରତ୍ୟାବର୍ତ୍ତନ କରିବା ସମୟରେ ତାହାଙ୍କ ସଙ୍ଗେ ସାକ୍ଷାତ କରି ଆଶୀର୍ବାଦ କଲେ। (ଏବ୍ରୀ 7:1 ULT)

ଏହିଠାରେ ଲେଖକ "ମଲକୀଷେଦକ" ନାମ ବ୍ୟବହାର କରିଛନ୍ତି ପ୍ରାଥମିକ ଭାବେ ଦେଖାଇବା ପାଇଁ ଜଣେ ମନୁଷ୍ୟର ନାମ, ଆଖ୍ୟା ହେଉଛି "ଶାଲମର ରାଜା" ଏବଂ ସେ ନିର୍ଦ୍ଦିଷ୍ଟ ସହରରେ ବାସ କରୁଥିଲେ।

> ତାହାର ନାମ "ମଲକୀଷେଦକ" ଅର୍ଥ "ଧାର୍ମିକ ରାଜା" ଓ "ଶାଲମର ରାଜା" ତାହା "ଶାନ୍ତିର ରାଜା"। (ଏବ୍ରୀ 7:2 ULT)

ମଲକୀଷେଦକଙ୍କ ନାମ ଓ ପଦବୀର ଅର୍ଥ ଲେଖକ ବୁଝାଉଛନ୍ତି ଯେହେତୁ ସେଗୁଡିକ ସେହି ବ୍ୟକ୍ତି ବିଷୟରେ କହେ। ଅନ୍ୟ ସମୟରେ, ଲେଖକ ନାମର ଅର୍ଥ ବର୍ଣ୍ଣନା କରୁନାହାନ୍ତି କାରଣ ପାଠକ ତାହା ଜାଣିଥିବେ ବୋଲି ସେ ଆଶା କରନ୍ତି। ଯଦି ସେହି ଲିଖିତ ଅଂଶ ବୁଝିବାକୁ ନାମର ଆବଶ୍ୟକ ଅଛି, ଆପଣ ଅର୍ଥକୁ ବହି ପୃଷ୍ଠାର ନିମ୍ନରେ କିମ୍ବା ବହିର ମୂଳପାଠରେ ଯୋଡିପାରିବ।

ଅନୁବାଦ ସମସ୍ୟାର କାରଣ ଗୁଡିକ

- ପାଠକମାନେ ବାଇବଲରେ କିଛି ନାମ ଜାଣି ନ ପାରନ୍ତି। ସେମାନେ ଜାଣି ନଥିବେ କି ନାମ ଜଣେ ବ୍ୟକ୍ତି, ସ୍ଥାନ କିମ୍ବା ଆଉ କିଛିକୁ ବୁଝାଏ।
- ପାଠକମାନେ ଲିଖିତ ଅଂଶ ବୁଝିବା ନିମନ୍ତେ ନାମର ଅର୍ଥ ବୁଝିବା ଆବଶ୍ୟକ।
- କେତେକ ନାମ ଭିନ୍ନ ଉଚ୍ଚାରଣ କିମ୍ବା ଯୌଗିକ ଶବ୍ଦ ହୋଇପାରେ ଯାହା ଆପଣଙ୍କ ଭାଷାରେ ବ୍ୟବହୃତ ହୋଇନପାରେ କିଅବା ଆପଣଙ୍କଭାଷାରେ କହିବାକୁ ଏହା ଅପ୍ରୀତିକର ଲାଗିପାରେ। ଏହି ସମସ୍ୟାର ସମାଧାନର କୌଶଳ ନିମନ୍ତେ, ଦେଖ Borrow Words.
- ବାଇବଲରେ କେତକ ଲୋକ ଓ ସ୍ଥାନଗୁଡ଼ିକର ଦୁଇଟି ନାମ। ପାଠକମାନେ ହୁଏତ ବୁଝି ନପାରନ୍ତି ଯେ ଦୁଇଟି ନାମ ଜଣକୁ ବୁଝାଏ ନ ସ୍ଥାନକୁ ବୁଝାଏ।

ବାଇବଲ ଉଦାହରଣ

> ତୁମ୍ଭେମାନେ ପାର ହୋଇ **ଜର୍ଦ୍ଦନ** ପାରହୋଇ **ଯିରିହୋକୁ** ଆସିଲ। ଯିରିହୋର ନେତାଗଣ **ଇମୋରୀୟମାନଙ୍କ** ସାଥିରେ ତୁମ୍ଭମାନଙ୍କ ସହିତ ଯୁଦ୍ଧ କଲେ (ଯିହୋଶୂୟ 24:11 ULT)

ପାଠକମାନେ ଜାଣି ନ ପାରନ୍ତି ଯେ "ଯର୍ଦ୍ଦନ" ହେଉଛି ଏକ ନଦୀର ନାମ, "ଯିରିହୋ" ହେଉଛି ଗୋଟିଏ ସହରର ନାମ, ଓ "ଇମୋରୀୟ" ହେଉଛି ଲୋକମାନଙ୍କ ଗୋଷ୍ଠୀର ନାମ ଅଟେ।

> ସେ (ସ୍ତ୍ରୀ) କହିଲେ,"ଯେ ମୋତେ ଦେଖନ୍ତି ତାଙ୍କ ଦର୍ଶନ ଉତାରେ ମୁଁ କି ଏଠାରେ ଆହୁରି ଦେଖୁଅଛି?" ଏଣୁ ସେହି କୁପର ନାମ **ବେର୍ - ଇଲହ-ଗେୟ**; (ଆଦି 16:13-14 ULT)

ପାଠକ ହୁଏତ ବୁଝି ପାରିବେ ନାହିଁ ଦ୍ୱିତୀୟ ବାକ୍ୟ ଯଦି ସେମାନେ ଜାଣି ନାହାନ୍ତି "ବେର୍ -ଇଲହ-ଗେୟ" ଅର୍ଥ "ଜୀବିତଙ୍କର କୁପ ଯିଏ ମୋତେ ଦେଖନ୍ତି"

> ସେ ତାହାର ନାମ **ମୋଶା** ଦେଲେ ଏବଂ କହିଲେ, "କାରଣ ମୁଁ ଜଳରୁ ଏହାକୁ କାଢ଼ିଅଛି" (ଯାତ୍ରା 2:11 ULT)

ସେ ଏପରି କାହିଁକି କହିଲେ ପାଠକ ବୁଝି ପାରିବେ ନାହିଁ ଯଦି ସେମାନେ ମୋଶାଙ୍କ ନାମର ହିବ୍ରୁ ଶବ୍ଦ ର ନାମାନୁସାରେ ଯାହାର ଅର୍ଥ "ଆକର୍ଷଣ କରିବା"

> **ଶାଉଲ** ତାଙ୍କର ପ୍ରାଣ ନାଶରେ ସମ୍ମତ ଥିଲେ (ପ୍ରେରିତ 8:1 ULT)
>
> ଇକୋନିୟମରେ ମଧ୍ୟ ସେହିପ୍ରକାର ଘଟିଲା **ପାଉଲ** ଓ ବର୍ଣ୍ଣବା ଯିହୁଦୀ ଏକାଥରେ ସମାଜଗୃହ ମଧ୍ୟକୁ ପ୍ରବେଶ କଲେ (ପ୍ରେରିତ 14:1 ULT)

ପାଠକମାନେ ଜାଣି ନ ପାରନ୍ତି ଯେ ଶାଉଲ ଓ ପାଉଲ ନାମ ଜଣେ ବ୍ୟକ୍ତିଙ୍କୁ ବୁଝାଏ।

ଅନୁବାଦ କୌଶଳ

ଯଦି ପାଠକମାନେ ପୃଷ୍ଠ ଭୂମିରୁ ସହଜରେ ବୁଝି ପାରୁନାହାନ୍ତି ଯେ ନାମ କେଉଁ ପ୍ରକାରର ବିଷୟକୁ ସୂଚିତ କରେ,ଏହାକୁ ସ୍ପଷ୍ଟ କରିବାକୁ ଆପଣ ଗୋଟିଏ ଶବ୍ଦ ଯୋଗ କରିପାରନ୍ତି।
ଯଦି ପାଠକମାନେ ନାମର ଅର୍ଥ ବୁଝିବା ନିହାତି ଆବଶ୍ୟକ ତେବେ ଏହା ବିଷୟରେ କଣ କୁହାଯାଇଛି, ନାମକୁ ନକଲ କରନ୍ତୁ ଓ ମୂଳପାଠରେ କିମ୍ବା ବହି ପୃଷ୍ଠାର ନିମ୍ନରେ ତା' ସମ୍ବନ୍ଧିୟ ବିବରଣ ଲେଖନ୍ତୁ
ନତୁବା କାହା ବିଷୟରେ କଣ କୁହାଯାଇଛି ସେହି ନାମର ଅର୍ଥ ବିଷୟରେ ପାଠକମାନେ ବୁଝିବା ନିହାତି ଦରକାର ଓ ସେହି ନାମ କେବଳ ଥରେ ବ୍ୟବହାର ହୋଇଥାଏ, ନକଲ କରିବା ପରିବର୍ତ୍ତେ ସେହି ନାମଗୁଡିକର ଅର୍ଥକୁ ଅନୁବାଦ କରନ୍ତୁ।
ଯଦି ଜଣେ ବ୍ୟକ୍ତି କିମ୍ବା ସ୍ଥାନର ଦୁଇଟି ଭିନ୍ନ ନାମ ଥାଏ, ତେବେ ଅଧିକାଂଶ ସମୟରେ ଗୋଟିଏ ନାମ ଏବଂ ଅନ୍ୟ ନାମ ବ୍ୟବହାର କର ଯେତେବେଳେ ମୂଳପାଠରେ କେବଳ ସେହି ବ୍ୟକ୍ତି କିମ୍ବା ସ୍ଥାନ ବିଷୟରେ ଏକରୁ ଅଧିକ ନାମ ଥିବା ବିଷୟରେ କହିଥାଏ କିମ୍ବା ଯେତେବେଳେ ସେହି ବ୍ୟକ୍ତି କିମ୍ବା ସ୍ଥାନ କାହିଁକି ଦିଆଯାଇଥିଲା ସେ ବିଷୟରେ କିଛି କହିଥାଏ।
କିମ୍ବା ଯଦି କୌଣସି ବ୍ୟକ୍ତି କିମ୍ବା ସ୍ଥାନର ଦୁଇଟି ଭିନ୍ନ ନାମ ଅଛି, ମୂଳପାଠରେ ଯେଉଁ ନାମ ବ୍ୟବହାର ହୋଇଛି ତାହା ଲେଖ ଓ ଅନ୍ୟ ନାମର ଏକ ବହି ପୃଷ୍ଠାର ନିମ୍ନରେ ତାହା ଯୋଗ କର।

ଅନୁବାଦ କୌଶଳର ପ୍ରାୟୋଗିକ ଉଦାହରଣ

(1) ଯଦି ପ୍ରସଙ୍ଗରୁ ପାଠକମାନେ ସହଜରେ ବୁଝି ପାରୁ ନାହାନ୍ତି ନାମ କି ପ୍ରକାର ବିଷୟକୁ ବୁଝାଉଛି, ଆପଣ ଶବ୍ଦଟିଏ ଯୋଗ କରି ସ୍ପଷ୍ଟ କରନ୍ତୁ।

> ତୁମ୍ଭେମାନେ **ଜର୍ଦ୍ଦନ** ପାର ହୋଇ **ଯିରିହୋକୁ** ଆସିଲ। ଯିରିହୋର ନିବାସୀଗଣ **ଇମୋରୀୟମାନଙ୍କ** ସାଥିରେ ତୁମ୍ଭମାନଙ୍କ ପ୍ରତିକୁଳରେ ଯୁଦ୍ଧ କଲେ। (ଯିହୋଶୂୟ 24:11 ULT)
>
> > ତୁମ୍ଭେମାନେ **ଜର୍ଦ୍ଦନ** ପାର ହୋଇ **ଯିରିହୋ ସହାରକୁ** ଆସିଲ। ଯିରିହୋର ନେତାମାନେ **ଇମୋରୀୟ ସମ୍ପ୍ରଦାୟମାନଙ୍କ** ସାଥିରେ ତୁମ୍ଭମାନଙ୍କ ପ୍ରତିକୁଳରେ ଯୁଦ୍ଧ କଲେ।
>
> କିଛି ସମୟ ପରେ, କେତେକ ଫରୁଶୀ ତାହାଙ୍କ ନିକଟକୁ ଆସି କହିଲେ, “ଏ ସ୍ଥାନ ଛାଡି ଚାଲିଯାଅ କାରଣ **ହେରୋଦ** ଆପଣକୁ ବଧ କରିବାକୁ ଇଚ୍ଛା କରୁଅଛି।" (ଲୁକ 13:31 ULT)
>
> > ସେହି ଦଣ୍ଡରେ, କେତେକ ଫରୁଶୀ ତାହାଙ୍କ ନିକଟକୁ ଆସି କହିଲେ, “ଏ ସ୍ଥାନ ଛାଡି ଚାଲିଯାଅ କାରଣ **ରାଜା ହେରୋଦ** ଆପଣଙ୍କୁ ବଧ କରିବାକୁ ଇଚ୍ଛା କରୁଅଛନ୍ତି

(2) ଯଦି ପାଠକମାନେ ଗୋଟିଏ ନାମର ଅର୍ଥ ଓ ତାହା ବିଷୟରେ କଣ କୁହାଯାଇଛି ବୁଝିବା ଆବଶ୍ୟକ କରନ୍ତି, ନାମକୁ ନକଲ କର ଏବଂ ମୁଳପଠରେ କିମ୍ବା ପାଦଟିକାରେ ଏହାର ଅର୍ଥ ବିଷୟରେ କୁହନ୍ତୁ।

> ସେ ତାହାର ନାମ **ମୋଶା** ଦେଲେ ଏବଂ କହିଲେ, “କାରଣ ମୁଁ ଜଳରୁ ଏହାକୁ ଆକର୍ଷଣ କଲି” (ଯାତ୍ରା 2:11 ULT) ସେ ତାହାର ନାମ **ମୋଶା ଦେଲେ (ଯାହା ଶୁଣିବାକୁ 'ଆକର୍ଷଣ ହେଲା'),** ଏବଂ କହିଲେ, “କାରଣ ମୁଁ ଜଳରୁ ଏହାକୁ ଆକର୍ଷଣ କଲି “

(3) ନତୁବା କାହା ବିଷୟରେ କଣ କୁହାଯାଇଛି ସେହି ନାମର ଅର୍ଥ ବିଷୟରେ ପାଠକମାନେ ବୁଝିବା ନିହାତି ଆବଶ୍ୟକ ଓ ସେହି ନାମ କେବଳ ଥରେ ବ୍ୟବହାର ହୋଇଥାଏ, ନକଲ କରିବା ପରିବର୍ତ୍ତେ ସେହିନାମର ଅର୍ଥକୁ ଅନୁବାଦ କର।

> ... ସେ କହିଲେ,"ଯେ ମୋତେ ଦେଖନ୍ତି ତାଙ୍କ ଦର୍ଶନ ଉତାରେ ମୁଁ କି ଏଠାରେ ଆହୁରି ବଞ୍ଚିଛି?" ଏଣୁ ସେହି କୁପର ନାମ **ବେର୍-ଇଲହ-ଗେୟ୍**; (ଆଦି 16:13-14 ULT)
>
> > ...ସେ(ସ୍ତ୍ରୀ) କହିଲେ,"ଯେ ମୋତେ ଦେଖନ୍ତି ତାଙ୍କ ଦର୍ଶନ ଉତାରେ ମୁଁ କି ଏଠାରେ ଆହୁରି ବଞ୍ଚିଛି?" ଏଣୁ ସେହି କୁପର ନାମ କୁହାଗଲା **ଜୀବିତଙ୍କର କୁପ ଯିଏ ମୋତେ ଦେଖନ୍ତି**;

(4) ଯଦି ଜଣେ ବ୍ୟକ୍ତି କିମ୍ବା ଗୋଟେ ସ୍ଥାନର ଦୁଇଟି ଭିନ୍ନ ନାମ ଥାଏ, ଅଧିକାଂଶ ସମୟରେ ଗୋଟିଏ ନାମକୁ ବ୍ୟବହାର କର ଏବଂ ଅନ୍ୟ ନାମ କେବଳ ସେତେବେଳେ ବ୍ୟବହାର କର ଯେତେବେଳେ ମୂଳପାଠ ବ୍ୟକ୍ତି କିମ୍ବା ସ୍ଥାନ ବିଷୟରେ ଏକରୁ ଅଧିକ ନାମ ଥାଏ କିମ୍ବା ଏହା ଯେତେବେଳେ ସେ ବିଷୟରେ କିଛି କୁହେ

କାହିକି ବ୍ୟକ୍ତି କିମ୍ବା ସ୍ଥାନର ନାମ ଦିଆଯାଇଅଛି। ପୃଷ୍ଠାର ନିମ୍ନରେ ଲେଖିରଖ ଯେତେବେଳେ ମୂଳପାଠ ସେହି ନାମର ଅଳ୍ପ ବାରମ୍ବାର ଭାବରେ ବ୍ୟବହାର କରେ। ଉଦାହରଣ ସ୍ୱରୁପ, ପ୍ରେରିତ 13 ପୁର୍ବରୁ ପାଉଲ "ଶାଉଲ" ବୋଲି ଡକାଯାଉଥିଲେ ଏବଂ ପ୍ରେରିତ 13 ପରେ "ପାଉଲ" ହେଲେ। ଆପଣମାନେ ତାଙ୍କର ନାମକୁ "ପାଉଲ" ବୋଲି ପ୍ରେରିତ 13:9 ବ୍ୟତିତ ଅନ୍ୟ ସବୁ ସମୟରେ ଅନୁବାଦ କରିପାରନ୍ତି, ଯେଉଁଠି ତାହାର ଦୁଇଟି ନାମ ଅଛି।

> ... ଜଣେ ଯୁବକଙ୍କ ନାମ **ଶାଉଲ** (ପ୍ରେରିତ 7:58 ULT)
>
> .. ଜଣେ ଯୁବକଙ୍କ ନାମ **ପାଉଲ**

ପାଦଟୀକା ଦେଖିବାକୁ ଏହିପରି ହେବ:

> ଅଧିକାଂଶ ବୃତ୍ତାନ୍ତ କହେ ଶାଉଲ ଏଠାରେ, କିନ୍ତୁ ଅଧିକାଂଶ ସମୟରେ ବାଇବଲରେ ସେ ପାଉଲ ନାମରେ ପରିଚିତ।

ତା'ପରେ ପରେ କାହାଣୀରେ, ଆପଣ ଏହି ଭାବରେ ଅନୁବାଦ କରିପାରିବେ:

> କିନ୍ତୁ **ଶାଉଲ**, ଯାହାଙ୍କୁ ମଧ୍ୟ **ପାଉଲ** କୁହାଯାଏ, ପବିତ୍ର ଆତ୍ମାରେ ପୁର୍ଣ୍ଣ ହେଲେ, (ପ୍ରେରିତ 13:9)
>
> କିନ୍ତୁ **ଶାଉଲ**, ଯାହାଙ୍କୁ ମଧ୍ୟ **ପାଉଲ** କୁହାଯାଏ, ପବିତ୍ର ଆତ୍ମାରେ ପୁର୍ଣ୍ଣ ହେଲେ;

(5) କିଅବା ଯଦି ଜଣେ ବ୍ୟକ୍ତି କିମ୍ବା ସ୍ଥାନର ଦୁଇଟି ନାମ ଥାଏ, ମୂଳପାଠରେ ଯେଉଁ ନାମ ବ୍ୟବହାର ହୋଇଛି ତାହା ଲେଖ, ଓ ଅନ୍ୟ ନାମକୁ ଏକ ପାଦଟୀକାରେ ଯୋଡ଼ି ଦିଅ। ଉଦାହରଣ ସ୍ୱରୂପେ, ଆପଣ "ଶାଉଲ" ଲେଖିପାରିବେ ମୁଳ ପାଠ୍ୟରେ ଯେଉଁଠି "ଶାଉଲ" ଏବଂ ମୁଳ ପାଠ୍ୟରେ ଯେଉଁଠି "ପାଉଲ" ଆପଣ "ପାଉଲ" ବୋଲି ଲେଖିପାରିବେ।

> ଜଣେ ଯୁବକର ନାମ **ଶାଉଲ** ଥିଲା (ପ୍ରେରିତ 7:58 ULT)
>
> ଜଣେ ଯୁବକର ନାମ **ଶାଉଲ**

ପାଦଟୀକା ଦେଖିବାକୁ ଏହିପରି ହେବ:

> ଏ ହେଉଛନ୍ତି ସମାନ ବ୍ୟକ୍ତି ଯାହାଙ୍କୁ ପ୍ରେରିତ 13 ଆରମ୍ଭରେ ପାଉଲ କୁହନ୍ତି

ତା'ପରେ ପରେ କାହାଣୀରେ, ଆପଣ ଏହି ଭାବରେ ଅନୁବାଦ କରିପାରିବେ:

କିନ୍ତୁ **ଶାଉଲ**, ଯାହାଙ୍କୁ ମଧ୍ୟ **ପାଉଲ** ବୋଲାଯାଏ, ପବିତ୍ର ଆତ୍ମାରେ ପୁର୍ଣ୍ଣ ହେଲେ; (ପ୍ରେରିତ 13:9)

> କିନ୍ତୁ **ଶାଉଲ**, ଯାହାଙ୍କୁ ମଧ୍ୟ **ପାଉଲ** ବୋଲାଯାଏ, ପବିତ୍ର ଆତ୍ମାରେ ପୁର୍ଣ୍ଣ ହେଲେ;

ତା'ପରେ ପରେ କାହାଣୀରେ ସେ କାହାଣୀ ବ୍ୟାଖ୍ୟା କଲାପରେ ସେ ନାମକୁ ପରିବର୍ତ୍ତନ କରି, ଆପଣମାନେ ଏପରି ଭାବରେ ଅନୁବାଦ କରିପାରିବ।

> ଇକୋନିୟମରେ ମଧ୍ୟ ସେହିପ୍ରକାର ଘଟିଲା **ପାଉଲ** ଓ ବର୍ଣ୍ଣବା ସମାଜଗୃହ ମଧ୍ୟକୁ ପ୍ରବେଶ କଲେ (ପ୍ରେରିତ 14:1 ULT)
>
> ଇକୋନିୟମରେ ମଧ୍ୟ ସେହିପ୍ରକାର ଘଟିଲା **ପାଉଲ** ଓ ବର୍ଣ୍ଣବା ସମାଜଗୃହ ମଧ୍ୟକୁ ପ୍ରବେଶ କଲେ
> ପାଦଟୀକା ଦେଖିବାକୁ ଏହିପରି ହେବ:
>
> ଏ ହେଉଛନ୍ତି ସମାନ ବ୍ୟକ୍ତି ଯାହାଙ୍କୁ ପ୍ରେରିତ 13 ପୁର୍ବରୁ ଶାଉଲ ବୋଲି କୁହାଯାଉଥିଲା।

ପରବର୍ତ୍ତୀ ସମୟରେ ଆମେ ଜାଣିବାକୁ ସୁପାରିଶ କରୁଛୁ |:
[[*rc://or/ta/man/translate/translate-transliterate*]]

(**କୁ ଫେରିଯାଅ:** ସର୍ବଶକ୍ତିମାନ; ଖ୍ରୀଷ୍ଟ, ମସୀହ; ବିଶ୍ୱାସବିହୀନ , ବିଶ୍ୱାସବିହୀନତା, ଅବିଶ୍ୱସ୍ତତା; ପରମେଶ୍ୱର; ପିତା ଈଶ୍ୱର, ସ୍ୱର୍ଗୀୟ ପିତା, ପିତା; ଏବ୍ରୀୟ; ଯୀଶୁ, ଯୀଶୁ ଖ୍ରୀଷ୍ଟ, ଖ୍ରୀଷ୍ଟ ଯୀଶୁ; ପ୍ରଭୁ ସଦାପ୍ରଭୁ, ସଦାପ୍ରଭୁ ପରମେଶ୍ୱର; ନାସରୀୟ, ନାସରୀୟମାନେ, ନାସରୀୟ ବ୍ରତ; ପେଣ୍ଟିକଷ୍ଟ, ସପ୍ତାହଗୁଡ଼ିକର ପର୍ବ; ଶୟତାନ, ମନ୍ଦ, ମନ୍ଦ ଜଣକ; ଈଶ୍ୱରଙ୍କ ପୁତ୍ର, ପୁତ୍ର; ସଦାପ୍ରଭୁ; ହାରୋଣ; ହେବଲ; ଅବୀୟ; ଅବିମେଲକ; ଅବ୍ନର; ଅବଶାଲମ; ଆଦମ; ଅଦୋନୀୟ; ଆହାବ; ଅକ୍ଷସରସ; ଆହସ; ଅହସୀୟ; ଅହୀୟ; ଅୟ; ଅମାଲେକ, ଅମାଲେକୀୟ, ଅମାଲେକୀୟଗଣ; ଅମତ୍ସୀୟ; ଅମ୍ମୋନ, ଅମ୍ମୋନୀୟ, ଅମ୍ମୋନୀୟମାନେ; ଆମୋଷ; ଆମୋଷ; ଆନ୍ଦ୍ରିୟ; ହାନାନ; ଆନ୍ତିୟଖିଆ; ଆପଲ୍ଲ; ଆକ୍ୱିଲା; ଆରବ; ଆରବ, ଆରବୀୟ, ଆରବୀୟମାନେ; ଅରାମ, ଅରାମୀୟ, ଅରାମୀୟମାନେ, ଅରାମୀୟ ଭାଷାବାଦୀ; ଆରାରଟ; ଅର୍ତ୍ତକ୍ଷସ୍ତ; ଆସା; ଆସାଫ; ଅସ୍ଦୋଦସ, ଅଷ୍-ଦୋଦ୍; ଆଶେର; ଅସ୍ସିଲୋନ; ଏସିଆ; ଅଥଲୀୟା; ଅସରିୟ; ବାଲ; ବାଶା; ବାବିଲ; ବିଲୀୟମ; ବର୍ଣ୍ଣବା; ବାରୂକ; ବାଶନ; ବତଶେବା; ବେରଶେବା; ବିନ୍ୟାମିନ, ବିନ୍ୟାମିନୀୟ; ବେରିୟା; ବେଥେଲ; ବୈଥ ଶେମଶ; ବଥୁୟେଲ; କାଇସରୀଆ, କାଇସରୀଆ ଫିଲିପ୍; କୟିନ; କାଲେବ୍;

କିଣାନ, କିଣାନୀୟ, କିଣାନୀୟମାନେ; କଫର୍ନାହୂମ; କର୍ମିଲ, କର୍ମିଲ ପର୍ବତ; କଲାଦୀୟା, କଲଦୀୟ, କଲଦୀୟ ଲୋକମାନେ; କରେଥୀୟ; କିଲିକିଆ; କଲସୀ, କଲସୀୟ; କରିନ୍ଥ, କରିନ୍ଥୀୟ; କର୍ଣ୍ଣୀଲିୟ; କୁରିଣୀ, କୁରିଣିୟ, କୁରିଣିୟ ଅଧିବାସୀ; କୁଶ; କୁପ୍ରିୟ; କୋରସ; ଦମ୍ବେଶକ; ଦାନ; ଦାନୀୟେଲ; ଦାରିୟାବସ; ଦାଉଦ; ଦଲୀଲା; ଏଦନ, ଏଦନ ଉଦ୍ୟାନ; ଇଦୋମ୍, ଇଦୋମୀୟ,; ମିସର, ମିସରୀୟ, ମିସରୀୟମାନେ; ଇକ୍ରୋଣ, ଇକ୍ରୋଣୀୟମାନେ; ଏଲାମୀୟ, ଏଲାମୀୟମାନେ; ଇଲିୟାସର; ଏଲୀୟ; ଏଫିସୀୟ, ଏଫିସୀୟମାନେ; ଇଫ୍ରୟିମ, ଇଫ୍ରୟିମୀୟ, ଇଫ୍ରୟିମର ଲୋକ; ଇଫ୍ରାଥ, ଇଫ୍ରାଥା; ଏଷୌ; ଏଷ୍ଟର; ଇଥିଓପିୟା, ଇଥିଓପିୟାମାନେ; ଫରାତ୍ ନଦୀ, ନଦୀ; ହବା; ଯିହିଜିକଲ; ଏଜ୍ରା; ଗାଦ; ଗାଲାତୀୟ, ଗାଲାତୀୟମାନେ; ଗାଥ, ଗାଥୀୟ, ସକଳ ଗାଥୀୟ; ଗାଜା:; ଗେରାର; ଗେତସମନୀ; ଗିବିୟା; ଗିଦିଅନ; ଗିଲିୟଦ, ଗିଲିୟଦୀୟ, ଗିଲିୟାଦିୟମାନେ; ଗିଲଗଲ; ଗିର୍ଗାଶୀୟ; ଗଲଗଥା; ଗୋଲିଆଥ; ହମୋରା; ଗୋଶନ୍; ଗ୍ରୀସ୍, ଗ୍ରିସିୟ; ଗ୍ରୀକ୍, ଗ୍ରିସିୟ; ହବକ୍କୁକ୍; ହାଗାର; ହାଗୟ; ହାମ; ହାମାଥ, ହାମାଥୀୟ, ଲିବ ହାମାଥ; ହାମୋର; ହନାନୀୟ; ହାନା; ହାରାନ; ହେବ୍ରୋ; ହିଲିକିୟ:; ହିବିୟ, ହିବିୟମାନେ; ହୋଶୟ; ହୋଶେୟ; ଇକନୀୟ; ଇସ୍‌ହାକ; ଯିଶାଇୟ; ଇସ୍ରାଏଲ,; ଇସାଖର; ଯାକୁବ (ଯୀଶୁଙ୍କ ଭ୍ରାତା); ଜଫେତ; ଜେବୁସ, ଜେବୁସିୟ, ଜେବୁସିୟମାନେ; ଯିହୋୟାଚିନ୍; ଯିହୋଇଅଦା; ଯିହୋୟାକିମ୍; ଯିହୋରାମ୍, ଯୋରାମ୍; ଯିହୋଶାପଟ; ଜେହୁ; ଜିପ୍ତହ; ଯିରିମିୟ; ଜେରୋବୋଆମ୍; ଯିଶୀ; ଜିଥ୍ର, ରିଉଏଲ୍; ଇସାବେଲ; ଯୋଆଶ; ଆୟୁବ; ଯୋଏଲ; ଯୋହନ ମାର୍କ; ଯୋହନ (ପ୍ରେରିତ); ଯୋହନ (ବାପ୍ତିଜକ); ଯୂନସ; ଜନାଥନ; ଯାଫୋ; ଯୋରାମ; ଯୋଷେଫ (ପୁ. ନି); ଜିହୁଶିୟ; ଯୋସିୟ; ଯିହୂଦା; କାଦେଶ୍, କାଦେଶ –ବର୍ନିଆ, ମେରିବା କାଦେଶ; କେଦାର; କେଦେଶ; କିଦ୍ରଣ ଉପତ୍ୟକା; ଲାବାନ; ଲାଜାର; ଲେୟା; ଲେବାନନ; ଲେବିଆଥନ; ଲୂକ; ଲୁସ୍ତ୍ରା; ମାକା; ମାକିଦନିଆ; ନିର୍ମାତା; ମଲାଖୀ; ମନଶି୫; ମାର୍ଥା; ମିଦୀୟ, ମିଦୀୟ ଲୋକମାନେ; ସମୁଦ୍ର, ମହା ସାଗର, ପଶ୍ଚିମ ସାଗର, ଭୁମଧ୍ୟ ସାଗର; ମଲକିଜେଦକ; ମେମ୍ଫିସ; ମେଶେଖ; ମେସପତାମିଆ; ମିଖା; ମିଖାଏଲ୍; ମିରିୟମ; ମିଶାଏଲ; ମିଜ଼ପା; ମୋୟାବ, ମୋୟାବୀୟ; ମୋଲେକ, ମୋଲୋକ; ମରଦକିୟ; ମୋଶା; ହର୍ମନ ପର୍ବତ; ନାହୁମ; ନପ୍ତାଲି; ନବୁଖତନିତ୍ସର; ଦକ୍ଷିଣାଞ୍ଚଳ (ନାଗେବ); ନିହିମୀୟା; ନୀଳ ନଦୀ, ମିସରର ନଦୀ, ନୀଳ; ନୀନିବୀ, ନୀନିବୀୟ; ନୋହ; ଓବଦିୟ; ଅମ୍ରି; ପଦ୍ଦନ ଅରାମ; ପାରଣ; ପାଉଲ, ଶାଉଲ; ପିୟୋର, ପର୍ବତ ଶିଖର ପିୟୋର, ବାଲ୍ ପିୟୋର; ପିରିଷୀୟ; ପିତର, ଶିମୋନ ପିତର, କୈଫା; ଫାରୋ, ମିସରର ରାଜା; ଫିଲିପ୍ପ, ଜଣେ ସୁସମାଚାର ପ୍ରଚାରକ; ଫିଲିଷ୍ଟାଇନ୍, ପଲେଷ୍ଟୀୟା; ପିନହସ୍; ଫୈନୀକିଆ; ପୀଲାତ; ପନ୍ତ; ପୋଟୀଫର; ପ୍ରୀସ୍କିଲ୍ଲା; ରାହେଲ; ରାହାବ; ରାମା; ରାମୋତ୍; ରିବିକା; ରିହବିୟାମ; ରୁବେନ; ରିମ୍ମୋଣ; ରୂତ; ଲବଣ ସମୁଦ୍ର, ମୃତ ସାଗର; ଶାମଶୋନ; ଶାମୁୟେଲ; ସାରା, ସାରୀ; ଶାଉଲ(ପୁରାତନ ନୀୟମ); ଗାଲିଲୀ ସମୁଦ୍ର, କିନ୍ନେରତ୍ ହ୍ରଦ, ଗିନ୍ନେସରତ ହ୍ରଦ, ତିବିରୀୟା ହ୍ରଦ; ସନହେରିନ୍; ଶେଥ; ଶାରୋଣ, ଶାରୋଣ ମାଳ ଭୂମି; ଶିବା; ଶେମ; ଶିଲୋ; ଶିନୀୟ; ସୀଦୋନ, ସୀଦୋନୀୟମାନେ; ଶୀଲା, ସିଲ୍ୱାନ; ଶିମୀୟୋନ; ଉଦ୍‌ଯୋଗୀ ଶିମୋନ; ଶଲୋମନ; ସ୍ତିଫାନ; ସିରିୟା, ଅଶୂରୀୟ; ତାମର; ତର୍ଶୀଶ୍; ତାର୍ଷ; ତେରହ; ଥେସଲନୀକୀ, ଥେସଲନୀୟ; ଥୋମା; ତୀମଥି; ତିର୍ସା; ତୀତସ; ତ୍ରୋୟା; ତୂବଲ; ତୁଖିକ; ସୋର, ସୋରୀୟ; ଉର; ଉରୀୟ; ଉସୀୟ,ଆଜ଼ାରିୟା; ବଷ୍ଟି; ଜଖୀୟ; ଜାଦକ; ଜେବଦୀ; ଜ଼ବଲୁନ୍; ଜିଖରୀୟ (NT); ଯିଖରୀୟ (ପୁ. ନୀ); ଜିଡିକିୟ; ଜ଼ିଫନୀୟ; ଯିରୁବ୍ବାବିଲ୍; ଜ଼ୋଆର; ଧୂପବେଦି, ଧୂପବେଦି; ସମର୍ପଣ, ସମର୍ପିତ, ସମର୍ପଣ କରୁଅଛି, ମୂଲ୍ୟାୟନ କରିବା, ମୂଲ୍ୟାୟନ କରିବା ବିଷୟ, ପୁନର୍ୱାର ନିର୍ଦ୍ଧାରଣ କରିବା; କୁଆପଥର (ଶୁଭ କାମନା), କୁଆପଥରମାନ, କୁଆପଥର ବୃଷ୍ଟି, କୁଆ ବଡ଼ ପଥର ବୃଷ୍ଟି; ଚିତାବାଘ, ଚିତାବାଘମାନେ; ପାଳିତ ପଶୁ, ପଶୁ; ପଂଗୁପାଳ, ପଂଗୁପାଳମାନ; ବାଇଗଣିଆ; ନଳ; ସର୍ପ, ସାପ, କ୍ଷୁଦ୍ର ବିଷଧର ସର୍ପ; ବରଫ, ବରଫାଚ୍ଛର୍ଣ୍ଣ, ହିମ)

ବିଶେଷ୍ୟପରି ବିଶେଷଣ

ବିବରଣ

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ବିଶେଷଣ ପଦ ପରି କାର୍ଯ୍ୟ କରୁଥିବା ବିଶେଷଣଗୁଡ଼ିକୁ ମୁଁ କିପରି ଅନୁବାଦ କରିବି?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-partsofspeech*]]

କେତେକ ଭାଷାରେ ବିଶେଷଣ ପଦ ବର୍ଣ୍ଣନା କରୁଥିବା ବିଷୟର ଶ୍ରେଣୀକୁ ଦର୍ଶାଇବା ପାଇଁ ବିଶେଷଣ ପଦକୁ ବ୍ୟବହାର କରାଯାଇପାରିବ । ଯେତେବେଳେ ଏହା କାର୍ଯ୍ୟ କରେ, ଏହା ବିଶେଷ୍ୟ ଭଳି କାର୍ଯ୍ୟ କରିଥାଏ । ଉଦାହରଣ ସ୍ୱରୂପ, "ଧନୀ" ଶବ୍ଦ ଏକ ବିଶେଷଣ ପଦ ଅଟେ ।

"ଧନୀ" ଶବ୍ଦ ଯେ ଏକ ବିଶେଷଣ ପଦ, ଏହାକୁ ଦେଖାଇବା ପାଇଁ ଏଠାରେ ଦୁଇଟି ବାକ୍ୟ ଦିଆଯାଇଛି ।

> ... ଧନୀଲୋକର ଅତି ପ୍ରଚୁର ଗୋମେଷାଦି ପଲ ଥିଲା... (2ୟ ଶାମୁଏଲ 12:2 ULT)

"ଧନୀ" ବିଶେଷଣ ପଦଟି "ଲୋକ" ଶବ୍ଦର ପୁର୍ବରେ ଆସି ସେହି "ଲୋକ"କୁ ବର୍ଣ୍ଣନା କରୁଛି ।

> ଏଣୁ ସେ ଧନବାନ୍ ହେବ ନାହିଁ, ଅବା ତାହାର ସମ୍ପତ୍ତି ସ୍ଥାୟୀ ହେବ ନାହିଁ ... (ଆୟୁବ 15:29 ULT)

"ଧନୀ" ବିଶେଷଣ ପଦଟି ଇଂରାଜୀର କ୍ରିୟାପଦ "be" ପରେ ଆସି "ସେ" କୁ ବର୍ଣ୍ଣନା କରୁଛି । ଏହି ବାକ୍ୟ ପ୍ରକାଶ କରେ ଯେ "ଧନୀ" ଶବ୍ଦ ମଧ୍ୟ ସଂଜ୍ଞା ବିଶେଷ୍ୟ ଭାବରେ କାର୍ଯ୍ୟ କରି ପାରିବ ।

> ... ଧନବାନ୍ ଅର୍ଦ୍ଧଶେକଲରୁ ଅଧିକ ଦେବ ନାହିଁ, ପୁଣି ଦରିଦ୍ର ତହିଁରୁ ଊଣା ଦେବ ନାହିଁ । (ଯାତ୍ରାପୁସ୍ତକ 30:15 ULT)

ଯାତ୍ରାପୁସ୍ତକ 30:15 ର, ବାକ୍ୟାଂଶରେ ଥିବା "ଧନବାନ୍" ଶବ୍ଦ ସଂଜ୍ଞା ବିଶେଷ୍ୟ ଭଳି "ଧନୀ" ଶବ୍ଦ କାର୍ଯ୍ୟ କରୁଛି, ଏବଂ ଏହା ଧନୀ ଲୋକମାନଙ୍କୁ ଦର୍ଶାଉଛି । "ଦରିଦ୍ର" ଶବ୍ଦ ମଧ୍ୟ ସଂଜ୍ଞା ବିଶେଷ୍ୟ ଭଳି କାର୍ଯ୍ୟ କରୁଛି ଓ ଏହା ଦରିଦ୍ର ଲୋକମାନଙ୍କୁ ସୂଚିତ କରୁଛି ।

ଉଦ୍ଦେଶ୍ୟ ଏହା ଅନୁବାଦ ସମସ୍ୟା ଅଟେ

- ବାଇବଲରେ ଅନେକ ସମୟ ବିଶେଷଣ ପଦଟି ଲୋକମାନଙ୍କର ଦଳକୁ ବର୍ଣ୍ଣନା କରିବା ପାଇଁ ସଂଜ୍ଞା ବିଶେଷ୍ୟ ଭାବେ କାର୍ଯ୍ୟ କରିଥାଏ ।
- କେତେକ ଭାଷା ଏହିପରି ଭାବରେ ବିଶେଷଣ ପଦକୁ ବ୍ୟବହାର କରନ୍ତି ନାହିଁ ।
- ପଦଟି ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିଷୟରେ କହୁଅଛି ବୋଲି ଏହି ଭାଷାର ପାଠକମାନେ ଭାବି ପାରନ୍ତି, ଯେବେକି ଏହା ବାସ୍ତବରେ ବିଶେଷଣ ପଦ ଭାବେ ବର୍ଣ୍ଣନା କରୁଥିବା ଲୋକମାନଙ୍କର ଦଳ ବିଷୟରେ କହୁଅଛି ।

ବାଇବଲରୁ କେତେକ ଉଦାହରଣ

> ଧାର୍ମିକମାନଙ୍କ ଅଧିକାରରେ ଦୁଷ୍ଟତାର ରାଜଦଣ୍ଡ ଅବସ୍ଥାନ କରିବା ନାହିଁ । (ଗୀତସଂହିତା 125: 3 ULT)

ଏଠାରେ "ଧାର୍ମିକ" ଶବ୍ଦ କୌଣସି ଗୋଟିଏ ଧାର୍ମିକ ବ୍ୟକ୍ତିଙ୍କୁ ନୁହେଁ, ବରଂ ଧାର୍ମିକ ଲୋକମାନଙ୍କୁ ସୂଚିତ କରୁଛି ।

> ନମ୍ର ଲୋକେ ଧନ୍ୟ (ମାଥିଉ 5:5 ULT)

ଏଠାରେ "ନମ୍ର" ଶବ୍ଦ କୌଣସି ଗୋଟିଏ ନମ୍ର ବ୍ୟକ୍ତିଙ୍କୁ ନୁହେଁ, ବରଂ ସମସ୍ତ ନମ୍ର ଲୋକମାନଙ୍କୁ ସୂଚିତ କରୁଛି ।

ଅନୁବାଦ କୌଶଳ

ଯଦି ଆପଣଙ୍କ ଭାଷା ଲୋକମାନଙ୍କର ଶ୍ରେଣୀ ବା ଦଳକୁ ସୂଚିତ କରିବା ପାଇଁ ବିଶେଷଣ ପଦକୁ ସଂସଜ୍ଞା ବିଶେଷ୍ୟ ଭାବରେ ବ୍ୟବହାର କରୁଛି, ତେବେ ଏହିପରି ଭାବରେ ବିଶେଷଣ ପଦକୁ ବ୍ୟବହାର କରିବା ପାଇଁ ଚିନ୍ତା କରନ୍ତୁ ।

ଯଦି ଏହା ଅଜଣା ଭଳି ଉଚ୍ଚାରିତ ହେଉଛି କିଅବା ଯଦି ଅର୍ଥ ଅସ୍ପଷ୍ଟ ବା ଭୁଲ ଅର୍ଥ ପ୍ରକାଶ କରୁଛି, ତେବେ ଏଠାରେ ଅନ୍ୟ ବିକଳ୍ପ ଦିଆଯାଇଛି:

ବିଶେଷଣକୁ ସଂଜ୍ଞା ବିଶେଷ୍ୟର ବହୁବଚନ ରୂପ ସହ ବ୍ୟବହାର କରନ୍ତୁ ଯାହାକୁ ବିଶେଷଣ ବର୍ଣ୍ଣନା କରୁଥିବ ।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

ବିଶେଷଣକୁ ସଂଜ୍ଞା ବିଶେଷ୍ୟର ବହୁବଚନ ରୂପ ସହ ବ୍ୟବହାର କରନ୍ତୁ ଯାହାକୁ ବିଶେଷଣ ବର୍ଣ୍ଣନା କରୁଥିବ ।

- **ଧାର୍ମିକମାନଙ୍କ ଅଧିକାରରେ ଦୁଷ୍ଟତାର ରାଜଦଣ୍ଡ ଅବସ୍ଥାନ କରିବା ନାହିଁ ।** (ଗୀତସଂହିତା 125: 3 ULT)

ଧାର୍ମିକ ଲୋକମାନଙ୍କ ଅଧିକାରରେ ଦୁଷ୍ଟତାର ରାଜଦଣ୍ଡ ଅବସ୍ଥାନ କରିବା ନାହିଁ ।

- **ନମ୍ରଲୋକେ ଧନ୍ୟ ...** (ମାଥିଉ 5:5 ULT)
    - ନମ୍ର ଲୋକମାନେ ଧନ୍ୟ ...

(**କୁ ଫେରିଯାଅ:** ଧର୍ମନିଷ୍ଠ ବା ଧର୍ମମୟ, ଈଶ୍ୱର ପରାୟଣତା, ଅପବିତ୍ର ବା ଧର୍ମହୀନ, ଅଧାର୍ମିକ ବା ଈଶ୍ୱର ଅବିଶ୍ୱାସୀ, ଅଧାର୍ମିକତାମୟ, ଧର୍ମହୀନତା; ମୃତ୍ୟୁହେବା, ମୃତ,ମାରାତ୍ମକ, ମୃତ୍ୟୁ)

ରୂଢି ପ୍ରୟୋଗ ବାକ୍ୟାଂଶ / ଲୋକଭାଷା

ରୂଢି ପ୍ରୟୋଗ ବାକ୍ୟାଂଶ / ଲୋକଭାଷା ଏକ ଶବ୍ଦାଳଙ୍କାରିକ ଶବ୍ଦ ଯାହା କେତେକ ଶବ୍ଦକୁ ନେଇ ସୃଷ୍ଟ, ଏହାର ସଂପୂର୍ଣ୍ଣ ଅର୍ଥ ରହିଛି ଯାହାକି ଗୋଟିଏ ଶବ୍ଦମାଳାର ଅର୍ଥରୁ ବୁଝିବା ବିଷୟଠାରୁ ଭିନ୍ନ ଅଟେ। ସଂସ୍କୃତି ବାହାରେ ଥିବା କେହି ଜଣେ ସାଧାରଣତଃ ସେହି ସଂସ୍କୃତି ମଧ୍ୟରେ ଥିବା ବ୍ୟକ୍ତି ପ୍ରକୃତ ଅର୍ଥକୁ ସ୍ପଷ୍ଟ କରି ବର୍ଣ୍ଣନା ନ କଲେ ସେ ଏହି ରୁଢ଼ୋକ୍ତିକୁ ବୁଝିପାରିବ ନାହିଁ। ପ୍ରତ୍ୟେକ ଭାଷା ରୂଢି ପ୍ରୟୋଗ ବାକ୍ୟାଂଶକୁ ବ୍ୟବହାର କରନ୍ତି। କେତେକ ଇଂରାଜୀ ଉଦାହରଣଗୁଡିକ ହେଉଅଛି:

> ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ରୂଢି ପ୍ରୟୋଗ ବାକ୍ୟାଂଶ/ଲୋକଭାଷା ଗୁଡ଼ିକ କ'ଣ ଏବଂ ମୁଁ କିପରି ସେଗୁଡ଼ିକୁ ଅନୁବାଦ କରିପାରିବି?
>
> ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:
>
> [[*rc://or/ta/man/translate/figs-intro*]]

- ଆପଣ ମୋର ଗୋଡ଼ ଟାଣୁଛନ୍ତି (ଏହାର ଅର୍ଥ, "ଆପଣ ମତେ ମିଛ କହୁଛନ୍ତି")
- ଲଫାପା ଖୋଲନ୍ତୁ ନାହିଁ। ("ଏହାର ଅର୍ଥ, ଏ ବିଷୟକୁ ଆଉ ଅତି ମାତ୍ରା କରନ୍ତୁ ନାହିଁ।")
- ଏହି ଘର ଜଳ ଭିତରେ ଅଛି। (ଏହାର ଅର୍ଥ, "ଯେଉଁ ଋଣ ନିଆଯାଇଛି, ଏ ଘରର ପ୍ରକୃତ ମୂଲ୍ୟ ଅପେକ୍ଷା ତାହା ଅଧିକ।")
- ଆମେ ସହରକୁ ଲାଲ୍ ରଙ୍ଗରେ ରଙ୍ଗିତ କରୁ। (ଏହାର ଅର୍ଥ, "ଆମେ ଆଜି ରାତି ସହରର ଚତୁର୍ଦିଗ ଆତୁରତାପୂର୍ଣ୍ଣ ରୂପରେ ପାଳନ କରି କରି ଯିବୁ।")

ବିବରଣ

ରୁଢୋକ୍ତି ଏକ ବାକ୍ୟାଂଶ ଯାହାକି ଏହାକୁ ବ୍ୟବହାର କରୁଥିବା ନିର୍ଦ୍ଦିଷ୍ଟ ଭାଷା ଓ ସଂସ୍କୃତିର ଲୋକମାନଙ୍କ ପାଇଁ ସ୍ୱତନ୍ତ୍ର ଅର୍ଥ ରହିଥାଏ। ଏହାର ଅର୍ଥ ଗୋଟିଏ ଶବ୍ଦମାଳାକୁ ନେଇ ଗଠିତ ବାକ୍ୟାଂଶର ଅର୍ଥରୁ ଜଣେ ବ୍ୟକ୍ତି ଯାହା ବୁଝେ ତାହାଠାରୁ ଭିନ୍ନ ଥାଏ।

> ସେ ଯିରୁଶାଲମକୁ ଯିବା ନିମନ୍ତେ ଏକାନ୍ତଭାବରେ **ମନକୁ ଦୃଢ କଲେ**। (ଲୂକ 9:51ଖ ULT)

"ମନକୁ ଦୃଢ କଲେ" ଶବ୍ଦ ଏକ ରୂଢି ପ୍ରୟୋଗ ବାକ୍ୟାଂଶ, ଯାହାର ଅର୍ଥ, "ନିର୍ଣ୍ଣୟ କଲେ"।

କୌଣସି କୌଣସି ସମୟରେ ଲୋକମାନେ ଅନ୍ୟ ସଂସ୍କୃତିରୁ ରୂଢି ପ୍ରୟୋଗ ବାକ୍ୟାଂଶକୁ ବୁଝିବାରେ ସକ୍ଷମ ହୋଇପାରନ୍ତି, କିନ୍ତୁ ଏହାର ଅର୍ଥକୁ ପ୍ରକାଶ କରିବା ବେଳେ ଅଜଣା ଭଳି ଉଚ୍ଚାରିତ ହୋଇପାରେ।

> ଆପଣ ଯେ **ମୋ' ଘରକୁ ଆସିବେ**, ମୁଁ ଏପରି ଯୋଗ୍ୟ ନୁହେଁ। (ଲୂକ 7:6 ଖ ULT)

ଆପଣ ଯେ ମୋ' ଘରକୁ ଆସିବେ" ଶବ୍ଦ ଏକ ରୂଢି ପ୍ରୟୋଗ ବାକ୍ୟାଂଶ, ଯାହାର ଅର୍ଥ, "ମୋ' ଘରେ ପ୍ରବେଶ କରିବେ" ।

> ଏହିସମସ୍ତ କଥା **ତୁମ୍ଭମାନଙ୍କ କର୍ଣ୍ଣରେ ପ୍ରବେଶ କରାଅ**। (ଲୂକ 9:44 ULT)

ଏହି ରୁଢୋକ୍ତିର ଅର୍ଥ, "ମୁଁ ଯାହା କହୁଅଛି ସେହିସବୁକୁ ଧ୍ୟାନର ସହ ଶୁଣି ମନେ ରଖ"

ଉଦ୍ଦେଶ୍ୟ: ରୂଢି ପ୍ରୟୋଗ ବାକ୍ୟାଂଶ ହୋଇପାରେ ଆକସ୍ମିକ ଭାବରେ କୌଣସି କୌଣସି ସଂସ୍କୃତିରେ କେହି ଜଣେ ଉଲ୍ଲେଖଯୋଗ୍ୟ ଭାବରେ କିଛି ବିଷୟ ବର୍ଣ୍ଣନା କରିବା ସମୟରେ ସୃଷ୍ଟି ହୋଇଥାଏ। କିନ୍ତୁ, ଯେତେବେଳେ ସେହି ଉଲ୍ଲେଖଯୋଗ୍ୟ ମାଧ୍ୟମ ଶକ୍ତିଶାଳୀ ଭାବେ ସମ୍ବାଦକୁ ଯୋଗାଯୋଗ କରେ ଓ ଲୋକେ ଏହାକୁ ସ୍ପଷ୍ଟ ଭାବରେ ବୁଝନ୍ତି, ସେତେବେଳେ ଅନ୍ୟ ଲୋକମାନେ ଏହାକୁ ବ୍ୟବହାର କରିବା ଆରମ୍ଭ କରନ୍ତି । କିଛି ସମୟ ପରେ, ଏହା ସେହି ଭାଷାରେ କଥାବାର୍ତ୍ତା କରିବାର ଏକ ସାଧାରଣ ମାଧ୍ୟମ ହୋଇଯାଏ।

ଉଦ୍ଦେଶ୍ୟ ଏହା ଅନୁବାଦ ସମସ୍ୟା ଅଟେ

- ଯଦି ଲୋକମାନେ ବାଇବଲ ଉପସ୍ଥାପିତ କରୁଥିବା ସଂସ୍କୃତିକୁ ଜାଣିବେ ନାହିଁ, ତେବେ ସେମାନେ ସହଜରେ ବାଇବଲର ମୂଳ ଭାଷାରେ ଥିବା ରୂଢି ପ୍ରୟୋଗ ବାକ୍ୟାଂଶକୁ ଭୁଲ ଅର୍ଥ ବାହାର କରି ପାରନ୍ତି।
- ଯଦି ଲୋକମାନେ ଅନୁବାଦ କରାଯାଇଥିବା ସଂସ୍କୃତିକୁ ଜାଣିବେ ନାହିଁ, ତେବେ ସେମାନେ ସହଜରେ ବାଇବଲର ମୂଳ ଭାଷାରେ ଥିବା ରୂଢି ପ୍ରୟୋଗ ବାକ୍ୟାଂଶକୁ ଭୁଲ ଅର୍ଥ ବାହାର କରି ପାରନ୍ତି।
- ରୂଢି ପ୍ରୟୋଗ ବାକ୍ୟାଂଶକୁ ଆକ୍ଷରିକ ଭାବରେ (ପ୍ରତି ଶବ୍ଦର ଅର୍ଥ ଅନୁଯାଇ) ଅନୁବାଦ ନ କଲେ, ନିର୍ଦ୍ଦିଷ୍ଟ ଭାଷାର ଶ୍ରୋତାମାନେ ସେହି ଅର୍ଥଗୁଡ଼ିକୁ ବୁଝିବେ ନାହିଁ।

ବାଇବଲରୁ କେତେକ ଉଦାହରଣ

> ଅନନ୍ତର ସମୁଦାୟ ଇସ୍ରାଏଲ ହିବ୍ରୋଣରେ ଦାଉଦଙ୍କ ନିକଟରେ ଏକତ୍ର ହୋଇ କହିଲେ, ଦେଖ, ଆମ୍ଭେମାନେ ତୁମ୍ଭମାନଙ୍କର **ଅସ୍ଥି ଓ ମାଂସ**। (1ମ ବଂଶାବଳି 11:1 ULT)

ଏହାର ଅର୍ଥ, "ଆମେ ଓ ଆପଣ ଗୋଟିଏ ଗୋତ୍ରର ବା ଗୋଟିଏ ପରିବାରର ଅଟୁ।"

> ଇସ୍ରାଏଲ-ସନ୍ତାନମାନେ **ଊର୍ଦ୍ଧ୍ୱ ହସ୍ତରେ ସହ** ଯାତ୍ରା କରୁଥିଲେ। (ଯାତ୍ରାପୁସ୍ତକ 14:8 ULT)

ଏହାର ଅର୍ଥ, "ଇସ୍ରାଏଲୀୟମାନେ ସାହସିକ ଭାବେ ପ୍ରତିରୋଧ କରି ବାହାରି ଗଲେ।"

> ଯିଏ **ମୋହର ମସ୍ତକ ଉଠାନ୍ତି** (ଗୀତସଂହିତା 3:3ଖ ULT)

ଏହାର ଅର୍ଥ, " ଯେ ମୋତେ ସାହାଯ୍ୟ କରନ୍ତି।"

ଅନୁବାଦ କୌଶଳ

ଯଦି ରୂଢି ପ୍ରୟୋଗ ବାକ୍ୟାଂଶ ଆପଣଙ୍କ ଭାଷାରେ ସହଜରେ ବୁଝି ହେଉଛି, ତେବେ ଏହାକୁ ବ୍ୟବହାର କରିବା ପାଇଁ ବିଚାର କରନ୍ତୁ। ଯଦି ନୁହେଁ, ଏଠାରେ କେତେକ ବିକଳ୍ପ ଦିଆଯାଇଛି ।

(1) ରୂଢି ପ୍ରୟୋଗ ବାକ୍ୟାଂଶକୁ ବ୍ୟବହାର ନ କରି ସ୍ପଷ୍ଟ ଭାବରେ ଅର୍ଥକୁ ଅନୁବାଦ କରନ୍ତୁ।
(2) ଲୋକମାନେ ଆପଣଙ୍କ ନିଜ ଭାଷାରେ ବ୍ୟବହାର କରୁଥିବା ଭିନ୍ନ ରୂଢି ପ୍ରୟୋଗ ବାକ୍ୟାଂଶକୁ ବ୍ୟବହାର କର, ଯାହା ସମାନ ଅର୍ଥ ପ୍ରକାଶ କରୁଥିବ।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

(1) ରୂଢି ପ୍ରୟୋଗ ବାକ୍ୟାଂଶକୁ ବ୍ୟବହାର ନ କରି ସ୍ପଷ୍ଟ ଭାବରେ ଅର୍ଥକୁ ଅନୁବାଦ କରନ୍ତୁ।

> ତହିରେ ସମୁଦାୟ ଇସ୍ରାଏଲ ହିବ୍ରୋଣରେ ଦାଉଦଙ୍କ ନିକଟରେ ଏକତ୍ର ହୋଇ କହିଲେ, "ଦେଖ, ଆମ୍ଭେମାନେ ତୁମ୍ଭର **ଅସ୍ଥି ଓ ମାଂସ**।" (1ମ ବଂଶାବଳି 11:1ULT)
>
> > ଦେଖ, ଆମ୍ଭେମାନେ ସମସ୍ତେ **ସମାନ ଜାତିର ଅଟୁ**।
>
> ତହିରେ ସେ ଯିରୁଶାଲାମକୁ ଯିବା ନିମନ୍ତେ ଏକାନ୍ତଭାବରେ **ଆପଣା ମନକୁ ଦୃଢ କଲେ**। (ଲୂକ 9:51ଖ ULT)
>
> > ସେ ଯିରୁଶାଲେମରେ **ପହଞ୍ଚିବା ପାଇଁ ନିର୍ଣ୍ଣୟ କରି**, ସେଠାକୁ ଯାତ୍ରା କରିବା ଆରମ୍ଭ କଲେ।
>
> ଆପଣ ଯେ **ମୋ' ଘରକୁ ଆସିବେ**, ମୁଁ ଏପରି ଯୋଗ୍ୟ ନୁହେଁ। (ଲୂକ 7:6 ଖ ULT)
>
> > ଆପଣ ଯେ **ମୋ' ଘରେ** ପ୍ରବେଶ କରିବା ଉଚିତ, ମୁଁ ଏପରି ଯୋଗ୍ୟ ନୁହେଁ।

(2) ଲୋକମାନେ ଆପଣଙ୍କ ନିଜ ଭାଷାରେ ବ୍ୟବହାର କରୁଥିବା ରୂଢିକୁ ବ୍ୟବହାର କର, ଯାହା ସମାନ ଅର୍ଥ ପ୍ରକାଶ କରୁଥିବ।

> ଏହି ସମସ୍ତ ବାକ୍ୟ **ତୁମ୍ଭମାନଙ୍କ କର୍ଣ୍ଣରେ ପ୍ରବେଶ କରାଅ**। (ଲୂକ 9:44କ ULT)
>
> > ମୁଁ ତୁମ୍ଭମାନଙ୍କୁ ଏହି ସମସ୍ତ କଥା କହିବା ସମୟରେ **ସମସ୍ତେ ମନୋଯୋଗର ସହ ଶୁଣ**।
>
> ଦୁଃଖ ସକାଶୁ **ମୋର ଚକ୍ଷୁ କ୍ଷୀଣ ହୋଇଯାଏ** (ଗୀତସଂହିତା 6:7କ ULT)
>
> > ମୁଁ କ୍ରନ୍ଦନ କରୁଅଛି ମୋହର **ଚକ୍ଷୁ ଜୀର୍ଣ୍ଣ**।

(**କୁ ଫେରିଯାଅ:** ଅହଙ୍କାର କଲା,ଅହଙ୍କାର କରିବା)

ଲାକ୍ଷଣିକ ଶବ୍ଦ

ବିବରଣ

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ଏକ ଲାକ୍ଷଣିକ ଶବ୍ଦ କ'ଣ?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-intro*]]

ଲାକ୍ଷଣିକ ଶବ୍ଦ ଏକ ଅଳଙ୍କାରିକ ଶବ୍ଦ ଅଟେ, ଯହିଁରେ କୌଣସି ବିଷୟ ବା ବିଚାରଧାରା ଏଥିର ନିଜ ନାମ ଦ୍ୱାରା ନୁହେଁ, ବରଂ ଏଥି ସହ ଅତି ଘନିଷ୍ଠ ଭାବେ ଥିବା କିଛି ବିଷୟର ନାମ ଦ୍ୱାରା ସମ୍ବୋଧିତ ହୋଇଥାଏ। ଲାକ୍ଷଣିକ ଶବ୍ଦ ଏକ ଶବ୍ଦ ବା ବାକ୍ୟାଂଶ ଅଟେ ଯାହାକି ଏହା ସହିତ ଘନିଷ୍ଠ ଥିବା ବିଷୟ ନିମନ୍ତେ ଏକ ପ୍ରତିବଦଳ ରୂପେ ବ୍ୟବହାର କରାଯାଇଥାଏ।

> ... ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ **ରକ୍ତ** ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ। (1ମ ଯୋହନ 1:7 ULT)

ରକ୍ତ ଖ୍ରୀଷ୍ଟଙ୍କ ମୃତ୍ୟୁକୁ ପ୍ରତିନିଧିତ୍ୱ କରେ।

> ଭୋଜନ ଉତ୍ତାରେ ସେହିପରି ସେ **ପାନପାତ୍ର** ଘେନି କହିଲେ, "**ଏହି ପାନପାତ୍ର** ତୁମ୍ଭମାନଙ୍କ ନିମନ୍ତେ ପାତିତ ହେଉଥିବା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ।" (ଲୂକ 22:20 ULT)

ପାନପାତ୍ର ପାତ୍ରରେ ଥିବା ଦ୍ରାକ୍ଷାରସକୁ ପ୍ରତିନିଧିତ୍ୱ କରେ।

ଲାକ୍ଷଣିକ ଶବ୍ଦକୁ ଏପରି ବ୍ୟବହାର କରାଯାଇପାରିବ

- କିଛି ବିଷୟକୁ ସଂକ୍ଷେପରେ ଦର୍ଶାଇବା ନିମନ୍ତେ
- ଏହା ସହିତ ଘନିଷ୍ଠ ଥିବା ଭୌତିକ ବସ୍ତୁର ନାମ ସହ ଏହାକୁ ଦର୍ଶାଇ ସଂକ୍ଷିପ୍ତ ଧାରଣାକୁ ଅଧିକ ଅର୍ଥପୂର୍ଣ୍ଣ କରିବା ନିମନ୍ତେ

ଉଦ୍ଦେଶ୍ୟ ଏହା ଅନୁବାଦ ସମସ୍ୟା ଅଟେ

ବାଇବଲ ଆଧିକାଂଶ ସମୟରେ ଲାକ୍ଷଣିକ ଶବ୍ଦକୁ ବ୍ୟବହାର କରେ। କେତେକ ଭାଷାର ବକ୍ତାମାନେ ଲାକ୍ଷଣିକ ଶବ୍ଦ ସହ ପରିଚିତ ନୁହଁନ୍ତି ଏବଂ ସେମାନେ ବାଇବଲକୁ ପାଠ କରିବା ସମୟରେ ସେଥିରେ ଥିବା ଲାକ୍ଷଣିକ ଶବ୍ଦକୁ ଚିହ୍ନି ପାରନ୍ତି ନାହିଁ। ଯଦି ସେମାନେ ଲାକ୍ଷଣିକ ଶବ୍ଦକୁ ଜାଣନ୍ତି ନାହିଁ, ତେବେ ସେମାନେ ଶାସ୍ତ୍ରାଂଶକୁ ମଧ୍ୟ ବୁଝିବେ ନାହିଁ କିମ୍ବା ଏହାକୁ ବିକୃତ ଅର୍ଥ କରିବେ, ସେମାନେ ଶାସ୍ତ୍ରାଂଶ ବିଷୟରେ ଭୁଲ ଅର୍ଥ ବୁଝିବେ। ଯେକୌଣସି ସମୟରେ ଲାକ୍ଷଣିକ ଶବ୍ଦ ବ୍ୟବହୃତ, ଏହା କାହାକୁ ପ୍ରତିନିଧିତ୍ୱ କରୁଛି, ତାହା ଲୋକେ ବୁଝିବାରେ ସକ୍ଷମ ହେବା ଆବଶ୍ୟକ।

ବାଇବଲରୁ କେତେକ ଉଦାହରଣ

> ପ୍ରଭୁ ଈଶ୍ୱର ତାହାଙ୍କୁ ତାହାର ପିତା ଦାଉଦଙ୍କ **ସିଂହାସନ** ଦାନ କରିବେ। (ଲୂକ 1:32ULT)

ସିଂହାସନ ରାଜାଙ୍କ କ୍ଷମତାକୁ ପ୍ରତିନିଧିତ୍ୱ କରେ। ସିଂହାସନ ଶବ୍ଦଟି "ରାଜକୀୟ କ୍ଷମତା", "ରାଜାଙ୍କ ପଦବୀ" ବା "ରାଜତ୍ୱ" ଶବ୍ଦ ନିମନ୍ତେ ଏକ ଲାକ୍ଷଣିକ ଶବ୍ଦ ଅଟେ। ଏହାର ଅର୍ଥ ଯେ ଈଶ୍ୱର ତାହାଙ୍କୁ ରାଜା ଦାଉଦଙ୍କ ବଂଶରୁ ଆଗତ ରାଜା କରିବେ।

> ତତକ୍ଷଣାତ୍ ତାଙ୍କ **ମୁଖ** ଫିଟିଗଲା। (ଲୂକ 1:64 ULT)

ମୁଖ କଥା କହିବାର ଶକ୍ତିକୁ ପ୍ରତିନିଧିତ୍ୱ କରେ। ଏହାର ଅର୍ଥ ଯେ ସେ ପୁନର୍ବାର କଥା କହିବାକୁ ସକ୍ଷମ ହେଲେ।

> ଆଗାମୀ **କ୍ରୋଧରୁ** ପଳାୟନ କରିବା ନିମନ୍ତେ କିଏ ତୁମ୍ଭମାନଙ୍କୁ ଚେତନା ଦେଲା? (ଲୂକ 3:7 ULT)

"କ୍ରୋଧ" ବା "ରାଗ" ଶବ୍ଦ "ଦଣ୍ଡ" ଦେବା ନିମନ୍ତେ ଏକ ଲାକ୍ଷଣିକ ଶବ୍ଦ ଅଟେ। ଈଶ୍ୱର ଲୋକମାନଙ୍କ ପ୍ରତି ଅତ୍ୟନ୍ତ କ୍ରୋଧିତ ଥିଲେ, ଏବଂ ଫଳ ସ୍ୱରୂପେ, ସେ ସେମାନଙ୍କୁ ଦଣ୍ଡିତ କରିବେ।

ଅନୁବାଦ କୌଶଳ

ଯଦି ଲୋକମାନେ ଲାକ୍ଷଣିକ ଶବ୍ଦକୁ ସହଜରେ ବୁଝୁଛନ୍ତି, ତେବେ ଏହାକୁ ବ୍ୟବହାର କରିବା ପାଇଁ ବିଚାର କରନ୍ତୁ। ନଚୁବା, ଏଠାରେ କେତେକ ବିକଳ୍ପଗୁଡ଼ିକ ଦିଆଯାଇଛି।

(1) ଏହାକୁ ପ୍ରତିନିଧିତ୍ୱ କରୁଥିବା ବିଷୟର ନାମ ସହିତ ଲାକ୍ଷଣିକ ଶବ୍ଦକୁ ବ୍ୟବହାର କରନ୍ତୁ।
(2) ଲାକ୍ଷଣିକ ଶବ୍ଦ ପ୍ରତିନିଧିତ୍ୱ କରୁଥିବା ବିଷୟର ନାମକୁ ହିଁ କେବଳ ବ୍ୟବହାର କରନ୍ତୁ।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

(1) ଏହାକୁ ପ୍ରତିନିଧିତ୍ୱ କରୁଥିବା ନାମ ସହିତ ଲାକ୍ଷଣିକ ଶବ୍ଦକୁ ବ୍ୟବହାର କରନ୍ତୁ।

> ଆଉ ଭୋଜନ ଉତ୍ତାରେ ସେହିପରି ସେ ପାନପାତ୍ର ଘେନି କହିଲେ, "**ଏହି ପାନପାତ୍ର** ତୁମ୍ଭମାନଙ୍କ ନିମନ୍ତେ ପାତିତ ହେଉଥିବା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ। (ଲୂକ 22:20 ULT)
>
> > "ଭୋଜନ ଉତ୍ତାରେ ସେହିପରି ସେ ପାନପାତ୍ର ଘେନି କହିଲେ, "**ଏହି ପାନପାତ୍ରରେ ଥିବା ଦ୍ରାକ୍ଷାରସ** ତୁମ୍ଭମାନଙ୍କ ନିମନ୍ତେ ପାତିତ ହେଉଥିବା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ।"

ଏହି ପଦଟି ଦ୍ୱିତୀୟ ଲାକ୍ଷଣିକ ମଧ୍ୟ ଧାରଣ କରେ: ପାନପାତ୍ର, (ଏଥିରେ ଥିବା ଦ୍ରାକ୍ଷାରସକୁ ପ୍ରତିନିଧିତ୍ୱ କରେ) ମଧ୍ୟ ଆମ୍ଭମାନଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ବହିଯାଇଥିବା ରକ୍ତ ସହିତ ହୋଇଥିବା ନୂତନ ଚୁକ୍ତିକୁ ପ୍ରତିପାଦିତ କରେ।

(2) ଲାକ୍ଷଣିକ ଶବ୍ଦ ପ୍ରତିନିଧିତ୍ୱ କରୁଥିବା ବିଷୟର ନାମକୁ ବ୍ୟବହାର କର।

> ପ୍ରଭୁ ଈଶ୍ୱର ତାହାଙ୍କୁ ତାହାର ପିତା ଦାଉଦଙ୍କ **ରାଜସିଂହାସନ** ଦାନ କରିବେ। (ଲୂକ 1:32 ULT)
>
> > "ପ୍ରଭୁ ଈଶ୍ୱର ତାହାଙ୍କୁ ତାହାର ପିତା ଦାଉଦଙ୍କ **ରାଜକୀୟ କ୍ଷମତା** ଦାନ କରିବେ।"
> > କିମ୍ବା:
> > "ପ୍ରଭୁ ଈଶ୍ୱର ତାହାଙ୍କୁ ତାହାର ପିତୃପୁରୁଷମାନଙ୍କ ରାଜା ଦାଉଦଙ୍କ ସଦୃଶ, **ତାହାଙ୍କୁ ରାଜା କରିବେ**।"
>
> ଆଗାମୀ **କ୍ରୋଧରୁ** ପଳାୟନ କରିବା ନିମନ୍ତେ କିଏ ତୁମ୍ଭମାନଙ୍କୁ ଚେତନା ଦେଲା? (ଲୂକ 3:7 ULT)
>
> > "ଈଶ୍ୱରଙ୍କ ଆଗାମୀ **ଦଣ୍ଡରୁ** ପଳାୟନ କରିବା ନିମନ୍ତେ କିଏ ତୁମ୍ଭମାନଙ୍କୁ ଚେତନା ଦେଲା?"

କେତେକ ସାଧାରଣ ଲାକ୍ଷଣିକ ଶବ୍ଦ ବିଷୟରେ ଆହୁରି ଅଧିକ ଜାଣିବା ନିମନ୍ତେ ବାଇବଲ ଭିତ୍ତିକ ରୂପକ ଶବ୍ଦ – ସାଧାରଣ ଲାକ୍ଷଣିକ ଶବ୍ଦଗୁଡ଼ିକ ଦେଖନ୍ତୁ।

(**କୁ ଫେରିଯାଅ:** ଈଶ୍ୱରଙ୍କ ରାଜ୍ୟ, ସ୍ୱର୍ଗରାଜ୍ୟ; ନାମ; ସିୟୋନ, ସିୟୋନ ପର୍ବତ)

ଶବ୍ଦ ବହୁଳ ଭାବେ ବ୍ୟାଖ୍ୟାନ କରିବା/ଅପ୍ରୀତିକର କଥାକୁ ମଧୁର ଭାବରେ ପ୍ରକାଶ

ବିବରଣ

ସିଧାସଳଖ ଭାବରେ ବର୍ଣ୍ଣନ କରିବା ପରିବର୍ତ୍ତେ ଶବ୍ଦ ବହୁଳ ଭାବେ ବ୍ୟାଖ୍ୟାନ ଏକ କୋମଳ ବା ଭଦ୍ର ଭାବରେ କହିବାର ମାଧ୍ୟମ ଯାହା ଅପ୍ରୀତିକର, ଲଜ୍ଜାକର, କିମ୍ବା ସାମାଜିକ ଭାବରେ ଅଗ୍ରହଣୀୟ ବିଷୟ ଯଥା, ସାଧାରଣତଃ ଗୋପନରେ କରାଯାଉଥିବା ମୃତ୍ୟୁ ବା କାର୍ଯ୍ୟକଳାପ ବିଷୟକୁ ଦର୍ଶାଇଥାଏ ।

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: କର୍ଣ୍ଣପ୍ରୀତିକର ଭାଷା/ ଶିଷ୍ଟୋକ୍ତି କ'ଣ ଅଟେ ?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଉଚିତ ହେବ |:

[[*rc://or/ta/man/translate/figs-intro*]]

ସେମାନେ ଶାଉଲ ଏବଂ ତାଙ୍କର ପୁତ୍ର ଗିଲ୍ -ବୋୟା ପର୍ବତ ଉପରେ ପଡ଼ିଥିବାର ଦେଖିଲେ (ପ୍ରଥମ ବଂଶାବଳୀ 10:8b ULT)

ଏହାର ଅର୍ଥ ଶାଉଲ ଏବଂ ତାଙ୍କର ପୁତ୍ରମାନଙ୍କର "ମୃତ୍ୟୁ" । ଏହା ଏକ ପ୍ରକାରର ଅପ୍ରୀତିକର ଅଟେ କାହିଁକି ନା ଏହା ଗୁରୁତ୍ୱପୂର୍ଣ୍ଣ କଥା ନୁହଁ ଯେ ଶାଉଲ ଏବଂ ତାଙ୍କର ପୁତ୍ରମାନେ ପଡ଼ିଯାଇଥିଲେ କିନ୍ତୁ ଏହା ଗୁରୁତ୍ୱପୂର୍ଣ୍ଣ କଥା ଯେ ସେମାନେ ମୃତ୍ୟୁବରଣ କରିଥିଲେ । ଅନେକ ସମୟରେ ଲୋକେ ମୃତ୍ୟୁ ବିଷୟରେ ସିଧାସଳଖ କଥା କହିବା ପାଇଁ ପସନ୍ଦ କରନ୍ତି ନାହିଁ କାହିଁକି ନା ଏହା ଅପ୍ରୀତିକର ମନେ ହୋଇଥାଏ ।

ଉଦ୍ଦେଶ୍ୟ ଏହା ଅନୁବାଦ ସମସ୍ୟା ଅଟେ

> ଭିନ୍ନ ଭିନ୍ନ ଭାଷାଗୁଡ଼ିକ ଭିନ୍ନ ଭିନ୍ନ ଶିଷ୍ଟୋକ୍ତିକୁ ବ୍ୟବହାର କରିଥାନ୍ତି । ଯଦି ଲକ୍ଷ୍ୟ ବା ନିର୍ଦ୍ଦିଷ୍ଟ ଭାଷା ମୂଳ ଭାଷା ଭଳି ସମାନ ଶିଷ୍ଟୋକ୍ତିକୁ ବ୍ୟବହାର କରୁ ନାହାଁନ୍ତି, ତେବେ ପାଠକମାନେ ଏହାର ଅର୍ଥ କ'ଣ ବୁଝିପାରିବେ ନାହିଁ ଓ ସେମାନେ ବୁଝିବେ ଯେ ଆକ୍ଷରିକ ଭାବେ ଶବ୍ଦଟି ଯାହା କହୁଛି କେବଳ ତାକୁ ହିଁ ଲେଖକ ଲେଖିଛନ୍ତି ।

ବାଇବେଲରୁ କେତେକ ଉଦାହରଣ

ସେଠାରେ ଗୋଟିଏ ଗୁମ୍ଫା ଥିଲା । ଶାଉଲ **ପାଦ ଢାଙ୍କିବା** ପାଇଁ ତହିଁ ଭିତରକୁ ଗଲେ ... (1ମ ଶାମୁୟେଲ 24:3 ULT)

ମୂଳ ଶ୍ରୋତାମାନେ ବୁଝିଥିବେ ଯେ ଶାଉଲ ଗୁମ୍ଫାକୁ ଶୌଚାଳୟ ରୂପେ ବ୍ୟବହାର କରିବା ପାଇଁ ତହିଁ ଭିତରକୁ ଗଲେ, କିନ୍ତୁ ଲେଖକ ସେମାନଙ୍କୁ କୌଣସି ଅପମାନ ବା ବିଭ୍ରାନ୍ତ କରିବାକୁ ଇଚ୍ଛା କଲେ ନାହିଁ, **ଏଣୁ ତେଣୁ ସେ ନିର୍ଦ୍ଦିଷ୍ଟ ଭାବରେ କହିଲେ ନାହିଁ** ଶାଉଲ ଗୁମ୍ଫା ଭିତରେ କ'ଣ କଲେ ବା ତହିଁ ଭିତରେ ସେ କଣ ଛାଡ଼ିଲେ,

କିନ୍ତୁ ମରିୟମ ଦୂତଙ୍କୁ କହିଲେ, "ଏହା କିପରି ହେବ? ମୁଁ ତ **ପୁରୁଷକୁ ଜାଣେ** ନାହିଁ ।'' (ଲୂକ 1:34 ULT)

ଶିଷ୍ଟତା/ଭଦ୍ରତା ରକ୍ଷା କରିବା ପାଇଁ ତାହାର ଯେ କୌଣସି ପୁରୁଷ ସହିତ କଦାପି ଯୌନ ସମ୍ପର୍କ ରହି ନାହିଁ, ଏହି ବିଷୟକୁ କହିବା ପାଇଁ ମରିୟମ ଶିଷ୍ଟୋକ୍ତିକୁ ବ୍ୟବହାର କରୁଛନ୍ତି ।

ଅନୁବାଦ କୌଶଳ

ଯଦି ଶିଷ୍ଟୋକ୍ତି ସ୍ୱାଭାବିକ ଓ ଆପଣଙ୍କ ଭାଷାରେ ଯଥାର୍ଥ ଅର୍ଥ ପ୍ରକାଶ କରିପାରୁଛି, ତେବେ ଏହାକୁ ବ୍ୟବହାର କରିବା ପାଇଁ ବିଚାର କରନ୍ତୁ । ଯଦି ନାହିଁ, ତେବେ ଏଠାରେ ବାଛିବାର ଅନ୍ୟ ବିକଳ୍ପଗୁଡ଼ିକ ଦିଆଯାଇଅଛି:

(1) ଆପଣଙ୍କ ନିଜ ସଂସ୍କୃତିରୁ ଶିଷ୍ଟୋକ୍ତିକୁ ବ୍ୟବହାର କରନ୍ତୁ ।

(2) ଯଦି ଏହା କୌଣସି ପ୍ରକାରେ ଅପମାନ ନୁହେଁ, ତେବେ ଶିଷ୍ଟୋକ୍ତି ବିନା ସ୍ପଷ୍ଟ ଭାବରେ ବାର୍ତ୍ତାକୁ ଉଲ୍ଲେଖ କରନ୍ତୁ ।

ପ୍ରୟୋଗ କରାଯାଇଥିବା ଅନୁବାଦ କୌଶଳର ଉଦାହରଣଗୁଡ଼ିକ

(୧) ଆପଣଙ୍କ ନିଜ ସଂସ୍କୃତିରୁ ଶିଷ୍ଟୋକ୍ତିକୁ ବ୍ୟବହାର କରନ୍ତୁ ।

...ସେଠାରେ ଗୋଟିଏ ଗୁମ୍ଫା ଥିଲା; ପୁଣି ଶାଉଲ ପାଦ ଢାଙ୍କିବା ପାଇଁ ତହିଁ ଭିତରକୁ ଗଲେ । (1ମ ଶାମୁୟେଲ 24:3 ULT) – କେତେକ ଭାଷାରେ ଏହିପରି ଶିଷ୍ଟୋକ୍ତିକୁ ବ୍ୟବହାର କରିଥାନ୍ତି ।

"...ଯେଉଁଠାରେ ଗୋଟିଏ ଗୁମ୍ଫା ଥିଲା ।
"...ଯେଉଁଠାରେ ଗୋଟିଏ ଗୁମ୍ଫା ଥିଲା ।ଶାଉଲ କିଛିସମୟ ଏକୁଟିଆ ବିତେଇବା ପାଇଁ ଗୁମ୍ଫା ଭିତରକୁ ଗଲେ"

କିନ୍ତୁ ମରିୟମ ଦୂତଙ୍କୁ କହିଲେ, "ଏହା କିପରି ହେବ? ମୁଁ ତ **ପୁରୁଷକୁ ଜାଣେ** ନାହିଁ ।" (ଲୂକ 1:34 ULT)

(2) ଯଦି ଏହା କୌଣସି ପ୍ରକାରେ ଅପମାନ ନୁହେଁ, ତେବେ ଶିଷ୍ଟୋକ୍ତି ବିନା ସ୍ପଷ୍ଟ ଭାବରେ ବାର୍ତ୍ତାକୁ ଉଲ୍ଲେଖ କରନ୍ତୁ ।

- କିନ୍ତୁ ମରିୟମ ଦୂତଙ୍କୁ କହିଲେ, "ଏହା କିପରି ହେବ? ମୁଁ ତ **ପୁରୁଷକୁ ଜାଣେ** ନାହିଁ ।" (ଲୂକ 1:34 ULT)
- ସେମାନେ ଶାଉଲକୁ ଓ ତାଙ୍କର ପୁତ୍ରମାନଙ୍କୁ ଗିଲବୋୟ ପର୍ବତରେ **ପତିଥିବାର** ଦେଖିଲେ । (1ମ ବଂଶାବଳୀ 10:8 ULT)
- "ସେମାନେ ଶାଉଲକୁ ଓ ତାଙ୍କର ପୁତ୍ରମାନଙ୍କୁ ଗିଲବୋୟ ପର୍ବତରେ ମରିଥିବା ଦେଖିଲେ" ।

(**କୁ ଫେରିଯାଅ:** ବ୍ୟଭିଚାର,ବ୍ୟଭିଚାରୀ,ବ୍ୟଭିଚାରିଣୀ; ଦେହ; କଟିଭାଗ, ଅଣ୍ଡା; ବେଶ୍ୟା, ବେଶ୍ୟାବୃତ୍ତି, ବାରାଙ୍ଗନା; ବୀଜ, ବୀର୍ଯ୍ୟ; କାବୁ କରିବା, ଦଖଲ, ଦଖଲ୍ କରିବା; ସମ୍ପର୍କ ରଖିବା, ପ୍ରେମ କରିବା, ଶୋଇବା, ସହବାସ କରିବା, ନିଦ୍ରିତ, ଶୋଇବା; କୁମାରୀ, କୁମାରୀତ୍ୱ)

ସମାନ୍ତରତାସୂଚକ

ବର୍ଣ୍ଣନା

ଏହି ପୃଷ୍ଠା ପ୍ରଶ୍ନର ଉତ୍ତର ଦେଇଥାଏ |: ସମାନ୍ତରତାସୂଚକ ଶବ୍ଦ କହିଲେ କ'ଣ ବୁଝ ?

ଏହି ବିଷୟକୁ ବୁ to ିବା ପାଇଁ, ପ read ିବା ଭଲ ହେବ |:

[[*rc://or/ta/man/translate/figs-intro*]]

ସମାନ୍ତରତାସୂଚକ ଶବ୍ଦ ରେ ଦୁଇଟି ଖଣ୍ଡବାକ୍ୟ ବା ବାକ୍ୟାଂଶ ଥାଏ ଯାହା ଢାଞ୍ଚାରେ ସମାନତା ଥାଏ ବା ବିଚାରଧାରା ଏକତ୍ର ବ୍ୟବହୃତ ହୋଇଥାଏ । ଭିନ୍ନ ପ୍ରକାରର ସମାନ୍ତରତାସୂଚକ ଶବ୍ଦ । ସେମାନଙ୍କ ମଧ୍ୟରୁ କେତେକ ନିମ୍ନରେ ଦିଆଗଲା ।

- ଦ୍ୱିତୀୟ ଖଣ୍ଡବାକ୍ୟ ବା ବାକ୍ୟାଂଶର ଅର୍ଥ ପ୍ରଥମ ଭଳି ସମାନ ଅଟେ । ଏହାକୁ ମଧ୍ୟ ଏକାର୍ଥବୋଧକ ସମାନ୍ତରତାସୂଚକ ଶବ୍ଦ କହନ୍ତି ।
- ଦ୍ୱିତୀୟଟି ପ୍ରଥମଟିର ଅର୍ଥ ସ୍ପଷ୍ଟ ବା ମଜବୁତ କରିଥାଏ ।
- ପ୍ରଥମଟିରେ କୁହାଯାଇଥିବା ବିଷୟକୁ ଦ୍ୱିତୀୟଟି ସଂପୂର୍ଣ୍ଣ କରିଥାଏ ।
- ପ୍ରଥମ ବାକ୍ୟାଂଶ ସହ ପ୍ରଭେଦ ଥିବା କିଛି ବିଷୟକୁ ଦ୍ୱିତୀୟ ବାକ୍ୟାଂଶଟି କହେ, ତଥାପି ସମାନ ବିଚାରଧାରାକୁ ଯୋଗ କରିଥାଏ ।

ସମାନ୍ତରତାସୂଚକ ଶବ୍ଦ ପୁରାତନ ନିୟମର କବିତାରେ ଅଧିକାଂଶ ଦେଖିବାକୁ ମିଳିଥାଏ, ଯଥା, ଗୀତସଂହିତା ଓ ହିତୋପଦେଶ ପୁସ୍ତକରେ ଦେଖିବାକୁ ମିଳେ । ଏହା ମଧ୍ୟ ଗ୍ରୀକ୍ ଭାଷାର ନୂତନ ନିୟମରେ, ଉଭୟ ଚାରୋଟି ସୁସମାଚାର ଏବଂ ପ୍ରେରିତମାନଙ୍କର ପତ୍ରରେ ସମାନ୍ତରତାସୂଚକ ଦେଖିବାକୁ ମିଳେ ।

88888888888888888888888888888888888888888888888888888888

ମୂଳ ଭାଷାଗୁଡ଼ିକର କବିତାରେ,ସମାନାର୍ଥକ ସମାନ୍ତରାଳତାର ଅନେକ ପ୍ରଭାବ ରହିଅଛି:

· କିଛି ବିଷୟକୁ ଏକାରୁ ଏକାଧିକ ଥର ଓ ଏକରୁ ଅଧିକ ଉପାୟରେ କହିବା ଦ୍ୱାରା ଏହା ଦର୍ଶାଏ ଯେ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ ।

· ଏହାକୁ ଭିନ୍ନ ମାଧ୍ୟମରେ କହିବା ଦ୍ୱାରା ଏହି ଧାରଣା ବିଷୟରେ ଅଧିକ ଗଭୀର ଭାବେ ଚିନ୍ତା କରିବା ପାଇଁ ଶ୍ରୋତାମାନଙ୍କୁ ଏହା ସାହାଯ୍ୟ କରିଥାଏ

· ଏହା ଭାଷାକୁ ଅଧିକ ସୁନ୍ଦର ଓ କହିବାର ସାଧାରଣ ମାଧ୍ୟମକୁ ଉର୍ଦ୍ଧ୍ୱରେ ରଖିଥାଏ ।

କେତେକ ଭାଷା ଏକାର୍ଥବୋଧକ ସମାନ୍ତରତାସୂଚକ ଶବ୍ଦକୁ ବ୍ୟବହାର କରନ୍ତି ନାହିଁ । ସେମାନେ ହୁଏତ ଏହାକୁ ଅଦ୍ଭୁତ ବା ଅସଙ୍ଗତ ବୋଲି ମନେ କରନ୍ତି ଯାହାକି କେହି ଗୋଟିଏ ବିଷୟକୁ ଦୁଇ ଥର କହନ୍ତି, କିମ୍ବା ସେମାନେ ଭାବନ୍ତି ଯେ ଦୁଇଟି ବାକ୍ୟାଂଶର ଭିନ୍ନ ଭିନ୍ନ ଅର୍ଥ ରହିବା ଆବଶ୍ୟକ । ସେମାନଙ୍କ ନିମନ୍ତେ ଏହା ସୁନ୍ଦରତା ହେବା ପରିବର୍ତ୍ତେ ମନରେ ଅସ୍ପଷ୍ଟ ବା ଗୋଳମାଳିଆ ସୃଷ୍ଟି କରିଥାଏ । ସେମାନେ ବୁଝିପାରିବେ ନାହିଁ ଯେ ବିଭିନ୍ନ ଶବ୍ଦରେ ବିଚାରଧାରାର ପୁନରାବୃତ୍ତି ଏହି ବିଷୟକୁ ଗୁରୁତ୍ୱ ଦେବା ପାଇଁ ସହାଯ୍ୟ କରେ ।

କାରଣ ଏହା ଅନୁବାଦର ସମସ୍ୟା ଅଟେ

କେତେକ ଭାଷା ଏକାର୍ଥବୋଧକ ସମାନ୍ତରତାସୂଚକ ଶବ୍ଦକୁ ବ୍ୟବହାର କରନ୍ତି ନାହିଁ । ସେମାନେ ହୁଏତ ଏହାକୁ ଅଦ୍ଭୁତ ବା ଅସଙ୍ଗତ ବୋଲି ମନେ କରନ୍ତି ଯାହାକି କେହି ଗୋଟିଏ ବିଷୟକୁ ଦୁଇ ଥର କହନ୍ତି, କିମ୍ବା ସେମାନେ ଭାବନ୍ତି ଯେ ଦୁଇଟି ବାକ୍ୟାଂଶର ଭିନ୍ନ ଭିନ୍ନ ଅର୍ଥ ରହିବା ଆବଶ୍ୟକ । ସେମାନଙ୍କ ନିମନ୍ତେ ଏହା ସୁନ୍ଦରତା ହେବା ପରିବର୍ତ୍ତେ ମନରେ ଅସ୍ପଷ୍ଟ ବା ଗୋଳମାଳିଆ ସୃଷ୍ଟି କରିଥାଏ । ସେମାନେ ବୁଝିପାରିବେ ନାହିଁ ଯେ ବିଭିନ୍ନ ଶବ୍ଦରେ ବିଚାରଧାରାର ପୁନରାବୃତ୍ତି ଏହି ବିଷୟକୁ ଗୁରୁତ୍ୱ ଦେବା ପାଇଁ ସହାଯ୍ୟ କରେ ।

ବାଇବେଲରୁ କେତେକ ଉଦାହରଣ

ତୁମ୍ଭ ବାକ୍ୟ ମୋ' ଚରଣ ପାଇଁ ପ୍ରଦୀପ
ଓ ମୋ' ପଥ ପାଇଁ ଆଲୁଅ ଅଟେ । (ଗୀତସଂହିତା 119:105 ULT)

ବାକ୍ୟର ଉଭୟ ଭାଗ ରୂପକ ଶବ୍ଦ ଅଟେ ଯାହା କହେ ଯେ ଈଶ୍ୱରଙ୍କ ବାକ୍ୟ ଲୋକମାନଙ୍କୁ କିପରି ଜୀବନଯାପନ କରିବାକୁ ହେବ ତାହା ବିଷୟରେ ଶିକ୍ଷା ଦିଏ । "ପ୍ରଦୀପ" ଓ " ଆଲୁଅ " ଶବ୍ଦର ଅର୍ଥ ସମାନ ଅଟେ କାରଣ ଏହା ଆଲୁଅକୁ ବୁଝାଏ । 'ମୋ' ଚରଣ ଓ 'ମୋ' ପଥ ସଂପୃକ୍ତ ଅଟନ୍ତି କାରଣ ଏହା ଜଣେ ବ୍ୟକ୍ତିଙ୍କର ଚାଲିବାକୁ ନିର୍ଦ୍ଦେଶିତ କରନ୍ତି। ବଞ୍ଚିବା ପାଇଁ ଚାଲିବା ହେଉଛି ଅଳଙ୍କାର/ ରୂପାନ୍ତର ।

ତୁମ୍ଭେ ଆପଣା ହସ୍ତକୃତ ସକଳ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ଦେଉଅଛ;
ତୁମ୍ଭେ ତାହାର ପାଦ ତଳେ ସମୁଦାୟ ବିଷୟ ରଖିଅଛ । (ଗୀତସଂହିତା 8:6 ULT)

ଉଭୟ ଧାଡ଼ି କହେ ଯେ ପରମେଶ୍ୱର ମନୁଷ୍ୟକୁ ସମସ୍ତ ବିଷୟର ଅଧିପତି କରି ନିର୍ମାଣ କଲେ । “ସମସ୍ତ ବିଷୟର ଅଧିପତି” କରିବା ହେଉଛି ସମାନ ବିଚାର ଯେମିତିକି ଜିନିଷଗୁଡିକ ରଖିବା, “ତାହାର ପାଦ ତଳେ” , ”ଓ“ ତୁମ୍ଭର [ଈଶ୍ୱରଙ୍କ] ହସ୍ତର କାର୍ଯ୍ୟଗୁଡ଼ିକ ” “ଶାସନ କରିବା”; “ପାଦ ତଳେ”; ଏବଂ “ତୁମର [ଈଶ୍ୱରଙ୍କ] ହସ୍ତର କାର୍ଯ୍ୟ” ବାକ୍ୟାଂଶଗୁଡ଼ିକ ଗୋଟିଏ ଅର୍ଥକୁ ହି ପ୍ରକାଶ |୯୯୯୯୯୯୯ମନଜି୯୦୦୦୦୦୦୦

ସଦାପ୍ରଭୁଙ୍କ ଚକ୍ଷୁ ସର୍ବତ୍ର ଥାଇ
ଯେହେତୁ ମନୁଷ୍ୟର ସବୁ ଗତି ସଦାପ୍ରଭୁଙ୍କର ଦୃଷ୍ଟିଗୋଚର ଅଟେ ଓ ସେ ତାହାର ସବୁ ପଥ ସମାନ କରନ୍ତି। (ହିତୋପଦେଶ 5:21)

ପ୍ରଥମ ଏବଂ ଦ୍ୱିତୀୟ ବାକ୍ୟାଂଶର ସମାନ କଥାର ଅର୍ଥକୁ ବୁଝାଏ |ଏଠାରେ ତିନୋଟି ଧାରଣା ଅଛି ଯାହା ଏହି ଦୁଇଟି ବାକ୍ୟାଂଶ ମଧ୍ୟରେ ସମାନ୍ତ୍ତ୍ତ

ସମାନ୍ତରତାସୂଚକ ଶବ୍ଦ ଗୋଟିଏ ଗାମ୍ଭୀର୍ଯ୍ୟ ଅସମ୍ମତିକୁ ବର୍ଣ୍ଣନା କରେ ଯେ ସଦାପ୍ରଭୁଙ୍କ ସହିତ ଗୋଟିଏ ଦଳର ଲୋକମାନେ ଥିଲେ । ଯଦି ଏହା ଅସ୍ପଷ୍ଟ ହୁଏ, ତେବେ ବାକ୍ୟାଂଶଗୁଡ଼ିକୁ ଏକତ୍ର କରାଯାଇ ପାରିବ:

କାରଣ ଆପଣା ଲୋକ, ଇସ୍ରାଏଲ ସହିତ ସଦାପ୍ରଭୁଙ୍କର ବିବାଦ ଅଛି ।

(2) ଯଦି ଖଣ୍ଡବାକ୍ୟଗୁଡ଼ିକ କହିବା ବିଷୟ ବାସ୍ତବରେ ସତ୍ୟ ବୋଲି ଦେଖାଇବା ପାଇଁ ସେଗୁଡ଼ିକୁ ଏକତ୍ର ବ୍ୟବହାର କରାଯାଇଥିବା ପରିଲକ୍ଷିତ ହୁଏ, ତେବେ ଆପଣ ସତ୍ୟକୁ ଗୁରୁତ୍ୱାରୋପ କରୁଥିବା ଶବ୍ଦ, ଯଥା, "ପ୍ରକୃତରେ" ବା "ନିଶ୍ଚିତ ଭାବରେ" ଶବ୍ଦକୁ ଅନ୍ତର୍ଭୁକ୍ତ କରି ପାରିବେ ।

ଯେହେତୁ ମନୁଷ୍ୟର ସବୁ ଗତି ସଦାପ୍ରଭୁଙ୍କର ଦୃଷ୍ଟିଗୋଚର ଅଟଇ ଓ ସେ ତାହାର ସବୁ ପଥ ସମାନ କରନ୍ତି । (ହିତୋପଦେଶ 5:21 ULT)

ପ୍ରକୃତରେ ମନୁଷ୍ୟ କରୁଥିବା ସମସ୍ତ କାର୍ଯ୍ୟ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଥାଏ ।

ତୁମ୍ଭେ ଆପଣା ହସ୍ତକୃତ ସକଳ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ଦେଉଅଛ; ତୁମ୍ଭେ ତାହାର ପଦ ତଳେ ସମୁଦାୟ ବିଷୟ ରଖିଅଛ;(ଗୀତସଂହିତା 8:6)

ତୁମ୍ଭେ ଆପଣା ହସ୍ତକୃତ ସକଳ କର୍ମ ଉପରେ କର୍ତ୍ତୃତ୍ୱ କରିବାକୁ ତୁମ୍ଭେ ନିଶ୍ଚିତ ଭାବରେ ତାହାଙ୍କୁ ପ୍ରସ୍ତୁତ କରିଛ ।

· ଯଦି ଖଣ୍ଡବାକ୍ୟଗୁଡ଼ିକରେ ଏକ ବିଚାରଧାରାକୁ ତୀବ୍ରତର କରିବା ପାଇଁ ସେଗୁଡ଼ିକୁ ଏକତ୍ର ବ୍ୟବହାର କରାଯାଇଥିବା ପରିଲକ୍ଷିତ ହୁଏ, ତେବେ ଆପଣ "ଅଧିକ", "ସଂପୂର୍ଣ୍ଣ ଭାବରେ" ବା "ସମସ୍ତ" ଭଳି ଶବ୍ଦକୁ ବ୍ୟବହାର କରିପାରିବେ।

ତୁମ୍ଭେ ମୋତେ ଉପହାସ କରିଅଛ ଓ ମିଥ୍ୟା କହିଅଛ । (ବିଚାରକର୍ତ୍ତା 16:13 ULT)

ତୁମ୍ଭେ ମୋତେ ସବୁ ମିଥ୍ୟା କହିଅଛ ।

- ଯେହେତୁ ମନୁଷ୍ୟର ସବୁ ଗତି ସଦାପ୍ରଭୁଙ୍କର ଦୃଷ୍ଟିଗୋଚର ଅଟଇ ଓ ସେ ତାହାର ସବୁ ପଥ ସମାନ କରନ୍ତି । (ହିତୋପଦେଶ 5:21 ULT)

ବାସ୍ତବରେ ମନୁଷ୍ୟ କରୁଥିବା ସମସ୍ତ କାର୍ଯ୍ୟ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଥାଏ ।

ପରବର୍ତ୍ତୀ ସମୟରେ ଆମେ ଜାଣିବାକୁ ସୁପାରିଶ କରୁଛୁ |:

[[*rc://or/ta/man/translate/figs-personification*]]

(**କୁ ଫେରିଯାଅ:** ଧାର୍ମିକ, ଧାର୍ମିକତା, ଅଧାର୍ମିକ, ଅଧାର୍ମିକତା, ସଚ୍ଚୋଟ, ସଚ୍ଚୋଟତା; ଦକ୍ଷିଣ ହସ୍ତ; ଅପରାଧ କରିବା, ଅପରାଧ)

ଯୋଗଦାନକାରୀ |

translationWords ଯୋଗଦାନକାରୀ |

Acash Jacob
Antoney Raj
Cdr. Thomas Mathew
Dr. Bobby Chellappan
Hind Prakash
Jinu Jacob
Shojo John
MV Sunny
Vipin Bhadran
Zipson George

translationAcademy ଯୋଗଦାନକାରୀ |

Acsah Jacob
Antoney Raj
Dr. Bobby Chellappan
Dr. Joseph Jekab
Hind Prakash
Jinu Jacob
Shojo John
Vipin Bhadran